# ଶବ୍ଦତତ୍ତ୍ୱବୋଧ ଅଭିଧାନ

## ପଣ୍ଡିତ ଗୋପୀନାଥ ନନ୍ଦଶର୍ମା

(ଇଲେକ୍ଟ୍ରନିକ ସଂସ୍କରଣ)


ପ୍ରସ୍ତୁତି

**ସୃଜନିକା**

ଜାଗମରା, ଡାକ: ଖଣ୍ଡଗିରି
ଭୁବନେଶ୍ୱର ୭୫୧୦୩୦
୨୦୦୮



(ସ୍ୱତ୍ତ୍ୱ: ୨୦୦୮ ସୃଜନିକା - କ୍ରିଏଟିଭ କମନ୍ସ୍ ଜି.ପି.ଏଲ୍. ମୁକ୍ତ ସଫ୍ଟୱେର ଲାଇସେନ୍ସ୍ ଜରିଆରେ ବିତରିତ )


### ବ୍ୟବହାର ପାଇଁ ସଂକ୍ଷିପ୍ତ ସୂଚନା

ତଳେ ଥିବା ବିଷୟ ଓ ଅକ୍ଷର ସୂଚୀ ଉପରେ ଦର୍ଶିକା (କର୍ସର) ଚଳାଇଲେ କେତେ ଜାଗାରେ ତାହାର ହାତ ରୂପ ( ) ବଦଳି ଆଙ୍ଗୁଠି ରୂପ ( ) ନେବ । ସେହି ଜାଗାରେ ମାଉସ୍‌ର ବାମ ବୋତାମ ଦବାଇଲେ ସେହି ବିଷୟ ଥିବା ପୃଷ୍ଠା ଖୋଲିବ । କୌଣସି ଅକ୍ଷର ଉପରେ ଆଙ୍ଗୁଠି ଦର୍ଶିକା ରଖି ମାଉସ ବାମ ବୋତାମ ଦବାଇଲେ ଆଉ ଗୋଟିଏ ଶବ୍ଦସୂଚୀ ପୃଷ୍ଠା ଖୋଲିବ । ସେଥିରେ ନିର୍ବାଚିତ ଅକ୍ଷରରେ ଆରମ୍ଭ ହେଉଥିବା ଶବ୍ଦଗୁଡ଼ିକ ରହିଥିବ । ପ୍ରତିଟି ଶବ୍ଦଯୋଡ଼ି ହେଉଛି ଅଭିଧାନର ନିର୍ଦ୍ଦିଷ୍ଟ ପୃଷ୍ଠାରେ ଥିବା ଆରମ୍ଭ ଓ ଶେଷ ଶବ୍ଦ, ଯାହା ପୃଷ୍ଠାର ଉପରେ ଦିଆଯାଇଥାଏ । ତେଣୁ ଖୋଜୁଥିବା ଶବ୍ଦକୁ ଯିବାକୁ ହେଲେ ତା'ର ଆଗ ଓ ପରର ଶବ୍ଦଯୋଡ଼ି ଉପରେ ମାଉସ ଚିପିବାକୁ ହେବ ।

ଏହି ସୂଚୀ ପୃଷ୍ଠାଟି ଫାଇଲର ଆରମ୍ଭରେ ରହିଛି, ତେଣୁ ଆକ୍ରୋବାଟ ରିଡରର ନେଭିଗେସନ ସାହାଯ୍ୟରେ ଏଠାକୁ ସହଜରେ ଫେରିଆସିହେବ ।

**(ଆକ୍ରୋବାଟ ରିଡରର ସାହାଯ୍ୟ ବ୍ୟବସ୍ଥାରୁ ଏସବୁ ବିଷୟରେ ଅଧିକ ଜାଣିହେବ)**


*ବିଷୟ ସୂଚୀ:*

ଭୂମିକା　ମନ୍ତବ୍ୟ　ଉତ୍ସର୍ଗପତ୍ର　ବିଜ୍ଞାପନ　ବୈଦ୍ୟକ ଶବ୍ଦମାଳା

*ଅକ୍ଷର ସୂଚୀ*

ଅ ଆ ଇ ଈ ଉ ଊ ଋ ଌ ୠ ୡ ଏ ଐ ଓ ଔ କ କ୍ଷ ଖ ଗ ଘ ଙ ଚ ଛ ଜ ଝ ଞ
ଟ ଠ ଡ ଢ ଣ ତ ଥ ଦ ଧ ନ ପ ଫ ବ ଭ ମ ଯ ର ଲ ଵ ଶ ଷ ସ ହ



**Sabdatattwabodha Abhidhana**, *Compiled by* **Pandit Gopinath Nanda Sharma**, **1916**
Electronic version created by **Srujanika**, Jagamara, PO: Khandagiri, Bhubaneswar 751030, email: srujanika@gmail.com

Copyright © 2008, Srujanika.

This program is **free software**; you can redistribute it and/or modify it under the terms of the GNU General Public License as published by the Free Software Foundation (*http://www.gnu.org/*).

This program is distributed in the hope that it will be useful, but WITHOUT ANY WARRANTY; without even the implied warranty of MERCHANTABILITY or FITNESS FOR A PARTICULAR PURPOSE.

See the GNU General Public License for more details.

# ଶବ୍ଦତତ୍ତ୍ୱବୋଧ ଅଭିଧାନ ଶବ୍ଦସୂଚୀ

## ଅ

ଅ – ଅଂଶିତ
ଅଂଶୀ – ଅକଥା
ଅକଥ୍ୟ – ଅକସ୍ମାତ
ଅକାଟ – ଅକୁପ୍ୟ
ଅକୁର – ଅକ୍ରୋଧ
ଅକ୍ରୋଧନ – ଅକ୍ଷର
ଅକ୍ଷରଚଣ – ଅଖଡ଼େ
ଅଖବା – ଅଗତି
ଅଗତ୍ୟା – ଅଗି
ଅଗିଲା – ଅଗ୍ନିସଖ
ଅଗ୍ନିସହାୟ – ଅଘ
ଅଘଟ – ଅଙ୍ଗଣ
ଅଙ୍ଗତ୍ର – ଅଙ୍ଗୀକରଣ
ଅଙ୍ଗୀକାର – ଅଚାର୍ଗଳ
ଅଚିନ୍ତା – ଅଜକବ
ଅଜଗର – ଅଜାଡ଼ି ପଡ଼ିବା
ଅଜାଡ଼ିବା – ଅଜ୍ଞେୟ
ଅଝାଲ – ଅଟବି
ଅଟା – ଅଠୌର
ଅଡ଼ – ଅଣଉହାଡ଼
ଅଣଓସାର – ଅଣସର
ଅଣସୋରିଷ – ଅଣୁଭା
ଅଣୁବୀକ୍ଷଣ – ଅତଟ
ଅତଡ଼ – ଅତିଗନ୍ଧ
ଅତିଚାର – ଅତିରି
ଅତିରିକ୍ତ – ଅତୁଳ
ଅତୁଲ – ଅଥୟ
ଅଥରପା – ଅଦୃଷ୍ଟି
ଅଦେୟ – ଅଧ
ଅଧକ – ଅଧାଟି
ଅଧାଡୁଆ – ଅଧିଭୂ
ଅଧିମାସ – ଅଧୀଶ୍ୱର
ଅଧୁଆ – ଅଧ୍ୟାୟ
ଅଧ୍ୟାବାହନିକ – ଅନଗ୍ନି
ଅନଘ – ଅନପେତ
ଅନଭିଜାତ – ଅନାକୁଳ
ଅନାଗତ – ଅନାର୍ଜବ
ଅନାର୍ତ୍ତବା – ଅନିର୍ଭର
ଅନିର୍ଭା – ଅନୁକର୍ଷଣ
ଅନୁକଳ୍ପ – ଅନୁଚାର୍ଯ୍ୟ
ଅନୁଚିକୀର୍ଷା – ଅନୁପଦିଷ୍ଟ
ଅନୁପଦୀ – ଅନୁମତି
ଅନୁମନ୍ତା – ଅନୁରୋଧ
ଅନୁଲାପ – ଅନୁଷ୍ୟୂତ
ଅନୁଷ୍ଟ – ଅନୃତ
ଅନେଇ – ଅନ୍ତକ
ଅନ୍ତକର – ଅନ୍ତରୀପ
ଅନ୍ତରୀୟ – ଅନ୍ତି
ଅନ୍ତିକ – ଅନ୍ଧକୂପ
ଅନ୍ଧଗୋଲାଙ୍ଗୁଳନ୍ୟାୟ – ଅନ୍ଧସ୍
ଅନ୍ଧହସ୍ତୀନ୍ୟାୟ – ଅନ୍ନକୋଷ୍ଠକ
ଅନ୍ନଗନ୍ଧି – ଅନ୍ୟାନ୍ୟ
ଅନ୍ୟାୟ – ଅପ
ଅପକର୍ମ – ଅପଟାନ୍ତର
ଅପଟୀ – ଅପନୋଦ
ଅପନ୍ତରା – ଅପରିଚ୍ଛିନ୍ନ
ଅପରିଣାମଦର୍ଶୀ – ଅପଶୋକ
ଅପଷ୍ଠୁ – ଅପାଉତି
ଅପାଂନାଥ – ଅପାସନ
ଅପାସ୍ତ – ଅପ୍ରକାଣ୍ଡ
ଅପ୍ରଗୁଣ – ଅପ୍ରିୟ
ଅପ୍ସରା – ଅବିଗୁଣ
ଅବିବାହୀ – ଅଭାଗା
ଅଭାଗିନୀ – ଅଭିଜ୍ଞ
ଅଭିଜ୍ଞା – ଅଭିପନ୍ନ
ଅଭିପ୍ରାୟ – ଅଭିରୂପ
ଅଭିଲା – ଅଭିସନ୍ଧି
ଅଭିସମ୍ପାତ – ଅଭ୍ୟଞ୍ଜନ
ଅଭ୍ୟନ୍ତର – ଅଭ୍ୟୁତ୍ଥାନ
ଅଭ୍ୟୁଦୟ – ଅମଙ୍ଗ
ଅମଛା – ଅମଳ
ଅମଳପାଣି – ଅମାର
ଅମାରି – ଅମୃତ
ଅମୃତଘଷା – ଅମ୍ବୁଜ
ଅମ୍ବୁଦ – ଅମ୍ଳପୂର
ଅମ୍ଳଲୋଣିକା – ଅୟୋଗ୍ର
ଅୟୋଘନ – ଅରଣୀସୁତ
ଅରଣ୍ଡା – ଅରାଳ
ଅରାବଳି – ଅରୁନ୍ଧତୀ
ଅରୁଷ୍କ – ଅର୍ଜିନବିସ
ଅର୍ଜୁନ – ଅର୍ଥ୍ୟ
ଅର୍ଦ୍ଦନ – ଅର୍ଯ୍ୟ
ଅର୍ଯ୍ୟମା – ଅଲକ୍ଷଣା
ଅଲକ୍ଷମା – ଅଳଞ୍ଜର
ଅଲଣା – ଅଲାଜୁକୀ
ଅଲାତ – ଅଳ୍ପସରସ୍
ଅଳ୍ପିଷ୍ଠ – ଅବଗଣିତ
ଅବଗତ – ଅବଜ୍ଞା
ଅବଜ୍ଞାତ – ଅବଦାହ
ଅବଦାହେଷ୍ଟ – ଅବନାୟ
ଅବନାହ – ଅବରୀଣ
ଅବରୋଧ – ଅବଷ୍ଟବ୍ଧ
ଅବଷ୍ଟମ୍ଭ – ଅବାଚ୍ୟ
ଅବାଧ – ଅବିହାଡ଼ା
ଅବିହିତ – ଅଶନ
ଅଶନି – ଅଶ୍ରାନ୍ତ
ଅଶ୍ରି – ଅଷ୍ଟକା
ଅଷ୍ଟଧା – ଅସଙ୍କୁଳା
ଅସଜ – ଅସରଳ
ଅସରଳା – ଅସିଧେନୁ
ଅସିପୁଚ୍ଛ – ଅସ୍ତବଳ
ଅସ୍ତମନ – ଅହଂଯୁ
ଅହଣ୍ଡି – ଅହିତୁଣ୍ଡିକ
ଅହିଫେନ – ଅହ୍ୟଡେଙ୍ଗୁରା

## ଆ

ଆ
ଆଁ – ଆଉଜିବା
ଆଉଟଣ – ଆକାର
ଆକାରଗୁପ୍ତି – ଆଖଡ଼ା
ଆଖଣ୍ଡଳ – ଆଖିମାରିବା
ଆଖିମିଟିକା – ଆଗଃ
ଆଗକୁହା – ଆଗସରିବା
ଆଗହୁଁ – ଆଘ୍ରାଣ
ଆଘ୍ରାୟକ – ଆଚାର୍ଯ୍ୟା
ଆଚାର୍ଯ୍ୟାନୀ – ଆଜହୁଁ
ଆଜାନେୟ – ଆଞ୍ଛିବା
ଆଞ୍ଛିଳ – ଆଠଣି
ଆଠପାଞ୍ଚ – ଆଡ଼ତଦାର
ଆଡ଼ତି – ଆଡୁଖା
ଆଡ଼େ – ଆଣ୍ଟ
ଆଣ୍ଟିବା – ଆତଜାତ
ଆତତ – ଆତ୍ମଗତ
ଆତ୍ମଗୁପ୍ତା – ଆତ୍ରେୟ
ଆଥର୍ବଣ – ଆଦ୍ୟମାସକ
ଆଦ୍ୟୂନ – ଆନ
ଆନକ – ଆନ୍ଦୋଳନ
ଆନ୍ଧସିକ – ଆପାତ
ଆପାତତଃ – ଆପ୍ରପଦୀନ
ଆପ୍ଲବ – ଆମଗନ୍ଧି
ଆମଞ୍ଚ – ଆମ୍ବଡ଼ା
ଆମ୍ବସଡ଼ା – ଆୟତି
ଆୟତ୍ତ – ଆରଦାଉଆଁସ
ଆରନାଳ – ଆରୁରୁକ୍ଷୁ
ଆରୂଢ଼ – ଆର୍ଦ୍ରାବଳି

ଆର୍ଦୋଳି - ଆଳୟ
ଆଲରା - ଆଲୀଢ଼
ଆଲୁ - ଆବରିବା
ଆବର୍ତ୍ତ - ଆବିଧ
ଆବିର୍ଭାବ - ଆବେଶିକ
ଆବୋରନ୍ତା - ଆଶିତ
ଆଶିତଂଗବୀନ - ଆଶ୍ରିପାଦ
ଆଶ୍ରିପାଦଘର - ଆସକ୍ତି
ଆସତ୍ତି - ଆସ୍କନ୍ତ
ଆସ୍କନ୍ଦନ - ଆହତ
ଆହତଲକ୍ଷଣ - ଆହୃତ
ଆହେ - ଆହ୍ୱାନ

## ଇ

ଇ - ଇକାର
ଇକ୍ଷୁ - ଇଚ୍ଛାଳିନେବା
ଇଚ୍ଛୁ - ଇତ
ଇତର - ଇତିହ
ଇତିହା - ଇନ୍ଦୁବ୍ରତ
ଇନ୍ଦ୍ର - ଇନ୍ଦ୍ରାଣିକା
ଇନ୍ଦ୍ରାନୁଜ - ଇରଣ
ଇରମ୍ମଦ - ଇଲିଶି
ଇଲୀଶ - ଇଷ୍ଟ
ଇଷ୍ଟକ - ଇହା

## ଈ

ଈ
ଈଃ - ଈଳିତ
ଈଶ୍ - ଈହତ

## ଉ

ଉ - ଉଇଲ
ଉଁକାରିବା - ଉକୁଟାଣ
ଉକୁଣି - ଉଗାରିବା
ଉଗାଳ - ଉଚପାଚ
ଉଚଲ - ଉଛାଇବା
ଉଛିବାର - ଉଚ୍ଛ୍ରିତ
ଉଚ୍ଛ୍ୱସିତ - ଉଜୁଆଁ
ଉଜୁଡ଼ା - ଉଞ୍ଛିବା
ଉଟ - ଉଡ଼ା
ଉଡ଼ାଇବା - ଉଡ୍ଡୀନ
ଉଡ୍ଡୀୟମାନ - ଉତିଆଣି
ଉତୁକଟ - ଉତ୍କଳ
ଉତ୍କଳିକା - ଉତ୍ତମ୍ଭନ
ଉତ୍ତର - ଉତ୍ତାନଶୟ
ଉତ୍ତାପ - ଉତ୍ପନ୍ନ
ଉତ୍ପଳ - ଉତ୍ସର୍ଗ
ଉତ୍ସର୍ପଣ - ଉଦଗ୍ର
ଉଦଙ୍କୁଶ - ଉଦଶ୍ୱିତ
ଉଦସ୍ତ - ଉଦୀଚୀନ
ଉଦୀଚ୍ୟ - ଉଦ୍‌ଗାତା
ଉଦ୍‌ଗାର - ଉଦ୍ଦାନ
ଉଦ୍ଦାମ - ଉଦ୍ଧୃତ
ଉଦ୍ଧ୍ମାନ - ଉଦ୍ରିକ୍ତ
ଉଦ୍ରେକ - ଉଧାରିବାର
ଉଧାରେଣୀ - ଉନ୍ନଦ
ଉନ୍ନନାଃ - ଉପକାରିକା
ଉପକାର୍ଯ୍ୟ - ଉପଘ୍ନ
ଉପଚୟ - ଉପଦା
ଉପଦିଷ୍ଟ - ଉପନୀତ
ଉପନ୍ୟାସ - ଉପଯୁକ୍ତ
ଉପଯୋଗ - ଉପଲଛ
ଉପଲବ୍ଧ - ଉପଶାୟ
ଉପଶ୍ରୁତ - ଉପଷ୍ଠ
ଉପସ୍ଥାନ - ଉପାଦାନ
ଉପାଦେୟ - ଉପାସନ
ଉପାସିତ - ଉପ୍ତି
ଉପ୍ରୋଧ - ଉଭାରିବା
ଉଭୁଡ଼ାପଡ଼ିବା - ଉରସିଳ
ଉରସ୍ୟ - ଉଲଟାଇବା
ଉଲଟିଆ - ଉଲୁରିବା
ଉଲୁସିବା - ଉଲ୍ୱ
ଉଲ୍ୱଣ - ଉଷ୍ଟୋପଗମ
ଉଷ୍ମ - ଉସ୍ୱାସ
ଉସ୍ୱାସିବା - ଉହ୍ୟମାନ

## ଊ

ଊ - ଊଣାଇଶ
ଊତ - ଊର୍ଦ୍ଧ୍ୱାମ୍ନାୟ
ଊର୍ମି - ଊହ୍ୟ

## ଋ

ଋ - ଋଣ
ଋଣଲେଖ୍ୟ - ଋଭୁକ୍ଷ
ଋଭୁକ୍ଷା - ଋଷ୍ୟଶୃଙ୍ଗ

## ୠ

## ଌ ୡ

## ଏ

ଏ - ଏକକ
ଏକକାଳୀନ - ଏକତମ
ଏକତର - ଏକପଦୀ
ଏକପାଖ - ଏକଶେଷ
ଏକଷଠି - ଏକାଦଶ
ଏକାଦଶୀ - ଏକୀଭାବ
ଏକୀୟ - ଏଠାଁଇ
ଏଠାକାର - ଏଣେ
ଏଣେତେଣେ - ଏଥ
ଏଥକୁ - ଏବର
ଏମତ - ଏଷଣିକା
ଏଷଣୀୟ - ଏହ୍ନେ

## ଐ

ଐ - ଐକରାଜ୍ୟ
ଐକବାକ୍ୟ - ଐରାବଣ
ଐରାବତ - ଐହିକ

## ଓ

ଓ - ଓକ
ଓକ - ଓଜସ୍ୱଳ
ଓଜସ୍ୱୀ - ଓଡ଼ିଆ
ଓଡ଼ିଆଣି - ଓପ୍ରଧ
ଓମ୍ - ଓଲଟିବାର
ଓଳନ - ଓଳେଇବାର
ଓଶଥ - ଓହଳାଇବାର
ଓହଳିବାର - ଓହ୍ଲେଇବାର

## ଔ

ଔ - ଔଦରିକ
ଔଦାର୍ଯ୍ୟ - ଔଶନସ
ଔଶୀର - ଔଷ୍ଣ୍ୟ

## କ

କ - କଅଁଳାଇବାର
କଅଁଳିବାର - କଉଡ଼ିଆ
କଉତରା - କକୁତ୍‌ସ୍ଥ
କକୁଦ୍ - କକ୍ଷ
କକ୍ଷା - କଙ୍କଣ
କଙ୍କଣପଇତା - କଚଟି
କଚଡ଼ା - କଛ
କଛା - କଜଳା

କଜିଆ – କଞ୍ଚିକା
କଞ୍ଚୁକ – କଟକ
କଟକଟ – କଟା
କଟାକଟି – କଟୀର
କଟୁ – କଠିଞ୍ଜର
କଠିନ – କଡ଼ମ୍ବ
କଡ଼ମ୍ବା – କଡ଼ିଲୋଥ
କଢୁଆଳ – କଣିଅର
କଣିଆଇବାର – କଣ୍ଟା
କଣ୍ଟାଇକୋଳି – କଣ୍ଠାଗ୍ରତ
କଣ୍ଠଭୂଷା – କଣ୍ଡୂୟମାନ
କଣ୍ଡୂୟା – କତିଥ
କତୁରା – କଦ
କଦକ – କଦର୍ଯ୍ୟ
କଦଳ – କନକାଳୁ
କନକାହ୍ୱ – କନ୍ଥୁ
କନ୍ଥଡ଼ା – କନ୍ଦା
କନ୍ଦି – କପଟ
କପର୍ଦ୍ଦ – କପିଳା
କପିଳାସ – କବଟା
କବନ୍ଧ – କମ୍
କମକମ – କମଳୀ
କମଳୋତ୍ତର – କମ୍ପିତ
କମ୍ପ୍ର – କରକର
କରକା – କରଡ଼ିଗଜା
କରଣ – କରତି
କରତିବାର – କରମଙ୍ଗା
କରମଙ୍ଗିଆ – କରାରୋଟ
କରାଳ – କରୁଣା
କରେଟୁ – କର୍ଣ୍ଣ
କର୍ଣ୍ଣଜଳୁକା – କର୍ଦ୍ଦ
କର୍ପଟ – କର୍ମରଙ୍ଗ
କର୍ମବିପାକ – କଳ
କଳକଣ୍ଠ – କଳଭ
କଳମ – କଳହଂସ
କଳହପ୍ରିୟ – କଳାନିଧି
କଳାପ – କଳି
କଳି – କଳିକ
କଳିୟାର – କଳ୍ମଷ
କଲ୍ମାଷ – କବିକ
କବିତା – କଷା
କଷାୟ – କସାକସି
କସି – କହ୍ଵ
କା – କାଉଳି
କାଏ – କାକତାଳୀୟ
କାକତାଳୀୟନ୍ୟାୟ – କାକାରି
କାକାଳ – କାକ୍ଷ
କାକ୍ଷୀକ – କାଚିତ
କାଚିବାର – କାଞ୍ଚି
କାଞ୍ଚୀପଦ – କାଟିବାର
କାଟୁ – କାଠୁଆ
କାଠୁଆଅମ୍ଳପିତ୍ତ – କାଣ୍ଟିବଗ
କାଣ୍ଡ – କାଣ୍ଡୁ
କାଣ୍ଡୁଆ – କାଦମ୍ବ
କାଦମ୍ବର – କାନଫୁଲ
କାନଫୋଡ଼ା – କାନ୍ତାରୁ
କାନ୍ତି – କାନ୍ଦହେବାର
କାନ୍ଧି – କାପୋତ
କାପ୍ତା – କାମଚାର
କାମଡ଼ା – କାମୁଡ଼ାକାମୁଡ଼ି
କାମ୍ପି – କାରଜି
କାରଣ – କାରିକର
କାରିକା – କାର୍ତ୍ତିକ
କାର୍ତ୍ତିକିକ – କାଲ
କାଳକ – କାଳସାର
କାଳସୂତ୍ର – କାଳିନ୍ଦୀ
କାଳିନ୍ଦୀଭେଦନ – କାଲ୍ପନିକ
କାଲ୍ୟ – କାଷ୍ଠମଲ୍ଲ
କାଷ୍ଠା – କାହାଳି
କାହାଳିଆ – କିଂଶାରୁ
କିଂଶୁକ – କିଡ଼ମିଡ଼
କିଣ – କିପରିକା
କିପାଁଇ – କିରଣ
କିରାଣି – କିଳିବାର
କିଲୋ – କୀର୍ତ୍ତନିଆ
କୀର୍ତ୍ତି – କୁଇ
କୁଇନ୍ତା – କୁଞ୍ଜ
କୁଞ୍ଚନ – କୁଟୁଣୀ
କୁଟୁଣୀପ୍ରତିମା – କୁଢ଼ିବୋବାଳି
କୁଣନ – କୁଣ୍ଠା
କୁଣ୍ଠାଇ – କୁସ୍ପନ
କୁସ୍ପିତ – କୁନ୍ଦା
କୁନ୍ଦାରୁ – କୁମୁଟି
କୁମୁଦ – କୁରହାଡ଼ି
କୁରାଇସୁଣି – କୁର୍ନିଶ
କୁର୍ପର – କୁଳୀନ
କୁଳୁକୁଳା – କୁସ
କୁସାଙ୍ଗୀ – କୁହୁଣ୍ଡା
କୁହେଳିକା – କୃତାନ୍ତ
କୃତାର୍ଥ – କେଁ କେଁ
କେ – କେତନ
କେତପା – କେମନ୍ତ
କେମ୍ପା – କେଶରୀ
କେଶବ – କୋଇଲିବୁଡ଼
କୋଇଲିସୁତା – କୋଠ
କୋଠକରଣ – କୋତ
କୋତରା – କୋରଣା
କୋରଣା – କୋଶ
କୋଶଳ – କ୍ରମଶଃ
କ୍ରମୁ – କ୍ୱଣିତ

## କ୍ଷ

କ୍ଷଉଣି – କ୍ଷତି
କ୍ଷତ୍ତା – କ୍ଷୁବ୍ଧ
କ୍ଷୁର – କ୍ଷ୍ୱେଳନ

## ଖ

ଖ – ଖଇଙ୍ଗା
ଖଇଚା – ଖଜା
ଖଜା – ଖଞ୍ଜିଖାଞ୍ଜି
ଖଟ – ଖଡ଼କ୍କୀ
ଖଡ଼ଖଡ଼ – ଖଣ୍ଡଖଣ୍ଡିଆ
ଖଣ୍ଡଣି – ଖତମ
ଖତମାଳ – ଖନ୍ଦକ
ଖନ୍ଦା – ଖରଖର
ଖରଗୋଶ – ଖର୍ବ
ଖର୍ବଟ – ଖଳିକାର
ଖଳିପଶିବା – ଖାଉଟିଆ
ଖାଉଣିଆ – ଖାତା
ଖାତବନ୍ଦୀ – ଖାରଭୂଇଁ
ଖାରସ୍ତ – ଖିଟିଖିଟିଆ
ଖିଡ଼କି – ଖୁଜ୍‌ବୁଜ୍
ଖୁଜୁବୁଜିଆ – ଖୁଣ୍ଟି
ଖୁଣ୍ଟିଆ – ଖୁର
ଖୁରଙ୍ଗ – ଖୁରୁଳା
ଖୁର୍ପା – ଖେଟା
ଖେଟିବା – ଖେପାଜାଲ
ଖେପିବା – ଖୋଦାବନ୍ଦ
ଖୋପ – ଖୋସା
ଖୋସାଣି – ଖ୍ୟାପନ

## ଗ

ଗ – ଗଗଛ
ଗଗଛିବା – ଗଜରା

ଗଜଲ - ଗଠନ
ଗଡ଼ - ଗଡ଼ାଣିଆ
ଗଡ଼ି - ଗଡ୍‌ଡୁକ୍
ଗଢ଼ଣ - ଗଣ୍ଡା
ଗଣ୍ଡାଇବା - ଗଣ୍ଡଭେରଣ୍ଡ
ଗଣ୍ଡମଳା - ଗତ
ଗତା - ଗଦାଧର
ଗଦି - ଗଚ୍ଛା
ଗନ୍ଧ - ଗନ୍ଧେଇବା
ଗନ୍ଧି - ଗମିବା
ଗମ୍ଭିରା - ଗରମି
ଗରହାଜର - ଗରୁଶୀଳ
ଗରୁହଂସ - ଗର୍ଭୋପଘାତିନୀ
ଗର୍ବ - ଗଳାଧଃକରଣ
ଗଳାସି - ଗବେଷଣ
ଗବ୍ୟ - ଗହିରି
ଗହିରିଖର୍ଚା - ଗାଁଜିବା
ଗାଜର - ଗାଦି
ଗାଧ - ଗାର
ଗାରଡ଼ - ଗାଲମୋଚା
ଗାଳି - ଗିରଫ
ଗିରଫତାର - ଗିଳା
ଗିଲା - ଗୁଆଁର
ଗୁଆଁରୀ - ଗୁଜ୍ଜରୀ
ଗୁଞ୍ଜ - ଗୁଡ଼କଙ୍କ
ଗୁଡ଼ଚୀ - ଗୁଡୁମୁଗୁଡୁମୁ
ଗୁଣ - ଗୁଣୁଗୁଣୁ ହେବା
ଗୁଣ୍ଠ - ଗୁଣ୍ଡିରି
ଗୁଣ୍ଡୁଚି - ଗୁବା
ଗୁମ୍ - ଗୁୟାଁ
ଗୁରସ୍ତ - ଗୁଲ
ଗୁଳା - ଗୁଳୁଚିପାଳୁଆ
ଗୁଳୁଛ - ଗୁହ୍ୟ
ଗୁହ୍ୟକ - ଗେଞ୍ଚ
ଗେଞ୍ଚା - ଗେଲ
ଗେଲବସର - ଗୋଖରା
ଗୋଖା - ଗୋଟିଆ
ଗୋଟିକରିବା - ଗୋତାମରା
ଗୋତାମାରିବା - ଗୋପ
ଗୋପଗୋଇ - ଗୋମେଧ
ଗୋର - ଗୋଲକୁଣ୍ଡା
ଗୋଲଖ - ଗୋଳାହାଟ
ଗୋଲିଆ - ଗୋସୁଆରା
ଗୋସ୍ତନୀ - ଗୌଣୀ
ଗୌତମ - ଗ୍ରାମ
ଗ୍ରାମଟିକା - ଗ୍ଲୌ

## ଘ

ଘ - ଘଉଡ଼ା
ଘଉଡ଼ିବା - ଘଟାରୀ
ଘଟି - ଘଣ୍ଟପାଟୁଆ
ଘଣ୍ଟା - ଘନାଗମ
ଘନାଘନ - ଘରବାଡ଼ି
ଘରବୁଡ଼ା - ଘା
ଘାଇ - ଘାଣ୍ଟ
ଘାଣ୍ଟଚକଟ - ଘାସିଆ
ଘିଅ - ଘୁଡୁକି
ଘୁଣ - ଘୁଷ୍‌ଖୋର
ଘୁଷା - ଘେନା
ଘେନାଇବା - ଘୋଡ଼
ଘୋଡ଼ଚି - ଘୋରିବା
ଘୋଳ - ଘ୍ରାଣ
ଘ୍ରାଣତର୍ପଣ - ଘ୍ରେୟ

## ଙ

## ଚ

ଚ - ଚଉକାଠ
ଚଉକତି-ଚଉପଦି
ଚଉପାଶ - ଚକ
ଚକଖଡ଼ି - ଚକାମାଉଲି
ଚକାମାଣ୍ଡୁ - ଚକ୍ରାନ୍ତ
ଚକ୍ରାବର୍ତ୍ତ - ଚଞ୍ଚା
ଚଞ୍ଚୁ - ଚଡ଼ଚଡ଼
ଚଡ଼ନ - ଚଣ୍ଡାତକ
ଚଣ୍ଡାଳ - ଚତୁର୍ଥ
ଚତୁର୍ଥଭାକ୍ - ଚନ୍ଦିର
ଚନ୍ଦ୍ର - ଚପଟ
ଚପଟ - ଚମୁ
ଚମୁରୁ - ଚରଚା
ଚରଚା - ଚର୍ଚ୍ଚରୀ
ଚର୍ଚ୍ଚା - ଚଳନ୍ତା
ଚଳନ୍ତିପ୍ରତିମା - ଚଷକ
ଚସା - ଚହ୍ଲା
ଚା - ଚାଖିବା
ଚାଖୁଣିଆ - ଚାଟକେର
ଚାଟଶାଳ - ଚାନ୍ଦ
ଚାନ୍ଦକଳା - ଚାବି
ଚାବିଦେବା - ଚାରିକାତଛାଡ଼ିବା
ଚାରିଖାନି - ଚାଳିଶା
ଚାଲୁଣି - ଚିଆର
ଚିଇଁବା - ଚିଙ୍ଗଟ
ଚିଙ୍ଗୁଡ଼ି - ଚିତଉ
ଚିତଉଆଁସ - ଚିତୁ
ଚିତୁଆଇବା - ଚିତ୍ରଶିଖଣ୍ଡିଜ
ଚିତ୍ରଶିଖଣ୍ଡୀ - ଚିପିବା
ଚିପୁଆ - ଚିରଂ
ଚିରା - ଚିହିଁକା
ଚିହିଁକାଇବା - ଚୁଆଁଚୁଇଁ
ଚୁଆଁଚୁହିଁ - ଚୁଟିଆମୂଷା
ଚୁଡ଼ା - ଚୁଲିପଙ୍ଖା
ଚୁଲିମୁହଁ - ଚୂର୍ଣ୍ଣକ
ଚୂର୍ଣ୍ଣକୁନ୍ତଳ - ଚେଷ୍ଟା
ଚେଷ୍ଟେଇ - ଚେପ୍‌ଟା
ଚେମଡ଼ - ଚୈତ୍ୟ
ଚୈତ୍ର - ଚୋପଦାର
ଚୋପା - ଚୌକାଠ
ଚୌକା - ଚୌମଥା
ଚୌରାଣୋଇ - ଚ୍ୟୁତ

## ଛ

ଛ - ଛକ
ଛକଡ଼ - ଛଟାଙ୍କ
ଛଟାଣ - ଛତ
ଛତର - ଛତ୍ରଭଙ୍ଗ
ଛତ୍ରସାଇ - ଛନ୍ଦିବା
ଛପଛପିକା - ଛବି
ଛଅସ୍ତରି - ଛାଟିଆ
ଛାଟିପିଟି - ଛାପ
ଛାପଚିକଣ - ଛି
ଛିଆଁ - ଛିଡ଼ିକିବା
ଛିଡ଼ିବା - ଛୁଅ
ଛୁଆଁ - ଛୁରା
ଛୁରି - ଛେପ
ଛେବଳ - ଛିଆ

## ଜ

ଜ - ଜଉ
ଜଉଆ - ଜଗତ୍‌ପ୍ରାଣ
ଜଗତୀ - ଜଘନ୍ୟଜ
ଜଙ୍ଗମ - ଜଠର
ଜଡ଼ - ଜନକ
ଜନନ - ଜନ୍ୟ

ଜପ – ଜମାଖରଚ
ଜମାଟ – ଜରାୟୁ
ଜରି – ଜଳପାତିଆ
ଜଳପ୍ରାୟ – ଜହୁରି
ଜହ୍ନ – ଜାଁକଜମକ
ଜାକ – ଜାଡ଼ିବା
ଜାଡ଼ୀ – ଜାନ
ଜାନାନା – ଜାରଜ
ଜାରଣ – ଜାଲ୍ମ
ଜାହାଜ – ଜିଜୀବିଷା
ଜିଜ୍ଞାସା – ଜିହ୍ୱା
ଜିମା – ଜୀବାତୁ
ଜୀବିକା – ଜୁଟ୍‌ହେବା
ଜୁଟାଇବା – ଜେଉଟ
ଜେଜେ – ଜୋଡ଼ହସ୍ତ
ଜୋଡ଼ିବା – ଜ୍ୱଳନ
ଜ୍ୱାଳ

## ଝ

ଝ – ଝଞ୍ଜା
ଝଞ୍ଜାନିଳ – ଝଡ଼ା
ଝଡ଼ାମହୁର – ଝରାକାଠି
ଝରି – ଝଳିବା
ଝଲ୍ଲକ – ଝାଟ
ଝାଟପାଟ – ଝାମ
ଝାମମାରିବା – ଝିଅ
ଝିଅଝିଆଣି – ଝିମା
ଝିମାଣି – ଝୁଣିବା
ଝୁଣୁଝୁଣିଆ – ଝୁଲ
ଝୁଲଣ – ଝୋଳି

## ଞ

## ଟ

ଟ – ଟକ
ଟକଟକ – ଟଣା
ଟଣାଟଣି – ଟାଉଟାଉ
ଟାଉଁଟାଉଁ – ଟାଣି
ଟାଣିବା – ଟିକର
ଟିକରା – ଟିପ
ଟିପଚିହ୍ନ – ଟୁକୁମଟାମ
ଟୁକୁଳୀ – ଟେର
ଟେରା – ଟୌ

## ଠ

ଠ – ଠଣ୍ଠନ
ଠବର୍ତ୍ତୁଳ – ଠାକୁରକୋଠି
ଠାକୁରବାପା – ଠିଆ
ଠିଆଠାଣି – ଠେକ
ଠେକରା – ଠୋସ

## ଡ

ଡ – ଡଙ୍ଗା
ଡଙ୍ଗୀ – ଡାକ
ଡାକଘର – ଡାମର
ଡାଳ – ଡିଆଁ
ଡିଆଁଇବା – ଡିଲ୍ଲି
ଡିହ – ଡେଣୁଆ
ଡେବିରି – ଡୌଲତ

## ଢ

ଢ – ଢଳଢଳ
ଢଳହଳ – ଢିଙ୍କିଶାଳ
ଢିପ – ଢେଙ୍କା
ଢେଣ୍ଡରା – ଢୋଲେଇ

## ଣ

ଣ – ଣ୍ୟ

## ତ

ତ – ତଇଳ
ତଇଳପିଆ – ତଟୁ
ତଡ଼ – ତଣ୍ଡିଆ
ତଣ୍ଡିବା – ତଥୈବଚ
ତଥ୍ୟ – ତନ୍ତଶାଳ
ତନ୍ତରମାଧିଆ – ତଦ
ତଉ – ତମୋଘ୍ନ
ତମୋଭିଦ୍ – ତରଙ୍ଗିଣୀ
ତରଛ – ତରସ୍ଥାନ
ତରଃ – ତରୁଣ
ତରୁଣୀ – ତଲାରି
ତଲାସ – ତହସିଲଦାରି
ତହିଁ – ତାଛାଏଁ
ତାଛୀଲ୍ୟ – ତାଡ଼ୁଆ
ତାଡ଼େଣି – ତାପି
ତାପିଚ୍ଛ – ତାର
ତାରକ – ତାଳକୀ
ତାଳପତ୍ର – ତାସଣ
ତାସା – ତିକ୍ତ
ତିକ୍ତକ – ତିନେଇଧିନେଇ
ତିନିପୁରମଲ୍ଲି – ତିରିଶ
ତିରୀ – ତିହୁଡ଼ି
ତିହୁଡି – ତୁଚ୍ଛା
ତୁଚ୍ଛାଇଁ – ତୁଣ୍ଡପୋଡ଼ା
ତୁଣ୍ଡବଜା – ତୁମ
ତୁମୁଡ଼ୀ – ତୁରୁଷା
ତୂର୍ଯ୍ୟ – ତୂଳି
ତୂଳିଆ – ତୂଷ୍ଣୀ
ତୃଣ – ତେଡ଼ା
ତେଡ଼ିକି – ତେନ୍ତରା
ତେନ୍ତରାମାଧିଆ – ତେଲୁଣୀ
ତେବେ – ତୋଡ଼ତାଡ଼
ତୋଡ଼ପ – ତୋରା
ତୋରାଏ – ତୌଳିକ
ତ୍ୟକ୍ତ – ତ୍ରିକନା
ତ୍ରିକର୍ମା – ତ୍ରିବଳି
ତ୍ରିଭାରି – ତ୍ୱକ୍‌ସାର
ତ୍ୱତ୍ – ତ୍ସରୁ

## ଥ

ଥ – ଥଟାରି
ଥଣ୍ଡା – ଥଳାଇବା
ଥଳାଥଳି – ଥାବରୀ
ଥାଳ – ଥୁବଡ଼ା
ଥୁରଥୁର – ଥୋଡ଼ି
ଥୋଡ଼ିଆ – ଥୋରି

## ଦ

ଦ – ଦଇତ
ଦଇତାପତି – ଦଂଷ୍ଟ୍ରା
ଦକ – ଦଛ
ଦଢ଼ – ଦଣ୍ଡିପୋଏଲା
ଦଣ୍ଡୀ – ଦପ୍ତରୀ
ଦଫା – ଦୟିତ
ଦର – ଦରାଣ୍ଡିବା
ଦରାଣ୍ଡିହେବା – ଦଳଦଳ
ଦଳଦଳିଆ – ଦଶରୂପକ
ଦଶହରା – ଦସ୍ୟୁ
ଦହ – ଦାଉଁଣୀ
ଦାଉଣ୍ଡି – ଦାଢ଼ିକା
ଦାଢୁଆ – ଦାନବ

ଦାନଶୌଣ୍ଡ – ଦାୟକ
ଦାୟାଦ – ଦାବି
ଦାବିବା – ଦିକ୍
ଦିକ୍‌ଦାର – ଦିନି
ଦିନୁଦିନ – ଦିଶା
ଦିଶା – ଦୀୟମାନ
ଦୀର୍ଘ – ଦୁଃଖିତ
ଦୁଃଶୀଳ – ଦୁତି
ଦୁତିଅ – ଦୁରନ୍ଧର
ଦୁରବସ୍ଥ – ଦୁର୍ମିଳ
ଦୁର୍ଯୋଗ – ଦୁଃଶା
ଦୁଷ୍ଚ୍ୟବନ – ଦୂରତେ
ଦୂରୁ – ଦେଉ
ଦେଉଳ – ଦେଢ଼ୁତା
ଦେଢ଼ – ଦେବଯାନ
ଦେବର – ଦେହୁରି
ଦୈ – ଦୋଦୁଲ୍ୟମାନ
ଦୋଦୋପଞ୍ଜା – ଦୋଷ
ଦୋସଢ଼ା – ଦ୍ୟୋ
ଦ୍ୟୋତ – ଦ୍ୱାପର
ଦ୍ୱାରକ – ଦ୍ୱୈମାତୃକ

## ଧ

ଧ – ଧକ୍
ଧକ – ଧଡ଼ା
ଧଡ଼ି – ଧନୁର୍ନ୍ତି
ଧନ୍ଦପୁଆ – ଧମକ
ଧମକାଇବା – ଧରିବା
ଧର୍ମ – ଧାଉଡ଼ି
ଧାଉଡ଼ିଆ – ଧାନକୋଠି
ଧାନା – ଧାରଣ
ଧାରଣା – ଧିର
ଧିରତି – ଧୁତୁରାଫୁଲିଆ
ଧୁନି – ଧୁସା
ଧୁସ୍ତୁର – ଧେଇଧେଇତା
ଧେଡ଼ – ଧୋବୁଣୀ
ଧୋରଣ – ଧ୍ୱାନ୍ତବିତ୍ତ

## ନ

ନ – ନଉତି
ନଉନୁଆଣି – ନଖାନଖି
ନଖୀ – ନଜିକ
ନଜିର – ନଣନ୍ଦ
ନଣନ୍ଦପୁଟୁଳି – ନଦୀମାତୃକ
ନଦୀଷ୍ଠ – ନପୁଂସକ
ନପ୍ତା – ନମନ
ନମସ୍କାରହେବା – ନରାଧିପ
ନରେନ୍ଦ୍ର – ନଳିନ
ନଳିନୀରୁହ – ନବୋଦ୍ଧୃତ
ନବ୍ୟ – ନାଇ
ନାଇବା – ନାକୁ
ନାକୁଆ – ନାଗହଂସ
ନାଗା – ନାଟକ
ନାଟପାମନ୍ଦିର – ନାଡ଼ୀବ୍ରଣ
ନାତ – ନାପିତ
ନାପିବା – ନାରଦ
ନାରାଚ – ନାଳିଆପଟା
ନାଳିକ – ନାସ୍ତିକ
ନାହ – ନିଃସ୍ରବ
ନିଃସ୍ୱ – ନିଆଳି
ନିଆଳିସୁତା – ନିକଷ
ନିକଷଣ – ନିକୃଷ୍ଟ
ନିକେତ – ନିଗର
ନିଗାଡ଼ିବା – ନିଛାଟିଆ
ନିଜ – ନିଦର୍ଶନ
ନିଦା – ନିନ୍ଦନ
ନିନ୍ଦାଉଳି – ନିବର୍ହଣ
ନିବାଡ଼ – ନିମୀଳ
ନିମ୍ନ – ନିରାକରଣ
ନିରାଟ – ନିରୁକ୍ତି
ନିରୁତା – ନିର୍ଦ୍ଧାର
ନିର୍ବନ୍ଧ – ନିର୍ବାପଣ
ନିର୍ବାସନ – ନିବେଦ
ନିବେଶ – ନିଷାଣଦାର
ନିଷାଣି – ନିସୁନରାତି
ନିସୋଧନ – ନୀଳ
ନୀଳକଣ୍ଠ – ନୁଣକୋଳି
ନୁଣଖାଇ – ନେତ୍ର
ନେତ୍ରପତ୍ର – ନୋଦନ
ନୋଳି – ନ୍ୟୂନ

## ପ

ପଁ – ପଏଡ଼
ପକା – ପଖାଳିବା
ପଖି – ପଙ୍‌କ୍ତି
ପଙ୍ଖା – ପଛ
ପଛକରିବା – ପଞ୍ଚତିରିଶ
ପଞ୍ଚନଖ – ପଞ୍ଚାୟତ
ପଞ୍ଚାଳ – ପଞ୍ଜରା
ପଞ୍ଜରି – ପଟଳ
ପଟବାସ – ପଟୁ
ପଟୁଆର – ପଢ଼ାଇବା
ପଢ଼ି – ପଢୁଆ
ପଢ଼ୋଉ – ପଣ୍ଡ
ପଣ୍ଡା – ପତନ
ପତନି – ପତ୍ରୀ
ପତ୍ରୋର୍ଣ୍ଣ – ପଦିକା
ପଦ୍ଧତି – ପନିରଲାଗି
ପନ୍ତ – ପୟାଣ
ପୟାର – ପରଦା
ପରଦାଜ – ପରଳାଇବା
ପରବାନ୍ – ପରାଭିନ
ପରାମର୍ଶ – ପରିକ୍ଷ
ପରିକ୍ଷା – ପରିଣାହ
ପରିତଃ – ପରିବାପିତ
ପରିବାର – ପର୍ଜା
ପର୍ଜିବା – ପଲବ
ପଲବିବା – ପଲାଶ
ପଲାଶିବା – ପଶ୍ଚିମ
ପଶ୍ଚିମାଣି – ପହରା
ପହରା – ପହେଲାଘର
ପହ୍ନା – ପାଉତି
ପାଏ – ପାଖୁଡ଼
ପାଖେଇବା – ପାଛୋଟିବା
ପାଛୋଣି – ପାଜ୍ଞିଆ
ପାଟ – ପାଟବିକ
ପାଟା – ପାଡ଼ୁଷି
ପାଢ଼ି – ପାଣିଫୋଟକା
ପାଣିବାଟ – ପାତି
ପାତି – ପାଦବିକ
ପାଦାଙ୍ଗଦ – ପାପୁଲି
ପାପ୍ମା – ପାରଶ
ପାରଶ୍ୱଧ – ପାରିବା
ପାରିବାପଣ – ପାଳ
ପାଲ – ପାଳି
ପାଲି – ପାଷଣ୍ଡ
ପାଷାଣ – ପିଅର
ପିଆ – ପିଚ
ପିଚା – ପିଛାଡ଼ିବା
ପିଛିଲା – ପିଠି
ପିଠିଆ – ପିତାଶୁଣୀ
ପିତିନାଟ – ପିପଳାମୂଳ
ପିପଳି – ପିଷ୍ଟାତ
ପିସ୍ତା – ପୁକୁଡି
ପୁକ୍‌କଶ – ପୁଡ଼ା

ପୁଡ଼ି – ପୁର
ପୁର – ପୁରୁବ
ପୁରୁଷ – ପୁସ୍ତ
ପୁସ୍ତକର୍ମା – ପୃଷାର୍ଥ
ପୃଷ୍ଠ – ପେଟା
ପେଟିଆ – ପେଛି
ପେମ – ପେସ୍କାର
ପେସ୍ତା – ପୋଚ
ପୋଚକା – ପୋଥା
ପୋଦନା – ପୋହଳା
ପୌଗଣ୍ଡ – ପ୍ରଜାବତୀ
ପ୍ରଜ୍ଞ – ପ୍ରତିକୃତି
ପ୍ରତିଗ୍ରହ – ପ୍ରତ୍ୟୟ
ପ୍ରତ୍ୟବାୟ – ପ୍ରୟାସ
ପ୍ରୟୋଜନ – ପ୍ରସ୍ରବଣ
ପ୍ରସ୍ରା – ପ୍ରାୟଶ୍ଚିତ
ପ୍ରାୟୋପବେଶ – ପ୍ରୋହିତ
ପ୍ରୋଷ୍ଠୀ – ପ୍ଲୁତି

## ଫ

ଫ – ଫଗୁ
ଫଗୁଣ – ଫଣ
ଫଣଫଣା – ଫରଫର
ଫରଫରହେବା – ଫଳାରି
ଫଳି – ଫାଟ
ଫାଟକ – ଫାଶ
ଫାସାଣ୍ଡି – ଫିରିଫିରା
ଫିରିଫିରି – ଫୁଟିକି
ଫୁଟିଗୁଡ଼ି – ଫୁଲନାକଢ଼ି
ଫୁଲବଡ଼ି – ଫେଇବା
ଫେଏଫେଏ – ଫେରତ
ଫେରଫାର – ଫୋଡ଼ି
ଫୋଡ଼ିବା – ଫୌତ

## ବ

ବ – ବଇଗୁନ୍ୟ
ବଇଠା – ବଉଳାମାଳା
ବଉଳି – ବଖରା
ବଖାଣ – ବଙ୍ଗାଳୀ
ବଙ୍କି – ବଜାରବୁଲୀ
ବଜାରି – ବଡ଼
ବଡ଼ଆଠ – ବଡ଼ାମୀ
ବଡ଼ି – ବଢ଼ିଆକାଙ୍କ
ବଢ଼ିଣା – ବଣ୍ଟରା
ବଣ୍ଟୁଆରା – ବଦର

ବଦରାଗୀ – ବଧିବା
ବଧୁଲି – ବନ୍ଦର
ବନ୍ଦା – ବନ୍ଧୁର
ବନ୍ଧୁରା – ବରକନ୍ଦାଜ
ବରକୋଳି – ବରନିଆ
ବରନୀୟ – ବର୍ହ
ବର୍ହିଣ – ବଳା
ବଳାଇବା – ବଳିତା
ବଳିଧ୍ୱଂସି – ବସିବା
ବସୁ – ବହୁପତ୍ର
ବହୁପାଦ୍ – ବାଇଦା
ବାଇବା – ବାଏ
ବାକଟକୁଳିଆ – ବାଙ୍କିମୁହାଣ
ବାଙ୍କୁଲି – ବାଜି
ବାଜିକର – ବାଟୁଳି
ବାଟୁଳିଖଡ଼ା – ବାଡ଼ୁଅ
ବାଡ଼ୋରି – ବାଦାମ
ବାଧ – ବାବା
ବାବାଜି – ବାରସି
ବାରାଧି – ବାଲା
ବାଳି – ବାବୁରି
ବାସଙ୍ଗ – ବାହାପଟ
ବାହାପିଆ – ବାହୁଡ଼
ବାହୁଡ଼ାଣି – ବିକା
ବିକାଇବା – ବିଚିଟିହେବା
ବିଛଣା – ବିଟା
ବିଟାଳ – ବିଦାବିଦି
ବିଦୁ – ବିନ୍ଧାଣି
ବିନ୍ଧାଣିରାଇ – ବିରୋଳ
ବିଲ – ବିଶୋଇବା
ବିଶ୍ୱ – ବିହୁନେ
ବିହୁଳିବା – ବୁଝାଇବା
ବୁଝାବଣା – ବୁଡ଼ିବା
ବୁଡ଼ୁବୁଡ଼ୁ – ବୁନ୍ଦା
ବୁନ୍ଦିଆ – ବୁହା
ବୁହାଇବା – ବେକଷଣ୍ଢା
ବେକସୁର – ବେଢ଼ି
ବେଢ଼ – ବେତା
ବେତାଟକା – ବେଳ
ବେଲ – ବେହା
ବେହାର – ବୋଡ଼ି
ବୋତଲ – ବୋଳ
ବୋଲ – ବ୍ରଦଲି
ବ୍ରଧ୍ନ – ବ୍ରାହ୍ମଣ
ବ୍ରାହ୍ମମୁହୁର୍ତ୍ତ – ବ୍ରୁବାଣ

## ଭ

ଭ – ଭକ୍ଷଣୀୟ
ଭକ୍ଷ୍ୟକାର – ଭଙ୍ଗ
ଭଙ୍ଗପ୍ରବଣ – ଭଡ଼ା
ଭଡ଼ାଟିୟା – ଭଣ୍ଡିକା
ଭଣ୍ଡିବା – ଭୟାପହ
ଭୟାବହ – ଭରିମା
ଭରୁ – ଭବନ
ଭବଭୂତି – ଭାଗ
ଭାଗଧେୟ – ଭାଙ୍ଗୁଣି
ଭାଜନ – ଭାନସ
ଭାନୁ – ଭାରୋଇମଲ
ଭାର୍ଗବ – ଭାଷ୍ୟ
ଭାସ୍ – ଭିଡ଼ା
ଭିଡ଼ାଭିଡ଼ି – ଭୀମନାଦ
ଭୀମା – ଭୁଜଗ
ଭୁଜଙ୍ଗଭୁକ୍ – ଭୁଲ
ଭୁଲଣା – ଭୁତକାଳ
ଭୁତଧାତ୍ରୀ – ଭୃଙ୍ଗ
ଭୃଙ୍ଗଟ – ଭେଟଣା
ଭେଟାଇବା – ଭେଳା
ଭେଲିଆ – ଭୋଗ୍ୟା
ଭୋଜ – ଭ୍ରଥା
ଭ୍ରମ – ଭ୍ରେଷଣ

## ମ

ମ – ମଇଁଷି
ମଇଁଷିଆ – ମଏଣ
ମକଚା – ମକାଖଇ
ମକୁଟ – ମଗୁ
ମଗୁଶିର – ମଛ
ମଜକୁରୀ – ମଞ୍ଚ
ମଞ୍ଚା – ମଟର
ମଟାମ – ମଡ଼ିଆ
ମଢ଼ – ମଣ୍ଡା
ମଣ୍ଡିବା – ମଥନ
ମଥା – ମଦ୍ର
ମଧୁ – ମନମାଫିକ
ମନଶିଳା – ମନୋନୀତ
ମନୋବୃତ୍ତି – ମନ୍ଦାକିନୀ
ମନ୍ଦାକ୍ଷ – ମର
ମରକ – ମରୀଚି
ମରୀଚିକା – ମର୍ଶ
ମର୍ଷ – ମଳିନ

ମଳିନିମା - ମସକା
ମସଜିଦ - ମହରଷି
ମହକ - ମହଲତ
ମହଲଦାର - ମହାତ୍ମା
ମହାଦ୍ରୁମ - ମହାଭାଗ
ମହାଭୂତ - ମହାଳୟ
ମହାଳିଆ - ମହୁଆଳୁ
ମହୁକ - ମାଇଁ
ମାଇ - ମାକ୍ଷିକଜ
ମାଖ - ମାଛ
ମାଛରଙ୍କା - ମାଠିଆ
ମାଠିବା - ମାଣିଆବନ୍ଦି
ମାଣିକ - ମାତ୍ର
ମାତ୍ରା - ମାନସ
ମାନସୈକାଃ - ମାମୁ
ମାମୁଅଜା - ମାର୍ଗ
ମାର୍ଗଣ - ମାଲପା
ମାଲପାକୁଆ - ମାସ
ମାସଗଡ଼ିବା - ମିଛେ
ମିଜାଜ - ମିମକ୍ଷା
ମିମଛିଷା - ମିଶି
ମିଶିବା - ମୁକୁତା
ମୁକୁତାଜାଲି - ମୁଖାମୁଖି
ମୁଖି - ମୁଞ୍ଜ
ମୁଠା - ମୁଣ୍ଡଳା
ମୁଣ୍ଡା - ମୁଦାଲା
ମୁଦି - ମୁନିଷି
ମୁନିସି - ମୁରୁଣାଳ
ମୁରୁଧୁନା - ମୁହଁଫୁଲାଇବା
ମୁହଁଫୁଲାଫୁଲି - ମୂଳ
ମୂଳଦୁଆ - ମେଓଆ
ମେକାପ - ମେଣ୍ଟାଇବା
ମେଣ୍ଟାମେଣ୍ଟି - ମେରି
ମେରିଆ - ମେହନତ
ମେହନତି - ମୋଚିବା
ମୋଛ - ମୋଡ଼ିହେବା
ମୋଡ଼ା - ମୌକିଲ
ମୌକ୍ତିକ - ମ୍ଲେଚ୍ଛ

# ଯ

ଯ - ଯଜମାନ
ଯଜୁଃ - ଯଥାସ୍ୱ
ଯଥେଷ୍ଟ - ଯମୁନା
ଯର୍ହି - ଯାଆସ
ଯାଉ - ଯାତ୍ରା
ଯାଥାତଥ୍ୟ - ଯାମେୟ
ଯାମ୍ୟ - ଯୁକତ
ଯୁକ୍ତ - ଯୁଯୁଧାନ
ଯୁଲମ - ଯେଣିକି
ଯେଣୁ - ଯୋଖିବା
ଯୋଗ - ଯୋଗୀ
ଯୋଗୀଶ - ଯୋଡ଼
ଯୋଡ଼ା - ଯୋଷତ୍
ଯୌ - ଯୌଷ୍ମାକୀଣ

# ର

ର - ରକପଡ଼ହେବା
ରକରକ - ରକ୍ତାଧାର
ରକ୍ତାଶୟ - ରଗିବା
ରଘୁନନ୍ଦନ - ରଙ୍ଗାବତାରକ
ରଙ୍ଗିଆ - ରଜ୍ଜୁ
ରଞ୍ଜକ - ରଣତରି
ରଣପା - ରତା
ରତାୟନୀ - ରଥାଙ୍ଗନାମା
ରଥିକ - ରମଣକ
ରମଣୀୟ - ରସ
ରସକପୂର - ରସାଣିବା
ରସାତଳ - ରହସ
ରହସ୍ୟ - ରାଉଳିଆ
ରାଉଳିବା - ରାଜନୀଳ
ରାଜନ୍ୟ - ରାଜିଳ
ରାଜୀବ - ରାଣ
ରାଣା - ରାମଠ
ରାମଣୀୟକ - ରାସ୍ତା
ରାହା - ରିପୁ
ରିମା - ରୁଗୁଡ଼ି
ରୁଗ୍‌ଣ - ରୁଦ୍ଧ
ରୁଦ୍ର - ରୁହ
ରୁହାଇବା - ରେଖିବା
ରେଚନ - ରୋକା
ରୋଗ - ରୋବଣାଗୁଡ଼ା
ରୋମ - ରୌଦ୍ର
ରୌରବ

# ଲ

ଲ - ଲକ୍ଷ
ଲକ୍ଷଣ - ଲଗାଏତ
ଲଗାଜୋଡ଼ା - ଲଙ୍ଗିଣୀ
ଲଙ୍ଗନୀ - ଲଟରପଟର
ଲଟଲଟ - ଲଣ୍ଡଭଣ୍ଡ
ଲଣ୍ଡା - ଲମ୍ପଟ
ଲମ୍ଫ - ଲଷିତ
ଲସତ୍ - ଲହୁରୁଣି
ଲହୁଲି - ଲାଗିବା
ଲାଗିହେବା - ଲାଜାବନ୍ଧନନ୍ୟାୟ
ଲାଜୁଆ - ଲାବାଡ଼
ଲାବାଣ୍ୟ - ଲିଖ
ଲିଖନ - ଲୁଗାପଟା
ଲୁଙ୍ଗୁଡ଼ା - ଲୁଠିବା
ଲୁଡୁକା - ଲେଉଟ
ଲେଉଟପାଉଟ - ଲେଛିବା
ଲେଞ୍ଜରା - ଲେସା
ଲେସିବା - ଲୋଟିବା
ଲୋଡ଼ା - ଲୋହପୃଷ୍ଠ
ଲୋହଳ - ଲୌହ

# ବ

ବ - ବକ୍ତ
ବକ୍ର - ବତ୍ସଳ
ବଦ - ବୟସ୍ୟ
ବର - ବର୍ଗ
ବର୍ଚ୍ଚଃ - ବର୍ଷିଷ୍ଠ
ବର୍ଷୋପଳ - ବସନ୍ତ
ବସନ୍ତଦୂତ - ବାକ୍ୟ
ବାଗୁରା - ବାଦିତ୍ର
ବାନପ୍ରସ୍ଥ - ବାରିଜ
ବାରିଦ - ବାହିନୀ
ବାହ୍ଲିକ - ବିଗାହ
ବିଗୀତ - ବିଜ୍ଞପ୍ତି
ବିଜ୍ଞାନ - ବିଦ୍ଧ
ବିଦ୍ୟମାନ - ବିନାଶ
ବିନିମୟ - ବିଭ୍ରମ
ବିମର୍ଦ୍ଦ - ବିଳସନ
ବିଳାପ - ବିଶାଳ
ବିଶିଖ - ବିଷ୍ଟରଶ୍ରବା
ବିଷ୍ଣୁପଦ - ବିହ୍ୱଳ
ବୀକ୍ଷଣ - ବୃଦ୍ଧପ୍ରମାତାମହ
ବୃଦ୍ଧଶ୍ରବାଃ - ବେତାଳ
ବେତ୍ତା - ବୈଖରୀ
ବୈଖାନସ - ବୈୟାକରଣ
ବୈୟାସକି - ବ୍ୟଜ
ବ୍ୟଞ୍ଜନ - ବ୍ୟବାୟ

ବ୍ୟଷ୍ଟି – ବ୍ୟାଳଗ୍ରାହ
ବ୍ୟାବର୍ତ୍ତନ – ବ୍ରୀହି

## ଶ

ଶ – ଶକ୍ତୁ
ଶକ୍ୟ – ଶଙ୍ଖକ
ଶଙ୍ଖଚିଲ – ଶତକ
ଶତକୋଟି – ଶବ୍ଦ
ଶବ୍ଦକୋଷ – ଶୟନ
ଶୟନୀୟ – ଶର୍କରା
ଶର୍କରିଳ – ଶଶ
ଶଶଧର – ଶାକ୍ତ
ଶାକ୍ତିକ – ଶାନିବା
ଶାନ୍ତ – ଶାରଦ
ଶାରି – ଶାଳୀନ
ଶାଲୁର – ଶିକାର
ଶିକାରି – ଶିଖାଇବା
ଶିଖାଣିଆ – ଶିପ
ଶିପି – ଶିରସ୍ୟ
ଶିରା – ଶିଲୋଞ୍ଛ
ଶିଳ୍ପ – ଶିଷ୍ୟ
ଶିସ – ଶୁକତାରା
ଶୁକୁଆ – ଶୁଣ୍ଡୀ
ଶୁତିବା – ଶୁଳେଇ
ଶୁଲ୍କ – ଶୃକାଳ
ଶୃଗାଳୁଣୀ – ଶେତା
ଶେଫଃ – ଶୌଟୀର୍ଯ୍ୟ
ଶୋଣ – ଶୋଷା
ଶୋଷି – ଶ୍ୟେନ
ଶ୍ରଦ୍ଧାନ – ଶ୍ରେଣି
ଶ୍ରେୟସ୍ – ଶ୍ୱେତବାହନ

## ଷ

ଷ – ଷଡ୍‌ଗୁଣ
ଷଡ଼୍‌ଜ – ଷୋଳ
ଷ୍ଟେସନ – ଷ୍ଠ୍ୟୂତ

## ସ

ସ – ସଏମ୍ବର
ସଏମ୍ବର – ସଂଳାପ
ସଂବତ୍ – ସଂଶୟ
ସଂଶିତ – ସଂସ୍ରବ
ସଂହତ – ସଖିତା
ସଗର୍ଭ – ସଙ୍କ୍ରନ୍ଦନ
ସଙ୍କ୍ରମ – ସଙ୍ଗାତୁଣୀ
ସଙ୍ଗାବଳଦ – ସଜ
ସଜକରିବା – ସଞ୍ଚ
ସଞ୍ଚନ – ସଞ୍ଜା
ସଞ୍ଜାଇ – ସତ
ସତକୁସତ – ସତ୍ୟାନୃତ
ସତ୍ୱର – ସନଦ
ସନନ୍ଦ – ସନ୍ତାନ
ସନ୍ତାପନ – ସନ୍ଦେଶ
ସନ୍ଦେଶବହ – ସନ୍ନିବିଷ୍ଟ
ସନ୍ନିବେଶ – ସପ୍ତପଦୀ
ସପ୍ତମ – ସଭା
ସଭାଖାଇ – ସମଧ
ସମଧିକ – ସମା
ସମାକର୍ଷୀ – ସମାହାର
ସମାହିତ – ସମୁନ୍ନଦ୍ଧ
ସମୁପଧାନ – ସମ୍ପ୍ରଦାୟ
ସମ୍ପ୍ରଧାରଣ – ସମ୍ଭାବନା
ସମ୍ଭାଷ – ସରଜ
ସରଜମୀନ – ସରସିଜ
ସରସୀ – ସରିହାତ
ସରୀସୃପ – ସର୍ବଭକ୍ଷ
ସର୍ବମଙ୍ଗଳା – ସଳିତା
ସଲିଳ – ସହଧର୍ମିଣୀ
ସହନ – ସାଂକ୍ରମିକ
ସାଂକ୍ଷେପିକ – ସାକାର
ସାକିନ – ସାଙ୍ଗି
ସାଙ୍ଘାତିକ – ସାଣ୍ଡଣା
ସାତ – ସାତ୍ତ୍ୱିକ
ସାଥ – ସାଧିବା
ସାଧୁ – ସାଫଲ୍ୟ
ସାଫସୁତରା – ସାମର୍ଥ୍ୟ
ସାମଲ – ସାରଗାର
ସାରଗୁଣା – ସାରିବା
ସାରିସାରି – ସାଷ୍ଟାମ
ସାସ – ସାହୁ
ସାହୁବ୍ରାହ୍ମଣ – ସିଂହ
ସିଂହଡ଼ା – ସିଙ୍ଘାଣି
ସିଙ୍ଘାର – ସିତାଫଳ
ସିତାଭ୍ର – ସିନ୍ଦୂର
ସିନ୍ଧିଚୋର – ସିହାଣ
ସିହାଣିଆ – ସୁଆଁସ
ସୁଆଁସ – ସୁଗନ୍ଧି
ସୁଗମ – ସୁତୁରି
ସୁତୁରୁଣୀ – ସୁନିସୁନିଆଁ
ସୁନୁଲି – ସୁଭଗ
ସୁମ – ସୁରସିଙ୍ଗି
ସୁରା – ସୁସୁନ୍ଦୀ
ସୁସୁମୁନା – ସୂଦ
ସୂଦନ – ସେଠାଇଁ
ସେଠିଁ – ସେବତୀ
ସେବନ – ସୋଧିବା
ସୋପର୍ଦ୍ଦ – ସୋହାଗିନୀ
ସୋହେ – ସ୍ତନ
ସ୍ତନନ୍ଧୟ – ସ୍ନପନ
ସ୍ନାନ – ସ୍ମୃତି
ସ୍ୟନ୍ଦନ – ସ୍ୱସା
ସ୍ୱସ୍ତି – ସ୍ୱୈରୀ

## ହ

ହଇ – ହକାରିବା
ହକାଳିବା – ହଟତିରଷ୍ଟ
ହଟପଟ – ହତ
ହତକ – ହୟଗ୍ରୀବ
ହୟନ – ହରିଣ
ହରିଣବାଡ଼ୀ – ହଳଦିଆ
ହଳଦିଆତେଲି – ହସ
ହସକୁଡ଼ା – ହାଉହାଉ
ହାକ – ହାଡ଼ଫୁଟି
ହାଡ଼ବାଇ – ହାତିଅନ୍ଦ
ହାତୁଡ଼ି – ହାବିବା
ହାବୁକା – ହାରକ
ହାରା – ହାଲିଆ
ହାଳିକ – ହିକା
ହିକ୍କା – ହିମ
ହିମକଟିବନ୍ଧ – ହୁଁ
ହୁଆହୁଆ – ହୁତଭୁକ୍
ହୁତାଶ – ହୁଳହୁଳି
ହୁଳହୁଳି – ହୃଷ୍ଟ
ହେଁ – ହେଥା
ହେଦେ – ହେଳେ
ହେଲେ – ହୋରି
ହୋଳ – ହ୍ୱାନ

# ବୈଦ୍ୟକ ଶବ୍ଦମାଳା

ଅଂଘ୍ରି - ଅପଟୁ
ଅପତ୍ର - ଅତିଚରା
ଅତିଚ୍ଛତ୍ରା - ଅହିପର୍ଣ୍ଣୀ
ଅହିଫେନ - ଅମ୍ଭୋଧିବଲ୍ଲଭ
ଅରଣ୍ୟସମ୍ଭୂତ - ଇଷ୍ଟଗନ୍ଧ
ଇକ୍ଷୁବିଦାରୀ - ଉତ୍ତମକରଣୀ
ଉତ୍ପଳଶାରିବା - କୁଲ୍ୟ
କୁଷ୍ଠ - କାକୋଳୀ
କାଞ୍ଚନ - କୃଷ୍ଣାୟସ
କୃଷ୍ଣିକା - କୁଚନ୍ଦନ
କୁଟନ୍ନଟ - କଷାୟଷଟ୍କ
କାକଣନ୍ତିକା - ଗୁଣ୍ଡୀ
ଗୁଲ୍ମ - ଗନ୍ଧଶାଳି
ଗନ୍ଧସାର - ଘ୍ରାଣତର୍ପଣ
ଚ - ଚୀନକର୍ପୂର
ଚତୁର୍ବିଧାଞ୍ଜନ - ଜ୍ୟୋତିଷ୍ମତୀ
ଜଳକଣ୍ଟକ - ତିଳିଶ
ତ୍ରିକଟୁ - ତେଜୋମନ୍ଥ
ତେଜୋବତୀ - ଦ୍ୱିପାହ୍ୟ
ଦୀପ୍ୟକ - ଧୂର୍ତ୍ତ
ଧମନ - ନୀହାର
ନୃପାର୍ହ - ପିଣ୍ଡ
ପିଷ୍ଟ - ପୂରକ
ପୁରୀଷ - ପିଣ୍ଡୀତକ
ପିଲୁପର୍ଣ୍ଣୀ - ପର୍ଣ୍ଣୀଚତୁଷ୍କ
ପଲ୍ଲବାହ୍ୱୟ - ଫଳପୂରକ
ବଂଶ - ବରଦା
ବରାଙ୍ଗ - ବେଲ୍ଲଜ
ବୈଦେହୀ - ବୀରତରୁ
ବୀରରଜ - ଭଣ୍ଡୀ
ଭଦ୍ରା - ମାସ
ମାଷ - ମୂଷଳୀ
ମୁଷ୍କକ - ମାତୁଲୁଙ୍ଗ
ମାତୁଲୁଙ୍ଗା - ଯକ୍ଷଧୂପ
ଯକ୍ଷବତୀ - ରୋଚନା
ରୋଦିନୀ - ଲାଙ୍ଗଲୀ
ଲାଞ୍ଛନ - ଶୌରୀ
ଶକୃତ - ଶାକବୀର
ଶାଖୋଟକ - ଶ୍ୱେତପ୍ରତାନନୀ
ସର୍ଜ - ସୁନନ୍ଦା
ସୁନୀଳା - ସୁଦର୍ଶନା
ସୁବର୍ଣ୍ଣକ - ଷଡ୍‌ରସ
ଷଷ୍ଠିକ - ହସ୍ତିକର୍ଣ୍ଣଦଳ
ହ୍ରସଗ୍‌ବେଧୁକା - ଷ୍ୱେଡ଼କୋଷଫଳା

# ଭୂମିକା ।

ଏହି ଗ୍ରନ୍ଥର ଉପଯୁକ୍ତ ସମାଲୋଚନା ମୁଁ କରି ପାରିବି, ଏହା ମୁଁ ବିଶ୍ୱାସ କରେଁ ନାହିଁ । ତଥାପି ଉତ୍କଳ ସାହିତ୍ୟରେ ଏହାର ଉତ୍କୃଷ୍ଟ ସ୍ଥାନ ଏବଂ ଏହାର ମହତ୍ତ୍ୱପାଦେୟତା ଉପଲବ୍ଧି କରି ଏହି ପ୍ରକାଣ୍ଡ ପୁସ୍ତକର ମୁଦ୍ରାଙ୍କନ ବିଷୟରେ କର୍ତ୍ତୃପକ୍ଷଙ୍କ ନିକଟରେ ଜଣାଇଥିଲି, ପୁଣି ବର୍ତ୍ତମାନ ଗ୍ରନ୍ଥପ୍ରଣେତା ଏହି ଗ୍ରନ୍ଥର ଭୂମିକା ଲେଖିବା ବିଷୟରେ ମୋତେ ଅନୁରୋଧ କରି-ଅଛନ୍ତି । ଅତଏବ କର୍ତ୍ତବ୍ୟାନୁରୋଧରେ ମୁଁ ଯାହା ଯାହା ଜାଣେ ଓ ଗ୍ରନ୍ଥକର୍ତ୍ତାଙ୍କଠାରୁ ଯାହା ଯାହା ସନ୍ଧାନ ପାଇଅଛି, ତାହା ନେଇ ଏହି ପୀଠିକା ଲିପିବଦ୍ଧ କରିବାରେ ପ୍ରବୃତ୍ତ ହେଉଅଛି ।

ଅଭିଧାନ ଅଟେ ଭାଷାର ସର୍ବସ୍ୱ, ଶବ୍ଦର ଇତିହାସ, ପ୍ରକୃତି ବା ତତ୍ତ୍ୱସଂଗ୍ରହ । ଏହାହିଁ ସାହିତ୍ୟଭଣ୍ଡାରର ଚାବି ସ୍ୱରୂପ । ଶବ୍ଦତତ୍ତ୍ୱ ଅଟେ ଭାଷାର ମୂଳ ଏବଂ ସାହିତ୍ୟର ପଥପ୍ରଦର୍ଶକ । କୌଣସି ଭାଷାର ବିକାଶକ୍ରମ ତାହାର ଶବ୍ଦକୋଷ ବା ଅଭିଧାନରୁ ଜଣାଯାଏ । କୌଣସି ଉନ୍ନତି-ଶୀଳ ଭାଷା ପକ୍ଷରେ ଅନ୍ତତଃ ଦଶ ବର୍ଷରେ ଥରେ ତାହାର ଶବ୍ଦକୋଷର ନୂତନ ସଂକଳନ ହେବା ଆବଶ୍ୟକ । ଆଜକୁ ପ୍ରାୟ ୬୦ ବର୍ଷ ହେଲା ଉତ୍କଳଭାଷାର ଶବ୍ଦକୋଷ ସ୍ୱରୂପ ଶ୍ରୀ ଜଗନ୍ନାଥ ରାଓଙ୍କ କର୍ତ୍ତୃକ ଏକମାତ୍ର ଉତ୍କଳାଭିଧାନ ପ୍ରଚଳିତ ହୋଇ ଆସୁଅଛି । ଉତ୍କଳ ସାହିତ୍ୟର ବର୍ତ୍ତମାନ ଅବସ୍ଥାର ଉପଯୋଗୀ ଖଣ୍ଡିଏ ଅଭିଧାନର ଅଭାବ ପ୍ରତ୍ୟେକ ସାକ୍ଷର ବ୍ୟକ୍ତିମାନେ, ପାଠଶାଳାର ପ୍ରାଥମିକ ଶ୍ରେଣୀର ଛାତ୍ରଠାରୁ ଆରମ୍ଭ କରି ମହାମହୋପାଧ୍ୟାୟ ପଣ୍ଡିତ ପର୍ଯ୍ୟନ୍ତ ଅନୁଭବ କରୁଥିଲେ । ଏହି ଅଭିଧାନ ପ୍ରକାଶଦ୍ୱାରା, ବିଶ୍ୱାସ ହୁଏ, ଉକ୍ତ ଅଭାବ ଏକାବେଳକେ ବା ବହୁପରିମାଣରେ ଦୂରୀଭୂତ ହୋଇଅଛି ।

ଅଭିଧାନ ସାହାଯ୍ୟରେ ଯେପରି ଭାଷାରାଜ୍ୟରୁ ଭାବର ଆବିଷ୍କାର କରିବାକୁ ହୁଏ, ସାହିତ୍ୟର ସାର୍ଥକତା ହୃଦୟଙ୍ଗମ କରିବାକୁ ହୁଏ, ସେହିପରି ସକଳ ଶାସ୍ତ୍ରର ସମ୍ୟକ୍ ଆଲୋଡନରୁ ଶବ୍ଦତତ୍ତ୍ୱ ସଙ୍କଳନ କରିବାକୁ ହୁଏ—ଏମନ୍ତ କି, ଢଗଢମାଳୀଠାରୁ ଆରମ୍ଭ କରି ବେଦବେଦାଙ୍ଗ ପର୍ଯ୍ୟନ୍ତ କଥିତ ଲିଖିତ ସ୍ମୃତି ଓ ଶ୍ରୁତି ସମସ୍ତ ବିଷୟ ଅନୁଶୀଳନ କରିବାକୁ ହୁଏ । ଅଭିଧାନ ସଙ୍କଳନ ଯୋଡ଼ାଯୋଡ଼ି ଖଞ୍ଜାଖଞ୍ଜି କବିତା ନୁହେ କିବା ନିରଙ୍କୁଶ କପୋଳକଳ୍ପନା ନୁହେ । ଏହା ଶତ ଶତାବ୍ଦୀ କାଳର କରାଳ କବଳରେ କଳଙ୍କିତ ବା ଭୂତଳପ୍ରଦେଶରେ ସ୍ତର ସ୍ତର ମୃତ୍ତିକାବରଣରେ ଲୁକ୍କାୟିତ ଥିବା ରତ୍ନରେଣୁର ପୁନରୁଦ୍ଧାର କରି ତାହା ସବୁ ସୁଶୃଙ୍ଖଳ-ଭାବରେ ଦର୍ଶକସାଧାରଣଙ୍କ ଚକ୍ଷୁ ସମକ୍ଷରେ ପ୍ରଦର୍ଶାଇବା କଥା । ଏଥିପାଇଁ କେତେଦୂର ପାରଦର୍ଶୀ ପାଣ୍ଡିତ୍ୟ, ପ୍ରଗାଢ଼ ପରିଶ୍ରମ, ଅବିଚ୍ଛିନ୍ନ ଅଧ୍ୟବସାୟ ଏବଂ ଏକାନ୍ତ ନିରପେକ୍ଷତା ଓ ଏକାଗ୍ରତା ଆବଶ୍ୟକ, ତାହା ସହଜ ଅନୁମେୟ ।

ଆଜକୁ ପ୍ରାୟ ୧୮ ବର୍ଷ ପୂର୍ବେ ଏହି ପଣ୍ଡିତ ମହାଶୟଙ୍କର ଏହି ଅଭିଳାଷ ଜନ୍ମିଲା ଯେ ଓଡ଼ିଆ ଭାଷାର ଗୋଟିଏ ସ୍ୱତନ୍ତ୍ର ବିଶୁଦ୍ଧ ଓଡ଼ିଆ ଅଭିଧାନ ରହିଲେ ଭଲ ହୁଅନ୍ତା । ତେଣୁ

ଅନ୍ୟାନ୍ୟ ଉପକାର ସାଧିତ ହେବା ଯାହାହେଉ ପଛକେ, ଭାଷାର ମହତ୍ତ୍ୱ ପରିବର୍ଦ୍ଧନ ସଙ୍ଗେ ସଙ୍ଗେ ମୌଳିକସତ୍ତ୍ୱ ଅବଶ୍ୟ ପ୍ରତିଷ୍ଠିତ ହୁଅନ୍ତା । ମୋର ବୁଦ୍ଧିବିଶ୍ୱାସରେ ଏହି ଅଭିଳାଷ ସମ୍ପୂର୍ଣ୍ଣ ଉପାଦେୟ ବୋଲି କହିବା ବାହୁଲ୍ୟ ମାତ୍ର । ଗମ୍ଭୀରଚିନ୍ତାମୂଳକ ଏତାଦୃଶ ଅଭିଳାଷ ଭାଷା-ତତ୍ତ୍ୱାନୁସନ୍ଧିତ୍ସୁ ମାତୃଭାଷାଗୌରବନିଷ୍ଠ ହୃଦୟରେ କେବଳ ଜନ୍ମି ପାରେ । ଏହି ଅଭିଳାଷ ଉତ୍ପତ୍ତିର ଅନତିବିଳମ୍ବରେ ଅର୍ଥାତ୍ ତାର ପରଦିନଠାରୁ ଜନିତ ଅଭିଳାଷର ସିଦ୍ଧିସାଧନରେ ଦୃଢ଼ସଙ୍କଳ୍ପ ହେଲେ । ଯେ କୌଣସି ବିଷୟର ଅଭିଳାଷୀ ହେବା ଅଥଚ ତତ୍‌ସକାଶେ ମନେ ମନେ ତୃପ୍ତ ହୋଇଯିବା ତାଦୃଶ କଷ୍ଟକର ବ୍ୟାପାର ନୁହେ । ତତ୍ପରେ ସାଧନରେ ଯତ୍ନବାନ୍ ହେଲେ ସଙ୍କଳ୍ପିତ ବିଷୟର ସିଦ୍ଧି ସମ୍ଭବ ହୋଇ ପାରେ, ତାହା କରିବାହିଁ କଷ୍ଟକର । ବିଶୁଦ୍ଧ ଓଡ଼ିଆ ଅଭିଧାନ—ଏହି ନାମକରଣଟି ଅତି ସହଜ । ଅନେକ ଗ୍ରାହକ ବା ପାଠକ ମଧ୍ୟ ବୁଝିବେ ଯେ, ଅନ୍ୟାନ୍ୟ ଅଭିଧାନର ସଙ୍କଳନ କାର୍ଯ୍ୟ ଯେପରି, ଏହାର ସାଧନ ସୁଦ୍ଧା ସେହିପରି । କିନ୍ତୁ ତାହା ଯଥାର୍ଥ ନୁହେ, ସଂସ୍କୃତ ଶବ୍ଦମାନଙ୍କର ଅଭିଧାନାକାରରେ ସଙ୍କଳନ କରିବା ଅଳ୍ପ ପରିଶ୍ରମସାଧ୍ୟ । ତାହା ଏହି ଗ୍ରନ୍ଥକର୍ତ୍ତା ଏହି ଗ୍ରନ୍ଥ ରଚନାରେ ସ୍ୱୟଂ ଅନୁଭବ କରିଥିବାର ପରିଚୟ ପ୍ରାପ୍ତ ହୋଇ-ଅଛୁଁ; ସୁତରାଂ ବିଚାର କରିନେଲେ ଏହା ସମ୍ପୂର୍ଣ୍ଣ ସତ୍ୟ ବୋଧ ହୁଏ । କାରଣ ସେଥିପାଇଁ ଅନେକଗୁଡ଼ିଏ ଉପକରଣ ଓ ଉପାଦାନ ସମ୍ମୁଖରେ ଉପସ୍ଥାପିତ ହୋଇଅଛି । ବିଶୁଦ୍ଧ ଓଡ଼ିଆ ଅଭିଧାନ ଲେଖିବାକୁ ହେଲେ ଅଭିନବ ଉପକରଣ ଓ ଉପାଦାନର ସଂଗ୍ରହ ଏକାନ୍ତ ଆବଶ୍ୟକ । ସେଥିପାଇଁ ଉଭୟ ପାଣ୍ଡିତ୍ୟ ଅର୍ଥାତ୍ ସଂସ୍କୃତ ଓ ପ୍ରାକୃତ ଭାଷାର ସମୀଚୀନ ପାଣ୍ଡିତ୍ୟ ସହ ଶ୍ରମ-ସହିଷ୍ଣୁତା, ତତ୍ତ୍ୱାନୁସନ୍ଧିତ୍ସା, ଗବେଷଣାପ୍ରିୟତା ପ୍ରଭୃତି ଅନନ୍ୟସାଧାରଣ ମହଦ୍‌ଗୁଣମାନ ଦରକାର । ଏସବୁ ନ ଥିଲେ ଓଡ଼ିଆ ଶବ୍ଦପ୍ରକୃତି ଜ୍ଞାନ କଦାଚ ପ୍ରାପ୍ତ ହୋଇ ନ ପାରେ ।

ସେ ଯାହାହେଉ, ଏ ମହାଶୟ ସେହିଦିନଠାରୁ ଓଡ଼ିଆ ଶବ୍ଦରତ୍ନ ଅଣ୍ଡାଳି ସାଉଁଟିବାରେ ତତ୍ପର ହେଲେ । ନିମ୍ନ ସ୍ତରର ହାସ୍ୟତରଙ୍ଗ ଓ ଚଢ଼ଇମାଳ ଅବଧି ମହାକାବ୍ୟ ଓ ମହାଭାରତାଦି ପର୍ଯ୍ୟନ୍ତ ଯାବତୀୟ ଓଡ଼ିଆ ପୁସ୍ତକମାନଙ୍କରୁ ଶବ୍ଦସନ୍ଦୋହ ଗୋଟାଇ ଆଣି ରଖିଲେ । ଅନେକ ସ୍ଥାନମାନ ବୁଲି ବ୍ୟାବହାରିକ ପ୍ରାଦେଶିକ ଓଡ଼ିଆ ଶବ୍ଦ ସବୁ ସଂଗୃହୀତ କଲେ । ଏଥିପାଇଁ ନିତାନ୍ତ ନିମ୍ନଶ୍ରେଣୀର ଲୋକଙ୍କୁ ସୁଦ୍ଧା ଅଗତ୍ୟା ନିଜର ସହବାସୀ କରି ନେଇଥିଲେ । ଓଡ଼ିଆର ଯେକୌଣସିପ୍ରକାର ଶବ୍ଦଗୁଡ଼ାଏ ଏକତ୍ର ସଞ୍ଚିତ ହେଲାକ୍ଷଣି ଅଭିଧାନାକାରରେ ପରିଣତ କରାଯାଇ ନ ପାରେ । ତାହାର ପୁଣି ପ୍ରୟୋଗ ଅର୍ହତା ଓ ଅନର୍ହତାର ବିଚାର ଆବଶ୍ୟକ । ସମ୍ୟକ୍ ବିଚାରରେ ଯେସବୁ ମନୋନୀତ ହେଲା, ସେଗୁଡ଼ିକୁ ଯଥାକ୍ରମରେ ସଙ୍କଳିତ କରିନେଲେ । ପାଠକେ ! ସମସ୍ତଙ୍କର ବିଶ୍ୱାସ ଜନ୍ମି ପାରିବ କି ? ସମୟ ସମୟରେ ଏପରି ଗୋଟିଏ ଗୋଟିଏ ଶବ୍ଦ ତାଙ୍କ ବୁଦ୍ଧିର ସମକ୍ଷରେ ପ୍ରତିଷ୍ଠିତ ହୋଇ ମସ୍ତିଷ୍କକୁ ଘୂର୍ଣ୍ଣିତ କରି ପକାଇଅଛି ଯେ, ସେଇଟି ସଂସ୍କୃତ କି ଓଡ଼ିଆ ଶବ୍ଦ, ତାହା ଜାଣିବାପାଇଁ ବହୁ ସଂସ୍କୃତ ଅଭିଧାନ ଆଲୋଡ଼ନ ଓ ପରିଶୀଳନ କରିବା ଗତ୍ୟନ୍ତର ରହି ନାହିଁ । ଏପରି କି, ସମୟ ସମୟରେ ଗୋଟିଏ ଶବ୍ଦର ସ୍ଥିର ସିଦ୍ଧାନ୍ତ ସକାଶେ ଦୁଇ ତିନି ଦିନ ପର୍ଯ୍ୟନ୍ତ ବିଚାରରେ ମଗ୍ନ ରହିବାକୁ ହୋଇଅଛି ।

ମୁଁ ଯେତେଦୂର ଜାଣେ, ଏ ପଣ୍ଡିତ ମହାଶୟ ଶୈଶବରୁ ଖେଳ ଖେଳିବାକୁ ଜାଣନ୍ତି ନାହିଁ । ପିଲାବେଳେ ପିଲାଙ୍କ ସଙ୍ଗେ ଧୂଳିଖେଳ ସୁଦ୍ଧା କରିଅଛନ୍ତି କି ନାହିଁ, କହି ନ ପାରେଁ । ତାହା

ତାଙ୍କର ମତେ ନାହିଁ ବୋଲି କହନ୍ତି । ଅତଏବ ଖେଳରେ ବ୍ୟବହୃତ ଶବ୍ଦଗୁଡ଼ିକରେ ସେ ସମ୍ପୂର୍ଣ୍ଣ ଅନଭିଜ୍ଞ । ସେପରି ଶବ୍ଦମାନ କୌଣସି ପୁସ୍ତକରୁ ତ ବାହାରି ନ ପାରେ, ସୁତରାଂ ସେଭଳି ପୁସ୍ତକ ତ ଓଡ଼ିଆରେ ଆଜଯାଏ ଲେଖା ହୋଇ ନାହିଁ । ଏତେବେଳେ ସେ ଅନଭିଜ୍ଞତାର ଅପନୟନ ନ କଲେ ନ ଚଳେ । ସେଥିପାଇଁ ନାନାପ୍ରକାର ଖେଳାଳିମାନଙ୍କର ଆଶ୍ରୟ ନେଇ-ଅଛନ୍ତି । ଦୈଶିକ ପ୍ରଭୃତି ଖେଳମାନଙ୍କରେ ଯେ ଯେ ଶବ୍ଦ ବ୍ୟବହୃତ, ସେସବୁ ମଧ୍ୟ ସଂଗୃହୀତ କରିଅଛନ୍ତି । ନାନା ସ୍ଥାନରେ ଭ୍ରମଣ କରି ପ୍ରଦେଶପ୍ରଚଳିତ ବଢ଼ାଇ କମାର ପ୍ରଭୃତିଙ୍କ କାର୍ଯ୍ୟ-ପ୍ରଣାଳୀରେ ବ୍ୟବହୃତ ଶବ୍ଦଗୁଡ଼ିଏ ମଧ୍ୟ ଏଥିରେ ସଂଯୋଗ କରିଅଛନ୍ତି ।

ତା ପରେ ବିଚାର କରିଅଛନ୍ତି, ସଞ୍ଚିତ ଶବ୍ଦସନ୍ଦୋହ ମଧ୍ୟରୁ କେଉଁଟି ଦେଶଜ, କେଉଁଟି ପ୍ରାକୃତ, କେଉଁଟି ତଦ୍ଭବ ବା ସଂସ୍କୃତ ଶବ୍ଦଜ ଏବଂ କେଉଁଟି ଯାବନିକ ପ୍ରଭୃତି ବୈଦେଶିକ । ଏହାର ବିଚାରରେ ଅନେକ ସମୟ ଅତୀତ ହୋଇଥିଲା । ବହୁବିଧ ସଂସ୍କୃତ ଅଭିଧାନ ଏବଂ ପ୍ରାକୃତରେ ବରରୁଚି କାତ୍ୟାୟନାଦିକୃତ ପ୍ରାକୃତ ଶବ୍ଦାନୁଶାସନ ପ୍ରଭୃତି ଆଦର୍ଶ ଗ୍ରନ୍ଥମାନ ପରିଦର୍ଶନ ଓ ପରିଶୀଳନ କରି ତଦ୍ଭବ ଓ ପ୍ରାକୃତ ଶବ୍ଦମାନ ନିର୍ଦ୍ଧାରିତ କରାଗଲା । ପ୍ରତ୍ୟେକ ଦେଶଭାଷାର ଅଭିଧାନ ବା ଶବ୍ଦକୋଷ ମଧ୍ୟରେ ତତ୍ସମ ଓ ତଦ୍ଭବ ଶବ୍ଦରୁ ପୃଥକ୍‌ଭୂତ କେତେକ ଶବ୍ଦ ଦେଶଜ ବୋଲି ଗୃହୀତ ହୋଇଥାଏ । ସେପରି ଶବ୍ଦମାନଙ୍କର ସାର୍ଥକତା ପ୍ରାୟଶଃ ପ୍ରତିପାଦିତ ହୋଇ ନ ଥାଏ, ସୁତରାଂ ପ୍ରତିପାଦନ କରିବା ଏକାନ୍ତ ଦୁରୂହ ବ୍ୟାପାର । ତଥାପି ଦେଶଜମାନଙ୍କର ଯେ କୌଣସିପ୍ରକାର ସାଙ୍କେତିକ ବ୍ୟୁତ୍ପତ୍ତିକ୍ରମ ନାହିଁ, ଏହା ବୋଲି ଯାଇ ନ ପାରେ । ତାହାର ସାଙ୍କେତିକ ବ୍ୟୁତ୍ପତ୍ତି ବକ୍ତାର ହୃଦ୍‌ଗତ ଭାବବିବକ୍ଷାର ସାପେକ୍ଷ । ଦେଶଜ ଶବ୍ଦର ସୃଷ୍ଟିର ଅବ୍ୟବହିତ ପୂର୍ବେ ବକ୍ତାର ହୃଦୟରେ ଯେ ଭାବ ପ୍ରକାଶର ଇଚ୍ଛା ଉଦ୍ଭୂତ ଥାଏ, ତାହାହିଁ ତାହାର ପ୍ରକୃତି । କିନ୍ତୁ ଶବ୍ଦ ମଧ୍ୟରେ ସେହି ଭାବ ନିତାନ୍ତ ନିଗୂଢ଼ ରହିଥାଏ । ତାହା ଭେଦ କରିବା ସମ୍ପୂର୍ଣ୍ଣ ଅସାଧ୍ୟ । ଯତ୍ପରୋନାସ୍ତି ଅନୁସନ୍ଧାନ ଓ ବିଚାର ବଳରେ ସମୟ ସମୟରେ ତାଦୃଶ ନିଗୂଢ଼ ଭାବ ପ୍ରସ୍ଫୁଟ ହୋଇଥାଏ । କେତେକ ଦେଶଜ ଶବ୍ଦର ଏତାଦୃଶ ବ୍ୟୁତ୍ପତ୍ତିକ୍ରମ ସୁଦ୍ଧା ଏହି ଗ୍ରନ୍ଥ ମଧ୍ୟରେ ପ୍ରଦତ୍ତ ହୋଇଅଛି । ଦେଶଜ ଶବ୍ଦସନ୍ଦୋହରୁ ଆଉ କେତେକ ଅନ୍ୟ ପ୍ରକାର । ସେଗୁଡ଼ିକର ପ୍ରକୃତି ସଂସ୍କୃତ କିମ୍ବା ପ୍ରାକୃତରେ ବହୁ ଆବରଣାବୃତ ହୋଇ ବଡ଼ ସାବହିତ୍ଥ ରହିଥାଏ । ସେହି ପ୍ରକୃତିର ବିକୃତିଟି ଏତେଗୁଡ଼ିଏ ଆକାରରେ କ୍ରମଶଃ ପରିଣତ ହୋଇ ଆସିଥାଏ ଯେ, ପ୍ରକୃତି ଓ ବିକୃତିକ୍ରମକୁ ଧରି ହୁଏ ନାହିଁ ବା ଜାଣିବାର ଉପାୟ ଦିଶେ ନାହିଁ । ତଥାପି ସମୟରେ ବହୁ ଅନୁସନ୍ଧିତ୍ସୁ ଅଭିଜ୍ଞଙ୍କ ହୃଦୟରେ ହଠାତ୍ ପ୍ରତିଫଳିତ ହୋଇ ପଡ଼େ । ସେଭଳି ଶବ୍ଦଗୁଡ଼ିକୁ ତାବତ୍‌ପର୍ଯ୍ୟନ୍ତ କେବଳ ଦେଶଜ ବୋଲିବାକୁ ହେବ, ସେ ପୁଣି ପ୍ରକୃତିବୋଧ ପରେ ତଦ୍ଭବ ଶବ୍ଦ ନାମରେ ଅଭିହିତ ହୋଇଥାଏ । ପ୍ରାକୃତ ଶବ୍ଦମାନଙ୍କର ପ୍ରକୃତି ସଂସ୍କୃତ, ଅଥଚ ସେଗୁଡ଼ିକ ସୁଦ୍ଧା ଏକପ୍ରକାର ତଦ୍ଭବ ଶବ୍ଦ । କାରଣ ଏ ସ୍ଥଳରେ ତତ୍ ଶବ୍ଦର ଅର୍ଥ ପ୍ରକୃତି । ତଥାପି ସେ ସ୍ୱତନ୍ତ୍ରରୂପେ ଧାର୍ଯ୍ୟ ହୋଇଥାଏ । କାରଣ ଦେଶୀୟ ଭାଷା ଶବ୍ଦମାନଙ୍କର ପ୍ରକୃତି ଗବେଷଣାରେ ସଂସ୍କୃତ ଯେପରି ମୂଳୀଭୂତ ବୋଲି ଧାର୍ଯ୍ୟ ହୁଏ, ପ୍ରାକୃତ ସୁଦ୍ଧା ସେହିପରି ହୋଇଥାଏ ଏବଂ ତାହା କୌଣସି-ପ୍ରକାର ଏକ ମାତ୍ର ଭାଷାର ସୀମାରେ ଆବଦ୍ଧ ନ ରହି ବହୁବିଧ ଦେଶୀୟ ଭାଷାସୃଷ୍ଟିର ପ୍ରବର୍ତ୍ତକ

ହୋଇଥାଏ । ଅତଏବ ସେପରି ଶବ୍ଦ (ପ୍ରାକୃତ) ଶବ୍ଦକୋଷମାନଙ୍କରେ ସ୍ୱତନ୍ତ୍ର ରହିବା ଉଚିତ । ଏ ସବୁ କାର୍ଯ୍ୟ ସୁସମ୍ପନ୍ନ କରିବାପାଇଁ ଗ୍ରନ୍ଥକର୍ତ୍ତାଙ୍କୁ ସାତବର୍ଷକାଳ ପ୍ରଗାଢ଼ ପରିଶ୍ରମ ଓ ବିଚାରରେ ମଗ୍ନ ହେବାକୁ ହୋଇଥିଲା । ସାତ ବର୍ଷ ମଧ୍ୟରେ ପ୍ରତ୍ୟହ ଅନ୍ୟୂନ ଦଶ ଘଣ୍ଟା ସମୟ ସେ ଅଭିଧାନର କାର୍ଯ୍ୟରେ ଲାଗିଥାନ୍ତି । ଅର୍କ ରାତ୍ର ପର୍ଯ୍ୟନ୍ତ ପୁସ୍ତକମାନ ଆଲୋଡ଼ନ କରି ଶବ୍ଦ ଓ ତାହାର ଶିଷ୍ଟ ପ୍ରୟୋଗମାନ ଉଲ୍ଲେଖ କରି ନେଉଥାନ୍ତି । ଓଡ଼ିଆର ଯାବତୀୟ ପୁସ୍ତକମାନ ଦେଖି ନେଲାବେଳେ କେତେକ ଏକାର୍ଥପ୍ରତିପାଦକ ଶବ୍ଦମାନଙ୍କର ପ୍ରୟୋଗକର୍ତ୍ତାମାନଙ୍କଦ୍ୱାରା ପ୍ରଯୁକ୍ତ ବିଭିନ୍ନ ରୂପମାନ ଦୃଷ୍ଟିଗୋଚର ହୋଇଥାଏ । ସେପରି ଶବ୍ଦର ବିଭିନ୍ନ ରୂପମାନ ଏକାବେଳକେ ତ୍ୟାଗ କରି ତାଭିବିକ ସୃଷ୍ଟିକ୍ରମରେ ଯେ ଯେରୂପ ହେବାର ଉଚିତ, ତାହାର ବିଚାର କରି ଶବ୍ଦ-ରୂପର ନାନାତ୍ୱ ସୁଦ୍ଧା ଗ୍ରହଣ କରିବାକୁ ହୁଏ । ସଂସ୍କୃତ ସାହିତ୍ୟରେ ମଧ୍ୟ କେତେକ ଶବ୍ଦର ରୂପ ନାନାତ୍ୱ ସାଧୁ ଭାବରେ ଧାର୍ଯ୍ୟ ହୋଇଅଛି । ଅତଏବ ଏହି ଗ୍ରନ୍ଥ ମଧ୍ୟରେ କେତେକ ଓଡ଼ିଆ ଶବ୍ଦର ପ୍ରୟୋଗକର୍ତ୍ତାମାନଙ୍କ କର୍ତ୍ତୃକ ପ୍ରଯୁକ୍ତ ବିଭିନ୍ନ ରୂପମାନ ଦିଆ ଯାଇଅଛି ଏବଂ ଯେ ଯେ ରୂପ ସାହିତ୍ୟରେ ଧାର୍ଯ୍ୟ ହେବା ଅସମୀଚୀନ, ତାହା ଗୃହୀତ ହୋଇ ନାହିଁ । ଅପିଚ କେତେକ ଅଧିକ ବର୍ଣ୍ଣଯୁକ୍ତ ତଦ୍ଭବ ଶବ୍ଦ ( ଯେପରି ସ୍ନାନ ଶବ୍ଦଜ ସ୍ନାହାନ ) ପ୍ରାକୃତ ଶବ୍ଦ-ସୃଷ୍ଟିକ୍ରମରେ ସାଧୁ ବୋଧ ହେବାରୁ ସୁତରାଂ ପ୍ରାଚୀନ ପୁରାଣାଦି ଗ୍ରନ୍ଥମାନଙ୍କରେ ବ୍ୟବହୃତ ଥିବାରୁ ଗ୍ରନ୍ଥ ମଧ୍ୟରେ ପ୍ରୟୋଗାର୍ହରୂପେ ଧାର୍ଯ୍ୟ ହୋଇଅଛି ।

ଏହାର ଓଡ଼ିଆ ଶବ୍ଦ ସଙ୍କଳନ ସମ୍ବନ୍ଧରେ ପ୍ରାଚୀନ ପୁରାଣାଦି ଗ୍ରନ୍ଥମାନଙ୍କ ମଧ୍ୟରେ ସାରଳା ମହାଭାରତ ଓ ନୃସିଂହପୁରାଣ ପ୍ରଧାନ ଅବଲମ୍ବିତ କହିଲେ ଚଳେ । ଗ୍ରନ୍ଥକର୍ତ୍ତା ଏହି ଉଭୟ ପୁରାଣରେ ବହୁବିଧ ଅପ୍ରଚୁର ଓଡ଼ିଆ ଶବ୍ଦରତ୍ନମାନ ଦେଖିବାକୁ ଓ ସଂଗୃହୀତ କରିବାକୁ ପାଇଅଛନ୍ତି; କିନ୍ତୁ ବଡ଼ ଦୁଃଖର କଥା, ଅନେକଗୁଡ଼ିଏ ଶବ୍ଦ ଅର୍ଥତଃ ସୁସ୍ପଷ୍ଟ ପ୍ରତିପନ୍ନ ନ ହେବାରୁ ଅଭିଧାନର ଅନ୍ତର୍ଭୁକ୍ତ କରି ପାରି ନାହାନ୍ତି, ଈଶ୍ୱରଙ୍କ କୃପାରୁ ଏ ଦେହକେ ଯଦି ଏହି ଗ୍ରନ୍ଥର ଦ୍ୱିତୀୟ ସଂସ୍କରଣ ହୁଏ, ତେତେବେଳେ ସେଗୁଡ଼ିକୁ ଅବଶ୍ୟ ପ୍ରାଣପଣେ ସମ୍ୟକ୍ ଅବଗତ କରି ନେବାକୁ ବାସନା କଲାଇଅଛନ୍ତି । ଏ ମହାଶୟ -ସାରଳାମହାଭାରତ ଓ ନୃସିଂହପୁରାଣରେ ଉକ୍ତ କେତେକ ଅପ୍ରଚୁର ଓ କ୍ଲିଷ୍ଟାର୍ଥ ଶବ୍ଦମାନଙ୍କର ଅର୍ଥକୁ ବହୁ ବିଚାର-ପୂର୍ବକ ସ୍ଥିରୀକୃତ କରି ଏଥିରେ ସନ୍ନିବେଶିତ କରିଅଛନ୍ତି । ଏଥି ମଧ୍ୟରେ ଏପରି କେତେ-ଗୁଡ଼ିଏ ଶବ୍ଦ ଅଛି ଯେ, ସେଗୁଡ଼ିକର ଅର୍ଥର ଅବବୋଧନାର୍ଥ ଗ୍ରନ୍ଥକର୍ତ୍ତାଙ୍କୁ ନାନାସ୍ଥାନର ପ୍ରୟୋଗକ୍ରମମାନ ବାରମ୍ବାର ଦେଖି ନେବାକୁ ହୋଇଥିଲା । ସେହି ସେହି ସ୍ଥାନମାନଙ୍କର ପ୍ରାକରଣିକ ଭାବସାଙ୍ଗତ୍ୟରେ ଯେପରି ଅର୍ଥ କଲେ ସୁସଙ୍ଗତ ହେବ, ସେପରି ଅର୍ଥ କେବଳ ଧାର୍ଯ୍ୟ ହୋଇଅଛି । ପାଠକଙ୍କୁ ଅବଶ୍ୟ ଜାଣି ରଖିବାକୁ ହେବ ଯେ, ଏହି ଗ୍ରନ୍ଥ ମଧ୍ୟରେ ଯେତେ-ଗୁଡ଼ିଏ ଶବ୍ଦ ଦେଶଜ ବୋଲି ନିର୍ଦ୍ଧାରିତ, ସେଥି ମଧ୍ୟରୁ ଅନେକଗୁଡ଼ିଏ ପ୍ରାକୃତ ଶବ୍ଦ ଅର୍ଥାତ୍ ପ୍ରାକୃତ ରାଜ୍ୟରେ ସୁଦ୍ଧା ବ୍ୟବହୃତ । ଆଉ କେତେକ ସ୍ଥଳରେ ପ୍ରକୃତି ପ୍ରଦର୍ଶନାର୍ଥ ପ୍ରଚୁର ଭାବରେ ପ୍ରାକୃତ ପଦମାନ ଦେଲେ ସାଧାରଣଙ୍କ ପକ୍ଷରେ ଅବଗମନ କଷ୍ଟକର ଓ ଜଟିଳ ହେବ ବୋଲି ପ୍ରଦତ୍ତ ଓଡ଼ିଆ ଶବ୍ଦର ପ୍ରକୃତିଭୂତ ପ୍ରାକୃତ ଶବ୍ଦ ନ ଦେଇ ତଦୀୟ ମୂଳ ପ୍ରକୃତି ସଂସ୍କୃତ ଶବ୍ଦ ମାତ୍ର ଦିଆ ଯାଇଅଛି । କେତେକ ସ୍ଥଳରେ ଶବ୍ଦର ଉଭୟ ପ୍ରକୃତି ଅର୍ଥାତ୍ ଓଡ଼ିଆ

ଶବ୍ଦଟି ଯେଉଁ ସଂସ୍କୃତ ଓ ପ୍ରାକୃତ ଶବ୍ଦରୁ ଯଥାକ୍ରମେ ଜନ୍ମିଅଛି, ତାହା ଦିଆ ଯାଇଅଛି । ଯେଉଁଠି ଶବ୍ଦର ଅର୍ଥ ପାଠକଙ୍କ ପକ୍ଷରେ ସମୟରେ ସନ୍ଦେହର ଆସ୍ପଦ ହୋଇ ପାରେ ବୋଲି ଅଶଙ୍କା ଜନ୍ମିଅଛି, ସେପରି ସ୍ଥଳରେ ଶିଷ୍ଟପ୍ରୟୋଗର ବିଶେଷ ବିବରଣ ଦିଆ ଯାଇଅଛି, ଯେପରି କି ପାଠକ ପ୍ରୋକ୍ତ ଶିଷ୍ଟପ୍ରୟୋଗ ବାକ୍ୟ ମୂଳଗ୍ରନ୍ଥରୁ ସହଜରେ ଦେଖି ପାରିବେ ।

ପାଠକଗଣ ! ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦଶର୍ମାଙ୍କ ହୃଦୟରେ ବହୁ ବର୍ଷ ପୂର୍ବେ ଯେ ସଦଭିଳାଷ ଜନ୍ମିଥିଲା, ତତ୍ସହିତ ଉତ୍କଳ ସାହିତ୍ୟସମାଜର ସଂକଳ୍ପର ସୌସାଦୃଶ୍ୟ ବିଚାରି କରି ଏହି ଗ୍ରନ୍ଥର କେତେକ ଇତିବୃତ୍ତ ହୃଦୟଙ୍ଗମ କରନ୍ତୁ । ଶଂସିତ ପଣ୍ଡିତ ମହାଶୟଙ୍କ ସଂକଳ୍ପିତ ବିଶୁଦ୍ଧ ଓଡ଼ିଆ ଅଭିଧାନଟି ପ୍ରଣୀତ ହେଲା ପରେ, ୧୯୦୪ ଖ୍ରୀଷ୍ଟାବ୍ଦରେ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ବର୍ଷର ଗୋଟିଏ ଅଧିବେଶନରେ ଏହି ତିନୋଟି ବିଷୟର ସଂକଳ୍ପ କରାଗଲା ଯେ, ପ୍ରଥମତଃ ଖଣ୍ଡିଏ ବିଶୁଦ୍ଧ ଓଡ଼ିଆ ଅଭିଧାନ, ଦ୍ୱିତୀୟତଃ ଓଡ଼ିଆ ଭାଷାର ପୂର୍ଣ୍ଣାଙ୍ଗ ଖଣ୍ଡିଏ ବ୍ୟାକରଣ ଏବଂ ତୃତୀୟତଃ ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ ଲେଖିବା ଏକାନ୍ତ ପ୍ରୟୋଜନୀୟ । ପ୍ରଥମତଃ ପ୍ରୋକ୍ତ ସମାଜ ବିଶୁଦ୍ଧ ଓଡ଼ିଆ ଶବ୍ଦକୋଷାର୍ଥ ମାତ୍ର ସଚେଷ୍ଟ ହୋଇଥିଲେ । ସେଥିପାଇଁ ଶାଖାସମିତି ମଧ୍ୟ ଗଠିତ ହୋଇଥିଲା । ସାହିତ୍ୟସମାଜର ବାର୍ଷିକ ବିବରଣୀରେ ଲିପିବଦ୍ଧ ହୋଇ ଉତ୍କଳ ସାହିତ୍ୟ ପତ୍ରିକାର ଅଷ୍ଟମ ଭାଗ କେତେକ ସଂଖ୍ୟାରେ ପ୍ରକାଶିତ କରାଗଲା । କିନ୍ତୁ ସଂକଳ୍ପଟି କାର୍ଯ୍ୟରେ ପରିଣତ ହୋଇଥିଲା କି ନାହିଁ, କହି ନ ପାରୁ । ଯେତେବେଳେ ପ୍ରୋକ୍ତ ସମାଜର ଦ୍ୱିତୀୟବାର୍ଷିକ ଅଧିବେଶନ, ସେତେବେଳେ ଏହି ଅଭିଧାନକ ପଣ୍ଡିତ ମହାଶୟ ତହିଁ ଉପସ୍ଥିତ ଥିଲେ । ସମାଜରେ ବିଶୁଦ୍ଧ ଓଡ଼ିଆ ଅଭିଧାନର ସଂକଳ୍ପର କଥା ଶୁଣି ଅଚିରେ ତତ୍ସଂକଳ୍ପ ଅନୁରୂପ କାର୍ଯ୍ୟରେ ପରିଣତ ହୋଇ ପାରି ନାହିଁ ଜାଣି ତଦ୍ଭିନ୍ନ ତଦୀୟ ବନ୍ଧୁ ଶ୍ରୀ ବିଶ୍ୱନାଥ କର ପ୍ରଭୃତିଙ୍କୁ ନିଜର ପ୍ରଣୀତ ଅଭିଧାନର ବିଷୟ ନିବେଦନ କରିଥିଲେ ଏବଂ ସେମାନଙ୍କର ଉପଦେଶକ୍ରମେ ସେହି ବିଷୟଟି ପତ୍ରଦ୍ୱାରା ସାହିତ୍ୟସମାଜରେ ଉପସ୍ଥାପିତ କରିଥିଲେ । ତା ପରେ ୧୯୦୫ ଫିବ୍ରୁଆରି ୨୪ ତାରିଖରେ ସେହି ସମାଜର ତୃତୀୟ ବର୍ଷର କାର୍ଯ୍ୟନିର୍ବାହକ ସମିତିର ପ୍ରଥମ ଅଧିବେଶନରେ ନିର୍ଦ୍ଧାରିତ ହେଲା କି, ଗ୍ରନ୍ଥକର୍ତ୍ତା ମହାଶୟ ତାହାଙ୍କ ଅଭିଧାନର କେତେକ ଅଂଶ ସମାଜର ସମ୍ପାଦକଙ୍କ ନିକଟକୁ ପ୍ରେରଣ କରନ୍ତୁ, ତା ପରେ କର୍ତ୍ତବ୍ୟ ସ୍ଥିର କରାଯିବ । ଏହି ଆଦେଶାନୁସାରେ ଅଭିଧାନର କେତେକ ଅଂଶର ମାତ୍ର ପାଣ୍ଡୁଲିପି ପ୍ରୋକ୍ତ ସମ୍ପାଦକ ମହାଶୟଙ୍କ ଠାକୁ ପ୍ରେରିତ ହୋଇଥିଲା । ତାହାର କେତେକ ଦିନ ପରେ ଏପ୍ରେଲ ମାସର ୨୦ ତାରିଖରେ ସେ କାର୍ଯ୍ୟନିର୍ବାହକ ସମିତିର ଦ୍ୱିତୀୟ ଅଧିବେଶନରେ ଅଭିଧାନର ପ୍ରେରିତ ଅଂଶତକ ପରିଦୃଷ୍ଟ ହୋଇଥିଲା । ଉତ୍କଳ ସାହିତ୍ୟସମାଜ ଯେଉଁ ପ୍ରଣାଳୀରେ ଓଡ଼ିଆ ଶବ୍ଦକୋଷ ଗ୍ରନ୍ଥ ସଙ୍କଳନ କରିବାପାଇଁ ପ୍ରବୃତ୍ତ ହୋଇଥିଲେ, ଏହି ଗ୍ରନ୍ଥଟି ଠିକ୍ ସେହି ପ୍ରଣାଳୀରେ ଲିଖିତ ହୋଇଅଛି (ଅଧିକନ୍ତୁ ଶିଷ୍ଟପ୍ରୟୋଗମାନ ମଧ୍ୟ ଦିଆ ଯାଇଅଛି) ବୋଲି ନିର୍ଦ୍ଧାରିତ ହେବାରୁ ସମାଜ ତାହା ସାଦରେ ଗ୍ରହଣ କରିଥିବାର ପ୍ରକାଶ କରିଥିଲେ । ୧୯୦୫ ନଭେମ୍ବର ମାସ ୧୦ ତାରିଖରେ ପ୍ରୋକ୍ତ ଅଭିଧାନର ମୁଦ୍ରଣ ସମ୍ବନ୍ଧରେ କର୍ତ୍ତବ୍ୟ ନିର୍ଦ୍ଧାରଣାର୍ଥ ସମାଜର ଗୋଟିଏ ସାଧାରଣ ଅଧିବେଶନ ହୋଇଥିଲା । ସେଥିରେ ଶ୍ରୀମାନ୍ ସଭାପତି ଶ୍ରୀ ମଧୁସୂଦନ ଦାସ ମହାଶୟ କେତେକ ବକ୍ତବ୍ୟ ପ୍ରକାଶ କଲା ପରେ କହିଥିଲେ କି,

(ଅଭିଧାନକର୍ତ୍ତା) "ପଣ୍ଡିତ ମହାଶୟ ଯେପରି ଅକ୍ଲାନ୍ତ ପରିଶ୍ରମ ଓ ଅଧ୍ୟବସାୟ, ଗବେଷଣା ଓ ପାଣ୍ଡିତ୍ୟ ସହକାରେ ଏପ୍ରକାର ବରିଷ୍ଠ ଗ୍ରନ୍ଥ ପ୍ରଣୟନ କରିବାକୁ ଯତ୍ନବାନ୍ ହୋଇଅଛନ୍ତି, ତନ୍ନିମିତ୍ତ ତାହାଙ୍କୁ ସମାଜ ପକ୍ଷରୁ ବିଶିଷ୍ଟ ସମ୍ମାନ ଓ କୃତଜ୍ଞତା ଅର୍ପଣ କରାଯାଉ । ମୁଁ ଏହି ପ୍ରସ୍ତାବ କରୁଅଛି । ପୁସ୍ତକଟି ପ୍ରକାଶିତ ହେଲେ ଉତ୍କଳ ପକ୍ଷରେ ଗୌରବର ବିଷୟ ହେବ ।" ସେହି ପଣ୍ଡିତମଣ୍ଡଳୀମଣ୍ଡିତ ସମାଜ ଇତ୍ୟାକାରକ ବିଷୟମାନ ଉତ୍କଳ ସାହିତ୍ୟ ପତ୍ରିକାର ନବମ ଭାଗ ଅଷ୍ଟମ ସଂଖ୍ୟାରେ ପ୍ରକାଶିତ କରି ନିମ୍ନରେ ଉଲ୍ଲିଖିତ ମନ୍ତବ୍ୟ ପତ୍ରଟି ଗ୍ରନ୍ଥକର୍ତ୍ତାଙ୍କଠାକୁ ପଠାଇ ଦେଇଥିଲେ ।

କଟକ ।
୧୩ । ୧୧ । ୦୫ ।

ପରମଶ୍ରଦ୍ଧାସ୍ପଦ

ଶ୍ରୀଯୁକ୍ତ ପଣ୍ଡିତ ଗୋପୀନାଥ ନନ୍ଦ ମହୋଦୟ

ଶ୍ରୀକରକମଳେଷୁ ।

ସସମ୍ମାନ ନିବେଦନ,

ଆପଣଙ୍କ ପ୍ରଣୀତ ଶବ୍ଦନିଧି ନାମକ ଓଡ଼ିଆ ଭାଷାରେ ପ୍ରଚଳିତ ତଦ୍ଭବ ଦେଶଜ ଓ ଅନ୍ୟାନ୍ୟ ଭାଷାରୁ ଗୃହୀତ ଶବ୍ଦମାନଙ୍କର ଅଭିଧାନ ଗ୍ରନ୍ଥର ସଙ୍କଳନ କାର୍ଯ୍ୟ ଆପଣ ଯେଉଁ ପ୍ରଗାଢ଼ ପରିଶ୍ରମ ଓ ଅଧ୍ୟବସାୟ, ବିପୁଳ ଅନୁସନ୍ଧାନ ଓ ପାଣ୍ଡିତ୍ୟ ସହକାରେ ସମ୍ପାଦନ କରିଅଛନ୍ତି, ତାହା ଉତ୍କଳ ସାହିତ୍ୟସମାଜ ଚଳିତ ମାସର ୧୦ ତାରିଖ ଦିନ ଆଲୋଚନା କରି ଏହି ନିର୍ଦ୍ଧାରଣ କରିଅଛନ୍ତି ଯେ, ଆପଣ ଶଂସିତ ଗ୍ରନ୍ଥର ପ୍ରଣୟନଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟର ଗୌରବ ଓ ମର୍ଯ୍ୟାଦା ସମ୍ବର୍ଦ୍ଧନ କରିଅଛନ୍ତି ଏବଂ ସେଥିପାଇଁ ଆପଣ ପ୍ରୋକ୍ତ ସମାଜର ଏକାନ୍ତ ଧନ୍ୟବାଦାର୍ହ । ମୁଁ ଏହି କ୍ଷୁଦ୍ର ପତ୍ରୀଦ୍ୱାରା ଉତ୍କଳ ସାହିତ୍ୟସମାଜର ଧନ୍ୟବାଦ ଆପଣଙ୍କଠାରେ ଅର୍ପଣ କରି ପ୍ରାର୍ଥନା କରୁଅଛି ଯେ, ଆପଣ ତାହା ପ୍ରସନ୍ନଚିତ୍ତରେ ଗ୍ରହଣ କରିବା ହେବେ ।

ବଶମ୍ବଦ
ଶ୍ରୀ ମଧୁସୂଦନ ରାଓ
ଉ. ସା. ସମାଜର ସଭାପତି ।

ତା ପରେ ଉତ୍କଳସାହିତ୍ୟସମାଜ ଗୋଟିଏ କାର୍ଯ୍ୟନିର୍ବାହିକା ସମିତିରେ ପ୍ରୋକ୍ତ ଅଭିଧାନର ଆମୂଳାନ୍ତ ପରିଦର୍ଶନ ଓ ପରିଶୋଧନାଦିର ଭାର କେତେକ ସଭ୍ୟମାନଙ୍କୁ ଅର୍ପଣ କରିଥିଲେ। ସେମାନେ ଯଥାକ୍ରମେ ସମଗ୍ର ଗ୍ରନ୍ଥ ଦେଖି ନେଇ ଆବଶ୍ୟକ ସ୍ଥଳରେ କିଛି ପରିଶୋଧନ କରି ତିନି ଅନ୍ୟୂନ ଏକଶତ ପର୍ଯ୍ୟନ୍ତ ନୂତନ ଶବ୍ଦମାନ ଯୋଗ କରି ଦେଇଅଛନ୍ତି । ସମଗ୍ର ଗ୍ରନ୍ଥର ପରିବର୍ତ୍ତନାଦି କାର୍ଯ୍ୟରେ ଦୁଇ ତିନି ବର୍ଷ ଅତୀତ ହେଲା, ଏଥି ମଧ୍ୟରେ ସମାଜ ପୁସ୍ତକର ମୁଦ୍ରଣ

ବ୍ୟୟ ନିମନ୍ତେ ଅର୍ଥ ସମ୍ପାଦନାର୍ଥ ଅବଶ୍ୟ କେତେଦୂର ଚେଷ୍ଟା କରିଥିଲେ । ରାଜା, ଜମିଦାର ଓ ଧନିକମାନଙ୍କଠାରୁ ସାହାଯ୍ୟ ପ୍ରାର୍ଥନାର ଆବେଦନପତ୍ର ପଠାଇଥିଲେ; କିନ୍ତୁ ପ୍ରାର୍ଥନା ନିଷ୍ଫଳ ପ୍ରାୟ ହୋଇଥିଲା, କେବଳ ବାମଣ୍ଡାର ଶ୍ରୀମାନ୍ ରାଜା ସାହେବ ମହୋଦୟ ଏକଶତ ଟଙ୍କା ଏବଂ ଖଣ୍ଡପଡ଼ାର ସ୍ୱର୍ଗୀୟ ରାଜା ମହୋଦୟ ପଚାଶ ଟଙ୍କା ମାତ୍ର ଅଭିଧାନ ମୁଦ୍ରଣର ସାହାଯ୍ୟ ସ୍ୱରୂପ ପ୍ରଦାନ କରିଥିଲେ । ତେତେକରେ ସମାଜ କୌଣସି ବ୍ୟବସ୍ଥା କରି ନ ପାରି ଗ୍ରନ୍ଥକର୍ତ୍ତାଙ୍କୁ ଆଦେଶ ଦେଲେ ଯେ, ଯଦ୍ୟପି ଆପଣ ନିଜେ ଦୁଇଶତ ଗ୍ରାହକ ଠିକଣା କରି ଦେଇ ପାରନ୍ତି, ତାହାହେଲେ ସମାଜ କୌଣସି ମତେ ଅଭିଧାନର ମୁଦ୍ରଣାର୍ଥ ଅଗ୍ରସର ହୋଇ ପାରନ୍ତି । ଦେଶପୂଜ୍ୟ ସାହିତ୍ୟସମାଜର ଆଦେଶରେ ଆବଦ୍ଧ ଏହି ପଣ୍ଡିତ ମହାଶୟ ନିଜ ବ୍ୟୟରେ ନାନାସ୍ଥାନ ଭ୍ରମଣ କରି ପ୍ରାୟ ତିନିଶତ ଗ୍ରାହକ ଠିକ କରି ନେଲେ; ତଥାପି ଗ୍ରନ୍ଥ ମୁଦ୍ରଣ କାର୍ଯ୍ୟ ଆରବ୍ଧ ହୋଇ ପାରିଲା ନାହିଁ । ପରେ ପ୍ରୋକ୍ତ ସମାଜ ରାଜା, ଜମିଦାର ଓ ଧନକୁବେରମାନଙ୍କୁ ସାହାଯ୍ୟ ପ୍ରାର୍ଥନା କରିଥିଲେ, ମାତ୍ର କାହାଠାରୁ କୌଣସି ପ୍ରକାର ସାହାଯ୍ୟ ପାଇ ପାରିଲେ ନାହିଁ । ନିତାନ୍ତ ପରିତାପର ବିଷୟ, କେତେକଙ୍କଠାରୁ ଉତ୍ତର ସୁଦ୍ଧା ପାଇ ପାରି ନାହାନ୍ତି । ଏ ସମ୍ବନ୍ଧରେ ଆଉ ଅଧିକ ଲେଖିବାର ପ୍ରୟୋଜନ ନାହିଁ । ଏପରି ଅବସ୍ଥାରେ ପ୍ରାୟ ଦଶ ବର୍ଷ ଅତୀତ ହେଲା ପରେ ଗ୍ରନ୍ଥକର୍ତ୍ତା ହତାଶ ହୋଇ ସମାଜରୁ ଗ୍ରନ୍ଥ ଫେରସ୍ତ ନେବାର ସ୍ଥିର କଲେ । ଏପରି ସମୟରେ ପ୍ରୋକ୍ତ ସମାଜ ଗ୍ରନ୍ଥକର୍ତ୍ତାଙ୍କୁ କିଞ୍ଚିତ୍ ଆଶ୍ୱାସ ପ୍ରଦାନପୂର୍ବକ ପ୍ରଥମତଃ ସର୍ବାନୁମୋଦନରେ ଯେ ସଙ୍କଳ୍ପ କରିଥିଲେ, ତାହାର ପରିବର୍ତ୍ତନ କରି ଆଦେଶ ଦେଲେ କି, ଏହି ବିଶୁଦ୍ଧ ଓଡ଼ିଆ ଅଭିଧାନ ମଧ୍ୟରେ ଯାହା ଯାହା କି ଓଡ଼ିଆ ଗ୍ରନ୍ଥମାନଙ୍କରେ ବ୍ୟବହୃତ, ସେପରି ଆବଶ୍ୟକୀୟ ସାଧୁଶବ୍ଦମାନ ଯୋଗ କଲେ ଅପେକ୍ଷାକୃତ ସମଧିକ ଉପାଦେୟ ଓ ସମାଦୃତ ହେବ, ଯେ କୌଣସିପ୍ରକାରେ ସମାଜ ପକ୍ଷରୁ ଗ୍ରନ୍ଥ ଖଣ୍ଡିକ ମୁଦ୍ରିତ କରାଯିବ । ପୁଣି ଗ୍ରନ୍ଥକର୍ତ୍ତା ମହାଶୟ ଦେଶପୂଜ୍ୟ ଉତ୍କଳ ସାହିତ୍ୟସମାଜର ଶଂସିତ ଆଦେଶରେ ଅଗତ୍ୟା ଆବଦ୍ଧ ରହି ବିଶୁଦ୍ଧ ଓଡ଼ିଆ ଅଭିଧାନକୁ ସ୍ୱତନ୍ତ୍ର ରଖି ତତ୍ସହିତ ଅନ୍ୟ କର୍ତ୍ତବ୍ୟସାଧନରେ ତତ୍ପର ହେଲେ । ପୁଣି ଗବେଷଣାପ୍ରିୟ ଗ୍ରନ୍ଥକର୍ତ୍ତା ମହାଶୟଙ୍କୁ ଅନ୍ୟ ପ୍ରକାର ସାରସ୍ୱତ ଯଜ୍ଞରେ ଦୀକ୍ଷିତ ହେବାକୁ ପଡ଼ିଲା । ପ୍ରଥମ ସଙ୍କଳ୍ପସିଦ୍ଧ ଏଭଳି ମହତ୍ତର ସମାଦୃତ ଅଭିଧାନରେ ସାଧୁ ଶବ୍ଦମାନ କିପରି ଭାବରେ ଯୋଗ କଲେ ଗ୍ରନ୍ଥଟି ଅତି ଉପାଦେୟ ଓ ସମ୍ପୂର୍ଣ୍ଣ ସମାଦୃତ ହେବ, ସେଥିପାଇଁ ବହୁ ବିଚାର କରିଥିଲେ । ବର୍ତ୍ତମାନ ଓଡ଼ିଆରେ ଯେ ଯେ ଅଭିଧାନ ପ୍ରଚଳିତ ଅଛି, ସେ ସବୁ ସାବଧାନତା ସହ କେତେକ ଅଭିଜ୍ଞଙ୍କ ସହିତ ଦେଖି ନେଲେ । ଆମ୍ଭମାନଙ୍କୁ ସତ୍ୟ କହିବାକୁ ହେଲେ ଏହାହିଁ ବୋଲିବାକୁ ହେବ ଯେ, ସେ ସବୁ କେତେଗୁଡ଼ିଏ ଶବ୍ଦର କେବଳ ଅର୍ଥ ଜାଣିବାର ଉପାୟ ମାତ୍ର ଏବଂ ଲଘୁପ୍ରସର ଅଟେ । ତଦ୍ଦ୍ୱାରା ଓଡ଼ିଆର ଯାବତୀୟ ଶବ୍ଦାର୍ଥଜିଜ୍ଞାସା ସୁଦ୍ଧା ସଫଳ ହୋଇ ନ ପାରେ ।

ତତ୍ପରେ ଏ ମହାଶୟ ସଂସ୍କୃତ ଶବ୍ଦବହୁଳ ଓଡ଼ିଆର ପ୍ରାଚୀନ କାବ୍ୟମାନ ବିଚାର କରି ସଂସ୍କୃତ ଶବ୍ଦପ୍ରୟୋଗର ସୀମା ସ୍ଥିର କଲେ । ପ୍ରାଚୀନ ଓଡ଼ିଆ କାବ୍ୟମାନଙ୍କରେ ଯେ ଯେ ସଂସ୍କୃତ ଶବ୍ଦମାନ ବ୍ୟବହୃତ, ସେ ସବୁ ଉଲ୍ଲେଖ କରି ନେଇ ଏହି ଅଭିଧାନରେ ଆବଶ୍ୟକୀୟମତେ ସାଧୁ ଶବ୍ଦମାନଙ୍କର ଯଥାସମ୍ଭବ ସଂଯୋଗ କରିନେଲେ । ବିଶ୍ୱାସ କରୁଅଛୁ, ପାଠକଗଣ ଓଡ଼ିଆ କାବ୍ୟ

ଭାରତରେ ବ୍ୟବହୃତ ଆବଶ୍ୟକ ଶବ୍ଦମାନଙ୍କର ଅର୍ଥ ଓ ବ୍ୟୁତ୍ପତ୍ତିକ୍ରମ ଏହି ଗ୍ରନ୍ଥରୁ ପାଇ ପାରିବେ ଏବଂ ବୁଝିବେ ଯେ ପ୍ରାଚୀନ ଶବ୍ଦକୋଷକର୍ତ୍ତାମାନେ ଯେପରି [ନାମାନି କ୍ୱଚିଦପି ରୂଢ଼ିତଃ ସ୍ୱଭାବାତ୍ । ଦେଶୋକ୍ତ୍ୟା କ୍ୱଚନ ଚ ଲକ୍ଷ୍ମକୋପମାନୈଃ । ବୀର୍ଯ୍ୟେଣ କ୍ୱଚିଦପିତଦ୍ୱୟାଦି ଦେଶାତ୍ । ଦ୍ରବ୍ୟାଣାଂ ଭୁକ୍ରିମିତ ସମ୍ପ୍ରଧୋଦିତାନି ।] ଏହି ନିୟମରେ ଶବ୍ଦମାନ ଯୋଗ କରିଥାନ୍ତି, ଏଥିରେ ସୁଦ୍ଧା ସେହିପରି କରା ଯାଇଅଛି ।

ବ୍ୟୁତ୍ପତ୍ତିର ବିବରଣରେ ଧାତୁର ସଙ୍ଗେ ସଙ୍ଗେ ତାହାର ଅର୍ଥ ନ ଦେଲେ ବ୍ୟୁତ୍ପତ୍ତିଜ୍ଞାନ ସମୀଚୀନ ହୋଇ ପାରିବ ନାହିଁ ବୋଲି ପାଖେ ପାଖେ ଧାତ୍ୱର୍ଥ ମଧ୍ୟ ଦିଆ ଯାଇଅଛି । ଯେ ସ୍ଥଳରେ ଧାତୁର ଅର୍ଥ ସ୍ପଷ୍ଟ ଜଣାଯାଉ ଥାଏ ଅଥବା ଅନ୍ୟତ୍ର ଉକ୍ତ ଥାଏ, ସେ ସ୍ଥଳରେ ତାହା ପୁନରୁକ୍ତ କରାଯାଇ ନାହିଁ । ଅର୍ଥସୂଚନା ବିନା ଧାତୁ ନିର୍ଦ୍ଧାରଣ ଅତ୍ୟଳ୍ପ ସ୍ଥଳରେ ମାତ୍ର କରା ଯାଇଅଛି । ଏଥିରେ ଏପରି କେତେକ ସଂସ୍କୃତ ଶବ୍ଦ ନିହିତ ଅଛି ଯେ, ସେଗୁଡ଼ିକର ବ୍ୟୁତ୍ପତ୍ତି ଠିକ ଧାର୍ଯ୍ୟ ହୋଇ ନ ପାରେ । କୌଣସି କୌଣସି ଟୀକାରେ ସେହିଭଳି ଶବ୍ଦର କୌଣସିପ୍ରକାର ବ୍ୟୁତ୍ପତ୍ତିବିବରଣ ଦେବାକୁ ଯାଇ ଟୀକାକାର ନାନାପ୍ରକାର କଳ୍ପନା ପରେ ଏକାନ୍ତ ନିପାତନ ବୋଲି ସିଦ୍ଧାନ୍ତ କରିଅଛନ୍ତି, ତାଦୃଶ ବ୍ୟୁତ୍ପତ୍ତିର ପଂକ୍ତିଗୁଡ଼ିଏ ଦେଇ ପୁସ୍ତକ ବିସ୍ତୃତ କରିବାରେ ଏ ଗ୍ରନ୍ଥକର୍ତ୍ତା ମନ ବଳାଇ ନାହାନ୍ତି, ପରନ୍ତୁ ଏପରି ଶବ୍ଦସଂଖ୍ୟା ଏଥିରେ ଅତ୍ୟଳ୍ପ ମାତ୍ର । ସଂସ୍କୃତ ଶବ୍ଦମାନଙ୍କର ବ୍ୟୁତ୍ପତ୍ତି ପ୍ରଦର୍ଶନାର୍ଥ ଗ୍ରନ୍ଥକର୍ତ୍ତା ଅନ୍ୟାନ୍ୟ ଶାସ୍ତ୍ରର ଆଶ୍ରୟ ନେଇଥିଲେ ସୁଦ୍ଧା ଅମରାଭିଧାନର ଟୀକାମାନ ଓ ଦ୍ରୁକ୍ତଭବାଦ ଅଭିଧାନକୁ ସମଧିକ ଅବଲମ୍ବନ କରିଅଛନ୍ତି । ଧାତୁରେ ପ୍ରଯୁକ୍ତ ପ୍ରତ୍ୟୟଟି କେଉଁ ବାଚ୍ୟରେ ହୋଇଅଛି, ତାହା ଶବ୍ଦର ପ୍ରଦତ୍ତ ଅର୍ଥଦ୍ୱାରା ସ୍ପଷ୍ଟତଃ ଜଣାପଡ଼ୁଥିବାରୁ ପୃଥକ୍ ବାଚ୍ୟ ନିର୍ଦ୍ଦେଶ କରା ଯାଇ ନାହିଁ । ପାଠକେ ଅବଶ୍ୟ ଜାଣନ୍ତୁ ଯେ, କୃଦନ୍ତର ବିଶେଷ୍ୟ ପଦସମୂହରେ ଭାବବାଚ୍ୟ ଓ ବିଶେଷଣ ପଦରେ କର୍ତ୍ତୃ-କର୍ମାଦି ବାଚ୍ୟ ହେବା ସ୍ୱତଃସିଦ୍ଧ । ଧାତୁ ପ୍ରତ୍ୟୟ ସ୍ଥଳରେ ଗୁଣବୃଦ୍ଧ୍ୟାଦି ସୁଦ୍ଧା କହା ଯାଇ ନାହିଁ । ତାହା ତତ୍ପ୍ରୟୋଗାନୁସାରେ କଳ୍ପନା କରିନେଲେ ଅବଶ୍ୟ ବିଦିତ ହୋଇ ପାରିବ । ଅନ୍ୟାନ୍ୟ ଭାଷାର ଅଭିଧାନମାନଙ୍କରେ ଏହି କ୍ରମହିଁ ହୋଇଥାଏ । ତାଦ୍ଧିତକ ପ୍ରତ୍ୟୟ ଯୋଗ ସ୍ଥଳରେ ଯଥାମତ ଅର୍ଥ ଦିଆ ଯାଇଅଛି । ସାମାସିକ ବ୍ୟୁତ୍ପତ୍ତି ବିବରଣ ସ୍ଥଳରେ ଅନେକଗୁଡ଼ିଏ କଥା ଲେଖିବାକୁ ହୁଏ ବୋଲି ଗ୍ରନ୍ଥବିସ୍ତୃତି ଭୟରୁ କେବଳ ଶବ୍ଦବିଶ୍ଳେଷଣ ମାତ୍ର କରା ଯାଇଅଛି । ଏପରିସ୍ଥଳରେ ପ୍ରଦତ୍ତ ଅର୍ଥକୁ ଧରି ସମାସ ଜାଣିବା ମଧ୍ୟ ସୁଗମ ହେବ । କେତେକ ସ୍ଥଳରେ ଶବ୍ଦମାନଙ୍କର ଅର୍ଥ ଏବଂ ଦ୍ୱିରୂପତାଦିର ପ୍ରମାଣସ୍ୱରୂପ ଦ୍ୱିରୂପକୋଷ, ବିଶ୍ୱ, ମେଦିନୀ, ବ୍ୟାଡ଼ି, ରଭସ, ହୈମ, ଧରଣୀ, ଅଜୟ ଓ ଅମରକୋଷ ପ୍ରଭୃତି ଅଭିଧାନମାନଙ୍କରୁ ପର୍ଯ୍ୟାୟବାକ୍ୟ ଏବଂ ସ୍ଥାନେ ସ୍ଥାନେ ମନୁସଂହିତା ପ୍ରଭୃତି ଧର୍ମଶାସ୍ତ୍ର, ବାଲ୍ମୀକୀୟ ରାମାୟଣ, ମହାଭାରତ, ଦେବୀପୁରାଣ, କୁମାରସମ୍ଭବାଦି କାବ୍ୟ ଓ ନାଟକାଦିରୁ ଆଉ ଆୟୁର୍ବେଦ ଓ ଜ୍ୟୋତିଃଶାସ୍ତ୍ରରୁ ମଧ୍ୟ ପ୍ରମାଣ ବାକ୍ୟମାନ ଉଦ୍ଧୃତ କରା ଯାଇଅଛି ।

ମନେ କରିଥିଲୁ, ଏହି ଅଭିଧାନର ଶବ୍ଦଯୋଜନାପରିପାଟୀ ପ୍ରଭୃତି ଆହୁରି କେତେକ ବିଷୟର ବିବରଣରେ ଭୂମିକାଟି ଅପେକ୍ଷାକୃତ ସୁବିସ୍ତୃତ ଲେଖିବୁ, କିନ୍ତୁ ନିଜ ସମୟାଭାବରୁ ଅଥବା

ଏହି ଗ୍ରନ୍ଥପ୍ରକାଶର ଅଲଙ୍ଘନୀୟ ନିର୍ଦ୍ଦିଷ୍ଟ ସମୟ ଅତି ସନ୍ନିହିତ ହୋଇ ଆସିବାରୁ ଆଉ ଅଧିକ ଲେଖିବାକୁ ନ ଯାଇ ଏତିକରେ ମାତ୍ର ପର୍ଯ୍ୟାପ୍ତ ମନେ କରିଅଛୁଁ ।

ପରିଶେଷରେ ଏହି ଗ୍ରନ୍ଥର ପ୍ରଣେତା ଉତ୍କଳାନନ୍ଦ ନନ୍ଦ ପଣ୍ଡିତଙ୍କ ଜୀବନୀ ସଂକ୍ଷିପ୍ତଭାବେ ଲେଖିବାର ମନସ୍ଥ କରିଥିଲୁଁ; ତାହା ମଧ୍ୟ ଉପରୋକ୍ତ କାରଣରୁ ସାଧିତ କରି ପାରି ନାହୁଁ । ଶନୁ ପ୍ରୋକ୍ତ ପଣ୍ଡିତଙ୍କଠାରୁ ଅଗାଧ ତଦୀୟ ପାଣ୍ଡିତ୍ୟ ଓ ଅନନ୍ୟସାଧାରଣ ସାହିତ୍ୟିକ ଅନୁଷ୍ଠାନାଦି ସମ୍ବନ୍ଧରେ ଅଭିଜ୍ଞ ଜନମାନଙ୍କ କେତେକ ଖଣ୍ଡ ମାତ୍ର ମନ୍ତବ୍ୟପତ୍ର ଏବଂ କେତେକ ପତ୍ରିକାରେ ପ୍ରକାଶିତ ସମ୍ପାଦକ ପ୍ରଭୃତିଙ୍କର କେତେକ ମନ୍ତବ୍ୟ ଏଥି ସଙ୍ଗେ ଉଦ୍ଧୃତ କରି ଭୂମିକା ଲେଖାରୁ ନିବୃତ୍ତ ହେଲୁଁ । ପାଠକଗଣ ଅବଶ୍ୟ ପ୍ରଦତ୍ତ ମନ୍ତବ୍ୟପତ୍ରଗୁଡ଼ିକରୁ ଗ୍ରନ୍ଥକର୍ତ୍ତାଙ୍କର ଜୀବନୀର ଉପାଦାନ ଉପଲବ୍ଧି କରି ପାରିବେ ।

ଧରାକୋଟ ।
୩୦ । ୧ । ୧୯୧୫ ।

ଶ୍ରୀ ମଦନମୋହନ ସିଂହ ଦେବ ।
ରାଜା । ଜ । ଧରାକୋଟ ।

# ମନ୍ତବ୍ୟ ।

ଉତ୍କଳ ସାହିତ୍ୟ ସମାଜ ବିଶେଷ ଅଭାବ ଉପଲବ୍ଧି କରି ଏକ ଅଭିଧାନ ସଙ୍କଳନର ପ୍ରସ୍ତାବ କରୁଥିଲାବେଳେ ତେଣେ ତତ୍‌ପୂର୍ବରୁ ଉତ୍କଳ ସାହିତ୍ୟର ଅଦୃଷ୍ଟ ଭାଗ୍ୟକ୍ରମେ ପାରଳା ନିବାସୀ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଉତ୍କଳାଭିଧାନ ସଙ୍କଳନ ସଙ୍କଳ୍ପରେ ସ୍ୱତଃପ୍ରବୃତ୍ତ ହୋଇ ନିଜର ନିଭୃତ ନିବାସରେ ବସି ଓଡ଼ିଆ ଶବ୍ଦତତ୍ତ୍ୱ ଅନୁସନ୍ଧାନରେ ଲାଗିଥିଲେ । ପ୍ରାୟ ସାତ ବର୍ଷର ନିସ୍ୱାର୍ଥର ପ୍ରଗାଢ଼ ପରିଶ୍ରମ ଓ ଗଭୀର ଗବେଷଣାର ଫଳ— ଆଜି ଏହି ଅମୂଲ୍ୟ ଓଡ଼ିଆ ଶବ୍ଦନିଧି ବାହାରିଅଛି । ଏହି ବୃହତ୍ ଶବ୍ଦକୋଷ ସଙ୍କଳନ କରିବାରେ ନନ୍ଦ ମହାଶୟଙ୍କର କି ଶକ୍ତି ଏବଂ ଯୋଗ୍ୟତା ଅଛି ? ଯଦି ଆଜି କାଲି ଉତ୍କଳରେ କୌଣସି ପଣ୍ଡିତ ଥାନ୍ତି, ଯେ କି ଏପରି ଖଣ୍ଡେ ଅଭିଧାନ ସଙ୍କଳନ କରି ପାରନ୍ତି, ତେବେ ସେ କେବଳ ଏହି ପଣ୍ଡିତ ମହାଶୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ନନ୍ଦ ମହାଶୟ ଗଦ୍ୟ ପଦ୍ୟ ନାଟକ ଛାନ୍ଦ ଚଉପଦୀ ଇତ୍ୟାଦି ଅନେକ-ଗୁଡ଼ିଏ ପୁସ୍ତକ ପ୍ରଣୟନ କରି ଉତ୍କଳ ସାହିତ୍ୟର କଳେବର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ନିଜର ସାହିତ୍ୟରସିକତାର ଯଥେଷ୍ଟ ପରିଚୟ ଦେଇଅଛନ୍ତି ଏବଂ ଉତ୍କଳସାହିତ୍ୟାଦି ମାସିକପତ୍ର-ମାନଙ୍କରେ ଓଡ଼ିଆଭାଷାର ପ୍ରାଚୀନ ସାହିତ୍ୟ, ବ୍ୟାକରଣଶାସ୍ତ୍ର ଓ ଶବ୍ଦତତ୍ତ୍ୱ ସମ୍ବନ୍ଧରେ ଧାରାବାହିକ-ରୂପେ ଯେଉଁ ସମାଲୋଚନା କରି ଆସିଅଛନ୍ତି, ସେ ସବୁ ତାହାଙ୍କର ନିଷ୍ଠାପର ଶାସ୍ତ୍ରାନୁଶୀଳନ, ଏକାନ୍ତ ଅଧ୍ୟବସାୟ ଏବଂ ବହୁଦର୍ଶିତାର ଜ୍ୱଳନ୍ତ ସାକ୍ଷ୍ୟ ପ୍ରଦାନ କରୁଅଛି । × × × ×

ମନୁଷ୍ୟମାନେ ଭ୍ରମପ୍ରମାଦଶୂନ୍ୟ ନୁହନ୍ତି । ଏତେ ବଡ଼ ପ୍ରକାଣ୍ଡ ଗ୍ରନ୍ଥ ସଙ୍କଳନରେ ଯେ କୌଣସି ତ୍ରୁଟି ରହି ଯାଇ ନାହିଁ, ଏହା ବୋଲି ଯାଇ ନ ପାରେ । ତଥାପି ଏହି ଗ୍ରନ୍ଥଦ୍ୱାରା ଉତ୍କଳର ବିଶେଷ ଅଭାବ ଦୂରୀଭୂତ ହେବ ଏବଂ ସାହିତ୍ୟସେବୀମାନେ ଯଥେଷ୍ଟ ସାହାଯ୍ୟ ପାଇବେ, ଏଥିରେ ସନ୍ଦେହ ନାହିଁ ।

ଉତ୍କଳର ଅମରସିଂହ ନନ୍ଦ ମହାଶୟଙ୍କର ଏହି ଓଡ଼ିଆ ଅଭିଧାନ ଖଣ୍ଡିକ ତାହାଙ୍କର ଅକ୍ଷୟକୀର୍ତ୍ତି ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଉତ୍କଳର ଉନ୍ନତି ଏବଂ ଆନନ୍ଦ ବର୍ଦ୍ଧନ କରିବ । ଭଞ୍ଜଙ୍କୁ ନେଇ ଘୁମୁସରବାସିମାନେ ଯେପରି ଗର୍ବିତ, ନନ୍ଦଙ୍କୁ ନେଇ ପାରଳାବାସିମାନେ ଦିନେ ସେହିପରି କୃତାର୍ଥ ହେବେ ।

ଶ୍ରୀ ଶ୍ରୀବତ୍ସ ପଣ୍ଡା (ବି. ଏ.)
୨୫ । ୧ । ୧୯୧୬

---

ଗଞ୍ଜାମ-ଜିଲ୍ଲା, ଅସ୍କାର ସବ୍‌ରେଜିଷ୍ଟ୍ରାର ଶ୍ରୀଯୁକ୍ତ ଶ୍ରୀବତ୍ସ ପଣ୍ଡା ବି. ଏ. ମହାଶୟ ୧ । ୮ । ୧୯୧୫ ତାରିଖର ପତ୍ରରେ ଲେଖିଅଛନ୍ତି—

ମାନ୍ୟବର ଶ୍ରଦ୍ଧେୟ ପଣ୍ଡିତ ମହାଶୟ !

ଆପଣଙ୍କର ଉତ୍କଳ ଅଭିଧାନ ଖଣ୍ଡିକ ପ୍ରକାଶିତ ହେବାଦ୍ୱାରା କେବଳ ଆପଣଙ୍କର ବା ଗୋଷ୍ଠୀର ଗୌରବ ବା ଆନନ୍ଦର ବିଷୟ ନୁହେ, ଏହା ସମଗ୍ର ଓଡ଼ିଆ ଜାତିର ଗୌରବ ଓ ଆନନ୍ଦର ବିଷୟ । ଦୈବବଳେ ଓଡ଼ିଆ ଜାତି ପକ୍ଷେ ଏବେ ଏହି ସୁଯୋଗ ଉପସ୍ଥିତ । ଏହି ସୁଯୋଗର ସଦ୍‌ବ୍ୟବହାର କେବଳ ଆପଣଙ୍କ ହାତରେ । ଇତି ।

---

ଗଞ୍ଜାମ ଜିଲା, ବ୍ରହ୍ମପୁର ବିଦ୍ୟାବିଭାଗର ସବ୍‌ଆସିଷ୍ଟାଣ୍ଟ ଇନ୍‌ସ୍‌ପେକ୍ଟର
ଶ୍ରୀଯୁକ୍ତ ସିଂହାଦ୍ରି ଗନ୍ତାୟତ ମହାଶୟ ୩ । ୭ । ୧୯୧୫ ତାରିଖର
ପତ୍ରରେ ଲେଖିଅଛନ୍ତି—

ଶବ୍ଦନିଧି ସଙ୍କଳନରେ ଯେଉଁ ଦିନ ଆପଣ ହସ୍ତକ୍ଷେପ କଲେ ସେହି ଦିନଠାରୁ **ଉକ୍ତ ଗ୍ରନ୍ଥର** ଉପାଦେୟତା ମୁଁ ହୃଦୟଙ୍ଗମ କରିଅଛି । ସେହି ସମୟରେ ମୁଁ ଶିକ୍ଷକ କାର୍ଯ୍ୟ କରୁଥିଲି, **ମୋହର** ଆପଣଙ୍କ ପ୍ରଶଂସା ବ୍ୟାଖ୍ୟାନ କେତେକ ଲୋକଙ୍କର କର୍ଣ୍ଣକଟୁ ହୋଇଥିଲା । ଫୁଲ ଫୁଟିଲେ ତ ଜଗତରେ ବାସେ; ଏ ହେତୁରୁ ଆପଣଙ୍କ ଅଧ୍ୟବସାୟ ପ୍ରଭୃତି ସଦ୍‌ଗୁଣ ଉତ୍କଳ ଭୂମି ସନ୍ତାନମାନଙ୍କର ପ୍ରଶଂସାଭାଜନ ହେଲା । ଇତି ।

---

ସତ୍ୟବାଦୀ ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ଗୋପବନ୍ଧୁ ଦାଶ ବି. ଏ. ବି. ଏଲ. ମହୋଦୟ
୩ । ୩ । ୧୯୧୫ ତାରିଖର ପତ୍ରରେ ଲେଖିଅଛନ୍ତି—

ଆପଣଙ୍କୁ କହିବାର ସଙ୍ଗତ ନୁହେ, କିନ୍ତୁ ଏହା ଯଥାର୍ଥରେ ପ୍ରାଣର କଥା ଯେ ଯେତେବେଳେ ଓଡ଼ିଶାର ଗୃହଅଙ୍ଗକୁ ଚାହୁଁ, ସାହିତ୍ୟକ୍ଷେତ୍ରରେ ଏକମାତ୍ର ନୀରବ ସାଧକ ବୋଲି ଆପଣଙ୍କ ଉପରେ ଆଖି ପଡ଼େ । ଦୂରରୁ ମନେ ମନେ ଆମ୍ଭେମାନେ ଆପଣଙ୍କୁ ନମସ୍କାର କରୁଁ । ଆପଣଙ୍କ ନିଷ୍ଠା ଏବଂ ନିରଭିମାନତା ଆମ୍ଭମାନଙ୍କର ନିତ୍ୟ ଅନୁସରଣୀୟ । ଇତି ।

---

ଗଞ୍ଜାମ ଜିଲା, ଅସ୍କାର ସବ୍‌ରେଜିଷ୍ଟ୍ରାର ଶ୍ରୀଯୁକ୍ତ ଶ୍ରୀବତ୍ସ ପଣ୍ଡା ବି. ଏ. ମହାଶୟ
୨୪ । ୪ । ୧୯୧୫ ତାରିଖର ପତ୍ରରେ ଲେଖିଅଛନ୍ତି—

ଆପଣଙ୍କର ଓଡ଼ିଆ ଅଭିଧାନ ପ୍ରକାଶ ବିଷୟରେ କି ଯତ୍ନ ଲାଗିଅଛି ? ଅକୃତଜ୍ଞ ଓଡ଼ିଶା ଆପଣଙ୍କର ପ୍ରତିଭା ଓ ପରିଶ୍ରମର ମୂଲ୍ୟ ବୁଝି ପାରି ନାହିଁ; କିନ୍ତୁ ଦିନେ ବୁଝିବ । ଅବଶ୍ୟ କର୍ମର ଫଳ ଅଛି । ଇତି ।

---

ବର୍ତ୍ତମାନ ସତ୍ୟବାଦୀ ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀ ଗୋପବନ୍ଧୁ ଦାଶ ବି. ଏ. ବି. ଏଲ୍.
ମହୋଦୟ ୧୯ । ୪ । ୧୯୧୫ ତାରିଖର ପତ୍ରରେ ଲେଖିଅଛନ୍ତି—
( ଲିପିସଂସ୍କାର ଭାଷାତତ୍ତ୍ୱ ବିଚାର ସମ୍ବନ୍ଧରେ )

ଆପଣଙ୍କୁ ଅବଶ୍ୟ କହିବା ଠିକ ନୁହେ; କିନ୍ତୁ ଆମ୍ଭେମାନେ ନିଜେ ଅନୁଭବ କରିଥାଉଁ ଏବଂ କାହାରି କାହାରିକି ମଧ୍ୟ କହିଥାଉଁ ଯେ, ଉପସ୍ଥିତ କ୍ଷେତ୍ରରେ ( ଭାଷାତତ୍ତ୍ୱ ବିଚାର କ୍ଷେତ୍ରରେ ) କାହାରି କିଛି ମତ ଦେବାର ଥିଲେ ଆପଣଙ୍କ ଅଧିକାର ସର୍ବାଗ୍ରେ । ଯେ ଯାହା କହନ୍ତୁ, ଏ ବିଷୟରେ ଓଡ଼ିଶାରେ ଆଉ କାହାରି ତାଦୃଶ ଅନୁଶୀଳନ ଅଛି ବୋଲି ମୋର ମନେ ହୁଏ ନାହିଁ । ଇତି ।

---

ସତ୍ୟବାଦୀ ମାସିକପତ୍ରିକାର ପ୍ରଥମ ଭାଗ ଅଷ୍ଟମ ଓ ନବମ ମିଶ୍ରିତ ସଂଖ୍ୟାରେ ପ୍ରକାଶିତ—

ଏ କ୍ଷେତ୍ରରେ (ସାହିତ୍ୟ କ୍ଷେତ୍ରରେ) ଅବଶ୍ୟ ଆଜି କେତେକଙ୍କର ଉଦ୍ୟମ ଦେଖା ଯାଉ-ଅଛି, ମାତ୍ର ନୈଷ୍ଠିକ ସାଧନା ଅତି ଅଳ୍ପଙ୍କର ଅଛି । ସେମାନଙ୍କ ମଧ୍ୟରେ ପାରଳାର ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦ ମହାଶୟଙ୍କ ନାମ ଉଲ୍ଲେଖଯୋଗ୍ୟ । ନାମରେ ପ୍ରୟାସ ନାହିଁ, ଅର୍ଥରେ ପିପାସା ନାହିଁ, ନାନାସ୍ତୁତି ପ୍ରତି ଭ୍ରୂକ୍ଷେପ ନାହିଁ । ଅନନ୍ୟଚିତ୍ତରେ କେବଳ ସାହିତ୍ୟ ନିମନ୍ତେ ସାହିତ୍ୟର ଅନୁଶୀଳନ ନନ୍ଦ ମହାଶୟଙ୍କର ବ୍ରତ ହୋଇଅଛି । ସାହିତ୍ୟର ଯେଉଁ ବିଭାଗରେ ସେ କାର୍ଯ୍ୟ କରୁଅଛନ୍ତି, ଅବିଶ୍ରାନ୍ତ ପରିଶ୍ରମ ଏବଂ କଠିନ ସାଧନା ବିନା ସେଥିରେ କୃତିତ୍ୱ ଲାଭ କରିବା ସହଜ ନୁହେ । ଓଡ଼ିଆ ଭାଷାର ପ୍ରକୃତି ନିରୂପଣ, ଆଦି ଓଡ଼ିଆ କବି ସାରଳା ଦାସଙ୍କ ମହାକାବ୍ୟ ମହାଭାରତର ପୁଙ୍ଖାନୁପୁଙ୍ଖ ଆଲୋଚନା ଆଦି ସୁବିପୁଳ ସାହିତ୍ୟିକ ଉଦ୍ୟମରେ ସେ ଯେଉଁ ଅନନ୍ୟସାଧାରଣ କୃତିତ୍ୱ ଦେଖାଇଅଛନ୍ତି, ତାହା ତାଙ୍କ ଅଧ୍ୟବସାୟ ଓ ଆନ୍ତରିକତାର ପରିଚୟ ଦେଉଅଛି । ସାହିତ୍ୟର ଏହି ଗୁରୁତର ବିଭାଗରେ ଓଡ଼ିଶାରେ ତାଙ୍କୁ ଆଦି ସାଧକ ବୋଲି କହିଲେ ବୋଧ ହୁଏ କାହାରି ବିଶେଷ ଆପତ୍ତି ହେବ ନାହିଁ । କିନ୍ତୁ ତାଙ୍କ ଲେଖା ଯେତେ ସମ୍ମାନିତ, ସେତେ ପଠିତ ବା ପ୍ରଚାରିତ ନୁହେ । ଏହା ବିଚିତ୍ର ନୁହେ । ଏ ଶ୍ରେଣୀର ବିଷୟର ପାଠକ ଚିରକାଳ ଅଳ୍ପସଂଖ୍ୟକ । ସଭ୍ୟ ଉନ୍ନତ ଦେଶମାନଙ୍କରେ ମଧ୍ୟ ଏହି ଅବସ୍ଥା, ଓଡ଼ିଶା କଥା ତ ପୁଣି ସ୍ୱତନ୍ତ୍ର । ଶିକ୍ଷା, ସାହିତ୍ୟ ଓ ତତ୍ତ୍ୱାନୁସନ୍ଧାନ ବଢ଼ିବା ସଙ୍ଗେ ସଙ୍ଗେ ଏହାର ଆଦର ଅବଶ୍ୟ ବଢ଼ିବ । ଆମ୍ଭେମାନେ ନନ୍ଦ ମହାଶୟଙ୍କୁ ତାଙ୍କ ସାଧନାମନ୍ଦିରରେ ଦେଖିଅଛୁଁ । * * * * ଅତ୍ୟୁକ୍ତି କରି କହୁ ନାହୁଁ । ତାଙ୍କ ପରି ନିଷ୍ଠାପର ସାହିତ୍ୟସେବୀ ସବୁ ଦେଶରେ ସବୁବେଳେ ଜନ୍ମନ୍ତି ନାହିଁ । ଦେଶବାସୀ ତାଙ୍କ ଗୁଣ ଗ୍ରହଣ କରିବାକୁ ସମର୍ଥ ହୋଇ ନାହାନ୍ତି, ନ ହେବାର କଥା । ଓଡ଼ିଶାର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ତାଙ୍କ ସାହିତ୍ୟିକ ଉଦ୍ୟମ ଅନ୍ତତଃ ପଚାଶ ବର୍ଷ ପରବର୍ତ୍ତୀ ଅନୁଷ୍ଠାନ । ସରକାର ବାହାଦୂର ତାଙ୍କ କାର୍ଯ୍ୟର ମହତ୍ତ୍ୱ ବୁଝିଅଛନ୍ତି । ନନ୍ଦଙ୍କର ଉତ୍କଳାଭିଧାନ ବର୍ତ୍ତମାନ ସରକାରଙ୍କ ସାହାଯ୍ୟରେ ଛପା ହେଉଅଛି । ଏହା ଓଡ଼ିଆ ସାହିତ୍ୟ ପକ୍ଷେ ଅବଶ୍ୟ ଗୌରବର ବିଷୟ । * * * * ଓଡ଼ିଆ ଭାଷାରେ ଖଣ୍ଡିଏ ଉପଯୁକ୍ତ ଅଭିଧାନର ଏ ଅଭାବ ଅନେକେ ଉପଲବ୍ଧି କରିଅଛନ୍ତି । ବହୁବର୍ଷର ଉଦ୍ୟମରେ ନନ୍ଦ ମହାଶୟ ଯେ ଅଭିଧାନ ପ୍ରସ୍ତୁତ କରିଅଛନ୍ତି, ତାହା ଏ ଅଭାବ ଅବଶ୍ୟ ଦୂର କରିବ । ନନ୍ଦ ମହାଶୟଙ୍କର ଅନ୍ୟାନ୍ୟ ଲେଖା ସଙ୍ଗେ ଏହା ଚିରକାଳ ଓଡ଼ିଆ ସାହିତ୍ୟର ଶକ୍ତି ଓ ଗୌରବ ହୋଇ ରହିବ ।

---

ଉତ୍କଳର ପ୍ରଥିତ ସାରସ୍ୱତ ଯଶସ୍ୱୀ ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦଶର୍ମା ମହାଶୟଙ୍କ ଅନନ୍ୟ-ସାଧାରଣ ସାହିତ୍ୟନିଷ୍ଠା ଓ ପାଣ୍ଡିତ୍ୟ ଏବଂ ନିଗୂଢ଼ ତତ୍ତ୍ୱଗବେଷଣା ଓ କବିତା ପରିପାଟୀର ସମ୍ୟକ୍ ପରିଚୟ ମୁଁ ଦେଇ ପାରିବି, ଏହା ମନେ କରୁ ନାହିଁ । ସେ ମହାଶୟ ଆଯୌବନ ଆଜପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀ ଓ ଗୌରବର ନିଦାନଭୂତ ଯେତେଗୁଡ଼ିଏ କାର୍ଯ୍ୟ କରିଅଛନ୍ତି, ସେ ସବୁ ତାହାଙ୍କର ଗୋଟିଏ ଗୋଟିଏ ଅକ୍ଷୟକୀର୍ତ୍ତି ହୋଇ ରହିବ, ଏଥିରେ ସନ୍ଦେହ ହୁଏ ନାହିଁ । ବର୍ତ୍ତମାନ ପ୍ରୋକ୍ତ ପଣ୍ଡିତ ମହାଶୟ ଉତ୍କଳ ସାହିତ୍ୟଭଣ୍ଡାରରେ ଅମୂଲ୍ୟ ରତ୍ନସ୍ୱରୂପ ଏହି

ଶବ୍ଦତତ୍ତ୍ୱବୋଧ ଅଭିଧାନକୁ ଆଣି ଉପସ୍ଥାପିତ କରିଅଛନ୍ତି । ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ କରେଁ, ଏହି ଅଭିଧାନ ଖଣ୍ଡିକ ବହୁ ଦିନରୁ ଅନୁଭୂତ ସାହିତ୍ୟର ଗୁରୁତର ଅଭାବ ମୋଚନ କରିଅଛି । ଏ ମହାଶୟଙ୍କର ଗୁଣମହତ୍ତ୍ୱକୁ ଉତ୍କଳ ଅପେକ୍ଷା ଶ୍ରୀମାନ୍ ସରକାର ବାହାଦୁର ଭଲ କରି ବୁଝି ପାରି-ଅଛନ୍ତି । ତାଙ୍କ ଉକ୍ତ ଅଭିଧାନ ବିଷୟରେ ଶ୍ରୀମାନ୍ ଓଡ଼ିଶା-ବିହାର ଓ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଯାହା କି ସାହାଯ୍ୟ ସ୍ୱରୂପ ପୁରସ୍କାର ପ୍ରଦାନ କରିଅଛନ୍ତି, ତଦ୍ଦ୍ୱାରା ସମଗ୍ର ଉତ୍କଳ ଗୌରବାନ୍ୱିତ ହୋଇଅଛି ଏବଂ ପଣ୍ଡିତଙ୍କର ଯଥାର୍ଥ ପାଣ୍ଡିତ୍ୟ ପ୍ରକାଶ ପାଇଅଛି ।

ମୁଁ ବହୁ ଦିନରୁ ଦେଖି ଆସୁଅଛି, ଏହାଙ୍କ ପରି ନିଷ୍ଠାବାନ୍ ସାହିତ୍ୟସେବୀ ଉତ୍କଳରେ ଏକାନ୍ତ ବିରଳ; ଏହା ଯେ କେବଳ ମୋହର ମତ ତାହା ନୁହେ, ଅନେକ ଅଭିଜ୍ଞ ବ୍ୟକ୍ତି-ମାନେ ଅନେକ ବାର ପତ୍ରିକାମାନଙ୍କରେ ଏହାହିଁ ପ୍ରକାଶିତ କରିଅଛନ୍ତି । କିନ୍ତୁ ଦୁଃଖର ବିଷୟ, ଏହାଙ୍କର ଯେଭଳି ପ୍ରତିଭା ବର୍ତ୍ତମାନ ଉତ୍କଳ ସେଭଳି ପ୍ରତିଭାପୂଜକ ନୁହେ । ତାହାହେଲେ ଏହି ପଣ୍ଡିତ ମହାଶୟଙ୍କ ଅବସ୍ଥା ଆହୁରି ଉନ୍ନତରୁ ଉନ୍ନତର ହୋଇଥାନ୍ତା ।

ଏ ମହାଶୟ ଆଜକୁ ପ୍ରାୟ ୨୫ ବର୍ଷ ପୂର୍ବରୁ ଉତ୍କଳ ସାହିତ୍ୟର ଉନ୍ନତି ସକାଶେ ପ୍ରାଣପଣେ କାର୍ଯ୍ୟ କରି ଆସୁଅଛନ୍ତି । ସେଥି ମଧ୍ୟରେ କାବ୍ୟ ଓ ନାଟକାଦି ଏବଂ ଶବ୍ଦଶାସ୍ତ୍ରାଦି ପ୍ରଣୟନ କରିଅଛନ୍ତି । ଅତଏବ ଏ ମହାଶୟ ସମଗ୍ର ଉତ୍କଳର ଏକାନ୍ତ ଧନ୍ୟବାଦାର୍ହ । ତାଙ୍କର ପ୍ରଣୀତ ପୁସ୍ତକମାନଙ୍କର ନାମ ନିମ୍ନରେ ପ୍ରଦତ୍ତ କରି ମୋର ଏହି କ୍ଷୁଦ୍ର ମନ୍ତବ୍ୟ ଶେଷ କଲି ।

| ମୁଦ୍ରିତ । | | ଅମୁଦ୍ରିତ । |
|---|---|---|
| ପଦ୍ୟାବଳୀ | ବିକ୍ରମୋର୍ବଶୀ ନାଟକ | କୃଷ୍ଣଚନ୍ଦ୍ରବିନୋଦ ଚମ୍ପୂ |
| ପୀୟୂଷଧାରା | ରାମାଶ୍ୱମେଧ ନାଟକ | ଶକୁନ୍ତଳା ନାଟକ |
| ମେଘଦୂତ କାବ୍ୟ | ଜାନକୀପରିଣୟ ନାଟକ | ମୁକୁନ୍ଦାନନ୍ଦ ଭାଣ |
| ଉଦ୍ଧବଦୂତ କାବ୍ୟ | ଉନ୍ମତ୍ତରାଘବ ନାଟକ | ଭାରତଦର୍ପଣ |
| ଦ୍ରୌପଦୀବସ୍ତ୍ରହରଣ ନାଟକ | ବିଲ୍ହଣ କାବ୍ୟ | ଭାଷାତତ୍ତ୍ୱଶାସ୍ତ୍ର |
| ସୀତାବନବାସ ନାଟକ | ଶବ୍ଦତତ୍ତ୍ୱବୋଧ ଅଭିଧାନ | ଇତ୍ୟାଦି । |

୩ । ୨ । ୧୯୧୬
ପୁରୀ ।

ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀ,
ମହନ୍ତ—ରାଧାକାନ୍ତ ମଠ ।

Pandit Gopinath Nanda represents a type of literary men whose number is always very small in the world. In Orissa his patient and disinterested literary labours are yet unique and unrivalled. It is not for me to say here how versed he is in Sanscrit and Prakrit languages, but our Oriya language has undoubtedly received a new life and impetus from his erudite research and devoted perseverance. It is really with an astonishing relish that I read his original articles on Oriya grammar and philology. Those articles have raised the dignity of our language, and are calculated to have created a new aspiration at least in our youths interested in Oriya literature His writings have opened a new channel in which literary activity may now flow in this province. His labours in this department are not for money or such other gain. They are not only massive, erudite and researchful, but are useful too. With more than seven years' deep devotion and tenacious toil he has compiled an oriya lexicon. I have seen a portion of it in print, and, I am convinced, it will meet a bad literary need.

Satyabadi
5-2-16.

(Sd.) NEELAKANTHO DAS (M.A.)
Head Master,
Satyabadi High School.

---

Gopinatho Nando, Head Oriya Pandit, Sri Rajah's College, Parlakimedi, is known to me for the last about 8 years. He is a good scholar in Sanskrit, the mother of all Indian languages and I admire his perseverance in mastering the language which is considered dead He has written and published some books in Oriya which are much appreciated by the lovers of that language. His articles on Philology published in the Oriya journals 'Mukuro' & 'Sahityo' exhibit the great literary talents for researches he possesses. I also understand that he is compiling an Oriya Dictionary which is likely to be of general interest and use to the lovers of Oriya literature. I, for one, shall be very glad if he prospers well and can commend him to any lover of Oriental languages.

(Sd) (Honourable) MODONOMOHONO SING DEO,
*Raja of Dharakota, Ganjam District.*
22-5-1910

---

Pandit Gopinath Nando Sarma of Parlakimedi has been intimately known to me for a long time and I have great respect for him for his scholarly attainments in Sanskrit and Oriya languages. He has studied ancient Oriya literature thoroughly and with a critical spirit and his knowledge of present day Oriya literature is extensive and sound. He has compiled a dictionary of pure Oriya words which, when published, will be of great help to the students of Oriya language. From a linguistic point of view, his contributions to the current literature of Orissa are of immense value and his thorough devotion to the cause of literature is above praise. He is a regular contributor to the Oriya magazines, the "Utkal Sahityo" and the "Mukur."

The Utkal Sahityo Office,
P. O. Chandnichauk, Cuttack.
The 26th June, 1910.

(Sd.) VISVANATH KAR,
Editor, Utkal Sahitya.

---

I have the greatest pleasure in testifying to the many good qualities of head and heart of Pundit Gopinath Nando Sarma, Oriya Head Pandit of Parlakimedi College. He is a great Oriya and Sanskrit scholar; other Indian vernaculars such as Bengalee and Telugu are not unknown to him. His dictionary of the Oriya language and his Philological contributions to all Oriya monthlies (when collected in a book) will remain for ever the lasting monuments of his labour in the field of Oriya literature. He is somewhat of a poet. I sincerely wish him all success in life.

Cuttack,
24th June 1910.

(Sd.) BRAJASUNDRA DAS (B. A.)
Zemindar, Editor, Mukur,
a Monthly Journal and Member,
Utkal Sahitya Samaj &c.

---

I am happy to certify that Gopinath Nando of Parlakimedi has been doing good progress in Utkala literature by adding new metres, thus giving a new beauty to the poetry. This attempt is worth encouraging by those of patriotism. His poetry gives delight.

Surangi.
1-11-1902.

(Sd.) SRI CHANDRA CHUDAMANI, H.C.J.D.
Raja of Surangi.

---

Pundit Gopinatho Nando Sarma, Head Uriya Pundit, Rajah's College, Parlakimedi, has been known to the Uriya literary world for a long time. He has been a Dramatic writer, a contributor on Uriya Philology to the monthly magazines of Mukuro and Utkal Sahitya and compiler of a Dictionary of purely Uriya words, which he has made over to the Utkal Sahitya Samaj, Cuttack, for publication. The Uriya literary public will be glad to see him continuing his labours in the cause of Uriya literature.

Parlakimedi, 22—7—1910 }

(Sd.) S. PALIT
Asst. Inspector of Schools.
Ganjam District.

---

I have great pleasure in stating that Mr. Gopinath Nando, Senior Pundit in Oriya, in the Rajah's College, Parlakimedi, has been known to me for the last five years, that his knowledge in Oriya and Sanskrit is excellent, that he possesses a fair knowledge of philology and that he is earnest in prosecuting researches and regular in studies. He has compiled an Oriya Dictionary which throws very good light on Deseya words and I am sorry that this has been left unpublished owing to want of support from Oriya Zemindars.

I may hope that this want will be removed ere long by some Rajah like the Honourable Raja of Dharakota. In fine, I have not met a better pundit in Oriya in these parts.

Berhampore. 26—5—10. }

(Sd.) M. PARVATASAM, B.A., L.T.,
Sub-Assistant Inspector of Schools.

# ଉତ୍ସର୍ଗପତ୍ର

ଶ୍ରୀ ଶ୍ରୀ ଶ୍ରୀ ସଦ୍‌ଗୁଣଗଣାଭିରାମ ଲୋକାଭିରାମଚରିତ ମାତୃସାହିତ୍ୟସମୁନ୍ନତି-ବ୍ରତୈକନିଷ୍ଠ ସ୍ୱଦେଶବତ୍ସଳ ପ୍ରତିଭାବିନୋଦ ଶ୍ରୀମାନ୍ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହାରାଜ ମହୋଦୟ—ମହିମାୟୁଚରିତେଷୁ ।

ବିନୟପୁରଃସର ନିବେଦନଂ ।

ଶ୍ରୀମନ୍ ସାହିତ୍ୟବିନୋଦ ମହାରାଜ ମହୋଦୟ,

ଶ୍ରୀଗୁମୁଙ୍କର ମାତୃଭାଷାନୁରାଗ ସାହିତ୍ୟରସିକତା ଗ୍ରାହକତା ଓ ସୌଜନ୍ୟର ଭୂୟିଷ୍ଠ ପ୍ରମାଣରେ ମୁଁ ଏକାନ୍ତ ମୁଗ୍ଧ ହୋଇ ଇତଃପୂର୍ବେ ଜାନକୀପରିଣୟ ନାଟକ ପ୍ରଭୃତି କେତେକ ଖଣ୍ଡ ପୁସ୍ତକ ଶ୍ରୀଗୁମୁଙ୍କର ମହିମାୟୁ ନାମରେ ଉତ୍ସର୍ଗ କରିଅଛି । ବର୍ତ୍ତମାନ ସମ୍ୟକ୍ ଜାଣି ପାରିଅଛି କି ଶ୍ରୀଗୁମୁ

"ପଦ୍ମପତ୍ରଜଳବତ୍ ସଂସାରେ ସର୍ବମସ୍ଥିରଂ ।
କୀର୍ତ୍ତିରକ୍ଷରସମ୍ବନ୍ଧା ସ୍ଥିରା ଭବତି ଭୂତଳେ ॥"

ଏହି ମହାବାକ୍ୟର ସାର୍ଥକତା ହୃଦୟଙ୍ଗମ କରି ଅକ୍ଷୟ ସାରସ୍ୱତକୀର୍ତ୍ତି ପ୍ରତିଷ୍ଠାରେ ଦୀକ୍ଷିତ ହୋଇ ଉତ୍କଳ ଭୋଜ-ବିରୁଦ ଗ୍ରହଣର ସମୁଚିତ ଚେଷ୍ଟାରେ ସତତ ତତ୍ପର ଅଛନ୍ତି ।

ଶ୍ରୀଗୁମୁ ସ୍ୱତଃ ଏହି ଗାଙ୍ଗବଂଶର ଅବତଂସ ସ୍ୱରୂପ ଉତ୍କଳଗୌରବର ନିଦାନଭୂତ ଓ ରାଜନ୍ୟମଣ୍ଡଳୀରେ ପରିସମାଦୃତ ଅଟନ୍ତି, ଭାଗ୍ୟାଭୋଗବଶରୁ ଆମ୍ଭେମାନେ ଆସପ୍ତପୁରୁଷରୁ ଶ୍ରୀଗୁମୁଙ୍କର ଏବଂ ଭବଦୀୟ ପୂର୍ବପୁରୁଷ

ମହାରାଜାମାନଙ୍କର ଅନୁକମ୍ପାନୁକମ୍ପାରେ ପରିପୁଷ୍ଟ, ପରିତୁଷ୍ଟ ଓ ସମାଦୃତ ହୋଇ ଆସୁଅଛୁଁ । ସୁତରାଂ ମୋର ପ୍ରାଚୀନ ପୂର୍ବପୁରୁଷ ପଣ୍ଡିତମଣ୍ଡଳୀ-ସମାଦୃତ ରାଜସଭାଳଂକୃତ ଶ୍ରୀ ବିଦ୍ୟାଭୂଷଣ ବିକାଳ ନନ୍ଦ (ଡାକନାମ ବିକାଇ ନନ୍ଦେ) ମହାଶୟ ଶ୍ରୀଯୁକ୍ତଙ୍କ ପ୍ରାଚୀନ ବଂଶପ୍ରବର୍ତ୍ତକ ଶ୍ରୀମାନ୍ ଶ୍ରୀ ଜଗନ୍ନାଥ ନାରାୟଣ ଦେବ ମହାରାଜ ମହୋଦୟଙ୍କ ନାମରେ ଅନେକଗୁଡ଼ିଏ କବିତା ଲେଖି ବହୁ ସମାଦୃତ ଓ ପୁରସ୍କୃତ ହୋଇ ଯାଇଅଛନ୍ତି । ବର୍ତ୍ତମାନ ମୁଁ ଶ୍ରୀଯୁକ୍ତକଳ୍ପଦ୍ରୁମଙ୍କ ବାହୁଚ୍ଛାୟାରେ ସୁଖୋପବିଷ୍ଟ ରହି ପୂର୍ବଗୌରବ ସଞ୍ଚୟରେ ପ୍ରୟାସୀ ହୋଇ ଏତାଦୃଶ ଗ୍ରନ୍ଥ ରଚନାରେ ପ୍ରବୃତ୍ତ ହୋଇ ପାରୁଅଛି । ଏପରି ଗୁରୁତର କାର୍ଯ୍ୟ ସୁସମ୍ପନ୍ନ ହେବା ବିଷୟରେ ଶ୍ରୀଯୁକ୍ତଙ୍କ ପ୍ରଦତ୍ତ ସମୁତ୍ସାହ ଓ ସମାଦର କେବଳ କାରଣ ବୋଲିବାକୁ ହେବ ।

ଅତଏବ ଶ୍ରୀମହାରାଜ ମହୋଦୟଙ୍କର ସ୍ୱଦେଶଭାଷା-ସମୁନ୍ନତି-ବ୍ରତୈକ-ନିଷ୍ଠତା ସାହିତ୍ୟରସିକତା ଗ୍ରାହକତା ଭାବୁକତା ବିଦ୍ୱଜ୍ଜନପରି-ପୋଷକତା ପ୍ରଭୃତି ମହଦୁଦାର ଗୁଣନିଚୟର ସଂବର୍ଦ୍ଧନାର୍ଥ ଏହି ବୃହତ୍ ଅଭିଧାନ ଗ୍ରନ୍ଥଖଣ୍ଡିକୁ ଭବଦୀୟ ମହନୀୟ ନାମରେ ଉତ୍ସୃଷ୍ଟ କରି ପ୍ରାର୍ଥନା କରୁଅଛି ଯେ ଶ୍ରୀଯୁକ୍ତ ଏହାକୁ ସମ୍ପୂର୍ଣ୍ଣ ସଦୟତାରେ ଗ୍ରହଣ କରି ମୋତେ କୃତକୃତ୍ୟ କରି ଆଜ୍ଞା ହେବେ । ଇତି ।

ଭବଦୀୟ ଅନୁଗ୍ରହାକାଙ୍କ୍ଷୀ
ଶ୍ରୀ ଗୋପୀନାଥ ନନ୍ଦଶର୍ମା ।

# ବିଜ୍ଞାପନ

ପାଠକେ ! ଆପଣମାନେ ସମସ୍ତେ ଜାଣନ୍ତି, ଏହି ବୃହତ୍‌କାୟ ଅଭିଧାନର ମୁଦ୍ରଣ କାର୍ଯ୍ୟ ଅତ୍ୟଳ୍ପ ସମୟରେ ନିଷ୍ପନ୍ନ ହୋଇଅଛି । ପାଞ୍ଚ ଛଅ ମାସ ମଧ୍ୟରେ ଏଡ଼େ ବଡ଼ ଗ୍ରନ୍ଥର ବିଶୁଦ୍ଧ ପ୍ରତିଲିପି ଲେଖା ଓ ଛାପାକାର୍ଯ୍ୟ କରି ନେବା ବଡ଼ ଅସାଧ୍ୟ ବ୍ୟାପାର; ତଥାପି ଶ୍ରୀ ଜଗଦୀଶ୍ୱରଙ୍କ କୃପାବଳରୁ ଯଥାସମୟରେ ଓ ଯଥାକ୍ରମରେ ତାହା ସୁସମ୍ପନ୍ନ କରା ଯାଇଅଛି । ଏଥିମଧ୍ୟରେ ଯଦି ପ୍ରାମାଦିକ ଓ ଛାପା ଭୁଲ ରହିଥାଏ, ଆପଣମାନେ ସେ ସବୁ କ୍ଷନ୍ତବ୍ୟ ମନେ କରିବେ । ଦୋଷଯୁକ୍ତ ସ୍ଥାନମାନ ଦୟାପୂର୍ବକ ଜଣାଇଦେଲେ ଆପଣାକୁ ଉପକୃତ ମନେ କରି ଦ୍ୱିତୀୟ ସଂସ୍କରଣ ସମୟରେ ସେ ସବୁ ପରିସଂସ୍କୃତ କରିନେବୁଁ ।

ବହୁବର୍ଷ ପୂର୍ବେ ପଣ୍ଡିତମଣ୍ଡଳୀସମଳଙ୍କୃତ ଉତ୍କଳ ସାହିତ୍ୟସମାଜ ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀବର୍ଦ୍ଧନାର୍ଥ ଖଣ୍ଡିଏ ବୃହତ୍ ଓଡ଼ିଆ ଅଭିଧାନ, ଓଡ଼ିଆର ସମ୍ପୂର୍ଣ୍ଣାଙ୍ଗ ବ୍ୟାକରଣ ଆଦି ସେହି ଭାଷା ଓ ସାହିତ୍ୟର ଇତିହାସ ପ୍ରଣୟନର ସଙ୍କଳ୍ପ କରିଥିଲେ । ମୁଁ ମଧ୍ୟ ତାଦୃଶ ସଙ୍କଳ୍ପ-ନିଷ୍ଠ ହୋଇ ଉତ୍କଳ ସାହିତ୍ୟସମାଜର ଅନୁମୋଦିତ ଏହି ଅଭିଧାନ ଖଣ୍ଡିକର ସଙ୍କଳନ କରି ଦେଇଅଛି । ସେହି ସଙ୍କଳ୍ପର ଦ୍ୱିତୀୟ ବିଷୟ ଓଡ଼ିଆ ବ୍ୟାକରଣ । ସେଥିପାଇଁ ସୁଦ୍ଧା ମୁଁ ପ୍ରୋକ୍ତ ସମାଜର ସଙ୍କଳ୍ପରେ ପ୍ରଣୋଦିତ ହୋଇଅଛି । ପ୍ରାୟ ଆଠ ବର୍ଷ ପର୍ଯ୍ୟନ୍ତ ପ୍ରଗାଢ଼ ପରିଶ୍ରମ ସହକାରେ ଓଡ଼ିଆ ଭାଷାର ସମଗ୍ର ତତ୍ତ୍ୱସମ୍ବଳିତ ଖଣ୍ଡିଏ ବୃହତ୍ ବ୍ୟାକରଣ କ୍ରମଶଃ ଲେଖି ଉତ୍କଳସାହିତ୍ୟ ପତ୍ରିକା ଓ ମୁକୁର ପତ୍ରିକାରେ ପ୍ରକାଶ କରିଅଛି । କିନ୍ତୁ ଏହି ବ୍ୟାକରଣର ଅବଶିଷ୍ଟ କ୍ରିୟାପ୍ରକରଣ ଓ ଶବ୍ଦତତ୍ତ୍ୱ ବିଷୟର ମାତ୍ର ଉପକରଣ ସଂଗୃହୀତ କରି ସୁଦ୍ଧା ସମୟାଭାବରୁ ଲେଖିବାକୁ ପାରି ନାହିଁ । ଆଉ ଅଳ୍ପ ସମୟରେ ଅବଶିଷ୍ଟତକ ଲେଖି ପ୍ରୋକ୍ତ ବ୍ୟାକରଣ ଗ୍ରନ୍ଥକୁ ସମ୍ପୂର୍ଣ୍ଣ କରିବି । ପରନ୍ତୁ ଉତ୍କଳ ସାହିତ୍ୟସମାଜର ଆଉ ଗୋଟିଏ ଗୁରୁତର ଆଦେଶ ମସ୍ତକୋପରି ରହି ଘୂର୍ଣ୍ଣିତ କରୁଅଛି । ସେହି ଗୁରୁତର ଆଦେଶ ପାଳନସ୍ୱରୂପ ଅସାଧ୍ୟ ସାଧନରେ କି ଆଶା ଭରସା ଓ ଉତ୍ସାହ ଯେନ ବୃଥା ହେବ ? ସମୁଚିତ ଉତ୍ସାହ ଓ ସାହାଯ୍ୟ ବିନା ମୋର ତାଦୃଶ ଶକ୍ତି କାହିଁ ଯେ ଏଡ଼େ ବଡ଼ ମହତ୍ କାର୍ଯ୍ୟରେ ହସ୍ତକ୍ଷେପ କରିବି ? ଇତ୍ୟାକାରକ ଚିନ୍ତାରେ ମଗ୍ନ ରହିଥିଲି । ବର୍ତ୍ତମାନ କିଞ୍ଚିତ୍ ଆଶ୍ୱସ୍ତ ହୋଇଅଛି । ପ୍ରତିଭାପୂଜକ ସାହିତ୍ୟବିନୋଦ ପାରଳାର ଅଭିନବ ମହାରାଜ ମହୋଦୟ ଏ ସମ୍ବନ୍ଧରେ ମଧ୍ୟ ଆଶା ପ୍ରଦାନ କରିଅଛନ୍ତି । ଏହି ଅଭିଧାନର କାର୍ଯ୍ୟ ସମାପନ ପରେ ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ ଲେଖିବାରେ ମୁଁ ପ୍ରବୃତ୍ତ ହେବା ସମୟରେ ଅବଶ୍ୟ ସାହାଯ୍ୟ କରି ପାରନ୍ତି । ଏଥିପାଇଁ ଶଂସିତ ମହାରାଜ ମହୋଦୟଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛି । କିନ୍ତୁ ସାହିତ୍ୟସମାଜ ମୋ ସମ୍ବନ୍ଧରେ କି କର୍ତ୍ତବ୍ୟ ସ୍ଥିର କରିଅଛନ୍ତି ଅଥବା କରିବେ, ଜାଣି ପାରୁ ନାହିଁ । ମୁଁ ଯେତେବେଳେ ସେହି ବିଦ୍ୱତ୍‌ସମାଜର ସମଗ୍ର ଆଦେଶ ପାଳନରେ ଏକାନ୍ତ ନିଷ୍ଠାବାନ୍, ତେତେବେଳେ ସମାଜ ଯେ ମତ୍‌ପ୍ରତି କୌଣସି ପ୍ରକାରେ ସଦୟ ନ ହେବେ, ଏହା ମୁଁ ବିଶ୍ୱାସ କରି ନାହିଁ ।

ଏହି ଅଭିଧାନ ଖଣ୍ଡିକ ବହୁବର୍ଷରୁ ଅର୍ଥାଭାବ ଯୋଗୁଁ କେବଳ ମୁଦ୍ରିତ ହୋଇ ପାରି ନ ଥିଲା, ଏହା ଆପଣମାନେ ସମସ୍ତେ ଜାଣନ୍ତି । ବର୍ତ୍ତମାନ ଶ୍ରୀମାନ୍ ଧରାକୋଠାଧୀଶ୍ୱର ଅନରେବଲ

ରାଜା ସାହେବ ଶ୍ରୀମାନ୍ ଶ୍ରୀ ମଦନମୋହନ ସିଂହଦେବ ମହୋଦୟ ଏବଂ ସ୍ୱଦେଶଭକ୍ତ ଶ୍ରୀ ହରିହର ପଣ୍ଡା ମହାଶୟଙ୍କ ସୁବିଚାରରେ ଏହି ଅଭିଧାନର ଭାଗ୍ୟ ପରିବର୍ତ୍ତନ ଘଟିଅଛି । ମୋର ପ୍ରାର୍ଥନା ଏବଂ ହରିହର ବାବୁଙ୍କ ବିଚାର ଅନୁସାରେ ଶ୍ରୀମାନ୍ ଶଂସିତ ରାଜା ସାହେବ ମହୋଦୟ ଏହାର ସାହାଯ୍ୟ ନିମନ୍ତେ ଶ୍ରୀମାନ୍ କରୁଣାମୟ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ମହୋଦୟଙ୍କ ସମ୍ମୁଖରେ ଆବେଦନ କରିଥିଲେ । ତହିଁରେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ବିହାର ଏବଂ ଓଡ଼ିଶା ଗବର୍ଣ୍ଣମେଣ୍ଟଙ୍କ ସହିତ ସୁବିଚାର କରି ଏହି ଆଦେଶ କରିଅଛନ୍ତି କି ଗ୍ରନ୍ଥକର୍ତ୍ତା ଗ୍ରନ୍ଥ ଖଣ୍ଡିକ ମୁଦ୍ରିତ କରି ବିହାର-ଓଡ଼ିଶା ଗବର୍ଣ୍ଣମେଣ୍ଟଙ୍କୁ ଏକଶତ ଖଣ୍ଡ ଆଉ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ପଞ୍ଚାଶ ଖଣ୍ଡ ପୁସ୍ତକ ପ୍ରଦାନ କଲେ ବିହାର ଓ ଓଡ଼ିଶା ଗବର୍ଣ୍ଣମେଣ୍ଟଙ୍କଠାରୁ ଦୁଇ ସହସ୍ର ଆଉ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କଠାରୁ ଏକ ସହସ୍ର, ଏପରି ତିନି ସହସ୍ର ଟଙ୍କା ପାଇବେ । ଏଥିପାଇଁ ମୁଁ ଶ୍ରୀମାନ୍ ଶ୍ରୀ ଉଭୟ ଗବର୍ଣ୍ଣମେଣ୍ଟ ମହୋଦୟଙ୍କୁ ଅନ୍ତରର ସହିତ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛି । ମୁଁ ଏକମାତ୍ର ଧନ୍ୟବାଦ ଦେଇ ନୀରବ ରହିବା ଉଚିତ ନୁହେ । ଏହା ସମଗ୍ର ଓଡ଼ିଆ ଜାତିର ଗୌରବ ବଢ଼ାଇଅଛି ବୋଲି ସମଗ୍ର ଓଡ଼ିଆ ଜାତି ପକ୍ଷରୁ ଉଭୟ ଗବର୍ଣ୍ଣମେଣ୍ଟ ମହୋଦୟଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛି । ଯେଉଁ ମହାତ୍ମା ଶ୍ରୀମାନ୍ ସରକାର ବାହାଦୂରଙ୍କଠାରୁ ସାହାଯ୍ୟ ପ୍ରାପ୍ତ କରାଇ ନିଜେ ମଧ୍ୟ ଦୁଇ ଶତ ଟଙ୍କା ଦେବାପାଇଁ ପ୍ରତିଶ୍ରୁତ ହୋଇଅଛନ୍ତି, ସେହି ସ୍ୱନାମଧନ୍ୟ ଧରାକୋଟାଧୀଶ୍ୱର ଅନରେବଲ୍ ରାଜା ସାହେବ ମହୋଦୟଙ୍କୁ ଅନେକ ଧନ୍ୟବାଦ ପ୍ରଦାନ କରୁଅଛି ଏବଂ ଏହାର ପ୍ରାଥମିକ ଉଦ୍ୟୋଗକର୍ତ୍ତା 'ଗଞ୍ଜାମ ମଧୁ' ସ୍ୱଦେଶଭକ୍ତ ଶ୍ରୀ ହରିହର ପଣ୍ଡା ମହାଶୟଙ୍କଠାରେ ଧନ୍ୟବାଦ ଅର୍ପଣ କରୁଅଛି ।

ପରିଶେଷରେ ସମସ୍ତଙ୍କ ନିକଟରେ ଜଣାଇଦେବା ଉଚିତ ଯେ, ଏ ସବୁ ହୋଇ ସୁଦ୍ଧା ଅର୍ଥାଭାବ ଦୂର ହୋଇ ନଥିଲା । ତେବେ ଗ୍ରନ୍ଥ ଖଣ୍ଡିକ କିପରି ମୁଦ୍ରିତ ହୋଇ ପାରିବ, କିପରି ବା ପ୍ରଦତ୍ତ ସାହାଯ୍ୟ ହସ୍ତଗତ ହୋଇ ପାରିବ, ଏହି ଚିନ୍ତାରେ ଚିନ୍ତିତ ହୋଇ ଆମ୍ଭମାନଙ୍କର ପରିପୋଷକ ପାରଳାକାଶରେ ଉଦୀୟମାନ ସୁଧାକର ସ୍ୱଦେଶପ୍ରେମିକ ସାହିତ୍ୟବିନୋଦ ଶ୍ରୀମାନ୍ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହାରାଜ ମହୋଦୟଙ୍କ ସମ୍ମୁଖରେ ଆମୂଳାନ୍ତ ବିଷୟ ନିବେଦନ କଲି । ମୋର ସୌଭାଗ୍ୟକ୍ରମେ ସେହି ପ୍ରତିଭାପୂଜକ ମହୋଦୟ ପ୍ରାର୍ଥନାଟି ସାଦରେ ଗ୍ରହଣ କରି ତିନି ସହସ୍ର ଟଙ୍କା ପ୍ରଦାନ କରିଅଛନ୍ତି ଏବଂ ଗ୍ରନ୍ଥର ବିଶୁଦ୍ଧ ଲିପି ଲେଖନାର୍ଥ ଛଅ ମାସ ପର୍ଯ୍ୟନ୍ତ ମୋତେ କଲେଜ କାର୍ଯ୍ୟରୁ କାର୍ଯ୍ୟାନ୍ତରନିଯୋଗକ୍ରମରେ ଅବସର ଦେଇ-ଅଛନ୍ତି । ଅତଏବ ଶ୍ରୀମାନ୍ ମହାରାଜ ମହୋଦୟଙ୍କ ସମ୍ମୁଖରେ ଅଶେଷ ଧନ୍ୟବାଦ ପ୍ରଦାନପୂର୍ବକ ଆଜୀବନ କୃତଜ୍ଞତାପାଶରେ ଆବଦ୍ଧ ରହିଲି । ମୁଁ ଏହି ଅଭିଧାନ ଖଣ୍ଡିକର ଲେଖକ ମାତ୍ର, କିନ୍ତୁ ଶ୍ରୀମାନ୍ ପାରଳାଧୀଶ୍ୱର ମହାରାଜ ମହୋଦୟ ଏହାର ପରିପୋଷକ ଓ ଜୀବନଦାତା ଅଟନ୍ତି ।

ଏ ସ୍ଥଳରେ ପ୍ରକାଶ୍ୟ ରଖିବା ଉଚିତ ଯେ, ମୋର କନିଷ୍ଠ ସହୋଦର ସୁଗୁଣସମ୍ପନ୍ନ ଭ୍ରାତୃବତ୍ସଳ ଶ୍ରୀଯୁକ୍ତ ବଳଭଦ୍ର ନନ୍ଦଶର୍ମା ଗ୍ରନ୍ଥର ବିଶୁଦ୍ଧ ପ୍ରତିଲିପି ଲେଖାରେ ବହୁ ସାହାଯ୍ୟ କରିଅଛନ୍ତି; ଙ, ଟ, ଠ, ଡ଼, ଓ ଢ଼କାରାଦି ଶବ୍ଦ ଏବଂ ବକାର ଓ ଭକାରାଦି ଶବ୍ଦସନ୍ଦୋହର ଲିପିମାଳା ଲେଖି ଦେଇଅଛନ୍ତି । ଏଥିଦ୍ୱାରା ତାହାଙ୍କର ଅଗ୍ରଜାଦେଶବର୍ତ୍ତିତା ଓ ସାହିତ୍ୟାଭିଜ୍ଞତା ଅବଶ୍ୟ ପ୍ରକାଶ ପାଉଅଛି । ମୁଁ ଆଉ ଅଧିକ ନ କହି ସନ୍ତତ ତଦୀୟ ଆୟୁରାରୋଗ୍ୟୈଶ୍ୱର୍ଯ୍ୟ ବୃଦ୍ଧି ନିମନ୍ତେ ଆଶୀବାଦ ପ୍ରଦାନ କରୁଅଛି ।

**ଶ୍ରୀ ଗୋପୀନାଥ ନନ୍ଦଶର୍ମା**
ହେଡ୍‌ପଣ୍ଡିତ,
**ରାଜକଲେଜ, ପାରଳାଖେମଣ୍ଡି ।**

# ଶବ୍ଦତତ୍ତ୍ୱବୋଧ ଅଭିଧାନ

## ଅ

**ଅ**, ବି. (ଅବ-ଅ) ଯେ ରକ୍ଷା କରେ, ବିଷ୍ଣୁ । ଅ. ବିଂ. ଅଭାବ, ସାଦୃଶ୍ୟାଦି ଷଡ଼୍‌ବିଧ ନଞର୍ଥବୋଧକ ।

ତତ୍ସାଦୃଶ୍ୟମଭାବଶ୍ଚ ତଦନ୍ୟତ୍ୱଂ ତଦଳ୍ପତା ।
ଅପ୍ରାଶସ୍ତ୍ୟଂ ବିରୋଧଶ୍ଚ ନଞର୍ଥାଃ ଷଟ୍ ପ୍ରକୀର୍ତ୍ତିତାଃ ।

ଯଥା—ସାଦୃଶ୍ୟ = ଅବ୍ରାହ୍ମଣ; ଅଭାବ = ଅନପୃମ; ଅନ୍ୟତ୍ୱ = ଅଘଟ; ଅଳ୍ପତା = ଅନୁଦରୀ; ଅପ୍ରାଶସ୍ତ୍ୟ = ଅକାଳ; ବିରୋଧ = ଅସୁର ।

ଅଁଅଳାଇ, ବି.(ଆମଳକ ଶବ୍ଦଜ) ପୁଷ୍ପବିଶେଷ । ଯଥା—

ବନ୍ଦକୁଡ଼ାକୁ ବେଢ଼ିଛୁ ଅଁଅଳାଇ ଫୁଲ । ଲ. ବ.

ଅଁଳା, ଅଏଳା, ଅୟୁଁଳା, ଅଁଅଳା, ବି. (ଆମଳକ ଶବ୍ଦଜ) ସ୍ୱନାମ-ପ୍ରସିଦ୍ଧ ବୃକ୍ଷ ଓ ତାହାର ଫଳ । ଧାତ୍ରୀଫଳ, ଧାତ୍ରୀବୃକ୍ଷ । ଯଥା—

ବଗଡ଼ା ଭାତ ଯେ ଆଣିଲ,
ବେଲ୍ କରଡ଼ି ଲୁଣ ଅଁଳା । ଖ. ଦ. ସ୍କ.

କୁଙ୍କୁମ ଅଏଳା ଦେନ ଗୋପବାଳା
ରାଧିକା ପାଶେ ପ୍ରବେଶ । ର. କ.

ଟଭ କର୍ମ୍ବିଳ ଲେମ୍ବୁ କମଳା,
କରମଙ୍ଗା ଗୁଆ କୋଳି ଅୟୁଁଳା । ବ. ରା.

ଅଁଷାଇ, ଅଁସେଇ, ବି. (ଅଂଶୁ ଶବ୍ଦଜ) ଗଳିତ ବା ଦୁର୍ଗନ୍ଧ ପଦାର୍ଥରେ ଜାତ କ୍ଷୁଦ୍ର କୃମି । ଯଥା—

ଆପଣା ଶରୀରେ ପଡ଼ିଅଛୁ ଯେ ଅଁଷାଇ,
ତାର କଳଙ୍କ ବାଛୁ ନାସାରେ ହସ୍ତ ଦେଇ ।
ସା. ଭା. ଆ. ପ.

ଅଂଶ, ବି.(ଅନ୍‌ଶ୍‌-ଅ)ଭାଗ, ବିଭାଗ ବା ବଣ୍ଟନ; ଏକଦେଶ; ଅଙ୍ଗ ବା ଅବୟବ; ବିଷୟ (ଯେପରି ସେ ସର୍ବାଂଶରେ କୁଶଳ); ସ୍କନ୍ଧ ।

ଅଂଶକ, ବି. (ଅଂଶ୍-ଅକ) ଜ୍ଞାତି ।

ଅଂଶକୂଟ, ବି. (ଅଂଶ = ସ୍କନ୍ଧ-କୂଟ = ଶିଖର) ବୃଷସ୍କନ୍ଧର ଉପରିସ୍ଥିତ ଭାଗ ।

ଅଂଶଦାର, ଅଂଶିଦାର, ବି.(ହିନ୍ଦି) ଭାଗୁଆଳି, ଯେ ଅଂଶ ପାଇବାର ଯୋଗ୍ୟ ।

ଅଂଶନ, ବି. (ଅନ୍‌ଶ୍‌-ଅନ) ବିଭଜନ, ଖଣ୍ଡ ଖଣ୍ଡ କରିବା ।

ଅଂଶଳ, ବିଂ.(ଅଂଶ = ବଳ-ଳ = ଅସ୍ତ୍ୟର୍ଥେ) ବଳବାନ୍ । (ଅଂଶ-ଲ୍ = ଗ୍ରହଣ କରିବା-ଅ) ଅଂଶଗ୍ରାହକ ।

ଅଂଶହର, ବି. (ଅଂଶ-ହୃ-ଅ) ଅଂଶଗ୍ରାହୀ, ଯେ ଅଂଶ ଲୋପ କରେ ।

ଅଂଶା, ବି. (ଅଂଶ ଶବ୍ଦଜ) ସୂତାଦିର ସୂକ୍ଷ୍ମାଂଶ ।

ଅଂଶିତ, ବିଂ. ( ଅନ୍‌ଶ୍‌-ତ ) ଯାହା ବିଭାଗ କରା ଯାଇଅଛି, ବିଭକ୍ତ ।

ଅଂଶୀ, ବିଂ. (ଅନ୍ଶ୍-ଇନ୍) ଯେ କୌଣସି ବିଷୟରେ ଯାହାର ଅଂଶ ଅଛି, ଭାଗୀ, ଅଂଶବିଶିଷ୍ଟ ।

ଅଂଶୁ, ବି· (ଅଶ୍ = ବ୍ୟାପିବା—କର୍ତ୍ତୃବାଚ୍ୟରେ "ଉ" ପ୍ରତ୍ୟୟ) କିରଣ; ସୂତ୍ରାଦିର ସୂକ୍ଷ୍ମାଂଶ ଅର୍ଥାତ୍ ଆଂଶ ।

ଅଂଶୁକ, ବି· (ଅଂଶୁ-କ) ବସ୍ତ୍ର, ସୂକ୍ଷ୍ମବସ୍ତ୍ର; କିରଣ । ବିଂ. ଦୀପ୍ତିମାନ୍ ।

ଅଂଶୁକାଯୁ, ବି· (ଅଂଶୁ-କାଯୁ) ପ୍ରବାଳକାଠ; ତାରା, ମତ୍ସ୍ୟ ଇତ୍ୟାଦି ।

ଅଂଶୁଧର, ବି· (ଅଂଶୁ-ଧୃ-ଅ) ସୂର୍ଯ୍ୟ; ସଗର ରାଜାଙ୍କ ପୁତ୍ର ।

ଅଂଶୁପତି, ବି· (ଅଂଶୁ-ପତି) ସୂର୍ଯ୍ୟ ।

ଅଂଶୁମତ୍, ବିଂ. (ଅଂଶୁ-ମତ୍) ଦୀପ୍ତିବିଶିଷ୍ଟ । ବି· ପୁଂ. ସୂର୍ଯ୍ୟ; ସୂର୍ଯ୍ୟବଂଶୀୟ ରାଜା । (ସ୍ତ୍ରୀ-ଈ) ଶାଳପର୍ଣ୍ଣୀ ।

ଅଂଶୁମତ୍ଫଳା, ବି· (ଅଂଶୁ-ମତ୍-ଫଳ-ଆ) କଦଳୀ ଗଛ ଓ ତାହାର ଫଳ ।

ଅଂଶୁମାଳୀ, ବି· (ଅଂଶୁ-ମାଳା-ଇନ୍) ସୂର୍ଯ୍ୟ । ବିଂ. କିରଣମାଳାବିଶିଷ୍ଟ ।

ଅଂସ, ବି· (ଅନ୍ସ୍-ଅ) ସ୍କନ୍ଧ ।

ଅଂସକୂଟ, ବି· (ଅଂସ-କୂଟ) ଷଣ୍ଢର ଭୁଜ ।

ଅଂସଳ, ବିଂ. (ଅଂସ-ଳ) ବଳବାନ୍ ।

ଅଂହତି, } ବି· (ଅନ୍ହ୍-ଅତି) ଦାନ; ରୋଗ;
ଅଂହତୀ, } ତ୍ୟାଗ ।

ଅଂହସ୍, ବି· (ଅନ୍ହ୍-ଅସ୍) ପାପ; ସ୍ୱଧର୍ମତ୍ୟାଗ ।

ଅଇଁଠା, } ବି. (ଉଚ୍ଛିଷ୍ଟ ଶବ୍ଦଜ) ଭୋଜନା-
ଅଇଣ୍ଠା, } ବଶିଷ୍ଟ ପଦାର୍ଥ । ଯଥା—

ଅଇଁଠା ଗୋଇଠାଭୋଗୀ ସେହୁ ଶ୍ୱାନ ପର । ମ. ଯା.

ଅଇଁଡ଼ିଆ, } ବି· (ଦେଶଜ) ଗର୍ଭିଣୀ ମାତାର
ଅଁଇଡ଼ିଆ, } ସ୍ତନ୍ୟପାନଜନିତ ଶିଶୁରୋଗ ।
ଅହଣ୍ଡିଆ, }

ଅଇନା, } ବି· (ପାର୍ଶୀ) ଦର୍ପଣ ।
ଆଇନା, }

ଅଇନ, ବି· (ଯାବନିକ ଆଇନ ଶବ୍ଦରୁ ଜାତ) ତର୍କ, ଆପତ୍ତି ।

ଅଇଞ୍ଜିରା, } ବି· (ଅଙ୍ଗିରା ବା ଅଗ୍ନି ଶବ୍ଦଜ)
ଅଗିରା, } ମାଘପୂର୍ଣ୍ଣିମା ।

ଅଇବୃତ, } ବିଂ. (ଅୟୁତ ଶବ୍ଦଜ) ଦଶ ସହସ୍ର
ଐବୃତ, } ସଂଖ୍ୟା ।

ବରଡ଼ ଅଛି ମରଭୁତେ,
ଷଣ୍ଢ ଅଛଇ ଅଇବୃତେ । ମା. ମା.

ଅଇରା, } ବି· (ସମ୍ବଲପୁର ଅଞ୍ଚଳରେ ମାତ୍ର
ଅଇଁରା, } ବ୍ୟବହୃତ) ହାଣ୍ଡି ଓ ମାଠିଆ ତଳେ ଯେଉଁ ମଳା ଦିଆଯାଏ ।

ଅଇରି, ବି· (ଅରି ଶବ୍ଦଜ) ଶତ୍ରୁ । ଯଥା—

ମିତ୍ର ଅଇରି ପକ୍ଷ ସମ, ଶୁଣ ହୋ ତାହାଙ୍କର ନାମ ।
ଭା. ଦ. ସ୍କ.

ଅଇସ୍ରୀ, ବି· ସ୍ତ୍ରୀ· (ଆମ୍ରସୀ ଶବ୍ଦଜ) ଗଉଡ଼ୁଣୀ ।

ଅଉଁସ, ବି· (ଅଂଶ ଶବ୍ଦଜାତ) ଅଂଶ ।

ଅଋଣୀ, ବିଂ· (ଅ-ଋଣିନ୍) ଯେ କାହାଠୁଁ କିଛି ଧାରି ନାହିଁ । ଯେ ଦେବଋଣ, ଋଷି-ଋଣ, ପିତୃଋଣାଦିରୁ ମୁକ୍ତ । ଯଥା—

ଋଣଂ ଦେବସ୍ୟ ଯାଗେନ ଋଷୀଣାଂ ଦାନକର୍ମଣା ।
ସନ୍ତତ୍ୟା ପିତୃଲୋକାନାଂ ଶୋଧୟିତ୍ୱା ପରିବ୍ରଜେତ୍ ।

ଅକ, ବି· (ଅ-କ) ଦୁଃଖ; ପାପ ।

ଅକଟା, ବିଂ. ଯାହା କଟା ହୋଇ ନ ଥାଏ । ଯଥା—

ଅକଟା ଅବଟା ଅସଜଡ଼ା ଯେ ଯୋଗାଡ଼,
ଏହା ହସ୍ତ ଲାଗି ହେବ ଅମୃତରୁ ବଡ଼ । ସା. ଭା. ଆ.

ଅକଡ଼, } ବିଂ. କ୍ରି· ବିଂ. (ଅକାଳ ଶବ୍ଦଜ)
ଅକଡ଼ିଆ, } ଅଡ଼ୁଆ, ଅନାଯୁକ୍ତରେ । ଯଥା—

ଭୃତ୍ୟ ସ୍ଥିର ହୋଇଣ ଗାରିମା ତୁମ୍ଭ ଏଡ଼େ,
ଦୁର୍ବାସା ମହାଋଷିଙ୍କି ରଖିଲ ଅକଡ଼େ । ନୃ.ପୁ.ଦ୍ୱି.ସା.

ଅକଣ୍ଡା, } ବିଂ. ଯାହା କଣ୍ଡା ହୋଇ ନାହିଁ ।
ଅକାଣ୍ଡିଆ, }

ଅକତିଆର, } ବି. (ଯାବନିକ) ଅଧିକାର;
ଅକତିୟାର, } ଗୃହ ।

ଅକଥା, ବି. (ଅ = କୁତ୍ସିତ—କଥା) କୁକଥା, ଅଶ୍ଳୀଳ କଥା, ଯାହା ତୁଣ୍ଡେ ଧରିବା ଉଚିତ ନୁହେ ।

ଅକଥ୍ୟ, ବିଂ. (ଅ-କଥ୍ୟ) ଯାହା ବୋଲିବା ଉଚିତ ନୁହେ, ଯାହା କଥାଦ୍ୱାରା ପ୍ରକାଶ କରାଯାଇ ନ ପାରେ । କହିବାର ଅସାଧ୍ୟ ।

ଅକନିଷ୍ଠ, ବିଂ. ( ଅକ=ପାପ ଅର୍ଥାତ୍ ବେଦନାଦାରୂପ ଗର୍ହିତ କାର୍ଯ୍ୟରେ ନିଷ୍ଠା କି ଆସକ୍ତି ଯାହାର ) ବୁଦ୍ଧ, ବୌଦ୍ଧ । (ଅ-କନିଷ୍ଠ) କନିଷ୍ଠଶୂନ୍ୟ ।

ଅକବା, ବିଂ. ( ଦେଶଜ ) ଅବର୍ଣ୍ଣନୀୟ, ବର୍ଣ୍ଣନାର ଅଯୋଗ୍ୟ ।

ଅକମାବଇ, } ବି· ସ୍ତ୍ରୀ· (ଦେଶଜ) କାର୍ତ୍ତିକ
ଅକାମାବଇ, } ପୂର୍ଣ୍ଣିମା ପ୍ରାତଃକାଳରେ ସ୍ତ୍ରୀମାନେ କଦଳୀ ଗୈଚଡ଼ା ଡଙ୍ଗା ଭସାଇବା ସମୟରେ ଦେବୀଙ୍କ ଉଦ୍ଦେଶ୍ୟରେ ଏହି ଶବ୍ଦ ବୋଲନ୍ତି । "ଅକାମାବଇ, ପାନ ଗୁଆ ଥୋଇ, ମାସକ ଧର୍ମ ମୋର, ପାନ ଗୁଆ ତୋର ।" ଯଥା—

ମାସ ଅବଶେଷେ ପୂର୍ଣ୍ଣିମା ପ୍ରତ୍ୟୁଷେ ଉଚ୍ଚାରି
ଅକାମାବଇ,
ପାନ ଗୁଆ ଫିଙ୍ଗି ଜଳେ ଶିରିଷାଙ୍ଗୀ ନିବେଦିଲେ
ମୋକ୍ଷପାଇଁ । କା. ମା.

ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଏହି ଚାରି ଧର୍ମ ମାସର ଆଦ୍ୟ ଅକ୍ଷର ନେଇ ଏହି ଶବ୍ଦ ଗଠିତ ହୋଇଥିବା ଅନୁମିତ ହେଉଅଛି ।

ଅକମ୍ପନ, ବିଂ. (ଅ-କମ୍ପ୍-ଅନ) ସ୍ଥିର, କମ୍ପଶୂନ୍ୟ; ରାବଣର ସେନାପତି ।

ଅକମ୍ପିତ, ବିଂ. (ଅ-କମ୍ପିତ) କମ୍ପନଶୂନ୍ୟ । (ଅ-କମ୍ପ୍-ତ) ବୌଦ୍ଧମାନଙ୍କର ଗଣାଧିପତିବିଶେଷ ।

ଅକର, ବିଂ. (ଅ-କର) ହସ୍ତରହିତ; ରାଜସ୍ୱହୀନ ବା ନିଷ୍କର । (ସ୍ତ୍ରୀ-ଈ) ଆମଳକୀ ।

ଅକରଣ, ବି. (ଅ-କରଣ) ନିବୃତ୍ତି; ଅନୁଚିତ କର୍ମ, ସର୍ବକର୍ମଶୂନ୍ୟ ଅର୍ଥାତ୍ ପରମାତ୍ମା ।

ଅକରଣି, ବି. (ଅ-କୃ-ଅନି) ଶାପ, ଆକ୍ରୋଶ ।

ଅକ୍କରକରା, ବି. (ଅକର୍କର ଶବ୍ଦଜ) ଗୁଳ୍ମବିଶେଷ; କପିକଚ୍ଛୁର ଫଳ ।

ଅକରାନ୍ତ, } ବି· ସ୍ତ୍ରୀ· ( ଅର୍କକାନ୍ତ ଶବ୍ଦଜ )
ଅଙ୍କରାନ୍ତ, } ପାଚନରେ ବ୍ୟବହୃତ ଉଦ୍ଭିଜ୍ଜବିଶେଷ ।

ଅକରୁଣ, ବିଂ· (ଅ-କରୁଣା) ନିର୍ଦ୍ଦୟ, ନିଷ୍ଠୁର ।

ଅକର୍ମ, ବି· ( ଅ-କର୍ମନ୍ ) କୁତ୍ସିତ କାର୍ଯ୍ୟ; କର୍ମର ଅଭାବ ।

ଅକର୍ମକ, ବିଂ· ( ଅ-କର୍ମନ୍+କ ) ଯାହାର କର୍ମ ନାହିଁ, କର୍ମରେ ଅନୁପଯୁକ୍ତ; ଯେଉଁ କ୍ରିୟାର କର୍ମ ରହେ ନାହିଁ ।

ଅକର୍ମଣ୍ୟ, } ବିଂ· ( ଅ-କର୍ମଣ୍ୟ ) କର୍ମର
ଅକର୍ମା, } ଅଯୋଗ୍ୟ, କାର୍ଯ୍ୟରେ ଅକ୍ଷମ ।

ଅକଳ, ବିଂ· ଅସୁବିଧାଜନକ । ବି· ଅସୁବିଧା । ଯଥା—

ମୁଁ ଯେ ଜାଣଇ ତୋ ସକଳ,
ତେଣୁ ବା ହୋଇବ ଅକଳ । ଦା. ର.

ଅକଳଆ, ବିଂ· ଅସୁବିଧାଜନକ ।

ଅକଲ, ବି· ( ପାର୍ଶୀ ) ବୁଦ୍ଧି ବା ଜ୍ଞାନ ।

ଅକଳଣ, }
ଅକଳଣା, } ବିଂ· ( କଳ୍ ଧାତୁଜ ) ପ୍ରଚୁର,
ଅକଳନ୍ତା, } ଅପରିମିତ । ଯଥା—

ଅପ୍ରମେୟ ଆକାଶ ଦିଶଇ ଅକଳଣ,
ଷୋଳଖଣ୍ଡ ପ୍ରାୟେ ତାଙ୍କୁ ଦିଶଇ ଅର୍ଜ୍ଜୁନ । ନା.ର.ଗୀ.

ଅଗୋଚର । ଯଥା—

ସୁରାସୁର କଥା ତ ତୁମ୍ଭଙ୍କୁ ସବୁ ଜଣା,
ଆନ ଲୋକଙ୍କୁ ସିନା ଏ କଥା ଅକଳଣା । ନୃ. ପୁ.

ଅକଳଙ୍କ, ବିଂ· (ଅ-କଳଙ୍କ, କଳଙ୍କ=ଦାଗ) କଳଙ୍କରହିତ, ଦାଗରହିତ । (ସ୍ତ୍ରୀ—ଆ) ଜ୍ୟୋତ୍ସ୍ନା ।

ଅକଷ୍ଟବଦ୍ଧ, ବି· (ଅକଷ୍ଟ=ଯାହାଠାରୁ ଅଧିକ କଷ୍ଟ ନାହିଁ—ବଦ୍ଧ=ବନ୍ଧନ) ଅପ୍ରତିକାର୍ଯ୍ୟ ଆପଦ, ବିଷମ ସଙ୍କଟ, ଅଧିକ ଦୁଃଖ ।

ଅକସର, ବିଂ· ( ପାର୍ଶୀ ) ନାନାପ୍ରକାର ।

ଅକସ, ବି· (ଯାବନିକ) ଅହନ୍ତା, ବୈରଭାବ ।

ଅକସ୍ମାତ୍, କ୍ରି· ବିଂ· (ଅ-କସ୍ମାତ୍=ପୂର୍ବ ଲକ୍ଷଣ ବିନା କେଉଁଠାରୁ ବା କାହାଠାରୁ ଉପସ୍ଥିତ ହେଲା, ତାହାର ସ୍ଥିରତା ନାହିଁ । ଏହାହିଁ ଏହି ଶବ୍ଦର ଆକ୍ଷରିକ ଅର୍ଥ ) ହଠାତ୍; ବିନା କାରଣରେ; ଅସମ୍ଭାବିତରୂପେ ।

ଅକାଠ, ବି. (ଅକାଠ୍ୟ ଶବ୍ଦଜ) ଯେଉଁ ଔଷଧ ଖାଇଲେ ମନୁଷ୍ୟକୁ ସହଜରେ କୌଣସି ଅସ୍ତ୍ର ଆଘାତ କରି ପାରେ ନାହିଁ । ବିଂ. ଯାହା କାଟିଲେ ଛିଡ଼େ ନାହିଁ; ଅବ୍ୟର୍ଥ । ଯଥା—

ଅକାଠ ଅରୁଠ ଯେ ଅଟଇ ଯାର କାୟେ ।
ଦାତାଶୀଳ ରଜାଙ୍କୁ ତାହାର କସ ଭୟେ ।
ନୃ. ସୁ. ଦ୍ୟୁ. ସା.

ଅକାଠମୂର୍ଖ, ଅକାଠମୁରୁଖ, } ବିଂ. (ଅକାଠ୍ୟ ମୂର୍ଖ ଶବ୍ଦଜ) ମହାମୂର୍ଖ ।

ଅକାଠୁ, ବି. ( ଅକାଠ୍ୟ ଶବ୍ଦଜ ) ଶରୀରରେ ଧାରଣ କରିବାପାଇଁ ଏକପ୍ରକାର ବୃକ୍ଷାଦିର ଚେର । ଯଥା—

ଅକାଠୁ ଧାରଣ ଦମ୍ଭେ ଶରଣ ଭଟେ । ମ. ଯା.

ଅକାଠ୍ୟ, ବିଂ. ( ଅ-କାଠ୍ୟ = କଠ—ଗମନ କରିବା-ଯ ) ଯାହା ଖଣ୍ଡନ କରାଯାଇ ନ ପାରେ ଅର୍ଥାତ୍ ଅଖଣ୍ଡନୀୟ । ଯଥା— ଅକାଠ୍ୟ ପ୍ରମାଣ ।

ଅକାଣ୍ଡ, କ୍ରି. ବିଂ. (ଅ-କନ୍-ଡ) ଅକସ୍ମାତ୍ । (ଯାହାର କାଣ୍ଡ ଅର୍ଥାତ୍ ସ୍କନ୍ଧ ନାହିଁ) ସ୍କନ୍ଧଶୂନ୍ୟ ବୃକ୍ଷ ।

ଅକାଣ୍ଡିଆ, ଅକଣ୍ଡା, } ବିଂ. (ଅକଣ୍ଡନ ଶବ୍ଦଜ) ଅପରିଷ୍କୃତ, ଯାହା କଣ୍ଡା ହୋଇନାହିଁ ।

ଅକାତ, ଅକାତକାତ, } ବିଂ. (ଦେଶଜ) ଯହିଁରେ ତଳମାଟିକୁ କାତ ପାଏ ନାହିଁ, ଅତି ଗଭୀର, ଅଥଳ, ଅମାପ ।

ଅକାତର, ବିଂ. ସଂ. (ଅ-କାତର) ନିର୍ଭୟ, ଅବ୍ୟାକୁଳ, ନିଃଶଙ୍କ । କ୍ରି. ବିଂ. ଅକ୍ଷୋଭେ, ଅକ୍ଳେଶେ ।

ଅକାନବନ୍ଧ, ବି. ଔଷଧ ଗୁଳ୍ମବିଶେଷ ।

ଅକାମୀ, ଅକାମିକା, } ବିଂ. (ଅକର୍ମା ଶବ୍ଦଜ) ଅଳସୁଆ, ନିଷ୍କର୍ମା ।

ଅକାର, ବି. (ଅ-କୃ-ଅ) ବାନ୍ତ, ଅ-କର ବାନ୍ତ କରିବା ।

ଅକାରଣ, ବିଂ. ସଂ. (ଅ-କାରଣ) ନିରର୍ଥକ, ନିଷ୍ପ୍ରୟୋଜନ, କାରଣଶୂନ୍ୟ ।

ଅକାଳ, ବି. ସଂ. ( ଅ-କାଳ ) ୧ ଅପ୍ରକୃତ ସମୟ, ଯଥା—ଅକାଳର ଫଳ; ୨ ଅଶୁଦ୍ଧ କାଳ; ୩ ଅପୂର୍ଣ୍ଣ ସମୟ, ଯଥା— ଅକାଳରେ ମରିଗଲା; ୪ ଦୁର୍ଭିକ୍ଷ ବା ଦୁଃସମୟ । ବିଂ. କୃଷ୍ଣବର୍ଣ୍ଣର ଅଭାବ ।

ଅକାଳକୁଷ୍ମାଣ୍ଡ, ବି. ସଂ. (ଅକାଳ = ଅକାଳଜାତ-କୁଷ୍ମାଣ୍ଡ) ଅକାଳରେ ଫଳିଥିବା କଖାରୁ । ବିଂ. ଦୁର୍ଲକ୍ଷଣାକ୍ରାନ୍ତ । ବିଲକ୍ଷଣଜନିତ, ଯେ ବ୍ୟକ୍ତି କାର୍ଯ୍ୟରେ ଅକ୍ଷମ ତାହାକୁ ଅକାଳକୁଷ୍ମାଣ୍ଡ କହନ୍ତି । ଯେପରି ଅକାଳରେ ଫଳିବା କୁଷ୍ମାଣ୍ଡ ବଳିଦାନାଦି କୌଣସି ସତ୍‌କାର୍ଯ୍ୟରେ ଲାଗେ ନାହିଁ, ଏ ବ୍ୟକ୍ତି ମଧ୍ୟ ସେହିପରି ।

ଅକାଳବିଆଣୀ, ବିଂ. ଅକାଳରେ ପ୍ରସବକାରିଣୀ ।

ଅକିଦା, ବି. ( ଦେଶଜ ) ଆଶ୍ରୟ, ଅନୁସରଣ, ବାଞ୍ଛା ।

ଅକିଞ୍ଚନ, ବିଂ. ସଂ. (ଅ-କିଞ୍ଚନ) ଯାହାର କିଛିମାତ୍ର ନାହିଁ, ଦୀନ, ଦରିଦ୍ର, ସାମାନ୍ୟ ।

ଅକିଞ୍ଚିତ୍କର, ବିଂ. ସଂ. (ଅ-କିଞ୍ଚିତ୍-କୃ-ଅ) ଯାହାଦ୍ୱାରା କିଛି ହୁଏ ନାହିଁ, ତୁଚ୍ଛ, ସାମାନ୍ୟ ।

ଅକୀର୍ତ୍ତି, ବି. ସଂ. ( ଅ-କୀର୍ତ୍ତି ) ଅଖ୍ୟାତି, ନିନ୍ଦା, ଦୁର୍ନାମ ।

ଅକୁଣ୍ଠ, ବିଂ. ସଂ. (ଅ-କୁଣ୍ଠ୍-ଅ) ଅସଙ୍କୁଚିତ, ପ୍ରତିଭାଯୁକ୍ତ, ଅବ୍ୟାହତ, ଅକ୍ଷୁବ୍ଧ ।

ଅକୁଣ୍ଠିତ, ବିଂ. ସଂ. (ଅ-କୁଣ୍ଠ୍-ତ) ଅସଙ୍କୁଚିତ, ପ୍ରଶସ୍ତ; ଅକ୍ଷୁବ୍ଧ ।

ଅକୁତୋଭୟ, ବିଂ. ସଂ. ( ଅ-କୁତଃ-ଭୟ ) ଯାହାର କେଉଁଠାରୁ ବା କାହାଠାରୁ ହେଲେ ଭୟ ନାହିଁ, ନିଃଶଙ୍କ, ନିର୍ଭୟ ।

ଅକୁପ୍ୟ, ବି. (ଅ-କୁପ୍ୟ = ସ୍ୱର୍ଣ୍ଣ ଓ ରୌପ୍ୟ ଭିନ୍ନ ସକଳ ଧାତୁ) ସ୍ୱର୍ଣ୍ଣ; ରୌପ୍ୟ ।

ଅକୁର, } ବି. (ଅକ୍ରୂର ଶବ୍ଦଜ) କଂସମନ୍ତ୍ରୀ ।
ଅକୂର, } ଯଥା—

ତହିଁ ପରେ ମଥୁରା ଯିବୁଁ ଅକୁର ବୋଲେ । କୃ. ପୁ.

ଅକୁଳନ, ବି. ସଂ. (ଅ-କୁଲ୍-ଅନ) ଅଭାବ, ନିଅଣ୍ଟ ବା ନ ଅଣ୍ଟିବା ।

ଅକୁଳା, ବିଂ. (ଅକୁଳ ଶବ୍ଦଜ) ଯାହାର କୂଳ ଠିକ୍ ନାହିଁ ।

ଅକୁଳୀନ, } ବିଂ. ସଂ. (ଅ-କୁଳୀନ) କୁଳ-
ଅକୁଳ, } ମର୍ଯ୍ୟାଦାଶୂନ୍ୟ, ନୀଚକୁଳୋଦ୍ଭବ ।

ଅକୂପାର, ବି. ସଂ. (ଅ-କୁ-ପାର) ଯାହାର ପାରରେ ପୃଥ୍ୱୀ ନାହିଁ, ସମୁଦ୍ର । (ଅ-କୂପ-ଋ-ଅ) କଚ୍ଛପ, କୂର୍ମରାଜ । ଯଥା—

କଚ୍ଛପୋଽପ୍ୟକୂପାର ଉଚ୍ୟତେଽକୂପାରେ
ନ କୂପମୁଚ୍ଛତୀତି ।

ସୂର୍ଯ୍ୟ । ଯଥା—

ଆଦିତ୍ୟୋଽପ୍ୟକୂପାର ଉଚ୍ୟତେଽକୂପାରେ-
ଭବତି ଦୂରପାରଃ ।

ପର୍ବତ ।

ଅକୂର୍ଚ୍ଚ, ବି. ସଂ. (ଅ-କୂର୍ଚ୍ଚ=କାପଟ୍ୟ) ବୁଦ୍ଧ । ବିଂ. କାପଟ୍ୟରହିତ ।

ଅକୃତ, ବିଂ. ସଂ. (ଅ-କୃତ) ନିରର୍ଥକ, ନିଷ୍ଫଳ । ଯଥା—ଅକୃତକର୍ମା ।

ଅକୃତଜ୍ଞ, ବିଂ. ସଂ. (ଅ-କୃତଜ୍ଞ) କୃତଘ୍ନ, ଯେ ଉପକାର ମାନେ ନାହିଁ, ଯେ ଉପକାର ପାସୋର ଦିଏ ।

ଅକୃତକର୍ମା, ବିଂ. ସଂ. (ଅକୃତ-କର୍ମନ୍) ଅପଟୁ ।

ଅକୃତଦାର, ବିଂ. ସଂ. ( ଅ-କୃତ-ଦାର ) ଅବିବାହିତ, ଯେ ବିବାହ କରି ନାହିଁ ।

ଅକୃତ୍ୟ, ବି. ସଂ. (ଅ-କୃତ୍ୟ) ନିନ୍ଦିତକାର୍ଯ୍ୟ । ବିଂ. ଯାହା କରିବା ଉଚିତ ନୁହେ ।

ଅକୃତ୍ରିମ, ବିଂ. ସଂ. (ଅ-କୃତ୍ରି-ମ) ଯଥାର୍ଥ; ଅକପଟ; ଅସଲ ବା ବିଶୁଦ୍ଧ, ପ୍ରକୃତ ବା ଅମିଶ୍ରିତ ।

ଅକୃଷ୍ଟ, ବିଂ. ସଂ. (ଅ-କୃଷ୍-ତ) ଅକର୍ଷିତ । ଯଥା—ଅକୃଷ୍ଟ ଭୂମି ।

ଅକୃଷ୍ଣ, ବିଂ. ସଂ. (ଅ-କୃଷ୍ଣ) କୃଷ୍ଣବର୍ଣ୍ଣଶୂନ୍ୟ; ନିଷ୍ପାପ ।

ଅକୃଷ୍ଣକର୍ମା, ବିଂ. ସଂ. (ଅକୃଷ୍ଣ-କର୍ମନ୍) ଦୁଷ୍କର୍ମ-ରହିତ, ନିଷ୍ପାପ ।

ଅକୋଟ, ବି. ସଂ. (ଅ-କୁଟ୍=ବକ୍ର ହେବା-ଅ) ଯେ ବକ୍ରଭାବେ ବଢ଼େ ନାହିଁ, ଗୁବାକ, ଗୁଆ ଗଛ ।

ଅକ୍କା, ବି. (ଅକ (ଦୁଃଖ)-କୈ-ଅ, ସ୍ତ୍ରୀ-ଆ) ମାତା, ଜନନୀ ।

ଅକ୍ତ, ବିଂ. ସଂ. (ଅନ୍‌ଜ୍-ତ) ଯୁକ୍ତ, ମିଶ୍ରିତ; ଲିପ୍ତ । ଯଥା—ରୁଧିରାକ୍ତ, ତୈଳାକ୍ତ । ଏହି ଶବ୍ଦଟି ଅନ୍ୟ ଶବ୍ଦ ଯୋଗ ବିନା ସ୍ୱତନ୍ତ୍ର ବ୍ୟବହୃତ ହୋଇ ପାରେ ନାହିଁ ।

ଅକ୍ରମ, ବିଂ. (ଅ-କ୍ରମ) ଯାହାର କ୍ରମ ନାହିଁ, ଅନିୟମିତ, କ୍ରମର ବିପରୀତ ।

ଅକ୍ରିୟ, ବିଂ. (ଅ-କ୍ରିୟା) ଧର୍ମକର୍ମରହିତ, କୁକର୍ମ-ବିଶିଷ୍ଟ । ବି. ସର୍ବକର୍ମଶୂନ୍ୟ ପରମାତ୍ମା ।

ଅକ୍ରିୟା, ବି. ସଂ. ସ୍ତ୍ରୀ. (ଅ-କ୍ରିୟା) କୁକର୍ମ, ବିରୁଦ୍ଧକ୍ରିୟା, ଅବୈଧ କର୍ମ, କୁତ୍ସିତ ବ୍ୟବହାର ।

ଅକ୍ରୂର, ବି. (ଅ-କ୍ରୂର) ଶଫଲ୍‌କଙ୍କ ଔରସରେ ଗାନ୍ଦିନୀଙ୍କ ଗର୍ଭଜାତ ପୁତ୍ର, କୃଷ୍ଣଙ୍କର ପିତୃବ୍ୟ । ବିଂ. ସରଳ, ସାଧୁ ।

ଅକ୍ରେୟ, ବିଂ. (ଅ-କ୍ରୀ-ଯ) ଯାହା କ୍ରୟ କରା-ଯାଇ ପାରେ ନାହିଁ, ଯାହା ଅଧିକ ମୂଲ୍ୟରେ ବିକ୍ରୀତ ହୁଏ, ମହାର୍ଘ, ଦୁର୍ମୂଲ୍ୟ ।

ଅକ୍ରୋଧ, ବି. ସଂ. (ଅ-କ୍ରୋଧ) କ୍ରୋଧାଭାବ, ଅହିଂସାଦି ଦଶ ଧର୍ମର ଅନ୍ତର୍ଗତ ଧର୍ମ-ବିଶେଷ । ଯଥା—

ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।
ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣଂ ।

ବିଂ. କ୍ରୋଧଶୂନ୍ୟ, ଯାହାର କ୍ରୋଧ ଶାନ୍ତ ହୋଇଅଛି ।

**ଅକ୍ରୋଧନ**, ବିଂ (ଅ-କ୍ରୋଧନ) ଯେ ସହସା କ୍ରୁଦ୍ଧ ହୁଏ ନାହିଁ, କ୍ରୋଧଶୂନ୍ୟସ୍ୱଭାବ, ଅକୋପନ, ଅରୋଷଣ । ବି· କୁରୁବଂଶୀୟ ରାଜକୁମାର, ଏ ପୁଣି ଅୟୁତାୟୁଙ୍କ ପୁତ୍ର ।

**ଅକ୍ଷ**, ବି· ସ· (ଅକ୍ଷ୍-ଅ) ପାଶକ ବା ପଶାକାଠି, ଏକ କର୍ଷ ପରିମାଣ ଅର୍ଥାତ୍ ଏକ ଭରି ବା ଷୋଳ ମସାର ଭାର; ରବିମାର୍ଗରୁ ଯେ କୌଣସି ନକ୍ଷତ୍ର ବା ଗ୍ରହର ଦୂରତ୍ୱ ପରିମାଣ, ଗ୍ରହଗଣର ପରିଭ୍ରମଣର ପଥ; ରାଶିଚକ୍ରର ଅବୟବ; ବ୍ୟବହାର ଶାସ୍ତ୍ର; ଆତ୍ମା; ଜ୍ଞାତାର୍ଥ; ଶକଟ ରଥାଦିର ଅବୟବ-ବିଶେଷ, ଚକ୍ର; ଚକ୍ରର ମଧ୍ୟମଣ୍ଡଳ; ସର୍ପ; ଗରୁଡ଼; ବିଭୀତକ ବା ବାହାଡ଼ା ଗଛ; ରୁଦ୍ରାକ୍ଷ ବୃକ୍ଷ; ରାବଣର ପୁତ୍ର; ଜନ୍ମାନ୍ଧ; ସୌବର୍ଚ୍ଚ ଲବଣ; ଇନ୍ଦ୍ରିୟ; ରୁଦ୍ରାକ୍ଷବୀଜ; ରସାଞ୍ଜନ । (ଅକ୍ଷୟ ଶବ୍ଦର ଅପଭ୍ରଂଶ) ବିଂ ଅକ୍ଷୟ । ଯଥା—

**ଅବଶ୍ୟ ମୋହର ଅଙ୍ଗ ଆସି ହେଲା ଅକ୍ଷ,**
**ଯେଣୁ ନେତ୍ରେ ପଦ୍ମନେତ୍ର ଦେଖିଲି ପ୍ରତ୍ୟକ୍ଷ ।**
ନୃ. ପୁ. ଦ୍ୱ. ସା.

**ଅକ୍ଷକୂଟ**, ବି· (ଅକ୍ଷ = ଚକ୍ଷୁ-କୂଟ = ତାରା) ନେତ୍ରର ତାରା ।

**ଅକ୍ଷତ**, ବି· (ଅ-କ୍ଷତ) ଆତପତଣ୍ଡୁଳ ବା ଉଆ ଚାଉଳ; ଯବ; ଲାଜା; (ସ୍ତ୍ରୀ-ଆ) ପୁରୁଷ-ସଂସର୍ଗବିରହିତା ସ୍ତ୍ରୀ; କର୍କଟଶୃଙ୍ଗୀ ବୃକ୍ଷ । ବିଂ ଆଘାତଶୂନ୍ୟ, ଅବିଦାରିତ, ଅଖଣ୍ଡିତ ।

**ଅକ୍ଷତଯୋନି**, ବି· ସ୍ତ୍ରୀ· (ଅକ୍ଷତ-ଯୋନି) ଯେଉଁ ସ୍ତ୍ରୀର ପୁରୁଷସଙ୍ଗ ହୋଇ ନାହିଁ ।

**ପାଣିଗ୍ରହେ ମୃତେ ବାଲା କେବଲଂ ମନ୍ତ୍ରସଂସ୍କୃତା ।**
**ସା ଚେଦକ୍ଷତଯୋନିଃ ସ୍ୟାତ୍ ପୁନଃ ସଂସ୍କାରମର୍ହତି ।**

**ଅକ୍ଷଦର୍ଶକ**, **ଅକ୍ଷଦୃକ୍**, } ବି· (ଅକ୍ଷ = ବ୍ୟବହାର—ଋଣଦାନାଦି-ଦୃଶ୍-ଅକ) ବିଚାରକର୍ତ୍ତା, ବ୍ୟବହାରଦ୍ରଷ୍ଟା ।

**ଅକ୍ଷଦେବନ**, ବି· (ଅକ୍ଷ-ଦେବନ = କ୍ରୀଡ଼ା) ପାଶକ୍ରୀଡ଼ା, ପଶାଖେଳ ।

**ଅକ୍ଷଦେବୀ**, **ଅକ୍ଷଦ୍ୟୁ**, } ବି· (ଅକ୍ଷ-ଦିବ-ଇନ୍; ଅକ୍ଷ-ଦିବ-କ୍ୱିପ୍) ଯେ ଅକ୍ଷଦ୍ୱାରା କ୍ରୀଡ଼ା କରେ, ଦ୍ୟୂତକାରୀ, ପଶାଖେଳକ ।

**ଅକ୍ଷଧୂର୍ତ୍ତ**, ବି· (ଅକ୍ଷ-ଧୂର୍ତ୍ତ) ଦ୍ୟୂତକ୍ରୀଡ଼ାକାରକ, ଜୁଆରିଆ, ପାଶକ୍ରୀଡ଼କ ।

**ଅକ୍ଷପାଦ**, ବି· (ଅକ୍ଷ = ଜ୍ଞାନ—ପାଦ = ଗମନ କିମ୍ବା ଜ୍ଞାତ) ଯେ ଅକ୍ଷଦ୍ୱାରା ଜ୍ଞାତ କିମ୍ବା ବିଖ୍ୟାତ । ପୁରାଣରେ ଉକ୍ତ ଅଛି—ବ୍ୟାସଦେବ ଗୌତମ ମୁନିକୃତ ନ୍ୟାୟଶାସ୍ତ୍ରର ଦୋଷ ପ୍ରକାଶ କରିବାରୁ ସେ ବ୍ୟାସଙ୍କୁ ଚକ୍ଷୁଦ୍ୱାରା ଦର୍ଶନ କରିବୁଁ ନାହିଁ ବୋଲି ପ୍ରତିଜ୍ଞା କଲେ । ପରେ ବ୍ୟାସଦେବ ଭୀତ ହୋଇ ତାହାଙ୍କୁ ପ୍ରସନ୍ନ କଲାରୁ ଗୌତମ ନିଜ ଚରଣରେ ଚକ୍ଷୁର ସୃଷ୍ଟି କରି ବ୍ୟାସଙ୍କ ମୁଖ ଦର୍ଶନ କରିଥିଲେ । ଅତଏବ ଗୌତମ ମୁନି ଅକ୍ଷପାଦ ନାମରେ ଖ୍ୟାତ । ଗୌତମ ମୁନି, ନ୍ୟାୟଶାସ୍ତ୍ରପ୍ରଣେତା; ଚକ୍ରାଙ୍ଗ ।

**ଅକ୍ଷମ**, ବିଂ (ଅ-କ୍ଷମ) ଅସମର୍ଥ, ଯାହାର କୌଣସି କ୍ଷମତା ନାହିଁ, ଅଯୋଗ୍ୟ, ଅପାରଗ, ଦୁର୍ବଳ; (ଅ-କ୍ଷମା) କ୍ଷମାହୀନ । (ସ୍ତ୍ରୀ-ଆ) ବି· ଈର୍ଷା, ଅସହିଷ୍ଣୁତା, ଅଶକ୍ତି ।

**ଅକ୍ଷମାଳା**, ବି·ସ୍ତ୍ରୀ· (ଅକ୍ଷ-ମାଳା) ରୁଦ୍ରାକ୍ଷମାଳା, ଜପାମାଳା; ବଶିଷ୍ଠପତ୍ନୀ ଅରୁନ୍ଧତୀ । ବ୍ୟୋମମଣ୍ଡଳର ଉତ୍ତର ଦିଗରେ ସପ୍ତର୍ଷି-ମଣ୍ଡଳ ମାଳାକାରରେ ବଶିଷ୍ଠସମୀପସ୍ଥା ଅରୁନ୍ଧତୀଙ୍କୁ ବେଷ୍ଟନ କରି ଅବସ୍ଥାନ କରନ୍ତି ।

**ଅକ୍ଷୟ**, ବିଂ (ଅ-କ୍ଷୟ) ଚିରସ୍ଥାୟୀ, ଅବିନାଶୀ ।

**ଅକ୍ଷୟତୃତୀୟା**, ବି· ସ୍ତ୍ରୀ· ଯେଉଁ ତୃତୀୟାରେ କର୍ମଫଳର କ୍ଷୟ ହୁଏ ନାହିଁ, ବୈଶାଖ ଶୁକ୍ଳ ତୃତୀୟା ।

**ଅକ୍ଷର**, ବି· (ଅ-କ୍ଷର—ଅ) ଅକାରାଦି ବର୍ଣ୍ଣ; ବ୍ରହ୍ମ; ଜୀବାତ୍ମା; ଶିବ; ବିଷ୍ଣୁ; ଗଗନ; ଧର୍ମ; ତପସ୍ୟା; ଅପାମାର୍ଗ; ମୋକ୍ଷ । ବିଂ ଯାହାର କ୍ଷରଣ ନାହିଁ, ନିତ୍ୟ; ସ୍ଥିର; କ୍ରିୟାଶୂନ୍ୟ ।

ଅକ୍ଷରଚଣ, ଅକ୍ଷରଚଞ୍ଚୁ, } ବି° (ଅକ୍ଷର—ଚଣ, ଚଞ୍ଚୁ, ଖ୍ୟାତାର୍ଥେ) ଯେ ବର୍ଣ୍ଣ-ବିନ୍ୟାସଦ୍ୱାରା ଖ୍ୟାତ, ଲିପିକର୍ମରେ ନିପୁଣ, ସୁଲେଖକ ।

ଅକ୍ଷରମୁଖ, ବି°(ଅକ୍ଷର-ମୁଖ) ଯାହାର ମୁଖରେ ଅକ୍ଷର ଅର୍ଥାତ୍ ଅକ୍ଷରାତ୍ମକ ଶାସ୍ତ୍ର ବିଦ୍ୟମାନ ଅଛି, ଶାସ୍ତ୍ରାଭିଜ୍ଞ; ଶିଷ୍ୟ, ଛାତ୍ର; ସର୍ବ ବର୍ଣ୍ଣର ଆଦି ବର୍ଣ୍ଣ ଅକାର ।

ଅକ୍ଷରସଂସ୍ଥାନ, ବି· (ଅକ୍ଷର-ସଂସ୍ଥାନ) ଲିଖନ, ଲିପି । ଯଥା—ଲିଖିତାକ୍ଷରସଂସ୍ଥାନଂ ଲିପିଃ ।

ଅକ୍ଷରୁଚକ, ବି· ସୌବର୍ଚ୍ଚଳ ଲବଣ ।

ଅକ୍ଷବତ୍ତି, ବି· ସ୍ତ୍ରୀ· (ଅକ୍ଷ-ବତ୍-ଇ) ପଶାଖେଳ ।

ଅକ୍ଷବାଟ, ବି· (ଅକ୍ଷ-ବାଟ) ଆଖଡ଼ା, ମଲ୍ଲଭୂମି, କୁସ୍ତିର ଆଖଡ଼ା; ପଶାଖେଳର ଛକ ।

ଅକ୍ଷସୂତ୍ର, ବି· (ଅକ୍ଷ-ସୂତ୍ର) ଜପମାଳା ।

ଅକ୍ଷାନ୍ତି, ବି· ସ୍ତ୍ରୀ· (ଅ-କ୍ଷାନ୍ତି) ଈର୍ଷା, ଅକ୍ଷମା, ଅସହିଷ୍ଣୁତା ।

ଅକ୍ଷାଂଶ, ବି· ଭୂଗୋଳୀୟ ପରିମାଣ ।

ଅକ୍ଷାରଲବଣ, ବି· (ଅ-କ୍ଷାର-ଲବଣ) ସୈନ୍ଧବ ଲବଣ; ଗବ୍ୟଘୃତ ଦୁଗ୍ଧ ଅରୁଆ ଚାଉଳ ମୁଦ୍ଗ ପ୍ରଭୃତି ହବିଷ୍ୟ ଦ୍ରବ୍ୟ । ଯଥା—

ଗୋକ୍ଷୀରଂ ଗୋଘୃତଂ ଚୈବ ଧାନ୍ୟମୁଦ୍ଗାସ୍ତିଲା ଯବାଃ ।
ସାମୁଦ୍ରଂ ସୈନ୍ଧବଂ ଚୈବମକ୍ଷାରଲବଣଂ ସ୍ମୃତଂ ।

ଅକ୍ଷି, ବି· (ଅକ୍ଷ୍-ଇ) ଚକ୍ଷୁ ।

ଅକ୍ଷିକୂଟକ, ବି· (ଅକ୍ଷି-କୂଟକ=ଗୋଳକ) ଚକ୍ଷୁଗୋଳକ, ଚକ୍ଷୁର ତାରା ।

ଅକ୍ଷିଗତ, ବି° (ଅକ୍ଷି-ଗତ=ଶୂକାଦିର ପର ଯେ ବ୍ୟଥାଦାୟକ) ଦ୍ୱେଷ୍ୟ; ରିପୁ; ଘୃଣାସ୍ପଦ; ନୟନଗୋଚର ।

ଅକ୍ଷିତୃତୀୟା, ଅଖିତୃତୀୟା, } ବି· (ଅକ୍ଷୟ ତୃତୀୟାର ଅପଭ୍ରଂଶ) ବୈଶାଖ ଶୁକ୍ଳ ତୃତୀୟା ।

ଅକ୍ଷିମୁଠି, ଅଖିମୁଠି, } ବି· (ଅକ୍ଷୟମୁଷ୍ଟି ଶବ୍ଦର ଅପଭ୍ରଂଶ) ଅକ୍ଷୟତୃତୀୟା ଦିନ କୃଷକ ଯେଉଁ ମୁଷ୍ଟିମେୟ ଧାନ୍ୟ କେଦାରରେ ବପନ କରେ ।

ଅକ୍ଷିବ, ଅକ୍ଷୀବ, } ବି· (ଅ-କ୍ଷୀବ୍-ଅ) ସମୁଦ୍ର ଲବଣ; ସଜନା ଗଛ । ବି° (ଅ-କ୍ଷୀବ) ଅନୁନ୍ମତ୍ତ, ଯେ ଉନ୍ମତ୍ତ ନୁହେ ।

ଅକ୍ଷିବିକୂଣିତ, ବି· (ଅକ୍ଷି-ବି-କୂଣ୍-ତ) କଟାକ୍ଷ-ପାତ, ଅପାଙ୍ଗଦର୍ଶନ ।

ଅକ୍ଷୁଣ୍ଣ, ବି° (ଅ-କ୍ଷୁଣ୍ଣ) ଅଚ୍ଛିନ୍ନ; ପୂର୍ଣ୍ଣ; ଅନାଲୋଡ଼ିତ; ସୁସ୍ଥ; ଅବିକୃତ; ଅକ୍ଷୁବ୍ଧ ।

ଅକ୍ଷୁବ୍ଧ, ବି° (ଅ-କ୍ଷୁବ୍ଧ) ଅନାକୁଳିତ, ଅବ୍ୟାକୁଳ, କ୍ଷୋଭଶୂନ୍ୟ ।

ଅକ୍ଷୋଟ, ଅକ୍ଷୋଡ଼, ଆକ୍ଷୋଟ, ଆକ୍ଷୋଡ଼, } ବି· (ଅକ୍ଷ୍-ଓଟ, ଓଡ଼) ଆକରୋଟ ବୃକ୍ଷ ।

ଅକ୍ଷୌହିଣୀ, ବି· ସ୍ତ୍ରୀ· (ଅକ୍ଷ=ଗଜାଦିସମୂହ—ଊହିନୀ; ଊହ୍-ଇନ୍-ଈ) ଚତୁରଙ୍ଗ ସେନାର ପରିମାଣବିଶେଷ । ୧୦୯୩୫୦ ପଦାତି, ୬୫୬୧୦ ଅଶ୍ୱ, ୨୧୮୭୦ ହସ୍ତୀ ଏବଂ ୨୧୮୭୦ ରଥ, ସମୁଦାୟରେ ୨,୧୮,୭୦୦ ଏତାବତ୍ ସୈନ୍ୟ ।

ଅଖ, ବି· (ଅକ୍ଷ ଶବ୍ଦଜ) ଗାଡ଼ିର ଚକ ମଧ୍ୟରେ ଆଡ଼ରେ ଯେଉଁ କାଷ୍ଠଖଣ୍ଡ ଥାଏ । ଯଥା—
ଦୁଇ କାଣ୍ଡେ ରଥର ଅଖକୁ କାଟିଲେ । କୃ.ସିଂ.ଭା.

ଅଖ, ଓଖ, } ବି· (ଦେଶଜ) ଅଭ୍ୟାସ । ବି° ଅଭ୍ୟସ୍ତ ।

ଅଖଞ୍ଜ, ବି° (ଦେଶଜ) ଅସୁବିଧା ।

ଅଖଞ୍ଜିଆ, ବି° (ଦେଶଜ) ଅସୁବିଧାଜନକ ।

ଅଖଣ୍ଟି, ବି· ସଂ· (ଅ-ଖଟ=ଆକାଙ୍କ୍ଷା କରିବା-ଇ) ଅଶିଷ୍ଟ ବ୍ୟବହାର ।

ଅଖଡ଼େ, ଅଖାଡ଼େ, } କ୍ରି· ବି° (ଦେଶଜ) ଅକାରଣରେ, ଅନାୟାସରେ । ଯଥା—
ଏଡ଼େ ବଡ଼ ରାଜ୍ୟ ମୋ ଅଖଡ଼େ ନାଶ ଗଲା ।
ସା. ଭା. ସ. ପ.

ଅଖିବା, ବିଂ (ଦେଶଜ) ହିତାହିତ ଜ୍ଞାନଶୂନ୍ୟ; ଦୁଃସାହସ ।

ଅଖଣ୍ଡ, ବିଂ (ଅ-ଖଣ୍ଡ) ପୂର୍ଣ୍ଣ, ସମଗ୍ର; ଅକ୍ଷତ, ଅଭଗ୍ନ; ଅନ୍ୟୂନ ।

ଅଖଣ୍ଡନ, ବି (ଅ-ଖଣ୍ଡନ) ଅମେଶ୍ବର, ପରମାତ୍ମା । ବିଂ ସ୍ଥିର, ଅଖଣ୍ଡ ।

ଅଖା, ବି (ଦେଶଜ) ଝୋଟରେ ପ୍ରସ୍ତୁତ ଥଳି ବା ବସ୍ତା । ଯଥା—

ସକଳ ଦ୍ରବ୍ୟ ଯେ ଅଖାରେ
ଭରି ଲଦିଲେ ବଳଦରେ । ଦା. ର.

ଅଖାଈ, ବି ସ୍ତ୍ରୀ ଯେଉଁ ସ୍ତ୍ରୀ ଅତିଅଳ୍ପ ଭୋଜନ କରେ ।

ଅଖାଈନାମି, ବି ସ୍ତ୍ରୀ ଯେଉଁ ସ୍ତ୍ରୀ ସମସ୍ତ ଖାଇ ଦେଇ କିଛି ଖାଇ ନାହିଁ ବୋଲି କହେ ।

ଅଖାଡ଼ୁ, } ବିଂ (ଦେଶଜ) ବିବେଚନାଶୂନ୍ୟ,
ଅଖାଡ଼ୁଆ, } ଅବିମୃଷ୍ୟକାରୀ ।

ଅଖାତ, ବି (ଅ-ଖନ୍-ତ) ଯାହା ଖନିତ ନୁହେ ଅର୍ଥାତ୍ ସ୍ୱାଭାବିକ ଖାତ, ଦେବଖାତ; ସାଗରର ଅଂଶ । ଯଥା—

ଅଖାତଂ ଦେବଖାତକଂ ।

ଅଖିଆ, ବି (ଦେଶଜ) ଯେ ଖାଇ ନ ଥାଏ, ଯେ ଖାଏ ନାହିଁ ।

ଅଖିଳ, ବିଂ (ଅ-ଖିଳ) ସକଳ, ସମସ୍ତ, ସଂପୂର୍ଣ୍ଣ ।

ଅଖୁଣି, ବିଂ (ଅକ୍ଷୁଣ୍ଣଶବ୍ଦଜ) ଅକ୍ଷତ, ନିର୍ଦ୍ଦୋଷ ।

ଅଖ୍ୟାତ, ବିଂ (ଅ-ଖ୍ୟାତ) ଅପ୍ରସିଦ୍ଧ, ଅପ୍ରତିଷ୍ଠିତ ।

ଅଖ୍ୟାତି, ବି (ଅ=କୁତ୍ସିତ-ଖ୍ୟାତି) ଅଯଶ, ନିନ୍ଦା, ଅପବାଦ ।

ଅଗ, ବିଂ (ଅ-ଗମ୍-ଅ) ଯେ ଗମନ କରେ ନାହିଁ, ବୃକ୍ଷ; ପର୍ବତ; ସୂର୍ଯ୍ୟ । (ଜ୍ୟୋତିଃ-ଶାସ୍ତ୍ରରେ ସୂର୍ଯ୍ୟ ବକ୍ରଗତିଦ୍ୱାରା ଗମନ କରନ୍ତି ନାହିଁ ବୋଲି ଏହାଙ୍କ ନାମ ଅଗ ଏବଂ ଆର୍ଯ୍ୟଭଟ୍ଟ ପ୍ରଭୃତି ମଧ୍ୟ ସୂର୍ଯ୍ୟ ଗତିବିହୀନ ବୋଲି ସ୍ଥିର କରିଅଛନ୍ତି ।) ସର୍ପ । (ଅଗ୍ର-ଶବ୍ଦଜ) ଶିଖର । ଯଥା—

କୁସୁମେ ଭୃଙ୍ଗ ଝଙ୍କାର ବେଗ,
କେତେ ବିହଙ୍ଗ ବିହରି ଅଗ,
ଅଗରେ ସଙ୍ଗ ହୋଇଣ ରଙ୍ଗ
କରନ୍ତି ହରି ହେ । ସୁ. ପ.

ଅଗଛି, ବିଂ (ଦେଶଜ) ଅସୁନ୍ଦର, ଯେପରି —ଅଗଛି କଥା ।

ଅଗଜ, ବିଂ (ଅଗ-ଜନ୍-ଅ) ପର୍ବତଜାତ; ବୃକ୍ଷଜାତ । (ଅ-ଗଜ) ଗଜଶୂନ୍ୟ ।

ଅଗଡ଼ା, ବି (ଅର୍ଗଳ ଶବ୍ଦଜ) ଗୁଳ୍ମବିଶେଷ ।

ଅଗଣନ, ବିଂ (ଅ-ଗଣ୍+ଅନ) ଯାହାର ଗଣନା ହୁଏ ନାହିଁ, ଅସଂଖ୍ୟ, ଅଗଣ୍ୟ, ଅଗଣନୀୟ ।

ଅଗଣନୀୟ, } ବିଂ (ଅ-ଗଣ୍-ଅନୀୟ, ଯ)
ଅଗଣ୍ୟ, } ଅଗ୍ରାହ୍ୟ; ଅସଂଖ୍ୟ, ଅନେକ; ଯେ ବ୍ୟକ୍ତି ଗଣନାର ଯୋଗ୍ୟ ନୁହେ ।

ଅଗଣା, ବି (ଅଙ୍ଗଣ ଶବ୍ଦଜ) ଗୃହର ସମ୍ମୁଖସ୍ଥ ନିମ୍ନ ଓ ସମତଳ ଭୂମି । ଯଥା—

ବିକେ ଜଣେ ଯେ ଯାହାକୁ ସ୍ନେହେ,
ବଡ଼ ତାଠାରେ ଜୀବନ ନୋହେ ।
ବିହରିଙ୍ଗେ ରହି ବୁଲୁଛନ୍ତି ଅଗଣାରେ । କ. ଚ. ଚ.

ବିଂ ଯାହା ଗଣା ହୋଇନାହିଁ କିମ୍ବା ଯାହାକୁ ଗଣା ଯାଇ ନ ପାରେ । ଅସଂଖ୍ୟ, ଅନେକ । ଯଥା—

ପିଇଲେ ରୁଧିର ପଣା ପଣରେ ପ୍ରେତ ଅଗଣା
ମଣ୍ଡା ପରି ମୁଣ୍ଡ ଚୋବାଇଲେ । ଲ. ବ.

ଅଗଣା, } ବିଂ (ଦେଶଜ) ଯେଉଁ ଶିଶୁର
ଅଗଣୀ, } ଗଣାପୋଛି ହୋଇ ନାହିଁ ।

ଅଗଣତି, ବିଂ (ଅଗଣିତ ଶବ୍ଦଜ) ଅସଂଖ୍ୟ, ଅନେକ । ଯଥା—

ଦର୍ଶନ ନିମନ୍ତେ ସ୍ଥିର ଶତ ଗଜମୋତି,
ଚଉସରା ଝଡ଼ା ଅଛି ରତ୍ନ ଅଗଣତି । ସା. ଗ୍ରା. ସ.

ଅଗଣପେଟ, ବି (ଦେଶଜ) ଯେଉଁ ପେଟରେ ଭାତ ପଡ଼ି ନାହିଁ ।

ଅଗତି, ବିଂ (ଅ-ଗତି) ନିତାନ୍ତ ନିରୁପାୟ, ଗତିହୀନ, ଯାହାର ଗତି ନାହିଁ ।

ଅଗତ୍ୟା, କ୍ରି· ବି· (ଅ-ଗତ୍ୟା) ଅନ୍ୟ ଗତି ନାହିଁ ବୋଲି, ଅନନ୍ୟୋପାୟରେ, ସୁତରାଂ ।

ଅଗଦ, ବି· (ଅ-ଗଦ, ଯାହାଦ୍ୱାରା ରୋଗ ରହେ ନାହିଁ) ଔଷଧ । ବି· ସୁସ୍ଥ, ନୀରୋଗ । (ଅ-ଗଦା) ବି· ଗଦାହୀନ ।

ଅଗଦଂକାର, ବି· (ଅ-ଗଦ-କୃ-ଅ ମକାରାଗମ) ଯେ ରୋଗିକୁ ଅରୋଗୀ କରେ, ବୈଦ୍ୟ, ଚିକିତ୍ସକ ।

ଅଗନାଅଗନି, ଅଗ୍ନାଗ୍ନି, } ବି· (ଅଗମ୍ୟ ଶବ୍ଦଜ) ଅତି ଅଗମ୍ୟ, ଯେପରି ଅଗନା-ଅଗନି ବନସ୍ତ ।

ଅଗମ, ବି· (ଅ-ଗମ୍-ଅ) ପର୍ବତ, ବୃକ୍ଷ । ବି· ଗତିହୀନ ।

ଅଗମତା, ବି· (ଅଗମ ଶବ୍ଦଜ) ମାନ୍ୟ ବ୍ୟକ୍ତିକୁ ସ୍ଥାବର ଜ୍ଞାନରେ ତୁଚ୍ଛ କରିବା, ଅପମାନ, ଅମର୍ଯ୍ୟାଦା ।

ଅଗମ୍ୟ, ବି· (ଅ-ଗମ୍-ଯ) ଗମନର ଅଯୋଗ୍ୟ, ଯେ ସ୍ଥାନକୁ ଯିବା ଉଚିତ ନୁହେଁ; ଦୁର୍ଗମ, ଯେ ସ୍ଥାନକୁ ଯିବା ଦୁର୍ଘଟ; ଦୁର୍ବୋଧ । (ସ୍ତ୍ରୀ-ଆ) ଯେଉଁ ସ୍ତ୍ରୀକୁ ସଙ୍ଗମ କରିବା ବିହିତ ନୁହେ, ବିପ୍ରପତ୍ନୀ, ଗୁରୁପତ୍ନୀ, ରାଜ-ପତ୍ନୀ, ପୁତ୍ରବଧୂ ଓ ଭଗିନୀ ପ୍ରଭୃତି ଅଗମ୍ୟା ।

ଅଗର, ବି· (ଅଗୁରୁ ଶବ୍ଦଜ) ଚନ୍ଦନବିଶେଷ । ଯଥା—

ଅଗର ପ୍ରାୟେକ ବାସଇ,
କୃଷ୍ଣର ଭୁଜଦଣ୍ଡ ଦୁଇ । ଭା. ଦ. ସ୍କ.

ଅଗରି, ବି· (ଅଗ୍ରପର୍ଣ୍ଣୀ ଶବ୍ଦଜ) ଗୁଳ୍ମବିଶେଷ, କଣ୍ଟା କୁସୁମ । (ଅଗ୍ର ଶବ୍ଦଜ) ବାଉଁଶର ଅଗ୍ରଭାଗ ବା କଣି ।

ଅଗସ୍ତ୍ୟ, ଅଗସ୍ତି, } ବି· (ଅଗ = ପର୍ବତ-ସ୍ତୈ = ସ୍ତମ୍ଭିତ-କରି-ଅ(ଉ) ଅଥବା ଅଗ-ଅସ୍-ତି) ଯାବତ୍ ଆମ୍ଭେ ଦକ୍ଷିଣଦିଗରୁ ପ୍ରତ୍ୟାବୃତ୍ତ ହୋଇ ନାହୁଁ ତାବତ୍ ତୁମ୍ଭେ ପ୍ରତୀକ୍ଷା କରିଥାଅ—ଏହି ନିୟମ ବନ୍ଧନରେ ଯେ କି ସୂର୍ଯ୍ୟାଦିର ଗତିରୋଧକ ବିନ୍ଧ୍ୟ-ପର୍ବତକୁ ସ୍ତମ୍ଭିତ କରିଥିଲେ, ମିତ୍ରା-ବରୁଣଙ୍କ ଔରସରେ ଉର୍ବଶୀଗର୍ଭଜାତ ମୁନି, ଯାହାଙ୍କର ଅନ୍ୟ ନାମ କୁମ୍ଭସମ୍ଭବ; ବକପୁଷ୍ପ; ଅଗସ୍ତ୍ୟ ନକ୍ଷତ୍ର ।

ଅଗସ୍ତ୍ୟୋଦୟ, ବି· ଶରତ୍କାଳ ।

ଅଗ୍ରତେ, ଅ· (ଅଗ୍ରତଃ—ଏହି ପଦରୁ ଜାତ) ସମ୍ମୁଖରେ । ଯଥା—

ପ୍ରଣମି କର ଯୋଡ଼ି ଉଭା ହୋଇ ଅଗ୍ରତେ । ଉଷା.

ଅଗାଡ଼ି, ବି· (ଦେଶଜ) ଯେଉଁ ଧାନରେ ଚାଉଳ ନ ଥାଏ । ଯଥା—

ସେ ପ୍ରାଣୀ ମନୁଷ୍ୟରେ ହୀନ,
ଧାନରେ ଅଗାଡ଼ି ଯେସନ । ମା· ମା·

ବି· ଅସାର ବା ନିକୃଷ୍ଟ । ଯଥା—

ଥୋକାଏ କହନ୍ତି ଆବର,
ମନୁଷ୍ୟ ଅଗାଡ଼ି ଯେ ଶୈର । ବି· ପୁ·

ଅଗାଦ, ବି· (ଅଗାଧ ଶବ୍ଦଜ) ଗମ୍ଭୀର; ଦୁର୍ଲଙ୍ଘ୍ୟ । ଯଥା—

କାମସାଗର ବୋଲି ଅଗାଦ ମହାଜଳ,
କାହାକୁ ଦୃଶ୍ୟ ନୁହଇ କେଣେ ସ୍ଥଳ କୂଳ । ଯା.ଭା.ଆ.

ଅଗାଧ, ବି· (ଅ-ଗାଧ) ଅତଳସ୍ପର୍ଶ, ଯଥା—ଅଗାଧ ସମୁଦ୍ର । ଗମ୍ଭୀର, ଯଥା—ଏହି ସରୋବରରେ ଅଗାଧ ଜଳ । ପ୍ରଗାଢ଼; ଅସାଧାରଣ, ଯଥା—ଅଗାଧ ବୁଦ୍ଧି ।

ଅଗାଧୁ, ବି· (ଅଗାଧ ଶବ୍ଦଜ) ଦେଶରେ ପ୍ରଚଳିତ ନାମବିଶେଷ ।

ଅଗାଧୁଆ, ବି· (ଦେଶଜ) ଯେ ଗାଧୋଇ ନାହିଁ । ଯଥା—

ନିତି ନିତି ଅଗାଧୁଆ ଉପବାସେ ଭ୍ରମେ । ସା. ଭା. ଆ.

ଅଗାର, ଆଗାର, } ବି· (ଅଗ = ସ୍ତମ୍ଭଭୂତ ବୃକ୍ଷ-ଆ-ଗ-ଅ) ଯେ ସ୍ତମ୍ଭଭୂତ ବୃକ୍ଷ (ଖୁଣ୍ଟି) ଗ୍ରହଣ କରେ, ଗୃହ ।

ଅଗି, ବି· (ଅଗ୍ର ଶବ୍ଦଜ) ଲତାଦି ଅଗ୍ରଭାଗର କୋମଳ ପତ୍ର । (ଅଗ୍ନି ଶବ୍ଦଜ) ମାଘ ପୂର୍ଣ୍ଣିମା ଦିନ ଗ୍ରାମ ପ୍ରାନ୍ତରେ ଯେଉଁ ଅଗ୍ନ୍ୟୁତ୍ସବ ହୁଏ ।

ଅଗିଲ୍, ବି· ( ଅଗ୍ର ଶବ୍ଦଜ ) ବାଉଁଶକଣି ପ୍ରଭୃତି; ଅଗ୍ରଭାଗ; ଅଗି ବାଉଁଶ ।

ଅଗିବଥୁ, } ବି· ( ଅଗ୍ନିମନ୍ଥ ଶବ୍ଦଜ ) ଶାକ-
ଅଗବଥୁ, } ଜାତୀୟ ବୃକ୍ଷବିଶେଷ ।

ଅଗୁ, ବି· ( ଅ-ଗୁ=କରଣ ) ଗନ୍ଧ । ବିଂ· ଗୋଶୂନ୍ୟ ।

ଅଗୁରି, } ବିଂ· ( ଉଦ୍‌ଗ୍ରନ୍ଥ ଶବ୍ଦଜ କି ? )
ଉଗୁରି, } ଗ୍ରନ୍ଥି କରି କାଢ଼ି ଦେଇଥିବା ଫୁଲମାଳ ପ୍ରଭୃତି ।

ଅଗୁରୁ, ବି· (ଅ-ଗୁରୁ=ଭାର) କୃଷ୍ଣଚନ୍ଦନ; ଶିଂଶପାବୃକ୍ଷ । ବିଂ· ଉପଦେଶକବର୍ଜ୍ଜିତ; ଲଘୁ, ଗୌରବରହିତ ।

ଅଗୁଳ, ବି· (ଦେଶଜ) ପ୍ରସ୍ଥ ଅର୍ଥାତ୍ ଓସାର । ଯଥା—

ତେର କୋଣ ଆୟତନ ସୁବଳୟ। ଗିର,
ତିନି କୋଣ ଦୀର୍ଘ ଅର୍ଦ୍ଧ କୋଣ ଅଗୁଳ । ସା. ଭା. ଦ.

ବିଂ· ପ୍ରଶସ୍ତ ବା ଅଗ୍ରଣୀ ।

ଅଗୂଢ଼, ବିଂ· (ଅ-ଗୂଢ଼) ଅଗୁପ୍ତ, ସ୍ପଷ୍ଟ ।

ଅଗୋଚର, ବିଂ· (ଅ-ଗୋଚର) ଅପ୍ରତ୍ୟକ୍ଷ, ଅଜଣା ।

ଅଗୌକସ୍, ବି· ( ଅଗ-ଓକସ୍ ) ପକ୍ଷୀ; ପର୍ବତବାସୀ; ସିଂହ ।

ଅଗ୍ନାୟୀ, ବି· ସ୍ତ୍ରୀ· ( ଅଗ୍ନି-ଈ ପତ୍ନୀଅର୍ଥେ ) ଅଗ୍ନିଙ୍କ ଭାର୍ଯ୍ୟା, ସ୍ୱାହା; ତ୍ରେତା ଯୁଗ ।

ଅଗ୍ନି, ବି· (ଅଗ୍-ନି) ଯେ ଊର୍ଦ୍ଧ୍ୱକୁ ଗମନ କରେ, ବହ୍ନି, ନିଆଁ; ସ୍ୱର୍ଣ୍ଣ; ପୂର୍ବ ଓ ଦକ୍ଷିଣ ଦିଗର ମଧ୍ୟବର୍ତ୍ତୀ କୋଣ ।

ଅଗ୍ନିକ, ବି· (ଅଗ୍ନି-କ) ଯେ ଅଗ୍ନିବତ୍ ପ୍ରକାଶ ପାଏ, ଇନ୍ଦ୍ରଗୋପ ନାମକ ରକ୍ତବର୍ଣ୍ଣ କୀଟ ।

ଅଗ୍ନିକଣ, }
ଅଗ୍ନିକଣା, } ବି· ସଂ· ଅଗ୍ନିକଣିକା, ସ୍ଫୁଲିଙ୍ଗ ।

ଅଗ୍ନିକର୍ମ, } ବି· ସଂ· (ଅଗ୍ନି-କର୍ମ) ଅଗ୍ନି-
ଅଗ୍ନିକାର୍ଯ୍ୟ, } ହୋତ୍ରାଦି କାର୍ଯ୍ୟ; ଅନ୍ତ୍ୟେଷ୍ଟି-କ୍ରିୟା ।

ଅଗ୍ନିକ୍ରୀଡ଼ା, ବି· ସଂ· ଆତସବାଜି, ବାରୁଦାଦି ଖେଳ, ନିଆଁ ଖେଳ ।

ଅଗ୍ନିଚିତ୍, ବି· ସଂ· (ଅଗ୍ନି-ଚି-କ୍ୱିପ୍) ଯେ ଅଗ୍ନି ସଞ୍ଚୟନ କରିଥାନ୍ତି, ଅଗ୍ନିହୋତ୍ରୀ ବ୍ରାହ୍ମଣ ।

ଅଗ୍ନିଚିତ୍ୟା, ବି· ସଂ· ଅଗ୍ନିସଞ୍ଚୟନ ।

ଅଗ୍ନିଜ୍ୱାଳା, ବି· ସଂ· ଅଗ୍ନିଶିଖା; ଧାତୁକୀପୁଷ୍ପ ।

ଅଗ୍ନିତ୍ରୟ, ବି· (ଅଗ୍ନି-ତ୍ରୟ) ଗାର୍ହପତ୍ୟ, ଆହବନୀୟ ଓ ଦାକ୍ଷିଣ୍ୟ ଏହି ତିନିପ୍ରକାର ଅଗ୍ନି ।

ଅଗ୍ନିଦ, ବି· (ଅଗ୍ନି-ଦା-ଅ) ଯେଉଁ ଆତତାୟୀ ଗୃହ ଦଗ୍ଧ କରିବାପାଇଁ ଅଗ୍ନିଦାନ କରେ; ମୁଖାଗ୍ନିର ଅଧିକାରୀ ।

ଅଗ୍ନିପ୍ରସ୍ତର, ବି· ସଂ· ଚକମକି ପଥର ।

ଅଗ୍ନିବୀଜ, ବି· ସଂ· ସୁବର୍ଣ୍ଣ ।

ଅଗ୍ନିଭୂ, ବି· ( ଅଗ୍ନି-ଭୂ-କ୍ୱିପ୍ ) କାର୍ତ୍ତିକେୟ; ଜଳ । ବିଂ· ଅଗ୍ନିରୁ ଉତ୍ପନ୍ନ ।

ଅଗ୍ନିମଣି, ବି· ସଂ· ସୂର୍ଯ୍ୟକାନ୍ତମଣି; ଝକମକ ପଥର ।

ଅଗ୍ନିମନ୍ଥ, ବି· ସଂ· ଗଣିକାରିକା ବୃକ୍ଷ ।

ଅଗ୍ନିମୁଖ, ବି· (ଅଗ୍ନି-ମୁଖ) ବ୍ରାହ୍ମଣ; ଦେବତା; ଭଲ୍ଲାତକ ବୃକ୍ଷ; ଚିତାପାରୁ ଗଛ ।

ଅଗ୍ନିଶରଣ, ବି· (ଅଗ୍ନି-ଶରଣ) ଅଗ୍ନିହୋତ୍ର-ଗୃହ ।

ଅଗ୍ନିଶର୍ମା, ବିଂ· ସଂ· ମହାକ୍ରୋଧୀ । ବି· ଋଷି-ବିଶେଷ ।

ଅଗ୍ନିଶିଖ, } ବି· ସଂ· ( ଯାହାର ଅଗ୍ନିପରି
ଅଗ୍ନିଶେଖର, } ଶିଖା ଅର୍ଥାତ୍ କେଶର ) କୁଙ୍କୁମ । ବିଂ· ଅଗ୍ନି ତୁଲ୍ୟ ଅଗ୍ରଭାଗବିଶିଷ୍ଟ ।

ଅଗ୍ନିଶିଖା, ବି· ସଂ· ଅଗ୍ନିପରି ଶିଖା ଅର୍ଥାତ୍ ଦୀପ୍ତି ଯାହାର, ବିଷଲାଙ୍ଗଲିଆ ବୃକ୍ଷ; ଅଗ୍ନିର ଜ୍ୱାଳା ।

ଅଗ୍ନିଷ୍ଟୋମ, ବି· ( ଅଗ୍ନି-ସ୍ତୋମ=ଅଗ୍ନି-ସ୍ତୁ-ମନ୍ ) ଯେଉଁ ଯାଗରେ ଅଗ୍ନିଙ୍କ ସ୍ତୁତି ହୁଏ, ଯାଗବିଶେଷ ।

ଅଗ୍ନିସଖ, ବି· (ଅଗ୍ନି-ସଖା) ପବନ ।

ଅଗ୍ନିସହାୟ, ବି· ( ଅଗ୍ନି-ସହାୟ ) ବାୟୁ; ବନକପୋତ ।

ଅଗ୍ନିଷ୍ୱାତ୍ତ, ବି· ( ଅଗ୍ନି-ସ୍ୱ-ଆତ୍ତ = ଗୃହୀତ ) ମରୀଚିସନ୍ତାନ ଉପଦେବତାଗଣ; ପିତୃଲୋକ ।

ଅଗ୍ନିହୋତ୍ର, ବି· (ଅଗ୍ନି-ହୁ-ତ୍ର) ସାଗ୍ନିକର ପ୍ରାତ୍ୟାହ୍ନିକ ହୋମ; ଘୃତ ।

ଅଗ୍ନିହୋତ୍ରୀ, ବି· (ଅଗ୍ନି-ହୋତ୍ରିନ୍) ହୋତା; ନିତ୍ୟ ହୋମକର୍ତ୍ତା, ସାଗ୍ନିକ ।

ଅଗ୍ନୀଧ୍ର, / ଅଗ୍ନୀଧ୍, ବି· ( ଅଗ୍ନି-ଈଧ୍ର = ଇନ୍ଧ୍-ର, ଅଗ୍ନି-ଇନ୍ଧ୍ କ୍ୱିପ୍ ) ଯେ ଅଗ୍ନି ଦୀପ୍ତକରେ; ଅଗ୍ନି ରକ୍ଷାର୍ଥ ନିଯୁକ୍ତ ବ୍ରାହ୍ମଣ, ଯେ କର୍ମାଗ୍ନି ରକ୍ଷା କରେ; ଋତ୍ୱିକ୍‌ବିଶେଷ; ରାଜାବିଶେଷ ।

ଅଗ୍ନ୍ୟୁତ୍ପାତ, ବି· ସଂ· ଉଲ୍‌କାପାତ; ଧୂମକେତୁ; ଅଗ୍ନି ଉପଦ୍ରବ ।

ଅଗ୍ର, ବିଂ· (ଅଗ୍-ର) ଯେ ଆଗେ ଗମନ କରେ; ଆଦ୍ୟ, ପ୍ରଥମ; ପ୍ରଧାନ ବା ଶ୍ରେଷ୍ଠ । ବି· ଉପରିଭାଗ, ଶେଷଭାଗ; ଆଲମ୍ବନ ବା ଅବଲମ୍ବନ—ଯେପରି ଏକାଗ୍ରଚିତ୍ତ । ସମ୍ମୁଖ, ଶିଖର ।

ଅଗ୍ରକାୟ, ବି· (ଅଗ୍ର-କାୟ) ଦେହର ପୂର୍ବଭାଗ ।

ଅଗ୍ରଗ, / ଅଗ୍ରଗାମୀ, ବିଂ· (ଅଗ୍ର-ଗମ୍-ଅ, ଅଗ୍ର-ଗମ୍-ଇନ୍) ଯେ ଆଗେ ଗମନ କରେ, ଅଗ୍ରସର ।

ଅଗ୍ରଜ, ବି· (ଅଗ୍ର-ଜନ୍-ଅ) ଜ୍ୟେଷ୍ଠଭ୍ରାତା । ବିଂ· ପ୍ରଥମ ଜାତ ।

ଅଗ୍ରଜନ୍ମା, ବି· ( ଅଗ୍ର-ଜନ୍ମନ୍ ) ବ୍ରାହ୍ମଣ; ବ୍ରହ୍ମା । ବିଂ· ପ୍ରଥମୋତ୍ପନ୍ନ, ଜ୍ୟେଷ୍ଠ ।

ଅଗ୍ରଣୀ, ବିଂ· (ଅଗ୍ର-ନୀ-କ୍ୱିପ୍) ଶ୍ରେଷ୍ଠ; ଦକ୍ଷ । ବି· ଅଧ୍ୟକ୍ଷ; ସେନାପତି; ଅଗ୍ନି ।

ଅଗ୍ରତଃ, କ୍ରି· ବିଂ· ( ଅଗ୍ର-ତସ୍ ) ଆଗେ, ପ୍ରଥମେ; ସମ୍ମୁଖରେ ।

ଅଗ୍ରଦାନୀ, ବି· ସଂ· ପ୍ରେତୋଦ୍ଦେଶରେ ଯାହାକୁ ଅଗ୍ରେ ଦାନ କରାଯାଏ, ପତିତ ବ୍ରାହ୍ମଣ, ଯେଉଁ ବ୍ରାହ୍ମଣ ଜାତି ପ୍ରେତ ସମ୍ପ୍ରଦାନର ତିଳାଦି ଦାନ ଗ୍ରହଣ କରେ ।

"ଲୋଭୀ ବିପ୍ରଶ୍ଚ ଶୂଦ୍ରାଣାମଗ୍ରେ ଦାନଂ ଗୃହୀତବାନ୍ ।
ଗ୍ରହଣାତ୍ ତିଳଦାନାନାମଗ୍ରଦାନୀ ବଭୂବ ସଃ ।"

ଅଗ୍ରଭୂମି, ବି· (ଅଗ୍ର-ଭୂମି) ପ୍ରଧାନ ଆଶ୍ରୟ; ପ୍ରାପ୍ୟ ସ୍ଥାନ ବା ବସ୍ତୁ ।

ଅଗ୍ରମାଂସ, ବି· (ଅଗ୍ର-ମାଂସ) ବକ୍ଷସ୍ଥଳର ପଦ୍ମାକୃତି ମାଂସଭାଗ, ବୁକର କଲିଜାର ଅଗ୍ରଭାଗରେ ମାଂସ; ମାଂସବୃଦ୍ଧି ରୂପ ରୋଗବିଶେଷ ।

ଅଗ୍ରସର, / ଅଗ୍ରସାର, ବିଂ· (ଅଗ୍ର-ସୃ-ଅ) ଯେ ଆଗେ ଗମନ କରେ, ଅଗ୍ରଗାମୀ; ଯେକୌଣସି କାର୍ଯ୍ୟରେ ପ୍ରଥମେ ଯେ ପ୍ରବୃତ୍ତ ହୁଏ ।

ଅଗ୍ରହାୟଣ, ବି· (ଅଗ୍ର-ହାୟନ) ହେମନ୍ତର ପ୍ରଥମ ମାସ, ମାର୍ଗଶିର ମାସ ।

ଅଗ୍ରିମ, / ଅଗ୍ରିୟ, / ଅଗ୍ରୀୟ, ବିଂ· (ଅଗ୍ର-ଇମନ୍, ଇୟ, ଈୟ) ପ୍ରଥମ, ଜ୍ୟେଷ୍ଠ, ପୂର୍ବୋତ୍ପନ୍ନ; ପ୍ରଧାନ; ଅଗ୍ରେ ଦେୟ । ଯଥା— ଅଗ୍ରିମ ମୂଲ୍ୟ ।

ଅଗ୍ରେଦିଧିଷୁ, / ଅଗ୍ରେଦିଧିଷୂ, ବି· (ଅଗ୍ରେ = ପ୍ରଧାନ-ଦିଧିଷୂ = ଦୁଇବାର ବିବାହିତା ସ୍ତ୍ରୀ) ପୁନର୍ଭୂବିବାହକାରୀ, ଯାହାର ଭାର୍ଯ୍ୟାର ପୂର୍ବେ ଏକବାର ବିବାହ ହୋଇ ଯାଇଥିଲା । ଯଥା—

"ପୁନର୍ଭୂର୍ଦିଧିଷୂରୂଢ଼ା ଦ୍ୱିସ୍ତସ୍ୟାଦିଧିଷୁଃ ପତିଃ ।
ସ ତୁ ଦ୍ୱିଜୋଽଗ୍ରେଦିଧିଷୁଃ ସୈବ ଯସ୍ୟ କୁଟୁମ୍ବିନୀ ।"

ଜ୍ୟେଷ୍ଠା ସହୋଦରା ଅବିବାହିତା ଥାଉଁ ଥାଉଁ ଅଗ୍ରେ ବିବାହିତା କନିଷ୍ଠା ଭଗିନୀ । ଯଥା—

"ଜ୍ୟେଷ୍ଠାୟାଂ ଯଦ୍ୟନୂଢ଼ାୟାଂ
କନ୍ୟାୟାମୂହ୍ୟତେଽନୁଜା ।
ସାଗ୍ରେ ଦିଧିଷୂର୍ଜ୍ଞେୟା ପୂର୍ବା ତୁ ଦିଧିଷୂର୍ମତା ।"

ଅଗ୍ରେସର, ବିଂ· (ଅଗ୍ରେ-ସୃ-ଅ) ଅଗ୍ରଗାମୀ; ପ୍ରଧାନ ।

ଅଗ୍ର୍ୟ, ବିଂ· (ଅଗ୍ର-ଯ-ଭବାର୍ଥେ) ପ୍ରଧାନ, ଉତ୍ତମ, ଯେ ଆଗେ ହେବା ଉଚିତ ।

ଅଘ, ବି· (ଅଘ୍-ଅ) ପାପ; ଦୁଃଖ; କଳଙ୍କ; ବ୍ୟସନ; ଅସୁରବିଶେଷ ।

ଅଘଟ, | ବି°. (ଅ-ଘଟ୍-ଅ, ଅନ) ଅସମ୍ଭବ,
ଅଘଟନ, | ଯାହା ଘଟେ ନାହିଁ । ଯାହା ଘଟିବା ସମ୍ଭବ ନୁହେ । ଯଥା—

**କାଳେ ଯୁଗେ ଯାହା ଦେଖା ତ ନାହିଁ,**
**ଅଘଟ ଘଟଣା ଦେଲ ଘଟାଇ । ହା. ଡ.**

ଅଘଟଣ, ବି. ( ଅଗଠନ ଶବ୍ଦଜ ) ଅସୁନ୍ଦର । (ଅଘଟନ ଶବ୍ଦଜ) ଅସମ୍ଭବ ।

ଅଘମର୍ଷଣ, ବି°. (ଅଘ-ମର୍ଷଣ) ଯେ ପାପ ନାଶ କରେ, ପାପନାଶକ; ବେଦର ମନ୍ତ୍ରବିଶେଷ; ତନ୍ମନ୍ତ୍ରପ୍ରଣେତା ଋଷି ।
"ସର୍ବୈନସାମପଧ୍ୱଂସି ଜପ୍ୟଂ ତ୍ରିଷ୍ୱଘମର୍ଷଣଂ ।"

ଅଘୋର, ବି°.(ଅ-ଘୋର) ଅଭୟାନକ ଅର୍ଥାତ୍ ସୌମ୍ୟରୂପବିଶିଷ୍ଟ । ଯଥା—ଅଘୋରଃ ଶିବଃ । ଅତି ଭୟଙ୍କର, ପ୍ରଚଣ୍ଡ, ଦୁର୍ଦ୍ଧର୍ଷ । (ସ୍ତ୍ରୀ-ଅଘୋରା) ବି. ସ୍ତ୍ରୀ. ଭାଦ୍ରମାସର କୃଷ୍ଣ ଚତୁର୍ଦ୍ଦଶୀ ।

ଅଘୋରପନ୍ଥୀ, ବି. (ଅଘୋର-ପନ୍ଥୀ) ଅମାର୍ଗଗାମୀ; ଉନ୍ମାର୍ଗଗାମୀ ସମ୍ପ୍ରଦାୟବିଶେଷ ।

ଅଘ୍ନ୍ୟ, | ବି. (ଅ-ହନ୍-ଅ-ଯକ୍ ବ୍ରହ୍ମା; ଗବା;
ଅଘ୍ନ୍ୟା, | ଗାଈ । ବି°. ବଧର ଅଯୋଗ୍ୟ ।

ଅଙ୍କ, ବି. ( ଅନ୍କ୍-ଅ ) ଚିହ୍ନ, କଳଙ୍କ; କୋଡ଼; ରେଖା; ଭୂଷଣ; ସଂଖ୍ୟାସଂସ୍ଥାପନ; ସଂଖ୍ୟାଜ୍ଞାପକ ଚିହ୍ନ; ସମୀପ; ଅପରାଧ ବା ଦୋଷ; ନାଟକର ପରିଚ୍ଛେଦ; ଯୁଦ୍ଧ ବା ଚିତ୍ରଯୁଦ୍ଧ; ଦେଶଭେଦରେ ରାଜାଙ୍କ ସିଂହାସନାରୋହଣଠାରୁ ବର୍ଷ ଗଣନା; ରୂପକବିଶେଷ; ଶରୀର; ସ୍ଥାନ ।

ଅଙ୍କନ, ବି. ( ଅନ୍କ୍-ଅନ ) ଚିହ୍ନକରଣ, ସଂଖ୍ୟାଲେଖନ; ରେଖାପାତନ; ଚିତ୍ରକରଣ ।

ଅଙ୍କପାତ, ବି. (ଅଙ୍କ-ପାତ) ଅଙ୍କସଂସ୍ଥାପନ ।

ଅଙ୍କି, ବି. (ଦେଶଜ) ବାଲେଶ୍ୱର ଓ କଟକ ଅଞ୍ଚଳରେ ବ୍ୟବହୃତ ବଗିରୁଦ୍ୱାରକୁ ନରୋଧିବା ଟାଟି; ଖୁଆଡ଼ ବା ଗାଈ ରଖିବା ସ୍ଥାନ ।

ଅଙ୍କିତ, ବି°. (ଅଙ୍କ୍-ତ) ଚିହ୍ନିତ; ଚିହ୍ନିତ ଲକ୍ଷିତ; ଗଣିତ ।

ଅଙ୍କୁର, | ବି. (ଅନ୍କ୍-ଉର) ଯାହାଦ୍ୱାରା ଲକ୍ଷ୍ୟ
ଅଙ୍କୂର, | କରାଯାଏ, ଗଜା, ଅଚିରଜାତ ଉଦ୍ଭିଦ; ମୁକୁଳ । ଯଥା—ଚୂତାଙ୍କୁର । ଅଗ୍ରଭାଗ; ଅଭିନବୋତ୍ପନ୍ନ ବସ୍ତୁ; ଆଦ୍ୟ; ଆରମ୍ଭ; ରକ୍ତ; ଲୋମ; ଜଳ ।

ଅଙ୍କୁରକ, ବି. (ଅଙ୍କୁର-କ-ସ୍ୱାର୍ଥେ) ଯାହା ତୃଣାଦିଦ୍ୱାରା ପରିବର୍ଦ୍ଧିତ ହୁଏ, ନୀଡ଼, ପକ୍ଷିର ବସା ।

ଅଙ୍କୁରିତ, ବି°. (ଅଙ୍କୁର-ଇତ) ଯାହାର ଅଙ୍କୁର ନିର୍ଗତ ହୋଇଅଛି, ମୁକୁଳିତ; ପ୍ରକାଶିତ, ଆବିର୍ଭୂତ ।

ଅଙ୍କୁଶ, ବି. (ଅନ୍କ୍-ଉଶ) ଯେ ମର୍ମସ୍ଥାନକୁ ଗମନ କରେ; ଲୌହନିର୍ମିତ ସୂକ୍ଷ୍ମାଗ୍ର ଦଣ୍ଡବିଶେଷ; ହସ୍ତିତାଡ଼ନ ଦଣ୍ଡ ।

ଅଙ୍କୋଟ,
ଅଙ୍କୋଠ, | ବି. (ଅନ୍କ୍-ଓଟ, ଓଠ, ଓଲ)
ଅଙ୍କୋଲ, | ବୃକ୍ଷବିଶେଷ, ଆଙ୍କୁଲ ଗଛ ।
ଅଙ୍ଗୋଟ,

ଅଙ୍କ୍ୟ, ବି. (ଅଙ୍କ-ଯ) କୋଡ଼ରେ ରଖି ଯାହା ବାଦନ କରାଯାଏ, ମୃଦଙ୍ଗ, ପଖାଉଜ ।

ଅଙ୍ଗ, ବି. (ଅନ୍ଗ୍-ଅ) ଅବୟବ, ଶରୀର; ଯେ କୌଣସି ଦ୍ରବ୍ୟର ଏକଦେଶ; ମନ; ଆକୃତି; ଅଂଶ; ବେଦର ଅବୟବ ଗ୍ରନ୍ଥ; ପ୍ରଧାନ ଉପଯୋଗୀ ଉପକରଣ; ବୌଦ୍ଧମାନଙ୍କର ଧର୍ମଶାସ୍ତ୍ରବିଶେଷ; ଦେଶବିଶେଷ । ଅ°. ସମ୍ବୋଧନସୂଚକ, ସ୍ୱୀକାର ।

ଅଙ୍ଗଗ୍ରହ, ବି. (ଅଙ୍ଗ-ଗ୍ରହ) ଶରୀର ବେଦନା; ଆକର୍ଷଣୀ; ଧନୁଷ୍ଟଙ୍କାର, ଖେଞ୍ଚାରୋଗ ।

ଅଙ୍ଗଜ, ବି. (ଅଙ୍ଗ-ଜନ୍-ଅ) ପୁତ୍ର; କାମ; କେଶ; ରକ୍ତ । ବି°. ଶରୀରୋତ୍ପନ୍ନ ।

ଅଙ୍ଗଟି, ବି. (ଦେଶଜ) ନିଆଁ ଧୁନି ।

ଅଙ୍ଗଣ, | ବି. (ଅନ୍ଗ୍-ଅନ) ଚତ୍ୱର, ପ୍ରାଙ୍ଗଣ-
ଅଙ୍ଗନ, | ଭୂମି ବା ଅଗଣା ।

**ଅଙ୍ଗତ୍ର, ଅଙ୍ଗତ୍ରାଣ,** } ବି· (ଅଙ୍ଗ-ତ୍ରୈ-ଅ, ଅନ) ଅଙ୍ଗ-ରକ୍ଷକ, ବର୍ମ; କୋଟ କମିଜ ପ୍ରଭୃତି ।

**ଅଙ୍ଗଦ,** ବି· (ଅଙ୍ଗ-ଦୟ୍ = ଗ୍ରହଣ କରିବା-ଅ) ଯେ ଅଙ୍ଗ ଅର୍ଥାତ୍ ବାହୁକୁ ଗ୍ରହଣ କରେ, କେୟୂର, ବାହୁଭୂଷଣ, ତାଡ଼, ବାଜୁବନ୍ଧ; ବାଳିରାଜାଙ୍କ ପୁତ୍ର । (ସ୍ତ୍ରୀ-ଆ) ଦକ୍ଷିଣଦିକ୍-ହସ୍ତିନୀ, ପିଙ୍ଗଳା ।

**ଅଙ୍ଗନା,** ବି· ସ୍ତ୍ରୀ· (ଅଙ୍ଗ-ନ-ପ୍ରଶଂସାର୍ଥରେ ଆ) ଯାହାର ପ୍ରଶସ୍ତ ଅଙ୍ଗ ଅଛି, ଅଙ୍ଗ-ସୌଷ୍ଠବ-ଶାଳିନୀ ସ୍ତ୍ରୀ, ନାରୀ; ଉତ୍ତରଦିକ୍‌ହସ୍ତିନୀ; କନ୍ୟାରାଶି ।

**ଅଙ୍ଗପାଳି,** ବି. (ଅଙ୍ଗ-ପାଲ୍-ଇ) ଆଲିଙ୍ଗନ ।

**ଅଙ୍ଗଭୂ,** ବି. (ଅଙ୍ଗ-ଭୂ-କ୍ୱିପ୍) କାମଦେବ । ବିଂ· ଅଙ୍ଗଜାତ ।

**ଅଙ୍ଗମର୍ଦ୍ଦ, ଅଙ୍ଗମର୍ଦ୍ଦକ, ଅଙ୍ଗମର୍ଦ୍ଦୀ,** } ବି. (ଅଙ୍ଗ-ମୃଦ୍-ଅ, ଅକ, ଇନ୍) ଯେ ଅଙ୍ଗମର୍ଦ୍ଦନ କରେ, ଅଙ୍ଗସମ୍ବାହକ, ସେବକ ।

**ଅଙ୍ଗରକ୍ଷଣୀ, ଅଙ୍ଗରକ୍ଷିଣୀ, ଅଙ୍ଗରକ୍ଷା,** } ବି. ସ୍ତ୍ରୀ. ସଂ. କବଚ; ଅଙ୍ଗ-ତ୍ରାଣ, କୋର୍ଟ କମିଜ ପ୍ରଭୃତି ।

**ଅଙ୍ଗରଖା,** ବି. (ଅଙ୍ଗରକ୍ଷା ଶବ୍ଦଜ) କୁର୍ତ୍ତା । ଯଥା—

ଝୋଟି ଉକଆ ଶୀତତ୍ରାଣ,
କାଞ୍ଚିଲା ଅଙ୍ଗରଖାମାନ । ଦା· ର·

**ଅଙ୍ଗରାଗ,** ବି. (ଅଙ୍ଗ-ରାଗ) ଚନ୍ଦନ କୁଙ୍କୁମାଦି-ଦ୍ୱାରା ଗାତ୍ରଲେପନ, ଲେପନଦ୍ରବ୍ୟ ।

**ଅଙ୍ଗବିକ୍ଷେପ,** ବି. (ଅଙ୍ଗ-ବିକ୍ଷେପ) ଅଙ୍ଗଭଙ୍ଗୀ, ନୃତ୍ୟାଦିକାଳରେ ଅଙ୍ଗସଞ୍ଚାଳନ, କୌତୁକ ଦେଖାଇବା ନିମିତ୍ତ ହସ୍ତପଦାଦିଚାଳନ ।

**ଅଙ୍ଗବୈକୃତ,** ବି. (ଅଙ୍ଗ-ବିକୃତ-ଅ) ଅଙ୍ଗ-ବିକାର; ଇଙ୍ଗିତ; ଭଙ୍ଗି; ଇସାରା ।

**ଅଙ୍ଗସଂସ୍କାର,** ବି. (ଅଙ୍ଗ-ସଂସ୍କାର) କୁଙ୍କୁମାଦି-ଦ୍ୱାରା ଶରୀର ଶୋଭାକରଣ, ଶରୀରମାର୍ଜନା ।

**ଅଙ୍ଗହାର,** ବି. (ଅଙ୍ଗ-ହାର) ଅଙ୍ଗବିକ୍ଷେପ, ନୃତ୍ୟାଦି ସମୟରେ ଅଙ୍ଗଭଙ୍ଗୀ ।

**ଅଙ୍ଗା,** ବି· (ଦେଶଜ) ଘରର ଏକ ପଟ ବା ବୋଝ । ଯଥା—

ଛ ମାସ ହେଲାରୁ ଅନ୍ତର ବୃଦ୍ଧି କଲା,
ଅଙ୍ଗାଏ ଅଙ୍ଗାଏ ଦେଉଥାଅ ସେ ବୋଇଲା । ସା.ଭ୍ର.ଆ.

**ଅଙ୍ଗାଙ୍ଗିଭାବ,** ବି· (ଅଙ୍ଗାଙ୍ଗି-ଭାବ) ଆତ୍ମୀୟତା; ସ୍ୱପକ୍ଷୀୟ ଲୋକ ପ୍ରତି ପକ୍ଷପାତ; ଗୌଣ-ମୁଖ୍ୟ ଭାବ ।

**ଅଙ୍ଗାର,** ବି· (ଅନ୍‌ଗ୍ + ଆର) ଅଙ୍ଗାର ବା କୋଇଲା; କାଳି; କଳଙ୍କ । ଯଥା— କୁଳାଙ୍ଗାର । ମଙ୍ଗଳଗ୍ରହ; ରକ୍ତବର୍ଣ୍ଣ । ବିଂ· ରକ୍ତବର୍ଣ୍ଣବିଶିଷ୍ଟ ।

**ଅଙ୍ଗାରକ,** ବି· (ଅଙ୍ଗାର-କ = ତୁଲ୍ୟାର୍ଥେ, ଯେ କି ଅଙ୍ଗାର ତୁଲ୍ୟ ରକ୍ତବର୍ଣ୍ଣ) କୁରଣ୍ଟକ ବୃକ୍ଷ । (ଅଙ୍ଗାର-କ = ସ୍ୱାର୍ଥେ) ଅଙ୍ଗାର; ମଙ୍ଗଳଗ୍ରହ । (ଅଙ୍ଗାର-କ = ଅଲ୍ପାର୍ଥେ) ଅଗ୍ନିସ୍ଫୁଲିଙ୍ଗ; ଜ୍ୱରଘ୍ନ ତୈଳବିଶେଷ ।

**ଅଙ୍ଗାରକମଣି,** ବି· (ଅଙ୍ଗାରକ-ମଣି) ପ୍ରବାଳ, ପୋହଳା ।

**ଅଙ୍ଗାରଧାନିକା, ଅଙ୍ଗାରଧାନୀ,** } ବି. (ଅଙ୍ଗାର-ଧାନିକା) ଅଙ୍ଗାରଧାରଣ ପାତ୍ର, ଉହ୍ମାଇ ।

**ଅଙ୍ଗାରବଲ୍ଲରୀ,** ବି· (ଅଙ୍ଗାର-ବଲ୍ଲରୀ) ଯାହାର ଅଙ୍ଗାର ପ୍ରାୟ ରକ୍ତବର୍ଣ୍ଣ ମଞ୍ଜରୀ, କରଞ୍ଜ-ବିଶେଷ ।

**ଅଙ୍ଗାରବଲ୍ଲୀ,** ବି· (ଅଙ୍ଗାର-ବଲ୍ଲୀ) ଭାର୍ଗୀବୃକ୍ଷ ।

**ଅଙ୍ଗାରଶକଟୀ,** ବି· (ଅଙ୍ଗାର-ଶକଟୀ) ଅଗ୍ନି ରଖିବା ପାତ୍ର, ଉହ୍ମାଇ ।

**ଅଙ୍ଗି, ଅଙ୍ଗିଆ,** } ବି· (ଅଙ୍ଗିକା ଶବ୍ଦଜ) କଞ୍ଚୁକ ଦଗଲା ପ୍ରଭୃତି । (ଗନ୍ତାଇ ଶବ୍ଦ ଦେଖ)

**ଅଙ୍ଗିକା,** ବି· (ଅଙ୍ଗ-ଇକ-ଆ) କାଞ୍ଚୁଲା ।

**ଅଙ୍ଗୀ,** ବିଂ· (ଅଙ୍ଗ-ଇନ୍) ଶରୀରୀ; ପ୍ରଧାନ, ମୁଖ୍ୟ ।

**ଅଙ୍ଗୀକରଣ,** ବି· (ଅଙ୍ଗ-କରଣ—ଚ୍ୱି) ସ୍ୱୀକାର ।

**ଅଙ୍ଗୀକାର**, ବି· (ଅଙ୍ଗ-କାର-ଈ=ଚ୍ୱି) ପୂର୍ବେ ଯାହା ଅଙ୍ଗରେ ନ ଥିଲା ତାହା ସ୍ୱୀୟ ଅଙ୍ଗକରଣ, ସ୍ୱୀକରଣ, ପ୍ରତିଶ୍ରୁତି, ସ୍ୱୀକାର, ପ୍ରତିଜ୍ଞା ।

**ଅଙ୍ଗୀକୃତ**, ବି· (ଅଙ୍ଗ-କୃତ-ଚ୍ୱି) ସ୍ୱୀକୃତ; ପ୍ରତିଶ୍ରୁତ ।

**ଅଙ୍ଗୁଷ୍ଠ**, } ବି· (ଅଙ୍ଗପ୍ରୋଞ୍ଛିମା ଶବ୍ଦଜ)
**ଅଙ୍ଗୁଛି**, } ଗାମୁଛା ।

**ଅଙ୍ଗୁଠି ବୁଡ଼ିବା**, କ୍ରି· (ଦେଶଜ) ବିରକ୍ତ ହେବା ।

**ଅଙ୍ଗୁର**, ବି· (ଯାବନିକ) ଦ୍ରାକ୍ଷାଫଳ, କିସ୍‌ମିସ୍ ।

**ଅଙ୍ଗୁରୀୟ**, }
**ଅଙ୍ଗୁରୀୟକ**, } ବି· (ଅଙ୍ଗୁରି,ଅଙ୍ଗୁଳି-ଈୟ-କ)
**ଅଙ୍ଗୁଳୀୟକ**, } ଅଙ୍ଗୁଳିଭୂଷଣ, ମୁଦି ।

**ଅଙ୍ଗୁଳ**, ବି· (ଅନ୍‌ଗ୍+ଉଳ) ଆଙ୍ଗୁଳି, କରଶାଖା; ବାତ୍ସ୍ୟାୟନ ମୁନି; ଅଙ୍ଗୁଷ୍ଠ; ଅଷ୍ଟଯବ ପରିମାଣ ।

**ଅଙ୍ଗୁଳି**, } ବି· (ଅନ୍‌ଗ୍+ଉଳି) ହସ୍ତପଦ-
**ଅଙ୍ଗୁଳୀ**, } ଶାଖା, ଆଙ୍ଗୁଳି; ହସ୍ତିଶୁଣ୍ଡାର ଅଗ୍ରଭାଗ; ଗଜକର୍ଣ୍ଣିକାର ବୃକ୍ଷ ।

**ଅଙ୍ଗୁଳିତ୍ର**, } ବି· (ଅଙ୍ଗୁଳି-ତ୍ରୈ-ଅ, ଅନ)
**ଅଙ୍ଗୁଳିତ୍ରାଣ**, } ଜ୍ୟାକର୍ଷଣାର୍ଥ ଧାନୁଷ୍କର ଚର୍ମ-ନିର୍ମିତ ଅଙ୍ଗୁଳିର ଆବରଣ; ଅଙ୍ଗୁଳିବଦ୍ଧ ଚର୍ମ ।

**ଅଙ୍ଗୁଳିମୁଦ୍ରା**, ବି· (ଅଙ୍ଗୁଳି-ମୁଦ୍ରା)ସ୍ୱନାମାଙ୍କିତ ଅଙ୍ଗୁଳିଭୂଷଣ, ଅଙ୍କିତଭୂଷଣ ।

**ଅଙ୍ଗୁଳିମୋଟନ**, ବି· (ଅଙ୍ଗୁଳି-ମୋଟନ) ଅଙ୍ଗୁଳିମାନଙ୍କର ମର୍ଦ୍ଦନଜନ୍ୟ ଶବ୍ଦ, ଆଙ୍ଗୁଠିଫୁଟା ।

**ଅଙ୍ଗୁଷ୍ଠ**, ବି· (ଅଙ୍ଗ-ସ୍ଥା-ଅ) ବୃଦ୍ଧାଙ୍ଗୁଳି, ବୁଢ଼ାଆଙ୍ଗୁଠି, ଯେଉଁ ଅଙ୍ଗୁଳିର ଉଦରରେ ଯବରେଖା ଥାଏ ତାକୁ ଅଙ୍ଗୁଷ୍ଠ କହନ୍ତି ।

**ଅଙ୍ଗ୍ରେଜ**, ବି· ଇଙ୍ଗ୍ରାଜ ଜାତି ।

**ଅଙ୍ଗ୍ରେଜୀ**, ବି· ସ୍ତ୍ରୀ· ଇଙ୍ଗ୍ରାଜୀ ଭାଷା ।

**ଅଙ୍ଘ**, ବି· (ଅନ୍‌ଘ୍-ଅସ୍) ଯାହାଦ୍ୱାରା ଅଧୋଗମନ କରିବାକୁ ହୁଏ, ପାପ ।

**ଅଙ୍ଘ୍ରି**, ବି· (ଅନ୍‌ଘ୍-ରି) ଯାହାଦ୍ୱାରା ଗମନ କରିବାକୁ ହୁଏ, ଚରଣ; ବୃକ୍ଷମୂଳ; ପାଦ ବା ଚତୁର୍ଥାଂଶ, ଶ୍ଳୋକର ଏକ ଚରଣ ।

**ଅଙ୍ଘ୍ରିନାମକ**, ବି· (ଅଙ୍ଘ୍ରି-ନାମ-କ) ବୃକ୍ଷାଦିର ମୂଳ । (ଅଙ୍ଘ୍ରି ବା ଚରଣର ଯେତେ ନାମ ସେ ସବୁ ବୃକ୍ଷମୂଳରେ ବ୍ୟବହୃତ) ।

**ଅଙ୍ଘ୍ରିପ**, ବି· (ଅଙ୍ଘ୍ରି-ପା-ଅ) ବୃକ୍ଷ, ପାଦପ ।

**ଅଙ୍ଘ୍ରିପର୍ଣ୍ଣିକା**, } ବି· (ଅଙ୍ଘ୍ରି-ପର୍ଣ୍ଣିକା,
**ଅଙ୍ଘ୍ରିବଲ୍ଲିକା**, } ଅଙ୍ଘ୍ରି-ବଲ୍ଲିକା) ଔଷଧି ଲତାବିଶେଷ; କୃଷ୍ଣପର୍ଣ୍ଣୀ ।

**ଅଚକାର**, ବି· (ଦେଶଜ) ବୟନା ବା ବହଣା, ପୂର୍ବପ୍ରଦତ୍ତ ମୂଲ୍ୟାଂଶ ।

**ଅଚଞ୍ଚା**, ବିଂ. (ଦେଶଜ) ଯାହା ଚଞ୍ଚା ହୋଇ ନ ଥାଏ; ବ୍ୟବହାରର ଅଯୋଗ୍ୟ; କଷ୍ଟଦାୟକ, ମନ୍ଦ ।

**ଅଚଣ୍ଡୀ**, ବି. ସ୍ତ୍ରୀ· ସଂ. ଶାନ୍ତଗାଭୀ ।

**ଅଚଳ**, ବିଂ. (ଅ-ଚଳ) ଯେ ଚାଲି ନ ପାରେ, ଗତିବିହୀନ; ଦୃଢ଼; ସ୍ଥିର; ଅବିଚଳିତ; ଅବ୍ୟବହୃତ; ଅପ୍ରଚଳିତ; ନିର୍ବାହର ଉପାୟଶୂନ୍ୟ—ଯେପରି ଆମର ସଂସାର ଅଚଳ ଅଟେ । ବି· ପର୍ବତ; ଆତ୍ମା । (ସ୍ତ୍ରୀ-ଆ) ଅଚଞ୍ଚଳା, ପୃଥ୍ୱୀ ।

**ଅଚଳ**, } ବି· (ଓଡ଼ିଆରେ ମାତ୍ର ବ୍ୟବହୃତ)
**ଅଚଳପକ୍ଷ**, } ଦୁଃଖ ।

**ଅଗୃ**, ବି· (ଦେଶଜ) କୌଣସି ଜମିକୁ ଚଷ କଲାବେଳେ ଲଙ୍ଗଳଦ୍ୱାରା କ୍ଷେତ୍ରର ଅଂଶକୁ ପ୍ରଥମେ ସୀମାବଦ୍ଧ କରି ପରେ ତାହାକୁ ଚଷ କରାଯାଏ, ଏହି ସୀମାବଦ୍ଧ କ୍ଷେତ୍ରାଂଶକୁ 'ଅଗୃ' କହନ୍ତି । ବିଂ· ଅଳ୍ପ (ଅଗୃ ଜମି) ।

**ଅଗୃନକ**, ବି. (ଦେଶଜ) ମାତ୍ରାଭୟ । ବିଂ. ଅତ୍ୟଧିକ ।

**ଅଗୃର୍ଗଳ**, ବିଂ. (ଦେଶଜ) ଦୁର୍ଦ୍ଧର୍ଷ । ଯଥା—
**ଭୋଜନରେ ଅତୃପତ ହୋଇ ତୋର ବାଳ ।**
ସଂଗ୍ରାମରେ ଅତୃପତ ହୋଇ ଅଗୃର୍ଗଳ । **ସା. ଭା. ଆ.**

ଅଚନ୍ଦ୍ରା, ବି° (ନ-ଚନ୍ଦ୍ରା) ଚନ୍ଦ୍ରାଶୂନ୍ୟ, ନିଶ୍ଚନ୍ଦ୍ର ।

ଅଚିର, ବି° (ଅ-ଚିର) ଶୀଘ୍ର, ଅଳ୍ପକାଳସ୍ଥାୟୀ ।

ଅଚିରଦ୍ୟୁତି,
ଅଚିରପ୍ରଭା,
ଅଚିରରୋଚିଷ୍,
ଅଚିରାଂଶୁ, } ବି° (ଅଚିର-ଦ୍ୟୁତି ଇତ୍ୟାଦି) ବିଜୁଳି ।

ଅଚିରସ୍ଥାୟୀ, ବି° (ଅଚିର-ସ୍ଥାୟିନ୍) କ୍ଷଣିକ ।

ଅଚିରାତ୍, କ୍ରି· ବି° ଅବିଳମ୍ବେ, ଶୀଘ୍ର ।

ଅଚିହ୍ନା, ବି° (ଦେଶଜ) ଅପରିଚିତ, ଯେ ନ ଜାଣେ । ଯଥା—

ଗୁରୁଙ୍କୁ ଯେହ୍ନେ ଚିହ୍ନଇ ମୋତେ ସେହ୍ନେ ଜାଣେ,
ଗୁରୁ ଅଚିହ୍ନା ଲୋକ ଭ୍ରମଇ ଅକାରଣେ । ନୃ. ପୁ.

ଅଚେତଃ, ବି° ( ଅ-ଚେତସ୍ ) ଜ୍ଞାନଶୂନ୍ୟ; ତତ୍ତ୍ୱଜ୍ଞାନଶୂନ୍ୟ ।

ଅଚେତନ, ବି° (ଅ-ଚେତନ) ଚେତନାଶୂନ୍ୟ, ଜୀବନଶୂନ୍ୟ, ଜଡ଼, ବାହ୍ୟଜ୍ଞାନଶୂନ୍ୟ ।

ଅଚେତା, ବି° ( ଅ-ଚେତସ୍ ) ଅଚେତନ ।

ଅଚେବନ, ବି° ( ଅଚେତନ ଶବ୍ଦଜ ) ଅଚେତା । ଯଥା—

ଶ୍ରମେ ଏକଦିନ ବନ ବାଦେ ଅଚେବନ,
ବନଜାକ୍ଷୀ କ ଦୁଃଖଭାଜନ ଜନ । ପ୍ରେ. ସୁ.

ଅଚୈତନ୍ୟ, ବି° (ଅ-ଚୈତନ୍ୟ) ସଂଜ୍ଞାଶୂନ୍ୟ, ମୂର୍ଚ୍ଛିତ, ଚୈତନ୍ୟରହିତ ।

ଅଚ୍ୟୁତ, ବି· (ଅ-ଚ୍ୟୁତ) କୃଷ୍ଣ, ବିଷ୍ଣୁ । ବି°. ସ୍ଥିର, ଅନଶ୍ୱର ।

ଅଚ୍ୟୁତାଗ୍ରଜ, ବି· (ଅଚ୍ୟୁତ-ଅଗ୍ରଜ) ବଳରାମ; ଇନ୍ଦ୍ର ।

ଅଛଇ, କ୍ରି· (ଦେଶଜ) ଅଛି କ୍ରିୟାର ରୂପାନ୍ତର । ଯଥା—

କରୁ ଅଛଇ ଶରଧା କହୁଣିକ । ର. କ.

ଅଛଟକେ, କ୍ରି· ବି°. (ଦେଶଜ) ହେଲାରେ, ଦୈବାତ୍ । ଯଥା—

ଏକ ଗୋବି ଏକ ବାର୍ଷିକ ଯେହ୍ନେ ଜନ୍ମି ଥାଇ,
ସେ ପୁଣି ଅଛଟକେ ଛୁଇଁଲେ ଦୋଷ ନାହିଁ । ନୃ. ପୁ.

ଅଛନ୍ଦା, ବି· (ଦେଶଜ) ଛନ୍ଦା ହୋଇ ନ ଥିବା । ବି°· ଧୀର (ଗୋରୁ) ।

ଅଛବ, ବି°· (ଦେଶଜ) ଅସ୍ପୃଶ୍ୟ, ହୀନ । ଯଥା—

ଚମାର ଅଛବ ଯେ ଜାତି,
ସୁରାଭାଣ୍ଡରୁ ତା ଉତ୍ପତ୍ତି । ବ. ପୁ.

ଅଛୁଡ଼ପଚୁଡ଼, ବି°· (ଦେଶଜ) ଜ୍ୱରାଦିରେ ବା ବିକାରରେ ଯେ ଅସ୍ଥିର ।

ଅଛୁଆଁ, ବି°. (ଦେଶଜ) ଯାହାକୁ ଛୁଇଁବା ଅବିଧି । ଯଥା—

ସକଳ ଜାତିର ମଧ୍ୟର,
ଛୁଆଁ ଅଛୁଆଁ କ ବେଭାର । ବ. ପୁ.

ଅଚ୍ଛ, ବି°. (ଅନ୍ତର୍-ଛ ବା ଅ-ଛୋ-ଅ) ଯେ ଦୃଷ୍ଟିଚ୍ଛେଦ ପ୍ରତିବନ୍ଧକତା କରେ ନାହିଁ, ସ୍ୱଚ୍ଛ, ନିର୍ମଳ, ପରିଷ୍କୃତ । ବି· (ଅ-ଛା = ଭକ୍ଷଣ କରିବା-ଅ) ଯେ ପ୍ରାଣୀଶିତ ଜନ୍ତୁ ଭକ୍ଷଣ କରେ ନାହିଁ, ଭଲ୍ଲୁକ, ଭାଲୁ; ସ୍ଫଟିକ । ଅ°. ସମ୍ମୁଖେ ।

ଅଚ୍ଛତ୍ର, ବି°· (ଅ-ଛତ୍ର) ଅରାଜକ, ରାଜହୀନ ।

ଅଚ୍ଛଭଲ୍ଲ, ବି· (ଅଚ୍ଛ-ଭଲ୍ଲ) ଭଲ୍ଲୁକ, ଭାଲୁ ।

ଅଚ୍ଛିଦ୍ର, ବି°. ( ଅ-ଛିଦ୍ର ) ଛିଦ୍ରରହିତ, ନିର୍ଦ୍ଦୋଷ; ସାଙ୍ଗ ବା ସମ୍ପୂର୍ଣ୍ଣ ।

ଅଚ୍ଛିନ୍ନ, ବି°. (ଅ-ଛିନ୍ନ) ଅବିଭକ୍ତ, ଅଖଣ୍ଡିତ ।

ଅଚ୍ଛୋଦ, ବି°. (ଅଚ୍ଛ-ଉଦକ) ସ୍ୱଚ୍ଛଜଳବିଶିଷ୍ଟ । ବି. ହିମାଳୟ ନିକଟସ୍ଥ ଅଚ୍ଛୋଦ ନାମକ ସରୋବର ।

ଅଜ, ବି· (ଅ-ଜନ୍-ଅ) ଈଶ୍ୱର; ବ୍ରହ୍ମା; ବିଷ୍ଣୁ; ମହେଶ୍ୱର; ଜୀବାତ୍ମା; ଦଶରଥଙ୍କ ପିତା । (ଅଜ୍ = ଗମନ କରିବା-ଅ) ଛାଗ; ମେଷ । (ଅ-ଜନ୍-ଅ) କନ୍ଦର୍ପ; ଚନ୍ଦ୍ର । ବି°. ଜନ୍ମରହିତ । (ସ୍ତ୍ରୀ-ଆ) ଛାଗୀ; ପ୍ରକୃତି, ମାୟା ।

ଅଜକବ,
ଅଜଗବ, } ବି°. ( ଅଜ-କ-ଅବ ଅସ୍ତ୍ୟର୍ଥେ ) ଯହିଁରେ ବ୍ରହ୍ମା ବିଷ୍ଣୁ ବିଦ୍ୟମାନ ଅଛନ୍ତି, ଶିବଙ୍କ ଧନୁ, ପିନାକ; ବକ୍ରଗତି, ଛେଳିଖିଆ ଗଛବିଶେଷ ।

ଅଜଗର, ବି. (ଅଜ-ଗୃ-ଅ) ଏହି ସର୍ପ ଏଡ଼େ ବୃହତ୍ ଯେ ଛାଗକୁ ମଧ୍ୟ ଗିଳିଦିଏ । ଏକ ଜାତୀୟ ବୃହତ୍ ସର୍ପ; ବୋଡ଼ା ସାପ ।

ଅଜଙ୍ଗମ, ବି· (ଅଜଗବ ଶବ୍ଦଜ) ଧନୁବିଶେଷ । ଯଥା—

ଏହା ପାଞ୍ଚି ପ୍ରଭୁ ଅଜଙ୍ଗମ ଧନୁ କାଢ଼ି ।
ବାବଲ ଶର ଗୁଣେ ବସାଇ ମନ୍ତ୍ର ପଢ଼ି । ନୃ.ପୁ.ସ.ତ.

ଅଜଠ, ବିଂ· (ଦେଶଜ) ଏକବାଗି, ଅଡ଼ୁଆ ।

ଅଜଡ଼, ବିଂ· (ଦେଶଜ) ଅଜୀର୍ଣ୍ଣ ।

ଅଜଡ଼ା, ବିଂ. (ଦେଶଜ) ଭୁକ୍ଷା, ମାହାଳିଆ; ଚଳା । ବି· ଚାଳିବା ।

ଅଜଣା, ବିଂ· (ଅଜାନନ୍-ଏଥିରୁ ଜାତ) ଯେ ନ ଜାଣେ । ଯଥା—

ଜାଣି ଅଜଣା କି ଜଗତ ହେଲ । କ· ମ.

ଯାହା ଜଣା ନ ପଡ଼େ ବା ଜଣା ନ ଥାଏ । ଯଥା—

ଆରେ ନିଦାରୁଣ ବିଧି ତୋହର ବାସନା
ଦେବ ଦାନବରେ ସତତ ଅଜଣା । କ. ମ.

ଅଜନ୍ମା, ବିଂ· ( ଅ-ଜନ୍ମନ୍ ) ଜନ୍ମଶୂନ୍ୟ । (ଅ=କୁତ୍ସିତ-ଜନ୍ମା) ଜାରଜ ।

ଅଜନ୍ୟ, ବି· ( ଅ-ଜନ୍ୟ=ନ ଜନେ, ସାଧୁ ଅଜନ୍ୟଂ ) ଅଶୁଭସୂଚକ ଦୈବକୃତ ଭୂକମ୍ପାଦି ଉତ୍ପାତ । ଯଥା—

ଅଜନ୍ୟ କ୍ଳୀବମୁତ୍ପାତଂ ।

ଅଜପ, ବି. ( ଅ-ଜପ୍-ଅ, ଅ=କୁତ୍ସିତ ) କୁପାଠକ । (ଅଜ-ପା-ଅ) ମେଷପାଳକ ।

ଅଜପା, ବି. (ଅ-ଜପ୍-ଅ-ସ୍ତ୍ରୀ-ଆ) ଜପବିଶେଷ; ମନ୍ତ୍ରବିଶେଷ; ତାନ୍ତ୍ରିକମାନଙ୍କର ଆରାଧ୍ୟା ଦେବୀ । ବିଂ. ଯାହା ଜପା ଯାଏ ନାହିଁ ବା ସ୍ପଷ୍ଟରୂପେ ଉଚ୍ଚାରିତ ହୁଏ ନାହିଁ ।

ଅଜମୀଢ଼, ବି. ପୁଂ. (ଅଜ-ମିହ୍-ତ) ଯୁଧିଷ୍ଠିର; ଦେଶବିଶେଷ, ଏ ଦେଶ ବର୍ତ୍ତମାନ ଆଜମୀର ନାମରେ ଖ୍ୟାତ; ଚନ୍ଦ୍ରବଂଶୀୟ ରାଜାବିଶେଷ; ହସ୍ତୀ ରାଜାର ପୁତ୍ର ।

ଅଜୟ, ବି· (ଅ-ଜି-ଅ) ଜୟାଭାବ, ପରାଜୟ; ନଦବିଶେଷ । (ଅଜ-ଯା-ଅ) ଅଜବାହନ; ଅଗ୍ନି । ବିଂ· ଅଜେୟ । (ସ୍ତ୍ରୀ-ଆ) ସିଦ୍ଧି, ବିଜୟା ।

ଅଜଯ୍ୟ, ବି. (ଅ-ଜି-ଯ) ଅଜେୟ, ଅପରାଭବନୀୟ, ଦୁର୍ଜୟ ।

ଅଜର, ବି· (ଅ-ଜରା) ଦେବତା । ବିଂ. ଜରାରହିତ, ବାର୍ଦ୍ଧକ୍ୟଶୂନ୍ୟ; ଯାହା ଜୀର୍ଣ୍ଣ ନୁହେ; ଅତ୍ୟନ୍ତ କଠିନ ।

ଅଜରା, ବିଂ· (ଦେଶଜ) ଯେ ଜରେ ନାହିଁ, ନିର୍ଲଜ୍ଜ ।

ଅଜଶୃଙ୍ଗୀ, ବି· ସ୍ତ୍ରୀ· (ଅଜ-ଶୃଙ୍ଗ-ଈ) ଫଳବିଶେଷ; ମେଣ୍ଢାଶିଙ୍ଗା ।

ଅଜସ୍ର, କ୍ରି· ବିଂ· (ଅ-ଜସ୍-ର) ନିରନ୍ତର, ସତତ, ସର୍ବଦା ।

ଅଜା, ବି. (ସଂସ୍କୃତ ଆର୍ଯ୍ୟ ଶବ୍ଦରୁ ଓ ପ୍ରାକୃତ ଅଜ ଶବ୍ଦରୁ ଉତ୍ପନ୍ନ) ମାର ବାପା, ମାତାମହ । ସ୍ତ୍ରୀ. ସଂ. ଛାଗୀ; ମାୟା, ପ୍ରକୃତି ।

ଅଜାଗ, ବିଂ. (ଅଜାଗରୂକ ଶବ୍ଦରୁ ଅପଭ୍ରଂଶ) ଅଜାଗ୍ରତ । ଯଥା—

ମରେ ଭଡ଼ିଲ ଅଜାଗେ ବସିଥିଲି ସ୍ୱଚ୍ଛେ,
ପଛେ ଭଡ଼ିଲି କେମନ୍ତ ହେ କୋକିଳ । ପ୍ରେ. ସୁ.

ଅଜାଗ୍ରତ, ବିଂ· (ଅ-ଜାଗୃ-ତ) ଅସତର୍କ ।

ଅଜାଜି, } ବି· (ଅଜ=ମନ୍ଦାଗ୍ନିତ୍ୱ, ଅଜ୍=
ଅଜାଜୀ, } କ୍ଷେପଣ କରିବା-ଅ-ଇ) ଜୀରା ।

ଅଜାଜୀବ, ବି· (ଅଜା-ଆଜୀବ) ଛାଗୋପଜୀବୀ, ମେଷ ବ୍ୟବସାୟୀ ।

ଅଜାଡ଼, ବିଂ· (ଦେଶଜ) ଖାଲି, ଶୂନ୍ୟ । କ୍ରି· ଅଜାଡ଼ିବା କ୍ରିୟାର ଅନୁଜ୍ଞା, ଢାଳ ।

ଅଜାଡ଼ପଡ଼ିବା, କ୍ରି· ଅତିଶୀଘ୍ର ଗଦା ହୋଇ ପଡ଼ିବା । ଯଥା—

ଅର୍କ ଲିକାଣ୍ଡେ ଦ୍ରୋଣକାଣ୍ଡ ଯାନ୍ତେ ଛିଡ଼ି,
ପଡ଼ିଲେ ଆକାଶରୁ ମଧ୍ୟରେ ଅଜାଡ଼ି । ବୃ. ଲ. ବ. ପ.

ଅଜାଡ଼ିବା, କ୍ରି· ନିଃଶେଷରେ ଢାଳିଦେବା । ଯଥା—

ତୁମ୍ଭେ ପୁଣି ଦିଅ ଏହାଙ୍କର ପଦେ
ଅଜାଡ଼ି ସୌଭାଗ୍ୟରାଶି । ପାର୍ବତୀ ।

ଅଜାଣତ, ବିଂ· (ଅଜ୍ଞାତ ଶବ୍ଦଜ) ଅପରିଚିତ ।

ଅଜାଣନ୍ତା, ବିଂ· (ଅଜାନନ୍ ଶବ୍ଦଜ) ଜାଣି ନ ଥିବା ।

ଅଜାତଶତ୍ରୁ, ବି· (ଅ-ଜାତ-ଶତ୍ରୁ, ଅରି) ଯୁଧିଷ୍ଠିର; ସ୍ୱନାମଖ୍ୟାତ ମଗଧଦେଶ ରାଜା । ବିଂ· ଯାହାର ଶତ୍ରୁ ନାହିଁ, ଶତ୍ରୁହୀନ ।

ଅଜାତି, ବି· (ଅ-ଜାତି) ଅନ୍ୟ ଜାତି । ବିଂ· ଜାତିରୁ ବାହାର ।

ଅଜାମର, ଅଜାମ୍ବର, } ବି· (ଅଜରାମର ଶବ୍ଦଜ) ଯେ ବୃଦ୍ଧ ହୁଏ ନାହିଁ ଏବଂ ଯେ ମରେ ନାହିଁ । ଯଥା—

ରହିଲ ଅଜାମର ହୋଇ,
ଏକାଅକ୍ଷର ବ୍ରହ୍ମ ଧ୍ୟାୟି । ଦା. ର.

ସାଧିଲେ ଅଜାମ୍ବର ହୋଇବ ତାର ଦେହୀ । ନୃ. ପୁ.

ଅଜାଶୁର, ବି· (ଆର୍ଯ୍ୟ ଓ ଶ୍ୱଶୁର ଏହି ଦୁଇ ଶବ୍ଦର ଅପଭ୍ରଂଶରେ ଗଠିତ) ସ୍ୱାମିର ଅଜା ବା ମାତାମହ ।

ଅଜାହିର, ବିଂ· (ଦେଶଜ) ଯାହା ସମସ୍ତଙ୍କୁ ଉତ୍ତମରୂପେ ଜଣା ନାହିଁ ।

ଅଜି, ବି· (ଅଜ୍-ଇ) ପ୍ରଭାବ, ତେଜ । ବିଂ· ଗତିବିଶିଷ୍ଟ ।

ଅଜିତ, ବି· (ଅ-ଜି-ତ) ବିଷ୍ଣୁ; ଶିବ; ବୁଦ୍ଧଦେବ । ବିଂ· ଅବିଜିତ, ଅପରାଜିତ; ଅବଶ, ଅନାୟତ୍ତ, ଅବଶୀକୃତ ।

ଅଜିନ, ବି· (ଅଜ୍-ଇନ) ମୃଗଚର୍ମ, ପଶୁଚର୍ମ, ଚମଡ଼ା ।

ଅଜିନପତ୍ରା, ଅଜିନପତ୍ରୀ, ଅଜିନପତ୍ରିକା, } ବି· (ଅଜିନ-ପତ୍ର-ଆ— ଅଜିନଂ ଚର୍ମ, ତଦ୍ରୂପେ ପତ୍ରେ ପକ୍ଷୌ ଯସ୍ୟାଃ ସା) ଚମଚଟା, ବାଦୁଡ଼ି ।

ଅଜିନଯୋନି, ବି· (ଅଜିନ-ଯୋନି = ଉତ୍ପତ୍ତି-ସ୍ଥାନ) ମୃଗ ।

ଅଜିର, ବି· (ଅଜ୍-ଇର) ଯହିଁରେ ଗମନାଗମନ କରନ୍ତି, ପ୍ରାଙ୍ଗଣଭୂମି; ଅଗଣା ବିଷୟ; ଶରୀର । (ଅଜ୍-ଇର-କର୍ତ୍ତୃବାଚ୍ୟେ) ବାୟୁ; ଭେକ । (ସ୍ତ୍ରୀ-ଆ) ଚଣ୍ଡୀ ।

ଅଜିହ୍ମ, ବିଂ· (ଅ-ଜିହ୍ମ, ଯେ ବକ୍ର ନୁହେ) ସରଳ, ଅବକ୍ର ।

ଅଜିହ୍ମଗ, ବି· (ଅଜିହ୍ମ-ଗମ୍-ଅ) ବାଣ, ଶର । ବିଂ· ସରଳଗାମୀ ।

ଅଜିହ୍ୱ, ବି· (ଅ-ଜିହ୍ୱା) ଭେକ । ବିଂ· ଜିହ୍ୱାହୀନ ।

ଅଜୀର୍ଣ୍ଣ, ବି· (ଅ-ଜ-ତ) ଅପାକ, ଅପଚୟ; ପରିପାକ ନ ହେବା, ଜୀର୍ଣ୍ଣ ନ ହେବା; ରୋଗବିଶେଷ । ବିଂ· ଯାହା ଜୀର୍ଣ୍ଣ ହୋଇ ନାହିଁ, ଯାହା ପରିପାକ ହୋଇ ନାହିଁ ।

ଅଜୀବ, ବିଂ· (ଅ-ଜୀବ = ଜୀବନ) ମୃତ; ଅବସନ୍ନ, ନିର୍ଜୀବ । ବି· ମଡ଼ା, ଶବ ।

ଅଜେୟ, ବିଂ· (ଅ-ଜେୟ) ଅପରାଭବନୀୟ, ଦୁର୍ଜୟ ।

ଅଜ୍ଜୁକା, ବି· (ଅର୍ଜ୍ଜ-ଉକ-ସ୍ତ୍ରୀ-ଆ,ର ସ୍ଥାନେ ଜ) ଯେ ଧନାଦି ଅର୍ଜ୍ଜନ କରିପାରେ; ନାଟ୍ୟୋକ୍ତିରେ ବେଶ୍ୟା ।

ଅଜ୍‌ଝଟା, ବି· ସଂ· ଭୂଇଁଅଁଳା ।

ଅଜ୍ଞ, ବିଂ· (ଅ-ଜ୍ଞା-ଅ) ଯେ କିଛି ଜାଣେ ନାହିଁ, ମୂର୍ଖ, ମୂଢ଼, ବିଶେଷଜ୍ଞାନଶୂନ୍ୟ ।

ଅଜ୍ଞାତ, ବିଂ· (ଅ-ଜ୍ଞା-ତ) ଅବିଦିତ,ଅନବଗତ, ଅପ୍ରକାଶିତ, ଅଜାଣିତ, ଗୁପ୍ତ ।

ଅଜ୍ଞାତସାର, କ୍ରି· ବିଂ· (ଅଜ୍ଞାତ-ସାର, ସାର = ଗମନ) ଅଗୋଚରରେ, ଅଜାଣିତରୂପେ ।

ଅଜ୍ଞାନ, ବିଂ· (ଅ-ଜ୍ଞାନ) ଯାହାର ଜ୍ଞାନ ନାହିଁ, ଚୈତନ୍ୟଶୂନ୍ୟ । ବି· ଜ୍ଞାନାଭାବ, ଅବିଦ୍ୟା ।

ଅଜ୍ଞେୟ, ବିଂ· (ଅ-ଜ୍ଞେୟ) ଯାହାକୁ ଜାଣି ହୁଏ ନାହିଁ, ଯାହା ବୁଝାଯାଏ ନାହିଁ, ଅବିଜ୍ଞେୟ ।

ଅଝାଲ, ବି· (ଦେଶଜ) ଜାହାଜ ନୌକା ଚଳାଇବାପାଇଁ ବନ୍ଧା ହୋଇଥିବା ପାଲ । ଯଥା—

ସୁବର୍ଣ୍ଣର ନଦେ ବହେ ସ୍ୱର୍ଣ୍ଣସ୍ରୋତ ।
ସୁବର୍ଣ୍ଣ ଅଝାଲେ ଚଳେ ସ୍ୱର୍ଣ୍ଣପୋତ । ଚିଲିକା ।

ଅଝାଳ, ବି· (ଦେଶଜ) ଜାହାଜର ପାଲ । ଯଥା—

କୁଳଶୀଳ ବେଭାର ସବୁ ଏକ ପ୍ରକାର ।
ଆମ୍ଭର କର ତା ଅଝାଳ । ର. କ.

ଅଞ୍ଚଳ, ବି· (ଅନ୍‌ଚ-ଅଳ) ବସ୍ତ୍ରର ପ୍ରାନ୍ତଭାଗ; ପ୍ରାନ୍ତଭାଗ; ଦେଶର ଅଂଶ, ପ୍ରଦେଶ । ଯେପରି ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ ।

ଅଞ୍ଚିତ, ବିଂ· (ଅନ୍‌ଚ-ତ) ପୂଜିତ, ଆକୁଞ୍ଚିତ, ବକ୍ରୀକୃତ; ଉତ୍ଥିତ । ଯଥା—ରୋମାଞ୍ଚିତ । ଗ୍ରଥିତ, ଭୂଷିତ ।

ଅଞ୍ଜନ, ବି· (ଅନ୍‌ଜ୍-ଅନ) ଚକ୍ଷୁ ରଞ୍ଜନୀୟ ବସ୍ତୁ, କଜ୍ଜ୍ୱଳ; ମସି ବା କଳା; ମାଳିନ୍ୟ; ମ୍ରକ୍ଷଣ; ଗମନ; ଦୀପଶିଖାର କାଳିମା; ପଶ୍ଚିମଦିଗ୍‌ଗଜ; ବୈଦ୍ୟଶାସ୍ତ୍ରରେ ବ୍ୟବହୃତ ରସାଞ୍ଜନ ପ୍ରଭୃତି ଚତୁର୍ବିଧ ଅଞ୍ଜନ ।

ଅଞ୍ଜନକେଶୀ, ବି· ସ୍ତ୍ରୀ· ସଂ· ସୁକେଶା ରମଣୀ, ନଖୀ ନାମକ ଏକପ୍ରକାର ସୁଗନ୍ଧ ଦ୍ରବ୍ୟ ।

ଅଞ୍ଜନା, ବି· ସ୍ତ୍ରୀ· (ଅଞ୍ଜନ-ଅ-ଅସ୍ତ୍ୟର୍ଥେ) ଯେ ଅଞ୍ଜନ ପରି କୃଷ୍ଣବର୍ଣ୍ଣବିଶିଷ୍ଟା, ହନୁମାନଙ୍କ ମାତା, କେଶରୀ ବାନରର ସ୍ତ୍ରୀ; ପଶ୍ଚିମଦିଗର ହସ୍ତିନୀ; ଅଳଙ୍କାରଶାସ୍ତ୍ରେ ଶବ୍ଦ ଶକ୍ତିଭେଦ; ବ୍ୟଞ୍ଜନା ବୃତ୍ତି ।

ଅଞ୍ଜନାବତୀ, ବି· ସ୍ତ୍ରୀ. (ଅଞ୍ଜନ-ବତ୍— ଅସ୍ତ୍ୟର୍ଥେ-ଈ) ଈଶାଣକୋଣର ହସ୍ତିନୀ, ଅଞ୍ଜନ ନାମକ ଦିଗ୍‌ଗଜର ପତ୍ନୀ ।

ଅଞ୍ଜଳି, ବି· (ଅନ୍‌ଜ୍-ଅଳି) ଦୁଇ ହାତ ଏକତ୍ର ଗଣ୍ଡୂଷର ଆକାର କଲେ ଯେରୂପ ହୁଏ, କରପୁଟ, ଆଞ୍ଜୁଳି; ପରିମାଣବିଶେଷ ।

ଅଞ୍ଜଳିକାରିକା, ବି· ସ୍ତ୍ରୀ· (ଅଞ୍ଜଳି-କାରିକା) ସଂସ୍ପର୍ଶମାତ୍ରେ ଯାହାର ପତ୍ରପୁଟ ଅଞ୍ଜଳି ସଦୃଶ ସଂପୁଟିତ ହୁଏ, ଲଜ୍ଜାବତୀ ଲତା; ପୁତ୍ତଳିକା ।

ଅଞ୍ଜସା, କ୍ରି· ବିଂ· ସଂ· ଶୀଘ୍ର, ଝଟିତି । ବିଂ· ଯଥାର୍ଥ, ଠିକ୍ ।

ଅଞ୍ଜିଷ୍ଣୁ, ଅଞ୍ଜିଷ୍ଣୂ, ବି· (ଅନ୍‌ଜ୍ = ଦୀପ୍ତି ପାଇବା- ଇଷ୍ଣୁ, ଇଷ୍ଣୂ) ଯେ ସ୍ୱଭାବତଃ ବିଶ୍ୱପ୍ରକାଶକ, ସୂର୍ଯ୍ୟ ।

ଅଟକ, ବି· (ଦେଶଜ) ବାଧା, ବିଘ୍ନ ।

ଅଟକଳ, ବି· (ଦେଶଜ) ଅନୁମାନ, ଅନ୍ଦାଜ ।

ଅଟକାଇବା, କ୍ରି· ବାଧା ଦେବା, ଧରି ରଖିବା ।

ଅଟକାଳି, ବି· (ଦେଶଜ) ଏକପ୍ରକାର ଯାଉ । ଯଥା—

ଛତୁଆ ଅଟକାଳି ଆବର ସରପୁଳି,
ଭୁଞ୍ଜିଣ ତୋଷ ହେଲେ ସାତ୍ତ୍ୱିକ ବନମାଳୀ । ନୃ. ପୁ.

ଅଟକିବା, କ୍ରି· ରହିଯିବା, ଲଖିଯିବା ।

ଅଟଜଟ, ବି· (ଦେଶଜ) ଏଣୁତେଣୁ କଥା । ଯଥା—

ସେ ଋଷିମାନଙ୍କୁ ଏ ସଙ୍ଗର ପ୍ରାପ୍ତ ମଣି,
ଶୁଣିଣ ଅଟଜଟ କହନ୍ତି ସେହୁ ଆଣି । ନୃ. ପୁ.

ଅଟନ, ବି· (ଅଟ୍-ଅନ) ଗମନ, ଭ୍ରମଣ ।

ଅଟନି, ଅଟନୀ, } ବି· ସ୍ତ୍ରୀ· (ଅଟ୍-ଅନ) ଧନୁର ଅଗ୍ରଭାଗ, କୋଟି ।

ଅଟମାନ, ବିଂ· (ଅଟ୍-ମାନ) ଗମନଶୀଳ ।

ଅଟରୂଷ, ବି· ସଂ· ବାସଙ୍ଗ ଗଛ ।

ଅଟଳ, ବିଂ· (ଅ-ଟଳ୍-ଅ) ଅଚଞ୍ଚଳ, ସ୍ଥିର, ଦୃଢ଼ । ଯଥା—ଅଟଳ ବିଶ୍ୱାସ ।

ଅଟବି, ଅଟବୀ, } ବି· (ଅଟ୍-ଅ = ଗମନକାରୀ—ବି = ପକ୍ଷୀ, ଅର୍ଥାତ୍ ଯହିଁରେ ଗମନକାରୀ ପକ୍ଷୀ ରହେ, ଅଥବା ଅଟ୍-ଅବି, ଅର୍ଥାତ୍ ବୃଦ୍ଧାବସ୍ଥାରେ ଯେ ସ୍ଥାନକୁ ଗମନ କରିବାକୁ ହୁଏ) ବନ, ଜଙ୍ଗଲ । ପୂର୍ବ ବ୍ୟୁତ୍ପତ୍ତି ଅନୁସାରେ ବୃକ୍ଷାର୍ଥବାଚକ ମଧ୍ୟ ହୁଏ ।

**ଅଟା**, ବି· (ଅନ୍ନାର୍ଥ ଅଟ୍ଟ ଶବ୍ଦଜ) ଗହମ ଓ ଚାଉଳ ପ୍ରଭୃତିର ଚୂର୍ଣ୍ଣ । ଯଥା—

ନେଲେ ଘିଅ ଅଟା ସଙ୍ଗେ ଗୁଡମୁଣ୍ଡା । ଦରବାର ।

(ଦେଶଜ) ଅଗ୍ନିସଂରକ୍ଷଣ ନିମନ୍ତେ କୁଟାରେ ବଳା ବରଆ ।

**ଅଟାଳ**, ବି· (ଅଟ୍ଟାଳୀ ଶବ୍ଦର ଅପଭ୍ରଂଶ) ମେଡ଼ । ଯଥା—

ଗୃହ ମଣ୍ଡପ ଜଗତି ଅଟାଳ ଦେଉଳ,
ହୀରା ନୀଳାନିର୍ମିତ ଅଟେ ରତ୍ନସ୍ଥଳ । ନୃ. ପୁ. ସ. ତ.

**ଅଟେଇ**, ବି· (ଦେଶଜ) ଖୁଆଡ଼ ଅର୍ଥାତ୍ ଗୋରୁ ପ୍ରଭୃତି ରଖିବାର ଖୋଲା ସ୍ଥାନ ।

**ଅଟ୍ଟ**, ବି· (ଅଟ୍ଟ୍ = ଅନାଦର କରିବା-ଅ) ଯାହା ନିକଟରେ ଅନ୍ୟାନ୍ୟ ଗୃହ ଅନାଦୃତ ଅର୍ଥାତ୍ ଉପହସିତ ହୁଅନ୍ତି, ଦୋମହଲା ଗୃହ, ଅଟ୍ଟାଳିକା, ପ୍ରାସାଦର ଉପରସ୍ଥ ଗୃହ; ହଟ୍ଟ ବା ହାଟ; ଅନ୍ନ । ବିଂ· ଉଚ୍ଚ, ଅତିଶୟ । ଯଥା—ଅଟ୍ଟହାସ ।

**ଅଟ୍ଟହାସ**, ବି· (ଅଟ୍ଟ-ହାସ) ଉଚ୍ଚହାସ ।

**ଅଟ୍ଟାଳ**, **ଅଟ୍ଟାଳକ**, ବି· (ଅଟ୍ଟ-ଅଲ୍ = ପର୍ଯ୍ୟାପ୍ତ ହେବା-ଅ ଅର୍ଥାତ୍ ଯେ ପ୍ରାସାଦ-ଗୃହ ପରି ପର୍ଯ୍ୟାପ୍ତ ଅଟେ) ପ୍ରସ୍ତର ଇଷ୍ଟକନିର୍ମିତ ଗୃହ ।

**ଅଟ୍ଟାଳିକା**, ବି· ସ୍ତ୍ରୀ· (ଅଟ୍ଟାଳକ-ସ୍ତ୍ରୀ-ଆ) ଇଷ୍ଟକ-ପ୍ରସ୍ତରନିର୍ମିତ ରାଜଗୃହ, ପ୍ରାସାଦ ।

**ଅଟ୍ୟା**, ବି· (ଅଟ୍-ଯ-ଆ) ପର୍ଯ୍ୟଟନ । ଯଥା—

ବୃଥାଟ୍ୟା ଖଳୁ ସା ତସ୍ୟ ।

**ଅଠଚାଳିଶ**, **ଅଠଚାଳିଶି**, **ଅଟଚାଳିଶ**, ବିଂ· (ଅଷ୍ଟଚତ୍ୱାରିଂଶ ଶବ୍ଦଜ) ୪୮ ସଂଖ୍ୟା ।

**ଅଠତିରିଶ**, **ଅଠତିରିଶି**, **ଅଠତିଶି**, ବିଂ· (ଅଷ୍ଟତ୍ରିଂଶତ୍ ଶବ୍ଦଜ) ୩୮ ସଂଖ୍ୟା ।

**ଅଠର**, ବିଂ· (ଅଷ୍ଟାଦଶ ଶବ୍ଦଜ) ୧୮ ସଂଖ୍ୟା ।

**ଅଠଷଠି**, ବିଂ· (ଅଷ୍ଟଷଷ୍ଟି ଶବ୍ଦଜ) ୬୮ ସଂଖ୍ୟା ।

**ଅଠା**, ବି· (ଅସ୍ଥି ଶବ୍ଦଜ) ବୃକ୍ଷାଦିର ନିର୍ଯ୍ୟାସ । ଯଥା—

ଶୋଭା ଦେଖି ଆଖି ରହିଯାଏ ଲାଖି
ପକ୍ଷୀ ଯେମନ୍ତ ଅଠାରେ । ବ. ଚ.

ଅଲୁଆ ।

**ଅଠାଅଶି**, **ଅଠାଶି**, **ଅଠାଶୀ**, ବିଂ· (ଅଷ୍ଟାଶୀତି ଶବ୍ଦଜ) ୮୮ ସଂଖ୍ୟା ।

**ଅଠାଇଶ**, **ଅଠାଇଶି**, **ଅଠେଇଶ**, ବିଂ· (ଅଷ୍ଟାବିଂଶ ଶବ୍ଦଜ) ୨୮ ସଂଖ୍ୟା । ଯଥା—

ଗଣ୍ଡା ଯୁଗ ମନୁ ଏକ ଗଲା,
ଅଠେଇଶ ମନୁରେ ବ୍ରହ୍ମାଙ୍କୁ ଦିନେ ହେଲା । ନୃ.ପୁ.

**ଅଠାକାଠି**, **ଅଠାକାଣ୍ଡିଆ**, ବି· (ଅସ୍ଥି-କାଷ୍ଠ, ଅସ୍ଥି-କାଣ୍ଡ ଏପରି ଦୁଇ ଶବ୍ଦରୁ ଜାତ) ପକ୍ଷୀ ଧରିବା ସମୟରେ କେଳାମାନେ ସେମାନଙ୍କ ନଳର ଅଗ୍ରଭାଗରେ ଯେଉଁ କାଠିରେ ଅଠା ଲଗାଇ ଗୁଞ୍ଜିଥାନ୍ତି, ତାହା ପକ୍ଷୀ ଦେହରେ ଲାଗିଲେ ପକ୍ଷୀ ଉକ୍ତ କାଠିରେ ଜଡ଼ି ହୋଇଯାଏ ଓ ଉଡ଼ି ନ ପାରି ଧରା ପଡ଼େ । ଯଥା—

କି ଅବା ଖଞ୍ଜନଯୁଗ ନିଶ୍ଚଳ ହେବାରୁ ଯୋଗ
ଅଞ୍ଜନ ଅଠାକାଠିରେ ଏକାବେଳକେ । ଲା. ବ.

**ଅଠାଟିକ**, **ଅଠାଠିକ**, ବିଂ· (ଦେଶଜ) ଅକ୍ରମ, ଅସନ୍ଦର୍ଭ ।

**ଅଠାଣୋଇ**, **ଅଠାନବେ**, ବିଂ· (ଅଷ୍ଟନବତି ଶବ୍ଦଜ) ୯୮ ସଂଖ୍ୟା । ଯଥା—

ଏଗାର ଛଉଣୀ ବଳ ଘେନି କୁରୁରାଣ
ଆଦର ଅଠାଣୋଇ ସଙ୍ଗତେ ଭାଇମାନ । ନୃ.ପୁ.ସ.ତ.

**ଅଠାଳ**, **ଅଠାଳଆ**, ବିଂ· (ଅଷ୍ଠୀଲା ଶବ୍ଦଜ) ଚଟ-ଚଟିଆ ।

**ଅଠାସୁଆ**, ବି· (ଦେଶଜ) ଚଞ୍ଚା ନ ହୋଇ ଥିବା ପଥର ।

**ଅଠିକଣା**, ବିଂ· ଅନିର୍ଦ୍ଦିଷ୍ଟ, ଅସ୍ତବ୍ୟସ୍ତ ।

**ଅଠୌର**, ବିଂ· (ଦେଶଜ) ଯାହା ଠୌର ହୁଏ ନାହିଁ ।

ଅଡ଼, ବି· (ଦେଶଜ) ଅଭିମାନ ବା ରୁଷିବା; ଅର୍ଗଳ ବା କଳଣୀ । ବିଂ ଗେଷ କରିଥିବା ।

ଅଡ଼ଙ୍ଗ, ବି· (ଦେଶଜ) ଗ୍ରେଷ୍ଠ ପିଣ୍ଡା; ଆକସ୍ମିକ ଦ୍ରବ୍ୟର ଉତ୍ପତ୍ତିସ୍ଥାନ, ଲୁଣ ପୋକ୍ତାନର ସ୍ଥାନ ।

ଅଡ଼ଙ୍ଗା, ବି· (ଦେଶଜ) ଆମ୍ବ ପ୍ରଭୃତିର ଆଗୁର ।

ଅଡ଼ତି, ବି· (ଦେଶଜ) ଯେଉଁ ସ୍ଥାନରେ ପଣ୍ୟ ଦ୍ରବ୍ୟର କ୍ରୟ ବିକ୍ରୟ ନିମନ୍ତେ ରାଜ-ସର୍କାରରୁ ଅନୁମତିପତ୍ର ମିଳିଥାଏ, ଗଞ୍ଜ ।

ଅଡ଼ଭୂଷା, ବିଂ (ଦେଶଜ) ଅଖାଡ଼ୁଆ ।

ଅଡ଼ା, ବିଂ (ଆଢ଼କ ଶବ୍ଦଜ) ଧାନ୍ୟାଦି ମାପିବାର ପାତ୍ରବିଶେଷ । (ଦେଶଜ) ଗୌଡ଼-ମାନଙ୍କର ଏକତ୍ର ବସିବା ସ୍ଥାନ; ଶୁଆ ବସିବାର ଆଧାର ଅର୍ଥାତ୍ ପଞ୍ଜରା; ଗୀତାଦି ଶିଖିବା ସ୍ଥାନ ବା ଆଖଡ଼ା । ଯଥା—

ପୁଣ ପୁଣ ପ୍ରହାର ଯେ କଲେ ଗଦାରାଜ,
ଜଗତୀର ଦ୍ୱାର ଅଡ଼ା ପକାଇଲେ ଭାଙ୍ଗି । ସା. ଭାଃଆ.

ଅଡ଼ାଇବା, ଅଡ଼େଇବା, } କ୍ରି· ପଛରେ ରହି ପଶୁକୁ ଚଳାଇବା । ଯଥା—

ଏଡ଼େ ଗରବ ଗୋପୀଙ୍କି ପାଟ ମାଗୁ
ନନ୍ଦର ଗୋରୁ ଅଡ଼ାଇ । ବ. ଚ.

ତଡ଼ିବା । ଯଥା—

ଦିନେ ଦେହରେ କଣ୍ଟିଲି ମଶା ଯେ ଗୋଟିଏ,
ଧୀରେ ଅଡ଼ାଇଣ ଦେଲେ ବାଳୁତ ତନୟେ ।
ସା. ଭା. ଆ.

ଅଡ଼ୁ, ବି· (ଦେଶଜ) ଜିଦ୍ ବା ହଟ ।

ଅଡ଼ିବା, ଅଡ଼ିବସିବା, } କ୍ରି· ଅବାଧ ହେବା, ବିଦ୍ରୋଧୀ ହେବା । ଯଥା—

ଏଣୁ କରି ହରିଙ୍କି ସର୍ବଦା ଥାଏ ଅଡ଼ି ।
ସେ ହରି ମୋହର ଘରେ ଗଲିଣି ବନ୍ଧା ପଡ଼ି । ନୃ.ସୁ.

ଅଡ଼ୁଆ, ବିଂ (ଦେଶଜ) ଜଟିଳ, ଗୋଳମାଳିଆ । ଯଥା—

ମୋ ସୁତା ଚିକ୍କଣ କୋମଳ ପୁଣି ମଧ୍ୟ ତ ସରୁ ।
ଅଡ଼ୁଆ ମାରିକ କରୁଛୁ ଦିନେ କାଣି ନ ପାରୁ । ସୁ.ପ.

ବି· ଅସୁବିଧା ।

ଅଡ଼ୌଲ, ବିଂ (ଦେଶଜ) ଅସୁନ୍ଦର, ଅଯତ୍ନ ।

ଅଡ଼ଙ୍ଗ, ବିଂ (ଦେଶଜ) ଅସୁନ୍ଦର; ଅଡ଼ୌଲ ।

ଅଡ଼ପ, ଅଡ଼ପା, } ବିଂ (ଦେଶଜ) ଅସୁନ୍ଦର; କଦାକାର ।

ଅଡ଼ମ୍ବା, ଅଡ଼ଙ୍କା, } ବିଂ (ଦେଶଜ) ଅନାବୃତ ।

ଅଡ଼ାଇ, ଅଡ଼େଇ, } ବିଂ (ଅର୍ଦ୍ଧ-ଦ୍ୱି-ଶବ୍ଦଜ) ସାର୍ଦ୍ଧଦ୍ୱୟ; ଅଳ୍ପ । ଯଥା—

ତୁ ସିନା ଅଡ଼େଇ ଦିନର ଗୁଳର । ଦରବାର ।

ଅଡ଼ିଆ, ବି· (ଗଉଡ଼ଜାତିରେ ମାତ୍ର ବ୍ୟବହୃତ) ସିଧା ସାମଗ୍ରୀ ।

ଅଡ଼େଇକଅାରିଆ, ବି· (ଦେଶଜ) ସର୍ପବିଶେଷ; ଯେଉଁ ସର୍ପ ଅଡ଼ାଇ କଆର ପର୍ଯ୍ୟନ୍ତ ଗୋଡ଼ାଏ; ଡମ୍ପବିଶେଷ ।

ଅଡ଼େଇଆ, ଅଡ଼େୟା, } ବି· (ଦେଶଜ) ଦୁଇ ସେର ଅଧେ ପରିମାଣ; ଅଡ଼ାଇଗୁଣ ।

ଅଡ଼େଇଦିନିଆ, ବିଂ (ଦେଶଜ) ଅଳ୍ପକାଳ-ସ୍ଥାୟୀ ।

ଅଣ, ବି· (ଦେଶଜ) ବ୍ୟଞ୍ଜନରସ । (ଅନ୍-ଏହି ଅବ୍ୟୟ ଶବ୍ଦଜ) ନାସ୍ତ୍ୟର୍ଥବୋଧକ ।

ଅଣଆଖୁଆ, ଅଣଖୁଆ, } ବି· (ଅନକ୍ଷୁ ଶବ୍ଦଜ) ତୃଣବିଶେଷ, ଏହା ଆଖୁ ଗଛ ପରି ଦିଶେ ।

ଅଣଆଦର, ବି· (ଅନାଦର ଶବ୍ଦଜ) ଆଦରର ଅଭାବ, ଅଶ୍ରଦ୍ଧା । ଯଥା—

ଆମ୍ଭଙ୍କୁ ଅଣଆଦର କଲା ଯେବେ ଏକା,
ବୋଇଲେ ଖ୍ରୀଷ୍ଟଙ୍କ ସଭା ଯାଇ ଭାଙ୍ଗିପକା ।
ନୃ. ସୁ. ସ. ତ.

ଅଣଆୟୃତ, ବି· (ଅନାୟୃତ୍ତ ଶବ୍ଦଜ) ହେଳା ବା ଅସାବଧାନତା । ଯଥା—

କରଇ ଅଣଆୟୃତ ସବୁ ନଷ୍ଟ । ର. କ.

ବିଂ ପରାଧୀନ; ଅସାବଧାନ ।

ଅଣଉଦିଆ, ବିଂ (ଅନୁଦୟ ଶବ୍ଦଜାତ) ଯାହା ସୂର୍ଯ୍ୟୋଦୟ ପୂର୍ବରୁ କରାଯାଏ ।

ଅଣଉଦ୍ଘାଡ଼, ବିଂ (ଦେଶଜ) ଅବ୍ୟବଧାନ ବା ଆବରଣରହିତ, ଅନାବୃତ ।

ଅଣଓସାର, ଅଣଓସାରିଆ, } ବିଂ. (ଦେଶଜ) ଅଳ୍ପ ବିସ୍ତାର-ବିଶିଷ୍ଟ ।

ଅଣକ, ବିଂ. (ଅଣ୍-ଅ-କ = ଅଳ୍ପାର୍ଥେ) ନୀଚ, ଅଧମ, ନିନ୍ଦନୀୟ । (ଦେଶଜ) ଡ଼ଙ୍କା; କାଷ୍ଠପାତ୍ରବିଶେଷ ।

ଅଣକଦଳୀ, ଅଣକଦଳିଆ, } ବି. (ଅନ୍-କଦଳୀ-ଏହାର ଅନୁକରଣରେ ଜାତ) ଅଯତ୍ନ ଯୋଗୁଁ ନିକୃଷ୍ଟ ହୋଇଥିବା କଦଳୀ ଗଛ ।

ଅଣକଳା, ଅଣକିଳ, ଅନକିଳ, } ବି. (ଅଣି-କୀଳ-ଶବ୍ଦଜ) ଗାଡ଼ି ପ୍ରଭୃତିର ଚକ ଅଟକାଇବା ନିମିତ୍ତ ଅଖ ଶେଷରେ ଥିବା କିଳ ।

ଅଣଗୃଣ, ଅଣଞ୍ଚାଶ, } ବିଂ. (ଊନପଞ୍ଚାଶତ୍ ଶବ୍ଦଜ) ୪୯ ସଂଖ୍ୟା । ଯଥା—

ଶୁଣ ପବନ ଅଣଗୃଣ,
ଏ ଗୃର ମେଘ ଖଣ୍ଡେ ମିଶ । ଭା. ଦ. ସ୍ତ.

ବି. ମୃତ୍ୟୁର ଅବ୍ୟବହିତ ପୂର୍ବେ ବହୁଥିବା ଖରନିଶ୍ୱାସ । ଯଥା—

ମୃତ୍ୟୁଶଯ୍ୟା ଅଣଞ୍ଚାଶ ଲୀଳାସ୍ଥଳୀ । ଦରବାର ।

ଅଣଠାବ, ଅଠାବ, } ବି. (ଅସ୍ଥାନ ଶବ୍ଦଜ) ଯେଉଁ ସ୍ଥାନକୁ ସାଧାରଣତଃ କେହି ଯାନ୍ତି ନାହିଁ । ଯଥା—

କନ୍ୟାକୁ ଘେନଣ ଏଥୁ ପଳାଇ ଅଇଲେ,
ଏଥି ଆସି ଅଣଠାବ ବୋଲଣ ରହିଲେ । ସା. ଭା. ଆ.

ଅଜ୍ଞାତ ସ୍ଥାନ ।

ଅଣଦୋଷୀ, ବିଂ. (ଅଦୋଷୀ ଶବ୍ଦଜ) ଦୋଷହୀନ । ଯଥା—

ଅଣଦୋଷୀ ମହାତ୍ମାର ଦୋଷ ବାଛି ବାଛି
ବିଗୃରଇ ନାଶକର ଏଥି ଦୋଷ ଅଛି । ସା. ଭା. ସ.

ଅଣନଉ, ଅଣନବେ, } ବିଂ. (ଊନନବତି ଶବ୍ଦଜ) ୮୯ ସଂଖ୍ୟା । ଯଥା—

ଭଣଇ ଦୀନକୃଷ୍ଣ ଦାସ
ଅଣନଉ ପଦରେ ଶେଷ । ମା. ମା.

ଅଣନାତି, ବି. (ଊନ ଓ ନପ୍ତୃ, ଏହି ଦୁଇ ଶବ୍ଦର ଅପଭ୍ରଂଶ ଯୋଗେ ଉତ୍ପନ୍ନ) ନାତିର ପୁଅ । ଯଥା—

ସତର ଲକ୍ଷ କୁମର ନାତି ନବ ଲକ୍ଷ,
ଅଣନାତି ତିନ ଲକ୍ଷ ବତନ୍ତି ଅସଂଖ୍ୟ । ନୃ. ପୁ.

ଅଣନାତୁଣୀ, ବି. ସ୍ତ୍ରୀ. ନାତି ଅଥବା ନାତୁଣୀର ଝିଅ ।

ଅଣପାଟ, ବିଂ. (ଅନ୍ ଓ ପଟ୍ଟ ଏହି ଦୁଇ ଶବ୍ଦର ଅପଭ୍ରଂଶ ଯୋଗେ ଉତ୍ପନ୍ନ) ଯେଉଁ ରାଜାଙ୍କ ବଂଶରେ ପାଟ ଅର୍ଥାତ୍ ଜାତିଆ ପଟ୍ଟମହିଷୀଙ୍କ ସନ୍ତାନ ନାହାନ୍ତି । ଯଥା—

କେଉଁ ଜନେ ବୋଇଲେ ସରିଲା ଆମ୍ଭ ଲଟ,
ସୋମବଂଶ ଏଥୁଠାରୁ ହେଲା ଅଣପାଟ । ନୃ. ପୁ. ପ୍ର. ସା.

ଅଣପୁରୁଷ, ଅଣପୁରୁଷା, } ବି. (ଅପୁରୁଷ ଶବ୍ଦଜ) ନପୁଂସକ । ଯଥା—

ହଂସ ସଭାରେ ବକ ବସିଲେ ଯେସନ୍ତେ ଦିଶେ
ଯୁବାସ୍ତ୍ରୀଙ୍କି ଅଣପୁରୁଷା ଯେସନ୍ତେ ରସେ । ନୃ. ପୁ. ସ. ତ.

ଅଣବାପୁଆ, ଅଣବାବୁଆ, } ବିଂ. (ଅନ୍ ଓ ବପ୍ତା ଏହି ଦୁଇ ପଦର ଅପଭ୍ରଂଶ ଯୋଗେ ସମୁତ୍ପନ୍ନ) ଯାହାର ପିତାର ଠିକଣା ନାହିଁ, ଜାରଜ ।

ଅଣବାହୁଡ଼ି, ଅଣବାହୁଡ଼ା, } ବିଂ. (ଦେଶଜ) ଯେ କାର୍ଯ୍ୟ ନ କରି ବାହୁଡ଼େ ନାହିଁ । ଯଥା—

ବୋଇଲା କୃଷ୍ଣଶକ୍ତି ଶୁଣ ହେ ସୁଦର୍ଶନ,
ତୁମ୍ଭେ ଆମ୍ଭେ ଦୁହେଁ ତ ଅଣବାହୁଡ଼ା ଜାଣ ।
ନୃ. ପୁ. ଚ. ସା.

ଅଣବ୍ରତୁଆ, ଅବର୍ତ୍ତିଆ, } ବିଂ. (ଅବ୍ରତ ଶବ୍ଦଜ) ଯାହାର ବ୍ରତ ବା ଉପନୟନ ହୋଇ ନ ଥାଏ । ଯଥା—

ଅଣବ୍ରତୁଆ ହୋଇ ଅଛି,
ଯଜ୍ଞସୂତ୍ର ତାହାଙ୍କୁ ଦେଇ । ବ. ପୁ.

ଅଣବ୍ୟ, ବିଂ. (ଅଣୁ = ସୂକ୍ଷ୍ମ ଧାନ୍ୟ-ଯ) ଯେଉଁ କ୍ଷେତ୍ରରେ ଚୀନା ନାମକ ଧାନ୍ୟ ଜନ୍ମେ ।

ଅଣସର, ବି. (ଅନବସର ଶବ୍ଦଜ) ଆଷାଢ଼ କୃଷ୍ଣପକ୍ଷ; ଯେକାଳେ ପୁରୀ ବଡ଼ ଦେଉଳରେ ଯାତ୍ରିମାନଙ୍କୁ ଶ୍ରୀଜଗନ୍ନାଥ ଦର୍ଶନର ଅବସର ଦିଆଯାଏ ନାହିଁ । ଯଥା—

ଅଣସର ଖର ମଧ୍ୟାହ୍ନେ ଯେସନ
ଦୁଃସହ ଗ୍ରୀଷ୍ମ ଆକୁଳେ । ଯ. କେ.

ବିଂ. ନୀଚ ।

**ଅଣସୋରଷ**, ବି· (ଅ-ସର୍ଷପ ଶବ୍ଦଜ) ଏକ-ପ୍ରକାର ଗୁଳ୍ମ, ଏହାର ମଞ୍ଜି ସୋରଷ ପ୍ରାୟ ଦିଶେ ।

**ଅଣଶୁଧିଆ**, ବିଂ. (ଅଶୁଦ୍ଧ ଶବ୍ଦଜ) ଅଶୌଚ-ଯୁକ୍ତ ବା ଅଶୁଦ୍ଧ ।

**ଅଣହେତୁ**, ବି. (ଅ-ହେତୁ ଶବ୍ଦଜ) ଅଜ୍ଞାନ । ଯଥା—

**ଶମନକୁ ନିନ୍ଦା ଆଜ୍ଞ ନ ଦିଅ ସଂସାରେ,**
**ଯେ ଯାହା ଅଣହେତୁରୁ ପୁଣ ଜନ୍ମି ମରେ ।**
**ନୃ. ସୁ. ପ୍ର. ସା.**

**ଅଣହେଳା**, ବି. ( ଅନୁହେଳା ଶବ୍ଦଜ ) ଅନାଦର । ଯଥା—

**କୋଇଲ, ଅନେକ ହିଂସିଲ ଗ୍ରସ୍ତେ କଂସ,**
**ଅଣହେଳା କରଣ ଆପଣେ ଗଲ ନାଶ ଲୋ । କେ.କୋ.**

**ଅଣା**, ବି· (ଆଣକ ଶବ୍ଦଜ) ଟଙ୍କାର ଷୋଳ ଭାଗରୁ ଭାଗେ ।

**ଅଣା**, ବି· (ଓଡ଼ିଆ ଆଣ ଧାତୁରୁ ଜାତ) ଆନୟନ ଅର୍ଥାତ୍ ଆଣିବା । ବିଂ. ଆନୀତ ।

**ଅଣାଇବା**, କ୍ରି· ଆଣିବାକ୍ରିୟାର ପ୍ରଯୋଜକରୂପ ।

**ଅଣାବଣା**, ବି· (ଦେଶଜ) ଗୋଳମାଳ । ବିଂ. ଅସ୍ଥିର, ଅବ୍ୟବସ୍ଥିତ; ବିଶୃଙ୍ଖଳ ।

**ଅଣାୟତ**, ବିଂ. (ଅନାୟତ୍ତ ଶବ୍ଦଜ) ଅସ୍ୱାଧୀନ, ପରତନ୍ତ୍ର; ନାଚାର । ବି· ସ୍ୱାତନ୍ତ୍ର୍ୟହୀନତା, ସ୍ୱଚ୍ଛନ୍ଦତାର ଅଭାବ, ନାଚାରଅବସ୍ଥା । ଯଥା—

**ଯା ଶୋଭାରଙ୍ଗିମା ନେତ୍ରପଥରେ**
**ପଡ଼ିଯାଉଁ ବିଶ୍ୱସୃଜର ଥରେ ।**

**ଅଣାୟତରେ (ଅଣାୟତରେ) ହୃଦୟ ଥରେ । ବି. ଚ.**

**ଅଣାଶି**, } ବିଂ. (ଊନଅଶୀତି ଶବ୍ଦଜ) ୭୯
**ଅଣାଅଶି**, } ସଂଖ୍ୟା ।

**ଅଣି**, } ବି· (ଅଣ = ଶବ୍ଦ କରିବା-ଇ) ରଥ
**ଅଣୀ**, } ଗାଡ଼ି ପ୍ରଭୃତିର ଚକ ଅଟକାଇବା ନିମିତ୍ତ ଅକ୍ଷଶେଷରେ ଥିବା କିଲ । ଯଥା—

**"ଅକ୍ଷାଗ୍ରକୀଲକେ ତୁ ଦ୍ୱୟୋରଣିଃ ।"**

ସୂଚ୍ୟାଦିର ଅଗ୍ରଭାଗ; ପ୍ରାନ୍ତ, ସୀମା । (ଆଣକ ଶବ୍ଦଜ ହେଲେ) ଅଣାଏ ମୂଲ୍ୟର ମୁଦ୍ରା ।

**ଅଣିଆଇବା**, } କ୍ରି· (ଆ-ନମ୍ ଧାତୁରୁ ଜାତ)
**ଅଣେଇବା**, } ପାଖେଇବା,ଗୋଟାଏ ପାଖକୁ
**ଅଣାଇହେବା**, } ଢଳିବା । ଯଥା—

**ବିଶ୍ୱଚଉବିଶପାଇଁ ପ୍ରୀତ ମୂର୍ତ୍ତିମନ୍ତ ହୋଇ,**
**ଅଣିମାଦ୍ଧ ଦେବ ଅଣିଆଇ ଶୋଇଛୁ । ବି. ଚ.**

**ଅଣିକାଠି**, ବି· (ଅଣି ଓ କାଷ୍ଠ ଏ ଉଭୟ ଶବ୍ଦରୁ ଉତ୍ପନ୍ନ) ଯେଉଁ କାଠିଦ୍ୱାରା ଅର ଚକର ପଇ ସଙ୍ଗେ ସଂଲଗ୍ନ ଥାଏ ।

**ଅଣିଧରିବା**, କ୍ରି· (ଆ-ନମ୍ ଧାତୁରୁ ଜାତ) ନୁଆଁଇ ଧରିବା । ଯଥା—

**ଭୃଙ୍ଗେ କାମ ଆଣି ଆଣି କୋଳେ ଧରି ଅଣି ଅଣିମାଦ୍ଧ**
**ସୁଖଦା ରମଣୀମଣି ହେ ଜଳଧର । ପ୍ରେ. ସୁ.**

**ଅଣିମା**, ବି· ( ଅଣୁ-ଇମନ୍ ) ଅଣୁତ୍ୱ, ସୂକ୍ଷ୍ମ-ପରମାଣ; ଅଷ୍ଟବିଧ ଐଶ୍ୱର୍ଯ୍ୟମଧ୍ୟରେ ଅଣିମା ଏକ ଐଶ୍ୱର୍ଯ୍ୟ; ଅଲୌକିକ ଶକ୍ତି । ଏହି ଶକ୍ତିଦ୍ୱାରା ଦେବଗଣ ଓ ସିଦ୍ଧଗଣ ନିଜ ଶରୀରକୁ ଇଚ୍ଛାନୁରୂପ ସୂକ୍ଷ୍ମ କରି ସମସ୍ତଙ୍କର ଅଲକ୍ଷ୍ୟଭାବରେ ସର୍ବତ୍ର ବିଚରଣ କରନ୍ତି ।

**ଅଣିମାଣ୍ଡବ୍ୟ**, } ବି· (ଅଣି-ମାଣ୍ଡବ୍ୟ = ଶୂଳା-
**ଅଣୀମାଣ୍ଡବ୍ୟ**, } ଗ୍ରରେ ଯୁକ୍ତ ମାଣ୍ଡବ୍ୟ) ମୁନି-ବିଶେଷ । ଏହି ମୁନି ଶୈଶବରେ ପତଙ୍ଗଙ୍କୁ ବାଧା ଦେଇଥିଲେ ବୋଲି ବିନାପରାଧରେ ରାଜାଙ୍କ କର୍ତ୍ତୃକ ଶୂଳରେ ନିକ୍ଷିପ୍ତ ହୋଇ-ଥିଲେ, ପରିଶେଷରେ ଧର୍ମରାଜଙ୍କୁ ଏ ଶାପ ଦେଇଥିଲେ । ଧର୍ମରାଜ ବିଦୁରରୂପେ ମାନବଜନ୍ମ ଗ୍ରହଣ କରିଥିଲେ ।

**ଅଣିହେବା**, } କ୍ରି· (ଆ-ନମ୍ ଧାତୁରୁ ଜାତ)
**ଅଣେଇହେବା**, } ଏକପାଖ ହେବା ।

**ଅଣୀୟାନ୍**, ବିଂ. ପୁଂ. (ଅଣୁ-ଈୟସ୍) ଅତିସୂକ୍ଷ୍ମ ।

**ଅଣୁ**, ବିଂ. (ଅଣ୍-ଉ) ଅଳ୍ପ, କ୍ଷୁଦ୍ର, ଈଷତ୍ । ବି· (ଅନ୍-ଉ) ଧାନ୍ୟବିଶେଷ, ସୂକ୍ଷ୍ମଧାନ୍ୟ; ପରମାଣୁ; ସୂକ୍ଷ୍ମାଂଶ ।

**ଅଣୁଚ୍ଛେଦ**, ବି. (ଅଣୁ-ଛେଦ) ଭିନ୍ନ ଭିନ୍ନ ବିଷୟ ।

**ଅଣୁଭା**, ବି· ସ୍ତ୍ରୀ· (ଅଣୁ-ଭା) ବିଜୁଳୀ ।

**ଅଣୁବୀକ୍ଷଣ**, ବ. (ଅଣୁ-ବି-ଈକ୍ଷ୍-ଅନ) ଯେଉଁ ଯନ୍ତ୍ରଦ୍ୱାରା କ୍ଷୁଦ୍ର କ୍ଷୁଦ୍ର ପଦାର୍ଥ ଦେଖାଯାଏ, ସୂକ୍ଷ୍ମ ଦର୍ଶନଯନ୍ତ୍ର ।

**ଅଣୁବ୍ରୀହି**, ବ. (ଅଣୁ-ବ୍ରୀହି) ସୂକ୍ଷ୍ମଧାନ୍ୟ ।

**ଅଣ୍ଟା**, ବ. (ଦେଶଜ) କଟିଦେଶ । ଯଥା—

ଅଣ୍ଟା ନ ଉଠଇ କରିବ କସ,
ମୋ ବିନା କାହାକୁ କରିବୁ ଆଶ । ହା. ତ.

**ଅଣ୍ଟାଇବା**, କ୍ରି. ଅଣ୍ଟାରେ ଟେକିବା; ବଳ ଦେବା; ସାହାଯ୍ୟ ଦେବା ।

**ଅଣ୍ଟାଖୋସା**, ବ. (ଦେଶଜ) ଲାଞ୍ଚ । ଯଥା—

ନ ପାଇଲେ ସେମାନଙ୍କଠାରୁ ଅଣ୍ଟାଖୋସା,
ଚମକିବ ଦେଖି ବୀରମାନଙ୍କର ଘୋଷା । ଦ. ଭୂ.

**ଅଣ୍ଟାଗୁଞ୍ଜା**, ବ. (ଦେଶଜ) ଲାଞ୍ଚ, ଉତ୍କୋଚ ।

**ଅଣ୍ଟାସୁତା, ଅଣ୍ଟାସୂତା**, } ବ. (ଅଣ୍ଟା-ସୂତ୍ର ଶବ୍ଦଜ) ସ୍ୱର୍ଣ୍ଣ-ରୌପ୍ୟାଦିନିର୍ମିତ କଟିସୂତ୍ର ।

**ଅଣ୍ଡି**, ବ. (ଦେଶଜ) ପିନ୍ଧିବା ଲୁଗାର ପାଶ୍ୱୀକୃତ ଏକ ଅଂଶ, କଟିର ବସ୍ତ୍ରଗ୍ରନ୍ଥି । ଯଥା—

ଅଣ୍ଡିରୁ ଆପଣେ ଯେ କାଢ଼ିଲେ ଖଡ଼ଗୋଟି,
ପଶାକୋଠି କାଟିଦେଲେ ଧରମ ଯୁଧିଷ୍ଠି । ସା. ଭା. ସ.

**ଅଣ୍ଡିଧନ**, ବ. ଅଣ୍ଡିରେ ରକ୍ଷିତ ବା ସଞ୍ଚିତ ଧନ, ପ୍ରିୟପଦାର୍ଥ ବା ପ୍ରାପ୍ୟ ପଦାର୍ଥ । ଯଥା—

ବ୍ରିଟିଶକେଶରୀ ମାଢ଼ ଅନୁସର
ଅଣ୍ଡି ଧନେ କର ଯତ୍ନ,
ଦେବେ କି ହେ ମନ ଯହିଁ ଉପାର୍ଜନ
ହୁଏ ନବନବ ରତ୍ନ । କ. ମ.

**ଅଣ୍ଡିବା**, କ୍ରି. ପର୍ଯ୍ୟାପ୍ତ ଅର୍ଥାତ୍ ଯଥେଷ୍ଟ ହେବା । ଯଥା—

ଏତେକ ଭାତ ତ ଅଣ୍ଡିବ ନାହିଁ,
ଆଉ କିଛି ଥିଲେ ବାଢ଼ ଗୋସାଇଁ । ହା. ତ.

ସମକକ୍ଷ ହେବା । ଯଥା—

ନବ ବରଷୁ ଊଣା କାହ୍ନୁ ତ ଅଛୁ ଜଣା, ନଖାଗ୍ରେ ଉଦ୍ଧରିଲ ଗୋବର୍ଦ୍ଧନ । ନବନୀରଜକୋଷନିଭ ତୋ କୁଚ କିସ, ଅଣ୍ଡିବ କଣ୍ଠୀରବମଧ୍ୟା ଯେନ । କ. ଚ.

**ଅଣ୍ଡ**, ବ. (ଅମ୍-ଡ) ଯହିଁରୁ ଶାବକ ନିର୍ଗମନ କରେ, ଡିମ୍ବ; ମୁଷ୍କ; ଶୁକ୍ର; ମୃଗନାଭି ।

**ଅଣ୍ଡକଟାହ**, ବ. (ଅଣ୍ଡ-କଟାହ) ବ୍ରହ୍ମାଣ୍ଡ, ବିଶ୍ୱ ।

**ଅଣ୍ଡକୋଶ, ଅଣ୍ଡକୋଷ**, } ବ. (ଅଣ୍ଡ-କୋଷ) ମୁଷ୍କ, ବୃଷଣ ।

**ଅଣ୍ଡଜ**, ବ. (ଅଣ୍ଡ-ଜନ୍-ଅ) ପକ୍ଷୀ; ସର୍ପ; ମତ୍ସ୍ୟ; କୃକଳାସ । (ସ୍ତ୍ରୀ-ଆ) ମୃଗନାଭି, କସ୍ତୁରୀ । ବିଂ. ଡିମ୍ବଜାତ ।

**ଅଣ୍ଡା**, ବ. (ଅଣ୍ଡ ଶବ୍ଦଜ) ଡିମ୍ବ । ଯଥା—

ବଦରୀଫଳ ପ୍ରାୟେ ଦିଶଇ ଦିନ ଦଶେ,
ଅଣ୍ଡାର ଆକାର ହୁଏ ପନ୍ଦର ଦିବସେ । ନୃ. ପୁ.

ଛୁଆ; ବୃଷଣ ।

**ଅଣ୍ଡାଳିବା, ଉଣ୍ଡାଳିବା**, } କ୍ରି. (ଆନ୍ଦୋଳନ ଶବ୍ଦଜ) ଅତି ଯତ୍ନରେ ଖୋଜିବା, ଅନ୍ଧକାରରେ କେବଳ ସ୍ପର୍ଶ ସାହାଯ୍ୟରେ ଖୋଜିବା । ଯଥା—

ଅଣ୍ଡାଳି କଲ ଆଲିଙ୍ଗନ,
ତାପ ଛାଡ଼ିଲା ଖେଦମନ । ଭ. ଦ. ସ୍ୱ.

**ଅଣ୍ଡାଳୁ**, ବିଂ. (ଅଣ୍ଡ-ଆଳୁ) ଡିମ୍ବଯୁକ୍ତ । ଯଥା— ଅଣ୍ଡାଳୁ ମତ୍ସ୍ୟ । କ୍ରି. (ଆନ୍ଦୋଳ ଶବ୍ଦଜ) ଯତ୍ନରେ ଅନ୍ୱେଷଣ କରୁ ।

**ଅଣ୍ଡିରା, ଅଣ୍ଡିର**, } ବିଂ. (ଅଣ୍ଡୀର ଶବ୍ଦଜ) ପୁରୁଷ-ଜାତୀୟ । ଯଥା—

ଅଳପ କହଇ ବଚନ, ଅଣ୍ଡିରା କୋକିଳ ଯେସନ । ଭ. ଦ. ସ୍ୱ.

ବ. ପୁରୁଷ ବା ମର୍ଦ୍ଦ ।

**ଅଣ୍ଡିରପୁଅ**, ବ. (ଅଣ୍ଡୀର ଓ ପୁତ୍ର ଏହି ଦୁଇ ଶବ୍ଦରୁ ଉତ୍ପନ୍ନ) ଶିଶୁ, ବାଳକ ।

**ଅଣ୍ଡିରାଚଣ୍ଡୀ**, ବ. ସ୍ତ୍ରୀ. (ଅଣ୍ଡୀର ଓ ଚଣ୍ଡୀ ଉଭୟ ଶବ୍ଦରୁ ଉତ୍ପନ୍ନ) ଉଗ୍ରସ୍ୱଭାବା ନିର୍ଲଜ୍ଜା ନାରୀ । ଯଥା—

ଅଣ୍ଡିରାଚଣ୍ଡୀ ହେଲେ ନାରୀ, ରହଇ ନାହିଁ କୁଳ ଶିରୀ ।

**ଅଣ୍ଡୀର**, ବ. (ଅଣ୍ଡ-ଈର) ବଳବାନ୍ ପୁରୁଷ । ବିଂ. ଶକ୍ତ, ସମର୍ଥ ।

**ଅତଃ, ଅତଏବ**, } ଅଂ. (ଅତଃ-ଏବ) ଏହି ହେତୁ, ଏହି କାରଣରୁ ।

**ଅତଟ**, ବ. (ଅ-ତଟ) ପ୍ରପାତ ବା ପର୍ବତାଦିର ଉଚ୍ଚ ସ୍ଥାନ; ନଦ୍ୟାଦିର ଅତଡ଼ା ଭୂମି । ବିଂ. ବିପୁଳ ।

ଅତଡ଼, ଅତଡ଼ା, ଅତଡ଼ି, } ବି· (ଅତଟ ଶବ୍ଦଜ) ନଦୀ ଖାଇ ଯାଇଥିବା ତଟ । ଯଥା—

ହରିବ କେହ୍ନେ ବୋଲି ଜଗିବେ ଗଛ ବାଡ଼େ,
କାହିଁ କଦମ୍ବମୂଳରେ କାଳିନ୍ଦୀ ଅତଡ଼େ । ନୃ.ପୁ.ପ୍ର.ସା.

ଉଚ୍ଚମାଟି ଭୂମି ।

ଅତଡ଼ା, ବି· (ଦେଶଜ) ନିଆଁ ଗଦା । ଯଥା—

ସୁବାସ ଜଳରେ ଧୋଇ ଛଡ଼ାଇଲେ ମଳ,
ଅତଡ଼ା ଲଗାଇଣ ସେକିଲେ ନେଇ ବାଳୀ ।
ନୃ. ପୁ. ପ୍ର. ସା.

ଅତ୍ୟୁଚ୍ଚ ଶବ୍ଦଜନିତ ସ୍ତବ୍ଧତା । ଯଥା—
କାନ ଅତଡ଼ା ପଡ଼ିଗଲା ।

ଅତଣ୍ଡି, ବି· (ଦେଶଜ) ଶୁଭ୍ରପତ୍ରବିଶିଷ୍ଟ ବନଲତାବିଶେଷ । ଯଥା—

ଅନ୍ଧକାରେ ଇନ୍ଦୁ କିରଣ ପଡ଼ିଲା,
ଅତଣ୍ଡି କି ଶ୍ୟାମ ତମାଳେ ଜଡ଼ିଲା । କ. କୋ.

ଅତଥ୍ୟ, ବିଂ. (ଅ-ତଥ୍ୟ) ଅସତ୍ୟ, ଅବାସ୍ତବ ।

ଅତନ୍ଦ୍ର, ବିଂ. (ଅ-ତନ୍ଦ୍ରା) ତନ୍ଦ୍ରାହୀନ, ସାବଧାନ, ଅନଳସ, ସତର୍କ ।

ଅତନ୍ଦ୍ରିତ, ବିଂ. (ଅ-ତନ୍ଦ୍ରିତ) ଅନଳସ, ସାବଧାନ; ଅବିରାମ । ଯଥା—
ସବିତା ଅତନ୍ଦ୍ରିତ ହୋଇ ନିରନ୍ତର ଏହିରୂପେ କାଳଚକ୍ରରେ ଭ୍ରମଣ କରୁଅଛନ୍ତି ।

ଅତଃପର, ଅଂ. (ଅତଃ-ପର) ଏ ଉତ୍ତାରୁ, ପଶ୍ଚାତ୍ ।

ଅତର, ବି· (ଦେଶଜ) ସୁଗନ୍ଧ ତରଳ ପୁଷ୍ପସାର । ଯଥା—
ଙ୍ଖେ ନ ଜାଣେ ପାନ ଅତରର ଘଟା । ଦରବାର ।

ଅତରସ, ବି· (ଅତି-ତ୍ରାସ ଶବ୍ଦଜ) ଉଦ୍‌ବେଗ ।

ଅତର୍କିତ, ବିଂ. (ଅ-ତର୍କିତ) ଅଚିନ୍ତିତ, ଅସମ୍ଭାବିତ, ଅଲକ୍ଷିତ, ହଠାତ୍ ।

ଅତର୍ଛେ, ବି· (ଅତି-ତ୍ରାସ ଶବ୍ଦଜ) ମହାଭୟ । ଯଥା—

ଉଚ୍ଚରୁ ଡୋର କାଟି ଛଡ଼ାଇ ତାଙ୍କୁ ଦେଲେ,
ଅତର୍ଛେ ଅଶ୍ୱତ୍ଥାମା ପଳାଇ ତହୁଁ ଗଲେ । ନୃ.ପୁ.

ଅତଳ, ବି· (ଇଦମ୍ = ଅ-ତଳ) ସପ୍ତ ପାତାଳ ମଧ୍ୟରେ ପ୍ରଥମ ପାତାଳ । ସପ୍ତ ପାତାଳ । ଯଥା—
ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଏବଂ ପାତାଳ ।

ବିଂ. (ଅ-ତଳ) ଯାହାର ନିମ୍ନ ନାହିଁ, ତଳଶୂନ୍ୟ, ଅଗାଧ, ଅତି ଗମ୍ଭୀର ।

ଅତଳସ, ବି· (ଦେଶଜ) ବସ୍ତ୍ରର ଭାଗବିଶେଷ । ଯଥା—
ପିନ୍ଧିଛୁ ସେ ଅତଳସ ଲହଙ୍ଗା ଉପରେ । ଲ. ବ.

ଅତଳସ୍ପର୍ଶ, ଅତଳସ୍ପୃକ୍, } ବିଂ. (ଅ-ତଳ-ସ୍ପର୍ଶ, ସ୍ପୃଶ୍-କ୍ୱିପ୍) ଅଗାଧ, ଅତିଗମ୍ଭୀର ।

ଅତସ, ବି· (ଅତ୍-ଅସ୍-ଅ) ବାୟୁ, ଆତ୍ମା; (ସ୍ତ୍ରୀ-ଈ = ସୀ) ପୁଷ୍ପବୃକ୍ଷବିଶେଷ, ଶଣ ।

ଅତାଳିଆ, ବିଂ. (ଦେଶଜ) ତାଳରହିତ; ଅଥବା କମ୍ବା ହିତାହିତଜ୍ଞାନଶୂନ୍ୟ ।

ଅତି, ଅଂ. (ଅତ୍-ଇ) ଅଧିକ, ଅତିଶୟ; ଅସଙ୍ଗତ, ଅନୁଚିତ । ଯଥା—ଅତିଦାନ, ଅତିଲୋଭ, ଅତିଗର୍ବ; ଉତ୍କର୍ଷ; ପୂଜନ; ପ୍ରଶଂସା ।

ଅତିକଥା, ବି· (ଅତି = ଅତିକ୍ରାନ୍ତ-କଥା) ବ୍ୟର୍ଥଭାଷଣ, ବୃଥାବାକ୍ୟ ।

ଅତିକାୟ, ବି· (ଅତି = ଉତ୍କୃଷ୍ଟ-କାୟ) ରାକ୍ଷସବିଶେଷ, ରାବଣର ପୁତ୍ର । ବିଂ. ପ୍ରକାଣ୍ଡ ଦେହବିଶିଷ୍ଟ ।

ଅତିକୃଚ୍ଛ୍ର, ବି· (ଅତି-କୃଚ୍ଛ୍ର) ପ୍ରାୟଶ୍ଚିତ୍ତବିଶେଷ । ବିଂ. ଅତିକଷ୍ଟ ।

ଅତିକ୍ରମ, ବି· (ଅତି-କ୍ରମ୍-ଅ) ଲଙ୍ଘନ, ଉଲ୍ଲଂଘନ; ଅଧିକ ହେବା, ବିପର୍ଯ୍ୟୟ; ଅନ୍ୟଥାଚରଣ; ଶତ୍ରୁକୁ ଆକ୍ରମଣ; ଅନାଦର ।

ଅତିକ୍ରାନ୍ତ, ବିଂ. (ଅତି-କ୍ରମ୍-ତ) ଗତ, ଅତୀତ; ଲଙ୍ଘିତ; ଉଲ୍ଲଙ୍ଘିତ; ଆକ୍ରାନ୍ତ; ଅନାଦୃତ ।

ଅତିଗନ୍ଧ, ବି· (ଅତି = ଅତିକ୍ରମ-ଗନ୍ଧ) ଚମ୍ପକବୃକ୍ଷ । ବିଂ. ଅତିଶୟ ଗନ୍ଧବିଶିଷ୍ଟ ।

ଅତିଗୃର, ବି· (ଅତି-ଗୃର) ଗ୍ରହଗଣର ସ୍ୱ ସ୍ୱ ରାଶି ଅତିକ୍ରମପୂର୍ବକ ଶୀଘ୍ରଗମନ; ଅତିଶୟ ଗମନ ।

ଅତିଛତ୍ର, ବି· (ଅତି-ଛତ୍ର) ଜଳତୃଣ, ଧାନ୍ୟକ୍ଷେତ୍ରରେ ବିସ୍ତୃତ ହେବା ତୃଣ । (ସ୍ତ୍ରୀ-ଆ) ପାନମହୁରୀ, ମସଲା ଦ୍ରବ୍ୟବିଶେଷ ।

ଅତିତରାଂ, ଅ· (ଅତି-ତରାଂ) ଅତ୍ୟଧିକ ।

ଅତିଥ, ବି· ( ଅତିଥି ଶବ୍ଦରୁ ଅପଭ୍ରଷ୍ଟ ) ଅଭ୍ୟାଗତ । ଯଥା—

ବୋଲଇ ଉଠ ବେଗେ ନାଥ,
କେଣିକି ଗଲେ ସେ ଅତିଥ । ଦା. ର.

ଅତିଥି, ବି· (ଅ-ତିଥି ଅର୍ଥାତ୍ ଯାହାର ନିର୍ଦ୍ଦିଷ୍ଟ ତିଥି ନାହିଁ) ଯେ କୌଣସି ଦିନ ହେଉ ଯେ ଆସି ଉପସ୍ଥିତ ହୋଇ ପାରେ, ଯେ ସମଗ୍ର ତିଥି ବାସ ନ କରି କେବଳ ଏକରାତ୍ର ମାତ୍ର ରହେ । ଯଥା—

ଏକରାତ୍ରଂ ତୁ ନିବସନ୍ନତିଥିର୍ବ୍ରାହ୍ମଣଃ ସ୍ମୃତଃ
ଅନିତ୍ୟଂ ହି ସ୍ଥିତୋ ଯସ୍ମାତ୍ତସ୍ମାଦତିଥିରୁଚ୍ୟତେ ।

ଅଭ୍ୟାଗତ, ଗୃହାଗତ, ଆଗନ୍ତୁକ; ସୂର୍ଯ୍ୟବଂଶୀୟ ରାଜାବିଶେଷ, କୁଶ ରାଜାଙ୍କ ଔରସରେ କୁମୁଦ୍ଵତୀଙ୍କ ଗର୍ଭଜାତ ସନ୍ତାନ ।

ଅତିଦେଶ, ବି· (ଅତି-ଦିଶ୍ = ଆରୋପ କରିବା-ଅ) ଅନ୍ୟ ଧର୍ମର ଅନ୍ୟତ୍ର ଆରୋପ ।

ଅତିଦୈବ, ବି· (ଅତି-ଦୈବ) ଦେବତାମାନଙ୍କର ମଧ୍ୟ ଅସାଧ୍ୟ ।

ଅତିପତନ, ଅତିପାତ, ବି· ( ଅତି-ପତନ, ପାତ ) ଅତିକ୍ରମ, ଲଙ୍ଘନ; କର୍ତ୍ତବ୍ୟକର୍ମରେ ଅନାସ୍ଥା; ଅକର୍ତ୍ତବ୍ୟରେ ଆସ୍ଥା; କ୍ଷତି, ହାନି ।

ଅତିପଥ, ଅତିପନ୍ଥା, ବି· ( ଅତି = ସୁନ୍ଦର-ପଥିନ୍ = ପନ୍ଥା ) ଉତ୍ତମ ପଥ ।

ଅତିପ୍ରଶ୍ନ, ବି· (ଅତି—ପ୍ରଶ୍ନ) ମର୍ଯ୍ୟାଦା ଅତିକ୍ରମ କରି ପ୍ରଶ୍ନ କରିବା ।

ଅତିବଡ଼, ବି· (ଅତି ଓ ବୃହତ୍ ଏହି ଶବ୍ଦଦ୍ୱୟରୁ ଉତ୍ପନ୍ନ) ଜଗନ୍ନାଥ ଦାସଙ୍କ ପ୍ରତିଷ୍ଠିତ ବୈଷ୍ଣବ ସମ୍ପ୍ରଦାୟ ।

ଅତିବଳ, ବିଂ· ( ଅତି—ବଳ ) ଅତିଶୟ ବଳବାନ୍; ଅତି ବେଗବାନ୍ ।

ଅତିବଳା, ବି· ସ୍ତ୍ରୀ· (ଅତି-ବଳ-ଆ) ବିଦ୍ୟାବିଶେଷ, ଯେଉଁ ବିଦ୍ୟା ବିଶ୍ୱାମିତ୍ର କୃଶାଶ୍ୱ ମୁନିଙ୍କଠାରୁ ପ୍ରାପ୍ତ ହୋଇ ଶ୍ରୀରାମଙ୍କୁ ପ୍ରଦାନ କରିଥିଲେ; ଯେଉଁ ବିଦ୍ୟାର ପ୍ରଭାବରେ କ୍ଷୁଧା ଓ ତୃଷ୍ଣାର କ୍ଲେଶ ରହେ ନାହିଁ । ଯଥା—

ଗୃହାଣ ଦ୍ୱେ ଇମେ ବିଦ୍ୟେ ବଳାମତିବଳାଂ ତଥା ।
ନ ତେ ଶ୍ରମେ ଜରାପ୍ୟାଭ୍ୟାଂ ଭବିତା ନାଙ୍ଗବୈକୃତଂ ।
ରାମାୟଣ ।

ବଜ୍ରମୂଳୀଗଛ ।

ଅତିବାରୁ, ବି· (ଦେଶଜ) ଘୋଡ଼ା । ଯଥା—

ତୋହର ସୈନ୍ଦବରୁ ଚଢ଼ି ଅତିବାରୁ
ସାଗର ଲଙ୍ଘି ଅଇଲି । ସୁଲୋ. ପ.

ଅତିଭୂମି, ବି· ସ୍ତ୍ରୀ· (ଅତି—ଭୂମି) ଆଧିକ୍ୟ, ମର୍ଯ୍ୟାଦାତିକ୍ରମ, ସୀମାତିରେକ ।

ଅତିମାଙ୍ଗଲ୍ୟ, ବି· (ଅତି—ମଙ୍ଗଳ-ଯ) ବେଲଗଛ । ବିଂ· ଅତିଶୟ ମଙ୍ଗଳଜନକ ।

ଅତିମାତ୍ର, ବିଂ. (ଅ = ଅତିକ୍ରମ-ମାତ୍ର) ଅଧିକ, ଅତ୍ୟନ୍ତ, ଅତିଶୟ ।

ଅତିମାନୁଷ, ବିଂ· (ଅତି = ଅତିକ୍ରମ-ମାନୁଷ) ଅଲୌକିକ, ଲୋକାତୀତ । ଯଥା—ଆମ୍ଭେ ତାହାର ଅତିମାନୁଷ କାର୍ଯ୍ୟରେ ମୋହିତ ହୋଇଅଛୁଁ ।

ଅତିମୁକ୍ତ, ବି· (ଅତି = ଅତିକ୍ରମ-ମୁକ୍ତା, ଶୁକ୍ଳବର୍ଣ୍ଣ ପୁଷ୍ପରେ ଯେ ମୁକ୍ତାକୁ ଅତିକ୍ରମ କରିଅଛି) ମାଧବୀଲତା । ବିଂ· (ଅତି-ମୁଚ୍-ତ) ନିର୍ବାଣ ମୁକ୍ତିପ୍ରାପ୍ତ, ନିଃସଙ୍ଗ; ବନ୍ଧ୍ୟ ।

ଅତିମୁକ୍ତକ, ବି· ପୁଂ· ତିନିଶବୃକ୍ଷ, ତିନ୍ଦୁକବୃକ୍ଷ; କେନ୍ଦୁଗଛ; ପୁଷ୍ପବୃକ୍ଷବିଶେଷ ।

ଅତିରଥ, ବି· (ଅତି-ରଥ) ଯୋଦ୍ଧାବିଶେଷ, ଯେ ବ୍ୟକ୍ତି ବହୁ ଯୋଦ୍ଧାମାନଙ୍କ ସହିତ ଯୁଦ୍ଧ କରିଣେ ସମର୍ଥ । ଯଥା—

ଅମିତାନ୍ ଯୋଧୟେଦ୍ୟସ୍ତୁ ସମ୍ପ୍ରୋକ୍ତୋଽତିରଥସ୍ତୁ ସଃ ।

ଅତିରି, ବି· (ଦେଶଜ) ଉଦ୍‌ବେଗ ।

ଅତିରିକ୍ତ, ବିଂ. (ଅତି=ଅତିକ୍ରମ—ରିକ୍ତ= ଶୂନ୍ୟ) ସମଧିକ, ଶ୍ରେଷ୍ଠ; ଭିନ୍ନ; ଶୂନ୍ୟ; ଉନ୍ନତ ।

ଅତିରେକ, ବି. (ଅତି=ଅତିକ୍ରମ-ରେକ) ଆଧିକ୍ୟ, ପ୍ରଚୁରତା; ପ୍ରାଧାନ୍ୟ; ଭେଦ ।

ଅତିରୋମଶ, ବି. (ଅତି-ରୋମଶ) ବନ୍ୟଛାଗ; ବୃହତ୍ ବାନର । ବିଂ. ଅତିଶୟ ରୋମଯୁକ୍ତ ।

ଅତିବର୍ତ୍ତନ, ବି. (ଅତି-ବୃତ୍-ଅନ) ଅତିକ୍ରମ, ଲଂଘନ, ଅତିପାତ ।

ଅତିବର୍ତ୍ତନୀୟ, ବିଂ. (ଅତି-ବୃତ୍-ଅନୀୟ) ଅତିକ୍ରମଣୀୟ, ଲଙ୍ଘନୀୟ ।

ଅତିବର୍ତ୍ତିତ, ବିଂ. (ଅତି-ବୃତ୍-ତ) ଅତିକ୍ରାନ୍ତ, ଲଙ୍ଘିତ ।

ଅତିବର୍ତ୍ତୀ, ବିଂ. (ଅତି-ବୃତ୍-ଇନ୍) ଅତିକ୍ରମୀ ।

ଅତିବାଦ, ବି. (ଅତି-ବଦ୍-ଅ) ଅପ୍ରିୟବାକ୍ୟ, କଠୋର ବାକ୍ୟ, ଅତ୍ୟୁକ୍ତ ।

ଅତିବାଦୀ, ବିଂ. ( ଅତି-ବଦ୍-ଇନ୍ ) ଯେ ସମସ୍ତଙ୍କୁ ଅତିକ୍ରମ କରି କହେ, ସମସ୍ତଙ୍କର ମତ ଖଣ୍ଡନ କରି ଯେ ଆପଣାର ମତ ସ୍ଥାପନ କରେ ।

ଅତିବାହନ, ବି. (ଅତି-ବହ୍-ଇ-ଅନ) ଯାପନ । ଯଥା—ସମୟାତିବାହନ ।

ଅତିବାହିତ, ବିଂ. ( ଅତି-ବହ୍-ଣିଚ୍-ତ ) ଯାପିତ । ଯଥା—ସମୟ ଅତିବାହିତ ହେଲା ।

ଅତିବିଷା, ବି. ସ୍ତ୍ରୀ. ସଂ. ଅତୁସୀ ।

ଅତିବୃତ୍ତ, ବିଂ. (ଅତି-ବୃତ୍-ତ) ଅତିକ୍ରାନ୍ତ; ଉଦ୍‌ବୃତ୍ତ ।

ଅତିବେଳ, ବିଂ. (ଅତି=ଅତିକ୍ରମ-ବେଳା= ସୀମା) ଅଧିକ; ଅସୀମ; ଅତ୍ୟର୍ଥ; ଅତିକ୍ରାନ୍ତ-ମର୍ଯ୍ୟାଦା । ଅଂ. ବେଳାତିକ୍ରମ ।

ଅତିବ୍ୟାପ୍ତି, ବି. ( ଅତି-ବ୍ୟାପ୍ତି ) ଅତିଶୟ ବ୍ୟାପନ; ଅଲକ୍ଷରେ ଲକ୍ଷଣଗମନ ।

ଅତିଶୟ, ବିଂ. ( ଅତି-ଶୀ-ଅ ) ଅଧିକ, ଅତିରିକ୍ତ । ବି. ଆଧିକ୍ୟ ।

ଅତିଶାୟିତ, ବିଂ. (ଅତି-ଶୀ-ତ) ଅଧିକ ।

ଅତିଶୟୋକ୍ତି, ବି. ସ୍ତ୍ରୀ. (ଅତିଶୟ-ଉକ୍ତି) ସ୍ୱରୂପ ଅପେକ୍ଷା ଅତିରିକ୍ତ ବର୍ଣ୍ଣନ; କାବ୍ୟାଳଂକାରବିଶେଷ ।

ଅତିଶାୟନ, ବି. (ଅତି-ଶାୟି-ଅନ) ଆଧିକ୍ୟ, ପ୍ରକର୍ଷ ।

ଅତିଶେଷ, ବିଂ. (ଅତି-ଶିଷ୍-ଅ) ସ୍ୱଳ୍ପାବଶିଷ୍ଟ ।

ଅତିସନ୍ଧାନ, ବି. (ଅତି-ସନ୍ଧାନ) ବଞ୍ଚନା ।

ଅତିସର୍ଗ, ଅତିସର୍ଜନ, } ବି. (ଅତି-ସୃଜ୍-ଅ, ଅନ) ବିସର୍ଜନ, ତ୍ୟାଗ; ଦାନ; ଉତ୍ସର୍ଗ ।

ଅତିସାର, ଅତୀସାର, } ବି. (ଅତି-ସୃ-ଅ) ରୋଗବିଶେଷ, ଯେଉଁ ରୋଗରେ ବିଶେଷ ପୁରୀଷ ନିର୍ଗତ ହୁଏ; ଉଦରାମୟ, ପେଟବ୍ୟଥା ।

ଅତିସାରକୀ, ବିଂ. (ଅତିସାର-କନ୍ ରୋଗାର୍ଥେ) ଉଦରାମୟୀ, ଅତିସାର ରୋଗଯୁକ୍ତ ।

ଅତିସୃଷ୍ଟ, ବିଂ. (ଅତି-ସୃଜ୍-ତ) ଦତ୍ତ, ତ୍ୟକ୍ତ; ନିଯୁକ୍ତ ।

ଅତିସୌରଭ, ବି. (ଅତି-ସୌରଭ) ସହକାର, ଆମ୍ରବୃକ୍ଷ । ବିଂ. ଅତିଶୟ ସୁଗନ୍ଧବିଶିଷ୍ଟ ।

ଅତୀତ, ବିଂ. ( ଅତି-ଇ-ତ ) ଭୂତ, ଗତ; ଅତିକ୍ରାନ୍ତ; ମୃତ ।

ଅତୀନ୍ଦ୍ରିୟ, ବିଂ. (ଅତି-ଇନ୍ଦ୍ରିୟ) ଇନ୍ଦ୍ରିୟାତୀତ, ଇନ୍ଦ୍ରିୟର ଅଗୋଚର, ଚକ୍ଷୁ କର୍ଣ୍ଣ ପ୍ରଭୃତି ଦ୍ୱାରା ଯାହା ଜାଣି ହୁଏ ନାହିଁ; ପରୋକ୍ଷ, ଅପ୍ରତ୍ୟକ୍ଷ ।

ଅତୀବ, ବିଂ. (ଅତି-ଇବ) ଅତିଶୟ, ଅଧିକ ।

ଅତୁଙ୍ଗ, ବିଂ. (ଅ-ତୁଙ୍ଗ) ବାମନ, ବାଙ୍ଗର ।

ଅତୁଟ, ବିଂ. (ଅତୁଟି ଶବ୍ଦଜ) ଅକ୍ଷତ; ଅଦମ୍ୟ; ସମ୍ପୂର୍ଣ୍ଣ । ଯଥା—

ଯୁଝିଲେ ଅରାତି ସଙ୍ଗେ ଅତୁଟ ସାହସେ । ମ. ଯା.

ଅତୁଠ, ବି. (ଦେଶଜ) ତୁଠ ନ ଥିବା ସ୍ଥାନ ।

ଅତୁଳ, ବିଂ. (ଅ-ତୁଳା) ଅନୁପମ, ଅସଦୃଶ; ଅପରିମେୟ । ବି. ତିଳବୃକ୍ଷ ।

ଅତୁଲ, ବି. (ଅତୁଲ୍ୟ ଏହି ଶବ୍ଦରୁ ଉତ୍ପନ୍ନ) ସ୍ତ୍ରୀମାନଙ୍କର ହସ୍ତାଲଂକାରବିଶେଷ । ଯଥା—

ବ୍ରହ୍ମାଣ୍ଡରେ ନାହିଁ ସେ ହସ୍ତ ତୁଳ କହିବା ତର୍କେ ।
ବ୍ରହ୍ମା ତେଣୁ ଦେଲ ଅତୁଲ କରି ନାମ କଷ୍ଟକେ ।
ବୈ. ବି.

ବି°. ତୁଳନାରହିତ, ଅସମାନ । ଯଥା—

ବଲ୍ଲି ସେ ଜାନକୀ ଅତୁଲ ତାଙ୍କୁ ଆମ୍ଭେ ଏଠାରେ ।
ବୈ. ବି.

ଅତୁସୀ, ବି. (ଅତିବିଷା ଶବ୍ଦଜ) ଔଷଧଦ୍ରବ୍ୟବିଶେଷ ।

ଅତୃଷା, ବି°. (ଅ-ତୃଷା) ତୃଷ୍ଣାରହିତ, ଆଶାରହିତ ।

ଅତ୍କ, ବି. (ଅତ୍ = ସନ୍ତତ ଗମନ କରିବା-କ) ପଥିକ ।

ଅତ୍ତା, ଅତ୍ତିକା, } ବି. ସ୍ତ୍ରୀ. (ଅତ୍-ତ-ଆ) ନାଟ୍ୟୋକ୍ତିରେ ମାତା ଓ ଶ୍ୱଶ୍ରୂ; ଜ୍ୟେଷ୍ଠାଭଗିନୀ ।

ଅତ୍ୟନ୍ତ, ବି°. (ଅତି-ଅନ୍ତ) ସମଧିକ, ଅତିଶୟ ।

ଅତ୍ୟନ୍ତୀନ, ବି°. (ଅତ୍ୟନ୍ତ-ଈନ-ଗଚ୍ଛତ୍ୟର୍ଥେ) ଅତ୍ୟନ୍ତଗାମୀ; ଅତିଶୟ ବେଗବିଶିଷ୍ଟ ।

ଅତ୍ୟୟ, ବି. (ଅତି-ଇ-ଅ) ବିନାଶ, ଧ୍ୱଂସ, ଲୋପ; ମୃତ୍ୟୁ; ଅପଚୟ; ଅତିକ୍ରମ; ଦୋଷ; ଦଣ୍ଡ; ଦୁଃଖ ।

ଅତ୍ୟର୍ଥ, ବି°. (ଅତି-ଅର୍ଥ) ଅତ୍ୟନ୍ତ, ଅଧିକ, ବିସ୍ତର ।

ଅତ୍ୟାଚାର, ବି. (ଅତି-ଆଚାର) ଅସତ ଆଚରଣ, ଅଭଦ୍ର ଆଚରଣ; ଦୌରାତ୍ମ୍ୟ; ଉପଦ୍ରବ; ଅନ୍ୟାୟ ଆଚରଣ ।

ଅତ୍ୟାରୂଢ଼, ବି°. (ଅତି-ଆରୂଢ଼) ଅତିବୃଦ୍ଧ, ପ୍ରବୃଦ୍ଧ । ବି. ଅତିବୃଦ୍ଧି ।

ଅତ୍ୟାରୂଢ଼ି, ବି. (ଅତି-ଆ-ରୁହ୍-ତି) ଅତିବୃଦ୍ଧି, ଅତ୍ୟୁନ୍ନତି ।

ଅତ୍ୟାହିତ, ବି. (ଅତି-ଆ-ଧା-ତ) ମହାଭୟ; ଅମଙ୍ଗଳ ।

ଅତ୍ୟୁକ୍ତି, ବି. (ଅତି-ଉକ୍ତି) ଅଧିକ ଉକ୍ତି, ସ୍ୱରୂପ ଅପେକ୍ଷା ଅତିରିକ୍ତ ବର୍ଣ୍ଣନ, ଉତ୍କଟ ବର୍ଣ୍ଣନା; ଅସମ୍ଭବ ବର୍ଣ୍ଣନା; ଅସମ୍ଭବ କଥା ।

ଅତ୍ୟୁତ୍କଟ, ବି°. (ଅତି-ଉତ୍କଟ) ଅତ୍ୟନ୍ତ ଉଗ୍ର ।

ଅତ୍ୟୂହ, ବି. (ଅତି-ଊହ) ପକ୍ଷିବିଶେଷ, ଡାକପକ୍ଷୀ ବା ଡାହୁକପକ୍ଷୀ । (ସ୍ତ୍ରୀ-ଆ) ମାଳିକା, ଶେଫାଳିକା ।

ଅତ୍ର, ଅ° (ଇଦମ୍-ତ୍ର) ଏହି ସ୍ଥାନରେ, ଏଥିରେ ।

ଅତ୍ରତ୍ୟ, ବି°. (ଅତ୍ର-ତ୍ୟ) ଏତଦ୍‌ଦେଶୀୟ, ଏହି ସ୍ଥାନର; ଏ ଦେଶଉତ୍ପନ୍ନ; ଏହି ସ୍ଥାନସମ୍ବନ୍ଧ ।

ଅତ୍ରଭବାନ୍, ବି°. (ଅତ୍ର-ଭବତ୍ = ଯାପ୍ରିପ୍ରାପ୍ତ) ପୂଜ୍ୟ, ମାନ୍ୟ ।

ଅତ୍ରାହି, ବି°. (ଅ-ତ୍ରାହି ଏହି ଦୁଇ ପଦର ଅର୍ଥାନୁସରଣରେ ବ୍ୟବହୃତ) ଅରକ୍ଷିତ । ଯଥା—

ଶରଣରକ୍ଷଣ ତୋ ବାନା ।
ଅତ୍ରାହି ଜନ ବଜ୍ରସେହ୍ନା । ଦା. ର.

ଅତ୍ରି, ବି. (ଅତ୍-ରି) ଯେ ସତତ ଧର୍ମପଥରେ ଗମନ କରନ୍ତି, ସପ୍ତର୍ଷିଙ୍କ ମଧ୍ୟେ ଏକ ଋଷି, ଚନ୍ଦ୍ରଙ୍କର ଜନକ ଅର୍ଥାତ୍ ଯାହାଙ୍କ ନେତ୍ରରୁ ଚନ୍ଦ୍ର ଉତ୍ପନ୍ନ ।

ଅତ୍ରିଜ, ଅତ୍ରିଜାତ, } ବି. (ଅତ୍ରି-ଜନ୍-ଅ, ତ) ଚନ୍ଦ୍ର ।

ଅଥ, ଅଥୋ, } ଅ°. ସଂ. ଅନନ୍ତର; ମଙ୍ଗଳ; ସଂଶୟ; ପ୍ରଶ୍ନ; ଦୃଢ଼ତା; ସମୁଚ୍ଚୟ; ଚିହ୍ନ; ଏହିକ୍ଷଣି; ଅତଏବ; ଆରମ୍ଭ; ସାକଲ୍ୟ; ଅନୁଜ୍ଞା; ପ୍ରକରଣ । ଯଥା—

ମଙ୍ଗଳାନନ୍ତରାରମ୍ଭପ୍ରଶ୍ନକାର୍ତ୍ସ୍ନ୍ୟେଷ୍ୱଥୋ ଅଥ ।

ଅଥଚ, ଅ°. (ଅଥ-ଚ) ପୁଣି, ଆହୁରି ।

ଅଥବା, ଅ°. (ଅଥ-ବା) ପକ୍ଷାନ୍ତରବୋଧକ କିମ୍ବା ପକ୍ଷାନ୍ତର । ଯଥା—ଅଦ୍ୟ ଅଥବା କଲ୍ୟ ଅବଶ୍ୟ ଆସିବେ ।

ଅଥୟ, ବି°. (ଅସ୍ଥୟ ଶବ୍ଦଜ) ଅସ୍ଥିର । ଯଥା—

ବସନ୍ତି ଭାଗୀରଥୀତୀର କାନନେ ।
ଲେଉଟାଇଲେ ରଥ ଅଥୟ ମନେ । କ. ବ.

ଅଥରପା, } ବି. ( ଅସ୍ଥିରପାଦ-ଜ ) ଚଞ୍ଚଳ
ଅଥର୍ପା, } ଅର୍ଥାତ୍ ଯାହାର ପାଦ ସ୍ଥିର ନୁହେ, ମୂଢ଼ । ଯଥା—

ଅଥର୍ପା ପୁରୁଷ ପ୍ରାୟେ ଅଟଇ ମୋର ବୁଦ୍ଧି ।
ପଦେ କରୁ କରୁ ଆନ ପଦ ନୋହେ ସିଦ୍ଧି ।
ନୃ. ପୁ. ପ୍ର. ସା.

ଅଥର୍ବ, ବି. ( ଅଥ-ଋ-ବନ୍ ଅର୍ଥାତ୍ ଯେ ମଙ୍ଗଳରେ ଗମନ କରେ ) ଚତୁର୍ଥବେଦ, ଏହାର ନାମାନ୍ତର ଆଙ୍ଗୀରସ ବେଦ; ବେଦର ବ୍ରାହ୍ମଣଭାଗ, ମୁନିବିଶେଷ । ବିଂ. ରୋଗ ବାର୍ଦ୍ଧକ୍ୟ ପ୍ରଭୃତି ବଶରୁ ଅଶକ୍ତ ଓ ଅକର୍ମଣ୍ୟ, ଅତିବୃଦ୍ଧ ।

ଅଥଳ, ବିଂ. (ଅସ୍ଥଳପଦରୁ ଜାତ) ଯାହାର ସ୍ଥଳ ନାହିଁ ଅର୍ଥାତ୍ ଗଭୀରତାର ଇୟତ୍ତା ନାହିଁ, ଅତି ଗଭୀର । ଯଥା—

ତରିତ ଗଙ୍ଗା ନିର୍ମଳ ସିନ୍ଧୁରୁ ଅଥଳ ହେ ।

ଅଥାତା, ବିଂ. (ଆସ୍ଥାତା ଶବ୍ଦଜ) ଅରକ୍ଷିତ ।

ଅଥାର, ବିଂ. ( ଦେଶଜ ) ଏଣ୍ଡୁରିପିଠା ସିଝାଇବା ପାତ୍ର ।

ଅଥାରମୁହାଁ, ବିଂ.(ଦେଶଜ)କ୍ରୋଧ ବା ଅଭିମାନ ହେତୁ ଯେ ମୁହଁକୁ ବିମର୍ଷ କରିଥାଏ, କ୍ରୋଧ ବା ଅଭିମାନବ୍ୟଞ୍ଜକ ମୁଖ ।

ଅଦଛ, ବିଂ. (ଅ-ଯଶଃ ଶବ୍ଦଜ) ଯଶୋହୀନ । ଯଥା—

ଅରୋଗ୍ୟ ହେଲେ ଦେହ ଏମନ୍ତ ବିଚାରଇ ।
ଏଣୁ ବୈଦ୍ୟଙ୍କବିକା ଅଦଛ ଅଟଇ । ନୃ. ପୁ. ପ୍ର. ସା.

ବି. ଅପଯଶ ।

ଅଦଡ଼, ବିଂ. (ଅଦୃଢ଼ ଶବ୍ଦଜ) ଜୀର୍ଣ୍ଣ ବା ଭଙ୍ଗା । ଯଥା—

ଯୁବା ବୃଦ୍ଧ ଦୁଇରୁ ବାହାର ଆମ୍ଭେ ହେଲୁଁ ।
ଅଦଡ଼ ନାବେ ବସି ଜଳରେ ବୁଡ଼ି ମଲୁଁ ।
ନୃ. ପୁ. ସ. ତ.

ଅଦତ୍ତା, ବି. ସ୍ତ୍ରୀ. (ଅ-ଦତ୍ତା) ଅବିବାହିତା କୁମାରୀ, ଅନୂଢ଼ା ।

ଅଦନ, ବି. (ଅଦ୍-ଅନ) ଭକ୍ଷଣ, ଭକ୍ଷ୍ୟବସ୍ତୁ ।

ଅଦଭ୍ର, ବିଂ. (ଅ-ଦଭ୍ର) ଅନଳ୍ପ, ପ୍ରଚୁର, ଅଧିକ, ବହୁ ।

ଅଦର୍ଶନ, ବି. (ଅ-ଦର୍ଶନ) ଦର୍ଶନାଭାବ, ଦୃଷ୍ଟିରୁ ଅନ୍ତର ହେବା; ବିନାଶ । ବିଂ. ଦୃଷ୍ଟିର ବହିର୍ଭୂତ, ଅଗୋଚର ।

ଅଦା, ବି. (ଆର୍ଦ୍ରକ ଶବ୍ଦଜ) ଏକପ୍ରକାର ଗୁଳ୍ମ ଓ ତାହାର କନ୍ଦା । ଯଥା—

ଗଜା ମୁଗ ସଙ୍ଗେ କଡ଼ଆ ଅଦା
ମିଶାଇ ତ କିଛୁ କର ହୋ ଗଦା । ହା. ତ.

ଅଦାଉତି, } ବି. (ଦେଶଜ) ଅକଷ, ପ୍ରତି-
ଅଦୌତି, } ଶୋଧ; ପ୍ରତିଶୋଧ ଅଭିପ୍ରାୟ ।

ଅଦାଲତ ବି. (ଯାବନିକ) ଧର୍ମାଧିକରଣ, ବିଚାରାଳୟ ।

ଅଦ୍ରାବଳ, } ବି. ( ଦେଶଜ ) ଏକପ୍ରକାର
ଅର୍ଦ୍ଧାବଳ, } ବାଣ । (ଭୂର୍ମି ଶବ୍ଦ ଦେଖ)

ଅଦିତି, ବି. ସ୍ତ୍ରୀ. (ଅ-ଦୋ-ତି, ବୃହତ୍ତ୍ୱ ହେତୁ ଯାହାକୁ ଛେଦନ କରାଯାଏ ନାହିଁ) ପୃଥିବୀ । (ଅ-ଦିତି) ଦକ୍ଷ ପ୍ରଜାପତିଙ୍କ କନ୍ୟା, କଶ୍ୟପଙ୍କ ପତ୍ନୀ, ଦେବମାତା ।

ଅଦିତିଜ, } ବି. (ଅଦିତି-ଜନ୍-ଅ, ନନ୍ଦନ)
ଅଦିତିନନ୍ଦନ, } ଦେବତା ।

ଅଦୀନ, ବିଂ. (ଅ-ଦୀନ) ଅକାତର; ଧନୀ ।

ଅଦୃକ୍, } ବିଂ. (ଅ-ଦୃକ୍) ଦୃଷ୍ଟିହୀନ, ଅନ୍ଧ ।
ଅଦୃଶ୍, }

ଅଦୃଶ୍ୟ, ଅଂ. (ଅ-ଦୃଶ୍-ଯ) ଦୃଷ୍ଟିର ଅଗୋଚର, ଯାହା ଦେଖାଯାଇ ପାରେ ନାହିଁ ।

ଅଦୃଷ୍ଟ, ବି. (ଅ-ଦୃଶ୍-ତ) ଭାଗ୍ୟ; ଭାଗଧେୟ; ଧର୍ମାଧର୍ମ, ପାପପୁଣ୍ୟ । ବିଂ. ଅନୀକ୍ଷିତ, ଯାହା ଦେଖାଯାଇ ନାହିଁ, ଦୃଷ୍ଟିର ବହିର୍ଭୂତ ।

ଅଦୃଷ୍ଟଚର, } ବିଂ. ( ଅଦୃଷ୍ଟ-ଚର, ପୂର୍ବ )
ଅଦୃଷ୍ଟପୂର୍ବ, } ଯାହା ପୂର୍ବେ କେବେ ଦେଖାଯାଇ ନାହିଁ ।

ଅଦୃଷ୍ଟି, ବି. (ଅ = ବିରୋଧାର୍ଥ ବା ଅଭାବାର୍ଥ-ଦୃଷ୍ଟି) କ୍ରୂରଦୃଷ୍ଟି, ସରୋଷଦୃଷ୍ଟି, ବିରକ୍ତି-ସୂଚକ ଦୃଷ୍ଟି । ବିଂ. ଦୃଷ୍ଟିଶୂନ୍ୟ ।

ଅଦେୟ, ବିଂ· (ଅ-ଦା-ଏୟ) ଯାହା ଦେବା ଉଚିତ ନୁହେ, ଯାହା ଦିଆଯାଇ ନ ପାରେ ।

ଅଦ୍ଧା, ଅଂ· (ଅତ୍-ଧା-କ୍ୱିପ୍) ସତ୍ୟ, ଯଥାର୍ଥ, ତତ୍ତ୍ୱାର୍ଥ ।

ଅଦ୍ଭୁତ, ଅଦ୍ଭୂତ, } ବିଂ· (ଅଦ୍ଭୁ = ଆଶ୍ଚର୍ଯ୍ୟଜନକ ଅବ୍ୟୟ-ଭୂ-ତ) ବିସ୍ମୟଜନକ, ଆକସ୍ମିକ । ବି· ବିସ୍ମୟ, ଆଶ୍ଚର୍ଯ୍ୟ; ରସବିଶେଷ ।

ଅଦ୍ମର, ବିଂ· (ଅଦ୍-ମର) ଭୋଜନପ୍ରିୟ, ଭକ୍ଷଣଶୀଳ, ଯେ ସତତ ଭୋଜନ ଇଚ୍ଛା କରେ ।

ଅଦ୍ୟ, ଅଂ· ସଂ· ଏକ୍ଷଣି, ବର୍ତ୍ତମାନ, ଆଜି ।

ଅଦ୍ୟକାର, ବିଂ· (ଅଦ୍ୟ-କାର) ଅଦ୍ୟତନ, ଆଜିଦିନର ।

ଅଦ୍ୟତନ, ବିଂ· (ଅଦ୍ୟ-ତନ) ବର୍ତ୍ତମାନ ଯାହା ହୋଇଅଛି, ଅଦ୍ୟକାର; ବର୍ତ୍ତମାନ ଦିବସସଙ୍କ୍ରାନ୍ତ ।

ଅଦ୍ୟଶ୍ୱୀନା, ବି· ସ୍ତ୍ରୀ· (ଅଦ୍ୟ-ଶ୍ୱ-ଈନ-ଆ) ଆସନ୍ନପ୍ରସବା ଗାଭୀ, ଯେଉଁ ଗାଭୀ ଅଦ୍ୟ କିମ୍ବା କଲ୍ୟ ପ୍ରସବ କରିବ ।

ଅଦ୍ୟାପି, ଅଂ· (ଅଦ୍ୟ-ଅପି) ଅଦ୍ୟପର୍ଯ୍ୟନ୍ତ, ଆଜିପର୍ଯ୍ୟନ୍ତ, ଏପର୍ଯ୍ୟନ୍ତ ।

ଅଦ୍ୟାବଧି, ଅଦ୍ୟପ୍ରଭୃତି, } ଅଂ· ସଂ· (ଅଦ୍ୟ-ଅବଧି, ପ୍ରଭୃତି) ଅଦ୍ୟାରଭ୍ୟ, ଆଜିଅବଧି; ଆଜିଠାରୁ ।

ଅଦ୍ରି, ବି· (ଅ-ଦ୍ରା-ଇ) ଯେ ପଳାୟନ କରେ ନାହିଁ, ବୃକ୍ଷ; ପର୍ବତ; ସୂର୍ଯ୍ୟ; ପରମାଣବିଶେଷ ।

ଅଦ୍ରିକୀଳା, ବି· ସ୍ତ୍ରୀ· (ଅଦ୍ରି-କୀଳା = ଶଙ୍କୁ ଯାହାର) ଭୂମି, ପୃଥିବୀ ।

ଅଦ୍ରିଜ, ବି· (ଅଦ୍ରି-ଜନ୍-ଅ) ଶିଳାଜତୁ ନାମକ ଗନ୍ଧଦ୍ରବ୍ୟ; ଗିରିମାଟି ବା ଗେରୁ । (ସ୍ତ୍ରୀ-ଆ) ପାର୍ବତୀ; ସୈଂହଳୀବୃକ୍ଷ । ବିଂ· ପାର୍ବତୀୟ; ପର୍ବତଜାତ ।

ଅଦ୍ରିଭିତ୍, ବି· (ଅଦ୍ରି-ଭିଦ୍-କ୍ୱିପ୍) ଇନ୍ଦ୍ର ।

ଅଦ୍ରିରାଜ, ଅଦ୍ରିରାଟ୍, } ବି· (ଅଦ୍ରି-ରାଜ୍-ଅ, କ୍ୱିପ୍) ଗିରିରାଜ, ହିମାଳୟ ପର୍ବତ ।

ଅଦ୍ରିସାର, ବି· (ଅଦ୍ରି-ସାର) ଲୌହ । ବିଂ· ଲୌହ ପ୍ରାୟ କଠିନ ।

ଅଦ୍ରୀଶ, ବି· (ଅଦ୍ରି-ଈଶ) ମହାଦେବ; ହିମାଳୟ ପର୍ବତ ।

ଅଦ୍ୱୟ, ବି· (ଅ-ଦ୍ୱୟ) ବ୍ରହ୍ମ, ବୁଦ୍ଧ ବା ବୌଦ୍ଧ । ବିଂ· ଦ୍ୱୟଶୂନ୍ୟ, ଅଦ୍ୱିତୀୟ ।

ଅଦ୍ୱୟବାଦୀ, ବି· (ଅଦ୍ୱୟ-ବଦ୍-ଇନ୍) ବୌଦ୍ଧ । ବିଂ· ଅଦ୍ୱୈତବାଦୀ, ବ୍ରହ୍ମ ଓ ଜୀବର ଅଭେଦବାଦୀ; ଶଙ୍କରାଚାର୍ଯ୍ୟଙ୍କ ମତାବଲମ୍ବୀ; (ଦ୍ୱୈତମାନେ ଏମାନଙ୍କୁ ମାୟାବାଦୀ କହନ୍ତି ।)

ଅଦ୍ୱିତୀୟ, ବି· (ଅ-ଦ୍ୱିତୀୟ) ବ୍ରହ୍ମ । ବିଂ· ଦ୍ୱିତୀୟରହିତ, ଅତୁଲ୍ୟ ।

ଅଦ୍ୱୈତ, ବି· (ଅ-ଦ୍ୱୈତ = ଦ୍ୱିତୀୟତା) ବ୍ରହ୍ମ । ବିଂ· ଦ୍ୱୈତରହିତ; ଅଭେଦ । ଯଥା—

ଅଦ୍ୱୈତଂ ସୁଖଦୁଃଖୟୋରନୁଗୁଣଂ
ସର୍ବାସ୍ୱବସ୍ଥାସୁ ଯତ୍ । ଉ· ରା· ଚ·

ଅଦ୍ୱୈତବାଦୀ, ବି· (ଅଦ୍ୱୈତ-ବଦ୍-ଇନ୍) ଦାର୍ଶନିକସମ୍ପ୍ରଦାୟବିଶେଷ, ଜୀବେଶ୍ୱରଙ୍କ ଅଭେଦବାଦୀ; ଶଙ୍କରମତାବଲମ୍ବୀ ।

ଅଧଃ, ଅଂ· (ଅଧସ୍ ବା ଅଧର୍, ର ଲୋପ ନିପାତନ) ଅଧୋଭାଗରେ; ନିମ୍ନରେ ।

ଅଧଃକୃତଃ, ବିଂ· (ଅଧସ୍-କୃତ) ନିକ୍ଷିପ୍ତ; ପରାଭୂତ ।

ଅଧଃପାତ, ବି· (ଅଧଃ-ପାତ) ଅଧଃପତନ, ନିମ୍ନରେ ପଡ଼ିବା । ବିଂ· ଉଚ୍ଛନ୍ନ ।

ଅଧ, ଅଧା, } ବି· ଓ ବିଂ· (ଅର୍ଦ୍ଧ ଶବ୍ଦଜ) ଅର୍ଦ୍ଧ । ଯଥା—

ଚଉବଂଶ ଯୋଜନ ଉପରକୁ ଉତ୍ସର୍ଗ,
ଅଗ୍ନିର ତେଜ ଲାଗିଲ ଯାଇ ଅଧାସ୍ୱର୍ଗ । ସା· ଭା· ସ·

ଅଧକ, ଅଧେ, ଅଧେକ, } ବି°, ବି° ( ଅର୍ଦ୍ଧ ଶବ୍ଦଜ ) ଏକ ଅର୍ଦ୍ଧ ପରିମାଣ । ଯଥା—

ମୁଖସାନ୍ଦ୍ରକୁ ପୂର୍ଣ୍ଣଚନ୍ଦ୍ର ନ ଘଟିଲା
ଘଟିଲା ଦେହ ଚନ୍ଦ୍ରା ପାଇ,
କପୋଳ ଭୁଲା ଅଧକରେ ନୋହିଲା । ବି. ଚ.
ଏତେ ବୋଲି ଚଲପକ୍ଷୀ ଝାମ୍ପ ତାକୁ ଦେଲା,
ଦନାରୁ ଅଧେକ ଧରି ଚରି ପକାଇଲା । ନା.ର.ଗୀ.
ପଦେ ପଦେ ଅଧେ ଅଧେ କହଇ । ବି. ଚ.

ଅଧପା, ଅଧପାଇଆ, ଅଧପାକଆ, ଅଧପାହୁଆ, } ବି. ( ଦେଶଜ ) ସେରର ଅଷ୍ଟମାଂଶ, ଅଧପା ପଦାର୍ଥ ଧରିବାଭଳି ପାତ୍ର, ଅଧପା ଓଜନର ବଟକରା ।

ଅଧପାହୁଲା, ବି° (ଦେଶଜ) ପଇସାର ଷଷ୍ଠାଂଶ ।

ଅଧମ, ବି° (ଅଧସ୍-ମ ସ୍ଥିତାର୍ଥେ, ସ-ଲୋପ, ନିପାତନ) ଅପକୃଷ୍ଟ, ତୁଚ୍ଛ; ଜଘନ୍ୟ; ନୀଚ, ନିନ୍ଦିତ । ଯଥା—

ନମଇ ମା ଭକତଭରେ
ଅଧମ ଅକ୍ଷମ ସୁତ ତୋ ଚରଣରେ । ସ୍ତୁ. ମା.

ଅଧମର୍ଣ୍ଣ, ବି° (ଅଧମ—ଋଣ) ଋଣୀ, ଯେ ଅନ୍ୟଠାରୁ ଋଣ କରେ, ଋଣଗ୍ରସ୍ତ, ଖାତକ ।

ଅଧମରା, ବି° (ଅର୍ଦ୍ଧ-ମରା—ଏହି ଦୁଇ ଶବ୍ଦରୁ ଉତ୍ପନ୍ନ) ମଲାପରି, ମୃତପ୍ରାୟ ।

ଅଧମାଙ୍ଗ, ବି· (ଅଧମ-ଅଙ୍ଗ) ପାଦ, ଚରଣ ।

ଅଧର, ବି· (ଅ-ଧୃ-ଅ) ଓଷ୍ଠ, ରଦନଚ୍ଛଦ । ବି° ନୀଚ, ଅଧମ, ନିମ୍ନ ।

ଅଧରପଣା, ବି· (ଅଧର-ପ୍ରପାନକ—ଏ ଦୁଇ ଶବ୍ଦରୁ ଉତ୍ପନ୍ନ) ବାହୁଡ଼ା ଗୁଣ୍ଡିଚାରେ ଜଗନ୍ନାଥଙ୍କର ନୈବେଦ୍ୟ ପ୍ରପାନକ ।

ଅଧରୀକୃତ, ବି° (ଅଧର-କୃତ-ଚ୍ୱି=ଅଭୂତ-ତଦ୍ଭାବାର୍ଥେ) ଅଧଃକୃତ, ପରାଭୂତ ।

ଅଧରେଦ୍ୟୁଃ, ବି· (ଅଧର-ଦ୍ୟୁସ୍) ବର୍ତ୍ତମାନର ପୂର୍ବଦିବସ । ଯଥା—ଅଧରେଦ୍ୟୁଃ ଦ୍ରୁସୃତା ସା ।

ଅଧର୍ମ, ବି· (ଅ-ଧର୍ମ) ପାପ, ଦୁଷ୍କୃତ, ଧର୍ମାଭାବ, ଧର୍ମବିରୋଧ । ବି° ପୁଣ୍ୟଶୂନ୍ୟ ।

ଅଧର୍ମ୍ୟ, ବି° (ଅଧର୍ମ-ଯ ହିତାର୍ଥେ) ଧର୍ମ-ବିରୁଦ୍ଧ ।

ଅଧଲା, ବି· (ଦେଶଜ) ପଇସାର ଅର୍ଦ୍ଧ, ସେହି ମୂଲ୍ୟର ମୁଦ୍ରା । ଯଥା—

ଅଧଲାଏ ପାହୁଲାଏ ଯାହା କିଛି ଦିଅ ।
ଗୁଣିବି ସହସ୍ର ନାମ ପାଦରଜ ନିଅ । ଉ. ଭ୍ର.

ଅଧଲିକିଆ, ବି°. (ଦେଶଜ) ଯେଉଁ ପଦାର୍ଥର ମୂଲ୍ୟ ଅର୍ଦ୍ଧ ପଇସା ମାତ୍ର ।

ଅଧଶ୍ଚର, ବି° (ଅଧସ୍-ଚର) ଅଧୋଗାମୀ । ବି· ଚୌର ।

ଅଧସେର, ବି· (ଦେଶଜ) ସେରର ଅର୍ଦ୍ଧ-ପରିମାଣ ବଟକରା ।

ଅଧସ୍ତନ, ବି° (ଅଧସ୍-ତନ) ନିମ୍ନସ୍ଥିତ, ଅଧଃସ୍ଥ, ନିମ୍ନରେ ଉତ୍ପନ୍ନ ।

ଅଧସ୍ତାତ୍, ଅ° (ଅଧସ୍-ତାତ୍) ନିମ୍ନରେ, ଅଧୋଭାଗରେ; ପଶ୍ଚାତ୍ ।

ଅଧାଅଧି, ବି· ଓ ବି° (ଅର୍ଦ୍ଧ ଶବ୍ଦଜ) ସ୍ଥୂଳରେ ଅଧେ ।

ଅଧାକପାଳି, ବି· (ଅର୍ଦ୍ଧ-କପାଳ—ଏ ଦୁଇ ଶବ୍ଦରୁ ଉତ୍ପନ୍ନ) ରୋଗବିଶେଷ, ଏଥିରେ କପାଳର ବାମ ବା ଦକ୍ଷିଣ ପାର୍ଶ୍ୱ ବିନ୍ଧେ ।

ଅଧାକପାଳିଗୁଆ, ବି· (ଅର୍ଦ୍ଧକପାଳ-ଗୁବାକ ଏଥିରୁ ଉତ୍ପନ୍ନ) ଗୋଟାଏ ପାଖ ଚେପଟା ହୋଇଥିବା ଗୁଆ ।

ଅଧାକାନ୍ଥି, ବି· (ଦେଶଜ) ଅତି ଅଳ୍ପ ଉଚ୍ଚ କାନ୍ଥ ।

ଅଧାଚନ୍ଦ୍ର, ବି· (ଅର୍ଦ୍ଧଚନ୍ଦ୍ର ଶବ୍ଦଜ) ଅଷ୍ଟମୀ ଚନ୍ଦ୍ର, (ଲକ୍ଷଣା ଅର୍ଥରେ) ଗଳଥା; ଶସ୍ତ୍ରବିଶେଷ । ଯଥା—

ହିଁ କିନା ଚଉକନା ବେଲଙ୍ଗ ବାରକନା ।
ମୁଗୁର ଅଧାଚନ୍ଦ୍ର ବେତାଳ ଏକମୁନା ।
ନ. ପୁ. ଚ. ସା.

ଅଧାଟି, ବି· (ଦେଶଜ) ବାଦ୍ୟଯନ୍ତ୍ରବିଶେଷ । ଯଥା—

ସ୍ୱର୍ଗର କଳାସିନୀ ମିଳିଲେ କୋଟି କୋଟି ।
ହସ୍ତେ ସାରଗୁଣମାନ ଧରଣ ଅଧାଟି । ନ. ପୁ.

ଅଧାଡ଼ୁଆ, ବଂ. (ଦେଶଜ) ଅର୍ଦ୍ଧପକ୍ୱ, ଯେଉଁ ନାରିକେଳର ଶସ ଟାଣ ହୋଇ ନ ଥାଏ; ଅପଟୁ କମ୍ବା ଅକୁଶଳ ।

ଅଧାମ, ବି. (ଦେଶଜ) ମିଷ୍ଟାନ୍ନବିଶେଷ । ଯଥା—

ଘୃତ ଲବଣୀ ଦୁଧ ସର ।
ଅଧାମ ଗୁଣ୍ଟିକା ସାକର । ମା. ମା.

ଅଧାମାର୍ଗବ, ବି. ସଂ. ଅପାମାରଙ୍ଗ ଗଛ ।

ଅଧି, ଅଂ. (ଆ-ଧା-ଇ, ଆ = ଅ) ଉପରି; ଆଧିକ୍ୟ, ପ୍ରାଧାନ୍ୟ; ଅତିକ୍ରମ; ଅଧିକାର; ଐଶ୍ୱର୍ଯ୍ୟ; ଆଧିପତ୍ୟ ।

ଅଧିକ, ବିଂ. (ଅଧି = ଆଧିକ୍ୟ-କ, କୈ = ଶବ୍ଦ କରିବା-ଅ, ଅର୍ଥାତ୍ ଯେ ଆଧିକ୍ୟ କହେ) ଅତିରିକ୍ତ, ଅନେକ; ବଳବାନ୍; ଉତ୍ତମ ।

ଅଧିକନ୍ତୁ, ଅଂ. (ଅଧିକଂ-ତୁ) ଆହୁରି, ଅପରି, ଅଧିକର ମଧ୍ୟେ ।

ଅଧିକରଣ, ବି. ( ଅଧି-କୃ-ଅନ ) କାରକ-ବିଶେଷ; ସାମୀପ୍ୟ, ଏକଦେଶସମ୍ବନ୍ଧ, ବିଷୟ, ବ୍ୟାପ୍ତି, ଏହି ଚତୁର୍ବିଧ ଆଧାର; ଯାହାର ଉପରେ କମ୍ବା ଭିତରେ ଯେ କୌଣସି ବସ୍ତୁ ରହେ, ଆଧାରପାତ୍ର; ମୀମାଂସା ଦର୍ଶନର ଗ୍ରନ୍ଥବିଶେଷ; ବିଚାରା-ଳୟ; ଅଦାଲତ, ଅଧିକାରକରଣ ।

ଅଧିକରଣିକ, ବି. (ଅଧିକରଣ-ଇକ) ଅଧି-କରଣ ଅର୍ଥାତ୍ ଧର୍ମାଧିକରଣରେ ନିଯୁକ୍ତ ବିଚାରକର୍ତ୍ତା, ପ୍ରାଡ୍‌ବିବାକ ।

ଅଧିକର୍ମିକ, ବି. (ଅଧିକର୍ମ-ଇକ) ହଟ୍ଟାଧ୍ୟକ୍ଷ, ହାଟ ଓ ବଜାରର ତତ୍ତ୍ୱାବଧାରକ ।

ଅଧିକାଙ୍ଗ, ବି. (ଅଧିକ-ଅଙ୍ଗ) କଟିବନ୍ଧନ, କଞ୍ଚୁକର ଦୃଢ଼ତା ନିମନ୍ତେ ମଧ୍ୟରେ ଯାହା ବାନ୍ଧନ୍ତି । ବିଂ. ଅତିରିକ୍ତ ଅଙ୍ଗବିଶିଷ୍ଟ ।

ଅଧିକାର, ବି. (ଅଧି-କୃ-ଅ) ଦଖଲ, ସ୍ୱାମିତ୍ୱ; ସ୍ୱତ୍ୱ; ସମ୍ପର୍କ; ଶାସନ; ରାଜତ୍ୱ; ପ୍ରବେଶ; ଭାର; ଆଧିପତ୍ୟ; ନିଯୋଗ; ଆରମ୍ଭ; ଅନୁଷ୍ଠାନ; ସ୍ୱୀକାର; ରାଜାମାନଙ୍କର ଛତ୍ରଚାମରାଦି ସାଧାରଣ; ପଦ ।

ଅଧିକାରୀ, ବିଂ. ( ଅଧିକାର-ଇନ୍ ) ସ୍ୱାମୀ, ସ୍ୱତ୍ୱବାନ୍; ଅଧିପତି ।

ଅଧିକ, ବିଂ. (ଅଧିକ ଶବ୍ଦଜ) ଅଧିକ । ଯଥା—

ପତି ପତ୍ନୀ ଏହି ସଂସାରେ ଅଲପ କି,
ସେ ସ୍ନେହ ପ୍ରାପ୍ୟେ ଆଉ କେହି ନାହିଁ ଅଧିକ । ନୃ. ପୁ.

କ୍ରି. ବିଂ. ବିଶେଷରେ, ଅଧିକରେ । ଯଥା—

ଯାବତ କର୍ମେ ପୂରାଇ ଭୁଲାଇ ପ୍ରାଣୀକି,
ଏ ଦେହକୁ ସତପ୍ରାପ୍ୟେ ମଣେ ସେ ଅଧିକ । ନୃ. ପୁ.

ଅଧିକୃତ, ବିଂ. (ଅଧି-କୃ-ତ) ଯେ ବିଷୟ ଅଧିକାର କରାଯାଇଅଛି, ଆୟତ୍ତ; ନିଯୁକ୍ତ; ଅଧିକାରୀ; ଯାହା ହସ୍ତରେ କାର୍ଯ୍ୟ ନିର୍ବାହର ଭାର ଅଛି ।

ଅଧିକ୍ଷିପ୍ତ, ବିଂ. (ଅଧି-କ୍ଷିପ୍-ତ) ତିରସ୍କୃତ, ନିନ୍ଦିତ; ପ୍ରେରିତ; ସ୍ଥାପିତ; ନିକ୍ଷିପ୍ତ ।

ଅଧିକ୍ଷେପ, ବି. (ଅଧି-କ୍ଷିପ୍-ଅ) ତିରସ୍କାର, ନିନ୍ଦା; ପ୍ରେରଣ ।

ଅଧିଗତ, ବିଂ. (ଅଧି-ଗମ୍-ତ) ସ୍ୱୀକୃତ; ଲବ୍ଧ ପ୍ରାପ୍ତ; ଜ୍ଞାତ, ବିଦିତ; ଅଧୀତ, ଶିକ୍ଷିତ ।

ଅଧିଗମ, ବି. (ଅଧି-ଗମ୍-ଅ) ପ୍ରାପ୍ତି, ଲାଭ; ଉପାର୍ଜନ; ଜ୍ଞାନ; ସ୍ୱୀକାର; ଶିକ୍ଷା ।

ଅଧିଗମ୍ୟ, ବିଂ. (ଅଧି-ଗମ୍-ଯ) ପ୍ରାପ୍ୟ, ଜ୍ଞେୟ ।

ଅଧିଜ୍ୟ, ବିଂ. (ଅଧି-ଜ୍ୟା, ଜ୍ୟାକୁ ଅଧିକାର କରି ଯେ ପ୍ରବର୍ତ୍ତେ) ଜ୍ୟାଯୁକ୍ତ ଧନୁକ, ଗୁଣଯୁକ୍ତ ଧନୁ ।

ଅଧିତ୍ୟକା, ବି. (ଅଧି-ତ୍ୟ-କ-ଆ) ପର୍ବତର ଉପରିବିସ୍ତୃତ ଭୂମି ।

ଅଧିଦନ୍ତ, ବି. (ଅଧି-ଦନ୍ତ) ଗଜଦନ୍ତ; ବାହୁଡ଼ା-ଦାନ୍ତ ।

ଅଧିଦେବ, ଅଧିଦେବତା, ଅଧିଦୈବତ, } ବି. (ଅଧି = ପ୍ରଧାନ-ଦେବ, ଦେବତା, ଦୈବତ) ଅଧିଷ୍ଠାତ୍ରୀ ଦେବତା, ଅନ୍ତର୍ଯାମୀ ପୁରୁଷ ।

ଅଧିପ, ଅଧିପତି, } ବି. (ଅଧି-ପା-ଅ) ସ୍ୱାମୀ, ଅଧିକାରୀ, ରାଜା, ପ୍ରଭୁ ।

ଅଧିଭୂ, ବି. (ଅଧି-ଭୂ-କ୍ୱିପ୍) ସ୍ୱାମୀ, ପ୍ରଭୁ, ରାଜା ।

ଅଧିମାସ, ବି· (ଅଧି = ଅଧିକ-ମାସ) ମଳମାସ ।

ଅଧିରୋପଣ, ବି· (ଅଧି-ରୋପଣ) ଧନୁରେ ଶରଯୋଜନା ।

ଅଧିରୋହଣ, ବି. (ଅଧି-ରୁହ୍-ଅନ) ଆରୋହଣ ।

ଅଧିରୋହଣୀ, } ବି· ସ୍ତ୍ରୀ. (ଅଧି-ରୁହ୍-ଇନ୍,
ଅଧିରୋହିଣୀ, } ସ୍ତ୍ରୀ-ଈ) କାଷ୍ଠ ବା ଇଷ୍ଟକାଦିନିର୍ମିତ ସୋପାନ; ନିଶୁଣୀ ।

ଅଧିବାସ, ବି. (ଅଧି-ବସ୍-ଅ) ନିବାସ, ବସତି; ସ୍ଥାପନ । (ଅଧି-ବାସ୍-ଅ) ସୁଗନ୍ଧର ନିବିଡ଼ ସଂସର୍ଗ; ଗନ୍ଧ ମାଲ୍ୟ ଧାନ୍ୟ ଦୂର୍ବାଫଳ ପ୍ରଭୃତିଦ୍ୱାରା ସଂସ୍କାରକରଣ, ଶୁଭକର୍ମର ପୂର୍ବକ୍ରିୟା, ବିବାହର ପୂର୍ବକାର୍ଯ୍ୟ ।

ଅଧିବାସନ, ବି· (ଅଧି-ବସ୍-ଅନ) ଯଜ୍ଞାରମ୍ଭର ପୂର୍ବେ ଦେବତାସ୍ଥାନେ, ଗନ୍ଧମାଲ୍ୟାଦିଦ୍ୱାରା ସଂସ୍କାର ।

ଅଧିବିନ୍ନା, ବି. ସ୍ତ୍ରୀ· (ଅଧି = ପୂର୍ବେ-ବିଦ୍ = ଲାଭ କରିବା-ତ-ଆ, ଅର୍ଥାତ୍ ଯେ ପୂର୍ବେ ପ୍ରାପ୍ତ ହୋଇଅଛି) ଦ୍ୱିତୀୟବାର ବିବାହିତ ପୁରୁଷର ଜୀବିତା ପ୍ରଥମ ସ୍ତ୍ରୀ, ଯେଉଁ ସ୍ତ୍ରୀ ବିଦ୍ୟମାନ ଥାଉଁ ସ୍ୱାମୀ ପୁନଶ୍ଚ ବିବାହ କରିଅଛନ୍ତି ।

ଅଧିବେତ୍ତା, ବି· (ଅଧି-ବିଦ୍-ତୃ) ସ୍ତ୍ରୀ ବିଦ୍ୟମାନ ଥାଉଁ ଯେ ପୁନଶ୍ଚ ବିବାହ କରେ ।

ଅଧିବେଦନ, ବି. (ଅଧି-ବିଦ୍-ଅନ) ପ୍ରଥମ ସ୍ତ୍ରୀ ଥାଉଁ ଥାଉଁ ପୁନର୍ବାର ବିବାହକରଣ ।

ଅଧିଶ୍ରୟଣ, ବି. (ଅଧି-ଶ୍ରି-ଅନ) ପାକାର୍ଥ ଚୁଲ୍ଲୀର ଉପରେ ସ୍ଥାପନ, ପାକକରଣ ।

ଅଧିଶ୍ରୟଣୀ, } ବି· ସ୍ତ୍ରୀ· (ଅଧି-ଶ୍ରି-ଅନ-ଈ,
ଅଧିଶ୍ରୟିଣୀ, } ଇନ୍-ଈ) ଚୁଲ୍ଲୀ ।

ଅଧିଶ୍ରିତ, ବିଂ. (ଅଧି-ଶ୍ରି-ତ) ଆଶ୍ରିତ, ପ୍ରାପ୍ତ; ସ୍ଥାପିତ ।

ଅଧିଷ୍ଠାତା, ବିଂ. (ଅଧି-ସ୍ଥା-ତୃ) ଯେ ଅଧିଷ୍ଠାନ କରେ, ସ୍ଥିତିକାରୀ, ଅଧ୍ୟକ୍ଷ । (ସ୍ତ୍ରୀ-ଈ) ସ୍ଥିତିକାରିଣୀ, ଆଶ୍ରୟଦାତ୍ରୀ, ଅଧିକାରିଣୀ ।

ଅଧିଷ୍ଠାନ, ବି· (ଅଧି-ସ୍ଥା-ଅନ) ସନ୍ନିଧାନ; ସ୍ଥିତି, ଉପସ୍ଥିତି; ଉପବେଶନ; ଆଶ୍ରୟ; ପ୍ରଭାବ; ଦେହସ୍ଥ ଚକ୍ରବିଶେଷ ।

ଅଧିଷ୍ଠିତ, ବିଂ· (ଅଧି-ସ୍ଥା-ତ) ସ୍ଥାପିତ; ଅବସ୍ଥିତ; ଆବିର୍ଭୂତ ।

ଅଧୀତି, ବି. (ଅଧି-ଇ-ତି) ଅଧ୍ୟୟନ ।

ଅଧୀତ, ବିଂ. (ଅଧି-ଇ-ତ) ପଠିତ । (ଭାବରେ ତ ପ୍ରତ୍ୟୟ ହେଲେ) ଅଧ୍ୟୟନ ।

ଅଧୀତୀ, ବି· ( ଅଧୀତ-ଇନ୍-ଅସ୍ତ୍ୟର୍ଥେ ) ଛାତ୍ର, ଅଧ୍ୟୟନକାରୀ; ଯାହାର ପାଠ ସମାପ୍ତ ହୋଇଅଛି ।

ଅଧୀନ, ବିଂ· (ଅଧି = ଅଧିଗତ-ଇନ = ପ୍ରଭୁ, ଯେ ପ୍ରଭୁର ଅଧିଗତ ଅର୍ଥାତ୍ ପ୍ରାପ୍ତ) ଆୟତ୍ତ, ବଶତାପନ୍ନ, ବଶ୍ୟ, ଅନୁଗତ, ଆଜ୍ଞାନୁବର୍ତ୍ତୀ, ବାଧ୍ୟ, ଆଶ୍ରିତ ।

ଅଧୀନତା, ବି· (ଅଧୀନ-ତା) ଦାସତ୍ୱ, ଅନ୍ୟର ଆଜ୍ଞାନୁବର୍ତ୍ତିତା ।

ଅଧୀୟାନ, ବିଂ· (ଅଧି-ଇ = ଗମନ ବା ସ୍ମରଣ କରିବା-ଅତ୍—ଶତୃ) ସ୍ମରଣକାରୀ । (ଅଧି-ଇ = ଅଧ୍ୟୟନକରିବା-ଅତ୍—ଶତୃ) ଅନାୟାସେ ପାଠକାରୀ ।

ଅଧୀୟାନ, ବିଂ· (ଅଧି-ଇ-ଆନ) ଅଧ୍ୟୟନକାରୀ, ଛାତ୍ର, ବିଦ୍ୟାର୍ଥୀ ।

ଅଧୀର, ବିଂ· (ଅ-ଧୀର) ଅସ୍ଥିର, ଚଞ୍ଚଳ; ଧୈର୍ଯ୍ୟହୀନ, ଅସହିଷ୍ଣୁ; ଭୀତ, କାତର । ବି· (ସ୍ତ୍ରୀ-ଆ) ବିଦ୍ୟୁତ୍, ଚଞ୍ଚଳା; ନାୟିକା-ବିଶେଷ ।

ଅଧୀଶ, } ବି. (ଅଧି-ଈଶ, ଈଶ୍ୱର) ମହାରାଜ
ଅଧୀଶ୍ୱର, } ଅର୍ଥାତ୍ ଯାହାଙ୍କଠାରେ ଅଶେଷ ସାମନ୍ତ ରାଜାମାନେ ପ୍ରଣତ ହୋଇ ରହନ୍ତି, ପ୍ରଧାନ ରାଜା, ସମ୍ରାଟ୍, ଚକ୍ରବର୍ତ୍ତୀ ଅର୍ଥାତ୍ ଯେଉଁ ରାଜା ଅନ୍ୟ କାହାକୁ କର ଦିଅନ୍ତି ନାହିଁ । ବିଂ· ପ୍ରଭୁ; କର୍ତ୍ତା ।

ଅଧୂଆ, ବିଂ. (ଅଧୌତ ଶବ୍ଦଜ) ଅଧୌତ, ଯାହା ଧୂଆ ହୋଇ ନାହିଁ ।

ଅଧୂଆମୁହାଁ, ବିଂ, (ଅଧୌତ-ମୁଖ ଏ ଦୁଇ ଶବ୍ଦରୁ ଉତ୍ପନ୍ନ) ଶୋଇ ଉଠି ସକାଳେ ଯେ ମୁଖ ଧୋଇ ନ ଥାଏ; ଅଲକ୍ଷଣମୁହାଁ ।

ଅଧୁନା, ଅଂ. ସଂ. ବର୍ତ୍ତମାନ ସମୟ, ସମ୍ପ୍ରତି, ଇଦାନୀଂ, ଏବେ; ଏକ୍ଷଣି ।

ଅଧୁନାତନ, ବିଂ. (ଅଧୁନା-ତନ) ବର୍ତ୍ତମାନ-କାଳୀନ, ଇଦାନୀନ୍ତନ, ବର୍ତ୍ତମାନ ଯାହା ଘଟିଅଛି; ସମ୍ପ୍ରତି ଯାହା ବିଦ୍ୟମାନ ଅଛି ।

ଅଧୃଷ୍ଟ, ବିଂ. (ଅ-ଧୃଷ=ପ୍ରଗଲ୍‌ଭହେବା-ତ) ଅପ୍ରଗଲ୍‌ଭ, ବିନୀତ; ସଲଜ୍ଜ; ଯେ ବ୍ୟବହାରରେ ଜାକଜମକ କରେ ନାହିଁ ।

ଅଧୃଷ୍ୟ, ବିଂ. (ଅ-ଧୃଷ=ପରାଜୟକରିବା-ଯ) ଦୁର୍ଦ୍ଧର୍ଷ, ଅନଭିଭବନୀୟ, ଯାହାକୁ ଅଭିଭବ କରାଯାଇ ପାରେ ନାହିଁ, ଯାହା ପାଖକୁ ହଠାତ୍ ଯିବାକୁ ଭୟ ହୁଏ ।

ଅଧୈର୍ଯ୍ୟ, ବିଂ.(ଅ-ଧୈର୍ଯ୍ୟ)ଧୈର୍ଯ୍ୟହୀନ, ଚଞ୍ଚଳ, ବ୍ୟାକୁଳ, ଅସ୍ଥିର । ବି. ଧୈର୍ଯ୍ୟର ଅଭାବ, ଅସ୍ଥିରତା; କାତରତା, ଭୟ ।

ଅଧୋଂଶୁକ, } ବି. (ଅଧସ୍-ଅଂଶୁକ, ବସ୍ତ୍ର)
ଅଧୋବସ୍ତ୍ର, } ପରିଧାନବସ୍ତ୍ର, ଧୋତି ପ୍ରଭୃତି ।

ଅଧୋକ୍ଷଜ, ବି. ସଂ. ବିଷ୍ଣୁ, ଶ୍ରୀକୃଷ୍ଣ । ବିଂ. ଅତୀନ୍ଦ୍ରିୟ ।

ଅଧୋଗତି, ବି. ସ୍ତ୍ରୀ. (ଅଧସ୍-ଗତି) ନୀଚଗତି; ଅପକୃଷ୍ଟଦଶାପ୍ରାପ୍ତି, ନରକଗତି । ଯଥା— ଗୁରୁ ନିନ୍ଦାରୁ ଅଧୋଗତି ।

ଅଧୋଭୁବନ, ବି. (ଅଧସ୍-ଭୁବନ) ପାତାଳ ।

ଅଧୋମର୍ମ, ବି. (ଅଧସ୍-ମର୍ମ) ଗୁହ୍ୟଦ୍ୱାର ।

ଅଧୋମୁଖ, } ବିଂ. (ଅଧସ୍-ମୁଖ, ବଦନ)
ଅଧୋବଦନ, } ନତମୁଖ, ହେଠମୁଖ । (ସ୍ତ୍ରୀ-ଆ=ଅଧୋମୁଖୀ) ଗୋଜିହ୍ୱା ବୃକ୍ଷ ।

ଅଧୋବାୟୁ, ବି. (ଅଧସ୍-ବାୟୁ) ଅପାନପବନ, ଗୁହ୍ୟପବନ ।

ଅଧ୍ୟକ୍ଷ, ବି. (ଅଧି-ଅକ୍ଷ-ଅ) ପ୍ରଧାନ କର୍ମସମ୍ପାଦକ, କର୍ତ୍ତା, ତତ୍ତ୍ୱାବଧାରକ; କ୍ଷୀରିକା ବୃକ୍ଷ । ବିଂ. ପ୍ରତ୍ୟକ୍ଷ, ଇନ୍ଦ୍ରିୟଗୋଚର ।

ଅଧ୍ୟୟନ, ବି. (ଅଧି-ଇ-ଅନ) ପାଠ, ପଠନ; ବେଦାଦିଶାସ୍ତ୍ରର ଆଲୋଚନା ।

ଅଧ୍ୟବସାୟ, ବି. ( ଅଧି-ଅବ-ସି-ଅ ) ଯତ୍ନ; ଅବିଶ୍ରାନ୍ତ ଉଦ୍‌ଯୋଗ, କର୍ମ ନିର୍ବାହ ବିଷୟରେ ଅବିଚଳିତ ଉତ୍ସାହ, ଅବଲମ୍ବି କାର୍ଯ୍ୟସାଧନରେ ତତ୍ପରତା; ନିଶ୍ଚୟ ।

ଅଧ୍ୟଶନ, ବି. ( ଅଧି-ଅଶନ ) ଅଜୀର୍ଣ୍ଣରେ ଭୋଜନ । ଯଥା—

ଅଜୀର୍ଣ୍ଣେ ଭୁଜ୍ୟତେ ଯତ୍ତୁ ତଦଧ୍ୟଶନମୁଚ୍ୟତେ ।

ଅଧ୍ୟା, ବି. (ଅଧ୍ୟାୟ ଶବ୍ଦଜ) ପରିଚ୍ଛେଦ । ଯଥା—

ଅଧ୍ୟାରେ ହେଲା ଏକାବନ ।
ସାଧୁଜନେ ଦୋଷ ନ ଘେନ । ଦା. ର.

ଦେବତା ନିକଟରେ ଅଭୀଷ୍ଟ ଲାଭାର୍ଥ ଉପବାସ କରି ଜାଗ୍ରତ ରହି ସାଷ୍ଟାଙ୍ଗ ହୋଇ ପଡ଼ିବା । ଯଥା—

ଅଧ୍ୟା ପଡ଼ିଥିଲେ ଚଣ୍ଡିକା ଦେଉଳେ । ନ. କେ.

ଅଧ୍ୟାତ୍ମ, ବିଂ. (ଅଧି-ଆତ୍ମନ୍-ଅ ଯାହା ଆତ୍ମାକୁ ଅଧିକାର କରି ପ୍ରବର୍ତ୍ତେ) ପରମାତ୍ମବିଷୟକ, ଆତ୍ମସଂପର୍କୀୟ; ତତ୍ତ୍ୱବିଷୟକ; ଦେହବିଷୟକ; ପରବ୍ରହ୍ମ ।

ଅଧ୍ୟାତ୍ମତତ୍ତ୍ୱବିତ୍, ବିଂ. (ଅଧ୍ୟାତ୍ମତତ୍ତ୍ୱ-ବିଦ୍-କ୍ୱିପ୍) ଯେ ପରମାତ୍ମାବିଷୟକ ନିଗୂଢ଼ତତ୍ତ୍ୱ ଜାଣନ୍ତି ।

ଅଧ୍ୟାପକ, ବି. (ଅଧି-ଇ-ଣିଚ୍-ଅକ) ଶିକ୍ଷକ, ଆଚାର୍ଯ୍ୟ, ଉପାଧ୍ୟାୟ, ପାଠଗୁରୁ, ବିଦ୍ୟାଗୁରୁ ।

ଅଧ୍ୟାପନ, } ବି. (ଅଧି-ଇ-ଣିଚ୍-ପ-ଅନ)
ଅଧ୍ୟାପନା, } ଶିକ୍ଷାଦାନ, ଅଧ୍ୟୟନ କରାଇବା, ପାଠ ପଢ଼ାଇବା ।

ଅଧ୍ୟାୟ, ବି. (ଅଧି-ଇ-ଅ) ଗ୍ରନ୍ଥର ପରିଚ୍ଛେଦ, ଗ୍ରନ୍ଥର ଅଂଶ; ସର୍ଗ; ବର୍ଗ; ସ୍କନ୍ଧ; ଅଙ୍କ; ଉଲ୍ଲାସ; ଉଚ୍ଛ୍ୱାସ; କାଣ୍ଡ; ସ୍ତବକ; ପଟଳ; ପ୍ରକରଣ; ପାଠ; ପର୍ବ; ଆହ୍ନିକ ପ୍ରଭୃତି ।

ଅଧ୍ୟାବାହନିକ, ବି. (ଅଧି-ଆବାହନ-ଇକ) ବିବାହ ପରେ ସ୍ୱାମିଙ୍କ ଗୃହକୁ ଗମନ-କାଳରେ କନ୍ୟାର ପିତୃକୁଳରୁ ପ୍ରାପ୍ତ ହେବା ଧନ । ଯଥା—

**ଯତ୍ପୁନର୍ଲଭତେ ନାରୀ ନୀୟମାନା ହି ପୈତୃକାତ୍ ।**
**ଅଧ୍ୟାବାହନିକଂ ନାମ ସ୍ତ୍ରୀଧନଂ ପରିକୀର୍ତ୍ତିତା ।**

ଅଧ୍ୟାସ, ବି. (ଅଧି-ଅସ୍-ଅ) ଏକ ବସ୍ତୁରେ ଅନ୍ୟ ବସ୍ତୁର କଳ୍ପନା । (ଅଧି-ଆସ୍-ଅନ) ଉପବେଶନ, ଅଧିଷ୍ଠାନ ।

ଅଧ୍ୟାସନ, ବି. (ଅଧି-ଆସ୍-ଅନ) ଅଧିଷ୍ଠାନ, ଅଧିରୋହଣ; ଉପବେଶନ ।

ଅଧ୍ୟାସିତ, ବି. (ଅଧି-ଆସ୍-ତ) ବାସ କରା-ଯାଇଥିବା ସ୍ଥାନ-ଭୂମି-ଗୃହ ପ୍ରଭୃତି । ବିଂ. ଅଧିଷ୍ଠିତ; ଅଧିରୂଢ଼; ନିବେଶିତ ।

ଅଧ୍ୟାସୀନ, ବି. (ଅଧି-ଆସ୍-ଆନ) ଉପବିଷ୍ଟ, ଯେ ବସିଅଛି ।

ଅଧ୍ୟାହରଣ, ଅଧ୍ୟାହାର, } ବି. (ଅଧି-ଆ-ହୃ-ଅନ, ଅ) ଊହ, ତର୍କ; ଅସମ୍ପୂର୍ଣ୍ଣ ବାକ୍ୟ ପୂରଣାର୍ଥ ପଦାନ୍ତର ଯୋଜନା ।

ଅଧ୍ୟୁଷିତ, ବିଂ. (ଅଧି-ବସ୍-ତ) ଅଧ୍ୟାସିତ, ଯେଉଁ ସ୍ଥାନରେ ବାସ ବା ଉପବେଶନ କରାଯାଇଅଛି; ଅଧିଷ୍ଠିତ, ଉପବିଷ୍ଟ ।

ଅଧ୍ୟୁଷ୍ଟ୍ର, ବି. (ଅଧି-ଉଷ୍ଟ୍ର) ଉଷ୍ଟ୍ରବାହନଯୁକ୍ତ ଶକଟାଦି ।

ଅଧ୍ୟୂଢ଼, ବିଂ. (ଅଧି-ଊଢ଼) ବୃଦ୍ଧିଶୀଳ, ସମୃଦ୍ଧ ।

ଅଧ୍ୟୂଢ଼ା, ବି. ସ୍ତ୍ରୀ. (ଅଧି=ଅଗ୍ରେ-ଊଢ଼ା=ବିବାହିତା) ଅଧିବିନ୍ନା ଅର୍ଥାତ୍ ଯେଉଁ ସ୍ତ୍ରୀର ପତି ପୁନର୍ବାର ବିବାହ କରେ ।

ଅଧ୍ୟେତା, ବି. (ଅଧି-ଇ-ତୃ) ଯେ ଅଧ୍ୟୟନ କରେ, ଛାତ୍ର, ଶିଷ୍ୟ, ପାଠକ, ବିଦ୍ୟାର୍ଥୀ ।

ଅଧ୍ୟେଷଣ, ଅଧ୍ୟେଷଣା, } ବି. (ଅଧି-ଈଷ-ଅନ) ବିନୟ-ପୂର୍ବକ ଜିଜ୍ଞାସା; ପ୍ରାର୍ଥନା ।

ଅଧ୍ୱ, ବି. (ଅଧ୍ୱନ୍=ଅତ୍-ବନ୍, ତ=ଧ) ପଥ; ବାଟ; ସମୟ; ଘରାଭଙ୍ଗ; ଅବୟବ; ଉପାୟ; ଆକ୍ରମଣ ।

ଅଧ୍ୱଗ, ବିଂ. (ଅଧ୍ୱ-ଗମ୍-ଅ) ପାନ୍ଥ । ବି. ସୂର୍ଯ୍ୟ; ଉଷ୍ଟ୍ର । (ସ୍ତ୍ରୀ-ଆ) ଗଙ୍ଗା ।

ଅଧ୍ୱନୀନ, ଅଧ୍ୱନ୍ୟ, } ବିଂ. (ଅଧ୍ୱନ୍-ଈନ, ଯ) ଯେ ଦେଶେ ଦେଶେ ଭ୍ରମଣ କରେ, ପର୍ଯ୍ୟଟକ, ପଥିକ । ବି. ସୂର୍ଯ୍ୟ ।

ଅଧ୍ୱର, ବି. (ଅଧ୍ୱନ୍-ରା-ଅ=ଯେ ସ୍ୱର୍ଗପଥ ଦାନ କରେ) ଯଜ୍ଞ, ଯାଗ । (ଅ-ଧ୍ୱୃ-ଅ) ଅଷ୍ଟ ବସୁଙ୍କ ମଧ୍ୟରୁ ଏକ । ବିଂ. ମନୋ-ଯୋଗୀ; ସାବଧାନ ।

ଅଧ୍ୱରଥ, ବି. (ଅଧ୍ୱନ୍-ରଥ, ଅର୍ଥାତ୍ ଯାହାର ପଥ କେବଳ ରଥ) ପଥ ବିଷୟରେ ଅଭିଜ୍ଞ ଦୂତ; ପଥରେ ଗମନୋପଯୁକ୍ତ ରଥ ।

ଅଧ୍ୱର୍ଯ୍ୟୁ, ବି. (ଅଧ୍ୱର୍-ଯୁ-କ୍ୟପ୍, ଯେ ଅଧ୍ୱର ଯୋଗ କରେ) ଯଜୁର୍ବେଦଜ୍ଞ ଋତ୍ୱିକ୍ ।

ଅନକ, ବିଂ. (ଅନ୍=ଶବ୍ଦ କରିବା-ଅ) ଅଧମ, ନୀଚ ।

ଅନକଅବସ୍ତୀ, ଅନେକଅବସ୍ତୀ, } ବି.ସ୍ତ୍ରୀ. (ଅନେକ-ଅବସ୍ଥା—ଏଥିରୁ-ଉତ୍ପନ୍ନ) ସ୍ତ୍ରୀମାନଙ୍କର ଏକପ୍ରକାର ଗାଳି; ଅଲକ୍ଷଣୀ ସ୍ତ୍ରୀ ।

ଅନକୁଳ, ବି. (ଅନୁକୂଳ ଶବ୍ଦର ଅପଭ୍ରଂଶ) ମୁହୂର୍ତ୍ତ । ଯଥା—

**ଲଗ୍ନ ବୁଝି ଜଉଡପ କହେ ଅନକୁଳ । ମ. ଶ.**

ଅନକୁଳବରାଡ଼, ଅନୁକୂଳବରାଡ଼, } ବି. (ଅନୁକୂଳ-ବରାଡ଼—ଏ ଦୁଇ ଶବ୍ଦର ଅନୁ-କରଣରେ ଉତ୍ପନ୍ନ) ଅନୁକୂଳ ସମୟରେ ଅଶୁଭସୂଚକ ବ୍ୟକ୍ତି ।

ଅନକ୍ଷ, ବିଂ. (ଅନ୍-ଅକ୍ଷ) ଚକ୍ଷୁଶୂନ୍ୟ; ଇନ୍ଦ୍ରିୟ-ରହିତ ।

ଅନକ୍ଷର, ବି. (ଅନ୍-ଅକ୍ଷର, ଅନ୍=କୁତ୍ସିତ, ଅକ୍ଷର=ବର୍ଣ୍ଣ, ଅର୍ଥାତ୍ ଯହିଁରେ ଅଶ୍ଳୀଳ ବର୍ଣ୍ଣ ଥାଏ) ନିନ୍ଦା, ଅବ୍ୟକ୍ତ କଥା । ବିଂ. ବର୍ଣ୍ଣଜ୍ଞାନହୀନ, ମୂର୍ଖ ।

ଅନଗ୍ନି, ବିଂ. (ଅନ୍-ଅଗ୍ନି) ଅଗ୍ନିହୀନ, ଦାହକାର୍ଯ୍ୟରହିତ ।

**ଅନଘ**, ବିଂ. (ଅନ୍-ଅଘ) ନିର୍ମଳ; ନିଷ୍ପାପ, ପବିତ୍ର; ଦୁଃଖହୀନ; ମନୋଜ୍ଞ ।

**ଅନଙ୍ଗ**, ବି. (ଅନ୍-ଅଙ୍ଗ) କନ୍ଦର୍ପ; ଆକାଶ; ମନ । ବିଂ. ଅଙ୍ଗହୀନ ।

**ଅନଚ୍ଛ**, ବିଂ. (ଅନ୍-ଅଚ୍ଛ) ସମଳ, ଆବିଳ, ଅପରିଷ୍କୃତ ।

**ଅନଞ୍ଜନ**, ବିଂ. (ଅନ୍-ଅଞ୍ଜନ) ଅଞ୍ଜନଶୂନ୍ୟ, ଦୋଷରହିତ । ବି. ଆକାଶ; ପରବ୍ରହ୍ମ ।

**ଅନଡୁହୀ, ଅନଡ୍‌ବାହୀ**, ବି. ସ୍ତ୍ରୀ. (ଅନଡୁହ୍ ବା ଅନଡ୍‌ବାହ-ଈ) ସ୍ତ୍ରୀଗୌ, ଗାଈ ।

**ଅନଡୁହ୍, ଅନଡ୍‌ବାହ**, ବି. (ଅନସ୍ = ଶକଟ-ବହ୍-କ୍ୱିପ୍) ବୃଷ, ବଳଦ ।

**ଅନତିବର୍ତ୍ତନ**, ବି. (ଅନ୍-ଅତିବର୍ତ୍ତନ) ଲଙ୍ଘନ ନ କରିବା, ଅତିକ୍ରମ ନ କରିବା, ଅନତିକ୍ରମଣ; ଅନୁଲ୍ଲଙ୍ଘନ, ଅଲଙ୍ଘନ ।

**ଅନଧିକାର**, ବି. (ଅନ୍-ଅଧିକାର) ଅଧିକାରର ଅଭାବ, ସତ୍ତ୍ୱର ଅଭାବ, ଅଧିକାର ନ ଥିବା ।

**ଅନଧିଗତ**, ବିଂ. (ଅନ୍-ଅଧିଗତ) ଅପ୍ରାପ୍ତ; ଅଜ୍ଞାତ; ଅବିଦିତ; ଅନଧୀତ, ଅପଠିତ ।

**ଅନଧ୍ୟକ୍ଷ**, ବିଂ. (ଅନ୍-ଅଧି-ଅକ୍ଷ-ଅ) ଅତୀନ୍ଦ୍ରିୟ, ଇନ୍ଦ୍ରିୟ ଅଗୋଚର । (ଅନଧ୍ୟକ୍ଷମତୀନ୍ଦ୍ରିୟଂ) ତତ୍ତ୍ୱାବଧାରକରହିତ ।

**ଅନନ୍ତ**, ବି. (ଅନ୍-ଅନ୍ତ) ବିଷ୍ଣୁ; ଶେଷ ନାଗ; ବଳଦେବ; ମେଘ; ବୃକ୍ଷବିଶେଷ; ବ୍ରହ୍ମା, ଆକାଶ । ବିଂ. ଅନ୍ତହୀନ; ଇୟତ୍ତାଶୂନ୍ୟ; ଅନବଧି ବା ନିରବଧି ।

**ଅନନ୍ତର**, ଅଂ. (ଅନ୍-ଅନ୍ତର = ବ୍ୟବଧାନ) ପଶ୍ଚାତ୍, ଅବ୍ୟବଧାନ, ସମୀପ । ବିଂ. ପଶ୍ଚାଦ୍‌ବର୍ତ୍ତୀ; ନିକଟବର୍ତ୍ତୀ, ସନ୍ନିହିତ, ଅବ୍ୟବହିତ ।

**ଅନନ୍ତା**, ବି. ସ୍ତ୍ରୀ. (ଅନନ୍ତ-ଆ) ପୃଥିବୀ; ଦୁର୍ଗା; ଦୂବା; ଗୁଳୁଚି; ଆମଳକୀ; ଶ୍ୟାମ ଲତା; ଅଗ୍ନିଶିଖା ବୃକ୍ଷ; ପିପ୍ପଳୀ; ଦୁରାଳଭା; ହରୀତକୀ; ଅଗ୍ନିମନ୍ଥ ବୃକ୍ଷ; ସ୍ୱର୍ଣ୍ଣକ୍ଷୀରୀ ।

**ଅନନ୍ତାଙ୍ଗି**, ବି. ସ୍ତ୍ରୀ. (ଅନନ୍ତା ଦେବୀ ଶବ୍ଦଜ) ଦେବୀବିଶେଷ । (ରୂପାଙ୍ଗି ଶବ୍ଦ ଦେଖ ।)

**ଅନନ୍ୟ**, ବିଂ. (ଅନ୍-ଅନ୍ୟ) ଅଭିନ୍ନ, ଅନ୍ୟ ସମ୍ପର୍କଶୂନ୍ୟ ।

**ଅନନ୍ୟଗତି**, ବିଂ. (ଅନନ୍ୟ-ଗତି ଯାହାର ଅନ୍ୟ ଗତି ନାହିଁ, ଗତ୍ୟନ୍ତରବିହୀନ; ନିତାନ୍ତ ନିରୁପାୟ; ନିତାନ୍ତ ନିରାଶ୍ରୟ ।

**ଅନନ୍ୟଜ**, ବି. (ଅନ୍-ଅନ୍ୟ-ଜନ୍-ଅ) କନ୍ଦର୍ପ; ମଦନ ।

**ଅନନ୍ୟବୃତ୍ତି**, ବିଂ. (ଅନ୍-ଅନ୍ୟ-ବୃତ୍ତି) ଏକମାତ୍ର ବୃତ୍ତି; ଏକାଗ୍ର, ଏକତାନ, ଏକାଗ୍ରଚିତ୍ତ ।

**ଅନନ୍ୟସାଧାରଣ**, ବିଂ. (ଅନ୍-ଅନ୍ୟ-ସାଧାରଣ) ଯେ ଅନ୍ୟ ସହିତ ସମାନ ନୁହେ । ଯଥା—ଅନନ୍ୟସାଧାରଣ ଯଶ; ଯହିଁରେ ଅନ୍ୟର ଅଂଶ ବା ଅଧିକାର ନାହିଁ । ଯଥା—ଅନନ୍ୟସାଧାରଣ ଧନ ।

**ଅନନ୍ୱୟ**, ବି. (ଅନ୍-ଅନ୍ୱୟ) ଅର୍ଥାଲଙ୍କାରବିଶେଷ, ଯେ ସ୍ଥଳେ ଏକ ବସ୍ତୁରେ ଉପମାନ ଓ ଉପମେୟ ଉଭୟ କର୍ମ ପର୍ଯ୍ୟବସିତ ହୁଏ । ବିଂ. ଅନ୍ୱୟଶୂନ୍ୟ ।

**ଅନନ୍ୱିତ**, ବିଂ. (ଅନ୍-ଅନ୍ୱିତ) ଯେ ପୂର୍ବାପର ସଂଲଗ୍ନ ହୁଏ ନାହିଁ, ପୂର୍ବାପର ବିରୁଦ୍ଧ; ଅସଂଲଗ୍ନ, ଅସମ୍ବନ୍ଧ; ଅସଙ୍ଗତ; ଅବିହିତ ।

**ଅନପଚୟ**, ବିଂ. (ଅନ୍-ଅପଚୟ) କ୍ଷତିରହିତ, ଅବିନଷ୍ଟ ।

**ଅନପତ୍ୟତା**, ବି. ସ୍ତ୍ରୀ. (ଅନପତ୍ୟ-ଅନ୍ = ଅପତ୍ୟ-ତା) ଅପତ୍ୟରାହିତ୍ୟ, ସନ୍ତାନାଭାବ ।

**ଅନପାୟୀ**, ବିଂ. (ଅନ୍-ଅପାୟିନ୍) ଅପାୟରହିତ, ଅବିନାଶୀ ।

**ଅନପେକ୍ଷ**, ବିଂ. (ଅନ୍-ଅପେକ୍ଷା) ନିରପେକ୍ଷ, ଯେ କୌଣସି ବିଷୟରେ କାହାର ଅପେକ୍ଷା ରଖେ ନାହିଁ, ସ୍ୱାଧୀନ ।

**ଅନପେତ**, ବିଂ. (ଅନ୍-ଅପେତ = ଅପଗତ ବା ବହିର୍ଗତ) ଅପେତଭିନ୍ନ; ବିଦ୍ୟମାନ; ଯୁକ୍ତ; ବିଶିଷ୍ଟ ।

ଅନଭିଜାତ, ବିଂ· ( ଅନ୍-ଅଭିଜାତ ) ଯେ ଅଭିଜାତ ନୁହେ, ଅକୁଳୀନ, ନୀଚବଂଶ-ପ୍ରସୂତ ।

ଅନମ, ବି· (ଅ-ନମ=ନମସ୍କାର କରିବା) ବ୍ରାହ୍ମଣ; ଯେ ନତ ହୁଏ ନାହିଁ ।

ଅନମିତେ, କ୍ରି· ବିଂ· ( ଅନିମିତ୍ତ ଶବ୍ଦଜ ) ଅକାରଣରେ । ଯଥା—

ଅନମିତେ ମୁଁ କପାଇ ଦିବ ତାରଠାଇଁ ।
ବ୍ରହ୍ମା କହିଲେ ବୋଲି ଶୁକଙ୍କୁ କହି ଯାଇ । ନୃ.ପୁ.

ବିଂ· କାରଣରହିତ ।

ଶତେ ଶଳା ତାହାର ମାଇଲୁ ଅନମିତେ ।
ଏବେ ତାକୁ ବନ୍ଦିଶାଳା ମୋହର ଦେଖନ୍ତେ । ସା.ଭା.ବ

ଅନମ୍ବର, ବି· (ଅନ୍-ବର) ଆକାଶ । ବିଂ· ଅମ୍ବରରହିତ; ନଗ୍ନ; ବୌଦ୍ଧବିଶେଷ । (ଏମାନେ କଚ୍ଛବିହୀନ ହୋଇଥାନ୍ତି)

ଅନୟ, ବି· (ଅ-ନୟ=ନୀତି, ସୌଭାଗ୍ୟ) ଦୁର୍ନୀତି; ଦୁର୍ଦୈବ, ବିପଦ । ବିଂ· ନୀତି-ଶୂନ୍ୟ; ଦୁର୍ଭାଗ୍ୟ ।

ଅନର୍ଗଳ, ବିଂ· (ଅନ୍-ଅର୍ଗଳ) ଅପ୍ରତିବନ୍ଧକ, ସ୍ୱଚ୍ଛନ୍ଦବୃତ୍ତି, ଅର୍ଗଳହୀନ ।

ଅନର୍ଘ, ବିଂ· ( ଅନ୍-ଅର୍ଘ ) ଅମୂଲ୍ୟ ।

ଅନର୍ଥ, ବିଂ· (ଅନ୍-ଅର୍ଥ) ଅର୍ଥଶୂନ୍ୟ, ନିରର୍ଥକ, ନିଷ୍ଫଳ । ବି· ଅନଭିଲଷିତ ବିଷୟ; ଅନିଷ୍ଟ, ଅଶୁଭ ।

ଅନର୍ଥକ, ବିଂ· (ଅନର୍ଥ-କ) ବୃଥା, ନିରର୍ଥକ, ଅକାରଣ, ନିଷ୍ପ୍ରୟୋଜନ । ବି· ଅସମ୍ବନ୍ଧ ପ୍ରଳାପ ।

ଅନର୍ଯୀପ, ଅନର୍ଯାପ, } ବିଂ· (ଅ-ନିର୍-ଯା-ଣିଚ୍ ଏଥିରୁ ଉତ୍ପନ୍ନ) ଅଶେଷ, ଅପରିମିତ । ଯଥା—

ଅପାର ପ୍ରତିଜ୍ଞା କରନ୍ତି ଯେ ଅନର୍ଯୀପେ ।
କେତେ ମୁଁ ଲେଖିବି ଯୁଦ୍ଧ କରିଣ ସଙ୍କ୍ଷେପେ । ସା.ଭା.ବ

ଅନଳ, ବି· (ଅନ୍-ନଳ) ଅଗ୍ନି, ଅଷ୍ଟବସୁମାନଙ୍କ ମଧ୍ୟରେ ଷଷ୍ଠ ବସୁ; ପିତ୍ତ; ଚିତ୍ରକ ବା ଚିତାପାରୁ; ଭଲ୍ଲାତକ ।

ଅନବଦ୍ୟ, ବିଂ· (ଅନ୍-ଅବଦ୍ୟ) ନିର୍ଦ୍ଦୋଷ; ଅନିନ୍ଦନୀୟ; ଅନୁମୋଦନୀୟ ।

ଅନବଧାନତା, ବି· ସ୍ତ୍ରୀ· (ଅନ୍-ଅବଧାନତା) ଅବଧାନଶୂନ୍ୟତା, ଅମନୋଯୋଗିତା, ଅଯତ୍ନ; ଉପେକ୍ଷା; ଅମନୋଯୋଗ ।

ଅନବରତ, ବିଂ· (ଅନ୍-ଅବରତ) ନିରନ୍ତର । କ୍ରି· ବିଂ· ସର୍ବଦା, ଅବିଶ୍ରାମରେ, ସତତ ।

ଅନବସ୍କର, ବିଂ· (ଅନ୍-ଅବସ୍କର) ନିର୍ମଳ, ପରିଷ୍କୃତ ।

ଅନବସ୍ଥା, ବି· ସ୍ତ୍ରୀ· (ଅନ୍-ଅବସ୍ଥା) ଅବସ୍ଥା-ଭାବ, ନିୟମ ନ ଥିବା; ଅବିଶ୍ରାନ୍ତି; ତର୍କ-ଦୋଷବିଶେଷ (ଯେଉଁ ତର୍କରେ ଉପପାଦ୍ୟ ଓ ଉପପାଦକର ବିରାମ ନାହିଁ) ।

ଅନଶନ, ବି· ( ଅନ୍-ଅଶନ ) ଉପବାସ, ଭୋଜନାଭାବ । ବିଂ· ଭୋଜନଶୂନ୍ୟ, ନିରାହାର ।

ଅନସ୍, ବି· (ଅନ୍=ବଞ୍ଚିବା-ଅସ୍) ଶକଟ, ଗାଡ଼ୀ; ରଥ; ପ୍ରାଣୀ; ଅନ୍ନ; ମାତା; ପିତା; ଜୀବନ; ଜନ୍ମ; ଜଳ; ଶୋକ । ଯଥା—

ଅନଃ କ୍ଲୀବଂ ଜଲେ ଶୋକେ ମାତୃସ୍ୟନ୍ଦନୟୋରପି ।
ରଭସକୋଷଃ ।

ଅନସୂୟା, ବିଂ· (ଅନ୍-ଅସୂୟା) ଅସୂୟାବିହୀନ । ବି· (ସ୍ତ୍ରୀ-ଆ) ଅତ୍ରିଋଷିଙ୍କ ପତ୍ନୀ; ଶକୁନ୍ତଳାଙ୍କର ସଖୀ ।

ଅନାଅନି, ଅନାଉଣି, } ବି· (ଦେଶଜ) ଗୁହାଁଣି । ଯଥା—

ଅନାଅନି ଚମତ୍କାର । ଭାବନା ଚୋର ତାହାର । ସଂ·ସା
ଜଗନ୍ନାଥନନ୍ଦନା ଅନାଉଣିକି ମନା କରୁ ଯେ ଆଉ ହୁଟି ଗୁହିଁଲୁ ଗୋ । କ· ଚ·

ଅନାଇବା, କ୍ରି· (ଦେଶଜ) ଗୁହିଁବା । ଯଥା—

ଅନାଇଁ ସେ ପଟ ରାଧା ସ୍ତମ୍ଭୀଭୂତ । ବି· ଚ·

ଅନାକୁଳ, ବିଂ· (ଅନ୍-ଆକୁଳ) ଅବ୍ୟଗ୍ର, ଯେ ଶୋକ କ୍ଷୋଭ ଦୁଃଖ କଷ୍ଟ ଭୟ ବା କ୍ରୋଧ ଘଟିଲେ ସୁଦ୍ଧା ଅସ୍ଥିର ହୁଏ ନାହିଁ, ଅନାକୁଳିତ; ଅବ୍ୟାକୁଳ, ସ୍ଥିର; ଅସଙ୍କୀର୍ଣ୍ଣ ।

ଅନାଗତ, ବିଂ. (ଅନ୍-ଆଗତ) ଅନୁପସ୍ଥିତ, ଅପ୍ରାପ୍ତ; ଯାହା ଘଟି ନାହିଁ, ଭବିଷ୍ୟତ୍, ଭାବୀ ।

ଅନାଗତବିଧାତା, ବିଂ. (ଅନାଗତ-ବିଧାତୃ) ଯେ ଭବିଷ୍ୟତ୍‌ପାଇଁ ସଂସ୍ଥାନ ବା ଉପାୟ କରି ରଖେ, ଭବିଷ୍ୟଦାଶୀ ।

ଅନାଗତାର୍ତ୍ତବା, ବି. ସ୍ତ୍ରୀ. (ଅନାଗତ-ଆର୍ତ୍ତବ = ସ୍ତ୍ରୀରଜ-ସ୍ତ୍ରୀ-ଆ) କୁମାରୀ, ଯେଉଁ କନ୍ୟା ଋତୁମତୀ ହୋଇ ନାହିଁ ।

ଅନାଘ୍ରାତ, ବିଂ. (ଅନ୍-ଆଘ୍ରାତ) ଯାହା ଆଘ୍ରାଣ କରାଯାଇ ନାହିଁ, ଯାହାର ଗନ୍ଧ ଗ୍ରହଣ କରାଯାଇ ନାହିଁ ।

ଅନାଚାର, ବି. (ଅନ୍-ଆଚାର) କଦାଚାର, ଗର୍ହିତ ଆଚରଣ, ଅଭଦ୍ର ଆଚାର । ବିଂ. ଆଚାରହୀନ ।

ଅନାଜ, ବି. (ଦେଶଜ) ପରିବା ଅର୍ଥାତ୍ କଦଳୀ ପ୍ରଭୃତି ।

ଅନାଟନ, ବି. (ଦେଶଜ) ନଅଣ୍ଟ, ଅକୁଳାନ, ଅଭାବ ।

ଅନାଡ଼ି, ବିଂ. (ଦେଶଜ) ନିର୍ବୋଧ ବା ଜଡ଼; ଅସଭ୍ୟ ।

ଅନାଢ୍ୟ, ବିଂ. (ଅନ୍-ଆଢ୍ୟ) ଦରିଦ୍ର, ଗରୀବ ।

ଅନାତପ, ବି. (ଅନ୍-ଆତପ) ଆତପାଭାବ, ରୌଦ୍ରାଭାବ, ଛାୟା ।

ଅନାତୁର, ବିଂ. (ଅନ୍-ଆତୁର) ସୁସ୍ଥ, ଅକ୍ଳିଷ୍ଟ, ଅରୁଗ୍ଣ ।

ଅନାତ୍ମଜ୍ଞ, } ବିଂ. (ଅନ୍-ଆତ୍ମଜ୍ଞ, ଅନ୍-
ଅନାତ୍ମବେଦୀ, } ଆତ୍ମବେଦୀ) ଯେ ଆପଣାର ଅବସ୍ଥା ବା କ୍ଷମତା ନ ବୁଝି ଚଳେ, ନିର୍ବୋଧ ।

ଅନାତ୍ମୀୟ, ବି. ( ଅନ୍-ଆତ୍ମୀୟ ) ବିପକ୍ଷ, ବିଦେଶୀ; ଯେ ଆତ୍ମୀୟ ନୁହେ, ପର ।

ଅନାଥ, ବିଂ. ( ଅ-ନାଥ ) ସହାୟହୀନ; ଅସ୍ୱାମିକ; ଅରକ୍ଷକ; ନିରାଶ୍ରୟ; (ସ୍ତ୍ରୀ-ଆ) ଅସହାୟା; ବିଧବା ।

ଅନାଦର, ବି. ( ଅନ୍-ଆଦର ) ଅଯତ୍ନ; ଅସମାଦର, ଅମର୍ଯ୍ୟାଦା, ଅସମ୍ମାନ, ଅବଜ୍ଞା, ଅପମାନ, ଅବହେଳା, ଉପେକ୍ଷା, ଅମନୋଯୋଗ ।

ଅନାଦି, ବିଂ. ( ଅନ୍-ଆଦି ) ଆଦିରହିତ, ଉତ୍ପତ୍ତିରହିତ । ବି. ପରମେଶ୍ୱର ।

ଅନାଦୀନବ, ବିଂ. (ଅନ୍-ଆଦୀନବ) ନିର୍ଦୋଷ ।

ଅନାବନା, ବିଂ. (ଦେଶଜ) ଇତସ୍ତତବିକ୍ଷିପ୍ତ; ଅନଗ୍ରୁମିତ । କ୍ରି. ବିଂ. ଏଣୁତେଣୁ । ବି. ସ୍ୱଚ୍ଛନ୍ଦଜାତ ବନ୍ୟଶାକାଦି ।

ଅନାମତେ, କ୍ରି. ବିଂ. (ଦେଶଜ) ପ୍ରାରମ୍ଭରୁ ଶେଷପର୍ଯ୍ୟନ୍ତ, ନିଃଶେଷରୂପେ; ଅବିରାମ-ରୂପେ । ଯଥା—

ଅନାମତେ ଅନାମତେ ଦଣ୍ଡିଲାନ ଫୁଲଧନୁ ।

ଅନାମୟ, ବି. (ଅନ୍-ଆମୟ) ଆରୋଗ୍ୟ, ସୁସ୍ଥାବସ୍ଥା, ସ୍ୱାସ୍ଥ୍ୟ ।

ଅନାମା, } ବି. (ଅ-ନାମନ୍-ଆ) ଯାହାର
ଅନାମିକା, } ଅନ୍ୟ ନାମ ନାହିଁ, କନିଷ୍ଠା-ଙ୍ଗୁଳିର ନିକଟସ୍ଥ ଅଙ୍ଗୁଳି ।

ଅନାୟତ, ବିଂ. (ଅନ୍-ଆୟତ) ଅବିସ୍ତୃତ, ଯାହା ଦୀର୍ଘ ନୁହେ; ଅସଂଯତ; ସନ୍ନିହିତ ।

ଅନାୟତ୍ତ, ବିଂ. (ଅନ୍-ଆୟତ୍ତ) ଅବଶୀଭୂତ, ଅବାଧ; ଯାହା ଆୟତ୍ତ ବା ଅଧୀନ ନୁହେ, ଯାହା ଆୟତ୍ତ କରାଯାଇ ନ ପାରେ ।

ଅନାୟାସ, ବି. ( ଅନ୍-ଆୟାସ ) ଅକ୍ଲେଶ, ଅଳ୍ପାୟାସ । ବିଂ. ପ୍ରଯତ୍ନଶୂନ୍ୟ । କ୍ରି. ବିଂ. ଆୟାସବ୍ୟତିରେକେ, ବିନା ଆୟାସରେ, ବିନା ପରିଶ୍ରମରେ, ବିନା ଚେଷ୍ଟାରେ, ସହଜେ, ଅକ୍ଲେଶେ ।

ଅନାରତ, ବିଂ. ( ଅନ୍-ଆରତ = ବିଶ୍ରାମ ) ନିରନ୍ତର, ଅବିଶ୍ରାନ୍ତ ।

ଅନାରସ, ବି. (ଦେଶଜ) ସପୁରିପଣସ ।

ଅନାର୍ଜବ, ବି. ( ଅନ୍-ଆର୍ଜବ ) କପଟ, ସରଳତାରାହିତ୍ୟ; ରୋଗ । ବିଂ. କୁଟିଳ ।

ଅନାର୍ତ୍ତବା, ବିଂ. ସ୍ତ୍ରୀ. (ଅନ୍-ଆର୍ତ୍ତବ) ଅଜାତରଜସ୍କା ।

ଅନାର୍ଯ୍ୟ, ବିଂ. (ଅନ୍-ଆର୍ଯ୍ୟ = ମାନ୍ୟ) ଅଭଦ୍ର, ଅସାଧୁ ; ଅପ୍ରଧାନ; ଯେ ସତ୍କୁଳଜାତ ନୁହେ ।

ଅନାର୍ଯ୍ୟତିକ୍ତ, ବି. (ଅନାର୍ଯ୍ୟ-ତିକ୍ତ) ଚିରାଇତା । ଯଥା—

କିରାତତିକ୍ତୋ ଭୂନିମ୍ବୋଽନାର୍ଯ୍ୟତିକ୍ତଃ । ଅମର ।

ଅନାବିଳ, ବିଂ. ( ଅନ୍-ଆବିଳ ) ନିର୍ମଳ, ଅକଳୁଷ; ଅସମ୍ବଦ୍ଧ ।

ଅନାବୃତ୍ତି, ବି. ସ୍ତ୍ରୀ. (ଅନ୍-ଆବୃତ୍ତି) ଅପୁନରାଗମନ; ଅନଭ୍ୟାସ ।

ଅନାବୃଷ୍ଟି, ବି. (ଅନ୍-ଆ = ସମ୍ୟକ୍-ବୃଷ୍ଟି) ବର୍ଷାଭାବ, ଉପଯୁକ୍ତ ବୃଷ୍ଟିର ଅଭାବ ।

ଅନାବେଶ, ବି. (ଅନ୍-ଆବେଶ) ଆବେଶର ଅଭାବ, ଅଯତ୍ନ, ଉପେକ୍ଷା, ଅବହେଳା, ଅମନୋଯୋଗ ।

ଅନାଶ୍ରୟ, ବି. (ଅନ୍-ଆଶ୍ରୟ) ଆଶ୍ରୟର ଅଭାବ । ବିଂ. ନିରାଶ୍ରୟ, ଆଶ୍ରୟହୀନ, ଅସହାୟ, ଅଶରଣ ।

ଅନାଥ, ବିଂ. (ଅନାଥ ଶବ୍ଦଜ) ନାଥହୀନ । ଯଥା—

ରାଜସୂୟ ଯାଗ ସଙ୍ଗ ମୋହର ଏ ପୁଣ,
ଅନାଥର ବନ୍ଧୁ ତୁ ଅକାରଣେ କାରଣ । ସା.ଭୂ.ସ.

ଅସ୍ତବ୍ୟସ୍ତ ବା ଶୋଭାହୀନ । ଯଥା—

ମୁକ୍ତାପନ୍ତି ପ୍ରାନ୍ତେ ଦନ୍ତ,
କମ୍ପାଇ ହୁଅଇ ଅନାଥ । ବି. ସୁ.

ଅନାସ୍ଥା, ବି. ସ୍ତ୍ରୀ. (ଅନାସ୍ଥା ଶବ୍ଦଜ) ଅନାଦର, ଅବହେଳା, ଉପେକ୍ଷା, ତୁଚ୍ଛଜ୍ଞାନ ।

ଅନାସ୍ଥା, ବି. (ଅନ୍-ଆସ୍ଥା) ଅଯତ୍ନ, ଉପେକ୍ଷା, ଅବହେଳା, ଅମନୋଯୋଗ ।

ଅନାହତ, ବି. ( ଅନ୍-ଆହତ = ଆଘାତିତ ) ଅଧୌତ ନବବସ୍ତ୍ର; ହୃଦୟସ୍ଥିତ ସୁଷୁମ୍ନାମଧ୍ୟସ୍ଥ ଦ୍ୱାଦଶଦଳ ପଦ୍ମ, ଶରୀରସ୍ଥ ଚକ୍ରବିଶେଷ । ବିଂ. ନୂତନ; ଅକ୍ଷତ ।

ଅନାହ୍ଲାଦ, ବି. (ଅନ୍-ଆହ୍ଲାଦ) ଆହ୍ଲାଦର ଅଭାବ, ଅପ୍ରୀତି, ଅସନ୍ତୋଷ ।

ଅନିର୍ଗୀର୍ଣ୍ଣ, ବିଂ. (ଅ-ନିର୍ଗୀର୍ଣ୍ଣ) ଅନୁକ୍ତ, ଅକଥିତ ।

ଅନିଚ୍ଛୁ, ବିଂ. ( ଅନ୍-ଇଚ୍ଛୁ ) ଇଚ୍ଛାହୀନ ।

ଅନିତ, ବିଂ. (ଅନିତ୍ୟ ଶବ୍ଦଜ) ଅସ୍ଥିର । ଯଥା—

ଅନିତ ସଂସାର ଏ ଅଟଇ ମାୟା ଘୋର,
ଏଥିରେ ଥାଇ ସୁଖେ ଭଜନ୍ତି ମୋରେ କର ।
ନୃ. ପୁ. ସ. ସା.

ଅନିତ୍ୟ, ବିଂ. (ଅ-ନିତ୍ୟ) ଅସ୍ଥାୟୀ, ବିନାଶୀ, ନଶ୍ୱର, ଅଚିରସ୍ଥାୟୀ ।

ଅନିଦ, ବି. (ଅନିଦ୍ରା ଶବ୍ଦଜ) ଉଜାଗର ।

ଅନିପ୍ସୁ, ବିଂ. ( ଅନ୍-ଇପ୍ସୁ ) ଅନିଚ୍ଛୁକ, ଲୋଭହୀନ ।

ଅନିଭୃତ, ବିଂ. (ଅ-ନିଭୃତ) ଅସ୍ଥିର, ଚଞ୍ଚଳ; ପ୍ରକାଶିତ, ଅଗୋପନୀୟ ।

ଅନିମିଷ, } ବି. ( ଅ-ନିମିଷ, ନିମେଷ )
ଅନିମେଷ, } ଦେବତା; ମତ୍ସ୍ୟ; ସୂକ୍ଷ୍ମ କାଳପରିମାଣ । ବିଂ. ନିମେଷଶୂନ୍ୟ, ଯାହାର ଚକ୍ଷୁର ପଲକ ପଡ଼େ ନାହିଁ, ନିଃସ୍ପନ୍ଦ ।

ଅନିମିଷାଚାର୍ଯ୍ୟ, ବି. ( ଅନିମିଷ-ଆଚାର୍ଯ୍ୟ ) ବୃହସ୍ପତି, ଦେବଗୁରୁ ।

ଅନିୟତ, ବିଂ. (ଅ-ନିୟତ) ଯାର ନିଶ୍ଚୟ ନାହିଁ, ଯାହାର ସ୍ଥିରତା ନାହିଁ, ଅସ୍ଥିର, ଅନିଶ୍ଚିତ ।

ଅନିୟନ୍ତ୍ରିତ, ବିଂ. (ଅ-ନିୟନ୍ତ୍ରିତ) ଉଚ୍ଛୃଙ୍ଖଳ, ଅନିବାରିତ ।

ଅନିରୁଦ୍ଧ, ବି. (ଅ-ନିରୁଦ୍ଧ) କାମଦେବଙ୍କ ପୁତ୍ର, ଉଷାପତି; ଦୂତ, ଚର । ବିଂ. ଅନିବାରିତ, ଅପ୍ରତିରୁଦ୍ଧ ।

ଅନିରୁଦ୍ଧପଥ, ବି. (ଅନିରୁଦ୍ଧ-ପଥ) ଆକାଶ । ବିଂ. ଅବାରିତଗତି ।

ଅନିର୍ଣ୍ଣେୟ, ବିଂ. (ଅ-ନିର୍ଣ୍ଣେୟ) ଯାହାର ନିର୍ଣ୍ଣୟ ହୁଏ ନାହିଁ, ଅନିର୍ଦ୍ଧାରଣୀୟ ।

ଅନିର୍ଦ୍ଦିଷ୍ଟ, ବିଂ. ( ଅ-ନିର୍ଦ୍ଦିଷ୍ଟ ) ଅନିଶ୍ଚିତ, ଅନିରୂପିତ, ଅନିୟମିତ ।

ଅନିର୍ଭର, ବିଂ. (ଅ-ନିର୍ଭର) ଅଳ୍ପ, ଲଘୁ ।

ଅନର୍ଗ, ବିଂ. ଓ ବି. (ଅନର୍ଗଳ ଶବ୍ଦଜ) ଅନର୍ଗଳ, ନିର୍ବାଧ ନ ହେବା ।

ଅନର୍ବଚନୀୟ, } ବିଂ. (ଅ-ନିର୍ବଚନୀୟ, ଅନର୍ବାଚ୍ୟ, } ନିର୍ବାଚ୍ୟ) ବର୍ଣ୍ଣନାର ଅସାଧ୍ୟ, ଯାହା ବାକ୍ୟଦ୍ୱାରା ବ୍ୟକ୍ତ କରାଯାଇ ପାରେ ନାହିଁ, ବାକ୍ୟର ଅଗମ୍ୟ, ଅନିର୍ବଚନୀୟ ।

ଅନର୍ବାହ, ବି. (ଅ-ନିର୍ବାହ) ନିର୍ବାହ ନ ହେବା; ଅନିର୍ବୃତି; ଅପ୍ରତୁଳ, ଅସଂସ୍ଥାନ ।

ଅନର୍ବିଣ୍ଣ, ବିଂ. (ଅ-ନିର୍ବିଣ୍ଣ) ଯାର ନିର୍ବାହର ଉପାୟ ନାହିଁ, ନିଃସ୍ୱ, ଦୁଃଖୀ, ଦରିଦ୍ର; ଯେ ଭୟ ଶୋକାଦିରେ କାତର ହୁଏ ନାହିଁ, ଅଖିନ୍ନ ।

ଅନର୍ବୃତି, ବି. ସ୍ତ୍ରୀ. (ଅ-ନିର୍ବୃତି) ଅସୁଖ, ଅସଂସ୍ଥାନ; ଦାରିଦ୍ର୍ୟ ।

ଅନଲ, ବି. (ଅନ୍ = ବଞ୍ଚିବା, ଶ୍ୱାସପ୍ରଶ୍ୱାସ କରିବା-ଇଲ) ପବନ, ବାୟୁ, ବତାସ । ବିଂ. (ଅନ୍-ଇଳା) ଇଳାଶୂନ୍ୟ ।

ଅନଲସଖ, ବି. (ଅନଲ-ସଖା) ଅଗ୍ନି ।

ଅନଲାନ୍ତକ, ବି. (ଅନଲ-ଅନ୍ତକ) ଇଙ୍ଗୁଦୀବୃକ୍ଷ ।

ଅନର୍ବାର, ବିଂ. (ଅ-ନି-ବୃ-ଅ) ଅନିବାର୍ଯ୍ୟ, ଅବିରତ ।

ଅନଶ, ବିଂ. (ଅ-ନଶ = ଉପସର୍ଗର ହେତୁ ନଶ ଶବ୍ଦର ଅର୍ଥ ବିରାମକାଳ) ନିରନ୍ତର, ସତତ, ଅନବରତ, ସର୍ବଦା ।

ଅନିଷ୍ଟିତ, ବିଂ. (ଅ-ନିଷ୍ଠିତ) ଯାହାର ନିଷ୍ଠୟ ନାହିଁ, ଯାର ସ୍ଥିରତା ନାହିଁ, ଅସ୍ଥିର; ସନ୍ଦେହସ୍ଥଳ, ଅନିର୍ଣ୍ଣୀତ, ଅନିରୂପିତ ।

ଅନିଷା, } ବି. (ଅନ୍ବିକ୍ଷା ଶବ୍ଦଜ) ଅପେକ୍ଷା ।
ଅନ୍ୱିଷା, }

ଅନିଷ୍ଟ, ବି. (ଅନ୍-ଇଷ୍ଟ) ଅପକାର, ହାନି; ଦୁଃଖ; ପାପ । ବିଂ. ଅନଭିଳଷିତ, ଅପ୍ରିୟ ।

ଅନୀକ, ବି. (ଅନ୍ = ବଞ୍ଚିବା-ଈକ) ସୈନିକ-ପୁରୁଷ, ସୈନ୍ୟ । (ଅ-ନୀ-କ୍ୱିପ୍-କ ଅର୍ଥାତ୍ ଯହିଁରୁ ଫେରିବାକୁ ହୁଏ ନାହିଁ) ଯୁଦ୍ଧ; ସମୂହ ।

ଅନୀକସ୍ଥ, ବି. (ଅନୀକ-ସ୍ଥା-ଅ) ରାଜରକ୍ଷି ସୈନ୍ୟ; ସୈନ୍ୟ; ହସ୍ତିପକ; ଧ୍ୱଜାଦି ଯୁଦ୍ଧଚିହ୍ନ; ରଣବାଦ୍ୟ । ବିଂ. ଯୁଦ୍ଧସ୍ଥିତ ।

ଅନୀକିନୀ, ବି. ସ୍ତ୍ରୀ. (ଅନୀକ-ଇନ୍-ଈ) ସୈନ୍ୟଦଳ । ୨୧୮୭ ରଥ, ୨୧୮୭ ହସ୍ତୀ, ୬୫୬୧ ଅଶ୍ୱ, ୧୦୯୩୫ ପଦାତି, ସମୁଦାୟ ୨୧୮୭୦ ଏତାବତ୍ସଂଖ୍ୟକ ସୈନ୍ୟ ।

ଅନୀତି, ବି. (ଅ-ନୀତି) କୁମତି, ଦୁର୍ମତି, ଅତ୍ୟାଚାର, ନୀତିବିରୁଦ୍ଧ କାର୍ଯ୍ୟର ଅନୁଷ୍ଠାନ ।

ଅନୀଶ୍ୱର, ବିଂ. (ଅନ୍-ଈଶ୍ୱର) ନାସ୍ତିକ; ଅସ୍ୱାମିକ ।

ଅନୀଶ୍ୱରବାଦୀ, ବିଂ. (ଅନୀଶ୍ୱର-ବଦ୍-ଇନ୍) ନାସ୍ତିକ, ଯେ ଈଶ୍ୱର ମାନେ ନାହିଁ ।

ଅନୀହା, ବିଂ. (ଅନ୍-ଈହା) ସ୍ପୃହାଶୂନ୍ୟ; ଅନୁତ୍ସାହ; ଚେଷ୍ଟାହୀନ, ଅଳସ ।

ଅନୁ, ଅଂ. (ଅନ୍-ଉ) ପଶ୍ଚାତ୍; ସଦୃଶ; ଅଧୀନ, ନିକୃଷ୍ଟ; ସହ, ସହିତ; ଅଂଶ; ପରସ୍ପର; ସମୀପ; ବହିର୍ଭାଗ; ବୀପ୍ସା; ଚିହ୍ନ; ଅନୁକ୍ରମ; ଆୟାସ; ଇତ୍ଥଂଭାବ; ହୀନ । ବି. ଯଯାତି ରାଜାଙ୍କ ଔରସରେ ଶର୍ମିଷ୍ଠାଙ୍କ ଗର୍ଭଜାତ ପୁତ୍ର ।

ଅନୁକ, ବିଂ. (ଅନୁ-କମ୍-ଅ) କାମୀ, କାମୁକ, କାମାସକ୍ତ ।

ଅନୁକମ୍ପା, ବି. (ଅନୁ-କମ୍ପ୍-ଅ-ଆ) ଦୟା, ଅନ୍ୟର ଅବସ୍ଥା ଦେଖି ଆପଣାକୁ ତଦବସ୍ଥ ଜ୍ଞାନ କରିବା, ଅନୁଗ୍ରହ, କରୁଣା ।

ଅନୁକରଣ, ବି. (ଅନୁ-କରଣ) ସଦୃଶକରଣ, ପ୍ରତିରୂପକରଣ, ଅନ୍ୟର ଅନୁଷ୍ଠାନାଦି ଦେଖି ସେହିରୂପ କରିବା ।

ଅନୁକର୍ଷ, ବି. (ଅନୁ-କୃଷ୍-ଅ) ରଥର ଅଧଃସ୍ଥିତ କାଷ୍ଠ; ପୂର୍ବସୂତ୍ରୋକ୍ତ ପଦାଦିର ପର-ସୂତ୍ରାଦିରେ ଅନୁବୃତ୍ତି; ଆକର୍ଷଣ ।

ଅନୁକର୍ଷଣ, ବି. (ଅନୁ-କୃଷ୍-ଅନ) ଅନୁକର୍ଷ, ଆକର୍ଷଣ ।

ଅନୁକଳ୍ପ, ବି. (ଅନୁ = ନିକୃଷ୍ଟ-କଳ୍ପ = ପକ୍ଷ) ଗୌଣକଳ୍ପ, ଅପ୍ରଧାନକଳ୍ପ; ପ୍ରତିନିଧି ।
ମୁଖ୍ୟଃସ୍ୟାତ୍ ପ୍ରଥମଃ କଳ୍ପୋଽନୁକଳ୍ପସ୍ତୁ ତତୋଽଧମଃ ।

ଅନୁକାମୀନ, ବିଂ. (ଅନୁକାମ = ଇଚ୍ଛା-ଈନ-ଗମନାର୍ଥେ) ସ୍ୱେଚ୍ଛାବିହାରୀ । ଯଥା— ଅନୁକାମୀନତାଂ ତ୍ୟଜ ।

ଅନୁକାର, ବି. (ଅନୁ-କୃ-ଅ) ଅନୁକରଣ, ସଦୃଶୀକରଣ ।

ଅନୁକାରୀ, ବିଂ. (ଅନୁ-କୃ-ଇନ୍) ଯେ ଅନୁକରଣ କରେ ।

ଅନୁକୀର୍ଣ୍ଣ, ବିଂ. (ଅନୁ-କୀର୍ଣ୍ଣ) ବ୍ୟାପ୍ତ, ବିସ୍ତୃତ ।

ଅନୁକୂଳ, ବିଂ. (ଅନୁ = ଯୋଗ୍ୟ-କୂଳ = ବଂଶ, ଉ = ଊ) ଅଥବା (ଅନୁ = ଅନୁଗତ-କୂଳ = ସ୍ନେହବନ୍ଧ) ସଦୟ; ସହାୟ; ଅନୁଗ୍ରହକାରୀ; ପୋଷକ । ଯଥା—ଅନୁକୂଳ ପବନ; ଅନୁକୂଳ ସ୍ରୋତ—ଅର୍ଥାତ୍ ଯେଉଁ ଦିଗକୁ ଯାଉଁ, ବାୟୁ ଓ ସ୍ରୋତ ସେହି ଦିଗକୁ ଗଲେ ଗମନର ପୋଷକତା କରେ । ଅନୁରକ୍ତ; ଯୋଗ୍ୟ; ନାୟକବିଶେଷ ଅର୍ଥାତ୍ ଏକମାତ୍ର ନାୟିକାରେ ଆସକ୍ତ ପୁରୁଷ ।

ଅନୁକୃତ, ବିଂ. (ଅନୁ-କୃ-ତ) ଯାହା ଅନ୍ୟର ଅନୁକରଣରେ କରାଯାଇଅଛି ।

ଅନୁକ୍ତ, ବିଂ. (ଅନ୍-ଉକ୍ତ) ଅକଥିତ ।

ଅନୁକ୍ରମ, ବି. (ଅନୁ-କ୍ରମ୍-ଅ) ଯଥାକ୍ରମ, ଆନୁପୂର୍ବୀ, ପର୍ଯ୍ୟାୟ ।

ଅନୁକ୍ରମଣିକା, ବି. (ଅନୁ-କ୍ରମ-ଅନ-ଇକ-ସ୍ତ୍ରୀ-ଆ) ଗ୍ରନ୍ଥର ଅବତରଣିକା, ମୁଖବନ୍ଧ; ଭୂମିକା; ସୂଚୀପତ୍ର ।

ଅନୁକ୍ରୋଶ, ବି. (ଅନୁ-କ୍ରୁଶ-ଅ) ଅନ୍ୟର ଦୁଃଖ ଲାଗି ଦୁଃଖ କରିବା, ଦୟା, ଅନୁକମ୍ପା ।

ଅନୁକ୍ଷଣ, କ୍ରି. ବିଂ. (ଅନୁ = ପ୍ରତି-କ୍ଷଣ) ନିରନ୍ତର, ସର୍ବଦା ।

ଅନୁଗ, ବିଂ. (ଅନୁ = ପଶ୍ଚାତ୍-ଗମ୍-ଅ) ଯେ ପଶ୍ଚାତ୍ ଗମନ କରେ, ଅନୁଯାୟୀ, ପଶ୍ଚାଦ୍‌ଗାମୀ ।

ଅନୁଗତ, ବିଂ. (ଅନୁ-ଗମ୍-ତ) ଯେ ମତାନୁସାରେ ଚଳେ, ମତାନୁବର୍ତ୍ତୀ, ଅଧୀନ, ଆଶ୍ରିତ, ଅନୁଗାମୀ ।

ଅନୁଗମ, ବି. (ଅନୁ-ଗମ୍-ଅ) ପଶ୍ଚାଦ୍‌ଗମନ, ଅନୁସରଣ; ପରସ୍ପର ଅବିରୋଧ ସମ୍ପାଦନ, ମୀମାଂସା; ସଙ୍ଗତି; ଅନୁଲୋମ ।

ଅନୁଗମନ, ବି. (ଅନୁ-ଗମ୍-ଅନ) ଅନୁସରଣ, ପଶ୍ଚାଦ୍‌ଗମନ; ମତାନୁସାରେ ପ୍ରବର୍ତ୍ତନ; ସହଗମନ, ଅନୁମରଣ ।

ଅନୁଗବ, ବି. (ଅନୁ-ଗୋ-ଅ) ଦୈର୍ଘ୍ୟ ।

ଅନୁଗବୀନ, ବି. (ଅନୁ = ପଶ୍ଚାତ୍ ବା ପର୍ଯ୍ୟନ୍ତ-ଗୋ-ଈନ—ଗମନାର୍ଥେ) ଯେଉଁମାନେ ଗୋରୁର ପଶ୍ଚାତ୍ ବା ସଙ୍ଗେ ଯାନ୍ତି, ଗୋରକ୍ଷକ, ଗାଈ ରଖୁଆଳ ।

ଅନୁଗାମୀ, ବିଂ. (ଅନୁ-ଗମ୍-ଇନ୍) ଯେ ଅନୁଗମନ କରେ, ପଶ୍ଚାଦ୍‌ଗାମୀ; ସହଚର ।

ଅନୁଗୁଣ, ବିଂ. (ଅନୁ = ଅନୁକୂଳ-ଗୁଣ) ଅନୁକୂଳ; ଅନୁଗତ ।

ଅନୁଗୃହୀତ, ବିଂ. (ଅନୁ-ଗ୍ରହ୍-ତ) ଅନୁଗ୍ରହ-ପାତ୍ର, ଯାହାକୁ ଅନୁଗ୍ରହ କରାଯାଇଅଛି ।

ଅନୁଗ୍ର, ବିଂ. (ଅନ୍-ଉଗ୍ର) ଶାନ୍ତସ୍ୱଭାବଯୁକ୍ତ; ଅସମର୍ଥ; ଅନୁଦ୍ଧତ ।

ଅନୁଗ୍ରହ, ବି. (ଅନୁ-ଗ୍ରହ୍-ଅ) ଅନ୍ୟର ଅଭୀଷ୍ଟ ସାଧନ ବା ଅନିଷ୍ଟ ନିବାରଣର ଇଚ୍ଛା; ଦୟା, ଉପକାର, ପ୍ରସାଦ, ପ୍ରସନ୍ନତା, ଆନୁକୂଲ୍ୟ ।

ଅନୁଗ୍ରାହକ, } ଅନୁଗ୍ରାହୀ, } ବିଂ. (ଅନୁଗ୍ରହ-କ, ଇନ୍) ଯେ ଅନୁଗ୍ରହ କରେ ।

ଅନୁଚର, ବିଂ. (ଅନୁ-ଚର୍-ଅ) ପଶ୍ଚାଦ୍‌ଗାମୀ, ସହଚର, ଭୃତ୍ୟ, ଯେ ଅନ୍ୟର ଆଦେଶ ଅନୁସାରେ କାର୍ଯ୍ୟ କରେ ।

ଅନୁଚ୍ଚାର୍ଯ୍ୟ, } ଅନୁଚ୍ଚାରଣୀୟ, } ବିଂ. (ଅନ୍-ଉଚ୍ଚାର୍ଯ୍ୟ, ଉଚ୍ଚାରଣୀୟ) ଯାହା ଉଚ୍ଚାରଣ କରିବା ଉଚିତ ନୁହେଁ କିମ୍ବା ଯାହା ଉଚ୍ଚାରଣ କରାଯାଇ ପାରେ ନାହିଁ ।

**ଅନୁଚିକୀର୍ଷା**, ବି. ସ୍ତ୍ରୀ. (ଅନୁ-ଚିକୀର୍ଷା) ଅନୁକରଣ, ଅନୁକରଣ କରିବାର ଇଚ୍ଛା ।

**ଅନୁଚିକୀର୍ଷିତ**, ବିଂ. (ଅନୁ-ଚିକୀର୍ଷିତ) ଯେଉଁ ବିଷୟର ଅନୁକରଣ କରିବାର ଇଚ୍ଛା କରା ଯାଇଅଛି ।

**ଅନୁଚିକୀର୍ଷୁ**, ବିଂ. (ଅନୁ-ଚିକୀର୍ଷୁ) ଯେ ଅନୁକରଣ କରିବାକୁ ଇଚ୍ଛୁକ ।

**ଅନୁଜ**, **ଅନୁଜନ୍ମା**, } ବିଂ. (ଅନୁ-ଜନ୍-ଅ, ଅନୁ-ଜନ୍ମା) ପଶ୍ଚାତ୍‌ଜାତ, କନିଷ୍ଠ ।

**ଅନୁଜୀବୀ**, ବିଂ. (ଅନୁ-ଜୀବ୍-ଇନ୍) ଯେ ଅନ୍ୟକୁ ଅବଲମ୍ବନ କରି ଜୀବିକା ନିର୍ବାହ କରେ, ଭୃତ୍ୟ, ଆଶ୍ରିତ, ଅନୁବର୍ତ୍ତୀ, ସହଚର ।

**ଅନୁଜ୍ଞା**, ବି. ସ୍ତ୍ରୀ. (ଅନୁ-ଜ୍ଞା-ଅ-ସ୍ତ୍ରୀ-ଆ) ଆଜ୍ଞା, ହୁକୁମ, ଅନୁମତି, ସମ୍ମତିପ୍ରଦାନ ।

**ଅନୁଜ୍ଞାତ**, ବିଂ. (ଅନୁ-ଜ୍ଞା-ତ) ଆଜ୍ଞପ୍ତ, ଆଜ୍ଞାପ୍ରାପ୍ତ; ଯେଉଁ ବିଷୟରେ ଅନୁଜ୍ଞା ଦିଆ ହୋଇଅଛି; ଅନୁଗତ ।

**ଅନୁତପ୍ତ**, ବିଂ. (ଅନୁ-ତପ୍-ତ) ଅନୁତାପଗ୍ରସ୍ତ, ପଶ୍ଚାତ୍ତାପବିଶିଷ୍ଟ; ଅନୁଶୟିତ ।

**ଅନୁତର୍ଷ**, **ଅନୁତର୍ଷଣ**, } ବି. (ଅନୁ-ତୃଷ୍-ଅ, ଅନ) ତୃଷ୍ଣା, ପିପାସା; ଅଭିଳାଷ, ଇଚ୍ଛା; ମଦ୍ୟପାନ ପାତ୍ର ।

**ଅନୁତାପ**, ବି. (ଅନୁ-ତପ୍-ଅ) ପଶ୍ଚାତ୍ତାପ, ଅନୁଶୋଚନା, କୌଣସି ଅନୁଚିତ କର୍ମ କରିଦେଇ ପଛେ ଶୋକ କରିବା ।

**ଅନୁଦର**, ବିଂ. (ଅନ୍-ଉଦର, ଅନ୍ = ଅଳ୍ପ ଉଦର ଯାହାର) କୃଶ, ଦୁର୍ବଳ, କ୍ଷୀଣମଧ୍ୟ ।

**ଅନୁଦାତ୍ତ**, ବି. (ଅନ୍-ଉତ୍ = ଊର୍ଦ୍ଧ୍ୱ-ଆ-ଦା-ତ) ନୀଚସ୍ୱର; ବେଦର ମନ୍ତ୍ରବିଶେଷ । ବିଂ. ଉଦାତ୍ତଭିନ୍ନ ।

**ଅନୁଦାର**, ବିଂ. (ଅନ୍-ଉଦାର) ଅସାଧୁ, ଅସତ୍, କ୍ଷୁଦ୍ର, ନୀଚାଶୟ ।

**ଅନୁଦିତ**, ବିଂ. (ଅନ୍-ଉଦିତ) ଅପ୍ରକାଶିତ, ଅନୁକ୍ତ, ଅନୁଦ୍‌ଗତ ।

**ଅନୁଦିନ**, ଅଂ. (ଅନୁ = ପ୍ରତି-ଦିନ) ପ୍ରତିଦିନ, ପ୍ରତ୍ୟହ ।

**ଅନୁଦ୍ଦେଶ**, ବି. (ଅନ୍-ଉଦ୍ଦେଶ) ଉଦ୍ଦେଶର ଅଭାବ, ବିଦେଶଗତ ବ୍ୟକ୍ତିର ବହୁକାଳ ସମ୍ବାଦ ନ ପାଇବା ।

**ଅନୁଦ୍ଧତ**, ବିଂ. (ଅନ୍-ଉଦ୍ଧତ) ନମ୍ର, ବିନୀତ ।

**ଅନୁଦ୍ରୁତ**, ବିଂ. (ଅନୁ-ଦ୍ରୁତ) ପଶ୍ଚାତ୍ ଧାବିତ; ସଙ୍ଗୀତରେ ଦ୍ରୁତର ଅର୍ଦ୍ଧମାତ୍ରା; ସୂକ୍ଷ୍ମ କାଳପରିମାଣ । ଯଥା—

ଅର୍ଦ୍ଧମାତ୍ରଂ ଦ୍ରୁତଂ ଜ୍ଞେୟଂ ଦ୍ରୁତାର୍ଦ୍ଧଂ ଚାପ୍ୟନୁଦ୍ରୁତଂ

**ଅନୁଧାବନ**, ବି. (ଅନୁ-ଧାବନ) ମନୋନିବେଶ, ଅଭିନିବେଶ; ଚିନ୍ତ୍ୟନଷ୍ଟସ୍ୟାନୁସରଣ; ପଶ୍ଚାଦ୍‌ଗମନ; ଅନୁସନ୍ଧାନ ।

**ଅନୁଧାବିତ**, ବିଂ. (ଅନୁ-ଧାବ୍-ତ) ପଶ୍ଚାତ୍‌ଧାବିତ; ଅଭିନିବିଷ୍ଟ ।

**ଅନୁଧ୍ୟାନ**, ବି. (ଅନୁ-ଧ୍ୟୈ-ଅନ) ମଙ୍ଗଳଚିନ୍ତା, ଶୁଭଚିନ୍ତା ।

**ଅନୁନୟ**, ବି. (ଅନୁ-ନୀ-ଅ) ବିନୟ; ସ୍ତବ, ସ୍ତୁତି; ଶିଷ୍ଟତା; ପ୍ରଣତି; କ୍ରୁଦ୍ଧ ପ୍ରଭୃତିଙ୍କୁ ବିନୟ ବାକ୍ୟରେ ଶାନ୍ତ କରିବାର ଚେଷ୍ଟା; ପ୍ରାର୍ଥନା; କ୍ରୋଧାପନୟନ ।

**ଅନୁନାଦିତ**, ବିଂ. (ଅନୁନାଦ-ଇତ) ସଦୃଶ ଶବ୍ଦବିଶିଷ୍ଟ ।

**ଅନୁନାସିକ**, ବିଂ. (ଅନୁ = ଅନୁଗତ-ନାସିକା) ନାସିକାସହ ଯୋଗରେ ଉଚ୍ଚାର୍ଯ୍ୟମାଣ (ବର୍ଣ୍ଣ)

**ଅନୁନୀତ**, ବିଂ. (ଅନୁ-ନୀ-ତ) ବିନୀତ, ଅନୁନୟପ୍ରାପ୍ତ, ଯେ ବିନୟ ବାକ୍ୟରେ ଶାନ୍ତ ବା ତୁଷ୍ଟ ହୋଇଅଛି; ପ୍ରାର୍ଥିତ, ପ୍ରସାଦିତ ।

**ଅନୁପ**, ବି. (ଅନୁ-ଉପ = ଉପମା) ସାଦୃଶ୍ୟରହିତ, ଅନୁପମେୟ ।

**ଅନୁପଦ**, ଅଂ. (ଅନୁ-ପଦ) ପଦେ ପଦେ, ଅନନ୍ତର, ପଶ୍ଚାତ୍ । ବିଂ. ପଶ୍ଚାଦ୍‌ଗାମୀ ।

**ଅନୁପଦିଷ୍ଟ**, ବିଂ. (ଅନ୍-ଉପଦିଷ୍ଟ) ଯେ ଉପଦେଶ ପାଇ ନାହିଁ, ଅଶିକ୍ଷିତ ।

**ଅନୁପଦୀ**, ବିଂ. (ଅନୁପଦ-ଇନ୍) ଅନ୍ୱେଷଣକାରୀ, ଅନ୍ୱେଷ୍ଟା, ଅନୁଗାମୀ ।

**ଅନୁପଦୀନା**, ବି. ସ୍ତ୍ରୀ. (ଅନୁପଦ-ଈନ, ବ୍ୟାପକାର୍ଥେ, ସ୍ତ୍ରୀ-ଆ) ପାଦାଚ୍ଛାଦନ ମୋଜା; ଉପାନହ, ଚର୍ମପାଦୁକା ।

**ଅନୁପପତ୍ତି**, ବି. ସ୍ତ୍ରୀ. (ଅନ୍-ଉପପତ୍ତି) ଅଯୁକ୍ତ, ଉପପତ୍ତିର ଅଭାବ; ଅନବସ୍ଥିତ; ଅସଙ୍ଗତ; ଅସଂଲଗ୍ନତା; ଅସିଦ୍ଧି; ଅନୁତ୍ପତ୍ତି ।

**ଅନୁପପନ୍ନ**, ବିଂ. (ଅନ୍-ଉପପନ୍ନ) ଅଯୁକ୍ତ, ଅସିଦ୍ଧ, ଅନୁତ୍ପନ୍ନ ।

**ଅନୁପମ**, ବିଂ. (ଅନ୍-ଉପମା) ଉପମାରହିତ, ନିରୁପମ, ଅତ୍ୟୁତ୍କୃଷ୍ଟ; (ସ୍ତ୍ରୀ-ଆ) ଅଗ୍ନି କିମ୍ବା ନୈର୍ଋତକୋଣର ହସ୍ତିନୀ ।

**ଅନୁପାତ**, ବି. (ଅନୁ-ପାତ) ପଶ୍ଚାତ୍ପତନ; ପଶ୍ଚାଦ୍ଗମନ; ସମଭାବ; ଏକ ରାଶିର ସହିତ ଆଉ ଏକ ରାଶିର ସମ୍ବନ୍ଧ ।

**ଅନୁପାତକ**, ବି. (ଅନୁ-ପାତକ) ମହାପାତକ ସଦୃଶ ପାତକବିଶେଷ ।

**ଅନୁପାନ**, ବି. (ଅନୁ-ପାନ) ଔଷଧ ସହିତ ସେବନୀୟ ଦ୍ରବ୍ୟ ।

**ଅନୁପୂର୍ବ**, ବିଂ. ( ଅନୁ = ଅନୁଗତ-ପୂର୍ବ ) ଆନୁକ୍ରମିକ । ବି. ଅନୁକ୍ରମ ।

**ଅନୁପ୍ରବେଶ**, ବି. ( ଅନୁ-ପ୍ରବେଶ ) ଅନ୍ତଃପ୍ରବେଶ, ଅନୁରୂପପ୍ରବେଶ ।

**ଅନୁପ୍ରାସ**, ବି. (ଅନୁ = ସଦୃଶ-ପ୍ରାସ-ପ୍ରସ୍ = ବିସ୍ତାର କରିବା-ଅ) ତୁଲ୍ୟବର୍ଣ୍ଣ ବିନ୍ୟାସ; କାବ୍ୟର ଶବ୍ଦାଳଂକାରବିଶେଷ ।

**ଅନୁପ୍ଲବ**, ବି. (ଅନୁ-ପ୍ଲୁ-ଅ) ଅନୁଚର; ସହାୟ ।

**ଅନୁବନ୍ଧ**, ବି. ( ଅନୁ-ବନ୍ଧ୍-ଅ ) ଉପକ୍ରମ; ଆରମ୍ଭ; ଉପଲକ୍ଷ; ପୂର୍ବଲକ୍ଷଣ; ବନ୍ଧନ; ଆରୋପ; ସମ୍ବନ୍ଧ; ଅନୁବୃତ୍ତି; ଅବିଚ୍ଛେଦ; ଅନୁରୋଧ; ବ୍ୟାକରଣ ଶାସ୍ତ୍ରରେ କୌଣସି କାର୍ଯ୍ୟନିମିତ୍ତ କଳ୍ପିତ ବର୍ଣ୍ଣ (ଅର୍ଥାତ ଯାହାକୁ ଇତ୍ କହନ୍ତି); ମୁଖ୍ୟାନୁଯାୟୀ ଶିଶୁ (ଅର୍ଥାତ୍ ମୁଖ୍ୟ ଯେ ପିତାଦି ତାହାଙ୍କୁ ଯେଉଁ ଶିଶୁ ଅନୁବର୍ତ୍ତନ କରୁଥାଏ ।) ଯଥା—

"ଦୋଷୋତ୍ପାଦେଽନୁବନ୍ଧଃସ୍ୟାତ୍ ପ୍ରକୃତ୍ୟାଦିବିନଶ୍ୱରେ
ମୁଖ୍ୟାନୁଯାୟିନି ଶିଶୌ ପ୍ରକୃତସ୍ୟାନୁବର୍ତ୍ତିନେ ।"

**ଅନୁବନ୍ଧୀ**, ବିଂ. (ଅନୁବନ୍ଧ-ଇନ୍) ସହଗ୍ରସ୍ତ; ଅବିଚ୍ଛିନ୍ନ; ଅନୁବର୍ତ୍ତୀ; ଅନୁରୋଧୀ; (ସ୍ତ୍ରୀ.) ହିକ୍କା; ତୃଷ୍ଣା ।

**ଅନୁବୋଧ**, ବି. (ଅନୁ-ବୁଧ୍-ଅ) ସ୍ନାନାନ୍ତେ ଗନ୍ଧ ଦ୍ରବ୍ୟର ପୁନରୁଦ୍ଦୀପନ, ବିଗତଗନ୍ଧର ପୁନର୍ଗନ୍ଧ ବ୍ୟକ୍ତୀକରଣ; ପଶ୍ଚାତ୍ଜ୍ଞାନ ।

**ଅନୁବ୍ରତ**, ଅଂ. (ଅନବରତ ଶବ୍ଦଜ) ସର୍ବଦା । ଯଥା—

**ଅନୁବ୍ରତେ ପ୍ରାଣିଙ୍କ ଯେ ନୁହଇ ବିପଦ ।**
**ସର୍ବଦା କେଉଁ ପ୍ରାଣିର ନୁହଇ ସମ୍ପଦ ।** ସା. ଭ୍ର. ସ.

**ଅନୁଭବ**, ବି. (ଅନୁ-ଭୂ-ଅ) ଉପଲବ୍ଧି, ଜ୍ଞାନ, ବୋଧ ।

**ଅନୁଭାବ**, ବି. (ଅନୁ-ଭୂ-ଅ) ପ୍ରଭାବ, ରାଜକୀୟ ପ୍ରଭାବ; ସାମର୍ଥ୍ୟ; ରାଜାମାନଙ୍କର କୋଷ-ଦଣ୍ଡାଦିଜାତ ତେଜବିଶେଷ; ମହିମା; ମନର ଉନ୍ନତି; ମନର ମହତ୍ତ୍ୱ; ନିଶ୍ଚୟ; ସଙ୍କେତ ବା ମନୋଗତଭାବ ପ୍ରକାଶକ ଭ୍ରୂଭଙ୍ଗୀ ପ୍ରଭୃତି ।

**ଅନୁଭୂତ**, ବିଂ. (ଅନୁ-ଭୂ-ତ) ଯେଉଁ ବିଷୟର ଅନୁଭବ ହୋଇଅଛି । ଉପଲବ୍ଧ, ଅବଗତ, ଜ୍ଞାତ ।

**ଅନୁଭୂତି**, ବି. (ଅନୁ-ଭୂ-ତି) ଉପଲବ୍ଧି, ଅନୁଭବ, ଜ୍ଞାନ । ଅନୁଭୂତି ଚତୁର୍ବିଧ । ଯଥା—ପ୍ରତ୍ୟକ୍ଷ, ଅନୁମିତି, ଉପମିତି ଓ ଶାବ୍ଦ । (ପ୍ରତ୍ୟକ୍ଷମପ୍ୟନୁମିତି ସ୍ତଥୋପମିତି-ଶାବ୍ଦଜେ) ।

**ଅନୁମତ**, ବିଂ. (ଅନୁ-ମନ୍-ତ) ଯେଉଁ ବିଷୟରେ ଅନୁମତି ଦିଆ ଯାଇଅଛି, ଅନୁଜ୍ଞାତ, ସମ୍ମତ ବା ସ୍ୱୀକୃତ, ଅନୁମୋଦିତ ।

**ଅନୁମତି**, ବି. ସ୍ତ୍ରୀ (ଅନୁ-ମନ୍-ତି) ଯେଉଁ ପୌର୍ଣ୍ଣମୀରେ ଏକ କଳାହୀନ ଚନ୍ଦ୍ର ଉଦୟ ହୁଏ ଅର୍ଥାତ୍ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା; ଅନୁଜ୍ଞା, ଆଦେଶ, ସମ୍ମତିପ୍ରଦାନ ।

ଅନୁମନ୍ତା, ବିଂ. (ଅନୁ-ମନ୍-ତୃ) ଅନୁମତିକାର, ଆଜ୍ଞାକାରକ ।

ଅନୁମରଣ, ବି. (ଅନୁ-ମରଣ) ସହମରଣ, ପଶ୍ଚାତ୍‌ମରଣ ।

ଅନୁମା, } ବି. ସ୍ତ୍ରୀ. (ଅନୁ-ମା-ଅ, ଅନ)
ଅନୁମାନ, } ବୋଧ, ହେତୁଦ୍ୱାରା ସ୍ଥିର କରିବା, ଅର୍ଥାଳଙ୍କାରବିଶେଷ ।

ଅନୁମାପକ, ବିଂ. (ଅନୁ-ମା-ଣିଚ୍-ଅକ) ଅନୁମାନଜନକ, ଅନୁମାନର ହେତୁ ।

ଅନୁମିତ, ବିଂ. (ଅନୁ-ମା-ତ) ହେତୁଦ୍ୱାରା ନିଶ୍ଚିତ, ଯେଉଁ ବିଷୟ ଅନୁମାନ କରା ଯାଇଅଛି ।

ଅନୁମିତି, ବି. ସ୍ତ୍ରୀ. (ଅନୁ-ମା-ତି) ଅନୁଭବ-ବିଶେଷ; ଅନୁମାନକରଣ, ହେତୁଦ୍ୱାରା ଜ୍ଞାନକରଣ ।

ଅନୁମୃତ, ବିଂ. (ଅନୁ-ମୃ-ତ) ସହମୃତ, ପଶ୍ଚାତ୍-ମୃତ; (ସ୍ତ୍ରୀ-ଆ) ସହମୃତା, ଯେଉଁ ସ୍ତ୍ରୀ ସ୍ୱାମିର ମୃତ୍ୟୁ ପରେ ତଦୀୟ ପାଦୁକାଦି ଧରି ଜ୍ୱଳନ୍ତ ଚିତାରେ ପ୍ରାଣତ୍ୟାଗ କରେ ।

ଅନୁମେୟ, ବିଂ. (ଅନୁ-ମା-ଏୟ) ଅନୁମାନ-ଯୋଗ୍ୟ, ଅନୁମାନଜ୍ଞେୟ ।

ଅନୁମୋଦନ, ବି. (ଅନୁ-ମୁଦ୍-ଅନ) ଆହ୍ଲାଦ-ପୂର୍ବକ ସମ୍ମତି, ମତଦାନ, ଉଚିତ ବୋଲି ସ୍ୱୀକାର କରିବା; ପ୍ରବର୍ତ୍ତନ; ପ୍ରବୃତ୍ତିପ୍ରଦାନ ।

ଅନୁମୋଦିତ, ବିଂ. (ଅନୁ-ମୁଦ୍-ତ) ଯେଉଁ ବିଷୟର ଅନୁମୋଦନ କରା ଯାଇଅଛି; ଅନୁମତ, ଅନୁଜ୍ଞାତ, ସଦୃଶ, ପ୍ରୋତ୍ସାହିତ ।

ଅନୁଯାତ, ବିଂ. (ଅନୁ-ଯା-ତ) ପଶ୍ଚାତ୍‌ଗତ, ଅନୁକୃତ ।

ଅନୁଯାନ, ବିଂ. (ଅନୁ = ଅନୁରୂପକୃତ-ଯାନ) ଅନୁଯାୟିବର୍ଗ ।

ଅନୁଯାନିକ, ବିଂ. (ଅନୁଯାନ-ଇକ) ଅନୁଚର, ସମଭିବ୍ୟାହାରୀ ଲୋକ ।

ଅନୁଯାୟୀ, ବିଂ. (ଅନୁ-ଯା-ଇନ୍, ଯକାରାଗମ) ଅନୁଚର; ଅନୁଗାମୀ; ସେବକ; ସଦୃଶ ।

ଅନୁଯୁକ୍ତ, ବିଂ. (ଅନୁ-ଯୁଜ୍-ତ) ଜିଜ୍ଞାସିତ; ତିରସ୍କୃତ ।

ଅନୁଯୋକ୍ତା, ବିଂ. (ଅନୁ-ଯୁଜ୍-ତୃ) ଅନୁ-ଯୋଗକାରୀ ।

ଅନୁଯୋଗ, ବି. (ଅନୁ-ଯୁଜ୍-ଅ) ପ୍ରଶ୍ନ, ଜିଜ୍ଞାସା; ତିରସ୍କାର; ଆକ୍ଷେପପ୍ରକାଶ ।

ଅନୁଯୋଗୀ, ବିଂ. (ଅନୁ-ଯୁଜ୍-ଇନ୍) ସମ୍ବନ୍ଧାଧାର ।

ଅନୁଯୋଜକ, ବିଂ. (ଅନୁ-ଯୁଜ୍-ଅକ) ଯେ ଅନୁଯୋଗ କରେ ।

ଅନୁରକ୍ତ, ବିଂ. (ଅନୁ-ରନ୍‌ଜ୍-ତ) ଆସକ୍ତ, ଅନୁରାଗବିଶିଷ୍ଟ; ରତ; ପ୍ରୀତ; ରଞ୍ଜିତ ।

ଅନୁରକ୍ତି, ବି. ସ୍ତ୍ରୀ. (ଅନୁ-ରନ୍‌ଜ୍-ତି) ପ୍ରୀତି, ସ୍ନେହ; ଆଦର; ଯତ୍ନ; ପ୍ରବୃତ୍ତି ।

ଅନୁରଞ୍ଜକ, ବିଂ. (ଅନୁ-ରନ୍‌ଜ୍-ଅକ) ଯେ ଅନୁରଞ୍ଜନ କରି ପାରେ ।

ଅନୁରଞ୍ଜନ, ବି. (ଅନୁ-ରନ୍‌ଜ୍-ଅନ) ପ୍ରୀତ-କରିବା, ତୁଷ୍ଟକରିବା; ପ୍ରୀତିସମ୍ପାଦନ; ସନ୍ତୋଷଜନନ; ରଙ୍ଗକରିବା ।

ଅନୁରଥ୍ୟା, ବି. (ଅନୁ-ରଥ୍ୟା) କ୍ଷୁଦ୍ର ପଥ, ଗଳିବାଟ ।

ଅନୁରାଗ, ବି. (ଅନୁ-ରନ୍‌ଜ୍-ଅ) ପ୍ରୀତି, ସ୍ନେହ, ଆଦର; ଯତ୍ନପ୍ରବୃତ୍ତି ।

ଅନୁରାଧା, ବି. ସ୍ତ୍ରୀ. (ଅନୁ-ରାଧ୍ = ସିଦ୍ଧି କରିବା-ଅ-ଆ, ଯେ ଯାତ୍ରାଦିରେ ଇଷ୍ଟସିଦ୍ଧି କରେ) ସପ୍ତଦଶ ନକ୍ଷତ୍ର ।

ଅନୁରୁଦ୍ଧ, ବିଂ. (ଅନୁ-ରୁଧ୍-ତ) ଉପରୁଦ୍ଧ, ଯାହାକୁ ଅନୁରୋଧ କରା ଯାଇଅଛି; ଯେଉଁ ବିଷୟରେ ଅନୁରୋଧ କରା ଯାଇଅଛି ।

ଅନୁରୂପ, ବିଂ. (ଅନୁ-ରୂପ) ସଦୃଶ, ତୁଲ୍ୟ; ଯୋଗ୍ୟ; ଅନୁଯାୟୀ; ଅନୁଗାମୀ ।

ଅନୁରୋଧ, ବି. (ଅନୁ-ରୁଧ୍-ଅ) ଉପରୋଧ, ଅଭୀଷ୍ଟ ସାଧନାର୍ଥ ପ୍ରବୃତ୍ତିପ୍ରଦାନ; ସୁପାରସ; ପ୍ରତୀକ୍ଷା; ଅନୁସରଣ ।

ଅନୁଲାପ, ବି. (ଅନୁ-ଲପ୍-ଅ) ପୁନଃପୁନଃକଥନ।
ଅନୁଲପ୍ତ, ବିଂ. (ଅନୁ-ଲିପ୍-ତ) ଅନୁରଞ୍ଜିତ, ରଙ୍ଗକରିବା; ଲିପ୍ତ।
ଅନୁଲେପନ, ବି. (ଅନୁ-ଲିପ୍-ଅନ) ଗନ୍ଧଦ୍ରବ୍ୟାଦିଦ୍ୱାରା ଲେପନ, ଲେପନସାଧନ ଚନ୍ଦନାଦି।
ଅନୁଲୋମ, ବି. (ଅନୁ-ଲୋମ) ଅନୁକ୍ରମ, ଯଥାକ୍ରମ। ବିଂ. ଅନୁକୂଳ। ଅଂ. ପ୍ରତି-ରୋମରେ। କ୍ରି. ବିଂ. ପ୍ରକୃତପ୍ରଣାଳୀରେ, ଯଥାକ୍ରମରେ, ଯାହା ପର ଯାହା ସେହି ନିୟମରେ।
ଅନୁଲୋମଜ, ବିଂ. (ଅନୁଲୋମ-ଜନ୍-ଅ) ଯଥାକ୍ରମରେ ଜାତ, ଉତ୍ତମବର୍ଣ୍ଣର ଔରସରେ ଅଧମବର୍ଣ୍ଣେ ଜାତ, ଯେପରି ବ୍ରାହ୍ମଣର ଔରସରେ କ୍ଷତ୍ରିୟାର ଗର୍ଭଜାତ; କ୍ଷତ୍ରିୟର ଔରସରେ ବୈଶ୍ୟାର ଗର୍ଭଜାତ ଇତ୍ୟାଦି।
ଅନୁବର୍ତ୍ତନ, ବି. (ଅନୁ-ବୃତ୍-ଅନ) ଅନୁଗମନ, ପଶ୍ଚାଦ୍‌ଗମନ; ଅନୁବୃତ୍ତି; ସେବା; ଅନୁବନ୍ଧ; ଅବଚ୍ଛେଦ; ଆନୁକୂଲ୍ୟ।
ଅନୁବଳ, କ୍ରି.ବିଂ.(ଅନୁ-ବଳ)କ୍ଷମତାନୁସାରେ।
ଅନୁବାକ, ବି. (ଅନୁ-ବାକ୍-ଅ) ବେଦର ଅଧ୍ୟାୟ, ସାମ ବା ଯଜୁର୍ବେଦର ଅଂଶବିଶେଷ।
ଅନୁବାଦ, ବି. (ଅନୁ-ବଦ୍-ଅ) ପୁନଃପୁନଃକଥନ; ଭାଷାନ୍ତରକରଣ, ଅନୁକରଣ; ଅପବାଦ; ନିନ୍ଦା।
ଅନୁବାଦୀ, ବି. (ଅନୁବାଦ-ଇନ୍) ଅନୁବାଦକ। ବିଂ. ସଦୃଶ; ଅନୁରୂପ।
ଅନୁବାଦ୍ୟ, ବିଂ. (ଅନୁ-ବଦ୍-ଯ) ଉଦ୍ଦେଶ୍ୟ; ଅନୁବାଦନୀୟ; ଯାହାର ଅନୁବାଦ କରିବା ଆବଶ୍ୟକ; ଅନୁକରଣୀୟ।
ଅନୁବଦ୍ଧ, ବିଂ. (ଅନୁ-ବଧ୍-ତ) ସଂପୃକ୍ତ, ସଂଯୁକ୍ତ; ଖଚିତ; ବ୍ୟାପ୍ତ; ଗ୍ରଥିତ; ଗୁମ୍ଫିତ।
ଅନୁବୃତ୍ତି, ବି. ସ୍ତ୍ରୀ. (ଅନୁ-ବୃତ୍-ତି) ପଶ୍ଚାଦ୍‌ଗମନ; ସେବା; ଅନୁବନ୍ଧ; ଅନୁରୋଧ; ଅନୁକରଣ; ବ୍ୟାକରଣରେ—ପୂର୍ବସୂତ୍ରରୁ ପରସୂତ୍ରରେ ଉପସ୍ଥିତି।
ଅନୁବେଳ, ଅଂ. (ଅନୁ-ବେଳା) ସତତ, ପ୍ରତିକ୍ଷଣ, ନିରନ୍ତର। କ୍ରି. ବିଂ. ଉପକୂଳରେ।
ଅନୁବ୍ରଜ୍ୟା, ବି. ସ୍ତ୍ରୀ. (ଅନୁ-ବ୍ରଜ୍ୟା) ପଶ୍ଚାଦ୍‌ଗମନ।
ଅନୁଶୟ, ବି. (ଅନୁ-ଶୀ-ଅ) ଅନୁତାପ, ପଶ୍ଚାତ୍ତାପ; ପୂର୍ବଶତ୍ରୁତା, ଦ୍ୱେଷ, ଘୃଣା; ଅନୁବନ୍ଧ; ଅନୁଧାବନ; ମନୋନିବେଶ।
ଅନୁଶୟାନ, ବିଂ. (ଅନୁ-ଶୀ-ଆନ) ଯେ ଅନୁଶୟ କରେ।
ଅନୁଶୟିତ, ବିଂ.(ଅନୁ-ଶୀ-ଇତ)ଯାହାର ଅନୁତାପ ଘଟିଅଛି; ଅନୁତପ୍ତ, ଅନୁତାପଗ୍ରସ୍ତ।
ଅନୁଶୟୀ, ବିଂ. (ଅନୁଶୟ-ଇନ୍) ପଶ୍ଚାତ୍ତାପୀ। ବି. ପାଦରୋଗବିଶେଷ।
ଅନୁଶାସନ, ବି. (ଅନୁ-ଶସ୍-ଅନ) ଆଜ୍ଞା, ଉପଦେଶ; ଶିକ୍ଷାଦାନ; ନିଯୋଗ; ବ୍ୟୁତ୍ପାଦନ।
ଅନୁଶିଷ୍ଟ, ବିଂ. (ଅନୁ-ଶିଷ୍-ତ) ଆଦିଷ୍ଟ, ଅନୁଜ୍ଞାତ; ଉପଦିଷ୍ଟ, ଶିକ୍ଷିତ; କଥିତ; ବ୍ୟୁତ୍ପାଦିତ।
ଅନୁଶୀଳନ, ବି. (ଅନୁ-ଶୀଲ୍-ଅନ) ପୁନଃପୁନଃ ଆଲୋଚନ, ଅଭ୍ୟାସ; ଆନ୍ଦୋଳନ; ଅନୁକ୍ଷଣ ସେବା।
ଅନୁଷଙ୍ଗ, ବି. (ଅନୁ-ସନ୍‌ଜ୍-ଅ) ଦୟା, ସ୍ନେହ, ପ୍ରଣୟ; ସମ୍ବନ୍ଧ, ସମ୍ପର୍କ; ଆସକ୍ତି।
ଅନୁଷ୍ଟୁଭ୍, ବି. (ଅନୁ-ସ୍ତୁଭ୍-କ୍ୱିପ୍) ଅଷ୍ଟାକ୍ଷର ଛନ୍ଦୋବିଶେଷ; ସରସ୍ୱତୀ।
ଅନୁଷ୍ଠାତା, ବି. (ଅନୁ-ସ୍ଥା-ତୃ) ଯେ ଅନୁଷ୍ଠାନ କରେ।
ଅନୁଷ୍ଠାନ, ବି. (ଅନୁ-ସ୍ଥା-ଅନ) ଆରମ୍ଭ, ପ୍ରଥମ ଉଦ୍ୟମ; ନିର୍ବାହ, ସମ୍ପାଦନ।
ଅନୁଷ୍ଠେୟ, ବିଂ. (ଅନୁ-ସ୍ଥା-ଏୟ) ଅନୁଷ୍ଠାନଯୋଗ୍ୟ, ଯେଉଁ ବିଷୟର ଅନୁଷ୍ଠାନ କରିବାକୁ ହେବ।
ଅନୁଷ୍ଠ୍ୟତ, ବିଂ. (ଅନୁ-ଷ୍ଠିବ-ତ) ପରସ୍ପର ସମ୍ବନ୍ଧ, ଅବିଚ୍ଛିନ୍ନ।

ଅନୁଷ୍ଣ, ବିଂ. ( ଅନ୍-ଉଷ୍ଣ ) ଜଡ଼, ଅଳସ; ଶୀତଳ; ଉତ୍ପଳ ।

ଅନୁସନ୍ଧାନ, ବି. (ଅନୁ-ସମ୍-ଧା-ଅନ) ଯେ କୌଣସି ବିଷୟ ନିର୍ଣ୍ଣୟ କରିବା ନିମିତ୍ତ ଚେଷ୍ଟା ବା ଯତ୍ନ, ଅନ୍ୱେଷଣ, ଖୋଜିବା ।

ଅନୁସନ୍ଧାୟୀ, ବିଂ. (ଅନୁ-ସମ୍-ଧା-ଇନ୍, ଯ ଆଗମ) ଯେ ଅନୁସନ୍ଧାନ କରେ ।

ଅନୁସନ୍ଧିତ୍ସା, ବି. (ଅନୁ-ସମ୍-ଧା-ସନ୍-ଆ) ଅନୁସନ୍ଧାନ କରିବାର ଇଚ୍ଛା ।

ଅନୁସନ୍ଧିତ୍ସୁ, ବିଂ. (ଅନୁ-ସମ୍-ଧା-ସନ୍-ଉ) ଯେ ଅନୁସନ୍ଧାନ କରିବା ନିମିତ୍ତ ବ୍ୟଗ୍ର ।

ଅନୁସରଣ, ବି. (ଅନୁ-ସୃ-ଅନ) ଅନୁଗମନ, ଅନୁବର୍ତ୍ତନ, ଅନୁକରଣ; ଆଶ୍ରୟ; କୌଣସି ବ୍ୟକ୍ତି ନିକଟରେ କିଛି ପ୍ରାର୍ଥନା ପୂରଣ ଉଦ୍ଦେଶ୍ୟରେ ପ୍ରାର୍ଥୀ ହେବା ।

ଅନୁସରଣିଆ, ବିଂ. ( ସଂସ୍କୃତରେ ଓଡ଼ିଆ ପ୍ରତ୍ୟୟ ) ଯେ ଅନୁସରଣ କରୁଥାଏ, ଆଶ୍ରିତ ।

ଅନୁସରିବା, କ୍ରି. ପ୍ରାର୍ଥୀ ହେବା; ଅନୁଗମନ କରିବା ।

ଅନୁସାର, ବି. (ଅନୁ-ସୃ-ଅ) ଅନୁଗମନ, ଅନୁବର୍ତ୍ତନ; ଅନୁକରଣ; ଆଶ୍ରୟ । କ୍ରି. ବିଂ. ଅତିକ୍ରମ ନ କରି, ଶକ୍ତି ଅନୁରୂପରେ ଅବଲମ୍ବନ କରି । ଯଥା—ସାଧୁ ଉପଦେଶ ଅନୁସାରେ ଚଳିବା ଉଚିତ ।

ଅନୁସାରୀ, ବିଂ. ( ଅନୁ-ସୃ-ଇନ୍ ) ଯେ ଅନୁସରଣ କରେ, ଅନୁଯାୟୀ, ଅନୁରୂପ ।

ଅନୁସୂୟା, ବି. ସ୍ତ୍ରୀ. (ଅନୁ-ସୂ-ଯ-ଆ) ଅତ୍ରି-ମୁନିଙ୍କ ପତ୍ନୀ ।

ଅନୁସ୍ୟୂତ, ବିଂ. (ଅନୁ-ସିବ୍-ତ) ଗ୍ରଥିତ; ସତତସମ୍ବନ୍ଧ ।

ଅନୁସ୍ୱର, } ବି. ( ଅନୁ-ସ୍ୱର, ସ୍ୱାର ) ଯେ
ଅନୁସ୍ୱାର, } ସ୍ୱରର ସହିତ ରହେ; ଏକ ବିନ୍ଦୁମାତ୍ର ବର୍ଣ୍ଣ, ଂ ।

ଅନୁହରଣ, } ବି. (ଅନୁ-ହୃ-ଅନ, ଅ) ସଦୃଶୀ-
ଅନୁହାର } କରଣ, ସଦୃଶଗମନ ।

ଅନୁହାରେଽନୁକାରଃ ସ୍ୟାତ୍ ।

ଅନୁହାର୍ଯ୍ୟ, ବିଂ. (ଅନୁ-ହୃ-ଯ) ସାଦୃଶ୍ୟର ଯୋଗ୍ୟ, ସଦୃଶୀକାର୍ଯ୍ୟ ।

ଅନୂକ, ବି. (ଅନୁ-ଉଚ୍-ଅ, ଉଚ୍ = ସମବେତ ବା ମିଳିତ କରିବା) କୁଳ, ବଂଶ; ଶୀଳ, ସ୍ୱଭାବ; ଗତ ଜନ୍ମ ।

ଅନୂକନ୍ତୁ କୁଲେ ଶୀଲେ ପୁଂସି ସ୍ୟାତ୍ ଗତଜନ୍ମନି ।
ଅଶ୍ୱାଧର ।

ଅନୂଚାନ, ବି. (ଅନୁ-ବଚ୍-ଆନ) ଶିକ୍ଷାଦି ଷଡ଼ଙ୍ଗ ସହିତ ବେଦାଧ୍ୟାୟୀ । ବିଂ. ବିନୀତ ।

ଅନୂଢ଼, ବିଂ. ( ଅନ୍-ଊଢ଼ = ବହ-ତ ) ଅବିବାହିତ; ବାଡ଼ୁଅ । (ସ୍ତ୍ରୀ-ଆ) ଅବିବାହିତା ସ୍ତ୍ରୀ ।

ଅନୂଦିତ, ବିଂ. (ଅନୁ-ବଦ୍-ତ) ପଶ୍ଚାତ୍ କଥିତ, ଭାଷାନ୍ତରିତ ।

ଅନୂନ, } ବିଂ.(ଅନ୍-ଊନ)ସମ୍ପୂର୍ଣ୍ଣ; ସମଗ୍ର;
ଅନୂନକ, } ଅଖଣ୍ଡ; ଅହୀନ ।

ଅଖଣ୍ଡଂ ସ୍ୟାଦନୂନକଂ ।

ଅନୂପ, ବିଂ. (ଅନୁ-ଅପ୍-ଅ, ଅ ସ୍ଥାନରେ ଊ) ଜଳପ୍ରାୟ ସ୍ଥାନ, ଜଳଯୁକ୍ତ ସ୍ଥାନ, ଜଳ-ପ୍ଳାବିତ ସ୍ଥାନ । ଯଥା—

ଯାର ଜଳରାଶି ଅନୂପ ହିଲ୍ଲୋଳେ ।
ମହାସିନ୍ଧୁ ସଙ୍ଗେ ଯୁଝେ କୁତୂହଳେ । ନ. କେ. ମହିଷ ।

ଅନୂରୁ, ବି. (ଅନ୍-ଊରୁ) ଅରୁଣ, ସୂର୍ଯ୍ୟଙ୍କ ସାରଥି । ବିଂ. ଯାହାର ଊରୁଦ୍ୱୟ ନାହିଁ ।

ଅନୃଚ, } ବି. (ଅନ୍-ଋଚ୍-କ୍ୱିପ୍) ଅନୁପନୀତ
ଅନୃକ, } ବାଳକ, ଯେଉଁ ବାଳକର ଉପନୟନ ହୋଇ ନାହିଁ ।

ଅନୃତ, ବିଂ. (ଅନ୍-ଋତ) ମିଥ୍ୟା, ଅସତ୍ୟ । ବି. (ଅନ୍-ଋତ = ଋ-ହିଂସା କରିବା-ତ) ହିଂସା, କୃଷିକର୍ମ, ଶସ୍ୟୋତ୍ପାଦନକ୍ରିୟା ।

ଅନେଇ, ବି. (ଅନ୍ୟାସ୍ଥ ଶବ୍ଦଜ) ଅନ୍ୟାସ୍ଥ; ଅନ୍ନେମ ।

ଅନେକ, ବିଂ. (ଅନ୍-ଏକ) ବହୁଳ, ପ୍ରଭୂତ, ଯଥେଷ୍ଟ; ନାନା; ଏକରୁ ବେଶି ।

ଅନେକଜ, ବି. (ଅନେକ-ଜନ୍-ଅ) ଏକାଧିକ ଥର ଯେ ଜାତ ହୁଏ; ପକ୍ଷୀ ।

ଅନେକଧା, ଅଂ. (ଅନେକ-ଧା-ପ୍ରକାରାର୍ଥରେ) ବହୁବିଧ, ନାନାପ୍ରକାର ।

ଅନେକପ, ବି. (ଅନେକ-ପା-ଅ, ଅନେକ= ଦ୍ୱିମୁଖ ଓ ନାସିକଦ୍ୱାର ପାନ କରେ ଯାହାର) ହସ୍ତୀ । (ସ୍ତ୍ରୀ-ଆ) ହସ୍ତିନୀ ।

ଅନେକଶଃ, କ୍ରି. ବି. (ଅନେକ-ଶସ୍ (ଚଶସ୍) ବାରାର୍ଥେ) ଅନେକବାର, ଅନେକ ଥର ।

ଅନେଡ଼ମୂକ, ବିଂ. (ଅନ୍-ଏଡ଼=ବଧିର-ମୂକ) ବାକ୍‌ଶ୍ରୁତିରହିତ, ଯେ କହି ପାରେ ନାହିଁ କମ୍ବା ଶୁଣି ପାରେ ନାହିଁ; ଶଠ ।

ଅନେହସ୍, ବି. (ଅନ୍-ଆ-ଇନ୍=ଗମନ କରିବା-ଅସ୍, ଅର୍ଥାତ୍ ଯେ ଫେରି ଗମନ କରେ ନାହିଁ) କାଳ, ସମୟ ।

ଅନୈକ୍ୟ, ବି. (ଅନ୍-ଐକ୍ୟ) ଏକତାର ଅଭାବ, ପରସ୍ପର ଅମେଳ, ମତଭେଦ, ବିରୋଧ; ଅନେକତ୍ୱ ।

ଅନୈକାନ୍ତ, } ବି. (ଅନ୍-ଏକାନ୍ତ-ଅ, ଇକ)
ଅନୈକାନ୍ତିକ, } ବ୍ୟଭିଚାରୀ; ଅସ୍ଥିର; ଚଞ୍ଚଳ ।

ଅନୋକହ, ବି. (ଅନସ୍-ଶକଟ-ଅକ୍= ଗମନ-ଅ-ହନ୍) ଯେ ଶକଟ ଗମନ ନାଶ କରେ, ବୃକ୍ଷ, ତରୁ । ଯଥା—

**ଯାହା କଟାକ୍ଷ କୁଠାର ପତନମାତରେ,**
**ଅନେକ ଦୁଃଖ ଅନୋକହକୁ ଛେଦ ପାରେ ।**
କୋ. ବ୍ର. ସୁ.

ଅନ୍ତ, ବି. (ଅମ୍-ତ) ନାଶ; ପ୍ରାନ୍ତ; ଶେଷ; ନିଶ୍ଚୟ; ସୀମା ବା ଅବଧି; ସ୍ୱରୂପ; ସ୍ୱଭାବ । ବିଂ. ସମୀପ, ନିକଟସ୍ଥ; ସୁନ୍ଦର (ଓ) (ଅନ୍ତ୍ର ଶବ୍ଦଜ) ଉଦରର ନାଡ଼ୀ । ଯଥା—

**ଏଥି ସକାଶୁଁ ପେଟ ଫାଟି ଅନ୍ତ ମେଞ୍ଚା,**
**ଦେଖିଣ ଯୋଦ୍ଧାମାନେ ହେଲେ ଦୋଦୋପଞ୍ଚା ।**
କୃ. ଖ୍ର. ବି. ପ.

ଅନ୍ତଃକରଣ, ବି. (ଅନ୍ତର୍-କରଣ) ଅନ୍ତରିନ୍ଦ୍ରିୟ, ମନ, ହୃଦୟ ।

ଅନ୍ତଃପାତୀ, ବିଂ. (ଅନ୍ତଃ-ପତ୍-ଇନ୍) ଅନ୍ତର୍ଗତ, ମଧ୍ୟଗତ । ଯଥା—ଉତ୍କଳ ଦେଶ ଭାରତର ଅନ୍ତଃପାତୀ ଅଟେ ।

ଅନ୍ତଃପୁର, ବି. (ଅନ୍ତର୍-ପୁର) ଭିତର ମହାଲ, ଭିତର ଖଞ୍ଜା, ସ୍ତ୍ରୀମହାଲ, ଅବରୋଧ ।

ଅନ୍ତଃପୁରଚର, } ବି. (ଅନ୍ତଃପୁର-ଚର୍-ଅ,
ଅନ୍ତଃପୁରିକ, } ଅନ୍ତଃପୁର-ଇକ) ରାଜାଜ୍ଞାରେ ଅନ୍ତଃପୁରଶ୍ରେଷ୍ଠ, ଅନ୍ତଃପୁରର ବ୍ୟବହାର ପରିଦର୍ଶକ କଞ୍ଚୁକୀ । ଯଥା—

**ଅନ୍ତଃପୁରଚରୋବିପ୍ରଃ ବୃଦ୍ଧୋଗୁଣଗଣାନ୍ୱିତଃ ।**
**ସର୍ବକାର୍ଯ୍ୟାର୍ଥକୁଶଳଃ କଞ୍ଚୁକୀତ୍ୟଭିଧୀୟତେ ।**

ଭିତର ଟହଲ ବା ଅନ୍ତଃପୁରକର୍ମଚାରୀ । ( ସ୍ତ୍ରୀ-ଅନ୍ତଃପୁରଚାରିକା ) ଅନ୍ତଃପୁରସ୍ଥ ସ୍ତ୍ରୀଲୋକ ।

ଅନ୍ତଃସତ୍ତ୍ୱା, ବି. ସ୍ତ୍ରୀ. (ଅନ୍ତଃ-ସତ୍ତ୍ୱ=ଜନ୍ତୁ) ଅର୍ଥାତ୍ ଯାହା ଗର୍ଭରେ ପ୍ରାଣୀ ବର୍ତ୍ତମାନ, ଗର୍ଭିଣୀ, ଗର୍ଭବତୀ ।

ଅନ୍ତଃସଲିଳବାହିନୀ, ବି. ସ୍ତ୍ରୀ. (ଅନ୍ତଃ-ସଲିଳ-ବହ-ଣିନ୍-ଈ) ଯାହାର ଭିତର ଦେଇ ଜଳ ପ୍ରବାହିତ ହୁଏ ।

ଅନ୍ତଃସ୍ଥ, ବିଂ. (ଅନ୍ତଃ-ସ୍ଥା-ଅ) ମଧ୍ୟସ୍ଥିତ; ସ୍ପର୍ଶବର୍ଣ୍ଣ ଉଷ୍ମବର୍ଣ୍ଣ ଏହି ଉଭୟର ମଧ୍ୟସ୍ଥିତ ଯ, ର, ଳ ଓ ବ ଏହି ବର୍ଣ୍ଣମାନ ।

ଅନ୍ତଃସ୍ୱେଦ, ବି. (ଅନ୍ତଃ-ସ୍ୱେଦ=ମଦସ୍ୱେଦ, ଭିତରେ ମଦସ୍ୱେଦ ଅଛି ଯାହାର) ମଦସ୍ରାବୀ ହସ୍ତୀ ।

ଅନ୍ତକ, ବି. (ଅନ୍ତ=ନାଶ କରିବା-ଅକ) ଯମ । ବିଂ. ନାଶକାରୀ, ନାଶକ । ଯଥା—
**କଲେ ଇଚ୍ଛା ମନେ ହେବା କଂସ ଅନ୍ତକ ।** ର. କ.

ଅନ୍ତକର, ବିଂ (ଅନ୍ତ-କୃ-ଅ) ବିନାଶକାରୀ ।

ଅନ୍ତକାଳ, ବି· ( ଅନ୍ତ-କାଳ ) ଶେଷକାଳ, ମୃତ୍ୟୁସମୟ, ମୃତ୍ୟୁ ।

ଅନ୍ତଗ, ବିଂ (ଅନ୍ତ-ଗମ୍-ଅ) ପାରଗାମୀ । ଯଥା—

ବେଦାନ୍ତ ଗୋ ବ୍ରାହ୍ମଣଃ ସ୍ୟାତ୍ ।

(ଅନ୍ତ = ନାଶ-ଗ = ପ୍ରାପ୍ତ) ମୃତ ।

ଅନ୍ତତଃ, ଅଂ ( ଅନ୍ତ-ତସ୍ ) ନିତାନ୍ତପକ୍ଷେ, ଶେଷପକ୍ଷରେ, ନ୍ୟୂନକଳ୍ପେ, ଶେଷେ ।

ଅନ୍ତପୁଠା, ବି· (ଅନ୍ତପୃଠ ଶବ୍ଦଜ) ଉଦରର ନାଠୀପଟଳ । ଯଥା—

**ମନୁଷ୍ୟମାନଙ୍କର ଅନ୍ତପୁଠା ଗନ୍ଧ,**
**ମୋର ନାକପୁଡ଼ାକୁ କରିଦେଲା ବନ୍ଦ ।**
**ବୃ. ଖ. ବି. ପ.**

ଅନ୍ତବୁଜୁଳା, ବି. (ଦେଶଜ) ଉଦରର ନାଡ଼ୀ-ପଟଳ ।

ଅନ୍ତବ୍ରତ, ଅନତବ୍ରତ, } ବି· (ଅନନ୍ତବ୍ରତ ଶବ୍ଦଜ) ବ୍ରତ-ବିଶେଷ, ଅନନ୍ତବ୍ରତକାଳର ବାହୁସ୍ଥିତ ଡୋର ବା ରୌପ୍ୟଭୂଷଣ ।

**ଅନ୍ତର୍**, ଅଂ (ଅନ୍ତ = ଶେଷେ-ରା-ଗ୍ରହଣ-କରିବା-କ୍ୱିପ୍) ମଧ୍ୟେ, ଶେଷେ; ଶତ୍ରେ; ଦୂର; ବ୍ୟବଧାନ । ଏହି ଶବ୍ଦର ପୂର୍ବରେ ଯୁକ୍ତ ହୋଇ ପ୍ରୟୋଗ କରାଯାଏ । ଯଥା—ଅନ୍ତର୍ଗତ, ଅନ୍ତର୍ଦାହ ।

ଅନ୍ତର, ବି· ଅଂ (ଅନ୍ତ-ରା-ଅ) ଅବକାଶ; ମଧ୍ୟ; ରନ୍ଧ୍ର ବା ଛିଦ୍ର; ଅବସର; ଅବଧି; ପରିଧାନବସ୍ତ୍ର; ଅନ୍ତର୍ଦ୍ଧାନ; ଭେଦ; ପ୍ରଭେଦ; ବିନା; ବ୍ୟତିରେକେ; ବହିଃ-ସ୍ଥାନ; ତାଦର୍ଥ୍ୟ; ବ୍ୟବଧାନ; ତାରତମ୍ୟ; ଆଧିକ୍ୟ । ବିଂ ସଦୃଶ, ଆତ୍ମୀୟ ।

**ଅନ୍ତରମବକାଶାବଧିପରିଧାନାନ୍ତର୍ଦ୍ଧିଭେଦତାଦର୍ଥ୍ୟେ ।**
**ଛିଦ୍ରାତ୍ମୀୟବିନାବହିରବସରମଧ୍ୟେଽନ୍ତରାତ୍ମନି ଚ ।**

ଭିନ୍ନ, ଅପର । ଏହି ଅର୍ଥରେ ଅନ୍ୟ ଶବ୍ଦର ଯୋଗ ବିନା ସ୍ୱତନ୍ତ୍ର ପ୍ରୟୋଗ ହୁଏ ନାହିଁ । ଯଥା—ଗ୍ରାମାନ୍ତର, ସ୍ଥଳାନ୍ତର ଇତ୍ୟାଦି ।

ଅନ୍ତରଙ୍ଗ, ବି· ବିଂ (ଅନ୍ତର-ଗମ୍-ଅ) ଆତ୍ମୀୟ; ସ୍ୱଜନ, ବନ୍ଧୁ; ମଧ୍ୟସ୍ଥିତ; (ଅନ୍ତର୍-ଅଙ୍ଗ) ଅନ୍ତଃକରଣ ।

ଅନ୍ତରଜ୍ଞ, ବିଂ ( ଅନ୍ତର = ଭେଦବିଶେଷ-ଜ୍ଞା-ଅ ) ବିଶେଷଜ୍ଞ ।

ଅନ୍ତରା, ଅଂ ସଂ ବ୍ୟତିରେକେ, ମଧ୍ୟେ; ସମୀପେ; ନିକଟେ ।

ଅନ୍ତରାତ୍ମା, ବି· (ଅନ୍ତର୍-ଆତ୍ମନ୍) ଦେହାନ୍ତ-ବର୍ତ୍ତୀ ଜୀବାତ୍ମା; ପରମାତ୍ମା; ଅନ୍ତଃକରଣ; ବିବେକ ।

ଅନ୍ତରାପତ୍ୟା, ବି· ସ୍ତ୍ରୀ· (ଅନ୍ତର-ଅପତ୍ୟ-ଆ) ଯାହା ଗର୍ଭରେ ଅପତ୍ୟ ବା ସନ୍ତାନ ଅଛି; ଗର୍ଭବତୀ ।

ଅନ୍ତରାଭବସତ୍ତ୍ୱ, ଅନ୍ତରାଭବଦେହ, } ବି. (ଅନ୍ତରାଭବ-ସତ୍ତ୍ୱ, ଦେହ) ମରଣ ଓ ଜନ୍ମର ଅନ୍ତରାଳରେ ସ୍ଥିତ ପ୍ରାଣୀ ।

ଅନ୍ତରାୟ, ବି· (ଅନ୍ତର-ଇ-ଅ) ପ୍ରତିବନ୍ଧ, ବିଘ୍ନ; ବାଧା; ବ୍ୟବଧାନକାରକ ।

ଅନ୍ତରାଳ, ବି· (ଅନ୍ତରା = ମଧ୍ୟେ-ଲା = ଗ୍ରହଣ-କରିବା-ଅ) ଅଭ୍ୟନ୍ତର, ବ୍ୟବଧାନ; ମଧ୍ୟ; ଉହାଡ଼ । ଯଥା—

**ପଦ ଅନ୍ତରାଳେ ରାବିଲେ ଗୁଣ୍ଡୁଚ । ନ. କେ.**

ଅନ୍ତରିକ୍ଷ, ଅନ୍ତରୀକ୍ଷ, } ବି· (ଅନ୍ତର୍-ମଧ୍ୟେ-ଋକ୍ଷ-ନକ୍ଷତ୍ର କିମ୍ବା ଅନ୍ତର୍-ଈକ୍ଷ୍-ଅ, ଅର୍ଥାତ୍ ଏହା ମଧ୍ୟରେ ନକ୍ଷତ୍ର ଦେଖାଯାଏ କିମ୍ବା ଜଗତର ମଧ୍ୟରେ ଏହା ଦେଖାଯାଏ) ଆକାଶ, ଗଗନ, ଶୂନ୍ୟ ।

ଅନ୍ତରିତ, ବିଂ. (ଅନ୍ତର-ଇତ) ଦୂରୀଭୂତ; ଅପହୃତ; ବ୍ୟବହୃତ; ଆଚ୍ଛନ୍ନ; ଅନ୍ତର୍ଗତ; ପୃଥକ୍‌ଭୂତ ।

ଅନ୍ତରୀପ, ବି· (ଅନ୍ତର୍-ଅପ୍-ଅ, ଅ = ଈ) ଦ୍ୱୀପ, ଜଳବେଷ୍ଟିତ ଭୂଭାଗ, ଯେଉଁ ଭୂଭାଗର ଅଗ୍ରଭାଗ କ୍ରମଶଃ ସୂକ୍ଷ୍ମ ହୋଇ ଜଳ ମଧ୍ୟରେ ପ୍ରବିଷ୍ଟ ହୋଇଅଛି ।

ଅନ୍ତରୀୟ, ବି. ( ଅନ୍ତର = ପରିଧାନ-ଈୟ ) ଅଧୋବସ୍ତ୍ର ।

ଅନ୍ତରେ, ଅ°. ସଂ. ମଧ୍ୟେ ।

ଅନ୍ତରେଣ, ଅ° ସଂ (ଅନ୍ତର-ଇ-ନ) ବିନା, ବ୍ୟତିରେକେ; ମଧ୍ୟେ; ପ୍ରଭୃତି ।

ଅନ୍ତର୍ଗତ, ବିଂ. (ଅନ୍ତର୍-ଗମ୍-ତ) ହୃଦ୍‌ଗତ; ମଧ୍ୟଗତ; ଅନ୍ତର୍ବର୍ତ୍ତୀ; ବିସ୍ମୃତ ।

**ଅନ୍ତର୍ଗତଂ ବିସ୍ମୃତଂ ସ୍ୟାତ୍ ।**

ଅନ୍ତର୍ଗଳ, ଆର୍ତ୍ତଗଳ, } ବିଂ. ସଂ. ମାଳ ଦାସକରଣ୍ଟା, ପୁଷ୍ପବୃକ୍ଷବିଶେଷ ।

ଅନ୍ତର୍ଜଳୋତ୍ସ, ବି. (ଅନ୍ତଃ-ଜଳୋତ୍ସ) ଭୂଗର୍ଭସ୍ଥିତ ଉତ୍ସ ବା ପ୍ରସ୍ରବଣ ।

ଅନ୍ତର୍ଦ୍ୱାର, ବି. ( ଅନ୍ତଃ-ଦ୍ୱାର ) ଗୁପ୍ତଦ୍ୱାର ବା ଖିଡ଼କି ।

ଅନ୍ତର୍ଦ୍ଦେଶ, ବି. (ଅନ୍ତଃ-ଦେଶ) ଦୁଇ ପର୍ବତର ମଧ୍ୟବର୍ତ୍ତୀ ସ୍ଥାନ, ଅଭ୍ୟନ୍ତରପ୍ରଦେଶ ।

ଅନ୍ତର୍ଦ୍ଧା, ଅନ୍ତର୍ଦ୍ଧାନ, ଅନ୍ତର୍ଦ୍ଧି, } ବି. (ଅନ୍ତଃ-ଧା-ଅ) (ଅନ୍ତଃ-ଧା-ଅନ) (ଅନ୍ତଃ-ଧା-ଇ) ତିରୋଧାନ; ଲୁଚିବା; ଅଦୃଶ୍ୟ ହେବା; ବ୍ୟବଧାନ ।

ଅନ୍ତର୍ଭାବ, ବି.(ଅନ୍ତଃ-ଭୂ-ଅ) ମଧ୍ୟରେ ପତନ, ଅଭ୍ୟନ୍ତରସ୍ଥିତି; ଅନ୍ତର୍ନିବେଶ; ଆନ୍ତରିକଭାବ ।

ଅନ୍ତର୍ଭୂତ, ବିଂ. (ଅନ୍ତଃ-ଭୂ-ତ) ଅନ୍ତର୍ଗତ, ମଧ୍ୟସ୍ଥିତ; ମଧ୍ୟବର୍ତ୍ତୀ ।

ଅନ୍ତର୍ମନସ୍, ଅନ୍ତର୍ମନା, } ବିଂ. (ଅନ୍ତଃ-ମନସ୍) ବିଷଣ୍ଣ, ଉଦ୍‌ବିଗ୍ନ, ବ୍ୟାକୁଳ; ସମାହିତଚିତ୍ତ; ଗାଢ଼ଚେତା; ଯାହାର ମନର ଭାବ ଜଣାଯାଏ ନାହିଁ ।

**ଦୁର୍ମନା ବିମନା ଅନ୍ତର୍ମନାଃ ସ୍ୟାତ୍ ।**

ଅନ୍ତର୍ଯ୍ୟାମୀ, ବି. ( ଅନ୍ତର୍-ଯମ୍-ଇନ୍ ) ପରମେଶ୍ୱର; ଅନ୍ତରାତ୍ମା । ବିଂ. ଆନ୍ତରିକଭାବବେତ୍ତା ।

ଅନ୍ତର୍ବତ୍ନୀ, ବି. ସ୍ତ୍ରୀ. (ଅନ୍ତର୍ = ମଧ୍ୟ-ବତ୍ ଅସ୍ତ୍ୟର୍ଥେ, ନିପାତନ) ଗର୍ଭବତୀ; ଅନ୍ତଃସତ୍ତ୍ୱା ।

ଅନ୍ତର୍ବର୍ତ୍ତୀ, ବିଂ. (ଅନ୍ତଃ-ବୃତ୍-ଇନ୍) ମଧ୍ୟବର୍ତ୍ତୀ, ମଧ୍ୟଗତ; ଅନ୍ତର୍ଭୁକ୍ତ ।

ଅନ୍ତର୍ବାଣି, ବିଂ. (ଅନ୍ତର୍-ବାଣୀ) ଶାସ୍ତ୍ରବେତ୍ତା, ପଣ୍ଡିତ ।

**ଅନ୍ତର୍ବାଣିସ୍ତୁ ଶାସ୍ତ୍ରବିତ୍ ।**

ଅନ୍ତର୍ବେଦ, ଅନ୍ତର୍ବେଦୀ, } ବି· (ଅନ୍ତର୍-ବେଦ, ବେଦୀ) ଦୁଇ ନଦୀର ମଧ୍ୟସ୍ଥ ଦେଶ; ବ୍ରହ୍ମାବର୍ତ୍ତଦେଶ; ପ୍ରୟାଗଠାରୁ ହରିଦ୍ୱାର ପର୍ଯ୍ୟନ୍ତ ଗଙ୍ଗା ଯମୁନାର ମଧ୍ୟଦେଶ ।

ଅନ୍ତର୍ବେଶିକ, ଅନ୍ତର୍ବଂଶିକ, } ବି. (ଅନ୍ତର୍-ବିଶ-ଇକ, ଅନ୍ତ-ବଂଶ-ଇକ) ଅନ୍ତଃପୁରରେ ଅଧିକୃତ ବ୍ୟକ୍ତି; ଅନ୍ତଃପୁରର ରକ୍ଷକ ।

**ଅନ୍ତଃପୁରେ ତ୍ୱଧିକୃତଃ ସ୍ୟାଦନ୍ତର୍ବେଶିକୋ ଜନଃ ।**
**ଅନ୍ତର୍ବେଶେ ନିଯୁକ୍ତଃ ଅନ୍ତର୍ବେଶିକଃ ।**

ଅନ୍ତର୍ହାସ, ବି. (ଅନ୍ତଃ-ହାସ) ଗୂଢ଼ହାସ୍ୟ ।

ଅନ୍ତର୍ହିତ, ବିଂ. (ଅନ୍ତର୍-ଧା-ତ, ଧା = ହି) ତିରୋହିତ, ଲୁକ୍କାୟିତ; ବ୍ୟବହିତ; ଅପକାରିତ; ଅଦୃଷ୍ଟ; ଆବୃତ ।

ଅନ୍ତଶଯ୍ୟା, ବି· ସ୍ତ୍ରୀ. (ଅନ୍ତ-ଶଯ୍ୟା) ମୃତ୍ୟୁକାଳୀନ ଭୂମିଶଯ୍ୟା; ମୃତ୍ୟୁ; ଶ୍ମଶାନ ।

ଅନ୍ତସ୍ତ, ବି. (ଦେଶଜ) ମହାଲ, ପୁର, ଯେପରି ତିନି ଅନ୍ତସ୍ତ ଗୃହ ଅର୍ଥାତ୍ ତିନିମହାଲ ବା ତିତଳ ଗୃହ ।

ଅନ୍ତା, ଅନନ୍ତା, } ବି. (ଅନନ୍ତ ଶବ୍ଦର ଅପଭ୍ରଂଶ) ଅନନ୍ତ ନାମକ । ଯଥା—

**ଗଣ୍ଡିର ପୁଅ ଅନ୍ତା, ଭାଙ୍ଗଇ କୋଢ଼ି ଖଣ୍ଟନ୍ତା ।**

ଅନ୍ତାବସାୟୀ, ଅନ୍ତ୍ୟବସାୟୀ, } ବି. (ଅନ୍ତ-ଅବ-ସୋ = ନାଶ କରିବା-ଇନ୍, ଅର୍ଥାତ୍ ଯେ ନଖାଦି ନାଶ କରେ) ନାପିତ ବା ଭଣ୍ଡାରି, ବାରିକ; ଚଣ୍ଡାଳ ।

**କ୍ଷୁରୀ ମୁଣ୍ଡୀ ଦିବାକୀର୍ତ୍ତିନାପିତାନ୍ତାବସାୟିନଃ ।**

ଅନ୍ତ୍ର, ବି. (ଅନ୍ତ ଶବ୍ଦଜ) କଣ୍ଠାରୁ ଗୁହ୍ୟଦ୍ୱାର ଭିତରେ ଥିବା ଅଂଶ ।

ଅନ୍ତିକ, ବି°. (ଅନ୍ତ-ଇକ) ସନ୍ନିହିତ, ସମୀପ । ଉପକଣ୍ଠାନ୍ତିକାଭ୍ୟର୍ଣ୍ଣାଭ୍ୟଗ୍ରାଅପ୍ୟଭିତୋଽବ୍ୟୟଂ । ବି° ସନ୍ନିଧାନ; ନୈକଟ୍ୟ । ଯଥା—

ଅନ୍ୟ ଜ୍ୟୋତି ସମଗତିରେ ଆସିଲ
ରାଣୀ ଅନ୍ତିକେ । ଉଷା ।

(ସ୍ତ୍ରୀ-ଆ-ଅନ୍ତିକା) ଜ୍ୟେଷ୍ଠା ଭଗିନୀ; ଚୁଲ୍ଲୀ ।

ଅନ୍ତିକତମ, ବି°. (ଅନ୍ତିକ-ତମ) ଅତିସନ୍ନିହିତ, ଅତିସମୀପ । (ନେଦିଷ୍ଠମନ୍ତିକତମଂ)

ଅନ୍ତିମ, ବି°. (ଅନ୍ତ-ଇମନ୍-ଭବାର୍ଥେ) ଶେଷ, ଚରମ, ଅନ୍ତିମକାଳୀନ; ଅନ୍ତିମସଂସ୍କାର; ଅତିନିକଟ ।

ଅନୁଡ଼ି, } ବି. (ଦେଶଜ) ପ୍ରସୂତି ଘରେ
ଇନୁଡ଼ି, } ଜଳିବା ଅଗ୍ନି । ଯଥା—

ଅନୁଡ଼ି ଲଗାଇ ନାଭି କାଟି କଲେ ଉଜ ।
ଚତୁଃସମ ଗୋଳି ସ୍ନାନ କଲେ ଦେବରାଜ । ନୃ. ପୁ.

ଅନୁଡ଼ିଶାଳ, } ବି. (ଓଡ଼ିଆ ଓ ସଂସ୍କୃତ
ଇନୁଡ଼ିଶାଳ, } ମିଶ୍ରଣ) ପ୍ରସୂତିଗୃହ; ସୂତିକାଗାର । ଯଥା—

ଇନୁଡ଼ିଶାଳେ ଆସିଣ ପ୍ରବେଶ ହୁଅନ୍ତେ ।
ପୁତ୍ରକୁ ଦେଖି ଗୁରୁ ବିଚାର କଲେ ଶତ୍ରେ । ନୃ. ପୁ.

ଅନ୍ତେବାସୀ, } ବି. (ଅନ୍ତେ, ଅନ୍ତ-ବସ୍-
ଅନ୍ତବାସୀ, } ଇନ୍) ଯେ ପାଠକାଳରେ ଗୁରୁ ସମୀପରେ ବାସ କରେ ଅର୍ଥାତ୍ ବଟୁ, ଛାତ୍ର, ଶିଷ୍ୟ । (ଅନ୍ତେ-ପ୍ରାନ୍ତେ-ଯେ ନଗରାଦିର ପ୍ରାନ୍ତରେ ବାସ କରେ) ଚଣ୍ଡାଳ । ବି°. ସମୀପବର୍ତ୍ତୀ ।

ଅନ୍ତ୍ୟ, ବି°.(ଅନ୍ତ-ଯ)ଅନ୍ତିମ; ଚରମ; ଅବଶିଷ୍ଟ; ନୀଚ । ବି. ନୀଚଜାତି, ଚଣ୍ଡାଳ; ଶୂଦ୍ର; ପରାର୍ଦ୍ଧ ଦଶ ଭାଗ ବା ଶତ ଭାଗ ସଂଖ୍ୟା ।

ଅନ୍ତ୍ୟଜ, } ବି. (ଅନ୍ତ୍ୟ-ଜନ୍-ଅ, ଅନ୍ତ୍ୟ-
ଅନ୍ତ୍ୟଜନ୍ମା, } ଜନ୍ମନ୍) ଶୂଦ୍ର; ଚତୁର୍ଥ ବର୍ଣ୍ଣ; ଚଣ୍ଡାଳ, ନୀଚଜାତି । ବି°. ନୀଚକୁଳଜାତ, ନୀଚ, ଅଧମ, ନୀଚାଶୟ ।

ଅନ୍ତ୍ୟେଷ୍ଟି, ବି. (ଅନ୍ତ୍ୟ-ଇଷ୍ଟି) ଶେଷ ଯଜ୍ଞ; ଶବଦାହାଦି; ଚରମସଂସ୍କାର; ମୃତସଂସ୍କାର; ପ୍ରେତକୃତ୍ୟ ।

ଅନ୍ତ୍ର, ବି. (ଅନ୍ତ୍ = ବନ୍ଧନ କରିବା-ର—ସଂଜ୍ଞାର୍ଥେ, ଅର୍ଥାତ୍ ଯେ ଉଦରାଭ୍ୟନ୍ତରରେ କାଳଖଣ୍ଡାଦି ବନ୍ଧନ କରେ) ଉଦରସ୍ଥ ନାଡ଼ୀକୋଷ, ଅନ୍ତ ।

ଅନ୍ଦାଜ, } ବି. (ହିନ୍ଦି) ଅନୁମାନ । ବି°.
ଅନ୍ଦାଜି, } ଆନୁମାନିକ ।

ଅନ୍ଦାଧୁନ୍ଧା, } ବି°. (ଦେଶଜ) ଗୋଳମାଳିଆ ।
ଅନାଧୁନ୍ଧା, } ବି. ଯଥେଚ୍ଛାଚାର ।

ଅନ୍ଦେଶା, } ବି. (ଅନିଚ୍ଛା ଶବ୍ଦଜ) ଅପେକ୍ଷା,
ଅନେଶା, } ଭାବନା ।

ଅନ୍ଦିକା, ବି. ସ୍ତ୍ରୀ. (ଅନ୍ଦ୍ୟତେଽନ୍ନ ଅନ୍ଦିକା, ଅନ୍ତି, ଅନ୍ଦ-ବନ୍ଧନେ) ଚୁଲ୍ଲୀ ।

ଅନ୍ଦୁକ, ଅନ୍ଦୂକ, } ବି. (ଅନ୍ଦ୍ = ବନ୍ଧନ
ଅନ୍ଦୁ, ଅନ୍ଦୂ, } କରିବା-ଉ, ଊ—କ, ସ୍ୱାର୍ଥେ) ନିଗଡ଼; ହସ୍ତିପାଦବନ୍ଧନଶୃଙ୍ଖଳା; ସ୍ତ୍ରୀ ପାଦଭୂଷଣବିଶେଷ ।

ଅନ୍ଧ, ବି°. (ଅନ୍ଧ୍-ଅ) ଯାହାର ଦୁଇ ଚକ୍ଷୁ ନାହିଁ, ଦର୍ଶନଶକ୍ତିରହିତ; ନିବିଡ଼; ଅନ୍ଧକାରମୟ । ବି. ଅନ୍ଧକାର, ଜଳ । (ଅନ୍ଧସ୍ତୁ ତମିରେ କ୍ଳୀବଂ—ବିଶ୍ୱ)

ଅନ୍ଧକ, ବି. (ଅନ୍ଧ-କ) ମୁନିବିଶେଷ; ରାକ୍ଷସବିଶେଷ; ଯଦୁବଂଶୀୟ ନୃପତିବିଶେଷ; ଅନ୍ଧକାର । ବି°. ଅନ୍ଧ ।

ଅନ୍ଧକରିପୁ, ବି. (ଅନ୍ଧକ-ରିପୁ) ମହାଦେବ; ସୂର୍ଯ୍ୟ ।

ଅନ୍ଧକାର, ବି. (ଅନ୍ଧ-କୃ-ଅ) ଆଲୋକର ଅଭାବ, ତମିର, ଅନ୍ଧାର । ଯଥା—

କଳୁଷ ଅନ୍ଧକାରକୁ ଦହନାତ୍ମକ । ର. କ.

ଅନ୍ଧକୂପ, ବି. (ଅନ୍ଧ-କୂପ) ଅନ୍ଧକାରମୟ କୂପ, ଅବ୍ୟବହୃତ କୂପ, ନରକବିଶେଷ । ସିରାଜଉଦ୍ଦୌଲା ନିତାନ୍ତ ସଂକୀର୍ଣ୍ଣ ଗୃହରେ ପ୍ରଭୃତି ଲୋକଙ୍କୁ ବନ୍ଧ କରି ନିହତ କରିଥିବା ଘଟଣାର ଅନୁକରଣରେ ତାଦୃଶ କ୍ଷୁଦ୍ର ଗୃହକୁ ଅନ୍ଧକୂପ କହନ୍ତି ।

ଅନ୍ଧଗୋଲାଙ୍ଗୁଳ ନ୍ୟାୟ, ବି. ସଂ. ନୀତିବିଶେଷ । ଯଥା—ଏକ ଅନ୍ଧ ଶ୍ୱଶୁରାଳୟକୁ ଯାଉଁ ଯାଉଁ ବାଟରେ କୌଣସି ଗୋଷ୍ଠରକ୍ଷକ ଗଉଡ଼କୁ ଦେଖି ପ୍ରାର୍ଥନା କଲା କି, ତୁମେ ମୋତେ ମୋର ଶ୍ୱଶୁରଗୃହଠାରେ ଉପଗତ କରାଇ ଦିଅ । ଗୋପାଳ କହିଲା, ମୁଁ ବାହାରିଗଲେ ଗୋରୁଗୁଡ଼ିକ ପଳାୟନ କରିବେ, ତୁମ ଶ୍ୱଶୁରଙ୍କର ଏହି ଗୋରୁଟି ବଡ଼ ସାଧୁ, ଏହାର ପୁଚ୍ଛ ଧରି ତୁମେ ଚାଲିଯାଅ । ଏ ଗୋରୁଟି ତୁମକୁ ଶ୍ୱଶୁରଙ୍କ ଘରେ ପ୍ରବେଶ କରାଇଦେବ । ଅନ୍ଧ ଗୋପାଳର କଥାରେ ବିଶ୍ୱାସ ରଖି ତାହାହିଁ କଲା । ପରେ ସେହି ଗୋରୁଟି ଦୃଢ଼ମୁଷ୍ଟିର କର୍ଷଣରେ ପ୍ରମାଦ ଭାବି ଅନ୍ଧକୁ ପଦାଘାତପୂର୍ବକ କଣ୍ଟକ-ବନରେ ଟାଣି ନେଲା, ଅନ୍ଧ ଭଗ୍ନାଙ୍ଗ ଓ ଉଲଗ୍ନ ହୋଇ ଦୁଇ ଏକ ଦଣ୍ଡ ରାତ୍ରି-ସମୟରେ ଶ୍ୱଶୁରାଳୟରେ ଗୋସହିତ ପ୍ରବିଷ୍ଟ ହେଲା । ତେତେବେଳେ ଶ୍ୱଶୁରମାନେ ଅନ୍ଧକୁ ଚୋର ଭାବି ଅନେକ ପ୍ରହାର ସୁଦ୍ଧା କଲେ । ଏହାର ତାତ୍ପର୍ଯ୍ୟ ଏହି ଯେ ମୂର୍ଖର ଉପଦେଶ କଦାପି ଗ୍ରହଣ କରିବ ନାହିଁ; କଲେ ଏହି ଗୋପୋପଦିଷ୍ଟ ଅନ୍ଧପ୍ରାୟ ଘୋର କଷ୍ଟ ଭୋଗ କରିବାକୁ ହେବ ।

ଅନ୍ଧତମସ୍, ବି (ଅନ୍ଧ=ନିବିଡ଼-ତମସ୍) ଗାଢ଼ ଅନ୍ଧକାର, ନିବିଡ଼ାନ୍ଧକାର ।

ଅନ୍ଧତାମିସ୍ର, ବି. (ଅନ୍ଧ=ନିବିଡ଼-ତାମିସ୍ର) ନିବିଡ଼ ଅନ୍ଧକାର, ନରକବିଶେଷ ।

ଅନ୍ଧପଙ୍ଗୁ ନ୍ୟାୟ, ବି. (ଅନ୍ଧ-ପଙ୍ଗୁ-ନ୍ୟାୟ) ନୀତି-ବିଶେଷ । ଯଥା—ଏକ ବ୍ୟକ୍ତି ଦର୍ଶନ-ସାମର୍ଥ୍ୟହୀନ, ଆଉ ଏକ ବ୍ୟକ୍ତି ଗତିଶକ୍ତି-ଶୂନ୍ୟ, ଏହି ଦୁଇ ବ୍ୟକ୍ତିର ପାର୍ଥକ୍ୟରେ ଉଭୟର କ୍ରିୟା ସିଦ୍ଧ ହୋଇ ପାରେ ନାହିଁ । ପଙ୍ଗୁ ଅନ୍ଧର ସ୍କନ୍ଧରେ ଆରୋହଣ କଲେ ଯେପରି ଉଭୟ ସଂଯୋଗରେ କ୍ରିୟାସିଦ୍ଧି ହୁଏ, ଏହି ନ୍ୟାୟରେ ପ୍ରକୃତି-ପୁରୁଷ ସଂଯୋଗରେ ଭୋଗମୋକ୍ଷ କ୍ରିୟା-ସିଦ୍ଧି ହୁଏ, ବିଯୋଗରେ କ୍ରିୟାସିଦ୍ଧି ହୁଏ ନାହିଁ; ସାଂଖ୍ୟ ଦାର୍ଶନିକମାନେ ଏପରି କହନ୍ତି । ପାତଞ୍ଜଳ ଦାର୍ଶନିକମାନେ ଏହି ଅନ୍ଧ-ପଙ୍ଗୁ ନ୍ୟାୟକୁ ପ୍ରକାରାନ୍ତରରେ ବର୍ଣ୍ଣନା କରନ୍ତି । ଯଥା—ଏକ ମହାପୁରୁଷଙ୍କର କ୍ଷେତ୍ରଜ୍ଞ ନାମରେ ଏକ ପଙ୍ଗୁ ଦାସ ଏବଂ ପ୍ରକୃତି ନାମରେ ଏକ ଅନ୍ଧ ଦାସୀ ଥିଲେ । ଏକ ଦିନ ମହାପୁରୁଷ ପଙ୍ଗୁ ଦାସକୁ କହିଲେ, ଆମର ସଂସାରର ଭାର ତୁମକୁ ଦେଲୁଁ । ଅନ୍ୟ ସମୟରେ ଅନ୍ଧ ଦାସୀକୁ ମଧ୍ୟ ତଦ୍ରୂପ ଆଜ୍ଞା ଦେଲେ । ପଙ୍ଗୁ ଭୃତ୍ୟ ପ୍ରଭୁଙ୍କ ଆଦେଶ କିପରି ନିର୍ବାହ କରିବୁ ବୋଲି ଚିନ୍ତିତ ବସିଅଛନ୍ତି, ଏହି ସମୟରେ ଅନ୍ଧ ଦାସୀ ମଧ୍ୟ ପ୍ରୋକ୍ତ ଚିନ୍ତାରେ ଉଦ୍ୱିଗ୍ନ ହୋଇ ସେଠାରେ ଆସି ଉପଗତ ହେଲେ । ଉଭୟେ ଏକତ୍ର ସହବାସ କରିବାରୁ ଅନ୍ୟୋନ୍ୟର ବିଷୟ ଅନ୍ୟୋନ୍ୟ ଅବଗତ ହୋଇ ଉଭୟେ ଯୁକ୍ତି କଲେ । ପଙ୍ଗୁ ଦାସ ଅନ୍ଧ ଦାସୀର ସ୍କନ୍ଧରେ ଆରୋହଣ କରି ଅନ୍ୟୋନ୍ୟ ସାହାଯ୍ୟରେ ଉଭୟେ ପ୍ରଭୁଙ୍କ ଆଜ୍ଞାନୁସାରେ ସଂସାରର ସକଳ କାର୍ଯ୍ୟ ନିର୍ବାହ କରିବାକୁ ଲାଗିଲେ ।

ଅନ୍ଧପରମ୍ପରା ନ୍ୟାୟ, ବି. ନୀତିବିଶେଷ, ବିଧି-ବିଶେଷ । ଯଥା—ଶ୍ରେଣୀବଦ୍ଧ ଅନ୍ଧମାନଙ୍କ ମଧ୍ୟରୁ ଯଦି ଏକ ଅନ୍ଧ ଗର୍ତ୍ତ ମଧ୍ୟରେ ପଡ଼େ, ତେବେ ସମସ୍ତ ଅନ୍ଧ ଜଡ଼ାଜଡ଼ି ହୋଇ ସେହି ଗର୍ତ୍ତ ମଧ୍ୟରେ ପଡ଼ନ୍ତି; କେହି ହେଲେ ବିଶେଷ ବିବେଚନା କରନ୍ତି ନାହିଁ ।

ଅନ୍ଧପୁଟୁଳି, ଅନ୍ଧପୁଟୁଳୀ, ଅନ୍ଧପୋଟଳୀ, } ବି. ସ୍ତ୍ରୀ. (ଅନ୍ଧପଟଳ ଶବ୍ଦଜ) ଆଖି ଉପରେ ଯେଉଁ ପଟୀ ବାନ୍ଧିଦେଲେ ମନୁଷ୍ୟ କିଛି ଦେଖି ପାରେ ନାହିଁ, ଅନ୍ଧପଟୀ ।

ଅନ୍ଧସ୍, ବି. (ଅଦ୍—ଭୋଜନ କରିବା-ଅସ୍—ନ ଆଗମ, ଦ=ଧ) ଯାହା ଭୋଜନ କରାଯାଏ, ପିଣ୍ଡିତଣ୍ଡୁଳ, ଅନ୍ନ ।

**ଅନ୍ଧହସ୍ତୀନ୍ୟାୟ**, ବି.(ଅନ୍ଧ-ହସ୍ତୀ-ନ୍ୟାୟ) ନୀତିବିଶେଷ । ଯଥା—କେତେକ ଅନ୍ଧ କେବଳ ସ୍ପର୍ଶଦ୍ୱାରା ହସ୍ତିର ଭିନ୍ନ ଭିନ୍ନ ଆକାର ସ୍ଥିର କଲେ । ଯେ ପାଦ ସ୍ପର୍ଶ କରିଥିଲା, ସେ କହିଲା କି ହସ୍ତୀ ସ୍ତମ୍ଭାକାର; ଯେ ଶୁଣ୍ଢ ସ୍ପର୍ଶ କରିଥିଲା, ସେ କହିଲା କି ହସ୍ତୀ ସର୍ପାକାର; ଯେ ଉଦର ସ୍ପର୍ଶ କରିଥିଲା, ସେ କହିଲା କି ହସ୍ତୀ ଢକ୍କାର ଆକାର; ଯେ ପୁଚ୍ଛ ସ୍ପର୍ଶ କରିଥିଲା, ସେ କହିଲା କି ହସ୍ତୀ ଗୋଲାଙ୍ଗୁଳାକାର; ଯେ କର୍ଣ୍ଣ ସ୍ପର୍ଶ କରିଥିଲା, ସେ କହିଲା କି ହସ୍ତୀ ସୂର୍ପାକୃତି ଅଟେ । ଅନ୍ଧଗଣ ଏରୂପ ବାଦାନୁବାଦ କରୁଅଛନ୍ତି, ଏ ସମୟରେ ଏକ ବୃଦ୍ଧ ବ୍ରାହ୍ମଣ କହିଲେ : ତୁମ୍ଭେମାନେ ବିବାଦ କର ନାହିଁ, ଆମ୍ଭେ ତୁମ୍ଭର ବିବାଦ ଭଞ୍ଜନ କରିବୁଁ । ତୁମ୍ଭେମାନେ ହସ୍ତିର ଏକ ଏକ ଅବୟବ ମାତ୍ର ସ୍ପର୍ଶ କରିଅଛ, ତଦନୁସାରେ ତୁମ୍ଭେମାନେ ଯାହା ଯାହା କହୁଅଛ, ସେ ସବୁ ସତ୍ୟ, କିନ୍ତୁ ଏକଜାତୀୟ ବସ୍ତୁ ନାନାପ୍ରକାର ହୋଇପାରେ ନାହିଁ; ଢକ୍କାର ପରି ଉଦର, ସ୍ତମ୍ଭର ସଦୃଶ ପାଦ ଇତ୍ୟାଦି—ହସ୍ତୀଜାତି ଏତାଦୃଶ ସ୍ୱରୂପ ବୋଲି ବୋଧ କର । ଏତାଦୃଶ ନ୍ୟାୟରେ ବେଦାନ୍ତମାନେ ବୈଶେଷିକ, ନୈୟାୟିକ, ମୀମାଂସକ, ସାଂଖ୍ୟ, ପାତଞ୍ଜଳରୂପ ପଞ୍ଚ ଦାର୍ଶନିକନିର୍ଣ୍ଣୀତ ଜଗତ୍କାରଣ ପରମେଶ୍ୱରଙ୍କର ଯେ ଏକୈକଦେଶ ତାହାର ସମ୍ଭବାନୁସାରେ ସଙ୍କଳନ କରି ଜଗତ୍କାରଣ ଏକରୂପ ପରମେଶ୍ୱରଙ୍କୁ ସ୍ଥିର କରିଅଛନ୍ତି ।

**ଅନ୍ଧା**, ବି· (ଅନ୍ଧ ଶବ୍ଦଜ) ନେତ୍ରହୀନ ।

**ଅନ୍ଧାର**, ବି. (ଅନ୍ଧକାର ଶବ୍ଦଜ) ଅନ୍ଧକାର । ଯଥା—

**ଦିନେ କି ଅନ୍ଧାର ଧାରିପତିନେ ପଣାର ସାର**
**ଅଣାଇଲ ସନ୍ଧି ଧିର ଧୀର । ପ୍ରେ. ସୁ. ନି.**

ବିଂ· ଅନ୍ଧକାରମୟ । ଯଥା—ଅନ୍ଧାରଘର ।

**ଅନ୍ଧାରକଣା**, ବି· (ଅନ୍ଧକାର-କାଣ-ଏ ଉଭୟ ଶବ୍ଦରୁ ଉତ୍ପନ୍ନ) ରାତ୍ର୍ୟନ୍ଧ, ଯାହାକୁ ରାତିରେ କିଛି ଦିଶେ ନାହିଁ ।

**ଅନ୍ଧାରପକ୍ଷ**, ବି· (ଓଡ଼ିଆ ଓ ସଂସ୍କୃତ ଶବ୍ଦର ମିଶ୍ରଣ) କୃଷ୍ଣପକ୍ଷ ।

**ଅନ୍ଧାରିଆ**, / **ଅନ୍ଧାରୁଆ**, } ବିଂ· ଅନ୍ଧକାରମୟ ଏବଂ ଅନ୍ଧକାରଗ୍ରସ୍ତ । ଯଥା—

**ତୁମ୍ଭେ ତ ଆଲୁଅପ୍ରାପ୍ତ ମୁହିଁ ଅନ୍ଧାରିଆ ।**
**କିନ୍ତୁ ସଇ ଦୁଇ ଜଣ ଜାତିରେ ଓଡ଼ିଆ । ଉ. ଭ୍ର.**

**ତଟବନେ ଯାର ରାଜେ ଅନ୍ଧାରୁଆ ।**
**କଳଦେବୀଙ୍କର କେଳିଯୋଗ୍ୟ ଗୁହା । ଚିଲିକା ।**

**ଅନ୍ଧାରିବିଜେ**, / **ଅନ୍ଧାରବିଜେ**, } ବି. (ଦେଶଜ) ଗୂଢ଼ ଉଦ୍ଦେଶ୍ୟରେ ଅନ୍ଧକାରରେ ଯିବା । ଯଥା—

**ଏମନ୍ତେ ଷଡ଼ମାସ ବିତ୍ତ ହୋଇଣ ଯାନ୍ତେ ।**
**ଅନ୍ଧାରିବିଜେ କରି ଚଳିଲେ ରାମ ଗୁପ୍ତେ । ନୃ.ସୁ.ପ.ଭ.**

**ଅନ୍ଧୁ**, ବି· (ଅମ୍ = ଗମନକରିବା-ଉ-ସଂଜ୍ଞାର୍ଥେ, ଜଳାର୍ଥିମାନେ ଯାହା ନିକଟକୁ ଗମନ କରନ୍ତି) କୂପ, କୁଅଁ ।

**ଅନ୍ଧୁଣୀ**, ବି· ସ୍ତ୍ରୀ· (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ଯେଉଁ ସ୍ତ୍ରୀର ଦୁଇ ଆଖିକୁ ଦିଶେ ନାହିଁ । ଯଥା—

**ମୋ ଅନ୍ଧୁଣୀଧନ ମୋଠୁଁ ହୋଇ ଭିନ୍ନ**
**ଭସାଇଲା ଶୋକଜଳରେ ଲୋ । ବା. କୋ.**

**ଅନ୍ଧୁଣୀ**, / **ଅନ୍ଧୁଲି**, } ବି· ସ୍ତ୍ରୀ· (ଦେଶଜ) ମତ୍ସ୍ୟ ଧରିବାର ଯନ୍ତ୍ରବିଶେଷ ।

**ଅନ୍ଧୁକ**, ବି· ସଂ· ଶିଶପବୃକ୍ଷ ।

**ଅନ୍ଧ୍ର**, ବି. (ଅନ୍ଧ୍-ର) ବ୍ୟାଧ; ଦେଶବିଶେଷ; ଜାତିବିଶେଷ ।

**ଅନ୍ନ**, ବି· (ଅଦ୍-ତ, ତ = ନ) ଭାତ, ଭୋଜନୀୟ ବସ୍ତୁ । ବିଂ· ଭକ୍ଷିତ, ଭୁକ୍ତ ।

**ଅନ୍ନକୋଷ୍ଠକ**, ବି· (ଅନ୍ନ-କୋଷ୍ଠ-କ ଅଳ୍ପାର୍ଥେ) ତଣ୍ଡୁଳାଦି ରଖିବାର ସ୍ଥାନ ।

ଅନ୍ନଗନ୍ଧ, ବି. (ଅନ୍ନ-ଗନ୍ଧ୍-ଇ) ଉଦରାମୟ ରୋଗ ।

ଅନ୍ନଦ, ବି. (ଅନ୍ନ-ଦା-ଅ) ଅନ୍ନଦାତା । (ସ୍ତ୍ରୀ-ଆ) ଭଗବତୀ, ବିଶ୍ୱେଶ୍ୱରୀ ।

ଅନ୍ନନାଳୀ, ବି. ସ୍ତ୍ରୀ. (ଅନ୍ନ-ନାଳୀ) ଯେଉଁ ନାଡ଼ୀଦ୍ୱାରା ଅନ୍ନ ମୁଖଗହ୍ୱରରୁ ପାକାଶୟକୁ ଯାଏ ।

ଅନ୍ନପୂର୍ଣ୍ଣା, ବି. ସ୍ତ୍ରୀ. (ଅନ୍ନ-ପୂର୍ଣ୍ଣା = ତୃପ୍ତିକର୍ତ୍ତ୍ରୀ, ଯେ ଅନ୍ନଦ୍ୱାରା ତୃପ୍ତ କରେ) ଭଗବତୀଙ୍କ ମୂର୍ତ୍ତିବିଶେଷ । ବିଂ. ଅନ୍ନରେ ପରିପୂର୍ଣ୍ଣ ।

ଅନ୍ନପ୍ରାଶନ, ବି. (ଅନ୍ନ-ପ୍ର-ଅଶ୍-ଅନ) ଶିଶୁର ପ୍ରଥମ ଅନ୍ନଭକ୍ଷଣରୂପକ ସଂସ୍କାରବିଶେଷ, କ୍ଷୀରଚଟା ।

ଅନ୍ନମୟକୋଷ, ବି. ସଂ. ସ୍ଥୂଳ ଶରୀର ।

ଅନ୍ନମଙ୍ଗଳ, ବି. ସଂ. ମଦ୍ୟ, ମଦିରା ।

ଅନ୍ନବିକାର, ବି. (ଅନ୍ନ-ବିକାର) ଶୁକ୍ର ବା ରେତ; ବିଷ୍ଠା ବା ମଳ ।

ଅନ୍ନାଦ, ବିଂ. (ଅନ୍ନ-ଅଦ୍-ଅ) ଅନ୍ନଭୋଗୀ । ବି. ବିଷ୍ଣୁ ।

ଅନ୍ୟ, ସର୍ବଂ. ( ଅନ୍-ଯ ) ଭିନ୍ନ, ବିଭିନ୍ନ, ଅପର; ସଦୃଶ ।

ଅନ୍ୟଅନ, } ଅଂ. ( ଅନ୍ୟୋନ୍ୟ ଶବ୍ଦଜ )
ଅନ୍ୟୋଅନ, } ପରସ୍ପର । ଯଥା—

> କଳି କରିବ ଭାଇ ବେନି ।
> ଯୁଦ୍ଧ ହୋଇବ ଅନ୍ୟୋଅନ । ମା. ମା.

ଅନ୍ୟତମ, ବିଂ. (ଅନ୍ୟ-ତମ) ଅନେକଙ୍କ ମଧ୍ୟରେ ଜଣେ ।

ଅନ୍ୟତର, ବିଂ. (ଅନ୍ୟ-ତର) ଦୁଇ ଜଣ ମଧ୍ୟରେ ଜଣେ ।

ଅନ୍ୟତରେଦ୍ୟୁଃ, ଅଂ. (ଅନ୍ୟତରେଦ୍ୟୁସ୍ = ଅନ୍ୟତର-ଏଦ୍ୟୁସ୍-ଦିବାର୍ଥେ) ଅନ୍ୟତମ ଦିନେ, ଦୁଇ ଦିନ ମଧ୍ୟରେ ଏକ ଦିନ ।

ଅନ୍ୟତଃ, ଅଂ. (ଅନ୍ୟ-ତସ୍) ଅନ୍ୟଠାରେ ବା ଅନ୍ୟଠାରୁ ।

ଅନ୍ୟତ୍ର, ଅଂ. ( ଅନ୍ୟ-ତ୍ର ) ଭିନ୍ନସ୍ଥାନରେ; ଅପର ବିଷୟରେ ।

ଅନ୍ୟଥା, ଅଂ. (ଅନ୍ୟ-ଥା— ପ୍ରକାରାର୍ଥେ) ଅନ୍ୟ ପ୍ରକାର, ବିପରୀତ, ବିରୁଦ୍ଧ । ଯଥା—

> କହଇ ଦୀନକୃଷ୍ଣ, ସେ କଥା
> କେବେହେଁ ହୋଇବ ନାହିଁ ଅନ୍ୟଥା । ର. କ.

ଅନ୍ୟଦା, ଅଂ. (ଅନ୍ୟ-ଦା-କାଳାର୍ଥେ) ଅନ୍ୟ ସମୟେ, ସମୟାନ୍ତରରେ ।

ଅନ୍ୟଦୀୟ, ବିଂ. (ଅନ୍ୟତ୍-ଈୟ) ଅନ୍ୟସମ୍ବନ୍ଧୀୟ ।

ଅନ୍ୟପୁଷ୍ଟ, ବି. (ଅନ୍ୟ-ପୁଷ୍-ତ, ଅନ୍ୟ ଅର୍ଥାତ୍ କାକଦ୍ୱାରା ପରିପାଳିତ) କୋକିଳ । ବିଂ. ପରପୁଷ୍ଟ ।

ଅନ୍ୟପୂର୍ବା, ବି. ସ୍ତ୍ରୀ. (ଅନ୍ୟ-ପୂର୍ବ-ଆ) ବିବାହ ପୂର୍ବରେ ଯେଉଁ କନ୍ୟାର ଅନ୍ୟ ସହିତ ବିବାହ ସମ୍ବନ୍ଧ ସ୍ଥିର ହୋଇଥାଏ, ପୁନର୍ଭୂ; ଯେଉଁ ବାକ୍‌ଦତ୍ତା କନ୍ୟାର ବିବାହ ପୂର୍ବେ ବରର ମୃତ୍ୟୁ ହୁଏ, ମୃତ୍ୟୁବାଗ୍‌ଦାନପତିକା ।

ଅନ୍ୟଭୃତ୍, ବି. (ଅନ୍ୟ-ଭୃ-କ୍ୱିପ୍) ଯେ ଅନ୍ୟ ଅର୍ଥାତ୍ କୋକିଳକୁ ପୋଷଣ କରେ, କାକ ।

ଅନ୍ୟଭୃତ, ବି. (ଅନ୍ୟ-ଭୃ-ତ) କୋକିଳ । ବିଂ. ପରଦ୍ୱାରା ପାଳିତ ।

ଅନ୍ୟମନସ୍କ, ବିଂ. (ଅନ୍ୟ-ମନସ୍-କ-ସ୍ୱାର୍ଥେ) ଅନ୍ୟଚିତ୍ତ, ଅନ୍ୟାସକ୍ତଚିତ୍ତ, ଅମନୋଯୋଗୀ ।

ଅନ୍ୟମନା, ବିଂ. (ଅନ୍ୟମନାଃ = ଅନ୍ୟ-ମନସ୍) ଯାହାର ଅନ୍ୟତ୍ର ମନ ଅଛି, ଅନ୍ୟମନସ୍କ ।

ଅନ୍ୟାଗୃର, } ବି. ( ଅନ୍ୟାଯ୍ୟାଗୃର ଶବ୍ଦଜ )
ଅଣାଗୃର, } ଅଧର୍ମ ଆଚରଣ । ଯଥା—

> କୁଳାଙ୍ଗାର ପୁତ୍ର ଯାର ଜନ୍ମଇ ବଂଶରେ ।
> ସମୂଳେ ବିନଶ୍ୟନ୍ତି କରଇ ଅନ୍ୟାଗୃରେ । ନୃ. ପୁ. ସ. ତ.

ଅନ୍ୟାଦୃକ୍ } ବିଂ. (ଅନ୍ୟ-ଦୃଶ୍-କ୍ୱିପ୍, ଅ)
ଅନ୍ୟାଦୃଶ } ଅନ୍ୟପ୍ରକାର, ଭିନ୍ନପ୍ରକାର, ଯେ ବା ଯାହା ଅନ୍ୟପ୍ରକାର ଦେଖାଯାଏ ।

ଅନ୍ୟାନ୍ୟ, ବିଂ. (ଅନ୍ୟ-ଅନ୍ୟ) ଅପରାପର, ଆଉ ଆଉ, ଭିନ୍ନ ଭିନ୍ନ ।

ଅନ୍ୟାୟ, ବି. (ଅ-ନ୍ୟାୟ) ଅବିଚାର, ଅନୌଚିତ୍ୟ । ବିଂ. ନ୍ୟାୟବିରୁଦ୍ଧ, ଅନ୍ୟାଯ୍ୟ, ଯାହା ନ୍ୟାୟସଙ୍ଗତ ନୁହେ ।

ଅନ୍ୟାଯ୍ୟ, ବିଂ. (ଅନ୍ୟାୟ-ଯ) ଅନୁଚିତ, ଯାହା ନ୍ୟାୟସଙ୍ଗତ ନୁହେ ।

ଅନ୍ୟୂନ, ବିଂ. (ଅ-ନ୍ୟୂନ) ଅଧିକ, ବେଶି; ସମ୍ପୂର୍ଣ୍ଣ ।

ଅନ୍ୟେଦ୍ୟୁଃ, ଅଂ. (ଅନ୍ୟେଦ୍ୟୁସ୍ = ଅନ୍ୟ-ଏଦ୍ୟୁସ୍-ଦିବାର୍ଥେ) ପରଦିନେ, ଅନ୍ୟ ଦିନେ ।

ଅନ୍ୟୋଦର୍ଯ୍ୟ, ବିଂ. (ଅନ୍ୟ-ଉଦର-ଯ) ବୈମାତ୍ରେୟ ।

ଅନ୍ୟୋନ୍ୟ, ବିଂ. (ଅନ୍ୟ-ଅନ୍ୟ—ସ ଆଗମ) ପରସ୍ପର, ଏକକୁ ଅନ୍ୟେକ । ବି. ଅର୍ଥାଲଂକାରବିଶେଷ ।

ଅନ୍ୱକ୍, ବିଂ. (ଅନୁ-ଅନ୍ଚ୍-କ୍ୱିପ୍) ଅନୁଗାମୀ । ଅଂ. ଅନୁପଦ, ପଶ୍ଚାତ୍ ।

ଅନ୍ୱଞ୍ଚ, ବିଂ. (ଅନୁ-ଅନ୍ଚ୍-କ୍ୱିପ୍) ଅନୁଗାମୀ ।

ଅନ୍ୱକ୍ଷ, ବିଂ. (ଅନୁ = ଅନୁଗତ-ଅକ୍ଷ = ଇନ୍ଦ୍ରିୟ) ଅନୁଗାମୀ । ଅଂ. (ଅନୁ-ଅକ୍ଷି) ଅକ୍ଷିସମୀପେ, ପ୍ରତ୍ୟକ୍ଷେ, ସମକ୍ଷେ ।

ଅନ୍ୱୟ, ବି. (ଅନୁ-ଇ-ଅ) ବଂଶ, ଆଦିପୁରୁଷ; ସନ୍ତାନ; ବାକ୍ୟ କିମ୍ବା ପଦର ସମ୍ବନ୍ଧ ନିର୍ଣ୍ଣୟ; ସମ୍ବନ୍ଧ; ସମ୍ପର୍କ; ଅନୁବୃତ୍ତି; ବିଦ୍ୟମାନତା; ଅର୍ଥ ।

ଅନ୍ୱର୍ଥ, ବିଂ. (ଅନୁ = ଅନୁଗତ-ଅର୍ଥ) ଯଥାର୍ଥ, ପ୍ରକୃତାର୍ଥଯୁକ୍ତ, ସଙ୍ଗତ; କୃତାର୍ଥ ।

ଅନ୍ୱବାୟ, ବି. (ଅନୁ-ଅବ-ଇ-ଅ) ବଂଶ, କୁଳ, ଗୋତ୍ର ।

ଅନ୍ୱହ, ଅଂ. (ଅନୁ-ଅହନ୍-ଅ) ଅନୁଦିନ, ପ୍ରତ୍ୟହ ।

ଅନ୍ୱାଚୟ, ବି. (ଅନୁ = ସହିତ-ଆ-ଚି-ଅ) ଅନୁସଙ୍ଗ ।

ଅନ୍ୱାହାର୍ଯ୍ୟ, ବି. (ଅନୁ-ଆହାର୍ଯ୍ୟ) ପିତୃଲୋକଙ୍କର ମାସିକ ଶ୍ରାଦ୍ଧ । (ଅନ୍ୱାହାର୍ଯ୍ୟଂ ମାସିକେ)

ଅନ୍ୱାହିତ, ବିଂ. (ଅନୁ-ଆହିତ) ପୁନର୍ଗଚ୍ଛିତ, ଏକ ବ୍ୟକ୍ତିଠାରୁ ଅନ୍ୟତ୍ର ଗଚ୍ଛିତ ।

ଅନ୍ୱିତ, } ବିଂ. (ଅନୁ-ଇ-ତ) ଯୁକ୍ତ, ବିଶିଷ୍ଟ;
ଅନ୍ୱୀତ, } ସମ୍ବନ୍ଧପ୍ରାପ୍ତ; ମିଳିତ ।

ଅନ୍ୱିଷ୍ଟ, ବିଂ. (ଅନୁ-ଇଷ୍-ତ) ଯାହାର ଅନ୍ୱେଷଣ କରାଗଲା, ଆକାଙ୍କ୍ଷିତ ।

ଅନ୍ୱୀକ୍ଷଣ, } ବି. (ଅନୁ-ଈକ୍ଷଣ, ଅନୁ-ଈକ୍ଷା)
ଅନ୍ୱୀକ୍ଷା, } ବେଦବାକ୍ୟାଦି ଶ୍ରବଣ କରି ପଶ୍ଚାତ୍ ତଦର୍ଥ ପର୍ଯ୍ୟାଲୋଚନ; ଅନୁମାନ; ଉନ୍ନୟନ; ଅନ୍ୱେଷଣ ।

ଅନ୍ୱେଷକ, ବିଂ. (ଅନୁ-ଇଷ୍-ଅକ) ଯେ ଅନ୍ୱେଷଣ କରେ, ଅନୁସନ୍ଧାୟୀ ।

ଅନ୍ୱେଷଣ, ବି. (ଅନୁ-ଇଷ୍-ଅନ) ଅଲକ୍ଷିତ ବସ୍ତୁ ବା ବ୍ୟକ୍ତିର ଅନୁସନ୍ଧାନ, ଗବେଷଣା, ଖୋଜିବା; ଆକାଙ୍କ୍ଷା ।

ଅନ୍ୱେଷଣା, ବି. ସ୍ତ୍ରୀ. (ଅନୁ-ଏଷଣା) ତର୍କାଦି-ଦ୍ୱାରା ଯଥାବୋଧିତ ଧର୍ମାଦି ଅନ୍ୱେଷଣ ।

ଅନ୍ୱେଷଣୀୟ, } ବିଂ. (ଅନୁ-ଇଷ୍-ଅନୀୟ,
ଅନ୍ୱେଷ୍ଟବ୍ୟ, } ତବ୍ୟ) ଯାହାର ଅନ୍ୱେଷଣ କରିବାକୁ ହେବ କିମ୍ବା କରିବା ଉଚିତ ଅଥବା ଆବଶ୍ୟକ, ଅନୁସନ୍ଧେୟ ।

ଅନ୍ୱେଷିତ, ବିଂ. (ଅନୁ-ଇଷ୍-ତ) ଗବେଷିତ, କୃତାନୁସନ୍ଧାନ, ଯାହାର ଅନ୍ୱେଷଣ କରାଗଲା ।

ଅନ୍ୱେଷ୍ଟା, ବିଂ. (ଅନୁ-ଇଷ୍-ତୃ) ଅନୁସନ୍ଧାନକାରୀ ।

ଅପ୍, ବି. (ଆପ୍ = ପାଇବା-କ୍ୱିପ୍, ଆ = ଅ) ଜଳ, ବାରି, ସଲିଳ, ପାଣି ।

ଅପ, ଅଂ. (ଅ-ପା = ରକ୍ଷାକରିବା-ଅ) ଅପକୃଷ୍ଟ, ଅଧମ । ଯଥା—ଅପଘାତ; ଅପଭ୍ରଂଶ । ରହିତ, ବର୍ଜିତ । ଯଥା—ଅପରୂପ । ବିରୁଦ୍ଧ, ବିପରୀତ । ଯଥା—ଅପମାନ, ଅପଯଶ । କୁତ୍ସିତ । ଯଥା—ଅପାକ୍ଷ ଅର୍ଥାତ୍ କୁତ୍ସିତ-ଚକ୍ଷୁ । ଅନାଦର, ଅପକର୍ଷ । ଯଥା—ଅପକର୍ମ । ଅପମାନ; ବର୍ଜନ; ବିଯୋଗ; ବୈପରୀତ୍ୟ । ଯଥା—ଅପଶବ୍ଦ । ବିକୃତି । ଯଥା—ଅପଚୟ । ନିର୍ଦ୍ଦେଶ । ଯଥା—ଅପଦେଶ । ଚୌର୍ଯ୍ୟ । ଯଥା—ଅପହରଣ । ଅଧଃପ୍ରଦେଶ । ଯଥା—ଅପାନ ।

ଅପକର୍ମ, ବି. (ଅପ=କୁତ୍ସିତ-କର୍ମନ୍) ନିନ୍ଦିତ କାର୍ଯ୍ୟ, କୁକର୍ମ । ବିଂ. ଦୁଷ୍କର୍ମକାରୀ ।

ଅପକର୍ଷ,ବି.(ଅପ=ଅଧମ-କୃଷ୍-ଅ)ନିକୃଷ୍ଟତା, ଅପ୍ରଧାନତା; ନୀଚତା, ଜଘନ୍ୟତା ।

ଅପକାର, ବି. (ଅପ-କୃ-ଅ) ଅନିଷ୍ଟ, ହାନି, କ୍ଷତି; ଦ୍ୱେଷ; ଅମଙ୍ଗଳ । ଯଥା—

କଲ ଅପକାର ଦାଇରୁଣୀ,
କଲେ ଉପକାର ତାକୁ ଯଦୁମଣି । ର. କ.

ଅପକାରକ, ବିଂ. (ଅପ-କୃ-ଅକ) ଯେ ଅନିଷ୍ଟ ବା ଅମଙ୍ଗଳ କରେ, କ୍ଷତିକାରକ ।

ଅପକାରଗିର୍, ଅପକାରଗୀ, ବି. (ଅପକାର-ଗୃ-କ୍ୱିପ୍) ଭର୍ତ୍ସନ । ଯଥା—

ଭର୍ତ୍ସନଂ ତ୍ୱପକାରଗୀଃ ।

ଅପକାରୀ, ବିଂ. (ଅପ-କୃ-ଇନ୍) ଅନିଷ୍ଟ ବା ଅମଙ୍ଗଳକାରୀ, କ୍ଷତିକାରକ ।

ଅପକୀର୍ତ୍ତି, ବି. ସ୍ତ୍ରୀ. (ଅପ-କୀର୍ତ୍ତି) ଅପଯଶ, ଅଖ୍ୟାତି, ଦୁର୍ନାମ, କଳଙ୍କ, ଅପବାଦ ।

ଅପକୃତ, ବିଂ. (ଅପ-କୃ-ତ) ଯାହାର ଅପକାର କରା ଯାଇଅଛି । ( ଭାବବାଚ୍ୟରେ ତ ପ୍ରତ୍ୟୟ ହେଲେ ) ବି. ଅପକାର ।

ଅପକୃତି, ବି. (ଅପ-କୃ-ତି) ଅପକାର ।

ଅପକୃଷ୍ଟ, ବିଂ. (ଅପ-କୃଷ୍-ତ) ନିକୃଷ୍ଟ, ଅଧମ, ନିମ୍ନୋତ୍କୃଷ୍ଟ ।

ଅପକ୍ରମ, ବି. (ଅପ-କ୍ରମ୍-ଅ)ପଳାୟନ, ପ୍ରସ୍ଥାନ ।

ଅପକ୍ରମଣ, ବି. (ଅପ-କ୍ରମ୍-ଅନ) ପଳାୟନ, ଅପସରଣ ।

ଅପକ୍ରାନ୍ତ, ବିଂ. ( ଅପ-କ୍ରମ୍-ତ ) ପଳାୟିତ, ଅପସୃତ, ଅପଗତ ।

ଅପକ୍ରୋଶ, ବି. (ଅପ-କ୍ରୁଶ୍-ଅ)ନିନ୍ଦା,ଭର୍ତ୍ସନା ।

ଅପକ୍ୱ, ବିଂ. (ଅ-ପକ୍ୱ) କଞ୍ଚା, ଅସିଦ୍ଧ । ଯଥା— ଅପକ୍ୱ ଫଳ; ଅପକ୍ୱ ଅନ୍ନ ।

ଅପଗତ, ବିଂ. ( ଅପ-ଗମ୍-ତ ) ପ୍ରସ୍ଥିତ, ଅପସୃତ, ପଳାୟିତ; ମୃତ; ରହିତ ।

ଅପଗମ, ଅପଗମନ, ବି. (ଅପ-ଗମ୍-ଅ, ଅନ)ବିନାଶ; ପ୍ରସ୍ଥାନ; ପଳାୟନ; ନିର୍ଗମ ।

ଅପଗା, ବି. ସ୍ତ୍ରୀ. (ଅପ=ନିମ୍ନ-ଗମ୍-ଅ-ଆ) ନଦୀ, ସ୍ରୋତସ୍ୱତୀ, ନିମ୍ନଗା ।

ଅପଘନ, ବି. (ଅପ-ହନ୍-ଅ) ଶରୀର, ଅଙ୍ଗ, ଅବୟବ; ଶରତ୍କାଳ । ବିଂ. ନିର୍ମେଘ, ମେଘହୀନ ।

ଅପଘାତ, ବି. (ଅପ-ହନ୍-ତ) ଅକାଳମୃତ୍ୟୁ, ଆକସ୍ମିକ ମରଣ ।

ଅପଘୃଣ, ବିଂ. (ଅପ-ଘୃଣା) ନିର୍ଦ୍ଦୟ, ନିର୍ଲଜ୍ଜ ।

ଅପଚୟ, ବି. (ଅପ-ଚି-ଅ)ହ୍ରାସ, ହାନି, କ୍ଷତି; ନାଶ, କ୍ଷୟ, ବ୍ୟୟ ।

ଅପଚାୟିତ, ବିଂ. (ଅପ-ଚାୟ୍=ପୂଜାକରିବା-ତ) ପୂଜିତ; ଶାଣିତ ।

ନମସିତମପଚାୟିତାର୍ଚ୍ଚିତାପଚିତଂ ।

(ଅପ-ଚି-ଣିଚ୍-ତ) ଅପବ୍ୟୟିତ ।

ଅପଚାର, ବି. (ଅପ-ଚର୍-ଅ) ସ୍ୱଧର୍ମବ୍ୟତିକ୍ରମ; ଅହିତାଚାର, ଅତ୍ୟାଚାର; ଅପଥ୍ୟ ଗ୍ରହଣ; ଭକ୍ଷିତ ବସ୍ତୁ ସମ୍ୟକ୍ ରୂପେ ପରିପାକ ନ ହେଲେ ଉଦରରେ ଯେଉଁ ରୋଗ ଜନ୍ମେ ।

ଅପଚିକୀର୍ଷା, ବି. ସ୍ତ୍ରୀ. ( ଅପ-କୃ-ସନ୍-ଆ ) ଅପକାର କରିବାର ଇଚ୍ଛା ।

ଅପଚିତ, ବିଂ. (ଅପ-ଚି-ତ) ଯେଉଁ ବସ୍ତୁର ଅପଚୟ ବା ହାନି ହୋଇଅଛି, ବ୍ୟୟିତ; କ୍ଷୀଣ । (ଅପ-ଚାୟ୍-ତ) ପୂଜିତ ।

ଅପଚିତି, ବି. (ଅପ-ଚାୟ୍-ତି) ପୂଜା ।

ପୂଜା ନମସ୍ୟାପଚିତିଃ ।

(ଅପ-ଚି-ତି) କ୍ଷୟ; ବ୍ୟୟ; ନିଷ୍କୃତି ।

ଅପଛରା, ଅପଛରୀ, ଅପସରା, ଅପସରୀ, ବି. ସ୍ତ୍ରୀ.(ଅପ୍ସରା ଦେଶଜ) ସ୍ୱର୍ଗବେଶ୍ୟା । ଯଥା—

ପୁଣି ମଦନା ଅପଛରୀ,
ବସନ ଚପୁଢ଼ଳ ଧରି । ମା. ମା.

ଅପଟାନ୍ତର, ବିଂ.(ଅ-ପଟ-ଅନ୍ତର)ଅବ୍ୟବହିତ; ସଂସକ୍ତ । ( ସଂସକ୍ତେ ତ୍ୱବ୍ୟବହିତ-ମପଟାନ୍ତରମିତ୍ୟପି ) ( ଅ-ପଟାନ୍ତର— ଏପରି ଦେଶଜ ହେଲେ) ନିରୁପମ ।

ଅପଟୀ, ବି. ସ୍ତ୍ରୀ. (ଅ-ପଟ—ଗମନ କରିବା-ଅ—ସ୍ତ୍ରୀଲିଙ୍ଗରେ-ଈ) ଯେ ଗମନ କରାଇ ଦିଏ ନାହିଁ; ବସ୍ତ୍ରାବରଣ, ପର୍ଦ୍ଦା ।

ଅପଟୀକ୍ଷେପ, ବି. (ଅପଟୀ-କ୍ଷେପ) ନାଟ୍ୟରେ ପଟୀକ୍ଷେପ ବିନା ସସମ୍ଭ୍ରମରେ ପାତ୍ର ପ୍ରବେଶ ।

ଅପଟୁ, ବିଂ. (ଅ-ପଟୁ) ଅଶକ୍ତ, ଅକ୍ଷମ, ଅସମର୍ଥ; ଅସୁସ୍ଥ, ରୋଗୀ ।

ଅପଡ଼, ବି. (ଦେଶଜ) ବିରୋଧ । ବିଂ. ବିରୋଧୀ; ପତନରହିତ ବା ସ୍ଥାୟୀ ।

ଅପଣା, ବିଂ. (ଦେଶଜ) ଯାହା ପଣା ହୋଇ ନ ଥାଏ । ଯଥା—ଅପଣା ଗୁଡ଼ଜଳ ।

ଅପତିଆରା, ବି. (ଅପ୍ରତ୍ୟୟ ଶବ୍ଦଜ) ଅବିଶ୍ୱାସ ।

ଅପତ୍ୟ, ବି. (ଅ-ପତ୍-ଯ, ଯାହାଦ୍ୱାରା ବଂଶ ପତିତ ହୁଏ ନାହିଁ ଅର୍ଥାତ୍ ରକ୍ଷା ପାଏ) ସନ୍ତାନ, ସନ୍ତତି, ପୁତ୍ର ଓ କନ୍ୟା ।

ଅପତ୍ୟଦା, ବି. ସ୍ତ୍ରୀ. (ଅପତ୍ୟ-ଦା-ଅ-ଆ) ଗର୍ଭଦାତ୍ରୀ ବୃକ୍ଷ; ଲକ୍ଷଣା ।

ଅପତ୍ରପ, ବିଂ. (ଅପ-ତ୍ରପା) ନିର୍ଲଜ୍ଜ ।

ଅପତ୍ରପା, ବି. ସ୍ତ୍ରୀ. (ଅପ=ଅନ୍ୟଠାରୁ ବା ଅନ୍ୟକୁ ଅପେକ୍ଷା କରି-ତ୍ରପା) ଅନ୍ୟ ହେତୁରୁ ଲଜ୍ଜା । (ଲଜ୍ଜା ସାପତ୍ରପାନ୍ୟତଃ)

ଅପଥ, ବି. (ଅ-ପଥ) କୁପଥ, ଅସତ୍ ମାର୍ଗ, ଅବାଟ । ବିଂ. ମାର୍ଗହୀନ ।

ଅପଥି, ବିଂ. (ଅପଥ୍ୟ ଶବ୍ଦଜ) ଯାହା ପଥି ନୁହେ, ଅପଥ୍ୟ ।

ଅପଥ୍ୟ, ବିଂ. (ଅ-ପଥ୍ୟ) ରୋଗିର ଭୋଜନର ଅଯୋଗ୍ୟ; ଯାହା ଭୋଜନ ବା ସେବନ କଲେ ଅପକାର ହୁଏ; ଅହିତ, ଅନିଷ୍ଟ-କାରକ ।

ଅପଥିନ୍, ଅପନ୍ଥା, } ବି. (ଅ-ପଥିନ୍) କୁପଥ, ଅବାଟ ।

ଅପଦ, ବିଂ. (ଅ-ପଦ) ପଦବିହୀନ, ପଦବୀହୀନ ।

ଅପଦସ୍ଥ, ବିଂ. (ଅ-ପଦସ୍ଥ) କର୍ମଚ୍ୟୁତ; ଅସମ୍ମାନିତ; ପରାଜିତ; ଅନାଦୃତ ।

ଅପଦାନ, ବି. (ଅପ-ଦା-ଅନ) ଅନୁଷ୍ଠିତ କର୍ମ । "ଅପଦାନଂ କର୍ମବୃତ୍ତଂ ।"

ଅପଦାନ୍ତର, ବି.(ଅ-ପଦ-ଅନ୍ତର)ଅବ୍ୟବହିତ; ସଂସକ୍ତ । (ସଂସକ୍ତେ ତ୍ୱବ୍ୟବହିତ-ମପଦାନ୍ତରମିତ୍ୟପି)

ଅପଦାର୍ଥ, ବିଂ. (ଅ-ପଦାର୍ଥ) ଅଯୋଗ୍ୟ; ଅସାର, ଅକର୍ମଣ୍ୟ, ନିକୃଷ୍ଟ, ପଦାର୍ଥହୀନ ଅର୍ଥାତ୍ ଯହିଁରେ କିଛି ପଦାର୍ଥ ନାହିଁ । ବି. ଅଯୋଗ୍ୟ ବସ୍ତୁ ।

ଅପଦିଶ, ବି. (ଅପ=ମଧ୍ୟ-ଦିଶା=ଦିକ୍) ଦୁଇ ଦିଗର ମଧ୍ୟସ୍ଥଳ । ଅଂ. ଅଗ୍ନ୍ୟାଦି କୋଣ । (କ୍ଳୀବାବ୍ୟୟଂ ତ୍ୱପଦିଶଂ ଦିଶୋର୍ମଧ୍ୟେ ବିଦିକ୍ ସ୍ତ୍ରିୟାଂ)

ଅପଦେବତା, ବି. ସ୍ତ୍ରୀ. (ଅପ-ଦେବତା) ଭୂତ-ପ୍ରେତପିଶାଚାଦି ।

ଅପଦେଶ, ବି. (ଅପ-ଦିଶ୍-ଅ) ଛଳ, ବ୍ୟାଜ; ଚିହ୍ନ; ନାମ; ନିମିତ୍ତ; ଲକ୍ଷ୍ୟ; ନିର୍ଦ୍ଦେଶ ।

ଅପଧ୍ୟାନ, ବି. (ଅପ-ଧ୍ୟାନ) ଅମଙ୍ଗଳଚିନ୍ତା, ଦୁଷ୍ଟାଭିପ୍ରାୟ ।

ଅପଧ୍ୱଂସ, ବି. (ଅପ-ଧ୍ୱଂସ୍-ଅ) ଧିକ୍କାର; ନିନ୍ଦା, ତ୍ୟାଗ; ଅପଘାତ ।

ଅପଧ୍ୱସ୍ତ, ବିଂ. (ଅପ=ଅପକୃଷ୍ଟ-ଧ୍ୱନ୍ସ୍-ତ) ତ୍ୟକ୍ତ; ନିନ୍ଦିତ; ଚୂର୍ଣ୍ଣିତ; ପତିତ ।

"ଅପଧ୍ୱସ୍ତସ୍ତୁ ଧିକ୍‌କୃତଃ ।" "ଅପଧ୍ୱସ୍ତୋଽବଚୂର୍ଣ୍ଣିତଃ ।"

ଅପନୟ, ଅପନୟନ, } ବି. (ଅପ-ନୀ-ଅ, ଅନ) ଦୂରୀ-କରଣ, ପରିତ୍ୟାଗ, ନିରାକରଣ; ଅପହରଣ; ପ୍ରମାର୍ଜନ ।

ଅପନୀତ, ବିଂ. (ଅପ-ନୀ-ତ) ତ୍ୟକ୍ତ, ଦୂରୀକୃତ, ଅପସାରିତ; ଅପହୃତ; ଖଣ୍ଡିତ; ନିରାକୃତ, ନିବାରିତ; ପ୍ରମାର୍ଜିତ ।

ଅପନୋଦ, ଅପନୋଦନ, } ବି. (ଅପ-ନୁଦ୍-ଅ, ଅନ) ଖଣ୍ଡନ, ଦୂରୀକରଣ, ଅପସାରଣ ।

ଅପନ୍ତରା, ବି. (ଅପ୍ରାନ୍ତ ଶବ୍ଦଜ) ଜନସଞ୍ଚାରଶୂନ୍ୟ ଅତି ବିସ୍ତୀର୍ଣ୍ଣ ସ୍ଥଳୀ; ଜଙ୍ଗଲ । ଯଥା—

ବିରାଜ ବୋଇଲା ଶୁଣ ସୁଜାଣ ମନ୍ତ୍ରୀ ପରା ।
ବୁଝିଲେ ତୋ ମନ୍ତ୍ରି ବୁଦ୍ଧି ଅଟେ ଅପନ୍ତରା ।
ନୃ. ପୁ. ଷ. ତ.

ଅପପ୍ରୟୋଗ, ବି. (ଅପ-ପ୍ରୟୋଗ) ଅଶୁଦ୍ଧ ପ୍ରୟୋଗ, ବ୍ୟାକରଣବିରୁଦ୍ଧ ପ୍ରୟୋଗ ।

ଅପଭାଷା, ବି. (ଅପ-ଭାଷା) ଅସାଧୁ ଭାଷା, ଅସାଧୁ ବାକ୍ୟ; ଅପକୃଷ୍ଟ ଭାଷା; ନୀଚ ଭାଷା, ଯେ ଭଦ୍ରଲୋକଠାରୁ ନିର୍ଗତ ହୁଏ ନାହିଁ; ପ୍ରାକୃତ ଭାଷା ।

ଅପଭ୍ରଂଶ, ଅପଭ୍ରଂସ, ବି. (ଅପ-ଭ୍ରନ୍ସ୍-ଅ) କୁତ୍ସିତ ବାକ୍ୟ; ଅପଭାଷା; ସ୍ଖଳନ; ରୂପାନ୍ତରପ୍ରାପ୍ତି; ପତନ ।

ଅପଭୟ, ବିଂ. (ଅପ = ଅପଗତ-ଭୟ) ନିର୍ଭୟ ।

ଅପମାନ, ବି. (ଅପ = ବିପରୀତ-ମାନ) ଅମର୍ଯ୍ୟାଦା, ଅନାଦର, ଅବଜ୍ଞା ।

ଅପମାନିତ, ବିଂ. (ଅପମାନ-ଇତ) ହତାଦର, ଅନାଦୃତ, ତିରସ୍କୃତ ।

ଅପମାରଙ୍ଗ, ଅପାମାରଙ୍ଗ, ବି. (ଅପାମାର୍ଗ ଶବ୍ଦଜ) କ୍ଷୁଦ୍ର ଗୁଳ୍ମବିଶେଷ । ଯଥା—

ଅପାମାରଙ୍ଗର ଅପାର ଗୁଣ ତାକୁ ଘଷିବ ମୂଳେ ।

ଅପମୃତ୍ୟୁ, ବି. (ଅପ = ଅପକୃଷ୍ଟ-ମୃତ୍ୟୁ) ଅକାଳମୃତ୍ୟୁ, ଅପଘାତ ମୃତ୍ୟୁ ।

ଅପଯଶଃ, ବି. (ଅପ-ଯଶସ୍) ଅଖ୍ୟାତି, ଦୁର୍ନାମ, କଳଙ୍କ, ଅପକୀର୍ତ୍ତି ।

ଅପଯାନ, ବି. (ଅପ = ସ୍ଥାନାନ୍ତରରେ-ଯାନ) ପଳାୟନ, ଅପଗମନ ।

ଅପର, ବିଂ. (ଅ-ପୃ = ପାଳନ କରିବା-ଅ) ଅନ୍ୟ; ଭିନ୍ନ; ପ୍ରତିକୂଳ, ବିପରୀତ; ପଶ୍ଚାଦ୍‌ବର୍ତ୍ତୀ; ଶେଷ । ଯଥା—ଅପରାହ୍ନ, ଅପର ରାତ୍ର । ହସ୍ତିର ପଶ୍ଚାଦ୍‌ଭାଗ ବା ପଦ । ଯଥା—

ବଦ୍ଧାପରାଣି ପରିତୋନିଗଡ଼ାନି । ମାଘ ।

(ସ୍ତ୍ରୀ. ଆ—ଅପରା) ପଶ୍ଚିମଦିକ୍; ଜରାୟୁ ।

ଅପରଞ୍ଚ, ଅଂ. ଆହୁରି, ଅପିଚ ।

ଅପରକ୍ତ, ବିଂ (ଅପ-ରନ୍ଜ୍-ତ) ବିରକ୍ତ, ଅନୁରାଗହୀନ ।

ଅପରତି, ବି. ସ୍ତ୍ରୀ. (ଅପ-ରମ୍-ତି) ବିରତି, ନିବୃତ୍ତି ।

ଅପରତ୍ର, ଅଂ. (ଅପର-ତ୍ର-କାଳାର୍ଥେ) ପରକାଳେ, ଅନ୍ୟତ୍ର, ଅମୁତ୍ର ।

ଅପରପକ୍ଷ, ବି. (ଅପର = ଶେଷ-ପକ୍ଷ) କୃଷ୍ଣପକ୍ଷ । ଏହାହିଁ ପିତୃପକ୍ଷ । (ପୂର୍ବପକ୍ଷ ଦେବତାମାନଙ୍କର, ପରପକ୍ଷ ପିତୃମାନଙ୍କର)

ଅପରାଗ, ବି. (ଅପ-ରାଗ) ବିରାଗ, ବିରକ୍ତି, ଦ୍ୱେଷ ।

ଅପରସ୍ପର, କ୍ରି. ବିଂ. (ଅ-ପରସ୍ପର) ସତତ; ଏକାବେଳକେ ।

ଅପରାଜିତ, ବିଂ. (ଅ-ପରା-ଜି-ତ) ଅପରାଭୂତ, ଅଜିତ । ବି. ବିଷ୍ଣୁ; ଶିବ; ଋଷିବିଶେଷ । (ସ୍ତ୍ରୀ. ଆ—ଅପରାଜିତା) ପ୍ରସିଦ୍ଧ ଲତାବିଶେଷ; ଦୁର୍ଗା; ଦୂର୍ବା; ଛନ୍ଦୋବିଶେଷ; ଜୟନ୍ତୀ ବୃକ୍ଷ; ଅଶନପର୍ଣ୍ଣୀ, ଶେଫାଳିକା; ଶମୀଭେଦ ।

ଅପରାଦ୍ଧ, ବିଂ. (ଅପ = ଅପକୃଷ୍ଟ-ରାଧ୍ = ସିଦ୍ଧି କରିବା-ତ) ଅପରାଧୀ; ସ୍ଖଳିତ; ଭ୍ରାନ୍ତ ।

ଅପରାଧ, ବି. (ଅପ-ରାଧ୍ = ସମ୍ପନ୍ନ କରିବା-ଅ) ଦୁଷ୍କ୍ରିୟାଜନ୍ୟ ଦୋଷ; ପାପ; ବିଧି ବା ନିୟମର ଅତିକ୍ରମ; ତ୍ରୁଟି ।

ଅପରାନ୍ତ, ବି. (ଅପର = ପଶ୍ଚିମଦିଗ-ଅନ୍ତ) ପଶ୍ଚିମଦିଗନ୍ତ । ବିଂ. ପାଶ୍ଚାତ୍ତ୍ୟ, ପଶ୍ଚିମଦେଶୀୟ ।

ଅପରାହ୍ଣ, ବି (ଅପର = ଶେଷ-ଅହ୍ନ) ଦିନର ଶେଷଭାଗ, ଉପରବେଳା ।

ଅପରିଗ୍ରହ, ବି. (ଅ-ପରିଗ୍ରହ) ଗ୍ରହଣାଭାବ; ଅସ୍ୱୀକାର; ପରିବ୍ରାଜକ ।

ଅପରିଚ୍ଛନ୍ନ, ବିଂ. (ଅ-ପରି-ଛଦ୍-ତ) ମଳିନ, ଅପରିଷ୍କୃତ, ବସ୍ତ୍ରାଚ୍ଛାଦନହୀନ ।

ଅପରିଚ୍ଛିନ୍ନ, ବିଂ. (ଅ-ପରି-ଛିଦ୍-ତ) ଯାହାର ଇୟତ୍ତା କରାଯାଇ ନ ପାରେ, ଅସୀମ ।

ଅପରିଣାମଦର୍ଶୀ, ବିଂ. (ଅ-ପରିଣାମ-ଦୃଶ୍-ଇନ୍) ଶେଷରେ କ'ଣ ହେବ ତାହା ଯେ ବିଚାର କରେ ନାହିଁ, ଅନଭିଜ୍ଞ, ଅବିବେଚକ ।

ଅପରିମେୟ, ବିଂ. (ଅ-ପରିମେୟ) ଯାହାର ପରିମାଣ ହୋଇ ପାରେ ନାହିଁ, ଅପରିମିତ; ଅତ୍ୟନ୍ତ; ଅସୀମ ।

ଅପରିଷ୍କାର, ବିଂ. (ଅ-ପରିଷ୍କାର) ଅପରିଷ୍କୃତ, ମଳିନ, ଅନିର୍ମଳ ।

ଅପରିଷ୍କୃତ, ବିଂ. (ଅ-ପରିଷ୍କୃତ) ଅମାର୍ଜିତ, ମଳିନ ।

ଅପରିସୀମ, ବିଂ. (ଅ-ପରିସୀମା) ଅସୀମ, ନିଃସୀମ, ଯାହାର ସୀମା ନାହିଁ ।

ଅପରୂପ, ବିଂ. (ଅପ-ରୂପ=ତୁଲ୍ୟ) ଅପ୍ରତିମ, ତୁଳନାରହିତ, ବିସ୍ମୟକର; ସଚରାଚର ଯାହା ଦେଖାଯାଏ ନାହିଁ । ବି. ଅଦ୍ଭୁତ ରୂପ, କୁରୂପ ।

ଅପରେଦ୍ୟୁଃ, ଅଂ. (ଅପର-ଏଦ୍ୟୁସ୍-ଦିବାର୍ଥେ) ଅପରଦିନେ ।

ଅପରୋକ୍ଷ, ବିଂ. (ଅ-ପରୋକ୍ଷ) ପ୍ରତ୍ୟକ୍ଷ, ସାକ୍ଷାତ ।

ଅପର୍ଣ୍ଣା, ବି. ସ୍ତ୍ରୀ. (ଅ-ପର୍ଣ୍ଣ-ଆ, ତପସ୍ୟା କାଳରେ ଯାହାର ଆହାରପାଇଁ ଗଳିତ ପତ୍ର ସୁଦ୍ଧା ନ ଥିଲା—ଅଥବା 'ଅ' ଅର୍ଥାତ୍ ଅଭୁକ୍ତ ଅଟେ ପର୍ଣ୍ଣ ଯେ ପତ୍ର ଯାହାଦ୍ୱାରା) ପାର୍ବତୀ, ଦୁର୍ଗା ।

ଅପର୍ତ୍ତି, ଅପର୍ତ୍ତିଆଣି, } ବି. (ନଞ୍-ପ୍ରତ୍ୟୟ-ଏଥିରୁ ଜାତ) ଯାହାର ଜନ୍ମ ପୂର୍ବେ ଭାଇ ବା ଭଉଣୀ ମରିଥାଏ ।

ଅପର୍ତ୍ତିଆଣି ବୋଲ ରେ
ଫୋଡ଼ିଲେ ନାକ କାନ । ବି. ଚ.

ଅପଳପିତ, ବିଂ. (ଅପ-ଲପ୍-ତ) ଯାହାର ଅପଳାପ କରା ହୋଇଅଛି, ଅପହ୍ନୁତ, ନିହ୍ନୁତ ।

ଅପଳାପ, ବି. (ଅପ=ବିରୁଦ୍ଧ-ଲପ୍-ଅ) ଭଣ୍ଡିବା, ଅସ୍ୱୀକାର; ଅନ୍ୟଥାଚରଣ; ମିଥ୍ୟା ।

ଅପବର୍ଗ, ବି. (ଅପ-ବୃଜ୍=ତ୍ୟାଗକରିବା-ଅ) ମୁକ୍ତି, ମୋକ୍ଷ, ଜୀବାତ୍ମା ଓ ପରମାତ୍ମାର ଐକ୍ୟ; ଫଳସିଦ୍ଧି; କେବଳ ପରିତ୍ୟାଗ; ନିବୃତ୍ତି, ସମାପ୍ତି ।

ଅପବର୍ଜନ, ବି. (ଅପ-ବୃଜ୍-ଅନ) ଦାନ, ବିତରଣ; ତ୍ୟାଗ; ପରିହାର ।

ଅପବର୍ଜିତ, ବିଂ. (ଅପ-ବୃଜ୍-ତ) ତ୍ୟକ୍ତ, ପରିହୃତ, ଅଚରିତ ।

ଅପବର୍ତ୍ତନ, ବି. (ଅପ-ବୃତ୍-ଅନ) ସଂକ୍ଷିପ୍ତକରଣ, କୌଣସି ଅଙ୍କକୁ କ୍ଷୁଦ୍ର ଅଙ୍କଦ୍ୱାରା ବିଭଜନ; ପରିବର୍ତ୍ତନ; ବିଚାଳନ ।

ଅପବର୍ତ୍ତିତ, ବିଂ. (ଅପ-ବୃତ୍-ତ) ପରିବର୍ତ୍ତିତ ।

ଅପବାଦ, ବି. (ଅପ=ଘୃଣିତ-ବଦ୍-ଅ) ନିନ୍ଦା, ଅପଯଶ; କୁତ୍ସିତ ବାଦ୍ୟ; ନିୟମ; ଆଜ୍ଞା ।

ଅପବାରଣ, ବି. (ଅପ-ବୃ-ଅନ) ଅନ୍ତର୍ଦ୍ଧାନ; ବ୍ୟବଧାନ; ବର୍ଜନ ।

ଅପବାରିତ, ବି. (ଅପ-ବୃ-ତ) ଆଚ୍ଛାଦିତ, ବ୍ୟବହିତ; ଅନ୍ତର୍ହିତ; ଗୋପିତ; ବର୍ଜିତ; (ଭାବବାଚ୍ୟରେ—ତ ପ୍ରତ୍ୟୟ ହେଲେ) ଅପବାରଣ ।

ଅପବାହିତ, ବିଂ. (ଅପ-ବାହ-ତ) ତାଡ଼ିତ, ବିଦୂରିତ ।

ଅପବିଦ୍ଧ, ବିଂ. (ଅପ-ବ୍ୟଧ୍-ତ) ପ୍ରତ୍ୟାଖ୍ୟାତ, ନିରସ୍ତ, ପରିତ୍ୟକ୍ତ, ପ୍ରକ୍ଷିପ୍ତ; ଚୂର୍ଣ୍ଣିତ; ପ୍ରେରିତ ।

ଅପବ୍ୟୟ, ବି. (ଅପ=ଅପକୃଷ୍ଟ-ବ୍ୟୟ) କୁକାର୍ଯ୍ୟରେ ଅର୍ଥବ୍ୟୟ, ବୃଥାବ୍ୟୟ ।

ଅପଶଙ୍କ, ବିଂ. (ଅପ-ଶଙ୍କା) ନିର୍ଭୟ ।

ଅପଶଙ୍କା, ବି. (ଅପ-ଶଙ୍କା) ଦୁଃଶଙ୍କା ।

ଅପଶଦ, ଅପସଦ, } ବିଂ. (ଅପ-ଶଦ, ସଦ=ଗମନ କରିବା-ଅ) ଅଧମ ମନୁଷ୍ୟ, ନୀଚ ।

ଅପଶବ୍ଦ, ବି. (ଅପ-ଶବ୍ଦ) ଅପକୃଷ୍ଟ ଶବ୍ଦ, ବ୍ୟାକରଣଦୁଷ୍ଟ ଶବ୍ଦ, ଅପଭ୍ରଂଶ ଶବ୍ଦ ।

ଅପଶୋକ, ବିଂ. (ଅପ=ଅପଗତ-ଶୋକ) ଶୋକରହିତ । ବି. ଅଶୋକ ବୃକ୍ଷ ।

**ଅପସ୍ଥ**, ବିଂ. ( ଅପ = ସ୍ଥା-ଉ, ସ୍ଥ = ସ୍ଥ ) ପ୍ରତିକୂଳ, ବିପରୀତ ।

**ଅପସଦ**, ବିଂ. ( ଦେଶଜ ) ଅମନୋନୀତ, ଅନାଦୃତ, ନିନ୍ଦିତ । ଯଥା—

ତାହାର ଭାଗ୍ୟ ଅଟେ ମନ୍ଦ,
ତେଣୁ ଲୋକରେ ଅପସନ୍ଦ ।

ବି. ନିନ୍ଦା, ଅନାଦର ।

**ଅପସର**, **ଅପସରଣ**, **ଅପସର୍ପଣ**, } ବି· (ଅପ-ସୃ, ସୃପ୍-ଅ, ଅନ) ସ୍ଥାନାନ୍ତର ଗମନ, ପଳାୟନ, ଅପକ୍ରମଣ ।

**ଅପସର**, ବି· (ଦେଶଜ) ବଡ଼ ତକିଆ, ଯାହାର ଉପରେ ପିଠିର ଭାର ଦେଇ ବସିବାକୁ ହୁଏ । ଯଥା—

ଅପସର ଯୋଗାଏ କେ ଲଳନା ।
କେ ଖଇଡ଼ ପାଣିବାରେ ରଞ୍ଜନା । ଲ. ବ.

**ଅପସର୍ଜନ**, ବି· ( ଅପ-ସୃଜ୍-ଅନ ) ଦାନ, ତ୍ୟାଗ; ବିସର୍ଜନ; ଅପବର୍ଗ, ମୁକ୍ତି; ମାରଣ, ହତ୍ୟା ।

**ଅପସର୍ପ**, ବି. (ଅପ-ସୃପ୍-ଅ) ଗୁପ୍ତଚର, ଚର, ଦୂତ; ଅପସର୍ପଣ ।

**ଅପସର୍ପଣ**, ବି. (ଅପ-ସୃପ୍-ଅନ) ପଳାୟନ, ଅପକ୍ରମ ।

**ଅପସରିବା**, କ୍ରି. (ଅପ-ସୃ-ଧାତୁଜ) ଘୁଞ୍ଚିବା, ଦୂର ହେବା । ଯଥା—

ଭୁଜଦଣ୍ଡ କରୁଁ ଯିବ ଅପସରି । ନ. କେ.

**ଅପସବ୍ୟ**, ବିଂ. (ଅପ-ସବ୍ୟ) ଦକ୍ଷିଣ; ବିପରୀତ, ପ୍ରତିକୂଳ ।

**ଅପସାରଣ**, ବି. (ଅପ-ସୃ-ଅନ) ଚାଳନ; ଦୂରୀକରଣ, ନିଷ୍କାଶନ ।

**ଅପସୃତ**, ବିଂ· (ଅପ-ସୃ-ତ) ଚଳିତ, ପଳାୟିତ, ଅପଗତ ।

**ଅପସ୍କର**, ବି. (ଅପ-କୃ-ଅ, ସ ଆଗମ) ଅକ୍ଷଯୁଗ; ଚକ୍ର ପ୍ରଭୃତି ରଥାବୟବ; ବିଷ୍ଠା; ଗୁହ୍ୟଦ୍ୱାର ।

**ଅପସ୍ନାତ**, ବିଂ. (ଅପ = ଅମଙ୍ଗଳ-ସ୍ନାତ) ମୃତ୍ୟୁ ପରେ ସ୍ନାତ; ଅଶୌଚାନ୍ତେ ସ୍ନାତ; ସଂସ୍କାରାର୍ଥ ମୃତ ଦେହର ସ୍ନାନ ।

**ଅପସ୍ମାର**, ବି.(ଅପ-ସ୍ମାର) ବାତରୋଗବିଶେଷ, ମୂର୍ଚ୍ଛା ରୋଗ, ସ୍ମରଣଶକ୍ତିନାଶକ ରୋଗ ।

**ଅପହତ**, ବିଂ. (ଅପ-ହନ୍-ତ) ବିନଷ୍ଟ ।

**ଅପହଞ୍ଚ**, ବିଂ. (ଦେଶଜ) ଦୁଷ୍ପ୍ରବେଶ୍ୟ ।

**ଅପହରଣ**, ବି. ( ଅପ-ହୃ-ଅନ ) ଚୋରି, ଅନ୍ୟାୟତଃ ଅନ୍ୟର ବସ୍ତୁ ଗ୍ରହଣ ।

**ଅପହସ୍ତ**, ବିଂ. ( ବିପ = ଅପହରଣାର୍ଥ-ହସ୍ତ ) ଗଳହସ୍ତାଦିଦ୍ୱାରା ଅପସାରିତ । ବି. ଅପହରଣ ।

**ଅପହସ୍ତିତ**, ବିଂ. (ଅପ-ହସ୍ତ-ଇତ) ପରିତ୍ୟକ୍ତ, ନିରସ୍ତ, ହସ୍ତ ବହିର୍ଭୂତ ।

**ଅପହା**, ବିଂ. (ଅପ-ହନ୍-କ୍ୱିପ୍) ବିନାଶକ, ଉଚ୍ଛେଦକାରକ ।

**ଅପହାର**, ବି. (ଅପ-ହୃ-ଅ) ଅପଚୟ, କ୍ଷତି; ଚୋରି କରିବା; ଅପନୟନ; ସଙ୍ଗୋପନ; ଧନସ୍ୱାମିର ଅନୁପଯୋଗୀ ବ୍ୟୟ ।

**ଅପହାସ**, ବି. (ଅପ-ହସ୍-ଅ) ଅକାରଣ ହାସ୍ୟ ।

**ଅପହୁଡ଼**, ବିଂ. (ଦେଶଜ) ଉନ୍ନିଦ୍ର, ଜାଗରିତ । ଯଥା—

କୃପାସିନ୍ଧୁ ଅପହୁଡ଼ ହେଲେ ତହିଁ ସୁଖେ । ର. କ.

ବି. ଜାଗରଣ ।

**ଅପହୃତ**, ବିଂ. ( ଅପ-ହୃ-ତ ) ଚୋରିତ, ଅପନୀତ ।

**ଅପହ୍ନବ**, **ଅପହ୍ନୁତି**, } ବି.(ଅପହ୍ନୁ=ଗୋପନକରିବା-ର-ଅ, ତି) ମିଥ୍ୟା, ଅପଳାପ; ଅସ୍ୱୀକାର, ଜାଣି ଗୋପନ କରିବା ।

**ଅପା**, ବି. ସ୍ତ୍ରୀ. (ଦେଶଜ) ବଡ଼ ଭଉଣୀ । ଯଥା—

ଗୁଡ଼ିଆଣୀ ଅପା ଦେଇଥା କାଳି ।
କହୁଛି ବାପା ତ ଆସିବେ କାଲି । ଉ. ସା.

**ଅପାଙ୍କ୍ତ**, ବିଂ. (ଅପ୍ରାପ୍ତି ଶବ୍ଦଜ) ଅପହଞ୍ଚ । ଯଥା—

ଦୂର ସେନାଯାକ କାଣ୍ଡ ଅପାଙ୍କ୍ତ—
ସ୍ଥାନେ ରହି ଦେଖିଲେ ସେ ଯୁଦ୍ଧେ ଦେଇ ମତ ।
କୃ. ଭା. କ. ପ.

ଅପାଂନାଥ, } ବି. (ଅପାଂ-ନାଥ, ପତି) ସମୁଦ୍ର;
ଅପାଂପତି, } ବରୁଣ ।

ଅପାଂନିଧି, ବି. (ଅପାଂ-ନିଧି) ସମୁଦ୍ର; ବିଷ୍ଣୁ ।

ଅପାକ, ବି. (ଅ-ପଚ୍-ଅ) ପାକାଭାବ; ଅଜୀର୍ଣ୍ଣ-ରୋଗ, ଅପକ୍ୱାବସ୍ଥା । ବିଂ. ଅଜୀର୍ଣ୍ଣ, ଅପକ୍ୱ ।

ଅପାକରଣ, } ବି. (ଅପ=ବିରୁଦ୍ଧ-ଆ-କୃ-
ଅପାକୃତି, } ଅନ, ତି) ପ୍ରକୃତିର ଅନ୍ୟଥା-ଭାବ, ବିକୃତି; ପ୍ରଶମନ ବା ନିବାରଣ; ନିରାକରଣ, ଅପସାରଣ; ପରିଶୋଧ ।

ଅପାକୃତ, ବି. (ଅପ-ଆ-କୃ-ତ) ପ୍ରଶମିତ; ନିବାରିତ ।

ଅପାକ୍ଷ, ବିଂ.(ଅପ=ସମ୍ମୁଖେ, କୁତ୍ସିତ-ଅକ୍ଷ= ଇନ୍ଦ୍ରିୟ ବା ଅକ୍ଷିଶବ୍ଦଜ) ଇନ୍ଦ୍ରିୟନିକଟ, ପ୍ରତ୍ୟକ୍ଷ; କୁତ୍ସିତଚକ୍ଷୁ । (ଅପ=ଅପଗତ-ଅକ୍ଷ, ଅକ୍ଷି) ଲୋଚନଶୂନ୍ୟ ।

ଅପାଙ୍ଗ, ବି. (ଅପ-ଅନ୍‌ଗ୍=ଗମନକରିବା-ଅ) ଚକ୍ଷୁର ପ୍ରାନ୍ତଭାଗ, ନେତ୍ରପ୍ରାନ୍ତ, ଚକ୍ଷୁର କୋଣ, କଟାକ୍ଷ; ତିଳକ । ବିଂ. ଅଙ୍ଗହୀନ ।

**ଅପାଙ୍ଗସ୍ତୁଙ୍ଗ ସ୍ଥାନେ ସ୍ୟାନ୍ନେତ୍ରବାଲ୍ଲେ ତିଲକେଽପି ଚ ।**

ଅପାଟବ, ବି. (ଅ-ପାଟବ) ଅପଟୁତା; ଜଡ଼ତା; ଅସୁସ୍ଥତା । ବିଂ. ଓଡ଼ିଆରେ ବ୍ୟାବହାରିକ ଭାଷାରେ ଅସଙ୍ଗତାର୍ଥକରୂପେ ବ୍ୟବହୃତ ହୁଏ—ଯେପରି ଅପାଟବ କଥା ।

ଅପାଠିଆ, } ବିଂ. (ଅପାଠକ ଶବ୍ଦଜ) ମୂର୍ଖ ।
ଅପାଠୁଆ, } ଯଥା—

**ହସିଲ ଭାଷିଲ ବଢ଼ିଲକୁ କାହ୍ନୁ,**
**ହେଲୁ ଏଡ଼େ ଅପାଠିଆ । ବି. ଚି.**

ଅପାଣିଆ, ବିଂ. (ଦେଶଜ) ଯାହା ବା ଯେ ପାଣି ପାଏ ନାହିଁ ।

ଅପାଣ୍ଡୁ, } ବିଂ. (ଦେଶଜ) ବୁଦ୍ଧିହୀନ ।
ଅପାଣ୍ଡୁକ, } ଯଥା—

**ଅଭଦ୍ର ଅପାଣ୍ଡୁକ ଅଟେ ସେ ପୁଣ କାଣ ।**
**ତୁ ମୋର କହିବୁ ବାପ କୁଳଉଦ୍ଧାରଣ । ନୃ. ପୁ.**

ଅପାଦାନ, ବି. (ଅପ-ଆ-ଦା-ଅନ) କାରକ-ବିଶେଷ । ଯାହାଠାରୁ କୌଣସି ବ୍ୟକ୍ତି ବା ବସ୍ତୁ ଚଳିତ ଗୃହୀତ ଇତ୍ୟାଦି ହୁଏ ।

ଅପାନ, ବି. (ଅପ-ଅନ୍=ବଞ୍ଚିବା-ଅ) ମଳ-ଦ୍ୱାରର ବାୟୁ; ମଳଦ୍ୱାର; ଅଧୋବାୟୁ ।

ଅପାମାର୍ଗ, ବି. (ଅପ-ମୃଜ୍-ଅ, ଜ=ଗ—ଯାହାର କ୍ଷାରଦ୍ୱାରା ଅସ୍ତ୍ରାଦି ଧୌତ କରା-ଯାଏ ଏବଂ ଯାହାଦ୍ୱାରା ଦନ୍ତଧାବନ କରା-ଯାଏ) ସ୍ୱନାମପ୍ରସିଦ୍ଧ ଗୁଳ୍ମବିଶେଷ ।

ଅପାୟ, ବି. (ଅପ=ସ୍ଥାନାନ୍ତର-ଇ-ଅ) ବିଶ୍ଳେଷଜନକ କ୍ରିୟା, ସ୍ଥାନଭ୍ରଂଶ, ଚଳନ; ବିନାଶ, ଧ୍ୱଂସ; ବିଘ୍ନ, ପ୍ରତିବନ୍ଧକ ।

ଅପାର, ବିଂ. (ଅ-ପାର) ଅସୀମ; ଅଗାଧ; ଅଧିକ ।

ଅପାରଗ, ବିଂ. (ନ-ପାରଗ) ଅକ୍ଷମ ।

ଅପାର୍ଥ, ବିଂ. (ଅପ-ଅର୍ଥ) ବ୍ୟର୍ଥ, ବିଫଳ; ନିରର୍ଥକ । (ଅ-ପାର୍ଥ) ପାର୍ଥହୀନ, ଅନର୍ଜୁନ ।

ଅପାଳକ, ବି. (ଅ-ପାଳକ) ଅନାବୃଷ୍ଟି ପ୍ରଭୃତି ଯୋଗୁଁ ଶସ୍ୟହାନି ।

ଅପାଲଟ, ବିଂ. (ଦେଶଜ) ଯେ ନିର୍ଦ୍ଦିଷ୍ଟ କାର୍ଯ୍ୟ ନ କରି ବାହୁଡ଼େ ନାହିଁ । ଯଥା —

**ଅପାଲଟ ଶର ତ ମୁହିଁ ଯେ ଅଟଇ ।**
**ବ୍ରହ୍ମା ରୁଦ୍ର ହେଲେ ନାଶ କରି ଲେଉଟଇ । ସା.ଭ.ସ.**

ଯେ ବଦଳ ନୁହେ ।

ଅପାଲମ୍ବ, ବି. (ଅପ-ଆ-ଲମ୍ବ୍-ଅ) ଶକଟର ପଶ୍ଚାଦ୍‌ଭାଗ, ଗାଡ଼ିର ପଛଦିଗ ।

ଅପାବରଣ, ବି. (ଅପ-ଆ-ବୃ-ଅନ) ଅନାଚ୍ଛା-ଦନ, ସ୍ୱେଚ୍ଛାପ୍ରବୃତ୍ତି ।

ଅପାବୃତ, ବିଂ.(ଅପ-ଆ-ବୃ-ତ) ଅନାଚ୍ଛାଦିତ, ସ୍ୱେଚ୍ଛାପ୍ରବୃତ୍ତ, ଉଦ୍‌ଘାଟିତ; ଅନାବୃତ; ସ୍ୱତନ୍ତ୍ର ବା ସ୍ୱାଧୀନ ।

ଅପାବୃତ୍ତ, ବିଂ. (ଅପ-ଆ-ବୃତ୍-ତ) ଭୂମି-ଲୁଣ୍ଠିତ; ପ୍ରତ୍ୟାବୃତ୍ତ, ପ୍ରତିନିବୃତ୍ତ ।

ଅପାସନ, ବି. (ଅପ-ଅସନ=ଅସ୍-ଅନ) ମାରଣ; ବଧ; ଅପକ୍ଷେପଣ, ଦୂରୀକରଣ ।

ଅପାସ୍ତ, ବିଂ. (ଅପ-ଅସ୍-ତ) ନିରସ୍ତ, ଖଣ୍ଡିତ; ଅଗ୍ରାହ୍ୟ; ଦୂରୀକୃତ ।

ଅପି, ଅଂ. ( ଅ-ପି = ଗମନ କରିବା-କ୍ୱିପ୍ ) ସମ୍ଭାବନା; ନିଶ୍ଚୟ; ସନ୍ଦେହ; ସମୁଚ୍ଚୟ; ନିନ୍ଦା; ଅନୁଜ୍ଞା; ପ୍ରଶ୍ନ ।

ଗର୍ହାସମୁଚ୍ଚୟପ୍ରଶ୍ନଶଙ୍କାସମ୍ଭାବନାସ୍ୱପି ।

ଅପିଚ, ଅଂ. (ଅପି-ଚ) ଆହୁରି, ମଧ୍ୟ ।

ଅପିତୁ, ଅଂ. (ଅପି-ତୁ) କିନ୍ତୁ, ଯଦି ।

ଅପିଧାନ, ବିଂ. (ଅପି-ଧା-ଅନ) ଆଚ୍ଛାଦନ; ତିରୋଧାନ ।

ଅପିନଦ୍ଧ, ବିଂ. ( ଅପି-ନହ୍ = ବନ୍ଧନ କରିବା-ତ ) ପରିହିତ, କୃତପରିଧାନ ।

ଅପିବା, କ୍ରି. (ଦେଶଜ) ସ୍ୱୀକାର କରିବା, ମାନିବା ।

ଅପିଲ, } ବି. (ଇଂରାଜୀ ଆପିଲ ଶବ୍ଦଜ) ନିମ୍ନ
ଅପୀଲ, } ଅଦାଲତଙ୍କ ବିଚାରର ବିରୁଦ୍ଧରେ ଉଚ୍ଚ ଅଦାଲତରେ ନିବେଦନ ।

ଅପୁଅା, ବିଂ. (ଅପୁତ୍ର ଶବ୍ଦଜ) ଯାହାର ପୁତ୍ର ନ ଥାଏ । ଯଥା—

ଅପୁଅା ଘରେ ପୁଅ ଜାତ ।
ଆନନ୍ଦ ହୁଏ ନନ୍ଦ ଚିତ୍ତ । ଗ୍ରୀ. ଦ. ସ୍ୱ.

ପୁଅ ବା ଭାଇ ନ ଥିବା ।

ଅପୁତ୍ର, } ବିଂ. (ଅ-ପୁତ୍ର-କ ସ୍ୱାର୍ଥେ) ପୁତ୍ର-
ଅପୁତ୍ରକ, } ହୀନ; ନିଃସନ୍ତାନ ।

ଅପୁନର୍ଭବ, ବି. ( ଅ-ପୁନର୍ଭବ ) ମୋକ୍ଷ, ପୁନରପି ଜନ୍ମ ନ ହେବା । ବିଂ. ପୁନରୁତ୍ପତ୍ତିହୀନ ।

ଅପୁରୁବ, ବିଂ. (ଅପୂର୍ବ ଶବ୍ଦଜ) ଦୁର୍ଲ୍ଲଭ ।

ଅପୂପ, ବି. ( ଅପ୍ = ଜଳ-ବପ୍ = ବପନ କରିବା-ଅ, ଅର୍ଥାତ୍ ଜଳଦ୍ୱାରା ଯାହା ଉପ୍ତ ହୁଏ ) ପିଷ୍ଟକ, ପିଠା, ରୁଟି ।

ଅପୂପ୍ୟ, ବି. (ଅପୂପ-ଯ) ମଇଦା, ଅପୂପର ଉପକରଣ ।

ଅପୂର୍ବ, ବିଂ. (ଅ-ପୂର୍ବ) ଅଦୃଷ୍ଟ; ଅଦ୍ଭୁତ; ଅତି ଉତ୍କୃଷ୍ଟ; ଅତି ଉପାଦେୟ ।

ଅପେକ୍ଷା, ବି. (ଅପ-ଈକ୍ଷ୍-ଅ) ପ୍ରତୀକ୍ଷା; ତୁଳନା; ଆକାଙ୍କ୍ଷା; ଅନୁରୋଧ; ଆଶା ।

ଅପେକ୍ଷାକୃତ, କ୍ରି. ବିଂ. ( ଅପେକ୍ଷା-କୃତ ) ତୁଳନାକୃତ । ଯଥା—ଅପେକ୍ଷାକୃତ ସୁନ୍ଦର ଅର୍ଥାତ୍ ଅନ୍ୟର ଅପେକ୍ଷାରେ ସୁନ୍ଦର; ଅପେକ୍ଷାକୃତ ବଳବାନ୍ ଅର୍ଥାତ୍ ଅନ୍ୟ ଅପେକ୍ଷା ବଳବାନ୍, ଅର୍ଥାତ୍ ବାସ୍ତବିକ ସୁନ୍ଦର ବା ବଳବାନ୍ ନୁହେଁ, କିନ୍ତୁ ଅନ୍ୟ ସଙ୍ଗେ ତୁଳନା କରିବାକୁ ଗଲେ ସୁନ୍ଦର ବା ବଳବାନ୍ ବୋଲଯାଏ ।

ଅପେକ୍ଷିତ, ବିଂ. (ଅପ-ଈକ୍ଷିତ) ଆକାଙ୍କ୍ଷିତ, ପ୍ରତୀକ୍ଷିତ; ଅନୁରୋଧିତ; ବିବେଚିତ; ପର୍ଯ୍ୟବେକ୍ଷିତ ।

ଅପେତ, ବିଂ. ( ଅପ = ସ୍ଥାନାନ୍ତର-ଇ-ତ ) ଅପଗତ, ତ୍ୟକ୍ତ; ନିର୍ଗତ ।

ଅପୋକ୍ସା, } ବିଂ. (ଅପକ୍ୱ ଶବ୍ଦଜ) କଞ୍ଚା ।
ଅପୋଖା, }

ଅପୋଗଣ୍ଡ, ବି. (ଅପ = ଅପକୃଷ୍ଟ-ଗମ୍-ଡ-ସଙ୍କର୍ଥେ, ପ = ପୋ) ଶିଶୁ, ନାବାଳକ, ଯାହାର ବୟସ ପନ୍ଦର ବର୍ଷ ଅପେକ୍ଷା ଅଧିକ ହୋଇ ନାହିଁ; ବିକଳାଙ୍ଗ । (ବିକଳାଙ୍ଗସ୍ତ୍ୱପୋଗଣ୍ଡଃ ।) ଶ୍ରୁ ।

ଅପୋଢ଼, ବିଂ. (ଅପ-ଊହ୍ = ତର୍କ କରିବା-ତ) ଅନ୍ତର୍ହିତ; ଉଦ୍‌ଘାଟିତ; ଖ୍ୟାତ; ନିର୍ଣ୍ଣୀତ; ତ୍ୟକ୍ତ; ନିରସ୍ତ ।

ଅପୋହ, ବି. (ଅପ-ଊହ୍-ଅ) ତର୍କ ।

ଅପୋହିତ, ବିଂ. (ଅପ-ଊହ୍-ତ) ନିରସିତ; ତର୍କିତ ।

ଅପୋଦକା, ବି. ସ୍ତ୍ରୀ. ପୋଇଶାଗ ।

ଅପ୍‌ପତି, ବି. (ଅପ୍-ପତି) ବରୁଣ, ସମୁଦ୍ର ।

ଅପ୍‌ପିତ୍ତ, ବି. (ଅପ୍ = ଜଳ-ପିତ୍ତ = ଶରୀରସ୍ଥ ଧାତୁବିଶେଷ, ଶୋଷକତ୍ୱ ହେତୁରୁ ଯେ ଜଳର ପିତ୍ତସ୍ୱରୂପ ବା ପାନକର୍ତ୍ତା) ଅଗ୍ନି; ଚିତ୍ରକବୃକ୍ଷ ।

ଅପ୍ରକାଣ୍ଡ, ବି. (ଅ-ପ୍ରକାଣ୍ଡ = ଗଛର ଗଣ୍ଡି) କାଣ୍ଡରହିତ ବୃକ୍ଷ ।

ଅପ୍ରଗୁଣ, ବି°. (ଅ-ପ୍ର = ପ୍ରକୃଷ୍ଟ-ଗୁଣ) ବ୍ୟାକୁଳ, ବ୍ୟସ୍ତ ।
ବ୍ୟସ୍ତେ ତୃପ୍ରଗୁଣାକୁଳୌ ।

ଅପ୍ରଚ୍ଛନ, ବି°. (ଅପରିଚ୍ଛନ୍ନ ଶବ୍ଦଜ) ମଳିନ; ହୀନ ବା ତୁଚ୍ଛ । ଯଥା—
ମୂର୍ଖାଦି ଲୋକେ ଏହା ଘେନନ୍ତି ଭିନ୍ନ ଭିନ୍ନ,
ଅସତ୍ୟ ଅହଙ୍କାର ହିଂସ୍ରକ ଅପ୍ରଚ୍ଛନ । ନୃ.ପୁ.ସ.ସା.
(ଅପ୍ରଚ୍ଛନ୍ନ ଶବ୍ଦଜ ହେଲେ) ବ୍ୟକ୍ତ । ଯଥା—
ଆପଣ ପୁଚ୍ଛିବାରୁ ଏ ହେଲା ଅପ୍ରଚ୍ଛନ,
ନୋହିଲେ ଏ ଶାସ୍ତ୍ର ଥିଲା ଗୁପତେ ରହିଣ ।
ନୃ. ପୁ. ପ୍ର. ସା.

ଅପ୍ରଚ୍ଛନିଆ, ଅପଚ୍ଛନିଆ, ବି°. (ଅପରିଚ୍ଛନ୍ନ ଶବ୍ଦଜ) ମଳିନ; ତୁଚ୍ଛ ବା ହୀନ ।

ଅପ୍ରଜ, ବି°. (ଅ-ପ୍ରଜା) ନିଃସନ୍ତାନ, ବନ୍ଧ୍ୟ ।

ଅପ୍ରଣିଧାନ, ବି. (ଅ-ପ୍ରଣିଧାନ) ଅନବଧାନ, ଅମନୋଯୋଗ ।

ଅପ୍ରତିଷ୍ଠ, ବି°. (ଅ-ପ୍ରତିଷ୍ଠା) ପ୍ରତିଷ୍ଠାରହିତ ବା ଯଶୋହୀନ; ଅନର୍ଣ୍ଣିତ; ସ୍ଥିତିଶୂନ୍ୟ ।

ଅପ୍ରତୁଳ, ବି. (ଅ-ପ୍ର = ପ୍ରକୃଷ୍ଟ-ତୁଳା = ପରିମାଣ) ପ୍ରକୃଷ୍ଟପରିମାଣାଭାବ; ଅନବୃତ୍ତି; ଅଭାବ; ଅସଙ୍ଗତି ।

ଅପ୍ରତ୍ୟକ୍ଷ, ବି°. (ଅ-ପ୍ରତ୍ୟକ୍ଷ) ଇନ୍ଦ୍ରିୟର ଅଗୋଚର, ପରୋକ୍ଷ, ଅତୀନ୍ଦ୍ରିୟ ।

ଅପ୍ରଧାନ, ବି°. (ଅ-ପ୍ରଧାନ) ଯାହା ମୁଖ୍ୟ ନୁହେ, ଗୌଣ ।

ଅପ୍ରମଇ, ବି. (ଅପ୍ରମାଦ ଶବ୍ଦଜ) ବିପଦ; ବିନାଶ । ଯଥା—
ଧର୍ମ ଥିଲା ପ୍ରାଣିଙ୍କ ନ ପଡ଼େ ଅପ୍ରମଇ ।

ଅପ୍ରମୟ, ବି°. (ଅପ୍ରମେୟ ଶବ୍ଦର ଅପଭ୍ରଂଶ) ଅଗଣିତ, ଅସଂଖ୍ୟ । ଯଥା—
ଯଶୋବନ୍ତୀ ଭୁବନୁ ଅଇଲେ ପିତାମହ,
ସଙ୍ଗତେ ବ୍ରାହ୍ମଣ ଋଷି ଅଛନ୍ତି ଅପ୍ରମୟ । ନୃ.ପୁ.

ଅପ୍ରମୟି, ବି°. (ଅପ୍ରମେୟ ଶବ୍ଦଜ) ଅଗଣିତ, ଅସଂଖ୍ୟ । ଯଥା—
ବୃତବୃକ୍ଷର ମୂଳେ ପ୍ରବେଶ ହେଲେ ଯାଇ,
ଦେଖିଲେ କେତେ ଫଳ ଫଳିଛି ଅପ୍ରମୟି । ନୃ.ପୁ.

ଅପ୍ରମାଣ, ବି°. (ଅ-ପ୍ରମାଣ) ଯାହାର ପ୍ରମାଣ ନାହିଁ, ଅପ୍ରାମାଣିକ, ଅଗ୍ରାହ୍ୟ, ହେୟ; ଅଶ୍ରଦ୍ଧେୟ, ଅବିଶ୍ୱସନୀୟ ।

ଅପ୍ରମିତ, ବି°. (ଅ-ପ୍ରମିତ) ଅପରିମିତ, ଅପର୍ଯ୍ୟାପ୍ତ, ଅଗଣିତ, ଅସଂଖ୍ୟାତ ।

ଅପ୍ରମେୟ, ବି°. (ଅ-ପ୍ରମେୟ) ଯାହାର ପରିମାଣ ନାହିଁ, ଅସଂଖ୍ୟେୟ; ଅବିଜ୍ଞେୟ; ଅପରିକ୍ଷେପ୍ୟ । ବି· ବ୍ରହ୍ମ ।

ଅପ୍ରସ୍ତୁତ, ବି°. (ଅ-ପ୍ରସ୍ତୁତ) ଅନନୁଷ୍ଠିତ; ଅପ୍ରତିଭ, ଲଜ୍ଜିତ ।

ଅପ୍ରସ୍ତୁତପ୍ରଶଂସା, ବି· (ଅପ୍ରସ୍ତୁତ-ପ୍ରଶଂସା) ଅପ୍ରକୃତକଥନରୂପ ଅର୍ଥାଲଂକାରବିଶେଷ, ପ୍ରକୃତ ବିଷୟର ଅପହ୍ନବ କରି ଅପ୍ରସ୍ତୁତ ବିଷୟର କଥନ ।

ଅପ୍ରହତ, ବି°. (ଅ-ପ୍ରହତ) ଅକ୍ଷୁଣ୍ଣ, ଅନାହତ ।

ଅପ୍ରାକରଣିକ, ବି°. (ଅ-ପ୍ରାକରଣିକ) ଅପ୍ରସ୍ତାବିକ ।

ଅପ୍ରାକୃତ, ବି. (ଅ-ପ୍ରାକୃତ) ଅନୈସର୍ଗିକ, ଅସାଧାରଣ, ଅସାମାନ୍ୟ ।

ଅପ୍ରାଗ୍ର୍ୟ, ବି°. (ଅ-ପ୍ରାଗ୍ର୍ୟ) ଅପ୍ରଧାନ, ଗୌଣ ।

ଅପ୍ରାଧ, ବି· (ଅପରାଧ ଶବ୍ଦଜ) ଦୋଷ । ଯଥା—
କ୍ଷମେ ଦେବ ନ ଜାଣି ଦୋଷ କଲି ।
ଅପ୍ରାଧ ଖଣ୍ଡ ମୋ ବୋଇଲି । ବି. ଗୀ.

ଅପ୍ରାଧି, ଅପ୍ରାଧୀ, ବି°. (ଅପରାଧୀ ଶବ୍ଦଜ) ଦୋଷୀ । ଯଥା—
ହେବାକୁ ଆସି ନାହିଁ, ଏଣୁ ଅପ୍ରାଧୀ ମୁହିଁ,
ବିଗୁରି ଦଣ୍ଡ କର । ଲା. ବି.

ଅପ୍ରିୟ, ବି°. (ଅ-ପ୍ରିୟ) ଯେ ପ୍ରୀତି ଜନ୍ମାଇ ପାରେ ନାହିଁ, ଯାହାକୁ କେହି ଦେଖି ପାରନ୍ତି ନାହିଁ । ଯଥା—ସେ ସମସ୍ତଙ୍କର ଅପ୍ରିୟ; ଯାହା ପ୍ରୀତିଜନକ ନୁହେ; କର୍କଶ । ଯଥା—ଅପ୍ରିୟ ବାକ୍ୟ । ଅପ୍ରୀତିକର ବା ବିରକ୍ତିଜନକ । ଯଥା—ଅପ୍ରିୟ ବିଷୟ । ବି· ନିନ୍ଦା; ଅନିଷ୍ଟ ।

ଅପ୍ସରାଃ, } ବି· ସ୍ତ୍ରୀ. (ଅପ୍ସରସ୍ = ଅପ୍ =
ଅପ୍ସରା, } ଜଳସ୍-ଅସ୍, ଦ୍ୱିତୀୟ ପକ୍ଷରେ ଅ ପ୍ରତ୍ୟୟ, ଅର୍ଥାତ୍ ଯେଉଁମାନେ ସମୁଦ୍ରମନ୍ଥନରୁ ଉତ୍ଥିତ ହୋଇଥିଲେ; ଅଥବା ଯେଉଁମାନେ ସ୍ନାନାର୍ଥ· ବା ବିହାରାର୍ଥ ସନ୍ତତ ଜଳରେ ଗମନ କରନ୍ତି) ସ୍ୱର୍ଗବେଶ୍ୟା, ରମ୍ଭା ପ୍ରଭୃତି ।

ଅଫନ୍ଦ, ବିଂ. (ଦେଶଜ) ଯହିଁରେ ଫନ୍ଦ ନାହିଁ ।

ଅଫଳ ବିଂ. (ଅ-ଫଳ) ଯାହାର ଫଳ ହୁଏ ନାହିଁ, ଫଳହୀନ, ବାଞ୍ଝ । ଯଥା—ଅଫଳ ବୃକ୍ଷ । ( ବନ୍ଧ୍ୟୋଽଫଲୋଽବକେଶୀ ଚ ) ଯାହାଠାରୁ କୌଣସି ଲାଭ ବା ଉପକାର ହୁଏ ନାହିଁ, ବିଫଳ । ଯଥା—ଅଫଳଚେଷ୍ଟା, (ଫଳ ହୁଏ ନାହିଁ ବୋଲି) ଝାବୁକବୃକ୍ଷ । (ସ୍ତ୍ରୀ. ଆ-ଅଫଳା) ଭୁଇଁଅଁଳା, ଭୂମ୍ୟାମଳକୀ; ଘୃତକୁମାରୀ ବା ଘିଅକୁଆଁରୀ ।

ଅଫଳନ୍ତ, ବିଂ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ଯାହା ଫଳି ନାହିଁ । ଯଥା—

ଅବସନ୍ତେ ବସନ୍ତ ବହଲ ଘନ ଘନ ।
ଅଫଳନ୍ତ ବୃକ୍ଷମାନେ ଦିଶିଲେ ଶୋଭନ । ନ. ପୁ. ତ. ତ.

ଅଫିମ, ବି. (ଅହିଫେନ ବା ଅଫେନ ଶବ୍ଦଜ) ଆପୁ ।

ଅଫିମଖୋର, ବି. (ହିନ୍ଦି) ଆପୁଆ ବା ଯେ ଅଧିକ ଆପୁ ଖାଏ ।

ଅଫୁଟା, ପୁଂ., } ବିଂ. (ଅସ୍ଫୁଟ ଶବ୍ଦଜ) ଯାହା
ଅଫୁଟୀ, ସ୍ତ୍ରୀ., } ଫୁଟି ନାହିଁ; ଯାହା ପ୍ରକାଶିତ ବା ବ୍ୟକ୍ତ ହୋଇ ନାହିଁ ।

ଅଫେନ, ବି. (ଅ=କୁତ୍ସିତ-ଫେନ=ନିର୍ଯ୍ୟାସ) ଅହିଫେନ ବା ଆପୁ । ଯଥା—(ଅଫେନ ଜାରିତବିଷାଲବଙ୍ଗପିଚ୍ଛାରଜୋ ଯୋ ମଧୁନାବଲେଢ଼ି—ଆୟୁର୍ବେଦ) ବିଂ. ଫେନଶୂନ୍ୟ ।

ଅବଚ, ବିଂ. (ଅବାଚ୍ୟ ଶବ୍ଦଜ) ତୁଚ୍ଛ, କୁତ୍ସିତ ।

ଅବଧାରିବା, କ୍ରି. (ଅବ-ଧୃ-ଧାତୁଜ)ଅବଧାରଣ କରିବା; ସାବଧାନ ହୋଇ କରିବା । ଯଥା—

ପ୍ରମଦାରତନ କଟାକ୍ଷପତନ ଗୃହିଁ ଆଜ୍ଞା ଅବଧାରିବା । କୋ. ବ୍ର. ସୁ.

ଅବନ୍ଧ, } ବିଂ. (ଅ-ବନ୍ଧ, ବଧ) ନିରର୍ଥକ;
ଅବଧ, } ଅସଂଯତ; ଅସମ୍ବନ୍ଧ, ବନ୍ଧନଶୂନ୍ୟ ।

ଅବଦ୍ଧଂ ସ୍ୟାଦନର୍ଥକଂ ।
ଅବଦ୍ଧମବଧାର୍ହେ ସ୍ୟାଦନର୍ଥକବଚସ୍ୟପି ।

ଅବନ୍ଧମୁଖ, ବିଂ. (ଅବନ୍ଧ-ମୁଖ) ଅପ୍ରିୟବାଦୀ, ଦୁର୍ମୁଖ, ମୁଖର ।

ଦୁର୍ମୁଖେ ମୁଖରାବଦ୍ଧମୁଖୌ ।

ଅବନ୍ଧ୍ୟ, ବିଂ. (ଅ-ବନ୍ଧ୍ୟ) ସଫଳ, ସାର୍ଥକ, ଫଳବାନ୍ । ଯଥା—ଅବନ୍ଧ୍ୟ ଯତ୍ନ, ଅବନ୍ଧ୍ୟ ବୃକ୍ଷ ।

ଅବରତିଆ, } ବିଂ. (ଅବ୍ରାଷ୍ଟ ଶବ୍ଦଜ) ଯାହାର
ଅବରତୁଆ, } ବ୍ରତ ହୋଇ ନାହିଁ, ଅନୁପନୀତ ବ୍ରାହ୍ମଣବାଳକ; ଯେଉଁ ବାଳୁଙ୍ଗ ଧରା ହୋଇ ନାହିଁ ।

ଅବଳ, ବିଂ. (ଅ-ବଳ) ବଳହୀନ, ଦୁର୍ବଳ; ବରୁଣବୃକ୍ଷ । (ସ୍ତ୍ରୀ-ଆ-ଅବଳା) ନାରୀ, ସ୍ତ୍ରୀ । ଯଥା—

ଚପଳା ଅବଳା ଦୀପି ଅମ୍ବର,
ଶ୍ୟାମସୀମନ୍ତିନୀ ସମ ସୁନ୍ଦର । କ. ବ.

ଅବା, ଅଂ. (ଅଥବା ଶବ୍ଦଜ) ଅଥବା । ଯଥା—

ଅବା ଭଣ୍ଡୁ ତୁ କହୁ ମୋତେ ମିଥ୍ୟା । ବି. ଚ. ମ.

ପୁଣି ।

ଅବାଟ, ବି. (ଅ-ବାଟ) ଅମଣ୍ଡା ପଥ, ଅକ୍ରମ ।

ଅବାଡ଼, ବିଂ. (ଅବାର୍ଯ୍ୟ ଶବ୍ଦଜ) ଅବାଧ । ଯଥା—ଏ ଚିଲ୍ଧନରୁ ଅବାଡ଼ ।

ଅବାଧ, ବିଂ. (ଅ-ବାଧା) ବାଧାହୀନ, ପୀଡ଼ାଶୂନ୍ୟ । (ଅ-ବାଧ = ବିରାମ) କ୍ରି. ବିଂ. ବିନା ବାଧାରେ, ବାଧା ବ୍ୟତିରେକେ, ବିରାମ ବ୍ୟତିରେକେ ।

ଅବାଧ୍ୟ, ବିଂ. (ଅ-ବାଧ୍ୟ) ଯେ ବାଧ୍ୟ ନୁହେ; ବାଧା ଦେବାର ଅଯୋଗ୍ୟ ବା ଅଶକ୍ୟ, ଅବଶୀଭୂତ, ଅମାନିଆ ।

ଅବଗୁଣ, ବି. (ଅବଗୁଣ ଶବ୍ଦଜ) ଦୋଷ । ଯଥା—

ନେଇଁ ଅବଗୁଣେ ଅବିବେକପଣେ
ଭୁଗେ ଏହାକୁ କଲି ଦ୍ରୋହୀ । ର. କ.

ବିଂ. ଅନିଷ୍ଟକର, ଗୁଣରହିତ ।

ଅବିବାହୀ, } ବି. ସ୍ତ୍ରୀ. (ଅବିବାହିତା ଶବ୍ଦଜ)
ଅବିଭାଈ, } ଯାହାର ବିବାହ ହୋଇ ନାହିଁ

ଯଥା—

ନଷ୍ଟସ୍ୟ ଦ୍ରୌପଦୀ ରହିଲ ଅବିବାହୀ । ସା. ଭା. ଆ.

କୁନ୍ତୀ ବୋଇଲେ ମୁଁ ଅବିଭାଈ କୁମାରୀ । ସା.ଭା.ଆ.

ଅବିର, } ବି. (ଆବୀର ଶବ୍ଦଜ) ଫଗୁ ବା
ଅବୀର, } ରକ୍ତ ଚୂର୍ଣ୍ଣବିଶେଷ । ଯଥା—

ଉଦିତ କରାଇ ରତି ଅନୁରାଗ,

ଅବିର ସେ ଖେଳେ ସଭିରେ । କୋ. ବ୍ର. ସୁ.

ବାଉଗଙ୍ଗ ଅବୀରେ ପିଚକା କରି ମାରେ । ବୈ.ବି.

ଅବୁଝ, } ବି. (ଅବୋଧ ଶବ୍ଦଜ) ଯେ ବୁଝେ
ଅବୁଝା, } ନାହିଁ କିମ୍ବା ବୁଝି ପାରେ ନାହିଁ,

ଏକବାଗିଆ ।

ଅବୁଝାମଣା, ବି. ଓ ବିଂ. (ଅବୋଧ ଓ ଅମନନ ଏହି ଉଭୟ ଶବ୍ଦରୁ ଉତ୍ପନ୍ନ) କେହି କହିଲେ ମଧ୍ୟ ନ ବୁଝିବା ନ ଶୁଣିବା ।

ଅବୁର୍ଦ, ବି. (ଅର୍ବୁଦ ଶବ୍ଦଜ) ରୋଗବିଶେଷ । ଯଥା—

ଗଣ୍ଡମାଳା ଗଳଗଣ୍ଡ ଅବୁର୍ଦ ଯେ ବ୍ୟାଧି । ନୃ. ପୁ.

ଅବୋଧ, ବିଂ (ଅ-ବୋଧ) ଅଜ୍ଞାନ, ବୋଧହୀନ, ଯେ ବୁଝି ପାରେ ନାହିଁ । ବି· ଜ୍ଞାନାଭାବ ।

ଅବ୍ଜ, ବି· ( ଅପ୍-ଜନ୍-କ୍ୱିପ୍ ) ଚନ୍ଦ୍ର; ଧନ୍ୱନ୍ତରି; ନିଚୁଳବୃକ୍ଷ; ପଦ୍ମ; ଶଙ୍ଖ; ଶତ କୋଟି ବା ଦଶ ଅର୍ବୁଦ ।

ଅବ୍ଜଯୋନି, ବି· (ଅବ୍ଜ-ଯୋନି) ବ୍ରହ୍ମା ।

ଅବ୍ଜିନୀ, ବି. ସ୍ତ୍ରୀ (ଅବ୍ଜ-ଇନ୍-ସମୂହାର୍ଥେ-ସ୍ତ୍ରୀ-ଈ) ପଦ୍ମିନୀ, ପଦ୍ମଲତା ।

ଅବ୍ଦ, ବି. (ଅପ୍-ଦା-ଅ) ଜଳଦ, ମେଘ; ମୁସ୍ତା, ମୁଥା । (ଅବ୍ = ରକ୍ଷା କରିବା-ଦ-ସଂଜ୍ଞାର୍ଥେ) ବତ୍ସର, ବର୍ଷ; ପର୍ବତବିଶେଷ ।

ଅବ୍ଧି, ବି. (ଅପ୍-ଧା-ଇ) ଜଳଧି, ସମୁଦ୍ର ।

ଅବ୍ଧିକଫ, ବି. (ଅବ୍ଧି-କଫ) ସମୁଦ୍ରଫେନ ।

ଅବ୍ରହ୍ମଣ୍ୟ, ବି. (ଅ-ବ୍ରହ୍ମଣ୍ୟ—ଅର୍ଥାତ୍ ବ୍ରାହ୍ମଣ ପକ୍ଷେ ଯାହା ଉପଯୁକ୍ତ ନୁହେ) ନାଟ୍ୟରେ—ଅବଧକଥନ ଅର୍ଥାତ୍ "ବଧ କର ନାହିଁ" ଏହି କଥା କହିବା ।

ଅବ୍ରହ୍ମଣ୍ୟମବଧ୍ୟୋକ୍ତୌ । ଅମର.

ଅଭଡ଼ା, } ବି. (ଦେଶଜ) ପୁରୀ ବଡ଼ଦେଉଳର
ଅବଡ଼ା, } ଅନ୍ନ, ଅନ୍ନମହାପ୍ରସାଦ; ମହାପ୍ରସାଦଦ୍ୱାରା କୃତ ପ୍ରୀତିବନ୍ଧୁ । ଯଥା—

ବନ୍ଧୁ ଚଳିଲ ଏହା ଶୁଣି ।

ଅଭଡ଼ା କୁଡ଼ୁଆଏ ଆଣି । ଦା. ରୁ.

ଅଭଡ଼ା, ବିଂ. (ଅବ୍ୟୂଢ଼ ଶବ୍ଦଜ) ଅବିବାହିତ ପୁରୁଷ ବା ସ୍ତ୍ରୀ । ଲୋକେ ମହାପ୍ରସାଦଦ୍ୱାରା ବନ୍ଧୁତା ସ୍ଥାପନ କରି ଅନ୍ୟୋନ୍ୟକୁ ଅଭଡ଼ା ଶବ୍ଦଦ୍ୱାରା ସମ୍ବୋଧନ କରନ୍ତି । ଯଥା—

କେ କହେ ସଙ୍ଗାତ ପକାଇ ଶପଥ

କହିଅଛୁ ଡାକିବାକୁ ।

କେ କହେ ସଖୀଏ ରହି ଗୋ ଟିକିଏ

ଡାକଅଣେ ଅଭଡ଼ାକୁ । କ. ମ.

ଅଭଡ଼ାକୁଡ଼ୁଆ, ବି. (ଦେଶଜ) ଯେଉଁ କ୍ଷୁଦ୍ର ହାଣ୍ଡିରେ ଅନ୍ନମହାପ୍ରସାଦ ରନ୍ଧା ହୁଏ ।

ଅଭୟ, ବି. (ଅ-ଭୟ)ବେଣାମୂଳ, ନଳଦବୃକ୍ଷ; ଭୟର ଅଭାବ । ବିଂ. ଭୟଶୂନ୍ୟ । ଯଥା—

କରୁଣାସାଗର ସାଗରଜା ନାୟକ,

କର ଅଭୟ ଅଭୟବରଦାୟକ । ର. କ.

ଅଭୟା, ବି. ସ୍ତ୍ରୀ. (ଅ-ଭୟ-ଆ) ଦୁର୍ଗା; ହରିଡ଼ା । ବିଂ. ଭୟଶୂନ୍ୟା ।

ଅଭର, ବି. (ଅଭ୍ର ଶବ୍ଦର ଅପଭ୍ରଂଶ) ଅଭ୍ର ନାମକ ଉପଧାତୁ ।

ଅଭବ୍ୟ, ବି. (ଅ = ଅପ୍ରଶସ୍ତ-ଭବ୍ୟ) ଅମଙ୍ଗଳ, ଦୁଷ୍ଟ ଭାଗ୍ୟ । ବିଂ. ଶଠ, ଅସଭ୍ୟ ।

ଅଭାଗା, } ବିଂ. ସ୍ତ୍ରୀ. (ଅଭାଗ୍ୟା ଶବ୍ଦଜ) ଭାଗ୍ୟ-
ଅଭାଗୀ, } ହୀନା । ଯଥା—

ଆମ୍ଭେ ଅଭାଗା ତୁମ୍ଭଙ୍କୁ ଚିହ୍ନି ନ ପାରିଲୁଁ,

ବିଧ୍ୱଂସ ମଦଗର୍ବେ ଖେଳରେ ମତ୍ତ ହେଲୁଁ । ନୃ. ପୁ.

ଆମ୍ଭେ ବଡ଼ ଅଭାଗୀ ଗୋପନାରୀ,

ତେଣୁ ଉପେକ୍ଷି ଗଲେ ନରହରି । ଗୋ. ଭ.

ଅଭାଗିନୀ, ବି°. ସ୍ତ୍ରୀ. (ଅଭାଗ୍ୟବତୀ ଶବ୍ଦଜ) ହତଭାଗା, ଭାଗ୍ୟହୀନା । ଯଥା—
ଅଭାଗିନୀକୁ ଯେ ତତ୍ପରେ ଦେବର ।
ଆଣିଲେ ବହି ଏହି ବନ ଭିତର । କ. ବ.

ଅଭାଗ୍ୟ,* ବି. (ଅ-ଭାଗ୍ୟ) ଦୁର୍ଭାଗ୍ୟ, ମନ୍ଦଭାଗ୍ୟ । ବି°. ଭାଗ୍ୟହୀନ, ହତଭାଗ୍ୟ ।

ଅଭାବ, ବି. (ଅ-ଭୂ-ଅ) ନ ଥିବାର, ଅବିଦ୍ୟମାନତା, ଅସତ୍ତା ।

ଅଭାବନୀୟ, ବି°. (ଅ-ଭୂ-ଅନୀୟ) ଅଚିନ୍ତନୀୟ, ଅସମ୍ଭାବନୀୟ ।

ଅଭାଷଣ, ବି. (ଅ-ଭାଷଣ) ମୌନ ।

ଅଭି, ଅ°. (ଅ-ଭା=ଦୀପ୍ତି ପାଇବା-ଇ) ସାଦୃଶ୍ୟ; ଆଭିମୁଖ୍ୟ; ଅଭିଳାଷ; ବୀପ୍ସା; ନିକଟ; ସମନ୍ତାତ୍ ବା ସର୍ବତୋଭାବ; ଉତ୍କର୍ଷ; ଧର୍ଷଣ; ସମ୍ମୁଖ; ଏକୀକରଣ; ବିଶେଷିକରଣ; ବିଦ୍ୟମାନତା ।

ଅଭିଆଡ଼ୀ, ବି. ସ୍ତ୍ରୀ. (ଅବିବାହିତା ଶବ୍ଦଜ) ଅବିବାହିତା ।

ଅଭିଆଡ଼ୀସୂତା, ବି. ସ୍ତ୍ରୀ. ଯେଉଁ ସୂତ୍ର ଅବିବାହିତା କୁମାରୀମାନେ ଧାରଣ କରନ୍ତି ।

ଅଭିକ, ବି°. (ଅଭି-କମ୍-ଅ) କାମୁକ, ଲମ୍ପଟ, ଯେ ଅଭିଳାଷ କରେ ।

ଅଭିକ୍ରମ, ବି. (ଅଭି=ସମ୍ମୁଖେ-କ୍ରମ୍-ଅ) ଯୁଦ୍ଧାର୍ଥ ଶତ୍ରୁ ସମ୍ମୁଖକୁ ଗମନ; ଆରୋହଣ; ଆକ୍ରମଣ; ଆରମ୍ଭ ।

ଅଭିଖ୍ୟା, ବି. (ଅଭି-ଖ୍ୟା-ଅ-ଆ) ଖ୍ୟାତି; ଉପାଧି; ଶୋଭା; ନାମ ।
ଅଭିଖ୍ୟା ନାମଶୋଭୟୋଃ ।

ଅଭିଗମ, ଅଭିଗମନ, } ବି.(ଅଭି-ଗମ୍-ଅ, ଅନ)ଆଶ୍ରୟ, ପ୍ରତ୍ୟୁଦ୍‌ଗମନ; ପ୍ରାପ୍ତି; ସେବା ।

ଅଭିଗ୍ରହ, ବି. (ଅଭି=ସମ୍ମୁଖ-ଗ୍ରହ-ଅ) ଆକ୍ରମଣ, ଯୁଦ୍ଧାର୍ଥ ସମ୍ମୁଖ ଗମନ; ସମ୍ମୁଖରେ ହରଣ ବା ଲୁଟିନେବା; ସ୍ପର୍ଦ୍ଧା; ଗୌରବ ।

ଅଭିଗ୍ରହଣ, ବି. (ଅଭି-ଗ୍ରହ୍-ଅନ) ଚୌର୍ଯ୍ୟ-କରଣ; ସମ୍ମୁଖରେ ହରି ନେବା ।

ଅଭିଘାତ, ବି. (ଅଭି-ହନ୍-ଅ, ହନ୍=ଘାତ) ଆଘାତ, ଦଣ୍ଡଦ୍ୱାରା ପ୍ରହାର; ହତ୍ୟା; ଯାତନା ।

ଅଭିଘାତୀ, ବି°. (ଅଭି-ହନ୍-ଇନ୍, ହନ୍=ଘାତ) ଶତ୍ରୁ, ଆଘାତକାରୀ, ନାଶକ ।

ଅଭିଚର, ଅଭିସର, } ବି. (ଅଭି-ଚର୍, ସୃ-ଅ) ଅନୁଚର; ସହାୟ ।
ଅନୁପ୍ଲବଃ ସହାୟଶ୍ଚାନୁଚରୋଽଭିଚରଃ ସମାଃ ।

ଅଭିଚାର, ବି. (ଅଭି-ଚର୍-ଅ) ପରହିଂସା କର୍ମ—ମାରଣ, ମୋହନ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ ଓ ବଶୀକରଣ; ଉପପାତକବିଶେଷ ।
ହିଂସାକର୍ମାଭିଚାରଃ ସ୍ୟାତ୍ ।

ଅଭିଜନ, ବି. (ଅଭି-ଜନ୍-ଅ) ବଂଶ; ପ୍ରସିଦ୍ଧ ବଂଶ; କୁଳଶ୍ରେଷ୍ଠ; ଜନ୍ମଭୂମି; ପୂର୍ବବନ୍ଧୁ; ପିତାଦି ।
ଅଭିଜନଃ କୁଲେ ଖ୍ୟାତୌ ଜନ୍ମଭୂମ୍ୟାଂ କୁଲଧ୍ୱଜେ ।

ଅଭିଜାତ, ବି°. (ଅଭି-ଜନ୍-ତ) ସଦ୍‌ବଂଶଜାତ, କୁଳୀନ; ଜ୍ଞାନୀ ବା ପଣ୍ଡିତ; ଯୋଗ୍ୟ; ମଧୁର; ନ୍ୟାଯ୍ୟ ।
ପ୍ରଜଳ୍ପିତାସ୍ୟାମଭିଜାତବାଚ । କୁ. ସ.

ଅଭିଜାତତନ୍ତ୍ର, ବି. (ଅଭିଜାତ-ତନ୍ତ୍ର) ପ୍ରଧାନ ବ୍ୟକ୍ତିମାନଙ୍କ ହସ୍ତଗତ ରାଜ୍ୟଶାସନ ।

ଅଭିଜିତ୍, ବି. ସ୍ତ୍ରୀ. (ଅଭି-ଜି-କ୍ୱିପ୍) ନକ୍ଷତ୍ର-ବିଶେଷ, ଉତ୍ତରାଷାଢ଼ା ଓ ଶ୍ରବଣାର ମଧ୍ୟବର୍ତ୍ତୀ ନକ୍ଷତ୍ର; ଲଗ୍ନବିଶେଷ; ପଞ୍ଚଦଶ-ଭାଗାତ୍ମକ ଦିବସର ଅଷ୍ଟମଭାଗ ଅର୍ଥାତ୍ ଅଷ୍ଟମ ମୁହୂର୍ତ୍ତର ନାମ ଅଭିଜିତ୍ ।

ଅଭିଜ୍ଞ, ବି°. (ଅଭି-ଜ୍ଞା-ଅ) ବହୁଦର୍ଶୀ, ଜ୍ଞାନ-ବାନ୍; ଯେ ବିଷୟ ଅନୁଭବ କରିଅଛି । ଯଥା—ଦୁଃଖାଭିଜ୍ଞ । ନିପୁଣ । ଯଥା—
ଶାସ୍ତ୍ରାଭିଜ୍ଞ ଅତ୍ୟନ୍ତ ସଭ୍ୟଜନବିହେ
ସଙ୍ଗୀତବିଦ୍ୟାବିଦ । ଜା. ପ. ନା.

ଅଭିଜ୍ଞା, ବି. ସ୍ତ୍ରୀ. (ଅଭି-ଜ୍ଞା-ଅ-ଆ) ପ୍ରଥମୋତ୍ପନ୍ନ ଜ୍ଞାନ, ଆଦ୍ୟଜ୍ଞାନ ।

ଅଭିଜ୍ଞାନ, ବି. (ଅଭି-ଜ୍ଞା-ଅନ) "ସେ ଏହି" ଏହିରୂପ ଜ୍ଞାନସାଧନ ଚିହ୍ନ; ସ୍ମରଣର ଉଦ୍‌ବୋଧକ ବସ୍ତୁ ଅର୍ଥାତ୍ ଯାହା ଦେଖିଲେ ପୂର୍ବର କୌଣସି କଥାର ସ୍ମରଣ ହୁଏ, ସ୍ମୃତିକାରକ ଚିହ୍ନ; ଜ୍ଞାନସାଧନ ।

ଅଭିଜ୍ଞାନପତ୍ର, ବି. (ଅଭିଜ୍ଞାନ-ପତ୍ର) ସୂଚକ ପତ୍ର ଅର୍ଥାତ୍ ଯେଉଁ ପତ୍ର କୌଣସି ବ୍ୟକ୍ତିକୁ ବିଶେଷଭାବେ ଚିହ୍ନାଇଦିଏ ।

ଅଭିତଃ, ଅ. (ଅଭି = ସମ୍ମୁଖ ବା ଉଭୟ-ତସ୍-ସପ୍ତମୀ ବିଭକ୍ତ୍ୟର୍ଥେ) ଅଭିମୁଖ ବା ସମ୍ମୁଖରେ; ଉଭୟତଃ, ଉଭୟ ଦିଗରେ; ସର୍ବଦିଗରେ; ନିକଟରେ; ଶୀଘ୍ର; ସମ୍ପୂର୍ଣ୍ଣରୂପେ ।

( ସମୀପୋଭୟତଃ ଶୀଘ୍ରସାକଲ୍ୟାଭିମୁଖେଽଭିତଃ । )

ଅଭିଧା, ବି. ସ୍ତ୍ରୀ. (ଅଭି-ଧା-ଅ-ଆ) ନାମ, ସଂଜ୍ଞା; ଶବ୍ଦର ଶକ୍ତିବିଶେଷ, ଯେଉଁ ଶକ୍ତି-ଦ୍ୱାରା ଶବ୍ଦର ପ୍ରସିଦ୍ଧ ଅର୍ଥ ବୋଧ ହୁଏ ।

ଅଭିଧାନ, ବି. (ଅଭି-ଧା-ଅନ) କଥନ; ନାମ; ଶବ୍ଦାର୍ଥକୋଷ । ଯଥା—

ଗୁର୍ବି ଉତ୍ତମ ଯାହାର କାବ୍ୟ ଅଭିଧାନେ । ବୈ. ବି.

ଅଭିଧ୍ୟା, ବି. ସ୍ତ୍ରୀ. (ଅଭି-ଧ୍ୟୈ-ଅ-ଆ) ପର ଦ୍ରବ୍ୟରେ ସ୍ପୃହା, ପରଧନ ଇଚ୍ଛା; ବିଷୟ ପ୍ରାର୍ଥନା; ଚିନ୍ତା; ଅଭିଳାଷ ।

( ଅଭିଧ୍ୟା ତୁ ପରସ୍ୟ ବିଷୟେ ସ୍ପୃହା । )

( ଅଭିତଃରେଣ ଧ୍ୟାନଂ ଅଭିଧ୍ୟା )

ଅଭିଧ୍ୟାନ, ବି. (ଅଭି-ଧ୍ୟୈ-ଅନ) ପ୍ରଗାଢ଼ ଚିନ୍ତା, ସବିଶେଷ ଅଭିନିବେଶପୂର୍ବକ ଚିନ୍ତା ।

ଅଭିନନ୍ଦନ, ବି. (ଅଭି-ନନ୍ଦ୍-ଅନ) ପ୍ରଶଂସା, ସ୍ତୁତି; ଅନୁମୋଦନ; ଅନ୍ୟର ମଙ୍ଗଳ ଦର୍ଶନରେ ଆହ୍ଲାଦ ପ୍ରକାଶ କରିବା; କୃତ୍ତିବିଶେଷ ।

ଅଭିନୟ, ବି. (ଅଭି-ନୀ-ଅ) ନାଟକ ପ୍ରଦର୍ଶନ, ଅଙ୍ଗଚାଳନାଦିଦ୍ୱାରା ମନୋଭାବ ବ୍ୟକ୍ତ କରିବା, ରସଭାବାଦିବ୍ୟଞ୍ଜକ ଚେଷ୍ଟା-ବିଶେଷ ।

ଅଭିନବ, ବିଂ. (ଅଭି-ନବ) ନୂତନ, ନବ୍ୟ । ବି. ସ୍ତବ ।

ଅଭିନନ୍ଧନ, ବି. (ଅଭି-ନନ୍ଧ୍-ଅନ) ଦୃଢ଼ ବନ୍ଧନ ।

ଅଭିନିର୍ମୁକ୍ତ, ବିଂ. ( ଅଭି-ନିର୍-ମୁଚ୍-ତ ) ପରିତ୍ୟକ୍ତ । (ଅଭି ସର୍ବତଃ ସାୟଂତନଂ କର୍ମ ନିଷ୍ଟସ୍ୟେନ ମୁକ୍ତଂ ଯେନ) ସୂର୍ଯ୍ୟାସ୍ତ କାଳ ପର୍ଯ୍ୟନ୍ତ ଶୟନକାରୀ, ସାୟଂକାଳ ପର୍ଯ୍ୟନ୍ତ ଯେ ନିଦ୍ରିତ ।

ସୁପ୍ତେଯସ୍ମିନ୍ନସ୍ତମେତି ସୁପ୍ତେ ଯସ୍ମିନ୍ନୁଦେତି ଚ ।
ଅଂଶୁମାନଭିନିର୍ମୁକ୍ତାଭ୍ୟୁଦିତୌ ଚ ଯଥାକ୍ରମଂ ।

ଅଭିନିର୍ଯାଣ, ବି. (ଅଭି-ନିର୍-ଯା-ଅନ) ଯୁଦ୍ଧାର୍ଥ ନିଷ୍କ୍ରାମଣ, ସୈନ୍ୟଯାତ୍ରା; ଯୁଦ୍ଧଯାତ୍ରା ।

ଅଭିନିବିଷ୍ଟ, ବିଂ. (ଅଭି-ନି-ବିଶ୍-ତ) ଅତ୍ୟନ୍ତ-ମନୋଯୋଗୀ, ଆଗ୍ରହବିଶିଷ୍ଟ; ଅନ୍ତଃପ୍ରବିଷ୍ଟ ।

ଅଭିନିବେଶ, ବି. (ଅଭି-ନି-ବିଶ୍-ଅ) ଆଗ୍ରହ, ମନୋଯୋଗ; ଶାସ୍ତ୍ରାଦିରେ ପ୍ରବେଶ; ସବିଶେଷ ଯତ୍ନ; ଯୋଗଶାସ୍ତ୍ରମତେ ମରଣ-ଜନ୍ୟ ଭୟଜନକ ଅବିଦ୍ୟାବିଶେଷ ।

ଅଭିନୀତ, ବିଂ. (ଅଭି-ନୀ-ତ) ସଜ୍ଜିତ, ଭୂଷିତ; ଅଭିନୟର ବିଷୟୀଭୂତ; ନ୍ୟାଯ୍ୟ, ଯୁକ୍ତ ।

( ଅଭିନୀତତରବାକ୍ୟମିତ୍ୟୁବାଚ ଯୁଧିଷ୍ଠିରଃ । )

ବିନୀତ; ସହିଷ୍ଣୁ ।

( ଯୁକ୍ତେଽତିଶସ୍ତୃତେମର୍ଷେଽପ୍ୟଭିନୀତଃ । )

ଅଭିନୀତ, ବି. (ଅଭି-ନୀ-ତ) ପ୍ରିୟବାକ୍ୟାଦି-ଯୁକ୍ତ ଯୁକ୍ତି; ଅଭିନୟ; ଅନୁକରଣ ।

ଅଭିନେତା, ବିଂ. (ଅଭି-ନୀ-ତୃ) ଯେ ଅଭିନୟ କରେ, ଅନୁରୂପକାରୀ, ନାଟ୍ୟକାର ।

ଅଭିପନ୍ନ, ବିଂ. (ଅଭି-ପଦ୍-ତ) ବିପନ୍ନ, ବିପଦ-ଗ୍ରସ୍ତ; ଅପରାଧୀ; ଶତ୍ରୁଦ୍ୱାରା ଆକ୍ରାନ୍ତ ।

ଅଭିପନ୍ନୋଽପରାଦ୍ଧୌଽଭିଗ୍ରସ୍ତବ୍ୟାପଦ୍‌ଗତାବପି ।

ସ୍ୱୀକୃତ; ପଳାୟିତ; ଶରଣାଗତ; ସରଳ ।

**ଅଭିପ୍ରାୟ**, ବି. ( ଅଭି-ପ୍ର-ଇ-ଅ ) ଆଶୟ, ଉଦ୍ଦେଶ; ଭାବ; ତାତ୍ପର୍ଯ୍ୟ; ମତ ।

**ଅଭିପ୍ରେତ**, ବିଂ. (ଅଭି-ପ୍ର-ଇ-ତ) ବାଞ୍ଛିତ । ଯଥା—ଅଭିପ୍ରେତାର୍ଥସିଦ୍ଧି । ଉଦ୍ଦେଶ୍ୟ; ସମ୍ମତ ।

**ଅଭିଭବ**, } ବି. (ଅଭି-ଭୂ-ଅ) ପରାଭବ,
**ଅଭିଭାବ**, } ତିରସ୍କାର; ଅବମାନ; ଅନାଦର; ଆକ୍ରମ ।

**ଅଭିଭାବକ**, ବିଂ. (ଅଭି-ଭୂ-ଅକ) ଯେ ରକ୍ଷଣାବେକ୍ଷଣ କରେ, ଆଶ୍ରୟଦାତା; ତତ୍ତ୍ୱାବଧାରକ; ତିରସ୍କାରକର୍ତ୍ତା ।

**ଅଭିଭାଷଣ**, ବି. (ଅଭି-ଭାଷ୍-ଅନ) ଅନେକଙ୍କୁ ଲକ୍ଷ୍ୟ କରି କହିବା, ଯେପରି କି ସଭାପତିଙ୍କର ଅଭିଭାଷଣ ।

**ଅଭିଭୂତ**, ବିଂ. ( ଅଭି-ଭୂ-ତ ) ପରାଭୂତ, ପରାଜିତ; ଆକ୍ରାନ୍ତ; ବିହ୍ୱଳ । ଯଥା—ଶୋକରେ ଅଭିଭୂତ । ଆୟତ୍ତ; ଅବଶ; ଆବୃତ; ତିରସ୍କୃତ; ଅଜ୍ଞାନ; ଇତିକର୍ତ୍ତବ୍ୟତାବିମୂଢ଼ ।

**ଅଭିମତ**, ବିଂ. ( ଅଭି-ମନ୍-ତ ) ସମ୍ମତ, ଅନୁମତ, ଇଷ୍ଟ, ପ୍ରିୟ । ବି. ଅଭିପ୍ରାୟ, ମତ ।

**ଅଭିମନ୍ତ୍ରଣ**, ବି. (ଅଭି-ମନ୍ତ୍ର-ଅନ) ଆମନ୍ତ୍ରଣ, ସମ୍ବୋଧନ ।

**ଅଭିମନ୍ୟୁ**, ବି. (ଅଭି = ନିର୍ଭୟ ମନ୍ୟୁ = କ୍ରୋଧ) ଅର୍ଜୁନଙ୍କ ଔରସରେ ସୁଭଦ୍ରାଙ୍କ ଗର୍ଭଜାତ ସନ୍ତାନ, କୃଷ୍ଣଙ୍କ ଭଣଜା, ପରୀକ୍ଷିତଙ୍କ ପିତା; ଓଡ଼ିଶାର ଜଣେ ପ୍ରସିଦ୍ଧ କବି ।

**ଅଭିମର**, ବି. (ଅଭି-ମୃ-ଅ) ଯୁଦ୍ଧ; ମରଣର ନିରପେକ୍ଷ ହୋଇ କୃତଯୁଦ୍ଧଉତ୍ସାହ; ମାରଣବ୍ୟାପାର, ବଧ, ବନ୍ଧନ ।

**ଅଭିମର୍ଦ୍ଦ**, ବି. (ଅଭି-ମୃଦ୍-ଅ) ପୀଡ଼ନ; ଯୁଦ୍ଧ; ମର୍ଦ୍ଦନ; ଚୂର୍ଣ୍ଣୀକରଣ; ନିଷ୍ପୀଡ଼ନ; ମଦ୍ୟ ।

**ଅଭିମାନ**, ବି. ( ଅଭି-ମନ୍-ଅ ) ଗର୍ବ, ଅହଙ୍କାର । ଯେପରି ଧନର ଅଭିମାନ, ବିଦ୍ୟାର ଅଭିମାନ । ମନର ଭାବବିଶେଷ; ମନରେ ଦୁଃଖ କରିବା; ପ୍ରଣତି; ପ୍ରଣୟ; ହିଂସା; ଜ୍ଞାନ ।
(ଅଭିମାନୋଽର୍ଥାଦିଦର୍ପେ ଜ୍ଞାନେ ପ୍ରଣୟହିଂସୟୋଃ ।)

**ଅଭିମୁଖ**, ବିଂ. (ଅଭି = ସମୀପ-ମୁଖ) ସମ୍ମୁଖବର୍ତ୍ତୀ; ଉଦ୍ଦେଶ୍ୟରେ ସାବଧାନ । ଯଥା—ସେ ଗୃହାଭିମୁଖ ହେଲେ । ସମ୍ମୁଖ । ଯଥା—ସେ ଅଭିମୁଖରେ ଉପସ୍ଥିତ ହେଲେ ।

**ଅଭିମୃଷ୍ଟ**, ବିଂ. (ଅଭି-ମୃଷ୍ଟ) ମିଳିତ; ସମ୍ବଦ୍ଧ; ଘର୍ଷିତ; ସ୍ପୃଷ୍ଟ ।

**ଅଭିଯାଚିତ**, ବିଂ. (ଅଭି = ସମ୍ମୁଖରେ-ଯାଚିତ) ସମ୍ମୁଖରେ ପ୍ରାର୍ଥିତ ।

**ଅଭିଯାନ**, ବି. (ଅଭି-ଯାନ) ଯୁଦ୍ଧଯାତ୍ରା, ଆକ୍ରମଣ ।

**ଅଭିଯାତ**, } ବିଂ. (ଅଭି-ଯା-ତ, ଅଭି-ଯୁଜ୍-
**ଅଭିଯୁକ୍ତ**, } ତ) ଶତ୍ରୁକର୍ତ୍ତୃକ ଅବରୁଦ୍ଧ, ଆକ୍ରାନ୍ତ; ଯାହା ପ୍ରତି ଅଭିଯୋଗ କରାଯାଏ, ପ୍ରତିବାଦୀ; ଭର୍ତ୍ସିତ; ଆବିଷ୍ଟ ।

**ଅଭିଯାତୀ**, } (ଅଭିଯାତିନ୍ = ଅଭିଯାନ-ଇନ୍,
**ଅଭିଯାତି**, } ଅଭି-ଯା-ତି) ଶତ୍ରୁ ।
( ଦ୍ୱେଷ୍ୟୋଽଭିଯାତିରମିତ୍ରଃ—ଇତି ରତ୍ନକୋଷଃ । )

**ଅଭିଯୋଗ**, ବି. ( ଅଭି-ଯୁଜ୍-ଅ ) ଯୁଦ୍ଧାର୍ଥ ଆହ୍ୱାନ; ଆକ୍ରମଣ; ଉଦ୍‌ଯୋଗ; ନାଲିସ୍ ।

**ଅଭିରାମ**, ବିଂ. ( ଅଭି-ରମ୍-ଅ ) ସୁନ୍ଦର, ମନୋହର, ପ୍ରିୟ, ପ୍ରୀତିଜନକ । ଯଥା—

ଲୋକାଭିରାମ ନବନୀରଦକାନ୍ତ ରାମ ।

**ଅଭିରୁଚି**, ବି. (ଅଭି-ରୁଚ୍-ଇ) ସ୍ପୃହା, ଇଚ୍ଛା, ଅଭିଳାଷ; ପ୍ରବୃତ୍ତି; ଦୀପ୍ତି ।

**ଅଭିରୂପ**, ବିଂ. (ଅଭି-ରୂପ-ଅ) ମନୋହର, ପ୍ରିୟ । ଯଥା—

ଅଭିରୂପଗୁଣଭୂଷିତା ପରିଷଦ୍ ।

ଅନୁରୂପ; ବିଦ୍ୱାନ୍; ପଣ୍ଡିତ । ବି. ଶିବ; ବିଷ୍ଣୁ; (ଉତ୍କୃଷ୍ଟ ରୂପ ହେବା ହେତୁରୁ) ଚନ୍ଦ୍ର; କନ୍ଦର୍ପ ।

**ଅଭିଲ୍ଲ**, ବିଂ. (ଦେଶଜ) ନିର୍ଲ୍ଲଜ; ନିଷ୍କର୍ମା ।

**ଅଭିଲବ**, ବି.(ଅଭି-ଲୂ-ଅ)ଛେଦନ; ବିଧ୍ୱଂସ ।

**ଅଭିଲାଷ**, ବି. (ଅଭି-ଲଷ୍-ଅ) ଇଚ୍ଛା, ସ୍ପୃହା; ଅନୁରାଗ; ଲୋଭ ।

**ଅଭିଲାଷୀ, ଅଭିଲାଷୁକ**, ବିଂ. (ଅଭି-ଲଷ୍-ଇନ୍, ଉକ) ଅଭିଲାଷଯୁକ୍ତ, ସସ୍ପୃହ; ଲୋଭୀ; ଅନୁରାଗୀ ।

**ଅଭିବାଦ**, ବି. ( ଅଭି-ବଦ୍-ଅ, ଅଭି= ବିପରୀତ ) ଅପ୍ରିୟବାକ୍ୟ, ଅପବାଦ, ଅଖ୍ୟାତି; ବନ୍ଦନା ।

**ଅଭିବାଦକ**, ବିଂ. ( ଅଭି-ବାଦ୍=ବନ୍ଦନ କରିବା-ଅକ) ଯେ ଅଭିବାଦନ ବା ବନ୍ଦନ କରେ; ଅପ୍ରିୟବକ୍ତା ।

**ଅଭିବାଦନ**, ବି. (ଅଭି-ବଦ୍-ଅନ) ନାମୋଚ୍ଚାରଣପୂର୍ବକ ପ୍ରଣାମ; ପାଦସ୍ପର୍ଶପୂର୍ବକ ପ୍ରଣାମ, ବନ୍ଦନା ।

**ଅଭିବିଧି, ଅଭିବ୍ୟାପ୍ତି**, ବି. (ଅଭି-ବିଧି, ଅଭି-ବ୍ୟାପ୍-ତି) ସର୍ବତୋଭାବେ ବ୍ୟାପ୍ତି ।

( ସମୂର୍ଚ୍ଛନମଭିବ୍ୟାପ୍ତିଃ । )

**ଅଭିବ୍ୟକ୍ତି**, ବି. ସ୍ତ୍ରୀ. (ଅଭି-ବ୍ୟକ୍ତି) ପ୍ରକାଶ, ପ୍ରତ୍ୟକ୍ଷ ।

**ଅଭିଶପ୍ତ**, ବିଂ. (ଅଭି-ଶପ୍-ତ) ଅଭିଶାପଗ୍ରସ୍ତ, ଯାହାକୁ ଅଭିଶାପ ଦିଆ ହୋଇଥାଏ ।

**ଅଭିଶସ୍ତ**, ବିଂ. (ଅଭି-ଶସ୍-ତ, ଅଭି = ବିରୁଦ୍ଧ) ଏହି ପୁରୁଷ ପରସ୍ତ୍ରୀରେ ଆସକ୍ତ, ଏହି ସ୍ତ୍ରୀ ପରପୁରୁଷରେ ଆସକ୍ତ, ଇତ୍ୟାକାରକ ମୈଥୁନବ୍ୟାପାରରେ ମିଥ୍ୟାଦୂଷିତ, ଅପବାଦିତ, କଳଙ୍କିତ; ଆକ୍ରାନ୍ତ; ହିଂସିତ ।

**ଅଭିଶସ୍ତି, ଅଭିଷସ୍ତି**, ବି. (ଅଭି-ଶସ = ବଧ କରିବା-ତି) ଅଭିଶାପ; ମିଥ୍ୟାପବାଦ; ହିଂସା; ପ୍ରାର୍ଥନା, ଯାଚଞ୍ଚା ।

**ଅଭିଶାପ**, ବି. (ଅଭି-ଶପ୍-ଅ) ମିଥ୍ୟାଦୋଷାରୋପ, ଅନ୍ୟର ଅମଙ୍ଗଳ ଇଚ୍ଛା ବା ପ୍ରାର୍ଥନା, ଶାପଦେବା, ଅଭିସମ୍ପାତ ।

**ଅଭିଷଙ୍ଗ, ଅଭିସଙ୍ଗ, ଅଭ୍ୟାଷଙ୍ଗ**, ବି. (ଅଭି-ସନ୍ଜ୍-ଅ) ଆକ୍ରୋଶ; ଗାଳିଦେବା ।

( ଆକ୍ରୋଶନମଭ୍ୟାଷଙ୍ଗ । )

ଶାପ; ପରାଭବ, ତିରସ୍କାର ।

ଶାପେ ତ୍ୱଭିଷଙ୍ଗଃ ପରାଭବେ ।

ଅପବାଦ; ଆଲିଙ୍ଗନ; ସମ୍ପର୍କ; ଶୋକ; ଦୁଃଖ, ବ୍ୟସନ ।

**ଅଭିଷବ, ଅଭିଷବଣ**, ବି. (ଅଭି-ସୁ=ସ୍ନାନକରିବା-ଅ, ଅନ) ଯଜ୍ଞାଦି କର୍ମ ପୂର୍ବରେ ସ୍ନାନ; ଯଜ୍ଞାନ୍ତସ୍ନାନ ଏବଂ ସୋମରସାଦି ପାନ; ମଦ୍ୟ ସନ୍ଧାନ । (ସନ୍ଧାନଂସ୍ୟାଦଭିଷବଃ) କାଞ୍ଜିକା, କାଞ୍ଜୀ ।

**ଅଭିଷିକ୍ତ**, ବିଂ. (ଅଭି-ସିଚ୍-ତ) ସ୍ନାତ, ବିଧିପୂର୍ବକ ପବିତ୍ର ଓ ମନ୍ତ୍ରପୂତ ଜଳାଦିଦ୍ୱାରା ସ୍ନାପିତ; କୌଣସି କାର୍ଯ୍ୟରେ ନିଯୁକ୍ତ ।

**ଅଭିଷୁତ**, ବି. (ଅଭି-ସୁ = ମଙ୍ଗଳ ସ୍ନାନ କରିବା-ତ) ସୋମରସ; କାଞ୍ଜିକା, କାଞ୍ଜୀ ।

**ଅଭିଷେଣନ**, ବି. (ଅଭି-ସେନ = ସେନା ସହ ଗମନ କରିବା-ଅନ) ଯୁଦ୍ଧଯାତ୍ରା, ଜୟାର୍ଥ ଶତ୍ରୁ ପ୍ରତି ସସୈନ୍ୟ ଗମନ ।

( ଯତ୍ସେନୟାଭିଗମନମରୌତଦଭିଷେଣନଂ )

**ଅଭିଷ୍ଟୁତ**, ବିଂ. (ଅଭି-ସ୍ତୁ-ତ) ପ୍ରଶଂସିତ; ସ୍ତୁତ ବା ଯାହାକୁ ସ୍ତବ କରାଯାଏ; ବର୍ଣ୍ଣିତ । (ଭାବବାଚ୍ୟରେ 'ତ' ପ୍ରତ୍ୟୟ ହେଲେ) ସ୍ତବ ।

**ଅଭିଷ୍ୟନ୍ଦ**, ବି. (ଅଭି-ସ୍ୟନ୍ଦ୍-ଅ) ସ୍ଫୁରଣ, ଅତିସ୍ଫୀତତା; ଆଧିକ୍ୟ; ଅତିଶୟୂଜନ୍ନତ; ଜଳାଦିକ୍ଷରଣ, ଚକ୍ଷୁରୋଗବିଶେଷ । ବିଂ. ଉଦ୍‌ବୃତ୍ତ, ଅଧିକ ।

**ଅଭିସଙ୍ଗ**, ବି. (ଅଭି-ସନ୍ଜ୍-ଅ) ଅନୁରାଗ; ଆସକ୍ତି; ଆଲିଙ୍ଗନ ।

**ଅଭିସନ୍ଧାନ, ଅଭିସନ୍ଧି**, ବି. (ଅଭି-ସମ୍-ଧା-ଅନ, ଇ) ଅଭିପ୍ରାୟ, ଉଦ୍ଦେଶ; ବଞ୍ଚନ, ପ୍ରତାରଣା, ସମୁଦ୍‌ଯୋଗ; ସନ୍ଧି ।

ଅଭିସମ୍ପାତ ବ. ( ଅଭି-ସମ୍-ପତ୍-ଅ ) ଅଭିଶାପ, ଅନଷ୍ଟପ୍ରାର୍ଥନା ।

ଅଭିସାର, ବ. (ଅଭି-ସୃ-ଅ) ସଙ୍କେତ ସ୍ଥାନକୁ ଗମନ । ଯଥା—

ଗ୍ରାମ୍ୟ ସୀମନ୍ତିନୀ କଣା ଅଭିସାର ।
ଅନୁକୂଳ ବାଲ ସ୍ତୁପବଳୀ ଯାର । ନ. କେ.

ଯୁଦ୍ଧ; ବଳ; ଅନୁଚର ।

ଅଭିସାରିକା, ବ. ସ୍ତ୍ରୀ. (ଅଭି-ସୃ-ଅକ-ସ୍ତ୍ରୀ-ଇକ-ଆ) ନାୟିକାବିଶେଷ, ସଙ୍କେତସ୍ଥାନଗାମିନୀ ।

(କାନ୍ତାର୍ଥିନୀ ତୁ ଯା ଯାତି ସଙ୍କେତଂ ସାଭିସାରିକା ।)

ଅଭିସୃଷ୍ଟ, ବ. ( ଅଭି-ସୃଜ୍-ତ ) ଦତ୍ତ; ପରିତ୍ୟକ୍ତ, ବିସୃଷ୍ଟ ।

ଅଭିହତ, ବ. ( ଅଭି-ହନ୍-ତ ) ଆହତ; ତାଡ଼ିତ; ପରାଜିତ; ନଷ୍ଟ; ଭଗ୍ନ ।

ଅଭିହରଣ, ବ. (ଅଭି-ହୃ-ଅନ) ଆହରଣ, ଆନୟନ; ଅପହରଣ, ଚୌର୍ଯ୍ୟ; ବିବାହକାଳୀନ ଯୌତୁକଦାନ ।

ଅଭିହାର, ବ. (ଅଭି-ହୃ-ଅ) ଲୁଣ୍ଠି, ଆକ୍ରମଣ; ବର୍ମାଦି ଧାରଣ; ଅଭିଯୋଗ ।

( ଅଭିହାରୋଽଭିଯୋଗେ ଚ ଚୌର୍ଯ୍ୟେ
ସନ୍ନହନେଽପି ଚ । )

ଅଭିହିତ, ବିଂ. ( ଅଭି-ଧା-ତ, ଧା = ହି ) କଥିତ, ଉକ୍ତ, ନିର୍ଦ୍ଦିଷ୍ଟ; ଉଲ୍ଲିଖିତ ।

ଅଭୀ, ବିଂ. (ଅ-ଭୀ) ନିର୍ଭୀକ, ଭୟଶୂନ୍ୟ ।

ଅଭୀକ, ବିଂ. (ଅଭି-କମ୍-ଅ) କାମୁକ; ଇଚ୍ଛୁକ, ଉତ୍ସୁକ । (ଅ-ଭୀ-ସ୍ୱାର୍ଥେ କ) ନିର୍ଭୀକ; କ୍ରୂର । ବ. କବି; ସ୍ୱାମୀ ।

ଅଭୀକ୍ଷ୍ଣ, ବିଂ. (ଅଭି-କ୍ଷୁଣ୍ = ଛିନ୍ନ କରିବା-ଅ, ଉ ଲୋପ) ସତତ, ବାରମ୍ବାର, ସାର୍ବକାଳିକ; ଅତିଶୟ ।

ଅଭୀପ୍ସିତ, ବିଂ. (ଅଭି-ଆପ୍-ସ-ଇଚ୍ଛାର୍ଥେ-ତ, ଆ = ଈ) ଅଭିଳଷିତ, ଅଭୀଷ୍ଟ, ବାଞ୍ଛିତ, ଆକାଙ୍କ୍ଷିତ ।

ଅଭୀପ୍ସୁ, ବ. (ଅଭି-ଆପ୍-ସ = ସନନ୍ତ-ଉ) ଇଚ୍ଛୁକ, ଅଭିଳାଷୁକ ।

ଅଭୀର, ବ. (ଅଭି-ଇର୍-ଅ) ଯେଉଁମାନେ ଗୋରୁଙ୍କୁ ଅଭିମୁଖରେ ରଖି ଚଳାଉଥାନ୍ତି, ଆଭୀର, ଗଉଡ଼ ।

ଅଭୀରୁ, ବ. ସ୍ତ୍ରୀ. (ଅ-ଭୀରୁ) ଶତମୂଳୀ ବା ଶତାବରୀ; ଭୈରବ । ବିଂ. ଭୟଶୂନ୍ୟ ।

ଅଭୀରୁପତ୍ରୀ, ବ. ସ୍ତ୍ରୀ. (ଅଭୀରୁ-ପତ୍ର-ଈ) ଶତମୂଳୀ ବା ଶତାବରୀ ।

ଅଭୀଶୁ, } ବ. (ଅଭି-ଅଶ୍ = ବ୍ୟାପିବା-ଉ, ଅ =
ଅଭୀଷୁ, } ଇ, ଅଭି-ଇଷ୍ = ବାଞ୍ଛା କରିବା-ଉ)
କିରଣ; ଅଶ୍ୱରଜ୍ଜୁ ବା ଲଗାମ ।

( ଅଭୀଷୁଃ ପ୍ରଗ୍ରହେ ରଶ୍ମୌ । )

କାମ; ଅନୁରାଗ । ବିଂ. ଇଚ୍ଛୁକ ।

ଅଭୀଷ୍ଟ, ବିଂ.(ଅଭି-ଇଷ୍ଟ) ବାଞ୍ଛିତ, ଅଭିଳଷିତ, ପ୍ରିୟ । ବ. ରେଣୁକା ନାମକ ଗନ୍ଧଦ୍ରବ୍ୟ ।

ଅଭୂତପୂର୍ବ, ବିଂ. (ଅ-ଭୂତ-ପୂର୍ବ) ଯାହା ପୂର୍ବେ ହୋଇ ନାହିଁ ।

ଅଭୂତତଦ୍ଭାବ, (ଅଭୂତପୂର୍ବ-ତଦ୍ = ସେହି-ଭାବ)ଯାହା ପୂର୍ବେ ନ ଥିଲା, ତାହା ହେବା ।

ଅଭେକ, } ବିଂ. (ଦେଶଜ—ଅ-ଭେକ =
ଅଭେକା, } ବେଶ) ଦରିଦ୍ର; ବସ୍ତ୍ରହୀନ;
ନିଷ୍କର୍ମା ।

ଅଭୋକ, } ବ. (ଦେଶଜ) କ୍ଷୁଧାର ଅଭାବ ।
ଅଭୋଖ, } ଯଥା—

ଭୋକର ବେଳେ ଯେ ଅନ୍ନ ନ ଦଅଇ ପାଣ୍ଟି ।
ଅଭୋକ ବେଳେ ସେ ଅନେକ କରି ଯାଚ ।
ସା. ଭ. ଆ.

ବିଂ. କ୍ଷୁଧାରହିତ ।

ଅଭ୍ୟକ୍ତ, ବିଂ. ( ଅଭି-ଅନ୍ଜ୍-ତ ) ଆପାଦ ମସ୍ତକ ତୈଳଯୁକ୍ତ ।

ଅଭ୍ୟଗ୍ର, ବିଂ. (ଅଭି-ଅଗ୍ର) ନବୀନ, ଅଭିନବ ।

( ଅଭ୍ୟଗ୍ରୋଽଭିନବୋ ନବ୍ୟଃ । )

ଅଗ୍ରବର୍ତ୍ତୀ; ନିକଟ, ସମୀପ ।

ଅଭ୍ୟଙ୍ଗ, } ବ. ( ଅଭି-ଅନ୍ଜ୍-ଅ, ଅନ )
ଅଭ୍ୟଞ୍ଜନ, } ତୈଳାଦିଦ୍ୱାରା ଶରୀରମର୍ଦ୍ଦନ ।
(କରଣବାଚ୍ୟରେ ପ୍ରତ୍ୟୟ ହେଲେ) ଯାହାଦ୍ୱାରା ଅଙ୍ଗ ମର୍ଦ୍ଦିତ ହୁଏ, ତୈଳାଦି ।

ଅଭ୍ୟନ୍ତର, ବି. (ଅଭି-ଅନ୍ତର) ମଧ୍ୟ, ଅନ୍ତରାଳ, ଭିତର । ବିଂ. ମଧ୍ୟବର୍ତ୍ତୀ, ଅନ୍ତର୍ଗତ ।

ଅଭ୍ୟମିତ, ବିଂ. (ଅଭି-ଅମ୍ = ରୋଗୀ ହେବା-ତ) ରୋଗୀ, ପୀଡ଼ିତ । ଯଥା—

( ଆତୁରୋଽଭ୍ୟମିତୋଽଭ୍ୟାନ୍ତଃ । )

ଅଭିଗତ ।

ଅଭ୍ୟର୍ଣ୍ଣ, ବିଂ. (ଅଭି = ନିକଟ-ଅର୍ଦ = ଗମନ କରିବା-ତ) ନିକଟ, ସମୀପ ।

ଅଭ୍ୟର୍ଥନ, } ବି. ( ଅଭି-ଅର୍ଥ-ଅନ, ଆ )
ଅଭ୍ୟର୍ଥନା, } ପ୍ରାର୍ଥନା; ସମ୍ଭାଷା; ସମ୍ବର୍ଦ୍ଧନା; ଅଭ୍ୟାଗତ ବ୍ୟକ୍ତିର ସତ୍କାର ଓ ସମାଦର ।

ଅଭ୍ୟର୍ହିତ, ବିଂ. (ଅଭି-ଅର୍ହ୍-ତ) ଉଚିତ; ଶ୍ରେଷ୍ଠ; ସମ୍ମାନିତ, ପୂଜିତ ।

ଅଭ୍ୟବକର୍ଷଣ, ବି. (ଅଭି-ଅବ-କୃଷ୍-ଅନ) ଆକର୍ଷଣ; ଶଲ୍ୟାଦି ଉତ୍ପାଟନ; ଉଦ୍ଧାରଣ ।

ଅଭ୍ୟବସ୍କନ୍ଦ, } ବି. (ଅଭି-ଅବ-ସ୍କନ୍ଦ୍-ଅ,
ଅଭ୍ୟବସ୍କନ୍ଦନ, } ଅନ ) ଶତ୍ରୁର ପ୍ରତି ପ୍ରହାର, ଆକ୍ରମଣ, ଅବରୋଧ ।

ଅଭ୍ୟବହରଣ, } ବି. (ଅଭି-ଅବ-ହୃ-ଅନ, ଅ)
ଅଭ୍ୟବହାର, } ଭକ୍ଷଣ, ଭୋଜନ, ଆହାର । ଯଥା—

ଦୁରାତ୍ମା ଲଙ୍କାସୁର ପ୍ରତ୍ୟହ ଅରଣ୍ୟ ମାନବଗଣଙ୍କୁ ଧ୍ୱଂସ କରି ଆପଣାର ଅଭ୍ୟବହାର କାର୍ଯ୍ୟ ସମ୍ପାଦନ କରେ ।

ଅଭ୍ୟବହୃତ, ବିଂ. (ଅଭି-ଅବ-ହୃ-ତ) ଭକ୍ଷିତ, ଭୁକ୍ତ, ଖାଦିତ ।

ଅଭ୍ୟସନ, ବି. (ଅଭି-ଅସ୍-ଅନ) ଆଲୋଚନା; ଅଭ୍ୟାସ ।

ଅଭ୍ୟସ୍ତ, ବିଂ. (ଅଭି-ଅସ୍-ତ) ଅଭ୍ୟାସଦ୍ୱାରା ଶିକ୍ଷିତ ।

ଅଭ୍ୟାକାଙ୍କ୍ଷିତ, } ବି. ( ଅଭି-ଆକାଙ୍କ୍ଷିତ,
ଅଭ୍ୟାଖ୍ୟାନ, } ଆଖ୍ୟାନ)ମିଥ୍ୟାଅଭିଯୋଗ ଯଥା—

( ମିଥ୍ୟାଭିଯୋଗୋଽଭ୍ୟାଖ୍ୟାନଂ । )

ଅଭ୍ୟାଗତ, ବି. ( ଅଭି-ଆଗତ ) ଅତିଥି, ଆଗନ୍ତୁକ । ବିଂ. ସମ୍ମୁଖାଗତ ।

ଅଭ୍ୟାଗମ, ବିଂ. (ଅଭି-ଆ-ଗମ୍-ଅ) ଯୁଦ୍ଧ, ବିରୋଧ, ମାରଣ । ଯଥା—

( ସଙ୍ଗ୍ରାମାଭ୍ୟାଗମାହବାଃ । )

ନିକଟ ବା ସମ୍ମୁଖକୁ ଆଗମନ । ଯଥା—

( କସ୍ମା ମଦଭ୍ୟାଗମକାରଣଂ ତେ । )

ନିକଟ; ସ୍ୱୀକାର; ଫଳୋଦୟ ବା ଫଳପ୍ରାପ୍ତି; ଅଭ୍ୟୁତ୍ଥାନ ।

ଅଭ୍ୟାଗାରିକ, ବିଂ. (ଅଭି-ଆଗାରିକ, ଆଗାର = ଗୃହ-ଇକ) ପରିବାର ପୋଷଣରେ ମନୋଯୋଗୀ; ପରିଜନବ୍ୟାପୃତ ।

ଅଭ୍ୟାଦାନ, ବି. (ଅଭି-ଆଦାନ) ସମ୍ମୁଖବର୍ତ୍ତୀ ହୋଇ ଗ୍ରହଣ; ଆରମ୍ଭ; ପ୍ରଥମାରମ୍ଭ ।

ଅଭ୍ୟାନ୍ତ, ବିଂ.(ଅଭି-ଆମ୍-ତ)ରୋଗୀ,ପୀଡ଼ିତ ।

( ଆତୁରୋଽଭ୍ୟମିତୋଽଭ୍ୟାନ୍ତଃ । )

ଅଭ୍ୟାମର୍ଦ, ବି. (ଅଭି-ଆ-ମୃଦ୍-ଅ) ଯୁଦ୍ଧ ।

ଅଭ୍ୟାଶ, ବି. (ଅଭି-ଅଶ୍-ଅ, ଅଶ୍ = ବ୍ୟାପିବା) ଆବୃତ୍ତି । ବିଂ. ନିକଟ ।

ଅଭ୍ୟାସ, ବି. (ଅଭି-ଅସ୍-ଅ, ଅସ୍ = ବିଦ୍ୟମାନ ରହିବା) ମୁଖସ୍ଥ କରିବାପାଇଁ ବାରମ୍ବାର ଉଚ୍ଚାରଣ, ଆବୃତ୍ତି, ପୁନଃପୁନଃ କଥନ; ବାଣକ୍ଷେପ । ବିଂ. ନିକଟ, ସମୀପ ।

ଅଭ୍ୟାସାଦନ, ବି. (ଅଭି-ଆ-ସାଦ = ଗମନ-କରିବା-ଅନ) ଶତ୍ରୁର ପ୍ରତି ପ୍ରହାର; ଶତ୍ରୁର ସମ୍ମୁଖକୁ ଗମନ; ଆକ୍ରମଣ, ଧାଡ଼ିଦେବା ।

ଅଭ୍ୟାହାର, ବି. (ଅଭି-ଆ-ହୃ-ଅ) ଲୁଟି, ଡକାୟୁତି, ଆକ୍ରମଣ; ଭୋଜନ ।

ଅଭ୍ୟୁକ୍ଷଣ, ବି. (ଅଭି-ଉକ୍ଷ୍-ଆର୍ଦ୍ର କରିବା-ଅନ) ଜଳସେଚନ ।

ଅଭ୍ୟୁଚ୍ଚୟ, ବି. ( ଅଭି-ଉତ୍-ଚି-ଅ ) ରାଶି, ସମୂହ ।

ଅଭ୍ୟୁତ୍ଥାନ, ବି. (ଅଭି-ଉତ୍ଥାନ) ଅଭ୍ୟୁଦୟ, ଉନ୍ନତି; ଉଦ୍ୟମ; ସୁଖ୍ୟାତି; ପ୍ରତ୍ୟୁଦ୍‌ଗମନ, ଅଭ୍ୟାଗତ ବ୍ୟକ୍ତିର ସମାଦରାର୍ଥ ଆସନରୁ ଉଠିବା ।

ଅଭ୍ୟୁଦୟ, ବି. (ଅଭି-ଉଦୟ) ଉତ୍ଥାନ, ଉଦୟ; ମଙ୍ଗଳ; ଉନ୍ନତି, ବୃଦ୍ଧି, ସମୃଦ୍ଧି । ଯଥା—ବର୍ତ୍ତମାନ ଉତ୍କଳର ନବ ଅଭ୍ୟୁଦୟ ଦେଖା ଯାଉଅଛି । ଉତ୍ସବ; ଇଷ୍ଟଲାଭ; ବୃଦ୍ଧିଶ୍ରାଦ୍ଧ ।

ଅଭ୍ୟୁଦିତ, ବିଂ. (ଅଭି-ଉଦିତ) ଉଦିତ, ଉଦୟପ୍ରାପ୍ତ । ଯଥା—

କଶ୍ଚିଦଭ୍ୟୁଦିତେ ରବୌ ।

ପ୍ରକାଶିତ; ଉନ୍ନତ; ମଙ୍ଗଳାର୍ଥ ପ୍ରବୃତ୍ତ; ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଯେ ନିଦ୍ରିତ ଥାଏ । (ଅଭିନିର୍ମୁକ୍ତ ଶବ୍ଦ ଦେଖ ।)

ଅଭ୍ୟୁପଗମ, (ଅଭି-ଉପ-ଗମ୍-ଅ) ସ୍ୱୀକାର, ଅଙ୍ଗୀକାର; ପ୍ରତିଜ୍ଞା; ନିକଟକୁ ଆଗମନ; ଉପସ୍ଥିତି; ପ୍ରାପ୍ତି; ଆସକ୍ତି; ନିର୍ଣ୍ଣୟ; ମତ ।

ଅଭ୍ୟୁପପତ୍ତି, ବି. (ଅଭି-ଉପ-ପଦ୍-ତି) ଅନିଷ୍ଟ ନିବାରଣପୂର୍ବକ ଅଭୀଷ୍ଟ ସମ୍ପାଦନରୂପ ଅନୁଗ୍ରହ ।

( ଅଭ୍ୟୁପପତ୍ତିରନୁଗ୍ରହଃ । )

ସାନ୍ତ୍ୱନା; ସ୍ୱୀକାର; ରକ୍ଷା; ଉପକାର ।

ଅଭ୍ୟୁପେତ, ବିଂ. (ଅଭି-ଉପ-ଇ-ତ) ସ୍ୱୀକୃତ; ପ୍ରାପ୍ତ; ଉପାଗତ ।

ଅଭ୍ୟୁଷ, ଅଭ୍ୟୂଷ, ଅଭ୍ୟୋଷ, } ବି. (ଅଭି-ଉଷ୍ = ଦଗ୍ଧ କରିବା-ଅ) ଈଷତ୍ ଭୃଷ୍ଟ ଶସ୍ୟାଦି; ପାକାବସ୍ଥାଗତ କଳାୟାଦି; ପୋଳକା; ରୁଟି ।

( ଆପକ୍ୱଂ ପୌଲିରଭ୍ୟୂଷଃ । )

ଅଭ୍ର, ବି. (ଅଭ୍ର = ଗମନ କରିବା-ଅ, କମ୍ବା ଅ-ଭ୍ରମ୍-ଅ, ଅଥବା ଅ-ଭୃ-ଅ) ଆକାଶ । ଯଥା—ଅଭ୍ରଭେଦୀ ହିମାଳୟ । ମେଘ; ଅଭ୍ରକ ଧାତୁ; ମୁସ୍ତାତୃଣ ।

ଅଭ୍ରଂଲିହ, ବିଂ. (ଅଭ୍ର-ଲିହ୍-ଅ, ମକାରାଗମ) ଗଗନସ୍ପର୍ଶୀ, ଅତି ଉଚ୍ଚ । ବି. ବାୟୁ ।

ଅଭ୍ରକ, ବି. (ଅଭ୍ର-କ) ଉପଧାତୁବିଶେଷ ।

ଅଭ୍ରଙ୍କଷ, ବିଂ. (ଅଭ୍ର-କଷ୍-ଅ, ମକାରାଗମ) ଗଗନସ୍ପର୍ଶୀ । ବି. ବାୟୁ ।

ଅଭ୍ରପିଶାଚ, ବି. (ଅଭ୍ର = ଗଗନ-ପିଶାଚ, ନୀଳବର୍ଣ୍ଣତ୍ୱ ହେତୁ ଯେ ପିଶାଚ ତୁଲ୍ୟ) ରାହୁ, ରାହୁଗ୍ରହ ।

ଅଭ୍ରପୁଷ୍ପ, ବି. (ଅଭ୍ର-ପୁଷ୍ପ, ମେଘାଗମରେ ଯାହାର ପୁଷ୍ପ ହୁଏ) ବେତସବୃକ୍ଷ; କଦମ୍ବ-ବୃକ୍ଷ; (ବୃଷ୍ଟି ମେଘରୁ ପୁଷ୍ପ ପ୍ରାପ୍ତ ବାହାର ହୁଏ ବୋଲି ଜଳର ନାମ ମେଘପୁଷ୍ପ) ଜଳ; ଆକାଶକୁସୁମ ।

ଅଭ୍ରମାତଙ୍ଗ, ବି. (ଅଭ୍ର-ମାତଙ୍ଗ) ଐରାବତ ହସ୍ତୀ ।

ଅଭ୍ରମୁ, ବି. ସ୍ତ୍ରୀ. (ଅ-ଭ୍ରମ୍-ଅ କମ୍ବା ଅଭ୍ର-ମା = ପରିମାଣ କରିବା-ଉ) ଯେ ନୀଳ-ବର୍ଣ୍ଣତ୍ୱରୁ ମେଘର ଏବଂ ମହାକାୟତ୍ୱରୁ ଆକାଶର ପରିମାଣ ଅର୍ଥାତ୍ ସମାନ, ପୂର୍ବ-ଦିଗର ହସ୍ତିନୀ, ଐରାବତ ଗଜର ସ୍ତ୍ରୀ ।

ଅଭ୍ରମୁବଲ୍ଲଭ, ବି. (ଅଭ୍ରମୁ-ବଲ୍ଲଭ) ଐରାବତ ହସ୍ତୀ ।

ଅଭ୍ରି, ଅଭ୍ରୀ, } ବି. ସ୍ତ୍ରୀ. (ଅଭ୍ର = ଗମନ କରିବା-ଇ, ଈ) ଯେ ନୌକାର ମଳ-ମାର୍ଜନାର୍ଥ ଗମନ କରେ ଅର୍ଥାତ୍ ଚାଳିତ ହୁଏ, ମଳପରିଷ୍କାରକ କାଷ୍ଠକୁଦ୍ଦାଳ । ଯଥା—

( ଅଭ୍ରିଃ ସ୍ତ୍ରୀ କାଷ୍ଠକୁଦ୍ଦାଳଃ । )

ଅଭ୍ରିୟ, ବିଂ. (ଅଭ୍ର-ଇୟ-ଭବାର୍ଥେ) ମେଘ-ସମ୍ବନ୍ଧୀୟ, ମେଘୋତ୍ପନ୍ନ; ଆକାଶସମ୍ବନ୍ଧୀୟ, ଆକାଶୀୟ ।

ହିମ୍ବୁ ମେଦଭବେଽଭ୍ରିୟଂ ।

ଅଭ୍ରେଷ, ବି. (ଅ-ଭ୍ରେଷ୍ = ଗମନ କରିବା-ଅ) ଔଚିତ୍ୟ, ନ୍ୟାୟ । ବିଂ. ଗମନଶୂନ୍ୟ; ଉଚିତ, ନ୍ୟାଯ୍ୟ; ସମଞ୍ଜସ ।

(ଅଭ୍ରେଷନ୍ୟାୟକଳ୍ପାସ୍ତୁ ଦେଶରୂପଂ ସମଞ୍ଜସଂ ।)

ଅଭ୍ରୋତ୍ଥ, ବି. (ଅଭ୍ର-ଉତ୍ଥ = ଉତ୍ଥିତ) ବଜ୍ର ।

ଅମଙ୍ଗ, ବିଂ. (ଦେଶଜ) ଅନିଚ୍ଛୁକ; ଅସମ୍ମତ ।

**ଅମଗ୍ସ**, ବି. (ଅ=ନିକୃଷ୍ଟ-ମତ୍ସ୍ୟ ଶବ୍ଦଜ) ଅଖାଦ୍ୟମତ୍ସ୍ୟବିଶେଷ; ନିକୃଷ୍ଟଜାତି ।

**ଅମଡ଼ା**, ବି. (ଦେଶଜ) ଯେଉଁ ବାଟ କେହି ମାଡ଼େ ନାହିଁ, ଲୋକେ ସାଧାରଣତଃ ଯେଉଁ ବାଟେ ଯାଆନ୍ତି ନାହିଁ । ଯଥା—

ଚଳହଳ ପଥ ଛାଡ଼ୁ । ଚାଲେହେଁ ଅମଡ଼ା ମାଡ଼ୁ ।
ଲ୍ଲା. କୋ.

ବିଂ. ଅମର୍ଦ୍ଦିତ ।

**ଅମଣା**, } ବିଂ. (ଦେଶଜ) ଯେ ମଣା ହୋଇ
**ଅମଣିଆ**, } ନ ଥାଏ ବା ମାନ ନ ଥାଏ, ଅଶିକ୍ଷିତ; ଅବାଧ୍ୟ ।

**ଅମତ**, ବି. (ଅମ୍=ରୁଗ୍ଣହେବା-ତ) ରୋଗ, ମୃତ୍ୟୁ; କାଳ; (ଅ-ମତ) ଅସମ୍ମତି । ବିଂ. ଅସମ୍ମତ ।

**ଅମନ**, ବି. (ଅମ୍=ଭୋଜନ କରିବା-ଅନ) ଭୋଜନପାନ; ଜଳପାନ ।

(ପାନାମନଂଚ ଭୁଜନଂ ।)

**ଅମନାତ୍ୟ**, ବି. (ଅମାତ୍ୟ ଶବ୍ଦଜ) ମନ୍ତ୍ରୀ, ଅମାତ୍ୟ; ସଚିବ ।

ଯେ ପାତ୍ରମନ୍ତ୍ରୀ ଅମନାତ୍ୟେ ।
ସାଧୁଚ ସାମନ୍ତ ସହିତେ । ଦା. ଭ.

**ଅମପା**, ବିଂ. (ଦେଶଜ) ଯାହା ମପା ହୋଇ ନ ଥାଏ ।

**ଅମର**, ବି. (ଅ-ମୃ-ଅ) ଦେବତା, ଅମରସିଂହ କବି; ପାରଦ । ବିଂ. ମରଣଶୂନ୍ୟ । ଯେ ନାନାବିଧ ସତ୍ ଓ ପ୍ରଧାନ କାର୍ଯ୍ୟମାନ କରି ଚିରସ୍ମରଣୀୟ ହୋଇଅଛନ୍ତି । (ସ୍ତ୍ରୀ. ଆ-ଅମରା) ଇନ୍ଦ୍ରଙ୍କ ପୁରୀ, ଦେବନଗରୀ; ଦୂବା; ଗୁଳୂଚୀ; ଘୃତକୁମାରୀ; ଜରାୟୁ ।

**ଅମରଦୃଷ୍ଟି**, ବି. (ଅମର-ଦୃଷ୍ଟି) ପଲକହୀନ ଦୃଷ୍ଟି, ଅନିମେଷ ଦୃଷ୍ଟି ।

**ଅମରଦ୍ୱିଜ**, ବି. (ଅମର-ଦ୍ୱିଜ, ଅମରପୂଜକ ଦ୍ୱିଜ, ମଧ୍ୟପଦଲୋପୀ ସମାସ) ଦେବଳ, ପୂଜାରିବ୍ରାହ୍ମଣ ।

**ଅମରପୁଷ୍ପକ**, ବି. (ଅମର-ପୁଷ୍ପକ, ଅମର= ଅବିଶୀର୍ଣ୍ଣ-ପୁଷ୍ପ-କ ସ୍ୱାର୍ଥେ) କଳ୍ପବୃକ୍ଷ, କାଶତୃଣ ।

**ଅମରପୋଲ**, ବି. (ଅମର-ପୃତିକା ଏହି ଉଭୟ ଶବ୍ଦରୁ ଉତ୍ପନ୍ନ) ଉଦ୍ଭିଦବିଶେଷ, ଏକ-ପ୍ରକାର ସିଜୁ ।

**ଅମରାବତୀ**, ବି. ସ୍ତ୍ରୀ. (ଅମର-ବତ୍-ଅସ୍ତ୍ୟର୍ଥେ, ସ୍ତ୍ରୀ-ଈ, ଅ=ଆ) ଇନ୍ଦ୍ରନଗରୀ ।

**ଅମରିଷ**, ବିଂ. (ଅମର୍ଷ ଶବ୍ଦଜ) ଅସହିଷ୍ଣୁ; ଅସହନୀୟ । ଯଥା—

ଏହାକୁ ବାନ୍ଧି ଯେବେ ଦେବଇ ରାଜ୍ୟଦୋଷ ।
ବେଳକୁବେଳ କଥା ହୋଇବ ଅମରିଷ । ନୃ.ପୁ.ସ.ଭ.

ବି. ଅସହନ ।

**ଅମରୀ**, ବି. ସ୍ତ୍ରୀ. (ଅମର-ଈ) ଦେବସ୍ତ୍ରୀ । ଯଥା—

ନବହେମଦ୍ୟୁତି ଅମରୀଏ ନିତି
ନଅନ୍ତି ଫୁଲ ଏ ବନୁ । କ.ଚ.

ବିଂ. ଯାହା ମରେ ନାହିଁ; ଯେଉଁ ଜମିର ଫସଲ ଅନାବୃଷ୍ଟି ଅଥବା ଧୋଇରେ ମରେ ନାହିଁ ।

**ଅମର୍ତ୍ତ୍ୟ**, ବି. (ଅ-ମର୍ତ୍ତ୍ୟ) ଦେବତା । ବିଂ. ସ୍ୱର୍ଗୀୟ ।

**ଅମର୍ଷ**, ବି. (ଅ-ମର୍ଷ=ମୃଷ୍-ଅ) ଅକ୍ଷମା, କ୍ରୋଧ; ଅସହିଷ୍ଣୁତା ।

**ଅମର୍ଷଣ** ବି. (ଅ-ମୃଷ୍-ଅନ) କ୍ରୋଧ । ବିଂ. କ୍ରୁଦ୍ଧ, ଅସହିଷ୍ଣୁ ।

(କ୍ରୋଧନୋଽମର୍ଷଣଃ କୋପୀ ।)

**ଅମଳ**, ବିଂ. (ଅ-ମଳ) ନିର୍ମଳ, ପରିଷ୍କୃତ, ଶୁଭ୍ର । ବି. ଅଭ୍ରକଧାତୁ । ଯଥା—

ଅମଳ ରଜତ କୁସୁମ ଶୋଭେ
ଶ୍ୟାମଳ କେଶେ । ଚ. ଭା.

(ଦେଶଜ) ମାଦକଦ୍ରବ୍ୟ, ଯାହା ଖାଇ ବା ସେବନ କରିବାରେ ମନୁଷ୍ୟ ଅଭ୍ୟସ୍ତ ହୋଇ ଛାଡ଼ି ପାରେ ନାହିଁ । ଯଥା—

ଖାଇଦେଇ କି ଅମଳ
ଅଚେତା ହୋଇଲୁ ରେ । କ. ଚ.

(ଯାବନିକ) ଅଧିକାର ବା ଆଧିପତ୍ୟ, ରାଜତ୍ୱକାଳ । ଯଥା—

ଏହାଙ୍କ ଉପର ବଂଶରେ ।
ପ୍ରତାପରୁଦ୍ର ଅମଳରେ । ଦା. ଭ.

ଅମଳପାଣି, ବି. (ଦେଶଜ) ମାଦକଦ୍ରବ୍ୟ-ବିଶେଷ ।

ଅମଳଣ, ବିଂ. (ଅମ୍ଲାନ ଶବ୍ଦଜ) ଯାହା ମଳିନ ହୁଏ ନାହିଁ । ଯଥା—ଅମଳଣ ବସ୍ତ୍ର ।

ଅମଳା, ବି. ସ୍ତ୍ରୀ. (ଅମଳ-ଆ) ଭୁଇଁଅଁଳା; ଲକ୍ଷ୍ମୀ । (ତାମଳକ୍ୟାମଳା ତାଳୀ)

ଅମଲା, ବି. (ଯାବନିକ) ନିମ୍ନଶ୍ରେଣୀ କର୍ମଚାରୀ । ବିଂ. ଯାହା ବା ଯେ ମଳ ନାହିଁ ।

**ମୋଚିଆଙ୍କ ନାମ ଅଟେ ଅମଲା,**
**ସଭେ ସଭେ ତାଙ୍କ ବଂଶ ଅମଲା । ଭ. ସା. ଅ. ଭା.**

ଅମଳାଣ, ବିଂ. (ଅମ୍ଲାନ ଶବ୍ଦଜ) ମଳରହିତ; ପାପରହିତ; ବିଶୁଦ୍ଧ । ଯଥା—

**ନମସ୍ତେ ଶ୍ରୀରାମ ଅମଳାଣ ପୁଣ୍ୟବଂଶୀ,**
**ନମସ୍ତେ ଶ୍ରୀରାମ କଉଣପବଳଧ୍ୱଂସୀ । ସା. ଭା. ଆ.**

ଅମା, ଅଂ. (ଅ-ମା-କ୍ୱିପ୍) ସହିତ; ନିକଟ । ଯଥା—

( ଅମା ସହ ସମୀପେ ଚ । )

ବି. ସ୍ତ୍ରୀ. ଅମାବାସ୍ୟା, ଚନ୍ଦ୍ରଙ୍କର ମହାକଳା ।

ଅମାଂସ, ଅମାଂସଳ, } ବିଂ. ( ଅ-ମାଂସ, ଅ-ମାଂସଳ ) କୃଶ, ଦୁର୍ବଳ ।

ଅମାତ୍ୟ, ବି. (ଅମା = ନିକଟ-ତ୍ୟ, ଅଥବା ଅମା = ସହ-ଅତ୍ = ସତତ ଗମନ କରିବା-ଯ ସଙ୍ଗାର୍ଥେ) ମନ୍ତ୍ରୀ, ସହଚର ।

ଅମାଦାନ, ବିଂ. (ଦେଶଜ) ସମଧିକ ।

ଅମାନକ, ବିଂ. (ଅମାନ୍ୟ ଶବ୍ଦଜ) ଯେ ମାନେ ନାହିଁ, ଅବାଧ ।

ଅମାନତ, ବିଂ. (ଦେଶଜ) ବିବାଦ ନିଷ୍ପତ୍ତି ପର୍ଯ୍ୟନ୍ତ ବିଶ୍ୱସ୍ତ ଲୋକ ନିକଟରେ ଗଚ୍ଛିତ ।

ଅମାନସ୍ୟ, ଆମନସ୍ୟ, } ବି. (ଅ-ମନସ୍-ଯ) ମନଃପୀଡ଼ା, ମନୋଦୁଃଖ; ବ୍ୟଥା । ଯଥା—

( ପୀଡ଼ା ବାଧା ବ୍ୟଥା ଦୁଃଖମମାନସ୍ୟଂ ପ୍ରସୂତଜଂ ।)

ଅମାନ, ବି. (ଅମାନ୍ୟ ଶବ୍ଦଜ) ଅମର୍ଯ୍ୟାଦା, ଅଗୌରବ ।

**ସ୍ୱାମି ଯମାକୃଷ୍ଟ ତୋତେ କଲକ ଅମାନ,**
**ବୋଲେ ନ ଭଅ ସନ୍ତାନ ବନ୍ଧୁ ସୈନ୍ୟ ଘେନ ।**
**ସା. ଭା. ସ.**

ବିଂ. ଯେ ମାନେ ନାହିଁ, ଯେ ଭ୍ରୂକ୍ଷେପ କରେ ନାହିଁ । ଯଥା—

**ଲକ୍ଷ ଲକ୍ଷ ବାଣ ବିନ୍ଧୁଅଛୁ ଫାଲଗୁନ,**
**ତଥାପି କର୍ମଇ ସେ ବୀରବର ଅମାନ । ସା. ଭା. ସ.**

ଅମାନଆ, ବିଂ. (ଅ-ମାନମାୟୁ ଶବ୍ଦଜ) ଯେ ମାନେ ନାହିଁ ଅର୍ଥାତ୍ ବିପକ୍ଷ । ଯଥା—

**ପୁନ୍ନାଗପୁଷ୍ପ ବାସୀ ଯେ ଦେଖୁଁ ତାକୁ ତୋଷେ,**
**ହରଅମାନଆ ଅଳି ଦଂଶିଲା କି ଦୋଷେ । କୋ. ବ୍ର. ସୁ.**

ଅମାନୁଷ, ବିଂ. (ଅ-ମାନୁଷ) ମନୁଷ୍ୟାତୀତ, ଅଲୌକିକ ।

ଅମାନ୍ୟ, ବିଂ. (ଅ-ମାନ୍ୟ) ଯେ ମାନ୍ୟ ନୁହେ, ଯାହାର ମାନ ନାହିଁ, ଅନାଦରଣୀୟ, ଅମାନମାୟୁ ।

ଅମାପ, ବିଂ. (ଅ-ମାପ-ଦେଶଜ) ଅପରିମିତ, ବହୁ । ଯଥା—

**ମହାମହୀଶଙ୍କ ତାପ ଅମାପ ହେଲା । ବ. ଚ. ମ.**

ଅମାବଇ, ବି. ସ୍ତ୍ରୀ. ( ଅମାବସୀ ଶବ୍ଦଜ ) ଅମାବାସ୍ୟା । ଯଥା—

**ଜ୍ୟୈଷ୍ଠମାସ କୃତ୍ତିକା ନକ୍ଷତ୍ର ଅମାବଇ,**
**ସେଦିନ ଉତପାତ ଯେ ହୋଇଲାଇଁ ମୁହିଁ । ସା. ଭା. ଆ.**

ଅମାମସୀ, ଅମାମାସୀ, ଅମାବସୀ, ଅମାବାସୀ, ଅମାବସ୍ୟା, ଅମାବାସ୍ୟା, } ବି. ସ୍ତ୍ରୀ. (ଅମା = ସହିତ-ମସ୍ = ପରିମାଣ କରିବା-ଅ-ଈ, ଅମା-ବସ୍ = ବାସ କରିବା-ଅ-ଈ, ଅମା-ବସ୍-ଯ-ଆ) କୃଷ୍ଣପକ୍ଷର ଶେଷ ତିଥି, ଯେଉଁ ତିଥିରେ ଚନ୍ଦ୍ର ଓ ସୂର୍ଯ୍ୟ ସମସୂତ୍ରଭାବରେ ଅବସ୍ଥିତ କରନ୍ତି ।

ଅମାୟୁ, ବିଂ. (ଅ-ମାୟା) ଅକପଟ, ସରଳ; ଅବଞ୍ଚକ; ମାୟାଶୂନ୍ୟ ।

ଅମାୟିକ, ବିଂ. (ଅ-ମାୟା-ଇକ) ଅକପଟ, ସରଳ ।

ଅମାର, ବି. (ଦେଶଜ) ଯହିଁରେ ଧାନ ରଖିଲେ ମାର ଅର୍ଥାତ୍ ନଷ୍ଟ ହୁଏ ନାହିଁ, ଶସ୍ୟାଗାର, ଧାନକୋଠି ।

ଅମାର, } ବି. ସ୍ତ୍ରୀ. (ହିନ୍ଦୀ ଅମ୍ବାରୀ ଶବ୍ଦରୁ
ଅମାରୀ, } ଉତ୍ପନ୍ନ) ହାଉଦା ଅର୍ଥାତ୍ ହାତୀ ଉପରେ ପଡ଼ିବା ଆସନ । ଯଥା—

ପାରଧିକ ବଳେ ହେଲେ ନରବର ଅବରୋଧ ବନ୍ଦୀ,
କୁମାରୀଙ୍କ ସଙ୍ଗେ ଅମାରୀରେ ଯେନ ବଳେ ହୁଅନ୍ତି ।
ଉଷା ।

ଅମାଲୁ, } ବି. (ଦେଶଜ) ମିଷ୍ଟ ପିଷ୍ଟକ-
ଅପାମାଲୁ, } ବିଶେଷ । ଯଥା—

ନାଡ଼ୀ ଯେ ସରପୁଲି ଗଜା,
ଅମାଲୁ ଆଦି ଦ୍ରବ୍ୟ ଖଜା । ଦା. ର.

ଅମାସ୍ୟା, ବି. ସ୍ତ୍ରୀ. (ଅମାବାସ୍ୟା ଶବ୍ଦଜ) ଚନ୍ଦ୍ର-ହୀନ ତିଥି । ଯଥା—

ଅମାସ୍ୟା ସଙ୍କ୍ରାନ୍ତି ଦିନ,
ତଇଲ ଯେନନ୍ତି ସେ ପୁଣ । ମା. ମ.

ଅମିତ, ବିଂ. (ଅ-ମିତ) ଅପରିମିତ, ଅସୀମ । (ଅମ୍ = ରୋଗୀ ହେବା, ଗମନ କରିବା-ତ) ରୁଗ୍ଣ; ଗତ ।

ଅମିତ୍ର, ବିଂ. (ଅ-ମିତ୍ର କିମ୍ବା ଅମ୍ = ଗମନ କରିବା, ପାଇବା-ଇତ୍ର ଅର୍ଥାତ୍ ଯେ ବୈରପ୍ରାପ୍ତ ହୁଏ) ଶତ୍ରୁ ।

ଅମିନ, ବି. (ଯାବନିକ) ଭୂମିପରିମାପକ କର୍ମଚାରୀ ।

ଅମିୟ, ବି. (ଅମୃତ ଶବ୍ଦଜ) ଅମୃତ । ଯଥା—

ପବନ ଗଲା ମଧୁପୁରେ,
ବହେ ଅମିୟ ରସଭରେ । ଗ୍ରା. ଦ. ସ୍କ.

ଅମୀ, ବି. (ଅମ୍ = ରୁଗ୍ଣ ହେବା-ଇନ୍) ରୋଗୀ ।

ଅମୀର, ବି. (ଯାବନିକ) ଧନୀ, ସଙ୍ଗତିସମ୍ପନ୍ନ ଲୋକ ।

ଅମୁକ, ବିଂ. (ଅଦସ୍-ଅକ-ନିପାତନ) ଅନିର୍ଦ୍ଦିଷ୍ଟ ବ୍ୟକ୍ତି ବା ବସ୍ତୁର ପରିବର୍ତ୍ତରେ ବ୍ୟବହୃତ ।

ଅମୁକାଇ, } ବି. (ଅମୁକ ଶବ୍ଦଜ) ଅନିର୍ଦ୍ଦିଷ୍ଟ
ଅମୁକେଇ, } ବ୍ୟକ୍ତି ବା ବସ୍ତୁ ।

ଅମୁତ୍ର, ଅଂ. (ଅଦସ୍-ତ୍ର-ନିପାତନ) ପରକାଳେ, ଜନ୍ମାନ୍ତରେ । ଯଥା—ପରୋପକାର ଇହାମୁତ୍ର ଫଳପ୍ରଦ ଅଟେ ।

(ପ୍ରେତ୍ୟାମୁତ୍ର ଭବାନ୍ତରେ)

ଅମୁଦ, ବି. (ଅ-ମୁଦ) ଆମୋଦର ଅଭାବ । ବିଂ. ଆମୋଦଶୂନ୍ୟ, ହର୍ଷରହିତ । (ଅମୁଦ୍ର ଶବ୍ଦଜ) ଖୋଲା ।

ଅମୁଦା, ବିଂ. (ଅମୁଦ୍ର ଶବ୍ଦଜ) ଯାହା ମୁଦା ହୋଇ ନାହିଁ ।

ଅମୁର୍ଚ୍ଛକ, } ବି. (ଦେଶଜ) ପ୍ରିୟ ପଦାର୍ଥର
ଅମର୍ଚ୍ଛକ, } ଅପ୍ରାପ୍ତିରେ ଦୁଃଖ ।

ଅମୁଲ, ବିଂ. (ଅମୂଲ୍ୟ ଶବ୍ଦଜ) ଯାହାର ମୂଲ୍ୟ ନିରୂପଣ କରାଯାଇ ନ ପାରେ, ଅତିଶୟ ।

ଅମୁଲମୁଲ, ବିଂ. (ଦେଶଜ) ଅଧିକ ମୂଲ୍ୟ, ପ୍ରକୃତ ମୂଲ୍ୟଠାରୁ ବେଶି ମୂଲ୍ୟ, ମହାର୍ଘ ।

ଅମୁହାଁ, ବିଂ. ମୁଖରହିତ (ଅମୁହାଁ ଦେଉଳ), ପ୍ରବେଶଦ୍ୱାରହୀନ ।

ଅମୂର୍ତ୍ତି, ବିଂ. (ଅ-ମୂର୍ତ୍ତି) ମୂର୍ତ୍ତିଶୂନ୍ୟ, ଆକୃତିରହିତ । ବି. ଆକାଶ; କାଳ; ବାୟୁ; ଦିକ୍; ଆତ୍ମା ।

ଅମୂଳ, } ବିଂ. (ଅ-ମୂଳ, କ) ମୂଳହୀନ,
ଅମୂଳକ, } ଅପ୍ରାମାଣିକ, କାଳ୍ପନିକ, ମିଥ୍ୟା ।

ଅମୂଲ୍ୟ, ବିଂ. (ଅ-ମୂଲ୍ୟ) ଯାହାର ମୂଲ୍ୟର ଇୟତ୍ତା କରାଯାଇ ନ ପାରେ; ମୂଲ୍ୟ ଦେଲେ ସୁଦ୍ଧା ଯାହା ମିଳି ନ ପାରେ, ବହୁମୂଲ୍ୟ ।

ଅମୃଣାଳ, ବିଂ. (ଅ-ମୃଣାଳ) ମୃଣାଳରହିତ । ବି. ବେଣମୂଳ ।

ଅଭୟଂ ନଳଦଂ ସେବ୍ୟମମୃଣାଳଂ ଜଳାଶୟଂ ।

ଅମୃତ, ବି. (ଅ-ମୃତ) ଯେଉଁ ପରମସୁସ୍ୱାଦୁ ବସ୍ତୁ ପିଇଲେ ଅମରତ୍ୱ ପ୍ରାପ୍ତ ହୁଏ, ସୁଧା; ଜଳ । ଯଥା—

ବାରିଧି ଅମୃତ ମନ୍ଥୁ ଅମୃତ ଜନମ । ବୈ. ବି.

ଘୃତ; ଦୁଗ୍ଧ; ପାରଦ; ନବନୀତ; ସ୍ୱର୍ଣ୍ଣ; ବିଷ; ଯଜ୍ଞଶେଷ ଦ୍ରବ୍ୟ । (ଯଜ୍ଞଶେଷୋଽମୃତଂ ସ୍ମୃତଂ ।)

ମୁକ୍ତି; ଧନ; ସୁସ୍ୱାଦ ବସ୍ତୁ; ଯୋଗବିଶେଷ; ଦେବତା; ଧନ୍ୱନ୍ତରି; ବନମୁଦ୍ଗ । ବିଂ. ମରଣହୀନ; ସୁନ୍ଦର, ପ୍ରିୟ । ଯଥା—

ଅମୃତଂ ବାଲଭାଷିତଂ ।

(ସ୍ତ୍ରୀ. ଆ-ଅମୃତା) ଦୂବା; ତୁଳସୀ; ଗୁଳୁଚୀ; ଆମଳକୀ; ହରିତକୀ; ସୁରା; ପିପ୍ପଳୀ; ଅତସୀ; ସୂର୍ଯ୍ୟଙ୍କର ଜଳବାହିନୀ ରଶ୍ମି ।

**ଅମୃତଘଷା**, ବି. ସ୍ତ୍ରୀ. (ଅମୃତ ଓ ଘର୍ଷଣ ଏହି ଉଭୟ ଶବ୍ଦରୁ ଉତ୍ପନ୍ନ) ସ୍ୱରବାଦ୍ୟବିଶେଷ । ଯଥା—

ଧଇଲୁ ଅମୃତଘଷା ଧନୁ ବେନକରେ । ଲ. ବ.

**ଅମୃତଭଣ୍ଡା, ଅମୃତମଣ୍ଡା**, ବି. (ଅମୃତ-ମଣ୍ଡକ ଏହି ଉଭୟ ଶବ୍ଦରୁ ଉତ୍ପନ୍ନ) ଏକପ୍ରକାର ସୁମିଷ୍ଟ ଫଳ । ଯଥା—

ଅମୃତଭଣ୍ଡା ବୃକ୍ଷର ସଦ୍‌ଗୁଣସମୂହ
ବର୍ଣ୍ଣି ନ ପାରିବେ ଚତୁର ଅନନ୍ତଙ୍କବୃନ୍ଦ ।
ସୁବର୍ଣ୍ଣରେଖା ନଦୀର ତୀରବାସୀ ଜନେ
ଯା ନାମ ଅମୃତମଣ୍ଡା କରନ୍ତି ଗାୟନ । ବୃକ୍ଷସୁତ ।

**ଅମୃତାନ୍ଧସ୍**, ବି. (ଅମୃତ-ଅନ୍ଧସ୍) ଦେବତା ।

**ଅମୃତାଶନ**, ବି. (ଅମୃତ-ଅଶନ) ଦେବତା ।

**ଅମେୟ**, ବିଂ. (ନ-ଅ-ମେୟ) ପରିମାଣର ଅଯୋଗ୍ୟ, ଅପ୍ରମେୟ, ଇୟତ୍ତାଶୂନ୍ୟ ।

**ଅମେଳ**, ବିଂ. (ଅ-ମେଳ) ଅସଙ୍ଗତ; ଭିନ୍ନ । ବି. ପ୍ରଭେଦ; ବିବାଦ ।

**ଅମୋଘ**, ବିଂ. (ଅ-ମୋଘ) ଅବ୍ୟର୍ଥ । ବି. ବିଷ୍ଣୁ, ପରମେଶ୍ୱର । (ସ୍ତ୍ରୀ. ଆ-ଅମୋଘା) ଦେବମାତା; ଦୁର୍ଗା; ବିଡଙ୍ଗ ବୃକ୍ଷ; ହରିତକୀ; ପାଟଳୀ ବୃକ୍ଷ ।

**ଅମୋହ**, ବିଂ. (ଅ-ମୋହ) ମୋହଶୂନ୍ୟ । ବି. ମୋହର ଅଭାବ । (ଅମୋଘ ଶବ୍ଦଜ-ପ୍ରାକୃତ) ଅବ୍ୟର୍ଥ । ଯଥା—

ଶଙ୍କର ଜିଣିବାର କେତେ ମାତର ।
ହର ମନ ହରିବାକୁ ଏ ଅମୋହ ଅସ୍ତ୍ର
ଭିଆଣ ବିଧାତାର । ବି. ଚ. ମ.

**ଅମ୍ବକ**, ବି. (ଅମ୍ବ୍ = ଗମନ କରିବା-ଅକ) ଚକ୍ଷୁ, ନେତ୍ର । ଯଥା—

ଧନ୍ୟ ପରସନ୍ନ ଅନ୍ୟ ଅମ୍ବକ ହରଷସଦନ । ପ୍ରେ. ସୁ.

ତାମ୍ର । (ଅମ୍ବ୍-ଅ-କ—ସ୍ୱାର୍ଥେ) ପିତା ।

**ଅମ୍ବର**, ବି. (ଅମ୍ବ୍ = ଗମନ କରିବା-ଅର) ଆକାଶ; ବସ୍ତ୍ର; କାର୍ପାସ ବା କପା; ଅମ୍ବର ନାମକ ସୁଗନ୍ଧ ଦ୍ରବ୍ୟ ।

(ଅମ୍ବରଂ ବାସସି ବ୍ୟୋମ୍ନି କାର୍ପାସେ ଚ ସୁଗନ୍ଧକେ ।)

**ଅମ୍ବରୀଷ**, ବି. (ଅମ୍ବ୍ = ଗମନକରିବା-ଅର-ଈଷ) ଶିବ; ବିଷ୍ଣୁ; ସୂର୍ଯ୍ୟବଂଶୀୟ ରାଜାବିଶେଷ; ଋଷିବିଶେଷ; ସୂର୍ଯ୍ୟ; ବାଳକ; ଯୁଦ୍ଧ; ଅନୁତାପ; ଆକାଶ; ଆମ୍ବଡ଼ା ଗଛ; ଭର୍ଜନପାତ୍ର ।

**ଅମ୍ବଷ୍ଠ**, ବି. (ଅମ୍ବ = ପିତା-ସ୍ଥା-ଅ, ଅର୍ଥାତ୍ ଯେ ରୋଗ ସମୟରେ ପିତା କିମ୍ବା ମାତାଙ୍କପରି ରକ୍ଷେ ବା ପାଳନ କରେ) ବ୍ରାହ୍ମଣର ଔରସରେ ବୈଶ୍ୟାର ଗର୍ଭଜାତ ବୈଦ୍ୟ ନାମକ ସଙ୍କୀର୍ଣ୍ଣ ଜାତି, ଚିକିତ୍ସକ ଜାତି ।

**ଅମ୍ବଷ୍ଠା**, ବି. ସ୍ତ୍ରୀ. (ଅମ୍ବଷ୍ଠ-ଆ) ଅମ୍ବଷ୍ଠଜାତି ସ୍ତ୍ରୀ; ଜୁଇଗଛ—(ଗଣିକା ଯୂଥିକାମ୍ବଷ୍ଠା ।) ଅକାନବିନ୍ଦୀ—(ପାଠାମ୍ବଷ୍ଠାବିଦ୍ଧକର୍ଣ୍ଣୀ ।) ଆମ୍ବିଳତି ନାମକ ଗଛ—(ଶଠାମ୍ବଷ୍ଠାମ୍ଳଲୋଣିକା ।)

**ଅମ୍ବା**, ବି. ସ୍ତ୍ରୀ. (ଅମ୍ବ୍ = ଶବ୍ଦ କରିବା-ଅ, ଯେ ସନ୍ତାନମାନଙ୍କଦ୍ୱାରା ଶବ୍ଦିତ ଅର୍ଥାତ୍ କଥିତ ହୁଅନ୍ତି) ମାତା, ଜନନୀ; ଦୁର୍ଗା; କାଶୀରାଜଙ୍କ ଜ୍ୟେଷ୍ଠା ଦୁହିତା—ଏହି କନ୍ୟା କେବଳ ଶିଖଣ୍ଡୀରୂପରେ ଜନ୍ମିଥିଲେ ।

**ଅମ୍ବାଲୀ**, ବି. ସ୍ତ୍ରୀ. (ଅମ୍ବା-ଲ-ଅ-ଆ, ଯେ ମାତା ଶବ୍ଦ ଗ୍ରହଣ କରେ) ମାତା; ଦୁର୍ଗା ।

**ଅମ୍ବାଲିକା**, ବି. ସ୍ତ୍ରୀ. (ଅମ୍ବାଳା-କ-ସ୍ୱାର୍ଥେ, ଆ-ସ୍ତ୍ରୀଲିଙ୍ଗେ) ମାତା; ଦୁର୍ଗା; କାଶୀରାଜଙ୍କ କନିଷ୍ଠା କନ୍ୟା, ବିଚିତ୍ରବୀର୍ଯ୍ୟଙ୍କର ପତ୍ନୀ, ପାଣ୍ଡୁଙ୍କର ମାତା ।

**ଅମ୍ବିକା**, ବି. ସ୍ତ୍ରୀ. (ଅମ୍ବା-କ-ଆ) ମାତା; ଦୁର୍ଗା; କାଶୀରାଜଙ୍କ ମଧ୍ୟମା କନ୍ୟା, ବିଚିତ୍ରବୀର୍ଯ୍ୟଙ୍କର ପତ୍ନୀ, ଧୃତରାଷ୍ଟ୍ରଙ୍କ ମାତା; ଦେବମାତା; ଜୈନମାନଙ୍କର ଦେବୀବିଶେଷ ।

**ଅମ୍ବିକେୟ**, ବି. (ଅମ୍ବିକା-ଏୟ) ଧୃତରାଷ୍ଟ୍ର; କାର୍ତ୍ତିକେୟ; ଗଣେଶ ।

**ଅମ୍ବୁ**, ବି. (ଅମ୍ବ୍ = ଶବ୍ଦ କରିବା-ଉ) ଜଳ ।

**ଅମ୍ବୁକଣା**, ବି. ସ୍ତ୍ରୀ. (ଅମ୍ବୁ-କଣା) ଜଳବିନ୍ଦୁ ।

**ଅମ୍ବୁଜ**, ବି. (ଅମ୍ବୁ-ଜନ୍-ଅ) ପଦ୍ମ; ଚନ୍ଦ୍ର; ଶଙ୍ଖ; ବଜ୍ର; ହିଜ୍ଜଳଗଛ । ବିଂ. ଜଳଜାତ ।

ଅମ୍ବୁଦ, ଅମ୍ବୁଧର, } ବି. (ଅମ୍ବୁ-ଦା-ଅ, ଅମ୍ବୁ-ଧୃ-ଅ) ମେଘ; ଜଳଧର; ମୁସ୍ତକ ।

ଅମ୍ବୁଧି, ଅମ୍ବୁନିଧି, } ବି. (ଅମ୍ବୁ-ଧା-ଇ, ଧା=ଧି, ଅମ୍ବୁ-ନି-ଧା-ଇ;) ସମୁଦ୍ର; ଜଳ ଯାହାର ସମ୍ପତ୍ତି ।

ଅମ୍ବୁଭୃତ୍, ବି. ( ଅମ୍ବୁ-ଭୃ-କ୍ୱମ୍ ) ଯେ ଜଳ ଧାରଣ କରେ, ମେଘ; ସମୁଦ୍ର; ମୁସ୍ତକ ବା ମୁଥା; ଅଭ୍ରକଧାତୁ ।

ଅମ୍ବୁମୁକ୍, ବି. ( ଅମ୍ବୁ-ମୁଚ୍-କ୍ୱପ୍ ) ମେଘ ।

ଅମ୍ବୁରାଶି, ବି. (ଅମ୍ବୁ-ରାଶି) ସମୁଦ୍ର ।

ଅମ୍ବୁରୁହ, ବି· (ଅମ୍ବୁ-ରୁହ୍-ଅ) ପଦ୍ମ, ଜଳଜ । (ସ୍ତ୍ରୀ-ଆ) ସ୍ଥଳପଦ୍ମିନୀ ।

ଅମ୍ବୁବାହ, ବି. ( ଅମ୍ବୁ-ବହ୍-ଅ ) ମେଘ; ମୁସ୍ତକ ବା ମୁଥା; ଅଭ୍ରକନାମ ଧାତୁ । ବିଂ. ବାରିବହନକାରୀ ।

ଅମ୍ବୁବାହିନୀ, ବି. ସ୍ତ୍ରୀ. (ଅମ୍ବୁ-ବହ୍-ଇନ୍-ଈ) ଜଳସେଚନୀ, କାଷ୍ଠାଦି ନିର୍ମିତ ଜଳ-ସେଚନପାତ୍ର, ସେଣା ।

ଅମ୍ବୁବାହୀ, ବିଂ. (ଅମ୍ବୁ-ବହ୍-ଇନ୍) ଜଳ-ବହନକାରୀ । (ସ୍ତ୍ରୀ-ଈ) କାଷ୍ଠାଦିନିର୍ମିତ ଜଳସେଚନୀ ପାତ୍ର ।

ଅମ୍ବୁବେତସ, ବି. (ଅମ୍ବୁ-ବେତସ) ପାଣିବେତ ।

ଅମ୍ବୁସରଣ, ବି· (ଅମ୍ବୁ ସୃ-ଅନ) ଜଳସ୍ରୋତ, ସ୍ୱତଃ ବହିବା ଜଳଧାରା । (ସ୍ରୋତୋଽମ୍ବୁ-ସରଣସ୍ୱତଃ ।)

ଅମ୍ବୁସର୍ପିଣୀ, ବି. ସ୍ତ୍ରୀ. (ଅମ୍ବୁ-ସୃପ୍-ଇନ୍-ଈ) ଜଳୌକା, ଜୋକ ।

ଅମ୍ବୂକୃତ, ବିଂ. (ଅମ୍ବୁ-କୃତ, ଚ୍ୱି ପ୍ରତ୍ୟୟ) ନିଷ୍ଠୀବନଯୁକ୍ତ ( ବାକ୍ୟ ବା ଧ୍ୱନି ) । (ଅମ୍ବୂକୃତଂ ସନିଷ୍ଠୀବଂ ।)

ଅମ୍ଭଃ, ବି. ( ଅମ୍ଭସ୍=ଆପ୍=ଜଳ-ଅସ୍-ସଙ୍କାର୍ଥେ, ମ-ଆଗମ, ପ=ଭ ନିପାତନ) ଜଳ ।

ଅମ୍ଭୋଜ, ବି. (ଅମ୍ଭଃ-ଜନ୍-ଅ) ପଦ୍ମ; ଚନ୍ଦ୍ର; ଶଙ୍ଖ । (ସ୍ତ୍ରୀ-ଈ) ସାରସ ପକ୍ଷୀ । ବିଂ. ଜଳଜାତ ।

ଅମ୍ଭୋଦାମୀ, ଅମ୍ଭୋଦାନ, } ବିଂ. (ଅମ୍ଭଃ-ଦାମୀ ଏହି ଉଭୟ ଶବ୍ଦରୁ ଉତ୍ପନ୍ନ) ଜଳ ପରି ଯେ ଧନ ଢାଳି ଦିଏ । ବଡ଼ ଦାମୀ । ଯଥା—

ବଇରି ଲୋକ ଯାକୁ ଡକାଲେ ଯାଅ ଚହ୍ନି,
ଭୃତ୍ୟଙ୍କୁ ରଖି ପ୍ରଭୁ ହୋଇ ଅମ୍ଭୋଦାମୀ ।ନୃ.ପୁ.ଝ.ସା.

ଅମ୍ଭୋଧି, ଅମ୍ଭୋନିଧି, } ବି.(ଅମ୍ଭଃ-ଧା-ଇ, ଅମ୍ଭଃ-ନି-ଧା-ଇ) ସମୁଦ୍ର, ସାଗର ।

ଅମ୍ଭୋରୁହ, ବି.(ଅମ୍ଭଃ-ରୁହ୍-ଅ)ପଦ୍ମ ।ଯଥା—

ଅମ୍ଭୋରୁହାକ୍ଷର ନେତ୍ର କଟାକ୍ଷର
ଦମ୍ଭୋଳିରୁ ବଳି ଦାଉ ।

ଅମ୍ମୟ, ବିଂ. (ଅପ୍-ମୟ-ତଦ୍ଧିତ ପ୍ରାର୍ଥେ) ଜଳମୟ; ଜଳବିକାର, ଫେନାଦି ।
( ନିକ୍ଷୁ ହେ ଅପଂମମ୍ମୟଂ ।)

ଅମ୍ର, ବି. (ଅମ୍=ଭୋଜନ କରିବା-ର, ଯାହା ଭୋଜନ କରାଯାଏ, ଅଥବା ଅମ୍=ଗମନ କରିବା-ର, ଯାହାର ସୌରଭ ଦୂର ପର୍ଯ୍ୟନ୍ତ ଗମନ କରେ) ଆମ୍ବଗଛ, ଆମ୍ବଫଳ ।

ଅମ୍ରାତ, ଅମ୍ରାତକ, } ବି. (ଅମ୍ବ-ଅତ୍=ଗମନ କରିବା-ଅ, ସ୍ୱାର୍ଥେ-କ । ଅମ୍ବ ପରି ଯାହା ସବନ ପ୍ରାପ୍ତ ହୁଏ ଅର୍ଥାତ୍ ଯେ ଆମ୍ରତୁଲ୍ୟ; ଅଥବା ଯାହାର ଅମ୍ଳରସ ପତ୍ରପୁଷ୍ପାଦି ପର୍ଯ୍ୟନ୍ତ ବ୍ୟାପ୍ତ ରହେ) ଆମ୍ବଡ଼ା, ଆମ୍ବଡ଼ା ଗଛ ।

ଅମ୍ଳ, ବି. (ଅମ୍=ରୁଗ୍ଣ ହେବା-ଳ, ଯେ ରୋଗ ଜନ୍ମାଏ) ରସବିଶେଷ; ତେନ୍ତୁଳି ଗଛ । ବିଂ. ଅମ୍ଳରସଯୁକ୍ତ, ଆମ୍ବିଳା ।

ଅମ୍ଳପିତ୍ତ, ବି. (ଅମ୍ଳ=ଅଜୀର୍ଣ୍ଣ-ପିତ୍ତ) ରୋଗ-ବିଶେଷ, ଅଜୀର୍ଣ୍ଣହେତୁରୁ ପିତ୍ତ ବୃଦ୍ଧି ହେଲେ ଯେଉଁ ରୋଗ ଜାତ ହୁଏ ।

ଅମ୍ଳପୂର, ଅମ୍ଳଫଳ, ଅମ୍ଳବୃକ୍ଷ, } ବି. ତେନ୍ତୁଳି ଗଛ ।

ଅମ୍ଳଲେଣିକା, ଅମ୍ଳଲୋଣୀ, ଅମ୍ଳଲୋଳିକା, ବି. ସ୍ତ୍ରୀ. (ଅମ୍ଳ-ଲୁ-ଅକ, ଯେ ଅମ୍ଳରସଦ୍ୱାରା ଅରୁଚି ନଷ୍ଟ କରେ) ଆମ୍ବିଳିତି ।

(ଚୁକ୍ରୌଷ୍ଣ ଚୁକ୍ରିକା ଦନ୍ତଶଠାମ୍ଲଷ୍ଟାମ୍ଳଲେଣିକା ।)

ଅମ୍ଳବେତସ, ବି. (ଅମ୍ଳ-ବେତସ) ଅମ୍ଳପାଳଙ୍ଗ ଶାକ ।

(ସହସ୍ରବେଧୀ ଚୁକ୍ରୋଽମ୍ଳ ବେତସଃ ଶତବେଧ୍ୟପି ।)

ଅମ୍ଳାନ, ବିଂ. (ଅ-ମ୍ଲାନ) ସତେଜ; ହୃଷ୍ଟ, ମାଳିନ୍ୟରହିତ ।

ଅମ୍ଳିକା, ଅମ୍ଲୀକା, ବି. ସ୍ତ୍ରୀ. (ଅମ୍ଳ-କ ସ୍ୱାର୍ଥେ ଅ = ଇ, ଈ, ଅମ୍ଳଯୋଗ ହେତୁ ଅମ୍ଲିକା) ତେନ୍ତୁଳିଗଛ; ଅମ୍ଲୋଦ୍‌ଗାର ।

ଅୟ, ବି. (ଇ-ଅ) ଶୁଭ ଅଦୃଷ୍ଟ, ଶୁଭଦାୟକ ବିଧି । (ଅୟଃ ଶୁଭାବହୋ ବିଧିଃ ।) ଦ୍ୟୂତ କ୍ରୀଡ଼ାରେ ପଶାର ଗତିବିଶେଷ; ନରକବିଶେଷ । (ଇ = ଗମନ-କ, ପ୍ରାପ୍ତି-ଅ) ବଣିକମାନେ ଯାହା ପ୍ରାପ୍ତ ହୁଅନ୍ତି, ଲାଭ ।

ଅଯତ୍ନ, ବି. (ଅ-ଯତ୍ନ) ଯତ୍ନର ଅଭାବ; ଅନାଦର, ଅନାସ୍ଥା; ଅବହେଳା । ବିଂ. ଯତ୍ନହୀନ ।

ଅଯଥା, ବିଂ. (ଅ-ଯଥା) ଅନୁପଯୁକ୍ତ, ଅଳୀକ, ଅମୂଳକ, ଅପ୍ରାମାଣିକ । ଯଥା—ଏକଥା ଅଯଥା ନୁହେ । ଅଂ. ଅନୁପଯୁକ୍ତରୂପେ, ଅନ୍ୟାୟରୂପେ ।

ଅୟନ, ବି. (ଇ-ଅନ) ପଥ, ଗତି; କର୍କଟ ଓ ମକରଠାରୁ ସୂର୍ଯ୍ୟଙ୍କର ଷଟ୍‌ମାସାବଧିକ ଅବସ୍ଥିତି । (ଅୟନଂ ମକରେ ରବୌ କୁଳୀରେ ଚ ।) ସ୍ଥାନ; ଜନ୍ମ; ଆଶ୍ରୟ ।

ଅୟନମଣ୍ଡଳ, ବି. (ଅୟନ-ମଣ୍ଡଳ) ରାଶିଚକ୍ର ଓ ରାଶିଚକ୍ରସ୍ଥ ସୂର୍ଯ୍ୟର ଦୃଶ୍ୟମାନ ଗମନୀୟ ପଥ ।

ଅୟସ୍, ବି. (ଇ-ଅସ୍, ଯାହା ଖଣିରୁ ମିଳେ) ଲୌହ, ଅଗ୍ନି; ଅଗୁରୁବୃକ୍ଷ ।

(ଅୟଃ ପ୍ରକୀର୍ତ୍ତିତଃ ଲୌହେ ତଥୈବାଗୁରୁପାଦପେ ।)

ଅୟସ୍କାନ୍ତ, ବି. (ଅୟସ୍-କାନ୍ତ, କାନ୍ତ = କମନୀୟ କିନ୍ତୁ ଏସ୍ଥଳେ କାନ୍ତ ଶବ୍ଦର ଅର୍ଥ ରତ୍ନ) ଲୌହାକର୍ଷକ ମଣି, ଚୁମ୍ବକ ପଥର ।

ଅୟସ୍କାର, ବି. (ଅୟସ୍-କୃ-ଅ) ଲୌହକାର, କମାର ।

ଅଯାଚିତ, ବିଂ. ( ଅ-ଯାଚିତ ) ଅପ୍ରାର୍ଥିତ, ଅନଭ୍ୟର୍ଥିତ । ବି. ଅପ୍ରାର୍ଥିତ ଭକ୍ଷ୍ୟ ଦ୍ରବ୍ୟ; ମୁନିବିଶେଷ ।

ଅୟି, ଅଂ. କୋମଳ ସମ୍ବୋଧନ; ପ୍ରଶ୍ନ; ଅନୁନୟ; ସାନ୍ତ୍ୱନା; ଉତ୍ସାହ । (ଅୟି ବଦ ରାଘବ ତଥ୍ୟଂ ।)

ଅଯୁକ୍ତ, ବିଂ. (ଅ-ଯୁଜ୍-ତ) ଅନ୍ୟମନସ୍କ; ଅନୁଚିତ; ଅସଂଯୁକ୍ତ; ଯୁକ୍ତିଶୂନ୍ୟ ।

ଅଯୁତ, ବିଂ. (ଅ-ଯୁତ) ଅସଂଯୁକ୍ତ । ବି. ଦଶ ସହସ୍ର । ଯଥା—

ଅଯୁତ ଯାଦବ ଯୋଧେ ପଛେ ଧାଇଁ,
ନ ପାରିଲେ ବାଲା ମନକୁ ଫେରାଇ । ନ. କେ.

ଅୟେ, ଅଂ. (ଇ-ଏ) କୋମଳ ସମ୍ବୋଧନ; ସ୍ମରଣ; ଭ୍ରମ; ଭୟ; କ୍ରୋଧ; ସମ୍ଭ୍ରମ ।

ଅଯୋଗ, ବି. (ଅ-ଯୁଜ୍-ଅ) ବିଶ୍ଳେଷ; ଧ୍ୟାନର ଅଭାବ; ଦୁର୍ଯୋଗ ।

ଅୟୋଗବ, ବି. ( ଅୟଃ = ଲୌହ ବା ଲୌହବତ୍ କଠିନ-ଗୋ = ବାକ୍ୟ-ଅ ) ଶୂଦ୍ରର ଔରସରେ ବୈଶ୍ୟା ଗର୍ଭଜାତ ।

ଅଯୋଗବାହ, ବି. (ଅଯୋଗ-ବହ୍-ଅ) ଆଶ୍ରୟ ସ୍ଥାନ ବ୍ୟତିରେକେ ଯେଉଁ ସବୁ ବର୍ଣ୍ଣ ଉଚ୍ଚାରିତ ହୋଇ ନ ପାରନ୍ତି—ଅନୁସ୍ୱାର, ଚନ୍ଦ୍ରବିନ୍ଦୁ, ବିସର୍ଗ ।

ଅଯୋଗା, ବିଂ. (ଅଯୋଗ୍ୟ ଶବ୍ଦଜ) ଅଯୋଗ୍ୟ, ଅନୁପଯୁକ୍ତ ।

ଅଯୋଗ୍ୟ, ବିଂ. (ଅ-ଯୁଜ୍-ଯ) ଅନୁଚିତ, ଅନୁପଯୁକ୍ତ ।

ଅୟୋଽଗ୍ର, ବି. (ଅୟସ୍ = ଲୌହ-ଅଗ୍ର = ମୁଖ) ଲୌହ ମୁଷଳ; ଲୌହବଦ୍ଧ ମୁଦ୍‌ଗର ଏବଂ ଲଗୁଡ଼ାଦି; ହାତୁଡ଼ି ।

**ଅୟୋଘନ**, ବି. (ଅୟସ୍-ହନ୍-ଅ) ଯାହାଦ୍ୱାରା ଲୌହ ପିଟାଯାଏ, ହାତୁଡ଼ି ।

**ଅୟୋନି**, ବିଂ. (ଅ-ଯୋନି-ଜନ୍ମସ୍ଥାନ) ଜନ୍ମ-ରହିତ ।

**ଅୟୋମୁଖ**, ବି. (ଅୟସ୍-ମୁଖ, ଯାହାର ମୁଖରେ ଲୌହ ଅଛି) ଲୌହାଗ୍ର; ବାଣ; ଦାନବ ବିଶେଷ; ଲାଙ୍ଗଳାଦି; କଠିନ ଥଣ୍ଟଯୁକ୍ତ ପକ୍ଷୀ; ପର୍ବତବିଶେଷ । ବିଂ. ଲୌହମୟ ମୁଖବିଶିଷ୍ଟ; କଠିନ ମୁଖବିଶିଷ୍ଟ ।

**ଅଯୌକ୍ତିକ**, ବିଂ. (ଅ-ଯୌକ୍ତିକ) ଯୁକ୍ତିବିରୁଦ୍ଧ, ଯୁକ୍ତିବହିର୍ଭୂତ ।

**ଅର**, ବି. (ଋ-ଅ) ଚକ୍ରର ନାଭି ଏବଂ ନେମିରେ ସଂଯୋଜିତ କାଷ୍ଠ । କ୍ରି. ବିଂ. ଶୀଘ୍ର, ଚଞ୍ଚଳ । ବିଂ. ଶୀଘ୍ରଗାମୀ ।

(ଅରଂ ଶୀଘ୍ରେ ଚ ଚକ୍ରାଙ୍ଗେ ଶୀଘ୍ରଗେ ପୁନରନ୍ୟବତ୍ ।)

**ଅରକ**, } ବି. ( ଅର୍କ ଶବ୍ଦଜ ) ଗୁଳ୍ମବିଶେଷ ।
**ଅରଖ**, } ( ଯାବନିକ ) ନିର୍ଯ୍ୟାସ, ଯେପରି
**ଅର୍ଖ**, } ଜୁଆଣି ଅର୍କ, ଚନ୍ଦନ ଅର୍କ ଇତ୍ୟାଦି ।
**ଅର୍କ**,

**ଅରଖି**, ବି. (ଦେଶଜ) ତଣ୍ଡୁଳ ସାର, ମଦ୍ୟ-ବିଶେଷ ।

**ଅରଖି**, } ବି. (ଦେଶଜ) ଅତି ମୋଟା ସୂତାରେ
**ଅର୍ଖି**, } ଘନ ବୁଣା ଅଖା ପରି ମୋଟ ଲୁଗା ।

**ଅରଗଳ**, ବି. (ଅର୍ଗଳ ଶବ୍ଦଜ) କବାଟ କିଳଣୀ, ଯେଉଁ କାଷ୍ଠ ମଧ୍ୟରେ ମେଷାଦିଙ୍କ ବେକ ପୂରାଇ ବନ୍ଦ କରାଯାଏ ।

**ଅରଗ୍‌ବଧ**, ବି. ସଂ. ସୁନାରି ଗଛ ।

**ଅରଘଟ୍ଟ**, ବି. (ଅର = ଶୀଘ୍ର-ଘଟ୍ଟ = ଚାଳିତ କରିବା-ଅ) ଘଟାଦି ଯାହାଦ୍ୱାରା ଶୀଘ୍ର ଚାଳିତ ହୁଏ, କୂପରୁ ଜଳ ଉତ୍ତୋଳନ କରିବାର ଯନ୍ତ୍ର ।

**ଅରଘଟ୍ଟଘାଟିକା**, ବି. ସ୍ତ୍ରୀ. (ଅରଘଟ୍ଟ-ଘାଟିକା) କୂପର ଭିତ୍ତିଗର୍ତ୍ତ, ଯହିଁରେ ପାଦ ଦେଇ କୂପ ଭିତରୁ ଉଠିବାକୁ ହୁଏ ।

**ଅରଜ**, ବି. (ଯାବନିକ) ନିବେଦନ ।

**ଅରଜାଃ**, ବି. ସ୍ତ୍ରୀ. (ଅ-ରଜସ୍ = ଋତୁ) ଯେଉଁ ସ୍ତ୍ରୀ ଋତୁମତୀ ହୋଇ ନାହିଁ । ବିଂ. ରଜୋଗୁଣ କାର୍ଯ୍ୟ ଅର୍ଥାତ୍ କାମ କ୍ରୋଧାଦିରେ ରହିତ, ରଜୋରହିତ; ଧୂଳିଶୂନ୍ୟ, ନିର୍ମଳ ।

**ଅରଜି**, } ବି. (ଯାବନିକ) ନିବେଦନ ପତ୍ର,
**ଅର୍ଜି**, } ଅଭିଯୋଗ ପତ୍ର ।

**ଅର୍ଜିବା**, କ୍ରି. (ଅର୍ଜ ଧାତୁଜ) ଉପାର୍ଜନ କରିବା । ବିଂ. ଉପାର୍ଜିତ ।

**ଅରଟ**, ବି. (ଦେଶଜ) ସୂତା କାଟିବାର ଯନ୍ତ୍ର-ବିଶେଷ । (ଅ-ରଟ୍-ଅ) ଗୁପ୍ତ ମନ୍ତ୍ରଣା-ଦାତା; ପୃଥୁ ରାଜାଙ୍କର ମନ୍ତ୍ରୀ ।

**ଅରଟି**, } ବି. (ଦେଶଜ) ନଦୀ ବଢ଼ିରେ ଭାସି
**ଅରଠି**, } ଯାଉଥିବା କାଷ୍ଠକୁ ଧରିବାର ଯନ୍ତ୍ରବିଶେଷ ।

**ଅରଟୀ**, ବି. ସ୍ତ୍ରୀ. (ଦେଶଜ) ବାଦ୍ୟଯନ୍ତ୍ର-ବିଶେଷ । ଯଥା—

ବାହୁଛନ୍ତି ସେ ବଂଶ ଶଲାକା ଆଦି ଢୋଲ,
ଘଟନାଦ ଅରଟୀ ରଣପା ଯେ ମଙ୍ଗୁଳ । ଲ·ବ·

**ଅରଟୁ**, ବି. ସଂ. ଶୋନାକ ବା ଫଣଫଣାଗଛ ।

**ଅରଣ**, } ବି. (ଆରଣ୍ୟ ଶବ୍ଦଜ) ବନ୍ୟମହିଷ ।
**ଅରଣା**, } ଯଥା—

ଭୀଷଣ ଅରଣେ ବେଣାବଣ ଯହିଁ ମହାବିଷମ,
ଯମଙ୍କ ବାହାନ ବୋଲନ୍ତି ବସ ଫଳେ ସେହି ସେ ଯମା
ଭୂଷା ।

ବିଂ. ଉନ୍ମତ୍ତ । ଯଥା—

ଏକକୁ ଆରେକେ ଦେଖିବେ ଅତ୍ୟନ୍ତ ଜଗଣା,
ଆଗେ ପଛେ ଚାଲିଛନ୍ତି ହୋଇଣ ଅରଣା ।
ନୃ. ପୁ. ଦ୍ୱି. ତ.

**ଅରଣି**, } ବି. ସ୍ତ୍ରୀ. (ଋ = ଗମନ ବା ପ୍ରାପ୍ତି-
**ଅରଣୀ**, } ଅନି-ଈ) ଅଗ୍ନି-ଉତ୍ପାଦକ ମନ୍ଥନ-ଦଣ୍ଡ; ଗଣିକାରିକାବୃକ୍ଷ ବା ଅଗିବଥୁ; ଦୁରାଲଭା; ଚକମକିପଥର; ସୂର୍ଯ୍ୟ; ଅଗ୍ନି ।

**ଅରଣୀସୁତ**, ବି. (ଅରଣୀ-ସୁତ) ଶୁକଦେବ, ବ୍ୟାସଦେବ ଅଗ୍ନି ଉତ୍ପାଦନ ନିମିତ୍ତ ଅରଣୀ ଘର୍ଷଣ କରୁଥିବା ସମୟରେ ସ୍ୱର୍ଗବେଶ୍ୟା ଘୃତାଚୀର ରୂପରେ ମୋହିତ ହୋଇ ଶୁକ୍ରତ୍ୟାଗ କଲେ, ତାହା ଅରଣୀ ଉପରେ ପଡ଼ି ସନ୍ତାନ ହେବାରୁ ସେହି ସନ୍ତାନର ନାମ ଅରଣୀସୁତ ହେଲା ।

ଅରଣ୍ଡା, ବି. ସ୍ତ୍ରୀ. (ଅଳାନ୍ଦ ଦେଶଜ) ଦ୍ୱାରଦେଶ ବା ପିଣ୍ଡା ।

ଅରଣ୍ୟ, ବି. (ଋ-ଅନ୍ୟ, ଯହିଁରେ ପଶୁମାନେ ଗମନ କରନ୍ତି, ଅଥବା ଅରଣି-ଯ) ବନ, କାନନ ।

ଅରଣ୍ୟଶାଳି, ବି. (ଅରଣ୍ୟ-ଶାଳି) ନୀବାର ବା ବନଧାନ୍ୟ ।

ଅରଣ୍ୟାନୀ, ବି. ସ୍ତ୍ରୀ. (ଅରଣ୍ୟ-ଆନ ମହଦର୍ଥେ, ଈ-ସ୍ତ୍ରୀଲିଙ୍ଗରେ) ମହାବନ, ଅତିବିସ୍ତୃତ ବନ ।

( ମହାରଣ୍ୟମରଣ୍ୟାନୀ ।)

ଅରତତ୍ରପ, ବି. (ଅ-ରତ = ରମଣ ବିଷୟରେ-ତ୍ରପା = ଲଜ୍ଜା) ରମଣ ବିଷୟରେ ଯାହାର ଲଜ୍ଜା ନାହିଁ, କୁକ୍କୁର ।

ଅରତି, ବି. ସ୍ତ୍ରୀ. (ଅ-ରତି = ସନ୍ତୋଷ) ଅପ୍ରୀତି, ବିରକ୍ତି; ଉତ୍ସାହହୀନତା; ଦୁଃଖ; ବ୍ୟଥା; ଚିତ୍ତର ଆକୁଳୀଭାବ; ପିତ୍ତବିକାରବିଶେଷ । ବିଂ. ରତିହୀନ, ଆସକ୍ତିହୀନ; ନିରୁତ୍ସାହ ।

ଅରତ୍ନି, ବି. (ଅ-ରତ୍ନି=ଋ-ଅତ୍ନି) କନିଷ୍ଠାଙ୍ଗୁଳି ଭିନ୍ନ ମୁଷ୍ଟିରେ ଉପଲକ୍ଷିତ ହସ୍ତ ।
(ସ୍ୟାଦରତ୍ନିସ୍ତୁ ନିଷ୍କନିଷ୍ଠେନ ମୁଷ୍ଟିନା—ନିଷ୍କନିଷ୍ଠେନ ବିସ୍ତୃତ କନିଷ୍ଠେନ ମୁଷ୍ଟିନୋପଲକ୍ଷିତୋ ହସ୍ତଃ ଅରତ୍ନିଃ ।)
କଫୋଣି ।

ଅରଦଳି, ଅର୍ଦ୍ଦଳୀ, ଅର୍ଦ୍ଦଳି, } ବି. (ଇଂରାଜୀ-ଅର୍ଡ୍ଡରଲି ଶବ୍ଦଜ) ଆଦେଶବାହୀ ଭୃତ୍ୟ । (ଦେଶଜ) ବ୍ୟବହାରଜନିତ ବାଧା; କଠିନ ଆଚରଣ । ଯଥା—

ବାବୁ ତୋର ଅର୍ଦ୍ଦଳିରେ ନ ସହନ୍ତି ଡରେ,
ଦୁର୍ଗଡଗୁ ପାର କଲୁ ବର୍ଟନର ପୁରେ । ସା. ଲ୍ଲ. ଲ୍ଲ.

ଅରମା, ବିଂ. (ଅର୍ମିକ ଶବ୍ଦଜ) କୁତ୍ସିତ, ଅପରିଷ୍କୃତ । ବି. କୁତ୍ସିତ ସ୍ଥାନ; ଅପରିଷ୍କୃତ ବା ବଣୁଆ ସ୍ଥାନ ।

ଅରର, ବି. ( ଋ-ଅର-ସଂଜ୍ଞାର୍ଥେ ) କବାଟ; ବଂଶକୋଷ; ଆବରଣ; ଖାପ; ଚର୍ମ କାଟିବାର ଛୁରୀ; ଯଜ୍ଞାଙ୍ଗ; ଯୁଦ୍ଧ ।

ଅରରି, ବି. ସ୍ତ୍ରୀ. (ଋ-ଅର-ଇ)କପାଟ,କବାଟୀ।

ଅରରୁ, ବି. (ଋ=ଗମନ କରିବା, ବଧ କରିବା ଇତ୍ୟାଦି-ଅରୁ) ଶତ୍ରୁ; ଅସ୍ତ୍ରଭେଦ; ଅସୁରବିଶେଷ । ବିଂ. ଗମନଶୀଳ ।

ଅରରେ, ଅଂ. (ଅର = ଶୀଘ୍ର-ରେ) ଶୀଘ୍ରତା-ସୂଚକ ସମ୍ବୋଧନ; ଶୀଘ୍ର ପ୍ରତ୍ୟୁତ୍ତର ପାଇବା ଇଚ୍ଛାରେ ବ୍ୟଗ୍ରତା ସହିତ ସମ୍ବୋଧନ ।

ଅରଲୁ, ବି. ସଂ: ଓଶୋନାକ ବା ଫଣଫଣା ଗଛ ।

ଅରବିନ୍ଦ, ବି. (ଅର = ଶୀଘ୍ର-ବିନ୍ଦ = ଲାଭ କରିବା-ଅ, ଅର୍ଥାତ୍ ଭ୍ରମରକର୍ତ୍ତୃକ ଯାହା ଶୀଘ୍ର ଲବ୍ଧ ହୁଏ) ପଦ୍ମ; ନୀଳପଦ୍ମ, ରକ୍ତୋତ୍ପଳ; ସାରସପକ୍ଷୀ; ତାମ୍ର ।

ଅରଶ, ଅରସ, } ବି. (ଅର୍ଶ ଶବ୍ଦର ଅପଭ୍ରଂଶ) ରୋଗ-ବିଶେଷ । ଯଥା—

ଗୁଳ୍ମ ଉଦରବ୍ରଣ ଅରଶ ହୃଦରୋଗ,
ଅପସ୍ମାର ମୂତ୍ରକୃଚ୍ଛ୍ର ମୂତ୍ରାଘାତ ଯୋଗ । ନୃ.ସୁ.ପ୍ର.ସା.

ଅରିଷ୍ଟି, ବି. (ଅରିଷ୍ଟ ଶବ୍ଦଜ) ଅମଙ୍ଗଳ । ଯଥା—

ଦେବେ କରନ୍ତି ପୁଷ୍ପବୃଷ୍ଟି ।
ଖଣ୍ଡିବେ ଗୋବିନ୍ଦ ଅରିଷ୍ଟି ॥ ଲ୍ଲ. ଦ. ସ୍ତ.

ଅରା, ବିଂ. (ଆରାତ୍ ଶବ୍ଦଜ) ସମୀପ ।

ଅରାଏ, ବି. (ଦେଶଜ) ସ୍ଥଳର ଏକଦେଶ, କ୍ଷୁଦ୍ର ଭୂମିଖଣ୍ଡ; କ୍ଷୁଦ୍ରାଂଶ । ବିଂ. ଅଳ୍ପ, କ୍ଷୁଦ୍ର ।

ଅରାଜକ, ବିଂ. ( ଅ-ରାଜନ୍-କ-ସ୍ୱାର୍ଥେ ) ରାଜ-ଶୂନ୍ୟ, ଯେଉଁ ଦେଶରେ ରାଜା ନାହିଁ, ଯେଉଁ ସ୍ଥାନରେ ପ୍ରକୃତ ରାଜା ନାହିଁ, ଯାହାର ଇଚ୍ଛା ଯାହା ତାହାହିଁ ହେଉଅଛି କେହି ନିବାରଣ କରିବାକୁ ନାହିଁ । ଯଥା—ଦେଶ ଅରାଜକ ହୋଇଅଛି ।

ଅରାତି, ବି. (ଅ-ରା = ଦାନ କରିବା-ତି—ଯେ ସୁଖ ଦିଏ ନାହିଁ) ଶତ୍ରୁ ।

ଅରାଳ, ବିଂ. (ଅର = ଶୀଘ୍ର-ଆ-ଲା-ଅ, ଲା = ଗ୍ରହଣ କରିବା) ବକ୍ର, କୁଟିଳ; ନତ । ବି. ଝୁଣା; ବନ୍ୟହସ୍ତୀ, ମତ୍ତହସ୍ତୀ । (ସ୍ତ୍ରୀ-ଆ) ନମ୍ରସ୍ୱଭାବା ସ୍ତ୍ରୀ; କୁଳଟା; ବେଶ୍ୟା ।

ଅରାବଳି, } ବି. ସ୍ତ୍ରୀ. (ଅର୍-ଆବଳୀ) ଚକର
ଅରାବଳୀ, } ଅର କାଠ ସବୁ । ଯଥା—

ନୀଳକାନ୍ତ ବ୍ୟୋମ ଅନ୍ତରାଳେ ଝଳି,
ବିରାଜଇ ବିଷ୍ଣୁ ଯେସନ୍ତେ ଅରାବଳି । ନ. କେ.

ଅରି, ବି. (ଋ-ଇ—ଅନିଷ୍ଟ କରିବା ପାଇଁ ଯେ ଅନ୍ୟ ରାଜ୍ୟକୁ ଗମନ କରେ) ଶତ୍ରୁ; ଚକ୍ର । ଯଥା—

ବଞ୍ଚିବ ନାହିଁ ମୁଁ ଅରି ଅରିମାରଣରେ,
ବିରାଜମାନ ବି-ରାଜ ନ ଚଢ଼ି ରଣରେ । ବୈ. ବି.

କାମାଦି ଷଡ଼୍‌ରିପୁ; ଗଣିତଶାସ୍ତ୍ରମତେ ଛଅ ସଂଖ୍ୟା; ଜ୍ୟୋତିଷଶାସ୍ତ୍ରମତେ ଲଗ୍ନଠାରୁ ଷଷ୍ଠସ୍ଥାନ; ବିଟ୍ ଖଦିର ।

ଅରିତ୍ର, ବି. (ଋ-ଇତ୍ର=ଯାହାଦ୍ୱାରା ନୌକା ଗମନ କରେ) ଯାହାଦ୍ୱାରା ଜଳ ବାହି ବାହି କମ୍ପା କାଟି କାଟି ନୌକାଚାଳନ କରନ୍ତି । (ନୌକାଦଣ୍ଡଃ କ୍ଷେପଣୀ ସ୍ୟାଦରିତ୍ରଂ କେନିପାତକଃ ।) ରଥାଦିଚକ୍ର ।

ଅରିନ୍ଦମ, ବିଂ. (ଅରି-ଦମ୍-ଅ) ଶତ୍ରୁଦମନକାରୀ ।

ଅରିମେଦ, ବି. ସଂ. ବିଟ୍ ଖଦିର ।

ଅରିଷ୍ଟ, ବି. (ଅ-ରିଷ୍ଟ=ମଙ୍ଗଳ ବା ଅମଙ୍ଗଳ) ସୂତିକାଗୃହ, ଅନ୍ତୁଡ଼ିଶାଳ । (ଅରିଷ୍ଟଂ ସୂତିକାଗୃହଂ ।) ଅନ୍ତଃପୁର, ଅବରୋଧଗୃହ; ତକ୍ର, ଘୋଳ, ଦଧିମଥିତ ଗୋରସ । (ଦଣ୍ଡାହତଂ କାଳଶେୟମରିଷ୍ଟମପି ଗୋରସଃ ।) ମଦ୍ୟ; ମରଣଚିହ୍ନ । (ଅରିଷ୍ଟମଶୁଭେ ତକ୍ରେ ସୂତିକାଗାର ଆସବେ ଶୁଭେ ମରଣଚିହ୍ନେ ଚ ।) ଔଷଧବିଶେଷ; ଉପଦ୍ରବ ବା ଅନିଷ୍ଟସୂଚକ ଉତ୍ପାତ; ଶୁଭ ବା ଅଶୁଭ ଅଦୃଷ୍ଟ । (ଅରିଷ୍ଟେ ତୁ ଶୁଭାଶୁଭେ ।) ରସୁଣବୃକ୍ଷ; ରସୁଣ । (ଲଶୁନଂ ଗୃଞ୍ଜନାରିଷ୍ଟମହାକନ୍ଦରସୋନକାଃ ।) ନିମ୍ବବୃକ୍ଷ । (ଅରିଷ୍ଟଃ ସର୍ବତୋଭଦ୍ରଃ ।) ଫେନିଳ ନାମକ ବୃକ୍ଷବିଶେଷ । (ଅରିଷ୍ଟଫେନିଳୌ ସମୌ ।) କାକ ବା କୁଆ; କଙ୍କପକ୍ଷୀ । (କାକେ ତୁ କରଟାରିଷ୍ଟବଳିପୁଷ୍ଟସକୃତ୍ ପ୍ରଜାଃ ।) ଅସୁରବିଶେଷ । ବିଂ. ନିପୁଣ, କୁଶଳ, ସମର୍ଥ । ଯଥା—(ଅରିଷ୍ଟସ୍ୟାରିଷ୍ଟସ୍ୟ ପ୍ରଶମନବିଧୌ ଜମ୍ଭଦମନଃ ।) ଅକ୍ଷତ, ଅବିନାଶୀ, ମୃତ୍ୟୁହୀନ । (ସ୍ତ୍ରୀ-ଆ) ଦକ୍ଷକନ୍ୟା; କଶ୍ୟପଙ୍କ ଚତୁର୍ଥପତ୍ନୀ ।

ଅରୁଆ, ବିଂ. (ଦେଶଜ) ସିଝାଇ ନ ଥିବା ଧାନର ଚାଉଳ । ଯଥା—

ଦିବ୍ୟ ଅରୁଆ ଅନ୍ନମାନ ।
ବନ୍ଧନ କଲେକ ରନ୍ଧନ ॥ ଦା. ର.

ଛୁଆ ନ ହେବା ।

ଅରୁଆଖିଆ, ବିଂ. (ଦେଶଜ) ଯେ ଅରୁଆ ଅନ୍ନ ଖାଏ; ଯେଉଁ ନାରିକେଳର ଶସ ରୋଗଗ୍ରସ୍ତ ହୋଇ ବିକୃତ ହୋଇଥାଏ ।

ଅରୁକ୍, ବି. (ଅ-ରୁଜ୍-କ୍ୱିପ୍) ନୀରୋଗ, ସୁସ୍ଥ ।

ଅରୁଚି, ବି. ସ୍ତ୍ରୀ. (ଅ-ରୁଚି=ଇଚ୍ଛା, ଦୀପ୍ତି) ଅପ୍ରୀତି, ଅଶ୍ରଦ୍ଧା; ଅପ୍ରବୃତ୍ତି; ଆହାରରେ ଅନିଚ୍ଛା । ବିଂ. ଇଚ୍ଛାହୀନ; ଦୀପ୍ତିହୀନ ।

ଅରୁଣ, ବି. (ଋ-ଉନ) ସୂର୍ଯ୍ୟ; ସୂର୍ଯ୍ୟସାରଥି; ରକ୍ତବର୍ଣ୍ଣ; କୃଷ୍ଣଲୋହିତବର୍ଣ୍ଣ । (ଅରୁଣଃ କୃଷ୍ଣଲୋହିତଃ ।) ଅବ୍ୟକ୍ତରକ୍ତବର୍ଣ୍ଣ । (ଅବ୍ୟକ୍ତରାଗସ୍ତ୍ୱରୁଣଃ ।) ସନ୍ଧ୍ୟାରାଗ; ପୁନ୍ନାଗବୃକ୍ଷ; କୁଙ୍କୁମ; ସିନ୍ଦୂର । ବିଂ. କୃଷ୍ଣମିଶ୍ରିତ ରକ୍ତବର୍ଣ୍ଣବିଶିଷ୍ଟ; ରକ୍ତବର୍ଣ୍ଣଯୁକ୍ତ । (ସ୍ତ୍ରୀ-ଆ) ଅତିବିଷା ବା ଅତୁଷୀ; ମଞ୍ଜିଷ୍ଠା; ଇନ୍ଦ୍ରବାରୁଣୀ; ଗୁଞ୍ଜା ।

ଅରୁଣିମା, ବି. (ଅରୁଣ-ଇମନ୍-ଭାବେ) ରକ୍ତିମା, ଲୌହିତ୍ୟ, ରକ୍ତତ୍ୱ ।

ଅରୁଣୋପଳ, ବି. (ଅରୁଣ-ଉପଳ) ପଦ୍ମରାଗମଣି, ରକ୍ତବର୍ଣ୍ଣ ମଣିବିଶେଷ ।

ଅରୁନ୍ତୁଦ, ବିଂ. (ଅରୁସ୍=ମର୍ମସ୍ଥାନ-ତୁଦ୍-ଅ, ସ=ମ) ମର୍ମପୀଡ଼କ, ମର୍ମଭେଦୀ । (ଅନ୍ୟ ପଦର ସହିତ ହେଲେ) ଅତି ପରୁଷ, କଠୋର । ଯଥା—କର୍ଣ୍ଣାରୁନ୍ତୁଦ ।

ଅରୁନ୍ଧତୀ, ବି. ସ୍ତ୍ରୀ. ସଂ. ବଶିଷ୍ଠଙ୍କ ପତ୍ନୀ; ନକ୍ଷତ୍ରବିଶେଷ ।

ଅରୁଷ୍କ, ବି. (ଅରୁସ୍ = ମର୍ମସ୍ଥାନ-କୈ = ପୀଡ଼ା ଦେବା-ଅ) ସ୍ପର୍ଶମାତ୍ରେ ବ୍ରଣୋତ୍ପାଦନ କରି ଯେ ମର୍ମସ୍ଥାନକୁ ପୀଡ଼ା ଦିଏ, ଭାଲିଆଗଛ; ଭାଲିଆଫଳ ।

ଅରୁଷ୍କର, ବି. (ଅରୁସ୍-କ୍ଷତ-କୃ-ଅ) ଭଲ୍ଲାତକବୃକ୍ଷ; ଭଲ୍ଲାତକଫଳ । ବିଂ. ମର୍ମବ୍ୟଥାଦାୟକ, କ୍ଷତକାରକ ।

ଅରୁଃ, ବି. (ଋ-ଉସ୍-ହିଂସାର୍ଥେ) କ୍ଷତ ବା ଘା; ମର୍ମସ୍ଥାନ; ସୂର୍ଯ୍ୟ; ରକ୍ତଖଦିର; ବ୍ରଣ ।
( ବ୍ରଣୋଽସ୍ତ୍ରିୟାମୀର୍ମମରୁଃ । )

ଅରେ, ଅଂ. (ଋ-ଏ) କ୍ରୋଧ ଓ ଅବଜ୍ଞାସୂଚକ ସମ୍ବୋଧନ । ଯଥା—ଅରେ ପାପିଷ୍ଠ ।

ଅରେରେ, ଅଂ. (ଅରେ-ଦ୍ୱିତ୍ୱ) ନୀଚସମ୍ବୋଧନ, ସକ୍ରୋଧ ଆହ୍ୱାନ ।

ଅରୋକ, ବିଂ. (ଅ-ରୋକ-ରୁଚ୍ = ଦୀପ୍ତିପାଇବା-ଅ) ନିଷ୍ପ୍ରଭ, ଦୀପ୍ତିହୀନ; ଛିଦ୍ରଶୂନ୍ୟ ।

ଅର୍କ, ବି. (ଅର୍କ୍ = ତାପ ଦେବା-ଅ) ସୂର୍ଯ୍ୟ । (ଅର୍ଚ୍ = ପୂଜା କରିବା-ଅ) ଇନ୍ଦ୍ର; ତାମ୍ର; ସ୍ଫଟିକ; ବିଷ୍ଣୁ; ପଣ୍ଡିତ; ଅର୍କବୃକ୍ଷ; ଜ୍ୟେଷ୍ଠ ଭ୍ରାତା; ରବିବାର; କିରଣ ବା ଆଲୋକ; ନିର୍ଯ୍ୟାସ; ଦ୍ୱାଦଶ ସଂଖ୍ୟା ।

ଅର୍କକ୍ଷେତ୍ର, ବି. ( ଅର୍କ-କ୍ଷେତ୍ର ) ସିଂହରାଶି; କୋଣାର୍କ ।

ଅର୍କପତ୍ର, ଅର୍କପର୍ଣ୍ଣ, } ବି. (ଅର୍କ-ପତ୍ର, ପର୍ଣ୍ଣ) ଅର୍କଗଛ, ଅର୍କପତ୍ର । (ସ୍ତ୍ରୀ-ଆ-ଅର୍କପତ୍ରା, ଅର୍କପର୍ଣ୍ଣୀ) ପାନଅଳିର ଗଛ । (ଅର୍କପତ୍ରା-ସୁନନ୍ଦାସ୍ୟାଦର୍କମୂଳା ବିଷାପହା ।)

ଅର୍କବନ୍ଧୁ, ବି. (ଅର୍କ = ସୂର୍ଯ୍ୟ-ବନ୍ଧୁ = ଜ୍ଞାତି, ପ୍ରିୟ, ମିତ୍ର) ଗୌତମ, ବୌଦ୍ଧଧର୍ମପ୍ରଣେତା । (ଗୌତମଶ୍ଚାର୍କବନ୍ଧୁଶ୍ଚ ।)

ଅର୍କାଶ୍ମା, ଅର୍କୋପଳ, } ବି. ( ଅର୍କ-ଅଶ୍ମା-ଉପଳ ) ସୂର୍ଯ୍ୟକାନ୍ତମଣି ।

ଅର୍କାହ୍ୱ, ବି. (ଅର୍କ-ଆହ୍ୱା ଯାହାର) ଅର୍କଗଛ ।

ଅର୍ଖିତ, ଅର୍‌ଖିତ, ଅର୍ଷିତ, } ବିଂ. (ଅରକ୍ଷିତ ଶବ୍ଦଜ) ଅନାଥ, ଦୀନ । ଯଥା—

ଅର୍ଖିତ ଲୋକପ୍ରାୟେ ହୋଇ
ମିଳିଲା ଶ୍ରୀକ୍ଷେତ୍ରରେ ଯାଇ । ଦା. ର.
ତଣ୍ଡି ଦୁଃଖୀ ରଙ୍କ ଅରକ୍ଷିତ ଗଣ,
ବିଦେଶିଙ୍କି ଖୁଆଇଲ କୁକୁଟାଣ୍ଡ । ଦରବାର ।

ଅର୍ଗଳ, ବି. (ଋଜ୍ = ସରଳ ହେବା-ଅଳ) କବାଟର କିଳଣୀ; ପ୍ରତିବନ୍ଧକ ବା ପ୍ରତ୍ୟବାୟ; ଦେବୀମାହାତ୍ମ୍ୟର ସ୍ତୋତ୍ରବିଶେଷ ।

ଅର୍ଘ, ବି. (ଅର୍ଘ୍-ଅ) ମୂଲ୍ୟ; ପୂଜାର ଉପକରଣ । (ମୂଲ୍ୟେ ପୂଜାବିଧାବର୍ଘଃ ।)

ଅର୍ଘ୍ୟ, ବିଂ. (ଅର୍ଘ-ଯ) ପୂଜ୍ୟ; ମାନ୍ୟ । ବି. ପୂଜାଯୋଗ୍ୟ ଜଳ; ବନମଧୁ ।

ଅର୍ଚ୍ଚକ, ବିଂ. (ଅର୍ଚ୍-ଅକ) ପୂଜକ ।

ଅର୍ଚ୍ଚନ, ଅର୍ଚ୍ଚନା, } ବି. (ଅର୍ଚ୍ଚ-ଅନ, ସ୍ତ୍ରୀ-ଆ) ପୂଜା; ବନ୍ଦନା । ଯଥା—

ଦେବଅର୍ଚ୍ଚନା ବାଦ୍ୟ ଏ ଗିରିଗଣ,
କରି ନାହାନ୍ତି କେବେ ଥରେ ଶ୍ରବଣ । କ. ବି.

ଅର୍ଚ୍ଚା, ବି. ସ୍ତ୍ରୀ. (ଅର୍ଚ୍ଚ-ଅ-ଆ) ପ୍ରତିମା, ପ୍ରତିକୃତି; ପୂଜା ।

ଅର୍ଚ୍ଚିତ, ବିଂ. (ଅର୍ଚ୍-ତ) ପୂଜିତ, ସମ୍ମାନିତ; ମାନ୍ୟ; ଦୀପ୍ତ ।

ଅର୍ଚ୍ଚିସ୍, ଅର୍ଚ୍ଚି, } ବି. (ଅର୍ଚ୍ଚ = ଦୀପ୍ତି ପାଇବା-ଇସ୍-ଇ) ଜ୍ୱାଳା, ଅଗ୍ନିଶିଖା; ତେଜ; ପ୍ରଭା; କିରଣ; ଅଂଶୁ ।

ଅର୍ଜକ, ବିଂ.(ଅର୍ଜ୍ = ଉପାର୍ଜନ କରିବା-ଅକ) ଯେ ଉପାର୍ଜନ କରେ, ଉପାର୍ଜକ; ଅର୍ଜୟିତା । ବି. ଶ୍ୱେତତୁଳସୀ ।

ଅର୍ଜନ, ବି. (ଅର୍ଜ୍-ଅନ) ଉପାର୍ଜନ, ଲାଭ ।

ଅର୍ଜୟିତା, ବିଂ (ଅର୍ଜ୍-ତୃ) ଉପାର୍ଜକ, ଯେ ଉପାର୍ଜନ କରେ ।

ଅର୍ଜି, ବି. (ଯାବନିକ) ଆବେଦନପତ୍ର ।

ଅର୍ଜିନବିସ, ବି. (ଯାବନିକ) ଅର୍ଜିଲେଖକ ।

**ଅର୍ଜୁନ**, ବି. ( ଅର୍ଜ୍-ଉନ ) ପାଣ୍ଡୁରାଜାଙ୍କର ତୃତୀୟ ପୁତ୍ର; କାର୍ତ୍ତବୀର୍ଯ୍ୟ ବା ସହସ୍ରାର୍ଜୁନ; କକୁଭ ବା ଅର୍ଜୁନବୃକ୍ଷ । (ଇନ୍ଦ୍ରଦ୍ରୁଃ କକୁଭୋଽର୍ଜୁନଃ ।) ଶ୍ୱେତବର୍ଣ୍ଣ । (ବଳକ୍ଷୋ ଧବଳୋଽର୍ଜୁନଃ ।) ତୃଣ । (ଯବସଂ ତୃଣମର୍ଜୁନଂ ।) ମୟୂର; ନେତ୍ରରୋଗ-ବିଶେଷ । (ଶ୍ୱେତଭାଗ) କର୍ପୂର; ଚନ୍ଦ୍ରକିରଣ । ବିଂ. ଶ୍ୱେତବର୍ଣ୍ଣବିଶିଷ୍ଟ । (ସ୍ତ୍ରୀ-ଈପ୍-ଅର୍ଜୁନୀ) ଗାଭୀ; କୁଟ୍ଟଣୀ; କରତୋୟା ନଦୀ ।

**ଅର୍ଣ୍ଣ**, ବି. (ଅନ୍ନ ଶବ୍ଦଜ) ଘୃତ । ଯଥା—
ବ୍ୟାସ ଦେଲେଟି ମୋର ପତ୍ନୀକି ଚରୁଅର୍ଣ୍ଣ ।
ନୃ. ପୁ. ଦ୍ୱି. ସା.

**ଅର୍ଣ୍ଣ**, ବି. (ଋ = ଗମନ କରିବା-ନ) ଅକାରାଦି ବର୍ଣ୍ଣ । ଯଥା—ଦଶାର୍ଣ୍ଣ ମନ୍ତ୍ର । ଜଳ । ବିଂ. ପୀଡ଼ିତ ।

**ଅର୍ଣ୍ଣବ**, ବି. (ଅର୍ଣ୍ଣସ୍-ବ-ଅସ୍ତ୍ୟର୍ଥେ, ସ ଲୋପ) ସମୁଦ୍ର, ଜଳଧି । ବିଂ. ଜଳଯୁକ୍ତ; ଜଳପୂର୍ଣ୍ଣ ।

**ଅର୍ଣ୍ଣସ୍**, ବି. (ଋ = ଗମନ କରିବା-ଅସ୍-ସଂଜ୍ଞାର୍ଥେ, ନ ଆଗମ) ଜଳ, ସଲିଳ ।

**ଅର୍ଣ୍ଣା**, } ବି. (ଦେଶଜ, ବିଶେଷତଃ ଗଞ୍ଜାମ
**ଅରଣ**, } ଅଞ୍ଚଳରେ ବ୍ୟବହୃତ) ଯେଉଁ ଗୋବର ଚଢ଼ାଇ ଦଶ ପନ୍ଦରଗୋଟା ଗୋବରକୁ ଜିଣି ପାରେ ତେବେ ସେ ଅର୍ଣ୍ଣା ହୁଏ ।

**ଅର୍ତନ**, ବି. (ଋତ୍ = ଗମନ କରିବା ଇତ୍ୟାଦି-ଅନ—ଭାବେ) ନିନ୍ଦା, ଅପବାଦ ।

**ଅର୍ତ୍ତି**, ବି. ସ୍ତ୍ରୀ. (ଅର୍ଦ୍ଦ୍ = ଆଘାତ କରିବା-ତି) ପୀଡ଼ା, ଯାତନା; ଧନୁଷ୍କୋଟି, ଧନୁକର ଅଗ୍ରଭାଗ । (ଅର୍ତ୍ତିଃ ପୀଡ଼ାଧନୁଷ୍କୋଟ୍ୟୋଃ ।)

**ଅର୍ଥ**, ବି. (ଅର୍ଥ୍-ଅ) ପ୍ରାର୍ଥନା; ପ୍ରୟୋଜନ; ଧନ; ଐଶ୍ୱର୍ଯ୍ୟ; ବସ୍ତୁ; ପଦାର୍ଥ ବା ଦ୍ରବ୍ୟ । ( ଋ = ଗମନ କରିବା-ଅନ୍-ସଂଜ୍ଞାର୍ଥେ ) ଶବ୍ଦର ଅଭିଧେୟ ବା ପ୍ରତିପାଦ୍ୟ; ଉଦ୍ଦେଶ୍ୟ, ଅଭିପ୍ରାୟ; କାରଣ ବା ନିମିତ୍ତ; ପ୍ରକାର; ନିବୃତ୍ତି ବା ନିଷେଧ; ବିଷୟ । (ଅର୍ଥୋଽଭିଧେୟ ରୈବସ୍ତୁପ୍ରୟୋଜନ-ନିବୃତ୍ତିଷୁ—ଅମର ।) (ଅର୍ଥୋ ହେତୌ ପ୍ରୟୋଜନେ । ନିବୃତ୍ତୌ ବିଷୟେ ବାଚ୍ୟେ ପ୍ରକାରଦ୍ରବ୍ୟବସ୍ତୁଷୁ—ହୈମ ।)

**ଅର୍ଥତଃ**, ଅଂ. ( ଅର୍ଥ୍-ତସ୍ ) ବସ୍ତୁତଃ, ଫଳତଃ, ଅର୍ଥାତ୍ ।

**ଅର୍ଥନ**, } ବି. ( ଅର୍ଥ୍-ଅନ୍-ଆ ) ପ୍ରାର୍ଥନା,
**ଅର୍ଥନା**, } ଯାଚ୍ଞା ।

**ଅର୍ଥପ୍ରୟୋଗ**, ବି. (ଅର୍ଥ-ପ୍ରୟୋଗ) ଋଣଦାନ; ବାଣିଜ୍ୟାଦିରେ ଅର୍ଥ ବ୍ୟବହାର ।

**ଅର୍ଥଶାସ୍ତ୍ର**, ବି. (ଅର୍ଥ-ଶାସ୍ତ୍ର, ଅର୍ଥ-ଭୂମିଧନାଦି-ପ୍ରାପକ) ଅର୍ଥୋତ୍ପାଦକ ଶାସ୍ତ୍ର, ବୃହସ୍ପତି ଶୁକ୍ରାଚାର୍ଯ୍ୟ ପ୍ରଭୃତି ପ୍ରଣୀତ ନୀତିଶାସ୍ତ୍ର; କୃଷିଶାସ୍ତ୍ର; ଦଣ୍ଡନୀତିଯୁକ୍ତ ଶାସ୍ତ୍ର । (ଆନ୍ୱୀକ୍ଷିକୀ ଦଣ୍ଡନୀତିସ୍ତର୍କବିଦ୍ୟାର୍ଥଶାସ୍ତ୍ରୟୋଃ ।)

**ଅର୍ଥାତ୍**, ଅଂ. ସଂ. ଅର୍ଥବଶତଃ; ତାତ୍ପର୍ଯ୍ୟବଶତଃ; ଫଳତଃ; ବସ୍ତୁତଃ ।

**ଅର୍ଥିତ**, ବିଂ. (ଅର୍ଥ-ତ) ବାଞ୍ଛିତ; ପ୍ରାର୍ଥିତ ।

**ଅର୍ଥୀ**, ବି. (ଅର୍ଥ୍-ଇନ୍) ଯାଚକ, ପ୍ରାର୍ଥନା-କାରୀ; ଅଭିଳାଷୀ; ଉଦ୍ଦେଶ୍ୟସାଧନେଚ୍ଛୁ; ସେବକ; ଭୃତ୍ୟ । (ଅର୍ଥ-ଇନ୍-ଅସ୍ତ୍ୟର୍ଥେ) ଧନୀ; ବିଚାରପ୍ରାର୍ଥୀ, ଯେ ଅର୍ଥ ବା ବ୍ୟାଖ୍ୟା କରେ । ଯଥା—
ପଦ ସରଳ ଧ୍ୱନିରେ ଜଗତ ମୋହିବ,
ଅର୍ଥିଜନ-ପ୍ରକରକୁ ଆନନ୍ଦ କରିବ । ଲ. ବ.

**ଅର୍ଥ୍ୟ**, ବିଂ. (ଅର୍ଥ୍-ଯ-ସାଧୁ ଅର୍ଥେ) ନ୍ୟାଯ୍ୟ, ଯୁକ୍ତିଯୁକ୍ତ; ( ଅର୍ଥ-ଯ-ଅନପେତ ଅର୍ଥେ ) ଅର୍ଥଯୁକ୍ତ । ସପ୍ରୟୋଜନ; ବୁଦ୍ଧିମାନ୍ ବା ପଣ୍ଡିତ । ( ଆମ୍ବାନନପେତୋଽର୍ଥା-ଦର୍ଥ୍ୟା ।) ପ୍ରାର୍ଥନାଯୋଗ୍ୟ । (ଅର୍ଥ୍ୟଃ ସଂପ୍ରାର୍ଥେ ନ୍ୟାଯ୍ୟବିଜ୍ଞୟୋଃ—ହୈମ ।) ବି. ଶିଳାଜତୁ । (ଗୈରେୟ ମର୍ଥ୍ୟଂ ଗିରିଜ-ମଶ୍ମଜଂ ଚ ଶିଳାଜତୁ । ଅର୍ଥ୍ୟତେ ରସାୟ-ନାର୍ଥିଭିରର୍ଥ୍ୟଂ ।)

ଅର୍ଦ୍ଦନ, ଅର୍ଦ୍ଦନା, } ବି. (ଅର୍ଦ୍ଦ = ପୀଡ଼ନ କରିବା, ଯାଚ କରିବା-ଅନ-ଆ) ପ୍ରାର୍ଥନା; ପୀଡ଼ା; (ଯାଚ୍ଞାଭିକ୍ଷାର୍ଥନାର୍ଦ୍ଦନା ।) ରଣ; ହିଂସା, ହନନ । ବିଂ. ହନ୍ତା ବା ବିନାଶକ । ଯଥା—

ଜୟ କେଶିମର୍ଦ୍ଦନ, କୈଟଭାସୁରାର୍ଦ୍ଦନ ।

ଅର୍ଦ୍ଦିତ, ବିଂ. (ଅର୍ଦ୍ଦ-ତ) ପ୍ରାର୍ଥିତ, ଯାଚିତ; ପୀଡ଼ିତ; ହିଂସିତ; ହତ । (ଅର୍ଦ୍ଦ = ଗତି-ତ) ଗତ । (ଭାବବାଚ୍ୟରେ କ୍ତ ପ୍ରତ୍ୟୟ ହେଲେ) ବି. ବାତରୋଗବିଶେଷ; ପୀଡ଼ା ।

ଅର୍ଦ୍ଧ, ବି. (ଋଧ୍ = ବୃଦ୍ଧି ପାଇବା-ଅ) ଅଂଶ, ଏକଦେଶ; ସମାଂଶ । ବିଂ. ଦ୍ୱିଭାଗୀକୃତ, ଦୁଇଭାଗରେ ବିଭକ୍ତ ।

ଅର୍ଦ୍ଧଚନ୍ଦ୍ର, ବି. (ଅର୍ଦ୍ଧ-ଚନ୍ଦ୍ର) ଚନ୍ଦ୍ରର ଅର୍ଦ୍ଧ, ଚନ୍ଦ୍ରଖଣ୍ଡ । (ଅର୍ଦ୍ଧଚନ୍ଦ୍ରାକୃତିଭାରୁ) ପ୍ରାଦେଶ, ଯାହା କି ଅପରାଧୀର ଗଳଦେଶରେ ପ୍ରହାର କରାଯାଏ, ଗଳାଧକ୍କା; ମୟୂରପୁଚ୍ଛର ଚନ୍ଦ୍ରକ; ଅର୍ଦ୍ଧଚନ୍ଦ୍ରାକୃତି ଅଗ୍ରଭାଗବିଶିଷ୍ଟ ବାଣ; ଗଜାଭରଣବିଶେଷ; ସ୍ତ୍ରୀଲୋକର ଲଲାଟ-ଦେଶରେ ଅର୍ଦ୍ଧଚନ୍ଦ୍ରାକାର ତିଳକ; (ସ୍ତ୍ରୀ-ଆ-ଅର୍ଦ୍ଧଚନ୍ଦ୍ରା) କୃଷ୍ଣତ୍ରିବୃତା ବା କଳାତିହୁଡ଼ି । (ଅର୍ଦ୍ଧଚନ୍ଦ୍ରା କାଳମେଷିକା) ।

ଅର୍ଦ୍ଧଜରତୀୟ ନ୍ୟାୟ, ବି. ସଂ. ଏକପ୍ରକାର ନୀତି—ବାଦୀ ଓ ପ୍ରତିବାଦୀଗଣର ମତ କିଛି ଗ୍ରାହ୍ୟ ଓ ଅଗ୍ରାହ୍ୟ କରିବାସ୍ଥଳେ ଏହି ନୀତି କୁହାଯାଏ, ଜଣେ ଉଦାରସ୍ୱଭାବ ବୃଦ୍ଧ ବ୍ରାହ୍ମଣ ନିଜର ଗାଈଟିକୁ ବିକିବାପାଇଁ ପ୍ରତି ହାଟକୁ ନିଏ, ଗାଈର ବୟସ ଅଧିକ ବୋଲି କହିଲେ ଅଧିକ ମୂଲ୍ୟ ଦେବେ, ଏହା ମନରେ ସ୍ଥିର କରି ଗାଈଟିକୁ ଜରତୀ ବୋଲି କହେ, ତାହା ଶୁଣି କେହି କ୍ରେତା କିଣନ୍ତି ନାହିଁ । ଏକଦିବସ କୌଣସି ଏକ ବ୍ୟକ୍ତି ବୃଦ୍ଧଙ୍କୁ କହିଲେ, ଗାଈକୁ ଜରତୀ ବୋଲି କହିବାରୁ କେହି କିଣୁ ନାହାନ୍ତି, ତୁମ୍ଭେ ଏଥର ତାକୁ ତରୁଣୀ ବୋଲି କହ । ଅତଃପର ବୃଦ୍ଧ ଗାଈଟିକୁ ବିକ୍ରୟ ସମୟରେ ପୂର୍ବ କଥାର ସତ୍ୟତା ରକ୍ଷା କରିବାପାଇଁ ଅର୍ଦ୍ଧଜରତୀ ଏବଂ ଉପଦିଷ୍ଟ ବିକ୍ରୟର ଉପାୟ ଆଶ୍ରୟରେ ଅର୍ଦ୍ଧତରୁଣୀ ବୋଲି ପରିଚିତ କଲା, ତାହା ଶୁଣି କ୍ରେତାଗଣ ପରିହାସ କରି ଚାଲିଗଲେ, ବ୍ରାହ୍ମଣଙ୍କୁ ବିଷୟମୂର୍ଖ ବୋଲି ସ୍ଥିର କଲେ । ଇତ୍ୟାଦି ।

ଅର୍ଦ୍ଧରାତ୍ର, ବି. (ଅର୍ଦ୍ଧ-ରାତ୍ରି) ରାତ୍ରିର ଅର୍ଦ୍ଧଭାଗ, ନିଶୀଥ ।

ଅର୍ଦ୍ଧର୍ଚ୍ଚ, ବି. (ଅର୍ଦ୍ଧ-ଋଚ୍-ଅ) ଅର୍ଦ୍ଧଋକ, ବେଦ-ମନ୍ତ୍ରର ଅର୍ଦ୍ଧଭାଗ । (ଋଚୋଽର୍ଦ୍ଧମର୍ଦ୍ଧର୍ଚ୍ଚଃ ।)

ଅର୍ଦ୍ଧହାର, ବି. (ଅର୍ଦ୍ଧ-ହାର) ଅର୍ଦ୍ଧସମ୍ପନ୍ନ ହାର; ଦ୍ୱାଦଶଯଷ୍ଟିକ ହାର ।

ଅର୍ଦ୍ଧୋରୁକ, ବି. (ଅର୍ଦ୍ଧୋରୁ - ଊରୁର ଅର୍ଦ୍ଧ-କ ପିଧାନାର୍ଥେ) ସ୍ତ୍ରୀମାନଙ୍କର ଅର୍ଦ୍ଧୋରୁପର୍ଯ୍ୟନ୍ତ ଆଚ୍ଛାଦନ ବସ୍ତ୍ର, କଞ୍ଚୁକବିଶେଷ ।

ଅର୍ପଣ, ଅର୍ପଣା, } ବି. ସ୍ତ୍ରୀ. (ଋ-ଇ-ଅନ, ଆ) ପ୍ରାପଣ; ସମର୍ପଣ, ପ୍ରଦାନ । ଯଥା—

ସତ୍ପାତ୍ରେ ଅର୍ପଣ । ସ୍ଥାପନ, ନ୍ୟାସ । ଯଥା—ପଦାର୍ପଣ ।

ଅର୍ପୟିତା, ବିଂ. (ଋ-ଇ-ତୃ) ଯେ ସମର୍ପଣ କରେ ।

ଅର୍ବୁଦ, ବି. (ଅର୍ବ-ହିଂସା କରିବା-ଉଦ) ଦଶ କୋଟି ସଂଖ୍ୟା; ରୋଗବିଶେଷ, ଆବୁ ରୋଗ; ପର୍ବତବିଶେଷ ।

ଅର୍ଭ, ଅର୍ଭକ, } ବି. (ଋ = ଗମନ କରିବା, ବୃଦ୍ଧି ପାଇବା-ଭ-କ-ସ୍ୱାର୍ଥେ) ବାଳକ, ଶିଶୁ; ଶିଷ୍ୟ, ଶାବ । ବିଂ. କ୍ଷୁଦ୍ର; କ୍ଷୀଣ; ସଦୃଶ ।

ଅର୍ମ, ବି. (ଋ-ମନ୍) ଚକ୍ଷୁରୋଗବିଶେଷ ।

ଅର୍ଯ୍ୟ, ବି. (ଋ-ଯ) ସ୍ୱାମୀ; ବୈଶ୍ୟ । (ସ୍ୟାଦର୍ଯ୍ୟଃ ସ୍ୱାମିବୈଶ୍ୟୟୋଃ ।) ବିଂ. ଶ୍ରେଷ୍ଠ; ନ୍ୟାଯ୍ୟ । (ସ୍ତ୍ରୀ-ଆ, ଆଣୀ) ବୈଶ୍ୟପତ୍ନୀ; ବୈଶ୍ୟ-ଜାତୀୟା ସ୍ତ୍ରୀ । (ଅର୍ଯ୍ୟାଣୀ ସ୍ୱୟମର୍ଯ୍ୟା ସ୍ୟାତ୍ ।)

ଅର୍ଯ୍ୟମା, ବି. (ଅର୍ଯ୍ୟମନ୍ = ଋ-ମନ୍, ଯ ଆଗମ) ସୂର୍ଯ୍ୟ । (ସୂରସୂର୍ଯ୍ୟାର୍ଯ୍ୟମାଦିତ୍ୟାଃ ।) ଉତ୍ତର-ଫାଲ୍‌ଗୁନୀ ନକ୍ଷତ୍ର; ଅର୍କବୃକ୍ଷ; ପିତୃଗଣର ରାଜା । ଯଥା—

ପିତୃଗଣଙ୍କ ମଧ୍ୟେ ମୁହିଁ ।
ଅର୍ଯ୍ୟମା ନାମଟି ବୋଲଇ ॥ ଭାଗବତ ।

ଅର୍ଯ୍ୟୀ, ବି. ସ୍ତ୍ରୀ. (ଅର୍ଯ୍ୟ-ଈ) ଅର୍ଯ୍ୟ ବା ବୈଶ୍ୟର ସ୍ତ୍ରୀ । (ଆର୍ଯ୍ୟାଣୀ ତୁ ପୁଂଯୋଗେ ସ୍ୟାଦର୍ଯ୍ୟୀ କ୍ଷତ୍ରିୟୀ ତଥା ।)

ଅର୍ବନ୍, ବି. (ଋ-ବନ୍) ଘୋଟକ, ଘୋଡ଼ା; ଇନ୍ଦ୍ର; ଗୋକର୍ଣ୍ଣ ପରିମାଣ । ବିଂ. ନୀଚ, ଅଧମ । (ନିକୃଷ୍ଟପ୍ରତିକୃଷ୍ଟାର୍ବରେଫଯାପ୍ୟାବମାଧମାଃ ।) (ସ୍ତ୍ରୀ—ଅର୍ବତୀ) ଘୋଟକୀ; କୁଟ୍ଟନୀ ।

ଅର୍ବାକ୍, ଅଂ. (ଅର୍ବାଚ୍—ଅବର = ପୂର୍ବକାଳ-ଅନ୍ଚ୍ = ଗମନ କରିବା-କ୍ୱିପ୍, ଅବର = ଅର୍ବ) ପୂର୍ବ, ଆଦିମ; ପଶ୍ଚାତ୍ (କାଳ); ମଧ୍ୟ (କାଳ) । ବିଂ. ନିକଟ; ନିକୃଷ୍ଟ; ପରବର୍ତ୍ତୀ ।

ଅର୍ବାଙ୍, ବିଂ. (ଅର୍ବାଚ୍-ଅର୍ବନ୍ = କୁତ୍ସିତ-ଅନ୍ଚ୍-କ୍ୱିପ୍) ନିକୃଷ୍ଟ, ନୀଚ; କନିଷ୍ଠ; କ୍ଷୁଦ୍ର; ବନ୍ଧ ।

ଅର୍ବାଚୀନ, ବିଂ. (ଅର୍ବାଚ୍ = ନିକୃଷ୍ଟ-ଈନ) ବିବୁଦ୍ଧ; ବିପଣ୍ଡିତ; ପଶ୍ଚାଦ୍‌ବର୍ତ୍ତୀ; ନୂତନ; ସଦସଦ୍‌ବିବେଚନାଜ୍ଞାନହୀନ; ଅଧମ, ନୀଚ ।

ଅର୍ଶ, ଅର୍ଶସ୍, ବି. (ଋ-ଅ-ଅସ୍, ଶ ଆଗମ) ଗୁହ୍ୟସ୍ଥ ରୋଗବିଶେଷ । ବିଜୟରକ୍ଷିତ କହନ୍ତି—ଅର୍ଶଶବ୍ଦ ହିଂସାର୍ଥ 'ଶୃ' ଧାତୁଜ, ଯେ ଅରିର ନ୍ୟାୟ ପ୍ରାଣନଷ୍ଟ କରେ । (ଶୃ-ଅ, ଋକାରର ଅର୍ ହୋଇ ପୂର୍ବନିପାତ ହୁଏ ।)

ଅର୍ଶସ, ଅର୍ଶୀ, ବିଂ. (ଅର୍ଶସ୍-ଅ, ଇନ୍-ଅସ୍ତ୍ୟର୍ଥେ) ଅର୍ଶରୋଗଯୁକ୍ତ । (ଅର୍ଶୋରୋଗଯୁତୋଽର୍ଶସଃ ।)

ଅର୍ଶୋଘ୍ନ, ବି. (ଅର୍ଶସ୍-ହନ୍-ଅ, ହନ୍ = ଘ୍ନ) ଶୂରଣ ବା ଓଲ; ଭଲ୍ଲାତକବୃକ୍ଷ । ବିଂ. ଅର୍ଶନାଶକ । (ସ୍ତ୍ରୀ-ଈ) ତାଳମୂଳୀ ।

ଅର୍ହ, ବିଂ. (ଅର୍ହ୍-ଅ, ଅର୍ହ୍ = ଯୋଗ୍ୟ ହେବା) ଯୋଗ୍ୟ; ଉପଯୁକ୍ତ; ନ୍ୟାଯ୍ୟ, (ଅର୍ହ୍ = ପୂଜା କରିବା) ପୂଜ୍ୟ; ମାନ୍ୟ । ବି. ଇନ୍ଦ୍ର, ପରମେଶ୍ୱର ।

ଅର୍ହଣ, ଅର୍ହଣା, ଅର୍ହା, ବି. (ଅର୍ହ୍-ଅନ, ଆ) ପୂଜା; ସମ୍ମାନ; ପୂଜାର ସାମଗ୍ରୀ; ଯୋଗ୍ୟତା ।

ଅର୍ହତ୍, ବି. (ଅର୍ହ୍-ଅତ୍ = ଶତୃ) ବୁଦ୍ଧ; ଜୈନମତାବଲମ୍ବୀ; ଜୈନ ସନ୍ନ୍ୟାସୀ । ବିଂ. ପୂଜାର୍ହ; ପ୍ରଶଂସାର୍ହ; ଯୋଗ୍ୟ; ପ୍ରଶସ୍ତ ।

ଅର୍ହିତ, ବିଂ. (ଅର୍ହ୍-ତ) ପୂଜିତ; ସମ୍ମାନିତ ।

ଅଳ, ବି. (ଅଳ୍ = ଭୂଷିତ କରିବା-ଅ) ବୃଶ୍ଚିକ-ପୁଚ୍ଛ; ହରିତାଳ ।

ଅଳଂ, ଅଂ. (ଅଳ୍-ଅମ୍) ଭୂଷଣ । ଯେପରି ଅଳଙ୍କାର । ସମର୍ଥ, ସକ୍ଷମ; ପର୍ଯ୍ୟାପ୍ତି; ସମ୍ପୂର୍ଣ୍ଣତା; ପ୍ରାଚୁର୍ଯ୍ୟ; ନିଷେଧ, ବାରଣ; ଅତ୍ୟର୍ଥ; ବ୍ୟର୍ଥ; ଅବଧାରଣ । (ଅଳଂଭୂଷଣପର୍ଯ୍ୟାପ୍ତିଶକ୍ତିବାରଣବାଚକଂ ।) (ଅଳଂ ନିରର୍ଥକେ-ହୈମ ।)

ଅଳକ, ବି. (ଅଳ୍ = ଭୂଷିତ କରିବା-ଅକ) ଚୂର୍ଣ୍ଣକୁନ୍ତଳ; ଅଙ୍ଗଲିପ୍ତକୁଙ୍କୁମ; ମେଘ-ବିଶେଷ, ଯେଉଁ ମେଘ ଚୂର୍ଣ୍ଣକୁନ୍ତଳାକାର ଅଥବା ବିକ୍ଷିପ୍ତ କାର୍ପାସ ପରି ଦେଖାଯାଏ; କ୍ଷିପ୍ତକୁକ୍କୁର । (ସ୍ତ୍ରୀ-ଆ) ଚୂର୍ଣ୍ଣକୁନ୍ତଳ; ସ୍ୱନାମପ୍ରସିଦ୍ଧ କୁବେରପୁରୀ, ଆଠାରୁ ଦଶ ବର୍ଷ ବୟସ୍କା ବାଳିକା ।

ଅଳକନନ୍ଦା, ବି. ସ୍ତ୍ରୀ. (ଅଳକ-ନନ୍ଦା) ଆଠ ବର୍ଷ ବୟସ୍କା ବାଳିକା; ଗଙ୍ଗା ।

ଅଲକ୍ତ, ଅଲକ୍ତକ, ବି. (ଅ-ରକ୍ତ, ଯାହାଠାରୁ ଆଉ ରକ୍ତବର୍ଣ୍ଣ ନାହିଁ, ର = ଲ-ସ୍ୱାର୍ଥେ-କ) ଲାକ୍ଷାରସ, ଅଳତା ।

ଅଲକ୍ଷଣ, ବିଂ. (ଅ-ଲକ୍ଷଣ) ଶୁଭଚିହ୍ନବର୍ଜିତ, କୁଲକ୍ଷଣାକ୍ରାନ୍ତ, ଲକ୍ଷଣହୀନ । ବି. କୁଲକ୍ଷଣ, ଅଶୁଭଚିହ୍ନ; ଦୁର୍ଭାଗ୍ୟ ।

ଅଲକ୍ଷଣା, ଅଲକ୍ଷଣୀ, ବି. ସ୍ତ୍ରୀ. (ଅଲକ୍ଷଣ-ଆ) ଯେଉଁ ସ୍ତ୍ରୀର ଲକ୍ଷଣ ଭଲ ନୁହେଁ, ସୁଲକ୍ଷଣହୀନା, ହତଭାଗା ।

ଅଲକ୍ଷମା, ବି. ସ୍ତ୍ରୀ. (ଅଲକ୍ଷ୍ମୀ ଶବ୍ଦଜ) ଲକ୍ଷ୍ମୀଙ୍କର ଭଗିନୀ, ଅଲକ୍ଷ୍ମୀ । ବିଂ. ହତଭାଗା, କୁଲକ୍ଷଣାକାନ୍ତା । ଯଥା—

ଆମ୍ଭେ ବରୁଣ ରାଜାର ଅଟୁଁ ତିନ ଜେମା,
କମଳା ଇଲା ମିଶି ଆବର ଅଲକ୍ଷମା । ନୃ. ସୁ. ଚ. ସା.

ଅଲକ୍ଷିତ, ବିଂ. (ଅ-ଲକ୍ଷିତ) ଅଜ୍ଞାତ; ଅଦୃଷ୍ଟ; ଅତର୍କିତ । ଯଥା—

ସେହି କଞ୍ଚ ସେହି ରତନ ସହିତେ,
ସୁତଙ୍ଗକୁ ବାଲା ଗଲା ଅଲକ୍ଷିତେ । ନ. କେ.

ଅଲକ୍ଷ୍ମୀ, ବି. ସ୍ତ୍ରୀ. (ଅ = ବିରୁଦ୍ଧ-ଲକ୍ଷ୍ମୀ) ଲକ୍ଷ୍ମୀଙ୍କ ବଡ଼ ଭଉଣୀ, ଲକ୍ଷ୍ମୀର ବିରୋଧିନୀ ଦେବତା; ଦୁର୍ଭାଗ୍ୟ, ଦୁର୍ଦ୍ଦଶା । ବିଂ. ନିର୍ଦ୍ଧନା ସ୍ତ୍ରୀ ।

ଅଲକ୍ଷ୍ୟ, ବିଂ. (ଅ-ଲକ୍ଷ୍ୟ) ଅସମକକ୍ଷ, ଅସମାନ; ଅଦୃଶ୍ୟ; ଅନିର୍ଦ୍ଦେଶ୍ୟ ।

ଅଲଖ, ବିଂ. (ଅଲକ୍ଷ୍ୟ ଶବ୍ଦଜ) ଲକ୍ଷ୍ୟ ବା ଦୃଷ୍ଟିରୁ ଅଗୋଚର । ବି. ପରମେଶ୍ୱର ।

ଅଲଗ, ଅଲଗା, } ବିଂ. (ନଞ୍‌ପୂର୍ବକ ଲଗ୍ ଧାତୁଜ) ପୃଥକ୍ । ଯଥା—

ଅଲଗା ହୁଅନ୍ତି ଲଗ୍ନ ପରସ୍ପର । ଚିଲିକା ।

ପରିତ୍ୟକ୍ତ, ବହିଷ୍କୃତ । ଯଥା—

ଧୋବାଘରକୁ ସେ ନ ଦିଏ ଲୁଗା,
ନ କରେ ପାଲଟା ବାସ ଅଲଗା । ହା. ତ.

ଶ୍ରୀହୀନ । ଯଥା—

ସେ ନ ଥିବାରୁ ସ୍ୱର୍ଗ ମୋ ନ ଦିଶଇ ଶୋଭା,
ଚନ୍ଦ୍ର ବିହୁନେ ରାତ୍ରି ପ୍ରକାଶେ ଯେସନ୍ତେ ପ୍ରଭା ।
ସେହିରୂପେ ସ୍ୱର୍ଗ ମୋ ଅଲଗା ଜାଣ ଦିଶେ,
ଶୁଣି ତ ଗନ୍ଧର୍ବେ ଚଳିଲେ ଉର୍ବଶୀ ପାଶେ ।
ନୃ. ପୁ. ସ. ତ.

ନିକୃଷ୍ଟ ।

ଅଲଗଡ଼, ବିଂ. (ଦେଶଜ) ଗୋଳମାଳିଆ, ଅପରିଷ୍କୃତ, ଅସୁନ୍ଦର, ଅସଙ୍ଗତ ।

ଅଲଗର୍ଦ୍ଦ, ଅଲଗର୍ଦ୍ଧ, ଅଳଗର୍ଦ୍ଦ, } ବି. (ଅ-ଲଗ୍-କ୍ୱିପ୍, ଅର୍ଦ୍ଦ୍ = ଗମନ କରିବା-ଅ; ଅର୍ଥାତ୍ ଚଳନ୍ତିବେଳେ ଯାହାର ସର୍ବାଙ୍ଗ ଭୂମିରେ ସଂଲଗ୍ନ ହୁଏ ନାହିଁ; ଅଲକ୍-ଅର୍ଦ୍ଦ, ଅର୍ଥାତ୍ ଫଣା ଧାରଣ ହେତୁ ଯାହାର ଅର୍ଦ୍ଧ-ଭାଗ ଭୂମିରେ ସଂଲଗ୍ନ ହୁଏ ନାହିଁ; ଅଳ = ଭ୍ରମର-ଗର୍ଦ୍ଦ୍ = ରବ କରିବା-ଅ, ଅର୍ଥାତ୍ ଯେ ଭ୍ରମର ପ୍ରାୟ ରବ କରେ) ଜଳସର୍ପ, ପାଣି-ଧଣ୍ଡ ସାପ । (ଅଲଗର୍ଦ୍ଦୋ ଜଳବ୍ୟାଳଃ ।)

ଅଳଗୁଣି, ବି. (ଦେଶଜ) ବସ୍ତ୍ର ରଖିବା ନିମିତ୍ତ ବନ୍ଧା ହୋଇଥିବା ଦଉଡ଼ି ବା ବାଉଁଶ ।

ଅଳଘଞ୍ଚାଳ, ବି. (ଦେଶଜ) କଣ୍ଟାଳ; ନିଷେଧ । ଯଥା—

କହିଲେ କର ଉଠି କୁଞ୍ଜେ କରିବା କେଳୀ,
ବଞ୍ଚା ହେଲେ ରାମ ଅଳଘଞ୍ଚାଳ ବାଳୀ । ବୈ. ବି.

ଅଳଙ୍କରଣ, ବି. (ଅଳଂ = ଭୂଷିତ କରିବା-କୃ-ଅନ) ଭୂଷଣ, ଅଳଙ୍କାର, ଗହଣା; ଅଳଙ୍କାରଦ୍ୱାରା ଭୂଷିତ କରିବା ।

ଅଳଙ୍କର୍ତ୍ତା, ବିଂ. (ଅଳଂ-କୃ-ତୃ) ପ୍ରସାଧକ, ଭୂଷଣକାରୀ ।

ଅଳଙ୍କରିଷ୍ଣୁ, ବିଂ. (ଅଳଂ-କୃ-ଇଷ୍ଣୁ) ଭୂଷଣ-କାରୀ, ଅଳଂକରଣଶୀଳ, ବେଶ କରିବା ବ୍ୟକ୍ତି ।

ଅଳଙ୍କର୍ମୀଣ, ବିଂ. (ଅଳଂ = ପାରଗ-କର୍ମନ୍ = କ୍ରିୟା-ଈନ) କର୍ମଣ୍ୟ, ସମ୍ୟକ୍ କାର୍ଯ୍ୟଦକ୍ଷ, କାର୍ଯ୍ୟକୁଶଳ । (କର୍ମକ୍ଷମୋଽଳଙ୍କର୍ମୀଣଃ ।)

ଅଳଙ୍କାର, ବି.(ଅଳଂ-କୃ-ଅ)ଭୂଷଣ, ଆଭରଣ, ଭୂଷିତକରଣ; ଶାସ୍ତ୍ରବିଶେଷ, ଶବ୍ଦାର୍ଥର ଭୂଷଣ, ଉପମାଦି ଅଳଙ୍କାର ।

ଅଳଙ୍କୃତ, ବିଂ. (ଅଳଂ-କୃ-ତ) ସଜ୍ଜିତ, ଭୂଷିତ, ମଣ୍ଡିତ ।

ଅଳଙ୍କୃତି, ଅଳଙ୍କ୍ରିୟା, } ବି. (ଅଳଂ-କୃ-ତି, ଅଳଂ-କ୍ରିୟା) ଭୂଷଣ, ଭୂଷିତ କରିବା ।

ଅଲଙ୍ଗ, ବିଂ. (ଦେଶଜ) ଲାଞ୍ଛନା ।

ଅଲଜା, ବି. ସ୍ତ୍ରୀ. (ଅଲଜ୍ଜା ଶବ୍ଦଜ) ଲଜ୍ଜାହୀନା ।

ଅଳଞ୍ଜର, ବି. (ଅଳଂ = ଶୀଘ୍ର-ଜୃ-ଅ) ଯେ ଶୀଘ୍ର ଭାଙ୍ଗିଯାଏ, ମୃଣ୍ମୟ ପାତ୍ର, କଳସୀ ।

ଅଲଣା, ବିଂ. (ଅଲବଣ ଶବ୍ଦଜ) ଯହିଁରେ ଲୁଣ ପଡ଼ି ନାହିଁ, ବିସ୍ୱାଦ । ଯଥା—

ରାଜସ ଲୋକର ଯେ ଭୋଜନ କଥା ଶୁଣି,
ଅଲଣା ଦରସିଝା ଭୁଞ୍ଜଇ ସ୍ୱାଦୁ ମଣି । ନୃ. ପୁ. ସ. ଉ.

ଅସାର ବା ନିକୃଷ୍ଟ । ଯଥା—

ଇନ୍ଦ୍ରାଯୁଧେ ତାର ଅଧିବିମ୍ବେ ନଭେ ଯେଉଁ ତୁଳଣା,
ତହୁଁ ବଳି ଇନ୍ଦୁ ସଙ୍ଗେ ସୁନ୍ଦରୀର ତୁଳା ଅଲଣା ।
ଉଷା ।

ଅଲତା, ବି. (ଅଲକ୍ତକ ଶବ୍ଦଜ) ଲାକ୍ଷାରସ । ଯଥା—

ଅଲତା ଲଳିତାଙ୍ଗୀ ପାଦମଣ୍ଡନ । ମେ. ଦୂ.

ଅଲତାସିନ୍ଦୂର, ବି. (ଦେଶଜ) ସ୍ତ୍ରୀଲୋକଙ୍କଦ୍ୱାରା କୃତ ବୈବାହିକ ଆଚାରବିଶେଷ ।

ଅଲନ୍ଧୁ, ବି. (ଅଲନ୍ଧୂମ ଶବ୍ଦଜ) ଧୂଆଁ ବାଟ ଚୁଲରେ ଓହଳିଥିବା କଳାବିଶେଷ । ଯଥା—

ମଧ୍ୟାହ୍ନେ ଅନ୍ଧାର କଣଇ ଅଲନ୍ଧୁ ଚଳନ ।

ଅଲନ୍ଧୂମ, ବି. (ଅଲଂ=ଅତ୍ୟର୍ଥ-ଧୂମ) ଅତ୍ୟନ୍ତ ଧୂମ, ଧୂମସମୂହ ।

ଅଲଭ୍ୟରେ, କ୍ରି. ବିଂ. (ଦେଶଜ) ଅନାୟାସରେ । ଯଥା—

ମୋହର ମନ ତାପ ଜାଣିଣ ଜଗନ୍ନାଥ,
ଅଲଭ୍ୟରେ ମୋତେ ଦେଖା ଦେଲେ ଆସି ଏଥ ।
ନୃ. ପୁ. ଦ୍ୱି. ସା.

ଅଳର୍କ, ବି. (ଅଲଂ=ଅତ୍ୟର୍ଥ-ଅର୍କ୍=ସ୍ତୁତି କରିବା, ଗମନ କରିବା-ଅ) ପ୍ରେରିତ କୁକ୍କୁର; ଉନ୍ମତ୍ତ କୁକୁର; ଶ୍ୱେତ ଅର୍କବୃକ୍ଷ; ଅସୁରବିଶେଷ; ଅଷ୍ଟପାଦ, ତୀକ୍ଷ୍ଣଦନ୍ତ, ସୂଚ୍ୟାକୃତି ଲୋମବିଶିଷ୍ଟ ଶୂକରାକାର ଜନ୍ତୁବିଶେଷ ।

ଅଲଗ୍ରା, ବିଂ. (ଦେଶଜ-ବିଶେଷତଃ ଗଞ୍ଜାମ ଅଞ୍ଚଳରେ ବ୍ୟବହୃତ)ଅସ୍ତବ୍ୟସ୍ତ, ବିଶୃଙ୍ଖଳ; ଅପରିଷ୍କୃତ । ବି. ଅଡୁଆ ।

ଅଲବତ, କ୍ରି. ବିଂ. (ଯାବନିକ) ନିଶ୍ଚେ । ଯଥା—ମୁଁ କାଲି ଅଲବତ ଆସିବି ।

ଅଲବଲା, } ବି. (ଯାବନିକ) ଧୂମପାନ
ଅଲ୍ବଲା, } କରିବାର ଯନ୍ତ୍ରବିଶେଷ, ଏକପ୍ରକାର ହୁକ୍କା ।

ଅଳବାଳ, ବି. (ଅ-ଲୁ=ଛେଦନ କରିବା-ଆଳ) ବୃକ୍ଷମୂଳରେ ଜଳ ଧାରଣ କରିବା ନିମିତ୍ତ ମୃତ୍ତିକାବେଷ୍ଟନୀ, ଆଳବାଳ ।

ଅଳସ, } ବିଂ. (ଅ-ଲସ୍=ଶିଳ୍ପିଷ୍ଟହେବା-ଅ,
ଆଳସ, } ଅର୍ଥାତ୍ ଯେ କୌଣସି କାର୍ଯ୍ୟରେ ରତ ହୁଏ ନାହିଁ) ଆଳସ୍ୟଯୁକ୍ତ, ଶ୍ରମକାତର, ଶ୍ରମବିମୁଖ, ଅଳସୁଆ । ବି. ପାଦରୋଗବିଶେଷ; ଅଜୀର୍ଣ୍ଣରୋଗବିଶେଷ । (ସ୍ତ୍ରୀ-ଆ—ଅଳସା) ହଂସପଦୀ ଲତା ।

ଅଳସ, ବି. (ଆଳସ୍ୟ ଶବ୍ଦରୁ ଉତ୍ପନ୍ନ) ମଠ, ବିଳମ୍ବ ।

ଅଳସକ, ବି. (ଅଳସ-କ-ସ୍ୱାର୍ଥେ, କିମ୍ବା ଅଳସ-କୃ-ଅ, ଅଥବା ଅ-ଲସ୍-ଅକ) ଉଦରାମୟବିଶେଷ, ଅଜୀର୍ଣ୍ଣରୋଗବିଶେଷ ।

ଅଳସୀ, ବି. ସ୍ତ୍ରୀ. ଆଳସ୍ୟଯୁକ୍ତା ସ୍ତ୍ରୀ ।

ଅଳସୁଆ, ବିଂ. (ଅଳସ ଶବ୍ଦଜ) ଆଳସ୍ୟଯୁକ୍ତ, ମଠୁଆ ।

ଅଲାଇବଲାଇ, ବି. (ଦେଶଜ) ନିନ୍ଦା, ଦୁର୍ନାମ ।

ଅଲାଇଚ, } ବି. (ଏଳା ଶବ୍ଦଜ) ସୁଗନ୍ଧି
ଏଳାଇଚ, } ମସଲାଦ୍ରବ୍ୟବିଶେଷ । ଯଥା—

ମରିଚ ଅଲାଇଚ କକ୍କୋଳ ସଘନ ଯହିଁ ଯେ । ଲ. ବ.

ଅଲାଇଦା, ବିଂ. (ଦେଶଜ) ସମ୍ବନ୍ଧରହିତ, ଅସମ୍ବନ୍ଧ ।

ଅଲାଗି, } ବିଂ. (ଦେଶଜ) ଅସୁନ୍ଦର ।
ଅଲାଗୀ, } ଯଥା—

କେତେ ଧନ ହେଲା ମୋତେ ଗୁଣ୍ଡିଥିଲ ବାବୁ,
ଅଲାଗି ଦିଶୁଥିଲା ମୋ ଦେଶ ଘୋଷ ସବୁ ।
ନୃ. ପୁ. ଦ୍ୱି. ସା.

ନିକୃଷ୍ଟ; ଯହିଁରେ ଲାଗି ହୁଏ ନାହିଁ । ବି. ଅଭକ୍ଷ୍ୟ ଦ୍ରବ୍ୟ । ଯଥା—

ବୋଇଲେ ଆମ୍ଭକୁ ରେ ଯାଚିଲ ଯେ ଅଲାଗି,
ଏ ଦୋଷେଁ ମର୍ତ୍ତ୍ୟେ ତୁମ୍ଭେ ହୁଅ ଅସୁର ବେଗି ।
ନୃ. ପୁ. ଚ. ସା.

ଅଲଜ୍ଜୁକ, ବିଂ. (ଅଲଜ୍ଜକ ଶବ୍ଦଜ) ଲଜ୍ଜାହୀନ, ନିର୍ଲଜ୍ଜ ।

ଅଲଜ୍ଜୁକା, ବି. ସ୍ତ୍ରୀ. ଲଜ୍ଜାହୀନା ।

**ଅଲାତ,** } ବି. (ଅ-ଲା=ଗ୍ରହଣ କରିବା-ତ,
**ଆଲାତ,** } ଯାହା ଗ୍ରହଣ କରାଯାଏ ନାହିଁ) ଅର୍ଦ୍ଧଦଗ୍ଧ କାଷ୍ଠ, ଜ୍ୱଳନ୍ତା ଅଙ୍ଗାର, ପୋଡ଼ା ଖଣ୍ଡ । (ଅଙ୍ଗାରୋଽଲାତମୁଲ୍ମୁକଂ ।)

**ଅଲାତଚକ୍ର,** ବି. (ଅଲାତ-ଚକ୍ର) ଚକ୍ରାକାର ବହ୍ନି, ଅଙ୍ଗାରଚକ୍ର । ଯଥା—

ହେନ୍ତୁ ମହାବୀର ରଣାଙ୍ଗଣରେ ଅଲାତଚକ୍ର ପ୍ରାୟ ଭ୍ରମଣ କରି ଦ୍ରୋଣ ଓ କର୍ଣ୍ଣଙ୍କୁ ଶରବଦ୍ଧ କରିବାକୁ ଲାଗିଲେ ।

**ଅଲାବୁ,** } ବି. ସ୍ତ୍ରୀ. (ଅ-ଲବ୍=ମଗ୍ନହେବାର
**ଅଲାବୂ,** } -ଅ, ଅର୍ଥାତ୍ ଯାହା ଜଳରେ ମଗ୍ନ ହୁଏ ନାହିଁ; ନିପାତନ) ଲାଉ ।

**ଅଲାବେଣୀ,** ବି. ସ୍ତ୍ରୀ. (ଅଲାବୁ ଶବ୍ଦଜ) ଅଲାବୁରେ ନିର୍ମିତ ବାଦ୍ୟଯନ୍ତ୍ରବିଶେଷ । ଯଥା—

ବଜାଇ ମେଘନାଦ ସୁସ୍ୱରେ ଅଲାବେଣୀ,
ଆସିଛନ୍ତି ମାରଣ ନାରଦ ଶୁଭ୍ରକେଶୀ । ନୃ.ପୁ.ପ୍ର.ସା.

**ଅଳାଟିର,** } ବି. ସ୍ତ୍ରୀ. ଦେଶଜ) ଦେଉଳର
**ଅଁଳାଶିରି,** } ଉପରିଭାଗ, ଦଧିନଉତି ।

**ଅଳି,** ବି. (ଅଲ୍=ଭୂଷିତ କରିବା-ଇ, ଯେ ପୁଷ୍ପକୁ ଭୂଷିତ କରେ) ଭ୍ରମର । (ଭ୍ରମର ପ୍ରାୟ କୃଷ୍ଣବର୍ଣ୍ଣ ହୋଇଥିବାରୁ) କୋକିଳ; କାକ । (ଅଳ=ବୃଶ୍ଚିକଲାଙ୍ଗୁଳ-ଇ-ଅସ୍ତ୍ୟର୍ଥେ) ବୃଶ୍ଚିକ; ବୃଶ୍ଚିକରାଶି । (ଦେଶଜ ହେଲେ) ବାଞ୍ଛିତ ପଦାର୍ଥର ପ୍ରାପ୍ତି ନିମନ୍ତେ ସନିର୍ବନ୍ଧ ପ୍ରାର୍ଥନା । ଯଥା—

ବିଶେଷ ତା ଲାଗି ଅଳି କଲେ ଆସି
ଦେବୀ ଇନ୍ଦ୍ରାଣୀ । ଉଷା ।

ଗୋଳ ବା ହଟ୍ଟା । ଯଥା—

ଲୁଠ ଅଳି କରି କୋଳପାଇଁ ଯଶୋଦାଙ୍କୁ । ବି.ଚି.ମ.

**ଅଳିଅର,** ବିଂ. ସ୍ନେହପାଳିତ, ଗେଲବସର ।

**ଅଳିଆ,** ବି. (ଦେଶଜ) ଆବର୍ଜନା, ଝାଟୁଆ, ଅସକରା ।

**ଅଳିକ,** ବି. (ଅଲ୍-ଇକ, ଯାହାକୁ ଭୂଷିତ କରିବାକୁ ହୁଏ) ଲଲାଟଦେଶ । (ଲଲାଟମଳିକଂ ଗୋଧିଃ ।)

**ଅଳିଖା,** ବିଂ. (ଅରକ୍ଷ ଶବ୍ଦଜ) ଅରକ୍ଷ, ହୀନ, ତୁଚ୍ଛ ।

**ଅଳିଖା,** ବିଂ. (ଅଲେଖ ଶବ୍ଦଜ) ଅଗଣ୍ୟ, ଯାହାକୁ ମନୁଷ୍ୟ କରି ଲେଖା ନ ଯାଏ ।

**ଅଳିଞ୍ଜର,** } ବି. (ଅଳଂ-ଜୃ-ଅ, ଯେ ଶୀଘ୍ର
**ଅଳଞ୍ଜର,** } ଭାଙ୍ଗିଯାଏ) ମୃଣ୍ମୟପାତ୍ର, ଜଳକଳଶ ।

**ଅଳିଦଳି,** ବି. (ଦେଶଜ) ହଟ୍ଟା ।

**ଅଳିନ୍ଦ,** } ବି. (ଅଳ-ଭୂଷିତ କରିବା-ଇନ୍ଦ,
**ଆଳିନ୍ଦ,** } ଅର୍ଥାତ୍ ଯାହାଦ୍ୱାରା ଗୃହ ଭୂଷିତ ହୁଏ) ଦ୍ୱାରର ବହିଃସ୍ଥିତ ପିଣ୍ଡିକା, ପିଣ୍ଡା ।

**ଅଳୀ, ଆଳୀ,** ବି. (ଅଳିନ୍, ଆଳୀନ୍=ଅଳ, ଆଳ-ଇନ୍-ଅସ୍ତ୍ୟର୍ଥେ) ଭ୍ରମର; ବୃଶ୍ଚିକ, ବିଚ୍ଛୁ ।

**ଅଳୀକ,** ବି. (ଅଲ୍=ନିବାରଣ କରିବା-ଈକନ୍) ମିଥ୍ୟା, ଅସତ୍ୟ; ଲଲାଟ; ସ୍ୱର୍ଗ; ଆକାଶ । ବିଂ. ମିଥ୍ୟା; ଅମୂଳକ; ଅପ୍ରାମାଣିକ;ଅସୁଖକର; ଅପ୍ରିୟ; କ୍ଷୁଦ୍ର, ଅଳ୍ପ ।

**ଅଲେଖ,** ବି. (ଅ-ଲିଖ୍ ଧାତୁରୁ ଉତ୍ପନ୍ନ) ତିଳକରଚନା; ଅଲେଖଧର୍ମିସମ୍ପ୍ରଦାୟ । ବିଂ. ଅନେକ; ନିକୃଷ୍ଟ, ମାଚ; ଯାହା ଲେଖା ହେବାର ଯୋଗ୍ୟ ନୁହେ, ଯାହା ଲେଖା ହୋଇ ନାହିଁ । (ଅଲକ୍ଷ୍ୟ ଶବ୍ଦଜ) ନିରାକାର ।

**ଅଲେଖଧର୍ମି,** ବି. ଏକପ୍ରକାର ନିରାକାରବାଦିଙ୍କ ଧର୍ମି ।

**ଅଲେଖା,** ବିଂ. (ଅ-ଲିଖ୍ ଧାତୁଜ) ଯାହା ଲେଖା ହୋଇ ନାହିଁ; ଅନେକ, ବହୁତ ।

**ଅଳ୍ପ,** ବିଂ. (ଅଲ୍=ନିବାରଣ କରିବା-ପ) ଈଷତ୍, କିଛି, କମ, କ୍ଷୁଦ୍ର; ତୁଚ୍ଛ, ଅତି ସାମାନ୍ୟ ।

**ଅଳ୍ପତନୁ,** ବିଂ. (ଅଳ୍ପ-ତନୁ) ଖର୍ବଦେହ ଅର୍ଥାତ୍ ବାମନ; ଦୁର୍ବଳ, ଅଳ୍ପଅସ୍ଥିଯୁକ୍ତ ।

**ଅଳ୍ପମାରିଷ,** ବି. (ଅଳ୍ପ-ମାରିଷ) ଶାକବିଶେଷ, କାଶିଲେଉଟିଆ ଶାଗ ।

**ଅଳ୍ପଶଃ,** ଅଂ. (ଅଳ୍ପ-ଶସ୍) ଅଳ୍ପ ଅଳ୍ପ କରି, ଅଳ୍ପ ଅଳ୍ପ ପରିମାଣରେ ।

**ଅଳ୍ପସରସ୍,** ବି. (ଅଳ୍ପ=କ୍ଷୁଦ୍ର-ସରସ୍) କ୍ଷୁଦ୍ର ସରୋବର, ପଲ୍ୱଳ ।

ଅଲ୍ପିଷ୍ଠ, ଅଲ୍ପୀୟସ୍ୱାନ, } ବି. (ଅଲ୍ପ-ଇଷ୍ଠ, ଈୟସ୍-ଅତ୍ୟର୍ଥେ) ଅତ୍ୟଳ୍ପ, ଅତିକ୍ଷୁଦ୍ର ।

ଅଲଖଳା, ଅଲେଖଳା, ଅଲଅଉ, ଅଲଅଳ, } ବି. (ଦେଶଜ) ଗେହ୍ଲା । ଯଥା—

**ସେ ଝିଅ ଅଲଖଳା ଛଇଳା,**
**କେଉଁ କଥାରୁ କ ଭଙ୍ଗୀ କାଢ଼ିଲ ଆଣିଲା । ବ. ଚ. ମ.**
**ସମସ୍ତେ ଅତ୍ୟନ୍ତ ସୁନ୍ଦର ସୁକୁମାର,**
ରାଜପୁତ୍ରମାନେ ଅଲଅଳ ରବେଶ୍ୱର । ସା. ଭା. ସ.

ଅଲି, ଅଲ, } ବି. (ଦେଶଜ) ପୁ. ତ୍ର ଓ ସ୍ତ୍ରୀର ଗେହ୍ଲା ନାମ ।

ଅବ, ଅ°. (ଅବ୍ = ରକ୍ଷା କରିବା-ଅ) ଉପସର୍ଗ-ବିଶେଷ; ବିସ୍ତାର; ନ୍ୟୂନତା; ବିଶ୍ରାମ; ଆଦେଶ; ଶୋଧନ; ଜ୍ଞାନ; ଅସମ୍ମାନ; ଅନାଦର; ପୁଷ୍ଟି; ନମ୍ରତା, ନିଶ୍ଚୟ; ବ୍ୟାପ୍ତି; ଆଲମ୍ବନ, ନିଯୋଗ; ଶୁଦ୍ଧି; ପରିଭବ; ପାଳନ; ବିଯୋଗ; ବିଜ୍ଞାନ ।

**ଅବକର**, ବି. (ଅବ = ବିସ୍ତୀର୍ଣ୍ଣତା-କର = ଯେ କରେ, ଅଥବା ଅବ-କ = ବିକ୍ଷେପ କରିବା ଅ) ସମ୍ମାର୍ଜନୀଦ୍ୱାରା ବିକ୍ଷିପ୍ତ ଧୂଳି ଆଦି, ଆବର୍ଜନା; ଜଞ୍ଜାଳ; ଅତିବର୍ଷଣ; ବିକ୍ଷେପ ।

**ଅବକର୍ଷଣ**, ବି. (ଅବ-କୃଷ୍-ଅନ) ସ୍ଥାନାନ୍ତରକୁ ନେବାପାଇଁ ବଳପୂର୍ବକ ଆକର୍ଷଣ, ଅଧୋ-ନୟନ, ନିମ୍ନକୁ ନେଇଯିବା ।

ଅବକଳିତ, ବି°. (ଅବ୍-କଳ୍-ତ) ଜ୍ଞାତ; ସଙ୍କଳିତ; ବଦ୍ଧ ।

ଅବକାଶ, ବି.(ଅବ-କାଶ୍ = ପ୍ରାପ୍ତି ପାଇବା-ଅ) ଅବସର, ଛୁଟି; ମଧ୍ୟସ୍ଥାନ; ସ୍ଥାନ; ସମୟ । ଯଥା—ଏହିକ୍ଷଣି ଏହା କରିବାପାଇଁ ମୋର ଅବକାଶ ନାହିଁ । ଦୁଇଟି ଘଟନାର ମଧ୍ୟ-ବର୍ତ୍ତୀ ସମୟ । ଯଥା—ସେମାନେ କାଲି ଆସିବୁ ବୋଲି କହି ବାହାରି ଗଲେ, ଏହି ଅବକାଶରେ ସେ ପଳାୟନ କଲା ।

**ଅବକୀର୍ଣ୍ଣ**, ବି°. (ଅବ-କୃ-ବିକ୍ଷେପ କରିବା-ତ, ତ = ନ) ଚୂର୍ଣ୍ଣିତ; ଧ୍ୱସ୍ତ; ଇତସ୍ତତଃ ବିକ୍ଷିପ୍ତ; ନ୍ୟସ୍ତ ।

ଅବକୀର୍ଣ୍ଣୀ, ବି°. (ଅବ-କୃ-ତ = ଅବକୀର୍ଣ୍ଣ-ଇନ୍) ବ୍ରତଉଲ୍ଲଙ୍ଘନକାରୀ, ନିୟମଉଲ୍ଲଙ୍ଘନ-କାରୀ; ନଷ୍ଟବ୍ରହ୍ମଚର୍ଯ୍ୟ ଅର୍ଥାତ୍ ଯାହାଦ୍ୱାରା ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇଅଛି । (ଅବକୀର୍ଣ୍ଣୀ କ୍ଷତବ୍ରତଃ ।)

ଅବକୃଷ୍ଟ, ବି°. (ଅବ-କୃଷ୍-ତ) ତାଡ଼ିତ, ବହିଷ୍କୃତ; ଅପସାରିତ; ନିଷ୍କାଶିତ; ଆକୃଷ୍ଟ; ଅଧମ; ଜଘନ୍ୟ; ହେୟ । ବି. ଗୃହସମ୍ମାର୍ଜକ ଦାସ ଅର୍ଥାତ୍ ଯେ ବ୍ୟକ୍ତି ଗୃହ ପରିଷ୍କାର ଏବଂ ଜଳ ବହନ କରେ ।

ଅବକେଶୀ, ବି. (ଅବ = ଜଘନ୍ୟ-କେଶ = ଅବକେଶ, ଛିନ୍ନକେଶ; ତଦ୍ଧର୍ମନୈଷ୍ଫଲ୍ୟ; ଧର୍ମାଧର୍ମିର ଅଭେଦ ହେତୁରୁ ଏସ୍ଥଳରେ ଅବକେଶର ଅର୍ଥ ନୈଷ୍ଫଲ୍ୟ-ଇନ୍-ଅସ୍ତ୍ୟର୍ଥେ) ଅଫଳବୃକ୍ଷ; (ବନ୍ଧ୍ୟୋଽଫଲୋଽବକେଶୀ ଚ ।) ବି°. ବନ୍ଧ୍ୟ, ନିଷ୍ଫଳ; ଅଳ୍ପକେଶଯୁକ୍ତ ।

ଅବକ୍ରୟ, ବି. (ଅବ-କ୍ରୀ = କିଣିବା-ଅ) ଭଡ଼ା, ମୂଲ୍ୟ, ଦାମ । (ମୂଲ୍ୟଂ ବସ୍ନୋଽପ୍ୟବକ୍ରୟଃ ।)

ଅବକ୍ରିୟା, ବି. ସ୍ତ୍ରୀ. (ଅବ-କ୍ରିୟା) ଅନାଚରଣ; ଔଦାସ୍ୟ; ଅକର୍ମ ।

ଅବକ୍ରୁଷ୍ଟ, ବି°. (ଅବ-କ୍ରୁଶ୍-ତ) ଭର୍ତ୍ସିତ ।

ଅବକ୍ରୋଶ, ବି. (ଅବ = ଅପ୍ରିୟ-କ୍ରୁଶ୍ ଚୀତ୍କାର କରିବା-ଅ) ଚୀତ୍କାର; ଶାପ; ଭର୍ତ୍ସନା ।

ଅବକ୍ଷେପ, ବି. (ଅବ-କ୍ଷିପ୍-ଅ) ଅଯଥାକ୍ଷେପଣ, ବିକ୍ଷେପ; ଅଧଃକ୍ଷେପଣ; ବ୍ୟାଜୋକ୍ତି, ଶ୍ଳେଷୋକ୍ତି ।

ଅବକ୍ଷେପଣ, ବି. (ଅବ-କ୍ଷିପ୍-ଅନ) ଅଧୋ-ନିକ୍ଷେପ; ନିନ୍ଦା; ଅପବାଦ; ତିରସ୍କାର ।

ଅବକ୍ଷେପିଣୀ, ବି. ସ୍ତ୍ରୀ. (ଅବ-କ୍ଷିପ୍-ଇନ୍-ଈ) ଲଗାମ ।

ଅବଗଣିତ, ବି°. (ଅବ-ଗଣ୍-ତ) ଅବଜ୍ଞାତ, ଘୃଣିତ, ଅବମାନିତ, ତିରସ୍କୃତ ।

ଅବଗତ, ବିଂ. (ଅବ-ଗମ୍ = ଗମନ କରିବା, ଜାଣିବା-ତ) ଜ୍ଞାତ, ବିଦିତ । (କର୍ତ୍ତୃବାଚ୍ୟରେ କ୍ତ ପ୍ରତ୍ୟୟ ହେଲେ) ଯେ ଅବଗତ କରିଅଛନ୍ତି । ଯଥା—ମୁଁ ଏ ସମସ୍ତ ଅବଗତ ଅଛି ।

ଅବଗତି, ବି. ( ଅବ-ଗମ୍ = ଜାଣିବା-ତି ) ବୋଧ, ଜ୍ଞାନ; ଅପଗମ, ଅପସରଣ ।

ଅବଗମ, } ବି. (ଅବ-ଗମ୍-ଅନ) ବୋଧ,
ଅବଗମନ, } ଜ୍ଞାନ; ପ୍ରସ୍ଥାନ, ଅପଗମ ।

ଅବଗାଢ଼, ବିଂ. (ଅବ-ଗାହ୍ = ସ୍ନାନ କରିବା -ତ) ନିମଗ୍ନ; ଅନ୍ତଃପ୍ରବିଷ୍ଟ; ନତ, ନିମ୍ନ; ସ୍ନାତ ।

ଅବଗାହ, } ବି. ( ଅବ-ଗାହ୍-ଅ, ଅନ )
ଅବଗାହନ୍, } ଜଳରେ ପ୍ରବେଶପୂର୍ବକ ସ୍ନାନ; ଜଳ ମଧ୍ୟରେ ପ୍ରବେଶ; ମଜ୍ଜନ; ପ୍ରବେଶ; ଅନ୍ତଃପ୍ରବେଶ ।

ଅବଗୀତ, ବିଂ. (ଅବ = ନିନ୍ଦିତ ଇତ୍ୟାଦି-ଗୈ = ଗାନ କରିବା-ତ) ଉଚ୍ଚାରିତ; ଯାହା ଗାନ କରାଯାଇଅଛି; ନିନ୍ଦିତ, ଗର୍ହିତ; ଦୁଷ୍ଟ, ଗୀତ । (ଭାବବାଚ୍ୟରେ ତ ପ୍ରତ୍ୟୟ ହେଲେ) ବି. ଅପବାଦ; ଗୀତାଦିଦ୍ୱାରା ନିନ୍ଦାଖ୍ୟାପନ; ମନ୍ଦ ଗୀତ; ଅସାଧୁ ଗୀତ ।

ଅବଗୁଣ, ବି. ( ଅବ-ଗୁଣ ) ଦୋଷ, ଗୁଣରାହିତ୍ୟ ।

ଅବଗୁଣ୍ଠନ, ବି. ( ଅବ-ଗୁଣ୍ଠ୍ = ବେଷ୍ଟନ କରିବା-ଅନ) ଓଢ଼ଣା, ପ୍ରାବରଣ, ଆଚ୍ଛାଦନ । ଯଥା—

ଏହି ଅବଗୁଣ୍ଠନବତୀ ରମଣୀ କିଏ ? ଶ. ନା.

ଅବଗ୍ରହ, } ବି. (ଅବ-ଗ୍ରହ୍-ଅ) ବୃଷ୍ଟିରୋଧ,
ଅବଗ୍ରାହ, } ଅନାବୃଷ୍ଟି । (ବୃଷ୍ଟିର୍ବର୍ଷଂ ତଦ୍ୱିଘାତେଽବଗ୍ରାହାବଗ୍ରହୌ ସମୌ) ଗ୍ରହଣ, ସ୍ୱୀକାର; ହରଣ; ଅପସାରଣ; ଅନାଦର; ପ୍ରତିବନ୍ଧକ, ବାଧା । (ଯଥା—ଅବଶ୍ୟଭବ୍ୟେଷ୍ୱନବଗ୍ରହଗ୍ରହା ଯୟା ଦିଶା ଧାବତି ବେଧସଃ ସ୍ପୃହା ।) (ଅଙ୍କୁଶଦ୍ୱାରା ନିଗୃହୀତ ହୁଏ ବୋଲି) ହସ୍ତିର ଲଲାଟ (ଅବଗ୍ରହୋ ଲଲାଟଂ ସ୍ୟାତ୍) ଗଜସମୂହ; ଶାପ; ନିନ୍ଦାସୂଚକ ବାକ୍ୟ ପ୍ରୟୋଗ; ସ୍ୱଭାବ, ପ୍ରକୃତି । (ଯଥା—ତୌ ସ୍ଥାସ୍ୟତସ୍ତେ ନୃପତେର୍ନିଦେଶେ ପରସ୍ପରାବଗ୍ରହନିର୍ବିକାରୌ ।) ନିଗ୍ରହ । (ଯଥା—ସ୍ୱୟଂ ବିଧାତ୍ରା ସୁରଦୈତ୍ୟରକ୍ଷସାମନୁଗ୍ରହାବଗ୍ରହୟୋର୍ଯଦୃଚ୍ଛୟା—ମାଘ)

ଅବଘାତ, ବି. (ଅବ-ଘାତ) ଅପହତ୍ୟା; ତଣ୍ଡୁଳ ପ୍ରଭୃତି କାଣ୍ଡିବା; ତାଡ଼ନ, ଆଘାତ । ଯଥା—ଦନ୍ତାବଘାତ; ସାଂଘାତିକ ପ୍ରହାର ।

ଅବଚୟ, ବି. (ଅବ-ଚି-ଅ) ପୁଷ୍ପ ଫଳାଦି ଛେଦନ କରିବା; ସଂଗ୍ରହ କରିବା, ଚୟନ ।

ଅବଚିତ, ବିଂ. (ଅବ-ଚି-ତ) କୃତଚୟନ; ଆହୃତ; ସଞ୍ଚିତ; ଅପବ୍ୟୟିତ ।

ଅବଚୂଡ଼, ବି. (ଅବ = ନିମ୍ନ-ଚୂଡ଼ା = ଶିଖା) ଧ୍ୱଜାଗ୍ରବଦ୍ଧ ଅଧୋଲମ୍ବମାନ ବସ୍ତ୍ର; ମାଲ୍ୟ; ଚାମର । (ସ୍ତ୍ରୀ-ଆ) ଚୂଡ଼ା; ମାଳା; ଶିରୋଭୂଷଣ ।

ଅବଚୂର୍ଣ୍ଣିତ, ବିଂ. (ଅବ-ଚୂର୍ଣ୍ଣ = ଗୁଣ୍ଡ କରିବା-ତ) ଚୂର୍ଣ୍ଣୀକୃତ, ପିଷ୍ଟ । (ଅବଧ୍ୱସ୍ତୋଽବଚୂର୍ଣ୍ଣିତଃ ।)

ଅବଛୁ, ବିଂ. (ଦେଶଜ) ଯାହା ବଛା ହୋଇ ନାହିଁ, ଉତ୍ତମ । ଯଥା—

ବରଟ ତାହା ଦେଖି ବୋଲ ଆଛୁ ଆଛୁ,
ରହୁ ବସ୍ତ୍ର ଦେଲେ କରଣ ଅବଛୁ । କୃ. ଭ. ବି. ପ.

ଅବଚ୍ଛିନ୍ନ, ବିଂ. (ଅବ-ଛିଦ୍-ତ) ଯୁକ୍ତ; ବିଶିଷ୍ଟ; ସୀମାବଦ୍ଧ । ଯଥା—ଚତୁଃସୀମାବଚ୍ଛିନ୍ନ । ମିଳିତ, ମିଶ୍ରିତ । ଯଥା—ଦୁଃଖାବଚ୍ଛିନ୍ନ ସୁଖ, ସୁଖାବଚ୍ଛିନ୍ନ ଦୁଃଖ । ସଙ୍କୁଚିତ; ଇତରବ୍ୟାବୃତ୍ତ; ଛିନ୍ନ; ବିଭକ୍ତ, ବିଶ୍ଳିଷ୍ଟ ।

ଅବଚ୍ଛେଦ, ବି. ( ଅବ = ଦୂର୍-ଛିଦ୍-ଅ ) ପରିଚ୍ଛେଦ; ସୀମା; ଖଣ୍ଡ; ବିରାମ; ବିଚ୍ଛେଦ; ଏକଦେଶ; କର୍ତ୍ତନ ।

ଅବଚ୍ଛେଦକ, ବିଂ. ( ଅବ-ଛିଦ-ଅକ ) ଅବଚ୍ଛେଦକାରକ; ପ୍ରଭେଦକ; ନିୟାମକ; ବିଭାଜକ ।

ଅବଜ୍ଞା, ବି. (ଅବ-ଜ୍ଞା-ଅ-ଆ, ଅବ=ଅପକୃଷ୍ଟ) ତିରସ୍କାର, ଅବମାନନା, ଅନାଦର, ତାଚ୍ଛଲ୍ୟ, ଘୃଣା । (ରୀଢ଼ାବମାନାବଜ୍ଞା ।)

**ଅବଜ୍ଞାତ**, ବିଂ. ( ଅବ=ଅପକୃଷ୍ଟ-ଜ୍ଞା-ତ ) ଅବମାନିତ, ତିରସ୍କୃତ, ଅନାଦୃତ, ଘୃଣିତ ।

**ଅବଟ**, ବି. ( ଅବ୍=ରକ୍ଷା କରିବା-ଅଟ ) ଭୂଗର୍ତ୍ତ, ଗହ୍ୱର; କୂପ; ଅକୃତ୍ରିମ ଗର୍ତ୍ତ; ଐନ୍ଦ୍ରଜାଲିକ, କୁହୁକ; ଶସ୍ତ୍ରରକ୍ଷିତ ବ୍ରଣାଦିଜନିତ କ୍ଷତ ।

**ଅବଠା**, ବିଂ. (ଦେଶଜ) ଯାହା ବଠା ହୋଇ ନାହିଁ; ଯହିଁରେ ବଠା ନାହିଁ ଅର୍ଥାତ୍ ନିଷ୍ଟିତ; ନିଷ୍କଳଙ୍କ ।

**ଅବଟି**, **ଅବଟୀ**, } ବି. ସ୍ତ୍ରୀ. (ଅବ୍-ଅଟି) ଗର୍ତ୍ତ; କୂପ; ଦେହସ୍ଥିତ ରନ୍ଧ୍ର ।

**ଅବଟୀଟ**, ବିଂ. (ଅବ=ଅବନତ-ନାସିକା—ନାସିକା ସ୍ଥାନେ ଟୀଟାଦେଶ) ନତନାସିକ, ଚିପିଟନାସିକ,ଚେପଟାନାକ ।(ଅବଟୀଟୋଽବନାଟଶ୍ଚାବଭ୍ରଟୋ ନତନାସିକେ ।)

**ଅବଟୁ**, ବି. (ଅବ=ନିମ୍ନ-ଟୀକ୍=ଗମନ କରିବା-ଉ, ଅଥବା ଅ-ବଟ୍=ବେଷ୍ଟନ କରିବା-ଉ-ସଂଜ୍ଞାର୍ଥେ) ଗ୍ରୀବା, ଗ୍ରୀବାଶିରଃସନ୍ଧିର ପଶ୍ଚାଦ୍ଭାଗ । (ଅବଟୁର୍ଘାଟାକୃକାଟିକା ।) ଭୂଗର୍ତ୍ତ, କୂପ ।

**ଅବତଂସ**, ବି. (ଅବ-ତନ୍ସ୍=ଭୂଷିତ କରିବା-ଅ) ଭୂଷଣ । ଯଥା—ରାମ ରଘୁବଂଶାବତଂସ ଅଟନ୍ତି । କର୍ଣ୍ଣଭୂଷଣ; ଶିରୋଭୂଷଣ ।

**ଅବତମସ**, ବି. (ଅବ=ନ୍ୟୂନ-ତମସ୍-ଅ) ଅଳ୍ପ ଅନ୍ଧକାର । (ଧ୍ୱାନ୍ତେ ଗାଢ଼େଽନ୍ଧତମସଂ କ୍ଷୀଣେଽବତମସଂ ତମଃ ।)

**ଅବତର**, **ଅବତରଣ**, } ବି. ( ଅବ-ତୃ-ଅ, ଅନ ) ଅବରୋହଣ, ଓହ୍ଲାଇବା; ପ୍ରବେଶ; ଉତ୍ପତ୍ତି; ନଦୀର ପର ପାରକୁ ଗମନ; ଉଲ୍ଲିଖନ ।

**ଅବତରଣିକା**, ବି. ସ୍ତ୍ରୀ. (ଅବତରଣ-ଇକ-ଆ) ଭୂମିକା, ମୁଖବନ୍ଧ, ଗ୍ରନ୍ଥର ପ୍ରସ୍ତାବନା, ଆଭାସ ।

**ଅବତାର**, ବି. (ଅବ-ତୃ-ଅ) ଦେବାଦିଙ୍କର ମର୍ତ୍ତ୍ୟରେ ଦେହପରିଗ୍ରହ; ଉତ୍ପତ୍ତି; ପ୍ରାଦୁର୍ଭାବ; ଅପସାରଣ ବା ହରଣ; ଅବତରଣ ବା ଓହ୍ଲାଇବା; ପୁଷ୍କରିଣୀ ପ୍ରଭୃତିର ସୋପାନପଦ୍ଧତି, ତୀର୍ଥ ବା ଘାଟ ।

**ଅବତୀର୍ଣ୍ଣ**, ବିଂ. (ଅବ-ତୃ-ତ) ଆବିର୍ଭୂତ, ଉତ୍ପନ୍ନ; ଉଚ୍ଚରୁ ନିମ୍ନକୁ ଆଗତ; ଅତିକ୍ରାନ୍ତ ।

**ଅବତୋକା**, ବି. ସ୍ତ୍ରୀ. (ଅବ=ଅପଗତ-ତୋକ=ଅପତ୍ୟ—ଯାହାଠାରୁ ଅପତ୍ୟ ଅବସୃତ ହୋଇଅଛି) ସ୍ରବଦ୍‌ଗର୍ଭା,ଦୈବାତ୍ ଗର୍ଭସ୍ରାବଯୁକ୍ତା ଗବୀ । (ବଶାବନ୍ଧ୍ୟାଽବତୋକା ତୁ ସ୍ରବଦ୍‌ଗର୍ଭାଥସନ୍ଧିନୀ ।)

**ଅବଦଂଶ**, ବି. (ଅବ-ଦନ୍ଶ୍-ଅ) ସୁରାପାନୋତ୍ସାହକାରକ ଚର୍ବଣଦ୍ରବ୍ୟ, ସୁରାପାନ ରୁଚିଜନନାର୍ଥ ବ୍ୟଞ୍ଜନବିଶେଷ । (ମଦ୍ୟାକସ୍ୟ ମଦ୍ୟେ ଗୃହ୍ୟବଦଂଶସ୍ତୁ ଭକ୍ଷଣଂ ।)

**ଅବଦାତ**, **ଅବଦାତକ**, } ବିଂ. (ଅବ-ଦୈ=ଶୁଦ୍ଧ ହେବା-ତ) ଶ୍ୱେତ, ଶୁକ୍ଳଗୁଣବିଶିଷ୍ଟ; ଗୌର; ନିର୍ମଳ; ସୁନ୍ଦର । ବି. ଶ୍ୱେତବର୍ଣ୍ଣ; ପୀତବର୍ଣ୍ଣ । (ଅବଦାତଃ ସିତେ ପୀତେ ଶୁଦ୍ଧେ ।)

**ଅବଦାନ**, ବି. (ଅବ-ଦା-ଅନ) ସମ୍ପାଦିତ କର୍ମ । (ଅବଦାନଂ କର୍ମବୃତ୍ତଂ ।) ସର୍ବଜନ ପ୍ରଶଂସନୀୟ କର୍ମ, ମନୋମତ ବ୍ୟବସାୟ; ବିକ୍ରମପ୍ରକାଶ ବା ପରାକ୍ରମ । (ଅବ-ଦୋ=ଛେଦନ କରିବା-ଅନ) ଛେଦନ, ଛେଦ । (ଅବ-ଦୈ=ଶୁଦ୍ଧି କରିବା-ଅନ) ଶୋଧନ, ଶୁଦ୍ଧୀକରଣ । (ଅବ-ଦେ=ପାଳନ କରିବା-ଅନ) ପାଳନ; ଉଶୀର, ବେଣାର ମୂଳ ।

**ଅବଦାରଣ**, ବି. (ଅବ=ନିମ୍ନ-ଦୃ-ଣିଚ୍-ଅନ) ଖନନ, ବିଦାରଣ; ଖଣତି, କୋଡ଼ି, ଶାବଳ ପ୍ରଭୃତି ଖନନାସ୍ତ୍ର । (ଖନିତ୍ରଂ ତ୍ୱବଦାରଣଂ ।)

**ଅବଦାହ**, ବି. (ଅବ=ନ୍ୟୂନ-ଦାହ=ସନ୍ତାପ—ଯାହା ହେତୁ ସନ୍ତାପ ନ୍ୟୂନ ହୁଏ) ଉଶୀରମୂଳ, ବେଣାମୂଳ; ଜ୍ୱରାଦିହେତୁ ଦେହଦାହ ।

**ଅବଦାହେଷ୍ଟ**, ବି. (ଅବଦାହ = ଜ୍ୱରାଦି ହେତୁ ଦେହତାପ-ଇଷ୍ଟ—ଯାହା ଅବଦାହ ନିବାରଣାର୍ଥ ଇଷ୍ଟ) ଉଶୀର ବା ବେଣାମୂଳ ।

**ଅବଦୀର୍ଣ୍ଣ**, ବିଂ. (ଅବ-ଦୃ-ତ, ତ = ନ) ଗଳିତ, ଦ୍ରବୀଭୂତ; ବିଦୀର୍ଣ୍ଣ, ବିଦଳିତ ।

**ଅବଦ୍ୟ**, ବିଂ. (ଅ-ବଦ୍ = କହିବା-ଯ-ନିନ୍ଦାର୍ଥେ) ନୀଚ, ଅଧମ, ଗର୍ହିତ, ନିନ୍ଦନୀୟ; ଅକଥ୍ୟ; କଥନର ଅଯୋଗ୍ୟ । ବି. ଅନିଷ୍ଟ; ପାପ; ଦୋଷ; ନିନ୍ଦା ।

**ଅବଧାନ**, ବି. (ଅବ-ଧା-ଅନ) ମନୋଯୋଗ, ଚିତ୍ତର ଏକାଗ୍ରତା; ଅନୁଗ୍ରହ । ଯଥା—

କେଉଁ କାରଣ ମୁଁ ତୋ ସେବାକୁ ଗୋ ।
ମୋଠାରେ ଅବଧାନ ହେବାକୁ ଗୋ ।

ଚଟଶାଳୀର ଶିକ୍ଷକ ।

**ଅବଧାରଣ**, ବି. (ଅବ-ଧୃ-ଇ-ଅନ) ନିରୂପଣ, ନିଶ୍ଚୟ କରିବା, ସ୍ଥିରୀକରଣ ।

**ଅବଧି**, ବି. (ଅବ-ଧା-ଇ) ପ୍ରଥମ ସୀମା । ଯଥା—ଅଦ୍ୟାବଧି । ଅନ୍ତ, ଅବସାନ । ଯଥା—ତାର ଦୁଃଖର ଅବଧି ନାହିଁ । ପର୍ଯ୍ୟନ୍ତ । ଯଥା—ମରଣାବଧି ଦେଶ କାର୍ଯ୍ୟରେ ଲାଗିଅଛୁ । ସମୟ । ଯଥା—ଆଉ ଅବଧି ନାହିଁ । ନିୟମ; ଗର୍ତ୍ତ । ଯଥା—(ପରିଚ୍ଛେଦେ ବିଲେଽବଧିଃ ।)

**ଅବଧୀରଣ**, **ଅବଧୀରଣା**, ବି. (ଅବ୍-ଧୀର୍ = ଅବଜ୍ଞା କରିବା-ଅନ) ଅବଜ୍ଞା, ଅବମାନନା, ଅନାଦର । (କୃତବତ୍ୟସି ନାବଧୀରଣାମପରାଦ୍ଧେଽପି ଯଦା ଚିରଂ ମୟି—ରଘୁବଂଶ ।)

**ଅବଧୀରିତ**, ବିଂ. (ଅବ-ଧୀର୍-ତ) ଅବଜ୍ଞାତ, ଅନାଦୃତ, ଉପେକ୍ଷିତ ।

**ଅବଧୂତ**, ବିଂ. (ଅବ-ଧୂ = କମ୍ପିତ ହେବା, ତ୍ୟାଗ କରିବା ଇତ୍ୟାଦି-ତ) କମ୍ପିତ; ତିରସ୍କୃତ, ଅଭିଭୂତ; ଅନାଦୃତ; ତ୍ୟକ୍ତ; ସଂସାରମାୟାମୁକ୍ତ । ବି. ଶୈବସମ୍ପ୍ରଦାୟବିଶେଷ; ସନ୍ନ୍ୟାସୀ, ଉଦାସୀନ ।

**ଅବଧ୍ୟ**, ବିଂ. (ଅ-ବଧ୍-ଯ) ବଧର ଅଯୋଗ୍ୟ, ଯାହାକୁ ବଧ କରିବା ଉଚିତ ନୁହେ; ସ୍ତ୍ରୀ, ଦୂତ, ନିଦ୍ରିତ, ପଳାୟମାନ, ମୋହିତ, ଶରଣାପନ୍ନ ପ୍ରଭୃତି ଅବଧ୍ୟ ଅଟନ୍ତି ।

**ଅବଧ୍ୱସ୍ତ**, ବିଂ. (ଅବ-ଧ୍ୱନ୍ସ୍-ତ) ଚୂର୍ଣ୍ଣିତ; ପ୍ରକ୍ଷିପ୍ତ; ଗତ; ପରିତ୍ୟକ୍ତ; ନିନ୍ଦିତ ।

**ଅବନ**, ବି. (ଅବ୍-ତୃପ୍ତି ହେବା, ରକ୍ଷା କରିବା ଇତ୍ୟାଦି-ଅନ) ପ୍ରୀଣନ ବା ପ୍ରୀତିଦାନ; ରକ୍ଷଣ; ସ୍ନେହପ୍ରକାଶ; ଗମନ; ଅବଗମନ ବା ପ୍ରାପ୍ତି; ଯାଚନ ବା ପ୍ରାର୍ଥନା; ଗ୍ରହଣ; ଧାରଣ; ହିଂସନ; ଶକ୍ତି ବା ସାମର୍ଥ୍ୟ; ବୃଦ୍ଧି; ସତ୍ତା; କ୍ରିୟା ବା କରଣ; ସ୍ପୃହା; ଶୋଭନ; ଆଲିଙ୍ଗନ; ବହନ; ଶ୍ରବଣ; ପ୍ରବେଶ; ତୃପ୍ତି; ଜ୍ଞାନ ।

**ଅବନତ**, ବିଂ. (ଅବ-ନମ୍-ତ) ନମ୍ରୀଭୂତ । ଯଥା—ଶାଖା ଫଳଭରରେ ଅବନତ ହେଲା । ନମ୍ର; ଅନୁନ୍ନତ; ଅଧଃପତିତ; ପ୍ରଣତ । ଯଥା—ପାଦାବନତ । (ତି ପ୍ରତ୍ୟୟ ହେଲେ) ବି. ଅଧୋଗତି; ଅନୁନ୍ନତି; ପ୍ରଣତି; ବିନୟ; ସୂର୍ଯ୍ୟାଦିଙ୍କର ଅସ୍ତଗମନ ।

**ଅବନା**, ବିଂ. (ଦେଶଜ) ଯାହା ବନା ହୋଇ ନାହିଁ । ଯଥା—

ଅବନା ବନିଲେ    ଅମପା ମାପିଲେ
ଅଜପାରେ ଜପ ହେବ ବହନ,
ବାଇମନ ରେ । ବ୍ରୁ ତ ଅବନା ବନ ।

ଯେଉଁ ଶବ୍ଦର ବ୍ୟଞ୍ଜନବର୍ଣ୍ଣମାନଙ୍କରେ ଅ-ଭିନ୍ନ ଅନ୍ୟ ସ୍ୱର ଯୁକ୍ତ ହୋଇ ନାହିଁ । ଯଥା—ଉପେନ୍ଦ୍ର ଭଞ୍ଜଙ୍କର ଅବନାରସତରଙ୍ଗ ପୁସ୍ତକ ।

**ଅବନାଟ**, ବିଂ. (ଅବ = ଅବନତ ନାସିକା ଯାହାର, ନତ ଅର୍ଥେ ନାସିକା ସ୍ଥାନରେ ନାଟାଦେଶ) ଅବନତନାସିକ, ଚେପଟାନାକା । (ଅବଟୀଟ ଶବ୍ଦ ଦେଖ ।)

**ଅବନାୟ**, ବି. (ଅବ = ନିମ୍ନ-ନୀ-ଅ) ଅଧୋନୟନ, ନିମ୍ନକୁ ନେବା । (ଅବନାୟସ୍ତୁ ନିପାତନଂ ।)

ଅବନାହ, ବି. (ଅବ-ନହ୍ = ବନ୍ଧନ କରିବା -ଅ) ବନ୍ଧନ; ପରିଧାନ ।

ଅବନି, ଅବନୀ, ବି. ସ୍ତ୍ରୀ. (ଅବ୍ = ରକ୍ଷା କରିବା-ଅନି) ପୃଥିବୀ, ଭୂମି; ତ୍ରାୟମାଣା ଲତା ।

ଅବନ୍ତି, ଅବନ୍ତୀ, ଅବନ୍ତିକା, } ବି. (ଅବ୍ = ରକ୍ଷା କରିବା-ଅନ୍ତି-କ-ସଂଜ୍ଞାର୍ଥେ, ସ୍ତ୍ରୀ-ଆ) ଦେଶ-ବିଶେଷ, ମାଳବଦେଶ; ଉଜ୍ଜୟିନୀ ନଗରୀ, ବିକ୍ରମାଦିତ୍ୟଙ୍କର ରାଜଧାନୀ; ଏତଦ୍ଦେଶୀୟ ନଦୀବିଶେଷ ।

ଅବନ୍ତିସୋମ, ବି. (ଅବନ୍ତି = ଦେଶ-ସୂ = ହେବା-ମ-ଭାବାର୍ଥେ, ଯାହା ଅବନ୍ତୀ ଦେଶରେ ହୁଏ) କାଞ୍ଜିକ, କାଞ୍ଜୀ ।

ଅବନ୍ଧ୍ୟ, ବି°. (ଅ-ବନ୍ଧ୍ୟ) ସଫଳ; ବଳବାନ୍ ।

ଅବବୋଧ, ବି. (ଅବ-ବୁଧ୍-ଅ) ଜ୍ଞାନ, ତତ୍ତ୍ୱଜ୍ଞାନ, ବିବେକ; ଅନୁଭବ, ଜାଗରଣ । (ଯୌ ତୁ ସ୍ୱପ୍ନାବବୋଧୌ ତୌ ଭୂତାନାଂ ପ୍ରଳୟୋଦୟୌ ।)

ଅବଭାସ, ବି. (ଅବ-ଭାସ୍ = ପ୍ରକାଶ ପାଇବା-ଅ) ପ୍ରକାଶ; ସାକ୍ଷାତ୍କାର; ଅନ୍ୟର ଅନ୍ୟରୂପେ ପ୍ରକାଶସ୍ୱରୂପ ମିଥ୍ୟାଜ୍ଞାନ ବା ଭ୍ରମ ।

ଅବଭୃଥ, ବି. (ଅବ-ଭୃ = ପୋଷଣ କରିବା-ଥ-ସଂଜ୍ଞାର୍ଥେ) ଯଜ୍ଞାନ୍ତକୃତ ଯଜ୍ଞ, ପ୍ରଧାନ ଯଜ୍ଞ ପୂରଣାର୍ଥ ଯାଗବିଶେଷ; ସ୍ନାନ, ଯଜ୍ଞବିଶେଷ ସ୍ନାନ । (ଦୀକ୍ଷାନ୍ତୋଽବଭୃଥୋ ଯଜ୍ଞେ) ।

ଅବଭ୍ରଟ, ବି°. (ଅବ-ନାସିକା = ଭ୍ରଟ) ନତ-ନାସିକ, ଚେପଟାନାକବିଶିଷ୍ଟ । (ଅବଟୀଟ ଶବ୍ଦ ଦେଖ)

ଅବମ, ବି°. (ଅବ୍ = ରକ୍ଷା କରିବା-ଅମ, ଯାହାଠାରୁ ଆମ୍ଭଙ୍କୁ ରକ୍ଷା କରିବାକୁ ହୁଏ) ଅଧମ, ନିକୃଷ୍ଟ, ନ୍ୟୂନ ।

ଅବମତ, ବି°. (ଅବ = ଘୃଣିତ ବା ଅପକୃଷ୍ଟ-ମନ୍-ତ) ଅନାଦୃତ; ଅବଜ୍ଞାତ; ତିରସ୍କୃତ ।

ଅବମତି, ବି. ସ୍ତ୍ରୀ. (ଅବ-ମନ୍-ତି) ଅବଜ୍ଞା, ହେୟଜ୍ଞାନ । (କର୍ତ୍ତୃବାଚ୍ୟରେ କ୍ତି ପ୍ରତ୍ୟୟ ହେଲେ) ପ୍ରଭୁ, ସ୍ୱାମୀ, ନେତା ।

ଅବମନ୍ତା, ବି°. (ଅବ-ମନ୍-ତୃ) ଅବମାନକାରୀ, ତିରସ୍କର୍ତ୍ତା । ଯଥା—ଗୁରୁ ଓ ଦ୍ୱିଜମାନଙ୍କର ଯେ ଅବମନ୍ତା ତାହାଙ୍କର ଅବଶ୍ୟ ନରକ-ଗତି ହୁଏ ।

ଅବମର୍ଦ୍ଦ, ବି. (ଅବ-ମୃଦ୍-ଅ) ପୀଡ଼ନ, ଦଳନ; ଶତ୍ରୁକୃତ ଗାଢ଼ ପ୍ରହାର; ଶତ୍ରୁ ନଗରାଦିର ଉଚ୍ଛେଦ; ଭଙ୍ଗ ।

ଅବମର୍ଦ୍ଦନ, ବି. (ଅବ-ମୃଦ୍-ଅନ) ଧ୍ୱଂସ; ପୀଡ଼ା । ବି°. ଧ୍ୱଂସକାରୀ; ପୀଡ଼ନକାରୀ ।

ଅବମର୍ଶ, ଅବମର୍ଷ, ଅବମର୍ଶନ, ଅବମର୍ଷଣ, } ବି. (ଅବ-ମୃଶ୍, ମୃଷ୍-ଅ, ଅନ) ପର୍ଯ୍ୟାଲୋଚନା; ଅକ୍ଷମା, ଅସହନ; ବିଲୋପ, ବିଲୁପ୍ତି; ବିସ୍ମୃତି; ନାଟକସନ୍ଧିବିଶେଷ ।

ଅବମାନ, ଅବମାନନା, } ବି. (ଅବ = ବିପରୀତ-ମାନ୍ = ପୂଜା କରିବା-ଅ, ଅନ-ଆ) ଅପମାନ; ଅନାଦର; ଅବଜ୍ଞା ।

ଅବୟବ, ବି. (ଅବ-ଯୁ = ମିଶ୍ରିତ ହେବା-ଅ, ଅର୍ଥାତ୍ ଯେ ଅଙ୍ଗୀର ସହିତ ମିଶ୍ରିତ ହୁଏ) ଅଙ୍ଗ, ହସ୍ତପାଦାଦି; ଅଂଶ; ଉପକରଣ ।

ଅବର, ବି°. (ଅ-ବର) ନିକୃଷ୍ଟ, ଅଧମ; କନିଷ୍ଠ ବା ପଶ୍ଚାତ୍ଜାତ; ହସ୍ତିଜଙ୍ଘାର ପଶ୍ଚାଦ୍ଭାଗ; (ସ୍ତ୍ରୀ-ଆ) ଦୁର୍ଗା ।

ଅବରଜ, ବି°. (ଅବର = ପଶ୍ଚାତ୍-ଜନ୍-ଅ) ପଶ୍ଚାତ୍ଜାତ, କନିଷ୍ଠ; ନିକୃଷ୍ଟ, ହୀନବଂଶ-ଜାତ । ବି. କନିଷ୍ଠ ଭ୍ରାତା; ଅବରବର୍ଣ୍ଣ ଅର୍ଥାତ୍ ଶୂଦ୍ର । (ସ୍ତ୍ରୀ-ଆ) କନିଷ୍ଠା ଭଗିନୀ ।

ଅବରତି, ବି. ସ୍ତ୍ରୀ. (ଅବ-ରମ୍ = କ୍ରୀଡ଼ା-ବିଶ୍ରାମ-ତି) ବିରତି, ନିବୃତ୍ତି, ବିଶ୍ରାମ; ତ୍ୟାଗ ।

ଅବରବର୍ଣ୍ଣ, ବି. (ଅବର = ଶେଷ-ବର୍ଣ୍ଣ = ଜାତି) ଚତୁର୍ଥ ବର୍ଣ୍ଣ, ଶୂଦ୍ର ।

ଅବରୀଣ, ବି°. (ଅବ-ରୀ = ଗମନ କରିବା-ତ, ତ = ନ) ଧିକ୍କୃତ, ତିରସ୍କୃତ, ନିନ୍ଦିତ । (ଅବରୀଣୋ ଧିକ୍କୃତଃ ସ୍ୟାତ୍ ।)

**ଅବରୋଧ, ଅବରୋଧନ,** ବି. (ଅବ-ରୁଧ୍ = ଆବରଣ କରିବା-ଅ) ପ୍ରତିବନ୍ଧ; ଅଟକ; ବାଧା; ଘେର, ବେଷ୍ଟନ, ଆଚ୍ଛାଦନ; ଅନ୍ତଃପୁର; ଅନ୍ତଃପୁର ସ୍ତ୍ରୀ; ରାଜପ୍ରାସାଦ ସ୍ତ୍ରୀ ।

**ଅବରୋହ,** ବି. ( ଅବ-ରୁହ୍ = ଆରୋହଣ କରିବା-ଅ) ଅବତରଣ; ଆନମନ; ନିମ୍ନକୁ ଆସିବାର; ଓହଳ, ଗୁଳୁଚ୍ୟାଦି ଲତା ।

**ଅବର୍ଣ୍ଣ,** ବି. (ଅ-ବର୍ଣ୍ଣ = ସ୍ତୁତି) ନିନ୍ଦା, ଅପବାଦ, ଅଯଶ । ( ଅବର୍ଣ୍ଣାକ୍ଷେପନିର୍ବାଦପରିବାଦାପବାଦବତ୍ ।) ଅକାର, ଅ ଅକ୍ଷର । (ଅ = ପ୍ରଶସ୍ତିରହିତବର୍ଣ୍ଣ = ଜାତି)ନୀଚଜାତି । ବିଂ. ବର୍ଣ୍ଣହୀନ ।

**ଅବଲକ୍ଷ,** ବି. (ଅବ-ଲକ୍ଷ୍ = ଶୁଦ୍ଧ ହେବା-ଅ) ଶୁକ୍ଳବର୍ଣ୍ଣ । ବିଂ. ଶୁକ୍ଳବର୍ଣ୍ଣବିଶିଷ୍ଟ । (ଅବଦାତଃ ସିତୋ ଗୌରୋଽବଲକ୍ଷୋ ଧବଲୋଽର୍ଜୁନଃ ।)

**ଅବଲଗ୍ନ,** ବି. (ଅବ-ଲଗ୍ନ, ଯହିଁରେ ବସ୍ତ୍ରାଦି ସଂଲଗ୍ନ ହୁଏ) କଟିଦେଶ । (ମଧ୍ୟମଂ ଚାବଲଗ୍ନଂ ଚ ।) ବିଂ. ସଂଲଗ୍ନ, ଦୃଢ଼ ସଂଯୁକ୍ତ ।

**ଅବଲମ୍ବ,** ବି. (ଅବ-ଲମ୍ବ୍ = ଲମ୍ବିତ ହେବା-ଅ) ଆଶ୍ରୟ । ଯଥା—ହସ୍ତାବଲମ୍ବ । ଗ୍ରହଣ; ଆଶ୍ରୟ ସ୍ଥାନ; ଆଶ୍ରୟସାଧନ ଯଷ୍ଟ୍ୟାଦି ।

**ଅବଲମ୍ବନ,** ବି. (ଅବ-ଲମ୍ବ୍-ଅନ) ଭର ଦେବା । ଯେପରି ଯଷ୍ଟି ଅବଲମ୍ବନ । ନିର୍ଭର କରିବା । ଯଥା—ଚାକରୀ ଅବଲମ୍ବନ କରି ଜୀବିକା ନିର୍ବାହ କରୁଅଛି । ଆଶ୍ରୟ କରିବା; ଗ୍ରହଣ କରିବା ।

**ଅବଲମ୍ବିତ,** ବିଂ. (ଅବ-ଲମ୍ବ୍-ତ) ଆଶ୍ରିତ, ଶରଣାଗତ; ଅଧୋଲମ୍ବମାନ; ଗୃହୀତ ।

**ଅବଳା,** ବି. ସ୍ତ୍ରୀ. (ଅ-ବଳ-ଆ) ସ୍ତ୍ରୀ ବ୍ୟକ୍ତି ।

**ଅବଲୀଳା,** ବି. ସ୍ତ୍ରୀ. (ଅବ-ଲୀଳା) ଅନାୟାସ, ଅକ୍ଳେଶ; ଅସଙ୍କୋଚ ।

**ଅବଲେପ,** ବି. (ଅବ ଲିପ୍-ଅ) ଗର୍ବ, ଦର୍ପ; ବିଦ୍ୱେଷ; ଦୂଷଣ ବା ନିନ୍ଦନ; ଲେପନ; ଅଧିକ୍ଷେପ; ଆକ୍ଷେପ; କ୍ଷେପଣ ।

**ଅବଲୋକନ,** ବି. (ଅବ-ଲୋକ୍-ଅନ) ଦର୍ଶନ; ଅନୁସନ୍ଧାନ ।

**ଅବଲ୍ଗୁଜ,** ବି. (ଅ-ବଲ୍ଗୁ = ମନୋହର-ଜନ୍-ଅ) ସୋମରାଜ ମଞ୍ଜି । (ଅବଲ୍ଗୁଜଃ ସୋମରାଜୀ ।)

**ଅବବାଦ,** ବି. (ଅବ = ଅସମ୍ମାନ-ବଦ୍-ଅ) ଅପବାଦ, ନିନ୍ଦା; ଆଦେଶ; ଶାସନ; ବିଶ୍ୱାସ । (ଅବବାଦୋ ତୁ ନିନ୍ଦାଜ୍ଞେ ।)

**ଅବଶ,** ବିଂ. (ଅ-ବଶ = ସ୍ୱାଧୀନତା) ଅନାୟତ୍ତ, ପରାଧୀନ; ଶିଥିଳ, ଦୁର୍ବଳ ।

**ଅବଶିଷ୍ଟ,** ବିଂ. (ଅବ-ଶିଷ୍-ତ) ପରିଶିଷ୍ଟ, ବାକି, ଉଦ୍ବୃତ୍ତ ।

**ଅବଶେଷ,** ବିଂ. (ଅବ-ଶିଷ୍-ଅ) ଉଦ୍ବୃତ୍ତ, ଅବଶିଷ୍ଟ, ପରିଶିଷ୍ଟ । ବି. ଅନ୍ତ, ଅବସାନ, ପରିଶେଷ । ଯଥା—ତାହାର ଦୁଃଖର ଅବଶେଷ ନାହିଁ ।

**ଅବଶ୍ୟ,** ବିଂ. (ଅ-ବଶ୍ୟ) ଅଦମ୍ୟ, ଅବାଧ୍ୟ, ଅବଶ; ନିଃସନ୍ଦେହ । ଅଂ. ନିଶ୍ଚୟ, ସର୍ବଥା ।

**ଅବଶ୍ୟଂଭାବୀ,** ବିଂ. ( ଅବଶ୍ୟଂ ଭୂ-ଇନ୍ ) ଅନିବାର୍ଯ୍ୟ, ଯାହା ନିଶ୍ଚୟ ହେବ ।

**ଅବଶ୍ୟାୟ,** ବି. (ଅବ-ଶ୍ୟୈ-ଗମନ କରିବା, ପାଇବା-ଅ, ଯେ ଶୈତ୍ୟ ପ୍ରାପ୍ତ ହୁଏ, ଅଥବା ଯହିଁରୁ ଲୋକେ ଶୈତ୍ୟ ପ୍ରାପ୍ତ ହୁଅନ୍ତି) ହିମ, ଶିଶିର, କୁଜ୍ଝଟିକା; ଅଭିମାନ, ଗର୍ବ, ଅହଙ୍କାର ।

**ଅବଶ୍ରୟଣ,** ବି. (ଅବ-ଶ୍ରୀ-ପାକ କରିବା-ଅନ) ଚୁଲ୍ଲୀରୁ ଅବତରଣ, ଚୁଲ୍ଲୀରୁ ଓହ୍ଲାଇବା ।

**ଅବଷ୍ଟବ୍ଧ,** ବିଂ. (ଅବ-ସ୍ତମ୍ଭ୍ = ସ୍ତମ୍ଭ ହେବା, ଆବରଣ କରିବା, ଆରମ୍ଭ କରିବା ଇତ୍ୟାଦି -ତ) ବଦ୍ଧ; ସଂଯତ; ବେଷ୍ଟିତ; ଆକ୍ରାନ୍ତ; ଅଭିଭୂତ; ସ୍ତବ୍ଧ; ରକ୍ଷିତ; ଅବଲମ୍ବିତ; ଆସନ୍ନ ବା ସମୀପ ।

ଅବଷ୍ଟମ୍ଭ, ବି. (ଅବ-ସ୍ତନ୍ଭ୍-ଅ) ରୋଧ; ଅବଲମ୍ବନ; ଆରମ୍ଭ; ସୂଚନା; ଆକ୍ରମଣ; ସ୍ତମ୍ଭ; ଉତ୍କର୍ଷ; ଅଭିମାନ; ସ୍ୱର୍ଣ୍ଣ ।

ଅବସଥ, } ବି. (ଅ-ବସ୍-ଅଥ, ଯ-ସ୍ୱାର୍ଥେ-
ଅବସଥ୍ୟ, } ଯାହାଠାରୁ ବଳି ଆଉ ଉତ୍ତମ ବାସସ୍ଥାନ ନାହିଁ) ଗ୍ରାମ; ଆବାସ ସ୍ଥାନ; ପଥ ମଧ୍ୟରେ ନିବାସ ସ୍ଥାନ; ପାଠଶାଳା; ଆଖଡ଼ା ।

ଅବସନ୍ନ, ବିଂ. (ଅବ-ସଦ୍-ତ) ଶ୍ରାନ୍ତ, କ୍ଲାନ୍ତ, ଦୁର୍ବଳ; ସମାପ୍ତ; କ୍ଷୟପ୍ରାପ୍ତ ।

ଅବସର, ବି. (ଅବ-ସୃ-ଅ) ଅବକାଶ, ଛୁଟି; ସୁଯୋଗ; ପ୍ରସ୍ତାବ, ପ୍ରସଙ୍ଗ ।

ଅବସାଦ, ବି. (ଅବ-ସଦ୍-ଅ) କ୍ଲାନ୍ତି, ଶ୍ରାନ୍ତି, ଦୁର୍ବଳତା; ବିଷାଦ; ନିରୁତ୍ସାହିତା; ବିନାଶ, କ୍ଷୟ ।

ଅବସାନ, ବି. (ଅବ-ସୋ=ଶେଷ କରିବା-ଅନ) ବିରାମ, ସମାପ୍ତି; ସୀମା, ପର୍ଯ୍ୟନ୍ତ; ମୃତ୍ୟୁ ।

ଅବସିତ, ବିଂ. (ଅବ-ସୋ-ତ) ଅବଗତ, ବିଦିତ । (ପ୍ରତିପନ୍ନମବସିତାବଗତେ ।) ସମାପ୍ତ, ଅବସାନପ୍ରାପ୍ତ ।

ଅବସ୍କର, ବି. (ଅବ=ନିମ୍ନ-କୃ=ବିକ୍ଷେପ କରିବା-ଅ) ଆବର୍ଜନା, ସମ୍ମାର୍ଜନ୍ୟାଦିଦ୍ୱାରା ନିକ୍ଷିପ୍ତ ଧୂଳି ପ୍ରଭୃତି, ମୟଳା; ପୁରୀଷ ବା ବିଷ୍ଠା; ମୟଳା ରଖିବା ସ୍ଥାନ; ଗୁହ୍ୟଦେଶ ।

ଅବସ୍ତୁ, ବିଂ. (ଅ-ବସ୍ତୁ=ଯାହାଠାରେ ସାର ନାହିଁ) ଅସାର, ଅପଦାର୍ଥ ।

ଅବସ୍ଥା, ବି. (ଅବ-ସ୍ଥା-ଅ) ଦଶା; ସ୍ଥିତି; ପରିମାଣ ।

ଅବସ୍ଥାନ, ବି. (ଅବ-ସ୍ଥା-ଅନ) ଅବସ୍ଥିତି, ସ୍ଥିତି; ଅବସ୍ଥା; ସ୍ଥିତିସ୍ଥାନ; ଆବାସ ।

ଅବହାର, ବି. (ଅବ-ହୃ-ଅ—ଯେ ଜଳଜନ୍ତୁକୁ ହରଣ କରେ) ଜଳହସ୍ତୀ, କୁମ୍ଭୀରବିଶେଷ । (ବଙ୍ଗଭାଷାରେ ଏହାକୁ ହାଙ୍ଗର କହନ୍ତି) ଚୌର; ଯୁଦ୍ଧାଦିର ବିଶ୍ରାମ; ଯୁଦ୍ଧ ସ୍ଥାନରୁ ସୈନ୍ୟମାନଙ୍କର ଶିବିର ପ୍ରତି ଆନୟନ; ଉପହାର ।

ଅବହିତ, ବିଂ. (ଅବ-ଧା-ତ, ଧା=ହି) ବିଦିତ; ପରିଚିତ; ସାବଧାନ, ମନୋଯୋଗୀ ।

ଅବହିତ୍ଥ, } ବି. ସ୍ତ୍ରୀ. (ଅ-ବହିସ୍-ସ୍ଥା-ଅ,
ଅବହିତ୍ଥା, } ସ ଲୋପ—ବାହ୍ୟରେ ନ ରହିବା ଅର୍ଥାତ୍ ଅଦର୍ଶନ, ସ୍ତ୍ରୀ-ଆ) ଭାବଗୋପନ, ମନର ଭାବ ଗୁପ୍ତ କରି ରଖିବା, ଆକାର ଗୁପ୍ତି, ଭୟ ଲଜ୍ଜାଦିଦ୍ୱାରା ଇତ୍ୟାଦି-ସୂଚକ ମୁଖବିକାରାଦି ଆକାର ଗୋପନ । (ଅବହିତ୍ଥାକାରଗୁପ୍ତିଃ ।)

ଅବହେଳ, } ବି. (ଅବ-ହେଡ଼୍=ଅନାଦର
ଅବହେଳା, } କରିବା-ଅ, ଅନ, ସ୍ତ୍ରୀ-ଆ,
ଅବହେଳନ, } ଡ=ଳ) ଅବଜ୍ଞା, ଅନାଦର; ଅଯତ୍ନ; ଅନାସ୍ଥା ।

ଅବାକ୍, ବିଂ. (ଅ-ବଚ୍-କ୍ୱିପ୍) ବାକ୍ୟହୀନ, ମୂକ । ଅଂ. ( ଅବ-ଅନ୍ଚ୍=ଗମନ କରିବା-କ୍ୱିପ୍ ) ଅଧଃ, ନିମ୍ନପ୍ରଦେଶ । ବିଂ. ଅଧୋବଦନ; ବିସ୍ମିତ, ଚମତ୍କୃତ । ବି. ନିକୃଷ୍ଟକାଳ; (ନିମ୍ନଦିଗବୋଧରୁ) ଦକ୍ଷିଣଦିଗ, ଦାକ୍ଷିଣାତ୍ୟ ।

ଅବାକ୍ପୁଷ୍ପୀ, ବି.ସ୍ତ୍ରୀ. (ଅବାକ୍=ଅଧୋଭାଗରେ-ପୁଷ୍ପ—ଯାହାର ପୁଷ୍ପ ଅଧୋମୁଖରେ ରହେ) ପାନମହୁରୀ; ପାନମହୁରୀଗଛ ।

ଅବାଗ୍ର, ବିଂ. (ଅବ=ବିପରୀତ-ଅଗ୍ର=ମସ୍ତକ) ଅଧୋମୁଖ, ଅବନତ, ନମ୍ର ।

ଅବାଙ୍ମୁଖ, ବିଂ. (ଅବାକ୍=ଅଧୋଭାଗରେ-ମୁଖ) ଅଧୋମୁଖ ।

ଅବାଚୀ, ବି. ସ୍ତ୍ରୀ. (ଅବାଚ୍=ଦକ୍ଷିଣଦିଗ-ଈ-ସ୍ତ୍ରୀଲିଙ୍ଗେ) ଦକ୍ଷିଣଦିଗ, ଅଧୋଦିଗ ।

ଅବାଚୀନ, ବିଂ. (ଅବାଚ୍-ଦକ୍ଷିଣଦିଗ-ଈନ) ଦକ୍ଷିଣଦେଶୀୟ, ଦକ୍ଷିଣଦିକ୍ସ୍ଥ; ଅଧୋମୁଖ, ଅଧୋଗତ ।

ଅବାଚ୍ୟ, ବି. (ଅ=ଅପ୍ରଶସ୍ତ-ବାଚ୍ୟ=କଥନୀୟ) ନିନ୍ଦିତବାକ୍ୟ, ଦୁର୍ବଚନ, ନିନ୍ଦା । ବିଂ. ଅବକ୍ତବ୍ୟ, ନିନ୍ଦାଯୋଗ୍ୟ । (ଅବାଚ୍-ଯ) ଦକ୍ଷିଣଦେଶୀୟ ।

ଅବାଧ, ବିଂ. ବାଧାଶୂନ୍ୟ, ଅନାୟାସ, ସହଜ, ଆପତ୍ତିଶୂନ୍ୟ ।

ଅବାଧ୍ୟ, ବିଂ.(ଅ-ବାଧ୍ୟ)ଅବଶୀଭୂତ,ଅମାନିଆ ।

ଅବାନ୍ତର, ବିଂ. (ଅବ = ଅବଗତ-ଅନ୍ତର = ମଧ୍ୟ) ଅନ୍ତଃପାତୀ; ପ୍ରଧାନର ଅଙ୍ଗଭୂତ; ବିଶେଷ; ଆନୁଷଙ୍ଗିକ ।

ଅବାପିତ, ବିଂ. (ଅବ-ଆପ୍-ଇ-ତ) ପ୍ରାପିତ, ଅଧିଗମିତ । (ଅ-ବାପିତ = କୃତବପନ) ଯାହା ବପନ କରା ନୁହେଁ, ଯାହା ରୋପିତ ନୁହେ ।

ଅବାପ୍ତ, ବିଂ. (ଅବ-ଆପ୍-ତ) ପ୍ରାପ୍ତ, ଅଧିଗତ ।

ଅବାର, ବି.(ଅବ = ନିମ୍ନ-ଋ = ଗମନ କରିବା-ଅ) ନଦ୍ୟାଦିର ଅର୍ବାକ୍ ତଟ, ପୂର୍ବ ପାର, ନିକଟବର୍ତ୍ତୀ ତୀର, ଆଦ୍ୟତୀର । ବିଂ. (ଅ-ବୃ-ଅ) ଅବାରଣୀୟ ।

ଅବାରଣୀୟ, ବିଂ.(ଅ-ବୃ = ନିବାରଣ କରିବା-ଣିଚ୍-ଅନୀୟ) ଦୁର୍ବାର, ଅନିବାର୍ଯ୍ୟ ।

ଅବାରିତ, ବିଂ. (ଅ-ବୃ-ଇ-ତ) ଅପ୍ରତିଷିଦ୍ଧ, ଯେଉଁ ସ୍ଥାନକୁ ଯିବାକୁ ମନା ନାହିଁ । ଯଥା—ଅବାରିତଦ୍ୱାର ।

ଅବାସା, ଅବାସସ୍, ବିଂ. (ଅ-ବାସସ୍ = ବସ୍ତ୍ର) ବିବସ୍ତ୍ର, ଉଲଗ୍ନ, ଲଙ୍ଗଳା । (ନଗ୍ନୋଽବାସା ଦିଗମ୍ବରେ ।)

ଅବି, ବି. (ଅବ୍ = ଗମନ କରିବା, ରକ୍ଷା କରିବା-ଇ) ସୂର୍ଯ୍ୟ; ପର୍ବତ; ମେଷ, ଛାଗ । (ଅବୟଃ ଶୈଳମେଷାର୍କାଃ ।) ମୂଷିକ; କମ୍ବଳ । (ରବିର୍ନାଥେ ରବୌ ମେଷେ ଶୈଳେ ମୂଷିକ କମ୍ବଳେ—ମେଦିନୀ ।) (ସ୍ତ୍ରୀଲିଙ୍ଗରେ ବିକଳ୍ପେ ଦୀର୍ଘ ହୁଏ) ରଜସ୍ୱଲା ସ୍ତ୍ରୀ ।

ଅବିଆଣୀ, ବିଂ. ସ୍ତ୍ରୀ. (ଦେଶଜ) ଯେ ପ୍ରସବ କରି ନଥାଏ ।

ଅବିଗୁଣ, ବି. (ପ୍ରା.) ଅଶୁଭଫଳ; ଅନିଷ୍ଟ ।

ଅବିଗ୍ନ, ବି. କରମର୍ଦ୍ଦକବୃକ୍ଷ; ପାଣିଅଁଳା ।

ଅବିଚ୍ଛିନ୍ନ, ବିଂ. (ଅ-ବିଚ୍ଛିନ୍ନ) ଧାରାବାହିକ ।

ଅବିତ, ବିଂ.(ଅବ୍ = ରକ୍ଷା କରିବା-ତ) ରକ୍ଷିତ, ପାଳିତ । (ଭାବବାଚ୍ୟରେ କ୍ତ ପ୍ରତ୍ୟୟ ହେଲେ) ରକ୍ଷଣ ।

ଅବିଦ୍ଧକର୍ଣ୍ଣୀ, ବି. ସ୍ତ୍ରୀ. (ଅ-ବିଦ୍ଧ = ବିଭିନ୍ନ-କର୍ଣ୍ଣ = କାନ—ଯାହାର ପତ୍ର କର୍ଣ୍ଣଠାରୁ ଭିନ୍ନ ନୁହେ ଅର୍ଥାତ୍ କର୍ଣ୍ଣ ତୁଲ୍ୟ) ଅକାନବିନ୍ଧା; ଭୃଙ୍ଗରାଜ ।

ଅବିଦ୍ୟ, ବିଂ. (ଅ-ବିଦ୍ୟା) ବିଦ୍ୟାହୀନ, ମୂର୍ଖ ।

ଅବିଦ୍ୟା, ବି. ସ୍ତ୍ରୀ. (ଅ-ବିଦ୍ୟା) ଅଜ୍ଞାନ, ମାୟା, ପ୍ରକୃତି । ଯଥା—

ଅବିଦ୍ୟା-ବିଷମ-ଆଶୀବିଷଘାତୀ ଜନେ । କୋ. ବ୍ର.

ଅବିଧି, ବି. ବିଧିଶୂନ୍ୟତା, ଅକରଣୀୟତା, ବେନିୟମ ।

ଅବିଧେୟ, ବିଂ. (ଅ-ବିଧେୟ) ଅଯୋଗ୍ୟ, ଅନୁଚିତ, ଯେ ବିଧେୟ ନୁହେ ।

ଅବିନୀତ, ବିଂ. (ଅ-ବିନୀତ) ଅଶିକ୍ଷିତ; ଧୃଷ୍ଟ, ଉଦ୍ଧତ । (ସ୍ତ୍ରୀ-ଆ) ଅସତୀ, କୁଳଟା ।

ଅବିମୃଷ୍ୟ, ବିଂ. (ଅ-ବି-ମୃଷ୍-ଯ) ଅବିବେଚକ; ନିଃସନ୍ଦିଗ୍ଧ ।

ଅବିରତ, ବିଂ. (ଅ-ବିରତ) ଅବିଶ୍ରାନ୍ତ; ଧାରାବାହିକ । କ୍ରି. ବିଂ. ଅନବରତ, ସତତ । ଯଥା—

ମୋ ଚିତ୍ତ ଯେଉଁ କାର୍ଯ୍ୟେ ଅବିରତ ଅନୁରକ୍ତ
ନିୟତିବଳୁଁ ତାହା,
କରିବାପାଇଁ ନିଦେଶ ପ୍ରଦାନ କରନ୍ତି
ଭବ୍ୟସଭ୍ୟ ଆହା । ଜା. ପ. ନା.

ଅବିରତି, ବି. ସ୍ତ୍ରୀ. (ଅ-ବିରତି) ଅନିବୃତ୍ତି; ବିଷୟାଦିରେ ଚିତ୍ତର ସ୍ଥିରତା; ଅବିରାମ ।

ଅବିଳମ୍ବ, ଅବିଳମ୍ବନ, } ବି. (ଅ-ବି-ଲମ୍ବ୍-ଅ, ଅନ) ତୂର୍ଣ୍ଣ, ଶୀଘ୍ର, ସତ୍ୱର ।

ଅବିଳମ୍ବିତ, ବିଂ. (ଅ-ବିଳମ୍ବିତ) ତ୍ୱରିତ, ଶୀଘ୍ର; ଆଶୁନିଷ୍ପନ୍ନ ।

ଅବିସ୍ପଷ୍ଟ, ବିଂ. (ଅ-ବିସ୍ପଷ୍ଟ) ଅସ୍ଫୁଟ, ଅବ୍ୟକ୍ତ ।

ଅବିହାଡ଼ା, ବିଂ. (ଅବ୍ୟୂଢ଼ ଶବ୍ଦଜ) ଅବିବାହିତ ।

**ଅବହ୍ୱିତ**, ବି°. (ଅ-ବହ୍ୱିତ) ଅନିୟମିତ; ଅସଙ୍ଗତ; ବିଧିବିରୁଦ୍ଧ; ନିଷିଦ୍ଧ; ଅସମ୍ପାଦିତ ।

**ଅବି**, ବି. ସ୍ତ୍ରୀ. (ଅବ୍ = ରକ୍ଷା କରିବା-ଇ, ସ୍ତ୍ରୀ-ଈ, ଯେ ଲଜ୍ଜା ହେତୁ ରଜ ରକ୍ଷା କରେ ଅର୍ଥାତ୍ ଗୋପନ କରେ) ରଜସ୍ୱଳା ସ୍ତ୍ରୀ, ଋତୁମତୀ ।

**ଅବୀଚି**, ବି. (ଅ-ବୀଚି = ତରଙ୍ଗ) ନରକବିଶେଷ । ବି°. ତରଙ୍ଗହୀନ ।

**ଅବୀର**, ବି°. (ଅ-ବୀର) ଦୁର୍ବଳ, ନିର୍ବୀର୍ଯ୍ୟ, ବୀରଶୂନ୍ୟ । (ସ୍ତ୍ରୀ-ଆ—ଅବୀରା) ବୀରଶୂନ୍ୟା । (ତଦାବୀରା ବସୁନ୍ଧରା ।) ପତିପୁତ୍ରହୀନା ସ୍ତ୍ରୀ । (ଅବୀରା ନିଷ୍ପତିସୁତା ।)

**ଅବୁଝ, ଅବୁଝା, ଅବୁଝାମଣା**, } ବି°. (ଅବୋଧ ଶବ୍ଦଜ) ଯେ ଭଲ ମନ୍ଦ ବୁଝି ପାରେ ନାହିଁ, ଯେ ବୁଝେ ନାହିଁ, ବୁଝାଇଲେ ସୁଦ୍ଧା ବୁଝି ପାରେ ନାହିଁ । ଯଥା—

ଅବୁଝ ରାଜା ରାଜ୍ୟ ଯଥା ପଣ୍ଡିତେ । ରୁ. ସ୍ତ.

**ଅବେକ୍ଷଣ, ଅବେକ୍ଷା**, } ବି. (ଅବ-ଈକ୍ଷ = ଦେଖିବା, ଆନ୍ଦୋଳନ କରିବା ଇତ୍ୟାଦି-ଅନ, ଅ, ସ୍ତ୍ରୀ-ଆ) ଅବଲୋକନ; ଆଲୋଚନା; ମନୋଯୋଗ; ଅନୁସନ୍ଧାନ; ଅନୁରୋଧ; ପ୍ରତୀକ୍ଷା; ପ୍ରତିଜାଗରଣ ଅର୍ଥାତ୍ ପ୍ରତି ବସ୍ତୁ ପ୍ରତି ଅବଧାନ ଦେବା । (ଅବେକ୍ଷା ପ୍ରତିଜାଗରଃ ।)

**ଅବେକ୍ଷମାଣ**, ବି°. (ଅବ-ଈକ୍ଷ-ମାନ = ଶାନଚ୍) ନିରୀକ୍ଷମାଣ, ଅନୁସନ୍ଧାନପର ।

**ଅବ୍ୟକ୍ତ**, ବି°. (ଅ-ବ୍ୟକ୍ତ = ପ୍ରକାଶିତ) ଅପ୍ରକାଶିତ; ଅସ୍ପଷ୍ଟ; ଅଜ୍ଞାତ । ବି. ପରଂବ୍ରହ୍ମ; ପ୍ରକୃତି; ଆତ୍ମା; ବିଷ୍ଣୁ; ଶିବ; କନ୍ଦର୍ପ; ମୂର୍ଖ ।

**ଅବ୍ୟକ୍ତରାଗ**, ବି. (ଅ-ବ୍ୟକ୍ତ-ରାଗ = ବର୍ଣ୍ଣ) ଈଷତ୍ ଲୋହିତବର୍ଣ୍ଣ । (ଅବ୍ୟକ୍ତରାଗସ୍ତ୍ୱରୁଣଃ ।) ଅପ୍ରକାଶ୍ୟ ଅନ୍ତଃସ୍ଥ ଅଭିଳାଷ ।

**ଅବ୍ୟଣ୍ଡା**, ବି. ସ୍ତ୍ରୀ. (ଅ-ବି-ଅଣ୍ଡ-ସ୍ତ୍ରୀ-ଆ, ଯାହାର ଅଣ୍ଡ ଅର୍ଥାତ୍ ବୀଜ ବିଗତ ହୁଏ ନାହିଁ) ବାଇଡଙ୍କ ।

**ଅବ୍ୟଥ**, ବି°. (ଅ-ବ୍ୟଥା) ପୀଡ଼ାରହିତ, ବ୍ୟଥାଶୂନ୍ୟ; ଯେ ପୀଡ଼ା ଦିଏ ନାହିଁ, ପରପୀଡ଼ାବିମୁଖ । ବି. ସର୍ପ ।

**ଅବ୍ୟଥା**, ବି. ସ୍ତ୍ରୀ. (ଅ-ବ୍ୟଥା, ଯାହାହେତୁ ଭୟ ନାହିଁ) ହରିତକୀ, ହରିଡ଼ା । (ଅଭୟାତ୍ୱବ୍ୟଥା ପଥ୍ୟା ।) ଉତ୍ତର ଦେଶରେ ପ୍ରସିଦ୍ଧ ପଦ୍ମଚାରିଣୀ ନାମ ଗଛ, ଏହା ସ୍ଥଳପଦ୍ମିନୀ ନାମରେ ଖ୍ୟାତ । (ଅବ୍ୟଥାତିଚରା ପଦ୍ମାଚାରଟୀ ପଦ୍ମଚାରିଣୀ ।)

**ଅବ୍ୟୟ**, ବି. (ଅ-ବି-ଇ = ଗମନ କରିବା-ଅ, ଯେ ଲିଙ୍ଗ ସଂଖ୍ୟା କାରକରେ ଗମନ କରେ ନାହିଁ ଅର୍ଥାତ୍ ଯେ ସର୍ବଦା ଏକରୂପରେ କେବଳ ରହେ) ଯେଉଁ ସବୁ ଶବ୍ଦମାନଙ୍କରେ ବିଭକ୍ତି ରହିବାର ନିୟମ ନାହିଁ = ଆଉ, ଓ, ଏପରି, ସେପରି ଇତ୍ୟାଦି । (ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ । ବଚନେଷୁ ଚ ସର୍ବେଷୁ ଯନ୍ନବ୍ୟେତି ତଦବ୍ୟୟଂ ।) (ଅ-ବ୍ୟୟ = ନାଶ, ଯାହାର ନାଶ ନାହିଁ) ବିଷ୍ଣୁ; ଶିବ; ବ୍ରହ୍ମା । (ସ୍ତ୍ରୀ-ଆ) ଦୁର୍ଗା । ବି°. ଅକ୍ଷୟ, ବ୍ୟୟରହିତ ।

**ଅବ୍ୟବସ୍ଥିତ**, ବି°. (ଅ-ବ୍ୟବସ୍ଥିତ) ସିଦ୍ଧାନ୍ତରହିତ, ବ୍ୟବସ୍ଥାରହିତ; ବ୍ୟବସ୍ଥାନଭଙ୍ଗ; ଅସ୍ଥିର, ଚଞ୍ଚଳ । ଯଥା—(ଅବ୍ୟବସ୍ଥିତଚିତ୍ତସ୍ୟ ପ୍ରସାଦୋଽପି ଭୟଙ୍କରଃ ।)

**ଅବ୍ୟବହିତ**, ବି°. (ଅ-ବ୍ୟବହିତ = ଦୂରୀକୃତ, ବିଭକ୍ତ) ବ୍ୟବଧାନରହିତ, ସଂଲଗ୍ନ, ଅନ୍ତରାଳଶୂନ୍ୟ, ନିକଟସ୍ଥ ।

**ଅବ୍ୟାହତ**, ବି°. (ଅ-ବ୍ୟାହତ = ବାଧାପ୍ରାପ୍ତ) ଅପ୍ରତିହତ, ବ୍ୟାଘାତରହିତ । ଯଥା—

ଅବ୍ୟାହତ-ପ୍ରତାପ ରାବଣ, ତେଜେ ଦମ୍ଭେ,
ସୀତା କଲ କପଟ ଅଦର ମନ୍ତ୍ରୀଙ୍କ ଦମ୍ଭେ । ଜା.ପ.ନା.

**ଅଶନ**, ବି. (ଅଶ୍ = ଭୋଜନ କରିବା-ଅନ) ଭୋଜନ; ଭକ୍ଷ୍ୟ ବସ୍ତୁ; ଅଶନବୃକ୍ଷ । ବି°. (କର୍ତ୍ତୃବାଚ୍ୟରେ ଅନ ପ୍ରତ୍ୟୟ କଲେ) ଭକ୍ଷକ ।

ଅଶନ, ବ. (ଅଶ୍-ଅନ—ଯେ ପାହାଡ଼ ପର୍ବତ ପ୍ରଭୃତି ଖାଏ ଅର୍ଥାତ୍ ନାଶ କରେ) ବଜ୍ର, ମେଘାଗ୍ନି, ବଜ୍ରୋତ୍ପାଦକ ତୈଜସ ଶକ୍ତି ।

ଅଶି, ଅଶୀ, ଅଶିଏ, } ବଂ. (ଅଶୀତି-ଶବ୍ଦଜ) ୮୦ ସଂଖ୍ୟା । ଯଥା—

ସୁଷେଣ ବୋଲନ୍ତି ଅଶୀ ଯୋଜନ,
ମୁଁ ଡେଇଁବି ଏଥିରେ ନାହିଁ ଆନ । ବ. ରା.

ଅଶିତ, ଆଶିତ, } ବଂ. (ଅଶ୍-ତ) ଭକ୍ଷିତ; ତୃପ୍ତ, ପ୍ରୀତ । (ଅ-ଶିତ) ଅଶାଣିତ ।

ଅଶିଶ୍ୱୀ, ଅଶିଶ୍ୱିକା, } ବ. ସ୍ତ୍ରୀ. (ଅ-ଶିଶୁ=ଯାହାର ଶିଶୁ ନାହିଁ, ସ୍ତ୍ରୀ-ଈପ୍) ଶିଶୁହୀନା, ପୁତ୍ରକନ୍ୟାବିହୀନା, ଆଣ୍ଠୁକୁଡ଼ୀ । (ଅଶିଶ୍ୱୀ ଶିଶୁନା ବନା ।)

ଅଶୀତି, ବଂ. (ଅଷ୍ଟ-ଦଶନ୍-ତି-ନିପାତନ) ୮୦ ସଂଖ୍ୟା ।

ଅଶୁଆର, ବ. (ଅଶ୍ୱବର ଶବ୍ଦଜ) ଅଶ୍ୱ; ପ୍ରଶସ୍ତ ଅଶ୍ୱ । ଯଥା—

ଶକ୍ୟ ଅନୁକ୍ରମେ ପୁଣି ଦେଲେ ଜହରୁକ,
ସହସ୍ରେ ଅଶୁଆର ମାତଙ୍ଗ ସହସ୍ରେକ । ନୃ.ପୁ.ବି.ସା.

ଅଶୁଭ, ବ. (ଅ-ଶୁଭ) ଅମଙ୍ଗଳ, ପାପ । ବଂ. ଅମଙ୍ଗଳଯୁକ୍ତ ।

ଅଶୃତ, ବଂ. (ଅ-ଶୃତ) ଅପକ୍ୱ, କଞ୍ଚା ।

ଅଶେଷ, ବଂ. (ଅ-ଶେଷ) ସମ୍ପୂର୍ଣ୍ଣ, ସମୁଦାୟ ।

ଅଶୋକ, ବ. (ଅ-ଶୋକ, ପ୍ରଥିତ ଅଛି ଏହି ବୃକ୍ଷମୂଳରେ ଗୌରୀଦେବୀ ତପସ୍ୟା କରି ମନୋରଥପ୍ରାପ୍ତିରେ ନଷ୍ଟଶୋକା ହୋଇଥିବାରୁ ଏହାର ନାମ ଅଶୋକ) ସ୍ୱନାମପ୍ରସିଦ୍ଧ ବୃକ୍ଷବିଶେଷ; ରଜାବିଶେଷ; ପାରଦ । ବଂ. ଶୋକହୀନ ।

ଅଶୋକରୋହିଣୀ, ବ. ସ୍ତ୍ରୀ. (ଅଶୋକ-ରୋହିଣୀ—ଷଷ୍ଠୀ ସମାସ) କଟୁରୋହିଣୀ ।

ଅଶୋକା, ବ. ସ୍ତ୍ରୀ. (ଅ-ଶୋକ—ସ୍ତ୍ରୀ-ଆ) ରଭସାଭିଧାନ ।

ଅଶ୍ମ, ଅଶ୍ମନ୍, ବ. (ଅଶ୍=ବ୍ୟାପିବା-ମ, ମନ୍—ସଂଜ୍ଞାର୍ଥେ) ପ୍ରସ୍ତର, ପଥର । ଯଥା—

ବଲ୍ଲୀଗୁଲ୍ମାଶ୍ମବୃକ୍ଷାବଳୀ-ବୃତ ଚରମଗ୍ରାବ-
ପୁଞ୍ଜାଦ୍ରିମାନ । ଜା. ପ. ନା.

ମେଘ; ପର୍ବତ ।

ଅଶ୍ମଗର୍ଭ, ବ. (ଅଶ୍ମନ୍-ଗର୍ଭ) ମରକତମଣି ।

ଅଶ୍ମଘ୍ନ, ବ. (ଅଶ୍ମନ୍-ହନ୍-ତ) ପାଷାଣଭେଦ ଗଛ ।

ଅଶ୍ମଜ, ବ. (ଅଶ୍ମନ୍=ପର୍ବତ-ଜନ୍-ଅ) ଶିଳାଜତୁ, ଗିରିମାଟି । (ଅଶ୍ମଜଂ ଚ ଶିଳାଜତୁ ।) ବଂ. ଶିଳାଜାତ ।

ଅଶ୍ମନ୍ତ, ବ. (ଅଶ୍ମନ୍-ଅନ୍ତ=ଶେଷ—ଯହିଁରେ ପାଷାଣର ମଧ୍ୟ ଅନ୍ତ ହୁଏ) ଚୁଲ୍ଲି, ଅଗ୍ନିସ୍ଥାନ । (ଅଶ୍ମନ୍ତମୁଧ୍ମାନମଧିଶ୍ରୟିଣୀ ଚୁଲ୍ଲିରନ୍ତିକାଅଶ୍ମନୋଽପ୍ୟନ୍ତୋଽନାଶ୍ମନ୍ତଃ ।) ମୃତ୍ୟୁ; ଅଶୁଭକ୍ଷେତ୍ର । ବଂ. ଅନବଧି, ଅସୀମ; ଅମଙ୍ଗଳ ।

ଅଶ୍ମପୁଷ୍ପ, ବ. (ଅଶ୍ମନ୍-ପୁଷ୍ପ) ଶୈଳେୟ, ଶୈଳଜ ନାମକ ସୁଗନ୍ଧଦ୍ରବ୍ୟ; ଶିଳାଜତୁ ।

ଅଶ୍ମରୀ, ବ. (ଅଶ୍ମର=ପ୍ରସ୍ତରମୟ-ଈ) ପଥୁରିଆରୋଗ, ଏ ରୋଗରେ ପ୍ରସ୍ରାବଦ୍ୱାରରେ ଚୂର୍ଣ୍ଣମିଶ୍ରିତ ପ୍ରସ୍ତର ପରି ପଦାର୍ଥ ଜନ୍ମି ପଥରୋଧ କରେ ।

ଅଶ୍ମସାର, ବ. (ଅଶ୍ମନ୍-ପଥର-ସାର=ସ୍ଥିରାଂଶ) ଲୌହ । ବଂ. ଲୌହମୟ ।

ଅଶ୍ର, ବ. (ଅଶ୍=ବ୍ୟାପିବା-ର) ଚକ୍ଷୁର ଜଳ, ଲୋତକ; ଶୋଣିତ, ରକ୍ତ ।

ଅଶ୍ରପ, ବ. (ଅଶ୍ର-ପା-ଅ) ରାକ୍ଷସ, ନିଶାଚର ।

ଅଶ୍ରାନ୍ତ, କ୍ରି. ବଂ. (ଅ-ଶ୍ରାନ୍ତ) ଅନବରତ; ସତତ । ବଂ. ଅବିରତ, ଧାରାବାହୀ; ଯେ ଶ୍ରାନ୍ତ ହୁଏ ନାହିଁ, ଯାହାର ଶ୍ରମବୋଧ ହୁଏ ନାହିଁ ।

**ଅଶ୍ରି, ଅଶ୍ରୀ, ବି.ସ୍ତ୍ରୀ.** (ଅଶ୍ = ଭୋଜନ କରିବା, ବ୍ୟାପିବା-ରି—ଯେ ରକ୍ତ ଖାଏ) ଖଡ୍‌ଗାଦିର ଧାର; ଖଡ୍‌ଗାଦିର ପ୍ରାନ୍ତଭାଗ; ଗୃହ ବା ବାଟୀର କିମ୍ବା ଅନ୍ୟବସ୍ତୁର କୋଣ । (କୋଣସ୍ତୁ ସ୍ତ୍ରିୟଃ ପାଲ୍ୟଶ୍ରି ଚକୋଟୟଃ ।)

**ଅଶ୍ରୁ, ବି.** (ଅଶ୍ = ବ୍ୟାପିବା-ରୁ) ଲୋତକ, ଚକ୍ଷୁଜଳ । ଯଥା—

ବହେ ନେତ୍ରୁ ଅଶ୍ରୁ ପଙ୍‌କ୍ତି କ ପଡ଼ୁଛୁ
ପଡ଼ିଲ ତୁଷାର । ବୈ. ବି.

**ଅଶ୍ଳୀଳ, ବିଂ.** (ଅ-ଶ୍ରୀଳ ଶ୍ରୀ-ଲ-ଅସ୍ତ୍ୟର୍ଥେ,ର=ଳ, ଯାହା ଶ୍ରୀଯୁକ୍ତ ଅର୍ଥାତ୍ (ସୁନ୍ଦର ନୁହେ) କୁତ୍ସିତ, ଲଜ୍ଜାଜନକ, ଅସାଧୁ । ଏ ଶବ୍ଦଟି ଭାଷା ସ୍ଥଳେ କେବଳ ପ୍ରୟୋଗ ହୁଏ—ଯେପରି ଅଶ୍ଳୀଳ କଥା, ଅଶ୍ଳୀଳ ଭାଷା ।

**ଅଶ୍ଳେଷା, ବି. ସ୍ତ୍ରୀ.** (ଅ-ଶ୍ଳେଷ = ଆଲିଙ୍ଗନ-ସ୍ତ୍ରୀ-ଆ) ନବମ ନକ୍ଷତ୍ର ।

**ଅଶ୍ୱ, ବି.** ( ଅଶ୍ = ବ୍ୟାପିବା-ବ ) ଘୋଟକ, ଘୋଡ଼ା । (ସ୍ତ୍ରୀ-ଆ) ଘୋଟକୀ, ଘୋଡ଼ୀ ।

**ଅଶ୍ୱକର୍ଣ୍ଣ, ଅଶ୍ୱକର୍ଣ୍ଣକ, } ବି.** (ଅଶ୍ୱ-କର୍ଣ୍ଣ-କ-ସ୍ୱାର୍ଥେ, ଯାହାର ପତ୍ର ଅଶ୍ୱର କର୍ଣ୍ଣ ପରି) ଶାଳବୃକ୍ଷ; ଘୋଡ଼ାର କାନ ।

**ଅଶ୍ୱତର, ବି.** (ଅଶ୍ୱ-ତୃ = ଗମନ କରିବା, ପରାଭବ କରିବା—ଅ-ସଂଜ୍ଞାର୍ଥେ, ଯେ ଗମନରେ ଅଶ୍ୱକୁ ପରାଭବ କରେ, କିମ୍ବା ଅଶ୍ୱ-ତର—କ୍ଷୁଦ୍ରାର୍ଥେ) ଘୋଟକୀର ଗର୍ଭରୁ ଗର୍ଦ୍ଦଭର ଔରସରେ ଅଥବା ଗର୍ଦ୍ଦଭୀର ଗର୍ଭରୁ ଅଶ୍ୱର ଔରସରେ ଜାତ ପଶୁ, ଖଚର ଘୋଡ଼ା; ସର୍ପବିଶେଷ ବା ନାଗବିଶେଷ; ଗନ୍ଧର୍ବବିଶେଷ । (ସ୍ତ୍ରୀ-ଈ) ଖଚରୀ । ବିଂ. (ଅଶ୍ୱ-ତୃ-ଅ-କର୍ତ୍ତୃବାଚ୍ୟେ) ଦ୍ରୁତଗାମୀ ।

**ଅଶ୍ୱତ୍ଥ, ବି.** (ଅ-ଶ୍ୱଃ = କାଲି ଅର୍ଥାତ୍ ଆଜି-କାଲିର ନୁହେ, ବହୁଦିନ, ଅନେକ କାଳ-ସ୍ଥା-ଅ—ଯେ ବହୁଦିନ ରହେ । ଅଥବା ଚଳଦଳତ୍ୱ ହେତୁରୁ ଅଶ୍ୱକର୍ଣ୍ଣର ପ୍ରାପ୍ତି ରହେ ବୋଲି ଏହାର ନାମ ଅଶ୍ୱତ୍ଥ) ସ୍ୱନାମବିଖ୍ୟାତ ବୃକ୍ଷବିଶେଷ ।

**ଅଶ୍ୱତ୍ଥାମା, ବି.** (ଅଶ୍ୱ = ଘୋଟକ-ସ୍ଥାମ = ଶବ୍ଦ—ଯେ ଜନ୍ମମାତ୍ରେ ଉଚ୍ଚୈଃଶ୍ରବା ଘୋଟକ ପ୍ରାୟ ଶବ୍ଦ କରିଥିଲେ) ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ।

**ଅଶ୍ୱଯୁକ୍, ଅଶ୍ୱଯୁଜ୍, } ବି. ସ୍ତ୍ରୀ.** (ଅଶ୍ୱ-ଯୁଜ୍-କ୍ୱିପ୍) ଯେ ଅଶ୍ୱର ଆକାରବିଶିଷ୍ଟ, ଅଶ୍ୱିନୀ-ନକ୍ଷତ୍ର ।

**ଅଶ୍ୱବାର, ଅଶ୍ୱବାହ, } ବି.** (ଅଶ୍ୱ-ବୃ-ଅ, ଅଶ୍ୱ-ବହ୍-ଅ) ଅଶ୍ୱାରୋହୀ ।

**ଅଶ୍ୱାରୋହ, ବି.** (ଅଶ୍ୱ-ଆରୋହ = ଯେ ଆରୋହଣ କରେ) ଯେଉଁ ସୈନ୍ୟ ଅଶ୍ୱରେ ଚଢ଼ି ଯୁଦ୍ଧ କରନ୍ତି, ଅଶ୍ୱାରୂଢ଼ ସୈନ୍ୟ । (ଅଶ୍ୱାରୋହାସ୍ତୁ ସାଦିନଃ ।)

**ଅଶ୍ୱିନୀ, ବି. ସ୍ତ୍ରୀ.** (ଅଶ୍ୱ-ଇନ୍-ଅସ୍ତ୍ୟର୍ଥେ, ସ୍ତ୍ରୀ-ଈପ୍) ଅଶ୍ୱମୁଖାକୃତି ନକ୍ଷତ୍ରବିଶେଷ; ଅଶ୍ୱିନୀରୂପଧାରିଣୀ ସ୍ୱର୍ବେଶ୍ୟାବିଶେଷ ।

**ଅଶ୍ୱିନୀସୁତ, ଅଶ୍ୱିନୀକୁମାର, } ବି.** (ଅଶ୍ୱିନୀ-ସୁତ, କୁମାର) ସ୍ୱର୍ଗବୈଦ୍ୟ ।

**ଅଶ୍ୱୀୟ, ବି.** (ଅଶ୍ୱ-ଈୟ) ଅଶ୍ୱସମୂହ । ବିଂ. ଅଶ୍ୱସମ୍ବନ୍ଧୀ; ଅଶ୍ୱହିତକାରୀ ।

**ଅଷାଢ଼, ବି.** (ଆଷାଢ଼ ଶବ୍ଦର ଅପଭ୍ରଂଶ) ଆଷାଢ଼ ମାସ ।

**ଅଷାଢ଼ୁଆ, ବି.** ଆଷାଢ଼ ମାସରେ ବନ୍ୟଜାତ ଫଳବିଶେଷ । ଏହା ତରକାରୀରୂପେ ବ୍ୟବହୃତ ହୁଏ ।

**ଅଷ୍ଟ, ବିଂ.** (ଅଶ୍ = ବ୍ୟାପିବା-ଅନ୍, ତ ଆଗମ) ୮ ସଂଖ୍ୟା ।

**ଅଷ୍ଟକ, ବି.** (ଅଷ୍ଟନ୍-କ) ଅଷ୍ଟ ଅଧ୍ୟାୟ ବା ଅଷ୍ଟ ଶ୍ଳୋକାତ୍ମକ ଗ୍ରନ୍ଥ; ଦୃଷଦ୍‌ବତୀ ଗର୍ଭଜାତ ବିଶ୍ୱାମିତ୍ରଙ୍କ ପୁତ୍ର; ସୂର୍ଯ୍ୟବଂଶୀୟ ରାଜା ବିବୃଷ୍ଣିଙ୍କର ପୁତ୍ର । ବିଂ. ଅଷ୍ଟସଂଖ୍ୟା-ପରିମିତ, ଆଠ ସଂଖ୍ୟା ସମଷ୍ଟି, ଆଠଗୋଟି ।

**ଅଷ୍ଟକା, ବି. ସ୍ତ୍ରୀ.** (ଅଶ୍ = ଭୋଜନ କରିବା-ତକ) ଶ୍ରାଦ୍ଧବିଶେଷ; ପୌଷ, ମାଘ ଓ ଫାଲ୍‌ଗୁନ ମାସର କୃଷ୍ଣାଷ୍ଟମୀ ।

ଅଷ୍ଟଧା, ଅଂ. (ଅଷ୍ଟ-ଧା—ପ୍ରକାରାର୍ଥେ) ଆଠ-ପ୍ରକାର, ଆଠବାର ।

ଅଷ୍ଟଧାତୁ, ବି. ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର, ସୀସକ, ଲୌହ, ରଙ୍ଗ, କାନ୍ତଲୌହ, ଇସ୍ପାତ ।

ଅଷ୍ଟପାଦ, ଅଷ୍ଟପାତ୍, } ବି. (ଅଷ୍ଟ-ପାଦ) ଶରଭ; ଊର୍ଣ୍ଣନାଭ, ବୁଢ଼ିଆଣୀ ପୋକ ।

ଅଷ୍ଟମ, ବି. (ଅଷ୍ଟନ୍-ମ—ପୂରଣାର୍ଥେ) ଆଠର ପୂରଣ । (ସ୍ତ୍ରୀ-ଈ) ତିଥିବିଶେଷ ।

ଅଷ୍ଟମଙ୍ଗଳା, ବି. ସ୍ତ୍ରୀ. ବିବାହର ଅଷ୍ଟମ ଦିବସ ।

ଅଷ୍ଟାକାଳୀ, ବି. (ଅଷ୍ଟକାଳ ଶବ୍ଦଜ) ବର୍ଷଯାକ ।

ଅଷ୍ଟାଙ୍ଗ, ବି. (ଅଷ୍ଟ-ଅଙ୍ଗ) ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି, ଏହି ଆଠପ୍ରକାର ଯୋଗ; ଜାନୁ, ପାଦ, ହସ୍ତ, ଉରଃ, ବୁଦ୍ଧି, ଶିର, ବାକ୍ୟ ଓ ଚକ୍ଷୁ ଏହି ଆଠ ପ୍ରଣାମର ଅଙ୍ଗ । ବିଂ. ଅସାଧ୍ୟ, ସୋପଦ୍ରବ । ଲୋକରେ ବ୍ୟବହୃତ ହୁଏ କି, ତାହାର ରୋଗବିକାର ଅଷ୍ଟାଙ୍ଗ ହୋଇଗଲା ଅର୍ଥାତ୍ ଅସାଧ୍ୟ ହୋଇଗଲା ।

ଅଷ୍ଟାଦଶ, ବିଂ. (ଅଷ୍ଟନ୍-ଦଶ) ୧୮ ସଂଖ୍ୟା; ୧୮ ସଂଖ୍ୟାପୂରକ ।

ଅଷ୍ଟାପଦ, ବି. (ଅଷ୍ଟନ୍-ପଦ=ସ୍ଥାନ) ବୁଢ଼ିଆଣୀ ପୋକ; ଶରଭ ବା ମୃଗବିଶେଷ; ସୁବର୍ଣ୍ଣ । (ରୁକ୍ମଂ କାର୍ତ୍ତସ୍ୱରଂ ଜାମ୍ବୂନଦମଷ୍ଟାପଦୋଽସ୍ତ୍ରିୟାଂ ।) ସାରିଫଳକ, ପଶାର ଛକ । (ଅଷ୍ଟାପଦଂ ସାରିଫଳଂ ।)

ଅଷ୍ଟାବଧାନୀ, ବି. ଯେଉଁ ବ୍ୟକ୍ତି ନିଜର ତୀକ୍ଷ୍ଣ ପ୍ରତିଭାବଳରେ ଏକ ସମୟରେ ଆଠଗୋଟି ବିଭିନ୍ନ କାର୍ଯ୍ୟ କରିପାରେ ।

ଅଷ୍ଠି, ବି. (ଅ-ସ୍ଥା=ଶେଷ ରହିବା-ଇ) ଫଳର ଟିଠା, ଅଠା ।

ଅଷ୍ଠୀଳା, ବି. (ଅଷ୍ଠି-ଲା=ଗ୍ରହଣ କରିବା, ସଦୃଶ ହେବା-ଅ-ସ୍ତ୍ରୀ-ଆ) ବର୍ତ୍ତୁଳାକାର ପାଷାଣଖଣ୍ଡ; ବୀଜ; ଅଠା । ଯେପରି— ଶାଳ୍ମଳୀ ବୃକ୍ଷରେ ମଧ୍ୟ ବହୁତ ଅଷ୍ଠୀଳା ଜନ୍ମେ । ନାଭିର ଅଧୋଦେଶରେ ଜନିତ ପାଷାଣପିଣ୍ଡାକାର ବ୍ୟାଧିବିଶେଷ; ଆଘାତ-ପ୍ରଯୁକ୍ତ ମାଳିକା ଅର୍ଥାତ୍ କଳାଗିରା ।

ଅଷ୍ଠୀବାନ୍, ବିଂ. (ଅଷ୍ଠୀବତ୍—ଅଷ୍ଠି=ହାଡ଼-ବତ୍ ଅସ୍ତ୍ୟର୍ଥେ) ଜାନୁ, ଆଣ୍ଠୁ । (ଜାନୂରୁପର୍ବାଷ୍ଠୀବଦସ୍ତ୍ରିୟାଂ ।)

ଅସଂଖ୍ୟ, ବି. (ଅ-ସଂଖ୍ୟା) ଅନେକ, ବହୁତ, ଅଗଣ୍ୟ । ଯଥା—

ଭଗ୍ନାୟୁଧ ଭିନ୍ନବର୍ମ ଛିନ୍ନଢାଲ,
ସଙ୍ଗେ ପଡ଼ିଅଛୁ ଅସଂଖ୍ୟ କଙ୍କାଳ । ନ. କେ.

ଅସକନ୍ଦ, ଅସ୍କନ୍ଦ, } ବି. (ଅଶ୍ୱକନ୍ଦ ଶବ୍ଦଜ) ସ୍ୱନାମ-ପ୍ରସିଦ୍ଧ ଗୁଳ୍ମବିଶେଷ ।

ଅସକନ୍ଧ, ଅସ୍କନ୍ଧ, } ବି. (ଦେଶଜ) ଅଣ୍ଡୁଆ, ଗୋଲକଧନ୍ଦା ।

ଅସକରା, ଅସ୍କରା, } ବି. (ଅବସ୍କର ଶବ୍ଦଜ) ଅଳଆ ।

ଅସକୃତ୍, ଅଂ. (ଅ-ସକୃତ୍=ଏକବାର) ଅନେକବାର, ମୁହୁର୍ମୁହୁ, ପୁନଃପୁନଃ ।

ଅସଙ୍ଗଳା, ବିଂ. (ଦେଶଜ) ଅନାଥ ବା ଦୀନ । ଯଥା—

ଆହି ବର୍ଷାକାଳେ ତୋଳିଥିବୁ ଧର୍ମଶାଳା,
ବିଦେଶୀ ଲୋକମାନେ ରହିବେ ଯେ ଅସଙ୍ଗଳା ।
ନୃ. ପୁ. ପ୍ର. ସା.

ଅସଂଖ୍ୟ । ଯଥା—

ଜୀବନ୍ୟାସ ଦେଶ ରାଜା ଅଟଇ ଯାମଳା,
ସଙ୍ଗେ ସୈନ୍ୟ ଘେନି ସେ ଅଇଲା ଅସଙ୍ଗଳା ।
ନୃ. ପୁ. ଦ୍ୱି. ସା.

ଅସଙ୍ଗୁଳା, ଅସଙ୍ଗଳା, ଅସଙ୍ଗୋଳା, } ବିଂ. (ଦେଶଜ) ବ୍ୟର୍ଥ, ନିଷ୍ଫଳ । ଯଥା—

ମନହିଁ ଜାଣେ ଏକା ଅଟେ ଅକ୍ଷୟମାଳା,
ମନ ନକଲେ ଜପ ହୁଅଇ ଅସଙ୍ଗୁଳା ।
ନୃ. ପୁ. ତୃ. ତ.

ଅନାଦୃତ ବା ତୁଚ୍ଛ । ଯଥା—

ମୁହିଁ ଟୁଣ୍ଡା ଲେଙ୍ଗଡ଼ା ଦୋଷଡ଼ା ଥାଏ ଧରି,
ତେଣୁ ଅସଙ୍ଗୁଳା ମୋତେ କରନ୍ତି ଦୈତାରି ।
ନୃ. ପୁ. ତୃ. ସା.

ବି. ଅନାଦର ବା ନ ପଚାରିବା । ଯଥା—

ପାଞ୍ଚିଲେ ରାମ ସରିଲା ଅବତାର ଲୀଳା,
ସୀତା ଛାଡ଼ିଗଲେ ମୋତେ କରି ଅସଙ୍ଗୋଳା ।
ନୃ. ପୁ. ସ. ତ.

ଅସଜ, ବି. (ଦେଶଜ) ଅକଳ ବା ଅସୁବିଧା । ଯଥା—

ଅସଜ ହେବ କଥା ନୋହିବ କାର୍ଯ୍ୟ କିଛୁ,
ନିଶ୍ଚେ ଦଇତର ମୃତ୍ୟୁ ମୋର ହାତେ ଅଛୁ ।
ନୃ. ପୁ. ଦ୍ୱି. ସା.

ବିଂ. (ଅସଜ୍ଜ ଶବ୍ଦଜ) ବାସି, ପର୍ଯ୍ୟୁଷିତ ।

ଅସଜଆ, ଅସଜ, } ବିଂ. ଅସୁବିଧାଜନକ ।

ଅସଜଡ଼ା, ବିଂ. (ଦେଶଜ) ଯାହା ସଜଡ଼ା ହୋଇ ନଥାଏ । (ଅକଟା ଶବ୍ଦ ଦେଖ ।)

ଅସଜାଡ଼, ବିଂ. (ଦେଶଜ) ଅସଜ, ଅପରିଷ୍କୃତ । ଯଥା—

ସ୍ୱାମୀ ଖୁଣ୍ଟ କଣ୍ଟା ଅସଜାଡ଼ ଭୂମି,
ସେଠାରେ ରହିବେ କି ଯୁଧିଷ୍ଠିର ସ୍ୱାମୀ । ସା. ଭା. ଆ.

ଅସଡ଼, ବିଂ. (ଦେଶଜ) ଅଶିଷ୍ଟ, ଅଶିକ୍ଷିତ, ଅବାଧ ।

ଅସଡ଼ା, ବିଂ. (ଦେଶଜ) ଯାହା ସଡ଼ ନାହିଁ ।

ଅସଣା, ଅସନା, } ବିଂ. (ଦେଶଜ) ଅପରିଷ୍କୃତ; କୁତ୍ସିତ, ଘୃଣିତ । ବି. ଅଳଆ ।

ଅସତ୍, ବିଂ. (ନ-ସତ୍) ମିଥ୍ୟା, ଯାହା ବା ଯେ ସତ୍ ନୁହେଁ; ଦୁଶ୍ଚରିତ୍ର ।

ଅସତୀ, ବି. ସ୍ତ୍ରୀ. (ଅ-ସତୀ) ଭ୍ରଷ୍ଟା ବା ବ୍ୟଭିଚାରିଣୀ ସ୍ତ୍ରୀ । ବିଂ. ଦୁଶ୍ଚରିତ୍ରା ।

ଅସନ, ଆସନ, } ବି. (ଅସ୍ = ପ୍ରେରଣ କରିବା, କ୍ଷେପଣ କରିବା-ଅନ) ସର୍ଜବୃକ୍ଷ, ପିଆସାଳ ଗଛ; କ୍ଷେପଣ ।

ଅସଭ୍ୟ, ବିଂ. (ଅ-ସଭ୍ୟ = ସାମାଜିକ) ଅଶିଷ୍ଟ, ଅଭଦ୍ର, ଜଙ୍ଗଲି; ଖଳ, ଦୁର୍ବିନୀତ ।

ଅସମୀକ୍ଷ୍ୟକାରୀ, ବିଂ. (ଅ-ସମୀକ୍ଷ୍ୟ = ଦେଖି-କୃ-ଇନ୍) ଯେ ସମ୍ୟକ୍ ବିବେଚନା ନ କରି କାର୍ଯ୍ୟ କରେ, ଯେ ଗୁଣ ଦୋଷ ନ ବୁଝି ଦେଖାଦେଖିରେ କାର୍ଯ୍ୟରେ ପ୍ରବୃତ୍ତ ହୁଏ, ମୂର୍ଖ ।

ଅସମୀକ୍ଷ୍ୟଭାଷୀ, ବିଂ. (ଅ-ସମୀକ୍ଷ୍ୟ = ସମ୍ୟକ୍ ବିବେଚନା କରି-ଭାଷ୍-ଇନ୍) ଯେ ସମ୍ୟକ୍ ବିବେଚନା ନ କରି ଯେ କୌଣସି କଥା କହିଦିଏ ।

ଅସମ୍ବଦ୍ଧ, ବିଂ. (ଅ-ସମ୍ବଦ୍ଧ) ସମ୍ବନ୍ଧଶୂନ୍ୟ; ଅସଂଲଗ୍ନ; ପୂର୍ବାପର ବିରୁଦ୍ଧ; ଅସଙ୍ଗତ ।

ଅସମ୍ଭବ, ବିଂ. (ଅ-ସମ୍ଭବ = ଉତ୍ପତ୍ତି) ଯାହା ଘଟି ନ ପାରେ, ବିଶ୍ୱାସର ଅଯୋଗ୍ୟ । ଯଥା—

କଲେ ଗୋପୀଙ୍କ ପେନ ଯେତେ ଭାବ,
କହିବାକୁ ସେ କଥା ଅସମ୍ଭବ । ର. କ.

ଅସମ୍ଭାଳ, ବିଂ. (ଦେଶଜ) ଉଦ୍‌ବିଗ୍ନ; ଅସଂଯତ, ଅସ୍ତବ୍ୟସ୍ତ । ଯଥା—

କେଶ ବସନ ଅସମ୍ଭାଳ,
ନୟନୁ ବହେ ଅଶ୍ରୁଜଳ । ଭା. ଦ. ସ୍କ.

ବି. ଉଦ୍‌ବେଗ । ଯଥା—

ଅସମ୍ଭାଳେ ଫିଟି କୁନ୍ତଳ ଭୂମିଯାଏ ପରଶି । ଚ. ଭା.

ଅସର, ବି. (ଅବସର ଶବ୍ଦର ଅପଭ୍ରଂଶ) ସମୟ, ଫୁରୁସତ, ଅବକାଶ । ଯଥା—

ଜଳ ଆଣୁଛ କେ ହେମ କୁମ୍ଭରେ,
ଏହି ଅସର ଏହି ଆରମ୍ଭରେ । ଲା. ବ.

ଅସର, ଅସରି, } ବିଂ. (ଦେଶଜ) ଯାହା ନ ସରଇ ଅର୍ଥାତ୍ ଅଶେଷ । ଯଥା—

ସର ସେହି ତ ପ୍ରେମରସର,
ସରଳହୃଦ ଗୁଣ ଅସର । ପ୍ରେ. ସୁ. ନି.

ଅସରି ଏ ବିଭବରାଶି ଆଜ ରାଜପୁରେ । ଦ. ବ.

ଅସରନ୍ତି, ବିଂ. (ଦେଶଜ) ଯାହା ସରେ ନାହିଁ, ଅକ୍ଷୟ । ଯଥା—ଅସରନ୍ତି ଭଣ୍ଡାର ।

ଅସରପା, ଅସର୍ପା, } ବି. (ଅଶ୍ରପା ଶବ୍ଦଜ) ତୈଳ-ପାୟିକା ନାମକ ପତଙ୍ଗବିଶେଷ । ଯଥା—

ଅସର୍ପା ହୋଇବୁ ଆବର,
ଭକ୍ଷିବୁ ଘାଆର ରୁଧିର । ବି. ପୁ.

ବିଂ. ମନ୍ଦବୁଦ୍ଧି; ଅପ୍ରତିଭ; ମୂର୍ଖ । ଯଥା—

ଅସର୍ପା ପୁରୁଷ ପ୍ରାୟେ ଅଟେ ମୋର ବୁଦ୍ଧି,
ପଦେ କରୁ କରୁ ଆର ପଦ ନୋହେ ସିଦ୍ଧି ।
ନୃ. ପୁ. ପ୍ର. ସା.

ଅସରଫି, ଅସର୍ଫି, } ବି. (ଦେଶଜ) ସ୍ୱର୍ଣ୍ଣମୁଦ୍ରା ।

ଅସରଳ, ବି. (ନ-ସରଳ) ବକ୍ର, କୁଟିଳ ।

ଅସରଳା, ବି. (ଦେଶଜ) ଅସ୍ତ୍ରପାର ନାମାନ୍ତର ।

ଅସରଳାସୁତା, } ବି. (ଦେଶଜ) ବିବାହ
ଅସଲାସୁତା, } ସମୟରେ ହସ୍ତରେ ଯେଉଁ ସୂତ୍ର ବନ୍ଧାଯାଏ । ଯଥା—

ଅଦ୍ଭୁତ ତ୍ରିଗୁଣ ଶୋଭା ସଦନ,
ଅସରଳା ସୁତା ହେଲା ବନ୍ଧନ । ବି. ଚ. ମ.

ଅସର, } ବି. (ଆସାର ଶବ୍ଦଜ) ବୃଷ୍ଟିର
ଅସ୍ରା, } ପରିମାଣ ଅର୍ଥାତ୍ ଏକାଥରକେ
ଅସଡ଼ା, } ଯେତେ ବୃଷ୍ଟି ହୁଏ, ଧାରାବୃଷ୍ଟି ।

ଅସଲ, ବିଂ. (ଯାବନିକ) ଅବିମିଶ୍ରିତ; ପ୍ରଧାନ; ଖାଣ୍ଟି; ମୂଳ । ବି. ମୂଳଧନ ।

ଅସଲଝଟ, } ବିଂ. ଜଟିଆ । ଯଥା—
ଅସନଝଟ, }

କାଲକଯାକ କେ ଘାଣ୍ଟି ହେଉଥିବ
ଏ ଅସଲଝଟ କଥାରେ । ସ. ସ.

ବି. ଅଡୁଆ, ଅସୁବିଧା ।

ଅସଲା, ବି. (ଦେଶଜ) ପତଙ୍ଗବିଶେଷ, ତୈଳପାୟିକା ।

ଅସହଣି, } ବିଂ. (ନଞ୍‌ପୂର୍ବକ ସହ୍ ଧାତୁଜ)
ଅସହଣୀ, } ଯେ ନ ସହେ । ଯଥା—

ବୁଝ ସେ ଧର୍ମ କର୍ମ ବୋଲଉ ଆଦିକର୍ତ୍ତା,
ସମସ୍ତେ ଅସହଣି ତୁ ସକଳ ସହନ୍ତା । ନୃ. ପୁ. ତୃ. ତ.

ବି. ଅସହନ, ନ ସହିବା ।

ଅସାଧି, ବିଂ. (ଅସାଧ ଶବ୍ଦଜ) ଅସାଧ, ଅବାଧ । ଯଥା—

ଯେଉଁ ଯେଉଁ ରାଜା ବା ହୁଅନ୍ତି ଅସାଧି,
ସନ୍ଧାନ କରି ଆଣିବୁ ତାଙ୍କୁ ସବୁ ବାନ୍ଧି । ସା. ଭା. ସ.

ଅସାର, ବି. (ଅ-ସାର=ସ୍ଥିରାଂଶ, ଯାହାର ସାର ନାହିଁ) ଗବଗଛ । ବିଂ. ସାରରହିତ । ଯଥା—ସଂସାର ଅସାର ଅଟେ । ଦୁର୍ବଳ; ଅପଦାର୍ଥ ।

ଅସାଷ୍ଟମ, ବି. (ଦେଶଜ) ଅଜ୍ଞାନ, ସଂଜ୍ଞାହୀନତା । ଉଦ୍‌ବେଗ ବା ଅସ୍ତବ୍ୟସ୍ତତା । ଯଥା—

ପଳାଇ ପଶଇ ସେ ବନ୍ଧୁଜନଙ୍କ ମେଳେ,
କାମ ଅସାଷ୍ଟମେ ମୁନି ବହୁତ ବକଲେ । ସା. ଭା. ଆ

ବିଂ. ସଂଜ୍ଞାହୀନ, ମୋହିତ । ଯଥା—

ଢନେ ଝିଟିପିଟିଟିଏ ଗଛରୁ ପଡ଼ିଲା,
ପର୍ବତରେ ପଡ଼ି ସେ ଅସାଷ୍ଟମ ହୋଇଲା । ସା. ଭା. ସ.

ଅସି, ବି. (ଅସ୍-ଇ) କରବାଳ, ଖଡ୍‌ଗ, ଖଣ୍ଡା । ଯଥା—

ବାନ୍ଧ ହେ ସାହସ ଛଠ ଅସି ଯେନ,
ବୀରର ସମ୍ବଳ ଏତିକ ସିନା । କ. ବ.

ଅସିଆଣା, } ବିଂ. (ନ-ସିଆଣା) ଅଚତୁର,
ଅସିଆଣିଆ, } ନିର୍ବୁଦ୍ଧିଆ, ଓଲୁ ।
ଅସିଅଣା, }

ଅସିକ୍ନୀ, ବି. ସ୍ତ୍ରୀ. (ଅ-ସିତ=ଶୁକ୍ଳ-ଇ, ତ=କ୍ନ, ସ୍ତ୍ରୀ-ଈ, ଅର୍ଥାତ୍ ବୟସ ହେଲେ ସୁଦ୍ଧା ଯାହାର କେଶ ଶୁକ୍ଳ ହୁଏ ନାହିଁ) ଅନ୍ତଃପୁରଚାରିଣୀ ଅବୃଦ୍ଧା ଦାସୀ । (ଅସିକ୍ନୀ ସ୍ୟାଦବୃଦ୍ଧା ଯା ପ୍ରେଷ୍ୟାନ୍ତଃପୁରଚାରିଣୀ ।) ନଦୀବିଶେଷ; ଦକ୍ଷପ୍ରଜାପତିଙ୍କ ପତ୍ନୀ ।

ଅସିତ, ବି. (ଅ-ସିତ=ଶୁକ୍ଳବର୍ଣ୍ଣ) କଳା, କୃଷ୍ଣବର୍ଣ୍ଣ; ଶନିଗ୍ରହ; ବ୍ୟାସଙ୍କ ଶିଷ୍ୟ ମୁନିବିଶେଷ; ପର୍ବତବିଶେଷ । ବିଂ. କୃଷ୍ଣବର୍ଣ୍ଣବିଶିଷ୍ଟ; ଶ୍ୟାମଳ । (ସ୍ତ୍ରୀ-ଆ-ଅସିତା) ଅନ୍ତଃପୁରଚାରିଣୀ ଅବୃଦ୍ଧା ଦାସୀ; ନୀଳୀବୃକ୍ଷ; ସ୍ୱନାମଖ୍ୟାତ ସ୍ୱର୍ବେଶ୍ୟା ।

ଅସିଧାରାବ୍ରତ, ବି. (ଅସି-ଧାରା-ବ୍ରତ) ଏକତ୍ର ଯୁବକ ଯୁବତୀର ଅବିକୃତଚିତ୍ତରେ ଅବସ୍ଥାନରୂପ ବ୍ରତ । (ଯୁବା ଯୁବତ୍ୟା ସାର୍ଦ୍ଧଂ ଯତ୍ର ମୁଗ୍ଧା ଭର୍ତ୍ତୃବଦାଚରେତ୍ । ଅନ୍ତର୍ନିବୃତ୍ତସଙ୍ଗଃ ସ୍ୟାତ୍ ଅସିଧାରାବ୍ରତଂ ହି ତତ୍ ।)

ଅସିଧାବ, } ବି. (ଅସି-ଧାବ୍-ଅ, ଅସି-
ଅସିଧାବକ, } ଧାବକ) ଶସ୍ତ୍ରଘର୍ଷଣୋପଜୀବୀ ଜାତିବିଶେଷ, ଶାଣକାରକ, ଶସ୍ତ୍ରପରିଷ୍କାରକ । (ଶସ୍ତ୍ରମାର୍ଜୋଽସିଧାବକଃ ।)

ଅସିଧେନୁ, } ବି. ସ୍ତ୍ରୀ. (ଅସି-ଧେନୁ, ଧେନୁ
ଅସିଧେନୁକା, } =ଧେନୁସ୍—ଧେନୁକ ପ୍ରାପ୍ତ ଅସି, କ ଯୋଗେ ଅସିଧେନୁକା) ଛୁରିକା, ଛୁରୀ । (ଛୁରିକା ଚାସିଧେନୁକା ।)

ଅସିପୁଚ୍ଛ, } ବି. (ଅସି-ପୁଚ୍ଛ-କ, ଯାହାର
ଅସିପୁଚ୍ଛକ, } ପୁଚ୍ଛ ଅସି ପରି ଧାରାଳ) ଶିଶୁମାର ନାମକ ଜନ୍ତୁ ।

ଅସିପୁତ୍ରୀ, } ବି. ସ୍ତ୍ରୀ.(ଅସି-ପୁତ୍ରୀ,କ-ଯୋଗେ
ଅସିପୁତ୍ରିକା, } ଅସିପୁତ୍ରିକା) ଛୁରିକା, ଛୁରୀ ।

ଅସିହେତି, ବି. (ଅସି=ଖଡ୍ଗ-ହେତି=ଢାଲ, ଷଷ୍ଠୀ ସମାସ) ଖଡ୍ଗଧାରୀ ଯୋଦ୍ଧା ।

ଅସୀମ, ବିଂ. (ଅ-ସୀମା) ଯାହାର ସୀମା ନାହିଁ, ଅନନ୍ତ ।

ଅସୁ, ବି. (ଅସ୍=ହେବା-ଉ) ପ୍ରାଣ; ପ୍ରାଣାଦି ପଞ୍ଚବାୟୁ । (ପୁଂସି ଭୂମ୍ନ୍ୟସବଃ ପ୍ରାଣାଃ ।)

ଅସୁଖ, ବି. (ଅସୁଖ ଶବ୍ଦଜ) ଅସୂୟା, ଘୃଣା ।

ଅସୁମାର, } ବି. (ନଞ୍ପୂର୍ବକ ପାର୍ଶୀ ସୁମାର
ଅସୁମାରି, } ଶବ୍ଦଜ) ଅସଂଖ୍ୟ, ବହୁ । ଯଥା—

**ଅଷ୍ଟରତ୍ନ ଯୋଗାଡ଼ ସ୍ୱବର୍ଣ୍ଣ ଅସୁମାର,**
**ଏମାନ ଚଳାଇ ପାଞ୍ଚ ଅଦ୍ଭୁତ ଭାର । ସା. ଭା. ପ.**

ଅସୁର, ବି. (ଅ-ସୁର=ଦେବତା) ସୁରବିରୋଧୀ ଦୈତ୍ୟ, ଦାନବ ।

ଅସୁରୁଣୀ, ବି. ସ୍ତ୍ରୀ. (ସଂସ୍କୃତ ଅସୁର ଶବ୍ଦରୁ ଉଣି ଓଡ଼ିଆ ପ୍ରତ୍ୟୟ) ଅସୁରୀ ।

ଅସୂର୍କ୍ଷଣ, } ବି (ଅ-ସୂର୍କ୍ଷ=ଅମାନ୍ୟ କରିବା-
ଅସୂର୍କ୍ଷଣ, } ଅନ—ଏସ୍ଥଳରେ 'ଅ' ଶବ୍ଦର
ଅସୂକ୍ଷଣ, } କିଛି ଅର୍ଥ ନାହିଁ । 'ର' ଲୋପ ପାଏ) ଅବଜ୍ଞା, ଅନାଦର । (ଅବହେଳନମସୂକ୍ଷଣଂ ।)

ଅସୁଲ, ବି. (ଯାବନିକ) ଆଦାୟ । ଯଥା—

**ରାଜେ କରୁଥିଲେ ବେନଠାରୁ ତାହା**
**ନିର୍ଜନେ ବେନି ଅସୁଲ । ଯ. କେ.**

ଅସୁଯାର, ବିଂ. (ଦେଶଜ) ଅସୁସ୍ଥ, ଅନୁପଯୁକ୍ତ । ବି. ଅସୁବିଧା ।

ଅସୁସ୍ଥ, ବିଂ. (ଅ-ସୁସ୍ଥ) ରୁଗ୍ଣ, ସୁଖରହିତ, ପୀଡ଼ିତ ।

ଅସୂୟା, ବି. ସ୍ତ୍ରୀ. (ଅସୂ=ଅନାଦର କରିବା-ଅ, ଯ ଆଗମ, ସ୍ତ୍ରୀ-ଆ) ପର ଗୁଣରେ ଦୋଷାରୋପଣ, ପର ଗୁଣର ଦୋଷାବିଷ୍କାର; ନିନ୍ଦା; କ୍ରୋଧ; ସ୍ପର୍ଦ୍ଧା; ଦ୍ୱେଷ ।

ଅସୂର୍ଯ୍ୟଂପଶ୍ୟା, ବି. ସ୍ତ୍ରୀ.(ଅ-ସୂର୍ଯ୍ୟଂ=ସୂର୍ଯ୍ୟଙ୍କୁ-ଦୃଶ୍-ଅ,ଦୃଶ୍=ପଶ୍ୟ,ସ୍ତ୍ରୀ-ଆ) ଯେ ସୂର୍ଯ୍ୟଙ୍କୁ ମଧ୍ୟ ଦେଖି ନାହିଁ, ଯାହାର ଶରୀରରେ ସୂର୍ଯ୍ୟକିରଣ ସ୍ପର୍ଶ କରେ ନାହିଁ, ସତତ ଅନ୍ତଃପୁରଚାରିଣୀ । ଯଥା—ଅସୂର୍ଯ୍ୟଂପଶ୍ୟା ମହିଷୀ; ଯେ ସ୍ଥାନରେ ସୂର୍ଯ୍ୟଙ୍କ କିରଣପାତ ହୁଏ ନାହିଁ । ଯଥା—ଅସୂର୍ଯ୍ୟଂପଶ୍ୟ ପାତାଳୀୟ ଭୂଭାଗ ।

ଅସୂର୍ଯ୍ୟଂପଶ୍ୟରୂପା, ବିଂ. ସ୍ତ୍ରୀ. (ଅସୂର୍ଯ୍ୟମ୍ପଶ୍ୟ-ରୂପ—ବହୁବ୍ରୀହି ସମାସ) ଯେଉଁ ସ୍ତ୍ରୀ ଲୋକର ରୂପ ସୂର୍ଯ୍ୟଙ୍କ ମୁଖ ଦେଖେ ନାହିଁ ଅର୍ଥାତ୍ ଯେ ସ୍ତ୍ରୀ କେବେହେଁ ଗୃହଭିତରୁ ବହିର୍ଗତ ହୁଏ ନାହିଁ ।

ଅସୃକ୍, ବି. (ଅସୃଜ୍—ଅ-ସୃଜ୍=ସୃଷ୍ଟି କରିବା-କ୍ୱିପ୍,କିମ୍ବା ଅସ୍-ରଜ୍—ନାଡ଼ୀର ଇତସ୍ତତ ଯାହା ବିକ୍ଷିପ୍ତ ହୁଏ) ରୁଧିର, ରକ୍ତ ।

ଅସୃକ୍ଧରା, ବି.(ଅସୃକ୍-ଧୃ-ଅ-ଆ,ଯେ ରକ୍ତକୁ ଧରି ରଖେ) ତ୍ୱକ୍, ଚର୍ମ ।

ଅସେଚନକ, ବିଂ. (ଅ-ସେଚନ=କ୍ଷରଣ—ଯାହାଠାରୁ ଚକ୍ଷୁ ଓ ମନର କ୍ଷରଣ ହୁଏ ନାହିଁ-କ—ସ୍ୱାର୍ଥେ) ଅତି ପ୍ରିୟଦର୍ଶନ, ଯାହାକୁ ଦେଖି ତୃପ୍ତିର ଶେଷ ହୁଏ ନାହିଁ, ଯାହାକୁ ଦେଖି ନୟନର ଆକାଙ୍କ୍ଷା-ନିବୃତ୍ତି ହୁଏ ନାହିଁ ।

ଅସୌଷ୍ଠବ, ବିଂ. (ଅ-ସୌଷ୍ଠବ) ଶୋଭାହୀନ, ସୌନ୍ଦର୍ଯ୍ୟରହିତ । ବି. ସୌଷ୍ଠବର ଅଭାବ, କଦାକାରତା ।

ଅସ୍ତ,ବି.(ଅସ୍=କ୍ଷେପଣ କରିବା-ତ,ଗ୍ରହାଦିର ଅସ୍ତ ଅର୍ଥାତ୍ ଅଦର୍ଶନ ଅଛି ଯହିଁରେ) ପଶ୍ଚିମାଚଳ;ସୂର୍ଯ୍ୟଚନ୍ଦ୍ରାଦିର ଅସ୍ତଗମନ ବା ଅଦର୍ଶନ; ମୃତ୍ୟୁ; ଶେଷ । (ଅସ୍ତସ୍ତୁ ଚରମ କ୍ଷ୍ମାଭୃତ୍ ।) ବିଂ. ନିକ୍ଷିପ୍ତ; ତ୍ୟକ୍ତ; ପ୍ରେରିତ; ଅବସିତ ବା ଅବସାନପ୍ରାପ୍ତ । (ଅସ୍ତଂକ୍ଷିପ୍ତେଽ ପ୍ୟବସିତେ ବିଶ୍ୱ ।) ଅଂ. ଅଦର୍ଶନ,ନାଶ ।

ଅସ୍ତବଳ, } ବି. (ପାରସ୍ୟ ଶବ୍ଦ) ଘୋଡ଼ାଶାଳ ।
ଅସ୍ତାବଳ, }

ଅସ୍ତମନ, ବି. (ଅସ୍ତ-ମନ୍-ଅ) ଅସ୍ତାଚଳଗମନ । (ତିରୋଧାନଂ ଚ ଯଦୈତି ତଦେବାସ୍ତମନଂ ରବେଃ—ଜ୍ୟୋତିଷ ।)

ଅସ୍ତମିତ, ବିଂ. (ଅସ୍ତଂ-ଇ-ତ) ପଶ୍ଚିମାଚଳଗତ; ନଷ୍ଟ, ବିଲୁପ୍ତ ।

ଅସ୍ତବ୍ୟସ୍ତ, ବିଂ. (ଅସ୍ତ-ବ୍ୟସ୍ତ) ଅସ୍ଥିର, ଚଞ୍ଚଳ; ଅସ୍ତାଚଳରେ ନିକ୍ଷିପ୍ତ ।

ଅସ୍ତି, ଅଂ. (ଅସ୍-ତି) ବିଦ୍ୟମାନତା, ବର୍ତ୍ତମାନ ସ୍ଥିତି, ସତ୍ତା, ସତ୍ତ୍ୱ । (ଅସ୍ତି ସତ୍ତ୍ୱେ—ଅମର ।)

ଅସ୍ତିତ୍ୱ, ବି. (ଅସ୍ତି-ତ୍ୱ) ବିଦ୍ୟମାନତା ।

ଅସ୍ତୁ, ଅଂ. (ଅସ୍-ତୁ) ହେଉ; ଅନୁଜ୍ଞା; ଅସୂୟାପୂର୍ବକ ସ୍ୱୀକାର । (ଅସୂୟୋପଗମେଽସ୍ତୁ ଚ ।)

ଅସ୍ତ୍ର, ବି. (ଅସ୍ = କ୍ଷେପଣ କରିବା-ତ୍ର) ଯାହା ନିକ୍ଷେପ କରାଯାଏ, ଶର ପ୍ରଭୃତି । ଯଥା— ବ୍ରହ୍ମାସ୍ତ୍ର ସମାନ କରି ସମର୍ପିଲେ ଅସ୍ତ୍ର । ବୈ. ବି.

ଅସ୍ତ୍ରୀକ, ବିଂ. (ଅ-ସ୍ତ୍ରୀ-କ) ସ୍ତ୍ରୀହୀନ, ଅପତ୍ନୀକ ।

ଅସ୍ଥାନ, ବିଂ. (ଅ-ସ୍ଥା-ଅନ) ସ୍ଥାନରହିତ, ସ୍ଥଳହୀନ । ବି. ମନ୍ଦସ୍ଥାନ, ଅଯୋଗ୍ୟ ସ୍ଥାନ; ଅପବିତ୍ର ଦେଶ ।

ଅସ୍ଥି, ବି. (ଅସ୍-ଥି) ହାଡ଼ । ଯଥା— ଅସ୍ଥିମାଳା କରିମୁଣ୍ଡେ ଧବଳିତ ବେଶ । କ. ବି.

ଅସ୍ଥିଭକ୍ଷ, ବି. (ଅସ୍ଥି-ଭକ୍ଷ୍-ଅ) କୁକୁର; ହାଡ଼ଗିଳା ପକ୍ଷୀ ।

ଅସ୍ମଦ୍, ସର୍ବଂ. (ଅସ୍ = ହେବା-ମଦ୍) ମୁଁ, ଉତ୍ତମପୁରୁଷ, ଦେହାଭିମାନୀ ଜୀବ ।

ଅସ୍ମଦୀୟ, ବିଂ. (ଅସ୍ମଦ୍-ଈୟ) ଆତ୍ମସମ୍ବନ୍ଧୀୟ ।

ଅସ୍ମିତା, ବି. ସ୍ତ୍ରୀ. (ଅସ୍ମି-ତା) ଅହଂକାର, ଅହଂଜ୍ଞାନ, ମୋହ ।

ଅସ୍ର, ବି. (ଅସ୍-ର) ରକ୍ତ; ଚକ୍ଷୁର ଜଳ; କେଶ; କୌଣସି ବସ୍ତୁ ବା ଗୃହାଦିର କୋଣ (ଅସ୍ରାଃ କର୍ବ୍ୟପି—ଅପି ଶବ୍ଦାତ୍ କୋଣେଽପ୍ୟସ୍ରଃ—ଅମର ।) କିରଣ । (କିରଣୋଽସ୍ରମୟୂଖାଂଶୁଗଭସ୍ତିଘୃଣିରଶ୍ମୟଃ ।)

ଅସ୍ରପ, ବି. (ଅସ୍ର-ପା-ଅ) ରାକ୍ଷସ । (ସ୍ତ୍ରୀ-ଆ) ରାକ୍ଷସୀ; ଜଳୌକା, ଜୋକ ।

ଅସ୍ରୁ, ବି. (ଅସ୍ = କ୍ଷେପଣ କରିବା-ରୁ) ଚକ୍ଷୁର ଜଳ, ଲୋତକ ।

ଅସ୍ୱଚ୍ଛନ୍ଦ, ବିଂ. (ଅ-ସ୍ୱ = ଆପଣାର-ଛନ୍ଦ = ଅଭିଳାଷ, ଅଧୀନତା) ପରାଧୀନ, ଅନାୟତ୍ତ ।

ଅସ୍ୱନ୍ତ, ବି. (ଅ-ସୁ = ସୁନ୍ଦର-ଅନ୍ତ = ଶେଷ) ଅଶୁଭ; ଚୁଲ୍ଲୀ । (ଅସୁ = ପ୍ରାଣ-ଅନ୍ତ = ଶେଷ) ମରଣ । ବିଂ. ସୀମାରହିତ; ଅତି ଦୁରନ୍ତ; କ୍ଷୟୋନ୍ମୁଖ; ପରିଣାମବିରସ ।

ଅସ୍ୱପ୍ନ, ବି. (ଅ-ସ୍ୱପ୍ନ = ନିଦ୍ରା, ଯେଉଁମାନଙ୍କର ନିଦ୍ରା ନାହିଁ) ଦେବତା । (ଆଦିତ୍ୟାଋଭବୋଽସ୍ୱପ୍ନାଃ ।) ବିଂ. ନିଦ୍ରାରହିତ ।

ଅସ୍ୱାଧ୍ୟାୟ, ବିଂ. (ଅ-ସ୍ୱାଧ୍ୟାୟ = ବେଦାଧ୍ୟୟନ) ବିଧିପୂର୍ବକ ବେଦାଧ୍ୟୟନହୀନ । ବି. ଅନଧ୍ୟୟନ କାଳ, ଅଷ୍ଟମୀ ପ୍ରଭୃତି ତିଥି । (ଅସ୍ୱାଧ୍ୟାୟବଷଟ୍‌କାରଂ ।)

ଅହ, ଅଂ. (ଅନ୍‌ହ୍ = ବ୍ୟାପିବା-ଅ) ପ୍ରଶଂସା; ଆକ୍ଷେପ; ନିଯୋଗ; ନିଗ୍ରହ; ନିଶ୍ଚୟ; କ୍ଷମା; ଆଗ୍ରହାତିଶୟ ।

ଅହଂକାର, ବି. (ଅହଂ-କୃ-ଅ) ଗର୍ବ ।

ଅହଂକୃତ, ବିଂ. (ଅହଂ-କୃ-ତ) ଗର୍ବଯୁକ୍ତ, ଅହଂକାରଯୁକ୍ତ ।

ଅହଂକୃତି, ବି. (ଅହଂ-କୃ-ତି) ମୁଁ ବୋଲି ଅଭିମାନ କରିବା, ଆପଣାକୁ ଆପେ ବଡ଼ ମଣିବା, ଗର୍ବ ।

ଅହଂଭାବ, ବି. (ଅହଂ-ଭାବ) ଗର୍ବିତ ଭାବ, ଅହଙ୍କାରପୂର୍ଣ୍ଣ ଭାବ ।

ଅହଂମଦ, ବି. (ଅହଂ = ମୁଁ-ମଦ = ଗର୍ବ) ମୁଁ ବଡ଼ ଏହିପ୍ରକାର ଅଭିମାନ, ଅହଂକାର ।

ଅହଂୟୁ, ବିଂ. (ଅହଂ-ୟୁ—ଅସ୍ତ୍ୟର୍ଥେ) ଅହଂ ବୋଲି ଅହଙ୍କାର ଯାର ଅଛି, ଅହଙ୍କୃତ, ଗର୍ବିତ ।

ଅହଣ୍ଡି, ବି. (ଦେଶଜ) ଅବ୍ୟବହୃତ; ଦୁଇ ସନ୍ତାନ ମଧ୍ୟରେ ସମ୍ବନ୍ଧ ।

ଅହତ, ବି. (ଅ-ହନ୍-ତ) ଅନାହତ, ଅକ୍ଷତ, ଅତାଡ଼ିତ । ବି. ନୂତନ ବସ୍ତ୍ର ।

ଅହନ୍, ବି. ( ଅନ୍‌ହ୍ = ବ୍ୟାପିବା-ଅନ୍-ସଂଜ୍ଞାର୍ଥେ ) ଦିନ, ଦିବସ ।

ଅହଲ୍ୟା, ବି. (ଅହଂଭାବତାରୁ ଉତ୍ପନ୍ନ) ଅକସ, ଶତ୍ରୁତା । ଯଥା—

ମୋହର ହୁଅନ୍ତେ ସେ ହୋ ପରାଣ ହୁଅନ୍ତା,
ପିତା ଶତ୍ରୁ ବୋଲି ମୁଁ ଯେ କରଇ ଅହନ୍ତା ।
ନା. ର. ଗୀ.

ଅହମ୍, ଅ°. (ଅନ୍‌ହ୍-ଅମ୍) ଅହଙ୍କାର, ଅଭିମାନ ।

ଅହମକ, } ବି°. (ଯାବନିକ) ନିର୍ବୁଦ୍ଧି, ଓଲୁ ।
ଅହମ୍ମକ, }

ଅହମକି, ବି. ( ଯାବନିକ ) ବୁଦ୍ଧିହୀନତା, ଅବିଗ୍ଣର । ଯଥା—

ବାଦଲ । ତୁମ୍ଭେ ସବାନ ଲୋକ, ଦୁନିଆଦାରୀ କଥା କହ । ଏ କି ଅହମକି ଫକୀରୀ କଥା କହୁଅଛ ?
ଉ. ସା. ସ. ଭା. ଦ୍ୱି. ସ.

ଅହମହମିକା, ବି. ସ୍ତ୍ରୀ. (ଅହମ୍-ଅହମ୍-ଇକ-ସ୍ତ୍ରୀ-ଆ) ପରସ୍ପର ଗର୍ବ କରିବା, ପରସ୍ପର ଅହଙ୍କାର । (ଅହମହମିକା ତୁ ସା ସ୍ୟାତ୍ ପରସ୍ପରଂ ଯୋ ଭବତ୍ୟହଂକାରଃ —ଅମର)

ଅହମ୍ପୂର୍ବ, } ବି. ସ୍ତ୍ରୀ. (ଅହ-ପୂର୍ବ-ଇକ-ଆ)
ଅହମ୍ପୂର୍ବିକା, } ଯୋଦ୍ଧୃମାନଙ୍କର ମୁଁ ଆଗେ, ମୁଁ ଆଗେ ବୋଲି ଆଗ୍ରହ ପ୍ରକାଶ, ମୁଁ ଆଗେ ଯିବି, ମୁଁ ଆଗେ ଯିବି ବୋଲି ପ୍ରବୃତ୍ତି ।

ଅହମ୍ମତି, ବି. ସ୍ତ୍ରୀ. (ଅହଂ-ମତି) ଅବିଦ୍ୟା, ଅଜ୍ଞାନ । (ଅବିଦ୍ୟାହଂମତିଃ ସ୍ତ୍ରିୟାଂ ।)

ଅହର୍ପତି, } ବି. ( ଅହନ୍-ପତି, ନ = ର )
ଅହଃପତି, } ସୂର୍ଯ୍ୟ ।

ଅହର୍ମୁଖ, ବି.(ଅହନ୍-ମୁଖ, ନ = ର)ପ୍ରତ୍ୟୁଷ-ସମୟ, ପ୍ରାତଃକାଳ । (ପ୍ରତ୍ୟୂଷୋଽହର୍ମୁଖଂ କଲ୍ୟଂ ।)

ଅହରହ, କ୍ରି. ବି°. (ଅହନ୍-ଅହନ୍, ନ = ର) ପ୍ରତିଦିନ ।

ଅହର୍ଦିବ,ବି°.(ଅହନ୍-ଦିବା, ନ = ର)ପ୍ରତିଦିନ, ଅହରହ ।

ଅହର୍ନିଶ, ଅ°. (ଅହନ୍-ନିଶା) ଦିବାରାତ୍ର, ଅହୋରାତ୍ର; ସଦା, ସନ୍ତତ ।

ଅହଲ୍ୟ, ବି°. (ଅ-ହଲ୍ୟ = ଲଙ୍ଗଳଦ୍ୱାରା କୃଷ୍ଟ) ହଳାଦିଦ୍ୱାରା ଅକୃଷ୍ଟ ଭୂମି ।

ଅହଲ୍ୟା, ବି. ସ୍ତ୍ରୀ. ଗୌତମଋଷିଙ୍କ ପତ୍ନୀ; ଅପ୍‌ସରାବିଶେଷ ।

ଅହସ୍କର,ବି.(ଅହନ୍-କୃ-ଅ, ନ୍ = ସ୍)ଦିନକର, ସୂର୍ଯ୍ୟ ।

ଅହହ, } ଅ°. ଆନନ୍ଦ; ସମ୍ବୋଧନ; ଅଦ୍ଭୁତ
ଅହହା, } ବା ଆଶ୍ଚର୍ଯ୍ୟ; ଖେଦ । (ଅହ-ହେତ୍ୟଦ୍ଭୁତେ ଖେଦେ ।)

ଅହାର୍ଯ୍ୟ, ବି. (ଅ-ହୃ-ଯ, ହାର୍ଯ୍ୟ = ହରଣୀୟ —ଯାହା ହରଣ ବା ସ୍ଥାନାନ୍ତର କରାଯାଏ ନାହିଁ) ପର୍ବତ । (ଅହାର୍ଯ୍ୟଧରପର୍ବତାଃ ।) ବି°. ଅହରଣୀୟ; ଅଭେଦ୍ୟ ।

ଅହି, ବି. (ଆ-ହନ୍ ଇ, ଆ = ଅ, କିମ୍ବା ଅ-ହା = ତ୍ୟାଗ କରିବା-ଇ) ସର୍ପ; ବୃତ୍ରାସୁର । (ଅହି ବୃତ୍ରାସୁରେ ସର୍ପେ ।) (ଅହ୍ = ବ୍ୟାପିବା-ଇ) ସୂର୍ଯ୍ୟ; ପଥିକ; ରାହୁ । (ରାହୁଭିରୁ) ଖଳବ୍ୟକ୍ତି । (ସର୍ପସ୍ୱାମିକରିରୁ) ଅଶ୍ଳେଷାନକ୍ଷତ୍ର ।

ଅହିଆ, ବି. ( ଦେଶଜ ) ରନ୍ଧନ ନିମିତ୍ତ ବର୍ତ୍ତମାନ ଖୋଦିତ ଅସ୍ଥାୟୀ ଚୁଲ୍ଲି, ବିଦେଶରେ କିମ୍ବା ପଥରେ କିମ୍ବା ବନ୍ୟ-ଭୋଜରେ ରନ୍ଧନ ନିମିତ୍ତ ଖୋଦିତ ଅସ୍ଥାୟୀ ଚୁଲ୍ଲି ।

ଅହିତ, ବି. (ଅ-ହିତ = ମଙ୍ଗଳ—ଯାହାଠାରୁ ମଙ୍ଗଳ ହୁଏ ନାହିଁ) ଶତ୍ରୁ । ବି°. ଅମଙ୍ଗଳ-ଜନକ, ଅଶୁଭଜନକ ।

ଅହିତୁଣ୍ଡିକ, ବି. (ଅହିତୁଣ୍ଡ-ଇକ, ଇକ = ଧାରଣାର୍ଥେ) ସର୍ପଧାରକ, ସାପୁଆ ।

**ଅହିଫେନ**, ବି. (ଅହି-ଫେନ ଅର୍ଥାତ୍ ବିଷ ପରି ସ୍ରାବ) ଅଫିମ; ସର୍ପଫେନ, ସର୍ପଗରଳ ।

**ଅହିଭୟ**, ବି. (ଅହି-ଭୟ) ରାଜା ପ୍ରଭୃତିଙ୍କର ସ୍ୱପକ୍ଷମାନଙ୍କଠାରୁ ଜନିତ ଭୟ । (ମହୀଭୁଜାମହିଭୟଂ ସ୍ୱପକ୍ଷପ୍ରଭବଂ ଭୟଂ ।)

**ଅହିଭୁକ୍**, } **ଅହିଭୁଜ୍**, } ବି. (ଅହି-ଭୁଜ୍-କ୍ୱିପ୍) ଗରୁଡ଼; ମୟୂର; ନକୁଳ । (କେକି-ତାର୍କ୍ଷ୍ୟାବହିଭୁଜୌ ।)

**ଅହିମକର**, } **ଅହିମତେଜା**, } ବି. (ଅ-ହିମକର = ଶୀତଳ କିରଣ, ଅହିମ-ତେଜସ୍) ସୂର୍ଯ୍ୟ । ଯଥା—

**ଅହିମକର ତାପ ନାଶେ ଶୋଭି ସାରସଚକେ । ଲ. ବ.**

**ଅହିରାଜ**, ବି. ସର୍ପରାଜ, ସର୍ପଶ୍ରେଷ୍ଠ, ସ୍ୱନାମ-ପ୍ରସିଦ୍ଧ ସର୍ପ ।

**ଅହିବୃତ**, ବିଂ. (ଅଯୁତ ଶବ୍ଦଜ) ଅଯୁତ ସଂଖ୍ୟା; ବହୁସଂଖ୍ୟକ । ଯଥା—

ତାହା ଶୁକମୁନିଙ୍କି ପୁଚ୍ଛନ୍ତି ପରୀକ୍ଷିତ,
ସୁବର୍ଣ୍ଣ ଦକ୍ଷିଣା କରି ଦେଇ ଅହିବୃତ । ନ. ପୁ. ଭୃ. ତ.

**ଅହେ**, ଅଂ. (ଅନ୍-ହ୍ = ବ୍ୟାପିବା-ଏ) ଆପଣାର ସମାନ ବା ନ୍ୟୂନବ୍ୟକ୍ତି ପ୍ରତି ସମ୍ବୋଧନ ।

**ଅହେତୁକ**, ବିଂ. (ଅ-ହେତୁ-କ) ଅକାରଣ, କାରଣରହିତ; ମୂଳଶୂନ୍ୟ; ଆକସ୍ମିକ; ନିରର୍ଥକ, ନିଷ୍ପ୍ରୟୋଜନ ।

**ଅହୋ**, ଅଂ. ଆଶ୍ଚର୍ଯ୍ୟ, ପ୍ରଶଂସା, ବିତର୍କ ଇତ୍ୟାଦି ।

**ଅହୋରାତ୍ର**, ବି. (ଅହନ୍-ରାତ୍ରି-ଅ, ନ୍ = ସ୍) ଦିବାରାତ୍ରି ମାତ୍ରକ କାଳ । କ୍ରି. ବିଂ. ଦିବାରାତ୍ର, ଅବିରତ, ସର୍ବଦା ।

**ଅହ୍ନାୟ**, ଅଂ. (ଅ-ହ୍ନୁ = ଗୋପନ କରିବା—ଅ, ଉ = ଆବ, ବ = ଯ, ନିପାତନ) ଝଟିତି, ଶୀଘ୍ର, ତତ୍‌କ୍ଷଣାତ୍ । (ସ୍ରାକ୍ ଝଟିତ୍ୟଞ୍ଜ-ସାହ୍ନାୟଦ୍ରାଙ୍କ୍ ମଙ୍କ୍ଷୁ ସପଦି ଦ୍ରୁତେ ।)

**ଅହ୍ନିଣିଆ**, } **ଅହ୍ନୁଣିଆଁ**, } **ଅମଣିଆ**, } **ଅମୁଣିଆ**, } ବି. (ଦେଶଜ) ଦେବତା ପ୍ରତି ନିବେଦ୍ୟ ନୈବେଦ୍ୟ । ଯଥା—

ଶତେକ ଜଣ ରାନ୍ଧୁଣିଆ,
ରନ୍ଧନ କଲେ ଅହ୍ନିଣିଆ । ଦା. ର.

**ଅହ୍ୟ**, } **ଅହିଅ**, } ବି. ସ୍ତ୍ରୀ. (ଦେଶଜ) ସଧବା ସ୍ତ୍ରୀ । ଯଥା—

**ଅହ୍ୟରୂପେ ବିଜେ ହେଲେ ଏ ଉତ୍ସବେ**
**ନିଜେ କାମସୀମନ୍ତିନୀ । ଯ. କେ.**

**ଅହ୍ୟଡେଙ୍ଗୁରା**, } **ଅହ୍ୟଡେଙ୍ଗୁରା**, } ବି. (ଦେଶଜ) ସଧବା ସ୍ତ୍ରୀର ମୃତ୍ୟୁ ହେଲେ ଶବ ସଙ୍ଗେ ସଙ୍ଗେ ଶ୍ମଶାନ ପର୍ଯ୍ୟନ୍ତ ଯେଉଁ ଡେଙ୍ଗୁରା-ବାଦ୍ୟ ବଜାଯାଏ ।

---

# ଆ

**ଆ**, ବି. ଦ୍ୱିତୀୟ ସ୍ୱରବର୍ଣ୍ଣ । (ଆପ୍-ବ୍ୟାପିବା-ଆ, ପ ଲୋପ) ମହାଦେବ; ବ୍ରହ୍ମା । ଅଂ. ସ୍ମୃତି, ସ୍ମରଣ । ଯଥା-(ଆସ୍ମୃତଂ ମୟା—ଆ ଜଣାଗଲା) ବାକ୍ୟପୂରଣ । ଯଥା—ଆ ଏବଂ ମନ୍ୟସେ—ଆ ଏପରି କହୁଅଛ) ଅନୁକମ୍ପା ବା ଦୟା । ଯଥା—(ଆ ଦେବଦତ୍ତ ଦରିଦ୍ରଃ—ଆ ଦେବଦତ୍ତ ଦରିଦ୍ର ହୋଇଗଲେ) ସମୁଚ୍ଚୟ । (ଆ ପ୍ରଗୃହ୍ୟଃ ସ୍ମୃତୌ ବାକ୍ୟେଽନୁକମ୍ପାୟାଂ ସମୁଚ୍ଚୟେ—ମେଦିନୀ) (ଆଙ୍-ଆପ୍ = ବ୍ୟାପିବା—ଆ, ପ ଲୋପ) (ଉପସର୍ଗ) ଈଷଦର୍ଥ । ଯଥା—ଆଭୁଗ୍ନ । ସୀମା, ମର୍ଯ୍ୟାଦା । ଯଥା—ଆସମୁଦ୍ର । ବ୍ୟାପ୍ତି । ଯଥା—(ତଦାୟମାମାଳମୁଖଂ ସ୍ତନଦ୍ୱୟଂ = ତାହାଙ୍କର ଆମାଳ-ମୁଖ ସ୍ତନଦ୍ୱୟ) କ୍ରିୟାଯୋଗରେ ଅର୍ଥବୈପରୀତ୍ୟ । ଯଥା—ଗମ୍—ଆଗମ, ହୃ-ଆହାର । (ଆଙୀଷଦର୍ଥେଽଭିବ୍ୟାପ୍ତୌ ସୀମାର୍ଥେ ଧାତୁଯୋଗଜେ—ଅମର) (ଦେଶଜ) କ୍ରି. ଆସ । ଯଥା—ଜହ୍ନମାମୁ ଆ ଆ ।

ଆଁ, ଅଂ. (ଆଂ ଶବ୍ଦଜ) ବସ୍ମୟସୂଚକ;ଆଳସ୍ୟ-ବ୍ୟଞ୍ଜକ; ଓ କରିବା; କ୍ରନ୍ଦନସ୍ୱରର ଅନୁକରଣ ।

ଆଂ, ଅଂ. ( ଅମ୍ = ଗମନ କରିବା-କ୍ୱିପ୍) ସ୍ୱୀକାର ।

ଆଃ, ଅଂ. (ଆସ୍ = ଉପବେଶନ କରିବା-କ୍ୱିପ୍) କୋପ । ଯଥା —(ଆଃ କମେବମୁଚ୍ୟତେ = ଆଃ କଣ ଗୁଡ଼ାଏ କହୁଚୁ ) ପୀଡ଼ା । ଯଥା—(ଆଃ ଶୀତଂ = ଆଃ କେଡ଼େ ଶୀତ) (ଆସ୍ତୁ ସ୍ୟାତ୍ କୋପପୀଡ଼ୟୋଃ ଅମର)

ଆଂଶିକ, ବଂ. (ଅଂଶ-ଇକ-ଇଦମର୍ଥେ) ଏକ-ଦେଶୀୟ; ଅଂଶସମ୍ବନ୍ଧୀୟ ।

ଆଁକୁଶା, } ବ. ସ୍ତ୍ରୀ. (ଅଙ୍କୁଶ ଶବ୍ଦଜ) ହସ୍ତି-
ଆଙ୍କୁଶୀ, } ଶାସନାର୍ଥ ଲୌହ ଯନ୍ତ୍ରବଶେଷ ।

ଆଁକୁଶୀ, } ବ. ସ୍ତ୍ରୀ. (ଅଙ୍କୁଶ ଶବ୍ଦଜ) ଫଳ
ଆଁକୁଡ଼, } ପ୍ରଭୃତି ତୋଳିବାପାଇଁ ଖଣ୍ଡିଏ
ଆଙ୍କୁଡ଼, } ବାଉଁଶର ଅଗ୍ରଭାଗ ସହିତ ତେରଛା ଭାବରେ ବନ୍ଧା ହୋଇଥିବା କାଠି ।

ଆଁଶ, } ବ. (ଅଂଶୁ ଶବ୍ଦଜ) ସୂକ୍ଷ୍ମ ସୂତ୍ର; ସୂକ୍ଷ୍ମ
ଆଂଶ, } ସୂତ୍ରାକୃତି ପଦାର୍ଥର ଆବରଣ;
ଆଁଶୁ, } ଧାର, ତୀକ୍ଷ୍ଣଧାର; ଖରସ୍ପର୍ଶତା; ସୂକ୍ଷ୍ମ
ଆଂଶୁ, } ବା ଶୁଙ୍ଗ ।

ଆଁଷ, } ବ. ( ଆମିଷ ଶବ୍ଦଜ ) ମାଛ ଓ
ଆଁଇସ, } ମାଉଁସ; ମାଛକାଣ୍ଟ ।

ଆଁଇଷିଆ,
ଆଁଇଷିୟା, } ବଂ. (ଓଡ଼ିଆ ଶବ୍ଦରେ ଓଡ଼ିଆ
ଆଁଇସିଣିଆ, } ପ୍ରତ୍ୟୟ) ଆମିଷଗନ୍ଧଯୁକ୍ତ ।
ଆଁଇସୁଣିଆ, } ଯଥା—

କଇବର୍ତ୍ତୀ ବୋଇଲା ମୁଁ ନ ଜାଣଇ କିଛି,
ଆଇଁଷିଆ ଦେହ ମୋର ଗନ୍ଧ କରୁଅଛି । ନା.ର.ଗୀ.

ଏହି ଗୋହଣିଆ ଧୀବରଟା ଆଇଁସୁଣିଆ ଗନ୍ଧଉଚ,
ସତେ ଏ ଧୀବର ହେବ । ଶ. ନାଟକ ।

ଆଇନ, ବ. (ଯାବନକ) ରାଜବ୍ୟବସ୍ଥା; ନିୟମ ।

ଆଈ, } ବ. ସ୍ତ୍ରୀ. (ଆର୍ଯ୍ୟା ଶବ୍ଦଜ) ମାତାମହୀ,
ଆୟୀ, } ମାତାର ମାତା । ଯଥା—

ଅହୋ ! ଅଷ୍ଟର୍ଯ୍ୟ କୃପା ଆଈ କଲେ । ବ. ଚ. ମ. ମାତା । ଯଥା—

ଶୁଣି ତା ଭରତ ବୋଇଲେ ଶୁଣ ତ
ମୁହିଁ ରାମଚନ୍ଦ୍ର ଭାଇ,
ଦଶରଥସୁତ ଜଗତେ ବିଦିତ
କୈକେୟୀ ମୋହର ଆୟୀ । ବ. ରା.

ଆଈଶାଶୁ, ବ. ସ୍ତ୍ରୀ. ଶ୍ୱଶ୍ରୂର ମାତା ।

ଆଉ, ଅଂ. (ଦେଶଜ) ଆହୁରି । ବଂ. ଅନ୍ୟ ।

ଆଉଁସା, } ବ. (ଆମର୍ଶଶବ୍ଦଜ) ସ୍ନେହରେ
ଆଉଁସାଆଉଁସି, } ଦେହରେ ହାତ ବୁଲାଇବା; ଆଦରସୂଚନା ।

ଆଉଁସିବା, କ୍ରି. ଦେହରେ ହାତ ବୁଲାଇବାର । ଯଥା—

ସଙ୍କେତ ସ୍ଥାନେ ଯାଇଥିବା କାମିନୀ,
ଚମକି ହୃଦ ଆଉଁସିଲେ । ଲ. ବ.

ଆଉଁରିଆ, ବ. (ଦେଶଜ) ବାତରୋଗବଶେଷ । ବଂ. ଆଉଁରିଆ ରୋଗବଶିଷ୍ଟ ।

ଆଉଁଳବାଉଁଳ, } ବଂ. (ଆକୁଳବ୍ୟାକୁଳ
ଆଉଳବାଉଳ, } ଶବ୍ଦଜ) ଇତସ୍ତତଃ ବକ୍ଷିପ୍ତ, ଏଣେତେଣେ ହୋଇ ପଡ଼ିଥିବା । ଯଥା—

ଖୋଷାଗୋଟି ତାର ଖୋସିଥିଲି ଯତ୍ନ କରି,
ଆଉଁଳବାଉଁଳ ହୋଇ ମୁହେଁ କପାଁ ପଡ଼ି । ସା.ଭା.ଆ.

ଆଉଜା, ବଂ. (ଦେଶଜ) ଏକଆଡ଼କୁ ଢଳାଇ-ଥିବା । ବ. ଏକଆଡ଼କୁ ଢଳିବା । ଯଥା—

କାଠରୁ ବାହାରିଯାଏ ଅଛନ୍ତି ପ୍ରଭୁ ରହି,
ତୋ ଆଉଜା ସ୍ତମ୍ଭରେ ଅଛନ୍ତି ଭାବଗ୍ରାହୀ । ନୃ.ପୁ.ଚ.ସା.

ଆଉଜାଇବା, କ୍ରି. (ଦେଶଜ) ଏକଆଡ଼କୁ ଢଳାଇବା । ଯଥା—

ଆଉଜାଇ ଅଙ୍ଗରେ ବସିବି ପଲଙ୍କରେ,
ମନେ ତ ନ ଥିଲା ଆଉ ରେ । ଲ. ବ.

ବଂ. ଏକଆଡ଼କୁ ଢଳା ଯାଇଥିବା ।

ଆଉଜିବା, କ୍ରି. (ଦେଶଜ) ଏକଆଡ଼କୁ ଢଳିବା; ପକ୍ଷପାତ ଅବଲମ୍ବନ କରିବା । ଯଥା—

ମୁହିଁ ବନ୍ଧନ ଦେଲେ ମୋତେ ଆଉଜିବେ,
ସ୍ୱାମୀଙ୍କୁ ମାଇଲେ ଧର୍ମ ନ ଗଛେ ମୋତେ କେବେ ।
ନୃ. ପୁ. ଷ. ସା.

ଆଉଟଣ, ବି. (ଦେଶଜ) ସନ୍ତାପ ଯୋଗୁଁ ଅସ୍ଥିରତା, ଗ୍ରୀଷ୍ମତାପରେ ଅସ୍ଥିରତା ।

ଆଉଟପାଉଟ, ବିଂ. (ଦେଶଜ) ସନ୍ତାପରେ ଅସ୍ଥିର ।

ଆଉଟା, ବି. (ଆବର୍ତ୍ତ ଶବ୍ଦଜ, ପ୍ରାକୃତ ଆବଟ୍ଟରୁ ଉତ୍ପନ୍ନ) ତରଳ କରିବା, ଦୁଗ୍ଧ ବା କୌଣସି ରସକୁ ଅଗ୍ନି ତାପରେ ସିଦ୍ଧ କରିବା । ବିଂ. ତରଳିତ, ଅଗ୍ନି ତାପରେ ସିଦ୍ଧ ।

ଆଉଟିବା, କ୍ରି. ତରଳିତ କରିବା, ଅଗ୍ନିରେ ଗରମ କରି ସିଦ୍ଧ କରିବା । ବିଂ. ତରଳୀକୃତ, ଅଗ୍ନି ତାପରେ ସିଦ୍ଧ ।

ଆଉଡ଼ିବା, କ୍ରି. ( ଆବୃତ୍ତି ଶବ୍ଦଜ ) ଆବୃତ୍ତି କରିବା, ପଇଟେଇବା ।

ଆଉଳା, } ବିଂ. (ଦେଶଜ) ଧୂର୍ତ୍ତତାବର୍ଜ୍ଜିତ;
ଆଉଳ, } ଉଦାସ ।

ଆକଟ, ବି. (ଦେଶଜ) ଶାସନ; ମନା । ଯଥା—

ରାଧା ଧରି ସଖୀ କର, ବୋଲନ୍ତି ଆକଟ ଆଉ ନ କର,
ଲାଜ ଭୟ ଛାଡ଼ିଲି ନକର, ସଜନୀ ଗୋ । ବି. ଚ. ମ.

ଅଟକ ବା ନିଷେଧ । ଯଥା—

ତେଣିକି ଯେ ଟେର୍ବାଡ଼ ଗୁମୂକୁ ଆକଟ,
ଗରୁଡ଼ ଗୁମୂରେ ହୁଏ ଦେବତାଙ୍କ ଭେଟ । ନା. ର. ଗୀ.

ଆକଟିବା, କ୍ରି. ନିରୋଧ କରି ରଖିବା । ଅଟକାଇବା । ଯଥା—

ପାର୍ବତୀ ବୋଇଲେ ଆରେ ମୋର ଗଣ୍ଡାଗୋଟି,
ଯତନରେ ତୁହି ରଖିଅଛୁଟି ଆକଟି । ସା. ଖ୍ରୀ. ସ.

ଆକଣ୍ଠ, କ୍ରି. ବିଂ. ( ଆ = ପର୍ଯ୍ୟନ୍ତ-କଣ୍ଠ ) କଣ୍ଠ ପର୍ଯ୍ୟନ୍ତ । ଯଥା—

ଆକଣ୍ଠାମ୍ବୁନିମଗ୍ନ ତାପସ । କା. ପ. ନା.

ବିଂ. କଣ୍ଠାଗତ । ଯଥା—ଆକଣ୍ଠପ୍ରାଣ ।

ଆକତା, ବିଂ. ( ଅଶକ୍ତ ଶବ୍ଦଜ ) ଅଶକ୍ତ, ହାଲିଆ । ଯଥା—

ତାଙ୍କ ପଛେ ଭ୍ରମି ଦୈତ୍ୟ ଆକତା ହୁଅନ୍ତେ,
ମୋହିନୀ ବୋଇଲେ ତୁ ନ ଧରି ପାରୁ ମୋତେ ।
ନୃ. ପୁ. ପ୍ର. ସା.

ଯେଉଁ ଘୋଟକର କୋଷକୁ ପେଷଣ କରି ତାହାର ପୁଂସ୍ତ୍ୱ ନଷ୍ଟ କରାଯାଏ ।

ଆକମ୍ପିତ, ବିଂ. (ଆ = ଈଷତ୍-କମ୍ପିତ) ଈଷତ୍ କମ୍ପଯୁକ୍ତ, ଆଧୂତ ।

ଆକର, ବି. (ଆ-କୃ-ଅ) ଖଣି, ଉତ୍ପତ୍ତି ସ୍ଥାନ । ( ଖନିଃ ସ୍ତ୍ରିୟାମାକରଃ ସ୍ୟାତ୍ । ) ଆଧାର, ଆସ୍ପଦ । ଯଥା—ସଦ୍‌ଗୁଣାକର ସମ । ସମୂହ । ଯଥା—(ବଭୂବ ବଜ୍ରାକର-ଭୂଷଣାୟୁଃ—ରଘୁବଂଶ ।)

ଆକର୍ଷ, ବି. (ଆ-କୃଷ୍-ଅ) ଆକର୍ଷଣ; ଇନ୍ଦ୍ରିୟ; ଦ୍ୟୂତ ବା ଜୁଆ, ପାଶକ୍ରୀଡ଼ା; ପଶାପାଲି; ଧନୁର୍ବିଦ୍ୟା ଅଭ୍ୟାସ । ଯଥା—(ନାକର୍ଷୋ-ଦ୍ୟୂତ ଇନ୍ଦ୍ରିୟେ । ପାଶେ ଶାରଫଳେ ଚୈବ କୋଦଣ୍ଡାଭ୍ୟାସବସ୍ତୁନି । ଆକର୍ଷଣେଽପି ପୁଂସି ସ୍ୟାତ୍—ମେଦିନୀ ।)

ଆକର୍ଷଣ, ବି. (ଆ-କୃଷ୍-ଅନ) ଓଟାରିବା । ଯଥା—କେଶାକର୍ଷଣ । ଆନୟନ ।

ଆକଳନ, ବି. (ଆ-କଳ୍-ଅନ) ଆକାଙ୍କ୍ଷା; ଆକର୍ଷଣ; ଧାରଣ । ଯଥା—

ଉଷ୍ଣପ୍ରାନ୍ତସ୍ଥ ମାଂସାକଳନରତ—କା. ପ. ନା.

ଆକଳ୍ପ, ବି. ( ଆ-କୃପ୍ = ସମର୍ଥ ହେବା ଇତ୍ୟାଦି, ଭୂଷିତ କରିବା ଇତ୍ୟାଦି-ଅ) ବେଶଭୂଷା, ବେଶରଚନା, ଭୂଷଣ, ଅଳଂକରଣ; ଉନ୍ମତ୍ତ; କଳ୍ପନା; ପୀଡ଼ା । (ଆ-କଳ୍ପ) କ୍ରି. ବିଂ. କଳ୍ପନା ପର୍ଯ୍ୟନ୍ତ ।

ଆକସ୍ମିକ, ବିଂ. (ଅକସ୍ମାତ୍-ଇକ) ହଠାତ୍ ଉତ୍ପନ୍ନ, ଅକସ୍ମାତ୍ ଜାତ ।

ଆକାଙ୍କ୍ଷା, ବି. ସ୍ତ୍ରୀ. (ଆ-କାଙ୍କ୍ଷ-ଅ ସ୍ତ୍ରୀ-ଆ) ଇଚ୍ଛା, ଅଭିଳାଷ, ପ୍ରଶ୍ନୋତ୍ତର ଶେଷ ନ ହେବା ।

ଆକାର, ବି. (ଆ-କୃ-ଅ) ଆକୃତି, ମୂର୍ତ୍ତି; ଇଙ୍ଗିତ ବା ହୃଦ୍‌ଗତ ଭାବ । (ଆକାରସ୍ୱିଙ୍ଗିତାକୃତି—ଅମର ।) 'ଆ' ମାତ୍ର ବର୍ଣ୍ଣ; ଦେହ; ଚିହ୍ନ; ଆହ୍ୱାନ ।

ଆକାରଗୁପ୍ତି, ବି. (ଆକାର-ଗୁପ୍ତି=ଗୋପନ) ହୃଦ୍‌ଗତ ଭାବ ବା ମୁଖବିକାରାଦି ଗୋପନ ।

ଆକାରଣ, ଆକାରଣା, } ବି. (ଆ-କୃ ଇ-ଅନ) ଡକାଇବା, ଆହ୍ୱାନ । (ହୂତିରାକାରଣାହ୍ୱାନଂ ।)

ଆକାଶ, ବି. (ଆ-କାଶ୍=ଦୀପ୍ତି ପାଇବା-ଅ) ଗଗନ, ଶୂନ୍ୟ ।

ଆକାଶକୁସୁମ, ବି. (ଆକାଶ=ଶୂନ୍ୟ-କୁସୁମ) ଆକାଶରେ କୁସୁମ ଫୁଟେ ନାହିଁ, ଅତଏବ ଆକାଶକୁସୁମ=ମିଥ୍ୟା, ଅସତ୍ୟ ।

ଆକାଶଦୀପ, ଆକାଶପ୍ରଦୀପ, } ବି. କାର୍ତ୍ତିକ ମାସରେ ବାଉଁଶ ଇତ୍ୟାଦି ପୋତି ତାହା ଉପରେ ଯେଉଁ ପ୍ରଦୀପ ଦିଆ ଯାଇଥାଏ ।

ଆକାଶବାଣୀ, ଆକାଶଭାଷିତ, } ବି. ଶୂନ୍ୟରୁ ଦେବତାଦିଙ୍କର କଥା, ଦୈବବାଣୀ; ନାଟକର ଉକ୍ତିବିଶେଷ ।

ଆକିଞ୍ଚନ, ବି. (ଅକିଞ୍ଚନ-ଅ-ଭାବେ) ଦାରିଦ୍ର୍ୟ, ନିଃସ୍ୱତା; ଚେଷ୍ଟା, ପ୍ରୟାସ, ଯତ୍ନ ।

ଆକୀର୍ଣ୍ଣ, ବିଂ. (ଆ-କୃ=ବିକ୍ଷେପ କରିବା-ତ) ବ୍ୟାପ୍ତ, ସଙ୍କୁଳ, ବିକ୍ଷିପ୍ତ ।

ଆକୁଳ, ବିଂ. (ଆ-କୁଲ୍=ରାଶି କରିବା, ବ୍ୟସ୍ତ ହେବା ଇତ୍ୟାଦି-ଅ) ବ୍ୟଗ୍ର, ବ୍ୟସ୍ତ; ଉଦ୍‌ବିଗ୍ନ; କାତର; ସଙ୍କୀର୍ଣ୍ଣ; ପରିପୂର୍ଣ୍ଣ; ବିକ୍ଷିପ୍ତ; ବିପର୍ଯ୍ୟସ୍ତ; ବ୍ୟାପ୍ତ ।

ଆକୂତ ବି. (ଆ-କୂ=କାତର ହୋଇ ଶବ୍ଦ କରିବା-ତ) ଅଭିପ୍ରାୟ, ମନର ଭାବ ।

ଆକୃତି, ବି. (ଆ-କୃ-ତି) ଆକାର, ଶରୀର ଗଠନ, ମୂର୍ତ୍ତି, ପ୍ରକାର ।

ଆକୃଷ୍ଟ, ବିଂ. (ଆ-କୃଷ୍-ତ) ଯାହାକୁ ଆକର୍ଷଣ କରା ହୋଇଅଛି; ବଶୀକୃତ; ଗୃହୀତ ।

ଆକ୍ରନ୍ଦ, ବି. (ଆ-କ୍ରନ୍ଦ୍-ଅ) ଦୂରାହ୍ୱାନ, ଉଚ୍ଚ ଶବ୍ଦ; ଆର୍ତ୍ତଧ୍ୱନି, କ୍ରନ୍ଦନ ଧ୍ୱନି, ରୋଦନ; ଦାରୁଣ ଯୁଦ୍ଧ; ରକ୍ଷକ । (ରକ୍ଷକଭିତରୁ) ମିତ୍ର; ବନ୍ଧୁ; ଭ୍ରାତା; ରାଜା; ସ୍ୱାମୀ । (ଆରାବେ ରୁଦିତେ ତ୍ରାତର୍ଯ୍ୟାକ୍ରନ୍ଦୋ-ଦାରୁଣେ ରଣେ—ଅମର ।)

ଆକ୍ରମଣ, ବି. (ଆ-କ୍ରମ=ଗମନ କରିବା-ଅନ) ଚଢ଼ାଉ; ଅତିକ୍ରମ; ଅଧିରୋହଣ, ଆରୋହଣ । (ନ ଦେବଲୋକାକ୍ରମଣଂ ନାମରତ୍ୱମହଂ ବୃଣେ—ରାମାୟଣ ।) ଉଦୟ ।

ଆକ୍ରଷିବା, କ୍ରି. (ଆକର୍ଷଣ ଶବ୍ଦଜ) ଆକର୍ଷଣ କରିବା ।

ଆକ୍ରା, ବିଂ. (ଆକ୍ରୀଡ଼ ଶବ୍ଦଜ) ଯାହା ଲୋଡ଼ା, ଆବଶ୍ୟକୀୟ । (ଅକ୍ରେୟ ଶବ୍ଦଜ) ଦୁର୍ମୂଲ୍ୟ, ମହାର୍ଘ ।

ଆକ୍ରୀଡ଼, ବି. (ଆ-କ୍ରୀଡ଼୍=ଖେଳା କରିବା-ଅ) ରାଜକୀୟ ଉଦ୍ୟାନ; ଉଦ୍ୟାନାଦି କ୍ରୀଡ଼ାସ୍ଥାନ, ଲୀଳାସ୍ଥାନ; ଲୀଳା, ବିହାର ।

ଆକ୍ରୋଶ, ଆକ୍ରୋଶନ, } ବି. (ଆ-କ୍ରୁଶ୍=ରୋଦନ କରିବା, କ୍ରୋଧ କରିବା ଇତ୍ୟାଦି-ଅ, ଅନ) କଟୂକ୍ତି, ଭର୍ତ୍ସନା; ଅଭିସମ୍ପାତ, ଶାପ; କ୍ରୋଧ; ଅଭିଯୋଗ; ନିନ୍ଦା; ଦ୍ୱେଷ ।

ଆକ୍ଷାର, ଆକ୍ଷାରଣ, ଆକ୍ଷାରଣା, } ବି. (ଆ-କ୍ଷର୍-ଅ, ଅନ-ଆ) ପର ସ୍ତ୍ରୀ ଗମନ ନିମିତ୍ତ ପୁରୁଷର ପର ପୁରୁଷ ଗମନ ନିମିତ୍ତ ସ୍ତ୍ରୀଲୋକର ଅପବାଦ, ବ୍ୟଭିଚାରର ଦୋଷାରୋପ । (ତତ୍ର ତ୍ୱାକ୍ଷାରଣା ଯଃ ସ୍ୟାଦାକ୍ରୋଶୋମୈଥୁନଂ ପ୍ରତି—ଅମର ।)

ଆକ୍ଷୀବ, ବିଂ. (ଆ-କ୍ଷୀବ୍-ଅ) ସଜନାଗଛ । ବିଂ. ମାଦକାଦି ସେବନରେ ମତ୍ତ ।

ଆକ୍ଷେପ, ବି. (ଆ-କ୍ଷିପ୍-ଅ) ଦୁଃଖ; ଅପବାଦ, ନିନ୍ଦା; ଭର୍ତ୍ସନା; ଆକର୍ଷଣ; ଅପହରଣ; କାବ୍ୟର ଅଳଙ୍କାରବିଶେଷ; ଖେଦ; ବିକ୍ଷେପ ।

ଆଖଡ଼ା, ଆଖେଡ଼ା, } ବି. (ଅକ୍ଷବାଟ ଶବ୍ଦଜ, ଅପିଚ ଆକ୍ରୀଡ଼ ଶବ୍ଦଜ) ନୃତ୍ୟ ଗୀତ ଅଭ୍ୟାସ କରିବା ସ୍ଥାନ; ବ୍ୟାୟାମକାରଦଳର ବ୍ୟାୟାମ ଅଭ୍ୟାସ କରିବାର ସ୍ଥଳ । ଯଥା—

ଖଡ୍‌ଗଚର୍ମ ଧରି କରେ,
ଶର ସାଧନ୍ତି ଆଖଡ଼ାରେ । ଭା. ଦ. ସ୍କ.

ଆଖଣ୍ଡଳ, ବି. (ଆ-ଖଣ୍ଡ୍-ଅଳ—ଯେ ବଜ୍ରଦ୍ୱାରା ପର୍ବତାଦି ଖଣ୍ଡନ କରେ) ଇନ୍ଦ୍ର, ଦେବରାଜ, ସହସ୍ରାକ୍ଷ ।

ଆଖନ୍ଦିବା, କ୍ରି. ଆଗୁଳିବା, ଅଟକାଇବା, ଜଗିରଖିବା, ଯଥେଚ୍ଛା ଗମନରେ ବାଧା ଦେବା ।

ଆଖପାଖ, ଆଖିପାଖି, } ବି. (ଅକ୍ଷିପାର୍ଶ୍ୱ=ଆଖିପାଖ-ଏହି ଅର୍ଥରୁ ଉତ୍ପନ୍ନ) ନିକଟ, ସମୀପ । ଯଥା—

**ଆଖପାଖରେ ଥିବା ଲୋକେ,**
**ଆସିଣ ପ୍ରବେଶିଲେ ଥୋକେ ।**

ଆଖର, ବିଂ. (ଯାବନିକ) ଶେଷ, ପରିଶେଷ; ପଶ୍ଚାତ୍ । ଯଥା—

**ଫତୁରିଖୋର ଆଖରକୁ ହେବାର**
**ଏହି ଏକା ଏଥି ଫଳରେ । କ. ଚ. ଚ.**

ନିକଟ । ଯଥା—

**ଅଢ଼ାଇ ଦିନର ବଢ଼ାଇ ରହି ନାହିଁ କାହାର ।**
**ଛଡ଼ାଇ ଦିଅ ହେ ବ୍ରଜନ ବେଳ ହୁଏ ଆଖର ।**
**ଉ. ସା. ଭ. ଭ ଅ. ଫ.**

କ୍ରି. ବିଂ. ଅବଶେଷରେ, ଅଗତ୍ୟା । ଯଥା—

**ହୋଇଣ ଆତୁର ଯଦି ମୁଁ ଆଖର**
**ଏହି ହସ୍ତକୁ ଚଢ଼ିଣ । ସୁ. ପ.**

(ସଂସ୍କୃତ ଶବ୍ଦ ହେଲେ ଆ-ଖନ୍=ଖୋଳିବା -ଅର) ଯାହାଦ୍ୱାରା ମୃତ୍ତିକା ଖନନ କରାଯାଏ, ଖନିତ୍ର, ଖଣତି ।

ଆଖରୋଟ, ବି. (ଯାବନିକ) ଫଳବିଶେଷ ।

ଆଖାତ, ବି. (ଅଖାତ-ଅ-ସ୍ୱାର୍ଥେ) ଦେବଖାତ, ଅକୃତ୍ରିମ ଜଳାଶୟ ।

ଆଖାସାଖା, ବିଂ. (ସଖାଶବ୍ଦର ଅନୁକରଣରେ ଉତ୍ପନ୍ନ) ସହାୟ, ରକ୍ଷକ ।

ଆଖି, ବି. (ଅକ୍ଷି ଶବ୍ଦଜ) ନେତ୍ର, ଦୃଷ୍ଟି । ଯଥା—

**ଅବଶେ ଆଖି ମୁଁ ବୁଜିଲି ଛନକେ । ନ. କେ.**

ନାରିକେଳର ମସ୍ତକସ୍ଥ ରନ୍ଧ୍ର; ଜ୍ଞାନ, ବୁଦ୍ଧି, ବିବେଚନା; ସୂକ୍ଷ୍ମସୌନ୍ଦର୍ଯ୍ୟଗ୍ରାହକତା ।

ଆଖିଛଟା, ବି. (ଦେଶଜ) ଅପାଙ୍ଗଦୃଷ୍ଟି, ଆଖିଠାରା । ଯଥା—

**ବଜାଇ ମେଘନାଦ ସୁସ୍ୱରେ ଅଳକେଶୀ,**
**ଆଖିଛଟା ମାରଣ ନାଚନ୍ତି ଶୁଭ୍ରକେଶୀ ।**
**ନୃ. ପୁ. ପ୍ର. ସା.**

ଆଖିଠରା, ବି. (ଦେଶଜ) ଅପାଙ୍ଗଦ୍ୱାରା ନିର୍ଦ୍ଦେଶ । ଯଥା—

**ସଖି ! ଆଖିଠରା ମନରୁ ଯିବ କି ?**

ଆଖିଡଆଁ, ବି. (ଦେଶଜ) ଚକ୍ଷୁଃସ୍ଫୁରଣ ।

ଆଖିଦେଖାଇବା, କ୍ରି. (ଦେଶଜ) କ୍ରୋଧରେ ଚକ୍ଷୁର ବିକୃତି କରିବା, ଭୟ ଦେଖାଇବା ।

ଆଖିଦେବା, ଆଖିପକାଇବା, } କ୍ରି. ଲୋଭରେ କୌଣସି ବସ୍ତୁକୁ ଦେଖିବା, ଈର୍ଷାନ୍ୱିତ ଭାବରେ କୌଣସି ବ୍ୟକ୍ତି ପ୍ରତି ଦୃଷ୍ଟି କରିବା ।

ଆଖିଧରା, ବି. (ଦେଶଜ) ରୋଗବିଶେଷ, ଯେଉଁ ରୋଗରେ ଚକ୍ଷୁ ରକ୍ତବର୍ଣ୍ଣ ହୁଏ ଓ ବ୍ୟଥା କରେ ।

ଆଖିପତା, ବି. (ଅକ୍ଷିପତ୍ର ଶବ୍ଦଜ) ଚକ୍ଷୁର ଆବରଣପତ୍ର, ପଲକ ।

ଆଖିପିଛ, ଆଖିପିଛଡ଼ା, ଆଖିପିଚ୍ଛ, } ବି. (ଅକ୍ଷିପୁଚ୍ଛ ଶବ୍ଦଜ) ପଲକ । ଯଥା—

**ଯାବତ ପୁଣି ମୋର ଜାଣନ୍ତି କୁଟ ଛନ୍ଦ,**
**ଆଖିପିଛ କାଳେ ମାରି ଆସିବେ ଗୋବିନ୍ଦ ।**
**ନୃ. ପୁ. ଚ. ସା.**

ଆଖିଫୁଟା, ବିଂ. (ଦେଶଜ) ଯାହାର ଆଖି ଫୁଟି ଯାଇଅଛି; ଅନ୍ଧ, ଅବିବେକ ।

ଆଖିବୁଜାବୁଜି, ଆଖିବୁଜାଳି, } ବି. (ଦେଶଜ) ଦୈଶିକ କ୍ରୀଡ଼ାବିଶେଷ; ଲୁଚୁକାଳି-ଖେଳ । ଯଥା—

**କେତେବେଳେ ଫଳା ଛମରେ ଚଞ୍ଚଳ,**
**କେତେବେଳେ ଆଖିବୁଜାଳି । ର. କ.**

ଆଖିମାରିବା, କ୍ରି. ଅପାଙ୍ଗରେ ଠାରିବା । ଯଥା—

**ଯୁଧିଷ୍ଠି ଠାକୁର ଯେ ପତ୍ନୀଙ୍କି ଦେଲେ ହାର,**
**କର୍ଣ୍ଣ ଦୁଃଶା ଦୁହେଁ ହସନ୍ତି ଆଖି ମାରି ।**
**ନୃ. ପୁ. ସ. ଭ.**

ଆଖିମିଟିକା, ବି. ସ୍ତ୍ରୀ. (ଦେଶଜ କିମ୍ବା ଅକ୍ଷିମିଷା ଶବ୍ଦଜ ?) ଚକ୍ଷୁପଲକ ଶୀଘ୍ର ଶୀଘ୍ର ଉଠାଇବା ଓ ପକାଇବା ।

ଆଖୁ, ବି. (ଆ-ଖନ୍ = ଖୋଳିବା-ଉ) ମୂଷିକ । (ଉନ୍ଦୁରୁର୍ମୂଷିକୋଽପ୍ୟାଖୁଃ ।) (ଖନକଇରୁ) ଶୂକର; ଚୌର; କୃପଣବିଶେଷ । ଯଥା— (ବିଭବେ ସତି ନୈବାତ୍ତି ନ ଦଦାତି ଜୁହୋତି ନ । ତମାହୁରାଖୁଃ ଇତ୍ୟାଦି ।) (ଇକ୍ଷୁଶବ୍ଦଜ—ଓ) ସ୍ୱନାମଖ୍ୟାତ ଉଦ୍ଭିଦ-ବିଶେଷ ।

ଆଖୁଖାଇ, ବି. (ଦେଶଜ) ଯେଉଁ ଯନ୍ତ୍ରଦ୍ୱାରା ଆଖୁ ପେଡ଼ା ହେଲେ ଦୋରୁଅ ବାହାରେ ।

ଆଖୁଦୋର, ଆଖୁଦୋରୁଅ, ଆଖୁପଣା, ଆଖୁରସ, } ବି. (ଇକ୍ଷୁଦ୍ରବ ଶବ୍ଦଜ, ଇକ୍ଷୁପ୍ରପାନକ ଶବ୍ଦଜ) ଇକ୍ଷୁରସ ।

ଆଖୁବାଡ଼, ବି. (ଇକ୍ଷୁବାଟିକା ଶବ୍ଦଜ) ଯେଉଁ ଜମି ବା ବାଡ଼ରେ ଆଖୁ ପୋତା ହୋଇଥାଏ; ଆଖୁଯଷ୍ଟି ।

ଆଖୁବାଡ଼ିଆ, ବିଂ. (ଦେଶଜ) ଆଖୁବାଡ଼ରେ ଉତ୍ପନ୍ନ । ଯଥା—ଆଖୁବାଡ଼ିଆ ଖଡ଼ା । ଆଖୁବାଡ଼ର ଜଗୁଆଳ ।

ଆଖୁଭୁକ୍, ବି. (ଆଖୁ-ଭୁଜ୍-କ୍ୱିପ୍—ଯେ ମୂଷିକକୁ ଭୋଜନ କରେ) ବିରାଡ଼ି ।

ଆଖୁଶାଳ, ବି. (ଇକ୍ଷୁଶାଳା ଶବ୍ଦଜ) ଯେଉଁ ସ୍ଥାନରେ ଆଖୁ ପେଡ଼ା ହୁଏ ଏବଂ ଦୋରୁଅରୁ ଗୁଡ଼ ପ୍ରସ୍ତୁତ ହୁଏ ।

ଆଖୁରଥ, ଆଖୁଗ, } ବି. (ଆଖୁ = ମୂଷିକ-ରଥ = ଯାନ, ଆଖୁ-ଗମ୍-ଅ) ଗଣେଶ, ମୂଷିକ-ବାହନ ।

ଆଖେଟ, ଆଖେଟନ, } ବି. (ଆ-ଖିଟ୍ = ହାସକରିବା-ଅ-ଅନ) ମୃଗୟା, ପଶୁ ଓ ପକ୍ଷୀ ଶିକାର । (ଆଖେଟୋମୃଗୟାସ୍ତ୍ରିୟାଂ— ଅମର) ହାସ, ଭୀତ ।

ଆଖେଟକ, ବିଂ. (ଆ-ଖିଟ୍-ଅକ) ମୃଗୟାଶୀଳ, ଶିକାରୀ; ହାସଜନକ, ଭୟୋତ୍ପାଦକ । (ଆଖେଟ-କ—ସ୍ୱାର୍ଥେ) ବି. ମୃଗୟା ।

ଆଖ୍ୟା, ବି. ସ୍ତ୍ରୀ. (ଆ-ଖ୍ୟା = କହିବା-ଅ-ସ୍ତ୍ରୀ-ଆ) ନାମ, ସଂଜ୍ଞା; କଥନ । (ଆଖ୍ୟାହ୍ୱେ-ଅଭିଧାନଂ ଚ—ଅମର ।)

ଆଖ୍ୟାତ, ବିଂ. (ଆ-ଖ୍ୟା-ତ) କଥିତ; ନିର୍ଦ୍ଦିଷ୍ଟ; ପ୍ରସିଦ୍ଧ; ସୂଚିତ । ବି. ବ୍ୟାକରଣର ତିଙନ୍ତ ପ୍ରକରଣ ।

ଆଖ୍ୟାନ, ବି. (ଆ-ଖ୍ୟା-ଅନ) କଥନ, ନାମୋଲ୍ଲେଖ; ଇତିହାସ, କଳ୍ପିତ ବୃତ୍ତାନ୍ତ ।

ଆଖ୍ୟାପଣ, ବି. (ଆକ୍ଷେପଣ ଶବ୍ଦଜ) ଅପବାଦ ଦେବା, ଦୋଷାରୋପଣ କରିବା ।

ଆଖ୍ୟାୟକ, ବିଂ. (ଆ-ଖ୍ୟା-ଅକ, ଯ ଆଗମ) କଥକ, ପ୍ରଚାରକ, ପ୍ରକାଶକ ।

ଆଖ୍ୟାୟିକା, ବି. ସ୍ତ୍ରୀ. (ଆ-ଖ୍ୟା-ଅକ, ଯ-ଆଗମ, ଅକ ସ୍ଥାନେ ଇକ, ସ୍ତ୍ରୀ-ଆ) ଉପଲବ୍ଧାର୍ଥ କଥା; ଐତିହାସିକ ଉପନ୍ୟାସ । (ଆଖ୍ୟାୟିକୋପଲବ୍ଧାର୍ଥା— ଅମର)

ଆଗ, ବିଂ. (ଅଗ୍ର ଶବ୍ଦଜ) ପ୍ରଥମ । ଯଥା—
ପଛେ ଆସି ଆଗେ ଯଶିଲେ ସୁନ୍ଦର ସୁନ୍ଦରରମଣୀ । ଚ. ଭା.
ସମ୍ମୁଖବର୍ତ୍ତୀ, ପୁରୋବର୍ତ୍ତୀ, ଅଗ୍ରସର । ଯଥା—

ରୋହିଣୀସୁତ ଆଗ ହୋଇ,
ଗଛକୁ ଦେଲା ଦୋହଲାଇ । ଭା. ଦ. ସ୍କ.

ବି. ସମ୍ମୁଖ ବା ପୁରୋଭାଗ । ଯଥା—ତୁମେ ତା ଆଗରେ ଠିଆ ହୁଅ । ପୂର୍ବ ସମୟ । ଯଥା—ଆଗେ ଏପରି ଚଳୁଥିଲା, ବର୍ତ୍ତମାନ ତାହା ନାହିଁ ।

ଆଗଃ, ବି. (ଆଗସ୍—ଇ = ଗମନ କରିବା-ଅସ୍, ଇ = ଆଗ୍, ଯାହାଦ୍ୱାରା ଲୋକ ଅଧୋଗମନ କରେ) ଅପରାଧ, ଦୋଷ । (ଆଗୋଽପରାଧୋମନ୍ତୁଶ୍ଚ) କ୍ଷତି; ପାପ, ଅଧର୍ମ । ଯଥା—(ପାପାପରାଧୟୋ ଆଗଃ— ଅମର ।)

ଆଗକୁହା, ବି. (ଦେଶଜ) ଯେ ଅନାହୂତ ହୋଇ ବାକ୍ୟବ୍ୟୟ କରେ, ଯେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଆପଣାର ବକ୍ତବ୍ୟ ପ୍ରକାଶ କରେ ।

ଆଗଚଳା, ବିଂ. (ଅଗ୍ର=ଆଗ-ଚଳ=ଚଳ୍ ଧାତୁଜ) ସମସ୍ତଙ୍କୁ ଅତିକ୍ରମ କରି ଯେ ଚାଲେ । ବି· ଆଗେ ଆଗେ ଚାଲିବା ।

ଆଗତ, ବିଂ. (ଆ-ଗମ୍-ତ) ଉପସ୍ଥିତ; ପ୍ରାପ୍ତ । (ଭାବବାଚ୍ୟରେ ତ ପ୍ରତ୍ୟୟ ହେଲେ) ଆଗମନ; ଅବସ୍ଥାନ ।

ଆଗତନିର୍ଗତ, ବିଂ. (ଆଗତ-ନିର୍ଗତ ଶବ୍ଦଜ) ପୂର୍ବାପର । ଯଥା—

ମନ୍ତ୍ରୀ ତ କେଡ଼େ ବୁଦ୍ଧିମନ୍ତ,
ଜାଣେ କି ଆଗତନିର୍ଗତ । ମ. ମା.

ଆଗତୁ, କ୍ରି· ବିଂ. (ଅଗ୍ରତଃ-ଏହି ପଦରୁ ଉତ୍ପନ୍ନ) ପ୍ରଥମତଃ, ପୂର୍ବରୁ । ଯଥା—

ଆଗତୁ ତ ସୂର୍ଯ୍ୟ ଏ ଇଚ୍ଛା କରିଥିଲେ,
ବଶିଷ୍ଠ ମାଗନ୍ତେ ତା ସନମତ କଲେ । କୃ.ଭା.ଆ.ପ.

ଆଗତୁର, ବିଂ. (ଅଗ୍ର-ତୁର-ଏଥିରୁ ଉତ୍ପନ୍ନ କିମ୍ବା ଅଗ୍ରତର ଶବ୍ଦଜ) ଅଗ୍ରିମ, ନିର୍ଦ୍ଦିଷ୍ଟ ସମୟର ପୂର୍ବ ।

ଆଗନ୍ତୁକ, ଆଗନ୍ତୁ, ଆଗାନ୍ତୁ, } ବିଂ. (ଆ-ଗମ୍-ତ-କ-ସ୍ୱାର୍ଥେ) ହଠାତ୍ ଉପସ୍ଥିତ, ଆକସ୍ମିକ; ଆଗମନଶୀଳ; ଅନପୂତସ୍ଥାୟୀ । ବି· ଅତିଥି, ଅଭ୍ୟାଗତ; ଅଜ୍ଞାତକୁଳଶୀଳାଦି ନବାଗତ ବ୍ୟକ୍ତି; ଆକସ୍ମିକ ରୋଗାଦି; ଅଜ୍ଞାତସ୍ୱାମିକ ପଶୁଆଦି ।

ଆଗପତରିଆ, ବିଂ. (ଦେଶଜ) ସମସ୍ତଙ୍କ ଆଗେ ଯେ ପରସ୍ଥ ଭୋଜ୍ୟବସ୍ତୁ ସ୍ପର୍ଶ ଓ ଆହାର କରେ; ଜାତିପ୍ରଧାନ ।

ଆଗବୋଲା, ବିଂ. (ଦେଶଜ) ଯେ ଅଳ୍ପ ଜାଣି ସୁଦ୍ଧା ସମସ୍ତଙ୍କୁ ଅତିକ୍ରମ କରି ପ୍ରଥମେ କହେ । ବି· ସର୍ବାଗ୍ରେ କହିବା ।

ଆଗବୋଲା, ଆଗବୋଲଣ, } ବି· (ଦେଶଜ) ସର୍ବାଗ୍ରେ କହିବା ।

ଆଗଭରି, ବିଂ· (ଅଗ୍ରସର ଶବ୍ଦଜ) ଅଗ୍ରସର, ଅଗ୍ରଗାମୀ । ଯଥା—

କରାଳବଦନ ଭୁଲାଇ ନୟନ
ଗଜ ଆଗଭରି କଲା । ର. କ.

ଆଗଭରି, ଆଗବଢ଼ି, ଆଗବଳି, } କ୍ରି· ବିଂ. (ଦେଶଜ) ଆଗକରି । ଯଥା—

ଆଗଭରି ଆସି କହନ୍ତି ନାହିଁ ସେ କଥା—ଧନବନ୍ଧୁ ।
ଶୁଭଇ ବଜ୍ର ଘଡ଼ଘଡ଼,
ଶୁଣି ପଳାନ୍ତି ଆଗବଢ଼ି । ଭା. ଦ. ସ୍କ.
ମେଢ଼ ମଣ୍ଡପ ପୁରେ ଯେ ଜଗତି ଅଛାଲ,
ଏମାନ ସର୍କି ନିର୍ଭି କରିବ ଆଗବଳା । ସା.ଭା.ସ.ପ.

ଆଗମ, ବି· (ଆ-ଗମ୍-ଅ) ବେଦାଦି ଶାସ୍ତ୍ର । (ବହୁଧାପ୍ୟାଗମୈର୍ଭିନ୍ନାଃ ପନ୍ଥାନଃ ସିଦ୍ଧିହେତବଃ) ତନ୍ତ୍ରଶାସ୍ତ୍ର । (ଆଗତଂ ଶିବବକ୍ତ୍ରେଭ୍ୟୋ ଗତଂ ଚ ଗିରିଜାଶ୍ରୁତୌ । ମତଂ ଚ ବାସୁଦେବସ୍ୟ ତସ୍ମାଦାଗମମୁଚ୍ୟତେ ।) ଶାସ୍ତ୍ର ପରିଶ୍ରମ ବା ଅଭ୍ୟାସ; ଉପଦେଶପରମ୍ପରା; ଆଶ୍ରୟ; ବ୍ୟାକରଣମତେ ଅତିରିକ୍ତ ଉପଗତ ବର୍ଣ୍ଣ; ଲାଭ ବା ପ୍ରାପ୍ତି । (ଯେପରି ଅର୍ଥାଗମ) ଧାରା ବା ପ୍ରବାହ ।

ଆଗମନ, ବି· (ଆ-ଗମ୍-ଅନ) ଉପସ୍ଥିତି; ଆସିବା; ମୈଥୁନ; ସ୍ତ୍ରୀସଙ୍ଗମ । ଯଥା—
ପରଦାରାଗମନ ନିତାନ୍ତ ଗର୍ହିତ ।

ଆଗଲା, ଆଗୁଲା, } ବିଂ. (ଦେଶଜ) ଆଗରେ ଯେ ଯାଉଥାଏ, ଅଗ୍ରବର୍ତ୍ତୀ ।

ଆଗସର, ଆଗସାର, ଆଗୁଁସର, ଆଗୁଁସାର, ଆଗୁସାର, } ବିଂ. (ଅଗ୍ରସର ଶବ୍ଦଜ) ଅଗ୍ରସର, ଅଗ୍ରଗାମୀ । ଯଥା—

ଏକ ଗୋପୀ କଥା ଶୁଣି ଆରେକ,
ଆଗସର କହିଲା କଥା ଏକ * ଗୋ. ଭ.
ଦେଖିଣ ପଳାଇଲେ ବନଚର,
ଲକ୍ଷ୍ମଣ ଧନୁ ଧରି ଆଗୁଁସାର । ବି. ରା.

ଆଗସରିବା, କ୍ରି· ଅଗ୍ରସର ହେବା । ଯଥା—

ତାହା ଦେଖି କୋପେ ଆଗସର ମହାବଳ,
ନଳ କୁବେରଙ୍କ କେଶ ଧରିଲ ସତ୍ୱର । ସା.ଭା.ବ.

ଆଗହୁଁ, କ୍ରି. ବିଂ. (ଅଗ୍ରତଃ-ଏଥିରୁ ଜାତ ପ୍ରାକୃତ ପଦ) ପ୍ରଥମରୁ; ପୂର୍ବରୁ । ଯଥା—

ଗୃହାଣି ଭଙ୍ଗିରୁ ଥିଲେ ସେହୁ ଯେଣୁ
ଆଗହୁଁ ମର । ଉଷା ।

ଆଗାଡ଼, ବିଂ. (ଅଗ୍ରବର୍ତ୍ତୀ ଶବ୍ଦଜ) ଯେଉଁମାନେ ଅଗ୍ରବର୍ତ୍ତୀ ହୁଅନ୍ତି ।

ଆଗାମୀ, ବିଂ. (ଆ-ଗମ୍-ଇନ୍ = ଭବିଷ୍ୟ-ଦର୍ଥକ) ଯାହା ଆସିବ, ଯାହା ଘଟିବ, ଭବିଷ୍ୟତ; ଭାବୀ ।

ଆଗାମାରିବା, କ୍ରି. (ଦେଶଜ) ଠଉର ପୂର୍ବରୁ କହିବା ।

ଆଗାର, ବି. (ଅଗାର-ଅ) ଗୃହ ।

ଆଗିଆଣି, } ବିଂ. (ଅଗ୍ରଗାମୀରୁ ଉତ୍ପନ୍ନ)
ଆଗୁଆଣି, } ଅଗ୍ରସର, ଅଗ୍ରଗାମୀ । ଯଥା—

ଗଙ୍ଗୀର ବଂଶେଣ ଜନ୍ମ ଭୀଷ୍ମ ମହାରଥୀ,
ଆଗିଆଣି ଥାଟେ ଚଳେ ପ୍ରତିଜ୍ଞା ଅତି । ସା. ଭ. ଆ.

ଆଗୁଁ, ଅଂ. ପୂର୍ବରୁ । ଯଥା—

ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର,
ଲାଭ ଲାଗି ଆଗ ହୁଅ ହୁସିଆର । ଦରବାର ।

ଆଗୁଆ, ବିଂ. (ଦେଶଜ) ଅଗ୍ରବର୍ତ୍ତୀ, ଅଗ୍ରସର । ଯଥା—

ଲକ୍ଷ୍ମଣ ଅଙ୍ଗଦ କନ୍ଧେ ବିଜୟ,
ଆଗୁଆ ସୁଗ୍ରୀବ ବିଭୀଷଣ ଗୟ । ବି. ରା.

ଆଗୁବଳ, ବିଂ. (ଅଗ୍ରବର୍ତ୍ତୀ ଶବ୍ଦଜ) ଅଗ୍ରଗାମୀ, ଅଗ୍ରସର ।

ଆଗୁଳ, ବି. (ଅର୍ଗଳ ଶବ୍ଦଜ) ଜ୍ୱରବାରଣ ଔଷଧବିଶେଷ, ଯେଉଁ ଔଷଧ ଜ୍ୱରକୁ ଅଟକାଇଦିଏ; ଅଟକ ବା ନିରୋଧ ।

ଆଗୁଳା, ବି. (ଅର୍ଗଳ ଶବ୍ଦଜ) ହସ୍ତ ବା ପାଦର ଅଙ୍ଗୁଳିରେ ଯେଉଁ ସ୍ୱର୍ଣ୍ଣ ବା ରୌପ୍ୟର ଅଙ୍ଗୁରୀୟ ଧାରଣ କରାଯାଏ, ତାହାକୁ ଅଟକାଇବା ପାଇଁ ଲୌହର ଅଙ୍ଗୁରୀୟ ।

ଆଗୂ, ବି. ସ୍ତ୍ରୀ. (ଆ-ଗୃ = ମଳତ୍ୟାଗ କରିବା, ଅଙ୍ଗୀକାର କରିବା-କ୍ୱିପ୍ ଅଥବା ଆ-ଗମ୍-ଡ) ପ୍ରତିଜ୍ଞା, ଅଙ୍ଗୀକାର । (ସଂବିଦାଗୂଃ ପ୍ରତିଜ୍ଞାନଂ ନିୟମାଶ୍ରବସଂଶ୍ରବାଃ ।)

ଆଗେ, ଅଂ. (ଅଗ୍ରତଃ ଶବ୍ଦଜ) ପ୍ରଥମେ, ସମ୍ମୁଖରେ, ପୂର୍ବେ ।

ଆଗୋ, ଅଂ. ସ୍ତ୍ରୀ ସମ୍ବୋଧନ । ଯଥା—

କାହାକୁ ବୋଲନ୍ତି ହରଷରେ ଅଗୋ ଗୋପି । ର. କ.

ଆଗ୍ନେୟ, ବି. (ଅଗ୍ନି-ଏୟ-ତଦ୍ଦେବତାର୍ଥେ) ଅଗସ୍ତ୍ୟମୁନି; ପୂର୍ବଦକ୍ଷିଣ କୋଣ; ପୁରାଣ-ବିଶେଷ; ନଗରବିଶେଷ; ରକ୍ତ; ସ୍ୱର୍ଣ୍ଣ । ବିଂ. ଅଗ୍ନିସମ୍ବନ୍ଧୀୟ । (ସ୍ତ୍ରୀ-ଈ) ଅଗ୍ନିପତ୍ନୀ, ସ୍ୱାହା ।

ଆଗ୍ରହ, ବି. (ଆ-ଗ୍ରହ = ଗ୍ରହଣ କରିବା, ଯତ୍ନ କରିବା-ଅ) ଅତିଯତ୍ନ, କୌଣସି ବିଷୟରେ ଅତି ବ୍ୟଗ୍ରତା । ଯଥା—ସେ ଆଗ୍ରହପୂର୍ବକ ଏହି କାର୍ଯ୍ୟ କରୁଅଛନ୍ତି । ଆକ୍ରମଣ; ସାମର୍ଥ୍ୟ; ଅନୁଗ୍ରହ ବା ପ୍ରସାଦ; ସହାୟ; ଗ୍ରହଣ; ଅଭିନିବେଶ ବା ଆସକ୍ତି ।

ଆଗ୍ରହାୟଣ, ବି. (ଅଗ୍ରହାୟଣ-ଅ) ମାର୍ଗଶିର ମାସ ।

ଆଗ୍ରହାୟଣିକ, ବି. (ଅଗ୍ରହାୟଣ-ଇକ-ସ୍ୱାର୍ଥେ) ମାର୍ଗଶିରମାସ । (ମାର୍ଗଶୀର୍ଷେ ସହାମାର୍ଗ ଆଗ୍ରହାୟଣିକଶ୍ଚ ସଃ—ଅମର ।)

ଆଗ୍ରହାୟଣୀ, ବି. ସ୍ତ୍ରୀ. (ଆଗ୍ରହାୟଣ-ସ୍ତ୍ରୀ-ଈ) ମୃଗଶିରାନକ୍ଷତ୍ର । (ମୃଗଶୀର୍ଷଂ ମୃଗଶିରସ୍ତସ୍ମିନ୍ନେବାଗ୍ରହାୟଣୀ—ଅମର ।) ଅଗ୍ରହାୟଣ ମାସର ପୂର୍ଣ୍ଣିମା, ମାର୍ଗଶୀର୍ଷ ପୂର୍ଣ୍ଣିମା ।

ଆଘାତ, ବି. (ଆ-ହନ୍-ଅ, ହନ୍ = ଘାତ) ପ୍ରହାର; ବଧ; ଛେଦନ; ତାଡ଼ନ; (ଅଧିକରଣ ବାଚ୍ୟରେ ପ୍ରତ୍ୟୟ ହେଲେ) ଆଘାତ ବା ବଧର ସ୍ଥାନ ।

ଆଘାର, ବି. (ଆ-ଘୃ = ସେଚନ କରିବା-ଅ) ଘୃତ; ହୋମ; ପାକ ।

ଆଘ୍ରାଣ, ବି. (ଆ-ଘ୍ରା-ଅନ) ଗନ୍ଧଗ୍ରହଣ; ସନ୍ତୋଷ, ତୃପ୍ତି । ବିଂ. ତୃପ୍ତ; ସନ୍ତୁଷ୍ଟ ।

ଆଘ୍ରାୟୁକ, ବିଂ. (ଆ-ଘ୍ରା-ଅକ, ଯ ଆଗମ) ଆଘ୍ରାଣକର୍ତ୍ତା ।

ଆଘ୍ରେୟ, ବିଂ. (ଆ-ଘ୍ରା-ଯ) ଆଘ୍ରାଣଯୋଗ୍ୟ ।

ଆଙ୍କିବା, କ୍ରି. ଅଙ୍କନ କରିବା, ଚିହ୍ନଣ କରିବା; ସଂଲଗ୍ନ ହେବା । ଯଥା—

ଆସିବା ପଦ କେବେ ପାସୋର ଯାଉଛୁ କି,
ପାଷାଣର ଗିରି ପ୍ରାୟେ ରହେ ମନେ ଆଙ୍କି ।
ନୃ. ସୁ. ତୃ. ତ.

ଆଙ୍କୁଲ, ବି.(ଅଙ୍କୋଳ ଶବ୍ଦଜ) ଉଦ୍ଭିଦ ବିଶେଷ ।

ଆଙ୍କୁଡ଼ା, } ବି. ବକ୍ର ଓ ତୀକ୍ଷ୍ଣାଗ୍ର ଲମ୍ବ ଦଣ୍ଡ ।
ଆଙ୍କୁଡ଼ି, }

ଆଙ୍କୁଶ, } ବି. (ଅଙ୍କୁଶ ଶବ୍ଦଜ) ଅଙ୍କୁଶ ।
ଆଙ୍କୁଶା, } ଯଥା—

ହାତୀ ପରି ଜୀବ ଘୁର ମାହୁନ୍ତକୁ
ଠୁଳେ କି ଡରନ୍ତା ସେହୁ,
ମନ ମାନୁଅଛୁ ବୋଲି ସେ ରହୁଛୁ
ଆଙ୍କୁଶ ଶିକୁଳା ସହୁ ।
ଉ. ସା. ସ. ସ୍ତ୍ରୀ. ପ୍ର. ସ.

ଆଙ୍ଗ, ବି. (ଦେଶଜ) ଅହଙ୍କାର, ଗର୍ବ, ନିଜକୁ ବଡ଼ ମନେ କରିବା ।

ଆଙ୍ଗଠି, }
ଆଙ୍ଗୁଠି, } ବି. (ଅଙ୍ଗୁଷ୍ଠ ଶବ୍ଦଜ) ଅଙ୍ଗୁଳି ।
ଆଙ୍ଗୁଠି, } ଯଥା—

ରୁଚ୍ଛ ଆଙ୍ଗୁଠିରେ ଦାନ୍ତ ଘଷଇ,
ମାସକରେ ଥରେ ଗାଧୋଏ ନାହିଁ । ହା. ତ.

ଆଙ୍ଗିକ, ବିଂ. (ଅଙ୍ଗ-ଇକ) ଅଙ୍ଗସମ୍ବନ୍ଧୀୟ ।

ଆଙ୍ଗିଣିଆଁ, } ବିଂ. (ଦେଶଜ) ଆଘାତପ୍ରାପ୍ତି
ଆଇଁଗିଣିଆଁ, } ବା ଅନ୍ୟ କାରଣରୁ ପାକରେ ଅସମ୍ପୂର୍ଣ୍ଣଭାବେ ସିଦ୍ଧ । (ବାଇଗଣ ଫଳ ପ୍ରତି ପ୍ରୟୋଗ କରାଯାଏ ।)

ଆଙ୍ଗିରସ, ବି. (ଅଙ୍ଗିରସ୍ = ଋଷିବିଶେଷ-ଅ-ଅପତ୍ୟାର୍ଥେ) ବୃହସ୍ପତି, ଦେବଗୁରୁ ।

ଆଙ୍ଗୁଳି, ବି. (ଅଙ୍ଗୁଳି ଶବ୍ଦଜ) ଅଙ୍ଗୁଳିପ୍ରସ୍ଥ-ପରିମାଣ । ଯଥା—

ଦି ଆଙ୍ଗୁଳ ଅନ୍ତର ନ ରଖି ଶରରାଜି,
ଅର୍ଜୁନ ରହିଲେ ପକ୍ଷ ହୋଇ ମଜ୍ଜି । କୃ. ସ୍ତ୍ରୀ. ବି. ପ.

ଆଚମନ, ବି. (ଆ-ଚମ୍ = ଭୋଜନ କରିବା-ଅନ) ପୂଜାଦି କର୍ମ ପୂର୍ବେ ଜଳବିନ୍ଦୁ ପାନ-ଦ୍ୱାରା ଶରୀର ଶୋଧନ; ଭୋଜନାଦି ପରେ ମୁଖ ପ୍ରକ୍ଷାଳନ । ଯଥା—

କରାଇ ଆଚମନ ସୁଧୀରେ,
କଲେ ଶ୍ରୀମୁଖ ପୋଛୁ ବସନରେ । ର. କ.

ଆଚମନକ, ବି. (ଆଚମନ-କ = ଜଳ) ମୁଖ-ପ୍ରକ୍ଷାଳନର ଜଳ ଯହିଁରେ ଥାଏ, ମୁଖ-ପ୍ରକ୍ଷାଳନାର୍ଥ ଜଳପାତ୍ର; ନିଷ୍ଠୀବନପାତ୍ର, ପିକଦାନ ।

ଆଚମ୍ବିତ, ବି. ଆଶ୍ଚର୍ଯ୍ୟ । ବିଂ. (ଆଶ୍ଚର୍ଯ୍ୟାନ୍ୱିତ ଶବ୍ଦଜ) ଆଶ୍ଚର୍ଯ୍ୟଯୁକ୍ତ । ଯଥା—

ବ୍ରାହ୍ମଣ ସେ ଗୁଟିକାକୁ ମୁଖରେ ରଖନ୍ତେ,
ଦ୍ୱାଦଶ ବର୍ଷର କନ୍ୟା ହେଲ ଆଚମ୍ବିତେ । ବେ. ପ.

ଆଚରଣ, ବି.(ଆ-ଚର୍ = ଗମନ କରିବା-ଅନ) ଅନୁଷ୍ଠାନ । ଯଥା—ସତ୍‌କର୍ମାଚରଣ । ବ୍ୟବହାର, ରୀତି ।

ଆଚାନ୍ତ, ବିଂ. (ଆ-ଚମ୍-ତ-କର୍ତ୍ତୃବାଚ୍ୟରେ) କୃତାଚମନ, ଯେ ଆଚମନ କରିଅଛି ।

ଆଚାମ, ବି. (ଆ-ଚମ୍ = ଭୋଜନ କରିବା-ଅ) ଆଚମନ; ଭୋଜନ; ପାନ; ଭାତର ମଣ୍ଡ; ପେଜ । (ମାସରାଚାମନିସ୍ରାବା ମଣ୍ଡେ ଭକ୍ତ-ସମୁଦ୍ଭବେ—ଅମର ।)

ଆଚାର, ବି. (ଆ-ଚର୍ = ଗମନ କରିବା, ବ୍ୟବହାର କରିବା-ଅ) ସ୍ନାନ ଆଚମନାଦି ବ୍ୟବହାର; ରୀତି, ପଦ୍ଧତି, ନିୟମ; ଶିଷ୍ଟ ବ୍ୟବହାର; ଚରିତ୍ର ବା ଆଚରଣ । (ଦେଶଜ ହେଲେ) ଲବଣ, ତୈଳ ଓ ମସଲା ଯୋଗେ ବହୁଦିନସ୍ଥାୟୀ ଆମ୍ବ ପ୍ରଭୃତି ଫଳ । ଯଥା—

ଦ୍ରବ୍ୟ ଆଚାର ଦଧି ଛେନା,
ଚହଟି ପଡ଼ୁଛି ବାସନା । ଦା. ର.

ଆଚାର୍ଯ୍ୟ, ବି. (ଆ-ଚର୍ = ଶିକ୍ଷାଦେବା-ଯ) ବେଦାଧ୍ୟାପକ; ଶିକ୍ଷାଗୁରୁ; ପୁରୋହିତ ।

ଆଚାର୍ଯ୍ୟା, ବି. ସ୍ତ୍ରୀ. (ଆଚାର୍ଯ୍ୟ-ସ୍ତ୍ରୀ-ଆ) ବେଦ-ମନ୍ତ୍ରାଦି ଶିକ୍ଷାଦାତ୍ରୀ ।

ଆଗ୍ରୂର୍ଯ୍ୟାଣୀ, } ବି. ସ୍ତ୍ରୀ. (ଆଗ୍ରୂର୍ଯ୍ୟ-ଆନୀ, ପତ୍ନୀ
ଆଗ୍ରୂର୍ଯ୍ୟାଣୀ, } ଅର୍ଥରେ) ଆଗ୍ରୂର୍ଯ୍ୟପତ୍ନୀ, ଗୁରୁପତ୍ନୀ ।

ଆଚିତ, ବିଂ. ( ଆ-ଚି = ଏକତ୍ର କରିବା ଇତ୍ୟାଦି-ତ ) ସଞ୍ଚିତ, ରାଶୀକୃତ; ଆଚ୍ଛନ୍ନ; ଆକୀର୍ଣ୍ଣ; ବ୍ୟାପ୍ତ; ଗ୍ରଥିତ, ଗୁମ୍ଫିତ । ଯଥା— (ଅର୍ଦ୍ଧାଚିତା ସତ୍ୱରମୁତ୍ଥିତାୟାଃ—କୁ. ସଂ.) ବି. ଦଶଭାର ପରିମାଣ; ଶକଟୋନ୍ମେୟ ଅର୍ଥାତ୍ ଏକ ଶକଟର ବୋଝ (ଆଚିତୋ ଦଶଭାରାଃ ସ୍ୟୁଃ ଶାକଟୋ ଭାର ଆଚିତଃ— ଅମର ।)

ଆଚିଲ, ବି. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଆଲି ନାମକ ଦେଶୀକ ଖେଳରେ ବାଡ଼ିକୁଡ଼କୁ ଦ୍ୱିତୀୟଥର ବାଜିବା ଆଘାତ ।

ଆଚୈବନ, ବିଂ(ଆଚମନ ଶବ୍ଦଜ) ଆଞ୍ଚୋଇବା । ଯଥା—

ଭୋଜନ ସାରନ୍ତେ ଉଦେ ଅରୁଣ ଆକାଶେ,
ଆଚୈବନେ ବିଜେ କଲ ପବନର ଶିଷ୍ୟେ । ଯା.ଭ.ସ.

ଆଚ୍ଛା, } ଅ°. (ଦେଶଜ) ସ୍ୱୀକାର । ଯଥା—
ଆଚ୍ଛା, } ଆଚ୍ଛା ସେପରି ଦିଆଯିବ । ତର୍ଜନ । ଯଥା—

ଘୁମାଉ ଅଛୁ ତୁ ଦିନ ବେଳରେ,
ଆଚ୍ଛା ତୋ ଖସୁର କରିବା ପରେ । ହା. ତ.

ବିଂ. ( ଅଚ୍ଛ ଶବ୍ଦଜ ) ଉତ୍ତମ; ସୁନ୍ଦର; ଧନ୍ୟ । ଯଥା —

ବିରାଟ ତାହା ଦେଖି ବୋଲି ଆଚ୍ଛା ଆଚ୍ଛା,
ରତ୍ନବସ୍ତ୍ର ଦେଲେ କରିଣ ଅବାଞ୍ଛା । କୃ.ଭା.ବି.ପ.

ଆଚ୍ଛୁ,
ଆଚ୍ଛୁଆ, } ବି. (ଆଚ୍ଛୁକ ଶବ୍ଦଜ) ବୃକ୍ଷବିଶେଷ ।
ଆଚୁ,

ଆଚ୍ଛୁଆ, ବି. (ଦେଶଜ) ଏକପ୍ରକାର କପା ।

ଆଚ୍ଛନ୍ନ, ବିଂ.(ଆ-ଛଦ୍ = ଆବରଣ କରିବା-ତ, ତ = ନ) ଆବୃତ; ଅଭିଭୂତ ।

ଆଚ୍ଛାଦ, } ବି.(ଆ-ଛଦ୍-ଅ, ଅନ)ଆବରଣ,
ଆଚ୍ଛାଦନ, } ଢାଙ୍କୁଣି; ବସ୍ତ୍ର । ଯଥା— ଗ୍ରାସାଚ୍ଛାଦନ । (ବସ୍ତ୍ରମାଚ୍ଛାଦନଂ ବାସଃ— ଅମର ।) ଆଚ୍ଛାଦନବସ୍ତ୍ର, ଆସ୍ତରଣବସ୍ତ୍ର ।

ଆଚ୍ଛୁରିତ, } ବି. ( ଆ-ଛୁର୍ = ଛେଦନ
ଆଚ୍ଛୁରିତକ, } କରିବା, ଶବ୍ଦ କରିବା-ତ-କ —ସ୍ୱାର୍ଥେ) ସୋତ୍ପ୍ରାସହାସ ଅର୍ଥାତ୍ ପରର ଅମର୍ଷଜନକ ହାସ, ସଶବ୍ଦ ବା ଉଚ୍ଚସ୍ୱର ହାସ । (ସ୍ୟାଦାଚ୍ଛୁରିତକଂ ହାସଃ ସୋତ୍ପ୍ରାସଃ—ଅମର ।) ନଖରେ ନଖରେ ଆଘାତ, ନଖରେ ନଖରେ ବାଦ୍ୟ । ବିଂ. ଲିପ୍ତ; ମିଶ୍ରିତ ।

ଆଚ୍ଛୋଦନ, ବି. (ଆ-ଚୁଦ୍ = ପ୍ରେରଣ କରିବା, ଭୋଜନ କରିବା-ଅନ, ଚ = ଛ) ମୃଗୟା, ପଶୁପକ୍ଷ୍ୟାଦି ଶିକାର । (ଆଚ୍ଛୋଦନଂ ମୃଗବ୍ୟଂ ସ୍ୟାଦାଖେଟୋ ମୃଗୟା ସ୍ତ୍ରିୟାଂ— ଅମର ।)

ଆଜ, } କ୍ରି. ବିଂ. (ଅଦ୍ୟ ଶବ୍ଦଜ) ଅଦ୍ୟ ।
ଆଜି, } ଯଥା—

ଫୁଲ ଚୁମ୍ବଇ ଭ୍ରମର ବୋଲି ଆଜଯାଏ ତ
ଶ୍ରବଣ ନ ଥିଲି । ପ୍ରେ. ସୁ. ନି.

ଆଜ, ବି. (ଅଜ୍ = ଗମନ କରିବା-ଅ) ଗମନ । ବିଂ. (ଅଜ-ଅ-ସମ୍ବନ୍ଧାର୍ଥେ, ଅପତ୍ୟାର୍ଥେ) ଛାଗସମ୍ବନ୍ଧୀୟ; ଅଜଙ୍କ ପୁତ୍ର, ଦଶରଥ ।

ଆଜକ, ବି. (ଅଜ-କ—ସମୂହାର୍ଥେ) ଅଜ-ସମୂହ, ଛାଗପଲ । (ଉଷ୍ଟ୍ରୋରଭ୍ରାଜବୃନ୍ଦେ ସ୍ୟାଦୌଷ୍ଟ୍ରକୌରଭ୍ରକାଜକଂ—ଅମର ।)

ଆଜକ, } କ୍ରି. ବିଂ. (ଦେଶଜ) ଆଜି ଦିନକ,
ଆଜିକ, } ଏହି ଦିନକ । ଯଥା—ଆପଣ ଆଜକ ଏଠାରେ ରହିବେ ।

ଆଜଗବ, ବି. (ଅଜଗବ-ଅ) ଶିବଧନୁ ।

ଆଜନନ, } କ୍ରି. ବିଂ. (ଆ-ଜନନ, ଆ-ଜନ୍ମ)
ଆଜନ୍ମ, } ପୁନର୍ଜନ୍ମ ପର୍ଯ୍ୟନ୍ତ, ଯାବଜ୍ଜୀବନ । (ତେଷାମାଜନନଂ ପୁଣ୍ୟଂ କସ୍ୟ ନ ପ୍ରୀତିମାବହେତ୍ ।) ଜନ୍ମାବଧି, ଜନ୍ମ-ସମୟଠାରୁ । ଯଥା—(ସୋଽହମାଜନ୍ମ-ଶୁଦ୍ଧାନାଂ—ର. ବ.)

ଆଜନ୍ହୁଁ, } କ୍ରି. ବିଂ. (ଅଦ୍ୟ ଶବ୍ଦଜ) ଆଜିଠାରୁ,
ଆଝୁଁ, } ଅଦ୍ୟ ଦିବସରୁ । ଯଥା—

ଆଜହୁଁ ଲଙ୍କା ଗଲି, ରାବଣକୁ କହିଲି । ବି. ରା.
ଆଝୁଁ ତୁମ୍ଭର ଏହି ରାଜା,
କର ଏହାଙ୍କ ପାଦେ ପୂଜା । ଦା. ର.

**ଆଜାନେୟ**, ବି. (ଆଜ = ଗମନ-ଆନେୟ = ଆନୀତ—ବହୁ ବାଧା ମଧ୍ୟରେ ଗମନ କଲେ ସୁଦ୍ଧା ଯେ ଆନୀତ ହୁଏ) କୁଳୀନ ଅଶ୍ୱ, ଉତ୍ତମ ଘୋଟକ ; (ଆଜାନେୟାଃ କୁଳୀନାଃ ସ୍ୟୁଃ—ଅମର ।)

**ଆଜି**, ବି· (ଆ-ଅଜ୍ = ଗମନ କରିବା-ଇ) ଯୁଦ୍ଧ, ସଂଗ୍ରାମ; ସମାନଭୂମି; ଯୁଦ୍ଧଭୂମି । (ସମେଷ୍ଟାଂଶେ ରଣେଽପ୍ୟାଜିଃ—ଅମର ।) ଗମନ; ଆକ୍ଷେପ; ନିନ୍ଦା; ମର୍ଯ୍ୟାଦା । (ଅଜ-ଇ—ଅପତ୍ୟାର୍ଥେ) ଅଜପୁତ୍ର, ଦଶରଥ । ( ଦେଶଜ ବା ଅଦ୍ୟ ଶବ୍ଦଜ ) ଅଦ୍ୟ, ଏହିଦିନ ।

**ଆଜିକାଲି**, କ୍ରି· ବିଂ. ( ଅଦ୍ୟ-କଲ୍ୟ-ଏଥିରୁ ଉତ୍ପନ୍ନ ) ସମ୍ପ୍ରତି, ଅଧୁନା, ବର୍ତ୍ତମାନ ସମୟରେ ।

**ଆଜୀବ**, ବି· (ଆ-ଜୀବ୍ = ପ୍ରାଣ ଧାରଣ କରିବା-ଅ) ଯାହାଦ୍ୱାରା ପ୍ରାଣ ଧାରଣ କରାଯାଏ, ଜୀବିକା, ଜୀବନୋପାୟ । (ଆଜୀବୋ ଜୀବିକା ବାର୍ତ୍ତା ବୃତ୍ତିର୍ବର୍ତ୍ତନଜୀବନେ ।)

**ଆଜୀବ୍ୟ**, ବିଂ. (ଆ-ଜୀବ୍-ଯ, ଯାହାକୁ ଆଶ୍ରୟ କରି· ଜୀବନ ଧାରଣ କରାଯାଏ) ସହାୟ । (ଆଜୀବ୍ୟଃ ସର୍ବଭୂତାନାଂ ।)

**ଆଜୁ**, ବି· ସ୍ତ୍ରୀ· (ଆ-ଜୁ = ବେଗେ ଚଳିବା-କ୍ୱିପ୍) ନିର୍ମୂଲ୍ୟ କର୍ମକରଣ, ବେତନ ବ୍ୟତିରେକେ କର୍ମ କରିବା । ବିଂ. ଅବୈତନିକ ଭୃତ୍ୟ । (ନଠାଦଭୃତକାଃ କ୍ଳେଶୋ ବିଷ୍ଟିରାଜୂସ୍ତୁ କାର୍ଯ୍ୟତେ ।)

**ଆଜ୍ଞପ୍ତି**, ବି· ସ୍ତ୍ରୀ. (ଆ-ଜ୍ଞପ୍ = ଜଣାଇବା-ତି) ଆଦେଶ, ଆଜ୍ଞା ।

**ଆଜ୍ଞା**, ବି. ସ୍ତ୍ରୀ· (ଆ-ଜ୍ଞା = ଜାଣିବା, ଆଦେଶ କରିବା-ଅ-ଆ) ଆଦେଶ, . ନିଯୋଗ, ଅନୁମତି ।

**ଆଜ୍ଞାବକ**, ବି· ଯେଉଁ ଲୋକ ପ୍ରଭୁଙ୍କର ଆଜ୍ଞାକୁ ବକବତ୍ ଅନାଇ ବସିଥାଏ, ଅଥଚ ତଦନୁରୂପ କାର୍ଯ୍ୟ କରି ପାରେ ନାହିଁ ।

**ଆଜ୍ୟ**, ବି· (ଆ-ଅନ୍ଜ = ମ୍ରକ୍ଷିତ କରିବା-ଯ, ନ ଲୋପ) ଘୃତ, ହୋମାଦିସାଧନ ଦ୍ରବ୍ୟ । (ଘୃତମାଜ୍ୟଂ ହବିଃ ସର୍ପିଃ ।) ଯାଗକ୍ରିୟା-ସାଧନ ତୈଳ ଦୁଗ୍ଧାଦି ମଧ୍ୟ ଆଜ୍ୟ ନାମରେ ଅଭିହିତ । ଯଥା—(ଘୃତଂ ବା ଯଦି ବା ତୈଳଂ ପୟୋ ବା ଦଧିଯାବକଂ । ଆଜ୍ୟସ୍ଥାନେ ନିଯୁକ୍ତାନାଂ ଆଜ୍ୟଶବ୍ଦୋ ବିଧୀୟତେ ।)

**ଆଝି**, ଅଂ. (ଅଦ୍ୟ ଶବ୍ଦଜ, ପ୍ରାକୃତ ଅଜ୍ଝି ପଦରୁ ଉତ୍ପନ୍ନ) ଅଦ୍ୟ ଦିବସ ।

**ଆଝିଁରୁ**, ବି. ( ଆଝି ଦେଖ ) ଅଦ୍ୟାବଧି, ଆଜଠାରୁ । ଯଥା—

ମୋହର ବଚନ ଶୁଭ ଅନୁକୂଳ ଯେଣୁ,
ଆଝିଁରୁ ହସ୍ତିନାରେ ତୁମ୍ଭେ ହେଲ ନୃପମଣି । ସା.ଭା.ବ.

**ଆଞ୍ଚ**, ବି· (ଦେଶଜ) ଉତ୍ତାପ, ଝାସ; ଦୋଷ । ଯଥା—

ଖଣ୍ଡଣୀଖାନାରେ ଆଞ୍ଚ ଲାଗିବ ନାହିଁ ।
ଉ. ସା. ୧୧ ଭା. ୪ ସ. ୧୧୫ ପୃ. ।

**ଆଞ୍ଚପାଞ୍ଚ**, ବି· ( ଦେଶଜ ) ବାଣସନ୍ଧାନ । ଯଥା—

ପୁଣି ଖାସ୍ତ ଧନୁକୁ କରି ଆଞ୍ଚପାଞ୍ଚ । କୃ. ଭା. ଖା. ପ.

**ଆଞ୍ଛ**, **ଆଞ୍ଛଆ**, } ବି. (ଦେଶଜ—ଗଞ୍ଜାମୀ) ଘୋଡ଼ା, ଗାଡ଼ି ପ୍ରଭୃତିର ଡ଼ାକ ।

**ଆଞ୍ଛିବା**, କ୍ରି· (ଦେଶଜ) ଆକର୍ଷଣ କରିବା । ଯଥା—

ଈଶାନପରି ଆକର୍ଣ୍ଣିତ କରିଣ ଧନୁକୁ ଆଞ୍ଛିଛୁ । ବି.ଚି.ମ.

ଅନୁମାନ କରିବା । ଯଥା—

କେ କାହା କୁଚେ କର ଦେଇ ଆଞ୍ଛିଲା,
କାହୁଁ ଏହା ପରି ହୋଇବ ଏ ତୋରି
ବୋଲି ମନ୍ଦହାସ ମୁଞ୍ଚିଲା । ର. କ.

କଳନା କରିବା । ଯଥା—

ବେନିଜନେ ବେନି ବଳ ଆଞ୍ଛିଲେ,
ଶକ୍ର କୋଦଣ୍ଡ ପ୍ରାୟ ବେନି କୋଦଣ୍ଡ
ବହୁ ଶର ତହୁଁ ମୁଞ୍ଚିଲେ । ବି. ରା.

ଇଚ୍ଛା କରିବା । ଅସ୍ତ୍ର ସନ୍ଧାନ କରିବା । ଯଥା—

ନକୁଳ ସହଦେବ ଫରି ଖଣ୍ଡା ଆଞ୍ଛି,
ଯାଉଛନ୍ତି ବାଟରେ ହୃଦୟରେ ପାଞ୍ଚି । କୃ. ଭା. ସ. ପ.

**ଆଞ୍ଚଳ**, ବି· (ଦେଶଜ) ଦାଗ ବା ବ୍ରଣ ।

**ଆଞ୍ଚୁଆ**, ବି· (ଆଚମନ ଶବ୍ଦଜ) ଭୋଜନ ପରେ ତୁଣ୍ଡ ଧୋଇବା ।

**ଆଞ୍ଚୁଆଇବା**, **ଆଞ୍ଚୋଇବା**, } କ୍ରି. (ଆଚମନ ଶବ୍ଦଜ) ଭୋଜନ ଉତ୍ତାରେ ତୁଣ୍ଡ ଧୋଇବା ।

**ଆଞ୍ଜନେୟ**, ବି.(ଅଞ୍ଜନା = ଗୌତମପୁତ୍ରୀ-ଏୟ-ଅପତ୍ୟାର୍ଥେ) ଅଞ୍ଜନାପୁତ୍ର ହନୂମାନ୍ ।

**ଆଞ୍ଜୁଳା**, **ଆଞ୍ଜୁଳି**, **ଆଞ୍ଜୋଳ**, **ଆଞ୍ଜୋଳି**, } ବି. (ଅଞ୍ଜଳି ଶବ୍ଦଜ) ଦୁଇ ହାତ ମିଶାଇ ବିସ୍ତୃତ କରିବା । ଯଥା—

ଧାନ ଆଞ୍ଜୁଳି ପେଟେ ଦେଇ,
ବେଗେ ଧାଇଁଲେ ଭାବଗ୍ରାହୀ । ଭା. ଦ· ସ୍କ..
କର ଆଞ୍ଜୋଳ ପ୍ରସାରିଲି,
ଦିନେ ଯେ ମୋର ଘରେ ଗଲି । ଭା. ଦ· ସ୍କ.

**ଆଟଙ୍କ**, ବି· (ଦେଶଜ) ଅଟକ, ନିରୋଧ ।

**ଆଟଙ୍ଗ**, ବି· (ଦେଶଜ—ଗଞ୍ଜାମୀ) ଅଟକ ।

**ଆଟଣା**, ବି· (ଦେଶଜ) ମଧ୍ୟାବୟବ ହାଣ୍ଡି, ବଡ଼ ଆଟିକା ।

**ଆଟବିକ**, ବିଂ.(ଅଟବୀ = ବନ-ଇକ-ଭବାର୍ଥେ) ଆରଣ୍ୟକ, ଅରଣ୍ୟସମ୍ବନ୍ଧୀୟ । ବି· ବନ୍ୟଜାତି; ଆରଣ୍ୟକ ସେନା । ଯଥା— (ପରଦେଶ ପ୍ରବେଶେ ଚ କୁର୍ଯ୍ୟାଦାଟବିକାନ୍ ପୁରଃ ।)

**ଆଟି**, **ଆଟୀ**, } ବି· (ଆ-ଅଟ୍ = ଗମନ କରିବା-ଇ, ଇନ୍) ଶରାଳି ପକ୍ଷୀ । (ଶରାରିରାଟିରାଡ଼ିଶ୍ଚ ।) (ଦେଶଜ ହେଲେ) ବୋଝ, ବିଡ଼ା, ଗୋଛା ।

**ଆଟିକା**, ବି. (ଦେଶଜ) ଛୋଟ ମାଟି ହାଣ୍ଡି । ଯଥା—

ଅତ୍ୟନ୍ତ ଟିକି ଟିକି କରି,
ଚଉରି ଆଟିକାରେ ଭରି । ଦା. ର.

**ଆଟିକାପୁଡ଼**, **ଆଟିକାପୋଡ଼**, } ବି· (ଦେଶଜ) ପୁରୁଣି ଶାକ ।

**ଆଟିକାକରିବା**, କ୍ରି· (ଦେଶଜ) ଯାତ୍ରିମାନେ ଶ୍ରୀଜଗନ୍ନାଥ ଦର୍ଶନକୁ ଆସି ଅନ୍ନ ମହାପ୍ରସାଦ କରି ବ୍ରାହ୍ମଣଭୋଜନ କରିବା ନିମନ୍ତେ ଯାହା ଉତ୍ସର୍ଗ କରନ୍ତି, ତାହାକୁ "ଆଟିକା କରିବା" ବୋଲାଯାଏ ।

**ଆଟୁ**, **ମାଟୁ**, **ଆଣ୍ଟୁ**, **ମାଣ୍ଟୁ**, } ବି. (ଅଟ୍ଟ ଶବ୍ଦରୁ ଉତ୍ପନ୍ନ) ଘର ଭିତରେ କରିବା ଭାଡ଼ । ଯଥା—

ସମ୍ପତ୍ତିକୁ ଠୁଳ କରି ରଖି ଆଟୁ ଘରେ । ମ. ଯା.

**ଆଟୁଳା**, ବି. (ଦେଶଜ) କମାରର ଶସ୍ତ୍ରବିଶେଷ, ଏଥିରେ କୁରାଢ଼ି ମୁଣ୍ଡ, କୋଡ଼ି ମୁଣ୍ଡର ଛିଦ୍ରକୁ ପୂରାଇ ମାଟି ଚିକ୍କଣ କରନ୍ତି ।

**ଆଟୁଶାଳ**, ବି. (ସଂସ୍କୃତ ଓ ତଦ୍ଭବ ଶବ୍ଦର ମିଶ୍ରଣ) ଆଟୁଥିବା ଘର । (ପଟାଭାଡ଼ ଶବ୍ଦ ଦେଖ ।)

**ଆଟୋପ**, ବି.(ଆ-ଟୁପ୍ = ଅହଙ୍କାର କରିବା-ଅ) ଗର୍ବ, ଅହଙ୍କାର; ସମ୍ଭ୍ରମ; ସଂରମ୍ଭ । ଯଥା—

ଅସାର ଆଟୋପ ହୋଇଅଛୁ ସାର,
ଭଣ୍ଡତାର ବଢ଼ି ଯାଉଛୁ ପ୍ରସାର । ଦରବାର ।

ବାତବିକାରରୁ ଜାତ ଉଦରର ଧ୍ୱନି, ପେଟର ଗୁଡ଼ୁଗୁଡ଼ୁ ଶବ୍ଦ ।

**ଆଠ**, ବିଂ. (ଅଷ୍ଟନ୍ ଶବ୍ଦଜ) ୮ ସଂଖ୍ୟା । ଯଥା—

କଷ୍ଟି ପାଷାଣେ ଆଠବାନି ସୁନା-
ଗାର ପରି ହୋଇ ଯେହ୍ନ,
ପଙ୍କଜପଲ୍ଲବ ଶେଯେ ଶୋଇଥିବ
ମୋହର ବଲ୍ଲଭ ସେହ୍ନ । ଲା.ବ.

**ଆଠଆଖି**, **ଅଷ୍ଟଆଖି**, } ବି. (ଅଷ୍ଟ ଓ ଅକ୍ଷି ଶବ୍ଦଜ) ବ୍ରହ୍ମା । ଯଥା—

ଅଙ୍କୁଳି ତୁଳିକେ ସ୍ୱହସ୍ତେ ଲେଖି,
ସମେ ଥୋଇଅଛୁ ତା ଅଷ୍ଟଆଖି । କୋ. ବ୍ର. ସୁ·

**ଆଠକାଳବାରମାସି**, କ୍ରି. ବିଂ. (ଦେଶଜ) ସବୁଦିନେ ବା ବରଷଯାକ ।

**ଆଠଡେମା**, ବି. (ଦେଶଜ) ଏକ ପ୍ରକାର ଦୈଶିକ ଖେଳ । (ଡେମା ଶବ୍ଦ ଦେଖ ।)

**ଆଠଣି**, **ଆଠଅଣି**, } ବି.(ଦେଶଜ) ଅଧୁଲି; ଅର୍ଦ୍ଧ ଟଙ୍କା ।

**ଆଠପାଞ୍ଚ**, ବି. (ଦେଶଜ) ଏକପ୍ରକାର ଦୈଶିକ ଖେଳ ।

**ଆଠମଙ୍ଗଳା,** } ବି. ( ଅଷ୍ଟନ୍-ମଙ୍ଗଳ ଶବ୍ଦଜ )
**ଅଷ୍ଟମଙ୍ଗଳା,** } ବିବାହର ଅଷ୍ଟମ ଦିବସ ଓ ସେ ଦିବସର କୃତ୍ୟ । ଯଥା—

ଅଷ୍ଟ ଦିବସରେ ଆଠମଙ୍ଗଳା ସାରି,
କନ୍ୟା ଘେନି ସୁରଥ ବିଜେ ନିଜ ପୁରୀ । ସା.ଭା.ଆ.

**ଆଠା**, ବି. (ଅଷ୍ଟନ୍ ଶବ୍ଦଜାତ; ଦେଶଜରୂପେ ବ୍ୟବହୃତ) ଗଞ୍ଜିଫା ସାରରେ ଆଠଟିପ ଥିବା ସାର ।

**ଆଠିକେନଟ**, ବି. ( ଦେଶଜ—ଗଞ୍ଜାମୀ ) ଗାତରେ ପକାଇ ପକାଇ ଖେଳୁଥିବା ବାଟିଖେଳର ଅଷ୍ଟମ ଆଘାତ ।

**ଆଡ଼**, ବି. (ଦେଶଜ) ଦିଗ । ଯଥା—

ଗୃହଆଡ଼େ ଗୃହିଁ ନାକ ଫୁଲାଇ,
ଦେଖେ କେହି କେଉଁଆଡ଼ରେ ନାହିଁ । ହା. ଭ.

ଆଡ଼ୁଖା । ଯଥା—

ରାଜମୁଖ ଦେଖି ଲଜେ ଚନ୍ଦ୍ରମୁଖୀ,
ଆଡ଼ କଲା ଚନ୍ଦ୍ରମୁଖ । ଉର୍ବଶୀ ।

ଖେଳରେ ବାନ୍ଧିବା ହୁଡ଼ା । ଯଥା—

ମୁର ବୋଇଲା ଭାଇ ! ଏଥର କଲି ଆଡ଼,
ଏ ମୋର ଦ୍ରବ୍ୟକୁ ତୋ ସୁଧର୍ମା ସଭା ଆଡ଼ ।
ନୃ. ପୁ. ଦ୍ୱି. ସା.

ପାର୍ଶ୍ୱ । ଯଥା—

ଯୁଦ୍ଧକ୍ଷେତ୍ରର ପୂର୍ବଆଡ଼େ କୌରବୀୟ ଓ ପଶ୍ଚିମଆଡ଼େ ପାଣ୍ଡବୀୟ ବାହିନୀ ଅବସ୍ଥାନ କଲା ।

ପକ୍ଷ । ଯଥା—

ଜ୍ଞାନରାଜ୍ୟରେ ଗମ୍ଭୀରତା ଓ ବ୍ୟାପକତା ପରସ୍ପର ବିରୋଧୀ, ଉଭୟ ଆଡ଼ ରକ୍ଷା କରି ସାଧାରଣ ବୁଦ୍ଧିକୁ ଚମତ୍କୃତ କରିବା ପ୍ରତିଭା ସୁବର୍ଣ୍ଣର ନିକଷ ତୁଲ୍ୟ । ଉ. ସା. ଭୂ. ଗ୍ର. ଅ. ଫ.

ଓସାର । ଯଥା—ତାହାର ଆଡ଼ ଦୈର୍ଘ୍ୟ କେତେ ? ବିଂ. (ଅର୍ଗଳ ଶବ୍ଦଜ) ବିଳ । ଯଥା—

କରି ଉଭାର ଦେଇଣ ଆଡ଼ଚରା ମାରି,
ବୃକ୍ଷର ଶିଖେ ବସିଲା ବିଷ୍ଣୁଙ୍କୁ ସ୍ମରି । ନୃ.ପୁ.ପ୍ର.ସା.

ଅନ୍ତର, ବ୍ୟବହିତ । ଯଥା—

କୋମଳରେ କହିଲେ ହେ ଯନ୍ତା;
କୁବଳୟ ବଡ଼ ବଳବନ୍ତା ॥
କଲେ ଆଡ଼ ଥରେ ପଶନ୍ତୁ ଭିତରେ
ତୋ ଉପକାର ଘଣନ୍ତା । ର. କ.

କୁଞ୍ଚିତ । ଯଥା—

ଲଙ୍କାବଣେ ମଥା ପୋଡ଼ି ଅର୍ମିକା ଚହିଲେ,
ଆଡ଼ନୟନରେ ଥରେ ଈଶାନେ ଗୃହିଲେ । ମ. ଦ.

**ଆଡ଼କେ**, ବି. (ଦେଶଜ) ଏକ ପାର୍ଶ୍ୱରେ । ଯଥା—

ଏକନ୍ତ ହୋଇଣ ଯେବେ ଲଗିଥିବ ତୃଣ,
ଆଡ଼କେ ଚଣ୍ଡାଳ ଥିବ ଆଡ଼କେ ବ୍ରାହ୍ମଣ । ନା.ର.ଗୀ.

**ଆଡ଼ଖୁରି**, ବି. (ଦେଶଜ) ଝିଅକୁ ଶାଶୁଘରକୁ ପଠାଇବା ସମୟରେ ଦେବା ଉପକରଣ । ଯଥା—

ଝିଅ ଯାଉଛି ଶାଶୁଘର, ବୁଢ଼ୀ ଦେଖନ୍ତି ଆଡ଼ଖୁରି ।

**ଆଡ଼ଘିଅ**, ବି. (ଅସ୍ଥି-ଘୃତ ଏଥିରୁ ଉତ୍ପନ୍ନ ?) ଅସ୍ଥି ପ୍ରାପ୍ତ ଘୃତ; ଘୃତପକ୍ୱ ପିଷ୍ଟକାଦି ପାକ ଶେଷରେ ପାକପାତ୍ରରେ ଯେଉଁ ଘୃତ ଅବଶିଷ୍ଟ ରହେ ।

**ଆଡ଼ଣ**, ବି. (ଦେଶଜ) ଆଡ଼ିବା; ଯହିଁରେ ଆଡ଼ିବାକୁ ହୁଏ ଅର୍ଥାତ୍ ଢ଼ାଲ ଆଦି । ଯଥା—

ମିଳଇ ଫଳା ଆଡ଼ଣ ଅଙ୍ଗେ ନାହିଁ ସେହ୍ନା,
ଅସ୍ତ୍ର ବନ୍ଧନେ ତା ଅଙ୍ଗେ ଯଡ଼ ହେଲା ଚୂନା ।
ସା. ଭା. ବି. ପ.

**ଆଡ଼ଣି,** }
**ଆଡ଼ଣୀ,** } ବି. ( ଦେଶଜ ) ଢ଼ାଲ ପ୍ରଭୃତି
**ଆଡ଼େଣି,** } ଅର୍ଥାତ୍ ଯହିଁରେ ଆଡ଼ିବାକୁ ହୁଏ ।
**ଆଡ଼େଣି,** } ଯଥା—

ଆଡ଼ଣି ଜାଣି ଯୋଡ଼ିଲ,
ହୃଦେ ଆଣି ଭେଦ ନୋହିବା ଉଦ୍ଦେଶେ । କୋ.ବ୍ର.ସୁ.
ମଞ୍ଜିଶ ଆଡ଼େଣୀ ଧରି ପଦାତି ସାଧନ । ସୁ. ପ.

ରାଜା ଓ ଦେବତାଙ୍କ ନିକଟରେ ପାର୍ଶ୍ୱାବରଣ କରିବା ନିମନ୍ତେ ଯେଉଁ ବର୍ତ୍ତୁଳାକାର ଛତ୍ର ବ୍ୟବହୃତ ହୁଏ; ବିହୁ-ଆୟୋଜନ ସମ୍ଭାର ।

**ଆଡ଼ତଦାର**, ବି. (ଦେଶଜ) କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ କୌଣସି ନିର୍ଦ୍ଦିଷ୍ଟ ବସ୍ତୁ କ୍ରୟ ବିକ୍ରୟ ହେବା ନିମନ୍ତେ ଯେ ବ୍ୟକ୍ତି ରାଜାଦେଶ ଲାଭ କରିଥାଏ ।

ଆଡ଼ତି, } ବି. (ଦେଶଜ) ଗୃହକାର୍ଯ୍ୟ ।
ଆଡ଼ତିପତର, } ଯଥା—

ଘରର ଆଡ଼ତିପତର, ନିତି କରଇ ତରତର ।

ଆଡ଼ତିଆ, ବି. (ଦେଶଜ) ଡ଼ଗର, ଚର । ଯଥା—

କଂସର ଆଡ଼ତିଆ ଥିଲା,
ନନ୍ଦକୁ କ୍ଷଣେ ନ ଛାଡ଼ିଲା । ଖି. ଦ. ସ୍କ.

ଆଡ଼ଧାରଣା, ବି. (ଦେଶଜ) କୌଣସି ପଦାର୍ଥକୁ ଉତ୍ତୋଳନ କରି ରଖିବା ନିମନ୍ତେ ଯେଉଁ ବାଉଁଶ ବା କାଷ୍ଠଦଣ୍ଡ ସ୍ଥାପିତ ହୁଏ ।

ଆଡ଼ପ, ବି. (ଦେଶଜ) ଗୁଣ୍ଡି ଗୃମଣ୍ଡପ । ଯଥା—

ଆଡ଼ପ ମଣ୍ଡପ ଯାଇ ହେଉ ଯଜ୍ଞବେଦୀ,
ଏତେ ପାଞ୍ଚ ଆନନ୍ଦ ହୋଇ ଦୟାନିଧି । ନୃ. ପୁ. ପ୍ର. ସା.

ଆଡ଼ପଟ, ବି. (ଦେଶଜ) ଏକପାର୍ଶ୍ୱ ।

ଆଡ଼ବାଙ୍କ, ବିଂ. (ଦେଶଜ) ଏକ ପାଖକୁ ବକ୍ର ହେବା । ଯଥା—

ତାର ତପ ଦେଖିଣ କମ୍ପନ୍ତି ସର୍ବ ଲୋକେ,
ଗଗନୁ ନକ୍ଷତ୍ର ଖସି ପଡ଼େ ଆଡ଼ବାଙ୍କେ । ନୃ.ପୁ.ସ.ତ.

ଆଡ଼ବାଯୁ, ବିଂ. (ଦେଶଜ) ଅର୍ଦ୍ଧବାତୁଳ; ଓଲୁ ।

ଆଡ଼ମୁହିଁ, } ବି. (ଦେଶଜ) ଏକପ୍ରକାର ଗୃହ ।
ଆଡ଼ମୁହାଁ, } (କୋମୁହିଁ ଶବ୍ଦ ଦେଖ) ଯାହାର ମୁଖଦେଶ ବକ୍ର ।

ଆଡ଼ମ୍ବର, ବି. (ଆ-ଦମ୍ = ଶାନ୍ତ ହେବା, ଜାକ୍‌ଜମକ କରିବା-ଅର, ଦ = ଡ଼) ତୂର୍ଯ୍ୟାଦି ବାଦ୍ୟଧ୍ୱନି; ହସ୍ତିଧ୍ୱନି; ସମାରମ୍ଭ । (ଆଡ଼ମ୍ବରଃ ସମାରମ୍ଭେ ଗଜଗର୍ଜିତ-ତୂର୍ଯ୍ୟୟୋଃ) ଯୁଦ୍ଧପଟହ ବା ରଣବାଦ୍ୟ ଧ୍ୱନି । (ପଟହାଡ଼ମ୍ବରୌ ସମୌ—ଅମର ।) ମେଘଧ୍ୱନି; ଦର୍ପ ବା ଗର୍ବ; ଆନନ୍ଦ; ଏକତ୍ର ସନ୍ନିବେଶ; କ୍ରୋଧ; ବାହୁ ପ୍ରଭୃତି ଅଙ୍ଗମର୍ଦ୍ଦନ; ପକ୍ଷ୍ମ ବା ଅକ୍ଷିଲୋମ ।

ଆଡ଼ରୁଷା, ବି. (ଅର୍ଦ୍ଧରୋଷ ଶବ୍ଦଜ) ଅଳ୍ପ ଅଭିମାନ । ଯଥା—

ରହୁ ନାହିଁ ଯଶ ଆଡ଼ରୁଷାରେ,
ରୁଷାବୁହୁରୁ ଲତାକୁ ଖସା ରେ । କ. ଭ. ର.

ଆଡ଼ା, ବି. (ଦେଶଜ) ମାଛ ଧରିବା ଯନ୍ତ୍ର ବିଶେଷ; ପ୍ରସ୍ଥ ପରିମାଣ ।

ଆଡ୍‌ଡ଼ା, ବି. (ଯାବନିକ) ଯେଉଁ ସ୍ଥାନରେ କେତେକ ସମକର୍ମା ଲୋକ ଏକତ୍ରିତ ହୁଅନ୍ତି ।

ଆଡ଼ି, } ବି. (ଆ-ଅଡ଼୍ = ଗମନ କରିବା-ଇ)
ଆଡ଼ୀ, } ଶରାଳିପକ୍ଷୀ । (ଶରାରିରାଟିରାଡ଼ିସ୍ତୁ—ଅମର ।) (ଦେଶଜ) ଶତ୍ରୁତା; ବନ୍ୟପଶୁ ଶିକାର ପାଇଁ ଲୁଚି ରହିବାର ସ୍ଥାନ; ମୃଗୟା; ବିଲ ହୁଡ଼ା ଭାଙ୍ଗି ଯେଉଁ ସ୍ଥାନରେ ପାଣି ବହି ଯାଉଥାଏ । ଯଥା—

ବିଲ ଆଡ଼ିଖଣ୍ଡ ବାନ୍ଧି ମୁଁ ନ ପାରିଲି,
ପାଣି ରହିବାକୁ ଆଡ଼ିରେ ଶୋଇଲି । କୃ. ଖି. ଆ. ପ.

ବିଂ. ଟାଣ ବା ଦୃଢ଼ । ଯଥା—

ଗିରି ପରି ଯା ଦେହ ହୋଇଥିବ ଆଡ଼ି,
ହେଲେ ସେ ଶର ଦେବ କ୍ଷଣକେ ତାକୁ ପୋଡ଼ି ।
କୃ. ଖି. ବ. ପ.

ଆଡ଼ିପତାଇବା, କ୍ରି. ମେଷ, ବୃଷ ଇତ୍ୟାଦି ପଶୁମାନେ ଯୁଦ୍ଧ କରିବା ପୂର୍ବରୁ ମସ୍ତକକୁ ନୁଆଁଇବା ।

ଆଡ଼ିବା, କ୍ରି. (ଦେଶଜ) ଅଟକାଇବା, ଶର ପ୍ରଭୃତି ଆପଣାକୁ ଆଘାତ ନ କଲା ପରି ଜଗିବା । ଯଥା—

ଦୁର୍ଜନ ଜନଙ୍କ ବଚନ ରଚନ
ଶରକୁ ଶିର ଆଡ଼ିଲାଣି । ବି. ଚ. ମ.

ଖେଳରେ ହୁଡ଼ି ବାନ୍ଧିବା । ଯଥା—

ସ୍ୱର୍ଗକୁ ଜିଣି ମୁରି ହସିଲି ଟହଟହ,
ବୋଇଲି ଏଥର ଭାଇ ଆଡ଼ିବୁ କସ କହ ।
ନୃ. ପୁ. ଦ୍ୱି. ସା.

ଆଡ଼ିଆଇବା, } କ୍ରି. (ଦେଶଜ) ଆଡ଼ି ବା ବନ୍ଧ
ଆଡ଼େଇବା, } କରିବା । ଯଥା—

ମୁହିଁ ଆଡ଼ିଆଇ ପଶି ବମ୍ବର ଭିତରେ,
କୁନ୍ତୀଙ୍କି ଶିରରେ ବସାଇ ବୃକୋଦରେ । ସା.ଖି.ଆ.

ଆଡ଼ୁଆ, ବିଂ. (ଦେଶଜ) ବକ୍ର ।

ଆଡ଼ୁଆଳ, } ବି. (ଦେଶଜ) ଅନ୍ତରାଳ ।
ଆଢ଼ୁଆଳ, }

ଆଡ଼ୁଖା, ବିଂ. (ଦେଶଜ) ଅନ୍ତରାଳରେ ରହିବା ।

**ଆଡ଼େ,** କ୍ରି· ବିଂ· (ଦେଶଜ) ଏକକଡ଼ରେ, ଏକପାଖରେ । ଯଥା—

ଚନ୍ଦନ ଯାହାଙ୍କୁ ବିଜେ କଲେ ନରସିଂହ,
ଆଡ଼େ ଆଡ଼େ ଶବଦ ହେଉଛି ଘୃଣାଦର । ନୃ.ପୁ.ଭୃ.ତ.

**ଆଡ଼େଇବା,** କ୍ରି· (ଦେଶଜ) ଅଲଗା କରିବା; ବନ୍ଦ କରିବା ।

**ଆଡ଼େକ,** କ୍ରି· ବିଂ· (ଦେଶଜ) ଏକଆଡ଼େ । ଯଥା—

ସମସ୍ତ ଆଡ଼େକ ଥୋଇଲା,
ମାଦଣ୍ଣାହାନ ଆଡ଼େ କଲା । ସା. ମା.

**ଆଡ଼େଣି, ଆଡ଼େଣି,** ବି· (ଦେଶଜ) ରାଜୋପକରଣ-ବିଶେଷ ।

**ଆଢ଼କ,** ବି· (ଆ-ଢୌକ = ଗମନ କରିବା-ଅ) ଧାନ୍ୟାଦି ଶସ୍ୟ ମାପିବାର ପରିମାଣ ପାତ୍ର-ବିଶେଷ, ଆଠ ସେର ପରିମାଣ (ଅସ୍ତ୍ରିୟା-ମାଢ଼କଦ୍ରୋଣୌ—ଅମର ।) (ସ୍ତ୍ରୀ-ଈ) ତୁବରିକା ନାମକ ଗନ୍ଧଦ୍ରବ୍ୟ, କେହି କେହି ସୁଗନ୍ଧ ମୃତ୍ତିକା କହନ୍ତି । (ଅଥାଢ଼କୀ —କାକ୍ଷୀ ମୃତ୍ସ୍ନା ତୁବରିକା—ଅମର ।) ଶାଳିଧାନ୍ୟବିଶେଷ ।

**ଆଢ଼କିକ, ଆଢ଼କୀନ,** ବିଂ· (ଆଢ଼କ-ଇକ, ଈନ) ହରଡ଼; ଆଢ଼କପରିମିତ ବୀଜ-ବପନଯୋଗ୍ୟ (କ୍ଷେତ୍ରାଦି) । (ଦ୍ରୋଣାଢ଼କା-ଦିବାପାଦେୌ ଦ୍ରୌଣିକାଢ଼କିକାଦୟଃ । ଖାର୍ଯ୍ୟାଦେର୍ଗିଣି ନିତି ବାପଃ କ୍ଷେତ୍ରଂ— ଅମର ।)

**ଆଢ଼ୁଆ,** ବିଂ· (ଦେଶଜ) ଅନ୍ତରାଳରେ ଥିବା । ଯଥା—

କୁପୁରୁଷ ସିନା ଯାଇ ଲୁଚି କରେ ବାସ,
ପଛରେ ଆଢ଼ୁଆ ହୋଇ ବଢ଼େ ଦଣ୍ଡଦଣ୍ଡ । ନ.ପୁ.ପ୍ର.ସା.

**ଆଢ଼ୁଆଳ, ଆଡ଼ୁଆଳ,** ବିଂ· (ଅନ୍ତରାଳ ଶବ୍ଦଜ) ଗୋପ-ନୀୟ ବା ଆଚ୍ଛନ୍ନ । ଯଥା—

ମୋତେ ଯେବେ କହିଲେ ଏ ଆଢ଼ୁଆଳ କାର,
ଅପୁତ୍ରିକ ହୋଇଣ ଯାଉ ସେ ତେବେ ମର ।
ନୃ.ପୁ.ସ.ତ.

ବି· ଅନ୍ତରାଳ ବା ଆଡ଼ୁଖା ।

**ଆଢ଼୍ୟ,** ବିଂ. (ଆ-ଧ୍ୟୈ = ଚିନ୍ତା କରିବା-ଅ— ଯେ ଧନଚିନ୍ତା କରେ) ଧନୀ, ସମୃଦ୍ଧି-ସମ୍ପନ୍ନ । (ଇଭ୍ୟ ଆଢ଼୍ୟୋ ଧନୀ ସ୍ୱାମୀ— ଅମର) ସମ୍ପନ୍ନ, ଯୁକ୍ତ, ବିଶିଷ୍ଟ । ଯଥା— ଧନାଢ଼୍ୟ ଲୋକ; ଗୁଣାଢ଼୍ୟ ବ୍ୟକ୍ତି ।

**ଆଣକ,** ବିଂ· (ଆ-ଅଣ୍ = ଶବ୍ଦ କରିବା-ଅକ) କୁତ୍ସିତ; କ୍ଷୁଦ୍ର; ଅପକୃଷ୍ଟ । (ଖେଟ-ଗଦ୍ୟାଣକାଃ ସମାଃ—ଅମର ।) ବି· ଟଙ୍କାର ଷୋଡ଼ଶାଂଶ, ଅଣା; ସୁରତ-ବିଶେଷ । ଯଥା—(ଆଣକଂ ସୁରତଂ ନାମ ଦମ୍ପତ୍ୟୋଃ ପାର୍ଶ୍ୱ ସଂସ୍ଥୟୋଃ ।)

**ଆଣବିକ,** ବିଂ· (ଅଣୁ-ଇକ) ଅଣୁସମ୍ବନ୍ଧୀୟ ।

**ଆଣବୀନ,** ବିଂ· (ଅଣୁ = ସୂକ୍ଷ୍ମ ଧାନ୍ୟବିଶେଷ-ଈନ) ଅଣୁ ଧାନ୍ୟ ବପନଯୋଗ୍ୟ (କ୍ଷେତ୍ର) ।

**ଆଣି,** ବି· (ଦେଶଜ) ଗର୍ବ । ଯଥା—

ରଣିତ ବଳାରେ କୁହାଇ ଉରୁରେ
ଭାଙ୍ଗିଲଣି ରମ୍ଭା ଆଣି । ର. ପ.

ଟେକ ବା ଆଧିକ୍ୟ । ସଂ· ସ୍ତ୍ରୀ· (ଅନ୍ = ଶବ୍ଦ କରିବା-ଇ) ଖଡ଼୍ଗର କୋଟି ବା ଧାର; ଅକ୍ଷାଗ୍ରକୀଳକ ।

**ଆଣିବା,** କ୍ରି· (ଆନୟନ ଶବ୍ଦଜ କିମ୍ବା ଆ ଉପସର୍ଗ ସହିତ ନୀ ଧାତୁଜ) ଆନୟନ କରିବା । ଯଥା—

ବଳାଇ ଯେ ପୁଚ୍ଛୁଁ ଆଣିବାରେ ଦାସୀ,
ବିନ୍ଧୁ ଯନ୍ତ୍ରମିତୁଲା ପରାସ୍ତେ ଦର୍ଶି । ବୈ. ବ.

**ଆଣ୍ଠ,** ବିଂ· (ଦେଶଜ) ଦୃଢ଼, କଠିନ । ଯଥା—

କେ ଜାଣି କେହ୍ନୁ କେହ୍ନୁ କେହ୍ନୁ ସହନ୍ତି,
ବଜ୍ର ଆଣ୍ଠ ତାଙ୍କ ଗ୍ରୀବ ରେ । ଭ. ପ.

ବି· ଗାରିମା । ଯଥା—

କାହା ବଳ ପାଇ ଏଡ଼େ କରିଛ ଆଣ୍ଠ । ର. କ.

ଧୈର୍ଯ୍ୟ । ଯଥା—

ତେଣୁ ଠାକୁରଙ୍କର ହୋଇଛି ଏଡ଼େ ଆଣ୍ଠ,
ଖାଇଣ ଫଳ ମୂଳ ପୂରାଉଥାନ୍ତି ପେଟ । ନୃ. ପୁ. ସ. ଛ.

କ୍ରି· ବିଂ· ଅଧିକରେ । ଯଥା—

ଆଣ୍ଠେ ଅନଳ ଦେଲି ଜାଳି,
ତହୁଁ ଅନ୍ତର ହେଲି ବାଳୀ । ଦା· ଭ·

ଆଣ୍ଠିବା, କ୍ରି· (ଦେଶଜ) ଗୁପିବା, ଜାବୋଡ଼ି ଧରିବା, ଚପିବା ।

ଆଣ୍ଠୁଆ, ବିଂ· (ଦେଶଜ) ଟାଣୁଆ । ଯଥା—
ଏ ମାନବ ବଡ଼ ଆଣ୍ଠୁଆଟି ଅଟେ,
ଏହା ବୋଲି ବୃଷ ଧଇଲି କରପୁଟେ । କୃ.ଭ୍.ଆ.ପ.
ଅହଙ୍କାରୀ; କାର୍ଯ୍ୟଦକ୍ଷ ।

ଆଣ୍ଠେ, କ୍ରି· ବିଂ· ଦୃଢ଼ତାସହକାରେ, ଟାଣ କରି, ଅଧିକରେ ।

ଆଣ୍ଠୁ, ବି· (ଦେଶଜ) ଜାନୁର ନିମ୍ନଭାଗ ।

ଆଣ୍ଠୁଆ, ବି. (ଦେଶଜ) ଆଣ୍ଠୁର ମାଡ଼ । ଯଥା—
ଦୁଇ ହସ୍ତେ ଆଣ୍ଠୁ କରି ପେଷିଦେଲେ,
ଆଣ୍ଠୁଆ ଗୋଟିକେତେ ତାହାଙ୍କୁ ମାଇଲେ ।
କୃ.ଭ୍.ଆ.ପ.

ଆଣ୍ଠୁଆଣି, ବିଂ· (ଦେଶଜ) ଆଣ୍ଠୁପରିମିତ ଗଭୀର ।

ଆଣ୍ଠୁଆଇବା, ଆଣ୍ଠୋଇବା, } ବି· (ଦେଶଜ) ଆଣ୍ଠୁମାଡ଼ି ବସିବା । ଯଥା—
ଆଣ୍ଠୁଆଇ ଭରା ଦେଇ ପୁଣ ଉଠନ୍ତି,
କେତେବେଳେ କାନ୍ଧ ଧରଣୀରେ ପଡ଼ନ୍ତି । ବ.ଗ୍ରା.
ଆଣ୍ଠୋଇ ଆୟୁଧ ଥୋଇ ଅବନୀରେ
ଓଳଗି ହେଲେ ଅବଳା । ଯ. କେ.
ଆଣ୍ଠୁରେ ମଡ଼ାଇ ବା ଆଘାତ କରି ପକାଇବା ।

ଆଣ୍ଠୁଏ, ଆଣ୍ଠିଏ, ଆଣ୍ଠୁଆଣି, } ବି· ଓ ବିଂ· (ଦେଶଜ) ଆଣ୍ଠୁ ପର୍ଯ୍ୟନ୍ତ ପରିମାଣ । ଯଥା—
ବେନି ଘଡ଼ିକ ମଧ୍ୟେ ପାଣି
ଡ଼ିଙ୍ଗୀରେ ହେଲା ଆଣ୍ଠୁଆଣି । ଦା. ର.
ଘର ବୁଡ଼ ପାଣି ଆଣ୍ଠୁଏ ହେଲଣି । ଡାକବଚନ ।

ଆଣ୍ଠୁକୁଡ଼ା, ବିଂ· (ଦେଶଜ) ଅପୁତ୍ରିକ ବା ଯାହାର ସମସ୍ତ ସନ୍ତାନ ମରି ଯାଇଅଛନ୍ତି ।

ଆଣ୍ଠୁକୁଡ଼ୀ, ବି· ସ୍ତ୍ରୀ· (ଦେଶଜ) ଅପୁତ୍ରିକା ସ୍ତ୍ରୀ । ଯଥା—
ତୁ ତ ଆଣ୍ଠୁକୁଡ଼ୀ ତୋର ପୁତ୍ର ହୋଇ ନାହିଁ,
ତୋତେ ଶାପ ଆବର ବା ଦେବଇ ମୁଁ କାହିଁ ।
ସା. ଭ. ସ.

ଆଣ୍ଠୁମାଡ଼ିବା, କ୍ରି· (ଦେଶଜ) ଆଣ୍ଠୁ ପକାଇବା, ଭରା ଦେବା । ଯଥା—
ଟୁଳୁଳେ ଝଡ଼ ମାସେ ଭୂମି ଆଣ୍ଠୁ ମାଡ଼ି,
ଅଷ୍ଟମାଷ୍ଟ ଶେଯରେ ବସିଲେ ଚକା ମାଡ଼ି । ନୃ.ପ.ତ.ତ.

ଆଣ୍ଡୀର, ବିଂ· (ଅଣ୍ଡ-ଈର—ଅସ୍ତ୍ୟର୍ଥେ) ବହୁ ଅଣ୍ଡଯୁକ୍ତ, ବହୁ ଡ଼ିମ୍ବଯୁକ୍ତ ।

ଆଣ୍ଡୁଆ, ବିଂ· (ଦେଶଜ) ଅଖାଡ଼ୁଆ, ଏକ-ବାଗିଆ ।

ଆଣ୍ଡୋଳିବା, କ୍ରି· (ଦେଶଜ) ଅଣ୍ଡାଳିବା, ଖୋଜିବା । ଯଥା—
କେମନ୍ତେ କହିବ କପାଁ ଅଣ୍ଡୋଳିଲି
ଶିଶୁର ସଢ଼ା ଶରୀର । ପାବଂଶ ।

ଆତ, ବି· (ଆତ୍ମତୃପ୍ୟ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ବୃକ୍ଷ ଓ ଫଳ ।

ଆତଙ୍କ, ଆତଙ୍ଗ, } ବି· (ଆ-ତନ୍କ୍=କଷ୍ଟେ ବଞ୍ଚିବା, ଭୟ ପାଇବା ଇତ୍ୟାଦି-ଅ, କ=ଗ) ଭୟ, ଶଙ୍କା; ପୀଡ଼ା, ଅସ୍ୱାସ୍ଥ୍ୟ, ଯାତନା; ସନ୍ତାପ, କ୍ଳେଶ । (ରୁକ୍ତାପଶଙ୍କାସ୍ୱାତଙ୍କଃ—ଅମର ।)

ଆତଙ୍ଗ, ବି· (ଆତଙ୍କ ଶବ୍ଦଜ ହେଲେ) ବିପଦ । ଯଥା—
ଆତଙ୍ଗନାଶନ ତୋ ବାନା,
ବିପତ୍ତି କାଳେ ବନ୍ଧୁସେହ୍ନା । ମା. ମା.

ଆତଞ୍ଚନ, ବି· (ଆ-ତନ୍ଚ=ଗମନ କରିବା-ଅନ) ଦ୍ରଷ୍ଟବାପ ଅର୍ଥାତ୍ କ୍ଷୀରାଦିରେ ତକ୍ରାଦି ନିକ୍ଷେପ; ଦ୍ରବୀଭୂତ ଦ୍ରବ୍ୟରେ କୌଣସି ପ୍ରକାର ଚୂର୍ଣ୍ଣ ନିକ୍ଷେପ; ବେଗ; ପ୍ରୀତି-ସମ୍ପାଦନ; ଆପ୍ୟାୟନ । (ଆତଞ୍ଚନଂ ପ୍ରତୀ-ବାପଜବନାପ୍ୟାୟନାର୍ଥକଂ—ଅମର ।)

ଆତଜାତ, ଆତଯାତ, } ବି· (ଆଗତ ଓ ନିର୍ଯାତ ଶବ୍ଦଜ) ଯିବା ଆସିବା । ଯଥା—
ଶରମାନ ଆତଯାତ ସେ,
ଦଶଇ ନାହିଁ ଆଦିତ୍ୟ । ବ୍ର. ସ.
ଜନ୍ମ ମରଣ । ଯଥା—
ଜନ୍ତୁଏ ଆତଜାତ ହୋନ୍ତି,
କଲ୍ଲୋଳ ଯେହ୍ନେ ଜଳେ ଥାନ୍ତି । ଭା. ଦ. ସ୍କ.
କାରବାର । ଯଥା—
ଟଙ୍କା ପଇସା ଆତଯାତ, କରିଲେ ବଢ଼ଇ ନିଶ୍ଚିତ ।
ବିଂ. ଯେ ଯିବା ଆସିବା କରେ । ଯଥା—
ପଥେ ଯେ ଆତଜାତ ଜନେ,
ତାହାଙ୍କୁ ନିବାରି ଲୋଚନେ । ଭା. ଦ. ସ୍କ.

ଆତତ, ବିଂ. (ଆ-ତନ୍ = ବିସ୍ତାର କରିବା-ତ) ପ୍ରସାରିତ, ବିସ୍ତୃତ, ବ୍ୟାପ୍ତ; ଆରୋପିତ ।

ଆତତାୟୀ, ବିଂ. (ଆତତ = ସମନ୍ତାତ୍ ବିସ୍ତୃତ-ଇ = ଗମନ କରିବା-ଇନ୍) ବଧୋଦ୍ୟତ, ଘୋର ଅନିଷ୍ଟକାରୀ । (ଆତତାୟୀ ବଧୋଦ୍ୟତଃ—ଅମର ।) ଗୃହରେ ଅଗ୍ନିଦାତା, ବିଷଦାତା ପ୍ରଭୃତି ଷଡ଼୍‌ବିଧ ମହାପାପୀ ଓ ଶତ୍ରୁ । (ଅଗ୍ନିଦୋ ଗରଦଶ୍ଚୈବ ଶସ୍ତ୍ରପାଣି-ର୍ଦ୍ଧନାପହଃ । କ୍ଷେତ୍ରଦାରାପହାରୀ ଚ ଷଡେ଼ତେ ଆତତାୟିନଃ ।) ଶଙ୍ଖଲ ।

ଆତପ, ବି. (ଆ-ତପ୍-ଅ) ସୂର୍ଯ୍ୟକିରଣ, ରୌଦ୍ର, ଖରା ।

ଆତପତଣ୍ଡୁଳ, ବି. (ଆତପ-ତଣ୍ଡୁଳ) ଧାନକୁ ଖରାରେ ଶୁଷ୍କ କରି ଯେଉଁ ଚାଉଳ କରନ୍ତି, ଅରୁଆ ଚାଉଳ ।

ଆତପତ୍ର, ଆତପବାରଣ, } ବି. (ଆତପ-ତ୍ରୈ = ରକ୍ଷା କରିବା-ଅ, ଆତପ-ବାରଣ) ଛତ୍ର, ଛତା ।

ଆତର, ଆତାର, } ବି. (ଆ-ତୃ = ପାର କରିବା, ପାର ହେବା-ଅ—ଯାହାଦ୍ୱାରା ନଦୀ ପାର ହୁଅନ୍ତି) ତରପଣ୍ୟ ଅର୍ଥାତ୍ ନଦୀ ପାର ହେବାର ନୌକା ଭଡ଼ା, ଘାଟର ମାସୁଲ । (ଆତରସ୍ତରପଣ୍ୟଂ ସ୍ୟାତ୍ ।)

ଆତସ, ଆତସପଥର, } ବି. (ଦେଶଜ) ପ୍ରସ୍ତରବିଶେଷ ଅର୍ଥାତ୍ ଯହିଁରୁ ନିଆଁ ବାହାରେ । ଯଥା—

ଝରାରେ ଆତସପଥର, ରଖିଲେ ବାହାରେ ଅନଳ ।

ଆତସ, ବି. (ଯାବନିକ) ଅଗ୍ନି; ଉତ୍ତାପ ।

ଆତସବାଜି, ବି. (ଯାବନିକ) ଅଗ୍ନିକ୍ରୀଡ଼ା, ବାରୁଦନିର୍ମିତ ଚିତ୍ରବିଚିତ୍ର ଦୃଶ୍ୟ ଓ ତତ୍ସମ୍ବନ୍ଧ ଗ୍ରନ୍ଥ ।

ଆତାପି, ବି. (ଦେଶଜ) ଲେମ୍ବୁଜାତୀୟ ଫଳ-ବିଶେଷ, ବାତାପି ।

ଆତାପୀ, ଆତାୟୀ, } ବି. (ଆତାପିନ୍, ଆତାୟିନ୍-ଆ-ତପ୍-ଇନ୍, ଯେ ପକ୍ଷପ୍ରସାରଣଦ୍ୱାରା ତାପନିବାରଣ କରେ, ଆ-ତାୟ୍ = ପାଳନ କରିବା, ବିସ୍ତାର କରିବା-ଇନ୍, ଯେ ପକ୍ଷ ପ୍ରସାରଣଦ୍ୱାରା ଆତ୍ମାକୁ ପାଳନ କରେ) ଚିଲପକ୍ଷୀ । (ଆତାୟିଚିଲ୍ଲୌ, ଆତାପିଚିଲ୍ଲୌ —ଅମର ।)

ଆତିଥେୟ, ବିଂ. (ଅତିଥି-ଏୟ) ଅତିଥିସେବକ, ଅତିଥିପରିଚର୍ଯ୍ୟାରେ ରତ । ବି. ଅତିଥି-ନିମିତ୍ତ ଭୋଜନାଦି, ଅତିଥିସେବା, ଅତିଥିସେବାର ବସ୍ତୁ ।

ଆତିଥ୍ୟ, ବି. (ଅତିଥି-ଯ—ପ୍ରୟୋଜନାର୍ଥେ) ଅତିଥିସେବା, ଅତିଥିସେବାର ଉପଯୁକ୍ତ ବସ୍ତୁ । (କ୍ରମାଦାତିଥ୍ୟାତିଥେୟେ ଅତିଥ୍ୟର୍ଥେଽତ୍ର ସାଧୁନି—ଅମର ।)

ଆତୁର, ବିଂ. (ଆ-ତୁର୍ = ତ୍ୱରା କରିବା-ଅ) ଯେ ଅବସ୍ଥା ହେତୁରୁ ତ୍ୱରାନ୍ୱିତ ହୁଏ, କାତର, ଅଧୀର । ଯଥା—ଶୋକାତୁର । ରୋଗୀ, ପୀଡ଼ିତ । (ବିକୃତୋବ୍ୟାଧିତୋଽପଟୁଃ । ଆତୁରୋଽଭ୍ୟମିତୋଽଭ୍ୟାନ୍ତଃ ।)

ଆତୃପ୍ୟ, ବି. (ଆ-ତୃପ୍ = ତୃପ୍ତ ହେବା-ଯ) ଆତଗଛ; ଆତଫଳ । ବିଂ. ତୃପ୍ତିଯୋଗ୍ୟ, ତୃପ୍ତିକର ।

ଆତୋଦ୍ୟ, ବି. (ଆ-ତୁଦ୍ = ପୀଡ଼ନ କରିବା-ଯ) ବୀଣାବଂଶୀଆଦି ଚତୁର୍ବିଧ ବାଦ୍ୟ । ଯଥା—(ଚତୁର୍ବିଧମିଦଂ ବାଦ୍ୟଂ ବାଦିତ୍ରାତୋଦ୍ୟ-ନାମକଂ—ଅମର ।)

ଆତ୍ତ, ବିଂ. (ଆ-ଦା-ତ) ଗୃହୀତ, ପ୍ରାପ୍ତ ।

ଆତ୍ତଗନ୍ଧ, ଆତ୍ତଗର୍ବ, } ବିଂ. (ଆତ୍ତ = ଗୃହୀତ-ଗନ୍ଧ, ଗର୍ବ —ଯାହାର ଗନ୍ଧ ବା ଗର୍ବ ଗୃହୀତ ହୋଇଅଛି) ହତଗର୍ବ, ପରାଭୂତ । (ଆତ୍ତଗର୍ବୋଽଭିଭୂତଃ ସ୍ୟାତ୍ । ଆତ୍ତଗନ୍ଧୋଽଭିଭୂତଃ ସ୍ୟାତ୍—ଅମର ।) ଯାହାର ଗନ୍ଧ ଗ୍ରହଣ କରା ଯାଇଅଛି, ଆଘ୍ରାତ; ଯେ ଗନ୍ଧ ଗ୍ରହଣ କରିଅଛି, ଆଘ୍ରାୟକ ।

ଆତ୍ମଗତ, ବିଂ. (ଆତ୍ମନ୍-ଗତ) ଯାହା ଆପଣା-ଠାରେ ଅଛି; ଆତ୍ମନିଷ୍ଠ । କ୍ରି. ବିଂ. ସ୍ୱଗତ, ମନେମନେ, ଅନ୍ୟର ଅଗୋଚରରେ ।

**ଆତ୍ମଗୁପ୍ତା**, ବି. ସ୍ତ୍ରୀ. (ଆତ୍ମନ୍-ଗୁପ୍ତା)ବାଇଡ଼ଙ୍କ-ଲତା । ବିଂ. ସ୍ୱରକ୍ଷିତା ।

**ଆତ୍ମଗ୍ଲାନି**, ବି. ସ୍ୱନିନ୍ଦା, ନିଜକୁ ଧିକ୍‌କାର, ଅନୁତାପ ।

**ଆତ୍ମଘୋଷ**, ବି. (ଆତ୍ମନ୍-ଘୁଷ୍ = ଶବ୍ଦ କରିବା-ଅ—ଯେ କାକା କୁକୁ ଏହି ଶବ୍ଦଦ୍ୱାରା ଆପଣାକୁ ଘୋଷଣା କରେ) କାକ, କୁଆ । (ଧ୍ୱାଂକ୍ଷାତ୍ମଘୋଷପରଭୃଦ୍‌ବଲିଭୁଗ୍‌ବାୟସାଅପି—ଅମର ।)କୁକ୍‌କୁଟ,କୁକୁଡ଼ା ।

**ଆତ୍ମଜ**, ବି. (ଆତ୍ମନ୍-ଜନ୍-ଅ) ପୁତ୍ର, ସନ୍ତାନ । (ଆତ୍ମଜସ୍ତନୟଃ ସୂନୁଃ—ଅମର ।) (ସ୍ତ୍ରୀ-ଆ) କନ୍ୟା, ତନୟା; ମନୋଭବା ବୁଦ୍ଧି ।

**ଆତ୍ମଜ୍ଞ**, ବିଂ. (ଆତ୍ମନ୍-ଜ୍ଞା-ଅ) ତତ୍ତ୍ୱଜ୍ଞାନବିଶିଷ୍ଟ, ଯେ ଆପଣାକୁ ଜାଣେ, ଯେ ଆପଣାର ଦୋଷ ଗୁଣ କ୍ଷମତା ବା ଅବସ୍ଥା ବୁଝିବାକୁ ପାରେ, ପଣ୍ଡିତ ।

**ଆତ୍ମଜ୍ଞାନ**, ବି. (ଆତ୍ମନ୍-ଜ୍ଞା-ଅନ) ନିଜର ଜ୍ଞାନ, ଆପଣାକୁ ଚିହ୍ନିବା ।

**ଆତ୍ମତା**, ବି. ସ୍ତ୍ରୀ. (ଆତ୍ମନ୍-ତା—ଭାବେ) ସ୍ୱରୂପତା, ପରମାତ୍ମତ୍ୱ; ବନ୍ଧୁତା, ପ୍ରଣୟ; ସଦ୍ଭାବ ।

**ଆତ୍ମନ୍, ଆତ୍ମା,** } ବି. (ଆ-ଅତ୍ = ସତତ ଗମନ କରିବା-ମନ୍) ଆପେ, ସ୍ୱୟଂ । ବ୍ରହ୍ମ, ପରମାତ୍ମା; ଜୀବ, ଜୀବାତ୍ମା; ଦେହ; ଯତ୍ନ; ଧୃତି ବା ଧୈର୍ଯ୍ୟ; ବୁଦ୍ଧି; ସ୍ୱଭାବ; ଚିତ୍ତ, ମନ, ହୃଦୟ; ପରବ୍ୟାବର୍ତ୍ତନ । (ଆତ୍ମାଯତ୍ନୋ ଧୃତିର୍ବୁଦ୍ଧିଃ ସ୍ୱଭାବୋ ବ୍ରହ୍ମ ବର୍ଷ୍ମ ଚ—ଅମର ।) (ଆତ୍ମା କଳେବରେ ଯତ୍ନେ ସ୍ୱଭାବେ ପରମାତ୍ମନି, ଚିତ୍ତେ ଧୃତୌ ଚ ବୁଦ୍ଧୌ ଚ ପରବ୍ୟାବର୍ତ୍ତନେଽପି ଚ—ଇତି ଧରଣୀ ।)

**ଆତ୍ମୀନ**, ବିଂ. (ଆତ୍ମନ୍-ଈନ—ହିତାର୍ଥେ) ଯାହାଦ୍ୱାରା ଆପଣାର ହିତ ହୁଏ, ଆତ୍ମ-ହିତକାରୀ; ନିଜ, ଆତ୍ମସମ୍ବନ୍ଧୀୟ; ପଥ୍ୟ ।

**ଆତ୍ମଭୂ**, ବି. (ଆତ୍ମନ୍-ଭୂ-କ୍ୱିପ୍) ବ୍ରହ୍ମା; କନ୍ଦର୍ପ; ବିଷ୍ଣୁ; ଶିବ । ବିଂ. ସ୍ୱୟଂ ଉତ୍ପନ୍ନ ।

**ଆତ୍ମମ୍ଭରି**, ବିଂ. (ଆତ୍ମନ୍-ଭୃ-ଇ)ସ୍ୱୋଦରମାତ୍ର-ପୂରକ, ଯେ ଆପଣାକୁ କେବଳ ଭରଣ-ପୋଷଣ କରେ, ଯେ କେବଳ ଆପଣାର ଲାଭ ଓ ଇଷ୍ଟସିଦ୍ଧି ବିଷୟରେ ତତ୍ପର, ସ୍ୱାର୍ଥପରାୟଣ । (ଉଭୌ ତ୍ୱାତ୍ମମ୍ଭରିଃ କୁକ୍ଷିମ୍ଭରିଃ ସ୍ୱୋଦରପୂରକେ ।)

**ଆତ୍ମଯୋନି**, ବି. (ଆତ୍ମନ୍-ଯୋନି = ଉତ୍ପତ୍ତି ସ୍ଥାନ) ବ୍ରହ୍ମା; ବିଷ୍ଣୁ; ଶିବ; କନ୍ଦର୍ପ ।

**ଆତ୍ମସାତ୍**, ବିଂ. (ଆତ୍ମନ୍-ସାତ୍—ଅଧୀନ-ତାର୍ଥେ, ପରିଣତାର୍ଥେ) ଆତ୍ମାୟତ୍ତ, ଆତ୍ମାଧୀନ, ହସ୍ତଗତ ।

**ଆତ୍ମସାତ୍‌କୃତ**, ବିଂ. (ଆତ୍ମସାତ୍-କୃତ)ସ୍ୱାୟତ୍ତୀ-କୃତ, ସ୍ୱାଧୀନୀକୃତ, ଯାହା ଆତ୍ମସାତ୍ କରା ଯାଇଅଛି ।

**ଆତ୍ମାରାମ**, ବିଂ.(ଆତ୍ମନ୍-ଆ-ରମ୍-ଅ)ବ୍ରହ୍ମଜ୍ଞାନ ବଶତଃ ଯେ ଆତ୍ମାରେ ପରମ ସୁଖ ଅନୁଭବ କରନ୍ତି, ବ୍ରହ୍ମଜ୍ଞାନୀ, ସନ୍ତତ ସନ୍ତୁଷ୍ଟାନ୍ତଃ-କରଣ । ଯଥା—(ଆତ୍ମାରାମବିହିତ-ରତୟୋ ନିର୍ବିକଳ୍ପେ ସମାଧୌ—ବେଣୀସଂହାର ନା.)

**ଆତ୍ମାଶୀ**, ବି.(ଆତ୍ମନ୍-ଅଶ୍ = ଭୋଜନ କରିବା-ଇନ୍) ଯେ ସ୍ୱକୁଳ ଖାଏ, ମତ୍ସ୍ୟ ।

**ଆତ୍ମୀୟ**, ବିଂ. (ଆତ୍ମନ୍-ଈୟ-ଇଦମର୍ଥେ) ଆତ୍ମସମ୍ପର୍କୀୟ, ସ୍ୱଜନ, କୁଟୁମ୍ବ; ସ୍ୱକୀୟ; ଅନ୍ତରଙ୍ଗ; ଯାହାକୁ ଆପଣାର ବୋଲି ଜାଣିବାକୁ ହୁଏ ।

**ଆତ୍ମୀୟତା**, ବି. (ଆତ୍ମୀୟ-ତା) ବନ୍ଧୁତ୍ୱ, ଅନ୍ତରଙ୍ଗତା ।

**ଆତ୍ରେୟ**, ବି. (ଅତ୍ରି = ମୁନିବିଶେଷ-ଏୟ—ଅପତ୍ୟାର୍ଥେ) ଅତ୍ରି ମୁନିଙ୍କ ପୁତ୍ର, ଦତ୍ତ, ସୋମ, ଦୁର୍ବାସା; ଆୟୁର୍ବେଦାଧ୍ୟାପକ ମୁନିବିଶେଷ; ଅତ୍ରିବଂଶୋଦ୍ଭବ । (ସ୍ତ୍ରୀ-ୟିକା, ୟୀ) ଋତୁମତୀ ସ୍ତ୍ରୀ, ରଜସ୍ୱଳା । (ଆତ୍ରେୟୀବିଦଗମ୍ୟତ୍ୱାଦାତ୍ରେୟୀ ।) ଅତ୍ରି ମୁନିଙ୍କ ପତ୍ନୀ; ଅତ୍ରିବଂଶୋଦ୍ଭବା; ନଦୀ-ବିଶେଷ । (ସ୍ତ୍ରୀଧର୍ମିଣିବିରାତ୍ରେୟୀ—ଅମର ।)

ଆଥର୍ବଣ, ବି. (ଅଥର୍ବନ୍-ଅ—ଜ୍ଞାତାର୍ଥେ, ଇଦମର୍ଥେ, ସମୂହାର୍ଥେ) ଅଥର୍ବବେଦଜ୍ଞ ବ୍ରାହ୍ମଣ; ଅଥର୍ବ ମୁନିପ୍ରଣୀତ ସୂକ୍ତସମୂହ । ବିଂ. ଅଥର୍ବବେଦଜ୍ଞ; ଅଥର୍ବବେଦୀୟ; ଅଥର୍ବବେଦ ସମ୍ବନ୍ଧୀୟ ।

ଆଦର, ବି. (ଆ-ଦୃ-ଅ) ସମ୍ମାନ, ମର୍ଯ୍ୟାଦା; ଅନୁରାଗ, ସ୍ନେହ; ଯତ୍ନ; ଭକ୍ତି; ଶ୍ରଦ୍ଧା ।

ଆଦରଶ, ବି. (ଆଦର୍ଶ ଶବ୍ଦର ଅପଭ୍ରଂଶ— ପଦ୍ୟରେ ମାତ୍ର ବ୍ୟବହୃତ) ଆଦର୍ଶ ।

ଆଦରା, ବି. (ଦେଶଜ) ଚିହ୍ନ, ଦାଗ ।

ଆଦରିବା, କ୍ରି. ସ୍ନେହ ସହକାରେ ଗ୍ରହଣ କରିବା, ସମ୍ମାନ କରିବା, ସ୍ନେହ କରିବା ।

ଆଦର୍ଶ, ବି. (ଆ-ଦୃଶ୍-ଅ) ଦର୍ପଣ; ନମୁନା ।

ଆଦାନ ବି. (ଆ-ଦା-ଅନ) ଗ୍ରହଣ, ଆଦାୟ କରିବା । ଯଥା—( କୁଶାଙ୍କୁରାଦାନ- ପରିକ୍ଷତାଙ୍ଗୁଳିଃ—କୁ. ସଂ. ) ସ୍ୱୀକାର; ଅଶ୍ୱାଭରଣ ।

ଆଦାୟ, ବି. (ଆ-ଦା ଯ) ଗ୍ରହଣ କରିବା, ନେବା ।

ଆଦି, ବି. (ଆ-ଦା = ଦାନ କରିବା-ଇ—ଯାହା ଅଗ୍ରେ ଗୃହୀତ ହୁଏ) ପୂର୍ବ, ପ୍ରଥମ, ଆରମ୍ଭ; ପଦାନ୍ତରେ ଗଣସୂଚକ । ଯଥା—ସ୍ୱାଦି; ତନାଦି । ଉତ୍ପତ୍ତି ହେତୁ; ଆଦ୍ୟ, ମୂଳ । (ଜଗଦାଦିରନାଦିସ୍ତ୍ୱଂ ।) ପ୍ରଭୃତି । ଯଥା— ପୁତ୍ରାଦି ପରିବାର; କ୍ରୋଧାଦି ରିପୁଗୁଣ । ବିଂ. ପ୍ରଥମ, ସର୍ବପ୍ରଥମ, ଆଦ୍ୟ । (ପୁଂସ୍ୟାଦିଃ ପୂର୍ବପୌରସ୍ତ୍ୟ ପ୍ରଥମାଦ୍ୟାଃ—ଅମର ।)

ଆଦିକାରଣ, ବି. (ଆଦି-କାରଣ) ମୂଳହେତୁ, ପ୍ରଥମ କାରଣ; ଉପାଦାନ କାରଣ; (ନିଦାନଂ ତ୍ୱାଦିକାରଣଂ—ଅମର ।)

ଆଦିତଃ, କ୍ରି. ବିଂ. ( ଆଦି-ତସ୍ ) ସର୍ବାଗ୍ରେ, ପୂର୍ବେ, ପ୍ରଥମେ ।

ଆଦିତେୟ, ବି. (ଅଦିତି-ଏୟ—ଅପତ୍ୟାର୍ଥେ) ଅଦିତିସନ୍ତାନ, ଦେବତା ।

ଆଦିତ୍ୟ, ବି. ( ଅଦିତି-ଯ—ଅପତ୍ୟାର୍ଥେ ) ଦେବତା, ଇନ୍ଦ୍ର ପ୍ରଭୃତି । (ଆଦିତ୍ୟ ଋଭବୋଽସ୍ୱପ୍ନାଃ ।) ଦ୍ୱାଦଶ ଆଦିତ୍ୟ ଗଣ- ଦେବତା; ସୂର୍ଯ୍ୟ, ରବି । (ସୂରସୂର୍ଯ୍ୟାର୍ଯ- ମାଦିତ୍ୟ ଦ୍ୱାଦଶାତ୍ମଦିବାକରାଃ । ) ଅର୍କବୃକ୍ଷ; (ଅର୍କନାମଭିରୁ) ପୁନର୍ବସୁ ନକ୍ଷତ୍ର ।

ଆଦିମ, ବିଂ. ( ଆଦି-ମ—ଭବାର୍ଥେ ) ପ୍ରଥମ, ଆଦ୍ୟ; ପ୍ରଥମଭବ ବସ୍ତୁ ।

ଆଦିଷ୍ଟ, ବିଂ. (ଆ-ଦିଶ୍ = ଦାନ କରିବା, ଅନୁମତି କରିବା-ତ) ଆଜ୍ଞପ୍ତ, ଆଦେଶ- ପ୍ରାପ୍ତ, ନିଯୁକ୍ତ; କଥିତ ।

ଆଦୀନବ, ବି. (ଆ = ଅତିଶୟ-ଦୀନ = ଦୈନ୍ୟ- ବ—ଅସ୍ତ୍ୟର୍ଥେ, ଯହିଁରେ ଅତ୍ୟନ୍ତ ଦୈନ୍ୟ ଅଛି; ଅଥବା ଆ-ଦୀ = ଦୀନ ହେବା-ତ, ତ = ନ, ବା = ଗମନ କରିବା-ଅ) କ୍ଳେଶ, ଅସୁଖ । (ଆଦୀନବାସ୍ରବୌ କ୍ଲେଶେ— ଅମର ।) ଦୋଷ । (ଯଦ୍‌ବାସୁଦେବେନା- ଦୀନମନାଦୀନବମୀରିତଂ ।)

ଆଦୃତ, ବିଂ. (ଆ-ଦୃ-ତ) ଆଦରପ୍ରାପ୍ତ; ସମ୍ମାନିତ; ପୂଜିତ; ଅନୁମୋଦିତ । ( ଆଦୃତୌ ସାଦରାର୍ଚ୍ଚିତୌ—ଅମର । ) ଅପ୍ରମତ୍ତ । (ଆମ୍ନାନମାଦୃତୋ ରକ୍ଷେତ୍ ପ୍ରମାଦାଦ୍ଧି ବିନଶ୍ୟତି ।)

ଆଦେଶ, ବି. (ଆ-ଦିଶ୍ = ଦାନ କରିବା, ଅନୁମତି କରିବା-ଅ) ଆଜ୍ଞା, ଅନୁମତି । ଯଥା—

କପି ସେନାମାନେ ମନୁଷ୍ୟ ବେଶ,
ଧରିଲେ ଲକ୍ଷ୍ମଣ ରାମ ଆଦେଶ । କ. ବ.

ବ୍ୟାକରଣରେ ଏକ ବର୍ଣ୍ଣ ସ୍ଥାନରେ ବର୍ଣ୍ଣାନ୍ତରର ଉତ୍ପତ୍ତି ।

ଆଦେଷ୍ଟା, ବିଂ. (ଆ-ଦିଶ୍-ତୃ) ଉପଦେଶକ, ଆଦେଶକର୍ତ୍ତା ।

ଆଦ୍ୟ, ବିଂ. (ଆଦି-ଯ) ପ୍ରଥମ, ଆଦିମ; ପ୍ରଧାନ । ବି. (ସ୍ତ୍ରୀ-ଆ) ଦୁର୍ଗା ।

ଆଦ୍ୟନ୍ତ, ଅଂ. (ଆଦି-ଅନ୍ତ) ପ୍ରଥମଠାରୁ ଶେଷ ପର୍ଯ୍ୟନ୍ତ । ବି. ଆରମ୍ଭ ଓ ଶେଷ ।

ଆଦ୍ୟମାସକ, ଆଦ୍ୟମାଷକ, } ବି. ପାଞ୍ଚ କାଇଁଚ ପରିମାଣ । ( ଗୁଞ୍ଜାପଞ୍ଚାଦ୍ୟମାଷକ — ଅମର । )

ଆଦ୍ୟୂନ, ବି°. (ଆ-ଦିବ୍ = କ୍ରୀଡ଼ା କରିବା, ପୋଷଣ କରିବା-ତ, ବ = ଉ, ତ = ନ, ଯେ ଆପଣାକୁ ମାତ୍ର ପୋଷଣ କରେ) ଔଦରିକ, ଅତିଶୟ ବୁଭୁକ୍ଷାପୀଡ଼ିତ; ବିଜିଗୀଷାରହିତ; ଉତ୍କର୍ଷେଚ୍ଛାରହିତ । (ଆଦ୍ୟୂନଃ ସ୍ୟାଦୌଦରିକୋ ବିଜିଗୀଷା-ବିବର୍ଜିତେ—ଅମର ।) ସ୍ୱାର୍ଥପର; (ଆଦି-ଊନ) ଆଦିଶୂନ୍ୟ ।

ଆଦ୍ୟୋତ, ବି° (ଆ-ଦ୍ୟୁତ୍-ଅ) ପ୍ରକାଶ ।

ଆଦ୍ରିବା, କ୍ରି. (ଦେଶଜ) ଗାଈ ଗର୍ଭବତୀ ହେବା ।

ଆଦ୍ରିୟମାଣ, ବି°. (ଆ-ଦୃ-ମାନ—ଯ-ଆଗମ) ଯାହାକୁ ଆଦର କରା ଯାଉଅଛି, ଆଦରର ପାତ୍ର ।

ଆଧାନ, ବି. (ଆ-ଧା-ଅନ) ଧାରଣ; ସମ୍ପାଦନ; ଉତ୍ପାଦନ ।

ଆଧାର, ବି. (ଆ-ଧୃ-ଅ) ଆଶ୍ରୟ; ବନ୍ଧ ବା ଜଳସଞ୍ଚୟ ସ୍ଥାନ, ଗଛମୂଳର ମଣ୍ଡା, ଆଲବାଳ । (ଆଧାରବନ୍ଧପ୍ରମୁଖୈଃ ପ୍ରଯତ୍ନୈଃ ସଂବର୍ଦ୍ଧିତାନାଂ ସୁତନିର୍ବିଶେଷଂ—କୁ. ସଂ.) ପାତ୍ର, ସ୍ଥାନ । ଯଥା—ଗୁଣାଧାର ।

ଆଧି, ବି. (ଆ-ଧା-ଇ) ବନ୍ଧକ, ଗଚ୍ଛିତବସ୍ତୁ; ବ୍ୟସନ; ଆପତ୍ତି, ବିପଦ; ମନଃପୀଡ଼ା, ଦୁଃଖ, ସନ୍ତାପ; ଅଧିଷ୍ଠାନ, ସ୍ଥାନ । (ବନ୍ଧକଂ ବ୍ୟସନଂ ଚେତଃପୀଡ଼ାଧିଷ୍ଠାନମାଧୟଃ—ଅମର ।)

ଆଧିକ୍ୟ, ବି. (ଅଧିକ-ଯ) ଆତିଶଯ୍ୟ, ଅଧିକତା, ପ୍ରାଧାନ୍ୟ ।

ଆଧିଦୈବିକ, ବି°. (ଅଧି-ଦେବ-ଇକ) ଦୈବଜାତ, ଗ୍ରହାଦିକାରଣସମ୍ଭୂତ ।

ଆଧିଭୌତିକ, ବି°. (ଅଧି-ଭୂତ-ଇକ) ଭୂତଜାତ, କ୍ଷିତ୍ୟାଦି ପଞ୍ଚଭୂତଜାତ ।

ଆଧୁତ, } ବି°. (ଆ = ଈଷତ୍-ଧୁ, ଧୂ = କମ୍ପିବା-
ଆଧୂତ, } ତ) ଈଷତ୍ କମ୍ପିତ, ଆନ୍ଦୋଳିତ, ଚଳିତ; ବିକ୍ଷିପ୍ତ; ଅଭିଭୂତ; ବ୍ୟାକୁଳିତ ।

ଆଧୁନିକ, ବି°. (ଅଧୁନା-ଇକ) ଇଦାନୀନ୍ତନ, ଆଜିକାଲିର ।

ଆଧେୟ, ବି°. (ଆ-ଧା-ଯ) ଆଶ୍ରିତ, ଆଧାରସ୍ଥ, ଆଧାନଯୋଗ୍ୟ ।

ଆଧୋରଣ, ବି. (ଆ-ଧୋର୍ = ଗତିଚାତୁର୍ଯ୍ୟ କରିବା-ଅନ) ହସ୍ତିପକ, ମାହୁନ୍ତ । (ଆଧୋରଣା ହସ୍ତିପକାଃ—ଅମର ।)

ଆଧ୍ମାତ, ବି°. (ଆ-ଧ୍ମା = ଶବ୍ଦ କରିବା, ଅଗ୍ନି-ସଂଯୋଗ କରିବା-ତ) ଶବ୍ଦିତ, ଧ୍ୱନିବିଶିଷ୍ଟ । ଯଥା—ଅର୍ଜୁନକର୍ତ୍ତୃକ ଦେବଦତ୍ତ ଆଧ୍ମାତ ହେଲାରୁ ଶତ୍ରୁ ହୃଦୟ ବିକମ୍ପିତ ହେଲା । ବାୟୁପୂରିତ, ସ୍ଫୀତ; ଅଗ୍ନିସଂଯୁକ୍ତ, ଦଗ୍ଧ; ବିବର୍ଦ୍ଧିତ । (ଭାବବାଚ୍ୟରେ 'ତ' ପ୍ରତ୍ୟୟ ହେଲେ) ଶବ୍ଦ; ସ୍ଫୀତି; ଦାହ; ବାତଜନିତ ପେଟଫୁଲା ।

ଆଧ୍ମାନ, ବି. (ଆ-ଧ୍ମା-ଅନ) ଉଚ୍ଚାରଣ; ଶବ୍ଦ; ବୃଦ୍ଧି; ବାତରୋଗ ହେତୁ ପେଟର ଗୁଡ଼ୁ ଗୁଡ଼ୁ ଶବ୍ଦ ଓ ସ୍ଫୀତତା ।

ଆଧ୍ୟାତ୍ମିକ, ବି°. (ଅଧି-ଆତ୍ମନ୍-ଇକ) ଆତ୍ମ-ସମ୍ବନ୍ଧୀୟ, ମାନସିକ; ବ୍ରହ୍ମବିଷୟକ, ଈଶ୍ୱରସମ୍ବନ୍ଧୀୟ ।

ଆଧ୍ୟାନ, ବି. (ଆ-ଧ୍ୟୈ = ଚିନ୍ତା କରିବା-ଅନ) ସ୍ମରଣ; ଦୁର୍ଭାବନା, ଦୁଶ୍ଚିନ୍ତା । (ଚିନ୍ତା ତୁ ସ୍ମୃତିରାଧ୍ୟାନଂ ସ୍ମରଣଂ ସମ୍ପୃହେ ମୁନଃ—ଶବ୍ଦାର୍ଣ୍ଣବ ।) (ଅଧ୍ୟୟନ ଶବ୍ଦଜ) ପଢ଼ିବା । ଯଥା—

ବେଦ ଆଧ୍ୟାନ କରିଲେ ଜନ୍ମର ଆଗର,
ଦାନ ନ ଘେନୁଁ ମାଗିଲେ ଦେବୁ ଭୁ ସମର ।
ସା. ଭୂ. ଆ.

ଆନ, ବି°. (ଅନ୍ୟ ଶବ୍ଦଜ) ଭିନ୍ନ; ଶପଥ ବା ରାଣ । ଯଥା—

ବଂଶାର୍କ ଆନନ ଶୋଭା ଆନ ଆନ,
ଆନ ନ ଲଙ୍ଘେ ଯା ଦେବଗୋପ । ବୈ. ବି.

ଅନ୍ୟ, ଇତର । ଯଥା—

ପଛେ ବସି ଆନ କେହୁ ମାରଇ ଡକୁଣି । ମ. ଯା.

**ଆନକ**, ବି. (ଆ-ଅଣ୍ = ଶବ୍ଦ କରିବା-ଅକ) ପଟହ, ଢକ୍କା, ଭେରୀ, ମୃଦଙ୍ଗାଦି । (ଭେରୀ ପଟହମାନକୌ—ଅମର ।) ଧ୍ୱନଦମ୍ବୁଦ ବା ସଶବ୍ଦ ମେଘ । (ଆନକଃ ପଟହେ ଭେର୍ଯ୍ୟାଂ ମୃଦଙ୍ଗେ ଧ୍ୱନଦମ୍ବୁଦେ—ମେଦିନୀ ।) ବିଂ. ଶବ୍ଦାୟମାନ; ଉତ୍ସାହକାରକ ।

**ଆନକଦୁନ୍ଦୁଭି**, ବି. (ହରିବଂଶରେ ଉକ୍ତ ଅଛି ଏହାଙ୍କର ଜନ୍ମକାଳରେ ଦେବତାମାନଙ୍କର ଆନକ ଏବଂ ଦୁନ୍ଦୁଭିର ଧ୍ୱନି ହୋଇଥିବାରୁ ଏହାଙ୍କ ନାମ ଆନକଦୁନ୍ଦୁଭି ହେଲା ।) ବସୁଦେବ, ଶ୍ରୀକୃଷ୍ଣଙ୍କ ପିତା । (ଆନକଦୁନ୍ଦୁଭି) ବୃହତ୍ ଢକ୍କା ।

**ଆନତ**, ବିଂ. (ଆ-ନମ୍-ତ) ନମ୍ରୀଭୂତ, ଅବନତ । ଯଥା—ଆନତମସ୍ତକ । ଆନତଶାଖା; ପତିତ; ପ୍ରଣତ । ଯଥା—ପଦାନତ । ଅଧୋମୁଖ ।

**ଆନଦ୍ଧ**, ବି. (ଆ-ନହ୍ = ବନ୍ଧନ କରିବା-ତ) ଯାହାର ମୁଖ ଚର୍ମଦ୍ୱାରା ବନ୍ଧ, ମୁରଜ; ମୃଦଙ୍ଗ ଆଦି । (ଆନଦ୍ଧଂ ମୁରଜାଦିକଂ—ଅମର ।) ବେଶଭୂଷାଦି । ବିଂ. ବଦ୍ଧ; ଅସ୍ତ୍ରାଦିଦ୍ୱାରା ସଜ୍ଜିତ; ବ୍ୟାପ୍ତ ।

**ଆନନ**, ବି. (ଆ-ଅନ୍ = ବଞ୍ଚିବା-ଅନ, ଯାହାଦ୍ୱାରା ଆହାର କରି ବଞ୍ଚିବାକୁ ହୁଏ) ମୁଖ, ବଦନ ।

**ଆନନ୍ଦ**, ବି. (ଆ-ନନ୍ଦ୍-ଅ) ଆହ୍ଲାଦ, ହର୍ଷ; ସୁଖ; ପରମାତ୍ମା; ବ୍ରହ୍ମ । ବିଂ. ଆନନ୍ଦଜନକ, ହର୍ଷବିଶିଷ୍ଟ ।

**ଆନନ୍ଦଥୁ**, ବି. (ଆ-ନନ୍ଦ୍-ଅଥୁ) ହର୍ଷ, ଆନନ୍ଦ । ବିଂ. ହର୍ଷଯୁକ୍ତ, ଆନନ୍ଦବିଶିଷ୍ଟ । (ସ୍ୟାଦାନନ୍ଦଥୁରାନନ୍ଦଃ—ଅମର ।)

**ଆନନ୍ଦନ**, ବି. (ଆ-ନନ୍ଦ୍-ଅନ) ସମ୍ବର୍ଦ୍ଧନା, ସାକ୍ଷାତ୍ ସମୟରେ ପରସ୍ପର ସୌଜନ୍ୟ ପ୍ରକାଶ; ସ୍ୱାଗତ ପ୍ରଶ୍ନପୂର୍ବକ ସତ୍କାର କରିବା; ହର୍ଷ । ବିଂ. ହର୍ଷଜନକ ।

**ଆନୟନ**, ବି. (ଆ-ନୀ-ଅନ) ଆଣିବା, ସ୍ଥାନାନ୍ତର ପ୍ରାପଣ ।

**ଆନର୍ତ୍ତ**, ବି. (ଆ-ନୃତ୍-ଅ) ନୃତ୍ୟଶାଳା, ରଙ୍ଗଭୂମି; ଯୁଦ୍ଧ; ଦ୍ୱାରକା ନାମକ ଦେଶ । (ଆନର୍ତ୍ତଃ ସମରେ ନୃତ୍ୟସ୍ଥାନନୀବୃଦ୍‌ବିଶେଷୟୋଃ—ଅମର ।) ଆନର୍ତ୍ତ ବା ଦ୍ୱାରକା ଦେଶବାସୀ ଜନ; ସ୍ୱନାମପ୍ରସିଦ୍ଧ ରାଜା; ଜଳ । (ଆନର୍ତ୍ତୋ ନୃତ୍ୟଶାଳାୟାଂ ଜଳେ ଜନପଦାନ୍ତରେ—ଅଜୟ ।)

**ଆନାୟ**, ବି. (ଆ-ନୀ-ଅ) ଜାଲ, ମାଛ ଧରିବା ଯନ୍ତ୍ରବିଶେଷ ।

**ଆନାଯ୍ୟ**, ବି. (ଆ-ନୀ-ଯ) ଦକ୍ଷିଣାଗ୍ନି, ଅଗ୍ନିଗୃହର ଦକ୍ଷିଣ ଭାଗରେ ସ୍ଥାପିତ ଅଗ୍ନି; ହୋମ କରିବାପାଇଁ ଗୃହରୁ ଆଣି ଦକ୍ଷିଣରେ ସ୍ଥାପିତ ଅଗ୍ନି । (ଯୋ ଗାର୍ହପତ୍ୟାଦାନୀୟ ଦକ୍ଷିଣାଗ୍ନିଃ ପ୍ରଣୀୟତେ ତସ୍ମିନ୍ନାନାଯ୍ୟଃ—ଅମରଃ ।) ବିଂ. ଆନୟନଯୋଗ୍ୟ ।

**ଆନାହ**, ବି. (ଆ-ନହ୍-ଅ) କୋଷ୍ଠବଦ୍ଧ ରୋଗ, ମଳବଦ୍ଧ ରୋଗ; ମଳ ମୂତ୍ର ନିରୋଧ; ଦୀର୍ଘତା, ଦୈର୍ଘ୍ୟ ।

**ଆନୁପୂର୍ବ**, **ଆନୁପୂର୍ବୀ**, **ଆନୁପୂର୍ବ୍ୟ**, } (ଅନୁ-ପୂର୍ବ-ଅ, ଯ, ସ୍ତ୍ରୀ-ଈ) ଯଥାକ୍ରମ, ଆଗପଛ କ୍ରମ; ଅନୁକ୍ରମ; ପରିପାଟୀ ।

**ଆନୁପୂର୍ବିକ**, ବିଂ. (ଆନୁପୂର୍ବ-ଇକ) ଅନୁକ୍ରମଯୁକ୍ତ, କ୍ରମାନୁସାରୀ । ଯଥା—ଆନୁପୂର୍ବିକ ବର୍ଣ୍ଣନା କର ।

**ଆନୁମାନିକ**, ବିଂ. (ଅନୁମାନ-ଇକ) ଅନୁମାନସିଦ୍ଧ ।

**ଆନୁଷଙ୍ଗିକ**, ବିଂ. (ଅନୁଷଙ୍ଗ-ଇକ) ସଂଲଗ୍ନ, ସଂପୃକ୍ତ; ଯାହା ଅନ୍ୟ ବିଷୟ ସଙ୍ଗେ ଘଟେ ବା ସମ୍ପନ୍ନ ହୁଏ; ଅପ୍ରଧାନ ।

**ଆନ୍ଦୋଳନ**, ବି. (ଆ-ଦୋଲ୍-ଅନ) ଅନୁଶୀଳନ, କୌଣସି ବିଷୟ ନେଇ ତର୍କ ବିବେଚନା ବା ବାଦାନୁବାଦ; କମ୍ପନ; ଦୋଳନ, ଦୋଳା ।

**ଆନ୍ଧସିକ**, ବିଂ. (ଅନ୍ଧସ୍ = ସିଦ୍ଧ ତଣ୍ଡୁଳ-ଇକ-ପାକାର୍ଥେ, ଅନ୍ଧଃ ଓଦନଂ ଶିଳ୍ପଂ ଯେଷାଂ ତେ) ଅନ୍ନପାଚକ, ସୂପକାର, ସୁଆର । (ଆରାଳିକା ଆନ୍ଧସିକାଃ ସୂଦାଔଦନିକା-ଗୁଣାଃ—ଅମର ।)

**ଆନ୍ୱୀକ୍ଷିକୀ**, ବି. ସ୍ତ୍ରୀ. (ଅନ୍ୱୀକ୍ଷା-ଅନୁ = ପଶ୍ଚାତ୍ ବା ଅନୁସାରେ-ଈକ୍ଷ୍ = ଦେଖିବା-ଆ-ଇକ-ପ୍ରୟୋଜନାର୍ଥେ—ସ୍ତ୍ରୀ-ଈ) ଗୌତମାଦି ପ୍ରଣୀତ ନ୍ୟାୟଶାସ୍ତ୍ର, ତର୍କବିଦ୍ୟା; ଆଧ୍ୟାତ୍ମିକ ବିଦ୍ୟା । (ଆନ୍ୱୀକ୍ଷିକୀ ଦଣ୍ଡନୀତିସ୍ତର୍କ-ବିଦ୍ୟାର୍ଥଶାସ୍ତ୍ରୟୋଃ—ଅମର ।) ଦୁର୍ଗା । (ଅନ୍ୱୀକ୍ଷଂ କୁରୁତେ ଯସ୍ମାତ୍ ତସ୍ମାଦାନ୍ୱୀକ୍ଷିକୀ ସ୍ମୃତା—ଦେବୀପୁରାଣ ।)

**ଆପଃ**, ବି. (ଆପ୍ = ପାଇବା-ଅସ୍) ଜଳ, ଜଳରାଶି ।

**ଆପ**, ବି. (ଅପ୍-ଅ-ସମୂହାର୍ଥେ) ଜଳ, ଜଳରାଶି ।

**ଆପକ୍ୱ**, ବିଂ. (ଆ = ଈଷତ୍-ପକ୍ୱ) ଅର୍ଦ୍ଧପକ୍ୱ, ଈଷତ୍ପକ୍ୱ । ବି. ପୁଳିପିଠା । (ଆପକ୍ୱଂ ପୌଳିରଭ୍ୟୂଷଃ—ଅମର ।)

**ଆପଗା**, ବି. ସ୍ତ୍ରୀ. (ଆପ-ଗମ୍-ଅ-ଆ) ଯହିଁରେ ଜଳ ଗମନ କରେ, ନଦୀ ।

**ଆପଟ**, ବି. (ଦେଶଜ) ଆବରଣ । ଯଥା—

ସଂଯମ ଆପଟେ ଏହିରୂପେ ରହି
ନପଟ ରଙ୍କ ପରାୟେ । ଯ. କେ.

ଓଡ଼ିଆ ନାମକ ଶୂଦ୍ରଜାତିର ଉପାଧି ସଂଜ୍ଞା । ଯଥା—

ଅନ୍ୟ କୁଳେ ଜନ୍ମିଥିଲେ ଯେଉଁ ଜନ
ତୁମ୍ଭର ଆପଟ ହେବାକୁ ସ୍ୱଜନ । ଦରବାର ।

ଅଢ଼ୁଖା; ଆଶ୍ରୟ । ଯଥା—ଏ ତାଙ୍କର ଆପଟରେ ରହିଲେଣି ।

**ଆପଟବେହେରା**, ବି. (ଦେଶଜ) ଆପଟମାନଙ୍କର କୁଳାଧିକାରୀ, ଯେଉଁ ବେହେରାମାନେ ରାଜାଙ୍କ ନହରରେ କାର୍ଯ୍ୟ କରନ୍ତି ।

**ଆପଣ**, ବି. (ଆ-ପଣ = ବାଣିଜ୍ୟ କରିବା-ଅ) ବିକ୍ରୟ ଦ୍ରବ୍ୟଶାଳା, ଦୋକାନ; ହାଟ; ବଜାର; (ଦେଶଜ) ବିଶିଷ୍ଟପୁରୁଷ ମାନ୍ୟ ହେଲେ ଯୁଷ୍ମତ୍ ପରିବର୍ତ୍ତରେ ଏହି ଶବ୍ଦର ପ୍ରୟୋଗ ହୁଏ । ଯଥା—ଆପଣ କଣ କହୁଛନ୍ତି ? ଗୁରୁ; ବାଲ୍ୟକାଳର ଶିକ୍ଷକ । (ଆତ୍ମନ୍ ଶବ୍ଦଜ) ଆପେ । ଯଥା—

ଚଉଭଙ୍ଗୀମାନ ଗାଉସଙ୍ଗୀ ହେଲ
ମୂର୍ତ୍ତିମନ୍ତରେ ଆପଣ ଯେ । ବି.ଚ.ମ.

**ଆପଣା**, ସଂ. (ଆତ୍ମନ୍ ଶବ୍ଦଜ) ନିଜେ, ଆପେ, ସ୍ୱୟଂ । ଯଥା—

ଆପଣା ଅର୍ଜିଲା ପାପ ଆପଣାକୁ ଗଲ,
ଏ କଥାକୁ ଅର୍ଜୁନ ମୁଁ ନ ମଣଇ ଭଲ । ନା.ର.ଗୀ.

**ଆପଣିକ**, ବି. (ଆପଣ = ଦୋକାନ-ଇକ) ଦୋକାନୀ, ବିକ୍ରେତା, ବାଣିଜ୍ୟକାରୀ । (ପଣ୍ୟାଜୀବୋ ହ୍ୟାପଣିକଃ—ଅମର ।)

**ଆପଣେ**, ସଂ. (ଆତ୍ମନ୍ ଶବ୍ଦଜ) ନିଜେ; ସମ୍ବୋଧନ । ଯଥା—ହେ ଆପଣେ !

**ଆପତ୍ତି**, ବି. ସ୍ତ୍ରୀ. (ଆ-ପଦ୍ = ଗମନ କରିବା, ଦୁଃଖିତ ହେବା-ତି) ବିପତ୍ତି, ବ୍ୟସନ, ବିପଦ୍; ପ୍ରାପ୍ତି; ତର୍କ, ବିପରୀତଯୁକ୍ତି-ପ୍ରଦର୍ଶନ; ଦୋଷ; ବାଧାଦାନ; ତିରସ୍କାର, ଭର୍ତ୍ସନା; ଅସମ୍ମତି ।

**ଆପଦ୍**, ବି. (ଆ-ପଦ୍-କ୍ୱିପ୍) ବିପଦ; ଦୁଃଖ; ଦୁର୍ଭାଗ୍ୟ; ଦୁର୍ଘଟନା ।

**ଆପଦର୍ପ**, ବି. (ଦେଶଜ) ଆଶ୍ୱାସନା, ଆଦର । ଯଥା—ଏ ପିଲାଟିକୁ ଆପଦର୍ପ କରି ରଖ, କାଳେ ଲୋଡ଼ାକୁ ଆସିବ ।

**ଆପନ୍ନ**, ବିଂ. (ଆ-ପଦ୍-ତ, ତ = ନ) ବିପଦ୍-ପ୍ରାପ୍ତ, ବିପଦ୍ଗ୍ରସ୍ତ; ପ୍ରାପ୍ତ, ଲବ୍ଧ ।

**ଆପନ୍ନସତ୍ତ୍ୱା**, ବି. ସ୍ତ୍ରୀ. (ଆପନ୍ନ = ପ୍ରାପ୍ତ-ସତ୍ତ୍ୱ = ପ୍ରାଣୀ—ଯେ ଗର୍ଭରେ ଅପତ୍ୟ ପ୍ରାପ୍ତ ହୋଇଅଛି) ଗର୍ଭିଣୀ, ଗର୍ଭବତୀ ।

**ଆପାତ**, ବି. (ଆ-ପତ୍ = ଗମନ କରିବା-ଅ) ପତନ; ଆଗମନ । ଯଥା—ଅକସ୍ମାତ୍ ଆପାତ । ଉପସ୍ଥିତ; ତତ୍କାଳ; ପ୍ରଥମ ସମୟ; ଘଟନା ସମୟ । ଯଥା—ଆପାତରମଣୀୟ ପରିଣାମବିରସ ବିଷୟ ତ୍ୟାଗ କର ।

**ଆପାତତଃ**, କ୍ରି. ବିଂ. (ଆପାତ-ତସ୍) ସମ୍ପ୍ରତି, ବର୍ତ୍ତମାନ; ପ୍ରଥମତଃ; ବିନା କାରଣରେ ।

**ଆପାଦମସ୍ତକ**, ବିଂ. ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ।

**ଆପାଦିବାର**, କ୍ରି. (ଦେଶଜ) ଆଶ୍ୱାସିବା, ମନକୁ ସ୍ଥିର କରାଇବା । ଯଥା—

**ଆପାଦି କହନ୍ତି କୃଷ୍ଣ ଧଇର୍ଯ୍ୟ ହେବାରେ,**
**ଆରମ୍ଭିଲୁ ଚେଷ୍ଟା ତୁମ୍ଭ ମନ ଜାଣିବାରେ । ବି. ଚି. ମ.**

**ଆପାନ**, ବି. (ଆ-ପା-ଅନ) ମଦ୍ୟପାନର ପାତ୍ର; ମଦ୍ୟପାନର ସ୍ଥାନ; ସୁରାପାନଗୋଷ୍ଠୀ । (ଆପାନଂ ପାନଗୋଷ୍ଠିକା ।)

**ଆପିଖ୍ୟା**, ବି. (ଅପେକ୍ଷା ଶବ୍ଦଜ) ଅପେକ୍ଷା, ଜଗି ବସିରହିବା ।

**ଆପିଲ**, } ବି. (ଇଂରାଜି ଆପୀଲ ଶବ୍ଦଜ)
**ଅପିଲ**, } ଉଚ୍ଚତର ବିଚାରାଳୟରେ ପୁନର୍ବିଚାର ପ୍ରାର୍ଥନା ।

**ଆପୀଡ଼**, ବି. (ଆ-ପୀଡ଼=ପୀଡ଼ନ କରିବା-ଅ-ଯାହାଦ୍ୱାରା ମସ୍ତକ ପୀଡ଼ିତ ହୁଏ) ଶିରୋଭୂଷଣ, କିରୀଟ; ଶିଖାସ୍ଥିତ ମାଲ୍ୟ; ସମ୍ୟକ୍-ପୀଡ଼ା; ପୀଡ଼ାଦାନ; ଆପୀଡ଼ନ ବା ବନ୍ଧନ-ବିଶେଷ; ଗୃହବହିର୍ନିସୃତ କାଷ୍ଠ ।

**ଆପୀଡ଼ନ**, ବି.(ଆ-ପୀଡ଼୍-ଅନ) ସମ୍ୟକ୍‌ପୀଡ଼ନ; ଦୃଢ଼ବନ୍ଧନ; ଗାଢ଼ାଲିଙ୍ଗନ; ପୀଡ଼ାଦାନ ।

**ଆପୀନ**, ବି. (ଆ-ସମ୍ୟକ୍-ପ୍ୟାୟୀ=ବୃଦ୍ଧି ପାଇବା-ତ, ଯାହା ପାନ କରାପାଏ) ଗବାଦିର ସ୍ତନ, ଗୋରୁର ପହ୍ନା । (ଊଧସ୍ତୁ କ୍ଲୀବମାପୀନଂ—ଅମର ।) ବିଂ. ଈଷତ୍‌ସ୍ଥୂଳ; ସମ୍ୟକ୍‌ସ୍ଥୂଳ ।

**ଆପୁ**, ବି. (ଆଫୁକ ଶବ୍ଦଜ) ଅଫିମ । ଯଥା—

**ନଟ ଗୋପାଳର ଗଞ୍ଜାଇ ଆପୁ,**
**ଦିନେ ନୋହିଲେ ସେ ନ ଚଳେ ଟାପୁ । ହା. ତ.**

**ଆପୁଆ**, ବିଂ. (ଓଡ଼ିଆ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ଯାହାର ଅଫିମ ସେବନ କରିବାର ଅଭ୍ୟାସ ଥାଏ, ଅଫିମା ।

**ଆପୁଖୋର**, ବିଂ. (ଦେଶଜ) ଆପୁଆ, ଯେ ବିଶେଷ ଅଫିମ ଖାଏ ।

**ଆପୁଲି**, ବିଂ. ଅହିଫେନସେବୀ, ଯେ ଅଧିକ ଅଫିମ ଖାଏ ।

**ଆପୂପ**, ବି. (ଅପୂପ-ଅ—ସ୍ୱାର୍ଥେ) ପିଷ୍ଟକ ।

**ଆପୂପିକ**, ବିଂ. (ଅପୂପ=ପିଷ୍ଟକ-ଇକ-ପାକାର୍ଥେ) ପିଷ୍ଟକବ୍ୟବସାୟୀ, ପିଷ୍ଟକ-ବିକ୍ରେତା; ପିଷ୍ଟକପ୍ରିୟ । (ଇକ=ସମୂହାର୍ଥେ) ପିଷ୍ଟକସମୂହ ।

**ଆପୂପ୍ୟ**, ବି. (ଅପୂପ-ଯ—ଇଦମର୍ଥେ) ମଇଦା ଅଟା ପ୍ରଭୃତି, ପିଷ୍ଟକସାଧନ ବସ୍ତୁ ।

**ଆପେ,ଆପ**, ବିଂ.(ଆତ୍ମନ୍ ଶବ୍ଦଜ) ସ୍ୱୟଂ । ଯଥା—

**କନ୍ଦର୍ପ ପ୍ରତାପେ ମନୁ ଆପେ**
**ମାନବନ୍ତି ମାନ ଛାଡ଼ିଲେ । ର. କ.**

**ରାଜା ଦଣ୍ଡ ଦିଏ କରି କୋପ,**
**ଏଥକୁ ଚିନ୍ତା ନ କର ଆପ । ବି. ରା.**

**ଆପ୍ତ**, ବିଂ. (ଆପ୍=ପାଇବା-ତ) ଯାହାଠାରେ ସମ୍ପୂର୍ଣ୍ଣ ବିଶ୍ୱାସ କରାଯାଇ ପାରେ, ବିଶ୍ୱସ୍ତ; ଆତ୍ମୀୟ, ବନ୍ଧୁ; ଲବ୍ଧ; ଯୁକ୍ତ; ହିତ; କୁଶଳ ବା ପାରଗ । ବି. ଭ୍ରମପ୍ରମାଦଶୂନ୍ୟ ମୁନି ପ୍ରଭୃତି ।

**ଆପ୍ତି**, ବି· ସ୍ତ୍ରୀ. (ଆପ୍-ତି) ଲାଭ, ପ୍ରାପ୍ତି । (ତପଃ କଳେଦଂ ତଦବାପ୍ତି ସାଧନଂ ।) ଯୋଗ, ସଂଯୋଜନ; ସମ୍ବନ୍ଧ; ଯୋଗ୍ୟତା; ବ୍ୟାପ୍ତି । (ଆପତ୍ତି ଶବ୍ଦଜ) ବିପତ୍ତି, ବିପଦ; ବାଧା ।

**ଆପ୍ୟାନ**, ବିଂ. (ଆ-ପ୍ୟାୟୀ=ବୃଦ୍ଧି ପାଇବା-ତ, ତ=ନ) ବଳିଷ୍ଠ; ସ୍ଥୂଳ; ସ୍ଫୀତ; (ଆ-ପ ଧାତୁଜ) ପାନ । ଯଥା—

**ଗୋବିନ୍ଦ-ସୁଧାରସ ଆପ୍ୟାନ ତୁଣ୍ଡେ କର,**
**ମୁଖରେ ବୋଲୁଥାଇ ଶ୍ରୀରାମ କୃଷ୍ଣ ହରି । ନୃ.ପୁ.ଭୃ.ତ.**

(ଆପ୍ୟାୟନ ଶବ୍ଦଜ) ତୃପ୍ତି, ପ୍ରୀଣନ ।

**ଆପ୍ରଚ୍ଛନ**, } ବି· (ଆ-ପ୍ରଚ୍ଛ୍=ଜିଜ୍ଞାସା କରିବା-
**ଆପ୍ରଚ୍ଛନ୍ନ**, } ଅନ) ଗମନାଗମନ ସମୟରେ ବନ୍ଧୁବର୍ଗର ଆଲିଙ୍ଗନ, ସ୍ୱାଗତପ୍ରଶ୍ନାଦିରେ ଆନନ୍ଦସମ୍ପାଦନ; ଆଭାଷଣ; ଜିଜ୍ଞାସା । (ଆନନ୍ଦନସଭାଜନେ ଆପ୍ରଚ୍ଛନ୍ନଂ—ଅମର ।)

**ଆପ୍ରପଦ**, ବି. (ଆ=ଅବଧି-ପ୍ରପଦ=ପାଦାଗ୍ର) ପାଦାଗ୍ର ପର୍ଯ୍ୟନ୍ତ, ଚରଣପ୍ରାନ୍ତାବଧି ।

**ଆପ୍ରପଦୀନ**, ବିଂ. (ଆପ୍ରପଦ-ଈନ) ସ୍କନ୍ଧଠାରୁ ପାଦାଗ୍ର ପର୍ଯ୍ୟନ୍ତ ଲମ୍ବମାନ (ବସ୍ତ୍ରମାଲ୍ୟାଦି) ।

ଆପ୍ଲବ, ଆପ୍ଲାବ, ଆପ୍ଲବନ, } ବି. (ଆ-ପ୍ଲୁ = ଜଳରେ ଭାସିଯିବା-ଅ, ଅନ) ସ୍ନାନ, ଜଳରେ ଅବଗାହନ; ଜଳପ୍ଲାବନ ବା ପାଣିରେ ପହଁରିବା; ଜଳପ୍ରକ୍ଷେପ ।

ଆଫିସ, ବି. (ଇଂରାଜୀ ଶବ୍ଦ) କଚେରି ।

ଆଫୁକ, ବି. ଅହିଫେନ, ଆଫୁ ।

ଆବଦ୍ଧ, ବି. (ଆ-ବନ୍ଧ୍-ତ) ବ୍ୟାପୃତ; ବଦ୍ଧ; ସଂଲଗ୍ନ; ବିରଚିତ; କଳ୍ପିତ; ପ୍ରତିରୁଦ୍ଧ । ଯଥା—ମୁଁ ରାଜକାର୍ଯ୍ୟରେ ଆବଦ୍ଧ ଅଛି ।

ଆବନ୍ଧ, ବି. (ଆ-ବନ୍ଧ୍-ଅ) (ଯାହାଦ୍ୱାରା ଜୁଆଳି ସହିତ ଈଶାଦଣ୍ଡ ବନ୍ଧନ କରାଯାଏ) ଯୋତା, ଯୋତା ଦଉଡ଼ି; ଯୁଗବନ୍ଧନୋପଯୋଗିନୀ ରଜ୍ଜୁ; ସମ୍ବନ୍ଧ; ପ୍ରେମ, ପ୍ରଣୟ; ଦୃଢ଼ବନ୍ଧନ ।

ଆବା, ଅଂ. (ଦେଶଜ) ପୀଡ଼ାସୂଚକାର୍ଥ । ଯଥା—

ଆବା ଆବା ବୋଲି ପାଇକେ ଦୁଃଖେ ମଲେ,
ଫେରି ଘୋଷରାଇ ଯୁଦ୍ଧରୁ ଗଲେ ଖଣ୍ଡ ।
କୃ. ଖ. ଖ. ପ.

ଆଶ୍ଚର୍ଯ୍ୟସୂଚକାର୍ଥ । ଯଥା—ଆବା ଏତେବଡ଼ କାମରେ ହାତ ଦେଇଅଛ !

ଆବାକାବା, ବିଂ. (ଦେଶଜ) କିଂକର୍ତ୍ତବ୍ୟବିମୂଢ଼ ହୋଇ ଚାହିଁ ରହିବା ।

**ଆବାଦଜମି,** ବି. (ଯାବନିକ) ଚଷାଭୂମି, ଯେଉଁ ଭୂମିର ଚାଷ ହୋଇ ଯାଇଥାଏ ।

**ଆବୁଡ଼ାଖାବୁଡ଼ା,** ବିଂ. (ଦେଶଜ) ଉଚ୍ଚନୀଚ, ଅସମାନ, ବନ୍ଧୁର ।

ଆବୁତ୍ତ, ବି. (ଆ = ସମ୍ୟକ୍-ବୁଧ = ଜାଣିବା-ତ, ଧ = ତ) ଭଗିନୀପତି । (ନାଟକାଦିରେ ଏହି ଶବ୍ଦ ପ୍ରଯୋଜ୍ୟ)

ଆଭରଣ, ବି. ( ଆ-ଭୃ-ଅନ ) ଅଳଙ୍କାର, ଭୂଷଣ; ସମ୍ୟକ୍ ଭରଣପୋଷଣ ।

ଆଭା, ବି. ସ୍ତ୍ରୀ. (ଆ-ଭା = ଦୀପ୍ତି ପାଇବା-ଅ-ଆ) ଶୋଭା, କାନ୍ତି, ଦୀପ୍ତି; ଉପମା, ସାଦୃଶ୍ୟ ।

ଆଭାଷ, ବି. (ଆ-ଭାଷ୍ = କହିବା-ଅ) ଅବତରଣିକା, ମୁଖବନ୍ଧ, ଭୂମିକା; ଆଭାଷଣ, ଆଳାପ—ଯେପରି ମଧୁରାଭାଷ । ଅନୁଷ୍ଠାନ ।

ଆଭାଷଣ, ବି. ( ଆ-ଭାଷ୍-ଅନ ) ଆଳାପ, ପରସ୍ପର କଥାବାର୍ତ୍ତା; ଉକ୍ତି ।

ଆଭାସ, ବି. (ଆ-ଭାସ୍-ଅ) ଦୀପ୍ତି; ସାଦୃଶ୍ୟ; ଅଭିପ୍ରାୟ; ସୂଚନା; ପ୍ରତିବିମ୍ବ ।

ଆଭୀର, ବି. (ଆ-ଅଭି-ଈର୍ = ପ୍ରେରଣ କରିବା-ଅ କିମ୍ବା ଆ-ଭୀ-ରା = ଦାନ କରିବା-ଅ) ଜାତିବିଶେଷ, ଗୋପାଳ, ଗଉଡ଼; ଦେଶବିଶେଷ; ଆଭୀରଦେଶବାସୀ ଜନ । (ସ୍ତ୍ରୀ-ଈ) ଗୋପାଳୁଣୀ, ଗୋପିକା । ଯଥା—

ଆଭୀରୀନିକର ପ୍ରଗାଢ଼ ନିବିଡ଼
କ୍ରୀଡ଼ାସୁଖଶ୍ରୀ ସ୍ମର । ଉଦ୍ଧବଦୂତ ।

ଆଭୀଳ, ବି. (ଆ-ଅଭି-ଇଳ୍ = ଶୟନ କରିବା, କଷ୍ଟ ପାଇବା ଇତ୍ୟାଦି-ଅ) ଶାରୀରିକ ଯନ୍ତ୍ରଣା; କ୍ଲେଶ, କଷ୍ଟ । (ସ୍ୟାତ୍କଷ୍ଟଂ କୃଚ୍ଛ୍ରମାଭୀଳଂ—ଅମର ।) (ଆ-ଭୀ = ଭୟ-ଳ-ଅସ୍ତ୍ୟର୍ଥେ, ଅଥବା ଆ-ଭୀ-ଲା = ଗ୍ରହଣ କରିବା-ଅ) ବିଂ. ଭୟାନକ, କଷ୍ଟଯୁକ୍ତ ।

ଆଭୋଗ, ବି. ( ଆ-ଭୁଜ୍-ଅ ) ପୂର୍ଣ୍ଣତା । ( ଆଭୋଗଃ ପରିପୂର୍ଣ୍ଣତା—ଅମର । ) ସମ୍ୟକ୍ ଭୋଗ; ବିସ୍ତାର ।

ଆଭୋଗୀ, ବିଂ. ( ଆଭୋଗ = ପୂର୍ଣ୍ଣତା-ଇନ୍-ଅସ୍ତ୍ୟର୍ଥେ ) ପୂର୍ଣ୍ଣତାଯୁକ୍ତ, ସମ୍ପୂର୍ଣ୍ଣ । ଯଥା—

ଏ ସ୍ଥାନେ କନକାମ୍ବୁଜ ପରିମଳ ଭୋଗୀ
ବହେ ମାରୁତ । କା.ପ.ନା.

ଆମ, ବିଂ. (ଆ-ଅମ୍ = ରୁଗ୍ଣ ହେବା, ଗମନ କରିବା-ଅ) ଅପକ୍ୱ, ଅସିଦ୍ଧ, ବହ୍ନିଃପାକରହିତ । ଯଥା—ଆମାନ୍ନ । ବି. ଉଦରସ୍ଥ ଅପକ୍ୱଦୁଷ୍ଟରସ; ଅଜୀର୍ଣ୍ଣରୋଗ, ତୁଷରହିତ ଧାନ୍ୟାଦି । (ଆମଂ ବିତୁଷମିତ୍ୟୁକ୍ତଂ ।)

ଆମଗନ୍ଧ, ଆମଗନ୍ଧୀ, } ବିଂ. (ଆମ-ଗନ୍ଧ୍-ଇ, ଆମ-ଗନ୍ଧ୍-ଇନ୍) ଦୁର୍ଗନ୍ଧ; ପୂତିଗନ୍ଧଯୁକ୍ତ । ବି. ଦୁର୍ଗନ୍ଧ, ଶବ ଧୂମାଦିର ଗନ୍ଧ ।

ଆମଞ୍ଚ, } ବି. (ଆକୁଞ୍ଚନ ଶବ୍ଦଜ) ଶର-
ଆମଞ୍ଚନ, } ସନ୍ଧାନ, ଧନୁରେ ଶରଯୋଗ । ଯଥା—

**ମାରିବି ଏ ମୃଗ ବୋଲି ମନେ କଲି ପାଞ୍ଚ,**
**ଗୁଣ ଟଙ୍କାର କରି ଧନୁ କଲି ଆମଞ୍ଚ । ନୃ.ପୁ.ସ.ତ.**

ଭୃକୁ ଭୁରୁ ଦେଖି ନତ ଆମଞ୍ଚନେ
ହେଲି ଗୁଣବନ୍ତ କାର୍ମୁକ । ବି.ଚି.ମ.

ଆମଞ୍ଚିବା, କ୍ରି· ଶରସନ୍ଧାନ କରିବା । ଯଥା—

ତତକ୍ଷଣେ ଜ୍ଞାନ ପାଇ ଧନୁ ଆମଞ୍ଚିଲେ । ବି. ରା.

ଆମଦାନି, ବି. (ଯାବନିକ) ଦେଶାନ୍ତରରୁ ଦ୍ରବ୍ୟ ଆନୟନ; ଭୂମିର ଆଦାୟ, ଆୟ ।

ଆମନସ୍ୟ, } ବି. (ଅ-ମନସ୍—ମାନସ-ଯ,
ଅମାନସ୍ୟ, } ବିକାରାର୍ଥେ) ଯାତନା, ପୀଡ଼ା; ଦୁଃଖ, କଷ୍ଟ । (ପୀଡ଼ା ବାଧା ବ୍ୟଥା ଦୁଃଖମାନସ୍ୟଂ ପ୍ରସୂତିଜଂ—ଅମର ।)

ଆମନ୍ତ୍ରଣ, ବି. (ଆ-ମନ୍ତ୍ର-ଅନ) ଆହ୍ୱାନ; ସମ୍ବୋଧନ; ନିମନ୍ତ୍ରଣ ।

ଆମୟ, ବି· (ଆମ-ଯା = ଯିବା-ଅ, କିମ୍ବା ଆମି = ରୋଗୀ ହେବା-ଅ) ରୋଗ, ବ୍ୟାଧି । (ରୋଗବ୍ୟାଧିଗଦାମୟାଃ—ଅମର ।)

ଆମୟାବିନ୍, ବିଂ. (ଆମୟ-ଅବ୍ = ଗମନ କରିବା, ପାଇବା-ଇନ୍ ଅର୍ଥାତ୍ ଯେ ରୋଗପ୍ରାପ୍ତ ହୁଏ) ରୋଗୀ, ବ୍ୟାଧିଗ୍ରସ୍ତ । (ଆମୟାବୀ ବିକୃତୋ ବ୍ୟାଧିତୋଽପଟୁଃ—ଅମର ।)

ଆମର, ସର୍ବଂ. (ଅସ୍ମଦ୍‌ଶବ୍ଦରୁ ଜାତ) ଆମ୍ଭର, ଆମ୍ଭମାନଙ୍କର । ଯଥା—

**ହରି ଆମର ଗୋ ଏ ତ ପ୍ରାଣଧନ । କ. ଚ. ଚ.**

ଆମଳକ, } ବି. (ଆ-ମଳ = ଧାରଣ କରିବା-
ଆମଳକୀ, } ଅକ, ସ୍ତ୍ରୀ-ଈ) ଅଁଳାଫଳ; ଅଁଳାଗଛ, ଧାତ୍ରୀବୃକ୍ଷ ।

ଆମଲା, ବି. (ଯାବନିକ) ବେତନଭୋଗୀ କର୍ମଚାରୀ, ଗୁମାସ୍ତା ।

ଆମିକ୍ଷା, } ବି. ସ୍ତ୍ରୀ. (ଆ-ମିଷ = ସେବନ
ଆମୀକ୍ଷା, } କରିବା-ସ-ସ୍ତ୍ରୀ-ଆ) ଦୁଗ୍ଧବିକାରବିଶେଷ, ଛେନା । (ଆମିକ୍ଷା ସା ଶ୍ରୀତୋଷ୍ଣେ ଯା କ୍ଷୀରେ ସ୍ୟାଦ୍ଦଧିଯୋଗତଃ—ଅମର ।)

ଆମିଷ, ବି. (ଆ-ମିଷ୍ = ଅଭିବ୍ୟକ୍ତ ହେବା-ଅ, ଅଥବା ଅମ୍ = ରୁଗ୍‌ଣ ହେବା-ଇଷ) ମତ୍ସ୍ୟମାଂସ । ଯଥା—ବଙ୍ଗ ଓ ଉତ୍କଳ ପ୍ରଧାନ ଆମିଷାଶୀ । ଭୋଗ୍ୟବସ୍ତୁ; ସମ୍ଭୋଗ; ଉତ୍କୋଚ ବା ଲାଞ୍ଚ । (ଆମିଷଂ ପୁଂନପୁଂସକଂ—ଭୋଗ୍ୟବସ୍ତୁନି ସମ୍ଭୋଗେଽପ୍ୟୁତ୍କୋଚେ ପଲଲେଽପି ଚ—ମେଦିନୀ ।) ସୁନ୍ଦର ଦ୍ରବ୍ୟ, ଲୋଭନୀୟ ଦ୍ରବ୍ୟ; ଅଭିଳାଷ; ଲୋଭ; ଭୋଜନ ।

ଆମିଷାଶିନ୍, ବିଂ· (ଆମିଷ-ଅଶ୍ = ଭୋଜନ କରିବା-ଇନ୍) ମତ୍ସ୍ୟମାଂସଭୋଜନଶୀଳ, ଯେ ମତ୍ସ୍ୟ ମାଂସ ଭୋଜନ କରେ ।

ଆମୁକ୍ତ, ବି. (ଆ-ମୁଚ୍ = ମୋଚନ କରିବା, ବନ୍ଧନ କରିବା-ତ) ତ୍ୟକ୍ତ; ନିକ୍ଷିପ୍ତ; ବଦ୍ଧ; ପରିହିତ; ଧୃତ ।

ଆମୁଷ୍ମିକ, ବିଂ.(ଅମୁଷ୍ମିନ୍-ଇକ) ପାରଲୌକିକ ।

ଆମେ, ସର୍ବଂ. (ଅମ୍ହେ ଏହି ପ୍ରାକୃତ ଶବ୍ଦରୁ ଜାତ) ଆମ୍ଭେ, ଆମ୍ଭେମାନେ ।

ଆମୋଦ, ବି· (ଆ-ମୁଦ୍ = ହୃଷ୍ଟ ହେବା-ଅ) ଆନନ୍ଦ, ହର୍ଷ; ଅତି ଦୂରବ୍ୟାପୀ ସୁଗନ୍ଧ । (ପ୍ରମୋଦାମୋଦସମ୍ମଦାଃ ।) କସ୍ତୁରିକାର ସୁବାସ । (କସ୍ତୁରିକାୟାମାମୋଦଃ—ଶବ୍ଦାର୍ଣ୍ଣବ ।)

ଆମ୍ନାୟ, ବି· (ଆ-ମ୍ନା = ଅଭ୍ୟାସ କରିବା, ଉପଦେଶ ଦେବା-ଅ—ମୁନିଗଣ ଯାହା ଅଭ୍ୟାସ କରନ୍ତି) ବେଦ, ଶ୍ରୁତି, ଆଗମ, ନିଗମ । (ଶ୍ରୁତିଃ ସ୍ତ୍ରୀ ବେଦ ଆମ୍ନାୟଃ—ଅମର ।) ସମ୍ପ୍ରଦାୟ ଗୁରୁପରମ୍ପରାଗତ ଉପଦେଶ । (ଅଥାମ୍ନାୟଃ ସମ୍ପ୍ରଦାୟଃ—ଅମର ।) କୁଳାଚାର; କୁଳ, ବଂଶ ।

ଆମ୍ବ, ବି. (ଆମ୍ର ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଫଳ ।

**କାନ୍ତି ହୋଇଛି ପାଚିଲି ଆମ୍ବ ପ୍ରତିଦ୍ୱନ୍ଦୀ । ଲ. ବ.**

ଆମ୍ବଡ଼ା, ବି. (ଆମ୍ରାତକ ଶବ୍ଦଜ) ବୃକ୍ଷ ଓ ଫଳବିଶେଷ । ଯଥା—

**ଟଭା ନାରଙ୍ଗ ଲଉ ଫଳ,**
**ନିମ୍ବୁ ଆମ୍ବଡ଼ା ଯେ ଖର୍ଜୁର । ବି. ସୁ.**

ଆମ୍ବସଢ଼ା, ବି. (ଦେଶଜ) ପାଚିଲା ଆମ୍ବର ରସକୁ ଶୁଖାଇ ଏହାକୁ କରନ୍ତି । ଯଥା—
ଡାଳ ଜମ୍ବିଲ ଆମ୍ବସଢ଼ା,
ଗୋପ ନଗରେ ଯେତେ ଲେଢ଼ା ।

ଆମ୍ବିଳ, } ବି. (ଅମ୍ଳ ଶବ୍ଦଜ) ରସବିଶେଷ,
ଆମ୍ବିଳା, } ଖଟେଇ । ଯଥା—
କୁତ୍ସିତ ଯା ବୁଦ୍ଧି ।
କରେ ତା ବଚନ ଆମ୍ବିଲ ଦଧି । ର. କ.

ଆମ୍ବିଳ, ବିଂ. (ଅମ୍ଳ ଶବ୍ଦଜ) ଅମ୍ଳରସବିଶିଷ୍ଟ । ଯଥା—
ଥୋକାଏ ସଙ୍ଗତେ ତନ୍ତୁଲ,
ପକାଇ କଲେକ ଆମ୍ବିଳି । ଦା. ର.

ଆମ୍ବିଳତି, } ବି. (ଅମ୍ଳପର୍ଣ୍ଣୀ ଶବ୍ଦଜ) ଏକ
ଆମ୍ବିଲ୍ଲତି, } ପ୍ରକାର ଅମ୍ଳ ଶାକ ।

ଆମ୍ବୁଲ, } ବି. (ଦେଶଜ) ଲୁଣରେ ଜୁଆଇ
ଆମ୍ବଲ, } ଶୁଖାଇ ରଖିଥିବା ଆମ୍ବଖଣ୍ଡି । ଯଥା—
ବାଲିଆ ମାଛରୁ ଅଲଏ କର,
ଆମ୍ବୁଲ ଛପଲ ତହିଁରେ ଭର । ହା. ତ.

ଆମ୍ଭ, ସର୍ବଂ. (ଅସ୍ମଦ୍ ଶବ୍ଦଜାତ, ପ୍ରାକୃତ ଅମ୍ହରୁ ଉତ୍ପନ୍ନ) ମୋର, ଆମ୍ଭମାନଙ୍କର ।

ଆମ୍ଭନ୍ତ, ସର୍ବଂ. (ପ୍ରାକୃତରୁ ଉତ୍ପନ୍ନ) ଆମ୍ଭକୁ, ଆମ୍ଭମାନଙ୍କୁ । ଯଥା—
କେତେଠାରୁ ରଖି ନାହିଁ ଆମ୍ଭନ୍ତ,
ତାର ଅରଷ୍ଟ ପଡ଼ୁ ଆମ୍ଭ ମାଥ । ଗୋ. ଭା.

ଆମ୍ଭରି, } ସର୍ବଂ. (ଅସ୍ମଦ୍ ଶବ୍ଦଜ ରୂପ)
ଆମରି, } ଆମ୍ଭର । ଯଥା—
ନ ଦେଲେ ଦୋଷ ଆମ୍ଭରି ଗୋ, ନୂତନା । ବି.ଚ.ମ.

ଆମ୍ଭେ, ସର୍ବଂ. (ପ୍ରାକୃତ ଅମ୍ହେରୁ ଜାତ) 'ମୁଁ' ପଦର ମାନ୍ୟାର୍ଥ ।

ଆମ୍ର, ବି. (ଅମ୍ର-ଅ—ସ୍ୱାର୍ଥେ) ଫଳବିଶେଷ, ଆମ୍ବ, ଆମ୍ବଗଛ ।

ଆମ୍ରାତ, } ବି.(ଆମ୍ର-ଅତ୍ = ଗମନ କରିବା-
ଆମ୍ରାତକ, } ଅ, ଅକ, ଅର୍ଥାତ୍ ଯେ ଆମ୍ର ପରି ଅଟେ) ଆମ୍ବଡ଼ା; ଆମ୍ବଡ଼ା ଗଛ ।

ଆମ୍ରେଡ଼ନ, ବି. (ଆ-ମ୍ରେଡ଼୍ = ଉନ୍ମତ୍ତ ହେବା-ଅନ) ପୁନଃପୁନଃ କହିବା, ବାରମ୍ବାର କଥନ, ଅଭ୍ୟାସ ।

ଆମ୍ରେଡ଼ିତ, ବିଂ. (ଆ-ମ୍ରେଡ଼୍ = ଉନ୍ମତ୍ତ ହେବା, ପୁନଃପୁନଃ କହିବା-ତ) ଦୁଇ ତିନିବାର କଥିତ, ପୁନଃପୁନଃ ଉଲ୍ଲିଖିତ । ବି. ଦୁଇ ତିନିଥର କହିବା, ଉନ୍ମତ୍ତ ପ୍ରାୟ ବାରମ୍ବାର କହିବା । (ଆମ୍ରେଡ଼ିତଂ ଦ୍ୱିସ୍ତ୍ରିରୁକ୍ତଂ—ଅମର ।)

ଆମ୍ଳିକା, } ବି. ସ୍ତ୍ରୀ. ତନ୍ତୁଳି, ତନ୍ତୁଳିବୃକ୍ଷ ।
ଆମ୍ଳୀକା, } (ତିନ୍ତିଡ଼ୀ ଚୁକ୍ରିକାମ୍ଳିକା ।)

ଆୟ, ବି. (ଆ-ଇ-ଅ) ଧନାଗମ; ଲଭ; ଲଗ୍ନର ଏକାଦଶ ସ୍ଥାନ । ଅଂ. (ଦେଶଜ—ସମ୍ବଲପୁରରେ ବ୍ୟବହୃତ) ଆଉ ।

ଆୟତ, ବି. (ଆ-ଯମ୍-ତ) ସମକୋଣ ସମାନ୍ତରାଳ କ୍ଷେତ୍ର । ବିଂ. ବିସ୍ତୃତ, ବିଶାଳ । ଯଥା—ଆୟତଲୋଚନ । ଦୀର୍ଘ । (ଦୀର୍ଘମାୟତଂ—ଅମର ।) ପ୍ରବୃଦ୍ଧ; ଆକୃଷ୍ଟ । (ଆୟତ୍ତ ଶବ୍ଦଜ) ଅଧୀନ । ଯଥା—
ଏବେ କି କରିବି ଆମ୍ଭନ୍ତ,
ହୋଇଲୁ ତାହାର ଆୟତ । ଭା. ଦ. ସ୍କ.

ଆୟତନ, ବି. (ଆ-ଯତ୍ = ଯତ୍ନ କରିବା-ଅନ, ଅର୍ଥାତ୍ ଯେ ସ୍ଥଳରେ ଗୃହମାନେ ସମ୍ୟକ୍ ଯତ୍ନ କରନ୍ତି) ଯଜ୍ଞବେଦୀ, ଯଜ୍ଞସ୍ଥାନ । ଯଥା—(ଚୈତ୍ୟମାୟତନଂ ତୁଲ୍ୟେ—ଅମର ।) ସ୍ଥାନ, ବିଶ୍ରାମ ସ୍ଥାନ । ଯଥା—ସେ ତତ୍ତ୍ୱଜ୍ଞାନର ଆୟତନ ଅଟନ୍ତି । ପରିମାଣ । ଯଥା—ସେ ଜମିର ଆୟତନ କେତେ ?

ଆୟତି, ବି. (ଆ-ଯା = ଯିବା-ତି) ଉତ୍ତର କାଳ, ଭବିଷ୍ୟତ୍ କାଳ; ଭବିଷ୍ୟତର ଶୁଭପ୍ରତ୍ୟାଶା । ଯଥା—ଆମ୍ଭେ ଶୁଣିଅଛୁଁ ଅପୁତ୍ର ବ୍ୟକ୍ତି ନରକଗାମୀ ହୁଅନ୍ତି, ଅତଏବ ତୁମ୍ଭେ ଅପତ୍ୟୋତ୍ପାଦନ କରି ଆମ୍ଭର ଆୟତିର ଶୁଭ ବିଧାନ କର । ପ୍ରଭାବ; ସଂଯମ; ଦୈର୍ଘ୍ୟ । (ଆୟତିଃ ସଂଯମେ ଦୈର୍ଘ୍ୟେ ପ୍ରଭାବାଗାମିକାଳୟୋଃ—ବିଶ୍ୱ ।) ମିଳନ; ଯତ୍ନ; ସଙ୍ଗମ ।

**ଆୟୁକ୍ତ**, ବି°. (ଆ-ଯୁଜ୍ = ବଶ ହେବା-ତ) ବଶୀଭୂତ, ଅଧୀନ । (ଅଧୀନୋ ନିଘ୍ନ ଆୟୁକ୍ତଃ—ଅମର ।)

**ଆୟସ**, ବି°. (ଅୟସ୍-ଅ) ଲୌହନିର୍ମିତ ।

**ଆୟା**, ବି. ସ୍ତ୍ରୀ. (ଆୟ୍ୟା ଶବ୍ଦଜ—ଯାବନିକ) ଧାତ୍ରୀ, ଉପମାତା; ଦାସୀ ।

**ଆୟାତ**, ବି°. (ଆ-ଯା-ତ) ଆଗତ, ଯେ ଆସିଅଛି । ବି. ଆଗମନ ।

**ଆୟାମ**, ବି. (ଆ-ଯମ୍-ଅ) ଦୈର୍ଘ୍ୟ, ବିସ୍ତାର । (ଦୈର୍ଘ୍ୟମାୟାମ ଆରୋହଃ—ଅମର ।) ସଂଯମ ।

**ଆୟାସ**, ବି. (ଆ-ଯସ୍ = କ୍ଲିଷ୍ଟ ହେବା-ଅ) ଶ୍ରାନ୍ତି, ଶ୍ରମ, ପରିଶ୍ରମଜନିତ ଶରୀରର ଦୁର୍ବଳତା; କଷ୍ଟ; ଦୁଃଖ । ଯଥା—ବୃଥା ଆପଣ ଆୟାସ ଲଭିଲେ । ଅତି ଯତ୍ନ, ପ୍ରଯତ୍ନ । ଯଥା—ସେହି ଦୁରାତ୍ମାର ସମସ୍ତ ଆୟାସ ନିଷ୍ଫଳ ହେଲା ।

**ଆୟୁଧ**, ବି. (ଆ-ଯୁଧ୍-ଅ) ଅସ୍ତ୍ର, ଶସ୍ତ୍ର, ହତିଆର ।

**ଆୟୁଧିକ**, **ଆୟୁଧୀୟ**, } ବି. (ଆୟୁଧ-ଇକ, ଈୟ) ଅସ୍ତ୍ର ଶସ୍ତ୍ର ବ୍ୟବସାୟୀ, ଶସ୍ତ୍ରଧାରୀ, ଯୋଦ୍ଧା ।

**ଆୟୁର୍ବେଦ**, ବି.(ଆୟୁଃ = ଜୀବିତକାଳ-ବିଦ୍ = ଜାଣିବା-ଅ) ଚିକିତ୍ସାଶାସ୍ତ୍ର, ବୈଦ୍ୟଶାସ୍ତ୍ର ।

**ଆୟୁଷ୍ମତ୍**, **ଆୟୁଷ୍ମାନ୍** } ବି°. (ଆୟୁଷ୍-ମତ୍-ଅସ୍ତ୍ୟର୍ଥେ) ଦୀର୍ଘାୟୁ, ଚିରଜୀବୀ । (ଆୟୁଷ୍ମାନ୍ଭବ ସୌମ୍ୟ ।)

**ଆୟୁସ୍**, **ଆୟୁଃ**, **ଆୟୁ**, } ବି. (ଇ = ଗମନ କରିବା-ଉସ, ଇ = ଗମନ କରିବା-ଉ) ଜୀବିତକାଳ । (ଆୟୁ ଜୀବିତକାଳୋ ନା—ଅମର । ଜୀବନ, ପ୍ରାଣ । ଯଥା—ଜଗଦାୟୁ ବାୟୁ । ପୁରୂରବାଙ୍କ ପୁତ୍ର ।

**ଆୟୋଜନ**, ବି. (ଆ-ଯୁଜ୍-ଅନ) ସଂଗ୍ରହ, ଆହରଣ; ଉଦ୍ଯୋଗ ।

**ଆୟୋଧନ**, ବି. (ଆ-ଯୁଧ୍-ଅନ) ଯୁଦ୍ଧ; ଯୁଦ୍ଧକ୍ଷେତ୍ର । (ଯୁଦ୍ଧମାୟୋଧନଂ ଜନ୍ୟଂ—ଅମର ।)-ବଧ; ହିଂସା ।

**ଆର**, ବି. (ଋ = ଗମନ କରିବା-ଅ) (ବକ୍ରଗତିତ୍ୱରୁ) ମଙ୍ଗଳଗ୍ରହ । (ମନ୍ଦଗତିତ୍ୱରୁ) ଶନିଗ୍ରହ; ମୁଣ୍ଡଲୌହ; ପିତ୍ତଳ; ଚକ୍ରାଙ୍ଗ କାଷ୍ଠବିଶେଷ ବା ଅର; ଚର୍ମକାରର ବେଧନାସ୍ତ୍ର । ବି°. (ଦେଶଜ) ଅନ୍ୟ । ଯଥା—

> କପାଟତରେ ଆର ଖଣ୍ଡ,
> ବରଣ ନାମେ ମେଘଦଣ୍ଡ । ବୈ. ବି.

ଅ°. ଏବଂ, ଆହୁରି । ଯଥା—

> ଯେ ଭ୍ରାତା ଭଗ୍ନୀ ବନ୍ଧୁ ଆର,
> ମାଉସୀ ଜେଠାଇ ସୋଦର । ବ. ପୁ.

ବି. ବାହାନା ।

**ଆରକ**, **ଆର**, } ବି°. (ଦେଶଜ) ଅନ୍ୟ ।

**ଆରକୂଟ**, ବି. (ଆର = ଗମନକାରୀ-କୂଟ = ଶିଖର, ସ୍ତୂପ) ପିତ୍ତଳ, ପିତ୍ତଳ ଆଭରଣ ।

**ଆରକ୍ତ**, ବି°.(ଆ = ଈଷତ୍-ରକ୍ତ = ରଞ୍ଜ୍-ତ) ଈଷତ୍ ଲାଲ, ରକ୍ତବର୍ଣ୍ଣ; ସମ୍ୟକ୍ ଅନୁରକ୍ତ ।

**ଆରଗ୍ବଧ**, ବି. (ଆ-ରଗ୍ = ରୁଜ୍ = ରୁଗ୍ଣ ହେବା-କ୍ୱିପ୍, ରୁକ୍ = ର = ରୋଗ-ବଧ୍ = ନାଶ କରିବା-ଅ, ଯେ ରୋଗ ନାଶ କରେ) ସୁନାରିଗଛ ।

**ଆରଣି**, ବି. (ଆ-ଋ = ଗମନ କରିବା-ଅନି) ଜଳାବର୍ତ୍ତ, ଜଳଭଉଁରି ।

**ଆରତି**, ବି. (ଆ-ରମ୍ = କ୍ରୀଡ଼ା କରିବା, କ୍ଷାନ୍ତ ହେବା-ତି) ନୀରାଜନ, ଆଳତି; ନିବୃତ୍ତି; ବିରତି, କ୍ଷାନ୍ତି । (ଆରତ୍ୟବରତିବିରତୟ ଉପରମେ—ଅମର ।)

**ଆରଦା**, **ଆର୍ଦା**, } ବି. (ଦେଶଜ) ଗୁଡ଼ଜଳଚୂନା, ଗୁଡ଼ ଓ ନଡ଼ିଆରେ ପ୍ରସ୍ତୁତ କରିବା ମିଷ୍ଟାନ୍ନବିଶେଷ ।

**ଆରଦାଉଆଁସ**, **ଆର୍ଦାଉଆଁସ**, } ବି. (ଦେଶଜ) ଆଶ୍ୱିନ ଅମାବାସ୍ୟା ।

ଆରନାଳ, } ବି. ( ଅର = ଶୀଘ୍ର-ନଲ୍ = ଆରନାଳକ, } ବନ୍ଧନ କରିବା-ଅ-ସ୍ୱାର୍ଥେ କ, ଅଥବା ଆର = ଗମନଶୀଳ-ନାଳ = ଗନ୍ଧ ଯାହାର) କାଞ୍ଜୀ, କାଞ୍ଜି ପାଣି; ତୋଡ଼ାଣି, ତୋରାଣି । (ଅଭିଷୁତ ଶବ୍ଦ ଦେଖ)

ଆରପାର, ବି. (ଦେଶଜ) ନିକଳିବା । ଯଥା—

କର୍ମି ମୋର କଳେବର ହୋଇଗଲା ଆରପାର
ଯାକୁ ଡ଼ରଇ ତାର ତୀରେ । ବ.ଚ.ଚ.

ନଦୀର ଅନ୍ୟ ତଟ ।

ଆରପାରି, ବି· (ଦେଶଜ) ଅନ୍ୟ ପାର୍ଶ୍ୱ ।

ଆରବ୍ଧ, ବିଂ· (ଆ-ରଭ୍-ତ) ଯାହା ଆରମ୍ଭ କରା ହୋଇଅଛି, ଉପକ୍ରାନ୍ତ; ଅନୁଷ୍ଠିତ । (ଭାବବାଚ୍ୟରେ ତ ପ୍ରତ୍ୟୟ ହେଲେ) ଆରମ୍ଭ ।

ଆରମ୍ଭ, ବି, ( ଆ-ରଭ୍-ଅ, ମ ଆଗମ ) ଉଦ୍ଯୋଗ; ଉପକ୍ରମ; ବ୍ୟାପାର, କାର୍ଯ୍ୟ; ଯତ୍ନ; ଉପାୟ; ପ୍ରୟୋଗ; ଉତ୍ପତ୍ତି; ହିଂସା; ଗର୍ବ; ତ୍ୱରା, ବେଗ ।

ଆରବ, } ବି· ( ଆ-ରୁ = ଶବ୍ଦ କରିବା-ଅ ) ଆରାବ, } ଶବ୍ଦ, ଧ୍ୱନି । ଯଥା—ତଦା ସମରାଙ୍ଗଣ ଭୈରବ ଆରବରେ ପରିପୂରିତ ପ୍ରାୟ ବୋଧ ହେଲା ।

ଆରଭଟି, } ବି. ସ୍ତ୍ରୀ. (ଆ-ରଭ୍-ଅଟି) ମହିମା, ଆରଭଟୀ, } ଗୌରବ; ରଚନାବିଶେଷ; ଆର୍ଭଟୀ, } ଅଭିନୟ । ଯଥା—

ସଙ୍ଗୀତାରଭଟୀକୁ ରଖି ବିହରେ । ଲା. ପ. ନା.

ଆରଶି, ବି. (ଆଦର୍ଶ ଶବ୍ଦଜ) ଦର୍ପଣ । ଯଥା—

କଳାକମଳ ମର୍କତ ଆରଶି,
ଆନନ ମନ ଜିଣେ ଆକରଷି । ବ୍ର. ଚ. ମ.

ଆରା, ବି. ସ୍ତ୍ରୀ. (ଆ-ଋ-ଅ-ସ୍ତ୍ରୀ-ଆ) ଚର୍ମକାରର ବେଧନାସ୍ତ୍ର, ଚର୍ମଖଣ୍ଡନାର୍ଥ ଅସ୍ତ୍ରବିଶେଷ । ଯଥା—(ଆରା ଚର୍ମପ୍ରଭେଦିକା—ଅମର ।)

ଆରାତ୍, ଅଂ. (ଆ-ରା = ଦାନ କରିବା-ଆତ୍) ଦୂର; ସମୀପ । (ଆରାତ୍ ଦୂରସମୀପୟୋଃ —ଅମର ।)

ଆରାତି, ବି. (ଆ-ରା = ଦାନ କରିବା-ଅତି) ଶତ୍ରୁ ।

ଆରାତ୍ରିକ, ବି. (ଅ-ରାତ୍ରି-ଇକ, ଅଥବା ଆ-ରାତ୍ରି-କ) ନୀରାଜନ, ଆଳତି ।

ଆରାଧନ, } ବି·(ଆ-ରାଧ୍ = ଆରାଧନା କରିବା, ଆରାଧନା, } ନିଷ୍ପନ୍ନ କରିବା-ଅନ, ଆ) ଉପାସନା; ତୁଷ୍ଟିକରଣ; ପରିଚର୍ଯ୍ୟା, ସେବା; ଅଭ୍ୟାସ; ପାକ; ପ୍ରାପ୍ତି । ବିଂ· ପୂଜାସାଧନ । ଯଥା—(ଇଦଂ ତୁ ତେ ଭକ୍ତିନମ୍ରଂ ସତାମାରାଧନଂ ବପୁଃ—ର·ବଂ·)

ଆରାବ, ବି· (ଆ-ରବ୍-ଅ) ଶବ୍ଦ, ଅନୁକାରୀ ଶବ୍ଦ, ପ୍ରତିଧ୍ୱନି । ଯଥା—

ଭାଲେଶ୍ୱ କହିଇ ସୋଲଞ୍ଜିକୁ ରାଇ,
ଗଲା ସେ ଆରାବ ଶୃଙ୍ଗୁ ଶୃଙ୍ଗେ ଧାଇଁ । ଚିଲିକା ।

ଆରାମ, ବି· (ଆ-ରମ୍-ଅ) ଉଦ୍ୟାନ, ଉପବନ, ବୃକ୍ଷବାଟିକା । (ଆରାମଃ ସ୍ୟାଦୁପବନଂ—ଅମର) ବିରାମ; ବିରତି, ନିବୃତ୍ତି, ଶାନ୍ତି; ସୁଖ, ପ୍ରୀତି; ସ୍ୱାସ୍ଥ୍ୟ, ସ୍ୱାଚ୍ଛନ୍ଦ୍ୟ । ବିଂ· ସୁସ୍ଥ, ସ୍ୱଚ୍ଛନ୍ଦ, ନୀରୋଗ ।

ଆରାଳିକ, ବି· (ଅରାଳ = ବକ୍ର-ଇକ—ଯେ ସର୍ବଦା ପାକାଗ୍ନି ଉପରେ ବକ୍ର ହୁଏ) ସୂପକାର, ପାଚକ । (ଆନ୍ଧସିକ ଶବ୍ଦ ଦେଖ) ବିଂ· ବକ୍ରଗାମୀ ।

ଆରଶି, } ବି. ସ୍ତ୍ରୀ· (ଆଦର୍ଶ ଶବ୍ଦଜ) ଦର୍ପଣ, ଆର୍ଶି, } କାଚ ।

ଆରିଷା, } ବି· (ଦେଶଜ) ପିଷ୍ଟକବିଶେଷ । ଆରିସା, } ଯଥା—

ଯେ କାନ୍ତ କାକରା ଆରିସା,
ଘୃତରେ ହୋଇଅଛ ମିଶା । ଦା. ର.

ବୃକ୍ଷବିଶେଷ ।

ଆରୁରୁକ୍ଷା, ବି· ସ୍ତ୍ରୀ· (ଆ-ରୁହ୍ = ଆରୋହଣ କରିବା-ସନ୍—ଇଚ୍ଛାର୍ଥେ-ଆ) ଆରୋହଣର ଇଚ୍ଛା ।

ଆରୁରୁକ୍ଷୁ, ବିଂ· (ଆ-ରୁହ୍-ସନ୍-ଉ) ଯେ ଆରୋହଣର ଇଚ୍ଛା କରିଅଛି, ଆରୋହଣାର୍ଥ ଉଦ୍ୟତ । ଯଥା—ସନ୍ତତ ଧର୍ମାନୁମୋଦିତ ଉନ୍ନତିସୌଧର ଆରୁରୁକ୍ଷୁ ହୁଅ ।

ଆରୂଢ଼, ବିଂ. (ଆ-ରୁହ୍-ତ, ଊ=ଉ) ଯେ ଆରୋହଣ କରିଅଛି ।

ଆରେ, ଅଂ. (ଅରେ ଶବ୍ଦଜ) ନୀଚ ସମ୍ବୋଧନ । ଯଥା—

ଆରେ କୁଳାଙ୍ଗାର ଅସୁରାଧମ । ବି. ଗ୍ରୀ.

ଆରେକ, ଆରକ, } ସଂ. (ଦେଶଜ) ଅନ୍ୟ ବ୍ୟକ୍ତି । ଯଥା—

ଏକ ଗୋପୀ କଥା ଶୁଣି ଆରେକ,
ଆଗସର କହିଲା କଥା ଏକ । ଗୋ. ଭ.
ସ୍ୱକାନ୍ତ ନାରୀ ଜଣକୁ ରମି ସାର
ଆରକେ ଉଲ୍ଲାସେ । ର. ପ.

ଅନ୍ୟ ଏକ । ଯଥା—
ଏକ ସ୍ତନ ଚକାରେ ହସ୍ତ ନ୍ୟସ୍ତ,
କଲେ ଆରକ ହୋଇ ଚମତ୍କୃତ । ପ୍ରେ. ସୁ. ନି.
ଆରେକ ଛାନ୍ଦରେ ଅଛି ସରସରେ
କହିବା ଏ କଥା ସଙ୍ଗତି । ସୁ. ପ.

ଆରେଣି, ବି. ସ୍ତ୍ରୀ. (ଅରଣି ଶବ୍ଦଜ) ଯେଉଁ କାଷ୍ଠକୁ ଘର୍ଷଣ କରି ଯାଗାର୍ଥ ଅଗ୍ନି ବାହାର କରନ୍ତି । ଯଥା—

ପିପ୍ପଳବୃକ୍ଷ କାଠ ଆଣିଲ ଖଣ୍ଡେ ହାଣି,
ଗଢ଼ାଇଲା ନୃପତି ସେ ଯଜ୍ଞର ଆରେଣି । ନୃ. ପୁ. ସ. ଡ.

ଆରେବତ, ବି. ସୁନାରିଗଛ, ସୁନାରିଗଛର ଫଳ ।

ଆରୋଗ୍ୟ, ବି. (ଅ-ରୋଗ-ଯ) ସ୍ୱାସ୍ଥ୍ୟ, ରୋଗାଭାବ ।

ଆରୋପ, ଆରୋପଣ, } ବି. (ଆ-ରୁହ୍-ଅ, ହ=ପ, ଆ-ରୁହ୍-ଇ-ଅନ, ପ ଆଗମ) ଏକ ବସ୍ତୁରେ ଅନ୍ୟ ଧର୍ମର ସ୍ଥାପନ । ଯଥା—ରଜ୍ଜୁରେ ସର୍ପ ଆରୋପ । ଉଦ୍ଭାବନ; କଳ୍ପନା; ମିଥ୍ୟାବିଷ୍କରଣ ।

ଆରୋପଣ, ବି. (ଆ-ରୁହ୍-ଇ-ଅନ—ପ ଆଗମ) ଆରୋପ କରିବା; ଆରୋହଣ କରାଇବା; ଧନୁରେ ଗୁଣସଂଯୋଗ; ଶସ୍ୟାଦି ରୋପଣ, ରୋଇବା ।

ଆରୋହ, ବି. (ଆ-ରୁହ୍-ଅ) ଦୈର୍ଘ୍ୟ; ଉଚ୍ଚତ୍ୱ ବା ଉଚ୍ଚତା; ଉତ୍ତମ ସ୍ତ୍ରୀର ନିତମ୍ବ; ଭାରପରିମାଣ; ଆରୋହଣ; ଅଶ୍ୱ ବା ହସ୍ତ୍ୟାଦିରେ ଆରୂଢ଼ ବ୍ୟକ୍ତି । (ଆରୋହୋ ଦୈର୍ଘ୍ୟ ଉଚ୍ଛ୍ରାୟେ ସ୍ତ୍ରୀକଟ୍ୟାଂ ମାନଭିଦ୍ୟପି । ଆରୋହଣେ ଗଜାରୋହେ—ହେମଚନ୍ଦ୍ର ।)

ଆରୋହଣ, ବି. (ଆ-ରୁହ୍-ଅନ) ଉପରେ ଚଢ଼ିବା । ଯଥା—ବୃକ୍ଷାରୋହଣ; ପ୍ରରୋହଣ ବା ଅଙ୍କୁରାଦି ଜନନ; ପାଉଛ, ପାହାଚ, ସୋପାନ । (ଆରୋହଣଂ ସ୍ୟାତ୍ ସୋପାନଂ —ଅମର ।) (ସ୍ତ୍ରୀ-ଈ) ସୋପାନ, ପାହାଚଶ୍ରେଣୀ ।

ଆର୍ଜବ, ବି. (ଋଜୁ-ଅ) ସରଳତା, ଅକୁଟିଳତା, ଋଜୁତା, ଅବକ୍ରତା ।

ଆର୍ତ୍ତ, ବିଂ. (ଆ-ଋତ=ବ୍ୟାକୁଳ ହେବା-ତ) ପୀଡ଼ିତ, ଅସୁସ୍ଥ; ଦୁଃଖିତ; କାତର; ଉଦ୍‌ବେଜିତ; ବିପନ୍ନ; ବିହ୍ୱଳ ।

ଆର୍ତ୍ତଗଳ, ବି. ନୀଳ ଦାସକରଣ୍ଡା ଫୁଲ ।

ଆର୍ତ୍ତବ, ବି. (ଋତୁ-ଅ) ସ୍ତ୍ରୀ ରଜ । (ସ୍ୟାଦ୍ରଜଃ ପୁଷ୍ପମାର୍ତ୍ତବଂ ।) ବିଂ. ସ୍ତ୍ରୀରଜଃସମ୍ବନ୍ଧୀୟ; ଗ୍ରୀଷ୍ମାଦି ଋତୁସମ୍ବନ୍ଧୀୟ; ଋତୁସଂକ୍ରାନ୍ତ ।

ଆର୍ତ୍ତି, ବି. (ଆ-ଋ-ତି) ପୀଡ଼ା; ଧନୁର ଅଗ୍ରଭାଗ । (ଆର୍ତ୍ତିଃ ପୀଡ଼ାଧନୁଷ୍କୋଟ୍ୟୋଃ—ଅମର ।)

ଆର୍ତ୍ୱିଜ, ବି. (ଋତ୍ୱିକ୍-ଅ) ପୌରୋହିତ୍ୟ ।

ଆର୍ଦ୍ର, ବିଂ. (ଅର୍ଦ୍=ଗମନ କରିବା-ର) ଓଦା, ତିନ୍ତା, ସଲସଲିଆ; ନୂତନ; ଶିଥିଳ; ମୃଦୁ । ଯଥା—ଦୟାର୍ଦ୍ର ହୃଦୟ ।

ଆର୍ଦ୍ରକ, ବି. (ଆର୍ଦ୍ର-କ) ଅଦା; ସ୍ୱନାମପ୍ରସିଦ୍ଧ କନ୍ଦବିଶେଷ । (ଆର୍ଦ୍ରକଂ ଶୃଙ୍ଗବେରଂ ସ୍ୟାତ୍)

ଆର୍ଦ୍ରା, ଆରଦ୍ରା, } ବି. ସ୍ତ୍ରୀ. ନକ୍ଷତ୍ରବିଶେଷ, ଷଷ୍ଠ ନକ୍ଷତ୍ର, ଏହାର ଆକାର ପଦ୍ମାକୃତି । ଯଥା—

ପୂର୍ଣ୍ଣଚନ୍ଦ୍ରମାମୁଖି ! ଆରଦ୍ରା ଜ୍ୟୋତି,
ମାଣିକ୍ୟ ପରି ଦଶେ ଅଛି ଦୀପତି ।

ଆର୍ଦ୍ରାବଳ, ବି. (ଦେଶଜ) ଇନ୍ଦ୍ରଧନୁ । ଯଥା—

ପୂର୍ବେ ଆର୍ଦ୍ରାବଳ ପଶ୍ଚିମେ ହୋଇ,
ନାଥ ବୋଲେ ପୁତା ! ନିଷ୍ଟସ୍ତ ଧୋଇ । ଡ଼ା. ବ.

ଆର୍ଦ୍ଦୋଳ, ବି. (ଦେଶଜ) ଅଳି ।

ଆର୍ଧନା, ବି. ( ଆରାଧନା ଶବ୍ଦଜ ) ପୂଜା, ସେବା । ଯଥା—

ଆନ ରାଜା ଯେବେ ମୋ ଦୁହିତାକୁ ପାଅନ୍ତା,
ଗଙ୍ଗାଜଳ ପ୍ରାୟେ ସେହୁ ଆର୍ଧନା କରନ୍ତା ।
ସା. ଭା. ଆ.

ଆର୍ଯ୍ୟ, ବିଂ. (ଆ-ଋ = ଗମନ କରିବା, ପ୍ରାପ୍ତ ହେବା-ଯ, ଯେ ପ୍ରତିଷ୍ଠା ପ୍ରାପ୍ତ ହୁଏ) ସତ୍‌କୁଳୋଦ୍ଭବ, ପୂଜ୍ୟ, ଶ୍ରେଷ୍ଠ, ସଭ୍ୟ । ( ମହାକୁଳକୁଳୀନାର୍ଯ୍ୟସଭ୍ୟସଜ୍ଜନସାଧବଃ —ଅମର ।) ବି. ସ୍ୱାମୀ, ଗୁରୁ । (ସ୍ତ୍ରୀ-ଆ) ଶ୍ରେଷ୍ଠା ଏବଂ ମାନ୍ୟା ସ୍ତ୍ରୀ; ଗୌରୀ, ପାର୍ବତୀ । (ଆର୍ଯ୍ୟା ଦାକ୍ଷାୟଣୀ ଚୈବ—ଅମର ।) ଛନ୍ଦୋବିଶେଷ । ଯଥା—ଆର୍ଯ୍ୟାବୃତ୍ତ ।

ଆର୍ଯ୍ୟାବର୍ତ୍ତ, ବି.(ଆର୍ଯ୍ୟ=ପୂଜ୍ୟ-ଆବର୍ତ୍ତ=ବାସସ୍ଥାନ) ପୁଣ୍ୟଭୂମି, ହିମାଳୟ ଓ ବିନ୍ଧ୍ୟପର୍ବତର ମଧ୍ୟସ୍ଥ ପୂର୍ବ ଓ ପଶ୍ଚିମରେ ସମୁଦ୍ର ପର୍ଯ୍ୟନ୍ତ ବ୍ୟାପ୍ତ ଦେଶ । (ଆସମୁଦ୍ରାତ୍ତୁ ବୈ ପୂର୍ବାଦାସମୁଦ୍ରାତ୍ତୁ ପଶ୍ଚିମାତ୍ । ହିମବଦ୍‌ବିନ୍ଧ୍ୟୟୋର୍ମଧ୍ୟମାର୍ଯ୍ୟାବର୍ତ୍ତଂ ପ୍ରଚକ୍ଷତେ ।)

ଆର୍ଷ, ବି. (ଋଷି-ଅ) ବିବାହବିଶେଷ । ବିଂ. ଋଷିପ୍ରଣୀତ, ଋଷିସମ୍ବନ୍ଧୀୟ । ଯେପରି ଆର୍ଷ ପ୍ରୟୋଗ, ଆର୍ଷ ବାକ୍ୟ ।

ଆର୍ଷଭ୍ୟ, ବିଂ. ( ଋଷଭ-ଯ ) ଷଣ୍ଢ ହେବାକୁ ଯୋଗ୍ୟ ଗୋରୁ । (ଆର୍ଷଭ୍ୟଃ ଷଣ୍ଡତାଯୋଗ୍ୟଃ—ଅମର ।)

ଆର୍ହତ, ବି. (ଅର୍ହତ୍-ଅ) ବୁଦ୍ଧବିଶେଷ । ବିଂ. ଅର୍ହତ୍‌ସମ୍ବନ୍ଧୀୟ, ଜୈନସମ୍ବନ୍ଧୀୟ ।

ଆଳ, ବି. ( ଅଲ୍ = ଭୂଷିତ କରିବା-ଅ ) ହରିତାଳ । (ଆଳଂ ଚ ହରିତାଳକେ—ଅମର ।) ବିଂ. ଅନଳ୍ପ, ବହୁଳ; ଶ୍ରେଷ୍ଠ ।

ଆଲକାତରା, ବି. (ଯାବନିକ) ରାଳ ନାମକ ଦୁର୍ଗନ୍ଧ ଲେପ ।

ଆଲଟ, } ଆଲଟି, } ବି. (ଆଲବର୍ତ୍ତ ଶବ୍ଦଜ) ରାଜୋପକରଣ ବ୍ୟଜନବିଶେଷ । ଯଥା—

ହେମଗୋରୀ ସୂର୍ଯ୍ୟମୁଖୀ ଧରିଅଛି
ଶ୍ରୀମୁଖରେ ସ୍ୱର୍ଣ୍ଣ ଆଲଟ । ପାର୍ବତୀ ।
ଅନେକ ଯୁବତୀଏ ନୃସିଂହ ପାଶେ ଝଟି,
ଚାମର ଢାଳନ୍ତି କେହୁ ପକାନ୍ତି ଆଲଟି ।
ନୃ. ପୁ. ତୃ. ତ.

ଆଳତି, } ଆଳତୀ, } ବି. (ଆରତି ବା ଆରାର୍ତ୍ତିକ ଶବ୍ଦଜ) ନୀରାଜନା । ଯଥା—

ଉଠିଲା ଦେଉଳେ ସନ୍ଧ୍ୟାଆଳତୀର
ଶଙ୍ଖ ଘଣ୍ଟା ବାଦ୍ୟଧ୍ୱନି । ପାର୍ବତୀ ।

ଆଳପିନ, ବି. (ଯାବନିକ) ଲୌହନିର୍ମିତ କ୍ଷୁଦ୍ର କଣ୍ଟା ।

ଆଲବଲା, ବି. (ଦେଶଜ କିମ୍ବା ଯାବନିକ ଆଲବାଲା ଶବ୍ଦଜ) ହୁକା ।

ଆଲମାରି, } ଆଲମାରୀ, } ଆଲମାଲି, } ବି. ସ୍ତ୍ରୀ. (ଯାବନିକ) ସିନ୍ଦୁକବିଶେଷ, ଯହିଁରେ ପୁସ୍ତକାଦି ରଖନ୍ତି ।

ଆଲମ୍ବ, ବି. (ଦେଶଜରୂପେ ବ୍ୟବହୃତ, ଲମ୍ବମାନ ହୋଇଥାଏ ବୋଲି ଏପରି ନାମକରଣ ହୋଇଅଛି) ଝୁମ୍ପି ଝାଳର ପ୍ରଭୃତି ଆଭରଣ । ଯଥା—

ଫରହର ଆଲମ୍ବ ଲମ୍ବନ୍ତି ଚଉକଡ଼ । ସା.ଭା.ବି.

ଆଲମ୍ବ, } ଆଲମ୍ବନ, } ବି.(ଆ-ଲମ୍ବ୍ = ଆଶ୍ରୟ କରିବା-ଅ, ଅନ) ଅବଲମ୍ବନ, ଆଶ୍ରୟ, ଆଧାର ।

ଆଲମ୍ଭ, ବି. (ଆ-ଲଭ୍ = ବଧ କରିବା, ପାଇବା-ଅ) ମାରଣ, ହିଂସା, ବଧ; ଯୁଦ୍ଧ । (ଆଲମ୍ଭପିଞ୍ଜବିଶସନଘାତୋନ୍ମାଥବଧା ଅପି—ଅମର ।) ସ୍ପର୍ଶ । (ସ୍ତ୍ରୀଣାଂ ଚ ପ୍ରେକ୍ଷଣାଲମ୍ଭମୁପଘାତଂ ପରସ୍ୟ ଚ—ମନୁ ।)

ଆଳୟ, } ଆଲୟ, } ବି. ( ଆ-ଲୀ = ଲୀନ ହେବା-ଅ ) ଗୃହ, ବାସସ୍ଥାନ । ଯଥା—ଦେବାଳୟ । ଆଧାର । ଯଥା—ହିମାଳୟ । ଅଂ. ଲୟପର୍ଯ୍ୟନ୍ତ । (ପିବତ ଭାଗବତଂ ରସମାଳୟଂ ।)

ଆଲଗ, ବି. (ଦେଶଜ-ଗଞ୍ଜାମୀ) ହଟହଟା ବା ବ୍ୟସ୍ତତା । ବିଂ. ବ୍ୟସ୍ତ ।

ଆଲବାଳ, ବି. (ଆ-ଲୂ=ଛେଦନ କରିବା, ଖୋଳିବା-ଆଳ—ଯାହା ଖନିତ ହୁଏ) ମନ୍ଦା, ବୃକ୍ଷମୂଳରେ ଜଳ ଦେବା ନିମିତ୍ତ ମୃତ୍ତିକାବେଷ୍ଟିତ ଖାତ । ଯଥା—ସମବୟସ୍କା ତପସ୍ୱି କନ୍ୟାମାନେ ଆଳବାଳରେ ଜଳସେଚନ କରୁଅଛନ୍ତି ।

ଆଳସ, ବିଂ. ( ଅଳସ-ଅ-ସ୍ୱାର୍ଥେ ) ମନ୍ଦ, ଅଳସୁଆ । ବି. (ଆଳସ୍ୟ ଶବ୍ଦର ଅପଭ୍ରଂଶ) ଆଳସ୍ୟ । ଯଥା—

ଭୁକ୍ତିଣ ସନ୍ତୋଷ ହେଲେ ଦୈତ୍ୟକୁଳରାଜେ,
ନିଦ୍ରା ଆଳସେ ସୁପାଢଶେଜେ କଲେ ବିଜେ ।
ନୃ. ପୂ. ଦ୍ୱି. ତ.

ଆଳସ୍ୟ, ବି. (ଅଳସ-ଯ-ଭାବାର୍ଥେ) କାର୍ଯ୍ୟନିର୍ବାହ ବିଷୟରେ ଅଯତ୍ନ ବା ଉପେକ୍ଷା; ଅଳସତା, ଜଡ଼ତା; ସାମର୍ଥ୍ୟସତ୍ତ୍ୱେ ଅନୁତ୍ସାହ; ନିସ୍ତେଜତା । ବିଂ. (ଅଳସ-ଯ-ସ୍ୱାର୍ଥେ, ଅଳସ ଏବ ଆଳସ୍ୟଃ) ଅଳସୁଆ, ନିସ୍ତେଜ, ମନ୍ଦ । (ମନ୍ଦସ୍ତୁନ୍ଦ ପରିମୃଜ ଆଳସ୍ୟଃ ଶୀତକୋଽଳସୋଽନୁଷ୍ଣଃ—ଅମର ।)

ଆଲାନ, ବି. (ଆ-ଲୀ=ଗ୍ରହଣ କରିବା, ବନ୍ଧନ କରିବା-ଅନ) ଗଜବନ୍ଧନସ୍ତମ୍ଭ; ବନ୍ଧନରଜ୍ଜୁ, ବନ୍ଧନ ।

ଆଳାପ, ଆଳାପନ, } ବି. (ଆ-ଲପ=କହିବା-ଅ, ଅନ) କଥୋପକଥନ, ସମ୍ଭାଷଣ; ଉଚ୍ଚାରଣ; ପରିଚୟ; ସଙ୍ଗୀତରେ ସ୍ୱରୋଚ୍ଚାରଣ ।

ଆଲାବୁ, ଆଲାବୂ, } ବି. ସ୍ତ୍ରୀ. (ଅଲାବୁ ଦେଖ) ତୁମ୍ବୀ, ଲାଉ ।

ଆଳି, ଆଳୀ, } ବି.ପୁଂ. ସ୍ତ୍ରୀ. (ଅଳ୍=ଭୂଷିତ କରିବା-ଇ, ଈ) ସଖୀ; ଯୁବତୀ; ଶ୍ରେଣୀ; ସେତୁ ବା ହୁଡ଼ା । (ଆଲିଃ ସେତୌ ପଂକ୍ତିମାନେ ବୟସ୍ୟାୟାଂ ତୁ ଯୋଷିତି ।) ଉତ୍କଳର ଦେଶବିଶେଷ; ବୃଶ୍ଚିକ । (ବୃଶ୍ଚିକୋ ଦ୍ରୁଣ ଆଲିଃ ସ୍ୟାତ୍—ବୋପାଳିତ ।) ଭ୍ରମର । (ଅଥାଳୀ ସ୍ୟାତ୍ ବୃଶ୍ଚିକେ ଭ୍ରମରେ ପୁମାନ୍—କୋଷାନ୍ତର ।) ବିଂ. ଶୁଦ୍ଧାନ୍ତଃକରଣ, ସରଳ । (ଆଲିର୍ବିଷଦାଶୟେ—ମେଦିନୀ ।)

ଆଳି, ଆଡ଼ି, } ବି. (ଦେଶଜ) ମତ୍ସ୍ୟବିଶେଷ ।

ଆଲି, ବି. (ଦେଶଜ-ଗଞ୍ଜାମୀ) ଏକପ୍ରକାର ବାଡ଼ିଖେଳା; ଖେଳାରେ ବାଡ଼ିଗୁଡ଼କୁ ପ୍ରଥମରେ ବାଜିବା ମାଡ଼ ।

ଆଲଆ, ବିଂ. ( ଦେଶଜ ) ଆଲଦେଶୀୟ, ଦୁରସ୍ତ । ଯଥା—ଆଲଆ ଲେଖାରେ ବାଲିଆ ବନ୍ଧୁ । ମଫସଲ; ଅଶିକ୍ଷିତ ।

ଆଲିଆସ୍ଥା, ବି. (ଦେଶଜ) ସମ୍ପତ୍ତି ।

ଆଲିଙ୍ଗନ, ବି. (ଆ-ଲିନ୍ଗ୍-ଅନ) ଆଶ୍ଳେଷ, ଅଙ୍ଗମିଳନ, କୁଣ୍ଢାକୁଣ୍ଢି, କୋଳାକୋଳି ।

ଆଲିଙ୍ଗିବା, କ୍ରି. (ଆଲିଙ୍ଗନ ଶବ୍ଦଜ) ଆଲିଙ୍ଗନ କରିବା ।

ଆଲିଙ୍ଗ୍ୟ, ବିଂ. (ଆ-ଲିନ୍ଗ୍-ଯ) ଆଶ୍ଳେଷଣୀୟ । ବି. ମୃଦଙ୍ଗବିଶେଷ, ଗୋପୁଚ୍ଛାକାର ମୃଦଙ୍ଗ । (ଆଲିଙ୍ଗ୍ୟଶ୍ଚୈବ ଗୋପୁଚ୍ଛସମାନଃ ପରିକୀର୍ତ୍ତିତଃ ।)

ଆଲିପଣା, ବି. (ଆଳାପନା ଶବ୍ଦଜ) ବିବାହ ପୂର୍ବରୁ ବରଯାତ୍ରିମାନେ ଯେଉଁ ଜଳଯୋଗ କରନ୍ତି, ବିବାହ ସମୟରେ ବରଯାତ୍ରିମାନଙ୍କୁ କନ୍ୟାପିତା ଦେବା ମିଷ୍ଟାନ୍ନ ସାମଗ୍ରୀ ।

ଆଲିମ୍ପନ, ବି. (ଆ-ଲିମ୍ପ୍-ଅନ) ଲେପନ, ଚିତା ।

ଆଲୀଢ଼, ବିଂ.(ଆ-ଲିହ୍-ତ) ଭକ୍ଷିତ, ଆସ୍ୱାଦିତ; ଅସ୍ୱକ୍ଷତ । ବି. ଶରାଦି ନିକ୍ଷେପ ସମୟରେ ବୀରପୁରୁଷମାନଙ୍କର ଉପବେଶନବିଶେଷ, ଦକ୍ଷିଣ ଜଙ୍ଘା ପ୍ରସାରଣପୂର୍ବକ ବାମ ଜଙ୍ଘା ସଙ୍କୋଚରେ ଉପବେଶନ । (ସ୍ୟାତ୍ପ୍ରତ୍ୟାଲୀଢ଼ମାଲୀଢ଼ମିତ୍ୟାଦି ସ୍ଥାନପଞ୍ଚକଂ—ଅମର ।)

ଆଳୁ, } ବି. (ଆ-ଲୁ = ଛେଦନ କରିବା-ଉ)
ଆଳୂ, } କ୍ଷୁଦ୍ର ଜଳାଧାର, କଳସୀ, ଘଟୀ, ଝରି । ଯଥା—(କର୍କର୍ଯ୍ୟାଲୁର୍ଗଲନ୍ତିକା —ଅମର ।) ଖାଦ୍ୟୋପଯୋଗୀ କନ୍ଦବିଶେଷ; ପେଚକ; ଚନ୍ଦ୍ର । (ଆ-ଋ = ଗମନ କରିବା-ଉ, ର = ଲ—ଯେ ଜଳରେ ଗମନ କରେ) ଭେଳା ।

ଆଲୁଅ, } ବି. (ଆଲୋକ ଶବ୍ଦଜ) ଆଲୋକ,
ଆଲୋ, } ପ୍ରକାଶ, ଦୀପ୍ତି । ଯଥା—

ଅନ୍ଧାରେ ଅନ୍ଧ ହୋଇଲୁ,
ଆଲୁଅ ଉଦେ ନ କଲୁ । ଙ୍କା. କୋ.

ଏହୁପର ପଞ୍ଚଗୁଣ ଦଶେ ଆଲୋମଧ୍ୟେ,
ମହାରଣା କର୍ମାଣନ୍ତ ଦିବସ ପର୍ଯ୍ୟନ୍ତେ । ସା. ଭା. ସ.

ଆଲୁବାଲୁ, ବିଂ. (ଦେଶଜ) ଇତସ୍ତତଃ; ବିକ୍ଷିପ୍ତ ।

ଆଳୁବାଳୁକା, ବି. ସ୍ତ୍ରୀ. (ଏଳବାଳୁକ ଶବ୍ଦଜ) ସୁଗନ୍ଧ ଔଷଧ ଦ୍ରବ୍ୟବିଶେଷ ।

ଆଳୁବୋଖାରା, ବି. (ଯାବନିକ) କାବୁଲ-ଦେଶୀୟ ଅମ୍ଳଫଳବିଶେଷ ।

ଆଳୁମାଣ୍ଡା, } ବି. (ଦେଶଜ ରୂପେ ବ୍ୟବହୃତ)
ଆଳୁବାଣ୍ଡା, } ଆଳୁ ଲତାର ଗଣ୍ଠିରେ ଯେଉଁ କ୍ଷୁଦ୍ର ଗଣ୍ଠି ବା ଫଳମାନ ଧରିଥାଏ ।

ଆଲୁଳାୟିତ, ବିଂ. (ଆ-ଲୁଳ୍ = ବିମର୍ଦ୍ଦନ କରିବା-ଯଙ୍-ତ) ଉନ୍ମୁକ୍ତ, ଅସଂଯତ । ଯଥା—ଆଲୁଳାୟିତ କେଶପାଶ ।

ଆଲେଖ୍ୟ, ବି. (ଆ-ଲିଖ୍-ଯ) ଚିତ୍ର; ଚିତ୍ରପଟ; ଛବି; ଚିତ୍ରକରଣ । ବିଂ. ଲେଖମାତ୍ର ।

ଆଲେପିବା, କ୍ରି. (ଆ-ଲିପ୍ ଧାତୁଜ) ଲେପନ କରିବା, ଆଚ୍ଛାଦିତ କରିବା ।

ଆଲୋ, ଅଂ. (ଦେଶଜ) ନୀଚ ସ୍ତ୍ରୀର ସମ୍ବୋଧନ । ଯଥା—

ଓ କରିବ ଆଲୋ ଦାସୀ ଡ଼ାକଲେ କଣୋଗୀ । ବି. ଚି.

(ଆଲୋକ ଶବ୍ଦର ଅପଭ୍ରଂଶ) ଆଲୁଅ । ଯଥା—

ଅନ୍ଧାରେ ଆଲୋମଧ୍ୟେ ଦିଶୁଛୁ ବସୁମତୀ । ନୃ. ପୁ.

ଆଲୋକ, ବି. (ଆ-ଲୋକ୍ = ଦୀପ୍ତି ପାଇବା-ଅ) ଦର୍ଶନ, ଦୃଷ୍ଟିପଥ; ପ୍ରକାଶ, ଦୀପ୍ତି; ଅନ୍ଧକାରର ଅଭାବ; ଜୟଧ୍ୱନି; ସ୍ତୁତି, ବନ୍ଦିଭାଷଣ । (ଆଲୋକସ୍ତୁ ପୁମାନ୍ ଦ୍ୟୋତେ ଦର୍ଶନେ ବନ୍ଦିଭାଷଣେ—ମେଦିନୀ ।)

ଆଲୋକନ, ବି. (ଆ-ଲୋକ୍-ଅନ) ଦୃଷ୍ଟି, ଦର୍ଶନ, ଦେଖିବା । (ଆ-ଲୋକ୍-ଣିଚ୍-ଅନ) ଦେଖାଇବା । (ଦର୍ଶନାଲୋକନେକ୍ଷଣଂ—ଅମର ।)

ଆଲୋଚନ, } ବି. ସ୍ତ୍ରୀ. (ଆ-ଲୋଚ୍-ଅନ-ଆ)
ଆଲୋଚନା, } ଅନୁଶୀଳନ, ଚର୍ଚ୍ଚା. ଆନ୍ଦୋଳନ । (ଆ-ଲୋଚନ) ଲୋଚନ ପର୍ଯ୍ୟନ୍ତ ।

ଆଲୋଡ଼ନ, ବି. (ଆ-ଲୁଡ଼୍-ଅନ) ମନ୍ଥନ, ଆବର୍ତ୍ତନ; ସମ୍ମିଳନ; ଆଲୋଚନ ।

ଆଲୋଡ଼ିତ, ବିଂ. (ଆ-ଲୁଡ଼୍-ତ) ଚର୍ଣ୍ଣିତ; ମଥିତ, ମର୍ଦ୍ଦିତ; ସମ୍ମିଳିତ; ଆଲୋଚିତ ।

ଆବପ, } ବି. (ଆ-ବପ୍ = ବୁଣିବା, କ୍ଷୌର
ଆବପନ, } କରିବା-ଅ, ଅନ) ଧାନ୍ୟସ୍ଥାପନ ପାତ୍ର; ଭାଣ୍ଡ, ପାତ୍ର । (ସର୍ବମାବପନଂ ଭାଣ୍ଡଂ ପାତ୍ରାମତ୍ରଂ ଚ ଭାଜନଂ—ଅମର ।) କ୍ଷୌର କର୍ମ; କେଶାଦି ମୁଣ୍ଡନ; ବୀଜରୋପଣ, ବୀଜବପନ, ବୁଣା ।

ଆବର, ଅଂ. (ଦେଶଜ) ପୁଣି । ଯଥା—

ବରଷା କାଳ ଅନ୍ତ କରେ ଶରଦ ବହି ଶିବ ଆଡ଼ମ୍ବର,
ବରଧୂତ ଘନାଘନଖଣ୍ଡ କୃତେ କେଶରୀ ସର ଆବର ।
ବୈ. ବି.

(ଏ ଶବ୍ଦଟି ପଦ୍ୟରେ କେବଳ ବ୍ୟବହୃତ ହୁଏ ।)

ଆବରଣ, ବି. (ଆ-ବୃ-ଅନ) ଚର୍ମଫଳକ, ଢ଼ାଲ; ଢାଙ୍କୁଣି; ଆଚ୍ଛାଦନ ସାଧନ ପ୍ରାଚୀର ଆଦି; ଅବରୋଧ; ଆଚ୍ଛାଦନ । ଯଥା—ନେତ୍ରାବରଣ (ପଲକ) ।

ଆବରିବା, } କ୍ରି. (ଆବରଣ ଶବ୍ଦଜ) ଆବରଣ
ଆବୁରିବା, } କରିବା, ଆଚ୍ଛନ୍ନ ରଖିବା । ଯଥା—

ଏହିରୂପେ ଭାଳ ଘନତରୁପଣ୍ଡେ ଆବର ଅଙ୍ଗ । ଉଷା ।

ଆବର୍ତ୍ତ, ବି. (ଆ-ବୃତ୍-ଅ) ଜଳଭଉଁରୀ, ଜଳ-ଭ୍ରମ । (ସ୍ୟାଦାବର୍ତ୍ତୋଽମ୍ଭସାଂ ଭ୍ରମଃ—ଅମର) ଅଶ୍ୱର ଦଶବିଧ ରୋମସଂସ୍ଥାନ-ବିଶେଷ, ଘୋଡ଼ା ଦେହର ରୋମଜାତ ଭଉଁରୀବିଶେଷ; ମେଘବିଶେଷ; ରାଜାବର୍ତ୍ତ ନାମକ ମଣି; ପରିବର୍ତ୍ତ; ଘୂର୍ଣ୍ଣନ; ଦେହି-ମାନଙ୍କର ରୋମସଂସ୍ଥାନ ।

ଆବର୍ତ୍ତନ, ବି. (ଆ-ବୃତ୍-ଅନ) ତରଳାଇବା, ଆଉଟାଇବା; ଘୂର୍ଣ୍ଣନ; ମନ୍ଥନ; ପୁନଃପୁନଃ-କରଣ; ବେଷ୍ଟନ (ପ୍ରାଚୀରାଦି); ପୁନରା-ଗମନ । (ସ୍ତ୍ରୀ-ଈ) କୌଣସି ଦ୍ରବ୍ୟକୁ ଗଳିତ କରାଇବାର ପାତ୍ର ।

ଆବଳ, } ବି. ସ୍ତ୍ରୀ. (ଆ-ବଳ୍=ଗମନ କରିବା-
ଆବଳୀ, } ଇ-ସ୍ତ୍ରୀ-ଈ) ଶ୍ରେଣୀ, ପଂକ୍ତି—ଯେପରି ବୃକ୍ଷାବଳୀ । ସମୂହ; ବଂଶ ।

ଆବଶ୍ୟକ, ବିଂ. (ଅବଶ୍ୟ-କ-ସ୍ୱାର୍ଥେ) ପ୍ରୟୋଜନୀୟ । ଯଥା—ପାକାର୍ଥେ ଅଗ୍ନି ଆବଶ୍ୟକ । ଅବଶ୍ୟଂଭାବ; ନିରବକାଶ ।

ଆବସଥ, ବି. (ଆ-ବସ୍=ବାସ କରିବା-ଅଥ) ସ୍ଥାନ; ଆଶ୍ରମ; ଗୃହ; ବାସସ୍ଥାନ, ବିଶ୍ରାମ ସ୍ଥାନ; ଗ୍ରାମ; ବ୍ରତବିଶେଷ ।

ଆବସିତ, ବିଂ. (ଆ-ଅବ-ସୋ=ନାଶ କରିବା, ସ୍ଥାପନ କରିବା-ତ) ଭଣ୍ଡାରରେ ସ୍ଥାପିତ; ରାଶୀକୃତ; ସୂର୍ପଦ୍ୱାରା ପରିଷ୍କୃତ (ଧାନ୍ୟାଦି) । (ଋଦ୍ଧମାବସିତଂ ଧାନ୍ୟଂ—ଅମର ।) ନିର୍ଣ୍ଣୀତ, ଅବଧାରିତ; ସମାପ୍ତ ।

ଆବହ, ବିଂ.(ଆ-ବହ୍-ଅ)ବହନକାରୀ;ଜନକ; ଉତ୍ପାଦକ; ଦାତା । ବି. ବାୟୁବିଶେଷ ।

ଆବହନ, ବି. (ଆ-ବହ୍-ଅନ) ବହିବା, ବହନ; ଉତ୍ପାଦନ ।

ଆବହମାନ, ବିଂ. (ଆ-ବହ-ମାନ) କ୍ରମାଗତ; ଚିରପ୍ରଚଳିତ । ଯଥା—ଆବହମାନ କାଳ ।

ଆବାକାବା, କ୍ରି. ବିଂ. (ଦେଶଜ) ଏଠେଇଁ ସେଠେଇଁ, କେଉଁ ସ୍ଥାନରେ ବେଶି, କେଉଁ ସ୍ଥାନରେ କମ, ଅସମାନଭାବରେ । ଯଥା—ତେଲ ଲଗାଇବ ଆବାକାବା । ଢଙ୍ଗ ।

ଆବାଦ, ବିଂ. (ଯାବନିକ) ଚଷା, କୃଷ୍ଟ; ଜନ-ପୂର୍ଣ୍ଣ; ଅଧୁଷିତ ।

ଆବାପ, ବି. (ଆ-ବପ୍=ବପନ କରିବା ଇତ୍ୟାଦି-ଅ) ମନ୍ଦା, ଗଛମୂଳରେ ପାଣି ରହିବା ସ୍ଥାନ । (ସ୍ୟାଦାଳବାଳମାବାଳ-ମାବାପଃ—ଅମର ।) ଶତ୍ରୁରାଜ୍ୟଚିନ୍ତା; ଶତ୍ରୁବିଷୟକ ଚିନ୍ତା; ରାଜ୍ୟରକ୍ଷା; ବୀଜ-ବପନ, ମଞ୍ଜି ବୁଣିବା—ଯେପରି ଶସ୍ୟା-ବାପ । କଙ୍କଣାଦି ଭୂଷଣ; ଉନ୍ନତାନତ ଭୂମି; ମିଶ୍ରଣ, ଅନ୍ୱପୂ; ପାତ୍ରବିଶେଷ, ଥଳୀ ।

ଆବାପକ, ବିଂ. (ଆ-ବପ୍-ଅକ) ବପନକାରୀ । ବି. କଙ୍କଣାଦି ଭୂଷଣ । (ଆବାପକଃ ପାରିହାର୍ଯ୍ୟଃ କଟକୋ ବଲୟୋଽସ୍ତ୍ରିୟାଂ—ଅମର ।)

ଆବାଳ, ବି. (ଆ-ବଳ୍-ଅ) ମନ୍ଦା, ଆଳବାଳ । (ଆବାପ ଶବ୍ଦ ଦେଖ) (ଆ=ଅବଧି-ବାଳ) ବାଲ୍ୟାବଧି, ବାଳକାଳ ପର୍ଯ୍ୟନ୍ତ ।

ଆବାସ, ବି. (ଆ-ବସ୍-ଅ) ଗୃହ, ବାସସ୍ଥାନ ।

ଆବାହନ, ବି. (ଆ-ବହ୍-ଇ-ଅନ) ନିମନ୍ତ୍ରଣ; ଆହ୍ୱାନ; ମନ୍ତ୍ରୋଚ୍ଚାରଣପୂର୍ବକ ହସ୍ତର ପ୍ରକ୍ରିୟାବିଶେଷଦ୍ୱାରା ପୂଜାଦି ସ୍ଥଳରେ ଦେବତା ଆମନ୍ତ୍ରଣ ।

ଆବିଗ୍ନ, ବିଂ. (ଆ-ବିଜ୍=ଭୀତ ବା କମ୍ପିତ-ହେବା-ତ) ଉଦ୍‌ବିଗ୍ନ; ଭୀତ । ବି. କରମର୍ଦ୍ଦକବୃକ୍ଷ, ପାଣିଅଁଳା ଗଛ ।

ଆବିଦ୍ଧ, ବିଂ. (ଆ-ବ୍ୟଧ୍=ନିକ୍ଷେପ କରିବା, ତାଡ଼ନା କରିବା-ତ) ବକ୍ର, କୁଟିଳ । (ଆବିଦ୍ଧଂ କୁଟିଳଂ ଭୁଗ୍ନଂ ବେଲ୍ଲିତଂ ବକ୍ର-ମିତ୍ୟପି—ଅମର ।) ନିକ୍ଷିପ୍ତ; ପ୍ରେରିତ; ଭଗ୍ନ; ବିଦ୍ଧ ଅର୍ଥାତ୍ ଯହିଁରେ ଛିଦ୍ର କରା ଯାଇଅଛି; ନିରସ୍ତ; ଅଭିଭୂତ; ମୂର୍ଖ ।

ଆବିଧ, ବି. (ଆ-ବ୍ୟଧ୍-ଅ) ବଢ଼େଇର କାଷ୍ଠ-ଭେଦନାସ୍ତ୍ରବିଶେଷ, ଭଅଁର ପ୍ରଭୃତି । (ଆବିଧୋ ବିଧ୍ୟତେ ଯେନ—ଅମର ।)

**ଆବିର୍ଭାବ**, ବି. (ଆବିସ୍‌=ପ୍ରକାଶ-ଭୂ-ଅ) ପ୍ରକାଶ, ଉଦୟ । ଯଥା—ପ୍ରାତଃକାଳରୁ ପୂର୍ବ-ଦିଗରେ ସୂର୍ଯ୍ୟଙ୍କର ଆବିର୍ଭାବ ହୁଏ । ଅବତରଣ; ଅଧିଷ୍ଠାନ । ଯଥା—ଏସ୍ଥାନରେ ସ୍ୱୟମ୍ଭୂଙ୍କର ଆବିର୍ଭାବ ହୋଇଅଛି; କଳିରେ ଚୈତନ୍ୟଙ୍କର ଆବିର୍ଭାବ ।

**ଆବିଳ**, ବିଂ. (ଆ-ବିଲ୍‌=ଭେଦକରିବା-ଅ) କଲୁଷିତ । ଯଥା—ଆବିଳ ଜଳ । (କଲୁଷୋଽନଚ୍ଛଆବିଳଃ ।) ସନ୍ଦିଗ୍ଧ, ଆକୁଳ ।

**ଆବିଷ୍କାର**, ବି. (ଆବିସ୍‌-କୃ-ଅ) ଅନୁସନ୍ଧାନ-ଦ୍ୱାରା ପ୍ରକାଶକରଣ, ନବପ୍ରକାଶ, ଅପରିଜ୍ଞାତ ବିଷୟର ଉଦ୍ଭାବନ ।

**ଆବିଷ୍ଟ**, ବିଂ. (ଆ-ବିଶ୍‌-ତ) ନିବିଷ୍ଟ, ଭୂତାଦି-ଗ୍ରସ୍ତ; ଅତିଶୟ ମନୋଯୋଗୀ; ତତ୍ପର; ଆସକ୍ତ । ଯଥା—ସନ୍ତତ ସତ୍କାର୍ଯ୍ୟରେ ଆବିଷ୍ଟ-ଚିତ୍ତ ହୁଅ ।

**ଆବିସ୍‌**, ଅଂ. (ଆ-ଉ=ଶବ୍ଦ କରିବା-ଇସ୍‌) ପ୍ରକାଶ, ବ୍ୟକ୍ତ, ଉଦ୍ଭବ । (ପ୍ରକାଶ୍ୟେ ପ୍ରାଦୁରାବିଃ ସ୍ୟାତ୍‌—ଅମର ।)

**ଆବୁ**, ବି. ଶରୀରର କୌଣସି ଅଂଶରେ ଉନ୍ନତ ମାଂସପିଣ୍ଡ, ଶରୀରର ମାଂସଳ ଅଂଶର ସ୍ଫୀତି ।

**ଆବୁ**, ବି. (ଅର୍ବୁଦ ଶବ୍ଦଜ) ବଥ ବା ବ୍ରଣ-ବିଶେଷ । ଯଥା—

ମାଡ଼ ମାରିବାରେ ବେକରୁ ପିଟିଯାଏ,
ଫଳ ରହିଅଛି ଆବୁର ପରିସ୍ୱେ । କୃ.ଖ.ବ.ପ.

**ଆବୁଆବୁଆ**, ବିଂ. (ଦେଶଜ) ଉଚ୍ଚନୀଚ ।

**ଆବୁକ**, ବି. (ଆ-ଅବ୍‌=ରକ୍ଷା କରିବା-ଉକ) ନାଟ୍ୟଶାସ୍ତ୍ରରେ ପିତା । (ଭାବୋବିଦ୍ୱାନ-ଆବୁକଃ ଜନକଃ—ଅମର ।)

**ଆବୁତ୍ତ**, **ଆବୃତ୍ତ**, } ବି. (ଆ-ବୁଧ୍‌=ଜାଣିବା-ତ, ଅଥବା ଆ-ଅପ୍‌-ଉତ୍ତ, ନାଟ୍ୟଶାସ୍ତ୍ରରେ ଭଗିନୀପତି । (ଭଗିନୀପତିରାବୁତ୍ତଃ—ଅମର ।)

**ଆବୁଡ଼ା**, ବି. (ଦେଶଜ) ସମସ୍ତଙ୍କୁ ଲଙ୍ଘି କାର୍ଯ୍ୟରେ ଆଗ କରି ପ୍ରବେଶ କରିବା ।

**ଆବୁଡ଼ାପଡ଼ିବା**, **ଆବୁରାପଡ଼ିବା**, } ବି. (ଦେଶଜ) କାର୍ଯ୍ୟରେ ଆଗ କରି ପ୍ରବେଶ କରିବାକୁ ଚଞ୍ଚଳ ହେବା ।

**ଆବୁଡ଼ାଖାବୁଡ଼ା**, **ଆବଡ଼ାଖାବଡ଼ା**, } ବି. (ଦେଶଜ) ବନ୍ଧୁର ଅର୍ଥାତ୍‌ ଉଚ୍ଚନୀଚ ।

**ଆବୁରାଆବୁର**, ବି. (ଦେଶଜ) ମୋର ମୋର ବୋଲି ଅଗ୍ରସର ହେବା ।

**ଆବୃତ୍‌**, ବି. (ଆ-ବୃତ୍‌-କ୍ୱିପ୍‌) ପରିପାଟୀ, ଅନୁକ୍ରମ ।

**ଆବୃତ**, ବିଂ. (ଆ-ବୃ-ତ) ଆଚ୍ଛାଦିତ, ବେଷ୍ଟିତ, ବ୍ୟାପ୍ତ ।

**ଆବୃତ୍ତି**, ବି. (ଆ-ବୃତ୍‌-ତି) ପୁନଃପଠନ, ବ୍ୟାଖ୍ୟାନ କରି ପଢ଼ିବା, ଅଭ୍ୟାସ, ଗୁଣନ; ଆଗମନ; ପୁନଃପୁନଃ ଜନ୍ମଗ୍ରହଣ ।

**ଆବେଗ**, ବି. (ଆ-ବିଜ୍‌=ଭୟ କରିବା, ଖିନ୍ନ ହେବା-ଅ) ଉତ୍କଣ୍ଠାଜନିତ ଶୀଘ୍ରତା; ଚିତ୍ତ-ସମ୍ଭ୍ରମ; ଚଞ୍ଚଳତା; ବ୍ୟାକୁଳତା; ଅସ୍ଥିରତା । ଯଥା—ଶୋକାବେଗ, ହର୍ଷାବେଗ ।

**ଆବେଦନ**, ବି. (ଆ-ବିଦ୍‌-ଇ-ଅନ) ନିବେଦନ; ବିଜ୍ଞାପନ; ପ୍ରାର୍ଥନା ।

**ଆବେଶ**, ବି. (ଆ-ବିଶ୍‌-ଅ) ଅଧିଷ୍ଠାନ; ପ୍ରବେଶ; ଅନୁପ୍ରବେଶ । ଯଥା—ଭୂତାବେଶ । ଗର୍ବ ଯଥା—ଆପଣଙ୍କର ଏଥିରେ ଏତେବଡ଼ ଆବେଶ କାହିଁକି ? ଆଯୁକ୍ତକରଣ; ଅଭି-ନିବେଶ; ଆସକ୍ତ । ଯଥା—

ଆବେଶେ ଲେହନ୍ତ ଓଷ୍ଠ-ସେ ନାମ ସ୍ୱାଦରେ । ବ.ଚ.ମ.

**ଆବେଶନ**, ବି. (ଆ-ବିଶ୍‌-ଅନ) ଶିଳ୍ପଶାଳା । (ଆବେଶନଂ ଶିଳ୍ପଶାଳା—ଅମର ।) ପ୍ରବେଶ; ସୂର୍ଯ୍ୟାଦିର ପରିଧି; ଭୂତାବେଶ; କୋପ ।

**ଆବେଶିକ**, ବି. (ଆବେଶ-ଇକ ଅଥବା ଆ-ବିଶ୍‌-ଇକ) ଆଗନ୍ତୁକ, ଅତିଥି । (ସ୍ୟୁରାବେଶିକ ଆଗନ୍ତୁରତିଥିର୍ନା ଗୃହାଗତେ—ଅମର ।) (ଆବେଶ-ଇକ—ସ୍ୱାର୍ଥେ) ପ୍ରବେଶ ।

ଆବୋରନ୍ତା, ବିଂ. (ଦେଶଜ) ଓଗାଳିବା ବ୍ୟକ୍ତି, ଯେ ଅଟକାଇ ରଖେ; ଆପଣାର କରି ରକ୍ଷା କରିବା ବ୍ୟକ୍ତି ।

ଆବୋରିବାର, ଆବୁରିବାର, } କ୍ରି. (ଦେଶଜ) ଆପଣାର କରିବାର । ଯଥା—

ଗୃହକୁମ୍ଭରେ ଯେ ଧୂଳି ଖେଳେ ତତ୍ପର,
ଲୀଳାଭାବେ ଆବୋରନ୍ତି ବାଲ ନଅର । ବ. ରା.

ଘେରିବା । ଯଥା—

ଅନଳ ଆବୋରିଲା ଆସି,
କୃଷ୍ଣଗହନେ ଛନ୍ତି ପଶି । ଖ. ଦ. ସ୍କ.

ଓଗାଳିବାର । ଯଥା—

ସଙ୍ଗ୍ରାମେ ବୃଅର୍ଥ ସେ ହୋଇଲେ ଭାଇବେନ୍ଧ,
ବେଗେ ଆବୋରେ ଯାଇ ମନ୍ତ୍ରୀ ଯେ ଶକୁନ୍ଦ । ସା.ଭା.ଆ.
ମଦ୍ରଦେଶ କମ୍ପିଲେ ଅଶ୍ୱତ୍ଥାମାର ବାଣେ,
ଦେଖି ଫାଲ୍‌ଗୁନୀ ଯେ ଆବୁରିଲେ ତତ୍‌କ୍ଷଣେ । ସା.ଭା.ଆ.

ଆଶ, ବି. (ଅଶ୍-ଭୋଜନ କରିବା-ଅ) ଭୋଜନ—ଯେପରି ପ୍ରାତରାଶ, ଆଶ୍ରୟାଶ ଇତ୍ୟାଦି । ଏହି ଶବ୍ଦଟି ଅନ୍ୟ ଶବ୍ଦ ସହିତ ପ୍ରଯୁକ୍ତ ହୁଏ । (ଆଶା ଶବ୍ଦଜ ହେଲେ) ଇଚ୍ଛା । ପଦ୍ୟରେ କେବଳ ଏହି ଶବ୍ଦଟି ବ୍ୟବହୃତ ହୁଏ । ଯଥା—

ଆଶବଶେ ବଳେ ବାହାରଇ ରାଧା ସ୍ୱର । ବ. ଚ. ମ.

ଆଶା ।

ଆଶଂସା, ବି. ସ୍ତ୍ରୀ. (ଆ-ଶନ୍‌ସ୍ = ବୋଲିବା, ଇଚ୍ଛା କରିବା-ଅ—ଆ) ପ୍ରତ୍ୟାଶା; ଇଚ୍ଛା, ଅଭିଳାଷ; ସମ୍ଭାବନା ।

ଆଶଂସିତା, ଆଶଂସୁ, } ବିଂ. (ଆଶଂସିତୃ = ଆ-ଶନ୍‌ସ୍-ତୃ, ଉ) ଆକାଙ୍‌କ୍ଷୀ, ପ୍ରାର୍ଥକ; ଯେ ଆଶଂସା କରେ, ଭବିଷ୍ୟଦିଚ୍ଛାକାରୀ; ଇଚ୍ଛୁକ;କଥୟିତା । (ଆଶଂସୁରାଶଂସିତରି— ଅମର ।) (ଲକ୍ଷ୍ମୀଃ ପୁଂଯୋଗମାଶଂସୁଃ କୁଳଟେବ କୁତୂହଳାତ୍—ଭଟ୍ଟି ।)

ଆଶକ୍ତି, ବି. (ଆ-ଶକ୍-ତି) ସାମର୍ଥ୍ୟ;ଯୋଗ୍ୟତା; ଆଶକ୍ତତା ।

ଆଶଙ୍କା, ବି.ସ୍ତ୍ରୀ.(ଆ-ଶନ୍‌କ = ଭୀତ ହେବା-ଅ) ତ୍ରାସ, ଭୟ; ଅନିଷ୍ଟ ହେବ ପରି ବୋଲି ଚିନ୍ତା; ସନ୍ଦେହ; ସଙ୍କୋଚ; ବିତର୍କ ।

ଆଶମ୍, ଅଂ. ଆନନ୍ଦ ।

ଆଶୟ, ବି. (ଆ-ଶୀ = ଶୟନ କରିବା-ଅ) ଅଭିପ୍ରାୟ, ତାତ୍ପର୍ଯ୍ୟ; ଇଚ୍ଛା । (ଅଭିପ୍ରାୟ-ଛନ୍ଦଆଶୟଃ—ଅମର ।) ଆଶ୍ରୟ, ଆଧାର —ଯେପରି ଜଳାଶୟ । ଚିତ୍ତ, ମନ; ଅଦୃଷ୍ଟ; ଅଭ୍ୟନ୍ତର; ବିଭବ ବା ଐଶ୍ୱର୍ଯ୍ୟ; ଅଜୀର୍ଣ୍ଣ ସ୍ଥାନ, କୋଷ୍ଠାଗାର; ପନସବୃକ୍ଷ ।

ଆଶର, ବି. (ଆ-ଶ = ବଧ କରିବା-ଅ) ଅଗ୍ନି; ରାକ୍ଷସ । (ନୈର୍ଋ୍ୟାଦୋଽସ୍ରପ ଆଶରଃ— ଅମର ।) ସ୍ତ୍ରୀ. ରାକ୍ଷସୀ ।

ଆଶା, ବି. ସ୍ତ୍ରୀ. (ଆ-ଅଶ୍ = ବ୍ୟାପିବା-ଅ, ଆ) ଇଚ୍ଛା, ବାଞ୍ଛା; ଦୀର୍ଘତୃଷ୍ଣା । (ଆଶା ତୃଷ୍ଣାପି ସ୍ପୃହା—ଅମର ।) ଦିଗ । ଯେପରି— ପୂର୍ବାଶା, ଉତ୍ତରାଶା । ଭରସା; ଦକ୍ଷ-ପ୍ରଜାପତିଙ୍କ କନ୍ୟା ।

ଆଶାବନ୍ଧ, ବି. (ଆଶା-ବନ୍ଧ = ବନ୍ଧନ) ଆଶ୍ୱାସ, ପ୍ରତ୍ୟାଶା । (ଆଶାବନ୍ଧଃ କୁସୁମସଦୃଶଂ ପ୍ରାୟଶୋ ହ୍ୟଙ୍ଗନାନାଂ—ମେଘଦୂତ ।) (ଆଶା = ଦିଗ୍-ବନ୍ଧ = ବନ୍ଧନ—ଯେ ଦିଗକୁ ବନ୍ଧନ କରେ) ମାକଡ଼ସାର ଜାଲ ।

ଆଶାୟୀ, ବିଂ. (ଆଶା-ଇ-ଇନ୍—ଯେ ଆଶା ପ୍ରାପ୍ତ ହୁଏ) ଯେ ଅଶା କରେ, ଆଶାବାନ୍ । ଯଥା—

ଉଚ୍ଚ ତରୁ ଫଳେ ଖର୍ବ ଆଶାୟୀ ପରି । ଲ. ବ.

ଆଶାସ୍ୟ, ବିଂ. (ଆ-ଶାସ୍ = ଶାସନ କରିବା, ଆଶୀର୍ବାଦ କରିବା ଇତ୍ୟାଦି-ଯ) ଆଶା-ଜନକ; ପ୍ରାର୍ଥନୀୟ; ଆଶୀର୍ବାଦସାଧ୍ୟ ।

ଆଶିତ, ବିଂ. (ଆ-ଅଶ୍ = ଭୋଜନ କରିବା-ତ) ଅଶିତ, ଭୁକ୍ତ; ଭୋଜନଦ୍ୱାରା ତୃପ୍ତ । (ଭାବବାଚ୍ୟରେ 'ତ' ପ୍ରତ୍ୟୟ ହେଲେ) ଭୋଜନ; ତୃପ୍ତି ।

ଆଶିତଂଗବୀନ, ବିଂ. (ଆଶିତ=ଭୁକ୍ତ-ଗୋ= ଗୋରୁ-ଈନ—ପ୍ରାକ୍ ଭୂତାର୍ଥେ) ଯେଉଁ ସ୍ଥାନରେ ଗୋରୁ ସକଳ ଘାସାଦି ଭକ୍ଷଣ-ଦ୍ୱାରା ତୃପ୍ତି ପାଆନ୍ତି, ତୃଣପୂର୍ଣ୍ଣ ଗୋଚର ଭୂମି; ପୂର୍ବ ଗୋଚାରଣ କ୍ଷେତ୍ର । (ନିଷ୍ପାଶିତଂ ଗବୀନଂ ତତ୍ ଗାବେ ଯତ୍ରାଶିତାଃ ପୁରା— ଅମର ।) ଯଥା—ବର୍ତ୍ତମାନ ଦୁରାଶାପୀଡ଼ିତ ଦୁର୍ବୃତ୍ତ ଲୋକେ ଆଶିତଙ୍ଗବୀନ କ୍ଷେତ୍ର ସୁଦ୍ଧା ଆତ୍ମସାତ୍ କରି ସାରିଲେଣି ।

ଆସିସ୍, } ବି. ସ୍ତ୍ରୀ. (ଆ-ଶାସ୍=ଶୁଭକାଙ୍କ୍ଷା
ଆଶୀଃ, } କରିବା ଇତ୍ୟାଦି-କ୍ୱିପ୍) ଅନ୍ୟର ଶୁଭପ୍ରାର୍ଥନା, ମଙ୍ଗଳ ବାଞ୍ଛା ।

ଆଶିଷ୍ୟ, ବି. (ଆଶିସ୍ ଶବ୍ଦଜ) କଲ୍ୟାଣ ବା ମଙ୍ଗଳ ବାଞ୍ଛା । ଯଥା—

**ଆଶିଷ୍ୟ କଲ୍ୟାଣ କଲେ ବେଗେ ସେହୁ ପୁଣି ।**
ସା. ଭା. ଆ.

ଆଶୀ, ବି. ସ୍ତ୍ରୀ. (ଆ-ଅଶ୍-ଅ-ଈ) ସର୍ପାଦିର ବିଷଦନ୍ତ ।

ଆଶୀର୍ବାଦ, ବି. (ଆଶିସ୍-ବଦ୍-ଅ) ଶୁଭ ଇଚ୍ଛା-ସୂଚକ ବାକ୍ୟ, କଲ୍ୟାଣ ।

ଆଶୀବିଷ, } ବି. (ଆଶୀ, ଆଶୀସ୍-ବିଷ) ସର୍ପ ।
ଆଶୀର୍ବିଷ, } (ସ୍ତ୍ରୀ-ଆ) ସର୍ପୀ ।

ଆଶୀସ୍, ବି. ସ୍ତ୍ରୀ. (ଆ-ଅଶ୍-ଈସ୍) ହିତାଶଂସା; ପ୍ରିୟବାକ୍ୟ;ଅଭିଳାଷ; ସର୍ପଦଂଷ୍ଟ୍ରା । (ସ୍ତ୍ରୀଆ-ଶୀର୍ହିତାଶଂସାହିଦଂଷ୍ଟ୍ରୟୋଃ—ଅମର ।)

ଆଶୁ, କ୍ରି. ବିଂ. (ଅଶ୍=ବ୍ୟାପିବା-ଉ) ଶୀଘ୍ର, ଚଞ୍ଚଳ । ବି. ବିଆଳି ଧାନ । (ଆଶୁର୍ବ୍ରୀହିଃ ପାଟଳଃ ସ୍ୟାତ୍—ଅମର ।)

ଆଶୁଗ, ବି. (ଆଶୁ=ଶୀଘ୍ର-ଗମ୍-ଅ) ଶର, ବାଣ; ପବନ । (ଆଶୁଗୌ ବାୟୁବିଶିଖୌ —ଅମର ।) ସୂର୍ଯ୍ୟ । ବିଂ. ଶୀଘ୍ରଗାମୀ ।

ଆଶୁଶୁକ୍ଷଣି, ବି. (ଆଶୁ-ଶୁଷ୍=ଶୁଷ୍କ କରିବା-ସନ୍-ଇଚ୍ଛାର୍ଥେ-ଅନି) ଅଗ୍ନି । (ରୋହିତାଶ୍ୱୋ ବାୟୁସଖଃ ଶିଖାବାନାଶୁଶୁକ୍ଷଣିଃ—ଅମର ।) ବାୟୁ ।

ଆଶ୍ଚର୍ଯ୍ୟ, ବି. (ଆ-ଚର୍=ଗମନ କରିବା-ଯ, ସ ଆଗମ) ବିସ୍ମୟ, ଚମତ୍କାର । ବିଂ. ଅଦ୍ଭୁତ, ଅପୂର୍ବ, ବିସ୍ମୟଜନକ ।

ଆଶ୍ରମ, ବି. (ଆ-ଶ୍ରମ୍=ତପସ୍ୟା କରିବା-ଅ) ମୁନିମାନଙ୍କର ବାସସ୍ଥାନ; ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ; ବାନପ୍ରସ୍ଥ ଓ ଭୈକ୍ଷ୍ୟ ଏହି ଚତୁର୍ବିଧ ଅବସ୍ଥା; ବେଦାଦି ଅଧ୍ୟୟନ ସ୍ଥାନ; ମଠ; ବନ ।

ଆଶ୍ରୟ, } ବି.(ଆ-ଶ୍ରି=ଅବଲମ୍ବନ କରିବା,
ଆଶ୍ରୟଣ, } ସେବା କରିବା-ଅ) ଅବଲମ୍ବନ; ଗୃହ; ସ୍ଥିତି; ଆଧାର; ବିଷୟ; ଅନୁସରଣ; ସାମୀପ୍ୟ; ରକ୍ଷାସ୍ଥାନ; କାରଣ । ବିଂ. ସହାୟ, ରକ୍ଷକ ।

ଆଶ୍ରୟାଶ, ବି. (ଆଶ୍ରୟ-ଅଶ୍-ଅ, ଯେ ନିଜର ଆଶ୍ରୟ ସ୍ଥାନକୁ ଭୋଜନ କରେ) ଅଗ୍ନି । ( ଅଗ୍ନି ପର୍ଯ୍ୟାୟ ବାଚକଭିରୁ ) ଚିତାପାରୁ ଗଛ । (ଆଶ୍ରୟାଶୋ ବୃହଦ୍ଭାନୁଃ କୃଶାନୁଃ ପାବକୋଽନଳଃ—ଅମର ) ବିଂ. ଯେ ଆଶ୍ରୟ ନଷ୍ଟ କରେ, ଯାହାକୁ ଆଶ୍ରୟ କରିଥାଏ ତାହାକୁ ଯେ ନଷ୍ଟ କରେ ।

ଆଶ୍ରବ, ବି. (ଆ-ଶ୍ରୁ=ଶ୍ରବଣ କରିବା, ପ୍ରତିଜ୍ଞା କରିବା-ଅ) ପ୍ରତିଜ୍ଞା, ସ୍ୱୀକାର, ଅଙ୍ଗୀକାର । ( ଅଙ୍ଗୀକାରାଭ୍ୟୁପଗମପ୍ରତିଶ୍ରବସମାଧୟଃ— ଅମର ।) କ୍ଲେଶ । (ଆଘାନବାଶ୍ରବୌ-କ୍ଲେଶେ— ଅମର ।) ବିଂ. କଥାର ବାଧ୍ୟ, ବଶ୍ୟ । (ବଚନେ ସ୍ଥିତ ଆଶ୍ରବଃ—ଅମର ।)

ଆଶ୍ରିତ, ବିଂ. (ଆ-ଶ୍ରି-ତ) ସେବକ; ଶରଣାଗତ; ଅଧୀନ; ସ୍ଥିତ ।

ଆଶ୍ରା, ବି. (ଆଶ୍ରୟ ଶବ୍ଦଜ) ଆଶ୍ରୟ । ଯଥା—

ଦାସେରକ ଆଶ୍ରା କରି ତରୁତଳ,
ଗ୍ରୈବାଉଛି ଗ୍ରୀବା ଟେକି ନମ୍ରଦଳ । ନ. କେ.

ଆଶ୍ରି, ବିଂ. (ଆଶ୍ରିତ ପଦର ଅପଭ୍ରଂଶ)ଆଶ୍ରିତ । ଯଥା—

ଆମ୍ଭେ ବ୍ରାହ୍ମଣମାନେ ଯେ ଭିକ୍ଷାଅନ୍ନ ଆଶ୍ରି,
ରାଜଲକ୍ଷ୍ମୀ କଦାଚ ଆମ୍ଭକୁ ନ ଆସି । ସା.ଭା.ଆ

ଆଶ୍ରିପାଦ, ବି. (ଆଶୀର୍ବାଦ ଶବ୍ଦଜ) ଆଶୀର୍ବାଦ, କଲ୍ୟାଣ ।

ଆଶ୍ରିପାଦଘର, ବି. (ଦେଶଜ) ସୁଷ୍ଟବନ୍ଧ ବନ୍ଧାପନା, ପ୍ରାଥମିକ ଗର୍ଭାଧାନ।

ଆଶ୍ରିବା, କ୍ରି. (ଆଶ୍ରୟ ଶବ୍ଦରୁ ଜାତ) ଆଶ୍ରୟ କରିବା। ଯଥା—

ଲଭଇ ବିଶ୍ରାମ ସୁଖ ଆଶ୍ରି ପାଦ-
ଗିରିକୋଡପର୍ଯ୍ୟଙ୍କିକା। ଉର୍ବଶୀ।

ଆଶ୍ରୁତ, ବିଂ. (ଆ-ଶ୍ରୁ-ତ) ପ୍ରତିଜ୍ଞାତ, ଅଙ୍ଗୀକୃତ। (ଊରୀକୃତମୁରରୀକୃତମଙ୍ଗୀକୃତମାଶ୍ରୁତଂ ପ୍ରତିଜ୍ଞାତଂ—ଅମର।)

ଆଶ୍ରେ, ବି. (ଆଶ୍ରୟ ଶବ୍ଦଜ) ଆଶ୍ରୟ। ଯଥା—

କରଅଛୁ ବନ୍ଧୁ ବିରଚିତ କେନ୍ଦ୍ର
ଆଶ୍ରେ ନଥିଲେ ନ ବର୍ତ୍ତିନ୍ତ। ବି. ଚ. ମ.

ଆଶ୍ଳେଷ, ବି. (ଆ-ଶ୍ଳିଷ୍ = ଆଲିଙ୍ଗନ କରିବା-ଅ) ଆଲିଙ୍ଗନ; ଏକଦେଶସମ୍ବନ୍ଧ; ମିଳନ।

ଆଶ୍ୱ, ବି. (ଅଶ୍ୱ-ଅ-ସମୂହାର୍ଥେ) ଅଶ୍ୱସମୂହ। (ଅଶ୍ୱୀୟ ଶବ୍ଦ ଦେଖ) ବିଂ. ଅଶ୍ୱସମ୍ବନ୍ଧୀୟ; ଅଶ୍ୱବାହ୍ୟ

ଆଶ୍ୱତ୍ଥ, ବି. (ଅଶ୍ୱତ୍ଥ-ଅ) ଅଶ୍ୱତ୍ଥବୃକ୍ଷର ଫଳ। ବିଂ. ଅଶ୍ୱତ୍ଥସମ୍ବନ୍ଧୀୟ।

ଆଶ୍ୱୟୁଜ, ବି. (ଅଶ୍ୱୟୁଜୀ = ଅଶ୍ୱିନୀନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା-ଅ—ତଦ୍‌ଯୁକ୍ତକାଳାର୍ଥେ) ଆଶ୍ୱିନ ମାସ। ଯଥା—(ସ୍ୟାଦାଶ୍ୱିନ ଇଷୋଽପ୍ୟାଶ୍ୱୟୁଜଃ—ଅମର।) ବିଂ. ଆଶ୍ୱିନସମ୍ବନ୍ଧୀୟ। (ସ୍ତ୍ରୀ-ଆଶ୍ୱୟୁଜୀ) ଆଶ୍ୱିନୀ ପୂର୍ଣ୍ଣିମା।

ଆଶ୍ୱସ୍ତ, } ବିଂ. (ଆ-ଶ୍ୱସ-ତ) ଯେ ଆଶ୍ୱାସ
ଆଶ୍ୱାସିତ, } ପାଇଅଛି, ଆଶ୍ୱାସପ୍ରାପ୍ତ।

ଆଶ୍ୱାସ, ବି. (ଆ-ଶ୍ୱସ୍ = ପ୍ରତ୍ୟାଶା କରିବା-ଅ) ଆଶାଦାନ; ଅନୁନୟ; ପ୍ରବୋଧନ; ଉତ୍ସାହଦାନ; ସ୍ନେହପ୍ରଦର୍ଶନ; ଭୟନିବାରଣାର୍ଥ ସାନ୍ତ୍ୱନା; ବିଶ୍ରାମ; ନିଃଶ୍ୱାସ; ଆଖ୍ୟାୟିକାର ପରିଚ୍ଛେଦ।

ଆଶ୍ୱାସନା, ବି. (ଆ-ଶ୍ୱସ-ଅନ-ସ୍ତ୍ରୀ-ଆ) ପ୍ରବୋଧଦାନ, ସାନ୍ତ୍ୱନାଦାନ; ସ୍ନେହପ୍ରଦର୍ଶନ।

ଆଶ୍ୱିନ, ବି. (ଆଶ୍ୱିନୀ = ଅଶ୍ୱିନୀନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା-ଅ—ତଦ୍‌ଯୁକ୍ତକାଳାର୍ଥେ) ମାସବିଶେଷ, ଯେଉଁ ମାସର ପୂର୍ଣ୍ଣିମାରେ ଅଶ୍ୱିନୀ ନକ୍ଷତ୍ର ହୁଏ। (ସ୍ତ୍ରୀ-ଈ = ଆଶ୍ୱିନୀ) ଏହି ମାସର ପୂର୍ଣ୍ଣିମା।

ଆଶ୍ୱିନେୟ, ବି. (ଅଶ୍ୱିନୀ-ଏୟ-ଅପତ୍ୟାର୍ଥେ) ଅଶ୍ୱିନୀକୁମାର, ସ୍ୱର୍ଗବୈଦ୍ୟ।

ଆଶ୍ୱୀନ, ବି. (ଅଶ୍ୱ-ଈନ) ଏକ ଘୋଡ଼ା ଏକ ଦିନରେ ଯେତେ ପଥ ଯାଇ ପାରେ, ଅଶ୍ୱର ଏକ ଦିନର ଗମ୍ୟ ପଥ। (ତ୍ରିଷ୍ୱାଶ୍ୱୀନଂ ଯଦଶ୍ୱେନ ଦିନେନୈକେନ ଗମ୍ୟତେ—ଅମର।)

ଆଷାଢ଼, ବି. (ଆଷାଢ଼ୀ = ଆଷାଢ଼ନକ୍ଷତ୍ରଯୁକ୍ତା-ପୂର୍ଣ୍ଣିମା-ଅ—ତଦ୍‌ଯୁକ୍ତମାସାର୍ଥେ।) ମାସବିଶେଷ, ଯେଉଁ ମାସର ପୂର୍ଣ୍ଣିମାରେ ଆଷାଢ଼ା ନକ୍ଷତ୍ର ହୁଏ। ବ୍ରହ୍ମଚାରିଧାର୍ଯ୍ୟ ପଲାଶଦଣ୍ଡ। (ପାଲାଶୋ ଦଣ୍ଡ ଆଷାଢ଼ଃ—ଅମର।) ଦଣ୍ଡ; ମଳୟପର୍ବତ।

ଆଁସ, ବି. (ଦେଶଜ) ଦାରିବନ୍ଧ ପ୍ରଭୃତିର ଦାଢ଼।

ଆସ, କ୍ରି. (ଦେଶଜ) ଆଗମନ କର। (ଅସ୍ = କ୍ଷେପଣ କରିବା-ଅ) ଧନୁକ; ଉପବେଶନ ସ୍ଥାନ ବା ଆସନ; ସ୍ଥିତି।

ଆସକତ, } ବିଂ. (ଅଶକ୍ତ ଶବ୍ଦଜ) ଶ୍ରାନ୍ତ ବା
ଆସକ୍ତ, } ହାଲିଆ। ଯଥା—
ଆସ୍କତ, }

ସେଣୁ ବ୍ରେଗମାନଙ୍କୁ ପେଷିଲେ ମୁନି ଅଙ୍ଗେ,
ଆସ୍କତ ହୋଇ ଋଷି ଗୁହିଲେ ଭଗ୍ନଯୋଗେ।
ନୃ. ପୁ. ପ୍ର. ତ.

ଆସକ୍ତ, ବିଂ. (ଆ-ସନ୍‌ଜ୍ = ଆଲିଙ୍ଗନ କରିବା-ତ) ପ୍ରୀତ, ଅନୁରକ୍ତ; ଆସକ୍ତିବିଶିଷ୍ଟ; ଲଗ୍ନ; ସଂସକ୍ତ; ଯତ୍ନବାନ୍। ଅଂ. ନିତ୍ୟ, ସତତ, ଅନବରତ। (ଅଶକ୍ତ ଶବ୍ଦଜାତ ହେଲେ) ଶ୍ରାନ୍ତ ବା ହାଲିଆ।

ଆସକ୍ତି, } ବି. (ଆ-ସନ୍‌ଜ୍-ତି, ଅ) ଅନୁରାଗ,
ଆସଙ୍ଗ, } ଅତିଶୟ ମନୋଯୋଗ; ସଙ୍ଗ, ମିଳନ, ସହବାସ; ଭୋଗାଭିଳାଷ; ସମ୍ୟକ୍-ସମ୍ବନ୍ଧ। (ପାଦାକୃଷ୍ଟବ୍ରତତିବଳୟାସଙ୍ଗସଂଜାତପାଶଃ—ଶ. ନା.)

ଆସତ୍ତି, ବି. (ଆ-ସଦ୍ = ନିକଟସ୍ଥ ହେବା, ଗମନ କରିବା-ତି) ମିଳନ; ସନ୍ନିଧି, ନୈକଟ୍ୟ; ଲାଭ; ବୁଦ୍ଧିର ଅବିଚ୍ଛେଦ ।

ଆସନ, ବି.(ଆସ୍ = ଉପବେଶନ କରିବା-ଅନ) ବସିବା ସ୍ଥାନ, ପୀଠ ପ୍ରଭୃତି; କମ୍ବଳାଦି; ଉପବେଶନ; ସନ୍ଧିବିଗ୍ରହାଦି ଷଡ଼୍‌ଗୁଣ ମଧ୍ୟରୁ ଶତ୍ରୁ ଦୁର୍ଗ ଅବରୋଧ କରି ଅପେକ୍ଷା କରି ବସି ରହିବା । (ସନ୍ଧିର୍ନା ବିଗ୍ରହୋ ଯାନମାସନଂ ଦ୍ୱୈଧମାଶ୍ରୟଃ ଷଡ଼୍‌ଗୁଣାଃ— ଅମର ।) ହସ୍ତିର ସ୍କନ୍ଧଦେଶ । (ଆସନଂ ସ୍କନ୍ଧଦେଶଃ ସ୍ୟାତ୍ ଗଜସ୍ୟ—ଅମର ।) ସର୍ଜକବୃକ୍ଷ, ସାଳଗଛ । (ସ୍ତ୍ରୀ-ଆ = ଆସନା) ଅବସ୍ଥାନ, ସ୍ଥିତି । (ସ୍ୟାଦାସ୍ୟାଽଽସନା ସ୍ଥିତିଃ—ଅମର ।)

ଆସନ୍ତା, ବିଂ. (ଦେଶଜ) ଆଗାମୀ, ଆସୁଥିବା ।

ଆସନ୍ଦୀ, ଆସନ୍ଦିକା, ବି. ସ୍ତ୍ରୀ. (ଆ-ସମ-ଦୋ = ଖଣ୍ଡନ କରିବା-ଅ-ସ୍ତ୍ରୀ-ଈ) କ୍ଷୁଦ୍ର ଖଟ୍ୱା, ଛୋଟ ଖଟ; ଏକପ୍ରକାର ବେତ୍ରାସନ । ଯଥା— (ଜାମ୍ବୂନଦମୟୀମାସନ୍ଦିକାଂ — କାଦମ୍ବରୀ ।)

ଆସନ୍ନ, ବିଂ. (ଆ-ସଦ୍-ତ) ଉପସ୍ଥିତ; ନିକଟବର୍ତ୍ତୀ; ସମୀପସ୍ଥ ।

ଆସନ୍ନକାଳ, ବି. (ଆସନ୍ନ-କାଳ) ମରଣ ସମୟ; ଶେଷକାଳ ।

ଆସପାଶ, କ୍ରି. ବିଂ. (ଦେଶଜ) ନିକଟ । ବି. ନିକଟ ସ୍ଥାନ ।

ଆସଯାଅ, ଆସଯା, ବି. (ଦେଶଜ) ଗତାଗତ । ଯଥା —

ବ୍ୟାସ ବୋଇଲେ ଅଗ୍ନି କହିବା ହେଉ ତେବେ,
କାହିଁକି ଆସଯାଅ ହୋଇବା ବ୍ୟର୍ଥେ ଆମ୍ଭେ ।
ନୃ. ସୁ. ତୁ. ତ.

ଶ୍ରୀହରି ଯହିଁ ଥାଇ ବୈକୁଣ୍ଠ ତହିଁ ସ୍ଥିତି,
ସବୁ ତୀର୍ଥ ଘେନି ଦେବେ ଆସଯା ହୁଅନ୍ତି । ନୃ.ସୁ.ତୁ.ତ.

ଆସର, ବି.(ଆ-ସୃ = ହିଂସା କରିବା-ଅ)ଅସୁର, ରାକ୍ଷସ; (ଯାବନିକ) ସଭା; ସମାରୋହ ।

ଆସବ, ବି. (ଆ-ସୂ = ପ୍ରସବ କରିବା-ଅ—ଯେ ମତ୍ତତା ଜନ୍ମାଏ) ଏକପ୍ରକାର ମଦ୍ୟ, ମଧୁ । (ମୈରେୟମାସବଃ ସୀଧୁଃ—ଅମର ।)

ଆସାଦିତ, ବି. (ଆ-ସଦ୍ = ଗମନ କରିବା-ଇ-ତ)ପ୍ରାପ୍ତ,ଲବ୍ଧ;ଆହାଦଣୀକୃତ;ସ୍ଥାପିତ; ସନ୍ନିଧାପିତ; ଆୟୋଜିତ; ସମ୍ପାଦିତ ।

ଆସାମୀ, ବି. (ଯାବନିକ) ପ୍ରତିବାଦୀ ବ୍ୟକ୍ତି । ଯଥା—

ଜଜ ପରେ ଢଏ ବସାଇ ଆସାମୀ । ଦରବାର ।

ବ୍ୟକ୍ତି ବା ଯେ କୌଣସି ଲୋକ ।

ଆସାର, ବି. (ଆ-ସୃ = ଗମନ କରିବା-ଅ) ବୃଷ୍ଟିପାତ, ଜଳଧାରାପାତ । (ଧାରାସମ୍ପାତ ଆସାରଃ—ଅମର ।) ଧାରା; ଶତ୍ରୁସୈନ୍ୟ-ବେଷ୍ଟନ; ବନ୍ଧୁସୈନ୍ୟ; ବିସ୍ତାର; ପ୍ରସରଣ; ଜଳକଣା ।

ଆସାସନା, ବି. (ଆଶ୍ୱାସନା ଶବ୍ଦଜ) ଆଶ୍ୱାସନା, ପ୍ରବୋଧନ ।

ଆସିବାର, କ୍ରି. (ଦେଶଜ) ଆଗମନ କରିବାର; ଅନୁମିତ ହେବାର । ଯଥା—କବି ମନକୁ ଏମନ୍ତ ଆସଇ ।

ଆସୀନ, ବିଂ. (ଆସ୍-ଈନ) ଉପବିଷ୍ଟ, ସ୍ଥିତ, ଅନୁଦ୍‌ଯୋଗୀ ।

ଆସୁର, ଆସୁରିକ, ବିଂ. (ଅସୁର-ଅ, ଇକ) ଅସୁର-ସମ୍ବନ୍ଧୀୟ; ଅପବିତ୍ର; ନିନ୍ଦିତ; ଭୟଙ୍କର; ଅଶୁଭକର । ବି. ବିବାହ-ବିଶେଷ ।

ଆସୁରୀ, ବି. ସ୍ତ୍ରୀ. (ଅସୁର-ଅ-ଈ) ରାଇ-ସୋରିଷ । (ରାଜିକା କୃଷ୍ଣିକାସୁରୀ—ଅମର ।) ଚିକିତ୍ସାବିଶେଷ; ବିଟଲବଣ ।

ଆସେଚନ, ଆସେଚନକ, ବିଂ. (ଆସେଚନ-ଅ-କ—ସ୍ୱାର୍ଥେ) ଅତି ତୃପ୍ତିକାରକ, ଯାହାକୁ ଦେଖିଲେ ତୃପ୍ତି ମେଣ୍ଟେ ନାହିଁ । ବି. ସମ୍ୟକ୍‌ସେକ; ଆସେଚନସାଧନ ପାତ୍ର ।

ଆସ୍କତ, ବିଂ. (ଅଶକ୍ତ ଶବ୍ଦଜ) ଶ୍ରାନ୍ତ, ପୀଡ଼ିତ । ଯଥା—

ଅତିହିଁ ଆସ୍କତ ହୋଇଣ,
ଡାକଇ ରଖ ନାରାୟଣ । ମା. ମା.

ଆସ୍କନ୍ଦନ, ବି. (ଆ-ସ୍କନ୍ଦ୍ = ଗମନ କରିବା, ଭର୍ତ୍ସନା କରିବା-ଅନ) ତିରସ୍କାର; ଆସ୍ଫାଳନ; ଯୁଦ୍ଧ; ବିନାଶ; ଧାବନ; ଆକ୍ରମଣ; ହନନ । (ମୃଧମାସ୍କନ୍ଦନଂ ସଂଖ୍ୟଂ ସମୀକଂ ସାମ୍ପରାୟିକଂ—ଅମର ।) ଘୋଡ଼ାର ଗତିବିଶେଷ ।

ଆସ୍କନ୍ଦିତ, ଆସ୍କନ୍ଦିତକ, } (ଆ-ସ୍କନ୍ଦ୍-ଣିଚ୍-ତ) ଘୋଡ଼ାର ଗତିବିଶେଷ । (ଆସ୍କନ୍ଦିତଂ ଧୌରିତକଂ ରେଚିତଂ ବଲ୍ଗିତଂ ପ୍ଲୁତଂ ଗତୟୋଽମୂଃ ପଞ୍ଚଧାରାଃ—ଅମର ।)

ଆସ୍ତର, ଆସ୍ତରଣ, | ବି. (ଆ-ସ୍ତୃ = ବିସ୍ତାର କରିବା-ଅ, ଅନ) ଶଯ୍ୟା; ଶଯ୍ୟାର ଗୁଦର, ଶେଜପଡ଼ା, ଉପରସ୍ଥ ଛଦ; କମ୍ବଳାଦି ଆସନ । ଯଥା—

ନୀରଆସ୍ତରଣ ଭୃଗୁପ୍ରଷ୍ଠ ଯାର,
ସ୍ମାରକଙ୍କୁ ଦିଏ ସହସ୍ରେ ଧିକ୍‌କାର । ନ. କେ.

ହସ୍ତିପୃଷ୍ଠର ବିସ୍ତୃତ ଚିତ୍ରିତ କମ୍ବଳ । (ପ୍ରବେଣ୍ୟାସ୍ତରଣଂ ବର୍ଣ୍ଣଃ ପରିସ୍ତୋମଃ କୁଥୋ ଦ୍ୱୟୋଃ—ଅମର ।)

ଆସ୍ତିକ, ବିଂ. (ଅସ୍ତି-ଇକ) ଈଶ୍ୱରବାଦୀ, ଈଶ୍ୱର ଓ ପରଲୋକ ଯେ ସ୍ୱୀକାର କରେ । ବି. ମୁନିବିଶେଷ, ଜରତ୍କାରୁଙ୍କ ପୁତ୍ର । ଜରତ୍କାରୁ ସ୍ୱାମିଙ୍କ ନିକଟରେ ପୁତ୍ର ପ୍ରାର୍ଥନା କଲାରୁ ତାହାଙ୍କ ସ୍ୱାମୀ "ଅସ୍ତି" ଅର୍ଥାତ୍ ତୁମ୍ଭ ଗର୍ଭରେ ମୋର ଔରସର ସନ୍ତାନ ଅଛି ବୋଲି କହିବାରୁ ଉତ୍ପନ୍ନ ସନ୍ତାନର ନାମ ଆସ୍ତିକ ହେଲା ।

ଆସ୍ତୀର୍ଣ୍ଣ, ବିଂ. (ଆ-ସ୍ତୃ-ତ) ବିସ୍ତୀର୍ଣ୍ଣ, ଆକୀର୍ଣ୍ଣ, ବ୍ୟାପ୍ତ; ଆଚ୍ଛାଦିତ; ପାତିତ; ବିସ୍ତୃତ ।

ଆସ୍ଥା, ବି. ସ୍ତ୍ରୀ. (ଆ-ସ୍ଥା-ଅ-ଆ) ଅବଲମ୍ବନ, ଆଶ୍ରୟ; ଶ୍ରଦ୍ଧା; ଯତ୍ନ; ସଭା; ସ୍ଥାନ, ସ୍ଥିତି । (ଆସ୍ଥାନୀ ଯତ୍ନୟୋରାସ୍ଥା—ଅମର ।) ଅପେକ୍ଷା; ମନୋଯୋଗ । ଯଥା—କାର୍ଯ୍ୟରେ ଅନାସ୍ଥା କର ନାହିଁ ।

ଆସ୍ଥାନ, ବି. (ଆ-ସ୍ଥା-ଅନ) ସଭା; ଯତ୍ନ, ପ୍ରୟାସ; ଅବଲମ୍ବନ; ବିଶ୍ରାମସ୍ଥାନ; ଆରୋହଣ; ପ୍ରତିମା ପ୍ରଭୃତି ବସିବାର ସ୍ଥାନ । (ସ୍ତ୍ରୀ-ଈ-ଆସ୍ଥାନୀ) ସଭା । (ଆସ୍ଥାନୀ କ୍ଲୀବମାସ୍ଥାନଂ ସ୍ତ୍ରୀ-ନପୁଂସକୟୋଃ ସଦଃ—ଅମର ।)

ଆସ୍ପଦ, ବି. (ଆ-ପଦ୍ = ଗମନ କରିବା-ଅ, ସ ଆଗମ) ସ୍ଥାନ, ଆଧାର । ଯଥା—ଶ୍ରଦ୍ଧାସ୍ପଦ, ସ୍ନେହାସ୍ପଦ । ଅଧିଷ୍ଠାନ; ପ୍ରତିଷ୍ଠା; କାର୍ଯ୍ୟ; ପଦ; ପ୍ରଭୁତ୍ୱ । (ପ୍ରତିଷ୍ଠାକୃତ୍ୟମାସ୍ପଦଂ—ଅମର ।)

ଆସ୍ଫାଳନ, ବି. (ଆ-ସ୍ଫାଲ୍ = ଗମନ କରିବା-ଅନ) ତାଡ଼ନ; ଗର୍ବପ୍ରକାଶ; ସଂଘର୍ଷଣ; ସଞ୍ଚାଳନ ।

ଆସ୍ଫୋଟ, ଆସ୍ଫୋଟନ, } ବି. (ଆ-ସ୍ଫୁଟ୍-ଅ-ଅନ) ଆଘାତ, ଶୂରମାନଙ୍କର ବାହୁଶବ୍ଦ; ବିକାଶ; ମୁଦ୍ରଣ । (ସ୍ତ୍ରୀ-ଆ) ବନମଲ୍ଲୀ ।

ଆସ୍ୟ, ବି. (ଅସ୍ = କ୍ଷେପଣ କରିବା-ଯ) ମୁଖ, ବକ୍ତ୍ର । (ବକ୍ତ୍ରାସ୍ୟେ ବଦନଂ ତୁଣ୍ଡଃ—ଅମର ।) (ଆଶୟ ଶବ୍ଦଜ) ଆଶୟ, ଅଭିପ୍ରାୟ । ଯଥା—

ଆସ୍ୟ ଜାଣି ପାଣେ ତାଙ୍କ ଇନ୍ଦ୍ର ଦେଲେ ପେଶି,
ଅନେକ ବନସ୍ତ୍ରୀ ମୋତେ ହୋଇଲେ ସେ ଆସି ।
ସା. ଭ୍ର. ବି.

ଆସ୍ୟା, ବି. ସ୍ତ୍ରୀ. (ଆସ୍ = ଉପବେଶନ କରିବା-ଯ-ଆ) ସ୍ଥିତି, ଗତିରାହିତ୍ୟ । (ସ୍ୟାଦାସ୍ୟାଽଽସନା ସ୍ଥିତିଃ—ଅମର ।)

ଆସ୍ରବ, ବି. (ଆ-ସ୍ରୁ = କ୍ଷରିତ ହେବା-ଅ) କ୍ଷରଣ; କ୍ଲେଶ, କଷ୍ଟ, ଦୁଃଖ ।

ଆସ୍ୱାଦ, ଆସ୍ୱାଦନ, } ବି. (ଆ-ସ୍ୱଦ୍ = ଆସ୍ୱାଦନ କରିବା-ଅ, ଅନ) ରସାନୁଭବ, ସ୍ୱାଦଗ୍ରହଣ, ରସଗ୍ରହଣ, ଚାଖିବା ।

ଆସ୍ୱାଦିବା, କ୍ରି. (ଆସ୍ୱାଦ ଶବ୍ଦଜ କିମ୍ବା ଆ-ସ୍ୱଦ୍ ଧାତୁଜ) ରସ ଗ୍ରହଣ କରିବା, ଆସ୍ୱାଦନ କରିବା ।

ଆହତ, ବିଂ. (ଆ-ହନ୍ = ବଧ କରିବା, ଆଘାତ କରିବା-ତ) ଆଘାତପ୍ରାପ୍ତ, ତାଡ଼ିତ; କ୍ଷତ; ମର୍ଦ୍ଦିତ । ଯଥା—ପଦାହତ । ଗୁଣିତ; ଦଗ୍ଧ । (ନିସୃଷ୍ଟେ ଗୁଣିତାହତେ—ଅମର ।) ମୃଷାର୍ଥକ ବାକ୍ୟ । (ଆହତଂ ତୁ ମୃଷାର୍ଥକଂ—ଅମର ।) ବି. ନୂତନ ବସ୍ତ୍ର; ଢକ୍କା; ଢୋଲ; ପୁରାତନ ବସ୍ତ୍ର ।

ଆହତଲକ୍ଷଣ, } ବିଂ. (ଆହତ = ଜ୍ଞାତ-ଲକ୍ଷଣ
ଅହ୍ୱତଲକ୍ଷଣ, } = ଚିହ୍ନ) ଗୁଣଦ୍ୱାରା ବିଖ୍ୟାତ ।
(ଗୁଣୈଃ ପ୍ରଖ୍ୟାତେ ତୁ କୃତଲକ୍ଷଣାହତଲକ୍ଷଣୌ—ଅମର ।) (କଳୁତ୍ତସ୍ଥ ଇତ୍ୟାହତଲକ୍ଷଣୋଽଭୂତ୍ ।)

ଆହତି, ବି. (ଆ-ହନ୍-ତି) ତାଡ଼ନ, ଆଘାତ; ଗୁଣନ । ଯଥା—
ସାନ୍ଦ୍ରାନନ୍ଦେ ବିହର ଅଧୁନା ବୋଲିବାରୁ ପ୍ରିୟାଳୀ,
ନେତ୍ରପ୍ରାନ୍ତାହତି ବିରଚିବା ଅମ୍ବିକା କ୍ଷେମକାରୀ । କା. ପ. ନା.

ଆହରଣ, ବି. (ଆ-ହୃ-ଅନ) ସଂଗ୍ରହ, ଆୟୋଜନ; ଆନୟନ; ଉଦ୍ଧାର; ଅନୁଷ୍ଠାନ ।

ଆହବ, ବି. (ଆ-ହ୍ୱେ-ଆହ୍ୱାନ କରିବା-ଅ) ଯୁଦ୍ଧ । (ସଂଗ୍ରାମାଭ୍ୟାଗମାହବାଃ—ଅମର ) ଯୁଦ୍ଧକ୍ଷେତ୍ର । (ଆ-ହୁ = ହୋମ କରିବା-ଅ) ଯଜ୍ଞ ।

ଆହବନୀୟ, ବି. (ଆ-ହୁ = ହୋମ କରିବା-ଅନୀୟ) ଯଜ୍ଞାଗ୍ନିବିଶେଷ । (ଦକ୍ଷିଣାଗ୍ନିର୍ଗାର୍ହପତ୍ୟାହବନୀୟୌ ତ୍ରୟୋଽଗ୍ନୟଃ—ଅମର ।) ବିଂ. ସମ୍ୟକ୍ ହୋମ କରିବାର ଯୋଗ୍ୟ ।

ଆହା, ଅଂ. (ଅହୋ ଶବ୍ଦଜ) ଖେଦସୂଚକ । ଯଥା—
ନେତ୍ରାନ୍ତବଳ ସ ତାର କନ୍ଦାନ ଏ ଅବସ୍ଥାର
କରେଗି ଉଚ୍ଚାରୁ ଅରେ ଆହା । ବି. ଚ. ମ.
ଆକ୍ଷେପସୂଚକ । ଯଥା—ଆହା କେଡ଼େ ଉପକାର ଯେ ! ଆନନ୍ଦସୂଚକ ।

ଆହାର, ବି. (ଆ-ହୃ-ଅ) ଭୋଜନ । ଯଥା—ନିରାହାର । ଭକ୍ଷ୍ୟ ବସ୍ତୁ । ଯଥା—
କରମକୁ ଏହାର ହରହାର ଆହାର,
ଗରୁଡ଼ କଲ କବା ଲୋଡ଼ି ରେ । ଲ. ବ.
ଆହରଣ ।

ଆହାର୍ଯ୍ୟ, ବିଂ. ( ଆ-ହୃ-ଯ ) ଆହରଣସିଦ୍ଧ, ଅସ୍ୱାଭାବିକ, କୃତ୍ରିମ । ଯେପରି—ଆହାର୍ଯ୍ୟ ଶୋଭା ଅର୍ଥାତ୍ ବେଶଭୂଷାଦ୍ୱାରା ଯେ ଶୋଭା ସମ୍ପାଦନ କରାଯାଏ । (ଆହାର୍ଯ୍ୟ ଶୋଭାରହିତୈରମାୟୈଃ—ଭଟ୍ଟି ।) ନୈମିତ୍ତିକ; ଆରୋପିତ; ଆହରଣୀୟ; ଯତ୍ନସାଧ୍ୟ; ଆହାରୀୟ, ଭକ୍ଷ୍ୟ, ଭୋଜ୍ୟ ।

ଆହାବ, ବି. (ଆ-ହ୍ୱେ = ଆହ୍ୱାନ କରିବା-ଅ, ଯେ ସ୍ଥାନକୁ ପାନ ନିମିତ୍ତ ପଶୁମାନେ ଆହୂତ ହୁଅନ୍ତି) କୂପ ସମୀପସ୍ଥ କ୍ଷୁଦ୍ର ଜଳାଶୟ, ଗବାଦିର ଜଳପାନାର୍ଥ ପ୍ରସ୍ତରବିଦ-ନିର୍ମିତ କୁଣ୍ଡ । (ଆହାବସ୍ତୁ ନିପାନଂ ସ୍ୟାଦୁପକୂପଜଳାଶୟେ—ଅମର ।) (ଯେଉଁ ସ୍ଥାନରେ ବୀରଗଣ ଆହୂତ ହୁଅନ୍ତି) ଯୁଦ୍ଧ; ଅଗ୍ନି ।

ଆହୁଟ, ବିଂ. (ଦେଶଜ) ପବନ ଅଭାବରୁ ଘର୍ମରେ ଆକୁଳ । ଯଥା—
ତେଣୁ ପବନର ପ୍ରତ୍ୟକ୍ଷେ ନୋହେ ବଳ,
ମହାଗ୍ରୀଷମ କରି ବହଇ ଶ୍ରମଜାଳ ।
ଠାବେ ଠାବେ ଆହୁଟ ହୁଅନ୍ତି ନରମାନେ,
ଇନ୍ଦ୍ରର କୋପ ସରଇ ପଞ୍ଚଦଶ ଦିନେ । ନୃ.ପୁ.ପ.ତ.

ଆହୁତ, ବି. ( ଆ-ହୁ = ହୋମ କରିବା-ତି ) ହୋମ, ମନ୍ତ୍ରାଦି ପାଠଦ୍ୱାରା ଅଗ୍ନିରେ ଘୃତାଦି ନିକ୍ଷେପ; ଆହବନୀୟ ଦ୍ରବ୍ୟ ।

ଆହୁରି, ଅଂ. (ଦେଶଜ) ଆଉ । ଯଥା—
ଭଗ୍ନ ହୋଇ ଉଦ୍ଭବ ଆହୁରି ହୁରି । ବି. ଚ. ମ.
ଅଦ୍ୟାପି । ଯଥା—
ଆହୁରି କି ଜଣା ନାହିଁ ରସିକ ହେ ମଧୁ । ବି. ଚ. ମ.

ଆହୁଲା, } ବି. (ଦେଶଜ) ନୌକାଚାଳନ ଯନ୍ତ୍ର-
ଆଉଲା, } ବିଶେଷ, କ୍ଷେପଣୀ । ଯଥା—
ନାବର ମଧ୍ୟେ ବିଜେ କଲେ ଦେବରାଜ,
ଆହୁଲା ବାନ୍ଧି ନାବକେ ବେଗେ ହେଲେ ସଜ ।
ନୃ. ପୁ. ଭୂ. ତ.

ଆହୂତ, ବିଂ. (ଆ-ହ୍ୱେ = ଆହ୍ୱାନ କରିବା-ତ) ନିମନ୍ତ୍ରିତ, ଆମନ୍ତ୍ରିତ, ଯାହାକୁ ଆହ୍ୱାନ କରାଯାଇଅଛି, ସମ୍ବୋଧିତ ।

ଆହୂତି, ବି. (ଆ-ହ୍ୱେ-ତି) ଆହ୍ୱାନ, ଡାକିବା ।

ଆହୃତ, ବିଂ. (ଆ-ହୃ-ତ) ଯାହା ଆହରଣ କରା ହୋଇଅଛି; ଆୟୋଜିତ; ସଂଚିତ; ଆନୀତ; ସଙ୍କଳିତ ।

ଆହେ, ଅ°. ମହତ୍ ବ୍ୟକ୍ତିର ସମ୍ବୋଧନ, ଗୌରବାର୍ଥ ସମ୍ବୋଧନ । ଯଥା—

ଆହେ ପିକମାନେ ମୋ ପିକବଚନା,
ତା ବିନୁ ହୋଇଛୁ ମୁଁ ବିକଳମନା । ବି. ସ୍ତ୍ରୀ.

ଆହେୟ, ବି. (ଅହି-ଏୟ) ସର୍ପସମ୍ବନ୍ଧୀୟ (ବିଷ ଅସ୍ଥି ପ୍ରଭୃତି) । (ତ୍ରିଷ୍ୱାହେୟଂ ବିଷାସ୍ଥ୍ୟାଦି—ଅମର ।)

ଆହୋ, ଅ°. (ଆ-ଅର୍ହ୍ = ପୂଜା କରିବା ଅଥବା ହନ୍ = ଆଘାତ କରିବା-ଓ) ବିକଳ୍ପ, ସନ୍ଦେହ । (ଆହୋ ଉତାହୋ କିମୁତ ବିକଳ୍ପେ—ଅମର ।) ପ୍ରଶ୍ନ; ବିସ୍ମୟ । (ଦାରତ୍ୟାଗୀ ଭବାନାହୋ ପରସ୍ତ୍ରୀସ୍ପର୍ଶ-ପାଂଶୁଳଃ ।) (ଦେଶଜ) ସମ୍ବୋଧନବାଚକ ।

ଆହୋପୁରୁଷିକା, ବି. ସ୍ତ୍ରୀ. (ଅହମେବପୁରୁଷଃ = ଅହୋପୁରୁଷ-ଇକ-ସ୍ତ୍ରୀ-ଆ) ଆତ୍ମଶ୍ଲାଘା, ଅହମିକା, ଆତ୍ମପ୍ରଶଂସା, ଆପଣାର ବାହାଦୁରି ଆପେ କହି ବସିବା । (ଆହୋପୁରୁଷିକା ଦର୍ପାତ୍ ଯା ସ୍ୟାତ୍ ସମ୍ଭାବନାତ୍ମନି—ଅମର ।)

ଆହ୍ନିକ, ବି°. (ଅହନ୍-ଇକ) ପ୍ରତିଦିନ ଯାହା ଯାହା ଘଟେ ବା କରାଯାଏ; ଦୈନିକ । ବି. ସନ୍ଧ୍ୟାବନ୍ଦନାଦି; ଗ୍ରନ୍ଥର ଅଂଶବିଶେଷ । (କୃତ୍ୱା ସ୍ୱାଧ୍ୟାୟମାହ୍ନିକଂ ।)

ଆହ୍ଲାଦ, ବି. (ଆ-ହ୍ଲାଦ୍ = ସନ୍ତୁଷ୍ଟ ହେବା-ଅ) ଆନନ୍ଦ, ଆମୋଦ, ହର୍ଷ ।

ଆହ୍ଲାଦିନୀ, ବି. ସ୍ତ୍ରୀ. (ଆହ୍ଲାଦ-ଇନ୍-ଈ) ବିଦ୍ୟୁତ୍, ବିଜୁଳି । ବି°. ଆମୋଦଯୁକ୍ତା, ହର୍ଷଯୁକ୍ତା ।

ଆହ୍ୱୟ, ଆହ୍ୱା, } ବି.ସ୍ତ୍ରୀ. (ଆ-ହ୍ୱେ = ଆହ୍ୱାନ କରିବା-ଅ, ଆ) ନାମ, ଆଖ୍ୟା, ସଂଜ୍ଞା । (ଅଥାହ୍ୱୟଃ-ଆଖ୍ୟାହ୍ୱେ ଅଭିଧାନଂ ଚ ନାମଧେୟଂ ଚ ନାମ ଚ—ଅମର ।)

ଆହ୍ୱାନ, ବି. (ଆ-ହ୍ୱେ-ଅନ) ନିମନ୍ତ୍ରଣ, ଡାକିବା; ଆବାହନ; ସମ୍ବୋଧନ ।

# ଇ

ଇ, ବି. (ଇ = ଗମନ କରିବା-କ୍ୱିପ୍) ତୃତୀୟ ସ୍ୱରବର୍ଣ୍ଣ; କାମଦେବ, କନ୍ଦର୍ପ । ଅ°. ଖେଦ; କୋପ; ଅନୁକମ୍ପା; ନିନ୍ଦା; ଆହ୍ୱାନ; ବିସ୍ମୟ । (ଦେଶଜରୂପେ ହି ଶବ୍ଦରୁ ଅପଭ୍ରଂଶ) କେବଳାର୍ଥ । ଯଥା—

ଅନେକ ରୂପ ହୋଇ ଚଳନ୍ତି ନାନା ହୃଦେ,
କାହିଁ ବ୍ରହ୍ମଯାଏ ପୁଣି ଏକଇ ଶବଦେ ।
ନୃ. ପୂ. ପ୍ର. ତ.

ନିଶ୍ଚୟାର୍ଥ । ଯଥା—

ପୂର୍ବେ ତୋର ବଂଶେ କେହି ଥିଲେ ଯମ ହୋଇ,
କେଡ଼େ କୁଳବୁଡ଼ା ତୁ ଅଟୁରେ ପାପିଷ୍ଠଇ ।
ନୃ. ପୂ. ପ୍ର. ତ.

ପାଦପୂରଣାର୍ଥ । ଯଥା—

ସେ ପୁର ନାମମାନ ଶୁଣ ହେ ନାରଦଇ,
ଭୂର୍ଲୋକ ଯେ ଭୁବର୍ଲୋକ ସ୍ୱର୍ଲୋକ କହି ।
ନୃ. ପୂ. ପ୍ର. ତ.

ଇଁ, ଅ°. (ଦେଶଜ) ପୀଡ଼ାସୂଚକ । ଯଥା—ଇଁ, ବଡ଼ କାଟୁଛି । ଅସୂୟାସୂଚକ । ଯଥା—ଇଁ, କେଡ଼େ ଦୁର୍ଗନ୍ଧ !

ଇଃ, ଅ°. ଖେଦ, ଘୃଣା ବା ବିରକ୍ତିସୂଚକାର୍ଥ । ବି. କାମଦେବ ।

ଇଅଁଳା, ବି. (ଇଳା ଶବ୍ଦଜାତ) ଦେହସ୍ଥ ପ୍ରଧାନ ନାଡ଼ୀବିଶେଷ । ଯଥା—

ତରଙ୍ଗ ତାରଙ୍ଗ ଇଅଁଳା ପିଅଁଳା କାଟି,
ନବ ନାଡ଼ିର ମୂଳେ ବାନ୍ଧିର ନାଡ଼ୀଗୋଟି । ସା.ଭ.ଅ.

ଇଂରାଜ, ଇଂଗ୍ରାଜ, ଅଂଗ୍ରେଜ, ଅଂଗ୍ରେଜ୍, } ବି. ଇଂଲଣ୍ଡ ଦେଶର ଲୋକ ।

ଇଉରୋପ, ବି. ଅନ୍ୟତମ ମହାଦେଶ ।

ଇକାର, ବି. (ଇ-କାର-ସ୍ୱାର୍ଥେ) 'ଇ' ବର୍ଣ୍ଣ ।

ଇକ୍ଷୁ, ବି. (ଇଷ୍ = ଇଚ୍ଛା କରିବା-ସୁ) ଗୁଳ୍ମ-ଜାତୀୟ ବୃକ୍ଷବିଶେଷ, ଆଖୁଗଛ; ଆଖୁ। ଯଥା—

ସୁଖ ଦୁଃଖ ଜାତ ତତ୍ପ୍ରେକ୍ଷୁ ଚର୍ବିତ
ହେଲେ ହୁଏ ଯେଉଁପରି ଗୋ । ବି. ଚ. ମ.

ଇକ୍ଷୁକାଣ୍ଡ, ବି. (ଇକ୍ଷୁ-କାଣ୍ଡ—ଆଖୁର କାଣ୍ଡ ପରି କାଣ୍ଡ ଯାହାର) ଅଣଖୁଆ; କାଇଁଚତୃଣ; ଆଖୁଦଣ୍ଡା ।

ଇକ୍ଷୁଗନ୍ଧା, ବି. ସ୍ତ୍ରୀ. (ଇକ୍ଷୁ-ଗନ୍ଧ) ଗୋଖରା । (ଫଳଂକଷା ତ୍ୱିକ୍ଷୁଗନ୍ଧା ସ୍ୱାଦଂଷ୍ଟ୍ରା ସ୍ୱାଦୁ-କଣ୍ଟକଃ—ଅମର ।) କୋଇଲେଖା । (ଇକ୍ଷୁଗନ୍ଧା ତୁ କାଣ୍ଡେକ୍ଷୁ କୋକିଳାକ୍ଷେ-କ୍ଷୁରକ୍ଷୁରାଃ—ଅମର ।) ଶୁକ୍ଳଭୂଇଁକଖାରୁ । (ବିଦାରୀ କ୍ଷୀରଶୁକ୍ଳେକ୍ଷୁଗନ୍ଧା କ୍ରୋଷ୍ଟ୍ରୀ ତୁ ଯା ଶିତା—ଅମର ।) କାଶତୃଣ । (ଅଥ କାଶମସ୍ତ୍ରିୟାଂଇକ୍ଷୁଗନ୍ଧା ପୋଟଗଳଃ—ଅମର ।)

ଇକ୍ଷୁଯନ୍ତ୍ର, ବି. (ଇକ୍ଷୁ-ଯନ୍ତ୍ର) ଯେଉଁ ଯନ୍ତ୍ରଦ୍ୱାରା ଆଖୁରୁ ରସ ବାହାର କରାଯାଏ, ଆଖୁ-ଘଣା, ଆଖୁପେଡ଼ା ଯନ୍ତ୍ର ।

ଇକ୍ଷୁର, ବି. (ଇକ୍ଷୁ-ର) କୋଇଲେଖା ।

ଇକ୍ଷୁଶାକଟ, } ବି. (ଇକ୍ଷୁ-ଶାକଟ, ଶାକିନ—
ଇକ୍ଷୁଶାକିନ, } ତଦ୍ଭକ୍ଷେତ୍ରାର୍ଥେ ) ଇକ୍ଷୁକ୍ଷେତ୍ର, ଆଖୁ କରାଯିବା କ୍ଷେତ ।

ଇକ୍ଷ୍ୱାକୁ, ବି. (ଇକ୍ଷୁ=ଆକ୍=ଗମନ କରିବା-ଉ, ଏହି ଗଛ ପ୍ରାୟ ଇକ୍ଷୁକ୍ଷେତ୍ରରେ ହୁଏ ବୋଲି ଏହାର ନାମ ଇକ୍ଷ୍ୱାକୁ) ଲାଉ; ପିତାଲାଉ, କଟୁତୁମ୍ବୀ । (ଇକ୍ଷ୍ୱାକୁଃ କଟୁତୁମ୍ବୀ ସ୍ୟାତ୍—ଅମର ।) ସୂର୍ଯ୍ୟବଂଶର ଆଦିରାଜା ।

ଇଙ୍କଡ଼, } ବି. (ଇଙ୍କଟ ଶବ୍ଦଜ) ଇକ୍ଷୁଜାତୀୟ
ଇଙ୍ଗଡ଼, } ଗୁଳ୍ମବିଶେଷ ।

ଇଙ୍ଗ, ବି. ( ଇନ୍‌ଗ୍ = ଗମନ କରିବା-ଅ ) ଜଙ୍ଗମ । (ଚରିଷ୍ଣୁ ଜଙ୍ଗମଚରଂ ତ୍ରସମିଙ୍ଗ ଚରାଚରଂ—ଅମର ।) ଅଭିପ୍ରାୟାନୁରୂପ ଚେଷ୍ଟା ବା ଇଙ୍ଗିତ, ଜ୍ଞାନ । (ଆକାରସ୍ତ୍ୱିଙ୍ଗ ଇଙ୍ଗିତଂ—ଅମର ।) ବିଂ. ଅଦ୍ଭୁତ ।

ଇଙ୍ଗନ, ବି. (ଇନ୍‌ଗ୍ = ଗମନ କରିବା-ଅନ) ଗମନ; ଚେଷ୍ଟା; ଚଳନ; କମ୍ପନ । (ସ୍ତ୍ରୀ-ଆ) ପ୍ରସିଦ୍ଧି ।

ଇଙ୍ଗିତ, ବି. (ଇନ୍‌ଗ୍-ତ) ହୃଦ୍‌ଗତ ଭାବ, ଯେ ଅଙ୍ଗଚାଳନାଦିଦ୍ୱାରା ମନର ଭାବ ବୁଝାଯାଇ ପାରେ, ଠାର, ଇସାରା, ସଙ୍କେତ । ଯଥା—

ଇଙ୍ଗିତେ ଚତୁର ଘେରି ସେନାପତି,
ହେଲେ କଳନେଲେ ତାଙ୍କ ଗତିମତି । ନ. କେ.

ଚଳନ; ଗୃଢ଼ଲକ୍ଷଣ; ଅନ୍ୱେଷଣ; ଚେଷ୍ଟା । (ଦେଶଜରୂପେ) ଥଟ୍ଟା, ପରିହାସ ।

ଇଙ୍ଗୁଦୀ, ବି. ସ୍ତ୍ରୀ. (ଇଙ୍ଗୁ = ଇନ୍‌ଗ୍ = ଗମନ କରିବା-ଉ = ଗମନ, ଇଙ୍ଗୁ-ଦ = ଦାନ କରିବା-ଅ-ସ୍ତ୍ରୀ-ଈ) ବୃକ୍ଷବିଶେଷ, ତାପସ-ତରୁ; (ଏହାର ଫଳରୁ ତେଲ ବାହାରେ) ଇଙ୍ଗୁଦୀବୃକ୍ଷର ଫଳ । ଯଥା—

ବେଣୀକୁ ଇଙ୍ଗୁଦୀ ରୁଦ୍ରାକ୍ଷ ବିଭୂତି
ଥୋଇଦେଲୁ ଆଣି ତଳେ । ବୈ. ବି.

ଜ୍ୟୋତିଷ୍ମତୀ ବା ପୁଟିପୁଟିକା । (ଜ୍ୟୋତିଷ୍ମତୀ ପୀତତୈଳା କେଚିଦ୍-ମିଙ୍ଗୁଦୀଂ ବିଦୁଃ—ପର୍ଯ୍ୟାୟମୁକ୍ତାବଳୀ ।)

ଇଙ୍ଗ୍‌ଲଣ୍ଡ, ବି. ଦେଶବିଶେଷ, ଇଙ୍ଗ୍ରାଜ-ମାନଙ୍କର ଦେଶ ।

ଇଚଡ଼, ବି. (ଦେଶଜ) କଷିପଣସ ।

ଇଚ୍ଛା, ବି. ସ୍ତ୍ରୀ. (ଇଷ୍ = ବାଞ୍ଛା କରିବା-ଆ, ଷ = ଚ୍ଛ) ବାଞ୍ଛା, ସ୍ପୃହା; ଉତ୍ସାହ ।

ଇଚ୍ଛାବତୀ, ବି. ସ୍ତ୍ରୀ. (ଇଚ୍ଛା-ବତ୍-ଅସ୍ତ୍ୟର୍ଥେ, ସ୍ତ୍ରୀ-ଈ) କାମୁକୀ । (ଇଚ୍ଛାବତୀ କାମୁକୀ ସ୍ୟାତ୍—ଅମର ।) ଧନାଦିରେ ସ୍ପୃହାବତୀ; ଉତ୍କଳଭାଷାରେ ଗଣିତବିଷୟକ ପଦ୍ୟ-ଗ୍ରନ୍ଥବିଶେଷ ।

ଇଚ୍ଛାଳନେବା, କ୍ରି. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ସମ୍ଭାଳି ନେବା ।

ଇଚ୍ଛୁ, ଇଚ୍ଛୁକ, ଇଚ୍ଛକ, } ବିଂ. (ଇଷ୍ = ବାଞ୍ଛାକରିବା-ଉ, କ—ସ୍ୱାର୍ଥେ, ଇଷ୍-ଅକ, ଷ = ଚ୍ଛ) ଯେ ଇଚ୍ଛା କରେ, ଇଚ୍ଛାଯୁକ୍ତ; ଉତ୍ସାହୀ ।

ଇଜତ, ଇଜ୍ଜତ, } ବି. (ଯାବନିକ) ମର୍ଯ୍ୟାଦା; ସମ୍ଭ୍ରମ; ଅପ୍ରକାଶ୍ୟ ସ୍ଥାନ ।

ଇଜତଦାର, ବିଂ. (ଯାବନିକ) ମର୍ଯ୍ୟାଦାବନ୍ତ ।

ଇଜରା, ଇଜାରା, } ବି. (ଯାବନିକ) କରାଦି ଆଦାୟ କରିବାର କ୍ଷମତା ଅର୍ଥାତ୍ ନିର୍ଦ୍ଦିଷ୍ଟ ସମୟପାଇଁ ନିର୍ଦ୍ଦିଷ୍ଟ ଭୂମିଖଣ୍ଡର ଶାସନ ଓ କରଗ୍ରହଣାଦି କ୍ଷମତା, ତଦ୍‌ବିଷୟକ ଚୁକ୍ତି ଇତ୍ୟାଦି ।

ଇଜରାଦାର, ଇଜାରାଦାର, } ବି. (ଯାବନିକ) ନିର୍ଦ୍ଦିଷ୍ଟ ସମୟପାଇଁ ନିର୍ଦ୍ଦିଷ୍ଟ ଭୂମିଖଣ୍ଡର ଶାସନ ଓ କରଗ୍ରହଣକ୍ଷମତାପ୍ରାପ୍ତ ବ୍ୟକ୍ତି ।

ଇଜାଦ, ବି. (ଯାବନିକ) ଅତିରିକ୍ତ ଭୂମି ।

ଇଜାର, ବି. (ଯାବନିକ) ପାଜାମା ।

ଇଜାହାର, ବି. (ଯାବନିକ) କୌଣସି ବିଷୟ ବିଚାରପତିଙ୍କ ନିକଟରେ ପ୍ରକାଶ କରିବା ।

ଇଜ୍ଜଳ, ବି. (ଇଡ୍-ଜଳ, ଏହି ଗଛର ନିକଟରେ ଜଳ ଗମନ କରେ) ହିଞ୍ଜଳଗଛ (ପାଣି ନିକଟରେ ଏହି ଗଛ ସମଧିକ ହୁଏ ।) ଯଥା—

ହିନ୍ତାଳ, ରଚନ୍ତି ଯହିଁ କେଳିକଳା,
ଇଜ୍ଜଳ ନିକୁଞ୍ଜେ କଜ୍ଜଳକୁନ୍ତଳା । ନ. କେ.

ଇଜ୍ୟ, ବି. (ଯଜ୍ = ପୂଜା କରିବା-ଯ, ଯ = ଇ) ସୁରାଚାର୍ଯ୍ୟ, ବୃହସ୍ପତି; ବିଷ୍ଣୁ । ବିଂ. ପୂଜ୍ୟ; ଗୁରୁ । (ସ୍ତ୍ରୀ-ଆ) ବି. ପୂଜା; ଦାନ; ଯଜ୍ଞ । ଯଥା—

ଇଜ୍ୟା ମାନ ପାଇ ବସି ହସି ଭଗବତୀ ବାଣୀ ଭଣି ।

ବିଂ. ପୂଜ୍ୟା ।

ଇଜ୍ୟାଶୀଳ, ବି. (ଇଜ୍ୟା = ଯାଗ-ଶୀଳ୍ = ବାରମ୍ବାର ପ୍ରବୃତ୍ତ ହେବା-ଅ) ଯେ ପୁନଃପୁନଃ ଯାଗ କରେ, ଯାଜକ । (ଇଜ୍ୟାଶୀଳୋ ଯାୟଜୂକଃ—ଅମର ।)

ଇଞ୍ଜିନ, ବି. (ଇଂରାଜୀ ଶବ୍ଦ) ଅଗ୍ନି ଉତ୍ତାପକ କଳ ।

ଇଞ୍ଜିନିୟର, ବି. (ଇଂରାଜୀ ଶବ୍ଦ) ଶିଳ୍ପକାର୍ଯ୍ୟ-ପ୍ରଦର୍ଶକ; ଶିଳ୍ପକାର୍ଯ୍ୟପ୍ରବର୍ତ୍ତକ ।

ଇଟଲା, ବି. (ଦେଶଜ) ସ୍ୱନାମପ୍ରସିଦ୍ଧ ପୁଷ୍ପ-ବିଶେଷ । ଯଥା—

ବେକତଳେ ଇଟଲା ଫୁଲଗଭା ପରି,
ଯାଉଅଛୁ କହିବା ଭଙ୍ଗୀରେ ଗଡ଼ି ଗଡ଼ି । କୃ.ସ୍ୱ.ଆ.ପ.

ଇଟା, ବି. (ଇଷ୍ଟକ ଶବ୍ଦଜ) ନିର୍ଦ୍ଦିଷ୍ଟ ଆକାରରେ ନିର୍ମିତ ଦଗ୍ଧ ମୃତ୍ତିକାଖଣ୍ଡ ।

ଇଟାଭାଟି, ବି. (ଦେଶଜ) ଇଟାସ୍ତୂପ ।

ଇଟ୍‌ଚର, ବି. (ଇଟ୍-କ୍ୱିପ୍ = ଇଟ୍-ଚର୍-ଅ—ଯେ ସ୍ୱେଚ୍ଛାରେ ସଞ୍ଚାର କରେ) ବୃଷ, ଷଣ୍ଢ । (ଷଣ୍ଢୋ ଗୋପତିରିଟ୍‌ଚରଃ—ଅମର ।)

ଇଠେଁ, ଇଠେଁଇଁ, } ଅଂ. (ଦେଶଜ) ଏହିଠାରେ ।

ଇଡ଼ା, ବି. ସ୍ତ୍ରୀ. (ଇଲ୍ = ଗମନ କରିବା-ଅ-ଆ, ଲ = ଡ଼) ପୃଥିବୀ; ଧେନୁ; ବାଣୀ । (ଗୋ ଭୂବାଚସ୍ତ୍ୱିଡ଼ା ଇଳାଃ—ଅମର ।) ଶରୀରସ୍ଥ ରକ୍ତବାହିକା ନାଡ଼ୀବିଶେଷ । (ଇଡ଼ା ନାମ ନାଡ଼ୀ ସ୍ଥିତା ବାମଭାଗେ—ଆୟୁର୍ବେଦ ।) ଇକ୍ଷ୍ୱାକୁଙ୍କ କନ୍ୟା, ବୁଧଙ୍କ ପତ୍ନୀ; ଦକ୍ଷ-କନ୍ୟା, କଶ୍ୟପଙ୍କ ପତ୍ନୀ; ଦୁର୍ଗା; ସ୍ୱର୍ଗ । (ଦେଶଜ) ତରଳ ପଦାର୍ଥ ଢାଳିବା । ବିଂ. ଢଳା ଯାଇଥିବା (ତରଳ ପଦାର୍ଥ) ।

ଇଡ଼ିବା, କ୍ରି. (ଦେଶଜ) ତରଳ ପଦାର୍ଥ ଢାଳିବା । ଯଥା—

ପୂର୍ଣ୍ଣକୁମ୍ଭ ଜଳ ଇଡ଼ି ପ୍ରକ୍ଷାଳନ୍ତି ଦେହ । ମ. ଯା.

ଇଡ୍ୟ, ବିଂ. (ଇଡ୍ = ସ୍ତବ କରିବା-ଯ) ସ୍ତୁତ୍ୟ, ସ୍ତବର ଯୋଗ୍ୟ ।

ଇଣ୍ଡୁରି, ବି. (ଦେଶଜ) ପିଷ୍ଟକବିଶେଷ ।

ଇଜ୍ଜଟ, ବି. ଇକ୍ଷୁଜାତୀୟ ଗୁଳ୍ମବିଶେଷ, ଇଙ୍ଗଡ଼ ।

ଇତ, ବିଂ. (ଇ = ଗମନ କରିବା, ପାଇବା-ତ) ଗତ; ପ୍ରାପ୍ତ; ଜ୍ଞାତ ।

ଇତର, ବିଂ. (ଇ = ଇଚ୍ଛା-ତୃ = ପାରହେବା-ଅ) ନୀଚ, ଅଧମ; ପାମର । (ନିମ୍ନୋଽପସଦୋ ଜାଲ୍ମଃ କ୍ଷୁଲ୍ଲକଶ୍ଚେତରଶ୍ଚ ସଃ—ଅମର ।) ଅନ୍ୟ, ଭିନ୍ନ, ଅପର । ଯଥା—ବାମେତର ନୟନ ସ୍ପନ୍ଦିତ ହେବାକୁ ଲାଗିଲା ।

ଇତରବିଶେଷ, ବି. (ଇତର-ବିଶେଷ) ଭେଦାଭେଦ; ଭିନ୍ନତା; ଅନ୍ୟଠାରୁ ବିଶେଷ ।

ଇତରେତର, ବିଂ. (ଇତର-ଇତର) ପରସ୍ପର, ଅନ୍ୟୋନ୍ୟ ।

ଇତରେଦ୍ୟୁସ୍, } ଅଂ. (ଇତର-ଏଦ୍ୟୁସ୍-
ଇତରେଦ୍ୟୁଃ, } ଦିବାର୍ଥେ) ଅନ୍ୟଦିନେ ।

ଇତଃ, ଅଂ. (ଇଦମ୍-ତସ୍) ଏହିଠାରୁ, ଏଆଡ଼େ ।

ଇତସ୍ତତ, ଅଂ. (ଇତସ୍ତତଃ = ଇତଃ-ତତଃ) ଏହିଠାରେ, ସେହିଠାରେ; ଏଣେତେଣେ, ଚାରିଦିଗରେ, ସବୁଦିଗରେ । ଯଥା—ଇତସ୍ତତ ହେଉଥିବ ମୋହ ଲାଗିବ ସଦା । ପ୍ରଚଳିତ କଥାରେ ଦ୍ୱିଧା ଅର୍ଥ । ଯଥା—ସେ ମୋର କଥାରେ ଇତସ୍ତତ କଲେ ଅର୍ଥାତ୍ ଦ୍ୱିଧା କଲେ ।

**ଇତି, ଅଂ.** (ଇ = ଗମନ କରିବା-ତି) ହେତୁ, **ଅତଏବ,** ଏହେତୁରୁ । ଯଥା—(ରାମୋ ହନ୍ତୀତି ରାବଣଃ ପଳାୟିତେ = ରାମ ନିହତ କରିବେ ବୋଲି ରାବଣ ପଳାୟନ କଲେ —ଏଠାରେ ଅର୍ଥରେ ଓଡ଼ିଆରେ ଇତି ପରିବର୍ତ୍ତେ "ବୋଲି" ହୁଏ ।) ପ୍ରକରଣ ବା ପ୍ରକାର । ଯଥା—(ବିପ୍ରକ୍ଷତ୍ରିୟବିଟ୍‌ଶୂଦ୍ରା ଇତି ବର୍ଣ୍ଣାଃ ।) ପ୍ରକାଶ; ପ୍ରକର୍ଷ । ଯଥା—(ଇତି ପାଣିନିଃ—ପାଣିନିଶବ୍ଦୋ ଲୋକେ ପ୍ରକାଶତେ—ଇତ୍ୟର୍ଥଃ ।) ଅବସାନ ବା ସମାପ୍ତିସୂଚକାର୍ଥ । ଯଥା—(ଧର୍ମମାଚରେଦିତି—ସମସ୍ତେ ଧର୍ମାଚରଣ କରିବ—ଇତି ।) (ଇତି ହେତୁପ୍ରକରଣପ୍ରକାଶାଦିସମାପ୍ତିଷୁ—ଅମର ।) ଏହି, ଏହା । ଯଥା—ଇତିମଧ୍ୟରେ ଯାହା ଘଟିଅଛି ଆପଣ ଜାଣନ୍ତି । ଏହିପ୍ରକାର, ଏହିପରି । ଯଥା—

**ଇତି ପ୍ରତିଜ୍ଞା ଲଳିତା କହନ୍ତି ଗୁରୁଜନ ଡ଼ରେ ।**
ବି. ଚ. ମ.

ସ୍ୱରୂପ; ସାନ୍ନିଧ୍ୟ; ବିବକ୍ଷାନିୟମ; ପ୍ରତ୍ୟକ୍ଷ; ଅବଧାରଣାର୍ଥ; ଏବମର୍ଥ । (ଇତିସ୍ୱରୂପେ ସାନ୍ନିଧ୍ୟେ ବିବକ୍ଷାନିୟମେଽପିଚ । ହେତୌ ପ୍ରକାରପ୍ରତ୍ୟକ୍ଷପ୍ରକର୍ଷେଷ୍ୱବଧାରଣେ । ଏବମର୍ଥେ ସମାପ୍ତୌ ସ୍ୟାତ୍—ଇତି ହୈମଃ ।)

ଇତିକଥା, ବି. ସ୍ତ୍ରୀ. (ଇତି = ଏହା-କଥା = କଥନ—ଏହା କଥା ମାତ୍ର, ବସ୍ତୁତଃ କୌଣସି ଅର୍ଥ ନାହିଁ) ଉପକଥା; ବୃଥା କଥା, ଅପ୍ରୟୋଜନ କଥା, ନିରର୍ଥକ କଥନ ।

ଇତିକର୍ତ୍ତବ୍ୟ, ବିଂ. (ଇତି = ଏହା-କର୍ତ୍ତବ୍ୟ) ଏହା କରିବାର ଯୋଗ୍ୟ, ଏହା ଉଚିତ ବା ଆବଶ୍ୟକ, କୌଣସି ବିଷୟ ସମ୍ପନ୍ନ କରିବାପାଇଁ ଆନୁଷଙ୍ଗିକ ଯାହା କରିବାକୁ ହୁଏ । (ଏବଂ ସର୍ବଂ ବିଧାୟେଦମିତିକର୍ତ୍ତବ୍ୟମାତ୍ମନଃ ।)

ଇତିକର୍ତ୍ତବ୍ୟତା, ବି. ସ୍ତ୍ରୀ. (ଇତିକର୍ତ୍ତବ୍ୟ-ତା) "ଏହାହିଁ କର୍ତ୍ତବ୍ୟ" ଏହିପ୍ରକାର ଜ୍ଞାନ, କୌଣସି ବିଷୟ ସମ୍ପନ୍ନକରଣର ଅଙ୍ଗୀଭୂତ ଅନୁଷ୍ଠାନ ସକଳ ।

ଇତିମଧ୍ୟେ, ଅଂ. (ଇତି-ମଧ୍ୟେ) ଏହାର ମଧ୍ୟେ, ଏହା ଭିତରେ ।

ଇତିବୃତ୍ତ, ବି. (ଇତି = ଏହିପ୍ରକାର-ବୃତ୍ତ = ଅତୀତ—ଏହିପ୍ରକାର ଯାହା ହୋଇଅଛି) ଯାହା ଘଟିଅଛି, ଅତୀତବୃତ୍ତାନ୍ତ, ଇତିହାସ ।

ଇତିଭୟ, ବି. ଯେଉଁ କାରଣମାନଙ୍କରୁ ଧାନ୍ୟ ଫସଲ ନଷ୍ଟ ହୁଏ, ଅତିବୃଷ୍ଟି, ଅନାବୃଷ୍ଟି, ମୂଷିକ, ଝିଣ୍ଟିକା, ଶୁକ, ରାଜାମାନେ ଯୁଦ୍ଧବିଗ୍ରହାଦି ହେତୁ ରାଜ୍ୟର ନିକଟବର୍ତ୍ତୀ ହେବା ପ୍ରଭୃତି ଛଅଗୋଟି କାରଣକୁ ଇତିଭୟ କହନ୍ତି ।

ଇତିହ, ଅଂ. (ଇତି = ଏହିପ୍ରକାର-ହ = ସମାଗ୍ରର —ସେହି ଗର୍ତ୍ତରେ ଗୋଟାଏ ବ୍ରହ୍ମରାକ୍ଷସ ଅଛି ଏହି ପରମ୍ପରାଗତ କଥା) ପାରମ୍ପର୍ଯ୍ୟୋପଦେଶ, ପୁରାତନ କଥା । (ପାରମ୍ପର୍ଯ୍ୟୋପଦେଶେ ସ୍ୟାଦୈତିହ୍ୟମିତିହାବ୍ୟୟଂ—ଅମର ।)

ଇତିହା, ବି. ସ୍ତ୍ରୀ. (ଇତିହ-ଆ) ଜନଶ୍ରୁତି, କିମ୍ବଦନ୍ତୀ ।

ଇତିହାସ, ବି. (ଇତିହ-ଅସ୍-ଅ) ପୂର୍ବ ବୃତ୍ତାନ୍ତ, ପ୍ରାଚୀନ କଥା, ଇତିବୃତ୍ତ । (ଇତିହାସଃ ପୁରାବୃତ୍ତଂ—ଅମର ।)

ଇତୁରୁଡ଼ି, ଇସୁଡ଼ି, } ବି. (ଦେଶଜ) ଲତାବିଶେଷ ।

ଇତ୍ୟାଦି, ଅଂ. (ଇତି-ଆଦି) ଏବଂ, ଏହିରୂପ, ଏହି ପ୍ରଭୃତି, ଏତତ୍ ପ୍ରଭୃତି ।

ଇତ୍ୱର, ବିଂ. (ଇ=ଗମନ କରିବା-ବର-ଶୀଳାର୍ଥେ—ଯେ ସ୍ୱେଚ୍ଛାରେ ସର୍ବତ୍ର ଗମନ କରେ) ଗମନଶୀଳ (ପଥିକ); ନୀଚ; ଦୀନ ବା ଦରିଦ୍ର; ନିଷ୍ଠୁର; ଷଣ୍ଢ, ବୃଷଭ । (ସ୍ତ୍ରୀ-ଈ) ଅସତୀ, ଭ୍ରଷ୍ଟା ସ୍ତ୍ରୀ ।' (ଅସତୀ କୁଳଟେତ୍ୱରୀ—ଅମର ।)

ଇଦାନୀଂ, ଇଦାନୀ, } ଅଂ. (ଇଦମ୍=ଏହା-ଦାନୀମ୍-କାଳାର୍ଥେ, ଦମ୍ ଲୋପ) ଅଧୁନା, ସମ୍ପ୍ରତି, ଏବେ । (ଏତର୍ହି ସମ୍ପ୍ରତୀଦାନୀମଧୁନା ସାମ୍ପ୍ରତଂ ତଥା—ଅମର ।) ଯଥା—

**ଇଦାନୀଂ ରହି ନ ପାରିବ ଚଞ୍ଚଳଚିତ୍ତ ଅଛୁ ହୋଇ ।**

ଇଦାନୀଂତନ, ବିଂ. (ଇଦାନୀଂ-ତନ—ହେବା ଅର୍ଥରେ) ଆଧୁନିକ, ବର୍ତ୍ତମାନ କାଳର, ବର୍ତ୍ତମାନକାଳୀନ ।

ଇଧ୍ମ, ବି. (ଇନ୍ଧ୍=ପ୍ରଜ୍ୱଳିତ କରିବା, ଦଗ୍ଧ କରିବା-ମ) କାଷ୍ଠ, କାଠ, ଜାଳେଣି ।

ଇନ, ବି. (ଇ=ଗମନ କରିବା-ନ) ସୂର୍ଯ୍ୟ; ପତି, ପ୍ରଭୁ; ରାଜା । ବିଂ. ଶ୍ରେଷ୍ଠ ।

ଇନ୍‌ସ୍ପେକ୍‌ଟର, ବି. (ଇଂରାଜୀ ଶବ୍ଦ) ତତ୍ତ୍ୱ ତଦନ୍ତ ବିଭାଗର ଉଚ୍ଚ କର୍ମଚାରୀବିଶେଷ, ପ୍ରଧାନ କର୍ତ୍ତୃପକ୍ଷ ।

ଇନାମ୍, ବି. (ଯାବନିକ) ପୁରସ୍କାର; ଜାଗିର ।

ଇନାମଦାର, ବି. (ଯାବନିକ) ପୁରସ୍କାର ପାଇଥିବା ବ୍ୟକ୍ତି ।

ଇନ୍ଦା, ଇନ୍ଦୀ, } ବି. ସ୍ତ୍ରୀ. (ଇନ୍ଦ୍=ଆଧିପତ୍ୟ କରିବା-ଇ, ଇନ୍ଦ୍-ଅ-ଈ) ଲକ୍ଷ୍ମୀ ।

ଇନ୍ଦିନ୍ଦିର, ବି. (ଇନ୍ଦ୍=ପ୍ରଭୁତ୍ୱ କରିବା-ଦ୍ୱିତ୍ୱ-ଇର-ନିପାତନ) ମଧୁକର,ଭ୍ରମର । ଯଥା—

**କଳା ଡୋଳା ଖେଳା ଇନ୍ଦିନ୍ଦିର ନୀଳା ନିନ୍ଦି । ଲ. ବ.**

ଇନ୍ଦିରା, ବି. ସ୍ତ୍ରୀ. (ଇନ୍ଦ୍=ଆଧିପତ୍ୟ କରିବା-ଇର-ସ୍ତ୍ରୀ-ଆ) ଲକ୍ଷ୍ମୀ, ବିଷ୍ଣୁପତ୍ନୀ । ଯଥା—

**ସଖୀ ଅନୁରୋଧେ ଇନ୍ଦିରା ଦେଲେ କୋଠଭଣ୍ଡାରୁ । ଚ. ଚି.**

ଇନ୍ଦିବର, ଇନ୍ଦୀବର, } ବି. (ଇନ୍ଦି, ଇନ୍ଦୀ=ଲକ୍ଷ୍ମୀ-ବର =ଶ୍ରେଷ୍ଠ, ଅଭୀଷ୍ଟ—ଏହି ପୁଷ୍ପ ଲକ୍ଷ୍ମୀଙ୍କର ଅତ୍ୟନ୍ତ ପ୍ରିୟ) ନୀଳପଦ୍ମ, ନୀଳୋତ୍ପଳ । ଯଥା—

**କିବା ଇନ୍ଦିବରେ ମିଶି ଶ୍ୱେତ ଶତଦଳ,**
**ଗୁନ୍ଥା ହେଲ ମାଳା ପ୍ରାୟେ ଦିଶଇ ସକଳ । କ. ବ.**

(ସ୍ତ୍ରୀ-ଈ) ଶତମୂଳୀ, ଶତାବରୀ ।

ଇନ୍ଦୁ, ବି. (ଇନ୍ଦ୍=ପ୍ରଭୁତ୍ୱ କରିବା-ଉ, ଯେ ନକ୍ଷତ୍ରଗଣରେ ଆଧିପତ୍ୟ କରେ । ଅଥବା ଉନ୍ଦ୍=ଆର୍ଦ୍ର ହେବା-ଉ, ଉ=ଇ, ଯେ ସୁଧାରେ ଆର୍ଦ୍ର ହୋଇଥାଏ) ଚନ୍ଦ୍ର, ଶଶୀ, ସୁଧାକର । ଯଥା—

**ଅନ୍ଧକାରେ ଇନ୍ଦୁ କିରଣ ପଡ଼ିଲା,**
**ଅଛନ୍ତି କି ଶ୍ୟାମ ତମାଳେ ଜଡ଼ିଲା । ନ. କେ.**

(ଚନ୍ଦ୍ର ପ୍ରାୟ ଶୁଭ୍ର ହୋଇଥିବାରୁ) କର୍ପୂର ।

ଇନ୍ଦୁକାନ୍ତ, ବି. (ଇନ୍ଦୁ-କାନ୍ତ) ଚନ୍ଦ୍ରକାନ୍ତମଣି ।

ଇନ୍ଦୁଜ, ବି. (ଇନ୍ଦୁ-ଜନ୍-ଅ) ବୁଧ । (ସ୍ତ୍ରୀ-ଆ) ରେବା ନଦୀ, ନର୍ମଦା ।

ଇନ୍ଦୁମତୀ, ବି. ସ୍ତ୍ରୀ. (ଇନ୍ଦୁ-ମତ୍-ଅସ୍ତ୍ୟର୍ଥେ-ସ୍ତ୍ରୀ-ଈ) ପୂର୍ଣ୍ଣିମା; ଅଜରାଜାଙ୍କ ପତ୍ନୀ ।

ଇନ୍ଦୁର, ଇନ୍ଦୂର, } ବି. (ଉନ୍ଦ୍=ଆର୍ଦ୍ର ହେବା-ଉର, ଉ=ଇ) ମୂଷିକ ।

ଇନ୍ଦୁରେଖା, ଇନ୍ଦୁଲେଖା, } ବି. ସ୍ତ୍ରୀ. (ଇନ୍ଦୁ-ରେଖା,ଲେଖା) ରାଧାଙ୍କ ସଖୀବିଶେଷ । ଚନ୍ଦ୍ରକଳା, ଚନ୍ଦ୍ରଖଣ୍ଡ; ସୋମଲତା; ଗୁଳୁଚୀ ।

ଇନ୍ଦୁବ୍ରତ, ବି. (ଇନ୍ଦୁ-ବ୍ରତ) ଚାନ୍ଦ୍ରାୟଣବ୍ରତ ।

ଇନ୍ଦ୍ର, ବି. (ଇନ୍ଦ୍ = ଆଧିପତ୍ୟ କରିବା-ର) ଦେବରାଜ; ରାଜା; କୁଟଜବୃକ୍ଷ; ଇନ୍ଦ୍ରଯବ । କୌଣସି ଶବ୍ଦର ପରେ ପ୍ରୟୋଗ ହେଲେ ଶ୍ରେଷ୍ଠାର୍ଥବାଚକ । ଯଥା—ଯୋଗୀନ୍ଦ୍ର, କବୀନ୍ଦ୍ର । ବିଂ.ଐଶ୍ୱର୍ଯ୍ୟଶାଳୀ;ପ୍ରଭୁ,ଅଧିପତି ।

ଇନ୍ଦ୍ରଗୋପ, ବି. (ଇନ୍ଦ୍ର = ଅତ୍ୟୁତ୍ତମ-ଗୋ = କିରଣ ବା କାନ୍ତି—ପ = ଯେ ପାଳନ କରେ, ଯେ ଅତ୍ୟୁତ୍ତମ କାନ୍ତି ଧାରଣ କରେ) ରକ୍ତବର୍ଣ୍ଣ କ୍ଷୁଦ୍ର କୀଟବିଶେଷ, ସାଧବଘର-ବୋହୂ ନାମକ ପୋକ । ଯଥା—

ଇନ୍ଦ୍ରଗୋପଜିତ ରଙ୍ଗଚରଣ ଯେ ଏରୂପେ ସୁମର,
ଇନ୍ଦ୍ରଜିତସୁତ ଏ ଛନ୍ଦ ଭଣଇ ରାଧା ଧ୍ୟାନ କର ।
ବି. ଚ. ମ

ଇନ୍ଦ୍ରଚାପ, ବି. (ଇନ୍ଦ୍ର-ଚାପ) ଇନ୍ଦ୍ରଧନୁ, ମେଘରେ ସୂର୍ଯ୍ୟକିରଣ ପଡ଼ି ନାନା ବର୍ଣ୍ଣ-ବିଶିଷ୍ଟ ଧନୁରାକାରରେ ଯେଉଁ ଚିହ୍ନ ଦେଖାଯାଏ । ଯଥା—

ଇନ୍ଦ୍ରଚାପ ଶୂନ୍ୟେ ପ୍ରକାଶେ ଯା ମନେ
କରଇ ମୋର ବିଚାର,
ବିୟୋଗୀ ପୁରୁଷ ଅବଳାଙ୍କ ନାଶ
ଚକେ ହୋଇ ଧନୁକର ରେ, ସଜନ ।

ଇନ୍ଦ୍ରଜାଲ, ବି. (ଇନ୍ଦ୍ର = ଇନ୍ଦ୍ରିୟ-ଜାଲ = ଆଚ୍ଛାଦନ) କୁହୁକ, ଭୋଜବାଜି; ଛଳ, ମାୟା, ପ୍ରତାରଣା ।

ଇନ୍ଦ୍ରଜାଲିକ,ବି.(ଇନ୍ଦ୍ରଜାଲ-ଇକ—ଜ୍ଞାତାର୍ଥେ) କୁହୁକୀ, ବାଜିକର । ଯଥା—

ଇନ୍ଦ୍ରଜାଲିକ ମୁଖୁଁ ଶୁଣି,
ବଶ ହେବାର ପୃଥୁଶ୍ରୋଣି । ଲ. ବ.

ବିଂ. ଇନ୍ଦ୍ରଜାଲସମ୍ଭୂତ ।

ଇନ୍ଦ୍ରଦ୍ୟୁମ୍ନ, ବି.(ଇନ୍ଦ୍ର-ଦ୍ୟୁମ୍ନ = ଧନ—ଇନ୍ଦ୍ରଙ୍କ ସମାନ ଧନ ଯାହାର) ଓଡ଼ିଶାର ଜଣେ ସୁପ୍ରସିଦ୍ଧ ପ୍ରାଚୀନ ରାଜା; ଶ୍ରୀକ୍ଷେତ୍ରସ୍ଥ ସରୋବରବିଶେଷ; ସୂର୍ଯ୍ୟବଂଶୀୟ ଜଣେ ପ୍ରସିଦ୍ଧ ରାଜା ।

ଇନ୍ଦ୍ରଦ୍ରୁ, } ବି. (ଇନ୍ଦ୍ର-ଦ୍ରୁ, ଦ୍ରୁମ) ଅର୍ଜୁନ
ଇନ୍ଦ୍ରଦ୍ରୁମ, } ବୃକ୍ଷ, କୁଟଜ ବା କୁଡ଼େଇ ଗଛ । (ଇନ୍ଦ୍ରଦ୍ରୁଃ କକୁଭୋଽର୍ଜୁନଃ—ଅମର ।)

ଇନ୍ଦ୍ରଧ୍ୱଜ,ବି.(ଇନ୍ଦ୍ର-ଧ୍ୱଜ)ସୁନିଆଁ ଦିନ ଅର୍ଥାତ୍ ଭାଦ୍ରପଦ ଶୁକ୍ଳ ଦ୍ୱାଦଶୀ ଦିନ କୃତ ଇନ୍ଦ୍ର-ପୂଜାର ଅନୁଷ୍ଠାନବିଶେଷ; ଇନ୍ଦ୍ରଙ୍କ ପତାକା ।

ଇନ୍ଦ୍ରନୀଳ, ବି. (ଇନ୍ଦ୍ର = ଅତ୍ୟୁତ୍ତମ-ନୀଳ = ନୀଳ-ବର୍ଣ୍ଣ-ଅ—ଅସ୍ତ୍ୟର୍ଥେ) ମରକତ ମଣି, ନୀଳକାନ୍ତ ମଣି । ଯଥା—

ଇନ୍ଦ୍ରନୀଳ ପରେ ମୋତି ପୂଣି ଇନ୍ଦ୍ରନୀଳ,
ଗୁନ୍ଥା ହେଲ ମାଳାପ୍ରାୟେ ଦିଶଇ ସଲିଳ । କ. ବ.

ଇନ୍ଦ୍ରପୁଷ୍ପ, ବି. ଲବଙ୍ଗ, ଇନ୍ଦ୍ରଯବ ।

ଇନ୍ଦ୍ରପ୍ରସ୍ଥ, ବି. (ଇନ୍ଦ୍ର-ପ୍ରସ୍ଥ = ରାଜତ୍ୱ କରିବା) ପାର୍ଥନଗର, ଯୁଧିଷ୍ଠିରଙ୍କ ସ୍ଥାପିତ ନଗର, ପ୍ରାଚୀନ ଦିଲ୍ଲୀ ।

ଇନ୍ଦ୍ରଭେଷଜ, ବି. (ଇନ୍ଦ୍ର = ଅତ୍ୟୁତ୍ତମ-ଭେଷଜ = ଔଷଧ) ଶୁଣ୍ଠୀ ।

ଇନ୍ଦ୍ରମାରିଷ, ବି. ଔଷଧିଗୁଳ୍ମବିଶେଷ ।

ଇନ୍ଦ୍ରଯବ, ବି. ଯବାକୃତି ତିକ୍ତବୀଜବିଶେଷ ।

ଇନ୍ଦ୍ରଲୁପ୍ତ, ବି. କେଶନାଶକ ରୋଗ, ଚନ୍ଦା ।

ଇନ୍ଦ୍ରବଂଶା, ବି. ଦ୍ୱାଦଶାକ୍ଷର ଛନ୍ଦୋବିଶେଷ ।

ଇନ୍ଦ୍ରବଜ୍ରା, ବି. ଏକାଦଶାକ୍ଷର ଛନ୍ଦୋବିଶେଷ । ଯଥା—

ନର୍ମିଦ ମାକନ୍ଦ ମରନ୍ଦ ପାନେ,
ସୁବ୍ୟକ୍ତ କଣ୍ଠ-ସ୍ୱର ହୋଇ ତାନେ ।
କନ୍ଦର୍ପ ଭୋଗାବଳି ପାଠକଲ୍ପ,
ଗାଏ ପିକସ୍ତ୍ରୀ କି ? ହୁଏ ବିକଲ୍ପ । କା. ପ. ନା.

ଇନ୍ଦ୍ରବାରୁଣୀ, ବି. ସ୍ତ୍ରୀ. ଗୋରକ୍ଷ କାକୁଡ଼ି, ଗୋରେଖ କାକୁଡ଼ି । (ଚିତ୍ରାଗବାକ୍ଷୀ ଗୋଡ଼ୁମ୍ବା ବିଶାଳା ତ୍ୱିନ୍ଦ୍ରବାରୁଣୀ—ଅମର ।)

ଇନ୍ଦ୍ରସୁରସ, ବି.ନିର୍ଗୁଣ୍ଡି ଗଛ ।(ସିନ୍ଧୁବାରେନ୍ଦ୍ର-ସୁରସୌ ନିର୍ଗୁଣ୍ଡୀନ୍ଦ୍ରାଣିକେତ୍ୟପି — ଅମର ।)

ଇନ୍ଦ୍ରାଣିକା, } ବି. ସ୍ତ୍ରୀ· (ଇନ୍ଦ୍ର-ଆନୀ) ଇନ୍ଦ୍ର-
ଇନ୍ଦ୍ରାଣୀ, } ପତ୍ନୀ, ଶଚୀ; ଅଷ୍ଟମାତୃକା ମଧ୍ୟରୁ ଏକ, ଯୋଗିନୀବିଶେଷ; ରତିବନ୍ଧବିଶେଷ; ଦୁର୍ଗା; ନିର୍ଗୁଣ୍ଡି ଗଛ, ବେଗୁନିଆ ।

ଇନ୍ଦ୍ରାନୁଜ, } ବି. (ଇନ୍ଦ୍ର-ଅନୁଜ, ଅବରଜ
ଇନ୍ଦ୍ରାବରଜ, } କନିଷ୍ଠ) ବାମନଦେବ, ବିଷ୍ଣୁ ।
ଇନ୍ଦ୍ରାୟଣୀ, ବି. ସ୍ତ୍ରୀ (ଇନ୍ଦ୍ରାଣୀ ଶବ୍ଦଜ) ଇନ୍ଦ୍ରଙ୍କ ପତ୍ନୀ । ଯଥା—

**ଇନ୍ଦ୍ର ଇନ୍ଦ୍ରାୟଣୀ ହୋଇଥିଲେ ପୂର୍ବ ତପ,**
**ଭୁଞ୍ଜିଲେ ସ୍ୱର୍ଗଭୋଗ ଯେ ଯାହା ପୁଣ୍ୟକଳ୍ପ ।**
**ନୃ. ପୁ. ପ୍ର. ଡ.**

ଦେବୀବିଶେଷ । (ବାକେଶ୍ୱରୀ ଶବ୍ଦ ଦେଖ)
ଇନ୍ଦ୍ରାୟୁଧ, ବି. (ଇନ୍ଦ୍ର-ଆୟୁଧ) ଇନ୍ଦ୍ରଧନୁ, ବର୍ଷାକାଳୀନ ବୃଷ୍ଟିର ଜଳବିନ୍ଦୁ ସମୂହରେ ସୂର୍ଯ୍ୟକିରଣସ୍ପର୍ଶହେତୁରୁ ଦୃଶ୍ୟମାନ ଧନୁରାକୃତି ତେଜ । ଯଥା—

**ଇନ୍ଦ୍ରାୟୁଧେ ତାର ଅଧିବମ୍ବେ ନଭେ ଯେଉଁ ତୁଳଣା ।**
**ବ୍ରଷା ।**

ଇନ୍ଦ୍ରାରି, ବି. (ଇନ୍ଦ୍ର-ଅରି) ଅସୁର, ଦୈତ୍ୟ ।
ଇନ୍ଦ୍ରି, ବି. (ଇନ୍ଦ୍ରିୟ ଶବ୍ଦର ଅପଭ୍ରଂଶ) ଇନ୍ଦ୍ରିୟ । ଯଥା—

**ଜିଣଇ ଇନ୍ଦ୍ରିଗଣ, ସେ ପ୍ରାଣୀ ନିଷ୍ଠେ ନାରାୟଣ ।**
**ଭା. ଏ. ସ୍କ.**

ଲିଙ୍ଗ । ଯଥା—

**ଶାପ ତୁ ଦେନ ଇନ୍ଦ୍ରି ମୋର,**
**ଇନ୍ଦ୍ରି ଯେ ଛିଣ୍ଡି ପଡୁ ତୋର । ମା. ମା.**

ଇନ୍ଦ୍ରିୟ, ବି. (ଇନ୍ଦ୍ର=ଆତ୍ମା, ସ୍ୱସ୍ୱଂ-ଇୟ—ଲିଙ୍ଗାର୍ଥରେ, ଆତ୍ମା ଯାହା ଉପରେ ପ୍ରଭୁତ୍ୱ କରେ) ଯାହାଦ୍ୱାରା ପଦାର୍ଥର ଜ୍ଞାନ ଜନ୍ମେ, ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ ଏ ପାଞ୍ଚ ଜ୍ଞାନେନ୍ଦ୍ରିୟ; ମନ, ବୁଦ୍ଧି, ଅହଙ୍କାର ଓ ଚିତ୍ତ ଏ ଚାରି ଅନ୍ତରେନ୍ଦ୍ରିୟ; ବାକ୍, ପାଦ, ପାଣି, ପାୟୁ (ଗୁଦ), ଉପସ୍ଥ ଏ ପାଞ୍ଚ କର୍ମେନ୍ଦ୍ରିୟ; ଶୁକ୍ର ବା ବୀର୍ଯ୍ୟ । (ବୀଜବୀର୍ଯ୍ୟେନ୍ଦ୍ରିୟାଣି ଚ—ଅମର ।) ବିଂ. ଇନ୍ଦ୍ରିୟସମ୍ବନ୍ଧୀୟ ।
ଇନ୍ଦ୍ରିୟଦୋଷ, ବି. ( ଇନ୍ଦ୍ରିୟ-ଦୋଷ ) ଇନ୍ଦ୍ରିୟର ଉଚ୍ଛୃଙ୍ଖଳତା, ସ୍ତ୍ରୀବିଷୟକ ଯଥେଚ୍ଛାଚାର ।
ଇନ୍ଦ୍ରିୟପରାୟଣ, ବିଂ. ( ଇନ୍ଦ୍ରିୟ-ପରାୟଣ ) ଇନ୍ଦ୍ରିୟସେବାରେ ଆସକ୍ତ, ଯେ କେବଳ ଭୋଗବିଳାସକୁ ସଂସାରର ସାର ବୋଲି ଜ୍ଞାନ କରେ ।
ଇନ୍ଦ୍ରିୟାର୍ଥ, ବି. (ଇନ୍ଦ୍ରିୟ-ଅର୍ଥ=ବସ୍ତୁ) ଇନ୍ଦ୍ରିୟର ଭୋଗ୍ୟବସ୍ତୁ ରୂପ ରସାଦି ।
ଇନ୍ଧନ, ବି. (ଇନ୍ଧ୍=ଦୀପ୍ତ ବା ପ୍ରଜ୍ୱଳିତ କରିବା-ଅନ) ଜାଳେଣି କାଠ,ତୃଣକାଷ୍ଠାଦି । ଯଥା—

**ଅଟ ପରଚମ୍ବେ ଚନ୍ଦନ ହୋଇଯାଏ ସିନା ଇନ୍ଧନ ।**

ଉଦ୍ଦୀପନ, ସନ୍ଦୀପନ ।
ଇଭ, ବି. (ଇ=ଗମନ କରିବା-ଭ) ହସ୍ତୀ । ଯଥା—

**ଇଭଗତି ରାଧା ପାଶେ ଦିନେ ପୂର୍ଣ୍ଣମାସୀ ପରବେଶ ।**
**ବି. ଚ.**

ନାଗକେଶରବୃକ୍ଷ । (ସ୍ତ୍ରୀ-ଈ) ହସ୍ତିନୀ ।
ଇଭ୍ୟ, ବିଂ. (ଇଭ-ଯ—ଯୋଗ୍ୟାର୍ଥେ) ଧନୀ । (ଇଭ୍ୟ ଆଢ୍ୟୋ ଧନୀ ସ୍ୱାମୀ—ଅମର ।) (ସ୍ତ୍ରୀ-ଆ) ବି. ହସ୍ତିନୀ; ସଲ୍ଲକୀବୃକ୍ଷ ।
ଇମତିଦାନ, } ବି. (ଯାବନିକ) ପରଖ ଅର୍ଥାତ୍
ଇନ୍‌ତାନ୍, } ଗୁଣାଗୁଣବିବେଚନା ।
ଇମନ, ବି. ( ଦେଶଜ ) ରାଗିଣୀବିଶେଷ; ସ୍ୱରବିଶେଷ ।
ଇମାମ୍, ବି. (ଯାବନିକ) କୁଳଗୁରୁ ।
ଇମିତି, } କ୍ରି. ବିଂ. (ଦେଶଜ) ଏପ୍ରକାର ।
ଏମିତିକା, } ବିଂ. ଏତାଦୃଶ ।
ଇୟତ୍, ବିଂ. (ଇଦମ୍=ଏହା-ବତ୍—ପରିମାଣାର୍ଥେ-ନିପାତନ) ଏତାବତ୍, ଏହି ପରିମାଣ, ଏତେ, ଏତିକ । (ସ୍ତ୍ରୀ-ଈ) ଯଥା—ଇୟତୀ ପରିମିତି ।
ଇୟତ୍ତା, ବି. ସ୍ତ୍ରୀ. ( ଇୟତ୍-ତା-ଭାବେ ) ଏତାବତ୍ତ୍ୱ, ଏତିକ ବୋଲି ପରିମାଣ ନିରୂପଣ ବା ଗଣନା କରିବା; ସୀମା; ସଂଖ୍ୟା ।
ଇୟାର, ବି. (ଯାବନିକ) ବନ୍ଧୁ; ସଙ୍ଗୀ; ଉପପତି ।
ଇରଣ, } ବି. (ଋ=ଗମନ କରିବା-ଇ, ଅନ)
ଇରିଣ, } ମରୁ, ନିରାଶ୍ରୟ ଦେଶ; ଊଷର
ଈରଣ, } ଭୂମି, କ୍ଷାର ଭୂମି; ଜଳବୃକ୍ଷାଦିଶୂନ୍ୟ ଭୂଭାଗ । (ଇରିଣଂ ଶୂନ୍ୟମୂଷରଂ—ଅମର ।)

ଇରମ୍ମଦ, ବି. (ଇରା = ଜଳ, ମେଘ ଯହିଁରେ ଜଳ ହୁଏ-ମଦ୍ = କ୍ରୀଡ଼ା କରିବା-ଅ—ଯେ ମେଘରେ କ୍ରୀଡ଼ା କରେ ବା ଦୀପ୍ତି ପାଏ) ମେଘଜ୍ୟୋତି, ବଜ୍ରାଗ୍ନି । (ମେଘଜ୍ୟୋତି-ରିରଂମଦଃ—ଅମର ।) ବାଡ଼ବାଗ୍ନି; ହସ୍ତୀ ।

ଇରଶାଲ, ବି. (ଦେଶଜ) ଅର୍ଥପ୍ରେରଣ, ଗୁମାସ୍ତା କର୍ତ୍ତୃକ ସଦର କଚେରିକୁ ପ୍ରେରିତ ଖଜଣା ।

ଇରଶାଲନାମା, ବି. (ଯାବନିକ) ଯେଉଁ ଖାତାରେ ଇରଶାଲ ବିବରଣ ଲେଖାଯାଏ ।

ଇରା, ବି. ସ୍ତ୍ରୀ. (ଇ = ଗମନ କରିବା-ର-ସ୍ତ୍ରୀ-ଆ) ଭୂମି; ବାଣୀ; ସୁରା ବା ମଦ୍ୟ; ଜଳ; ଅନ୍ନ । (ଇରା ଭୂବାକ୍‌ସୁରାପ୍‌ସୁ ସ୍ୟାତ୍—ଅମର ।) କଶ୍ୟପଙ୍କର ପତ୍ନୀବିଶେଷ, ଯାହାଙ୍କଠାରୁ ବୃକ୍ଷ ଲତା ପ୍ରଭୃତି ଉତ୍ପନ୍ନ ହୋଇଥିଲା ।

ଇରାଜ, ବି. (ଇରା = ଜଳ, ମଦ୍ୟ-ଜନ୍-ଅ) ବୃକ୍ଷ ଲତା ପ୍ରଭୃତି ।

ଇରାବାନ୍, ବି. (ଇରାବତ୍-ଇରା = ଜଳ-ବତ୍—ଅସ୍ତ୍ୟର୍ଥେ) ସମୁଦ୍ର; ନାଗକନ୍ୟା ଉଲୂପୀଙ୍କ ଗର୍ଭସମ୍ଭୂତ ଅର୍ଜୁନଙ୍କର ପୁତ୍ର; ହିମାଳୟସ୍ଥ ହ୍ରଦବିଶେଷ, ଯହିଁରୁ ଇରାବତୀ ନଦୀର ଉତ୍ପତ୍ତି । (ସ୍ତ୍ରୀ-ଈ-ତୀ) ପଞ୍ଜାବର ଅନ୍ତର୍ଗତ ନଦୀବିଶେଷ, ରାବୀ; ବ୍ରହ୍ମଦେଶୀୟ ନଦୀ-ବିଶେଷ; ଭବ ନାମକ ରୁଦ୍ରଙ୍କର ପତ୍ନୀ; ବିଦିଶାଧିପ ଅଗ୍ନିମିତ୍ରଙ୍କର ଅନ୍ୟତମା ପତ୍ନୀ । ଯଥା—ଏପରି ପ୍ରତିବାର୍ତ୍ତା ଦେଇ ଇରାବତୀ ସମୁଦ୍ରଗୃହଅଡ଼କୁ ଚାଲିଗଲେ —ମାଳବିକାଗ୍ନିମିତ୍ର ।

ଇରଷା, } ବି. ସ୍ତ୍ରୀ. (ଈର୍ଷା ଶବ୍ଦଜ) ଦ୍ୱେଷ ।
ଈରଷା, } ଯଥା—

ବିହି ଇରଷା ସର୍ଜନା ଉପମା ଦିଆଇ ବିଚ୍ଛେଦ ବିହି ।
ବୈ. ବି.

ଇରୁଣ୍ଡି, } ବି. (ଦେଶଜ) ଚଉକାଠର
ଇରୁଣ୍ଡିବନ୍ଧ, } ତଳ କାଷ୍ଠଖଣ୍ଡ ।

ଇର୍ମ୍ମ, ବି. (ଇର୍ମ୍ମନ୍-ଋ = ଗମନ କରିବା, ପାଇବା-ମନ୍, ଋ = ଇର୍—ଯାହାଦ୍ୱାରା ବ୍ୟଥା ପାଇବାକୁ ହୁଏ) ବ୍ରଣ, କ୍ଷତ, ଘା ।

ଇର୍ବାରୁ, } ବି. ସ୍ତ୍ରୀ. (ଇରୁ = ବୀଜ-ଆରୁ—
ଈର୍ବାରୁ, } ଯେ ଗମନ କରେ କିମ୍ବା ଯେ
ଇର୍ବାଲୁ, } ପାଏ, ଯେ ବୀଜ ପ୍ରାପ୍ତ ହୁଏ) କର୍କଟୀ, କାକୁଡ଼ି ।

ଇଳା, ବି. ସ୍ତ୍ରୀ. (ଇଳ୍ = ପ୍ରେରଣ କରିବା-ଅ-ଆ) ବୈବସ୍ୱତମନୁଙ୍କ କନ୍ୟା, ବୁଧଙ୍କ ପତ୍ନୀ ଓ ପୁରୂରବାଙ୍କ ଜନନୀ; ଇକ୍ଷ୍ୱାକୁ-ରାଜାଙ୍କ କନ୍ୟା; ବୌଦ୍ଧପତ୍ନୀ; ପୃଥିବୀ; ବାଣୀ; ମଦ୍ୟ; ଜଳ; ଧେନୁ ।

ଇଲକା, } ବି. (ଯାବନିକ) ଅଧିକାର;
ଏଲକା, } ସମ୍ବନ୍ଧ ।

ଇଲଗେ, } କ୍ରି. ବି. (ଦେଶଜ) ଏହିକ୍ଷଣି ।
ଏହିଲଗେ, }

ଇଳାବୃତ, ବି. (ଇଳା = ପୃଥିବୀ-ଆବୃତ = ମନୋନୀତ—ଏହା ଭୂଗୋଳର ଉତ୍ତରାଂଶ) ଜମ୍ବୁଦ୍ୱୀପର ନବବର୍ଷ ମଧ୍ୟେ ଚତୁର୍ଥ ବର୍ଷ; ଏହାର ଚତୁଃସୀମା, ଯଥା—ଉତ୍ତରରେ ନୀଳ ଶ୍ୱେତ ଓ ଶୃଙ୍ଗବାନ୍ ପର୍ବତ, ଦକ୍ଷିଣରେ ନିଷଧ ହେମକୂଟ ଓ ହିମାଳୟ ପର୍ବତ, ପଶ୍ଚିମରେ ମାଲ୍ୟବାନ୍ ପର୍ବତ, ପୂର୍ବରେ ଗନ୍ଧମାଦନ ପର୍ବତ, ଏହାର ମଧ୍ୟସ୍ଥଳରେ ସୁମେରୁଗିରି । ଯେଉଁ ସ୍ଥଳରେ ଅଭିଶପ୍ତ ସ୍ତ୍ରୀରୂପୀ ଇଳ (ଇଳା) ବୁଧଙ୍କ ସହିତ ବାସ କରିଥିଲେ, ସେହି ସ୍ଥାନର ନାମ ଇଳାବୃତ୍ତ, ଏହା କୈଳାସର ସନ୍ନିହିତ ।

ଇଲି, } ବି. ସ୍ତ୍ରୀ. (ଇଲ୍ = ଗମନ କରିବା-ଇ,
ଇଲୀ, } ଈ) ଛୁରିକା, ଛୁରୀ । (ସ୍ୟାଦ୍‌ଇଲୀ
ଈଲୀ, } କରବାଲିକା—ଅମର ।)
ଈଲି, }

ଇଲଶି, ବି. (ଇଲୀଶ ବା ଇଲ୍ଲିଶ ଶବ୍ଦଜ) ମତ୍ସ୍ୟବିଶେଷ ।

ଇଲ୍ଲୀଶ, ବି. (ଇଲ୍ = ଗମନ କରିବା, ସଞ୍ଚାର କରିବା-କ୍ୱିପ୍—ଯେ ଜଳରେ ସଞ୍ଚାର କରେ, ଈଶ = ପ୍ରଧାନ ଅଥବା ଇଲୀ = ଛୁରିକା-ଶୁଭ = ଶୋଭା ପାଇବା-ଅ—ଯେ ଛୁରିକାରେ କମ୍ବା ଛୁରିକା ପରି ଶୋଭା ପାଏ) ମତ୍ସ୍ୟବିଶେଷ ।

ଇଲ୍ୱଳା, } ବି. ସ୍ତ୍ରୀ. (ଇଲ୍ = ଶୟନ କରିବା-
ଇଲ୍ୱଳା, } ଳ - ସଂଜ୍ଞାର୍ଥେ - ଆ -ନିପାତନ—ଯେଗୁଡ଼ିକ ମୃଗଶିରାର ଶିରୋଦେଶରେ ଶୟନ କରନ୍ତି) ମୃଗଶିରା ନକ୍ଷତ୍ରର ଶିରସ୍ଥ ପାଞ୍ଚଗୋଟି କ୍ଷୁଦ୍ର ତାରା । (ଇଲ୍ୱଳା ତଚ୍ଛିରୋଦେଶେ ତାରକା ନିବସନ୍ତି ଯାଃ—ଅମର ।)

ଇଲ୍ଲିଶ, } ବି. (ଇଲ୍ = ଗମନ କରିବା-କ୍ୱିପ୍—
ଇଲ୍ଲୀଶ, } ଯେ ଜଳରେ ଗମନ ବା ସଞ୍ଚାର କରେ, ଲିଶ୍ = ଅଳ୍ପ ହେବା-ଅ) ସ୍ୱନାମ-ପ୍ରସିଦ୍ଧ ମତ୍ସ୍ୟବିଶେଷ, ଏହାର ଇଲ୍ଲିଶେଷ ବା ଇଲ୍ଲୀଶେଷ ବୋଲି ମଧ୍ୟ ଅନ୍ୟ ନାମ ଅଛି । ଯଥା—

ଗଙ୍ଗାୟାମିଲ୍ଲିଶେଷସ୍ତି ଭୁବନବ୍ୟାଦନତୋ
 ମତ୍ସ୍ୟରାଜସ୍ତଥାନ୍ତେ ।

ଇଲ୍ୱଳ, ବି. (ଇଲ୍ = ଗମନ କରିବା-ବଳ) ଦୈତ୍ୟବିଶେଷ, ବାତାପି ନାମକ ଦାନବର ଭ୍ରାତା; ଅନ୍ତଚଞ୍ଚଳ ମତ୍ସ୍ୟବିଶେଷ; ନକ୍ଷତ୍ରବିଶେଷ ।

ଇବ, ଅଂ. (ଇନ୍ୱ୍ = ବ୍ୟାପିବା-ଅ) ସାଦୃଶ୍ୟ, ତୁଲ୍ୟତା, ସାମ୍ୟ; ଉତ୍ପ୍ରେକ୍ଷାବୋଧକ; ଈଷତ୍; ବାକ୍ୟାଳଂକାରବିଶେଷ; ଅବଧାରଣାର୍ଥ । ଏହି ଅବ୍ୟୟଟି ଓଡ଼ିଆରେ ପ୍ରାୟ ବ୍ୟବହୃତ ହୁଏ ନାହିଁ । ତଥାପି ଏଣିକି ସଂଯତଭାବରେ ବ୍ୟବହାର କରାଯାଇ ପାରେ ।

ଇଶାଦ, } ବି. (ଯାବନିକ) ସାକ୍ଷୀ ।
ଇଶାଦି, }

ଇଶାନ, } ବି. (ଐଶାନ୍ୟ ଶବ୍ଦଜ) ପୂର୍ବୋତ୍ତର
ଇଶାଣ, } ମଧ୍ୟଦିଗ । ଯଥା—

ଏଣୁ ଯେ ବ୍ରାହ୍ମଣୀ ତେଣୁ ବ୍ରାହ୍ମଣ,
କାନ୍ଥୀକି ରଖିଲେ ଇଶାନକୋଣ । ହା. ତ.

ଘରର ଇଷ୍ଟଦେବତା; ଘରର ଇଷ୍ଟଦେବତାଙ୍କ ରହିବାର ସ୍ଥାନ ଅର୍ଥାତ୍ ହାଣ୍ଡିଶାଳ । ଯଥା—

ଶ୍ରୀକୃଷ୍ଣ ସନ୍ତୁଳ ମୁଡ ହସ୍ତରେ ନାଇଲେ,
ଇଶାଣକୁ ଯାଇ ବାଲୀ ନଉଗୁଲୀ କଲେ ।
ଇଶାଣ ଓଳଗି ସାର ମାତା ପାଶେ ଯାଇ,
ଗୃହଳବୃଷ୍ଟି ଖେଳାନ୍ତି ଶ୍ରୀକୃଷ୍ଣର ଆଇ । ମ. ସ.

ଇଶାରା, } ବି. (ଯାବନିକ) ସଙ୍କେତ ବା ଠାର ।
ଇସାରା, } ଯଥା—ସେ ଇସାରା ଦେବାରୁ ମୁଁ ଯାଇ ଉପସ୍ଥିତ ହେଲି ।

ଇଶିଇଶି, ଅଂ. (ଦେଶଜ) ମୁଖର ଅନୁକରଣ ଧ୍ୱନିବିଶେଷ । ଯଥା—

କାହା ଇଶିଇଶି ଶ୍ରୀମୁଖକୁ ଶଶିକଳା
 ହାରି ପଳାଇଲା । ର. କ.

ଇଷ, } ବି. (ଇଷ୍ = ଗମନ କରିବା-ଅ-ଯହିଁ
ଈଷ, } ଜିଗୀଷୁଗଣେ ଯୁଦ୍ଧାର୍ଥେ ଗମନ କରନ୍ତି) ଆଶ୍ୱିନମାସ । (ସ୍ୟାଦାଶ୍ୱିନ ଇଷୋଽପ୍ୟାଶ୍ୱୟୁଜୋଽପି—ଅମର ।)

ଇଷି, ଅଂ. (ଦେଶଜ) ପୀଡ଼ାସୂଚକ । ଯଥା—

ମନ୍ତ୍ର ଉଚ୍ଚାରଣ ଇଷି ବଚନ । ପ୍ରେ. ସୁ. ନି.

(ଈଷତ୍ ଶବ୍ଦଜ) ଅଳ୍ପ । ଯଥା—

ଇଷି ସେ କଥା ସୁମରି, ଏକ୍ଷଣି ରୋମ ଟାଙ୍କୁରି । ଲ. ବ.

ଇଷିକା, }
ଇଷୀକା, }
ଇଶୀକା, } ବି. ସ୍ତ୍ରୀ. (ଇଷ୍ = ଗମନ କରିବା-ଇକନ୍, ଈକନ୍) ହସ୍ତିର ଚକ୍ଷୁର ଗୋଳକ । (ଇଷିକାସ୍ତ୍ୱକ୍ଷିକୂଟକଂ—ଅମର ।) ତୂଳି ବା ଶଳାକାଭେଦ । (ଈଷିକା ତୂଳିକା ସମେ—ଅମର ।)
ଈଷିକା, }
ଈଷୀକା, }

ଇଷୁ, ବି. (ଇ = ଗମନ କରିବା-ଉ) ଶର, ବାଣ; ପାଞ୍ଚ ସଂଖ୍ୟାର ଚିହ୍ନ ।

ଇଷୁଧି, ବି. (ଇଷୁ = ବାଣ-ଧା-ଇ) ବାଣାଧାର, ତୂଣ ବା ତୂଣୀର ।

ଇଷ୍ଟ, ବିଂ. (ଇଷ୍-ତ) ବାଞ୍ଛିତ, ଅଭିଳଷିତ; ପ୍ରିୟ; ପ୍ରଶଂସିତ; ପ୍ରାର୍ଥିତ; ଅଭିପ୍ରେତ । କ୍ରି. ବିଂ. ଯଥେପ୍ସିତ (କାମଂ ପ୍ରକାମଂ ପର୍ଯ୍ୟାପ୍ତଂ ନିକାମେଷ୍ଟଂ ଯଥେପ୍ସିତଂ—ଅମର ।) ବି. (ଯଜ୍ = ପୂଜା କରିବା-ତ, ଯ = ଇ) ଯଜ୍ଞାଦି କର୍ମ । (ତ୍ରିଷ୍ୱଥ କ୍ରତୁକର୍ମେଷ୍ଟଂ—ଅମର ।)

ଇଷ୍ଟକ, } ବ. (ଇଷ୍-ତକ) ଦଗ୍ଧ ମୃତ୍ଖଣ୍ଡ,
ଇଷ୍ଟକା, } ଇଟା ।

ଇଷ୍ଟକାପଥ, ବ. (ଇଷ୍ଟକା-ପଥ) ଇଷ୍ଟକନିର୍ମିତ ମାର୍ଗ, ପକ୍କା ରାସ୍ତା । ( ଇଷ୍ଟ-କାପଥ ) ଉଶୀର, ବେଣା ।

ଇଷ୍ଟଗନ୍ଧ, ବଂ. (ଇଷ୍ଟ-ଗନ୍ଧ) ସୁଗନ୍ଧବିଶିଷ୍ଟ । ( ଇଷ୍ଟଗନ୍ଧଃ ସୁଗନ୍ଧଃ ସ୍ୟାତ୍—ଅମର ) ବ. ସୁବାସ; ବାଲୁକା ।

ଇଷ୍ଟଦେବ, } ବ. (ଇଷ୍ଟ-ଦେବ, ଦେବତା)
ଇଷ୍ଟଦେବତା, } ମନ୍ତ୍ରଦାତା ଗୁରୁ, ଗୁରୁ-ଦେବ; ନିଜର ଉପାସ୍ୟ ଦେବତା; ଗୃହର ଅଧିଷ୍ଠ ଦେବତା ।

ଇଷ୍ଟାପତ୍ତି, ବ. ସ୍ତ୍ରୀ. (ଇଷ୍ଟ-ଆପତ୍ତି = ପ୍ରାପ୍ତି) ଅଭିଳଷିତପ୍ରାପ୍ତି, ଇଷ୍ଟସିଦ୍ଧି; ଲାଭ; ଉପକାର; କାବ୍ୟର ଅଳଂକାରବିଶେଷ ।

ଇଷ୍ଟାଳାପ, ବ. (ଇଷ୍ଟ-ଆଳାପ) ସଦାଳାପ, ପରସ୍ପର ଭଦ୍ରାଳାପ ।

ଇଷ୍ଟି, ବ. ସ୍ତ୍ରୀ. (ଇଷ୍-ତି) ଇଚ୍ଛା । (ଯଜ୍=ପୂଜା କରିବା-ତି, ଯ=ଇ) ଯାଗ । (ଇଷ୍ଟି ଯାଗେ-ଚ୍ଛୟୋଃ—ଅମର ।)ଛନ୍ଦୋବିଶେଷ;ସଂଗ୍ରହ-ଶ୍ଳୋକ; ମାତ୍ରା । (ଇଷ୍ଟିର୍ମାତାଭିଳାଷେଽପି ସଂଗ୍ରହଶ୍ଳୋକଯାଗୟୋଃ—ମେଦିନୀ ।)

**ଇଷ୍ଟିକା, ବ.** ସ୍ତ୍ରୀ. (ଇଷ୍ଟି-କ-ଆ) ଯାଗାଦି କର୍ମ ।

ଇଷ୍ୱସନ, ବ. (ଇଷୁ-ଅସ୍ = ନିକ୍ଷେପ କରିବା-ଅନ-ଯାହାଦ୍ୱାରା ବାଣ ନିକ୍ଷେପ କରାଯାଏ) ଧନୁ, ଚାପ ।

ଇଷ୍ୱାସ, ବ. (ଇଷୁ-ଅସ୍ = ନିକ୍ଷେପ କରିବା-ଅ—ଯାହାଦ୍ୱାରା ବାଣ ନିକ୍ଷେପ କରାଯାଏ) ଧନୁ, ଚାପ । (ଧନୁଶ୍ଚାପୌଧନ୍ୱଶରାସନ କୋଦଣ୍ଡ କାର୍ମୁକଂ । ଇଷ୍ୱାସଃ—ଅମର ।) ବଂ. ଧନୁର୍ଦ୍ଧର; ଶରକ୍ଷେପକ ।

ଇସ୍, } ଅଂ. (ଦେଶଜ) ଆଶ୍ଚର୍ଯ୍ୟବୋଧକ;
ଇଶ୍, } ଘୃଣାସୂଚକ ।

ଇସାମାର୍ଗ, କି. ବଂ. ( ଦେଶଜ ) ଏହିପରି କ୍ରମରେ ।

ଇସି, ଅଂ. (ଦେଶଜ) ଭାବସୂଚକ । ଯଥା—
ଇସି କି ମଧୁର ନାମକୁ ଶୁଣିଲି ଭାବେ ରସବତୀ ।
ବ. ଚ. ମ.

ଇସ୍ତକ, କି. ବଂ. (ଦେଶଜ) ଅବଧି, ପର୍ଯ୍ୟନ୍ତ ।

ଇସ୍ତଫା, } ବ. (ଯାବନିକ) କର୍ମତ୍ୟାଗ ପତ୍ର;
ଇସ୍ତାଫା, } ବିଶେଷ ଖଜଣା ପଡ଼ିଥିବା ଜମି ମୋତେ ଲୋଡ଼ା ନାହିଁ ବୋଲି ରୟତ ଭୂସ୍ୱାମିଙ୍କୁ ଦେବା ସମ୍ମତିପତ୍ର, ଛାଡ଼ପତ୍ର ।

ଇସ୍ତିହାର, }
ଇସ୍ତାହାର, } ବ. (ଯାବନିକ) ବିଜ୍ଞାପନ ।

ଇସ୍ତ୍ରି, } ବ. ( ଯାବନିକ ) ଧୌତବସ୍ତ୍ରର
ଇସ୍ତ୍ରୀ, } ଚିକ୍କଣତାକାରକ ରଜକମାନଙ୍କର ଯନ୍ତ୍ରବିଶେଷ ଏବଂ ତାହାର କାର୍ଯ୍ୟ ।

ଇହ, ଅଂ. (ଇଦମ୍=ଏହା-ହ-ସପ୍ତମୀ ଅର୍ଥରେ ନିପାତନ) ଏହି ସ୍ଥାନରେ, ଏହି କାଳରେ ଇତ୍ୟାଦି । ଏହି ଜଗତରେ, ନର-ଲୋକରେ । ଯେପରି—ଇହଲୋକ ।

ଇହକାଳ, ବ. (ଇହ-କାଳ) ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟ ।

ଇହଲୋକ, ବ. (ଇହ-ଲୋକ) ଏହି ଜଗତ୍, ଭୂଲୋକ, ନରଲୋକ ।

ଇହା, ବ. (ଇ = କନ୍ଦର୍ପ-ହନ୍-କ୍ୱିପ୍) ଶିବ, ମହାଦେବ । ବଂ. କାମଧ୍ୱଂସକ । (ଇଦମ୍ ଶବ୍ଦଜ) ଏହା ।

---

# ଈ

**ଈ, ବ.** (ଇ = ଗମନ କରିବା-କ୍ୱିପ୍ ) ଚତୁର୍ଥ ସ୍ୱରବର୍ଣ୍ଣ; କନ୍ଦର୍ପ । ସ୍ତ୍ରୀ. ଲକ୍ଷ୍ମୀ । ଅଂ. କୋପ; ଦୁଃଖ ।

ଈଃ, ଅଂ. ଯନ୍ତ୍ରଣାବୋଧକ; କ୍ରୋଧାଦି-ବୋଧକ ।

ଈକାର, ବି. (ଈ-କାର) ଈ ବର୍ଣ୍ଣ ।

ଈକ୍ଷଣ, ବି. (ଈକ୍ଷ୍-ଦେଖିବା-ଅନ) ଦୃଷ୍ଟି, ଦର୍ଶନ । (ଦର୍ଶନାଲୋକନେକ୍ଷଣଂ—ଅମର ।) ଚକ୍ଷୁ, ନୟନ । (ଈକ୍ଷଣଂ ଚକ୍ଷୁରକ୍ଷିଣୀ—ଅମର ।)

ଈକ୍ଷଣିକ, ବି. (ଈକ୍ଷଣ-ଇକ) ଦୈବଜ୍ଞ, ଶୁଭାଶୁଭଦର୍ଶୀ । (ସ୍ତ୍ରୀ-ଆ) ଦୈବଜ୍ଞା, ଶୁଭାଶୁଭବକ୍ତ୍ରୀ । (ବିପ୍ରଶ୍ନିକା ତ୍ୱୀକ୍ଷଣିକା ଦୈବଜ୍ଞା—ଅମର ।)

ଈକ୍ଷା, ବି.ସ୍ତ୍ରୀ. (ଈକ୍ଷ୍-ଅ-ଆ) ଦର୍ଶନ, ଦେଖିବା ।

ଈକ୍ଷିତ, ବିଂ. (ଈକ୍ଷ୍-ତ) ଦୃଷ୍ଟ । (ଭାବବାଚ୍ୟରେ ତ ପ୍ରତ୍ୟୟ କଲେ) ବି. ଦର୍ଶନ ।

ଈକ୍ଷିତା, ବି. (ଈକ୍ଷିତୃ=ଈକ୍ଷ୍-ତୃ) ଦ୍ରଷ୍ଟା, ଦର୍ଶକ । (ଈକ୍ଷ-ତ-ସ୍ତ୍ରୀ-ଆ) ବି. ଦୃଷ୍ଟା ।

ଈଡ଼ା, ଈଳା, ବି. ସ୍ତ୍ରୀ. (ଈଡ଼୍=ସ୍ତୁତି କରିବା-ଅ—ଆ, ଡ଼=ଳ) ସ୍ତୁତି; ସ୍ତବ, ପ୍ରଶଂସା ।

ଈଡ଼ିତ, ଈଳିତ, } ବିଂ. (ଈଡ଼୍=ସ୍ତୁତି କରିବା-ତ, ଡ=ଳ) ସ୍ତୁତ, ପ୍ରଶଂସିତ । (ଭାବ-ବାଚ୍ୟରେ ତ ପ୍ରତ୍ୟୟ କଲେ) ବି. ସ୍ତବ ।

ଈଡ଼୍ୟ, ବିଂ. (ଈଡ଼୍-ଯ) ସ୍ତୁତ୍ୟ, ସ୍ତବର ଯୋଗ୍ୟ, ସ୍ତବନୀୟ ।

ଈତି, ବି. ସ୍ତ୍ରୀ. (ଇ=ଗମନ କରିବା-ତି) ଅତିବୃଷ୍ଟି, ଅନାବୃଷ୍ଟି, ମୂଷିକ, ପତଙ୍ଗ, ପକ୍ଷୀ ଏବଂ ନିକଟସ୍ଥ ଶତ୍ରୁରାଜା, ଶସ୍ୟର ଏହି ଷଡ଼୍‌ବିଧ ବିଘ୍ନ । (ଅତିବୃଷ୍ଟିରନାବୃଷ୍ଟିଃ ମୂଷିକାଃ ଶଲଭାଃ ଖଗାଃ, ପ୍ରତ୍ୟାସନ୍ନାଶ୍ଚ ରାଜାନଃ ଷଡ଼େତେ ଈତୟଃ ସ୍ମୃତାଃ ।) ଗତି; ପ୍ରବାସ । (ଈତିର୍ଡିମ୍ବପ୍ରବାସୟୋଃ—ଅମର ।) ପୂର୍ବରେ ଉକ୍ତ ଷଡ଼୍‌ବିଧ ଈତିକୁ କେହି କେହି ସପ୍ତବିଧ କହନ୍ତି । (ଅତି-ବୃଷ୍ଟିରନାବୃଷ୍ଟିଃ ଶଲଭାଃ ମୂଷିକାଃ ଶୁକାଃ । ସ୍ୱଚକ୍ରଂ ପରଚକ୍ରଂ ଚ ସପ୍ତୈତା ଈତୟଃ ସ୍ମୃତାଃ ।)

ଈଦୃକ୍, ଈଦୃକ୍ଷ, ଈଦୃଶ, } ବିଂ. [ଇଦମ୍ ଦୃଶ୍-କ୍ୱିପ୍, ଅ—ଅନ୍ୟପକ୍ଷେ ସ (ସକ୍)-ଅ] ଏହିରୂପ, ଏତାଦୃଶ, ଏହିପ୍ରକାର, ଏବଂଭୂତ ।

ଈପ୍‌ସା, ବି.ସ୍ତ୍ରୀ. (ଆପ୍=ପାଇବା-ସ-ଇଚ୍ଛାର୍ଥରେ-ଆ-ଭାବେ, ସନନ୍ତରେ ଆକାର ଈକାର ହେଲା) ପାଇବାର ଇଚ୍ଛା, ପ୍ରାପ୍ତୀଚ୍ଛା; ବାଞ୍ଛା ।

ଈପ୍‌ସିତ, ବିଂ. (ଆପ୍=ପାଇବା-ସ-ଇଚ୍ଛାର୍ଥରେ-ତ) ବାଞ୍ଛିତ, ଅଭିଳଷଣୀୟ, ଯାହା ପାଇବାକୁ ଇଚ୍ଛା ହୁଏ । (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) ଇଚ୍ଛା, ମନୋରଥ ।

ଈପ୍‌ସୁ, ବିଂ. (ଆପ୍-ସ-ଉ-ଆ=ଈ) ପ୍ରାପ୍ତୀଚ୍ଛୁ, ପାଇବାକୁ ଇଚ୍ଛୁକ, ଯେ ପାଇବା ଇଚ୍ଛା କରେ ।

ଈରଣ, ଈରିଣ, } ବି. (ଋ=ଗମନ କରିବା-ଅନ, ଇନନ୍—ସଂଜ୍ଞାର୍ଥେ) ଊଷରଭୂମି, କ୍ଷାରଭୂମି, ଜଳବୃକ୍ଷାଦିଶୂନ୍ୟ ଭୂଭାଗ । ବିଂ. ଶୂନ୍ୟ ।

ଈରାଣ, ବି. (ଈରଣ ଦେଖ) ଦେଶବିଶେଷ, ଅନେକେ କହନ୍ତି କି ଏହାର ନାମାନ୍ତର ଉତ୍ତର କୁରୁ ।

ଈରିତ, ବିଂ. (ଈର୍=ବ୍ୟାପିବା, ପ୍ରେରଣ କରିବା, ବୋଲିବା-ତ) ପ୍ରେରିତ; କ୍ଷିପ୍ତ; ବିସର୍ଜିତ, ବିସୃଷ୍ଟ; କଥିତ; ଗୃଳିତ; କମ୍ପିତ । (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) କଥନ ।

ଈର୍ମ, ବି. (ଈର୍=ପ୍ରେରଣ କରିବା-ମ—ଯେ ସ୍ୱାସ୍ଥ୍ୟ କ୍ଷେପଣ କରେ) ବ୍ରଣ, କ୍ଷତ, ଘା । (ବ୍ରଣୋଽସ୍ତ୍ରିୟାମୀର୍ମମରୁଃ କ୍ଲୀବେ—ଅମର ।)

ଈର୍ଷା, ଈର୍ଷ୍ୟା, } ବି. ସ୍ତ୍ରୀ. (ଈର୍ଷ୍ୟ=ଦ୍ୱେଷ କରିବା-ଅ-ଆ) ପରଶ୍ରୀକାତରତା, ଅକ୍ଷମା, ହିଂସା । (ଅକ୍ଷାନ୍ତିରୀର୍ଷ୍ୟା—ଅମର ।) ଦ୍ୱେଷ; ଅନ୍ୟର ସୌଭାଗ୍ୟ ଓ ସୁଖସମୃଦ୍ଧିରେ ଅସୂୟାଭାବ; ସ୍ତ୍ରୀ ଓ ପୁରୁଷର ପରସ୍ପର ବ୍ୟଭିଚାର ଶଙ୍କା ।

ଈଳା, ବି. ସ୍ତ୍ରୀ. (ଈଡ଼୍=ସ୍ତବ କରିବା-ଅ-ଆ) ପୃଥିବୀ; ବାଣୀ, ସରସ୍ୱତୀ; ଧେନୁ ।

ଈଳିତ, ବିଂ. (ଈଡ଼୍=ସ୍ତୁତି କରିବା-ତ, ଡ=ଳ) ସ୍ତୁତ, ପ୍ରଶଂସିତ ।

ଈଶ୍, } ବି. (ଈଶ୍ = ଆଧିପତ୍ୟକରିବା-କ୍ୱିପ୍, ଅ)
ଈଶ, } ପ୍ରଭୁ, ଈଶ୍ୱର; ଶିବ । (ପ୍ରଭୁ-
ଶଙ୍କରଯୋରୀଶଃ ।) ବିଂ. ସ୍ୱାମୀ; ନିୟନ୍ତା;
ଶ୍ରେଷ୍ଠ ବା ପ୍ରଧାନ; ସମର୍ଥ । (ସ୍ତ୍ରୀ-ଆ)
ଲାଙ୍ଗଳ ଦଣ୍ଡ । (ଈଶା ଲାଙ୍ଗଳଦଣ୍ଡଃ ସ୍ୟାତ୍
—ଅମର) ଲାଙ୍ଗଳଖନିତ ଲମ୍ବାକୃତି ଭୂଭାଗ,
ଲାଙ୍ଗଳଶିଆର; ଦୁର୍ଗା, ଈଶ୍ୱରୀ ।

ଈଶ, } ବି. (ଈଶା ବା ଈଷା ଶବ୍ଦର ଅପଭ୍ରଂଶ)
ଈଷ, } ଲାଙ୍ଗଳର ଦଣ୍ଡ । ଯଥା—

ବୋଇଲା ମୋ ଦାଣ୍ଡ ଲାଙ୍ଗଳର ଈଶ,
ବପ୍ର ତୁମ୍ଭେ ହେବ କରିବ କୃଷି । ବୈ. ବି.

ଈଶାନ, ବି. (ଈଶ୍-ଆନ = ଶାନ) ମହେଶ୍ୱର;
ଏକାଦଶ ରୁଦ୍ରରୁ ଅଷ୍ଟମ ରୁଦ୍ର; ଶିବଙ୍କ
ଅଷ୍ଟମୂର୍ତ୍ତିଅନ୍ତର୍ଗତ ସୂର୍ଯ୍ୟମୂର୍ତ୍ତି । ବିଂ. ପ୍ରଭୁ,
ସ୍ୱାମୀ । (ସ୍ତ୍ରୀ-ନୀ) ମହେଶ୍ୱରୀ, ଦୁର୍ଗା ।

ଈଶିତା, ବି. (ଈଶିତୃ-ଈଶ୍-ତୃ) ଈଶ୍ୱର । ବିଂ.
ପ୍ରଭୁ, ଅଧିପତି । (ଈଶ୍ୱରଃପତିରୀଶିତା—
ଅମର ।) ସମର୍ଥ; ପ୍ରଧାନ ।

ଈଶିତା, } ବି. (ଈଶି = ଈଶ୍-ଇ = ଈଶ୍ୱର-ତା,
ଈଶିତ୍ୱ, } ତ୍ୱ-ଭାବେ) ଈଶ୍ୱରତ୍ୱ, ସର୍ବ-
ପ୍ରାଧାନ୍ୟ, ପ୍ରଭୁତ୍ୱ, ଆଧିପତ୍ୟ; ସାମର୍ଥ୍ୟ;
ଅଣିମାଦି ଅଷ୍ଟ ଐଶ୍ୱର୍ଯ୍ୟ ମଧ୍ୟରେ ସ୍ୱାମିତ୍ୱ-
ରୂପ୍ୟ ଐଶ୍ୱର୍ଯ୍ୟ ଥିବାରୁ ସ୍ଥାବରାଦି ସର୍ବଭୂତ
ଈଶ୍ୱରଙ୍କ ଆଜ୍ଞାକାରୀ ହୁଅନ୍ତି ।

ଈଶ୍ୱର, ବି. (ଈଶ୍-ବର) ବ୍ରହ୍ମ; ପରମେଶ୍ୱର;
ଶିବ; କନ୍ଦର୍ପ; ପ୍ରଭବାଦି ମଧ୍ୟରେ ଏକାଦଶ
ବତ୍ସର । ବିଂ. ଶ୍ରେଷ୍ଠ; ଅଧିପତି; ସମର୍ଥ ।
(ସ୍ତ୍ରୀ-ଈ) ଲକ୍ଷ୍ମୀ; ସରସ୍ୱତୀ; ଦୁର୍ଗା ।

ଈଷତ୍, ଅଂ. (ଈଷ୍ = ଗମନ କରିବା, ପାଇବା-
ଅତ୍—ଯେ ନ୍ୟୂନତାକୁ ପାଏ) ଅଳ୍ପ,
କିଞ୍ଚିତ୍, କିଛି ।

ଈଷା, ବି. ସ୍ତ୍ରୀ. (ଈଷ୍ = ଗମନ କରିବା-ଅ-ଆ)
ଲାଙ୍ଗଳଦଣ୍ଡ; ଲାଙ୍ଗଳଶିଆର; ଶକଟର
ପାର୍ଶ୍ୱକାଷ୍ଠ; ରଥାବୟବବିଶେଷ ।

ଈଷିକା, } ବି. ସ୍ତ୍ରୀ. (ଈଷ୍ = ଆଘାତ କରିବା,
ଈଷୀକା, } ଗମନ କରିବା-ଇକନ୍, ଈକନ୍-
ସ୍ତ୍ରୀ-ଆ) ହସ୍ତିର ନେତ୍ରଗୋଳକ; ତୂଳିକା,
ତୂଳି; କାଶତୃଣ; ଅସ୍ତ୍ରବିଶେଷ ।

ଈଷିତ, } ଅଂ. (ଈଷତ୍ ଶବ୍ଦଜ) ଅଳ୍ପ ।
ଇଷିତ, }

ଈସ, } ଅଂ. (ଦେଶଜ) ପୂର୍ବସୁଖସ୍ମରଣ
ଈଷ, } ସୂଚକାର୍ଥ । ଯଥା—

କାମବାଣେ ଈଶଈଶ ପ୍ରେମବଶେ ଈଷଈଷ,
ଗିରେ ଥିବ ଯେ ଆଶ୍ଳେଷ ଶ୍ଳେଷ ହେ । ପ୍ରେ.ସୁ.ନି.

ଈସ୍ପାତ, } ବି. (ପୋର୍ତ୍ତୁଗୀଜ ଶବ୍ଦ) ଟାଣ
ଇସ୍ପାତ, } ଲୁହା ଅର୍ଥାତ୍ କାନ୍ତ ଲୁହା ।

ଈହମାନ, ବିଂ. (ଈହ୍ = ଚେଷ୍ଟା କରିବା-ମାନ =
ଶାନ) ଯେ ଚେଷ୍ଟା କରୁଅଛି, ଚେଷ୍ଟାମାନ ।

ଈହା, ବି. ସ୍ତ୍ରୀ. (ଈହ୍ = ଚେଷ୍ଟା କରିବା,
ଇଚ୍ଛା କରିବା-ଅ-ଆ) ଚେଷ୍ଟା, ଯତ୍ନ,
ଉଦ୍ୟମ; ଇଚ୍ଛା, ଅଭିଳାଷ । (ଇଚ୍ଛାକାଙ୍କ୍ଷା
ସ୍ପୃହେହାତୃଟ୍ ବାଞ୍ଛା ଲିପ୍ସା ମନୋରଥଃ ।)

ଈହାମୃଗ, } ବି. (ଈହା = ଚେଷ୍ଟା—ମୃଗ—
ଈହାବୃକ, } ଯାହାର ମୃଗବଧ କରିବାର
ଚେଷ୍ଟା, ଈହା-ବୃକ—ମୃଗଚେଷ୍ଟାରେ
ସ୍ଥିତ ବୃକ) ହେଟାବାଘ, କୁକୁରାକୃତି ଗୋଟ
ବାଘ । ଦୃଶ୍ୟକାବ୍ୟାନ୍ତର୍ଗତ ଏକପ୍ରକାର
ରୂପକ, ଏହା ଚାରି ଅଙ୍କରେ ନିବଦ୍ଧ ।

ଈହିତ, ବିଂ. (ଈହ୍ = ଚେଷ୍ଟା କରିବା-ତ)
ଯେ ବିଷୟରେ ଯତ୍ନ ବା ଚେଷ୍ଟା କରା
ଯାଇଅଛି, ଚେଷ୍ଟିତ; ଇଷ୍ଟ; ଆକାଙ୍କ୍ଷିତ ।
(କର୍ମବାଚ୍ୟରେ 'ତ' ପ୍ରତ୍ୟୟ କଲେ)
ଉଦ୍ୟତ । (ଭାବବାଚ୍ୟରେ 'ତ' ପ୍ରତ୍ୟୟ
କଲେ) ବି. ଚେଷ୍ଟା; ଇଚ୍ଛା; ଉଦ୍ୟୋଗ,
ଉଦ୍ୟମ ।

# ଉ

**ଉ,** ପଞ୍ଚମ ସ୍ୱରବର୍ଣ୍ଣ । ବି. ଶିବ; ବ୍ରହ୍ମା । ଅଂ. ସମ୍ବୋଧନାର୍ଥ; କ୍ରୋଧାଦିସୂଚକ; ଦୟା, ନିୟୋଗ; ପାଦପୂରଣାର୍ଥ । (ଉ ସମ୍ବୋଧନ-ରୋଷୋକ୍ତ୍ୟୋରନୁକମ୍ପାନିୟୋଗୟୋଃ । ପଦପୂରଣେ ଚ ପାଦପୂରଣେଽପି ଚ ଦୃଶ୍ୟତେ—ମେଦିନୀ ।)

**ଉଁ,** ଅଂ. (ଉମ୍ ଶବ୍ଦରୁ ଜାତ) କ୍ରୋଧ । ଯଥା—ଉଁ, କାହିଁକି ଆଉ କହୁଅଛ । ପ୍ରତିଜ୍ଞା । ଯଥା—ଉଁ, କଣ କରି ପାରିବି ନାହିଁ ? ଦେଖାଯିବ ପରେ । ସ୍ୱୀକାର; ପ୍ରଶ୍ନ । (ହୁଁ ଶବ୍ଦଜାତ) ବିତର୍କ ।

**ଉଁଉଁ,** ଅଂ. (ଦେଶଜ) ଦୁଃଖସୂଚକ ।

**ଉଃ,** ଅଂ. କ୍ରୋଧସୂଚକ; ଦୁଃଖବୋଧକ ।

**ଉଆ,** ବିଂ. (ଦେଶଜ) ଅରୁଆ । ଯଥା—

ଉଆଗୁଣ୍ଡିଲ ପେଜ ଯାଉ,
ରାନ୍ଧିବା ମାନଙ୍କେ ଓହ୍ଲାଉ । ଦାଂ ର.

**ଉଆପକ୍ଷିଆ, ଉଆପଖିଆ,** } ବିଂ. (ଦେଶଜ) ଯେଉଁ ଗୁଣ୍ଡିଲ ଅଳ୍ପ ଉଷୁମ ଧାନ୍ୟକୁ ଶୁଖାଇ ପ୍ରସ୍ତୁତ କରାଯାଏ, ଉଆଗୁଣ୍ଡିଲ ସଦୃଶ ।

**ଉଆଁସ, ଉଆଁଶ,** } ବି. (ଅମାବାସ୍ୟା ଶବ୍ଦଜ) ଚନ୍ଦ୍ରହୀନ ତିଥି । ଯଥା—

ଉଆଁସ ଅନ୍ଧାର ଅଜ୍ଞାନକୁ ଏ ଚନ୍ଦ୍ରମା । ବି. ଚି. ମ.

**ଉଆଁସୀ, ଉଆଁଶୀ,** } ବିଂ. ସ୍ତ୍ରୀ. (ଦେଶଜ) ଉଆଁସରେ ଜାତ । ଯଥା—

ଉଆଁସୀ କନ୍ୟାକୁ ବିଭା ହୁଏ ଯେ ପୁରୁଷ,
ତାହାର ଦେହ ଲାଗନ୍ତେ ତୁଟଇ ଆୟୁଷ । ସା. ଭା. ଆ.

**ଉଆଜ,** ବି. ବିଂ. (ଦେଶଜ) ପ୍ରଖ୍ୟାତ; ପ୍ରକଟ । ଯଥା—

ଦେଶଯାକ ଉଆଜ, ନ କର ଲୋ ଲାଜକ ।

**ଉଆପସ,** ବି. (ହିନ୍ଦି) ପ୍ରତ୍ୟର୍ପଣ ।

**ଉଆରସ,** ବି. (ଯାବନିକ) ଜ୍ଞାତି, ଉତ୍ତରାଧିକାରୀ ।

**ଉଆଳି,** ବି. (ଦେଶଜ) ଅସକରା । (ଝାଟପାଠ ଶବ୍ଦ ଦେଖ ।)

**ଉଆରଣ୍ଟ,** ବି. ଅପରାଧୀ ବ୍ୟକ୍ତିଙ୍କୁ ଧରିବା ନିମନ୍ତେ ଆଦେଶପତ୍ର ।

**ଉଆରଜା,** ବି. (ଯାବନିକ) ଯେଉଁ ଖାତାରେ ବ୍ୟାବହାରିକ ବିଷୟ ସବୁ ଠିକଣା କରି ଶ୍ରେଣୀବଦ୍ଧରୂପେ ଲେଖାଯାଏ ।

**ଉଆସ,** ବି. (ଆବାସ ଶବ୍ଦଜ) ନଅର, ରାଜଗୃହ । ଯଥା—

ତରୁ ଯେନ ରାଜା ମିଳିଲେକ ଉଆସରେ,
ସ୍ନାନ କରି ଯାଇ ରାଣୀ ଅଇଲେ ଉଚ୍ଚୁରେ । ସା. ଭା. ଆ.

ସର୍ବସାମାନ୍ୟ ଗୃହ । ଯଥା—

ଦଇବ ବିଡମ୍ବଣେ ମୋ ଘରେ ନାହିଁ କିଛି,
ଉଆସ ଅଧିକ ତେଣୁ ତୁଚ୍ଛ ହୋଇଅଛି । ସା. ଭା. ଆ.

**ଉଇଁବା,** କ୍ରି. (ଦେଶଜ) ଉଦୟ ହେବା । ଯଥା—

ମୋତିଜାଲି ଝଲେ ସୁଧା ସିଞ୍ଚୁଛି କି
ବିଚିତ୍ର ବିଜୁଳି ଉଇଁ । କୋ. ବ୍ର. ସୁ.

**ଉଇଁଲା, ଉଇଁବା,** } ବିଂ. (ଦେଶଜ) ଉଦୟ ହୋଇ-ଥିବା, ଉଦିତ । ଯଥା—

ଉଇଁଲା ରବି ଏ ଧୀରଚନ୍ଦ୍ର ସୁଖସୀମା । ବି. ଚି. ମ.

**ଉଇ,** ବି. (ଦେଶଜ) ପିପୀଲିକାବିଶେଷ । ଯଥା—

ଗର୍ତ୍ତରେ ମୁଖ ଗଳାଇ ସୁଖ ପାଇଣ କେହୁ,
ବଲ୍ମୀକରକ୍ଷ ମୃତ୍ତିକା ଖୋଳି କରନ୍ତି ଭକ୍ଷ ତୁଷିତ ହୋଇ ।
ସୁ. ପ.

**ଉଇଠାଙ୍କୁ,** ବି. (ଦେଶଜ) ହୁଙ୍କା ମଧ୍ୟରେ ଥିବା ଉଇବସା ।

**ଉଇଠିକରା,** ବି. (ଦେଶଜ—ବିଶେଷତଃ ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ) ଉଇହୁଙ୍କା ।

**ଉଇପୀଢ଼,** ବି. (ଦେଶଜ) ବିଲା । ଯଥା—

ଉଇପୀଢ଼ ପରି ତ ଗୋବର୍ଦ୍ଧନ ଗିରି,
ତା ଧରିବାର ନିଜ ଚମତ୍କାର କରି । କୃ. ସିଂ. ଭା. ସ.

**ଉଇଲ,** ବି. (ଇଂରାଜୀ ଶବ୍ଦ) ଚରମପତ୍ର ଅର୍ଥାତ୍ ମରଣ ସମୟରେ ଆପଣା ସମ୍ପତ୍ତିର ଉତ୍ତରାଧିକାର ଅନ୍ୟକୁ ଦେବାପାଇଁ ଲେଖିବା ପତ୍ର ।

ଉଁକାରିବା, } କ୍ରି. (ଓଁ କରଣ ଶବ୍ଦଜ)
ଉକାରିବା, } ଉଚ୍ଚାରଣ କରିବାକୁ ଆରମ୍ଭ କରିବାର । ଯଥା—

ଉଁକାରଣ ଡକାର ରତ୍ନବୀଜ,
ନ୍ୟାସି କାମଗାୟତ୍ରୀ ବୀଜ ସହିତ । ବ. ଚ. ମ.

ଉକ, ବି. (ଦେଶଜ କିମ୍ବା ଉଲ୍‌କା ଶବ୍ଦଜ) ଉଲ୍‌କା, ଉଡ୍‌ଡୀୟମାନ ଅଗ୍ନିକଣା ।

ଉକଟେଇବା, } କ୍ରି. (ଦେଶଜ) ଲଟକାଇବା ।
ଉକୁଟେଇବା, }

ଉକଟ, ବି. (ଦେଶଜ) ସ୍ୱରବିଶେଷ । ଯଥା—

ମାଦଳଟାଏ କଟିଦେଶରେ ବାନ୍ଧି କରି,
ବଜାଇ ନାଚୁଛନ୍ତି ହୁକଟ ଉଚ୍ଚାରି । କୃ. ଖ. ବି.

ଉକଡ଼ୀ, ବି. ସ୍ତ୍ରୀ. (ଦେଶଜ) ଏକପ୍ରକାର ମଞ୍ଚ; ଗଛବିଶେଷ ।

ଉକର, ବି. (ଦେଶଜ) ଦୋଷ ଦେଖାଇ ଗାଳିଦେବା, ବଂଶମର୍ଯ୍ୟାଦାରେ ଦୋଷ ଉଲ୍ଲେଖପୂର୍ବକ ଗାଳି ।

ଉକା, ବି. (ଦେଶଜ) ବାନ୍ତି, ବମନ । (ଉଲ୍‌କା ଶବ୍ଦଜ) ଅଗ୍ନିଶିଖା; ଜ୍ୱଳନ୍ତ ତୃଣ ।

ଉକାର, ବି. (ଉ-କାର—ସ୍ୱାର୍ଥେ) ଉ ବର୍ଣ୍ଣ । (ଉ-କାର—ସ୍ୱରୂପାର୍ଥେ) ଶିବ । (ଅକାରୋ ବିଷ୍ଣୁରୁଦ୍ଦିଷ୍ଟ ଉକାରସ୍ତୁ ମହେଶ୍ୱରଃ ।)

ଉକାଳ, ବି. (ଉଦ୍‌ଗାର ଶବ୍ଦଜ) ବାନ୍ତି ।

ଉକାଳିବା, କ୍ରି. ବାନ୍ତି କରିବା ।

ଉଙ୍କି, } ବି. (ଦେଶଜ) ଗୁପ୍ତଦୃଷ୍ଟି, ଗୋପ-
ଉଁକି, } ନରେ ରହି ଦେଖିବା । (ହିକା ଶବ୍ଦଜ) ଉଦ୍‌ଗାର ।

ଉକିଲ, ବି. (ଯାବନିକ) ବିଚାରାଳୟରେ କ୍ଷମତା ପାଇଥିବା ବାଦୀ ପ୍ରତିବାଦୀର ପ୍ରତିନିଧି । ଯଥା—

ଖାଇଲେଣି ଟଙ୍କା ସବୁ ଉକିଲ ମୁକ୍ତାର,
ବାଲୁଆ ଶାଗୁଣା ଯେହ୍ନେ ଖାଆନ୍ତି ମୁର୍ଦାର । ଉ. ଭୃ.

ଉକୁ, ବି. (ଦେଶଜ) ଆରମ୍ଭ, ଘଟନା । ଯେପରି ମକଦମାର ଉକୁ ସ୍ଥଳ ।

ଉକୁଚ, ବି. (ଦେଶଜ) ବାନ୍ଧି ଲମ୍ବାଇବା । ବିଂ. ବନ୍ଧନରେ ଲମ୍ବମାନ ।

ଉକୁଚିବା, କ୍ରି. (ଦେଶଜ) ବାନ୍ଧି ଲମ୍ବାଇବା । ଯଥା—

ତୈଳକାରସୁତ ଗଲେ ବଳେ ଦେଇ ଫାଶ,
ଶିଂଶପା ବୃକ୍ଷେ ଉକୁଚ କଲା ପ୍ରାଣ ନାଶ । ବେ. ପ.

ଜଳାଦିରେ ଭାସିବା । ଯଥା—

ରୁଧିର ନଦୀ ବହିଲ ବନସ୍ତ ଭିତରେ,
କଦଳୀ ଭେଳା ପରାୟେ ଉକୁଚନ୍ତି ବାରେ । ସା. ଖ୍ର. ଆ.

ଉପରକୁ ଉଠିବା ।

ଉକୁଟିବା, } କ୍ରି. (ଦେଶଜ) ପିତଳ ପ୍ରଭୃତି
ଉକ୍କୁଟିବା, } ଧାତୁନିର୍ମିତ ପାତ୍ରରେ ଅମ୍ଳ ଦ୍ରବ୍ୟ ବିକୃତ ରସ ହେବା । ଯଥା – ଏ ଦହିତକ ଏଥିରେ ଉକୁଟି ଗଲାଣି । ଜାତ ହେବା କିମ୍ବା ପ୍ରକାଶ ପାଇବା । ଯଥା—

ଉକୁଟନ୍ତେ ତାଳ ସୁସଙ୍ଗୀତ ଗୀତ,
ଉତ୍ସବକୁ ନ ମଣେ ରୁଚି ତ ଚିତ୍ତ । ବ. ଚ. ମ.
ତହୁଁ ସ୍ଥଳକମଳ ଉକ୍କୁଟିଲେ,
ତୃମ୍ବି ଦେବାକୁ ଗ୍ରୀଳମ୍ବ ଘୋଟିଲେ । କୋ. ବ୍ର. ସୁ.

ଖୋଦିତ କରି ଲେଖିବା । ଯଥା—

ରଜତ ପଦେ କି ଉକୁଟିଛି ହେମବଲ୍ଲୀ । ଲା. ବ.

ଉକୁଟାଇବା, } କ୍ରି. (ଦେଶଜ) ବୋଲ
ଉକ୍କୁଟାଇବା, } ହେବା । ଯଥା—

କୁଙ୍କୁମ ଉକୁଟାଇ ହୁଅନ୍ତି ନାରୀ ଯହିଁ,
ହରିଦ୍ରାରେ ଆଦର କରିବେ କାହିଁପାଇଁ । ଲା. ବ.

ଚର୍ଚ୍ଚିତ କରାଇବା । ଯଥା—

ହରିତାଳୀ କାଳୀ ଚିତା, ଉକୁଟାଇଛି ବନିତା । ଲା. ବ.

ଖୋଦିତ କରି ଲେଖାଇବା; ପୋଛି ଛଡ଼ାଇବା । ଯଥା—

ବିଶ୍ୱ ଚତୁରୀ ଉକୁଟାଇ କସ୍ତୁରୀ,
ଯେନେ କୁଙ୍କୁମ ଗୃହୁଛୀ ବଶେ । ବୈ. ବ.
ଦିବ୍ୟ ପୀଠ ତୁଳ ପାଦେ ବସାଇ,
ହରିଦ୍ରା ଲେପ ଦେଇ ଉକ୍କୁଟାଇ । କୋ. ବ୍ର. ସୁ.

ଉକୁଟାଣି, ବି. (ଦେଶଜ) ନ ଥିବା କଥାକୁ ଜାତ କରି ହାସ୍ୟ କରିବା ।

ଉକୁଣି, ଉକୁଣୀ, ଉକଣି, } ବି. ସ୍ତ୍ରୀ. (ଉତ୍କୁଣ ଶବ୍ଦଜ) ମସ୍ତକସ୍ଥ କୀଟବିଶେଷ । ଯଥା—

**ପଛେ ବସି ଆନ କେହୁ ମାରଇ ଉକୁଣୀ । ମ. ଯା.**

ଉକ୍‌କଣ୍ଠ, ବି. (ଉତ୍କଣ୍ଠ ଶବ୍ଦଜ-ପ୍ରାକୃତ) ଉତ୍ସୁକତା ।

ଉକ୍ତ, ବିଂ. (ବଚ୍=କହିବା-ତ,ବ=ଉ) କଥିତ, ଭାଷିତ; ନିର୍ଦ୍ଦିଷ୍ଟ; ଉଲ୍ଲିଖିତ । (ଭାବ-ବାଚ୍ୟରେ 'ତ' ପ୍ରତ୍ୟୟ କଲେ) ବି. କଥନ ।

ଉକ୍ତି, ବି. ସ୍ତ୍ରୀ. (ବଚ୍-ତି, ବ=ଉ) ବଚନ, କଥନ, ବାକ୍ୟ ।

ଉକ୍‌ଥ, ବି. (ବଚ୍-ଥ) ସାମବେଦ, ଦ୍ୱିତୀୟ ବେଦ; ସାମବେଦର ଅଂଶବିଶେଷ; ଯଜ୍ଞବିଶେଷ ।

ଉକ୍ଷ, ବିଂ. (ଉକ୍ଷ୍=ଆର୍ଦ୍ର କରିବା-ଅ) ସିକ୍ତ, ଧୌତ ।

ଉକ୍ଷଣ, ବି. (ଉକ୍ଷ୍-ଅନ) ସେଚନ, ପ୍ରୋକ୍ଷଣ ।

ଉକ୍ଷତର, ବି. (ଉକ୍ଷନ୍=ବୃଷ-ତ-ଅଳ୍ପାର୍ଥେ) ବଡ଼ ବୃଷଭ, ବଡ଼ ଷଣ୍ଢ, ପ୍ରୌଢ଼ ବୃଷ । (ସ୍ତ୍ରୀ-ଈ) ଗତଯୌବନା ଗବୀ, ପ୍ରୌଢ଼ ଗାଈ ।

ଉକ୍ଷନ୍, ଉକ୍ଷା, } ବି. (ଉକ୍ଷ୍-ଅନ୍-ସଂଜ୍ଞାର୍ଥେ) ବୃଷ, ବଳଦ । (ଉକ୍ଷା ଭଦ୍ରୋ ବଲୀବର୍ଦ୍ଦଃ —ଅମର ।) ଋଷଭ ନାମକ ଔଷଧି ।

ଉକ୍ଷିତ, ବିଂ. (ଉକ୍ଷ୍-ତ) ସିକ୍ତ, ଅଭିଷିକ୍ତ; ଲିପ୍ତ ।

ଉଖା, ବି. (ଉଖ୍=ଗମନ କରିବା-ଅ-ସ୍ତ୍ରୀ-ଆ—ଯହିଁରେ ପାଚ୍ୟ ଦ୍ରବ୍ୟ ଗମନ କରେ) ପାକସ୍ଥାଳୀ, ପାକପାତ୍ର, ହାଣ୍ଡି । (ପିଠରଃ ସ୍ଥାଲ୍ୟୁଖା କୁଣ୍ଡଂ—ଅମର ।)

ଉଖାରିବା, ଉଖୁରିବା, } କ୍ରି. (ଉତ୍କାର ଶବ୍ଦଜ) ଏଣେ-ତେଣେ ଘାଣ୍ଟିବା; ଉତ୍ତେଜିତ କରିବା । ଯଥା—ନିଆଁକୁ ଟିକିଏ ଉଖାରି ଦିଅ; ତୁ ତାକୁ ଉଖାରି ଦେବାରୁ ସେ ଉଲେଇଁ ଚଳିଲା ।

ଉଖୁଡ଼ା, ବି. (ଦେଶଜ ଅଥବା ଉତ୍‌ଖଣ୍ଡ ଶବ୍ଦଜ) ଗୁଡ଼ ବା କନ୍ଦମିଶ୍ରିତ ଲିଆ । ଯଥା—

**ବାଲିଭଜା ହୋଇଥିବ ଯେ ଚୂଡ଼ା,**
**ଗୋଟି ଗୋଟି ମିଶିଥିବ ଉଖୁଡ଼ା । ହା. ତ.**

ଉଖୁଣି, ବି. (ଦେଶଜ) ଧାନ ବେଙ୍ଗଳା ପକାଇ ପାଳକୁଟା ଯହିଁରେ ଝାଡ଼ନ୍ତି, ଲମ୍ବା ବାଉଁଶର ଅଗ୍ରରେ ଏକ ବକ୍ରାକାର ଲୁହା ଲଗାଇ ଉଖୁଣି ତିଆର କରନ୍ତି । ଏହାକୁ କେହି କେହି କଣ୍ଟିବାଡ଼ି କହନ୍ତି ।

ଉଖୁରା, ବି. (ଦେଶଜ) ଅଧିକ ଡାଲି ଅଳ୍ପ ଚାଉଳ ଏକତ୍ର ଭାଜି କରିବା ଜାଉ ।

ଉଖୁରାଇବା, କ୍ରି. (ଉତ୍କାର ଶବ୍ଦଜ) ଉତ୍ତେଜିତ କରାଇବା ।

ଉଖୁରିଆ, ବି. (ଦେଶଜ) ଉଖୁରିବା ଲୋକ, ଯେ କୌଣସି ଲୋକକୁ ଯେ କୌଣସି ପ୍ରକାରେ ଯେ ଉତ୍ତେଜିତ କରେ ।

ଉଖ୍ୟ, ବିଂ. (ଉଖା-ଯ-ପାକାର୍ଥେ) ସ୍ଥାଲୀପକ୍ୱ (ମାଂସାଦି) । (ଶୂଲାକୃତଂ ଭଟିତ୍ରଂ ସ୍ୟାଚ୍ଛୂଲ୍ୟମୁଖ୍ୟଂ ତୁ ପୈଠରଂ—ଅମର ।)

ଉଗଡ଼ାଇବା, ଉଗଡ଼େଇବା, ଉଗୁଡ଼ଉଇବା, ଉବୁଡ଼ାଇବା, ଉବୁଡ଼େଇବା, } କ୍ରି. (ଦେଶଜ) ମୁହଁ ମାଡ଼ି ପକାଇବା ।

ଉଗରଣ, ବି. (ଉଦ୍‌ଗୀରଣ ଶବ୍ଦଜ) ଉଦ୍‌ଗାର, ବମନ ।

ଉଗଳା, ବି. (ଦେଶଜ) ଅଟକିବା । ବିଂ. ଅଟକ କରାଯିବା, ନିରୁଦ୍ଧ । ଯଥା—

**ଦୁର୍ବାସା ମହାଋଷି ଉଗଳା ହୋଇନ୍ତେ ଦ୍ୱାରେ,**
**ତାହା ମହାପ୍ରଭୁ ମଧ ଜାଣିଲେ ମନରେ । ନୃ. ପୁ. ଦ୍ୱି. ତ.**

ଉଗାର, ବି. (ଉଦ୍‌ଗାରର ଅପଭ୍ରଂଶ) ବାନ୍ତି, ଉଦ୍‌ଗାର ।

ଉଗାରିବା, କ୍ରି. ବାନ୍ତି କରିବା; ପ୍ରକାଶିତ କରିବା; ବହିର୍ଗତ କରିବା । ଯଥା—

**ଘର୍ଘର ଘୂରଇ ଚକ୍ର ଉଗାରି ଅନଳ । କ. ବ.**

ଉଗାଳ, ବ. (ଦେଶଜ) ଗୋପାଳମାନଙ୍କର ପ୍ରଶ୍ନୋତ୍ତରସୂଚକ ଗୀତ ।

ଉଗାଳିବା, କ୍ରି. (ଦେଶଜ) ଅଟକାଇବା । ଯଥା—

**ଅଗମ୍ୟ ବନେ ପଶିଗଲା, ସିଂହ ଦେଖିଣ ଉଗାଳିଲା ।**
ଷ. ଦ. ସ୍କ.

ଉଗୁଳିବା, } କ୍ରି. (ଉଦ୍‌ଗମନ ଶବ୍ଦଜ)
ଉଗେଇବା, } ଉପରକୁ ଉଠିବା ଅର୍ଥାତ୍ କ୍ରୋଧ ବା ଗର୍ବରେ ଡେଇଁବା । ଯଥା—

**ଯେସନେ କେ ବଜ୍ରସୂଚୀ ଆକାଶୁଁ ପଡ଼ଇ,**
**ଗଲଗାଜି ଭୀମସେନ ଉଠିଲ ଉଗେଇ ।** ସା. ଭୀ. ଆ.
**ଅମ୍ଭ ସଙ୍ଗେ କରିବେ ବୋଲିଣ ବିବାଦ,**
**ଉଗୁଳିଁ କହୁଛୁ ପୁଚ୍ଛରେ ଚଳୁଛୁ**
**ହୋଇଣ ଅତ୍ୟନ୍ତ ପ୍ରମୋଦ ।** ବି. ସ୍ୱ.

ଉଗୁଳ, ବିଂ. (ଦେଶଜ ଅଥବା ଉଦ୍‌ବର୍ତ୍ତି ଶବ୍ଦଜ) ଅଧିକ, ଉତ୍କୃଷ୍ଟ । ଯଥା—

**ରଥ ଚକ ଅଟଇ ଯେ କଣୟ ପିତୁଳ,**
**ଚଳବାର ବେଗ ତାର ପବନୁ ଉଗୁଳ ।** ସା. ଭୀ. ବ.

ଉଗୁଳିବା, କ୍ରି. (ଉଦ୍‌ବର୍ତ୍ତି ଶବ୍ଦଜ) ଉପର ଅଧିକ ଥିବା । ଯଥା—

**ଶତେକ ବରଷରୁ ଖଣ୍ଡ ବରଷ ତୁଟେ,**
**ଆବରହିଁ ଉଗୁଳିଣ ତିନ ମାସ ଅଟେ ।** ନୃ. ପୁ. ପ୍ର. ଚ.

ଉଗ୍ର, ବିଂ. (ଉତ୍ = ସମବେତ ବା ମିଳିତ କରିବା-ର = ରକ୍—ସଂଜ୍ଞାର୍ଥେ) କ୍ରୁଦ୍ଧ, କୋପନ; ପ୍ରଖର, କଟୁ; ଉତ୍କଟ; ପ୍ରଚଣ୍ଡ; ଭୟାନକ; କ୍ରୂର, ନିଷ୍ଠୁର; କର୍କଶ । ବ. ଶିବ; ଶିବଙ୍କର ବାୟୁମୂର୍ତ୍ତି; ଶୂଦ୍ରାର ଗର୍ଭରେ କ୍ଷତ୍ରିୟ ଔରସଜାତ ଜାତିବିଶେଷ, ଆଗୁରି ଜାତି । (ଶୂଦ୍ରାକ୍ଷତ୍ରିୟୟୋରୁଗ୍ରଃ—ଅମର ।) ନକ୍ଷତ୍ରଗଣବିଶେଷ; ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ; କେରଳଦେଶ; ରକ୍ତସଜନାଗଛ; କ୍ରୋଧ ।

ଉଗ୍ରଗନ୍ଧା, ବ. ସ୍ତ୍ରୀ. (ଉଗ୍ର-ଗନ୍ଧ) ବଚ; ଯମାନୀ, ଜୁଆଣି, ଅଜମୋଦା । (ପୁଂଲିଙ୍ଗ ହେଲେ) ହେଙ୍ଗୁ; ରସୁଣ; ଚମ୍ପକପୁଷ୍ପ । ବିଂ. ଉତ୍କଟଗନ୍ଧବିଶିଷ୍ଟ ।

ଉଗ୍ରଚଣ୍ଡା, } ବ. ସ୍ତ୍ରୀ. (ଉଗ୍ର-ଚଣ୍ଡା, ତାରା)
ଉଗ୍ରତାରା, } ଭଗବତୀଙ୍କ ମୂର୍ତ୍ତିଭେଦ ।

ଉଗ୍ରଶ୍ରବା, ବ. (ଉଗ୍ର-ଶ୍ରବସ୍ = ଉତ୍କୃଷ୍ଟ ଶ୍ରୁତିଧର) ରୋମହର୍ଷଣପୁତ୍ର ସୂତ; ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ । ବିଂ. ତୀକ୍ଷ୍ଣ ଶ୍ରୁତିବିଶିଷ୍ଟ, ପ୍ରଧାନ ଶ୍ରୁତିଶକ୍ତିବିଶିଷ୍ଟ ।

ଉଗ୍ରା, ବ. ସ୍ତ୍ରୀ. (ଉଗ୍ର-ଆ) ଜୁଆଣି; ବଚ; ଧଣିଆ; ଦୁଷ୍ଟା ସ୍ତ୍ରୀ; ଯୋଗିନୀବିଶେଷ ।

ଉଘା, } ବ. (ଦେଶଜ) ଘର୍ଷଣାର୍ଥ ଲୌହ-
ଉହା, } ଅସ୍ତ୍ରବିଶେଷ ।

ଉଘାଇବା, } କ୍ରି. (ଉଦ୍‌ଘୋଷ ଶବ୍ଦଜ)
ଉଘେଇବା, } ଅନ୍ୟର ଦୋଷ ଦେଖାଇ କଟୁବଚନ କହିବା । ଯଥା—

**ଏଡ଼େ କଥା ଉଘାଇ ତୁ କହିଲୁଣି ଯେବେ,**
**ମହାଦେବ ପଦ ମୋର ଭାସିଗଲା ତେବେ ।**
ନୃ. ପୁ. ପ୍ର. ସା.

ଉଘାଡ଼, ବ. (ଉଦ୍‌ଘାଟ ଶବ୍ଦଜ) ମଞ୍ଚଭେଦ ।

ଉଘାଣ, } ବ. (ଉଦ୍‌ଘୋଷଣ ଶବ୍ଦଜ)
ଉଘା, } ଉଘାଇବା ଅର୍ଥାତ୍ ଅନ୍ୟର ଦୋଷ ଦେଖାଇ ଉଚ୍ଚରେ କଟୁକଥା କହିବା ।

ଉଙ୍କିବା, କ୍ରି. (ଦେଶଜ) ଲୁଚି କରି ଦେଖିବା । ଯଥା—

**ପଟଅନ୍ତରାଳେ ସର୍ବହରା କରି,**
**ଚନ୍ଦ୍ରା ଶୋକରୂପେ ଉଙ୍କ ମାରେ ପରି ।**
ଉ. ସା. ଉ. ଭା. ଅ. ସ.

ଉଚ, ବିଂ. (ଉଚ୍ଚ ଶବ୍ଦର ଅପଭ୍ରଂଶ) ଉନ୍ନତ । ବ. ଉର୍ଦ୍ଧ୍ୱଭାଗ ।

ଉଚପାଚ, } ବ. (ଉଚ୍ଚ-ବାକ୍—ଏହି ଉଭୟ
ଉଚବାଚ, } ଶବ୍ଦରୁ ଜାତ) ଅନ୍ୟୋନ୍ୟ ଉତ୍ତର ପ୍ରତ୍ୟୁତ୍ତର କରିବା । ଯଥା—

**ପୁଣେ ଯୁଧିଷ୍ଠିର ଦୁର୍ଯ୍ୟୋଧନ ପଶ୍ଚିମରେ,**
**ଲାଗିଲା ଉଚପାଚ ଯେ ହିମାଣି ଖେଳରେ ।** ସା. ଭୀ. ଆ.
**ଉରୁପଣ ଥିବ ଅପ୍ରମିତ ମିତ,**
**ଉଚବାଚ ହେବ ତ ବସ ତ ସତ ।** ବ. ଚ. ମ.

ଅନ୍ୟୋନ୍ୟ କଳହ । ଯଥା—

**ଦୁହିଙ୍କର ଉଚବାଚେ ବୃକ୍ଷ ଭସ୍ମ କଲେ,**
**ମୁହିଁ ମଧ୍ୟ ଜଳିଗଲି ସେ ବୃକ୍ଷର ତୁଳେ ।** ନୃ. ପୁ. ସ. ଚ.

ଉଚଲ, } ବି. (ଦେଶଜ) ଦସ୍ତ ଖେଳରେ
ଉଚଳ, } ରଜା ଓ ମନ୍ତ୍ରୀ ଅନ୍ୟ ଲୋକ ହାତରେ ରହି ଯିବା ସମୟରେ ଦହି ଏବଂ ଏକା ସହି ଖେଳିଲେ ଉଚଲ ।

ଉଚୁଟ, } ବି. (ଉଚ୍ଚାଟ ଓ ଉଚ୍ଚାଟନ ଶବ୍ଦର
ଉଚୁଟନ, } ଅପଭ୍ରଂଶ) ଉଚ୍ଚାଟନ । ଯଥା—

**ବିହି ରଚିମନ୍ତ ଧୂଳି ଲବଣ କପଟେ,**
**ସଖୀ ସତ୍ୟାଭିଯୋଗରେ ପକାଇ ଉଚୁଟେ । କୋ. ବ୍ର. ସୁ.**

ଉଚିତ, ବିଂ. (ବଚ୍ = କହିବା-ଇ-ତ, ଅଥବା ଉଚ୍-ତ) ନ୍ୟାଯ୍ୟ; ଯୋଗ୍ୟ; କର୍ତ୍ତବ୍ୟ; ପରିଚିତ; ଅଭ୍ୟସ୍ତ; ଉପଯୁକ୍ତ, ଯଥାର୍ଥ, ଯୁକ୍ତିସିଦ୍ଧ; ନ୍ୟସ୍ତ ।

ଉଚ୍ଚ, ବିଂ. (ଉତ୍ = ଊର୍ଦ୍ଧ୍ୱ-ଚି=ଚୟନ କରିବା-ଅ) ଉନ୍ନତ । ଯଥା—ଉଚ୍ଚ ପର୍ବତ ।

ଉଚ୍ଚଟା, ବି. (ଉତ୍-ଚଟ୍ = ବଧ କରିବା, ଭେଦ କରିବା-ଅ—ଯେ ରୋଗ ନାଶ କରେ) ଗୁଞ୍ଜା; ନାଗରମୁଥା, ରସୁଣ ।

ଉଚ୍ଚଣ୍ଡ, ବିଂ. (ଉତ୍ = ଅତିଶୟ ଚଣ୍ଡ = କ୍ରୁଦ୍ଧ ହେବା-ଅ) ପ୍ରଚଣ୍ଡ, ଭୟାନକ, ଅତି କୋପନ; ଉତ୍ତାଳ, ତୀକ୍ଷ୍ଣ । (ଉଚ୍ଚଣ୍ଡ-ମବଲମ୍ବିତ—ଅମର ।)

ଉଚ୍ଚୟ, } ବି. (ଉତ୍-ଚି-ଅ) ଚୟନ;
ଉଚ୍ଚାୟ, } ପରିଧାନ ବସ୍ତ୍ରର ଗ୍ରନ୍ଥି, ମାଳ; ରାଶି, ପୁଞ୍ଜ ।

ଉଚ୍ଚା, ବି. (ଉଚ୍ଚ ଶବ୍ଦଜ) ଉଚ୍ଚତା ।

ଉଚ୍ଚାଟ, ବି. (ଉତ୍-ଅଟ୍ = ଗମନ କରିବା-ଅ) ଚଞ୍ଚଳତା, ଉଦ୍‌ବେଗ, ଉତ୍କଣ୍ଠା । ଯଥା—

**କରୁଥିଲି କେ କୁନ୍ତଳ ମାର୍ଜ୍ଜନ,**
**କରାଇଲି ଉଚ୍ଚାଟ ତା ବର୍ଜ୍ଜନ । ର. କ.**

ଉଚ୍ଚାଟନ, ବି. (ଉତ୍-ଅଟନ, ଅଥବା—ଉତ୍ = ଉପରି-ଚଟ୍=ଭେଦ କରିବା-ଣିଚ୍-ଅନ) ଚଞ୍ଚଳକରଣ, ଉଦ୍‌ବେଗ, ଉତ୍କଣ୍ଠା, ବ୍ୟାକୁଳତା; ଉତ୍ପୀଡ଼ନ; ମନର ବ୍ୟାକୁଳତା ଜନ୍ମାଇବା ଉଦ୍ଦେଶ୍ୟରେ ତନ୍ତ୍ରଶାସ୍ତ୍ରୋକ୍ତ ଅନୁଷ୍ଠାନବିଶେଷ । ଯଥା—

**ସ୍ତମ୍ଭନ ମୋହନ ବଶ୍ୟ ଉଚ୍ଚାଟନ**
**ମୂର୍ତ୍ତିମନ୍ତ କଲ ଦଇବ । ଲ୍. ବ.**

ଉଚ୍ଚାର, ବି. (ଉତ୍-ଚର୍ = ତ୍ୟାଗ କରିବା-ଅ) ମଳ, ବିଷ୍ଠା । (ଉଚ୍ଚାରାବସ୍କରୌଶମଳଂ ଶକୃତ୍—ଅମର ।) ଉଚ୍ଚାରଣ ।

ଉଚ୍ଚାରଣ, ବି. (ଉତ୍-ଚର୍-ଅନ) କଥନ, ଶବ୍ଦ ପ୍ରୟୋଗ; କୀର୍ତ୍ତନ ।

ଉଚ୍ଚାର୍ଯ୍ୟମାଣ, ବିଂ. (ଉତ୍-ଚର୍-ମାନ, ଯ ଆଗମ) ଯାହା ଉଚ୍ଚାରଣ କରି ଯାଇଅଛି ।

ଉଚ୍ଚାବଚ, ବିଂ. (ଉଦକ୍ = ଉଦ୍‌ଗତ, ଅବାଚ୍ = ଉନ୍ନତ, ଅବନତ—ଏହି ଅର୍ଥରେ ଉଚ୍ଚାବଚ ନିପାତନ) ବିବିଧ, ନାନା ପ୍ରକାର । (ଉଚ୍ଚାବଚଂ ନୈକଭେଦଂ—ଅମର ।) ଅସମାନ, ନମ୍ରୋନ୍ନତ; ଭଲ ମନ୍ଦ ।

ଉଚ୍ଚୈଃ, ଅଂ. (ଉଚ୍ଚୈସ୍-ଉତ୍ = ଅଧିକ-ଚି = ଏକତ୍ର କରିବା-ଐସ୍) ଉଚ୍ଚ, ଉନ୍ନତ; ପ୍ରଚୁର, ଯଥେଷ୍ଟ, ଅଧିକ ।

ଉଚ୍ଚୈଃଶ୍ରବା, ବି. (ଉଚ୍ଚୈଃଶ୍ରବସ୍-ଉଚ୍ଚୈ = ଉଚ୍ଚଶ୍ରବସ୍ = କର୍ଣ୍ଣ) ଉନ୍ନତ କର୍ଣ୍ଣ; ଇନ୍ଦ୍ରଙ୍କର ଘୋଡ଼ା । ବିଂ. ବଧିର; ଉଚ୍ଚକର୍ଣ୍ଣଯୁକ୍ତ ।

ଉଚ୍ଚୈର୍ଘୁଷ୍ଟ, ବି. (ଉଚ୍ଚୈଃ-ଘୁଷ୍ = ଧ୍ୱନିକରିବା-ତ) ଘୋଷଣା । (ଉଚ୍ଚୈର୍ଘୁଷ୍ଟଂ ତୁ ଘୋଷଣା—ଅମର ।)

ଉଛ, ବି. (ଉତ୍ସ ଶବ୍ଦଜ) ପ୍ରସ୍ରବଣ, ପର୍ବତ-ଝରଣା; ପ୍ରବାହ ।

ଉଛଣା, } ବି. (ଦେଶଜ) ଘରର ଓଳି ।
ଉଛନା, }

ଉଛନ, ବି. (ଉଚ୍ଛନ୍ନ ବା ଉତ୍ସନ୍ନ ଶବ୍ଦଜ) ନାଶ, ସର୍ବନାଶ । ବିଂ. ଦୁରବସ୍ଥ ।

ଉଛବ, ବି. (ଉତ୍ସବ ଶବ୍ଦଜ) ସମାରୋହ । ଯଥା—

**ଆସନ୍ତୁ ଶେଷଦେବ ସାନ ବଧୂକୁ ଘେନି,**
**ଚନ୍ଦନଉଛବଯାତ୍ରା କରିବା ମେଦିନୀ । ନୃ. ପୁ. ଡୃ. ଡ.**

ଉଚ୍ଛୁଳିବା, } କ୍ରି. (ଦେଶଜ) ଶଯ୍ୟାଦି
ଉଚ୍ଛେଳିବା, } ବିଚ୍ଛୁଳିବାର ।

ଉଚ୍ଛୁବାର, କ୍ରି. (ଦେଶଜ) ଲୁଗାର ଚଉଡ଼ା ଫିଟାଇ ଯତ୍ନତଃ ସଜାଡ଼ିବାର । ଯଥା—

ଉଚ୍ଛୁ କୁଞ୍ଚି ଯତନେ ପିନ୍ଧାଉଥିବି ନେତ । ପ୍ରେ. ସୁ. ନି.

ଯୁକ୍ତ କରିବାର । ଯଥା—

ଉଚ୍ଛୁ ସୁମନ ଗନ୍ଧେ କାହ୍ନା କବରୀ
ସାଜିବି ଭ୍ରମ ଗଉରୀ । ପ୍ରେ. ସୁ. ନି.

ଉଚ୍ଛୁଡ଼ିନେବା, କ୍ରି. (ଦେଶଜ) ବଳାତ୍କାରେ ଓଟାରି ନେବା । ଯଥା—

ଯେତେ ଅଲଙ୍କାର ସେ ଅଙ୍ଗେ ଥିଲେ ଭରି,
ତାହା ସବୁ ଅମ୍ବାସୁର ଘେନ ନେଲା ଉଚ୍ଛୁଡ଼ି । ସା. ଖି. ବ.

ଉଚ୍ଛୁଡ଼ିବାର, କ୍ରି. (ଦେଶଜ) ଝିଙ୍କିବାର । ଯଥା—

ଏତେ ବୋଲି ବୀର, ଧରି ଉଚ୍ଛୁଡ଼ିଲା ଶିର,
ଦଶଶିରୁଁ ଦଶ ମୁକୁଟ ଛିଣ୍ଡାଇ ବିଞ୍ଚିଲା ଭୂମିର । ବି. ରା.

ଆକ୍ରମଣ କରିବାର । ଯଥା—

ଛତା ପକାଇଣ ବେଣ୍ଟମାନ କରେ ଧରି,
ବ୍ରାହ୍ମଣମାନେ ସେ ଉଚ୍ଛୁଡ଼ିଲେ କୋପ କରି । ସା. ଖି. ଆ.

ଉଚ୍ଛୁଣା, ବି. (ଦେଶଜ) ଘରଚୂଳର ଓଳି ।

ଉଚ୍ଛୁଣି, ଉଚ୍ଛୁଣିକା, ଅଂ. (ଦେଶଜ) ଏହିକ୍ଷଣି ।

ଉଚ୍ଛୁର, ବି. (ଦେଶଜ) ବିଳମ୍ବ । ଯଥା—

ଉଚ୍ଛୁର ହେଲଣି ମାଗୁଛି ମେଲଣି
ଭାଷେ ବିଶ୍ୱବିମୋହିନୀ । କ. ମ.

ଉଚ୍ଛୁଳ, ବିଂ. (ଉଚ୍ଛୃଙ୍ଖଳ ଶବ୍ଦଜ) ଅବାଧ; ଉଦ୍ଧତ । ଯଥା—

କେତେ ତନସ୍ତ ଗୋପପୁରେ ନାହିଁ,
ଏଡ଼େ ଉଚ୍ଛୁଡ଼ ପୁଅ ଅଛି କାହିଁ । ଗୋ. ଖି.

ଉଚ୍ଛୁଳିବାର, ଉଛଳିବାର, ଉଚ୍ଛଳିବାର, } କ୍ରି. (ଉଚ୍ଛଳନ ଶବ୍ଦଜ) ତରଳ ପଦାର୍ଥ ଉପରକୁ ଉଠିବା । ଯଥା—

କୁମ୍ଭରୁ ଉଚ୍ଛୁଳି ସୁଧା ସୁଧାରେ,
ବହିଯାଉଛି ଏ ବସୁଧାରେ । ସୁ. ପ.

ବ୍ୟାପ୍ତ ହେବାର । ଯଥା—

ନିଶାଣ ମଣ୍ଡୁକ ନାଦ ଦିଗନ୍ତ ଉଚ୍ଛୁଳି । କୋ. ବ୍ର. ସୁ.

ସ୍ଫୂର୍ତ୍ତି ହେବାର । ଯଥା—

ଉଚ୍ଛୁଳିଲା ପୁରଦ୍ୱାର ବାଦ୍ୟରେ । ଲା. ବ.

ଉଚ୍ଛେଇବା, କ୍ରି. (ଦେଶଜ) ଶଯ୍ୟାଦି ବିଛାଇବାର ।

ଉଚ୍ଛନ୍ନ, ବିଂ. (ଉତ୍-ଛନ୍ନ) ନଷ୍ଟ, ଧ୍ୱସ୍ତ, ବିନାଶିତ; ଉତ୍ଥିତ । ଓଡ଼ିଆରେ ପ୍ରଚଳିତ କଥାରେ—ଚଞ୍ଚଳ, ବ୍ୟଗ୍ର । ଯଥା—

ଏକାଳେ ଉଗରି ଦିଅଇ ନାଗରୀ
ଶୁଣି ନଗରଜନେ ଉଚ୍ଛନ୍ନ । ଲା. ବ.

ଉଚ୍ଛଳିତ, ବିଂ. (ଉତ୍-ଶଲ୍ = ଗମନ କରିବା-ତ) ଉଦ୍‌ଗତ, ଉତ୍‌କ୍ଷିପ୍ତ, ଉତ୍ଥିତ ।

ଉଚ୍ଛାଦନ, ବି. (ଉତ୍-ଛଦ୍-ଣିଚ୍-ଅନ) ଉଦ୍‌ବର୍ତ୍ତନ; ଘର୍ଷଣାଦିଦ୍ୱାରା ଦେହରୁ ମଳି ଛଡ଼ାଇବା ।

ଉଚ୍ଛାସ୍ତ୍ର, ବିଂ. (ଉତ୍-ଶାସ୍ତ୍ର) ଶାସ୍ତ୍ରବିରୁଦ୍ଧ, ଅଶାସ୍ତ୍ରୀୟ ।

ଉଚ୍ଛିତ୍ତି, ବି. (ଉତ୍-ଛିଦ୍-ତି) ଉଚ୍ଛେଦ, ସମୂଳେ ଉତ୍ପାଟନ, ବିନାଶ ।

ଉଚ୍ଛିଷ୍ଟ, ବିଂ. (ଉତ୍-ଶିଷ୍ = ଶେଷ ରଖିବା-ତ) ଭୋଜନର ପରେ ପାତ୍ରରେ ଯାହା ଅବଶିଷ୍ଟ ରହେ, ଅଇଁଠା; ଭୋଜନ ପରେ ଅକ୍ଷାଳିତ । ଯଥା—ଉଚ୍ଛିଷ୍ଟ ମୁଖ । ଅନୁଭୂତାବଶିଷ୍ଟ । ଯଥା—ଉଚ୍ଛିଷ୍ଟ ବସ୍ତ୍ର; ଉଚ୍ଛିଷ୍ଟ ତାମ୍ବୁଳ । ତ୍ୟକ୍ତ, ପରିତ୍ୟକ୍ତ ।

ଉଚ୍ଛୀର୍ଷକ, ବି. (ଉତ୍ = ଉଦ୍‌ଗତ-ଶୀର୍ଷ-କ—ସମାସାନ୍ତେ) ଉପାଧାନ, ବାଲିସ, ତକିଆ । ବିଂ. ଉନ୍ନତମସ୍ତକ ।

ଉଚ୍ଛୃଙ୍ଖଳ, ବିଂ. (ଉତ୍ = ନାହିଁ-ଶୃଙ୍ଖଳା = ଶିକୁଳି, ବିଧି, ନିୟମ) ବିଶୃଙ୍ଖଳ; ଅନିୟନ୍ତ୍ରିତ; ସ୍ୱେଚ୍ଛାଚାରୀ; ଅନିୟମିତ ।

ଉଚ୍ଛେଦ, ବି. (ଉତ୍-ଛିଦ୍-ଅ) ଉତ୍ପାଟନ, ଉନ୍ମୂଳନ; ବିନାଶ ।

ଉଚ୍ଛ୍ରୟ, ଉଚ୍ଛ୍ରାୟ, } ବି. (ଉତ୍-ଶ୍ରି-ଅ) ଉଚ୍ଚତା; ଉନ୍ନତି ।

ଉଚ୍ଛ୍ରିତ, ବିଂ. (ଉତ୍-ଶ୍ରି-ତ) ଉନ୍ନତ; ଉଚ୍ଚିତ; ଉତ୍ପନ୍ନ, ପ୍ରବୃଦ୍ଧ; ଉନ୍ନଦ୍ଧ ଅର୍ଥାତ୍ ଦୃପ୍ତ । (ଜାତୋନ୍ନଦ୍ଧପ୍ରବୃଦ୍ଧାଃ ସ୍ୟୁରୁଚ୍ଛ୍ରିତାଃ—ଅମର ।)

ଉଚ୍ଛ୍ୱସିତ, ବି°. (ଉତ୍-ଶ୍ୱସ୍-ତ) ପ୍ରସ୍ଫୁଟିତ; ସ୍ଫୀତ; ବର୍ଦ୍ଧିତ; ଜୀବିତ; ଆନନ୍ଦିତ । ବି. ଉଚ୍ଛ୍ୱାସ; ନିଃଶ୍ୱାସ; ସ୍ଫୁରଣ; କମ୍ପନ ।

ଉଚ୍ଛ୍ୱାସ, ବି. (ଉତ୍-ଶ୍ୱସ୍-ଅ) ନିଃଶ୍ୱାସ; ପ୍ରାଣ; ବିଶ୍ଳେଷ; ଅବକାଶ; ଆଶ୍ୱାସ; ପରିଚ୍ଛେଦ; ଶୋକ ହେତୁ ଦୀର୍ଘ ନିଃଶ୍ୱାସ; ସ୍ଫୀତି । ଯେପରି—ଆନନ୍ଦୋଚ୍ଛ୍ୱାସ, ପ୍ରେମୋଚ୍ଛ୍ୱାସ ।

ଉଜ, ବି. (ଉଜ୍ଜ୍ୱଳ ଶବ୍ଦର ଅପଭ୍ରଂଶ) ତେଜ । ଯଥା—

କନ୍ୟାଉଜ କନ୍ୟାଉଜ ଭୂପା କରାଇ । ପ୍ରେ. ସୁ. ନି.

ବି°. ଶ୍ରେଷ୍ଠ । ଯଥା—

କନ୍ୟାଉଜେ କନ୍ୟା ଉଜ ଶୁଭିଲା ବାଣୀ । ପ୍ରେ. ସୁ. ନି.

ଉଜଳ, ବି. (ଉଜ୍ଜ୍ୱଳ ଶବ୍ଦର ଅପଭ୍ରଂଶ) ତେଜ, କାନ୍ତି । ବି°. କାନ୍ତିଯୁକ୍ତ ।

ଉଜଳଘର, ଉଜଳହର, } ବି. (ଦେଶଜ) ଧୋବା ।

ଉଜଳାମାଧୁଆ, ବି. (ଦେଶଜ) ମୋଟା ଧୋବ ଧାନବିଶେଷ ।

ଉଜଳିବା, କ୍ରି. (ଉଜ୍ଜ୍ୱଳ ଶବ୍ଦଜ) ପ୍ରଜ୍ୱଳ ହେବା, ପ୍ରକାଶ କରିବା । ଯଥା—

ଆଶା ଉଜଳେ ଯଥା ଆସ୍ତିକମୁଖ । ରୁ. ସୁ.

ଉଜଳୀ, ଉଜୁଳୀ, } ବି. ସ୍ତ୍ରୀ. (ଦେଶଜ) ଧୋବଣୀ ।

ଉଜା, ଉଜୁଆଁ, } ବି. (ଉଦ୍ୟାପନ ଶବ୍ଦଜ) ବ୍ରତୋପାସନା ଶେଷ କରିବା । ଯଥା—

ମୋର ବାରବରଷ ବ୍ରତ ଉଜଆଁ ସରିଲେ ମୁଁ ବିଭା ହେବି । ଉ. ସା. ଅ. ଭି. ନ. ଘ.

ଉଜାଇବା, କ୍ରି. (ଉଦ୍ଯାପନ ଶବ୍ଦଜାତ) ବ୍ରତୋପାସନା ଶେଷ କରିବାର । ଯଥା—

ଧଇଲେ ପୁଣ୍ଡକୁ ଯେ ଚଳିଲେ ମନ୍ଦିରକୁ,
ଷଷ୍ଠୀବ୍ରତ ଉଜାଇଣ ଆସିଲେ ଗୃହକୁ । ନୃ. ପୁ. ତୃ. ତ.

ଉଜାଗର, ବି. (ଉଜ୍ଜାଗରର ଅପଭ୍ରଂଶ) ନିଦ୍ରାର ଅଭାବ । ଯଥା—

ଯେ ଝାସିଥାଇ ସାଗରେ, ଶିବରାତ୍ରି ଉଜାଗରେ
ବଞ୍ଚେ କୈଳାସନଗରେ, ବିଧିଯୋଗରେ । ପ୍ରେ. ସୁ. ନି.

ବି°. ଅନିଦ୍ରା । ଯଥା—

ଭ୍ରମଣ ଭ୍ରମଣ କ୍ରି ଯାମାକୁ ଶେଷ
କରେ ହୋଇ ଉଜାଗର । କୋ. ବ୍ର. ସୁ.

ଉଜାଡ଼, ଉଜାଡ଼ି, } ବି. (ଉତ୍‌ଜଟ ଶବ୍ଦଜ) ନାଶ ବା କ୍ଷତି । ଯଥା—

ସର୍ବ ସୈନ୍ୟ ମୋର ଗଲେ ନାଶ,
ଉଜାଡ଼ ହୋଇଲା ଗ୍ରାମ ଦେଶ । ସୁ. ପ.
ଏ ତୋହର ତୋଟାଲ ଉଆର କରି ଭରି,
ଆଜହୁଁ ପଦାର୍ଥ ତୋର ନ କର ଉଜାଡ଼ି । ସା. ଭି. ସ.

ଉଜାଡ଼ମସ୍ତ, ବି. (ଦେଶଜ) ଧ୍ୱଂସ ।

ଉଜାଡ଼ିବାର, କ୍ରି. (ଉତ୍-ଜଟ୍ ଧାତୁଜ) ନାଶ ବା ନିର୍ମୂଳ କରିବାର । ଯଥା—

ଜନପଙ୍କ-ପଙ୍କଜବନକୁ ଉଜାଡ଼ିବେ । କୋ. ବ୍ର. ସୁ.

ଉଜାଣି, ବି. (ଉଦ୍‌ଯାନ ଶବ୍ଦଜ) ନଦୀର ସ୍ରୋତ ବିପରୀତ ଆଡ଼କୁ ଉଠିବା । ଯଥା—

ମାନ ଭଜନ କି ଭବେ କେଉଁ ପ୍ରାଣୀ,
ଭସିବାକୁ କାଳପ୍ରବାହେ ଉଜାଣି । ନି. କେ.

ଉପରକୁ ଉଠିବା । ଯଥା—

ଚଞ୍ଚଳ ଉଜାଣି ଲହରୀ,
ଅଲପ ଧୀରେ ବହେ ବାରି । ଭି. ଦ. ସ୍କ.

ଉଜାଣିବାର, କ୍ରି. ନଦୀର ସ୍ରୋତ ବିପରୀତ-ଦିଗକୁ ବହିବାର; ଉପରକୁ ଉଠିବାର ।

ଉଜାଣିବାର, ଉଜ୍ଜାଇବାର, } କ୍ରି. (ଉଦ୍‌ଯାନ ଶବ୍ଦଜ) ନିରୋଧ କରିବାର । ଯଥା—

ପବନ ଉଜ୍ଜାଇଲେ ସେ ନବ ଦ୍ୱାର ବାଟେ,
ତାହା ବନ୍ଧନ କରି କଣ୍ଠିତେ ସାଧେ ଘଟେ ।
ସା. ଭି. ଆ.

ଉଜାଳିବାର, କ୍ରି. (ଉଜ୍ଜ୍ୱଳନ ଶବ୍ଦଜ) ସତେଜ କରିବାର ।

ଉଜି, ବି. (ଦେଶଜ) ଖେଳରେ ଦୁହେଁ ଏକ ହେବା, ମେଳା ହେବା ।

ଉଜିର, ବି. (ଯାବନିକ) ମନ୍ତ୍ରୀ ।

ଉଜୁଆଁ, ବି. (ଦେଶଜ) ବ୍ରତ ଶେଷ କରିବା, ସମାପନ କରିବା, ସମାପ୍ତି ।

ଉଜୁଡ଼ା, ବି. (ଦେଶଜ) ନାଶକ, ଯେ ନାଶ କରେ । ଯଥା—

**ବନ୍ଧା ସୁମନରେ ଜୁଡ଼ା ଯେ ଧୈର୍ଯ୍ୟ ଉଜୁଡ଼ା ସେ ।**
ବୈ. ବି.

ଉଜୁଡ଼ିବା, କ୍ରି. (ଦେଶଜ) ନାଶ ହେବା, ନଷ୍ଟ ହେବା ।

ଉଜ୍ଜୟିନୀ, } ବି. ସ୍ତ୍ରୀ. (ଉତ୍-ଜି-ଇନ୍, ଅନ-
ଉଜ୍ଜୟନୀ, } ସ୍ତ୍ରୀ-ଈ) ଅବନ୍ତୀ ନଗର, ବିକ୍ରମାଦିତ୍ୟଙ୍କ ରାଜଧାନୀ, ଏହି ସ୍ଥାନ-ଲୋକମାନେ ପ୍ରାୟଶଃ ଜୟାକାଙ୍‌କ୍ଷୀ ବୋଲି ଏହି ସ୍ଥାନର ନାମ ଉଜ୍ଜୟିନୀ ।

ଉଜ୍ଜାସନ, ବି. (ଉତ୍-ଜାସି = ବଧ କରିବା-ଅନ) ମାରଣ, ହନନ, ବଧ । (ଉଦ୍‌ବାସନ ପ୍ରମଥନ କ୍ରଥନୋଜ୍ଜାସନାନି ଚ— ଅମର ।)

ଉଜ୍ଜୀବନ, ବି. (ଉତ୍-ଜୀବ୍-ଅନ) ମୂର୍ଚ୍ଛା ବା ଅଚୈତନ୍ୟ ପରେ ଚୈତନ୍ୟଲାଭ, ଚୈତନ୍ୟଲାଭ, ଲୁପ୍ତପ୍ରାୟ ହୋଇ ପୁନର୍ବାର ପ୍ରବଳ ହୋଇ ଉଠିବା ।

ଉଜ୍ଜୃମ୍ଭ, } ବି. (ଉତ୍-ଜୃନ୍ଭ୍-ଅ-ତ)
ଉଜ୍ଜୃମ୍ଭିତ, } ବିକାଶ । ବିଂ. ପ୍ରକାଶିତ, ବିକଶିତ । ଯଥା—ଉଜ୍ଜୃମ୍ଭ ବଦନାମ୍ଭୋଜ । ସମୁଜ୍ଜୃମ୍ଭିତ ସରୋଜକର ।

ଉଜ୍‌ଝିତ, ବିଂ. (ଉଦ୍‌ଝ = ତ୍ୟାଗ କରିବା-ତ) ତ୍ୟକ୍ତ, ବର୍ଜିତ, ଉତ୍ସୃଷ୍ଟ ।

ଉଜ୍ଜ୍ୱଳ, ବିଂ. (ଉତ୍ = ଅତିଶୟ-ଜ୍ୱଳ୍ = ଦୀପ୍ତି-ପାଇବା-ଅ) ଦୀପ୍ତିମାନ୍, ଚକ୍‌ଚକ୍ୟବିଶିଷ୍ଟ, ପରିଷ୍କୃତ, ନିର୍ମଳ; ଶୋଭମାନ । ବି. ଶୃଙ୍ଗାରରସ; ସୁବର୍ଣ୍ଣ, ସ୍ୱର୍ଣ୍ଣ । (ଶୃଙ୍ଗାରଃ ଶୁଚିରୁଜ୍ଜ୍ୱଳଃ—ଅମର ।)

ଉଝଟ, ବିଂ. (ଉଜ୍‌ଝଟ ଶବ୍ଦଜ) ଅସ୍ଥିର, ଖେଚଡ଼ା, ଦୁଷ୍ଟ । ଯଥା—

**କାଳିଆ ବଳଦ ଭାରି ଉଝଟ,**
**ନଡିହିଁ ଭାଙ୍ଗଇ ଚାଟି କବାଟ ।** ଉ. ଆ. ଅ. ଭା. ଅ. ସ.

ଉଝାଳିବା, କ୍ରି. (ଉଜ୍ଜ୍ୱଳ ଓ ଉଜ୍ଜଳ ଶବ୍ଦରୁ ଉତ୍ପନ୍ନ) ସଫା କରିବା, ପରିଷ୍କାର କରିବା; ପଙ୍କୋଦ୍ଧାର କରିବା, ପଙ୍କୋଦ୍ଧାର ଦ୍ୱାରା ଜଳ ଉପରକୁ ଉଠିଲା ପରି କରିବା; ଆପଦାଦିରୁ ଉଦ୍ଧାର କରିବା ।

ଉଝେଇଁ, } କ୍ରି. ବିଂ. (ଦେଶଜ) ଅକାରଣରେ
ଉଝେଇଁ, } ବା ମିଛାଟାରେ ।

ଉଞ୍ଚ, ବିଂ. (ଉଚ୍ଚ ଶବ୍ଦଜ) ଉଚ୍ଚ, ଉତ୍କୃଷ୍ଟ । ଯଥା—ସେ ବଡ଼ ଉଞ୍ଚକପାଳିଆ ଲୋକ ।

ଉଞ୍ଚକପାଳୀ, } ବି. ସ୍ତ୍ରୀ. (ଓଡ଼ିଆ ଓ ସଂସ୍କୃତ
ଉଞ୍ଚୁକପାଳୀ, } ଶବ୍ଦର ମିଶ୍ରଣ) ଯେଉଁ ସ୍ତ୍ରୀର କପାଳ ଉଚ୍ଚ । (ଏହା ଗୋଟିଏ ମନ୍ଦ ଲକ୍ଷଣ ବୋଲି କଥିତ ।)

ଉଞ୍ଚା, ବି. (ଉଚ୍ଚ ଶବ୍ଦଜ) ଉତ୍ତୋଳନ କରିବା ।

ଉଞ୍ଚାଇବା, } କ୍ରି. ଆଘାତ ପାଇ ଶସ୍ତ୍ରାଦି
ଉଞ୍ଚେଇବା, } ଟେକିବା । ଯଥା—

**ଖଡ୍‌ଗ ଧରି ନିଜ ମଥା କାଟିବାର ପାଇଁ,**
**ଉଞ୍ଚାନ୍ତେ ସେ ରାଜଲକ୍ଷ୍ମୀ କହିଲେ ବୁଝାଇ ।** ବେ. ପ.

ଉଞ୍ଚୁଆ, ବିଂ. (ଉଞ୍ଚ-ଉଆ—ସ୍ୱାର୍ଥେ) ଉଚ୍ଚ ।

ଉଞ୍ଛ, ବି. (ଉଞ୍ଛ୍ = ଖୁଣ୍ଟିନେବା, ବାଛିନେବା-ଅ) ଜୀବିକାନିର୍ବାହାର୍ଥ ଧାନ୍ୟାଦି ଖୁଣ୍ଟି-ନେବା, ଇତସ୍ତତ ବିକ୍ଷିପ୍ତ ଧାନ୍ୟାଦି ବାଛିନେବା; ବୃତ୍ତିବିଶେଷ ।

ଉଞ୍ଛଶିଳ, } ବି. (ଉଞ୍ଛ = ବାଛିନେବା-ଶିଳ =
ଉଞ୍ଛଶୀଳ, } ଆହରଣ, ଉଞ୍ଛ-ଶୀଳ) ଉପେକ୍ଷିତ ଶସ୍ୟାଦି ବାଛିନେବା, ବୃତ୍ତିବିଶେଷ । (ଉଞ୍ଛଃ କଣଶ ଆଦାନଂ କଣିଶାଦ୍ୟର୍ଜ୍ଜନଂ-ଶିଳଂ—ଯାଦବ ।) ବିଂ. ଉଞ୍ଛଜୀବୀ, ଉଦ୍‌ବୃତ୍ତ ଶସ୍ୟର ଶେଷ ଆହରଣକର୍ତ୍ତା ।

ଉଞ୍ଛିବା, କ୍ରି. (ଉଞ୍ଛନ ଶବ୍ଦଜ) ଶାଉଁଳିବାର । ଯଥା—

**ସେବତୀଦଳ ବଞ୍ଚି ଉଞ୍ଛି ଅତରେ**
ଶେଜାଇଲେ ଜିନବାସ । ଲା. ବ.

ଲୁଗାର କୁଞ୍ଚ ସଜାଡ଼ିବାର । ଯଥା—

**ବାହାର ବଣନଲରେ ଉଞ୍ଛିଲେ କୁଞ୍ଚିଲେ ସଖୀ ଯେ ।**
ଲା. ବ.

ବୃକ୍ଷରୁ ଡାଳ କମ୍ପା ପତ୍ରାଦି ଓଟାରି ପକାଇବା ।

ଉଟ, ବି. (ଉଷ୍ଟ୍ର ଶବ୍ଦଜ) ଉଷ୍ଟ୍ର, ଲମ୍ବୋଷ୍ଠ । (ଉ = ଶବ୍ଦକରିବା-ଟ—ସଜ୍ଞାର୍ଥେ) ତୃଣ, ପର୍ଣ୍ଣ ।

ଉଟଜ, ବି. (ଉଟ=ତୃଣପର୍ଣ୍ଣାଦି-ଜନ୍-ଅ)ମୁନିମାନଙ୍କର ପର୍ଣ୍ଣରଚିତ ଗୃହ, ପର୍ଣ୍ଣଶାଳା, କୁଟୀର; କୁଡ଼ିଆ । (ପର୍ଣ୍ଣଶାଲୋଟଜୋଽସ୍ତ୍ରିୟାଂ—ଅମର ।)

ଉଟମୁହାଁ, ବିଂ. (ଉଷ୍ଟ୍ରମୁଖ ଶବ୍ଦଜାତ) ଯେ ଉପରକୁ ମୁଖ କରିଥାଏ, ଯାହାର ମୁଖର ଆକୃତି ଉଷ୍ଟ୍ରର ମୁଖ ପରି ଥାଏ ।

ଉଠନ୍ତା, ବିଂ. (ଦେଶଜ) ବାହାରିଥିବା, ଉଠିଥିବା, ଉନ୍ନତ ।

ଉଠା, ବି. (ଉତ୍ଥାନ ଶବ୍ଦଜ) ଉଠିବା । ଯଥା—

**ଆର କେତେଣାକେ ବୃକ୍ଷକୁ ଧରିଥାନ୍ତି ଭିଡ଼ି,**
**କେତେଣାକେ ଉଠା ବସା ହୁଅନ୍ତି ଉଡ଼ି ଉଡ଼ି । ନୃ.ପୁ.ପ.ସା.**

ବିଂ. ଉଠିଥିବା, ଉତ୍ଥିତ ।

ଉଠାଇବା, କ୍ରି. (ଉତ୍ଥାନ ଶବ୍ଦଜ) ନିଦ୍ରାରୁ ସଚେତ କରାଇବା । ଯଥା—ରାମ ଶୋଇଅଛି ଉଠାଇ ଦିଅ; ତୋଳିଧରିବା । ଯଥା—ଯାହା ଭାଗ ସେ ଉଠାଇ ନିଅ । ଠିଆ କରିବା । ଯଥା—ପିଲାଟି ଧାଇଁ ଧାଇଁ ପଡ଼ିଗଲା, ଉଠାଇ ଦିଅ । ଦୂର କରିବାର । ଯଥା—

**ସପତ୍ନୀର ପୂଜା ଉଠାଇବା ଆଶେ,**
**ଆଣିଲି ବାଳୁଙ୍କ ତୋତେ ଏ ପ୍ରବାସେ । ନ. କେ.**

ଉଠାଚୂଲି, ବି. (ଉତ୍ଥାନ, ଚୁଲ୍ଲୀ—ଏହି ଉଭୟ ଶବ୍ଦରୁ ଉତ୍ପନ୍ନ) ଯେଉଁ ଚୂଲିକୁ ଏକସ୍ଥାନରୁ ଅନ୍ୟସ୍ଥାନକୁ ନିଆଯାଇ ପାରେ ।

ଉଠାଦୋକାନ, ବି. ସାମୟିକ ଦୋକାନ ।.

ଉଠାଣ, ବି. (ଉତ୍ଥାନ ଶବ୍ଦଜ) ଉଚ୍ଚ ଭୂମି; ଉତ୍ତୋଳନ; ଉଠିବା; ଦୋକାନଦାରଠାରୁ କାଳୀ ଆଣିବା; ମେଘର ନଦୀ ଉତ୍ପତ୍ତିଆଡ଼କୁ ଗମନ ।

ଉଠାଣି, ବି. (ଉତ୍-ସ୍ଥାନ ଶବ୍ଦଜ) ପଥ ଯେଉଁ ସ୍ଥାନରେ ଊର୍ଦ୍ଧ୍ୱଆଡ଼କୁ ଯାଇଥାଏ ।

ଉଠିଆ, ବି. (ଦେଶଜ) ମାଗଣା, ଯାହା ବିନା ବ୍ୟୟରେ ମିଳେ । ବିଂ. ଉଷ୍ମ କରାଯିବା (ଜମି) । ଯଥା—

**ଦଣ୍ଡା ଗୋପଥ ଗୁଚ୍ଛ ଉଠିଆ ଯେତେ ଭୂମି,**
**ଛାଡ଼ିଲୁ କର ଆଦାୟ କଲି ଦେବସ୍ୱାମୀ । ସା ଭା. ଆ.**

ଉତ୍କୃଷ୍ଟ, ଉନ୍ନତ ।

ଉଠିଆରି, ବି. (ଦେଶଜ) ଶିଶୁଜନ୍ମର ସପ୍ତମ ଦିବସର ଅନୁଷ୍ଠାନ । ଯଥା—

ବିଯୋଗ ନିଦ୍ରାରେ କାମମଧୁରେ ବାଦ,
ବଇଚ ଏ ପାଞ୍ଚ ଉଠିଆରି ସମ୍ବାଦ । ବୈ. ବି.

ଉଠିବା, କ୍ରି. (ଉତ୍ଥାନ ଶବ୍ଦଜ) ଅଙ୍କୁରୋତ୍ପତ୍ତି ହେବା । ଯଥା—ମଞ୍ଜି ଉଠିଲି । ଉନ୍ନତ ହେବା । ଯଥା—କ୍ରମେ କ୍ରମେ ସେ ଉଠୁଅଛି । ପ୍ରକାଶ ପାଇବା । ଯଥା—ଏ ସମ୍ବାଦ ସବୁଁ ଉଠିଲି । ଉତ୍ଥିତ ହେବା । ଯଥା—

**ଅଗ୍ନି ଯେ କୁଣ୍ଡ ମଧ୍ୟେ ଥିଲା,**
**ବିପ୍ରଙ୍କ ସଙ୍ଗତେ ଉଠିଲା । ଭା. ଏ. ସ୍କ**

ଉଡ଼ଙ୍ଗ, ବି. (ଉରଗ ବା ଉରଙ୍ଗ ଶବ୍ଦଜ) ସର୍ପ । ଯଥା—

କଳିକାଳ ବିଧ୍ୱଂସି ଗୋ ମେ ହିମା ଦୁଲଣୀ,
ଉଡ଼ଙ୍ଗମାଳ ହୃଦରେ ବାହୁଟୀ କଙ୍କଣ । ସା. ଭା. ଆ.

ପତାକା, ଧ୍ୱଜ । ଯଥା—

**କଣସ୍ୱମୟ ରଥରେ ଉଡ଼ୁଛି ପାତାଙ୍ଗ,**
**କେଶରଲାଞ୍ଛିର ଚନ୍ଦ୍ର ଉଡ଼ଇ ଉଡଙ୍ଗ । ସା. ଭା. କ.**

ଉଡ଼ା, ବି. (ଉତ୍-ଡୀ ଧାତୁଜ) ଆକାଶ ମାର୍ଗରେ ଉଡ଼ିବା । ଯଥା—

**କଉରୁକାଙ୍କ କାଗଜଚକ ଉଡ଼ା ବେଳି,**
**ରବିମଣ୍ଡଳକୁ ବୋଲି ଦେଉଅଛି ପେଲି । ସୁ. ପ.**

କ୍ରି. ଉଡ଼ାଅ । ବିଂ. ଉଡୁଥିବା, ଅନିଶ୍ଚିତ । ଯେପରି---ଉଡ଼ା ଖବର ।

**ଉଡ଼ାଇବା,** } କ୍ରି. (ଉତ୍-ଡ଼ୀ-ଧାତୁଜ) ଊର୍ଦ୍ଧ୍ୱରେ ପବନଦ୍ୱାରା ଚାଳିତ
**ଉଡ଼େଇବା,** } କରିବା । ଯଥା—

**ଉଡ଼ାଇ କାକତି ଚଞ୍ଚୁ, ଏମନ୍ତ ତର୍କି ଯେ । କୋ.ବ୍ର.ସୁ.**

ଅପବ୍ୟୟ କରିବା, ହରାଇ ଦେବା । ଯଥା—

ଧନଞ୍ଜୟ ସମ୍ପତ୍ତିର ଅଧିକାରୀ ହୋଇ,
ପଶା ଖେଳି କ୍ରମେ କ୍ରମେ ଦେଲା ତା ଉଡ଼ାଇ । ବେ.ପ.

ନିନ୍ଦିତ କରିବା । ଯଥା—

**ତାଙ୍କ ସଙ୍ଗେ ଥିଲେ ସହସ୍ର ସଂଖ୍ୟା ଦାସୀ,**
**ମୋତେ ସେହିକାଳେ ଉଡ଼ାଇଦେଲେ ହସି ।**
**କୃ. ଷ. ସ. ପ.**

ମିଥ୍ୟା ବା ଅନୁଚିତ ବୋଲି କହିବା ।

**ଉଡ଼ାଣ,** ବି. (ଉଡ୍ଡୀନ ଶବ୍ଦଜ) ଉଡ଼ିବା, ଯେପରି ପକ୍ଷିଉଡ଼ାଣ । ଯୁଦ୍ଧ ବ୍ୟାୟାମବିଶେଷ । ଯଥା—

**ଉଡ଼ାଣ ବୁଡ଼ାଣଟି ମାରଣପନ୍ଥା ମାର୍ଗ,**
**ଯାବତ ଧାରଣସୂତ୍ର ସନ୍ଧାନ୍ତ ନୃସିଂହ । ନୃ.ପୁ.ଚ.ତ.**

**ଉଡ଼ାଣିଆ,** ବିଂ. (ଦେଶଜ) ଅପବ୍ୟୟୀ । ଯଥା—ସେ ବଡ଼ ଉଡ଼ାଣିଆ ଲୋକ । ଅନବସ୍ଥିତ; ଉଡ଼ୁଥିବା ।

**ଉଡ଼ାବୁଡ଼ା,** ବିଂ. (ଦେଶଜ) ଦୁଷ୍ଟ । ଯଥା—

**ଉଡ଼ାବୁଡ଼ା ଘରବୁଡ଼ା ଅଟେ ଅପାର୍ଥିକ,**
**ବହୁ ପାପ କରିଅଛି ଏହି ମୂର୍ଖ ଲୋକ । ନୃ. ପୁ. ପ୍ର. ତ.**

**ଉଡ଼ିଆ,** ବି. (ଉଡ୍ର ଶବ୍ଦଜ) ଜାତିବିଶେଷ ।

**ଉଡ଼ିବା,** କ୍ରି. (ଉତ୍-ଡ଼ୀ-ଧାତୁଜ) ଆକାଶମାର୍ଗରେ ବୁଲିବା, ପବନରେ ଚାଳିତ ହେବା; ନାଶ ହେବା । ଯଥା—

ଧରିବାର ଦୂରେ **ଥାଉ ସାହସ ଉଡ଼ିଲା** । ବେ. ପ.

**ଉଡ଼ିଶା,** ବି. (ଉଡ୍ର ଶବ୍ଦଜ) ଉତ୍କଳଦେଶ, ଶ୍ରୀପୁରୁଷୋତ୍ତମକ୍ଷେତ୍ର ।

**ଉଡ଼ିଶୀ,** ବିଂ. (ଦେଶଜ) ଉଡ଼ିଶାଦେଶନିବାସୀ; ଉଡ଼ିଶାସମ୍ବନ୍ଧୀୟ । ବି. ଭଣ୍ଡାରି ଜାତିର ଶାଖାବିଶେଷ ।

**ଉଡ଼ୁ,** ବି. (ଉଡ୍ = ସୂତ୍ରକରିବା, ଉ-ସଂଜ୍ଞାର୍ଥେ, କିମ୍ବା ଉତ୍-ଡ଼ୀ = ନଭୋଗମନ-ଉ) ତାରା, ନକ୍ଷତ୍ର । (ତାରକାପ୍ୟୁଡୁର୍ବାସ୍ତ୍ରିୟାଂ—ଅମର ।) ଜଳ ।

**ଉଡ଼ୁକୁମତ୍ସ୍ୟ,** ବି. (ଓଡ଼ିଆ ଓ ସଂସ୍କୃତ ଶବ୍ଦର ମିଶ୍ରଣ) ମତ୍ସ୍ୟବିଶେଷ; ଯେଉଁ ମତ୍ସ୍ୟ ଉଡ଼ିପାରେ ।

**ଉଡ଼ୁପ,** } ବି. (ଉଡୁ = ଜଳ-ପା = ରକ୍ଷା କରିବା-
**ଉଡ଼ୂପ,** } ଅ—ଯେ ଜଳରୁ ରକ୍ଷା କରେ) ନୌକା; ଭେଳା; ଡଙ୍ଗା । (ଉଡୁପଂ ତୁ ପ୍ଲବଃ କୋଳଃ—ଅମର ।) ଚର୍ମାବନଦ୍ଧ ପାତ୍ରବିଶେଷ । (ଉଡୁ = ନକ୍ଷତ୍ର, ପ = ପାଳକ ବା ପତି) ଚନ୍ଦ୍ର, ତାରାପତି । ଯଥା—

**ସଳିଳେ ଉଡ଼ୁପ ଦେଖ ରେ ହୋଇଅଛି ଶୋଭନ,**
**ସଳିଳେ ଉଡ଼ୁପବଦନ ଖେଳିବାକୁ ମୋ ମନ । ଲ. ବ.**

**ଉଡ଼ୁମ୍ବର,** ବି. (ଉଡୁଂ = ନକ୍ଷତ୍ରକୁ-ବୃ = ଆଚ୍ଛାଦନ କରିବା-ଅ-ଯେ ଫଳରୂପ ନକ୍ଷତ୍ରଗଣକୁ ଆଚ୍ଛାଦନ କରେ) ଡିମ୍ବିରି ଗଛ; ଡିମ୍ବିରି ଗଛର ଫଳ । ଯଥା—

**ଉଡ଼ୁମ୍ବର ଫଳ ଏ ବାୟୁ ସ୍ପର୍ଶେ,**
**ପରିପୂର୍ଣ୍ଣ ହୁଅଇ ମଧୁର ରସେ । ମେ. ଦୂ.**

ତାମ୍ର, ତମ୍ବା; କର୍ଷ, ଦୁଇ ତୋଳା ପରିମାଣ; ଦେହଳୀ, ଦ୍ୱାରବନ୍ଧର ତଳ କାଷ୍ଠ; କୁଷ୍ଠରୋଗବିଶେଷ ।

**ଉଡ୍ଡୟନ,** ବି. (ଉତ୍-ଡ଼ୀ = ଆକାଶେ ଗମନ କରିବା-ଅନ) ଆକାଶବିହାର, ଶୂନ୍ୟଗମନ, ଉଡ଼ିବା ।

**ଉଡ୍ଡୟମାନ,** ବିଂ. (ଉତ୍-ଡ଼ୀ-ଆନ = ଶାନ, ଯ-ଆଗମ, ଆନ = ମାନ) ନଭୋଗମନକାରୀ, ଯେ ଆକାଶରେ ଉଡ଼ୁଅଛି ।

**ଉଡ୍ଡାମର,** ବିଂ. (ଉତ୍ = ଉତ୍କୃଷ୍ଟ-ଡାମର) ଶ୍ରେଷ୍ଠ, ସର୍ବୋତ୍କୃଷ୍ଟ; ଅତି ପ୍ରଚଣ୍ଡ ।

**ଉଡ୍ଡୀନ,** ବିଂ. (ଉତ୍-ଡ଼ୀ-ତ, ତ = ନ) ଯେ ଉଡ଼ିଅଛି, ଉତ୍ପତିତ, ଊର୍ଦ୍ଧ୍ୱଗତ; ଶୂନ୍ୟଗାମୀ; (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) ବି. ଶୂନ୍ୟରେ ଗମନ, ଉଡ଼ିବା । (ପ୍ରଡୀନୋଡ୍ଡୀନ ସଣ୍ଡୀନାନ୍ୟେତାଃ ଖଗଗତିକ୍ରିୟାଃ—ଅମର ।)

ଉଡ଼୍‌ଡୀୟମାନ, ବିଂ. (ଉତ୍‌-ଡୀ-ଆନ=ଶାନ, ଯ ଆଗମ, ଆନ=ମାନ) ଯେ ଉଡ଼ୁଅଛି, ଆକାଶଗାମୀ ।

ଉଡ଼ାଳ, ଉଡ଼ୁଆଳ, } ବି. (ଦେଶଜ) ଆଢ଼ୁଖା । ଯଥା—

ପାହାର ଉଡ଼ାଳେ ରହିଥିବ ଡର,
ବିଦେଶି ସମ୍ମୁଖେ କାହିଁକି ପର । ଦରବାର ।
ଦୁଇ ରାଜାଙ୍କ ସଂଗ୍ରାମ ହେବ ଯେତେବେଳେ,
କୌତୁକେ ଦେଖିବୁଁ ଆମ୍ଭେ ରହି ଉଡ଼ୁଆଳେ । ବୈ.ପ.

ଉଡ଼ୁଣୀ, ବି. ସ୍ତ୍ରୀ. (ଦେଶଜ) ଆଚ୍ଛାଦନ ବସ୍ତ୍ର-ବିଶେଷ । ଯଥା

ରଜନୀ ଶେଷରେ ଉଢ଼ୁଣୀ ଶେଯରେ
ରଖାଇଲା ଜନଚକ୍ଷୁ,
ଏମନ୍ତ ଯାମିନୀ ଯୋଗରେ କାମିନୀ
ଅଛି ସୁଖେ ବିନିଦ୍ର ତ । କ. ମ.

ଉଢ଼ଣା, ଓଢ଼ଣା, } ବି. ସ୍ତ୍ରୀ. (ଅବଗୁଣ୍ଠନ ଶବ୍ଦଜ) ସ୍ତ୍ରୀମାନଙ୍କର ମୁଖାଚ୍ଛାଦନବସ୍ତ୍ର ।

ଊଣା, ବିଂ. (ଊନ ଶବ୍ଦଜ) ନ୍ୟୂନ ଅର୍ଥାତ୍ କମ । ବି. ନିନ୍ଦା । ଯଥା—

ବୋଇଲା ମୁଁ ଅନାଥରେ ପ୍ରାଣବନ୍ଧୁ ଅନା ଥରେ ।
ଲଭି ଚନ୍ଦ୍ରମଣି ହେଲା ଚନ୍ଦ୍ରମଣି
ଊଣା ଏ ପ୍ରୀତି ପଥରେ । ବି. ଚ. ମ.

ଊଣାଧିକ, ବିଂ. (ନ୍ୟୂନାଧିକ ଶବ୍ଦଜ) କିଞ୍ଚିତ୍ ବହୁତ । କ୍ରି. ବିଂ. ପ୍ରାୟଶଃ । ଯଥା—

ଏ ମଧ୍ୟ ଊଣାଧିକରେ ତାର ପରି ଅଟେ ।

ଊଣିଶି, ଊଣାଇଶ, ଊଣେଇଶ, ଊଣୋଇଶ, ଅଣିଶି, } ବିଂ. (ଊନବିଂଶ ଶବ୍ଦଜ) ୧୯ ସଂଖ୍ୟା । ଯଥା—

ତୈତିଳ ନାମେ କରଣ ପ୍ରୀତି ନାମେ ଯୋଗ,
ମେଷ ସଂକ୍ରାନ୍ତିକ ଊଣୋଇଶ ଦିନ ଭୋଗ । ସା. ଭ୍ର. ଆ.

ଉଣ୍ଡିବା, କ୍ରି. (ଦେଶଜ) ଠଉରିବା; ଦୋଷ-ତର୍କଣା କରିବା; ଜାଣିବା । ଯଥା—

ବେଳ କାଳ ଉଣ୍ଡି କାର୍ଯ୍ୟ କର,
ହୋଇବଟି ଲଭ ଯଶ ଅଖର ।

ଖୋଜିବା; ବସ୍ତୁକୁ ପ୍ରଥମେ ପିନ୍ଧିବା ।

ଉତ, ବିଂ. (ବେ=ବୁଣିବା-ତ) ତନ୍ତୁସନ୍ତତ, ସ୍ୟୂତ, ତନ୍ତୁବାୟନିର୍ମିତ, ବୁଣା । (ଉତଂସ୍ୟୂତ ମୂତଂଚେତି ତ୍ରିତୟଂ ତନ୍ତୁ-ସନ୍ତତେ—ଅମର ।)

ଅଂ. ପ୍ରଶ୍ନ; ବିତର୍କ; ବିକଳ୍ପ; ସମୁଚ୍ଚୟ (ଉତପ୍ରଶ୍ନବିତର୍କୟୋଃ, ସମୁଚ୍ଚୟେ ବିକଳ୍ପେ ଚେତି—ହୈମଃ ।)

ଉତପନ, ବି. (ଉତ୍ପନ୍ନ ଶବ୍ଦଜ) ଜନ୍ମ । ଯଥା—

ସେହି ଅନାଦି ନାରୀର କଟାକ୍ଷନୟନେ,
ତ୍ରୈଲୋକ୍ୟମୋହିନୀ କନ୍ୟା ହେଲେ ଉତପନେ ।
ସା. ଭ୍ର. ଆ.

ବିଂ. ଉତ୍ପନ୍ନ, ଜାତ ।

ଉତପାତ, ବି. (ଉତ୍ପାତ ଶବ୍ଦଜ) ଗର୍ବ; ଉପଦ୍ରବ ।

ଉତପିଣ୍ଡିବା, କ୍ରି. (ଉତ୍ପିସ୍ତୁ ବା ଉତ୍‌ପତିସ୍ତୁ ଶବ୍ଦଜ) ପ୍ରକାଶ କରିବା, ପ୍ରକାଶ ହେବା; ଉପରକୁ ଉଠିବା ।

ଉତରଣି, ବି. (ଉତ୍ତରଣର ଅପଭ୍ରଂଶ) ଉତ୍ତୁରିବା ।

ଉତରୋଳ, ବି. (ଉତ୍ତରଳ ଶବ୍ଦଜ) ଉଚ୍ଚ ଶବ୍ଦ; ଗଣ୍ଡଗୋଳ ।

ଉତଳନ, ବି. (ଉତ୍ତୋଳନ ଶବ୍ଦଜ) ଉନ୍ନତ ହେବା; ଓହ୍ଲାଇବା ।

ଉତଳା, ବିଂ. (ଦେଶଜ) ଉତ୍କଣ୍ଠିତ ।

ଉତସଲ, ଉତସଳା, } ବିଂ. (ଦେଶଜ) ଉନ୍ମତ୍ତ । ଯଥା—

ସମର ଭୂମି ଦେଖି ହୁଅନ୍ତି ଉତସଲ,
ବୋଲନ୍ତି ଏହି ଲୋକେ ହେଲେ ମୃତ୍ୟୁତୁଲ୍ୟ ।
ନୃ. ପୁ. ପ୍ର. ତ.

ଉତାରଖାନା, ବି. (ଉତାର=ଉତ୍ତରଣ-ଖାନା=ସ୍ଥାନ) ପାନ୍ଥଶାଳା; ଚଟି ।

ଉତାରିବା, କ୍ରି. (ଉତ୍ତାରଣ ଶବ୍ଦଜ) ଲିଖିତ-ପାଠାଦି ପୃଥକ୍ କରିବା କିମ୍ବା ପୃଥକ୍‌ରୂପେ ଲେଖି ନେବା; ଓହ୍ଲାଇବା; କାଢ଼ିବା କିମ୍ବା ବାହାର କରିବା । ଯଥା—

ଏକା କହି ପାଦୁଁ କଳନାଦି-ଭୂଷା,
ଉତାରିଲା ଖେଳ-ଖଞ୍ଜରୀଟଦୃଶା । ନ. କେ.

ଉତାହ, ଅଂ. (ଉତାହୋ—ଉତ-ଆହୋ—ସମାହାରଦ୍ୱନ୍ଦ) ପ୍ରଶ୍ନ; ବିକଳ୍ପ । ଆହୋ-ଉତାହୋ କିମୁତ ବିକଳ୍ପେ କିଂ କିମୁତ ଚ—ଅମର ।) ବିସ୍ମୟ, ଚିନ୍ତା ।

ଉତଆଣି, ବି. (ଉତ୍ତାନଶୟ ଶବ୍ଦଜ ?) ଦୁଗ୍‌ଧକଣ୍ଠ ଶିଶୁ, ଅପରିଆଣି ସନ୍ତାନ ।

ଉତୁକଟ, ବିଂ. (ଉତ୍କଟ ଶବ୍ଦଜ) ପ୍ରବଳ ।
ଯଥା—
ସିଂହପରି ହୋଇ ବଳ ଉତୁକଟ,
ନାନାକାଣ୍ଡ ଯୁଦ୍ଧ କରନ୍ତି ପ୍ରକଟ । କୃ. ଭା. ଆ. ପ.
(ଯାବତୀୟ ଉତ୍‌ଉପସର୍ଗପୂର୍ବକ ସାଧୁ ଶବ୍ଦମାନଙ୍କର ଆପଭ୍ରଂଶିକ ଶବ୍ଦ ସବୁ ଏତାଦୃଶ କ୍ରମରେ ଗଠିତ ହୁଏ, ଗ୍ରନ୍ଥ-ବିସ୍ତୃତି ଭୟରୁ ସେ ସବୁ ଦେବା ଅନାବଶ୍ୟକ ବୋଧ କଲୁଁ ।)

ଉତୁରି, ଉତୁରୀ, ଉତରି, ଉତ୍ତରି, ଉତ୍ତରୀ, } ବି. ସ୍ତ୍ରୀ. (ଉତ୍ତରୀୟ ଶବ୍ଦଜ) ଦେହ ଉପରେ ଧରିଥିବା ଲୁଗା ପ୍ରଭୃତି । ଯଥା—
ହୃଦରେ ଆଭରଣ ଉତରି ସର୍ପଫେରୁ,
ଅନ୍ତରୀକ୍ଷେ ବାଜଇ ନବ ଲକ୍ଷ ଡମ୍ବରୁ । ସା.ଭା.ଆ.
ନବଗୁଣ ପଇତା ଯେ କନ୍ଧରେ ଉତୁରି,
ଅଧସ୍ଥିନ ମନ୍ତ୍ରପୋଥି ହାତେ ଛନ୍ତି ଧରି । ସା.ଭା.ଆ.
ଏମନ୍ତ କୁବୁଜୀ ବିଗୁରି,କୃଷ୍ଣର ଧଇଲା ଉତୁରି । ଭା.ଦ.ସ୍କ.

ଉତୁରିବାର, କ୍ରି. (ଉତ୍ତରଣ ଶବ୍ଦଜ) ଉପସ୍ଥିତ ହେବା । ଯଥା—
ଦିବ୍ୟ ମନ୍ଦିରେ ଉତୁରି ପଲ୍ଯଙ୍କେ ବସୁଁ ଚଉରୀ । ଲ.ବ.
ଅବତୀର୍ଣ୍ଣ ହେବା ଅର୍ଥାତ୍ ଓହ୍ଲାଇବା । ଯଥା—
ପାଲିଙ୍କି ଅଙ୍କରୁ ଉତୁରି ବାଳକ
ଏମନ୍ତ ଚତୁର୍ଦ୍ଦଶରତନ । ଲ. ବ.
ଦୁଗ୍‌ଧାଦି ଗରମ ହୋଇ ପାତ୍ରରେ ସ୍ଫୀତ ହେବା । ଯଥା—
ଚୁଲିରେ ବସିଥିଲା କ୍ଷୀର, ବୁଝିଲେ ପ୍ରଭୁ ଚକ୍ରଧର ।
ତକ୍ଷଣେ ଉଠିଲା ଉତୁରି, ଦେଖି ଧାଇଁଲେ ନନ୍ଦନାରୀ । ଭା. ଦ. ସ୍କ.
ଉଦ୍ଧାର ପାଇବା କିମ୍ବା ଉଦ୍ଧାର ହେବା । ଯଥା—
ବଳେକଲେ ଶଙ୍କର ସେ ଜନ ନ ଉତୁରି
ସୁଗ୍ରୀବ ଗ୍ରୀବ ମୋଡ଼ି ମାରି । ବୈ. ବି.
ସାଗରାଦି ଉତ୍ତୀର୍ଣ୍ଣ ହେବା ବା ଲଙ୍ଘିବା; କପିସେନାମାନେ ସମୁଦ୍ର ଉତୁରି ଆସି ସୁବେଳରେ ଶିବିର ସନ୍ନିବେଶ କଲେ ।

ଉତୁରୁଳି, ଉତୁରୁଲି, ଉତୁର୍ଲି, ଉତୁରୁଡ଼ି, } ବି. (ଦେଶଜ) ଲତା-ବିଶେଷ ।

ଉତୁସଲ, ବିଂ. (ଦେଶଜ) ସନ୍ତୁଷ୍ଟ । ଯଥା—
ଡୁମ୍ବୁରୁ ବଜାଇ କେ ମୃଦଙ୍ଗ ଧରି ପିଟି,
ତାଳି ବେଣୀ ଶବଦ କେ ବଜାଏ ଅଧାଟି ।
ଏମନ୍ତେ ଉତୁସଲ ହୁଅନ୍ତି ଦେବତାଏ,
ଶୁଣ ହେ ନାରଦ କହୁଛନ୍ତି ବ୍ରହ୍ମାଏ । ନୃ.ପୁ.ଦ୍ୱି.ତ.

ଉତ୍କ, ବିଂ. (ଉତ୍‌-କ-ସ୍ୱାର୍ଥେ) ଉନ୍ମନା, ଉଦ୍‌ବିଗ୍ନ; ଉତ୍ସୁକ; ଉତ୍କଣ୍ଠିତ ।

ଉତ୍କଟ, ବିଂ. (ଉତ୍‌-କଟ-କଟର୍ ପ୍ରତ୍ୟୟ) ଅତି ପ୍ରବଳ, ଦୁଃସାଧ୍ୟ; ଉଦ୍ଦାମ; ଅଧିକ; ତୀବ୍ର; ଉନ୍ମତ୍ତ । (ଉତ୍କଟସ୍ତୀବ୍ରମତ୍ତୟୋ—ହେମ ।) ବି. ମତ୍ତହସ୍ତୀ; ଇକ୍ଷୁପତ୍ର ବା ତାଳପତ୍ର; ଗୁଡ଼ତ୍ୱକ୍ । (ତ୍ୱକ୍‌ପତ୍ରମୁତ୍କଟଂ ଭୃଙ୍ଗଂ ତ୍ୱଚଂ ଚୋଚଂ ବରାଙ୍ଗକଂ—ଅମର ।)

ଉତ୍କଣ୍ଠ, ବିଂ. (ଉତ୍‌ = ଉନ୍ନତ-କଣ୍ଠ) ଉଦ୍‌ଗ୍ରୀବ; ଶୃଙ୍ଗାରବନ୍ଧବିଶେଷ ।

ଉତ୍କଣ୍ଠା, ବି. ସ୍ତ୍ରୀ. (ଉତ୍‌-କଣ୍ଠ୍ = ଚିନ୍ତା କରିବା-ଅ) ଉଦ୍‌ବେଗ, ଚିନ୍ତା, ଭାବନା; ବେଦନା; ଇଷ୍ଟ ଲାଭାର୍ଥ କାଳକ୍ଷେପରେ ଅସହିଷ୍ଣୁତା; ଔତ୍ସୁକ୍ୟ । ଯଥା—
ଉତ୍କଣ୍ଠାକୁଳ ହୋଇ ଘନକୁ ଭାଷେ,
ସଜୀବ ମଣି ହୃଦ କଥା ପ୍ରକାଶେ । ମେ. ଦୂ.

ଉତ୍କର, ଉତ୍କାର, } ବି. (ଉତ୍‌ = ଊର୍ଦ୍ଧ୍ୱ-କୃ-ଅ, ଯାହା କ୍ରମଶଃ ଊର୍ଦ୍ଧ୍ୱକୁ କରାଯାଏ) ରାଶି, ପୁଞ୍ଜ, ଗଦା, ସମୂହ । (ସ୍ୟାନ୍ନିକାୟଃ ପୁଞ୍ଜରାଶିତ୍ୱୁତ୍କରଃ କୂଟମସ୍ତ୍ରିୟାଂ—ଅମର ।) ପ୍ରସାରଣ; ବିକ୍ଷେପ ।

ଉତ୍କର୍ଷ, ବି. (ଉତ୍‌ = ଅଧିକ-କୃଷ୍ = ଚିହ୍ନ କରିବା-ଅ) ଉତ୍ତମତା, ଶ୍ରେଷ୍ଠତା; ଆଧିକ୍ୟ; ଅତିଶୟ; ବୃଦ୍ଧି ବା ଉନ୍ନତି । ବିଂ. ଉତ୍କୃଷ୍ଟ ।

ଉତ୍କଳ, ବି. (ଉତ୍‌ = ଉତ୍କୃଷ୍ଟ, କଲ୍ = କଳନା କରିବା, ଅବଗତ କରିବା ଇତ୍ୟାଦି— କଳଃ କାମଧେନୁଃ କଳାନାଂ-ଅ-ଯେ ସମସ୍ତ ସମ୍ମୁତ୍କୃଷ୍ଟ ବିଷୟକୁ ଅବଗତ କରି ପାରେ) ସୁପ୍ରସିଦ୍ଧ ଦେଶବିଶେଷ, ଓଡ଼ିଆ ଦେଶ, ଓଡ଼ିଆମାନଙ୍କର ଦେଶ; ସୁଦ୍ୟୁମ୍ନ ବା ଇଳାଙ୍କ ପୁତ୍ର; ଧ୍ରୁବଙ୍କର ଜ୍ୟେଷ୍ଠପୁତ୍ର । ବିଂ. ଉତ୍କଣ୍ଠିତ । ଯଥା—
ଉତ୍କଳେ ଉତ୍କଳ ହୋଇ ବିରହେ ଭାସି,
ଗନ୍ଧର୍ବ ଏ ଗଉରବ ଗଉଡ଼େ କରି । ଲ. ବ.

ଉତ୍କଳିକା, ବି. ସ୍ତ୍ରୀ. (ଉତ୍ = ଊର୍ଦ୍ଧ୍ୱ-କଲ୍ = ଗମନ କରିବା-ଅକ-ସ୍ତ୍ରୀ-ଆ) ଲହରୀ, ତରଙ୍ଗ; ଫୁଲର କଢି; ଉତ୍କଣ୍ଠା, ଉଦ୍‌ବେଗ । ବିଂ. (ଉତ୍‌କଳିକା) ସଞ୍ଜାତକୋରକ, ଯେଉଁ ବୃକ୍ଷର କଳିକା ବା କୋରକ ଜନ୍ମିଥାଏ ।

ଉତ୍କାର, ବି. (ଉତ୍ = ଉପରକୁ-କୃ = ବିକ୍ଷେପ କରିବା-ଅ) ଧାନ୍ୟୋତ୍କ୍ଷେପଣ, ଧାନର ଅଗାଡ଼ି ଝାଡ଼ି ରାଶୀକରଣ । (ଉତ୍କାରସ୍ତୁ ନିକାରସ୍ତୁ ଦ୍ୱୌ ଧାନ୍ୟୋତ୍କ୍ଷେପଣାର୍ଥକୌ —ଅମର ।)

ଉତ୍କୀର୍ଣ୍ଣ, ବିଂ. (ଉତ୍-କୃ-ତ) ଉତ୍‌କ୍ଷିପ୍ତ; କ୍ଷତ; କ୍ଷୋଦିତ; ଉଲ୍ଲିଖିତ; ବିଦ୍ଧ । (ଉତ୍କୀର୍ଣ୍ଣାଇବ ବାସଯଷ୍ଟିଷୁ ନିଶା ନିଦ୍ରାଳସା ବର୍ହିଣଃ— ବି. ଊ. ନା ।) ରଚିତ; ଲିଖିତ; ଶାଣରେ ଘଷା ହୋଇ ପରିଷ୍କୃତ । ଯଥା—

ଶାଣେ ଉତ୍କୀର୍ଣ୍ଣ କି ବରାଙ୍ଗ ଏସନ ଆସଇ ଚଳେ ।
ଉଷା ।

ଉତ୍କୁଣ, ବି. (ଉତ୍ = ଉପର-କୁଣ୍ = ହିଂସା କରିବା-ଅ) ଟେକଣକୀଟ, ଉକୁଣି ।

ଉତ୍କୃଷ୍ଟ, ବିଂ. (ଉତ୍-କୃଷ୍-ତ) ଶ୍ରେଷ୍ଠ, ପ୍ରଧାନ, ଉତ୍ତମ; ଊର୍ଦ୍ଧ୍ୱକୁ ଆକୃଷ୍ଟ ।

ଉତ୍କୋଚ, ବି. (ଉତ୍-କୁଚ୍-ସଙ୍କୁଚିତ ହେବା-ଅ) ଲାଞ୍ଚ,ରିସବତ୍ । ଯଥା—ଉତ୍କୋଚଜୀବୀ ।

ଉତ୍କ୍ରମ, ବି. (ଉତ୍-କ୍ରମ୍-ଅ) ବ୍ୟତିକ୍ରମ; ବିଲୋମ; ନିଃସରଣ; ନିର୍ଗମନ; ମରଣ ।

ଉତ୍କ୍ରାନ୍ତ, ବିଂ. ( ଉତ୍-କ୍ରମ୍-ତ ) ଉଦ୍‌ଗତ; ଅତିକ୍ରାନ୍ତ; ଉଲ୍ଲଙ୍ଘିତ; ମୃତ ।

ଉତ୍କ୍ରୋଶ, ବି. (ଉତ୍-କ୍ରୁଶ = କ୍ରନ୍ଦନ କରିବା-ଅ) କୁରଲ ପକ୍ଷୀ ବା କୁରର ପକ୍ଷୀ । ( ଉତ୍କ୍ରୋଶକୁରରୌସମୌ—ଅମର ) ଚକ୍ରାର ।

ଉତ୍‌ଖାତ, ବି. (ଉତ୍-ଖନ୍-ତ) ଉତ୍ପାଟିତ; ଉନ୍ମୂଳିତ । ଯଥା—ବିଶିଖ ପ୍ରଭୃତି ଶରୀରରୁ ଉତ୍‌ଖାତ କରା ଯାଇପାରେ, କିନ୍ତୁ ବାକ୍‌ଶଲ୍ୟ ହୃଦୟରୁ କୌଣସିମତେ ଉତ୍‌ଖାତ ହୋଇ ନ ପାରେ । ସମୂଳେ ବିନାଶିତ;ବିଦାରିତ ।

ଉତ୍‌ଖେଳା, ବି. (ଉତ୍-ଖେଳା) ଗଜ ବୃଷାଦିର ଦନ୍ତ ଓ ଶୃଙ୍ଗ ଦ୍ୱାରା ମୃତ୍ତିକା ଉତ୍ତୋଳନ-ପୂର୍ବକ କ୍ରୀଡ଼ା । ଯଥା—

କୃତାଶ୍ଲେଷାନ୍ୱିତ ଘନକୁ ଆଲୋକଲା ଯକ୍ଷକାମୀ,
ଖାତୋତ୍‌ଖେଳା ପରିଣତ ଗଜ ପ୍ରାୟ ଆଷାଢ଼ ଆଦ୍ୟେ ।
ମେ. ଦୂ.

ଉତ୍ତ, ବିଂ (ଉନ୍ଦ୍ = ଆର୍ଦ୍ର କରିବା-ତ) ଆର୍ଦ୍ର, ଓଦା । (ଆର୍ଦ୍ରଂ ସାର୍ଦ୍ରଂ କ୍ଳିନ୍ନଂ ତିମିତଂ ସ୍ତିମିତଂ ସମୁନ୍ନମୁତ୍ତଂ ଚ—ଅମର ।)

ଉତ୍ତଂସ,ବି. (ଉତ୍-ତନସ୍ = ଭୂଷିତ କରିବା-ଅ) କର୍ଣ୍ଣଭୂଷଣ; ଶିରୋଭୂଷଣ । (ପୁଂସ୍ୟୁତ୍ତଂସା-ବତଂସୌ ଦ୍ୱୌ କର୍ଣ୍ଣପୂରେ ଚ ଶେଖରେ —ଅମର ।) (କୌଣସି ଶବ୍ଦର ପରେ ପ୍ରଯୁକ୍ତ ହେଲେ) ଶ୍ରେଷ୍ଠ, ପ୍ରଧାନ । ଯଥା—

ବୀରୋତ୍ତଂସ ତ୍ରିଲୋକପ୍ରିୟ ଶମ ବିଭବ ଶ୍ରୀସ୍ୱ
ଶୌର୍ଯ୍ୟେ ଅଗ୍ରଣୀ । ଜା. ପ. ନା.

ଉତ୍ତପ୍ତ, ବିଂ. (ଉତ୍-ତପ୍-ତ) ଉତ୍ତାପବିଶିଷ୍ଟ; ସନ୍ତପ୍ତ; ଦଗ୍ଧ; ସ୍ନାତ । ବି. ଶୁଷ୍କ ମାଂସ (ଉତ୍ତପ୍ତଂ ଶୁଷ୍କମାଂସଃ ସ୍ୟାତ୍—ଅମର ।)

ଉତ୍ତମ, ବିଂ. (ଉତ୍-ତମ = ଇଚ୍ଛା କରିବା-ଅ) ଉତ୍କୃଷ୍ଟ, ଶ୍ରେଷ୍ଠ, ପ୍ରଧାନ; ଚରମ; ଉପାଦେୟ । ବି. ସୁରୁଚିଗର୍ଭଜାତ ଉତ୍ତାନ-ପାଦ ରାଜାଙ୍କ ପୁତ୍ର ।

ଉତ୍ତମର୍ଣ୍ଣ, ବିଂ. (ଉତ୍ତମ = ପ୍ରଧାନ ଋଣ = ଉପଚୟ ହେତୁ ଯାହାର ଋଣ ପ୍ରଧାନ ଅଟେ) ଋଣଦାତା, ମହାଜନ । (ଉତ୍ତମର୍ଣ୍ଣୌ ଧନସ୍ୱାମୀ ।)

ଉତ୍ତମା, ବି. ସ୍ତ୍ରୀ. (ଉତ୍ତମ-ଆ) ଗୁଣୋତ୍କୃଷ୍ଟା ସ୍ତ୍ରୀ, ନାୟିକାବିଶେଷ । (ବରାରୋହା ମତ୍ତକାଶିନ୍ୟୁତ୍ତମା ବରବର୍ଣ୍ଣିନୀ—ଅମର ।)

ଉତ୍ତମାଙ୍ଗ, ବି. (ଉତ୍ତମ-ଅଙ୍ଗ) ପ୍ରଧାନ ଅଙ୍ଗ; ମସ୍ତକ, ମୁଣ୍ଡ । (ଉତ୍ତମାଙ୍ଗଂ ଶିରଃ ଶୀର୍ଷଂ —ଅମର ।)

ଉତ୍ତମ୍ଭନ, ବି. (ଉତ୍-ସ୍ତନ୍ଭ୍-ଅନ)ଅବଲମ୍ବନ, ବନ୍ଧନ; ଖୁଣ୍ଟ, ଖମ୍ବ; ନିବୃତ୍ତି; ସ୍ତମ୍ଭୀଭାବ

ଉତ୍ତର, ବି. (ଉତ୍ = ଉପରି-ତୃ = ପାର ହେବା-ଅ) ପ୍ରତିବଚନ; ସିଦ୍ଧାନ୍ତ; ପ୍ରତିକାର; ବିରାଟ ରାଜାଙ୍କ ପୁତ୍ର; ଦିଗବିଶେଷ । (ଉତ୍ତରଂ ପ୍ରତିବାକ୍ୟେ ସ୍ୟାତ୍—ବିଶ୍ୱ ।) ବିଂ. ଶ୍ରେଷ୍ଠ; ଯୋଗ୍ୟ; ଉତ୍ତମ; ଦୁର୍ଲ୍ଲଭ; ଅସାଧାରଣ । ଯେପରି—ଲୋକୋତ୍ତର । ଯାହା ପରେ ଘଟିବ, ଭାବୀ, ଭବିଷ୍ୟ । ଯଥା—ଉତ୍ତର କାଳରେ କଣ ହେବ, କହାଯାଇ ନ ପାରେ । ଉତ୍ତରଦିଗସମ୍ବନ୍ଧୀୟ, ଉତ୍ତର-ଦିଗସ୍ଥ; ଉପରିସ୍ଥ । (ଉପର୍ଯ୍ୟୁଦୀଚ୍ୟ ଶ୍ରେଷ୍ଠେ-ଷ୍ୱପ୍ୟୁତ୍ତରଃ ସ୍ୟାତ୍—ଅମର ।) କ୍ରି. ବିଂ. ଅନନ୍ତର, ପଶ୍ଚାତ୍ । ଯଥା—ସେ ଶ୍ରବଣୋତ୍ତର ଏହି କଥା କହିଲେ ।

ଉତ୍ତରକୁରୁ, ବି. (ଉତ୍ତର-କୁରୁ) ଜମ୍ବୁଦ୍ୱୀପର ବର୍ଷବିଶେଷ; ଦେଶବିଶେଷ । କେହି କେହି ଈରାନ ରାଜ୍ୟର ଅପର ଭାଗକୁ ଉତ୍ତରକୁରୁ କହନ୍ତି । ଯଥା—

**ବହୁତ ଜନ ଜୀବନ ନେଇ,**
**ଉତ୍ତରକୁରୁ ପ୍ରଦେଶେ ଯାଇ ।**
**ଉତ୍ତର ନୃତର ନ ସହି,**
**ଇନ୍ଦ୍ରେ କ ମାନ ଯେ । ବୈ. ବି.**

ଉତ୍ତରକ୍ରିୟା, ବି. (ଉତ୍ତର-କ୍ରିୟା) ସାମ୍ବତ୍ସରିକ ଶ୍ରାଦ୍ଧାଦି କାର୍ଯ୍ୟ; ପ୍ରତିବଚନ ପ୍ରଦାନ ।

ଉତ୍ତରଚ୍ଛଦ, ବି. (ଉତ୍ତର = ଉପରି-ଛଦ) ଉପରି ଆସ୍ତରଣବସ୍ତ୍ର, ବିଛଣାର ଗୁଦର, ଶେଯପଡ଼ା, ଆଚ୍ଛାଦନବସ୍ତ୍ର ।

ଉତ୍ତରପକ୍ଷ, ବି. (ଉତ୍ତର = ପଶ୍ଚାଦ୍‌ଗାମୀ-ପକ୍ଷ = ଅନୁମେୟ ବସ୍ତୁର ଆଧାର) ପୂର୍ବ ପକ୍ଷ ବା ପ୍ରଶ୍ନକର୍ତ୍ତାର ନିରାସକ ବା ବିପରୀତ ପକ୍ଷ, ସିଦ୍ଧାନ୍ତପକ୍ଷ; ଶୁକ୍ଳପକ୍ଷରେ ମାସାରମ୍ଭ ହେଲେ କୃଷ୍ଣପକ୍ଷ ଉତ୍ତରପକ୍ଷ; କୃଷ୍ଣପକ୍ଷରେ ମାସାରମ୍ଭ ହେଲେ ଶୁକ୍ଳପକ୍ଷକୁ ଉତ୍ତରପକ୍ଷ କହନ୍ତି ।

ଉତ୍ତରଳ, ବିଂ. (ଉତ୍-ତରଳ) ଅତି ଚଞ୍ଚଳ, ଚଞ୍ଚଳ । ଯଥା—

**ଉତ୍ତରଳ ଭାବ ବହ୍ନି ତାପେ ବନ୍ଧ,**
**ତୈଳକ୍ଷେପେ ହେଲେ ପଦ୍ମ ପଡ଼େ ନଇଁ । ନ. କେ.**

ଉତ୍ତରସାଧକ, ବିଂ. (ଉତ୍ତର-ସାଧକ) ସହକାରୀ, ସାହାଯ୍ୟକାରୀ ।

ଉତ୍ତରାଧିକାରୀ, ବି. (ଉତ୍ତରାଧିକାର-ଇନ୍) ଦାୟାଦ, ଔରସ ।

ଉତ୍ତରାପଙ୍ଖିଆ, ବି. (ଦେଶଜ) ଧାନ୍ୟବିଶେଷ; ଏହି ଧାନଗୁଡ଼ିକ ଚିକା ସରୁ ଓ ଧୋବ ହୋଇଥାଏ ଏବଂ ଏହାର ଦୁଇ ପାର୍ଶ୍ୱରେ ପକ୍ଷିପରି ଆକୃତି ଥାଏ ।

ଉତ୍ତରାସଙ୍ଗ, ବି. (ଉତ୍ତର = ଉପରିସ୍ଥିତ-ଆସଙ୍ଗ—ଆ-ସନ୍‌ଜ୍-ଅ) ଉତ୍ତରୀୟ ବସ୍ତ୍ର, ଆଚ୍ଛାଦନବସ୍ତ୍ର, ଗୁଦର । (ଭୃଗୁତ୍ତରାସଙ୍ଗ-ବତୀମଧୀତିନଂ—କୁ. ସ.)

ଉତ୍ତରୀୟ, ବି. (ଉତ୍ତର = ଉପରେ-ଈୟ) ନାଭି-ଦେଶର ଉପରିସ୍ଥିତ ଅଙ୍ଗର ଆଚ୍ଛାଦନବସ୍ତ୍ର, ଓଢ଼ଣୀ, ଗୁଦର ।

ଉତ୍ତରେଦ୍ୟୁ, ଉତ୍ତରେଦ୍ୟୁଃ, } କ୍ରି. ବିଂ. (ଉତ୍ତରେ ଦ୍ୟୁସ୍—ଉତ୍ତର = ପଶ୍ଚାତ୍-ଏଦ୍ୟୁସ୍-ଦିବାର୍ଥେ) ପରଦିନରେ, ଆଗାମୀ ଦିବସରେ, କାଲି ।

ଉତ୍ତରୋତ୍ତର, କ୍ରି. ବିଂ. (ଉତ୍ତର-ଉତ୍ତର) କ୍ରମେ କ୍ରମେ, ପରେ ପରେ ।

ଉତ୍ତାନ, ବିଂ. (ଉତ୍ = ଉପରି-ତନ୍ = ବିସ୍ତାର ହେବା-ଅ) ଊର୍ଦ୍ଧ୍ୱମୁଖରେ ସ୍ଥିତ, ଚିତ ହେବା । ଯଥା—

**ଉତ୍ତାନେ ଶୋଇଛି ଦୁଃଖିନୀ ନାୟିକା,**
**ପର୍ଯ୍ୟଙ୍କସ୍ଥିତ ପଦ୍ମ ପ୍ରାୟ ତନୁ ଫିକା । ନ. କେ.**

ଉତ୍ତାନପାଦ, ବି. (ଉତ୍ତାନ-ପାଦ) ସ୍ୱାୟମ୍ଭୁବ-ମନୁଙ୍କ ପୁତ୍ର; ଧ୍ରୁବଙ୍କ ପିତା । ବିଂ. ଉଲଟ-ପାଦବିଶିଷ୍ଟ ।

ଉତ୍ତାନଶୟ, ବି. (ଉତ୍ତାନ-ଶୀ-ଅ) ଅର୍ଭକ, ଶିଶୁ । (ସ୍ୟାଦୁତ୍ତାନଶୟାଡ଼ିମ୍ଭାଃ—ଅମର ।) ବିଂ. ଯେ ଚିତ ହୋଇ ଶୟନ କରିଅଛି ବା କରେ, ଉତ୍ତାନଶାୟୀ ।

ଉତ୍ତାପ, ବି. (ଉତ୍-ତପ୍-ଅ) ଉଷ୍ଣତା, ଉଷ୍ମ, ତାପ ।

ଉତ୍ତାରୁ, ଅଂ. (ଦେଶଜ) ଅନନ୍ତର । ଯଥା—
ଧୀରେ ଧୀରେ ଶୁଣ ଏ ଉତ୍ତାରୁ ଚରିତ । ବି. ଚ. ମ.

ଉତ୍ତାଳ, ବିଂ. (ଉତ୍-ତଲ୍ = ଉନ୍ନତ ହେବା-ଅ) ଉତ୍କଟ; ମହତ୍; ଶ୍ରେଷ୍ଠ; ଉନ୍ନତ; ଭୀଷଣ; ଭୟାନକ । ଯଥା—
ଚେତନା ବୁଡ଼ାଇଲା କମେ ସେ ଭାବ ଉତ୍ତାଳ ।
ବିକଟଶବ୍ଦକାରୀ । (ଉତ୍ତାଳତାଳୀବନସଂପ୍ରବୃତ୍ତଃ—ମାଘ ।)

ଉତ୍ତିଷ୍ଠମାନ, ବିଂ. (ଉତ୍-ସ୍ଥା-ଆନ, ସ୍ଥା = ତିଷ୍ଠ, ଆନ = ମାନ) ଉତ୍ଥାନଶୀଳ, ଯେ ଉଠିଅଛି; ବର୍ଦ୍ଧମାନ; ବୃଦ୍ଧିଶୀଳ ।

ଉତ୍ତୀର୍ଣ୍ଣ, ବିଂ. (ଉତ୍-ତୄ-ତ) ଯେ ପାର ହୋଇଅଛି, ନଦୀ ପ୍ରଭୃତିରୁ ଉତ୍ଥିତ; ନିର୍ଗତ; ଅତିକ୍ରାନ୍ତ; ନିସ୍ତାରପ୍ରାପ୍ତ; କୃତକାର୍ଯ୍ୟ । ଯଥା—ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା, ବିପଦରୁ ଉତ୍ତୀର୍ଣ୍ଣ ହେଲା । ଉପସ୍ଥିତ । ଯଥା—ସେ ଯାଇ କାଶୀକ୍ଷେତ୍ରରେ ଉତ୍ତୀର୍ଣ୍ଣ ହେଲା ।

ଉତ୍ତେଜନ, ଉତ୍ତେଜନା, } ବି. (ଉତ୍-ତିଜ୍-ଅନ, ଆ) ଶାଣାଦିଦ୍ୱାରା ତୀକ୍ଷ୍ଣୀକରଣ, ପ୍ରବର୍ତ୍ତନ । ଯଥା—ତୁମେ ତାହାର ଉତ୍ତେଜନାରେ ମାତିଅଛ । ଧମକାଇବା; ଉଦ୍ଦୀପନ; ପ୍ରୋତ୍ସାହିତ କରିବା; ଉତ୍ସାହଦାନ; ଉତ୍ପୀଡ଼ନ; ଉପଦ୍ରବ କରିବା ।

ଉତ୍ତୋଳନ, ବି. (ଉତ୍-ତୋଳନ) ଉତ୍ଥାପନ, ଉଠାଇବା, ଊର୍ଦ୍ଧ୍ୱକୁ ନେବା, ଟୋଲିବା ।

ଉତ୍ଥ, ବିଂ. (ଉତ୍ = ଉପରି-ସ୍ଥା-ଅ) ଉତ୍ଥିତ, ଜାତ, ଉତ୍ପନ୍ନ ।

ଉତ୍ଥଳିବା, ଉଥୁଳିବା, ଉଥଳିବା, } କ୍ରି. (ଉତ୍ତୋଳନ ଶବ୍ଦଜ) ଉପରକୁ ଉଠିବା, ଉତ୍ଥିତ ହେବା; ପ୍ରକଟିତ ହେବା । ଯଥା—
ଯହିଁ ଶୁଣ ତହିଁ ସଙ୍ଗୀତ ଉତ୍ଥଳେ । ନ. କେ.

ଉତ୍ଥାନ, ବି. (ଉତ୍-ସ୍ଥା-ଅନ) ଉଦୟ; ଉନ୍ନତି; ଉତ୍ପତ୍ତି; ଶଯ୍ୟା ପ୍ରଭୃତିରୁ ଉଠିବା—ଯେପରି ଗାତ୍ରୋତ୍ଥାନ; ଉଦ୍‌ଯୋଗ; ଆଳସ୍ୟ ପରିହାର; ଯତ୍ନ; ଉଦ୍ୟମ; ଉତ୍ସାହ; ହର୍ଷ; ପୌରୁଷ; ରାଜ୍ୟଚିନ୍ତା; ଯୁଦ୍ଧ; ପୁସ୍ତକ; ପ୍ରାଙ୍ଗଣ । (ଉତ୍ଥାନମୁଦ୍ୟମେ ତନ୍ତ୍ରେ ପୌରୁଷେ ପୁସ୍ତକେ ରଣେ । ପ୍ରାଙ୍ଗଣୋଦ୍‌ଗମହର୍ଷେଷୁ ମଳରୋଗେଽପିନଦ୍ୱୟୋଃ—ମେଦିନୀ ।)

ଉତ୍ଥାପନ, ବି. (ଉତ୍-ସ୍ଥା-ଣିଚ୍-ଅନ) ଉତ୍ତୋଳନ, ଉଠାଇବା; ପ୍ରେରଣ; ପ୍ରବୋଧନ; ଯେ କୌଣସି ବିଷୟର ପ୍ରସ୍ତାବ କରିବା, ପ୍ରସ୍ତାବନା; ଉପସ୍ଥିତ କରିବା ।

ଉତ୍ଥିତ, ବିଂ. (ଉତ୍-ସ୍ଥା-ତ) ଉତ୍ପନ୍ନ; ଉଦ୍‌ଗତ; ଉଦ୍ୟତ; ବର୍ଦ୍ଧିତ ।

ଉତ୍ପତ, ବି. (ଉତ୍ = ଊର୍ଦ୍ଧ୍ୱ-ପତ = ଗମନ କରିବା-ଅ) ପକ୍ଷୀ । ବିଂ. ଊର୍ଦ୍ଧ୍ୱଗାମୀ ।

ଉତ୍ପତନ, ବି. (ଉତ୍-ପତ୍-ଅନ) ଉତ୍ପତ୍ତି, ଉଦୟ; ଉତ୍ଥାନ; ଊର୍ଦ୍ଧ୍ୱଗମନ; ଉଡ୍‌ଡୟନ; ଉତ୍‌କ୍ଷେପଣ ।

ଉତ୍ପତିତା, ଉତ୍ପତିଷ୍ଣୁ, } ବିଂ. (ଉତ୍ପତିତୃ ଉତ୍-ପତ୍-ତୃ, ଇଷ୍ଣୁ) ଉତ୍ପତନଶୀଳ, ଊର୍ଦ୍ଧ୍ୱଗାମୀ, ଊର୍ଦ୍ଧ୍ୱଗମନବିଶିଷ୍ଟ । (ଉତ୍ପତିଷ୍ଣୁଃ ସ୍ତୁତ୍ପତିତା—ଅମର ।)

ଉତ୍ପତ୍ତି, ବି. (ଉତ୍-ପଦ୍ = ଗମନ କରିବା-ତି) ଉଦ୍ଭବ, ଜନ୍ମ, ଆବିର୍ଭାବ ।

ଉତ୍ପଥ, ବି. (ଉତ୍-ପଥିନ୍) ବିରୁଦ୍ଧ ପଥ, ଅସତ୍ ପଥ, କୁପଥ ।

ଉତ୍ପଦ୍ୟମାନ, ବିଂ. (ଉତ୍-ପଦ୍-ଆନ = ଶାନ, ଯ ଆଗମ, ଆନ = ମାନ) ଜାୟମାନ, ଯାହାର ଉତ୍ପତ୍ତି ହୋଇଅଛି ।

ଉତ୍ପନ୍ନ, ବିଂ. (ଉତ୍-ପଦ୍-ତ) ଜାତ, ଉତ୍ଥିତ, ଲବ୍ଧ ।

ଉତ୍ପଳ, ବି. (ଉତ୍-ପଲ୍ = ଗମନ କରିବା-ଅ) ଜଳଜ, ପଦ୍ମ । ଯଥା—

**ଉତ୍ପଳ କେଶର ଦେଇ ପରସ୍ପର ମୁଖେ,**
**ରଥାଙ୍ଗମିଥୁନ ଏଥି ବସିଥିଲେ ସୁଖେ ।** କ. ବ.

କୁମୁଦ, ନୀଳୋତ୍ପଳ । (ସ୍ୟାଦୁତ୍ପଳଂ କୁବଳୟଂ—ଅମର ।) କୁଷ୍ଠବୃକ୍ଷ; କୁଡ଼ । ବିଂ. (ଉତ୍ = ନାହିଁ-ପଳ = ମାଂସ) ନିର୍ମାଂସ, ମାଂସଶୂନ୍ୟ ।

ଉତ୍ପଳିନୀ, ବି. ସ୍ତ୍ରୀ. (ଉତ୍ପଳ—ଇନ୍-ସମୂହାର୍ଥେ-ସ୍ତ୍ରୀ-ଈ) ପଦ୍ମିନୀ, ପଦ୍ମସମୂହ, ପଦ୍ମବନ; କୁମୁଦିନୀ, କୁମୁଦସମୂହ, କୁମୁଦବନ ।

ଉତ୍ପଳଶାରିବା, ବି. ସ୍ତ୍ରୀ. (ଉତ୍ପଳ-ଶାରିବା) ସୁଗନ୍ଧୀ, ସୁଆଁ ଲଇ; ସୁବାସଯୁକ୍ତ ଔଷଧ-ମୂଳକାବିଶେଷ ।

ଉତ୍ପାଟନ, ବି. (ଉତ୍-ପାଟନ) ଉନ୍ମୂଳନ, ଉତ୍ତୋଳନ । ଯଥା—ବୃକ୍ଷୋତ୍ପାଟନ ।

ଉତ୍ପାତ, ବି. (ଉତ୍ = ଅକସ୍ମାତ୍ରୂପେ-ପତ୍-ଅ) ଉପଦ୍ରବ, ଅତ୍ୟାଚାର; ଦୈବଦ୍ୱାରା ଅମଙ୍ଗଳ ଘଟନା—ଯେପରି ଭୂକମ୍ପାଦି ।

ଉତ୍ପାଦନ, ବି. (ଉତ୍-ପଦ୍-ଇ-ଅନ) ଜନ୍ମାଇବା, ଉତ୍ପତ୍ତିକରଣ ।

ଉତ୍ପାଦକ, ଉତ୍ପାଦୟିତା, ବିଂ. (ଉତ୍-ପଦ୍-ଅକ, ଉତ୍-ପଦ୍-ଇ-ତୃ) ଯେ ଉତ୍ପାଦନ କରେ, ଉତ୍ପତ୍ତିକାରକ, ଜନକ, ଜନ୍ମଦାତା ।

ଉତ୍ପାଦ୍ୟମାନ, ବିଂ. (ଉତ୍-ପଦ୍-ମାନ, ଯ ଆଗମ) ଜନ୍ୟମାନ, ଯାହାର ଉତ୍ପାଦନ ହୋଇଅଛି ।

ଉତ୍ପିଞ୍ଜର, ବିଂ. (ଉତ୍ = ବହିର୍ଗତ-ପିଞ୍ଜର) ପିଞ୍ଜରମୁକ୍ତ, ବନ୍ଧନମୁକ୍ତ, କାରାମୁକ୍ତ ।

ଉତ୍ପିତସୁ, ବିଂ. (ଉତ୍-ପତ୍-ସନ୍-ଉ) ଉତ୍ପତନେଚ୍ଛୁ, ଯେ ଉତ୍ପତନ ଇଚ୍ଛା କରେ ।

ଉତ୍ପୀଡ଼, ଉତ୍ପୀଡ଼ନ, ବି. (ଉତ୍-ପୀଡ଼୍-ଅ, ଅନ) ବାଧା; ପ୍ରବର୍ତ୍ତନ; ଉତ୍ତେଜନ; ଠେଲାଠେଲି, ଠେସାଠେସି; କ୍ଲେଶଦେବା; ଆଧିକ୍ୟ; ଉପଦ୍ରବ; ଅତ୍ୟାଚାର ।

ଉତ୍ପ୍ରାସ, ଉତ୍ପ୍ରାସନ, ବି. (ଉତ୍-ପ୍ର-ଅସ୍-ଅ, ଅନ) ଈଷତ୍ ହାସ୍ୟ, ଉପହାସ, ଉତ୍କ୍ଷେପ ।

ଉତ୍ପ୍ରେକ୍ଷା, ଉତ୍ପ୍ରେକ୍ଷଣ, ବି. (ଉତ୍-ପ୍ର-ଈକ୍ଷ୍-ଆ, ଅନ) ଅର୍ଥାଲଙ୍କାରବିଶେଷ; ପ୍ରକୃତ ବସ୍ତୁରେ ଅନ୍ୟପ୍ରକାର ସମ୍ଭାବନା, ବିତର୍କ; ଅନୁମାନ; ଉପେକ୍ଷା; ଦର୍ଶନ ।

ଉତ୍ପ୍ଲବ, ଉତ୍ପ୍ଲବନ, ବି. (ଉତ୍-ପ୍ଲବ, ପ୍ଲବନ) ଉଲ୍ଲମ୍ଫନ, ଉନ୍ମଜ୍ଜନ; ଜଳ ଉପରେ ଭାସିବା; କୁଦିବା, ଡେଇଁବା ।

ଉତ୍ଫୁଲ୍ଲ, ବିଂ. (ଉତ୍-ଫୁଲ୍ଲ = ବିକସିତହେବା-ଅ) ବିକସିତ, ପ୍ରଫୁଲ୍ଲ, ଆନନ୍ଦିତ ।

ଉତ୍ଥ୍ୟାନ, ବିଂ. (ଉତ୍ତାନ ଶବ୍ଦଜ) ଚିତ, ଊର୍ଦ୍ଧ୍ୱମୁଖରେ ନିପତିତ । ଯଥା—

**କୁନ୍ତ ଧରି ହୃଦେ ତା ମାଇଲା ପାଦଘାତ,**
**ଉତ୍ଥ୍ୟାନ ହୋଇ ପଡ଼ିଲା ଦୁର୍ଯ୍ୟୋଧନ ଭ୍ରାତ ।** ସା.ଖ୍ର.ଆ.

ଉତ୍ସ, ବି. (ଉନ୍ଦ୍ = ଆର୍ଦ୍ରହେବା-ସ) ପ୍ରସ୍ରବଣ, ପର୍ବତର ଝରଣା ।

ଉତ୍ସଙ୍ଗ, ବି.(ଉତ୍-ସନ୍ଜ୍ = ଆଲିଙ୍ଗନ କରିବା-ଅ) କ୍ରୋଡ଼, କୋଳ; ଊରୁ । ଯଥା—

**ଶତ ମହିଷୀର ଉତ୍ସଙ୍ଗେ ଲାଳିତା,**
**ଶଶିକଳା ପ୍ରାୟେ ବଢ଼ିଲା ଲଳିତା ।** ନ. କେ.

ମଧ୍ୟଭାଗ । (ଦଶଗ୍ରୀବୋତ୍ସଙ୍ଗନିଷକ୍ତଭାସଃ—କୁ. ସଂ.) ଊର୍ଦ୍ଧ୍ୱଭାଗ । (ସୌଧୋତ୍ସଙ୍ଗ-ପ୍ରଣୟବିମୁଖୋ ମାସ୍ମଭୂରୁଜ୍ଜୟିନ୍ୟାଃ—ମେ. ଦୂ.) ଊର୍ଦ୍ଧ୍ୱତଳ । ବିଂ. ନିଃସଙ୍ଗ, ସଙ୍ଗରହିତ; ଉତ୍ସନ୍ନ; ନଷ୍ଟ ।

ଉତ୍ସନ୍ନ, ବିଂ. (ଉତ୍-ସଦ୍-ତ, ଦ = ତ = ନ) ନଷ୍ଟ, ଧ୍ୱସ୍ତ, ବିନାଶିତ; ଉତ୍ଥିତ ।

ଉତ୍ସର୍ଗ, ଉତ୍ସର୍ଜନ, ବି. (ଉତ୍-ସୃଜ୍ = ତ୍ୟାଗ କରିବା-ଅ, ଅନ) ପରିତ୍ୟାଗ; ଦାନ; ଦେବତା ଉଦ୍ଦେଶରେ ଦାନ; ବ୍ୟାକରଣରେ ସାମାନ୍ୟ ବିଧି; ଯାଗବିଶେଷ ।

ଉତ୍ସର୍ପଣ, ବି. (ଉତ୍-ସୃପ୍ = ଧୀରେ ଧୀରେ ଗମନ କରିବା-ଅନ) ଉଲ୍ଲଙ୍ଘନ; ଊର୍ଦ୍ଧ୍ୱ-ଗମନ; ତ୍ୟାଗ ।

ଉତ୍ସବ, ବି. (ଉତ୍-ସୂ = ପ୍ରସବ କରିବା-ଅ—ଯେ ସୁଖ ପ୍ରସବ କରେ) ଆନନ୍ଦଜନକ ବ୍ୟାପାର; ଆନନ୍ଦ । ଯଥା—ପ୍ରିୟଜନ-ଦର୍ଶନୋତ୍ସବ । ଉତ୍ସେକ ବା ଉଦ୍‌ଗତି; ଅମର୍ଷ ବା କୋପ; ଇଚ୍ଛାପ୍ରସର ବା ଇଚ୍ଛାର ବେଗ; ଆନନ୍ଦାବସର । (ଉତ୍ସେକାମର୍ଷ-ଯୋରିଚ୍ଛାପ୍ରସରେ ମହଉତ୍ସବଃ—ଅମର ।)

ଉତ୍ସାଦନ, ବି. (ଉତ୍-ସଦ୍-ଇ-ଅନ) ଉଦ୍‌ବର୍ତ୍ତନ, ତୈଳଚନ୍ଦନାଦିଦ୍ୱାରା ପରିଷ୍କରଣ, ମଳ-ଶୋଧନ; (ଉଦ୍‌ବର୍ତ୍ତନୋତ୍ସାଦନେଦ୍ୱେ—ଅମର ।) ଉତ୍ସନ୍ନ କରିବା, ବିନାଶନ; ଉନ୍ମୂଳନ । (ଉତ୍ସାଦନାର୍ଥଂ ଲୋକାନାଂ ଧୂନ୍ଧୁର୍ନାମ ମହାସୁରଃ—ଭାଗବତ ।)

ଉତ୍ସାହ, ବି. (ଉତ୍ = ଅତିଶୟ-ସହ୍ = ସହ୍ୟ କରିବା, ପାକ କରିବା-ଅ) ଯେ କୌଣସି କାର୍ଯ୍ୟରେ ଅନୁରାଗ, ଉଦ୍‌ଯୋଗିତା, ତତ୍ପରତା, ବ୍ୟଗ୍ରତା ବା ଆଗ୍ରହ; ଅଧ୍ୟ-ବସାୟ । (ଉତ୍ସାହୋଽଧ୍ୟବସାୟଃ ସ୍ୟାତ୍—ଅମର ।) ଉଦ୍ୟମ; ଉଦ୍‌ଯୋଗ; ଦୃଢ଼ତର ଯତ୍ନ; ବୀରରସର ସ୍ଥାୟୀଭାବ ।

ଉତ୍ସାହବର୍ଦ୍ଧନ, ବି. (ଉତ୍ସାହ-ବୃଧ୍-ଅନ) ବୀର-ରସ । (ଉତ୍ସାହବର୍ଦ୍ଧନୋବୀରଃ ।) ଉତ୍ସାହ-ବୃଦ୍ଧି । ବିଂ. ଉତ୍ସାହବର୍ଦ୍ଧକ, ଯେ ଉତ୍ସାହ ବଢ଼ାଏ । ଯଥା—ଉତ୍ସାହବର୍ଦ୍ଧନ ବାକ୍ୟ ।

ଉତ୍ସିକ୍ତ, ବିଂ. (ଉତ୍-ସିଚ୍ = ସିକ୍ତ କରିବା, ଗର୍ବ କରିବା-ତ) ଗର୍ବିତ; ଉଦ୍ଧତ; ଉପର-ଭାଗରେ ସିକ୍ତ ।

ଉତ୍ସୁକ, ବିଂ. (ଉତ୍-ସୂ = ଅନୁରକ୍ତ ହେବା, ପ୍ରସବ କରିବା-କ) ସବିଶେଷ ଉଦ୍‌ଯୋଗୀ, ଅତ୍ୟନ୍ତ ତତ୍ପର; ଅଭୀଷ୍ଟ ବିଷୟରେ ଉଦ୍ୟୁକ୍ତ; ଉତ୍କଣ୍ଠିତ । (ଇଷ୍ଟାର୍ଥୋଦ୍ୟୁକ୍ତ ଉତ୍ସୁକଃ—ଅମର ।) ଅନୁରକ୍ତ ।

ଉତ୍ସୃଷ୍ଟ, ବିଂ. (ଉତ୍-ସୃଜ୍-ତ) ତ୍ୟକ୍ତ, ପରି-ତ୍ୟକ୍ତ; ଦତ୍ତ, ଉପହୃତ; ଯାହାର ଉତ୍ସର୍ଜନ ହୋଇଅଛି; ନିବେଦିତ ।

ଉତ୍ସେକ, ବି. (ଉତ୍-ସିଚ୍-ଅ) ଗର୍ବ, ଅହଂକାର, ଦର୍ପ; ଉଦ୍ରେକ । (ଅନୁତ୍ସେକସ୍ତୁ ସତାମଳଂ-କାରଃ—ଶ. ନ.) ଉପର ସେକ ।

ଉତ୍ସେଧ, ବି. (ଉତ୍ = ଉପର-ସିଧ୍ = ଗମନ କରିବା-ଅ) ଉଚ୍ଚତା; ଉନ୍ନତି; ଔଦ୍ଧତ୍ୟ; (ଶୁକ୍ର ଓ ଶୋଣିତରେ ବର୍ଦ୍ଧିତ ହୁଏ ବୋଲି) ଦେହ; (ଉତ୍ସେଧଃ କାୟ-ଉନ୍ନତିଃ—ଅମର ।) ବଧ; ଉପରିଭାଗ ।

ଉଦ୍, } ଅଂ. (ଉ-କ୍ୱିପ୍) ଊର୍ଦ୍ଧ୍ୱ; ଉଚ୍ଚତା;
ଉତ୍, } ଔଦ୍ଧତ୍ୟ; ବିପରୀତ; ତ୍ୟକ୍ତ; ଉତ୍କର୍ଷ; ପ୍ରକାଶ; ଲଭ; ବିଭାଗ; ପ୍ରାବଲ୍ୟ; ସାମର୍ଥ୍ୟ; ବନ୍ଧନ; ମୋଚନ; ନୈକଟ୍ୟ ।।

ଉଦ, } ବି. (ଉନ୍ଦ୍-ଅ-କ—ସ୍ୱାର୍ଥେ) ଜଳ,
ଉଦକ, } ପାଣି । ଯଥା—କ୍ଷୀରୋଦ; ଲବଣୋଦକ ।

ଉଦକ୍, } ଅଂ. (ଉତ୍ = ଉପର-ଅନଚ୍-କ୍ୱିପ୍,
ଉଦଚ୍, } ଅନଚ୍ = ଗମନ କରିବା) ଉତ୍ତର ଦିଗ୍ ଦେଶ ବା କାଳ; ଉତ୍ତରାଭିମୁଖ; (ଦିଗ୍‌ଦେଶକାଳେ ପୂର୍ବାଦୌ ପ୍ରାଗୁଦକ୍ ପ୍ରତ୍ୟଗାଦୟଃ— ଅମର ।)

ଉଦକାଶୟ, ବି. (ଉଦକ-ଆଶୟ) ପୁଷ୍କରିଣୀ, ପୋଖରୀ, ଜଳାଧାର ।

ଉଦକାଶୟେ ପଡ଼ିବ ଜୀବ ଯିବ,
ଉଚିତେ ଏ ହେବ କି ବଧିବ ଶିବ । ବି. ଚି. ମ.

ଉଦକ୍ୟା, ବି. ସ୍ତ୍ରୀ. (ଉଦକ-ଯ—ଯୋଗ୍ୟ-ତାର୍ଥେ—ପବିତ୍ର କରିବାପାଇଁ ଜଳ ଯାହାର ପ୍ରୟୋଜନୀୟ) ରଜସ୍ୱଳା, ଋତୁମତୀ ସ୍ତ୍ରୀ; (ଋତୁମତ୍ୟପ୍ୟୁଦକ୍ୟାପି—ଅମର ।)

ଉଦଗ୍ର, ବିଂ. (ଉତ୍ = ଉପର—ଅଗ୍ର = ଶେଷ) ଉନ୍ନତ, ଉଚ୍ଚ । ଯଥା—ଉଦଗ୍ର ପ୍ରାକାର । ଉଦ୍ଧତ । (ମଦୋଦଗ୍ରାଃ କକୁଦ୍‌ମନ୍ତଃ—ର. ବଂ.) ଉତ୍କଟ; ବୃହତ୍; ମହତ୍; ଦୀର୍ଘ; ଦୀର୍ଘ ।

ଉଦଙ୍ମୁଖ, ବି°. (ଉଦକ୍ = ଉତ୍ତର-ମୁଖ) ଉତ୍ତର-ମୁଖ, ଯେ ଉତ୍ତର ଦିଗକୁ ମୁଖ କରିଅଛି ।

ଉଦଚ୍, } ବି°. (ଉତ୍ = ଉପରି-ଅନ୍ଚ୍ = ଗମନ
ଉଦଞ୍ଚ୍, } କରିବା-କ୍ୱିପ୍) ଉତ୍ତରାଭିମୁଖୀ । ଅ°. ଉତ୍ତର ଦିଗ ଦେଶ ବା କାଳ; ଊର୍ଦ୍ଧ୍ୱଗତ । ( ରବେରୁଦଗାବୃତ୍ତି ପଠେନ । )

ଉଦଜ, ବି. (ଉତ୍-ଅଜ୍ = କ୍ଷେପଣ କରିବା-ଅ) ପଶୁପ୍ରେରଣ । ( ଉଦଜସ୍ତୁ ପଶୁପ୍ରେରଣଂ—ଅମର । )

ଉଦଞ୍ଚନ, ବି. (ଉତ୍-ଅନ୍ଚ୍ = ଗମନ କରିବା, ପୂଜା କରିବା-ଅନ) ଊର୍ଦ୍ଧ୍ୱକ୍ଷେପଣ; ଉଦ୍-ଗମନ; ପୂଜନ; ଆଚ୍ଛାଦନପାତ୍ର, ଢାଙ୍କୁଣି; ଜଳୋତ୍ତୋଳନପାତ୍ର ।

ଉଦଣ୍ଡ, ବି. (ଦେଶଜ) ରାଜୋପକରଣ-ବିଶେଷ । ଯଥା—

ଏକ ଲକ୍ଷ ଉଦଣ୍ଡ ମୟୂରପଙ୍ଖା ଲକ୍ଷେ,
ଭେରୀ ମର୍ଦ୍ଦଳ କାହାଳୀ ଦୁଇ ଦୁଇ ଲକ୍ଷେ । ସା. ଖ୍ର. ଆ.

(ଉଦ୍ଦଣ୍ଡ ଶବ୍ଦଜ) ଦୁଷ୍ଟ; ଦ୍ରନାପାନ୍ୱିତ । ଯଥା—ଏ ପିଲା ସମୟରେ ବଡ଼ ଉଦଣ୍ଡ ହୋଇଥିଲା ।

ଉଦଧି, ବି. ( ଉଦ-ଧା-ଇ ) ସମୁଦ୍ର, ସାଗର । ଯଥା—ଉଦଧିବଳୟିତା ଧରଣୀ ।

ଉଦନ୍ତ, ବି. (ଉତ୍ = ବିଭେଦକ-ଅନ୍ତ = ଶେଷ) ବାର୍ତ୍ତା, ବୃତ୍ତାନ୍ତ, ସମ୍ବାଦ । ଯଥା—

ହନୁମାନ ଗନ୍ଧମାଦନଗମନଲୀଳା,
ଭରତ ଉଦନ୍ତ ପ୍ରାପ୍ତ ଲକ୍ଷ୍ମଣ ଜୀଇଲା । ଲ. ବ.

ସାଧୁ ।

ଉଦନ୍ୟା, ବି. ସ୍ତ୍ରୀ. (ଉଦ = ଜଳ-ନୀ ନେବା-ଆ, ଅଥବା ଉଦକ-ଯ—ଇଚ୍ଛାର୍ଥେ—ସ୍ତ୍ରୀ-ଆ, କ = ନ) ଉଦକପାନଇଚ୍ଛା, ପିପାସା । (ଉଦନ୍ୟାତୁପିପାସାତୃଟ୍—ଅମର ।)

ଉଦନ୍ୱାନ୍, ବି. ( ଉଦକ-ବତ୍, କ = ନ ) ଉଦଧି, ସମୁଦ୍ର । (ଉଦନ୍ୱାନୁଦଧିଃ ସିନ୍ଧୁଃ—ଅମର ।)

ଉଦପାନ, ବି. (ଉଦ = ଜଳ-ପାନ = ପାନର ସ୍ଥାନ) କୂପ ନିକଟସ୍ଥ ଜଳାଧାର, କୁଣ୍ଡ ।

ଉଦୟ, ବି. (ଉତ୍-ଇ-ଅ) ପୂର୍ବପର୍ବତ, ଉଦୟପର୍ବତ; ଉତ୍ପତ୍ତି; ଉତ୍ଥାନ; ଉତ୍କର୍ଷ; ଆବିର୍ଭାବ; ବୃଦ୍ଧି; ଲାଭ; ଉତ୍ପତ୍ତି । ଯଥା—ଜ୍ଞାନୋଦୟ । ଆବିର୍ଭାବ । ଯଥା—ସୂର୍ଯ୍ୟୋଦୟ ।

ଉଦର, ବି. (ଉତ୍ = ଉପର-ଋ = ଗମନ କରିବା-ଅ, ଯେ ଉପରକୁ ଗମନ କରେ ବା ଉଠେ ଅର୍ଥାତ୍ ଆହାରଦ୍ୱାରା ସ୍ଫୀତ ହୁଏ) ଜଠର, ପେଟ । ଯଥା—ମନ୍ଦୋଦରୀ । ଅଭ୍ୟନ୍ତର । ଯଥା—ଗିରିକନ୍ଦରୋଦର । (କୁସୁମମିବପିନଦ୍ଧଂ ପାଣ୍ଡୁପତ୍ରୋଦରେଣ) ଯୁଦ୍ଧ ।

ଉଦରପରାୟଣ, ବି°. (ଉଦର-ପରାୟଣ = ଅନୁରକ୍ତ) ଉଦର ପୂରଣରେ ବ୍ୟଗ୍ର, ଉଦର ପୂରଣ କେବଳ ଯାହାର ପ୍ରଧାନ କାର୍ଯ୍ୟ, ଔଦରିକ, ଉଦରସର୍ବସ୍ୱ, ପେଟୁ ।

ଉଦରମ୍ଭରି, ବି°. (ଉଦର-ଭୃ-ଇ) ଆତ୍ମମ୍ଭରି, ସ୍ୱୋଦରପୂରକ, ପେଟୁ ।

ଉଦରାବର୍ତ୍ତ, ବି. ( ଉଦର-ଆବର୍ତ୍ତ = ଘୂର୍ଣ୍ଣନ ) ନାଭି ।

ଉଦର୍କ, ବି. (ଉତ୍ = ଅତିଶୟ-ଋଚ୍ = ସ୍ତବ କରିବା-ଅ) ଯେ ଫଳର ପ୍ରତ୍ୟାଶାରେ କର୍ମ କରେ, ଭବିଷ୍ୟତ୍ ଫଳ । ( ଉଦର୍କଃ ଫଳମୁତ୍ତରଂ—ଅମର ।) ଭାବୀ କାଳ । ( ପଶ୍ଚାଦୁଦର୍କେ କ୍ଲାସ୍ୟସି । )

ଉଦର୍ଚ୍ଚିଃ, ବି°. ( ଉଦର୍ଚ୍ଚିସ୍-ଉତ୍ = ଉଦ୍ଗତ-ଅର୍ଚ୍ଚିସ୍ = ପ୍ରଭା ) ପ୍ରଜ୍ୱଳିତ, ଉଦ୍ଗତଶିଖ । ବି. ଅଗ୍ନି; ଶିବ; କନ୍ଦର୍ପ ।

ଉଦବସିତ, ବି. (ଉଦ = ଜଳ-ବସ୍ = ଆଚ୍ଛାଦନ କରିବା-ତ—ଜଳ ନିବାରଣାର୍ଥ ଯାହା ଆଚ୍ଛାଦିତ ହୁଏ, ଅଥବା ଉଦ୍-ଅବ-ସି = ବନ୍ଧନ କରିବା-ତ) ଗୃହ, ଭବନ, ବସତି । ( ଗୃହଗେହୋଦବସିତଂ—ଅମର । )

ଉଦଶ୍ୱିତ୍, ବି. ( ଉଦ = ଜଳ-ଶ୍ୱି = ବୃଦ୍ଧି ପାଇବା-କ୍ୱିପ୍—ଯେ ଜଳଦ୍ୱାରା ବଢ଼େ ) ଅର୍ଦ୍ଧଜଳଯୁକ୍ତ ଘୋଳ; ମହୀ । (ତକ୍ରଂ ହ୍ୟୁଦଶ୍ୱିନ୍ମଥିତଂ—ଅମର । )

ଉଦସ୍ତ, ବିଂ. (ଉତ୍-ଅସ୍=କ୍ଷେପଣ କରିବା-ତ) ବିକ୍ଷିପ୍ତ, ଇତସ୍ତତଃ ବିକ୍ଷିପ୍ତ; ବହିଷ୍କୃତ, ଅପସାରିତ ।

ଉଦାତ୍ତ, ବି. (ଉତ୍ = ଉଚ୍ଚ-ଆ-ଦା=ଉଚ୍ଚାରଣ କରିବା, ଦାନ କରିବା-ତ) ବେଦର ଉଚ୍ଚ ସ୍ୱରବିଶେଷ । (ଉଦାତ୍ତାଦ୍ୟାସ୍ତ୍ରୟଃ ସ୍ୱରାଃ—ଅମର) ଦାନ; ବାଦ୍ୟବିଶେଷ; ଅର୍ଥାଳଂକାରବିଶେଷ । ବିଂ. ଦାତା; ମହାନ୍; ହୃଦୟଙ୍ଗମ; ବିଖ୍ୟାତ; ଦୟାଳୁ ।

ଉଦାନ, ବି. ( ଉତ୍-ଆ-ଅନ୍ = ବଞ୍ଚିବା-ଅ ) କଣ୍ଠସ୍ଥ ବାୟୁ । (ଉଦାନଃ କଣ୍ଠଦେଶସ୍ଥଃ ।) ନାଭି; ସର୍ପବିଶେଷ; ପକ୍ଷ୍ମ ।

ଉଦାବଡ଼, ବିଂ. (ଉଦାରବର ଶବ୍ଦଜ) ବିଷୟାନଭିଜ୍ଞ; ଅକର୍ମଣ୍ୟ ।

ଉଦାର, ବିଂ. (ଉତ୍-ଆ-ଋ = ଗମନ କରିବା, ଦାନ କରିବା-ଅ) ଦାତା; ମହାତ୍ମା; ମହତ୍, ଉତ୍କୃଷ୍ଟ । (ଉଦାରୋ ଦାତୃମହତୋଃ—ଅମର ।) ସରଳ, ଅକପଟ; ଦକ୍ଷିଣ । ( ଦକ୍ଷିଣେ ସରଳୋଦାରୌ—ଅମର । ) ଗମ୍ଭୀର । ଯଥା—

**କାଚଧାର ପ୍ରାୟେ ସ୍ୱଚ୍ଛ ଜଳଧାର,**
**ଦେବମନ ପ୍ରାୟେ ଦିଶଇ ଉଦାର ।** ନ. କେ.

ଦାତା, ବଦାନ୍ୟ ।

ଉଦାରି, ବିଂ. (ଉଦାର ଶବ୍ଦଜ) ଉଦାସୀନ ।

ଉଦାବର୍ତ୍ତ, ବି. (ଉତ୍ = ଉପରି-ଆବର୍ତ୍ତ—ଆ-ବୃତ୍ = ରୋଧ କରିବା-ଅ) ରୋଗବିଶେଷ, ମଳ ମୂତ୍ର ଓ ବାୟୁର ରୋଧକ ରୋଗ ।

ଉଦାସ, ବି. (ଉତ୍-ଆସ୍ = ଉପବେଶନ କରିବା -ଅ) ସମସ୍ତ ବିଷୟରେ ବିରାଗ, ବିଷୟବିରକ୍ତି; ଉପେକ୍ଷା; ନିରୁତ୍ସାହତା । ଯଥା—

**ଏଥି ନୁହେ ଉଦାସ ଦାସ କରିବା ଦାସ**
**ଆଣୁ ସେ ପାଶେ ପାଶେ ଧରି ।** ଲ. ବ.

(ଉତ୍-ଅସ୍-ଅ) ଉତ୍କ୍ଷେପ; ଉଚ୍ଚତା । ବିଂ. ଉଦାସୀନ, ବିରାଗୀ ।

ଉଦାସୀନ, ବିଂ. (ଉତ୍-ଆସ୍-ଈନ, ଅଥବା ଉତ୍=ଉର୍ଦ୍ଧ୍ୱ-ଆସୀନ) ନିଃସଙ୍ଗ, ବୈରାଗୀ ବା ସନ୍ନ୍ୟାସୀ; ବିଷୟବିରକ୍ତ; ନିଃସମ୍ବନ୍ଧ, ନିଃସମ୍ପର୍କ; ଅସଂଲଗ୍ନ । ଯଥା—

**ଉଦାସୀନ ବାଣୀ ଅଟଳ ଗୃହିଣୀ,**
**ହୃତହୃଦୟର କହଇ କାହାଣୀ ।** ନ. କେ.

ତଟସ୍ଥ; ମଧ୍ୟସ୍ଥ, ଯେ ବ୍ୟକ୍ତି କୌଣସି ପକ୍ଷରେ ଲିପ୍ତ ହୁଏ ନାହିଁ, ଯେ ବ୍ୟକ୍ତି ଶତ୍ରୁ ନୁହେ କି ମିତ୍ର ନୁହେ । (ଉଦାସୀନୋ ପରତରଃ—ଅମର ।)

ଉଦାହରଣ, } ବି. (ଉତ୍-ଆ-ହୃ-ଅନ, ଅ) ଯେ
ଉଦାହାର, } କୌଣସି ବିଷୟକୁ ସପ୍ରମାଣ କରିବାପାଇଁ ଅନ୍ୟ ବିଷୟର ଉଲ୍ଲେଖ, ଦୃଷ୍ଟାନ୍ତ; ନିଦର୍ଶନ; ପ୍ରୟୋଗପ୍ରଦର୍ଶନ; ବକ୍ଷ୍ୟମାଣ ବିଷୟର ଉପଯୋଗୀ ଅର୍ଥବର୍ଣ୍ଣନ, ଉପୋଦ୍‌ଘାତ । (ଉପୋଦ୍‌ଘାତ ଉଦାହାରଃ—ଅମର ।) ପ୍ରକୃତ ବିଷୟ ସମର୍ଥନ କରିବା ନିମିତ୍ତ କଥାପ୍ରସଙ୍ଗ । (ଚିନ୍ତାଂ ପ୍ରକୃତସିଦ୍ଧ୍ୟର୍ଥାମୁପୋଦ୍‌ଘାତଂ ପ୍ରଚକ୍ଷତେ—ତଦେବ ଉଦାହାରଂ ।)

ଉଦାହୃତ, ବିଂ. (ଉତ୍-ଆ-ହୃ-ତ) ଦୃଷ୍ଟାନ୍ତରୂପେ କଥିତ; କଥିତ, ବର୍ଣ୍ଣିତ; ଉଚ୍ଚାରିତ; ଉଲ୍ଲିଖିତ ।

ଉଦିତ, ବିଂ. (ଉତ୍-ଇ-ତ) ଉଦୟପ୍ରାପ୍ତ; ଉତ୍ଥିତ, ଉଦ୍‌ଗତ, ଉନ୍ନତ; ଉତ୍ପନ୍ନ, ପ୍ରାଦୁର୍ଭୂତ; ଉକ୍ତ, କଥିତ । (ଉକ୍ତଂ ଭାଷିତମୁଦିତଂ—ଅମର ।) ବଦ୍ଧ, ବନ୍ଧନପ୍ରାପ୍ତ । (ବଦ୍ଧେ ସନ୍ଦାନିତଂ ମୂତମୁଦିତଂ ସନ୍ଦିତଂ ସିତଂ—ଅମର ।) (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) ଉଦୟ; ଲଗ୍ନ ।

ଉଦୀଚୀ, ବି. ସ୍ତ୍ରୀ. (ଉଦଚ୍ = ଉତ୍ତର-ଈପ୍ ସ୍ତ୍ରୀଲିଙ୍ଗରେ) ଉତ୍ତରଦିଗ ।

ଉଦୀଚୀନ, ବିଂ. (ଉଦୀଚୀ-ଈନ—ଇଦମର୍ଥେ) ଉତ୍ତରଦିଗସମ୍ବନ୍ଧୀୟ; ଉତ୍ତରଦିକ୍‌ସମ୍ଭୂତ ।

ଉଦୀଚ୍ୟ, ବି°. (ଉଦୀଚୀ-ଯ) ଉତ୍ତରଦିଗ୍-ଦେଶୀୟ । ବି. ସରସ୍ୱତୀ ନଦୀର ଉତ୍ତର-ପଶ୍ଚିମ ଦେଶ; ପ୍ରାକ୍ ଉତ୍ତରଦିକ୍‌ସ୍ଥ ଦେଶ; କୁରୁବେଲ ନାମକ ଗନ୍ଧଦ୍ରବ୍ୟ । (ଦେଶଃ ପ୍ରାକ୍ ଦକ୍ଷିଣଃ ପ୍ରାଚ୍ୟ ଉଦୀଚ୍ୟଃ ପଶ୍ଚିମୋ-ତ୍ତରଃ । ବାଳଂ ହ୍ରୀବେରବର୍ହିଷ୍ଠୋଦୀଚ୍ୟଂ କେଶାମ୍ବୁନାମ ଚ—ଅମର ।)

ଉଦୀରଣ, ବି. (ଉତ୍-ଈର୍ = ଗମନ କରିବା-ଅନ) ଉଚ୍ଚାରଣ, କଥନ; ବିଜୃମ୍ଭଣ ବା ଉଦ୍ଦୀପନ; ପ୍ରେରଣ; ଉତ୍ପତ୍ତି; ନିର୍ଦ୍ଦେଶ ବା ବର୍ଣ୍ଣନା; ଉତ୍କ୍ଷେପଣ ।

ଉଦୀର୍ଣ୍ଣ, ବି°. (ଉତ୍-ଈର୍-ତ କିମ୍ବା ଉତ୍-ଋ-ତ) ଉଦ୍‌ଗତ; ଉଦ୍ଧତ; ଉଦ୍ଦୀପ୍ତ; ଉଦ୍ରିକ୍ତ; ଉତ୍କଟ ବା ପ୍ରବଳ ।

ଉଦୁଆଁ, ବି°. (ଦେଶଜ—ବାଲେଶ୍ୱର ଅଞ୍ଚଳରେ ବ୍ୟବହୃତ) ଖୋଲା, ମେଲା, ଅନାଚ୍ଛାଦିତ ।

ଉଦୁଉଦିଆ, ବି°. (ଦେଶଜ—ଖରା ଶବ୍ଦ ସହିତ କେବଳ ପ୍ରଯୋଜ୍ୟ) ପ୍ରଚଣ୍ଡ, ଅତି ତୀକ୍ଷ୍ଣ । ଯଥା—

**ଉଦୁଉଦିଆ ଖରାବେଳେ,**
**ବାଟୋଇ ବସେ ତରୁତଳେ ।**

ଉଦୁଗାର, ବି. (ଉଦ୍‌ଗାର ଶବ୍ଦଜ) ଉଦ୍‌ଗାର ।

ଉଦୁଗାରିବା, କ୍ରି. (ଉଦ୍‌ଗାର ଶବ୍ଦଜ) ବାନ୍ତି କରିବା । ଯଥା—

**ଦେଖିଲେ ସେ ରକ୍ଷନଗର ରକ୍ଷାକାରୀ,**
**ଗଡ଼ଅଛି ମରି ରକତ ଉଦୁଗାରି ।** କୃ. ଭା. ଆ. ପ.

ଗର୍ଭସ୍ଥ ବିଷୟ ବ୍ୟକ୍ତ କରିଦେବା ।

ଉଦୁମ୍ବର, ବି. (ଉଡ଼ୁମ୍ବର ଦେଖ) ଡିମିରି ଗଛ, ଡିମିରି ଗଛର ଫଳ; କୁଷ୍ଠରୋଗବିଶେଷ; ଦେହଳୀ; କ୍ଲୀବ; ତାମ୍ର ।

ଉଦୁମ୍ବରପର୍ଣ୍ଣୀ, ବି. ସ୍ତ୍ରୀ. ଦନ୍ତିକା ବୃକ୍ଷ, ଦନ୍ତି-ଗଛ ।

ଉଦୁଯୋଗ, ବି. (ଉଦ୍‌ଯୋଗ ଶବ୍ଦଜ) ପ୍ରଯତ୍ନ । ଯଥା—

**ଯାହାର କର୍ମରେ ଯେଉଁ ଯୋଗ ଥାଇ,**
**ଉଦୁଯୋଗ କଲେ ପାଇବ କାହିଁ ।** ସୁ. ପ.

ଉଦୂଖଳ, ଉଲୂଖଳ, ବି. (ଉତ୍ = ଉପରି-ଖଲ = ଯେ ଗମନ କରେ, ଅଥବା ଉଦ୍ = ଉପରି-ଖ = ଆକାଶ-ଲ—ଅସ୍ତ୍ୟର୍ଥେ—ଯାହାର ମୁଖ ଊର୍ଦ୍ଧ୍ୱଦିଗରେ-ନିପାତନ) ଧାନ୍ୟାଦି କଣ୍ଡନାର୍ଥ କାଷ୍ଠନିର୍ମିତ ପାତ୍ର-ବିଶେଷ, ଏହି ପାତ୍ରରେ ତଣ୍ଡୁଳାଦି ଭରି ମୂଷଳପ୍ରହାରଦ୍ୱାରା ପରିଷ୍କାର କରନ୍ତି, ଢିଙ୍କି ଭରଣ୍ଡି; ଗୁଗ୍‌ଗୁଳ ।

ଉଦୂଢ଼, ବି°. (ଉତ୍-ବହ୍-ତ-ନିପାତନ) ଧୃତ; ବାହିତ; ବିବାହିତ, ପରିଣୀତ; ସ୍ଥୂଳ; ଉନ୍ନତ ।

ଉଦେ, ବି. (ଉଦୟ ଶବ୍ଦଜ) ଉଦୟ, ପ୍ରକାଶ । ଯଥା—

**ନବଘନେ ତାର ଉଦେ ପରମ୍ପର**
**ନୋହେ ସମସ୍ତେ ଦେଖିଥାଇଁ ।** ପ୍ରେ. ସୁ. ନି.

ଉଦେଜୟ, ବି°. (ଉଦ୍-ଏଜ୍ = କମ୍ପିତ କରିବା-ଣିଚ୍ = ଏଜି-ଅ) ଉତ୍କମ୍ପଜନକ, ଭୟପ୍ରଦ । (ଉଦେଜୟାନ୍ ଭୂତଗଣାନ୍ ନ୍ୟଷେଧୀତ୍ —ଭଟ୍ଟି ।)

ଉଦ୍‌ଗତ, ବି°. (ଉତ୍-ଗମ୍-ତ) ଉଦିତ; ଉତ୍ଥିତ; ଉତ୍ପନ୍ନ; ନିର୍ଗତ ।

ଉଦ୍‌ଗମ, ଉଦ୍‌ଗମନ, ଉଦ୍‌ଗତି, ବି. (ଉତ୍-ଗମ୍-ଅ, ଅନ, ତି) ଉତ୍ପତ୍ତି, ଉଦୟ, ଊର୍ଦ୍ଧ୍ୱଗମନ, ଉଠିବା ।

ଉଦ୍‌ଗମନୀୟ, ବି. (ଉତ୍-ଗମ୍-ଅନୀୟ) ଧୌତ-ବସ୍ତ୍ରଯୁଗଳ, ଧୁଆ ଯୋଡ଼ି । (ତତ୍ସ୍ୟା-ଦୁଦ୍‌ଗମନୀୟଂ ଯତ୍ ଧୌତୟୋର୍ବସ୍ତ୍ରୟୋ-ର୍ଯୁଗଂ—ଅମର ।)

ଉଦ୍‌ଗାଢ଼, କ୍ରି. ବି°. (ଉତ୍-ଗାଢ଼) ଅତିଶୟ, ଅଧିକ, ଅତିମାତ୍ର । (ଅତିବେଳଭୃଶାତ୍ୟର୍ଥା-ତିମାତ୍ରୋଦ୍‌ଗାଢ଼ନିର୍ଭରଂ—ଅମର ।)

ଉଦ୍‌ଗାତା, ବି. (ଉଦ୍‌ଗାତୃ—ଉଦ୍ = ଉଚ୍ଚ-ଗାତା = ଯେ ଗାନ କରେ) ସାମବେଦ-ପାଠକ । (ଅଧ୍ୱର୍ଯ୍ୟୂଦ୍‌ଗାତୃହୋତାରୋ ଯଜୁଃ-ସାମର୍ଗ୍ୱିଦଃ କ୍ରମାତ୍—ଅମର) ବି°. ଉଚ୍ଚୈ-ର୍ଗାୟନକର୍ତ୍ତା, ଯେ ଉଚ୍ଚରେ ଗାନ କରେ । ଯଥା—ଇନ୍ଦ୍ରାୟୁମାନ ଭୀମସେନ ଉଦ୍‌ଗାତା ଓ ସ୍ତୋତା ପ୍ରାପ୍ତ ହେଲେ ।

ଉଦ୍‌ଗାର, } ବି. ( ଉଦ୍-ଗୃ = ସେଚନ
ଉଦ୍‌ଗିରଣ, } କରିବା-ଅ, ଅନ) ଉଚ୍ଚାରଣ; ବମନ; ନିଃସରଣ; ମୁଖଦ୍ୱାରା ବାୟୁନିର୍ଗମ, ହାକୁଟି ।

ଉଦ୍‌ଗୀଥ, ବି. (ଉତ୍ = ଉଚ୍ଚାରଣ-ଗୈ = ଗାନ କରିବା-ଥ—ସଂଜ୍ଞାର୍ଥେ) ସାମବେଦର ଅଂଶବିଶେଷ; ପ୍ରଣବ; ସାମବେଦ ଧ୍ୱନି; ସାମଗାନ; ସାମବେଦର ଦ୍ୱିତୀୟ ଅଧ୍ୟାୟ । (ଉଦ୍‌ଗୀଥରମ୍ୟ ପଦପାଠବତାଂ ଚ ସାମ୍ନାଂ—ଚଣ୍ଡୀ ।)

ଉଦ୍‌ଗୀର୍ଣ୍ଣ, ବିଂ. ( ଉତ୍-ଗୃ-ତ ) ବମିତ; ଉଚ୍ଚାରିତ; ଉତ୍ଥିତ; ଅନୁରଞ୍ଜିତ; ଅନୁବଦ୍ଧ; ଉତ୍ସୃଷ୍ଟ; ପ୍ରତିବିମ୍ବିତ; ନିର୍ଗତ ।

ଉଦ୍‌ଗୂର୍ଣ୍ଣ, ବିଂ. (ଉତ୍-ଗୁର୍ = ଉତ୍ତୋଳନ କରିବା-ତ) ଉତ୍ତୋଳିତ (ଶସ୍ତ୍ରାଦି); ଉଦ୍ୟତ । (ଉଦ୍‌ଗୂର୍ଣ୍ଣଲଗୁଡ଼ାସ୍ତୁଭଃ ।)

ଉଦ୍‌ଗ୍ରହ, } ବି. ( ଉତ୍-ଗ୍ରହ୍-ଅ, ଅନ )
ଉଦ୍‌ଗ୍ରହଣ, } ଗ୍ରହଣ; ଗିଳନ ବା ଗିଳିବା ।

ଉଦ୍‌ଗ୍ରାହ, ବି. (ଉତ୍-ଗ୍ରହ୍-ଅ) ଗ୍ରହଣ; ତନ୍ନିବନ୍ଧ; ବିଦ୍ୟାବିସ୍ତର ।

ଉଦ୍‌ଗ୍ରାହିତ, ବିଂ. (ଉତ୍-ଗ୍ରହ୍-ତ, ଗ୍ରାହିତ = ମିତ) ବଦ୍ଧ; ଆକ୍ରାନ୍ତ; ଅନ୍ତଃକରଣରେ ଅର୍ପିତ; ଉପନ୍ୟସ୍ତ; ଗ୍ରାହିତ; ଉନ୍ନମିତ ।

ଉଦ୍‌ଘ, ବିଂ. (ଉତ୍ = ଅଧିକ-ଘଣ୍ = ଦୀପ୍ତି ପାଇବା-ଅ, ଣ ଲୋପ) ପ୍ରକାଣ୍ଡ, ପ୍ରଶସ୍ତ । (ମତଲ୍ଲିକା ମଚର୍ଚ୍ଚିକା ପ୍ରକାଣ୍ଡମୁଦ୍‌ଘତଲ୍ଲଜୌ । ପ୍ରଶସ୍ତବାଚକାନ୍ୟମୂନି—ଅମର ।) ବି. ପ୍ରଶଂସା; ବହ୍ନି; ବାୟୁ, କରପୁଟ ।

ଉଦ୍‌ଘନ, ବି. (ଉତ୍ = ଉପରି-ହନ୍ = ବଧ କରିବା-ଅ) ଲୌହମୟ ବା କାଷ୍ଠମୟ ଆଧାର, କର୍ମକାର ବା ବଢ଼ାଇମାନେ ଯାହା ଉପରେ ରଖି କାଷ୍ଠାଦି ପରିଷ୍କାର କରନ୍ତି । (ନିଧାୟ ତକ୍ଷତେ ଯତ୍ର କାଷ୍ଠେ କାଷ୍ଠଂ ସ ଉଦ୍‌ଘନଃ—ଅମର ।)

ଉଦ୍‌ଘାଟ, ବି. (ଉତ୍-ଘଟ୍-ଅ) ଉଦ୍‌ଘାଟନ; ପଣ୍ୟାଦି ଦ୍ରବ୍ୟ ଦର୍ଶନାର୍ଥ ଉଦ୍‌ଘାଟିତ ସ୍ଥାନ; ରାଜସ୍ୱଗ୍ରହଣ ସ୍ଥାନ; କୁତ ନେଇଥିବା ଘାଟ ।

ଉଦ୍‌ଘାଟକ, ବିଂ. ( ଉତ୍-ଘଟ୍-ଣିଚ୍-ଅ ) ଉନ୍ମୋଚନକାରୀ; ଉଲ୍ଲେଖକ; ପ୍ରକାଶକ; ଉତ୍ତୋଳନକାରୀ । ବି. କୂପରୁ ଜଳ ତୋଳିବାର ଯନ୍ତ୍ରବିଶେଷ; ଗୁବ ।

ଉଦ୍‌ଘାଟନ, ବି. ( ଉତ୍-ଘଟ୍-ଅନ ) କୂପରୁ ଜଳ ତୋଳିବା ଯନ୍ତ୍ରବିଶେଷ, କୂପରୁ ଜଳ ବାହାର କରିବାପାଇଁ ରଜ୍ଜୁସହିତ ଚର୍ମପାତ୍ରବିଶେଷ । (ଉଦ୍‌ଘାଟନଂ ଘଟୀଯନ୍ତ୍ରଂ ସଲିଲୋଦ୍‌ବାହନଂ ପ୍ରହେଃ—ଅମର ।) ଉନ୍ମୋଚନ । ଯଥା—ଦ୍ୱାରୋଦ୍‌ଘାଟନ; ଉଲ୍ଲେଖ; ପ୍ରକାଶକରଣ । ଯଥା—ସେହିଠାରେ ଏହି ପ୍ରସ୍ତାବର ଉଦ୍‌ଘାଟନ ଅନାବଶ୍ୟକ । ବିଂ. ଯାହାଦ୍ୱାରା ଉନ୍ମୋଚନ କରାଯାଏ । (ଧର୍ମଂ ଯୋ ନ କରୋତି ନିଷ୍ଫଳମତିଃ ସ୍ୱର୍ଗାର୍ଗଳୋଦ୍‌ଘାଟନଂ ।)

ଉଦ୍‌ଘାତ, ବି. (ଉତ୍-ହନ୍-ତ) ଅସ୍ତ୍ରବିଶେଷ, ମୁଦ୍‌ଗର ପ୍ରଭୃତି ଅସ୍ତ୍ର; ମୃତ୍ତିଘାତ । (ଯଯାବନୁଦ୍‌ଘାତସୁଖେନ ମାର୍ଗଂ—ରଘୁବଂଶ ।) ଆରମ୍ଭ, ଉପକ୍ରମ, ସୂତ୍ରପାତ । (ସ୍ୟାଦଭ୍ୟାଦାନ ମୁଦ୍‌ଘାତ ମାରମ୍ଭଃ—ଅମର ।) ବାଧା; ପାଦସ୍ଖଳନ; ଗ୍ରନ୍ଥ ପରିଚ୍ଛେଦ; ଅଧ୍ୟାୟ; ସୂଚନା, ପ୍ରସ୍ତାବନା; ଉଲ୍ଲେଖ; ନିଦର୍ଶନ ।

ଉଦ୍‌ଘୋଷ, ବି. (ଉତ୍-ଘୁଷ୍-ଅ) ଉଚ୍ଚ ଶବ୍ଦଦ୍ୱାରା ଇଙ୍ଗିତ, ଉଚ୍ଚସ୍ୱରରେ କହିବା; ପୁନଃପୁନଃ କଥନ ।

ଉଦ୍ଦଣ୍ଡ, ବିଂ. (ଉତ୍-ଦଣ୍ଡ) ଉତ୍କଟଦଣ୍ଡଧାରୀ, ପ୍ରତାପାନ୍ୱିତ । ଯଥା—

ବହିଲ ଉଦ୍ଦଣ୍ଡ ଫୁଲ-କୋଦଣ୍ଡ ଦଣ୍ଡକୁ । ଲ. ବ.

ବି. ଉଦ୍‌ଗତ ଦଣ୍ଡ, ଉତ୍ତୋଳିତ ଯଷ୍ଟି ।

ଉଦ୍ଧାନ, ବି. (ଉଦ୍ = ବିରୁଦ୍ଧ-ଧା = ପାଳନ କରିବା-ଅନ) ବର୍ଦ୍ଧନ; ପୋଷଣ । (ଉତ୍-ଦୋ = ଛେଦନ କରିବା-ଅନ) ଚୁଲ୍ଲୀ; ବାଡ଼ବାନଳ; କଟିଦେଶ । (ଅଶ୍ମନ୍ତ ଶବ୍ଦ ଦେଖ) ଲଗ୍ନ; ମଧ୍ୟ ।

ଉଦ୍ଦାମ, ବିଂ. (ଉତ୍-ଦମ୍ = ଶାନ୍ତ ହେବା, ମୁକ୍ତ ହେବା-ଅ) ଉତ୍କଟ; ଉଚ୍ଛୃଙ୍ଖଳ, ବନ୍ଧନରହିତ; ସ୍ୱେଚ୍ଛାଗାମୀ; ସ୍ୱେଚ୍ଛାବିହାରୀ । ଯଥା—ଉଦ୍ଦାମ ଗଜ ।

ଉଦ୍ଦାମନ୍, ବିଂ. (ଉତ୍—ଦାମନ୍ = ବନ୍ଧନ) ଉଚ୍ଛୃଙ୍ଖଳ, ସ୍ୱେଚ୍ଛାଗାମୀ; ଉତ୍କଟ; ବନ୍ଧନରହିତ; ଅତିଶୟ । ବି. ବରୁଣ ।

ଉଦ୍ଦାଳ, ବି. (ଉତ୍-ଦଲ୍-ଇ-ଅ) ଧାନ୍ୟବିଶେଷ; ବନକୋଦ୍ରବ । (ଭୋଜ୍ୟାଃ ପୁରାଣଶାମାକ-କୋଦ୍ରବୋଦ୍ଦାଳଶାଳୟଃ ।) ବହୁବାର-ବୃକ୍ଷ । ( ଉଦ୍ଦାଳୋ ବହୁବାରକଃ—ଅମର । ) କୁଡ଼ ।

ଉଦ୍ଦିତ, }
ଉଦ୍ଧିତ, } ବିଂ. (ଉତ୍-ଦୋ = ଅବଖଣ୍ଡନ-ତ) ବନ୍ଧନପ୍ରାପ୍ତ, ବଦ୍ଧ । ( ବଦ୍ଧେ ସନ୍ଦାନିତଂ ମୂତମୁଦ୍ଦିତଂ ସନ୍ଦିତଂ ସିତଂ—ଅମର । )

ଉଦ୍ଦିଷ୍ଟ, ବିଂ. ( ଉତ୍-ଦିଶ୍-ତ ) ଅଭିପ୍ରେତ; ଉପଦିଷ୍ଟ; ଯାହାର ଅନୁସନ୍ଧାନ କରାଯାଇଅଛି; ଲକ୍ଷୀକୃତ ।

ଉଦ୍ଦୀପନ, }
ଉଦ୍ଦୀପନା, } ବି. (ଉତ୍ = ଅଧିକ-ଦୀପ୍-ଅନ) ଉତ୍ତେଜନ, ଦୀପ୍ତକରଣ; ପ୍ରଜ୍ୱଳନ; ଅଭିବ୍ୟକ୍ତୀକରଣ; ଉତ୍ସାହବାକ୍ୟ; କାମ କ୍ରୋଧ ପ୍ରଭୃତିକୁ ପ୍ରବଳ କରିବା; ଅଳଂକାର ଶାସ୍ତ୍ରରେ ବିଭାବବିଶେଷ ।

ଉଦ୍ଦୀପିତ, ବିଂ. (ଉତ୍-ଦୀପ୍-ଇ-ତ) ଉତ୍ତେଜିତ; ପ୍ରଜ୍ୱଳିତ; ପ୍ରକାଶିତ; ବର୍ଦ୍ଧିତ ।

ଉଦ୍ଦେଶ, ବି. (ଉତ୍-ଦିଶ = ବୋଲିବା, ଲକ୍ଷ୍ୟ କରିବା, ଦାନ କରିବା-ଅ) ଲକ୍ଷ୍ୟ; ଅନୁସନ୍ଧାନ, ଅନ୍ୱେଷଣ; ଅଭିସନ୍ଧି, ଅଭିପ୍ରାୟ । ଯଥା—କି ଉଦ୍ଦେଶରେ ଆପଣ ଆସିଅଛନ୍ତି ? ବାର୍ତ୍ତା, ସମ୍ବାଦ । ଯଥା—ତାହାର କିଛି ଉଦ୍ଦେଶ ମିଳୁ ନାହିଁ । ଉଲ୍ଲେଖ; ପ୍ରଦେଶ ।

ଉଦ୍ଦେଶ୍ୟ, ବିଂ. (ଉତ୍-ଦିଶ୍-ଯ) ଯାହା ଉଦ୍ଦେଶ କରାଯାଏ ଅର୍ଥାତ୍ ଲକ୍ଷ୍ୟ; ଅଭିପ୍ରେତ । ବି. ଅଭିପ୍ରାୟ, ଅଭିସନ୍ଧି, ତାତ୍ପର୍ଯ୍ୟ ।

ଉଦ୍ଦ୍ୟୋତ, ବି. (ଉତ୍-ଦ୍ୟୁତ୍ = ଦୀପ୍ତିପାଇବା-ଅ) ପ୍ରକାଶ; ଆତପ ।

ଉଦ୍ଦ୍ରାବ, ବି. (ଉତ୍-ଦ୍ରୁ = ଗମନ କରିବା-ଅ) ଦ୍ରୁତପଦରେ ପ୍ରସ୍ଥାନ, ପଳାୟନ, ଅସ୍ଥୈର୍ଯ୍ୟ ।

ଉଦ୍ଦ୍ରୁତ, ବିଂ. (ଉତ୍-ଦ୍ରୁ-ତ) ପଳାୟିତ, ଚଳିତ ।

ଉଦ୍ଧତ, ବିଂ. (ଉତ୍-ହନ୍-ତ) ଅବିନୀତ; ଧୃଷ୍ଟ; ଦୁରନ୍ତ; ଉତ୍କଟ; ଉତ୍କ୍ଷିପ୍ତ; ଅହଂକୃତ ।

ଉଦ୍ଧତି, ବି. ସ୍ତ୍ରୀ. (ଉତ୍ ହନ୍-ତି) ଉତ୍ପତନ, ଔଦ୍ଧତ୍ୟ; ଧୃଷ୍ଟତା; ଗର୍ବ; ଉନ୍ନତି ।

ଉଦ୍ଧର୍ଷ, ବିଂ. (ଉତ୍ = ଅଧିକ-ହୃଷ୍-ଅ) ଉତ୍ସବ । (ଉଦ୍ଧର୍ଷୋ ମହ ଉଦ୍ଧବ ଉତ୍ସବଃ—ଅମର ।)

ଉଦ୍ଧର୍ଷଣ, ବି. (ଉତ୍-ହୃଷ୍-ଅନ) ରୋମାଞ୍ଚ ।

ଉଦ୍ଧବ, ବି.(ଉତ୍-ଧୂ=ଆନନ୍ଦ କରିବା, କମ୍ପିବା-ଅ) ଉତ୍ସବ, ଆନନ୍ଦଜନକ କାର୍ଯ୍ୟ । (ଉଦ୍ଧର୍ଷ ଦେଖ । ) ସତ୍ୟକଙ୍କ ପୁତ୍ର, କୃଷ୍ଣଙ୍କ ସଖା, ବୃହସ୍ପତିଙ୍କ ଶିଷ୍ୟ ଓ ବୃଷ୍ଣି ବଂଶର ମନ୍ତ୍ରୀ, ଏହାଙ୍କର ଅନ୍ୟ ନାମ ଦେବଶ୍ରବା । (ବୃଷ୍ଣୀନାଂ ସମ୍ମତୋ ମନ୍ତ୍ରୀ କୃଷ୍ଣସ୍ୟ ଦୟିତଃ ସଖା । ଶିଷ୍ୟୋ ବୃହସ୍ପତେଃ ସାକ୍ଷାତ୍ ଉଦ୍ଧବୋ ବୁଦ୍ଧିସତ୍ତମଃ ।) (ଉତ୍-ହୁ = ହୋମ କରିବା-ଅ) ଯଜ୍ଞାଗ୍ନି ।

ଉଦ୍ଧାତ, ବି. (ଉତ୍-ଧା-ତ) ପ୍ରକ୍ରମ, ଉପକ୍ରମ, ଆରମ୍ଭ । (ସ୍ୟାଦଭ୍ୟାଦାନମୁଦ୍ଧାତ ଆରମ୍ଭଃ—ଅମର ।)

ଉଦ୍ଧାନ, ବି. (ଉତ୍-ଧା-ଅନ) ଚୁଲ୍ଲୀ । (ଅଶ୍ମନ୍ତ ଶବ୍ଦ ଦେଖ) ବିଂ. ଉଦ୍‌ଗତ; ବମିତ ।

ଉଦ୍ଧାର, ବି. (ଉତ୍-ଧୃ-ଅ) ଉତ୍ତୋଳନ । (ଉତ୍-ହୃ-ଅ) ମୋଚନ, ପରିତ୍ରାଣ; ପତିତ ବା ସମାଜଚ୍ୟୁତ ବ୍ୟକ୍ତିର ସମାଜରେ ପୁନର୍ଗ୍ରହଣ; ନଷ୍ଟ ବା ଅପହୃତ ବସ୍ତୁର ପୁନର୍ବାର ଅଧିକାର; ଋଣ । (ଉଦ୍ଧାରୋଽର୍ଥପ୍ରୟୋଗସ୍ତୁ—ଅମର ।) ଭାଗ । (ସ୍ତ୍ରୀ-ଆ) ଗୁଡୂଚୀ ।

ଉଦ୍ଧୃତ, ବିଂ. ( ଉତ୍-ଧୃ-ତ ) ପୁନର୍ବାର ଅଧିକୃତ; ଉତ୍ଥାପିତ; ସମାଜରେ ଗୃହୀତ; ଉତ୍ତୋଳିତ, ଉଦ୍ଧାରଦ୍ୱାରା ବିଭକ୍ତ ।

ଉଦ୍ଧ୍ମାନ, ବି. (ଉତ୍-ଧ୍ମା=ଅଗ୍ନି ସଂଯୋଗ କରିବା -ଅନ) ଚୁଲ୍ଲୀ । (ଅଶ୍ମନ୍ତ ଶବ୍ଦ ଦେଖ ।)

ଉଦ୍ବନ୍ଧନ, ବି. (ଉତ୍-ବନ୍ଧ୍-ଅନ) ବେକରେ ଦଉଡ଼ି ଦେଇ ଉପରେ ବାନ୍ଧିବା, ବେକରେ ଦଉଡ଼ି ଦେଇ ମରିବା । ବିଂ. ବନ୍ଧନଭ୍ରଷ୍ଟ ।

ଉଦ୍ବୁଦ୍ଧ, ବିଂ. (ଉତ୍-ବୁଧ୍-ତ) ବିକସିତ, ପ୍ରସ୍ଫୁଟିତ; ଜାଗରିତ; ଉଦିତ; ଅନୁସ୍ମୃତ, ଯାହା ମନେ ପଡ଼ିଅଛି ।

ଉଦ୍ବୋଧନ, ବି. (ଉତ୍-ବୁଧ୍-ଅନ) ଜ୍ଞାପନ, ବୋଧୋତ୍ପାଦନ । ବିଂ. ଯାହାଦ୍ୱାରା ଉଦ୍ବୋଧ ଜନ୍ମେ, ଜ୍ଞାପକ, ଜ୍ଞାନୋତ୍ପାଦକ । ଯଥା—

ଉଷା ଉଦ୍ବୋଧନ ଭରିତଆ ସ୍ୱନ ଶୃଙ୍ଖଳ ବଳେ ।
ଉଷା ।

ଉଦ୍ଭଟ, ବିଂ. (ଉତ୍=ଉଚ୍ଚ-ଭଟ୍=ଇଚ୍ଛା କରିବା-ଅ—ଯାହାର ଉଚ୍ଚ ମନ) ଉତ୍କଟ; ପ୍ରସିଦ୍ଧ; ଉଦାର, ମହାଶୟ; ଶ୍ରେଷ୍ଠ, ଉତ୍କୃଷ୍ଟ । ଯଥା—ଉଦ୍ଭଟ କବିତା । ଗ୍ରନ୍ଥବହିର୍ଭୂତ । ବି. କଚ୍ଛପ; ସୂର୍ଯ୍ୟ ।

ଉଦ୍ଭବ, ବି. (ଉତ୍-ଭୂ-ଅ) ଉତ୍ପତ୍ତି, ଜନ୍ମ । (ଜନ୍ମରୁତ୍ପତ୍ତିରୁଦ୍ଭବଃ—ଅମର ।) ବିଂ. ଉତ୍ପନ୍ନ ।

ଉଦ୍ଭାବନ, ବି. (ଉତ୍=ଉପରି-ଭୂ-ଇ-ଅନ) କଳ୍ପନା; ଉତ୍ପାଦନ; ଉନ୍ନୟନ ବା ଅଜ୍ଞାତ ବିଷୟ ପ୍ରକାଶ କରିବା; ଚିନ୍ତନ । ବିଂ. ଉଦ୍ଭାବନକାରୀ, ପ୍ରକାଶକ ।

ଉଦ୍ଭାସନ, ବି. (ଉତ୍-ଭାସ୍-ଅନ) ଉଦ୍ଦୀପନ; ଉଜ୍ଜ୍ୱଳୀକରଣ; ପ୍ରକାଶନ । ବିଂ. ଦୀପ୍ତିକାରକ; ପ୍ରକାଶକ; ଉଜ୍ଜ୍ୱଳକାରକ ।

ଉଦ୍ଭିଜ୍ଜ, ଉଦ୍ଭିଦ, ଉଦ୍ଭିଦ୍, } ବି. (ଉତ୍-ଭିଦ୍-କ୍ୱିପ୍=ଉଦ୍ଭିଦ୍=ଉଦ୍ଭେଦନ-ଜନ୍-ଅ = ଉଦ୍ଭିଜ୍ଜ=ଉଦ୍ଭେଦନରୁ ଯେ ଜନ୍ମେ, ଉତ୍-ଭିଦ୍-ଅ, କ୍ୱିପ୍—ଯାହା ଭୂମି ଭେଦ କରି ଜନ୍ମେ) ତରୁଲତାଦି, ଗୁଳ୍ମ ପ୍ରଭୃତି । (ଉଦ୍ଭିଦସ୍ତରୁଗୁଳ୍ମାଦ୍ୟା ଉଦ୍ଭିଦୁଦ୍ଭିଜ୍ଜମୁଦ୍ଭିଦଂ—ଅମର ।)

ଉଦ୍ଭେଦ, ବି. ( ଉତ୍-ଭିଦ୍-ଅ ) ଉତ୍ପତ୍ତି; ସ୍ଫୁରଣ; ରୋମାଞ୍ଚ; ପ୍ରକାଶ; ଉଦ୍ଗମ ।

ଉଦ୍ଭ୍ରମ, ବି. (ଉତ୍-ଭ୍ରମ୍-ଅ) ଊର୍ଦ୍ଧ୍ୱ ଭ୍ରମଣ; ଉଦ୍ବେଗ; ବୁଦ୍ଧିଭ୍ରମ; ଆକୁଳତା ।

ଉଦ୍ୟତ, ବିଂ. (ଉତ୍=ବିପରୀତ-ଯମ୍=ବିରତ ହେବା-ତ) ଉଦ୍ୟୁକ୍ତ । ଯଥା— ସେ ଅର୍ଥ ସଂଗ୍ରହରେ ଉଦ୍ୟତ ଅଛି । ତତ୍ପର; ପ୍ରବୃତ୍ତ । ଯଥା—ରାଜା ସର୍ବଦା ରାଜ୍ୟଶାସନରେ ଉଦ୍ୟତ; ଉନ୍ମୁଖ । ଯଥା—ସେ ବିଦେଶ ଗମନରେ ଉଦ୍ୟତ ହେବାର କାରଣ କଣ ? ଉତ୍ଥିତ, ଉତ୍ତୋଳିତ । ଯଥା—ଉଦ୍ୟତାୟୁଧ ।

ଉଦ୍ୟମ, ବି. (ଉତ୍=ବିପରୀତ-ଯମ୍-ବିରତ ହେବା-ଅ) ଉଦ୍ୟୋଗ, ଚେଷ୍ଟା; ଉତ୍ସାହ; ଉତ୍ଥାନ, ଉତ୍ତୋଳନ । (ହସ୍ତୋଦ୍ୟମଂ ବିନା ବକ୍ତ୍ରେ ପ୍ରବିଶେନ୍ନ କଥଂ ଚନ ।)

ଉଦ୍ୟାନ, ବି. ( ଉତ୍=ଊର୍ଦ୍ଧ୍ୱ-ଯା-ଅନ ) ଉପବନ, କ୍ରୀଡ଼ାବନ; ରାଜାମାନଙ୍କର କ୍ରୀଡ଼ାବନ । ( ପୁମାନାକ୍ରୀଡ଼ଉଦ୍ୟାନଂ—ଅମର । ) ନିଃସରଣ; ପ୍ରୟୋଜନ । (ସ୍ୟାଦୁଦ୍ୟାନଂ ନିଃସରଣେ ବନଭେଦେ ପ୍ରୟୋଜନେ—ଅମର ।)

ଉଦ୍ୟାପନ, ବି. (ଉଦ୍-ଯା-ଇ=ଯାପି-ଅନ) ଆରବ୍ଧ ବ୍ରତାଦିର ସମାପନ, ବ୍ରତ ଉଜାଁଇବା ।

ଉଦ୍ୟୁକ୍ତ, ବିଂ. (ଉତ୍-ଯୁଜ୍-ତ) ଉଦ୍ୟୋଗବିଶିଷ୍ଟ, ଉଦ୍ୟୋଗଶୀଳ; ଉତ୍ସାହାନ୍ୱିତ; ଯତ୍ନବାନ୍; ଉତ୍ସୁକ; ଚେଷ୍ଟିତ ।

ଉଦ୍ୟୋଗ, ବି. (ଉତ୍-ଯୁଜ୍-ଅ) ଚେଷ୍ଟା, ଆୟୋଜନ, ଉଦ୍ୟମ, ଯତ୍ନ, ଉତ୍ସାହ ।

ଉଦ୍ର, ବି. (ଉନ୍ଦ୍=ଆର୍ଦ୍ର ହେବା-ର) ଜଳମାର୍ଜାର, ଜଳଜନ୍ତୁବିଶେଷ । (ତଦ୍ଭେଦାଃ ଶିଶୁମାରୋଦ୍ରଶଙ୍କବୋ ମକରାଦୟଃ—ଅମର ।)

ଉଦ୍ରାବ, ବି. (ଉତ୍=ଉଚ୍ଚ-ରାବ) ଉଚ୍ଚ ଧ୍ୱନି, ଉଚ୍ଚ ରବ ।

ଉଦ୍ରିକ୍ତ, ବିଂ. (ଉତ୍-ରିଚ୍=ବିଯୁକ୍ତ ହେବା ଇତ୍ୟାଦି-ତ) ଉତ୍ଥିତ; ଉତ୍ତେଜିତ; ଅତିଶୟିତ; ସ୍ଫୁଟ ।

ଉଦ୍ରେକ, ବ. (ଉତ୍-ରିଚ୍=ବିଯୁକ୍ତ ହେବା, ଉଠିବା ଇତ୍ୟାଦି-ଅ) ଉତ୍ଥାନ, ଉଦୟ, ଆବିର୍ଭାବ; ଉତ୍ତେଜନ; ବୃଦ୍ଧି; ଆଧିକ୍ୟ; ଉପକ୍ରମ ।

ଉଦ୍‌ବର୍ତ୍ତ, ବି. (ଉତ୍-ବୃତ୍-ଅ) ଅତିରେକ, ଆଧିକ୍ୟ, ଉଦ୍‌ବୃତ୍ତ ଅଂଶ । ବିଂ. ଅବଶିଷ୍ଟ, ଅତିରିକ୍ତ ।

ଉଦ୍‌ବର୍ତ୍ତନ, ବି. (ଉଦ୍-ବୃତ୍-ଅନ) ଗନ୍ଧାଦି-ଦ୍ୱାରା ବିଲେପନ, ଗାତ୍ରମାର୍ଜନ । (ଉଦ୍-ବର୍ତ୍ତନୋତ୍ସାଦନେ ଦ୍ୱେ—ଅମର ।) ଗାତ୍ର-ମର୍ଦ୍ଦନ; ଓଲଟପାଲଟ କରିବା; ଉତ୍ପତନ; ବିଲେପନ ଦ୍ରବ୍ୟ ।

ଉଦ୍‌ବହ, ବି. (ଉତ୍-ବହ୍-ଅ) ସନ୍ତାନ, ବଂଶଧର । ଯଥା—ରଘୂଦ୍‌ବହ । ବର; ନାୟକ; ବାୟୁବିଶେଷ; ବିବାହ । ବିଂ. ଉତ୍ପାଦକ । ଯଥା—ସୁଖୋଦ୍‌ବହ ।

ଉଦ୍‌ବହନ, ବି. (ଉତ୍-ବହନ) ବିବାହ; ବହନ ।

ଉଦ୍‌ବାନ୍ତ, ବିଂ. (ଉତ୍-ବମ୍-ତ) ବମିତ, କୃତ-ବମନ, ଉଦ୍‌ଗୀର୍ଣ୍ଣ; ଉଦ୍‌ଗତ । ବି. ମଦହୀନ ହସ୍ତୀ । (ଉଦ୍‌ବାନ୍ତନିର୍ମଦୌ—ଅମର ।)

ଉଦ୍‌ବାସନ, ବି. (ଉତ୍-ବସ୍-ଇ-ଅନ) ବିସ-ର୍ଜନ, ଅଗ୍ନ୍ୟାଧାନର ଅଙ୍ଗସ୍ୱରୂପ ସଂସ୍କାର-ବିଶେଷ । ମାରଣ, ବଧ । (ଉଦ୍‌ବାସନ-ପ୍ରମଥନକ୍ରଥନୋଜ୍ଜାସନାନି ଚ—ଅମର ।)

ଉଦ୍‌ବାହ, ବି. (ଉତ୍-ବହ୍-ଅ) ପରିଣୟ, ବିବାହ । (ତଥାପରିଣୟୋଦ୍‌ବାହୋ-ପଯାମାଃ ପାଣିପୀଡ଼ନଂ—ଅମର ।)

ଉଦ୍‌ବିଗ୍ନ, ବିଂ. (ଉତ୍-ବିଜ୍=ଭୟ କରିବା-ତ) ଯାହାର ଉଦ୍‌ବେଗ ଜନ୍ମିଅଛି; ଉତ୍କଣ୍ଠିତ; ଭୀତ; କ୍ଷୁଭିତ ।

ଉଦ୍‌ବୃତ୍ତ, ବିଂ. (ଉତ୍-ବୃତ୍-ତ) ଜାତ; କ୍ଷୁଭିତ; ଉତ୍‌କ୍ଷିପ୍ତ; ଉଚ୍ଛୃଙ୍ଖଳ ବା ଅବାଧ; ଉଦ୍-ଘୂର୍ଣ୍ଣିତ; ବାନ୍ତ ବା ବମିତ; ଉଥିତ; ଯାହାର ଉଦ୍‌ବର୍ତ୍ତ ଅଛି ଅର୍ଥାତ୍ ଅତିରିକ୍ତ; ଦୁର୍ବୃତ୍ତ ।

ଉଦ୍‌ବେଗ, ବି. (ଉତ୍-ବିଜ୍-ଅ) ଚିନ୍ତା, ଉତ୍କଣ୍ଠା, ଆକୁଳତା । ଯଥା—

ଇନ୍ଦ୍ରାପଦ ପ୍ରାପ୍ୟେ ଉଦ୍‌ବେଗେ ଥରିଲା
ବେନି ହୃଦୟ । ଉଷା ।

ଭୟ; ତ୍ରାସ; କ୍ଷୋଭ । (ଉଦ୍‌ବେଗ ଉଦ୍‌ଭ୍ରମେ—ଅମର ।) ଉଦ୍‌ଗମନ; ବିରହଜନ୍ୟ ଦୁଃଖ; ଗୁବାକ ଫଳ । (ଗୁବାକଃ ସ୍ୱପୂରେଽସ୍ୟତୁ—ଫଳମୁଦ୍‌ବେଗଂ—ଅମର ।) ବିଂ. ବେଗବାନ୍; ବେଗହୀନ ।

ଉଦ୍‌ବେଜକ, } ବିଂ. (ଉତ୍-ବିଜ୍-ଅକ, ଇ-
ଉଦ୍‌ବେଜୟିତା, } ତୃ) ଉଦ୍‌ବେଗଜନକ, ଉଦ୍‌ବେଗକାରକ; କଷ୍ଟକର; ବିରକ୍ତି-ଜନକ ।

ଉଦ୍‌ବେଜନ, ବି. (ଉତ୍-ବିଜ୍-ଅନ) ଉଦ୍‌ବେଗ; ଭୟ; କମ୍ପନ; କଷ୍ଟ । ବିଂ. ଭୟପ୍ରଦର୍ଶକ; ଉତ୍ତେଜନକାରୀ ।

ଉଦ୍‌ବେଳ, } ବିଂ. (ଉତ୍=ଅତିକ୍ରାନ୍ତ,
ଉଦ୍‌ବେଳିତ, } ବେଳା=ସୀମା ବା ତୀର-ଅ, ଇତପ୍ରତ୍ୟୟ) ଉଚ୍ଛଳିତ, ଯେ ଉଚ୍ଛଳି ଉଠେ; ସୀମାତିକ୍ରାନ୍ତ; କୂଳାତିକ୍ରାନ୍ତ । ଯଥା—ତାହାଙ୍କର ଆନନ୍ଦ ଉଦ୍‌ବେଳିତ ହୋଇ ଉଠିଲା; ସମୁଦ୍ର ଉଦ୍‌ବେଳିତ ହେଲା ।

ଉଧଃ, } ବି. (ବହ୍=ବହନ କରିବା-ଅସ୍-
ଉଧସ୍, } ସଂଜ୍ଞାର୍ଥେ, ଯେ ଦୁଗ୍ଧ ବହନ କରେ) ଗବାଦିର ସ୍ତନ, ଗୋରୁ ପ୍ରଭୃତିର ପହ୍ଲା ।

ଉଧ, } ବି. (ଉଦ୍ର ଶବ୍ଦଜ) ଜଳବିଡ଼ାଳ
ଉଧୁଅ, } ନାମକ ଜଳଜନ୍ତୁବିଶେଷ ।

ଉଧାଣି, ବି. (ଦେଶଜ) ଭାତ ରାନ୍ଧିବାପାଇଁ ଚୁଲ୍ଲିରେ ବସାଇଥିବା ପାଣିହାଣ୍ଡି । ଯଥା—

ଚୁଲିରେ ବସାଇ ଦେଇ ଉଧାଣି,
ବେଗେ ଯାଅ ତୁମେ ଗୁଣ୍ଡଲ ଆଣି ।

ଉଧାର, ବି. (ଉଦ୍ଧାର ଶବ୍ଦଜ) ମୁକ୍ତ । ଯଥା—ତାକୁ ତୁମେ ଉଧାର କର । ଫେରି ଶୁଝି ଦେବାପାଇଁ ଆଣିବା ହାତ ବଦଳ । ଯଥା—

କି ଅବା ମାଗ ଯାଚ କଲୁ,
ଉଧାର କରି କି ଆଣିଲୁ । ଦା. ର.

ଉଧାରିବାର, କ୍ରି. (ଉଦ୍ଧାର ଶବ୍ଦଜ) ଉଦ୍ଧାର କରିବାର । ଯଥା—

ରାଜା ହୋଇକରି ଯେବେ ପଶଇ ଶରଣ,
ଭକତ ଉଧାରଇ ସେ କରଇ କାରଣ । ସା. ଭ. ସ.

ହାତ ବଦଳ ନେବା ।

ଉଧାରେଣୀ, ବି. ସ୍ତ୍ରୀ. (ଉଦ୍ଧାରଣୀ ଶବ୍ଦଜ) ଉଦ୍ଧାରକର୍ତ୍ତ୍ରୀ, ଉଦ୍ଧାରକାରିଣୀ । ଯଥା—

**ବୋଲନ୍ତ ରକ୍ଷା କର ଶ୍ରୀହରି ପାଟରାଣୀ,**
**ସକଳ ଉଧାରେଣୀ ତୁ ବ୍ରହ୍ମାଣ୍ଡକାରେଣୀ । ନୃ.ପୁ.ଦ୍ୱି.ତ.**

ଉଧି, ବି. (ଉର୍ଦ୍ଧ୍ୱ ଶବ୍ଦଜ) ଉର୍ଦ୍ଧ୍ୱସ୍ତମ୍ଭ । (ଦେଶଜ) ଯହିଁରେ ଶଗଡ଼ର ଫଳ ଲାଗେ ସେହି କାଷ୍ଠଖଣ୍ଡଦ୍ୱୟ ।

ଉଧୁରିବାର, କ୍ରି. (ଉଦ୍ଧାର ଶବ୍ଦଜ) ଉଦ୍ଧାର ହେବାର, ଉଦ୍ଧାର ପାଇବାର; ବନ୍ଧନରୁ ମୁକ୍ତ ପାଇବାର ।

ଉଧେଇବାର, କ୍ରି. (ଉର୍ଦ୍ଧ୍ୱାୟନ ଶବ୍ଦଜ) ବଢ଼ିବାର, ସ୍ଫୀତ ହେବାର ।

ଉନ, ବିଂ. (ଊନ ଶବ୍ଦରୁ ଅପଭ୍ରଂଶ) ଉଣା; ନ୍ୟୂନ ।

ଉନୁମାଦ, ବି. (ଉନ୍ମାଦ ଶବ୍ଦଜ) ଉନ୍ମତ୍ତତା । ଯଥା—

**କେ ଉନୁମାଦକ କେ ଖେଦଦାୟକ**
**ଦାହକ କେହି ଶୋଷଣ । ର. କ.**

ଉନ୍ଦରୁ, ଉନ୍ଦୂରୁ, ଉନ୍ଦୁର, ଉନ୍ଦୂର, ବି. (ଉନ୍ଦ୍ = ଆର୍ଦ୍ର ହେବା-ଅରୁ, ଊରୁ, ଉର, ଊର) ଇନ୍ଦୁର, ମୂଷା, ମୂଷିକ । (ଉନ୍ଦୁରୁର୍ମୂଷିକୋଽପ୍ୟାଖୁଃ—ଅମର ।)

ଉନ୍ନତ, ବିଂ. (ଉତ୍-ନମ୍-ତ) ଉଚ୍ଚ; ବୃଦ୍ଧିପ୍ରାପ୍ତ, ସ୍ଫୀତ; ଗୌରବପ୍ରାପ୍ତ—ସେ ବଡ଼ ଉନ୍ନତ ବ୍ୟକ୍ତି ।

ଉନ୍ନତାନତ, ବିଂ. (ଉନ୍ନତ-ଆନତ) ବନ୍ଧୁର, ଉଚ୍ଚ ନୀଚ ।

ଉନ୍ନତି, ବି. ସ୍ତ୍ରୀ. (ଉତ୍-ନମ୍-ତି) ଗରୁଡ଼ଙ୍କ ପତ୍ନୀ; ସମୃଦ୍ଧି; ସୌଭାଗ୍ୟ; ଗୌରବ; ବୃଦ୍ଧି; ଉଦୟ; ଉଚ୍ଚତା ।

ଉନ୍ନଦ୍ଧ, ବିଂ. (ଉତ୍ = ଉପରି-ନହ୍ = ବନ୍ଧନ କରିବା-ତ) ଉର୍ଦ୍ଧ୍ୱରେ ବନ୍ଧନପ୍ରାପ୍ତ; ଉତ୍କଟ; ଦୃପ୍ତ; ସ୍ଫୀତ ।

ଉନ୍ନମନ, ବି. (ଉତ୍-ନମ୍-ଇ-ଅନ) ଉତ୍ତୋଳନ, ଉପରକୁ ଉଠାଇବା ।

ଉନ୍ନମିତ, ବିଂ. (ଉତ୍-ନମ୍-ଇ-ତ) ଉର୍ଦ୍ଧ୍ୱୀକୃତ, ଉତ୍ତୋଳିତ, ଉର୍ଦ୍ଧ୍ୱରେ ଉତ୍ଥାପିତ ।

ଉନ୍ନୟ, ଉନ୍ନାୟ, ବି. (ଉତ୍ = ଉପରି-ନୀ = ନେବା-ଅ, ଉତ୍-ନୀ-ଇ-ଅ) ଉନ୍ନତି; ଉତ୍ଥାନ; ସାଦୃଶ୍ୟ; ଉତ୍ତୋଳନ, ଉପରକୁ ନେବା ।

ଉନ୍ନୟନ, ବିଂ. (ଉତ୍-ନୀ-ଅନ) ଉତ୍ତୋଳନ, ଉପରକୁ ନେବା; ଉନ୍ନତି; ଅନୁମାନ; ତର୍କ, ବିତର୍କ; ନ୍ୟାୟଶାସ୍ତ୍ର; ଉଦ୍ଭାବନ ।

ଉନ୍ନାହ, ବି. (ଉତ୍ = ଉର୍ଦ୍ଧ୍ୱ-ନହ୍ = ବନ୍ଧନ କରିବା-ଅ) ଉତ୍ତୋଳନପୂର୍ବକ ବନ୍ଧନ; କାଞ୍ଜିକା, କାଞ୍ଜୀ ।

ଉନ୍ନିଦ୍ର, ବିଂ. (ଉତ୍ = ନାସ୍ତ୍ୟର୍ଥ-ନିଦ୍ରା) ବିକସିତ । ଯଥା—ଉନ୍ନିଦ୍ରପୁଷ୍ପଚୟ । ନିଦ୍ରାବିହୀନ, ନିଦ୍ରାରହିତ । ଯଥା—

**ଉନ୍ନିଦ୍ରରେ ହେଲି ପ୍ରତିଦିନ ଦୀନ,**
**ଉଲ୍ଲସଇ ଗାତ୍ର ନେତ୍ର ଅନଥନ । ବି. ଚ. ମ.**

ସତର୍କ, ସାବଧାନ । ଯଥା—ପ୍ରତ୍ୟେକ କାର୍ଯ୍ୟରେ ଉନ୍ନିଦ୍ରହୃଦୟ ରହ ।

ଉନ୍ମଜ୍ଜନ, ବି. (ଉତ୍-ମସ୍ଜ୍-ଅନ) ଜଳାଦିରୁ ଉତ୍ଥାନ, ଭାସିବା ।

ଉନ୍ମତ୍ତ, ବିଂ. (ଉତ୍ = ଅତିଶୟ-ମତ୍ତ) ଉନ୍ମାଦଗ୍ରସ୍ତ, ପାଗଳ; ବାହ୍ୟଜ୍ଞାନଶୂନ୍ୟ । (ଉନ୍ମତ୍ତ ଉନ୍ମାଦବତି—ଅମର ।) ଧୁତୁରା ବା ଦୁଦୁରାଗଛ; ମୁଚୁକୁନ୍ଦବୃକ୍ଷ । (ଉନ୍ମତ୍ତ ଉନ୍ମାଦବତି ଧୂସ୍ତୂରମୁଚୁକୁନ୍ଦୟୋଃ—ବିଶ୍ୱପ୍ରକାଶ ।)

ଉନ୍ମଥ, ଉନ୍ମଥନ, ବି. (ଉତ୍-ମଥ୍ = ବଧ କରିବା-ଅ) ବଧ, ହନନ, ମାରଣ । (ଘାତୋନ୍ମଥବଧା ଅପି—ଅମର ।)

ଉନ୍ମଦ, ଉନ୍ମଦିଷ୍ଣୁ, ବିଂ. (ଉତ୍ = ଅତିଶୟ-ମଦ୍-ଅ, ଇଷ୍ଣୁ) ଉନ୍ମତ୍ତ, ଉନ୍ମାଦଯୁକ୍ତ, ପାଗଳ । (ଉନ୍ମଦସ୍ତୂନ୍ମଦିଷ୍ଣୁଃ ସ୍ୟାତ୍—ଅମର ।) ବାହ୍ୟଜ୍ଞାନଶୂନ୍ୟ । ଯଥା—

**କେ ଅବା ଉନ୍ମଦ ଶୂନ୍ୟେ ଭୁଞ୍ଜଇ ତ୍ରିଶୂଳ । କ. ବ.**

ଉନ୍ମନାଃ, ବିଂ. (ଉନ୍ମନସ୍-ଉତ୍=ଉପର, ଚଞ୍ଚଳ-ମନସ୍=ମନ) ଉତ୍କଣ୍ଠିତଚିତ୍ତ, ଉଦ୍‌ବିଗ୍ନ; ବ୍ୟାକୁଳ; ଉତ୍ସୁକ; ଅନ୍ୟମନସ୍କ ।

ଉନ୍ମାଥ, ବି. (ଉତ୍-ମନ୍ଥ୍-ଅ) ମୃଗବଧୋପଯୁକ୍ତ ଯନ୍ତ୍ର, ପାଶ । (ଉନ୍ମାଥଃ କୂଟଯନ୍ତ୍ରଂ ସ୍ୟାତ୍—ଅମର ।) ବିଲୋଡ଼ନ; ଖେଦ; ହନନ । (ଘାତୋନ୍ମାଥବଧା ଅପି—ଅମର ।) ବିଂ. ଘାତକ ।

ଉନ୍ମାଦ, ବି. (ଉତ୍-ମଦ୍-ଅ) ଚିତ୍ତବିଭ୍ରମ । (ଉନ୍ମାଦଶ୍ଚିତ୍ତବିଭ୍ରମଃ—ଅମର ।) ବାୟୁରୋଗବିଶେଷ, ପାଗଳ ହେବା, ବାତୁଳତ୍ୱ; ବୁଦ୍ଧିଭ୍ରଂଶ । ଯଥା—

ତେଜିଲଣି ବିବେକ ଉନ୍ମାଦ ଅତିରେକ,
ଦଣ୍ଡଦଣ୍ଡକେ ମୂର୍ଚ୍ଛା ଯାଉଛୁ ବାରେ ରଖ ।

ଉନ୍ମାଦନ, ବି. (ଉତ୍-ମଦ୍-ଇ-ଅନ) କନ୍ଦର୍ପର ବାଣବିଶେଷ; ଉନ୍ମତ୍ତକରଣ । ବିଂ. ଉନ୍ମତ୍ତତାକାରକ ।

ଉନ୍ମାର୍ଗ, ବି. (ଉତ୍—ମାର୍ଗ) ଅସତ୍‌ପଥ; ଗର୍ହିତ ଆଚରଣ, ନିନ୍ଦିତ ବ୍ୟବହାର । ବିଂ. କୁପଥଗାମୀ ।

ଉନ୍ମିଷିତ, ବିଂ. (ଉତ୍-ମିଷ୍=ବିକସିତ ହେବା-ତ) ଉନ୍ମୀଳିତ, ବିକସିତ; କିଞ୍ଚିତ୍ ପ୍ରକାଶିତ । ବି. (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) ଉନ୍ମେଷ, ଉନ୍ମୀଳନ ।

ଉନ୍ମୀଳନ, ବି. (ଉତ୍-ମୀଲ୍-ଅନ) ବିକାଶ, ଉନ୍ମେଷ, ପ୍ରକାଶ, ଉଦ୍‌ଘାଟନ; ଚକ୍ଷୁ ପଲକ ଟେକିବା, ଚାହିଁବା । ଯଥା—ନେତ୍ର ଉନ୍ମୀଳନ କର ।

ଉନ୍ମୁଖ, ବିଂ. (ଉତ୍=ଉନ୍ନମିତ-ମୁଖ) ଊର୍ଦ୍ଧ୍ୱମୁଖ; ଉଦ୍ୟତ, ତତ୍ପର; ଉତ୍ସୁକ; ଉଦ୍‌ଯୁକ୍ତ ।

ଉନ୍ମୂଳନ, ବି. (ଉତ୍-ମୂଲ୍-ଅନ) ଉତ୍ପାଟନ; ବିନାଶକରଣ ।

ଉନ୍ମୃଷ୍ଟ, ବିଂ. (ଉତ୍-ମୃଜ୍-ତ) ପରିଷ୍କୃତ, ମାର୍ଜିତ, ବିମଳୀକୃତ ।

ଉନ୍ମେଷ, ବି. (ଉତ୍-ମିଷ୍-ଅ) ଉନ୍ମୀଳନ; ପ୍ରକାଶ; ଉଦୟ; ଚକ୍ଷୁ ଖୋଲିବା । ଯଥା—

ମର୍ତ୍ତ୍ୟନାରୀ ବୋଲି ଚିହ୍ନାଇ ଦେଉଛି ନେତ୍ର ଉନ୍ମେଷ ।
ଉଷା ।

ଉନ୍ମୋଚନ, ବି. (ଉତ୍-ମୁଚ୍-ଅନ) ମୋଚନ, ଖୋଲିବା; ବନ୍ଧନରୁ ମୁକ୍ତ କରିବା; ଛଡ଼ାଇ ନେବା ।

ଉପ, ଅ. (ବପ୍-ଅ) ଆଧିକ୍ୟ; ହୀନତା; ସାମୀପ୍ୟ; ସାଦୃଶ୍ୟ; ଆରମ୍ଭ; ସାମର୍ଥ୍ୟ; ଭୂଷଣ; ଦୋଷାଖ୍ୟାନ; ଦାନ; ମାରଣ; ଇଚ୍ଛା; ବ୍ୟାପ୍ତି; ଆଶ୍ଚର୍ଯ୍ୟକରଣ; ପୂଜା; ତିରସ୍କାର; ଆନୁକୂଲ୍ୟ; ଉଦ୍‌ଯୋଗ; ନିଦର୍ଶନ ।

ଉପକଣ୍ଠ, କ୍ରି. ବିଂ. (ଉପ=ସମୀପ—କଣ୍ଠ) ସମୀପ, ନିକଟ । ଯଥା—

କୂପ ଉପକଣ୍ଠେ ତୋ ଶ୍ରୀଅଙ୍ଗ ମଜା ରେ ।

ବି. ଗ୍ରାମାନ୍ତ; ଘୋଡ଼ାର ଗତିବିଶେଷ । ଅ. କଣ୍ଠସମୀପରେ ।

ଉପକଥା, ବି. (ଉପ=ସଦୃଶ-କଥା) ଆଖ୍ୟାୟିକା, କଳ୍ପିତକଥା ।

ଉପକରଣ, ବି. (ଉପ=ସାହାଯ୍ୟ-କୃ-ଅନ) ରାଜାମାନଙ୍କର ଛତ୍ର ଚାମରାଦି ଚିହ୍ନ; ଆନୁଷଙ୍ଗିକ ବିଷୟ ବା ଦ୍ରବ୍ୟ । ଯେପରି ନୈବେଦ୍ୟର ଉପକରଣ ଫଳମୂଳାଦି, ରନ୍ଧନର ଉପକରଣ କାଷ୍ଠ ଅଗ୍ନି ଜଳପାତ୍ର ପ୍ରଭୃତି, ପୂଜାର ଉପକରଣ ନୈବେଦ୍ୟ ପ୍ରଭୃତି ।

ଉପକର୍ତ୍ତା, ବିଂ. (ଉପ=ସାହାଯ୍ୟ-କୃ-ତୃ) ଉପକାରୀ; ଉପକାରକର୍ତ୍ତା । (ଉପ=ଅପ୍ରଧାନ-କର୍ତ୍ତା) ଯେ ପ୍ରଧାନକର୍ତ୍ତା ନୁହେ ।

ଉପକାର, ବି. (ଉପ=ସାହାଯ୍ୟ-କୃ-ଅ) ଅନୁଗ୍ରହ; ଆନୁକୂଲ୍ୟ; ସାହାଯ୍ୟ; ଫଳ; ପ୍ରୟୋଜନ; ଉପକରଣ ।

ଉପକାରିକା, ବି. ସ୍ତ୍ରୀ. (ଉପକାରକ-ସ୍ତ୍ରୀ-ଆ, ଅକ=ଇକ) ଉପକାରକର୍ତ୍ତ୍ରୀ, ଯେ ସ୍ତ୍ରୀ ଉପକାର କରିଅଛି; ରାଜଗୃହ, ରାଜବାଟୀ; ପଟଭବନ; ରାଜାଙ୍କ ବାସଯୋଗ୍ୟ ଗୃହ । (ସୌଧୋଽସ୍ତ୍ରୀ ରାଜସଦନମୁପକାର୍ଯ୍ୟୋପକାରିକା—ଅମର) ଧାନ୍ୟାଦିରକ୍ଷଣ ସ୍ଥାନ, କୋଠି, ଧାନ ରଖିବା ମରାଇ, ଡୋଲି; ପିଷ୍ଟକବିଶେଷ ।

ଉପକାର୍ଯ୍ୟ, ବିଂ. ( ଉପ=ସାହାଯ୍ୟ-କୃ-ଯ ) ଉପକାରଯୋଗ୍ୟ । (ସ୍ତ୍ରୀ-ଆ) ବି. ରାଜଗୃହ, ରାଜାଙ୍କ ଆବାସଯୋଗ୍ୟ ପଟ୍ଟଭବନାଦି; କୋଠି; ଧାନ୍ୟାଦି ରଖିବା ସ୍ଥାନ, ଧାନ ରଖିବା ମରାଇ ବା ଡ଼ୋଲି ।

ଉପକୁଞ୍ଚିକା, ବି. ସ୍ତ୍ରୀ. (ଉପ-କୁଞ୍ଚିକା) କୃଷ୍ଣଜୀରକ, କଳାଜିରା ।

ଉପକୁଲ୍ୟା, ବି. ସ୍ତ୍ରୀ. (ଉପ=ସମୀପ-କୁଳ=ରାଶି କରିବା-ଯ-ସ୍ତ୍ରୀ-ଆ) ପିପ୍ପଳୀ । (କୃଷ୍ଣୋପକୁଲ୍ୟା ବୈଦେହୀ ମାଗଧୀ ଚପଳା କଣା—ଅମର ।) ଜଳନାଳୀ, ମାହାଣ୍ଡି, ଖାଲ । ଯଥା—

**ଉପକୁଲ୍ୟା ଆଦି ଉପକରଣକୁ**

**ଅଛୁ ସେ ଗର୍ଭଗତ କରି । କୋ. ବ୍ର. ସୁ.**

ଉପକୂଳ, ବି. (ଉପ=ସମୀପ-କୂଳ) ବେଳାଭୂମି, ସମୁଦ୍ରସନ୍ନିହିତ ଭୂମି ।

ଉପକୃତ, ବିଂ. ( ଉପ=ସାହାଯ୍ୟ-କୃ-ତ ) ଉପକାରପ୍ରାପ୍ତ, ବାଧିତ, ଅନୁଗୃହୀତ ।

ଉପକ୍ରମ, ବି. (ଉପ-କ୍ରମ୍=ଆରମ୍ଭ କରିବା, ଗମନ କରିବା ଇତ୍ୟାଦି-ଅ) ଆରମ୍ଭ, ସମ୍ୟକ୍ ବିବେଚନାପୂର୍ବକ ଆରମ୍ଭ । (ଜ୍ଞାତ୍ୱାରମ୍ଭ ଉପକ୍ରମଃ—ଅମର ।) ବଶୀକରଣ; ଧର୍ମାଦିଦ୍ୱାରା ଭୃତ୍ୟପରୀକ୍ଷା; ଚିକିତ୍ସା; ବିକ୍ରମ । (ଉପକ୍ରମଃସ୍ୟାଦୁପଧା ଚିକିତ୍ସାରମ୍ଭବିକ୍ରମଂ—ଇତି ବିଶ୍ୱଃ ।) ଗମନ, ପଳାୟନ; ଉପାୟ । (ତାନାନପୈତ୍ ବିଶଂ ସର୍ବାନ୍ ସାମାଦିଭିରୁପକ୍ରମୈଃ ।)

ଉପକ୍ରମଣିକା, ବି. ସ୍ତ୍ରୀ. (ଉପ-କ୍ରମ-ଅନ-ଇକ-ଆ) ପ୍ରଥମ ସୂତ୍ରପାତ; ଉପସ୍ଥିତ ବିଷୟର ସଂକ୍ଷେପରେ ଅଭିପ୍ରାୟ ପ୍ରଦର୍ଶନ; ବକ୍ଷ୍ୟମାଣ ବିଷୟର ଆଭାସ ।

ଉପକ୍ରାନ୍ତ, ବିଂ. (ଉପ-କ୍ରମ୍-ତ) ପ୍ରକ୍ରାନ୍ତ, ଆରବ୍ଧ; ବିସ୍ତୃତ ।

ଉପକ୍ରିୟା, ବି. ସ୍ତ୍ରୀ. (ଉପ=ସାହାଯ୍ୟ-କ୍ରିୟା=କାର୍ଯ୍ୟ) ସାହାଯ୍ୟ; ଉପକାର ।

ଉପକ୍ରୋଶ, ବି. (ଉପ-କ୍ରୁଶ=ନିନ୍ଦା କରିବା, କ୍ରନ୍ଦନ ଓ ଶବ୍ଦ କରିବା-ଅ) ନିନ୍ଦା, ଅପବାଦ, ଭର୍ତ୍ସନା । ବିଂ. ଆସନ୍ନକ୍ରୋଶ । ଅଂ. କ୍ରୋଶସମୀପେ ।

ଉପକ୍ଷେପ, ବି. ( ଉପ-କ୍ଷିପ୍-ଅ ) ଉଲ୍ଲେଖ, ପ୍ରସ୍ତାବ; ଆକ୍ଷେପ; ନାଟ୍ୟାଦିରେ ଇତିହାସର ଉଲ୍ଲେଖ ।

ଉପଗତ, ବିଂ. (ଉପ-ଗମ୍-ତ) ସ୍ୱୀକୃତ; ପ୍ରାପ୍ତ; ଜ୍ଞାତ; ଆସକ୍ତ; ଉପସ୍ଥିତ; ସନ୍ନିହିତ । ବି. ପ୍ରାପ୍ତିସୂଚକ ପତ୍ର ବା ରସିଦ ।

ଉପଗମ, ବି. ( ଉପ-ଗମ୍-ଅ ) ଅଙ୍ଗୀକାର, ଉପସ୍ଥିତି ବା ନିକଟେ ଗମନ; ପ୍ରାପ୍ତି; ଜ୍ଞାନ; ଘଟନା; ଆସକ୍ତି; ଲୋଭ ।

ଉପଗୂଢ଼, ବିଂ. ( ଉପ-ଗୁହ୍=ଆଲିଙ୍ଗନ କରିବା, ଗୋପନ କରିବା-ତ) ଆଲିଙ୍ଗିତ, ଗୁପ୍ତ । ବି. ଆଲିଙ୍ଗନ, ଗ୍ରହଣ ।

ଉପଗୂହନ, ବି. (ଉପ-ଗୁହ୍-ଅନ) ଆଲିଙ୍ଗନ, ଆଶ୍ଳେଷଗ୍ରହଣ; ଗୋପନ । (ସଂଶ୍ଳେଷ ଉପଗୂହନଂ—ଅମର ।)

ଉପଗ୍ରହ, ବି. (ଉପ-ଗ୍ରହ୍-ଅ) ରୋଧ, କାରାବନ୍ଧନ, କଏଦ । (ପ୍ରଗ୍ରହୋପଗ୍ରହୌ ବନ୍ଦ୍ୟାଂ—ଅମର ।) ଅନୁରୋଧ, ପ୍ରାର୍ଥନା; ଆନୁକୂଲ୍ୟ; ସାହାଯ୍ୟ; ଉପଯୋଗ । (ଉପ=ନ୍ୟୂନ-ଗ୍ରହ) ଗ୍ରହ ସହିତ ଭ୍ରମଣକାରୀ କ୍ଷୁଦ୍ରଗ୍ରହ । ଯେପରି ଚନ୍ଦ୍ର ପୃଥିବୀର ଉପଗ୍ରହ ।

ଉପଗ୍ରାହ, } ବି. (ଉପଗ୍ରହ-ଅ, ଯ) ଉପ-
ଉପଗ୍ରାହ୍ୟ, } ଢୌକନ, ଉପହାର, ଭେଟି । (ଉପାୟନମୁପଗ୍ରାହ୍ୟଂ—ଅମର ।)

ଉପଘାତ, ବି. ( ଉପ=ଅଧିକ-ହନ୍-ଅ ) ଆଘାତ; କ୍ଷତି; ବିନାଶ; ବିକଳତା; ବିକୃତି; ରୋଗ ।

ଉପଘ୍ନ, ବି. (ଉପ=ସମୀପ-ହନ୍=ଗମନ କରିବା-ଅ, ହ=ଘ) ନିକଟସ୍ଥ ଆଶ୍ରୟ; ସମୀପ । (ସ୍ୟାଦୁପଘ୍ନୋଽନ୍ତିକାଶ୍ରୟେ—ଅମର ।)

ଉପଚୟ, ବି. (ଉପ-ଚି-ଅ) ବୃଦ୍ଧି; ଉନ୍ନତି; ଆଧିକ୍ୟ; ସଂଗ୍ରହ; ସମୂହ; ଜ୍ୟୋତିଷ ଶାସ୍ତ୍ରରେ ଲଗ୍ନର ତୃତୀୟ ଷଷ୍ଠ ଦଶମ ଓ ଏକାଦଶ ସ୍ଥାନ । (ଅଥୋପଚୟସଂଜ୍ଞା ସ୍ୟାତ୍ ନିଲଭରସ୍ତୁକର୍ମଣାଂ ।)

ଉପଚରିତ, ବିଂ. (ଉପ-ଚର୍-ତ) ସେବିତ, ଉପାସିତ, ଆରାଧିତ । (ଉପାସିତଂ ସ୍ୟେପଚରିତେ ଚ—ଅମର ।) ଲକ୍ଷଣାଦ୍ୱାରା ବୋଧିତ ।

ଉପଚର୍ଯ୍ୟା, ବି. ସ୍ତ୍ରୀ. ( ଉପ-ଚର୍-ଯ-ଆ ) ସେବା, ଶୁଶ୍ରୂଷା; ଚିକିତ୍ସା ।

ଉପଚାଯ୍ୟ, ବି. ( ଉପ-ଚି-ଯ—ନିପାତନ ) ସଂସ୍କୃତ ଅଗ୍ନି, ଯଜ୍ଞାଗ୍ନି; ଯଜ୍ଞାଗ୍ନି ଧାରଣାର୍ଥ ସ୍ଥଳବିଶେଷ । (ସମୂହ୍ୟଃ ପରିଚାଯ୍ୟୋପଚାଯ୍ୟାବଗ୍ନୌ ପ୍ରୟୋଗିଣଃ—ଅମର ।)

ଉପଚାର, ବି. (ଉପ-ଚର୍-ଅ) ଶୁଶ୍ରୂଷା, ସେବା; ଚିକିତ୍ସା । ଯଥା—

ଧନକୁ ଉପଚାର ଧନକୁ କି ବିଚାର,
ସେଥି ତ ନ ପଚାର ଚାର ରେ । ଲ. ବ.

ସମ୍ମାନ; ବ୍ୟବସାୟ; ଆରୋପ; ଉପକରଣ । ଯେପରି ଷୋଡ଼ଶୋପଚାର ପୂଜା । ଉତ୍କୋଚ, ସଜ୍ଜା; ବ୍ୟବହାର; ଛଳ, ଗୃଭୁଷି, ମିଥ୍ୟାବାକ୍ୟ । (ଉପଚାରପଦଂ ନ ଚେଦିଦଂ—କୁ. ସଂ.) ଧର୍ମାନୁଷ୍ଠାନ ମାତ୍ର ।

ଉପଚିକୀର୍ଷା, ବି. ସ୍ତ୍ରୀ. (ଉପ-କୃ-ସନ୍-ଆ) ଉପକାର କରିବାର ଇଚ୍ଛା, ପରୋପକାରରେ ପ୍ରବୃତ୍ତି ।

ଉପଚିକୀର୍ଷୁ, ବିଂ. (ଉପ-କୃ-ସନ୍-ଉ) ଯେ ଉପକାର କରିବାର ଇଚ୍ଛା କରେ, ଉପକାର କରିବାକୁ ଉଦ୍ୟତ ।

ଉପଚିତ, ବିଂ. ( ଉପ-ଚି-ତ ) ସମୃଦ୍ଧ, ବୃଦ୍ଧିପ୍ରାପ୍ତ, ପରିପୁଷ୍ଟ; ସଂଚିତ; ରଚିତ; ସମାହୃତ; ଦଗ୍ଧ ।

ଉପଛନ୍ଦ, ବି. ( ଉପ-ଛନ୍ଦ-ଅ ) ପ୍ରାର୍ଥନା, ଅନୁରୋଧ; ଉପମନ୍ତ୍ରଣା, ମନ୍ତ୍ରଣା ଦେବା ।

ଉପଜାପ, ବି. (ଉପ=ଗୋପନୀୟରୂପେ—ଜପ୍=ଜପ କରିବା-ଅ) ଭେଦ, ବିଚ୍ଛେଦ, ଅନୈକ୍ୟ, ବିରୋଧ ଘଟାଇଦେବା, କୁମନ୍ତ୍ର, ଫିଙ୍କୁର । (ଭେଦୋପଜାପୌ—ଅମର ।)

ଉପଜୀବୀ, ବିଂ. (ଉପଜୀବିନ୍—ଉପ-ଜୀବ୍-ଇନ୍) ଜୀବିକାବଲମ୍ବୀ, ଆଶ୍ରିତ । ଯଥା—ବାଣିଜ୍ୟୋପଜୀବୀ, ବିଦ୍ୟୋପଜୀବୀ ।

ଉପଜୀବ୍ୟ, ବିଂ. (ଉପ-ଜୀବ୍-ଯ) ଜୀବନଧାରଣ ନିମିତ୍ତ ଅବଲମ୍ବନୀୟ, ଆଶ୍ରୟଣୀୟ ।

ଉପଜ୍ଞା, ବି. ସ୍ତ୍ରୀ. (ଉପ=ଆରମ୍ଭ-ଜ୍ଞା-ଅ-ଆ, ଅଥବା କ୍ୱିପ୍ ) ଆଦ୍ୟ ଜ୍ଞାନ, ପ୍ରଥମ ଜ୍ଞାନ, ଉପଦେଶବ୍ୟତିରେକେ ପ୍ରଥମଜ୍ଞାନ । (ଉପଜ୍ଞା ଜ୍ଞାନମାଦ୍ୟଂ ସ୍ୟାତ୍—ଅମର ।)

ଉପଢୌକନ, ବି. (ଉପ=ସମୀପ-ଢୌକ୍=ଗମନ କରିବା-ଅନ) ଉପହାର, ଭେଟି; ଉତ୍କୋଚ ।

ଉପତପ୍ତା, ବିଂ. (ଉପତପ୍ତୃ—ଉପ-ତପ୍-ତୃ) ତାପକାରୀ, ଦୁଃଖକାରକ, ଯେ ସନ୍ତାପ ପ୍ରଦାନ କରେ । ବି. ରୋଗ ।

ଉପତାପ, ବି. ( ଉପ=ଅତିଶୟ-ତପ୍-ଅ ) ପୀଡ଼ା, ସଂତାପ, ଉତ୍ତାପ । ଯଥା—

ଉପତାପରେ ବଢ଼େ ହୃଦର ଦର । ବି. ଚି. ମ.

କ୍ଳେଶ, ଦୁଃଖ; ଅଶୁଭ; ତ୍ୱରା; ରୋଗ । (ସ୍ତ୍ରୀ ରୁଗ୍ ରୁଜା ଚୋପତାପରୋଗବ୍ୟାଧିଗଦାମୟାଃ—ଅମର ।)

ଉପତ୍ୟକା, ବି. ସ୍ତ୍ରୀ. (ଉପ=ନିକଟ-ତ୍ୟକନ୍-ଆ) ପର୍ବତର ନିକଟସ୍ଥ ଭୂମି, ପର୍ବତର ସନ୍ନିହିତ ଅଧଃସ୍ଥିତ ଭୂମି । (ଉପତ୍ୟକାଦ୍ରେରାସନ୍ନା ଭୂମିରୂର୍ଦ୍ଧ୍ୱମଧିତ୍ୟକା—ଅମର ।)

ଉପଦଂଶ, ବି. (ଉପ=ଅତିଶୟ-ଦନ୍ଶ-ଅ) ମଦ୍ୟପାନକାଳୀନ ମୁଖରୋଚକ ଭକ୍ଷ୍ୟ ବସ୍ତୁ; ଭକ୍ଷ୍ୟ ଦ୍ରବ୍ୟ; ମେଢ଼୍ର ରୋଗବିଶେଷ ।

ଉପଦର୍ପ, ବି. (ଉପଦ୍ରବ ଶବ୍ଦଜ) ଉପଦ୍ରବ, ଭୟ ।

ଉପଦା, ବି. ସ୍ତ୍ରୀ. (ଉପ-ଦା-ଅ) ଉପାୟନ, ଉପଢୌକନ, ଭେଟି । (ଉପାୟନମୁପଗ୍ରାହ୍ୟମୁପହାରସ୍ତଥୋପଦା—ଅମର ।) ଉତ୍କୋଚ, ଲାଞ୍ଚ ।

ଉପଦଷ୍ଟ, ବି°. ( ଉପ-ଦଶ୍-ତ ) ଯାହାକୁ ଉପଦେଶ ଦିଆ ହୋଇଅଛି, ଶିକ୍ଷିତ; ଆଦିଷ୍ଟ; ପ୍ରଦର୍ଶିତ; କଥିତ । (ଭାବବାଚ୍ୟରେ 'ତ' ପ୍ରତ୍ୟୟ ହେଲେ) ଉପଦେଶ ।

ଉପଦେବତା, ବି. ( ଉପ-ଦେବତା ) ଭୂତ ପ୍ରେତ ଯକ୍ଷ ପ୍ରଭୃତି ଦେବଯୋନି ।

ଉପଦେଶ, ବି. (ଉପ-ଦଶ୍-ଅ) ଶିକ୍ଷାଦାନ; ପରାମର୍ଶଦାନ; ଉଦ୍ଦେଶ; ଶିକ୍ଷାବାକ୍ୟ; ପ୍ରବର୍ତ୍ତକ ବାକ୍ୟ; ମନ୍ତ୍ରଦାନ; ନାମ; ଅନୁଶାସନ ।

ଉପଦ୍ରବ, ବି. (ଉପ-ଦ୍ରୁ = ଅନିଷ୍ଟ କରିବା-ଅ) ଉତ୍ପାତ, ଅମଙ୍ଗଳ ଘଟନା; ଅତ୍ୟାଚାର, ଦୌରାତ୍ମ୍ୟ; ରୋଗର ବିକାରବିଶେଷ । (ବ୍ୟାଧେରୁପରି ଯୋ ବ୍ୟାଧିଃ ସ ଉପଦ୍ରବ କଥ୍ୟତେ ।)

ଉପଦ୍ରୁତ, ବି°. (ଉପ-ଦ୍ରୁ-ତ) ଉପଦ୍ରବଯୁକ୍ତ; ବ୍ୟାକୁଳ; ଯାହା ପ୍ରତି ଅତ୍ୟାଚାର କରା ହୋଇଅଛି ।

ଉପଧା, ବି. ସ୍ତ୍ରୀ. (ଉପ-ଧା-ଅ) ଧର୍ମାଦିର ଉପନ୍ୟାସଦ୍ୱାରା ମନ୍ତ୍ରୀ ପ୍ରଭୃତିର ପରୀକ୍ଷା; ଧର୍ମାଦିଦ୍ୱାରା ଭୃତ୍ୟପରୀକ୍ଷା । (ଉପଧା ଧର୍ମାଦ୍ୟୈ ର୍ଯତ୍ପରୀକ୍ଷଣଂ—ଅମର ।) ଛଳ; ଉପାୟ; ଅନ୍ତ୍ୟବର୍ଣ୍ଣର ପୂର୍ବ ବର୍ଣ୍ଣ ।

ଉପଧାନ, ବି. ( ଉପ-ଧା-ଅନ ) ବାଲିଶ, ତକିଆ; ଧାରଣ; ପ୍ରଣୟ; ବିଷ । (ତକିଆ ଅର୍ଥରେ ଉପଧାନ ମଧ୍ୟ ହୁଏ ।)

ଉପଧାୟକ, ବି°. (ଉପ-ଧା-ଅକ-ଯ, ଆଗମ) ଜନକ, ଉତ୍ପାଦକ; ଉପଯୋଗୀ ।

ଉପଧି, ବି. (ଉପ-ଧା-ଇ) ଛଳ, ଗୃଢ଼ୁଷ୍ଟି, କପଟ । (କପଟୋଽସ୍ତ୍ରୀବ୍ୟାଜଦମ୍ଭୋପଧୟଶ୍ଛଦ୍ମକୈତବେ—ଅମର ।) ଭୟ; ରଥଚକ୍ର ।

ଉପଧୂପିତ, ବି°. ( ଉପ-ଧୂପ୍-ତ ) ସନ୍ତାପିତ; ମୁମୂର୍ଷୁ ।

ଉପନ, ବି. (ଉପାୟନ ଶବ୍ଦଜ) ଉପହାର ।

ଉପନତ, ବି°. ( ଉପ = ସମୀପ-ନମ୍-ତ ) ସମୀପାଗତ, ନିକଟସ୍ଥିତ; ଶରଣାଗତ; ପ୍ରାପ୍ତ । (ଅଚରେଣୋପନତାଂ ସ ମେଦିନୀଂ ।)

ଉପନୟ, ଉପନୟନ, ଉପନାୟ, ଉପନାୟନ, } ବି. (ଉପ-ନୀ-ଅ, ଅନ; ଉପ-ନୀ-ଇ-ଅ, ଅନ) ଦ୍ୱିଜାତିର ଯଜ୍ଞସୂତ୍ରଧାରଣ ସଂସ୍କାର-ବିଶେଷ; ଆନୟନ ।

ଉପନାହ, ବି. (ଉପ-ନହ୍ = ବନ୍ଧନ କରିବା-ଅ) ବନ୍ଧନ; ବୀଣାଦିର ନିମ୍ନଭାଗ; ଯେ ସ୍ଥଳେ ତନ୍ତ୍ରୀ ସକଳ ନିବଦ୍ଧ ରହେ । ( କୋଳମ୍ବସ୍ତୁ କାୟୋଽସ୍ୟାଦୁପନାହୋ ନିବନ୍ଧନଂ—ଅମର ।) ପ୍ରଲେପ, ବ୍ରଣ ପ୍ରଭୃତିର ଉପଶମନାର୍ଥ ଲେପନ ଦ୍ରବ୍ୟ ।

ଉପନିଧାନ, ଉପନିଧି, } ବି. ( ଉପ-ନି-ଧା-ଅନ, ଇ) ନ୍ୟାସ, ଗଚ୍ଛିତ ରଖିବା । (ପୁମାନୁପନିଧିର୍ନ୍ୟାସଃ—ଅମର ।)

ଉପନିପାତ, ବି. (ଉପ-ନି-ପତ୍-ଅ) ସମୀପେ ଆଗମନ; ହଠାତ୍ ଆଗମନ ।

ଉପନିବେଶ, ବି. ( ଉପ-ନି-ବିଶ୍-ଅ ) ଦେଶାନ୍ତରରେ ନିବାସ, ଏକ ଦେଶରୁ ଯାଇ ଅନ୍ୟ ଦେଶରେ ଗୃହ କରିବା ।

ଉପନିଷଦ୍, ବି. ସ୍ତ୍ରୀ. (ଉପ-ନି-ସଦ୍ = ଗମନ କରିବା-କ୍ୱିପ୍) ବେଦର ଶିରୋଭାଗ, ବେଦାନ୍ତ; ବ୍ରହ୍ମବିଦ୍ୟା; ଧର୍ମ; ବିଦ୍ୟା; ରହସ୍ୟ ବା ବିଜନ ସ୍ଥାନ; ସତ୍ୟ । (ଧର୍ମେ ରହସ୍ୟୁପନିଷଦ୍—ଅମର ।)

ଉପନିଷ୍କର, ବି. (ଉପ-ନିଃ-କୃ-ଅ, ଅଥବା ଉପ-ନି-କ୍ରମ୍-ଅ, ସ ଆଗମ) ନଗରର ମାର୍ଗ, ରାଜପଥ । (ଘଣ୍ଟାପଥଃ ସଂସରଣଂ ତତ୍ପୁରସ୍ୟୋପନିଷ୍କରଂ—ଅମର ।)

ଉପନୀତ, ବି°. (ଉପ-ନୀ-ତ) ଯେଉଁ ବାଳକର ଉପନୟନ ସଂସ୍କାର ହୋଇଅଛି; ଆନୀତ; ଆଗତ, ଉପସ୍ଥିତ । ଯଥା—

ଭ୍ରମୁ ଭ୍ରମୁ ଏକ ସ୍ଥାନେ ହେଲ ଉପନୀତ,
ଭୀଷଣ ଶ୍ମଶାନ ଯହିଁ ଅଟେ ବିରାଜିତ । କ. ବି.

ଉପନ୍ୟାସ, ବି. (ଉପ-ନି-ଅସ୍ = କ୍ଷେପଣ କରିବା-ଅ) ବାକ୍ୟାରମ୍ଭ, ବଚନାରମ୍ଭ । ( ଉପନ୍ୟାସସ୍ତୁ ବାଙ୍ମୁଖଂ—ଅମର । ) ଉଲ୍ଲେଖ, ପ୍ରସ୍ତାବ; ଶ୍ରୋତା ଓ ପାଠକମାନଙ୍କର ଚିତ୍ତରଞ୍ଜନାର୍ଥ କଳ୍ପିତ ବୃତ୍ତାନ୍ତ, ଉପକଥା ।

ଉପପତି, ବି. (ଉପ-ପତି) ଜାର, ଅଧର୍ମ ପତି, ଗୁପ୍ତ ପତି ।

ଉପପତ୍ତି, ବି. ସ୍ତ୍ରୀ. (ଉପ-ପଦ୍-ତି) ଉତ୍ପତ୍ତି; ସଙ୍ଗତି; ସଂସ୍ଥାନ; ଯୁକ୍ତି; ସିଦ୍ଧାନ୍ତ, ମୀମାଂସା; ପୂର୍ବାପର ବିରୋଧ ପରିହାର; ସିଦ୍ଧି; ଉପାୟ; କାରଣ, ହେତୁ ।

ଉପପତ୍ନୀ, ବିଂ. ସ୍ତ୍ରୀ. (ଉପ-ପତ୍ନୀ) ରକ୍ଷିତା ସ୍ତ୍ରୀ ।

ଉପପଦ, ବି. (ଉପ-ପଦ) ପଦର ସମୀପସ୍ଥ ପଦ, ପୂର୍ବ ପଦ, ଅପ୍ରଧାନ ପଦ; ଉପାଧି ।

ଉପପନ୍ନ, ବି. (ଉପ-ପଦ୍-ତ) ଯୁକ୍ତିଯୁକ୍ତ; ସମ୍ଭାବିତ; ଉତ୍ପନ୍ନ; ମିଳିତ; ଆଗତ; ଉଚିତ; ସିଦ୍ଧ; ପ୍ରାପ୍ତ; ସଙ୍ଗତ; ଅବରୁଦ୍ଧ ।

ଉପପାଦନ, ବି. (ଉପ-ପାଦ-ଅନ) ସମ୍ପାଦନ, ସାଧନ; ଯୁକ୍ତିଦ୍ୱାରା ସମର୍ଥନ; ମୀମାଂସାକରଣ, ପୂର୍ବାପର ବିରୋଧ ପରିହାର କରିବା ।

ଉପପ୍ଲବ, ବି. (ଉପ-ପ୍ଲୁ-ଅ) ପ୍ରତିବନ୍ଧ, ବିପଦ, ଉପଦ୍ରବ; ଭୟ; ରାହୁ; ଚନ୍ଦ୍ରାଦି ଗ୍ରହଣ; ପ୍ରଭୁଶକ୍ତିର ପ୍ରତିକୂଳରେ ପ୍ରଜାମାନଙ୍କର ଅଭ୍ୟୁତ୍ଥାନ; ଆକାଶରୁ ଉଲ୍କାପାତ; ଅଶୁଭ, ଅମଙ୍ଗଳ ।

ଉପପ୍ଲବ୍ୟ, ବି. (ଉପପ୍ଲବ-ଯ) ବିରାଟନଗରର ନିକଟସ୍ଥ ପୁରବିଶେଷ ।

ଉପବର୍ହ, ବି. (ଉପ-ବର୍ହ = ବିସ୍ତାର କରିବା-ଅ) ଉପଧାନ, ବାଲିଶ । (ଉପଧାନଂତୂପବର୍ହଃ—ଅମର ।) ଉପପୀଡ଼ନ ।

ଉପଭୁକ୍ତ, ବିଂ. (ଉପ-ଭୁଜ୍-ତ) ଯାହା ଭୋଗ କରି ଯାଇଅଛି, ଭକ୍ଷିତ; ବ୍ୟବହୃତ ।

ଉପଭୃତ୍, ବି. ( ଉପ-ଭୃ-କ୍ୱିପ୍ ) ଏକପ୍ରକାର ସ୍ରୁଚ, ହୋମପାତ୍ରବିଶେଷ । (ଧ୍ରୁବୋପଭୃଜ୍ଜୁହୂର୍ନାତୁ—ଅମର ।)

ଉପଭୋଗ, ବି. ( ଉପ-ଭୁଜ-ଅ ) ସୁଖାଦି ଭୋଗ; ଭକ୍ଷଣ; ବ୍ୟବହାର ।

ଉପମର୍ଦ୍ଦ, ବି. (ଉପ-ମୃଦ୍-ଅ) ଆଲୋଡ଼ନ; ହିଂସା, ପୀଡ଼ନ ।

ଉପମା, ବି. ସ୍ତ୍ରୀ. (ଉପ=ତୁଲ୍ୟ-ମା = ପରିମାଣ କରିବା-ଅ, ଆ) ସାଦୃଶ୍ୟ, ତୁଲ୍ୟତା; ଅର୍ଥାଳଂକାରବିଶେଷ; ପ୍ରତିକୃତି, ପ୍ରତିମା । ବିଂ. ତୁଲ୍ୟ; ସଦୃଶ ।

ଉପମାତା, ବି. ସ୍ତ୍ରୀ. (ଉପମାତୃ—ଉପ-ମା-ତୃ) ଧାତ୍ରୀ, ଧାଈ; ମାତୃତୁଲ୍ୟା, ମାଉସୀ ପିଉସୀ ପ୍ରଭୃତି । ବିଂ. ଉପମାନକର୍ତ୍ତ୍ରୀ, ଯେ ଉପମା ଦିଏ ।

ଉପମାନ, ବି. ( ଉପ-ମା-ଅନ ) ସାଦୃଶ୍ୟ, ଉପମା, ତୁଳନା; ଯାହାର ସହିତ ଉପମା ଦିଆଯାଏ, ଚନ୍ଦ୍ର, ପଦ୍ମ ପ୍ରଭୃତି । ପ୍ରତିକୃତି, ପ୍ରତିମା । (ଉପମା ଶବ୍ଦ ଦେଖ)

ଉପମିତି, ବି. (ଉପ-ମା-ତି) ଉପମା, ସାଦୃଶ୍ୟ ଜ୍ଞାନ ।

ଉପଯନ୍ତା, ବି. ( ଉପଯନ୍ତୃ—ଉପ-ଯମ୍-ତୃ) ବର, ବିବାହକାରକ; ସଂଯମନକର୍ତ୍ତା ।

ଉପଯମ,<br>ଉପଯାମ,<br>ଉପଯମନ, } ବି. ( ଉପ-ଯମ୍-ଅ, ଅନ ) ବିବାହ । ( ବିବାହୋପଯମୌ ସମୌ—ଅମର । )

ଉପଯମନ, ବି. ( ଉପ-ଯମ୍-ଅନ ) ବିବାହ; ବୈବାହିକ ମନ୍ତ୍ର ।

ଉପଯାତ, ବିଂ. (ଉପ—ଯାତ) ଉପଗତ, ସମୀପାଗତ; ପ୍ରାପ୍ତ ।

ଉପଯାନ, ବି. (ଉପ—ଯାନ) ପ୍ରାପ୍ତି; ନିକଟାଗମନ ।

ଉପଯୁକ୍ତ, ବିଂ. ( ଉପ-ଯୁଜ୍-ତ ) ଯୋଗ୍ୟ; ସମର୍ଥ; ଉଚିତ; କାର୍ଯ୍ୟଦକ୍ଷ; ଭୁକ୍ତ ।

ଉପଯୋଗ, ବି. ( ଉପ-ଯୁଜ୍-ଅ ) ଉପକାର; ଆବଶ୍ୟକତା; ଉପଯୋଗିତା; ଭୋଜନ; ଆନୁକୂଲ୍ୟ; ବ୍ୟୟ; ନୈକଟ୍ୟ; କାରଣ; ଇଷ୍ଟସିଦ୍ଧି ସାଧନ ବ୍ୟାପାର । ଯଥା— (ଅନଙ୍ଗଲେଖକ୍ରିୟୟୋପଯୋଗଂ—କୁ. ସଂ.)

ଉପଯୋଷମ୍, ଅଂ. ଆନନ୍ଦ ।

ଉପର, ବି. (ଉପରି ଶବ୍ଦଜ) ଊର୍ଦ୍ଧ୍ୱ, ଉପରଭାଗ । ଯଥା—

ଉପରକୁ ଗୃହିଁ ହୁଏ ଛନଛନ । ବି. ଚ. ମ.

ଅନ୍ୟ । ଯେପରି—ଉପରଓଳି ।

ଉପରଓଳି, ବି· (ଅପର ବେଳା ପଦରୁ ଉତ୍ପନ୍ନ) ଦିବା ଦୁଇ ପ୍ରହର ଉତ୍ତାରୁ ଯେଉଁ ସମୟ, ଅପରାହ୍ଣ ।

ଉପରକ୍ତ, ବିଂ. (ଉପ-ରନ୍ଜ୍-ତ) (ରନଜ=ଗ୍ରାସ କରିବା ଇତ୍ୟାଦି) ଅନୁରକ୍ତ; ପୀଡ଼ାଗ୍ରସ୍ତ । ( ବ୍ୟସନାର୍ତ୍ତୋପରକ୍ତୌ ଦ୍ୱୌ—ଅମର ।) ରକ୍ତବର୍ଣ୍ଣବିଶିଷ୍ଟ । ବି. ରାହୁ; ରାହୁଗ୍ରସ୍ତ ଚନ୍ଦ୍ର ଓ ସୂର୍ଯ୍ୟ । ( ସୋପପ୍ଲବୋପରକ୍ତୌ ଦ୍ୱୌ—ଅମର । )

ଉପରକ୍ଷ, ବି. ( ଉପ = ସମୀପ-ରକ୍ଷ-ଅ ) ଯେ ସୈନ୍ୟଗଣର ସମୀପସ୍ଥ ହୋଇ ସେନା ରକ୍ଷା କରେ । ସୈନ୍ୟସମୀପବର୍ତ୍ତୀ ରକ୍ଷକ ।

ଉପରକ୍ଷଣ, ବି. ( ଉପ-ରକ୍ଷ୍-ଅନ ) ରକ୍ଷଣାର୍ଥ ସୈନ୍ୟାଦି ସ୍ଥାପନ; ରକ୍ଷାକରଣ । (ସଜ୍ଜନଂ ତୂପରକ୍ଷଣଂ—ଅମର ।)

ଉପରତି, ବି. ସ୍ତ୍ରୀ. ( ଉପ-ରମ୍-ତି ) ବିରାମ; ନିବୃତ୍ତି; ବୈରାଗ୍ୟ; ବାସନାତ୍ୟାଗ; ମୃତ୍ୟୁ; ବିପରୀତ ରତି ।

ଉପରମ, } ବି. ( ଉପ-ରମ୍-ଅ ) ନିବୃତ୍ତି;
ଉପରାମ, } ବୈରାଗ୍ୟ; ମୃତ୍ୟୁ ।

ଉପରାଗ, ବି. (ଉପ-ରନ୍ଜ୍-ଅ) ଚନ୍ଦ୍ରଗ୍ରହଣ, ସୂର୍ଯ୍ୟଗ୍ରହଣ । (ଉପରାଗୋ ଗ୍ରହୋ ରାହୁଗ୍ରସ୍ତେ ତ୍ୱିନ୍ଦୌ ଚ ପୂଷ୍ଣି ଚ—ଅମର ।) ରାହୁ; ଯନ୍ତ୍ରଣା; ଉପଦ୍ରବ; ବିରାଗ; ବିପଦ; ଅପବାଦ; ପ୍ରବୃତ୍ତି; ସମ୍ବନ୍ଧ; ନିନ୍ଦା; ବ୍ୟସନ ।

ଉପରାଣ, ବି. (ଦେଶଜ) ଓଢ଼ଣ ବସ୍ତ୍ର । ଯଥା—

ଉର୍ଣ୍ଣନାଭସୂତ୍ର ମାନସରୁ ସରୁ,
ଉପରାଣକୁ ମଣେ ନଗରୁ ଗରୁ । ବି. ଚ. ମ.

(ଉପ—ରାଣ) ସାଧାରଣ ଶପଥ ।

ଉପରି, ଅଂ. (ଉପ = ଊର୍ଦ୍ଧ୍ୱ-ରି) ଊର୍ଦ୍ଧ୍ୱରେ, ଉପରେ; ଅନନ୍ତର, ପରେ । (ଦେଶଜ) ବିଂ. ଇତର । ଯଥା—

ଉପରି କି ଆମ୍ଭେ ଗୋ ରମଣୀମଣି,
ଉତ୍ତର ନ କହ କି ଗୁଣି ଗୁଣି । ବି. ଚ. ମ.

ଅଂ. ତାହା ଉତ୍ତାରୁ । ଯଥା—

ପ୍ରଜାଙ୍କୁ ବୋଇଲା ଏ ବରଷ ଖନ୍ଦ ଖାଅ,
ଯେତେ ପାରିବ ଚଷି ଘରକୁ ବହନଅ ।
ଉପରି ଚଷିଲେ ପଛେ ମୋତେ ଭାଗ ଦେବ,
ବେଠି ହଳଚନା ଭଣ୍ଡ ଗ୍ରୁହଳ ଜାଣିବ । ନୃ.ପୁ.ପ.ଚ.

ଉପରୋଧ, ବି. ( ଉପ-ରୁଧ୍-ଅ ) ପ୍ରତିବନ୍ଧ; ଅନୁରୋଧ, ସୁପାରିସ; ଖାତିର; ଆବରଣ; ପୀଡ଼ା ।

ଉପର୍ଯ୍ୟୁପରି, ଅଂ. (ଉପରି—ଉପରି) ଉପରେ ଉପରେ; ଥରକୁଥର, ମୁହୁର୍ମୁହୁ ।

ଉପଳ, ବି. (ଉପ-ଲା-ଅ) ପାଷାଣ, ପଥର । ଯଥା—

ଉପଳେ ସୈକତେ ସ୍ୱଚ୍ଛ ସ୍ରୋତ ଯାଇ ନିରତେ ବହି
ଉଷା ।

ବହୁମୂଲ୍ୟ ପ୍ରସ୍ତର, ରତ୍ନ । ଯେପରି ମିଳୋପଳ । (ସ୍ତ୍ରୀ-ଆ) ପ୍ରସ୍ତରମୟ ଭୂମି; ଶର୍କରା ।

ଉପଲକ୍ଷ, } ବି. (ଉପ—ଲକ୍ଷ୍ୟ) ଅବଲମ୍ବନ;
ଉପଲକ୍ଷ୍ୟ, } ପ୍ରୟୋଜନ; ଉଦ୍ଦେଶ୍ୟ ।

ଉପଲକ୍ଷଣ, ବି. ( ଉପ-ଲକ୍ଷଣ ) ଅନ୍ୟର ଉଦ୍ବୋଧକ, ଅଧିକ ସୂଚକ, ଲକ୍ଷଣାଦ୍ୱାରା ଅଧିକ ବୋଧକ ଶବ୍ଦ ।

ଉପଲକ୍ଷିତ, ବିଂ. ( ଉପ-ଲକ୍ଷ୍-ତ ) ସୂଚିତ; ଅନୁମିତ; ଯୁକ୍ତିପ୍ରାପ୍ତ; ଯୁକ୍ତ ବା ବିଶିଷ୍ଟ ।

ଉପଲଛ, ବି. ( ଉପଲକ୍ଷ ଶବ୍ଦଜ ) ଉପମା, ସାଦୃଶ୍ୟ । ବିଂ. ସଦୃଶ ।

ଉପଲବ୍ଧ, ବିଂ. ( ଉପ-ଲଭ୍-ତ ) ଜ୍ଞାତ; ଅନୁଭୂତ; ପ୍ରାପ୍ତ ।

ଉପଲବ୍ଧାର୍ଥା, ବି. ସ୍ତ୍ରୀ. (ଉପଲବ୍ଧ-ଅର୍ଥ-ଆ) ଆଖ୍ୟାୟିକା,ଅନୁଭୂତାର୍ଥ ପ୍ରତିପାଦକ କଥା । (ଆଖ୍ୟାୟିକୋପଲବ୍ଧାର୍ଥା—ଅମର ।)

ଉପଲବ୍ଧି, ବି. ସ୍ତ୍ରୀ. (ଉପ-ଲଭ୍ = ପାଇବା, ଜାଣିବା-ତି) ପ୍ରାପ୍ତି, ଲାଭ; ବୋଧ; ଜ୍ଞାନ, ଅନୁଭବ;ବୁଦ୍ଧି । (ପ୍ରେକ୍ଷୋପଲବ୍ଧିଶ୍ଚିତ୍ ସଂବିତ୍ —ଅମର ।)

ଉପଲମ୍ଭ, ବି. (ଉପ-ଲଭ୍-ଅ, ମ ଆଗମ) ଉପଲବ୍ଧି, ଅନୁଭବ । (ଉପଲମ୍ଭସ୍ତ୍ୱନୁଭବଃ—ଅମର ।) ତିରସ୍କାର ।

ଉପଲେଖିବା, କ୍ରି. (ଉପେକ୍ଷା ଶବ୍ଦଜ) ତ୍ୟାଗ କରିବାର । ଯଥା—

**ରାଜ୍ୟ ଲୋକେ ମୋହର ତୋତେ ସର୍ବେ ଦେଖୁ**
**ରାଜ୍ୟ ମୋହର ସୁଲଭ କର୍ପାଁ ଉପଲେଖୁ ।**
ସା. ଭ. ସ.

ଉପଲେଛିବା, } କ୍ରି. ( ଉପଲକ୍ଷିତ ଶବ୍ଦଜ )
ଉପଲେସିବା, } ଅନୁମାନତଃ ଦେଖି ନେବା । ଯଥା—

**ହମନ୍ତଗୋପ୍ୟ ସ୍ଥାନ ଲେଉଡ଼ନ୍ତ ଉପଲେସି,**
**କେଉଣ ସ୍ଥାନେ ଗୋପନ ହୋଇଛନ୍ତି ବସି ।**
ସା. ଭ. ଆ.

ଉପବନ, ବି. (ଉପ = ସଦୃଶ-ବନ) କୃତ୍ରିମ ବନ, ଉଦ୍ୟାନ, ବୃକ୍ଷବାଟିକା ।

ଉପବର୍ଣ୍ଣନ, ବି. (ଉପ = ଅତିଶୟ-ବର୍ଣ୍ଣ୍-ଅନ) ସମ୍ୟକ୍ କୀର୍ତ୍ତନ, ସ୍ୱରୂପଲକ୍ଷଣ ଗୁଣାଦି କଥନ ।

ଉପବର୍ତ୍ତନ, ବି. (ଉପ ବୃତ୍-ଅନ) ଜନପଦ, ଦେଶ । (ନୀବୃଜ୍ଜନପଦୋ ଦେଶବିଷୟୌ ତୂପବର୍ତ୍ତନଂ—ଅମର ।)

ଉପବସଥ, ବି. (ଉପ-ବସ୍-ଅଥ) ଗ୍ରାମ ।

ଉପବସ୍ତ, } ବି. (ଉପ-ବସ୍-ତ, ଉପବସ୍ତ-ଅ-
ଔପବସ୍ତ, } ସ୍ୱାର୍ଥେ) ଉପବାସ, ଅନାହାର । ବିଂ. ଉପୋଷିତ । (ଉପବସ୍ତଂ ତୂପବାସଃ —ଅମର ।)

ଉପବାଦ, ବି. (ଉପ=ହୀନ-ବଦ୍-ଅ) ଅପବାଦ, ନିନ୍ଦା ।

ଉପବାସ, ବି. ( ଉପ-ବସ୍-ଅ ) ଅନଶନ, ଅନାହାର; ବାସ ।

ଉପବିଷ, ବି. (ଉପ = ତୁଲ୍ୟ-ବିଷ) କୃତ୍ରିମ ବିଷ, ଅର୍କକ୍ଷୀର, ଧୂତୁରା, ସିଜୁକ୍ଷୀର, କନିଅର ପ୍ରଭୃତି । (ସ୍ତ୍ରୀ-ଆ) ଅତୁସୀ ।

ଉପବିଷ୍ଟ, ବିଂ. (ଉପ-ବିଶ୍-ତ) ଯେ ବସିଅଛି, ଆସୀନ ।

ଉପବୀତ, ବି. (ଉପ-ବ୍ୟେ = ଉଜ୍ଜ୍ୱଳ ହେବା-ତ) ଯଜ୍ଞସୂତ୍ର, ପଇତା ।

ଉପବେଦ, ବି. (ଉପ = ତୁଲ୍ୟ-ବେଦ) ଆୟୁର୍ବେଦ; ଧନୁର୍ବେଦ; ଗାନ୍ଧର୍ବ ବେଦ; ସ୍ଥାପତ୍ୟ ବେଦ ।

ଉପବେଶନ, ବି. (ଉପ ବିଶ୍-ଅନ) ସ୍ଥିତି; ବସିବା;ରଖିବା;ବସାଇବା, ବସାଇଦେବା ।

ଉପଶମ, ବି. (ଉପ-ଶମ୍-ଅ) ଶାନ୍ତି, ନିବୃତ୍ତି; ଇନ୍ଦ୍ରିୟନିଗ୍ରହ; ରୋଗର ଉପଦ୍ରବ ନିବୃତ୍ତି ।

ଉପଶୟ, ବି. (ଉପ = ସମୀପେ-ଶୀ = ଶୟନ କରିବା-ଅ) ରୋଗର ବିପରୀତ ଔଷଧାଦି ହେତୁରୁ ସୁଖକର ଉପଯୋଗ । (ହେତୁ-ବ୍ୟାଧି ବିପର୍ଯ୍ୟସ୍ତବିପର୍ଯ୍ୟାସ୍ତାର୍ଥକାରିଣାଂ ଔଷଧାନ୍ନବିହାରାଣାମୁପଯୋଗଂ ସୁଖାବହଂ । ବିଦ୍ୟାଦୁପଶୟଂ ବ୍ୟାଧେଃ—ନିଦାନ ।) ମୃଗ ମାରଣାର୍ଥ ବ୍ୟାଧର ଆତ୍ମଗୁପ୍ତି ସ୍ଥାନ; ଗର୍ତ୍ତବିଶେଷ; କ୍ରୋଡ଼; ସମୀପରେ ଶୟନ । କ୍ରି. ବିଂ. ହସ୍ତ ସମୀପରେ ।

ଉପଶଲ୍ୟ, ବି. (ଉପ = ସମୀପ-ଶଲ୍ = ଗମନ କରିବା-ଯ, ଅଥବା ଉପ = ଉପଗତ-ଶଲ୍ୟ = ଅସ୍ଥି ସ୍ଥାନ) ଗ୍ରାମର ପ୍ରାନ୍ତଭାଗ, ଗ୍ରାମାନ୍ତ । (ଗ୍ରାମାନ୍ତମୁପଶଲ୍ୟଂ ସ୍ୟାତ୍—ଅମର ।)

ଉପଶାୟୀ, ବିଂ. (ଉପ=ପର୍ଯ୍ୟାୟ କ୍ରମରେ-ଶାୟୀ = ଶୀ-ଅ) ପ୍ରହରୀମାନଙ୍କର ପର୍ଯ୍ୟାୟକ୍ରମରେ ଶୟନ, ଚୌକିଦାରମାନଙ୍କର ପାଳିକ୍ରମରେ ଶୟନ । ଉପଶାୟୋ ବିଶାୟଶ୍ଚ ପର୍ଯ୍ୟାୟଶୟନାର୍ଥକୌ—ଅମର ।)

ଉପଶ୍ରୁତ, ବିଂ. (ଉପ-ଶ୍ରୁ = ଅଙ୍ଗୀକାର କରିବା-ତ) ଅଙ୍ଗୀକୃତ, ପ୍ରତିଶ୍ରୁତ ।

ଉପଶ୍ରୁତି, ବି. ସ୍ତ୍ରୀ. (ଉପ-ଶ୍ରୁ = ଅଙ୍ଗୀକାର କରିବା, ଶୁଣିବା-ତି) ଅଙ୍ଗୀକାର, ସ୍ୱୀକାର; ଦୈବ ଶୁଭାଶୁଭ ପ୍ରଶ୍ନ; ନିଜର ପ୍ରଶ୍ନାନୁସାରେ ଅନ୍ୟ ମୁଖରୁ ଅତର୍କିତ ଭାବରେ ଶୁଣିବା ଅନୁକୂଳ ବା ପ୍ରତିକୂଳ ବଚନ ।

ଉପଶ୍ଳେଷ, ବି. (ଉପ-ଶ୍ଳିଷ୍-ଅ) ଏକଦେଶ-ସମ୍ବନ୍ଧ; ଆଲିଙ୍ଗନ; ବଞ୍ଚନା ।

ଉପଷ୍ଟମ୍ଭ, ବି. (ଉପ-ସ୍ତନ୍ଭ୍-ଅ) ଉପକ୍ରମ, ଆରମ୍ଭ; ଉଦ୍ରେକ; ସ୍ତମ୍ଭନ; ଉପଲକ୍ଷ; ପ୍ରୟୋଜନ ।

ଉପସଂବ୍ୟାନ, ବି. (ଉପ-ସମ୍-ବ୍ୟେ = ଆଚ୍ଛାଦନ କରିବା-ଅନ) ଯାହାଦ୍ୱାରା ଶରୀର ଆଚ୍ଛାଦନ କରାଯାଏ, ପରିଧାନ ବସ୍ତ୍ର, ଉତ୍ତରୀୟ ବସ୍ତ୍ର ।

ଉପସଂହାର, ଉପସଂହରଣ, ବି. (ଉପ-ସମ୍-ହୃ-ଅ, ଅନ) ନାଶ, ମୃତ୍ୟୁ; ପରିଶେଷ; ସମାପ୍ତି ଶେଷ; ସଂଗ୍ରହ; ଆରବ୍ଧ ବା ପ୍ରସ୍ତାବିତ ବିଷୟର ଶେଷ କରିବା; ନିବର୍ତ୍ତନ; ଆକ୍ରମଣ; ସଙ୍କୋଚ ।

ଉପସତ୍ତି, ବି. (ଉପ-ସଦ୍-ତି) ସଙ୍ଗମାନ; ସେବା; ପ୍ରତିପାଦନ; ଦାନ; ନିକଟରେ ଗମନ ।

ଉପସନ୍ନ, ବିଂ. (ଉପ ସଦ୍-ତ) ଉପସ୍ଥିତ, ସମୀପସ୍ଥ, ଆସନ୍ନ ।

ଉପସମ୍ପନ୍ନ, ବିଂ. (ଉପ-ସମ୍-ପଦ୍-ତ) ପକ୍ୱ; ମୃତ; ଯାଗାର୍ଥ ହତ (ପଶୁ) । (ବାଚ୍ୟଲିଙ୍ଗଃ ପ୍ରମୀତୋପସଂପନ୍ନ ପ୍ରୋକ୍ଷିତାହତେ—ଅମର ।) ପର୍ଯ୍ୟାପ୍ତ; ଲବ୍ଧ, ପ୍ରାପ୍ତ; ପ୍ରସ୍ତୁତ (ବ୍ୟଞ୍ଜନାଦି) । (ପ୍ରଣୀତମୁପସମ୍ପନ୍ନଂ—ଅମର ।) ସଂସ୍କୃତ; ଯୁକ୍ତ; ବିଶିଷ୍ଟ ।

ଉପସର, ବି. (ଉପ-ସୃ-ଅ) ନିର୍ଗମନ, ଗାଭୀ ପ୍ରଭୃତିର ଗର୍ଭାଧାନାର୍ଥ ବୃଷଭାଦି ନିକଟକୁ ଗମନ; ଗର୍ଭଗ୍ରହଣ । (ପ୍ରଜନଃ ସ୍ୟାଦୁପସରଃ—ଅମର) (ଦେଶଜ) ପ୍ରୟୋଜନ । ଯଥା—ଏଥିରୁ ଆମର କି ଉପସର ହେବ ?

ଉପସର୍ଗ, ବିଂ. (ଉପ = ଉପସ୍ଥିତ-ସର୍ଗ = ସୃଷ୍ଟି, ହଠାତ୍ ଉପସ୍ଥିତ ସୃଷ୍ଟି) ଭୂକମ୍ପାଦି ଉତ୍ପାତ, ଉପଦ୍ରବ; ବିଘ୍ନ, ବ୍ୟାଘାତ; ପୀଡ଼ା; ରୋଗଜାତ ବିକାର । (ଉପ = ସମୀପ ବା ସହିତ-ସର୍ଗ = ଯେ ସୃଷ୍ଟିକରେ, ଯେମାନେ ଧାତୁର ସମୀପକୁ ଯାଇ ନାନାବିଧ ଅର୍ଥର ସୃଷ୍ଟି କରନ୍ତି) ପ୍ର, ପରା, ସମ୍ ପ୍ରଭୃତି ବିଂଶତି ଅବ୍ୟୟ ଶବ୍ଦ ।

ଉପସର୍ଜନ, ବିଂ. (ଉପ = ନୀଚ-ସୃଜ୍-ଅନ) ଗୌଣ, ଅପ୍ରଧାନ । (ଅପ୍ରଧାନୋପସର୍ଜନେ—ଅମର ।) ବି. ଦୈବାଦି ଉପଦ୍ରବ ତ୍ୟାଗ, ବ୍ୟାକରଣରେ ସମାସରେ ପ୍ରଥମାନ୍ତ ନିର୍ଦ୍ଦିଷ୍ଟ ବା ଏକ ବିଭକ୍ତିଯୁକ୍ତ ପଦ ।

ଉପସର୍ପଣ, ବି. (ଉପ-ସୃପ୍-ଅନ) ସମୀପରେ ଉପସ୍ଥିତି ।

ଉପସର୍ଯ୍ୟା, ବି. ସ୍ତ୍ରୀ. (ଉପ-ସୃ-ଯ-ଆ) ଋତୁମତୀ ଗାଈ, ଆସନ୍ନଗର୍ଭଗ୍ରହଣା ଗାଭୀ । (କାଲ୍ୟୋପସର୍ଯ୍ୟା ପ୍ରଜନେ—ଅମର ।)

ଉପସୂର୍ଯ୍ୟକ, ବି. (ଉପ-ସୂର୍ଯ୍ୟ-କ ସ୍ୱାର୍ଥେ) ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ମଣ୍ଡଳାକାର ପରିଧି, ସୂର୍ଯ୍ୟମଣ୍ଡଳ । (ଉପସୂର୍ଯ୍ୟ-କ-ତୁଲ୍ୟାର୍ଥେ) ଚନ୍ଦ୍ରମଣ୍ଡଳ । (ଉପସୂର୍ଯ୍ୟକମଣ୍ଡଳେ—ଅମର ।)

ଉପସ୍କର, ଉପସ୍କାର, ବି. (ଉପ-କୃ-ଅ, ସ ଆଗମ—ଯେ ବାକ୍ୟର ଓ ବ୍ୟଞ୍ଜନର ଉପକାର କରେ) ଅସମ୍ପୂର୍ଣ୍ଣ ବାକ୍ୟର ବୋଧ ନିମନ୍ତେ ଶବ୍ଦର ଅଧ୍ୟାହାର; ବ୍ୟଞ୍ଜନର ମସଲା, ବ୍ୟଞ୍ଜନ ସଂସ୍କାରାର୍ଥ ରଚିତ ହରିଦ୍ରାସର୍ଷପ ମରୀଚାଦି ଚୂର୍ଣ୍ଣ । (ବେଶବାର ଉପସ୍କରଃ—ଅମର ।) ଉପକରଣ; ଗୃହସ୍ଥର ପ୍ରୟୋଜନୀୟ ଦ୍ରବ୍ୟସାମଗ୍ରୀ; ଯନ୍ତ୍ରକରଣ ।

ଉପସ୍ଥ, ବିଂ. (ଉପ = ସମୀପ-ସ୍ଥା-ଅ) ସମୀପସ୍ଥ; ଉପରିସ୍ଥ । ବି. ପୁରୁଷଚିହ୍ନ, ସ୍ତ୍ରୀଚିହ୍ନ, ଯେଉଁ ଇନ୍ଦ୍ରିୟଦ୍ୱାରା ସନ୍ତାନ ଜନ୍ମେ; କୋଡ଼ ।

ଉପସ୍ଥାନ, ବି. ( ଉପ-ସ୍ଥା-ଅନ ) ଉପସ୍ଥିତି; ଉପାସନା; ଆଗମନ; ଉତ୍ତରଣ, ଉତ୍ତୁରିବା । ଯେପରି—ଉପସ୍ଥାନଶାଳା ।

ଉପସ୍ଥିତ, ବିଂ. (ଉପ-ସ୍ଥିତ) ଆଗତ; ନିକଟସ୍ଥିତ; ଉପାସିତ; ଜ୍ଞାତ; ପ୍ରାପ୍ତ ।

ଉପସ୍ପର୍ଶ, ଉପସ୍ପର୍ଶନ, } ବି. ( ଉପ-ସ୍ପୃଶ-ଅ, ଅନ ) ଆଚମନ । (ଉପସ୍ପର୍ଶସ୍ତ୍ୱାଚମନଂ—ଅମର ।) ସ୍ନାନ; ପାନ; ସ୍ପର୍ଶ । (ଉପସ୍ପର୍ଶଃ ସ୍ପର୍ଶମାତ୍ରେ ସ୍ନାନାଚମନୟୋରପି—ମେଦିନୀ ।)

ଉପହତ, ବିଂ. ( ଉପ-ହନ୍-ତ ) ଆହତ; ଦୂଷିତ; ତିରସ୍କୃତ; ପ୍ରତିବନ୍ଧ, ନିବାରିତ; ଆକ୍ରାନ୍ତ, ଅଭିଭୂତ । ଯଥା—ଶୋକୋପହତଚେତା, ଦୁଃଖୋପହତଚେତା ।

ଉପହସ୍ତିକା, ବି. ସ୍ତ୍ରୀ. (ଉପ-ହସ୍ତ-ଇକ-ଆ) ତାମ୍ବୂଳାଧାର, ତାମ୍ବୂଳପାତ୍ର, ପାନବଟା ।

ଉପହାର, ବି. ( ଉପ-ହୃ-ଅ ) ଉପାୟନ, ଭେଟି । (ଉପାୟନମୁପଗ୍ରାହ୍ୟମୁପହାରସ୍ତଥୋପଦା—ଅମର ।) ସମର୍ପଣ; ଉପଢୌକନ ଦ୍ରବ୍ୟ । (ଉପ-ଦ୍ୱାର) ଦ୍ୱାରର ସମୀପସ୍ଥ ଦ୍ରବ୍ୟ । କ୍ରି. ବିଂ. ଦ୍ୱାରସମୀପରେ ।

ଉପହାସ, ବି. (ଉପ-ହସ୍-ଅ) ଥଟ୍ଟା, ବିଦ୍ରୂପ, ପରିହାସ; ଘୃଣାଯୁକ୍ତ ହାସ ।

ଉପହିତ, ବି. (ଉପ-ଧା-ତ, ଧା = ହି) ଅର୍ପିତ, ବିନ୍ୟସ୍ତ; ଦତ୍ତ, ଗୃହୀତ; ଅର୍ପିତ; ଆରୋପିତ ।

ଉପହୃତ, ବିଂ. (ଉପ-ହୃ-ତ) ଉପହାରରୂପେ ଦତ୍ତ; ଆନୀତ; ଆହୃତ; ଉତ୍ସୃଷ୍ଟ ।

ଉପହ୍ୱର, ବି. (ଉପ-ହ୍ୱୃ = କୁଟିଳ ହେବା-ଅ) ବିଜନ; ନିର୍ଜନ ସ୍ଥାନ; ସମୀପ । (ରହୋଽନ୍ତିକମୁପହ୍ୱରେ—ଅମର ।) ରଥ; ଯୁଦ୍ଧ ।

ଉପାଂଶୁ, ବି. (ଉପ-ଅଂଶୁ = କିରଣ) ପରଶ୍ରବଣାଯୋଗ୍ୟ ଜପବିଶେଷ । ଅଂ. ନିର୍ଜନରେ; ଗୋପନୀୟରୂପେ । (ରହଶ୍ଚୋପାଂଶୁଚାଲିଙ୍ଗେ—ଅମର ।)

ଉପାକରଣ, ବି. (ଉପ-ଆ-କୃ-ଅନ) ସଂସ୍କାରପୂର୍ବକ ବେଦଗ୍ରହଣ; ସଂସ୍କାରପୂର୍ବକ ପଶୁହନନ । (ସଂସ୍କାରପୂର୍ବଂ ଗ୍ରହଣଂ ସ୍ୟାଦୁପାକରଣଂ ଶ୍ରୁତେଃ—ଅମର ।) ଆରମ୍ଭ ।

ଉପାକୃତ, ବିଂ. (ଉପ-ଆ-କୃ = ପାଠ କରିବା, ବଧ କରିବା, କରିବା-ତ) ଦେବତାଙ୍କ ଉଦ୍ଦେଶ୍ୟରେ ହତ ବା ହନ୍ତବ୍ୟ (ଜନ୍ତୁ) । (ଉପାକୃତଃ ପଶୁରସୌ ଯୋଽଭିମନ୍ତ୍ର୍ୟ କ୍ରତୌ ହତଃ—ଅମର ।) ଉପଦ୍ରୁତ; ଆରବ୍ଧ । ବି. ଅମଙ୍ଗଳ ।

ଉପାଖ୍ୟାନ, ବି. (ଉପ-ଆଖ୍ୟାନ) ଉପନ୍ୟାସ, କଳ୍ପିତ ବୃତ୍ତାନ୍ତ; ଇତିବୃତ୍ତ, ଆଖ୍ୟାନ; ବିଶେଷକଥନ ।

ଉପାଗମ, ବି. ( ଉପ-ଗମ୍-ଅ ) ସ୍ୱୀକାର; ଅନୁଭବ; ଉପସ୍ଥିତି; ପ୍ରାପ୍ତି ।

ଉପାଡ଼, ବି. (ଉତ୍ପାଟନ ଶବ୍ଦଜ) ଉତ୍ପାଟନ; ଉନ୍ମୂଳନ ।

ଉପାଡ଼ିବା, ଓପାଡ଼ିବା, } କ୍ରି. (ଉତ୍ପାଟନ ଶବ୍ଦଜ) ଉତ୍ପାଟନ କରିବାର । ଯଥା—

ବକ୍ଷେ ଶିରେ ପାଦ ଗୁପି ଉପାଡେ ସେ କର । ବୈ.ସଂ.
ତରୁ ଓପାଡ଼ଣ ଫଳ ଭୁଞ୍ଜେ ବସି । ବ. ରା.

ଉପାତ୍ତ, ବିଂ. (ଉପ = ସମୀପ-ଆତ୍ତ = ଗୃହୀତ) ଗୃହୀତ; ସ୍ୱୀକୃତ; ପ୍ରାପ୍ତ; ଅର୍ଜିତ । ବି. ନିର୍ମଦ ହସ୍ତୀ ।

ଉପାତ୍ୟୟ, ବି. (ଉପ-ଅତି-ଇ-ଅ) ଆଗୃଗତକ୍ରମ, ଉଲ୍ଲଙ୍ଘନ । (ପର୍ଯ୍ୟୟୋଽତିକ୍ରମସ୍ତସ୍ମିନ୍ନତିପାତ ଉପାତ୍ୟୟଃ—ଅମର ।) ନାଶ ।

ଉପାଦାନ, ବି. (ଉପ = ସମୀପ-ଆଦାନ = ଗ୍ରହଣ) ସମବାୟିକାରଣ, କୌଣସି ପଦାର୍ଥ ଯେଉଁ ବସ୍ତୁରେ ନିର୍ମିତ ବା ପ୍ରସ୍ତୁତ ହୁଏ । ଯଥା—ବସ୍ତ୍ରର ଉପାଦାନ ସୂତ୍ର, ଇଷ୍ଟକର ଉପାଦାନ ମୃତ୍ତିକା ଇତ୍ୟାଦି । ଆଦାନ, ଗ୍ରହଣ; ସ୍ୱ ସ୍ୱ ବିଷୟରୁ ଇନ୍ଦ୍ରିୟାକର୍ଷଣ । (ପ୍ରତ୍ୟାହାର ଉପାଦାନଂ—ଅମର ।)

ଉପାଦେୟ, ବିଂ. (ଉପ-ଆ-ଦା-ଯ) ଗ୍ରାହ୍ୟ; ରମଣୀୟ;ଉତ୍କୃଷ୍ଟ,ଉତ୍ତମ; ବିଧେୟ (କର୍ମ) ।

ଉପାଧି, ବି. (ଉପ-ଆ-ଧା-ଇ) ଧର୍ମଚିନ୍ତା । (ଉପାଧିର୍ନା ଧର୍ମଚିନ୍ତା—ଅମର ।) ସମୃଦ୍ଧି; ଆଧାର; କାରଣ; ଛଳ; ଭେଦକର୍ମ; ଉପନାମ, ଜାତିବଂଶବିଦ୍ୟା ପ୍ରଭୃତିର ପରିଚୟସୂଚକ ଶବ୍ଦ । ଯଥା—ଶର୍ମା, ବର୍ମା, ତର୍କାଳଙ୍କାର, ବି. ଏ. ଇତ୍ୟାଦି । ନ୍ୟାୟରେ ସାଧ୍ୟବ୍ୟାପକ ସାଧନବ୍ୟାପକ ଧର୍ମ । ବିଂ. କୁଟୁମ୍ବ-ପୋଷଣାଦି ବ୍ୟାପାରରେ ଯୁକ୍ତ । (ସ୍ୟାଦ-ଭ୍ୟାଗାରକସ୍ତସ୍ମିନ୍ନୁପାଧିଷ୍ଟ ପୁମାନୟଂ—ଅମର ।) (ଦେଶଜ) ଦେବାଳୟରେ ନିର୍ଦ୍ଦିଷ୍ଟ ଭୋଗ ଅପେକ୍ଷା ଅତିରିକ୍ତ ଅନ୍ନାଦି ଭୋଗକୁ ଉପାଧି କହନ୍ତି ।

ଉପାଧ୍ୟାୟ, ବି. (ଉପ-ଅଧି-ଇ-ଅ) ଅଧ୍ୟାପକ; ଉପଦେଷ୍ଟା । (ସ୍ତ୍ରୀ-ଆ, ଇ) ବିଦ୍ୟୋପଦେଶିନୀ । (ସ୍ତ୍ରୀ-ଆ, ଆନୀ) ଉପାଧ୍ୟାୟପତ୍ନୀ, ଅଧ୍ୟାପକଙ୍କ ଭାର୍ଯ୍ୟା । (ଉପାଧ୍ୟାୟ୍ୟୁପାଧ୍ୟାୟୀ—ଅମର ।) (ଉପାଧ୍ୟାନ୍ୟୁପାଧ୍ୟାୟୀ—ଅମର ।)

ଉପାନତ୍, } ବି. (ଉପ-ଆ-ନହ୍-କ୍ୱିପ୍) ଚର୍ମ-
ଉପାନହ, } ପାଦୁକା, ଜୋତା ।

ଉପାମ, ବି. (ଉପମା ଶବ୍ଦଜ) ଉପମା । ଯଥା—

> ଏଣେ ଜଗତମୟ ନାମ ।
> କି ଅବା କରିବି ଉପାମ । ଖ୍ରୀ. ଦ. ସ୍କ.

ଉପାୟ, ବି. (ଉପ-ଇ=ସମ୍ପାଦନ କରିବା-ଅ) ସାମ, ଦାନ, ଭେଦ, ଦଣ୍ଡ ବା ନିଗ୍ରହ ଅର୍ଥାତ୍ ଶତ୍ରୁ ସହିତ ସନ୍ଧି, ଶତ୍ରୁକୁ ଅର୍ଥଦାନ, ଶତ୍ରୁର ଗୃହବିଚ୍ଛେଦ ଏବଂ ଶତ୍ରୁ ସହିତ ଯୁଦ୍ଧ ଏହି ଚାରି ଉପାୟ । (ସାମଦାନେ ଭେଦ-ଦଣ୍ଡାବିତ୍ୟୁପାୟଚତୁଷ୍ଟୟଂ—ଅମର ।) ଗତି; ସାଧନ, ପ୍ରତୀକାରର ପଥ; ଉପାର୍ଜନ; ଉପାଗମନ; କୌଶଳ ।

ଉପାୟନ,ବି. (ଉପ-ଆ-ଇ-ଅନ) (ଉପ-ଅୟ=ଗମନ କରିବା-ଅନ) ଭେଟି, ଉପହାର; ସମୀପଗମନ; ବ୍ରତାଦି ପ୍ରତିଷ୍ଠା ।

ଉପାରତ, ବିଂ. (ଉପ-ଆ-ରମ୍-ତ) ନିବୃତ୍ତ, ବିରତ; ପ୍ରତ୍ୟାବୃତ୍ତ ।

ଉପାର୍ଜନ, ବି. (ଉପ-ଅର୍ଜନ) ଅର୍ଜନ, କୃଷି ବାଣିଜ୍ୟାଦିଦ୍ୱାରା ଅର୍ଥଲାଭ କରିବା; ଲାଭ; ସଞ୍ଚୟ ।

ଉପାଲମ୍ଭ, ବି. (ଉପ-ଆ-ଲଭ୍-ଅ) ତିରସ୍କାର, ଭର୍ତ୍ସନା,ସରୋଷ ବାକ୍ୟ;ଦୁଃଖବାକ୍ୟ;ପ୍ରାପ୍ତି ।

ଉପାଲବ୍ଧ, ବିଂ. (ଉପ-ଆ-ଲଭ୍-ତ) ତିରସ୍କୃତ, ଭର୍ତ୍ସିତ ।

ଉପାବର୍ତ୍ତନ, ବି. (ଉପ-ଆ-ବୃତ୍-ଅନ) ପ୍ରତ୍ୟାଗମନ; ଘୂର୍ଣ୍ଣନ; ପାର୍ଶ୍ୱପରିବର୍ତ୍ତନ ।

ଉପାବୃତ୍ତ, ବିଂ. (ଉପ-ଆ-ବୃତ୍-ତ) ଘୂର୍ଣ୍ଣିତ, ଘୂର୍ଣ୍ଣାୟମାନ; ପ୍ରତିନିବୃତ୍ତ; ପ୍ରତ୍ୟାଗତ; ସମ୍ପାଦିତ; ଶ୍ରମଶାନ୍ତି ନିମିତ୍ତ ପୁନଃପୁନଃ ଭୂମିରେ ଲୁଣ୍ଠିତ (ଅଶ୍ୱାଦି) । (ନିଷ୍ପାବୃତ୍ତ-ଲୁଠିତୌ ପରିବୃତ୍ତେ ମୁହୁର୍ଭୁବି—ଅମର ।)

ଉପାସ, ବି. (ଉପବାସ ଶବ୍ଦଜ) ବ୍ରତାନୁଷ୍ଠାନ ବା ଅନାହାରରେ ରହିବା । ଯଥା—

> କି ଉଲ୍ଲାସେ ବେନି କରୁଥାନ୍ତି
> ଦିବା ଉପାସେ ଅଧୀରମନା । ଯ. କେ.

ଉପାସଙ୍ଗ,ବି.(ଉପ-ଆ-ସନ୍ଜ୍-ଅ) ବାଣାଧାର, ତୂଣ, ତୂଣୀର । (ତୂଣୋପାସଙ୍ଗ ତୂଣୀର-ନିଷଙ୍ଗାଃ—ଅମର ।)

ଉପାସନ, } ବି. ସ୍ତ୍ରୀ.(ଉପ-ଆସ୍=ଉପବେଶନ
ଉପାସନା, } କରିବା-ଅନ—ସ୍ତ୍ରୀ-ଆ, ତି)
ଉପାସ୍ତି, } ସେବା, ଶୁଶ୍ରୂଷା; ଆରାଧନା, ପୂଜା; ଉପକାର ପ୍ରତ୍ୟାଶାରେ ଅନ୍ୟର ଅନୁବୃତ୍ତି । ଯଥା—ସେ ଅନ୍ୟର ଉପାସନା କରନ୍ତି ନାହିଁ । (ଉପ-ଅସ୍=କ୍ଷେପଣ କରିବା-ଅନ)ଶରକ୍ଷେପ ଶିକ୍ଷାର୍ଥେ ଶରାଭ୍ୟାସ (ଶରାଭ୍ୟାସ ଉପାସନଂ—ଅମର ।)

ଉପାସିତ, ବିଂ. (ଉପ-ଆସ୍-ଇ-ତ) ସେବିତ, ଆରାଧିତ; ଉପକାର ପ୍ରତ୍ୟାଶାରେ ଯାହାର ଅନୁବୃତ୍ତି କରାଯାଇଅଛି । (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) ଉପାସନା ।

ଉପାହିତ, ବି. (ଉପ-ଧା-ତ) ସଂଯୋଜିତ; (ସଂଯୋଜିତ ଉପାହିତଃ—ଅମର ।) ଆରୋପିତ; ନ୍ୟସ୍ତ । ଉଲ୍‌କାପାତାଦି ଉପଦ୍ରବ । (ଅଗ୍ନ୍ୟୁତ୍ପାତ ଉପାହିତଃ—ଅମର ।)

ଉପିବା, କ୍ରି. ( ଦେଶଜ ) ମାଠିବା ଅର୍ଥାତ୍ ଶିକଣ କରିବା । ଯଥା—

ଉପିଲେପି କୁଙ୍କୁମ ଦିଅନ୍ତି ନେଇ କରେ,
ହେବ କନୋହ୍ଭବ ସମ ଏମନ୍ତ ଶଙ୍କାରେ । ଲା. ବ.

ଉପୁଚିଆଇବା, ଉପୁଚ୍ୟାଇବା, ଉପୁଚିବା, } କ୍ରି. ( ଦେଶଜ ) ଉପରକୁ ପ୍ରକାଶ ପାଇବା । ଯଥା—

ପାଦମାନ ତାଙ୍କର ଫେନପ୍ରାପ୍ତ ହୋଇ,
ଦିଶୁଛନ୍ତି ସେ ଜଳ ମଧ୍ୟେ ଉପୁଚ୍ୟାଇ । କୃ. ଭା. ସ. ପ.

ଜଳରେ ଭାସିବା । ଯଥା—

ଯମୁନା ନଦୀରେ ସେ ଗଲା ଉପୁଚିଆଇ,
ଈଶାନମୂର୍ତ୍ତି ହୋଇ ସେ ହେଣ୍ଟବୁଡ଼ ହୋଇ ।
ସା. ଭା. ଆ. ପ.

ଉପୁଚିବା, ଉପୁଜିବା, } କ୍ରି. ( ଉପଜାତ ଶବ୍ଦଜ ) ଜନ୍ମିବା । ଯଥା—

ଯାବତ ଆମ୍ଭାକୁ ସେ ପାରନ୍ତି ପ୍ରଭୁ ସଙ୍ଗ,
ଜଳରୁ ଆସଇ ଯେହ୍ନେ ଲହରୀ ଉପୁଚ । ନୃ.ପୁ.ତୃ.ତ.
ଷଣେ ନିବିଡ ତମ ଗ୍ରାସଇ ଧରା,
ଷଣେ ଉପୁଜେ ପୁଣି ପ୍ରଚଣ୍ଡ ଖରା । ରୁ. ସୁ.

ଉପୁଜାଇବା, କ୍ରି. ( ଉପଜାତ ଶବ୍ଦଜ ) ଜନ୍ମାଇବା, ପ୍ରକାଶ କରିବା । ଯଥା—

ପୂର୍ବଜରେ ପୂର୍ଟଗଜ ଭାବ ଉପୁଜାଇ,
ପଦ୍ମିଣି ବିଜୟ କଲେ ଟୁଳୁଇ ଟୁଳୁଇ । କୋ.ବ୍ର.ସୁ.

ଉପୁଡ଼ିବା, କ୍ରି. (ଉତ୍ପାଟ ଶବ୍ଦଜ) ଉତ୍ପାଟିତ ହେବା । ଯଥା—

କଅବା ଉପୁଡ଼ି ପଡ଼େ ହିମାଦ୍ରିଶିଖର । କ. ବ.

ଉପେକ୍ଷା, ବି. ସ୍ତ୍ରୀ. (ଉପ-ଈକ୍ଷ୍-ଅ-ଆ) ଅନାଦର; ଔଦାସୀନ୍ୟ; ତ୍ୟାଗ; ଅସ୍ୱୀକାର ।

ଉପେଖିବା, କ୍ରି. (ଉପେକ୍ଷା ଶବ୍ଦଜ) ତ୍ୟାଗ କରିବା; ଅନାଦର କରିବା । ଯଥା—

ତହିଁ ମଲେହେଁ ହୁଅନ୍ତା କାରଣ,
ଯାହା ଉପେଖି ଗଲେ ନାରାୟଣ । ଗୋ. ଭ.

ଉପେତ, ବିଂ. (ଉପ=ସମୀପ-ଇ-ତ) ମିଳିତ; ପ୍ରାପ୍ତ; ଗତ ।

ଉପେନ୍ଦ୍ର, ବି. (ଉପ=ପଶ୍ଚାତ୍—ଇନ୍ଦ୍ର, ଯେ ଇନ୍ଦ୍ରଙ୍କ ପରେ ଜନ୍ମି ଅଛନ୍ତି, ପୌରାଣିକ ମତରେ ଇନ୍ଦ୍ରଲୋକର ଉପରେ ଅଛନ୍ତି ବୋଲି ଉପେନ୍ଦ୍ର) ଇନ୍ଦ୍ରଙ୍କ କନିଷ୍ଠ ଭ୍ରାତା, ବିଷ୍ଣୁ । (ଉପେନ୍ଦ୍ର ଇନ୍ଦ୍ରା ବରଜଃ—ଅମର ।) ଓଡ଼ିଆର ସର୍ବପ୍ରଧାନ କବି ।

ଉପେୟ, ବିଂ. ( ଉପ-ଇ-ଯ ) ପ୍ରାପ୍ୟ; ଉପାୟସାଧ୍ୟ ।

ଉପୋଢ଼, ବିଂ. (ଉପ-ବହ୍-ତ) ବିବାହିତ; ଶ୍ରେଣୀବଦ୍ଧ; ନିକଟ । ବି. ସୈନ୍ୟବିଶେଷ, ବ୍ୟୂହ ।

ଉପୋଦକୀ, ଉପୋଦିକା, } ବି. ସ୍ତ୍ରୀ. (ଉପ-ଉଦକ-ଈ, ଅକ=ଇକ-ଆ) ପୋଇଶାଗ, ପୋଇଗଛ ।

ଉପୋଦ୍‌ଘାତ, ବି. (ଉପ-ଉତ୍-ହନ୍=ଆରମ୍ଭ କରିବା, ବଧ କରିବା ଇତ୍ୟାଦି-ଅ, ହନ୍ ସ୍ଥାନେ ଘାତ) ଉପକ୍ରମ; ଉଦାହରଣ । (ଉପୋଦ୍‌ଘାତ ଉଦାହାରଃ—ଅମର ।) ଗ୍ରନ୍ଥସଂଗତିବିଶେଷ; ପ୍ରକୃତୋପଯୋଗୀ ଚିନ୍ତା । (ଚିନ୍ତାଂ ପ୍ରକୃତସିଦ୍ଧ୍ୟର୍ଥାମୁପୋଦ୍‌ଘାତଂ ପ୍ରଚକ୍ଷତେ) ଆରମ୍ଭ, ସୂଚନା; ପ୍ରସ୍ତାବନା ।

ଉପୋଷ, ଉପୋଷଣ, } ବି. ( ଉପ-ବସ୍-ଅ, ଅନ ) ଉପବାସ, ଅନାହାର ।

ଉପ୍ତ, ବିଂ. (ବପ୍-ତ) ଯାହା ବପନ କରା ହୋଇଅଛି, ନିକ୍ଷିପ୍ତ; ଯେଉଁ ସ୍ଥଳରେ ବିହନ ବୁଣା ହୋଇଥାଏ ।

ଉପ୍ତି, ବି. ସ୍ତ୍ରୀ. (ବପ୍-ତି) ବପନ, ବୁଣା, ଧାନ୍ୟାଦି ରୋପଣ ।

ଉପ୍ରୋଧ, ବି. (ଉପରୋଧ ଶବ୍ଦର ଅପଭ୍ରଂଶ) ଅନୁରୋଧ । ଯଥା—

କାମ ଉପ୍ରୋଧେ ମନ ଫାନ୍ଦରେ
ଦେବୁ ତାହାଙ୍କୁ ମୋତେ । ର. କ.

ମୁଖପ୍ରୀତି; ଚକ୍ଷୁପ୍ରୀତି । ଯଥା—

ବନବାସ ଦୁଃଖ ମନରେ ଚଢ଼ାଇ,
ଆମ୍ଭଙ୍କୁ ମାରିବେ ସେ ଉପ୍ରୋଧ ଗୁଡ଼ି ଦେଇ । ସା.ଭା.ସ.

ଉବଳିବା, କ୍ରି. (ଦେଶଜ) ବଳାତ୍କାରେ ପଶିବା । ଯଥା—

ଆମ୍ଭେ ଋଷି ବୋଲିଣ ସେହୁ ତ ଯାନ୍ତୁ ଚଳି,
ତୁମ୍ଭେ ତ ଭାରଯା ବୋଲି ପଶନ୍ତୁ ଉବଳି ।
ନୃ. ପୁ. ଦ୍ଵି. ତ.

ଉବାର, ବି. (ଦେଶଜ) ନିଷେଧ । ବିଂ. ଅଜ୍ଞାତ, ଅଜଣା । ଯଥା—

କେ ସ୍ଵାମି ମୋତେ କି ପଚ୍ଛର,
ତୋତେ କି ଅଛଇ ଉବାର । ଦା. ର.

ଉବୁ, ବିଂ. (ଦେଶଜ) ଉଚ୍ଚ, ଉନ୍ନତ ।

ଉବୁଡ଼ା, ଉବୁଡ଼ହେବା, } ବି. (ଦେଶଜ) ପିଠି ଉପରକୁ କରି ପଡ଼ିବା । ବିଂ. ପିଠି ଉପରକୁ କରି ପକା ଯାଇଥିବା ଓ ରଖା ଯାଇଥିବା ।

ଉବୁରା, ବିଂ. (ଦେଶଜ) ଉଚ୍ଛିଷ୍ଟ, ବଳକା । ଯଥା—

ତାଙ୍କର ଉବୁରା ଯେ ପିଇଲେ ନଡ ନଡ,
ସାଲେହଜୀବ ସେମାନେ ହେଲେ ପକ୍ଷୀ ପଡ । ସା.ଭା.ସ.

ଉବୁରାଉବୁରି, ଉବୁଡ଼ାଉବୁଡ଼ି, } ବି. (ଦେଶଜ) ଜଣକ ଉପରେ ଜଣେ ପଡ଼ିବା, ଅନ୍ୟକୁ ଅତିକ୍ରମି ଅଗ୍ରସର ହେବା । ଯଥା—

ଧନ ପୁଣ ଆୟୁଧନ ସେ କଣପୁଗିଣ,
ଦୁଇ ସୈନ୍ୟ ଉଠି ହେଲେ ଉବୁରାଉବୁରି । ସା.ଭା.ସ.

ଉବୁରିବା, କ୍ରି. (ଉଦ୍‌ବର୍ତ୍ତନ ଶବ୍ଦଜାତ) ବିପଦାଦିରୁ ଉଦ୍ଧାର ହେବା । ଯଥା—

ଅସୁର ବଳ ତୃଣ ଶର କି ହୁତାଶନ
ଜଣେହେଁ ନ ଗଲେ ଉବୁରି । ବି. ଚି.

ଉପରକୁ ଉଠିବା, ବଢ଼ିବା । ଯଥା—

ତହିଁ ଉପରେ ଯାଇ ଉଠିଲେ ସଦାଶିବ,
ତେବେ ବୃକ୍ଷ ଉବୁରିଲା ଧନ ହାତ ଲମ୍ବ । ନୃ.ପୁ.ପ୍ର.ତ.

ସମ୍ଭାଳି ରହିବା । ଯଥା—

ଏକ ନିଃଶ୍ଵାସକେ ଶତେ ଭାଇମାନ ମାରି,
ସୋମଦତ୍ତ ଶକୁନି ନ ରହିଲେ ଉବୁରି । ସା. ଭା. ବ.

ଉଦ୍‌ବୃତ୍ତ ରହିବା, ବଳିବା । ଯଥା—

ତାର ଅଂଗ୍ରଭାଗ ଉବୁରିଲା ଏକ ପବ,
ବଂଶୀ ଗୋଟିଏ କଲେ ତା ପିତାମହଦେବ । ସା.ଭା.ବ.

ଉଭ, ଉଭୟ, } ସର୍ବଂ. (ଉଭ୍ = ପରିପୂର୍ତ୍ତି କରିବା-ଅ, ଅୟ) ଦୁଇଜଣ, ଦୁଇ ।

ଉଭ, ବିଂ. (ଦେଶଜ) ଅଦୃଶ୍ୟ ।

ଉଭୟଦ୍ୟୁ, ଉଭୟେଦ୍ୟୁ, } ଅଂ. (ଉଭୟ-ଦ୍ୟୁସ୍, ଏଦ୍ୟୁସ୍-ଦିବାର୍ଥେ) ଦୁଇ ଦିନେ, ଉଭୟ ଦିନରେ । (ଉଭୟଦ୍ୟୁଶ୍ଚୋ-ଭୟେଦ୍ୟୁଃ—ଅମର ।)

ଉଭା, ବି. (ଦେଶଜ) ଠିଆ ହେବା, ଦଣ୍ଡାୟ-ମାନ ହେବା । ଯଥା—

ଉଭାରେ ଉଭାରେ ପୁଂସ କଲା ଆଲିଙ୍ଗନ,
ବୋଇଲା ପାଶୁଁ ଯିବାକୁ ନ ବଳଇ ମନ । ଲ. ବ.

ବିଂ. ଠିଆ, ଦଣ୍ଡାୟମାନ ।

ଉଭାଇଯିବା, ଉଭେଇବା, ଉଭେଇଯିବା, ଉଭିବା, } କ୍ରି. (ଦେଶଜ) ଅଦୃଶ୍ୟ ହେବା । ଯଥା—

କମିଷେ ଉତ୍ତରକାଳେ ଗଲେ ସର୍ବ ଦେବତା ଉଭି,
ବାଜିବାରୁ ଯହିଁ କଳାପାହାଡ଼ର ରଣଦୁନ୍ଦୁଭି । ଉଷା.

ଉଭାଏ, କ୍ରି.ବିଂ. (ଦେଶଜ) ଠିଆରେ । ଯଥା—

ଗୁରୁ ସମୀପେ ଭୃତ୍ୟ ପ୍ରାପ୍ତେ,
ପ୍ରଥମେ ଥିବ ଯେ ଉଭାଏ । ଭା. ଦ. ସ୍କ.

ଉଭାର, ବିଂ. (ଦେଶଜ) ଠିଆ । ଯଥା—

ହସ୍ତି ର କୁମ୍ଭେ ଦେଇ କର,
ଦନ୍ତ କରାଇଲା ଉଭାର । ଭା. ଦ. ସ୍କ.

ଉଭାରିବା, ଉଭାରିବା, } କ୍ରି. (ଦେଶଜ) ଠିଆ କରିବା । ଯଥା—

ସମର ଗୁଡ଼ି ରଥ ନେଲା,
ଅର୍ଦ୍ଧ ଯୋଜନେ ଉଭାରିଲା । ଭା. ଦ. ସ୍କ.

ଠିଆ ହେବା । ଯଥା—

କୁଳଶହୁଦ ମାଲେ ଉଭାରିଥିବେ ଭଲେ
କାହା ମୁଖୁଁ ବଞ୍ଚିବ ହରି ସେ । ର. କ.

ଉଭୁଡ଼ାପଡ଼ିବା, କ୍ରି. (ଦେଶଜ) ମୁଁ ମୁଁ ବୋଲି ଆଗଭୁରୁ ହେବା; ଏକର ଉପରେ ଅନ୍ୟ ପଡ଼ିବା । ଯଥା—

ନଗଦାନଗଦ ଦେଇ କଉଡ଼ି ।
କଣୁଛନ୍ତି ପିଲେ ଉଭୁଡ଼ାପଡ଼ି । ଭ. ସ୍ୱା.

ଉମ୍, } ଅଂ. କ୍ରୋଧ । ଯଥା—ଉଁ, କଣ
ଉଁ, } କହିଲୁ ରେ ମୂଢ଼ ! ପ୍ରତିଜ୍ଞା; ସ୍ୱୀକାର; ପ୍ରଶ୍ନ; ଅନୁନୟ । (ଉମ୍ ପ୍ରଶ୍ନେଽନୁନୟେ—ଅମର ।)

ଉମା, ବି. ସ୍ତ୍ରୀ. (ଉ = ହେ—ମା = ନିଷେଧ) ପାର୍ବତୀ, ଦୁର୍ଗା । ( ଉ-ମା = ପରିମାଣ କରିବା, ଖ୍ୟାତି ପାଇବା-କ୍ୱିପ୍ ) ହରିଦ୍ରା; କୀର୍ତ୍ତି; କାନ୍ତି; ଶାନ୍ତି; ଧାନ୍ୟବିଶେଷ । (ଅତସୀ ସ୍ୟାଦୁମା କ୍ଷୁମା—ଅମର ।)

ଉମେଦୁଆର, } ବିଂ.(ଯାବନିକ) ପ୍ରାର୍ଥୀ, ଉପକାର ପ୍ରତ୍ୟାଶାରେ ଯେ ଅନ୍ୟର ଉପାସନା କରେ ।
ଉମେଦବାର, }
ଉମେଦାର, }

ଉମ୍ବର, ବି. (ଉତ୍-ବୃ-ଅ) ଦେହଳୀ, ଦୁଆର, ବନ୍ଧର ଉପରି କାଠ ।

ଉମ୍ବାଇ, }
ଉହ୍ମାଇ, } ବି. (ଦେଶଜ) ଅଗ୍ନି ରଖିବା
ଉମ୍ହେଇ, }
ଉହ୍ମେଇ, } ମୃତ୍ପାତ୍ର । ଯଥା—
ଉମାଇ, }

ଭାବେ ଶବର ରୂପ ଧରି ।
ଅଗ୍ନି ଉହ୍ମାଇ ସଜ କରି । ଦା. ର.

ଉରଃ, } ବି. (ଉରସ୍-ଋ = ଗମନ କରିବା,
ଉର, } ପାଇବା-ଅସ୍, ଋ = ଉର୍ ) ବକ୍ଷଃସ୍ଥଳ, ହୃଦୟ । ବିଂ. ପ୍ରଧାନ; ଉତ୍ତମ ।

ଉରକ୍ଷତସ, ବି. (ଉରଃକ୍ଷତ ଶବ୍ଦଜ) ରୋଗବିଶେଷ । ଯଥା—

କାଶ ଅନ୍ତକୋଷ ପୁଣି ଯେ ଉରକ୍ଷତସ,
ଏରୂପେ ରୋଗ ହୋଇ କରନ୍ତି ଗ୍ରହେ ନାଶ ।
ନୃ. ପୁ. ପ୍ର. ତ.

ଉରଗ, } ବି. (ଉରସ୍-ଗମ୍-ଅ, ବିକଳ୍ପେ
ଉରଙ୍ଗ, } ମକାରାଗମ ଓ ମକାର ଲୋପ)
ଉରଙ୍ଗମ, } ସର୍ପ, ଭୁଜଙ୍ଗ, ସୀସକ ।

ଉରଗାରି, } ବି. ( ଉରଗ-ଅରି-ଅଶନ )
ଉରଗାଶନ, } ଗରୁଡ଼; ମୟୂର; ନକୁଳ ।

ଉରଜ, ବି. (ଉରସ୍ ଶବ୍ଦଜ) ସ୍ତନ, କୁଚ । ଯଥା—

ଉରଜ କନ୍ଦୁକ ଚକ୍ରବାକ ସମ୍ପୁଟକ । ଲା. ବ.

ଉରଣ, } ବି. (ଋ-ଅନ, ଉରୁ = ଅଧିକ-ଭ୍ରମ୍-
ଉରଭ୍ର, } ଅ ଉ-ଲୋପ) ମେଷ, ମେଣ୍ଢା ।

( ମେଢ୍ରୋରଭ୍ରୋରଣୋର୍ଣ୍ଣାୟୁମେଷବୃଷ୍ଣୟ ଏଡ଼କେ—ଅମର । )

ଉରଣାକ୍ଷ, } ବି. ( ଉରଣ-ଅକ୍ଷି, ଆଖ୍ୟା—
ଉରଣାଖ୍ୟ, } ଏହାର ପୁଷ୍ପ ମେଷଚକ୍ଷୁ ପରି, ଅନ୍ୟମତେ ଉରଣର ଆଖ୍ୟା ଯାହାର ) ବୃକ୍ଷବିଶେଷ, ଦଦ୍ରୁମର୍ଦ୍ଦନ ବୃକ୍ଷ, ଚକୁଣ୍ଡା ଗଛ ।

ଉରପୁଟ, ବି. (ଦେଶଜ, କମ୍ବା ଉରୁ-ପଟହ ଶବ୍ଦଜାତ) ବାଦ୍ୟବିଶେଷ । ( ଗୃତପୁଟ ଶବ୍ଦ ଦେଖ । )

ଉରରୀ, ଉରରୀ, } ଅଂ. ସ୍ତ୍ରୀ. (ବେ = ବୁଣିବା-
ଉରୀ, ଉରୀ, } ରୀକ୍-ରୁରୀକ୍) ଅଙ୍ଗୀ-
ଉରୁରୀ, ଉରୁରୀ, } କାର; ବିସ୍ତାର; ପରିତ୍ୟାଗ । ( ଉରର୍ଯ୍ୟୂରୀଚୋରରୀ ଚ ବିସ୍ତାରେଽଙ୍ଗୀକୃତୌ ତ୍ରୟଂ—ଅମର । )

ଉରରୀକୃତ, } ବିଂ. ( ଉରରୀ, ଉରୀ-କୃତ )
ଉରୀକୃତ, } ଅଙ୍ଗୀକୃତ; ପ୍ରସାରିତ,
ଉରୀକୃତ, } ବିସ୍ତାରିତ; ପରିତ୍ୟକ୍ତ ।

ଉରଶ୍ଛଦ, } ବି. ( ଉରସ୍-ଛଦ୍-ଅ, ତ୍ରୈ-ଅ,
ଉରସ୍ତ୍ର, } ତ୍ରୈ-ଅନ ) କବଚ, ସାଞ୍ଜୁ,
ଉରସ୍ତ୍ରାଣ, } ବର୍ମ୍ମ ।

ଉରସ, ବି. (ଉରସ ଶବ୍ଦଜାତ) ବକ୍ଷଃସ୍ଥଳ ।

ଉରସଲ, ବି. (ଉରଃଶଲ୍ୟ ଶବ୍ଦଜ) ଉପାଧିବିଶେଷ; ଅଧିପତି । ବିଂ. ଶ୍ରେଷ୍ଠ । ଯଥା—

ମୁହିଁ ସର୍ବ ରାଜାଙ୍କର ଉପରେ ଉରସଲ,
ମୋହର ଉପରେ କେକେ ବୋଲାଇ ମହାମଲ୍ଲ ।
ସା. ଭା. ସ.

ଉରସିଜ, ବି. (ଉରସି-ଜନ୍-ଅ) ବକ୍ଷୋଜ, ସ୍ତନ । ଯଥା—

କମଳ କଳିକା ପରାସ୍ତେ ଲଳିତ
ଉରସିଜେ ସ୍ପୃହୁ ଉର ବନ୍ଧୁରିତ । ନ. କେ.

ଉରସିଳ, ବିଂ. ( ଉରସ୍-ଇଳ ) ଯାହାର ବକ୍ଷସ୍ଥଳ ପ୍ରଶସ୍ତ ।

ଉରସ୍ୟ, ବି°. (ଉରସ୍-ଯ-ଭାବାର୍ଥେ) ଔରସ-ଜାତ ସନ୍ତାନ । ( ସ୍ୱଜାତେ ତ୍ୱୌରସୋ-ରସ୍ୟୌ—ଅମର । )

ଉରସ୍ୱାନ୍, ବି°.(ଉରସ୍-ବତୁ-ଅସ୍ତ୍ୟର୍ଥେ) ପ୍ରଶସ୍ତ ବକ୍ଷଃସ୍ଥଳବିଶିଷ୍ଟ, ବିଶାଳବକ୍ଷା । (ସ୍ୟାଦୁ-ରସ୍ୱାନୁରସିଳଃ—ଅମର ।)

ଉରା, ବି. (ଦେଶଜ) ଗୃହର ଉପରସ୍ଥ କାଷ୍ଠୋ-ପକରଣବିଶେଷ ।

ଉରୁ, ବି.(ଊର୍ଣ୍ଣୁ=ଆଚ୍ଛାଦନ କରିବା-ଉ,ନକାର ଲୋପ) ବିଶାଳ, ମହତ୍, ବଡ଼ । ଯଥା—

**ଉରୁପଣ ଶିବ ଅପ୍ରମିତ ମିତ । ବି. ଚ. ମ.**

ଉରୁବୁକ, / ଉରୁବୂକ, / ଉରୁବୁକ, } ବି. (ଉରୁ=ମହତ୍-ବୈ=ଶୁଷ୍କ କରିବା-ଉକ, ଊକ—ଯେ ମହତ୍ ପୀଡ଼ା ନାଶ କରେ) ଏରଣ୍ଡ ବୃକ୍ଷ, ଗବ ଗଛ ।

ଉରୁମ୍ଭି, ବି°. ( ଦେଶଜ ) ଅମୁହାଁ, ବିକଳ; ରୁଦ୍ଧଶ୍ୱାସ ।

ଉରୋଜ, ବି. (ଉରସ୍-ଜନ୍-ଅ) ସ୍ତନ, କୁଚ ।

ଊର୍ଣ୍ଣନାଭ, / ଊର୍ଣ୍ଣନାଭ, / ଊର୍ଣ୍ଣନାଭ, / ଊର୍ଣ୍ଣନାଭ, } ବି. ( ଊର୍ଣ୍ଣା=ସୂତ୍ର—ନାଭି ) ମାକଡ଼ସା, ବୁଢ଼ିଆଣୀ ।

ଊର୍ଣ୍ଣା, / ଊର୍ଣ୍ଣା, } ବି. ସ୍ତ୍ରୀ. (ଊର୍ଣ୍ଣୁ=ଆଚ୍ଛାଦନ କରିବା-ଅ=ଆ) ମେଷାଦି ଲୋମ, ପଶୁ ଲୋମ; ମହାପୁରୁଷମାନଙ୍କର ଲଲାଟସ୍ଥ ଲୋମସମୂହା-ତ୍ମକ ଚିହ୍ନବିଶେଷ । ( ଊର୍ଣ୍ଣା ମେଷାଦି-ଲୋମ୍ନି ସ୍ୟାଦାବର୍ତ୍ତେ ଚାନ୍ତରାଭ୍ରୁବୋଃ —ଅମର । )

ଉର୍ବର, / ଉର୍ବରା, / ଉର୍ବରା, } ବି. (ଉରୁ-ଅ, ଆ) ଯେଉଁ ଭୂମିରେ ସର୍ବପ୍ରକାର ଶସ୍ୟ ଜନ୍ମେ, ଯେଉଁ ଭୂମିର ଶସ୍ୟୋତ୍ପାଦିକା ଶକ୍ତି ଅଧିକ ଥାଏ । (ଉର୍ବରା ସର୍ବଶସ୍ୟାଢ୍ୟା—ଅମର । )

ଉର୍ବଶୀ, ବି. ସ୍ତ୍ରୀ. ( ଉରୁ-ବଶ୍-ଅ-ଈ) ସ୍ୱର୍ଗର ବେଶ୍ୟାବିଶେଷ ।

ଉର୍ବାରୁ, ବି. ସ୍ତ୍ରୀ. (ଇର୍ବାରୁ ଦେଖ) କର୍କଟୀ ଫଳ, କାକୁଡ଼ୀ ।

ଉର୍ବୀ, ବି. ସ୍ତ୍ରୀ. (ଉରୁ-ଈ-ସ୍ତ୍ରୀଲିଙ୍ଗେ, ଅତି ବିସ୍ତୀର୍ଣ୍ଣ ବୋଲି ଭୂମିର ନାମ ଉର୍ବୀ ହେଲା) ଭୂମି, ପୃଥିବୀ । ( ବସୁଧୋର୍ବୀ ବସୁନ୍ଧରା—ଅମର । )

ଉଲ, / ଓଲ, } ବି. ( ଉଲ୍ୱ ଶବ୍ଦର ଅପଭ୍ରଂଶ ) ସ୍ୱନାମପ୍ରସିଦ୍ଧ କନ୍ଦବିଶେଷ ।

ଉଲକୋବି, / ଓଲକୋବି, } ବି. (ଦେଶଜ) ଏକଜାତୀୟ କୋବି ।

ଉଲଖ, ବି. ( ଦେଶଜ ) ରାଜୋପକରଣ-ବିଶେଷ । ଯଥା—

**ଆଲମ୍ବ ଉଲଖ ଯେ ହେଦଣ୍ଡ ଲକ୍ଷ ଗୃହ,**
**ବେନି ଲକ୍ଷ ଶ୍ୱେତ ଅଶ୍ୱ ହସ୍ତୀ ଲକ୍ଷ ଗୃହ । ସା.ଭା.ବ.**

ଉଲଘୁଣା, / ଉଲୁଗୁଣା, } ବି. (ଦେଶଜ) ଉନ୍ଦଘଇବା ।

ଉଲଙ୍ଗ, / ଉଲ୍ଲଙ୍ଗ, } ବି°. ( ଉଲ୍ଲଗ୍ନ ଶବ୍ଦଜ ) ବିବସ୍ତ୍ର, ବସ୍ତ୍ରହୀନ । ଯଥା—

**କରିଅଛୁ ଯଉବନ ଏ ଗରବ**
**ଜଳରେ ଉଲଙ୍ଗ ହୋଇଲ । ର. କ.**

ଆବରଣହୀନ, ଖୋଲା । ଯଥା—

**କେବେ ସବ୍ୟ କରେ ଫଳା**
**ସବ୍ୟେତରେ ଅସି ଉଲଙ୍ଗ । ଉଷା.**

ଉଲଟ, / ଉଲଟା, } ବି°. ( ଦେଶଜ ) ବିପରୀତ । ଯଥା—

**ଏମନ୍ତ ଯେ ଦର୍ପଣ ଗୃହ ଆପୁରେ ଥିଲା,**
**ନାଶ ଗୃହିଲ ଯୋଗେ ଉଲଟ ଦଶିଲା । ଲ. ବ.**

ଲେଉଟି ଥିବା । ଯଥା—

**ବେନି ଜାନୁ ଘଟଣ ଯେ ଉଲଟ କଦଳୀ,**
**ବେନି ଆକର୍ଷଣେ ଲୀଳା ଗମନରେ ଢଳି । ସା.ଭା.ସ.**

ଉଲଟକମଳ, ବି. (ଓଡ଼ିଆ ଓ ସଂସ୍କୃତ ଶବ୍ଦର ମିଶ୍ରଣ) ଏକଜାତୀୟ ବୃକ୍ଷ ଓ ପୁଷ୍ପ; ଲେଉଟି ପଡ଼ିଥିବା ପଦ୍ମ ।

ଉଲଟପାଲଟ, ବି. ( ଦେଶଜ ) ବଦଳାଇବା, ବିନିମୟ କରିବା ।

ଉଲଟାଇବା, କ୍ରି. (ଦେଶଜ) ଉତ୍ଥାନ କରିବା, ଲେଉଟାଇବା । ଯଥା—

**ବୁଜିବାରୁ ଶୋଭା ନେତ୍ର କି ଆଖଳନ୍ଦୀବରପତ୍ର**
**ଉଲଟାଇ ଥୋଇଛୁ ଦର୍ପଣେ କୁରୁଙ୍କେ । ଲ.ବ.**

ଉଲଟିଆ, ବି°. (ଦେଶଜ) ବିପରୀତ, ପ୍ରତିକୂଳ । ଯଥା—

କାହିଁପାଇଁ ସ୍ବାମୀଙ୍କୁ ଦେଖିଲ ବେଲରୁ ମୋତେ ବନ-
ବାସର ଉଲଟିଆ ବିକାର ମାଡ଼ି ପଡ଼ୁଛି । ଶ. ନା.

ଉଲଟିବା, ଓଲଟିବା, } କ୍ରି. (ଦେଶଜ) ଉତ୍ଥାନ ହେବା । ଯଥା—

ଷଣେ ପଡ଼େ ଷଣେ ଉଠେ ଷଣେ ଉଲଟଇ । କ. ବ.
ପ୍ରତ୍ୟକ୍ଷେ ନିରଞ୍ଜନ ଧରମ ଯୁଧିଷ୍ଠି,
ଯା କର ଓଲଟନ୍ତେଣ ଓଲଟଇ ସୃଷ୍ଟି । ସା.ଭା.ସ.

ଲେଉଟିବା, ଫେରିବା ।

ଉଲସିବା, କ୍ରି. (ଉଲ୍ଲସନ ଶବ୍ଦଜ) ସନ୍ତୋଷରେ ଫୁଲିବା ।

ଉଲୁ, ବି. (ଦେଶଜ) ନିର୍ବୋଧ ।

ଉଲୁଖ, ବି. (ଉଲ୍ଲେଖ ଶବ୍ଦଜ) ପଦାର୍ଥର ଉପରେ ଲେଖିବାର ନାମ; ଉପରସ୍ଥ ଚିହ୍ନ । ଯଥା—

ମାଣିକ୍ୟର ଉଲୁଖ ଯେ ମାଳାରେ ଖଞ୍ଜଣୀ,
ହୋଇ ଝଟକନ୍ତି ଧନୁ ଦାବାନଳ ଜାଣି । ସା. ଭା. ବ.

ଉଲୁଖଦେବା, କ୍ରି. (ଉଲ୍ଲେଖ ଶବ୍ଦଜାତ) ପ୍ରମାଣସ୍ବରୂପ ଦେଖାଇବା । ଯଥା—

କଥାକଥକେ ତାଙ୍କର ଗୋଟିଏ ଗୋଟିଏ ଚଉପଦୀମାଳ ଗୀତ ଖଣାବଚନ ଶ୍ଲୋକ ଉଲୁଖ ଦେବାର ଅଭ୍ୟାସ ଥିଲା । ଉ. ସା.

ଉଲୁଗି, ବି. (ଦେଶଜ କିମ୍ବା ଉଲ୍ଲଗ୍ନ ଶବ୍ଦରୁ ଜାତ) ବେଣୀ ଉଭୁରାଇବା । ଯଥା—

ଦାଢି ନଖାନ୍ତି ପକାଇ    କିମୁଣ୍ଡି ଜଟା ଫେରାଇ
ତନ ଭ୍ରାନ୍ତ କରନ୍ତି ଉଲୁଗି । ବି. ଗ୍ରା.

ଉଲୁଗିକରିବା, ଉଲୁଗିବା, } କ୍ରି. (ଦେଶଜ) ଫିଟାଇବାର, ବନ୍ଧନମୁକ୍ତ କରିବାର । ଯଥା—

କବାଟ ଉଲୁଗି କଲେ ମାଳାଦ୍ରୁପୁରେ,
କୃପାସିନ୍ଧୁ ଅପହୃତ ହେଲେ ସତ୍ବରେ । ର. କ.

ପିନ୍ଧିବା ବସ୍ତ୍ର ଓ ଶଯ୍ୟା ତ୍ୟାଗ କରିବା । ଯଥା—

ରବି ଉଦେ ନୋହୁଁ ତୁହି ଉଲୁଗିବୁ ଶଯ୍ୟା,
ଏ ମାର୍ଗେ ନ ଥିଲେ ହୁଏ ନଷ୍ଟେ ଗର୍ଭି କାଯ୍ୟା ।
ନୃ. ପୁ. ପ୍ର. ତ.

ବେଣୀ ଉଭୁରାଇବାର ।

ଉଲୁରିବା, କ୍ରି. (ଦେଶଜ) ଘର ଉପରୁ ଛଣ ବାହାର କରିବା ।

ଉଲୁସ, ବି. (ଉଲ୍ଲାସ ଶବ୍ଦର ଅପଭ୍ରଂଶ) ଆନନ୍ଦ ।

ଉଲୁ, ଉଲୁମୀ, ଓଲୁମୀ, } ବି. ସ୍ତ୍ରୀ. (ଦେଶଜ) ନିର୍ବୋଧ ସ୍ତ୍ରୀ, ବୁଦ୍ଧି ବିଚାର ଓ ବ୍ୟବହାର-ଜ୍ଞାନଶୂନ୍ୟା ।

ଉଲୁକ, ବି. (ଉଲୂକ ଶବ୍ଦର ଅପଭ୍ରଂଶ) ପେଚକ, ପେଚା । ଯଥା—

ଉପବନ ତରୁକୁଞ୍ଜେ ଉଲୁକର ଧ୍ୱନି । ଦ. ବ.

ଉଲୁକବିଦ୍ୟା, ବି. ସ୍ତ୍ରୀ. (ଓଡ଼ିଆ ଓ ସଂସ୍କୃତ ଶବ୍ଦର ମିଶ୍ରଣ) କୁହୁକ ବିଦ୍ୟାବିଶେଷ । ଯଥା—

ଯେବଣ ଉଲୁକବିଦ୍ୟା ବ୍ୟାସ ଦେଇଛନ୍ତି,
ସେ ବିଦ୍ୟାର ବଳେ ଦେବୀ ଚଳେ ନିଶାରାତି ।
ସା. ଭା. ବି.

ଉଲୁକା, ଉଲୂକା, } ବି. ସ୍ତ୍ରୀ. (ଉଲ୍କା ଶବ୍ଦଜ) ନିଆଁ-ହୁଲା । ଯଥା—

ବିଭୀଷଣ ଆଡ ହୋଇ ଯେ ଥିଲେ,
ଉଲୂକା ଯେସନ ସୈନ୍ୟରେ ପଶିଲେ । ବି. ରା.

ଉତ୍ପାତାଗ୍ନି । ଯଥା—

ଉଲୁକା ପଡ଼ିବାରେ ହାତି ଘୋଡାଙ୍କର,
ଅବିଚ୍ଛିନ୍ନେ ଚମକ ପଡ଼ୁଛି ଶରୀର । କୃ. ଭା. ବି. ପ.

ଉଲୁଖୀ, ଉଲୂଖୀ, } ବି. ସ୍ତ୍ରୀ. (ଦେଶଜ) ସ୍ତ୍ରୀଜାତିର ଦେହର କୃଷ୍ଣବର୍ଣ୍ଣ ଚିହ୍ନ ।

ଉଲୁଗୁଣା, ଉଲୁଘୁଣା, } ବି. ସ୍ତ୍ରୀ. (ଦେଶଜ) ଗଞ୍ଜଣା । ଯଥା—

ଦେଖିବା ଲୋକ ଉଲୁଗୁଣା
କରନ୍ତି, କେଡ଼େ କର୍ମ ଉଣା ।

ଉଲୁରି, ଉଲୁସି, } ବି. ସ୍ତ୍ରୀ. (ଦେଶଜ) ଆଜ୍ଞାପତ୍ର, ଆଦେଶପତ୍ର । ଯଥା—

କଂସର ଉଲୁସି ନେଇଁ    ନନ୍ଦଙ୍କ କରେ ଦେଇ
ସକଳ ସନ୍ଦେଶ କହିଲେ । ର. କ.

ଉଲୁରିବା, ଉଲରିବା, } କ୍ରି. (ଦେଶଜ) ଇତସ୍ତତ ବିକ୍ଷିପ୍ତ ହୋଇ ଦୋହଲିବା । (କେଶ ପ୍ରତି ସଦା ପ୍ରଯୋଜ୍ୟ)

ଫୁଲର ଫୁଲ ତ ବିଷ ଉଲୁରି ଅଛି ଅନିଶ
କଙ୍କତକାର ସ୍ମରଣ-ରଙ୍କ ତ ହେଲାଣି କେଶ
ହେବୁ ପରି ଜଟା-ଅନୁରାଗୀ ।
ଉଲରି ଅନିଶ ଥିଲା ଯେଉଁ କେଶ
ଫୁଲର ତରଳ ଶାମଳ । ସୁ. ପ.

ଉଲୁସିବା, ଉଲସିବା, ଉଲ୍ଲସିବା, } କ୍ରି. (ଉଲ୍ଲସନ ଶବ୍ଦଜ) ଫୁଲି ଉଠିବା, ସ୍ଫୀତ ହେବା । ଯଥା—

ମଲ୍ଲାଯାଏ ତନୁ ଉଲ୍ଲସି ଉଠିଲା
କି ମଧୁର ସୁଖେ ରସି । ଯ. କେ.

ଉଲୁସେଇବା, ଉଲୁସାଇବା, } କ୍ରି. (ଉଲ୍ଲସନ ଶବ୍ଦଜ) ଫୁଲାଇବା, ସ୍ଫୀତ କରାଇବା । ଯଥା—

ଟାଙ୍ଗଣା ଟିକକ ଉଲୁସେଇ ଦେଲେ
ଫୁଲିଯାଏ କେଡ଼େ ବଡ଼ ।

ଉଲୂକ, ଉଲ୍ଲୂକ, } ବି. (ବଲ୍ = ବଳବାନ୍ ହେବା-ଊକ) ପେଚକ, ପେଚା; ଇନ୍ଦ୍ର; ଶକୁନିଙ୍କ ପୁତ୍ର; ଦେଶବିଶେଷ ।

ଉଲୂଖଳ, ବି. (ଉଦୂଖଳ ଦେଖ, ଦ = ଖ) ଧାନ୍ୟାଦି କୁଟିବା ନିମିତ୍ତ କାଷ୍ଠମୟ ପାତ୍ର, ଢିଙ୍କିଭରଣ୍ଡି । (ଉଦୂଖଳମୁଲୂଖଳଂ—ଅମର) ଗୁଗ୍ଗୁଳ । (ଉଦୂଖଳଂ ଗୁଗ୍ଗୁଲୌ ସ୍ୟାତ୍—ମେଦିନୀ ।)

ଉଲୂପୀ, ଉଲ୍ଲୂପୀ, ଉଲୁପୀ, } ବି. (ଉଲୂପିନ୍-ଉ = ଶିବ-ରୂପ-ଇନ୍—ଅସ୍ତ୍ୟର୍ଥେ, ଶିବଙ୍କ ପରି ଯାହାର ରୂପ, ଅଥବା ଉତ୍-ଲୂପ୍-ଇନ୍) ଶିଶୁକ, ଶିଶୁମାର ନାମକ ଜଳଜନ୍ତୁ, ଶିଶୁମାରାକାର ମତ୍ସ୍ୟବିଶେଷ । (ଉଲୂପୀ ଶିଶୁକଃ ସମୌ—ଅମର ।) ସ୍ତ୍ରୀ. ନାଗକନ୍ୟା, ଅର୍ଜୁନଙ୍କ ପତ୍ନୀ । (ଉଲୂପୀ ନାମ ପନ୍ନଗୀ—ଭାରତ ।)

ଉଲୂଲୁ, ବି. (ଉରୁ-ଦ୍ୱିତ୍ୱ, ର = ଳ, ନିପାତନ) ମାଙ୍ଗଳିକ ଧ୍ୱନି, ହୁଳହୁଳି ।

ଉଲ୍କା, ବି. ସ୍ତ୍ରୀ. (ଉଷ୍ = ଦାହ କରିବା-ଅ, ଷ = ଳ—କ, କିମ୍ବା ଉଲ୍-ସୌତ୍ରଧାତୁ—ଏହାର ଅର୍ଥ ଦାହ କରିବା) ଆକାଶରୁ ପତିତ ଅଗ୍ନି; ସ୍ଫୁଲିଙ୍ଗ, ଅଗ୍ନିଶିଖା, ଅଗ୍ନିକଣା; ତେଜଃପୁଞ୍ଜ । ଯଥା—

ଉଲ୍କାରେ ଉଡ଼ି ଆସିଲି ଆକାଶେ ଜ୍ୟୋତି ବହୁତ ।
ଉଷା ।

ଉଲ୍କାମୁଖୀ, ବି. ସ୍ତ୍ରୀ. (ଉଲ୍କା-ମୁଖ-ଈ) ଶୃଗାଳୀବିଶେଷ, ଭେରଣ୍ଡା; କୋକଶିଆଳୀ । ବିଂ. କ୍ରୋଧବଶତଃ ଯେଉଁ ସ୍ତ୍ରୀର ମୁଖ ସର୍ବଦା ରକ୍ତବର୍ଣ୍ଣ ହୋଇଥାଏ ।

ଉଲ୍ମୁକ, ବି. (ଉଷ୍ = ଦଗ୍ଧ କରିବା + ମୁକ, ଷ = ଳ) ଜ୍ୱଳନ୍ତ ଅଙ୍ଗାର, କୋଇଲି । (ଅଙ୍ଗାରୋଽଲାତମୁଲ୍ମୁକଂ—ଅମର ।) ବଳରାମଙ୍କ ପୁତ୍ରବିଶେଷ ।

ଉଲ୍ଲଳ, ବିଂ. ( ଉତ୍-ଲଲ୍-ଅ ) ରୋମଶ, ରୋମଯୁକ୍ତ ।

ଉଲ୍ଲଳିତ, ବିଂ. ( ଉତ୍-ଲଲ୍ = କମ୍ପିବା-ତ ) ଆନ୍ଦୋଳିତ, ଚଳିତ; କମ୍ପମାନ; ତରଳିତ; ବ୍ୟାକୁଳିତ ।

ଉଲ୍ଲାଘ, ବିଂ. (ଉତ୍-ଲାଘ୍ = ପାରଗ ହେବା-ଅ) କାର୍ଯ୍ୟଦକ୍ଷ; ଯେ ରୋଗମୁକ୍ତ ହୋଇ କ୍ରମେ କ୍ରମେ ସୁସ୍ଥ ଓ ସବଳ ହୋଇଅଛି । (ଉଲ୍ଲାଘୋ ନିର୍ଗତୋ ଗଦାତ୍—ଅମର ।) ଶୁଚି ।

ଉଲ୍ଲାସ, ବି. (ଉତ୍-ଲସ୍-କ୍ରୀଡ଼ା, ଦୀପ୍ତି ପାଇବା ଇତ୍ୟାଦି-ଅ) ଆନନ୍ଦ, ଆହ୍ଲାଦ; ପ୍ରକାଶ; ଶୋଭା; ଉଜ୍ଜ୍ୱଳତା; ବୃଦ୍ଧି; ଗ୍ରନ୍ଥର ପରିଚ୍ଛେଦବିଶେଷ ।

ଉଲ୍ଲିଖିତ, ବିଂ. (ଉତ୍-ଲିଖିତ) କଥିତ, ଯାହା ପୂର୍ବେ କୁହା ଯାଇଅଛି; ଚର୍ଚ୍ଚିତ; ନିର୍ଦ୍ଦିଷ୍ଟ; ଉପରିଲିଖିତ; ଉତ୍କ୍ଷିପ୍ତ; ଉତ୍କୀର୍ଣ୍ଣ; ଚଞ୍ଚା ।

ଉଲ୍ଲେଖ, ଉଲ୍ଲେଖନ, } ବି. ( ଉତ୍-ଲେଖ, ଲେଖନ ) ଖନନ । ଯଥା—ଭୂମିର ଉଲ୍ଲେଖନ । ବମନ; ନିର୍ଦ୍ଦେଶ, କୀର୍ତ୍ତନ, କଥନ; ଗୁଞ୍ଜିବା; କୁନ୍ଦିବା ।

ଉଲ୍ଲୋଚ, ବି. (ଉତ୍-ଲୋଚ୍ = ଦେଖିବା-ଅ) ଚନ୍ଦ୍ରାତପ, ଚାନ୍ଦୁଆ । (ଅସ୍ତ୍ରୀ ବିତାନମୁଲ୍ଲୋଚଃ—ଅମର ।)

ଉଲ୍ଲୋଳ, ବି. ( ଉତ୍-ଲୋଡ଼୍-ଅ, ଡ଼ = ଳ ) କଲ୍ଲୋଳ, ବୃହତ୍ ତରଙ୍ଗ । (ମହତ୍ସୂଲ୍ଲୋଳକଲ୍ଲୋଳୌ—ଅମର ।) ବିଂ. ଦୋଦୁଲ୍ୟମାନ ।

ଉଲ୍ବ, ବି. (ଉଚ୍ = ସମବେତ କରିବା-ବ, ଚ = ଳ, ବଳ-ବୃଦ୍ଧି ପାଇବା-ବ, ବ = ଉ) ଜରାୟୁ, ଗର୍ଭାଶୟ । (ଗର୍ଭାଶୟୋ ଜରାୟୁଃ ସ୍ୟାଦୁଲ୍ବଂ ଚ—ଅମର ।)

ଉଲ୍‌ବଣ, ବି°. (ଉତ୍ = ଉପରି-ଲ୍ବୀ = ଯୋଗ କରିବା-ଅନ, ନିପାତନ) ସ୍ପଷ୍ଟପ୍ରତୀୟମାନ; ପ୍ରବଳ, ଉତ୍କଟ; ବିଶଦ; ଉଦ୍ଭଟ; ବ୍ୟାପ୍ତ; ବ୍ୟକ୍ତ; ତୀକ୍ଷ୍ଣ । ଯଥା—ବିଷୋଲ୍‌ବଣାଃ ସର୍ପାଃ । ବି. ଶରୀରସ୍ଥିତ ବାତପିତ୍ତାଦିର ପ୍ରାବଲ୍ୟନିବନ୍ଧନ ରୋଗ । ଯେପରି—ବାତୋଲ୍‌ବଣ, ପିତ୍ତୋଲ୍‌ବଣ, କଫୋଲ୍‌ବଣ ।

ଉଶତୀ, } ବି. ସ୍ତ୍ରୀ. (ବଶ୍ = ଅଭିଳାଷ କରିବା-
ଉଷତୀ, } ଉଷ୍ = ଦଗ୍ଧ କରିବା-ଅତ୍-ସ୍ତ୍ରୀ-ଈ) ଅମଙ୍ଗଳ ବାକ୍ୟ । (ଉଷତୀବାଗକଲ୍ୟାଣୀ —ଅମର ।)

ଉଶନାଃ, } ବି. (ବଶ୍ = ଇଚ୍ଛା କରିବା-
ଉଶନସ, } ଅନସ୍) ଅସୁରଗୁରୁ, ଶୁକ୍ରାଚାର୍ଯ୍ୟ; ମୁନିବିଶେଷ ।

ଉଶୀର, } ବି. (ବଶ୍-ଈର) ବେଣାର ମୂଳ,
ଉଷୀର, } ଗନ୍ଧତୃଣବିଶେଷର ମୂଳ । ଯଥା—
ବିବିଧ କୁସୁମ ଉଷୀର ଚନ୍ଦନ-ସୌରଭେ ପୂତ । ଉଷା

ଉଷ, ବି. (ଉଷ୍ = ଦାହ କରିବା-ଅ) ପ୍ରଭାତ; କାମୁକ; କ୍ଷାର ମୃତ୍ତିକା; ଗୁଗ୍‌ଗୁଳୁ । (ସ୍ତ୍ରୀ-ଆ) ବାଣାତ୍ମଜା, ଅନିରୁଦ୍ଧ ପତ୍ନୀ; ଗର୍ଭୀ; ରବି; ପ୍ରଭାତ, ଅରୁଣୋଦୟର ପୂର୍ବକ୍ଷଣ, ବ୍ରାହ୍ମ ମୁହୂର୍ତ୍ତ । (ଉଷାରାତ୍ରେ-ଦିବସାନେ—ଅମର ।)

ଉଷଣ, } ବି. (ଉଷ୍ = ଦାହ କରିବା-ଅନ)
ଊଷଣ, } ଯେ କଣ୍ଠଦାହ କରେ; ମରିଚ; ପିପ୍‌ପଳୀ ମୂଳ । (ସ୍ତ୍ରୀ-ଆ) ପିପ୍‌ପଳୀ; ଶୁଣ୍ଠୀ ।

ଉଷର୍ବୁଧ, ବି. (ଉଷସ୍ = ପ୍ରଭାତ-ବୁଧ୍ = ଜାଣିବା-ଅ—ଯାହାକୁ ପ୍ରଭାତ ପରି ବୋଧ କରନ୍ତି) ନିଆଁ, ଅଗ୍ନି । ଯଥା—

ଶ୍ରୀରାମଙ୍କ ପ୍ରାପ୍ତି ବିନା ହୋଇ ଲୁପ୍ତମନୋରଥ,
ଜଟା ବଲ୍‌କଳଧାରୀ ମୁଁ ପ୍ରବେଶିବି ଉଷର୍ବୁଧ ।
ଜା. ପ. ନା.

ଉଷସ୍, ବି. (ଉଷ୍-ଅସ୍) ପ୍ରତ୍ୟୁଷ, ପ୍ରଭାତ । (ଉଷଃ ପ୍ରତ୍ୟୁଷସୀ ଅପି—ଅମର ।)

ଉଷସୀ, ବି. ସ୍ତ୍ରୀ. (ଉଷ୍-ସୋ = ଶେଷ କରିବା-ଅ-ଈ) ସନ୍ଧ୍ୟାକାଳ ।

ଉଷସ୍ୟ, ବି°. (ଉଷସ୍-ଯ) ପ୍ରାଭାତିକ, ଉଷାକାଳୀନ ।

ଉଷାପତି, } ବି. (ଉଷା-ପତି, ରମଣ) ଅନି-
ଉଷାରମଣ, } ରୁଦ୍ଧ, କାମଦେବଙ୍କ ପୁତ୍ର ।

ଉଷିତ, ବି°. (ଉଷ୍-ତ) ପର୍ଯ୍ୟୁଷିତ, ବାସି; ଦଗ୍ଧ । (ପ୍ଲୁଷ୍ଟପ୍ଲୁଷ୍ଟୋଷିତା ଦଗ୍ଧେ—ଅମର ।) (ବସ୍ = ବାସକରିବା-ତ) ସ୍ଥିତ; ନିବିଷ୍ଟ; ଉଦ୍ଧୃତ ।

ଉଷ୍ଟ୍ର, ବି. (ଉଷ୍-ଷ୍ଟ୍ରନ୍, ଯେ ମରୁଭୂମିରେ ଦଗ୍ଧ ପ୍ରାୟ ହୁଏ) ଉଟ ବା ଓଟ ।

ଉଷ୍ଣ, ବି. (ଉଷ = ଦାହ କରିବା-ଣ) ଗ୍ରୀଷ୍ମକାଳ; ରୌଦ୍ର, ଆତପ; ପଲାଣ୍ଡୁ । ବି°. ତପ୍ତ; ତୀବ୍ର; ଅନଳସ, ତତ୍ପର; ଦକ୍ଷ । (ଦକ୍ଷେ ଚତୁରପେଶଳପଟବଃ ସୂତ୍ଥାନ ଉଷ୍ଣଶ୍ଚ । ଉଷ୍ଣତ୍ୱଂ ଶୀଘ୍ରକାରଣମସ୍ୟା-ସ୍ତ୍ରିଭ୍ୟସ୍ତ୍ରଃ—ଅମର ।)

ଉଷ୍ଣକ, ବି°. (ଉଷ୍ଣ-କ-ସ୍ୱାର୍ଥେ) କ୍ଷିପ୍ରକାରୀ, ଅନଳସ; ପ୍ରଣତ । ବି. ଜ୍ୱର ।

ଉଷ୍ଣଗୁ, ବି. (ଉଷ୍ଣ-ଗୋ = ଗୁ = କିରଣ) ସୂର୍ଯ୍ୟ ।

ଉଷ୍ଣରଶ୍ମି, } ବି. (ଉଷ୍ଣ-ରଶ୍ମି, ଅଂଶୁ = କିରଣ)
ଉଷ୍ଣାଂଶୁ, } ସୂର୍ଯ୍ୟ; ଅର୍କବୃକ୍ଷ ।

ଉଷ୍ଣିକା, ବି. ସ୍ତ୍ରୀ. [ଉଷ୍ଣ = ତପ୍ତ (ଅନ୍ନ)-ଇକ-ଆ, ଅଥବା ଅନ୍ନ-ଇକ, ଅନ୍ନସ୍ଥାନେ ଉଷ୍ଣାଦେଶ] ଯବମଣ୍ଡ, ଯବାଗୂ, ଯାଉ । (ଯବାଗୂରୁଷ୍ଣିକାଶ୍ରାଣା—ଅମର ।)

ଉଷ୍ଣୀଷ, ବି. (ଉଷ୍ଣ = ତାପ-ଈଷ୍ = ନାଶ କରିବା-ଅ, ଯେ ତାପ ନଷ୍ଟ କରେ) ଶିରୋବେଷ୍ଟନ, ପାଗ । ଯଥା—

ଖସି ଯାଉଛି କି ଯୋଦ୍ଧା ମସ୍ତକରୁ
ଉଷ୍ଣୀଷ ଏମନ୍ତ ଦିଶେ । ଲ. ବ.

କିରୀଟ, ମୁକୁଟ ।

ଉଷ୍ଣୋପଗମ, } ବି. (ଉଷ୍ଣ = ରୌଦ୍ର-ଉପଗମ,
ଉଷ୍ଣାଗମ, } ଆଗମ, ଅଭିଗମ = ଆଗମନ)
ଉଷ୍ଣାଭିଗମ, } ଗ୍ରୀଷ୍ମକାଳ, ଗ୍ରୀଷ୍ମଋତୁ ।
ଉଷ୍ମାଗମ,

ଉଷ୍ମ, ⎫ ବି. (ଉଷ୍=ଦାହ କରିବା-ମକ୍,
ଉଷ୍ମନ୍, ⎬ ମନ୍) ଗ୍ରୀଷ୍ମକାଳ; ଉତ୍ତାପ; ତୀବ୍ରତା;
ଉଷ୍ମା, ⎭ କ୍ରୋଧ । ଶ, ଷ, ସ, ହ-ବର୍ଣ୍ଣ ।

ଉଷ୍ମକ, ବି. (ଉଷ୍ମ-କ) ଗ୍ରୀଷ୍ମକାଳ । (ଗ୍ରୀଷ୍ମ ଉଷ୍ମକଃ—ଅମର ।)

ଉଷ୍ମାଣ, ବି. (ଉଷ୍ମ-ଆଣ) ଉଷ୍ମା, ଉତ୍ତାପ ।

ଉସତ, ⎫ ବିଂ. (ଉଲ୍ଲସିତ ଶବ୍ଦଜ) ଆନନ୍ଦିତ ।
ଉଷତ, ⎭ ଯଥା—

ତାହା ଦେଖି ହୋଉଥାଉ ଉସତ,
ମତ୍ତଗରବେ ହୋଉଥାଉ ମତ୍ତ । ଗୋ. ଭ୍ର.

ବି. ଆନନ୍ଦ । ଯଥା—

ଉସତରେ ଶୁଣ ହେ ସୁଧୀରେ ଧୀରେ । ବ. ଚ. ମ.

ଉସନା, ବି. ସ୍ତ୍ରୀ. (ଗଡ଼ଜାତରେ ବ୍ୟବହୃତ) ବିଛଣା, ଶେଯ ।

ଉସନାପାଡ଼ିବା, କ୍ରି. ଶେଯ ପକାଇବା ।

ଉସା, ବି. (ଉପବାସ ଶବ୍ଦଜ) ଅନଶନ ବ୍ରତ; ସାଧାରଣ ବ୍ରତ ।

ଉସୁନା, ବିଂ. (ଦେଶଜ) ସିଝା ହୋଇଥିବା ଧାନର ଚାଉଳ ପ୍ରଭୃତି । ଯଥା—

ଉସୁନା ଧାନ ଗଜା ହେବ,
ଏ ପୁଣି ଯାଇ ରଜା ହେବ ।

ଉସୁନାହାଣ୍ଡି, ବି. (ଦେଶଜ) ଯେଉଁ ହାଣ୍ଡିରେ ଧାନ ସିଝାନ୍ତି । ଯଥା—

ଉସୁନାହାଣ୍ଡି କଜଳ ଯେନାଛୁ ନୟନ,
ଲାଉଫୁଲ ବନମାଳା ପଡ଼ିଛୁ ହୃଦେଶ । ମ. ସଂ.

ଉସୁମ, ⎫ ବି. (ଉଷ୍ମ ଶବ୍ଦଜ) ଉଷ୍ମତା ।
ଉଷୁମ, ⎭ ଯଥା—

କଣାରେ କସାରେ ଆଦର ତେଜନ୍ତ
ତନୁ ଉସୁମରୁ ଯତ । ଲ. ବ.

ଉଷ୍ମ, ଗରମ । ଯଥା—

ଉସୁମ ପାଣି ଆଣି ଶରୀରଯାକ ଧୋଇ,
ହୃଦରେ ଦେଲ ଲେପି କର୍ପୁର ଗନ୍ଧ ନେଇ ।
ନୃ. ପୁ. ସ. ତ.

ଉସୁମାଇବା, ⎫ କ୍ରି. ଗରମ କରିବା । ଯଥା—
ଉସୁମେଇବା, ⎭ ଜଳ ଟିକିଏ ଉସୁମାଇ ଦିଅ ।

ଶରୀରାଦି ଉଷ୍ଣ ହେବାର ଉପଚାର କରିବା । ଯଥା—

ଏ ମାଘ ମାସ ଜାଡ଼ ବସ୍ତ୍ର ଆମ୍ଭର ନାହିଁ,
ପାଉଁସଗୁଡ଼ାଏ ଆଣି ଶୋଇବା ଉସୁମାଇ । ସା. ଭ୍ର. ଆ.

ହଂସ ପ୍ରଭୃତି ଜନ୍ତୁ ନିଜର ଡିମ୍ବକୁ ଫୁଟାଇବା । ଯଥା—

ପୁଣି ସେ ଡିମ୍ବ ପରେ ବସି ଉସୁମାଇ,
ତେବେ ତୋର ବାଳକ ବସିବେ ଦେହ ବହି ।
ନୃ. ପୁ. ପ୍ର. ତ.

ଉତ୍ତେଜିତ କରିବା ।

ଉସୁମୁଟାଣିବା, କ୍ରି. (ଦେଶଜ) ଶୀତ ସମୟରେ ନିଶ୍ଚେଷ୍ଟ ହୋଇ ବସିରହିବା, ଶୀତ ନିବାରଣାର୍ଥ ଉପଚାର କରିବା ।

ଉସୁମୁଳିଆ, ବିଂ. (ଦେଶଜ) ପଚୁ (ଗନ୍ଧ), ପଚି ଯାଇଥିବା ।

ଉସୁରୁ, ବି. (ଦେଶଜ) ଅଭିଶାପ । (ସ୍ତ୍ରୀଲୋକେ ଏ ଶବ୍ଦର ବ୍ୟବହାର ସମଧିକ ଭାବରେ କରିଥାନ୍ତି ।)

ଉସ୍କେଇବା, ⎫ କ୍ରି. ( ଦେଶଜ ) ଉତ୍ତେଜିତ
ଉସ୍କୋଇବା, ⎭ କରିବା; ଉତ୍ସାହିତ କରିବା ।

ଉସ୍ତ, ଉସସ୍ତ, ⎫ ବି. (ଅଶ୍ୱତ୍ଥ ଶବ୍ଦଜ) ସ୍ୱନାମ-
ଉଶସ୍ତ, ⎭ ପ୍ରସିଦ୍ଧ ବୃକ୍ଷବିଶେଷ ।

ଉସ୍ତ, ବି. (ଦେଶଜ) ହେଳା ।

ଉସ୍ତବକା, ବିଂ. (ଦେଶଜ) ଓଲୁ, ବୁଦ୍ଧିହୀନ ।

ଉସ୍ର, ବି. (ବସ୍ = ବାସ କରିବା-ର, ବ=ଉ) କିରଣ, ଆଲୋକ । (କିରଣୋସ୍ରମୟୂଖାଂଶୁଗଭସ୍ତିଘୃଣିରଶ୍ମୟଃ—ଅମର ।) ବୃଷ; ଷଣ୍ଢ । (ସ୍ତ୍ରୀ-ଆ) ଗବୀ, ଧେନୁ । (ଗୌରୁସ୍ରା ମାତା ଚ ଶୃଙ୍ଗିଣୀ—ଅମର ।)

ଉସ୍ୱାସ, ଉଶ୍ୱାସ, ⎫ ବିଂ. ଭାରହୀନ, ହାଲୁକା ।
ଉସୁଆସ, ⎭ ଯଥା—

କହିଲ ଯେତେକ ସ୍ୱର୍ଗବାସିଯାକ
ତୁଳରେ ସମସ୍ତେ ଉସ୍ୱାସ । ର. କ.

ଊଣା, ଅଳ୍ପ । ଯଥା—

ଏତେ ଉଶ୍ୱାସ ବୁଦ୍ଧି ଅଟନ୍ତି ସ୍ତିରୀ ଗୁର,
ଭୋ ଦେବ ନୃସିଂହ ଏହାଙ୍କ କଥା ବିଚାର ।
ନୃ. ପୁ. ତୃ. ତ.

ହୀନ, ତୁଚ୍ଛ । ଯଥା—

ଅସାଧୁ ଅବିବେକ ଉଶ୍ୱାସ ଯେଉଁ ପ୍ରାଣୀ,
ଅତହିଁ କୋପ ହୋଇ ଯେ କହେ କଥା ଟାଣି ।
ନୃ. ପୁ. ପ୍ର. ତ.

ଉସ୍ୱାସିବା, କ୍ରି. ଭାରରହିତ କରିବା, ଦୁଃଖ ଦୂର କରିବା ।

ଉହା, ବି. (ଊହ ଶବ୍ଦର ଅପଭ୍ରଂଶ) ଅନୁମାନ; ବିଚାର । ( ଉଖା ଶବ୍ଦଜ ) ମୃତ୍ପାତ୍ର-ବିଶେଷ । (ଦେଶଜ) କୁମ୍ଭାରର ଚୁଲ୍ଲୀ; ଲୌହ ଘଷିବା ନିମିତ୍ତ ଇସ୍ପାତର ଯନ୍ତ୍ର-ବିଶେଷ; ଜ୍ୱରକାଳୀନ ନାଶାରୋଗ-ବିଶେଷ ।

ଉହାଡ଼, } ବି. (ଦେଶଜ) ଅନ୍ତରାଳ ବା
ଓହାଡ଼, } ଆଡ଼ୁଆଳ । ଯଥା—

ଉହାଡ଼ରେ ସେ କୃଷ୍ଣ ନିହିତ ହୁଅନ୍ତି । ବି. ଚ. ମ.
ଶ୍ରୀରାମ ତରୁ ଓହାଡ଼େ ଥାଇ
ବେନି ଭାଇଙ୍କି ଚିହ୍ନି ନ ପାରିଲେ । ବି. ରା.

ଆଚ୍ଛାଦନ ବା ଘୁଡ଼ଉଣି । ଯଥା—

ଗୃହାନ୍ତେ ଝଟକ ହେଲେ ଦର୍ପଣର ବାଡ଼,
ରଥତଳେ ଚକଡ଼ା କୁରୁବିନ୍ଦ ଉହାଡ଼ । ନୃ. ପୁ. ପ୍ର. ଭ.

ଆଶ୍ରୟ । ଯଥା—

ଚନ୍ଦ୍ରଲେ ଯାଇ ବୃକ୍ଷତଳରେ ଯାଇ ପଡ଼େ,
ସେ ବୃକ୍ଷ ଉହାଡ଼ ଯା ହୁଏ କେଉଁଆଡ଼େ ।
ନୃ. ପୁ. ପ୍ର. ଭ.

ଘୁପ୍ତି; ପର୍ଦ୍ଦା, ଆବରଣ ।

ଉହାଡ଼ିବା, କ୍ରି. ଆଡ଼କରିବା । ଯଥା—

ଓଢ଼ଣା ଉହାଡ଼ି ମାରଇ ଭହିଁ ନେତ୍ରବାଣ କୁନ୍ତ ।

ଘୋଡ଼ାଇବା । ଯଥା—

ଯେହ୍ନେ ମକର କୁହୁଡ଼ି ସୂର୍ଯ୍ୟକିରଣ ଉହାଡ଼ି,
ତେସନ ରାମଙ୍କୁ ବେଢ଼ି ପଡ଼ିଲେ ମାଡ଼ି । ବି. ରା.

ଉହାଶାଳ, } ବି. (ଉଖା-ଶାଲ୍ ଶବ୍ଦଜ) କମାର-
ଉହାସାଳ, } ଶାଳ, କୁମ୍ଭାରଙ୍କର ହାଣ୍ଡି ପ୍ରଭୃତି ପୋଡ଼ିବାର ଗୃହ ।

ଉହିବା, କ୍ରି. ( ଊହ୍ ଧାତୁଜ ) ତର୍କିବା, ଅନୁମାନ କରିବା । ଯଥା—

ଉହିବ ଏହିଟି ବୋଲି କୃପାକଳ୍ପବଲ୍ଲୀଟି । କ. କ. ଚ.

ଉହୁଁ, ଅଂ. ନିଷେଧାର୍ଥ । ଯଥା—

ଉହୁଁ ଉହୁଁ କହୁ ଥିଲେ ତାଙ୍କ କର୍ଣ୍ଣଯୁଗଳେ
ଆନ୍ଦୋଳିତେ ହେଜ ପାରୁ ନାହିଁ । ଚ. ଚ.

ଉହୁଙ୍କା, ବି. ( ଦେଶଜ ) ଉପରକୁ ଲମ୍ଫ ଦେବା ।

ଉହୁଙ୍କିବାର, କ୍ରି. (ଦେଶଜ) ଉପରକୁ ଲମ୍ଫ ଦେବାର । ଯଥା—

ବିକଳେ ରାବୁଁ ରାବୁଁ ଉର୍ଦ୍ଧ୍ୱେ ଉଡ଼୍ଡୀନ,
ଉହୁଙ୍କି ଶିଶୁକଙ୍କି ଦେଲି ଗିଳିଣ । ରୁ. ସ୍ତ.

ଉହ୍ୟମାନ, ବିଂ. (ବହ୍ = ବହନ କରିବା-ଆନ = ଶାନ, ଯ ଓ ମ ଆଗମ) ଆକୃଷ୍ୟ-ମାଣ, ନୀୟମାନ, ଯାହା ବହନ କରାଯାଏ ।

# ଊ

ଊ, ବି. ( ଅବ୍ = ଗମନ କରିବା-କ୍ୱିପ୍, ଅବ୍ = ଊ) ଷଷ୍ଠ ସ୍ୱରବର୍ଣ୍ଣ; ଚନ୍ଦ୍ର; ଶିବ । ବିଂ. ରକ୍ଷକ । ଅଂ. ଶୋକଦୁଃଖାଦିସୂଚକ ସମ୍ବୋଧନ; ବାକ୍ୟାରମ୍ଭ; ରକ୍ଷା; ଦୟା ।

ଊଖଳ, } ବି. (ଉଦୂଖଳ ଶବ୍ଦଜ) ଉଦୂଖଳ,
ଉଖଳ, } ଧାନ କୁଟିବା ପାଇଁ, ଢ଼ିଙ୍କିଭରଣି ।

ଊଢ଼, ବିଂ. (ବହ୍-ତ) ବିବାହିତ, ଯାହାର ବିବାହ ହୋଇ ଯାଇଅଛି; ବହମାନ୍ୟ, ଯାହା ବହନ କରାଯାଏ; ଧୃତ; ଅଙ୍ଗୀକୃତ । (ସ୍ତ୍ରୀ-ଆ) ପରିଣୀତା ।

ଊଢ଼ି, ବି. ସ୍ତ୍ରୀ. (ବହ୍-କ୍ତି) ବହନ; ବିବାହ ।

ଊଣଞ୍ଚାଶ, } ବିଂ. (ଊନପଞ୍ଚାଶତ୍ ଶବ୍ଦଜ) ୪୯
ଉଣଞ୍ଚାଶ, } ସଂଖ୍ୟା ।

ଊଣଷାଠି, } ବିଂ. (ଊନଷଷ୍ଟି ଶବ୍ଦଜ) ୫୯
ଉଣଷଠି, } ସଂଖ୍ୟା ।

ଊଣା, } ବିଂ. ( ଊନ ଶବ୍ଦଜ ) ଅଳ୍ପ ।
ଉଣା, } ଯଥା—

କରୁଣା ଉଣା ଜଣାଗଲା ରେ ନବ ଛଇଲା ।

ତୁଚ୍ଛ, ସାମାନ୍ୟ । ଯଥା— ସେ ବଡ଼ ଉଣାରେ ବିକ୍ରି କଲେ । ବି. ଲୋକସାନ । ଯଥା—

ପ୍ରଭୁ ଆଉଁ ଦାସ ଭାସିଗଲେ ଲୋକେ
ଏ ଉଣା କାହାକୁ ହେବ ।

ଊଣାଇଶ, } ବିଂ. (ଊନବିଂଶ ଶବ୍ଦଜ) ୧୯
ଉଣାଇଶ, } ସଂଖ୍ୟା ।

ଉତ, } ବିଂ. (ବେ = ବୁଣିବା-ତ) ଯେ ବସ୍ତ୍ରାଦି
ଊତ, } ବୁଣା ହୋଇଅଛି; ଗ୍ରଥିତ, ଯାହା ଗୁନ୍ଥା ହୋଇଅଛି; ସ୍ୟୂତ, ଯେଉଁ ବସ୍ତ୍ରାଦି ସିଲାଇ କରା ହୋଇଅଛି । (ଉତଂ ସ୍ୟୂତ-ମୁତଂ ଚେତ୍ତି ତ୍ରିତୟଂ ତନ୍ତୁସନ୍ତତେ—ଅମର ।) (ଅବ୍-ତ, ଅବ୍ = ଊ) ରକ୍ଷିତ ।

ଊଧସ୍, } ବି. ( ବହ୍-ଅସ୍, ବହ୍-ଊଧ )
ଊଧଃ, } ପଶୁସ୍ତନ, ପହ୍ନା ।

ଊନ, ବିଂ. (ଊନ୍ = ନ୍ୟୂନକରିବା-ଅ) ନ୍ୟୂନ; ହୀନ; ଅସମ୍ପୂର୍ଣ୍ଣ; ଦୁର୍ବଳ ।

ଊମ୍, ଅଂ. (ଅବ୍ = ରକ୍ଷା କରିବା-ମନ୍) ଗର୍ବ; କ୍ରୋଧ; ନିନ୍ଦା; ଭର୍ତ୍ସନା; ପ୍ରଶ୍ନ । (ଊମ୍ ପ୍ରଶ୍ନେ—ଅମର ।)

ଊରବ୍ୟ, } ବି. (ଊରୁ-ଯ-ଭବାର୍ଥେ, ଊରୁ-
ଊରୁଜ, } ଜନ୍-ଅ) ବୈଶ୍ୟଜାତି, ଯେଉଁ ଜାତି ବ୍ରହ୍ମାଙ୍କ ଊରୁଦେଶରୁ ଜାତ । (ଊରବ୍ୟା ଊରୁଜା ଅର୍ଯ୍ୟାଃ --ଅମର ।)

ଊରୁ, ବି. (ଊର୍ଣ୍ଣୁ = ଆଚ୍ଛାଦନ କରିବା-ଉ, ଣ ଲୋପ) ଜାନୁର ଉପରିଭାଗ ।

ଊରୁପର୍ବନ୍, } ବି. ( ଊରୁ-ପର୍ବନ୍ = ଗ୍ରନ୍ଥି )
ଊରୁପର୍ବା, } ଜାନୁ, ଆଣ୍ଠୁ ।

ଊର୍ଜ୍ଜ, ବି. ( ଊର୍ଜ୍ଜ = ଜୀବିତ ହେବା, ବଳିଷ୍ଠ ହେବା-ଅ ) କାର୍ତ୍ତିକମାସ; ଯତ୍ନ; ଚେଷ୍ଟା; ଉତ୍ସାହ; ବଳ, ସାମର୍ଥ୍ୟ, ଶକ୍ତି, ନିଃଶ୍ୱାସ ।

ଊର୍ଜ୍ଜସ୍, ବି. ( ଊର୍ଜ୍ଜ-ଅସ୍ ) ବଳ; ଉତ୍ସାହ; ତେଜ; ପ୍ରାଣନ ।

ଊର୍ଜ୍ଜସ୍ୱଳ, ବିଂ. ( ଊର୍ଜ୍ଜସ୍-ବଳ—ଅସ୍ତ୍ୟର୍ଥେ ) ବଳବାନ୍, ମହାବଳ, ଦୃଢ଼କାୟ ।

ଊର୍ଜ୍ଜସ୍ୱୀ, ବିଂ. ( ଊର୍ଜ୍ଜସ୍ୱିନ୍-ଊର୍ଜ୍ଜସ୍-ବିନ୍—ବିଦ୍ୟମାନାର୍ଥେ ) ବଳବାନ୍; ତେଜସ୍ୱୀ । ( ଊର୍ଜ୍ଜସ୍ୱଳଃ ସ୍ୟାଦୂର୍ଜ୍ଜସ୍ୱୀ—ଅମର ।) ବାକ୍ୟାଳଙ୍କାରବିଶେଷ ।

ଊର୍ଜ୍ଜିତ, ବିଂ. (ଊର୍ଜ୍ଜ-ତ) ବିଖ୍ୟାତ; ତେଜସ୍ୱୀ; ଉଦାର; ବର୍ଦ୍ଧିତ । ବି. (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) ବଳ, ସାମର୍ଥ୍ୟ; ଉତ୍ସାହ ।

ଊର୍ଣ୍ଣାୟୁ, ବି. (ଊର୍ଣ୍ଣା-ଯୁ-ଅସ୍ତ୍ୟର୍ଥେ) ମେଷ-ଲୋମର ଆସନ, କମ୍ବଳ । (ମେଷକମ୍ବଳ ଊର୍ଣ୍ଣାୟୁଃ—ଅମର ।) ମେଷ; ମାକଡ଼ସା, ବୁଢ଼ିଆଣୀ; ଗନ୍ଧର୍ବବିଶେଷ ।

ଊର୍ଣ୍ଣାବନ, ବିଂ. (ଊର୍ଣ୍ଣା-ବନର୍—ଅସ୍ତ୍ୟର୍ଥେ) ଊର୍ଣ୍ଣାଯୁକ୍ତ, ମେଷଲୋମରେ ନିର୍ମିତ ।

ଊର୍ଦ୍ଧ୍ୱ, ବିଂ. ( ଉତ୍-ହା = ତ୍ୟାଗ କରିବା, ଗମନକରିବା-ବ, ଉତ୍ = ଉର୍, ଦ୍ = ଧ) ଉଚ୍ଚ; ଉତ୍କୃଷ୍ଟ; ଉପରିସ୍ଥ; ତ୍ୟକ୍ତ; ଅନନ୍ତର । ବି. ଉଚ୍ଚତା; ଊର୍ଦ୍ଧ୍ୱଦେଶ ।

ଊର୍ଦ୍ଧ୍ୱକ, ବି. (ଊର୍ଦ୍ଧ୍ୱ-କୈ=ଶବ୍ଦ କରିବା-ଅ—ଯେ ଉଚ୍ଚ ଶବ୍ଦ କରେ) ମୃଦଙ୍ଗବିଶେଷ ।

ଊର୍ଦ୍ଧ୍ୱଚରଣ, ବି. ( ଊର୍ଦ୍ଧ୍ୱ-ଚରଣ ) ଶରଭ, ଏହାର ଅଷ୍ଟ ଚରଣ କିନ୍ତୁ ଚାରିଗୋଟି ଊର୍ଦ୍ଧ୍ୱରେ ଥାଏ; ତପସ୍ୱିବିଶେଷ । ବିଂ. ଯାହାର ଚରଣ ଊର୍ଦ୍ଧ୍ୱଗତ, ଊର୍ଦ୍ଧ୍ୱପାଦ ।

ଊର୍ଦ୍ଧ୍ୱଜାନୁ, ବିଂ. (ଊର୍ଦ୍ଧ୍ୱ-ଜାନୁ) ଯାହାର ଜାନୁ ଉଚ୍ଚ, ଉନ୍ନତଜାନୁ ।

ଊର୍ଦ୍ଧ୍ୱଜ୍ଞ, } ବି. (ଊର୍ଦ୍ଧ୍ୱ-ଜାନୁ, ଜାନୁ = ଜ୍ଞ)
ଊର୍ଦ୍ଧ୍ୱଜ୍ଞୁ, } ଉନ୍ନତଜାନୁ, ଯାହାର ଜାନୁ ଉନ୍ନତ । (ଊର୍ଦ୍ଧ୍ୱଜ୍ଞୁରୂର୍ଦ୍ଧ୍ୱଜାନୁଃ ସ୍ୟାତ୍—ଅମର ।)

ଊର୍ଦ୍ଧ୍ୱଦେହ, ବି. (ଊର୍ଦ୍ଧ୍ୱ = ମରଣୋତ୍ତର ଦେହ) ମରଣାନ୍ତେ ଉତ୍ପନ୍ନ ଦେହ, ଲିଙ୍ଗଦେହ ।

ଊର୍ଦ୍ଧ୍ୱପୁଣ୍ଡ୍ର, ବି. (ଊର୍ଦ୍ଧ୍ୱ = ଊର୍ଦ୍ଧ୍ୱମୁଖ-ପୁଣ୍ଡ୍ର = ତିଳକ) ଊର୍ଦ୍ଧ୍ୱମୁଖ ତିଳକ ।

ଊର୍ଦ୍ଧ୍ୱରେତା, ବି. (ଊର୍ଦ୍ଧ୍ୱ-ରେତସ୍) ଶିବ; ଶୁକ୍ରସଂଯମନକାରୀ ଯୋଗିବିଶେଷ; ଭୀଷ୍ମ; ମୁନିବିଶେଷ । ଯଥା—

ଲଭାରୁ ଏବେ ପର୍ବତ ଜାତ ହେଲ
ଗୃହୀ କର୍ମିବେ ଊର୍ଦ୍ଧ୍ୱରେତା । ପ୍ରେ. ସୁ. ନି.

ଊର୍ଦ୍ଧ୍ୱାମ୍ନାୟ, ବି. (ଊର୍ଦ୍ଧ୍ୱ-ଆମ୍ନାୟ) ସଂହିତା-ବିଶେଷ, ଏଥିରେ ଗୁରୁଭକ୍ତି କୃଷ୍ଣପୂଜା ବିଧି ପ୍ରଭୃତି ଉକ୍ତ ଅଛି ।

ଊର୍ମି, ବି. ସ୍ତ୍ରୀ. ( ଋ = ଗମନ କରିବା-ମି ) ତରଙ୍ଗ, ଲହଡ଼ି । ଯଥା—ଗଙ୍ଗୋର୍ମି । ସ୍ରୋତ; ଅଙ୍ଗୁରୀୟ । ବସ୍ତ୍ର ଉପରେ ଚୁନଟ କାର୍ଯ୍ୟ; ଭଙ୍ଗୀ, ବେଗ, ଉତ୍କଣ୍ଠା; ଭ୍ରାନ୍ତି; ସଙ୍ଗ; ପ୍ରକାଶ; ପୀଡ଼ା; କୋଷ; ସମୂହ; ଅଶ୍ୱର ଗତିବିଶେଷ; ଦେହର ଷଡ଼୍‌ବିଧ ଧର୍ମ । ଯଥା—

ବୁଭୁକ୍ଷା ଚ ପିପାସା ଚ ପ୍ରାଣସ୍ୟ ମନସଃ ସ୍ମୃତୌ ।
ଶୋକମୋହୌ ଶରୀରସ୍ୟ ଜରା ମୃତ୍ୟୁ ଷଡ଼ୂର୍ମୟଃ ।

ଊର୍ମିକା, ବି. ସ୍ତ୍ରୀ. (ଊର୍ମି-କ-ଆ)ତରଙ୍ଗ;ବସ୍ତ୍ରର କୁଞ୍ଚ; ଉତ୍କଣ୍ଠା; ଭ୍ରମରର ଧ୍ୱନି; ଅଙ୍ଗୁରୀୟ । (ଅଙ୍ଗୁରୀୟକମୂର୍ମିକା—ଅମର ।)

ଊର୍ମିମାନ୍,ବିଂ. (ଊର୍ମିମତ୍-ଊର୍ମି-ମତ୍-ଅସ୍ତ୍ୟର୍ଥେ) ଊର୍ମିଯୁକ୍ତ, ତରଙ୍ଗିତ; ବକ୍ର, କୁଞ୍ଚିତ । (ଊର୍ମିମତ୍ କୁଞ୍ଚିତଂ ନତଂ—ଅମର ।)

ଊଷ, ବି. (ଊଷ୍ = ରୋଗଯୁକ୍ତ ହେବା-ଅ)କ୍ଷାର ମୃତ୍ତିକା; ପ୍ରତ୍ୟୂଷ, ପ୍ରଭାତ;ଗର୍ତ୍ତ;ଚନ୍ଦନାଦି ।

ଊଷର, } ବିଂ.(ଊଷ = କ୍ଷାରମୃତ୍ତିକା-ର,ବତ୍
ଊଷବାନ୍, } ଅସ୍ତ୍ୟର୍ଥେ) ଖାର ଭୂମି, ନୁଣିଆ ଭୂମି, ଯେଉଁ ସ୍ଥାନ କ୍ଷାରମୟ ।

ଊହ, ବି. (ଊହ୍ = ତର୍କ କରିବା-ଅ) ବିତର୍କ, ଅନୁମାନ, ଯୁକ୍ତିଦ୍ୱାରା ଦୁରୂହ ବା ଅଜ୍ଞାତ ବିଷୟର ନିର୍ଣ୍ଣୟ ଚେଷ୍ଟା, ଅଧ୍ୟାହାର । (ଅଧ୍ୟାହାରସ୍ତର୍କ ଊହଃ—ଅମର ।)

ଊହାପୋହ, ବିଂ. (ଊହ=ତର୍କାଦି-ଅପୋହ = ଅପଗତ ଊହ ) ଆନ୍ଦୋଳିତ ବିଷୟରେ ଯାହାର ପୁନରପି ତର୍କର ଆବଶ୍ୟକତା ନାହିଁ, ଯାହାର ତର୍କଦ୍ୱାରା ସଂଶୟଚ୍ଛେଦ ହୋଇଅଛି; ଅଧ୍ୟବସାୟରେ ସଂଶୟହୀନ; ସୁହୃଦ୍ ପ୍ରାପ୍ତି ବିଷୟରେ କୃତନିଶ୍ଚୟ; ଦାନ ଦେବାରେ ଦ୍ୱିଧାମତଶୂନ୍ୟ ।

ଊହ୍ୟ,ବିଂ.(ଊହ୍-ଯ) ଅଧ୍ୟାହାର୍ଯ୍ୟ, ଅଧ୍ୟାହାରର ଯୋଗ୍ୟ; ତର୍କଣୀୟ; ଅନୁମେୟ ।

# ଋ

ଋ, ବି. ସପ୍ତମ ସ୍ୱରବର୍ଣ୍ଣ । ସ୍ୱର୍ଗ । ସ୍ତ୍ରୀ. ଦେବମାତା, ଅଦିତି । ଅଂ. ହାସ୍ୟ; ପରିହାସ, ନିନ୍ଦା; ବାକ୍ୟ; ପ୍ରାପ୍ତି ।

ଋକ, ବି. (ଋଚ୍ = ସ୍ତବ କରିବା-କ୍ୱିପ୍) ବେଦବିଶେଷ, ଋଗ୍‌ବେଦ, ବେଦମନ୍ତ୍ର; ଗାୟତ୍ରୀ ।

ଋକ୍‌ଥ, ବି. ( ଋଚ୍ = ସ୍ତବ କରିବା-ଥକ୍ ) ଦାୟ, ଧନ, ସମ୍ପତ୍ତି । (ରିକ୍‌ଥମୃକ୍ଥଂ ଧନଂ ବସୁ—ଅମର ।) ସ୍ୱର୍ଣ୍ଣ ।

ଋକ୍ଷ, ବି. (ଋଷ୍ = ବଧ କରିବା-ଅ, କିମ୍ବା ଋଷ୍ =ଗମନ କରିବା-ସ = ଷ, ଷ = କ) ଭଲ୍ଲୁକ, ଭାଲୁ ; ଋକ୍ଷବାନ୍ ପର୍ବତ । ( ଋକ୍ଷାଚ୍ଛଭଲ୍ଲଭଲ୍ଲୁକାଃ— ଅମର । ) ଯଦୁବଂଶୀୟ ରେବତଙ୍କ ପୁତ୍ର; ଶୋନାକବୃକ୍ଷ; ନକ୍ଷତ୍ର; ମେଷାଦି ରାଶି । ବିଂ. ବଧିତ ।

ଋଚୀଷ, } ବି. (ଋଜ୍ = ଭର୍ଜନ କରିବା-ଈଷ,
ଋଜୀଷ, } ଜ = ଚ) ପିଷ୍ଟକଭର୍ଜନପାତ୍ର, ପିଠା ଭାଜିବା ତେଲାଉଣୀ । (ଋଜୀଷଂ ପିଷ୍ଟପଚନଂ —ଅମର ।) ଧନ; ନରକବିଶେଷ ।

ଋଜୀକ, ବି. (ଋଜ୍-ଈକ) ଇନ୍ଦ୍ର; ଧୂମ ।

ଋଜୁ, ବିଂ.(ଋଜ୍ = ଗମନ କରିବା-ଉ) ସରଳ, ଅକୁଟିଳ, ସିଧା; ସହଜ, ଅକଠିନ; ଅକପଟ, ଶୁଦ୍ଧହୃଦୟ ।

ଋଜୁରୋହିତ, ବି. (ଋଜୁ-ରୋହିତ) ମେଘପ୍ରତିଫଳିତ ଧନୁରାକାର ରବିରଶ୍ମି, ଇନ୍ଦ୍ରଧନୁ । (ଇନ୍ଦ୍ରାୟୁଧଂ ଶକ୍ରଧନୁସ୍ତଦେବ ଋଜୁରୋହିତଂ —ଅମର ।)

ଋଣ, ବି. (ଋ = ଗମନ କରିବା, ପାଇବା-କ୍ତ) କରଜ, ଧାର; ଜଳ; ଦୁର୍ଗ; ବିଯୋଗ ଚିହ୍ନ ବା ଫେଡ଼ିବା ଚିହ୍ନ ।

ଋଣଲେଖ୍ୟ, ବି. (ଋଣ = ଋଣସୂଚକ-ଲେଖ୍ୟ = ପତ୍ର) ଋଣଗ୍ରହଣସୂଚକ ବ୍ୟବହାରୋପଯୋଗୀ ପତ୍ର, ତମସୁକ୍ ।

ଋଣୀ, ବିଂ. (ଋଣିନ୍—ଋଣ-ଇନ୍) ଋଣଗ୍ରସ୍ତ, ଯେ ଧାର ନିଏ; ଉପକାରରୂପ ଋଣରେ ଆବଦ୍ଧ ।

ଋତ, ବି. (ଋ = ଗମନ କରିବା-ତ) ପରବ୍ରହ୍ମ; ସତ୍ୟ; ଜଳ; ଉଞ୍ଛବୃତ୍ତି; ଦକ୍ଷକନ୍ୟା ଗର୍ଭଜାତ, ଧର୍ମପୁତ୍ର; ଦେବବିଶେଷ । ବିଂ. ପୂଜିତ; ଦୀପ୍ତ; ସତ୍ୟ ବା ଯଥାର୍ଥ; ଦୀପ୍ତ; ଗତ ।

ଋତଧାମା, ବି. (ଋତଧାମନ୍—ଋତ = ଦୀପ୍ତ-ଧାମନ୍ = ବାସସ୍ଥାନ) ବିଷ୍ଣୁ, ପରମେଶ୍ୱର; ତ୍ରୟୋଦଶ ମନ୍ୱନ୍ତରର ମନୁ ।

ଋତପର୍ଣ୍ଣ, ବି. (ଋତ-ପର୍ଣ୍ଣ) ଅଯୋଧ୍ୟାଧିପତି ସୂର୍ଯ୍ୟବଂଶୀୟ ରାଜବିଶେଷ । ପୁଣ୍ୟଶ୍ଳୋକ ନଳରାଜା ବାହୁକବେଶରେ ଏହାଙ୍କ ନିକଟରେ ଅବସ୍ଥାନ କରିଥିଲେ ।

ଋତସଦ୍, ବି. (ଋତ = ଯଜ୍ଞ-ସଦ୍ = ସ୍ଥିତ କରିବା-କ୍ୱିପ୍) ଅଗ୍ନି । ବିଂ. ଯେ ଯଜ୍ଞରେ ସ୍ଥିତି କରେ, ଯଜ୍ଞାଧିଷ୍ଠାତା ।

ଋତସଦନ, ବି. (ଋତ = ଯଜ୍ଞ-ସଦ୍ = ସ୍ଥିତି କରିବା-ଅନ) ଯଜ୍ଞାର୍ଥ ଉପବେଶନ ସ୍ଥାନ । (ଋତସଦନମାସୀଦ—ଶ୍ରାଦ୍ଧବିଧି ।)

ଋତସ୍ପତି, ବି.(ଋତ-ପତି, ସ ଆଗମ) ଯଜ୍ଞପତି, ଯଜ୍ଞକର୍ତ୍ତା ।

ଋତି, ବି. ସ୍ତ୍ରୀ. (ଋ-ତି) ସୌଭାଗ୍ୟ; ପଥ; ଶୁଭ; ଗତି, ଗମନ; ନିନ୍ଦା; ସ୍ପର୍ଦ୍ଧା; ବର୍ଦ୍ଧନ; ଘୃଣା ।

ଋତିସ୍କର, ବିଂ. (ଋତି-କୃ-ଅ) ଶୁଭଜନକ ।

ଋତୀୟା, ବି. ସ୍ତ୍ରୀ. (ଋତ୍ = ନିନ୍ଦା କରିବା-ୟ-ସ୍ତ୍ରୀ-ଆ) ନିନ୍ଦା; ଲଜ୍ଜା; ଘୃଣା । (ଅର୍ତ୍ତନଂ ଚ ଋତୀୟା ଚ ହୃଣୀୟା ଚ ଘୃଣାର୍ଥକାଃ—ଅମର ।)

ଋତୁ, ବି. (ଋ = ଗମନ କରିବା-ତୁ-ଯେ ନିୟମାନୁସାରେ ଆସେ ଯାଏ) ବସନ୍ତାଦି ଷଟ୍‌କାଳ; ସ୍ତ୍ରୀରଜଃସମୟ; ଦୀପ୍ତି ।

ଋତୁମତୀ, ବିଂ. ସ୍ତ୍ରୀ. (ଋତୁ-ମତୁ-ଅସ୍ତ୍ୟର୍ଥେ—ସ୍ତ୍ରୀ-ଈ) ଯେଉଁ ସ୍ତ୍ରୀର ଋତୁ ହୋଇଅଛି, ରଜସ୍ୱଳା, ପୁଷ୍ପବତୀ ।

ଋତୁସ୍ନାନ, ବି. (ଋତୁ-ସ୍ନାନ) ରଜସ୍ୱଳା ସ୍ତ୍ରୀର ଚତୁର୍ଥ ଦିବସର ସ୍ନାନ, ରଜସ୍ୱଳା ଚତୁର୍ଥ ଦିବସରେ ଶୁଚି ହେବା ।

ଋତେ, ଅଂ. ( ଋତ୍ = ତ୍ୟାଗ କରିବା-ଏ ) ବିନା, ବ୍ୟତିରେକେ । (ପୃଥକ୍ ବିନାନ୍ତରେଣର୍ତ୍ତେହିରୁଙ୍ନାନା ଚ ବର୍ଜନେ—ଅମର ।) (ଋତେ ପୁଣ୍ୟାତ୍ ସ୍ୱର୍ଗତିର୍ନ) ।

ଋତ୍ୱିକ୍, } ବି. (ଋତୁ-ଯଜ୍ = ପୂଜା କରିବା-
ଋତ୍ୱିକ୍, } କ୍ୱିପ୍—ଯେ ଋତୁରେ ଯାଗ କରେ) ପୁରୋହିତ, ଋତୁଯାଜୀ, ଯାଜକ । (ଋତ୍ୱିଜୋ ଯାଜକାଶ୍ଚତେ—ଅମର ।)

ଋଦ୍ଧ, ବିଂ. (ଋଧ୍ = ବୃଦ୍ଧି ପାଇବା-ତ) ଯାହାର ବୃଦ୍ଧି ହୋଇଅଛି, ସମୃଦ୍ଧିଯୁକ୍ତ; ସଞ୍ଚିତ; ପ୍ରଚୁର; ସମ୍ପନ୍ନ; ସମୃଦ୍ଧିଶାଳୀ । ଯଥା—ତାହାଙ୍କ ଋଦ୍ଧକୁଳ ସେ ସତ ଦେଖି ନାହିଁ । କା.ପ.ନା. ବି. ପକ୍ୱମର୍ଦ୍ଦିତ ଧାନ୍ୟ, ଅପନୀତ ତୃଣ ଓ ରାଶୀକୃତ ଧାନ୍ୟ । (ଋଦ୍ଧମାବସିତଂ ଧାନ୍ୟଂ —ଅମର ।) ସିଦ୍ଧାନ୍ତ; ବିଷ୍ଣୁ ।

ଋଦ୍ଧି, ବି. ସ୍ତ୍ରୀ. (ଋଧ୍-ତି) ବୃଦ୍ଧି; ସମୃଦ୍ଧି, ସମ୍ପତ୍ତି; ସୌଭାଗ୍ୟ; ମଙ୍ଗଳବିଷୟକ କାର୍ଯ୍ୟ; ମାତୃକାବିଶେଷ; ଲକ୍ଷ୍ମୀ; ପାର୍ବତୀ; ସିଦ୍ଧି; ଋଦ୍ଧି ଓ ବୃଦ୍ଧି ନାମକ ଔଷଧବିଶେଷ । (ଯୋଗ୍ୟମୃଦ୍ଧିଃ ସିଦ୍ଧିଲକ୍ଷ୍ମ୍ୟୌ ବୃଦ୍ଧେରପ୍ୟାହ୍ୱୟାଇମେ—ଅମର ।)

ଋଭୁ, ବି. (ଋ = ଦେବତା-ଭୂ = ହେବା-ଉ) ଦେବତା । (ଆଦିତ୍ୟା ଋଭବୋଽସ୍ୱପ୍ନାଃ—ଅମର ।) ବ୍ରହ୍ମାଙ୍କ ମାନସ ପୁତ୍ର; ମୁନିବିଶେଷ । ବିଂ. ମେଧାବୀ ।

ଋଭୁକ୍ଷ, ବି. (ଋଭୁ = ଦେବତା-କ୍ଷି = ବାସ କରିବା, ଗମନ କରିବା, ନାଶ କରିବା-ଅ) ସ୍ୱର୍ଗ; ଇନ୍ଦ୍ର; ବଜ୍ର ।

**ଋଭୁକ୍ଷା**, ବି. ସ୍ତ୍ରୀ. (ଋଭୁକ୍ଷିନ୍-ପଥିନ୍ ଶବ୍ଦବତ୍) ଇନ୍ଦ୍ରପତ୍ନୀ, ଇନ୍ଦ୍ରାଣୀ, ଶଚୀ । (ଆଖଣ୍ଡଲଃ ସହସ୍ରାକ୍ଷ ଋଭୁକ୍ଷାସ୍ତସ୍ୟ ତୁ ପ୍ରିୟା—ଅମର ।)

**ଋଭୁକ୍ଷୀ**, ବି. (ଋଭୁକ୍ଷିନ୍-ଋଭୁକ୍ଷ=ସ୍ୱର୍ଗ ବା ବଜ୍ର-ଇନ୍—ଅସ୍ତ୍ୟର୍ଥେ) ଦେବରାଜ,ଇନ୍ଦ୍ର ।

**ଋଷଭ**, ବି. (ଋଷ୍=ଗମନ କରିବା-ଅଭ-ସଂଜ୍ଞାର୍ଥେ) ବୃଷ । (ଋଷଭୋ ବୃଷଭୋ ବୃଷଃ—ଅମର ।) ମୁନିବିଶେଷ; ରାଶି-ବିଶେଷ; କୈଳାସ ନିକଟସ୍ଥ ପର୍ବତ-ବିଶେଷ; ଋଷଭ ନାମକ ଔଷଧିବିଶେଷ । (ଶୃଙ୍ଗୀ ତୁ ଋଷଭୋ ବୃଷଃ—ଅମର ।) କର୍ଣ୍ଣକୁହର; କୁମ୍ଭୀର ପୁଚ୍ଛ; ସ୍ୱରବିଶେଷ; କୌଣସି ବିଶେଷ୍ୟ ପଦର ପରେ ରହିଲେ ଶ୍ରେଷ୍ଠାର୍ଥ ବାଚକ, ଶ୍ରେଷ୍ଠ । ଯଥା— ପୁରୁଷର୍ଷଭ, ଦେବର୍ଷଭ । (ସ୍ତ୍ରୀ-ଆ) ଶ୍ମଶ୍ରୁ-ଯୁକ୍ତା ସ୍ତ୍ରୀ; ବିଧବା ।

**ଋଷଭକୂଟ**, ବି. ହେମକୂଟ ପର୍ବତ ।

**ଋଷି**, ବି. (ଋଷ୍=ଗମନ କରିବା-ଇ) ମୁନି, ସପ୍ତବିଧ ଋଷି । (ଶ୍ରୁତର୍ଷି, କାଣ୍ଡର୍ଷି, ପରମର୍ଷି, ମହର୍ଷି, ରାଜର୍ଷି, ବ୍ରହ୍ମର୍ଷି ଓ ଦେବର୍ଷି ।) ସତ୍ୟବାଦୀ, ଋଷି ତୁଲ୍ୟ ବ୍ୟକ୍ତି । (ଋଷୟଃ ସତ୍ୟବଚସଃ—ଅମର ।) ଶାସ୍ତ୍ରପ୍ରଣେତା; ଧୀମନ୍ତ; ମନ୍ତ୍ରଦ୍ରଷ୍ଟା; ବେଦାଂଶବିଶେଷ; ସଂସାରତ୍ୟାଗୀ । ଯଥା—

ଋଷି ରସିବେ ସଂସାର କରିବାକୁ
ଯୋଗେ ହେଲେ ନେତ୍ରପତନ । ଲ. ବ.

(ସ୍ତ୍ରୀ-ଋଷୀ) ମୁନିପତ୍ନୀ ।

**ଋଷିକୁଲ୍ୟା**, ବି. ସ୍ତ୍ରୀ. (ଋଷି-କୁଲ୍ୟା) ଋଷିମାନଙ୍କ କୃତ୍ରିମ ନଦୀ, କୃତ୍ରିମ ସରୋବର; ନଦୀ-ବିଶେଷ, ଏହି ନଦୀ ଗଞ୍ଜାମରେ ପ୍ରବାହିତ ହୋଇ ସମୁଦ୍ରରେ ପତିତ ହୋଇଅଛି ।

**ଋଷିଶ୍ରାଦ୍ଧ**, ବି. (ଋଷି-ଶ୍ରାଦ୍ଧ) ଋଷିମାନଙ୍କର କର୍ତ୍ତବ୍ୟ ଶ୍ରାଦ୍ଧ; ଏକପ୍ରକାର ପ୍ରବଚନ, ଆଡ଼ମ୍ବରବହୁଳ ଓ ଫଳଶୂନ୍ୟ କ୍ରିୟା । (ଅଜାଯୁଦ୍ଧେ ଋଷିଶ୍ରାଦ୍ଧେ ପ୍ରଭାତେ ମେଘଡମ୍ବରେ, ଦମ୍ପତ୍ୟୋଃ କଳହେ ଚୈବ ବହ୍ୱାରମ୍ଭୋ ଲଘୁକ୍ରିୟା ।)

**ଋଷ୍ଟ**, ବି. (ଋଷ୍-ତ) ଶ୍ୱେତ ବିନ୍ଦୁରେ ଚର୍ଚ୍ଚିତ ହରିଣ । ବିଂ. ଅଶୁଭଦାୟକ ।

**ଋଷ୍ଟି**, ବି. ସ୍ତ୍ରୀ. (ଋଷ୍-ତି) ଗ୍ରହଦୋଷ, ଅଶୁଭ; ଦ୍ୱିଧାର ଖଡ୍ଗ; ଖଡ୍ଗ । (ଋଷ୍ଟିଃ ଖଡ୍ଗନ୍ତରବାସ୍ୱତ—ତ୍ରିକାଣ୍ଡଶେଷଃ ।) (ଚନ୍ଦ୍ରହାସାସି-ଋଷ୍ଟୟଃ—ଅମର ।)

**ଋଷ୍ୟ**, ବି.(ଋଷି-ଯ କିମ୍ବା ଋଷ୍-ଯ) ଶ୍ୱେତବିନ୍ଦୁ-ଚିହ୍ନ ହରିଣ, ଶୀଘ୍ରଗାମୀ ମୃଗବିଶେଷ ।

**ଋଷ୍ୟମୂକ**, ବି. (ଋଷ୍ୟ=ମୃଗ-ମୂକ, ନିର୍ଭୟଚିତ୍ତରୁ ଯେ ସ୍ଥଳରେ ମୃଗମାନେ ନୀରବ ହୋଇ ସୁଖରେ ରହନ୍ତି) ଦକ୍ଷିଣଦେଶୀୟ ପର୍ବତ-ବିଶେଷ, ଏଥିରେ ଶ୍ରୀରାମ ସୁଗ୍ରୀବଙ୍କ ସହ ବାସ କରିଥିଲେ ।

**ଋଷ୍ୟଶୃଙ୍ଗ**, ବି. (ଋଷ୍ୟ=ମୃଗ-ଶୃଙ୍ଗ, ମୃଗର ଶୃଙ୍ଗ ପରି ଯାହାର ଶୃଙ୍ଗ ଅଛି) ମୁନିବିଶେଷ, ବିଭାଣ୍ଡକ ମୁନିଙ୍କ ପୁତ୍ର, ଦଶରଥଙ୍କ କନ୍ୟା ଶାନ୍ତା ଦେବୀଙ୍କ ପତି । ଏହାଙ୍କ ଇଚ୍ଛାମାତ୍ରେ ବର୍ଷା ହୁଏ । ଯଥା—

ବରଷା କରିବ ଋଷ୍ୟଶୃଙ୍ଗ ଆଗମନେ,
ବ୍ରହ୍ମଜ୍ଞାନ ପରି ଯେହ୍ନେ ଯୋଗୀନ୍ଦ୍ର ସମାନେ । ବୈ. ବ.

# ଌ

**ଌ**, ବି. ଅଷ୍ଟମ ସ୍ୱରବର୍ଣ୍ଣ; ଶିବ; ଦୈତ୍ୟ; ସ୍ୱର୍ଗ; ବାକ୍ୟାରମ୍ଭ । ସ୍ତ୍ରୀ. ଦେବ; ଅଦିତି; ଦନୁ; ଗତି; ରକ୍ଷା; ସ୍ମୃତି; ମାତା; ଅଷ୍ଟମୀ; ବାମ ନାସିକା । ଅଂ. ଭୟ; ନିନ୍ଦା ।

# ଌ

**ଌ,** ବି. ନବମ ସ୍ୱରବର୍ଣ୍ଣ । ସ୍ତ୍ରୀ. ପୃଥିବୀ; ଅଦିତି; ନବମୀ ଦେବତା; ପରମା ଦେବୀ । ପୁଂ. ପର୍ବତ; ଶ୍ରୀଧର; ରୁଦ୍ର; ବିଶ୍ୱେଶ୍ୱର; ମହେନ୍ଦ୍ର ।

# ୡ

**ୡ,** ବି. ଦଶମ ସ୍ୱରବର୍ଣ୍ଣ; ଶିବ; ହୃଷୀକେଶ; ଗଣପତି; ଆକାଶ । ସ୍ତ୍ରୀ. ଦୈତ୍ୟମାତା; ଦେବନାରୀ; ଦନୁ; କମଳା; ଦଶମୀ ।

# ଏ

**ଏ,** ଏକାଦଶ ସ୍ୱର । (ଇ = ଗମନ କରିବା-କ୍ୱିପ୍) ବିଷ୍ଣୁ । ସ୍ତ୍ରୀ. ପୃଥିବୀ । ଅଂ. ସ୍ମୃତି, ସ୍ମରଣ । ଯଥା—ଏ, ତେବେ ଅବଶ୍ୟ ଏହା କରିବାକୁ ହେବ । ସମ୍ବୋଧନ, ଆହ୍ୱାନ, ଆମନ୍ତ୍ରଣ । ଯଥା—ଏ ମହାଶୟ! ଏଆଡ଼କୁ ଆସନ୍ତୁ । ଦୟା । ଯଥା—ଏ, ଲୋକଟା କେତେ କଷ୍ଟ ପାଇଲା ଯେ! ଅସୂୟା । ଯଥା—ଏ, କଣ ଗୁଡ଼ାଏ କହୁଅଛ । (ଏତଦ୍ ଶବ୍ଦଜ) ସର୍ବଂ, ଏହା, ଏହି । ଯଥା—

ଏ ରଣ ଜିଣିଲେ ହେବୁ ତୁହି ଧନ୍ୟ । ନ. କେ.

**ଏଇ,** ଅଂ. (ଦେଶଜ) ହେଉଛି; ଅଗ୍ରସ୍ଥିତ, ସମ୍ମୁଖସ୍ଥିତ । ଯଥା—ଆର୍ଯ୍ୟପୁତ୍ର ! ଏଇ ଆସିଲ । ଶ. ନା. (ଏତଦ୍ ଶବ୍ଦଜ) ଏହି । ଯଥା—ଏଇ ଲୋକଟି ବଡ଼ ଭଲ ।

**ଏଇକ୍ଷଣି,** **ଏଇକ୍ଷୁଣି,** **ଏଇକ୍ଷିଣି,** କ୍ରି. ବିଂ. (ଏତଦ୍—କ୍ଷଣ ଏହି ଉଭୟ ଶବ୍ଦରୁ ଜାତ) ବର୍ତ୍ତମାନ ।

**ଏଇଟା,** **ଏଉଟା,** ସର୍ବଂ. (ଏତଦ୍ ଶବ୍ଦଜ) ଏହି ଅର୍ଥର ଅନାଦର ।

**ଏଇଟି,** **ଏଉଟି,** ସର୍ବଂ. (ଏତଦ୍ ଶବ୍ଦଜ) ଏହି ଅର୍ଥର ଆଦର ।

**ଏଇତା,** ସର୍ବଂ. (ଏତଦ୍ ଶବ୍ଦଜ) ଏହା ।

**ଏକ,** ସର୍ବଂ. (ଇ = ଗମନ କରିବା-କ) ଏକ ସଂଖ୍ୟା । ବିଂ. ଏକସଂଖ୍ୟାବିଶିଷ୍ଟ । ଯଥା—ଏକ ଲୋକ, ଏକ ବୃକ୍ଷ । ଏକାକୀ, କେବଳ, ଅଦ୍ୱିତୀୟ । (ଏକମେବାଦ୍ୱିତୀୟଂ ବ୍ରହ୍ମ ।) ପ୍ରଧାନ, ମୁଖ୍ୟ; ଅନ୍ୟ, ଅନ୍ୟତମ । (ଏକେ ମୁଖ୍ୟାନ୍ୟକେବଳାଃ—ଅମର ।) ପ୍ରଥମ; ସମାନ । ଯଥା—ଆପଣଙ୍କ କଥା ମୋର କଥା ଏକ ଅଟେ । (ବି. ସ୍ତ୍ରୀ-ଆ) ଦୁର୍ଗା ।

**ଏକଅ'ରକେ,** **ଏକଆରେକ,** **ଏକକୁ ଆରକ,** **ଏକକୁ ଆରେକ,** ସର୍ବଂ. କ୍ରି. ବିଂ. (ଦେଶଜ) ଜଣକୁ ଆଉ ଜଣେ ବା ଅନ୍ୟୋନ୍ୟରେ । ଯଥା—

ଏକ ଆରକେ ଯନ୍ତ୍ର ଜିଣି,
ଚରଣେ ନୂପୁର ବାଜେଣି । ଖ୍ରି. ଦ. ସ୍କ.
ଏକ ଆରେକ ପୀଡ଼ା କରି,
ଗୋଡ଼ାଇଅଛନ୍ତି ମୁରାରି । ଖ୍ରି. ଦ. ସ୍କ.
ଶୁଣି ହସିଲେ ଗୋପଲୋକେ,
କହନ୍ତି ଏକକୁ ଆରକେ । ଖ୍ରି. ଦ. ସ୍କ.
ସୁନ୍ଦରପଣକୁ ନାହିଁ ପଟାନ୍ତର
ଏକକୁ ଆରେକ ବିନା । କେ. ଗୌ.

**ଏକଇ,** ବିଂ. (ଏକଶବ୍ଦଜାତ) ଗୋଟିଏ, ଗୋଟିଏ ମାତ୍ର । ଯଥା—

ଏକଇ କୁମର ଦେଖି କୁଳାଙ୍ଗାର
ମୋଡ଼ି ମରେ ଚନ୍ଦ୍ରାନନେ । କ. ମ.

ଗୋଟିଏ; କୌଣସି । ଯଥା—

ପୁଣ୍ୟପୁର ନାମେ ଅଛି ଏକଇ ନଗର । ବେ. ପ.

**ଏକକ,** ବିଂ. (ଏକ-କ—ସ୍ୱାର୍ଥେ) ଏକାକୀ, ଅସହାୟ, ଏକଲା । (ଏକାକୀ ତ୍ୱେକ ଏକକଃ—ଅମର ।) ଏକଠାରୁ ନଅ ଅଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଅଙ୍କକୁ ଏକକ ବୋଲାଯାଏ ।

**ଏକକାଳୀନ**, ବିଂ. (ଏକକାଳ-ଈନ) ସମକାଳୀୟ, ସମସାମୟିକ । ଯଥା—ସେ ଦୁହେଁ ଏକକାଳୀନ ଥିଲେ । ଏକାଥରକେ ଘଟିଥିବା । ଯଥା—ଏକକାଳୀନ ଦାନ ।

**ଏକକୁଣ୍ଡଳ**, ବି. (ଏକ-କୁଣ୍ଡଳ) ବଳରାମ; କୁବେର । ବିଂ. ଯେ ଏକମାତ୍ର କୁଣ୍ଡଳ ପରିଧାନ କରେ ।

**ଏକଗୁୟାଁ**, ବିଂ. (ଦେଶଜ) ଅବାଧ, ଯେ ନିଷେଧ ମାନେ ନାହିଁ, ଯେ ଆପଣା କଥା ରକ୍ଷା କରିବାକୁ କାହାର ଯୁକ୍ତି ତର୍କ ମାନେ ନାହିଁ ।

**ଏକଘନ**, ବି. (ଏକଘ୍ନୀ ଶବ୍ଦର ଅପଭ୍ରଂଶ) ଶସ୍ତ୍ରବିଶେଷ । ଯଥା—

**ମୋହନା ଜଳପାଶୀ ଦହନା ଅଗ୍ନି ଶର,**
**ନାରାୟଣଅସ୍ତ୍ର ଯେ ଏକଘନ ଆବର । ନୃ. ସୁ. ଚ. ଛ.**

**ଏକଘରିଆ, ଏକଘରକିଆ**, ବିଂ. (ଦେଶଜ) ସମାଜଚ୍ୟୁତ ଅର୍ଥାତ୍ ଯାହାର ଘର ସମାଜ ମଧ୍ୟରେ ଗଣନୀୟ ନୁହେ ।

**ଏକଙ୍ଗି, ଏକଅଙ୍ଗି**, ବି. (ଦେଶଜ) ଏକପ୍ରକାର ସୁଗନ୍ଧ କନ୍ଦ, ଏହାକୁ ଅଏଁଳାରେ ମିଶାଇ ବାଟି ମୁଣ୍ଡରେ ଲଗାନ୍ତି । ବାତରୋଗବିଶେଷ ।

**ଏକଚକ, ଏକଚକଡ଼ା**, ବିଂ. (ଏକ-ଚକ୍ର-ଶବ୍ଦଜ) ଏକତ୍ର ଥିବା ବିସ୍ତୃତ ଭୂମିଖଣ୍ଡ ।

**ଏକଚକ୍ର**, ବି. (ଏକ-ଚକ୍ର) ଯାହା ଏକ ଚକ୍ରରେ ଯାଏ, ସୂର୍ଯ୍ୟଙ୍କ ରଥ । (ଏକଚକ୍ରୋ ରଥୋ ଯସ୍ୟ) (ସ୍ତ୍ରୀ-ଆ) ଗଣ୍ଡାର ନାମକ ଜନ୍ତୁ; ନଗରୀବିଶେଷ, ଏହି ସ୍ଥାନରେ ଭୀମ ବକାସୁରକୁ ନିହତ କରିଥିଲେ, ଏହିଟି ପାଟନା ଜିଲ୍ଲାର ଅନ୍ତର୍ଗତ ଆରା ନିକଟରେ ଥିବାର ଜଣାଯାଏ ।

**ଏକଚର**, ବିଂ. (ଏକ-ଚର୍ = ଗମନ କରିବା-ଅ) ଏକାକୀ, ଯେ ବିଜନ ସ୍ଥାନରେ ରହେ । (ମୁନିରେକଚରଃ ଶ୍ରୀମାନ୍ ।) ଗଣ୍ଡାର ନାମକ ଜନ୍ତୁ ।

**ଏକଚରୀ**, ବିଂ. (ଏକଚର ଶବ୍ଦଜ) ଆତ୍ମମ୍ଭରୀ; ଏକାକୀ ।

**ଏକଚୁଟିଆ, ଏକଚେଟିଆ**, ବିଂ. (ଏକତନ୍ତ୍ରିକ ଶବ୍ଦଜ) ଏକାଧୀନ ବା ଏକହାତିଆ; ରାଜାଦେଶରେ ଯେଉଁ ବାଣିଜ୍ୟରେ ଏକ ଜଣ ମାତ୍ର କରିବାର ଅଧିକାରୀ ।

**ଏକଚୁଳା, ଏକଚୁଳି**, ବି. (ଦେଶଜ) ଯେଉଁ ଘର ଉପରେ ଏକପାଖିଆ ଛପର ଥାଏ ।

**ଏକଚୁଳିଶ, ଏକଚୁଳିଶି**, ବିଂ. (ଏକଚତ୍ୱାରିଂଶ ଶବ୍ଦଜ) ୪୧ ସଂଖ୍ୟା ।

**ଏକଚୁଳିଶା ମନ୍ତ୍ର**, ବି. (ଏକଚତ୍ୱାରିଂଶ-ମନ୍ତ୍ର ଏହାର ଅପଭ୍ରଂଶ) କର୍ମକାଣ୍ଡ ଶାସ୍ତ୍ରବିଶେଷ ।

**ଏକଜ, ଏକଜାତ**, ବିଂ. (ଏକ-ଜନ୍-ଅ, ତ) ଏକ ପିତାମାତାଠାରୁ ଉତ୍ପନ୍ନ; ଏକ ସ୍ଥାନରୁ ଉତ୍ପନ୍ନ ।

**ଏକଜନ୍ମା**, ବି. (ଏକ=ପ୍ରଧାନ-ଜନ୍ମନ୍=ଜନ୍ମ) ରାଜା । (ଏକବାର ଯାହାର ଜନ୍ମ ହୁଏ ଅର୍ଥାତ୍ ଯାହାର ସାବିତ୍ରୀ ଦୀକ୍ଷା ନାହିଁ) ଅଦ୍ୱିଜ, ଶୂଦ୍ର ଜାତି ।

**ଏକଜାତି**, ବି. (ଏକ—ଜାତି = ଜନ୍ମ) ଯାହାର ଏକମାତ୍ର ଜନ୍ମ, ଶୂଦ୍ର ଜାତି ।

**ଏକଠାଏ, ଏକଠାଁଏ**, ସର୍ବଂ. କ୍ରି. ବିଂ. (ଏକ-ସ୍ଥାଧାତୁଜ) ଏକସ୍ଥାନରେ । ଯଥା—

**କାନ୍ତା ଉଚ୍ଚକୁଚପ୍ରାନ୍ତେ ବସିଛନ୍ତି**
**କୋକମିଥୁନ ଏକଠାଏ । ର. କ.**

**ଏକଣା**, ବି. (ଦେଶଜ) ଶ୍ରେଣୀ ଓ ସାହିର ପ୍ରାନ୍ତଭାଗ । ଯଥା—

**ସେ ସାହିର ଏକଣାରେ ତାର ଘର ଅଛି ।**

**ଏକତଃ**, ଅଂ. (ଏକ-ତସ୍-ପଞ୍ଚମୀ ବା ସପ୍ତମୀ ଅର୍ଥରେ ପ୍ରତ୍ୟୟ) ଏକପକ୍ଷରେ; ଏକଆଡ଼େ; ଏକଦିଗରେ; ଏକଦିଗରୁ ।

**ଏକତନ୍ତ୍ରୀ**, ବି. ସ୍ତ୍ରୀ. (ଏକ-ତନ୍ତ୍ର-ଈ) ବାଦ୍ୟଯନ୍ତ୍ରବିଶେଷ । ବିଂ. ଏକପ୍ରଭୁକ, ଏକତନ୍ତ୍ରଯୁକ୍ତ; ଏକମତାବଲମ୍ବୀ ।

**ଏକତମ**, ବିଂ. (ଏକ-ତମ—ବହୁ ମଧ୍ୟରେ ଏକର ନିର୍ଦ୍ଧାରଣାର୍ଥ ।) ଅନେକଙ୍କ ମଧ୍ୟରେ ଏକ ।

ଏକତର, ବିଂ. (ଏକ-ତର—ଦୁଇଟି ମଧ୍ୟରେ ଏକର ନିର୍ଦ୍ଧାରଣାର୍ଥେ) ଦୁଇଙ୍କ ମଧ୍ୟେ ଏକ । (ଦ୍ୱୟୋରେକତରେ ବୁଦ୍ଧିଃ ନିଯୁକ୍ତାଂ) ଭିନ୍ନାର୍ଥକ । (ଭିନ୍ନାର୍ଥକା ଏକତର ଏକସ୍ତ୍ୱୋଽନ୍ୟେତରାବପି—ଅମର ।)

ଏକତରଫ, ବି. (ଯାବନିକ) ଏକଦିଗ, ଏକପକ୍ଷ ।

ଏକତରଫିଆ, ବିଂ. ଏକପକ୍ଷାବଲମ୍ବୀ ।

ଏକତା, ବି. ସ୍ତ୍ରୀ. (ଏକ-ତା—ଭାବାର୍ଥେ) ଏକତ୍ୱ, ଐକ୍ୟ; ମିଳନ; ଅଭେଦ; ସାମ୍ୟ; ମୁକ୍ତିବିଶେଷ ।

ଏକତାନ, ବିଂ. (ଏକ-ତାନ=ବିଷୟ, ସ୍ୱରବିଶେଷ) ଏକବିଷୟରେ ଯାହାର ଦୃଢ଼ ମନଃସଂଯୋଗ ଅଛି, ଅନନ୍ୟବୃତ୍ତି, ଏକବିଷୟାସକ୍ତ । (ଏକତାନୋଽନନ୍ୟବୃତ୍ତିଃ—ଅମର ।) ବି. ଏକଯୋଗସ୍ୱର, ଲୟ ।

ଏକତାରା, ବି. (ଏକତନ୍ତ୍ରୀ ଶବ୍ଦଜ) ବୀଣାଜାତୀୟ ବାଦ୍ୟବିଶେଷ ।

ଏକତାଳ, ବି. (ଏକ-ତାଳ=ଗାନବାଦ୍ୟବିଷୟରେ କାଳ ପରିମାଣ) ସମାନ ତାଳ, ସମନ୍ୱିତ ଲୟ । (ସମନ୍ୱିତଲୟସ୍ତ୍ୱେକତାଳଃ—ଅମର ।) ଅବିଚ୍ଛିନ୍ନ ସ୍ୱର; ଅବିଚ୍ଛିନ୍ନ ନୃତ୍ୟଗୀତାଦି । (ସ୍ତ୍ରୀ-ଈ) ଏକସ୍ୱରଯୁକ୍ତ ଯନ୍ତ୍ରବିଶେଷ; ତାଳବିଶେଷ; ଗାନବିଶେଷ ।

ଏକତ୍ର, ଅଂ. (ଏକ-ତ୍ର, ସପ୍ତମୀସ୍ଥାନେ) ଏକସ୍ଥାନରେ; ଏକବିଷୟରେ; ଏକାଠି; ଏକଦିଗରେ ।

ଏକତ୍ରିଂଶ,<br>
ଏକତ୍ରିଂଶତ୍, } ବିଂ. (ଏକ-ତ୍ରିଂଶତ୍) ୩୧ ସଂଖ୍ୟା ।

ଏକତ୍ୱ, ବି. (ଏକ-ତ୍ୱ—ଭାବାର୍ଥେ) ଐକ୍ୟ; ଅଭେଦ; ସାମ୍ୟ; ମୁକ୍ତିବିଶେଷ ।

ଏକଦଂଷ୍ଟ୍ର,<br>
ଏକଦନ୍ତ, } ବି. (ଏକ-ଦଂଷ୍ଟ୍ରା=ଦନ୍ତ) ଗଣପତି, ଗଣେଶ ।

ଏକଦା, ଅଂ. (ଏକ-ଦା—କାଳାର୍ଥେ, ସପ୍ତମୀସ୍ଥାନେ) ଏକକାଳେ, ଏକସମୟରେ ।

ଏକଦୃକ୍,<br>
ଏକଦୃଶ୍,<br>
ଏକଦୃଷ୍ଟି, } ବି. (ଏକ-ଦୃକ୍, ଦୃଶ୍, ଦୃଷ୍ଟି) କାକ; ଶିବ । ବିଂ. କାଣ; ସମଦର୍ଶୀ ।

ଏକଦେଶ, ବି. (ଏକ-ଦେଶ=ସ୍ଥାନ) ଏକାଂଶ, କିଞ୍ଚିଦଂଶ; ଅବୟବ ।

ଏକଧା, ଅଂ. (ଏକ-ଧା-ପ୍ରକାରାର୍ଥେ) ଏକପ୍ରକାରେ ।

ଏକଧୁର୍,<br>
ଏକଧୁର,<br>
ଏକଧୁରା,<br>
ଏକଧୁରୀଣ,<br>
ଏକଧୁରାବହ, } ବିଂ. (ଏକ-ଧୁର୍=ଭାର-କ୍ୱିପ୍, ଏକ-ଧୁର୍-ଅ, ସ୍ତ୍ରୀ-ଆ, ଏକ-ଧୁର୍-ଈନ-ଅସ୍ତ୍ୟର୍ଥେ, ଏକଧୁରା-ବହ୍=ବହନ କରିବା-ଅ) ଏକବିଧ ଭାରବାହୀ ଗବାଦି; ଏକପିଠିଆ ଗୋରୁ । (ଉଭାବେକଧୁରୀଣୈକଧୁରାବେକଧୁରାବହେ—ଅମର ।)

ଏକନ୍ତ, ବିଂ. (ଏକାନ୍ତ ଶବ୍ଦଜ) ଏକକୁ ଆରକ ଲାଗିଥିବା, ଯେଉଁଗୁଡ଼ିକର ପ୍ରାନ୍ତଭାଗ ଅନ୍ୟୋନ୍ୟସଂଲଗ୍ନ । ଯଥା—

**ଏକନ୍ତ ହୋଇଣ ଯେବେ ଲାଗିଥିବ ତୃଣ,**<br>
ଆଡ଼କେ ଚଣ୍ଡାଳ ଥିବ ଆଡ଼କେ ବ୍ରାହ୍ମଣ । ନା. ର. ଗୀ.

ଏକପଟା, ବି. (ଏକ-ପଟ ଶବ୍ଦଜ) ଓଢ଼ଣୀ ବା ଚଦର ।

ଏକପଟିଆ, ବିଂ. (ଦେଶଜ) ଏକପଖିଆ, ଏକୁଟିଆ ।

ଏକପତ୍ନୀ, ବି. ସ୍ତ୍ରୀ. (ଏକ-ପତି=ସ୍ୱାମୀ ଯାହାର, ନ ଆଗମ) ସତୀ, ପତିବ୍ରତା; ପ୍ରଧାନ ଭାର୍ଯ୍ୟା; ସପତ୍ନୀ । (ତାଂ ଚାବଶ୍ୟଂ ଦିବସଗଣନା-ତତ୍ପରାମେକପତ୍ନୀଂ—ମେ. ଦୂ. )

ଏକପଦ, କ୍ରି. ବିଂ. (ଏକ-ପଦ=ପାଦ, ଚିହ୍ନ) ତତ୍କାଳେ, ତତ୍କ୍ଷଣେ; ଏକପଦରେ; ଏକ ଉଦ୍ୟମରେ; ଅକସ୍ମାତ୍ । ବି. ଶୃଙ୍ଗାରବନ୍ଧବିଶେଷ । ବିଂ. ଯାହାର ଗୋଟିଏ ଗୋଡ଼, ଏକଗୋଡ଼ିଆ ।

ଏକପଦିଆ, ବିଂ. (ଏକପଦ ଶବ୍ଦଜ) ଏକଗୋଡ଼ିଆ; ଶ୍ରେଣୀବଦ୍ଧ । ବି. ନାନାପ୍ରକାରମିଶ୍ରିତ କାର୍ଯ୍ୟକୁ ଶ୍ରେଣୀବଦ୍ଧ କରି ଯେଉଁ କାଗଜରେ ଲେଖାଯାଏ ।

ଏକପଦୀ, ବି. ସ୍ତ୍ରୀ. (ଏକ-ପଦୀ) ପଥ, ବାଟ, ରାସ୍ତା । (ବର୍ତ୍ମନ୍ୟେକପଦୀତି ଚ—ଅମର ।)

**ଏକପାଖ**, ବି. (ଏକପକ୍ଷ ଶବ୍ଦଜ) ଏକପାର୍ଶ୍ୱ, ଏକପକ୍ଷ ।

**ଏକପାଖିଆ**, ବିଂ. (ଏକପକ୍ଷ ଶବ୍ଦଜ) ଏକ-ପକ୍ଷରେ ଥିବା; ଏକପାର୍ଶ୍ୱରେ ଆଉଜିଥିବା ।

**ଏକପାଣିଆ**, ବିଂ. (ଦେଶଜ) ଏକ ବର୍ଷ ବାନ୍ଧିବା ହଳିଆ ବଳଦ ।

**ଏକପିଙ୍ଗ**, } **ଏକପିଙ୍ଗଳ**, } ବି. (ଏକ-ପିଙ୍ଗ, ପିଙ୍ଗଳ— ଯାହାର ଏକ ଚକ୍ଷୁର ମଧ୍ୟରେ ଏକ ପିଙ୍ଗଳବର୍ଣ୍ଣ ଚିହ୍ନ ଅଛି) କୁବେର, ଯକ୍ଷ ।

**ଏକପୁଡ଼ା**, ବି. (ଏକପୁଟ ଶବ୍ଦଜ) ବାଦ୍ୟ-ବିଶେଷ । ଯଥା—

ଦୋସର କମଭେଣ୍ଡି ପଟହ ଏକପୁଡ଼ା,
ଦୋପାଟିଆ ମହୁରୀ ବାଜଇ ଯୋଡ଼ା ଯୋଡ଼ା ।
ନୃ. ପୁ. ଦ୍ୱି. ଭ.

**ଏକପୁରିଆ**, ବିଂ. (ଦେଶଜ) ଯେଉଁମାନଙ୍କର ଦେହର ହାଡ଼ ମୋଟ ନୁହେଁ । ଯେପରି ଏକପୁରିଆ ଦେହ । ଅକାଣ୍ଡିଆ—କେବଳ ଗୁଡ଼ଳ ଶବ୍ଦରେ ପ୍ରଯୋଜ୍ୟ । ଯେପରି— ଏକପୁରିଆ ଗୁଡ଼ଳ ।

**ଏକବାଗି**, } **ଏକବାଗୀ**, } **ଏକବାଗିଆ**, } ବିଂ. (ଦେଶଜ) ମନୁଆ, ଏକଗୁଁଆ ।

**ଏକବନ୍ନୀ**, ବିଂ. ସ୍ତ୍ରୀ. (ଏକବର୍ଣ୍ଣୀ ଶବ୍ଦର ଅପଭ୍ରଂଶ) ଏକବର୍ଣ୍ଣବିଶିଷ୍ଟା (ଗାଈ) ।

**ଏକବୁଝା**, ବିଂ. (ଦେଶଜ) ଅେଣ୍ଟା ଅର୍ଥାତ୍ ଯେ ପ୍ରଥମେ ଯାହା ବୁଝିଥାଏ ତାହା ନିଶ୍ଚୟ କରି ଆଉ କିଛି କିଏ କହିଲେ ଶୁଣେ ନାହିଁ ।

**ଏକଭକ୍ତ**, ବି. (ଏକ-ଭକ୍ତ=ଭୋଜନ, ଯହିଁରେ ଏକବାର ମାତ୍ର ଭୋଜନ କରିବାକୁ ହୁଏ) ବ୍ରତବିଶେଷ । ବିଂ. ଯେ ଏକବାରମାତ୍ର ଭୋଜନ କରେ; ପ୍ରଧାନ ଭକ୍ତ, ଅଦ୍ୱିତୀୟ ଭକ୍ତ ।

**ଏକଧାଙ୍କ**, ବିଂ. (ଦେଶଜ) ବିଚାରହୀନ । ଯଥା—

ଶ୍ରୀକୃଷ୍ଣ ଉଚ୍ଚ ହେଲେ ଜାଣନ୍ତି ଗୁଣ୍ଡବ କ,
ବୁଝିଲେ ଗଉଡ଼ ଲୋକେ ଜାଣ ଏକଧାକ । ନୃ.ପୁ.ସ.ଭ.

**ଏକମୁନା**, } **ଏକମୁନିଆ**, } ବି. (ଦେଶଜ) ଶସ୍ତ୍ରବିଶେଷ । ଯଥା—

ଅବା ସେ ବିରହ-ରୁଧିରେ ଲୋହିତ
ମଦନର ଏକମୁନା । ପାର୍ବତୀ ।

**ଏକଯଷ୍ଟିକା**, ବି. ସ୍ତ୍ରୀ. (ଏକ-ଯଷ୍ଟିକା) ଏକାବଳୀ, ହାରବିଶେଷ । (ଏକାବଳ୍ୟେକଯଷ୍ଟିକା—ଅମର ।)

**ଏକରଙ୍ଗି**, ବି. (ଏକ-ରଙ୍ଗ-ଏଥିରୁ ଜାତ) ଏକ ପ୍ରକାର ବୈଦେଶିକ ଖେଳ, ସାରଖେଳ-ବିଶେଷ । ସାର ଗୋଳାଇ ଭଙ୍ଗି କାଟିବା ସମୟରେ ଯେଉଁ ରଙ୍ଗର ସାର ଉପରେ ରହେ, ସେହି ରଙ୍ଗର ବାଜି ଅର୍ଥାତ୍ ରଜା ସାର ଯାହାଙ୍କ ହାତକୁ ଯାଏ ସେ ପ୍ରଥମେ ଖେଳିବେ । ଏଥିରେ ଦସ୍ତ ଖେଳ ପରି ସାର ହୁକୁମ ହୁଏ । ଯାହାଙ୍କ ହାତରେ ତୁଲ୍ୟ ରଙ୍ଗ ସାର ନ ଥାଏ ସେ ଲୋକଟି ଖେଳୁଥିବା ଲୋକ ମାଗିବା ସାରଟିକୁ ବାଧ ହୋଇ ଦେବେ ।

**ଏକରାର**, ବି. (ଯାବନିକ) ସ୍ୱୀକାର ।

**ଏକରାରନାମା**, ବି. (ଯାବନିକ) ଅଙ୍ଗୀକାର-ଲିପି ।

**ଏକରୂପ**, ବିଂ. (ଏକ=ସମାନ-ରୂପ) ସମାନ ରୂପ, ତୁଲ୍ୟ ରୂପ ।

**ଏକଲ**, ବିଂ. ( ଏକ-ଲ-ଅସହାୟାର୍ଥେ ) ଏକାକୀ, ଏକୁଟିଆ ।

**ଏକଲା**, ବିଂ. (ଏକଲ ଶବ୍ଦଜ ) ଏକାକୀ, ଅସହାୟ ।

**ଏକଲାଖାଜି**, ବି. ( ଦେଶଜ—ଗଞ୍ଜାମୀ ) ଗାତରେ ପକାଇ ପକାଇ ଖେଳିବା ବାଟି ଖେଳର ପ୍ରଥମ ଆଘାତ ।

**ଏକଲେଇ**, ବି. ( ଦେଶଜ ) ଉଢ଼ଣୀ ବା ଏକପଟା ଚଦର ।

**ଏକବାକ୍ୟ**, ବି. (ଏକ-ବାକ୍ୟ) ଏକ କଥା । ବିଂ. ଏକମତ, ଏକମତାବଲମ୍ବୀ; ଏକ-ପରାମର୍ଶୀ ।

**ଏକବିଂଶତି**, ବିଂ. (ଏକ-ବିଂଶତି) ୨୧ ସଂଖ୍ୟା ।

**ଏକଶେଷ**, ବି. (ଏକ-ଶେଷ) ଦ୍ୱନ୍ଦ୍ୱ ସମାସର ପ୍ରକାରଭେଦ; ଶେଷସୀମା; ଉତ୍କର୍ଷ । ବିଂ. ଅତିଶୟ, ଅତ୍ୟନ୍ତ ।

ଏକଷଠି, ଏକସଠି, } ବିଂ. (ଏକଷଷ୍ଟି ଶବ୍ଦଜ) ୬୧ ସଂଖ୍ୟା ।

ଏକଷଷ୍ଟି, ବି. (ଏକ-ଷଷ୍ଟି) ୬୧ ସଂଖ୍ୟା ।

ଏକସର, ବିଂ. (ଦେଶଜ) ଏକାକୀ, ଅସହାୟ ।

ଏକସର, ବି. (ଦେଶଜ) ଅସ୍ତ୍ରବିଶେଷ । ଯଥା—

**ଶରୀରେ ଶୋଭଇ ମୟୂରକଣ୍ଠା ଢାଲ,**
**ଶବର ରୂପ ପ୍ରାପ୍ତେ ଭୁଲଇ ଏକସର । ସା. ଭା. ବ.**

ଏକସର୍ଗ, ବିଂ. (ଏକ = ଏକ ବିଷୟେ-ସର୍ଗ = ନିଶ୍ଚୟ) ଏକାଗ୍ରଚିତ୍ତ । (ଅପ୍ୟେକସର୍ଗ ଏକାଗ୍ର୍ୟଃ—ଅମର ।)

ଏକସ୍ତରି, ଏକସ୍ତୋରି, ଏକସତୁରି, ଏକସତୋରି, } ବିଂ. (ଏକସପ୍ତତି ଶବ୍ଦଜ) ୭୧ ସଂଖ୍ୟା । ଯଥା—

**ତୈଲୋକ୍ୟନାଥ ଏହି ଅମର ଭୁବନକୁ,**
**ଭୋଗ ସେ କଲେ ଏକସ୍ତରି ଗଣ୍ଡା ଯୁଗକୁ । ସା.ଭା.ଆ.**

ଏକହାତିଆ, ବିଂ. (ଦେଶଜ) ଏକାଧୀନ ।

ଏକହାୟନୀ, ଏକବର୍ଷିକା, } ବି. ସ୍ତ୍ରୀ. (ଏକ-ହାୟନ = ବତ୍ସର, ଯାହାର ଏକ ବର୍ଷ ବୟଃକ୍ରମ) ଏକବର୍ଷବୟସ୍କା ଗବୀ, ଏକ ବର୍ଷର ବାଛୁରୀ ।

ଏକହାରା, ବିଂ. (ଦେଶଜ) କୃଶ, ଦୁର୍ବଳ-ଶରୀର ।

ଏକା, ବିଂ. ( ଏକାକୀ ଶବ୍ଦଜ ) ଏକାକୀ, ଅସହାୟ । ଯଥା—

**ଏହି ମୁଖେ ବନେ ବନେ ଗଲି ଏକା । ନ. କେ.**

କେବଳ । ଯଥା—

**ରାଜା ରାଣୀଙ୍କର ନନ୍ଦନୀ ପ୍ରାପତ,**
**ଇଚ୍ଛାକୁ ଏକା ନ ଛାଡ଼ଇ ଚିତ୍ତ । କୋ. ବ୍ର. ସୁ.**

( ଏକ ଶବ୍ଦଜ ) ଏକ ବା ଗୋଟିଏ । ଯଥା—

**ଏକା ନିମିଷକେ ତିନିଲୋକଯାକ**
**ସଂହାର ପାରଇଟି ତାଙ୍କର ଶାୟକ । କୃ.ଭା.ବ.ପ.**

ଗଞ୍ଜପା ସାରରେ ଗୋଟିଏ ଟିପଯୁକ୍ତ ସାର ।

ଏକାକଡ଼କେ, ଏକାକଡ଼କରେ, } କ୍ରି. ବିଂ. (ଦେଶଜ) ଏକ ପାଖରେ, ଏକପାର୍ଶ୍ୱରେ । ଯଥା—ତାର ଆଜି ଏତେ ନିଦ ଯେ ଏକା କଡ଼କେ ରାତି ପୁଆଇ ଦେଲା ।

ଏକାକୀ, ଏକାକିନ୍, } ବିଂ. ( ଏକ-ଆକିନ୍-ଅସହାୟାର୍ଥେ ) ଯାହାର ସଙ୍ଗରେ କେହି ନାହିଁ, ଏକଲା ।

ଏକାକେ, କ୍ରି. ବିଂ. (ଏକାକୀ ଶବ୍ଦଜ) ଏକାନ୍ତ-ରୂପେ, ଏକୁଟିଆ ହୋଇ । ଯଥା—

**ଏତେ ବୋଲି ମନକୁ ନବେଣୀ ବିଷ୍ଣୁ ଠାରେ,**
**ଏକାକେ ବସି ସୁମରେ ରାମ କୃଷ୍ଣ ହରେ ।**
**ନୃ. ପୁ. ପ୍ର. ତ.**

ଏକାଗ୍ର, ଏକାଗ୍ର୍ୟ, } ବିଂ. (ଏକ-ଅଗ୍ର-ଯ— ଯାହାର ଅଗ୍ରରେ ଏକ ମାତ୍ର ଅଛି) ଏକ ବିଷୟରେ ଆସକ୍ତ, ଏକମନା, ଏକତାନ । ଯଥା—ଏକାଗ୍ରଚିତ୍ତରେ କାର୍ଯ୍ୟ କଲେ ଅବଶ୍ୟ ସିଦ୍ଧି ଲଭ କରିବ । ସ୍ୱସ୍ଥ, ଅନାକୁଳ । (ଅନାକୁଳେଽପି ଚୈକାଗ୍ରଃ—ଅମର ।)

ଏକାଘାନ୍ତ, ଏକଘାନ୍ତ, } କ୍ରି. ବିଂ. (ଦେଶଜ) ଏକ-କ୍ଷଣରେ । ଯଥା—

**ତ୍ରେତୟାଯୁଗେ ସେ ହୋଇଲ ମହାକ୍ଷତି,**
**ସେତୁବନ୍ଧ ପର୍ବତେ ବାନ୍ଧିଲ ଏକାଘାନ୍ତ । ସା. ଭା. ଆ.**

ଏକାଟିଆ, ବିଂ. (ଦେଶଜ) ଏକାକୀ ।

ଏକାଠି, ଏକାଠିଁ, ଏକାଠେଇ, } ସର୍ବଂ. କ୍ରି. ବିଂ. (ଦେଶଜ) ଏକ ସ୍ଥାନରେ । ଯଥା—

**ବାଘ ଛାଗ ପାଣି ଏକାଠି ପିଅନ୍ତି,**
**ଧନ୍ୟ ଧନ୍ୟ ଧନ୍ୟ ପ୍ରତାପ ଭୂମ୍ପତି । କ. ମ.**

ଏକତ୍ର ବା ମୋଟ । ଯଥା—ତୃଣ ସବୁ ଏକାଠି କଲେ ରଜ୍ଜୁ ହୁଏ ।

ଏକାଣୋଇ, ଏକାନବେ, ଏକାଁଣୋଇ, } ବିଂ. ( ଏକନବତି ଶବ୍ଦଜ) ୯୧ ସଂଖ୍ୟା ।

ଏକାଣ୍ଡ, ବି. (ଏକ-ଅଣ୍ଡ = ବୃଷଣ) ଅଶ୍ୱ ।

ଏକାଥରକେ, କ୍ରି. ବିଂ. (ଦେଶଜ) ଯୁଗପତ୍, ଏକାବେଳକେ; ଥରେ ମାତ୍ର ।

ଏକାଦଶ, ବିଂ. (ଏକ-ଦଶନ୍ = ଦଶ) ୧୧ ସଂଖ୍ୟା । ( ଏକାଦଶନ୍-ଅ-ପୂରଣାର୍ଥେ ) ଏକାଦଶର ପୂରଣ ।

ଏକାଦଶୀ, ବି. ସ୍ତ୍ରୀ. (ଏକାଦଶ-ଈ) ଏକାଦଶ ସଂଖ୍ୟାର ପୂରଣୀ ତିଥି, ହରିବାସର ।

ଏକାଦନବିଂଶତି, ବିଂ. ସ୍ତ୍ରୀ. (ଏକ-ଆଦୁକ୍ = ନ୍ୟୂନାର୍ଥେ, ନ ଆଗମ) ଏକୋନବିଂଶତି ।

ଏକାଦିକ୍ରମ, ବି. (ଏକ-ଆଦି-କ୍ରମ) ଅନୁକ୍ରମ, ଆନୁପୂର୍ବିକ ।

ଏକାଦୁଶୀ, ବି. ସ୍ତ୍ରୀ. ( ଏକାଦଶୀ ଶବ୍ଦଜ ) ତିଥିବିଶେଷ, ହରିବାସର ।

ଏକାନ୍ତ, ବିଂ. (ଏକ-ଅନ୍ତ = ଶେଷ) ଅତ୍ୟନ୍ତ, ଅତିଶୟ, ନିତାନ୍ତ । (ତୀବ୍ରୈକାନ୍ତ-ନିତାନ୍ତାନି—ଅମର । ) ଅବଧାରିତ; ଯେ ସ୍ଥଳରେ କେବଳ ଏକ ବ୍ୟକ୍ତି ଥାଏ, ନିର୍ଜନ । ଯଥା—

ଏକାନ୍ତେ ସୁକାନ୍ତ ତନୁକା-ତୀରେ ଶୈଳ-ବିହାର
ଶ୍ରୁତ ଦେବୀଦ୍ୱାର ଚଣ୍ଡିକା ବନେ ସିଂହଦୁଆର । ଚ. ଭି.

ଏକାନ୍ତତଃ, କ୍ରି. ବିଂ. ( ଏକାନ୍ତ-ତସ୍ ) ଏକାନ୍ତରେ, ନିର୍ଦ୍ଦିଷ୍ଟରେ ।

ଏକାନ୍ନ, ବିଂ. (ଏକ-ଅନ୍ନ-ବହୁବ୍ରୀହି ସମାସ) ଏକତ୍ର ଅନ୍ନଭୋକ୍ତା, ସହଭୋଜୀ, ସଂସୃଷ୍ଟ; ଏକଭୋଜୀ, ଥରେ ଯେ ଭୋଜନ କରେ । ବି. ବ୍ରତବିଶେଷ; ଏକଭକ୍ତ ବ୍ରତ; ଏକ-ପାକ, ଏକ ରୋଷେଇ ।

ଏକାବନ, ବିଂ. (ଦେଶଜ) ୫୧ ସଂଖ୍ୟା ।

ଏକାବେଳେ, ଏକାବେଳକେ, } କ୍ରି. ବିଂ. (ଦେଶଜ) ଏକ-ସମୟରେ, ଏକାଥରକେ । ଯଥା—

ବେନି ଦିନ ଏକ ରଜନୀ ମଧ୍ୟରେ
ଏକାବେଳକେ ଦେଖାଇଲା । ପ୍ରେ. ସୁ. ନି.
ମଣ୍ଡି ଆକାଶେ ଏକାବେଳେ ପ୍ରକାଶେ
କିବା ଅନେକ ସୌଦାମିନୀ । ଲ. ବ.

ଏକାବ୍ଦା, ବି. ସ୍ତ୍ରୀ. (ଏକ-ଅବ୍ଦ—ଯାହାର ଏକ ବର୍ଷ ବୟଃକ୍ରମ) ଏକବର୍ଷ ବୟସ୍କା ଗାଈ, ଏକ ବର୍ଷର ବାଛୁରୀ ।

ଏକାମୁହାଁ, ବିଂ. (ଏକ-ମୁଖ-ଏଥିରୁ ଉତ୍ପନ୍ନ) ପ୍ରଧାନ, ସର୍ବ ମଧ୍ୟେ ଶ୍ରେଷ୍ଠ ।

ଏକାମୁହାଁକେ, କ୍ରି. ବିଂ. ( ଦେଶଜ ) ଏକା-ବେଳକେ ।

ଏକାମ୍ର, ବି. (ଏକ-ଆମ୍ର) ଗୋଟିଏ ପବିତ୍ର ତୀର୍ଥ ସ୍ଥାନ, ଭୁବନେଶ୍ୱର ତୀର୍ଥ । ଯଥା—

ଉକ୍ତ ସେ ଭୁବନଈଶ୍ୱରୀ ହେମଗିରିବାସିନୀ ।
ଏକାମ୍ର କାନନ ଦେବତା ବନପୁଷ୍ପଶୋଭିନୀ । ଚ. ଭି.

ଏକାୟନ ବିଂ. (ଏକ-ଅୟନ = ଗମନ, ବିଷୟ) ଏକାଗ୍ର, ଏକବିଷୟାସକ୍ତ, ଏକତାନ । ( ଏକତାନୋଽନନ୍ୟବୃତ୍ତିରେକାଗ୍ରୈକାୟ-ନାବପି—ଅମର । ) ଏକମାତ୍ର ଅବଲମ୍ବନୀୟ । (ଏବମେକାୟନଂ ଧର୍ମ ।) ଏକମାତ୍ର ଗମନଯୋଗ୍ୟ । ( ଅସ୍ତି ଏକାୟନେ ମାର୍ଗେ କଦଳୀଷଣ୍ଡମଣ୍ଡିତେ । )

ଏକାୟନଗତ, ବିଂ. (ଏକାୟନ-ଗମ୍-ତ ) ଏକାଗ୍ର, ଏକବିଷୟାସକ୍ତ, ଏକତାନ । ( ଅପ୍ୟେକସର୍ଗ ଏକାଗ୍ର୍ୟୋଽପ୍ୟେକାୟନ-ଗତୋଽପିଚ—ଅମର । )

ଏକାବଳୀ, ବି. ସ୍ତ୍ରୀ. (ଏକ-ଆବଳୀ = ଶ୍ରେଣୀ) ଏକସରିଆ ହାର; ଏକାଦଶାକ୍ଷରବିଶିଷ୍ଟ ଛନ୍ଦୋବିଶେଷ; ଅର୍ଥାଲଂକାରବିଶେଷ ।

ଏକାଶି, ଏକାଶୀ, ଏକାଅଶୀ, } ବିଂ. (ଏକାଶୀତି ଶବ୍ଦଜ) ୮୧ ସଂଖ୍ୟା ।

ଏକାହ୍ନିକ, ବିଂ. (ଏକ-ଅହନ୍-ଇକ) ଏକ-ଦିନସାଧ୍ୟ, ଏକଦିନେ ଉତ୍ପାଦ୍ୟ । ଯଥା—ଏକାହ୍ନିକ ଜ୍ୱର ।

ଏକି, ଅଂ. (ଏତଦ୍ ଓ କିଂ ଶବ୍ଦରୁ ଉତ୍ପନ୍ନ) ଆଶ୍ଚର୍ଯ୍ୟ । ବିଂ (ଏକ ଶବ୍ଦଜ) ତୁଲ୍ୟ, ସମାନ ।

ଏକୀକରଣ, ବି. (ଏକ-ଚ୍ୱି-ଅଭୂତତଦ୍ଭାବାର୍ଥେ-କୃ-ଅନ) ଏକତ୍ର ସଂସ୍ଥାପନ, ବହୁଦ୍ରବ୍ୟ ଏକତ୍ର ଯୋଗ କରି ରଖିବା ।

ଏକୀଭବନ, ବିଂ (ଏକ-ଚ୍ୱି-ଅଭୂତ ତଦ୍ଭା-ବାର୍ଥେ-ଭୂ-ଅନ) ଏକତ୍ର ମିଳିତ ହେବା, ଏକତ୍ୱ ।

ଏକୀଭାବ, ବି.(ଏକ-ଚ୍ୱି-ଅଭୂତ ତଦ୍ଭାବେ-ଭୂ-ଅ) ଏକତ୍ୱ, ଏକତ୍ର ମିଳିତ ହେବା ।

ଏକୀୟ, ବିଂ. (ଏକ-ଈୟ-ଭାବାର୍ଥେ) ଏକପକ୍ଷାବଲମ୍ବୀ, ସହାୟ; ଏକସମ୍ବନ୍ଧୀୟ ।

ଏକୁ, କ୍ରି. ବିଂ. (ଦେଶଜ) ପ୍ରଥମତଃ । (ଏକେ ଶବ୍ଦ ଦେଖ ।)

ଏକୁଆ, ବିଂ. (ଦେଶଜ) ଦିନାନ୍ତରେ ଆକ୍ରମଣକାରୀ (ଜ୍ୱର) । ଯଥା—

ରୁଷିକର ବାପା ଗ୍ରୁଣ୍ଡିଲେ ଘର,
ମାଆକୁ କଲଣି ଏକୁଆ ଜର । ଛ. ସା. ୮. ୮.

ଏକୁଏକ, ଏକୁଆରେ, ଏକୁଆରେକ, ଏକକୁଆରେକ, ଏକୁଆରେକେ, } କ୍ରି. ବିଂ. (ଦେଶଜ) ଅନ୍ୟୋନ୍ୟରେ । ଯଥା—

ବଳବନ୍ତ ଏକୁ ଏକ, ଆଜ୍ଞାକୁ ମଲ୍ଲ ଅନେକ
ଯତ୍ନେ ଓଟାର ଆଣିଲେ ମନ୍ତ୍ରୂପ ଗୋଟି । ବୈ. ବ.
ବୋଲନ୍ତି ଏକୁ ଆରେ ଗୃହି,
ଅମ୍ଭେ ଗୋ କ କରିବୁଁ ସହି । ଭା. ଦ. ସ୍କ.
ଏକୁ ଆରେକେ ପ୍ରହାରିଲେ ।
ଅନେକ ଅସୁର ମାଇଲେ । ଭା. ଦ. ସ୍କ.

ଏକୁଟିଆ, ବିଂ. (ଦେଶଜ) ଏକାକୀ ।

ଏକୁନ, ବିଂ. (ଦେଶଜ) ମୋଟ ବା ଠୁଳ, ସମୁଦାୟ ।

ଏକେ, ଏକୁ, } କ୍ରି. ବିଂ. (ଦେଶଜ) ପ୍ରଥମତଃ । ଯଥା—

ଏକେ ସୁନ୍ଦର ଗିରି ଝର-ଶୀତଳ ।
ଦୁଜେ ମହୀରେ ବିଜେ ବରଷାକାଳ । ରୁ. ସୁ.
ଏକୁ ମହାବଳଆର ବେନି ଗଦା ହସ୍ତେ ।
ବାଆନ ବାଆନ ଭାର ଗଦା କ ପର୍ବତେ । ସା. ଭା. ଆ.

ଏକୋଇଶ, ଏକୋଇଶି, } ବିଂ. (ଏକବିଂଶ ଶବ୍ଦଜ) ୨୧ ସଂଖ୍ୟା ।

ଗରୁଡ଼ପୁରାଣ ଏକୋଇଶ ସର୍ଗ ଲେଖି । ନା. ର. ଗୀ.

ଏକୈକ, କ୍ରି. ବିଂ. (ଏକ-ଏକ) ଗୋଟିଏ ଗୋଟିଏ, ଏକା ଏକା ।

ଏକୈକଶଃ, କ୍ରି. ବିଂ. (ଏକୈକ-ଶସ୍) ଏକ ଏକ କରି, ପର୍ଯ୍ୟାୟକ୍ରମେ ।

ଏକୋଦକ, ବିଂ. (ଏକ-ଉଦକ) ଊର୍ଦ୍ଧ୍ୱତନ ସପ୍ତମ ପୁରୁଷ ପର୍ଯ୍ୟନ୍ତ ଗୋତ୍ରଜ ।

ଏକୋଦର, ବି. (ଏକ-ଉଦର) ସହୋଦର, ଭ୍ରାତା; ସମାନ ଉଦର ।

ଏକୋଦ୍ଦିଷ୍ଟ, ବି. ବିଂ. (ଏକ-ଉଦ୍ଦିଷ୍ଟ) ଏକ ବ୍ୟକ୍ତିର ଉଦ୍ଦେଶରେ ଯେ ଶ୍ରାଦ୍ଧ କରାଯାଏ ।

ଏକ୍ଷଣି, ଏକ୍ଷଣେ, } କ୍ରି. ବିଂ. (ଏତତ୍କ୍ଷଣ ଶବ୍ଦଜ) ଏବେ, ଏ ସମୟରେ । ଯଥା—

ଇଷି ସେ କଥା ସୁମର ।
ଏକ୍ଷଣି ପ୍ରେମ ଟାଙ୍କୁର । ଲ. ବ.

ଏଗାର, ବିଂ. (ପ୍ରାକୃତ-ଏଗାରହ ଶବ୍ଦରୁ ଜାତ) ୧୧ ସଂଖ୍ୟା । ଯଥା—

ଏକରେ ଏକ ସ୍ଥାପି ଏଗାର ତେବେ ହୋଇ ।
ଏକଧନ ଶବଦ ଅଙ୍କରୁ ପ୍ରବର୍ତ୍ତିଇ । ନୃ. ପୁ. ଭୃ. ତ.

ଏଗ୍ରିମେଣ୍ଟ, ବି. (ଇଂରାଜି ଶବ୍ଦ) ଏକପ୍ରକାର ନିୟମପତ୍ର, ଚୁକ୍ତିପତ୍ର ।

ଏଘାନ୍ତି, ଅଂ. (ଦେଶଜ) ଏଥରକ । ଯଥା—

ଏଘାନ୍ତିକ ପାଲ ଭାତ ମୋତେ ଦେଇ ଶୁଅ,
ଏଜାଆକୁ ପିତା ମନେ ତୁ ଆନ ନ ବୁଝ । ସା. ଭା. ଆ.

ଏକ୍ଷଣି । ଯଥା—

ଆହେ ଏଘାନ୍ତି ସେ ଖିର ଖାଇବା ସମସ୍ତେ ।
ଦୁଇ ପଦ୍ମ ଗାଈ ଆଣୁଅଛଇ କି ଗର୍ତ୍ତେ । ସା. ଭା. ବ.

ଏଜନ, ବି. (ଏଜ୍=କମ୍ପିତ କରିବା-ଅନ) କମ୍ପନ, ଉତ୍ତେଜନ । ସର୍ବଂ. (ଯାବନିକ) ଏ, ଏହା, ଏହି ।

ଏଜଲସ, ବି. (ପାର୍ସି) କଚେରୀ ।

ଏଜାତି, ଏଜାତିକା, ଏଜାତିଆ, } ସର୍ବଂ. (ଦେଶଜ) ଏହିପରି । ଯଥା—

ସ୍ଥଳକମଳେ କେତେ ରୂପର ଖାତ ।
ନିର୍ଗୁଣ ହେଲେ ଲୋକ ହୁଏ ଏଜାତ । ରୁ. ସୁ.

ଏଜହାର, ଇଜେହାର, ଇଜାହାର, } ବି. (ଯାବନିକ) ପ୍ରକାଶକରଣ, କୌଣସି ବିଷୟ ବିଚାରପତିଙ୍କ ନିକଟରେ ପ୍ରକାଶ କରିବା ।

ଏଠା, ବି. ବିଂ. (ଏତଦ୍ ଶବ୍ଦ ଓ ସ୍ଥା ଧାତୁରୁ ଉତ୍ପନ୍ନ) ଏସ୍ଥାନ, ଏସ୍ଥାନର ।

ଏଠାଁଇ, କ୍ରି. ବିଂ. (ଦେଶଜ) ଏସ୍ଥାନରେ ।

ଏଠାକାର, ବି. (ଦେଶଜ) ଏହିସ୍ଥାନର ।

ଏଠି, } ଅଂ. (ଏତଦ୍-ସ୍ଥା ଧାତୁଜ) ଏଠିଁ, } ଏସ୍ଥାନରେ ।

ଏଠେଇଁ, } ଅଂ. (ଦେଶଜ) ଏହିଠାରେ । ଏଇଠେଇଁ,

ଏଡ଼, ବିଂ. (ଆ-ଈଡ଼ = ସ୍ତୁତି କରିବା-ଅ, କିମ୍ବା ଇଳ୍ = କ୍ଷେପଣ କରିବା-ଅ, ଳ = ଡ଼) ବଧିର, କାଲ । (ସ୍ୟାଦେଡ଼େ ବଧିରଃ—ଅମର ।) ମେଷ ।

ଏଡ଼କ, ବି. (ଇଳ୍ = ଗମନ କରିବା-ଅକ, ଳ = ଡ଼) ମେଷ, ମେଣ୍ଢା; ବନ୍ୟ ଛାଗ ।

ଏଡ଼ଗଜ, } ବି. ଏକପ୍ରକାର ଗୁଳ୍ମ, ଚକୁଣ୍ଡା ଏଳଗଜ, } ଗଛ । (ପ୍ରପୁନ୍ନାଡ଼ସ୍ତ୍ୱେଡ଼ଗଜଃ —ଅମର ।)

ଏଡ଼ମୂକ, ବି. (ଏଡ଼ = ବଧିର-ମୂକ) ବାଗିନ୍ଦ୍ରିୟ ଓ ଶ୍ରବଣେନ୍ଦ୍ରିୟରହିତ, ଯାହାର କହିବା ଓ ଶୁଣିବାର ଶକ୍ତି ନାହିଁ । (ଏଡ଼ମୂକସ୍ତୁବକ୍ତୁଂ ଶ୍ରୋତୁମଶିକ୍ଷିତେ—ଅମର ।)

ଏଡ଼ା, ବି. (ଦେଶଜ) ତ୍ୟାଗ, ବର୍ଜନ ।

ଏଡ଼ାଇବା, କ୍ରି. (ଦେଶଜ) ଛଡ଼ାଇବା କିମ୍ବା ଦୂର କରାଇବା । ଯଥା—

ଦଣ୍ଡଦଣ୍ଡକେ ଉଦଣ୍ଡ ଫୁଲକାଣ୍ଡ
ଦଣ୍ଡ ସୁଖ ଏଡ଼ାଇଲାଣି । ବୃ. ଚ. ମ.

ଏଡ଼କ, ବିଂ. (ଦେଶଜ) ଏତେ, ଏତାବତ୍ ପରିମିତ । ଯଥା—

ଏଡ଼କ ଅଗ୍ରାହ୍ୟବନ୍ତ ମୁଁ ସେ ବାଳା
ହୋଇଛୁ ଅନ୍ତର । ଲ. ବ.

ଏଡ଼ିବା, କ୍ରି (ଦେଶଜ) ତ୍ୟାଗ କରିବା । ଯଥା—

ଦେଖ ଏ ପୁଣ୍ୟଭୂମି ଛାଡ଼ି ।
ଋଷି ବ୍ରାହ୍ମଣ ସଙ୍ଗ ଏଡ଼ି । ଭା. ଦ. ସ୍କ.

ଅତିକ୍ରମ କରିବା । ଯଥା—

ତୁମ୍ଭେ ଭଲ କଥା ଦେଇଥିଲ ହେଲେ ଏଡ଼ି । ଚି.ବ.

ବିଂ. ତ୍ୟକ୍ତ । ବି. ତ୍ୟାଗ ।

ଏଡ଼ୂକ, } ବି. (ଈଡ଼୍ = ସ୍ତବ କରିବା, ନିକ୍ଷେପ ଏଡ଼ୁକ, } କରିବା, ପ୍ରେରଣ କରିବା- ଏଡ଼ୋକ, } ଊକ, ଉକ-ନିପାତନ) ଦୃଢ଼ ହେବ ବୋଲି ଯେଉଁ ଭିତ୍ତିର ଅନ୍ତରେ ଅସ୍ଥି ନ୍ୟସ୍ତ ହୋଇଥାଏ, ଅନ୍ତର୍ନ୍ୟସ୍ତାସ୍ଥି କୁଡ଼୍ୟ । (ଭିତ୍ତିଃ ସ୍ତ୍ରୀ କୁଡ଼୍ୟମେଡ଼ୂକଂ ଯଦନ୍ତର୍ନ୍ୟସ୍ତ କୀକସଂ—ଅମର ।) (ଭବଦେଡ଼ୋକମେଡ଼ୂକଂ—ଦ୍ୱିରୂପକୋଷ ।) ଭିତ୍ତି; ହିଂସା; ଶ୍ମଶାନଚୈତ୍ୟ; ସମାଧି ମନ୍ଦିର । (କଲୌ ଏଡ଼ୂକାନ ପୂଜୟିଷ୍ୟନ୍ତି ବର୍ଜୟିଷ୍ୟନ୍ତି ଦେବତାଃ)

ଏତେ, } ଅଂ. (ଏତାବତ୍ ଶବ୍ଦଜ) ପରିମାଣ- ଏତେକ, } ବୋଧକ । ଯଥା—

ହସିଲା ଖସିଲା ବଢ଼ିଲାକୁ କାହ୍ନୁ
ହେଲୁ ଏତେ ଅପାଠିଆ । ବୃ. ଚ. ମ.

ଏମନ୍ତ ଦେଖିଣ ଭୃଗୁ ଦେଲେକ ଶାପ ।
ବ୍ରହ୍ମ ଅକାରଣେ କଲ ଏତେକ ପାପ । ବ. ସ୍ୱ.

ଏଣ, } ବିଂ. (ଦେଶଜ) ଏହି ଆଡ଼ର କିମ୍ବା ଏଣି, } ଏ । ଯଥା—

ଏଣକୂଳେ ମଠ କରି ତେଣକୂଳେ ତପ,
ମହାବ୍ରହ୍ମ ଦେବଋଷି ହୃଦେ ନାହିଁ ପାପ । ନା.ର.ଗୀ.

ଏଣ, } ବି. (ଇ = ଗମନ କରିବା-ଣ, ଏଣକ, } କ-ସ୍ୱାର୍ଥେ) ମୃଗ, ହରିଣ । (ସ୍ତ୍ରୀ-ଈ) ହରିଣୀ ।

ଏଣିକି, ଅଂ. (ଦେଶଜ) ଏଆଡ଼କୁ । ଯଥା—

ଏଣିକି ଥରେ ଗ୍ରହଁ । ରେ, ମୋ ପ୍ରିୟସଙ୍ଗିନି !

ଏ ଉତ୍ତାରୁ, ଅତଃପର । ଯଥା—

କଥାକଥାକେ ଏଣିକି ଭିଆଇବା ଛନ୍ଦ । ଲ. ବ.

ଏଣୁ, } ଅଂ. (ଦେଶଜ) ଏ ହେତୁରୁ । ଏଣୁକରି, } ଯଥା—

ଏଣୁ କ୍ଷେକ ନରେନ୍ଦ୍ର ପଦ ତ ସମ୍ଭାବନ୍ତ,
ବିନାଶ ଭୁଜଙ୍ଗ ଦୋଷ ତାକୁ କେତେମାନ ।
କୋ. ବ୍ର. ସୁ.

ଏଣୁକରି ରାମଚରିତ ବଖାଣ କରିବାକୁ ହେଲା ମନ ।
ବ. ସ୍ୱ.

ଏଣୁ, ଅଂ. (ଦେଶଜ) ଏ ଉତ୍ତାରୁ; ଏ ଦିଗରୁ; ଏ କାରଣରୁ ।

ଏଣେ, } ଅଂ. (ଦେଶଜ) ଏହିଆଡ଼ ।
ଏଣେଁ, } ଯଥା—

ଦେଖ ମୋ ନାରାଚ ପ୍ରଚଣ୍ଡ,
ଏଣେ କାଟିବ ତୋର ମୁଣ୍ଡ । ଭା. ଦ. ସ୍କ.

ଏଥିରେ, ଏ ବିଷୟରେ । ଯଥା—

ସୁଜନେ ଏଣେ ମନ ଦେଲେ,
କୃଷ୍ଣ ଭେଟିବ ତୁମ୍ଭେ ଭଲେ । ଭା. ଦ. ସ୍କ.

ଏଆଡ଼େ, ଏହିଦିଗରେ ।

ଏଣେଁତେଣେଁ, } ଅଂ. (ଦେଶଜ) ଏଆଡ଼େ
ଏଣେଁ ତେଣେଁ, } ସେଆଡ଼େ, ଇତସ୍ତତଃ ।

ଏଣ୍ଡୁଅ, } ବି. (ଦେଶଜ) ସରଟ ନାମକ
ଏଣ୍ଡା, } ସର୍ବପ୍ରସିଦ୍ଧ ଏକ ବିଳେଶୟ ଜନ୍ତୁ ।
ଯଥା—
ଚଉପାଶେ ବନ ବେଢ଼ି ଏଣ୍ଡୁଅ ହେଲା । ବି. ଗୀ.
ଏଣ୍ଡାର ଭଗା ବଇରେ ବଳ । ପ୍ରବଚନ ।

ଏଣ୍ଡୁରି, } ବି. (ଦେଶଜ) ବ୍ରୀହି ଓ ତଣ୍ଡୁଳ-
ଇଣ୍ଡୁରି, } ଚୂର୍ଣ୍ଣରେ ନିର୍ମିତ ପିଷ୍ଟକବିଶେଷ ।

ଏଣ୍ଡୁଲା, ବି. (ଦେଶଜ) ମତ୍ସ୍ୟବିଶେଷ ।

ଏତ, ବିଂ. (ଇ=ଗମନ କରିବା-ତ) କର୍ବୁର-ବର୍ଣ୍ଣଯୁକ୍ତ, ନାନାବର୍ଣ୍ଣବିଶିଷ୍ଟ । (ଚିତ୍ରଂ କିର୍ମୀରକଲ୍ମାଷଶବଳୈତାଶ୍ଚ କର୍ବୁରେ—ଅମର) ବି. ହରିଣ; କାଳସାର । (ସ୍ତ୍ରୀ-ଆ) ହରିଣୀ । (ଆ-ଇ-ତ) ଆଗତ ।

ଏତକ, } ବିଂ. (ଏତଦ୍ ଶବ୍ଦରୁ ଉତ୍ପନ୍ନ)
ଏତିକ, } ଏତତ୍ ପରିମାଣ । ଯଥା—
ଏତକ ଭାତ ତ ଅଣ୍ଟିବ ନାହିଁ,
ଅଛି କିଛୁ ଥିଲେ ବାଢ଼ ଗୋସାଇଁ । ହା. ତ.
ପରମବିବେକ ସିଂହିକାପୁତ୍ର,
କି ହେଲା ରହିଲା ଏତିକ ମାତ୍ର । କୋ. ବ୍ର. ସୁ.

ଏତତ୍, ସର୍ବଂ. (ଏତଦ୍-ଇ=ଗମନ କରିବା-ତଦ୍) ଏହା, ଏହି, ଏ, ସମ୍ମୁଖସ୍ଥ ।

ଏତନ, ବି. (ଆ-ଇ = ଗମନ କରିବା-ତନ —ସତତ ଗମନ ହେତୁରୁ) ନିଃଶ୍ୱାସ ।

ଏତଲା, } ବି. (ଯାବନିକ) ସମ୍ବାଦ ଦେବାର,
ଏତଲାଇ, } ଜଣାଇଦେବାର, ଖବର ।

ଏତଲାନାମା, ବି. (ଯାବନିକ) ଅଦାଲତର ବିଜ୍ଞାପନପତ୍ର, ସମ୍ବାଦପତ୍ର ।

ଏତା, ସର୍ବଂ. (ଏତଦ୍ ଶବ୍ଦଜ) ଏହା ।

ଏତାକେତା, ବିଂ. (ଦେଶଜ) ଠିକଠିକ, ଚରାଚର ।

ଏତାଦୃକ୍, } ବିଂ. (ଏତଦ୍-ଦୃଶ-କ୍ୱିପ୍, ଅ)
ଏତାଦୃଶ, } ଏହିପରି, ଏରୂପ, ଏହିପ୍ରକାର ।

ଏତାବତା, ଅଂ (ଏତାବତ୍-ଆ) ଏହାଦ୍ୱାରା, ଏହା ହେବାଦ୍ୱାରା । ଯଥା—ଏତାବତା ଏହା ଅବଧାରିତ ହେଲା ।

ଏତାବାନ୍, ବିଂ. (ଏତାବତ୍-ଏତଦ୍-ବତ୍—ପରିମାଣାର୍ଥେ) ଏତତ୍ ପରିମାଣ, ଏତେ; ଏହିମାତ୍ର, ଏହାହିଁ କେବଳ, ଏତିକ ।

ଏତେ, } ଅଂ. (ଇୟତ୍-ଶବ୍ଦଜ) ଏତାବତ୍-
ଏତେକ, } ପରିମାଣ । ଯଥା—
ଏଥିଲାଗି କପାଁ ଏତେ କଣ୍ଟାକଣ୍ଟି । ଦ. ବା.
ଭାଗ୍ୟ ଏତକ ଜନ୍ମ ଲଭେତେକ ଖାବ ଯେତକ ଚନ୍ଦ୍ର,
ବାସେ ପୋଛିବ ସେ କି ମୂର୍ଚ୍ଛିବ ଏ କି ପୁଚ୍ଛିବ ଝାଡ଼ି ।
ପ୍ରେ. ସୁ. ନି.

ଏତେଧାନ୍ତ, କ୍ରି. ବିଂ. (ଦେଶଜ) ଏତେବେଳ ପର୍ଯ୍ୟନ୍ତ । ଯଥା—
ଏତେ ଧାନ୍ତ ପଥର କାହିଁକି ମାରୁଆନ୍ତ,
ତଳକୁ ଲଥନ୍ତା ବୃକ୍ଷ ଫଳ ତୋଳି ନ୍ୟନ୍ତ ।
ନୃ. ପୁ. ତୃ. ତ.

ଏତେବେଳକୁ, ଅଂ. (ଦେଶଜ) ଏତେ ସମୟ ଅତୀତ ହେଲା ପରେ, ଏତେ ବିଳମ୍ବରେ । ଯଥା—
ଏତେବେଳକୁ ମୁଖ ଦର୍ଶିଲା ଆଜ । ଗୋ. ପ. ନା.

ଏତେବେଳୁ, ଅଂ. (ଦେଶଜ) ଏ ସମୟରୁ, ଏ କାଳରୁ ।

ଏତେବେଳେ, ଅଂ. (ଦେଶଜ) ଏ ସମୟରେ, ବର୍ତ୍ତମାନ । ଯଥା—
ଯାର ଆଜ୍ଞାବଳେ ଯାଙ୍କସେମାଙ୍କ ଦୁର୍ଗତି
କଲୁ ଦୁଷ୍ଟ ! ନୋହିଲା ସେ ଏତେବେଳେ ସାହା । କ. ବି.

ଏତେସର, } ଅଂ. (ଦେଶଜ) ଏପରି
ଏତେସରକ, } ଅବସ୍ଥା । ଯଥା—
ଗୃହିଲେ କି ପୁଣି ନୋହିବ ମୁଦ୍ରିତ-
ନୟନେ ତ ଏତେ ସର । ଯ. କେ.

ଏଥ, ଅଂ. (ଦେଶଜ) ଏଠାକୁ । ଯଥା—
ଅକ୍ରୂର ହସ୍ତେ ଦେଇ ରଥ,
ଆମ୍ଭଙ୍କୁ ଅଣାଇଲା ଏଥ । ଖ୍. ଦ. ସ୍କ.
ଏଠାରେ, ଏଥିରେ । ଯଥା—
ମୁହିଁ କରିତ ରାଜାର ସହୋଦର ଭ୍ରାତ,
ଦ୍ରୁପଦ ଭୟେ ମୁହିଁ ଲୁଚିଥାଏ ଏଥ । ସା. ଖ୍. ଆ.

ଏଥକୁ, ଅଂ. (ଦେଶଜ) ଏଠାକୁ । ଯଥା—

**କମର୍ଥେ ଅଇଲୁ ଏଥକୁ,**
**ସଙ୍ଗତେ ଆଣିଛୁ ପ୍ରିୟାକୁ । ମା. ମା.**

ଏ ସମ୍ବନ୍ଧେ, ଏହାପାଇଁ । ଯଥା—ଏଥକୁ କ ଉପାୟ ଅଛି, କହ ।

ଏଥର, ଏଥରକ, } ଅଂ. (ଦେଶଜ) ଏବେ । ଯଥା—

**ଜନଶ୍ରୁତି ଯାହା କହୁଥିଲ ତାହା**
**ଦେଖିଲ ନେତ୍ରେ ଏଥର । ପାର୍ବତୀ ।**

ଅତଃପର, ଏଣିକ । ଯଥା—
**ଇଷୁ ଯୋଚଲଣି ମାରବ ଏଥର ସଂଶୟ ତ ନାହିଁ ।**
**ବ. ଚ. ମ.**

ଏହିବାର । ଯଥା—ଏଥର କମ୍ଭା ଏଥରକ ମାନ ମୋତେ ରକ୍ଷା କର ।

ଏଥି, ଅଂ. (ଦେଶଜ) ଏଠାରେ; ଏଥିରେ । ଯଥା—

**କୁମ୍ଭ ଭେଳାରେ ହୁଅନ୍ତ ପାର,**
**ତାହିଁ ତ ଏଥି ନାହାନ୍ତ କର । ର. କ.**

ଏଥିକ, ଏଥିକୁ, } ଅଂ. (ଦେଶଜ) ଏବିଷୟକୁ, ଏ ବିଷୟପାଇଁ ।

ଏଥିପାଇଁ, ଏଇଥିପାଇଁ, } ଅଂ. (ଦେଶଜ) ଏନିମନ୍ତେ; ଏହେତୁରୁ ।

ଏଥିଲାଗି, ଏଇଥିଲାଗି, } ଅଂ. (ଦେଶଜ) ଏନିମନ୍ତେ ।

ଏଥୁଁ, ଏଥୁ, } ଅଂ. (ଦେଶଜ) ଏ ବିଷୟରୁ । ଯଥା—

**ଏଥୁଁ ଏ ଧାରା ସିନା ଲଭେ ହୃଦୟ । ଉ. ଚ.**

ଏଛିଠାରୁ । ଯଥା—
**ପାଞ୍ଚିଲେ ଗନ୍ଧର୍ବରାଜ ଆଜ ଏଥୁଁ ଯିବା,**
**କାଲ ପ୍ରଭାତେ ପୁଣି ଆସି ପହୁଞ୍ଚିବା । ବେ. ପ.**

ଏଥୁଅନ୍ତେ, ଏଥୁଅନ୍ତରେ, } ଅଂ. (ଦେଶଜ) ଏଉତ୍ତରୁ । ଯଥା—

**ଶୁଣ ରସିକେ ରସ ଏଥୁଅନ୍ତରେ । ଲ. ବ.**

ଏଥେଁ, ଏଥେ, } ଅଂ. (ଦେଶଜ) ଏଥିରେ । ଯଥା—

**ନୁହ ଏଥେଁ ଉଦାସ ଦାସ କରବା ଦାସ,**
**ଆସୁ ସେ ପାଶେ ପାଶେ ଧର । ଲ. ବ.**

ଏହାଦ୍ୱାରା । ଯଥା—
**ତୁମ୍ଭର ତ ଧନୁ ଅଟଇ ଦୁର୍ବଳ,**
**ଏଥେ କ ମରସିବେ ମହାରଥକୁଳ । କୃ. ଖ. ବ.**

ଏଧ, ଏଧସ୍, } ବି. (ଏଧ୍ = ବୃଦ୍ଧି ପାଇବା-ଅ, ଅସ୍, ଯାହାଦ୍ୱାରା ଅଗ୍ନି ବୃଦ୍ଧି ପାଏ) ଇନ୍ଧନ, କାଷ୍ଠ, ତୃଣ । (କାଷ୍ଠଂ ଦାର୍ବିନ୍ଧନଂ ତ୍ୱେଧ ଇଧ୍ମମେଧଃ ସମିତ୍ ସ୍ତ୍ରିୟାଂ—ଅମର ।)

ଏଧମାନ, ବିଂ. (ଏଧ୍ = ବୃଦ୍ଧି ପାଇବା-ଆନ, ଆନ = ମାନ) ବର୍ଦ୍ଧମାନ, ବୃଦ୍ଧିପ୍ରାପ୍ତ ।

ଏଧା, ବି. ସ୍ତ୍ରୀ. (ଏଧ୍-ଅ-ଆ) ବୃଦ୍ଧି, ଉପଚୟ; ସମୃଦ୍ଧି । (ଏଧା ସମୃଦ୍ଧୌ—ଅମର ।)

ଏଧିତ, ବିଂ. (ଏଧ୍—ବୃଦ୍ଧି ପାଇବା-ତ) ବୃଦ୍ଧି-ପ୍ରାପ୍ତ, ବର୍ଦ୍ଧିତ; ବିସ୍ତାରିତ । (ପ୍ରବୃଦ୍ଧଂ ପ୍ରୌଢ଼ମେଧିତଂ—ଅମର ।) ପ୍ରଜ୍ୱଳିତ ।

ଏନସ୍, ଏନଃ, } ବି. (ଇ = ଗମନ କରିବା-ଅସ୍, ନ ଆଗମ, ମନୁଷ୍ୟ ଯାହାଦ୍ୱାରା ଅଧୋଗମନ କରେ) ପାପ; ଅପରାଧ; ନିନ୍ଦା । (ସର୍ବୈନସାମପଧ୍ୱଂସି ଜାପ୍ୟଂ ।)

ଏନ୍ତା, ବିଂ. (ପ୍ରାଦେଶିକ, ଗଡ଼ଜାତରେ ବ୍ୟବହୃତ) ଏମନ୍ତ ।

ଏପାଳି, ଅଂ. (ଦେଶଜ) ଏବେ ବା ଏଣିକ । ଯଥା—

**ପାଣ୍ଡବମାନଙ୍କର ସରିଲା ସମୟ ତ,**
**ଏ ପାଳି କୁରୁଏ ହୋଇବେ ବିନାଶିତ । କୃ.ଖ.ସ.ପ.**

ଏବ, ଏବେ, } ଅଂ. (ଦେଶଜ) ଉପସ୍ଥିତ ସମୟ । ଯଥା—

**ଯୁଧିଷ୍ଠି ଆଜ୍ଞା କଲେ ଶୁଣ ହେ ସହଦେବ,**
**ମଧୁପର୍କପଣେ ମାମୁ ଆସିଅଛନ୍ତ ଏବ । ନୃ. ପୁ. ସ. ତ.**

ଏବକୁ, ଏବୁକୁ, } ଅଂ. (ଦେଶଜ) ଏହି କାଳକୁ; ଏହି ଅଳ୍ପ ସମୟକୁ ।

ଏବର, ଅଂ. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ବର୍ତ୍ତମାନ ସମୟର ।

ଏମତ, ଏମନ୍ତ, ଏମନ୍ତି, ଏମିତି, ଏମତେ, } ଅଂ· (ଦେଶଜ) ଏହିପରି ।

ଶଙ୍ଖଧରପଦେ ବରଭିକ୍ଷା ଘୃବା କଲ୍ପ ଏମତେ । ଉଷା.
କପାଇଁ ସାର୍ଥ ନୋହିବ ଏମନ୍ତ ବଗୁର । କୋ. ବ୍ର. ସୁ.

ଏମାରତ, ବି· (ଯାବନିକ) ଅଟ୍ଟାଳିକା, ପକ୍କାବାଡ଼ୀ ।

ଏରକା, ବି· (ଇ = ଗମନ କରିବା-ରକ୍-ଆପ୍) ଗ୍ରନ୍ଥି ହୀନ ତୃଣବିଶେଷ, ଶରଗଛ । ମଦମତ୍ତ ଯାଦବମାନେ ଏଥିରେ ହଣାହଣି ହୋଇ ମରିଥିଲେ । (ଏରକାଣାଂ ତଦା ମୁଷ୍ଟିଂ କୋପାତ୍ଜଗ୍ରାହ କେଶବଃ ।)

ଏରଣ୍ଡ, ବି· (ଆ-ଇର୍ = ଗମନ କରିବା-ଅଣ୍ଡର୍) ଗବଗଛ, କାଳଗଛ । ଯଥା—

ବଗୁଡ଼ବଶେ ଓଟାରେ ପ୍ରଚଣ୍ଡ ମଲ୍ଲ ହସ୍ତରେ,
ଏରଣ୍ଡଦଣ୍ଡ ପଡ଼ିଲା ପରି ଭାଜିଲା । ବୈ. ବ.

ଏଗ୍ରା, ବି· (ଦେଶଜ) ଜଳଚର ପକ୍ଷିବିଶେଷ, ଏହାର ଶୁକ୍ଳ ପକ୍ଷଗୁଡ଼ିକୁ ପାଇକମାନେ ଭୂଷଣ ସ୍ୱରୂପ ଟୋପରରେ ଲଗାନ୍ତି । ଯଥା—

କଳରବେ ଏଗ୍ରା ଉଡ଼ଣ ହୁଦରୁ;
ଅରଣ୍ୟେ ଲେଉଡ଼ନ୍ତି ଯେଝା ନୀଡ଼ତରୁ । ଚିଲିକା ।

ଏରୁଣ୍ଡି, ଏରଣ୍ଡି, } ବି· (ଦେଶଜ) ଦ୍ୱାରବନ୍ଧ । ଯଥା—

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ ଶ୍ରୀକୃଷ୍ଣ ବସନ୍ତି ଯାଇ,
ମାଆଙ୍କ ଆଡ଼କୁ ଅନାଇଁ ଅନାଇଁ
ମାଟି ଦେଉଥାନ୍ତି ଖାଇ । ବ.ଚ.ମ.

ଏର୍ବାରୁ, ଇର୍ବାରୁ, } ବି· (ଇରୁ = ବୀଜ-ଆର = ଯେ ଗମନ କରେ କମ୍ବା ପାଏ, ଯେ ବୀଜପ୍ରାପ୍ତ ହୁଏ) କାକୁଡ଼ିବିଶେଷ, ଫୁଟିକାକୁଡ଼ି ।

ଏଳବାଳୁ, ଏଳବାଳୁକ, ଏଳବାଳୁକା, ଏଳାବାଲୁକ, } ବି· ସଂ· ସୁଗନ୍ଧ ଦ୍ରବ୍ୟବିଶେଷ, ଗନ୍ଧଲାଳୁକା ।

ଏଳା, ଏଳିକା, } ବି·ସ୍ତ୍ରୀ· (ଇଳ = କ୍ଷେପଣ କରିବା-ଅ, ସ୍ତ୍ରୀ-ଆ—ଯେ ମୁଖର ଦୁର୍ଗନ୍ଧ ନଷ୍ଟ କରେ) ଅଳାଇଚଲତା; ଅଳାଇଚଫଳ ।

ଏଲାକା, ଇଲାକା, } ବି. (ଯାବନିକ) ସଂସ୍ରବ ବା ସମ୍ବନ୍ଧ । ଯଥା—ତାର ସହିତ ମୋର କୌଣସି ଏଲାକା ନାହିଁ । ଦଖଲ, ଅଧିକାର । ଯଥା—ଏହି ସ୍ଥାନଟି ମୋର ଏଲାକାରେ ଅଛି ।

ଏଲାଟେଗ, ଏହିଲାଟେଗ, } ଅଂ· (ଦେଶଜ) ଏବେ, ଏହିକ୍ଷଣି । ଯଥା—

ଯେ ହେବାର ହେଲାଣି ଭୂଲ ସବେ ବେଗେ,
ଶ୍ୟାମଟି ଆସି ଯେବେ ମିଳିବ ଏଲାଟେଗ । କୃ.ଭ୍ର.ବ.ପ.

ଏଳାପର୍ଣ୍ଣୀ, ବି· ସ୍ତ୍ରୀ· (ଏଳା-ପର୍ଣ୍ଣ-ଈ, ଯାହାର ଏଳାର ପରି ପତ୍ର) ସାମାନ୍ୟ ରାସ୍ନା, ଔଷଧଦ୍ରବ୍ୟବିଶେଷ ।

ଏଲାମ୍, ବି· (ଗଞ୍ଜାମରେ ବ୍ୟବହୃତ) ନିଲାମ୍ ।

ଏଳୁକ, ବି· ସଂ· ଗନ୍ଧଦ୍ରବ୍ୟବିଶେଷ, ଗନ୍ଧଲାଳୁକା ।

ଏବ, ଅଂ· (ଇ = ଗମନ କରିବା-ବ) ଅବଧାରଣ; ନିୟମ; ପରିସଂଖ୍ୟା; ସାଦୃଶ୍ୟ; ବ୍ୟବଚ୍ଛେଦ; ବାକ୍ୟପୂରଣ; ନିଶ୍ଚୟ ।

ଏବଂ, ଅଂ· (ଇ = ଗମନ କରିବା-ବମ୍) ଏହିପ୍ରକାର, ଏତାଦୃଶ । (ଇବେତ୍ଥମର୍ଥୟୋରେବଂ—ଅମର ।) ଅଙ୍ଗୀକାର; ଅବଧାରଣ; ଉପମା; ସାଦୃଶ୍ୟ । (ଏବଂପ୍ରକାରୋପମୟୋରଙ୍ଗୀକାରେଽବଧାରଣେ—ହେମଚନ୍ଦ୍ର ।) ନିଶ୍ଚୟ, ପ୍ରଶ୍ନ, (ଓଡ଼ିଆରେ) ପୁଣି, ପୁଣ ।

ଏବମ୍ବିଧ, ବି· (ଏବଂ-ବିଧା = ପ୍ରକାର) ଏହିପ୍ରକାର; ଏହିରୂପ, ଈଦୃଶ ।

ଏବଂଭୂତ, ବି· (ଏବଂ-ଭୂତ = ଯେ ହୋଇଅଛି) ଏହିପ୍ରକାର, ଈଦୃଶ, ଏହିରୂପ ।

ଏଷଣ, ବି· (ଆ-ଇଷ୍ = ଗମନ କରିବା, ଅନ୍ୱେଷଣ କରିବା-ଅନ) ଲୌହମୟ ବାଣ । (ସ୍ତ୍ରୀ-ଆ) ଅନ୍ୱେଷଣ; ଇଚ୍ଛା; ସ୍ୱର୍ଣ୍ଣକାର ପ୍ରଭୃତିଙ୍କର ନିକିତି ।

ଏଷଣିକା, ଏଷଣୀ, } ବି· ସ୍ତ୍ରୀ· (ଏଷଣ-ଇକ-ଆ) ସ୍ୱର୍ଣ୍ଣକାର ପ୍ରଭୃତିଙ୍କର ନିକିତି, ସୁନାରିମାନଙ୍କର ନାରାଚକୃତ ଲୌହଶଳାକା; ଅସ୍ତ୍ରବିଶେଷ । (ନାରାଚୀ ସ୍ୟାଦେଷଣିକା—ଅମର ।)

ଏଷଣୀୟ, } ବି°. (ଇଷ୍ = ଇଚ୍ଛା କରିବା-
ଏଷ୍ଟବ୍ୟ, } ଅନୀୟ, ତବ୍ୟ) ବାଞ୍ଛନୀୟ ।

ଏଷିତା, } ବି°. (ଇଷ୍ = ଇଚ୍ଛା କରିବା-ତୃ)
ଏଷ୍ଟା, } ଇଚ୍ଛୁକ ।

ଏଷ୍ଟିମେଟ୍, ବି. (ଇଂରାଜି ଶବ୍ଦ) ବ୍ୟୟ-ନିର୍ଦ୍ଧାରଣ ।

ଏସନ, ଏସନକ, } ଅ°. (ଦେଶଜ) ଏହି-
ଏସନେ, ଏସନେକ, } ପରି । ଯଥା—

ଏସନରେ ହୋଇ ବିମନରେ ବୋଲନ୍ତି ଛନରେ
ସ୍ନେହ ଘେନି । ବି. ଚ. ମ.

ଏବାର ଏସନେ ବାଣ ଶରାସନେ
ବହ୍ନାଇ ବନ୍ଧନ୍ତେ ବୀର । ବି. ରା.

ଏସନକ ଆଜ୍ଞା ଯହୁଁ ଦେଲେ ଦଣ୍ଡଧାରୀ,
ଗର୍ବେ ଥାଇ ବାଳୁତ ଡାକିଲେ ଆଣ୍ଠୁ କରି । ନା.ର.ଗୀ.

ଏସନେକ ସମ୍ଭବେ ହେଲା ବିଭା ଯୁକତେ,
ଶଯ୍ୟାରେ ବରକନ୍ୟା ଏ ପହୁଡ଼ି ନିଶ୍ଚିନ୍ତେ । ସା.ଭା.ଆ.

ଏହା, } ସର୍ବ° (ଏତଦ୍ ଓ ଇଦମ୍ ଶବ୍ଦର
ଏହି, } ରୂପାନ୍ତର, ଏହା—ଅବ୍ୟକ୍ତବାଚକକୁ ଏବଂ ଏହି—ବ୍ୟକ୍ତ ଓ ଅବ୍ୟକ୍ତବାଚକକୁ ବୁଝାଏ । ଏ ପଦାର୍ଥ, ଏ ବ୍ୟକ୍ତି । ଯଥା—

ଏହା ଭଲ ନୁହେ ।

ଏ ରଣ ଜିଣିଲେ ହେବୁ ତୁହି ଧନ୍ୟ,
ଏହି ଦେବୀ ହେବେ ସାହା ସୁପ୍ରସନ୍ନ । ନ. କେ.

ଏହିଘେନି, ଅ°. (ଦେଶଜ) ଏହେତୁରୁ । ଯଥା—

କରିବର ସ୍କନ୍ଧେ ଅଛୁ ଚଢ଼ି,
କହୁଅଛୁ ଏହିଘେନି ବଢ଼ି । ର. କ.

ଏହିଠାଏ, ସର୍ବ°. (ଦେଶଜ) । ଯଥା—

କହିଲେ ବିଜୟ କର ଏହିଠାଏ । ର. କ.

ଏହିଧାପେ, } କ୍ରି. ବି°. (ଦେଶଜ) ଏହିକ୍ଷଣି ।
ଏଧାପେ, } ଯଥା—

ଯହୁଁ ଥିଲେ ଖୋଜିଣ ମାରିବି ଏହି ଧାପେ,
ମୁଁ ଏ ଧିଙ୍ଗାସ ଶୁଣି ରହିବି କେଉଁ ରୂପେ । ନୃ.ପୁ.ସ.ତ.

ଏହିତା, } ସର୍ବ°. (ଦେଶଜ) ଏହା ।
ଏଇତା, }

ଏହିମତି, }
ଏମନ୍ତି, } ଅ°. (ଏତଦ୍-ଏବଂ-ମତ —
ଏମିତି, } ଏଥିରୁ ଉତ୍ପନ୍ନ) ଏପରି ।
ଏମନ୍ତକା, } ଯଥା—
ଏମିତିକା, }

ଏହିମତ ଶତଜନ୍ମ ହୋଏ ଯେବେ ଶେଷ,
ଫୁଟିଲେଣ ପୁଣ୍ୟ ଉଦେ ପୁଷ୍ପ କରେ ବାସ । ନା.ର.ଗୀ.

ଏହୁ, ସର୍ବ°. (ଏତଦ୍ ଶବ୍ଦଜ) ଏହି । ଯଥା—

ଏହୁ ଢନଏ ହରନ୍ତି ଚଉ ଧରତ । ପ୍ରେ. ସୁ. ନି.

ଏହେତୁ, ଅ°. (ଦେଶଜ) ଏନିମନ୍ତେ ।

ଏହେନେକ, } ଅ°. (ଦେଶଜ) ଏପରି ।
ଏହ୍ନେକ, } ଯଥା—

ଏହେନେକ ଶାପ ସେ ମୁନି ଦେଲେ ଆମ୍ଭଙ୍କୁ,
ବ୍ୟାସ ବୋଇଲେ ସେ ବଡ ଦୁର୍ଭାର ତୁମ୍ଭଙ୍କୁ ।
ସା. ଭା. ଆ.

ଏହ୍ନେ, ଅ°. (ଦେଶଜ) ଏପରି । ଯଥା —

ଏହ୍ନେ ପ୍ରବଳା ଦୁଃଖଦୁର୍ବଳା ହୋଇ ଅବଳାମଣି ।
ପ୍ରେ. ସୁ. ନି.

ଏଣୁକରି ବା ଏହାଦ୍ୱାରା । ଯଥା—

ଧନ୍ୟ ଏ କର୍ଣ୍ଣେ ତୋର କୁଣ୍ଡଳ ବେନି ଅଛି,
ଏହ୍ନେ ତୋତେ ଜାଣିଲି ପବନର ବଛ ।
ନୃ, ପୁ. ତୃ. ତ.

---

# ଐ

ଐ, ବି. ଦ୍ୱାଦଶ ସ୍ୱରବର୍ଣ୍ଣ; ଶିବ । ଅ°. ଆହ୍ୱାନ, ଆମନ୍ତ୍ରଣ, ସମ୍ବୋଧନ; ସ୍ମରଣ । (ଦେଶଜ) ବିମନେଚ୍ଛା ।

ଐକ, ବି°. ( ଏକ-ଅ-ସ୍ୱାର୍ଥେ ) ଏକାର୍ଥ-ବୋଧକ, ଏକସମ୍ବନ୍ଧୀୟ ।

ଐକତାନ, ବି. (ଏକତାନ-ଅ) ବାଦ୍ୟବିଶେଷ, ଭିନ୍ନଜାତୀୟ ଅନେକଗୁଡ଼ିଏ ଯନ୍ତ୍ର ଏକତ୍ର ବାଦିତ ହେଲେ ଐକତାନ କହନ୍ତି ।

ଐକପତ୍ୟ, ବି. (ଏକପତି-ଯ) ଏକାଧିପତ୍ୟ ।

ଐକମତ୍ୟ, ବି. (ଏକମତ-ଯ) ଏକବିଧ ଅଭିପ୍ରାୟ, ତୁଲ୍ୟସମ୍ମତି । ଯଥା—ସଭ୍ୟ-ମାନଙ୍କର ଐକମତ୍ୟ ବିନା ସମାଜରେ କୌଣସି କାର୍ଯ୍ୟ ନିଷ୍ପନ୍ନ ହୋଇ ନ ପାରେ ।

ଐକରାଜ୍ୟ, ବି. (ଏକରାଜ-ଯ) ଏକାଧିପତ୍ୟ ।

ଐକବାକ୍ୟ, ବି. ( ଏକବାକ୍ୟ-ଯ ) ଏକ-ବାକ୍ୟତା, କଥାର ମେଳ ।

ଐକାଗାରିକ, ବି. (ଏକ=ଅସହାୟ ଆଗାର=ଗୃହ-ଇକ—ପ୍ରୟୋଜନାର୍ଥେ ) ଚୋର, ଦସ୍ୟୁ; ଏକାଗାରବାସୀ । (ଚୌରେକାଗାରିକସ୍ତେନ ଦସ୍ୟୁତସ୍କରମୋଷକାଃ—ଅମର ।)

ଐକାତ୍ମ୍ୟ, ବି. ( ଏକାତ୍ମା=ଏକାତ୍ମ-ଯ—ଭାବାର୍ଥେ) ଐକ୍ୟ, ଏକସ୍ୱରୂପତ୍ୱ; ଅଭେଦ ।

ଐକାନ୍ତିକ, ବିଂ. ( ଏକାନ୍ତ-ଇକ ) ନିଶ୍ଚିତ; ପ୍ରଗାଢ଼; ଦୃଢ଼; ଆତ୍ୟନ୍ତିକ ।

ଐକାନ୍ୟିକ, ବିଂ. (ଏକ-ଅନ୍ୟ=ଅଧ୍ୟୟନର ବିପରୀତଭାବ-ଇକ) ଯେଉଁ ଛାତ୍ର ଏକପ୍ରକାର ଅଧ୍ୟୟନ କରଇ, ପରୀକ୍ଷା କାଳରେ ଅନ୍ୟ ପ୍ରକାର ଉତ୍ତର ଦିଅଇ, କୁପାଠକ ।

ଐକାହ୍ନିକ,ବିଂ.(ଏକ-ଅହନ୍-ଇକ)ଯାହା ଏକଦିନ ଅନ୍ତର ହୁଏ; ଏକଦିନସମ୍ବନ୍ଧୀୟ; ଏକଦିନନିଷ୍ପାଦ୍ୟ; ଏକଦିନବ୍ୟାପକ (ଜ୍ୱର) ।

ଐକ୍ୟ, ବି. (ଏକ-ଯ—ଭାବାର୍ଥେ) ଏକତା, ଅବିରୋଧ, ମେଳ; ଏକୀଭାବ, ଏକରୂପତା । (ତେଷାଂଦ୍ୱୟୋର୍ଦ୍ୱୟୋରୈକ୍ୟଂ—ର.ବଂ. ।)

ଐଚ୍ଛିକା, ଅଇଚ୍ଛିକା, } ଅଂ. (ଦେଶଜ) ଏକ୍ଷଣି ।

ଐଚ୍ଛିକ, ବିଂ. ( ଇଚ୍ଛା-ଇକ—ଇଦମର୍ଥେ ) ଇଚ୍ଛାଧୀନ, ଇଚ୍ଛାନୁଯାୟୀ । ( ସ୍ତ୍ରୀ-ଆ ) ଇଚ୍ଛାନୁଯାୟିନୀ ।

ଐଣ, ଐଣେୟ, } ବିଂ. (ଏଣ=ହରିଣ-ଅ, ଏୟ—ଇଦମର୍ଥେ ) କୃଷ୍ଣମୃଗସମ୍ବନ୍ଧୀୟ । କୃଷ୍ଣସାର ମୃଗଜାତ (ଚର୍ମାଦି) । ଯଥା—

ପୃଷ୍ଠେ ଲମ୍ବିତ ଐଣ ଚର୍ମ ବହି
ସଙ୍କୋଭେ ଗମେ ତାପସ । କା. ପ. ନା.

ଐଣିକ, ବିଂ. (ଏଣ=ମୃଗ-ଇକ) ମୃଗହନ୍ତା ।

ଐତିହାସିକ, ବିଂ. (ଇତିହାସ-ଇକ-ଇଦମର୍ଥେ) ଇତିହାସସମ୍ବନ୍ଧୀୟ; ଇତିହାସବେତ୍ତା ।

ଐତିହ୍ୟ, ଅଂ. ( ଇତିହ-ଯ ) ପରମ୍ପରାଗତ ଉପଦେଶ ବାକ୍ୟ । ଯେପରି ଏହି ବୃକ୍ଷରେ ଭୂତ ଅଛି ଇତ୍ୟାଦି ବାକ୍ୟ କୁହାଯାଏ । ପ୍ରମାଣବିଶେଷ । ( ପାରମ୍ପର୍ଯ୍ୟୋପଦେଶେ ସ୍ୟାଦୈତିହ୍ୟମିତିହାବ୍ୟୟଂ—ଅମର । )

ଐନ୍ଦବ, ବିଂ. (ଇନ୍ଦୁ=ଚନ୍ଦ୍ର-ଅ-ଇଦମର୍ଥେ ) ଚନ୍ଦ୍ରସମ୍ବନ୍ଧୀୟ । ଯଥା—

ସଙ୍ଗୀତାମ୍ବୁଧି-ଜାତ ଐନ୍ଦବ କଳା ସ୍ୱାଣାପବାଣସ୍ୱରା ।
ବହ୍ଲଣୀୟ କାବ୍ୟ ।

ବି. ମୃଗଶିରା ନକ୍ଷତ୍ର; ଚାନ୍ଦ୍ରାୟଣ ବ୍ରତବିଶେଷ । (କର୍ତ୍ତବ୍ୟମୈନ୍ଦବଦ୍ୱୟଂ—ସ୍ମୃତି) ଚାନ୍ଦ୍ରମାସ। ଐନ୍ଦବସ୍ତିଥିଭସ୍ତଦ୍‌ବତ୍‌ସଂକ୍ରାନ୍ତ୍ୟା ସୌର ଉଚ୍ୟତେ ।)

ଐନ୍ଦ୍ର, ବି. (ଇନ୍ଦ୍ର-ଅ-ଅପତ୍ୟାର୍ଥେ, ଇଦମର୍ଥେ) ବାଳୀ, ସୁଗ୍ରୀବ, ଜୟନ୍ତ, ଅର୍ଜୁନ; ପୂର୍ବଦେଶୀୟ ଜାତିବିଶେଷ । ବିଂ. ଇନ୍ଦ୍ର ସମ୍ବନ୍ଧୀୟ । (ସ୍ତ୍ରୀ-ଈ) ଇନ୍ଦ୍ରାଣୀ; ପୂର୍ବଦିକ୍; ଶକ୍ତିବିଶେଷ; ଜ୍ୟେଷ୍ଠା ନକ୍ଷତ୍ର ।

ଐନ୍ଦ୍ରଜାଲିକ, ବିଂ. (ଇନ୍ଦ୍ରଜାଲ=କୁହୁକ-ଇକ-ଇଦମର୍ଥେ) ଯେ ଇନ୍ଦ୍ରଜାଲ କରେ, କୁହକୀ, ବାଜୀକର, ମାୟାକାରକ; ଇନ୍ଦ୍ରଜାଲସମ୍ବନ୍ଧୀୟ ।

ଐନ୍ଦ୍ରଲୁପ୍ତିକ, ବିଂ. (ଇନ୍ଦ୍ରଲୁପ୍ତ-ଇକ) କେଶନାଶକ ରୋଗବିଶିଷ୍ଟ, ଯାହାର ମୁଣ୍ଡରୁ ବାଳ ଉପୁଡ଼ି ଯାଇ ଟାଙ୍ଗରା କରିଦିଏ ।

ଐନ୍ଦ୍ରି, ବି. (ଇନ୍ଦ୍ର-ଇ-ଅପତ୍ୟାର୍ଥେ) ଜୟନ୍ତ; ବାଳୀ; ସୁଗ୍ରୀବ; ଅର୍ଜୁନ; କାକ ।

ଐର, ବି. ( ଇରା-ଅ-ଅପତ୍ୟାର୍ଥେ ) ନୃପତିବିଶେଷ, ପ୍ରାଚୀନ ଉତ୍କଳର ଜଣେ ସୁଖ୍ୟାତିସମ୍ପନ୍ନ ରାଜା । ଯଥା—

ଦାଣ୍ଡିମାଳ ଯାର ଖଇଲ ବକ୍ଷରେ
ଐର ଯଶ ଲେଖା ଅକ୍ଷୟ ଅକ୍ଷରେ । ନ. କେ.

ଐରାବଣ, ବି. (ଇରାବତ୍=ସମୁଦ୍ର, ମେଘ-ଅ-ଇଦମର୍ଥେ ) ଇନ୍ଦ୍ରଙ୍କ ହସ୍ତୀ, ପୂର୍ବଦିଗର ହସ୍ତୀ । ( ସ୍ତ୍ରୀ-ଈ-ଐରାବଣୀ ) ବିଦ୍ୟୁତ୍, ବିଜୁଳୀ ।

**ଐରାବତ**, ବି. (ଇରାବତ୍ = ସମୁଦ୍ର, ମେଘ-ଅ, ଇଦମର୍ଥେ-ଯେ ସମୁଦ୍ରରୁ ଜନ୍ମି ଅଛି) ଇନ୍ଦ୍ରଙ୍କ ହସ୍ତୀ, ପୂର୍ବଦିଗର ହସ୍ତୀ । (ଐରାବତୋଽ-ଭ୍ରମାତଙ୍ଗୈରାବଣାଭ୍ରମୁବଲ୍ଲଭାଃ—ଅମର ।) (ବିଦ୍ୟୁତ୍ ପ୍ରାୟ ଚକ୍ରବର୍ଣ୍ଣ ଫଳ ଥିବାରୁ) ନାଗରଙ୍ଗ ବା ନାରଙ୍ଗ । (ଐରାବତୋ ନାଗରଂଗଃ—ଅମର ।) ସରଳ ଇନ୍ଦ୍ରଧନୁ । (ସ୍ତ୍ରୀ-ଈ-ଐରାବତୀ) ବିଦ୍ୟୁତ୍, ବିଜୁଳି; ଐରାବତ ହସ୍ତିର ସ୍ତ୍ରୀ; ଐରାବତୀ ନଦୀ, ଏହାର ଆଧୁନିକ ନାମ ରାବୀ ।

**ଐରି**, **ଅଇରି**, } ବି. (ଅରି ଶବ୍ଦଜ) ଶତ୍ରୁ ।

**ଐରିଗଉଡ଼**, ବି. (ଆଭୀରର ଅପଭ୍ରଂଶ) ଏକ ଜାତୀୟ ନଟ, ସେମାନେ ବାଉଁଶ ଉପରେ ନାନାବିଧ କ୍ରୀଡ଼ା ଦେଖାନ୍ତି ।

**ଐରିଣ**, ବି. (ଇରିଣ-ଅ-ଇଦମର୍ଥେ) ଲବଣ-ବିଶେଷ, ପଙ୍ଗା ଲବଣ ।

**ଐରିତା**, ବି. (ଅରିତା ପଦରୁ ଉତ୍ପନ୍ନ) ଶତ୍ରୁତା ।

**ଐରେୟ**, ବି. (ଇରା = "ସୁରା" ଅନ୍ନ-ଏୟ) ଅନ୍ନଭବ ମଦ୍ୟ, ଅନ୍ନରୁ ପ୍ରସୁତ ମଦ ।

**ଐଳ**, ବି. (ଇଳା = ବୁଧଙ୍କ ପତ୍ନୀ-ଅ) ଚନ୍ଦ୍ର-ବଂଶୀୟ ପୁରୂରବା ରାଜା ।

**ଐଳବିଳ**, ବି. (ଇଳବିଳା = ପୁଲସ୍ତି ଋଷିଙ୍କ ଭାର୍ଯ୍ୟା, କୁବେରଙ୍କ ପିତାମହୀ-ଅ—ଅପ-ତ୍ୟାର୍ଥେ, ନାତିକ ମଧ୍ୟ ଅପତ୍ୟ ବୋଲି-ଯାଏ) ଇଳବିଳାଙ୍କ ପୁତ୍ର, କୁବେର ।

**ଐଳେୟ**, ବି. (ଏଳା-ଏୟ-ଭାବାର୍ଥେ) ସୁଗନ୍ଧ ଦ୍ରବ୍ୟବିଶେଷ, ଗନ୍ଧଳାଳୁକା । (ଏଳା-ବାଳୁକମୈଳେୟଂ ସୁଗନ୍ଧି ହରିବାଳୁକଂ—ଅମର ।)

**ଐଶ**, **ଐଶିକ**, **ଐଶ୍ୱର**, } ବିଂ. (ଈଶ-ଅ, ଇକ; ଈଶ୍ୱର-ଅ-ଇଦମର୍ଥେ) ଈଶସମ୍ବନ୍ଧୀୟ ।

**ଐଶାନୀ**, ବି. ସ୍ତ୍ରୀ. (ଈଶାନ = ଶିବ-ଅ) ଈଶାନ-କୋଣ; ଶକ୍ତିବିଶେଷ; ପାର୍ବତୀ ।

**ଐଶାନ୍ୟ**, ବି. (ଈଶାନ-ଯ) ଉତ୍ତର-ପୂର୍ବ କୋଣ, ଈଶାନକୋଣ ।

**ଐଶ୍ୱର୍ଯ୍ୟ**, ବି. (ଈଶ୍ୱର-ଯ—ଭାବାର୍ଥେ) ପ୍ରଭୁତ୍ୱ; ଈଶ୍ୱରତ୍ୱ; ସମ୍ପତ୍ତି; ଅଣିମାଦି ଅଷ୍ଟବିଧ ଶକ୍ତି । (ବିଭୂତି ର୍ଭୂତିରୈଶ୍ୱର୍ଯ୍ୟମଣିମାଦି-କମଷ୍ଟଧା—ଅମର ।)

**ଐଷମଃ**, **ଐଷମସ୍**, } ଅଂ. (ଇଦମ୍-ସମସ୍—ବର୍ଷାର୍ଥେ) ଏହିବତ୍ସର, ଏବର୍ଷ । (ପରୁତ୍ ପରାର୍ଯ୍ୟୈଷମୋଽବ୍ଦେ ପୂର୍ବେ ପୂର୍ବତରେ ଯତି—ଅମର । )

**ଐହିକ**, ବିଂ. (ଇହ = ଇହକାଳେ-ଇକ—ଭାବାର୍ଥେ) ଇହକାଳୋଦ୍ଭବ, ଏହିକାଳର; ଇହଲୋକସମ୍ବନ୍ଧୀୟ ।

---

## ଓ

**ଓ**, ବି. ତ୍ରୟୋଦଶ ସ୍ୱରବର୍ଣ୍ଣ, ବ୍ରହ୍ମା । ଅଂ. ସମ୍ବୋଧନ; ଅଭିପ୍ରାୟ; ସ୍ମରଣ; ଦୟା; (ଓମ୍ ଶବ୍ଦଜ) ସ୍ୱୀକାରସୂଚକାର୍ଥ; ଆହ୍ୱାନ ଶୁଣିଅଛି ବୋଲି ଜଣାଇବା । (ଦେଶଜ) ଏବଂ, ଆଉ । ଯଥା—ରାମ ଓ ଗୋବିନ୍ଦ ଆସିଲେ ।

**ଓଃ**, ଅଂ. (ଦେଶଜ) ଖେଦସୂଚକାର୍ଥ । ଯଥା—ଓଃ, ତୋର ବାକ୍ୟଶର ବାଜି କି ପୀଡ଼ା ବୋଧହୁଏ ।

**ଓଁ**, ଅଂ. (ଓମ୍‌ର ରୂପାନ୍ତର) ପ୍ରଣବ, ଓଙ୍କାର, ଆଦ୍ୟବୀଜ ।

**ଓଆଚ୍**, ବି. (ଇଂରାଜୀ ଶବ୍ଦ) ଘଣ୍ଟୀଯନ୍ତ୍ର ।

**ଓଉ**, **ଉଆଉ**, } ବି. (ଓଜାବିକ ଶବ୍ଦଜ) ଅମ୍ଳଫଳ-ବିଶେଷ ।

**ଓକ**, ବି. (ଉଚ୍ = ଏକତ୍ର କରିବା-କ-ନିପାତନ) ପକ୍ଷୀ; ବୃଷଳ, ଶୂଦ୍ର; ଗୃହ; ଆଶ୍ରୟ; ସ୍ଥାନ ।

ଓକ, } ବି. (ଉଚ୍‌=ଏକତ୍ର କରିବା-ଅସ୍)
ଓକସ୍, } ସ୍ଥାନ; ଆଶ୍ରୟ; ଗୃହ । (ଓକଃ ସଦ୍ମାଶ୍ରୟଶ୍ଚୌକାଃ—ଅମର ।)

ଓକଡ଼ାଫଳ, ବି. (ଦେଶଜ) ଶାଳପର୍ଣ୍ଣୀ ।

ଓକର, ବି. (ଦେଶଜ) ଗୃହଚ୍ଛିଦ୍ର; ଇଜ୍ଜତ ।

ଓ କରିବା, କ୍ରି. (ଦେଶଜ) ଆହ୍ୱାନ ଶୁଣି 'ମୁଁ ଅଛି' ବୋଲି ଜଣାଇବା । ଯଥା—

**ଓ କରିବ ଆଲୋ ଦାସୀ, ଡାକଲେ କଣଶୋଷି । ବି.ଚ.ମ.**

ଓକାର, } ବି. ( ଉଦ୍‌ଗାର ଶବ୍ଦଜ ) ବାନ୍ତି,
ଓକାଳ, } ଉଦ୍‌ଗାର ।

ଓକାଲତି, } ବି. (ଯାବନିକ ଓକାଲତ୍ ଶବ୍ଦ-
ଓକିଲତି, } ଜାତ) ଓକିଲଙ୍କ ବ୍ୟବସାୟ ବା ଜୀବିକା ।

ଓକିଲ, ବି. ( ଯାବନିକ ) ବିଚାରାଳୟରେ କ୍ଷମତା ପାଇ ବାଦୀ ଓ ପ୍ରତିବାଦୀର ଯେ ପ୍ରତିନିଧି ହୁଏ । ଯଥା—

**ନ ଥିବେ ଓକିଲ ଲଢ଼ି ଯେ ମାମଲା,**
**କଣ ଥିବେ ଯୁକ୍ତିବଳେ କଳା ଧଳା ।** ଦରବାର ।

ଓକୋଦନୀ, ବି. ସ୍ତ୍ରୀ. (ଓକସ୍=ଆଶ୍ରୟ-ଅଦ୍=ଭକ୍ଷଣକରିବା-ଅନ-ସ୍ତ୍ରୀ-ଈ—ଯେ ନିଜର ଆଶ୍ରୟ ଭକ୍ଷଣ କରେ) ଆଶ୍ରୟଭକ୍ଷିଣୀ; ଉକୁଣୀ ।

ଓଖ, ବି. (ଦେଶଜ) ଅଭ୍ୟାସ ।

ଓଖର, ବି. (ଗୋକ୍ଷୀର ଶବ୍ଦଜ) ଗୋକ୍ଷୀର, ଦୁଗ୍ଧ । (ଦେଶଜ) ଏକପ୍ରକାର ଖଜା, ଯବଚୂର୍ଣ୍ଣ ନବାତ ନାରିକେଳ ପ୍ରଭୃତିରେ ଏହାକୁ ତିଆରି କରନ୍ତି ।

ଓଗଳା, ବି. (ଅର୍ଗଳ ଶବ୍ଦଜ) ଅଟକାଇବା ।

ଓଗାଳ, ବି. (ଅର୍ଗଳ ଶବ୍ଦଜ) ଅଟକାଇବା; ଗୋପାଳମାନଙ୍କ ଗୀତ, ଯାହାକୁ ଗାଇ ଗାଇ ସେମାନେ ନଉଡ଼ିଦ୍ୱାରା ପରସ୍ପରକୁ ଓଗାଳନ୍ତି ।

ଓଗାଳିବାର,
ଆଓଗାଳିବାର, } କ୍ରି. ( ଅର୍ଗଳ ଶବ୍ଦଜ )
ଆଗୁଳିବାର, } ଅଟକାଇବାର । ଯଥା—

**ବର୍ଷେ ଓଗାଳି ମାଳ କରନ୍ତେ ତଣଗୋଳ**
**ଅଙ୍ଗଦ ହନୁମନ୍ତ ମେଳ ଯେ ।** ବୈ. ବି.
**ଦ୍ରୋଣଙ୍କ ବୋଲ କୁରୁ ସେନାଏ ଘେନିଲେ,**
**ବ୍ୟୂହ ଗୁଡ଼ି ଅରଜୁନଙ୍କୁ ଆଗୋଳିଲେ ।** କୃ. ଭ. ବି. ପ.
**ଲେଉଟି ଚରଣେ ପଡ଼ି କଣାନ୍ତେ ପ୍ରଭୁଙ୍କୁ,**
**ଆଗୁଳି ବରାହ ସ୍ୱାମୀ ଦେଖି ବଧାନ୍ତାଙ୍କୁ ।** ନୃ.ପୁ.ତୃ.ତ.

ଓଗେର, ଅ°. (ଯାବନିକ ବା ହିନ୍ଦି) ପ୍ରଭୃତି ।

ଓଘ, ବି. (ଉଚ୍‌ = ଏକତ୍ର କରିବା-ଅ, ଚ = ଘ) ସମୂହ, ବୃନ୍ଦ; ସ୍ରୋତ, ଜଳବେଗ, ପ୍ରବାହ । (ଓଘୋ ବୃନ୍ଦେଽମ୍ଭସାଂ ରୟେ—ଅମର ।) ତରଙ୍ଗ; ପରମ୍ପରା; ଦ୍ରୁତନୃତ୍ୟ, ନୃତ୍ୟରେ ଦ୍ରୁତଗମନ; ଉପଦେଶ । (ଘଟଦ୍ୱୀଘ-ଭକ୍ତି-ମୁଦ୍‌ବହନ୍ ।) ଦ୍ରୁତନୃତ୍ୟ । (ବିଳମ୍ବିତଂ ଦ୍ରୁତଂ ମଧ୍ୟଂ ତତ୍ତ୍ୱମୋଘୋ ଘନଂକ୍ରମାତ୍ —ଅମର ।)

ଓଙ୍କାର, ବି. (ଓମ୍-କୃ-ଅ) ପ୍ରଣବ, ଆଦ୍ୟ ବୀଜ । (ଓଙ୍କାରପ୍ରଣବୌ ସମୌ—ଅମର ।)

ଓଚ୍ଛିଳ, ବି. (ଦେଶଜ) ବିରେଚନ । ଯଥା—

**ଅଜୀର୍ଣ୍ଣ କି ସ୍ୱାପ୍ରାପ୍ୟେ ବାନ୍ତି ଓଚ୍ଛିଳ କର,**
**ତରିଟି ବେଳ ଆଖି ଗୃହନ୍ତ କି ପୁରର ।** ନୃ.ପୁ.ତୃ.ତ.

ବି°. ଉଦ୍‌ଗାରିତ । ଯଥା—

**ଓଚ୍ଛିଳ ରଥ ବୋଲିଣ ନ ଚଢ଼ିଲି ତହିଁ,**
**ସେହିଠାରୁ ବୁଲିଲି ମୃଗବାହନ ହୋଇ । ନୃ.ପୁ.ପ.ତ.**

ଓଜନ, } ବି. (ଦେଶଜ) ତୁଳାଦଣ୍ଡଦ୍ୱାରା
ଉଜନ, } ପରିମାଣ କରିବା ।

ଓଜର, ବି. (ଦେଶଜ) ଆପତ୍ତି ।

ଓଜସ୍, ବି. (ଉଜ୍‌ = ଜୀବିତ ହେବା-ଅସ୍) ତେଜ, ଧାତୁ ତେଜ; ବଳ; ଅବଷ୍ଟମ୍ଭ ବା ପରାକ୍ରମ; ଦୀପ୍ତି; ଶୋଭା । (ଓଜୋଦୀପ୍ତୌ-ବଳେ—ଅମର ।) (ଓଜୋଦୀପ୍ତିପ୍ରକାଶୟୋଃ । ଅବଷ୍ଟମ୍ଭେ ବଳେ ଧାତୁତେଜସୀତି—ହୈମଃ ।) ବାକ୍ୟର ପ୍ରୌଢ଼ତାଦି ଗୁଣ; ସମାସବହୁଳ ଦୀର୍ଘପଦଯୁକ୍ତ ବାକ୍ୟ ।

ଓଜସ୍ୱଳ, ବି°. ( ଓଜସ୍-ବଳ-ଅସ୍ତ୍ୟର୍ଥେ ) ବଳବାନ୍, କ୍ଷମତାଶାଳୀ ।

ଓଜସ୍ୱୀ, ବିଂ. (ଓଜସ୍ୱିନ୍-ଓଜସ୍-ବିନ୍-ଅସ୍ତ୍ୟର୍ଥେ) ତେଜସ୍ୱୀ, ବଳବାନ୍; ଦୀପ୍ତ; ଓଜୋଗୁଣବିଶିଷ୍ଟ ।

ଓଜିଷ୍ଠ, ଓଜୀୟସ୍, ଓଜୀୟାନ୍, } ବି. (ଓଜସ୍-ଇଷ୍ଠ, ଈୟସ୍-ଅସ୍ତ୍ୟର୍ଥେ) ତେଜୀୟାନ୍, ବଳଶାଳୀ; ଓଜୋଗୁଣବିଶିଷ୍ଟ; ଦୀପ୍ତ ।

ଓଝ, ବି. (ଦେଶଜ) ପରିମାଣ ।

ଓଝ, ଓଜ, } ବି. (ଦେଶଜ) ବର୍ଗମୂଳ ବାହାର କରିବା । ଯେପରି ୨୫ର ଓଝ = ୫ ।

ଓଝା, ବି. (ଉପାଧ୍ୟାୟ ଶବ୍ଦଜ, ପ୍ରାକୃତ ଓବଜ୍ଝାଅରୁ ଜାତ) ଶିକ୍ଷକ; ବିଷବୈଦ୍ୟ, ସାପୁଆ, କୁହୁକୀ, ମାୟାବୀ, ବାଜୀକର; ଭୂତବୈଦ୍ୟ, ଯେ ଭୂତ ଛଡ଼ାଏ । ଯଥା—

**ଗଲେଣି ହରି ଜଣା ବୁଝିଣ ଥାନ୍ତୁ ସନ୍ତ,**
**ସବୁଙ୍କ ଓଝା ଆଗେ ରହେ କି ଘୁର ଭୂତ ।**
ନୃ. ପୁ. ପ. ତ.

ଗଣିତାଧ୍ୟାପକ । ଯଥା—

**କାହାଣି ସହିତେ ଯାହାକୁ ମାଗିବୁ**
**ମୂଳ ଅଟେ ତାର ସେହି,**
**ଓଝା କରଣଙ୍କ ପ୍ରୟୋଜନ ଅର୍ଥେ**
**ଲୀଳାବତୀ ସୂତ୍ରେ କହି ।** କାଣୀନଳ ସୂତ୍ର ।

ମାଟିବଂଶ ନାୟକ; ବଢ଼େଇ କମାରଙ୍କ ସଂଜ୍ଞା ।

ଓଝାଳିବା, କ୍ରି. (ଉଦ୍ଧରଣ ଶବ୍ଦଜ) କୂପାଦିର ମୃତ୍ତିକା ଉଦ୍ଧାର କରିବା; ଗୁପ୍ତ ବା ଆଚ୍ଛନ୍ନ ଥିବା ବିଷୟକୁ ପ୍ରକାଶିତ ବା ଦୀପ୍ତ କରିବା ।

ଓଟ, ଉଟ, } ବି. (ଉଷ୍ଟ୍ର ଶବ୍ଦଜ) ଉଷ୍ଟ୍ର । ଯଥା—

**ଓଟ ମହିଷୀ ଗୋରୁ ନର,**
**ଗର୍ଦ୍ଦଭ କେ ଅଶ୍ୱ ଉଗର ।** ଭା. ଦ. ସ୍କ.
**ଉଟଶାଳମାନ ଗୃହ ମେଦିଛ ଯେ ଲକ୍ଷ ।** ସା. ଭା. ସ.

ଓଟରି, ବି. (ଦେଶଜ) ଟଣା ଖାଁଚ । ବିଂ. ଗଡ଼ାଣିଆ । ଯଥା—ଏ ବାଟଟା ବଡ଼ ଓଟରି ପଡ଼ୁଛି ।

ଓଟରିଓଟରି, ବି. (ଦେଶଜ) ଟଣାଟଣି, ଝିଙ୍କାଝିଙ୍କି, ଜଣକୁ ଜଣେ ଟାଣିବା ।

ଓଟାର, ବି. (ଉଦ୍‌ଗାର ଶବ୍ଦଜ) ବାନ୍ତି ଆସିବା । ଯଥା—ହଳଦି ଟିକିଏ ସୁଙ୍ଘିଦେଲେ ଓଟାର ରହିଯାଏ । ବିଂ. (ଦେଶଜ) ଗଡ଼ାଣିଆ, ବୁଲା । (କେବଳ ମାର୍ଗାର୍ଥଶବ୍ଦରେ ପ୍ରଯୁଜ୍ୟ)

ଓଟାରିବା, କ୍ରି. (ଦେଶଜ) ଝିଙ୍କିବା, ବଳେ ଟାଣି ଆଣିବା । ଯଥା—

**ବଳବନ୍ତ ଏକୁଏକ ଆଜ୍ଞାକୁ ମଲ୍ଲ ଅନେକ**
**ଯତ୍ନେ ଓଟାରି ଆଣିଲେ ମଞ୍ଜୁଷ ।** ବୈ. ବି.

ଓଠ, ବି. (ଓଷ୍ଠ ଶବ୍ଦର ଅପଭ୍ରଂଶ) ଅଧର । (ଓଷ୍ଠ ଶବ୍ଦଜ କିନ୍ତୁ ଅର୍ଥ ଭିନ୍ନ) ଚିବୁକ ।

ଓଡ଼, ବି. (ଉଡ୍ର ବା ଓଡ୍ର ଶବ୍ଦଜ) ଉତ୍କଳର ଆଦିମ ନିବାସୀ । ଯଥା—ଏହି ଉତ୍କଳରେ ପ୍ରଥମତଃ ଓଡ଼ମାନେ ନିବାସ କରିଥିଲେ । (ଦେଶଜ) ଥରେ । ଯଥା—କୋହଳ ପାଇଲେ ଦିଓଡ଼ ଚଟନ୍ତି ।

ଓଡ଼ଚଷା, ବି. (ଓଡ୍ର-କୃଷକ-ଏଥିରୁ ଜାତ) ଶୂଦ୍ରମାନଙ୍କର ଜାତିବିଶେଷ ।

ଓଡ଼ପୁଷ୍ପ, ବି. (ଓଡ୍ରପୁଷ୍ପ ଶବ୍ଦଜ) ଜବାପୁଷ୍ପ ।

ଓଡ଼ଶ, ଓଡ଼ଶ, ଉଡ଼ଶ, } ବି. (ଉଦଂଶ ଶବ୍ଦଜ) ଖଟମଲ୍ଲି, ଘୁରପୋକ ।

ଓଡ଼ଶମାରି, ବି. ସ୍ତ୍ରୀ. (ଦେଶଜ) ବୃକ୍ଷବିଶେଷ, ଯାହାର ଫଳ ଘରେ ରଖିଥିଲେ ସେ ଘରେ ଓଡ଼ଶ ରହି ପାରନ୍ତି ନାହିଁ ।

ଓଡ଼ାଙ୍କ, ବି. (ଦେଶଜ) ନିର୍ଦ୍ଦିଷ୍ଟ ପ୍ରଣାଳୀର ଅଙ୍କ ମିଶାଣ ।

ଓଡ଼ାଣ, ବି. (ଦେଶଜ) ଅଙ୍କ ମିଶାଣ ।

ଓଡ଼ାମଡ଼ା, ବି. (ଦେଶଜ) ଏକପ୍ରକାର କୁବାକ୍ୟ, ଏକପ୍ରକାର ଗାଳି ।

ଓଡ଼ି, ବି. (ଉଦ୍‌ଗାର ଶବ୍ଦଜ) ଉଦ୍‌ଗାର । ଯଥା-

**ଦେଖିଲେ ନିରାକାର ଶଯ୍ୟାରେ ଛନ୍ତି ପଡ଼ି,**
**ଉଦରେ ରୋଗ ଦେଇ ମାରନ୍ତି ଗୋଟା ଓଡ଼ି ।**
ନୃ. ପୁ. ପ. ତ.

ଓଡ଼ିଆ, ଓଡ଼ିୟା, } ବି. (ଓଡ୍ରୀୟ ଶବ୍ଦଜ) ଉତ୍କଳବାସୀ । ଯଥା—ଓଡ଼ିଆ ପୂର୍ବେ କର୍ଣ୍ଣାଟ ଜୟ କରିଥିଲେ । ଓଡ଼ିଆଭାଷା । ଯଥା—ଓଡ଼ିଆ ସଂସ୍କୃତ ଓ ପ୍ରାକୃତରୁ ଜାତ ।

ଉତ୍କଳର ଶୂଦ୍ର ଜାତିବିଶେଷ, ଏମାନେ ଖୋରଧା ଅଞ୍ଚଳରେ ଏବଂ ଗଞ୍ଜାମର ଅନେକ ସ୍ଥଳରେ ଅଛନ୍ତି । ଯଥା—

**ହେବ କି ପ୍ରତିଭାଶାଳୀ ମସ୍ତିଷ୍କ ଗଳିତ,**
**ସାଧିବାକୁ ଚିରଦୁଃଖୀ ଓଡ଼ିଆଙ୍କ ହିତ ।** କ. ମ.

ଓଡ଼ଆଣି, } ବି. ସ୍ତ୍ରୀ· (ଦେଶଜ) କଟିମେଖଳା ।
ଓଡ଼ଆଣୀ, } ଯଥା—

**କରେ କଙ୍କଣୀ ବାହୁଟୀ ମଧ୍ୟଦେଶେ**
**ରତ୍ନ ଓଡ଼ଆଣି ଶୋହେ । ର. କ.**

( ଓଡ଼ଆ-ଆଣୀ ) ଉତ୍କଳସ୍ତ୍ରୀ । ଯଥା— ଓଡ଼ଆଣୀ ମୁଣ୍ଡେ ଓଢ଼ଣା ଜାତିର ସୂଚନା । ଉତ୍କଳ ଜାତିବିଶେଷର ସ୍ତ୍ରୀ ।

ଓଡ଼ଶା, ବି. (ଓଡ୍ର ଦେଶ ଶବ୍ଦଜ) ଉତ୍କଳଦେଶ, ଓଡ୍ର ରାଷ୍ଟ୍ର ।

ଓଡ୍ର, ବି. (ଆ-ଉଡ୍ ଆଲିଙ୍ଗନ କରିବା-ର— ସଂଜ୍ଞାର୍ଥେ, ଯେ ସ୍ୱାଦରେ ଭ୍ରାତୃଭାବରେ ଅନ୍ୟକୁ ଆଲିଙ୍ଗନ କରନ୍ତି) ଉତ୍କଳଦେଶ । ଯଥା—

**ତ୍ରୈଲୋଡ୍ର ଦ୍ରାବିଡ଼ାନ୍ଧ୍ରମଗଧାଧୀଶାଦ୍ଧ ରାଜାଗଣେ । କା. ପ. ନା.**

( ଓଡ୍ର କ୍ଷେତ୍ରସୁପ୍ରସିଦ୍ଧଂ ପୁରୁଷୋତ୍ତମ-ସଂଜ୍ଞକଂ । ) ଉତ୍କଳବାସୀ; ପୁଷ୍ପ ବୃକ୍ଷ-ବିଶେଷ, ଜବାପୁଷ୍ପ ।

ଓଡ୍ର, } ବି. (ଓଡ୍ର-ଆ, ଆଖ୍ୟା) ଜବା-
ଓଡ୍ରାଖ୍ୟା, } ପୁଷ୍ପର ବୃକ୍ଷ; ଓଡ୍ର ସ୍ତ୍ରୀ ।

ଓଡ୍ରପୁଷ୍ପ, ବି. (ଓଡ୍ର-ପୁଷ୍ପ) ଜବାପୁଷ୍ପ । (ଓଡ୍ରପୁଷ୍ପଂ ଜବାପୁଷ୍ପଂ—ଅମର ।)

ଓଢ଼ଣଷଷ୍ଠୀ, ବି. ସ୍ତ୍ରୀ. (ଅବଗୁଣ୍ଠନ-ଷଷ୍ଠୀ-ଏଥିରୁ ଉତ୍ପନ୍ନ) ଶ୍ରୀଜଗନ୍ନାଥମହାପ୍ରଭୁଙ୍କ ଶୀତବସ୍ତ୍ର-ଗ୍ରହଣ ତିଥି ଅର୍ଥାତ୍ ମାର୍ଗଶୀର୍ଷ ଶୁକ୍ଳ ଷଷ୍ଠୀ ।

ଓଢ଼ଣା, } ବି. ସ୍ତ୍ରୀ. (ଅବଗୁଣ୍ଠନ ଶବ୍ଦଜ) ସ୍ତ୍ରୀ-
ଓଢ଼ଣ, } ମାନଙ୍କର ମୁଖାଚ୍ଛାଦନ ବସ୍ତ୍ର ।
ଉଢ଼ଣା, } ଯଥା—ଉତ୍କଳୀୟ ସ୍ତ୍ରୀମାନେ ଅପେକ୍ଷାକୃତ ସମଧିକ ଓଢ଼ଣା ଦିଅନ୍ତି । ଦେହ ଉପରସ୍ଥ ବସ୍ତ୍ର । ଯଥା—

**ଆଦରେ କେଦାର ହୃଦେ ଜଡ଼ାଇଲ**
**ରୁଧିରେ ଆର୍ଦ୍ର ଓଢ଼ଣା । କେ. ଗୌ.**

ଓଢ଼ଣୀ, } ବି. ସ୍ତ୍ରୀ. (ଅବଗୁଣ୍ଠନ ଶବ୍ଦଜ)ଉପରଣ
ଓଢ଼ୁଣୀ, } ଅର୍ଥାତ୍ ଦେହ ଉପରେ ପକାଇବା ବସ୍ତ୍ର । ଯଥା—

**ଓଢଣୀ ବସନ ମସ୍ତଚରଣରେ ଲେଟି,**
**ନୀବିବନ୍ଧଛନ୍ଦ ଅଛୁ ମନ୍ଦମନ୍ଦ ଫିଟି । ବି. ଚି.**

ଓଢ଼ିବା, } କ୍ରି. (ଦେଶଜ)ଆଚ୍ଛାଦନ କରିବା,
ଓଢ଼ହେବା, } ଘୋଡ଼ ହେବା । ଯଥା—

**ନୀଳ ନଚୋଳକୁ ଓଢ଼ିଥିବେ ସର୍ବାଙ୍ଗେ । ଲ. ବ.**

ଓତ, ବି. (ଆ-ବେ=ବସ୍ତ୍ରାଦି ବୁଣିବା-ତ) ପ୍ରୋତ; ଅନ୍ତର୍ବ୍ୟାପ୍ତ; ଲୁଗାର ଲମ୍ବିଆଡ଼ର ସୂତା, ଲୁଣ୍ଡି ।

ଓତପ୍ରୋତ, ବିଂ. (ଓତ-ପ୍ରୋତ) ସ୍ଥାନବ୍ୟାପ୍ତ, ସର୍ବସ୍ଥାନ ବ୍ୟାପି ରହିଥିବା ।

ଓତା, ବି. (ହୋତା ଶବ୍ଦର ଅପଭ୍ରଂଶ) ବ୍ରାହ୍ମଣଙ୍କ ସଂଜ୍ଞାବିଶେଷ । ଯଥା—

**ହରିଭଗତ ଆମ୍ଭ ପିତା,**
**ମୋ ନାମ ଦାମୋଦର ଓତା । ଦା. ର.**

(ଓତ ବା ଉତ୍ତପ୍ସୁ ଶବ୍ଦଜ) ଗୃଦର ।

ଓତୁ, ବି. (ଅବ୍=ଗମନ କରିବା-ତୁନ୍)ବିଡ଼ାଳ, ବିରାଡ଼ି । (ଓତୁର୍ବିଡ଼ାଳୋମାର୍ଜାରଃ—ଅମର ।)

ଓଥରା, } ବି. (ଦେଶଜ) ଅବିବାହିତ ଅର୍ଥାତ୍
ଓଥଡ଼ା, } ଯାର ବିବାହ ସମୟ ହୋଇଥିଲେ ସୁଦ୍ଧା ବିବାହ ହୋଇ ନ ଥାଏ ।

ଓଦନ, ବି. (ଉନ୍ଦ୍=ଆର୍ଦ୍ର ହେବା-ଅନ) ସିଦ୍ଧତଣ୍ଡୁଳ, ଅନ୍ନ, ଭକ୍ତ, ଭାତ । ଯଥା— ଦଧ୍ୟୋଦନ ।

ଓଦର, ବି. (ଉଦ୍ଧର ଶବ୍ଦଜ) ଧାନ୍ୟାଧାରଭେଦ ।

ଓଦା, } ବିଂ. ( ଆର୍ଦ୍ର ଶବ୍ଦଜ ) ଆର୍ଦ୍ର ।
ଉଦା, } ଯଥା—

**ପ୍ରକାଶି ବଚନେ ଜାନୁ ସ୍ତନ,**
**ଓଦା ବସନେ କି ସୁବର୍ଣ୍ଣ । ଭା. ଦ. ସ୍କ.**

ଓଧ, } ବି. ଉଭୟଚର ଜନ୍ତୁବିଶେଷ ।
ଓଧୁଅ, }

ଓଧାଣି, } ବି. ( ଦେଶଜ ) ଭାତ ରାନ୍ଧିବାପାଇଁ
ଉଧାଣି, } ଚୁଲିରେ ବସାଇଥିବା ଜଳଭାଣ୍ଡ ।

ଓଧି, ବି. (ଦେଶଜ) କଦଳୀର ମୂଳପିଣ୍ଡ ।

ଓପ୍ରଧ, } ବି. (ଉପରୋଧ ଶବ୍ଦଜ) ଅନୁରୋଧ;
ଓପ୍ରୋଧ, } ମୁହଁ ଦେଖା; ମୁଖପ୍ରୀତି । ଯଥା—

**ନିର୍ଦ୍ଦୟ ନିରପେକ୍ଷ ଗତି, ଓପ୍ରଧ ନ କରଇ ମୂଢ଼ି । ମା.ମା.**
**ବନ୍ଧୁ ଓପ୍ରୋଧେ ବଳରାମ, ଯାଦବ ବଳ କର କ୍ଷାମ୍ୟ ।**
**ଭା. ଦ. ସ୍କ.**

ଓମ୍, ଅଂ. (ଅବ୍ = ରକ୍ଷା କରିବା-ମ୍, କମ୍ବା ଅ = ବିଷ୍ଣୁ, ଉ=ଶିବ, ମ୍ = ବ୍ରହ୍ମା— ସନ୍ଧିଦ୍ୱାରା ଓମ୍) ପ୍ରଣବ, ସକଳ ମନ୍ତ୍ରର ଆଦ୍ୟୋଚ୍ଚାର୍ଯ୍ୟ ବର୍ଣ୍ଣ; ସ୍ୱୀକାର; ଅନୁମତି; ଆରମ୍ଭ; ପ୍ରଶ୍ନ; ରୋଷ; ଅପାକରଣ; ଅବଧାରଣ । (ଓମିତ୍ୟୁମତେ ପ୍ରୋକ୍ତଂ ପ୍ରଣବେ ଶୃତ୍ୟୁ-ପକ୍ରମେ, ଏବଂ ପ୍ରକାରେପମନ୍ୟୋରଙ୍ଗୀ-କାରେଽବଧାରଣେ—ବିଶ୍ୱ । ) ମଙ୍ଗଳ; ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଏହି ବର୍ଣ୍ଣାତ୍ମକ ବୀଜ ।

ଓମୁଣ୍ଡି, ଓମୁଣ୍ଡିଆ, ଓଉମୁଣ୍ଡିଆ, ଓହମୁଣ୍ଡିଆ } ବିଂ. (ଦେଶଜ) ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ । ଏହି ଶବ୍ଦମାନ ବିଶେଷତଃ ସ୍ଥାନାର୍ଥ ଶବ୍ଦ ସହିତ ପ୍ରୟୋଜ୍ୟ ।

ଓର, ବି. (ଦେଶଜ) ସୁବିଧା, ଉପାୟ । ଯଥା—
କେତେ ଦିନ ହେଲା ଖୋଜେ ନିରନ୍ତର,
ନାଶିବାକୁ ତାଙ୍କୁ ପାଇ ନାହିଁ ଓର ।
ଅନୁସନ୍ଧାନ । ଯଥା—
କାହିଁ ଅଛନ୍ତି ମିତ ତୋର, ଦେଖିବୁ ପରି କର ଓର ।

ଓରଦା, ବି ବିଂ. (ଦେଶଜ) ଧାନ ବୁଣିବା ଭୂମିର ଭାଗ । ଯଥା—ତଳ ବୁଣିବା ଭଲ ହେଲାରୁ ଜମିକୁ ଦୁଇ ତିନି ଥର ଚଷି ଓରଦା କରିବାକୁ ହେବ—କୃଷିଶିକ୍ଷା ।

ଓରଫ, ବି. (ଯାବନିକ) ଅପର ନାମ । ଯଥା— ଘନଶ୍ୟାମ ଓରଫ ଘନିଆ । ପ୍ରତିନିଧି; ମାରଫତ ।

ଓରମାନ, ଓରମାନା, } ବି. (ଦେଶଜ) ମନର ବାସନା, ସଙ୍କଳ୍ପ; ଅଭିଳାଷ ।

ଓରମାଳ, ବି. (ଦେଶଜ) ଗୁଦର । ଯଥା—
ବନ୍ଧ ଜୁଡ଼ାକୁ ବେଢ଼ିଛି ଅଁଅଳାଇ ଫୁଲ,
ଉପର ଧରିଛି ଭଲ ଜଳା ଓରମାଳ । ଲ. ବ.

ଓରମ୍ବା, ବି. (ଦେଶଜ) ଯେ କର୍ତ୍ତବ୍ୟ କର୍ମ ନ କରି ଇତସ୍ତତଃ ଫେରି ବୁଲୁଥାଏ, ଲମ୍ପଟ ।

ଓରି, ଉରି, } ବି. (ଦେଶଜ) ଗୃହର କାଷ୍ଠବିଶେଷ ଅର୍ଥାତ୍ ଘରର ଉପରିଭାଗରେ ପକାଇବା କାଷ୍ଠଖଣ୍ଡ (ଚୌକି ଶବ୍ଦ ଦେଖ, ଭୁଣ୍ଡିଆ ଶବ୍ଦ ଦେଖ ।)

ଓରଣିବା, ଓହରିଯିବା, ଓରିବା, ଓହାରିବା, ଓହୋରିବା, } କ୍ରି. (ଦେଶଜ) ପଶ୍ଚାତ୍ପଦ ହେବା, ନିବର୍ତ୍ତିବା । ଯଥା—
ମୋହ ପରି ଲୋକ ଅର୍କ ନକୁ ଡ଼ର
କେହି ଯୁଦ୍ଧ ନକର ରହିବ ଓହର । କୃ.ଭା.ବି.ପ.
ସେ କଥାମାନ ଦେଖି ଗରୁଡ଼ ଓହାରନ୍ତେ,
ଗର୍ବେ ଉନ୍ମତ୍ତ ନାଗ ଧଇଲେ କୋଳାଗ୍ରତେ ।
ନୃ. ପୁ. ଦ୍ୱି. ତ.

ଓଲ, ଓଲୁଅ, } ବି. (ଉଲ୍ଲ ଶବ୍ଦଜ) ସ୍ୱନାମପ୍ରସିଦ୍ଧ କନ୍ଦବିଶେଷ । ଯଥା—
ବନଫଳମାନ ଅଣାଇଲେ ଯେ ସୁବାହୁ,
ଆଳୁ ସାରୁ ଓଲୁଅ ହଲଦ ମିଳେ ଯେହୁ । ସା.ଭା.ସ.

ଓଲକୋବି, ବି. (ଦେଶଜ) ଏକପ୍ରକାର କୋବି ।

ଓଳଗ, ଓଳଗି, ଓଳୋଗ, ଓଳକ, ଓଳକି, } ବି. (ଦେଶଜ) ନମସ୍କାର, ପ୍ରଣାମ । ଯଥା—
ବିବସ୍ତ୍ରାନ ଉଦେ ଗୃହିଁ । ବାହାର ଓଳଗ ବିହି । ବୈ.ବି.
ହନୁ ବୀର ତାହା ଶୁଣୁଣ ଥିଲେ ।
ବେନି ପାଦ ଛୁଇଁ ଓଳଗି କଲେ ॥ ବି. ରା.

ଓଳକିବାର, ଓଳଗିବାର, ଓଳକହେବାର, } କ୍ରି. (ଦେଶଜ) ପ୍ରଣାମ କରିବାର । ଯଥା—
କୁଶଳେ ଅଛନ୍ତି ବୋଲି ଆରତରେ
ଧର୍ମଙ୍କୁ ହୁଅନ୍ତି ଓଳକ । ର. କ.
ସେକ୍ଷଣି ମିଳି ସୁଲକ୍ଷଣୀ ମିତଣୀ
ସଙ୍ଗେ ମାଙ୍ଗଲ୍ୟାକୁ ଓଳଗି । କୋ. ବ୍ର. ସୁ.

ଓଲଟା, ଓଲ୍ଟା, } ବିଂ. (ଉଲ୍ଲୁଣ୍ଠନ ଶବ୍ଦଜ) ବିପରୀତ । ଯଥା—
ଓଲଟା ଯୋଖିଲେ ସେହି ବାଣ ପୁଣି ବିରଗ ଆଣେ ।
ଚ. ଭା.

ଓଲଟାଇବାର, କ୍ରି. (ଉଲ୍ଲୁଣ୍ଠ ଶବ୍ଦଜ) ବିପରୀତ କରିବାର । ଯଥା—
ଦେବ ହେଲେ ଶକ୍ତ ନାହିଁ ଓଲଟାଇ
ଦେବାକୁ ବିଧିକରଣୀ । ଯ. କେ.

ଓଲଟିବାର, କ୍ରି. (ଉଲ୍ଲୁଣ୍ଠ ଶବ୍ଦଜ) ବିପରୀତ ହେବା ।

ଓଳନ, ବି. (ଦେଶଜ) ମାପସୂତା, ବଢ଼େଇ-ମାନଙ୍କ ସୂତ୍ରଯୁକ୍ତ ସୀସା, ରାଜମିସ୍ତ୍ରିର ପରିମାଣ ଯନ୍ତ୍ରବିଶେଷ ।

ଓଳନାଳ, ବି. ( ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ ) ଯିବା ଆସିବା । ଯଥା—କାହିଁକି ବୃଥାରେ ଥରକୁଥର ଓଳନାଳ ହେଉଚୁ ।

ଓଳମ, } ବି. (ଦେଶଜ) ପ୍ରାଚୀର ପ୍ରଭୃତି
ଓଳମ୍ବ, } ସମଲମ୍ବରେ ଉଠୁଅଛି କି ନାହିଁ ଇତ୍ୟାଦି ପରୀକ୍ଷା କରିବାପାଇଁ ରାଜମିସ୍ତ୍ରି-ମାନଙ୍କ ବ୍ୟବହୃତ ଯନ୍ତ୍ରବିଶେଷ । ( ଅବଲମ୍ବ ଶବ୍ଦଜ ) ଲମ୍ବମାନ ରଜ୍ଜୁ; ତଳକୁ ଲମ୍ବିବା ।

ଓଳମା, ବିଂ. (ଦେଶଜ) ନିର୍ବୁଦ୍ଧି, ବୁଦ୍ଧିହୀନ ।

ଓଳମିବାର, } କ୍ରି. ( ଅବଲମ୍ବ ଶବ୍ଦଜ )
ଓଳମ୍ବିବାର, } ତଳକୁ ଲମ୍ବିବାର ।
ଓଳମ୍ବି ପଡ଼ିବାର, } ଯଥା—

ତୃଣକୁ ଦୁଇ ଗୋଡ଼େ ରାମ୍ପୁଡ଼ି ଧରିଲା,
ତଳକୁ ଶିର କରି ଓଳମ୍ବି ପଡ଼ିଲା । କୃ.ଭ.ସ୍ତ୍ରୀ.ପ.

ଓଳରା, ବିଂ. (ଦେଶଜ) ଓଳାରିଥିବା ଅର୍ଥାତ୍ ଛପରବନ୍ଧ ଫିଟାଇଥିବା । ବି. ଛପରବନ୍ଧ ଫିଟାଇବା ।

ଓଳା, ବି. (ଅବଲେପ ଶବ୍ଦଜ) ଝାଡ଼ୁ । ଯେପରି —ଘରଓଳା ।

ଓଳି, ବି. (ଦେଶଜ) ଲଡ଼ୁବିଶେଷ ।

ଓଳିଉଠା, ବି. (ଦେଶଜ) ବିସୂଚୀରୋଗ ।

ଓଳିରିବାର, କ୍ରି. ( ଦେଶଜ ) ଛପରବନ୍ଧ ଫିଟାଇବାର । ଯଥା—

ଘନଗଡ଼ଠାରୁ ଓଳିରି ଛଣ,
ରନ୍ଧାରନ୍ଧି କଲି ଭାତ ଡାଅଣ । ହା. ତ.

ବାହାର କରିବା, ଆଚ୍ଛାଦନ ଉନ୍ମୁକ୍ତ କରିବା । ଯଥା—
ଓଳିରି ଖାପରୁ ଖଣ୍ଡା ଦକ୍ଷିଣମୁଷ୍ଟି ଧରି,
ବୋଇଲେ ସେ ସକ୍ଷସଦେ ସମ୍ବୋଧନ କରି ।
ଭ. ସା. ୮. ୯.

ଓଳି, ବି. (ବଳୀ ଶବ୍ଦଜ) ଛପରର ଶେଷଭାଗ । ଯଥା—ଓଳିରୁ କୁଟା ହିଁକ ନାହିଁ । (କେଳା ଶବ୍ଦଜ) ଦିନାର୍ଦ୍ଧ । ଯଥା—

ଏ ଓଳି ଅନ୍ନ ମୋତେ ଦେବୁ,
ପ୍ରଭାତୁ ଅନ୍ତେ ଚଳିଯିବୁ । ଦା. ର.

(ଦେଶଜ) ମୃତ୍ତିକାପାତ୍ରବିଶେଷ । ଯଥା—
ବାଳୁତ ଖେଳରେ ସେ ହୋଇଲା ବାରୁଆଳି,
ଭବ ଶାପରେ ହୋଇଲା ପାଷାଣର ଓଳି ।
ସା. ଭ. ସ. ପ.

ପ୍ରକାର ବା ଆକୃତି । ଯେପରି—ଏ ପିଲାଟିର ମାର ଓଳି, ଏ ପିଲାଟିର ବାପର ଓଳି । ବିଂ. ପ୍ରକାର ବା ଆକୃତିବିଶିଷ୍ଟ । ଯେପରି—ଏ ପିଲାଟି ବାପର ଓଳି, ଏ ପିଲାଟି ମାର ଓଳି ।

ଓଳିଆ, ବି. (ଦେଶଜ) ଶସ୍ୟାଦି ଯେଉଁ ପାଳ-ନିର୍ମିତ ବଡ଼ିରେ ବାନ୍ଧି ରଖନ୍ତି । ଯଥା—
ଯେଉଁମାନେ ଭିନ୍ନ କର୍ପୂରମାଳିଆ,
ବଢ଼ିଛି ତାଙ୍କ ଗଣ୍ଡି ଯେସନେ ଓଳିଆ । କୃ.ଭ.ଆ.ପ.

ଓଳିଆ, ବିଂ. (ଦେଶଜ) ଯେ ସବଳ ଆକ୍ରମଣ କରି ପଶି ଦୁରିଜୁରି କରିନଏ, ଯେ ଏଣେ ତେଣେ ପଶି ଖାଏ । ଯେପରି—ଓଳିଆ ଗାଈ ।

ଓଳିକ, ବି. (ଦେଶଜ) ପ୍ରଣାମ; ଓଳିକପାଇଁ । ଯେପରି—ତାକୁ ଏ ଓଳିକ ଭାବ ନାହିଁ ।

ଓଳିକଆ, ବିଂ. (ଦେଶଜ) ଏକ ଓଳି-ସମ୍ବନ୍ଧୀୟ, ଏକ ଓଳିର ମାନ । ଯଥା—
ତେବେ ହେଲେ ଜଣ କେତେ ଉଆଗୁଳିଆ,
ଭିକ୍ଷାନ୍ନେ ଉଦରପୂର୍ତ୍ତି କରି ଓଳିକଆ ।
ରଖିଛନ୍ତି ନିଜ ଠେକ ନିଜେ ଅଣ୍ଟା ଭିଡ଼ି ।
ଭ. ସା. ୧୮. ୯.

ଓଳିତଳ, ବି. (ବଳୀ-ତଳ-ଏଥିରୁ ଉତ୍ପନ୍ନ) ପାଣି ଘର ଉପରୁ ଗଡ଼ି ଆସି ଯେଉଁ ସ୍ଥଳରେ ପଡ଼େ ।

ଓଳୁ, } ବିଂ. (ଦେଶଜ) ନିର୍ବୋଧ, ଅଚତୁର ।
ଉଳୁ, } ଯଥା—
ଦୂତ ହୋଇ ନ ଆସିଥିଲେ ତାର ଗାଲୁ
ଭାଙ୍ଗନ୍ତି ସଖିଲୋକମାନଙ୍କୁ କରି ଓଳୁ । କୃ.ଭ.ଉ.ପ.

ଓଳୁଅ, ବି. (ଉଲ୍ବ ଶବ୍ଦଜ) ସ୍ୱନାମପ୍ରସିଦ୍ଧ କନ୍ଦବିଶେଷ ।

ଓଳେଇବାର, } କ୍ରି. ( ଅବଲେପ ଶବ୍ଦଜ )
ଓଳାଇବାର, } ଝାଡ଼ୁ କରିବାର । ଯଥା—
ଘର ଓଳେଇ ଦିଅ ।

ଓଶଥ, } ବି. (ଅଶ୍ୱତ୍ଥ ଶବ୍ଦଜ) ବୃକ୍ଷବିଶେଷ ।
ଉସ୍ଥ, }

ଓଷ, ବି. (ଉଷ=ଦାହ କରିବା-ଅ) ଦାହ, ଦହନ । (ଓଷଃ ପ୍ଲୋଷେ—ଅମର ।)

ଓଷଣ, ବି. (ଉଷ୍=ଦାହ କରିବା-ଅନ) କଟୁ ରସ । ବିଂ. ଦାହକାରକ ।

ଓଷଧି, } ବି. ସ୍ତ୍ରୀ. ( ଓଷ=ଉଷ୍ମ-ଧା-ଇ-ଯେ
ଓଷଧୀ, } ଉଷ୍ମ ଧାରଣ କରେ) ଜ୍ୟୋତିର୍ଲତା, ଯେ ସକଳ ଲତା ରାତ୍ରିକାଳରେ ଜ୍ୱଳଇ; ଫଳପାକାନ୍ତ ବୃକ୍ଷାଦି, ଫଳ ପକ୍ୱ ହେଲେ ଯେ ସବୁ ତରୁ ଲତା ତୃଣ ପ୍ରଭୃତି ଶୁଷ୍କ ହୋଇଯାଏ, ଧାନ୍ୟ, କଦଳୀ ପ୍ରଭୃତି । (ଓଷଧ୍ୟଃ ଫଳପାକାନ୍ତାଃ—ଅମର ।)

ଓଷଧୀଶ, } ବି. (ଓଷଧି-ଈଶ, ଓଷଧୀ-ପତି)
ଓଷଧୀପତି, } ଚନ୍ଦ୍ର, ନିଶାପତି । (ଓଷଧୀଶୋ ନିଶାପତିଃ—ଅମର ।) (ଚନ୍ଦ୍ର ନାମତ୍ୱରୁ) କର୍ପୂର । (ସ୍ତ୍ରୀ-ଆ) ସୋମଲତା ।

ଓଷଧ, }
ଓଷଦ, } ବି. ( ଔଷଧ ଶବ୍ଦର ଅପଭ୍ରଂଶ )
ଓଷଧି, } ଔଷଧ ।

ଓଷସ୍ଥ, } ବି. (ଅଶ୍ୱତ୍ଥ ଶବ୍ଦଜ) ବୃକ୍ଷବିଶେଷ ।
ଉଶଥ, } ଯଥା—

ନାନା ପାପକୁ ମନ ଦେଇ,
ଓଷସ୍ଥ ବୃକ୍ଷ ଯେ କାଟଇ । ବି. ପୁ.

ଓଷୁଅ, ଓସୁଅ, } ବି. ( ଔଷଧ ଶବ୍ଦଜ )
ଓଷୁ, ଓସୁ, ଓସ, } ଔଷଧ ।

ଓଷ୍ଠ, ବି. (ଉଷ୍=ଦଗ୍ଧ ହେବା-ଠ=ଥନ୍, କଟୁ ଅମ୍ଳାଦିଦ୍ୱାରା ବା ଉଷ୍ମତାଦ୍ୱାରା ଯେ ଦଗ୍ଧ ହୁଏ) ଦନ୍ତଚ୍ଛଦ, ଓଠ । ଯଥା—

ବଦନ ଓଷ୍ଠ ସୁଷମା କରି
ପୁଷ୍ଟ ପୌର୍ଣ୍ଣମୀ ପ୍ରାଚୀ କି । ବୈ. ବି.

ଓଷ୍ଠପୁଷ୍ପ,ବି. (ଓଷ୍ଠ=ଓଷ୍ଠୋପମାନ-ପୁଷ୍ପ) ବନ୍ଧୁକ ପୁଷ୍ପ, ବଧୁଲି ଫୁଲ; ବନ୍ଧୁକ ପୁଷ୍ପର ଗଛ ।

ଓଷ୍ଠୀ, ବି. ସ୍ତ୍ରୀ. (ଓଷ୍ଠ-ଈ) ବିମ୍ବଫଳ, ତୋରଡ଼ା ।

ଓଷ୍ଠ୍ୟ, ବିଂ. (ଓଷ୍ଠ-ଯ-ଇଦମର୍ଥେ) ଓଷ୍ଠୋଚ୍ଚାର୍ଯ୍ୟ (ବର୍ଣ୍ଣ), ଯେଉଁ ବର୍ଣ୍ଣ ଓଷ୍ଠ ସ୍ଥାନରୁ ଉଚ୍ଚାରିତ ।

ଓସ, ବି. (ଔଷଧ ଶବ୍ଦଜ) ଔଷଧ ।

ଓସା, ଓଷା, } ବି. (ଉପବାସ ଶବ୍ଦଜ) ଅନଶନ
ଉସା, } ବ୍ରତ । ଯଥା—

ସିଂହ ମାସ ଭାଦ୍ର ଶୁକ୍ଲପକ୍ଷ ଷଷ୍ଠୀ ଦିନ,
ଓଷା ପୂଜିବାକୁ ମାଏ କଲେକ ଗମନ । ନୃ.ପୁ.ଭୃ.ତ.

ଓସାର, ବି. ବିଂ. ( ପ୍ରସାର ଶବ୍ଦଜ ) ପ୍ରସ୍ଥ ଅର୍ଥାତ୍ ବିସ୍ତାର । ଯଥା—

ଦଶ ଯୋଜନ ଓସାର ଦିବ୍ୟ ରମ୍ୟ ସ୍ଥାନ । ବି. ଗ୍ର.

ବିସ୍ତୃତ । ଯଥା—ଓସାର ଲୁଗା, ଓସାର ବଖରା ।

ଓସାରିଆ, ବିଂ. (ଓସାର-ଇଆ) ଚଉଡ଼ା, ଓସାରଯୁକ୍ତ ।

ଓସୁଲ, ବି. (ଯାବନିକ) ଜମା ।

ଓସ୍ତାତ, } ବିଂ. ବି. ମଲ୍ଲ ବା ଶୂର; କାର୍ଯ୍ୟ-
ଓସ୍ତାଦ, } କୁଶଳ; ଗୁରୁ ।

ଓସ୍ତାତି, } ବି. (ଯାବନିକ) ଚମତ୍କାରିତା ବା
ଓସ୍ତାଦି, } କୌଶଳ । ଯଥା—

ମନ ମାନିଗଲା ପରି ଦେଖି ସେ ଓସ୍ତାତି,
କଟକର କାରିଗିରି ଦ୍ରବ୍ୟ ନାନାଜାତି । ଉ. ଭ୍ର.

ଶୂରତା ।

ଓହ, ବି. ( ଆ-ବହ୍=ବହନ କରିବା-ଅ ) ସମ୍ୟକ୍ ବହନ । ବିଂ. ବାହକ; ପ୍ରାପକ । (ଉଭ ଶବ୍ଦଜ, ପ୍ରାକୃତ) ଉଭୟ । ଯଥା—

ଓହ ବଳ ଥାଟ ଯାଇ ହୋଇଲେକ ଭେଟ,
ଭୀଷ୍ମ ଦ୍ରୋଣ ପ୍ରବେଶିଲେ କୃଷ୍ଣଙ୍କ ନିକଟ । ସା.ଭା.ସ୍ୱ.ପ.

ଓହଳ, ବି. (ଅବରୋହ ଶବ୍ଦଜ) ବର ପ୍ରଭୃତି ଗଛ ଡାଳରୁ ଚେର ପରି ଯେଉଁ ଅଂଶ ବାହାରି ତଳକୁ ଲମ୍ବିଥାଏ । ଯଥା—

ଅଶ୍ୱତ୍ଥ ଓହଳ ପରାଏ ଜଟିଲ ପର୍ଣ୍ଣଛନ୍ନତଳବାସୀ ।
ପାଟକୁରା ।

ଓହଳା, } ବିଂ. (ଦେଶଜ) ଲମ୍ବିତ । ବି.
ଓହୋଳା, } ବୈଦିକ ବ୍ରାହ୍ମଣବିଶେଷ ।
ଯଥା—

ପରଶିଲେ ଥିଲା ଯେବେ ସମ୍ପତ୍ତି ଅଚଳା,
ବିକ ହୋଇ ପଟେ ହେଲେ ଏଣିକି ଓହଳା ।
ଉ. ସା. ୮. ୯.

ଓହଳାଇବାର, କ୍ରି. (ଦେଶଜ) ଲଟକାଇବାର, ଝୁଙ୍କି ନତ କରିବାର ।

ଓହଳବାର, ଓହୋଳିବାର, ଓହୁଳବାର, } କ୍ରି. (ଦେଶଜ) ଲମ୍ବିବାର; ଦୋଳିବାର । ଯଥା—

କୃଷକର ହୁଆ ପୂର୍ଣ୍ଣ ହୁଅଇ ସେକାଳେ,
ଓହଳ ରହିଛି ଝଙ୍କା ଥଳ ମାଳେ ମାଳେ । କୃଷିସୁତ ।

ଓହୋ, ଅଂ. (ଅହୋ ଶବ୍ଦଜ) ଖେଦାର୍ଥସୂଚକ । ଯଥା—

ଓହୋ ! ମୁଁ ତାପସ ବାଳକ ଜଳ ନେବାପାଇଁ । ଦ.ବି.

ଆଶ୍ଚର୍ଯ୍ୟସୂଚକ । ଯଥା—ଓହୋ ! ଏଡ଼େ ବେଗି ଏପରି ହୋଇଗଲା !

ଓହ୍ଲା, ବି. (ଦେଶଜ) ନିମ୍ନଭାଗକୁ ଆଣିବା, ତଳକୁ ଆସିବା ।

ଓହ୍ଲାଇବାର, ଓହ୍ଲେଇବାର, } କ୍ରି. (ଦେଶଜ) ଉପରୁ ତଳକୁ ଆସିବାର । ଯଥା—

ନବୀନ ସୁନ୍ଦର ଲୁଟବାସ ଘେନି
କଦମ୍ବବୃକ୍ଷରୁ ଓହ୍ଲାଇ । ବି.ଚ.ମ.

---

# ଔ

**ଔ**, ବି. ଚତୁର୍ଦ୍ଦଶ ସ୍ୱରବର୍ଣ୍ଣ; ଅନନ୍ତ; ଶବ୍ଦ । ସ୍ତ୍ରୀ. ପୃଥିବୀ । ଅଂ. ଆହ୍ୱାନ, ସମ୍ବୋଧନ; ନିଷେଧ; ବିରୋଧ; ନିର୍ଣ୍ଣୟ ।

ଔକଥ୍ୟ, ବି. ( ଉକଥ=ଗର୍ଗମୁନି-ଯ-ଅପତ୍ୟାର୍ଥେ—ଭାବାର୍ଥେ) ଗର୍ଗମୁନିଙ୍କ ପୁତ୍ର; ସାମବେଦର ଅର୍ଥବିଶେଷ ।

ଔଖ୍ୟ, ବିଂ. ( ଉଖା-ପାତ୍ରବିଶେଷ-ଯ-ନିଷ୍ପନ୍ନାର୍ଥେ) ସ୍ଥାଳୀପକ୍ୱ (ଅନ୍ନାଦି) ।

ଔଘ, ବି. (ଓଘ-ଅ) ଜଳସଂଘାତ, ଜଳରାଶି ।

ଔଚିତୀ, ଔଚିତ୍ୟ, } ବି. ସ୍ତ୍ରୀ. (ଉଚିତ-ଅ-ସ୍ତ୍ରୀ-ଈ, ଉଚିତ-ଯ) ଉଚିତତା, ଉପଯୁକ୍ତତା, କର୍ତ୍ତବ୍ୟତା, ନ୍ୟାଯ୍ୟତା । (ଔଚିତ୍ୟମୌଚିତୀ—ଅମର ।)

ଔଜସିକ, ବିଂ. ( ଓଜସ୍-ଇକ-ଇଦମର୍ଥେ ) ତେଜସ୍ୱୀ, ବଳଶାଳୀ; ଶୂର ।

ଔଜସ୍ୟ, ବି. (ଓଜସ୍-ଯ-ସ୍ୱାର୍ଥେ) ତେଜସ୍ୱିତ୍ୱ, ପ୍ରଖର ଭାବ, ଉଗ୍ରତା ।

ଔଜ୍ଜ୍ୱଲ୍ୟ, ବି. ( ଉଜ୍ଜ୍ୱଳ-ଯ-ଭାବାର୍ଥେ ) ଉଜ୍ଜ୍ୱଳତା, ଦୀପ୍ତି ।

ଔଡ଼ୁମ୍ବର, ଔଦୁମ୍ବର, } ବିଂ. ( ଉଡ଼ୁମ୍ବର-ଅ-ଭବେ ) ଉଡ଼ୁମ୍ବରସମ୍ବନ୍ଧୀୟ, ଉଡ଼ୁମ୍ବର କାଷ୍ଠନିର୍ମିତ; ତାମ୍ର ବା ରଜତନିର୍ମିତ (ପାତ୍ର) । ( ବୃହଦୌଡ଼ମ୍ବରପାତ୍ରଂ । ) ବି. ତାପସବିଶେଷ; ତାମ୍ର; ମହାକୁଷ୍ଠରୋଗବିଶେଷ; ଚତୁର୍ଦ୍ଦଶ ଯମାନ୍ତର୍ଗତ ଯମ । (ଔଡ଼ୁମ୍ବରାୟ ଦଧ୍ନାୟ ନୀଳାୟ ପରମେଷ୍ଠିନେ ।)

ଔଡ଼୍ର, ବି. (ଓଡ଼୍ର-ଅ-ପାଳନାର୍ଥେ) ଓଡ଼୍ରଦେଶର ରାଜା ।

ଔତ୍କଣ୍ଠ୍ୟ, ବି. ( ଉତ୍କଣ୍ଠା-ଯ-ଇଦମର୍ଥେ ) ଉଦ୍‌ବେଗଜନ୍ୟ କ୍ଳେଶ, ଚିତ୍ତଚାଞ୍ଚଲ୍ୟ, ମନର ଅସ୍ଥିରତା ।

ଔତ୍କର୍ଷ୍ୟ, ବି. (ଉତ୍କର୍ଷ-ଯ-ଇଦମର୍ଥେ) ଉନ୍ନତି; ବୃଦ୍ଧି; ଉତ୍କର୍ଷତା ।

ଔତ୍ପାତିକ, ବିଂ. (ଉତ୍ପାତ-ଇକ-ଇଦମର୍ଥେ) ଦୈବସମ୍ବନ୍ଧୀୟ; ଉତ୍ପାତବିଶିଷ୍ଟ; ଉପଦ୍ରବାନ୍ୱିତ; ଅଶୁଭସୂଚକ ।

ଔତ୍ସୁକ୍ୟ, ବି. ( ଉତ୍ସୁକ-ଯ-ଭାବାର୍ଥେ ) ଉତ୍ସୁକତା; ଉତ୍କଣ୍ଠା; ଉଦ୍‌ଯୁକ୍ତତା; ଆଗ୍ରହ; ବ୍ୟଗ୍ରତା ।

ଔଦନିକ, ବିଂ. (ଓଦନ=ଭାତ-ଇକ—ପାଚକାର୍ଥେ) ସୂପକାର, ପାଚକ । (ସୂଦା ଔଦାନିକା ଗୁଣାଃ—ଅମର ।)

ଔଦରିକ, ବିଂ. (ଉଦର-ଇକ-ଆସକ୍ତ୍ୟର୍ଥେ) ଉଦରମ୍ଭରି, ପେଟୁକ, ଯେ ନିଜର ପେଟ ପୂରାଇବାପାଇଁ କେବଳ ବ୍ୟାକୁଳ; ଉତ୍କର୍ଷେଚ୍ଛାରହିତ । (ଆଦ୍ୟୂନଃ ସ୍ୟାଦୌଦରିକୋ ବିଜିଗୀଷାବିବର୍ଜିତେ—ଅମର ।)

ଔଦାର୍ଯ୍ୟ, ବି. (ଉଦାର-ଯ) ଉଦାରତା, ମହତ୍ତ୍ୱ, ବଦାନ୍ୟତା, ଦାତୃତ୍ୱ ।

ଔଦାସୀନ୍ୟ, ବି. ( ଉଦାସୀନ-ଯ ) ଉଦାସୀନତା, ଉପେକ୍ଷା; ନିଃସମ୍ପର୍କ ।

ଔଦାସ୍ୟ, ବି. ( ଉଦାସ-ଯ ) ବୈରାଗ୍ୟ; ଅମନୋଯୋଗ; ଉପେକ୍ଷା ।

ଔଦ୍ଧତ୍ୟ, ବି. (ଉଦ୍ଧତ-ଯ) ଧୃଷ୍ଟତା, ପ୍ରଗଲ୍‌ଭତା, ଅନମ୍ରତା, ଅଶିଷ୍ଟତା ।

ଔଦ୍‌ବାହିକ, ବିଂ. (ଉଦ୍‌ବାହ-ଇକ-ଇଦମର୍ଥେ) ବିବାହ କାଳରେ ଲବ୍‌ଧ (ଯୌତୁକ) । ବିବାହକାଳେ କୃତ; ବିବାହସମ୍ବନ୍ଧୀୟ ।

ଔଧସ୍ୟ, ବି. (ଉଧସ୍‌-ଯ-ଇଦମର୍ଥେ) ପଶୁର ସ୍ତନ୍ୟ ଦୁଗ୍‌ଧ ।

ଔନ୍ନତ୍ୟ, ବି. (ଉନ୍ନତ-ଯ) ଉନ୍ନତି; ଉଚ୍ଚତା ।

ଔପଗୁରିକ, ବିଂ. ( ଉପଗୁର-ଇକ ) ଉପଗୁରସମ୍ବନ୍ଧୀୟ । ବି. ଉପଗୁର ।

ଔପଦେଶିକ, ବିଂ. (ଉପଦେଶ-ଇକ) ଉପଦେଶୋପଜୀବୀ; ଉପଦେଶଦ୍ୱାରା ପ୍ରାପ୍ତ ।

ଔପନାୟନିକ, ବିଂ. (ଉପନୟନ-ଇକ-ପ୍ରୟୋଜନାର୍ଥେ) ଉପନୟନପ୍ରୟୋଜକ, ଉପନୟନସମ୍ବନ୍ଧୀୟ ।

ଔପନୀବିକ, ବିଂ. (ଉପ-ନୀବି-ଇକ) ନୀବି ସମୀପରେ ସ୍ଥିତ ।

ଔପପତ୍ତିକ, ବିଂ. (ଉପପତ୍ତି-ଇକ) ନିୟମ ସିଦ୍ଧାନ୍ତ ବା ଗ୍ରନ୍ଥଦ୍ୱାରା ଯାହା ପ୍ରତିପନ୍ନ ହୁଏ ।

ଔପମିକ, ବିଂ. ( ଉପମା-ଇକ-ନିର୍ଦ୍ଦେଶାର୍ଥେ ) ଉପମାଦ୍ୱାରା ନିର୍ଦ୍ଦିଷ୍ଟ ।

ଔପମ୍ୟ, ବି. ( ଉପମା-ଯ-ସ୍ୱାର୍ଥେ ) ସାଦୃଶ୍ୟ, ତୁଲ୍ୟତା ।

ଔପୟିକ, ବିଂ. ( ଉପାୟ-ଇକ-ଇଦମର୍ଥେ ) ଉପାୟଲବ୍‌ଧ; ନ୍ୟାଯ୍ୟ, ଉପଯୁକ୍ତ; ଉପଯୋଗୀ । ବି.ଉପାୟ;ଯୁକ୍ତି । (ଯଦବୌପୟିକଂ କାର୍ଯ୍ୟଂ ତଚ୍ଛିନ୍ତୟିତୁମର୍ହସି—ଭାରତ ।)

ଔପସର୍ଗିକ, ବିଂ. (ଉପସର୍ଗ = ଉପଦ୍ରବ-ଇକ) ଉପସର୍ଗସମ୍ବନ୍ଧୀୟ । ବି. ସନ୍ନିପାତରୋଗବିଶେଷ ।

ଔପାଧ୍ୟାୟିକ, ବିଂ. (ଉପାଧ୍ୟାୟ-କ-ଇଦମର୍ଥେ) ଉପାଧ୍ୟାୟସମ୍ବନ୍ଧୀୟ; ଉପାଧ୍ୟାୟଙ୍କଠାରୁ ଲବ୍‌ଧ ।

ଔପାୟିକ, ବିଂ. (ଉପାୟ-ଇକ) ଉପାୟସାଧ୍ୟ ।

ଔରଭ୍ର, ବି. (ଉରଭ୍ର = ମେଷ-ଅ-ଇଦମର୍ଥେ) କମ୍ବଳ; ଊର୍ଣ୍ଣାନିର୍ମିତ ଆସନ; ଗାଲିଚା;ମେଷସମୂହ; ମେଷମାଂସ । ବିଂ. ମେଷସମ୍ବନ୍ଧୀୟ ।

ଔରଭ୍ରକ, ବି. (ଉରଭ୍ର=ମେଷ-କ-ସମୂହାର୍ଥେ) ମେଷସମୂହ ।

ଔରସ, ଔରସ୍ୟ, } ବିଂ. ( ଉରସ୍‌ = ଶ୍ରେଷ୍ଠ-ଅ, ଯ ) ( ଦ୍ୱାଦଶ ପୁତ୍ର ମଧ୍ୟରେ ଶ୍ରେଷ୍ଠ ) ଧର୍ମପତ୍ନୀଙ୍କ ଗର୍ଭରୁ ସ୍ୱୟଂଉତ୍ପାଦିତ(ସନ୍ତାନ) । (ସ୍ୱଜାତେ ତ୍ୱୌରସୌରସ୍ୟୌ—ଅମର ।)

ଔର୍ଦ୍ଧ୍ୱଦେହିକ, ଔର୍ଦ୍ଧ୍ୱଦୈହିକ, } ବି. ( ଊର୍ଦ୍ଧ୍ୱ-ଦେହ-ଇକ ) ଦେହ ଧ୍ୱଂସ ପରେ କ୍ରିୟମାଣ ଦାହତର୍ପଣାଦି କର୍ମ, ଅନ୍ତ୍ୟେଷ୍ଟି,ପ୍ରେତକୃତ୍ୟ । ବିଂ. ଅନ୍ତ୍ୟେଷ୍ଟିସମ୍ବନ୍ଧୀୟ ।

ଔର୍ବ, ବି. (ଉର୍ବ-ଅ-ଇଦମର୍ଥେ) ବାଡ଼ବାନଳ, ସମୁଦ୍ରୀୟ ଅଗ୍ନି । (ଔର୍ବସ୍ତୁ ବାଡ଼ବୋବଡ଼ବାନଳଃ—ଅମର ।) ଉର୍ବମୁନିଙ୍କ ଉରୁଜାତ ପୁତ୍ର । (ଉର୍ବୀ-ଅ) ବିଂ. ପାର୍ଥିବ, ପୃଥ୍ୱୀସମ୍ବନ୍ଧୀୟ ।

ଔର୍ବଶେୟ, ବି. ( ଉର୍ବଶୀ-ଏୟ-ଅପତ୍ୟାର୍ଥେ ) ଉର୍ବଶୀପୁତ୍ର; ଅଗସ୍ତ୍ୟ ।

ଔଲୂକ, ବି. ( ଉଲୂକ-ଅ-ସମୂହାର୍ଥେ ) ପେଚକସମୂହ, ପେଚୁସମୂହ ।

ଔଲୂକ୍ୟ, ବି. (ଉଲୂକ-ଯ ସାଦୃଶ୍ୟାର୍ଥେ) ଉଲୂକପ୍ରଣୀତ ବୈଶେଷିକ ଦର୍ଶନବିଶେଷ; ବୈଶେଷିକ ଦର୍ଶନପ୍ରଣେତା ।

ଔଶନସ, ବି. (ଉଶନସ୍‌-ଅ) ଶୁକ୍ରାଚାର୍ଯ୍ୟପ୍ରଣୀତ ଉପପୁରାଣ; ଦଣ୍ଡପ୍ରୟୋଗରୂପ ଶାସ୍ତ୍ର । ବିଂ. ଉଶନସସମ୍ବନ୍ଧୀୟ । (ସ୍ତ୍ରୀ-ଆ) ଶୁକ୍ରାଚାର୍ଯ୍ୟଙ୍କ ପୁତ୍ରୀ, ଦେବଯାନୀ ।

ଔଶୀର, } ବି. (ଉଶୀର-ଅ-ଭବାର୍ଥେ)ଚାମର-
ଔଷୀର, } ଦଣ୍ଡ; ଉଶୀରମୟ ଶୟନାସନ ।
(ଔଶୀରଶ୍ଚାମରେଦଣ୍ଡେଽପ୍ୟୌଶୀରଂ ଶୟ-
ନାସନେ—ଅମର ।)

ଔଷଧ, ବି. (ଓଷଧି-ଅ-ଭବାର୍ଥେ)ରୋଗନାଶକ
ବସ୍ତୁ, ଭେଷଜ, ଓଷଧି ।

ଔଷଧାଜୀବ, ବି. (ଔଷଧ-ଆଜୀବ = ବୃତ୍ତି) ଔଷଧ
ବିକ୍ରୟଦ୍ୱାରା ଯେ ଜୀବିକା ନିର୍ବାହ କରେ,
ଔଷଧବ୍ୟବସାୟୀ ।

ଔଷଧାଳୟ,ବି.(ଔଷଧ-ଆଳୟ) ଯେଉଁ ସ୍ଥାନରେ
ଔଷଧ ଥାଏ, ଡାକ୍ତରଖାନା ।

ଔଷର,ବି.(ଉଷର-ଅ-ଇଦମର୍ଥେ) ପାଂଶୁଳବଣ
ବିଂ. ଉଷରଭୂମିଜାତ ।

ଔଷସ, ବିଂ. ( ଉଷସ୍-ଅ-ଇଦମର୍ଥେ ) ଉଷା-
ସମ୍ବନ୍ଧୀୟ ।

ଔଷ୍ଟ୍ର, ବିଂ. (ଉଷ୍ଟ୍ର-ଅ) ଉଷ୍ଟ୍ରସମ୍ବନ୍ଧୀୟ ।

ଔଷ୍ଟ୍ରକ, ବି. (ଉଷ୍ଟ୍ର-କ-ସମୂହାର୍ଥେ) ଉଷ୍ଟ୍ରସମୂହ ।

ଔଷ୍ଠ୍ୟ, ବିଂ. (ଓଷ୍ଠ-ଯ) ଓଷ୍ଠୋଚ୍ଚାର୍ଯ୍ୟ (ବର୍ଣ୍ଣ) ।

ଔଷ୍ଣ, } ବି. (ଉଷ୍ଣ-ଅ, ଯ—ଭବାର୍ଥେ)
ଔଷ୍ଣ୍ୟ, } ଉଷ୍ଣତା, ସନ୍ତାପ, ଉତ୍ତାପ ।

ଔଷ୍ଣୀଷିକ, ବିଂ. ( ଉଷ୍ଣୀଷ-କ-ଶୋଭାର୍ଥେ )
ଉଷ୍ଣୀଷଧାରୀ । ବି. ରାଜା ।

ଔଷ୍ମ, } ବି. ( ଉଷ୍ମନ୍-ଅ, ଯ ) ଉଷ୍ମତା,
ଔଷ୍ମ୍ୟ, } ଉଷ୍ଣତା ।

---

# କ

**କ**, ବି. ପ୍ରଥମ ବ୍ୟଞ୍ଜନବର୍ଣ୍ଣ । (କୈ = ଶବ୍ଦ
କରିବା କମ୍ବା କର୍ = ଦୀପ୍ତି ପାଇବା-ଅ)
ବିଷ୍ଣୁ; ବ୍ରହ୍ମା; ରୁଦ୍ର; ବାୟୁ; ଯମ; ସୂର୍ଯ୍ୟ;
ଆତ୍ମା; ରାଜା; ଅଗ୍ନି; ଦକ୍ଷ; ମୟୂର; କନ୍ଦର୍ପ;
କାଳ; ପକ୍ଷୀ; ଦୀପ୍ତି; ରୋଗ; ଶରୀର; ଶବ୍ଦ;
କେଶ; ମସ୍ତକ; ଜଳ; ସୁଖ; ମନ; ଧନ ।
( କୋ ବ୍ରହ୍ମଣି ସମୀରାତ୍ମଯମଦକ୍ଷେଷୁ
ଭାସ୍କରେ । ମୟୂରେଽଗ୍ନୌ ଚ ପୁଂସି ସ୍ୟାତ୍
ସୁଖଶୀର୍ଷଜଲେଷୁ କଂ—ମେଦିନୀ ।)

କଁ କଁ, ଅଂ. (ଦେଶଜ) ଅନୁକରଣଧ୍ୱନିବିଶେଷ ।

କଅଁ କଅଁ, କ୍ରି. ବିଂ. ( ଦେଶଜ ) ଶିଶୁର
କ୍ରନ୍ଦନଧ୍ୱନି ।

କଅଁଣ, }
କଅଣ, } ସର୍ବଂ. (କିମ୍ ଶବ୍ଦଜ) କିସ ।
କଣ, }

କଅଁରା, } ବିଂ.(ଦେଶଜ) ପାଣ୍ଡୁରବର୍ଣ୍ଣବିଶିଷ୍ଟ ।
କହରା, } ଯଥା—
କରଚରଣ୍ଣ ଗଣ୍ଡି ଦଶନ ଯାର ଉଚ୍ଚ ।
ଅଟି କଅଁରା ହୋଇ ଦିଶଇ ପରପଞ୍ଚ । ନୃ.ପୁ ବୃ.ଚ.

କଅଁଳ, } ବିଂ. ( କୋମଳ ଶବ୍ଦଜ,
କଅଁଳିଆ, } କଅଁଳ-ଇଆ—ସ୍ୱାର୍ଥେ) ମୃଦୁ ।
ଯଥା—
ପିଲାଟିର ଶରୀର ବଡ଼ କଅଁଳ । ନବୀନ ।
ଯଥା—
ଆରେ, କଅଁଳିଆ ହୋଇଥିଲେ ମଧ୍ୟ ଏଇ ଆମ୍ବ
ବଉଳଟି,
ଗଣ୍ଡି ଛୁଣ୍ଡାଇ ଦେବାକୁ କେମିତି ସୁଗନ୍ଧ ହେଉଛି ।
ଶ. ନା. ସୁ. ଯୁ.

କଅଁଳା, ବିଂ. (କୋମଳ ଶବ୍ଦଜ) ସଦ୍ୟଜାତ ।
ଯଥା—
କରିବ ତୁମ୍ଭେ ଏତେକ, କଅଁଳା ପୁଅ ଯେତେକ
ମାରିବାକୁ ଯେ ଯାହାରେ ଚହିବ ଡାକ । ର. କ.
ଅତି ଅଳ୍ପବୟସ୍କ । ଯଥା—
କାଳୀୟଯାକ ହେଲ ଗୋପରେ ଡକା ।
କଅଁଳା ପୁଅର ରେଖ-ଜୀବିକା । ର. କ.
ପ୍ରସବ କରିଥିବା ଗାଈ ପ୍ରଭୃତି । ଯଥା—
କଅଁଳା ଗାଈ, ମାରି ଆସୁଥାଇ ଦେଖିଣ ଛୁଇ । ଚଗ ।
ସୁକୁମାର । ଯଥା—
କେ ବୋଲନ୍ତୁ ପୋଡ଼ଯାଉ ଆମ୍ଭ ରାଜ୍ୟ ସୁଖ ।
ପାଇଲେ କଅଁଳା ପୁଅ ରାଜା ଏତେ ଦୁଃଖ ।
ନୃ. ପୁ. ପ୍ର. ଚ.

କଅଁଳାଇବାର, } କ୍ରି.(ଦେଶଜ)ଗୋରୁ ପ୍ରଭୃତି
କଁଳାଇବାର, } ଜନ୍ମ କରିବାର । ଯଥା—
ତାଙ୍କ ଗାଈଟି ଅଣ୍ଡିରା ବାଛୁରୀ କଅଁଳାଇଛି ।

କଅଁଳାଇବାର } କ୍ରି. କୋମଳ ବାକ୍ୟଦ୍ୱାରା
କଅଁଳେଇବାର } ଭଣ୍ଡାଇବାର ।

କଅଁଳବାର, } କ୍ରି. ( କୋମଳ ଶବ୍ଦଜ )
କଅଳବାର, } ପଲ୍ଲବିବା । ଯଥା—
**ମନୋଜ ତରୁରେ ପଲ୍ଲବ କଅଳ ଫୁଟିଲା ପରା ପ୍ରସୂନ । ଉର୍ବଶୀ**

ଅଙ୍କୁରିବାର କିମ୍ବା ଜାତ ହେବାର । ଯଥା—
**ପୁଣିହି ମାଂସ କାଟିପକାନ୍ତେ କୋପାନଳେ ।**
**ଏଣେ କାଟନ୍ତେ ତେଣେ କଅଁଳେ ତତକାଳେ ।**
**ନୃ. ପୁ. ଚ. ଭ.**

କଅଁଳକୁହା, ବି. କୋମଳ ବାକ୍ୟରେ କହିବା ।
ବିଂ. ଯେ କୋମଳ ବାକ୍ୟଦ୍ୱାରା ଭଣ୍ଡାଏ ।

କଇଁ, ବି. (ଦେଶଜ) କୁମୁଦ ପୁଷ୍ପ । ଯଥା—
**ବିତରଇ ନୀଳକଇଁ ଅପ୍ରଗଲ୍‌ଭ ସ୍ନିଗ୍ଧ ସୌରଭେ । ଉଷା**

କଇଁକଇଁ, ଅଂ. (ଦେଶଜ) କ୍ରନ୍ଦନର ଅନୁକରଣ ।

କଇଁଆ, } ବି. (ଦେଶଜ) ଅପକ୍ୱ ତେନ୍ତୁଳି ଫଳ ।
କଯୂଁା, }

କଇଁଚ, } ବି. (କଚ୍ଛପ ଶବ୍ଦଜ) କୂର୍ମ । ଯଥା—
କଇଁଛ, }
**କୁନ୍ତୀ ଜଳେ ମୋତେ ଭସାଇ ଦେଇଥିଲେ ।**
**ଧର୍ମବଳେ ମାଛ କଇଁଚ ନ ଖାଇଲେ । କୃ. ଷ. ଜ. ପ.**

କଇଁଚଢ଼, ବି. (ଦେଶଜ) ଚେମା ଖେଳରେ ଗୋଟିଏ ମାତ୍ର କଉଡ଼ି ଚିତ୍ ହୋଇ ପଡ଼ିବା ।

କଇଁଚୀ, } ବି. ସ୍ତ୍ରୀ. ( ଦେଶଜ ) ଏକପ୍ରକାର
କଇଞ୍ଚୀ, } କୁସି ବା କଚୁରି ।

କଇଁଚକାକୁଡ଼, ବି. (ଦେଶଜ) ବିମ୍ବଫଳ ।

କଇଁଚଆ, ବି. (ଦେଶଜ) ରୋଗବିଶେଷ ।

କଇଁଥ, ବି. (କପିତ୍ଥ ଶବ୍ଦଜ) ଫଳବିଶେଷ ।

କଇଁଥା, ବିଂ. (ଦେଶଜ) ଦରସିଝା; ଟାଣୁଆ ।

କଇଁବେଣ୍ଟ, ବି. (କୁମୁଦ-ବୃନ୍ତ-ଏଥିରୁ ଉତ୍ପନ୍ନ) କଇଁ ନାଡ଼ ମୂଳରେ ଯେଉଁ ଗୋଲାକାର ପଦାର୍ଥ ଥାଏ, ତାହା ମଧ୍ୟରୁ ଯେଉଁ କ୍ଷୁଦ୍ର ମଞ୍ଜି ବାହାରେ ।

କଇ, ବି. (ଦେଶଜ) ବାନ୍ତି, ବମନ ।

କଇଠ, }
କଇଥ, } ବି. (କପିତ୍ଥ ଶବ୍ଦଜ, ପ୍ରାକୃତ) ବୃକ୍ଷ
କଇଥି, } ଓ ଫଳବିଶେଷ । ଯଥା—
କଇଁଥ, }
**କଇଥି ଗଛ ଦେଖି ପୋଏ ।**
**ରାମକୁ କହିଲେ ଥୋକାଏ ।। ଭା. ଦ. ସ୍କ.**
**ଜାମ୍ବୁ କଇଥ ନଡ଼କୋଳି ।**
**ଅମୃତ ସର୍ବ ଆଦି ମେଳି ।। ବ. ପୁ.**

କଇଦଖାନା, } ବି. ( ଯାବନିକ ) ବନ୍ଦୀଘର,
କଏଦଖାନା, } କାରାଗାର ।

କଇଦୀ, } ବିଂ. ( ଯାବନିକ ) ବନ୍ଦୀ, ଯେଉଁ
କଏଦୀ, } ଅପରାଧୀକୁ ଅଟକ ରଖାଯାଏ ।

କଇଫିଅତ, } ବି. ( ଆରବ୍ୟ ) ଦୋଷିଠାରୁ
କୈଫିୟତ, } ଦୋଷର ବିବରଣ ଲେଖାଇ-ନେବା ପତ୍ର ।

କଇରି, ବି. (ଦେଶଜ) ଧାନ୍ୟାଦି ରଖିବାପାଇଁ ବେତ କିମ୍ବା ବାଉଁଶନିର୍ମିତ ବୃହତ୍ପାତ୍ର ।

କଇଲାଣ, } ବି. (କଲ୍ୟାଣ ଶବ୍ଦଜ) ଆଶୀର୍ବାଦ ।
କଇଲ୍ୟାଣ, } ଯଥା—
**ତୁମ୍ଭ କଇଲାଣେ ତାର କ୍ଷୟ ଯାଉ ଦୁଃଖ ।**
**ସୁଖେ ପାରକରିଦେବ ପିତାଙ୍କୁ ମୋର ରଖ । ନା.ର.ଗୀ.**

କଇସାରି, }
କଇଁସାରି, } ବି. ସ୍ତ୍ରୀ.(ଦେଶଜ) ଲତାବିଶେଷ ।
କଂସାରି, } ଯଥା—
**କଇଁସାରି ଲତା-ଶ୍ୟାମଳ ବାଲୁସ୍ତୂପର ଗ୍ରୀବା ।**
**ଦିବା ଅବସାନ ଜାଣିଣ କମେ ବିସ୍ତାରେ କାୟା । ଚ.ଭା.**

କଉଁ, } ସର୍ବଂ. ( କିମ୍ ଶବ୍ଦଜ ) କେଉଁ ।
କେଉଁ, } ଯଥା—
**କେଉଁ ଲୋକ ଅଙ୍ଗ ନ କରଇ ପୁଲକ । ର. କ.**
କୌଣସି । ଯଥା—କେଉଁ ସମୟରେ ।

କଉ, ବି. (କବୟୀ ଶବ୍ଦଜ) ଏକପ୍ରକାର ମାଛ, ସ୍ୱନାମପ୍ରସିଦ୍ଧ ମତ୍ସ୍ୟ ।

କଉକଉଆ, ବି. (ଦେଶଜ) ଗୁଳ୍ମବିଶେଷ ।

କଉଡ଼ି, ବି. (କପର୍ଦ୍ଦ ଶବ୍ଦଜ) ବରାଟକ । ଯଥା—
**ଘର ବିକଲେ ସବୁ ତୋର ।**
**ନୋହିବ ପଣେ କଉଡ଼ିର ।। ଦା. ର.**
ଧନ, ପଇସା । ଯଥା—
**କୋମଳ ପଣ ହୋଇଛୁ କଉଡ଼ି । ର. କ.**
**ସୁରୂପ ଗୁଣ୍ଡା, କୁରୂପ ଲେଣ୍ଡା,**
**ସାନ ବଡ଼ ନାହିଁ ମୂଳ କଉଡ଼ି । ର. ପ.**

କଉଡ଼ିଆ, ବିଂ. (ଦେଶଜ) ମୂଲ୍ୟବାନ୍; ଧନବାନ୍; ଟାଣୁଆ ।

କଉତରା, ବି. ( ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ ) ଭୂମି ଭିତରେ ଥିବା କଳ-କତରା ପୋକ ।

କଉପ, ବି. (ଦେଶଜ) ଶୀତଲୁଗାବିଶେଷ । ଯଥା—

କଉଷେୟ କଉପ ଅଙ୍ଗେ ଦେଇ,
କମନୀୟ ଶିରସ୍ତ୍ରାଣ ଲଗାଇ । ର. କ.

କଉପିନୀ, କଉପୁନୀ, କୌପୁନ, କୌପୀନ, } ବି. ସ୍ତ୍ରୀ. (କୌପୀନ ଶବ୍ଦଜ) ଜୀର୍ଣ୍ଣ ବସନଖଣ୍ଡ । ଯଥା— ତାର କୌପୁନୀ ବିନା ଆଉ କିଛି ନାହିଁ । ବୈଷ୍ଣବମାନେ ଭେକ ଗ୍ରହଣ ସମୟରେ ଯେଉଁ ବସ୍ତ୍ରଖଣ୍ଡ ପରିଧାନ କରନ୍ତି । ଯଥା—

ଡୋର କୌପୁନୀ ଆଶ୍ରେ କରି,
ଭ୍ରବେଶ ଭଜଇ ଶ୍ରୀହରି । ଦା. ର.

କଏଦ, କଇଦ, କୟେଦ, } ବି. (ଯାବନିକ) ବନ୍ଦୀ ବା ଅଟକ; କାରାଗାରରେ ରଖିବା ।

କଏବାର, କଇବାର, } ବି. ( ଦେଶଜ ) ଯଶୋବର୍ଣ୍ଣନ, ସ୍ତୁତି । ଯଥା—

କେତେ କଏବାର କଲେ ବନ୍ଦିଗଣ । ର. କ.
ଭାଟେ କଇବାର କରନ୍ତି ଆଗେ ଚନ୍ଦ୍ର,
ଛଡ଼ିଦାରମାନେ ଅଛନ୍ତି ଛିଡ଼ା ହୋଇ । କୃ.ଭ୍ର.ଆ.ପ.

କଂଶ, କଂସ, } ବି. (କମ୍ = ବାଞ୍ଛା କରିବା-ଶ, ସ) କଂସାସୁର, ମଥୁରାଧିପ ଉଗ୍ରସେନଙ୍କ ପୁତ୍ର (କଂସ); ତୈଜସ ଦ୍ରବ୍ୟ; ସ୍ୱର୍ଣ୍ଣ ରଜତାଦିନିର୍ମିତ ପାନପାତ୍ର । (କଂସୋଽସ୍ତ୍ରୀ ପାନଭାଜନଂ—ଅମର ।) ତାମ୍ରରଙ୍ଗମିଶ୍ରିତ ଧାତୁ, କଂସା । (କଂସଂ ସୌରାଷ୍ଟ୍ରିକଂ ଘୋଷଂ ଘୃତଲୋହଂ ଚ କାଂଶକଂ—ପର୍ଯ୍ୟାୟ ମୁ.ବ.) ତୈଜସ ଦ୍ରବ୍ୟ ପରିମାଣ-ପାତ୍ରବିଶେଷ; ପରିମାଣପାତ୍ରବିଶେଷ, ଆଢ଼କ । (ପ୍ରସ୍ଥାଷ୍ଟଭାର ଆଢ଼କଃ । ମାତା-ପାତଷ୍ଟ କଂସଷ୍ଟ—ପର୍ଯ୍ୟାୟ ମୁ. ବ.)

କଂସକ, ବି. (କଂସ-କ-ତୁଲ୍ୟାର୍ଥେ, ଯାହା ଶ୍ୱେତବର୍ଣ୍ଣ ସଦୃଶ) ହୀରାକସ ।

କଂସକଚଡ଼ା, ବି. (ଦେଶଜ) ଶକ୍ତ କଚଡ଼ା । ( ପୌରାଣିକ କଂସକୁ ଶ୍ରୀକୃଷ୍ଣ ଏକା କଚଡ଼ାକେ ମାରି ପକାଇଥିଲେ । )

କଂସକାର, ବି. (କଂସ-କାର = କୃ-ଅ) ବର୍ଣ୍ଣସଙ୍କର ଜାତିବିଶେଷ, କଂସାରି ଜାତି, ଯେଉଁ-ମାନେ କାଂସ୍ୟପାତ୍ରାଦି ନିର୍ମାଣ କରନ୍ତି ।

କଂସା, ବି. (କାଂସ୍ୟ ଶବ୍ଦଜ) ଧାତୁବିଶେଷ । ଯଥା—

କୁନ୍ଦ ରଖିଛୁ ବଧୂ କଂସାଗୁଳ । ର. ପ.

କାଂସ୍ୟ ଧାତୁନିର୍ମିତ ପାତ୍ରବିଶେଷ । ଯଥା— ସେ ଥରକେ ଦୁଇ କଂସା ଭାତ ଖାଏ ।

କଂସାରାତି, ବି. (କଂସ-ଅରାତି) ଶ୍ରୀକୃଷ୍ଣ ।

କଂସାରି, ବି. (କଂସ-ଅରି = ଶତ୍ରୁ) ଶ୍ରୀକୃଷ୍ଣ । ଯଥା—

କଂସାରି ପଦ ମୋ ଶରଣ, ସଂସାରୁ କରିବେ ତାରଣ ।

(କାଂସ୍ୟକାରୀ ଶବ୍ଦଜ) ଜାତିବିଶେଷ, ଯେ କାଂସ୍ୟରେ ନାନାପ୍ରକାର ପାତ୍ର ତିଆରି କରେ । ଯଥା—

ରତି ନିର୍ମାଣେ କଂସାରି, ରତନରେ କଂସା ଝରି ।
କୋ. ବ୍ର. ସୁ.

(ଦେଶଜ) ଲତାବିଶେଷ, କଇଁସାରି ଲତା ।

କଂସାଳ, ବି. ସଂ. ଝାଞ୍ଜ । ଯଥା—

କଂସାଳ ତାଳ କଂସାଳ ପଟହ ଝର୍ଝରୀ ।

କକଡ଼ା, ବି. ( କର୍କଟ ଶବ୍ଦଜ) ଜଳଜନ୍ତୁ-ବିଶେଷ; ସଂକ୍ରାନ୍ତି ବା ସୌର ମାସ-ବିଶେଷ । ଯଥା—

ତୁଲ ବିଛା ଧନୁ ମକର କୁମ୍ଭ ମୀନ ମେଷ,
ବୃଷ ମିଥୁନ କକଡ଼ା ହେଲ ଦଶ ମାସ । ସା.ଭ୍ର.ଆ.

ରାଶିବିଶେଷ ।

କକଡ଼ାଶୃଙ୍ଗୀ, ବି. ସ୍ତ୍ରୀ. (କର୍କଟଶୃଙ୍ଗୀ ଶବ୍ଦଜ) ଔଷଧଦ୍ରବ୍ୟବିଶେଷ ।

କକର୍ଥନା, କକରଥନା, } ବି. (ଦେଶଜ) ଆତୁରତା ବା ବୈକ୍ଳବ୍ୟ ।

କକା, କକାଇ, କକେଇ, } ବି. (ଦେଶଜ) ଖୁଡ଼ୁତା, ପିତାଙ୍କ ସାନ ଭ୍ରାତା ।

କକୁତ୍‌ସ୍ଥ, ବି. (କକୁଦ୍ = ଛତ୍ରାଦି ରାଜଚିହ୍ନ-ସ୍ଥା-ଅ, ଅଥବା କକୁଦ୍ = ବୃଷଭର ଚୂଳ-ସ୍ଥା-ଅ, ବୃଷରୂପ ଇନ୍ଦ୍ରଙ୍କ କକୁଦରେ ଯେ ସ୍ଥିତ କରିଥିଲେ ସୂର୍ଯ୍ୟବଂଶୀୟ ରାଜା-ବିଶେଷ, ଅଯୋଧ୍ୟାର ନୃପତିବିଶେଷ । ଏ ରାଜା ବୃଷରୂପଧାରୀ ଇନ୍ଦ୍ରଙ୍କ କକୁଦରେ ବସି ଅସୁରମାନଙ୍କୁ ନିହତ କରିଥିଲେ ।

**କକୁଦ୍,** } ବି. (କ = ସୁଖ-କୁ = ଶବ୍ଦ କରିବା-
**କକୁଦ,** } ଦ୍, ଦ—ସଂଜ୍ଞାର୍ଥେ) ବୃଷଭର ଚୂଳ; ଛତ୍ର ଚାମରାଦି ରାଜଚିହ୍ନ; ପର୍ବତ-ଶୃଙ୍ଗ । ବିଂ. ଶ୍ରେଷ୍ଠ, ପ୍ରଧାନ । (ପ୍ରାଧାନ୍ୟେ ରାଜଲିଙ୍ଗେ ଚ ବୃଷାଙ୍ଗେ କକୁଦୋଽସ୍ତ୍ରିୟାଂପ୍ରଧାନମେବ ପ୍ରାଧାନ୍ୟଂ—ଅମର ।)

**କକୁଦାକ୍ଷ,** ବିଂ. (କକୁଦ = ରାଜଚିହ୍ନ-ଅକ୍ଷ୍ = ଧାରଣ କରିବା-ଅ) ରାଜଚିହ୍ନଧାରୀ ।

**କକୁଦ୍ମତୀ,** ବି. ସ୍ତ୍ରୀ. (କକୁଦ୍ = ବୃଷାଂସ ପରି ମାଂସପିଣ୍ଡ-ମତ୍-ଅସ୍ତ୍ୟର୍ଥେ, ସ୍ତ୍ରୀ-ଈ) କଟି-ଦେଶ । (କଟିଃ ଶ୍ରୋଣିଃ କକୁଦ୍ମତୀ—ଅମର ।)

**କକୁଦ୍ମାନ୍,** ବି. (କକୁଦ୍ = ବୃଷାଙ୍ଗ-ମତ୍-ଅସ୍ତ୍ୟର୍ଥେ) ମତ୍ତ ବୃଷଭ, ଷଣ୍ଢ । (ଦୃପ୍ତଃ କକୁଦ୍ମାନିବ ଚିତ୍ରକୂଟଃ—ର. ବଂ.) ଗିରି, ପର୍ବତ ।

**କକୁଦ୍ମୀ,** ବି. ( କକୁଦ୍-ମିନ୍-ଅସ୍ତ୍ୟର୍ଥେ ) ବୃଷଭ; ପର୍ବତ; ନୃପବିଶେଷ; ରେବତୀଙ୍କ ପିତା । (ରେବତସ୍ୟ ରୈବତଃ ପୁତ୍ରଃ କକୁଦ୍ମୀ ନାମ ଧାର୍ମିକଃ ।)

**କକୁନ୍ଦର,** } ବି. (କ = ଦେହ, ପୃଷ୍ଠଦେଶ-କୁ
**କୁକୁନ୍ଦର,** } = ନିତମ୍ବସ୍ଥ ଭୂମି-ଦୃ = ବିଦୀର୍ଣ୍ଣ ହେବା-ଅ) ପୃଷ୍ଠ ଦେଶର ଅଧଃସ୍ଥିତ ଆବର୍ତ୍ତବତ୍ ଗର୍ତ୍ତଦ୍ୱୟ; ନିତମ୍ବସ୍ଥ ଆବର୍ତ୍ତ-ବତ୍ ଗର୍ତ୍ତଦ୍ୱୟ । (କୂପକୌ ତୁ ନିତମ୍ବସ୍ଥୌ ଦ୍ୱୟହୀନେ କକୁନ୍ଦରେ—ଅମର ।)

**କକୁଭ୍,** } ବି. ସ୍ତ୍ରୀ. (କ = ବାୟୁ-ସ୍କୁନ୍ଭ୍ =
**କକୁଭା,** } ବିସ୍ତାର କରିବା-କ୍ୱିପ୍, ସ୍ତ୍ରୀ-ଆ —ଯେ ବାୟୁକୁ ବିସ୍ତାର କରେ, ସ ଓ ନ ଲୋପ) ଦିଗ; ଶୋଭା; ଦେଶ; ଚମ୍ପକ-ମାଳା; ଚମ୍ପକଶାଖା; ରାଗିଣୀବିଶେଷ; ବୈଦିକ ଛନ୍ଦୋବିଶେଷ; ଶାସ୍ତ୍ର ।

**କକୁଭ,** ବି. (କ = ବାୟୁ-ସ୍କୁନ୍ଭ୍ = ବିସ୍ତାର କରିବା-ଅ) ରାଗିଣୀବିଶେଷ; ବୀଣାର ପ୍ରାନ୍ତସ୍ଥ ବକ୍ରକାଷ୍ଠ; ବୀଣାର ଅଧଃସ୍ଥ ଅଲାବୁ । (ବୀଣାଦଣ୍ଡଃ ପ୍ରବାଳଃ ସ୍ୟାତ୍ କକୁଭସ୍ତୁ ପ୍ରସେବକଃ—ଅମର ।) (ବିସ୍ତୀର୍ଣ୍ଣଶାଖଭିତ୍ତ୍ୱ) ଅର୍ଜୁନବୃକ୍ଷ । (ଇନ୍ଦ୍ରଦ୍ରୁଃ କକୁଭୋଽର୍ଜୁନଃ —ଅମର ।) ପକ୍ଷିବିଶେଷ ।

**କକ୍‌କୋଳ,** ବି. (କକ୍ = ଅହଂକାର କରିବା-କୁଳ୍ = ରାଶୀ କରିବା-ଅ) ଗନ୍ଧଦ୍ରବ୍ୟ-ବିଶେଷ । କକ୍‌କୋଳ ଏକପ୍ରକାର କ୍ଷୁଦ୍ର-ଫଳ, ହିନ୍ଦୀରେ ଏହାକୁ ଶୀତଳ ଚିନି କହନ୍ତି ।

**କକ୍‌ଖଟ,** } ବିଂ. (କକ୍‌ଖ୍ = ହାସ୍ୟ କରିବା-
**ଖକ୍‌ଖଟ,** } ଅଟ) କଠିନ, ଦୃଢ଼ । (କକ୍‌-ଖଟଂ କଠିନଂ କ୍ରୂରଂ କଠୋରଂ ନିଷ୍ଠୁରଂ ଦୃଢ଼ଂ—ଅମର ।)

**କକ୍‌ଖଟୀ,** ବି. ସ୍ତ୍ରୀ. (କକ୍‌ଖ୍ = ହାସ୍ୟ କରିବା-ଅଟ-ସ୍ତ୍ରୀ-ଈ) କଠିନୀ, ଖଡ଼ି; ଖଡ଼ି ପଥର ।

**କକ୍ଷ,** ବି. (କଷ୍ = ହିଂସା କରିବା-ସ-ସଂଜ୍ଞାର୍ଥେ) ପ୍ରକୋଷ୍ଠ । ଯଥା—ଏହିଟି ଗୃହର ପ୍ରଥମ କକ୍ଷ । (ଶାନ୍ତାନପୂର୍ବଂ କମଲାସନେନ-କକ୍ଷାନ୍ତରାଣ୍ୟଦ୍ରିପତେର୍ବିବେଶ ।) ବାହୁମୂଳ, କାଖ; କଚ୍ଛ, କଚ୍ଛା; ଶୁଷ୍କତୃଣ; ତୃଣ; ଜଙ୍ଗଲ, ବନ; ଶୁଷ୍କବନ; ଲତା । (କକ୍ଷୋ-ବୀରୁଧ୍ଦୋର୍ମୂଳେ କଚ୍ଛେ ଶୁଷ୍କତୃଣେ ବନେ —ହୈମ ।) (କକ୍ଷୌ ତୁ ତୃଣବୀରୁଧୌ —ଅମର ।) ଉତ୍ତରୀୟ ବସ୍ତ୍ରର ପଶ୍ଚାଦ୍‌ଭାଗ, ବସ୍ତ୍ରାଞ୍ଚଳ; ଗ୍ରହମାନଙ୍କର ପରିଭ୍ରମଣର ଗୋଲାକାର ପଥ; ପାର୍ଶ୍ୱଭାଗ । (କକ୍ଷମାସୀତ ପଣ୍ଡିତଃ ।) ରାଜାନ୍ତଃପୁର, ରାଜାଙ୍କ ଭିତର ଉଆସ । (ନୃପତିଃ ପ୍ରୀତିଯୁକ୍ତୋଽସୌ ଶନୈଃ କକ୍ଷଂ ସମାବିଶତ୍ ।) ପାପ (କକ୍ଷମୁଦ୍ଦେବଦର୍ଶନଂ ।) ସ୍ପର୍ଦ୍ଧାସ୍ପଦ, ପ୍ରତି-ଯୋଗୀ, ବିରୋଧୀ । ଯେପରି—ସମକକ୍ଷ ।

କକ୍ଷା, } ବି. ସ୍ତ୍ରୀ. (କଷ୍ = ହିଂସା କରିବା-ସ-
କକ୍ଷ୍ୟା, } ଆ, ଯ-ଆ) ଗୃହଭିତ୍ତି । (କକ୍ଷା-ନ୍ତର୍ଗତୋ ବାୟୁର୍ଜୀମୂତଇବ ଗର୍ଜତି ।)ରୋଗ-ବିଶେଷ । (ପିତ୍ତପ୍ରକୋପାତ୍ ସମ୍ଭୂତାଂ କକ୍ଷାମିତି ବିନିର୍ଦ୍ଦିଶେତ୍ ।) ହସ୍ତିର ଗଳା ବା କକ୍ଷବନ୍ଧନ ରଜ୍ଜୁ; କାଞ୍ଚୀ ବା ସ୍ତ୍ରୀମାନଙ୍କର କଟିବନ୍ଧ, ମେଖଳା; କୋଠରି; ମହଲ, ହର୍ମ୍ମ୍ୟାଦିର ପ୍ରକୋଷ୍ଠ; ରାଜାନ୍ତଃପୁର । (କକ୍ଷା ପ୍ରକୋଷ୍ଠେ ହର୍ମ୍ମ୍ୟାଦେଃ କାଞ୍ଚ୍ୟାଂ ମଧ୍ୟେ ଭବନ୍ଧନେ—ଅମର ।) ସାଦୃଶ୍ୟ; ଉଦ୍‌ଯୋଗ । (କକ୍ଷା ଗୃହପ୍ରକୋଷ୍ଠେ ସ୍ୟାତ୍ ସାଦୃଶ୍ୟୋଦ୍‌ଯୋଗକାଞ୍ଚିଷୁ—ହୈମ ।) ରଥର ଅନ୍ତଃସ୍ଥାନବିଶେଷ; ପ୍ରତିଯୋଗିତା, ସ୍ପର୍ଦ୍ଧାସ୍ଥାନ; ବସ୍ତ୍ରାଞ୍ଚଳ; କଚ୍ଛ ।

କକ୍ଷାପଟ, ବି. (କକ୍ଷା = କଟିବନ୍ଧ-ପଟ = ବସ୍ତ୍ର) କୌପୀନ, କୌପୁନି ।

କକ୍ଷାବେକ୍ଷକ, ବି. (କକ୍ଷା-ଆବେକ୍ଷକ = ଯେ ଦେଖେ) ଦ୍ୱାରପାଳ, ଉଦ୍ୟାନପାଳ; ଅନ୍ତଃପୁରରକ୍ଷକ; ଚିତ୍ରକର; ଲମ୍ପଟ ।

କକ୍ଷୀକୃତ, ବିଂ. (କକ୍ଷ-ଈ-କୃତ) ଆୟତ୍ତୀକୃତ ।

କକ୍ଷ୍ୟ, ବିଂ. (କକ୍ଷ-ଯ) କକ୍ଷଜାତ, କକ୍ଷୋଦ୍ଭବ; କକ୍ଷପୂରକ । ବି. ରୁଦ୍ରବିଶେଷ । (ନମୋ-ବନ୍ୟାୟ ଚ କକ୍ଷ୍ୟାୟ ଚ ।) ଉତ୍ତରୀୟ ବସ୍ତ୍ର; ହର୍ମ୍ମ୍ୟାଦି ପ୍ରକୋଷ୍ଠ; ରାଜାନ୍ତଃପୁର; ପ୍ରାରମ୍ଭ-କୋଷ୍ଠ; ସାଦୃଶ୍ୟ; କକ୍ଷବନ୍ଧନ ରଜ୍ଜୁ; ମେଖଳାଦି ବନ୍ଧନର ରଜ୍ଜୁ; ପାର୍ଶ୍ୱଭାଗ ।

କଖାରୁ, ବି. ( କର୍କାରୁ ଶବ୍ଦଜ ) ଲତାଫଳ-ବିଶେଷ । ଏହା ଦୁଇପ୍ରକାର, ପାଣିକଖାରୁ, ବୋଇତକଖାରୁ । ଯଥା—

କଖାରୁ କାକୁଡ଼ି ଯେ କହିଁ,
ବଉଲ ହରଡ଼ର ଛୁଇଁ । . ବି. ପୁ.

କଖାରୁଆ, ବି. ( ଦେଶଜ ) ଧାନ୍ୟବିଶେଷ; ସୋଲରେ ନିର୍ମ୍ମିତ କୃତ୍ରିମ ପୁଷ୍ପବିଶେଷ; କଖାରୁ ଆକୃତି ଅଡ଼ଙ୍ଗ, ପିଣ୍ଡା ।

କଙ୍କ, ବି. (କକ୍ = ଗମନ କରିବା, ପାଇବା-ଅ—ସଂଜ୍ଞାର୍ଥେ) କାଙ୍କପକ୍ଷୀ ( ଏହି ପକ୍ଷିର ପକ୍ଷରେ ବାଣପୁଙ୍ଖ ପ୍ରସ୍ତୁତ ହୁଏ); ଛଦ୍ମବେଶୀ ଦ୍ୱିଜ (ଯୁଧିଷ୍ଠିର ଅଜ୍ଞାତବାସ କଲାବେଳେ ବିରାଟ ନଗରରେ ଏହି ନାମରେ ଅଭିହିତ ହୋଇଥିଲେ ); ଯମ । ( ଲୋହପୃଷ୍ଠସ୍ତୁ କଙ୍କଃ ସ୍ୟାତ୍—ଅମର ।) (କଙ୍କଶ୍ଛଦ୍ମଦ୍ୱିଜେ ଖ୍ୟାତୋ ଲୋହପୃଷ୍ଠକୃତାନ୍ତୟୋଃ ।) କ୍ଷତ୍ରିୟ; କଂସାସୁରର ଭ୍ରାତା । (ସ୍ତ୍ରୀ-ଆ) ଉଗ୍ରସେନଙ୍କ ପୁତ୍ରୀ; ଗୋଶୀର୍ଷଚନ୍ଦନ ।

କଙ୍କଟ, } ବି. (କଂ = ବାୟୁକୁ-କଟ୍-ଆବ-
କଙ୍କଟକ, } ରଣ କରିବା-ଅ, ସ୍ୱାର୍ଥେ-କ) କବଚ, ବର୍ମ୍ମ, ଉରଚ୍ଛଦ, ସାଞ୍ଜୁ । (ଉରଚ୍ଛଦଃ କଙ୍କଟକଃ—ଅମର ।)

କଙ୍କଡ଼ା, ବି. (କର୍କଟ ଶବ୍ଦଜ) ଜଳଜନ୍ତୁବିଶେଷ । ଯଥା—

ପିମ୍ପୁଡ଼ି ବାପୁଡ଼ା ବାଘ ହୋଇଗଲା
ଗଗନେ ଉଡ଼ଇ ଧୂଳି,
ବିଲ କଙ୍କଡ଼ା ମୃଦଙ୍ଗ ବଜାଉଛି
ବେଙ୍ଗ ଦିଏ ହୁଳହୁଳି । ନୂ. ପୁ. ସ. ତ.

କଙ୍କଣ, ବି. [କଣ୍ = (ଯଙ୍‌ଲୁ ଗନ୍ତଧାତୁ) ଶବ୍ଦ-କରିବା-ଯ-ଅ, ମ୍ ଆଗମ] କରଭୂଷଣ-ବିଶେଷ । (କଙ୍କଣଂ କରଭୂଷଣଂ—ଅମର ।) ହସ୍ତସୂତ୍ର । (କଙ୍କଣୋ ନା ପ୍ରତିସରଃ—ରତ୍ନକୋଷ ।) ଶେଖର । (ଦାନେନ ପାଣିର୍ନ ତୁ କଙ୍କଣେନ ବିଭାତି ।) ଦେଶବିଶେଷ । (ଏହି ଦେଶ ସହ୍ୟାଦ୍ରିଠାରୁ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ; କଥିତ ଅଛି, ପର୍ଶୁରାମ ପୃଥ୍ୱୀ ଅକ୍ଷତ୍ରିୟା କଲା ପରେ ସମସ୍ତ ପୃଥ୍ୱୀ ବ୍ରାହ୍ମଣଙ୍କୁ ଦେଇ ନିଜର ନିବାସାର୍ଥ ସମୁଦ୍ର ଭିତରେ ଏହି ଦେଶ ନିର୍ମାଣ କରିଥିଲେ ।) ( କଂ = ଜଳ-କଣ = ବିନ୍ଦୁ ) ଲୋତକ । ଯଥା—

କଣ୍ଠ ଗଦ୍‌ଗଦରୁ ବାଣୀ ନ ପାରେ କହି,
କଙ୍କଣ ବେନି ନୟନୁ ଯାଉଛି ବହି । ର. କ.

(ସ୍ତ୍ରୀ-ଈ-କଙ୍କଣୀ) କ୍ଷୁଦ୍ରଘଣ୍ଟିକା, ଘାଗୁଡ଼ି । (କଙ୍କଣଃ ସ୍ୟାତ୍ ପ୍ରତିସରଃ କଙ୍କଣୀ କ୍ଷୁଦ୍ର-ଘଣ୍ଟିକା—ଭାଗୁରି ।)

କଙ୍କଣପଇତା, ବି. (ସଂସ୍କୃତ ଓ ଓଡ଼ିଆ ଶବ୍ଦର ମିଶ୍ରଣ) ବିବାହ ସମୟରେ ଦେବା ପଇତା । ଯଥା—

ବ୍ରାହ୍ମଣେ ମନ୍ତ୍ରିଣ ଦେଲେ ଅସରଳ ସୂତା,
ରାମ କଣ୍ଠେ ପକାଇଲେ କଙ୍କଣ ପଇତା । ମ. ସଂ.

କଙ୍କତ, କଙ୍କତୀ, କଙ୍କତିକା, ବି. ସ୍ତ୍ରୀ. (କନ୍କ୍ = ଗମନ କରିବା-ଅତ—ଯାହା କେଶ ମଧ୍ୟରେ ଗମନ କରେ-ସ୍ତ୍ରୀ-ଈ, ଇକ-ଆ) କେଶମାର୍ଜ୍ଜନୀ, ଚରୁଣୀ, ପାନିଆ । (କଙ୍କତଂ ତୁ ପ୍ରସାଧନଂ—ଅମରମାଳା ।) (ପ୍ରସାଧନୀ କଙ୍କତିକା—ଅମର ।) ଯଥା—

ମର୍ଦ୍ଦଳାକାର କଙ୍କତିକା ଝଳି,
କାଙ୍ଗୁଲି କମ ସୁଷମା ପିରୁଲୀ ।
ସୁସଞ୍ଚ ଘଞ୍ଚ ଦଶନ ଆବଳୀ,
ଗଳିବ କି ନାହିଁ କୁନ୍ତଳ ଖଳି ।
ଆଳୀ ଖଡ଼ିକା ଗଲାଇ ଯେ । ଲ. ବ.

କଙ୍କପତ୍ର, ବି. (କଙ୍କ-ପତ୍ର) କଙ୍କପକ୍ଷିର ପର; ବାଣ, ଶର । ବିଂ. କଙ୍କପକ୍ଷଯୁକ୍ତ ।

କଙ୍କପୁରୀ, ବି. ସ୍ତ୍ରୀ. (କଙ୍କ = ସୁଖଦାୟିନୀ-ପୁରୀ) ବାରାଣସୀ, କାଶୀପୁରୀ ।

କଙ୍କମୁଖ, ବି. (କଙ୍କ-ମୁଖ—କଙ୍କପକ୍ଷିର ମୁଖ ପରି ଯାହାର ମୁଖ) ଚିମୁଟା, ସଣ୍ଡୁଆସୀ, ଶଲ୍ୟୋଦ୍ଧାରକ ଯନ୍ତ୍ରବିଶେଷ ।

କଙ୍କର, ବି. (କଂ-କୃ-ଅ—ଯେ ଆଘାତ ପାଇଲେ କଂ ଶବ୍ଦ କରେ, କିମ୍ବା କଂ = ଜଳ-କର = ଯେ କରେ) କାଙ୍କର, ସାନ ଗୋଡ଼ି; ଘୋଳଦହି ବା ତକ୍ର । ବିଂ. କର୍କଶ ।

କଙ୍କଶାୟୀ, ବି. (କଙ୍କ = କାଙ୍କପକ୍ଷୀ-ଶାୟୀ = ଯେ ଶୟନ କରେ) କୁକ୍କୁର ।

କଙ୍କାଳ, ବି. (କଙ୍କ୍ = ଗମନ କରିବା-ଆଳ) ଅସ୍ଥିପଞ୍ଜର; ଶରୀରର ରକ୍ତ ମାଂସ ଚର୍ମାଦି ବିଯୁକ୍ତ ହେଲେ ଦେହଗତ ଯେ ଅବଶିଷ୍ଟ ଅସ୍ଥିସଂସ୍ଥାନ । ଯଥା—

ଭଗ୍ନାୟୁଧ ଭିନ୍ନବର୍ମ ଛିନ୍ନଢ଼ାଲ,
ସଙ୍ଗେ ପଡ଼ିଅଛି ଅସଂଖ୍ୟ କଙ୍କାଳ । ନ. କେ.

କଟିକଙ୍କାଳ ।

କଙ୍କାଳମାଳୀ, ବି. (କଙ୍କାଳମାଳା-ଇନ୍—ଅସ୍ତ୍ୟର୍ଥେ) ଅସ୍ଥିମାଳାଧାରୀ, ରୁଦ୍ର, ଶିବ । (ସ୍ତ୍ରୀ-ଈ-ମାଳିନୀ) ରୁଦ୍ରାଣୀ ।

କଙ୍କି, ବି. (ଦେଶଜ) ଫିରିକ ନାମକ ପତଙ୍ଗ । ଯଥା—

ଦେଖ ଦେଖ ଅଗ୍ରତେ ସରସୀଜଳେ,
ପଡ଼ି ମଣ୍ଡୁକ ସ୍ଫୁର ଅଛି କବଳେ ।
ବକଲେ ଯିବୁ ଯିବୁ ଊର୍ଦ୍ଧ୍ୱେ ଉଡ୍ଡୀନ,
ଛନ୍ଧିଙ୍କି ଶିଶୁକଙ୍କି ଦେଲ ଗିଳଣ । ଭୂ. ସ୍ତ.

କଙ୍କେଳ, କଙ୍କେଲ, କଙ୍କେଲ୍ଲି, ବି. ସଂ. ଅଶୋକ ବୃକ୍ଷ ।

କଙ୍ଗାଳ, କଙ୍ଗାଲି, କାଙ୍ଗାଳି, ବିଂ. (ଦେଶଜ) ଅନ୍ନକ୍ଲିଷ୍ଟ ବା ଗରିବ । ଯଥା—

କଙ୍ଗାଳ ବେଶକୁ ଏବେ ବହିବ,
ଠେଙ୍ଗା ତୁମ୍ବା ଘେନି ବନେ ପଶିବ । ସୁ. ପ.
କଙ୍ଗାଳ ବରତ ଥାଇ ସେ ମୋର ତ,
ନାମ ଗଲାର ତ ଦୁଃଖ ଯୋଇ । ବି. ଚ. ମ.

କଙ୍ଗାଇ, କଙ୍ଗେଇ, କଂଘାଇ, ବି. (ଦେଶଜ) ପାନିଆ, କେଶ-ପ୍ରସାଧନୀ ।

କଂଗୁ, କଂଗୂ, ବି. ସଂ. ଧାନ୍ୟବିଶେଷ, କାଙ୍ଗୁ-ଧାନ୍ୟ । (ସ୍ତ୍ରୀୟୌ କଙ୍ଗୁ ପ୍ରିୟଙ୍ଗୁ ଦ୍ୱେ—ଅମର ।)

କଚ, ବି. (କଚ୍ = ବନ୍ଧନ କରିବା ଇତ୍ୟାଦି -ଅ) କେଶ, ଚୂଡ଼ା । (କଚଃ କେଶଃ ଶିରୋରୁହଃ—ଅମର ।) ବୃହସ୍ପତିଙ୍କ ପୁତ୍ର; ଶୁଷ୍କବ୍ରଣ; ମେଘ । (ସ୍ତ୍ରୀ-ଆ) ହସ୍ତିନୀ ।

କଚକଚ, ବି. (ଦେଶଜ) ବକବକ କିମ୍ବା ବିବାଦ । କ୍ରି. ବିଂ. ଅନୁକରଣାତ୍ମକ ଶବ୍ଦ; ଅବ୍ୟକ୍ତଶବ୍ଦ ।

କଚଗ୍ରହ, ବି. (କଚ-ଗ୍ରହ୍-ଅ) କେଶାକର୍ଷଣ-ପୂର୍ବକ ଘର୍ଷଣ ।

କଚକଚିଆ, ବିଂ. (ଦେଶଜ) ଜଟିଆ, ଜଟିଳ ।

କଚଟି, କଚଟୀ, ବି. ସ୍ତ୍ରୀ. (ଦେଶଜ) ହସ୍ତାଳଂକାର-ବିଶେଷ । ଯଥା—

କରେ କଙ୍କଣ କଚଟି ବାହୁଟି । ର. କ.

କଟିପାର୍ଶ୍ୱସ୍ଥ ହାଡ଼ ।

କଚଡ଼ା, ⎫ ବି. (ଦେଶଜ) ଗୋଡ଼ ଖସି ଛେଚି
କଚଡ଼ି, ⎭ ହୋଇ ପଡ଼ିବା । ଯଥା—
ପ୍ରୀତିପଥ ବଡ଼ ଖସଡ଼ା, ପଦେ ପଦେ ତହିଁ କଚଡ଼ା ।
ଚିଗ ।

କୌଣସି ପଦାର୍ଥକୁ ଊର୍ଦ୍ଧ୍ୱକୁ ନେଇ ବା ଟେକି ସବଳେ ନିମ୍ନରେ ନିକ୍ଷେପ କରିବା, (କଚୁଡ଼ିବା ପଦ ଦେଖ) ଧାନ ଗଛର ମୂଳରୁ କାଟି ବିଡ଼ା ବାନ୍ଧିଲେ ସେ ବିଡ଼ାକୁ କଚଡ଼ା କହନ୍ତି; ସ୍ଥୂଳ ଦୀର୍ଘ ରଜ୍ଜୁ ।

କଚରକଚର, ⎫ ବିଂ. (ଦେଶଜ) କର୍ଦ୍ଦମମୟ;
କଚରମଚର, ⎭ ଯାହା ମୁଖରୋଚକ ନୁହେ ।
ବି. ଅବ୍ୟକ୍ତ ଶବ୍ଦ ।

କଚରି, ବି. (କଚ୍ଛର ଶବ୍ଦଜ) ଅଳିଆ । ବିଂ. ସନ୍ତସନ୍ତିଆ ଅର୍ଥାତ୍ କାଦୁଅଯୁକ୍ତ ।

କଚୁ, ⎫ ବିଂ. (କାଚା ହିନ୍ଦୀ ଶବ୍ଦରୁ ଜାତ)
କଚା, ⎭ ଅପକ୍ୱ, ଅନୁତ୍ତମ । (ଦେଶଜ) ଧୁଆ ବା ଧୋଇଥିବା, ଧୌତ । ଯେପରି—କଚୁ ଲୁଗା । ବି. ଧୋଇବା । ଯେପରି—ଏ ଧୋବାର ଲୁଗା କଚୁ ଭଲ ନୁହେ ।

କଚୁକଚି, ବି. (ଦେଶଜ) ଭଲ କରି କାଚିବା । (କଚ-କଚ-ଈ-ବିପରୀତାର୍ଥେ) କେଶାକେଶି ।

କଚୁଡ଼ିବାର, କ୍ରି. (ଦେଶଜ) ଊର୍ଦ୍ଧ୍ୱକୁ ଟେକି ତଳକୁ ସବଳେ ଫେଙ୍ଗିବାର । ଯଥା—
କରେ ଧରି କୁମାରୀକି, କଚୁଡ଼ନ୍ତେ ଶିଳେ ଟେକି ।
ର. କ.

କଚୁଳ, ବିଂ. (ଦେଶଜ) ଧୌତ । ବି. ବିବାଦ, ବାକ୍‌କଳହ ।

କଚି, ବି. (ଦେଶଜ) କରର ମଣିବନ୍ଧପ୍ରଦେଶ । ବିଂ. କୋମଳ ।

କଚିଆ, ବି. (ଦେଶଜ) ତୃଣଚ୍ଛେଦନ ଅସ୍ତ୍ର ଅର୍ଥାତ୍ ବଡ଼ ଦା ।

କଚିବାର, ⎫ କ୍ରି. (ଦେଶଜ) ଫେଙ୍ଗିବାର;
କଚିବାର, ⎭ ଉପରକୁ ଉଠାଇ ତଳକୁ ଛାଡ଼ି ଦେବାର । ଯଥା—
ଏକକୁ ଧରି ଆରେକ ପରେ ନେଇଁ କଚି,
କେ କାହାର ପରେ ନେଇ ବିନ୍ଧେ ଶର ଯୋଚି ।
ନୃ. ପୁ. ପ୍ର. ତ.

କଚିମ, କଚ୍ଛିମ, ବି. (ଦେଶଜ) କୂର୍ମ ।

କଚୁରି, ⎫ ବି. (କଚୌରିକା ଶବ୍ଦଜ) ପିଷ୍ଟକ-
କଚୌରି, ⎭ ବିଶେଷ ।

କଚେରି, ⎫ ବି. (ଯାବନିକ) ବିଚାରାଳୟ;
କଚରି, ⎭ ଜମିଦାରସମ୍ବନ୍ଧୀୟ କାଗଜପତ୍ର ରହିବା ସ୍ଥାନ ।

କଚେରିଆ, ⎫ ବିଂ. (ଦେଶଜ) କଚେରିସମ୍ବନ୍ଧୀୟ,
କଚିରିଆ, ⎭ କଚେରିରେ ଥିବା; କଚେରି ଦରବାର କରିବାରେ ଯେ ବୁଲେ ।

କଚ୍ଛର, ବିଂ. (କୁ = କୁତ୍ସିତ, କୁ ର କଦାଦେଶ-ଚର୍ = ଗମନ କରିବା-ଅ) ମଳଦୂଷିତ, ମଳିନ, କୁତ୍ସିତ । ଯଥା—
ପାର୍ଶ୍ୱେ ଶୁଷ୍କ ମୃଣାଳ ହାର
ବଳୟଶ୍ରେଣୀ ଦିଶେ କଚ୍ଛର । ଜା. ପ. ନା.
(କଚ୍ଛରଂ ମଳଦୂଷିତଂ—ଅମର ।) ଦୁର୍ବୃତ୍ତ, ଦୁରାତ୍ମା । ବି. ଚର୍ମ, ଢୋଲ ଦିହ ।

କଚ୍ଛିତ୍, ଅଂ. (କୁ = କୁତ୍ସିତ, କୁ ର କଦା-ଦେଶ-ଚିତ୍, ଅଥବା କତ୍-ଚି = ଚୟନ କରିବା-କ୍ୱିପ୍) ଅଭିଳାଷପ୍ରକାଶ, ଇଷ୍ଟ-ବିଷୟର ପ୍ରଶ୍ନ । (କଚ୍ଚିତ୍ କାମପ୍ରବେଦନେ —ଅମର ।)

କଛ, ⎫ ବି. (କଚ୍ଛପ ଶବ୍ଦର ଅପଭ୍ରଂଶ) କୂର୍ମ,
କଚ୍ଛ, ⎭ କଚିମ । ଯଥା— ମାଛ କଚ୍ଛ ଆଦି ଜଳଜନ୍ତୁ । ବିଷ୍ଣୁଙ୍କ ଅବତାରବିଶେଷ । ଯଥା—ମତ୍ସ୍ୟ କଚ୍ଛ ଆଦି ଅବତାର । (କକ୍ଷ ବା କକ୍ଷା ଶବ୍ଦଜ) ଅଂଶ କିମ୍ବା ସମଭାଗ । ଯଥା—
ସମରେ ସମ୍ଭବ ଯେ ହୋଇଲେ ବେନି କଛେ,
ଦୁଇ ବଳେ ସମ୍ଭାଳି ନେହିଲେ କେହୁ ପଛେ ।
ସା. ଭ. ସ.
କକ୍ଷ ବା ମାପ, ପରିମାଣ; ସାମ୍ୟ ବା ତୁଳନା । ଯଥା
ମାଣିକ୍ୟ ତୁଲେ ଆଣି କାଚକୁ କଲ କଛ,
ରତ୍ନ ସୁବର୍ଣ୍ଣ ତୁଲେ ରଙ୍ଗତା ଦେଲ ନଛ । ନୃ.ପୁ.ସ.ତ.
ବିଂ. (କକ୍ଷ ଶବ୍ଦଜ) ସମର୍ଥ । ଯଥା—
ଗର୍ବରେ ଏ ବୀରଙ୍କୁ ମଣିକରି ତୁଚ୍ଛ,
ମନେ ମନେ ହେଉଥାନ୍ତି ବଡ କଚ୍ଛ । କୃ. ଭ. ଉ. ପ.
ତୁଲ୍ୟ, ସମାନ । ଯଥା—
ଗୃହାଣି ତାହାଙ୍କର ଅଟଇ ତେରଛ,
ଭ୍ରୂରୁ ବେନି କାମଧନୁକୁ ହେବ କଛ । କୃ.ଭ.ଆ.ପ.

କଚ୍ଛ, ବି. (କଚ୍ଛ ଶବ୍ଦଜ) ପିନ୍ଧିବା ଲୁଗାର ପଶ୍ଚାଦ୍ଭାଗ । (କଚ୍ଛା ଶବ୍ଦଜ) ଝିଙ୍କାର ପକ୍ଷୀ ।

କଚ୍ଛିବାର, କ୍ରି. (କଷ ଶବ୍ଦଜ) ତୁଳ୍ଯ କରିବାର, ତୁଳନା କରିବାର; ତୁଲ୍ଯ ହେବାର ।

କଚ୍ଛୁଟି, } ବି. (କଚ୍ଛୋଟିକା ଶବ୍ଦଜ) କଚ୍ଛର
କଚ୍ଛୁଟି, } ବେଷ୍ଟନ ।

କଚ୍ଛ, ବି. (କ = ଜଳ—ଛୋ = ଛେଦନ କରିବା-ଅ, ଅଥବା କର୍ = ବନ୍ଧନ କରିବା-ଛ) ବୃକ୍ଷବିଶେଷ, ଗନ୍ଧାଶ୍ୱତ୍ଥ ଗଛ । (କୁଣିଃ କଚ୍ଛଃ କାନ୍ତଲକୋ ନନ୍ଦୀବୃକ୍ଷଃ କୁବେରକଃ—ପର୍ଯ୍ୟାୟମୁକ୍ତାବଳୀ) ଜଳସନ୍ନିହିତ ଭୂଭାଗ, ଜଳମୟ ଦେଶ ବା ସ୍ଥାନ; ନଦୀ ହ୍ରଦ ପୁଷ୍କରିଣୀ ପ୍ରଭୃତିର ତୀର । (ଜଳପ୍ରାୟମନୂପଂ ସ୍ୟାତ୍ ପୁଂସି କଚ୍ଛସ୍ତଥାବିଧଃ—ଅମର ।) ନୌକାର ପଶ୍ଚାଦ୍ଭାଗ । ଯେପରି—ନୌକାର କଚ୍ଛଦେଶ । ଭାରତବର୍ଷର ପଶ୍ଚିମ ଭାଗସ୍ଥ ଦେଶବିଶେଷ, କଚ୍ଛଦେଶ; ପର୍ବତର ନିକଟବର୍ତ୍ତୀ ସମତଳ ପ୍ରଦେଶ; ଜଳମୟ ବା ପଙ୍କିଳ ସ୍ଥାନ; ସମ୍ପୁଟ; ଗୋଳ । ବିଂ. ଜଳପ୍ରାନ୍ତସ୍ଥିତ । ବି. (ସ୍ତ୍ରୀ-ଆ) ପରିଧେୟ ବସ୍ତ୍ରର ପଶ୍ଚାଦ୍ଭାଗ, କଚ୍ଛ; ଝିଙ୍କାର ପକ୍ଷୀ ।

କଚ୍ଛଟିକା, ବି. ସ୍ତ୍ରୀ. ସଂ. ପରିଧେୟ ବସ୍ତ୍ରର ପଶ୍ଚାଦ୍ଭାଗ, କଚ୍ଛ ।

କଚ୍ଛପ, ବି. (କଚ୍ଛ = ଜଳଆ ଭୂମି-ପା = ପାଳନ କରିବା-ଅ—ଯେ ଜଳଭୂମିରେ ବାସ କରେ, ଅଥବା କଚ୍ଛ = ସମ୍ପୁଟ ବା କଚ୍ଛପର ଖୋଳା-ପା = ପାନ କରିବା, ରକ୍ଷା କରିବା-ଅ) କୂର୍ମ, କଚ୍ଛିମ । (କୂର୍ମେ କମଠକଚ୍ଛପୌ—ଅମର ।) କୁବେରଙ୍କ ନିଧିବିଶେଷ; ମଲ୍ଲଯୁଦ୍ଧର ବନ୍ଧବିଶେଷ । (ସ୍ତ୍ରୀ-ଈ-କଚ୍ଛପୀ) ବୀଣାବିଶେଷ; ସରସ୍ୱତୀଙ୍କ ବୀଣାବିଶେଷ; କ୍ଷୁଦ୍ର କଚ୍ଛପ ବା ମାଈ କଚ୍ଛପ; ରୋଗବିଶେଷ । (କଚ୍ଛପୀ ବଲ୍ଲକୀଭେଦେ ତୁଣ୍ଡଲୀ କ୍ଷୁଦ୍ରଗଦାନ୍ତରେ । ପୁଂସି ନିଧ୍ୟନ୍ତରେ କୂର୍ମେ ମଲ୍ଲବନ୍ଧାନ୍ତରେଽପିଚ—ବିଶ୍ୱ ଓ ମେଦିନୀ ।)

କଚ୍ଛରୁହା, ସ୍ତ୍ରୀ. (କଚ୍ଛ = ଜଳଆ ଭୂମି-ରୁହା) ଦୂବ୍ବା, ଦୁବ ।

କଚ୍ଛୁ, } ବି. ସ୍ତ୍ରୀ. (କଷ୍ = ହିଂସା କରିବା-ଉ,
କଚ୍ଛୂ, } ଊ, ଷ = ଛ-ଦ୍ୱିତ୍ୱ) କାଛୁ, କୁଣ୍ଡିଆ ରୋଗ ।

କଚ୍ଛୁମତୀ, ବି. ସ୍ତ୍ରୀ. (କଚ୍ଛୂ-ମତ୍-ଉପ୍ରାଦନାର୍ଥେ-ସ୍ତ୍ରୀ-ଈ) ଶୂକଶିମ୍ବୀ, ବାଇଡଙ୍କ ।

କଚ୍ଛୁର, ବିଂ. (କଚ୍ଛୂ-କାଛୁ-ର—ଅସ୍ତ୍ୟର୍ଥେ) କଣ୍ଡୁରୋଗବିଶିଷ୍ଟ, କାଛୁରୋଗୀ । (ସମୌ ପାମନକଚ୍ଛୁରୌ—ଅମର ।) (କୁ = ପାପ-ଛୁର୍ = ରଞ୍ଜ କରିବା-ଅ, କୁ ର କଦାଦେଶ) ପରସ୍ତ୍ରୀଗାମୀ, ପାମର ।

କଚ୍ଛୁରା, ବି. ସ୍ତ୍ରୀ. (କଚ୍ଛୁର-ସ୍ତ୍ରୀ-ଆ) ବେଶ୍ୟା; ଶୂକଶିମ୍ବୀ ବା ବାଇଡଙ୍କ । (ମର୍କଟୀ-କଣ୍ଡୁରଧିଣ୍ଡ୍ରାସ୍ୱଗୁପ୍ତାକଚ୍ଛୁରଜଡ଼ା—ପର୍ଯ୍ୟାୟମୁକ୍ତାବଳୀ ।) ଗୁଳ୍ମବିଶେଷ, ଦୁଲ୍ଲଭା, ଦୁରାଳଭା । (ରୋଦନୀ କଚ୍ଛୁରାନନ୍ତା-ସମୁଦ୍ରାନ୍ତାଦୁରାଳଭା—ପର୍ଯ୍ୟାୟ ମୁକ୍ତାବଳୀ ।)

କଚ୍ଛୋଟିକା, ବି. ସ୍ତ୍ରୀ. (କଚ୍ଛା-ଉଟିକା = ବେଷ୍ଟନ) କଚ୍ଛାଦ୍ୱାରା ବେଷ୍ଟନ ।

କଜଳ, ବି. (କଜ୍ଜଳ ଶବ୍ଦର ଅପଭ୍ରଂଶ) କଜ୍ଜ୍ୱଳ, ଅଞ୍ଜନ ।

କଜଳପାତି, } ବି. ସ୍ତ୍ରୀ. (କଜ୍ଜ୍ୱଳପତ୍ରୀ
କଜ୍ଜ୍ୱଳପାତି, } ଶବ୍ଦଜ) ପକ୍ଷିବିଶେଷ, ଖଞ୍ଜନ ପକ୍ଷୀ; କଜ୍ଜ୍ୱଳ ରଖିବା ପାତ୍ର । ଯଥା—

ସିନ୍ଦୁର ଫରୁଆ କଜଳପାତ୍ର,
ନୂଆଁ ପାଉଁସରେ ହେଲଣି ପୋଢ଼ । ଉ. ସା.

କଜଳପାତିଆ, } ବି. (ଦେଶଜ—କଜ୍ଜ୍ୱଳ-
କଜ୍ଜ୍ୱଳପାତିଆ, } ପତ୍ରୀର ଆକୃତି ସାଦୃଶ୍ୟରୁ ଏହି ନାମ) ଧାନ୍ୟବିଶେଷ; ପକ୍ଷିବିଶେଷ, ଖଞ୍ଜନ ପକ୍ଷୀ ।

କଜଳା, } ବି. (ଦେଶଜ) ମତ୍ସ୍ୟବିଶେଷ । ବିଂ.
କଜ୍ଜ୍ୱଳା, } କୃଷ୍ଣବର୍ଣ୍ଣବିଶିଷ୍ଟ ।

କଜିଆ, କଜିଆ, କଜ୍ୟା, } ବି. (ଦେଶଜ) କଳହ । ଯଥା—
ମଞ୍ଚ ପାଶେ କପାଁ ଏତେ ଲୋକ ଠିଆ,
ଲଗିଅଛୁ ପରା ଆସନ କଜିଆ । ଦରବାର ।
ଯେବଣ ଗ୍ରାମେ ଦେବ ନୋହିବ କେହୁ କଜ୍ୟା,
ପାଇ ସନ୍ତୋଷ ହେବେ ଯୁଧିଷ୍ଠି ମହାରାଜା । ନୃ.ପୁ.ସ.ତ.

କଜିଆଖୋର, ବିଂ. (ଦେଶଜ) ଯେ କଳହ କରିବାରେ ଅଭ୍ୟସ୍ତ ।

କଜିଆଗୋଇ, ବିଂ. (ଦେଶଜ) କଳହପ୍ରିୟ, କଳହ କରିବା ବ୍ୟକ୍ତି ।

କଜ୍ଜଳ, ବି. (କୁ = କୁତ୍ସିତ-ଜଳ = ବାରିକମ୍ବା ରସ) ଅଞ୍ଜନ; କୃଷ୍ଣବର୍ଣ୍ଣ । ଯଥା—
ଇନ୍ଦ୍ରନୀଳକୁଞ୍ଚେ କଜ୍ଜଳକୁନ୍ତଳା । ନ. କେ.
କୁତ୍ସିତଜଳ । (ଅଞ୍ଜନବର୍ଣ୍ଣଭିରୁ) ମେଘ; କାଳିମା, କଳଙ୍କ । (ଧିକ୍ ମାଂ ବଗର୍ହିତଂ ସଦ୍ଭିଃ ଦୁଷ୍କୃତଂ କୁଳକଜ୍ଜଳଂ ।) କାଳି, ମସି । (ଅସିତଗିରିନଭଂ ସ୍ୟାତ୍ କଜ୍ଜଳଂ ସିନ୍ଧୁପାତ୍ରଂ ।) (ସ୍ତ୍ରୀ-ଆ) ମତ୍ସ୍ୟବିଶେଷ ।

କଜ୍ଜଳପକ୍ଷୀ, ବି. (କଜ୍ଜଳ-ପକ୍ଷ-ଇନ୍-ଅସ୍ତ୍ୟର୍ଥେ, ଯାହାର ପକ୍ଷ କଜ୍ଜଳ ପରି କଳା) ଖଞ୍ଜନ-ପକ୍ଷୀ । ଯଥା—
କଜ୍ଜଳପକ୍ଷିର ପବନ ନିଃସ୍ୱନ,
ଜଗତେ ସୂଚିଲା ଉଷା ଆଗମନ । ନ. କେ.

କଜ୍ଜଳରୋଚକ, ବି. (କଜ୍ଜଳ-ରୁଚ୍-ଣିଚ୍-ଅକ) ଦୀପାଧାର ।

କଜ୍ଜଳୀ, ବି. ସ୍ତ୍ରୀ. (କଜ୍ଜଳର ବର୍ଣ୍ଣ ହୋଇଅଛି ବୋଲି) ପାରଦ ଓ ଗନ୍ଧକର ରସାୟନିକ ମିଶ୍ରଣରୁ ଉତ୍ପନ୍ନ ଔଷଧିବିଶେଷ ।

କଜ୍ଜ୍ୱଳ, ବି. (କୁ = କୁତ୍ସିତ, ଜ୍ୱଳ = ଅଗ୍ନିଶିଖା —କୁ ର କଦାଦେଶ) ଅଞ୍ଜନ ।

କଞ୍ଚ, କଞ୍ଚୀ, } ବି. (ଦେଶଜ) ତାସଣ ପରେ ଯାହା-ଦ୍ୱାରା ସୂତା ଘଷନ୍ତି ।

କଞ୍ଚଟ, କଞ୍ଚଡ, } ବି. (କଂ = ଜଳ-ଚଟ୍ = ପୃଥକ୍ କରିବା-ଅ) ଜଳଜ ଶାକବିଶେଷ ।

କଞ୍ଚଣ, କଞ୍ଚନ, } ବି. (କାଞ୍ଚନ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ପୁଷ୍ପବୃକ୍ଷବିଶେଷ । ଯଥା—
କଲଶଉରଜା କେହି ଫୁଲତୋଳା ବ୍ୟାଜେ,
କଞ୍ଚଣ ବିଟପିମୂଳେ ବିଟେ ଗ୍ରୀଢ ସର୍ଜେ । ର. ପ.
ଥାଳବିଶେଷ ।

କଞ୍ଚା, ବିଂ. (ଦେଶଜ) ଅପକ୍ୱ ଅର୍ଥାତ୍ ପାଚି ନ ଥିବା । ଯଥା—କଞ୍ଚା ଆମ୍ବ । ପାକ କରାଯାଇ ନ ଥିବା । ଯଥା—କଞ୍ଚା ଫଳମୂଳ, କଞ୍ଚା ପିଠା । ଶୁଖି ନ ଥିବା କମ୍ବା ପୋଡା ହୋଇ ନ ଥିବା । ଯଥା—
ବେଢ଼ରେ ଚଣ୍ଡୀ ତ ସେହି ଚକ୍ର ବିଧାନକୁ ବନ୍ଧ,
ଶର ସୂନ୍ଧେ ସୂନ୍ଧେ କଞ୍ଚା ଭଣ୍ଡର ଭୁଲେ ।
ବିଚ୍ଛେଦ ଶରେ ରାଘବ ଦଶଗ୍ରୀବ ଦଶଗ୍ରୀବ,
ବିଚ୍ଛେଦ ନୋହିଲା ଲବ ଲାଗେ ତକ୍ରାଳେ । ବୈ.ବି.
ମନ୍ଦ ବା ଅପଟୁ । ଯଥା—
ବୟସ ପକ୍କା ହେଲେ ବୁଦ୍ଧି ଅଛି କଞ୍ଚା,
ଏଣୁ ସେ ଯେବେ ନ ପାରିଲେ ପୁଅ ପଞ୍ଚା । କୃ.ଭ.ବି.ପ.

କଞ୍ଚାଖାଇ, କଞ୍ଚାସୁଆଦ, କଞ୍ଚାସୁଆଦଆ, } ବିଂ. (ଦେଶଜ) ଯାହା କଞ୍ଚା ଅବସ୍ଥାରେ ଖାଇ ହୁଏ । ଯଥା—କଞ୍ଚାଖାଇ ଆମ୍ବ ।

କଞ୍ଚାଖାଣ୍ଡି, ବି. ସ୍ତ୍ରୀ. (ଦେଶଜ) ଦେବୀ-ବିଶେଷ । (ଜାଙ୍ଗୁଳା ଶବ୍ଦ ଦେଖ ।)

କଞ୍ଚାର, ବି. (କଂ = ଜଳ-ଚର୍ = ଶୋଷଣ କରିବା-ଅ) ସୂର୍ଯ୍ୟ । (ସୂର୍ଯ୍ୟପର୍ଯ୍ୟାୟଭିରୁ) ଅର୍କବୃକ୍ଷ ।

କଞ୍ଚାଳିଆ, ବିଂ. (ଦେଶଜ) ଯାହା ଅଳ୍ପ ଅଳ୍ପ କଞ୍ଚା ଥାଏ ।

କଞ୍ଚି, କଞ୍ଚୀ, } ବି. ସ୍ତ୍ରୀ. (ଦେଶଜ) କୋଲପକାଠି । ଯଥା—
ଯେଉଁ ଦ୍ୱାର କଞ୍ଚୀ ନନ୍ଦକା ସୁନ୍ଦରୀ,
ନ୍ୟାସପ୍ରାପ୍ତେ ରଖିଥିଲି ଯତ୍ନ କରି । ନ. କେ.
କୋଲପ । ଯଥା—
କଞ୍ଚି ପକାଇ କାଠି ଧରି,
ଗଲେ ଭଣ୍ଡାର ଅଧିକାରୀ । ଦା. ର.
ବାଉଁଶକଣୀ, ବେଣୁର ପ୍ରଶାଖା ।

କଞ୍ଚିକା, କଞ୍ଚୀ, } ବି. ସ୍ତ୍ରୀ. ସଂ. ବେଣୁର ଶାଖା, ବାଉଁଶକଣୀ ।

କଞ୍ଚୁକ, ବି. (କଚ୍‌ର୍ = ବନ୍ଧନ କରିବା-ଉକ) ନିର୍ମୋକ ଅର୍ଥାତ୍ ସାପକାତି । (ସମୌ କଞ୍ଚୁକନିର୍ମୋକୌ—ଅମର ।) କବଚ, ସାଞ୍ଜୁ; ଅଙ୍ଗରଖା, ଜାମା; ସ୍ତ୍ରୀମାନଙ୍କର କାଞ୍ଚୁଲି । ପୂର୍ବାଦି ଜନ୍ମୋତ୍ସବରେ ଭୃତ୍ୟ-ମାନେ ପ୍ରଭୁଙ୍କ ନିକଟରୁ ଯେଉଁ ବସ୍ତ୍ର କାଢ଼ି ନିଅନ୍ତି; ବସ୍ତ୍ର; ଅନ୍ତଃପୁରାଧ୍ୟକ୍ଷ । ଯଥା—

ଉରଗ କଞ୍ଚୁକେ ବେଷ୍ଟିତ ହେବାରେ
ରବି ଦିବସେ ଭୟଙ୍କର ।

କଞ୍ଚୁକାଳୁ, ବି. (କଞ୍ଚୁକ-ଆଳୁ-ଅସ୍ତ୍ୟର୍ଥେ) ସର୍ପ । ବିଂ. କଞ୍ଚୁକବିଶିଷ୍ଟ ।

କଞ୍ଚୁକୀ, } ବି. (କଞ୍ଚୁକିନ୍—କଞ୍ଚୁକ-ଇନ୍-
କଞ୍ଚୁକିନ, } ଅସ୍ତ୍ୟର୍ଥେ) ଅନ୍ତଃପୁରର କ୍ଲୀବ ସେବକ ବା ରକ୍ଷକ, ରାଜାଙ୍କ ଅନ୍ତଃପୁରର ଅଧିକାରୀ ପୁରୁଷ । (ଅନ୍ତଃପୁରଚରୋବୃଦ୍ଧୋ ବିପ୍ରୋ ଗୁଣଗଣାନ୍ୱିତଃ । ସର୍ବକାର୍ଯ୍ୟାର୍ଥ-କୁଶଳଃ କଞ୍ଚୁକୀତ୍ୟଭିଧୀୟତେ ।) କବଚ-ଧାରୀ ପୁରୁଷ; ସର୍ପ; ଲମ୍ପଟ; ଯବ; ଚଣକ; କ୍ଷୀରୀଶ ବା କ୍ଷୀରକଞ୍ଚୁକୀ ବୃକ୍ଷ । ଏ ଶବ୍ଦଟି ଓଡ଼ିଆରେ କଞ୍ଚୁକୀ ଓ କଞ୍ଚୁକିନ ରୂପରେ ବ୍ୟବହୃତ ହୁଏ । ଯଥା—

ବିହିର ସନ୍ଧିଧ ସଦନେ ବିହିର ସନ୍ଧିଧ ସଦନେ ଧନ ।
ବେଢ଼ି ଡ଼ାକୁଥାନ୍ତି କଞ୍ଚୁକିନ ବେଢ଼ି ଡ଼ାକୁଛନ୍ତି କଞ୍ଚୁକିନ ।
ବୈ. ବି.

କଞ୍ଚୁଲିକା, } ବି. ସ୍ତ୍ରୀ. (କଚ୍‌ର୍ = ବନ୍ଧନ
କଞ୍ଚୁଳୀକା, } କରିବା-ଉଳ-ଈପ୍-କ) କାଞ୍ଚୁଲି, ସ୍ତ୍ରୀମାନଙ୍କର ଅଙ୍ଗରକ୍ଷକବିଶେଷ ।

କଞ୍ଚୁଳ, ବି. (କଚ୍ = ଦୀପ୍ତି ପାଇବା-ଉଳ୍ ର୍-ଭାବବାଚ୍ୟରେ) ସ୍ତ୍ରୀମାନଙ୍କର ଅଳଙ୍କାର-ବିଶେଷ, ସ୍ତ୍ରୀମାନଙ୍କର ଏକପ୍ରକାର ଆଭରଣ ।

କଞ୍ଜ, ବି. (କଂ = ସୁଖ, ଜଳ ଇତ୍ୟାଦି-ଜନ୍, ଅ-ଯେ ଜଳରୁ ଜନ୍ମିଅଛି) ବ୍ରହ୍ମା; ପଦ୍ମ; ଅମୃତ । (ଯେ ମସ୍ତକରୁ ଜନ୍ମିଅଛି) କେଶ । ବିଂ. ଜଳଜାତ । ପଦ୍ମ । ଯଥା—

କଞ୍ଜଖଞ୍ଜନଗଞ୍ଜନଲୋଚନା । ଲ. ବ.

କଞ୍ଜକ, } ବି. (କଞ୍ଜ-କ-ଳ) ଶାରିକା ପକ୍ଷୀ ।
କଞ୍ଜଳ, }

କଞ୍ଜଜ, ବି. (କଞ୍ଜ-ଜନ୍-ଅ, କଞ୍ଜ ଯେ ବିଷ୍ଣୁଙ୍କ ନାଭିପଦ୍ମ ତହିଁରୁ ଯାର ଜନ୍ମ) ବ୍ରହ୍ମା ।

କଞ୍ଜର, } ବି. (କଞ୍ଜ = ପଦ୍ମ ଇତ୍ୟାଦି-ଋ =
କଞ୍ଜାର, } ଘୃଣା କରିବା, ବଧ କରିବା-ଅ, କମ୍ବା କଂ = ଜଳ-ଜୃ = ଜୀର୍ଣ୍ଣ କରିବା-ଣିଚ୍-ଅ) ବ୍ରହ୍ମା; ସୂର୍ଯ୍ୟ; ଉଦର; ମୟୂର; ହସ୍ତୀ ।

କଞ୍ଜାର, ବି. (କଞ୍ଜର ଦେଖ) ମୁନି; ବ୍ରହ୍ମା; ସୂର୍ଯ୍ୟ; ହସ୍ତୀ; ଅର୍କବୃକ୍ଷ; ଉଦର ।

କଟ, ବି. (କଟ୍ = ବର୍ଷଣ କରିବା, ଆଚ୍ଛାଦନ କରିବା-ଅନ୍) (ମଦବର୍ଷଣ ହେତୁରୁ) ହସ୍ତିର ଗଣ୍ଡଦେଶ; ଶ୍ରୋଣି, କଟିପ୍ରଦେଶ । (ଗଜଗଣ୍ଡ କଟୀକଟୌ—ଅମର ।) କିଯ୍ୟା-କାର ଅର୍ଥାତ୍ ନୂତନ ଘାସ; କଳଞ୍ଜ ଅର୍ଥାତ୍ ତୃଣାଦିନିର୍ମିତ ଆସନବିଶେଷ; ବଂଶାଦି-ନିର୍ମିତ କୁଞ୍ଜ; ତୃଣନିର୍ମିତ ପରଦା; ଚଟା; ତୃଣାସନ; ଅତିଶୟ; ଶବ; ଶବରଥ; ସମୟ । (କଟଃ ଶ୍ରୋଣୌ କିଯ୍ୟାକାରେ କଳଞ୍ଜେଽ-ତିଶୟେ ଶବେ । ସମୟେ ଗଜଗଣ୍ଡେଽପି—ବିଶ୍ୱ ।) ତୃଣରଚିତ ରଜ୍ଜୁବିଶେଷ, ବଡ଼ି; ଶ୍ମଶାନ; ଶର । (ଦେଶଜ) କଡ଼ା ଅର୍ଥାତ୍ ଗଣ୍ଡାର ଚତୁର୍ଥାଂଶ । (ସ୍ତ୍ରୀ-ଈ) ପିପ୍ପଳୀ । (ପିପଲ୍ୟାଂ ତୁ କଟୀ ମତା—ବିଶ୍ୱ ।)

କଟକ, ବି. (କଟ୍ = ବେଷ୍ଟନ କରିବା-ଅକ) ପର୍ବତର ନିତମ୍ବଦେଶ, ପର୍ବତର ମଧ୍ୟ-ପ୍ରଦେଶ । (କଟକୋଽସ୍ତ୍ରୀ ନିତମ୍ବୋଽଦ୍ରେଃ—ଅମର ।) ବଳୟ, କରଭୂଷଣବିଶେଷ; ପାଦଭୂଷଣବିଶେଷ । (କଟକୋ ବଳୟୋଽସ୍ତ୍ରିୟାଂ—ଅମର ।) (ବଳୟତୁଲ୍ୟରୁ) ଚକ୍ର; ରାଜଧାନୀ ବା ପ୍ରଧାନ ନଗର । ଯଥା—

ଯେଉଁ କଟକରେ ଛଟକେ ବରାଟକେ ମକତ ।
ର. ହା. ଆ.

ଓଡ଼ିଆ ରାଜ୍ୟର ରାଜଧାନୀ; ସୈନ୍ୟ; ସେନା-ସନ୍ନିବେଶ ସ୍ଥାନ, ଶିବିର; ସାମୁଦ୍ରିକ ଲବଣ; ସୈନ୍ଧବ; ଗଜଦନ୍ତମଣ୍ଡଳ ।

କଠକଠ, ବିଂ. ( କଠ-ଦ୍ୱିତ୍ୱ-ପ୍ରକାରାର୍ଥେ ) ଅତ୍ୟନ୍ତ, ଅତିଶୟିତ, ସର୍ବୋତ୍କୃଷ୍ଟ । ବି. ମହାଦେବ । (ନମୋ କଠକଠାୟ ଚ ।) ଶବ୍ଦବିଶେଷ । (ତତଃ କଠକଠାଶବ୍ଦୋ ବଭୂବ ।)

କଠକଠ, } ଅଂ. (ଦେଶଜ) ଅନୁକରଣ
କଠ୍‌କଠ୍‌, } ଶବ୍ଦବିଶେଷ । ଯଥା—

**ଜଉତୁକ ଦେଲ ଖଠ, ଖଠ ହେଲ କଠକଠ । ହା. ତ.**

ତୃଣାଦି ବାନ୍ଧିବା କମ୍ପା ଠକ ଠକ ହେବା ।

କଠକଠିଆବେଙ୍ଗ, ବି. (ଦେଶଜ) ମଣ୍ଡୂକବିଶେଷ ।

କଠକଣା, ବି. (ଦେଶଜ) ବନ୍ଦୋବସ୍ତ ବା ତାକତ୍, ନିୟମ, ଆକଠ ।

କଠକମା, } ବି. (ଦେଶଜ) ବୈବାହିକ
କଠକମ୍ପା, } କନ୍ୟାଦାନ ସମୟରେ କନ୍ୟା
କଠକମ୍ଭା, } ପିତା ଯେଉଁ ମସିଣାରେ ବସନ୍ତି; (ଶୂଦ୍ରମାନେ ଏସ୍ଥଳରେ ଗୋଟିଏ ଛିଣ ବିଡ଼ା ପକାଇ ବସନ୍ତି ।) ଏପରି କିମ୍ବଦନ୍ତୀ ଅଛି ଯେ ରାମଙ୍କ ବିବାହ ସମୟରେ କଠକମା ଅସୁର ଆସିଥିଲା, ଦଶରଥ ତାହାକୁ ନିହତ କରି ରାମଙ୍କୁ ବିବାହ ଦେଲେ । ଯଥା—

**ଲଗ୍ନଶୁଦ୍ଧିକୁ ଋଷି ଖୋଜିଲେ ଅନୁକୂଳ,**
**କଠକମ୍ଭା ଗୋଟିକ ଆଣିଲେ ବେଦମୂଳ । ନୃ. ପୁ. ଦ୍ୱି. ଭ.**

ଶ୍ରୀମାନ୍ ସାରଳାଦାସ କବି ନିଜ ମହାଭାରତରେ କଠକମା ସମ୍ବନ୍ଧରେ ଅନେକଗୁଡ଼ିଏ କଥା ଲେଖିଅଛନ୍ତି ।

କଠକାଇ, ବି. ( ଦେଶଜ ) ଯୁଦ୍ଧଯାତ୍ରାର ଅନୁକୂଳ ବା ଉଦ୍ୟମ । ଯଥା—

**ମର୍ତ୍ତ୍ୟେ ଏହାର ସାଧ୍ୟ ନାହିଁ,**
**ସ୍ୱର୍ଗେ ବା କଠକାଇ କରଇ । ଲ. ନ.**

କଠକାଇବାର, କ୍ରି. (ଦେଶଜ) ଯୁଦ୍ଧାର୍ଥ ଉଦ୍ୟମ କରି ଯିବାର ।

କଠକୋଳ, ବି. (କଠ=ନିଷ୍ଠୀବନ 'ଜଳ-କୋଳ=ସସ୍ଥାନାଧାର) ନିଷ୍ଠୀବନ ପାତ୍ର, ପିକଦାନି ।

କଠଖାଦ, ବି. (କଠ=ଅଧିକ ବା ଶବ-ଖାଦ୍-ଅକ) କାକ; ଶୃଗାଳ; କାଚକଲଶ । ବିଂ. ପେଟୁକ, କୁକ୍ଷିମ୍ଭରି ।

କଠଙ୍କଠ, ବି. (କଠ=ଶବ-କଠ୍=ଦାହ କରିବା-ଅ-ମ ଆଗମ) ଅଗ୍ନି; ଗଣେଶ; ମହାଦେବ ବା ଶିବ; ସୂର୍ଯ୍ୟ; ଚମ୍ପକ ବୃକ୍ଷ ।

କଠ ବନ୍ଧକ, } ବି. (ଦେଶଜ) ଯେଉଁ ପତ୍ର-
କଠ କବାଲା, } ଦ୍ୱାରା ଜମି ବନ୍ଧା ଦେଇ ଟଙ୍କା ଋଣ ନିଆଯାଏ ଓ ଜମିର ଉତ୍ପନ୍ନ ଦ୍ରବ୍ୟରୁ କେତେକ ବର୍ଷରେ ଉକ୍ତ ଋଣ ପରିଶୋଧିତ ହୁଏ ।

କଠଭି, ବି. ସ୍ତ୍ରୀ. ସଂ. ଜ୍ୟୋତିଷ୍ମତୀ ଲତା, ଲତା ଶିରୀଷ ।

କଠମଠ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ବିଂ. କଠିନ । ଯଥା—ସେ ଏହା ବଡ଼ କଠମଠରେ ଦେଲା, ସେ ଦେବାପାଇଁ ବଡ଼ କଠମଠ ହୋଇଥାଏ ।

କଠମଠିଆ, } ବିଂ. (ଦେଶଜ) ଗୋଳମାଳିଆ;
କଠିମିଠିଆ, } କଠିନ, ଦୁରୂହ ବା ଜଟିଳ ।

କଠମ୍ବରା, } ବି. ସ୍ତ୍ରୀ. ସଂ. ଏକପ୍ରକାର ଔଷଧ
କଠମ୍ଭରା, } ଦ୍ରବ୍ୟ କଟୁରୋହିଣୀ ବା କଟୁକରୋହିଣୀ, ପ୍ରସାରଣୀ ଗଛ; (କଠ-ଭୃ-ଅ-ଆ) ହସ୍ତିନୀ ।

କଠରକଠର, } ଅଂ. (ଦେଶଜ) ଅନୁକରଣ
କଠରମଠର, } ଶବ୍ଦବିଶେଷ ।

କଠରା, } ବି. (କଣ୍ଠୋରା ଶବ୍ଦଜ) ମୃଣ୍ମୟ
କଠୋରା, } ପାତ୍ରବିଶେଷ, ଡାଟିଆ କମ୍ବା ଗିନା ।

କଟା, ବି. (କର୍ତ୍ତନ ଶବ୍ଦଜ) କାଟିବା, ଛେଦନ; ଯେପରି—ଫଳ କଟା । ଅଙ୍କନ । ଯେପରି—ରେଖାକଟା । ବିଯୋଗକରଣ । ଯଥା—ଏ ମାସରେ ତାଙ୍କ ବର୍ତ୍ତନରୁ କଟା ହେବ । ଦସ୍ତ ଖେଳରେ ସାର ଗୋଳାଇ ଭାଙ୍ଗିଲା ପରେ ଉପରୁ ସାର କାଢ଼ି ନିମ୍ନରେ ରଖିବା । ଯଥା—ସାରକଟା ସାରବଣ୍ଟା ଜଣେ କରନ୍ତି ନାହିଁ । ବିଂ. କଟା ଯାଇଥିବା, କର୍ତ୍ତିତ । ଯଥା—

**ଗୈରମାନେ କହିଲେ ହେ ଅବମାନାସ୍ପକ,**
**ଶବମୁଖେ ଏ ନାଶାର କଟା ନାକ ଦେଖ । ବୈ. ପ.**

ଯେ କାଟେ, କର୍ତ୍ତକ । ଯଥା—

**ଘୁଣ-କଟା କାଠ ସମ ହୃଦକୁ କାଟିଲା । ବୈ. ପ.**

କଟାକଟି, ବି. (ଦେଶଜ) ଅନ୍ତର ବା ନିଯୋଗ-କରଣ; ହଣାହଣି, ସ୍ୱାର୍ଥ ସକାଶେ ଝଣା-ଓଟରା । ଯଥା—

ଅଲକ୍ଷ୍ୟଧନ ସ୍ଥିତିପାଇଁ ଭବଟଣୀ,
ଏଥିଲାଗି କପାଁ ଏତେ କଟାକଟି । ଦରବାର ।

କଟାକ୍ଷ, ବି. (କଟେ = ନେତ୍ରଦେଶେ ଅକ୍ଷତେ ଶୋଣିତ କଟାକ୍ଷଃ, କଟ = ନେତ୍ରର ବହିର୍ଭାଗ-ଅକ୍ଷ = ବ୍ୟାପିବା-ଅ, ନେତ୍ରର ବହିର୍ଭାଗରେ ଯାହା ବ୍ୟାପେ) ଅପାଙ୍ଗଦର୍ଶନ, ନେତ୍ରପ୍ରାନ୍ତଦୃଷ୍ଟି, ଆଡ଼ଚାହାଣି । (କଟାକ୍ଷୋଽପାଙ୍ଗଦର୍ଶନେ—ଅମର ।) ଅତ୍ୟଳ୍ପ କାଳ, ଅକ୍ଷିପାତପରିମିତ କାଳ । ଯଥା—

ବେନି ଶରେ ନକୁଳକୁ କଲା ଅଚେତନ,
କଟାକ୍ଷେ ଛେଦିଲା ସହଦେବର ଶରାସନ । କ.ବ.

କଟାବର୍ଣ୍ଣ, ବି. (କଡ଼ାର ଶବ୍ଦଜ) ପିଙ୍ଗଳବର୍ଣ୍ଣ । ବିଂ. ପିଙ୍ଗଳବର୍ଣ୍ଣବିଶିଷ୍ଟ ।

କଟାର, କଟାରି, } ବି. (କଟ୍ଟାର ଶବ୍ଦଜ) ଶସ୍ତ୍ର-
କଟାରୀ, କଟରୀ, } ବିଶେଷ । ଯଥା—

ବନ୍ଦେ ଅନାଇଁ କଟାରି, କଲିଜାରେ ଗଲା ମାରି । ସଂ.ସ.

କଟାଳ, ବି. (ଦେଶଜ) ବଟକରା ଅର୍ଥାତ୍ ଯହିଁରେ ପରିମାଣ ଜ୍ଞାନାର୍ଥ ତୌଲ କରିବାକୁ ହୁଏ । ଯଥା—ନିକିତିର ଏକ ପାର୍ଶ୍ୱରେ କଟାଳ ଅନ୍ୟ ପାର୍ଶ୍ୱରେ ସ୍ୱର୍ଣ୍ଣ ମୁଦ୍ରିକା । ନିର୍ବନ୍ଧ ବା ଅଟକ । ଯଥା— ତାକୁ ଅର୍ଦ୍ଧପଥରେ ସେ କଟାଳ କଲା । ଅନୁରୋଧ । ଯଥା—

କଟାଳ କର ନାନାମତେ,
ବୁଝିବ ଦାନପଣ କେତେ । ଦା. ର.

(କଣ୍ଠାଳ ଶବ୍ଦଜ) ତାମ୍ରଭାଣ୍ଡ ।

କଟାଳି, } ବି. (ଦେଶଜ) କାଟିବା ଲୋକ ।
କଟାଳୀ, } ଯଥା—

କାଟି ଏ ସୁଡ଼ଙ୍ଗ ପଥ କର ପରିଷ୍କାର,
ଆମ୍ଭମାନେ କଟାଳି ଲାଗିଲେ ବହୁତର । ବୈ.ପ.

କଟାଳିବାର, କ୍ରି. (ଦେଶଜ) ଅନୁରୋଧ କରିବାର । ଯଥା—

ଜୀବ ନେବ କାମ ଅଛୁ କଟାଳି । ଲ. ବ.

ନିର୍ବନ୍ଧ କରିବାର ଯଥା—

କରେ ଇଚ୍ଛା ମନରେ, କଟାଳିବାକୁ ଥରେ । ର.କ.

କଟାଶ, } ବି. (କଟାଶ ଶବ୍ଦଜ) ବନ୍ୟ
କଟାସ, } ବିଡ଼ାଳ । ଯଥା—କଟାସ ଦେଖି ବାଘଛୁଆ ବୋଲି ଡ଼ରିଲା ।

କଟାହ, ବି. (କଟ = ଅଧିକ ଇତ୍ୟାଦି-ଆ-ହନ୍ = ଆଘାତ କରିବା-ଅ) ଦୁଗ୍ଧାଦି ପାକପାତ୍ର, କରେଇ; ପଲମ; ବଟକାଦି ଭାଜିବାର ପାତ୍ର, ତେଲଉଣି; କଚ୍ଛପ ଖୋଳ; ଶିଶୁ ମହିଷ; କର୍ପର, ଖପରା, ଖପୁରି; ଦ୍ୱୀପବିଶେଷ; ନରକବିଶେଷ; ସୂପ ବା ବ୍ୟଞ୍ଜନ । (କଟାହୋ ଘୃତତୈଳାଦିପାକପାତ୍ରେଽପି କର୍ପରେ, କଟାହଃ କୂର୍ମପୃଷ୍ଠେ ଚ ସୂପେ ଚ ମହିଷୀ-ଶିଶୌ—ବିଶ୍ୱ । ) (କଟାହଃ କୂର୍ମକର୍ପରେ ଦ୍ୱୀପସ୍ୟ ଚ ପ୍ରଭେଦେ ଚ—ମେଦିନୀ ।)

କଟି, } ବି. ସ୍ତ୍ରୀ. (କଟ୍ = ଗମନ କରିବା-ଇ)
କଟୀ, } କଣ୍ଟା, କମର । ଯଥା—କଟିରେ ପୀତଧଟୀ । ହସ୍ତି ଗଣ୍ଡସ୍ଥଳ । (ଦେଶଜ) ରେମା ଖେଳରେ ଗୋଟିଏ ମାତ୍ର କଉଡ଼ି ଚିତ୍ ହୋଇ ପଡ଼ିବା ଦାନ ।

କଟିତ୍ର, ବି. (କଟି-ତ୍ରୈ = ତ୍ରାଣ କରିବା-ଅ—ଯେ କଟିକୁ ରକ୍ଷାକରେ) କଟିବସ୍ତ୍ର, କମରବନ୍ଧ; କାଞ୍ଚୀ, ରସନା ।

କଟିପ୍ରୋଥ, ବି. (କଟି-ପ୍ରୋଥ୍ = ପ୍ରଚୁର ହେବା-ଅ) କଟିଦେଶସ୍ଥ ମାଂସପିଣ୍ଡ, ପିଚୁ । (ସ୍ତ୍ରିୟାଂ ସ୍ଫିଚୌ କଟିପ୍ରୋଥୌ—ଅମର ।)

କଟିଲ୍ଲ, କଠିଲ୍ଲ, ସଂ. ବି. କଲରା ।

କଟିବନ୍ଧ, ବି. (କଟି-ବନ୍ଧ୍-ଅ) କମରବନ୍ଧ, ଯେଉଁ ସୂତ୍ରାଦିଦ୍ୱାରା କଟିବନ୍ଧନ କରାଯାଏ, କଟିସୂତ୍ର; ଭୂଗୋଳରେ—ପୃଥିବୀର ମଧ୍ୟ-ସ୍ଥାନବେଷ୍ଟିତ କଳ୍ପିତ ରେଖା ।

କଟୀତଳ, ବି. ସଂ. କଟିଦେଶଧାର୍ଯ୍ୟ ନ୍ୟୁବ୍ଜ ଖଡ଼୍ଗ, ବଙ୍କା ଖଣ୍ଡା ।

କଟୀର, } ବି. (କଟ୍ = ଗମନ କରିବା-
କଟୀରକ, } ଈର, ସଂଜ୍ଞାର୍ଥେ, ପକ୍ଷେ କ-ସ୍ୱାର୍ଥେ) କଟି, କମର; ଜଘନ; ଗିରିଗହ୍ୱର ।

କଟୁ, ବିଂ. (କଟ୍=ଗମନ କରିବା-ଉ) ରଗୁଆ; ତିକ୍ତ; ବିସ୍ୱାଦ, ବିରସ; ଅପ୍ରିୟ, କର୍କଶ । ଯେପରି—କଟୁବାକ୍ୟ । ପରଶ୍ରୀକାତର । ଯଥା—ଏଟା ବଡ଼ କଟୁ ଲୋକ । ଉଗ୍ର, ତୀକ୍ଷ୍ଣ । ଯଥା—କଟୁରସ । ଉଷ୍ଣ; ସୁରଭି; ଦୁର୍ଗନ୍ଧ; କୁତ୍ସିତ; ଅକାର୍ଯ୍ୟ । ବି. କଟୁତା; ପିପ୍ପଳ୍ୟାଦି ରସଭେଦ । (ରସେ କଟୁଃ କଟ୍ୱକାର୍ଯ୍ୟେ ତ୍ରିଷୁ ମତ୍ସରତୀକ୍ଷ୍ଣୟୋଃ—ଅମର ।)

କଟୁଆଳ, କତୁଆଳ, କତ୍ୱାଳ, } ବି. (କୋଟପାଳ ଶବ୍ଦଜ) ନଗରରକ୍ଷକ । ଯଥା—

କଟୁଆଳଙ୍କ ତସକରଙ୍କ ପ୍ରଭା ପ୍ରଭାତ ନୋହିଲା । ର. କ.
ଚହ୍ଲିବ ସେ ରାଜକନ୍ୟା ଅଙ୍ଗ ଆଭରଣ,
କତୁଆଳକୁ ଡ଼କାଇ କହିବ ତତ୍‌କ୍ଷଣ । ବେ. ପ.

ବିଂ. ଅବାଧ । ଯଥା—

ଗାନ୍ଧାରୀ ବଡ଼ପୁତ୍ର ଆଗହୁଁ କଟୁଆଳ,
ଉପାୟେ ରକ୍ଷା ଗଲୁ ତୁ ବଞ୍ଚିଲୁ ଏକାଳ । ସା. ଭା. ସ.

କଟୁକ, ବି. (କଟୁ-କ-ସ୍ୱାର୍ଥେ) ତ୍ରିକଟୁ ଅର୍ଥାତ୍ ଶୁଣ୍ଠୀ ପିପ୍ପଳୀ ଓ ମରିଚ; ସୁଗନ୍ଧ ତୃଣ; ଅଲାବୁ ଅର୍ଥାତ୍ ଲାଉ; କଟୁରସ; ପଟୋଳ; କୁଟଜବୃକ୍ଷ; ଅର୍କଗଛ । (ସ୍ତ୍ରୀ-ଆ) ପାନ; ରାଇସୋରିଷ; ପିତାଲାଉ ।

କଟୁକନ୍ଦ, ବି. (କଟୁ-କନ୍ଦ) ରସୁଣ; ଅଦା ।

କଟୁକୀଟ, କଟୁକୀଟକ, } ବି. (କଟୁ=ଉତ୍ପୀଡ଼ନକ-କୀଟ, ସ୍ୱାର୍ଥେ-କ) ମଶକ, ମଶା ।

କଟୁର, ବି. ସଂ. ତକ୍ର; ଘୋଳ ।

କଟୁରି, ବି. (କଟାରି ଶବ୍ଦଜ) ଶସ୍ତ୍ରବିଶେଷ । ଯଥା—

ଖଣ୍ଡା ବା କଟୁରି କୁରାଢ଼ୀ,
ଯେ ଚୋର ହସ୍ତେ ଥିବ ପଡ଼ି । ଦା. ର.

କଟୁବୀରା, ସଂ. ବି. ସ୍ତ୍ରୀ. ଲଙ୍କାମରିଚ ।

କଟୁସ୍ନେହ, ବି. (କଟୁ-ସ୍ନେହ=ତୈଳ) ସୋରିଷ । ଶ୍ୱେତସର୍ଷପ; ସୋରିଷତେଲ ।

କଟୋର, ବି. (କୋଟର ଶବ୍ଦଜ) କୋରଡ଼, ବୃକ୍ଷ ଗହ୍ୱର । ଯଥା—

ରହିନ୍ତି ବକଟେ କଟୋରର ଦ୍ୱାରେ
ଯହିଁ ଉଲୂକେ ସଘନେ । ଉ. ସା. ୮. ୪.

କଟୋରା, ବି. (କଟ୍=ଆବରଣ କରିବା-ଓରନ୍-ସ୍ତ୍ରୀ-ଆ) ମୃଣ୍ମୟ ପାନପାତ୍ର; ତାଟିଆ, ଗିନା ।

କଟୋଳ, ସଂ. ବି. ଚଣ୍ଡାଳ; କଟୁରସ ।

କଟ୍‌କଟ୍, କଟ୍ଟକ, } ଅଂ. (ଦେଶଜ) ଅବ୍ୟକ୍ତ ଶବ୍ଦ; ପୀଡ଼ାଦ୍ୟୋତକ ଶବ୍ଦ ।

କଟ୍‌ଫଳ, ବି. (କଟୁ-ଫଳ, ଏହାର ଫଳ କଟୁ ବୋଲି କଟ୍‌ଫଳ ନାମ) ବୃକ୍ଷବିଶେଷ, କାଫଡ଼ ଗଛ ଏବଂ ଏହାର ଫଳ । (ସ୍ତ୍ରୀ-ଆ) ଗମ୍ଭାରିଗଛ ଓ ଫଳ । କାକମାଚୀ; ଦେବଦାଳୀ; ବୃହତୀ ।

କଟ୍ଟଟିଆ, କଟମଟିଆ, } ବିଂ. (ଦେଶଜ) ଗୋଳମାଳିଆ; କଠିନ, ଶକ୍ତ; ଦୁରୂହ ।

କଟ୍ଠାର, କଟ୍ୱାର, } ବି. ସଂ. କଟାରି ନାମକ ଶସ୍ତ୍ରବିଶେଷ ।

କଟ୍ୱଙ୍ଗ, ବି. (କଟୁ-ଅଙ୍ଗ) ଶୋନାକବୃକ୍ଷ, ଫଣଫଣାଗଛ; ସୂର୍ଯ୍ୟବଂଶୀୟ ରାଜାବିଶେଷ । ବିଂ. ଯାହାର ଅଙ୍ଗ କଠିନ, କଠିନାଙ୍ଗ ।

କଟ୍ୱର, ବି. (କଟ୍=ବର୍ଷଣ କରିବା-ବର) ତକ୍ର । (ଦଧ୍ନସ୍ତୁ ସସରସ୍ୟାନ୍ତ ତକ୍ରଂ କଟ୍ୱର ମୁଚ୍ୟତେ) ଦଧିର ସର; ବ୍ୟଞ୍ଜନ ।

କଠ, ବି. (କଠ୍=ଦୁଃସ୍ଥ ହେବା-ଅ) ମୁନିବିଶେଷ । ଏ ବୈଶମ୍ପାୟନଙ୍କ ଶିଷ୍ୟ ଏବଂ ଏହାଙ୍କର ଶିଷ୍ୟମାନେ ସାମବେଦାଧ୍ୟାୟୀ ଥିଲେ । କଠଶାଖାଧ୍ୟାୟୀ । ଋଗ୍‌ବେଦ, ଉପନିଷଦ୍‌ବିଶେଷ; କ୍ଳେଶ ।

କଠା, ବି. (ଦେଶଜ) କ୍ଷୁଦ୍ରଫଳ; ମଞ୍ଜି ନଡ଼ିଆ, ଯେଉଁ ନଡ଼ିଆ ଛାଡ଼ି ପକାଇବାର ଯୋଗ୍ୟ ।

କଠାଉ, କଠଉ, କଠୌ, } ବି. (କାଷ୍ଠପାଦୁକା ଶବ୍ଦଜ) କାଷ୍ଠପାଦୁକା । ଯଥା—

କଠାଉ ଦଉଡ଼ି ଶିକାଭାରବାଡ଼ି
ଆଣ୍ଟା ହେଲାନି ନେଟେଟେବେଳୁ । ର. କ.

କଠିଞ୍ଜର, ବି. (କଠିନଂ ଜରତ୍ୟଶ୍ରିତ କଠିଞ୍ଜରଃ-କଠିନଂ-ଜୃ-ଅ-ନିପାତନ) ତୁଳସୀଗଛ, ପଲାଶବୃକ୍ଷ ।

କଠିନ, ବି°. ( କଠ୍ = ଦୁଃସ୍ଥ ହେବା-ଇନ ) ଦୃଢ଼, ଶକ୍ତ । ଯଥା—କଠିନ ମୃତ୍ତିକା । ନିଷ୍ଠୁର, ନିର୍ଦ୍ଦୟ । ଯଥା—କଠିନହୃଦୟ । ଯାହାକୁ ସହଜରେ ତୁଷ୍ଟ କିମ୍ବା ବଶ୍ୟ କରାହୋଇ ନ ପାରେ । ଯଥା—ସେ ବଡ଼ କଠିନ ଲୋକ । ଯାହା ସହଜରେ ବୁଝିହୁଏ ନାହିଁ, ଦୁରୂହ, ଦୁର୍ବୋଧ । ଯଥା—ଏହିଟି ତୁମ୍ଭ ପକ୍ଷେ କଠିନ ପୁସ୍ତକ । ତୀକ୍ଷ୍ଣ, ଦୁଃସହ । ଯଥା—କଠିନ ଦଣ୍ଡ । ବିଷମ, ଭୟାନକ । ଯଥା—ଏ ବଡ଼ କଠିନ ବ୍ୟାପାର ଆସି ଉପସ୍ଥିତ ହେଲା ।

କଠିନୀ, } ବି. ସ୍ତ୍ରୀ. ( କଠିନ-ସ୍ତ୍ରୀ-ଈ, କ )
କଠିନିକା, } କାଠବାଡ଼; ଖଡ଼ି; ଖଡ଼ିମାଟି ।

କଠିଲ୍ଲକ, } ବି. ସଂ. କଲରାଗଛ, କଲରା ।
କଠିଲ୍ଲକ, }

କଠେର, ବି°. (କଠ୍ = ଦୁଃସ୍ଥ ହେବା-ଏରକ୍) କୃଚ୍ଛ୍ରଜୀବୀ, କଷ୍ଟଜୀବୀ, ଦରିଦ୍ର ।

କଠୋର, ବି°. (କଠ୍=ଦୁଃସ୍ଥ ହେବା-ଓରନ୍) କଠିନ, ଦୃଢ଼ । ଯଥା—କଠୋର ମନ । ପୂର୍ଣ୍ଣ । ଯଥା—କଠୋରବାତବେପମାନ କଳେବର । ଜରଠ, ବୃଦ୍ଧ । ଯଥା—
କଠୋର ପାରାବତକଣ୍ଠମେଚକଂ ବପୁଃ । ଉ.ରା.ଚ.ନା.

କଠୋଳ, ବି°. (କଠ୍ = ଦୁଃସ୍ଥହେବା-ଓଳଚ୍) କଠିନ, ଦୃଢ଼ ।

କଡ଼, ବି°. (କଡ଼୍ = ଭକ୍ଷଣ କରିବା, ଉନ୍ମତ୍ତ ହେବା-ଅ-କର୍ମବାଚ୍ୟ ଓ କର୍ତ୍ତୃବାଚ୍ୟରେ) ଭକ୍ଷ୍ୟ; ଉନ୍ମତ୍ତ; ଅଜ୍ଞ । (ଦେଶଜ) ପଖା, ପାର୍ଶ୍ୱ । ଯଥା—

ଏକା କଡ଼କରେ ଶୁଏ ଏକାଅଙ୍ଗେ ଗୁଲେ,
ଏକା ଅଙ୍ଗରେ ଖାଇ ଏକା ଅଙ୍ଗରେ ବୁଲେ ।
ନୃ. ପୁ. ଭୃ. ତ.

ନଦ୍ୟାଦିର ତୀର । ଯଥା—ନଦୀର ଦୁଇ କଡ଼ରେ ଦୁଇ ଧାର ବହୁଅଛି । ମତ୍ସ୍ୟାଦି ଧରିବାର ସୂତ୍ରବିଶେଷ ।

କଡ଼କ, ବି. ( କଡ଼୍ = ପୃଥକ୍ କରିବା-ଅକ ) କରକଚ ଲବଣ ।

କଡ଼କଚ, ବି. (ଦେଶଜ) କରକଚ ଲବଣ, ସାମୁଦ୍ରିକ ଲବଣ ।

କଡ଼କା, ବି°. (ଦେଶଜ) ସନ୍ତାପିତ । ଯଥା—

କରୁ ଯା ଥିଲ ମନରେ ଦକା,
ତାହା ଶୁଣିଲେ ମନ୍ଦରଚେକା ।
କାମ ଜୀବନ ନ ନେଲ ଯାହା,
କରି କଡ଼କା ରେ । ର. କ.

କଡ଼କଡ଼ ବି°. (ଦେଶଜ) କ୍ରୁଦ୍ଧ, କ୍ରୋଧଯୁକ୍ତ, ସାସୂୟ । ଯଥା—ମୋତେ ଦେଖିଲେ ସେ କଡ଼କଡ଼ ହୋଇ ଯାଉଚି । ଅଂ. ଚାଉଳ ବେଳର ଶବ୍ଦ; ଅନୁକରଣାତ୍ମକ ଶବ୍ଦ ।

କଡ଼ଙ୍କର, } ବି. ( କଡ଼ = ଭକ୍ଷଣ କରିବା-ର
କଡ଼ଙ୍ଗର, } —ଅଙ୍ଗ ଆଗମ, ଅଥବା କଟତି ଖଳମାତ୍ତ୍ୱଶୋଣିତ କଟ୍-ଡଚାଙ୍ଗଂ ରୂପଂ ଯସ୍ୟ ସ କଡ଼ଙ୍ଗରଃ, ଧାନ ଖଳାରେ ଯେ ବ୍ୟାପିଥାଏ) ଭୂଷି, ଧାନର ତଣ୍ଟା; ତସୁ, କୁଣ୍ଡା । (କଡ଼ଙ୍ଗରୋ ବୁସଂ କ୍ଲୀବେ ଧାନ୍ୟ-ତ୍ୱଚି ତୁଷଃ ପୁମାନ୍—ଅମର ।)

କଡ଼ପକାଇବା, } କ୍ରି. (ଦେଶଜ) ଶୋଇବା ।
କଡ଼ ପାରିବା, } ଯଥା—

ବ୍ରାହ୍ମଣଙ୍କ ସନ୍ତୋଷ ହେବାପାଇଁ ହରି,
ସେ ଘରେ କଡ଼ ପାରି ରଜନୀ ଦେଲେ ହରି ।
କୃ. ଭ. ଉ. ପ.

କଡ଼ପଡ଼ିବାର, କ୍ରି. (ଦେଶଜ) ନିଦ ଲାଗିବାର । ଯଥା—

କ୍ଷୁଧ ରେ କଡ଼ ନ ପଡ଼ଇ,
କେତେହେଁବେଳେ ରାତ୍ରି ପାହୁ । ମା. ମା.

କଡ଼ମଡ଼, ବି. (ଦେଶଜ) ଅବ୍ୟକ୍ତଶବ୍ଦବିଶେଷ; କ୍ରୋଧରେ ଦାନ୍ତ-ରଗଡ଼ା ।

କଡ଼ମା, ବି. (କଳମ ଶବ୍ଦଜ) ଧାନ୍ୟବିଶେଷ ।

କଡ଼ମ୍ବ, ବି. (କଡ଼୍ = ପୃଥକ୍ କରିବା-ଅମ୍ବ) ଖଡ଼ା, ଶାକାଦିର ଡଙ୍କ; ଅଗ୍ରଭାଗ; ଅଙ୍କୁର, କଳିକା; କଦମ୍ବ; ବାଣ । (ଦେଶଜ—ଅଙ୍କୁରାର୍ଥ ଅନୁକରଣରେ ବ୍ୟବହୃତ) ବଂଶର ଅବଲମ୍ବନ ସ୍ୱରୂପ ଶିଶୁ, ଯାହାର ମୃତ୍ୟୁ ହେଲେ ବଂଶରକ୍ଷାର ଆଉ ଉପାୟ ନାହିଁ ।

କଡ଼ମ୍ବା, } ବ. ( କଡ଼ମ୍ବ ଶବ୍ଦରୁ ଉତ୍ପନ୍ନ )
କଡ଼ବା, } ବୃକ୍ଷାଦିର ଗଜା ବା ଅଙ୍କୁର; ବନ୍ୟମୂଳବିଶେଷ ।

କଡ଼ା, ବିଂ. (କଟୁ ଶବ୍ଦଜ) ଉଗ୍ର । ଯେପରି—ସେ ବଡ଼ କଡ଼ା ଲୋକ । ତୀକ୍ଷ୍ଣ, କଠୋର । ଯଥା—ତାର ବଚନ ବଡ଼ କଡ଼ା । ବି. ଏକ ଗଣ୍ଡାର ଚତୁର୍ଥାଂଶ । ଯଥା—

କଥା କଡ଼ାକରେ ଲେଖା ନୋହେ । ର. କ.

ବାଦ୍ୟବିଶେଷ । ଯଥା—

ଯାଇଣ ରଣସ୍ଥାନେ ହୋଇଲେ ପରବେଶ,
କଡ଼ା ମର୍ଦ୍ଦଲ ଘୁମୁରି ବାଜେ ବଜ୍ରଘୋଷ ।
ନୃ. ପୁ. ସ. ଭ.

ବେଣ୍ଟ ବା ମୁଠା; ଅଳ୍ପ ମୂଲ୍ୟ; କପର୍ଦ୍ଦକ, କଉଡ଼ି; ଦେଶଭାଗବିଶେଷ, ଏହା ଆଲ୍ଲାହାବାଦ ପ୍ରଦେଶର ଗୋଟିଏ ନଗର ।

କଡ଼ାକଆ, ବ. ( ଦେଶଜ ) ମୋଟିଆ ବା ମୂଲଆ । ବିଂ. ତୁଚ୍ଛ ବା ନୀଚ । ଯଥା—ସେ ନିତାନ୍ତ କଡ଼ାକଆ ଲୋକଟା ।

କଡ଼ାଗଣ୍ଡାପଣିକିଆ, ବ. ( ଦେଶଜ ) ଯେଉଁ ପଣିକିଆରେ କଡ଼ା, ଗଣ୍ଡା, ବୋଡ଼ି, ପଣ, କାହାଣ ଥାଏ ।

କଡ଼ାର, ବି· (କଡ଼୍ = ଭକ୍ଷଣ କରିବା ଇତ୍ୟାଦି-ଆରନ୍) ପିଙ୍ଗଳବର୍ଣ୍ଣ । ବିଂ. ପିଙ୍ଗଳବର୍ଣ୍ଣ-ବିଶିଷ୍ଟ । (କଡ଼ାରଃ କପିଳଃ ପିଙ୍ଗପିଶଙ୍ଗୌ କଦ୍ରୁ ପିଙ୍ଗଳୌ—ଅମର ।)

କଡ଼ି, ବ. (ଦେଶଜ) ଗଣ୍ଠି କାଠ । (କର୍ଣ୍ଣିକା ଶବ୍ଦଜ) ଖାଦ୍ୟବିଶେଷ ।

କଡ଼ିଆ, } ବ. ( ଦେଶଜ ) ଗୁଦକନ୍ଦା, ମଳ-
କଡ଼ିଆ, } ଦ୍ୱାରର ଅନ୍ତଃସ୍ଥ ବଳି ।

କଡ଼ିଆଳ, } ବ. (ଦେଶଜ) ଘୋଡ଼ାର ବାଖର ।
କଡ଼ିଆଳ, } ଯଥା—

କଡ଼ିଆଳ ନ ଥାଇ ଘୋଡ଼ାକୁ ଚଢ଼ି କରି,
ଧୂଆଁ ଇବାକୁ କପାଁ ଅଛ ଇଚ୍ଛା କରି । କୃ. ଭା.

ବିଂ. ଧନୀ, ଆଢ୍ୟ ।

କଡ଼ିଆଳ, ବ. (ଦେଶଜ) ହସ୍ତାଭରଣବିଶେଷ, ହସ୍ତବଳୟ । ଯଥା—

ସେ ଭୁଜେ ବାନ୍ଧିଛୁ ରୁପା ସୁତା ବିଦମାଳି,
ପାଣିରେ ପାଣିକାଚ ମିଛା କଡ଼ିଆଳି । ଲ. ବ.

କଡ଼ୁଆ, ବିଂ. (କଟୁକା ଶବ୍ଦଜ, ପ୍ରାକୃତ) ବଡ଼ ରାଗ ହେବା, ଅଧିକ କଟୁରସଯୁକ୍ତ; କ୍ରୋଧଯୁକ୍ତ; ଦୁଃସହ ।

କଡ଼େଇ, }
କରେଇ, } ବ. ( ଦେଶଜ ) ତେଲାଉଣୀ,
କଡ଼ାଇ, } ଭର୍ଜନ ପାତ୍ର ।

କଡ଼େଇବାର, କ୍ରି. (ଦେଶଜ) ପାଖେଇବାର ।

କଢ଼, } ବ. (କଳୀ ବା କଳିକା ଶବ୍ଦରୁ ଉତ୍ପନ୍ନ)
କଢ଼ି, } ମୁକୁଳ ଅର୍ଥାତ୍ ଫୁଟି ନ ଥିବା ଫୁଲ । ଯଥା—

କରେ କର କ୍ଷତ ଉରଜ ବୃନ୍ତୁ ନୀରଜ କଢ଼େ । ଲ.ବ.

କଢ଼ି କୁସୁମକୁ ଫୁଟାଇ ବାସକୁ
ପ୍ରବେଶ କରିଛି କେହି । ର. କ.

ବିଂ. ଅସ୍ଫୁଟ, ଅପ୍ରକାଶ ।

କଢ଼ା, ବ. (ଦେଶଜ) ବାଦ୍ୟବିଶେଷ । ଯଥା—

କଢ଼ା ମରଦଲ ଆଦି ଘୁମୁରି ବାଜନ୍ତି,
ମନ୍ଦିରି ରସ ପାନେ ଖେମଟା ନାଚ ଖଣ୍ଡି । ସା.ଭା.ସ.

କାଢ଼ିବା କର୍ମ୍ମ ବାହାର କରିବା । ବିଂ. କାଢ଼ିଥିବା ।

କଢ଼ାଇବାର, } କ୍ରି. ( ଦେଶଜ ) ଦେଖାଇ-
କଢ଼େଇବାର, } ବାର । ଯଥା—

ପ୍ରାତୁ ନିତ୍ୟକୃତ୍ୟ ବଢ଼ାଇଲେ,
ମୁନି ଆଗେ ପଥ କଢ଼ାଇଲେ । ବ. ରା.

ବାହାର କରାଇବାର । ଯଥା –

କବି ଭାରତୀ ଅଗୋଚର ମାର୍ଗରେ
କବି ଭାରତୀକି କଢ଼ାଇ । କୋ. ବ୍ର. ସୁ.

କଢ଼ାଣ, ବ. ( ଦେଶଜ ) ବାହାର କରିବା, ପ୍ରଥମ ହଳ କରିବା ।

କଢ଼ାଣମୁଣ୍ଡା, ବ. ( ଦେଶଜ ) ଏକପ୍ରକାର ଲଙ୍ଗଳମୁଣ୍ଡା ।

କଢ଼ି, ବ. (କଳୀ ଶବ୍ଦଜ) ମୁକୁଳ । (କଢ଼ ଶବ୍ଦ ଦେଖ ।)

କଢ଼ିଲୋଥ, } ବ. (ଦେଶଜ) ଯେଉଁ ଲୋଥର
କଢ଼ିନୋଥ, } ଗୁରିପାଖରେ କ୍ଷୁଦ୍ର କ୍ଷୁଦ୍ର ସୁବର୍ଣ୍ଣ କଢ଼ି ଖଞ୍ଜା ହୋଇଥାଏ ।

କଡ଼୍ଆଳ, ବି. (ଦେଶଜ) ପଥପ୍ରଦର୍ଶକ । ଯଥା—
ଯେଣେ ମନ ତେଣେ ବୁଲୁଅଛୁ ନାହା,
ନାହିଁ କଡ଼୍ଆଳ ଦେଖାଇବ ରାହା । ଦରବାର ।

କଣ, ବି. (କଣ୍ = ସଙ୍କୋଚ କରିବା-ଅ) ବସ୍ତୁର ଅତ୍ୟଳ୍ପ ଅଂଶ, ଲବମାତ୍ର । (ଲବଲେଶ-କଣାଣବଃ—ଅମର ।) ଅତି ସୂକ୍ଷ୍ମ ଅଂଶ, ରେଣୁ, ଗୁଣ୍ଡ; ଶସ୍ୟର କ୍ଷୁଦ୍ରାଂଶବିଶେଷ । (କଣୋଽତିସୂକ୍ଷ୍ମଧାନ୍ୟାଂଶେ—ଅମର) କୁମ୍ଭୀରମକ୍ଷିକା । (କୋଣ ଶବ୍ଦଜ) ଗୃହର ଏକ ପ୍ରାନ୍ତ । ଯଥା—
ରାତିକାଳେ ପିଟିଲୁ ଯେ କବାଟ କଣେଣ । ସା.ଭୁ.ଆ.
(କିମ୍ ଶବ୍ଦଜ—ପ୍ରାକୃତ) କିସ, ପ୍ରଶ୍ନାର୍ଥକ ।

କଣକଣି, } ବିଂ. (ଦେଶଜ) ଅତିଶୟ ଶୀତଳ
କଣକଣିଆ, } ଯେପରି—କଣକଣିଆ ପବନ ।
କୋଣସ୍ଥିତ । ବି. ବେଦନା, ପୀଡ଼ା ।

କଣନଖା, } ବି. (କୁନଖ ଶବ୍ଦରୁ ଉତ୍ପନ୍ନ)
କଣିନଖା, } ଆଙ୍ଗୁଠି ଟିପରେ ହେବା ରୋଗବିଶେଷ ।

କଣପ, ବି. (କଣ = ଲୌହଗୁଳିକା-ପା = ପାନ କରିବା-ଅ) ଯନ୍ତ୍ରବିଶେଷ, ବନ୍ଧୁକ । (ଅୟଃକଣପଚକ୍ରାଶ୍ମଭୁଶୁଣ୍ଡ୍ୟୁଦ୍ୟତବାହବଃ ।)

କଣବାରିଆ, ବିଂ. (ଦେଶଜ) କୌଣସି କୋଣରେ ପଡ଼ିଥିବାରୁ ଯାହାକୁ ସମସ୍ତେ ଜାଣନ୍ତି ନାହିଁ । ଯଥା—
ଏଣିକ ଓଡ଼ିଶାଟା ଯାହା କଣବାରିଆ ହୋଇ ରହିଥିଲା, ତାହା ନ ହୋଇ ଚତପଟାଙ୍ଗ ହୋଇ ବାନାପଟା ଖେଳିବ । ଉ. ସା. ୧୮. ୯.

କଣଭ, ବି. (କଣ=ଅଗ୍ନି-ଭା=ଦୀପ୍ତି ପାଇବା-ଅ) ଜ୍ୟୋତିର୍ମୟ କୀଟବିଶେଷ; ଅଣସୋରିଷ । (ପାର୍ବତେପୃଷ୍ଟକଣଭଃ—ପର୍ଯ୍ୟାୟମୁକ୍ତାବଳୀ ।)

କଣୟ, } ବି. (କନକ ଶବ୍ଦଜ, ପ୍ରାକୃତ କଣ-
କ୍ୱଣୟ, } ଅରୁ ଜାତ) ସୁବର୍ଣ୍ଣ, ସୁନା । ଯଥା—
ଏ କପିଳାସପୁରରେ ବର୍ଷାଯାକେ ଥରେ,
ହୁଅଇ କ୍ୱଣୟ ବୃଷ୍ଟି ସମ୍ପଦବସରେ । ନୃ.ପୃ.ଦ୍ୱି.ତ.

କଣଲଭ, ବି. (କଣ-ଲଭ-ଯହିଁରୁ ପଦାର୍ଥ କଣରୂପେ ଲବ୍ଧ ହୁଏ) ପେଷଣସାଧନଯନ୍ତ୍ରବିଶେଷ, ଘୋରଣା ପ୍ରଭୃତି ।

କଣଶଃ, ଅଂ. (କଣଶସ୍-କଣ-ଶସ୍-ବୀପ୍ସାର୍ଥେ) ଅଳ୍ପେ ଅଳ୍ପେ, ଅଳ୍ପ ଅଳ୍ପ କରି । (ତଦିଦଂ କଣଶୋ ବିକୀର୍ଯ୍ୟତେ—କୁ. ସ.)

କଣା, ବି.(କଣ୍ = ସଙ୍କୋଚ କରିବା-ଅ-ସ୍ତ୍ରୀ-ଆ) ଅତ୍ୟଳ୍ପ ଅଂଶ; କୁମ୍ଭୀରମକ୍ଷିକା; ପିପ୍ପଳୀ । (ବୈଦେହୀ ମାଗଧୀ କଣା—ଅମର ।) ଜୀରା । (କ୍ଷାରକୋଜରଣୋଽଜାଜୀ କଣା—ଅମର ।) ବିଂ. (କାଣ ଶବ୍ଦର ଅପଭ୍ରଂଶ) ଯାହାର ଗୋଟିଏ ଆଖି ନଷ୍ଟ ହୋଇଥାଏ । ଯଥା—
ଅନ୍ଧ ଆନ୍ତ୍ରିଚିତ୍ତ ହେଲେ ଦୈତ୍ୟଗୁରୁ ଶୁଣି,
କଣା ହୋଇଛୁ ବଧିର ହୁଅଇ ନ ଶୁଣି । କୋ. ବ୍ର. ସୁ.
(କାଣ ଶବ୍ଦରୁ ଉତ୍ପନ୍ନ) ରନ୍ଧ୍ର । ଯଥା—
ଏ ତାଳରେ ଦୁଇଟି କଣା ହୋଇଅଛି ।

କଣାଟୀନ, } ବି. (କଣ-ଅଟ୍=ଗମନ କରିବା-
କଣାଟୀର, } ଈନ, ଈର) ଖଞ୍ଜନ ପକ୍ଷୀ ।

କଣାଦ, ବି. (କଣ = ଅଳ୍ପ-ଅଦ୍ = ଭୋଜନ କରିବା-ଅ, ଯେ ଅଳ୍ପ ଆହାର କରନ୍ତି ଅଥଚ ଯେ ପରମାଣୁର ବିଷୟ ଆବିଷ୍କୃତ କରନ୍ତି) ଋଷିବିଶେଷ, ବୈଶେଷିକ ଦର୍ଶନର ପ୍ରଣେତା; କାଶ୍ୟପ ମୁନି; ସ୍ୱର୍ଣ୍ଣକାର; ଚଟକ । ବିଂ. ଅତ୍ୟଳ୍ପଭୋଜୀ ।

କଣି, } ବି. (କଣ ଶବ୍ଦଜ) ମୁଗ ବିରି ପ୍ରଭୃତିର
କଣୀ, } କ୍ଷୁଦ୍ରାଂଶ । ଯଥା—ବିରି କଣି; ମୁଗ କଣି । ସୂକ୍ଷ୍ମାଂଶ । ଯଥା—
କହୁ ନକ୍ଷତ୍ର ବୋଲି ଯେ ଦିଶୁଛି,
କୁନ୍ଦା କଣି ବୁଣି ହୋଇ ଯାଇଛି । ର. ପ.
ବାଉଁଶର ଶାଖା । ଯଥା—
ରୂପଅବତାରୂପେ କରେ ଗୃହ ଆବରଣ,
ବୃନ୍ଦ ସଂସାଧଇ ଦେଇ କଣି ପଣ ପଣ । ବୃଷସ୍ତୁତି ।

କଣିଅର, } ବି. (କର୍ଣ୍ଣିକାର ଶବ୍ଦଜ) ବୃକ୍ଷ-
କଣିଆର, } ବିଶେଷ; ତଜ୍ଜାତୀୟ ପୁଷ୍ପ ।
କନଅର, }

କଣିଆଇବାର, } କ୍ରି. ( ଦେଶଜ ) ନେତ୍ର-
କଣେଇବାର, } କୋଣରେ ଦେଖିବା ।

ଯଥା—

**କଣିଆଇ ଗୃହେଁ ପଡ଼ମଡ଼ କରି ଛନ୍ତି । ର. ପ.**

ଏକ କୋଣକୁ ଯିବା । ଯଥା—ଗୋବିନ୍ଦ ପ୍ରଭୁଙ୍କୁ ଦେଖିଲାକ୍ଷଣି କଣିଆଇ ହୋଇଗଲା ।

କଣିକ, ବିଂ. (କଣ = ଅଳ୍ପ-ଇକ-ବିଦ୍ୟମାନାର୍ଥେ) କଣା; ଗୋଧୂମ ଚୂର୍ଣ୍ଣ; ମଇଦା; ଅତି ସୂକ୍ଷ୍ମାଂଶ; ଶତ୍ରୁ; ମାରଜନ ବିଧି ।

କଣିକା, ବି. ସ୍ତ୍ରୀ. (କଣ-ଇକ-ଆ) ଏକ କଣା ମାତ୍ର, କ୍ଷୁଦ୍ର ଅଂଶ; ଜୟନ୍ତୀ ବୃକ୍ଷ କମ୍ବା ଗଣିକାରିକା ବୃକ୍ଷ । (କଣିକା ଗଣିକାରିକା —ଅମର ।)

କଣିଶ, ବି. (କଣ = ଅଳ୍ପ-ଶ) ଶସ୍ୟର ମଞ୍ଜରୀ, ଧାନ୍ୟ ପ୍ରଭୃତିର ଶିସା । (କଣିଶଂ ଶସ୍ୟମଞ୍ଜରୀ—ଅମର ।)

କଣୀ, } ବି. ସ୍ତ୍ରୀ. (କଣ-ସ୍ତ୍ରୀ-ଈ, ଇକ-ଆ)
କଣିକା, } ବସ୍ତୁର ଅତ୍ୟଳ୍ପ ଅଂଶ, କ୍ଷୁଦ୍ରାଂଶ; କୁମ୍ଭୀରମକ୍ଷିକା ।

କଣୀଚି, ବି. (କଣ୍ = ନୟନ ମୁଦ୍ରିତ କରିବା-ଈଚ—ସଞ୍ଜ୍ଞାର୍ଥେ) ଗୁଞ୍ଜା, କାଇଁଚ; ଶଢ଼ ।

କଣୀୟାନ୍, ବିଂ. (କଣୀୟସ୍-କଣ = ଅଳ୍ପ-ଈୟସ୍-ଅତ୍ୟର୍ଥେ) ଅତି କ୍ଷୁଦ୍ର, ଅତି ଶ୍ରେଷ୍ଠ; କନିଷ୍ଠ ।

କଣେରା, } ବି. ସ୍ତ୍ରୀ. (କଣ = ଗମନ କରିବା-
କଣେରୁ, } ଏର, ଏରୁ) ବେଶ୍ୟା; କରେଣୀ ।

ପୁଂ. କର୍ଣ୍ଣିକାର ବୃକ୍ଷ ।

କଣ୍ଟ, ବି. (ଦେଶଜ) ଅବଧି । ଯଥା—

**ବଳିଲେ କଣ୍ଟ ବଳସ୍ଥ ରଘୁନାଥ ବଳବନ୍ତ**
**କରିବ ପୁଣି ହେ ବାଲକ । ବୈ. ବି.**

ମାପ, ପରିମାଣ । ଯଥା—ହାତର କଣ୍ଟ ନେଇ ବଳୟ ତୟାର କର ।

କଣ୍ଟକ, ବି. (କଣ୍ଟ୍ = ଗମନ କରିବା-ଅକ) ବୃକ୍ଷବିଶେଷର ଅଙ୍ଗବିଶେଷ, କଣ୍ଟା; କ୍ଷୁଦ୍ର ଶତ୍ରୁ; ସୂଚ୍ୟଗ୍ର; ରୋମହର୍ଷ । (ସୂଚ୍ୟଗ୍ରେ କ୍ଷୁଦ୍ରଶତ୍ରୌ ଚ ରୋମହର୍ଷେ ଚ କଣ୍ଟକଃ—ଅମର ।) କର୍ମସ୍ଥାନ; ଦୋଷ; ବେଣୁ ବା ବାଉଁଶ, ବାଉଁଶ ବାଡ଼ । (କଣ୍ଟକଃ କ୍ଷୁଦ୍ରଶତ୍ରୌ ଚ କର୍ମସ୍ଥାନକ ଦୋଷୟୋଃ । ରୋମାଞ୍ଚେ ଚ ଦ୍ରୁମାଙ୍ଗେ ଚ କଣ୍ଟକୋ ମସ୍କରେଽପି ଚ—ବିଶ୍ୱପ୍ରକାଶ ।) ମତ୍ସ୍ୟାଦିର ହାଡ଼; ନ୍ୟାୟରେ ଦୋଷୋକ୍ତି; ବିଘ୍ନ, ବ୍ୟାଘାତ । (କଣ୍ଟକୋ ନ ସ୍ତ୍ରିୟାଂ କ୍ଷୁଦ୍ରଶତ୍ରୌ ମତ୍ସ୍ୟାଦିକୀକସେ । ନୈୟୋଗିକାଦିଦୋଷୋକ୍ତୌ—ମେଦିନୀ ।) ଯାହା କ୍ଷତିକର ବା ବିରକ୍ତିଜନକ; ଜ୍ୟୋତିଷଶାସ୍ତ୍ରରେ—କେନ୍ଦ୍ରସ୍ଥାନ । ବିଂ. କଷ୍ଟଦାୟକ; ଅସୁଖକାରକ; କ୍ଲେଶକର ।

କଣ୍ଟକପାଲ, } ବି. ସ୍ତ୍ରୀ. ( କଣ୍ଟୁକାପାଳୀ
କଣ୍ଟକପାଳୀ, } ଶବ୍ଦଜ) ଔଷଧିବୃକ୍ଷବିଶେଷ,
କଣ୍ଟିକପାଲ, } ହୁଡ଼ୁପି ।

କଣ୍ଟକଫଳ, } ବି. (କଣ୍ଟକଯୁକ୍ତ ଫଳ ଯାହାର)
କଣ୍ଟକିଫଳ, } ପଣସ ଗଛ । (ପନସଃ କଣ୍ଟକ-
କଣ୍ଟକୀଫଳ, } ଫଳଃ—ଅମର ।) ପଣସ ଫଳ; ଧୁତୁରା ଗଛ; ଗୋଖରା ଗଛ ।

କଣ୍ଟକାରିକା, } ବି. ସ୍ତ୍ରୀ. (କଣ୍ଟକ-ଋ = ଗମନ
କଣ୍ଟକାରୀ, } କରିବା-ଅ, ସ୍ତ୍ରୀ-ଈ, କ ଯୋଗେ କଣ୍ଟକାରିକା) ଅଙ୍କରେନ୍ତୀ ନାମକ ଗୁଳ୍ମଜାତୀୟ ବୃକ୍ଷ ଏବଂ ତାହାର ଫଳ ।

କଣ୍ଟକିତ, ବିଂ. (କଣ୍ଟକ = ରୋମାଞ୍ଚ-ଇତ) ରୋମାଞ୍ଚିତ । ଯଥା—କଣ୍ଟକିତ କଳେବର । କଣ୍ଟାଯୁକ୍ତ । (ପ୍ରୀତିକଣ୍ଟକିତଂ ଦୁଃଖଂ—କୁ. ସ.)

କଣ୍ଟକିଳ, ବି. (କଣ୍ଟକ-ଇଳ) କଣ୍ଟାବାଉଁଶ । ବିଂ. କଣ୍ଟକଯୁକ୍ତ ।

କଣ୍ଟା, ବି. (କଣ୍ଟକ ଶବ୍ଦଜ) ଟେଭ କମଳା ବରକୋଳି ପ୍ରଭୃତି ଗଛମାନଙ୍କର ସୂଚ୍ୟଗ୍ରସ୍ୱରୂପ ଅବୟବବିଶେଷ । ଯଥା—

**କଣ୍ଟା ବନେ ଲଗି ପଟନ୍ତି ବାଳାର**
**ସହସା ଗଲା ଅଟକ । ହରିବଂଶୀ ।**

ଲୋହକୀଳ; ମାଛର ଅସ୍ଥି; ଧାନ୍ୟାଦି ବହୁ ପରିମାଣରେ ଓଜନ କରିବାର ଯନ୍ତ୍ର; ଶତ୍ରୁ; ବିଘ୍ନ, ବ୍ୟାଘାତ ।

କଣ୍ଟାଇକୋଳ, } ବି. (ଦେଶଜ) ସ୍ୱନାମପ୍ରସିଦ୍ଧ
କଣ୍ଟିକୋଳ, } କୋଳଗଛ ।

କଣ୍ଟାଖାଇ, ବି. ସ୍ତ୍ରୀ. (କଣ୍ଟକଖାଦକମ୍ନୀ ଶବ୍ଦଜ) ଦେବୀବିଶେଷ । ଯଥା—

ସର୍ପମୁଖୀ ଜାଗୁଳା ମୋହନୀ କଣ୍ଟାଖାଇ,
ସଞ୍ଜାଇବଣୀ ତାରା ହିଙ୍ଗୁଳା ଗଙ୍ଗୁଳାଇ । ନୃ.ପୁ.ଷ.ଅ.

କଣ୍ଟାବାଉଁଶ, } ବି. (କଣ୍ଟକବଂଶ ଶବ୍ଦଜ)
କଣ୍ଟାବାଉଁସ, } ଏକପ୍ରକାର ବାଉଁଶ । ଯଥା—

ଧାମଣା କାଠ ଧନୁ କଣ୍ଟାବାଉଁସ ଗୁଣ,
ଫିରକ ଫଳ ନାରାଚ ପୂରାଇଣ ତୃଣ । ସା. ଭା. ଆ.

କଣ୍ଟାମଏଣ, ବି. (କଣ୍ଟକ-ମଦନ ଶବ୍ଦଜ) ଔଷଧଦ୍ରବ୍ୟବିଶେଷ ।

କଣ୍ଟାକୁସୁମ, } ବି. (କଣ୍ଟକକୁସୁମ ଶବ୍ଦଜ) ବୃକ୍ଷ
କଣ୍ଟାଫୁଲ, } ଓ ତଜ୍ଜାତ ପୁଷ୍ପବିଶେଷ ।

କଣ୍ଟାଲେଉଟିଆ, ବି. (ଦେଶଜ) ଶାକବିଶେଷ ।

କଣ୍ଟି, ବି. (କୃଠ ଶବ୍ଦଜ) ଲାଙ୍ଗଳରେ ଥିବା କାଷ୍ଠଖଣ୍ଡବିଶେଷ; ଲତାବିଶେଷ ।

କଣ୍ଟିଆଳି, } ବି. ସ୍ତ୍ରୀ. (କଣ୍ଟକ କର୍କଟୀ
କଣ୍ଟିଆଳି କାକୁଡ଼ୀ, } ଶବ୍ଦରୁ ଉତ୍ପନ୍ନ) ଏକପ୍ରକାର ସୁସ୍ୱାଦୁ ଲତାଫଳ ।

କଣ୍ଟିକପାଳୀ, ବି. ସ୍ତ୍ରୀ. (କଣ୍ଟକାପାଳୀ ଶବ୍ଦଜ) ଔଷଧିବୃକ୍ଷବିଶେଷ ।

କଣ୍ଟିକଳା, ବି. (କୃଠକୀଳ ଶବ୍ଦଜ) ଲଙ୍ଗଳସଂଯୁକ୍ତ କଣ୍ଟିର କୀଳକ ।

କଣ୍ଟିଆ, } ବି. (ଦେଶଜ) ମୁହଁ ପାଖରେ
କଣ୍ଟିଆଳ, } କଣ୍ଟା ଥିବା ମତ୍ସ୍ୟବିଶେଷ ।

କଣ୍ଟିବାର, କି. (ଦେଶଜ) ମାପିବାର । ଯଥା —

ଦେଖି ପାଦ କଣ୍ଟି ଗୃଳୁ ଗୃଳୁ ହେଲ ଏତେ ମା । ଫ.ସ.

ଦଂଶିବା, ଟେଙ୍ଗିବାଇବା । ଯଥା—

ଧନେ ଦେହରେ କଣ୍ଟିଲ ମଶା ଯେ ଗୋଟିଏ,
ଧୀରେ ଅଡ଼ାଇଣ ଦେଲେ ବାଳୁତ ତନୟେ । ସା.ଭା.ଆ

(ଖାଳ) ବହିବାର ଉପକ୍ରମ ହେବା; ସୂଚନା କରିବାର, ଦେଖାଇବାର । ଯଥା—

ଦେବୀଙ୍କ ଆଜ୍ଞା ଅଛି ବୋଲି କକ୍‌ଖଟୀ ଜାଣି,
ପଥ କଣ୍ଟଇ ଆଗେ ଚଳେ । ବୃ. ଚ. ବିହାର ।

କଣ୍ଟିଳ, ବି. (କଣ୍ଟକିଳ ଶବ୍ଦଜ) ଲତାବିଶେଷ । ଯଥା—

କଣ୍ଟିଳ ଲତା ପ୍ରାୟେକ ତା ଦେହ ହୋଇଲା,
ଶୃଙ୍ଗାର ଅନ୍ତେ ଇନ୍ଦ୍ରଦେବଙ୍କ କୋପ ବଢ଼ିଲା ।
ସା. ଭା. ଆ.

ବିଂ. କଣ୍ଟାଯୁକ୍ତ ।

କଣ୍ଟେଇକୋଳ, } ବି. (ଦେଶଜ) ଏକପ୍ରକାର
କଣ୍ଟାଇକୋଳ, } ଗୁଳ୍ମ ।

କଣ୍ଟେକ, ବି. (କଣ୍ଟକ ଶବ୍ଦଜ) କଣ୍ଟା; କଣ୍ଟା ପ୍ରାୟେ ଯେ ଦୁଃଖ ଦିଏ । ଯଥା —

ବ୍ରାହ୍ମଣ କୁଳକୁ ଯେ କଣ୍ଟେକ ଅଟୁ ବାବୁ,
ଦାନ ନ ପାଇବୁ ଯେ ପ୍ରାଣରେ ନାଶ ଯିବୁ । ସା.ଭା.ଆ.

କଳଙ୍କ । ବିଂ. ଦୁଃଖଦାୟକ; ବ୍ୟାଘାତକାରକ ।

କଣ୍ଟୋଳୀ, } ବି. ସ୍ତ୍ରୀ. (କଣ୍ଠ୍ୟତେ ଅଭି-
କଣ୍ଡୋଳୀ, } ରକ୍ଷ୍ୟତେ ଚଣ୍ଡାଳେନେତି
କଣ୍ଟୋଳବୀଣା, } କଣ୍ଡୋଳା, କଣ୍ଡୋଳା ଚ ସା
କଣ୍ଡୋଳବୀଣା, } ବୀଣା ଚ କଣ୍ଡୋଳବୀଣା; କଣ୍ଟୋଳବୀଣା ଚ, କଡ଼ଭେଦାଭିରକ୍ଷଣୟୋଃ) ଚଣ୍ଡାଳରକ୍ଷିତ ବୀଣା, ଅନ୍ତ୍ୟଜଜାତିବୀଣା ।

କଣ୍ଠ, ବି. (କଣ୍ = ଶବ୍ଦ କରିବା-ଠ) ଗଳଦେଶ, ଗଳା । (କଣ୍ଠୋ ଗଳଃ—ଅମର ।) କଣ୍ଠଧ୍ୱନି; ନିକଟ । (ତଦୀୟ ଅର୍ଥାନୁକରଣରେ ତଦ୍‌ଭବ ଶବ୍ଦସ୍ୱରୂପ ହେଲେ) ଗଳାର ସ୍ୱର । ଶୁକପକ୍ଷିର ଗଳାର ଚତୁଃପାର୍ଶ୍ୱସ୍ଥ ଇନ୍ଦ୍ରଧନୁବର୍ଣ୍ଣାଭ ରେଖା ।

କଣ୍ଠଗତ, } ବିଂ. (କଣ୍ଠ-ଗତ, ଆଗତ) କଣ୍ଠ
କଣ୍ଠାଗତ, } ପର୍ଯ୍ୟନ୍ତ ଆଗତ, କଣ୍ଠ ପର୍ଯ୍ୟନ୍ତ ଉପସ୍ଥିତ । ଯଥା—

କଣ୍ଠାଗତ ପ୍ରାଣ ହେଲେ ବଡ଼ଲୋକ,
କେତେବେଳେ ନ ଛାଡ଼ଇ ନିଜ ଟେକ । ର.କ.

କଣ୍ଠାଗ୍ରତ, ବିଂ. (କଣ୍ଠାଗତପଦର ଅନୁକରଣରେ ବ୍ୟବହୃତ) ଉତ୍‌କ୍ରାନ୍ତ; ନିତାନ୍ତ ବାଧାପ୍ରାପ୍ତ । ଯଥା—ଏବେ ଏହା ତାକୁ କଣ୍ଠାଗ୍ରତ ହେଲାଣି ।

କଣ୍ଠଭୂଷା, କଣ୍ଠଭୂଷଣ, } ବି. (କଣ୍ଠ-ଭୂଷା,ଭୂଷଣ)-ମାଳା, ହାର, କଣ୍ଠି ପ୍ରଭୃତି ।

କଣ୍ଠସ୍ଥ, ବିଂ. (କଣ୍ଠ-ସ୍ଥା-ଅ) ମୁଖସ୍ଥ; ଯାହା ଉତ୍ତମ ଅଭ୍ୟସ୍ତ; କଣ୍ଠରେ ଯାହା ଅଛି; କଣ୍ଠରେ ଯାହା ପ୍ରବେଶ କରିଅଛି ।

କଣ୍ଠା, କଣ୍ଠୀ, } ବି. ସ୍ତ୍ରୀ. (କଣ = ଶବ୍ଦ କରିବା-ଠ-ସ୍ତ୍ରୀ-ଆ, ଈ) ଗଳଦେଶ; ଗଳା ।

କଣ୍ଠା, ବି. ସ୍ତ୍ରୀ. (କଣ୍ଠିକା ଶବ୍ଦଜ) କଣ୍ଠାଭରଣବିଶେଷ । (ଦେଶଜ) ଧାନର ଅଗାଡ଼ିବିଶେଷ ।

କଣ୍ଠାଝଡ଼ା, ବି. (ଦେଶଜ) ଖଳାରେ ଯେଉଁ ଧାନ ବଡ଼ାରୁ ମନକୁ ଝଡ଼ି ପଡ଼ିଥାଏ ।

କଣ୍ଠାମାଧୁଆ, ବି. (ଦେଶଜ) ମୋଟା ଓ ଚକା ହେବା ଶୁକ୍ଳ ବଗଡ଼ା ଧାନ ।

କଣ୍ଠାଳ, ବି. (କଣ୍ଠ-ଅଳ୍ = ଭୂଷିତ କରିବା ଇତ୍ୟାଦି-ଅ) ଶୂରଣ ଅର୍ଥାତ୍ ଓଲୁଅକନ୍ଦା; ଉଷ୍ଟ୍ର; ଯୁଦ୍ଧ ।

କଣ୍ଠି, କଣ୍ଠୀ, } ବି. ସ୍ତ୍ରୀ. (କଣ୍ଠିକା ଶବ୍ଦଜ) କଣ୍ଠାଭରଣବିଶେଷ । ଯଥା—

ନିଜ କଣ୍ଠୁ ରତ୍ନକଣ୍ଠି ନେଇ ତାର
କଣ୍ଠରେ ଦେଲି ଲମ୍ବାଇ । ଯ. କେ.

କଣ୍ଠିକା, କଣ୍ଠୀ, } ବି. ସ୍ତ୍ରୀ. (କଣ୍ଠ-ଇକ-ଆ) ଏକାବଳୀମାଳା; କଣ୍ଠାଭରଣ; ଅଶ୍ୱର କଣ୍ଠବେଷ୍ଟନ ରଜ୍ଜୁ; ବୈଷ୍ଣବମାନଙ୍କର କଣ୍ଠସ୍ଥ ତୁଳସୀକାଷ୍ଠମାଳା ।

କଣ୍ଠିମାଳ, କଣ୍ଠିମାଳୀ, କଣ୍ଠିମାଳ, } ବି. ସ୍ତ୍ରୀ. (କଣ୍ଠମାଳା ଶବ୍ଦଜ) କଣ୍ଠାଭରଣବିଶେଷ । ଯଥା—

କଣ୍ଠି ସୁନାକଣ୍ଠିମାଳୀ,
ପ୍ରବାଳେ ହୋଇଛି ଝଳି । ଲ. ବ.

କଣ୍ଠିହାର, ବି. (କଣ୍ଠିକା-ହାର—ଏ ଉଭୟ ଶବ୍ଦରୁ ଉତ୍ପନ୍ନ) ଅଳଙ୍କାରବିଶେଷ । (ଚଉକି ଶବ୍ଦ ଦେଖ ।)

କଣ୍ଠୀରବ, ବି. (କଣ୍ଠୀ = କଣ୍ଠ-ରବ—କଣ୍ଠେ ରବୋ ଯସ୍ୟ ସ କଣ୍ଠୀରବଃ—ଯାହାର କଣ୍ଠରେ ପ୍ରଶସ୍ତ ରବ ଅଛି) ସିଂହ । ଯଥା—

କଣ୍ଠୀରବମଧ୍ୟା ମୋ ଗଣ୍ଠିରତନ,
ମୋ କଣ୍ଠେ ହୁଅ ତୁ ହାର ରେ ।
ହସ୍ତୀ, କପୋତ ।

କଣ୍ଠେକାଳ, ବି. (କଣ୍ଠେ-କାଳ = କୃଷ୍ଣବର୍ଣ୍ଣ ବିଷ କଣ୍ଠରେ ଅଛି ଯାହାର) ନୀଳକଣ୍ଠ, ମହାଦେବ ।

କଣ୍ଡନ, ବି. (କନ୍ଡ୍ = ନିସ୍ତୁଷ କରିବା-ଅନ) ତୁଷନିଷ୍କାସନ, କାଣ୍ଡିବା ।

କଣ୍ଡନୀ, ବି. ସ୍ତ୍ରୀ. (କନ୍ଡ୍-ଅନ-ସ୍ତ୍ରୀ-ଈ) ଉଦୂଖଳ; ମୂଷଳ; ଢେଙ୍କି ।

କଣ୍ଡରା, ବି. (ଦେଶଜ—ତଥାପି ବୋଧହୁଏ କାଣ୍ଡାରୀ ଶବ୍ଦଜାତ) ନୀଚଜାତିବିଶେଷ । ଯଥା—

ମାଡ଼ ଖାଇ କାଞ୍ଚୀ ଗଲାଇ ଖରେ,
ଯାଇଣ ପଶିଲା କଣ୍ଡରା ଘରେ । ହା. ତ.

କଣ୍ଡରାଣୀ, କଣ୍ଡୁରୁଣୀ, କଣ୍ଡରୁଣୀ, } ବି. ସ୍ତ୍ରୀ. (ଦେଶଜ) କଣ୍ଡରା-ଜାତିର ସ୍ତ୍ରୀ; କଣ୍ଡରାର ଭାର୍ଯ୍ୟା । ଯଥା—

ଏଣୁ କଣ୍ଡୁରୁଣୀ ତେଣୁ କଣ୍ଡୁରା,
କାଙ୍କ୍ଷୀକି କଲେ ସେ ଅତି ଧାବରା । ହା. ତ.

କଣ୍ଡା, ବି.(କଣ୍ଡନ୍ ଶବ୍ଦଜ)କାଣ୍ଡିବା, ପରିଷ୍କାର । ବିଂ. କଣ୍ଡାଯିବା, ପରିଷ୍କୃତ । (ଦେଶଜ) ତନ୍ତୁବୁଣିବା ସୂତ୍ରଯୁକ୍ତ କାଠି ।

କଣ୍ଡୁ, ବି. (କନ୍ଡ୍-ଉ) ମୁନିବିଶେଷ, ଏ କଣ୍ଡମୁନିଙ୍କ ପୁତ୍ର; କୁଣ୍ଡିଆ; କୁଣ୍ଡାଇବା ।

କଣ୍ଡୂ, କଣ୍ଡୂ, କଣ୍ଡୂତି, } ବି. ସ୍ତ୍ରୀ. (କଣ୍ଡୂ-କ୍ୱିପ୍, ତି) କୁଣ୍ଡିଆ; କୁଣ୍ଡେଇବା; ଚର୍ମ ସଡ଼ସଡ଼ ହେବା । (କପୋଳକଣ୍ଡୂଃ କରିଭିର୍ବିନେତୁଂ—କୁ. ସ.) (କଣ୍ଡୂତି ବ୍ରଣନାଶନଃ—ବୈଦ୍ୟଶାସ୍ତ୍ର ।)

କଣ୍ଡୁରା, କଣ୍ଡୂରା, } ବି. ସ୍ତ୍ରୀ.(କଣ୍ଡୁ, କଣ୍ଡୂ-ରା = ଦାନ କରିବା-କ୍ୱିପ୍-ଯେ କଣ୍ଡୂ ଦିଏ) ବାଇଡ଼ଙ୍କ,ବାଇଡ଼ଙ୍କଗଛ । (ମର୍କଟୀ କଣ୍ଡୁରା ଧ୍ୱାଙ୍କ୍ଷା—ପ. ମୁକ୍ତାବଳୀ ।)

କଣ୍ଡୂୟନ, ବି. (କଣ୍ଡୂ-ୟ-ଅନ) କୁଣ୍ଡିଆ; କୁଣ୍ଡାଇବା ।

କଣ୍ଡୂୟମାନ, ବିଂ. (କଣ୍ଡୂ-ୟ-ମାନ) କଣ୍ଡୂୟନକାରୀ, ଘର୍ଷଣକାରୀ ।

କଣ୍ଡୂୟା, ବି. ସ୍ତ୍ରୀ. (କଣ୍ଡୂ-ଯ-ଅ-ସ୍ତ୍ରୀ-ଆ) କୁଣ୍ଡିଆ, ଚର୍ମବିକାରବିଶେଷ । (କଣ୍ଡୂଃ ଖର୍ଜୂଶ୍ଚ କଣ୍ଡୂୟା—ଅମର ।)

କଣ୍ଡୂର, ବି. (କଣ୍ଡୂ-ରା=ଦାନ କରିବା-ଅ) ମାଣକନ୍ଦାଗଛ, ଯାହାକୁ ଧରିଲେ କଣ୍ଡୂ ହୁଏ—କଣ୍ଡୂଦାୟକ । (କଣ୍ଡୂରୋ ମାଣୋ ବିଷବିନାଶନଃ—ପ. ମୁକ୍ତାବଳୀ ।)

କଣ୍ଡୂଳ, ବିଂ. (କଣ୍ଡୂ-ଲା=ଗ୍ରହଣ କରିବା-ଅ) କଣ୍ଡୂୟୁକ୍ତ, କୁଣ୍ଡିଆରୋଗୀ; ଯେ ଗାତ୍ର କଣ୍ଡୂୟନ କରେ ।

କଣ୍ଡୋଇ, ବି. (ଦେଶଜ) ପାକପାତ୍ରବିଶେଷ । ଯଥା—

ଏକ କଣ୍ଡୋଇ ଗୋଟିକେ ଭାତ ଯେ ରାନ୍ଧିଲେ,
ଆଠଯାକକୁ ଅଣ୍ଟେ ନ ସରେ ପରଷିଲେ । ସା.ଭୂ.ଆ.

କଣ୍ଡୋଳ, କଣ୍ଡୋଳକ, } ବି. (କନ୍ଡ୍=ରକ୍ଷା କରିବା-ଓଳ, ସ୍ୱାର୍ଥେ-କ-ଯାହାଦ୍ୱାରା ଧାନ୍ୟାଦି ରକ୍ଷିତ ହୁଏ) ଧାନ୍ୟାଦି ରକ୍ଷାଣାର୍ଥ ବଂଶାଦିନିର୍ମିତ ପାତ୍ର, ଡୋଲି ।

କଣ୍ଡୋଳବୀଣା, କଣ୍ଡୋଳୀ, } ବି. ସ୍ତ୍ରୀ. (କଣ୍ଡୋଳୀ ଶବ୍ଦ ଦେଖ) ଚଣ୍ଡାଳ ରକ୍ଷିତ ବୀଣା, ଅନ୍ତ୍ୟଜ ଜାତି ବୀଣା । (କଣ୍ଡୋଳବୀଣା ଚଣ୍ଡାଳବଲ୍ଲକୀ—ଅମର ।)

କଣ୍ଢାଇ, କଣ୍ଢେଇ, କୁଣ୍ଢାଇ, କୁଣ୍ଢେଇ, } ବି. (ଦେଶଜ) ବାଳକମାନେ ଖେଳିବାପାଇଁ କାଷ୍ଠାଦିନିର୍ମିତ ପିତୁଳା । ଯଥା—

କନ୍ୟାବର କରିଥିବା କଣ୍ଢାଇ,
କନ୍ୟା ବର ଚଣ୍ଡୁ ଦେଲା ଛଡାଇ । କୋ.ବୃ.ସୁ.

କଣ୍ୱ, ବି. (କଣ୍=ଶବ୍ଦ କରିବା-ବ) ମୁନିବିଶେଷ, ଏ ପୁରୁବଂଶୀୟ ଅପ୍ରତିରଥଙ୍କ ପୁତ୍ର, ଶକୁନ୍ତଳାଙ୍କ ପାଳକ ପିତା; ପାପ; ତଣ୍ଡୁଳାଦି ନିର୍ମିତ ସୁରାର ବୀଜବିଶେଷ । (ସାଧନଂ ସ୍ୟାଦଭିଷବଃ କଣ୍ୱଂ ପୁଂସି ତୁ ନଗ୍ନହୂଃ—ଅମର ।)

କତକ, ବି. (କ=ଜଳ-ତକ=ପ୍ରକାଶ) ଏହି ଫଳ ଘର୍ଷଣ କଲେ ଜଳ ନିର୍ମଳ ହୁଏ, ଜଳପରିଷ୍କାରକ ଫଳବିଶେଷ । (କତକଂ ଚ ଫଳଂ ମୈତ୍ର୍ୟଂ ଜଳନିର୍ମଳତାକରଂ ।)

କତମ, ବିଂ. (କିମ୍-ତମ) ଅନେକଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ବା ବସ୍ତୁ ।

କତର, ବିଂ. (କିମ୍-ତର) ଦୁଇ ମଧ୍ୟରୁ କୌଣସି ଏକ ବ୍ୟକ୍ତି ବା ବସ୍ତୁ ।

କତରା, ବି. (ଦେଶଜ) ଛିଣ୍ଡା ମଇଳା । ଯଥା—

କନା କତରା ବାଳକ ଘେନ ବୁଲି ଖରେ,
ଆଗେ ଆଗେ ଗଣିକା ଗମନ୍ତ ତା ପଛରେ । ବେ.ପ.

ବିଂ. (କତର-ସ୍ତ୍ରୀ-ଆ) ଦୁଇଗୋଟି ସ୍ତ୍ରୀଙ୍କ ମଧ୍ୟରୁ ଜଣେ ସ୍ତ୍ରୀ ।

କତରାଲଗା, ବିଂ. (ଦେଶଜ) ରୋଗରେ ଶଯ୍ୟାଗତ, ରୋଗରେ ନିତାନ୍ତ ଜୀର୍ଣ୍ଣଶୀର୍ଣ୍ଣ ।

କତଲ, ବିଂ. (ଯାବନିକ) ଖଣ୍ଡ ଖଣ୍ଡ, ଛିନ୍ନ ବିଚ୍ଛିନ୍ନ । ଯଥା—

ଓଡ଼ିଆ ବୀର ସେ ଖଣ୍ଡାରେ
କେତେ କଲେ ମୋଗଲ କତଲ । ଉ. ସା. ୧୮. ୮.

କତା, ବି. (ଦେଶଜ) ଗ୍ଲୁରା ବା ଛୁଲି; ନଡ଼ିଆ ପ୍ରଭୃତି ଫଳର ଉପରିସ୍ଥ ଚୋପା । ଯେପରି—ନଡ଼ିଆ କତା ।

କତାଲିଆ, ବିଂ. (ଦେଶଜ) ଝାଣୁଆ (ମାଂସାଦି), ଯାହା କି ଦାନ୍ତରେ ଛିଡ଼େ ନାହିଁ; ବହୁକତାଯୁକ୍ତ ।

କତି, ବିଂ. (କିମ୍-ଅତି-ପରିମାଣାର୍ଥେ) କେତେଜଣ; କିୟତ୍ପରିମାଣ, କେତେ । (ଦେଶଜ) ସ୍ଥାନ । ଯଥା—

ଆଜ ଜାଣିବା ଯିବ କେଉଁ କତି,
ମିଛ ପ୍ରାୟେ ମଣେ ନନ୍ଦ ଯୁବତୀ । ଗୋ. ଭା.

ନିକଟ, ପାଖ । ଯଥା—ମୋ କତିରେ ବସ । ବିଲର ହିଡ଼ ବାନ୍ଧିବା ।

କତିଚିତ୍, କତିପୟ, } ଅଂ. ବିଂ. (କତି-ଚିତ୍—ଅସାକଲ୍ୟାର୍ଥେ, କତି-ଅୟ, ପ ଆଗମ) କେତେକ, କିୟତ୍ସଂଖ୍ୟକ, କେତେଗୁଡ଼ିଏ ।

କତିଥ, କତିବିଧ, କତିଧା, } ବିଂ. (କତି-ଥ, ବିଧା-ପ୍ରକାରାର୍ଥେ) କେତେପ୍ରକାର ।

କତୁରୀ, ବିଂ. (କର୍ତ୍ତିତ ଶବ୍ଦଜ) ଯାହା କଟା ଯାଇଥାଏ । ଯଥା—

କତୁରୀ କୁରୁଳ ଝଳ ବାତେ ଚଳେ ଅଳଆଳ । ଲ୍‌.ବ.

ବି. କତୁରିବା ।

କତୁରୀଆମ୍ବୁଲ, ବି. (ଦେଶଜ) ଆମ୍ବରୁ ଶସ ଗୁଞ୍ଜି ଯେଉଁ ଅମ୍ବୁଲ ପ୍ରସ୍ତୁତ ହୋଇଥାଏ ।

କତୁରି, } ବି. ସ୍ତ୍ରୀ. (କର୍ତ୍ତରୀ ଶବ୍ଦଜ) କାଟିବା
କତୁରୀ, } ଯନ୍ତ୍ରବିଶେଷ । ଯଥା—

ବାଳା ଗୃଳଦେଲ ନେହାନ୍ତୁଗୃରୁରୀ କତୁରୀ । ଲ୍‌. ବ.

କତୁରିବାର, କ୍ରି. କର୍ତ୍ତନ କରିବାର, କତୁରିରେ କାଟିବାର ।

କତୃଣ, ବି. (କୁ-ତୃଣ, କୁ = କତ୍‌) ରାମକପୂର; ସୁଗନ୍ଧ ବୃକ୍ଷ ।

କତ୍ତୋୟ, ବି. (କୁ-ତୋୟ, କୁ = କତ୍‌) ମଦ୍ୟ ।

କଥଂ, ଅଂ. ( କଥମ୍‌-କମ୍‌-ଥମ୍‌-ପ୍ରକାରାର୍ଥେ ) କପରି, କପ୍ରକାରେ; କାହିଁକି, କି ନିମନ୍ତେ; ପ୍ରଶ୍ନ । (ସ ବ୍ରୂତେ କଥମେତତ୍‌) ସମ୍ଭ୍ରମ । (କଥମହୋଭବାନ୍ ସ୍ୱୟମାଗତଃ ।) ନିନ୍ଦା; ସମ୍ଭାବନା; ଘୃଣା; ଆହ୍ଲାଦ, ହର୍ଷ; ଯତ୍ନ । (ଏ ଶବ୍ଦଟି ଓଡ଼ିଆରେ ଠିକ୍ ଅବିକଳ ବ୍ୟବହୃତ ନାହିଁ, ଏତଦର୍ଥକ ତଦ୍ଭବ ଶବ୍ଦର ବ୍ୟବହାର ସମ୍ୟକ୍ ଚଳୁଅଛି ।)

କଥକ, ବିଂ. (କଥ୍‌-ଅକ) ବକ୍ତା; କଥୋପଜୀବୀ, ଯେ ସମସ୍ତଙ୍କ ସମକ୍ଷରେ ପୁରାଣ ବ୍ୟାଖ୍ୟା କରେ ।

କଥଙ୍କାର, ଅଂ. ( କଥଂକାରମ୍‌-କଥଂ-କାର-ଅମ୍‌) କପ୍ରକାରେ ।

କଥଞ୍ଚନ, } ଅଂ. ( କଥଂ-ଚନ, ଚିତ୍‌—
କଥଞ୍ଚିତ୍‌, } ଅସାକଲ୍ୟାର୍ଥେ ) କପ୍ରକାରେ; କି ଉପାୟରେ ।

କଥନ, ବି. (କଥ୍‌-ଅନ) ଉକ୍ତି, କହିବା ।

କଥନି, ବି. (କଥନ ଶବ୍ଦରୁ ଉତ୍ପନ୍ନ) ଉପକଥା, କଥାର କଥା ।

କଥନୀୟ, ବିଂ. ( କଥ୍‌-ଅନୀୟ ) କହିବାର ଯୋଗ୍ୟ, ବକ୍ତବ୍ୟ ।

କଥମପି, ଅଂ. (କଥଂ-ଅପି) କୌଣସିପ୍ରକାରେ ହେଲେ; କଷ୍ଟରେ; ଅତିଶୟରୂପେ; ଅତିଶୟ ଯତ୍ନରେ ।

କଥମ୍ଭାବ, } ବିଂ. ( କଥଂ-ଭାବ, ଭୂତ )
କଥମ୍ଭୂତ, } କପ୍ରକାର, କରୂପ ଭାବାପନ୍ନ ।

କଥା, ବି.ସ୍ତ୍ରୀ.(କଥ୍‌-ଅ-ସ୍ତ୍ରୀ-ଆ) ଉକ୍ତି; ଉଚ୍ଚାରଣ; ଗଳ୍ପ, ଉପାଖ୍ୟାନ; କାହାଣୀ, ସତ୍ୟମିଶ୍ର-କଳ୍ପିତ ଗଳ୍ପଗ୍ରନ୍ଥ ।

କଥାକଥାକେ, } କ୍ରି. ବିଂ. (ଦେଶଜ) ପ୍ରତି-
କଥାକେ କଥାକେ, } କଥାରେ । ଯଥା—

କଥା କଥାକେ ଏଣିକି ଭିଆଇବା ଛନ୍ଦ । ଲ୍‌. ବ.

କଥାକୁହା, } ବିଂ. (ଦେଶଜ) ଯେ କଥା
କଥାକୁହାଳି, } କହିପାରେ । ଯଥା—

କଥାକୁହା ପିକ ଶୁକ ସାରିକା ଅନେକ । ଲ୍‌. ବ.

ଯେ ଏଣୁତେଣୁ କଥାଗୁଡ଼ାଏ କହେ, ବକୁଆ ।

କଥାପ୍ରସଙ୍ଗ, ବି. (କଥା-ପ୍ରସଙ୍ଗ = ପ୍ରସ୍ତାବ, ଯାହା ମୁଖରୁ ଅନେକ କଥାର ପ୍ରସ୍ତାବ ଉଠେ) କଥାର ପ୍ରସ୍ତାବ କିମ୍ବା ଆରମ୍ଭ, କଥୋପ-କଥନ । (କଥାପ୍ରସଙ୍ଗେନ ଜନୈରୁଦା-ହୃତାତ୍‌—ଭାରବି ।) ଗଳ୍ପକାରକ; ବିଷବୈଦ୍ୟ, ସାପୁଆ; ବାତୁଳ ।

କଥାବାର୍ତ୍ତା, ବି. ( କଥା-ବାର୍ତ୍ତା—ଏ ଦୁଇଟି ସଂସ୍କୃତ ଶବ୍ଦ ସତ୍ୟ କିନ୍ତୁ ଓଡ଼ିଆ ଶବ୍ଦ ପରି ବ୍ୟବହୃତ ) କଥୋପକଥନ, ସମ୍ଭାଷଣ ।

କଥିତ, ବିଂ. (କଥ୍‌-ତ) ଉକ୍ତ; ବର୍ଣ୍ଣିତ; ବ୍ୟାଖ୍ୟାତ; ଉଚ୍ଚାରିତ । (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) ବି. କଥନ ।

କଥୀକୃତ, ବିଂ. ( କଥା-କୃତ୍‌-ଚ୍ୱି-ଅଭୂତ-ତଦ୍ଭାବାର୍ଥେ ) କଥାମାତ୍ରାବଶିଷ୍ଟ ।

କଥୋପକଥନ, ବି. ( କଥା-ଉପକଥନ ) କଥାବାର୍ତ୍ତା, ଉକ୍ତି ପ୍ରତ୍ୟୁକ୍ତି ।

କଥ୍ୟ, } ବିଂ. (କଥ୍‌-ଯ, ଅନୀୟ) କହିବାର
କଥନୀୟ, } ଉପଯୁକ୍ତ, ବକ୍ତବ୍ୟ ।

କଦ, ବିଂ. ( କ = ସୁଖ, ଜଳ-ଦା-ଅ ) ସୁଖଦାୟକ । ବି. ମେଘ ।

କଦକ, ବି. (କଦ = ମେଘ—ଯେ ମେଘ ପ୍ରାୟ ଛାୟା ପ୍ରଦାନ କରେ) ବିତାନ, ଚାନ୍ଦୁଆ ।

କଦକ୍ଷର, ବି. (କୁ-ଅକ୍ଷର, କୁ = କଦ୍) କୁତ୍ସିତ ଅକ୍ଷର, ଶୋଭାହୀନ ଲେଖା । ବିଂ. ଯାହାର ହସ୍ତଲେଖା ଲିପି କୁତ୍ସିତ ।

କଦଗ୍ନି, ବି. (କୁ-ଅଗ୍ନି, କୁ = କଦ୍) ମନ୍ଦାଗ୍ନି, ଅଗ୍ନିମାନ୍ଦ୍ୟ । ବିଂ. ଯାହାର ଅଗ୍ନିମାନ୍ଦ୍ୟ ହୋଇଅଛି ।

କଦଧ୍ୱା, ବି. (କଦଧ୍ୱନ୍—କୁ-ଅଧ୍ୱନ୍, କୁ = କଦ୍) ନିନ୍ଦିତ ପଥ, କୁମାର୍ଗ । ବିଂ. କୁମାର୍ଗଗାମୀ ।

କଦନ, ବି. (କଦ୍ = ବ୍ୟାକୁଳ ହେବା, ବିନାଶ କରିବା-ଅନ) ମାରଣ, ବିନାଶ; ପୀଡ଼ନ । ଯଥା—ପଡ଼ିଲ ମାରକଦନରେ—ଗୀତ । ପାପ; ଯୁଦ୍ଧ; ମର୍ଦ୍ଦନ; ଅବସାଦ । (ତଥା ପ୍ରଜାନାଂ କଦନଂ କରୋତି କଦନପ୍ରିୟଃ ।)

କଦନ୍ନ, ବି. (କୁ-ଅନ୍ନ, କୁ = କଦ୍) କୁତ୍ସିତ ଅନ୍ନ, ସମ୍ୟକ୍ ପକ୍ୱ ନ ହେବା ଅନ୍ନ; ପରଠାରୁ ମାଗି ଆଣିବା ଅନ୍ନ । ବିଂ. କୁତ୍ସିତ ଅନ୍ନପ୍ରିୟ ।

କଦପତ୍ୟ, ବି. (କୁ-ଅପତ୍ୟ, କୁ = କଦ୍) କୁତ୍ସିତ ସନ୍ତାନ । ବିଂ. କୁପୁତ୍ରବିଶିଷ୍ଟ ।

କଦବଦ, ବି. (ଦେଶଜ) କଲବଲ । ବିଂ. ବାଧାଯୁକ୍ତ ।

କଦବା, } ଅଂ. (କଦା ଶବ୍ଦଜ) କୌଣସି
କଦ୍ବା, } ସମୟରେ ।

କଦମ, ବି. (କଦମ୍ବ ଶବ୍ଦର ଅପଭ୍ରଂଶ) କଦମ୍ବ ବୃକ୍ଷ ଓ ପୁଷ୍ପ । ଯେପରି— କଦମ୍ବ ଗଛ । (ଯାବନିକ) ପଦଣ୍ଡ, ପାଦବିକ୍ଷେପ; ଅଶ୍ୱଗତିବିଶେଷ । ଯଥା—

କାହିଁ ଅଶ୍ୱାରୋହୀ ଘେନ ଅଶ୍ୱବର ।
କଦମେ ବୁଲାଇ ଦଅଇ ଚକ୍କର । ନ. କେ.

ମହିମା, ମାହାତ୍ମ୍ୟ ।

କଦମା, } ବିଂ. (ଦେଶଜ) ତରୁଣ । (ଶବ୍ଦଟି
କଦମ୍ବା, } ମହିଷ ପ୍ରଭୃତିଠାରେ ବ୍ୟବହୃତ ହୁଏ । ଯେପରି—କଦମା ପୋଡ଼ା ।) ମିଷ୍ଟ-ଖାଦ୍ୟବିଶେଷ ।

କଦମ୍ବ, } ବି. (କଦ୍ = ବ୍ୟାକୁଳ ହେବା,
କଦମ୍ବକ, } ବିସ୍ତୀର୍ଣ୍ଣ ହେବା-ଅମ୍ବର୍-ସ୍ୱାର୍ଥେ-କ, କିମ୍ବା କଦଂ = ବର୍ଷାକାଳ-ବା = ଗମନ କରିବା, ବୋଧ କରିବା-ଅ, ଯେ ବର୍ଷା-କାଳ ଜଣାଇଦିଏ ) ସ୍ୱନାମପ୍ରସିଦ୍ଧ ବୃକ୍ଷ ଓ ତାହାର ପୁଷ୍ପ; ସମୂହ; ସର୍ଷପ, ସୋରିଷ । (ସର୍ଷପେ ତୁ ଦ୍ୱୌ ତନ୍ତୁଭକଦମ୍ବକୌ—ଅମର ।)

କଦମ୍ବଗୋଳକନ୍ୟାୟ, ବି. ସଂ. ପ୍ରସ୍ଫୁଟିତ କଦମ୍ବ ପୁଷ୍ପର ସର୍ବଦିଗରେ ଯେ ସମସ୍ତ କେଶର ଉତ୍ପନ୍ନ ହୁଏ ତତ୍ସମୁଦାୟ ଏକ କାଳରେ କେବଳ ସମଭାବରେ ବର୍ଦ୍ଧିତ ହୁଏ, ସୁତରାଂ କ ଅଳ୍ପବୟସ୍କ କ ଅଧିକ-ବୟସ୍କ କି ଶ୍ରେଷ୍ଠ କ ବଡ଼ ସକଳ କଦମ୍ବ-ପୁଷ୍ପ କ୍ଷୁଦ୍ରାବସ୍ଥାବଧି ବୃହଦବସ୍ଥା ପର୍ଯ୍ୟନ୍ତ ଗୋଲାକାରରେ କେବଳ ଉତ୍ପନ୍ନ ହୁଏ । ଏପରି ଯେବେ କୌଣସି ଏକ ବସ୍ତୁ ବା ବିଷୟର ସର୍ବଦା ଏକ ଭାବ ରହେ, କାଳେ ଅବୟବ ପରିବର୍ତ୍ତିତ ହୁଏ ନାହିଁ, ତେବେ ସେ ସ୍ଥଳରେ କଦମ୍ବଗୋଳକ-ନ୍ୟାୟ ଶବ୍ଦ ପ୍ରଯୁକ୍ତ ହୁଏ ।

କଦମ୍ବା, ବି. (ଦେଶଜ) ମିଷ୍ଟଖାଦ୍ୟବିଶେଷ ।

କଦର, ବି. (କ = ଜଳ ଇତ୍ୟାଦି-ଦ = ବିଦାର୍ଣ୍ଣ କରିବା-ଅ) ବବୁର ଗଛ, କଣ୍ଟା ବାବୁଲ-ଗଛ; ପାୟସ; ଯନ୍ତ୍ର; ଉପାୟ; କୌଶଳ; କ୍ଷୁଦ୍ରରୋଗବିଶେଷ; ଶୁକ୍ଳ ଖଇର । (କଦରଃ ଖଦିରେ ସିତେ—ଅମର ।)

କଦର୍ଥ, ବି. (କୁ-ଅର୍ଥ, କୁ = କଦ୍) କୁତ୍ସିତ ପ୍ରୟୋଜନ । ବିଂ. ବ୍ୟର୍ଥ, ନିରର୍ଥକ; କୁତ୍ସିତ ଅର୍ଥକାଂକ୍ଷୀ ।

କଦର୍ଥନ, ବି. (କୁ-ଅର୍ଥ୍-ଅନ, କୁ = କଦ୍) କୁତ୍ସିତ ଅର୍ଥକରଣ; ଅବମାନନା; ବିଡ଼ମ୍ବନା; ପୀଡ଼ନ, ପୀଡ଼ା ଦେବା ।

କଦର୍ଯ୍ୟ, ବିଂ. (କୁ-ଅର୍ଯ୍ୟ = ଶ୍ରେଷ୍ଠ, ଅଧିକାଂକ୍ଷୀ, କୁ = କଦ୍) କୁତ୍ସିତ; କୃପଣ; ଲୋଭୀ; କ୍ଷୁଦ୍ର; ନୀଚ । (କଦର୍ଯ୍ୟଃ କୃପଣଃ କ୍ଷୁଦ୍ରଃ—ଅମର ।)

କଦଳ, ବି. (କ = ବାୟୁ-ଦଳ୍ = ଭେଦ କରିବା-ଅ—ଯେ ବାୟୁକର୍ତ୍ତୃକ ଦଳିତ ହୁଏ) ରମ୍ଭା ଗଛ, ରମ୍ଭା ଫଳ । (କଦଳସ୍ତ୍ରୀ କଦଳ୍ୟସୌ—ବ୍ୟାଡ଼ି ।)

କଦଳି, } ବି. ସ୍ତ୍ରୀ. (କଦଳ-ଇ, ଈ) ରମ୍ଭା
କଦଳୀ, } ଗଛ, ରମ୍ଭା ଫଳ; ମୃଗବିଶେଷ, ମୃଗୀବିଶେଷ; ପତାକା; ହସ୍ତିର ଉପରେ ରଖିବା ନିଶାଣ ।

କଦଳିଆ, ବିଂ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) କଦଳୀସଦୃଶ, ଯେପରି କଦଳିଆ ଆମ୍ବ ।

କଦଳିଆଚମ୍ପା, ବି. (ଦେଶଜ) ଧାନ୍ୟବିଶେଷ ।

କଦଳିବାସୁଙ୍ଗା, ବି. (ଦେଶଜ) କଦଳୀପଟ୍ଟ ।

କଦଳିଓଧି, ବି. (ଦେଶଜ) କଦଳୀ ଗଛର ମୂଳ କନ୍ଦା ।

କଦଳିଚକଟା, ବି. (ସଂସ୍କୃତ ଓଡ଼ିଆ ଶବ୍ଦ ମିଶ୍ରଣ) ପାଚିଲା କଦଳୀରେ ପ୍ରସ୍ତୁତ ସୁମିଷ୍ଟ ଖାଦ୍ୟ ।

କଦଳିମଞ୍ଜି, } ବି. (କଦଳୀମଜ୍ଜା ପଦରୁ
କଦଳିମଞ୍ଜା, } ଉତ୍ପନ୍ନ) କଦଳୀସ୍ତମ୍ଭ ମଧ୍ୟସ୍ଥ
କଲମଞ୍ଜି, } ମଜ୍ଜାଦଣ୍ଡ ।

କଦା, ଅଂ. (କିମ୍-ଦା କାଳାର୍ଥେ) କେବେ, କେଉଁ ସମୟରେ ।

କଦାଚ, ଅଂ. (କଦାଚନ ଶବ୍ଦଜ) କଦାଚିତ୍, କେବେ ।

କଦାଚନ, } ଅଂ. (କଦା-ଚନ, ଚିତ୍—
କଦାଚିତ୍, } ଅସାକଲ୍ୟାର୍ଥେ) କୌଣସି ସମୟରେ, କେବେ, କେବେହେଲେ ।

କଦାଚିତେ, } ଅଂ. (କଦାଚିତ୍ ଶବ୍ଦଜ)
କଦାଷ୍ଟିତେ, } କୌଣସି ସମୟରେ । ଯଥା—

ମାନବ ବିଷ୍ଣୁ ବୋଲିଣ ହାସ୍ୟ କଲୁ ମୋତେ,
ତେଣୁକରି ଦେଖା ମୁଁ ନ ଦେଲି କଦାଷ୍ଟିତେ ।
ନୃ. ପୁ. ଭ. ତ.

କଦାପି, ଅଂ. (କଦା-ଅପି = ନିଶ୍ଚୟ) କେବେ ହେଲେ, କେବେହେଁ । ଯଥା—ମୁଁ ତାହାଙ୍କଠାରୁ କଦାପି ଯିବି ନାହିଁ । କୌଣସି ଏକ ସମୟରେ । ଯଥା—ଆପଣ ଏଠାକୁ ଆଉ ଥରେ କଦାପି ଆସି ପାରିବେ ?

କଦ୍ଧ, ଅଂ. (କଦା ଶବ୍ଦଜ) କଦାଚ; କଦାପି ।

କଦୁ, ବି. (ଦେଶଜ) ଲାଉ ନାମକ ଫଳ ।

କଦୁଷ୍ଣ, ବିଂ. (କୁ = ଈଷତ୍-ଉଷ୍ଣ) ଅଳ୍ପ ତପ୍ତ ।

କଦ୍ରୁ, ବି. ସ୍ତ୍ରୀ. (କମ୍ = ଇଚ୍ଛା କରିବା-ଉ, ର ଆଗମ, ମ = ଦ) ପିଙ୍ଗଳବର୍ଣ୍ଣ । (କଦ୍ରୁ ପିଙ୍ଗଳୌ—ଅମର ।) କଶ୍ୟପଙ୍କ ଭାର୍ଯ୍ୟା-ବିଶେଷ; ନାଗମାତା । (କଦ୍ରୁସ୍ତୁ ସୁଷୁବେ ନାଗାନ୍ ।)

କଦ୍ବଦ, ବିଂ. (କୁ = କୁତ୍ସିତ-ବଦ୍-ଅ) କୁତ୍ସିତ ବକ୍ତା, ଅଶୁଦ୍ଧ ବକ୍ତା; ମନ୍ଦକଥକ; କଟୁଭାଷୀ, ଦୁଃଶ୍ରବ ଶବ୍ଦଯୁକ୍ତ; ଗର୍ହ୍ୟବାଦୀ । (ଗର୍ହ୍ୟ-ବାଦୀ ତୁ କଦ୍ବଦଃ—ଅମର ।)

କନକ, ବି. (କନ୍ = ଦୀପ୍ତିପାଇବା-ଅକ) ସୁବର୍ଣ୍ଣ, ସୁନା । ଯଥା—

କନକାଲଂକାର କେହ୍ନ ଧରେ କାନ୍ତାର ମୋହର ।
ଜା. ପ. ନା.

ରକ୍ତବର୍ଣ୍ଣ ପୁଷ୍ପର ବୃକ୍ଷ, ପଳାଶ ପ୍ରଭୃତି; ଧୁସ୍ତୁର ବୃକ୍ଷ; ନାଗକେଶର ବୃକ୍ଷ; କଞ୍ଚଣ ଗଛ, କଞ୍ଚଣ ଫୁଲ; ଚମ୍ପା ଗଛ, ଚମ୍ପା ଫୁଲ ।

କନକକ୍ଷାର, ବି. (କନକ-କ୍ଷାର) ସୋହାଗା, ଟାଙ୍ଗଣା ।

କନକନ, ବିଂ. (ଦେଶଜ) ବ୍ୟାକୁଳ; ଦୁଃଖରେ ଚଞ୍ଚଳ । ଯଥା—

ମନ ମନମନ ଧ୍ୱନି ଶ୍ରବଣ ଇଚ୍ଛଇ,
କନକନ କନକାଙ୍ଗୀ ମୃଗୀ ପରି ଭୁଲ୍ଲ । ବି. ଚ. ମ.

କନକଗିରି, }
କନକମହୀଧ୍ର, }
କନକମହୀଧର, } ବି. ସଂ. ସୁବର୍ଣ୍ଣ ପର୍ବତ, ସୁମେରୁ ପର୍ବତ ।
କନକାଚଳ, }
କନକଶିଖରୀ, }

କନକା, } ବି. (କନକ ଶବ୍ଦଜ) ମଳନିଃସାରକ
କନକା, } ବୀଜବିଶେଷ; ଓଡ଼ିଶାର ରାଜ୍ୟ-ବିଶେଷ ।

କନକାଳୁ, } ବି. ସ୍ତ୍ରୀ. (କନକ-ଆଳୁ = ଜଳ-
କନକାଳୁକା, } ପାତ୍ର, ସ୍ୱାର୍ଥେ-କ, ସ୍ତ୍ରୀ-ଆ) ସ୍ୱର୍ଣ୍ଣ କଳଶ, ସୁବର୍ଣ୍ଣ ଘଟ; ସୁନାର ଝରି । (ଭୃଙ୍ଗାରୁଃ କନକାଳୁକା—ଅମର ।)

କନକାମ୍ର, } ବ.(କନକ-ଆମ୍ର, ଆମ୍ରସ୍ୟ =
କନକାମ୍ରସ୍ୟ, } ନାମ) ଧୁଦୁରା ଗଛ ଓ ଫୁଲ;
ନାଗେଶ୍ୱର ଗଛ ଓ ଫୁଲ; କନକା ।

କନଖଳ, ବି. ସଂ. କୁରୁକ୍ଷେତ୍ରର ଉତ୍ତରସ୍ଥିତ ଗଙ୍ଗାଦ୍ୱାର ସମୀପସ୍ଥ ତୀର୍ଥବିଶେଷ ।

କନଡ଼ାଗଡ଼, ବି. (ଦେଶଜ) ଗୁନ୍ଥିବାର କୌଶଳ ବିଶେଷ, ଗ୍ରନ୍ଥନ ଶିଳ୍ପବିଶେଷ । ଯଥା—

**କାହାର ଫୁଲ ଗୁନ୍ଥା ଅଟେ କନଡ଼ାଗଡ଼,**
**କେ ବିନା ସୂତାରେ ଫୁଲ ଗୁନ୍ଥେ ଧାଡ଼ି ଧାଡ଼ି ।**
ନୃ. ସୁ. ତୃ. ଡ.

କନା, ବି. ( କନ୍ଥା ଶବ୍ଦଜ ) ଛିଣ୍ଡା ଲୁଗା । ଯଥା—

**କନା ଖଣ୍ଡି ଧୋଇ ଶୁଖାଇ ଦେବ,**
**ଶୁଖିଗଲେ ତୋଳି ଘରେ ଥୋଇବ । ହ୍ରା. ଡ.**

ବୃକ୍ଷର ଯେଉଁ ସ୍ଥାନରୁ ଡ଼ାଳ ବାହାରିଥାଏ; କ୍ଷୁଦ୍ରଶାଖା ।

କନାଉଜ, } ବି. (କାନ୍ୟକୁବ୍ଜ ଶବ୍ଦଜ) ଦେଶ-
କନୌଜ, } ବିଶେଷ, କାନ୍ୟକୁବ୍ଜ ଦେଶ ।
ଯଥା—

**ଘର ତା କନାଉଜ ଦେଶେ,**
**ବଡ଼ାଇ ଧନୀ ସେ ବିଶେଷେ । ମା. ମା.**

କନଅର, } ବି. (କରବୀର ଶବ୍ଦଜ) ସ୍ୱନାମ-
କନୟର, } ଖ୍ୟାତ ପୁଷ୍ପବିଶେଷ । ଯଥା—

**ନୀଳ କୁସୁମ ପଦ୍ମସାର, ସୁଗନ୍ଧ ପୁଷ୍ପ କନଅର । ଭ୍ର.ଦ.ସ୍କ.**

କନିଆ, } ବି. ସ୍ତ୍ରୀ. (କନ୍ୟା ଶବ୍ଦର ଅପଭ୍ରଂଶ)
କନିଆଁ, } କୁମାରୀ, ଅବିବାହିତା ଦୁହିତା । (ଗଡ଼ଜାତରେ) ସ୍ତ୍ରୀ ।

କନିଷ୍ଟବଳ, ବି. (ଇଂରାଜୀ ଶବ୍ଦର ଅନୁକୃତ) ନଗରରକ୍ଷକ ସିପାଇ ।

କନିଷ୍ଠ, ବିଂ. (ଯୁବନ୍, ଅଳ୍ପ-ଇଷ୍ଠ, ଯୁବନ୍, ଅଳ୍ପ = କନ୍) ଅନୁଜ, ସାନ ଭାଇ । (କନିଷ୍ଠ-ଯବୀୟୋଽବରଜାନୁଜାଃ—ଅମର ।) ବୟସରେ ସାନ; ଅଳ୍ପ, କ୍ଷୁଦ୍ର; ଆକୃତିରେ ଶ୍ରେଷ୍ଠ । (କନିଷ୍ଠୋଽତି ଯୁବାଳ୍ପୟୋଃ—ଅମର ।) ବି. (କନ୍ = ଦୀପ୍ତି ପାଇବା-ଇଷ୍ଠ) ମହାଦେବ । (ନମୋ ଜ୍ୟେଷ୍ଠାୟ ଚ କନିଷ୍ଠାୟ ଚ—ରୁଦ୍ରାଧ୍ୟାୟ ।)

କନୀ, ବି. ସ୍ତ୍ରୀ. (କନ୍-ଦୀପ୍ତି ପାଇବା-ଅ-ସ୍ତ୍ରୀ-ଈ) କନ୍ୟା, ଦୁହିତା ।

କନୀନକା, ବି. ସ୍ତ୍ରୀ. (କନ୍ = ଦୀପ୍ତିପାଇବା-ଈନ-ସ୍ୱାର୍ଥେ—କ, ଅକ = ଇକ, ସ୍ତ୍ରୀ-ଆ) ଚକ୍ଷୁର ତାରା । (ତାରକାକ୍ଷ୍ଣଃ କନୀନକା—ଅମର) କନିଷ୍ଠାଙ୍ଗୁଳି; କନିଷ୍ଠା ଭଗିନୀ ।

କନୀୟାନ୍, } ବିଂ. (କନୀୟସ୍-ଯୁବନ୍, ଅଳ୍ପ-
କନୀୟାନ, } ଈୟସ୍, ଯୁବନ୍, ଅଳ୍ପ = କନ୍)
କନୀୟସ, } କନିଷ୍ଠ ଭ୍ରାତା; ସର୍ବ କନିଷ୍ଠ; ଅତି କ୍ଷୁଦ୍ର, ଅତି ଅଳ୍ପ । (କନୀୟାଂସ୍ତୁ-ଯୁବାଳ୍ପୟୋଃ—ଅମର ।) (ସ୍ତ୍ରୀଲିଙ୍ଗରେ କନୀୟସୀ,—ଓଡ଼ିଆରେ କନୀୟାନ ଓ କନୀୟସ ସ୍ୱରାନ୍ତ ମଧ୍ୟ ହୁଏ ।)

କନେକ, ବି. (କନକ ଶବ୍ଦଜ) ସୁବର୍ଣ୍ଣ, ସୁନା । ଯଥା—

**ପୁଷ୍ପବୃଷ୍ଟି ପରେ ହେଉଛୁ କନେକ ବୃଷ୍ଟି,**
**ବାର ଯୋଜନ ପର୍ଯ୍ୟନ୍ତ ନଅନ୍ତ ସାଉଁଟି । ସା.ଭ୍ର.ଆ.**

କନେକଚମ୍ପା, ବି. ( କନକଚମ୍ପକ ଶବ୍ଦଜ ) ପୁଷ୍ପବିଶେଷ ।

କନେକସ୍ନାହାନ, ବି. (କନକସ୍ନାନ ଶବ୍ଦଜ) ସିଂହାସନରେ ବସିବା ପୂର୍ବରୁ ରାଜାମାନେ ଯେଉଁ ସ୍ନାନ କରନ୍ତି; କନକମୁଦ୍ରାରେ ସ୍ନାନରୂପକ ପୁରସ୍କାର ।

କନ୍ତାର, ବି. (କାନ୍ତାର ଶବ୍ଦରୁ ଉତ୍ପନ୍ନ) ଦୁର୍ଭିକ୍ଷ । ଯଥା—

**ଏମନ୍ତେ କେତେଦିନ ଗଲା,**
**ଦଇବେ କନ୍ତାର ପଡ଼ିଲା । ଦା. ର.**

କନ୍ତାର, } ବି. ସ୍ତ୍ରୀ. ( କାନ୍ତାରୀ ଶବ୍ଦଜ )
କନ୍ତାରୀ, } ଇକ୍ଷୁଭେଦ, ଏକପ୍ରକାର ଆଖୁ ।

କନ୍ତୁ, ବି. (କମ୍ = ଇଚ୍ଛା କରିବା ଇତ୍ୟାଦି-ତୁ-ସଂଜ୍ଞାର୍ଥେ ) କନ୍ଦର୍ପ । ଯଥା—

**ପ୍ରେମଆକୁଳ ଗୋପ ଗୋକୁଳ କୁଳକାମିନୀ କନ୍ତୁ ।**
ଗୋବିନ୍ଦ ଦାସ ।

ଚିତ୍ତ, ହୃଦୟ । ବିଂ. ସୁଖାନ୍ୱିତ ।

**କନ୍ଥଡ଼ା**, ବି. (କନ୍ଥା ଶବ୍ଦଜ) ଜୀର୍ଣ୍ଣ ବସ୍ତ୍ରରେ କରିବା ଆଚ୍ଛାଦନ । ଯଥା—

କନା କନ୍ଥଡ଼ା ଯେତେ ଥିଲା,
ଯତନେ ଶେଯ ଶୋଇଲା । ଦା. ର.

**କନ୍ଥା**, ବି. ସ୍ତ୍ରୀ. (କୁନ୍ଥ୍ =ଶ୍ଳିଷ୍ଟ ହେବା-ଆ, କୁ=କ, ଅଥବା କମ୍ =ଅଭିଳାଷ କରିବା-ଥନ୍, ଅତ୍ର ଶୀତାର୍ତ୍ତ ଯାହାକୁ ଆଲିଙ୍ଗନ କରିବାର ଇଚ୍ଛା କରେ) ଜୀର୍ଣ୍ଣବସ୍ତ୍ରରେ ରଚିତ ଆଚ୍ଛାଦନ; ମୃଣ୍ମୟ ଭିତ୍ତି, କାନ୍ଥ । (କନ୍ଥା ମୃଣ୍ମୟଭିତ୍ତୌ ଚ ତଥା ପ୍ରାବରଣାନ୍ତରେ—ମେଦିନୀ ।)

**କନ୍ଦ**, ବି. (କନ୍ଦ୍ =ଆର୍ଦ୍ର ହେବା-ଅ) ଆଳୁ ଓଲୁଅ ପ୍ରଭୃତି; ଶସ୍ୟର ମୂଳ । (କଂ= ଜଳ-ଦା-ଅ) ମେଘ, ଜଳଦ; କର୍ପୂର; ଯୋନିରୋଗବିଶେଷ । (କନ୍ଦୋଽସ୍ତ୍ରୀ ସୂରଣେ ଶସ୍ୟମୂଳେ ଜଳଧରେ ପୁମାନ୍—ମେଦିନୀ ।) (ଦେଶଜ) ଅସଭ୍ୟ ଜାତିବିଶେଷ । ଯଥା—

କନ୍ଦ ଯୋଧବୃନ୍ଦ ମହାଧନୁର୍ଦ୍ଧାରୀ । ନ. କେ.

ଗୁଣବିକୃତ; ନିର୍ବାତ ।

**କନ୍ଦଟ**, ବି. (କନ୍ଦ୍-ଅଟନ୍) ଶ୍ୱେତପଦ୍ମ; ସୁନ୍ଦା ନାମକ ସୁଗନ୍ଧ ଦ୍ରବ୍ୟ ।

**କନ୍ଦଡ଼ା**, ବି. (କନ୍ଦର ଶବ୍ଦଜ) ଗୁହା ।

**କନ୍ଦମାଳ**, ବି. (କନ୍ଦ-ମାଳ) କନ୍ଦସମୂହ; ଓଡ଼ିଶାର ଗଡ଼ଜାତବିଶେଷ ।

**କନ୍ଦମାଳିଆ, କନ୍ଧମାଳିଆ**, ବିଂ. (ଦେଶଜ) କନ୍ଧମାଳ-ସମ୍ବନ୍ଧୀୟ; କନ୍ଦମାଳର ଲୋକ ।

**କନ୍ଦମୂଳ**, ବି. ସଂ. ମୂଳକ; କନ୍ଦମୂଳ ବା କନ୍ଧମୂଳ ନାମକ ସୁମିଷ୍ଟ ମୂଳ ।

**କନ୍ଦର, କନ୍ଦରା, କନ୍ଦରୀ**, ବି. (କଂ=ଜଳ-ଦୃ=ବିଦୀର୍ଣ୍ଣ ହେବା-ଅ) ପର୍ବତଗହ୍ୱର; (ସ୍ତ୍ରୀ-ଆ, ଈ) ପର୍ବତର ଗୁହାକାର କୃତ୍ରିମ ବିବର । (ଦରୀ ତୁ କନ୍ଦରୋ ବା-ସ୍ତ୍ରୀ—ଅମର ।) (କଂ=ଗଜମସ୍ତକ-ଦୃ-ଅ) ଅଙ୍କୁଶ; ଆର୍ଦ୍ରକ, ଅଦା; ଓଲୁଅ; ଗୁଞ୍ଜନ, ରକ୍ତବର୍ଣ୍ଣ ମୂଳବିଶେଷ ।

**କନ୍ଦର୍ପ**, ବି. (କଂ=ବ୍ରହ୍ମାଙ୍କୁ-ଦୃପ୍=ସନ୍ଦୀପ୍ତ କରିବା-ଅ, ଯେ ବ୍ରହ୍ମାଙ୍କୁ ମଧ୍ୟ ସନ୍ଦୀପ୍ତ କରେ, ଅଥବା କଂ=କାହାକୁ-କଂ ନ ଦର୍ପୟତୀତି କନ୍ଦର୍ପଃ—ଏ କାହାକୁ ସନ୍ଦୀପିତ ନ କରେ) ମଦନ, କାମଦେବ ।

**କନ୍ଦଳ**, ବି. (କଂ=ସୁଖ-ଦଳ୍-ଅ) କଳଧ୍ୱନି । (କନ୍ଦ୍-ଅଳ=କଳଚ୍) ଗଣ୍ଡଦେଶ; ଉପରାଗ । (କମ୍=କମନୀୟ-ଦଳ) ନୂତନ ଅଙ୍କୁର । (କନ୍ଦ୍-ଅଳ) କଳହ, ବିବାଦ; ଯୁଦ୍ଧ । ଯଥା—

କରି ଉଶ୍ୱାସ କନ୍ଦଳଯାକ ନନ୍ଦବାଳ । ର. କ.

ସ୍ୱର୍ଣ୍ଣ; ସମୂହ । (କ=ବାୟୁ-ଦଳ=ଦଳିତ, ଯେ ବାୟୁଦ୍ୱାରା ଦଳିତ ହୁଏ) ଭୂମିକଦଳୀ ବୃକ୍ଷ; ପତାକା; ପଦ୍ମବୀଜ; କନ୍ଦଳୀପୁଷ୍ପ ।

**କନ୍ଦଳିଆ, କନ୍ଦଳୟା**, ବିଂ. (ଦେଶଜ) ଯେ କନ୍ଦଳ ବା ବିବାଦ କରେ, କଳିହା ବା କଳହକାରୀ । ଯଥା—

ପ୍ରୀତିକନ୍ଦଳିଆ ସେ ନବକାଳିଆ । ଗୀତ ।

କନ୍ଦଳଯୁକ୍ତ । ଯେପରି—ଆନନ୍ଦକନ୍ଦଳିଆ ।

**କନ୍ଦଳିନ, କନ୍ଦଳୀ**, ବି. ସ୍ତ୍ରୀ. (କନ୍ଦଳ-ଇନ, କନ୍ଦଳ-ସ୍ତ୍ରୀ-ଈ) ଭୂମିକଦଳୀ ବୃକ୍ଷ; ପାଣିକେନ୍ଦୁଲୀ ଗଛ ଏବଂ ତାର ଫୁଲ । ଯଥା—

ଏଥି ବିକସିତ ନବକନ୍ଦଳୀ କୁସୁମ । କ. ବୃ.

ପତାକା; ପଦ୍ମବୀଜ; ମୃଗବିଶେଷ ।

**କନ୍ଦା**, ବି. (କନ୍ଦ ଶବ୍ଦଜ ଏବଂ ସ୍କନ୍ଧ ଶବ୍ଦଜ) ଆଳୁ ଓଲ ପ୍ରଭୃତିର ମୂଳ । ଯଥା—ଆଳୁକନ୍ଦା, ବୁରକନ୍ଦା । ବୃକ୍ଷର ଅଗ୍ରସ୍ଥ କୋମଳ ଅଂଶବିଶେଷ । ଯଥା—ଖଜୁରିକନ୍ଦା, ବେତକନ୍ଦା । ଅଙ୍ଗୁଳି ପ୍ରଭୃତି ସନ୍ଧିସ୍ଥାନଜାତ କ୍ଷତରୋଗବିଶେଷ ।

**କନ୍ଦା, କନ୍ଦାକଟା**, ବି. (କ୍ରନ୍ଦନ ବା ଆକ୍ରନ୍ଦନ ଶବ୍ଦଜ) କାନ୍ଦିବା, କାନ୍ଦବୋବାଳି । ଯଥା—

କିଏ ଜାଣିଥିଲା ପୋଡ଼ପାଡ଼ ଭାଲେ
ଥିଲା ବୋଲି ଏତେ କନ୍ଦା । ଉ. ସା. ୩. ୯.

**କନ୍ଦ, କନ୍ଦୀ, କନ୍ଧି,** ବି. (କେନ୍ଦ୍ର ଶବ୍ଦଜ) ଦୁଇ ଘରର ମଧ୍ୟବର୍ତ୍ତୀ ସଂକୀର୍ଣ୍ଣ ସ୍ଥାନ, ଗଳି । ଯଥା—

ଏମନ୍ତରୂପେ ଗ୍ରାମ ଫେରି, କନ୍ଦ ବିକନ୍ଦ ଆଦି କରି ।
ଦା. ର.

**କନ୍ଦୁ,** ବି.(ସ୍କନ୍ଦ୍‌-ଗମନ କରିବା-ଉ, ସ ଲୋପ) ମଦ୍ୟନିର୍ମାଣୋପଯୋଗୀ ଭାଟୀ ନାମରେ ପ୍ରସିଦ୍ଧ ପାତ୍ରବିଶେଷ, ମଦ୍ୟରନ୍ଧା ପାତ୍ର-ବିଶେଷ । (କନ୍ଦୁର୍ବା ସ୍ୱେଦନୀ ସ୍ତ୍ରିୟୌ—ଅମର ।) ଲୌହମୟ ପାକପାତ୍ର, କଡ଼େଇ, ତାଉଆ । (କନ୍ଦୁପକ୍ୱାନି ତୈଲେନ ପାୟସଂ ଦଧିଶକ୍ତବଃ । ଦ୍ୱିଜୈରେତାନି ଭୋଜ୍ୟାନି ଶୂଦ୍ରଗେହକୃତାନ୍ୟପି ।)

**କନ୍ଦୁକ, କନ୍ଦୂକ,** ବି. (ସ୍କନ୍ଦ-ଉକ, ଉକ-ସ୍କନ୍ଦ୍ୟତେ ପୀଡ୍ୟତେ ଇତି କନ୍ଦୁକଃ, ଯାହାକୁ ଆଘାତରେ ପୀଡ଼ା ଦିଆଯାଏ) ଖେଳିବାର ଗୁଟିକା, ବର୍ତ୍ତୁଳାକାର ଖେଳନାବିଶେଷ, ପେଣ୍ଡୁକ । ଯଥା—

କନ୍ଦୁକକ୍ରୀଡ଼ାରେ ସୁନ୍ଦରୀ ଆଜ ରତ ଏ ସ୍ଥଳେ । ଚ.ଭା.

ତ୍ରୟୋଦଶାକ୍ଷର ଛନ୍ଦର ବୃତ୍ତବିଶେଷ, ଏହାର ପ୍ରଥମ, ଚତୁର୍ଥ ଓ ଦଶମ ଅକ୍ଷରମାନ ଲଘୁ । ପ୍ରମାଣ, ଯଥା—ରକ୍ଷନ୍ତୁ ପ୍ରଭୋ ସନ୍ତୋଷେ ଦେବଦେବେଶ ।

**କନ୍ଦେଇବାର, କନ୍ଦାଇବାର,** କ୍ରି. (କ୍ରନ୍ଦ୍‌ ଧାତୁରୁ ଜାତ) ରୋଦନ କରାଇବାର, ବାଧାରେ ନିତାନ୍ତ ଅସ୍ତବ୍ୟସ୍ତ କରିବାର ।

**କନ୍ଧ,** ବି. (ଦେଶଜ) ପାର୍ବତ୍ୟ ଜାତିବିଶେଷ । (ସ୍କନ୍ଧ ଶବ୍ଦର ଅପଭ୍ରଂଶ) ଅଂସଦେଶ । ଯଥା—

ବିସ୍ମର ନୋହିବାକୁ ଗଣ୍ଠି ପକାଇ
କନ୍ଧେ ବହିଲନି ବସନ । ପ୍ରେ. ସୁ. ନି.

**କନ୍ଦମୂଳ,** ବି. (କନ୍ଦମୂଳ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ମିଷ୍ଟ ମୂଳ ।

**କନ୍ଧର, କନ୍ଧରା,** ବି. (କଂ = ମସ୍ତକ-ଧୃ-ଅ-ସ୍ତ୍ରୀ-ଆ) ଗ୍ରୀବା, କାନ୍ଧ । (ଗ୍ରୀବାୟାଂ ଶିରୋଧିଃ କନ୍ଧରେତ୍ୟପି—ଅମର ।) (କଂ = ଜଳ-ଧୃ-ଅ) ମେଘ; ମୁଥା ।

**କନ୍ଧରାଗାଁ, କନ୍ଧରାପଲି,** ବି. (ଦେଶଜ) ଜଙ୍ଗଲ ଭିତରେ ଥିବା ଶବର ପ୍ରଭୃତିଙ୍କର ପଲ୍ଲୀ ।

**କନ୍ଧି,** ବି. (କଂ = ଜଳ, ମସ୍ତକ-ଧା = ଧାରଣ କରିବା-ଇ, ଯହିଁରେ ଜଳ କିମ୍ବା ମସ୍ତକ ରହେ) ସମୁଦ୍ର; ଗ୍ରୀବା ।

**କନ୍ଧୁଅକରିବାର,** କ୍ରି. (ଦେଶଜ) କାନ୍ଧରେ ବସାଇବାର ।

**କନ୍ଧୁଣୀ, କନ୍ଧଆଣୀ,** ବି. ସ୍ତ୍ରୀ. (ଦେଶଜ—କନ୍ଧ-ସ୍ତ୍ରୀ-ଉଣୀ, ଇଆଣୀ) କନ୍ଧଜାତି ସ୍ତ୍ରୀ, କନ୍ଧର ଭାର୍ଯ୍ୟା । ଯଥା—

ତାହା ଶୁଣି ବିପ୍ର କନ୍ଧୁଣୀକି ଧରି,
ଗରୁଡ଼ଙ୍କ ପେଟ ଭିତରୁ ଅବତରି । କୃ. ଭା. ଆ. ପ.

**କନ୍ୟକା,** ବି. ସ୍ତ୍ରୀ. (କନ୍ୟା-ଆକାରର ପୂର୍ବେ ଅକ-ସ୍ୱାର୍ଥେ) ପୁତ୍ରୀ; ଦଶ ବର୍ଷବୟସ୍କା କୁମାରୀ । (ଦଶମେ କନ୍ୟକା ପ୍ରୋକ୍ତା) ଅବିବାହିତା ନାରୀ; ଅଳଙ୍କାର ଶାସ୍ତ୍ରରେ—ନାୟିକାବିଶେଷ ।

**କନ୍ୟକାଜାତ,** ବି. (କନ୍ୟକା-ଜନ୍‌-ତ) ଯେ କନ୍ୟକା ଗର୍ଭରେ ଜନ୍ମଗ୍ରହଣ କରେ । ଯେପରି—ବ୍ୟାସ, କର୍ଣ୍ଣ ପ୍ରଭୃତି ।

**କନ୍ୟା,** ବି. ସ୍ତ୍ରୀ. (କନ୍‌ = ପ୍ରୀତ ହେବା ଇତ୍ୟାଦି ଯ-ସ୍ତ୍ରୀ-ଆ) ତନୟା, ଆତ୍ମଜା; ଦଶ ବର୍ଷ-ବୟସ୍କା ଅବିବାହିତା ବାଳିକା । (ଦଶବର୍ଷା ଭବେତ୍‌କନ୍ୟା) ଘୃତକୁମାରୀ, ଘିଅକୁଆଁରୀ ଗଛ; ମେଷାଦି ମଧ୍ୟରେ ଷଷ୍ଠ ରାଶି, ଚତୁର-କ୍ଷର ଛନ୍ଦର ବୃତ୍ତବିଶେଷ । ଯଥା—ଭାସ୍ୱତ୍‌-କନ୍ୟା ସୈକା ଧନ୍ୟା ।

**କପ୍‌କପ୍‌,** ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ; ବନ୍ଧନାଦିଜନିତ ପୀଡ଼ାସୂଚକ ଶବ୍ଦ ।

**କପଟ,** ବି. (କ = ବ୍ରହ୍ମା-ପଟ୍‌ = ଆଚ୍ଛାଦନ କରିବା-ଅ—ଯେ ବ୍ରହ୍ମାଙ୍କୁ ମଧ୍ୟ ଆଚ୍ଛାଦନ କରିପକାଏ, ଅଥବା କ = ମସ୍ତକ, ପଟ = ବସ୍ତ୍ର, ଯାହା ମସ୍ତକରେ ପଟର ପରି ଆଚ୍ଛାଦକ ହୁଏ) ଛଳ, ଶଠତା, ବଞ୍ଚନା; ମାୟା ।

କପର୍ଦ୍ଦ, } ବି. [କ=(ଗଙ୍ଗା) ଜଳ କିମ୍ବା
କପର୍ଦ୍ଦକ, } ସୁଖ, ମସ୍ତକ-ପୃ=ପାଳନ,ପୂରଣ
କରିବା-ଦ, ସ୍ୱାର୍ଥେ କ] ଶିବଜଟା; କଉଡ଼ି ।
କପର୍ଦ୍ଦୀ, ବି.(କପର୍ଦ୍ଦିନ୍-କପର୍ଦ୍ଦ-ଇନ୍-ଅସ୍ତ୍ୟର୍ଥେ)
ଶିବ, ମହାଦେବ । ଯଥା—
କଳଙ୍କ ଥିଲେ ଶୀତ- କର ସବୁ ରହିତ
କପର୍ଦ୍ଦିମସ୍ତକ ଭୂଷଣ ଗୋ । ର. କ.
ବିଂ. ଜଟାଯୁକ୍ତ, ଯାହାର ଜଟା ଅଛି ।
କପା, ବି. (କାର୍ପାସ ଶବ୍ଦଜ) ତୁଳା । ଯଥା—
କପା ଗହମ ବଡ଼ଚଣା, ଉନ୍ଦୁଲ ମଲ୍ଲୀ କୁରଅନା । ବି. ପୁ.
କପାଟ, } ବି. ( କ=ବାୟୁ-ପଟ୍=ଗମନ
କବାଟ, } କରିବା, ପାଇବା-ଞି-ଅ-ଯେ
ବାୟୁଗମନର ପ୍ରତିବନ୍ଧକତା ପାଏ, ପ=ବ)
ଦ୍ୱାରର ଆବରଣ ।
କପାଳ, ବି. [କ=(ଲକ୍ଷଣାର୍ଥରେ) ମସ୍ତକସ୍ଥ
ଘୃତ-ପାଳ୍-ଅ, ଯେ ରକ୍ଷା କରେ] ଶିରୋଽସ୍ଥି
ଖଣ୍ଡ, ମୁଣ୍ଡର ଖପୁରି; ଲଲାଟ । ଯଥା—
କପାଳେ ସିନ୍ଦୂର ଛଟା,
ଦିଶେ ଶୋଭି ବିରଚଟା । ଗୀତ ।
ଅଦୃଷ୍ଟ, ଭାଗ୍ୟ । (ଫଳତି କପାଳଂ ନ
ଭୂପାଳଃ) କଳସର ଅର୍ଦ୍ଧାଂଶ ଖପରି;
ଭିକ୍ଷାପାତ୍ର; ସମୂହ; କୁଷ୍ଠରୋଗବିଶେଷ ।
କପାଳଫଟା, ବିଂ. ( ସଂସ୍କୃତ ଓଡ଼ିଆମିଶ୍ରିତ )
କର୍ମହୀନ, ଭାଗ୍ୟହୀନ । ଯଥା—
ଏହିରୂପେ ଯହିଁ ଚେଷ୍ଟା, କଲି ଦୁର୍ଜ୍ଜନ ପ୍ରଚେଷ୍ଟା,
କଲି ତାକୁ ସଠାବଠା କପାଳଫଟା ହେବାରୁ । ସୁ. ପ.
କପାଳଭୃତ୍, } ବି. ( କପାଳ-ଭୃ-କ୍ବିପ୍,
କପାଳମାଳୀ, } କପାଳମାଳା-ଇନ୍ ) ଶିବ;
ଭିକ୍ଷୁକ । ବିଂ. କପାଳଧାରୀ; ଅସ୍ଥିମାଳାଧାରୀ ।
କପାଳିଆ, } ବିଂ. (ସଂସ୍କୃତଶବ୍ଦରେ ଓଡ଼ିଆ
କପାଳିୟା, } ପ୍ରତ୍ୟୟ) ଭାଗ୍ୟବାନ୍, ଅଦୃଷ୍ଟ-
ବନ୍ତ । ଯଥା— ସେ ବଡ଼ କପାଳିଆ ଲୋକ ।
କପାଳିକା, ବି. ସ୍ତ୍ରୀ. ( କପାଳ-ଇକ-ସ୍ୱାର୍ଥେ,
ସ୍ତ୍ରୀ-ଆପ୍ ) କ୍ଷୁଦ୍ର କପାଳ ।

କପାସିଆ, ବି. ( କାର୍ପାସୀୟ ଶବ୍ଦଜ ) ଲୁଗା;
କପାସମ୍ବନ୍ଧୀୟ ବସ୍ତୁ ।
କପି, ବି. (କପ୍=କମ୍ପିବା-ଇ, କିମ୍ବା କ-ପା-
ରକ୍ଷା କରିବା-ଇ) ବାନର । ଯଥା—
କପି ସେନାମାନେ ମନୁଷ୍ୟବେଶ,
ଧରିଲେ ଲକ୍ଷ୍ମଣ ରାମ ଆଦେଶ । କ. ବ.
ବିଷ୍ଣୁ; ଗନ୍ଧଦ୍ରବ୍ୟବିଶେଷ; ବରାହ; କପିଳ-
ବର୍ଣ୍ଣ ।
କପିକେତନ, } ବି. (କପି-କେତନ, ଧ୍ୱଜା=
କପିଧ୍ୱଜ, } ପତାକା, ଚିହ୍ନ) ଅର୍ଜ୍ଜୁନ;
ଅର୍ଜ୍ଜୁନଙ୍କ ରଥ । ଯଥା—
କପିଧ୍ୱଜେ ବିଜେ କଲେ ସଙ୍ଗେ ଚକ୍ରପାଣି । କ. ବ.
କପିଞ୍ଜଳ, ବି. (କ-ପିଜ୍=ବଧ କରିବା, ଦୀପ୍ତି
ପାଇବା ଇତ୍ୟାଦି-ଅଳ=କଳଚ୍) ଗୃତକ-
ପକ୍ଷୀ;ଗୌରବର୍ଣ୍ଣ ତିତ୍ତିରପକ୍ଷୀ;ମୁନିବିଶେଷ ।
କପିତ୍ଥ, } ବି. (କପି-ସ୍ଥା-ଅ, ପ=ବ, ପ୍ରାୟ
କବିତ୍ଥ, } କପିଗଣ ଏହି ବୃକ୍ଷରେ ରହନ୍ତି)
କଇଥଗଛ; କଇଥଫଳ ।
କପିଳ, } ବିଂ.(କମ୍=ବାଞ୍ଛା କରିବା-ଇଳ,
କବିଳ, } ମ=ପ, କିମ୍ବା କପି-ଲ-ଅସ୍ତ୍ୟର୍ଥେ,
ଯେ କପିର ତୁଲ୍ୟ) ପିଙ୍ଗଳବର୍ଣ୍ଣଯୁକ୍ତ;
ପୀତଆଭଯୁକ୍ତ କୃଷ୍ଣବର୍ଣ୍ଣ । ବି. ପିଙ୍ଗଳବର୍ଣ୍ଣ;
ସାଂଖ୍ୟଦର୍ଶନପ୍ରଣେତା ମୁନି; ନାଗବିଶେଷ;
ନଗରୀବିଶେଷ, ଏହାର ପୂର୍ବ ନାମ
କପିଳବାସ୍ତୁ; ଦୈତ୍ୟବିଶେଷ; ବିଷ୍ଣୁ;
ଅଗ୍ନି; କୁକୁର ।
କପିଳା, ବି. ସ୍ତ୍ରୀ.(କପିଳ-ଅ-ଅସ୍ତ୍ୟର୍ଥେ-ସ୍ତ୍ରୀ-ଆ)
ଦିକ୍‌ହସ୍ତିନୀବିଶେଷ । (କରେଣ୍ୱୋଽଭ୍ରମୁ-
କପିଳା ପିଙ୍ଗଳାନୁପମାଃ କ୍ରମାତ୍—ଅମର ।)
ଶିଂଶପାବୃକ୍ଷ । (କପିଳାଭସ୍ମଗର୍ଭା ସା—
ଶିଂଶପାପର୍ଯ୍ୟାୟରେ—ଅମର ।) କାମଧେନୁ;
ଧେନୁ; ରେଣୁକାଖ୍ୟ ସୁଗନ୍ଧଦ୍ରବ୍ୟ । (କପିଳା
ଭସ୍ମଗନ୍ଧିନୀ—ଅମର ।) ଜଳୌକା; ନଦୀ-
ବିଶେଷ । (ପ୍ରଚଳିତ କଥାରେ) ବିଂ. କପିଳ-
ବର୍ଣ୍ଣବିଶିଷ୍ଟ ।

**କପିଳାସ**, ବି. (କୈଳାସ ଶବ୍ଦଜ) ମହାଦେବଙ୍କ ନିବାସସ୍ଥାନ; ଢେଙ୍କାନାଳସ୍ଥ ପର୍ବତ-ବିଶେଷ । ଯଥା—

କପିଳାସ ଖୋଲନିବାସୀ ଶବର,
ରଣରଙ୍କ ଢେଙ୍କା ଯା ବଂଶଶେଖର । ନ. କେ.

**କପିଳାସିଆ**, ବିଂ. (ଦେଶଜ, କପିଳାସ-ଇଆ) କପିଳାସସମ୍ବନ୍ଧୀୟ ।

**କପିଳାସିଆଛତା**, ବି. (ଦେଶଜ) ଢେଙ୍କାନାଳରେ ପ୍ରସ୍ତୁତ ଏକପ୍ରକାର ତାଳପତ୍ର ଛତା ।

**କପିବଲ୍ଲୀ**, ବି. (କପି-ବଲ୍ଲୀ—ଯାହାର ବଲ୍ଲୀ କପିଲୋମନ୍ୟାୟ ଲୋମରେ ଆଚ୍ଛାଦିତ) ଗଜପିପ୍ପଳୀ ।

**କପିଶ**, ବି. (କପି-ଶ-ଅସ୍ତ୍ୟର୍ଥେ—ଯେ କପିର ତୁଲ୍ୟ) ନୀଳପୀତମିଶ୍ରିତ ବର୍ଣ୍ଣ । ବିଂ. ନୀଳପୀତମିଶ୍ରିତ ବର୍ଣ୍ଣବିଶିଷ୍ଟ । (ସ୍ତ୍ରୀ-ଆ) ମଦ୍ୟବିଶେଷ; ନଦୀବିଶେଷ; ମାଧବୀଲତା; ପିଶାଚମାତା ।

**କପିତନ**, ବି. (କପି-ତନ=ଯେ ବିସ୍ତାର କରେ, ଯେ କପିମାନଙ୍କୁ ଆଶ୍ରୟ ଦିଏ) ଆମ୍ବଡ଼ାଗଛ; ଗଜପିପ୍ପଳୀ; ଶିରୀଷବୃକ୍ଷ ।

**କପୁର**, ବି. (କର୍ପୂର ଶବ୍ଦର ଅପଭ୍ରଂଶ) କର୍ପୂର । ଯଥା—

କପୁର ଗଲାଣି କନା ଅଛୁ ପଡ଼ି । ଡା. ବ.

**କପୁରକାନ୍ତି**, ବି. (କର୍ପୂରକାନ୍ତିରୁ ଜାତ) ଏକପ୍ରକାର ପାନ ।

**କପୁରନଳି**, ବି. (କର୍ପୂରନାଳିକା ଶବ୍ଦଜ) ମିଷ୍ଟାନ୍ନବିଶେଷ ।

**କପୁରି**, } ବି. (କର୍ପୂରି ଶବ୍ଦଜ) ଏକପ୍ରକାର
**ରାମକପୁରି**, } ହଳଦି ।

**କପୂୟ**, } ବି. (କୁ=କୁତ୍ସିତ-ପୂୟ=ଦୁର୍ଗନ୍ଧ-
**କୁପୂୟ**, } ହେବା-ଅ) କୁତ୍ସିତ, ନିନ୍ଦ୍ୟ । (କୁପୂୟ କୁତ୍ସିତାବଦ୍ୟ ଖେଟ ଗର୍ହ୍ୟାଣକାଃ ସମାଃ—ଅମର ।)

**କପୋତ**, ବି. (କ=ବାୟୁ-ପୋତ=ନୌକା, ଯେ ବାୟୁର ପୋତ ତୁଲ୍ୟ) ପାରାବତ, ପାରାପକ୍ଷୀ; କବତାପକ୍ଷୀ; ପକ୍ଷୀ ।

**କପୋତପାଳିକା**, } ବି. ସ୍ତ୍ରୀ. (କପୋତ-ପାଳ
**କପୋତପାଳୀ**, } =ରକ୍ଷା କରିବା-ଅକ, ଅକ=ଇକ, ସ୍ତ୍ରୀ-ଆ, ଈ) ପାରା ରହିବାର କୋଠରି ବା ସ୍ଥାନ, ପାରାଭଡ଼ି; ଚଡ଼ିଆଖାନା ।

**କପୋତାରି**, ବି. (କପୋତ-ଅରି=ଶତ୍ରୁ) ଶ୍ୟେନପକ୍ଷୀ, ଛଞ୍ଚାଣପକ୍ଷୀ ।

**କପୋଳ**, ବି. (କ=ମୁଖ-ପୋଲ୍=ବୃହତ୍ ହେବା-ଅ) ଗଣ୍ଡଦେଶ, ଗାଲ । ଯଥା—

ନୟନାଞ୍ଜନରେ ତଥା ମିଶି
ବହି ଅଶ୍ରୁ କପୋଳକୁଙ୍କୁମେ,
ଅରବିନ୍ଦ ପରାଗଭୂଷିତ
ଭ୍ରମରୀର ପରି ମନୋରମେ । ଜା.ପ.ନା.

**କପୋଳକଳ୍ପନା**, ବି. ସ୍ତ୍ରୀ. (କପୋଳ-କଳ୍ପନା) ଅବାସ୍ତବିକ ରଚନା, ରଚିତ ଗଳ୍ପ, ଗାଲଗଳ୍ପ ।

**କପୋଳକଳ୍ପିତ**, ବିଂ. (କପୋଳ-କଳ୍ପିତ) ଯାହାର ବାସ୍ତବିକ ସତ୍ତା ନାହିଁ କେବଳ କଳ୍ପନାରେ ବର୍ଣ୍ଣିତ ବା ଉକ୍ତ, ମନଗଢ଼ା ।

**କଫ**, ବି. (କ=ଜଳ-ଫଲ୍=ନିଷ୍ପନ୍ନ ହେବା-ଅ—ଯେ ଜଳଦ୍ୱାରା ନିଷ୍ପନ୍ନ ହୁଏ, ଲ ଲୋପ; ଅଥବା କ=ମସ୍ତକ-ଫଲ୍-ଅ—ଯେ ମସ୍ତକରେ ନିଷ୍ପନ୍ନ ହୁଏ) ଶ୍ଳେଷ୍ମା, ଶରୀରସ୍ଥ ଧାତୁବିଶେଷ । (ମାୟୁଃ ପିତ୍ତଂ କଫଃ ଶ୍ଳେଷ୍ମା —ଅମର ।) (ବ୍ୟାବହାରିକ ଭାଷାରେ) ଶରଦ ।

**କଫକୂର୍ଚ୍ଚିକା**, ବି. ସ୍ତ୍ରୀ. (କଫ-କୂର୍ଚ୍ଚିକା= ଗାଢ଼ଦୁଗ୍ଧ) ଲାଳ, ଖଙ୍କାର; ସିଙ୍ଘାଣି, ନାସାନ୍ତର୍ଗତ ଶ୍ଳେଷ୍ମା ।

**କଫୀ**, ବିଂ. (କଫିନ୍-କଫ-ଇନ୍—ଅସ୍ତ୍ୟର୍ଥେ) କଫଯୁକ୍ତ, ଶ୍ଳେଷ୍ମାଧିକଶରୀର । ବି. ହସ୍ତୀ, ଗଜ ।

**କଫୋଣି**, } ବି. (କ=ସୁଖ-ଫଣ୍=ଗମନ
**କଫଣି**, } କରିବା-ଇ-ସଂଜ୍ଞାର୍ଥେ) ବାହୁର
**କପୋଣି**, } ନିମ୍ନସ୍ଥ ଗଣ୍ଠି । (କଫୋଣିଃ କଫଣିର୍ଦ୍ୱୟୋଃ—ଶବ୍ଦାର୍ଣ୍ଣବ ।)

**କବଟା**, ବି. (କର୍ପଟ ଶବ୍ଦଜ) ବସ୍ତ୍ରଖଣ୍ଡ ।

କବନ୍ଧ, ବି. (କ - ମସ୍ତକ-ବଧ୍ = ବଧ କରିବା-ଅ, କମ୍ବା କ = ଜଳ-ବନ୍ଧ୍ = ବନ୍ଧନକରିବା-ଅ) କ୍ରିୟାଯୁକ୍ତ ନିର୍ମସ୍ତକ ଦେହ। (କବନ୍ଧୋଽସ୍ତ୍ରୀ କ୍ରିୟାଯୁକ୍ତମପମୂର୍ଦ୍ଧ କଳେବରଂ—ଅମର।) (ମସ୍ତକ ନ ଥିବାରୁ) ରାହୁ; ଧୂମକେତୁ; ଜନସ୍ଥାନବାସୀ ରାକ୍ଷସବିଶେଷ; ଜଳ; ତୁଣ୍ଡ; ଉଦର। (କବନ୍ଧଂ ସଲିଳେ ତୁଣ୍ଡେ କବନ୍ଧୋ ରାହୁରକ୍ଷସୋଃ।) ରୁଦ୍ର।

କବର, ବି. (ଯାବନିକ) ସମାଧି ବା ଶବ ପୋତିବା ସ୍ଥାନ।

କବରଖାନା, ବି. (ଯାବନିକ) ଶ୍ମଶାନ।

କବଲ, ବି. (ଯାବନିକ କବୁଲରୁ ଉତ୍ପନ୍ନ) ଭୂମି ବିକ୍ରୟ ପତ୍ର।

କବାଇ, ବି. (ଦେଶଜ) ବୀର ପୋଷାକ-ବିଶେଷ। ଯଥା -

କବଚ କବାଇ ବାଗଜର ଟୋପି
ବଜଡ଼ର ଏହିପ୍ରକାର। ଲ. ବ.

କବାଜ, } ବି. (ଯାବନିକ) ସିପାହିମାନଙ୍କର
କବାଚ, } ବ୍ୟାୟାମ।

କବାଟ, ବି. (କପାଟ ଶବ୍ଦର ରୂପାନ୍ତର) ଦ୍ୱାରର ଆବରଣ।

କବାଟକଣ, } ବି. (ସଂସ୍କୃତ ଓ ଓଡ଼ିଆ ଶବ୍ଦ
କବାଟକୁଣ, } ମିଶ୍ରଣ) କବାଟ ଆଉଜାଇ ଦେଲେ କବାଟ ଓ କାନ୍ଥ ମଧ୍ୟରେ ଯେଉଁ କୋଣ ବା ବ୍ୟବଧାନ ହୁଏ।

କବାଟପରଗ୍ଣ, ବି. (କପାଟ-ପରୀକ୍ଷକ—ଏଥିରୁ ଉତ୍ପନ୍ନ) ଦେଉଳର ଦ୍ୱାରବନ୍ଧ ଉପରେ କପାଟ ଲଗାଇବାପାଇଁ ପକାଇଥିବା ଲମ୍ବା ପଥର।

କବାବ, ବି. (ଦେଶଜ କମ୍ବା ଯାବନିକ) ମାଂସପ୍ରସ୍ତୁତ ଖାଦ୍ୟବିଶେଷ।

କବାବଚିନି, ବି. (ଯାବନିକ) ଶୀତଳା ମରିଚ।

କବାଲା, ବି. (ଯାବନିକ) କ୍ରୟବିକ୍ରୟ ପତ୍ର।

କବିରାଜ, ବି. (ଯାବନିକ) ବୈଦ୍ୟ।

କବିରାଜି, ବି. (ଯାବନିକ) ଆୟୁର୍ବେଦୀୟ ପ୍ରଣାଳୀ। ବୈଦ୍ୟବୃତ୍ତି।

କବିଲା, ବି. ସ୍ତ୍ରୀ. (ଯାବନିକ) ଭାର୍ଯ୍ୟା।

କବୁତର, ବି. (କପୋତ ଶବ୍ଦଜ) ପାରା।

କବୁତରବାଜ, ବି. (ଯାବନିକ) ପାରାରକ୍ଷକ।

କବୁତରଶ୍ରେଷ୍ଠା, ବି. (ଯାବନିକ) ଅତି ଶ୍ରେଷ୍ଠା, ଗାଳିବିଶେଷ।

କବୁଲ, } ବି. (ଯାବନିକ) ସ୍ୱୀକାର ପତ୍ର,
କବୂଲ, } ଅଙ୍ଗୀକାର ବା ସମ୍ମତି। ଯଥା—

ମନ୍ଦରେ ମନ୍ଦ ହେବ ଭଲରେ ହେବ ଭଲ,
ଏକଥା ଅଶ୍ଳୀଳ ତୋତେ ଦେଲି ମୁଁ କବୂଲ।
ନୂ. ପୁ. ଚ. ତ.

କବୁଲନାମା, ବି. (ଯାବନିକ) ଅଙ୍ଗୀକାର ପତ୍ର।

କବୁଲିୟତ, } ବି. (ଯାବନିକ) ଜମିଦାର
କବୁଲତ, } ନିକଟରେ ରୟତର ଜମି ଚଷିବା ଇତ୍ୟାଦି ଏବଂ ଖଜଣା ଦେବା ସମ୍ବନ୍ଧରେ ସ୍ୱୀକାର ପତ୍ର।

କବେଇ, ବି. (ଦେଶଜ) ମତ୍ସ୍ୟବିଶେଷ।

କବେରୀ, ବି. ସ୍ତ୍ରୀ. (କବରୀ ଶବ୍ଦଜ) କେଶ-ପାଶ। ଯଥା—

ତଇଲ ଅର୍ପିଲା ଚନ୍ଦନ ଶିରେଣ ବୋଲି,
ସୁବାସିତ ଜଳ ଢାଳି କବେରୀ ପଖାଳି। ସା. ଭା. ଆ.

କବ୍ଜା, } ବି. (ଯାବନିକ) କବାଟଯୋଜକ
କବଜା, } ଲୌହନିର୍ମିତ କଳ; ହସ୍ତର ମଣିବନ୍ଧ ନିକଟସ୍ଥ ଗ୍ରନ୍ଥି; ମନୁଷ୍ୟ ଶରୀରସ୍ଥ ଦୁଇ ଅସ୍ଥିସଂଯୋଜକ ଚକ୍ର।

କମ୍, ବି. (କର୍ମ ଶବ୍ଦଜ) ହସ୍ତାଭରଣବିଶେଷ। ଯଥା—

କମ ଆଦି ଖଞ୍ଜୁ ବାହୁ, ହସ୍ତରେ ଶୋଭୁ ଏ। ଲ. ବ.

ଅଳଙ୍କାର। ଯଥା—

ବହୁକାଳ ହାତରେ କମ ଯେତେକ ଥିଲା,
ସବୁ ଆଣି ଶରୀରେ ଭୂଷଣ ତାହା ହେଲା। ନୂ.ପୁ.ଷ.ତ.

ନକଶା ବା ସୂକ୍ଷ୍ମଶିଳ୍ପ। ଯଥା—

ମର୍ଦ୍ଦଲାକାର କଙ୍କଣକା ଝଳ,
କାଙ୍ଗୁରା କମ ସୁଷମ ପିଉଳୀ। ଲ. ବ.

(କମ୍ ଧାତୁଜ) କମନୀୟ, ସୁନ୍ଦର। ଯଥା—

ଏକବର୍ଣ୍ଣ ସୁବର୍ଣ୍ଣ କମ, ହୁଅନ୍ତା କ ତାରତମ
ଭିନ୍ନ ଭିନ୍ନ ଜାଣି ହେଲା ରତନ ଯୋଗେ। ଲ.ବ.

ବାଦ୍ୟବିଶେଷ। ଯଥା—

ଯୋଡ଼ା ଶଙ୍ଖ ଯୋଡ଼ା କମ ବାହାରେ ବାଜଇ,
ବାଦ୍ୟନାଦ ଶବଦରେ ସିନ୍ଧୁ ଉଚ୍ଛୁଳଇ। ମ. ପ.

ବିଂ. ଅଳ୍ପ, ଊଣା। ଯଥା—ତାହାର ବେତନ ଏତେ କମ କାହିଁକି? ମୋ ଅପେକ୍ଷା ଆପଣଙ୍କ ବୟସ କେତେ କମ ହେବ?

କମକମ, ବିଂ. (ଦେଶଜ) ଦୁଷ୍ଟ ।

କମଠ, ବି. (କମ୍ = ଇଚ୍ଛା କରିବା ଇତ୍ୟାଦି-ଅଠ—ସଂଜ୍ଞାର୍ଥେ) କଚ୍ଛପ, କୂର୍ମ । (କୂର୍ମେ କମଠକଚ୍ଛପୌ—ଅମର ।) ସନ୍ନ୍ୟାସି-ମାନଙ୍କର ଜଳପାତ୍ରବିଶେଷ; ବାଉଁଶ । (ସ୍ତ୍ରୀ-ଈ-କମଠୀ) କଚ୍ଛପୀ, ମାଈ କଇଁଚ ।

କମଣା, ବିଂ. (ଦେଶଜ) ଯାଜ ବା ମାର-ପ୍ରକୃତିକ ।

କମଣ୍ଡଳୁ, ବି. (କ = ବ୍ରହ୍ମା, ଜଳ-ମଣ୍ଡ = ଭୂଷଣ-ଲ = ଦାନ କରିବା-ଉ-ସଂଜ୍ଞାର୍ଥେ) ସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନଙ୍କର ମୃଣ୍ମୟ ବା କାଷ୍ଠମୟ ଜଳପାତ୍ର । (ବୈଣବୀଂ ଧାରୟେଦ୍ୟଷ୍ଟିଂ ସୋଦକଂ ଚ କମଣ୍ଡଳୁଂ) ଅଶ୍ୱତ୍ଥ ବୃକ୍ଷ, ବ୍ୟକ୍ତିବିଶେଷ ।

କମତି, ବି. (ଯାବନିକ) ନ୍ୟୂନତା । ବିଂ. ଅଳ୍ପ, ଊଣା ।

କମନ, ବିଂ. (କମ୍ = ବାଞ୍ଛା କରିବା-ଅନ) କାମୁକ, ଲମ୍ପଟ । (କମନଃ କାମନୋଽଭିକଃ—ଅମର) ସୁନ୍ଦର, ରମଣୀୟ, ଅଭି-ରୂପ । (ନିଭୃତନିକମନଂ ତମାଳବର୍ଣ୍ଣଂ ।) ବି. ବ୍ରହ୍ମା; କାମଦେବ; ଅଶୋକ ବୃକ୍ଷ ।

କମନୀୟ, ବିଂ. (କମ୍-ଅନୀୟ) ସୁନ୍ଦର, ମନୋହର । ଯଥା—

ଶ୍ୟାମ ସମ କମନୀୟ ତ ନାହିଁ ଆନ । କ. ଚ. ଚ.

ଅଭିଳଷଣୀୟ, ସ୍ପୃହଣୀୟ । (ରମଣୀ-କମନୀୟ-କପୋଳତଳେ ।)

କମନ୍ଧ, ବି. (କବନ୍ଧ = କମନ୍ଧ) ଜଳ; କବନ୍ଧ ।

କମର, ବିଂ. (କମ୍-ଅରଚ୍) କାମୁକ । (ଯାବନିକ) ଅଣ୍ଟା; ଅଣ୍ଟାରେ ବାନ୍ଧିବା ପଟବନ୍ଧନ । ଯଥା—

ଶ୍ରୀକୃପାସିନ୍ଧୁ—ଯେ କମର ମହିମା ଅଟଇ ଅଗୋଚର ।
ଆଣ୍ଟେ କଟିରେ ଥାଅ ଭିଡ଼ି, ନ ଯିବ ସଂଗ୍ରାମକୁ ଛାଡ଼ି । ଦା. ର.

କମରପଟି, } ବି. (ଯାବନିକ) ଅଣ୍ଟାରେ
କମରବନ୍ଧ, } ବାନ୍ଧିବା ବସ୍ତ୍ର ।

କମରୀ, ବି. (ଦେଶଜ) ଗୃହର ଉପରସ୍ଥ ଶ୍ରେଣିର ଆଧାର ।

କମର, } ବି. (ଦେଶଜ) ଅଣ୍ଟା ଦରଜ । ବିଂ.
କମରା, } ଯାହାର ଅଣ୍ଟା ଦରଜ ହୋଇଅଛି ।

କମଳ, ବି. (କମ୍-ଜଳ-ଅଲ୍-ଭୂଷିତ କରିବା-ଅ) ପଦ୍ମ । (କମ୍ = ଇଚ୍ଛା କରିବା-ଅଲ୍—ସଂଜ୍ଞାର୍ଥେ) ଜଳ; ତାମ୍ର, ତମ୍ବା; ଔଷଧ; ମୃଗବିଶେଷ; ବ୍ୟୋମ, ଆକାଶ । (କମଳଂ ସଲିଲେ ତାମ୍ରେ ଜଲଜେ ବ୍ୟୋମ୍ନି ଭେଷଜେ, ମୃଗଭେଦେଽପି କମଳଃ—ଚକ୍ରୋଷାନ୍ତର ।) ସାରସ ପକ୍ଷୀ; ତାଳ-ବିଶେଷ । (ସପ୍ତଦଶାକ୍ଷରୈର୍ଯୁକ୍ତଃ କମ-ଳୋଽୟଂ ଭୟାନକେ) (ସ୍ତ୍ରୀ-ଆ) ଲକ୍ଷ୍ମୀ; ବରସ୍ତ୍ରୀ, ପ୍ରଧାନ ସ୍ତ୍ରୀ । (କମଳା ଶ୍ରୀବର-ସ୍ତ୍ରିୟୋଃ) ପ୍ରହ୍ଲାଦଙ୍କ ଜନନୀ; ନଦୀବିଶେଷ; କମଳାଲେମ୍ବୁ; ଲେମ୍ବୁବିଶେଷ; ନାରଙ୍ଗୀ-ବିଶେଷ । (ରମ୍ଭାଫଳଂ ତିନ୍ତିଡ଼ୀକଂ କମଳଂ ନାଗରଙ୍ଗକଂ । ଫଳାନ୍ୟେତାନି ଭୋଜ୍ୟାନି) (କମଳା—ଫଳବିଶେଷାର୍ଥରେ ଦେଶଜ ପ୍ରାୟ ବ୍ୟବହୃତ ।) ଯଥା —

ଫଳେ ହେଁଠ କମଳା କୁମ୍ଭୀ କମ୍ଭୀର ଯେ । ଲ. ବ.

କମଳଣୀ, }
କମଳାଣୀ, } ବି. ସ୍ତ୍ରୀ. (କମଳିନୀ ଶବ୍ଦଜ)
କମଳିଣୀ, } ଲକ୍ଷ୍ମୀ । ଯଥା—

ବିପ୍ରବତ୍ସଳ ଚକ୍ରପାଣି,
ଯାର କଟାକ୍ଷେ କମଳଣୀ । ଭା. ଦ. ସ୍କ.
ଭୋଳାନାଥ ଶୁଣ ମୋର ବାଣୀ,
ଆମ୍ଭର ଘରେ କମଳଣୀ । ଭା. ଦ. ସ୍କ.

ଶ୍ରେଷ୍ଠା ସ୍ତ୍ରୀ; ପଦ୍ମିନୀ ସ୍ତ୍ରୀ ।

କମଳଯୋନି, } ବି. (କମଳ-ଯୋନି = ଜନ୍ମ-
କମଳାସନ, } ସ୍ଥାନ, ଆସନ) ବ୍ରହ୍ମା ।

କମଳାକର, ବି. (କମଳ-ଆକର) ଯେଉଁ ଜଳାଶୟରେ ଅନେକ ପଦ୍ମ ଜନ୍ମେ, ପୁଷ୍କରିଣୀ; ପଦ୍ମସମୂହ ।

କମଳିନୀ, ବି. ସ୍ତ୍ରୀ. (କମଳ-ଇନ୍-ଅସ୍ତ୍ୟର୍ଥେ, ସମୂହାର୍ଥେ-ସ୍ତ୍ରୀ-ଈ) ପଦ୍ମିନୀ, ପଦ୍ମବନୀ; ପଦ୍ମିନୀ ସ୍ତ୍ରୀ; ଲକ୍ଷ୍ମୀ; ପୁଷ୍କରିଣୀ ।

କମଳୀ, ବି. ସ୍ତ୍ରୀ. (କମଳା ଶବ୍ଦଜ) ଲକ୍ଷ୍ମୀ; ଲକ୍ଷ୍ମୀ ଅର୍ଥବୋଧକ ନାମ ।

କମଳୋତ୍ତର, ବି. (କମଳ-ଉତ୍ତର = ଉତ୍କୃଷ୍ଟ, ଯାହା କମଳସଦୃଶ ଉତ୍କୃଷ୍ଟ) କୁସୁମ୍ଭପୁଷ୍ପ, କୁସୁମ ଫୁଲ; କୁସୁମାରଙ୍ଗ । (କମଳୋତ୍ତରଂ ସ୍ୟାତ୍ କୁସୁମ୍ଭଂ—ଅମର ।)

କମା, ବି. (ଦେଶଜ) ତୈଲଙ୍ଗ ବ୍ରାହ୍ମଣ । ଯଥା—

ଦେଶ ଖାଇଲେ କମା, ଧାନ ଖାଇଲେ ଭମା ।

ଅର୍ଜନ ।

କମାଇବାର, } କ୍ରି. (ଦେଶଜ) ଅର୍ଜନ
କମେଇବାର, } କରିବାର । ଯଥା—

ଏକାନ୍ତେ ନିର୍ମଳସ୍ଥାନେ ବସି ଶୁଦ୍ଧ ହୋଇ,
ଭକ୍ତିକି କମାଇବ ନିଶ୍ଚଳ ମନେ ରହି । ନୃ. ପୁ. ସ. ଚ.

ଅଳ୍ପ କରିବାର, ଊଣା କରିଦେବାର । ଯଥା—କର୍ମଚାରୀର ଅପରାଧ ଦେଖି ବେତନ ଦୁଇ ଟଙ୍କା କମାଇଦେଲେ । ନଖ ଓ କେଶାଦି ଛେଦନ କରିବାର; (ପାଇଖାନା) ସଫା କରିବାର ।

କମାଣ, } ବି. (କାର୍ମୁକ ଶବ୍ଦଜ) ଧନୁ ।
କମାୟୁଣ, } ଯଥା—

ତା ସଙ୍ଗେ ଛନ୍ଦିଲା ଭୃଙ୍ଗଙ୍କୁ ସିନା ଫୁଲକମାଣ । ଚ. ଭା.
କରେ ଶୋଭିବନ ତାର ଶର କମାୟୁଣ,
ଏକ ମୁଖେ ଭେଟିଲା ସେ ନୃପତି ସୁଜାଣ । ସା. ଭା. ସ.

ତୋପ ।

କମାଣ, ବି. (ଦେଶଜ) ଫୁଲଗଛ ପ୍ରଭୃତିକୁ କଟାକଟିରେ ଶୁଭ୍ର କରିବା; ଗଛକୁ ସତେଜ ଓ ସବଳ କରିବା ।

କମାଣି, } ବି. ସ୍ତ୍ରୀ. (ଦେଶଜ) କଟାକଟିରେ
କମାଣୀ, } ନଖାଦି ଶୁଭ୍ର କରିବା । ଯଥା—
ବାରିକର ଝିଅ କମାଣି କରିବାକୁ ସବୁଦିନେ ଉଆସକୁ ଯାଏ । କମାବ୍ରାହ୍ମଣ ସ୍ତ୍ରୀ ।

କମାଣିବାର, କ୍ରି. (ଦେଶଜ) ମାର୍ଜନାରେ ନଖାଦି ଶୁଭ୍ର କରିବାର; ଗଛକୁ ସତେଜ ଓ ସବଳ କରିବାର ।

କମାନ, ବି. (ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଗସ୍ତ । ଯଥା—ମାନେଜର ସାହେବ ବର୍ତ୍ତମାନ କମାନରେ ଅଛନ୍ତି ।

କମାର, ବି. (କର୍ମକାର ବା କର୍ମାର ଶବ୍ଦଜ) ଯେଉଁ ଜାତି ଲୁହା କାମ କରନ୍ତି, ଯେ ଲୁହାର ନାନାପ୍ରକାର ଅସ୍ତ୍ରଶସ୍ତ୍ରାଦି ତିଆର କରେ । ଯଥା—

ଚଣ୍ଡୁ କାଞ୍ଚୀ ପଳାଇଲା ବେଗରେ,
ଯାଇଣ ପଶିଲା କମାର ଘରେ । ଦ୍ୱା. ଚ.

କମାରସାଳ, } ବି. (କର୍ମକାରଶାଳା ଶବ୍ଦଜ)
କମାରଶାଳ, } କମାରର ଦୋକାନ ବା କାରଖାନା ।

କମାରୁଣୀ, ବି. ସ୍ତ୍ରୀ. (ଦେଶଜ) କମାରର ସ୍ତ୍ରୀ । ଯଥା—

ଏଣୁ କମାରୁଣୀ ତେଣୁ କମାର,
କାଞ୍ଚିକି ଦେଲେ ହାତୁଡ଼ା ପ୍ରହାର । ଦ୍ୱା. ଚ.

କମି, ବି. ବିଂ. (ଦେଶଜ) ନ୍ୟୂନ; ନ୍ୟୂନତା ।

କମିଜ, ବି. (ଯାବନିକ) କୁର୍ତ୍ତାବିଶେଷ ।

କମିନା, ବିଂ. (ଦେଶଜ) ପାଜି ବା ମିଚ ।

କମିବାର, କ୍ରି. (ଦେଶଜ) ଊଣା ହେବାର, ନ୍ୟୂନ ହେବାର ।

କମେଇ, ବି. (ଦେଶଜ) ଅର୍ଜନ; କୌଣସି କାର୍ଯ୍ୟ ବନ୍ଦ କରିବା ।

କମ୍ପ, } ବି. (କମ୍ପ୍-ଅ, ଅନ) କମ୍ପିବା,
କମ୍ପନ, } ଥରିବା; ହଲିବା । ଯଥା—

ବାଳା ବାଳହରଣୀଙ୍କ ବନ୍ଦନ,
କଲା ଭୟରୁ କରଇ କମ୍ପନ ।

କମ୍ପକମ୍ପିଆ, ବି. (ଦେଶଜ) କୀଟବିଶେଷ ।

କମ୍ପଜର, ବି. (କମ୍ପ-ଜ୍ୱର-ଏ ଉଭୟ ଶବ୍ଦଜ) ଜ୍ୱରବିଶେଷ, ଯେଉଁ ଜ୍ୱରରେ କମ୍ପ ଜାତ ହୁଏ ।

କମ୍ପନ, ବି. (କମ୍ପ୍-ଅନ) କମ୍ପିବା; ହଲିବା । (କର୍ତ୍ତୃବାଚ୍ୟରେ ଅନ ପ୍ରତ୍ୟୟ କଲେ) ବିଂ. କମ୍ପଯୁକ୍ତ । (କମ୍ପ୍-ଣିଚ୍-ଅନ) କମ୍ପକାରକ । (ଚଳନଂ କମ୍ପନଂ କମ୍ପ୍ରଂ—ଅମର ।)

କମ୍ପାଈ, ବି. ସ୍ତ୍ରୀ. (ଦେଶଜ) ଦେବୀବିଷେଶ ।

କମ୍ପିତ, ବିଂ. (କମ୍ପ୍-ତ) କମ୍ପଯୁକ୍ତ; ଖିତ; ଚଳିତ । ( ଅତିଚପଳକପିକୁଳକମ୍ପିତ-କାମ୍ପିଲ୍ଲଚ୍ୟୁତପଲ୍ଲବଫଳଶବଳୈଃ—କାଦମ୍ବରୀ ।) ବି. କମ୍ପନ; ଚଳନ । (ଅନୋକହାକମ୍ପିତପୁଷ୍ପଗନ୍ଧିଃ ।)

**କମ୍ପ୍ର**, ବି°. (କମ୍ପ୍-ର—ଶୀଳାର୍ଥେ) କମ୍ପିତ, ଚଳିତ; ଖ୍ୟାତ ।

**କମ୍ବଳ**, ବି. (କମ୍ = ଇଚ୍ଛା କରିବା-ବଳ) ସ୍ୱନାମଖ୍ୟାତ ମେଷାଦି ଲୋମରଚିତ ଆସନ; ନାଗବିଶେଷ; ଉତ୍ତରୀୟ; ପ୍ରାବାର ଅର୍ଥାତ୍ ଶୀତରେ ଘୋଡ଼ାଇ ହେବା ବସ୍ତ୍ର; କୃମି; ସାସ୍ନା ଅର୍ଥାତ୍ ଗୋରୁଙ୍କ ଗଳକମ୍ବଳ । ( ପ୍ରାବାରେଽପି ଚ କମ୍ବଳଃ—ଅମର । ) (ସାସ୍ନାୟାଂ ନାଗରାଜେଽପି କୃମାବପି ଚ କମ୍ବଳଃ—କୋଷାନ୍ତର ।) ମୃଗବିଶେଷ; ଜଳ ।

**କମ୍ବଳା**, ବି. ( କମଳା ଶବ୍ଦଜ ) ଫଳବିଶେଷ, ସ୍ୱନାମଖ୍ୟାତ ଫଳ ।

**କମ୍ବଳବାହ୍ୟକ**, ବି. (କମ୍ବଳୀ-ବହ୍-ଯ-ସ୍ୱାର୍ଥେ—କମ୍ବଳଭିର୍ବୃଷୈର୍ବାହ୍ୟଂ ବୋଢ଼ବ୍ୟଂ) ବୃଷବହନୀୟ ଶକଟ; ବଳଦବନ୍ଧା ଶଗଡ଼ ।

**କମ୍ବି**, } ବି. ସ୍ତ୍ରୀ. ( କମ୍ = ଇଚ୍ଛା କରିବା-ବି )
**କମ୍ବୀ**, } ଦର୍ବୀ, କରଚୁଲି; ଚାଟୁ; ଜାଲଚାଟୁ ପ୍ରଭୃତି; ବାଉଁଶର ପବ । (ଦର୍ବୀ କମ୍ବିଃ ଖଜାକା ଚ—ଅମର ।)

**କମ୍ବୁ**, ବି. (କମ୍ବ୍ = ଗମନ କରିବା-ଉ-ସଂଜ୍ଞାର୍ଥେ) ଶଙ୍ଖ; ବଳୟ; ଅଙ୍ଗୁରୀୟ । (କମ୍ବୁର୍ନା ବଳୟେ ଶଙ୍ଖେ—ଅମର ।) ଗଜ; ଶମ୍ବୂକ । (ଗଜଶମ୍ବୂକୟୋରପି କମ୍ବୁଃ—କୋଷାନ୍ତର ।) କର୍ବୂରବର୍ଣ୍ଣ; ଅଳଙ୍କାରବିଶେଷ । (କମ୍ବୁ କେୟୂରଧାରଣ୍ୟୋ ନିଷ୍କକଣ୍ଠାଃ ସ୍ୱଳଂକୃତାଃ) ଗଳଦେଶ; ଫମ୍ପାହାଡ଼ । ସ୍ତ୍ରୀ. ଗ୍ରୀବା । ବି°. ଚର୍ଚ୍ଚିତ, ଚିତ୍ରବିଚିତ୍ର, କର୍ବୂର, ନାନାବର୍ଣ୍ଣଯୁକ୍ତ ।

**କମ୍ବୁଗ୍ରୀବା**, ବି. ସ୍ତ୍ରୀ. (କମ୍ବୁ = ଶଙ୍ଖ-ଗ୍ରୀବା) କମ୍ବୁ ପରି ରେଖାତ୍ରୟଯୁକ୍ତ ଗଳଦେଶ । (କମ୍ବୁଗ୍ରୀବା ତ୍ରିରେଖା ସା—ଅମର ।)

**କମ୍ବୋଜ**, ବି. (କମ୍ବ୍ = ଗମନ କରିବା-ଓଜ) ଶଙ୍ଖବିଶେଷ; ଦେଶବିଶେଷ; ହସ୍ତୀବିଶେଷ ।

**କମ୍ର**, ବି°. (କମ୍ = ଇଚ୍ଛା କରିବା-ର-ଶୀଳାର୍ଥେ) ଅଭିଳାଷୀ; କାମୁକ, ମୈଥୁନେଚ୍ଛାଯୁକ୍ତ । ( କର୍ମବାଚ୍ୟରେ ହେଲେ ) କମନୀୟ, ମନୋହର ।

**କୟାଁ**, ବି. (ଦେଶଜ) କଞ୍ଚା ତେନ୍ତୁଳି ଫଳ ।

**କୟାଳ**, ବି. (ଦେଶଜ) ଲୁଣ ପ୍ରଭୃତିର ଓଜନ କରିବାର ସରଦାର ।

**କର**, ବି. (କୃ-ଅ, କୃ = ବିକ୍ଷେପ କରିବା-ଅ) କିରଣ; ରାଜସ୍ୱ; ଶୁଳ୍କ; ହସ୍ତ । (ବଳିହସ୍ତାଂଶବଃ କରାଃ—ଅମର ।) କରକା ଅର୍ଥାତ୍ କୁଆପଥର । (ହସ୍ତଭୁରୁ) ହସ୍ତିଶୁଣ୍ଢ; ପ୍ରତ୍ୟୟ; ବିଷୟ । (କର୍ତ୍ତୃବାଚ୍ୟରେ ପ୍ରତ୍ୟୟ କଲେ) କର୍ତ୍ତା । (ଉପପଦ ପୂର୍ବେ ରହିଲେ) କାରକ, ଜନକ । ଯେପରି—ସୁଖକର ଇତ୍ୟାଦି ।

**କରକ**, ବି. (କୃ = ବଧ କରିବା-ଅକ) ଦାଡ଼ିମ ବୃକ୍ଷ; ପକ୍ଷିବିଶେଷ; ପାତ୍ରବିଶେଷ, କମଣ୍ଡଳୁ; ବର୍ଷୋପଳ ବା କୁଆପଥର । (କରକସ୍ତୁ ପୁମାନ୍ ପକ୍ଷିବିଶେଷେ ଦାଡ଼ିମେଽପି ଚ । ଦ୍ୱୟୋର୍ମେଘୋପଲେନ ସ୍ତ୍ରୀ କରକଂ ଚ କମଣ୍ଡଳୌ—ମେଦିନୀ ।) ନାରିକେଳମାଳା । (କର-କ-ସ୍ୱାର୍ଥେ) ରାଜସ୍ୱ ।

**କରକଚ**, ବି. (କଡ଼କ ଶବ୍ଦଜ) ସାମୁଦ୍ର ଲବଣ । (ଦେଶଜ) ଅଡ଼ୁଆ ।

**କରକଚ୍ଚ**, ବି. ( କର୍କର ଶବ୍ଦଜ ) ଚୂନମିଶ୍ରିତ ସାନ ସାନ ଗୋଡ଼ି ।

**କରକଚି**, ବି°. (ଦେଶଜ) କୋମଳ; ଅପୁଷ୍ଟ; ଅପକ୍ୱ ।

**କରକଚିଆ**, ବି°. (ଦେଶଜ) ଦରସିଝା ।

**କରକଚ୍ଛପିକ**, } ବି. (କର-କଚ୍ଛପ-ଇକ, ଆ)
**କରକଚ୍ଛପିକା**, } କୂର୍ମମୁଦ୍ରା ।

**କରକଣ୍ଟକ**, ବି. (କର-କଣ୍ଟକ) ନଖ ।

**କରକର**, } କ୍ରି. ବି°. ( ଦେଶଜ କମ୍ପା କର୍କ
**କର୍କର**, } ଧାତୁଜ ) ହାସର ଅନୁକରଣ । ଯଥା—

କରକର ହୋଇ ଗୋପୀ ହସନ୍ତି । ର. କ.

ବି°. ହସହସ, ହାସଯୁକ୍ତ । ଯଥା—

ଲୋକନିନ୍ଦାକୁ ଦେଖି ତାହାର ନାହିଁ ଡ଼ର,
ଯୁବତୀଙ୍କ ଛବି ଦେଖି ହୁଏ କରକର । ନୃ.ପୁ.ପ.ତ.

**କରକା**, ବି. ସ୍ତ୍ରୀ. ( କରକ-ସ୍ତ୍ରୀ-ଆ ) ବର୍ଷୋପଳ, କୁଆପଥର । (ବର୍ଷୋପଳସ୍ତୁ କରକା—ଅମର ।)

**କରଗବୀଜ**, ବି. (କରଗ = କରଙ୍କ ଶବ୍ଦର ଅପଭ୍ରଂଶ-ବୀଜ) ନାରକେଳର ଖୋଳ ।

**କରଗ୍ରହ**, ବି. (କର-ଗ୍ରହ୍-ଅ) ପାଣିଗ୍ରହଣ, ବିବାହ; ହସ୍ତଧାରଣ; ପ୍ରଜାଙ୍କ ନିକଟରୁ କର ନେବା ।

**କରଗ୍ରାହ**, ବିଂ. (କର-ଗ୍ରହ୍-ଅ—କର୍ତ୍ତୃ-ବାଚ୍ୟରେ) ଯେ କର ଗ୍ରହଣ କରେ; ପାଣିଗ୍ରାହକ, ପତି, ଭର୍ତ୍ତା; ଯେ ରାଜସ୍ୱ ଆଦାୟ କରେ ।

**କରଙ୍କ**, ବି. (କୃ = କରିବା-ଅଙ୍କ-ସଂଜ୍ଞାର୍ଥେ, ଅଥବା କ = ବିକ୍ଷେପ କରିବା-ଅଙ୍କ) କମଣ୍ଡଳୁ; ଶରୀରାସ୍ଥି; ନଡ଼ିଆସଢ଼ାଇ, ନାରକେଳ ଖୋଳ; ମସ୍ତକ; ମୁଣ୍ଡର ଖୋଳପା; ଭିକ୍ଷାପାତ୍ର; ଖୁର୍ଙ୍କୀ ଅର୍ଥାତ୍ କ୍ଷୁଦ୍ର-ପେଟିକା; ଡ଼ବା; ଖପର; ଇକ୍ଷୁବିଶେଷ; ପାତ୍ରବିଶେଷ । ଯଥା—ତାମ୍ବୂଳକରଙ୍କ-ବାହିନୀ ।

**କରଙ୍ଗ**, ବି. (କରଙ୍କ ଶବ୍ଦଜ) ଜଳପାତ୍ର-ବିଶେଷ ।

**କରଚୁଲି**, } ବି. (କର-ଚୁଲ୍ଲୀ-ଏଥିରୁ ଉତ୍ପନ୍ନ)
**କରୁଲି**, } ଧାତୁନିର୍ମିତ ପାତ୍ରବିଶେଷ । ଏହି ପାତ୍ରକୁ କରରେ ଧରି ଚୁଲ୍ଲୀ ଉପରେ ସ୍ଥାପନ ବିନା କେତେକ ପାକକ୍ରିୟା କରି ଦେବାକୁ ହୁଏ, ଅତଏବ ଏହାର ଏତାଦୃଶ ନାମକରଣ ହୋଇଅଛି ।

**କରଜ**, ବି. (କର = ହସ୍ତ-ଜନ୍ = ଜନ୍ମିବା-ଅ) ନଖ । ଯଥା—

କରଜ ବରଜ ରାଜେ କାରଚଞ୍ଚୁ ପ୍ରକାର । ଜା.ପ.ନା.

ବିଂ. ହସ୍ତଜାତ । (କ = ଜଳ-ରନ୍ଜ୍ = ରଞ୍ଜନ କରିବା-ଅ, କଂ ଜଳଂ ରଞ୍ଜୟତୀତି କରଜଃ—ଅମର ଟୀକା ।) କରଞ୍ଜ ଗଛ; ବ୍ୟାଘ୍ରନଖନାମକ ଗନ୍ଧଦ୍ରବ୍ୟ ।

**କରଜ**, **କର୍ଜ**, ବି. (ଯାବନିକ) ଋଣ ।

**କରଜଦାର**, ବିଂ. (ଯାବନିକ) ଦେଣଦାର, ଯାହାର ସମଧିକ ଋଣ ।

**କରଞ୍ଜ**, } ବି. (କ = ଜଳ-ରନ୍ଜ୍-ଅ, ସ୍ୱାର୍ଥେ
**କରଞ୍ଜକ**, } କ) ସ୍ୱନାମପ୍ରସିଦ୍ଧ ବୃକ୍ଷବିଶେଷ ।

**କରଟ**, ବି. (କ = ଆତ୍ମା-ରଟ୍ = ଘୋଷଣା କରିବା-ଅ-ସଂଜ୍ଞାର୍ଥେ—ଯେ ଆପଣାକୁ ଘୋଷଣା କରେ, କମ୍ବା କୃ = କରିବା-ଅଟ) କାକ; ହସ୍ତିଗଣ୍ଡ; କୁସୁମ୍ଭବୃକ୍ଷ; କୁସୁମ ଫୁଲ ଓ ଗଛ; ବାଦ୍ୟଯନ୍ତ୍ରବିଶେଷ; ଏକାଦଶାହ ଶ୍ରାଦ୍ଧ । ବିଂ. ନାସ୍ତିକ; ନିନ୍ଦ୍ୟ-ଜୀବୀ । (ସ୍ତ୍ରୀ-ଆ) ଦୁଃଖଦୋହ୍ୟା ଗାଭୀ, ଯେଉଁ ଗାଈ କଷ୍ଟରେ ଦୁଧ ଦିଏ । (କରଟୋ ଗଜଗଣ୍ଡେ ସ୍ୟାତ୍ କୁସୁମ୍ଭେ ନିନ୍ଦ୍ୟଜୀବନେ । ଏକାଦଶାହାଦି ଶ୍ରାଦ୍ଧେ ଦୁର୍ଦୁରୂଢ଼େଽପି ବାୟସେ । କରଟୋ ବାଦ୍ୟଭେଦେ—ମେଦିନୀ ।)

**କରଟକ**, ବି. (କରଟ-କ) କାକ । (ସ୍ତ୍ରୀ. କରଟୀ, କରଟିକା) କାକୀ ।

**କରଡ଼ା**, ବି. (ଦେଶଜ) ବୃକ୍ଷବିଶେଷ । ବିଂ. ଦୃଢ଼; କଡ଼ା । ଯଥା—ସେ ବଡ଼ କରଡ଼ା ଲୋକ ।

**କରଡ଼ାପତିଆ**, } ବି.(ଦେଶଜ) ବ୍ୟାଘ୍ରବିଶେଷ;
**କଲରାପତିଆ**, } କରଡ଼ାପତ୍ର ଆକୃତି ଚିହ୍ନ-ମାନ ଦେହରେ ଥିବାରୁ ଏହାର ଏପରି ନାମ ହୋଇଅଛି ।

**କରଡ଼**, } ବି. ( କରୀର ଶବ୍ଦଜ ) ବଂଶାଙ୍କୁର
**କରଡ଼**, } ଖଣ୍ଡ ।

**କରଡ଼ି**, ବି. (ଦେଶଜ) ଜଠରାଗ୍ନି । ଯଥା—

ଭୋକରେ କରଡ଼ି ଜଳିଲା,
ଆହାର ପାଇ ନ ପାରିଲା ।

**କରଡ଼ିଗଜା**, ବି. (କରୀର ଶବ୍ଦଜ) ବଂଶାଙ୍କୁର ଦଣ୍ଡ ।

**କରଣ**, ବି. (କୃ=କରିବା-ଅନ) କାରକବିଶେଷ । ଯଥା- -କରଣ କାରକ; ଶୂଦ୍ରାଗର୍ଭଜାତ ବୈଶ୍ୟପୁତ୍ର, ଜାତିବିଶେଷ । (ଶୂଦ୍ରାବିଶୋସ୍ତୁ କରଣଃ—ଅମର ।) କାର୍ଯ୍ୟର ପ୍ରଧାନ ସାଧନ, କାରଣ; କ୍ଷେତ୍ର, ସ୍ଥାନ; ଶରୀର; କାର୍ଯ୍ୟ; ଇନ୍ଦ୍ରିୟ । (କରଣଂ ସାଧନେ କ୍ଷେତ୍ରେ—ବିଶ୍ୱ ।) ( କରଣଂ ସାଧକତମଂ କ୍ଷେତ୍ର ଗାତ୍ରେନ୍ଦ୍ରିୟେଷ୍ୱପି—ଅମର ।) ଜ୍ୟୋତିଷୋକ୍ତ ବବ ବାଳବାଦି ଏକାଦଶ କରଣ; ଅନୁଷ୍ଠାନ; ହସ୍ତଦ୍ୱାରା ଲେପନ; ନୃତ୍ୟ ଗୀତରେ କରାଦିଦ୍ୱାରା ଅଭିନୟ; କାୟସ୍ଥ; ବ୍ରତବନ୍ଧ; ବାନର । (କରଣଂ କରଣେ କାୟେ ସାଧନେନ୍ଦ୍ରିୟକର୍ମସୁ । କାୟସ୍ଥେ ବ୍ରତବନ୍ଧେ ଚ ନାଟ୍ୟଗୀତପ୍ରଭେଦୟୋଃ । ପୁମାନ୍ ଶୂଦ୍ରାବିଶୋଃ ପୁତ୍ରେ ବାନରର୍ଦ୍ଧୌ ଚ କାର୍ତ୍ତ୍ୟତେ—ଅଜୟ ।)

**କରଣି**, } ବି. ( କରଣ ଶବ୍ଦଜ ) ମହିମା ।
**କରଣୀ**, } ଯଥା—

ବଂଶକର କରଣିକ ନାହିଁ ସରି ରକ୍ଷ । ବୈ. ବି.

କ୍ଷମତା । ଯଥା—

ଲଭ୍ୟ ପଦାର୍ଥ ନୁହଇ,

ଯିବା ଜୀବ ରଖିବା କରଣିକ ଶିବଇ । କୋ.ବ୍ର.ସୁ.

କରିବା କାର୍ଯ୍ୟ । ଯଥା—ତୋର କରଣି ଭଲ ନୁହେ । ଓଡ଼ିଆର ଜଟିଳ ଅକ୍ଷରବିଶେଷ । ଯଥା—କରଣି ଅକ୍ଷର ଶୀଘ୍ର ପଡ଼ି ହୁଏ ନାହିଁ । ରାଜମିସ୍ତ୍ରିମାନଙ୍କର ଲୌହନିର୍ମିତ ଶସ୍ତ୍ରବିଶେଷ ।

**କରଣୀ**, ବି. ସ୍ତ୍ରୀ. (କରଣ-ସ୍ତ୍ରୀ-ଈ) ଯେଉଁ ରାଶିର ମୂଳ ସୂକ୍ଷ୍ମରୂପେ ନିଷ୍କାଶିତ ହୁଏ ନାହିଁ, ଗଣିତବିଶେଷ ।

**କରଣୀୟ**, ବିଂ. ( କୃ-ଅନୀୟ ) କର୍ତ୍ତବ୍ୟ (କାର୍ଯ୍ୟ) । ଯଥା—ଏହା ତୁମ୍ଭ କରଣୀୟ । ଯାହା କରିବା ଉଚିତ ।

**କରଣ୍ଡ**, ବି. (କୃ=କରିବା-ଅଣ୍ଡ-ସଂଜ୍ଞାର୍ଥେ) ଥଳି; ପେଟରା, ପେଡ଼ି; ବଂଶାଦିକୃତ ପାତ୍ରବିଶେଷ; ମଧୁକୋଷ, ମଧୁଚକ୍ର; ଖଡ଼୍‌ଗ; କାରଣ୍ଡ ନାମକ ପକ୍ଷିବିଶେଷ; ଶୈବାଳବିଶେଷ । (କରଣ୍ଡୋ ମଧୁକୋଷାସିକାରଣ୍ଡେଷୁ ଦଳାଢ଼କେ—ହୈମ ।) ଥଳି, ପେଟରା । ଯଥା—ଏହି ଅଖଣ୍ଡ ବ୍ରହ୍ମାଣ୍ଡ କରଣ୍ଡ ମଧ୍ୟରେ ଯେଉଁ ମହାତ୍ମାମାନଙ୍କର ବିଶୁଦ୍ଧତର କୀର୍ତ୍ତିକର୍ପୂରସନ୍ତତି ସଂରକ୍ଷିତ । ଜ୍ଞ. ଗ. ନା. (ସ୍ତ୍ରୀ-ଆ=କରଣ୍ଡା) ଯକୃତରୋଗ ।

**କରଣ୍ଡିକ**, ବି. (କରଣ୍ଡ-ଇକ—ଇଦମର୍ଥେ) ଯେଉଁ ସବୁ ଜନ୍ତୁଙ୍କ ଗର୍ଭରେ ଚର୍ମମୟ କରଣ୍ଡବତ୍ ଥଳି ଅଛି, ଦ୍ୱିଗର୍ଭ ଜନ୍ତୁ ।

**କରତ**, ବି. (କରପତ୍ର ଶବ୍ଦଜ) କାଠ ଚିରିବା ଅସ୍ତ୍ରବିଶେଷ । ଯଥା —

କରତଟି ଏହି କେତକୀ । ର. କ.

**କରତଗୁଣ୍ଡି**, } ବି. (ଦେଶଜ) କାଠ କରତା-
**କରତଗୁଣ୍ଡ**, } ଇଲେ ଯେଉଁ ଗୁଣ୍ଡ ଝଡ଼େ ।

**କରତବ**, ବିଂ. (କର୍ତ୍ତବ୍ୟ ଶବ୍ଦଜ) କର୍ତ୍ତବ୍ୟ ।

**କରତଳ**, ବି. (କର=ହସ୍ତ-ତଳ=ନିମ୍ନସ୍ଥାନ) ହାତର ପାପୁଲି; ହସ୍ତ । (ନଖାନ୍ ବିଧୁଶଙ୍କୟା କରତଳେନ ତନ୍ୱ୍ୟାବୃଣୋତ୍ ।)

**କରତାଇବାର**, କ୍ରି. (ଦେଶଜ କମ୍ବା କର୍ତ୍ତନ ଶବ୍ଦରୁ ଜାତ) କର୍ତ୍ତନ କରିବାର । ଯଥା—

କରତାଉଛ ଅନୁଗତ ଜନେ

ଏ କି ରୀତି ଶ୍ରେଷ୍ଠଙ୍କର ହେ, ସୁନ୍ଦର । ବି. ଚି. ମ.

**କରତାଳ**, } ବି. (କର— ତାଳ=ଗାନର
**କରତାଳୀ**, } ପରିମାଣ; ସ୍ତ୍ରୀ-ଈ, ଇକ-ଆ)
**କରତାଳିକା**, } ଦୁଇ ହସ୍ତର ପରସ୍ପର

ଅଭିଘାତ, ହାତତାଳି; କାଂସ୍ୟନିର୍ମିତ ବାଦ୍ୟଯନ୍ତ୍ରବିଶେଷ; କାଷ୍ଠନିର୍ମିତ ବାଦ୍ୟଯନ୍ତ୍ରବିଶେଷ । (ଉଚ୍ଚାଟନୀୟଃ କରତାଳିକାନାଂ ଦାନାଦିଦାନୀଂ ଭବତୀଭିରେଷଃ —ନୈଷଧ ।)

**କରତାଳି**, ବି. (କରତାଳୀ ଶବ୍ଦର ଅପଭ୍ରଂଶ) ବାଦ୍ୟଯନ୍ତ୍ରବିଶେଷ; ହାତତାଳି ।

**କରତ୍ତ, କର୍ତ୍ତି**, } ବି. ( ଦେଶଜ ବା କୃତ୍
**କରତ୍ତିଆ**, } ଧାତୁରୁ ଉତ୍ପନ୍ନ ) ଯେଉଁ ଲୋକ କର୍ତ୍ତନ କରେ ।

କରଡବାର, } ବି. (କର୍ତ୍ତନ ଶବ୍ଦରୁ
କରଡ ପକାଇବାର, } ଜାତ) କର୍ତ୍ତନ କରିବାର । ଯଥା—

ଚନ୍ଦ୍ରମୂରତ ଚନ୍ଦୁଁ କରଡ ପକାଉଅଛୁ କାମ ଗୁଡ । ବ. ଚ.

କରତୋୟା, ବି. ସ୍ତ୍ରୀ. (କର = ହସ୍ତ-ତୋୟ = ଜଳ—ଗୌରୀ ବିବାହ ସମୟରେ କନ୍ୟାଦାନୋଦକରୁ ଜାତ) ନଦୀବିଶେଷ ।

କରଦ, ବିଂ. (କର-ଦା-ଅ) ଯେ ଅନ୍ୟକୁ କର ପ୍ରଦାନ କରେ, କରପ୍ରଦ । ଯେପରି—କରଦ ରାଜ୍ୟ ।

କରନ୍ତା, ବିଂ. (କୃ ଧାତୁଜ ) ଯେ କରିଅଛି କରୁଅଛି, କରିବା ବ୍ୟକ୍ତି । ଯଥା—

କାନ୍ତା । କୃଷ୍ଣ କୃପାରେ ସୁରସବନ୍ତା,
କାହାରହିଁ ମନେ ନାହିଁ ଚିନ୍ତା,
କେଳିକଳାପ ଜାତ କରନ୍ତା । ର. କ.

ହି. କରିଥାଆନ୍ତା ।

କରନ୍ଦା, } ବି. (କାରମର୍ଦ୍ଦ ଶବ୍ଦଜ) କୋଳି
କେରନ୍ଦା, } ଗଛବିଶେଷ । ଯଥା—

ଜାମ୍ବୁ ଜମ୍ବିଲ ବରକୋଳି,
ଲେମ୍ବୁ କେରନ୍ଦା କଦଳୀ । ମା. ମା.

କରନ୍ୟାସ, ବି. ( କର—ନ୍ୟାସ ) ମନ୍ତ୍ର ସହକାରେ ଅଙ୍ଗୁଷ୍ଠାଦିରେ ନ୍ୟାସ କରିବା; ହସ୍ତବିନ୍ୟାସ, ହସ୍ତାର୍ପଣ ।

କରପକ୍ଷ, ବି. ( କର-ପକ୍ଷ—ହସ୍ତ ଯାହାର ପକ୍ଷସ୍ୱରୂପ) ବାଦୁଡ଼ି, ଚମଚଟିଆ ପ୍ରଭୃତି ।

କରପଟ, ବି. ( କର୍ପଟ ଶବ୍ଦର ଅପଭ୍ରଂଶ ) ବସ୍ତ୍ରଖଣ୍ଡ । ଯଥା—

କୁଶବିଣ୍ଡି ଆଦି କରି କସା କରପଟ,
ବହନରେ ପୂରାଇ କରଇ ଭସ୍ମ ନଷ୍ଟ । ସା. ଭ୍ର. ଆ.

କୌପୀନ; ଛିଣ୍ଡାଲୁଗା ।

କରପତ୍ର, ବି. (କର-ପତ୍ର—ଯେ କରପତ୍ରର ତୁଲ୍ୟ) କ୍ରକଚ, କରତ । (କ୍ରକଚୋଽସ୍ତ୍ରୀ କରପତ୍ରଂ ସ୍ୟାତ୍—ଅମର ।) ଜଳକ୍ରୀଡ଼ା ।

କରପାଳ, } ବି. (କର-ପାଲ୍-ଅ—କରଂ
କରବାଳ, } ପାଳୟତୀତି, କର୍-ବଲ୍-ଅ—କରେ ବଳତୀତି) ଖଡ୍‌ଗ, ତରବାରି; ହସ୍ତଯଷ୍ଟି, ହାତବାଡ଼ି । (ବିଧୃତକରପାଳକାଃ ପାଳକାଃ ।) (ଦନ୍ତୈର୍ଦ୍ୱିଷ୍ଟିଙ୍କିଙ୍କିହ୍ୱିରେଲ୍ୟୂନକରବାଳାଃ ପଦାତୟଃ—ମାଘ ।)

କରପାଳିକା, } ବି. ସ୍ତ୍ରୀ. (କରପାଳ, କରବାଳ-
କରପାଳୀ, } ସ୍ତ୍ରୀ-ଆ, ଈ, ଇକ) ଛୁରି ବା
କରବାଳିକା, } ଗୁପ୍ତୀ ନାମକ ଶସ୍ତ୍ର; କ୍ଷୁଦ୍ର
କରବାଳୀ, } ଗଦାକାର ହସ୍ତଦଣ୍ଡ, ମୁଦ୍‌ଗର ।

କରପୀଡ଼ନ, ବି. (କର-ପୀଡ଼ନ) ବିବାହ । (କରପୀଡ଼ନବିଧେରନନ୍ତରଂ ।) କରମର୍ଦ୍ଦନ ।

କରପୁଟ, ବି. (କର-ପୁଟ) ବଦ୍ଧାଞ୍ଜଳି, ଯୋଡ଼ହାତ ଯଥା—କରପୁଟେ ନିବେଦନ କଲେ ।

କରବା, ବି. (କାରବୀ ଶବ୍ଦଜ) ମୂଳବିଶେଷ ।

କରବାଡ଼, ବି. (କର୍ବଟ ଶବ୍ଦଜ) କ୍ଷୁଦ୍ରଗ୍ରାମ । ଯେପରି—ପୁରୀରେ ଷୋଳ ଶାସନ ବତିଶି କରବାଡ଼ ।

କରଭ, ବି. ( କୃ = କରିବା-ଅଭ—ସଂଜ୍ଞାର୍ଥେ, ଅଥବା କର-ଭା = ଦୀପ୍ତି ପାଇବା-ଅ) ମଣିବନ୍ଧଠାରୁ କନିଷ୍ଠାଙ୍ଗୁଳି ପର୍ଯ୍ୟନ୍ତ ହସ୍ତର ବହିର୍ଭାଗ । (ମଣିବନ୍ଧାଦାକନିଷ୍ଠଂ କରସ୍ୟ କରଭୋ ବହିଃ—ଅମର ।) ହସ୍ତିଶାବକ; ଉଷ୍ଟ୍ରଶାବକ; ଉଷ୍ଟ୍ର । (ଉଷ୍ଟ୍ରେ କ୍ରମେଲକମୟମହାଙ୍ଗାଃ କରଭଃ ଶିଶୁଃ—ଅମର ।) ଅଶ୍ୱତର । (ସ୍ତ୍ରୀ-ଈ) ହସ୍ତିଶାବକ ସ୍ତ୍ରୀ ।

କରଭୂ, ବି. (କର-ଭୂ-କ୍ୱିପ୍) ନଖ ।

କରଭୂଷଣ, ବି. (କର-ଭୂଷଣ) କଙ୍କଣ, ହସ୍ତର ଅଳଙ୍କାର ।

କରମ, ବି. ( କର୍ମର ଅପଭ୍ରଂଶ ବା ଦେଶଜ ) ଭାଗ୍ୟ । ଯଥା—

ମୋର କରମ ସତେ କି ଏହିପରି ରେ । ସଂ. ଶ. ନା.

କରମଙ୍ଗା, ବି. ( କର୍ମରଙ୍ଗ ଶବ୍ଦଜ ) ଫଳବିଶେଷ । ଯଥା—

ସଫଳ ତହିଁ ଗୁଆ ନାରଙ୍ଗ ଶ୍ରୀଫଳ ତୁଙ୍ଗ ।
ସୁମାତୁଲିଙ୍ଗ ଲଙ୍ଗଳୀ କରମଙ୍ଗାହିଁ ସଙ୍ଗ
ବିପୁଳ ହିବ ଯେ । ଲ. ବ.

କରମଙ୍ଗିଆ, ବିଂ.(ଦେଶଜ)କରମଙ୍ଗାର ଆକୃତି-ବିଶିଷ୍ଟ, ଯେ କର ଦେବାରେ ମଙ୍ଗିଅଛି ।

କରମର୍ଦ୍ଦ, ବି. (କର-ମୃଦ୍ = ମର୍ଦ୍ଦନକରିବା-ଅ) କରଞ୍ଜବୃକ୍ଷ; କରଦ୍ୱାରା ମର୍ଦ୍ଦନ ।

କରମ୍ଭ, ବି. (କୃ = କରିବା-ଅମ୍ଭର୍, ଅଥବା କ = ଜଳ-ରନ୍ବ୍ = ଶବ୍ଦ କରିବା ଇତ୍ୟାଦି-ଅ, କେନ = ଜଳେନ ରମ୍ଭତେ) ମିଶ୍ରଣ; ଦଧି-ମିଶ୍ରିତ ଶକ୍ତୁ । ବିଂ. ମିଶ୍ରିତ ।

କରମ୍ଭ, କରମ୍ଭକ, କରମ୍ଭ, ବି. (କ = ଜଳ-ରମ୍ଭ୍ = ପ୍ରେରଣ-କରିବା ଇତ୍ୟାଦି-ଅ-କ-ସ୍ୱାର୍ଥେ ) ଦଧିମିଶ୍ରିତ ଶକ୍ତୁ । [କରମ୍ଭା (କରମ୍ଭାଃ) ଦଧିଶକ୍ତବଃ—ଅମର ।]

କରରୁହ, ବି. (କର-ରୁହ୍ = ଜନ୍ମିବା-ଅ) ନଖ, ନଖର । ଯଥା—

**କରରୁହ ମୂନ କୁନ୍ତଘାତ ଦାନ**
**ମାଗିବା ବଢ଼ାଇ ମୁହବା । ର. କ.**

ଅଙ୍ଗୁଳି; କରବାଳ ।

କରବାଳ, ବି. (କର-ବାଳ = ଶିଶୁ-ହସ୍ତର ଶିଶୁ ତୁଲ୍ୟ ଅଥବା ବାଳକର ସମାନ,ଅଥବା ବଳ୍-ଣି = ବାଳି = ବଳବାନ୍ ହେବା-ଅ) ନଖ; ଖଡ୍ଗ । (କରବାଳଃ କୃପାଣବତ୍—ଅମର ।)

କରବୀର, ବି. (କର = ଏହି ସ୍ଥଳରେ କର ଶବ୍ଦର ଅର୍ଥ ମୂଳ-ବୀର୍ = ଶୌର୍ଯ୍ୟ ପ୍ରକାଶ କରିବା-ଅ—ହସ୍ତମାରକତ୍ତ୍ୱରୁ ଯେ ମୂଳ-ଦ୍ୱାରା ଅଶ୍ୱ ପ୍ରତି ଶୌର୍ଯ୍ୟ ପ୍ରକାଶ କରେ) ସ୍ୱନାମପ୍ରସିଦ୍ଧ ପୁଷ୍ପବୃକ୍ଷ;ଖଡ୍ଗ;ନାଗବିଶେଷ; ଦୈତ୍ୟବିଶେଷ; ଶ୍ମଶାନ; ଦେଶବିଶେଷ; ପୁଷ୍ପବିଶେଷ;ତୀର୍ଥବିଶେଷ । (ସ୍ତ୍ରୀ-ରୀ) ଅଦିତି; ଉତ୍ତମ ଗାଈ; ଏକପୁତ୍ରା ସ୍ତ୍ରୀ; ପୁତ୍ରବତୀ ସ୍ତ୍ରୀ ।

କରଶାଖା, ବି. ସ୍ତ୍ରୀ. (କର-ଶାଖା) ଅଙ୍ଗୁଳି, ଆଙ୍ଗୁଠି । ଯଥା—

**କେ ଅଙ୍ଗ ଭଙ୍ଗୀ କରି ହାଇ ମାରେ,**
**କର୍ଣ୍ଣକଣ୍ଡୁ କରଶାଖାରେ ବାରେ । ର. କ.**

କରଶୀକର, (କର = ହସ୍ତିଶୁଣ୍ଡ-ଶୀକର = ମଦ-ଜଳବିନ୍ଦୁ) ହସ୍ତିଶୁଣ୍ଡନିଃସୃତ ଜଳକଣା । (ବମଥୁଃ କରଶୀକରଃ—ଅମର ।)

କରହାଇ, କରାଇ, କରେଇ, ବି. (କଟାହ ଶବ୍ଦଜ) ପାକପାତ୍ର-ବିଶେଷ । ଯଥା—

**ଦଶ ଲକ୍ଷ ଦେବ ଯେ ସୁବର୍ଣ୍ଣର କରାଇ । ସା. ଭା. ସ.**

କରହାଟ, ବି. [କରହ = (କ-ଜଳ-ରହ୍ = ତ୍ୟାଗ କରିବା-ଅ) ପଦ୍ମ-ଅଟ୍ = ଗମନ କରିବା-ଅ, ଅଥବା କର = ହସ୍ତ-ହଟ୍ = ଦୀପ୍ତି ପାଇବା, ଭୂଷିତ କରିବା-ଅ] ପଦ୍ମ ପ୍ରଭୃତିର ମୂଳ । (କରହାଟଃ ଶିଫାକନ୍ଦଃ—ଅମର ।) ମଦନବୃକ୍ଷ; ଦେଶବିଶେଷ; ଏହି ଦେଶର ବ୍ରାହ୍ମଣ ।

କରାଖାଇ, ବି. (ଦେଶଜ) ଏକପ୍ରକାର ପକ୍ଷୀ ।

କରାଟ, ବି. (କରଣ୍ଡ ଶବ୍ଦଜ) ସାନ ସମ୍ପୁଟକ ଅର୍ଥାତ୍ ସ୍ତ୍ରୀମାନେ ଅଣ୍ଟାରେ ଯାହା ଖୋସନ୍ତି । ଯଥା—

**କରାଟରେ ପୁରାଇ ଥୋଇଲେ ବେଦଗୋଟି,**
**ଗୁପ୍ତେ ଥୋଇ ଲକ୍ଷ୍ମୀଙ୍କି ବୋଇଲେ ପରମେଷ୍ଠି ।**
**ନ. ପୁ. ଭୂ. ତ.**

କରାଣ୍ଡ, ବି. (ଦେଶଜ) ବୃକ୍ଷବିଶେଷ ।

କରାଣ୍ଡି, ବି. (ବୋଧହୁଏ କାଣ୍ଡି ଶବ୍ଦରୁ ଉତ୍ପନ୍ନ) କାଣ୍ଡି; ଏକଖଣ୍ଡ, ପୁସ୍ତକର ଭାଗବିଶେଷ । ଯଥା—

**ଦ୍ୱାଦଶ ବର୍ଣ୍ଣରେ ଚଢ଼ା ଶ୍ରୀବତ୍ସ ଲକ୍ଷଣ ।**
**କାଖେଣ ବେଦକରାଣ୍ଡି ସ୍ୱରୂପେ ବ୍ରାହ୍ମଣ । ସା. ଭା. ଅ.**

ମତ୍ସ୍ୟବିଶେଷ, କେରାଣ୍ଡି ମାଛ ।

କରାମତ, କରାମତି, ବି. (ଦେଶଜ) ପରାକ୍ରମ ବା ଶକ୍ତି । ଯଥା—

**ଦେଖିବା ତାର କରାମତ,**
**ତା ଶୁଣି ଚଳିଗଲେ ଦୂତ । ଦା. ର.**

କରାର, ବି. (ଯାବନିକ) ଅଙ୍ଗୀକାର ।

କରାରନାମା, ବି. (ଯାବନିକ) ଅଙ୍ଗୀକାରପତ୍ର ।

କରାଶ, କରାର, ବି. (ଯାବନିକ) ସ୍ୱୀକାର ।

କରାରୋଟ,ବି.(କର-ହସ୍ତ-ରୁଟ୍-ଦୀପ୍ତି ପାଇବା -ଅ) ଅଙ୍ଗୁରୀୟ ।

କରାଳ, ବି. (କର-ଅଳ୍ = ପାରକ ହେବା···ଅ, କରୋତ୍ତ ଭୟମିତି କରାଳଃ—ଅମରଟୀକା ।) ଜନକବଂଶୀୟ ରାଜବିଶେଷ; ରାବଣର ଅନୁଚର ରାକ୍ଷସବିଶେଷ । ଯଥା—

ବସ୍ତ୍ର ଆରେ କରାଳ । କା. ପ. ନା.

ଝୁଣା; ତୈଳବିଶେଷ; ସର୍ଜରସ ତୈଳ; କୃଷ୍ଣ ତୁଳସୀ; କୁନ୍ଦପୁଷ୍ପ । (କରାଳୋ ଦନ୍ତୁରେ ତୁଙ୍ଗେ ଖ୍ରାଷଣେ ଗୃଭଧେୟବତ୍ର । ସ ସର୍ଜରସତୈଳେ ନା କ୍ଲୀବଂ କୃଷ୍ଣକୁଠେରକେ—ମେଦିନୀ ।) (ମାଘ୍ୟଂ କୁନ୍ଦଂ ନବମୋଦଂ କରାଳଂ କାଳକଂ ଶିତଂ—ପ. ମୁକ୍ତାବଳୀ ।) ବିଂ. ବୃହତ୍, ମହତ୍; ବ୍ୟାପ୍ତ; ଦନ୍ତୁର, ଦାନ୍ତୁରା, ଉଚ୍ଚ । (କରାଳୋ ଦନ୍ତୁରେ ତୁଙ୍ଗେ—ଅମର ।) ଭୟାନକ, ଭୟଙ୍କର । ଯଥା—

ମୌର୍ବୀବଲ୍ଲୀକି ଚକ୍ରୀକୃତ କରି
ଅଧୁନା ରାମ କୋପେ କରାଳ । କା.ପ.ନା.

(ସ୍ତ୍ରୀ-ଆ, ଈ—ଳା, ଳୀ) ଚେମଡ଼ା ଲଇ । (ଗୋପବଲ୍ଲୀ କରାଳା ଚ— ପ. ମୁକ୍ତାବଳୀ ।) ଚଣ୍ଡିକା । ଯେପରି—କାଳୀ କରାଳୀ । (ଯାବନିକ କବର ଶବ୍ଦଜ) ଅଙ୍ଗୀକାର । (ଦେଶଜ) ଅଠାବିଶେଷ । ଯଥା—

କଉଁ ମହାଣ କି କରାଳ,
କାହୁଁ ଖଞ୍ଜିଲ ଏତେ ବାଳ । ଦା. ର.

କରିଆ, ବି. (ଦେଶଜ) ଗାମୁଛା ।

କରିଜ, ବି. (କରିନ୍-ଜନ୍-ଅ) ହସ୍ତିଶାବକ ।

କରିପ, ବି. (କରିନ୍-ପା = ପାଳନ କରିବା-ଅ) ହସ୍ତିପାଳକ; ମାହୁନ୍ତ ।

କରିବନ୍ଧ, ବି. (କରି = ହସ୍ତି-ବନ୍ଧ = ବନ୍ଧନ) ହସ୍ତିବନ୍ଧନ ସ୍ତମ୍ଭ ।

କରିବର, ବି. (କରବୀର ଶବ୍ଦଜ) ପୁଷ୍ପବିଶେଷ । (କରିନ୍-ବର) ହସ୍ତିଶ୍ରେଷ୍ଠ ।

କରିମୁଖ, ବି. (କରିନ୍ = ହସ୍ତି-ମୁଖ) ହାତୀର ମୁହଁ; ଗଣେଶ ।

କରିର, } କରୀର, } ବି. (କୃ = ବିକ୍ଷେପଣ କରିବା ଇତ୍ୟାଦି—ଇରନ୍, ଈରନ୍—ସଜ୍ଞାର୍ଥେ) ବଂଶାଙ୍କୁର, କରଡ଼; ବୃକ୍ଷବିଶେଷ; ଘଟ । (ବଂଶାଙ୍କୁରେ କରୀରୋଽସ୍ତ୍ରୀ ତରୁଭେଦେ ଘଟେ ଚ ନା—ଅମର ।) (ସ୍ତ୍ରୀ-ଆ, ଈ—ରା, ରୀ) ହସ୍ତି ଦନ୍ତର ମୂଳ ।

କରିଷ, } କରିଷି, } ବି. (କର୍ଷ ଶବ୍ଦଜ) ପଳର ଚତୁର୍ଥାଂଶ ।

କରିଷ୍ୟମାଣ, ବିଂ. (କୃ-ସ୍ୟମାନ-ଭବିଷ୍ୟଦର୍ଥେ) ଯେ କରିବେ; ଯାହା କରାଯିବ । ଯଥା—
କରିଷ୍ୟମାଣ କାର୍ଯ୍ୟଗୁଡ଼ିକ ଏବେ ନିର୍ଦ୍ଧାରିତ କର ।

କରୀ, ବି. (କର-ଇନ୍-ଅସ୍ତ୍ୟର୍ଥେ) ହସ୍ତୀ । (ସ୍ତ୍ରୀ-ଈ, କରିଣୀ) ହସ୍ତିନୀ, ମାଈ ହାତୀ ।

କରୀଷ, ବି. (କୃ = ବିକ୍ଷେପ କରିବା ଇତ୍ୟାଦି-ଈଷନ୍) ଶୁଷ୍କ ଗୋମୟ, ଘସି । (ଗୋବିଟ୍ ଗୋମୟମସ୍ତ୍ରିୟାଂ, ତତ୍ତୁ ଶୁଷ୍କଂ କରୀଷଃ—ଅମର ।)

କରୁଆ, ବି. (ଦେଶଜ) ପାତ୍ରବିଶେଷ । ଯଥା—

ଲେଣ୍ଟିଆ ବଳା କୁମ୍ଭ ଯେତେ,
ଯେ ଥାଳୀ କରୁଆ ସହିତେ । ଦା. ର.

ଏକପ୍ରକାର ଗୃହ, ଏତାଦୃଶ ଗୃହକୁ ବଙ୍ଗ ଭାଷାରେ "କରୁଇ" କହନ୍ତି । ଯଥା—

କନ୍ଧ ବିକନ୍ଧ ମାର୍ଗେ କରିବୁ ମଞ୍ଚଭଞ୍ଜ,
କରୁଆ କାନ୍ଥରୀ ମେଲ ଗୁରୁଜ ଯେ କାଢ଼ି । ନୃ.ପୁ.ଚ.ତ.

କରୁଣ, ବିଂ. (କୃ = ବିକ୍ଷେପ କରିବା-ଉନ) ରସବିଶେଷ; ଅନୁଗ୍ରହ; ବୃକ୍ଷବିଶେଷ । ବିଂ. ସଦୟଚିତ୍ତ ପରଦୁଃଖରେ ଦୁଃଖିତ । ଯେପରି—କରୁଣହୃଦୟ । ଶୋକଜନିତ, ଶୋକସଂକ୍ରାନ୍ତ । ଯଥା—କରୁଣ ରସ । କାତର; ଶୋକାର୍ତ୍ତ; ଦୟାଳୁ । ବି. (ସ୍ତ୍ରୀ-ଆ) ଦୟା, କୃପା, ଅନୁଗ୍ରହ । (କାରୁଣ୍ୟଂ କରୁଣା ଘୃଣା—ଅମର ।)

କରୁଣା, ବି. (କରୁଣ ଶବ୍ଦଜ) ଫଳବିଶେଷ । ଯଥା—

ବେଲ କରୁଣା କରମଙ୍ଗା,
ଭଇଁଚ ତେନ୍ତୁଳି ସୁନଙ୍ଗା । ମା. ମା.

କରେଟ୍ଟୁ, } ବି. (କୁ=କୁତ୍ସିତ, କମ୍ବା କ=
କରଟ୍ଟୁ, } ଜଳ-ରେଟ୍=ଶବ୍ଦ କରିବା-ଉ, କୁ=କ) ପକ୍ଷିବିଶେଷ, ଅଶୁଭବାଦୀ ପକ୍ଷୀ ।

କରେଣୁ, ବିଂ. ସ୍ତ୍ରୀ. (କୃ=କରିବା-ଏନୁ-କର୍ତ୍ତୃ-ବାଚ୍ୟରେ) ଧାନ; ଶୋକାଣ୍ଡି । ବି. (କ=ମସ୍ତକରେ ରେଣୁ ଥାଏ ବୋଲି କରେଣୁ) ହସ୍ତିନୀ । (ପୁଂଲିଙ୍ଗ ହେଲେ) ହସ୍ତୀ । (କରେଣୁରିଭ୍ୟାଂ ସ୍ତ୍ରୀ ନେଭେ—ଅମର ।)

କରେଣୁକା, ସ୍ତ୍ରୀ. (କରେଣୁ-କ-ଆ) ହସ୍ତିନୀ ।

କରୋଟ, } ବି. ସ୍ତ୍ରୀ. (କ=ମସ୍ତକ-ରୁଟ୍=ରକ୍ଷା
କରୋଟି, } କରିବା-ଅ, ଇ, ଈ) ମୁଣ୍ଡର
କରୋଟୀ, } ଖପୁରି, ମସ୍ତକର ଅସ୍ଥିସନ୍ଧି । (ଶିରୋଽସ୍ଥନି କରୋଟିଃ ସ୍ତ୍ରୀ—ଅମର ।)

କର୍କ, ବି. (କୃ-କ) ଶୁଭ୍ରବର୍ଣ୍ଣ ଅଶ୍ୱ । (ସିତଃ କର୍କେ ରଥ୍ୟୋ ବୋଢ଼ା ରଥସ୍ୟ ଯଃ—ଅମର ।) ଜଳ; ଦର୍ପଣ; ଜଳ; ଅଗ୍ନି; କଙ୍କଡ଼ା; ସୌନ୍ଦର୍ଯ୍ୟ; କଣ୍ଟକ; କର୍କଟରାଶି; ଘଟ; କ୍ଷୁଦ୍ର କଳସ; ବୃକ୍ଷବିଶେଷ । ବିଂ. ଶୁଭ୍ର; ଉତ୍ତମ, ଶ୍ରେଷ୍ଠ ।

କର୍କଟ, } ବି. (କର୍କ୍=ହାସ୍ୟ କରିବା-ଅଟନ୍
କର୍କଟକ, } -କ-ସ୍ୱାର୍ଥେ) କଙ୍କଡ଼ା; କର୍କଟରାଶି; ପକ୍ଷିବିଶେଷ; ଅଲାବୁ ବୃକ୍ଷ; ପଦ୍ମକନ୍ଦ, (ସ୍ତ୍ରୀ-ଈ-ଟୀ, ଟିକା) ମାଈ କଙ୍କଡ଼ା; କାକୁଡ଼ୀ; ସର୍ପବିଶେଷ; କଳସୀ ।

କର୍କନ୍ଧୁ, } ବି. ସ୍ତ୍ରୀ. (କର୍କ=ଶ୍ରେଷ୍ଠ-ଧା=ଧାରଣ
କର୍କନ୍ଧୂ, } କରିବା-ଉ, ଊ, କେହି କେହି କର୍କ ଶବ୍ଦର ଅର୍ଥ ଏ ସ୍ଥଳରେ କଠୋର କଣ୍ଟକ କହନ୍ତି) ବଦରୀ, ବରକୋଳି ଗଛ । (କର୍କନ୍ଧୂର୍ବଦରୀକୋଲିଃ—ଅମର ।)

କର୍କର, ବି. (କର୍କର=ସୌନ୍ଦର୍ଯ୍ୟ-ରା=ଗ୍ରହଣ କରିବା-ଅ) ଦର୍ପଣ; ଗେଙ୍ଗୁଟି, ଗୋଡ଼, ମୁଦ୍ଗର । ବିଂ. କର୍କଶ, କଠିନ, ଦୃଢ଼ । (କନୋକର୍କରକର୍କରୈଃ ପ୍ରିୟୂଶତୈଃ ।) (ସ୍ତ୍ରୀ-ଈ) ଜଳପାତ୍ର, ଘଟୀ, ସନଳ ଜଳପାତ୍ର ବା ଗଡ଼ୁ ଅଥବା ଝରି । (କର୍କର୍ଯ୍ୟାଲୁ-ର୍ଗଳନ୍ତିକା—ଅମର ।)

କର୍କରାଟୁ, } ବି. (କର୍କର=କଠିନ ଇତ୍ୟାଦି-
କର୍କରେଟୁ, } ରଟ, ରେଟ୍=ଶବ୍ଦ କରିବା-ଉ)
କର୍କରାଟୁକ, } ପକ୍ଷିବିଶେଷ, କରକଟିଆ ପକ୍ଷୀ ।

କର୍କରେଟ, ବି. (କର୍କର=କଠିନ-ଇଟ୍=ଗମନ କରିବା-ଅ) ଗଳହସ୍ତ, ତଣ୍ଟିଆ ମାରିବା ।

କର୍କଶ, ବିଂ. (କର୍କ୍=ହାସ୍ୟ କରିବା-ଶ) ସାହସିକ; ବିବେକହୀନ; କଠିନ; ଅମସୃଣ ବା ଖଦଡ଼ା, ଅଚିକ୍କଣ; ଖରସ୍ପର୍ଶବିଶିଷ୍ଟ । (ସ୍ୟାତ୍କର୍କଶଃ ସାହସିକଃ କଠୋରା-ମସୃଣାବପି—ଅମର ।) କ୍ରୂର; ନିର୍ଦ୍ଦୟ; ପରୁଷ, ଶ୍ରୁତିକଟୁ; କୃପଣ; ଦୃଢ଼ । ବି. କରଞ୍ଜବୃକ୍ଷ; ଇକ୍ଷୁ; ଆଖୁ; କାସମର୍ଦ୍ଦ, କାଶିନ୍ଦାଗଛ; କାମ୍ପିଲ୍ଲଲତା । (କର୍କଶଃ ପରୁଷେ କ୍ରୂରେ କୃପଣେ ନିର୍ଦ୍ଦୟେ ଦୃଢ଼େ; ଇକ୍ଷୌ ସାହସିକେ କାସମର୍ଦ୍ଦ କାମ୍ପିଲ୍ଲୟୋରପି—ଅମର ।)

କର୍କାରୁ, ବି. (କର୍କ=ଶୁଭ୍ରବର୍ଣ୍ଣ-ଋ=ଗମନ କରିବା-ଉ) କୁଷ୍ମାଣ୍ଡ; କଖାରୁ ।

କର୍କୋଟ, } ବି. (କର୍କ-ଓଟ-କ) ନାଗ-
କର୍କୋଟକ, } ବିଶେଷ, କଳିନାଶକ ନାଗ । (କର୍କୋଟକସ୍ୟ ନାଗସ୍ୟ ଦମୟନ୍ତ୍ୟା ନଳସ୍ୟ ଚ, ଋତୁପର୍ଣ୍ଣସ୍ୟ ରାଜର୍ଷେଃ କୀର୍ତ୍ତନଂ କଳିନାଶନଂ) ବିଲ୍ୱବୃକ୍ଷ; ଇକ୍ଷୁ; କାଙ୍କଡ଼, ଲତାଫଳବିଶେଷ; ହରିତାଳ ।

କର୍ଚ୍ଚୁର, } ବି. (କର୍ବ=ରଞ୍ଜିତ କରିବା-ଉର,
କର୍ଚ୍ଚୂରୀ, } ଅ, ସ୍ତ୍ରୀ-ଈ, ଇକ-ଆ, ବ=ଚ)
କର୍ଚ୍ଚୁରିକା, } ପୂରିକାବିଶେଷ; କଚୁରୀ ।

କର୍ଚ୍ଚୂର, ବି. (କର୍ଜ୍=ଦୁଃଖଦେବା-ଉର) ସ୍ୱର୍ଣ୍ଣ; କର୍ବୂରବର୍ଣ୍ଣ; ଗନ୍ଧସାର । ବିଂ. କର୍ବୂରବର୍ଣ୍ଣବିଶିଷ୍ଟ ।

କର୍ଜ, ବି. (ଦେଶଜ) ଋଣ ।

କର୍ଣ୍ଣ, ବି. (କର୍ଣ୍ଣି=ଶ୍ରବଣ କରିବା-ଅ) ଶ୍ରବଣେନ୍ଦ୍ରିୟ, କାନ; ନୌକାର ମଙ୍ଗଧରା ନାମକ ଦଣ୍ଡ; କୁନ୍ତୀଙ୍କର କନ୍ୟାବସ୍ଥାରେ ଜାତ ପୁତ୍ର, ଅଙ୍ଗରାଜ । (କୃ=ବିକ୍ଷେପ କରିବା-ତ) ରେଖାବିଶେଷ, ଗଣିତର ରେଖାଙ୍କମ ।

କର୍ଣ୍ଣଜଳୁକା, କର୍ଣ୍ଣଜଳୌକା, କର୍ଣ୍ଣଜଳୌକସ୍, ବି. ( କର୍ଣ୍ଣ-ଜଳୌକସ୍ ) କାନକୁଠେଇ ।

କର୍ଣ୍ଣଧାର, ବି. ( କର୍ଣ୍ଣ-ଧୃ-ଅ ) ନାବିକ । (କର୍ଣ୍ଣଧାରସ୍ତୁ ନାବିକଃ—ଅମର ।)

କର୍ଣ୍ଣପୂର, ବି. (କର୍ଣ୍ଣ-ପୂର୍-ଅ) କର୍ଣ୍ଣଭୂଷଣ, କର୍ଣ୍ଣାଳଂକାର; ନୀଳପଦ୍ମ, ନୀଳୋତ୍ପଳ; ଶିରୀଷ ବୃକ୍ଷ; ଅଶୋକ ବୃକ୍ଷ ।

କର୍ଣ୍ଣଫୁଲ, କର୍ଣ୍ଣଫୁଲି, ବି. (କର୍ଣ୍ଣପୁଷ୍ପ ଶବ୍ଦଜ) କର୍ଣ୍ଣାଳଂକାରବିଶେଷ । ଯଥା—

ହାର କଙ୍କଣ କର୍ଣ୍ଣଫୁଲ,
ନୂପୁର ବଳୟ ଅମୂଲ୍ୟ । ଖ୍ରୀ. ଦ. ସ୍ତ.

କର୍ଣ୍ଣବେଧ, ବି. ( କର୍ଣ୍ଣ-ବେଧ ) ସଂସ୍କାରବିଶେଷ, ଚୂଡ଼ାକରଣ, କାନଫୋଡ଼ା ।

କର୍ଣ୍ଣବେଷ୍ଟନ, କର୍ଣ୍ଣବେଷ୍ଟକ, ବି. (କର୍ଣ୍ଣ-ବେଷ୍ଟନ, ବେଷ୍ଟକ, ଯେ ବେଷ୍ଟନ କରେ) କର୍ଣ୍ଣଭୂଷଣ, କୁଣ୍ଡଳ । (କୁଣ୍ଡଳଂ କର୍ଣ୍ଣବେଷ୍ଟନଂ —ଅମର ।)

କର୍ଣ୍ଣଶଷ୍କୁଳୀ, ବି. (କର୍ଣ୍ଣ-ଶଷ୍କୁଳ=କର୍ଣ୍ଣଛିଦ୍ର) କର୍ଣ୍ଣବିବର ।

କର୍ଣ୍ଣାକର୍ଣ୍ଣି, କର୍ଣ୍ଣାକର୍ଣ୍ଣିକ, କର୍ଣ୍ଣାକର୍ଣ୍ଣିକା, ବି. ସଂ. (କର୍ଣ୍ଣରେ କର୍ଣ୍ଣରେ ଯେ ମନ୍ତ୍ରଣା ହୁଏ) କାନାକାନି, ପରସ୍ପର ରହସ୍ୟରେ କହିବା ।

କର୍ଣ୍ଣାଳ, ବି. (ଦେଶଜ) ଭେରୀ; କାହାଳୀ ।

କର୍ଣ୍ଣିକା, ବି. (କର୍ଣ୍ଣ=କାନ-ଇକ-ଆ) କର୍ଣ୍ଣଭୂଷଣ; ପୁଷ୍ପମଧ୍ୟ; ହସ୍ତିଶୁଣ୍ଡାଗ୍ର; ହସ୍ତିର ହସ୍ତ; ପଦ୍ମର ମଧ୍ୟସ୍ଥ ବୀଜକୋଷ; ଲେଖନୀ; କୁଟ୍ଟିନୀ; ହସ୍ତର ମଧ୍ୟ; ଅଙ୍ଗୁଳି; ଅଗ୍ନିମନ୍ଥ ବୃକ୍ଷ । (କର୍ଣ୍ଣିକା କର୍ଣ୍ଣଭୂଷଣେ କରିହସ୍ତେଽଙ୍ଗୁଳୌ ପଦ୍ମବୀଜକୋଷ୍ୟାଂ ନିଷୁତ୍ତରେ— ଅମର ।) (କର୍ଣ୍ଣିକା କରିହସ୍ତାଗ୍ରେ କରମଧ୍ୟାଙ୍ଗୁଳାବପି—ମେଦିନୀ ।)

କର୍ଣ୍ଣିକାର, ବି. (କର୍ଣ୍ଣିକା=କର୍ଣ୍ଣଭୂଷଣ-ଋ= ଗମନ କରିବା-ଅ) ପୁଷ୍ପବୃକ୍ଷବିଶେଷ, ଏହାର ପୁଷ୍ପଗୁଡ଼ିକ ମନୋହର କିନ୍ତୁ ସୁଗନ୍ଧବିହୀନ । ( ବର୍ଣ୍ଣପ୍ରକର୍ଷେ ସତି କର୍ଣ୍ଣିକାରଂ ଦୁନୋତି ନିର୍ଗନ୍ଧତୟା ସ୍ମ ଚେତଃ—କୁ. ସଂ. )

କର୍ଣ୍ଣୀରଥ, ବି. (କର୍ଣ୍ଣୀ=କର୍ଣ୍ଣୌ କ ଦେଶରେ ବୁହାଯିବା ରଥ) ସ୍କନ୍ଧବାହ୍ୟ ଯାନ, ସ୍ତ୍ରୀଲୋକଗମନାର୍ଥ ବସ୍ତ୍ରାଚ୍ଛାଦିତ କ୍ଷୁଦ୍ର ଗାଡ଼ି । (କର୍ଣ୍ଣୀରଥସ୍ଥାଂ ରଘୁବୀରପତ୍ନୀଂ ।)

କର୍ଣ୍ଣେଜପ, ବିଂ. (କର୍ଣ୍ଣେ=କାନରେ-ଜପ୍= ପୁନଃ ପୁନଃ ଉଚ୍ଚାରଣ କରିବା-ଅ) ଖଳ; ଖଚୁଆ, କୁପରାମର୍ଶଦାତା । (କର୍ଣ୍ଣେଜପଃ ସୂଚକଃ ସ୍ୟାତ୍ ପିଶୁନୋ ଦୁର୍ଜନଃ ଖଳଃ —ଅମର ।)

କର୍ତ୍ତନ, ବି. (କୃତ୍=ଛେଦନ କରିବା-ଅନ) ଛେଦନ, କାଟିବା ।

କର୍ତ୍ତନୀ, ବି. ସ୍ତ୍ରୀ. (କର୍ତ୍ତନ—କୃତ୍-ଅନ, କର୍ତ୍ତୃବାଚ୍ୟରେ-ସ୍ତ୍ରୀ-ଈ) କତୁରୀ, କର୍ତ୍ତନଯନ୍ତ୍ର ।

କର୍ତ୍ତରୀ, କର୍ତ୍ତରିକା, ବି. ସ୍ତ୍ରୀ. (କୃତ୍=କାଟିବା-ଅରନ୍, ସ୍ତ୍ରୀ-ଈ, ଇକ-ଆ) କତୁରୀ; କଟାରୀ, ଗୁଆକାତି; ଛୁରୀ ।

କର୍ତ୍ତବ୍ୟ, ବିଂ. (କୃ=କରିବା-ତବ୍ୟ) କରଣୀୟ, କରିବାର ଯୋଗ୍ୟ; ଉଚିତ, ବିଧେୟ ।

କର୍ତ୍ତା, କର୍ତ୍ତ୍ରୀ, ବିଂ. (କୃ=କରିବା-ତୃ) କାରକବିଶେଷ; କାର୍ଯ୍ୟକାରକ; ପ୍ରଣେତା; ବିଧାତା; ପ୍ରଭୁ; ଅଧ୍ୟକ୍ଷ । (ସ୍ତ୍ରୀ-ଈ) ପ୍ରଧାନା ସ୍ତ୍ରୀ; ଗୃହିଣୀ ।

କର୍ତ୍ତୁକାମ, ବିଂ. (କର୍ତ୍ତୁଂ=କରିବାକୁ-କାମ= ଇଚ୍ଛା,ମଲୋପ) କରିବାପାଇଁ ଯାହାର ଇଚ୍ଛା ହୋଇଅଛି, କରିବାକୁ ଉଦ୍ୟତ ।

କର୍ତ୍ତୃକା, ବି. ସ୍ତ୍ରୀ. (କୃତ୍=କର୍ତ୍ତନ କରିବା-ତୃକ-ସ୍ତ୍ରୀ-ଆ) କ୍ଷୁଦ୍ର ଖଡ୍ଗ । (ହାସ୍ୟଯୁକ୍ତାଂ ନିନେଷାଂ ଚ କୃପାଣକର୍ତ୍ତୃକାକରାଂ ।)

କର୍ଦ୍ଦ, କର୍ଦ୍ଦମ, ବି. (କର୍ଦ୍ଦ୍=କୁତ୍ସିତ ଶବ୍ଦ କରିବା-ଅ; ଅମ-ସଂଜ୍ଞାର୍ଥେ) କାଦୁଅ, ପଙ୍କ, ପାପ; ମାଂସ ।

କର୍ପଟ, } ବି. ସ୍ତ୍ରୀ. (କୃପ୍ = ପାରଗ ହେବା-
କର୍ପଟିକା, } ଅଟନ୍) ଜୀର୍ଣ୍ଣ ବା ଶୀର୍ଣ୍ଣ ପରିଚ୍ଛଦ,
କର୍ପଟୀ, } ପୁରାତନ ବସ୍ତ୍ର; ମଳିନ ବସ୍ତ୍ର । (ସମୌ ନକ୍ତକ କର୍ପଟୌ—ଅମର ।)(କ = ବିକ୍ଷେପ କରିବା-ଅ = କର-ପଟ = ବସ୍ତ୍ର) ଧର୍ମାଦି ମାର୍ଜନାର୍ଥ ହସ୍ତସ୍ଥିତ ବସ୍ତ୍ରଖଣ୍ଡ; ପର୍ବତବିଶେଷ ।

କର୍ପଟିକ, } ବି. (କର୍ପଟ-ଇକ, ଇନ୍) କର୍ପଟ-
କର୍ପଟୀ, } ଧାରୀ, କୌପୀନବାନ୍, ଭିକ୍ଷୁକ ।

କର୍ପର, ବି. (କୃପ୍ = ପାରଗ ହେବା-ଅରନ୍) ମୁଣ୍ଡର ଖପୁରି; ଖପରା । (ସ୍ୟାତ୍କର୍ପରଃ କପାଲୋଽସ୍ତ୍ରୀ—ଅମର ।) କଟାହ; ଅସ୍ତ୍ରବିଶେଷ; କୂର୍ମର ପୃଷ୍ଠ ଅସ୍ଥି; ମାଟିପାତ୍ରଖଣ୍ଡ ।

କର୍ପରାଂଶ, ବି. (କର୍ପର-ଅଂଶ) ଖପରାଖଣ୍ଡ, ବାଲିଖପରା ଗୁଣ୍ଡ ।

କର୍ପାସ, ବି. (କୃ-ପାସ) କପାତୁଳା; କପାଗଛ ।

କର୍ପୂର, ବି. (କୃପ୍ = ପାରଗ ହେବା-ଊର) ସ୍ୱନାମପ୍ରସିଦ୍ଧ ସୁଗନ୍ଧ ଶୀତଳ ଦ୍ରବ୍ୟ ।

କର୍ବୁର, } ବି. ( କର୍ବ୍ = ଗମନ କରିବା
କର୍ବୂର, } ଇତ୍ୟାଦି-ଉର, ଊର) ସ୍ୱର୍ଣ୍ଣ, ସୁନା । (ଗାଙ୍ଗେୟଂ ଭର୍ମ କର୍ବୁରଂ—ଅମର ।) ଜଳ; ପାପ; ବୃକ୍ଷବିଶେଷ; ଦୈତ୍ୟବିଶେଷ; ରାକ୍ଷସ । (କର୍ବୁରୋ ନୈକଷାତ୍ମଜଃ—ଅମର ।) ବିଚିତ୍ରବର୍ଣ୍ଣ ବସ୍ତୁ; ଶଟୀ; ଗନ୍ଧଶୁଣ୍ଠି; ହରିଦ୍ରା; ହରିତାଳ । ବିଂ. ବିଚିତ୍ରବର୍ଣ୍ଣବିଶିଷ୍ଟ । (ଚିତ୍ରଂ କିର୍ମୀରକଲ୍ମାଷଶବଲୈତାଶ୍ଚ କର୍ବୁରେ—ଅମର ।) ପାପାତ୍ମା ।

କର୍ମ, ବି. (କର୍ମନ୍-କୃ = କରିବା-ମନ୍) କାର୍ଯ୍ୟ, ଅଦୃଷ୍ଟ; ପାପ ପୁଣ୍ୟ; କାରକବିଶେଷ । ଅଦୃଷ୍ଟ । ଯଥା—

**କର୍ମ ଅବଳକୁ ବିରହ ବେଳକୁ ଅମୃତ ହୁଏ ଗରଳ,**
ହେ ତମାଲ । ର. କ.

କର୍ମକର, } ବିଂ. ( କର୍ମନ୍-କୃ-ଅ ) ଯେ
କର୍ମକାର, } ବେତନ ଗ୍ରହଣପୂର୍ବକ ଅନ୍ୟର ନିକଟରେ କାର୍ଯ୍ୟ କରେ, ଭୃତ୍ୟ; କାରିଗର, କମାର, ଲୌହକାର; କର୍ମନିର୍ବାହକ । (ଭୃତକୋଭୃତିଭୁକ୍ କର୍ମକରୋ ବୈତନିକୋଽପି ସଃ—ଅମର ।) (ଭରଣ୍ୟଭୁକ୍କର୍ମକରଃ କର୍ମକାରସ୍ତୁ ତତ୍କ୍ରିୟଃ—ଅମର ।)

କର୍ମକର୍ମାଣି, ବି. (ଦେଶଜ) ଶ୍ରାଦ୍ଧାଦି କ୍ରିୟାନୁଷ୍ଠାନର ବୈଦିକ ପାଠ ।

କର୍ମକୀଳକ, ବି. ସଂ. ରଜକ, ଧୋବା ।

କର୍ମଚାରୀ, ବିଂ. (କର୍ମଚାରିନ୍-କର୍ମନ୍-ଚର୍-ଇନ୍) ବେତନ ଗ୍ରହଣପୂର୍ବକ ଯେ ଅନ୍ୟର କାର୍ଯ୍ୟ କରେ ।

କର୍ମଠ, ବିଂ. (କର୍ମନ୍-ଠ, କୁଶଳାର୍ଥେ) କର୍ମକୁଶଳ, କର୍ମକ୍ଷମ, ପାରଗ । (କର୍ମଶୀଳସ୍ତୁ କର୍ମଠଃ—ଅମର ।)

କର୍ମଣ୍ୟ, ବିଂ. (କର୍ମନ୍-ଯ) କର୍ମଯୋଗ୍ୟ, ଯାହା କୌଣସି କର୍ମରେ ଲାଗେ, କର୍ମଦକ୍ଷ, କର୍ମକୁଶଳ । (ସ୍ତ୍ରୀ-ଆ) ବେତନ । (କର୍ମଣ୍ୟା ତୁ ବିଧାଭୃତ୍ୟାଭୃତୟୋ ଭର୍ମ ବେତନଂ—ଅମର ।)

କର୍ମଣ୍ୟଭୁକ୍, } ବି. (କର୍ମଣ୍ୟ-ଭୁଜ୍-କ୍ୱିପ୍)
କର୍ମଣ୍ୟଭୁଜ୍, } ବେତନ ଗ୍ରହଣପୂର୍ବକ ଯେ କାର୍ଯ୍ୟ କରେ, ବେତନୋପଯୋଗୀ ।

କର୍ମଧାରୟ, ବି. (କର୍ମ-ଧୃ-ଣିଚ୍-ଅ) ସମାସବିଶେଷ, ବିଶେଷଣ ବିଶେଷ୍ୟ ପଦର ସମାସ ।

କର୍ମନାଶା, ସ୍ତ୍ରୀ. (କର୍ମନାଶକ ଶବ୍ଦଜ) ନଦୀବିଶେଷ, ବେହାର ଓ କାଶୀ ମଧ୍ୟଦେଶସ୍ଥ ନଦୀ ।

କର୍ମନ୍ଦନ, } ବି. (କର୍ମନ୍-କର୍ମ-ଅନ୍ଦ =
କର୍ମନ୍ଦିନ୍, } ବନ୍ଧନ କରିବା-ଇନ୍) ଭିକ୍ଷୁକ, ମସ୍କରୀ, ସନ୍ନ୍ୟାସୀ । (ଭିକ୍ଷୁଃ ପରିବ୍ରାଟ୍ କର୍ମନ୍ଦୀ ପାରାଶର୍ଯ୍ୟପି ମସ୍କରୀ—ଅମର ।)

କର୍ମଭୋଗ, ବି. (କର୍ମନ୍-ଭୋଗ) କର୍ମର ଫଳ ଅନୁଭବ କରିବା, କୌଣସି ବିଷୟରେ ବୃଥା କଷ୍ଟ ପାଇବା, ଅନର୍ଥକ କଷ୍ଟଭୋଗ ।

କର୍ମମୂଳ, ବି. (କର୍ମନ୍-ମୂଳ = ଚେର) କୁଶ ।

କର୍ମଯୁଗ, ବି. ସଂ. କଳିଯୁଗ ।

କର୍ମରଙ୍ଗ, ବି. ସଂ. କରମଙ୍ଗା ଫଳ ।

କର୍ମବିପାକ, ବି. (କର୍ମନ୍-ବିପାକ=ପରିଣାମ) କର୍ମଜନ୍ୟ ଫଳଭୋଗ; ଅନୁଷ୍ଠିତ ଶୁଭାଶୁଭ କର୍ମର ପରିଣାମ ।

କର୍ମବ୍ୟତିହାର, ବି. ସଂ. ପରସ୍ପର ଏକକାର୍ଯ୍ୟ କ୍ରିୟାକରଣ ।

କର୍ମଶୀଳ, ବିଂ.(କର୍ମନ୍-ଶୀଳ) କର୍ମ ନିର୍ବାହରେ ଯାର ଚେଷ୍ଟା ଅଛି, ଯେ ଯତ୍ନପୂର୍ବକ କାର୍ଯ୍ୟ ସମ୍ପନ୍ନ କରେ ।

କର୍ମଶୂର, ବିଂ.(କର୍ମନ୍-ଶୂର) କର୍ମଠ,କର୍ମଦକ୍ଷ ।

କର୍ମସଚିବ, ବି. (କର୍ମନ୍-ସଚିବ) କର୍ମ ନିର୍ବାହ ବିଷୟରେ ଯେ ସାହାଯ୍ୟ କରେ, ସହକାରୀ ।

କର୍ମାଣି, } ବିଂ. (ଦେଶଜ) କର୍ମନିଷ୍ଠ,
କର୍ମାଣିଆ, } କର୍ମକାରୀ । ଯଥା—

ମୂଳ ଲଗିଲେ ମୂଳ କାହାକୁ ନ ମିଳେ କି,
ସେହିରୂପେ ଫଳ ମିଳେ ସଂସାରେ କର୍ମାଣିକି ।
ନୃ. ପୁ. ସ. ତ.

କର୍ମାର, ବି. (କର୍ମନ୍-ଋ=ଗମନ କରିବା-ଅ-ସଂଜ୍ଞାର୍ଥେ) ଲୌହକାର, କମାର; ବାଉଁଶ ଗଛ; ବଂଶବିଶେଷ । (ବଂଶେ ତ୍ୱକ୍‌ସାର-କର୍ମାରତ୍ୱଚିସାରତୃଣଧ୍ୱଜାଃ—ଅମର ।)

କର୍ମେନ୍ଦ୍ରିୟ, ବି. (କର୍ମନ୍-ଇନ୍ଦ୍ରିୟ) କର୍ମ-ନିର୍ବାହର ଇନ୍ଦ୍ରିୟ, ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ ଏ ପାଞ୍ଚ । (କର୍ମେନ୍ଦ୍ରିୟଂ ତୁ ପାୟ୍ୱାଦି—ଅମର ।)

କର୍ବର, ବି. (କୃ=ବଧ କରିବା-ବର—ସଂଜ୍ଞାର୍ଥେ) ବ୍ୟାଘ୍ର; ରାକ୍ଷସ ।

କର୍ବୁର, } ବି. (କର୍ବୁର-ବର୍ଗୀୟ ବକାର
କର୍ବୂର, } ଦେଖ ।)

କର୍ଶିତ, ବିଂ. (କୃଶ୍-ଇ-ତ) କୃଶୀକୃତ, ଦୁର୍ବଳୀକୃତ ।

କର୍ଷ, ବି. (କୃଷ୍=ଭୂମି ଚଷିବା-ଅ) କର୍ଷଣ; ପରିମାଣବିଶେଷ, ପଳର ଚତୁର୍ଥାଂଶ । (ପଳଂ କର୍ଷଚତୁଷ୍ଟୟଂ—ଅମର ।)

କର୍ଷକ, ବିଂ. (କୃଷ୍=ଭୂମି ଚଷିବା-ଅକ) କୃଷିଜୀବୀ, କୃଷୀ; ଯେ ଆକର୍ଷଣ କରେ, ଆକର୍ଷଣକାରୀ । ବି. ଯେଉଁ ପକ୍ଷିମାନେ ନଖଦ୍ୱାରା ଭୂମି କର୍ଷଣ କରି ଆହାର ଅନ୍ୱେଷଣ କରନ୍ତି; ଏକକର୍ଷ ପରିମାଣ ।

କର୍ଷାପଣ, } ବି. (କର୍ଷ-ଆପଣ) ଷୋଳ ପଣ,
କାର୍ଷାପଣ, } ଏକ କାହାଣ ।

କର୍ଷିତ, ବିଂ. (କୃଷ୍=କର୍ଷଣ କରିବା-ତ) ଯାହା କର୍ଷଣ କରା ଯାଇଅଛି, କୃଷ୍ଟ ।

କର୍ଷୂ, ବି. (କୃଷ୍ ଭୂମି ଚଷିବା ଇତ୍ୟାଦି-ଊ) କରୀଷାଗ୍ନି, ଘସିନିଆଁ; କୁଲ୍ୟା, କୃତ୍ରିମ କ୍ଷୁଦ୍ର ଜଳାଶୟ; ଜୀବିକା; କୃଷି । (କର୍ଷୂର୍ବାର୍ତ୍ତା କରୀଷାଗ୍ନିଃ କର୍ଷୂଃ କୁଲ୍ୟାଭିଧାୟିନୀ—ଅମର ।)

କର୍ହି, ଅଂ. (କିମ୍-ର୍ହି—କାଳାର୍ଥେ) କୌଣସି ସମୟରେ, କେବେ ।

କର୍ହିଚିତ୍, ଅଂ. (କର୍ହି-ଚିତ୍-ଅସାକଲ୍ୟାର୍ଥେ) କଦାଚିତ୍, କେବେହେଁ, କୌଣସି ସମୟରେ ।

କଳ, ବି. (କଳ୍=ଶବ୍ଦ କରିବା, ଗଣନା କରିବା-ଅ, କ-ଲା=ଗ୍ରହଣ କରିବା-ଅ) ଅବ୍ୟକ୍ତ ମଧୁର ଧ୍ୱନି । (ଧ୍ୱନୌ ତୁ ମଧୁରାସ୍ଫୁଟେ କଳଃ—ଅମର ।) ଭ୍ରମରାଦିର ଗୁଣୁ ଗୁଣୁ ଶବ୍ଦ; ସ୍ରୋତର ଅବ୍ୟକ୍ତ ମଧୁର ଧ୍ୱନି; ଶାଳବୃକ୍ଷ; ଶୁକ୍ର । (ଦେଶଜ) ଯନ୍ତ୍ର । ଯେପରି—ସୂତାକଳ, ଲୁଗାବୁଣା କଳ । ଯଥା—

କରିବାକୁ ରଞ୍ଜିକା ବହ୍ନି ଯୁତ,
କଳ ଚଳାଲେ ସରିବ ମହତ୍ତ୍ୱ । ର. ପ.

କୌଶଳ । ଯଥା—

କରିଦେବି ବଳ କଳରେ ଦଳନ । କୃ. ଖ୍ରୀ. ବି. ପ.

ସୁବିଧା । ଯଥା—କରିବାପାଇଁ ଅକଳ ହେଲି । ମୁଖର ଗହ୍ୱର । ଯଥା—

ବିଧାନେ କଳପାଟି ଦଶନକୁ ଉପାଟି
ଦୈତ୍ୟ ପଟିପାଟୀ ନାଶିଲି ସେ । ବୈ. ବି.

(କବଳ ଶବ୍ଦଜ) ଗ୍ରାସ । ଯଥା—

କଳେ ଖାଅ ରେ କୁମରେ ଅସିକରି । ର. କ.

ପୂଜା । ଯଥା—

ବୋଲେ ଶିବରାମ ପୁଅ ନ ଥିଲେ ମୁଁ
କାମୁଡ଼ିଆଥାନ୍ତି କଳେ । ହା. ତ.

କଳକଣ୍ଠ, ବି·(କଳ=ମଧୁରଧ୍ୱନି-କଣ୍ଠ=ଗଳ) କୋକିଳ; ହଂସ; ପାରାବତ । ବିଂ· ଯାହାର କଣ୍ଠର ଧ୍ୱନି ଅବ୍ୟକ୍ତ ମଧୁର ଅଟେ । (କଳକଣ୍ଠଃ କଳଧ୍ୱାନେ ହଂସେ ପାରାବତେ ପିକେ)

କଲକଲ, ବିଂ· (ଦେଶଜ) ଅସ୍ଥିର ।

କଳକଳ, ବି· (କଳର ଦ୍ୱିରୁକ୍ତି) ସମବେତ ବହୁ ଲୋକର ମିଶ୍ରିତ ଶବ୍ଦ, କୋଳାହଳ । (କୋଳାହଳଃ କଳକଳଃ—ଅମର ।)

କଳକଳାଇବାର, } କ୍ରି· (କଳକଳ ଶବ୍ଦରୁ କଳକଳେଇବାର, } ଜାତ) କଳକଳ ଧ୍ୱନି କରିବାର । (ଦେଶଜ) ପାଣିଆଦି ଧୌତ କରିବାର ।

କଳକଳାୟମାନ, ବିଂ· (କଳକଳ-ଆୟ-ମାନ) କଳକଳ ଶବ୍ଦଯୁକ୍ତ । ଯଥା—

ଅନବଚନ ସାରକା କଳକଳାୟମାନ ସ୍ୱନ । ଜା.ପ.ନା.

କଳଙ୍କ, ବି· (କ=ବ୍ରହ୍ମା, ସୁଖ ଇତ୍ୟାଦି-ଲଙ୍କ୍ =ମଳିନ କରିବା-ଅ, ଅଥବା କଲ୍ୟତେ ଜ୍ଞାୟତେ ଅନେନେତି କଳଙ୍କଃ, କଳ-ସଂଖ୍ୟାନେ—ଅମରଟୀକା, କଲ୍-ଅଙ୍କ) ଚିହ୍ନ; ତାମ୍ରାଦି ପାତ୍ରର ଦାଗ; ଅଖ୍ୟାତି; ଦୁର୍ନାମ; ଅପଯଶ; ଲୌହାଦି ଧାତୁର ମଳ । (କଳଙ୍କୋଽଙ୍କେଽପବାଦେ ଚ କାଳାୟସମଲେଽପିଚ—ମେଦିନୀ)

କଳଙ୍କଷ, ବି· (କଳଂ=କଳରବ-କଷ=ଶବ୍ଦ କରିବା-ଅ) ସିଂହ । (ସ୍ତ୍ରୀ-ଆ) ହାତିଭାଳି ।

କଳଙ୍କି, ବି· ( କଳ୍କି ଶବ୍ଦଜ ) ବିଷ୍ଣୁଙ୍କର ଦଶମାବତାର । ଯଥା—

ବଉଦ କଳଙ୍କି ମିଶି ଦଶ ଅବତାର
ଏ ପ୍ରଭୁମାନଙ୍କର ବିହାର ଅଗୋଚର । ନୃ. ପୁ. ତ୍. ତ.

କଳଙ୍କିବାର, କ୍ରି· (କଳଙ୍କ ଶବ୍ଦଜାତ) ତାମ୍ରାଦି ପାତ୍ରରେ ଅମ୍ଳାଦି ରସଯୋଗେ ବିକୃତ ହେବାର; ଦୋଷଯୁକ୍ତ ହେବାର; ଦୋଷଯୁକ୍ତ କରିବାର ।

କଳଙ୍କିନୀ, ବି. ସ୍ତ୍ରୀ. (କଳଙ୍କ-ଇନ୍-ଅସ୍ତ୍ୟର୍ଥେ, ସ୍ତ୍ରୀ-ଈ) ଅପବାଦଯୁକ୍ତା, ଦୂଷିତା, କଳଙ୍କଯୁକ୍ତା ।

କଳଙ୍କୁଣୀ, ବିଂ. ସ୍ତ୍ରୀ. ( କଳଙ୍କିନୀ ଶବ୍ଦଜ ) କୁଳଟା, କଳଙ୍କଯୁକ୍ତା । ଯଥା—

ଏଡ଼େ ରାଜକୁଳେ ଜନ୍ମ ଲଭି ତୁହି
ହେଲୁ ପୁଣି କଳଙ୍କୁଣୀ । ଯ. କେ.

କଳଙ୍କୁର, ବି· (କଳମ୍=ଶବ୍ଦକୁ କୁର୍-ଶବ୍ଦ ନିର୍ଗତ କରିବା-ଅ) ଜଳାବର୍ତ୍ତ, ଜଳଭଉଁରି ।

କଳଣା, ବି· ( କଳନ ଶବ୍ଦଜ ) ଗଣନା, ଇତ୍ୟାଦି ।

କଳତ୍ର, ବି. ସ୍ତ୍ରୀ. (କଳ=କ୍ଷୀଣ-ତ୍ରୈ=ପାଳନ କରିବା-ଅ, ଏବଂ ଗଲ୍=ନିସୃତ ହେବା-ଅତ୍ର, ଗ=କ) ଭାର୍ଯ୍ୟା, ସ୍ତ୍ରୀ; ନିତମ୍ବ; କଟିଦେଶ । (କଳତ୍ରଂଶ୍ରୋଣିଭାର୍ଯ୍ୟୟୋଃ—ଅମର ।) ଜଘନ; ଦୁର୍ଗ ।

କଳଧୌତ, } ବି· (କଳ=କଳୁଷତା, ଧୌତ) କଳଧୂତ, } ସ୍ୱର୍ଣ୍ଣ; ରୌପ୍ୟ । (କଳଧୌତଂ ରୌପ୍ୟହେମ୍ନୋଃ—ଅମର·।) ମଧୁର ଧ୍ୱନି ।

କଳନ, } ବି· (କଲ୍=ଗଣନା କରିବା କଳନା, } ଇତ୍ୟାଦି-ଅନ, ସ୍ତ୍ରୀ-ଆ) ଧାରଣ; ପରିଧାନ; ଗ୍ରହଣ; ଦର୍ଶନ; ଗଣନ; ଜ୍ଞାନ । (କାଲୋଽନ୍ୟ କଳନାତ୍ମକଃ ।) ଗ୍ରସନ, ଗ୍ରାସ । (କଳନାତ୍ ସର୍ବଭୂତାନାଂ ସ କାଳଃ ପରିକୀର୍ତ୍ତିତଃ) ଲଙ୍ଘନ; ଚିହ୍ନ; ଦୋଷ; ଶବ୍ଦ କରିବା; ଗର୍ଭରେ ମିଶ୍ରିତ ଶୁକ୍ରଶୋଣିତ; ବେତସ ବୃକ୍ଷ; ବଶୀଭୂତତ୍ୱ, ବଶତା । ଲଙ୍ଘନ । ଯଥା—

ଆହା ମୋର ପ୍ରତିଜ୍ଞା ଜଳନିଧି କଳନେ
କର୍ଣ୍ଣଧାର ପ୍ରକାର । ଜା. ପ. ନା.

କଳନ୍ତର, ବି· ( କଳାନ୍ତର ଶବ୍ଦଜ ) ଋଣ ଦେଇ ଆଣିବା ସୁଦ । ଯଥା—

କଳନ୍ତର ଲୋଭେ ଗଲା ମୂଳ । ର. କ·

କଲବଲ, ବି· (ଦେଶଜ) ଆର୍ତ୍ତି ବା ପୀଡ଼ା । ଯଥା—

କଲ କଲବଲ ତ, କାନ୍ତା କାନ୍ତ ଭିନ୍ନ ମୃତ୍ୟୁ ସତ ।
ବି. ଚି. ମ.

କଳବର, } ବି· (ଦେଶଜ) ହ୍ରସ୍ୱବୃକ୍ଷବିଶେଷ । କଳବୀର, }

କଳଭ, ବି. (କଲ୍-ଲଭ୍, ଅଥବା କର=କଳ-ଭା=ଦୀପ୍ତି ପାଇବା-ଅ) ତ୍ରିଂଶଦ୍ବର୍ଷୀୟ ହସ୍ତିଶାବକ । (କଳଭଃ କରିଶାବକଃ—ଅମର ।) ଉଷ୍ଟ୍ରଶାବକ; ଧୁତୁରା ବୃକ୍ଷ ।

କଳମ, ବି. (କଳ୍=ଗଣନା କରିବା ଇତ୍ୟାଦି-ଅମ) ଧାନ୍ୟବିଶେଷ, ହେମନ୍ତ ଧାନ୍ୟ; ଚୌର; ଧୂର୍ତ୍ତ; (ଦେଶଜ) ବୃକ୍ଷାଦି ଶାଖାରୁ ଉପାୟବିଶେଷଦ୍ୱାରା ଉତ୍ପନ୍ନ ଶ୍ରେଷ୍ଠ ଶ୍ରେଷ୍ଠ ଗଛ । ଯେପରି—କଳମ ଆମ୍ବ ଗଛ । କାଳୀ ଲେଖନୀ ।

କଳମ, କଳମ୍ବ, } ବି. ( କଳମ୍ବୁ ଶବ୍ଦଜ ) ଶାକବିଶେଷ ।

କଳମବାସ, ବି. ( ଦେଶଜ ) ସାନ ଛୁରୀ, କଳମକଟା ଛୁରୀ ।

କଳମଦାନ, କଲମଦାନ, } ବି. (ଦେଶଜ କିମ୍ବା କଳମ-ଆଧାନ, ଏଥିରୁ ଉତ୍ପନ୍ନ) କଳମ ରଖିବା ପାତ୍ର ।

କଳମଷ, କଳମୁଷ, } ବି. (କଲ୍ମଷ ଶବ୍ଦଜ) ମଇଳା; ଦୁଷ୍କୃତ, ପାପ । ଯଥା—

ଅଭୟ ପାଦପଦ୍ମ ଦେଖିଲି ଆସି ଏଥି,
ନେତ୍ର କଳମୁଷ ଗ୍ଳର ରହିବ କି ଗାତ୍ର । ନୃ.ପୁ.ଦ୍ୱି.ଚ.

କଳମା, ବି. (ଯାବନିକ) ମୁସଲମାନମାନଙ୍କର ଉପାସନା ମନ୍ତ୍ର; ସେମାନଙ୍କ ଭଜନାବିଶେଷ । ବିଂ. କଳମ କରାଯିବା (ଗଛ) । ଯେପରି—କଳମା ଗଛ ।

କଳମି, କଳମୀ, } ବିଂ. (ଦେଶଜ) କଳମ କରାଯିବା ଗଛରୁ ଉତ୍ପନ୍ନ । ଯେପରି — କଳମୀ ଆମ୍ବ ।

କଳମୁଆଁ, ବି. (ଦେଶଜ) ଏକପ୍ରକାର ଧାନ ।

କଳମ୍ବ, ବି. (କଡ଼୍=ଭକ୍ଷଣ କରିବା ଇତ୍ୟାଦି-ଅମ୍ବକ୍) ବାଣ, ଶର । (କଳମ୍ବମାର୍ଗଣଶରାଃ—ଅମର ।) ଶାକର ଖଡ଼ା । (କଳମ୍ବସ୍ତୁ କଡ଼ମ୍ବଶ୍ଚ—ଅମର ।) କଦମ୍ବ ବୃକ୍ଷ ।

କଳମ୍ବୀ, କଳମ୍ବିକା, } ବି. ସ୍ତ୍ରୀ. (କ=ମସ୍ତକ-ଲମ୍ବ୍=ବିଶ୍ରାମ କରିବା-ଅ, ସ୍ତ୍ରୀ-ଈ) ଶାକବିଶେଷ, କଳମ ଶାକ ।

କଳରବ, ବି. (କଳ=ମଧୁରାସ୍ଫୁଟ-ରବ=ଧ୍ୱନି) କପୋତାଦିର ଧ୍ୱନି, କଳକଳଧ୍ୱନି । ପାରାବତ, କପୋତ । (ପାରାବତଃ କଳରବଃ—ଅମର ।) କୋକିଳ ।

କଲରା, ବି. (କାରବେଲ୍ଲ ଶବ୍ଦଜ) ଲତାଫଳବିଶେଷ, ସ୍ୱନାମପ୍ରସିଦ୍ଧ ଫଳ ।

କଲରାପନିଆ, କଲରାପତୁରିଆ, } ବି. ( ଦେଶଜ ) ବ୍ୟାଘ୍ରବିଶେଷ ।

କଳଳ, ବି. (କଳ୍=ଗଣନା କରିବା-ଅଳ) ଜରାୟୁ, ଗର୍ଭାବରଣ ଚର୍ମ, ଭ୍ରୂଣ । (ଗର୍ଭାଶୟୋ ଜରାୟୁଃ ସ୍ୟାତ୍ ଉଲ୍ବଂ ଚ କଳଳୋଽସ୍ତ୍ରିୟାଂ—ଅମର ।)

କଳବିଙ୍କ, ବି. (କଳ=ମଧୁର ଧ୍ୱନି-ବନ୍କ=ଗମନ କରିବା ଇତ୍ୟାଦି-ଅ, ନିପାତନ) ଚଟକ, ଚଟିଆପକ୍ଷୀ । (ଚଟକଃ କଳବିଙ୍କଃ ସ୍ୟାତ୍—ଅମର ।) ବୃକ୍ଷବିଶେଷ, ଇନ୍ଦ୍ରଯବ ଗଛ; କଳଙ୍କ, ଲାଞ୍ଛନ; ଦାଗ; ଶ୍ୱେତଚାମର ।

କଳଶ, କଳସ, } ବି. (କଳ=ଅବ୍ୟକ୍ତ ମଧୁରଧ୍ୱନି-ଶୋ=ତୀକ୍ଷ୍ଣ କରିବା-ଅ, କ=ଜଳ-ଲସ୍=କ୍ରୀଡ଼ା କରିବା-ଅ) ଜଳପାତ୍ର, ଘଟ । (କଳଶସ୍ତୁ ତ୍ରିଷୁ ଦ୍ୱୟୋଃ-ଘଟଃ—ଅମର ।) (ସ୍ତ୍ରୀ-ଈ) କଳସୀ । ଯଥା—

ଏହି ବାରିପୂର୍ଣ୍ଣ ସଚ୍ଛିଦ୍ର ସୁବର୍ଣ୍ଣ
କଳସ ମୋ ବକ୍ଷେ ଦେଇ । ପାଷାଣ ।
ଭାଙ୍ଗିଲି କେ ମୋର ପ୍ରେମଜଳର କଳସୀ ।

କଳସାର୍ଣ୍ଣବ, କଳସୋଦଧି, } ବି. ସଂ. ସମୁଦ୍ର ।

କଳହ, ବି. (କଳ=ଶୁଶ୍ରାବ୍ୟ ଶବ୍ଦ-ହନ୍-ଅ) ବିବାଦ, ଝଗଡ଼ା; ଯୁଦ୍ଧ । (ରଣଃ କଳହବିଗ୍ରହୌ—ଅମର ।) ଖଡ଼୍ଗକୋଷ; ପଥ; ଭଣ୍ଡତା ।

କଳହଂସ, ବି. (କଳ=ମନୋହର ଶବ୍ଦ-ହଂସ) ରାଜହଂସ । ଯଥା—

କରୁଥିବ ହଂସ ପରାୟେ ଗମନ
କେଉଁ କଳହଂସ ଗମନା । ର. କ.

ବ୍ରାହ୍ମଣ; ଉତ୍ତମ ରାଜା; ବ୍ରହ୍ମ; ପରମାତ୍ମା; ରାଗିଣୀବିଶେଷ; ତ୍ରୟୋଦଶ ଛନ୍ଦର ବୃତ୍ତବିଶେଷ ।

କଳହପ୍ରିୟ, ବି. (କଳହ-ପ୍ରିୟ) ନାରଦମୁନି। ବିଂ. ଯେ ସର୍ବଦା କଳହ ଇଚ୍ଛା କରେ। (ସ୍ତ୍ରୀ-ଆ) ସାରିକା ପକ୍ଷୀ।

କଳହାନ୍ତରିତା, ବି. ସ୍ତ୍ରୀ. (କଳହ-ଅନ୍ତରିତା= ଆଚ୍ଛାଦିତା) ନାୟିକାବିଶେଷ, ଯେଉଁ ନାୟିକା ନାୟକ ସହିତ କଳହ କରି ପଛେ ଅନୁତାପ କରେ।

କଳା, ବି. ସ୍ତ୍ରୀ. (କଲ୍=ଶବ୍ଦ କରିବା-ଅ-ଆ) ଚନ୍ଦ୍ରଙ୍କର ଷୋଡ଼ଶ ଭାଗ। (କଳା ତୁ ଷୋଡ଼ଶୋ ଭାଗଃ—ଅମର।) ଗୀତ ବାଦ୍ୟ ନୃତ୍ୟାଦି; ଆଲେଖ୍ୟାଦି ରୂପ; ରତ୍ନ ପରୀକ୍ଷା; ଆକରଜ୍ଞାନାଦି; ଚତୁଃଷଷ୍ଟି ଶିଳ୍ପକଳା; ଅଳ୍ପ ସମୟ। (କଳା ଶିଳ୍ପେ କାଳଭେଦେ— ଅମର।) କାଳର ଅଂଶବିଶେଷ, ତ୍ରିଂଶତ୍- କାଷ୍ଠାତ୍ମକକାଳ; ଟଙ୍କାର ସୁଧ, କଳନ୍ତର; କଳନ। (କଳା ସ୍ୟାତ୍ ମୂଲରୈବୃଦ୍ଧୌ ଶିଳ୍ପାଦାବଂଶମାତ୍ରକେ। ଷୋଡ଼ଶାଂଶେ ଚ ଚନ୍ଦ୍ରସ୍ୟ କଳନା କାଳମାନୟୋଃ— ମେଦିନୀ।) କପଟ; ବିଭୂତି; ସାମର୍ଥ୍ୟ; ଶୌର୍ଯ୍ୟାଦି ଗୁଣ; ନୌକା; ସଂଖ୍ୟା; ସ୍ତ୍ରୀରଜ; ବିଭୀଷଣଙ୍କ ଜ୍ୟେଷ୍ଠା କନ୍ୟା; ମରୀଚିଙ୍କ ପତ୍ନୀ। (କାଳ ଶବ୍ଦଜ) କୃଷ୍ଣବର୍ଣ୍ଣ। ଯଥା—

କେବେହେଁ ନିମ୍ବ ନୋହେ ମଧୁର,
ସଂଯୋଗ କଲେ ନେଇ ସାକର,
କଳାକୁ ନ ଛାଡ଼ଇ ଅଙ୍ଗାର,
ଦୁଧେ ଧୋଇଲେ ଯେ। ର. କ.

କାଳୀ, ମସୀ। ଯଥା—

ଗାଲେ ଚୂନ କଳା ତୋର ଲଗାଇ,
ତଡ଼ିଦେଲେ କେ ବା ରଖିବ ଯାଇ। ହା. ତ.

କଳଙ୍କ। ଯଥା—

ଦେଖ ଏ ଶ୍ରୀକୃଷ୍ଣର ବଳା,
ଆମ୍ଭର କୁଳେ ଦେଲ କଳା। ଭା. ଦ. ସ୍କ.

(କଳନା ଶବ୍ଦଜ) କଳନା କରିବା। ବିଂ. କୃଷ୍ଣବର୍ଣ୍ଣବିଶିଷ୍ଟ। ଯେପରି—କଳା ଲୋକ, ଧଳା ଲୋକ।

କଳାଇ, କଳେଇ, କଳେଇ, ବି. (ଦେଶଜ) କଆଁରରେ ପଡ଼ିଥିବା କଣ୍ଟା ଧାନଗଛ ବିଡ଼ା। (କଳାୟ ଶବ୍ଦଜ) ଶସ୍ୟବିଶେଷ।

କଳାଈ, ବି. ସ୍ତ୍ରୀ. (କାଳମାୟୀ ଶବ୍ଦଜ) ଦେବୀବିଶେଷ। (ପାଟେଣୀ ଶବ୍ଦ ଦେଖ।)

କଳାକନା, ବି. (ଦେଶଜ) ଯେଉଁ କନାରେ ହାଣ୍ଡି କୁଣ୍ଡେଇ ଘଷାମଜା ହୋଇ ଧୂଆଯାଏ।

କଳାକହ୍ନାଇ, କଳାକହ୍ନେଇ, ବି. (ଦେଶଜ) ସରୁ ଚକା ଓ ଚ୍ଛୋଟ ହୋଇ ଦୁଇ ପାଖ ଧୋବ ମଝି ଅଳ୍ପ କଳା ହେବା ଧାନ; ଶ୍ରୀକୃଷ୍ଣ। ଯଥା—

ଆରେ କଳା କହ୍ନାଇ। ଗୀତ।

କଳାକର, କଳାଧାର, ବି. (କଳା=ଷୋଡ଼ଶ କଳା- ଆକର=ସ୍ଥାନ, ଆଧାର) ଚନ୍ଦ୍ର। ଯଥା—

କଳାକରବଦନା ତୁହି ଅରେ ନବୀନା,
ମୋଠାରେ କେବେ ତୁ ବିମନା।

କଳାଜାମ୍ବିମନ୍ଦା, କଳାଜାଇମନ୍ଦା, ବି. (ଦେଶଜ) ଶରୀରରେ ଜନ୍ମକାଳରୁ ପରିଦୃଶ୍ୟମାନ ବୃହତ୍ କୃଷ୍ଣତିଳ, ତିଳାକୃତି ଦାଗ- ବିଶେଷ।

କଳାଜିରା, ବି. (କାଳଜୀରକ ଶବ୍ଦଜ) କୃଷ୍ଣ- ଜୀରକ।

କଳାଜିରା, କଳାଜୀରା, ବି. ( ଦେଶଜ ) ଧାନ୍ୟ- ବିଶେଷ।

କଳାଦ, ବି. ( କଳା=ଶିଳ୍ପବିଦ୍ୟା-ଦା-ଅ, ଅଥବା କଳା=ଅଂଶ, ଆଦ=ଯେ ଗ୍ରହଣ କରେ, ଅଳଙ୍କାର ଗଠନ କରିବାକୁ ଦେଲେ ତାହାର ଅଂଶ ଯେ ଗ୍ରହଣ କରେ) ସ୍ୱର୍ଣ୍ଣକାର, ସୁନାରି। (କଳାଦଃ ସ୍ୱର୍ଣ୍ଣ- କାରକଃ—ଅମର।)

କଳାନିଧି, ବି. (କଳା=ଷୋଡ଼ଶ କଳା, ନିଧି= ଆଧାର) ଚନ୍ଦ୍ର। (ଗ୍ଲୌର୍ମୃଗାଙ୍କଃ କଳାନିଧିଃ —ଅମର।)

କଳାପ, ବି. ( କଳା-ଆପ୍ = ପାଇବା-ଅ ) ଭୂଷଣ; ମୟୂରପୁଚ୍ଛ; ତୂଣୀର ଅର୍ଥାତ୍ ଶରପୂର୍ଣ୍ଣ ମୁଣା; ସମୂହ, ରାଶି । (କଳାପୋ ଭୂଷଣେ ବର୍ହେ ତୂଣୀରେ ସଂହତାବପି—ଅମର ।) କାଞ୍ଚୀ, ମେଖଳା (କାଞ୍ଚ୍ୟାଂ କଳାପଶବ୍ଦଃ ସ୍ୟାତ୍) ତୂଣୀର । ଯଥା—

ଅଂସେ କବେଶି ଗୁରୁ ଗୁରୁ କଳାପ ଭାର । ଜା.ପ.ନା.

ଚନ୍ଦ୍ର । (କଳାପତ୍ତ୍ୱାତ୍ କଳାପଃ) ବିଦଗ୍ଧ ବା ଚତୁର ବ୍ୟକ୍ତି । (ବିଦଗ୍ଧାସ୍ତୁଃ କଳାପେନ ସୁଖସନ୍ତୋଷବର୍ଦ୍ଧନଂ) ଧନୁ । (ନକୁଳସ୍ୟ କଳାପୋଽୟଂ ପଞ୍ଚ ଶାର୍ଦ୍ଦୂଳ ଲକ୍ଷଣଃ) ଅର୍ଦ୍ଧଚନ୍ଦ୍ରାକାର ଅସ୍ତ୍ରବିଶେଷ, ନାରାଚାସ୍ତ୍ର । (ଖଡ୍ଗାଂଶ୍ଚ ପ୍ରାସାନ୍ ପର୍ଶାଂଶ୍ଚ କଳାପାଂଶ୍ଚ ମହାଧନାନ୍) ଶର, ବାଣ । (କଳାପିନୌ ଧନୁଷ୍ପାଣିଶୋଭମାନୌ ଦିଶୋ ଦିଶ) ଗ୍ରାମବିଶେଷ; ବ୍ୟାକରଣବିଶେଷ ।

କଳାପକ, ବି. (କଳାପ-କ-ସ୍ୱାର୍ଥେ) କଳାପ; ହସ୍ତିକଣ୍ଠବନ୍ଧନରଜ୍ଜୁ; ସମୂହ; ମିଶ୍ରିତ ଚୂର-ଗୋଟି ଶ୍ଲୋକ । (କଳାପକଂ ଚତୁର୍ଭିଶ୍ଚ ।)

କଳାପାଡ଼, } ବି. (ଦେଶଜ) ଜାହାଜ ବା
କଳାପାଣ୍ଡି, } ନୌକାରେ ଝୁଣା ଲଗାଇବା; (କଜ୍ଜ୍ୱଳପର୍ଣ୍ଣୀ ଶବ୍ଦଜ) କଜଳପାଣ୍ଡି ପକ୍ଷୀ; ନେତ୍ରାଞ୍ଜନ ବା କଜଳ ରଖିବାର ପାତ୍ର ।

କଳାପୀ, ବିଂ. (ଦେଶଜ) ମାୟାବୀ, କପଟୀ, ଯେ ଷଡ଼ଯନ୍ତ୍ର ଜାଣେ । ବି. (କଳାପିନ୍—କଳାପ-ଇନ୍-ଅସ୍ତ୍ୟର୍ଥେ) ମୟୂର । ଯଥା—କଳାପୀ କଳା ଠେକ ନାଚଇ । (କଳ = ଅବ୍ୟକ୍ତ ମଧୁର ଧ୍ୱନି-ଆପ୍ = ପାଇବା-ଇନ୍) କୋକିଳ ।

କଳାବନ୍ତ, ବିଂ. (ଦେଶଜ ବା କଳାବତ୍ ଶବ୍ଦଜ) ଶ୍ରୀମନ୍ତ, ବିଶେଷଲକ୍ଷଣଯୁକ୍ତ; ରସିକ । ଯଥା—

କଳାବନ୍ତ ଲୋକ ଯେହୁ, ଦୁରନ୍ତ ଅଟନ୍ତି ସେହୁ ।

କଳାବୋଇତ, ବି. ( ଦେଶଜ ) କୃଷ୍ଣବର୍ଣ୍ଣ ମୋଟ ଲୁଗା । (କାଟେଣୀ ଶବ୍ଦ ଦେଖ)

କଳାମଇ, ବି. (ଦେଶଜ) ଧାନଗଛ ସବୁ କଳାବର୍ଣ୍ଣ ହେଲା ଉତ୍ତାରୁ ତାହା ଉପରେ ଓଡ଼େ ବା ଦଓଡ଼ ମଇ ଚଳାଇବା ।

କଳାମାଣିକ, ବି. (ଦେଶଜ) ଶ୍ରୀକୃଷ୍ଣ; ଉପେନ୍ଦ୍ର-ଭଞ୍ଜଙ୍କ ରଚିତ ପୁସ୍ତକବିଶେଷ ।

କଳାମୁଗ, ବି. (କାଳମୁଦ୍ଗ ଶବ୍ଦଜ) ଏକପ୍ରକାର ମୁଗ ଯାହା କି ହବିଷ୍ୟରେ ଉପଯୁକ୍ତ ।

କଳାମେଘୀ, ବିଂ. (ଦେଶଜ) କଳାମେଘର ବର୍ଣ୍ଣବିଶିଷ୍ଟ (ଲୁଗା) । ଯଥା—

କଳାମେଘୀ ଶାଢ଼ୀ ଏକ ପିନ୍ଧିଅଛି । ର. କ.

କଳାୟ, ବି. (କ = ବାୟୁ-ଲା = ଗ୍ରହଣ ଓ ଦାନ କରିବା-ଯ) ଶସ୍ୟବିଶେଷ । (ବଙ୍ଗଭାଷାରେ କଡ଼ାଇ କହନ୍ତି ।)

କଳାବାଠ, } ବି. (ଦେଶଜ) ଶ୍ରୀଜଗନ୍ନାଥ ।
କଳାବାଏଠ, }

କଳାବାଠଘର, } ବି. (ଦେଶଜ) ଶ୍ରୀଜଗନ୍ନାଥ
କଳାବାଏଠଘର, } ମନ୍ଦିର ଜଗମୋହନର ନିକଟ । ଯଥା—

ନାଚଇ କଳାବାଠ ଘରେ,
ତା ଭଙ୍ଗୀ କହିଲେ ନ ସରେ । ଦା. ର.

କଳାବାନ୍, ବିଂ. (କଳାବତ୍—କଳା-ବତ୍—ଅସ୍ତ୍ୟର୍ଥେ) ଯାହାର ସଙ୍ଗୀତ ବିଦ୍ୟାରେ ନୈପୁଣ୍ୟ ଓ ପାଣ୍ଡିତ୍ୟ ଅଛି; ଶିଳ୍ପନିପୁଣ । ବି. ଚନ୍ଦ୍ର । (ସ୍ତ୍ରୀ-ଈ) ତୁମ୍ବୁରୁ ଗନ୍ଧର୍ବଙ୍କ ବୀଣା; କଳାକୁଶଳା ନାୟିକା । ଯଥା—

କଳାବତୀ କଳାକର ଲପନ କଳା ନ କର । ସଂ. ସା.

କଳି, ବି. (କଳ୍ = ଗମନ କରିବା ଇତ୍ୟାଦି-ଇ) କଳିଯୁଗ, ଚତୁର୍ଥ ଯୁଗ । (ଚତୁର୍ଥେଽପି ଯୁଗେ କଳିଃ—ଅମର ।) ଦ୍ୱେଷ; କଳହ; ଯୁଦ୍ଧ; ଶୂର; କଳିକା, କଢ଼ି । (କଳିଃ ସ୍ତ୍ରୀ କଳିକାୟାଂ ନା ଶୂରାଜିକଳହେ ଯୁଗେ—ମେଦିନୀ ।) (ଦେଶଜ) ଗଳା ବା ଗଳଦେଶ । ଯଥା—ସେ ତାର କଳି ମୋଡ଼ିଦେଲା ।

**କଳି, କଳୀ, କଳିକା,** ବି. ସ୍ତ୍ରୀ. ବୈଷ୍ଣବମାନଙ୍କର ତିଳକ; କୋରକ, କଢ଼ି; ପଦସନ୍ଧିତଯୁକ୍ତ ରଚନାବିଶେଷ । ( କଳିକା କୋରକଃ ପୁମାନ୍—ଅମର । )

**କଳି, କଳ୍ପି,** ବି. ସ୍ତ୍ରୀ. (କଳୀ ବା କଳିକା ଶବ୍ଦଜ) ନୂତନ ମଞ୍ଜରୀ । ଯଥା—

ଝୁଞ୍ଚ ପତ୍ରରୂପ ସିନା କାଶ କୁଶ
କଲ ମିଳାଇ ସଢ଼ିଗଲି । ବି.ଚି.ମ.

କଢ଼ି । ଯଥା—
କନକ କମଳ କଲି ଯା ଜଳେ ବିକଶେ,
ସଦା ଯହିଁ ଯକ୍ଷବାଳା କ୍ରୀଡ଼ନ୍ତି ହରଷେ । କ. ବ.

ତିଳକବିଶେଷ । ଯଥା—
ଅଖିଳଜନନୀ ନାସା ମୃଗମଦ କଳ୍ପିଟି । କ. ଚ. ଚ.

ଶାମୁକର ଚୂନ; କେଶଭଙ୍ଗୀବିଶେଷ । (କଳି ହେଲେ) ଗଳା ବା ଗଳଦେଶ । ଯେପରି—
ସେ ମୋର କଳି ମୋଡ଼ିଦେଲି ।

**କଳିଆ, କଳିହା, କଳିପ୍ରିୟ,** ବିଂ. (କଳୀପ୍ରିୟ ବା କଳିପ୍ରିୟ ଶବ୍ଦଜ) କଳିପ୍ରିୟ; କଳହଇଚ୍ଛୁକ । ଯଥା—

ଛିଛି ଭଲଲୋକ ଯେବେ ଭଲ ବୋଲ ତାଙ୍କୁ,
କଳିଆ ଖଳୁଆ ଆଉ ବୋଲିବ କାହାକୁ । ଧ୍ରୁ. ଭ୍ରୁ.
ଶ୍ରୀହରି ବୋଇଲେ ନାରଦଙ୍କ ମୁଖ ଚାହିଁ,
କଳିହା ମୁନିଏ କେଉଁ କଥା ଛନ୍ତି ଭ୍ୟାଇ । ସା.ଭ୍ରି.ଆ.

**କଳିଆଣ,** ବି. ( କଲ୍ୟାଣ ଶବ୍ଦର ଅପଭ୍ରଂଶ ) ଆଶୀର୍ବାଦ । ଯଥା—
ଋଷିମାନେ କଲେ ତହିଁ କଳିଆଣ ବାଞ୍ଛା । ସା. ଭ୍ର. ସ.

**କଳିଆର, କଢ଼ିଆଳ,** ବି. ( ଦେଶଜ ) ହାତ ଖଡ଼ୁବିଶେଷ । ଯଥା—

କରେ ତାଡ଼ ଚୁଡ଼ି କଳିଆର ରଙ୍ଗେ । ର. କ.
ଯାଉଁଳି ତାଡ଼ ସଜାଡ଼ି କଢ଼ିଆଲି ଶଙ୍ଖ ଚୁଡ଼ି
ସେ ପ୍ରୀତିର ଦେନବାରୁ କାନ୍ତ ଅଧିକା । ଲ.ବ.

**କଳିକତରା, କଳିକାତରା,** ବି. (ଦେଶଜ) ମାଟି ଭିତରେ ଥିବା ଏକପ୍ରକାର ପୋକ । ଯଥା—

ମଣ୍ଡୁକୀ ମାଢ଼ୁଛି ଝିଂମୁକ କଠାଉ
ଶୃଗାଳ ହୋଇଛି ରଜା,
କଳିକତରା ଯେ କରତା ହୋଇଛି
ହସ୍ତିକି କଲେ ପରଜା । ନୃ. ପୁ. ସ. ତ.

ବିଂ. କଳିହା, କଳହପ୍ରିୟ ।

**କଳିଗୋଳ,** ବି. (ଦେଶଜ) କଳହ । ଯଥା—
ନ ହୁଅନ୍ତା ଏହି କଳିଗୋଳ ଘୋର । ନ. କେ.

**କଳିଙ୍ଗ,** ବି. (କଳି = କଳହ ଇତ୍ୟାଦି-ଗମ୍-ଅ) ଦେଶବିଶେଷ, ଓଡ଼ିଶା, ଦକ୍ଷିଣ ଦ୍ରାବିଡ଼ ପର୍ଯ୍ୟନ୍ତ ସମୁଦ୍ରତୀରସ୍ଥ ଦେଶ; କଳିଙ୍ଗ ଦେଶ ସ୍ଥାପନକର୍ତ୍ତା; କଳିଙ୍ଗ ଦେଶ ରାଜା; ମସ୍ତକଚୂଡ଼ ପକ୍ଷୀ; ଧୂମ୍ୟାଟ ପକ୍ଷୀ । (କଳିଙ୍ଗ-ଭୃଙ୍ଗଧୂମ୍ୟାଟାଃ—ଅମର ।) କୁଟଜବୃକ୍ଷ, ଇନ୍ଦ୍ରଯବ । (ଏତସ୍ୟୈବ କଳିଙ୍ଗେନ୍ଦ୍ରଯବ-ଭଦ୍ରଯବଂ ଫଳେ—ଅମର ।) ପୂତିକରଞ୍ଜ ବୃକ୍ଷ; ଶିରୀଷବୃକ୍ଷ; ପ୍ଲକ୍ଷବୃକ୍ଷ । ବିଂ. କଳିଙ୍ଗ-ଦେଶଜାତ । (ସ୍ତ୍ରୀ-ଆ) ନତମ୍ବିନୀ, ସୁନ୍ଦରୀ ସ୍ତ୍ରୀ; ତିବୃତ୍, ତିଉଡ଼ି ।

**କଳିଙ୍ଗା,** ବି. (କାଳିଙ୍ଗ ଶବ୍ଦରୁ ଉତ୍ପନ୍ନ) ଏକ-ପ୍ରକାର ବଡ଼ ବଳଦ; କଳିଙ୍ଗଦେଶଜାତ ବଳଦ ।

**କଳିଜା,** ବି. (ଦେଶଜ) ହୃଦୟସ୍ଥ କୋମଳ ମାଂସଗ୍ରନ୍ଥିବିଶେଷ । ଯଥା—
ସହଚରି ! ଗଲି ସରି, ନଆଁନା ନବକିଶୋରି !
ବନେ ଅନାଇ କଟାରି କଳିଜାରେ ଗଲୁ ମାରି । ଫ.ସ.

ଦମ୍ଭ; ମର୍ମ ।

**କଳିତ,** ବିଂ. (କଲ୍ = ଗଣନା କରିବା ଇତ୍ୟାଦି-ତ) ଜ୍ଞାତ; ଧୃତ; ପ୍ରାପ୍ତ; ଉପାର୍ଜିତ; ଗଣିତ; ଆଶ୍ରିତ; ଅନୁଗତ; ପୃଥକ୍‌କୃତ; ବିସ୍ତୃରିତ; ବଦ୍ଧ; ଉକ୍ତ; ଗୃହୀତ । (କରକଳିତକପାଳଃ) ଦୃଷ୍ଟ ।

**କଳିଦ୍ରୁମ,** ବି. (ନଳଶରୀରରେ ପ୍ରବେଶକାଳେ ଛିଦ୍ରାନୁସନ୍ଧାନାର୍ଥ କଳି ଏହି ବୃକ୍ଷର ଆଶ୍ରୟ ଗ୍ରହଣ କରିଥିଲେ) ବିଭୀତକ ବୃକ୍ଷ, ବାହାଡ଼ା ଗଛ ।

**କଳିନ୍ଦ,** ବି. (କଳି-ଦା-ଅ, ମ ଆଗମ) ସୂର୍ଯ୍ୟ; ପର୍ବତବିଶେଷ, ଏହି ପର୍ବତରୁ ଯମୁନା-ନଦୀର ଉତ୍ପତ୍ତି; ବିଭୀତକ ବୃକ୍ଷ ।

**କଳିଳ,** ବିଂ. (କଲ୍ = ଗଣନା କରିବା ଇତ୍ୟାଦି-ଇଳ) ଗହନ, ଯାହା ଭିତରେ ପ୍ରବେଶ କରି ହୁଏ ନାହିଁ । (କଳିଳଂ ଗହନଂ ସମେ—ଅମର ।) ମିଶ୍ରିତ ।

କଲସ୍ଥାର, ବି. (ଖଳୀନ ଶବ୍ଦଜ) ଘୋଡ଼ାର ତୁଣ୍ଡ ଭିତରେ ଦେବା ଲୌହବିଶେଷ ।

କଲହୁଡ଼ା, ବି. (ଦେଶଜ) କଲଗୋଳ କରିବା ଲୋକ ।

କଲହୁଡ଼ୀ, } କଲହୁରୀ, } ବି. ସ୍ତ୍ରୀ. ଦୁଷ୍ଟା ସ୍ତ୍ରୀ । ଯଥା—

କଲହୁରୀ ବଧୂ ଶାଶୂ ଲଭିବେ ବ୍ୟନସ୍ତା । ବେ. ପ.
ଗୁଲୁ ଗୁଲୁ ବୁଢ଼ୀ କହେ କଲହୁଡ଼ୀ
ବଡ଼ ସାନ ବହୂ ମୋର । କ. ମ.

କଲୁଷ, ବି. (କଲ୍-ଉଷନ୍) ପାପ । (କଲୁଷଂ ବୃଜିନୈନୋଘଂ—ଅମର ।) ମଳିନତା, ମଇଳା । ଯଥା—

କଲୁଷ ନଦୀଜଳରୁ ଛୁଟିଲେ । ର. କ.

ବିଂ. ଆବିଳ, ଗୋଳିଆ; ମଳିନ । (କଲୁଷୋଽନଚ୍ଛ ଆବିଳଃ—ଅମର) କଷାୟିତ; ଅସମର୍ଥ । (ଭବାବବୋଧକଲୁଷା ଦୟିତେବ ରାତ୍ରୌ) ଦୁଃଖିତ; ଗର୍ହିତ; ପାପୀ; କ୍ଷୁବ୍ଧ ।

କଲେଇ, ବି. (ଦେଶଜ) କାଟିବା ଧାନଶିଂସା, ଧାନହଳା । ଯଥା—

ଖଳା ଅଗଣାରେ କଲେଇ ଗଦାର
ଆମୋଦ ସଙ୍ଗତେ ମିଶି । ଉର୍ବଶୀ ।

କଲେଜ, ବି. (ଇଂରାଜୀ ଶବ୍ଦ) ଉଚ୍ଚ ବିଦ୍ୟାଳୟ ।

କଲେକ୍ଟର, } କଲେଷ୍ଟର, } ବି. (ଇଂରାଜୀ ଶବ୍ଦଜ) ଜିଲ୍ଲାର ପ୍ରଧାନ ଶାସକ ।

କଲେବର, ବି. (କଲେ = ବୀର୍ଯ୍ୟରେ, ଶୁକ୍ରରେ-ବର = ଶ୍ରେଷ୍ଠ ବା ଆବୃତ, ଅଥବା କଲ୍ୟତେ ଆଦ୍ୟ ଯୁତେ ଇତି ବା କଲେବର—ଅମର-ଟୀକା) ଶରୀର, ଗାତ୍ର ।

କଲ୍କ, ବି. (କଲ୍ = ଗଣନା କରିବା ଇତ୍ୟାଦି -କ) ଖଳି; କର୍ଣ୍ଣମୂଳ; ମଳ, ବିଷ୍ଠା; ଶିଠା; ପ୍ରତାରଣା; ଦମ୍ଭ; ଅହଙ୍କାର; ମାଛ ପ୍ରଭୃତିର କାତି; ଶିଳାପିଷ୍ଟ ଔଷଧ ଦ୍ରବ୍ୟ; ବିଭୀତକ ବୃକ୍ଷ; ପାପ । ବିଂ. ପାପିଷ୍ଠ, ପାପାଶୟ । (ତ୍ରିଷୁ ପାପାଶୟେ କଲ୍କୋଽସ୍ତ୍ରୀ ବିଟ୍ କିଟ୍ଟେଭ ଦନ୍ତୟୋଃ—ବିଶ୍ୱ ।) (କଲ୍କୋଽସ୍ତ୍ରୀ ଘୃତତୈଳାଦିଶେଷେ ଦମ୍ଭେ ବିଭୀତକେ—ମେଦିନୀ ।)

କଲ୍କି, } କଲ୍କୀ, } ବି. (କଲ୍କନ୍-କଳ = ଗମନ କରିବା-କ, ଏବଂ କଲ୍କ-ଇନ୍) ବିଷ୍ଣୁଙ୍କର କଲିଯୁଗର ଶେଷ ଅବତାର ।

କଳଙ୍କି, ବି. (କଳଙ୍କ ଶବ୍ଦଜ) ଧାତୁମାନଙ୍କରେ ଲାଗିଥିବା ମଳ । (କଲ୍କ ଶବ୍ଦଜ) କଲ୍କ ଅବତାର ।

କଳ୍ପ, ବି. (କ୍ଳୃପ୍ = ପାରଗ ହେବା-ଅ, ର୍ = ଅଳ୍) ବେଦାଙ୍ଗ ଗ୍ରନ୍ଥବିଶେଷ; ପୁରାଣମତେ ବ୍ରହ୍ମାଙ୍କ ଏକ ଅହୋରାତ୍ର; ପ୍ରଳୟ । (ସଂବର୍ତ୍ତଃ ପ୍ରଳୟଃ କଳ୍ପଃ—ଅମର ।) ସଂକଳ୍ପ, ପ୍ରତିଜ୍ଞା; ବିକଳ୍ପ; ପକ୍ଷ । ଯଥା—ମୁଖ୍ୟକଳ୍ପ, ନିକୃଷ୍ଟକଳ୍ପ । ନ୍ୟାୟ; ନିୟମ ବା ବିଧି; ବେଦବିଧିବିଶେଷ; ଅଭିପ୍ରାୟ; କଳ୍ପବୃକ୍ଷ; ଅନ୍ୟ ଶବ୍ଦର ପରେ ରହିଲେ ତୁଲ୍ୟାର୍ଥ ।

କଳ୍ପନ, } କଳ୍ପନା, } ବି. (କ୍ଳୃପ୍ = ପାରଗ ହେବା-ଅନ, ର୍ = ଅଳ୍, ସ୍ତ୍ରୀ-ଆ) ରଚନା, ଉଦ୍ଭାବନ । ଯେପରି—ଦୋଷକଳ୍ପନା । ସମ୍ଭାବନା । ଯଥା—ଯେଉଁ ବିଷୟର କଳ୍ପନା ଥିଲି ତାର କଣ ହେଲା । ସଂକଳ୍ପ, ମାନସ । ଯଥା—ମୁଁ ଏହି କଳ୍ପନା କରିଅଛି । ମନନ; ସାମର୍ଥ୍ୟ; ପର୍ଯ୍ୟାପ୍ତି; ଛେଦନ; ନାୟକର ଆରୋହଣାର୍ଥ ହସ୍ତିର ସଜ୍ଜୀକରଣ । (କଳ୍ପନା ସଜ୍ଜନା ସମେ—ଅମର ।)

କଳ୍ପପାଦପ, } କଳ୍ପବୃକ୍ଷ, } ବି. (କଳ୍ପ-ପାଦପ, ବୃକ୍ଷ) କଳ୍ପତରୁ, ଅଭୀଷ୍ଟପ୍ରଦ ସ୍ୱର୍ଗୀୟ ବୃକ୍ଷ ।

କଳ୍ପିତ, ବିଂ. (କ୍ଳୃପ୍-ଇ-ତ, ର୍ = ଅଳ୍) ରଚିତ, ଉଦ୍ଭାବିତ; ସମ୍ପାଦିତ; ସଜ୍ଜିତ; ଦତ୍ତ; ଆରୋପିତ; ନିର୍ମିତ; ଅବଧାରିତ । ବି. ଯୁଦ୍ଧାର୍ଥ ସଜ୍ଜିତ ହସ୍ତୀ ।

କଳ୍ପିବାର, କ୍ରି. (କଳ୍ପ ଶବ୍ଦଜ) ରଚିବା । ଯଥା—

ଗାଧେୟ ଅଜ ସଂପ୍ରାପ୍ତ ବାଞ୍ଛା ସଫଳ କଳ୍ପିବେ ।
ଜା. ପ. ନା.

କଲ୍ମଷ, ବି. (କଲ୍-ମଷ) ପାପ । (ପାପଂ କିଲ୍ୱିଷ କଲ୍ମଷଂ—ଅମର ।) ନରକବିଶେଷ । ବିଂ. ମଳିନ; ପାପିଷ୍ଠ ।

କଲ୍ମାଷ, ବ. (କଲ୍-ମାଷ, ଅଥବା କଲ-ମଷ୍ =ହାନ କରିବା-ଅ, ଯେ ଅନ୍ୟ ବର୍ଣ୍ଣକୁ ନଷ୍ଟ କରେ) ବିଚିତ୍ର ବର୍ଣ୍ଣ; ଶ୍ୱେତକୃଷ୍ଣ-ମିଶ୍ରିତ ବର୍ଣ୍ଣ । (ଚିତ୍ରଂ କର୍ମ୍ମିରକଲ୍ମାଷ-ଶବଳୈତାଶ୍ଚ କର୍ବୁରେ—ଅମର ।) ଦୈତ୍ୟବିଶେଷ; ରାକ୍ଷସ; ଅଗ୍ନିବିଶେଷ; ନାଗବିଶେଷ । ବିଂ. ବିଚିତ୍ରବର୍ଣ୍ଣଯୁକ୍ତ, ନାନାବର୍ଣ୍ଣଯୁକ୍ତ ।

କଲ୍ୟ, ବ. (କଲ୍=ଗଣନା କରିବା ଇତ୍ୟାଦି-ଯ) ପ୍ରାତଃକାଳ । ଯଥା—କଲ୍ୟରୁ ଗାତ୍ରୋତ୍ଥାନ କରୁ । ଗତ ଦିନ । ଯଥା—କଲ୍ୟ ସେ ଆସିଥିଲେ । ଆଗାମୀ ଦିବସ । ଯଥା—କଲ୍ୟ ପ୍ରାତଃକାଳରୁ ମୁଁ ଯିବାର ସ୍ଥିର କରିଅଛି । ମଧୁ; ଲଗ୍ନବିଶେଷ; କଲ୍ୟାଣବଚନ । ବିଂ. ସଜ୍ଜିତ; ନୀରୋଗ, ସୁସ୍ଥ । (କଲ୍ୟୌ ସଜ୍ଜନିରାମୟୌ—ଅମର ।) ସମର୍ଥ; ଦକ୍ଷ; ଅତ୍ୟୁତ୍ତମ । ଯଥା—

ସୀତା ବୈଦଗ୍ଧ ତେଣୁ ତ୍ରିଭୁବନପରିତୋଷଦ
ପ୍ରାପ୍ତ କଲ୍ୟ । ଜା. ପ. ନା.

କଲ୍ୟାଣକର । ଯଥା—
ଭୃତ୍ୟାଦିଯୋଗରୁ ହେଲ କଲ୍ୟା ।
ମୋ ନାମ ହେ ରାମ ଅଟେ ଅହଲ୍ୟା । ଜା.ପ.ନା.

ବଧିର,ବାଗିନ୍ଦ୍ରିୟ ଶ୍ରବଣେନ୍ଦ୍ରିୟଶକ୍ତିରହିତ । (କଲ୍ୟଂ ପ୍ରଭାତେ କ୍ଲୀବଂ ସ୍ୟାତ୍ କଲ୍ୟୋ ବାକ୍ଶ୍ରୁତିବର୍ଜିତେ । ସଜ୍ଜନୀରୋଗଦକ୍ଷେଷୁ କଲ୍ୟାଣବଚନେଽପି ଚ—ମେଦିନୀ ।)

କଲ୍ୟାଣ, ବ. (କଲ୍ୟ=ସୁସ୍ଥ-ଅଣ୍ ହେବା, ଶବ୍ଦ କରିବା-ଅ) ମଙ୍ଗଳ । (କଲ୍ୟାଣଂ ମଙ୍ଗଳଂ ଶୁଭଂ—ଅମର ।)ସ୍ୱର୍ଣ୍ଣ; ସୁଖ; ହିତ; ସମୃଦ୍ଧି; ରାଗିଣୀବିଶେଷ । ବିଂ. ସୁଖୀ; ସାଧୁ; ଶୁଭଦ; ଶୁଭଯୁକ୍ତ । (ସ୍ତ୍ରୀ-ଈ) ବିସତରୀ ।

କଲ୍ୟାଣୀୟ, ବିଂ. (କଲ୍ୟାଣ-ଈୟ) ମଙ୍ଗଳାସ୍ପଦ; କଲ୍ୟାଣଯୋଗ୍ୟ ।

କଲ୍ଲୋଳ, ବ· (କଲ୍ଲ୍=ଅବ୍ୟକ୍ତ ଶବ୍ଦ କରିବା-ଓଳ)ମହାତରଙ୍ଗ;ଆନନ୍ଦ । (ମହତ୍ସୂଲ୍ଲୋଳ-କଲ୍ଲୋଳୌ—ଅମର ।) ବିଂ· ଶତ୍ରୁ ।

କଲ୍ଲୋଳିନୀ, ବ·ସ୍ତ୍ରୀ· (କଲ୍ଲୋଳ-ଇନ୍-ଅସ୍ତ୍ୟର୍ଥେ-ସ୍ତ୍ରୀ-ଈ) ନଦୀ ।

କବକ, ବ· (କୁ-ଅକ) ଛତୁସାକ ।

କବଚ, ବ· (କୁ=ଶବ୍ଦ କରିବା-ଅଚ, ଅଥବା କ=ବାୟୁ-ବନ୍ଚ୍=ବଞ୍ଚନା କରିବା-ଅ) ସନ୍ନାହ, ସାଞ୍ଜୁ; ମନ୍ତ୍ରବିଶେଷ; ନାଗରା ବାଦ୍ୟଯନ୍ତ୍ର; ଗର୍ଦ୍ଦଭାଣ୍ଡ ବୃକ୍ଷ ।

କବୟୀ, କବୟିନ୍, ବ· (କ=ଜଳ-ବୟ୍=ଗମନ କରିବା-ଇନ୍) ମତ୍ସ୍ୟବିଶେଷ, କଉମାଛ ।

କବର, ବିଂ. (କୁ=ଶବ୍ଦ କରିବା-ଅର) ପାଠକ; କର୍ବୁରବର୍ଣ୍ଣ; ସମ୍ପୃକ୍ତ; ଖଚିତ । ବ· (କ=ମସ୍ତକ-ବୃ=ଆଚ୍ଛାଦନ କରିବା-ଅ) କେଶବିନ୍ୟାସ; (ଜଳସମ୍ପର୍କରେ ଜଳରୂପେ ପରିଣତ ହୁଏ ବୋଲି) ଲବଣ; (ଦର୍ଶନମାତ୍ରେ ମୁଖରୁ ଜଳ କ୍ଷରଣ ହୁଏ ବୋଲି) ଅମ୍ଳ; (କ=ପଦ୍ମର ମସ୍ତକ ବା ଉପରିଭାଗ -ବୃ-ଅ—ବର=ଆଚ୍ଛାଦନ କରେ ବୋଲି) ପଦ୍ମର ଆବରଣ । (ସ୍ତ୍ରୀ-ଈ) କେଶବିନ୍ୟାସ; ଖୋଷା, ଜୁଡ଼ା ।

କବଳ,ବ.(କ=ଜଳ-ବଲ୍=ବଳବାନ୍ ହେବା-ଅ—ଯାହାଦ୍ୱାରା ଆତ୍ମା ବଳବାନ୍ ହୁଏ) ଗ୍ରାସ । (ଆସ୍ୱାଦବଦ୍ଭିଃ କବଳୈସ୍ତୃଣାନାଂ) ଦ୍ରବ୍ୟବିଶେଷ;ମତ୍ସ୍ୟବିଶେଷ,ବାଳିଆ ମାଛ ।

କବି, ବ· (କବ୍=ସ୍ତୁତି କରିବା ଇତ୍ୟାଦି-ଇ, ଅଥବା କୁ=ଶବ୍ଦକରିବା-ଇନ୍)କାବ୍ୟକର୍ତ୍ତା; ବାଲ୍ମୀକି,ପଣ୍ଡିତ;ସୂର୍ଯ୍ୟ;ଶୁକ୍ରାଚାର୍ଯ୍ୟ; ବ୍ରହ୍ମା । (କବୀ=ଲଗାମ) (ଉଶନା ଭାର୍ଗବଃ କବିଃ । ସଂଖ୍ୟାବାନ୍ ପଣ୍ଡିତଃ କବିଃ—ଅମର ।)

କବିକ, କବିକା, କବିୟ, ବ. (କୁ=ଶବ୍ଦ କରିବା-ଇ-କ—ସ୍ତ୍ରୀ-ଆ) ଲଗାମ । (କୁ-ଇୟ—ନାଯ୍ୟାଂ କବୀ ଖଳୀନଂ କବିୟଂ ବା ନା ତୁରଙ୍ଗମୁଖଭାଣ୍ଡଂ—ଇତି ବୋପାଳିତଃ । କବିକା ତୁ ଖଳୀନୋଽସ୍ତ୍ରୀ—ଅମର ।) (କବତେ ଦନ୍ତେନ ଶବ୍ଦାୟତେ କବିକ) କଉମାଛ; ପୁଷ୍ପବିଶେଷ ।

କବତା, ବି. ସ୍ତ୍ରୀ. ( କବ-ତା —ଭାବାର୍ଥେ ) କବିତ୍ଵ, କବିକୃତ; ଶ୍ଲୋକ ।

କବୋଷ୍ଣ, ବିଂ. (କୁ = ଈଷତ୍—ଉଷ୍ଣ, କୁ = କବ) ଈଷଦୁଷ୍ଣ, ଅଳ୍ପ ଗରମ । (କୋଷ୍ଣଂ କବୋଷ୍ଣଂ ମନ୍ଦୋଷ୍ଣଂ—ଅମର ।)

କବ୍ୟ, ବି. (କୁ = ଶବ୍ଦ କରିବା ଇତ୍ୟାଦି-ଯ) ପିତୃଲୋକଙ୍କୁ ଦେୟ ଖାଦ୍ୟଦ୍ରବ୍ୟ । (ହବ୍ୟ-କବ୍ୟେ ଦୈବପୈତ୍ର୍ୟେ—ଅମର ।)

କଶମ୍, ବି. (କଶ୍ = ଗମନ କରିବା-ଅମ୍, ଯେ ନିମ୍ନରେ ଗମନ କରେ) ଜଳ ।

କଶା, ବି. (କଶ୍ = ବଧ କରିବା-ଅ-ସ୍ତ୍ରୀ-ଆ) ଚାବୁକ, କୋରଡ଼ା । (ଅଶ୍ଵାଦେସ୍ତାଡ଼ନୀ କଶା—ଅମର ।) ଲଗାମ ।

କଶାର୍ହ, ବିଂ. ( କଶା = କଶାଘାତ-ଅର୍ହ = ଯୋଗ୍ୟ ) କଶାଘାତଯୋଗ୍ୟ ।

କଶିପୁ, ବି. (କଶ୍ = ବଧ କରିବା-ପୁ, ନିପାତନ) ଅନ୍ନବସ୍ତ୍ର, ଗ୍ରାସାଚ୍ଛାଦନ । (କଶିପୁ ଭକ୍ତମାଚ୍ଛାଦନଂ ଦ୍ଵୟଂ—ଅମର ।) ଶଯ୍ୟା, ଆସନବିଶେଷ । (କ୍ଳୃପ୍ତୈଃ କଶିପୁଭିଃ କାନ୍ତଂ ପର୍ଯ୍ୟଙ୍କବ୍ୟଜନାସନୈଃ ।)

କଶେରୁ, କସେରୁ, ବି. (କ-ଶ—ହିଂସା କରିବା-ଉ, ର = ଏର) ପୃଷ୍ଠର ଅସ୍ଥି, ମେରୁହାଡ଼, ମେରୁଦଣ୍ଡ; ତୃଣମୂଳବିଶେଷ, କେସୁର ।

କଶେରୁକା, ବି. ସ୍ତ୍ରୀ. ( କଶେରୁ-କ-ସ୍ତ୍ରୀ-ଆ ) ପୃଷ୍ଠର ଅସ୍ଥି, ମେରୁଦଣ୍ଡ । ( ପୃଷ୍ଠାସ୍ଥ୍ନି କଶେରୁକା—ଅମର ।)

କଶ୍ମଳ, କସ୍ମଳ, ବି. (କଶ୍ = ଗମନ କରିବା-ମଳଚ୍) ମୂର୍ଚ୍ଛା, ମୋହ । (ମୂର୍ଚ୍ଛା ତୁ କୁଶ୍ମଳଂ ମୋହଃ—ଅମର ।) ପାପ; ଦୁର୍ବଗ୍ରହ । ବିଂ. ପାପୀ; ମଳିନ; କୁତ୍ସିତ ।

କଶ୍ୟ, ବି. (କଶ୍ = ବଧ କରିବା, ଆଘାତ କରିବା, ଶାସନ କରିବା-ଯ) ଅଶ୍ଵର କଟିଦେଶ, ଅଶ୍ଵର ମଧ୍ୟଦେଶ । (କଶ୍ୟଂ ତୁ ମଧ୍ୟମଶ୍ଵାନାଂ—ଅମର ।) ମଦ୍ୟବିଶେଷ । (ମଦିରା କଶ୍ୟମଦ୍ୟେ ଚ—ଅମର ।) ବିଂ. କଶାଘାତଯୋଗ୍ୟ, କୋରଡ଼ା ଖାଇବାର ଯୋଗ୍ୟ । (କଶ୍ୟଃ କଶାର୍ହେ—ଅମର ।)

କଶ୍ୟପ, ବି. (କଶ୍ୟ = ମଦ୍ୟ-ପା = ପିଇବା-ଅ, ମଦ୍ୟପାନ କରନ୍ତି ବୋଲି ଏ ନାମ) ମୁନିବିଶେଷ; ମୃଗବିଶେଷ; ମତ୍ସ୍ୟବିଶେଷ ।

କଷ, ବି. (କଷ୍ = ହିଂସା କରିବା, ଆସ୍ଵାଦନ କରିବା, ପରୀକ୍ଷା କରିବା-ଅ) କଷ୍ଟିପଥର, କଷଟିପଥର । (କଷପାଷାଣନିଭେ ନଭସ୍ଥଳେ—ନୈଷଧ ।) (କଷସ୍ତୁ ନିକଷୋପଳଃ — ଅମର ।)

କଷଣ, ବି. ( କଷ୍ = ହିଂସା କରିବା-ଅନ ) ଘର୍ଷଣ; କଣ୍ଡୂୟନ; ପ୍ରସ୍ତରରେ ଘର୍ଷଣ ପୂର୍ବକ ପରୀକ୍ଷା କରିବା, କଷିବା ।

କଷଣ, ବି. (ଦେଶଜ ବା କଷ୍ ଧାତୁର ଅର୍ଥାନୁକରଣରେ ଜାତ) କ୍ଲେଶ । ଯଥା—

କୋମଳ କପୋଳେ ଦାରୁଣ କଷଣ
ମାରିଛୁ ନିଜ ମୁଦ୍ରିକା । ପାର୍ବତୀ ।

କଷଣି, କଷଣୀ, କଷୁଣୀ, ବି. ସ୍ତ୍ରୀ. ( ଦେଶଜ ) ପାଦାଙ୍ଗୁଳିର ଅଳଂକାରବିଶେଷ । ଯଥା—

ବୁଢ଼ାଙ୍ଗୁଳିରେ ହିରା କଷୁଣୀ ଗୋଟି ମାଞ୍ଜି,
କଣ୍ଠରେ ନବଗୁଣ ପଇତା ଅଛୁ ପଡ଼ି । ନୃ. ପୁ. ସ. ଚ.

ଧନୁର୍ଗୁଣ ଆକର୍ଷଣ କରିବା ନିମିତ୍ତ ଅଙ୍ଗୁଳିରେ ଲଗାଇବା ମୁଦ୍ରିକା । ଯଥା—

ସେ ବାମ ନାସାରେ ହିରାକେ ନଥ,
ତୁଣୀର ଉପରେ ସ୍ଵକର କଷଣୀ ଥୋଇଚି କି ମନମଥ ।
କୋ. ବ୍ର. ସୁ.

କଷା, ବି. ସ୍ତ୍ରୀ. (କଶା ଶବ୍ଦର ରୂପାନ୍ତର—କଶା ଶବ୍ଦ ଦେଖ) ଚାବୁକ, କୋରଡ଼ା । (କୃଚ୍ଛ୍ରେଣ ପୃଷ୍ଠେ କଷୟା ଚ ତାଡ଼ିତଃ ।) (ଦେଶଜ—ବାଲେଶ୍ଵର ପ୍ରାନ୍ତରେ ବ୍ୟବହୃତ) କୋଇଲି ।

କଷା, କସା, ବି. (କଷାୟ ଶବ୍ଦଜ) କଷାୟ ରସ । ଯଥା—

ନ ଖାଇଲେ ପିତା କଷାରେ କିଛି,
ଉଠିବାକୁ ବଳ କାହୁଁ ହେଉଛି । ହା. ଚ.

ବିଂ. କଷାୟରସବିଶିଷ୍ଟ । ଯେପରି—କଷାଫଳ । କୃପଣ, ବ୍ୟୟକୁଣ୍ଠ ।

କଷାୟ, ବି. (କଷ୍ ହିଂସା କରିବା-ଆୟ)ରସ-ବିଶେଷ, କସାରସ; ରସ, କ୍ୱାଥ; ସୁଗନ୍ଧ ଲେପନ ଦ୍ରବ୍ୟ; ନିର୍ଯ୍ୟାସ । (ନିର୍ଯ୍ୟାସେଽପି କଷାୟୋଽସ୍ତ୍ରୀ—ଅମର ।) ସୌରଭ । (ରାଗେ କ୍ୱାଥେ କଷାୟୋଽସ୍ତ୍ରୀ ନିର୍ଯ୍ୟାସେ ସୌରଭେ ରସେ) ବିଲେପନ, ଅଙ୍ଗରାଗ । (କଷାୟୋ ରସଭେଦେ ସ୍ୟାଦଙ୍ଗରାଗେ ବିଲେପନେ—ବିଶ୍ୱ ।) ଶୋନାକ ବୃକ୍ଷ; କଳିଯୁଗ । ବିଂ. ରକ୍ତ ପୀତ ମିଶ୍ରିତ ବର୍ଣ୍ଣ; ରଞ୍ଜିତ । ( ବୃତାଙ୍କୁରସ୍ୱାଦକଷାୟକଣ୍ଠଃ ) ଲୋହିତ; ସୁଶ୍ରାବ୍ୟ; ସୁରଭି; ଅପଟୁ ।

କଷାୟିତ, ବିଂ. (କଷାୟ-ଇତ-ଅସ୍ତ୍ୟର୍ଥେ) ରଞ୍ଜିତ; ବିଲେପିତ; କୃତଲୋହିତ । ଯେପରି—ରୋଷକଷାୟିତ ଲୋଚନ ।

କଷିବାର, } କ୍ରି. ( କଷ୍ ଧାତୁଜ ) ପରୀକ୍ଷା
କସିବାର, } କରିବାର । ଯଥା—

ବର୍ଣ୍ଣ ଶିଳେ ତାହା ତନୁ ସୁବର୍ଣ୍ଣ କଷିବ । ବୈ. ବି.

ଆୟତ୍ତ କରିବାର । ଯଥା—

ତୋ ପେନ ତମାଲଶ୍ୟାମ ମୋ ମରକ୍ତ କଷିଲା ।
କ. ଚ. ଚ.

ଭିଡ଼ିବାର କିମ୍ବା ଟାଣିବାର; ଗଞ୍ଜିବାର । ଯଥା—ସେ ତାକୁ ବଡ଼ କଷି ପକାଇଲାଣି ।

କଷ୍ଟ, ବି. (କଷ୍=ହିଂସା କରିବା-ତ) କ୍ଳେଶ, ଯନ୍ତ୍ରଣା, ଦୁଃଖ । ବିଂ. କ୍ଳିଷ୍ଟ; ଦୁଃଖଜନକ; ଗହନ । (କଷ୍ଟେ ତୁ କୃଚ୍ଛ୍ର ଗହନେ—ଅମର ।) କୁତ୍ସିତ । (କଷ୍ଟା ବୃତ୍ତିଃ ପରାଧୀନା) ।

କଷ୍ଟଶ୍ରିତ, ବିଂ. (କଷ୍ଟ-ଶ୍ରିତ=ଆଶ୍ରିତ) ଯେ କଷ୍ଟ ପାଇଅଛି; ଯେ କଠୋର ବ୍ରତ କରିଅଛି ।

କଷ୍ଟସୃଷ୍ଟେ, କ୍ରି. ବିଂ. (କଷ୍ଟ-ସୃଷ୍ଟ—ଶ୍ରେଷ୍ଠ ଶବ୍ଦର ଅପଭ୍ରଂଶ) ଅତି କ୍ଳେଶରେ, ବଡ଼ ଆୟାସରେ ।

କଷ୍ଟଫେଡ଼; ବି. (ଦେଶଜ) ମଧୁରନାଦୀ ବନପକ୍ଷିବିଶେଷ । (ବଙ୍ଗୀୟ ନାମ—ବଉ କଥା କଓ) । ଯଥା—

ରବିଚନ୍ଦ୍ର ଅସ୍ତକାଳେ କଷ୍ଟଫେଡ ଶୁଆ । ମ. ଯା.

କଷ୍ଟି, କଷଟି, } ବି. (କଷ୍ ଶବ୍ଦଜ) ପରୀକ୍ଷା
କସଟି, } କରିବା, ସୁନା ପରୀକ୍ଷା କରିବା ପଥର । ଯଥା—

ଯେସନେ କାଞ୍ଚନ ଦହନ କଷଟି
କଷଟିରେ କଷାଇଲେ । ବି. ଗୀ.

କସ, ବି. (କଷ ଶବ୍ଦଜ) କଷିବା କିମ୍ବା ମୂଲ୍ୟ ନିରୂପଣ କରିବା; ପରଖିବା । ଯଥା—

ସୁନା ରୁପା ନାନା ଦ୍ରବ୍ୟ କସତୁଳ ଅଛି,
ମୋହ ନାମଠାରେ ପାଥ ମାୟା ନାହିଁ କଛି । ନା. ର. ଗୀ.

(କଷାୟ ଶବ୍ଦଜ) ରଞ୍ଜିତବସ୍ତ୍ର । ଯଥା—ସେ ସବୁବେଳେ କସ ପିନ୍ଧିଥାଏ ।

କସ, କଷା, } ବିଂ. (କଷାୟ ଶବ୍ଦଜ) ରାଗ ନୀଳ
କସା, } ପୀତାଦିରେ ରଞ୍ଜିତ । ଯଥା—

କଷାବସନ ପରିଧାନ,
ସର୍ବାଙ୍ଗେ ବିଭୂତି ଲେପନ । ଦା. ର.

ବି. ରଞ୍ଜନ, ରଞ୍ଜିତ କରିବା । ଯଥା—

ଯନ୍ତ୍ର ତୁମ୍ଭ କି ନୀଳକସ କଲ । ଲ. ବି.

କସବୀ, ବି. ସ୍ତ୍ରୀ. (ଯାବନିକ) ବେଶ୍ୟା ।

କସରା, ବି. (ଦେଶଜ) ପକ୍ଷିବିଶେଷ, (ପାଟଭାଲି ଶବ୍ଦ ଦେଖ) ଧବଳ ଓ ରକ୍ତବର୍ଣ୍ଣ ମିଶ୍ରିତ ବର୍ଣ୍ଣ ।

କସା, } ବି. (କଷାୟ ଶବ୍ଦଜ) କସା ଆସ୍ୱାଦ,
କଶା, } କସା ରସ । ବିଂ. କସ ହୋଇ-ଥିବା । ଯଥା—

କସା ବସନ ଶିଖା ପଇତା,
ଅଙ୍ଗରେ ମଣ୍ଡିଛୁ ଦ୍ୱାଦଶ ଚିତା । ବି. ଗୀ.

ଭିଡ଼ା ବନ୍ଧା ହୋଇଥିବା, କସ ଦିଆ ଯାଇଥିବା (ଚର୍ମାଦି) ।

କସାଇ, } ବି. (ଦେଶଜ) ଯେ ମାଂସ କାଟି
କସେଇ, } ବିକ୍ରୟ କରେ । ଯଥା—
କଂସେଇ, }

କସାଇରୁ ବଳେ ଚଣ୍ଡେ ଦୟା ନାହିଁ ତାର,
ଜୀବନ ବଧିବାପାଇଁ ତାକୁ କେତେ ଦୂର । ବେ. ପ.

କସାକସି, } କ୍ରି. ବିଂ. (କଷ ଧାତୁଜ—କ୍ରିୟା
କଷାକଷି, } ବ୍ୟତୀହାର) ଅନ୍ୟୋନ୍ୟ ପରୀକ୍ଷା
କଶାକଶି, } କରିବା । ଯଥା—

ସେକାଳେ ଗୁରୁ ଶିଷ୍ୟ ହୋଇ ମିଶାମିଶି,
ହେଲେ ଶରମୁନଙ୍କୁ ଦେହରେ କସାକସି । କୃ. ଭ. ବି. ପ.

ଭାବ ଲଜ ଏ କଷାକଷି,
ହାବେ ନୟନ ମିଶାମିଶି । କୋ. ବ୍ର. ସୁ.

**କସି, କଶି,** ବି. (ଦେଶଜ) ଅତି ସାନ ଫଳ । ଯଥା—

କେତେ ବା କଶିରୁ ଝଡ଼ଇ,
କେତେ ବା ବଢ଼ିଣ ପଡ଼ଇ । ଦା. ର.

ଚେମା ଖେଳରେ ଗୋଟିଏ କଉଡ଼ି ଚିତ୍ ହୋଇ ପଡ଼ିବା ଦାନ । ବିଂ. କଶି ଅବସ୍ଥାପନ୍ନ । ଯେପରି—କଶି ଫଳ ।

**କସିବାର, କଶିବାର, କଷବାର,** କ୍ରି. (ଦେଶଜ) ରଙ୍ଗ କରିବାର; ଭିଡ଼ି ବାନ୍ଧିବାର; ସିଝାଇବାର; ବିଶେଷ ଦେବା ସ୍ଥାନରେ ଅଳ୍ପ ଦେବାର; ପ୍ରହାର କରିବାର; ସଜ କରିବାର । ଯେପରି—ଘୋଡ଼ା କସିବା । (କଷ୍ ଧାତୁଜ) ସ୍ୱର୍ଣ୍ଣ ପରୀକ୍ଷା କରିବାର; ପରୀକ୍ଷା କରିବାର ।

**କସୁର, କସର, କସୋର,** ବି. ( ଯାବନିକ ) ଦୋଷ, ତ୍ରୁଟି; ଊଣା କରିବା । ଯେପରି—କାଠ କସର ।

**କସ୍ତୁରିକା, କସ୍ତୂରିକା, କସ୍ତୁରୀ, କସ୍ତୂରୀ,** ବି. ସ୍ତ୍ରୀ. (କସ୍ = ଗମନ କରିବା-ଉର, ଊର-କ-ସ୍ତ୍ରୀ-ଈ-ଇକ-ଆ) ମୃଗନାଭି । (କସ୍ତୂରୀତିଳକଂ ଲଲାଟପଟେ । )

**କସ୍ୱର,** ବିଂ. (କସ୍ = ଗମନ କରିବା-ବର) ଗମନଶୀଳ; ହିଂସକ ।

**କହକହ,** ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ଟହ ଟହ ହସିବାରେ ଶୁଭେ ଘୋର ରବ,
କହ କହ ନାଦ କରି ଚଳିଲେ ଦାନବ । ନୃ.ପୁ.ଦ୍ୱି.ଚ.

**କହଣା, କହଣ,** ବି. (କଥନ ଶବ୍ଦଜ) କଥା କିମ୍ବା ବଚନ । ଯଥା—

ସତ୍ୟ କଲେ ତୋତେ ମାଗିବୁ ସିନା ଦକ୍ଷିଣା,
ଯୁଗେ ଯୁଗେ ରହିବ ତୋହର ଯେ କହଣା ।
ସା. ଭି. ଆ.

କହିବା । ଯଥା—

ଶୁଣିଣ ହାଡ଼ପକାଣୀ ବିସ୍ମୟ (ବିସ୍ମିତ) ହୋଇଲା,
ଅପୁର୍ବିକ ଲୋକ ପାପ କହଣା ନ ଗଲା । ସା. ଭି. ସ.

ବିଂ. କଥିତ ।

**କହରା,** ବିଂ. (ଦେଶଜ) ପିଙ୍ଗଳବର୍ଣ୍ଣବିଶିଷ୍ଟ ।

**କହା, କୁହା,** ବି. ବିଂ. (କହ୍ ଧାତୁର ରୂପ) କହିବା; କଥିତ ।

**କହିବା, କହିହେବା,** କ୍ରି. ( କଥ୍ ଧାତୁଜ ) କଥନ କରିବା । ଯଥା—

କହେ ଅବଗାହେ ପାପବ୍ୟୂହ ଦହନରେ । କୋ ବ୍ର.ଖ.
ଏମନ୍ତ ବୋଲି କହନ୍ତିଅନ୍ତେ ଯେଝା ତୁଣ୍ଡେ,
କହୁଁ କହୁଁ ଅସୁରେ ବୁଲିଲେ ବଜଦାଣ୍ଡେ ।
ନୃ. ପୁ. ଦ୍ୱି. ଚ.

**କହୁଣି, କହୁଣୀ,** ବି. ସ୍ତ୍ରୀ. (କଫୋଣୀ ଶବ୍ଦଜ) ବାହୁ ଏବଂ ମଣିବନ୍ଧର ଯୋଗସ୍ଥାନ । ଯଥା—

ସେ ସକାଶୁଁ ଅର୍ଜୁନ କହୁଣିର ହାଡ଼,
ଫୁଟିଯାଇ ଶବଦ କଲା ମଡ଼ ମଡ଼ । କୃ. ଖ. ବ. ପ.

ସେହି ସ୍ଥାନର ପ୍ରହାର । ଯଥା—

ଚରଣ ଠେକି ନାଚୁଥାଉ,
ଯେଣୁକି କହୁଣି ନ ପାଉ । ଦା. ର.

**କହୁଣିଆ, କହୁଣିଆ,** ବିଂ. ( ଦେଶଜ ) କହୁଣିମାଡ଼ ଖାଇବାକୁ ଯୋଗ୍ୟ ଅର୍ଥାତ୍ ମାଡ଼ୁଆ । ବି. ପିଣ୍ଡା ଖୁଣ୍ଟର ମଧ୍ୟଭାଗରୁ ଯେଉଁ କାଷ୍ଠଖଣ୍ଡ ବାହାରି ଘରର ଅବଶିଷ୍ଟ ଚାଳକୁ ଧରି ରଖିଥାଏ ।

**କହ୍ନା, କହ୍ନାଇ, କହ୍ନେଇ, କନେଇ,** ବି. (କୃଷ୍ଣ ଶବ୍ଦରୁ ଉତ୍ପନ୍ନ) ଶ୍ରୀକୃଷ୍ଣ । ଯଥା—

ନବନାଗର କହ୍ନା ମୁରଲୀ ବଜାଏ
ଶୁଖିଲା ତରୁକୁ ପଲ୍ଲବାଏ । ଫ. ସ.

କଦମ୍ବ ବୃକ୍ଷରେ ଦୋଳି କରି ବସିଅଛନ୍ତି
ନାଗର କହ୍ନାଇ । ର. କ.

ଆରେ ଜହ୍ନମାମୁ ଶରଦଶଶୀ,
କହ୍ନେଇ ହାତରେ ପଡ଼ିବୁ ଖସି । ଢ.ସା. ୭.୪.

**କହ୍ନେଇବାଇ,** ବି. (ଦେଶଜ) ଧାନ୍ୟବିଶେଷ ।

**କହ୍ଲାର, କଲ୍ହାର,** ବି. (କ-ଜଳ-ହାର-ମୁକ୍ତାହାର ମାଳା, ଲ ଆଗମ, ଜଳର ହାରସଦୃଶ, ଅଥବା କ = ଜଳ-ହ୍ଲାଦ୍ = ହୃଷ୍ଟ-ହେବା-ଅ, ଦ = ର) ଶ୍ୱେତୋତ୍ପଳ । (ସୌଗନ୍ଧିକଂ ତୁ କହ୍ଲାରଂ—ଅମର ।)

**କହ୍ୱ,** ବି. (କ = ଜଳ—ହ୍ୱେ = ଆହ୍ୱାନ କରିବା-ଅ) ବକ, ବଗ ପକ୍ଷୀ । (କ୍ରୁଙ୍ କ୍ରୌଞ୍ଚୋଽଥ ବକଃ କହ୍ୱଃ—ଅମର ।)

କା, ସର୍ବଂ. (କିମ୍ ଶବ୍ଦଜ) କାହାର । ଯଥା—
କା ବିରହ ବ୍ୟାଧି ନାଶ, ନ କରେ ଲେଶ । ର.କ.
ଅଂ. ଅନୁକରଣ ଶବ୍ଦ ।

କାଆଁଳା, ବି. (କାମଳ ଶବ୍ଦଜ) ରୋଗବିଶେଷ ।

କାଆ, ବି. (ଦେଶଜ) କାକପକ୍ଷିର ଧ୍ୱନି । ଯଥା—
କାଆ କାଆ ବସି ରାବ ଦେଉଅଛୁ
ବନସ୍ପତି ଡାଳେ କାଉ । ଉ.ସା. ୩.୪.

କାଇ, ବି. (ଦେଶଜ) ଆମ୍ର ପ୍ରଭୃତି ଗଛ-ମାନଙ୍କରେ ଥିବା ଜହ୍ଣା ସଦୃଶ ଏକଜାତୀୟ ପୋକ । ଯଥା—
ସେ ପିନାଟି ପର ଆମ୍ବ ତୋଳଇ,
କାଇ କାମୁଡ଼ାକୁ ଯେ ପାରେ ସହି । ଡା. ବ.

କାଇଦା, ବି. (ଦେଶଜ) ଆକଟ, ଭୟ ପ୍ରଦର୍ଶନରେ ନିଷେଧ କରିବା । ଯଥା—ପିଲାଙ୍କୁ କାଇଦା ନ କଲେ ଉଚ୍ଛୃଙ୍ଖଳ ହୁଅନ୍ତି ।

କାଇପୁଡ଼ା, ବି. (ଦେଶଜ) କାଇପୋକର ଆବାସ ପତ୍ରସଂପୁଟ ।

କାଇଲା, ବି· ବିଂ. (ଦେଶଜ—ଏ ଶବ୍ଦଟି ଖାଣ୍ଟି ଓଡ଼ିଆ ନୁହେ, ତୈଲଙ୍ଗୀର ଅନୁକୃତ) ରୋଗ, ପୀଡ଼ା; ରୋଗାର୍ତ୍ତ, ପୀଡ଼ାଯୁକ୍ତ, ଦୁଃଖାର୍ତ୍ତ । ଯଥା—
କାଇଲା ପଣ୍ଡିତ ଯେବେ ବାଟ ଚାଲିବାରୁ,
ଔଷଧ ପାଇବ ତତକ୍ଷଣେ ରାଜାଠାରୁ । ଉ. ଭ୍ରୁ.

କାଇଲି, } ବିଂ. (ଦେଶଜ) ହାରି କିମ୍ବା ଦୋଷ-
କାଇଲ, } ଯୁକ୍ତ । ଯଥା—ଏଠାରେ ତାର କାଇଲ ହୋଇଗଲା । ବି. ଦୋଷୀ ବୋଲି ପ୍ରତିପନ୍ନ ହେବା ବା ସ୍ୱୀକାର କରିବା ।

କାଇଁଚ, ବି. (କାକଚିଞ୍ଚା ଶବ୍ଦଜ) ଗୁଞ୍ଜାଫଳ । ଯଥା —
କାଇଁଚମାଳାଯ୍ୟା ଘନଶ୍ୟାମଳାଯ୍ୟା
ହରଷେ ହୁଅନ୍ତି ଅସ୍ଥିର । ର. କ.

କାଇଁଚମାଳିଆ, } ବିଂ. (ଦେଶଜ) ଯେ
କାଇଁଚମାଳୟା, } କାଇଁଚର ମାଳା ପିନ୍ଧିଥାଏ ।

କାଇଁଶ, } ବି. (କାଶ ଶବ୍ଦଜ) ତୃଣଜାତୀୟ
କାଇଁସ, } ଗୁଳ୍ମବିଶେଷ । ଯଥା—
କାଇଁଶ-କଙ୍କଣ କରେ,
କାଇଁଚ ମାଳା ହୃଦରେ । ର. କ.

କାଇଁସିରିଆ, ବି. (ଦେଶଜ) ଶସ୍ୟକ୍ଷେତ୍ର ଭିତରେ ଉତ୍ପନ୍ନ ତୃଣବିଶେଷ ।

କାଉଁ, ଅଂ. (ଦେଶଜ) ବିକୃତ ଧ୍ୱନି, ଅନୁକରଣ ଧ୍ୱନିବିଶେଷ । ଯଥା—ଏହା ଶୁଣିଲାକ୍ଷଣି ସେ କାଉଁକରି ଉପରକୁ ଉଠିଲା ।

କାଉଁରା, ବି. (ଦେଶଜ) ଏକପ୍ରକାର ଶାକ-ଜାତୀୟ ଗୁଳ୍ମ ।

କାଉଁରି, ବି. (ଦେଶଜ) ଏକପ୍ରକାର ପ୍ରହରଣ । ଯଥା—
ଗୋପପୁରଯାକ ଲୁଣ୍ଠ ହୋଇବା,
କରେ କାଉଁରି ଲଉଡ଼ି ଧରିବା । ଗୋ. ଭା.
ହୃଦୟର ସ୍ଥାନବିଶେଷ । ଯଥା—
କାଉଁରମଣ୍ଡଳେ ଯାଇ ପଟି ଗୋଳାହାଟେ,
କାଳିନ୍ଦୀ ଜଳ ଅଛୁ ଦେଖିବ ହୃଦତଟେ । ନୃ.ପୁ.ତୃ.ଡ.
କୁମାରୀ; ଦେଶବିଶେଷ ।

କାଉଁରିଆ, ବି. (ଦେଶଜ) ଶାକଭେଦ, ଲଳିତା ବା ନଳିତା ଓ ଧଣ୍ଡିରି ପ୍ରଭୃତି ଗଛର ତ୍ୱକ୍‌ହୀନ ଅଂଶ । ବିଂ. କାଉଁରିଦେଶ-ସମ୍ବନ୍ଧୀୟ ।

କାଉଁରିଭାର, ବି. (ଦେଶଜ) ଯାତ୍ରିମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବହି ଆଣି ଯେଉଁ ଭାରରେ ରାମେଶ୍ୱର ପର୍ଯ୍ୟନ୍ତ ନିଅନ୍ତି ।

କାଉଁରିହାଡ଼, ବି. (ଦେଶଜ) କୁମାରୀ କନ୍ୟାର ଅସ୍ଥି ।

କାଉ, ବି. (କାକ ଶବ୍ଦଜ) କୁଆ; ଧ୍ୱନିବିଶେଷ ।

କାଉକାଉ, ବି. (ଦେଶଜ) ବିରକ୍ତି, ଗୋଳ-ମାଳ । ବିଂ. ବିରକ୍ତ ।

କାଉଚିଆ, ବି. (ଦେଶଜ) ଘୋଡ଼ାମାନଙ୍କର ଗତିବିଶେଷ । ଯଥା—
ଢ଼ିଆଁ ଯୋଡା କାଉଚିଆ ଭଙ୍ଗୀ କି ଜାଣନ୍ତି,
ଯୁଦ୍ଧକାଳେ କେବେହେଁ କାତର ନୁହନ୍ତି । କୃ.ଭ.ବି.ପ.
ଧାତ୍ରଜାତୀୟ ସର୍ପବିଶେଷ ।

କାଉଳି, } ବି. (ଦେଶଜ) ଅସ୍ଥିରତା,
କାଉଳିମାଉଳି, } କ୍ଷୋଭ । ଯଥା—
ଏରୂପେ ସୋମବଂଶରେ ହୁଅନ୍ତେ କାଉଳି,
ସତ୍ୟବତୀ ବୋଇଲେ ନ ବସ ଆଉ ଭାଳି । ନୃ.ପୁ.ସ.ଡ.
ବିଂ. ଅସ୍ଥିର, କ୍ଷୁବ୍ଧ ।

କାଏ, ସର୍ବ. (କମ୍ ଶବ୍ଦରୁ ଉତ୍ପନ୍ନ, ଗଡ଼ଜାତରେ ବ୍ୟବହୃତ, ଲିଖିତରୂପେ ପ୍ରୟୋଗ କରାଯାଏ ନାହିଁ) କି, କଣ, କିଏ ।

କାଏଥ, ବି. (କାୟସ୍ଥ ଶବ୍ଦଜ) କରଣଜାତିବିଶେଷ ।

କାଏଥି, ବିଂ. (କାୟସ୍ଥ ଶବ୍ଦରୁ ଉତ୍ପନ୍ନ) କରଣମାନେ ଲେଖିଥିବା, କରଣସମ୍ବନ୍ଧୀୟ । ବି. ଭାଷାବିଶେଷ । ଯଥା—

ରାଜା ଓଡ଼ିଆ ପ୍ରଜା ଓଡ଼ିଆ କିନ୍ତୁ ଅଦାଲତର
ଭାଷା ହିନ୍ଦୀ, ଅକ୍ଷର କାଏଥି । ଉ.ସା. ୮. ୧.

କାଓଆ, ବି. (ଯାବନିକ) କାଫି ।

କାଁକ, କାଙ୍କ, ବି. (କଙ୍କ ଶବ୍ଦଜ) ପକ୍ଷିବିଶେଷ । ଯଥା—

ବୃଦ୍ଧ କାଙ୍କର ପ୍ରାଏ ରହିଛୁ ଦେହ ବନ୍ଧି,
ବୁଦ୍ଧି ବୋଲି ଅଛୁ ଜାଣ ବଂଶଯାକ ଖାଇ । ନୃ.ପୁ.ସ.ତ.

(କଙ୍କମୁଖ ଶବ୍ଦରୁ ଉତ୍ପନ୍ନ) ମାଟିଖୋଳିବା ଶସ୍ତ୍ରବିଶେଷ ।

କାଁଶ, କାଁସ, ବି. (କାଶ ଶବ୍ଦଜ) ତୃଣଜାତୀୟ ଗୁଳ୍ମବିଶେଷ ।

କାଁଶବାଁସ, ବି. (ଦେଶଜ) ଉତ୍କଳର ନଦୀବିଶେଷ । ଯଥା—

ସରହାର, ଯାର ଝଙ୍କୁ ଝରୁଅଛି ପବନ ଧାର,
କାଁଶବାଁସ ନାମେ ମୋର କଣ୍ଠେ ଗଜମୁକୁତା ହାର ।
ଉଷା ।

କାଂସ, କାଂସ୍ୟ, ବି. (କଂସ-ଅ, ଯ—ସ୍ୱାର୍ଥେ) ପାନପାତ୍ର, ଭୋଜନପାତ୍ର; ମିଶ୍ରଧାତୁବିଶେଷ, କଂସା; ବାଦ୍ୟଯନ୍ତ୍ରବିଶେଷ ।

କାକ, ବି. (କୈ=ଶବ୍ଦ କରିବା-କ, କିମ୍ବା କା=ଶବ୍ଦବିଶେଷ କୈ-ଅ—ଯେ 'କା' ଏହି ଶବ୍ଦ କରେ) ସ୍ୱନାମପ୍ରସିଦ୍ଧ ପକ୍ଷିବିଶେଷ । (କାକଃ କୃଷ୍ଣଃ ପିକଃ କୃଷ୍ଣଃ କୋ ଭେଦଃ ପିକକାକୟୋଃ ।) ବରାଟକର ଚତୁର୍ଥାଂଶ । (କ=ଜଳ-ଅକ୍=ଗମନ କରିବା-ଅ) ଦ୍ୱୀପବିଶେଷ; ଛିଳକବିଶେଷ; ଈଷତ୍ ଜଳ; ଖଞ୍ଜ (ଯେ କୁତ୍ସିତଭାବେ ଗମନ କରେ ।)

କାକଚଞ୍ଚା, କାକଚଞ୍ଚୁ, କାକଚଞ୍ଚୀ, ବି. ସ୍ତ୍ରୀ. (କାକ-ଚଞ୍ଚା=ଅଗ୍ରଭାଗ—ଯାହାର ଅଗ୍ରଭାଗ କାକ ପରି କଳା) ଗୁଞ୍ଜା, କାଇଁଚ । (କାକଚଞ୍ଚା ଗୁଞ୍ଜେ ତୁ କୃଷ୍ଣଳା—ଅମର ।)

କାକତ, କାଗତ, କାଗଜ, ବି. (ଦେଶଜ ବା କାଗଜ୍ ଯାବନିକ ଶବ୍ଦରୁ ଉତ୍ପନ୍ନ) ଯହିଁରେ ସିହାଇ ଓ କଲମଦ୍ୱାରା ଲେଖିବାକୁ ହୁଏ । ଯଥା—

ବର୍ଣ୍ଣିବାକୁ ହାରଇ କାକତ,
ବର୍ଣ୍ଣ ମଞ୍ଜିଷ୍ଠା ରଙ୍ଗେ ଲିଖିତ । କୋ. ବ୍ର. ସୁ.
ବର କାଗତ ଚକ,
ବଳେକି ଯେମନ୍ତ କୁରୁଙ୍କା । ବୈ. ବି.
ଭଣ୍ଡି ବାର ତାକୁ ନୁହଇ ସହଜ,
ନଖାଇ ନଖାଇ ଦେଖେ ସେ କାଗଜ । ଦରବାର ।

କାକତଚକା, କାଗଜଚକା, ବି. ସ୍ତ୍ରୀ. (ଦେଶଜ କିମ୍ବା କାଗଜଚକ୍ର ଶବ୍ଦରୁ ଜାତ) ପିଲାମାନେ ଏହାକୁ ପବନରେ ଧରି ଉଡ଼ାନ୍ତି । ଯଥା—

ପ୍ରଭଞ୍ଜନ ପ୍ରଖରର, ହିଙ୍ଗୁଳ କୁରୁଙ୍କା ସାର,
ଉଡ଼ାଇ କାକତ ଚକା, ଏମନ୍ତ ତର୍କି ଯେ ।
କୋ. ବ୍ର. ସୁ.

କାକତନ୍ଦ୍ରା, କାକନିଦ୍ରା, ବି. ସ୍ତ୍ରୀ. (କାକପ୍ରାୟ ନିଦ୍ରା) ଅତି ସତର୍କ ନିଦ୍ରା ।

କାକତାଳୀୟ, ବିଂ. (କାକ=ଏସ୍ଥଳରେ କାକଗମନ-ତାଳ=ଏସ୍ଥଳରେ ତାଳଫଳ ପତନ-ଈୟ—ତୁଲ୍ୟାର୍ଥେ—ଏହା କାକ ଓ ତାଳବିଷୟକ ଏକ ଗଳ୍ପକୁ ଲକ୍ଷ୍ୟ କରୁଅଛି) ହଠାତ୍କୃତ, ଅକସ୍ମାତ୍କୃତ କାକର ଆଗମନ ଓ ତାଳର ପତନ ଏ ଉଭୟର ଯେପରି କାର୍ଯ୍ୟକାରଣଭାବ କଳ୍ପନା କରାଯାଏ, ସେପରି ବାସ୍ତବିକ କାର୍ଯ୍ୟକାରଣଭାବ ବିଦ୍ୟମାନ ନ ଥିଲେ ସୁଦ୍ଧା ତାଦୃଶ ଅନ୍ୟ କୌଣସି କାରଣବଶରୁ କାର୍ଯ୍ୟକାରଣଭାବ କଳ୍ପନା ଯହିଁରେ କରାଯାଏ । (ତଦ୍ବଦଂ କାକତାଳୀୟଂ ବୈରମାସାଦିତଂ ତ୍ୱୟା ।)

କାକତାଳୀୟନ୍ୟାୟ, ବି. (କାକ-ତାଳ-ଈୟ) ପକ୍ୱତାଳର ଉପରସ୍ଥ କାକ ଉଡ଼ିଯିବା ମାତ୍ରେ ଯଦି ପକ୍ୱତାଳ ପତିତ ହୁଏ ତେବେ ଲୋକେ କହନ୍ତି କାକ ତାଳ ନିକ୍ଷେପ କରିଅଛି, କିନ୍ତୁ ବାସ୍ତବିକ ତାହା ନୁହେ; ସୁପକ୍ୱ ତାଳର ପତନ ସମୟ ହେବାରୁ ସେ ପଡ଼ିଅଛି । ଏଥିରେ ତାଳ-ପତନ ପ୍ରତି କାକ ବାସ୍ତବିକ କାରଣ ନ ଥିଲେ ସୁଦ୍ଧା ଆପାତତଃ କାରଣ ବୋଲି ବୋଧ ହେଉଅଛି । ଯେ ଯେ ସ୍ଥଳରେ ଏରୂପ ଘଟନା ହୁଏ ଅର୍ଥାତ୍ କାରଣ ଭିନ୍ନ ଅନ୍ୟକୁ କୌଣସି କାର୍ଯ୍ୟର କାରଣ ବୋଲି ଭ୍ରମ ହୁଏ ସେହି ସକଳ ସ୍ଥଳରେ କାକତାଳୀୟ ନ୍ୟାୟ ଘଟିଥାଏ ।

କାକପକ୍ଷ, ବି. (କାକ-ପକ୍ଷ) ଶିଖଣ୍ଡିକ, ମସ୍ତକର ଦୁଇପାର୍ଶ୍ୱସ୍ଥ କେଶରଚନାବିଶେଷ, କାକ-ପକ୍ଷ ତୁଲ୍ୟ ଉଭୟ ଗଣ୍ଡରେ ଲମ୍ବମାନ ଅନତିଦୀର୍ଘ ସ୍ୱଳ୍ପକେଶ । (କାକପକ୍ଷଃ ଶିଖଣ୍ଡିକଃ—ଅମର ।)

କାକପୁଷ୍ଟ, ବି. (କାକ-ପୁଷ୍ଟ=ପ୍ରତିପାଳିତ, ପ୍ରସିଦ୍ଧି ଅଛି କି କୋକିଳ କାକମାଈଠାରୁ ତତ୍କାଳୀୟ ଡିମ୍ବ ଅପସାରିତ କରି ସ୍ୱୀୟ ଡିମ୍ବ ତହିଁରେ ସ୍ଥାପନ କରେ ଏବଂ କାକୀ ନିଜ ଡିମ୍ବ ଜ୍ଞାନରେ ତାହା ପ୍ରତିପାଳନ କରେ) କୋକିଳ ।

କାକଫଳ, ବି. (କାକ-ଫଳ) ନିମ୍ବ ଗଛ; ନିମ୍ବଫଳ ।

କାକବନ୍ଧ୍ୟା, ବି. ସ୍ତ୍ରୀ. (କାକ-ବନ୍ଧ୍ୟା—ମଧ୍ୟ ପଦଲୋପୀ ସମାସ, ଯେ କାକ ପରି ଏକ-ମାତ୍ର ସନ୍ତାନ ପ୍ରସବ କରେ) ଏକମାତ୍ର ପ୍ରସବିନୀ, ଏକଗର୍ଭା, ଯେଉଁ ସ୍ତ୍ରୀର ଏକ ସନ୍ତାନର ଜନ୍ମ ପରେ ଦ୍ୱିତୀୟ ଗର୍ଭ ହୁଏ ନାହିଁ ।

କାକବଳି, ବି. (କାକ-ବଳି) କାକର ଭୋଜନ ଉଦ୍ଦେଶ୍ୟରେ ଉତ୍ସୃଷ୍ଟ ଅନ୍ନାଦି ।

କାକଭୀରୁ, } ବି. (କାକ-ଭୀରୁ, ବୈରୀ)
କାକବୈରୀ, } ପେଚକ, ପେଚୁ । ବିଂ. କାକଠାରୁ ଭୟପ୍ରାପ୍ତ ।

କାକଯବ, ବି. (କାକ-ଯବ) ଧାନଚିଟା, ଅଗାଡ଼ି ।

କାକର, ବି. (ଦେଶଜ) ଶିଶିର । ଯଥା—

କାକର ପ୍ରାୟେ ଝାଳ ବିନ୍ଦୁ ବିନ୍ଦୁ,
କଳିତ କରିଛି ଶ୍ରୀମୁଖ ଇନ୍ଦୁ । ର. କ.

ବିଂ. ଶୀତଳ, ଥଣ୍ଡା ।

କାକରା, ବି. (ଦେଶଜ) ଘୃତପକ୍ୱ ପିଷ୍ଟକ-ବିଶେଷ । ଯଥା—

ଗଜା କାକରାଦି ପାଚିଲି,
ରାନ୍ଧଣା ଏକୁ ଏକ ଭଲି । ଦା. ର.

କାକରିଆ, ବିଂ. (କାକର-ଇଆ—ଦେଶଜ) ଶୀତଳ, ଥଣ୍ଡା ।

କାକରୁହା, ବି. ସ୍ତ୍ରୀ. ସଂ. ଅନ୍ୟ ଗଛ ଉପରେ ଜନ୍ମିଥିବା ଗଛ, ମଲ୍ଲଙ୍ଗ ।

କାକଳ, ବି. (କୁ=ଈଷତ୍-କଲ୍=ଶବ୍ଦ କରିବା-ଅ) କଣ୍ଠଭୂଷଣ, କଣ୍ଠମଣି ।

କାକଲିଦ, ବି. (ଦେଶଜ, ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଆଦର; ବିନୟ ।

କାକଳି, } ବି. ସ୍ତ୍ରୀ. (କୁ-କଲ୍-ଇନ୍) ସୂକ୍ଷ୍ମ
କାକଳୀ, } ଅଥଚ ମଧୁର ଅସ୍ପଷ୍ଟ ଧ୍ୱନି; ପକ୍ଷୀ ପ୍ରଭୃତିର ସୂକ୍ଷ୍ମ ମଧୁର ଶବ୍ଦ । (କାକଳୀ ତୁ କଳେ ସୂକ୍ଷ୍ମେ—ଅମର ।) ମଧୁରଧ୍ୱନି; ଦୂରସ୍ଥିତ ଯନ୍ତ୍ରସମୂହର ଏକତ୍ରୀଭୂତ ମଧୁର ଅସ୍ଫୁଟ ଧ୍ୱନି; ଯନ୍ତ୍ରବିଶେଷ; ରନ୍ଧ୍ରବିଶେଷ ।

କାକଶୀର୍ଷ, ବି. ସଂ. (କାକ-ଶୀର୍ଷ=ମସ୍ତକ) ବକପୁଷ୍ପର ଗଛ ।

କାକା, ବି. (ଦେଶଜ) ଆମିଷ କମ୍ପା ମାଛ; କୁଆର ଧ୍ୱନି ।

କାକାକ୍ଷିଗୋଳକ ନ୍ୟାୟ, ବି. ସଂ. ନ୍ୟାୟ-ବିଶେଷ, କାକର ଏକମାତ୍ର ଚକ୍ଷୁ ଯେପରି ଉଭୟ ଗୋଳକର ବିଷୟୀଭୂତ ଉଭୟ ଚକ୍ଷୁର କାର୍ଯ୍ୟ ସମ୍ପାଦନ କରେ, ସେପରି ଏକ ବିଷୟର ସହିତ ଉଭୟର ସମ୍ବନ୍ଧ ରହିଲେ କାକାକ୍ଷିଗୋଳକ ନ୍ୟାୟ ହୁଏ ।

କାକାରି, ବି. (କାକ-ଅରି=ଶତ୍ରୁ) ପେଚକ, ପେଚୁ ।

କାକାଳ, ବି. (କାକ-ଅଲ୍ = ପାରଗ ହେବା-ଅ, ଅଥବା କାକାଳ-ଅ, କିମ୍ବା-କା-କଲ୍ = ଶବ୍ଦ କରିବା-ଅ, ଯେ 'କା' ଏହି ଶବ୍ଦ କରେ) ଦ୍ରୋଣ କାକ ।

କାକଣୀ, } ବି. ସ୍ତ୍ରୀ. (କକ୍ = ଚଞ୍ଚଳ ହେବା-
କାକିନୀ, } ଅନ-ଈ-ନିପାତନ) ବିଂଶତି କପର୍ଦ୍ଦକ, ପଣର ଚତୁର୍ଥାଂଶ; ମାନଦଣ୍ଡ; ଗୁଞ୍ଜା; ଏକ କଡ଼ା କିମ୍ବା କଉଡ଼ି, ଉନ୍ମାନର ଅଂଶ ବା ଆଢ଼କର ପଞ୍ଚାଶତ୍ତମ ଭାଗ । (କାକଣୀ ପଣଚତୁର୍ଥାଂଶେ ମାନଦଣ୍ଡେ ଚ ଦୃଶ୍ୟତେ । କୃଷ୍ଣୈଲୈକବରାଟେୟାଃ ସ୍ୟାତ୍ ଉନ୍ମାନଶ୍ୟାଂଶକେଽପିଚ—ମେଦିନୀ ।)

କାକୁ, ବି. ସ୍ତ୍ରୀ. (କକ୍ = ଚଞ୍ଚଳ ହେବା-ଉ) ଭୟ ଶୋକାଦିଦ୍ୱାରା ବିକୃତ କଣ୍ଠଧ୍ୱନି । (କାକୁଃ ସ୍ତ୍ରିୟାଂ ବିକାରୋ ଯଃ ଶୋକ-ଭୀତ୍ୟାଦିଭିର୍ଦ୍ଧ୍ୱନେ—ଅମର ।) ବକ୍ରୋକ୍ତି; ଦୈନ୍ୟୋକ୍ତି । (ଭିନ୍ନ କଣ୍ଠଧ୍ୱନିର୍ଧୀରୈଃ କାକୁରିତ୍ୟଭିଧୀୟତେ—ଅମର ।)

କାକୁଡ଼, କାକୁଡ଼ୀ, ବି. ସ୍ତ୍ରୀ. (କର୍କଟୀ ଶବ୍ଦଜ) ଲତାଫଳବିଶେଷ ।

କାକୁଡ଼ିଆ, ବି. (ଦେଶଜ) ତୃଣବିଶେଷ ।

କାକୁତ୍ସ୍ଥ, } ବି. (କାକୁତ୍ସ୍ଥ-ଅ, ଯ—
କାକୁତ୍ସ୍ଥ୍ୟ, } ଅପତ୍ୟାର୍ଥେ) ଶ୍ରୀରାମଚନ୍ଦ୍ର ପ୍ରଭୃତି, କକୁତ୍ସ୍ଥବଂଶୀୟ ରାଜା । (କାକୁତ୍ସ୍ଥ-ମାଲୋକୟତାଂ ନୃପାଣାଂ) ପୁରଞ୍ଜୟ ରାଜା ।

କାକୁତି,
କାକୃତି, } ବି. (କାକୂକ୍ତି ଶବ୍ଦଜ) କାତର
କାକୁର୍ତ୍ତି, } ବଚନ । ଯଥା—
କାକୁତ୍ତି,

ପ୍ରହ୍ଲାଦ କାକୁତି ଶୁଣି ବିଶ୍ୱପତି
ଧରି ରୂପ ଭୟଙ୍କର,
ସ୍ତମ୍ଭୁ ଆବିର୍ଭାବ ହେଲେ ଦେବଦେବ
ବ୍ୟାପିଛନ୍ତି ଚରାଚର । କ. ମ.

ବିଂ. ବିକଳ ବା କାତର । ଯଥା—

ତେଣୁ ଗର୍ଭସ୍ଥିତ ସୁତ ମୁଖେ ପଡୁଥାଇ,
ବିଷମ ଗ୍ରାସ କଲେ କାକୁତି ଏକା ହୋଇ । ନୃ. ପୁ. ପ୍ର. ଚ.

କାକୁଦ, ବି. (କକୁଦ୍ = ମସ୍ତକ-ଅ ଅଥବା କାକୁ-ଦା-ଅ—କାକୁସ୍ୱର ଉତ୍ପନ୍ନ ହୁଏ ବୋଲି) ତାଳୁ । (ତାଳୁ ତୁ କାକୁଦଂ—ଅମର ।)

କାକୂକ୍ତି, ବି. (କାକୁ-ଉକ୍ତି) କାତର ବାକ୍ୟ, ବକ୍ରୋକ୍ତି ।

କାକୁସ୍ତ, } ବିଂ. (କାକୁ ଶବ୍ଦରୁ ଉତ୍ପନ୍ନ)
କାକୁଷ୍ଟ, } ବିନୀତ । ଯଥା—

କାକୁସ୍ତତର ହୋଇ କର ଯୋଡ଼ି ଜଣାଇ
ଗରୁଡ଼ସ୍ତମ୍ଭ ସନ୍ନିଧାନେ । ଆ. ଚ.
କାକୁଷ୍ଟ ହୋଇ ଧୀରେ କହନ୍ତି କୋମଳରେ
କଙ୍କଣ ନୟନରେ ରଖି । ର. କ.

କାତର ।

କାକେକ୍ଷୁ, ବି. (କାକ-ଇକ୍ଷୁ) ତୃଣବିଶେଷ, କାଶବିଶେଷ ।

କାକୋଦର, ବି. (କାକ = ବକ୍ରଗାମୀ—କୁ = କୁତ୍ସିତ-ଅକ୍ = ଗମନ କରିବା-ଅ-ଉଦର = ପେଟ) ସର୍ପ, ସାପ । (କାକୋଦରଃ ଫଣୀ—ଅମର ।)

କାକୋଲ, ବି. (କକ୍ = ଚଞ୍ଚଳ ହେବା-ଓଲ) କୃଷ୍ଣବର୍ଣ୍ଣ ସ୍ଥାବର ବିଷ; ଗରଳ । (କାକୋଳମୁଗ୍ରତେଜଃ ସ୍ୟାତ୍ କୃଷ୍ଣଚ୍ଛବି ମହାବିଷଂ ।) ଦ୍ରୋଣକାକ । (ଦ୍ରୋଣକାକସ୍ତୁ କାକୋଲଃ—ଅମର ।) ଶୂକରବିଶେଷ; ସର୍ପବିଶେଷ; କୁଲାଳ; ନରକବିଶେଷ । (ଯେ ସ୍ଥଳରେ କାକ ଭକ୍ଷଣ କରେ ।)

କାକୋଳୀ, ବି. ସ୍ତ୍ରୀ. (କକୋଳ ଶବ୍ଦଜ) ସୁଗନ୍ଧ ଔଷଧି ଦ୍ରବ୍ୟବିଶେଷ ।

କାକୋଲି, } ବି. ସ୍ତ୍ରୀ. (କୁ = ଈଷତ୍—କଲ୍ =
କାକୋଲୀ, } ଶବ୍ଦ କରିବା-ଇ—ଈ) ମୃଷ୍ଟ ମଧୁରାସ୍ପୁଟ ଧ୍ୱନି; ଜ୍ୱରନାଶକ ଔଷଧି-ବିଶେଷ ।

କାକ୍ଷ, ବି. (କୁ = କୁତ୍ସିତ ବା ଈଷତ୍—ଅକ୍ଷି = ଚକ୍ଷୁ-ଅ, କୁ = କା) କଟାକ୍ଷ । ବିଂ. କୁତ୍ସିତ-ଚକ୍ଷୁ ।

କାକ୍ଷୀକ, ବି. ସଂ. ଶୋଭାଞ୍ଜନ ବୃକ୍ଷ, ରକ୍ତ ସଜନା ଗଛ; ଗୌତମଙ୍କଠାରୁ ଔଶନସୀ ନାମକ ଶୂଦ୍ରାଗର୍ଭଜାତ ପୁତ୍ର ।

କାଖ, ବି. (କକ୍ଷ ଶବ୍ଦଜ) ବାହୁମୂଳ । ଯଥା—ଯେଉଁ ବାଳୀ ରାବଣକୁ କାଖେ ଯାକିଥିଲା । ବି.ରା. ବାହୁମୂଳରେ ଧରିବା । ଯଥା—ପିଲାଟିକୁ କାଖ କର ।

କାଖ କରିବାର, କ୍ରି. (ଦେଶଜ) ବାହୁମୂଳରେ ଆଶ୍ଳେଷି ଧରିବାର ।

କାଖ ହେବାର, ଅକ୍ରି. (ଦେଶଜ) ବାହୁମୂଳରେ ଆଶ୍ଳିଷ୍ଟ ରହିବାର ।

କାଖବାଳୁଆ, ବିଂ. (ଦେଶଜ) ଯାହାର କାଖରେ ବାଳ ହୋଇଥାଏ ଅର୍ଥାତ୍ ବୟସ୍କ ।

କାଗଜ, ବି. (ଯାବନିକ) ଲେଖିବାର ଉପକରଣ ପତ୍ର ।

କାଗଜା, ବି. (ଯାବନିକ) ଏକପ୍ରକାର ବଡ଼ କାଗଜି ।

କାଗଜି, } ବି. ସ୍ତ୍ରୀ. (ଦେଶଜ) ଏକପ୍ରକାର
କାଗଜୀ, } ଲେମ୍ବୁ ।

କାଙ୍କ, ବି. (କଙ୍କ ଶବ୍ଦଜ) ଏକପ୍ରକାର ବକପକ୍ଷୀ; (ଦେଶଜ ବା କଙ୍କମୁଖ ଶବ୍ଦଜ) ମାଟି ଖୋଳିବା ଶସ୍ତ୍ରବିଶେଷ । ଯଥା—

ଲେଖିଣ ଛନଶତ ଚରଣ ପଦ୍ମ କୋଟି,
କୋଦାଳ କୋଡ଼ି କାଙ୍କ ଧରଣ ହସ୍ତ ଗୋଟି ।
ନୃ. ସୁ. ଚ. ଚ.

କାଙ୍କଡ଼, ବି. (କର୍କଟ ଶବ୍ଦଜ) ଲତାଫଳବିଶେଷ ।

କାଙ୍‌କ୍ଷା, ବି.ସ୍ତ୍ରୀ. (କାଙ୍‌କ୍ଷ=ଇଚ୍ଛା କରିବା-ଅ—ଆ) ଅଭିଳାଷ, ବାଞ୍ଛା, ଇଚ୍ଛା । (ଇଚ୍ଛା କାଙ୍‌କ୍ଷା ସ୍ପୃହେହା ତୃଟ୍—ଅମର ।)

କାଙ୍‌କ୍ଷିତ, ବିଂ. (କାଙ୍‌କ୍ଷ=ଇଚ୍ଛା କରିବା-ତ) ଅଭିଳଷିତ, ବାଞ୍ଛିତ । ବି. ଅଭିଳାଷ ।

କାଙ୍‌କ୍ଷୀ, ବିଂ. (କାଙ୍‌କ୍ଷ=ଇଚ୍ଛା କରିବା-ଇନ୍) ଇଚ୍ଛୁକ, ଯେ ବାଞ୍ଛା କରେ ।

କାଙ୍ଗାଳ,
କାଙ୍ଗାଲ, } ବି. (ଦେଶଜ) ଦୁଃଖୀ, ରଙ୍କ, ପ୍ରାର୍ଥୀ, ଭିକ୍ଷୁକ ।
କାଙ୍ଗାଳୀ,

କାଙ୍ଗୁ, ବି. (କଙ୍ଗୁ ଶବ୍ଦଜ) ଧାନ୍ୟବିଶେଷ; ଭଣ୍ଡାର ଜାତିର ଶାଖାଭେଦ; ହରଡ଼ର ପ୍ରକାରଭେଦ ।

କାଙ୍ଗୁରା, } ବି. (ଦେଶଜ) କମ ପାଇଟିବିଶେଷ,
କାଙ୍ଗୁଲ, } କାରୁକାର୍ଯ୍ୟବିଶେଷ । ଯଥା—

ମର୍ଦ୍ଦଳାକାର କଙ୍କଡ଼ିକା ଟଳି,
କାଙ୍ଗୁରା କମ ସୁସମପିରୁଳୀ । ଲ. ବ.

ସୁମେରୁ ମଣ୍ଡପ ପୁର ଦିବ୍ୟ ରୂପ
ବିଚିତ୍ର ଅଟ୍ଟାଳୀମାନେ,
ପ୍ରାଚୀର ପ୍ରାସାଦ ପ୍ରାକାରେ ବିସ୍ତାର
କାଙ୍ଗୁଲରେ ଦିବ୍ୟପାନେ । ବି. ରା.

ହରଡ଼ର ପ୍ରକାରଭେଦ ।

କାଚ, ବି. (କଚ୍=ଚକଚକ କରିବା, ଦୀପ୍ତି ପାଇବା, ବନ୍ଧନ କରିବା-ଅ) ବାଲି ଏବଂ କ୍ଷାରରୁ ଉତ୍ପନ୍ନ ଦ୍ରବ୍ୟବିଶେଷ; ମଣିବିଶେଷ । (ଆକରେ ପଦ୍ମରାଗାଣାଂ ଜନ୍ମ କାଚମଣେଃ କୁତଃ) ନେତ୍ରରୋଗବିଶେଷ; ମହମ; କୃଷ୍ଣବର୍ଣ୍ଣ ଲବଣ; ଶିକ୍ୟ ଅର୍ଥାତ୍ ଦଧିଭାଣ୍ଡାଦିଲମ୍ବନାର୍ଥ ରଜ୍ଜୁସମୂହ କୃତ ଆଶ୍ରୟବିଶେଷ । (କାଚଃ ଶିକ୍ୟ ମୃଦ୍ଭେଦଦୃଗ୍ରୁଜଃ—ଅମର ।)

କାଚକାଗଜ, ବି. (ଦେଶଜ) ଖଲା କାଗଜ, (ଏଥିରେ ଘଷିଲେ କାଠର ଜିନିଷ ଚିକ୍‌କଣ ହୁଏ ।)

କାଚର, ବିଂ. (କୁ=ଈଷତ୍-ଚର୍=ଗମନ କରିବା-ଅ) ପୀତବର୍ଣ୍ଣ ।

କାଚରା, } ବି. (କାଚକାର ଶବ୍ଦଜ) ଯେଉଁ-
କାଞ୍ଚରା, } ମାନଙ୍କର କାଚ ବିକିବା ବୃତ୍ତି । ଯଥା—

କେତେବେଳେ କାଚରା ଶଙ୍ଖାରି କହିବନ୍ତି । ର. କ.

କାଚମାଳ, } ବି. ସ୍ତ୍ରୀ. (କାଚ-ମାଳା ଶବ୍ଦରୁ
କାଚମାଳୀ, } ଜାତ) ସ୍ତ୍ରୀକଣ୍ଠାଭରଣବିଶେଷ । ଯଥା—

ଯୋଡ଼ିମାଳ କାଚମାଳ ଯେ,
ଆଉ ମାଳ ଆଳୀ କେତେହେଁ କହିବା
ଯେତେକ ମଣ୍ଡିଲେ ଆଳୀ ଯେ । ଲ. ବ.

କାଚିତ, ବିଂ. (କାଚ=ଶିକାରେ ଝୁଲାଇ ରଖିବା-ତ) ଶିକାରେ ଆରୋପିତ, ଶିକା ଉପରେ ରଖିଥିବା । (କାଚିତ ଶିକ୍ୟତେ—ଅମର ।)

କାଚବାର, କ୍ରି. (ଦେଶଜ) ପ୍ରସ୍ତରାଦିରେ ପିଟି ବସ୍ତ୍ର ଧୌତ କରିବାର । ଯଥା—

ନିତ୍ୟ ଏ ମଡ଼ିଅଲ ନେଇ,
କାଳନ୍ଦୀ ନଦୀରେ କାଚଇ । ଶ୍ରୀ. ଦ. ସ୍ତୁ.

କାଛ, କାଛଠା, କାଛଟି, କାଛେଟି, କାଛେଣି, କାଛେଣୀ, ବି. (କଚ୍ଛ ଓ କଚ୍ଛପଟ ଶବ୍ଦରୁ ଉତ୍ପନ୍ନ) ସୁନ୍ଦର କ୍ଷୁଦ୍ର ବସ୍ତ୍ରବିଶେଷ । ଯଥା—

କାଛରେ ଇଚ୍ଛଇ ତୁଚ୍ଛ କ୍ଷଣକରେ
କରେ ଧୂଳି ଗାତ୍ରମଣ୍ଡନ । ବ. ଚ. ମ.

କଟା ଭିଡ଼ଣ କରି ବସନ କାଛେଟି,
ଶିରେ ଜଟାଭାର ଶୋହେ ଭଉଁରେ ଭ୍ରୁକୁଟୀ ।
ସା. ଭା. ଆ.

କାଳନ୍ଦୀକୂଳିଆ କାଛେଣୀ,
କଟିରେ ଭିଡ଼ିଥାଅ ପୁଣି । ଦା. ର.
ଏକମାତ୍ର ଦୁର୍ବାସନା ଦୋଷ ଯେନ୍ତେ ଚନ୍ଦ୍ରେ,
ବଜ୍ର କାଛଠା ପାଇଲେ ଜନ୍ମେ ଯୋନି ଗାନ୍ଧେ ।
ନୃ. ପୁ. ପ୍ର. ଚ.

କଟିଦେଶେ ବାଲପୁଚ୍ଛ କାଛଠାକୁ ଭିଡ଼ି,
ବେନି କରେ ଧରେ କେନ୍ଦୁ ଶର ଯେ ଲଉଡ଼ି ।
ସା. ଭା. ବ. ପ.

କାଚ୍ଛ, ବି. (କଚ୍ଛ ଶବ୍ଦଜ) ମଲ୍ଲମାନଙ୍କ ବ୍ୟବହାର୍ଯ୍ୟ ଲେଙ୍ଗୁଟିବିଶେଷ ।

କାଛିବାର, କ୍ରି. (ଦେଶଜ) କାଛ ପିନ୍ଧିବାର, କାଛ ପିନ୍ଧିଲି ପରି ଛନ୍ଦିବାର କମ୍ବା ପିନ୍ଧିବାର । ଯଥା—

ବସନ ପୀତପଟରେ କାଛି ପିନ୍ଧାଇଲେ । ବ. ରା.

କାଛିକୁଛିହେବାର, କ୍ରି. (ଦେଶଜ) କଚ୍ଛ ପକାଇ ପିନ୍ଧିବାର । ଯଥା—

ଏଥୁଅନ୍ତେ ମାଦ୍ରୀଦେବୀଙ୍କ ସାନ ବଚ୍ଛ,
ଚଳଣାଟିଏ ପିନ୍ଧି ହେଲେ କାଛିକୁଛି । କୃ.ଭା.ବ.ପ.

କାଛୁ, ବି. (କଚ୍ଛୁ ଶବ୍ଦଜ) କୁଣ୍ଡିଆ ରୋଗ । ଯଥା—

ସନ୍ତାପେ, କଣ୍ଡୁ, କାଛୁ ଶୋକ,
ଏମନ୍ତ ହୁଅଇ ଯେ ଲୋକ । ବ. ପୁ.

କାଛୁଆ, ବିଂ. (କଚ୍ଛୁର ଶବ୍ଦଜ), ଯାହାର ବିଶେଷ କୁଣ୍ଡିଆ କାଛୁ ହୋଇଥାଏ ।

କାଛେକାଛେ, କ୍ରି. ବିଂ. (ଦେଶଜ) ସ୍ଥାନେ ସ୍ଥାନେ । ଯଥା—

ସପତ୍ନୀଏ ଜଗି ମୋର ଛିଦ୍ର କାଛେ କାଛେ,
ଏହା ସେ କାଣିଲେ ଧାଇଁ ଆସନ୍ତେଣି ପଛେ ।
ନୃ. ପୁ. ପ୍ର. ଚ.

କାଜର, ବି. (କଜ୍ଜଳ ଶବ୍ଦଜ) କଜ୍ଜଳ, ଅଞ୍ଜନ ।

କାଜ, କାର୍ଜି, କାର୍ଜୀ, ବି. (କାର୍ଯ୍ୟୀ ଶବ୍ଦରୁ ଜାତ) ଗ୍ରାମର ବନ୍ଦୋବସ୍ତକାରକ ।

କାଜକୋର୍ଟ, ବି. (ଇଂରାଜୀ—**Court of small causes**) ଅଳ୍ପ ମୂଲ୍ୟର ମକଦ୍ଦମା ଯେଉଁ ଅଦାଲତରେ ବିଚାର କରାଯାଏ ।

କାଞ୍ଚନ, ବି. (କନ୍‌ଚ୍=ଦୀପ୍ତି ପାଇବା-ଅନ) ସ୍ୱର୍ଣ୍ଣ; ଧନ; (ସ୍ୱର୍ଣ୍ଣପର୍ଯ୍ୟାୟବୃତ୍ତିରୁ) କାଞ୍ଚଣପୁଷ୍ପ; ଚମ୍ପକପୁଷ୍ପ; ହରିତାଳ; ଧାନ୍ୟବିଶେଷ; ଦୀପ୍ତି; ନାଗକେଶର ବୃକ୍ଷ । ବିଂ. କାଞ୍ଚନବର୍ଣ୍ଣବିଶିଷ୍ଟ, ସ୍ୱର୍ଣ୍ଣମୟ; (ସ୍ତ୍ରୀ-ଈ) ହରିଦ୍ରା, ହଳଦୀ; ସ୍ୱର୍ଣ୍ଣକ୍ଷୀରୀ ବୃକ୍ଷ; ଗୋରୋଚନା ।

କାଞ୍ଚନକନ୍ଦର, ବି. (କାଞ୍ଚନ-କନ୍ଦର ଗହ୍ୱର) ସ୍ୱର୍ଣ୍ଣଖଣି ।

କାଞ୍ଚନଗିରି, କାଞ୍ଚନପର୍ବତ, ବି. (କାଞ୍ଚନ-ଗିରି, ପର୍ବତ) ସୁମେରୁପର୍ବତ, ସ୍ୱର୍ଣ୍ଣମୟ ପର୍ବତ ।

କାଞ୍ଚଲି, କାଞ୍ଚୁଲି, କାଞ୍ଚୋଲି, କାଞ୍ଚୋଲି, କାଞ୍ଚୋଲି, ବି. ସ୍ତ୍ରୀ. (କଞ୍ଚୁଳିକା ଶବ୍ଦଜ) ସ୍ତ୍ରୀମାନଙ୍କର ପରିଧେୟ କୁର୍ତ୍ତାବିଶେଷ । ଯଥା—

ଘନକୁଚକଳୀ ଆବରଣେ ଦେଲ
ସୁଗିରୁ ଚିତ୍ର କାଞ୍ଚଲି । ଯ.କେ.

କାହା ରଙ୍ଗ କେତପା କାଞ୍ଚୁଲି
କୁଚଭରେ ଉଠିଅଛୁ ଫୁଲି । ର.କ.

(କଞ୍ଚୁକ ଶବ୍ଦଜ) ସାପକାତି, କାଞ୍ଚଲି । ଯଥା—

କୁଣ୍ଡଳୀପରିସ୍ପେ କେ ନିଜ ଇଚ୍ଛାଏ
କାଞ୍ଚୁଲି କରେ ବାହାର । ର. କ.

(ଦେଶଜ) ତେଲ ରଖିବା ଗ୍ଲେଟ ପାତ୍ର ।

କାଞ୍ଚ, କାଞ୍ଚୀ, ବି. ସ୍ତ୍ରୀ. (କନ୍‌ଚ୍ = ବନ୍ଧନ କରିବା, ଦୀପ୍ତି ପାଇବା-ଇ-ସ୍ତ୍ରୀ-ଈ) ମେଖଳା, କଟିର ଅଳଂକାରବିଶେଷ । (କାଞ୍ଚୀଗୁଣସ୍ଥାନମନନ୍ଦତାୟାଃ)ନଗରୀବିଶେଷ, (ଏହାର ଆଧୁନିକ ନାମ କାଞ୍ଚୀବରମ୍—**Conjeveram**) ଦାକ୍ଷିଣାତ୍ୟ ଦ୍ରାବିଡ଼ ଦେଶର ତୀର୍ଥଧାମ । (ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚୀ ଅବନ୍ତିକା ପୁରୀ ଦ୍ୱାରବତୀ ଚୈବ ସପ୍ତୈତା ମୋକ୍ଷଦାୟିକାଃ ।)

କାଞ୍ଚୀପଦ, ବ. (କାଞ୍ଚୀ-ପଦ=ସ୍ଥାନ) ଜଘନ, ନିତମ୍ବ ।

କାଞ୍ଜିକ, କାଞ୍ଜୀକ, କାଞ୍ଜିକା, କାଞ୍ଜୀ, } ବ.ସ୍ତ୍ରୀ.(କ=ଜଳ ଅଥବା କୁ=କୁତ୍ସିତ-ଅଞ୍ଚ୍=ଗମନ କରିବା ଇତ୍ୟାଦି-ଇକ) କାଞ୍ଜି, ପର୍ଯ୍ୟୁଷିତ ଅନ୍ନର ଅମ୍ଳଜଳ । (କାଞ୍ଜିକଂ ରେଚନଂ ରୁଚ୍ୟଂ ପାଚନଂ ବହ୍ନିଦୀପନଂ) (କାଞ୍ଜିକା ସଫଳା ଗ୍ରାହ୍ୟା ।)

କାଞ୍ଜି, କାଞ୍ଜିପାଣି, } ବ.ସ୍ତ୍ରୀ.(କାଞ୍ଜୀ ଶବ୍ଦର ଅପଭ୍ରଂଶ) ଖଟା ତୋରାଣୀରେ ପାକ କରିଥିବା ବ୍ୟଞ୍ଜନ । ଯଥା—

ତୁମ୍ଭପାଇଁ ରାନ୍ଧ ଗୃହଲ ମାଣେ,
କାଞ୍ଜି କାଞ୍ଜିପାଣି ଦିଅ ସିଦ୍ଧାଣେ । ହ୍ରା. ତ.

ଖଟା ତୋରାଣୀ ।

କାଞ୍ଜିଅଁଳା, ବ. ( ଦେଶଜ ) ତିଥିବିଶେଷ, ଅଁଳାନବମୀ, ପ୍ରଥମାଷ୍ଟମୀ ବାସୀ ।

କାଞ୍ଜିଆ, ବି°. (ଦେଶଜ) ନଷ୍ଟ, ଯେ ବହୁତ କାଞ୍ଜୀ ଖାଏ ।

କାଞ୍ଜିଗାତ, ବ. (ଦେଶଜ) ସ୍ତ୍ରୀଲୋକେ ଚଉଦ ଗୋଟି ଗାତ କରି ଗୋଟିଏ ଗୋଟିଏ ଗାତରେ ତିନିଗଣ୍ଡା ହିସାବରେ ଆପୁଚ ବା କାଉଁଚ ପକାଇ ଯେଉଁ ଖେଳ ଖେଳନ୍ତି ।

କାଟ, ବ. (କର୍ତ୍ତନ ଶବ୍ଦଜ) କର୍ତ୍ତନ । ଯଥା—

ସତୀ ସାଧ୍ୱୀ ଉନ୍ମାଦିନୀ ସତୀଙ୍କ ହରଣେ,
କରିଲେ ମୁଣ୍ଡକାଟ ଶାସ୍ତି ଦେବ ଜାଣ । ବେ.ପ.

କ୍ରି. ଛେଦନ କର । ଯଥା—ତୁମ୍ଭେ ଯାଇ ଶୀଘ୍ର ତାର ମୁଣ୍ଡ କାଟ । (ଦେଶଜ)ବ.,ବି°. ଲଗୁଆ, ରୁଚି ଅନୁସାରେ ଦୁଗ୍ଧାଦି ସ୍ୱାଦୁ କରିବା । ଯଥା—ପିଲାକୁ କାଟ ଦୁଧ ଖୁଆଉଅଛୁ । ଧରଣ ବା ପ୍ରକାର; ଊଣା କରିବା ।

କାଟତି, ବ. (ଦେଶଜ) ବିକ୍ରୟ । ଯଥା—

ବଜାରରେ କାଟତି ହେବାର ପ୍ରୟୋଜନ ଓ ଇଚ୍ଛା ଦିନକୁ ଦିନ ଯେତେ ବଢ଼ୁଅଛି, ଶିକ୍ଷାପ୍ରଣାଳୀର ଅପବ୍ୟବହାର ସେତେ ବଢ଼ୁଅଛି । ଉ. ସା. ୩. ୯.

କାଟପାଣି, ବ. (ଦେଶଜ) ମନ୍ତ୍ରିତ ଜଳବିଶେଷ ।

କାଟବ୍ୟ, ବ. (କଟୁ-ଯ—ଭାବାର୍ଥେ) କଟୁତା, କର୍କଶତା ।

କାଟା, ବ. (ଏହିଟି ତେଲୁଗୁ ଶବ୍ଦ—ତଥାପି ଗଞ୍ଜାମୀ ଓଡ଼ିଆରେ ପ୍ରଚୁରଭାବେ ବ୍ୟବହୃତ ହୋଇ ଯାଇଅଛି) ଶଠିପଦାଦିର ବଡ଼ା ।

କାଟିବାର, କ୍ରି. (କର୍ତ୍ତନ ଶବ୍ଦଜ ବା କର୍ତ୍ତନ ଶବ୍ଦଜ) ଛେଦନ କରିବାର । ଯଥା—

ରମ୍ୟ ଆରାମ ରାମନେତ୍ରୀ ସକାଶୁଁ
ମାଳ ଭଳି ତ କାଟିଲାଣି । ବ. ଚ. ମ.

କଷ୍ଟ ବୋଧ କରିବାର, କଷ୍ଟ ବୋଧ ହେବାର । ଯଥା—

ଛୁଇଁରେ ଲାଗଇ ଶୀତ,
ପୁଣି ଗଲେ ଖରାକୁ କାଟଇ ଖରା । ଉର୍ବଶୀ ।

ଊଣା କରିବାର । ଯଥା—

ପଣ୍ଡିତା ବୋଲେ କହିବାରୁ ଅକ୍ଷରେ
କାଟି ରଖ ଗୋ ଏକାଦଶ । କୋ.ବ୍ର.ସୁ.

କାର୍ଯ୍ୟର ଉପଯୁକ୍ତ ହେବାର । ଯଥା—

ଏଣୁକରି ଔଷଧ କାଟେ ତାଙ୍କୁ ଜାଣ,
ତୁମ୍ଭେ ଆତୁର ହେଲେ ହୋଇବ କେଉଁ ଗୁଣ ।
ନୃ. ପୁ. ପ. ତ.

ତୟାର କରିବାର ବା ପ୍ରସ୍ତୁତ କରିବାର । ଯଥା—

ଯେଉଁ ସ୍ଥାନ ଅଟେ ନାବ୍ୟ ନଦୀସ୍ଥାନ,
କଟାଇଣ ଅଛି ତହିଁ ଖାଲମାନ । କ. ମ.

ଅତିବାହିତ କରିବାର, ଯାପିତ କରିବାର । ଯଥା—

କାଟୁଥାନ୍ତି ଆୟୁ ଶେଷ ନକାଞ୍ଚନେ । ଚିଲିକା ।

ଗାଳିଦେବାର, ଗର୍ଜିବାର । ଯଥା—

କଲେ ତେଜ ! କାଟୁଅଛୁ ଗୁଆଳ,
ତୋତେ କି କଲା ମୋର ବନମାଳୀ । ଗୋ. ଷ୍ଟ.

ତେଜିବାର । ଯଥା—

ଶୀଘ୍ରେ ପଣନ୍ତ ଦୋଡ଼ାଇଲେ
ମୁଁ ତ ଶିଶିର ଭୟ କାଟିବି । ବ.ଚ.ମ.

ପ୍ରଭାବ ଦେଖାଇବାର । ଯଥା—

ତଥାପି ଦେଲୁ ମନ୍ତ୍ର ନୋହିବ ପର ସିଦ୍ଧି,
ବଳେ ଯାଚଦେଲେ କରେ କାଟେ ମହୌଷଧି ।
ନୃ. ପୁ. ତ. ତ.

ସୂତା ତିଆର କରିବାର । ଯଥା—

ବରଷକେ କାଟେ ତିନ ତାକୁଡ଼ି ଯେ
ଦିନକେ କାଟଇ ଖିଏ । ହ୍ରା. ତ.

କାଟୁ, } ବି. (ଦେଶଜ) ଶଗଡ଼ ଗୁଳର
କାମି, } ଗୁରିଆଡ଼େ ବୁଲୁଥିବା ଲୁହା ବଳୟ । (ଗଞ୍ଜାମରେ ତୈଲଙ୍ଗମାନେ ମଧ୍ୟ ଏହି ଅର୍ଥରେ କେବଳ ଉକ୍ତ ଶବ୍ଦ ବ୍ୟବହାର କରନ୍ତି) ନକସ ଖେଳ ଖେଳିବା ସମୟରେ ହୁଡ଼ି କରି ବାନ୍ଧିବା ପଇସା-କୁଡ଼ିର ନାମ କାଟୁ ।

କାଟେଣି, } ବି. ସ୍ତ୍ରୀ. (ଦେଶଜ) ଧରଣି, ସୁତା
କାଟେଣୀ, } କାଟିବାର ଧରଣ । ଯଥା—

ବାୟାମାର ସରୁକାଟେଣୀ,
ପୁଅକୁ ପିନ୍ଧାଏ ପାଟପତନୀ । ଉ. ସା. ୭. ୪.

କାଟ୍ୟ, ବିଂ. (କଟ୍ ଧାତୁଜ) ଉଲ୍ଲଙ୍ଘ୍ୟ, ଖଣ୍ଡନୀୟ ।

କାଠ, ବି. (କାଷ୍ଠ ଶବ୍ଦର ଅପଭ୍ରଂଶ) ଦାରୁ, ଇନ୍ଧନ, ଜାଳେଣି କାଷ୍ଠ । ଯଥା—

କାଟ କାଠ କାଟୁ କାଟୁ ଯେ ପର୍ଯ୍ୟସ୍ତ ଅକ୍ଷର ।
ବିହ୍ଲଣୀୟ କାବ୍ୟ ।

ବିଂ. ଟାଣୁଆ, କଠିନ ।

କାଠକାଠ, ବିଂ. କ୍ରି. ବିଂ. (ଦେଶଜ) ଅନିଚ୍ଛୁକ; ପରାଙ୍ମୁଖ; ପଶ୍ଚାତ୍ପଦ, ଥକେଇ ଥକେଇ ।

କାଠଖୁମ୍ପି, } ବି. (ଦେଶଜ) ଏକପ୍ରକାର
କାଠଖୁମ୍ପୀ, } ପକ୍ଷୀ ।

କାଠଘୋଡ଼ା, ବି. (ଦେଶଜ) ପେଡ଼ି ପ୍ରଭୃତି ରଖିବା ପାଇଁ କାଷ୍ଠମୟ ଆଧାରବିଶେଷ ।

କାଠଚମ୍ପା, ବି. (ଦେଶଜ) ପୁଷ୍ପ ଓ ବୃକ୍ଷ-ବିଶେଷ ।

କାଠଛତୁ, ବି. (କାଷ୍ଠ = କାଠ-ଛତୁ = ଛତ୍ରାକ) କାଷ୍ଠ ଓ ବୃକ୍ଷାଦିରେ ଜାତ ଛତୁବିଶେଷ ।

କାଠଠୋକରା, } ବି. (ଦେଶଜ) ଏକପ୍ରକାର
କାଠହଣା, } ପକ୍ଷୀ, ଏହି ପକ୍ଷିମାନଙ୍କର ଚଞ୍ଚୁ ଏପରି ଦୃଢ଼ ଯେ ତଦ୍ଦ୍ୱାରା କାଷ୍ଠ ଛେଦନ କରି ପାରନ୍ତି ।

କାଠନେକାର, ବି. (କାଠ = କାଷ୍ଠ—ନେକାର = ନ୍ୟକ୍କାର) ଶୁଷ୍କବମନ ।

କାଠପତ୍ର, ବି. (ଦେଶଜ) ଶାଳୁଆ ଗଛର ପତ୍ର ।

କାଠବରୁଣ୍ଡି, } ବି. (ଦେଶଜ) ମୁଖଜାତ ବ୍ରଣ-
କାଠଭରଣ୍ଡି, } ବିଶେଷ ।

କାଠବେଙ୍ଗ, ବି. (ଦେଶଜ) ଏକପ୍ରକାର ମଣ୍ଡୂକ । ଯଥା—

ଏ ବିଗ୍ରହ ନ କରନ୍ତି ଯେଉଁ ସୃଷ୍ଟି ଜନ,
କାଠବେଙ୍ଗ କରି ତାକୁ ଜନ୍ମ କରେ ଯମ । ସା. ଭା. ଆ.

କାଠରା, ବି. (କାଷ୍ଠାଗାର ଶବ୍ଦଜ) କାଷ୍ଠନିର୍ମିତ ଗୃହ ।

କାଠି, ବି. (କାଷ୍ଠ ଶବ୍ଦଜ) ଅତି କ୍ଷୁଦ୍ର କାଷ୍ଠ-ଖଣ୍ଡ । ଯଥା—

ତୁ ଏବେ ଏମନ୍ତ କରିବୁ,
ଢୋଲରେ କାଠିଏ ମାରିବୁ । ବି. ପୁ.

କଞ୍ଚର କୀଳକ । ଯଥା—

କଞ୍ଚ ପକାଇ କାଠି ଧରି,
ଗଲେ ଭଣ୍ଡାର ଅଧିକାରୀ । ଦା. ର.

(ଦେଶଜ) ପରିମାଣବିଶେଷ । ଯଥା—

ଚଉବିଂଶ କାଠି ଅଟେ ଗର୍ଭର ସେ ପାଣି,
ସେ ବ୍ରହ୍ମ ଦେବତାଙ୍କୁ ହୋଇଲା ଆଣୁ ଆଣି ।
ସା. ଖ୍ରୀ. ସ. ପ.

ମିସ୍ତ୍ରିମାନଙ୍କର ଗଜବତା; ଘୋଡ଼ାର ଗୁରି-ଯାମା; ସାପ; ଦାନ୍ତକାଠି ।

କାଠିନ୍ୟ, ବି. (କଠିନ-ଯ) କଠିନତା, ଦୃଢ଼ତା; ନିର୍ଦ୍ଦୟତା ।

କାଠିପିଞ୍ଛ, ବି. (ଦେଶଜ) ରାଜୋପକରଣ-ବିଶେଷ । ଯଥା—

କେ ଛତ୍ର ଟେକିଛି କେହୁ ଚାମର ବିଞ୍ଚଇ,
କେ କାଠିପିଞ୍ଛ ଧରଣ ପଛରେ ପକାଇ । ନୃ. ପୁ. ଦ୍ୱି. ତ.

କାଠିମକୁଟ, } ବି. (କାଠି = କାଷ୍ଠମୟ-ମୁକୁଟ)
କାଠିମୁକୁଟ, } ବିବାହର ଚତୁର୍ଥୀ ଦିନ ବର କନ୍ୟା ଯେଉଁ ମୁକୁଟ ଧାରଣ କରନ୍ତି ।

କାଠିଲଗି, ବି. (ଦେଶଜ) ରାଜାମାନଙ୍କର ଦନ୍ତ-ଧାବନ କାର୍ଯ୍ୟ । ଯଥା—

କାଠିଲଗି ନୀତି ମଣୋହି ପହଡ଼
ଯେନି କହେ ତୁମ୍ଭେ ନର ମଧ୍ୟେ ବଡ଼ । ଦରବାର ।

କାଠୁଆ, ବି. (ଦେଶଜ) ହଳଦି ପ୍ରଭୃତି ରଖିବା ନିମିତ୍ତ କାଷ୍ଠନିର୍ମିତ କ୍ଷୁଦ୍ର ପାତ୍ରବିଶେଷ । ଯେପରି—ହଳଦି କାଠୁଆ । କ୍ଷୁଦ୍ର ନାବ । ବିଂ. ନିର୍ଦ୍ଦୟ; ଅଳସୁଆ; କଠିଣ । ଯେପରି—ସେ ବଡ଼ କାଠୁଆହୃଦୟ । କୃପଣ (ଇତର-ସ୍ୱାର୍ଥେ); ତରଳର ବିପରୀତ ଅର୍ଥାତ୍ ଘନ । ଯଥା—ହଳଦି ଟିକିଏ କାଠୁଆ କରି ବାଟ ।

କାଠୁଆଅମ୍ଳପିତ୍ତ, ବି. ( କାଠୁଆ = କାଷ୍ଠ-ଅମ୍ଳପିତ୍ତ ) ରୋଗବିଶେଷ, ପଦ୍ମନାଭକଣ୍ଟକ ରୋଗ ।

କାଠୁଆକଦଳୀ, } ବି. (କାଷ୍ଠକଦଳୀ ଶବ୍ଦଜ)
କାଠିଆକଦଳୀ, } କଦଳୀଫଳବିଶେଷ ।

କାଠୁରିଆ, ବି. (ଦେଶଜ) ଯାହାର କାଷ୍ଠ ହାଣିବା ବୃତ୍ତି; କାଷ୍ଠଚ୍ଛେଦକ । ଯଥା—

ତହିଁରେ ଚୁଲ୍ଲୀ ଜାଳ କାଠୁରିଆଙ୍କର,
ବିରଚନ ମଧ୍ୟ କରିବଇ ମୋର । କୃ. ଭ୍ର. ବି. ପ.

କାଡ଼େ, ଅଂ. (ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ) କେଉଁଆଡ଼େ ।

କାଢ଼, କାଢ଼ୁ, ବି. (ଦେଶଜ) ପରିଶ୍ରମ ।

କାଢ଼ଣ, ବି. (ଦେଶଜ) କାଢ଼ିବା, ବଳଦ୍ୱାରା ଗ୍ରହଣ; ବାହାର କରିବା ।

କାଢ଼ା, ବି. (ଦେଶଜ) ପାଚନବିଶେଷ ।

କାଢ଼ି, ବି. (ଦେଶଜ) ଉଠାଣ ସ୍ଥାନରୁ ବଳପୂର୍ବକ ଝିଙ୍କି ଆଣିବା କାଷ୍ଠବୋଝ । ଯେପରି —ଦୁଇ କାଢ଼ି କାଠ ।

କାଢ଼ିଆ, ବିଂ. ( ଦେଶଜ ) ଉଠାଣ, ଧାର । ଯଥା—

କାଢ଼ିଆ ମାଲରେ ବହୁତ ଦୋଷ,
କଲନ୍ତର ବଢ଼ି ବୁଡ଼େ ସର୍ବସ୍ୱ । ଉ. ସା. ୮.୮.

କାଢ଼ିବାର, କ୍ରି. (ଦେଶଜ) ବାହାର କରିବାର । ଯଥା—

ବାସରୁ କାଢ଼େ ବିଶାଖା ସେ ମୂରଛା । ବି. ଚ. ମ.

କାଢ଼ୁଆ, ବିଂ. (ଦେଶଜ) ପରିଶ୍ରମୀ ।

କାଣ, ବି.(କାଣି = ନୟନ ମୁଦ୍ରିତ କରିବା-ଅ) କାକ । ବିଂ. ଏକଚକ୍ଷୁହୀନ, କଣା । (ଅକ୍ଷ୍ଣା କାଣଃ—ବ୍ୟାକରଣ ।) (ଦେଶଜ—ଗଡ଼ଜାତରେ ବ୍ୟବହୃତ ।) ଅଂ. କଣ । (କର୍ଣ୍ଣ ଶବ୍ଦଜ) କାନ, କର୍ଣ୍ଣ ।

କାଣମୁଡ଼ା, ବି. ( କର୍ଣ୍ଣମୁଦ୍ରା ଶବ୍ଦଜ ପରି ? ) କର୍ଣ୍ଣମୂଳ ।

କାଣା, ବିଂ. ସ୍ତ୍ରୀ. ( କାଣ-ସ୍ତ୍ରୀ-ଆ ) ଯେଉଁ ସ୍ତ୍ରୀର ଗୋଟିଏ ଚକ୍ଷୁ ନଷ୍ଟ ହୋଇଅଛି ।

କାଣାଦ, ବି. (କଣାଦ-ଅ) କଣାଦମୁନିନିର୍ମିତ ଶାସ୍ତ୍ର, ବୈଶେଷିକ ଦର୍ଶନଶାସ୍ତ୍ର ।

କାଣିଆଙ୍ଗୁଟି, } ବି. ( କନିଷ୍ଠ-ଅଙ୍ଗୁଳି-ଏଥିରୁ
କାଣିଆଙ୍ଗୁଠି, } ଜାତ ) ଶେଷ ଅଙ୍ଗୁଳି । ଯଥା—

ଡାହାଣ ପାଦ କାଣି ଆଙ୍ଗୁଠି ଗୋଟି ବାଜି,
ସାତ ଯୋଜନ ପର୍ବତ ଶୃଙ୍ଗ ଗଲା ଭାଜି । ସା. ଭା. ଆ.

କାଣିକଉଡ଼ି, ବି. ( କାଣ-କପର୍ଦ୍ଦ—ଏଥିରୁ ଉତ୍ପନ୍ନ ) କଣାକପର୍ଦ୍ଦିକା । ଯଥା—

ଝିଲିକ ଲଡୁରେ ସରଧା ଭରି,
ହାତରେ ନାହିଁଟି କାଣିକଉଡ଼ି । ଉ.ସା.୭.୭.

କାଣିଲେଉଟିଆ, } ବି.(ଦେଶଜ)ଶାକଭେଦ ।
କାଣୀଲେଉଟିଆ, }

କାଣୀ, ବି. ସ୍ତ୍ରୀ. (କାଣା ଶବ୍ଦଜ) ଏକଚକ୍ଷୁହୀନା ସ୍ତ୍ରୀ । ( କାକଣୀ ଶବ୍ଦଜ ); ବିଶ୍ୱାର ଏକ-ଚତୁର୍ଥାଂଶ; ହସ୍ତର କହୁଣୀଠାରୁ କାଣି-ଆଙ୍ଗୁଠି ଶେଷ ପର୍ଯ୍ୟନ୍ତ ପରିମାଣ ।

କାଣୀନଳ, ବି. (ଦେଶଜ) କ୍ଷେତ୍ରଫଳ ବାହାର କରିବାର ନିୟମବିଶେଷ । ଏହି ନଳର ଦୀର୍ଘତା ଓ ପ୍ରସ୍ଥରେ ବିଶ୍ୱା ଓ କାଣୀ ପ୍ରଭୃତି ପରିମାଣ ଥିବାରୁ ଏହାର ଏପରି ନାମ ହେଲା ।

କାଣୀନେଉଟିଆ, } ବି. ( ଦେଶଜ ) ଶାକ-
କାଣୀଲେଉଟିଆ, } ବିଶେଷ ।

କାଣେଡ଼ା, } ବି. (କର୍ଣ୍ଣାଟ ଶବ୍ଦଜ କମ୍ବା
କନଡ଼ା, } ଦେଶଜ) ରାଗବିଶେଷ; ଦେଶବିଶେଷ ।

କାଣ୍ଠ, ବି. (କଣ୍ଠ ଶବ୍ଦଜ) ତୈଳାଦିର ମଇଳା; ଦେଉଳ ପୀଢ଼ମାନଙ୍କର ମଧ୍ୟସ୍ଥଳ ।

କାଣ୍ଡିଆ, ବି.(ଦେଶଜ)ରେଶମର ଅସାରାଂଶରେ ନିର୍ମିତ ବସ୍ତ୍ର, ମୋଟା ମଠା ।

କାଣ୍ଡିବଗ, ବି. (ଦେଶଜ) ବକଜାତୀୟ ମଳିନବର୍ଣ୍ଣ ପକ୍ଷିବିଶେଷ ।

କାଣ୍ଡ, ବି. ( କନ୍ = ଦୀପ୍ତି ପାଇବା-ଡ଼-ଅ) ବୃନ୍ତ, ଡେମ୍ଫ; ନାଳ । (କାଣ୍ଡଂ ନାଳଂ) ଗଛର ଗଣ୍ଡି, ବୃକ୍ଷର ଯେଉଁ ଅଂଶରୁ ସର୍ବ-ପ୍ରଥମେ ଶାଖା ନିର୍ଗତ ହୁଏ । (ବୃକ୍ଷକାଣ୍ଡ-ମିତୋ ଭିତ୍ତ) ଗୁଚ୍ଛ । (କାଣ୍ଡାତ୍ କାଣ୍ଡାତ୍ ପ୍ରରୋହନ୍ତୀଃ ।) ସ୍ତମ୍ଭ । (ଊରୁଦ୍ୱୟଂ ମୃଗ-ଦୃଶଃ କଦଳସ୍ୟ କାଣ୍ଡୌ) ଅଧ୍ୟାୟ, ପରିଚ୍ଛେଦ, ପ୍ରକରଣ । ଯେପରି ଅଯୋଧ୍ୟା-କାଣ୍ଡ; ଲଙ୍କାକାଣ୍ଡ; ଶ୍ରାଦ୍ଧକାଣ୍ଡ; କର୍ମକାଣ୍ଡ । ବାଣ, ଶର; ଦଣ୍ଡ; ଅବସର; ପ୍ରସ୍ତାବ; ସମୂହ; ଜଳ । (କାଣ୍ଡୋଽସ୍ତ୍ରୀଦଣ୍ଡବାଣାର୍ବ-ବର୍ଗାବସରବାରିଷୁ—ଅମର ।) ବ୍ୟାପାର, ଘଟନା । ଯଥା—ହିଂସ୍ରାକାଣ୍ଡ । ବିଂ. ନିର୍ଜନ; ନୀଚ; ପାପିଷ୍ଠ । (ଦେଶଜ ରୂପରେ) ବି. ବ୍ୟବହାର, ଆଚରଣ । ଯଥା—

ଭୟଙ୍କର କାଣ୍ଡ ଦେଖି ମଣିଲେ ବିସ୍ମୟ,
ସ୍ୱପନ କି ସତ କରି ନ ପାରିଲେ ଅୟ । ଭ.ସା.୮.୯.

କାଣ୍ଡକାଣ୍ଡକ, ବି. (କାଣ୍ଡ-ଦ୍ୱିତ୍ୱ-କ ଯୋଗ) କାଶତୃଣ ।

କାଣ୍ଡକାଣ୍ଡିଆ, ବି. ( କାଣ୍ଡକାଣ୍ଡକ ଶବ୍ଦଜ ) ବିଲରେ ଜନ୍ମିଥିବା ତୃଣବିଶେଷ ।

କାଣ୍ଡଜ୍ଞାନ, ବି. (କାଣ୍ଡ = ପ୍ରକରଣ-ଜ୍ଞାନ = ବୋଧ) ପ୍ରକରଣବୋଧ, ବିବେଚନା; ସ୍ଥୂଳ ଜ୍ଞାନ । ଯଥା—ସେ ଲୋକଟିର କାଣ୍ଡଜ୍ଞାନ ନାହିଁ ।

କାଣ୍ଡପଟ, } ବି. (କାଣ୍ଡ = ନିର୍ଜନ-ପଟ = ବସ୍ତ୍ର)
କାଣ୍ଡବସ୍ତ୍ର, } ଯବନିକା, ପର୍ଦ୍ଦା; ତମ୍ବୁ ।

କାଣ୍ଡପୃଷ୍ଠ, ବି. ( କାଣ୍ଡ = ବାଣ-ପୃଷ୍ଠ = ପିଠି ) ଶସ୍ତ୍ରାଜୀବ, ଆୟୁଧଜୀବୀ । (ଶସ୍ତ୍ରାଜୀବେ କାଣ୍ଡ-ପୃଷ୍ଠାୟୁଧୀୟାୟୁଧିକାଃ ସମାଃ—ଅମର ।) ବ୍ୟାଧ । (କାଣ୍ଡପୃଷ୍ଠୈର୍ଚ୍ଚିରଂ କାଳଂ ଅନେନୈବ ପରିବର୍ତ୍ତିତେ) ବେଶ୍ୟାପତି; କର୍ଣ୍ଣଧନୁ । ବିଂ. ଦୁଷ୍ଟଚରିତ୍ର; ନିନ୍ଦ୍ୟଜୀବୀ । (ସ୍ୱକୁଳଂ ପୃଷ୍ଠତଃ କୃତ୍ୱା ଯୋ ବୈ ପରକୁଳଂ ବ୍ରଜେତ୍ । ତେନ ଦୁଷ୍ଟଚରିତେନାସୌ କାଣ୍ଡପୃଷ୍ଠ ଇତି ସ୍ମୃତଃ ।)

କାଣ୍ଡବନ୍ଧ,ବି. (ଦେଶଜ)ଭଣ୍ଡାରି ଓଡ଼ିଆ ପ୍ରଭୃତି ଜାତିରେ କନ୍ୟା ବିବାହ ନ କରିବା ପୂର୍ବେ ରଜୋବତୀ ହେଲେ ପ୍ରଥମେ କାଣ୍ଡ ଗୋଟିଏ ପୋତି ତାହା ସହ କନ୍ୟାର ବିବାହ କରନ୍ତି; ପରେ ଅନ୍ୟକୁ ପ୍ରଦାନ କରନ୍ତି, ଏହି କର୍ମର ନାମ କାଣ୍ଡବନ୍ଧ ।

କାଣ୍ଡସର, ବି. (କାଣ୍ଡ ଶର—ଏହାର ଅନୁକୃତି) ତୃଣକାଣ୍ଡପ୍ରାୟ ଗୁଳ୍ମବିଶେଷ ।

କାଣ୍ଡାରି, } ବି. (କର୍ଣ୍ଣଧାରୀ ଶବ୍ଦଜ) ନାବିକ;
କାଣ୍ଡାରୀ, } ଉଦ୍ଧାରକ । ଯଥା—

ଆହେ ଦୟାମୟ ଦେବ, ସତେ ଏ ପାପିକୁ ନେବ,
ଯହିଁ ଖେଳେ ଚିରପ୍ରେମ ଆନନ୍ଦଲହରୀ,
ତୁମ୍ଭେ ବିନା ଆଉ କିଏ ଏ ପାପିର କାଣ୍ଡାରି । କ.ମ.

କାଣ୍ଡି, ବି. (ଦେଶଜରୂପେ ବ୍ୟବହୃତ) ବେଦର ମନ୍ତ୍ରପାଠ । ଯଥା—

ସେ ବେଦ ଶ୍ରବଣ ଅଟଇ ଯେ ଭକ୍ଷାଅଶୀ,
ତା ଦ୍ୱାରେ ଦ୍ୱିଜମାନେ ବେଦ କାଣ୍ଡି ଏ ଘୃଷି ।
ସା. ଭା. ଆ.

ଗୋଦାମ ।

କାଣ୍ଡିଆ, ବି. (ଦେଶଜ) ପକ୍ଷିକୁ ଧରିବାପାଇଁ ଅଠାକାଠି । ଯଥା—

ଅଠାକାଣ୍ଡିଆ ବେଣ୍ଡ କରି,
ପକ୍ଷୀ ଆଣଇ କନ୍ଦେ ମାରି । ଦା. ର.

ବିଂ.(କଣ୍ଡିତ ଶବ୍ଦଜ) ପରିଷ୍କୃତ । ଯେପରି, କାଣ୍ଡିଆ ଗୃଣ୍ଡଳ, ଅକାଣ୍ଡିଆ ଗୃଣ୍ଡଳ ।

କାଣ୍ଡିଆକୁଣ୍ଡା, ବି. (ଦେଶଜ) ସରୁକୁଣ୍ଡା ।

କାଣ୍ଡିବାର, କ୍ରି. (କଣ୍ଡନ ଶବ୍ଦଜ) ଗୃଣ୍ଡଳ ପ୍ରଭୃତିରୁ କୁଣ୍ଡା ଓ ବୋଳ ବାହାର କରିବାର । ଯଥା—ଗୃଣ୍ଡଳ କାଣ୍ଡୁଅଛୁ । ମାରିବାର; କୁଟିବାର; ପରାଭବ ଦେବାର ।

କାଣ୍ଡୀର, ବି. (କାଣ୍ଡ-ଈର) କାଣ୍ଡବାନ୍, ଶର-ଧାରୀ; (ସ୍ୟାତ୍ କାଣ୍ଡବାଂସ୍ତୁ କାଣ୍ଡୀରଃ—ଅମର ।) ବିଂ. ନିନ୍ଦ୍ୟଜୀବୀ ।

କାଣ୍ଡୂ, ବି. (କଣ୍ଡୂ ଶବ୍ଦଜ) କଣ୍ଡୂ; ଦୁଷ୍ଟାମି, ଦୁର୍ବୃତ୍ତତା ।

**କାଣ୍ଡୁଆ**, ବିଂ. (ଦେଶଜ) କାମାତୁର; ଦୁଷ୍ଟ । (କାଣ୍ଡ-ଉଆ) କାଣ୍ଡଜୀବୀ; ନିନ୍ଦ୍ୟଜୀବୀ ।

**କାଣ୍ୱଶାଖା**, ବି.ସ୍ତ୍ରୀ.(କଣ୍ୱ-ଅ = କାଣ୍ୱ—ଶାଖା) ଯଜୁର୍ବେଦୀୟ ଶାଖାବିଶେଷ; କଣ୍ୱ ସମ୍ବନ୍ଧୀୟ ବେଦର ଭାଗବିଶେଷ ।

**କାଣ୍ୱାୟନ**, ବିଂ. (କଣ୍ୱ-ଅ = କାଣ୍ୱ—ଅୟନ = ଆଧାର, ଅଥବା କଣ୍ୱ-ଆୟନ— ଅପତ୍ୟାର୍ଥେ) କଣ୍ୱଗୋତ୍ରଜାତ, କଣ୍ୱବଂଶ-ଉତ୍ପନ୍ନ ।

**କାତ**, ବି. (ଦେଶଜ) ନୌକାଦି ବାନ୍ଧି ନେବା-ପାଇଁ ବଡ଼ ବାଉଁଶଖଣ୍ଡ । ଯଥା—

**ଶୁଣି ତଣ୍ଟି ଭୁଠେ ଜଗିଲି ବାଳଶିଶୀ,**
**କାତ କେଳୁଆର ଧର ନାବେ ଅଛି ବସି । ନା.ର.ଗୀ.**

ନକସ ପ୍ରଭୃତି ଖେଳ ଖେଳିବା ସମୟରେ ହୁଡ଼ି କରି ବାନ୍ଧିବା ପଇସା କୁଡ଼ି, କଉଡ଼ି କାଇଁଚ କୁଡ଼ି ।

**କାତର**, ବିଂ. (କୁ = ଈଷତ୍—ତର = ଯେ ପାର ହୁଏ, ତୃ-ଅ = ତର, କୁ = କା) ବ୍ୟାକୁଳ, ଅଧୀର; ଦୁଃଖିତ; ଭୀତ; ଚଞ୍ଚଳ; ବିବଶ; ଆକୁଳ । (ଚେତସା କାତରେଣ—ମେ.ଦୂ.) (କ = ଜଳ-ଆ-ତ = ଭାସିବା-ଅ) ଭେଳା, ନାବ; ମତ୍ସ୍ୟବିଶେଷ । (ଦେଶଜ) ଉତ୍ତମ ଧୂଆଁ ପତର ।

**କାତରତା, କାତର୍ଯ୍ୟ**, ବି. (କାତର-ତା, ଯ) ଦୁଃଖ; ଭୀରୁତା; ବ୍ୟାକୁଳତା ।

**କାତି**, ବି.(କର୍ତ୍ତ୍ରୀ ଶବ୍ଦଜ) ଅସ୍ତ୍ରବିଶେଷ । ଯଥା—

**କାତି ହେଲି ସେ ଏବେ କାଟିଦେବାକୁ ଗଲା । ର.କ.**

(ଦେଶଜ) ମାଛ ସାପ ପ୍ରଭୃତିର ଦେହ ଉପରିସ୍ଥ ଆବରଣ । ଯେପରି—ମାଛ କାତି; ସାପ କାତି ଛାଡ଼ିଅଛି ।

**କାତୁଆ**, ବି. ( ଦେଶଜ ) କୃଷକମାନଙ୍କର ପାତଳ ସାବଳ ଆକୃତିବିଶିଷ୍ଟ ଅସ୍ତ୍ରବିଶେଷ ।

**କାତ୍ୟ**, ବି. (କତ = ମୁନିବିଶେଷ-ଯ—ଅପତ୍ୟାର୍ଥେ) ମୁନିବିଶେଷ, କାତ୍ୟାୟନ ମୁନି ।

**କାତ୍ୟାନୀ**, ବି. ସ୍ତ୍ରୀ. (କାତ୍ୟାୟନୀର ଅପଭ୍ରଂଶ) ଦୁର୍ଗା; ଅର୍ଦ୍ଧବୃଦ୍ଧା କାଷାୟବସନା ବିଧବା ସ୍ତ୍ରୀ ।

**କାତ୍ୟାୟନ**, ବି. (କାତ୍ୟ = କାତ୍ୟାୟନ ମୁନି-ଆୟନ—ସ୍ୱାର୍ଥେ) ଧର୍ମଶାସ୍ତ୍ର ପ୍ରବକ୍ତା ମୁନି-ବିଶେଷ; ବରରୁଚି, ବ୍ୟାକରଣର ବାର୍ତ୍ତିକ-କାର ।

**କାତ୍ୟାୟନୀ, କାତ୍ୟାୟନିକା**, ବି. ସ୍ତ୍ରୀ. (କାତ୍ୟାୟନ—ଈ) ଦୁର୍ଗା, ଭୈରବୀ । (କତ୍ୟାୟନ ମହାମାୟେ) ଅର୍ଦ୍ଧବୃଦ୍ଧା କାଷାୟବସ୍ତ୍ରା ବିଧବା ସ୍ତ୍ରୀ । (କତ୍ୟାୟନ୍ୟର୍ଦ୍ଧବୃଦ୍ଧା ଯା କାଷାୟବସନାଧବା—ଅମର ।) (ପଞ୍ଚାଶତ୍ ବର୍ଷଦେଶୀୟାଂ ୱାଂ ସ୍ଥିତଭର୍ତ୍ତୃକାଂ ବଦନ୍ତି କାତ୍ୟାୟନିକାଂ ଧୃତକାଷାୟ-ବାସସଂ ।)

**କାଥିକ**, ବିଂ.(କଥା—ଇକ—ପଟୁତାର୍ଥେ) କଥା ରଚନା ବିଷୟରେ ପଟୁ ।

**କାଦ**, ବି. (ଦେଶଜ) କାତ, ନୌକା ବାନ୍ଧିବା ବାଉଁଶ ।

**କାଦ, କାଦୁଅ**, ବି. (କର୍ଦ୍ଦମ ଶବ୍ଦଜ) ପାଣି ପଡ଼ିବାରେ ପଙ୍କ ପରି ହେବା ମାଟି ।

**କାଦପାଣି**, ବି. ( ଦେଶଜ ) ବିବାହର ପଞ୍ଚମ ଦିବସ । ଯଥା—

**ତେତିଶ କୋଟି ଦେବଙ୍କ କନ୍ୟା ବିଭା ହେଲା,**
**ଚଉଠି କାଦପାଣି ସାତମଙ୍ଗଳା କଲା । ନୃ.ସୁ.ଭୂ.ତ.**

ଗୋଳିଆ ଜଳ ।

**କାଦମ୍ବ**, ବି. (କଦମ୍ବ-ଅ—ଭାବାର୍ଥେ, ଅଥବା କଦ୍-ଶିର୍-ଅମ୍ବର୍) କଦମ୍ବବୃକ୍ଷ; ଇକ୍ଷୁ; ଶ୍ୟାମପକ୍ଷ କଳହଂସ । (କାଦମ୍ବଃ କଳ-ହଂସଃ ସ୍ୟାତ୍—ଅମର ।) ବାଣ, ଶର । (କାଦମ୍ବାନାମେକପାତେ ରସୀବ୍ୟତ୍— ମାଘ ।) କଦମ୍ବପୁଷ୍ପ, କଦମ୍ବ ବୃକ୍ଷସମୂହ । ବିଂ. କଦମ୍ବସମ୍ବନ୍ଧୀୟ । (କାଦମ୍ବ-ମର୍ଦ୍ଧୋଦ୍ଗତକେଶରଂ ଚ ।)

କାଦମ୍ବର, ବି· (କାଦମ୍ବ-ରା=ଦାନ କରିବା-ଅ) ଦଧିର ସର; ମଦ୍ୟବିଶେଷ । (ନିଷେବ୍ୟ ମଧୁ ମାଧବଃ ସରସମତ୍ର କାଦମ୍ବରଂ) ଇକ୍ଷୁଗୁଡ଼ । (ସ୍ତ୍ରୀ-ଈ) ସରସ୍ୱତୀ; ସ୍ତ୍ରୀପକ୍ଷୀ; ଶାରିକା; କୋକିଳା; ସଂସ୍କୃତ ଗଦ୍ୟକାବ୍ୟବିଶେଷ । (କୁ = ମନ୍ଦ—ଅମ୍ବର = ବସ୍ତ୍ର, କୁ = କା) ବଳରାମ । (କାଦମ୍ବର-ଈ) ସୁରା, ଗୌଡ଼ୀ ମଦିରା । (କାଦମ୍ବରୀ ମଦବିଘୂର୍ଣ୍ଣିତ ଲୋଚନସ୍ୟ, ଯୁକ୍ତଂ ହି ଲାଙ୍ଗଳଭୃତଃ ପତନଂ ପୃଥିବ୍ୟାଂ ।)

କାଦମ୍ବିନୀ, ବି. ସ୍ତ୍ରୀ. (କାଦମ୍ବ = କଦମ୍ବ ଫୁଲ-ଇନ୍ —ସମୂହାର୍ଥେ, ସ୍ତ୍ରୀ-ଈ) ମେଘମାଳା, ମେଘଶ୍ରେଣୀ । (କାଦମ୍ବିନୀ ମେଘମାଳା—ଅମର ।)

କଦାଚିତ୍କ, ବିଂ. (କଦାଚିତ୍ = କୌଣସି ସମୟ-କ) ଯାହା କଦାଚିତ୍ ଘଟେ, ଯାହା ସଚରାଚର ଘଟେ ନାହିଁ ।

କାଦୁଅ, ବି. (କର୍ଦ୍ଦମ ଶବ୍ଦଜ) କର୍ଦ୍ଦମ ।

କାଦୁଅଖୁମ୍ପି, } ବି· ( ଦେଶଜ ) ଏକପ୍ରକାର
କାଦୁଅଖୁମ୍ପୀ, } ପକ୍ଷୀ ।

କାଦୁଆ, ବିଂ. ( ଦେଶଜ ) କାଦ ମିଶିଥିବା, କର୍ଦ୍ଦମିତ ( ଜଳ ପ୍ରଭୃତି ); ଏକପ୍ରକାର ପଣସ ।

କାଦୁଆପଟା, } ବି· ( ଦେଶଜ ) ଦ୍ୱାରବନ୍ଧକୁ
କାଦୁଅପଟା, } ଲାଗି ପାର୍ଶ୍ୱରେ ବସିଥିବା ପଟା ।

କାଦ୍ରବେୟ, ବି· ( କଦ୍ରୁ-ଏୟ-ଅପତ୍ୟାର୍ଥେ ) କଦ୍ରୁଙ୍କର ସନ୍ତାନ, ସର୍ପ । ( ନାଗାଃ କାଦ୍ରବେୟା ସ୍ତ୍ରଦାଶୀରାଃ—ଅମର ।)

କାନ, ବି·(କର୍ଣ୍ଣ ଶବ୍ଦଜ) ଶ୍ରବଣେନ୍ଦ୍ରିୟ । ଯଥା—

ରାମନସ୍ୟୁନା ରାମ ରାମ ସୁମରି
ଅଙ୍ଗୁଳି ଦେଲେ ଦୁଇ କାନେ । ବି. ଚ. ମ.

କାନକ, ବିଂ. (କନକ-ଅ-ବିକାରାର୍ଥେ) କନକ ବା ସୁବର୍ଣ୍ଣନିର୍ମିତ, ସୁବର୍ଣ୍ଣସମ୍ବନ୍ଧୀୟ । ବି. ଜୟପାଳ ବୀଜ, କନକା ମଞ୍ଜି ।

କାନକଟା, ବି.(ଦେଶଜ)କୀଟବିଶେଷ । ଯଥା—

କାନକଟା କୀଟ କା କାନ କାଟିଛି । ଭୂ. ଚଉଢଶା ।

ବିଂ. ଯେ କାନ କାଟେ ।

କାନକଟୁରି, } ବି. ସ୍ତ୍ରୀ. ( ଦେଶଜ କିମ୍ବା
କାନକୁଟୁରି, } କର୍ଣ୍ଣକୀଟ ଶବ୍ଦଜ ) କୀଟ-
କାନକୁଟୁଲୀ, } ବିଶେଷ ।
କାନକୋଟେଲୀ, }
କାନକୁଟୁରୁ,

କାନକୁହା, ବିଂ. (ଦେଶଜ) ଖଚୁଆ, ଯେ କାନରେ ସବୁବେଳେ ଅନ୍ୟ ନାମରେ ମିଛ ଖଚ କହୁଥାଏ । ଯଥା—

ମନ୍ତ୍ରୀ ହେଲେ ଖଳ ଖଣ୍ଡ କାନକୁହା । ଦରବାର.

କାନକୋଳ, ବି· (ଦେଶଜ) କୋଳବିଶେଷ, ଏକପ୍ରକାର କ୍ଷୁଦ୍ର କୋଳ ।

କାନଖଡ଼କା, ବିଂ. ( ଦେଶଜ ) ଶ୍ରବଣକାରୀ କିମ୍ବା ଜାଗରିତ ।

କାନଖଡ଼କା, } ବି· (ଦେଶଜ) ଯେଉଁ କାଠିରେ
କାନକାଠି, } କାନ କୁଣ୍ଡାଇବାକୁ ହୁଏ ।

କାନଗୁହ, ବି· (କର୍ଣ୍ଣଗୂଥ ଶବ୍ଦଜ) କର୍ଣ୍ଣର ମଳ ।

କାନଗୋଇ, } ବି· (ଯାବନିକ) ମଜୁମଦାର
କାନୁନଗୋଇ, } ଅର୍ଥାତ୍ ଜମି ଜରିପ ଆଦିର
କାନୁନଗୋ, } କର୍ମକାରକ ।

କାନଝୁଲପି, ବି. (ଦେଶଜ) ଗଣ୍ଡକୁ ଲମ୍ବିଥିବା ବାଳ । ଯଥା—

କି ମଧୁର ହସେ ଗୌର ଗଣ୍ଡେ
କଳା କାନଝୁଲପି । ଉଷା.

କାନନ, ବି· (କାନ = ଦୀପ୍ତି ପାଇବା-ଅନ)ବନ । (ଗହନଂ କାନନଂ ବନଂ—ଅମର ।)ଗୃହ । (କ = ବ୍ରହ୍ମା-ଆନନ = ମୁଖ) ବ୍ରହ୍ମାଙ୍କ ମୁଖ ।

କାନପଡ଼ା, ବିଂ. (କର୍ଣ୍ଣପାତ ଶବ୍ଦଜ) ଗୋପନରେ ଶୁଣୁଥିବା ବ୍ୟକ୍ତି; ପରର କଥା ଯେ ଗୁପ୍ତଭାବରେ ଶୁଣେ ।

କାନପତା, ବି· (କର୍ଣ୍ଣପତ୍ର ଶବ୍ଦଜ) କର୍ଣ୍ଣର ତଳଭାଗ; କାନ ପାତିବା ।

କାନଫାଶିଆ, ବି· (କର୍ଣ୍ଣପାଶ ଶବ୍ଦଜ) କାନରେ ଲଗାଇବା ସାନ ଗୁଣା ।

କାନଫୁଲ, ବି· (କର୍ଣ୍ଣପୂର ଶବ୍ଦଜ) କର୍ଣ୍ଣର ଅଳଂକାରବିଶେଷ ।

କାନଫୋଡ଼ା, ବି. (କର୍ଣ୍ଣସ୍ଫୋଟନ ଶବ୍ଦଜ) କର୍ଣ୍ଣବେଧ ନାମକ ଶୁଭକର୍ମ, କାନରେ ରନ୍ଧ୍ର କରିବା ।

କାନମୁଣ୍ଡା, ବି.(କର୍ଣ୍ଣମୁଦ୍ରା ଶବ୍ଦଜ) କର୍ଣ୍ଣମୂଳ ।

କାନା, ବି. (କୃଷ୍ଣ ଶବ୍ଦଜ) ଶ୍ରୀକୃଷ୍ଣ; କୃଷ୍ଣନାମଧାରକ ବ୍ୟକ୍ତି ।

କାନାକାନି, ବି. ( କର୍ଣ୍ଣାକର୍ଣ୍ଣିକ ଶବ୍ଦଜ ) ଅନ୍ୟୋନ୍ୟତଃ ଶୁଣିବା, ଜଣକଠାରୁ ଅନ୍ୟ ଶୁଣିବା; ଅନ୍ୟୋନ୍ୟତଃ ରହସ୍ୟଭାବରେ କୁହାକୁହି ହେବା ।

କାନି, ବି. (ଦେଶଜ) ବସ୍ତ୍ରର ଶେଷଭାଗ, ପ୍ରାନ୍ତ । ଯଥା—

**ପୋଛଇ ବଦନ ଘେମାଲ କାନିରେ । ଦ. ବା.**

କାନିକା, ବି. (ଦେଶଜ) ମହାପ୍ରସାଦବିଶେଷ ।

କାନିକଳି, } ବି. ସ୍ତ୍ରୀ ( ଅନିକୀଳ ଶବ୍ଦଜ )
କାନିକଳା, } ଗାଡ଼ିର ଚକକୁ ଅଟକାଇବା ଖିଲ ।

କାନିପଣନ୍ତ, ବି. (ଦେଶଜ) ବସ୍ତ୍ରର ଶେଷ ଅଞ୍ଚଳ । ଯଥା—

**ବୃକ୍ଷର ଉହାଡେ ଯାଇ କାନ୍ଦଣ ବସିଲେ,**
**କାନିପଣନ୍ତ ଦେଇ ମୁଖକୁ ଘୋଡ଼ାଇଲେ ।**
**ନୃ. ସୁ. ଚ. ତ.**

କାନୀନ, ବି. (କନ୍ୟା-ଅ-ଅପତ୍ୟାର୍ଥେ-ନିପାତନ, କନ୍ୟା-ଇନ, କନ୍ୟା = କନ) ଅବିବାହିତା କନ୍ୟାର ଗର୍ଭଜାତ ସନ୍ତାନ; ବ୍ୟାସ; କର୍ଣ୍ଣ । (କାନୀନଃ କନ୍ୟକାଜାତଃ—ଅମର ।)

କାନୁ, ବି. (କୃଷ୍ଣ ଶବ୍ଦରୁ ଉତ୍ପନ୍ନ) ଶ୍ରୀକୃଷ୍ଣ; କୃଷ୍ଣନାମଧାରକ ବ୍ୟକ୍ତି; (ଦେଶଜ) ଚେମା ଖେଳରେ ଗୋଟିଏ ମାତ୍ର କଉଡ଼ି ଚିତ ହୋଇ ପଡ଼ିବା ଦାନ ।

କାନୁନ, ବି. (ଯାବନିକ) ଜମିଦାରୀସମ୍ବନ୍ଧୀୟ ବ୍ୟବସ୍ଥା ।

କାନେଇବାର, କ୍ରି (ଦେଶଜ) ଗୁପ୍ତଭାବରେ ଶୁଣିବାର, କାନ ଦେବାର ।

କାନ୍ତ, ବିଂ. (କମ୍ = ବାଞ୍ଛା କରିବା-ତ) କମନୀୟ, ମନୋରମ । (କାନ୍ତଂ ମନୋହରଂ ରୁଚ୍ୟଂ—ଅମର ।) ଶୋଭନ । ବିଂ ଚନ୍ଦ୍ର; ବସନ୍ତକାଳ; କୃଷ୍ଣ; ସ୍ୱାମୀ; କୁଙ୍କୁମ; ଲୌହ । (ସ୍ତ୍ରୀ-ଆ-କାନ୍ତା) ଭାର୍ଯ୍ୟା; ସ୍ତ୍ରୀ-ବିଶେଷ, ସୁନ୍ଦରୀ ସ୍ତ୍ରୀ; ପ୍ରିୟଙ୍ଗୁଲତା; ନାଗରମୁଥା । (ପ୍ରସ୍ତର ଅର୍ଥ ହେଲେ ସୂର୍ଯ୍ୟ ଚନ୍ଦ୍ର ଓ ଅୟସ୍ ଶବ୍ଦ ସହିତ ଯୁକ୍ତ ହୁଏ ।) ଯଥା—ସୂର୍ଯ୍ୟକାନ୍ତ; ଚନ୍ଦ୍ରକାନ୍ତ; ଅୟସ୍କାନ୍ତ ଇତ୍ୟାଦି ।

କାନ୍ତକରେଇ, ବି. (ସଂସ୍କୃତ ଓ ଓଡ଼ିଆ ଶବ୍ଦର ମିଶ୍ରଣ) ଲୌହର ତଳା କରେଇ ।

କାନ୍ତରାଟକାର, ବି. (ଇଂରାଜୀ ଶବ୍ଦଜାତ) ଯେ ଚୁକ୍ତି କରି କର୍ମ କରେ ।

କାନ୍ତରାଟି, ବି. (ଇଂରାଜୀ ଶବ୍ଦଜାତ) ଚୁକ୍ତି ।

କାନ୍ତାନୀ, ବି. ସ୍ତ୍ରୀ. (କାତ୍ୟାୟନୀ ଶବ୍ଦଜ) ଦେବୀ, ଦୁର୍ଗା । ଯଥା—

**ବିଜୟେ କାନ୍ତାନୀ ଏଥେ ପ୍ରସନ୍ନା ହୁଙ୍ଗୁଲା,**
**ଜନ୍ମାନ୍ତରେ ଦରିଦ୍ର ସେ ଖଟେ ଏକବେଳା ।**
**ସା ଶ୍ଚ ସ. ପ.**

ଡାକିନୀ,-ଅଲକ୍ଷଣୀ ସ୍ତ୍ରୀ ।

କାନ୍ତାୟସ, } ବି. (କାନ୍ତ-ଅୟସ୍-ଅ,
କାନ୍ତଲୌହ, } ଲୌହ) ଅୟସ୍କାନ୍ତ ମଣି ।

କାନ୍ତାର, ବି. (କାନ୍ = କେଉଁମାନଙ୍କୁ-ତୃ-ଣିଚ୍—ତାର = ଗମନ କରାଇବା-ଅ—ଯେ କାହାକୁହିଁ ଯିବାକୁ ଦିଏ ନାହିଁ) (କାଂଶ୍ଚିନ୍ନତାରୟତୀତି କାନ୍ତାରଂ—ଅମରଟୀକା ।) ଦୁର୍ଗମ ପଥ, ଘୋର କଣ୍ଟକାଦିରେ ଦୂଷିତ ପଥ । (କାନ୍ତାରଂ ବର୍ତ୍ମ ଦୁର୍ଗମଂ—ଅମର ।) ଗହନ; ବନ, ଜଙ୍ଗଲ; ଲୋକାଳୟହୀନ ସ୍ଥାନ; ବିଲ, ଗହ୍ୱର; ଦୁର୍ଭିକ୍ଷ; (କାନ୍ତ-କମନୀୟ ରସ-ଋ=ଗମନ କରିବା, ପ୍ରଦାନ କରିବା-ଅ) ଇକ୍ଷୁବିଶେଷ । (କାନ୍ତାରୋଽସ୍ତ୍ରୀ ମହାରଣ୍ୟେ ବିଲେ ଦୁର୍ଗମବର୍ତ୍ମନି, ପୁଂସିସ୍ୟାଦିକ୍ଷୁଭେଦେ ଚ—ମେଦିନୀ ।)

କାନ୍ତାରୁ, ବି. (ଦେଶଜ) ବୈଦିକ ବ୍ରାହ୍ମଣ-ବିଶେଷ । (କୌତ୍ସସ ଶବ୍ଦ ଦେଖ ।)

କାନ୍ତ, ବି. ସ୍ତ୍ରୀ. (କମ୍-ତ୍ତି) ଶୋଭା; ଦୀପ୍ତି; ଲାବଣ୍ୟ, ସୌନ୍ଦର୍ଯ୍ୟ; କାମନା, ଇଚ୍ଛା; କମନୀୟା ସ୍ତ୍ରୀ; ଦୁର୍ଗା; ଚନ୍ଦ୍ରକଳା; (ଦେଶଜ) ଏକପ୍ରକାର ଘୃତପକ୍ୱ ପିଷ୍ଟକ। ଯଥା—

କାନ୍ତ କାକରା ଆଦି ପିଠା,
ସେ ସରପଣା ଦଧି ମିଠା। ଡା. ର.

କାନ୍ତକ, ବି. (କାନ୍ତ-କୈ-ଅ) ଲୌହବିଶେଷ, କାନ୍ତଲୌହ।

କାନ୍ଥ, ବି. (ଭିତ୍ତି ଅର୍ଥବୋଧକ କନ୍ଥା ଶବ୍ଦରୁ ଉତ୍ପନ୍ନ) ମାଟି ଆଦିରେ ନିର୍ମିତ ବାଡ଼। ଯଥା—

କାନ୍ଥ ହେଲା ବେଢ ମଧ୍ୟେ ଅନ୍ତରାଳ। କେ. ଗୌ.

କାନ୍ଥକୁରା, କାନ୍ଥଖୁରା, } ବି.ସ୍ତ୍ରୀ.(କନ୍ଥା,ଭିତ୍ତି ଅର୍ଥବୋଧକ-କନ୍ଦରା-ଏଥିରୁ ଉତ୍ପନ୍ନ) ଗୃହର ଉପକରଣ ରଖିବାପାଇଁ କାନ୍ଥ ଖୋଳି ଏହାକୁ କରନ୍ତି। ଯଥା—କାନ୍ଥକୁରାରେ ଗିଲାସଗୁଡ଼ିକ ରଖିଅଛି।

କାନ୍ଥଡ଼ା, ବି. (କାନ୍ଥଶବ୍ଦରେ ଓଡ଼ିଆ 'ଡ଼ା' ପ୍ରତ୍ୟୟ-ସ୍ୱାର୍ଥେ) କାନ୍ଥ। ଯଥା—

ଅନ୍ଧକୂପ ବୋଲି ଗୋଟାଏ ଘର ଥିଲେ ତାହାର କାନ୍ଥଡ଼ା ତ ଥାନ୍ତା। ଉ. ସା. ୩. ୮.

କାନ୍ଦ, ବି. (କ୍ରନ୍ଦ୍ ଧାତୁଜ) କାନ୍ଦିବା,କାନ୍ଦୁଣି। କ୍ରି. ରୋଦନ କର। ବିଂ. (କନ୍ଦ-ଅ—ଭବାର୍ଥେ) କନ୍ଦଜାତ, କନ୍ଦସମ୍ବନ୍ଧୀୟ।

କାନ୍ଦକାନ୍ଦ, ବି. (କ୍ରନ୍ଦ୍ ଧାତୁଜ) କାନ୍ଦିଲାପରି ହେବା, କ୍ରନ୍ଦନୋନ୍ମୁଖ।

କାନ୍ଦ, କାନ୍ଦଣା, କାନ୍ଦୁଣି, } ବି. (କ୍ରନ୍ଦନ ଶବ୍ଦଜ) ରୋଦନ। ଯଥା—

ତୋହର କାନ୍ଦଣା ଦେଖି ଯେ ତୋତେ ପୁଚ୍ଛିବ,
ତାହାକୁ କହିବୁ କାନ୍ତ ଦେଲା ପରାଭବ। ବେ. ପ.

କାହିଁକି ବୃଥାରେ କାନ୍ଦୁଣି,
ଆରେ ମୋର ପ୍ରାଣ ମିତଣି। ଗୀତ।

କାନ୍ଦବୋବାଳି,ବି· (ଦେଶଜ) ଡ଼ାକବୋବାଳି, ଉଚ୍ଚ କ୍ରନ୍ଦନ।

କାନ୍ଦବ,ବି.(କନ୍ଦୁ—ଭର୍ଜନପାତ୍ର-ଅ)ଭକ୍ଷ୍ୟଦ୍ରବ୍ୟ-ବିଶେଷ, ମିଷ୍ଟାନ୍ନ, ମିଠାଇ ପ୍ରଭୃତି।

କାନ୍ଦବିକ, ବି. (କାନ୍ଦବ-ଇକ-ବିକ୍ରୟାର୍ଥେ) ପିଷ୍ଟକାଦି ବିକ୍ରେତା, ଭକ୍ଷ୍ୟକାରକ। (ଆପୂପିକଃ କାନ୍ଦବିକୋ ଭକ୍ଷ୍ୟକାର ଇମେ ତ୍ରିଷୁ—ଅମର।)

କାନ୍ଧ, କାନ୍ଧ, } ବି. (ଦେଶଜ) ବଳଦ ଭଡ଼ା ଦେଇ ଯେଉଁ ଧାନ୍ୟ ମିଳେ; କଦଳୀ ପ୍ରଭୃତିର ପେଣ୍ଡା। ଯଥା—

କାନ୍ଧ କାନ୍ଧ ହୋଇ ତାଳ ଫଳିଲା,
ଛନ୍ଦ ପ୍ରାୟ ପନ୍ଦ ଶୋଭା ପାଇଲା।
ଖରାବେଳେ ପିଲାମାନେ ଲଗି ଅଗ୍ରେ ବାନ୍ଧି,
ଦାଆ ଦଳ ଦଳ ହୋଇ କାଟନ୍ତି ତା କାନ୍ଧ। ବୃକ୍ଷସ୍ତୁତି।

କାନ୍ଦିଗ୍‌ଭୂତ, ବିଂ. (କାଂ-ଦିଶଂ-ଭୂତ = ପ୍ରାପ୍ତ-ନପାତନ) (କାଂ ଦିଶଂ ଯାମୀତ୍ୟାକୁଳଃ = କାନ୍ଦିଗ୍‌ଭୂତଃ) କେଉଁ ଦିଗକୁ ଯିବ ବୋଲି ହତାଶ। (କାନ୍ଦିଗ୍‌ଭୂତୋ ଜୀବିତାର୍ଥୀ ପ୍ରଦୁଦ୍ରାବୋତ୍ତରାଂ ଦିଶଂ।)

କାନ୍ଦିଶୀକ, ବିଂ. (କାଂ-ଦିଶ୍—ଦିକ୍-ଈକ, କାଂ ଦିଶଂ ନ ପଶ୍ୟତୀତି କାନ୍ଦିଶୀକଃ—ଭୟରେ ଏପରି ପଳାୟନ କରେ ଯେ କୌଣସି ଦିଗ ଦେଖି ପାରେ ନାହିଁ) ଭୟରେ ପଳାୟିତ, ଭୟଦ୍ରୁତ। (କାନ୍ଦିଶୀକୋ ଭୟଦ୍ରୁତଃ—ଅମର।) (କନ୍ଦ = ବୈକ୍ଳବ୍ୟ ବିକଳତା-ଭବାର୍ଥେ-ଇନ୍ = କାନ୍ଦ-ଶୀକ = ଅଶ୍ରୁପତନଶୀଳ-ଅ) ବୈକ୍ଳବ୍ୟଯୁକ୍ତ। (ବନ୍ଧୂନାଂ ପ୍ରଲପନ୍ତ୍ୟୋ ଜାତଃ କାନ୍ଦିଶୀକ-ମଭୂଜ୍ଜଗତ୍।)

କାନ୍ଦିବାର, କ୍ରି. (କ୍ରନ୍ଦ୍ ଧାତୁଜ) ରୋଦନ କରିବାର, ଖେଳରେ ହାରି ବୃଥା ଗୋଳ କରିବାର।

କାନ୍ଧ, ବି. (ସ୍କନ୍ଧ ଶବ୍ଦଜ) ବାହୁର ଉପରିଭାଗ। ଯଥା—

କେତେବେଳେ ନନ୍ଦ କାନ୍ଧେ ବସି ବୃନ୍ଦ
ମାଗନ୍ତି ରଜନୀ ସମୟେ। ଚ.କ.

କାନ୍ଧହେବାର, କ୍ରି. (ଦେଶଜ) ସ୍କନ୍ଧରେ ବସିବାର।

କାନ୍ଧ, ବି.(ଦେଶଜ)ସବାର କାନ୍ଧୁଆ ବେହେରା-ମାନଙ୍କ ମଧ୍ୟରୁ ଯେଉଁମାନେ ଏକ ସଙ୍ଗରେ ସବାର କାନ୍ଧେଇଥାନ୍ତି; କଦଳୀ ପ୍ରଭୃତିର ପେଣ୍ଡା ।

କାନ୍ଧଆଇବାର, କ୍ରି. (ଦେଶଜ) ସ୍କନ୍ଧ ଉପରେ ଧରିବାର ।

କାନ୍ଧୁଅ କରିବାର, କ୍ରି. (ଦେଶଜ) ସ୍କନ୍ଧରେ ବସାଇବାର ।

କାନ୍ଧୁଆ, ବିଂ. ( ଦେଶଜ—କାନ୍ଧ-ଉଆ-ବୃତ୍ତ୍ୟର୍ଥରେ) ଯେ କାନ୍ଧରେ ବସାଏ; ଯେ ସ୍କନ୍ଧରେ ଧରେ ବା ବହେ; ସ୍କନ୍ଧରେ ବସେ ।

କାନ୍ଧେଇବାର, କାନ୍ଧୋଇବାର, } କ୍ରି. ( ଦେଶଜ ) ସ୍କନ୍ଧରେ ବହିବାର; ସ୍କନ୍ଧରେ ବସାଇବାର ।

କାନ୍ୟକୁବ୍ଜ, ବି. (କନ୍ୟା-କୁବ୍ଜ-ଅ) କନୋଜ ବା କନାଉଜ ଦେଶ; କନୋଜଦେଶସ୍ଥ ବ୍ରାହ୍ମଣ ।

କାପ, ବି. (ଦେଶଜ) କର୍ଣ୍ଣାଳଂକାରବିଶେଷ । ଯଥା—

**କର୍ଣ୍ଣେ ଶୋଭିତ ବେନି କାପ,**
**କ୍ଷଣକ୍ଷଣକେ ମୋହେ ରୂପ ।** ଭ୍ର. ଧ. ସ୍କ.

ଛଦ୍ମବେଶ । ବିଂ. କପଟୀ; କୌତୁକକାରୀ ।

କାପଟିକ, ବି. (କପଟ = ଶଠତା ଇତ୍ୟାଦି-ଇକ ଇଦମର୍ଥେ) ଛାତ୍ର । ବିଂ. କପଟବ୍ୟବହାରୀ; ଶଠ; ଧୂର୍ତ୍ତ ।

କାପଟ୍ୟ, ବି. (କପଟ-ଯ-ଭାବାର୍ଥେ) କପଟତା, ଶଠତା ।

କାପଡ଼, କାପଡ଼ା, କାପଡ଼, କପଡ଼ା, } ବି. ( କର୍ପଟ ଶବ୍ଦଜ ) ବସ୍ତ୍ର । ଯଥା—

**ଦନ୍ତ ଧାବନକୁ ଆଣି ଆମ୍ରପତ୍ରଗୁଡ଼,**
**ପଖାଳି ପିଢ଼ାରେ ଶୁଖାନ୍ତି ଲଟ କାପଡ଼ ।** ସା.ଭା.ଅ.

**ଭୂରି ଯେ କାପଡ଼ା ଭୂରି ହସ୍ତିଆର ଥୋଇ,**
**ବରବାକ୍ସ ବୋଲି ଦ୍ରବ୍ୟ ପାଟ ଦେଲେ ନେଇ ।**
ମ. ସଂ.

କାପଡ଼ି, କାପିଡ଼ି, କାପେଡ଼ିଆ, କାପୋଡ଼ିଆ, କାପୋଡ଼ି, କାପେଡ଼ି, } ବି. (କାର୍ପଟିକ ଶବ୍ଦଜ) ଭିକ୍ଷୁକ-ବିଶେଷ; (ଉତ୍କଳର ପ୍ରାଚୀନ ଆଖ୍ୟାୟିକା ପୁସ୍ତକମାନଙ୍କରେ ଏ ଶବ୍ଦମାନ ଏହି ଅର୍ଥରେ ବ୍ୟବହୃତ ଅଛି) ବସ୍ତ୍ରବିକ୍ରେତା, ଯେ ଲୁଗା ବିକଇ । ଯଥା—

**ମାରୁଆଡ଼ି କାପୋଡ଼ିଆ ଭୋଜପୁରୀ ମୁଦ୍ଧ,**
**ବାଣିଜ୍ୟ ବେପାର ଦ୍ୱାର ରଖିଛନ୍ତି ମୁଦ୍ଧ ।** ଉ. ଭ.

କାପଥ, ବି. (କୁ-ପଥିନ୍, କୁ = କା = କୁତ୍ସିତ) କୁପଥ, କୁତ୍ସିତମାର୍ଗ । ବିଂ. କୁତ୍ସିତମାର୍ଗା-ବଲମ୍ବୀ ।

କାପାଳିକ, ବି. (କପାଳ-ଇକ) ବାମାଗୃହୀ ତାନ୍ତ୍ରିକ; ଜାତିବିଶେଷ । ବିଂ. କପାଳ-ସମ୍ବନ୍ଧୀୟ ।

କାପାଳୀ, କାପାଳିନ, } ବି. (କପାଳ-ଇନ-ଅସ୍ତ୍ୟର୍ଥେ) ଶିବ । ବିଂ. ବ୍ରତାର୍ଥ ବ୍ରହ୍ମ-କପାଳଧାରୀ । (ସ୍ତ୍ରୀ-ଈ) ବେଶ୍ୟା; ନାପିତ-ପତ୍ନୀ । (ନଟୀ କାପାଳିନୀ ବେଶ୍ୟା କୁଳଟା ନାପିତାଙ୍ଗନା—ତନ୍ତ୍ରସାର ।) ବିଂ. ବ୍ରତାର୍ଥ ବ୍ରହ୍ମକପାଳଧାରିଣୀ ।

କାପିଳ, ବି. ( କପିଳ-ଅ-ଅପତ୍ୟାର୍ଥେ ) କପିଳପ୍ରଣୀତ ସାଂଖ୍ୟଶାସ୍ତ୍ର; ସାଂଖ୍ୟମତା-ବଲମ୍ବୀ । ବିଂ. ପିଙ୍ଗଳବର୍ଣ୍ଣବିଶିଷ୍ଟ ।

କାପିଳେୟ, ବି. (କପିଳା, କପିଳ-ଏୟ-ଅପତ୍ୟାର୍ଥେ) କପିଳାନାମ୍ନୀ ବ୍ରାହ୍ମଣୀର ଗର୍ଭଜାତ ପୁତ୍ର; କପିଳଶିଷ୍ୟ, ପଞ୍ଚଶିଖ ନାମକ ଋଷି ।

କାପୁରୁଷ, ବି. (କୁ-ପୁରୁଷ, କୁ = କା) କୁତ୍ସିତ ବ୍ୟକ୍ତି, ନିନ୍ଦିତ ବ୍ୟକ୍ତି । ବିଂ. ଭୀତ ବା ସାହସହୀନ ।

କାପୋତ, ବି. ( କପୋତ-ଅ—ସମୂହାର୍ଥେ ) କପୋତସମୂହ । (କପୋତମାନେ ସ୍ୱଳ୍ପ ସଂଗ୍ରହ କରନ୍ତି ବୋଲି) କପୋତବୃତ୍ତି, ଉଞ୍ଛବୃତ୍ତି; (କାପୋତୀଂ ବୃତ୍ତିମାସ୍ଥିତଃ ।) ସୌବୀରାଞ୍ଜନ; କ୍ଷାରବିଶେଷ । ବିଂ. କର୍ବୂରବର୍ଣ୍ଣ । (କୁ-ପୋତ = ଅର୍ଭକ, କୁ-କା = କୁତ୍ସିତ ଏପରି ଅର୍ଥ ମଧ୍ୟ ହୋଇ ପାରେ) କୁତ୍ସିତ ଶିଶୁ; କୁତ୍ସିତ ନୌକା ।

କାପ୍ତା, କାବତା, କାପୋତା, କାପତା, } ବି. (କପୋତ ଶବ୍ଦଜ) ପକ୍ଷିବିଶେଷ, ସ୍ୱନାମପ୍ରସିଦ୍ଧ ପକ୍ଷୀ । (ଭାଲିଆ-ଖାଣ୍ଟ ଶବ୍ଦ ଦେଖ ।)

କାପତି, କାବତି, } ବି. ସ୍ତ୍ରୀ. (କାପତା-ସ୍ତ୍ରୀ-ଇ) ସ୍ତ୍ରୀ-କପୋତ ।

କାଫଡ଼, ବି. (କଟ୍‌ଫଳ ବା କାଫଳ ଶବ୍ଦଜ) ଔଷଧି ଦ୍ରବ୍ୟବିଶେଷ, ବୃକ୍ଷବିଶେଷର ଛେଲି ।

କାଫର, ବିଂ. ( ଯାବନିକ ) ନାସ୍ତିକ, ଅନ୍ୟ ଧର୍ମାବଲମ୍ବୀ ।

କାଫ୍ରି, ବି. ( ଯାବନିକ ) ଆଫ୍ରିକାଦେଶର ଆଦିମ ନିବାସୀ ।

କାଫଳ, ବି. (କୁ = କା—ଫଳ) ବୃକ୍ଷବିଶେଷ, କଟ୍‌ଫଳର ଗଛ ।

କାଫି, ବିଂ. (ଦେଶଜ) ଯଥାର୍ଥ; କାର୍ଯ୍ୟକାରୀ । ବି. ରାଗ ଓ ରାଗିଣୀବିଶେଷ; ସ୍ୱନାମପ୍ରସିଦ୍ଧ ପାନଯୋଗ୍ୟ ପଦାର୍ଥ; ସ୍ୱନାମପ୍ରସିଦ୍ଧ ବୃକ୍ଷ ଓ ଫଳ ।

କାଫିଗଛ, କାଫିବୃକ୍ଷ, } ବି. (ଦେଶଜରୂପେ ବ୍ୟବହୃତ) ସ୍ୱନାମପ୍ରସିଦ୍ଧ ବୃକ୍ଷ, ଏହାର ବୀଜକୁ ଚକ୍‌କଣ ଚୂର୍ଣ୍ଣ କରି ତପ୍ତ ଦୁଗ୍ଧାଦିରେ ମିଶ୍ରଣ ପୂର୍ବକ ପାନ କରନ୍ତି ।

କାଫିବାର, କ୍ରି.(ଦେଶଜ) ଫଳବନ୍ତ ହେବାର ।

କାବକାଣିଆ, ବିଂ. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ ) ହଠାତ୍ ଅଦୃଶ୍ୟ ହେବା, ହଠାତ୍ ନ ଦିଶିବା । ଯଥା—

ଏକ୍ଷଣି ଏଠିଁ ପୁସ୍ତକଟି ଥିଲା, କୁଆଡ଼େ କିପରି କାବକାଣିଆ ହୋଇଗଲା ।

କାବରା, ବି. (ଦେଶଜ-ଗଞ୍ଜାମରେ ବ୍ୟବହୃତ, ଏହି ତୈଲଙ୍ଗ ଶବ୍ଦ ହେଲେହେଁ ଓଡ଼ିଆରେ ପ୍ରଚୁର) ଶଠିର ବହିରାବରଣ ।

କାବା, ବିଂ. ( ଦେଶଜ ) କିଂକର୍ତ୍ତବ୍ୟବିମୂଢ଼ । ଯଥା—

**ସୁଜ୍ଞଜନେ ତୁମ୍ଭ ନାଟ ଦେଖି କାବା,**
**ଜନତା କୁହାଟେ ବାହାବା ବାହାବା । ଦରବାର ।**

କାବାଡ଼, କାବାଡ଼, କାବାଡ଼ିଆ, } ବିଂ. (ଦେଶଜ) ନିର୍ବୁଦ୍ଧି, ଓଲୁ; ଅସାର, ତୁଚ୍ଛ ।

କାବାଣୀ, ବି. ସ୍ତ୍ରୀ. ( ଦେଶଜ ) କିଂକର୍ତ୍ତବ୍ୟ-ବିମୂଢ଼ା ସ୍ତ୍ରୀ ।

କାବୁ, ବିଂ. (ଯାବନିକ) ବଶୀଭୂତ । ଯଥା—

**କରି ନେବେ ଯେବେ ତୋତେ ସେହି କାବୁ,**
**ସେଠାରେ ନ ଥିବେ କେହି ଦେଶୀ ବାବୁ । ଦରବାର ।**

କାବୁଚ, ବିଂ. (ଦେଶଜ) ଆୟତ୍ତ, ଅଧୀନ ।

କାମ, ବି. (କମ୍ = ଇଚ୍ଛା କରିବା ଇତ୍ୟାଦି—ଇ-ଅ) କନ୍ଦର୍ପ । (କାମଃ ପଞ୍ଚଶରଃ ସ୍ମରଃ—ଅମର ।) ରେତ; ବଳରାମ; ଇଚ୍ଛା, ବାଞ୍ଛା । (ସଂକଳ୍ପମୂଳୋ କାମୋ ବୈ) ଅନୁରାଗ; ସ୍ତ୍ରୀ ଓ ପୁରୁଷର ସଂଭୋଗ ପ୍ରବୃତ୍ତି । (ଦେଶଜ—କର୍ମ ଶବ୍ଦଜାତ) କାର୍ଯ୍ୟ । ଯଥା—

**ହଲ କାମ ସାରି ଚଷା ମହା ଆନନ୍ଦରେ ।**
**ନାନା ରଙ୍ଗେ ଗୀତ ଗାଇ ବାହୁଡ଼ଇ ଘରେ । ଗ୍ରା.ମା.**

କ୍ରି. ବିଂ. ଯଥେପ୍‌ସିତ, ପର୍ଯ୍ୟାପ୍ତ, ଯଥେଷ୍ଟ । (କାମଂ ପ୍ରକାମଂ ପର୍ଯ୍ୟାପ୍ତଂ ନିକାମେଷ୍ଟଂ ଯଥେପ୍‌ସିତଂ—ଅମର ।)

କାମକାର, ବିଂ. (କାମ-କାର) ଯଥେଚ୍ଛକ୍ରିୟ । ବି. ଇଚ୍ଛାର ଗତି, ଇଚ୍ଛାର ପ୍ରସର ।

କାମଗ, କାମଗମ, କାମଗାମୀ, କାମଂଗାମୀ, } ବିଂ. ( କାମ = ଇଚ୍ଛାପୂର୍ବକ, ଇଚ୍ଛାନୁରୂପ—ଗମ୍-ଅ-, ଇନ୍ ପକ୍ଷେ ମକାରାଗମ ) ଇଚ୍ଛାନୁସାରେ ଶୀଘ୍ର ଓ ସର୍ବତ୍ର ଗମନକ୍ଷମ । (କାମଂଗାମ୍ୟନୁକାମୀନଃ—ଅମର ।)(କାମଗେନ ଚ ସୋମେନ ଶାଲ୍ୱଃ ପୁନରୁପାଗମତ୍ ।)

କାମଚର, ବିଂ. (କାମ = ଇଚ୍ଛାପୂର୍ବକ-ଚର୍-ଅ) ଯେ ସର୍ବତ୍ର ଯାଇପାରେ । ସ୍ୱେଚ୍ଛାଗ୍ଭରୀ । (ତାଂ ନାରଦଃ କାମଚରଃ କଦାଚିତ୍ ।)

କାମଗ୍ଭର, ବି. (କାମ = ଇଚ୍ଛାପୂର୍ବକ-ଚର୍-ଅ) ଆପଣା ଇଚ୍ଛାନୁସାରେ ଚଳିବା, ଯଥେଚ୍ଛା-ଗ୍ଭର, ସ୍ୱେଚ୍ଛାଗ୍ଭର; (ନ କାମଗ୍ଭରେ ମୟି ଶଙ୍କନୀୟଃ) ବିଂ. ସ୍ୱେଚ୍ଛାଗ୍ଭରୀ ।

କାମଡ଼ା, ବି. (ଦେଶଜ) ଦୃଢ଼ କରିବା ନିମନ୍ତେ ବାଡ଼ କମ୍ପା ସ୍ଥଳରେ ଯେଉଁ ଦୁଇଖଣ୍ଡ ବତା ରଜ୍ଜୁଦ୍ୱାରା ଏକତ୍ର ବନ୍ଧାଯାଏ । ଯଥା—ବାଡ଼ରେ ପ୍ରଥମେ କାମଡ଼ାଗୁଡ଼ିକ ବନ୍ଧା ହେଲେ ମାଟି ଗୁଞ୍ଜିଦେବ । ଦନ୍ତଦ୍ୱାରା କ୍ଷତ କରିବା । (କାମୁଡ଼ାକାମୁଡ଼ି ଶବ୍ଦ ଦେଖ ।)

କାମଦୁଘା, } ବି. (କାମ=କାମନା-ଦୁହ୍ = କାମଦୁହା, } ପୂରଣ କରିବା-ଅ-ଆ, ହ=ଘ, ପକ୍ଷେ କ୍ୱିପ୍) ଅଭିଳଷିତଦାୟିନୀ ଗବୀ, କାମଧେନୁ; ସର୍ବାର୍ଥଦାୟିନୀ । (ସର୍ବକାମଦୁଘାଂ ପୃଥ୍ୱୀଂ ଦୁଦୁହୁଃ; ସର୍ବକାମଦୁଘାଂ ଧେନୁଂ) (ଅବେହି ମାଂ କାମଦୁଘାଂ ପ୍ରସନ୍ନାଂ—ର. ବଂ.)

କାମନ, କାମୟନ, କାମୟମାନ, କାମୟିତା, } ବିଂ. (କାମି=ଇଚ୍ଛା କରିବା-ଅନ, ଆନ ବା ମାନ, ତୃ) କାମୁକ, ଲମ୍ପଟ; ଅଭିଳାଷୁକ । (କମ୍ରଃ କାମୟିତାଽଭୀକଃ କମନଃ କାମନୋଽଭିକଃ—ଅମର ।)

କାମନା, ବି. ସ୍ତ୍ରୀ. (କମ୍-ଅନ-ଆ) ଇଚ୍ଛା, ବାଞ୍ଛା, ମନୋରଥ ।

**କାମପାଳ**, ବି. (କାମ=କନ୍ଦର୍ପ, ଅଭିଳାଷ-**ପାଳ**=ଯେ ପାଳନ କରେ) ବଳରାମ । (**କାମପାଳୋ ହଳାୟୁଧଃ**—ଅମର ।)

**କାମରା**, ବି. (ଦେଶଜ) ବଖରା ।

**କାମରୂପ**, ବି. (କାମ=ଇଚ୍ଛା-ରୂପ=ଆକୃତି) **ଭାରତର** ପ୍ରାଚ୍ୟ ଦେଶବିଶେଷ, ଆସାମ **ଅଞ୍ଚଳସ୍ଥି**ତ ଦେଶ; ଇଚ୍ଛାନୁରୂପ ରୂପ । **ବିଂ.** ମନୋଜ୍ଞରୂପ, ସୁନ୍ଦର; ସ୍ୱେଚ୍ଛାପୂର୍ବକ **ରୂପଧାରୀ** । (ଜାନାମି ତ୍ୱାଂ ପ୍ରକୃତିପୁରୁଷଂ **କାମରୂପଂ** ମଘୋନଃ—ମେ. ଦୂ.)

କାମଳ, **ବି.** (କାମ=ଇଚ୍ଛା-**ଲା**=ଗ୍ରହଣ କରିବା-**ଅ**) ବସନ୍ତକାଳ; ମରୁଭୂମି । ବିଂ. **କାମୁକ, କାମୀ** ।

କାମଳ, } ବି. (**କାମ-ଲ୍**=ଛେଦନ କରିବା କାମଳା, } -ଅ, ସ୍ତ୍ରୀ-**ଆ**) ରୋଗବିଶେଷ, ଏହି ରୋଗରେ ଚକ୍ଷୁ **ଓ ଅନ୍ୟାନ୍ୟ** ଅବୟବ ହରିଦ୍ରାବର୍ଣ୍ଣ ହୋଇଯାଏ ।

କାମାକ୍ଷୀ, } ବି. ସ୍ତ୍ରୀ. (କାମ=ଶୋଭନ-ଅକ୍ଷି, କାମାଖ୍ୟା, } ଆଖ୍ୟା) ଦେବୀବିଶେଷ; ଯେଉଁ ସ୍ତ୍ରୀର ନୟନ ଓ ନାମ ଅତି ସୁନ୍ଦର ।

କାମିକ, କାମକା, } ବିଂ. (କାର୍ମିକ ଶବ୍ଦଜ) କର୍ମଦକ୍ଷ ।

କାମିତ, ବିଂ. (କାମି=ଇଚ୍ଛା କରିବା-ତ) ପ୍ରାର୍ଥିତ, ଅଭିଳଷିତ, ଈପ୍ସିତ ।

କାମୀ, } ବିଂ. (କାମ-ଇନ୍ ଅସ୍ତ୍ୟର୍ଥେ) କାମିନ୍, } କାମବିଶିଷ୍ଟ, କାମୁକ; (ଅତିଶୟ କାମୁକ ଥିବାରୁ) ଚକ୍ରବାକ, କପୋତ; ଚଟକ, ଚଟିଆ; ସାରସପକ୍ଷୀ; ଚନ୍ଦ୍ର । (ସ୍ତ୍ରୀ-ଈ-କାମିନୀ) ସ୍ତ୍ରୀ, ନାରୀ; ଅତିଶୟ କାମଯୁକ୍ତା ସ୍ତ୍ରୀ; ଭୀରୁ ସ୍ତ୍ରୀ; ମଦିରା ।

କାମୀନ, ବିଂ. (କାମ-ଈନ) କାମାନୁଗତ, କାମୁକ ।

କାମୁକ, ବିଂ. (କମ୍-ଇଚ୍ଛା କରିବା-ଉକ) ରମଣାଭିଳାଷୀ; ଅଭିଳାଷୀ; ବିଳାସୀ । ବି. ଅଶୋକ ବୃକ୍ଷ; ମାଧବୀଲତା; ଚଟକ, ଚଟିଆ; (ସ୍ତ୍ରୀ-ଆ-କାମୁକା) ଇଚ୍ଛାବତୀ, ଭୋଗାଭିଳାଷିଣୀ । (ଇଚ୍ଛାବତୀ କାମୁକା ସ୍ୟାତ୍—ଅମର ।) (ସ୍ତ୍ରୀ-ଈ-କାମୁକୀ) ରମଣାଭିଳାଷିଣୀ । (ବୃଷସ୍ୟନ୍ତୀ ତୁ କାମୁକୀ—ଅମର ।)

କାମୁଡ଼ା, } ବି. (ଦେଶଜ) ଦନ୍ତଦ୍ୱାରା କ୍ଷତ କାମୋଡ଼ା, } କରିବା । ବିଂ. ଯେ କାମୁଡ଼ଇ ।

କାମୁଡ଼ିବାର, କାମୋଡ଼ିବାର, କାମଡ଼ିବାର, } କ୍ରି. (ଦେଶଜ) ଦନ୍ତଦ୍ୱାରା କ୍ଷତ କରିବାର । ଯଥା—

ବୋଲେ ଶିବ ରାମ ପୁଅ ନ ଥିଲେ ମୁଁ
କାମୁଡ଼ିଆଅନ୍ତି କଲେ । ହା. ତ.
ଆସିଥିଲେ ଦମ୍ଭେ ଓଷ୍ଠ କାମୋଡ଼ଣ
ପଡ଼ିଲେ ମାଟି କାମୋଡ଼ି । ପାର୍ବତୀ ।

କାମୁଡ଼ାକାମୁଡ଼ି, କାମୋଡ଼ାକାମୋଡ଼ି, କାମଡ଼ାକାମଡ଼ି, } ବି.(ଦେଶଜ) ଅନ୍ୟୋନ୍ୟରେ ଶୈବାଇବା । ଯଥା—

ଧ୍ୱଜମାନଙ୍କରେ କୁଆମାନେ ବସି,
ହେଉଛନ୍ତି କାମଡ଼ାକାମଡ଼ି ହୋଇ ରୋଷୀ ।
କୃ. ଭ୍ର. ବ. ପ.

ଅନ୍ୟୋନ୍ୟତଃ କଳହ କରିବା । ଯଥା—

ଅକଞ୍ଚନ କେହୁ କହେ ହାତ ଯୋଡ଼ି,
ବୃଥା ଲାଗି କପା କାମୋଡ଼ାକାମୋଡ଼ି । ଦରବାର ।

କାର୍ମ୍ମି, } ବି. (କର୍ମଚ ଶବ୍ଦଜ) କୃପଣ ।
କାର୍ମ୍ମି, }

କାମ୍ବବିକ, ବି. (କମ୍ବୁ=ଶଙ୍ଖ-ଇକ-ନିଷ୍ପନ୍ନାର୍ଥେ) ଶଙ୍ଖକାର, ଶଙ୍ଖାର । (ସ୍ୟାତ୍ ଶାଙ୍ଖିକଃ କାମ୍ବବିକଃ—ଅମର ।)

କାମ୍ବଳ, ବି. ( କମ୍ବଳ-ଅ-ଆଚ୍ଛାଦନାର୍ଥେ ) କମ୍ବଳାବୃତ ରଥ । (ରଥେ କମ୍ବଳ-ବାସ୍ତାଦ୍ୟାଃ କମ୍ବଳାଦିଭିରାବୃତେ— ଅମର ।)

କାମ୍ବୋଜ, ବି. (କମ୍ବୋଜ=ଉତ୍ତରଦେଶ-ଅ-ଜାତାର୍ଥେ, ସ୍ୱାର୍ଥେ) କାମ୍ବୋଜଦେଶୀୟ ଅଶ୍ୱ; ପୁନ୍ନାଗ ବୃକ୍ଷ; ଦେଶବିଶେଷ; ଜାତିବିଶେଷ; ଶ୍ୱେତ ଖଇର ।

କାମ୍ୟ, ବିଂ. (କମ୍=ଇଚ୍ଛା କରିବା-ଇ-ଯ) ଭୋଗ୍ୟ, ଅଭିଳଷଣୀୟ; କମନୀୟ, ସୁନ୍ଦର । ବି. ଅଭୀଷ୍ଟ କର୍ମ ।

କାମ୍ୟକ, ବି. ( କାମ୍ୟ=ସୁନ୍ଦର-କ-ସ୍ୱାର୍ଥେ ) ବନବିଶେଷ, ଏହି ବନ ସରସ୍ୱତୀ ନଦୀ-ତୀରରେ ସ୍ଥିତ, ପାଣ୍ଡବମାନେ ଏଥିରେ ବହୁଦିନ ବାସ କରିଥିଲେ ।

କାମ୍ୟମାନ, ବିଂ. ( କମ୍-ଯ ଆଗମ-ଆନ ) ପ୍ରାର୍ଥ୍ୟମାନ ।

କାମ୍ଳ, ବି. (କୁ=ଈଷତ୍-ଅମ୍ଳ) ଅଳ୍ପ ଅମ୍ଳରସ । ବିଂ. ଈଷତ୍ ଅମ୍ଳରସଯୁକ୍ତ ।

କାୟ,ବି. (କ=ବ୍ରହ୍ମା-ଅୟ ଇ=ଗମନ କରିବା-ଅ, ଯାହା ବ୍ରହ୍ମାଙ୍କଠାରୁ ବା ବ୍ରହ୍ମାଙ୍କଠାରେ ଗମନ କରେ; ଅଥବା ଚି=ଏକତ୍ର କରିବା-ଅ, ଚ=କ) ଶରୀର, ଦେହ । (କାୟୋ ଦେହଃ କ୍ଳୀବପୁଂସୋଃ—ଅମର ।) ସମୂହ; ଲକ୍ଷ; ସ୍ୱଭାବ; ଗୃହ; ବ୍ରହ୍ମା; ସ୍ୱାଭାବିକ ଅବସ୍ଥା; ମୂଳଧନ । ( କାୟାବିରୋଧିମା ଶଶ୍ୱତ୍ ପଣାର୍ଦ୍ଧାଦ୍ୟା ତୁ କାୟିକା ) କରତଳସ୍ଥ କନିଷ୍ଠାଙ୍ଗୁଳିର ଅଧଃସ୍ଥାନ; ମନୁଷ୍ୟତୀର୍ଥ । (ଅଙ୍ଗୁଳ୍ୟଗ୍ରେ ତୀର୍ଥଂ ଦୈବଂ ସ୍ୱଳ୍ପାଙ୍ଗୁଳ୍ୟୋର୍ମୂଳେ କାୟଂ—ଅମର ।)

କାୟମାନ, ବି. (କାୟ-ମା=ପରିମାଣ କରିବା-ଅନ) ପର୍ଣ୍ଣକୁଟୀର; କଉପାର୍ଯ୍ୟ । ଅର୍ଥାତ୍ ରାଜଆବାସଯୋଗ୍ୟ ପଟଭବନାଦି ।

କାୟସ୍ଥ, ବି. (କାୟ=ଶରୀର-ସ୍ଥା=ରହିବା-ଅ) ଆତ୍ମା; ଜାତିବିଶେଷ, ଏକପ୍ରକାର କରଣ-ଜାତି । (ସ୍ତ୍ରୀ-ଆ) କାୟସ୍ଥ ସ୍ତ୍ରୀ; ହରୀତକୀ, ହରିଡ଼ା ।(କାୟସ୍ଥା ଦୂତନାମୃତା—ଅମର ।) ଧାତ୍ରୀବୃକ୍ଷ; କାକୋଳୀ; ଆମଳକୀ; ତୁଳସୀ ।

କାୟା, ବି. (କାୟ ଶବ୍ଦଜ) ଶରୀର, ଦେହ ।

କାର, ବି. (କୃ=କରିବା-ଅ) କାର୍ଯ୍ୟ; ନିଶ୍ଚୟ; ଯତ୍ନ । ( କ=ହିଂସା କରିବା-ଅ ) ବଧ; ପୂଜୋପହାର । ବିଂ. (କର୍ମପଦର ପରେ ରହିଲେ) କର୍ତ୍ତା । ଯେପରି—ସ୍ୱର୍ଣ୍ଣକାର, କୁମ୍ଭକାର । (ସ୍ତ୍ରୀ-ଆ) ବନ୍ଦୀନାଳୟ, ଜେଲ-ଖାନା । (କାରା ସ୍ୟାତ୍ ବନ୍ଦୀନାଳୟେ— ଅମର ।) (ଦେଶଜ) ସର୍ବଂ. (କିମ୍ ଶବ୍ଦର ରୂପ) କାହାର । ଯଥା—

ଶିରୀଷଅଙ୍ଗୀ ଅଙ୍ଗୀକାର କାର ରେ । ଫ. ସ.

କାରକ, ବିଂ. (କୃ=କରିବା-ଅକ) କର୍ମକର୍ତ୍ତା । (ଜଗତାଂ କାରକଃ କୃଷ୍ଣଃ) କର୍ତ୍ତା, କର୍ମ, କରଣ ପ୍ରଭୃତି ଷଟ୍‌କାରକ । (କ୍ରିୟାର ସହିତ ଯାହାର ଅନ୍ୱୟ ହୁଏ) (ସ୍ତ୍ରୀ-ଈ-କାରିକା) ପଦ୍ୟ । ଯେପରି—ଶୃଙ୍ଗକାରିକା, ସମାସକାରିକା, କାରିକାବଳୀ ।

କାରକୁନ, ବି. (ଯାବନିକ) ଯେଉଁ କର୍ମଚାରୀ ଜମା ଜମି ଅସୁଲ ତହସିଲ ଆଦିର କାଗଜ ପ୍ରସ୍ତୁତ କରେ ।

କାରଖାନା, ବି. ( ଯାବନିକ-କାରୁ=ଶିଳ୍ପ-ଖାନା) ନାନାପ୍ରକାର ଶିଳ୍ପ କାର୍ଯ୍ୟର ଗୃହ; ନାନାପ୍ରକାର କାର୍ଯ୍ୟ ।

କାରଜ, ବି. ( କାର୍ଯ୍ୟ ଶବ୍ଦଜ ) ବ୍ୟବସାୟ । ଯଥା—

ନ ଭରି ବଣିକେତୁରେ, ଗୁରୁ କାରଜ ହେତୁରେ, ବସନ୍ତ ଆଦି ଋତୁରେ, କେଉଁ ଗୁରୁରେ । ପ୍ରେ. ସୁ. ନି.

କାରଜି, } ବି. (କାର୍ଯ୍ୟୀ ଶବ୍ଦଜ) ଗ୍ରାମାଧିକାରୀ,
କାର୍ଜି, } ନିମ୍ନାଧିକାରୀ ।

କାରଣ, ବି. ( କୃ = କରିବା-ଅନ ) ହେତୁ, ନିମିତ୍ତ; ମୂଳବୀଜ; ଯାହାହେତୁରୁ କାର୍ଯ୍ୟ ଉତ୍ପନ୍ନ ହୁଏ । ଯଥା—ଘଟର କାରଣ ମୃତ୍ତିକା । ଯାହାର ଯତ୍ନରେ କାର୍ଯ୍ୟ ନିର୍ବାହ ହୁଏ । ଯଥା—ଘଟର କାରଣ କୁମ୍ଭକାର । ଯାହାର ସହଯୋଗ ଭିନ୍ନ କାର୍ଯ୍ୟ ନିର୍ବାହ ହୁଏ ନାହିଁ । ଯଥା—ଘଟର କାରଣ ଦଣ୍ଡ ସଲିଳ ସୂତ୍ର ପ୍ରଭୃତି । ଉଦ୍ଦେଶ, ପ୍ରୟୋଜନ । ଯଥା—ତୁମେ କି କାରଣରେ ଆସିଅଛ ? କହ । ଇନ୍ଦ୍ରିୟ; ଦେହ । (କୃ = ବିକ୍ଷେପ କରିବା-ଅନ) ବଧ; ଗୀତବିଶେଷ, ବାଦ୍ୟବିଶେଷ ।

କାରଣା, ବି. ସ୍ତ୍ରୀ. (କୃ = ହିଂସା କରିବା-ଅନ, ଆ) ତୀବ୍ରବେଦନା, ଗାଢ଼ବେଦନା; ନରକଭୋଗ । (କାରଣା ତୁ ଯାତନା ତୀବ୍ରବେଦନା—ଅମର ।)

କାରଣିକ, ବିଂ. (କାରଣ-ଇକ—ଇଦମର୍ଥେ) ପରୀକ୍ଷକ; ବିଚାରକ । (ପରୀକ୍ଷକଃ କାରଣିକଃ —ଅମର ।) କାରଣସମ୍ବନ୍ଧୀୟ ।

କାରଣ୍ଡବ, ବି. (କରଣ୍ଡ=ପଞ୍ଜର-ଅ=କାରଣ୍ଡ-ବା = ଗତି କରିବା-ଅ, ଅଥବା କାରଣ୍ଡ = ଜଳ-ବା = ଗମନ କରିବା, ସଞ୍ଚରଣ କରିବା -ଅ) ହଂସବିଶେଷ, ଏହି ପକ୍ଷୀଟି କାକତୁଣ୍ଡ ଦୀର୍ଘପାଦ ଓ କୃଷ୍ଣବର୍ଣ୍ଣ ଅଟେ । ଯଥା—

କ୍ରୀଡ଼ା କଲେ ହଂସ ବକ କାରଣ୍ଡବ କୋକ
ହଂସାବଳୀ ସଙ୍ଗତ । ର. କ.

କାରନ୍ଧମ, କାରନ୍ଧମୀ, କାରନ୍ଧମିନ୍, } ବି. (କାରମ୍ = କାର୍ଯ୍ୟ-ଧ୍ମା = ଅଗ୍ନି ସଂଯୋଗ କରିବା-ଅ-ଇନ୍ ) କାଂସ୍ୟକାର, କଂସାରି । (ନାଡ଼ୀନ୍ଧମ ପରି କାରନ୍ଧମ ପଦ ସିଦ୍ଧ ହେଲା)

କାରବାର, ବି. ( ଦେଶଜ କିମ୍ବା ଯାବନିକ ) କାର୍ଯ୍ୟ, କର୍ମ । ଯଥା—

ତାହା କାରବାର କରି ମୋ ପେଟଗ୍ରାସ,
ଯେତେକ ହେବ ତା କରିବ ନରଇଣ । କୃ.ଭା.ବି.ପ.

ବ୍ୟବହାର, ବିକାକିଣା । ଯଥା—

ହାଟକୁ ଆସି ଯେହ୍ନେ କାରବାର କରି,
ସେହିରୂପେ ଗଲେ କି ଏ କ୍ଷେତ୍ରରୁ ବାହାରି ।
ନୃ. ପୁ. ଭୃ. ଚ.

ଆଚରଣ, ଅନୁଷ୍ଠାନ । ଯଥା—ତୋର କାରବାର କିଛି ଭଲ ନୁହେ ।

କାରବାରି, ବିଂ. ( ଦେଶଜ ) ଯେ କାରବାର କରେ ।

କାରୟିତା, ବିଂ. ( କୃ-ଇ-ତୃ ) ଯେ ଅନ୍ୟକୁ କୌଣସି କର୍ମ କରାଏ ।

କାରବୀ, ବି. ସ୍ତ୍ରୀ. (କ = ଜଳ-ଆ-ରୁ = ଗମନ କରିବା-ଅ, ସ୍ତ୍ରୀ-ଈ) ମୟୂରଶିଖା ବା ରୁଦ୍ରଜଟା ଗଛ, କଳାଜିରା; ହିଙ୍ଗୁପତ୍ରୀ; ଗ୍ରେଟ କଲରା; ପାନମହୁରୀ ।

କାରବେଲ୍ଲି, କାରବେଲ୍ଲିକ, } ବି. (କାର = ନିଶ୍ଚୟ-ବେଲ୍ଲ = ଯେ ଗମନ କରେ, କ—ସ୍ୱାର୍ଥେ) କଲରାଗଛ, କଲରାଫଳ । (କାରବେଲ୍ଲଃ କଠିଲ୍ଲକଃ—ଅମର ।)

କାରସାଜ, କାରିସାଜି, କାରିସାତି, କାରିସାଦି, } ବି. ( ଦେଶଜ, ବଙ୍ଗଭାଷାରେ ସମଧିକ ବ୍ୟବହୃତ ) ଛଳ ବା କପଟ ।

କାରା, ବି. ସ୍ତ୍ରୀ. (କୃ = ବିକ୍ଷେପ କରିବା-ଅ) ଯେ ସ୍ଥାନରେ ଅପରାଧୀକୁ ବିକ୍ଷିପ୍ତ କରିବାକୁ ହୁଏ, ବନ୍ଧନସ୍ଥାନ, ବନ୍ଧନାଗାର; ବନ୍ଧନ, ବୀଣାର ଅଧଃସ୍ଥିତ କାଷ୍ଠମୟ ଖଣ୍ଡ; ପୀଡ଼ା । (କୁ = କୁତ୍ସିତ—ରୁ = ଗମନ କରିବା-ଅ-ଆ) ଦୂତୀ; କୁଟ୍ଟିନୀ; ସୁବର୍ଣ୍ଣକାରିକା ।

କାରି, ବି. (କୃ = କରିବା-ଇ) କାର୍ଯ୍ୟ, କର୍ମ; ଶିଳ୍ପକର୍ମ, ପ୍ରଶ୍ନାଖ୍ୟାନ ବିଷୟ । ଯଥା—(କାରିମକାର୍ଷୀଃ ।) ବିଂ. ଶିଳ୍ପକାରୀ ।

କାରିକର, ବି. (କାରି = ଶିଳ୍ପକାର୍ଯ୍ୟ-କୃ-ଅ) ଯେ କୌଣସି ପ୍ରକାର ଶିଳ୍ପ କର୍ମ କରେ, ଶିଳ୍ପୀ ।

କାରିକା, ବି. ସ୍ତ୍ରୀ. (କୃ-ଅକ—ସ୍ତ୍ରୀ-ଆ) ବିବରଣ ଶ୍ଳୋକ; ସ୍ୱଳ୍ପାକ୍ଷର ବୃତ୍ତିଦ୍ୱାରା ବହୁ ଅର୍ଥଜ୍ଞାପିକା କବିତା; ନଟୀ; କର୍ତ୍ତ୍ରୀ; ଶିଳ୍ପକର୍ମ; ଯାତନା; କୃତି; କାର୍ଯ୍ୟ;ମର୍ଯ୍ୟାଦା, ଯତ୍ନ; ସ୍ତୁଦ୍ର, ବୃଦ୍ଧି। (କାରିକା ଯାତନା କୃତ୍ୟୋଃ—ଅମର।) (କାରିକା ନଟଯୋଷିତି; କୃତୌ ବିବରଣଶ୍ଳୋକେ ଶିଳ୍ପଯାତନୟୋରପି, ନପୁଂସକଂ ତୁ କର୍ମାଦୌ କାରକେ କର୍ତ୍ତରି ତ୍ରିଷୁ—ମେଦିନୀ।)

କାରିକ, ବି. (କାରୁକ ଶବ୍ଦଜ) କାରିଗର ଅର୍ଥାତ୍ ଯେ ଶିଳ୍ପକାର୍ଯ୍ୟ କରେ। ଯଥା—

ଚଉଷଠି ସହସ୍ର ଯେ ଅଛନ୍ତି କାରିକ,
ରତ୍ନକର୍ମେ ଅଷ୍ଟରତ୍ନେ ତହିଁରେ ସୁରେଖି। ସା.ଭା.ସ.

କାରିଗର, ବି. (କାରିକର ଓ କାରୁକର ଶବ୍ଦଜ) ଯେ ଶିଳ୍ପକାର୍ଯ୍ୟ କରେ। ଯଥା—

ନୀଳମାଧବଙ୍କ ଅଧିଷ୍ଠାନ ଗିରି-ତଟବାସୀ କାରିଗର,
ଗଢ଼ୁଅଛି ଉଦ୍ୟେ ସୁତଳ ତାମ୍ବୂଳକରଙ୍କ ମହର୍ଷୀଙ୍କର।
ପାବଣ୍ଣ।

କାରିଗରି, } ବି. (କାରିକାରିତା ଶବ୍ଦଜ) ଶିଳ୍ପିତ୍ୱ, କାରୁକାର୍ଯ୍ୟ। ଯଥା—
କାରିଗିରି,

ଯେ ଲୋକ ନ ଜାଣେ ଓଡ଼ିଶାର କାରିଗିରି,
ଦେଖୁ ସେ ଭୁବନେଶ୍ୱର ଦେଖୁ ଖଣ୍ଡଗିରି। ଉ. ଭୂ.

କାରିତ, ବିଂ. (କୃ-ଇ-ତ) ଯାହା କରା ଯାଇଅଛି। (କାରିତାସ୍ତେ ଯତୋଽତସ୍ତ୍ୱାଂ କଃ ସ୍ତୋତୁଂ ଶକ୍ତିମାନ୍ ଭବେତ୍—ଦେବୀମାହାତ୍ମ୍ୟ।)

କାରୀଷ, ବି. (କରୀଷ=ଘଷି-ଅ-ସମୂହାର୍ଥେ) ଶୁଷ୍କ ଗୋମୟସମୂହ, ଘଷିରାଶି।

କାରୁ, ବି. (କୃ=କରିବା-ଉ) ବିଶ୍ୱକର୍ମା, ଯେ ଶିଳ୍ପକର୍ମ କରେ; ଯେ ଚିତ୍ରଲେଖାଦି କର୍ମ କରେ। ବିଂ. ଶିଳ୍ପକାରକ; ନିର୍ମାତା, ନିର୍ମାଣକର୍ତ୍ତା; କର୍ତ୍ତା।

କାରୁଣିକ, ବିଂ. (କରୁଣା-ଇକ) ଯାହାର କରୁଣା ଅଛି, ଦୟାଳୁ; ସୁହୃଦୟ। (ସ୍ୟାତ୍ ଦୟାଳୁଃ କାରୁଣିକଃ—ଅମର।)

କାରୁଣ୍ଡୀ, ବି. ସ୍ତ୍ରୀ. ସଂ. ଜଳୌକା, ଜୋକ।

କାରୁଣ୍ୟ, ବି. (କରୁଣା-ଯ-ସ୍ୱାର୍ଥେ) କରୁଣା, ଦୟା। (କାରୁଣ୍ୟଂ କରୁଣା ଘୃଣା—ଅମର।)

କାରୁଷ୍ୟ, ବି. (କରୁଷ-ଯ-ପାଳନାର୍ଥେ) କରୁଷଦେଶାଧିପତି, ଦନ୍ତବକ୍ର; ନେତ୍ରମଳ।

କାରେଣି, } ବି. (କାରଣ ଶବ୍ଦରୁ ଉତ୍ପନ୍ନ) କର୍ତ୍ତା, କାର୍ଯ୍ୟର ହେତୁ। ଯଥା—
କାରେଣୀ,

ସ୍ୱାନ ଭ୍ରାତାର ପୁଣ ପତ୍ନୀକୁ ଡକାଇଲା,
ଘରଯାକ ସମର୍ପି କାରେଣି କରାଇଲା। ନୃ. ପୁ. ତୃ. ତ.
ଦୁଇ ଜୀବ ହତ୍ୟାର ଯେ ହୋଇବ କାରେଣି,
ମନ୍ତ୍ରି ବିନା କେମନ୍ତେ ଚଳିବ ନୃପମଣି। ବୈ. ପ.

ବିଂ. ସୁଖଦାୟକ। ଯଥା—

ଏ ଯାଗର ନାମ ଅଟେ ବୈକୁଣ୍ଠ କାରେଣି,
ଅନ୍ତଃକାଳକୁ ଏ ଯାଗ ସଂସାରେ କାରେଣୀ।
ନୃ. ପୁ. ତ. ତ.

କାରୋତ୍ତର, ବି. (କାର=ସୁରାପାଠନପ୍ରକ୍ରିୟା-ଉତ୍ତର=ଉଦ୍ଭୂତ ବସ୍ତୁ, ଅଥବା କାର=କାର୍ଯ୍ୟ-ଉତ୍ତର=ଅତ୍ୟୁତ୍ତମ, ଉତ୍ତମସ୍ଥାନେ-ଉତ୍ତର, କାରୋତ୍ତମ ଶବ୍ଦ ମଧ୍ୟ ହୁଏ) ସୁରାମଣ୍ଡ; ମଦ୍ୟର ଅଗ୍ରଭାଗ। (କାରୋତ୍ତରଃ ସୁରାମଣ୍ଡଃ—ଅମର।) କୂପ।

କାର୍ତ୍ତବୀର୍ଯ୍ୟ, ବି. (କୃତବୀର୍ଯ୍ୟ-ଅପତ୍ୟାର୍ଥେ) ସହସ୍ରାର୍ଜୁନ, ମାହିଷ୍ମତୀର ପତି।

କାର୍ତ୍ତସ୍ୱର, ବି. (କୃତସ୍ୱର=ଖନିବିଶେଷ-ଅ-ଇଦମର୍ଥେ) ସ୍ୱର୍ଣ୍ଣ; ଧୁସ୍ତୂର। (ରୁକ୍ମଂ କାର୍ତ୍ତସ୍ୱରଂ ଜାମ୍ବୂନଦମଷ୍ଟାପଦୋଽସ୍ତ୍ରିୟାଂ—ଅମର।)

କାର୍ତ୍ତାନ୍ତିକ, ବି. (କୃତାନ୍ତ=ଦୈବ-ଇକ-ଜ୍ଞାନାର୍ଥେ) ଦୈବଜ୍ଞ; ଜ୍ୟୋତିର୍ବିଦ୍, ଜ୍ୟୋତିଃଶାସ୍ତ୍ରଜ୍ଞ।

କାର୍ତ୍ତିକ, ବି. (କାର୍ତ୍ତିକୀ=କୃତ୍ତିକାନକ୍ଷତ୍ରଯୁକ୍ତା ପୌର୍ଣ୍ଣମାସୀ-ଅ-ତଦ୍ୟୁକ୍ତ ମାସାର୍ଥେ) ସ୍ୱନାମପ୍ରସିଦ୍ଧ ମାସ, ସପ୍ତମ ମାସ, ତୁଳା ମାସ। (କୃତ୍ତିକା-ଅ-ଅପତ୍ୟାର୍ଥେ) ଷଡ଼ାନନ, କାର୍ତ୍ତିକେୟ।

**କାର୍ତ୍ତିକକ**, ବି. (କାର୍ତ୍ତିକ-ଇକ-ସ୍ୱାର୍ଥେ) କାର୍ତ୍ତିକ ମାସ । ବିଂ. କାର୍ତ୍ତିକ ମାସ-ସମ୍ବନ୍ଧୀୟ ।

**କାର୍ତ୍ତିକେୟ**, ବି. (କୃତ୍ତିକା-ଏୟ-ଅପତ୍ୟାର୍ଥେ) କୁମାର, ଷଡ଼ାନନ ।

**କାର୍ତ୍ସ୍ନ୍ୟ**, ବି. (କୃତ୍ସ୍ନ = ସକଳ-ଯ-ଭାବାର୍ଥେ) ସାକଲ୍ୟ, ସମୁଦାୟ; ସମ୍ପୂର୍ଣ୍ଣତା ।

**କାର୍ପଟ**, ବି. (କର୍ପଟ-ଅ) ଜତୁ, ଜଉ; ବସ୍ତ୍ର-ଖଣ୍ଡ । ବିଂ. କାର୍ଯ୍ୟାର୍ଥୀ; ଉମେଦୁଆର ।

**କାର୍ପଟିକ**, ବିଂ. (କର୍ପଟ-ଇକ-ବିଚରଣାର୍ଥେ) ଯେ କାଷାୟ ବସ୍ତ୍ର ଖଣ୍ଡ ଧରି ବିଚରଣ କରେ, ତୀର୍ଥସେବୀ । (ବିଶ୍ରାନ୍ତକାର୍ପଟିକ ପ୍ରସ୍ଫୁଟିତ ଚରଣଧୂଳିଧୂସରଃ) ମର୍ମଜ୍ଞ ।

**କାର୍ପଣ୍ୟ**, ବି. (କୃପଣ-ଯ-ଭାବାର୍ଥେ) ବ୍ୟୟ-କୁଣ୍ଠତା; ଦାରିଦ୍ର୍ୟ; ଦୀନତା; କାତରତା । (କାର୍ପଣ୍ୟଦୋଷୋପହତସ୍ୱଭାବଃ ।) (ମନସ୍ୱୀ ମ୍ରିୟତେ କାମଂ କାର୍ପଣ୍ୟଂ ନ ତୁ ଗଚ୍ଛତି ।)

**କାର୍ପାସ**, ବି. (କୃ = କରିବା-ପାସ-ସଂଜ୍ଞାର୍ଥେ) କପା ଗଛ; ତୁଳା । ବିଂ. କାର୍ପାସନିର୍ମିତ ।

**କାର୍ପୂଣ୍ୟ**, ବି. (କାର୍ପଣ୍ୟ ଶବ୍ଦଜ) ବିନୟ, ଦୈନ୍ୟ । ଯଥା—

ଅନେକ କାର୍ପୂଣ୍ୟ ହୋଇଲି,
ଚରଣେ ଓଲଗି ଶୋଇଲି । ମା. ମା.

**କାର୍ମ**, ବିଂ. (କର୍ମନ୍-ଅ-ଶୀଳାର୍ଥେ) କର୍ମଶୀଳ, **ପରିଶ୍ରମୀ** । (ସ କାର୍ମଃ କର୍ମଶୀଳୋ ଯଃ—**ଅମର** ।)

**କାର୍ମଣ**, ବି. (କର୍ମଣ-ଅ-ହିତାର୍ଥେ) (ଔଷଧୀନାଂ **ମୂଳୈରୁଚ୍ଚାଟନାଦି** ଯତ୍ କର୍ମ ତତ୍ **କାର୍ମଣଂ**) ମୂଳକର୍ମ, ମନ୍ତ୍ରତନ୍ତ୍ରାଦିଦ୍ୱାରା **ବଶୀକରଣାଦି** । (ମୂଳକର୍ମ ତୁ କାର୍ମଣଂ—**ଅମର** ।) ବିଂ. କର୍ମନିର୍ବାହରେ ନିପୁଣ, କର୍ମଦକ୍ଷ, **କାର୍ଯ୍ୟଦକ୍ଷ** ।

**କାର୍ମାର**, ବି. (କର୍ମାର-ଅ-ସ୍ୱାର୍ଥେ) କମାର ।

**କାର୍ମୁକ**, ବି. (କର୍ମନ୍-ଉକ) ଧନୁ । (ଶରାସନ-କୋଦଣ୍ଡକାର୍ମୁକଂ—**ଅମର** ।) **ବାଉଁଶ**; ମହାନିମ୍ବ; ହିଞ୍ଜଳ; ଶ୍ୱେତଖଦିର; ଧନୁରାଶି । (କାର୍ମୁକଂ ତୁ ପରିତ୍ୟଜ୍ୟ ଝଷଂ ସଂକ୍ରମତେ ରବିଃ ।) ବିଂ. କର୍ମସମ୍ପାଦକ; କାର୍ଯ୍ୟଦକ୍ଷ ।

**କାର୍ଯ୍ୟ**, ବି. (କୃ = କରିବା-ଯ) କର୍ମ; ନିମିତ୍ତ, ପ୍ରୟୋଜନ । ଯଥା—ଏଥିରେ ଆମ୍ଭର କି କାର୍ଯ୍ୟ ଅଛି । ହେତୁ; ଫଳ; ଉପକାର । ଯଥା—ବୃଥା ପରିଶ୍ରମରେ କୌଣସି କାର୍ଯ୍ୟ ହୁଏ ନାହିଁ । ବିବାଦ । ବିଂ. କର୍ତ୍ତବ୍ୟ ।

**କାର୍ଯ୍ୟପୁଟ**, ବିଂ. (କାର୍ଯ୍ୟ=ଅଭିପ୍ରାୟ, କାରଣ ଇତ୍ୟାଦି-ପୁଟ୍ = ନାଶ କରିବା-ଅ) ନିର୍ଲଜ୍ଜ; ଉନ୍ମତ୍ତ; ଅନର୍ଥକର ।

**କାର୍ଯ୍ୟୀ**, ବିଂ. (କାର୍ଯ୍ୟ-ଇନ୍-ଅସ୍ତ୍ୟର୍ଥେ) କାର୍ଯ୍ୟାର୍ଥୀ; ଉମେଦୁଆର ।

**କାର୍ଶ୍ୟ**, ବି. (କୃଶ-ଯ-ଭାବାର୍ଥେ) କ୍ଷୀଣତା, କୃଶତା; ସାଳ ବୃକ୍ଷ; କଚୁରି; ଲକୁଚ ।

**କାର୍ଷାପଣ**, ବି. (କର୍ଷ = ତୋଳକ ପରିମାଣ-ଆପଣ-ବ୍ୟବହାର) ଷୋଳ ପଣ, କାହାଣ ।

**କାର୍ଷିକ**, ବି. (କର୍ଷ = ତୋଳକ ପରିମାଣ-ଇକ-ଇଦମର୍ଥେ) ପାଞ୍ଚ ଗଣ୍ଡା; ଏକ ତୋଳା; କୃଷକ ।

**କାଲ**, ବି. (କଲ୍ = ଗମନ କରିବା-ଅ) ସମୟ; ରାଗ ରାଗିଣୀ ଗାଇବାର ସମୟ; ଅବସର; ଯମ; ମୃତ୍ୟୁ, ମରଣ; ଶନି; କୋକିଳ; ସର୍ବସଂହାରକ ରୁଦ୍ର; ବିଷ୍ଣୁଙ୍କ ଅନନ୍ତମୂର୍ତ୍ତି; ରକ୍ତଚିତ୍ରକ, ରଙ୍ଗଚିତାପାରୁ; କାସମର୍ଦ୍ଦ, କାସନ୍ଦ ଗଛ; କୃଷ୍ଣବର୍ଣ୍ଣ; ଲୌହ । ବିଂ. କୃଷ୍ଣବର୍ଣ୍ଣବିଶିଷ୍ଟ । (କାଲୋମୃତ୍ୟୌ ମହାକାଳେ ସମୟେ ଯମକୃଷ୍ଣୟୋଃ—ମେଦିନୀ ।)

**କାଲ**, ବି. (ଗଡ଼ଜାତ ଶବ୍ଦ) ଜାତିବିଶେଷ । (ଦେଶଜ) ଗବ ଗଛ; ଗବ ଗଛର ଫଳ ।

**କାଲ**, **କାଲୁ**, } ବିଂ. (କଲ୍ଲ ଶବ୍ଦଜ) ବଧିର । ଯଥା—

ରଜକ ଛଦ୍ମେ ଯେ କାଲ,
ନ ଶୁଣେ ରାମ କୃଷ୍ଣ ବୋଲ । ଭା. ଦ. ସ୍କ.

(ଦେଶଜ) ଶୀତଳ ।

କାଳକ, ବି. (କଲ୍=ଗଣନା କରିବା-ଅକ) ଜଡ଼ୁଲ ଅର୍ଥାତ୍ ଦେହଗତ କୃଷ୍ଣବର୍ଣ୍ଣ ଚିହ୍ନ-ବିଶେଷ । (ଜଡ଼ୁଲଃ କାଳକଃ ପିପ୍ଲୁଃ—ଅମର ।) କଳାକାସୁନ୍ଦ ଶାକ; ସର୍ପବିଶେଷ । ( କଲ୍=ପ୍ରେରଣ କରିବା-ଅକ—ଯେ ସମସ୍ତ ରକ୍ତ ପ୍ରେରଣ କରେ ) ଯକୃତ୍ ରୋଗ । ବିଂ. କୃଷ୍ଣବର୍ଣ୍ଣଯୁକ୍ତ । (ଦେଶଜ) କାଳଯାକ । ଯଥା—

କାଳକ ଏ ଶୋଭିଶିରି ନକ ଥିବ । ବି. ଚ. ମ.

କାଳକଣ୍ଠ, କାଳକଣ୍ଠକ, } ବି. (କାଳ-କଣ୍ଠ, କ-ସ୍ୱାର୍ଥେ) ନୀଳକଣ୍ଠ, ଶିବ; ମୟୂର; ଖଞ୍ଜନପକ୍ଷୀ; ଡାହୁକ, ଦାତ୍ୟୂହ । (ଦାତ୍ୟୂହଃ କାଳକଣ୍ଠକଃ—ଅମର ।) କାଳକଣ୍ଟକ ମଧ୍ୟ ହୁଏ । ଯଥା—

କାଳକଣ୍ଟକ ରବେ ବଢ଼ିଲା କାମ ଉତ୍ସବ । ର. କ.

କାଳକୂଟ, ବି. (କାଳ=ଯମ-କୂଟ୍=ନଷ୍ଟ କରିବା-ଅ-ଯେ ଯମକୁ ମଧ୍ୟ ନଷ୍ଟ କରେ) ଗରଳ; ସ୍ଥାବର ବିଷବିଶେଷ ।

କାଳକେୟ, ବି. (କାଳକା-ଏୟ-ଅପତ୍ୟାର୍ଥେ) କାଳକାଗର୍ଭସମ୍ଭୂତ ଅତି ଦୁର୍ଦ୍ଧାନ୍ତ ଷଷ୍ଟି ସହସ୍ର ଅସୁରଗଣବିଶେଷ । (କାଳକେୟା ଇତି ଖ୍ୟାତା ଗଣାଃ ପରମଦାରୁଣାଃ ।)

କାଳକ୍ଷେପ, କାଳକ୍ଷେପଣ, } ବି. ( କାଳ-କ୍ଷିପ୍-ଅ, ଅନ ) କର୍ତ୍ତବ୍ୟ କର୍ମରେ କାଳ ଲଙ୍ଘନ କରିବା, ଛଳ କରି ସମୟ ବାହିତ କରିବା, ସମୟ କଟାଇବା । ଯଥା—

କାଳକ୍ଷେପେ ରହିଯିବ ପରି
ମୋ ପ୍ରିୟାର୍ଥେ ତ ଯାନ୍ତି । ମେ. ଦୂ.

କାଳଖଣ୍ଡ, ବି.(କାଳ=କୃଷ୍ଣବର୍ଣ୍ଣ-ଖଣ୍ଡ=ଅଂଶ) ଯକୃତ୍ ରୋଗବିଶେଷ; ଦକ୍ଷିଣକୁକ୍ଷିଗତ ମାଂସପିଣ୍ଡ । (କାଳଖଣ୍ଡଯକୃତୀ ତୁ ସମେ ଇମେ—ଅମର ।)

କାଳଗଙ୍ଗା, ବି. ସ୍ତ୍ରୀ· ସଂ. କାଳିନ୍ଦୀ ନଦୀ ।

କାଳଧର୍ମ, ବି.(କାଳ=ସମୟ, ଯମ-ଧର୍ମ=କ୍ରିୟା) ମୃତ୍ୟୁ, ମରଣ । (ସ୍ୟାତ୍ ପଞ୍ଚତା କାଳଧର୍ମୋ-ଦିଷ୍ଟାନ୍ତଃ ପ୍ରଳୟୋଽତ୍ୟୟଃ—ଅମର ।) କାଳର ଧର୍ମ, କାଳକ୍ରମେ ଯାହା ଅବଶ୍ୟ ଘଟିବ ।

କାଳନେମି, ବି. ସଂ. ରାକ୍ଷସବିଶେଷ; ଦାନବ-ବିଶେଷ; ହିରଣ୍ୟକଶିପୁର ପୁତ୍ର ।

କାଳପର୍ଯ୍ୟୟ, ବି. ( କାଳ-ପର୍ଯ୍ୟୟ ) କାଳର ବୈପରୀତ୍ୟ, କାଳର ବିପରୀତ ଗତି; ଶୁଭ-କାଳର ଅଶୁଭଦାୟକତ୍ୱ ଓ ଅଶୁଭକାଳର ଶୁଭଦାୟକତ୍ୱ ।

କାଳପୃଷ୍ଠ, ବି. (କାଳ-ପୃଷ୍ଠ) କଙ୍କପକ୍ଷୀ; ମୃଗ-ବିଶେଷ; କର୍ଣ୍ଣଙ୍କର ଧନୁ ।

କାଳଭୈରବ, ବି. (କାଳ-ଭୀରୁ-ଅ) ଶିବାଂଶ-ଜାତ ଭୈରବବିଶେଷ ।

କାଳମାଈ, ବି.ସ୍ତ୍ରୀ. (କାଳମାୟା ଶବ୍ଦଜ) ଦେବୀ-ବିଶେଷ । (ପାଟେଳୀ ଶବ୍ଦ ଦେଖ ।)

କାଳଯବନ, ବି. (କାଳ=କାଳ ସଦୃଶ-ଯବନ) ଯବନରାଜବିଶେଷ, ଶୂଳପାଣିଙ୍କ ନିୟୋଗରେ ଗାର୍ଗ୍ୟ ମୁନିଙ୍କ ଭାର୍ଯ୍ୟାଠାରୁ ଏହାଙ୍କର ଜନ୍ମ ।

କାଳରାତ୍ରି, ବି· ସ୍ତ୍ରୀ· ( କାଳ=ମୃତ୍ୟୁ-ରାତ୍ରି ) ଯେ ରାତିରେ ମୃତ୍ୟୁ ବା ବିପଦ ଘଟେ, ଭୟାନକ ରାତ୍ରି; କଳ୍ପାନ୍ତ ରାତ୍ରି ।

କାଳବାତ, ବି· (ଦେଶଜ) ରୋଗବିଶେଷ ।

କାଳବେଳା, ବି· ସ୍ତ୍ରୀ· (କାଳ=ଶନି-ବେଳା) ଅଶୁଭ ସମୟବିଶେଷ, ଯେଉଁ ସମୟରେ କୌଣସି ବିଷୟ କରିବା ଓ କୌଣସି କର୍ମ କରିବାପାଇଁ ସ୍ଥାନାନ୍ତର ଯିବା ବିଧେୟ ନୁହେ ।

କାଳଶେୟ, କାଳସେୟ, } ବି· ( କଲଶ, କଳସୀ-ଏୟ, ଯାହା କଳସୀରେ ମନ୍ଥନ କରିବାରୁ ଉତ୍ପନ୍ନ ହୁଏ ) ଘୋଳ, ତକ୍ର, ଚହ୍ଲା । (ଦଣ୍ଡାହତଂ କାଳଶେୟମରିଷ୍ଟମପି ଗୋରସଃ—ଅମର ।)

କାଳସାର, ବି· (କାଳ=କୃଷ୍ଣବର୍ଣ୍ଣ-ସାର=ସ୍ଥିରାଂଶ) କୃଷ୍ଣବର୍ଣ୍ଣ ହରିଣବିଶେଷ, କୃଷ୍ଣସାର; ପୀତଚନ୍ଦନ ।

କାଳସୂତ୍ର, ବି. (କାଳ-ସୂତ୍ର=ଶାସନ, କ ଯୋଗେ କାଳସୂତ୍ରକ ମଧ୍ଯ ହୁଏ) ନରକ-ବିଶେଷ, ଏହା ପ୍ରତପ୍ତ ତାମ୍ରମୟ ।

କାଳସ୍କନ୍ଧ, ବି. (କାଳ=କୃଷ୍ଣବର୍ଣ୍ଣ-ସ୍କନ୍ଧ= ଗଛର ଗଣ୍ଡି) ତମାଳ ବୃକ୍ଷ । (କାଳସ୍କନ୍ଧ-ସ୍ତମାଳଃ ସ୍ୟାତ୍—ଅମର ।) କେନ୍ଦୁ ଗଛ; ଜୀବକ ଦ୍ରୁମ; ଉଦୁମ୍ବର ।

କାଳି, ବିଂ. (କଲ୍ଲ ଶବ୍ଦଜ) ଶ୍ରବଣେନ୍ଦ୍ରିୟ ଶକ୍ତି-ହୀନ । (ସଂସ୍କୃତ ଶବ୍ଦ) ନୀଳମା; କୃଷ୍ଣ-ନିବୃତା; ମଞ୍ଜିଷ୍ଠା; ଅଶ୍ୱଗନ୍ଧା; ପାଟଳୀବୃକ୍ଷ ।

କାଳାଗୁରୁ, ବି. (କାଳ-ଅଗୁରୁ) କୃଷ୍ଣବର୍ଣ୍ଣ ସୁଗନ୍ଧ କାଷ୍ଠବିଶେଷ, କୃଷ୍ଣଚନ୍ଦନ । ଯଥା—

**ଗୋଳା ଶ୍ରୀଖଣ୍ଡ କାଳାଗୁରୁ ସରସ-**
**ମନେ ଇଚ୍ଛିଲି ମଲ୍ଲିମାଳା । ବହ୍ନ୍ଲକାବ୍ୟ ।**

କାଳାସୁଣୀ, } ବି. ସ୍ତ୍ରୀ. (କାଳାଶିମୀ ଶବ୍ଦଜ)
କାଳୁସୁଣୀ, } ଦେବୀବିଶେଷ । (ପାଟେଳୀ ଶବ୍ଦ ଦେଖ ।)

କାଲି, ବି. (କାଳ ଶବ୍ଦଜ) ମସୀ । ଯେପରି— କାଲି ଘଡ଼ି । କଳାଗୁଣ୍ଡ, ମସୀଗୁଣ୍ଡ । ଯଥା—

**ଅଷ୍ଟଗିରି ପୋଡ଼ଣ ଯେ ଚୂର କଲ୍ଲ କାଲି,**
**ସପତ ସମୁଦ୍ର ପାଣି ଭିତରେଣ ଗୋଳି । ନା.ର.ଗୀ.**

କଳଙ୍କ । ଯଥା—

**କି କର୍ମ କଲି ଏହୁ ବାଳୀ,**
**ବଂଶେ ତ ଲଗାଇଲ୍ଲ କାଲି । ଦା. ର.**

(ଦେଶଜ) କର୍ଜ ବା ଉଧାର, ନଗଦ ମୂଲ୍ଯ ନ ଦେଇ ପଦାର୍ଥ କିଣିବା । ଯଥା—

**ଗୁଡ଼ିଆଣୀ ପେନ ମୁଡ଼ି ଉଖୁଡ଼ା,**
**ବିକଇ ଯାହାକୁ ଯେତିକ ଲୋଡ଼ା ।**
**କାଲି ମାଗିଲେ ସେ ଦେଖାଏ ଆଖି,**
**କଉଡ଼ି ନ ଥାଇ ହେଲି ମୁଁ ଦୁଃଖୀ । ଉ.ସା.୭.୭.**

କାଲି, ବି. (କଲ୍ୟ ଶବ୍ଦଜ) ଆଗାମୀ ଦିବସ । ଯଥା—

**ଦୋଲୋତ୍ସବ ସହ ବିଜୟ ଉତ୍ସବ**
**ମିଶିବ କାଲି ଏ ପୁରେ । ପାର୍ବତୀ ।**

ଗତ ଦିବସ । ଯଥା—

**କୁଟିଳ କରି ବୋଲେ ଚତୁରୀ**
**କିଣ ହେଲ କି କାଲି । ର. କ.**

କାଳିଆ, ବିଂ. (କାଳ-ଇଆ-ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) କୃଷ୍ଣବର୍ଣ୍ଣବିଶିଷ୍ଟ । ବି. ଶ୍ରୀକୃଷ୍ଣ । ଯଥା—

**କାଳୀ କାଳିଆ ଚରଣେ ଦଳି ହୋଇଲି । ର. କ.**

କୃଷ୍ଣନାମଧାରକ ବ୍ୟକ୍ତି ।

କାଳିକା, ବି. (କାଳ=କୃଷ୍ଣବର୍ଣ୍ଣ-ଇକ-ସ୍ତ୍ରୀ-ଆ) ଦେବୀବିଶେଷ, କାଳୀ; ଚଣ୍ଡିକା; ଘନା-ବଳୀ, ମେଘମାଳା । ଯଥା—

**ଦେଖି ନବ କାଳିକା ବକାଳିକାମାଳିକା**
**ଆଳୀ କାଳିକାକାନ୍ତ ସ୍ମରି । ଲା. ବ.**

କୁଜ୍ଝଟିକା; କୃଷ୍ଣବର୍ଣ୍ଣ; ରୋମାବଳୀ; ସ୍ତ୍ରୀ କାକ; ଶ୍ୟାମାପକ୍ଷୀ; ଶୃଗାଳୀ; ମସୀ; ପଟୋଳ ଶାଖା; ସୁରା; କଳଙ୍କ ।

କାଲିକା, ବିଂ. (ଦେଶଜ) ଗତ କାଲିଠାରୁ ହୋଇଥିବା; ଯେ ଅଳ୍ପ ଦିନର । ଯେପରି, ଏହା କାଲିକା କଥା ।

କାଳିକନ୍ଥିତ, ବି. ( ଦେଶଜ ) ବସ୍ତ୍ରବିଶେଷ, ଏକପ୍ରକାର ଲୁଗା । (ଛକଲିଆ ଶବ୍ଦ ଦେଖ ।)

କାଳିଞ୍ଜ, ବି. (ଦେଶଜ) କଲିଜା, ଯେପରି କାଳିଞ୍ଜ ମାଂସ ।

କାଳିଦାସ, ବି. (କାଳୀ=ଦୁର୍ଗା-ଦାସ, ପୂର୍ବ ସ୍ୱର ହ୍ରସ୍ୱ ହୁଏ, ଈ=ଇ) ସ୍ୱନାମଖ୍ୟାତ ମହାକବି, ମେଘଦୂତାଦି କାବ୍ୟ ଓ ଶକୁନ୍ତଳାଦି ନାଟକପ୍ରଣେତା । (ଯସ୍ୟା-ଶ୍ଚୋରଶ୍ଚିକୁରନିକରଃ କର୍ଣ୍ଣପୂରୋ ମୟୂରଃ । ହାସୋହାସଃ କବିକୁଳଗୁରୁଃ କାଳିଦାସୋ-ବିଳାସଃ ।)

କାଳିନାଗୁଣୀ, ବି. ସ୍ତ୍ରୀ. (ଦେଶଜ) ପକ୍ଷି-ବିଶେଷ । (ବାଲି ଶବ୍ଦ ଦେଖ) (କାଳୀ-ନାଗୀ ଶବ୍ଦଜ) କୃଷ୍ଣବର୍ଣ୍ଣ ସ୍ତ୍ରୀନାଗ ସର୍ପ ।

କାଳିନ୍ଦୀ, ବି. ସ୍ତ୍ରୀ. (କଳିନ୍ଦ=ପର୍ବତବିଶେଷ-ଅ-ଅପତ୍ୟାର୍ଥେ-ସ୍ତ୍ରୀ-ଈ) ଯମୁନା ନଦୀ । (କାଳିନ୍ଦୀ ସୂର୍ଯ୍ୟତନୟା ଯମୁନା ଶମନସ୍ୱସା —ଅମର ।) କୃଷ୍ଣଙ୍କ ପତ୍ନୀ; ଅସୁରକନ୍ୟା-ବିଶେଷ; ରକ୍ତତିବୃତ୍, ରଙ୍ଗତଉଡ଼ି ।

କାଳନ୍ଦୀଭେଦନ, ବି. ( କାଳନ୍ଦୀ-ଭେଦନ ) ବଳରାମ, ଶ୍ରୀକୃଷ୍ଣଙ୍କ ଅଗ୍ରଜ । (କାଳନ୍ଦୀ-ଭେଦନୋ ବଳଃ—ଅମର ।)

କାଲପରି, କ୍ରି.ବିଂ. (ଦେଶଜ) କାଲି ବା ତାର ପର ଦିବସରେ । ଯଥା—

ସାଧୁ ଶୁକ ବ୍ରହ୍ମଗୃହୀ, ପରିବେଶ କାଲପରି ।
ଘେନ ତାହାର ସନ୍ଦେଶ, ହେବେ ଏ ଦେଶ ଯୋ । ଲ.ବ.

କାଳମା, } ବି. ( କାଳ-ଇମନ୍ ) କୃଷ୍ଣତା,
କାଳିମନ୍, } ମଳିନତା ।

କାଳୀୟ, ବି. (କାଳ କୃଷ୍ଣବର୍ଣ୍ଣ-ଇୟ) ନାଗ-ବିଶେଷ, କାଳନ୍ଦୀଗତ ସର୍ପବିଶେଷ । ( କାଳୀୟ ବିଷଧରଗଞ୍ଜନଂ ।) ବିଂ. କାଳ-ସମ୍ବନ୍ଧୀୟ ।

କାଳୀ, ବି. ସ୍ତ୍ରୀ. ( କାଳ=କୃଷ୍ଣବର୍ଣ୍ଣ-ଈ ) କାଳିକାଦେବୀ, ଶିବପତ୍ନୀ; କୃଷ୍ଣବର୍ଣ୍ଣା ସ୍ତ୍ରୀ; ମତ୍ସ୍ୟଗନ୍ଧା; ନବ ମେଘଶ୍ରେଣୀ; କୃଷ୍ଣପକ୍ଷରାତ୍ରୀ; (କାଳ ଶବ୍ଦଜ) ମସୀ; ଅଯଶ; କୃଷ୍ଣବର୍ଣ୍ଣ ।

କାଳୀ, } ବି. ( କାଳୀୟ ଶବ୍ଦର ଅପଭ୍ରଂଶ )
କାଳି, } ଯମୁନାରେ ଥିବା କାଳୀୟସର୍ପ । ଯଥା—

କାଳୀ କାଳିଆ ଚରଣେ ଦଳି ହୋଇଲା । ର. କ.

(ଦେଶଜ) ଶିକାର ସମୟରେ ଜନ୍ତୁମାନଙ୍କୁ ତଡ଼ିବା । ଯଥା—

ସେ ଗ୍ରାବୁଁ ଜୀବ ସନ୍ତ୍ରରେ କାଳୀ,
ଦେଇ କୁହାଟ ଝମକ ତାଳି ।
ଫିଙ୍ଗିଲେ ସାଜ କୁନ୍ତ ସାବଳୀ
ବାନ୍ଧିଲେ ଶର ଯେ । ଲ. ବ.

କୃଷ୍ଣବର୍ଣ୍ଣା ସ୍ତ୍ରୀ; ନଗଦ ମୂଲ୍ୟ ନ ଦେଇ ପଦାର୍ଥ କିଣିବା ।

କାଳୀନ, ବିଂ. ( କାଳ-ଈନ, ଏହି ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗ ହୁଏ ନାହିଁ ) କାଳେ ଯାହା ଉତ୍ପନ୍ନ ହୁଏ ବା ଘଟେ । ଯଥା— ପୂର୍ବକାଳୀନ ବୃତ୍ତାନ୍ତ, ଉତ୍ତରକାଳୀନ ଲୋକ, ଗମନକାଳୀନ ଆଦେଶ ଇତ୍ୟାଦି ।

କାଳୀୟ, ବି. (କାଳ=କୃଷ୍ଣବର୍ଣ୍ଣ-ଈୟ) କୃଷ୍ଣ-ଚନ୍ଦନ ।

କାଳୀୟକ, ବି. (କାଳ=କୃଷ୍ଣବର୍ଣ୍ଣ-ଈୟ, କ) କୁଙ୍କୁମ; ଦାରୁହରିଦ୍ରା; ଶୈଳଜ ।

କାଲୁ, ବି. ( ଗଡ଼ଜାତ ଶବ୍ଦ ) ଗ୍ରାମଦେବତା ପୂଜକ ।

କାଲୁଆ, ବି.(ଦେଶଜ) ହାତ ଗୋଡ଼ ସଙ୍କୁଚିତ ହେବା ବାତବିକାରବିଶେଷ, ଜାଡ୍ୟ । ବିଂ. ଶୀତଳ । ଯଥା—କାଲୁଆ ପବନ ।

କାଲୁଆମନ୍ତ୍ର, ବି. (ଓଡ଼ିଆ ଓ ସଂସ୍କୃତ ଶବ୍ଦ ମିଶ୍ରଣ) ଯେଉଁ ମନ୍ତ୍ରଦ୍ୱାରା ଶରୀରର ଜାଡ୍ୟ ଜନ୍ମେ । ଯଥା—

ସାରଥି ସେ କାଣ୍ଡ ହିଁମାନଙ୍କ ହାତରେ,
କାଢ଼ି ପକାଇଲି କାଲୁଆ ମନ୍ତ୍ରରେ । କୃ.ଭା.ଢ.ପ.

କାଲୁଆମାରିବାର, କ୍ରି. (ଦେଶଜ) ହାତ ଗୋଡ଼ ପ୍ରଭୃତି ଜଡ଼ପ୍ରାୟ ହେବାର ।

କାଲୁଣୀ, ବି. ସ୍ତ୍ରୀ. (ଦେଶଜ-କାଲ-ସ୍ତ୍ରୀ-ଉଣୀ) ଯେଉଁ ସ୍ତ୍ରୀର କାନକୁ ଶୁଭେ ନାହିଁ, ବଧିରା ।

କାଲୁସୁଣୀ, ବି. ସ୍ତ୍ରୀ. (ଦେଶଜ) ଅସୁନ୍ଦର କୃଷ୍ଣ-ବର୍ଣ୍ଣା ସ୍ତ୍ରୀ ।

କାଳେ, } କ୍ରି. ବିଂ. ଅଂ. ( ଦେଶଜ )
କାଳେକେ, } ସମ୍ଭାବନା କିମ୍ବା ବିକଳ୍ପାର୍ଥ
କାଳକେ, } ସୂଚକ । ଯଥା—

ବଞ୍ଚିଇ ସତ୍ୟପନ୍ଥ ହୋଇ,
କାଳେକେ ମୃତ୍ୟୁ ପୁଣ ହୋଇ । ମା. ମା.

ସମୟରେ । ଯଥା—

କାଳେ କର୍ମବୃକ୍ଷ ଫଳେ ଶାସ୍ତ୍ରରେ ଏ ଲେଖା । କ.ବ.

କାଳେୟ, ବି. (କାଳ ବା କଳି-ଏୟ—ଭବାର୍ଥେ) ଯକୃତ; କୃଷ୍ଣଚନ୍ଦନ । ଯଥା— (ଆଶ୍ୟାନ କାଳେୟକୃତାଙ୍ଗରାଗାନ୍) (କାଳ-ଏୟ—ଅପତ୍ୟାର୍ଥେ) ଦୈତ୍ୟବିଶେଷ । ବିଂ. କାଳସମ୍ବନ୍ଧୀୟ; କଳିକାଳସମ୍ବନ୍ଧୀୟ ।

କାଲ୍ପନିକ, ବିଂ. (କଳ୍ପନା-ଇକ—କୃତାର୍ଥେ) ଯାହା ବାସ୍ତବିକ ନୁହେ, ଅବାସ୍ତବିକ, ଆରୋପିତ, ଅମୂଳକ । ଯଥା—କାଲ୍ପନିକ ବୃତ୍ତାନ୍ତ । ଯାହା ଛଳନା କରିବା ନିମିତ୍ତ କରାଯାଏ । ଯଥା—କାଲ୍ପନିକ ବେଶ । ଯାହା ଆନ୍ତରିକ ନୁହେ । ଯଥା—କାଲ୍ପନିକ ସ୍ତୁତି; କାଲ୍ପନିକ ଯତ୍ନ ।

**କାଲ୍ୟ**, ବିଂ. (କାଲ=ସମୟ-ଯ—ଭବାର୍ଥେ) କାଳଜ, କାଳସମ୍ବନ୍ଧୀୟ । ବି. ପ୍ରତ୍ୟୂଷ, ଅହର୍ମୁଖ । (ପ୍ରତ୍ୟୂଷୋଽହର୍ମୁଖଂ କାଲ୍ୟଂ—ଅମର ।) (ସ୍ତ୍ରୀ-ଆ—କାଲ୍ୟା) ଯେଉଁ ଗବୀର ଗର୍ଭଗ୍ରହଣ କାଳ ଉପସ୍ଥିତ ହୋଇଅଛି ; (କାଲ୍ୟୋପସର୍ଯ୍ୟା ପ୍ରଜନେ—ଅମର ।)

**କାବେର**, ବି. ( କବ୍=ରଙ୍ଗ କରିବା-ଏର ) କୁଙ୍କୁମ ।

**କାବେରୀ**, ବି.ସ୍ତ୍ରୀ. (କ=ଜଳ, ବେର=ଶରୀର-ଈ) ଦ୍ରାବିଡ଼ଦେଶରେ ପ୍ରବାହିତା ନଦୀବିଶେଷ, ସ୍ୱନାମପ୍ରସିଦ୍ଧ ନଦୀ । (କୁ—ବେର=ଶରୀର, କୁ=କା ) ବେଶ୍ୟା; ହରିଦ୍ରାବିଶେଷ ।

**କାବ୍ୟ**, ବି. ( କବି-ଯ—ସ୍ୱାର୍ଥେ, ଭବାର୍ଥେ ) ଶୁକ୍ରାଚାର୍ଯ୍ୟ;ରସସଂଯୁକ୍ତ କବିତା । ଯେପରି—କୁମାରସମ୍ଭବ କାବ୍ୟ, ନୈଷଧ କାବ୍ୟ ଇତ୍ୟାଦି; ରହସ୍ୟ କଥା । (ସ୍ତ୍ରୀ-ଆ-କାବ୍ୟା) ବୁଦ୍ଧି ; ପୂତନା । ବିଂ. କବିସମ୍ବନ୍ଧୀୟ ।

**କାଶ**, **କାସ**, ବି. (କାଶ୍=ଦୀପ୍ତି ପାଇବା-ଅ, କାସ=ଗମନ କରିବା-ଅ) କାଶ ଗଛ, କାଶ ଫୁଲ,କାଶ ତୃଣ; କାସରୋଗ; ପ୍ରକାଶ; ଗଣ୍ଡ; ମୂଷିକ । ବିଂ. ପ୍ରକାଶମାନ, ଶୋଭମାନ ।

**କାଶନ୍ଦ**, **କାସିନ୍ଦ**, **କାଶିନ୍ଦ**, **କାଶୁଣ୍ଡି**, **କାସୁନ୍ଦ**, ବି. ( କାସମର୍ଦ୍ଦ ଶବ୍ଦଜ ) କ୍ଷୁଦ୍ର ବୃକ୍ଷବିଶେଷ ।

**କାଶି**, **କାଶିକା**, **କାଶୀ** ବି. ସ୍ତ୍ରୀ. (କାଶ=ଦୀପ୍ତିପାଇବା-ଇ, ସ୍ତ୍ରୀ-ଈ, କଣ-ଆ) ବାରାଣସୀ । ବିଂ.ପ୍ରକାଶଶୀଳ; କାଶରୋଗଯୁକ୍ତ ।

**କାଶ୍ମୀର**, ବି.(କାଶ୍=ଦୀପ୍ତିପାଇବା-ମୀର)ଦେଶବିଶେଷ; ପଦ୍ମର ମୂଳ । (ମୂଳେ ପୁଷ୍କର କାଶ୍ମୀର ପଦ୍ମପତ୍ରାଣି ପୌଷ୍କରେ—ଅମର ।) କୁଙ୍କୁମ; ଟାଙ୍ଗଣା । ବିଂ. କାଶ୍ମୀର ଦେଶଜାତ; ତତ୍ରତ୍ୟ ରଜା ବା ଅଧିବାସୀ । ( ସ୍ତ୍ରୀ-ଈ-କାଶ୍ମୀରୀ ) ଗମ୍ଭାରୀ; ( ସ୍ତ୍ରୀ-ଆ-କାଶ୍ମୀରା ) ଅତିବିଷା, ଅତୁସୀ, କପିଳଦ୍ରାକ୍ଷା ।

**କାଶ୍ମୀରଜ**, **କାଶ୍ମୀରଜନ୍ମା**, ବି. ( କାଶ୍ମୀର-ଜନ୍-ଅ ) କୁଙ୍କୁମ; ପଦ୍ମମୂଳ ।

**କାଶ୍ୟପ**, ବି. (କଶ୍ୟପ-ଅ-ଅପତ୍ୟାର୍ଥେ) କଶ୍ୟପ ମୁନିବଂଶୀୟ; ଗୋତ୍ରବିଶେଷ; କଣାଦମୁନି; ମୃଗବିଶେଷ; ଅରୁଣ, ସୂର୍ଯ୍ୟସାରଥି; ମାଂସ ।

**କାଶ୍ୟପି**, ବି. (କଶ୍ୟପ-ଇ-ଅପତ୍ୟାର୍ଥେ )ଅରୁଣ, ସୂର୍ଯ୍ୟଙ୍କ ସାରଥି, ଗରୁଡ଼ାଗ୍ରଜ । (କାଶ୍ୟପିର୍ଗରୁଡ଼ାଗ୍ରଜଃ—ଅମର ।) ଗରୁଡ଼ ।

**କାଶ୍ୟପି**, **କାଶ୍ୟପୀ**, ବି. ସ୍ତ୍ରୀ. (କଶ୍ୟପ-ଇ-ଦେୟାର୍ଥେ, ସ୍ତ୍ରୀ-ଈ) ଭୂମି, ପୃଥିବୀ । (ପରଶୁରାମ ପୃଥିବୀକୁ ନିଃକ୍ଷତ୍ରିୟା କରି ତାହା କଶ୍ୟପଙ୍କୁ ଦାନ କରିଥିଲେ) (କ୍ଷୋଣିର୍ଜ୍ୟା କାଶ୍ୟପୀ କ୍ଷିତିଃ—ଅମର ।)

**କାଷାୟ**, ବିଂ.(କଷାୟ-ଅ-ଇଦମର୍ଥେ) କଷାୟଯୁକ୍ତ, ରକ୍ତବର୍ଣ୍ଣରଞ୍ଜିତ । ଯଥା—କାଷାୟାମ୍ବର । ବି. କସାରଙ୍ଗ, କସାବର୍ଣ୍ଣ ।

**କାଷ୍ଠ**, ବି.(କାଶ୍=ଦୀପ୍ତିପାଇବା-ଥ, ଯାହାଦ୍ୱାରା ଅଗ୍ନି ଦୀପ୍ତ ହୁଏ) କାଠ ।

**କାଷ୍ଠକ**, ବି. (କାଷ୍ଠ-କ-ଯୋଗାର୍ଥେ) ଅଗୁରୁ, ସୁଗନ୍ଧ କାଷ୍ଠବିଶେଷ । ବିଂ. କାଷ୍ଠଯୁକ୍ତ ।

**କାଷ୍ଠକୁଦ୍ଦାଳ**, **କାଷ୍ଠକୁଦ୍ଦାଳ**, ବି. ( କାଷ୍ଠ-କୁଦ୍ଦାଳ=କୋଦାଳ) ନୌକାଦିର ଜଳ ସେଚନାର୍ଥ କାଷ୍ଠନିର୍ମିତ ପାତ୍ର । (ଅଭ୍ରିଃସ୍ତ୍ରୀ କାଷ୍ଠକୁଦ୍ଦାଳଃ ସେକପାତ୍ରଂ ତୁ ସେଚନଂ—ଅମର ।)

**କାଷ୍ଠତକ୍ଷ୍**, **କାଷ୍ଠତକ୍ଷ**, **କାଷ୍ଠତକ୍ଷକ**, ବି. ( କାଷ୍ଠ-ତକ୍ଷ=ଛେଦନ କରିବା-କ୍ୱିପ୍, ଅ, ଅକ ) ବଢ଼େଇ ।

**କାଷ୍ଠମଲ୍ଲ**, ବି. ( କାଷ୍ଠ-ମଲ୍ଲ=ପାତ୍ରବିଶେଷ ) ଶବଯାନ, କୋକେଇ ।

କାଷ୍ଠା, ବି. ( କାଷ୍ଠ-ଆ ) ଦିଗ; ପ୍ରଦେଶ । ( ଦିଶସ୍ତୁ କକୁଭଃ କାଷ୍ଠାଃ— ଅମର । ) ଅଷ୍ଟାଦଶନିମେଷାତ୍ମକ କାଳ । (ଅଷ୍ଟାଦଶନିମେଷାସ୍ତୁ କାଷ୍ଠା—ଅମର ।) ସୀମା । ଯେପରି—ସେ ପାଣ୍ଡିତ୍ୟରେ ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି । ସ୍ଥିତି । (କାଷ୍ଠାଂ ଭଗବତୋ ଧ୍ୟାୟେତ୍) ଉତ୍କର୍ଷ । (କାଷ୍ଠାଗତସ୍ନେହ ରସାନୁବିଦ୍ଧଂ ।) ଯଥା— ତାହାଙ୍କର ଏତାଦୃଶ ସ୍ନେହକାଷ୍ଠାରେ କିଏ ବା ପରିତୁଷ୍ଟ ନ ହେବ ? ଦାରୁହରିଦ୍ରା; କାଶ୍ୟପପତ୍ନୀବିଶେଷ ।

କାସମର୍ଦ୍ଦ, } ବି. (କାସ=କାଶରୋଗ-ମୃଦ୍-ଅ)
କାଶମର୍ଦ୍ଦ, } କାସିନ୍ଦ ଗଛ ଓ ମୂଳ ।

କାସର,ବି. (କ=ଜଳ-ଆ-ସୃ=ଗମନ କରିବା-ଅ) ଯେ ଜଳମୟ ସ୍ଥାନରେ ରହିବାକୁ ଭଲ ପାଏ) ମହିଷ । (ମହିଷୋ ବାହଦ୍ୱିଷତ୍ କାସରସୈରିଭାଃ—ଅମର ।)

କାସାର,ବି. (କ=ଜଳ-ଆ-ସୃ-ଗମନ କରିବା -ଅ) ସରୋବର, ଜଳାଶୟ । (କାସାରଃ ସରସୀ ସରଃ—ଅମର ।) ପକ୍ୱାନ୍ନବିଶେଷ; ଦଣ୍ଡକଜାତୀୟ ଛନ୍ଦୋବିଶେଷ ।

କାସିନ୍ଦମାରିବାର, କ୍ରି. ( ଦେଶଜ ) କାଞ୍ଜିଗାତ ଖେଳରେ ଜିଣିବାର ।

କାସୂ,ବି.(କସ୍=ଗମନ କରିବା,ପ୍ରାପ୍ତି ପାଇବା, ଅଥବା କାସ୍ =ରୋଗହେତୁକ କୁତ୍ସିତ ଶବ୍ଦ କରିବା-ଊଣ୍—ସଞ୍ଜ୍ଞାର୍ଥେ) ଅସ୍ପଷ୍ଟ ବାକ୍ୟ; ଶକ୍ତିଅସ୍ତ୍ର । (କାସୂର୍ବିକଳବାଚ ସ୍ୟାତ୍ କାସୂଃ ଶକ୍ତ୍ୟାୟୁଧେଽପି ଚ—ବିଶ୍ୱ ।)

କାହଣ, } ବି. ( କାର୍ଷାପଣ ଶବ୍ଦଜ ) ଷୋଳ
କାହାଣ, } ପଣ । ଯଥା—

ଶୁଖିଲା ନଡ଼ିଆରୁ ଏକ ପଣ,
ପାଚିଲା କଦଳୀ ଦୁଇ କାହାଣ । ହା. ତ.

ବିଂ. ଅସଂଖ୍ୟ ।

କାହଳ, ବି. (କ=ସୁଖ, ମସ୍ତକ ଇତ୍ୟାଦି-ଆ-ହଳ୍ =କର୍ଷଣ କରିବା କିମ୍ବା ଭଗ କରିବା-ଅ, ଅଥବା କୁ=କୁତ୍ସିତ-ହଳ୍ =କର୍ଷଣ କରିବା-ଅ) କୁକ୍କୁଟ; ବିଡ଼ାଳ; କୋଳାହଳ; ବୃହତ୍ ଢକ୍କା; ଅବ୍ୟକ୍ତ କାବ୍ୟ । ବିଂ. ଶୁଷ୍କ; ଖଳ । ( ସ୍ତ୍ରୀ-ଆ ) ବାଦ୍ୟଭାଣ୍ଡବିଶେଷ ( କାହଳୀ ); ଅପ୍ସରାବିଶେଷ; ତରୁଣୀ, ଯୁବତୀ ।

କାହା, ସର୍ବଂ. ( ଦେଶଜ-କିମ୍ ଶବ୍ଦର ରୂପ ) କିସ କିମ୍ବା କିଣ । ଯଥା—

ଆଗ କରି ଅର୍ଜୁନ ମୁଁ ଭୋଗ କରେ ତାହା,
ତୁ କିସ ନ ଜାଣୁ ତୋତେ ବୁଝାଇବି କାହା ।
ନା. ର. ଗୀ.

କାହାର । ଯଥା—ଏହିଟି କାହା ପୁସ୍ତକ ।

କାହାଣି , } ବି. ସ୍ତ୍ରୀ. (କଥନି ଶବ୍ଦଜ) ବୃତ୍ତାନ୍ତ ।
କାହାଣୀ, } ଯଥା—

ଶ୍ରୀମୁଖରେ ଦୁଃଖକାହାଣୀ ଏରୂପେ
ବୋଇଲା ଗଦ୍‌ଗଦ ଭାଷେ । ଉର୍ବଶୀ ।

କାଳ୍ପନିକ ଗଳ୍ପ, ଗଳ୍ପ । ଯଥା—

ମନଦେଇ ଶୁଣ ସିଏ କହିବଇଁ ପୁଟକାହାଣି । ଉଷା ।

କାହାର, } ସର୍ବଂ.(ଦେଶଜ-କିମ୍ ଶବ୍ଦର ରୂପ)
କାହାରି, } କେଉଁ ବ୍ୟକ୍ତି ବା ଜନ୍ତୁ ବା
କାହା, } ପଦାର୍ଥର । ଯଥା—

ଉପମା ଦେବ କାହା ପରଶଂସାରେ,
ତୁଳ୍ୟ କରି ତ ନାହିଁ ବିଧି ସଂସାରେ । ବ. ଚ. ମ.

କାହାରିକ, ସର୍ବଂ. ( ଦେଶଜ-କିମ୍ ଶବ୍ଦର ରୂପ ) କାହାକୁ । ଯଥା—କାହାରିକ ସମ୍ପୂର୍ଣ୍ଣ ବିଶ୍ୱାସ କର ନାହିଁ ।

କାହାରେ, ସର୍ବଂ. (ଦେଶଜ-କିମ୍ ଶବ୍ଦର ରୂପ) କାହାଦ୍ୱାରା । ଯଥା—

ସୁଗୁପତ କଥା ଖ୍ୟାତ କରିବାରେ
ହେବ ଏ କାହାରେ । ର. କ.

କାହାଳ , } ବି. ସ୍ତ୍ରୀ. (କାହାଳ ଶବ୍ଦଜ) ବାଦ୍ୟ-
କାହାଳୀ, } ଯନ୍ତ୍ରବିଶେଷ । ଯଥା—

କେ କାହାକୁ ବଳ ପଟର କାହାଳ
ବଜାନ୍ତି ମହାମନୋହରେ । ର. କ.

ଯନ୍ତରେ କରିବା ପିକା । ଯଥା—

ତହିଁ ପରେ (ତଳର ଉପରେ) ମୟୂରବରହ କାହାଳ,
ରଖିଲେ ସହଦେବ ସୁନ୍ଦର ହେବ ଭଲ । କୃ.ଭା.ବ.ପ.

କାହାଳଆ, } ବି. ( ଦେଶଜ ) ଯେ କାହାଳ
କାହାଳୟା, } ବଜାଏ, ରାଜୋପଗୃହ
ନିବାହକ ନିଯୋଗିବିଶେଷ । ଯେପରି—
କାହାଳଆରତନ ।

କାହିଁ, ଅ°. (ଦେଶଜ) କେଉଁଠାରେ । ଯଥା—
କାହିଁ ଶୂଳାକୃତ ଭଲ୍ଲାକୃତ କାହିଁ ତୋରଣାକୃତ ।
ଉଷା ।
କେଉଁଠାରେ ଅଛି ବୋଲିବା ପ୍ରଶ୍ନ । ଯଥା—
ଏହି ଗୁରୁତର ବିଷୟ ନିଷ୍ପନ୍ନ କରିବାକୁ
ତାର ସାମର୍ଥ୍ୟ କାହିଁ ?

କାହିଁକି, ଅ°. ( ଦେଶଜ ) କି ହେତୁରୁ; କି
ନିମନ୍ତେ । ଯଥା—
ଘର ତ ତାହାର କରତ ନ ଆସଇ କାହିଁକି।ବି.ଚ.ମ.

କାହିଁଚ, } ଅ°. ( ଦେଶଜ ) କେଉଁଠାରେ
କାହିଁଛି, } ବୋଲିବା ପ୍ରଶ୍ନବାଚକ । ଯଥା—
କାହିଁଛି ଲକ୍ଷେ ଲକ୍ଷଣୀ ଯେ । କାହିଁ ଅଛି,
କେଉଁଠାରେ ଅଛି ।

କାହିଲ, ବି°. ( ଯାବନିକ ) ଦୁର୍ବଳ, କ୍ଷୀଣ,
କୃଶ ।

କାହୁଁ, ଅ°. (ଦେଶଜ, ପ୍ରଶ୍ନବାଚକ) କେଉଁ-
ଠାରୁ । ଯଥା—ସେ କାହୁଁ ଆସିଲେ ?
କିପରି, କେମନ୍ତେ । ଯଥା—
ସମାନେ କାହୁଁ ଭଆଇବା ବର,
ଏମାନେ ସଚବଚଣ୍ଡ ଅଧୀର । କୋ. ବ୍ର. ସ୍ତୁ.

କାହୁଁଅଇଲା, ବି°. (ଦେଶଜ) ଅଜ୍ଞାତକୁଳଶୀଳ
(ବ୍ୟକ୍ତି) । ଯଥା—କାହୁଁଅଇଲା ଲୋକକୁ
ନିଜ ଗୃହରେ ବାସ ଦେବା ଭଲ ନୁହେ ।

କାହୁରୀ, ବି. (ଦେଶଜ) ନିବାସବିଶେଷ, ଏକ-
ପ୍ରକାର ଗୃହ । ଯଥା—
କଦ୍ଧିବିକଦ୍ଧିମାର୍ଗେ କରିବୁ ମଣ୍ଡଖଣ୍ଡ,
କରୁଆ କାହୁରୀ ମେଲ ଗୁରୁକ ଯେ କାଢ଼ି।ନୃ.ପୁ.ଚ.ତ.

କାହ୍ନୁ, } ବି. ( କୃଷ୍ଣ ଶବ୍ଦଜ ) ଶ୍ରୀକୃଷ୍ଣ ।
କାନୁ, } ଯଥା—
ସେ କାହ୍ନୁ, କାମିମାନଙ୍କର କାମଧେନୁ । ର. କ.
କାନୁ ଗଉଡ଼ ।

କି, ସର୍ବ°. ଅ°. (କିମ୍ ଶବ୍ଦରୁ ଜାତ) ଆଶ୍ଚର୍ଯ୍ୟ
ବା ବିସ୍ମୟାର୍ଥ । ଯଥା—କି ହେଲା ଯେ !
ଜିଜ୍ଞାସାବୋଧକ । ଯଥା—ତୁମେ ଯିବ କି ?
ପ୍ରଶ୍ନ । ଯଥା—ସେ କି କହିଲା ? ବିତର୍କ ।
ଯଥା—ଏପରି ହେବ କି ସତେ । କୁତ୍ସା ।
ଯଥା—କି କଥାଗୁଡ଼ାଏ କହୁଅଛ ।

କିଆଁ, ଅ°. (ଦେଶଜ-କିମ୍ ଶବ୍ଦଜ) କାହିଁକି ।
ଯଥା—
କିଆଁ ଏଡେ ମଠ ବାବୁ ଆଣ ଜଳ ବେଗେ । ବି. ବି.

କିଆ, } ବି. (କେତକ ଶବ୍ଦଜ) ପୁଷ୍ପବିଶେଷ,
କିୟା, } କେତକ ପୁଷ୍ପ । ଯଥା—
ଚମ୍ପା ବଉଳ ମଲ୍ଲୀ ମାଲତୀ କନିଅର,
କେତକୀ କିଆ କୁନ୍ଦ ତଗର ନାଗେଶ୍ୱର ।ନୃ.ପୁ.ଚ୍ଚ.ତ.

କିଆଖଇର,ବି. (ଦେଶଜ, କେତକ-ଖଦିର-ଏ
ଉଭୟ ଶବ୍ଦରୁ ଜାତ) କିଆ ପତ୍ର ମଧ୍ୟରେ
ପୂରାଇ ଯେଉଁ ଖଇରକୁ ସୁବାସିତ କରା
ଯାଇଥାଏ ।

କିଆପତ୍ର, } ବି. (କେତକ ପତ୍ରଜ ବା କେତକ
କିଆପତ୍ରି, } ପତ୍ରୀଜ) ମସ୍ତକର ଅଳଂକାର-
କିଆପତ୍ରୀ, } ବିଶେଷ । ଯଥା—
ଲୋଟଣୀ କରି ବେକତଳକୁ ବାନ୍ଧି ଜୁଡ଼ା,
କରିଥିବ ତହିଁରେ କିଆପତ୍ର ବେଢ଼ା । କୃ.ଖ୍ରୀ.ବି.ପ.
ଯୋଗିଜନମନମୃଗବନ୍ଧନେ
କି କଲେ କିଆପତ୍ରୀ ବାନ୍ଧି ଯେ । ଲା. ବି.
କର୍ଣ୍ଣର ଅଳଙ୍କାରବିଶେଷ ।

କିଆରି, } ବି. ସ୍ତ୍ରୀ. (କେଦାର ଶବ୍ଦଜ) କ୍ଷେତ୍ର
କିଆରୀ, } ବା ବିଲ । ଯଥା—
ବହୁ ଯାଉଅଛି ବାରି ଭେଦି କିଆରି,
ମର୍ଯ୍ୟାଦା ଲଙ୍ଘଇ ଯଥା ସ୍ୱତନ୍ତ୍ର ନାରୀ । ରୁ. ସୁ

କିଏ, } ସର୍ବ°. ( କିମ୍ ଶବ୍ଦଜ ) କେହି ।
କିଏସେ, } ଯଥା— କିଏ ଡାକୁଅଛି ବା
କିଏସେ ଡାକୁଅଛି ।

କିଂଶାରୁ, ବି. (କମ୍-ଶୃ = ବଧ କରିବା-ଉ—
ସଞ୍ଜ୍ଞାର୍ଥେ) ଶସ୍ୟଶୂକ । (କିଂଶାରୁର୍ଧାନ୍ୟଶୂକଂ
ସ୍ୟାତ୍—ଅମର ।) ବାଣ; କଙ୍କପକ୍ଷୀ ।

କିଂଶୁକ, ବି. (କିଂ = ବିତର୍କ-ଶୁକ = ପକ୍ଷି-ବିଶେଷ—ଶୁକତୁଣ୍ଡ ତୁଲ୍ୟ ପୁଷ୍ପ ବିଦ୍ଧଥିବାରୁ ଏହାର ପୁଷ୍ପ ଶୁକପକ୍ଷୀ କି ! ଏହି ବିତର୍କ ହୁଏ ବୋଲି ଏହାର ନାମ କିଂଶୁକ) ପଳାଶ ବୃକ୍ଷ ଏବଂ ତାହାର ପୁଷ୍ପ । (ପଳାଶେ କିଂଶୁକଃ ପର୍ଣ୍ଣଃ—ଅମର ।)

କିଂସ୍ୱିତ୍, ଅଂ. ( କିଂ-ସ୍ୱିତ୍ ) ପ୍ରଶ୍ନ, ବିତର୍କ, ବିକଳ୍ପ ।

କିଙ୍କର, ବି. (କି = କିଞ୍ଚିତ୍-କୃ-ଅ) ଦାସ, ଭୃତ୍ୟ, ସେବକ । ଯଥା —

ଚନ୍ଦ୍ରାଙ୍ଗ ଶାର୍ଦ୍ଦୂଳ ସଦା ଯାର ଆଜ୍ଞାକାରୀ କିଙ୍କର ।
ଉଷା ।

ବିଶ୍ୱାମିତ୍ରଙ୍କ ଅନୁଗତ ରାକ୍ଷସବିଶେଷ । (ସ୍ତ୍ରୀ-ଈ) ଦାସୀ । ଯଥା—

ହେବି କିଙ୍କରୀ ତାଙ୍କ କି କରି ଯତନ ଗୋ ।
ବି. ଚି. ମ.

କିଂକର୍ତ୍ତବ୍ୟ, ବିଂ. (କିମ୍-କର୍ତ୍ତବ୍ୟ = କରିବା ଉଚିତ) କଣ କରିବାକୁ ହେବ ବା କରିବା ଉଚିତ କିମ୍ବା ଆବଶ୍ୟକ । ଯଥା—ଏପରି ଅବସ୍ଥାରେ କିଂକର୍ତ୍ତବ୍ୟ ବିଚାର ସର୍ବଥା ପ୍ରୟୋଜନୀୟ ।

କିଂକର୍ତ୍ତବ୍ୟବିମୂଢ଼, ବିଂ. (କିଂକର୍ତ୍ତବ୍ୟ-ବିମୂଢ଼) କର୍ତ୍ତବ୍ୟ ନିର୍ଣ୍ଣୟରେ ଅସମର୍ଥ । ଯଥା—ତାହାଙ୍କର ଏପରି ଅପୂର୍ବ କଥା ଶୁଣି ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲି ।

କିଙ୍କିଣି, କିଙ୍କିଣୀ, } ବି. ସ୍ତ୍ରୀ. (କିଂ = ଅନୁକରଣ ଶବ୍ଦ-କଣ୍ = ଶବ୍ଦ କରିବା-ଅ-ସ୍ତ୍ରୀ-ଈ) କ୍ଷୁଦ୍ର ଘଣ୍ଟିକା; କ୍ଷୁଦ୍ର ଘଣ୍ଟିକାଯୁକ୍ତ କଟି-ଭୂଷଣ, କଟିଭୂଷଣବିଶେଷ । (କିଙ୍କିଣୀ କ୍ଷୁଦ୍ରଘଣ୍ଟିକା—ଅମର ।) ବିକଙ୍କତ ବୃକ୍ଷ; ଦ୍ରାକ୍ଷାଫଳ ।

କିଙ୍କୁଂ, ବିଂ (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଯେ ଚଳିହୁଏ, ଯେ ରାଗିଉଠେ । ଯଥା—ସେ ବଡ଼ କିଙ୍କୁଂ ମନୁଷ୍ୟ ।

କିଞ୍ଚି, ବିଂ. (କିଞ୍ଚିତ୍ ଶବ୍ଦଜ) ଅଳ୍ପ । ଯଥା—

ଆଜ୍ଞା କେ ବୋଇଲି ତୁ ନ ଜାଣୁ ବିପେ କିଞ୍ଚି ।
ବି. ଚି. ମ.

କିଞ୍ଚକ, ବି. (କୀଚକ ଶବ୍ଦଜ) ବିରାଟ ନୃପତିଙ୍କ ଶାଳକ, ଏହାକୁ ଭୀମ ବିରାଟ ରାଜ୍ୟରେ ଦ୍ରୌପଦୀଙ୍କ ହେତୁରୁ ନିହତ କରିଥିଲେ । ଯଥା—

ସେଠା ଦୁଃଖ କିସ ହେ କହିବି ନାରାୟଣ,
ଦ୍ରୌପଦୀ ରୂପ ଦେଖି କିଞ୍ଚକ ମଲ୍ଲ ପୁଣ । ନୃ.ପୁ.ସ.ତ.

କିଞ୍ଚନ, କିଞ୍ଚିତ, } ଅଂ.(କିଂ-ଚନ, ଚିତ୍-ଅସାକଲ୍ୟାର୍ଥେ) କିଛିମାତ୍ର । ଯେପରି—ଅକିଞ୍ଚନ ଲୋକ; ଅକିଞ୍ଚିତ୍କର ।

କିଞ୍ଚିଳିକ, କିଞ୍ଚୁଳୁକ, କିଞ୍ଚିଲୂକ, କିଞ୍ଚୁଳିକ, } ବି. (କିଂ = କିଞ୍ଚିତ୍-ଚଲ୍ = ଗମନ କରିବା-ଇକ, ଉକ, ଊକ—ନିପାତନ, ଯେ କିଞ୍ଚିତ୍ କିଞ୍ଚିତ୍ ଚଳେ) ମହୀଲତା, କେଞ୍ଚୁଆ । (ଗଣ୍ଡୂପଦଃ କିଞ୍ଚୁଳକଃ— ଅମର ।)

କିଞ୍ଜଳ, କିଞ୍ଜଳ୍କ, } ବି.(କି = କିଞ୍ଚିତ୍-ଜଳ୍ = ଆଚ୍ଛାଦନ କରିବା-ଅ, କ) କେଶର । ଫୁଲର ପାଖୁଡ଼ା; ପଦ୍ମର ମଧ୍ୟସ୍ଥ ସୂକ୍ଷ୍ମ କ୍ଷୁଦ୍ର କ୍ଷୁଦ୍ର ଅଂଶ । (କିଞ୍ଜଳ୍କଃ କେଶରୋଽସ୍ତ୍ରିୟାଂ—ଅମର ।) ନାଗକେଶର ପୁଷ୍ପ ।

କିଟ୍‌କିଟା, ବିଂ. ( ମଳନାର୍ଥ କିଟ୍ଟ ଶବ୍ଦଜ ) ମଳିନ, ଅତିଶୟ ମଇଳାଯୁକ୍ତ ।

କିଟି, ବି. (କିଟ୍ = ଗମନ କରିବା-ଇ) ଶୂକର । (କୋଲଃ ପୋତ୍ରୀ କିରିଃ କିଟିଃ—ଅମର ।)

କିଟିକାଠୀ, ବି. ( ଦେଶଜ ) ଛୋଟ ଦଉଡ଼ି ଓ ବାଉଁଶ ଖଣ୍ଡ ସାହାଯ୍ୟରେ ଦୁଇଗୋଟି ପଦାର୍ଥକୁ ଭିଡ଼ିବାର ପ୍ରଣାଳୀ ।

କିଟିକିଟି, ବି. (ଦେଶଜ) ଅବ୍ୟକ୍ତ ଶବ୍ଦବିଶେଷ । ଯଥା—

ସପ୍ତସିନ୍ଧୁ ଆଦି ମେରୁ ପରବତଯାଏ,
କିଟିକିଟି ନାଦ କରି କମ୍ପେ ସବୁଠାଏ । ନୃ.ପୁ.ପ୍ର.ତ.

କିଟ୍ଟ, ବି.(କିଟ୍ = ଶରୀର ପ୍ରଭୃତିରୁ ନିର୍ଗତ ହେବା -ତ) ଧାତୁମଳ; ତୈଳାଦିର କାଣ୍ଟି ।

କିଡିମିଡ଼ି, କିଡ଼ିମିଡ଼ି, } ବି. ( ଦେଶଜ ) ଦନ୍ତ ଘର୍ଷଣର ଅନୁକରଣ ଶବ୍ଦ; ଅବ୍ୟକ୍ତ ଧ୍ୱନି ।

କଣ, ବି. ( କଣ୍‌=ପାଇବା-ଅ ) ଘର୍ଷଣଚିହ୍ନ; ଶୁଷ୍କ ବ୍ରଣ, ବଣ୍ଡି ; ଧନୁର ଜ୍ୟାଘାତ ଚିହ୍ନ; ଶସ୍ତ୍ରକ୍ଷତ ଚିହ୍ନ; କୀଟବିଶେଷ ।

କଣା, ବି. (କ୍ରୀଣ୍ ଧାତୁଜ) କିଣିବା । ଯଥା—

ବିପଣି ବସିଛି କାଠଯୋଡ଼ି ବନ୍ଧେ,
ବିକା କଣା ଲଗିଅଛି ନାନା ଛନ୍ଦେ । ନ. କେ.

ବିଂ. କିଣିଥିବା, କ୍ରୀତ । ଯଥା—

ବୋଇଲେ ମୁଁ ତୁମ୍ଭ କଣା କିଙ୍କର । ବି.ଚ.ମ.

କଣିକଣି, ଅଂ. ( ଦେଶଜ ) କିଙ୍କିଣି ପ୍ରଭୃତିର ଅନୁକରଣ ଧ୍ୱନି । ଯଥା—

କଟିକିଙ୍କିଣି କଣିକଣି ବାଜେ । ର. କ.

କଣିଖିଆ, ବି. (ଦେଶଜ) ଗୃହ ପ୍ରଭୃତି ନ କରି ସବୁଦିନେ ମୂଲ୍ୟ ଦେଇ କିଣି ଖାଇବା । ବିଂ ଯେ ଗୃହ ପ୍ରଭୃତି ତ୍ୟାଗ କରି ସବୁଦିନେ କିଣି ଖାଏ ।

କଣିବାର, କ୍ରି. (କ୍ରୀ ଧାତୁଜ) କ୍ରୟ କରିବାର; ବଶ କରିବାର, ଅଧୀନ କରିବାର । ଯଥା—

ଭଲ ସାଜେଣି ବାଜେଣି କଟିରେ କିଙ୍କିଣୀ ପୁଣି
କିଣି କିଣିନେବ ମାନସୁଁ ମାନଙ୍କୁ କଣିକଣି ହେଲାଷଣୀ ।
କୋ. ବ୍ର. ସୁ.

ସେ ତାଙ୍କୁ ସ୍ନେହରେ କିଣି ପକାଇଅଛନ୍ତି ।

କଣିଲା, } ବି. (ଦେଶଜ, କିଣ୍ ଧାତୁର ପଦ)
କଣିବା, } କିଣିଥିବା । ଯଥା—

ତେଣୁ କୃଷ୍ଣର ମୋ ଶରୀର,
କିଣିଲା ସେବକ ତୁ ତାର । ଭା. ଦ. ସ୍କ.

କତ, } ବି. (ଯାବନିକ) ଭୂମିର ଏକଖଣ୍ଡ;
କତା, } ଖଣ୍ଡ ।

କତବ, ବି. (କ=କିଂ, ତବ=ତୁମର—ତୁମର କିଣ କି, ଏହା ଯେ ବୋଲେ, ନିପାତନ) ଧୂର୍ତ୍ତ, ପ୍ରତାରକ । (କିତବୋ ଧୂର୍ତ୍ତଃ—ଅମର ।) ଦ୍ୟୂତକ୍ରୀଡ଼ାକାରୀ, ଜୁଆରିଆ । ( ଧୂର୍ତ୍ତୋଽକ୍ଷଦେବୀ କିତବଃ—ଅମର । ) ବିଦଗ୍ଧ; ମତ୍ତ । ବି. ଧୁସ୍ତୂର, ଦୁଦୁରାଗଛ ।

କତାପ, ବି. ( ଯାବନିକ କିତାବ୍ ଶବ୍ଦଜ ) ପୁସ୍ତକ ।

କନ୍‌ଖାପ, } ବି. ( ଯାବନିକ ) ଜରି
କିଂଖାପ, } ଲୁଗା ।

କନା, ଅଂ. (କିନ୍ନୁ ଶବ୍ଦଜ) ଅନୁମତି ଅର୍ଥ । ଯଥା—

କେବଳ ଏହି ବେଶ ମୋ ସଖି
ଆଗେ ଦେଖାଅ କନା ।
କରେ ସେ ଧୀପ ଘେନି ଏରୂପ
କରନ୍ତୁ ବନ୍ଦାପନା । ର. କ.

ନିଶ୍ଚୟାର୍ଥ । ଯଥା—

ଭକତକୁ ସେବି ମୋତେ କରିବ ଭଜନା,
କେତେବେଳେ ସେ ପ୍ରାଣୀ ମୁକତ ହୁଏ କନା ।
ନା. ର. ଗୀ.

କନାର, ବି. (ଯାବନିକ) ତୀର, ତଟ; ବସ୍ତ୍ର ପ୍ରଭୃତିର ଧଡ଼ି; ପାର୍ଶ୍ୱ; ପାଖ ।

କନାରୀ, } ବିଂ. (ଦେଶଜ) ଯାହାର କନାର
କନାରି, } ଥାଏ ।

କନ୍ତୁ, ଅଂ. (କିଂ-ତୁ) ପରନ୍ତୁ, ପୁନଃ, ଅଥଚ, ପ୍ରଥମ କଥିତର ବୈପରୀତ୍ୟ ବା ସଙ୍କୋଚ-ବୋଧକ ଶବ୍ଦ; ପୂର୍ବ ବିଷୟରେ ଅସୁବିଧା, ଆପତ୍ତି, ଅସମ୍ମତି, ବୈପରୀତ୍ୟ ପ୍ରଭୃତି ବୋଧାର୍ଥ ଶବ୍ଦ । ଯଥା—ମୁଁ ତାଙ୍କ ସହିତ ସାକ୍ଷାତ୍ କରିଅଛି ସତ୍ୟ, କିନ୍ତୁ କାର୍ଯ୍ୟ ସଫଳ ହୋଇ ନାହିଁ ।

କନ୍ତୁ, } ବି. (ଦେଶଜ) ରୋଷ, ମନୋଦୁଃଖ ।
କେନ୍ତୁ, } ଯଥା—

ହୃଦରେ କନ୍ତୁ ବହି ବୋଇଲା ଏ ହିଁ ଗୋସ । ସା.ଭା.ଆ.

ଗର୍ବ, ଅଭିମାନ । ଯଥା—

ସର୍ବଭୂତେ ନାରାୟଣ ଏ ଧର୍ମର ହେତୁ,
ମୂଢ଼ ଏହା ନ ବୁଝିଣ ଧରେ ବାଦ କନ୍ତୁ । ନୃ.ପୁ.ପ୍ର.ତ.
ଏତେ ବୋଲିଣ ଇନ୍ଦ୍ର ରଖିଲା ମନେ କେନ୍ତୁ,
ଦ୍ୱାରଦେଶେ ପାଞ୍ଚ ଥାଇ ପବନକୁ ମୁଖୁ । ନୃ. ପୁ. ପ. ତ.

କନ୍ନର, ବି. (କିଂ=କୁତ୍ସିତ-ନର=ମନୁଷ୍ୟ, ଅଶ୍ୱର ପରି ମୁଖ, ନରର ପରି ଶରୀର ହେବାରୁ) କିଂପୁରୁଷ, ଦେବଲୋକର ଗାୟକ ।

କନ୍ନରେଶ, ବି. (କିନ୍ନର-ଈଶ) କୁବେର ।

କପର, ଅଂ. ( ଦେଶଜ ) କେମନ୍ତେ, କିପ୍ରକାରେ ।

କପରକା, ଅଂ. (ଦେଶଜ) କେଉଁପ୍ରକାରର ।

କଅାଁଇ, } ଅଂ. (ଦେଶଜ କମ୍ବା ପ୍ରାକୃତଜ )
କଅାଁ, } କ ହେତୁରୁ । ଯଥା—
କମ୍ପା, }

କଅାଁଇ ସାର୍ଥ ନୋହିବ ଏମନ୍ତ ବିଗ୍ରହ । କୋ.ବ୍ର.ସୁ.
କଅାଁ ଘନରସ ନ ବରଷେ ହେ ସୁନ୍ଦର । ବି. ଚି. ମ.

ମୋ ପରି ପ୍ରଭୁ ସେବା କରି,
ଆନ ଗୁରୁକୁ କମ୍ପା ଡ଼ରି । ଦା. ର.

କବା, } ଅଂ.(କଂ-ବା-ଏଥିରୁ ଜାତ)ସଂଶୟାର୍ଥ ।
କମ୍ବା, } ଯଥା—

କବା ଆନନ୍ଦ ଆହ୍ଲାଦ ମୂରତି,
ସେ ନାମରେ କେବଳ ଇଚ୍ଛେ ମୁଁ ରତି ।ବି.ଚି.ମ.
ମାଧିଆ କମ୍ବା ସାଧୁଆ ଏପରି କରିଥିବ ।

କବୋଲ, ଅଂ. (ଦେଶଜ) କିପରି । ଯଥା—
ମନ୍ତ୍ରୀକି ବୋଇଲା ଏହା ବୋଇଲୁ କବୋଲ,
ଦେହ ତ କମ୍ପିଲା ମୋର ଡାକୁକାକୁ ବୋଲ ।
ନୃ. ପୁ. ପ. ତ.

କମ୍, ଅଂ. ସଂ. କୁତ୍ସିତ; ପ୍ରଶ୍ନ; ନିନ୍ଦା; ନିଷେଧ; ବିତର୍କ; ସଂଶୟ; ପ୍ରୟୋଜନାଭାବ ।

କମତ, ବି. (ଯାବନିକ) ମୂର୍ଖ ।

କମର୍ଥମ୍, } ଅଂ. କାହିଁକି, କି ନିମନ୍ତେ, କି
କମର୍ଥ, } କାରଣରେ ।

କମର୍ଥେ, ଅଂ. ( କମର୍ଥଂ ଶବ୍ଦଜାତ ) କାହିଁକି, କି ନିମନ୍ତେ । ଯଥା—
ଛାଡ଼ ଛାଡ଼ ବୃହନ୍ନାରୀ ଆଜ ରୁହ ମୋତେ,
ମହାଭୟ ଲଗିଲାଣି ଧରିଛୁ କମର୍ଥେ । ସା.ଭା.ବି.ପ.

କମାକାର, ବିଂ. (କଂ-ଆକାର) କି ଆକାରର, କିରୂପ । (ଦେଶଜରୂପେ ବ୍ୟବହୃତ ହେଲେ) କୌଣସିପ୍ରକାର, କୌଣସିପ୍ରକାରରେ ।

କମିଆଁ ବି. (ଯାବନିକ) ମନ୍ତ୍ର । ଯଥା—
ସେ ଧନ ସଙ୍ଗାତ କହିଲେ ତା ହାଡ଼ ଖଣ୍ଡେ ତ ମିଳନ୍ତେ ଆମେ ବିକ୍ରିଇ ଦେବୁଁ, ଆମଠେଇଁ କମିଆଁ ଅଛି । ଉ. ସା. ୮. ୯.

କମିତି, } ଅଂ. (ଦେଶଜ) କେଉଁ ପ୍ରକାରେ,
କମିତିକା, } କେଉଁ ପ୍ରକାରର ।

କମ୍ପଚ, } ବିଂ. (କଂ=କଂଚିତ୍-ପଚ୍=ପାକ
କମ୍ପଚାନ, } କରିବା-ଅ, ଆନ, ଅଥବା କଂ = କଂଚିତ୍-ପଚ୍=ପାକ-ଅନ୍ = ଜୀବନ-ଧାରଣ କରିବା-ଅ-ଯେ କଂଚିତ୍ ପାକ କରି ବୋଲେ ଏବଂ କଂଚିତ୍‌ମାତ୍ର ପାକରେ ଜୀବନ ଧାରଣ କରେ)ବ୍ୟୟକୁଣ୍ଠ, କୃପଣ । (କଦର୍ଯ୍ୟେ କୃପଣକ୍ଷୁଦ୍ର, କମ୍ପଚାନମିତମ୍ପଚାଃ —ଅମର ।)

କମ୍ପୁରୁଷ, ବି. (କଂ=କୁତ୍ସିତ-ପୁରୁଷ)ଦେବଯୋନିବିଶେଷ, କିନ୍ନର; ହିମାଳୟ ଓ ହେମକୂଟ ପର୍ବତର ଅନ୍ତର୍ବର୍ତ୍ତୀ ଦେଶବିଶେଷ ।

କିମ୍ବଦନ୍ତ , } ବି. ( କିମ୍-କୌଣସି-ବଦ୍ =
କିମ୍ବଦନ୍ତୀ, } ବୋଲିବା-ଅନ୍ତ-ଈ ) ଜନଶ୍ରୁତି, ଜନରବ ।(କିମ୍ବଦନ୍ତୀ ଜନଶ୍ରୁତିଃ—ଅମର ।) ଲିପିବଦ୍ଧ ନ ହୋଇ ମୁଖପରମ୍ପରାରେ ବହୁକାଳ ଚାଲି ଆସିବା ।

କମ୍ଭିର, କମ୍ଭୀର, } ବି. ( କୁମ୍ଭୀର ଶବ୍ଦଜ )
କହ୍ମିର, କହ୍ମୀର, } ସ୍ୱନାମପ୍ରସିଦ୍ଧ ଜଳଜନ୍ତୁବିଶେଷ । ଯଥା—

ନୂଆ ବୋହୂଟି, ନଈକି ଗାଧୋଇ ଯିବୁ ନାହିଁଟି,
ଅଣ୍ଡିଆ କମ୍ଭୀର ଜଗି ବସିଛି, ଚାକୁକିନି ଗିଳିଦେବଟି ।
ଉ. ସା. ୮. ୧୧.

କିମ୍ଭୂତ, ବି. (କଂ-ଭୂତ=ଯାହା ହୋଇଅଛି) କୀଦୃଶ, କିପ୍ରକାର ।

କିୟତ୍, } ବି. ବିଂ.(କିମ୍-ଯତ୍-ପରିମାଣାର୍ଥେ-
କିୟାନ୍, } ନିପାତନ) କେତେ, କିପରିମାଣ; ଅଳ୍ପ ପରିମାଣ, କିଛି । (ସ୍ତ୍ରୀ-କିୟତୀ ।)

କର, ବି. (କ=ବିକ୍ଷେପ କରିବା-ଅ) ଶୂକର ।

କରଟି, ବିଂ. (କିରୀଟୀ ଶବ୍ଦଜ ) ମୁକୁଟଧାରୀ । ବି. ଅର୍ଜୁନ, ପାଣ୍ଡବ । ଯଥା—

ଆବର କଥାଏ ତୋତେ କହିବା କରଟି,
ଗୁରୁଦ୍ରୋହ କଲା ଶିଷ୍ୟ ଏମନ୍ତ ଭାବଟି । ନା. ର. ଗୀ.

କରଣ, ବି. (କ=ବିକ୍ଷେପ କରିବା-ଅନ)ଚନ୍ଦ୍ର ଓ ସୂର୍ଯ୍ୟଙ୍କ ତେଜ; ଅଂଶୁ; କେତେକ ଗ୍ରନ୍ଥର ପରିଚ୍ଛେଦ ବା ବର୍ଗ । ଯେପରି— ଅଭିନବଚିନ୍ତାମଣି ଗ୍ରନ୍ଥର ପ୍ରଥମ କିରଣ, ଦ୍ୱିତୀୟ କିରଣ ଇତ୍ୟାଦି ।

କରଣି, } ବି. (ପୋର୍ତ୍ତୁଗୀଜ ଶବ୍ଦ) ଗୁମାସ୍ତା,
କରନ, } ହିସାବ ଲେଖକ । ଯଥା—
**ହାକମ ଓକଲ ସବୁ ଅଟନ୍ତି ବିଦେଶୀ,**
**ଡାକଘରର କରଣିଟି ନୁହେ ମଧ୍ୟ ଦେଶୀ । ଉ. ଭ୍ର.**

କରଡ, ବି. (କର = ଅବ୍ୟକ୍ତଶବ୍ଦକାରକ-ଅଡ୍ଡ = ସତତ ଗମନ କରିବା-ଅ) ବିଚନର, ବନ୍ୟଜାତି; ଭୂନିମ୍ବ; ଅଶ୍ୱପାଳ, ସଇସ; ଦେଶବିଶେଷ ।

କରଭୁଣୀ, ବି. ସ୍ତ୍ରୀ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ସଉଡୁଣୀ । ଯଥା—
**ସେ ବୋଲେ ମୁଁ କରଭୁଣୀ ଅଟେ ବନଚର ।**
**ସା. ଭ୍. ଆ.**

କର, ବି. (କୃ = ବିକ୍ଷେପ କରିବା-ଇ) ଶୂକର, ବରାହ । (କୋଳଃ ପୋତ୍ରୀ କରଃ କିଟିଃ—ଅମର ।) (ଯେ ଜଳ କ୍ଷେପଣ କରେ) ମେଘ ।

କରଆ, ବି. (ଗଡ଼ଜାତ ଶବ୍ଦ) ଶପଥ ।

କରକର, ବି. (କଳକଳା ଶବ୍ଦଜ) ହର୍ଷସ୍ୱନ ।

କରକରେଇବାର, କ୍ରି. (ଦେଶଜ) ଆନନ୍ଦରେ ହସିବାର । ଯଥା—ସେ କରକରେଇ ହସିଉଠିଲେ ।

କରତନ, ବି. (କୀର୍ତ୍ତନ ଶବ୍ଦଜ) ଉଚ୍ଚରେ ଗାଇବା; ହରି ସଂକୀର୍ତ୍ତନ । ଯଥା—
**କଥାର ସୁରୁଖି ଶୁଣି ହରି କରତନ,**
**ମନରେ ଭାଳଇ ଏହୁ ଅଟେ ମହାଜନ ।**
**ନୃ. ପୁ. ତୃ. ତ.**

କରୀଟ, ବି.(କୃ = ବିକ୍ଷେପ କରିବା-ଈଟ)ଶିରୋ-ଭୂଷଣବିଶେଷ, ମୁକୁଟ ।

କରୀଟୀ,ବି.(କରୀଟ-ଇନ୍—ଅସ୍ତ୍ୟର୍ଥେ) ଅର୍ଜୁନ, ବିଷ୍ଣୁ । ବଂ. କରୀଟଧାରୀ ।

କରେ,ଅଂ.(ଦେଶଜ) ସମ୍ବୋଧନାର୍ଥ । ଯଥା—କରେ ଗୋପାଳ ।

କର୍ମୀର, ବି. (କୃ = ବିକ୍ଷେପ କରିବା-ମିରନ୍) ବକରାକ୍ଷସ ଭ୍ରାତା; ନାରଙ୍ଗବୃକ୍ଷ । ବଂ. ନାନାବର୍ଣ୍ଣବିଶିଷ୍ଟ, ବିଚିତ୍ର । (ଚିତ୍ରଂ କର୍ମୀର କଲ୍ମାଷ—ଅମର ।)

କଳ, ଅଂ. (କଳ୍ = ପ୍ରବେଶ କରିବା, ଆଦେଶ କରିବା-ଅ) ବାର୍ତ୍ତା, ସମ୍ଭାବନା, ନିଷ୍ଟୟ ଇତ୍ୟାଦି ।

କଳକଳ, } ବି. ସ୍ତ୍ରୀ. (କଳ = କ୍ରୀଡ଼ା—ଦ୍ୱିତ୍ୱ)
କଳକଳା, } ବାନରାଦିର ହାସ୍ୟ ଶବ୍ଦ, ହର୍ଷଧ୍ୱନି, ଅବ୍ୟକ୍ତ ଶବ୍ଦ ।

କଳକଳି, ବି. (କଳକଳ ଶବ୍ଦଜ) ହାସ୍ୟଧ୍ୱନି, ହର୍ଷଧ୍ୱନି, ଅବ୍ୟକ୍ତ ଶବ୍ଦ ।

କଳଣି , } ବି. ସ୍ତ୍ରୀ. (କୀଳକ ଶବ୍ଦଜ) ଯାହାଦ୍ୱାରା
କଲୁଣୀ, } କବାଟ ରୁଦ୍ଧ କରାଯାଏ, ହୁଡ଼ୁକା ।
କଳିଣି, } ଯଥା—
**ଈଶ୍ୱର ଆଜ୍ଞାରେ ଦୃଢ଼ କରଣ ବାନ୍ଧିଲେ,**
**ବାହାର କଳଣି ଦେଇ କବାଟ କଳିଲେ । ସା.ଭ୍.ଆ.**

କଳା, ବି.(କୀଳକ ଶବ୍ଦଜ)ସରୁ କାଠି ବା ଖୁଣ୍ଟି ।

କଲ୍, } ବି. (ଯାବନିକ) ଗଡ଼ ।
କଲ୍ଲା, }

କଲ୍ଜାତ, ବି. (ଯାବନିକ) ଗଡ଼ଜାତ ମହାଲ ।

କଳାଟ, ବି. (କଳ-ଅଟ୍ = ଗମନ କରିବା-ଅ) ନିଷ୍ଟ ଦୁଗ୍ଧ ପାକ କଲେ ଯେଉଁ ପିଣ୍ଡାକୃତି ପଦାର୍ଥ ହୁଏ, କ୍ଷୀରବିକୃତି ।

କଳକଳା, } ବି.ସ୍ତ୍ରୀ. (କଳକଳ ଶବ୍ଦଜ) ହର୍ଷ-
କଲ୍କଲା, } ଜନିତ ଶବ୍ଦବିଶେଷ । ଯଥା—
**ବ୍ରହ୍ମାଣ୍ଡ ପୂରିତ ହେଲା କଳକଳା ଘୋଷ । ବୈ. ବି.**
**ବାଜିଲ ଢୋଲ୍ ଟମକ ଭେରୀ**
**ଶଙ୍ଖ ଅସଂଖ୍ୟ ଶୃଙ୍ଗ ମହୁରୀ,**
**ବ୍ୟାଧମାନଙ୍କ କଲ୍କଲା ହୁରି**
**କମ୍ପିଲା ମହୀ ଯେ । ସୁ. ପ.**

କଳକଳ, ବି. (କଳକଳ ଶବ୍ଦଜ) ଅନୁକରଣ ଶବ୍ଦବିଶେଷ । ଯଥା—
**କଳକଳ କୋଳାହଳ ବାଜଇ ଭୁଣ୍ଡଲୀ,**
**ଝାଇଁ ଝାଇଁ ଝୁଁଝୁଁ ଶବ୍ଦେ ବାଜେ କରତାଳି ।**
**ନୃ. ପୁ. ଦ୍ୱି. ତ.**

କଳବାର, କ୍ରି. (କୀଳନ ଶବ୍ଦଜ) ରୁଦ୍ଧ କରିବାର । ଯଥା—
**ଏତେ କହି କବାଟ ଓଟାରି ଆଣି କଲା । ଲ. ବି.**
ଦେହକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବାର; ଆବିଷ୍ଟ ଭୂତପ୍ରେତାଦିଙ୍କୁ ବନ୍ଧନ କରିବାର ।

କଲେ, ଅଂ. (ଦେଶଜ) ନୀଚ ସ୍ତ୍ରୀସମ୍ବୋଧନ । ଯଥା—

କାନ୍ତକୁ ସ୍ମର କଲେ ହେଉ ବକଲ । ମେ. ଦୂ.

କଲ୍ବିଷ, ବି. (କଲ୍ = କ୍ରୀଡ଼ା କରିବା-ବିଷ) ପାପ; ରୋଗ; ଦୋଷ, ଅପରାଧ ।

କିଶଳ, କିସଳ, କିଶଳୟ, କିସଳୟ, } ବି. (କି = କିଂଚିତ୍-ଶଳ୍ = ଗମନ କରିବା -ଅ, ଅୟ) ନବ ପଲ୍ଲବ, ନୂତନ ପତ୍ର । (ପଲ୍ଲବୋଽସ୍ତ୍ରୀ କିଶଳୟଂ—ଅମର ।)

କିଶୋର, ବିଂ. (କିମ୍ = କି = କୁତ୍ସିତରୂପେ-ଶୃ = ଗମନ କରିବା-ଓର) ଅପ୍ରାପ୍ତବୟସ୍କ, ଏଗାର ବର୍ଷ ଅବଧି ପନ୍ଦର ବର୍ଷ ପର୍ଯ୍ୟନ୍ତ (ଆଷୋଡ଼ଶାଚ୍ଚ କୈଶୋରଂ) ବି. ସୂର୍ଯ୍ୟ; ଅଶ୍ୱଶିଶୁ ।

କିଷ୍କିନ୍ଧା, କିଷ୍କିନ୍ଧ୍ୟା, } ବି. ସ୍ତ୍ରୀ. ପ୍ର. ବାଲିରାଜଧାନୀ, ଅନେକେ ଅନୁମାନ କରନ୍ତି ଏହି ନଗରୀ ମହୀଶୂରରାଜ୍ୟର ଉତ୍ତରରେ ଥିଲା ।

କିଷ୍କୁ, ବି. ସ୍ତ୍ରୀ. (କୈ = ଶବ୍ଦ କରିବା-ଇଷ୍କୁ) ଦ୍ୱାଦଶ ଅଙ୍ଗୁଳ ପରିମାଣ; କହୁଣୀର ଅଧଃପ୍ରଦେଶଠାରୁ ମଣିବନ୍ଧ ପର୍ଯ୍ୟନ୍ତ ଏକ ହସ୍ତ । ବିଂ. କୁତ୍ସିତ ।

କିସ, ଅଂ. (କିମ୍ ଶବ୍ଦଜ—ପ୍ରାକୃତ) କଣ । ଯଥା—

ଲଭି ନାହିଁ ଯେ ବଲ୍ଲଭୀ ସୁରସ,
ମହାସମ୍ପତ୍ତି ଥାଇ ହେବ କିସ । ଲ. ବ.

କିସମ, ବି. (ଯାବନିକ) ପ୍ରକାର ।

କିସମତ୍, ବି. (ଯାବନିକ) ଅଦୃଷ୍ଟ; ଭାଗ ବା ପ୍ରାପ୍ୟ ଅଂଶ ।

କିସମତ୍ଦାର, ବି. (ଯାବନିକ) ଅଂଶୀ, ଭାଗୁଆଳ ।

କିସ୍ମିସ୍, ବି. (ଯାବନିକ) ଦ୍ରାକ୍ଷାଫଳ ।

କିସ୍ତି, ବି. (ଯାବନିକ) ନୌକା; ନିର୍ଦ୍ଧାର୍ଯ୍ୟ ସମୟ; ରାଜସରକାରରେ ଟଙ୍କା ପଇଠ କରିବାର ନିରୂପିତ କାଳ, ଲାଟବନ୍ଦୀ ।

କିସ୍ତିବନ୍ଦୀ, ବିଂ. (ଯାବନିକ) ନିର୍ଦ୍ଧାରିତ ।

କୀକଶ, କୀକସ, } ବି. (କିମ୍-କଶ୍ = ଶବ୍ଦ କରିବା-ଅ) ଅସ୍ଥି, ହାଡ଼ । (କୀକଶଂ କୁଲ୍ୟମସ୍ଥି ଚ—ଅମର ।) କାଠବିଶେଷ । ବିଂ. କର୍କଶ, କଠିନ ।

କୀକି, ବି. (କୀ = ଅନୁକରଣ ଶବ୍ଦ-କୈ = ଶବ୍ଦ କରିବା-ଇ) ଚାଷପକ୍ଷୀ ।

କୀଚକ, ବି. (ଚୀକ୍ = ଶବ୍ଦ କରିବା-ଅକ, ଚୀକ୍ = କୀଚ୍) ପବନ ଯୋଗରେ ଯେଉଁ ବାଉଁଶରୁ ଶବ୍ଦ ନିର୍ଗତ ହୁଏ । (ବେଣବଃ କୀଚକାସ୍ତେ ସ୍ୟୁର୍ଯେ ସ୍ୱନନ୍ତ୍ୟନିଲୋଦ୍ଧତାଃ—ଅମର ।) ବିରାଟ ରାଜାଙ୍କ ଶଳା; ରାକ୍ଷସବିଶେଷ ।

କୀଟ, ବି. (କୀଟ୍ = ବନ୍ଧନ କରିବା, ରଙ୍ଗ କରିବା-ଅ) କୃମି, ପୋକ । ବିଂ. କଠିନ ।

କୀଟାଣୁ, ବି. (କୀଟ-ଅଣୁ) ଚକ୍ଷୁର ଅଗୋଚର ଅତି କ୍ଷୁଦ୍ର କୀଟ ।

କୀଦୃକ୍, କୀଦୃଷ, କୀଦୃଶ, } ବିଂ. (କିମ୍-ଦୃଶ୍-କ୍ୱିପ୍, ସ,ଅ) କିପ୍ରକାର, କିପରି ।

କୀନାଶ, ବି. (କିଂ = କୁତ୍ସିତ-ନଶ୍-ଇ-ଅ) ଯମ; ବାନରବିଶେଷ । ବିଂ. କ୍ଷୁଦ୍ର; ନୀଚ; ମ୍ଳେଚ୍ଛ; ପଶୁଘାତକ; ଗୁପ୍ତହତ୍ୟାକାରୀ ।

କୀର, ବି. (କୀ = ଶବ୍ଦବିଶେଷ-ଈର୍ = ପ୍ରେରଣ କରିବା-ଅ) ଶୁକପକ୍ଷୀ; ମାଂସ ।

କୀର୍ଣ୍ଣ, ବିଂ. (କୃ = ବିକ୍ଷେପ କରିବା-ତ, ଋ = ଈର) ବିକ୍ଷିପ୍ତ; ବ୍ୟାପ୍ତ; ହିଂସିତ; ଆଚ୍ଛନ୍ନ; ନିହତ ।

କୀର୍ତ୍ତନ, ବି. (କୃତ୍ = ପ୍ରଶଂସା କରିବା-ଅନ) ବର୍ଣ୍ଣନ, କଥନ; ଯଶଃଖ୍ୟାପନ; ଗୁଣ-କଥନ; କୃଷ୍ଣଲୀଳା ଗାନ ।

କୀର୍ତ୍ତନିଆ, କିର୍ତ୍ତନିଆଁ, } ବିଂ. (କୀର୍ତ୍ତନ ଶବ୍ଦରୁ ଉତ୍ପନ୍ନ) ଯେ ହରିକୀର୍ତ୍ତନ କରେ, ଗାୟକ ।

କୀର୍ତ୍ତି, ବି. (କୃତ୍ = ପ୍ରଶଂସା କରିବା-ତି) ଯଶ, ସୁଖ୍ୟାତି; ପ୍ରସାଦ; ଦାନାଦିପ୍ରଭବ ମହତ୍ତ୍ୱ । (ଦାନାଦିପ୍ରଭବା କୀର୍ତ୍ତିଃ ଶୌର୍ଯ୍ୟାଦିପ୍ରଭବଂ ଯଶଃ ।) ବିସ୍ତାର; କର୍ଦ୍ଦମ । (କୀର୍ତ୍ତିଃ ପ୍ରସାଦଯଶସୋର୍ବିସ୍ତାରେ କର୍ଦ୍ଦମେଽପି ଚ— ହୈମ ।)

କୀର୍ତ୍ତିଶେଷ, ବି. (କୀର୍ତ୍ତି-ଶେଷ) ମରଣ, ମୃତ୍ୟୁ । ବିଂ. ମୃତ ।

କୀର୍ଯ୍ୟମାଣ, ବିଂ. (କୃ = ବିକ୍ଷେପ କରିବା-ଆନ, ଯ ଆଗମ, ଆନ = ମାନ) ଇତସ୍ତତଃ ବିକ୍ଷିପ୍ତ ।

କୀଳ, ବି. (କୀଲ୍ = ବନ୍ଧନ କରିବା-ଅ) ଶଙ୍କୁ; ଖୁଣ୍ଟି; ଖିଲ; ମୁଷ୍ଟ୍ୟାଘାତ; ଅଗ୍ନିଶିଖା ।

କୀଳକ, ବି. (କୀଳ-କ-ସ୍ୱାର୍ଥେ) ଖୁଣ୍ଟି; ଦୋହନାର୍ଥ ବନ୍ଧନ ସ୍ତମ୍ଭ; ତନ୍ତ୍ରୋକ୍ତ ଦେବତାବିଶେଷ; ମନ୍ତ୍ରବିଶେଷ; ବର୍ଷବିଶେଷ ।

କୀଳା, } ବି. (କୀଳକ ଶବ୍ଦଜ) ଖୁଣ୍ଟି; ଖିଲ ।
କିଳା, } ଯଥା—

ଜୀବମାନେ ଭ୍ରମିଣ ପଡ଼ିଲେ ଭେଳା ଭେଳା,
ଅଷ୍ଟଦିଗୁ ହୁଗୁଳ ପଡ଼ିଲେ ଅଷ୍ଟ କିଳା । ନୃ.ପୁ.ତୃ.ତ.

କୀଲାଲ, ବି. (କୀଳ = ଅଗ୍ନିଶିଖା-ଅଲ୍ = ନିବାରଣ କରିବା-ଅ) ଜଳ; ରକ୍ତ; ମଧୁ; ପଶୁ ।

କୀଶ, ବି. (କ = ବାୟୁ-ଇ-ଅପତ୍ୟାର୍ଥେ—କି = ହନୁମାନ-ଈଶ—ହନୁମାନ୍ ଯେଉଁମାନଙ୍କର ଅଧିପତି) ବାନର; ସୂର୍ଯ୍ୟ; ପକ୍ଷୀ । ବିଂ. ବିବସ୍ତ୍ର, ଉଲଙ୍ଗ ।

କୁ, ବି. (କୁ = ଶବ୍ଦ କରିବା-ଉ) ପୃଥିବୀ । ଅଂ. ପାପ; ଦୋଷ; ଅମଙ୍ଗଳ; ମନ୍ଦ, କୁତ୍ସିତ; ନିନ୍ଦା । ବିଂ. ନିନ୍ଦନୀୟ ।

କୁଅ, କୁଅଁ, ବି. (କୂପ ଶବ୍ଦଜ) କୂପ ।

କୁଆଁ, ବି. (ଦେଶଜ) ସଦ୍ୟୋଜାତ ଶିଶୁର କ୍ରନ୍ଦନଧ୍ୱନି । ଯଥା—

କୁଆଁ କୁଆଁ ବାଣୀ ଶୁଣି,
ଉଠିଲେ ରକ୍ଷକଶ୍ରେଣୀ । ର. କ.

କୁଆଁର, ବି. (ଦେଶଜ) ଗାଈଗୋଠ । (କୁମାର ଶବ୍ଦଜ) ପୁତ୍ର ।

କୁଆଁରପୁରିଆ, ବି. (ଦେଶଜ) ଏକପ୍ରକାର ହଳଦି ।

କୁଆଁରପୁନେଇ, } ବି. (କୁମାର = କାର୍ତ୍ତି-
କୁଆଁରପୌର୍ଣ୍ଣମୀ, } କେୟ, ପୌର୍ଣ୍ଣମୀ-ଏଥିରୁ ଉତ୍ପନ୍ନ) ଆଶ୍ୱିନ ପୂର୍ଣ୍ଣିମା ।

କୁଆଁରୀ, ବି. ସ୍ତ୍ରୀ. (କୁମାରୀ ଶବ୍ଦଜ) କୁମାରୀ, ପୁତ୍ରୀ; ଘିଅକୁଆଁରୀ ଗଛ ।

କୁଆ, ବି. (କାକ ଶବ୍ଦଜ) କାକ । (କୁତୂ ଶବ୍ଦଜ) ଚର୍ମନିର୍ମିତ ପାତ୍ରବିଶେଷ । ଚର୍ମନିର୍ମିତ ତୈଳପାତ୍ର ।

କୁଆକୁଣ୍ଠା, ବି. (ଦେଶଜ) ହଠହଠା ।

କୁଆକେନ୍ଦୁ, ବି. (କାକେନ୍ଦୁ ଶବ୍ଦଜ) ଧୂସର କେନ୍ଦୁ ।

କୁଆଡ଼େ, ଅଂ. (ଦେଶଜ) କେଉଁ ଦିଗରେ; କେଉଁ ଦିଗକୁ । ଯଥା—

ଯଦ୍ୟପି ନ ପାରିବ ଯାଇ,
କୁଆଡ଼େ ଯିବ ବଣା ହୋଇ । ମା. ମା.

କୁଆତରା, } ବି. (କାବ୍ୟତାରା ଶବ୍ଦଜ)
କୁଆତାରା, } ପ୍ରଭାତ ହେବା ପୂର୍ବରୁ ଯେଉଁ
କୁଆଁତରା, } ତାରା ଉଦୟ ହୁଏ । ଯଥା—

ଭେଦ କୁଆତରା ମଣ୍ଡିଲେ ଗଗନ । ନ. କେ.

କୁଆପଥର, ବି. (ଦେଶଜ) ବର୍ଷୋପଳ, ପ୍ରସ୍ତରଖଣ୍ଡାକୃତି ଘନୀଭୂତ ବରଫ ।

କୁଆବୁଆ, ବିଂ. (ଦେଶଜ) ଅସ୍ଥିର ବା ବ୍ୟସ୍ତବ୍ୟସ୍ତ । ଯଥା—

ପ୍ରୀତିଛୁଞ୍ଚା ଶାଣଦିଆ ରେ,
ଯାହା ସଙ୍ଗେ ଯେତେ ପୀରତି କରଇ
ତେତିକ କରଇ କୁଆବୁଆ ରେ । ଗୀତ ।

ଦୁଃଖିତ । ଯଥା—

ହୋମରେ ଘୃତ ପୋଡ଼ି ବୋଲେ ଯେ ସ୍ୱାହା ସ୍ୱାହା,
ସେ ମୋତେ କନ୍ଦାଇଲେ କରଣ କୁଆବୁଆ ।
ନୃ. ପୁ. ଚ. ତ.

କୁଆମଇତା, ବି. (କାକମାତା ଶବ୍ଦଜ) ବିମ୍ବଫଳ ଲତା ।

କୁଇ, ବି. (ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ) ଦହିହାଣ୍ଡି ।

କୁଇନ୍ତା, } ବି. ସ୍ତ୍ରୀ. ( କୁନ୍ତୀ ଶବ୍ଦଜ )
କୋଇନ୍ତା, } ପାଣ୍ଡବମାତା, କୁନ୍ତୀଦେବୀ ।
ଯଥା—

ଅଗସ୍ତି ବୋଇଲେ ଶୁଣ ଗୋ ଦେବି କୁଇନ୍ତେ,
ଦୁର୍ବାସାଙ୍କ ମହାମନ୍ତ୍ର ଅଛି ତବ ହସ୍ତେ । ସା. ଭା. ଆ.
କୋଇନ୍ତା ମାଦ୍ରୀ ତୋ ଦୁଇ ନାରୀଙ୍କି ହକାର,
ତୁ ଏବେ ଆପଣେ ଆଜ୍ଞା ଦେବୁନା ଉଆର । ସା.ଭା.ଆ.

କୁଇନ୍ଧ, ବି. ( କୁଇନ୍ଦ୍ରିୟ ଶବ୍ଦଜ ) କୁତ୍ସିତ ଇନ୍ଦ୍ରିୟ । ଯଥା—

କୁଯୋନୀକ କୁଇନ୍ଧ ଉଅନ୍ତି ଯେତେ ଲୋକ,
ତାହାଙ୍କର ବୀର୍ଯ୍ୟଟି ଲଭଇ କଷ୍ଟପାକ । ନୃ.ପୁ.ଉ. ତ.

କୁକାପ, ବିଂ. (ଦେଶଜ) କୁତ୍ସିତ ।

କୁକୁଡ଼ା, ବି. (କୁକ୍କୁଟ ଶବ୍ଦଜ) ମୁରଗୀ ।

କୁକୁଡ଼ାଜଟ, ବି. (ଦେଶଜ) ଧାନ୍ୟବିଶେଷ ।

କୁକୁନ୍ଦର, ବି. (କୁ = ନିତମ୍ବଭୂମି-ସ୍କନ୍ଦ୍ = ଗମନ କରିବା-ଅର) ନିତମ୍ବର ଉପରସ୍ଥ ଆବର୍ତ୍ତାକାର କୂପକଦ୍ୱୟ ।

କୁକୁର, ବି. (କୁକ୍କୁର ଶବ୍ଦଜ) କୁଶ୍ୱ ।

କୁକୁରଗୁଳିଆ, ବି (କୁକ୍କୁରଗୁଦ ଶବ୍ଦଜ) ଏକପ୍ରକାର ଗୁଳ୍ମ ।

କୁକୁରଫୁଲିଆ, ବି. (ଦେଶଜ) (ଏ ଶବ୍ଦଟି ଘା କିମ୍ବା ବ୍ରଣ ଶବ୍ଦ ପ୍ରତି କେବଳ ପ୍ରଯୋଜ୍ୟ) ଘା ଶୁଖିଯାଇ ଫେର ଜକେଇବା ।

କୁକ୍କୁଟ, ବି. (କୁ = ପୃଥିବୀ-କୁଟ୍ = ଛେଦନ କରିବା-ଅ-କ ଆଗମ)କୁକୁଡ଼ା; ତୃଣୋଲ୍କା; ସ୍ଫୁଲିଙ୍ଗ । (ସ୍ତ୍ରୀ-ଈ) ଅନୃତାଚରଣ; ମାଈ କୁକୁଡ଼ା ।

କୁକ୍କୁର, ବି. (କୁକ୍ = ଗ୍ରହଣ କରିବା-କୁର) କୁଶ୍ୱ ।

କୁକ୍ଷି, ବି. ସ୍ତ୍ରୀ. (କୁଷ୍ = ନିର୍ଗତ ହେବା-କ୍ସି) ଉଦର, ପେଟ; ଅଭ୍ୟନ୍ତର ସ୍ଥାନ; ଗୁହା ।

କୁକ୍ଷିମ୍ଭରି, ବି. (କୁକ୍ଷିଂ=ଉଦରକୁ-ଭୃ=ପୋଷଣ କରିବା-ଇ) ପେଟୁକ, ଯେ କେବଳ ଆତ୍ମୋଦର ପରିପୂରଣ କରେ । (କୁକ୍ଷିମ୍ଭରିଃ ସ୍ୱୋଦରପୂରକେ—ଅମର ।)

କୁଙ୍କୁଡ଼ିବାର, } କ୍ରି. (କୁଞ୍ଚନ ଶବ୍ଦଜ) ସଙ୍କୁଚିତ
କାଙ୍କୁଡ଼ିବାର, } ହେବାର ।

କୁଙ୍କୁମ, ବି. (କୁନ୍କ = ଗ୍ରହଣ କରିବା-ଉମ) କାଶ୍ମୀରଦେଶଜ ଗନ୍ଧଦ୍ରବ୍ୟବିଶେଷ ।

କୁଚ, } ବି. (କୁଚ୍ = ସଙ୍କୁଚିତ ହେବା-ଅ)
କୂଚ, } ଯୁବତୀସ୍ତନ ।

କୁଛା, ବି. (କୁତ୍ସା ଶବ୍ଦଜ) ନିନ୍ଦା, ଦୁର୍ନାମ ।

କୁଜ, ବି. (କୁ = ପୃଥ୍ୱୀ-ଜନ୍-ଅ) ମଙ୍ଗଳଗ୍ରହ; ନରକାସୁର; ବୃକ୍ଷ । (ସ୍ତ୍ରୀ-ଆ) ସୀତା; କାତ୍ୟାୟନୀ ଦେବୀ । (କୁବ୍ଜ ଶବ୍ଦର ଅପଭ୍ରଂଶ) ପୃଷ୍ଠର ବକ୍ରତା; ବକ୍ରତା । ଯଥା—

କୁବୁଜା କୁଜ ହରି କୁବଳୟ ସଂହାରି
ମାହୁନ୍ତ ମାଲକୁ ମାରିବେ । ର. କ.

ବିଂ. କୁବ୍ଜ । ଯଥା—

ତେଣୁ କ୍ରୋଧେ କରିଣ ସମର,
କୁଜ କଲେ କନ୍ୟାଙ୍କ ଶରୀର । ବି. ଗୀ.

କୁଜା, ବି. ( କୁ = ପୃଥ୍ୱୀ-ଜନ୍-ଅ-ସ୍ତ୍ରୀ-ଆ ) ସୀତା । (କୁବ୍ଜ ଶବ୍ଦଜ) ବିଂ. ବକ୍ର; ଯାହାର ପୃଷ୍ଠ କୁବ୍ଜ ହୋଇଥାଏ ।

କୁଜସାରୁ, ବି. (ଦେଶଜ କିମ୍ବା କୁବ୍ଜସାରୁକ ଶବ୍ଦଜ) ଏକପ୍ରକାର ଗ୍ଲୋଠ ଗ୍ଲୋଠ ସାରୁ ।

କୁଜହଂସ, } ବି. (କୁବ୍ଜ-ହଂସ ଶବ୍ଦଜ)
କୁଜରାଜହଂସ, } ହଂସବିଶେଷ । ଯଥା—

କୁଜରାଜହଂସେ ଧାଉଁଥିଲେ ପଛେ ପଛେ ଗହନେ । ଉଷା ।

କୁଜୀ, } ବି. ସ୍ତ୍ରୀ. (କୁବ୍ଜା ଶବ୍ଦଜ) ବକ୍ର-
କୁଜି, } ଦେହା ସ୍ତ୍ରୀ । ବିଂ. କ୍ଷୁଦ୍ର ।

କୁଜ୍‌ଝଟି, } ବିଂ. ସ୍ତ୍ରୀ. (କ = ଜଳ-ଉତ୍ =
କୁଜ୍‌ଝଟୀ, } ଊର୍ଦ୍ଧ୍ୱ-ଝଟ୍ = ମିଳିତ ହେବା
କୁଜ୍‌ଝଟିକା, } -ଇ, ସ୍ତ୍ରୀ-ଈ, କ-ସ୍ୱାର୍ଥେ, ସ୍ତ୍ରୀ-ଆ) କୁହୁଡ଼ି ।

କୁଞ୍ଚ, } ବି. ( କୁଞ୍ଚନ ଶବ୍ଦଜ ) ପରିଧାନ
କୁଞ୍ଚା, } ବସ୍ତ୍ରର କୁଞ୍ଚିତ ଫେର । ଯଥା—

ପିନ୍ଧାଇ ଅଛି ବାସ କୁଞ୍ଚା ଦେଇ । ଲ. ବ.

ବିଂ. କୁଞ୍ଚାଯୁକ୍ତ । ଯଥା—

ବସ୍ତ୍ର କୁଞ୍ଚା ଚଳିଲ ଗମନରେ ସେ ମଣ୍ଡନ । ବୈ.ବି.

କୁଞ୍ଚନ, ବି. (କୁଞ୍ଚ୍ = ବକ୍ର ଗମନ କରିବା, ସଙ୍କୁଚିତ ହେବା-ଅନ) ସଙ୍କୋଚ କରିବା; ବକ୍ରକରଣ; ଅନାଦର; ନେତ୍ରରୋଗ-ବିଶେଷ ।

କୁଞ୍ଚଲଗି,ବି.(ଦେଶଜ) ଲୁଗା ପିନ୍ଧିବା । ଯଥା—
ରୁଚକକୁମ୍ଭର କୁଞ୍ଚଲଗି ରୁଚ ଲୁଚ ଦେଖୁଥିଲ ଘନେ । ସ. ସ.

କୁଞ୍ଚକୁଞ୍ଚିଆ, } ବିଂ. (ଦେଶଜ) କୁଞ୍ଚିତ, କୁଟିଳ ।
କୁଞ୍ଚୁକୁଞ୍ଚୁଆ, } ଯେପରି—କୁଞ୍ଚୁକୁଞ୍ଚୁଆ ବାଳ ।

କୁଞ୍ଚା, ବି. (ଅଷ୍ଟମୁଷ୍ଟି ପରିମାଣବାଚକ କୁଞ୍ଚୀ ଶବ୍ଦଜ) ସାନ ମୃତ୍ତିକାପାତ୍ର । ଯଥା—
ଏଥୁଅନନ୍ତରେ ମାନଗୋବିନ୍ଦ ନୃପତି,
କୁଞ୍ଚାଏ ଅନ୍ନ ପୁଣି ଯେପିଲାକ ତଉତି । ନୃ. ପୁ. ସ.ଉ.

କୁଞ୍ଚାଇବାର, କ୍ରି. ( କୁଞ୍ଚ୍ ଧାତୁଜ ) କୁଞ୍ଚିତ କରିବାର । ଯଥା—
କୁଞ୍ଚାଇ ତରଙ୍ଗମାଳେ ତଟିନୀର ବେଣୀ । ମ. ଯା.

କୁଞ୍ଚି, } ବି. ସ୍ତ୍ରୀ. (କୁଞ୍ଚ୍ = ସଙ୍କୁଚିତ ହେବା-
କୁଞ୍ଚୀ, } ଇ, ଈ) ଅଷ୍ଟମୁଷ୍ଟି ପରିମାଣ । (ଅଷ୍ଟମୁଷ୍ଟିର୍ଭବେତ୍ତୁ କୁଞ୍ଚିଃ) (କୁଞ୍ଚିତ ଶବ୍ଦଜ) ବିଂ. କୁଞ୍ଚିତ । ଯଥା—
କରେ ଶେଯାଇ ଶୋକକୁ ଚକ୍ଷୁରେ,
କୁଞ୍ଚି ପ୍ରଚ୍ଛଦ ପଟ ତହିଁ ଉପରେ । ର. ପ.
(କୁଞ୍ଚିକା ଶବ୍ଦଜ) କୋଲପ, ଚାବି ।

କୁଞ୍ଚିକା, ବି. ସ୍ତ୍ରୀ. (କୁଞ୍ଚ୍ = ବକ୍ର ଗମନ କରିବା-ଅକ-ସ୍ତ୍ରୀ-ଆ, ଅକ = ଇକ ) କାଳିଚ; କୋଲପ; ଚାବି ।

କୁଞ୍ଚିକାଠି, ବି. (ଦେଶଜରୂପେ ବ୍ୟବହୃତ) କୋଲପକାଠି ।

କୁଞ୍ଚିତ, ବିଂ. (କୁଞ୍ଚ୍ = ସଙ୍କୁଚିତ ହେବା-ତ) ବକ୍ରୀକୃତ; ସଙ୍କୁଚିତ; ଅନାଦୃତ; କୁଟିଳ ।

କୁଞ୍ଚିବାର, କ୍ରି. (କୁଞ୍ଚ୍ ଧାତୁଜ) ବସ୍ତ୍ରକୁ ସୁସଜ୍ଜ କରିବାର ।

କୁଞ୍ଜ, ବି. (କୁଜ୍ = ଅବ୍ୟକ୍ତ ଶବ୍ଦ କରିବା-ଅ, ଞ ଆଗମ)ଲତାଗୃହ; ଦନ୍ତଦନ୍ତ; ଦନ୍ତହନୁ ।

କୁଞ୍ଜର, ବି. (କୁଞ୍ଜ = ପ୍ରଶସ୍ତ ଦନ୍ତ କମ୍ବା ଶୁଣ୍ଡ-ର-ଅସ୍ତ୍ୟର୍ଥେ) ହସ୍ତୀ; କେଶ; ଦେଶ-ବିଶେଷ । (ଅନ୍ୟ କୌଣସି ଶବ୍ଦର ପରେ ପ୍ରୟୋଗ କଲେ) ଶ୍ରେଷ୍ଠ । ଯେପରି ବୀର-କୁଞ୍ଜର ।

କୁଞ୍ଜଳ, ବି. (କୁ = କୁତ୍ସିତ-ଜଳ, ଞ ଆଗମ) କାଞ୍ଜୀ । (କୁଞ୍ଜଳାନ ଚ କାଞ୍ଜିକେ—ଅମର)

କୁଟ, ବି. (କୁଟ୍ = ବକ୍ର ଗମନ କରିବା-ଅ) ବୃକ୍ଷ; ଘଟ, କଳସୀ । (ସ୍ତ୍ରୀ-ଈ) କୁଡ଼ିଆ; ବାସ ।

କୁଟଜ,ବି.(କୁଟ=ଶୃଙ୍ଗ-ଜନ୍-ଅ) ଗିରିମଲ୍ଲିକା; କୁଡ଼େଇ ଗଛ ।

କୁଟଣୀ, } ବି. (କୁଟ୍ଟନ ଶବ୍ଦଜ) ଭଡ଼ୁଆ ବା
କୁଟୁଣୀ, } ବେଶ୍ୟାପଣ୍ଡି; କୁଟିବା ।

କୁଟା, ବି. (ଦେଶଜ) ଶୁଖିଲା ନଡ଼ା । ଯଥା—
ଜାଳିବାକୁ କାଠ କୁଟା ତ ନାହିଁ,
ଅଳସୀ ଅଗରେ କହିଲା ଯାଇ । ହା. ତ.
(କୁଟ୍ଟନ ଶବ୍ଦଜ) କୁଟିବା । ଯେପରି—ଧାନକୁଟା । ବିଂ. କୁଟିଥିବା । ଯଥା—
ହଳଦି ସୋରିଷ ଯେ ଅଦା,
କୁଟା ଚେଲୁଲି ମୁଦା ମୁଦା । ଦା. ର.

କୁଟାଇବାର, କ୍ରି. (କୁଟ୍ଟ ଧାତୁଜ) ସ୍ତ୍ରୀମାନେ ସୂଚୀ କଣ୍ଟା ପ୍ରଭୃତିଦ୍ୱାରା ଚିତ୍ରା ଲେଖାଇ-ବାର । ଯଥା—
କୁଟାଇଛୁ ଚିବୁକେ ମକ୍ଷିକା ଗୁରୁଚନ୍ଦ । ଲ. ବ.
ଅନ୍ୟଦ୍ୱାରା ଧାନ୍ୟରୁ ତଣ୍ଡୁଳ କରାଇବାର ।

କୁଟାଳ,ବି.(ଦେଶଜ) ଯେ ଢିଙ୍କିଦ୍ୱାରା କୁଟେ ।

କୁଟିବାର, କ୍ରି. (କୁଟ୍ଟନ ଶବ୍ଦଜ) ଛେଚି ସାର ବାହାର କରିବାର; ପ୍ରହାର କରିବାର । ଯଥା—
ତୋଷେ ସିନା ଖାଲ କୁଟୁଛ ଚମ୍ପୂ । ଦ. ବା.

କୁଟିଳ, ବିଂ. (କୁଟି=କୌଟିଲ୍ୟ-ଲ-ଅସ୍ତ୍ୟର୍ଥେ) ବକ୍ର; କ୍ରୂର; ଶଠ, ଧୂର୍ତ୍ତ ।

କୁଟୀର, } ବି. (କୁଟ୍ = ବକ୍ର ଗମନ କରିବା-
କୁଟିର, } ଈର, ଇର) କୁଡ଼ିଆ, ବାସସ୍ଥାନ ।

କୁଟୁଣୀ, ବି. ସ୍ତ୍ରୀ. (କୁଟ୍ଟିନୀ ଶବ୍ଦଜ) ଯେଉଁ ସ୍ତ୍ରୀ ମଧ୍ୟବର୍ତ୍ତିନୀ ହୋଇ ସ୍ତ୍ରୀ ପୁରୁଷର ବ୍ୟଭିଚାର ଦୋଷ ଘଟାଏ । ଯଥା—
ଶୁଣି ଅତି କୋପମତି ହୋଇଲା ରାଜବାଳୀ,
ବୋଇଲା କୁଟୁଣୀ ରହ ମହତ ସମ୍ଭାଳି । ବେ. ପ.
(ଦେଶଜ) ଢେଙ୍କିମୁଣ୍ଡେ ପୋତା ହେବା କାଠ ବା ପଥର; ଧାନ ପ୍ରଭୃତି କୁଟିବା-ପାଇଁ ନିମ୍ନଭାଗରେ ଲୁହାସମା ବନ୍ଧା ହୋଇଥିବା କାଷ୍ଠଖଣ୍ଡ । ଯଥା—
ହସ୍ତେ କୁଟୁଣୀ ଧରି ଧାନ୍ୟକୁ ଯେହ୍ନେ କୁଟି,
ସେରୂପେ ତାଙ୍କୁ ମାଡ଼ି ବସିଲେ ଗରୁଡ଼ଟି ।
ନୃ. ପୁ. ଚ. ଉ

କୁଟ୍ଟଣୀପ୍ରତିମା, ବି. ସ୍ତ୍ରୀ. (ଓଡ଼ିଆ ଓ ସଂସ୍କୃତ ଶବ୍ଦ ମିଶ୍ରଣ) ନଗ୍ନୁଇବା ପିଚୁଳା । ଯଥା—
କୁଟ୍ଟଣୀପ୍ରତିମା ପରସ୍ତେ ଆଜ ତ
ଆମ୍ଭଙ୍କୁ କଲେ ନନ୍ଦସୁତ । ଭ. କ.

କୁଟ୍ଟୁଣୀ, କୁଟେଇବୁଣୀ, } ବି. ସ୍ତ୍ରୀ. (ଦେଶଜ) ଯେଉଁ ସ୍ତ୍ରୀ ଧାନ କୁଟି ଜୀବିକାନିର୍ବାହ କରେ; ଯେଉଁ ସ୍ତ୍ରୀ ପ୍ରତ୍ୟହ ଢେଙ୍କି କୁଟେ ।

କୁଟୁମ୍ବ, ବି. (କୁଟୁମ୍ବ୍ = ପୋଷଣ କରିବା-ଅ) ଜ୍ଞାତି; ପରିବାର; ବାନ୍ଧବ ।

କୁଟ୍ରି, କୁଟ୍ରା, } ବି. ( ଦେଶଜ ) ମୃଗବିଶେଷ । ଯଥା—
କୁଟ୍ରି ମେଷ ଛେଳି ଯେ ଗୋରୁ ଭେକ ସର୍ପ,
ଏ ବିଧି ଚଉପାଦା ଜନ୍ତୁ ଲେଖିଲି ଅଳ୍ପ । ନୃ.ପୁ.ଚ.ଡ.

କୁଟ୍ଟନ, ବି. (କୁଟ୍ଟ୍ = କାଟିବା-ଅନ) ଛେଦନ; କୁଟିବା; ଦୂଷଣ । (ସ୍ତ୍ରୀ-କୁଟ୍ଟନୀ) ଦୂତୀ, ବ୍ୟଭିଚାରକାରିଣୀ ।

କୁଟ୍ଟିମ, ବି. (କୁଟ୍ଟ୍ = କାଟିବା-ଇମ) ରତ୍ନର ଖଣି; ମସୃଣ ଭୂମି; ପକ୍କା ଘରର ତଳ; ପ୍ରସ୍ତରାଦିବଦ୍ଧ ଭୂମି; ଡାଳିମ୍ବ ଗଛ; କୁଟୀର ।

କୁଟ୍ମଳ, କୁଡ୍ମଳ, } ବି. (କୁଟ୍, କୁଡ୍ = ଛେଦନ କରିବା-ମଳ-ସଂଜ୍ଞାର୍ଥେ) ମୁକୁଳ, କଳିକା, ଫୁଲକଢ଼ି ।

କୁଠ, ବି. (କୁଠ୍ = ଛେଦନ କରିବା-ଅ) ବୃକ୍ଷ ।

କୁଠର, ବି. (କୁଠ୍-ବେଷ୍ଟନ କରିବା-ଅର) ମନ୍ଥନଦଣ୍ଡ, ବନ୍ଧନସ୍ତମ୍ଭ ।

କୁଠାର, ବି. (କୁଠ = ବୃକ୍ଷାଦି- ଋ = ପ୍ରାପ୍ତ ହେବା-ଅ ଅଥବା କୁଠ୍ = ଛେଦନ କରିବା -ଆର) କୁରାଢ଼ି ପ୍ରଭୃତି କାଷ୍ଠ କାଟିବା ଅସ୍ତ୍ର ।

କୁଡ଼ାଲ, ବି. (କୁଠାର ଶବ୍ଦଜ) କୁରାଢ଼ିନାମକ ଶସ୍ତ୍ରବିଶେଷ ।

କୁଡ଼ିଆ,ବି.(କୁଟୀର ଶବ୍ଦଜ)କ୍ଷୁଦ୍ରଗୃହ । ଯଥା—
ନାହିଁ ବୋଲିକରି ଯାକୁ କଏ ସେ ବୋଲିବ,
କୁଡ଼ିଆ ଉପାଡ଼ି ଏ ସମସ୍ତଙ୍କୁ ମାରିବ । ସା. ଭା. ଆ.
ପର୍ଣ୍ଣଶାଳା ।

କୁଡ଼ଆ, କୁଡ଼ୁଆ, } ବି. ( ଦେଶଜ ) ମୃତ୍ତିକାପାତ୍ର-ବିଶେଷ; ମହାପ୍ରସାଦ ପାତ୍ରବିଶେଷ । ଯଥା—
ବନ୍ଧୁ ଚଳିଲା ଏହା ଶୁଣି,
ଅଭଡ଼ା କୁଡ଼ୁଆଏ ଅଣି । ଦା. ର.

କୁଡ୍ଡୁକ, କୁଡ୍ଡୁକଗିନା, } ବି. (ଦେଶଜ) ଭୋଜନପାତ୍ର-ବିଶେଷ । (ଖୋରା ଶବ୍ଦ ଦେଖ)

କୁଡ୍ୟ, କୁଡ୍ୟ, } ବି. (କୁଡ୍ = ରାଶୀକୃତ କରିବା-ଯ) ଭିତ୍ତି, କାନ୍ଥ । (ଭିତ୍ତିଃସ୍ତ୍ରୀ କୁଡ୍ୟମେଡୁକଂ—ଅମର ।) ବ୍ୟଗ୍ରତା; ବିଲେପନ; କୌତୂହଳ ।

କୁଡ଼, ବି. ( କୁଷ୍ଠ ଶବ୍ଦଜ ) ଔଷଧିଦ୍ରବ୍ୟ-ବିଶେଷ । ଯଥା—
କଣ୍ଟରେହଣୀ କୁଡ଼ କାଙ୍କଡ ସୁଣ୍ଠୀ ମୁଥା,
ଆଦିକ ଲମ୍ବ ଜାଣ ମହାଲମ୍ବିଟି ଯଥା । ନୃ.ପୁ.ଚ.ଡ.
(ରାଶୀକୃତ କରିବା ଅର୍ଥବୋଧକ କୁଡ଼୍ ଧାତୁରୁ ଉତ୍ପନ୍ନ) ଗଦା । ଯଥା—
ଯେବଣ ଚକୋରମୋହ୍ନା, କର୍ପୂର କୁଡ଼ଚନ୍ଦ୍ର ଗୃହି,
ସେ ଚନ୍ଦ୍ର ପାଇଲେ ଯଥା ତଥା ଏ କଥା ଯେ । ଲ.ବ.

କୁଡ଼ଇ, କୁଡ଼େଇ, } ବି. ( ଦେଶଜ ) ସ୍ୱନାମପ୍ରସିଦ୍ଧ କ୍ଷୁଦ୍ର ଗଛ ।

କୁଡ଼କେଲି, କୁପାକେଲି, } ବି. ( ଦେଶଜ ) ଏକପ୍ରକାର ଖେଳ, ବାଳକମାନେ କୁଡ଼ରେ କେତେକ ଜଣ ଜଗି ରହି ଏହି ଖେଳ ଖେଳନ୍ତି ।

କୁଡ଼ମୂଳ, ବି. (କୁଷ୍ଠମୂଳ ଶବ୍ଦର ଅପଭ୍ରଂଶ) ଔଷଧିଦ୍ରବ୍ୟବିଶେଷ ।

କୁଡ଼ା, ବି. (ଦେଶଜ) ଗଦା କରିବା । ବିଂ. ଗଦା କରିଥିବା, ରାଶୀକୃତ ।

କୁଡ଼ାଇବାର, କୁଡ଼େଇବାର, } କ୍ରି. (ରାଶୀକୃତ କରିବା ଅର୍ଥବୋଧକ କୁଡ଼୍ ଧାତୁରୁ ଉତ୍ପନ୍ନ) ଗଦା କରିବାର, ଏକତ୍ରିତ କରିବାର । ଯଥା—
କାଠ କୁଡ଼ାଇ ଅଗ୍ନି ଲଗାଇ
ଦହନ ତାଙ୍କୁ କଲେ । ବି. ରା.

କୁଡ଼ିଆ, ବିଂ. (ଦେଶଜ) ଅଳସୁଆ ।

କୁଡ଼ିପଣ, ବି. ( ଦେଶଜ ) ଜଡ଼ତା ବା ନିଶ୍ଚେଷ୍ଟତା ।

କୁଡ଼ିବୋବାଳି, ବି. (ଦେଶଜ) ଜଡ଼ ପ୍ରାୟ ହୋଇ କରିବା ରୋଦନ ।

କୁଣନ, ବି. (କୁଣ୍ = ଶବ୍ଦ କରିବା-ଅନ) ଶବ୍ଦ; (ଦେଶଜ—ବଙ୍ଗଭାଷାରେ ସମଧିକ ବ୍ୟବହୃତ) ବେଦନା ।

କୁଣପ, ବି. (କୁଣ୍ = ଶବ୍ଦ କରିବା-ଅପ) ଶବ । (କୁଣପଂ ଶବମସ୍ତ୍ରିୟାଂ—ଅମର ।) ଦୁର୍ଗନ୍ଧ; ଅସ୍ତ୍ରବିଶେଷ ।

କୁଣିଆ, କୁଣୁଆଁ, କୁଣୁହା, } ବି. (ଦେଶଜ) ବନ୍ଧୁ; ଅଭ୍ୟାଗତ ବନ୍ଧୁ । ଯଥା—

ମଧ୍ୟେ କେତେ ଧନ ମାଗର କୁଣିଆ,
ଏଥିପାଇଁ ପୁଣି ନ ଅଣ୍ଟେ ଦୁନିଆ । ଦରବାର.

କୁଣ୍ଠ, ବିଂ. (କୁଣ୍ଠ୍ = ଆଳସ୍ୟ କରିବା-ଅ) ଜଡ଼, ଅଳସ । (କୁଣ୍ଠୋ ମନ୍ଦଃ କ୍ରିୟାସୁ ଯଃ—ଅମର ।) ସଙ୍କୁଚିତ; ପ୍ରତିବନ୍ଧ; ଅକ୍ଷମ; କାତର । ଯେପରି—ବୀର୍ଯ୍ୟକୁଣ୍ଠ । ମୂର୍ଖ; ଅକର୍ମଣ୍ୟ ।

କୁଣ୍ଠିତ, ବିଂ. (କୁଣ୍ଠ୍-ଇତ, ଅଥବା, କୁଣ୍ଠ୍ ଧାତୁରେ 'ତ' ପ୍ରତ୍ୟୟ) ଲଜ୍ଜିତ, ସଙ୍କୁଚିତ; ଅପ୍ରତିଭ; ଅକ୍ଷମ; କାତର । ଯଥା—ବୀର୍ଯ୍ୟକୁଣ୍ଠିତ ।

କୁଣ୍ଡ, ବି. (କୁନ୍ଦ୍ = ଦାହ କରିବା, ରକ୍ଷା କରିବା-ଅ) ଜୀବତ୍ପତିକା ସ୍ତ୍ରୀର ଜାରଜ ପୁତ୍ର । (ଅମୃତେ (ପତ୍ୟୌ) ଜାରଜଃ କୁଣ୍ଡଃ—ଅମର ।) ଅଗ୍ନି ରକ୍ଷାର୍ଥ ଭୂମିନିଷ୍ଠ ଗର୍ତ୍ତ; ଜଳପାତ୍ରବିଶେଷ; ଦେବଜଳାଶୟ; ଚୌବାଚା; ପରିମାଣ ପାତ୍ରବିଶେଷ । (ସ୍ତ୍ରୀ-ଈ) କମଣ୍ଡଳୁ; ପାକପାତ୍ର; (ଦେଶଜ) ବକ୍ଷର ପୂର୍ବଭାଗରେ ପ୍ରସାରିତ ଦୁଇ ହସ୍ତର ବଳୟାକୃତି ପରିମାଣ । ଯଥା—ଏ କାଠକଡ଼କୁ କୁଣ୍ଡ ପାଏ ନାହିଁ ।

କୁଣ୍ଡଳ, ବି. (କୁଣ୍ଡ୍ = ଶୋଭା ପାଇବା-ଅ) କର୍ଣ୍ଣଭୂଷଣ; ବଳୟ, କଙ୍କଣ; ଗୋଡ଼ର ବେଢ଼ୀ; ବଳୟାକୃତି ବନ୍ଧନୀ; ସମୂହ ।

କୁଣ୍ଡଳୀ, ବି. (କୁଣ୍ଡଳିନ୍-କୁଣ୍ଡଳ = କର୍ଣ୍ଣଭୂଷଣ-ଇନ୍-ଅସ୍ତ୍ୟର୍ଥେ, ସର୍ପ ଏବଂ ମୟୂରପୁଚ୍ଛସ୍ଥ ଚକ୍ଷୁ କୁଣ୍ଡଳପ୍ରାୟ ଦେଖାଯାଏ) ସର୍ପ, ମୟୂର । (କୁଣ୍ଡଳାକୃତି ପାଶ ଅସ୍ତ୍ର ଅଛି ବୋଲି) ବରୁଣ; ଚିତ୍ରମୃଗ । ବିଂ. କୁଣ୍ଡଳଧାରୀ । (ସ୍ତ୍ରୀ-କୁଣ୍ଡଳିନୀ) ସର୍ପୀ; ଗୁଡ଼ୂଚି ।

କୁଣ୍ଡା, ବି. (କଡ଼ଙ୍ଗର ଶବ୍ଦଜ) ଚଷୁଛଡ଼ା ଧାନ୍ୟର ଅନ୍ୟ ଅସାରାଂଶ । ଯଥା—

ନ ପାଇଲେ ଦୁଃଖୀ ପ୍ରଜା ଖୁଦ କୁଣ୍ଡା । ଦରବାର.

କୁଣ୍ଡାଇବାର, କୁଣ୍ଡିଆଇବାର, କୁଣ୍ଡେଇବାର, } କ୍ରି. (କଣ୍ଡୁ, ପୁନ ଶବ୍ଦଜ) ଆମ୍ପୁଡ଼ିବାର; କେଶାଦି ପରିଷ୍କାର କରିବାର । ଯଥା—

ନଖେ ଝଙ୍କାର ଦେଇ ବେଣୀକାଶି
ଦେଲି କେଶ କୁଣ୍ଡିଆଇ ଯେ । ଲ. ବ.

କୁଣ୍ଡାଖିଆ, ବି. (ଦେଶଜ) କୁଣ୍ଡା ଖାଇବା । ବିଂ. ଯେ କୁଣ୍ଡା ଖାଏ । ଯେପରି—କୁଣ୍ଡାଖିଆ ବଳଦ ।

କୁଣ୍ଡାଝଡ଼ା, କୁଣ୍ଡାଝରା, } ବି. (ଦେଶଜ) ଅତି କ୍ଷୁଦ୍ର ଟୋପାରେ ବର୍ଷିବା, କୁଣ୍ଡା ଝାଡ଼ିଲା ସମୟରେ ବୃଷ୍ଟି ।

କୁଣ୍ଡିଆ, କୁଣ୍ଡିୟା, କୁଣ୍ଡିଆଣ, କୁଣ୍ଡିଆଣି, } ବି. (କଣ୍ଡ ଶବ୍ଦଜ) କଣ୍ଡୁ, କଣ୍ଡୁବିକାର । ଯଥା—

ରୂପା ନନ୍ଦାର ଏ ବେଭାର,
କୁଣ୍ଡିଆ ନକୁଛ ଆବର । ବ. ପୁ.

କୁଣ୍ଡୀ, ବି. ସ୍ତ୍ରୀ. (କୁଣ୍ଡ-ଈ ଅଥବା କଣ୍ଡ ଶବ୍ଦଜ—ଦେଶଜରୂପେ ବ୍ୟବହୃତ) ଭାଙ୍ଗ ପ୍ରଭୃତି ଘୋଟିବା ନିମିତ୍ତ ପ୍ରସ୍ତରନିର୍ମିତ କ୍ଷୁଦ୍ର ପାତ୍ରବିଶେଷ; ସ୍ନାନାର୍ଥ ପ୍ରସ୍ତରନିର୍ମିତ ପାତ୍ରବିଶେଷ । (ଦେଶଜ) ମୋଟା ସ୍ତ୍ରୀ, ସ୍ଥୂଳଶରୀରା ସ୍ତ୍ରୀ, ଲୁଣ ରାନ୍ଧିବା ସମୟରେ ଲବଣ ରସକୁ ନିଗଡ଼ାଇ ରଖିବା ଗର୍ତ୍ତ ।

କୁଣ୍ଡୀର, ବିଂ. (କୁଣ୍ଡ୍-ଈର) ବଳବାନ୍ ।

କୁଣ୍ଢ, ବି. (ଦେଶଜ) ବିସ୍ତୃତ ଓ ସମିଳ ବାହୁଦ୍ୱୟର ପରିଧିପରିମାଣ । ଯଥା—

ସେ ଗଛର ଗଣ୍ଡିକି ଦଶଜଣ କୁଣ୍ଢ,
ନ ପାଇବ ଏକାବେଳକେ କଲେ ରୁଣ୍ଡ । କୃ.ଭା.ବି.ପ.

କୁଣ୍ଢା, ବି. (ଦେଶଜ) ଆଲିଙ୍ଗନ ।

କୁଣ୍ଢାଇ, } ବି. ( ଦେଶଜ ) ପିଲାମାନେ ଧରି
କୁଣ୍ଢେଇ, } ଖେଳିବା କାଷ୍ଠ ପିତ୍ତୁଳା । ଯଥା—

ବାହାରିଲେ ସୁକର କୁଣ୍ଢ'ଇ ପରକାର,
ବହି କକ୍ଷେ ଧରି କରି ଶିଶୁ ବାମାବର । ବୈ. ବି.

କୁଣ୍ଢାଇବାର, } କ୍ରି. (ଦେଶଜ) ଆଲିଙ୍ଗନ
କୁଣ୍ଢିଆଇବାର, } କରିବା କମ୍ବା ପୋଟାଳିବା ।
କୁଣ୍ଢେଇବାର, } ଯଥା—

ଜାଗି ଦେଖୁଥିଲି କରମାଣ୍ଡି ମାନ
କୁଣ୍ଢାଇଛି ଭ୍ରାନ୍ତସୁଖେ । ଯ. କେ.
ଏଅନ୍ତରେ ଦୁଇ ବାହୁକୁ ଲମ୍ବାଇ,
ଦ୍ରୌପଦୀ ଉଠାଇଲେ ଭୀମକୁ କୁଣ୍ଢିଆଇ । କୃ.ଖ ବ.ପ.

କୁଣ୍ଢାକୁଣ୍ଢି ଉଆଁସ, ବି. ( ଦେଶଜ ) ଭାଦ୍ରବଦ ଅମାବାସ୍ୟା ।

କୁଣ୍ଢି, } ବି. ସ୍ତ୍ରୀ.(ଦେଶଜ) ଟୋକାଇ, ବାଉଁଶ
କୁଣ୍ଢୀ, } ନିର୍ମିତ ପାତ୍ରବିଶେଷ ।

କୁଣ୍ଢିଆ, } ବି. ( ଦେଶଜ ) ଆଲିଙ୍ଗନ,
କୁଣ୍ଢେଇ, } ଅନ୍ୟୋନ୍ୟ ଆଲିଙ୍ଗନ ।
କୁଣ୍ଢାକୁଣ୍ଢି, }

କୁଣ୍ଢୋଇ, } ବି. (ଦେଶଜ) ଟୋକାଇ, ବାଉଁଶ
କୁଣ୍ଢି, } ନିର୍ମିତ ପାତ୍ରବିଶେଷ । ଯଥା—

ଲକ୍ଷେ ରଜାଙ୍କର ଥିଲେ ଯେତେକ ସଇନ,
ସର୍ବେ ତୃପ୍ତ ହେବେ କୁଣ୍ଢୋଇଏ ଅନ୍ନ ଦେନ । ସା.ଖ.ସ.

କୁତ,ବି. (ଦେଶଜ) ଆନୁମାନିକ ମୂଲ୍ୟନିରୂପଣ । ଯଥା—ଏହି ଗଛର ଆମ୍ବଗୁଡ଼ିକୁ ସେ ତିନି ଟଙ୍କାରେ କୁତ କରି ନେଲେ । (ଏପରି ସ୍ଥଳରେ କେବଳ ବ୍ୟବହୃତ ହୁଏ ।)

କୁତପ, ବି. (କୁ=ଈଷତ୍-ତପ=ତାପ—ଏହି ସମୟରେ ସୂର୍ଯ୍ୟତାପ ମନ୍ଦୀଭୂତ ହୁଏ ବୋଲି) ଦିବସର ପନ୍ଦର ଭାଗରୁ ଅଷ୍ଟମ ଭାଗ ସମୟ; ଶ୍ରାଦ୍ଧର ସମୟ । (ଅଷ୍ଟମୋଽହ୍ନଃ କୁତପୋଽସ୍ତ୍ରିୟାଂ—ଅମର ।) (ଶ୍ରାଦ୍ଧରେ ଆବଶ୍ୟକୀୟତ୍ୱରୁ) ବାଦ୍ୟ; ଛାଗଲୋମଜ କମ୍ବଳ; କୁଶ; ସୂର୍ଯ୍ୟ; ଅଗ୍ନି; ଅତିଥି; ଭାଗିନେୟ; ଦୌହିତ୍ର; ବ୍ରାହ୍ମଣ; ଗୋରୁ ।

କୁତସ୍ତ୍ୟ,ବିଂ.(କୁତସ୍-ତ୍ୟ—ସ୍ଥିତ୍ୟର୍ଥେ) କେଉଁ ସ୍ଥାନସ୍ଥ, କିରୂପେ ଜାତ ।

କୁତା, } ବି. ( ଯାବନିକ ) କୁକୁର,
କୁତ୍ତା, } ଶ୍ୱାନ ।

କୁତି, } ବି. ସ୍ତ୍ରୀ. (ଦେଶଜ) ମାଈ କୁକୁର ।
କୁତ୍ତି, } ଯଥା—

ଘୋଡ଼ାଠାରୁ ବାଛୁଣି କୁତିରୁ ବଳୁଆ,
ମନୁଷ୍ୟ ଜାତି କରେ ଶରଭ ହାତିଛୁଆ । କୃ.ଖ.ଖ.ପ.

କୁତିବା, କ୍ରି. (ଦେଶଜ) ଆନୁମାନିକ ମୂଲ୍ୟ ନିରୂପଣ କରିବା ।

କୁତୁକ, ବି. (କୁତୁ=ଶବ୍ଦ—କୈ=ଶବ୍ଦ କରିବା-ଅ) କୁତୂହଳ, ଔତ୍ସୁକ୍ୟ; ଆନନ୍ଦ ।

କୁତୁକୁତୁ, ବି. (ଦେଶଜରୂପେ ବ୍ୟବହୃତ—କୁତୁକ ଶବ୍ଦଜ) ଦେହର ସନ୍ଧିସ୍ଥାନରେ ଅଙ୍ଗୁଳି ଚାଳନ, ସନ୍ଧିସ୍ଥାନରେ ଅଙ୍ଗୁଳି ଚାଳି ହାସ୍ୟ ଜନ୍ମାଇବା ।

କୁତୁକୁତେଇବା, କ୍ରି. (ଦେଶଜ ବା କୁତୁକ ଶବ୍ଦଜ) କୁତୁକୁତୁ କରିବା ।

କୁତୁହାଇବା, କ୍ରି. (ଦେଶଜ—କୁତୁକ ଶବ୍ଦର ଅନୁକୃତ) କୌତୁକ କରିବା । ଯଥା—

ଗଣ୍ଡା ହରିଣ ମାଂସମାନ ଦେଲେକ ଭୋଜନ,
ପରସ୍ପର କୁତୁହାଇ ଯେତେ ଯେ ପାରେ ଭୁଞ୍ଜି । ସା.ଖ.ଆ.

କୁତୂ, } ବି.ସ୍ତ୍ରୀ.(କୁ=କୁତ୍ସିତ-ତନ୍=ବିସ୍ତାର
କୁତୁପ, } କରିବା-ଊ, ନ ଲୋପ, ଉ=ଊ) ଚର୍ମନିର୍ମିତ ତୈଳପାତ୍ର, କୁଆ; ଚର୍ମନିର୍ମିତ କ୍ଷୁଦ୍ର ତୈଳପାତ୍ର । (କୁତୂଃ କୃତ୍ତେଃ ସ୍ନେହପାତ୍ରଂ ସୈବାଲ୍ପା କୁତୁପଃ ପୁମାନ୍—ଅମର ।)

କୁତୂହଳ, ବି. ସଂ. ଔତ୍ସୁକ୍ୟ, ଆନନ୍ଦ । ବିଂ. ଆଶ୍ଚର୍ଯ୍ୟଜନକ ।

କୁତେଇ, ବି. (ଦେଶଜ) ପରିମାଣ, ସୀମା ।

କୁତ୍ର, } ଅଂ. ସଂ. କେଉଁ ସ୍ଥାନରେ,
କୁତ୍ରଚିତ୍, } କୌଣସିଠାରେ ।

କୁତ୍ରାପି, ଅଂ. ସଂ. କୌଣସି କୌଣସିଠାରେ, କୌଣସିଠାରେ ହେଲେ ।

କୁତ୍ସନ, } ବି. (କୁତ୍ସ୍=ନିନ୍ଦା କରିବା-ଅନ,
କୁତ୍ସା, } ଅ-ସ୍ତ୍ରୀ-ଆ) ନିନ୍ଦା, ଭର୍ତ୍ସନା; ଦୋଷକୀର୍ତ୍ତନ ।

କୁତ୍ସିତ, ବିଂ. (କୁତ୍ସ୍-ତ) ନିନ୍ଦିତ, ଅବକ୍ଷେପ୍ୟ; ଦୋଷଯୁକ୍ତ ।

କୁଥ, ବି. (କୁଥ୍=ଯୁକ୍ତ କରିବା-ଅ) ହସ୍ତି-ପୃଷ୍ଠରେ ଆସ୍ତରଣାର୍ଥ ଶବଳକମ୍ବଳ, ଝୁଲ; କୁଶତୃଣ;କାଠ;କନ୍ଥା; ପ୍ରାତଃସ୍ନାୟୀ ବ୍ରାହ୍ମଣ ।

କୁଦ, } ବି. ( ଦେଶଜ ) ଟିପ ଅର୍ଥାତ୍ ଉଚ୍ଚ
କୁଦା, } ଭୂମି । ଯଥା—

ସେ ଶାଳକେଦାରେ ଦୂରୁ ଦିଶେ ଯାର
ସିକତା କୁଦ । ଊଷା ।

ସମୂହ । ଯଥା—

ଖୋଜ ଖୋଜ ପୁଞ୍ଜା ପୁଞ୍ଜା କୁଦା କୁଦା ହୋନ୍ତି,
ପଳାଇ ଆଗୁ କେହି ପଛରେ ଲୁଗି ଦ୍ୟନ୍ତି ।ନ୍.ପୁ.ତ୍.ଚ.
ଡଆଁ, ଲମ୍ଫ ।

କୁଦାମାରିବା, } କ୍ରି. ( ଦେଶଜ ) ନାଚିବା,
କୁଦିବା, } ଡେଇଁବା । ଯଥା—

ଏହା କହି କୁହାଟି ଧଇଲା ବେନି ଗଦା,
ରେରେକାର ଶବଦେ ମାଇଲା ବେନି କୁଦା ।ସା.ଭା.ସ.

କୁଦାଳ, } (ବି. (କୁ=ଭୂମି-ଦଲ୍=ବିଦାରଣ
କୁଦ୍ଦାଳ, } କରିବା-ଅ, କୁ=ଭୂମି-ଉତ୍-ଦଲ୍-
କୁଦ୍ଦାଳ, } ଅ—ଏକପକ୍ଷେ "ଉ" ଲୋପ ହୁଏ,
କୁଦାର, } ଯେ ଭୂମି ବିଦାରଣ କରେ, କୁ-ଦୃ
କୁଦ୍ଦାର, } -ଅ କୁ-ଉତ୍-ଦ-ଅ— ପକ୍ଷେ ଉକାର ଲୋପ) ଭୂମି ଖନନ ଶସ୍ତ୍ରବିଶେଷ, କାଙ୍କ ପ୍ରଭୃତି ।

କୁଦିବା, କ୍ରି. (କୁର୍ଦ୍ଦନ ଶବ୍ଦଜ) ଗୋଡ଼ରେ ଚକଟିବା ।

କୁନଟୀ, ବି. ସ୍ତ୍ରୀ. (କୁ-ନଟୀ) କୁତ୍ସିତ ନର୍ତ୍ତକୀ; ମନଃଶିଳା ।

କୁନକାନକଥା, ବି. ( କର୍ଣ୍ଣାକର୍ଣ୍ଣିକ ଶବ୍ଦଜ ) କାନକୁହା କଥା । ଯଥା—

ଶକୁନ କୁନକାନ କଥା ଗୁଣ୍ଡଦେଇ,
ହାନି ଲଭ ନ ଘେନ ବୋଧ ମନେ ବହି ।କୃ.ଭା.ଭା.ପ.

କୁନ୍ତ, ବି. (କୁ=କୁତ୍ସିତ-ଅନ୍ତ=ନାଶ, ଅଥବା କୁ=ମସ୍ତକ-ଉନ୍ଦ=ଆର୍ଦ୍ରହେବା-ଅ,ଦ=ତ) ପକ୍ଷବିଶିଷ୍ଟ ବାଣ; ଅସ୍ତ୍ରବିଶେଷ, ପ୍ରାସ ଅସ୍ତ୍ର । (ଦେଶଜ—ବାଲେଶ୍ୱର ଅଞ୍ଚଳରେ ବ୍ୟବ-ହୃତ) ବଡ଼ ମାଠିଆ ।

କୁନ୍ତଳ, ବି. (କୁନ୍ତ=ପ୍ରାସ ଅସ୍ତ୍ର-ଲା=ଗ୍ରହଣ କରିବା-ଅ) କେଶ; ଦେଶବିଶେଷ; ପାନପାତ୍ର; ଲାଙ୍ଗଳ ।

କୁନ୍ତି, } ବି. ସ୍ତ୍ରୀ. (ପିତାଙ୍କର କୁନ୍ତିଭୋଜ
କୁନ୍ତୀ, } ନାମାନୁସାରେ ଏ ନାମ ହୋଇଅଛି) ପାଣ୍ଡବ ମାତା; ଦେଶବିଶେଷ ।

କୁନ୍ଥନ, ବି ( କୁନ୍ଥ୍=କ୍ଲେଶ ଦେବା-ଅନ ) କ୍ଲେଶଦ୍ୟୋତନ, କୁନ୍ଥାଇବା ।

କୁନ୍ଥା, ବି. (କୁନ୍ଥନ ଶବ୍ଦଜ) କୁନ୍ଥନ ।

କୁନ୍ଥାଇବା, } କ୍ରି. ( କୁନ୍ଥ୍ ଧାତୁଜ ) କୁନ୍ଥନ
କୁନ୍ଥେଇବା, } କରିବା । ଯଥା—

ଖାଇପିଇକରି ଶୁଅଇ ଖଟେ,
ଗୁରସ୍ତକୁ ଦେଖି କୁନ୍ଥାଇ ଉଠେ । ହା. ତ.

କୁନ୍ଥାଣ, ବି. (କୁନ୍ଥନ ଶବ୍ଦଜ) ବାଧାରେ ଉଁ ଉଁ ଶବ୍ଦ କରିବା ।

କୁନ୍ଥୁକୁନ୍ଥୁ, ବିଂ. (ଦେଶଜ) ଅନିଚ୍ଛୁକ ।

କୁନ୍ଦ, ବି. (କୁ=ଭୂମି-ଉନ୍ଦ୍=ଆର୍ଦ୍ର କରିବା-ଅ) ସ୍ୱନାମଖ୍ୟାତ ପୁଷ୍ପବିଶେଷ; କୁବେରଙ୍କ ନିଧିବିଶେଷ; ବର୍ଷପର୍ବତବିଶେଷ ।

କୁନ୍ଦ, } ବି. ( ଦେଶଜରୂପେ ବ୍ୟବହୃତ )
କୁନ୍ଦନ, } କାରିଗରର ଭ୍ରମିଯନ୍ତ୍ରବିଶେଷ । ଯଥା—

କୁନ୍ଦେ କଷ୍ଟା ପ୍ରାୟେ ଏ ନିତମ୍ବ ତୋର
ଦେଖି ହେଲା ବଡ଼ ଶୋକ । ଯ. କେ.
ନାସା ଫୁଲିବାରେ ଚଳେ ସ୍ୱାସ୍ଥ୍ୟବସା
କୁନ୍ଦନ ନବାଡ଼ ଗୁଣା । କୋ.ବ୍ର.ସୁ.

ନକସ ଖେଳ ଖେଳିବା ସମୟରେ ହୁଣ୍ଡି କରି ବାନ୍ଧିବା ପଇସା କୁଢ଼; ସୁବର୍ଣ୍ଣ ଅଳଙ୍କାର ଉପରେ ବହୁମୂଲ୍ୟ ପ୍ରସ୍ତରାଦି ବସାଇବା ପ୍ରଣାଳୀବିଶେଷ ।

କୁନ୍ଦା, ବିଂ. ( ଦେଶଜ ) କୁନ୍ଦରେ ସାଫ କରାଯିବା । ଯଥା—

କହି ନକ୍ଷନ ବୋଲି ଯେ ଦିଶୁଛି,
କୁନ୍ଦା-କଣି ଚୁଣି ହୋଇ ଯାଇଛି । ର. ପ.

ବି. କୁନ୍ଦିବା, କୁନ୍ଦନ ।

କୁନ୍ଦାରୁ, } ବି. ( କୁନ୍ଦ-କାରୁ-ଶବ୍ଦଜ ) ଯେ
କୁନ୍ଦଗର, } କୁନ୍ଦ କରେ, କୁନ୍ଦନ ଶିଳ୍ପୀ ।

କୁନ୍ଦିବା, କ୍ରି. ( ଦେଶଜ ) ଯନ୍ତ୍ରରେ ବସାଇ ଚକ୍‌କଣ କରିବା । ଯଥା—

କୁନ୍ଦ ରଖିଛୁ ବନ୍ଧୁ କଂସାଗୁଳ । ର. ପ.

ମାଡ଼ ଦେବା ।

କୁନ୍ଦୀ, } ବି. ସ୍ତ୍ରୀ. (ଦେଶଜରୂପେ ବ୍ୟବହୃତ)
କୁନ୍ଦିନୀ, } ପୁଷ୍ପାର୍ଥ କୁନ୍ଦ ଶବ୍ଦର ଅନୁକୃତ, ସ୍ତ୍ରୀନାମବିଶେଷ ।

କୁନ୍ଦୁରି, ବି. (ଦେଶଜ) ପାତ୍ରବିଶେଷ । (ଏହାର ଠିକ୍ ଅର୍ଥ ଜଣା ଯାଇ ନାହିଁ, ଏତାଦୃଶ ଅନେକଗୁଡ଼ିଏ ଶବ୍ଦ ସାରଳା ମହାଭାରତରେ ଏବଂ ନୃସିଂହ ପୁରାଣରେ ଦେଖାଯାଏ ।) ଯଥା—

ହସ୍ତି ଦନ୍ତ କମ ଦଶଲକ୍ଷ ଯେ ସିଂହଡ଼ା,
ସ୍ଥୂଳ କମ ନରମାଣ ଲକ୍ଷେକ କୁନ୍ଦୁରି । ସା. ଭା. ସ.

ବି°. ଦୁଷ୍ଟ, କଳହୁଡ଼ା ।

କୁନ୍ଦୁରୁଖୋଟି, ବି. (କୁନ୍ଦୁରୁ ଶବ୍ଦଜ) ସୁଗନ୍ଧ-ବିଶିଷ୍ଟ ଔଷଧଦ୍ରବ୍ୟବିଶେଷ; ସ୍ୱନାମଖ୍ୟାତ ସୁଗନ୍ଧ ଦ୍ରବ୍ୟ ।

କୁପାଇବା, କ୍ରି. (କୁପ୍ ଧାତୁଜ) କୋପଯୁକ୍ତ କରାଇବା । ଯଥା—

କୁପାଇଲୁ କି ସେ ପାଇଲୁ ରେ । ଗୀତ ।

କୁପିତ, ବି°. (କୁପ୍-ତ) କ୍ରୋଧାନ୍ୱିତ; ବିରକ୍ତ ।

କୁପିବା, କ୍ରି. ( କୁପ୍ ଧାତୁଜ ) କ୍ରୋଧଯୁକ୍ତ ହେବା ।

କୁପୂୟ, ବି°. (କୁ = କୁତ୍ସିତ-ପୂୟ୍ = ଭାଗ କରିବା, ଚଳିବା-ଅ) କୁତ୍ସିତ; ନିନ୍ଦିତ ।

କୁବୁଜ, ବି°.(କୁବ୍‌ଜ ଶବ୍ଦର ଅପଭ୍ରଂଶ) କୁଜା । ଯଥା—

ଖଞ୍ଜ କୁବୁଜ ପାଦହୀନ, କର୍ମଟି ଅଟଇ ପ୍ରମାଣ । ମା. ମା.

କୁବୁଜା, } ବି. ସ୍ତ୍ରୀ. (କୁବ୍‌ଜା ଶବ୍ଦର ଅପଭ୍ରଂଶ)
କୁବୁଜୀ, } କୁଜୀ ସ୍ତ୍ରୀ, କୁବ୍‌ଜା । ଯଥା—

କାଣୀ କୁବୁଜୀ ଗ୍ଲେଟୀ କେମ୍ପୀ,
ହୋଇଣ ଥିବ ସେ ଯଦ୍ୟପି । ଦା. ର.

ମାଥୁରା ସ୍ତ୍ରୀବିଶେଷ, ଶ୍ରୀକୃଷ୍ଣ ଯାହାକୁ ସଦ୍‌ଗତି ପ୍ରଦାନ କରିଥିଲେ ।

କୁବେର, ବି. (କୁ = କୁତ୍ସିତ-ବେର = ଶରୀର) ଯକ୍ଷରାଜ, ଧନାଧିପ ।

କୁବ୍‌ଜ, ବି. (କୁ = ଈଷତ୍-ଉଜ୍ - ଋଜୁହେବା-ଅ-ଯାହାର ଈଷତ୍‌ମାତ୍ର ଋଜୁତା ଅଛି) ଉଚ୍ଚପୃଷ୍ଠ, କୁଜା; (ସ୍ତ୍ରୀ-ଆ) କୁଜୀ, କଂସର ସୈରନ୍ଧ୍ରୀବିଶେଷ ।

କୁଭା, ବି°. (ଦେଶଜ) ଏକତ୍ରିତ ବା ଗଦା । ଯଥା—

ଧାଡ଼ି ଧାଡ଼ି ପନ୍ତ ପନ୍ତ କୁଭା କୁଭା ହୋଇ ।
ବାଜଇ ନାନା ବାଦ୍ୟ ବ୍ରହ୍ମାଣ୍ଡ ଚମକାଇ ॥
ନୃ. ପୁ. ଷ. ତ.

ସଂ. ( କୁ = କୁତ୍ସିତ, ପୃଥ୍ୱୀ-ଭା = କାନ୍ତି ) କୁତ୍ସିତଦୀପ୍ତି, ପୃଥ୍ୱୀ ଛାୟା ।

କୁମର, ବି. (କୁମାର ଶବ୍ଦର ଅପଭ୍ରଂଶ) ପୁତ୍ର । ଯଥା—

ମରକତକେଶୀ ଓଷ୍ଠ ସୁଧା ପାନୁଁ
ନ ଭରସଇ ହଂସକୁମର । ପ୍ରେ. ସୁ. ନି.

କାର୍ତ୍ତିକେୟ ।

କୁମର, ବି. (ଦେଶଜ) ଗଞ୍ଜାପାସାରର ଏକରଙ୍ଗ, ଏହାକୁ ହରିତାଳରେ କଇଥ ଅଠା ମିଶାଇ କରନ୍ତି ।

କୁମାର, ବି. (କୁ = କୁତ୍ସିତ, ଅଳ୍ପ-ମାର = କନ୍ଦର୍ପ, ଅଥବା କୁମାର୍ = କ୍ରୀଡ଼ା କରିବା-ଅ) କାର୍ତ୍ତିକେୟ; ଯୁବରାଜ; ପାଞ୍ଚ ବର୍ଷର ବାଳକ; ପୁତ୍ର; ଅଶ୍ୱବାରକ ବୃକ୍ଷ; ଶୁକପକ୍ଷୀ । (କୁମାରଃ ସ୍ୟାତ୍ ଶୁକେ ସ୍କନ୍ଦେ ଯୁବରାଜେ-ଽଶ୍ୱବାରକେ—କୋଷାନ୍ତର ।) (ସ୍ତ୍ରୀ-ଈ) ଅବିବାହିତା କନ୍ୟା; ଷୋଡ଼ଶବର୍ଷୀୟା ବାଳିକା; ବାଳିକା; ଘୃତକୁମାରୀ ବୃକ୍ଷ; ଛନ୍ଦୋବିଶେଷ; ରାଗିଣୀବିଶେଷ ।

କୁମୁଟି, ବି. (ଦେଶଜ) ବୈଶ୍ୟଜାତି । ଯଥା—

ଦେଖନ୍ତି ଜନଗହଳ ମହାନଗ୍ର ଗୋଷ୍ଠି,
ସମସ୍ତେ ଭାଗ୍ୟବନ୍ତ ମହାଜନ କୁମୁଟି । ସା. ଭା. ଆ.

କୁମୁଦ, ବି. (କୁ=ପୃଥ୍ୱୀ-ମୁଦ୍=ହୃଷ୍ଟ ହେବା-ଅ) ଶ୍ୱେତୋତ୍ପଳ; ରକ୍ତପଦ୍ମ; ରୌପ୍ୟ; ନୈର୍ଋତ କୋଣର ହସ୍ତୀ; ବାନରବିଶେଷ; ସର୍ପବିଶେଷ; ଗରୁଡ଼ପୁତ୍ର; କାର୍ତ୍ତିକମାସ; କର୍ପୂର ।

କୁମୁଦନାଥ, କୁମୁଦବାନ୍ଧବ, କୁମୁଦାନନ୍ଦ, ବି. ପୁଂ. ଚନ୍ଦ୍ର । (ଚନ୍ଦ୍ର ପ୍ରକାଶରେ କୁମୁଦ ପ୍ରକାଶ ପାଏ ବୋଲି)

କୁମୁଦବତୀ, କୁମୁଦ୍‌ବତୀ, କୁମୁଦିନୀ, ବି. ସ୍ତ୍ରୀ. (କୁମୁଦ, କୁମୁଦ୍-ବତ୍-ଅସ୍ତ୍ୟର୍ଥେ-ସ୍ତ୍ରୀ-ଈ, ଅନ୍ୟତ୍ର ଅସ୍ତ୍ୟର୍ଥେ ଇନ୍-ସ୍ତ୍ରୀ-ଈ) କୁମୁଦଲତା, କୁମୁଦବନ, କୁମୁଦସମୂହ ।

କୁମ୍ପ, ବିଂ. (କୁନ୍ପ୍=ଆଚ୍ଛାଦନ କରିବା-ଅ) ବଦ୍ଧହସ୍ତ, କେମ୍ପା ।

କୁମ୍ପା, କୁମ୍ପୀ, ବି. ସ୍ତ୍ରୀ. (କୂପୀ ଶବ୍ଦଜ) ତରଳ ପଦାର୍ଥ ରଖିବା ପାତ୍ରବିଶେଷ; ଛୋଟ ଛୋଟ କାଷ୍ଠପାତ୍ରବିଶେଷ ।

କୁମ୍ପାସ, ବି. (ଦେଶଜ) ଗୋଲାକୃତି ଇଟା କିମ୍ବା ପଥର ପାଇଟି କରିବା ଅସ୍ତ୍ରବିଶେଷ; ମାପ କରିବା ଯନ୍ତ୍ରବିଶେଷ ।

କୁମ୍ଭ, ବି. (କ=ଜଳ-ଉନ୍ଭ୍=ପୂରଣ କରିବା-ଅ) ଘଟ; ଗଜକୁମ୍ଭ; ରାକ୍ଷସବିଶେଷ; ପରିମାଣବିଶେଷ; ରାଶିବିଶେଷ; ବେଶ୍ୟାର ପୁତ୍ର; ବେଶ୍ୟାର ଉପପତି ।

କୁମ୍ଭକାର, ବି (କୁମ୍ଭ-କୃ-ଅ) ଜାତିବିଶେଷ, କୁମ୍ଭାର ।

କୁମ୍ଭଜ, କୁମ୍ଭଜନ୍ମା, କୁମ୍ଭଯୋନି, କୁମ୍ଭସମ୍ଭବ, ବି. ପୁଂ. ଅଗସ୍ତ୍ୟ ମୁନି; ବଶିଷ୍ଠ; ଦ୍ରୋଣାଚାର୍ଯ୍ୟ ।

କୁମ୍ଭାଟୁଆ, ବି. (ଦେଶଜ) ପକ୍ଷିବିଶେଷ । ଯଥା—

କୁମ୍ଭାଟୁଆ ଖଗ ପ୍ରଭାତ ଡଗରି,
ରଙ୍ଗେ ବଜାଇଲି କାନନ ନାଗରି । ନ. କେ.

କୁମ୍ଭାର, ବି. (କୁମ୍ଭକାର ଶବ୍ଦଜ) ମାଟିର ହାଣ୍ଡି ପ୍ରଭୃତି ତିୟାର କରିବା ଜାତି । ଯଥା—

ମୁଣ୍ଡ ରଜାଘରେ ଶିଣ୍ଡି କୁମ୍ଭାରଶାଳରେ,
ପାଦ ଦୁଇ ପଡ଼ିଲି ଯେ ତେଲିର ଗୃହରେ । ବେ. ପ.

କୁମ୍ଭାରଶାଳ, କୁମ୍ଭାରସାଳ, ବି. (କୁମ୍ଭକାରଶାଳା ଶବ୍ଦଜ) ଯେଉଁ ଘରେ କୁମ୍ଭାରମାନେ ହାଣ୍ଡି ପୋଡ଼ନ୍ତି ।

କୁମ୍ଭାରୁଣୀ, ବି. ସ୍ତ୍ରୀ. (କୁମ୍ଭକାରିଣୀ ଶବ୍ଦଜ) କୁମ୍ଭାରର ସ୍ତ୍ରୀ ।

କୁମ୍ଭିଳ, କୁମ୍ଭିଳକ, ବି. ପୁଂ. ଚୋର; ଶ୍ଲୋକାର୍ଥ-ଚୋର ଅର୍ଥାତ୍ ଯେ ପରର ଶ୍ଲୋକର ଅଂଶ ନେଇ ନିଜ ରଚନାରେ ମିଶାଇଦିଏ ।

କୁମ୍ଭୀ, ବି. (କୁମ୍ଭ-ଇନ୍-ଅସ୍ତ୍ୟର୍ଥେ) ହସ୍ତୀ; କୁମ୍ଭୀର; ମତ୍ସ୍ୟବିଶେଷ । (କୁମ୍ଭ-ସ୍ତ୍ରୀ-ଈ) କ୍ଷୁଦ୍ର କଳଶୀ; ବେଶ୍ୟା; କଟ୍‌ଫଳ ।

କୁମ୍ଭୀପାକ, ବି. ପୁଂ. ନରକବିଶେଷ ।

କୁମ୍ଭୀର, କୁମ୍ଭୀଳ, ବି. (କୁମ୍ଭୀ=ମତ୍ସ୍ୟାଦି-ରା, ଲା=ଗ୍ରହଣ କରିବା-ଅ) ଅତି ପ୍ରବଳ ଅତି ହିଂସ୍ର ଜଳଜନ୍ତୁବିଶେଷ ।

କୁଯାତି, ବିଂ. (ଦେଶଜ) ଦୁଷ୍ଟ ।

କୁରଙ୍ଗ, କୁରଙ୍ଗକ, ବି. (କୁର୍=ଶବ୍ଦ କରିବା-ଅଙ୍ଗ-କ-ସ୍ୱାର୍ଥେ) ମୃଗ ।

କୁରଣ୍ଟ, କୁରଣ୍ଟକ, ବି. (କୁର୍=ଶବ୍ଦ କରିବା-ଅଣ୍ଟ-କ ସ୍ୱାର୍ଥେ) ଦାସକୁରଣ୍ଟା ଗଛ ।

କୁରଣ୍ଡ, ବି. (କୁ-ରମ୍=କ୍ରୀଡ଼ା କରିବା-ଡ, ଯେ ବୀର୍ଯ୍ୟ ନଷ୍ଟ କରେ) ବୃଦ୍ଧିଶୀଳ ଅଣ୍ଡକୋଷ ।

କୁରର, ବି. (କୁର୍=ଛେଦନ କରିବା-ଅର, ଯେ କରୁଣଧ୍ୱନିଦ୍ୱାରା ଧୈର୍ଯ୍ୟ ନଷ୍ଟ କରେ) ପକ୍ଷିବିଶେଷ, ଉତ୍କ୍ରୋଶ ପକ୍ଷୀ । (ଉତ୍କ୍ରୋଶ କୁରରୌ ସମୌ—ଅମର ।)

କୁରଳ, ବି. ପୁଂ. କୁରର ପକ୍ଷୀ; ଅଳକ, ଚୂର୍ଣ୍ଣକୁନ୍ତଳ ।

କୁରବକ, କୁରୁବକ, ବି. ପୁଂ. ଦାସକୁରଣ୍ଟା ଗଛ, ଦାସକୁରଣ୍ଟା ଫୁଲ ।

କୁରହାଡ଼ି, କୁରାଡ଼ି, କୋରାଡ଼ି, କୁହ୍ରାଡ଼ି, ବି. (କୁଠାର ଶବ୍ଦଜ) କାଷ୍ଠ ହାଣିବା ଶସ୍ତ୍ରବିଶେଷ । ଯଥା—

ଏପାଖେ ଧୋବଣୀ ସେପାଖେ ଧୋବା,
କାନ୍ତୀକି ମାଇଲେ କୋରାଡ଼ି ଗୋବା । ହା. ତ.

କୁରାଇସୁଣୀ, କୁଟରିସୁଣୀ, କୁଲାଇସୁଣୀ, କୁଟେଲଇସୁଣୀ, } ବି. ( କୃରାଶିମା ଶବ୍ଦଜ ) ଦେବୀବିଶେଷ ।

କୁରାଣ୍ଡି, ବି. (ଦେଶଜ) କ୍ଷୁଦ୍ର ମୃଗଜାତୀୟ ପଶୁ ।

କୁରାଳ, ବି. (ଦେଶଜ) ଏକପ୍ରକାର ମୁଖରୋବ । ଯଥା—

ଅନେକ ଲୋକ ତହିଁ ମିଳି
ଦେଇଣ କୁହାଟ କୁରାଳ । ଦା. ର.

କୁରୁ, ବି. (କୁର୍ = ଛେଦନ କରିବା-ଉ— ସଂଜ୍ଞାର୍ଥେ, ଯେ ଅନ୍ୟାନ୍ୟ ରାଜାମାନଙ୍କର କାର୍ଯ୍ୟ ନଷ୍ଟ କରେ) ସ୍ୱନାମପ୍ରସିଦ୍ଧ ଚନ୍ଦ୍ର-ବଂଶୀୟ ରାଜା; ଦେଶବିଶେଷ; କୁରୁବର୍ଷ, ଉତ୍ତରକୁରୁବର୍ଷ ।

କୁରୁଆଁ, କୋରୁଆଁ, } ବି. (କୁରୁବକ ଶବ୍ଦଜ) ଏକ-ପ୍ରକାର ଶାକ ।

କୁରୁକୁରୁ, ଅଂ. (ଦେଶଜ) ହାସର ଅନୁକରଣ । ଯଥା—

ଏମନ୍ତ ପାଞ୍ଚି ରାଜା ହସିଲ କୁରୁକୁରୁ । ସା. ଭା. ଆ.

କୁରୁକ୍ଷେତ୍ର, ବି. ( କୁରୁ—କ୍ଷେତ୍ର = ଭୂମି ) କୁରୁପାଣ୍ଡବମାନଙ୍କର ରଣଭୂମି, ଆଧୁନିକ ନାମ ଥାନେଶ୍ୱର ।

କୁରୁଣି, ବି. (ଦେଶଜ) ବ୍ରହ୍ମଗୃଣ୍ଟ ପ୍ରଭୃତିଙ୍କର ପାନବିଶେଷ । (ଏହା କାଦୃଶ ତାହା ଠିକ୍ ଜଣାଯାଏ ନାହିଁ । ଏତାଦୃଶ ଅତି ପ୍ରାଚୀନ ଓଡ଼ିଆ ଶବ୍ଦ ସାରଳା ମହାଭାରତରେ ଅନେକତ୍ର ଦେଖାଯାଏ ।) ଯଥା—

ତମ୍ବା ଗଡୁ ପବିତ୍ର କାଖେଣ ବେଦ ପୋଥି,
କୁରୁଣି ପିଠି ପିଡ଼ା କରେଣ ଗଡୁ ପାଣୀ । ସା. ଭା. ଆ.

କୁରୁଣ୍ଟ, ବି. (କୁ = କୁତ୍ସିତ-ରୁନ୍ଟ୍ = ଦୀପ୍ତି ପାଇବା-ଅ) ଦାସକରଣ୍ଟୀଗଛ; କାଷ୍ଠପୁତ୍ତଳୀ, କାଠକୁଣ୍ଢାଇ ।

କୁରୁତାନ୍ତ, ବି. (କୃତାନ୍ତ ଶବ୍ଦଜ) ଯମ । ଯଥା—
ବୋଇଲେ ପାପିଷ୍ଠକୁ ଘୋଟିଲା ସନ୍ନିପାତ,
ଏହାକୁ ନେବାପାଇଁ ବସିଛି କୁରୁତାନ୍ତ । ନୃ. ପୁ. ଚ. ଉ.

କୁରୁମ, କୁର୍ମ, କୂର୍ମ, } ବି. (କୂର୍ମ ଶବ୍ଦଜ) କଇଁଛ; କୂର୍ମ । ଯଥା—

ଢଳେ ଚତୁରଙ୍ଗ ବଳ କୁରୁମ ଟଳମଳ,
ସମୁଦ୍ରମନ୍ଥନପ୍ରାୟେକ ଶୁଭୁଛି ମୁଖରାବ ଚହଳ । ବି. ରା.

ଶ୍ରୀ ମଚ୍ଛ କୂର୍ମ ବରାହ ନୃସିଂହ ବାମନ,
ପଶୁରାମ ଶ୍ରୀରାମ ଶ୍ରୀକୃଷ୍ଣ ବଳରାମ । ନୃ. ପୁ. ଭୃ. ଉ.

କୁରୁମି, ବି. (କୃମି ଶବ୍ଦଜ) ପୋକ । ଯଥା—

ବିଷ୍ଠା ମୂତ୍ର କୁରୁମିଗଣ,
ଏଥିରେ ହୋଇଛୁ ନିର୍ମାଣ । ସ୍ତୁ. ପ.

କୁରୁଳ, କୁରୁଳୀ, } ବି. ସ୍ତ୍ରୀ. (ଚୂର୍ଣ୍ଣକୁନ୍ତଳାର୍ଥକ କୁରଳ ଶବ୍ଦଜ) ଚୂର୍ଣ୍ଣକୁନ୍ତଳ ଏବଂ ତା ତଳକୁ ଥିବା ବାଳ । ଯଥା—

କାହା କବରୀ କୁରୁଳୀ,କପୋଳେ ଯାଇଛି ଝୁଲି । ର. କ.
କଳିନ୍ଦକନ୍ୟା ଲହରୀ ବଳି,
କପାଳତଳେ ଅଳକଆବଳୀ,
କୁରୁଳରେ ଯାଇଅଛି ଝୁଲି,
କମ୍ପେ ସୁବର୍ଣ୍ଣ ଝୁଲକମଳୀ । ର. କ.

(ଦେଶଜ) ହସି ଗଡ଼ି କରିବା ଧ୍ୱନି । ଯଥା—
ପୁରାଣ ହକଟେ ଗଡ଼ଇ, କୁହାଟ କୁରୁଳ ଶୁଣ୍ଢଣ । ଦା. ର.
ଗୃହର ଉପକରଣବିଶେଷ ।

କୁରୁଳିବା, କ୍ରି. (ଦେଶଜ) ଧ୍ୱନି କରିବା । ଯଥା—

ସୁସଞ୍ଚ ପରିମଳ ଗନ୍ଧ କରେ ସୁବାସ,
ଲୁବ୍ଧ ମଧୁପ କୁରୁଳୁଛନ୍ତି ତଉପାଶ । ସା. ଭା. ଆ.

କୁରୁବିନ୍ଦ, ବି. (କୁରୁ = କୁରୁଦେଶ-ବିନ୍ଦ୍ = ପାଇବା-ଅ, ଯାହା ଏହି ଦେଶରେ ମିଳେ) ପଦ୍ମରାଗମଣି, ମୁସ୍ତା, ମୁଥା; ଦର୍ପଣ; ହିଙ୍ଗୁଳ ।

କୁରେଳ, ବି. (ଦେଶଜ) ଉଚ୍ଚଧ୍ୱନି । ଯଥା—
ରେରେକାର ଶବଦେ ସେ ପାଡ଼ନ୍ତି କୁରେଳ;
ଧାଇଁଲେ ସେ ବହୁତର କଟୁକଥା ବୋଲି । ସା. ଭା. ସ.

କୁର୍ତ୍ତା, କୁରୁତା, } ବି. ( ଦେଶଜ ) ଅଙ୍ଗରଖା-ବିଶେଷ ।

କୁର୍ଦ୍ଦନ, କର୍ଦ୍ଦନ, } ବି. (କୁର୍ଦ୍ଦ, କୂର୍ଦ୍ଦ = କ୍ରୀଡ଼ା କରିବା -ଅନ) ଆସ୍ଫାଳନ; କୁଦିବା ।

କୁର୍ନିଶ, ବି. (ଯାବନିକ) ପ୍ରଣାମ । ଯଥା—

ସେ ଲୋକ ସଲଜ୍ଜଭାବରେ କୁର୍ନିଶ କରି ଅପ୍ରସ୍ତୁତ ହୋଇଗଲା । ଉ. ସା. ସ

କୂର୍ପର, } ବି. (କୁର୍ = ଛେଦନ କରିବା ଇତ୍ୟାଦି-
କୂର୍ପର, } ପର) କଫୋଣି, କହୁଣି; ଜାନୁ ।

କୂର୍ପାସ, } ବି. (କୂର୍ପର = କହୁଣି-ଅସ୍ =
କୂର୍ପାସକ, } ପ୍ରାପ୍ତି ପାଇବା ଇତ୍ୟାଦି-ଅ,
କୂର୍ପାସକ, } କ—ସ୍ୱାର୍ଥେ) କଞ୍ଚୁଳିକା,କାଞ୍ଚୁଲି । (ଚୋଳଃ କୂର୍ପାସକୋଽସ୍ତ୍ରିୟାଂ—ଅମର ।)

କୁଳ, ବି. (କୁ = ପୃଥ୍ୱୀ-ଲା = ଗ୍ରହଣ କରିବା-ଅ, ଅଥବା କୁଲ୍ = ଏକତ୍ରିତ ହେବା-ଅ) ବଂଶ । ଯେପରି—ଯଦୁକୁଳ । ଗୋଷ୍ଠୀ; ଜାତି; ଜନପଦ; ଗୃହ । ଯେପରି—ଗୁରୁକୁଳ ବାସ । ଯୂଥ, ସମୂହ । ଯଥା—ମୃଗକୁଳ, ଅଳକକୁଳାବୃତାନନ ।

କୁଳକ, ବି. ( କୁଳ-କ ) ଏକାନ୍ୱୟସମନ୍ୱିତ ଚତୁରଧିକ ଶ୍ଳୋକସମୁଦାୟ; ବଲ୍ମୀକ; କୁଳଶ୍ରେଷ୍ଠ ।

କୁଳଛଡ଼ା, ବିଂ. (ଦେଶଜ) କୁଳକୁ ଯେ ତ୍ୟାଗ କରେ; କୁଳରୁ ଯେ ବାହାର କରିଦିଏ । ଯଥା—

କୁଳଛଡ଼ା ବଂଶୀ ଧରି ଧୀରେ ସେ । ର. କ.

କୁଳଟା, ବି. ସ୍ତ୍ରୀ.(କୁଳ-ଅଟ୍ = ଗମନ କରିବା-ଅ, ସ୍ତ୍ରୀ-ଆ—ଯେ କୁଳରୁ ବାହାରିଯାଏ) ଅସତୀ ସ୍ତ୍ରୀ, ଭ୍ରଷ୍ଟା, ବ୍ୟଭିଚାରିଣୀ ।

କୁଳବୁଡ଼ା, ବିଂ. (ଦେଶଜ) ଯେ ଲୋକ କୁଳ-ଧର୍ମ ଲୋପ କରେ, ଯେ ଅକ୍ରିୟା କରେ ।

କୁଲଡା, ବି. (ଦେଶଜ—କେବଳ ସମ୍ବଲପୁର ଅଞ୍ଚଳରେ ବ୍ୟବହୃତ) ଚଷା ।

କୁଳପାଂସନ,ବିଂ.(କୁଳ୍-ପିନ୍ସ୍ = ନାଶ କରିବା-ଅନ) କୁଳଦୂଷକ, କୁଳମର୍ଯ୍ୟାଦାନାଶକ ।

କୁଳପାଳିକା, ବି. ସ୍ତ୍ରୀ. (କୁଳ-ପାଳ୍-ଅକ, ସ୍ତ୍ରୀ-ଆ, ଅକ = ଇକ) ସତୀ ସ୍ତ୍ରୀ, କୁଳସ୍ତ୍ରୀ । (କୁଳସ୍ତ୍ରୀ କୁଳପାଳିକା—ଅମର ।)

କୁଲ, ବି. (କୁଲ୍ୟ ଶବ୍ଦଜ) ଧାନ ଚାଉଳ ପାଛୋଡ଼ିବା ନିମିତ୍ତ ବାଉଁଶନିର୍ମିତ ପାତ୍ର-ବିଶେଷ । ଯଥା—

ବାହାଘରେ ଯେଉଁ ମାଛ,
ତାକୁ କୁଲରେ ପକାଇ ବାଛ । ହା. ତ.

କୁଲବା, } ବି. (ଦେଶଜ) କୁଲାଦ୍ୱାରା ବିଞ୍ଚିବା ।
କୁଲବାଁ, }

କୁଳାଙ୍ଗାର,ବିଂ.(କୁଳ-ଅଙ୍ଗାର) ଯାହା ହେତୁରୁ କୁଳ ମଳିନ ହୁଏ, ଯାହାର ଚରିତ୍ରଦୋଷରୁ କୁଳରେ କଳଙ୍କ ଲାଗେ ।

କୁଳାୟ, ବି. (କୁଳ-ଅୟ୍ = ବୃଦ୍ଧି ପାଇବା-ଅ, ଯେଉଁ ସ୍ଥାନରେ ପକ୍ଷି କୁଳର ବୃଦ୍ଧି ହୁଏ) ନୀଡ଼, ପକ୍ଷିମାନଙ୍କର ବସା ଘର । (କୁଳାୟୋ ନୀଡ଼ମସ୍ତ୍ରିୟାଂ—ଅମର ।) (ସ୍ତ୍ରୀ—କୁଲା-ୟିକା) ଚଢ଼େଇଖାନା ।

କୁଲାଳ, ବି. (କୁ = ମୃତ୍ତିକା-ଲାଲ୍ = ଲାଳସା କରିବା-ଅ, ଯେ ମୃତ୍ପାତ୍ରଯୋଗ୍ୟ ମୃତ୍ତିକା ବାଞ୍ଛା କରେ) କୁମ୍ଭକାର, କୁମ୍ଭାର । (କୁମ୍ଭକାରଃ କୁଲାଳକସ୍ତୁ—ଅମର ।)

କୁଲି, ବିଂ. (ଦେଶଜ) ନିନ୍ଦୁକ । ବି. ତୁଣ୍ଡରେ ପାଣି ରଖି କୁଳୁକୁଞ୍ଚା କରିବା ।

କୁଲି, ବି. (ଦେଶଜ) ମୂଲିଆ; ମୂଲିଆର ମୂଲ ।

କୁଲିଆ, ବି. (ଦେଶଜ) ମୂଲିଆ ।

କୁଲିଆକାତରା, } ବି. (ଦେଶଜ) ଆଖିବୁଜାଳି
ଲୁଲିଆକାତରା, } ଖେଳ ।

କୁଲିବା, କ୍ରି. (ଦେଶଜ) ନିନ୍ଦା କରିବା ।

କୁଳୀର, } ବି. (କୁଳ୍ = ବିସ୍ତାର କରିବା-ଇର,
କୁଳୀର, } ଈର) କର୍କଟ, କଙ୍କଡ଼ା; କର୍କଟ ରାଶି । (ସ୍ୟାତ୍ କୁଳୀରଃ କର୍କଟକଃ—ଅମର ।)

କୁଳିଶ, } ବି. (କୁଳ = ହସ୍ତ-ଶୀ = ଶୋଇବା-
କୁଳୀଶ, } ଅ—ଯେ ଇନ୍ଦ୍ର ହସ୍ତରେ ଶୟନ କରେ ଅର୍ଥାତ୍ ସର୍ବଦା ସୁଖରେ ଥାଏ, ଅଥବା କୁଳ = ପର୍ବତ-ଶୋ = ବିଦାରଣ କରିବା-ଅ, ଈ ଆଗମ) ବଜ୍ର । (କୁ-ଲିଶ୍-ଅ) ମତ୍ସ୍ୟବିଶେଷ; ଅଗ୍ରଭାଗ ।

କୁଳୀନ, ବିଂ. (କୁଳ-ଈନ) ସତ୍କୁଳୋଦ୍ଭବ, କୁଳଶ୍ରେଷ୍ଠ ।

କୁଳୁକୁଳା, ବି. (ଦେଶଜ—ଗଞ୍ଜାମରେ ସମଧିକ ବ୍ୟବହୃତ) ଭର୍ତ୍ସନା ।

କୁଳୁକୁଞ୍ଚା, ବି. (ଦେଶଜ) ତୁଣ୍ଡ ମଧ୍ୟରେ ପାଣି ଧରି କଳକଳ କରି ପକାଇଦେବା । ଯଥା- -
ଦ୍ୱାଦଶ କୁଳୁକୁଞ୍ଚା କଲେ,
ଜଳରେ ଯାଇଣ ପଶିଲେ । ମା. ମା.

କୁଳୁକୁଳୁ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ; ଜଳପ୍ରବାହର ଅନୁକରଣ ଶବ୍ଦ ।

କୁଲୁକୁଲୁ, ବି. (ଦେଶଜ) ଅସ୍ଥିର ହେବା, ଖଳବଳ ହେବା ।

କୁଳୁଚ, ବି. (ଦେଶଜ) ଗୋରୁଙ୍କୁ ଦେବାପାଇଁ ଅଧକୁଟା ଧାନ ପ୍ରଭୃତି । ଯଥା—
କୁଣ୍ଡା କୁଳୁଚ ଖାଇ ଖାଇ, ବହୁତ ଦୁଧ ଦିଏ ଗାଈ ।

କୁଲୁମି, ବି. (ଦେଶଜ) ଏକପ୍ରକାର ଲୁହଣ, ଚିତ୍ରକାରମାନେ ଏହି ଶସ୍ତ୍ରଦ୍ୱାରା ମୁକୁଟ ପ୍ରଭୃତିରେ କୁନ୍ଦନ କାର୍ଯ୍ୟ କରନ୍ତି ।

କୁଳୁହାଁ, ବି. (ଦେଶଜ) କୁଣିଆଁ, ଅଭ୍ୟାଗତ ବନ୍ଧୁ ।

କୁଲ୍ମାଷ, } କୁଲ୍ମାସ, } ବି. ସଂ. କାଞ୍ଜି ।

କୁଲ୍ୟ, ବି. (କୁଲ୍ = ରାଶି କରିବା-ଯ) ଅସ୍ଥି, ହାଡ଼ । (କୀକ ସକୁଲ୍ୟମସ୍ଥି ଚ— ଅମର ।) ମାଂସ;ସୂର୍ପ;କୁଲ । ବିଂ. (କୁଳ = ବଂଶ-ଯ) ସତ୍କୁଳୋତ୍ପନ୍ନ; ମାନ୍ୟ ବ୍ୟକ୍ତି ।

କୁଲ୍ୟା, ବି. ସ୍ତ୍ରୀ. (କୁଲ୍ = ରାଶି କରିବା-ଯ-ସ୍ତ୍ରୀ-ଆ) କୃତ୍ରିମ କ୍ଷୁଦ୍ରନଦୀ; ଗଡ଼ଖାଇ; ପ୍ରବାହ; କ୍ଷୁଦ୍ରଖାତ; ପୟଃପ୍ରଣାଳୀ; କୁଳସ୍ତ୍ରୀ ।

କୁବଳୟ, ବି. (କୁ = ପୃଥ୍ୱୀ-ବଲ୍ = ବୃଦ୍ଧି ପାଇବା-ଅୟ) ନୀଳପଦ୍ମ, ନୀଳୋତ୍ପଳ । (ନୀଳୋତ୍ପଳଂ କୁବଳୟଂ—ଅମର ।) ଶ୍ୱେତ ପଦ୍ମ ।

କୁବଳୟାପୀଡ଼, ବି. (କୁବଳୟ-ଆପୀଡ଼ = ଶିରୋଭୂଷଣ) କଂସାସୁରର ହସ୍ତୀ । ବିଂ. ନୀଳୋତ୍ପଳ ଯାହାର ଭୂଷଣ ହୋଇଅଛି ।

କୁଶ, ବି. (କୁ = ପୃଥିବୀ-ଶୀ = ଶୟନ କରିବା-ଅ—ଯେ ଭୂମିରେ ଶୋଇଥାଏ ଅର୍ଥାତ୍ ସୁଖରେ ଥାଏ) ସ୍ୱନାମପ୍ରସିଦ୍ଧ ତୃଣ; ଦ୍ୱୀପବିଶେଷ; ଜଳ; ଶ୍ରୀରାମଙ୍କ ପୁତ୍ର । ବିଂ. ମତ୍ତ; ପାପିଷ୍ଠ । (ସ୍ତ୍ରୀ-କୁ = ପୃଥିବୀ-ଶୋ = ନାଶ କରିବା-ଅ-ଈ) ଲଙ୍ଗଳଫାଳ; ଲୌହବିକାର ।

କୁଶବିଟାଳୀ, ବି. ସ୍ତ୍ରୀ. (ଓଡ଼ିଆ ଓ ସଂସ୍କୃତ ଶବ୍ଦର ମିଶ୍ରଣ) ଶାଶୁଘରକୁ ଯିବା ପୂର୍ବେ ବିଧବା ହେବା ଶୂଦ୍ରକନ୍ୟା ।

କୁଶଳ, ବି. (କୁ = କୁତ୍ସିତ-ଶୋ = ନାଶ କରିବା-ଅ ଏବଂ କୁଶ-ଲା = ଗ୍ରହଣ କରିବା -ଅ) କଲ୍ୟାଣ, ମଙ୍ଗଳ; ନିରାପଦ; ପୁଣ୍ୟ; ସାମର୍ଥ୍ୟ । ବିଂ. ନିପୁଣ, ଦକ୍ଷ; ଶିକ୍ଷିତ; କଲ୍ୟାଣଯୁକ୍ତ । (ପର୍ଯ୍ୟାପ୍ତିକ୍ଷେମପୁଣ୍ୟେଷୁ କୁଶଳଂ ଶିକ୍ଷିତେ ତ୍ରିଷୁ—ଅମର । )

କୁଶୀଦ, } କୁସୀଦ, } କୁଷୀଦ, } ବି. (କୁଶ୍ = ଆଲିଙ୍ଗନ କରିବା-ଈଦ-ସଂଜ୍ଞାର୍ଥେ) ବୃଦ୍ଧିଜୀବିକା, ସୁଦ; ରକ୍ତଚନ୍ଦନ । ବିଂ. ବୃଦ୍ଧିଜୀବୀ, ଯେ ସୁଦପାଇଁ ବୃତ୍ତି କରିଥାଏ ।

କୁଶୀଦକ, } କୁସୀଦକ, } ବିଂ. (କୁଶୀଦ-ଇକ) ଯେ ସୁଦ ପାଇବାକୁ ଟଙ୍କା କରଜ ଦିଏ ।

କୁଶେଶୟ, ବି. (କୁଶେ+ଜଳରେ-ଶୀ = ଶୋଇବା-ଅ) ପଦ୍ମ; ସାରସ ପକ୍ଷୀ; କର୍ଣ୍ଣିକାର ବୃକ୍ଷ ।

କୁଷ୍ଠ, ବି. (କୁଷ୍ = ସ୍ଥିର ହେବା-ଠ, ଅଥବା କୁ = କୁତ୍ସିତ-ସ୍ଥା-ଅ) କୁଷ୍ଠରୋଗ; କୁଡ଼, ଔଷଧି ଦ୍ରବ୍ୟବିଶେଷ ।

କୁଷ୍ମାଣ୍ଡ, } କୂଷ୍ମାଣ୍ଡ, } ବି. (କ = ପୃଥିବୀ-ଉଷ୍ମ-ଅଣ୍ = ବଞ୍ଚିବା-ଡ଼) ପାଣିକଖାରୁ; ଶିବ ଅନୁଚରବିଶେଷ; ଗର୍ଭିଣୀର ଗର୍ଭସ୍ଥଳୀ; ଜରାୟୁ; ସ୍ତ୍ରୀ. ଦୁର୍ଗା ।

କୁସ, ବି. (କୁଶ ଶବ୍ଦଜ—ପ୍ରାକୃତ) କୁଶ ବା ଦର୍ଭ ।

କୁସାଙ୍ଗୀ, ବି. ସ୍ତ୍ରୀ. (ଦେଶଜ) ବାଉଁଶକଣ୍ଟା ।

କୁସୁମ, ବି. (କୁସ୍ = ଧାପ୍ତି ପାଇବା-ଉମ—ସଂଜ୍ଞାର୍ଥେ) ପୁଷ୍ପ; ଫଳ; ସ୍ତ୍ରୀ ଋତୁସମୟ; ଚକ୍ଷୁରୋଗବିଶେଷ; (କୁସୁମ୍ଭ ଶବ୍ଦଜ) ପୁଷ୍ପ ବୃକ୍ଷବିଶେଷ ।

କୁସୁମାରଙ୍ଗ, ବି. (ଦେଶଜ) କୁସୁମ୍ଭପୁଷ୍ପର ରଙ୍ଗ ।

କୁସୁମ୍ବା, ବି. (ଦେଶଜ) ଭାଙ୍ଗ, ବିଜୟାଯୁକ୍ତ ପାନୀୟ ।

କୁସୁମ୍ଭ, ବି. ( କୁସ୍ = ଧାପ୍ତି ପାଇବା-ଉମ୍ଭ ) କୁସୁମଫୁଲ; କୁସୁମ୍ଭପୁଷ୍ପର ରଙ୍ଗ; ସ୍ୱର୍ଣ୍ଣ; କମଣ୍ଡଳୁ ।

କୁସୃତ, ବି. ( କୁ = କୁତ୍ସିତ-ସୃ = ଗମନ କରିବା-ତ ) ଶଠତା, ଧୂର୍ତ୍ତତା ।

କୁସ୍ତାକସ୍ତି, } ବି. (ଦେଶଜ) ଦୁଇଜଣ ମଲ୍ଲ
କୁସ୍ତାକୁସ୍ତି, } ଯୁଦ୍ଧ କରିବା ।

କୁସ୍ତି, ବି. (ଦେଶଜ) ମଲ୍ଲଯୁଦ୍ଧ ।

କୁସ୍ତିବାଜ, ବି. (ଦେଶଜ) ଯେ କୁସ୍ତି କରେ ।

କୁହକ, ବି. (କୁହ = ବିସ୍ମୟାପନ୍ନ କରିବା-ଅକ) ଇନ୍ଦ୍ରଜାଲ; ପ୍ରତାରଣା ।

କୁହର, ବି. (କୁ = ପୃଥିବୀ-ହୃ-ଅ) ଗହ୍ୱର, ଛିଦ୍ର ।

କୁହରିବା, କ୍ରି. (ଦେଶଜ) କୁହୁକୁହୁ ଶବ୍ଦ କରିବା । ଯଥା—

କୁହରୁ ପିକ ଘନ ଘନ,
ଶୁଭଇ କୁହୁକୁହୁ ସ୍ୱନ । ଉ. ସା. ୩.୯.

କୁହା, ବି. (କଥ୍ ଧାତୁଜ) କହିବା । ଯଥା—

କୁହା ନୋହେ ଏଥୁ ଆନ ଲକ୍ଷରେ । ର.ପ.

ବିଂ. କହିବା ବ୍ୟକ୍ତି ।

କୁହାଇବା, କ୍ରି. (କଥ୍ ଧାତୁଜ) ଅନ୍ୟଦ୍ୱାରା ଅବଗତ କରାଇବା ।

କୁହାକୁହି, } ବି. (କଥ୍ ଧାତୁଜ) ଅନ୍ୟୋନ୍ୟ
କୁହାକୋହି, } କଥା ହେବା । ଯଥା—

କୁହାକୁହି ହୋଇ କୃଷ୍ଣ ସୁଖଦାୟୀ
ସତ୍ୱରେ ହୋଇଲେ ବାହାର । ର. କ.

କୁହାଟ, ବି. (ଦେଶଜ) ଉଚ୍ଚ ଡାକ । ଯଥା—

ଦେଇ କୁହାଟ ଠମକ ଚାଲି । ଲ. ବ.

କୁହାଟିବା, କ୍ରି. (ଦେଶଜ) ଉଚ୍ଚଡାକ ଦେବା । ଯଥା—

କେବଣ ପ୍ରହରୀ ସାବଧାନ କର
କୁହାଟଇ ହାଇ ହାଇ । କ. ମ.

କୁହାର, } ବି. (ଦେଶଜ) ଗାଈ ରଖିବା-
କୁହାଁର, } ସ୍ଥାନ ।

କୁହୁ, } ବି. (କୁହ = ବିସ୍ମୟାପନ୍ନ କରିବା-
କୁହୂ, } ଉ, ଊ) ଅମାବାସ୍ୟା; କୋକିଳ-ଧ୍ୱନି ।

କୁହୁକ, ବି. (କୁହକ ଶବ୍ଦଜ) ମାୟା । ଯଥା—

କୁହୁକ ଲଗାଇଦେଲେ ତହିଁ ଶୂର କୃତ୍ତିକାସୁତ ।
ଲକ୍ଷ୍ମୀ ।

କୁହୁକଆ, } ବିଂ. (କୁହକୀୟ ଶବ୍ଦଜ) ଯେ
କୁହୁକୟା, } ମାୟା ପ୍ରକାଶ କରେ । ଯଥା—

କୃଷ୍ଣ କୁହୁକଆ ସୁପ୍ରଶସ୍ତ ନୂଆ-
ଜବନକା ଦରଶନ ସୁଖୀ । ବି. ଚ. ମ.

କୁହୁକୁହୁ, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ଯଥା—

ରେରେକାର ଶବଦରେ ମା ଗୋ କୁହୁକୁହୁ ଝିପି,
ଟମଟମଟଂକାଣ ମା ଗୋ ଝୁଂଝୁଂକାର ପାସି । ସା.ଭା.ସ.

କୁହୁଡ଼, ବି. (କୁହେଳିକା ଶବ୍ଦଜ) କୁଜ୍‌ଝଟିକା । ଯଥା—

କୁହୁଡ଼ରେ ବୃକ୍ଷ ଦଶନ୍ତ ପ୍ରତ୍ୟୁଷେ
ଯେସନ ଆଚ୍ଛାଦମାନ । ପାଙ୍ଗଡ଼ା ।

କୁହୁଳା, ବି. (ଦେଶଜ) ଅଗ୍ନିସଂଯୋଗରେ ପ୍ରଥମେ ଜଳିବାକୁ ଆରମ୍ଭ ହେବା; ନିଆଁ ଲୁଣ୍ଡା । ଯଥା—

ନିଆଁ ଆଣିଲେ ଚୁଲ୍ଲୀରେ କୁହୁଳା ପକେଇବା ।
ଉ.ସା. ୮.୯.

କୁହୁଳିବା, କ୍ରି. (ଦେଶଜ) ନିଆଁ ଭିତରେ ଭିତରେ ଜଳିବା । ଯଥା—

ଦୁଃଖୁଁତ କୁହୁଳୁଥାଏ ଅଲକ୍ଷିତେ ଦେବ । ଦ. ବ.
ପୋଡ଼ିଯିବା ।

କୁହୁଣ୍ଡା, ବି. (ଦେଶଜ) ଶିକୁଳି ଲଗାଇବା ନିମିତ୍ତ ଦ୍ୱାରବନ୍ଧରେ ଯୁକ୍ତ ରଖିଥିବା ଲୁହାକଣ୍ଟା ।

କୁହେଳିକା, } ବି. ସ୍ତ୍ରୀ. (କୁ = ପୃଥିବୀ-ହେଡ୍ =
କୁହେଡ଼ିକା, } ବେଷ୍ଟନ କରିବା-ଅକ, ଅକ = ଇକ, ସ୍ତ୍ରୀ—ଆ, ଡ଼ = ଳ) କୁହୁଡ଼ି ।

କୁହ୍ଲିଆ, ବି. (ଗଡ଼ଜାତ ଶବ୍ଦ) ଶୃଗାଳ ।

କୂଜନ, } ବି. (କୂଜ୍ = ଶବ୍ଦ କରିବା-ଅନ, ତ
କୂଜିତ, } —ଭାବବାଚ୍ୟରେ) ଅବ୍ୟକ୍ତ ଧ୍ୱନି; ପକ୍ଷିଧ୍ୱନି ।

କୂଟ, ବି. (କୂଟ୍ = ବନ୍ଧ ହେବା-ଅ)ପର୍ବତଶୃଙ୍ଗ; ସମୂହ; କପଟ; ମୃଗାଦିବନ୍ଧନ ଯନ୍ତ୍ର ।

କୂପ, ବି. (କୁ = ଈଷତ୍-ଅପ୍ = ଜଳ-ଅ, ନିପାତନ) କୁଅଁ, ଗର୍ତ୍ତ, ଛିଦ୍ର । ଯେପରି—ଲୋମକୂପ ।

କୂପକ, ବି. (କୂପ-କ)କୁଅଁ;ନଦୀମଧ୍ୟର ଆବର୍ତ୍ତାକାର ଗର୍ତ୍ତ; ନୌକା ପ୍ରଭୃତିର ମାସ୍ତୁଲ ।

କୂର୍ଚ୍ଚ, ବି. (କୂର୍ଚ୍ଚ୍ = ପ୍ରଶଂସା କରିବା-ଅ) ଶ୍ମଶ୍ରୁ, ଦାଢ଼ି; ଛଳ; ଦମ୍ଭ; ମୟୂରପୁଚ୍ଛ ।

କୂର୍ଚ୍ଚିକା, ବି.ସ୍ତ୍ରୀ.(କୂର୍ଚ୍ଚ୍-ଇକ,ସ୍ତ୍ରୀ-ଆ)ଶଳାକା; କୁଞ୍ଚିକା; କୁଟ୍ମଳ, କଢ଼ି; କ୍ଷୀର ବିକୃତିବିଶେଷ ।

କୂର୍ମ, ବି. (କୂ = ଈଷତ୍-ଊର୍ମି = ବେଗ-ଅ—ଅସ୍ତ୍ୟର୍ଥେ) କଚ୍ଛପ, କଇଁଚ ।

କୂଳ, ବି. (କୂଳ୍ = ଆବରଣ କରିବା-ଅ)ତଟ; ସ୍ତୂପ, ରାଶି; ସମୀପ ସ୍ଥାନ ।

କୂଳଆ,ବିଂ.(ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) କୂଳ ବା ତଟରେ ଥିବା । ଯଥା—

ପୁରଞ୍ଜନ ବୋଲେ ମୁଁ ଗଙ୍ଗାକୂଳଆ ଦ୍ୱିଜ,
ଅର୍ଥର୍ବବେଦୀ ବ୍ରାହ୍ମଣଙ୍କୁ ସର୍ବଗାହ୍ୟ । ସା.ଭା.ଆ.

କୃକଲାଶ, } ବି. (କୃକ = ଶିରଃ, ଗ୍ରୀବା, କଣ୍ଠ-
କୃକଲାସ, } ଲସ୍ = କ୍ରୀଡ଼ା କରିବା-ଅ, ଯେ
କୃକୁଲାସ, } ଶିରେ ପ୍ରଭୃତି ନଚାଏ) ସରୀସୃପବିଶେଷ, ଏଣ୍ଡୁଅ ।

କୃକବାକୁ,ବି. (କୃକ = ଶିର-ବଚ୍ = ବୋଲିବା-ଉ) କୁକ୍କୁଟ; ମୟୂର; ଏଣ୍ଡୁଅ ।

କୃକାଟିକା,ବି. ସ୍ତ୍ରୀ.(କୃକ = କଣ୍ଠ-ଅଟ୍ = ଗମନ କରିବା-ଅ, ସ୍ତ୍ରୀ. ଆ, ଅକ = ଇକ) ଗ୍ରୀବାର ଉନ୍ନତ ପ୍ରଦେଶ; ଗ୍ରୀବାର ଉପରଭାଗ ।

କୃତ, ବି. (କୃ = ଛେଦନ କରିବା-ତ) ସତ୍ୟଯୁଗ; କାର୍ଯ୍ୟ; ହିଂସା । ବିଂ. ରଚିତ; ହିଂସିତ; ଉପଯୁକ୍ତ; ବିହିତ ।

କୃତକ, ବିଂ. (କୃତ-କ) କଳ୍ପିତ, ଯାହା ସ୍ୱାଭାବିକ ନୁହେ, କୃତ୍ରିମ ।

କୃତକୃତ, ବିଂ. (କୃତ୍ୟକୃତ୍ୟ ଶବ୍ଦର ଅପଭ୍ରଂଶ) କୃତାର୍ଥ, ଚରିତାର୍ଥ । ଯଥା—

ସୁଖେ ବସାଇ କୃଷ୍ଣଦୂତ,
ଆନନ୍ଦେ ହୋଇ କୃତକୃତ । ଭା. ଦ. ସ୍କ.

କୃତକୃତ୍ୟ, ବିଂ. (କୃତ-କୃତ୍ୟ) କୃତାର୍ଥ, ଚରିତାର୍ଥ; କୃତକର୍ମା; ବିଦ୍ୱାନ୍ ।

କୃତଘ୍ନ, ବିଂ. (କୃତ-ହନ୍-ଅ, ହନ୍ = ଘ୍ନ) ଯେ ଉପକାର ସ୍ୱୀକାର କରେ ନାହିଁ; ଘାତକ ।

କୃତଜ୍ଞ, ବିଂ. (କୃତ-ଜ୍ଞା-ଅ) ଯେ ଉପକାର ଚିରକାଳ ମନେ ରଖେ, ଯେ ଉପକାରର ପ୍ରତ୍ୟୁପକାର କରିବାର ଚେଷ୍ଟା କରେ; କର୍ତ୍ତବ୍ୟ ବିଷୟରେ ମନୋଯୋଗୀ ।

କୃତବନ୍ଦ, ବି. (କୁରୁବିନ୍ଦ ଶବ୍ଦଜ) ପଦ୍ମରାଗମଣି । ଯଥା—

ଧଳୁର ବେନି କୂଳରେ କୃତବନ୍ଦ ଗୁଏଣି,
ଦିଶଇ ସେ ଶାମ୍ବୁକ ନିର୍ଦ୍ଧୂମ ଅଗ୍ନି ଜାଣି ।
ନୃ. ପୁ. ପ୍ର. ତ.

କୃତବେଲି, } ବି. ସ୍ତ୍ରୀ. (ଦେଶଜ) ସ୍ୱନାମପ୍ରସିଦ୍ଧ
କୃତବେଲ୍ଲି, } ଏକଜାତୀୟ ସୁଗନ୍ଧ ଫୁଲ ।
କୃତବେଲ୍ଲୀ, } ଯଥା—
କୃତୁବେଲି, }

କୃତବେଲ୍ଲୀ ମଲ୍ଲୀ ମାଧବୀ ଛୁରିଅଳା
ହେମକେତକୀ କରବୀର । ର. କ.

କୃତହସ୍ତ, ବିଂ. (କୃତ = ଅଭ୍ୟସ୍ତ-ହସ୍ତ) ଶରକ୍ଷେପଣେ ସୁପଣ୍ଡିତ, କ୍ଷିପ୍ରହସ୍ତ; କାର୍ଯ୍ୟଦକ୍ଷ ।

କୃତାନ୍ତ, ବିଂ. (କୃତ-ଅନ୍ତ = ନାଶ, ଶେଷ) ଯମ; ଦୈବ; ଶନିବାର; ସିଦ୍ଧାନ୍ତ । ବିଂ. ଜ୍ଞାତସିଦ୍ଧାନ୍ତ ।

କୃତାର୍ଥ, ବିଂ. ( କୃତ-ଅର୍ଥ = ପ୍ରୟୋଜନ ) ଚରିତାର୍ଥ, କୃତକାର୍ଯ୍ୟ ।

କୃତି, ବି. ସ୍ତ୍ରୀ. (କୃ = କରିବା-ତି) କରଣ; ରଚନା; କାର୍ଯ୍ୟ; ଯତ୍ନ, ଚେଷ୍ଟା ।

କୃତୀ, ବିଂ. (କୃ=କରିବା-ତିନ୍; କୃତ=କାର୍ଯ୍ୟ-ଇନ୍-ଅସ୍ତ୍ୟର୍ଥେ) ପଣ୍ଡିତ;ସମର୍ଥ;ପୁଣ୍ୟବାନ୍; କୁଶଳ; କୃତାର୍ଥ; କର୍ମକ୍ଷମ ।

କୃତେ, ଅଂ. ସଂ. ନିମନ୍ତେ ।

କୃତ୍ତ, ବିଂ. (କୃତ୍=କର୍ତ୍ତନ କରିବା-ତ) ଛିନ୍ନ; ବିଭକ୍ତ; ଅଭିପ୍ରେତ; ବେଷ୍ଟିତ ।

କୃତ୍ତି, ବି. ସ୍ତ୍ରୀ. ( କୃତ୍ = କର୍ତ୍ତନ କରିବା-ତି ) ମୃଗାଦି ଚର୍ମ । ଯେପରି—କୃତ୍ତିବାସ । ଭୂର୍ଜପତ୍ର; କୃତ୍ତିକା ନକ୍ଷତ୍ର ।

କୃତ୍ତିବାସ, ବି. (କୃତ୍ତି = ଗଜାସୁର ଚର୍ମ—ବାସ = ବସ୍ତ୍ର) ମହାଦେବ ।

କୃତ୍ୟ, ବି.(କୃ=କରିବା-ଯ, ତ ଆଗମ) କାର୍ଯ୍ୟ; ପ୍ରୟୋଜନ; କାରଣ; ଧାତୁର ଉତ୍ତର ତବ୍ୟ ଅନୀୟାଦି ପ୍ରତ୍ୟୟ । (ସ୍ତ୍ରୀ.ଆ-କୃତ୍ୟା) କ୍ରିୟା, କାର୍ଯ୍ୟ; ଅଭିଚାରିକ ବ୍ୟାପାର; ଦେବତା । (କୃତ୍ୟା କ୍ରିୟାଦେବତୟୋଃ—ଅମର ।)

କୃତ୍ରିମ, ବିଂ. ( କୃ = କରିବା-ତ୍ରିମ ) କଳ୍ପିତ; ଅଯଥାର୍ଥ; ଅବିଶୁଦ୍ଧ ।

କୃତ୍ସ୍ନ, ବି. ( କୃତ୍ = ବେଷ୍ଟନ କରିବା-ସ୍ନ ) ସମୁଦାୟ, ସକଳ ।

କୃନ୍ତନ, ବି. (କୃତ୍=ଛେଦନ କରିବା-ଅନ-ନକାରାଗମ) ଛେଦନ । ( ସ୍ତ୍ରୀ-କୃନ୍ତନିକା ) ଛେଦନାସ୍ତ୍ର ।

କୃପଣ, ବିଂ.(କୃପ୍=ପାରଗ ହେବା-ଅନ)ଅର୍ଥ-ବ୍ୟୟକାତର;ଲୁବ୍ଧ;ହୀନ, କାତର; ନୀଚ ।

କୃପା, ବି. ସ୍ତ୍ରୀ. (କୃପ୍ = ପାରଗ ହେବା-ଅ-ଆ) ଦୟା ।

କୃପାଣ, ବି. (କୃପ୍=ପାରଗ ହେବା-ଆନ-ସଂଜ୍ଞାର୍ଥେ) ଖଡ୍ଗ । (ସ୍ତ୍ରୀ-କୃପାଣିକା) ଛୁରି ।

କୃପାଳୁ, ବିଂ. ସଂ. ଦୟାଳୁ ।

କୃପୀଟଯୋନି, ବି.(କୃପୀଟ = କାଷ୍ଠ ବା ଇନ୍ଧନ, ଯୋନି = ଜନ୍ମସ୍ଥାନ) ଅଗ୍ନି ।

କୃମି, } ବି. ( କ୍ରମ୍ = ଗମନ କରିବା-ଇ-<br>
କ୍ରିମି, } ନିପାତନ ) କୀଟ, ପୋକ ।

କୃଶ, ବିଂ. (କୃଶ୍ = ସୂକ୍ଷ୍ମ କରିବା-ତ,ନିପାତନ) କ୍ଷୀଣ; ଦୁର୍ବଳ; ଅସମର୍ଥ; ଦରିଦ୍ର; କ୍ଷୁଦ୍ର; ଅଳ୍ପ ।

କୃଶାନୁ, ବି. (କୃଶ୍ = ସୂକ୍ଷ୍ମ କରିବା-ଆନୁ)ଅଗ୍ନି ।

କୃଷକ, ବି. ( କୃଷ୍ = ଚଷିବା-ଅକ ) ଚାଷୀ । ବିଂ. କର୍ଷଣକାରୀ ।

କୃଷି, ବି. (କୃଷ୍ = କର୍ଷଣ କରିବା-ଇ) ଚାଷ; ଭୂମି ।

କୃଷ୍ଣ, ବି.(କୃଷ୍ = ଆକର୍ଷଣ କରିବା-ତ,ତ=ନ) ଶ୍ରୀଭଗବାନ୍, ରାଧାପତି; ବ୍ୟାସଦେବ; ଅର୍ଜୁନ; କୋକିଳ; କାକ; ନୀଳବର୍ଣ୍ଣ; ଲୌହ । ବିଂ. ନୀଳବର୍ଣ୍ଣଯୁକ୍ତ । (ସ୍ତ୍ରୀ-ଆ) ଦ୍ରୌପଦୀ ।

କୃଷ୍ଣବର୍ତ୍ମା, ବି.(କୃଷ୍ଣ-ବର୍ତ୍ମ=ମାର୍ଗ,ଯାହାର ପଥ ଅନ୍ଧକାର) ଅଗ୍ନି; ରାହୁ । ବିଂ. ଦୁରାଚାର ।

କୃଷ୍ଣକଜଳ, ବି. (ଦେଶଜ—କୃଷ୍ଣ ଓ କଜ୍ଜଳ ଶବ୍ଦର ଅନୁକୃତ) ଧାନ୍ୟବିଶେଷ ।

କୃଷ୍ଣସାର, } ବି. (କୃଷ୍ଣ = କଳାରଙ୍ଗ-ସାର =<br>
କୃଷ୍ଣଶାର, } ସ୍ଥିରାଂଶ) ହରିଣବିଶେଷ ।

କୃଷ୍ଣାଜନ, ବି. ( କୃଷ୍ଣ-ଅଜନ ) କୃଷ୍ଣସାର ମୃଗର ଚର୍ମ ।

କୃଷ୍ଣାଜିନ, ବି. (କୃଷ୍ଣାଜନ ଶବ୍ଦଜ) ମୃଗଚର୍ମ, କୃଷ୍ଣସାର ମୃଗର ଚର୍ମ । ଯଥା—

**ଗୋମୟ ଲିପିଣ ଚନ୍ଦନର ଛେରା ଦ୍ୟନ୍ତି,**<br>
**କୃଷ୍ଣାଜିନ ମୃଗଛାଲ ତହିଁ ଉପରେ ପକାନ୍ତି ।**

ନୃ. ପୁ. ପ୍ର. ତ.

କୢପ୍ତ, ବିଂ. (କୢପ୍ = ସମର୍ଥ ହେବା-ତ) କୃତ, ରଚିତ, କଳ୍ପିତ, ସ୍ଥିରୀକୃତ; ନିରୂପିତ ।

କେଁ କେଁ, ଅଂ. ( ଦେଶଜ ) ଅନୁକରଣ ଶବ୍ଦବିଶେଷ ।

କେ, } ସର୍ବ°. ( କମ୍ ଶବ୍ଦର ରୂପ ) କେଉଁ
କଏ, } ବ୍ୟକ୍ତି ।

କେଙ୍କିବା, କ୍ରି. (ଦେଶଜ) ସକେଇ କାନ୍ଦିବା ।

କେଉଁ, ସର୍ବ°. (କମ୍ ଶବ୍ଦର ରୂପ) କେବଣ ।

କେଉଁଠି, } ସର୍ବ°. (ଦେଶଜ) କେଉଁଠାରେ ।
କେଇଁଠି, }

କେଉଁଣସି, ସର୍ବ°. (କମ୍ ଶବ୍ଦଜ) କେଉଁ, କୌଣସି । ଯଥା—

କେଉଁଣସିରୂପେ ରାଜା ଶତ୍ରୁ ଚନ୍ଦ୍ରା ଦୂର,
ନ ହୋଇଲା କ୍ରମେ ତାହା ହେଲା ଦୃଢ଼ତର । ବୈ.ପ.

କେଉଁପର, ଅ°. (ଦେଶଜ) କପର ।

କେଉଟ, ବି. (କୈବର୍ତ୍ତ ଶବ୍ଦଜ, ପ୍ରାକୃତ କେଉଟରୁ ଜାତ) ମାଛ ଧରିବା ଏବଂ ଲିଆ ପ୍ରଭୃତି ବିକିବା ଜାତିବିଶେଷ । ଯଥା—

ତହୁଁ ଗଲା କାଞ୍ଚୀ ପଳାଇ ଖରେ,
ଯାଇ ସେ ପଶିଲା କେଉଟ ଘରେ । ହା. ଉ.

କେଉଟଚମ୍ପା, } ବି. ( ଦେଶଜ ) ଧାନ୍ୟ-
କେଉଟିଆଚମ୍ପା, } ବିଶେଷ ।

କେଉଟମୁଥା, ବି. (କୈବର୍ତ୍ତମୁସ୍ତକ ଶବ୍ଦଜ) ଏକପ୍ରକାର ମୁଥା ।

କେଉଟୁଣୀ, ବି. ସ୍ତ୍ରୀ. (ଦେଶଜ) କେଉଟ ସ୍ତ୍ରୀ ।

କେଉଟିଆ, ବି. ( ଦେଶଜ ) କୀଟବିଶେଷ, ସାପବିଶେଷ ।

କେକର, ବି°. (କେ=ମସ୍ତକେ, କର=କୃ-ଅ, ଯେ ନେତ୍ରଦ୍ୱୟ ମସ୍ତକଦିଗକୁ ଚାଳନ କରେ) ବକ୍ରାକ୍ଷି, ଟେରା ।

କେକା, ବି. (କେ=ଅନୁକରଣ ଶବ୍ଦ-କୈ= ଶବ୍ଦ କରିବା-ଅ) ମୟୂରଧ୍ୱନି ।

କେକାବଳ, } ବି. (କେକା-ବଳଚ୍—ଅ, ଇନ୍
କେକୀ, } —ଅସ୍ତ୍ୟର୍ଥେ) ମୟୂର ।

କେଙ୍ଗେରୁ, ବି. ଉଦ୍ଭିଦଭୋଜୀ ଜନ୍ତୁବିଶେଷ ।

କେଜାଣି, ଅ°. (ଦେଶଜ)ହଠାତ୍; କନମନ୍ତେ ।

କେଞ୍ଚା, ବି. (ଦେଶଜ) ମାଛକୁ କେଞ୍ଚିକରି ମାରିବା ଯନ୍ତ୍ରବିଶେଷ ।

କେଞ୍ଚଡ଼ି, } ବି°. ( ଦେଶଜ ) ପାକଳା ନ
କେଞ୍ଚୁଡ଼ି, } ହେବା ।

କେଞ୍ଚିବା, କ୍ରି. (ଦେଶଜ) ଭୁଷିବା ।

କେଞ୍ଚୁଆ, ବି.(କଞ୍ଚୁଳକ ଶବ୍ଦଜ) କିଆ । ଯଥା—

ନ ଜାଣିବା ଲୋକଙ୍କୁ ଏ ଜୀବ ଜଣା ହୋଇ,
ମହାଲତା ବୋଇଲେଟି କେଞ୍ଚୁଆକୁ କହି । ନୃ.ପୁ.ସ.ତ.

କେଞ୍ଚୁଡ଼ପୋକ, ବି.(ଗଡ଼ଜାତ ଶବ୍ଦ) ତେଲୁଣୀ-ପୋକ ।

କେତେ, } ବି°. ( ଦେଶଜ ) ପରିମାଣାର୍ଥ ।
କେତେକ, } ଯଥା—

କୃଷ୍ଣବଲ୍ଲଭ ଏ ଗୋ କେତେକ ବଳଆର,
ପୁଅଙ୍କ ଛଳେ ତାଙ୍କୁ ଦେଖିବ ଯମପୁର । ନୃ.ପୁ.ଚ.ତ.

କେଣେ, } ଅ°. (ଦେଶଜ) କେଉଁଆଡ଼େ ।
କେଣିକ, } ଯଥା—

ଏ ଭାଗ୍ୟ ମୁଁ ଅରଜିବ ବାନ୍ଧବୀକ ନ ତେଜିବ,
ଜୀବନ୍ତେ କେଣେ ନ ଯିବ ଭାବେ ମଜିବ । ପ୍ରେ.ସୁ.ନି.
ଲୁଚିଥିଲେ ଆସ ଆସ ମୋର ପ୍ରାଣସଖି !
ପଳାଇ କେଣିକ ଗଲ ମୋର ଦୁଃଖ ଦେଖି । ବି. ଗ୍ର.

କାହିଁକି, ଯଥା—ମୋତେ କେଣେ ଏଠାକୁ ଡାକି ଆଣିଲ ।

କେଣ୍ଡା, ବି. (ଦେଶଜ) ଶସ୍ୟଗୁଚ୍ଛ ।

କେତକ, ବି. (କିତ=ବାସ କରାଇବା-ଅକ) କିଆ ଫୁଲ ଓ ତାର ଗଛ । ( ସ୍ତ୍ରୀ-ଈ ) ଉତ୍କୃଷ୍ଟଜାତୀୟ କେତକପୁଷ୍ପ ।

କେତକୀ, } ବି. ସ୍ତ୍ରୀ. (ଦେଶଜରୂପେ ବ୍ୟବହୃତ)
କେତକ, } ମସ୍ତକ ଅଳଂକାରବିଶେଷ । ସଂ. ପ୍ରଶସ୍ତକେତକପୁଷ୍ପ ।

କେତକୀଖଇର, ବି. (କେତକୀ-ଖଦିର-ଏଥିରୁ ଜାତ) କେତକୀ ପାଖୁଡ଼ା ମଧ୍ୟରେ ରଖି ଯେଉଁ ଖଇରକୁ ସୁବାସିତ କରନ୍ତି ।

କେତନ, ବି. ( କିତ୍=ବାସ କରିବା-ଅନ ) ପତାକା । ଯଥା—କପିକେତନ ରଥ । ଚିହ୍ନ; ଗୃହ; କାର୍ଯ୍ୟ ।

କେତପା, ବି. (ଦେଶଜ) ପ୍ରଚ୍ଛଦ ପଟବିଶେଷ, ଆସ୍ତରଣ ପଟବିଶେଷ । ଯଥା—

କଳା କେତପା ଚନ୍ଦ୍ରାତପ ମଧ୍ୟେ
କି ରଜତ ଜରି ନାୟକ,
କଉତୁକରେ ତାହା ଗୃନ୍ଥ
ଦର୍ପଣ ଖଞ୍ଜାଇ ଅଛୁ ଅନେକ । ର. କ.

କେତାଇବା, } କି. (ଦେଶଜ) ଓଟାରିବା
କେତକେତାଇବା, } କିମ୍ବା ଓଟାରି ବୁଲାଇବା । (ବାଳ କିମ୍ବା କେଶାର୍ଥ ଶବ୍ଦ ସହିତ କେବଳ ପ୍ରୟୋଗ ହୁଏ ।) ଯଥା—ତାର ଚୁଟି ଧରି କେତାଇ ଦେଲା ।

କେତାକେତା, କି. ବିଂ. (ଦେଶଜ) ଟିକିଟିକି ।

କେତୁ, ବି. (କିତ୍=ବାସ କରିବା-ଉ) ଗ୍ରହ-ବିଶେଷ; ପତାକା; ଚିହ୍ନ, ଉତ୍ପାତଚିହ୍ନ, ଶତ୍ରୁ; ରୋଗ ।

କେତେ, ଅଂ. (କତି ଶବ୍ଦଜ) ପରିମାଣବାଚକ, ଅପରିମିତ । ଯଥା—

ହାଟ ନାଟ କାହିଁ କେତେ କରନ୍ତି । ବି. ଚ. ମ.

କେତେକ, } ଅଂ. ( କପୂତ୍ର ଶବ୍ଦଜ—
କେତେହେଁକ, } କେତ୍ତିକ, ପ୍ରାକୃତ ଶବ୍ଦରୁ ଆଗତ) ପରିମାଣବାଚକ । ଯଥା—

ଏଥୁଅନନ୍ତରେ ଗଲା କେତେହେଁକ କାଳ,
ଲଗ୍ନ ବୁଝି କଉତପ କହେ ଅନୁକୂଳ । ମା.ଫ.

କେତେକର, ବିଂ. (ଦେଶଜ) ଅଳ୍ପପରିମାଣ-ବୋଧକ, ଅତି ସାମାନ୍ୟ । ଯଥା—

ଅର୍ଜୁନ ଅଟେ କେତେକରଟି ମାନବ । କୃ.ଖ୍ର.ବ.ପ.

କେତେମାନ, } କି.ବିଂ.(ଦେଶଜ)କଦାପି ।
କେତେହେଲେ, }

କେତୋଟି, ବିଂ. (ଦେଶଜ) କେତେଗୋଟି ।

କେଦାର, ବି. (କେ=ଜଳରେ-ଦ=ବିଦାରଣ କରିବା-ଅ—ଜଳ ହେଲେ ଯାହାର ବିଦା-ରଣ ହୁଏ) କ୍ଷେତ୍ର, ବିଲ; ଆଳବାଳ; କ୍ଷେତ୍ରବନ୍ଧ, ବିଲହୁଡ଼ା; ଶିବ ।

କେନା, ବି. (ଦେଶଜ) ବୃକ୍ଷର ସାନ ଶାଖା ।

କେନାଲ, ବି. (ଇଂରାଜୀ ଶବ୍ଦ ) କୃତ୍ରିମ ନଦୀ, ନାଳ ।

କେନେ, ଅଂ. ( ଗଡ଼ଜାତ ଶବ୍ଦ—ଲିଖିତ ଭାଷାରେ ପ୍ରୟୋଗ କରାଯାଏ ନାହିଁ ) କେଉଁଠାରେ । (ବାଲେଶ୍ୱର ପ୍ରାନ୍ତରେ କହନ୍ତି) କାହିଁକି ?

କେନ୍ଦରା, } ବି. (କଣ୍ଠୋଳୀ ଶବ୍ଦଜ) ବାଦ୍ୟ-
କେନ୍ଦେରା, } ଯନ୍ତ୍ରବିଶେଷ ଅର୍ଥାତ୍ ଚଣ୍ଡୋଳ-ବୀଣା । ଯଥା—

କେଁ କେଁ କେନ୍ଦରା ମୁଁ କେତେ ବଜାଇବ ।

କେନ୍ଦୁ, ବି.(କେନ୍ଦୁକ ଶବ୍ଦଜ)ସ୍ୱନାମପ୍ରସିଦ୍ଧ ବୃକ୍ଷ ଓ ଫଳବିଶେଷ । ଯଥା—

ବାମ କର କପୋଳ ତଳେ,
କେନ୍ଦୁ ପଲ୍ଲବେ କି ଥୁଆ କମଳ । ଲା. ବ.

ବିଂ. (ଦେଶଜ) କୃଷ୍ଣବର୍ଣ୍ଣ ।

କେନ୍ଦୁଆ, ବି. (ଦେଶଜ) ଏକପ୍ରକାର ବ୍ୟାଘ୍ର ।

କେନ୍ଦୁଡ଼ି, } ବି. (କନ୍ଦଳ ଶବ୍ଦଜ) ପୁଷ୍ପଜାତୀୟ
କେନ୍ଦୁଳି, } ଗୁଳ୍ମବିଶେଷ, ଏହି ଗଛର କନ୍ଦା ଥାଏ ।

କେନ୍ଦ୍ର, ବି. (କ-ଇନ୍ଦ୍ର) ଲଗ୍ନ; ପୃଥିବୀର ଉତ୍ତର ଦକ୍ଷିଣ ପ୍ରାନ୍ତ; ଗୋଲବସ୍ତୁର ଠିକ୍ ମଧ୍ୟଭାଗ; ମୂର୍ଯ୍ୟଙ୍କଠାରୁ ଗ୍ରହାଦିର ଦୂରତ୍ୱ ।

କେନ୍ଦ୍ର, } ବି. (ଦେଶଜ) ଖେଳରେ
କେନ୍ଦ୍ରି, କେନ୍ଦରି, } କୃତ ଷଡ଼୍ଯନ୍ତ୍ର ବା ଗୋଳମାଳ । ଯଥା—

ସେହି ମଣି ଲଗିଛି ଜିଣିଲା ତୋତେ ଇନ୍ଦ୍ର,
ଖେଳରେ ବସିନେଲା ଲଗାଇ ନାନା କେନ୍ଦ୍ର ।
ନୃ. ପୁ. ଦ୍ୱି. ତ.

କେବକୁ, ଅଂ. (ଦେଶଜ) କେବେ । ଯଥା—

କେ ବୋଲେ ଭଗବତୀ ମାତାର କେଡ଼େ ହେଲା,
କେବକୁ କରିବେ ସବୁ ଯୋଗାଡ଼ ସଙ୍ଗୋଳା ।
ନୃ. ପୁ. ତୃ. ତ.

କେବଣ, ସର୍ବ. (କିମ୍. ଶବ୍ଦଜ) କୌଣସି । ଯଥା—

ପଚାରିଲ ମୋତେ ତୁମ୍ଭେ କେବଣ କାରଣେ । ବେ.ପ.

କେବା, ଅଂ. (ଦେଶଜ) କିଏ ଅବା ।

କେବେ, } ଅଂ. (ଦେଶଜ) କେଉଁ ସମୟରେ ।
କେଭେ, }

କେମନ୍ତ, } ଅଂ. (ଦେଶଜ) କିପ୍ରକାରରେ ।
କେମନ୍ତ, } ଯଥା—

ଯଦ୍ୟପି ଅର୍ଜୁନକୁ ରେ ଦେବା ଆମ୍ଭେ ଏଥି,
ଇନ୍ଦ୍ର ଗୋବିନ୍ଦଙ୍କ କୋପେ ବର୍ତ୍ତିବା କେମନ୍ତ । ସା.ଭା.ଆ.

କେମ୍ପା, ବି°. (କୁମ୍ପ ଶବ୍ଦଜ) ହସ୍ତ ଯାହାର ବାଙ୍କ ହୋଇ ଯାଇଥାଏ । ଯଥା—
ଗ୍ଲେଟା କେମ୍ପା କଣା ରୋଗିଙ୍କି ଏ ଅନ୍ନ,
ଦିଆଇଲେ ଯାଇଛି କରନ୍ତି ଭୋଜନ । କୃ. ଭା. ବ. ପ.

କେମ୍ପୀ, ବି. ସ୍ତ୍ରୀ. (କୁମ୍ପ ଶବ୍ଦଜ) ଯେଉଁ ସ୍ତ୍ରୀର ହସ୍ତ ବକ୍ର ହୋଇ ଯାଇଥାଏ । (କୁବୁଜୀ ଶବ୍ଦ ଦେଖ ।)

କେୟୂର, ବି. ( କେ = ମସ୍ତକରେ, କନ୍ଧ ଏସ୍ଥାନରେ ପ୍ରଗଣ୍ଡ ଦେଶରେ-ଯୁ = ଯୋଗ କରିବା-ଉର) ବାହୁଭୂଷଣ, ତାଡ଼ ।

କେରଣ୍ଡ, ବି. (ଦେଶଜ—ଅତି ପ୍ରାଚୀନ ଓଡ଼ିଆ ଶବ୍ଦ) ପ୍ରତିଜ୍ଞା, ପଣ, କଥା ଏତାଦୃଶ ଅର୍ଥବୋଧକ । ଯଥା—
ଆରେ ଆରେ ଦୈତ୍ୟ ମାଲଯୁଦ୍ଧର ଏ ବାଟ,
କସ କେରଣ୍ଡରେ ମରଣ ହୋଇଲୁ ନିକଟ । ସା. ଭା. ଆ.
ଅସୁର ବୋଇଲା ଆହେ କେରଣ୍ଡ ମୋହର,
ଧର୍ମଯୁଦ୍ଧେ ହାରିଲି ରେ ଗୁଡ଼ ମହାବୀର । ସା. ଭା. ଆ.

କେରପାଳ, କେରପାଲ, ବି. (ଦେଶଜ) ସୂତା ଦଉଡ଼ି-ମାନଙ୍କରେ ବୁଣା ହେବା ମୋଟା ପରିଚ୍ଛଦବିଶେଷ ।

କେରି, କେରି, ବି. (ଦେଶଜ) ତୃଣାଦିର ଅଳ୍ପ ପରିମିତ ବିଡ଼ା । ଯଥା—
ଅଳସୀ ସେଠାରୁ ଧୀରେ ଉଠିଲା,
କୁଟା କେରିକରେ ଦାନ୍ତ ଘସିଲା । ହା. ତ.
ମଇଳ ପଛେ ଚୂଳି କେଶ,
ପବନେ ଉଡ଼େ ଫେରି ଫେରି । ଦା. ର.

କେରାଣ୍ଡି, କେରାଣ୍ଡୀ, କରାଣ୍ଡୀ, ବି. ସ୍ତ୍ରୀ. (ଦେଶଜ) ମତ୍ସ୍ୟବିଶେଷ, ଶଫରୀ ମାଛ । ଯଥା—
କରାଣ୍ଡି କି ଅଣ୍ଟେ ଅଣ୍ଟେ ଧରେ ହେଲ୍ଲେ ବକ,
ଧରନ୍ତି ଯାହିଁକୁ ଅଣି ତେସନେ ସେବକ । ଉ. ଭ୍ର.

କେଳା, ବି. (କେରଳ ଶବ୍ଦଜ) ଯେ ଇନ୍ଦ୍ରଜାଲ କରେ, ଏମାନେ ନାନାପ୍ରକାର ନାଟ ହାଟ ଦେଖାନ୍ତି ।

କେଳା, କେଳୁ, ବି. (ଯାବନିକ) କଦଳୀ ।

କେଳାଇବା, କ୍ରି. (ଦେଶଜ) ଚୋପା ଛଡ଼ାଇବା । ଯଥା—
ପକ୍ୱ କଦଳୀ କେଳାଇ କେ କରଇ ରଚ,
ତେମନ୍ତ ଚାଲ କେହୁ ରେଡ ପକାବନ୍ତି । ସା. ଭା. ଆ.
ମାଛ ପ୍ରଭୃତି କାଟିବା । ଯଥା—ମାଛ କେଳାଉ ଅଛି ।

କେଳ, କେଳୀ, ବି. ସ୍ତ୍ରୀ. (କେଳ୍ = କ୍ରୀଡ଼ା କରିବା-ଇ) କ୍ରୀଡ଼ା, କୌତୁକ, ପରିହାସ ।

କେଲୁଆର, କେଲୁଆଳ, ବି. (ଦେଶଜ) ନାବର ମଙ୍ଗଧରା କାଷ୍ଠବିଶେଷ । ଯଥା—
ଶୁଣି ତରୀ ତୁଠରେ ଜଗିଲା ବାଳଶିଖୀ,
କାତ କେଲୁଆର ଧରି ନାବେ ଅଛି ବସି । ନା. ର. ଗୀ.

କେଲୁଣୀ, ବି. ସ୍ତ୍ରୀ. ( କେରଳୀ ଶବ୍ଦଜ ) କେଳାର ସ୍ତ୍ରୀ; ନୀଚ ସ୍ତ୍ରୀ; ଦୁଷ୍ଟା ସ୍ତ୍ରୀ ।

କେବଟ, ବି. ସଂ. ଜଳଧାରାର୍ଥ ଗର୍ତ୍ତରୂପ କୂପ ।

କେବଳ, ବି°.(କେବ୍ = ସେଚନ କରିବା-ଅଳ) ଅଦ୍ୱିତୀୟ;ଅମିଶ୍ରିତ;ସମ୍ପୂର୍ଣ୍ଣ; ନିଷ୍ଠାଯୁକ୍ତ;ଶୁଦ୍ଧ ।

କେଶ, ବି. ( କ = ମସ୍ତକ-ଈଶ = ପ୍ରଭୁତ୍ୱ କରିବା-ଅ) ବାଳ । (କ = ଜଳ-ଈଶ) ବରୁଣ, ବିଷ୍ଣୁ ।

କେଶପାଶ, କେଶପକ୍ଷ, କେଶହସ୍ତ, ବି. (କେଶ-ପାଶାଦି-ସମୂହାର୍ଥେ) ବାଳଗୁଚ୍ଛ । ( ପାଶଃ ପକ୍ଷଶ୍ଚ ହସ୍ତଶ୍ଚ କଳାପାର୍ଥାଃ କଚାତ୍ପରେ —ଅମର ।)

କେଶର, କେସର, ବି. ( କେ = ଜଳେ-ଶୃ = ହିଂସା କରିବା, ସୃ = ଗମନ କରିବା-ଅ, ଯେ ଜଳରେ ଶୀର୍ଣ୍ଣ ହୋଇ ପଡ଼େ) କିଞ୍ଜଳ୍କ, ପୁଷ୍ପର କେଶାକାର ନାଡ଼ୀ; ସିଂହ ଅଶ୍ୱାଦିର ଗ୍ରୀବାର ବାଳ; ବକୁଳପୁଷ୍ପ, ବଉଳ ଗଛ; ନାଗେଶ୍ୱର ବୃକ୍ଷ ଓ ପୁଷ୍ପ; ପୁନ୍ନାଗ ବୃକ୍ଷ ।

କେଶରୀ, କେସରୀ, ବି. (କେଶର, କେସର-ଇନ୍-ଅସ୍ତ୍ୟର୍ଥେ) ସିଂହ; ଅଶ୍ୱ; ବାନରବିଶେଷ । ବି°. (ଅନ୍ୟ ଶବ୍ଦର ପରେ ରହିଲେ) ଶ୍ରେଷ୍ଠ । ଯେପରି—ବୀର-କେଶରୀ ।

କେଶବ, ବ. (କେଶ-ବ-ପ୍ରାପ୍ତ୍ୟର୍ଥେ-ଯେ ପ୍ରଶସ୍ତ କେଶ ପାଇଅଛନ୍ତ) କୃଷ୍ଣ, ବିଷ୍ଣୁ; (କେ= ଜଳେ-ଶବ) ଜଳସ୍ଥ ମୃତ ଦେହ । ବିଂ. ପ୍ରଶସ୍ତ କେଶବିଶିଷ୍ଟ ।

କେଶାକେଶି, କ୍ରି. ବିଂ. (କେଶ-କେଶ-ଇ-ବୈପରୀତ୍ୟାର୍ଥେ) କେଶେ କେଶେ ଗ୍ରହଣ କର ଯେ ଯୁଦ୍ଧ ହୁଏ ।

କେସନ, } ଅଂ. (ଦେଶଜ) କପର । ଯଥା—
କେସନେ, }

ପାରଦ ରହିବ ମୁଠା ଭିତରେ କେସନ । ଲ. ବ.

କେହ୍ନ, ସର୍ବ. (କମ୍ ଶବ୍ଦଜ, ପ୍ରାକୃତ ଦେହରୁ ଆଗତ) କୌଣସି ବ୍ୟକ୍ତି । ଅଂ. କପର । ଯଥା—

ସେ ଗୃରୁଶିକ ତର୍କ ବୋଲୁଁ ମୁଁ ଚରୁଶିକ
କେହ୍ନ ଲୃଚବ ନଖରେହ୍ନ । ର. ପ.

କେହ୍ନୁ, ସର୍ବ. (କମ୍ ଶବ୍ଦଜ) କୌଣସି ବ୍ୟକ୍ତି ।

କେହ୍ନଣି, } ଅଂ. (ଦେଶଜ) କେଉଁ ହେଲେ,
କେଉଁଣି, } ଯେ କୌଣସି । ଯଥା—

କେହ୍ନଣି ଆଉକୁ ନୋହିଲ,
ତା ଶୁଣି କୁମର ବୋଇଲା । ଦା. ର.
ଆଉ ତ କେଉଁଣି ଆଡ଼େ ସ୍ଥାନ ମାନ ନାହିଁ,
ମନ୍ତ୍ର ଉପଦେଶ ପୁଣି କହିଦେବା କାହିଁ । ନା. ର. ଗୀ.

କେହ୍ନେ, ଅଂ. (ଦେଶଜ) କପର ।

କୈତବ, ବ. ( କତବ-ଅ ) ଛଳ, କପଟ; ଦ୍ୟୂତକ୍ରୀଡ଼ା ।

କୈମୁତକ, ବ. ( କମ୍-ଉତ-ଇକ ) ନ୍ୟାୟ-ବିଶେଷ, ଫଳେ ଫଳେ ଯହିଁରେ ତାତ୍ପର୍ଯ୍ୟ ପ୍ରକାଶ ପାଏ । ଯଥା—ଯେଉଁ ଭାର ଦୁର୍ବଳ ବହନ କରିବାକୁ ପାରେ, ତାହା ଯେ ବଳ-ବାନ୍ ବ୍ୟକ୍ତି ବହନ କର ପାରବ, ସେ ବିଷୟରେ ଆଉ ବକ୍ତବ୍ୟ କଣ ?

କୈରବ, ବ. (କେରବ-କେ=ଜଳରେ-ରବ= ଯେ ରବ କରେ=ହଂସ-ଅ, ତତ୍ପ୍ରିୟାର୍ଥେ) କୁମୁଦ, ଶ୍ୱେତୋତ୍ପଳ; କତବ; ଶତ୍ରୁ । (ସ୍ତ୍ରୀ-ଈ=କୈରବୀ) ଜ୍ୟୋତ୍ସ୍ନା, କୌମୁଦୀ ।

କୈରବିଣୀ, ବ. ସ୍ତ୍ରୀ. (କୈରବ-ଇନ୍-ସମୂହାର୍ଥେ -ସ୍ତ୍ରୀ-ଈ) କୁମୁଦିନୀ, କୁମୁଦବନ ।

କୈଳାସ, ବ. (କୈଳ=କେଳ-ଅ-ସମୂହାର୍ଥେ =କ୍ରୀଡ଼ାସମୂହ, ସୁଖ-ଆସ=ଆସନ) ଶିବ ଏବଂ କୁବେରଙ୍କ ବାସସ୍ଥାନ ପର୍ବତ ।

କୈବର୍ତ୍ତ, ବ. (କେ=ଜଳେ-ବର୍ତ୍ତତେ ଇତି କୈବର୍ତ୍ତଃ, କେ=ଜଳରେ-ବୃତ୍-ଅ= କେବର୍ତ୍ତ, ଅ-ସ୍ୱାର୍ଥେ) କେଉଟ, ଧୀବର; (କୈବର୍ତ୍ତେ ଦାସ ଧୀବରୌ—ଅମର ।)

କୈବଲ୍ୟ, ବ. (କେବଳ-ଯ-ଭାବାର୍ଥେ-ଦେହ ଏବଂ ଇନ୍ଦ୍ରିୟ ତ୍ୟାଗକରଣ ପୂର୍ବକ ଆତ୍ମାର କେବଳତ୍ୱ) ସଂସାରମୁକ୍ତି; ମୁକ୍ତି, ଦୁଃଖ ନିବୃତ୍ତିରୂପ ମୋକ୍ଷ ।

କୋ, ସର୍ବ. (କମ୍ ଶବ୍ଦଜ) କେଉଁ । ଯଥା— କୋ କଥା କହୁଅଛ ?

କୋଇ, ବ. (ଦେଶଜ) ସ୍ୱର୍ଣ୍ଣ ଆଉଟିବା ପାତ୍ର ।

କୋଇଲ, } ବ. (ଦେଶଜ) ଅଙ୍ଗାର ।
କୋଯିଲ, } ବିଂ. ପାଣ୍ଡୁରବର୍ଣ୍ଣବିଶିଷ୍ଟ ।

କୋଇଲି, ବ. (କୋକିଳ ଶବ୍ଦଜ) କୋକିଳ, ପିକ । ଯଥା—

କୋଇଲି, କେଶବ ଯେ ମଥୁରାକୁ ଗଲ ।
କେ. କୋ.

(ଦେଶଜ) ଆମ୍ବ ବୀଜମଧ୍ୟସ୍ଥ ସିଠା ।

କୋଇଲପାଣି, } ବ. ( ଦେଶଜ ) ବିବାହ
କୌଲପାଣି, } ଦିବସର ପାହାନ୍ତରେ କରିବା ସ୍ନାନ ନିମନ୍ତେ ରଖିଥିବା ପାଣି । ଯଥା—

ପାହିଲ ରଜନୀ ଆଜ୍ଞା ଦେଲେକ ଜନନୀ,
ସ୍ନାହାନ କରିବେ ସୀତା ଦିଅ କୌଲପାଣି ।
ମ. ହ.

କୋଇଲବାଇ, ବ. (ଦେଶଜ) ଧାନ୍ୟବିଶେଷ ।

କୋଇଲବୁଡ଼, } ବ. (ଦେଶଜ)ବିବାହଦିବସର
କୌଲବୁଡ଼, } ପାହାନ୍ତରେ କରିବା ସ୍ନାନ ।

କୋଇଲସୁତା, ବ. ( ଦେଶଜ ) ଏକ ପ୍ରକାର ସୂକ୍ଷ୍ମଲତା । ଯଥା—

**କୋଇଲ ସୁତା ପଇତା ଦେଲ ବାମ କାନ୍ଧେ,**
**କାଇଁନାଳ ଉତୁରି ଲଗାଇଲ ସଂଗ୍ରନ୍ଥେ । ସା. ଭ୍ର. ଆ.**

କୋଇଲପାରଡ଼ା, କୋଇଲପାଡ଼ୁରା, କୋଇଲପାଡ଼ୁଆ, ବ. (ଦେଶଜ) ଯେଉଁ ଆମ୍ବରେ ରୋଗ ଧରି ଥାଏ, ଅପକ୍ୱାବସ୍ଥାରେ ରୋଗ ହେତୁରୁ ପାଚିଲା ପରି ହୋଇ ଯାଇ ଥିବା ଆମ୍ବ ।

କୋଇଲେଖା, କୋଇଲଖା, ବ. ସ୍ତ୍ରୀ. (କୋକିଳାକ୍ଷ ଶବ୍ଦଜ) ଔଷଧ ଲତାବିଶେଷ ।

କୋକ, ବ. (କ = ଜଳ-ଉକ୍ = ଗମନ କରିବା -ଅ) ଚକ୍ରବାକ ପକ୍ଷୀ; ଭେକ; ବିଷ୍ଣୁ; ବୃକ, ହେଟାବାଘ ।

କୋକ, କୋକମିନା, କୋକବାୟୁ, ବ. (ଦେଶଜ) ପିଲାମାନଙ୍କୁ ଡରାଇବାପାଇଁ କହିବା ଶବ୍ଦ ।

କୋକନଦ, ବ. (କୋକ = ଚକ୍ରବାକ-ନଦ୍ = ଶବ୍ଦ କରିବା-ଣିଚ୍-ଅ-ଚକ୍ରବାକାଜ୍ଞାନରେ ଯେ ଚକ୍ରବାକକୁ ଶବ୍ଦ କରାଏ) ରକ୍ତପଦ୍ମ ।

କୋକନ୍ଦ, କୋକନ୍ଦହେବା, କ୍ରି.ବି.(ଦେଶଜ, ବିଶେଷତଃ ଗଞ୍ଜାମରେ ବ୍ୟବହୃତ ) ଏଣେ ତେଣେ ହେବା ।

କୋକଳ, ବ. (କୁକ୍ = ଗ୍ରହଣ କରିବା-ଇଳ-ଯେ କୁହୁରବଦ୍ୱାରା ମନ ଗ୍ରହଣ କରେ) ପିକ, କୋଇଲି; ଜ୍ୱଳନ୍ତ ଅଙ୍ଗାର ।

କୋକଶିଆଳ, କୋକଶିଆଲ, ବ. (ବୃଗାଳ ଶବ୍ଦଜ) ଶୃଗାଳ ଜାତୀୟ ପଶୁବିଶେଷ ।

କୋକୁଆ, ବ. (ଦେଶଜ) ଯାହାକୁ ଦେଖିଲେ ସମସ୍ତେ ଭୟ କରନ୍ତି କମ୍ବା ଯହିଁରେ ସମସ୍ତଙ୍କର ଭୟ ହୁଏ । ଯଥା—

**ରାମର ଅଗ୍ରତେ କହିବେ,**
**କୋକୁଆ ଭୟ ହେଲା ଏବେ । ବି. ପୁ.**

କୋକେଇ, କୁକେଇ, ବ. (ଦେଶଜ) ଶବକୁ ଯହିଁରେ ବାନ୍ଧି ନଅନ୍ତି । ଯଥା—

**ନେବ ମୋତେ ଯେବେ କୋକେଇରେ କାଢ଼ି । ଦ.ବା.**

କୋଚ, ବ. (ଦେଶଜ) କଳା; ଲୌହାଦିର କାଳିକ ।

କୋଚ୍ଛ, ବ. (ଦେଶଜ) ଜଣକଠାରୁ କଣି ଆଣି ବିକିବା, ଖୁଚୁରା ବିକ୍ରି । ଯଥା—

**ତହିଁରୁ କୋଚ୍ଛ ଦ୍ରବ୍ୟ ମାଗିଲେ ଟିକେ ଟିକେ,**
**ଏକଥା ନ ଚିହ୍ନନ୍ତି ମଞ୍ଚମଣ୍ଡଳ ଲୋକେ । ନୃ.ପୁ.ସ.ଡ.**

କୋଚଆ, ବ. (କୂଚିକ ଶବ୍ଦଜ) ସର୍ପାକୃତି ଜଳଜନ୍ତୁବିଶେଷ ।

କୋଚିଲା, କୋଚିଲ, ବ. (କୁଚେଲା ଶବ୍ଦଜ) ବୃକ୍ଷ-ବିଶେଷ, ଏହା ଏକପ୍ରକାର ସ୍ଥାବର ବିଷ ।

କୋଚିଲାଖାଈ, ବ. ସ୍ତ୍ରୀ. ( ଦେଶଜ ) ପକ୍ଷି-ବିଶେଷ । ଯଥା—

**ଅଚଲେ କୋଚିଲଖାଇଙ୍କର ରବ । ନ. କେ.**

କୋଚୁଆନ, ବ. (କୋଚ୍‌ମେନ ଇଂରାଜୀ ଶବ୍ଦ) ଯେ ଗାଡ଼ି ବାହି ନିଏ ।

କୋଟ, ବ. (ଇଂରାଜୀ ଶବ୍ଦ) ଅଙ୍ଗରଖାବିଶେଷ ।

କୋଟର, ବ. (କୋଟ = ବକ୍ରତା-ରା = ଗ୍ରହଣ କରିବା-ଅ) ବୃକ୍ଷସ୍ଥ ଗହ୍ୱର । (ସ୍ତ୍ରୀ-ଈ) ବିବସ୍ତ୍ରା ସ୍ତ୍ରୀ ।

କୋଟା, ବ. ( କୁଞ୍ଚିକ ଶବ୍ଦଜ ) ଅଙ୍କଭେଦ, (ଦେଶଜ) କେଉଁଟା ।

କୋଟି, କୋଟୀ, ବ. ସ୍ତ୍ରୀ. ( କୁଟ୍ = ବକ୍ର ହେବା, ଛେଦନ କରିବା-ଇ, ଈ ) ଖଡ୍ଗାଦିର ଧାର; ଅଗ୍ରଭାଗ । ଯେପରି—ଧନୁଃ କୋଟି । ଶତଲକ୍ଷ ସଂଖ୍ୟା; ଉତ୍କର୍ଷ; ମଧ୍ୟ ।

କୋଟୀର, ବ. (କୁଟ୍ = ବକ୍ରହେବା-ଈର) ମୁକୁଟ ।

କୋଠ, ବିଂ. ( କୋଷ୍ଠ ଶବ୍ଦଜ ) ଇଜମାଲି, ଯାହା କି ସର୍ବ ସାଧାରଣଙ୍କର; ସ୍ତ୍ରୀୟ । ଯଥା—

**ସଖୀ ଅନୁରୋଧେ ଇନ୍ଦିରା ଦେଲେ ଯେ କୋଠଭଣ୍ଡାରୁ ।**
**ଚ. ଭ୍ର.**

କୋଠକରଣ, ବି· ( କୋଷ୍ଠକରଣ ଶବ୍ଦଜ ) ଗ୍ରୁମୁକରଣ ।

କୋଠରି, କୋଠରୀ, କୋଠିରି, ବି· ସ୍ତ୍ରୀ· (କୋଷ୍ଠାଗାର ଶବ୍ଦଜ) ପକ୍‌କାଗୃହ । ବିଂ. ଧନରକ୍ଷକ ।

କୋଠା, ବି· (କୋଷ୍ଠ ଶବ୍ଦଜ) ଅଟ୍ଟାଳିକା ବା ପକ୍‌କାଗୃହ; ବଖରା । ଯେପରି—ମଝି କୋଠା । ଯଥା—

ଏକଗୋଟି ମଞ୍ଜୁ କାଟି ଆଣିଲ,
ମଝି କୋଠାରେ ତା ବିଛାଇ ଦେଲ । ହା.ଚ.

କୋଠାରୀ, ବି. ସ୍ତ୍ରୀ. ( କୋଷ୍ଠରକ୍ଷୀ ଶବ୍ଦଜ ) ଦେବୀବିଶେଷ । (ବାକେଶ୍ୱରୀ ଶବ୍ଦ ଦେଖ ।)

କୋଠି, କୋଠୀ, ବି. ସ୍ତ୍ରୀ. (କୋଷ୍ଠ ଶବ୍ଦଜ) ଶସ୍ୟାଗାର । ଯଥା—

ଭସାଇ ଗୋଶାଳା ଖଳା ମଞ୍ଚ ଧାନ କୋଠି । ମ.ଯା.

ପକ୍‌କା ଘର । ଯଥା—

ଦେଇଅଛ କେତେ କୋଠି ଭଡ଼ା ଗୁଡ଼ା । ଦ. ବା.

ବଖରା । ଯଥା—

ପ୍ରତି କୋଠିରେ କଳା ଚଉଅଠିରେ
ପ୍ରତିମାମାନ କିବାଡ଼ । ଲ. ବ.

ପଶା ଆଦିର ପାଲି । ଯଥା—

ପଶା କୋଠି କାଟିଦେଲେ ଧରମ ସୁଧିଷ୍ଠି । ସା.ଭା.ସ.

(କୋଷ୍ଠୀ ଶବ୍ଦଜ) ମଣ୍ଡଳ । ଯଥା—

ନାନାବର୍ଣ୍ଣରେ ଲେଖି କୋଠୀ,
ପକାଇ ମୃଗଚ୍ଛାଲ ଗୋଟି । ଦା. ର.

ମୁଣ୍ଡନଦ୍ୱାରା କେଶର ଭଙ୍ଗିବିଶେଷ ।

କୋଠିଆ, ବି.(ଦେଶଜ) ଗୃହ କରିବା ସକାଶେ ନିଯୁକ୍ତ ମୂଲିଆ ।

କୋଡ଼, ବି. (କ୍ରୋଡ଼ର ଅପଭ୍ରଂଶ) ଉତ୍ସଙ୍ଗ ।

କୋଡ଼ପୋଛା, ବିଂ. (ଦେଶଜ) ସର୍ବଶେଷ । (କେବଳ ସନ୍ତାନାର୍ଥବାଚକ ଶବ୍ଦ ସହ ପ୍ରଯୋଜ୍ୟ) ଯେପରି—କୋଡ଼ପୋଛା ପିଲା ।

କୋଡ଼ଗାତ, ବି. ( ଦେଶଜ ) ଦୁଇ ଜଙ୍ଘର ମଧ୍ୟବର୍ତ୍ତୀ ସ୍ଥାନ ।

କୋଡ଼ମେଇଁ, କୋଡ଼ମାଇ, ବି. (ଦେଶଜ) ଧାନ ରଖିବା ଡୋଲି । ଯଥା—

କପର ହୋଇଲା ପେଟରେ ଥାନ,
କୋଡମେଇଁ ତୋର ପେଟ ସମାନ । ଉ.ସା.୮.୮.

କୋଡ଼ାଇବା, କ୍ରି. ( ଦେଶଜ ) ଯୋଖିବା, ବିନ୍ୟାସ କରିବା । ଯଥା—

ବ୍ୟାଜ ସିନ୍ଦୂରଟୀକା ଯେ ସୁନ୍ଦର ଦିଶଇ,
ମଦନ ରାଜନ ହୋଇ ହୃଷ୍ଟମନ
ମାଣିକ୍ୟ ଖିଲି କି କୋଡ଼ାଇ । ସୁ. ପ.

କୋଡ଼ରେ ଖୋଳାଇବା ।

କୋଡ଼ାକୋଡ଼ି, ବି. ( ଦେଶଜ ) ମରାମରି । ଯଥା—

ଭୁଜେ ଭୁଜ ଧରି ମୁଥେ ମୁଥ ମରାମରି,
ହୁଙ୍କାର ଶବଦେ ସେହୁ ହୁଅନ୍ତି କୋଡ଼ାକୋଡ଼ି ।
ସା. ଭା. ଆ.

କୋଡ଼ରେ ଭଲ କରି ଖୋଳିବା ।

କୋଡ଼ି, କୋଡ଼ୀ, ବି. ସ୍ତ୍ରୀ. (କୋଟି ବା କୁଦ୍ଦାଳ ଶବ୍ଦଜ) ମାଟି ଖୋଳିବା ଲୌହ-ଶସ୍ତ୍ରବିଶେଷ; ୨୦ ସଂଖ୍ୟା ।

କୋଡ଼ିଏ, ବିଂ. (କୋଟି ଶବ୍ଦଜ) ୨୦ ସଂଖ୍ୟା ।

କୋଡ଼ିବା, କ୍ରି. (ଦେଶଜ) କୋଡ଼ିଦ୍ୱାରା ମାଟି ହାଣିବା; ମାରିବା; ଛେଚିବା । ଯଥା—

ଦୁଃଖେ ମୁଣ୍ଡ କୋଡ଼ି ରକ୍ତେ ଅଶ୍ରୁଜଳେ
ସିକ୍ତ କଲି ମୁହିଁ ମହୀ । ପାର୍ବତୀ ।

ଆଘାତ କରିବା ।

କୋଢ଼ି, ବିଂ. (କୁଷ୍ଠୀ ଶବ୍ଦଜ) ପଙ୍ଗୁ ।

କୋଢ଼ିଆ, ବିଂ. ପଙ୍ଗୁ, ଅଳସୁଆ ।

କୋଣ, ବି. (କୁଣ୍‌ = ଶବ୍ଦ କରିବା-ଅ) ଗୃହାଦିର ବିଦିକ । ଯଥା—ଗୃହକୋଣ । ଅସ୍ତ୍ରର ଦାଢ଼; ଲଗୁଡ଼; ବୀଣାଦି ବାଦନ ଦଣ୍ଡ । (କୋଣୋବୀଣାଦିବାଦନେ— ଅମର ।) ମଙ୍ଗଳ ଗ୍ରହ; ଶନି ।

କୋଣିଆଁଇବା, କୋଣିଆଁଇଗୁହିଁବା, କ୍ରି· ( ଦେଶଜ ) ବକ୍ର କରିବା । ଯଥା—

କୋଣିଆଇ ଗୁହିଁବାରେ ଆଖିଲଟା । ର. କ.

କୋତ, ବି· (କୁତୂ ଶବ୍ଦଜ) ଚର୍ମାଦି ନିର୍ମିତ ତୈଳପାତ୍ର; ବଡ଼ କଳସୀ ବା ମାଠିଆ ।

କୋତର, ବିଂ. (କୁତ୍ସିତତର ଶବ୍ଦଜ) ମଳିନ; ଜୀର୍ଣ୍ଣ । ଯେପରି—କୋତର କାଠ ।

କୋଡିବା, କ୍ରି.(କୁଟ୍ ଧାତୁଜ)କର୍ତ୍ତିବା । ଯଥା—

**ରଡପଡ ଯେ ଏବେ ଖକୋଡ କୋଡ ହେ ।**

ପ୍ରେ. ସୁ. ନି.

କୋଥଳି, ବି. (ଦେଶଜ) ମୁଣି; ତଳକ ମୁଣା । ଯଥା—

ଗ୍ରାମ ନାଶ କରେ ସଙ୍କୀର୍ଣ୍ଣ ଗଳି,
କର୍ମ ନାଶ କରେ ପୂଜା କୋଥଳି । ଉ.ସା.୩.୧୮.

କୋଦଣ୍ଡ, ବି. (କୁଣ୍ = ଶବ୍ଦ କରିବା-ଅଣ୍ଡର୍, ଣ = ଦ) ଧନୁକ; ଧନୁରାଶି ।

କୋଦା, କୋଧା, କୋଧାଳିଆ, } ବିଂ. (ଦେଶଜ) ମୋଟା ।

କୋଦାଳ, କୋଦାଳି, } ବି. (କୁଦ୍ଦାଳ ଶବ୍ଦଜ) କୋଡ଼ି ଅର୍ଥାତ୍ ମାଟିଖୋଳା ଅସ୍ତ୍ରବିଶେଷ ।

କୋଦୁଅ, ବି. (କୋଦ୍ରବ ଶବ୍ଦଜ) ତୃଣଧାନ୍ୟବିଶେଷ ।

କୋପ, ବି. ( କୁପ୍ = କ୍ରୋଧ କରିବା-ଅ) କ୍ରୋଧ, ରାଗ; ଅସନ୍ତୋଷ ।

କୋପନ, ବିଂ. (କୁପ୍ = କ୍ରୋଧ କରିବା-ଅନ) କ୍ରୋଧଯୁକ୍ତ ।

*କୋପରି, ବି. ( ଦେଶଜ ) ପାତ୍ରବିଶେଷ । (ଏହାର ଠିକ୍ ଅର୍ଥ ଜଣାଯାଏ ନାହିଁ, ଏତାଦୃଶ ଅନେକ ପ୍ରାଚୀନ ଓଡ଼ିଆ ଶବ୍ଦ ସାରଳା ମହାଭାରତରେ ଦେଖାଯାଏ ।) ଯଥା—

**ଅଣି ଅଇରାବତ ଦେବ ! ସୁବର୍ଣ୍ଣ କୋପରି,**
**ସୁବର୍ଣ୍ଣ ଢାପରୁଖା ଦେବ ! ଅଇରାବତେ ଖୁରି । ସା.ଭା.ସ.**

କୋବା, ବି. (ଦେଶଜ) କାଷ୍ଠନିର୍ମିତ ପିଟଣା; ଖୋଳସା । (ଏହାକୁ ପୋଡି ବାଡ଼ି ବେଡ଼ାନ୍ତି ।)

କୋବିବା, କ୍ରି. (ଦେଶଜ) ପିଟିବା; କୋବାରେ ଆଘାତ କରିବା ।

କୋମଣ, କମଣ, } ବି. ( ଦେଶଜ ) ବୃକ୍ଷାଦି ଲଗାଇ କରିବା ରାସାୟନିକ ବନ୍ଦୋବସ୍ତ; ଉତ୍ତମରୂପେ କର୍ଷଣ ।

କୋମଳ, ବିଂ. (କମ୍ = ଇଚ୍ଛା କରିବା-ଅଳ, ଅ = ଓ) ଅକଠିନ, ନରମ; ସୁକୁମାର; ମଧୁର, ଲଳିତ । ଯେପରି—କୋମଳ ରଚନା । ବି. ଜଳ ।

କୋୟୂର, ବି. (ଦେଶଜ) ଶୂକର । ଯଥା—

**ବନ୍ଧୁ ! ତେମନ୍ତ ମୁଁ ତୋର ।**
**ସବୁଠାରେ କୁନ୍ଥାଉଛୁ ସୁନ୍ଦରୀ କୋୟୂର । ପ୍ରେ. ସୁ. ନି.**

କୋୟଷ୍ଟିକ, ବି. (କ = ଜଳ-ଯଷ୍ଟି = ପଂକ୍ତି-କ, ଏ ପକ୍ଷୀ ଜଳମୟ ସ୍ଥାନରେ ଦେଖାଯାଏ, ଅ = ଓ) ଟିଟ୍ଟିଭ ପକ୍ଷୀ । (କୋୟଷ୍ଟିକଃ ଟିଟ୍ଟିଭକଃ—ଅମର ।)

କୋୟି, କୋଇ, } ବି. ( ଦେଶଜ ) ସୁବର୍ଣ୍ଣାଦି ଆଉଟାଇବା ପାତ୍ର ।

କୋର, ବି. (ଦେଶଜ) ନଡ଼ିଆ ପ୍ରଭୃତିର କ୍ଷୁଦ୍ର ଅଂଶ ।

କୋରକ, ବି. (କୁର୍ = ଛେଦନ କରିବା-ଅକ)ମୁକୁଳ, କଢ଼ି; ଅସ୍ଫୁଟାବସ୍ଥା; ମୃଣାଳ; କକ୍‌କୋଳ ।

କୋରଖ, କୋରଖି, } ବି. ( ଯାବନିକ ) ସରକାରୀ ଆଦେଶରେ ବଳାତ୍କାରରେ ଗୃହରୁ ଦ୍ରବ୍ୟ ଘେନିଯିବା ।

କୋରଡ଼, ବି. (କୋଟର ଶବ୍ଦଜ) ବୃକ୍ଷ ମଧ୍ୟସ୍ଥ ଗର୍ତ୍ତ । ଯଥା—

**ଆବର ପଞ୍ଚାଶୋଇ ବରଷ ଯେବେ ହୁଏ,**
**କୋରଡ଼ ପ୍ରାପ୍ତେ ଚକ୍ଷୁ ଦିଶଇ ଯେଉଁଠାଏ ।**
**ନୃ. ପୁ. ସ. ତ.**

(କ୍ରୋଟ ଶବ୍ଦଜ) ସଂଖ୍ୟାବିଶେଷ । ଯଥା—

ଲକ୍ଷରୁ କୋଟି ଜାଣ କୋଟିରୁ କ୍ରୋଡ଼େ ପାଞ୍ଚେ,
କୋରଡ଼େ ହୋଇଲେ ପୁଣି ଇନ୍ଦ୍ର ପଦ ଇଚ୍ଛେ ।
ନୃ. ପୁ. ପ୍ର. ତ.

କୋରଡ଼ା, କୋରେଡ଼ା, } ବି. (ଦେଶଜ) ଚାବୁକ ଅର୍ଥାତ୍ ଅଶ୍ୱାଦି ଚାଳନ କରିବା ଯଷ୍ଟିଣି । ଯଥା—

ସିପାଇମାନଙ୍କର କୋରଡ଼ା ଧରି ହାତ,
**ଛୁଡ଼ି କରିଛନ୍ତି ଏ ଯୁଦ୍ଧଭୂମି ସାଥ । କୃ.ଭା.କ.ପ.**

କୋରଣା, ବି. ( ଦେଶଜ ) ନଡ଼ିଆ ପ୍ରଭୃତି କୋରିବା ।

କୋରଣା, } ବି. ସ୍ତ୍ରୀ. (ଦେଶଜ) ନଡ଼ିଆ ପ୍ରଭୃତି
କୋରୁଣି, } କୋରିବା ଅସ୍ତ୍ରବିଶେଷ । ଯଥା—

**କୋରୁଣିରେ କୋରି କୋରା ପରମାନ୍ନ ସଙ୍ଗେ,**
**ମିଶାଇ ରାନ୍ଧିଲେ ସବେ ଖାଇଥାନ୍ତି ରଙ୍ଗେ । ବୃ.ସୁ.**

କୋରା, ବି. ( ଦେଶଜ ) କୋରିବା; ନଡ଼ିଆ କୋର ଓ ନବାତମିଶ୍ରିତ ଖଜା । ବିଂ. କୋରିଥିବା ଓ କୋରିବାର ଯୋଗ୍ୟ (ନଡ଼ିଆ ପ୍ରଭୃତି) ।

କୋରିବା, କ୍ରି. (ଦେଶଜ) ନଡ଼ିଆ ପ୍ରଭୃତି କୋରଣାରେ ବିଦାରଣ କରି କ୍ଷୁଦ୍ର କ୍ଷୁଦ୍ର ଅଂଶ ବାହାର କରିବା । ଯଥା—

**ସରୁ ସରୁ କୋରି ନଡ଼ିଆଯାକ,**
**ଏ ସବୁ ମିଶାଇ କରିବ ଠିକ । ହା. ଚ.**

ବିଦାରଣ କରିବା ।

କୋର୍ଟ, ବି. (ଇଂରାଜୀ ଶବ୍ଦ) କଚେରି ।

କୋଳ, ବି. (କୁଳ୍=ରାଶି କରିବା-ଅ) ଶୂକର । (କୋଳଃ ପୋତ୍ରୀ କରିଃ କିଟିଃ—ଅମର ।) ଶନିଗ୍ରହ; ଅସ୍ତ୍ରବିଶେଷ; ଆଲିଙ୍ଗନ । (କ୍ରୋଡ଼ ଶବ୍ଦଜ) ଉତ୍ସଙ୍ଗ । ଯଥା—

**କଟିତଟରେ ପୀତବସନ,**
**କଳାମେଘ କୋଳରେ ବିଜୁଳି ଯେସନ ।**

କୋଲ, ବି. (ଦେଶଜ) ବନ୍ୟଜାତିବିଶେଷ । ଯଥା—

**ସୁବର୍ଣ୍ଣତଟିନୀ ଶୁଭ୍ରକୋଲେ କୋଲେ**
**କରନ୍ତି ସ୍ପର୍ଶ ସଶ୍ରସ୍ସ । ପାକଶ୍ରୀ ।**

କାକର ହେତୁରୁ ଦେହ ସାଙ୍କୁଡ଼ିଯିବା । ଯଥା—

**ଖାଇବାରୁ ପଖାଳ ଭାତ, କୋଲ ମାରଇ ପାଦ ହାତ ।**

କୋଳକରିବା, କ୍ରି. (ଆଲିଙ୍ଗନାର୍ଥ କୋଳ ଶବ୍ଦଜ) ଆଲିଙ୍ଗନ କରିବା, କୋଳରେ ଧରିବା । ଯଥା—

**ଭାବେ କୋଳ କଲେ ଲେଲିହାନୀ ଚାଲି । କୋ.ବ୍ର.ସୁ.**

କୋଳଥ, ବି. (କୁଳତ୍ଥ ଶବ୍ଦଜ) ଶସ୍ୟବିଶେଷ ।

କୋଳଥିଆବଏର, ବି. (ଦେଶଜ) ଲତାବିଶେଷ ।

କୋଲପ, ବି. (ଦେଶଜ) ତାଲା ବା କୁଞ୍ଚି ।

କୋଲପି, ବି. (ଦେଶଜ) ଜମାଟ ହୋଇଥିବା ଦୁଗ୍ଧ ।

କୋଲପଶିବା, } କ୍ରି. ( ଦେଶଜ ) ହିମା ମାରି
କୋଲମାରିବା, } ସାଙ୍କୁଡ଼ିଯିବା, ଥଣ୍ଡା ଯୋଗୁଁ ଅବଶ ହୋଇଯିବା ।

କୋଳାଗ୍ରତ, ବି. (ଦେଶଜ) ଆଲିଙ୍ଗନ । ଯଥା—

**ଦେଖି ମୋତେ ବ୍ରହ୍ମଣୀସୁତ,**
**କେବେ କରିବେ କୋଳାଗ୍ରତ । ଭା. ଦ. ସ୍କ.**

କୋଳାକୋଳ, } ବି. (ଦେଶଜ) ଅନ୍ୟୋନ୍ୟ
କୋଳାକୋଳି, } ଆଲିଙ୍ଗନ । ଯଥା—

**ନବ ବୟସ ସଙ୍ଗମ ମେଳ,**
**ହୋଇ ହେବାରୁ କୋଳାକୋଳ । କୋ. ବ୍ର. ସୁ.**
**ବାଙ୍କିଗଙ୍ଗା ଛବି ଲଭେ କୋଳାକୋଳି ହୋଇ ।**
**ବୈ. ବି.**

କୋଳାହଳ, ବି. (କୁଳ୍-ଅ=କୋଳ-ହଲ୍-ଅ) କଳ କଳ ଶବ୍ଦ; ଚହଳ, ଗୋଳମାଳ ।

କୋଳି, ବି. (କୋଳ ଶବ୍ଦଜ) ସାନ ପାଚିଲା ଫଳ । ଯଥା—

**କୋଳକ କୋଲ କରି ରାଗେ । ର. କ.**

କୋବଲ, ବି. ( ଯାବନିକ କବ୍‌ଲ ଶବ୍ଦଜ ) ସ୍ୱୀକାର ପତ୍ର ।

କୋବି, ବି. ( ଦେଶଜ ) ବିଦେଶୀୟ ଖାଦ୍ୟ ବୃକ୍ଷବିଶେଷ, ଏହା ତିନିପ୍ରକାର—ଓଲ-କୋବି, ଫୁଲକୋବି, ବନ୍ଧାକୋବି ।

କୋବିଦ, ବି. (କୋ—କୁ = ଶବ୍ଦ କରିବା-ଅ-ବେଦ-ବିଦ୍ = ଜାଣିବା-ଅ, ଯେ ବେଦ ପର୍ଯ୍ୟନ୍ତ ଜାଣନ୍ତି) ଜ୍ଞାନୀ, ପଣ୍ଡିତ । ବିଂ. ନିପୁଣ, ଦକ୍ଷ ।

କୋଶ, } ବି. (କୁଶ୍, କୁଷ୍ = ନିର୍ଗତ ହେବା-
କୋଷ, } ଅ, ଯହିଁରୁ ଗନ୍ଧାଦି ନିର୍ଗତ ହୁଏ) କୁଡ୍ମଳ, କଢ଼ି; ଅଣ୍ଡ; ତ୍ୱଗାଦି ଆବରଣ; ଖଡ୍‌ଗାଦିର ଖାପ । ଯେପରି—ଖଡ୍‌ଗ-କୋଷ । ଧନାଗାର । ଯଥା—ରାଜକୋଷରୁ ଧନ ଦିଆଯାଉ । ପୋକଖୋଷା । ଯେପରି—କୃମିକୋଷ । ମଞ୍ଜୁଷା; ପଣସ ଖୋଷା; ମାଂସପେଶୀ; ଶବ୍ଦାଦି ସଂଗ୍ରହ; ଅଭିଧାନ । (କ୍ରୋଶ ଶବ୍ଦର ଅପଭ୍ରଂଶ) ଦୁଇ ମାଇଲ । ଯଥା—

**ଯାର ପଦ୍ଦୁଣ୍ଡିକ ଶତେ କୋଶ,**
**ତାର ମେରୁ ଲଙ୍ଘିବାକୁ ଆଶ । ଲ. ବ.**

କୋଶଳ, } ବି. (କୁଶ୍ = ପ୍ରାପ୍ତି ପାଇବା-ଅଳ-
କୋସଳ, } ସ୍ତ୍ରୀ-ଆ) ଅଯୋଧ୍ୟା ପ୍ରଦେଶ
କୋଷଳ, } ସହିତ କାଶୀର ଉତ୍ତରସ୍ଥ ସମସ୍ତ
ଭୂଭାଗ; ଶାକବିଶେଷ ।

କୋଶଳା, } ବି. ( କୋଶଳ ଶବ୍ଦଜ ) ଶାକ-
କୋସଳା, } ବିଶେଷ ।
ଖୋସଳା, }

କୋଷ୍ଠ, ବି. ( କୁଷ୍ = ନିର୍ଗତ ହେବା-ଥ ) ଶସ୍ୟାଗାର; ଗୃହମଧ୍ୟ; ଉଦରମଧ୍ୟ; ଉଦର ମଧ୍ୟସ୍ଥିତ ମଳଭାଣ୍ଡ ।

କୋଷ୍ଣ, ବିଂ. (କୁ = ଈଷତ୍-ଉଷ୍ଣ-କୁ = କା) ଅଳ୍ପ ଉଷ୍ଣ ।

କୋହ, ବି. (କ୍ରୋଧ ଶବ୍ଦଜ) କୋପ । ଯଥା—

**ଜଳେ ପ୍ରତିବିମ୍ବ ନିରେଖି କେଶରୀ**
**ଯେମନ୍ତ କଲାକ କୋହ । ଲ. ବ.**

କ୍ରନ୍ଦନ, ଶୋକ ବା ଦୁଃଖ । ଯଥା—

**ଏବେ ତୁମ୍ଭେ ଶସ୍ତ୍ର ପକାଇ ନ ରହ,**
**ଦ୍ରୋଣ ମଲେ ବୋଲି ହୃଦରେ ବହ କୋହ ।**
**କୃ. ଭା. କ. ପ.**

କୋହମୋହ, ବିଂ. (ଦେଶଜ) ଅସନ୍ତୁଷ୍ଟ ।

କୋହଣୀ, ବି. ସ୍ତ୍ରୀ. ( ଦେଶଜ ) ଦୁଃଖିତା । ଯଥା—

**କାନ୍ଦେ ଚଲିକା ସୁନ୍ଦରୀ,**
**ଊର୍ମିମାଳା ଛେକ ହୋଇ କୋହଣୀ । ମୁକୁର ୨.୧୨.**

କୋହଳ, ବିଂ. ( କୋମଳ ଶବ୍ଦଜ ) ନରମ, କୋମଳ । ଯଥା—

**କୋହଳ ପାଇଲେ ଦଉଡ଼ ଚକ୍ଷନ୍ତ ।**

କୁହୁଳା । ସଂ. (କୁ-ହ୍ୱଲ୍ = ଆକର୍ଷଣ କରିବା-ଅ) ମଦ୍ୟବିଶେଷ; ବାଦ୍ୟବିଶେଷ; ନାଟକାଦିର ରଚନା ଭଙ୍ଗିବିଶେଷ ।

କୌକ୍ଷେୟ, } ବି. (କୁକ୍ଷି-ଏୟ-କ ସ୍ୱାର୍ଥେ)
କୌକ୍ଷେୟକ, } ଖଡ୍‌ଗ; କୁକ୍ଷିବଦ୍ଧ ଖଡ୍‌ଗ ।

କୌଣପ, ବି.(କୁଣପ-ଅ-ଭୋଜନାର୍ଥେ ଅଥବା କୁଣପା-ରାକ୍ଷସୀ-ଅ-ଅପତ୍ୟାର୍ଥେ) ରାକ୍ଷସ ।

କୌତସ୍କୁତ, ବିଂ. (କୁତଃ-କୁତଃ-ଅ) କୌଣସି କୌଣସି ସ୍ଥାନଜାତ ।

କୌତୁକ, ବି. (କୁତୁକ-ଅ-ସ୍ୱାର୍ଥେ) କୁତୂହଳ; ହସ୍ତସୂତ୍ର; ଉତ୍ସବ; ପରିହାସ; ଆନନ୍ଦ; ଆମୋଦ ପ୍ରମୋଦ ।

କୌତୂହଳ, ବି. (କୁତୂହଳ-ଅ-ସ୍ୱାର୍ଥେ) କୁତୂହଳ; ଅଭିଳାଷ; ଔତ୍ସୁକ୍ୟ ।

କୌତ୍ସ, ବି. ( କୌତ୍ସ ଶବ୍ଦଜ ) ବୈଦିକ ବ୍ରାହ୍ମଣବିଶେଷ । ଯଥା—

**କୌତ୍ସ ମଡ଼ିଆ ବସୁ କାନ୍ତାରୁ ଗୋରଡ଼ା,**
**ଏ ସବୁ ବ୍ୟାଖ୍ୟାକୁ ନୂଆ ଅଭିଧାନ ଲୋଡ଼ା ।**
**ଉ. ସା. ୧୮. ୯.**

କୌପୀନ, ବି. ( କୂପ-ଈନ—ପ୍ରବେଶ ଯୋଗ୍ୟାର୍ଥେ ) (ଏହା କୂପ ମଧ୍ୟେ ପ୍ରବେଶ-ଯୋଗ୍ୟ ବୋଲି) ଚୀରବସନ, କୌପୁନି ।

କୌମୁଦୀ, ବି. ସ୍ତ୍ରୀ. (କୁମୁଦ = ଶୁକ୍ଳପକ୍ଷ-ଅ-ବିକାଶାର୍ଥେ-ସ୍ତ୍ରୀ-ଈ) ଚନ୍ଦ୍ରିକା, ଜ୍ୟୋତ୍ସ୍ନା; କାର୍ତ୍ତିକ ପୂର୍ଣ୍ଣିମା ଦିନ କୃତ ଉତ୍ସବ; ଆଶ୍ୱିନ ପୂର୍ଣ୍ଣିମା ।

କୌସ୍ତୁଭ, ବି. (କୁସ୍ତୁଭ—କୁ=ପୃଥିବୀ-ସ୍ତୁଭ୍ = ବ୍ୟାପିବା-ଅ-ଇଦମର୍ଥେ, ଅଥବା କୁସ୍ତୁଭ୍= ସମୁଦ୍ର-ଅ-ଭବାର୍ଥେ) କୃଷ୍ଣଙ୍କ ହୃଦ୍‌ଭୂଷଣ ମଣି ।

କ୍ରତୁ, ବି. (କୃ = କରିବା-ଅତୁ) ଯାଗ; ପୂଜା; ଋଷିବିଶେଷ; ଇନ୍ଦ୍ରିୟ; ବିଷ୍ଣୁ ।

କ୍ରଥନ, ବି. (କ୍ରଥ୍ = ବଧ କରିବା-ଅନ) ମାରଣ; ଛେଦନ ।

କ୍ରନ୍ଦନ, } ବି. ( କ୍ରନ୍ଦ୍ = କାନ୍ଦିବା-ଅନ, ତ )
କ୍ରନ୍ଦିତ, } ରୋଦନ; ଆହ୍ୱାନ ।

କ୍ରମ, ବି.(କ୍ରମ୍ = ଗମନ କରିବା, ପାଦ ବିକ୍ଷେପ କରିବା-ଅ) ଅନୁକ୍ରମ; ଅବିଚ୍ଛେଦ; ପ୍ରଣାଳୀ, ପଦ୍ଧତି; ବିକ୍ରମ; ନିୟମ; ବୈଦିକ ବିଧାନ ।

କ୍ରମ, } ବି. (କର୍ମ ଶବ୍ଦଜ) କାର୍ଯ୍ୟ; ଅଦୃଷ୍ଟ
କରମ, } ବା ଭାଗ୍ୟ । ଯଥା—

**ଯେ ଯାହା କ୍ରମ ଦୋଷ ଭୁଞ୍ଜନ୍ତି ନାନା ଫଳ,**
**ପ୍ରାଣୀ ଏହା କ ଚକ୍ଷୁ ବିଷୟ କରେ ମୂଳ । ନୃ.ପୁ.ତୃ. ଉ.**

କ୍ରମଶଃ, କ୍ରି. ବିଂ. ( କ୍ରମ-ଶସ୍-ବ୍ୟାପ୍ତ୍ୟର୍ଥେ ) କ୍ରମେ କ୍ରମେ, ଅନୁକ୍ରମେ; ଶନୈଃ ଶନୈଃ, ଧୀରେ ଧୀରେ ।

କ୍ରମୁ, } ବି. (କ୍ରମ୍=ଗମନ କରିବା-ଉ,ଉକ)
କ୍ରମୁକ, } ଗୁବାକ, ଗୁଆ ଗଛ ।

କ୍ରମେଳ, } ବି. (କ୍ରମ୍ = ଗମନ କରିବା-ଏଳ-
କ୍ରମେଳକ, } କ ସ୍ୱାର୍ଥେ) ଉଷ୍ଟ୍ର, ଓଟ ।

କ୍ରୟ, ବି. (କ୍ରୀ = କିଣିବା-ଅ) କିଣିବା ।

କ୍ରବ୍ୟାଦ୍, } ବି. (କ୍ରବ୍ୟ = ମାଂସ-ଅଦ୍=ଭକ୍ଷଣ
କ୍ରବ୍ୟାଦ, } କରିବା-କ୍ୱିପ୍, ଅ) ରାକ୍ଷସ; ମାଂସାଶୀ ଜନ୍ତୁ । ବିଂ. ମାଂସଖାଦକ ।

କ୍ରାନ୍ତ, ବି. (କ୍ରମ୍ = ଗମନ କରିବା-ତ) ଆକ୍ରମଣ; ଗତି; ରାଶିଚକ୍ରର ମଧ୍ୟରେଖା ।

କ୍ରିୟା, ବି. ସ୍ତ୍ରୀ. ( କୃ = କରିବା-ଅ-ସ୍ତ୍ରୀ-ଆ, ଯ ଆଗମ, କୃ = କ୍ରି ) କାର୍ଯ୍ୟ; ସାମାଦି ଉପାୟ ପ୍ରୟୋଗ; ଶିକ୍ଷା; ପୂଜା; ଚେଷ୍ଟା; ଅଭ୍ୟାସ; ଚିକିତ୍ସା ।

କ୍ରୀଡ଼, କ୍ରୀଡ଼ା, } ବି. (କ୍ରୀଡ଼୍ = ଖେଳା
କ୍ରୀଡ଼ନ, କ୍ରୀଡ଼ନକ, } କରିବା-ଅ, ସ୍ତ୍ରୀ-ଆ, ଅନ, କ—ସ୍ୱାର୍ଥେ) ଖେଳନ, ଖେଳା । (ଉଦକକ୍ରୀଡ଼ନଂ ନାମ କାରୟାମାସ ଭରତ —ମ. ଭା.) କ୍ରୀଡ଼ା ସାଧନ । (କ୍ରୀଡ଼ନବର୍ତ୍ତି ଶକୁନ୍ତଃ) (କ୍ରୀଡ଼ସେ ତ୍ୱଂ ନରବ୍ୟାଘ୍ର ବାଲୈ କ୍ରୀଡ଼ନକୈରିବ) ପରିହାସ; ଅବଜ୍ଞା ।

କ୍ରୀତଦାସ, ବି. (କ୍ରୀତ=କଣା-ଦାସ) କିଣା କିଙ୍କର; ଗୋଲାମ ।

କ୍ରୁଦ୍ଧ, ବିଂ. (କ୍ରୁଧ୍-ତ)କ୍ରୋଧଯୁକ୍ତ । ବି. କ୍ରୋଧ ।

**କ୍ରମୁକ, ବି.** ସଂ. ଗୁବାକ ।

**କ୍ରୂର, ବିଂ.** (କୃତ୍ = ଛେଦନ କରିବା-ର, **କୃତ୍** = କ୍ରୂ) ନିଷ୍ଠୁର, ନିର୍ଦ୍ଦୟ; ନୃଶଂସ; **ଅଶୁଭକର** ।

**କ୍ରୋଡ଼, ବି.** (କ୍ରୁଡ଼୍ = ଘନ ହେବା-ଅ) ଶୂକର; **ବୃକ୍ଷ କୋଟର**; କୋଳ; ବକ୍ଷ ।

**କ୍ରୋଡ଼ପତ୍ର, ବି.** ସଂ. ଅତିରିକ୍ତ ପତ୍ର ।

କ୍ରୋଧ, ବି. (କ୍ରୁଧ୍-ଅ) କୋପ, ଦ୍ୱେଷ ।

କ୍ରୋଧନ, ବିଂ. (କ୍ରୁଧ୍-ଅନ) ସହସା ଯାହାର କ୍ରୋଧ ଜନ୍ମେ, କ୍ରୋଧୀ ।

କ୍ରୋର, ବି. (କୋଟି ଶବ୍ଦଜ) ଏକଶତ ଲକ୍ଷ; କୁରର ପକ୍ଷୀ ।

କ୍ରୋଶ, ବି. (କ୍ରୁଶ୍ = କ୍ରନ୍ଦନ କରିବା-ଅ) ଦୁଇ ମାଇଲ; ରୋଦନ; ଆହ୍ୱାନ ।

କ୍ରୋଷ୍ଟୁ, } ବି. (କ୍ରୁଶ-ତୃ) ଶୃଗାଳ, ଶିଆଳ ।
କ୍ରୋଷ୍ଟା, }

କ୍ରୌଞ୍ଚ, ବି. (କ୍ରୁନ୍ଚ୍-ଅ-ସ୍ୱାର୍ଥେ) ବକବିଶେଷ; ଦ୍ୱୀପବିଶେଷ; ପର୍ବତବିଶେଷ; ଦୈତ୍ୟବିଶେଷ ।

କ୍ଲମ, } ବି. (କ୍ଲମ୍ = କ୍ଲାନ୍ତ ହେବା-ଅ, ତି)
କ୍ଲାନ୍ତି, } ଆୟାସ, ଶ୍ରମ; ଖେଦ, ଗ୍ଲାନି ।

କ୍ଲିନ୍ନ, ବିଂ. (କ୍ଲିଦ୍ = ଆର୍ଦ୍ର ହେବା-ତ) ଆର୍ଦ୍ର, କ୍ଲେଦଯୁକ୍ତ ।

କ୍ଲୀବ, ବି. ( କ୍ଲୀବ୍ = କୁଣ୍ଠିତ ହେବା-ଅ ) ଯାହାର ପୁରୁଷତ୍ୱ ନାହିଁ; ନପୁଂସକ । ବିଂ. ଅକ୍ଷମ; ବିକ୍ରମହୀନ; ବ୍ୟର୍ଥ, ନିଷ୍ଫଳ ।

କ୍ଲେଦ, ବି. (କ୍ଲିଦ୍ = ଆର୍ଦ୍ର ହେବା-ଅ) ମଳଯୁକ୍ତ ଜଳ; ପ୍ରସ୍ରାବ; ଆର୍ଦ୍ରଭାବ ।

କ୍ଲେଶ, ବି. (କ୍ଲିଶ୍-ଅ) ଦୁଃଖ, ଯନ୍ତ୍ରଣା, ଶ୍ରମ ।

କ୍ୱଚନ, } କ୍ରି. ବିଂ. (କ୍ୱ-ଚନ, ଚିତ୍—
କ୍ୱଚିତ୍, } ଅସାକଲ୍ୟାର୍ଥେ) କୌଣସି ସ୍ଥାନରେ, କୌଣସି ଅଂଶରେ ।

କ୍ୱଣିତ, ବି. (କ୍ୱଣ = ଶବ୍ଦ କରିବା-ତ) ଧ୍ୱନି । ବିଂ. ଶବ୍ଦାୟମାନ, ଧ୍ୱନିତ ।

କ୍ଷଉଣି , } ବି. ସ୍ତ୍ରୀ. (ଅକ୍ଷୌହିଣୀ ଶବ୍ଦର
କ୍ଷୌଣୀ, } ଅପଭ୍ରଂଶ) ସୈନ୍ୟ ପରିମାଣବିଶେଷ । ଯଥା—

ଦଶ ଲକ୍ଷ ରଥ ସଙ୍ଗେ ପାଞ୍ଚ ଲକ୍ଷ ହସ୍ତୀ,
ଚୌଦ ଲକ୍ଷ ଅଶ୍ୱ ପାଞ୍ଚ କ୍ଷଉଣୀ ପାଦାତି । ସା.ଭା.ଆ.

କ୍ଷଣ, ବି. (କ୍ଷଣ୍ = ବଧ କରିବା-ଅ) ତ୍ରିଂଶତ୍ କଳା ପରିମିତ କାଳ; ଉତ୍ସବ; ଅବକାଶ; ସୁଯୋଗ; ବ୍ୟାପାର ।

କ୍ଷତ, ବି. (କ୍ଷଣ = ଆଘାତ କରିବା-ତ)ଆଘାତ; ଘା; ଛୁଣ୍ଡିବା; ବିଦାରଣ । ଯେପରି—ନଖକ୍ଷତ । ବିଂ. ବିଦାରିତ; ଆହତ; ଦଷ୍ଟ; ବିଦ୍ଧ; ନଷ୍ଟ ।

କ୍ଷତି, ବି. (କ୍ଷଣ୍=ଆଘାତ କରିବା-ତି) ହାନି; ନାଶ; ଅସ୍ୱାଦି ଚିହ୍ନ ।

କ୍ଷତ୍ତା, ବି.(କ୍ଷଦ୍=ସମ୍ବରଣ କରିବା-ତୃ) ସାରଥି; ଦ୍ୱାରପାଳ ।

କ୍ଷତ୍ର, } ବି. (କ୍ଷତ-ତ୍ରୈ=ତ୍ରାଣ କରିବା-ଅ, କ୍ଷତ୍ତ୍ର, } କ୍ଷତ୍ତ୍ର ହେବାସ୍ଥଳେ ସୁବିଧା ନିମନ୍ତେ କ୍ଷତ୍ର ମଧ୍ୟ ଲେଖାଯାଏ)କ୍ଷତ୍ରିୟଜାତି; ଶରୀର ।

କ୍ଷତ୍ରିୟ,ବି. (କ୍ଷତ୍ର-ଇୟ—ସ୍ୱାର୍ଥେ)ଦ୍ୱିତୀୟବର୍ଣ୍ଣ ।

କ୍ଷପା, ବି. ସ୍ତ୍ରୀ. (କ୍ଷପ୍=କ୍ଷେପଣ କରିବା-ଅ-ଆ) ରାତ୍ରି; ହରିଦ୍ରା ।

କ୍ଷମ, ବି. (କ୍ଷମ୍=ସହ୍ୟ କରିବା-ଅ)ଯୋଗ୍ୟତା, ସାମର୍ଥ୍ୟ । ବିଂ. ନିପୁଣ; ସମର୍ଥ; ସହିଷ୍ଣୁ ।

କ୍ଷମା, ବି. ସ୍ତ୍ରୀ. (କ୍ଷମ୍=ସହ୍ୟ କରିବା-ଅ-ଆ) ଶାନ୍ତି, ନିବୃତ୍ତି; ଅପକାର ସହନ; ପୃଥିବୀ; ଦୁର୍ଗା; ରାତ୍ରି ।

କ୍ଷୟ, ବି. (କ୍ଷି=କ୍ଷୀଣ ହେବା-ଅ) ହ୍ରାସ; ନାଶ, ପ୍ରଳୟ; ରୋଗବିଶେଷ; ବର୍ଷବିଶେଷ ।

କ୍ଷରଣ, ବି. (କ୍ଷର୍=ସ୍ରବିବା-ଅନ) ସ୍ରବିବା; ନାଶ; ନିଃସରଣ; ସ୍ୱେଦନ ।

କ୍ଷାନ୍ତି, ବି. ସ୍ତ୍ରୀ. (କ୍ଷମ୍=ସହ୍ୟ କରିବା-ତି)କ୍ଷମା, ସହିଷ୍ଣୁତା; ନିବୃତ୍ତି ।

କ୍ଷାମ, ବିଂ. (କ୍ଷୈ=କ୍ଷୀଣ ହେବା-ତ, ତ=ମ) କ୍ଷୀଣ, ଦୁର୍ବଳ; ଶୁଷ୍କ । ଯଥା—କ୍ଷୁତ୍କ୍ଷାମ-କଣ୍ଠ ।

କ୍ଷାର, ବି. (କ୍ଷର୍-ଅ) ଲବଣରସ; ଯବକ୍ଷାର; କାଚ; ଭସ୍ମ; ଟାଙ୍ଗଣା; ଲୁଣିଆ ମାଟି ।

କ୍ଷାଳନ, ବି. (କ୍ଷାଳ୍=ଧୌତ କରିବା-ଅନ) ଧୋଇବା; ଶୋଧନ; ପରିଷ୍କାରକରଣ ।

କ୍ଷିଅର, ବି. (କ୍ଷୌର ଶବ୍ଦର ଅପଭ୍ରଂଶ)ବପନ-କର୍ମ । ଯଥା—

କ୍ଷିଅର ନୁହନ୍ତି ତାର ଚନ୍ଦ୍ରଶୁକ୍ଳି ଗଣି,
କାଟିଛନ୍ତି ବାଳ କରି ଦଅଣି ଛଅଣି ।
ଉ. ସା. ୧୮. ୯.

କ୍ଷିତି, ବି.ସ୍ତ୍ରୀ. (କ୍ଷି=ବାସ କରିବା, କ୍ଷୀଣହେବା-ତି) ପୃଥିବୀ; ବାସସ୍ଥାନ;ପ୍ରଳୟ କାଳ;କ୍ଷତି ।

କ୍ଷିପ୍ତ, ବିଂ. (କ୍ଷିପ୍=କ୍ଷେପଣ କରିବା-ତ)ନିକ୍ଷିପ୍ତ; ପ୍ରେରିତ; ହତ; ନିନ୍ଦିତ; ଅନ୍ୟାସକ୍ତ; ବାତୁଳ ।

କ୍ଷିପ୍ର, କ୍ରି. ବିଂ. (କ୍ଷିପ୍=କ୍ଷେପଣ କରିବା-ର) ଶୀଘ୍ର ।

କ୍ଷିରି, ଖିରି, କ୍ଷିରିସା, } ବି. (କ୍ଷିରିକା ଶବ୍ଦଜ) ପାୟସ ।

କ୍ଷିରିସାହାଣ, ବି. (ଦେଶଜ) ଏକପ୍ରକାର ବୃହତ୍ ବୃକ୍ଷ ।

କ୍ଷିରିକୋଳି, ଖିରିକୋଳି, ଖିରକୋଳି, } ବି. (କ୍ଷୀର, କୋଳି ଶବ୍ଦଜ) ଏକଜାତୀୟ ବୃକ୍ଷ ଓ ଫଳ-ବିଶେଷ ।

କ୍ଷିରୋଦ୍ର, ଖିରୋଦ୍ର, } ବି. (କ୍ଷୀରୋଦ ଶବ୍ଦଜ) ଶୁକ୍ଳ ପଟ୍ଟ-ବସ୍ତ୍ର । ଯଥା—

କ୍ଷିରୋଦ ପାଟ ପିନ୍ଧି ଚନ୍ଦ୍ର ଆସନେ ବସି,
ବିଷ୍ଣୁଙ୍କୁ ସୁମରି ମାରି ଛନ୍ତି ରାଜବଂଶୀ । ନୃ.ପୁ.ତ୍ର.ତ.

କ୍ଷୀଣ, ବିଂ. (କ୍ଷି=କ୍ଷୀଣ ହେବା-ତ, ତ=ନ) ଦୁର୍ବଳ; ସୂକ୍ଷ୍ମ; ଶୁଷ୍କ; କୃଶ ।

କ୍ଷୀବ, ବିଂ. (କ୍ଷୀବ୍=ମତ୍ତ ହେବା-ଅ) ମତ୍ତ ।

କ୍ଷୀର, ବି.(ଘସ୍=ଭୋଜନ କରିବା-ଈର୍, ଘ=କ୍ଷ,ଘସ୍ୟତେ ଇତି କ୍ଷୀରଂ ଘସ୍ଲ୍ ଅଦନେ—ଅମର ଟୀକା) ଦୁଗ୍ଧ; ଜଳ; ନିର୍ଯ୍ୟାସ ।

କ୍ଷୁଣ୍ଣ, ବିଂ. (କ୍ଷୁଦ୍=ଚୂର୍ଣ୍ଣ କରିବା-ତ) ଚୂର୍ଣ୍ଣୀକୃତ; ଅଭ୍ୟସ୍ତ; ଦୁଃଖିତ !

କ୍ଷୁଦ୍ର, ବିଂ. (କ୍ଷୁଦ୍=ଚୂର୍ଣ୍ଣ କରିବା-ର) ଛୋଟ; ନୀଚ; ଅଳ୍ପ; ଅପ୍ରଶସ୍ତ; କ୍ରୂର; କୃପଣ ।(ସ୍ତ୍ରୀ-ଆ) ବେଶ୍ୟା; ନଟୀ; ମଧୁମକ୍ଷିକା ।

କ୍ଷୁଧ, କ୍ଷୁଧା, } ବି.ସ୍ତ୍ରୀ.(କ୍ଷୁଧ୍=ଭୋଜନ ଇଚ୍ଛା କରିବା-କ୍ୱିପ୍-ଆ) ଭୋଜନଇଚ୍ଛା; ଲାଳସା । ଯେପରି—କାମକ୍ଷୁଧା ।

କ୍ଷୁବ୍ଧ, କ୍ଷୁଭିତ, } ବିଂ. (କ୍ଷୁଭ୍=ଚଞ୍ଚଳ ହେବା,କାତର ହେବା-ତ) କ୍ଷୋଭପ୍ରାପ୍ତ, ବିଚଳିତ; ତାପିତ; ଦୁଃଖିତ; ବ୍ୟାକୁଳ ।

**କ୍ଷୁର**, ବି. (କ୍ଷୁର୍ = ଛେଦନ କରିବା-ଅ) ନାପିତର ଅସ୍ତ୍ର; ଖଣ୍ଟର ଖୁରା । (ସ୍ତ୍ରୀ-ଈ) କ୍ଷୁରୀ; (କ୍ଷୁର୍-ଇନ୍) ନାପିତ ।

**କ୍ଷେତ**, } **ଖେତ**, } ବି. (କ୍ଷେତ୍ରର ଅପଭ୍ରଂଶ) ବିଲ । ଯଥା—

**କୃଷକେ ଉପାଡ଼ନ୍ତି ବାଳୁଙ୍ଗା କ୍ଷେତୁ । ରୁ. ସ୍ତ.**

**କ୍ଷେତପାପଡ଼ା**, ବି. (ଦେଶଜ) ଔଷଧି-ଗୁଳ୍ମବିଶେଷ ।

**କ୍ଷେତ୍ର**, ବି. (କ୍ଷି = ବାସ କରିବା-ତ୍ର) ଭୂମି; ସ୍ଥାନ; ଇନ୍ଦ୍ରିୟ; ମନ; ଶରୀର; କଳତ୍ର ବା ପତ୍ନୀ; ତୀର୍ଥସ୍ଥାନ; ସିଦ୍ଧଭୂମି ।

**କ୍ଷେତ୍ରାଜୀବ**,ବି.(କ୍ଷେତ୍ର-ଆଜୀବ=ବୃତ୍ତି) କୃଷକ ।

**କ୍ଷେତ୍ରି**, } **କ୍ଷତ୍ରି**, } ବି.(କ୍ଷତ୍ରିୟ ଶବ୍ଦର ଅପଭ୍ରଂଶ) କ୍ଷତ୍ରିୟ । ଯଥା—

**ସତ୍ୟଯୁଗେ ତପ ବ୍ରାହ୍ମଣ କରଇ**
**ତ୍ରେତାଯୁଗେ କ୍ଷେତ୍ରି କରେ । ବି. ଗୀ.**
**ଦେଖି ତାହାର କ୍ଷତ୍ରିପଣ,**
**କୁରୁ କଲେନ୍ତି ଘୋରରଣ । ଭା. ଦ. ସ୍କ.**

**କ୍ଷେପ**, } **କ୍ଷେପଣ**, } ବି. (କ୍ଷିପ୍-ଅ, ଅନ) ନିକ୍ଷେପ; ଅପସାରଣ; ପରିତ୍ୟାଗ; ପ୍ରେରଣ; ନିନ୍ଦା ।

**କ୍ଷେପଣି**, } **କ୍ଷେପଣିକା**, } ବି.ସ୍ତ୍ରୀ. (କ୍ଷିପ୍=କ୍ଷେପଣ କରିବା-ଅନ-କ-ଆ) ନୌକାଦଣ୍ଡ; ଜାଲବିଶେଷ; କ୍ଷେପଣୀୟ ଅସ୍ତ୍ରବିଶେଷ ।

**କ୍ଷେପା**, ବି. (କ୍ଷେପଣ ଶବ୍ଦଜ) ଡିଆଁ । ଯଥା—

**ପୁଣି କ୍ଷେପା ମାରି, କ୍ରୋଧ ସମ୍ଭାଳି ନ ପାରି,**
**ରାବଣ ଆସନ ଉପରେ, ବସିଲେ ପେଲି ଦେଇ କରି ।**
ବି. ରା.

(କ୍ଷେପଣିକା ଶବ୍ଦଜ) ଜାଲବିଶେଷ; ନଡ଼ିଆ ଓ ଖଜୁରିଗଛ ଇତ୍ୟାଦିରେ ଚଢ଼ିବା ନିମନ୍ତେ ଚକ୍ରାକୃତ ରଜ୍ଜୁ ।

**କ୍ଷେମ**, ବି. (କ୍ଷି = କ୍ଷୟ କରିବା-ମ-ସଂଜ୍ଞାର୍ଥେ) କଲ୍ୟାଣ, ଲବ୍ଧ ବସ୍ତୁର ରକ୍ଷା; ମଙ୍ଗଳ;ମୁକ୍ତି । ବିଂ. ମଙ୍ଗଳଦାୟକ, ଶୁଭକର ।

**କ୍ଷୋଣି**, } **କ୍ଷୋଣୀ**, } ବି.ସ୍ତ୍ରୀ.(କ୍ଷୁ = ଶବ୍ଦ କରିବା ଇତ୍ୟାଦି-ଣି-ଣୀ) ପୃଥିବୀ ।

**କ୍ଷୋଦ**, ବି. (କ୍ଷୁଦ୍=ଚୂର୍ଣ୍ଣ କରିବା-ଅ) ଚୂର୍ଣ୍ଣନ, ପେଷଣ;ଚୂର୍ଣ୍ଣ;ଖୁଦ; ଚୂର୍ଣ୍ଣ କରିବାର ପାତ୍ର ।

**କ୍ଷୋଭ**, ବି.(କ୍ଷୁଭ୍ = ଚଞ୍ଚଳ ହେବା-ଅ) ବାଧା; ଘର୍ଷଣ; ଶୃଙ୍ଖଳା;ଆଘାତ; ସ୍ଖଳନ; ମନସ୍ତାପ; ବିଲୋଡ଼ନ ।

**କ୍ଷୌଣି**, } **କ୍ଷୌଣୀ**, } ବି. ସ୍ତ୍ରୀ. (କ୍ଷୁର୍ = ଗମନ କରିବା-ନି) ପୃଥିବୀ ।

**କ୍ଷୌଦ୍ର**,ବି. (କ୍ଷୁଦ୍ରା = ମଧୁମକ୍ଷିକା-ଅ-କୃତାର୍ଥେ) ମଧୁ, ମହୁ; ଜଳ; ଚମ୍ପାଫୁଲ । ବିଂ. କ୍ଷୁଦ୍ର-ସମ୍ବନ୍ଧୀୟ ।

**କ୍ଷୌମ**, } **କ୍ଷୋମ**, } ବି. ( କ୍ଷୁ = ଶବ୍ଦ କରିବା-ମ ) ଅଟ୍ଟାଳିକା; ପଟ୍ଟବସ୍ତ୍ର; ଶଣ । ବିଂ. ମସିଣା ସୂତ୍ରନିର୍ମିତ ।

**କ୍ଷୌର**, ବି. (କ୍ଷୁର-ଅ-ଇଦମର୍ଥେ) ମୁଣ୍ଡନ । ବିଂ. କ୍ଷୁରସମ୍ବନ୍ଧୀୟ ।

**କ୍ଷ୍ୱେଡ଼**, ବି. (କ୍ଷ୍ୱିଦ୍=ଶବ୍ଦ କରିବା ପ୍ରଭୃତି-ଅ) ବିଷ, ଗରଳ; ସିଂହନାଦ; ଧ୍ୱନି । ବିଂ. ନିଷ୍ଠୁର; କୁଣ୍ଠିତ ।

**କ୍ଷ୍ୱେଳା**, } **କ୍ଷ୍ୱେଳନ**, } ବି. (କ୍ଷ୍ୱେଳ୍=କମ୍ପିବା-ଆ, ଅନ) କ୍ରୀଡ଼ନ; ସଞ୍ଚଳନ ।

# ଖ

**ଖ**, ବି. ବ୍ୟଞ୍ଜନବର୍ଣ୍ଣର ଦ୍ୱିତୀୟ ଅକ୍ଷର । ( ଖନ୍ = ବିଦାରଣ କରିବା-ଅ ) ସୂର୍ଯ୍ୟ; ଆକାଶ; ସ୍ୱର୍ଗ; ସୁଖ; ଇନ୍ଦ୍ରିୟ; ଦେହ; ନଗର; ବ୍ରହ୍ମା ।

**ଖଇ**, ବି. (ଖଦିକା ଶବ୍ଦଜ) ଲିଆ । ଯଥା—

**ଖଇ ତପ୍ତଗୁଡ଼ ସଙ୍ଗେ ହୁଅଇ ଉଖୁଡ଼ା,**
**କେହି କେହି ଖାଇଥାନ୍ତି ତା ସଙ୍ଗରେ ଚୂଡ଼ା । ବୃ.ସୁ.**

ଲିଆରେ ମିଶ୍ରିତ ଧାନର ଚେପା । ଯଥା—

**ବଣଜନ୍ତୁଙ୍କ କଙ୍କାଳ ହେଉଥିବ ଯହିଁ,**
**ଲିଆ ଖଇ ପଡ଼ିଥିବ କୁଚି କୁଚି ହୋଇ । ନୃ.ସୂ.ଚ.ତି.**

**ଖଇଙ୍ଗା**, } **ଖଇଁଗା**, } ବି. (ଦେଶଜ) ସମୁଦ୍ରଜାତ ମତ୍ସ୍ୟବିଶେଷ ।

ଖଇଗ୍ବ, ବିଂ. (ଦେଶଜ) ଦରପନ୍ତରିଆ ।

ଖଇଞ୍ଚ, } ସ୍ତ୍ରୀ. (ଦେଶଜ) ଖଡ଼ିକାରେ ନିର୍ମିତ
ଖଇଞ୍ଚୀ, } ମାଛ ଧରିବା ଏବଂ ଲିଆ ଚଳାଇବା ଯନ୍ତ୍ରବିଶେଷ ।

ଖଇର, } ବି. (ଖଦିର ଶବ୍ଦଜ) ବୃକ୍ଷବିଶେଷର
ଖଯୁର, } ନିର୍ଯ୍ୟାସ, ବୃକ୍ଷବିଶେଷ ।

ଖଇରା, ବି. (ଦେଶଜ) ଧଳା ଓ କଳା ମିଶ୍ରିତ ବର୍ଣ୍ଣ ।

ଖଇରାତ, ବି. (ଯାବନିକ) ଦାନ ।

ଖଇରାତି, ବି. (ଯାବନିକ) ଦତ୍ତ;ନଷ୍ଟ,ବ୍ୟୟିତ ।

ଖଇରି, ବି. (ଖଦିରୀ ଶବ୍ଦଜ) ଶାକବିଶେଷ ।

ଖଇହାକୁଟି, } ବି.(ଦେଶଜ)ଆମ୍ଳିଲହାକୁଟି ।
ଖଇରିହାକୁଟି, } ଅଜୀର୍ଣ୍ଣଜ୍ଞାପକ ହାକୁଟି ।

ଖଉରିବା, କ୍ରି. (କ୍ଷୌର ଶବ୍ଦଜ) କ୍ଷୌରକରିବା ।

ଖଉରିଆ, ବି. (ଦେଶଜ) ଲୁଖୁରା, ତୈଳହୀନ ।

ଖଏରାତ, ବି. (ଯାବନିକ) ଦାନ ।

ଖକଶି, ବି. (ଗଡ଼ଜାତ ଶବ୍ଦଜ) ଖଡ଼ିଶ ମାଛ ।

ଖଗ, } ବି.(ଖ=ଆକାଶ-ଗମ୍-ଅ,ଖ ଚର୍-
ଖଚର, } ଅ) ପକ୍ଷୀ; ବାଣ; ସୂର୍ଯ୍ୟ; ମେଘ; ଦେବତା; ଶଲଭବିଶେଷ; ବାୟୁ । ବିଂ. ଆକାଶଗାମୀ; ଆକାଶଗୃହୀ ।

ଖଗପତି, ବି. (ଖଗ=ପକ୍ଷୀ-ପତି) ଗରୁଡ଼ ।

ଖଗଲ, ବିଂ. (ଗଡ଼ଜାତ ଶବ୍ଦ) ହସଲ ।

ଖଗ୍‌ଗଡ଼, ବି. (ଦେଶଜ) ଇଙ୍ଗଡ଼ି କାଠି, ଏଥିରେ କାଠିକଲମ ପ୍ରସ୍ତୁତ ହୁଏ ।

ଖଙ୍କର, ବି. (ଦେଶଜ) ଚୂର୍ଣ୍ଣକୁନ୍ତଳ ।

ଖଙ୍କା, ବିଂ. (ଦେଶଜ) ଶୂନ୍ୟ; ତୁଚ୍ଛ ।

ଖଙ୍କାର, ବି. ( ଦେଶଜ ) କଫମିଶ୍ରିତ ଛେପ । ଯଥା—

ସେହିରୂପେ ଖଙ୍କାର ପକାଇ ନ ଥିବ,
ଯେବେ ତା ପକାଇବ କେହି ନ ଜାଣିବ।କୃ·ଭ·ବ·ପ·

ଖଙ୍କାରଖା, } ବି. (ଦେଶଜ) କ୍ଷୁଦ୍ର ମତ୍ସ୍ୟ-
ଖଙ୍କାରଖାଇ, } ବିଶେଷ; ଏକପ୍ରକାର ଗଳ-ଧ୍ୱନି । ବିଂ. ଯେ ଖଙ୍କାର ଖାଇଦିଏ ।

ଖଙ୍କାରିବା, କ୍ରି. (ଦେଶଜ)ଗଳଧ୍ୱନି କରି ଛେପ ପକାଇବା ।

ଖଙ୍କାଳ, } ବିଂ. (ଦେଶଜ—ପେଟ ଶବ୍ଦ ସହ
ଖଂଖାଳ, } ପ୍ରଯୋଜ୍ୟ) ଖାଲି ହୋଇ ଭିତରକୁ ପଶି ଯାଇଥିବା । ଯଥା—

କଟିତଟ ଜୋଡା ବେଢ଼କୁ ବଳିଛୁ,
ଖଂଖାଲ ପେଟ ତାର ପିଠିକି ଲଗିଛୁ । କୃ·ଭ·ଆ·ପ·

ଖଙ୍କାଳିବା, କ୍ରି. ( ଦେଶଜ ) ପେଟ ସଙ୍କୋଚ କରିବା ।

ଖଙ୍ଗ, ବି. (ଦେଶଜ) ଅଭିମାନ;ଦୁଃଖ। ଯଥା—
ଢଆଁଇଲେ ପିତା କଥାକୁ କରି ଖଙ୍ଗ,
କହୁଅଛୁ କଥା ଧରି ହୃଦେ ରାଗ । କୃ· ଭ· ଢ· ପ·
ବିଂ. ଦୁଃଖିତ । ଯଥା—

ଏ ବାହାରେ ଛକୋଡ଼ି ସହସ୍ର ତୁରଙ୍ଗ,
ସେ ଦ୍ରବ୍ୟ ବହିବାରେ ମନ କଲେ ଖଙ୍ଗ । କୃ·ଭ·ଆ·ପ·

ଖଚ, ବି. (ଦେଶଜ) ଚୁଗୁଲି ବା ପରର ହାନି ନିମିତ୍ତ କହିବା କୁଟିଳ ବଚନ । ଯଥା—
ଖଚୁଆ କହେ ଖଚ ।

ଖଚଡ଼, } ବିଂ.(ଦେଶଜ) ବଦ୍‌ଜାତ ବା ଜାତିରୁ
ଖଚର, } ଆନ । ବି. ଘୋଡ଼ାସଙ୍ଗମିଶା ଗଧ ।

ଖଚମିଛ, ବି. (ଦେଶଜ) ଚୁଗୁଲି ।

ଖଚିତ, ବି. ( ଖଚ୍=ଯୋଜନ କରିବା-ତ ) ଜଡ଼ିତ; ରଚିତ; ମିଶ୍ରିତ; ବ୍ୟାପ୍ତ; ଅନ୍ତର୍ନିହିତ; ବଦ୍ଧ; ରଞ୍ଜିତ । (ରତ୍ନଚ୍ଛାୟା-ଖଚିତବଲଭିଷ୍ଣାମରୈଃ । )

ଖଚୁଆ, ବି. (ଦେଶଜ) ଯେ ଖଚ କହେ, ଚୁଗୁଲିଆ ।

ଖଜଣା, ବି. (ଯାବନିକ) କର । (ବେଠି ଶବ୍ଦ ଦେଖ ।)

ଖଜଣାଖାନା, ବି. (ଯାବନିକ) ଧନାଗାର ।

ଖଜବଜ, ବିଂ. (ଦେଶଜ) ଅସ୍ଥିର ।

ଖଜା, } ବି.ସ୍ତ୍ରୀ.(ଖଜ୍=ମନ୍ଥନ କରିବା-ଅ-
ଖଜାକା, } ଅକ-ସ୍ତ୍ରୀ-ଆ) ହତା, ଚଟୁ । (ଦର୍ବୀ ଖମ୍ବୀ ଖଜାକା ଚ—ଅମର ।)

ଖଜା, ବି. (ଦେଶଜ କିମ୍ବା ଖଜକା ଶବ୍ଦଜ) ପକ୍ୱ ମିଷ୍ଟାନ୍ନବିଶେଷ ।

ଖଜାପଣସ, ଖଜୁରୀପଣସ, } ବି. (ଖର୍ଜୁର-ପନସ ଏଥିରୁ ଉତ୍ପନ୍ନ) ଏକପ୍ରକାର ସୁମିଷ୍ଟ ପନସ ।

ଖଜାଣଚି, ଖଜାଞ୍ଚି, } ବି. (ଯାବନିକ) ରାଜଧନାଧ୍ୟକ୍ଷ ।

ଖଜୁରା, ବି. (ଦେଶଜ) ଧାନ୍ୟବିଶେଷ । (ଖର୍ଜୁର ଶବ୍ଦଜ) ଶୁଖିଲା କାବୁଲି ଖର୍ଜୁର ।

ଖଜୁରି, ଖଜୁରୀ, ଖଜୁର, } ବି. (ଖର୍ଜୁର ଶବ୍ଦଜ) ସ୍ୱନାମପ୍ରଖ୍ୟାତ ବୃକ୍ଷବିଶେଷ, ତଜ୍ଜାତ ଫଳ ।

ଖଜୁରିଆ, ବି. (ଦେଶଜ) ଢେଉର ଭାବରେ ବସିଥିବା ଇଟା ।

ଖଜୁରିପଟି, ବି. (ଖର୍ଜୁରପଟ୍ଟିକା ଶବ୍ଦଜ) ଖଜୁରି ପତରରେ ନିର୍ମିତ ଆସନ ।

ଖଞ୍ଜ, ବିଂ. (ଖନ୍ଜ୍=ଖୋଟେଇ ଚାଲିବା-ଅ) ବିକଳପଦ, ଲେଙ୍ଗଡ଼ା, ଖୋଟା । (ଦେଶଜ) ଉପାୟ; ସୁବିଧା ।

ଖଞ୍ଜଖାଞ୍ଜ, ବି. (ଦେଶଜ) ସୁବିଧା ।

ଖଞ୍ଜଣୀ, ଖଞ୍ଜଣି, } ବି. (ଦେଶଜ) ଖଞ୍ଜିବା । ଯଥା—

ମୁକୁତା ପ୍ରବାଳ ଖଞ୍ଜଣୀ,
ଉପରେ ଚନ୍ଦ୍ରାତପ ଟାଣି । ଭା. ଦ. ସ୍କ.

ଖଞ୍ଜଣୀ, ଖଞ୍ଜରୀ, } ବି. ସ୍ତ୍ରୀ. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ । ଯଥା—

ଝଙ୍କାର ଝଙ୍କାର ଖଞ୍ଜରୀଟପ୍ରାନ୍ତ
ହତ ସୁବାଦ୍ୟରେ ବଦତ । କୋ.ବ୍ର.ସୁ.

ଖଞ୍ଜନ, ଖଞ୍ଜରୀଟ, } ବି. (ଖନ୍ଜ୍=ଖୋଟେଇ ଚାଲିବା-ଅନ, ଖଞ୍ଜ-ରି=ଗମନ କରିବା-ଈଟ-ନିପାତନ) ଖଞ୍ଜନପକ୍ଷୀ, ସ୍ୱନାମପ୍ରସିଦ୍ଧ ପକ୍ଷୀ ।

ଖଞ୍ଜପଡ଼ିବା, କ୍ରି. (ଦେଶଜ) ସୁବିଧା ହେବା ।

ଖଞ୍ଜର, ବି. (ଯାବନିକ) ଗୋଳା ।

ଖଞ୍ଜା, ବି. (ଦେଶଜ) ଚତୁର୍ଦ୍ଦିଗରେ ଗୃହ ବା ପ୍ରାଚୀରବେଷ୍ଟିତ ନିବାସସ୍ଥାନ । ଯଥା—

ଦି ଛିନ ଖଞ୍ଜା ଡେଇଁ ଗଲି,
ମଟି ମଣ୍ଡପେ ପ୍ରବେଶିଲି ।

ନିଯୋଗ । ଯଥା—ପ୍ରତ୍ୟେକ ରାଜସରକାରରୁ ବନ୍ଦୋବସ୍ତ ପାଞ୍ଚ ଟଙ୍କା ପାଉଣା ତାହାଙ୍କର ଖଞ୍ଜା ଅଛି । ଯୋଡ଼ା ବା ସଂଯୋଗ । ଯଥା—

କଚ୍ଛଦୂର ପରଯନ୍ତେ ଖଞ୍ଜାରୁ ଛୁଡ଼ଇ,
ନିଃଶ୍ୱାସ ଶୋଷନ୍ତେ ଚାଲ ବାହୁଡ଼ି ବସଇ । ସା.ଭା.ଆ.

ବିଂ. ଯୋଡ଼ା ହୋଇଥିବା । ଯଥା—
ଝଣ ଝଣ ହୁଏ ଖଞ୍ଜା ପାହୁଡ଼ ଚରଣେ । ଲ. ବ.

କାର୍ଯ୍ୟୋପଲକ୍ଷରେ ଦତ୍ତ । ଯଥା—
ମୋ ନିତ ଖଞ୍ଜା ତାମ୍ବୂଲ ପଦ୍ମଦଳ
ଶଯ୍ୟାକୁ ଗଲି ତହିଁ ପାଇଁ । କୋ.ବ୍ର.ସୁ.

ନିଯୁକ୍ତ । ଯଥା—ଖଞ୍ଜା ବ୍ରାହ୍ମଣ ।

ଖଞ୍ଜାକାଟ, ବି. (ଦେଶଜ) ଦେବତାମାନଙ୍କ ସେବକମାନେ ଯେଉଁ ଦେବୋତ୍ତର ଜମି ଚାଷ କରିଥାନ୍ତି ସେହି ଜମିର ଖଞ୍ଜଣାରୁ ସେମାନଙ୍କ ସେବା ନିମନ୍ତେ ଯାହା କଟିଯାଏ ।

ଖଞ୍ଜାବାଡ଼, ବି. (ଦେଶଜ) ବୃତ୍ତି । ଯଥା—

ସୁଖେ ଏବେ ଆମ୍ଭଙ୍କୁ ମିଳିବ ଖଞ୍ଜାବାଡ଼,
ଶୁଣି ତା ନୂଆ ଯମ ବସିଲେ ନିସ ମୋଡ଼ ।
ନୃ. ପୁ. ପ୍ର. ତ.

ଖଞ୍ଜିବା, କ୍ରି. (ଖଚ୍ ଧାତୁଜ) ସୁଚାରୁରୂପେଯୁକ୍ତ କରିବା କିମ୍ବା ଯୋଡ଼ିବା । ଯଥା—

କି ସୁନ୍ଦର ତହିଁ ଖଞ୍ଜି କିଙ୍କିଣୀ,
ଏଣୁ କଟି ଥିବା ହେଉଛି ଜାଣି । ଲ. ବ.

ନିୟମାନୁସାରେ ଦେଉଥିବାକୁ ସ୍ଥିର କରିବା । ଯଥା—

ଗିରିଜା ନିମିତ୍ତ ପୁଣି ଦେଲେ ସେ ଚିତା କାଛେଣୀ,
ଖଞ୍ଜିଲେ ମନ୍ଦାର ମାଳ ଉପନ ବଳ ଯେ । ଲ. ବ.

ଯୋଗ୍ୟ ହେବା । (ପିଞ୍ଜିବା ପଦ ଦେଖ ।)

ଖଞ୍ଜିଖାଞ୍ଜି, କ୍ରି. ବିଂ. (ଦେଶଜ) ଗଚ୍ଛିଗାଛି ।

ଖଟ, ବି. (ଖଟ୍ = ଆକାଙ୍କ୍ଷା କରିବା, ଅନ୍ୱେଷଣ କରିବା-ଅ ) ତୃଣ; ଲାଙ୍ଗଳ କାମ୍ବା ଟଙ୍କ ନାମକ ଶସ୍ତ୍ର; ପ୍ରହାର; କଫ । (ଖଟସ୍ତୃଣେ କଫେ ଟଙ୍କେଽନ୍ଧକୂପେ ପ୍ରହାରେ— ହୈମ ।) (ଖଟ୍ୱ ଶବ୍ଦର ଅପଭ୍ରଂଶ) ସାମାନ୍ୟ ପଲ୍ୟଙ୍କ । ଯଥା—

ଖାଗ ଖଣ୍ଡାଧାର ଖଟ ମଣି ତୁ ଶୋଇଲୁ ରେ । କ. ଚ. ଚ.

ଖଟଣି, ଖଟଣୀ, ବି. ସ୍ତ୍ରୀ. ( ଦେଶଜ ) ସେବା । ଯଥା—

ଖଟଣି ବଢ଼ାଇ ଆସିଥିଲୁ ଆଜ
ଏ ବନେ ଭ୍ରମିବା ଲାଗି । ଉର୍ବଶୀ ।

ଦେବତାଙ୍କ ନିକଟରେ ପ୍ରାତ୍ୟହିକ ଖଞ୍ଜା ଭୋଗାଦି । ଯଥା—

ବୋଇଲି ମୁଁ ଆସଇ ଦେଖାଇ ଘୋଷପଥ,
ଖଟଣି ପୁଷ୍ପିଷ୍ଟି ଯତ୍ନେ ମୋପରେରେ ଗୁଚ୍ଛ । କୋ. ବ୍ର. ସୁ.

ବିଂ. ଯେ ସେବା କରୁଥାଏ । ଯଥା—

ଜାଣ ନଳିନୀ ଖଟଣି-ମାଳିନୀଏ
ତେଣୁ ବିରଚିଲେ ଏ ଭାବ । କୋ. ବ୍ର. ସୁ.

ଖଟଣିକାର, ବି. (ଓଡ଼ିଆ ସଂସ୍କୃତ ଶବ୍ଦର ସମ୍ମିଶ୍ରଣ) ସେବକ । ଯଥା—

ଯାହାର ଆଜ୍ଞାରେ ଆସି ଦଶ ଦିଗପାଳ ।
ଖଟଣିକାର ହୋଇ ଖଟନ୍ତି ପାଦତଳ । ନୃ. ପୁ. ଚ. ଭ.

ଖଟମଲ, ବି. ( ଖଟ୍ୱ-ମଲ୍ଲ-ଏହାର ଅନୁକୃତ ) ଓଡ଼ଶ କୀଟ, ଘରପୋକ ।

ଖଟା, ଖଟ୍ଟା, ବି. ( ଦେଶଜ ) ଅମ୍ଳରସ । ବିଂ. ଅମ୍ଳରସଯୁକ୍ତ ।

ଖଟାଇ, ଖଟେଇ, ବି. ( ଦେଶଜ ) ଆମ୍ବିଳ, ଅମ୍ଳ ପଦାର୍ଥ ।

ଖଟାଇବା, କ୍ରି. ( ଦେଶଜ ) ବାନ୍ଧିବା । ଯଥା—

କନ୍ୟା ପ୍ରତ୍ୟେ ଖଟାଇ ଦୋଳି,
କୁମରକୁ ଶୁଆଇ ଦେଲେ ହୁଳହୁଳି । ର. କ.

କାର୍ଯ୍ୟ କରାଇବା । ଯଥା—ମୋ ପାଦେ ତାଙ୍କୁ ଖଟାଇବ । ପ୍ରୟୋଗ କରିବା । ଯଥା—ଏ ସ୍ଥଳରେ ଏହା ଖଟାଇ ପାରିବ ନାହିଁ ।

ଖଟାକଆ, ବିଂ. ( ଦେଶଜ ) ଅଳ୍ପଖଟା ।

ଖଟିଆ, ବି. (ଖଟ୍ୱା ଶବ୍ଦଜ) ଯାନବିଶେଷ । ବିଂ. ଯେ ଖଟେ ।

ଖଟୀ, ବି. ସ୍ତ୍ରୀ. (ଖଟ୍ = ଅନ୍ୱେଷଣ କରିବା-ଈ) କଠିନୀ, ଖଡ଼ି । ( ଏହି ଅର୍ଥରେ ଖଟିନୀ ମଧ୍ୟ ହୁଏ । ) ( ଦେଶଜ ) ମାଦକଦ୍ରବ୍ୟ ବିକ୍ରୟ ସ୍ଥାନ; ସମଶ୍ରେଣୀର ମାଦକସେବି-ମାନଙ୍କର ସମ୍ମେଳନର ସ୍ଥଳ ।

ଖଟିବା, କ୍ରି. ( ଦେଶଜ ) ସେବା କରିବା । ଯଥା—

ଖଟନ୍ତି ଯା ପାଦେ ନୀଳ ଅମ୍ବୁପତି । କ. ବ.

ସ୍ତ୍ରୀ ରଜସ୍ୱଳା ହୋଇ ଶାଶୁ ଘରକୁ ଯିବା; କାର୍ଯ୍ୟ କରିବା ।

ଖଟୁଲି, ଖଟୁଲୀ, ବି. ସ୍ତ୍ରୀ. ( ଦେଶଜ ବା ଖଟ୍ୱା ଶବ୍ଦଜ ) କ୍ଷୁଦ୍ର କାଷ୍ଠାସନବିଶେଷ, ଏଥିରେ ବ୍ରାହ୍ମଣମାନେ ଶାଳଗ୍ରାମ ପୂଜନ୍ତି । ଯଥା—

ଦେଖିଲେ ଦେବତା ଖଟୁଲି,
ବହି ଆଣିଲେ କସ ବୋଲି । ଦା. ର.

ଖଟେଇବା, କ୍ରି. (ଦେଶଜ) ପରିଶ୍ରମ କରାଇବା; ବାନ୍ଧିବା, ପ୍ରୟୋଗ କରିବା ।

ଖଟ୍ୱା, ବି. ସ୍ତ୍ରୀ. ( ଖଟ୍ = ଅନ୍ୱେଷଣ କରିବା-ବ-ଆ ) ପର୍ଯ୍ୟଙ୍କ, ଖଟ ।

ଖଟ୍ୱାଙ୍ଗ, ବି. ( ଖଟ୍ୱା-ଅଙ୍ଗ ) ଖଟର ଖୁରାତୁଲ୍ୟ ମୁଦ୍‌ଗର; ଖଟର ଅଙ୍ଗ; ମହାଦେବଙ୍କ ଅସ୍ତ୍ର-ବିଶେଷ; ସୂର୍ଯ୍ୟବଂଶ; ସୂର୍ଯ୍ୟବଂଶୀୟ ନୃପ-ବିଶେଷ ।

ଖଡ଼, ବି. (ତୃଣାର୍ଥ ଖଟ ଶବ୍ଦଜ) ତୃଣଜାତୀୟ ଗୁଳ୍ମବିଶେଷ ।

ଖଡ଼ଉ, ବି. ( ଦେଶଜ ) କଠାଉ ।

ଖଡ଼କା, ବି. (ଦେଶଜ) ଖଡ଼କା, ନଡ଼ିଆ ବା ତାଳପତ୍ରର ମଧ୍ୟସ୍ଥ ଶିରା । ଯଥା—

ଅଗଣା ଖଡକା ପହରା, ଚନ୍ଦନ ଗୋଳି ଦ୍ୟନ୍ତି ଛେରା ।
ଭା. ଦ. ସ୍କ.

ଖଡ଼କକ୍କା, ଖଡ଼କିକ୍କା, ବି. ସ୍ତ୍ରୀ. (ଖଡ଼କ = ଅବ୍ୟକ୍ତ ଶବ୍ଦ କୃ-କରିବା-ଅ-ସ୍ତ୍ରୀ-ଈ, ର ଲୋପ) ଗୁପ୍ତଦ୍ୱାର; ଖଡ଼ଖଡ଼ି ।

ଖଡ଼ଖଡ଼, ବି. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ଯଥା—

ସ୍ୱମର୍ଦ୍ଦିତ ଶୁଷ୍କପତ୍ର ଖଡ଼ଖଡ଼େ ଚମକ ପଡ଼ଇଲ ପ୍ରାସ୍ତେ । ଉର୍ବଶୀ ।

ବିଂ. ଶୁଖିଲା ।

ଖଡ଼ଖଡ଼, ବି. (ଦେଶଜ) କାଷ୍ଠନିର୍ମିତ ଶିବିକା-ବିଶେଷ; ଝିଲିମିଲି ।

ଖଡ଼ପ, } ବି. (ଦେଶଜ) ଗଉଡ଼ମାନେ
ଖଡ଼ପା, } ପାଲିଙ୍କି କାନ୍ଧେଇ ଯିବାବେଳେ ଗୋଡ଼ରେ କଣ୍ଟା ଇତ୍ୟାଦି ପଶିଲେ ତାହା ବାହାର କରିବା ନିମନ୍ତେ ଠିଆ ହେବା-ପାଇଁ ଡ଼ାକ ନ କହି 'ଖଡ଼ପ' ଏହି ଶବ୍ଦ କହନ୍ତି ।

ଖଡ଼ମ, ବି. (ଦେଶଜ) କଠାଉ । ଯଥା—

ବୈଦିକ ବ୍ରାହ୍ମଣେ ଖଡ଼ମ, କୁନ୍ଦନ୍ତି ବରଜ ଚରମ ।

ଖଡ଼ରା, } ବି. (ଯାବନିକ) ଅଶ୍ୱଗାତ୍ର
ଖଡ଼ୋରା, } ମାର୍ଜନ ନିମିତ୍ତ ଲୌହନିର୍ମିତ ପାନିଆବିଶେଷ ।

ଖଡ଼ା, ବି. (ଦେଶଜ) ଶାକବିଶେଷ । ଶାକର ବଡ଼ବଡ଼ ନାଡ଼ ।

ଖଡ଼ିକନା, ବି. (ଦେଶଜ) ଚିତ୍ର କରିବା ପୂର୍ବେ ପିତୁଳାରେ ଲଗାଇବା କନା ।

ଖଡ଼ିକା, ବି. (ଦେଶଜ) ନଡ଼ିଆ ବା ତାଳପତ୍ର ମଧ୍ୟସ୍ଥ ଶିରା । ଯଥା—

ଖରଖର କରି ଖରକେ ଘର,
ଖଡ଼ିକା ରଖଇ ଚୂଲିମୁଣ୍ଡର । ହା. ତ..

ଖଡ଼ିକାମୁଠା, ବି. (ଦେଶଜ) ଖୁଞ୍ଚୁଣୀ ବା ପହଁରା ।

ଖଡ଼ି, ଖଡ଼ୀ, ବି. ସ୍ତ୍ରୀ. (ଖଟୀ ଶବ୍ଦଜ) ଶୁକ୍ଳ ପାଷାଣ । ଯଥା—

ଶୁଭ୍ର ତନ୍ମୁ ଶୋଭେ ଖଡ଼ିଶୈଳ ପ୍ରାସ୍ତେ । ନ. କେ.

ଖଡ଼ିଛୁଆଁ, ବି. (ଦେଶଜ) ବିଦ୍ୟାରମ୍ଭ ।

ଖଡ଼ିଛୁଆଁଇବା, କ୍ରି. (ଦେଶଜ) ବିଦ୍ୟାରମ୍ଭ କରିବା । ଯଥା—

କ୍ରମେ ଖଡ଼ି ଛୁଆଁଇଲେ,
ସକଳ ପାଠ ପଢ଼ିଲେ । ସୁ. ପ.

ଖଡ଼ିଛୁଇଁବା, କ୍ରି. (ଦେଶଜ) ବିଦ୍ୟା ପଢ଼ିବାକୁ ଆରମ୍ଭ କରିବା ।

ଖଡ଼ୀନ, ବି. (ଖ-ଡ୍ଡୀନ) ପକ୍ଷିମାନଙ୍କର ଗତିବିଶେଷ ।

ଖଡ଼ୁ, ବି. (ଦେଶଜ) ହସ୍ତାଳଙ୍କାରବିଶେଷ; ପାଦାଳଂକାରବିଶେଷ ।

ଖଡ଼ୁବାହି, ବି. (ଦେଶଜ) ହସ୍ତାଳଙ୍କାର-ବିଶେଷ । ଯଥା—

କମ ଆଦି ଖଡ଼ୁବାହି ହସ୍ତରେ ଶୋହି ଏ । ଲ. ବ.

ଖଡ୍‌ଗ, ବି. (ଖଡ୍‌=ଭେଦ କରିବା-ଗ) ଗଣ୍ଡକ-ମୃଗ; ଗଣ୍ଡକର ଶୃଙ୍ଗ; ଅସ୍ତ୍ରବିଶେଷ, ତରବାରି ।

ଖଡ୍‌ଗୀ, ବି. (ଖଡ୍‌ଗ=ଗଣ୍ଡକର ଶୃଙ୍ଗ-ଇନ୍‌—ଅସ୍ତ୍ୟର୍ଥେ) ଗଣ୍ଡକ ମୃଗ; ଖଡ୍‌ଗଧାରୀ ।

ଖଣତା, ଖଣିତ୍ର, } ବି. (ଖନିତ୍ର ଓ ଖନିତ୍ରା
ଖଣିତା, ଖଣିତ୍ର, } ଶବ୍ଦଜ) ମାଟି ଖୋଳିବା
ଖଣନ୍ତା, } ଶସ୍ତ୍ରବିଶେଷ ।

ଖଣା, ବି. (ଖନି ଶବ୍ଦଜ) ବଡ଼ ଗାତ । ଯଥା—

ଖଣା ଖୋଳାଇ ଯତ୍ନ କର । ଦା. ର.

ଖଣି, ବି. (ଖନି ଶବ୍ଦଜ, ପ୍ରାକୃତ) ସ୍ୱର୍ଣ୍ଣାଦିର ଉତ୍ପତ୍ତି ସ୍ଥାନ; ଯେଉଁ ଗାତ ଖୋଳି ଧାନ ପୋତି ରଖନ୍ତି ।

ଖଣ୍ଟ, ବି. (ଦେଶଜ) ଡ଼କାଏତ । ଯଥା—

ସର୍ବସ୍ୱ ମୋର ବାଛୁଁ ଖଣ୍ଟ ପିଟି ନେଲେ,
ତୁମ୍ଭଠାକୁ ଆସିଛୁ ରହିବାକୁ ଭଲେ । କୃ. ଖ. ବ. ପ.

ଠକ । ଯଥା—

ଭଲ ବୁଝିଛି କି ଏହି ଖଣ୍ଟକୁ । ବ. ଚ. ମ.

ଜାତିବିଶେଷ ।

ଖଣ୍ଡ, ବି. (ଖନ୍ତ୍‌=ଭଗ୍ନ କରିବା-ଅ) ଭେଦ; ଛେଦ; ଅଂଶ; ଗ୍ରନ୍ଥର ଭାଗବିଶେଷ, ପରିଚ୍ଛେଦ; ଖଣ୍ଡି । ଯେପରି—ଏକ ଖଣ୍ଡ ପୁସ୍ତକ । ଇକ୍ଷୁବିକାର । ଯେପରି—ଖଣ୍ଡ ମୋଦକ । ବିଂ. ଖଣ୍ଡିତ ।

ଖଣ୍ଡଖଣ୍ଡିଆ, ବିଂ. (ଖଣ୍ଡ ଶବ୍ଦରୁ ଉତ୍ପନ୍ନ) ଖଣ୍ଡିତ; ଖଣ୍ଡ ଖଣ୍ଡ ଯହିଁରେ ମିଶିଥାଏ ।

ଖଣ୍ଡଣି, ବିଂ. ( ଖଣ୍ଡନୀ ଶବ୍ଦଜ-ପ୍ରାକୃତ ) ଯେ ଖଣ୍ଡନ କରେ । ଯଥା—

ଅରକ୍ଷି-ଅପଦ-ଆଦ୍ଧ ଦୁଷ୍କୃତଖଣ୍ଡଣି,
ପର ଦୁଃଖେ କାତର ଗୋ ଚଣ୍ଡୀ ଗୋସାମଣି ।
ସା. ଭ୍ର. ଆ. ପ.

ବି. ଖଣ୍ଡନ ।

ଖଣ୍ଡନ, ବି. ( ଖନ୍ଡ୍ = ଭଗ୍ନ କରିବା-ଅନ ) ନିବାରଣ । ଯଥା—ମତ ଖଣ୍ଡନ; ଭଞ୍ଜନ; ଛେଦନ ।

ଖଣ୍ଡପରଶୁ, ଖଣ୍ଡପର୍ଶୁ, ବି.(ଖଣ୍ଡ-ପରଶୁ,ପର୍ଶୁ=କୁଠାର) ପର୍ଶୁରାମ; ମହାଦେବ; ଚୂର୍ଣ୍ଣ-ଲେପନକାରକ; ରାହୁ; ଭଗ୍ନଦନ୍ତ ହସ୍ତୀ । ( ଖଣ୍ଡପର୍ଶୁଃ ପର୍ଶୁରାମେ ଶଙ୍କରେ ଚୂର୍ଣ୍ଣ-ଲେପିନି—କୋଷାନ୍ତର । )

ଖଣ୍ଡପାଠୁଆ, ବିଂ. ( ଖଣ୍ଡପାଠ ଶବ୍ଦଜ ) ଯେ ଅଳ୍ପ ପଢ଼ିଥାଏ ।

ଖଣ୍ଡଶାକର, ବି. (ଖଣ୍ଡ-ଶର୍କରା—ଏଥିରୁ ଜାତ) ମିଷ୍ଟାନ୍ନବିଶେଷ ।

ଖଣ୍ଡା, ବି. (ଖଡ୍‌ଗ ଶବ୍ଦଜ) ତରବାରି । ଯଥା—

ଶତ୍ରୁ ଖଣ୍ଡାଘାତେ ଗଡ଼ାଇଲେ ମୁଣ୍ଡ । ନ. କେ.

ଖଣ୍ଡାଇତ, ଖଣ୍ଡାଏତ, ବି. ( ଦେଶଜ ) ଜାତିବିଶେଷ, ଏକପ୍ରକାର ପାଦାତିକ ଜାତି । ଯଥା—

ଖଣ୍ଡାରୁ ଖଣ୍ଡାଇତ ହେଲେ,
ଅନେକପ୍ରକାରେ ବଢ଼ିଲେ । ବି. ପୁ.

ଖଣ୍ଡାମଗର, ବି. ( ଦେଶଜ ) ମଗରଜାତୀୟ ଜଳଜନ୍ତୁବିଶେଷ ।

ଖଣ୍ଡି, ବି. (ଖଣ୍ଡ ଶବ୍ଦଜ) ଖଣ୍ଡ । ଯଥା—

କନା ଖଣ୍ଡି ଧୋଇ ଶୁଖାଇଦେବ,
ଶୁଖିଗଲେ ତୋଳି ଘରେ ଥୋଇବ । ହ୍ରା. ତ.

ଗୋଟିଏ, ଖଣ୍ଡିଏ । ଯଥା—

କୁମର ଗୁମର ଖଣ୍ଡି ମଣ୍ଡି କରେ । କୌ. ବ୍ର. ସୁ.

(ଦେଶଜ) ନଦୀର ତଟପ୍ରଦେଶ । ଯଥା—

ଶୁଣିବା ହେଉ ଆଗ କାଳରେ ସେହି ରାଜ ଋଷି ଗୌତମୀ ନଈର ଖଣ୍ଡିରେ ଘୋର ତପ କଲେ । ଶ. ନା. ସୁ. ପୁ.

ଖଣ୍ଡିଆ, ବିଂ. ( ଖଣ୍ଡ ଶବ୍ଦଜ ) ବିକଳାଙ୍ଗ, କ୍ଷତଯୁକ୍ତ, ଭଗ୍ନ । ଯେପରି—ଖଣ୍ଡିଆ ହାତ ।

ଖଣ୍ଡିଆଭୂତ, ବି. ( ଦେଶଜ ) ପବନବିଶେଷ, ଘୂର୍ଣ୍ଣିବାୟୁ ।

ଖଣ୍ଡିଆଳ, ବିଂ. (ଦେଶଜ) ବିରୋଧୀ । ଯଥା—

ପର୍ବତ ଚୂର ଗଲେ ତାହାଙ୍କ ଦେହେ ପଡ଼ି,
କାଳସର୍ପ ସଙ୍ଗେ ତୁମ୍ଭେ ନୁହ ଖଣ୍ଡିଆଳ । ସା. ଭ୍ର. ଆ.

ଖଣ୍ଡିଉଡ଼ା, ବି. (ଖଣ୍ଡ ଉଡ୍‌ଡୀନ ଶବ୍ଦଜ) ଅଳ୍ପ ଉଡ଼ିବା । ଯଥା—

ଇନ୍ଦ୍ରଧନୁ ଖଣ୍ଡ ପ୍ରାୟେ ଖଣ୍ଡିଉଡ଼ା
ଦେଇ ବୁଲେ ବାଲିଶୁଆ । ପାର୍ବତୀ ।

ଖଣ୍ଡିକୁହା, ବିଂ. ( ଦେଶଜ ) ଯେ ଛିଗୁଲାଇ କଥା କହେ, ଯାହାର କଥାରେ ମର୍ମକୁ ବାଧେ; ଯେ ପରିସ୍ଫୁଟ ସବୁ କହେ ନାହିଁ ।

ଖଣ୍ଡିଗଣିଆ, ବିଂ. (ଦେଶଜ) କୃପଣ । ଯେପରି—ଏ ବଡ଼ ଖଣ୍ଡିଗଣିଆ ଲୋକ ।

ଖଣ୍ଡିବା, କ୍ରି. (ଖନ୍ଡ୍ ଧାତୁଜ) ହରିବା, ନାଶ କରିବା । ଯଥା—

ଦର୍ଶନେ ଖଣ୍ଡିଲି ହୃଦୁଁ ସର୍ବ ଦୁଃଖ । ନ. କେ.

କାଟିବା । ଯଥା—

କତୁରୀରେ ଅଳକାକୁ ନୂତନ ଖଣ୍ଡିଛୁ । ଲ. ବ.

ଖଣ୍ଡୁଆ, ବି. (ଦେଶଜ ବା ଯାବନିକ) ଓଢ଼ଣି ବସ୍ତ୍ରବିଶେଷ । ଯଥା—

ପିନ୍ଧିଛୁ ପତନୀ ଫେଟା ଫର ନୀବୀ କରି,
ରଙ୍ଗ ପାଟ ଖଣ୍ଡୁଆ କଟିରେ ମାଧୁରୀ । ଲ. ବ.

ଖତ, ବି. (ଦେଶଜ) ପଚା ଗୋବର ପ୍ରଭୃତି, ସାର; ଋଣପତ୍ର ।

ଖତକୁଣ୍ଡ, ଖତକୁଡ଼, ବି. (ଦେଶଜ) ଅଳିଆ ପକାଇବାର ସ୍ଥାନ ।

ଖତମ, ବି. (ଯାବନିକ) ଶେଷ । ଯଥା—

ତୁମ୍ଭମାନଙ୍କର ବଳ ବୀର୍ଯ୍ୟ ଓ ନୈତିକ ସାହସ ଖତମ ହେଉଅଛି । ଉ. ସା. ୧୮. ୧୧.

ଖତମାଳ, ବି. (ଖ=ଆକାଶ-ତମାଳ, ଆକାଶରେ ତମାଳ ବୃକ୍ଷର ପରି ଯାହା କୃଷ୍ଣବର୍ଣ୍ଣ ଦେଖାଯାଏ) ମେଘ । ଯଥା—

ଚଳ ଚଳ ପ୍ରିୟା ପାଶେ ଖତମାଳମାଳ ହେ ।
ପ୍ରେ. ସୁ. ନି.

ଧୂମ ।

ଖତା, ବି. (ଦେଶଜ) ମୁଖବିକାରରେ ପରିହାସ ।

ଖତାଇବା, ଖତେଇବା, ଖତାଇହେବା, ଖତେଇହେବା, } କ୍ରି. (ଦେଶଜ) ନେତ୍ର ବିନ୍ଦାଦି ବିକୃତ କରି ପରିହାସ କରିବା । ଯଥା—

ରାବଣ ମୁଖରୁ ନନ୍ଦୀ ଏ ବଚନ ଶୁଣି,
ବୋଇଲେ ରେ ଅମ୍ଭକୁ ଖତାଉ ବଂଶପାଣି । ବି. ରା.

ଖତାନ, ବି. (ଯାବନିକ) ଗଣନ, ହିସାବର ନିଷ୍ପତ୍ତିକରଣ ।

ଖତ୍ୟାନ, ବି. (ଯାବନିକ) ଯେଉଁ କାଗଜରେ ପ୍ରଜାମାନଙ୍କର ଜମି ଜମା ବିଶେଷରୂପେ ନିରୂପିତ ହୁଏ ।

ଖଦଖଦ, କ୍ରି. ବିଂ. (ଦେଶଜ) ଗୁଳର ଅନୁକରଣ ଶବ୍ଦ । ଯଥା—

ଶୁଣିଣ ପୁତ୍ରମାନେ ଉଠିଲେ ଖଦଖଦ,
ନୃସିଂହ ଛାମୁରେ ଯାଇ ମିଳିଲ ପ୍ରହ୍ଲାଦ ।
ନୃ. ପୁ. ଚ. ଭ.

ଖଦଡ଼ା, ଖଦଡ଼ିଆ, } ବିଂ. (ଦେଶଜ) ଅଚିକ୍କଣ; ଅନିର୍ମଳ । ଯଥା—

ପ୍ରିୟଜନ ପ୍ରୀତି ପୀୟୂଷ ପ୍ରବାହ
ହୁଅଇ ଯେବେ ଖଦଡ଼ା । ଗୀତ ।

ଖଦା, ବି. (କ୍ଷୋଦ ଶବ୍ଦଜ) ପିଠା ବା ମଇଳା; ହାଣ୍ଡି ଧରିବା ନିମନ୍ତେ ବାଡ଼ାବନ୍ଧ; କ୍ଷତ ।

ଖଦାଇ, ବି. (ଦେଶଜ) ଏକପ୍ରକାର ପ୍ରଜା । ଯଥା—

ରାଜାହିଁ କରଇ ଋଣ ଖଦାଇଙ୍କ ଠାରୁଁ
ତେଣୁକରି ତାର ଚିନ୍ତା ନ ସରଇ କାହୁଁ ।
ନା. ର. ଗୀ.

(ଖଦାଇ ଶବ୍ଦର ଠିକ୍ ଅର୍ଥ ଧରାଯାଇ ପାରି ନାହିଁ ।)

ଖଦାଲ, ବି. (ଦେଶଜ) ନୀଚଜାତିବିଶେଷ, ପଞ୍ଚମ ଜାତିବିଶେଷ । ଯଥା—

ଖଲ କହନ୍ତି ଯେଉଁ ଜନ, ଖଦାଲ ହୁଅନ୍ତି ସେମାନ ।
ବି. ପୁ.

ଖଦ୍ଦ, ଖଦ୍ଦୀ, } ବି. ସ୍ତ୍ରୀ. (ଦେଶଜ) ଏକପ୍ରକାର ଗୁମର । ଯଥା—

ଖଦ୍ଦ ଗୁମର ରାଜ ଉପରୁର
ଭାଳି କେହୁ କେହୁ କରେ ପ୍ରଚାର । ଲା. ବ.

କ୍ଷୁଦ୍ର ବସ୍ତ୍ରବିଶେଷ । ଯେପରି—ଛ ହାତିଆ ଖଦ୍ଦ ।

ଖଦ୍ଦକା, ବି. ସ୍ତ୍ରୀ. ସଂ. ଖଇ, ଲିଆ ।

ଖଦିର, ବି. (ଖଦ୍=ହିଂସା କରିବା-ଇର) ଖଇର; ଇନ୍ଦ୍ର; ଚନ୍ଦ୍ର ।

ଖଦ୍ୟୋତ, ବି. (ଖ=ଆକାଶ-ଦ୍ୟୁତ୍=ଦୀପ୍ତି ପାଇବା-ଅ) ଜ୍ୟୋତିରିଙ୍ଗଣ କୀଟ, ଜୁଳୁଜୁଳିଆ ପୋକ; ସୂର୍ଯ୍ୟ ।

ଖନନ, ବି. (ଖନ୍=ଖୋଳିବା-ଅନ) ଖାତକରଣ, ଖୋଳିବା ।

ଖନା, ଖନ, } ବିଂ. (ଦେଶଜ) ଯେ ସ୍ପଷ୍ଟରୂପେ କଥା କହି ନ ପାରେ, ଯେ ସାନୁନାସିକ କଥା କହେ । ଯଥା—

ବୀଣାପ୍ରବୀଣା ବାଣୀ ଶୁଣି ଲଜ୍ଜରେ,
ଖନାପରାୟେ ସ୍ୱନ କଲା । ବି. ଚ. ମ.

ବି. ଏକପ୍ରକାର ବାତ ବିକାର, ଏହି ବିକାର ହେତୁରୁ ମନୁଷ୍ୟ ସ୍ପଷ୍ଟରୂପେ କଥା କହି ପାରଇ ନାହିଁ । ଯଥା—

ବ୍ୟଥା ହୁଏ କଟି ଗ୍ରୀବା ତୁଣ୍ଡ ହୁଏ ଖନ,
ଶ୍ରୀହରି ନାମ ଜପି ହେଲା କେହୁ ଜ୍ଞାନୀ ।
ନୃ. ପୁ. ପ୍ର. ଭ.

ଖନି, ଖନୀ, } ବି. ସ୍ତ୍ରୀ. (ଖନ୍=ଖୋଳିବା-ଇ, ଈ) ସ୍ୱର୍ଣ୍ଣାଦି ଉତ୍ପତ୍ତିର ସ୍ଥାନ, ଆକର; ଗର୍ତ୍ତ । (ଖନିଃ ସ୍ତ୍ରିୟାମାକରଃ ସ୍ୟାତ୍— ଅମର)

ଖନିତ୍ର, ବି. (ଖନ=ଖୋଳିବା-ଇତ୍ର) ଖନନାସ୍ତ୍ରବିଶେଷ, ଖଣତି ।

ଖନ୍ଦ, ବି. (ଦେଶଜ) ପାଳକ; ଫସଲ । ଯଥା—

ପ୍ରଜାଙ୍କୁ ବୋଇଲା ଏ ବରଷ ଖନ୍ଦ ଖାଅ,
ଯେତେ ପାରିବ ଚପି ଘରକୁ ବହି ନିଅ ।
ନୃ. ପୁ. ପ. ଭ.

ଖନ୍ଦକ, ବି. (ଦେଶଜ) ଗାତ, ଗର୍ତ୍ତ ।

ଖନ୍ଦା, ବି. (ଦେଶଜ) ଗାତ । ଯଥା—

ଶବ ପକାଇ ମହାସତୀ,
ଆପଣେ ଖନ୍ଦାଏ ଖୋଳନ୍ତି । ଦା. ର.

ଧାଡ଼ି ଧାଡ଼ି ଚୁଲ୍ଲୀ; ଟେଷେଇ । ଯଥା—

ଭାତ ବରଷନ ଦେଇ ମୁଁ ତୁମ୍ଭ କରେ,
କରାଇବି ନିଯୁକ୍ତ ଯୋଗଣ ଖନ୍ଦାରେ । କୃ.ଲୀ.ବି.ପ.

ଧାଡ଼ି । ଯଥା—ପଣିକିଆ ଖନ୍ଦା ।

ଖପଖପ, ଖପରଖପର, } କ୍ରି. ବିଂ. (କ୍ଷିପ୍ର ଶବ୍ଦଜ) ଶୀଘ୍ର ।

ଖପର, ବି. ( ଖର୍ପରର ଅପଭ୍ରଂଶ ) ଉପଧାତୁ-ବିଶେଷ; ଅସ୍ତ୍ରବିଶେଷ । ଯଥା—

ଶକ୍ତି ଶୂଳ ଭଲ୍ଲ ଭୁଷଣ୍ଡି ଶର ଲେନ୍ତି,
ପରିଘ ମୁଦ୍ଗର ଖପର ଛୁରି କାଢ଼ି । ନୃ. ପୁ. ଚ. ତ.

ଖପରା, ବି. ( ଖର୍ପର ଶବ୍ଦଜ ) ମାଟି ହାଣ୍ଡି ପ୍ରଭୃତିର କ୍ଷୁଦ୍ର କ୍ଷୁଦ୍ର ଅଂଶ ।

ଖପରାଲୁକାଣି, ବି. ସ୍ତ୍ରୀ. (ଦେଶଜ) ବାଳରେ ଖପରା ଲୁଚାଇ ଖେଳିବା ଖେଳ ।

ଖପା, ଖପ୍ପା, } ବି. (ଯାବନିକ) କ୍ରୋଧ । ଯଥା—

ଖପା ହୁଅ ନାହିଁ ନାମ ହେଲା ନାହିଁ ଛପା,
ଘରୁ ଖାଇ ପର କାମ କିଏ କରେ ବାପା । ଉ. ଭୂ.

ବିଂ. କ୍ରୋଧଯୁକ୍ତ, ବିରକ୍ତ ।

ଖପୁର, ବି. (ଖ=ଇନ୍ଦ୍ରିୟ-ପୃ=ପୁଷ୍ଟି କରିବା-ଅ) ଗୁବାକ, ଗୁଆ । (ଗୁବାକଃ ଖପୁରୋଽସ୍ତ୍ରୀ ପୁଂ —ଅମର ।) ଘଟ, କଳସ । ବିଂ. ଅଳସ ।

ଖପୁରି, ଖପର, } ବି. (ଖର୍ପରୀ ଶବ୍ଦର ଅପଭ୍ରଂଶ) ମୁଣ୍ଡର ଖୋଳପା । ଯଥା—

ବାମ କରେ ଖପର (ଖପୁରି) ଶୂଳ ଦକ୍ଷ ପାଣି,
କଣ୍ଠେ ତାମ୍ର ମୁଦ୍ରା ନିଶାକାଳେ ଭ୍ରମନ୍ତି । ସା.ଭା.ସ.

ଖପୁରୀ, ବି. ସ୍ତ୍ରୀ. (ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ) ଉଖୁଡ଼ା ତିଆରି ହାଣ୍ଡି ।

ଖପୁରେଲ, ଖପରେଲ, } ବି. ( ଦେଶଜ ) ଖପରା ଛାଉଣି ଘର ।

ଖପ୍ତି, ଖପତି, } ବିଂ. (କ୍ଷିପ୍ତ ଶବ୍ଦଜ) ଦୁଷ୍ଟ; ବ୍ୟୟଶୀଳ ବା ଅପବ୍ୟୟୀ ।

ଖବର, ବି. ( ଯାବନିକ ) ବାର୍ତ୍ତା, ସମ୍ବାଦ । ଯଥା—

ହାବୋଡ଼େ ଆସି ଯେ ନ ଦେଇ ଖବର । ଦ. ବା.

ଖବରକାଗଜ, ବି. (ଦେଶଜ) ସମ୍ବାଦପତ୍ର ।

ଖବରଦାର, ବିଂ. ( ଯାବନିକ ) ସାବଧାନ । ଯଥା—

ଆହୁରି ପୁଙ୍କେ କି ଛଟା ଅଛି ଦରକାର,
କ୍ରମେ କ୍ରମେ କରି ଯିବ ବାପା ଖବରଦାର । ଉ. ଭୂ.

ଖବରଦାରି, ବି. (ଯାବନିକ) ସମ୍ବାଦ ।

ଖମା, ବି. (ଦେଶଜ) ଖଣା, ଖାଲ ।

ଖମାର, ବି. ( ଦେଶଜ ) ଧାନ୍ୟାଦି ରଖିବା ସ୍ଥାନ; ଜମିଦାରଙ୍କ ନିଜ ଚାଷର ଜମି ।

ଖମାରୋଇ, ବି. ( ଦେଶଜ ) ଯେଉଁ ବ୍ୟକ୍ତି ଜମାରେ ଖମାର ଥାଏ ।

ଖମ୍ବ, ଖୁମ୍ବ, } ବି. (ସ୍ତମ୍ଭ ଶବ୍ଦଜ) ଖୁଣ୍ଟି । ଯଥା—

ଅଦ୍ୟାପି ମାଣିକ ଖମ୍ବ ନାମେ ଲୋକେ ହୁଏ ପ୍ରଖ୍ୟାତ । ଉଷା.

ଠିକ ଠିକ ମଣି ଖୁମ୍ବକୁ ହାଣି । ହା. ତ.

ଖମ୍ବଆଳୁ, ବି. ( ସ୍ତମ୍ଭାଳୁ ଶବ୍ଦଜ ) ଲମ୍ବାକୃତି ଆଳୁବିଶେଷ ।

ଖୟରାତ, ବି. (ଯାବନିକ) ଦାନ ବା ବିତରଣ ।

ଖୟରାତିଆ, ବିଂ. ( ଦେଶଜ ) ଦାନଯୋଗ୍ୟ; ଦାନଗ୍ରହୀତା ।

ଖର, ବି.(ଖ=ମୁଖବିବର-ର—ଯାହାର ମହତ୍ ମୁଖବିବର ଅଛି) ଗର୍ଦ୍ଦଭ, ଅଶ୍ୱତର; କାକ; ଦୈତ୍ୟବିଶେଷ; ବର୍ଷବିଶେଷ;ଘର୍ମ; ଉଷ୍ଣତା । ବିଂ. ଉଷ୍ଣ; ଅତି ଉତ୍କଟ । ଯେପରି— ଖରଜାଳ । କଠିନ; ଉଗ୍ର । କ୍ରି. ବିଂ. ଶୀଘ୍ର । ଯଥା—

ଦେଖୁ ଦେଖୁ ତାହା ତମିରେ ପ୍ରାଚୀରେ
ମିଶିଗଲା ଖରେ ଆସି । ପାର୍ବତୀ ।

ଖରକଣା, ବି. (ଦେଶଜ) ଚୁଞ୍ଚୁଣୀ ।

ଖଡ଼କବା, ଖଡ଼କବା, } କ୍ରି. (ଦେଶଜ) ଝିଙ୍ଗୁ କରିବା । (ଖଡ଼କା ଶବ୍ଦ ଦେଖ ।)

ଖରଖର, କ୍ରି. ବିଂ. (ଦେଶଜ) କ୍ଷିପ୍ର; ତରତର; ଅନୁକରଣ ଶବ୍ଦବିଶେଷ । (ଖଡ଼କା ଶବ୍ଦ ଦେଖ ।)

ଖରଗୋଶ, ବି. (ଦେଶଜ) ସାନ ଠେକୁଆ ।

ଖରଚ, ଖର୍ଚ୍ଚ, ଖରଚବାରଚ, ଖର୍ଚ୍ଚବାର୍ଚ୍ଚ, } ବି. (ଦେଶଜ) ବ୍ୟୟ; ବ୍ୟୟ ନିମିତ୍ତ ଧନ ।

ଖରଚି, ବି. (ଦେଶଜ) ବ୍ୟୟଶୀଳ ।

ଖରଜନ୍ତୁ, ବି. (ଦେଶଜ ସ୍ୱରୂପ ବ୍ୟବହୃତ) ସର୍ପ ।

ଖରଡ଼, ବି. (ଦେଶଜ) ଗାଲଗୃ । ଯଥା—

କେ ଖରଡ଼ ପାଶବାରେ ରଖିନା । ଲ. ବ.

ଖରଡ଼ା, ବି. (ଦେଶଜ) ଶାଗଭଜା; ଘୋଡ଼ାଙ୍କ ନିମନ୍ତେ ଲୌହ ପାନିଆ; ଗାଲଗୃବିଶେଷ । ଯଥା—

**ରକୁ ଖରଡ଼ାରେ ଯେ ଦିଅନ୍ତି କମ ଯୋଡ଼,**
**ପୁଞ୍ଜି ପୁଞ୍ଜି କରି ତହିଁ ଲେଖିଲେ ଘାଗୁଡ଼ି । ମ. ଫ.**

ଖରଡ଼ାପଣି, ବି. (ଦେଶଜ) ଜମିଦାରମାନଙ୍କର ବାଜେ ଆୟ ।

ଖରଡ଼, କ୍ରି. ବିଂ. (ଦେଶଜ) ବିଲ ଶୁଖିଥିଲେ ଧାନ ବୁଣିବା ।

ଖରଡ଼ିବା, କ୍ରି. (ଦେଶଜ) ଶାକ ପ୍ରଭୃତି ଭାଜିବା ।

ଖରତର, କ୍ରି.ବିଂ. (ଦେଶଜ ସ୍ୱରୂପ ବ୍ୟବହୃତ) ଶୀଘ୍ର । ଯଥା—

**ଗୋପୀ ଗୋପାଳେ ଖରତର,**
**ପଶିଲେ କାଳିନ୍ଦୀ ଭିତର । ଭା. ଦ. ସ୍କ.**

ଖରମୁଜା, ବି. (ଦେଶଜ) ଫଳବିଶେଷ ।

ଖରଶୋଧ, ବି. (ଦେଶଜ) କର୍ମକାରଙ୍କର ଉପାଧିବିଶେଷ । (ବର୍ତ୍ତମାନ କେତେକ ସ୍ଥଳରେ ଖରସଦା ବା ଖରସଧା ପଞ୍ଚ-ନାୟକ ନାମରେ ପ୍ରୋକ୍ତ ଉପାଧି ଚଳୁଅଛି ।) ଯଥା—

**ଦେଉଳ ଖରଶୋଧା ପଣେ,**
**ଶାଢ଼ୀ ଯେ ଦେବୁ ତୁ ଆପଣେ । ଦା. ର.**

ଖରସଦା, ବି. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ପଣ୍ଡିତ ବା ନାୟକ ଜାତିର କୁଳାଧିକାରିବିଶେଷ; ଏ ଜାତିରେ ନାୟକ, ପାତ୍ର, ଖରସଦା, ଭଳିଆଇ ଏପରି ଗୃହଜଣ ଅଧିକାଂଶ ରହନ୍ତି । କେତେକ କରଣମାନଙ୍କର ସୁଦ୍ଧା ଏହି ଉପାଧି ଅଛି ।

ଖରା, ବି. ( ଖର ଶବ୍ଦଜ ) ସୂର୍ଯ୍ୟଙ୍କ ଉତ୍ତାପ । ଯଥା—

ଝାଳ ବହୁଥିବ ଅଙ୍ଗୁ ଲଗି ଝାଞ୍ଜି ଖରା । ବି. ଚ. ମ.

ଖରାପ, ବି. (ଯାବନିକ) ନଷ୍ଟ; ଦୁଷ୍ଟ । ଯଥା—

ଖରାପ ତୁ ହେଲୁ ରେ,
ଖେଳଲୋଲ ଖଞ୍ଜନାକ୍ଷି କି ସାହସ କଲୁ ରେ ।
କ. ଚ. ଚ.

ଖରିଦ, ବି. (ଯାବନିକ) ମୂଲ୍ୟ ।

ଖରିଦକରିବା, କ୍ରି. (ଦେଶଜ) କିଣିବା ।

ଖରିଦଦାର, ବିଂ. (ଯାବନିକ) କ୍ରେତା, ଯେ ମୂଲ୍ୟ ଦେଇ କିଣି ନିଏ ।

ଖରିଦା, ବିଂ. (ଦେଶଜ) କ୍ରୀତ ଅର୍ଥାତ୍ ଯାହା କିଣା ହେଲା ।

ଖରିଦାଜମାବନ୍ଦ, ବି. ( ଦେଶଜ ) ଭୂମିରେ ଏକପ୍ରକାର ମଧ୍ୟସ୍ୱତ୍ୱ ।

ଖରୁଆ, ବିଂ. (ଦେଶଜ) ଶୀଘ୍ରଗାମୀ; କର୍କଶ ।

ଖରୁଡ଼ା, ବି. (ଦେଶଜ) ଜାତିବିଶେଷ,ଏମାନେ କଂସା ପିତ୍ତଳ ବାସନମାନ ବିକ୍ରୟ କରନ୍ତି ।

ଖର୍ଚ୍ଚାନ୍ତ, ବିଂ. ( ଦେଶଜ ) ଯେ ସର୍ବସ୍ୱ ବ୍ୟୟ କରିଦିଏ । ବି. ଅତିରିକ୍ତ ବ୍ୟୟ ।

ଖର୍ଜୁର,ବି.(ଖର୍ଜ=କୁଣ୍ଡାଇବା, ବ୍ୟଥିତ ହେବା -ଉର) ଖଜୁରି ଗଛ; ଖଜୁରି ଫଳ, ରୁପା; କୀଟବିଶେଷ, ସମ୍ବାଳୁଆ ପୋକ; ବୃଶ୍ଚିକ ।

ଖର୍ପର, ବି. (କୃପ୍=ପାରଗ ହେବା-ଅର, କ= ଖ) ଚୋର; ଧୂର୍ତ୍ତ; ଭିକ୍ଷାଭାଣ୍ଡ; ମାଟି ପାତ୍ରର ଭଗ୍ନ ଅଂଶ, ଖପରା; ମୁଣ୍ଡର ଖୋଳ ବା ଖପୁରି । ଯଥା—

ମେରିଆ ଶୋଣିତେ ନିରତେ ପୂରିତ
ଯାର ଖର୍ପର । ଉଷା.

ଖର୍ବ, ବି. (ଖର୍ବ୍=ଗମନ କରିବା, ଗର୍ବିତ ହେବା-ଅ) ସଂଖ୍ୟାବିଶେଷ, ଦ୍ୱାଦଶ ବୃନ୍ଦ ସଂଖ୍ୟା; କୁବେରଙ୍କ ନିଧିବିଶେଷ; କୁବ୍ଜକ ବୃକ୍ଷ । ବିଂ. ବାମନ, ବାଙ୍ଗର

ଖର୍ବଟ, ବି. (ଖର୍ବ-ଅଟ, ଅଥବା ଖର୍ବ-ଅଟ୍ = ଗମନ କରିବା-ଅ) ଗ୍ଭରି ଶତ ଗ୍ରାମର ମଧ୍ୟସ୍ଥ ଗ୍ରାମ; ପର୍ବତ ପ୍ରାନ୍ତବର୍ତ୍ତୀ ଗ୍ରାମ ।

ଖଳ, ବି. ( ଖଲ୍ = ସଂଗ୍ରହ କରିବା, ହାନି କରିବା-ଅ ) ଧାନ୍ୟାଦିର ଖଳା; ଔଷଧ ମର୍ଦ୍ଦନ ପାତ୍ର, ଖଲ; ତୈଳର ସିଠା; ମୃତ୍ତିକା; ମଳ; ଜଞ୍ଜାଳ । ବିଂ. ଦୁର୍ଜନ; ନୀଚ; ହିଂସକ; କୁଟିଳ । ( ଖ = ଆକାଶ-ଲ୍ଲ = ସଂଶ୍ଳିଷ୍ଟ ହେବା-ଅ ) ସୂର୍ଯ୍ୟ । ( ଖ = ଆକାଶ-ଲ୍ଲ = ଗ୍ରହଣ କରିବା-ଅ ) ତମାଳ ବୃକ୍ଷ । ( ଦେଶଜ ) କଳହ ।

ଖଲ, ବି. (ଖଲ୍ଲ ଶବ୍ଦର ଅପଭ୍ରଂଶ) ଔଷଧାଦି ବାଟିବାପାଇଁ ପ୍ରସ୍ତର ପାତ୍ରବିଶେଷ ।

ଖଳଖଳ, ଅଂ. ( ଦେଶଜ ) ଅନୁକରଣ ଶବ୍ଦ-ବିଶେଷ; ଜଳାଦି ବହିବାର ଶବ୍ଦାନୁ-କରଣ । ଯଥା –

ଦୁହିଙ୍କର ଦେହରୁ ବହଇ ଶ୍ରମଝାଳ,
ବାଣ ପଡ଼ି ଶୋଣିତ ବହଇ ଖଲଖଲ ।
ନୃ. ପୁ. ଷ. ତ.

ଖଲଖଲ, ଅଂ. ( ଦେଶଜ ) ହାସର ଅନୁ-କରଣାର୍ଥ । ଯଥା—

ଏଥିରୁ କମ୍ପା ଲୁଚାଏ ଜାତ କରୁଥିଲ,
ଶୁଣି ହସିଲେ କଶ୍ୟପ ଋଷି ଖଲଖଲ ।
ନୃ. ପୁ. ପ୍ର. ତ.

ଖଳତ, ବି. ( ଖଳତା ଶବ୍ଦଜ, ବିଶେଷତଃ ଗଞ୍ଜାମରେ ବ୍ୟବହୃତ ) କଳହ କମ୍ବା ଗୋଳମାଳ । ଯଥା—ସେ ଆସି ସିନା ଏତେ ଖଳତ ବାଢ଼ିଚି ।

ଖଳବ, ବି. ( ଦେଶଜ ) କଳହ ।

ଖଳବଳ, ବିଂ. (ଦେଶଜ) ଖ୍ୱିତ । ଯଥା—

ସେ ପୃଥ୍ୱୀ ଜନ ଜନ୍ତୁ ହୋଇଲେ ଖଳବଳ,
ପଳାଇ ପଶିଲେ ଯାଇ ପର୍ବତ କନ୍ଦର ।
ନୃ. ପୁ. ଦ୍ୱି. ତ.

ଖଳବା, } ବିଂ. (ଦେଶଜ) କଳହୀ, ଦୁଷ୍ଟ ।
ଖଳବ, }

ଖଲଣୀ, } ବି. ସ୍ତ୍ରୀ. (ଦେଶଜ, ଖଳ ଶବ୍ଦଜ) କଳହୁଡ଼ୀ ।
ଖଲଣୀ, }

ଖଳମ୍ବ, ବି. (ଦେଶଜ—ବିଶେଷତଃ ଗଞ୍ଜା-ମରେ ବ୍ୟବହୃତ) କଳହ ।

ଖଳା, ବି. ( ଖଳ ଶବ୍ଦଜ ) ଧାନ୍ୟାଦି କାଟିବା ପରେ ରଖିବା ସ୍ଥାନ । ଯଥା—

ଖଳା କରି ଗ୍ରାମ ସୀମାରେ ଧାନ ଅମଲ କରି । ଗ୍ରା.ମା.

ଖଳାବାଡ଼, ବି. (ଖଳାବାଟିକା ଶବ୍ଦଜ) ଯେଉଁ ସ୍ଥାନରେ ଖଳା ହୋଇଅଛି ।

ଖଲାସ, ବି. (ଯାବନିକ) ମୁକ୍ତି ପାଇବା; ପାର ହେବା । ବିଂ. ମୁକ୍ତ; ଉତ୍ତୀର୍ଣ୍ଣ । ଯଥା—

ସଙ୍କଟରୁ ହେବ ଖଲାସ,
ମୋର ପାତିବ୍ରତ୍ୟ ଦଇବ ରଖିଲେ
ତା କଥାରେ ହେବ ଲାଳସ । ସୁ. ପ.

ଖଲାସି, ବି. ( ଦେଶଜ ) ମୁକ୍ତି ।

ଖଲାସୀ, } ବି. ( ଯାବନିକ ) କଳ ପ୍ରଭୃତିର
ଖଲାସି, } କର୍ମଚାରିବିଶେଷ; ଜାହାଜ ପ୍ରଭୃତିର ଅନ୍ୟାନ୍ୟ କର୍ମଚାରୀର ଉପାଧି ।

ଖଳି, ବି. ( ଖଲ୍ = ସଂଗ୍ରହ କରିବା-ଇ ) ତୈଳାଦିର ସିଠା, କାଣ୍ଡି । (ଦେଶଜରୂପେ ବ୍ୟବହୃତ) ଧୋବା ଓ ତନ୍ତମାନେ ଯାହା ବସ୍ତ୍ରରେ ଦେଇ ଟାଣ କରନ୍ତି । ଯଥା—

ଦଳ ଧେନ ଲୋକେ ଯାଆନ୍ତି ବଳି,
ନୋହେ ମାଠ ବସ୍ତ୍ର ନ ଦେଲେ ଖଳି । ଉ.ସା.୩.୧୦.

ଚୂନା ଓ ଗୁଡ଼କୁ ପାକ କଲେ ଯାହା ପିଣ୍ଡୀଭୂତ ହୁଏ; ଔଷଧ ଗୁଳାବିଶେଷ ।

ଖଲି, } ବି. (ଦେଶଜ) ପତ୍ରରେ ସିଇଁଥିବା
ଖଲିପତ୍ର, } ପାତ୍ର ।

ଖଲିଆ, ବିଂ. ( ଖଲ୍ଲୀ ଶବ୍ଦଜ ) ଯେ ଗ୍ଭେଟେଇ ଗ୍ଭଲେ । ଯଥା—

ଖଲିଆ ଗ୍ଭଲଇ ଖେଲଇ ଖେଲଇ
ବୋଲଇ ରଙ୍ଗରେ । ଗୀତ ।

ଖଲିକାଗଜ, ବି. ( ଦେଶଜ ) ଯେଉଁ କାଗଜ ଘଷି କାଷ୍ଠନିର୍ମିତ ବସ୍ତୁକୁ ଚିକ୍କଣ କରନ୍ତି ।

ଖଲକାର, ବି. ( ଦେଶଜ ) ସାପୁଆ କେଳା । ଯଥା—

ଖଲକାର ନୋହୁ କଳା ନାଗକୁ ଗ୍ଭଳିଲୁରେ ।
କ. ଚ. ଚ.

ଖଲପଶିବା, } କ୍ରି. (ଖଲ୍ଲୀ-ପ୍ର-ବିଶ୍-ଏଥିରୁ
ଖୋଲପଶିବା, } ଜାତ) ବାତ ବିକାରରୁ
ହାତ ଗୋଡ଼ ସାଙ୍କୁଡ଼ିଯିବା । ଯଥା—

**ହସ୍ତ ଖଲ ପଶଇ ଅଙ୍ଗୁଷ୍ଠି ହୁଏ ମେଣ୍ଢି,**
**ନଖମାନ ଖୁଣ ହୁଏ ଚକ୍ଷୁ ହୁଏ ଖୁଣ୍ଟି । ନୃ. ପୁ. ପ. ତ.**

ଖଲବା, କ୍ରି. (ଖଲ୍ଲନ ଶବ୍ଦଜ) ଖଲରେ ମର୍ଦ୍ଦନ କରି ମିଶାଇବା ।

ଖଲୁ, ଅ°. ସଂ. ନିଷେଧ; ବାକ୍ୟାଲଂକାର; ନିଶ୍ଚୟ; ଅନୁନୟ; ଜିଜ୍ଞାସା ।

ଖଲୁଆ, ବି°. (ଖଳ ଶବ୍ଦଜ) ଖଳ । (କଲଆ ଶବ୍ଦ ଦେଖ ।)

ଖଲେଇବା, କ୍ରି. ( ଦେଶଜ ) ଖଲଆ ପରି ଚୂଲିବା । (ଖଲଆ ଶବ୍ଦ ଦେଖ ।)

ଖଲ୍ୟା, ବି. ସ୍ତ୍ରୀ. ( ଖଳ-ଯ-ସମୂହାର୍ଥେ-ଆ ) ଖଳାସମୂହ ।

ଖଲ୍ଲି, ବି. ( ଖଲ୍ = ସଂଗ୍ରହ କରିବା ଇତ୍ୟାଦି-ଲ ) ଔଷଧ ମର୍ଦ୍ଦନାର୍ଥ ପ୍ରସ୍ତରପାତ୍ର; ଗର୍ତ୍ତ; ଗୃତକ ଚର୍ମ ।

ଖସଖସ, ବି. (ଯାବନିକ) ବେଣାଚେର ।

ଖସଖସିଆ, ବି°. (ଦେଶଜ) ଅଚିକ୍କଣ ।

ଖସଡ଼ା, ବି°. ( ଦେଶଜ ) ଚିକ୍କଣ ଅର୍ଥାତ୍ ଯହିଁରେ ଗୋଡ଼ ଖସେ । ଯଥା—

**ସଖି ପ୍ରୀତିପଥ ବଡ଼ ଖସଡ଼ା,**
**ପଦେ ପଦେ ହୁଏ ତହିଁ କଚଡ଼ା ।**

ପ୍ରଥମ ଲେଖ୍ୟ ବା ଛଟା ଖାତା ।

ଖସଗି, ବି. ( ଦେଶଜ ) ଅଧିକାର; କାଦୁଅ ପଥ ।

ଖସରିବା, } କ୍ରି. ( ଦେଶଜ ) ଖସଡ଼ାରେ
ଖସଡ଼ିବା, } ଗୋଡ଼ ଖସିବା । ଯଥା—

**ଯେମନ୍ତ ଖାଲ ଢ଼ିପ ଯାଗାରେ ମୋ ଆଖି ଖସଡ଼ି ପଡ଼ୁଛି । ଶ. ନା. ସୁ. ପୁ.**

**ଖସରି ତା ଗୋଡ଼ ଦୁଷ୍ଟ ପଡ଼ିଲି କରୁଡ଼ି । ମ. ଯା.**

ଖସା, ବି. ( ଦେଶଜ ) ତଳ ।

ଖସିବା, କ୍ରି. (ସ୍ଖଳନ ଶବ୍ଦଜ, ପ୍ରାକୃତ) ପତିତ ହେବା । ଯଥା —

**ଗଲି ମନ ତାର ନିଜବଶୁଁ ଖସି । ନ. କେ.**

ଗଡ଼ି ପଡ଼ିବା । ଯଥା—

**ଲିପନ ଚନ୍ଦନ ଖସି ଦିଶିଲି ଏମନ୍ତ,**
**ସେ ତନି ଶୃଙ୍ଗୁ କି ଜାତ ତରଳ ରଜତ । କୋ. ବ୍ର. ସୁ.**

ଓହ୍ଲାଇବା । ଯଥା—

**ଶିବ ଯେନି ତଳକୁ ଯେ ଖସିଲେ ରାଜନ । ବେ. ପ.**

ଦୂର ହେବା । ଯଥା—

**ତାହା ଦେଖିଥିବା ଦୈତ୍ୟ ପଲାଇଲେ ଖସି ।**
**ନୃ. ପୁ. ସ. ତ.**

ଲୁଣା ହେବା । ଯଥା—

**ସହଜେ ସେ ତ ଗଉରୀ, ରସାଣ କନକ ପରି,**
**ବଢ଼ଣ ଅଙ୍ଗ ବସୁରୀ ଏଥିରୁ ଖସି । ସୁ. ପ.**

ଖଷ, } ବି. ସଂ. ମ୍ଳେଚ୍ଛଜାତିବିଶେଷ ।
ଖଶ, } ଯଥା—

**ବାଶିଷ୍ଠ ବ୍ରହ୍ମତେଜେ ଜନିତ ଖଷ ଶକ**
**ମ୍ଳେଚ୍ଛମାନେ ସରେସେ । ଜା. ପ. ନା.**

ଖଷ୍ପ, ବି. ସଂ. କ୍ରୋଧ; ବଳାତ୍କାର ।

ଖାଁ, ବି. (ଯାବନିକ) ଉପାଧିବିଶେଷ ।

ଖାଁକରମୁଖୀ, ବି. ସ୍ତ୍ରୀ. (ଦେଶଜ ଓ ସଂସ୍କୃତ ଶବ୍ଦର ମିଶ୍ରଣ) ଦେବୀଙ୍କ ନାମବିଶେଷ । ଯଥା—

**ଖାଁକରମୁଖୀ ମା ଗୋ ଖେଚରୀ ଖଗେଶ୍ବରୀ,**
**ଖଗବୈରୀ ଖଞ୍ଜାକ୍ଷୀ କି ଖପରଖଣ୍ଡାଧାରୀ । ନୃ. ପୁ. ପ. ତ.**

ଖାଁଚ, ଖାଞ୍ଚ, ବି. ( ଦେଶଜ ) ଓଟରା ।

ଖାଁଚିବା, } କ୍ରି. (ଦେଶଜ) ଓଟାରିବା ।
ଖାଞ୍ଚିବା, }

ଖାଇ, ବି. ( ଖେୟ ଶବ୍ଦଜ ) ପରିଖା ଅର୍ଥାତ୍ ଗଡ଼ର ଚାରିପାଖରେ ଥିବା ଜଳାଶୟ-ବିଶେଷ । ଯଥା—

**ଗୃହ ପାଖେ ବେଢ଼ିଅଛି କନକ ପାଚେରି,**
**ତଥିପରେ ଖାଇନଳୀ ଜଳ ଅଛି ପୁରି । ବି. ରା.**

କପାପିଞ୍ଜିବା ଯନ୍ତ୍ରବିଶେଷ; ଖାତ; ପାତ୍ର-ବିଶେଷ । ଯେପରି—ଚୂନଖାଇ ।

ଖାଇବା, କ୍ରି. ( ଖାଦ୍ ଧାତୁଜ ) ଭୋଜନ କରିବା, ଗ୍ରାସିବା; ନଷ୍ଟ କରିବା ।

ଖାଉଟିଆ, ବି°. (ଦେଶଜ) ଯେ କରଜ ନେଇ ଦିଏ ନାହିଁ ।

ଖାଉଣିଆ, ବିଂ. (ଦେଶଜ) ଯେ ବିଶେଷ ଖାଏ ।

ଖାଉତି, ବି. (ଦେଶଜ) ଆହାର । ବିଂ. ଯେଉଁ ଲୋକ ଦୋକାନରୁ କାଲି ଆଣେ ।

ଖାଉନ୍ଦ, ଖାମିନ୍ଦ, } ବି. (ଯାବନିକ) ପ୍ରଭୁ କିମ୍ବା ମୁନିବ ।

ଖାଙ୍କର, ଖାଁକର, ଖାଙ୍ଗର, } ବିଂ.(ଦେଶଜ) ମୁକୁଳା, ବନ୍ଧନ-ରହିତ । ଯଥା—

ଖଣ୍ଡ ପର୍ବତ ସ୍ତନ ବେନି,
ଖାଙ୍କର କେଶ ତା ମୂର୍ଦ୍ଧନି । ଶ୍ରୀ. ଦି. ସ୍କ.

ଖାଙ୍କା, ବିଂ. (ଦେଶଜ) ତୁଚ୍ଛ; ଶୂନ୍ୟ ।

ଖାଙ୍କି, ବି.(ଦେଶଜ)ବୈରାଗିବିଶେଷ । ଯଥା—

ନାଗା ନମୋହ୍ନି ଖାଙ୍କି ଯେତେ,
ବିରକ୍ତ ନମୋହ୍ନି ସହିତେ । ଦା. ର.

ଖାଙ୍କେର, ବି. ( ଦେଶଜ ) ଜାତିବିଶେଷ । ଯଥା—

ମାତା ଖାଙ୍କେରକି ପୁତ୍ର ଯେ ଭଣ୍ଡାରି
କାଖେ ଯାକିଅଛୁ ଖଲି,
ପୁତ୍ରକୁ ହୋଇଛୁ ଅଠର ବରଷ
ମାତା ଜନ୍ମାଇଛୁ କାଲି । ନୃ. ପୁ. ସ. ଚ.

ଖାଙ୍କୋଳୀ, ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । ଯଥା—

ଗୁମଡ଼ା ଚର୍ଚ୍ଚିକା ଯେ ଭୈରବୀ ଭଦ୍ରକାଳୀ,
ଖାଙ୍କୋଳୀ ବେତାଳୀ ପୁଣି ଅଭୟା ବାସେଳୀ ।
ସା. ଭ୍ର. ଅ.

ଖାଜଣା, ଖାଞ୍ଜଣା, ଖଜଣା, } ବି. (ଯାବନିକ) ରାଜସ୍ୱ, କର ।

ଖାଜଣାଖାନା, ବି. (ଯାବନିକ) ଅର୍ଥାଗାର ।

ଖାଜାଞ୍ଚି, ଖାଞ୍ଜାଞ୍ଚି, ଖାଜଞ୍ଚି, } ବି. (ଯାବନିକ) କୋଷାଧ୍ୟକ୍ଷ ।

ଖାଞ୍ଜି, ବି. (ଦେଶଜ) ଖୋଳ ।

ଖାଟି, ଖାଟୀ, } ବି. ସ୍ତ୍ରୀ. (ଦେଶଜ) ମଡ଼ାଖଟ । ବିଂ. ନବରୋଳ । (ଏହି ପଦକୁ ସଂସ୍କୃତ ମଧ୍ୟ କୁହାଯାଇ ପାରେ—ଖଟ୍=ଆଚ୍ଛାଦନ କରିବା-ଇ) ।

ଖାଡ଼ଙ୍ଗା, ବି. ( ଦେଶଜ ) ରାଜଦତ୍ତ ଉପାଧି-ବିଶେଷ । ଯଥା—

ଖାଡ଼ଙ୍ଗା ପାଡ଼ୁଛି ବଡପଣ୍ଡା ରାଇଗୁରୁ,
ଆଦି ପଦ ମିଳୁଥିଲି ପାଞ୍ଚ ବରଷରୁ । ଉ. ସା. ୮. ୯.

ଖାଡ଼ି, ବି. (ଦେଶଜ) କାଠି ।

ଖାଡ଼ତେଲି, ବି. ( ଦେଶଜ ) ତେଲିଜାତିର ଏକ ଶାଖା ।

ଖ.ଣ୍ଡ, ବିଂ. (ଦେଶଜ) ଊଣା ବା ନିଅଣ୍ଟ ।

ଖାଣ୍ଟି, ବିଂ. ( ଦେଶଜ ) ଯଥାର୍ଥ; ଉତ୍ତମ; ଅମିଶ୍ରିତ । ଯଥା—

ଜାଣି ଶୁଣି ସିନା ବଣିକର ପାଣ୍ଟି,
କରନ୍ତି ଭେଲକୁ ହୁଡ଼ି ସୁନା ଖାଣ୍ଟି । ଦ. ବା.

ଖାଣ୍ଟିବା, କ୍ରି. (ଦେଶଜ) ଊଣା କରିବା ।

ଖାଣ୍ଡବ,ବି.(ଖଣ୍ଡ୍-ଅ-ବ) ବନବିଶେଷ,ଅର୍ଜୁନ ଏହି ବନ ଦହନଦ୍ୱାରା ଅଗ୍ନିଦେବଙ୍କୁ ତୁଷ୍ଟ କରିଥିଲେ; ଇନ୍ଦ୍ରପ୍ରସ୍ଥ ସନ୍ନିହିତ ଦେଶ-ବିଶେଷ ।

ଖାଣ୍ଡବପ୍ରସ୍ଥ, ବି. ସଂ. ଇନ୍ଦ୍ରପ୍ରସ୍ଥ, ଦିଲ୍ଲୀ ।

ଖାଣ୍ଡି, ବି. (ଖଣ୍ଡ ଶବ୍ଦଜ) ମହାପ୍ରସାଦ କୁଡ଼ୁଅର ଭଗ୍ନାଂଶ ।

ଖାଣ୍ଡିଖିଆ, ବିଂ. (ଦେଶଜ) ଯେ ଖାଣ୍ଡିରେ ଖାଏ, ଦରିଦ୍ର; ବିଟାଳ ।

ଖାତ, ବି. ଖନ୍=ଖୋଳିବା-ତ) ପୁଷ୍କରିଣୀ; ଗର୍ତ୍ତ, ଖାଇ । ( ଭାବ ବାଚ୍ୟରେ-ତ ) ଖନନ ।

ଖାତକ, ବି. (ଖାତ-କ) ପରିଖା, ଖାଇ । (ଖାତ-କୈ-ଅ) ଅଧମର୍ଣ୍ଣ, ଋଣୀ । (ଉତ୍ତ-ମର୍ଣ୍ଣୋ ଧନସ୍ୱାମୀ ଅଧମର୍ଣ୍ଣସ୍ତୁ ଖାତକଃ ।) ଖନକ; ପରସୈନ୍ୟବିଦାରକ ।

ଖାତର, ଖାତିର, ଖାତିର, } ବି. (ଯାବନିକ) ଆଦର, ଶ୍ରଦ୍ଧା । ଯଥା—ଓଡ଼ିଆ ସାହିତ୍ୟ ପ୍ରତି ଓଡ଼ିଆମାନଙ୍କର ମମତା ବା ଖାତିର ରହିଲା ନାହିଁ ।

ଖାତା, ଖାତାପତ୍ର, } ବି. ( ଯାବନିକ ) ହିସାବ ପୁସ୍ତକ ।

ଖାତବନ୍ଦୀ, ବି. ( ଯାବନିକ ) ଖାତାଦ୍ୱାରା ଭୂମିର କରନିର୍ଦ୍ଧାରଣ ପ୍ରଣାଳୀ ।

ଖାଦ, ବି. ( କ୍ଷୋଦ ଶବ୍ଦଜ ) ମୟଳା; ଅସାର ବା ଅଳ୍ପ ମୂଲ୍ୟର ପଦାର୍ଥ । ଯେପରି—
ଠଙ୍କାର ଖାଦ କଳାରୂପା ।

ଖାଦନ, ବି. ( ଖାଦ୍ = ଖାଇବା-ଅନ ) ଭୋଜନ । ବିଂ. ଖାଦ୍ୟ; ଖାଦକ ।

ଖାଦ୍ୟ, ଖାଦ୍ୟପିଦ୍ୟ, } ବି. (ଖାଦନ ଶବ୍ଦଜ) ଭୋଜନ । ବିଂ. ଖାଦ୍ୟ ।

ଖାଦୀ, ଖାଦକ, ଖାଦୁକ, } ବିଂ. (ଖାଦ୍-ଇନ୍, ଅକ, ଉକ) ଭକ୍ଷକ; ଧ୍ୱଂସକ ।

ଖାନସମା, ବିଂ. ( ଯାବନିକ ) ଉପାଧିବିଶେଷ; ଅର୍ଥାତ୍ ଭଣ୍ଡାର ଅଧିକାରୀ ।

ଖାନ୍‌ସୁମାରି, ଖାନସୁମାରି, } ବି. ( ଯାବନିକ ) ମନୁଷ୍ୟ ଗଣନା । ( **Census** )

ଖାନକୀ, ଖାନଗୀ, } ବି. ସ୍ତ୍ରୀ. (ଯାବନିକ) ବେଶ୍ୟା ।

ଖାନାପୁରି, ଖାନାପୁରୀ, } ବି. (ଯାବନିକ) ଭୂମି ମାପିବାର ପ୍ରଣାଳୀବିଶେଷ ।

ଖାନାତଲ୍ଲାସି, ବି. (ଯାବନିକ) ରାଜାଦେଶରେ ଘର ତଦାରଖି ।

ଖାନି, ବି. ( ଦେଶଜ ) ପ୍ରକାର । ଯଥା—
**ସ୍ଥାବର ଜଙ୍ଗମ ଯେ ପତଙ୍ଗ ଆଦି କୀଟ,**
**ଚୁରଖାନି ଭିତରେ କେବଣ ଜନ୍ତୁ ଶ୍ରେଷ୍ଠ । ନା.ର.ଗୀ.**
**ସ୍ୱେଦଜ ଅଣ୍ଡଜ ଆଦି ଯେତେ ଜୀବଖାନି,**
**ବିନା ଅଗ୍ନିରେ କେହି ହେଁ ନ ବଞ୍ଚିଲୁ ପ୍ରାଣୀ ।**
**ସା. ଭା. ଅ.**

(ସଂସ୍କୃତ ହେଲେ—ଖନ୍ = ଖୋଳିବା-ଇ, ରତ୍ନାଦି ପାଇବାପାଇଁ ଯାହା ଖୋଳାଯାଏ ) ଖନି, **ଆକର** ।

ଖାନ୍ଦାନ, ବିଂ. ( ଯାବନିକ ) ସମ୍ମାନିତ, ବଡ଼ିଆ । ଯଥା—
**ପୁରୁଣା ଖାନ୍ଦାନ ଘରଯାକ ଭାଙ୍ଗି ଚୂନା ହୋଇ ଗଲାଣି ।**
**ଢ.ସା.୧.୧.୭.**

ଖାପ, ବି. (ଦେଶଜ) ଅସ୍ତ୍ରାଧାର । ଯଥା—
**ବଳାତ୍କାରେ ଖାପରୁ ଖଣ୍ଡାଏ ବାହାରି,**
**ଦେଲେ ସୈନ୍ୟମାନଙ୍କ ଜଂଘମାନ ଚିରି ।**
**କୃ. ଭା. ବି. ପ.**

ବସ୍ତ୍ରର ସୂତା ମଧ୍ୟରେ ଥିବା ବ୍ୟବଧାନ ।

ଖାପଖାଇ, ବିଂ. (ଦେଶଜ) ଖାପଯୁକ୍ତ ହେବା । ଯଥା—
**ଏ ଅନ୍ତେ ଭୀମ ଗଲେ ବିରାଟ ନଗରେ,**
**ଖାପଖାଇ ଖଣ୍ଡା ଗୋଟିଏ ଧରି କରେ । କୃ. ଭା. ବି. ପ.**

ଖାବଖାବୁଆ, ବିଂ. ( ଦେଶଜ ) ଉଚ୍ଚ ନୀଚ, ଯାହା ସମତଳ ନ ଥାଏ ଅର୍ଥାତ୍ ବନ୍ଧୁର ବା ଉନ୍ନତାନତ ।

ଖାବଖାବୁଡ଼ା, ବିଂ. (ଦେଶଜ) ଅଚିକ୍କଣ ।

ଖାବଲ, ବି. (ଦେଶଜ) ଖାଞ୍ଜ, ଖୋଳ ।

ଖାମ, ବି. (ଦେଶଜ) ନାନାରୂପ ବିକଟ ଶବ୍ଦ । (ଯାବନିକ) ପତ୍ରର ଆଚ୍ଛାଦନ ।

ଖାମଖିଆଲ, ଖାମଖେୟାଲ, } ବି. ( ଯାବନିକ ) ଇଚ୍ଛା କମ୍ବା ଅଭିମତ । ଯଥା—
**ଏଥି ଉପରେ ପରୀକ୍ଷକମାନଙ୍କର ଖାମଖେୟାଲ ଅଛି ।**
**ଉ. ସା. ଭୂ. ଅ. ୩. ୮.**

ଖାମଖା, କ୍ରି. ବିଂ. (ଯାବନିକ) ହଠାତ୍, ଅକସ୍ମାତ୍ । ( ଦେଶଜ ) ନିଶ୍ଚୟ । ଯଥା—ସେ ଖାମଖା ଆସିବେ ।

ଖାମୁଚିବା, କ୍ରି. (ଦେଶଜ) ଚିମୁଟିବା ।

ଖାର, ବି. (କ୍ଷାରଶବ୍ଦଜ, ପ୍ରାକୃତ) ଲବଣରସ । ଯଥା—
**ମିଶିଗଲାଣି ଯେବେ କ୍ଷୀରଖଣ୍ଡରେ ଖାର,**
**ବୁଝି କେ ସ୍ୱାଦୁ ବାରି ପାରିବ ରେ । ସ. ସ.**

ଭସ୍ମ ବା ପାଉଁଶ । ଯଥା—
**ଖାର ଅଙ୍ଗାର ଭସ୍ମ ଅଠା,**
**ଘରର ବାଡ଼ ସଜ କଣ୍ଟା । ଭା. ଦ. ସ୍କ.**

ଖାରଜ, ବିଂ. (ହିନ୍ଦୀ) ଅଧିକାରଚ୍ୟୁତ ।

ଖାରଭୁଇଁ, ବି. (କ୍ଷାରଭୂମି ଶବ୍ଦଜ) ଖାରିଭୂମି । ବିଂ. ବ୍ୟର୍ଥ; ତୁଚ୍ଛ । ଯଥା—
**ସବୁରି କରପଦ୍ମେ ବସିବେ ଧର୍ମ ଯାଇ,**
**ଧର୍ମ ନ କଲା ହସ୍ତ ଅଟଇ ଖାରଭୁଇଁ ।**
**ନୃ. ପୁ. ତୃ. ତ.**

ଖାରସ୍ତ, ବି. (ଦେଶଜ) ଗୋରୁମାନଙ୍କର ରୋଗବିଶେଷ । ଏଥିରେ ଗୋରୁମାନଙ୍କର ଦେହ ଓ ଗୋଡ଼ର ଲୋମ ଚମ ବାହାରିପଡ଼ି ଘା ହୁଏ ।

ଖାରି, ବିଂ. (ଦେଶଜ) ଖାଣ୍ଟି ବା ଠିକ । ଯଥା—

**ଖାରି ଖଣ୍ଡାଧାର ଖଡ଼ ମଣି ତୁ ଶୋଇଲୁ ରେ ।**
କ. ଚ. ଚ.

ଖାରିସାତ, } ବି. (ଦେଶଜ) ଘୋଡ଼ା ଇତ୍ୟାଦି-
ଖାରସାତ, } ମାନଙ୍କର ଲୋମନାଶକ ରୋଗ-ବିଶେଷ ।

ଖାରି, } ବିଂ. (କ୍ଷାର ଶବ୍ଦଜ) ଲୁଣିଆ ଅର୍ଥାତ୍
ଖାରିଆ, } ଯହିଁରେ କ୍ଷାରସତ୍ତ୍ୱ ଅଧିକ ଥାଏ, ଯାହା ମିଠା ନୁହେ ।

ଖାରି, ବି. ସଂ. ଶସ୍ୟପରିମାଣ ପାତ୍ରବିଶେଷ ।

ଖାରୁଆ, ବି. (ଦେଶଜ) ଏକପ୍ରକାର ନାଲରଙ୍ଗର ମୋଟା ଲୁଗା ।

ଖାଲ, ବି. (ଖଲ୍ଲ ଶବ୍ଦଜ) ଗାତ । ବିଂ. ନିମ୍ନ । ଯେପରି—ଖାଲ ଜମି ।

ଖାଲଡ଼ିପ,
ଖାଲଢ଼େପ, } ବିଂ.(ଦେଶଜ)ଉଚ୍ଚନୀଚ ହେବା ।
ଖାଲଖମଣ,

ଖାଲି, ବିଂ. (ଦେଶଜ) କେବଳ, ଏକମାତ୍ର । ଯଥା—

**ବିଶ୍ୱାସକର ବିପମେଶ୍ୱରର**
**ଖାଲିକ ତ ରକ୍ଷା ନାହିଁ । ଭିବଶୀ ।**

ଶୂନ୍ୟ । ଯଥା—

**କନ୍ୟା ଅଙ୍ଗ ଖାଲି ଦେଖି ଜନନୀ ତାହାର,**
**କାଢ଼ି ପିନ୍ଧାଇଲା ନିଜ ସବୁ ଅଳଙ୍କାର । ବେ. ପ.**

ମାହାଳିଆ । ଯଥା—ଖାଲି ମିଳିଲେ ସମସ୍ତେ ଗୃହାନ୍ତି ।

ଖାଲିତ୍ୟ, } ବି. (ଖଳତି-ଯ, ସ୍ଖଲ୍-ଅତି) ଇନ୍ଦ୍ର-
ଖଳତି, } ଲୁପ୍ତ ନାମକ କ୍ଷୁଦ୍ରରୋଗ, ମୁଣ୍ଡ ଟାଙ୍ଗରା ହେବା ।

ଖାଲୋଇ, ବି. (ଦେଶଜ) ମାଛ ଧରିବା ପାତ୍ର-ବିଶେଷ । ଯଥା—

**ଖାଲୋଇ ମଧ୍ୟେ ମାଛ ଯେରୂପେ ପଶି ରହେ,**
**ତୋଟା କୋଣକେ ଯାଇ ରହିଲେ ଅପ୍ରମେୟେ ।**
ନୃ. ପୁ. ଚ. ଭ.

ଖାଲସା, ବି. (ଯାବନିକ) ରାଜାଙ୍କ ନିଜ କର୍ତ୍ତୃତ୍ୱାଧୀନରେ ଯେ ସକଳ ଗ୍ରାମ ଥାଏ; ପଞ୍ଜାବ ଓ କାଶୀର ଶିଖସମ୍ପ୍ରଦାୟ ।

ଖାସା, ବିଂ. (ଯାବନିକ) ଉତ୍ତମ; ଉପାଦେୟ ।

ଖାସ୍, ବିଂ. (ଯାବନିକ) ବିଶେଷ, ଅସାଧାରଣ; ନିଜର ।

ଖାସ୍‌ଖମାର, } ବି. (ଯାବନିକ) ରାଜାଙ୍କ ନିଜ
ଖାସ୍‌ମାହାଲ, } କର୍ତ୍ତୃତ୍ୱାଧୀନରେ ଯେ ସକଳ ଜମି ରହେ, ଯେଉଁ ଜମି ପ୍ରଜାମାନଙ୍କୁ କର ନିର୍ଦ୍ଧାରଣ ନିୟମରେ ଦିଆଯାଏ ନାହିଁ ।

ଖାସି, } ବି. ( ଦେଶଜ ) ଯେଉଁ ଛାଗଳର
ଖାସୁ, } ପୁଂସ୍ତ୍ୱ ନଷ୍ଟ କରାଯାଇ ଥାଏ । ବିଂ. ଯାହାର ଅଣ୍ଡକୋଷ କଟା ହୋଇଥାଏ ।

ଖିଅ, } ବି. (କ୍ଷିପ୍ ଶବ୍ଦଜ) ସୂତାଆଦିର ଏକ
କ୍ଷିଅ, } ସର । ଯଥା—

**ବରଷକେ କାଟେ ଧନ ଡାକୁଙ୍କ ଯେ**
**ଦିନକେ କାଟଇ ଖିଏ । ହା. ତ.**

ମାଛ ଧରିବା ଲୁଗା ।

ଖିଆ, ବି.(ଖାଦକା ଶବ୍ଦଜ) ଭୋଜନ, ଖାଇବା; ଅନୁଭବ କରିବା । ଯଥା—

**ଯୁଧିଷ୍ଠିର ମଧ୍ୟ ବିରାଟ ପାଶେ ଥିଲେ,**
**ମୋ ମାଡ଼ଖିଆ ଦେଖି ଦୁଃଖେ ଭୂନହେଲେ ।**
କୃ. ଭ୍ର. ବି. ପ.

ବିଂ. ଯେ ଖାଏ ବା ଅନୁଭବ କରେ । ଯଥା—

**କପଟ ଧାଇ ପରାଣଖିଆ । ର. କ.**

ଖିଆଲ, } ବି. ( ଯାବନିକ ) ପରିହାସ ।
ଖିୟାଲ, } ଯଥା—

**ଖିଆଲ ପର ଧନ ମନରେ ମଣିଲୁ ରେ । କ. ଚ. ଚ.**

ସ୍ମରଣ ।

ଖିଙ୍କରି, ବି. (ଦେଶଜ) ମୁଖବିକାରରେ କ୍ରୋଧ କରି କହିବା ।

ଖିଙ୍କାରିହେବା, କ୍ରି. ( ଦେଶଜ ) ମୁଖବିକାର କରି ଚଳ ହୋଇ କହିବା ।

ଖିଟିଖିଟିଆ, ବିଂ. (ଦେଶଜ) ବିରକ୍ତ, ଅସନ୍ତୁଷ୍ଟ

ଖିଡ଼କ, } ବି. (ଦେଶଜ) ଅର୍ଗଳୀ । ଯଥା—
ଖିଡ଼କା, }

ଦେଖିଣ ଭଗବତୀ ମନରେ କଲେ ଶଙ୍କା,
ଲେଉଟି ଘରେ ପୂରିଲ କଲଲେ ଖିଡ଼କା ।
ନୃ. ପୁ. ଡୃ. ତ.

ଖିଡ଼କ, } ବି. ସ୍ତ୍ରୀ. (ଖଡ଼କ୍କା ଶବ୍ଦଜ) ଜଳା-
ଖିଡ଼କ୍କା, } କବାଟି । ଯଥା—

ଖିଡ଼କ ଦୁଆର ବାଟେ ଦଉ ବେଗେ କାଢ଼ି,
ଶୁଣିବା ମାତ୍ରକେ ସଖୀମାନେ ଗଲେ ବେଢ଼ି । ବେ.ପ.

କଙ୍କଣବିଶେଷ । (ଭୁଡ଼ୁକ ଶବ୍ଦ ଦେଖ)

ଖିଦ୍ୟମାନ, ବିଂ. (ଖିଦ୍ = ଶୋକ କରିବା-ଆନ, ଆନ = ମାନ; ଯ ଆଗମ) ଯେ ଖେଦ କରୁଅଛି, ଯେ ଦୁଃଖ ପ୍ରକାଶ କରୁଅଛି ।

ଖିନ୍ନ, ବି. (ଖିଦ୍ = ଦୁଃଖିତ ହେବା-ତଂ, ତ = ନ) ଶ୍ରାନ୍ତ, କ୍ଳାନ୍ତ; ଦୁଃଖିତ; ଅଳସ ।

ଖିରସା, ବି. ( ଗଡ଼ଜାତ ଶବ୍ଦ ) ଛେନା; ଖିରିବିଶେଷ ।

ଖିର, ଖୀର, ବି. (କ୍ଷୀର ଶବ୍ଦର ଅପଭ୍ରଂଶ) ଦୁଗ୍ଧ; ବୃକ୍ଷନିର୍ଯ୍ୟାସ ।

ଖିରି, ବି. (ଦେଶଜ) କାକୁଡ଼ି ।

ଖିରି, ଖୀରି, ବି. ସ୍ତ୍ରୀ. ( କ୍ଷୀରିକା ଶବ୍ଦଜ ) ପାୟସ । ଯଥା—

ରୁଟି ଖେଚଡ଼ି ପୁରି ଖିରି,
ଅନ୍ନ ବ୍ୟଞ୍ଜନଆଦି କରି । ଦା. ର.

ଖିରିକୋଳି, ବି. (କ୍ଷୀରିକୋଳୀର ଅପଭ୍ରଂଶ) ବୃକ୍ଷବିଶେଷ ।

ଖିରିସା, ବି. (ଦେଶଜ) ଏକପ୍ରକାର ପାୟସ । ଯଥା—

ପୁରିଲେ ନେଇ ପିଠା ଖିରିସା ଯେ ସର,
ଆଚମନ ସାରି ଦେବୀ ହୋଇଲେ ବାହାର । ସା.ଭା.ଆ.

ଖିରିସାଣି, ବି. (ଦେଶଜ) ଘୋଡ଼ାର ଧ୍ୱନି । ଯଥା—

ହସ୍ତିଙ୍କର ଘଣ୍ଟାରବ ଗର୍ଜ୍ଜନର ବାଣୀ,
ଛତ୍ରି ର ଠଙ୍କାର ଅଶ୍ୱଙ୍କର ଖିରିସାଣି । ସା. ଭା. ବ. ପ.

ଖିଲ, ବିଂ. (ଖ = ଶୂନ୍ୟ-ଲା = ପାଇବା-ଅ, ଇ ଆଗମ) ଅପ୍ରହତ; ଦୁର୍ଗମ; ଅକୃଷ୍ଟ (ଭୂମି); ଉତ୍ପନ୍ନ; ପରିଶିଷ୍ଟ । ବି. ବସ୍ତୁ । (ଖିଲୋ ନାରିପୁଣଃ ପ୍ରୋକ୍ତ ସ୍ତଦ୍‌ଗୁଣା ବହବଃ ସୃତାଃ) ।

ଖିଲ, ବି. (କୀଳ ଶବ୍ଦଜ) ଅର୍ଗଳ ବା କଳା । (ଦେଶଜ) ପାନବଡ଼ଆ ।

ଖିଲକାତି, } ବି. ( ଦେଶଜ ) ଗୁଆକାତି;
ଖିଲକାତି, } ସାନ ଛୁରି ।

ଖିଲତ୍, ବି. (ଯାବନିକ) ଉପାଧି; ଉପହାର ।

ଖିଲ୍ଲଣ, } ବି. (ସ୍ୱନ୍ଦୀ) ଇଷ୍ଟକାଦିର ଅର୍ଦ୍ଧ-
ଖିଲ୍ଲନ, } ଗୋଲାକାର ଗ୍ରନ୍ଥନବିଶେଷ ଅର୍ଥାତ୍ ଉପରି ଚୌକିବିହୀନ ପକ୍‌କା । ଯଥା—

ବିରଳ ତରଳ ତାରକା ଗୁମ୍ଫିତ
ସୁନୀଳ ନଭ ଖିଲନ । ପାବତୀ ।

ଖିଲି, ବି. (ଦେଶଜ) ପାନବଡ଼ଆ ।

ଖିଲିକାତି, ବି. (ଦେଶଜ) ଗୁଆକାତି ।

ଖୁଆ, ବି. (କ୍ଷୁବ୍ଧ ଶବ୍ଦଜ) ଦଧିମନ୍ଥନଦଣ୍ଡ । ଯଥା—

ଖୁଆ ଦଉଡ଼ି ଧରି କରେ,
ଦଧି ମନ୍ଥିଲେ ଧୀରେ ଧୀରେ । ଭା. ଦ. ସ୍କ.

ବାହୁମୂଳ । ଯଥା—

ପଥେ ରଥ ଛୋଭୁଁ ଭେଟିବାରୁ ନଳ
ଖୁଆରେ ଖୁଆ ପ୍ରିୟ୍ମାର । ଉର୍ବଶୀ ।

ଦୁଗ୍ଧରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟବିଶେଷ । ଖୁଆଇବା । ବିଂ. ଯେ ଖୁଆଏ ।

ଖୁଆଖୋଇ, ବି. ( ଦେଶଜ ) ଅନ୍ୟୋନ୍ୟ ଖୁଆଇବା; ବଗଡ଼ ଆଦି ପଶୁମାନଙ୍କର କାମୁଡ଼ାକାମୁଡ଼ି; ଅନ୍ୟୋନ୍ୟ କଳହ ।

ଖୁଆଡ଼, ବି. (ଦେଶଜ) ଗୋରୁ ରହିବା ସ୍ଥାନ; ଗୋରୁମାନଙ୍କର ସମୂହ ।

ଖୁଙ୍ଗା, ବି. (ଦେଶଜ) ହସ୍ତାଗ୍ରରେ ବା ଯଷ୍ଟି-ଅଗ୍ରରେ ଗେଞ୍ଜିବା ।

ଖୁଙ୍ଗାଖୁଙ୍ଗି, ବି. ( ଦେଶଜ ) ଅନ୍ୟୋନ୍ୟ ଖୁଙ୍ଗିବା ।

ଖୁଙ୍ଗିବା, କ୍ରି. (ଦେଶଜ) ହସ୍ତାଗ୍ରରେ କମ୍ବା ଯଷ୍ଟି ଅଗ୍ରରେ ଗେଞ୍ଜିବା ।

ଖୁଙ୍ଗୀ, ଖୁଙ୍ଗି ,ବି.ସ୍ତ୍ରୀ.(ଦେଶଜ) କ୍ଷୁଦ୍ର ପେଟିକା ।

ଖୁଜୁବୁଜ୍, } ବି. ( ଦେଶଜ ) ଦୁଷ୍ଟପଣ;
ଖୁଜୁବୁଜୁ, } ଅସ୍ଥିରତା ।

ଖୁଜୁବୁଜଆ, ବି°. ( ଦେଶଜ ) ଦୁଷ୍ଟ ।

ଖୁଜୁମୁଜୁ, ବି. (ଦେଶଜ-ବିଶେଷତଃ ଗଞ୍ଜାମରେ ବ୍ୟବହୃତ) କେହି ପ୍ରିୟଜନ ବିଦେଶ ଗମନ କରିଥିଲେ ତାହାଙ୍କ ସ୍ମରଣରେ ମନରେ ଜାତ ବିଗ୍ରହ ।

ଖୁଜୁଲି, } ଖୁଜୁଲି, ବି. ( ଦେଶଜ ) କାଚ୍ଛୁ ବା କୁଣ୍ଡିଆ ।

ଖୁଞ୍ଚ, } ଖୁଞ୍ଚା, ବି. ( ଦେଶଜ କିମ୍ବା କୁଚକା ଶବ୍ଦଜ ) କୀଳକ । ଯଥା—

ପଥକୁ ଛାଡ଼ି ଯେବେ ଚାଲିବ ଅମଡ଼ାଟି,
କଣ୍ଟକ ଖୁଞ୍ଚ ବାଜି ଚରଣ ଯିବ ଫାଟି । ନୃ.ପୁ.ସ.ତ.

ଖୁଞ୍ଚା, ବି. ( ଦେଶଜ ) ନେତ୍ରବିକାର ସହିତ ପୀଡ଼ା । ଯେପରି—ଆଖିଖୁଞ୍ଚା । ଚୂଳର ଦୁଇଟି ରୁଅ ମଧ୍ୟରେ ଆଉ ଗୋଟିଏ ରୁଅ ପ୍ରଭୃତି ଗୁଞ୍ଜି ରଖିବା । ଚୂଳ ପ୍ରଭୃତିରେ ଯେ କୌଣସି ପଦାର୍ଥ ଗୁଞ୍ଜି ରଖିବା । ( ଏହିଟି ବିଶେଷଣ ପଦ ମଧ୍ୟ ହୁଏ । ଯେପରି—ଖୁଞ୍ଚା ରୁଅ ।)

ଖୁଞ୍ଚିବା, କ୍ରି. (ଦେଶଜ) ନେତ୍ରପୀଡ଼ା ହେବା; ଦୁଇଟି ରୁଅ ମଧ୍ୟରେ ଆଉ ଗୋଟିଏ ଗେଞ୍ଜିବା; ଚୂଳ ପ୍ରଭୃତିରେ ଯେ କୌଣସି ପଦାର୍ଥ ଗେଞ୍ଜି ରଖିବା ।

ଖୁଞ୍ଚି ହେବା, କ୍ରି. ( ଦେଶଜ) ନେତ୍ରପୀଡ଼ା ହେବା । (ଖଲପଶିବା ପଦ ଦେଖ ।)

ଖୁଡ଼ୁଖୁଡ଼ୁ, } ଖୁଡ଼ୁଖୁଡ଼ୁ, ବି. (ଦେଶଜ) ଶବ୍ଦବିଶେଷ । ଯଥା — କଣ ଖୁଡ଼ୁଖୁଡ଼ୁ ଶୁଭୁଅଛି ।

ଖୁଡ଼ଆ, ବି°. ( ଦେଶଜ ) କଳିହୁଡ଼ା ଅର୍ଥାତ୍ ଯେ କଳି କରେ ।

ଖୁଡ଼ୀ, ବି. ସ୍ତ୍ରୀ. [ଖୁଲ୍ଲ (ତାତ) ଶବ୍ଦଜ] ପିତାଙ୍କ ସାନ ଭାଇଙ୍କ ଭାର୍ଯ୍ୟା ।

ଖୁଡ଼ୀଶାଶୁ, ବି. ସ୍ତ୍ରୀ. [ ଖୁଲ୍ଲଶ୍ୱଶ୍ରୂ ଶବ୍ଦଜ ) ଶ୍ୱଶୁରଙ୍କ କନିଷ୍ଠ ଭ୍ରାତୃପତ୍ନୀ ।

ଖୁଡ଼ୁତା, ବି. ( ଖୁଲ୍ଲତାତ ଶବ୍ଦଜ ) ପିତାଙ୍କ ସାନ ଭାଇ । ଯଥା—

କାହାର ପୁତ୍ର ଗୋଡ଼ାଇଲା,
ଶ୍ୱଶୁର ଖୁଡ଼ୁତା ମହଲା । ଭା. ଦ. ସ୍କ.

ଖୁଣ, ବି°. (କ୍ଷୁଣ୍ଣ ଶବ୍ଦଜ) କ୍ଷୀଣ । ବି. ଦୋଷ । ଯଥା—

ଖୁଣ ଥିବ ବୋଲିଣ ଯାଅନ୍ତ ଅପସରି,
ପିତାଙ୍କର ଚିନ୍ତା ମୋତେ ଲଗିଲ ଶ୍ରୀହରି । ନୃ.ପୁ.ଚ.ତ.

ରକ୍ତ ।

ଖୁଣି, } ଖୁନ, ବି. ( ଦେଶଜ ) ହତ୍ୟା । ଯଥା— ଚୋର ଖୁଣି ମାଫ ।

ଖୁଣିଆ, ବି°. (ଦେଶଜ) ଅପଧାଷ୍ଟି ବା କ୍ରୂର ।

ଖୁଣିଦାର, ବି. (ଦେଶଜ) ଯେ ମନୁଷ୍ୟ ମାରି ପକାଇଅଛି ।

ଖୁଣିବା, କ୍ରି. ( ଦେଶଜ ) ଦୋଷାରୋପଣ କରିବା । ଯଥା—

ରୂପ ମୋର ନବଯୁବା ମୁଖ ଚନ୍ଦ୍ରକାନ୍ତ,
ଦୁର୍ଗନ୍ଧ ବୋଲି କପାଁ ଖୁଣିଲି ମୋତେ ଯନ୍ତ ।
ନୃ. ପୁ. ପ୍ର. ତ.

ଖୁଣ୍ଟ, ବି. (ଦେଶଜ) କୀଳକ, ମେଖ । ଯଥା—

ବଡ଼ ବିଚକଟିଆ ସେ କଣ୍ଟାଖୁଣ୍ଟ ଭୂମି,
ଚାଲି ନ ପାରନ୍ତି ମାତା ଯୁଧିଷ୍ଠିର ସ୍ୱାମୀ । ସା.ଭା.ଆ.

ଶୁଷ୍କବୃକ୍ଷର ଅବଶିଷ୍ଟ ମୂଳ; ସ୍ତମ୍ଭ । ବି°. ପ୍ରଧାନ, ନେତା ।

ଖୁଣ୍ଟା, ବି. ( ଦେଶଜ ) ମେଖ ବା କଳା; ଦରପୋଡ଼ା କାଷ୍ଠଖଣ୍ଡ; ଶୁଷ୍କବୃକ୍ଷମୂଳ । ଯଥା—

ବୃକ୍ଷ ଲତା ଖୁଣ୍ଟା ଯେତେ ଥିଲେ ତହିଁ,
ଲୋକଙ୍କ ହାତେ ତାହା ଦେଲେ ସେ କଢ଼ାଇ ।
କୃ. ଭା. ଆ ପ.

ଅପବାଦ; ଦୋଷ ଉଧେଇବା । ଯଥା—

ଠାଣ ଖୁଣ୍ଟା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣସଖୀ ସରିବ ।
କ. ଚ. ଚ.

ଖୁଣ୍ଟି, ବି. (ଦେଶଜ) କାଷ୍ଠମୟ ସ୍ତମ୍ଭ । ଯଥା—

ବଢ଼ାଇ ସାହିରୁ ବାରସି ଆଣ,
ଟିକଟିକ ମଟି ଖୁଣ୍ଟିକି ହାଣ । ହା. ଚ.

ଖୁଣ୍ଟିଆ, ବି. ( ଦେଶଜ ) ସେବକବିଶେଷର ଉପାଧି ଅର୍ଥାତ୍ ଯେ ରାଜା ବିଜେ ହେଲା ସମୟରେ ଲୋକଙ୍କୁ ସାବଧାନ କରାଇ ଦିଏ । ଯଥା—

ପ୍ରପଦେ ଗୁରୁ ଝୁଣ୍ଟିଆ, ସେ ବନ୍ଧୁ ଗ୍ରାମୁ ଖୁଣ୍ଟିଆ ।
ବି. ଚି. ମ.

କର୍ଣ୍ଣଭୂଷଣବିଶେଷ ।

ଖୁଣ୍ଟିବା, କ୍ରି. ( ଦେଶଜ ) ଗୋଠାଇବା; ଟେକିବା । ଯଥା—

ପଡ଼ିଥିବା ଅଇଁଠା ଭାତକୁ ଅଣ୍ଟେ ଖୁଣ୍ଟି,
ପେଟକୁ ତୋଷ କଲେ ଆନନ୍ଦ ବଢ଼ୁଛି ।
କୃ. ଭା. ବି. ପ.

ପଥର ପ୍ରଭୃତିକୁ ଲିହାଣରେ ହାଣିବା; କାଠିରେ ଦାନ୍ତମୂଳକୁ ଖୋଳିବା । ଯଥା—

ସୁବର୍ଣ୍ଣ କଟୋରିରେ ଆଚମନ ନୀର,
ସୁବର୍ଣ୍ଣ ଖଡ଼ିକାରେ ଖୁଣ୍ଟାଇ ଦନ୍ତପନ୍ତ । ନୃ. ପୁ. ଦ୍ୱି. ତ.

ଖୁଣ୍ଟୁଣି, ବି. (ଦେଶଜ) ଦାନ୍ତଖୁଣ୍ଟିବାର କାଠି । ଯଥା—

ସୁବର୍ଣ୍ଣ ନିର୍ମିତ ଖଡ଼ିକା ଦାନ୍ତଖୁଣ୍ଟୁଣି,
ଦେଖି ପ୍ରଶଂସିଲେ ଧୃତରାଷ୍ଟ୍ର ନୃପମଣି । ସା. ଭା. ଆ.

ଖୁଦ, ଖୁଦକଣି, ଖୋଦକଣି, } ବି. (କ୍ଷୋଦ ଶବ୍ଦଜ) ତଣ୍ଡୁଳକଣା । ଯଥା—

ନ ପାଇଲେ ଦୁଃଖୀ ପ୍ରଜା ଖୁଦ କୁଣ୍ଡା । ଦ. ବା.
ଆପଣେ ତାହା ଧରି କିଣାଇ ନାରାୟଣ,
ଦେଖିଲେ ଖୁଦକଣି ମୁଠିଏ ଅଛି ପୁଣ । ନୃ.ପୁ.ସ.ତ.

ଖୁଦକୁଣୀ, ଖୁଦୁରୁକୁଣୀ, } ବି. ସ୍ତ୍ରୀ. (ଦେଶଜ) କୁମାରୀମାନଙ୍କର ଭାଦ୍ରପଦ ମାସ ରବିବାରର ପ୍ରସିଦ୍ଧ ଓଷା ।

ଖୁଦପିତା, ବି. (ଦେଶଜ) ଏକପ୍ରକାର ବ୍ୟଞ୍ଜନ ବା ଖାଦ୍ୟ; ଖୁଦ ଏବଂ ଲମ୍ବୁପତ୍ର ମିଶାଇ ଏହା ରାନ୍ଧନ୍ତି ।

ଖୁଦର, ଖୁଦ୍ର, } ବିଂ. ( କ୍ଷୁଦ୍ର ଶବ୍ଦର ଅପଭ୍ରଂଶ ) ସାନ, ଛୋଟ । ବି. ବନ୍ୟଜନ୍ତୁବିଶେଷ, କ୍ଷୁଦ୍ର ମୃଗବିଶେଷ । ଯଥା—

ଜମ୍ବୁକ ବ୍ୟାଘ୍ର ଭାଲୁ ଗଣ୍ଡୁଳ ମାଳ ମାଳ,
କସ୍ତୁରି ଖୁଦର ମୂଷା ନକୁଳ ନେପାଳ । ନୃ. ପୁ. ଚ. ତ.

ଖୁନ୍ଦା, ବି. ( ଦେଶଜ ) ମୁଥ ବା ମୁଷ୍ଟି, ଖୁନ୍ଦିବା ଅର୍ଥାତ୍ ଯାକିବା ।

ଖୁନ୍ଦାଖୁନ୍ଦି, ବି. ( ଦେଶଜ ) ଯକାଯକି, ଭଲ କରି ଯାକିବା; ଖୁନ୍ଦାମରାମରି, ଅନ୍ୟୋନ୍ୟ ଖୁନ୍ଦା ମାରିବା ।

ଖୁନ୍ଦଖୁନ୍ଦ, ଅଂ. ( ଦେଶଜ ) ଅନୁକରଣ ଶବ୍ଦବିଶେଷ । ଯଥା—

ଅଣ୍ଟାରେ କେତେ ଝାରି ଘାଗୁଡ଼ି ହେଲା ଛନ୍ଦ,
ପଦ୍ମରେ ଝୁମୁକା ବଳା ବାଜେ ଖୁନ୍ଦଖୁନ୍ଦ ।
ନୃ. ପୁ. ଷ. ତ.

ଖୁନ୍ଦିବା, କ୍ରି. ( ଦେଶଜ ) ଯାକିବା ।

ଖୁପରିଖୁପରି, ଖୁପୁରିଖୁପୁରି, } ବି. ( ଦେଶଜ ) କଳହ କରିବା । ଯଥା—

ଖୁପରିଖୁପରି ହେବାକୁ, ଖଳ ଯେ ହୁଏ ଠାକୁ ଠାକୁ ।

ଖୁପୁରାଇବା, ଖୁପୁରେଇବା, ଖୁପୁରିବା, } କ୍ରି. ( ଦେଶଜ ) କଳହ ଆରମ୍ଭ କରିବା ନିମନ୍ତେ ପ୍ରଥମେ ଉସ୍କାଇବା ।

ଖୁବ୍, ବିଂ. ( ଯାବନିକ ) ଅତ୍ୟନ୍ତ ।

ଖୁମା, ବିଂ. ( ଦେଶଜ-ବିଶେଷତଃ ଗଞ୍ଜାମରେ ବ୍ୟବହୃତ ) ମୋଟା ।

ଖୁମୂଲା, ବିଂ. (ଦେଶଜ-ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଅଲଗା, ପୃଥକ୍, ଭିନ୍ନ ।

ଖୁମ୍ପା, ବି.(ଦେଶଜ) ଅଣ୍ଟି ପ୍ରଭୃତିରେ ଆଘାତ ।

ଖୁମ୍ପିବା, କ୍ରି.(ଦେଶଜ) ଅଣ୍ଟି ଆଦିରେ ଆଘାତ କରିବା । ଯଥା—

ଖୁମ୍ପି ଖାଇଥାନ୍ତେ ମୋତେ ପଣ୍ଡେ ହୋଇ ଠୁଳ,
ଶେଉଳକୁ ମାଡ଼ିବସେ ଯେମନ୍ତେ ପୋହୁଲ । ଉ. ଭ୍ର.

ଖୁର, ବି. (କ୍ଷୁର ଶବ୍ଦଜ, ଏହି ଅର୍ଥରେ ଏହିଟି ସଂସ୍କୃତ ଶବ୍ଦ ମଧ୍ୟ ହୁଏ) ଭଣ୍ଡାରିର କାତି । ଯଥା—

ଖୁର ପରି ଦାଢ଼ ଯେତେକ ଅଛି ଶର,
ଜାଣ ଆହେ ଉତ୍ତର ସେ ସବୁ ଅର୍ଜୁନର ।
କୃ. ଭା. ବି. ପ.

ସଂ. ( ଖୁର = ଛେଦନ କରିବା-ଅ, ର୍ ଲୋପ ) କ୍ଷୌରକର୍ମର ଅସ୍ତ୍ର । ( ଖୁରନ୍ତି ବିଲଖନ୍ତି କ୍ଷ୍ମାଂ କ୍ଷୁରଃ ) ଘୋଡ଼ା ପ୍ରଭୃତିର ପାଦର ଖୁରା । (ସଫଂ କ୍ଲୀବେ ଖୁରଃ ପୁମାନ୍ —ଅମର ।) ନଖୀ ନାମକ ସୁଗନ୍ଧ ଦ୍ରବ୍ୟ (ଶୁକ୍ତିଃ ଶଂଖଃ ଖୁରଃ କୋଳଦଳଂ ନଖଂ— ଅମର ।) ଖଟର ଖୁରା ।

ଖୁରଙ୍ଗ, ଖୁରୁଙ୍ଗ, } ବି. ( କୁରଙ୍ଗ ଶବ୍ଦଜ ) ମୃଗ । ଯଥା—

ଖୁରାଣ୍ଟି ଖୁରୁଙ୍ଗ ଯେ ସୁରଭି ସିଂହ କସ୍ତି,
ଶିବା ବ୍ୟାଘ୍ର ବଳିଆ ଯେ ନେଉଳ ମଞ୍ଜାରି । ନୃ.ପୁ.ପ୍ର.ଭ.

ଖୁରଣସ୍, ଖୁରଣସ, } ବିଂ. ( ଖୁର = ଅଶ୍ୱାଦିର ଟାପୁ-ନାସିକା, ନାସିକା = ନସ୍ ) ଚେପଟାନାକା ।

ଖୁରଳି, ବି. ସ୍ତ୍ରୀ. (ଖୁର୍ = ଛେଦନ କରିବା-ଅଳ-ସ୍ତ୍ରୀ-ଈ) ବ୍ୟାୟାମ; ଅସ୍ତ୍ରଶିକ୍ଷା; ରଣକୌଶଳଶିକ୍ଷା ।

ଖୁରା, ବି. (ଖୁର ଶବ୍ଦଜ) ଖଟ ପ୍ରଭୃତିର ଖୁରା; ଅଶ୍ୱାଦିର ଗୋଡ଼ର ଖୁରା । ଯଥା—

ଶଙ୍ଖ ମଣି ଖୁରା ବଇଡ଼ୂର୍ଯ୍ୟ । ବି. ରା.

ପାତ୍ରର ବଇଠି । ଯଥା—

ଖୁରାରୁ ଚଷକ ଝଟିତି ଅଲଗା
ହୋଇଗଲେ ଯଥା ଦଣ୍ଡେ । ପାର୍ବତୀ ।

ଖୁରାଣି, ବି. (ଦେଶଜ) ସଂଖ୍ୟାବିଶେଷ; ଅଶ୍ୱବିଶେଷ । ଯଥା—

ରଥ କୋଟିଏକ ତହିଁ ଗଜ ପାଞ୍ଚ ଖର୍ବ,
ପଦ୍ମ ପରାର୍ଦ୍ଧ ଖୁରାଣି ରେଖା ଯେ ତୁରଙ୍ଗ । ସା.ଭା.ଆ.

(ଏହିଟି ପ୍ରାଚୀନ ଓଡ଼ିଆ ଶବ୍ଦ, ସାରଳା ଭାରତରେ ଅନ୍ୟାର୍ଥରେ ସୁଦ୍ଧା ଅନେକତ୍ର ବ୍ୟବହୃତ ହୋଇଅଛି । ତଥାପି ତାହାର ଅର୍ଥ ଠିକ୍ ଜଣାଯାଉ ନାହିଁ ।)

ଖୁରାଣ୍ଟି, ଖୁରାଣ୍ଟୀ, ଖୁରାଣ୍ଟୁ, } ବି. ସ୍ତ୍ରୀ. (ଦେଶଜ) ମୃଗବିଶେଷ । ଯଥା—

ଖୁରାଣ୍ଟି ଭାଲୁ ଯେ ଶାର୍ଦ୍ଦୂଳ,
ଗଣ୍ଡା ଯେ ହରିଣ ଗୟଳ । ମା. ମା.

ଖୁରି, ଖୁରୀ, ଖୋରି, } ବି. ସ୍ତ୍ରୀ. (ଦେଶଜ) ଛୋଟ ପାତ୍ରବିଶେଷ । ଯଥା—

ଭାନୁ ଖୁରି ବୁଡ଼ିବାକୁ ରହିଁ ଛନ୍ତି । ର. ପ.

ସମସ୍ତଙ୍କୁ ସୁବର୍ଣ୍ଣର ଥାଳ ଗିନା ଖୋରି,
ଜଣେ ଜଣେ ବସିଲେ ସେ ସୁବର୍ଣ୍ଣ ଝରି । ସା.ଭା.ସ.

ଘଣ୍ଟା । ଯଥା—

ସେ ଦିନ ବେଳର ଷଡ଼ଖୁରି ହୁଏ ଭୋଗ । ଲ. ବ.

ଅଶ୍ୱାଦି ଗୋଡ଼ର ଟାପୁ । ଯଥା—

ହସ୍ତ ହରିନାମ ବିକ୍ରମ ବଶେ,
ଖୁରି ମାରିବାରୁ କେଉଁ ଭୟ କି ସେ । କୋ. ବ୍ର. ଗୁ.

ଶୃଙ୍ଗ ବା ଟାପୁଦ୍ୱାରା ମୃତ୍ତିକା ତାଡ଼ନ ।

ଖୁରିଏ, କ୍ରି. ବି. (ଦେଶଜ) ଏକକ୍ଷଣ ପର୍ଯ୍ୟନ୍ତ ଯଥା—

ଏହିରୂପେ ଖୁରିଏ ଯାଏ ମନେ ବଧ,
ଅନ୍ୟୋନ୍ୟରେ ବିଗ୍ରହ ଦୁହେଁ କଲେ ଯୁଦ୍ଧ । କୃ.ଭା.ବ.ପ.

ଖୁରିଖାଇବା, କ୍ରି. (ଦେଶଜ) ଶୃଙ୍ଗ ବା ଟାପୁଦ୍ୱାରା ମୃତ୍ତିକା ତାଡ଼ନ କରିବା ।

ଖୁରିଶାସି, ବି. ( ଖରଶାସମ୍ପୂ ପଦରୁ ଜାତ ) ଅଶ୍ୱବିଶେଷ, ଉତ୍କୃଷ୍ଟଜାତୀୟ ଅଶ୍ୱ । ଯଥା—

ମଉଆଳ ବାଦ୍ୟରେ ମଧୁର ରାମତାଳି,
ଚଳନ୍ତି ଖୁରିଶାସି ଦଅନ୍ତି ହୁଳହୁଳି । ସା. ଭା. ସ.

(ଏତାଦୃଶ ଅସ୍ପଷ୍ଟାର୍ଥ ପ୍ରାଚୀନ ଓଡ଼ିଆ ଶବ୍ଦ ଗୁଡ଼ିଏ ସାରଳା ଭାରତରେ ଅନେକତ୍ର ଉକ୍ତ ଅଛି ।)

ଖୁରିସାଣି, ଖୁରୁଷାଣି, } ବି. (ଖରଶାସମ୍ପୂ ପଦରୁ ଜାତ) ଉତ୍କୃଷ୍ଟଜାତୀୟ ଅଶ୍ୱ । ଯଥା—

ରେଖାର ତୁରଙ୍ଗମ ପବନୁ ବେଗ ବାଜି,
ଖେଦୁଛନ୍ତି ଖୁରିସାଣି ଘଣ୍ଟାରବ ତେଜି । ନୃ.ପୁ.ଦ୍ୱି.ଭ.

ରେଖାର ତୁରଙ୍ଗମ ଖୁରୁଷାଣି ଶତବଳ;
ସେ ରାଜାର ଅଛଇ ଯେ ଏହିପରି ବଳ । ସା. ଭା. ଦ.

ଖୁରୁଡ଼, ଖୁରୁଡ଼ି, ଖୁରୁଣ୍ଟି, } ବି. ( ଦେଶଜ ) ଶୁଖିଲା ନଡ଼ିଆ, ଜଳହୀନ ଓ ଖୋଳରହିତ ନଡ଼ିଆ ।

ଖୁରୁମା, ଖୁରମା, } ବି.(ଯାବନିକ) ମିଷ୍ଟାନ୍ନବିଶେଷ ।

ଖୁରୁଳା, ବି. ( ଦେଶଜ ) ଘୋଡ଼ାର ଦେହ ପରିଷ୍କାରକରଣାର୍ଥ ଲୌହନିର୍ମିତ ଏକପ୍ରକାର ଯନ୍ତ୍ର, ଏହା ଧରି ଘୋଡ଼ାର ଦେହ ଘଷିଲେ ମଇଳା ଛାଡ଼ିଯାଏ ।

ଖୁର୍ପା, ଖୁର୍ପି, ଖୁରପ, ଖୁରପା, } ବି. (କ୍ଷୁରପ୍ର ଶବ୍ଦଜ) ଘାସ ଛେଲିବା ଅସ୍ତ୍ର ।

ଖୁଲଣା, ଖୁଲଣାସୁନ୍ଦରୀ, } ବି. ସ୍ତ୍ରୀ. (ଦେଶଜ) ଧନପତି ବଣିକର ପତ୍ନୀ; ଅପ୍ସରା-ବିଶେଷ; ଏହି ଚରିତର ଓଡ଼ିଆ ପୁସ୍ତକ-ବିଶେଷ ।

ଖୁଲମ, ଖୁଲ୍ଲମ, ବି. (ଦେଶଜ) ମାର୍ଗ, ପଥ ।

ଖୁଲୁଖୁଲିଆ, ବି. (ଦେଶଜ) ଧାନ୍ୟକ୍ଷେତ୍ର ଭିତରେ ହୋଇଥିବା ବାଳୁଙ୍ଗା ପରି ଏକପ୍ରକାର ତୃଣ ।

ଖୁଲ୍ଲତାତ, ବି. (ଓଡ଼ିଆ ଏବଂ ସଂସ୍କୃତ ଶବ୍ଦର ସଂମିଶ୍ରଣ—ଖୁଲ୍ଲ = କନିଷ୍ଠ-ତାତ) ଖୁଡ଼ୁତା; କକେଇ ।

ଖୁସ୍‌ଖାସ୍, ବି. (ଦେଶଜ) ଅଜ୍ଞାତ ଅନୁଚ୍ଚ ଶବ୍ଦ ।

ଖୁସ୍‌ଖାସ୍ ହେବା, କ୍ରି. (ଦେଶଜ) ଧୀର ଧୀର ଗୁପ୍ତରେ କଥା ହେବା ।

ଖୁସାମତ, ଖୋସାମତ, } ବି. (ଦେଶଜ) ସ୍ତୁତି, ଚଟୂକ୍ତି ।

ଖୁସାମଦିଆ, ବିଂ. (ଦେଶଜ) ସ୍ତୁତିବାଦକାରୀ, ସ୍ତାବକ ।

ଖୁସି, ଖୁସୀ, ଖୁସ୍, } ବିଂ. (ଯାବନିକ) ତୁଷ୍ଟ । ଯଥା—

ଶୁଣିଣ ହେଲା ଖୁସୀ ମଦନାବତୀସାଇଁ,
ବୋଇଲା ଶଙ୍ଖୁକୁ ମୋ ସଂହାର ଆସ ଯାଇ ।
ନୃ. ସୁ. ଚ. ତ.

ବି. ଆନନ୍ଦ । ଯଥା—

ଭାଗ୍ୟେ କେତେ ଜନେ ଆସିଛନ୍ତି ଜୁଆଁଇ,
ଢଳେଇଁ ତୋ ଚକ୍ଷେ ଖୁସି ଦେଖୁ ନାହିଁ ମୁହିଁ ।
ବୈ. ପ.

ଇଚ୍ଛା ।

ଖେଁଖେଁ, ଅଂ. (ଦେଶଜ) ହାସର ଅନୁକରଣ; ହାସ୍ୟ ।

ଖେଇ, କ୍ଷେଇ, } ବି. (ଦେଶଜ) ଦେବାଳୟ ପ୍ରସାଦରୁ ସେବକମାନଙ୍କ ପାଇଁ ଦେୟର ପରିମାଣ, ସେବକର ପ୍ରାପ୍ୟ ପ୍ରସାଦାନ୍ନ ।

ଖେଉଡ଼ା, ବି. (ଦେଶଜ) ଘଉଡ଼ିବା ।

ଖେଉଡ଼ିବା, କ୍ରି. (ଦେଶଜ) ଘଉଡ଼ିନେବା । ଯଥା—

ମଦନ ତା ଜାଣି ରଦନ ଭଙ୍ଗିଲା,
ଧକାମାରି ତାଙ୍କୁ ଖେଉଡ଼ି କି ଦେଲା । କୃ.ଖ୍ରି.ଆ.ପ.

ଖେଙ୍କଶିଆଳ, ଖେଙ୍କଶିଆଳୀ, } ବି. ସ୍ତ୍ରୀ. (ଦେଶଜ) ଉଲୁକାମୁଖୀ ।

ଖେଙ୍କିବା, କ୍ରି. (ଦେଶଜ) ଖିଙ୍କାରି ହେବା; ଅବହେଳା କରିବା ।

ଖେଚଡ଼, ଖେଚଡ଼ା, } ବିଂ. (ଦେଶଜ) ଅବାଧ ବା ଦୁଷ୍ଟ; ଲୋଚା ବା ତୁଚ୍ଛ ।

ଖେଚଡ଼, ଖେଁଚଡ଼ା, ଖେଚଡ଼ା, ଖେଁଚଡ଼, } ବି. (ଖେଚରାନ୍ନ ଶବ୍ଦଜ) ଡାଲି ଓ ଚାଉଳ ମିଶ୍ରିତ ପକ୍ୱ ଅନ୍ନ । (ଖିର ଶବ୍ଦ ଦେଖ ।)

ଖେଚନ, ବି. (ଦେଶଜ) ଖୁଞ୍ଚା ମାରିବା ।

ଖେଚର, ବିଂ. (ଖେ = ଆକାଶେ-ଚର୍ = ଗମନ କରିବା-ଅ) ଆକାଶଗାମୀ । ବି. ପକ୍ଷୀ; ସୂର୍ଯ୍ୟାଦି ଗ୍ରହ; ବିଦ୍ୟାଧର ପ୍ରଭୃତି ।

ଖେଜା, ଖେଜ, } ବି. ସ୍ତ୍ରୀ. (ଦେଶଜ) ସମୂହ । ଯଥା—

ଖେଜ ଖେଜ ପୁଞ୍ଜ ପୁଞ୍ଜ କୁଦା କୁଦା ହୋନ୍ତି,
ପଳାଇ ଆଗୁ କେହ୍ନୁ ପଛରେ ଲୁଗୁ ଦ୍ୟନ୍ତି ।
ନୃ. ପୁ. ତୃ. ତ.

ଖେଞ୍ଚା, ବି. (ଦେଶଜ) ଝିଙ୍କା ବା ଟଣା ।

ଖେଞ୍ଚିବା, କ୍ରି. (ଦେଶଜ) ଝିଙ୍କିବା, ଟାଣିବା ।

ଖେଟ, ବି. (ଖିଟ୍ = ଭୋଜନ କରିବା-ଅ) ଭକ୍ଷକ; ଘୋଟକ; ଫଳକ ବା ଢାଲ; ପଲ୍ଲୀଗ୍ରାମ; କଫ; ତୃଣ; ମୃଗୟା । (ଖେ = ଆକାଶେ-ଅଟ୍-ଅ) ସୂର୍ଯ୍ୟାଦି ଗ୍ରହ । ବିଂ. ଅଧମ, ନୀଚ । (ଖେଟ ଗର୍ହ୍ୟାଣକାଃ ସମାଃ—ଅମର ।)

ଖେଣ୍ଟା, ବି. (ଦେଶଜ) ମାଳା ବା ଗଭା । ଯଥା—

ଲୋହିତବର୍ଣ୍ଣ ଶରୀର ଅଟେ ଅଂଶୁ ଅଗ୍ନି,
ମଲ୍ଲି ଖେଣ୍ଟା ଘେନ ମଣ୍ଡଳରେ ଧବଳାଙ୍ଗୀ ।
ସା. ଭୂ. ସ.

ବିଂ. (ଗଞ୍ଜାମରେ ବ୍ୟବହୃତ ଅଥଚ ତୈଲଙ୍ଗ ଭାଷାରେ ସୁଦ୍ଧା ଚଳେ) ପୃଥକ୍ ।

ଖେଟିବା, କ୍ରି. (ଦେଶଜ) ଅର୍ଣ୍ଣିବା; ସମାନ ହେବା; ପହୁଞ୍ଚିବା ।

ଖେଟୁନାହିଁ, କ୍ରି. (ଦେଶଜ) ପାଉ ନାହିଁ, ସରି ହେଉ ନାହିଁ, ଅଣ୍ଟୁ ନାହିଁ ।

ଖେଡ଼, ବି. (ଖେଳା ଶବ୍ଦଜ) କ୍ରୀଡ଼ା । ଯଥା—
କେଳି କଉତୁକ ଖେଡ଼ରେ ଗଡ଼ନ୍ତି । ର. କ.

ଖେଡ଼ାଳି, ଖେଳାଳି, } ବି. (ଦେଶଜ) ଯେ ଖେଳି ପାରେ; ରସିକ ।

ଖେଡ଼ୁଆଳି, ଖେଳୁଆଳି, } ବି. (ଦେଶଜ) ଖେଳାସକ୍ତ । ଯଥା—
ଖେଡ଼ୁଆଳି ମନ୍ଦ ଗୁଣରେ ବାବୁ,
ଖଡ଼ି ଛୁଆଁ ଇଲେ ପାଠ ପଢ଼ିବୁ । କ. ମା.
ନିପୁଣ । ଯଥା—
ପାଦେ ସୁନାଶିକୁଳି ବାଜଇ ରୁଣଝୁଣ,
ବୀରଧୂଳିରେ ଖେଳୁଆଳି କନ୍ଧେ ବେନି ତୂଣ । ନୃ.ପୁ.ପ୍ର.ତ.

ଖେଡ଼ୁଆଳି, ବି. (ଦେଶଜ) କୌତୁକ । ଯଥା—
ସୁଜନ ପାଦପଦ୍ମେ ଲାଗେ ମୁଁ ଖେଡ଼ୁଆଳି,
ଦେଖିଲେ ମୂର୍ଖଜନ ସେଠାରୁ ଯାଏ ଚଳି ।
ନୃ. ପୁ. ଚ. ତ.

ଖେଣ୍ଡା, ବିଂ. (ଦେଶଜ) ନିର୍ଲଜ୍ଜ; ଭିରଦା । ବି. ପରଲୋକ ଦୁଇଜଣଙ୍କ ମଧ୍ୟରେ କଳହ ଜନ୍ମାଇବାର ଚେଷ୍ଟା ।

ଖେଣ୍ଡାଇବା, ଖେଣ୍ଡେଇବା, ଖେଣ୍ଡେଇକହିବା, } କ୍ରି. (ଦେଶଜ) ପର ଦୁଇଜଣଙ୍କ ମଧ୍ୟରେ ବିଦ୍ରୋହଜନନାର୍ଥ ଖିଚ କହିବା ।

ଖେତ, ବି. (କ୍ଷେତ୍ର ଶବ୍ଦଜ) ବିଲ, କିଆରି ।

ଖେତା, ବି. (ଦେଶଜ) ଉଲୁ । ଯଥା—
ତେଲିଙ୍କ ବୁଦ୍ଧି ସନା ଅଟନ୍ତି ବିପ୍ରପୋଏ,
ବାତୁଳ ଖେତା ଲୋକ ଜାଣେ କି ଭଲ ନ୍ୟାୟେ ।
ନୃ. ପୁ. ଚ. ତ.

ଖେତାବ, ବି. (ଯାବନିକ) ଉପାଧି ।

ଖେଦ, ବି. (ଖିଦ୍ = ଶୋକ କରିବା-ଅ) ଦୁଃଖ; ଶୋକ; ଶ୍ରମ; ଅବସନ୍ନତା; କ୍ଳାନ୍ତି ।

ଖେଦା, ବି. (ଦେଶଜ) ପଲ ବା ପୁଞ୍ଜା; ଡାଳ ପତ୍ରର ବିଡ଼ା । ଯଥା—
ଚେତାପାଇ ବିଷ୍ଣୁଙ୍କ ହୃଦରେ ସୁମରନ୍ତେ,
ଗଣେଶ ଧ୍ୟାନ କରି ଧଇଲେ ଖେଦା ହସ୍ତେ ।
ନୃ. ପୁ. ସ. ତ.
ଘଉଡ଼ିବା, ତଡ଼ିବା ।

ଖେଦାଣ, ବି. (ଦେଶଜ) ଘଉଡ଼ିବା, ତଡ଼ିବା; ଦୂର କରିବା; ଗୁଣିଆମାନେ ଭୂତ ପିଶାଚ୍ଗ୍ରହଆବିଷ୍ଟ ଲୋକଙ୍କୁ ଝାଡ଼ିବାବେଳେ ଯେ ବାକ୍ୟାବଳୀ ପଢ଼ନ୍ତି ।

ଖେଦ, ବି. (ଦେଶଜ) ପୁଞ୍ଜା । ଯଥା—
ଖେଦ ଖେଦ ହୋଇ ବଉଦାଣ୍ଡିଯାକେ ପୂରି
ପକାନ୍ତି ହୁଳହୁଳି ମଙ୍ଗଳ ପ୍ରଭ୍ରି କରି । ନୃ. ପୁ. ଚ. ତ.

ଖେଦିବା, କ୍ରି. (ଦେଶଜ) ବ୍ୟାପିବା । ଯଥା—
ଖେଦଇ ନାହିଁ ଦିଗମାନଙ୍କୁ ଦୃଷ୍ଟି,
କ୍ଷଣେ ବିଶ୍ରାମ ନାହିଁ ସଲିଳ ବୃଷ୍ଟି । ଜା. ପୁ. ଚ.
ଘଉଡ଼ିବା, ତଡ଼ିବା । ଯଥା—
ପ୍ରପଦରେ କଂସାମୁଦ, ଶବଦେ ଧଇର୍ଯ୍ୟ ଖେଦ । ଲ. ବ.
ଆସକ୍ତ କରିବା । ଯଥା—
ସାଧୁ ଚରିତ ତୋର ବୁଦ୍ଧି,
କୃଷ୍ଣ ଚରଣେ ଥିଉ ଖେଦ । ଭ. ଦ. ସ୍କ.

ଖେପ, ବି. (ନିଃକ୍ଷେପ ଶବ୍ଦଜ) ନିଃକ୍ଷେପ । ଯଥା—
ତହିଁର ଭିତରେ ପୁଣି ଅଛି ରସକୂପ,
ଅଷ୍ଟଲୋହ ପଡ଼ିଲେ ବିବିଧ ରସ ଖେପ । ସା.ଭା.ଆ.
ବାର କମ୍ବା ଥର । ବିଂ. ଭିନ୍ନ; ମୌଳିକରୁ ପୃଥକ୍ । ଯଥା—ଏହି ଗ୍ରନ୍ଥରେ ୫୦ ଗୋଟି ଖେପ ବାକ୍ୟ ଅଛି ।

ଖେପା, ବି. (କ୍ଷିପ୍ ଧାତୁଜ) ଲମ୍ଫ ବା ଡିଆଁ; ବୃକ୍ଷାଦିରେ ଚଢ଼ିବା ନିମନ୍ତେ ଗୋଲାକୃତ ରଜ୍ଜୁ ।

ଖେପାଜାଲ, ଖେପିଜାଲ, } ବି. (ଖେପ-ଜାଲ-ଶବ୍ଦଜ) ମାଛ ଧରିବା ଜାଲବିଶେଷ ।

ଖେପିବା, } କ୍ରି. (କ୍ଷିପ୍ ଧାତୁଜ) ବ୍ୟାପିବା ।
କ୍ଷେପିବା, } ଯଥା—

ଭଦ୍ରାଶ୍ୱପରେ ବସି ସତ୍ୱରେ ଶୂନ୍ୟେ ଗଲ ସେ ଖେପି ।
ଧ୍ରୁ. ପ.

ଉପରକୁ ଉଠିବା । ଯଥା—

ମରବା ବେଲକୁ କେତେ ଖେପଇ ପବନ,
ଏହା ମୋତେ ବୁଝାଇ କହିବା ଭିନ୍ନ ଭିନ୍ନ । ନା.ର.ଗୀ.

ଡେଇଁ ଡେଇଁ ଯିବା, କୁଦା ମାରିବା; ଆକ୍ରମିବା । ଯଥା—

ଗ୍ଳଗଲ ପଳେଟି ଯେସ୍ନେ ଖେପେ ମତ୍ତବ୍ୟାଘ୍ର,
ତେସନେକ ଗଡ ବର୍ଗରେ ଅତି ବେଗ । ସା. ଖ୍ର. ବ.

ଖେମଟା, } ବି. (ଦେଶଜ) ବାଦ୍ୟବିଶେଷ ।
କ୍ଷେମଟା, } ଯଥା—

କ୍ଷେମଟା ବାଦ୍ୟ କରତାଳ,
ନାଚନ୍ତି ଆନନ୍ଦେ ଗୁଆଲୀ । ଖ୍ର. ଦ. ସ୍ମ.

ନର୍ତ୍ତନବିଶେଷ । ଯଥା—

ବାଜନ୍ତି ବଜଘୋଷ ଯେ ମୃଦଙ୍ଗ ଦାଉଣ୍ଡି,
ପ୍ରଦେଶି ଯୋଦ୍ଧା ଦେଖି ଖେମଟା ନାଚଣ୍ଡି । ସା.ଖ୍ର.ସ.

ଖେମଟାବାଲୀ, ବି. ସ୍ତ୍ରୀ. (ଦେଶଜ) ଖେମଟା ନାଚିବା ନର୍ତ୍ତକୀ ।

ଖେୟ, ବି. (ଖନ୍ = ଖୋଳିବା-ଯ) ଗଡ଼ଖାଇ, ପରିଖା । (ଖେୟଂ ତୁ ପରିଖାଧାରସ୍ତ୍ୱସ୍ରସାଂ—ଅମର ।) ବିଂ. ଖନନଯୋଗ୍ୟ ।

ଖେଳ, ବି. (ଖେଳା ଶବ୍ଦର ଅପଭ୍ରଂଶ) କ୍ରୀଡ଼ା; ନାନାପ୍ରକାର ବ୍ୟାୟାମ ।

ଖେଳନ, } ବି. (ଖେଳ୍ = କ୍ରୀଡ଼ା କରିବା-ଅନ,
ଖେଳା, } ଅ, ଆ) କ୍ରୀଡ଼ା; ପରିହାସ ।

ଖେଳନା, ବି. (ଖେଳନ ଶବ୍ଦଜ) ଖେଳର ଉପକରଣ ବା କ୍ରୀଡ଼ାବସ୍ତୁ ।

ଖେଳବାଡ଼, ବି. (ଦେଶଜ) ଖଣ୍ଡା ପ୍ରଭୃତି ଧରି ଯେ ଖେଳା କରେ । ଯଥା—

କାହିଁ ତଲବାର ଖେଳବାଡ଼ କରେ । ନ. କେ.

ଖେଳିବା, କ୍ରି. (ଖେଳ୍ ଧାତୁଜ) କ୍ରୀଡ଼ିବା ।

ଖେଳୁଆପକା, ବି. (ଦେଶଜ) ଧାନ କଆରି ଭିତରେ ବହଳ ହବାଠାରୁ କାଢ଼ି ପାତଳ ସ୍ଥାନରେ ଧାନଗଛ ପୋତିବା ।

ଖେସର୍, } ବି. (ଯାବନିକ) କ୍ଷତି,
ଖେସାର୍, } ଲୋକସାନ୍ ।

ଖେସାରତ, ବି. (ଯାବନିକ) ହାନି, ଅପଚୟ ।

ଖେସାରି, ବି. (ଦେଶଜ) ଚଣା ନାମକ ଶସ୍ୟବିଶେଷ ।

ଖୈରାତ, ବି. (ଯାବନିକ) ଦାନ; ବ୍ୟୟ ।

ଖୋଇ, ବି. (ଦେଶଜ) ଅଭ୍ୟାସ; ସ୍ୱଭାବ; ଅଭିଳାଷ ବା ଆସକ୍ତି ।

ଖୋଖୋ, ଅଂ. (ଗଡ଼ଜାତ ଶବ୍ଦ) ଓହୋ ! (ଦେଶଜ) ସବାରିବାହକ ପ୍ରଭୃତିଙ୍କର ଡାକ ବା ଶବ୍ଦ ।

ଖୋଜ, ବି. (ଦେଶଜ) ପଶୁ ଆଦିର ପାଦ ଚିହ୍ନ । ଯେପରି—ବାଘ ଖୋଜ, ବାରିଆ ଖୋଜ । ଖୋଜିବା କିମ୍ବା ଅନ୍ୱେଷଣ କରିବା । କ୍ରି. ଅନ୍ୱେଷଣ କର ।

ଖୋଜା, ବି. (ଦେଶଜ) ଅନ୍ୱେଷଣ; ମୁଷଲମାନ ଜାତିବିଶେଷ । ବିଂ. (ଯାବନିକ) ପୁରୁଷତ୍ୱହୀନ, ନପୁଂସକ ।

ଖୋଜିବା, କ୍ରି. (ଦେଶଜ) ଅନ୍ୱେଷଣ କରିବା ।

ଖୋଡ଼, } ବିଂ. (ଖୋଡ଼୍ = ଖଞ୍ଜ ହେବା,
ଖୋର, } ଘୋଟେଇ ଚାଲିବା-ଅ, ଡ = ର,
ଖୋଲ, } ଡ = ଳ) ଖଞ୍ଜ, ଲେଙ୍ଗଡ଼ା । (ଖଞ୍ଜକେ ଖୋଡ଼ଖୋରୌ—ରଭସ ।)

ଖୋଦ୍, ବିଂ. (ଯାବନିକ) ନିଜେ, ଆପେ; କେବଳ । ଯଥା—

ବର୍ତ୍ତମାନ ସେଥିରେ ପୂର୍ଣ୍ଣ ଅଧିକାର ଖୋଦ୍ ଲେଖକର । ଉ. ସା. ୧୯. ୧.

ଖୋଦନ, ବି. (କ୍ଷୋଦନ ଶବ୍ଦଜ) ଖୋଳାଇ କାର୍ଯ୍ୟ; ଶିଳ୍ପ ଖୋଦାଇ କାର୍ଯ୍ୟ ।

ଖୋଦାଇ, ବି. (କ୍ଷୋଦନ ଶବ୍ଦଜ) ପ୍ରସ୍ତରାଦିରେ ଖୋଳିବା ।

ଖୋଦାବନ୍ଦ, ବି. (ପାରସ୍ୟ ଶବ୍ଦ) ହଜୁର; ଆପଣ ।

ଖୋପ, ବି. ( କ୍ଷୁପ ଶବ୍ଦଜ ) ପାରା ଘର; କ୍ଷୁଦ୍ର କୋଠରି ।

ଖୋପା, ବି. (ଦେଶଜ) ମସ୍ତକର କେଶଗ୍ରନ୍ଥି-ବିଶେଷ ।

ଖୋରା, } ବି. ( ଦେଶଜ ) ପାନପାତ୍ର-
ଖୋରାକମ, } ବିଶେଷ । ଯଥା—

ଅଧାମ୍ବ ସଙ୍ଗେ ମିଶାଇଛୁ ମହୁରା ଜାଡ଼,
ତହୁଁ ଖୋରାଏ ଦେଲେକ ଭୀମସେନ କାଢ଼ ।
ସା. ଭ. ଆ.

ଗଡ଼ୁ ସୁନା ଗରଆ ନାକୁଆ ଖୋରାକମ,
କୁଡ଼ୁକ କଂସା ଥାଳ ପାଟ୍ଟେଣି ପଲମ ।
ନୃ. ପୁ. ପ. ଭ.

ଖୋରାକ, } ବି. (ଯାବନିକ) ଆହାର । ଯଥା—
ଖୋରାକ୍, }

ଏ ତ ରୁମ୍ଭ ବଡ଼ ଗୋଟେ ରାଢ଼ର ଖୋରାକ । ଉ. ଭ୍ର.

ଖୋରାପ, ବି. (ଦେଶଜ) ଦୁଇ ଡୁଳିଆ ବଡ଼ ଜାହାଜର ନାମ ।

ଖୋରାସାଣି, ବି (ଦେଶଜ) ଯୁଆଣିର ପ୍ରକାର-ଭେଦ ।

ଖୋରି, ବି. (ଦେଶଜ) ଭୋଜନପାତ୍ରବିଶେଷ । (ଖୁରି ଶବ୍ଦ ଦେଖ ।)

ଖୋର୍ଦକ, ବି. ( ଯାବନିକ ) ଏକପ୍ରକାର ଆନଦ୍ଧ ବାଦ୍ୟ ଯନ୍ତ୍ର ।

ଖୋଳ, ବି. ( ଖୋଳକ ଶବ୍ଦଜ ) ମୃଦଙ୍ଗ ବାଦ୍ୟ । ଯଥା—

ଖୋଳ କୀର୍ତ୍ତନ କରି ବୈକୁଣ୍ଠ ଯେନଗଲେ ।
ନୃ. ପୁ. ପ. ଭ.

ପଦାର୍ଥର ଉପରର ଆବରଣ । ଯଥା—

ଚୋଳ ଖୋଳେ ରଖି କୁଚ ମଣ୍ଡଳ । କୋ. ବ୍ର. ସୁ.

ବୃକ୍ଷାଦିର ଚୋପା । ଯଥା—

ବାଉଁଶ ଖୋଳ ଗୋଟିଏ ଆଣିଦେବ ହରି,
ନଖରେ ଚିରିଲେ ଦେବ ବେନି ଫାଳ କରି ।
ସା. ଭ. ଆ.

ଖୋଲ, } ବି. (ଗର୍ତ୍ତାର୍ଥ ଖଲ୍ଲ ଶବ୍ଦଜ) ଗୁହା ।
ଖୋଲ୍, } ଯଥା—

କପିଳାସ ଖୋଲନିବାସୀ ଶବର । ନ. କେ.
ନାସିକାରନ୍ଧ୍ର ଦିଶେ ପର୍ବତ ଖୋଲ ପ୍ରାୟେ,
ନାସା ପବନ ଚଳେ ବତାସ ଯେହ୍ନେ ବହେ ।
ନୃ. ପୁ. ସ. ଭ.

ଖୋଳପା, ବି. (ଖୋଳକ ଶବ୍ଦଜ) ଫଳର ଚୋପା; ଖପରା; ପଗଡ଼; ସର୍ପ ପ୍ରଭୃତିର ତ୍ୱକ୍; ହାଣ୍ଡି ଆଦି ପାତ୍ର; ନଡ଼ିଆ ସଢ଼େଇ; ଗୁଆ ପ୍ରଭୃତିର ଖୋଷା; ବଲ୍କଳ; ଉପରସ୍ଥ ଆବରଣ ।

ଖୋଳରି, ବି. (ଦେଶଜ) ମସ୍ତକର ଆଭରଣ-ବିଶେଷ; ଟୋପି ପଗଡ଼ି ପ୍ରଭୃତି । ଯଥା—

ପାଦରେ କଠାଉ ଆଉ ବେନି କରେ ଯଷ୍ଟି,
ମଥାରେ ଖୋଳରି କରେ ବାଉଁଶର ଗୋଷ୍ଠି । ସା.ଭ.ସ.

ଖୋଳସ, ବି. (ଦେଶଜ) ସାପ ଆଦିର କାତି ।

ଖୋଳସା, ବି. (ଦେଶଜ) କୋବା—ଏହାକୁ ପୋଡି ବାଡ଼ ବେଢ଼ନ୍ତି ।

ଖୋଲା, ବିଂ. (ହିନ୍ଦୀ) ଅନାବୃତ, ଅନବରୁଦ୍ଧ; ଉନ୍ମୁକ୍ତ; ସହଜ ।

ଖୋଳା, ବି. ( ଖନ୍ ଧାତୁଜ— ପ୍ରାକୃତ ) ଖନନ । ବିଂ. ଖୋଳା ହୋଇଥିବା; ଖୋଦିତ । ଯଥା—

ସୁନାପଟା ଖୋଳା ଦ୍ୟକତ ମର୍କତ
ମିନାଫୁଙ୍କା ଲଗି ଝଳତ । କୋ. ବ୍ର. ସୁ.

ଖୋଲସା, ବିଂ. (ଯାବନିକ) ଅକୁଟିଳ; ସର୍ବଦା ସନ୍ତୁଷ୍ଟ । ଯେପରି—ସେ ବଡ଼ ଖୋଲସା ଲୋକ ।

ଖୋଳ, ବି. ଫ. ତୂଣୀର, ତୂଣୀ । (ଖୋଳକ ଶବ୍ଦଜ) ବଲ୍କଳ ବା ଚୋପା ।

ଖୋଳିବା, କ୍ରି. (ଖନ୍ ଧାତୁଜ—ପ୍ରାକୃତ ଧାତୁର ରୂପ) ଖନନ କରିବା; ଖୋଦିତ କରିବା ।

ଖୋଳମି, ବି. ( ଦେଶଜ ) ଦ୍ୱାରବନ୍ଧ ପ୍ରଭୃତି କାଷ୍ଠରୁ ଖୋଳି ବଦୁ ବା କମ ବାହାର କରିବାପାଇଁ ବଢ଼ାଇମାନଙ୍କର ଅସ୍ତ୍ର-ବିଶେଷ ।

ଖୋସଣି, } ବି. ସ୍ତ୍ରୀ. (ଦେଶଜ) କଟିରେ
ଖୋସଣୀ, } ବସ୍ତ୍ରବନ୍ଧନବିଶେଷ; ଅଣ୍ଟାରେ ଖୋସିବା; ସଞ୍ଚିତ ଧନ, ପାଇଥିବା ଧନ; ଅଣ୍ଟାରେ ଖୋସିବା ପାଇଁ ଧନ, ଲାଞ୍ଚ ।

ଖୋସା, } ବି. ( କୋଷ ଶବ୍ଦଜ ) ଗୁଆ
ଖୋଷା, } ପ୍ରଭୃତିର ଖୋଳପା; ପଣସ ପ୍ରଭୃତିର ପୁଞ୍ଚ; ଗୁଳି; ଏକପ୍ରକାର ଖଜା; କବରୀ ବା ଜୁଡ଼ା । ଯଥା—

ଟେଭିଫାଳ ପରି ଖୋଷା, ଖୋସିଛୁ ଯୋଷା । ଲ.ବ.

**ଖୋସାଣି**, ବି. ( ଦେଶଜ ) ଯେଉଁ ସାନ ସାନ ଖଣ୍ଡିତରେ ଚ୍ଛୋଟ ଚ୍ଛୋଟ ଗଛର ମୂଳ ଖୋଳନ୍ତି; ଗଛର ମୂଳକୁ ଖୋଳି ମାଟି ଶିଥିଳ କରିବା ।

**ଖୋସିବା, ଖୋଷିବା,** କ୍ରି. ( ଦେଶଜ ) ଗୁଞ୍ଜିବା । ଯଥା—

କଳାକୁଟିଳ କୁନ୍ତଳେ ଖୋଷା ଖୋଷି । ର. କ.

ଖଣ୍ଡିତରେ ଗଛ ମୂଳର ମାଟି ଖୋଳିବା ।

**ଖ୍ୟାତଗର୍ହଣ**, ବିଂ. ( ଖ୍ୟାତ-ଗର୍ହଣ ) ଯାହାର ନିନ୍ଦା ଲୋକରେ ପ୍ରସିଦ୍ଧ ହୋଇଅଛି, ନିନ୍ଦିତ । (ଅବଗୀତ ଖ୍ୟାତଗର୍ହଣୌ— ଅମର ।)

**ଖ୍ୟାତି**, ବି. (ଖ୍ୟା = ପ୍ରକଥନ-ତି) ପ୍ରସିଦ୍ଧି; ଯଶୋଘୋଷଣା; ଜ୍ଞାନ; କଥନ ।

**ଖ୍ୟାପନ**, ବି. ( ଖ୍ୟା = ପ୍ରକଥନ-ଣିଚ୍-ଅନ ) ଘୋଷଣା, ପ୍ରଚାର; କଥନ ।

# ଗ

**ଗ**, ବି. ତୃତୀୟ ବ୍ୟଞ୍ଜନବର୍ଣ୍ଣ । ଗଣେଶ; ଗନ୍ଧର୍ବ; ଗଗନ; ଗୀତ, ସୁମେରୁ; ସ୍ୱର୍ଗ; ଗୁରୁ । ବିଂ. ଗାୟକ; ଗମନକାରୀ ।

**ଗଁ ଗଁ**, ଅଂ. (ଦେଶଜ) କଷ୍ଟସୂଚକ ଧ୍ୱନିର ଅନୁକରଣ ।

**ଗ, ଗଅ,** ବି. (ଦେଶଜ କିମ୍ବା ମଳତ୍ୟାଗାର୍ଥ ଗୁ ଧାତୁଜ) ମଳ ।

**ଗଇ**, ବି. (ଦେଶଜ) ପେଚ ବା ଗୁପ୍ତଦୋଷ । ଯଥା—

ଶୁଣିଣ ମନେ ମନେ ହସିଲେ ଜଗନାଥା,
ବୋଇଲେ ଗଇ ତାର ଅଛଇ ଶୁଣ ଯାହା ।
ନୃ. ପୁ. ସ. ତ.

କର୍ଣ୍ଣମଳ । ଯଥା—ସେ କାନରୁ ଗଇ କାଢ଼େ ନାହିଁ ।

**ଗଇଣ୍ଠା**, ବି. (ଦେଶଜ) ଗୁଡ଼ଚାଉଳଚୂନାରେ କୃତ ପିଷ୍ଟା ପିଠାବିଶେଷ ।

**ଗଇଣ୍ଠାଳ, ଗଇଁଠାଳ,** ବି. ( ଗ୍ରନ୍ଥିଳ ଶବ୍ଦଜ ) ବିବାହ ସମୟରେ ବରକନ୍ୟାଙ୍କ ଲୁଗାରେ ଯେଉଁ ଗଣ୍ଠି ପକାଯାଏ । ଯଥା—

ସାତ ବନ୍ଦନଯାଏ ସେହୁ ଗଇଣ୍ଠାଳ ପାଡ଼ି,
ଭୁଞ୍ଜନ୍ତି ପତି ପତ୍ନୀ ଏକ ଆସନେ ମାଡ଼ି । ନୃ.ପୁ.ଭୂ.ତ.

**ଗଇନ୍ତି**, ବି. (ଦେଶଜ) ମାଟି ଖୋଳିବା ଲୌହ ଯନ୍ତ୍ରବିଶେଷ ।

**ଗଇଶ, ଗଇଁଶ, ଗସ୍ୱଶ,** ବି. (ଗୋଶୀର୍ଷ ଶବ୍ଦଜ) ପୁଷ୍ପଜାତୀୟ ଗୁଳ୍ମବିଶେଷ । ଯଥା—

ଅରଖ ଦୁଦୁରା ଗସ୍ୱଶ, ଗନ୍ଧ ଚନ୍ଦନ ଚମ୍ପା ପୁଷ୍ପ । ମା.ମା.

**ଗଉଛୁଣି**, ବି. (ଦେଶଜ) ଛନ୍ଦିକରି ପିନ୍ଧିବା ।

ଛନ୍ଦିକରି ପିନ୍ଧିବା ବସ୍ତ୍ରବିଶେଷ । ଯଥା—

ଡମ୍ବରୁ ଅଣ୍ଟାକୁ ହବ୍ୟ ହେମ ଓଢ଼ଣୀ,
ଶ୍ରୀଅଙ୍ଗେ ଚନ୍ଦନ ଘଷି ନେତ ଗଉଛୁଣି । ନା.ର.ଗୀ.

**ଗଉଁଚିବା, ଗଉଞ୍ଚିବା, ଗଇଁଚୁବା, ଗଇଞ୍ଚୁବା,** କ୍ରି. ( ଦେଶଜ ) ଦେହରେ ଲୁଗା ଗୁଡ଼ାଇ ବାନ୍ଧିବା ।

**ଗଉଡ଼, ଗୌଡ଼,** ବି. (ଗୋପାଳ ଶବ୍ଦଜ) ଶୂଦ୍ରଜାତି-ବିଶେଷ, ଉତ୍ତମ ଶୂଦ୍ରଜାତି ଗୋରୁ; ଜଗୁଆଳ । ଯଥା—

ଡେଜଣ ବେଗେ ପହୁଡ଼,
ଗୋଧନ ଘେନ ଗଉଡ଼ । କ. ବ.

**ଗଉଡ଼ଖଡ଼ିକା**, ବି. (ଦେଶଜ) ଗଙ୍ଗଶିମୁଳି ଫୁଲ ଓ ତାହାର ଗଛ ।

**ଗଉଡ଼ୁଣୀ, ଗୌଡ଼ୁଣୀ,** ବି. ସ୍ତ୍ରୀ. (ଦେଶଜ) ଗଉଡ଼ ସ୍ତ୍ରୀ, ଗୋପାଳୁଣୀ ।

**ଗଉଣି, ଗଉଣୀ, ଗୌଣି,** ବି. ସ୍ତ୍ରୀ. (ଗୋଣିଶବ୍ଦଜ) ଧାନ୍ୟାଦି ମାପିବା ନିମନ୍ତେ ପରିମାଣ ପାତ୍ରବିଶେଷ ।

**ଗଉରୀ, ଗଉରୀ,** ବି. ସ୍ତ୍ରୀ. (ଗୌରୀଶବ୍ଦର ଅପଭ୍ରଂଶ) ପାର୍ବତୀ । ଯଥା—

କାଶୀ ନଗରରେ ସେ ରଜାର ଅଟେ ବାସ,
ସେ ବନେ ହର ଗଉରୀ ଥିଲେ ଦଶ ମାସ । ସା.ଭ୍ର.ସ.

**ଗଗଛ**, ବି. ( ଗୋବତ୍ସଶବ୍ଦଜ ? ) ଗାଈ ପ୍ରଭୃତିର ଗର୍ଭସ୍ରାବ ।

ଗଗଛୁବା, କ୍ରି. ( ଗୋବସ୍ତ୍ର ଶବ୍ଦଜ ପର ? ) ଗାଈ ପ୍ରଭୃତିର ଗର୍ଭସ୍ରାବ ହେବା ।

ଗଗନ, ବି. (ଗମ୍ = ବ୍ୟାପିବା-ଅନ-ବିଶ୍ୱକୁ ଯେ ବ୍ୟାପେ) ଆକାଶ । (ନଭୋଽନ୍ତରିକ୍ଷଂ ଗଗନଂ---ଅମର ।)

ଗଙ୍ଗା, ବି. ସ୍ତ୍ରୀ. (ଗାଂ = ପୃଥିବୀକୁ-ଗମ୍ = ଗମନ କରିବା-ଅ, ମ ଲୋପ, ସ୍ତ୍ରୀ-ଆ) ସ୍ୱନାମ-ପ୍ରସିଦ୍ଧ ନଦୀ, ଭାଗୀରଥୀ; ଗଙ୍ଗାଦେବୀ; ଦୁର୍ଗାଦେବୀ ।

ଗଙ୍ଗାକୂଳିଆ, ବିଂ. (ଗଙ୍ଗାକୂଳ-ଇଆ-ତଦ୍ଭବ ଶବ୍ଦ) ଗଙ୍ଗାକୂଳରେ ଜାତ; ଗଙ୍ଗାକୂଳ ସମ୍ବନ୍ଧୀୟ । (ଗଙ୍ଗାକୂଳୀୟ ଶବ୍ଦଜ) ଗଙ୍ଗା-ବଂଶୀୟ । ବି. କାଗଜିବିଶେଷ ।

ଗଙ୍ଗାଜଳିଆ, ବିଂ. (ଦେଶଜରୂପେ ବ୍ୟବହୃତ) ମିଥ୍ୟାସାକ୍ଷ୍ୟଦାୟୀ ।

ଗଙ୍ଗାଜଳୀ, ଗଙ୍ଗାଜଳ, } ବି. (ଦେଶଜରୂପେ ବ୍ୟବହୃତ) ଗଙ୍ଗାଜଳ ସ୍ପର୍ଶପୂର୍ବକ ଶପଥ; ଏକଜାତି ବ୍ରାହ୍ମଣ । ବିଂ. ଗଙ୍ଗାଜଳବିଶିଷ୍ଟ ।

ଗଙ୍ଗାତରିଆ, ବି. (ଦେଶଜରୂପେ ବ୍ୟବହୃତ) ଏକପ୍ରକାର ବାଇଗଣ ଫଳ ।

ଗଙ୍ଗାଧର, ବି. ( ଗଙ୍ଗା-ଧୃ = ଧରିବା-ଅ ) ମହାଦେବ; ସମୁଦ୍ର ।

ଗଙ୍ଗାବଂଶ, ଗଙ୍ଗବଂଶ, } ବି.(ଗଙ୍ଗା-ବଂଶ = ଜାତି) ଓଡ଼ିଶାର ପ୍ରାଚୀନ ରାଜବଂଶ; ଓଡ଼ିଶା ପାରଳାଖେମଣ୍ଡି ପ୍ରଭୃତିର ରାଜବଂଶପ୍ରଣାଳୀ ।

ଗଙ୍ଗାଶିମୁଳି, ଗଙ୍ଗଶିମୁଳି, ଗଙ୍ଗଶିଉଳି, } ବି. ସ୍ତ୍ରୀ. ( ଗଙ୍ଗା-ଶେଫାଳୀ-ଶବ୍ଦଜ ) ଶେଫାଳିକା ପୁଷ୍ପ ଓ ବୃକ୍ଷ । ଯଥା—

ତପନ କିରଣ ଲଗିଲେ ଯେସନ
ହୋଇଯାଏ ଗଙ୍ଗଶିଉଳି । ମୃ. ମ.

ଗାଙ୍ଗୁଳାଈ, ଗଙ୍ଗୁଳାଈ, } ବି. ସ୍ତ୍ରୀ. ( ଦେଶଜ ) ଦେବୀ-ବିଶେଷ । ( କଣ୍ଠାଖାଇ ଶବ୍ଦ ଦେଖ । )

ଗଛ, ବି. (ଗଚ୍ଛଶବ୍ଦର ଅପଭ୍ରଂଶ) ବୃକ୍ଷ ।

ଗଚ୍ଛ, ବି. (ଦେଶଜ) ଭୁଲ୍ କରିବା ।

ଗଚ୍ଛୁଗାଚ୍ଛୁବା, କ୍ରି. (ଦେଶଜ) ଜାଗ୍ରତ କରିବା ।

ଗଚ୍ଛୁବା, କ୍ରି. ( ଦେଶଜ ) ଲକ୍ଷ୍ୟ ଦେବା କିମ୍ବା ଭୁଲ୍ କରିବା । ଯଥା—

ଗଚ୍ଛୁବାକୁ ନାହିଁ ବର ଶୋଭାମୂର୍ତ୍ତି । ବି. ଚ. ମ.

ପ୍ରାପ୍ତ ହେବା । ଯଥା—

ସ୍ୱାମୀଙ୍କୁ ମାଇଲେ ଧର୍ମ ନ ଗଛେ ମୋତେ କେବେ ।
ନୃ. ପୁ. ଷ. ଚ.

ଭୁଲ୍ ହେବା । ଯଥା—

ଯେବେ ଏପରି ଆଚରଣ କରୁଅଛ,
ଲୋଭପଣେ ତୁମ୍ଭେ ତୁମ୍ଭଙ୍କୁ ହିଁ ଗଛ । କୃ. ଭା. ଆ. ପ.

ଗଚ୍ଛୁହେବା, କ୍ରି. ( ଦେଶଜ ) ସମାନ ହେବା । ଯଥା—

ଅନେକପ୍ରକାରରେ ଗୁରୁ ସଂସାରରେ ଅଛୁ,
ମୂଳ ଗୁରୁ ସଙ୍ଗତେ ଯେ କେହି ନୋହେ ଗଚ୍ଛୁ ।
ନା. ର. ଗୀ.

ଗଚ୍ଛ, ବି. (ଗମ୍ = ଗମନ କରିବା-ଅ, ଗମ୍ = ଗଚ୍ଛ) ବୃକ୍ଷ, ଗଛ ।

ଗଚ୍ଛିତ, ବିଂ. ( ଦେଶଜ ) ନିକ୍ଷିପ୍ତ, ନ୍ୟସ୍ତ, ରଖାଯିବା ।

ଗଜ, ବି. ( ଗଜ୍ = ଶବ୍ଦ କରିବା-ଅ ) ହସ୍ତୀ; ବାନରବିଶେଷ । (ଦେଶଜରୂପେ ବ୍ୟବହୃତ ହେଲେ ) ପରିମାଣବିଶେଷ, ଦୁଇହସ୍ତ ପରିମାଣ । ଯଥା—

ନିଜକୁ ନିଜର ବଡ଼ମାନ ଗଜେ,
ମାପି ବଡ଼ ତୁମ୍ଭେ ହେଉଛ ସହଜେ । ଦ. ବା.

ନଳୀରେ ବାରୁଦ ପକାଇ ଯେଉଁ କାଠିରେ ଯାକନ୍ତି । ଯଥା—

ଗଜଉଦ୍ଧାର ଗଜକାଠି,
ନଳୀରେ ଧରିଥାଅ ଯୋଖି । ଦା. ର.

ଗଜଗଜ, ବିଂ ( ଦେଶଜ ) ତରଳ ପଦାର୍ଥର ଏକପ୍ରକାର ପତନ ଶବ୍ଦ ।

ଗଜତା, ବି. ( ଗଜ-ତା---ସମୂହାର୍ଥେ ) ହସ୍ତି-ସମୂହ ।

ଖଜବତା, ବି. ( ଦେଶଜ ) ମାଟିଆମାନଙ୍କର ଅସ୍ତ୍ରବିଶେଷ; ପରିମାଣଦଣ୍ଡବିଶେଷ ।

ଗଜରା, ବି. ( ଦେଶଜ ) ସଦ୍ୟଦୁଗ୍ଧ; ଭୂଷଣ-ବିଶେଷ ।

ଗଜଲ, ବି. ( ଯାବନକ ) ନାୟକ ନାୟିକା ଏବଂ ବିରହାଦିବର୍ଣ୍ଣିତ ପାରସ୍ୟ ଭାଷାର ସଙ୍ଗୀତବିଶେଷ ।

ଗଜସାହ୍ୱୟ, ବି. (ଗଜ-ସମ୍-ଆହ୍ୱୟ = ନାମ) ହସ୍ତିନା, ଦିଲ୍ଲୀ । (ନ ଯଯୁର୍ଗଜସାହ୍ୱୟାତ୍ ।)

ଗଜା, ବି.(ଦେଶଜ) ମିଷ୍ଟାନ୍ନବିଶେଷ । ଯଥା—

ନାଡ଼ୀ ଯେ ସରପୁଲି ଗଜା,
ଅମାଲୁ ଆଦି ଦ୍ରବ୍ୟ ଖଜା । ଦା. ର.

ଅଙ୍କୁର । ଯଥା—ଧାନ ଗଜା ହେଲି; କୋମଳ ଓ ନୂତନ ଶାଖା । ବିଂ. ତରୁଣ ବା ନୂତନ । ଯେପରି—ଗଜା ବୟସ, ଗଜା ଟୋକା ।

ଗଜାନନ, ଗଜବଦନ, ଗଜାସ୍ୟ, } ବି. ( ଗଜ-ଆନନ, ବଦନ, ଆସ୍ୟ ) ଗଣେଶ ।

ଗଜାବଉଦ, ବି. ( ଦେଶଜ ) ମେଘାଙ୍କୁର ଅର୍ଥାତ୍ ବର୍ଷାରମ୍ଭସୂଚକ ଦିଗ୍‌ବଳୟଭେଦୀ ବୃକ୍ଷାକାର ନୀଳ ମେଘ । ଯଥା—

ଗଜା ବଉଦର ଭ୍ରମ ଚଢ଼େ ଉପୁଜାଇ,
କାହିଁ ଅବା ଶିଶୁ ଶୈଳ ଆବରେ ଉଡ଼ାଲେ । ମ. ଯା.

ଗଜାମରୁଡ଼, ବି. (ଦେଶଜ) ଧାନ ଗଜାବେଳେ ଖରାହେତୁ ଶୁଷ୍କ ହୋଇଗଲେ ତାହାକୁ ଗଜାମରୁଡ଼ କହନ୍ତି ।

ଗଜାରି, ବି. (ଗଜ-ଅରି = ଶତ୍ରୁ) ସିଂହ; ବୃକ୍ଷବିଶେଷ; ଗଜାସୁରନାଶକ ଶିବ ।

ଗଜି, ବି. (ଦେଶଜ) କେଶକୀଟବିଶେଷ ।

ଗଜୁରିବା, କ୍ରି. (ଦେଶଜ) ଅଙ୍କୁରିତ ହେବା ।

ଗଞ୍ଜ, ବି. (ଗନ୍ଜ୍ = ଶବ୍ଦ କରିବା-ଅ) ଅବଜ୍ଞା, ଗଞ୍ଜଣା, ଅବମାନନା;ଗୋଗୃହ;ରତ୍ନାଗାର; ଭଣ୍ଡାର ଗୃହ; ଧନାଗାର; ଧାନ୍ୟ ତଣ୍ଡୁଳାଦିର ବିକ୍ରୟ ସ୍ଥାନ, ହଟ୍ଟ, ହାଟ; ରତ୍ନାଦିର ଖଣି । (ସ୍ତ୍ରୀ-ଆ-ଗଞ୍ଜା) ମଦିରାଗୃହ । (ଗଞ୍ଜା ତୁ ମଦିରାଗୃହଂ—ଅମର ।) ମଦ୍ୟପାନ; ପାମର ଗୃହ; ଖଣି ।

ଗଞ୍ଜଡ଼, ଗଞ୍ଜେଡ଼, } ବି. ( ଦେଶଜ ) ଗଞ୍ଜାଖୋର; ନିର୍ବୋଧ ।

ଗଞ୍ଜଣା, ବି. ( ଗଞ୍ଜନ ଶବ୍ଦଜ ) ତିରସ୍କାର, ଭର୍ତ୍ସନା; ବାକ୍ୟଯନ୍ତ୍ରଣା ।

ଗଞ୍ଜନ, ବି. (ଗନ୍ଜ୍—ଶବ୍ଦ କରିବା-ଅନ)ତିରସ୍କରଣ । ବିଂ. ତିରସ୍କାରକ; ତୁଚ୍ଛକାରକ । ଯଥା—କାଳୟବିଷଧରଗଞ୍ଜନ । (ଯୁଷ୍ମକ୍ଟେ ଖଞ୍ଜନଗଞ୍ଜନାକ୍ଷି ।)

ଗଞ୍ଜନା, ବି. ସ୍ତ୍ରୀ. (ଗଞ୍ଜନ-ଆ) ଯାତନା,ଦୁଃଖ; ଲାଞ୍ଛନା; ଗ୍ଲାନିସୂଚକ ବାକ୍ୟ; ଭର୍ତ୍ସନା, ତିରସ୍କାର ।

ଗଞ୍ଜପା, ବି. (ଦେଶଜ) ଏକପ୍ରକାର ଖେଳ ।

ଗଞ୍ଜା, ବି. (ଦେଶଜ) ଅଣ୍ଡିରା କୁକୁଡ଼ା । (ଗଞ୍ଜିକା ଶବ୍ଦଜ) ଗଞ୍ଜେଇ ।

ଗଞ୍ଜାଇ, ଗଞ୍ଜା, ଗଞ୍ଜେଇ, } ବି. (ଗଞ୍ଜିକା ଶବ୍ଦଜ) ସ୍ୱନାମପ୍ରସିଦ୍ଧ ମାଦକଦ୍ରବ୍ୟବିଶେଷ । ଯଥା—

ପହିଲୁ ଗଞ୍ଜାଇ ଗରବ ଗଞ୍ଜାଇ ସମ୍ଭବାଏ ପରମାଦ,
ପଞ୍ଚ ଶବଦଶିକରନକରନ୍ତୁ ବଲେ ତାହା ଆହାଲାଦ । ର. ଚ.

ଗଞ୍ଜାଖୋର, ବିଂ. ( ଦେଶଜ ) ଯେ ସମଧିକ ଗଞ୍ଜାଇ ଖାଏ, ଗଞ୍ଜାସେବୀ ।

ଗଞ୍ଜାଗୋଲା, ବିଂ ( ଦେଶଜ ) ଯେଉଁଠାରେ ଗଞ୍ଜାଇ ରକ୍ଷିତ ହୁଏ ।

ଗଞ୍ଜିକା, ବି. ସ୍ତ୍ରୀ. (ଗଞ୍ଜା = ଗଞ୍ଜିକା, ଅଥବା ଗଞ୍ଜଇକ-ଆ) ମଦିରା ଗୃହ; ଗଞ୍ଜାଇ ।

ଗଞ୍ଜିବା, କ୍ରି. (ଗଞ୍ଜନ ଶବ୍ଦଜ) ଭର୍ତ୍ସନା କରିବା, ଅପମାନିତ କରିବା; ଦମନ କରିବା । ଯଥା—

ଭ୍ରୂଲତା, ଗଞ୍ଜିଲଣି କାମଶରଙ୍କ । ଗୀତ.

ଗଞ୍ଜିହେବା, କ୍ରି. ( ଗଞ୍ଜନ ଶବ୍ଦଜ ) ଆପେ କାର୍ଯ୍ୟରେ ଅସ୍ତବ୍ୟସ୍ତ ହେବା; ଆପଣାକୁ ଆପେ ଅପମାନିତ ମନେ କରିବା । ଯଥା—

ତୁମ୍ଭଙ୍କୁ କମ୍ପା ସେବା କଲି,
ତୁଚ୍ଛାକୁ ଗଞ୍ଜି ହୋଇ ମଲି । ମା. ମା.

ଗଠନ, ବି. ( ଗଠ୍ = ନିର୍ମାଣ କରିବା-ଅନ ) ନିର୍ମାଣ; ରଚନା, ଗଢ଼ା ।

ଗଡ଼, ବି. (ଗଡ୍ = କ୍ଷରିତ ହେବା-ଅ) ବାଧା, ଅଟକ; ପରଦା; ପରିଖା; ମତ୍ସ୍ୟବିଶେଷ, ଗଡ଼ିଶା ମାଛ; ଦୁର୍ଗ । ଯଥା—

ଆଶା ଗୁଡ଼ ରୁନ୍ଧ କର ଗଡ଼ଦ୍ୱାର । ନ. କେ.

ଦେଶବିଶେଷ; ସାମାନ୍ୟ ରାଜ୍ୟ । ଯଥା—

ଉଲ୍ଲାସେ ଗଡ଼ଜନ୍ତ ଗଡ଼ବାସୀ ଜନେ । ନ. କେ.

(ଦେଶଜ) ଖଣ୍ଡ । ଯଥା -

ମୋ ରଥର କୁଆଳ ହେଲା ଦୁଇ ଗଡ଼,
କାଣ୍ଡଘାତେ କ୍ଷୁଭିଲା ମୋ ରଥ ମଡ଼ମଡ଼ । କୃ.ଭ.ଉ.ପ.

ବୃକ୍ଷର ଗଣ୍ଡି ।

ଗଡ଼କ, ବି. (ଗଡ଼-କ-ସ୍ୱାର୍ଥେ) ଶେଉଳ ମାଛର ପିଲା; ଗଡ଼ିଶା ମାଛ । (ଗଡ଼କଃ ଶକୁଲାର୍ଭକଃ —ଅମର ।)

ଗଡ଼ଗଡ଼ ହେବା, କ୍ରି. (ଦେଶଜ) ଏଣେତେଣେ ଗଡ଼ିବା ।

ଗଡ଼ଗଡ଼ା, ଗଡ଼ଗଡ଼ିଆ, } ବିଂ. (ଦେଶଜ) ରଙ୍କ ।

ଗଡ଼ଗଡ଼େଇବା, ଗଡ଼ଗଡ଼ାଇବା, } କ୍ରି. (ଦେଶଜ) ସମଧିକତଃ ଗଡ଼ିବା; ଶୋଇବା । ଯଥା—

ବୁଢ଼ୀ ସେତେକ ଗେବଦେଲା,
ଯାଇ ମଝି ଅଗଣାରେ ଗଡ଼ଗଡ଼େଇଲା । ଭ.ସା.୮.୯.

ଗଡ଼ଧାଲି, କ୍ରି. ବିଂ. (ଦେଶଜ) (ଏହି ପଦଟି ସର୍ବଦା ଏପରି ଅସମାପିକା କ୍ରିୟାର ତୁଲ୍ୟ-ରୂପରେ କେବଳ ପ୍ରୟୋଗ କରାଯାଏ ।) ଦଣ୍ଡବତ୍ ପଡ଼ି ପ୍ରଣାମ କରିବା । ଯଥା—

ଏମନ୍ତେ ଗଡ଼ଧାଲି ଶୋଇ,
କହଇ କୃଷ୍ଣ ମୁଖ ଚାହିଁ । ଭା. ଦ. ସ୍କ.

ଦଣ୍ଡବତ୍ ନିପତିତ ହେବା । ଯଥା—

ଶରବୃଷ୍ଟି କଲା ନରଘାତ ପ୍ରାପ୍ତେ କର,
ଶରଘାତେ ସଇନ ପଡ଼ିଲେ ଗଡ଼ଧାଲି । ସା.ଭା.ସ.

ଗଡ଼ଜାତ, ବିଂ. (ଦେଶଜ) ବନ୍ୟ; ଜଙ୍ଗଲିଜାତ । ବି. ଜଙ୍ଗଲ ।

ଗଡ଼ନାୟକ, ବି. (ଦେଶଜରୂପେ ବ୍ୟବହୃତ) ରାଜସେବକବିଶେଷ; ଉପାଧିବିଶେଷ ।

ଗଡ଼ନ୍ତ, ଗଡ଼ନ୍ତିଆ, } ବିଂ.(ଦେଶଜ) ନିମନନମ୍ନ (ସ୍ଥାନ) । ବି. ନିମନନମ୍ନ ସ୍ଥାନ ।

ଗଡ଼ପଡ଼, ଗଡ଼ପଡ଼ି, } ବି. (ଦେଶଜ) ଶୋଇବା; ଗଡ଼ିବା । ଯଥା—

ଭୂମିରେ ଗଡ଼ପଡ଼ ଭଡ଼ାଭଡ଼ି ହୋଇଲେ,
ଲେଉଟି ମାଣ୍ଡବସି ହୃଦକୁ ତାଡ଼ି ଦେଲେ । ନୃ.ପୁ.ଚ.ତ.

ଗଡ଼ପାକ, ବି. (ଦେଶଜ—ଏହିଟି ପ୍ରାଚୀନ ଶବ୍ଦ, ଏହାର ଠିକ୍ ଅର୍ଥ ଧୃତ ହୋଇ ପାରି ନାହିଁ) ନ୍ୟାୟାନୁମୋଦିତ ବ୍ୟବହାର । ଯଥା—

ଥିଲା ନ ଥିଲାର ସାନ ବଡ଼ ପରିଯନ୍ତେ,
ଗଡ଼ପାକ ଭିଆଣ ଆମ୍ଭର ଏହିମତେ । ନା.ର.ଗୀ.

ଗଡ଼ବଡ଼, ଗଡ଼ବଡ଼ି, } ବି.(ଯାବନିକ)ଗୋଳମାଳ; ଓଲ୍-ଉଠା ପ୍ରଭୃତି ଉପଦ୍ରବ ।

ଗଡ଼ମାଳ, ବି. (ଦେଶଜ) ଗଡ଼ଜାତ ପ୍ରାପ୍ତ ।

ଗଡ଼ମାଳି, ଗଡ଼ମାଳିଆ, } ବି. (ଦେଶଜ) ଭଣ୍ଡାରି ଜାତିର ଶାଖାଭେଦ ।

ଗଡ଼ା, ବି. (ଦେଶଜ) ମୋଟ ଲୁଗାର ଥାନ; ସଡ଼କ ଓ ବନ୍ଧ ଇତ୍ୟାଦିରୁ ଗାଡ଼ି ଓହ୍ଲା-ଇବା ନିମନ୍ତେ ପ୍ରସ୍ତୁତ ହୋଇଥିବା ଗଡ଼ାଣିଆ ପଥ; ଗଡ଼ିବା ।

ଗଡ଼ାଇବା, ଗଡ଼େଇବା, } କ୍ରି. (ଦେଶଜ) "ଲୁହ" ବୁହାଇବା । ଯଥା—

ବୃଥାରେ ଲୁହ ଗଡାଉଛୁ, କିପାଇଁ ଦୁଃଖ ପାଉଅଛୁ ।

ଗୋଟାଏ ବର୍ତ୍ତୁଳାକାର ପଦାର୍ଥକୁ ଭୂମିରେ ଗତି କରାଇବା ।

ଗଡ଼ାଗଡ଼ି, ଗଡ଼ାଗଡ଼ିହେବା, } କ୍ରି.ବିଂ.(ଦେଶଜ) ଭୂମିରେ ଓଲଟପାଲଟ ହେବା । ଯଥା—

କେତେ ରମ୍ଭାଉରୁ ବସି ଅଛନ୍ତି,
ଅଇରାବତ ଗଡାଗଡ଼ି ହୁଅନ୍ତି । କୋ. ବ୍ର. ସୁ.

ଗଡ଼ାଣିଆ, ବିଂ. (ଦେଶଜ) ନୀଚୋଚ୍ଚ; ନିମ୍ନଗ ।

ଗଡ଼, ବି. (ଗଡ୍ = କ୍ଷରିତ ହେବା-ଇ) ବାଚ୍ଛୁରୀ; ଅଳସ ପଶୁ । (ଅସଂଜାତକଣସ୍କନ୍ଧଃ ସୁଖଂ ସ୍ୱପିତି ଗୌର୍ଗଡ଼ିଃ) (ଦେଶଜ) ଶଗଡ଼; କଡ଼-କାଠ; ଗୃହର ଛପରବନ୍ଦର ନିମ୍ନୋନ୍ନତ ଭାଗ । ଯଥା—

ଛନ ଗଡ଼ିଠାରୁ ଓଳର ଛଣ,
ରନ୍ଧାରନ୍ଧ କଲି ଭାତ ଛଅଣ । ହା. ଭ.

ଗଡ଼ିଆ, ବି. (ଦେଶଜ) କ୍ଷୁଦ୍ର ପୁଷ୍କରିଣୀ; ଗଡ଼-ଜାତୀୟ ଲୋକ । ବିଂ. ଗଡ଼ସମ୍ବନ୍ଧୀୟ, ଗଡ଼ଜାତସମ୍ବନ୍ଧୀୟ ।

ଗଡ଼ିବା, କ୍ରି. (ଦେଶଜ) ଲୋଟିବା । ଯଥା—

ପଲ୍ଲବେ ଗଡ଼ଇ ଭୂମିକୁ ଲୋଡ଼ଇ । ର. ପ.

ଅତିବାହିତ ହେବା । ଯଥା—ବେଳ ଗଡ଼ିଗଲା; ଖସିବା କିମ୍ବା ଖସିପଡ଼ିବା; ବହିବା । ଯଥା—ଏହି ଜଳଧାରା ଉପରୁ ଗଡ଼ି ଆସୁଅଛି । ଭୂମିରେ ଗଡ଼ି ଗଡ଼ି ହେବା; ରଙ୍କ ପରି ହେବା । ଯଥା—

ତୁମ୍ଭେ ପୋଷି ନ ହେବାକୁ ଆସ ମୋତେ ଲୋଡ଼ି,
ପୁଣି ନ ପୋଷି କାହାର ବାପ ଗଲା ଗଡ଼ି ।
ନୃ. ପୁ. ପ୍ର. ଭ.

ଗଡ଼ିଯିବା, କ୍ରି. (ଦେଶଜ) ରଙ୍କ ପରି ହେବା । ଯଥା—

ଗଡ଼ିଗଲା ଲୋକର ପ୍ରାୟ ଦିଶଇ ଉଦର,
ଦୁଇ ଗୋଡ଼ ମୋଟ ତାର ଅଟଇ ଗୋଦର । ମ. ସଂ.

ଗଡ଼ଶି, ଗଡ଼ସ, ଗଡ଼ଶା, ଗଡ଼ସା, ଗଡ଼େଇ, } ବି. (ଗଡ଼ିକ ଶବ୍ଦଜ) ମତ୍ସ୍ୟ-ବିଶେଷ ଅର୍ଥାତ୍ ଶେଉଳ-ମାଛର ପିଲା ।

ଗଡ଼ଶା, ଗଡ଼ସା, } ବି. (ଦେଶଜ) ତିରିଶ ପୌଟିର ପରିମାଣ, ସାଢ଼େ ସାତ ଭରଣର ପରିମାଣ ।

ଗଡ଼ୁ, ବି. (ଗଡ୍ = କ୍ଷରିତ ହେବା-ଉ) କୁଜ, ପୃଷ୍ଠର ଯେ ଅଂଶ ସ୍ଫୀତ ହୋଇ ଉଠେ; ଆବୁ, ଗଳଗଣ୍ଡ ପ୍ରଭୃତି; ଗ୍ରନ୍ଥି; କେଞ୍ଚୁଆ; ଶଲ୍ୟାସ୍ତ୍ର । ବିଂ. କୁବ୍ଜ । (ଗଡୁଃ ପୃଷ୍ଠଗୁଡ଼େ କୁବ୍ଜେ—ବିଶ୍ୱ ।) (ଗଡ଼୍ଡୁକ ଶବ୍ଦର ଅପଭ୍ରଂଶ) ଜଳପାତ୍ରବିଶେଷ । ଯଥା—

କନ୍ଧରେ ଶୋଭଇ ପଇତା,
ଧରିଣ ପାଣୀ ଗଡ଼ୁ ଛତା । ଦା. ର.

କ୍ରି. ଲୋଟି ।

ଗଡ଼ୁଆ, ବି. (ଗଡ଼୍ଡୁକ ଶବ୍ଦଜ) ଜଳପାତ୍ର-ବିଶେଷ । ଯଥା—

ବେନି ଚରଣ ତଳେ ଗଡ଼ୁଆଗୋଟି ଥୋଇ,
ଧୋଇବ ଗୁରୁ ପାଦ ସାନନ୍ଦମନ ହୋଇ ।
ନୃ. ପୁ. ଭୃ. ଭ.

ଗଡୁର, ଗଡ଼ୁଳ, ବିଂ. (ଗଡୁ = କୁଜ-ର, ଳ, ଅସ୍ତ୍ୟର୍ଥେ) କୁବ୍ଜ । (କୁବ୍ଜେ ଗଡ଼ୁଳଃ—ଅମର ।)

ଗଡ଼ୋଳ, ବି. (ଗଡ୍ = କ୍ଷରିତ ହେବା-ଓଳ) ଗ୍ରାସ; ଗୁଡ଼ ।

ଗଡ଼୍ଡର, ଗଡ଼୍ଡଳ, } ବି. (ଗଡ୍ = କ୍ଷରିତ ହେବା-ଡ଼ର, ଡ଼ଳ) ମେଷ, ଗାରଡ଼ ।

ଗଡ଼୍ଡରିକା, ଗଡ଼୍ଡଳିକା, } ବି. ସ୍ତ୍ରୀ. (ଗଡ଼୍ଡର, ଗଡ଼୍ଡଳ-କ ସ୍ୱାର୍ଥେ, ସ୍ତ୍ରୀ-ଆ, ଅକ = ଇକ) ମେଷପଲର ଅଗ୍ରଗାମିନୀ ମେଷୀ; ଅବିଚ୍ଛିନ୍ନଗତି ଅଜ୍ଞାତପ୍ରବାହ ମୂଳଧାରାବାହୀ ନଦୀବିଶେଷ; ପ୍ରସ୍ରବଣ ।

ଗଡ଼୍ଡରିକାପ୍ରବାହ, ଗଡ଼୍ଡଳିକାପ୍ରବାହ, } ବି. ସଂ. ଗଡ଼୍ଡଳିକା ଯେଉଁ ଦିଗକୁ ଯାଏ ସେହିଦିଗକୁ ଯିବା ଅର୍ଥାତ୍ କୌଣସି ବିଚାର ନ କରି ସମସ୍ତଙ୍କର ଦେଖାଦେଖି ପ୍ରଚଳିତ ମତର ଅନୁବର୍ତ୍ତୀ ହୋଇ ଚଳିବା ।

ଗଡ଼୍ଡଳିକାପ୍ରବାହନ୍ୟାୟ, ବି. ସଂ. ପଲ ମଧ୍ୟରୁ ଯଦି ଗୋଟିଏ ଗଡ଼୍ଡଳିକା ଜଳରେ ପଡ଼େ ତେବେ ସବୁଗୁଡ଼ାକ ଜଳରେ ପଡ଼ନ୍ତି, ଏହିରୂପେ କୌଣସି ପ୍ରଧାନ ଲୋକ ଯାହା କରେ ଅନ୍ୟମାନେ ତାହା ଦେଖି କରିଯାନ୍ତି, ଯଥାର୍ଥତା କେହି ବିଚାର କରନ୍ତି ନାହିଁ ।

ଗଡ଼୍ଡୁକ, ଗଡ଼୍ଡୂକ, } ବି. (ଗଡ୍ = କ୍ଷରିତ ହେବା-ଡ଼ୁକ, ଡ଼ୂକ-ସଂଜ୍ଞାର୍ଥେ) ଜଳପାତ୍ର-ବିଶେଷ, ଗଡ଼ୁ ।

ଗଡ଼ଣ, } ବି. (ଗଠନ ଶବ୍ଦଜ) ନିର୍ମାଣ ।
ଗଡ଼ନ, }

ଗଢ଼ା, ବି. (ଗଠନ ଶବ୍ଦଜ) ଗଠନ । ବିଂ. ନିର୍ମିତ, ଗଠିତ । ଯଥା—

**ବୀର ରକ୍ତ ପିଣ୍ଡେ ଗଢ଼ା ଯାର ମାଟି । ଘ. ବା.**

ଗଢ଼ିବା, କ୍ରି. (ଗଠ୍ ଧାତୁଜ) ଗଠନ କରିବା, ନିର୍ମାଣ କରିବା । ଯଥା—

**କେମନ୍ତେ ଗଢ଼ିଲୁ ବନ୍ଧୁ ଆୟୁଷ୍ୟ କେତେ । ଲ. ବ.**

ଗଣ, ବି. (ଗଣ୍ = ସଂଖ୍ୟା କରିବା-ଅ) ସମୂହ । ଯେପରି—ଦୈତ୍ୟଗଣ; ଦଳ । ଯେପରି—ମନୁଷ୍ୟଗଣ । ଚତୁରଙ୍ଗ ସେନାବିଶେଷ; ସ୍ୱଜାତୀୟ; ସ୍ୱପକ୍ଷ । ଯେପରି—ପ୍ରମଥଗଣ । ଗଣନା, ସଂଖ୍ୟା ।

ଗଣକ, ବି. (ଗଣ୍ = ସଂଖ୍ୟା କରିବା-ଅକ) ଜ୍ୟୋତିର୍ବିଦ୍, ଦୈବଜ୍ଞ । (ଦୈବଜ୍ଞ-ଗଣକାବପି—ଅମର ।) ବିଂ. ଯେ ଗଣନା କରେ ।

ଗଣଗଣ, ବି. (ଦେଶଜ) ମାଛି ଆଦିର ଶବ୍ଦ ।

ଗଣତା, ବି. (ଦେଶଜ) ପକ୍ଷପାତ ।

ଗଣତି, ଗଣତି, } ବି. ସ୍ତ୍ରୀ. (ଗଣନ ଶବ୍ଦଜ) ଗଣନା । ଯଥା—
ଗଣିତା, }

**ପ୍ରକୃତିକି ସ୍ତରେ ସ୍ତରେ ରଖିଥିଲୁ**
**ଗଣତି ଲାଗି ସଜାଡ଼ି । ଘ. କେ.**

**ଯଇନ ଗଣିତା ଯେ କରନ୍ତି ରାଜାବର୍ଗ,**
**କାହାର ଅଧେ ନାହିଁ କାହାର ଦୁଇଭାଗ । ସା. ଭ୍ର. ଆ.**

ଗଣନ, } ବି. (ଗଣ୍ = ସଂଖ୍ୟା କରିବା-ଅନ-
ଗଣନା, } ସ୍ତ୍ରୀ-ଆ) ସଂଖ୍ୟା କରିବା; ଗ୍ରାହ୍ୟ କରିବା । ଯେପରି—ମୁଁ ତାଙ୍କୁ ଗଣନା କରେ ନାହିଁ । ଅବଧାରଣ; ନକ୍ଷତ୍ରାଦିର ଶୁଭାଶୁଭ ନିରୂପଣ; ଉଲ୍ଲେଖ । (ଅପୁଂ ନକଃ ପରେଃବେତି ଗଣନା ଲଘୁଚେତସାଂ ।)

ଗଣନାଥ, } ବି. (ଗଣ-ନାଥ, ପତି, ଅଧିପ)
ଗଣପତି, } ଗଣେଶ । (ପ୍ରମଥଗଣାଧିପତି)
ଗଣାଧିପ, } ଶିବ; ବହୁଜନକର୍ତ୍ତା, ଅନେକ ଲୋକଙ୍କ ସ୍ୱାମୀ ।

ଗଣନୀୟ, } ବିଂ. (ଗଣ୍ = ସଂଖ୍ୟା କରିବା-
ଗଣେୟ, } ଅନୀୟ, ଯ, ଗଣେୟ-ନିପାତନ) ଗଣନାର ଯୋଗ୍ୟ; ଗ୍ରାହ୍ୟ; ଉଲ୍ଲେଖ-ଯୋଗ୍ୟ ।

ଗଣରାତ୍ର, ବି. ସଂ. ନିଶାସମୂହ । (ଗଣରାତ୍ରଂ ନିଶାବହ୍ୱଃ—ଅମର ।)

ଗଣଶଃ, କ୍ରି. ବିଂ. (ଗଣ-ଶସ୍ = ବୀପ୍ସାର୍ଥେ) ବହୁଶଃ, ଦଳେ ଦଳେ ।

ଗଣା, ବି. (ଗଣନ ଶବ୍ଦଜ) ଗଣନ । ଯଥା—

**ଧନଜନମତେ ଧନଦ ଊଣା,**
**ନ ଯିବାରୁ ତାଙ୍କ ପୁଷ୍ପକ ଗଣା । କୋ. ବ୍ର. ସୁ.**

ବିଂ. ଗଣିତ । ଯଥା—

**ଶ୍ରୀ ପଦସାରସରେ ଗଣା ହେବ ଦାସରେ । ବି.ଚ.ମ.**

ଗଣାପୁଚ୍ଛ, } ବି. (ଦେଶଜ) ଶୁଭଲଗ୍ନାଦି
ଗଣାପୋଚ୍ଛ, } ବୁଝିବା । ଯଥା—

**ଗଣକ ଅଣାଇ ରାଜା ଗଣାପୋଚ୍ଛ କଲେ । ବେ.ପ.**

ଗଣିଆ, ବି. (ଗଣେଶ ଶବ୍ଦଜ) ଗଣେଶ । ଯଥା—

**ଥେଇଲ ଥେଲ୍ପେଟ,ନାଚଇ ଗଣିଆ ଗୋଟ । ଗ. ସୁ.**

ଏକପ୍ରକାର ମାଛ ।

ଗଣିକା, ବି. ସ୍ତ୍ରୀ. (ଗଣ୍ = ଗଣନା କରିବା-ଅକ-ସ୍ତ୍ରୀ-ଆ, ଅକ = ଇକ, ଅଥବା ଗଣ = ସମୂହ-ଇକ-ଅସ୍ତ୍ୟର୍ଥେ, ସ୍ତ୍ରୀ-ଆ) ବେଶ୍ୟା । (ବାରସ୍ତ୍ରୀ ଗଣିକା ବେଶ୍ୟା—ଅମର ।) ହସ୍ତିନୀ; ଯୂଥିଫୁଲ । (ଗଣିକା ଯୂଥିକାମ୍ବଷ୍ଠା—ଅମର ।)

ଗଣିତ, ବିଂ. (ଗଣ୍ = ସଂଖ୍ୟା କରିବା-ତ) ଯାହାର ସଂଖ୍ୟା କରାଯାଇଅଛି । ବି. ପରିମାଣ ଓ ଅଙ୍କବିଷୟକ ଶାସ୍ତ୍ର । (ଭାବେ ତ) ଗଣନା ।

ଗଣିବା, କ୍ରି. (ଗଣ ଧାତୁଜ) ସଂଖ୍ୟା କରିବା; ତୁଳନା କରିବା; ଲକ୍ଷ୍ୟ କରିବା କିମ୍ବା ମାନିବା । ଯଥା—

**ନ ଗଣୁଛ କି ଗୋପଯୁବତୀଙ୍କି । ବି. ଚ. ମ.**

ଗଣ୍ଠରି, } ବି. ସ୍ତ୍ରୀ. (ଦେଶଜ) ବୋଝ ବା
ଗଣ୍ଠିରି, } ବଡ଼ା; ମୋଟ; ଗଣ୍ଠି ବା ବୁଜୁଳା ।

ଗଣ୍ଠା, ବି. (ଦେଶଜ) ଯୋଡ଼ା, ଗଣ୍ଠାଇବା ।

ଗଣ୍ଠାଇବା, } କ୍ରି.(ଦେଶଜ)ଯୋଡ଼ି ବାନ୍ଧିବା ।
ଗଣ୍ଠେଇବା,
ଗଣ୍ଠି ଆଇବା,

ଗଣ୍ଠି, ବି. ( ଗ୍ରନ୍ଥି ଶବ୍ଦଜ-ପ୍ରାକୃତ ) ବନ୍ଧନ ।
ଯଥା—
କଳକଣ୍ଠକଣ୍ଠୀ ପଣତରେ ଗଣ୍ଠି
କି ମମତାରେ ପାଡ଼ିଲାଣି । ବ. ଚ. ମ.
ଟଙ୍କା ସୁନା ପ୍ରଭୃତିର ବୁଜୁଳା । ଯଥା—
ମନ କୃପଣକୁ ଯେଉଁ ଚରଣତରତନ,
ଗଣ୍ଠି କରି ଥୋଇଅଛୁ କରି କି ଯତନ । କୋ.ବ୍ର.ସୁ.
ବାଉଁଶ ଆଦିର ସନ୍ଧି । ଯଥା—
ପଞ୍ଚସିକଡ ତଳେ ଗଣ୍ଠି,
ଆସ୍ତା ଏହାର ଛଡ଼ଗୋଟି । ଭ୍ର. ଦ. ସ୍ମ.
ଶରୀରର ସନ୍ଧି । ଯଥା—
ଗଣ୍ଠି ଶିର ବିବର୍ଜିତ, ତନୁରେ ମାପ ଆଯୃତ୍ତ ।
କୋ. ବ୍ର. ସୁ.
ମର୍ମ କଥା, ସାର କଥା । ଯଥା—
କହୁଥିଲେ ମଙ୍ଗରାଜେ ଜାଣିଛନ୍ତି ଗଣ୍ଠି,
ତାଙ୍କ ବଡ଼ ବାପା ଥିଲେ ବସ୍ତ୍ରସରେ ଖାଣ୍ଟି ।
ଉ. ସା. ୧୮. ୯.
ରୋଗବିଶେଷ; ବନ୍ଧତା ।

ଗଣ୍ଠିଅନା, ବି. ( ଗ୍ରନ୍ଥିପର୍ଣ୍ଣ ଶବ୍ଦଜ ) ସୁଗନ୍ଧି ଔଷଧି ଦ୍ରବ୍ୟବିଶେଷ ।

ଗଣ୍ଠିଆ, ବିଂ. (ଦେଶଜ) ଗଣ୍ଠିଯୁକ୍ତ; କୃପଣ; କୁଟିଳ । ଯଥା—ଭଙ୍ଗୀ ବିଷୟରେ କୃଷ୍ଣ ଗଣ୍ଠିଆ । ଜଟିଳ; ଚତୁର । ଯଥା—
ଶ୍ରୀହରି କହିଲେ ତୁ ଯେ ଗଣ୍ଠିଆଙ୍କ ଗୁରୁ,
କଥାର ପରମ ସନ୍ଧି ଖୋଜି ଆଣି ପାରୁ । ନା.ର.ଗୀ.
ବି. କର୍ଣ୍ଣାଳଂକାରବିଶେଷ ।

ଗଣ୍ଠିଆବାତ, } ବି. ( ଦେଶଜ ପ୍ରାୟ ) ବାତ-
ଗଣ୍ଠିବାତ, } ରୋଗବିଶେଷ ।

ଗଣ୍ଠିଆଳ, ବି. (ଗ୍ରନ୍ଥିମାଳ ଶବ୍ଦର ଅନୁକୃତ) ଗଇଁଠାଳ, ବର କନ୍ୟାଙ୍କର ଗ୍ରନ୍ଥିଯୁକ୍ତ ବୈବାହିକ ବସ୍ତ୍ର । ଯଥା—
ବାହାରିଲେ ଗଣ୍ଠିଆଳ ଅଳଂକୃତ ହୋଇ,
ବଣ୍ଟକେତୁରଣାରମ୍ଭେ କି ସେ ଶାଢ଼ୀ ପାଇ । ବୈ. ବି.

ଗଣ୍ଠିକଟା, ବି. (ଦେଶଜ) ହାଟ ଚୋରର ବା ପ୍ରଧାନ ଚୋର ।

ଗଣ୍ଠିଧନ, ବି. (ଗ୍ରନ୍ଥି ଧନ-ଏଥିରୁ ଜାତ) ବାନ୍ଧି ରଖିଥିବା ଧନ; ଅତ୍ୟନ୍ତ ଆଦରର ପାତ୍ର ।
ଯଥା—
ଗଙ୍ଗାରୁ ବିଷଦ ଗମ୍ଭୀର ତୋ ହୃଦ
ଗଣ୍ଠିଧନ ତୋର ସ୍ନେହ । କ. ଚ. ଚ.

ଗଣ୍ଠିସି, } ବି. ସ୍ତ୍ରୀ (ଦେଶଜ) ବୁଜୁଳା, ଲୁଗା
ଗଣ୍ଠିସି, } ଇତ୍ୟାଦିର ବୋଝ ବା ବୋକଚ୍ଛି ।

ଗଣ୍ଡ, ବି. (ଗଣ୍ଡ୍ = ବଦନୈକଦେଶ ହେବା-ଅ) କପୋଳ, ଗାଲ; ଗଜକୁମ୍ଭ; ହସ୍ତି-କପୋଳ; ଅଶ୍ୱଭୂଷଣ; ଗଣ୍ଡାର ନାମକ ମୃଗବିଶେଷ; ବୀର; ଚିହ୍ନ; ବୁଦ୍‌ବୁଦ; ଗ୍ରନ୍ଥି; ସପ୍ତବିଂଶତି ଯୋଗ ମଧ୍ୟରେ ଦଶମ ଯୋଗ; ଜାତିବିଶେଷ । ବିଂ. ପ୍ରଧାନ । (ଗୋଣ୍ଡ ଶବ୍ଦଜ) ବନ୍ୟ ଜାତିବିଶେଷ ।
ଯଥା—
ଚଣ୍ଡାୟୁଧ ଗଣ୍ଡଯୁଦ୍ଧେ ହୋଇ ରୁଣ୍ଡ । ନ. କେ.
(ଦେଶଜ) ଗମ୍ଭୀର ଜଳଖାତ । ଯଥା—
ସ୍ୱପ୍ନେ କରୁଅଛୁ ସପ୍ତକୋଣି ଗଣ୍ଡେ
ବନ୍ୟ ଜମ୍ବୁରସ ପାନ । ପାବନ୍ତ ।
ମୂର୍ଖ ବା ନିର୍ବୋଧ । ଯଥା—
ଗଣ୍ଡଗୋପାଳ ଲେକ ମୂର୍ଖରେ ଲେଖା ହୋଇ ।
ନୃ. ପୁ. ଭୃ. ତ.

ଗଣ୍ଡକ, ବି. (ଗଣ୍ଡ-କ-ସ୍ୱାର୍ଥେ) ଗଣ୍ଡାର ମୃଗ; ସଂଖ୍ୟାବିଶେଷ, ଗଣ୍ଡା; ଅନ୍ତରାୟ । (ସ୍ତ୍ରୀ-ଈ) ନଦୀବିଶେଷ, ଶାଳଗ୍ରାମ ନଦୀ ।

ଗଣ୍ଡଗୋଳ, ବି. (ଦେଶଜ) ବିବାଦ । ଯଥା—
ସନ୍ଧିକାଳେ ସୈନ୍ୟ ମଧ୍ୟେ ହେବ ଗଣ୍ଡଗୋଳ ।
ସା. ଭ. ସ.
ଅତିଶୟ କୋଳାହଳ ।

ଗଣ୍ଡଗୋଳିଆ, ବିଂ. (ଦେଶଜ) ଯେ ବିବାଦରେ ନିତ୍ୟ କୋଳାହଳ କରେ ।

ଗଣ୍ଡବୁଦ୍ଧିଆ, ବିଂ. ( ଦେଶଜ ) ଯାହାର ମୂର୍ଖ ବୁଦ୍ଧି, ମୋଟା ବୁଦ୍ଧି ଯାହାର ।

ଗଣ୍ଡଭେରଣ୍ଡ, } ବି. (ଦେଶଜ ପ୍ରାୟ ବ୍ୟବହୃତ)
ଗଣ୍ଡଭୈରବ, } ପକ୍ଷିବିଶେଷ ।

ଗଣ୍ଡମଳା, ବି. (ଗଣ୍ଡମାଳା ଶବ୍ଦର ଅପଭ୍ରଂଶ) ରୋଗବିଶେଷ । (ଦେଶଜ) କାଷ୍ଠବିଶେଷ । ଯଥା—

ମୁଁ ହେଲେ ବ୍ରାହ୍ମଣ ସ୍ୱାଙ୍କ ମଣ୍ଡଳ୍ପ ଏମନ୍ତ,
ଗଣ୍ଡମଳା ପୋକ ପ୍ରାୟେ ହୁଅନ୍ତି ସେ ଜାତ । ନୃ. ପୁ. ଚ. ଭ.

ଗଣ୍ଡମାଳା, ବି.ସ୍ତ୍ରୀ. (ଗଣ୍ଡ-ମାଳା) ରୋଗବିଶେଷ ।

ଗଣ୍ଡମୂର୍ଖ, ବି. (ଗଣ୍ଡ = ପ୍ରଧାନ-ମୂର୍ଖ) ଅତିଶୟ ମୂଢ଼, ଘୋର ନିର୍ବୋଧ ।

ଗଣ୍ଡଶୈଳ, ବି. (ଗଣ୍ଡ = ଗାଲ-ଶୈଳ = ପର୍ବତ) ଭୂକମ୍ପାଦିଦ୍ୱାରା ପର୍ବତରୁ ପତିତ ବୃହତ୍ ପ୍ରସ୍ତର; କ୍ଷୁଦ୍ର ପର୍ବତ; ଲଲାଟ ।

ଗଣ୍ଡା, ବି. (ଗଣ୍ଡକ ଶବ୍ଦଜ) ବନ୍ୟ ଜନ୍ତୁ-ବିଶେଷ । ଯଥା—

ମାରନ୍ତି ଶାର୍ଦ୍ଦୂଳ ଗଣ୍ଡାଯାକ ଅନେକ । ବି. ଧ୍ୱ.

ଚାରିଗୋଟି ସଂଖ୍ୟା । ଯଥା—ଗଣ୍ଡାକ ଚାରି କଉଡ଼ା । ପ୍ରାପ୍ୟ କଉଡ଼ି ବା ଧନ । ଯଥା—

ଏକାକୀ ଲୋକ ପାଉକରୁ,
ରାଜାର ଗଣ୍ଡା ନାଶ କରୁ । ଧା. ର.

(ଗଡ଼ଜାତ ଶବ୍ଦ) ଗ୍ରାମଦଣ୍ଡାସି ବା ବାଟକ ।

ଗଣ୍ଡାକ, ବି. (ଦେଶଜ) ଚାରି କଉଡ଼ା ମାନ ।

ଗଣ୍ଡାର, ବି. (ଗଣ୍ଡକ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ବନ୍ୟ ଜନ୍ତୁ ।

ଗଣ୍ଡି, ବି. (ଦେଶଜ) ଧୋବାମାନଙ୍କର ଲୁଗା କାଚିବା ପଥର ବା କାଷ୍ଠ । ଯେପରି—ଧୋବାମାନଙ୍କର ଗଣ୍ଡି ପୂଜା । ରାଜକୋଷରୁ ମାଲିକାନାସ୍ୱରୂପ ପ୍ରାପ୍ୟ ଧନ; ଖେଳରେ ଉଭୟ ପକ୍ଷ ବାଛି ନେବାପାଇଁ ଦୁଇ ଦୁଇ ଜଣ ଉଜି ବା ମେଳ ହେବା । ଯଥା—

ଶଲ୍ୟ ସହଦେବ ଦୁହେଁ ପୂର୍ବେ ଗଣ୍ଡି ହେଲେ,
ଯୁଧିଷ୍ଠିରେ ସହଦେବ ଅନ୍ୟ ପକ୍ଷେ ଶଲ୍ୟେ । ସା.ଭା.ଆ.

ଦେହ । (ଓଳଆ ଶବ୍ଦ ଦେଖ ।) ଦେହର ମଧ୍ୟଭାଗ । ଯଥା—

ଗଣ୍ଡି ମଧ୍ୟେ ଗୁଳି ଗଲପରି ଗଲା
ବିବେକ ଦେଲା ଘଉଡ଼ି । କ.ଚ.ଚ.

ଗଛର ମୂଣ୍ଡି ଅର୍ଥାତ୍ ଆଦ୍ୟଭାଗ । ଯଥା—

ବଡ଼ ବଡ଼ କାଠମାନଙ୍କ ଗଣ୍ଡି ମୋଡ଼ି,
ବାଧାମାରି ତାଙ୍କୁ ଦେବ ମୁହିଁ ପୋଡ଼ି । କୃ. ଭା. ବ. ପ.

ଗଣ୍ଡିପୂଜା, ବି. (ଦେଶଜ) ମକରସଂକ୍ରାନ୍ତି ସମୟରେ ଧୋବାମାନଙ୍କର ଉତ୍ସବ-ବିଶେଷ ।

ଗଣ୍ଡିରା, } ବି. (ଦେଶଜ) ବୋକଚା ।
ଗଣ୍ଡରା, } ଯଥା—

କଂସାଦି ପାତ୍ର ମଞ୍ଜୁଷ ପେଡ଼ା ପେଡ଼ି
ଗଣ୍ଡିରାମାନ କର ଠୂଳ । ଲ. ବ.

ଗଣ୍ଡୁ, } ବି. (ଗନ୍ଦ୍ = ବଦନୈକଦେଶ
ଗଣ୍ଡୂ, } ହେବା-ଉ, ଊ) ବର୍ତ୍ତୁଳାକୃତି ଉପାଧାନ ବା ବାଲିଶ; ଗ୍ରନ୍ଥି ।

ଗଣ୍ଡୁପଦ, ବି. (ଗଣ୍ଡୁ = ଗ୍ରନ୍ଥି-ପଦ) ଜିଆ । (ସ୍ତ୍ରୀ-ଈ) ଛୋଟ ଜିଆ ।

ଗଣ୍ଡୂଷ, ବି. (ଗନ୍ଦ୍ = କ୍ଷରିତ ହେବା-ଊଷ-ସଂଜ୍ଞାର୍ଥେ) ହସ୍ତତଳ; ମୁଖପୂର୍ଣ୍ଣ ଜଳ; ଏକପୋଷ ଜଳ, ଗୋକର୍ଣ୍ଣାକୃତି ହସ୍ତରେ ଯେତେ ଜଳ ଧରେ; ବ୍ରାହ୍ମଣାଦିଙ୍କର ଭୋଜନର ଅଗ୍ରେ ଓ ଶେଷେ ମୁଖରେ ଯେ ଜଳ ପ୍ରୟୋଗ, ଚଳୁ; କୁଲ୍ଲି; ହସ୍ତିର ଶୁଣ୍ଡାଗ୍ର । (ସ୍ତ୍ରୀ ହେଲେ—ଗଣ୍ଡୂଷା ।)

ଗଣ୍ଡୋପଳ, ବି. (ଗଣ୍ଡ = ଗଣ୍ଡାକୃତି-ଉପଳ = ପଥର) କରକା, କୁଆପଥର ।

ଗଣ୍ଡୋଳ, ବି. (ଗନ୍ଦ୍ = କ୍ଷରିତ ହେବା-ଓଳ) ଗୁଡ଼; ଗ୍ରାସ ।

ଗଣ୍ୟ, ବିଂ. (ଗଣ୍ = ଗଣନା କରିବା-ଯ) ଗଣନୀୟ; ବିବେଚନୀୟ; ଗ୍ରାହ୍ୟ; ପ୍ରଧାନ ।

ଗତ, ବିଂ. (ଗମ୍ = ଗମନ କରିବା-ତ, ମ୍ ଲୋପ) ଅତୀତ; ମୃତ; ପ୍ରସ୍ଥିତ । ଯେପରି—ତାହାଙ୍କର ପିତା ଗତ ହେଲେ । ପତିତ; ସମାପ୍ତ; ଜ୍ଞାତ; ପ୍ରାପ୍ତ । ବି. (ଭାବବାଚ୍ୟରେ ତ ପ୍ରତ୍ୟୟ କଲେ) ଗମନ ।

ଗତା, ବି. (ଦେଶଜ) ଜୁଆଳକୁ ଯେଉଁ ଚମ ଦଉଡ଼ି ବା କତା ଦଉଡ଼ିରେ ବାନ୍ଧନ୍ତି । ଝୁଁଗିକୁ ଗତାକୁ ଏତିକିମାତ୍ର ଭେଦ ଯେ ଚମ ଦଉଡ଼ି ଝୁଁଗି, ଚମ ଦଉଡ଼ି ଏବଂ କତା ଦଉଡ଼ି ଗତା ।

ଗତାଗତ, } ବି. ( ଗତ-ଆଗତ, ଆୟାତ )
ଗତାୟାତ, } ଯିବା ଆସିବା ।

ଗତାନୁଗତିକ, ବିଂ. (ଗତ-ଅନୁଗତିକ = ଯେ ପଶ୍ଚାତ୍ ଯାଏ) ଅନୁକାରୀ, ଲୋକଦୃଷ୍ଟାନ୍ତର ଅନୁବର୍ତ୍ତୀ; ଯେ ସ୍ୱୟଂ ବିବେଚନା ନ କରି ଅନ୍ୟର ଦୃଷ୍ଟାନ୍ତ ଅନୁସାରେ ଚଳେ । ( ଗତାନୁଗତିକୋଲୋକଃ ) ବି. ନ୍ୟାୟବିଶେଷ ।

ଗତାନୁଗତିକ ନ୍ୟାୟ, ବି.ସଂ. କେତେକ ବ୍ରାହ୍ମଣ ତର୍ପଣାର୍ଥ ତଟରେ କୁଶାଦି ରଖି ଗଙ୍ଗାରେ ଅବଗାହନ କଲେ, ସ୍ନାନ ପରେ ଯେ ଯାହାର କୁଶ ଚିହ୍ନି ନ ପାରି ବିନିମୟ କ୍ରମରେ ଗ୍ରହଣ କଲେ । ଏହା ଏକ ବୃଦ୍ଧ ବ୍ରାହ୍ମଣ ଜାଣି ପାରି ଦିନେ ନିଜର କୁଶାଦି ଉପରେ ଏକ ବାଲୁକା ପିଣ୍ଡ ରଖି ସ୍ନାନାର୍ଥ ଗଙ୍ଗାରେ ପଶିଲେ, ବୃଦ୍ଧ କୁଶୋପରି ବାଲୁକା ପିଣ୍ଡ ରଖିବାର ଦେଖି ଅନ୍ୟାନ୍ୟ ବ୍ରାହ୍ମଣମାନେ ମଧ୍ୟ ନିଜ ନିଜ କୁଶୋପରି ବାଲୁକା ପିଣ୍ଡ ରଖିଦେଲେ । ବୃଦ୍ଧ ଆସି ନିଜ କୁଶ ଚିହ୍ନି ନେବାପାଇଁ ଦେଖିଲେ ଯେ ସମସ୍ତ ଏକ ଚିହ୍ନରେ ଚିହ୍ନିତ । ତେତେବେଳେ ସେ ହାସ୍ୟ କରି କହିଲେ, ଏ ବଡ଼ ଆଶ୍ଚର୍ଯ୍ୟ, ସମସ୍ତ ଲୋକ ଗତାନୁଗତିକ, ଯାଥାର୍ଥ୍ୟ କେହି ବିବେଚନା କରେ ନାହିଁ, ଯଦି ଏମାନେ ବୁଦ୍ଧିପୂର୍ବକ କରନ୍ତେ ତାହାହେଲେ ଏକପ୍ରକାର ଚିହ୍ନ ନିଅନ୍ତେ ନାହିଁ । ଏହିରୂପେ ଲୋକେ ଗଡ଼ୁଡ଼ଳିକାପ୍ରବାହ ନ୍ୟାୟ କିମ୍ବା ଅନ୍ଧପରମ୍ପରା ନ୍ୟାୟ ସଂସାରାନ୍ଧକୂପରେ ପଡ଼ି ରହନ୍ତି ।

ଗତାର୍ତ୍ତବା, ବି. ସ୍ତ୍ରୀ. (ଗତ-ଆର୍ତ୍ତବ = ଋତୁସମ୍ବନ୍ଧୀୟ ଫଳ) ବୃଦ୍ଧା ସ୍ତ୍ରୀ; ବନ୍ଧ୍ୟା ସ୍ତ୍ରୀ ।

ଗତି, ବି. (ଗମ୍ = ଗମନ କରିବା-ତି, ମ୍ ଲୋପ) ଗମନ; ଜୀବନଯାତ୍ରା, ଅବସ୍ଥା; ଜ୍ଞାନ; ସଞ୍ଚାର; ପରିଣାମ; ପ୍ରକାର; ସ୍ୱରୂପ; ପ୍ରାପ୍ତି; ପ୍ରବାହ; ପଥ । ( ଭିନ୍ନଗତିର୍ହି ଲୋକଃ ) ଆଶ୍ରୟ । (ଗତିରେକା ପତିର୍ନାର୍ଯ୍ୟାଃ) ଉପାୟ, ଅବଲମ୍ବନ; ପ୍ରମାଣ; ଭାଗ୍ୟ ।

ଗତ୍ୱର, ବିଂ. (ଗମ୍ = ଗମନ କରିବା-ବର—ଶୀଳାର୍ଥେ ତ୍ ଆଗମ) ଗମନଶୀଳ; ଅସ୍ଥାୟୀ, ଯେ ସ୍ଥିର ରହେ ନାହିଁ ।

ଗଦ, ବି. (ଗଦ୍ = କହିବା, ପୀଡ଼ିତ ହେବା-ଅ) ରୋଗ, ପୀଡ଼ା; କୃଷ୍ଣଙ୍କ କନିଷ୍ଠଭ୍ରାତା; କଥନ; ବିଷ । (ଅ-ଗଦଃଦ୍ଧିଜ) ସର୍ପୌଷଧି ବୃକ୍ଷମୂଳବିଶେଷ । ଯଥା—

ଶ୍ରୀମହାପ୍ରସାଦଁ ଗଦ-ପଦ ଘଣ୍ଟଘୋଷ,
ଭକ୍ଷଣେ ଶ୍ରବଣେ ଯେ-କଲିବିଷ ବିଷ ନାଶ ।
କୋ. ବୃ. ସୁ.

ଗଦଗଦ, } କ୍ରି. ବିଂ. (ଗଦ୍‌ଗଦର ଅପଭ୍ରଂଶ)
ଗଦ୍‌ଗଦ, } ଅନୁକରଣ ଶବ୍ଦବିଶେଷ ।
ଯଥା—

ଗଦ୍‌ଗଦ ଶବଦେ ଗୋଦାବରୀ ଯହିଁ,
କୁହରେ ପଡ଼ୁଛି ଭୃଗୁ ଦେହେ ତେଇଁ । ଚିଲିକା. ପୂର୍ଣ୍ଣି ।

ଗଦା, ବି. (ଗଦ୍-ଅ-ସ୍ତ୍ରୀ-ଆ) ଲୋହାଦିମୟମୁଦ୍‌ଗର; ଲୌହାଦିନିର୍ମିତ ସ୍ଥୂଳଯଷ୍ଟି । (ଦେଶଜ) ଠୁଳ, ସମୂହାର୍ଥ । ଯଥା—

ରଙ୍ଗସ୍ଥଳେ ଦଳେ ଦଳେ ଆସି ହେଲେ ଦର୍ଶକେ ଗଦା ।
ଉଷା.

ସ୍ତୂପ । ଯଥା—

ଦଣ୍ଡଦେବୀ ଅଧିଷ୍ଠିତ ସେହି ଶୈଳେ
ଯାଳକାଷ୍ଠ କରି ଗଦା । ପାର୍ବତୀ ।

(ଗଦାଧର ଶବ୍ଦର ଅପଭ୍ରଂଶ) ଗଦାଧର ନାମଧାରକ ବ୍ୟକ୍ତି ।

ଗଦାଣ, ବି. (ଦେଶଜ) ସ୍ତୂପୀକରଣ, ଗଦାକରିବା ।

ଗଦାଧର, } ବି. (ଗଦା-ଧୃ-ଅ, ଗଦ-ଅଗ୍ରଜ,
ଗଦାଗ୍ରଜ, } ଗଦା-ଭୃ-କ୍ୱିପ୍, ଗଦା-ପାଣି)
ଗଦାଭୃତ୍, } ବିଷ୍ଣୁ । ବିଂ. ଯେ ଗଦା ଧରି-
ଗଦାପାଣି, } ଅଛି ।

ଗଦି, ଗାଦି, } ବି. (ବାସାର୍ଥ ଗର୍ଦ୍ଦ ଧାତୁଜ) ତୁଳାଦିପୂର୍ଣ୍ଣ ସ୍ଥୂଳ ଆସ୍ତରଣ; ରାଜାଙ୍କ ଆସନବିଶେଷ । ଯଥା—କେତେକ ବର୍ଷ ପରେ ଯୁଧିଷ୍ଠିର ଫେରି ହସ୍ତିନାର ରାଜଗାଦି ପ୍ରାପ୍ତ ହେଲେ । ଆସନ । ଯଥା—

ତାଙ୍କ ପାଦତଳେ କଲେ ପାଉଁଶର ଗଦି,
କୁନ୍ତୀ ବୋଇଲେ ସେଠାରେ ଶୁଅ ଗୋ ଦ୍ରୌପଦୀ । ସା. ଭ. ଆ.

ବାଣିଜ୍ୟାଳୟ ।

ଗଦୀ, ଗଦିନ୍, } ବି. ( ଗଦା-ଇନ୍ ଅସ୍ତ୍ୟର୍ଥେ ) ବିଷ୍ଣୁ । (କିରୀଟିନଂ ଗଦିନଂ ଚକ୍ରିଣଂ ଚ—ଗୀତା) ବିଂ. ଗଦାଧାରୀ; ରୋଗୀ, ପୀଡ଼ିତ ।

ଗଦେଇ, ଗଦାଇ, ଗଦେଁ, } ବି. (ଗଦା ବା ଗଦାଧର ଶବ୍ଦଜ) ଗଦାଧର ନାମଧାରକ ବ୍ୟକ୍ତି ।

ଗଦେଇବା, କ୍ରି. ଗଦା କରିବା ।

ଗଦ୍‌ଗଦ, ବି. (ଗଦ୍=ବୋଲିବା-କ୍ୱିପ୍, ଗଦ୍-ଅ) ହର୍ଷଶୋକାଦିରେ ଅସ୍ପଷ୍ଟ ଉଚ୍ଚାରିତ । ଯଥା—ସେ ଭାବଗଦ୍‌ଗଦ ବଚନମାନ କହିଲେ । ମୋହିତ, ଅଧୈର୍ଯ୍ୟ । ଯଥା—ସେ ଭାବରେ ଗଦ୍‌ଗଦ ହେଲେ । ବିଂ. ହର୍ଷାଦିଜନିତ ଅବ୍ୟକ୍ତ କଣ୍ଠଧ୍ୱନି ।

ଗର୍ଦ୍ଦି, ବିଂ. (ଦେଶଜ) ପରିହାସ; କୌତୁକ ।

ଗଦ୍ୟ, ବି. (ଗଦ୍=ବୋଲିବା-ଯ) ସହଜଭାଷା । ବିଂ. କଥନୀୟ ।

ଗଧ, ବି. (ଗର୍ଦ୍ଦଭ ଶବ୍ଦଜ) ଖର, ଗର୍ଦ୍ଦଭ ।

ଗଧା, ବିଂ. (ଗର୍ଦ୍ଦଭ ଶବ୍ଦଜ) ଅଳସୁଆ ।

ଗଧିଆ, ଗଧୁଆ, } ବି. (ଗର୍ଦ୍ଦଭ ଶବ୍ଦଜ) ଗର୍ଦ୍ଦଭାକୃତି ବ୍ୟାଘ୍ରବିଶେଷ । ବିଂ. ଅଳସୁଆ ।

ଗନ୍ତବ୍ୟ, ବିଂ. (ଗମ୍=ଗମନ କରିବା-ତବ୍ୟ) ପ୍ରାପ୍ୟ; ଗମନୀୟ, ଯେ ସ୍ଥାନକୁ ଯିବା ଉଚିତ; ଜ୍ଞେୟ ।

ଗନ୍ତା, ଗନ୍ତୃ, } ବିଂ. (ଗମ୍=ଗମନ କରିବା-ତୃ) ଯେ ଯାଇଅଛନ୍ତି ବା ଯିବେ; ପ୍ରାପ୍ତିଶୀଳ । ( ଦେଶଜ ) ଅଙ୍ଗରଖାବିଶେଷ, ଏଥିରେ ଦୁଇ ପାର୍ଶ୍ୱରେ ଦଉଡ଼ି ଥାଏ, ପିନ୍ଧିଲା ପରେ ଗଣ୍ଠି ପକାଯାଏ । ଯଥା—

ପାଗ ଯେ ପଟୁକା ଗନ୍ତା ପାଛୁଡ଼ି ବେଢ଼ାଇ,
ଫୁଲପଣ କରଣ ଦାଣ୍ଡରେ ବୁଲୁଥାଇ । ନା. ର. ଗୀ.

ଭଣ୍ଡାରଘର ।

ଗନ୍ତାଇ, ବି. (ଦେଶଜ) ପାଜାମା । ଯଥା—

ଧ୍ୱଜଗଣମାନେ ବିଚିତ୍ର ବେଶ ହୋଇ,
ପଟୁକା ପାଗ ଅଙ୍ଗି ଗନ୍ତାଇ ଯାର ଲାଇ । ନୃ. ସୁ. ଚ. ତ.

ଗନ୍ତାଇତ, ଗନ୍ତାୟତ, ଗନ୍ତାୟତ୍ତ, } ବି. ( ଦେଶଜ ) ଭଣ୍ଡାର-ଅଧିକାରୀ । ଯଥା —

କଂସ ଗନ୍ତାଇତ ଦେଖି ହୋଇଲା । ର. କ.

ସରଘରିଆ ।

ଗନ୍ତାଘର, ବି. ( ଦେଶଜ ) ଭଣ୍ଡାରଘର । ଯଥା—

ଗନ୍ତାଘର ହେଲା ତୁମ୍ଭର ସର୍ବସ୍ୱ । ଦ. ବା.

ଗନ୍ତାଘରିଆ, ବି. ( ଦେଶଜ ) ଭଣ୍ଡାରଘରର ଅଧିକାରୀ ।

ଗନ୍ତୁ, ବି. (ଗମ୍=ଗମନ କରିବା-ତୁମ୍) ଭ୍ରମଣକାରୀ ପଥିକ ।

ଗନ୍ତୁକାମା, ବିଂ. ସ୍ତ୍ରୀ. (ଗନ୍ତୁଂ=ଯିବାକୁ-କାମ—ସ୍ତ୍ରୀ-ଆ) ବାହାରି ଯିବାକୁ ଉତ୍ସୁକା, ଗମନେଚ୍ଛୁକା । ଯଥା—

ମୋଠାରେ ସେ ବହୁ ବିମୁଖିତା ହୋଇଗଲା ଗନ୍ତୁକାମା,
ଜଳ୍ପକ୍ଳେ ମୁଁ ସ୍ତବ ବଚ ଅରେ ଭଷିଲି ନାହିଁ ବାମା ।
ବହ୍ଲଣକାବ୍ୟ ।

ଗନ୍ତ୍ରୀ, ବିଂ. ସ୍ତ୍ରୀ. ( ଗନ୍ତାପଦର ସ୍ତ୍ରୀଲିଙ୍ଗପଦ ) ଗମନଶୀଳା । ବି. (ଗମ୍-ତ୍ର-ସ୍ତ୍ରୀ-ଈ) ଗୋରୁଗାଡ଼ି, ଗୋରୁଶଗଡ଼ । ( ଗନ୍ତ୍ରୀ କମ୍ବଳିବାହ୍ୟକଂ —ଅମର । )

ଗନ୍ଥା, ବି. ( କନ୍ଥା ଶବ୍ଦଜ ) ଜୀର୍ଣ୍ଣବସ୍ତ୍ରନିର୍ମିତ ଶଯ୍ୟାବିଶେଷ, ପ୍ରସ୍ତ ପ୍ରସ୍ତରେ ଅନେକ ବସ୍ତ୍ର ଦେଇ ସିଲାଇଦ୍ୱାରା ଏହାକୁ ତିଆରି କରନ୍ତି ।

ଗନ୍ଧ, ବି. (ଗନ୍ଧ୍ = ବଧ କରିବା-ଅ) ବସ୍ତୁର ଯେଉଁ ଗୁଣ ଘ୍ରାଣଦ୍ୱାରା ଗ୍ରହଣ କରାଯାଏ; ଆମୋଦ; ଚନ୍ଦନ; ଗନ୍ଧକ; ଗର୍ବ; ସମ୍ପର୍କ; ସମ୍ବନ୍ଧ; ଲେଶ; ଅଳ୍ପ; ନୃତ୍ୟ; କୃଷ୍ଣାଗୁରୁ ।

ଗନ୍ଧକ, ବି. (ଗନ୍ଧ-କ) ସ୍ୱନାମପ୍ରସିଦ୍ଧ ପୀତବର୍ଣ୍ଣ-ଧାତୁ ।

ଗନ୍ଧନ, ବି. (ଗନ୍ଧ୍ = ବଧ କରିବା-ଅନ) ସୂଚନା; ହିଂସା; ଉତ୍ସାହ ।

ଗନ୍ଧବନ୍ଧୁ, ବି. ସଂ. ଆମ୍ର ବୃକ୍ଷ ।

ଗନ୍ଧମାତା, ବି. ସ୍ତ୍ରୀ. ( ଗନ୍ଧ-ମାତୃ = ମାତା ) ପୃଥିବୀ ।

ଗନ୍ଧମାରୀ, ବି. (ଦେଶଜ ପ୍ରାୟ) ଔଷଧିଦ୍ରବ୍ୟ-ବିଶେଷ ।

ଗନ୍ଧମାଦନ, ବି. (ଗନ୍ଧ-ମଦ୍ = ମତ୍ତ ହେବା-ଇ-ଅନ) ସ୍ୱନାମପ୍ରସିଦ୍ଧ ପର୍ବତ; ଗନ୍ଧକ; ଭ୍ରମର; ବାନରବିଶେଷ । (ସ୍ତ୍ରୀ-ଗନ୍ଧମାଦନୀ) ସୁରା, ମଦ୍ୟ ।

ଗନ୍ଧମାର୍ଜାର, ବି. (ଗନ୍ଧ-ମାର୍ଜାର = ବିଡ଼ାଳ) ବନ୍ୟମାର୍ଜାର, କଟାସ ।

ଗନ୍ଧମୃଗ, ବି. ସଂ. କସ୍ତୁରୀ ମୃଗ ।

ଗନ୍ଧର୍ବ, ବି. ( ଗ = ଗାନ-ଧର୍ମ, ନିପାତନ-ଯାହାର ଗାନ କେବଳ ଧର୍ମ) ସ୍ୱର୍ଗଗାୟକ; ଦେବଯୋନିବିଶେଷ; ଗାୟକ; କୋକିଳ; ପୁଂସ୍କୋକିଳ; ମୃଗବିଶେଷ; ଘୋଟକ । ( ଗନ୍ଧର୍ବସ୍ତୁ ନଭଶ୍ଚରେ ପୁଂସ୍କୋକିଳେ ଗାୟନେ ଚ ମୃଗଭେଦେ ତୁରଙ୍ଗମେ— ହୈମ । )

ଗନ୍ଧର୍ବବିଦ୍ୟା, ବି. ସଂ. ସଙ୍ଗୀତବିଦ୍ୟା ।

ଗନ୍ଧର୍ବବିବାହ, ବି. ସଂ. ଯେଉଁ ବିବାହରେ ସ୍ତ୍ରୀ ଆପେ ପୁରୁଷକୁ ମନୋନୀତ କରି କାର୍ଯ୍ୟ ସମ୍ପନ୍ନ କରେ ।

ଗନ୍ଧଲାକୁକା, } ବି. ସ୍ତ୍ରୀ. (ଏଳବାଳୁକ ଶବ୍ଦଜ)
ଗନ୍ଧକାକୁକା, } ଏକପ୍ରକାର ସୁଗନ୍ଧ ଔଷଧି ଦ୍ରବ୍ୟ ।

ଗନ୍ଧଲୋଲୁପା, ବି. ( ଗନ୍ଧ-ଲୋଲୁପ-ସ୍ତ୍ରୀ-ଆ ) ମାଛି, ମକ୍ଷିକା ।

ଗନ୍ଧବତୀ, ବି. ସ୍ତ୍ରୀ. (ଗନ୍ଧ-ବତ୍-ଅସ୍ତ୍ୟର୍ଥେ-ଈ) ପୃଥିବୀ; ମତ୍ସ୍ୟଗନ୍ଧା, ବ୍ୟାସଦେବଙ୍କ ମାତା; ସୁରା; ନବମଲ୍ଲିକା; ବରୁଣଙ୍କ ପୁରୀବିଶେଷ ।

ଗନ୍ଧବହ, } ବି. ( ଗନ୍ଧ-ବହ୍ = ବହିବା-ଅ )
ଗନ୍ଧବାହ, } ପବନ; କସ୍ତୁରୀ ମୃଗ । (ସ୍ତ୍ରୀ-ଆ) ନାସିକା । ବିଂ. ଗନ୍ଧଯୁକ୍ତ ।

ଗନ୍ଧଶେଖର, ବି. ( ଗନ୍ଧ-ଶେଖର = ପ୍ରଧାନ ) କସ୍ତୁରୀ ।

ଗନ୍ଧସାର, ବି. (ଗନ୍ଧ-ସାର = ସ୍ଥିରାଂଶ) ଚନ୍ଦନ; ଚନ୍ଦନ ବୃକ୍ଷ ।

ଗନ୍ଧଶୁଣ୍ଠି, ବି. ସ୍ତ୍ରୀ. (ଗନ୍ଧଶୁଣ୍ଠୀ ଶବ୍ଦଜ) ସୁଗନ୍ଧ ଔଷଧିଦ୍ରବ୍ୟବିଶେଷ ।

ଗନ୍ଧସୋମ, ବି. (ଗନ୍ଧ-ସୋମ = ଚନ୍ଦ୍ର, ରାତ୍ରିରେ ଏହା ପ୍ରସ୍ଫୁଟିତ ହୁଏ ବୋଲି) କୁମୁଦ, ଶ୍ୱେତୋତ୍ପଳ ।

ଗନ୍ଧଷଣ, ବି. (ଦେଶଜ) ବିବାହ ଅଧିବାସ ବା ପୂର୍ବ ଦିବସ । ଯଥା—

ପ୍ରଦୋଷ କାଳରେ କଲେ ଗନ୍ଧଷଣ ବିଧି । ଲ. ବ.

ଗନ୍ଧଷିବା, କ୍ରି. (ଦେଶଜ) ଗନ୍ଧଷଣ ଅତିବାହିତ କରିବା । ଯଥା—

ବରକନ୍ୟା ଗନ୍ଧଷିଲେ ଗନ୍ଧ ପୁଷ୍ପ ଦେଇ । ବୈ. ବି.

ଗନ୍ଧହସ୍ତୀ, ବି. ସଂ. ଗନ୍ଧଯୁକ୍ତ ହସ୍ତୀ; ବୌଦ୍ଧ-ବିଶେଷ; ସ୍ତୂପ ।

ଗନ୍ଧାଧିବାସ, ବି. (ଗନ୍ଧଦ୍ରବ୍ୟ-ଅଧିବାସ = ଗନ୍ଧ ମାଲ୍ୟାଦିଦ୍ୱାରା ସଂସ୍କାର) ଆଭ୍ୟୁଦୟିକାଦି କର୍ମରେ ଚନ୍ଦନ ଓ ପୁଷ୍ପମାଲ୍ୟାଦିଦ୍ୱାରା ଯେ ଅଧିବାସ ହୁଏ ।

ଗନ୍ଧାବାସ, ବି. ( ଗନ୍ଧାଧିବାସର ଅପଭ୍ରଂଶ ) ବିବାହର ପୂର୍ବଦିବସ; ସେହି ଦିନର ବୈବାହିକ କାର୍ଯ୍ୟ । ଯଥା—

ବରୁଣ ପୂଜା ସାରି ସଙ୍କଳ୍ପ ଉଚ୍ଚାରିଲେ,
ଗନ୍ଧାବାସ କରି ବୈଶାଲୀ ପୋତାଇଲେ । ନୃ.ପୁ.ଚ.ଚ.

ଗନ୍ଧେଇବା, } କ୍ରି. (ଦେଶଜ) ଦୁର୍ଗନ୍ଧ କରିବା;
ଗନ୍ଧାଇବା, } ଅପାନ ବାୟୁ ତ୍ୟାଗ କରିବା ।

ଗନ୍ଧ, ବି. (ଦେଶଜ) ବସ୍ତ୍ର ଓ କଆରମାନଙ୍କରେ ହୋଇଥିବା ଶିଉଳି; ଦୁର୍ଗନ୍ଧ ।

ଗନ୍ଧଆ, ବିଂ. (ଦେଶଜ) ଦୁର୍ଗନ୍ଧଯୁକ୍ତ ।

ଗନ୍ଧେଲ, ବିଂ. (ଦେଶଜ) ଯେଉଁ ଘୋଡ଼ା ନିକଟକୁ ମନୁଷ୍ୟ ଗଲେ ସେ ଖେଙ୍କାର ହୁଏ ।

ଗନ୍ଧୋତ୍ତମା, ବି. (ଗନ୍ଧ-ଉତ୍ତମ) ମଦିରା, ମଦ୍ୟ ।

ଗପ, ଗପ୍‌ସ, ଗପ, } ବି. (ଗଳ୍ପ ଶବ୍ଦଜ) କଥା, କାହାଣି ।

ଗପଡ଼, ଗପଡ଼, } ବିଂ. (ଦେଶଜ) ଯେଉଁ ଲୋକ ବେଶି ଗଳ୍ପ କରେ ।

ଗପା, ଗପା, } ବି. (ଗଳ୍ପନ ଶବ୍ଦଜ) ସମ୍ବନ୍ଧିକ କହିବା, ବିଶେଷ ଗପିବା ।

ଗପିବା, କ୍ରି. (ଗଳ୍ପ ଧାତୁଜ) ବିଶେଷ କହିବା ।

ଗପୁଆ, ଗପୁଆ, } ବିଂ. (ଦେଶଜ) ବକୁଆ, ଗପଡ଼ ।

ଗବ, ବି. (ଦେଶଜ) ଏରଣ୍ଡ ବୃକ୍ଷ । ଯଥା—

କଳପ ଗଛକୁ ବୋଲେ ଗବଗଛ ଏ ସେ,
ସପତ ସମୁଦ୍ର ପାଣିଥୋପା ପ୍ରାୟେ ଦିଶେ । ନା.ର.ଗୀ.

ଗବକାଲ, ବି. (ଦେଶଜ) ଗବ ରାନ୍ଧି ତେଲ ବାହାର କରି ନେଲା ପରେ ଯେଉଁ ଜଳ ଅବଶିଷ୍ଟ ରହେ ।

ଗବଗରଗଡ଼ିଆ, ବିଂ. (ଦେଶଜ) ଏଣୁତେଣୁ ଅସାରାଂଶରେ ମିଶ୍ରିତ ।

ଗବସଣ୍ଢା, ଗବସଣ୍ଢା, } ବି. (ଦେଶଜ) ଗବଗଛର ଅଙ୍କୁର; ଗବପତ୍ରରେ ଥିବା ଏକଜାତୀୟ ପୋକ ।

ଗଭର୍ଣ୍ଣମେଣ୍ଟ, ଗବର୍ଣ୍ଣମେଣ୍ଟ, } ବି. (ଇଂରାଜୀ ଶବ୍ଦଜ) ରାଜ-ସରକାର ।

ଗଭସ୍ତି, ବି. (ଗ-ସ୍ୱର୍ଗାର୍ଥ ଗୋଶବ୍ଦଜ—ଭସ = ଦୀପ୍ତି ପାଇବା-ତି) ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ତେଜ: କିରଣ । (ସ୍ତ୍ରୀ-ଗଭସ୍ତୀ) ସ୍ୱାହା, ଅଗ୍ନିପତ୍ନୀ ।

ଗଭା, ବି. ସ୍ତ୍ରୀ. (ଦେଶଜ) କେଶପାଶରେ ଲଗାଇବା ପୁଷ୍ପଗୁଚ୍ଛ । ଯଥା—

କଲେ ଫଳଗଭା ପ୍ରାୟେ ମୋତେ ଶୋଭା
ସୁରସିକ ସୁଖସୀମା ଏ ମୋହନ । ଉ. କ.

ଗମ୍ଭୀର, ବିଂ. (ଗମ୍ = ଗମନ କରିବା-ଈର, ମ = ଭ) ଅତି ନିମ୍ନ, ଯାହାର ଜଳ ଅଗାଧ । ଯଥା—ଗମ୍ଭୀର କୂପ । ଦୁଷ୍ପ୍ରବେଶ, ଯାହା ଅନାୟାସେ ଜାଣି ହୁଏ ନାହିଁ । ଯଥା—ଗମ୍ଭୀର ବୁଦ୍ଧି । ଯାହା ବହୁଦୂର ପର୍ଯ୍ୟନ୍ତ ବ୍ୟାପିଅଛି । ଯଥା—ଗମ୍ଭୀର ଅରଣ୍ୟ । ଅତି ଉଚ୍ଚ ଓ ଅଧିକକ୍ଷଣସ୍ଥାୟୀ । ଯଥା—ଗମ୍ଭୀର ଶବ୍ଦ । ଦୁର୍ଗମ; ଦୁର୍ବାର, ଦୁର୍ଦ୍ଧର୍ଷ; ଗମ୍ଭୀର ।

ଗମ, ବି. (ଗମ୍-ଅ) ଗମନ; ପଥ । (ଦେଶଜ) ବିଂ. ପୁରାତନ ହୋଇ ଖରାପ ହୋଇଯିବା ।

ଗମକ, ବି. (ଗମ୍-ଇ-ଅକ) ଜ୍ଞାପକ, ବୋଧକ; ପ୍ରେରକ; ଗମୟିତା ।

ଗମଗମ, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ଯଥା—

ସ୍ୱେଦର ଗମଗମ । ବି. ଚ. ମ.

ଗମଗମୁଆ, ବି. (ଦେଶଜ) ଗ୍ରୀଷ୍ମ ସମୟ ।

ଗମନ, ବି. (ଗମ୍ = ଗମନ କରିବା-ଅନ) ଗତି; ପ୍ରସ୍ଥାନ; ପଥ ।

ଗମରା, ବିଂ. (ଦେଶଜ) ମଇଳା ଧରିଥିବା, ଫିମ୍ପି ମାରିଯିବା ।

ଗମା, ଗହ୍ମା, } ବି. (ଦେଶଜ) ଶ୍ରାବଣପୂର୍ଣ୍ଣିମା ଦିନ ପୂଜାଦି କରିବାପାଇଁ କୃତ ମୃତ୍ତିକା-ସ୍ତୂପ ।

ଗମାଗମ, ବି. (ଗମ-ଆଗମ) ଚରାଚର, ସଂସାର; ଗମନାଗମନ ।

ଗମାପୁନେଇଁ, ଗହ୍ମାପୁନେଇ, } ବି. (ଦେଶଜ) ଶ୍ରାବଣ-ପୌର୍ଣ୍ଣମୀ ।

ଗମାର, ବିଂ. (ଦେଶଜ) ତୁଚ୍ଛ; ଅମର୍ଯ୍ୟାଦ ।

ଗମିତ, ବିଂ. (ଗମ୍-ଇ-ତ) ପ୍ରାପିତ; ଜ୍ଞାପିତ; ଅତିବାହିତ ।

ଗମିବା, କ୍ରି. (ଗମ୍ ଧାତୁଜ) ଗମନ କରିବା; ପ୍ରବେଶ କରିବା; ବୁଝି ପାରିବା; ଧାରଣା କରି ପାରିବା । ଯଥା—

ଗୋପ୍ୟ ଗୁଣାବଳି ବେଦ ଖୋଜି ଦୁଃଖେ,
ଗମି ନ ପାରି ନିଗମ ନାମ ରଖେ । ବି. ଚ. ମ.

(ଦେଶଜ) ସଳନ୍ତରେ ବାସିଯିବା, ଗମିଯିବା ।

ଗମ୍ଭିରି, ଗମ୍ଭିରି, ଗମ୍ଭୀରି, ଗମ୍ଭୀରୀ, ବି. ( ଗର୍ଭାଗାର ଶବ୍ଦଜ ) କୋଠରି ଘର । ଯଥା—

ଶିଳାରେ ଅଛୁ ମୋର ସର,

ଗମ୍ଭିରି ବଡଇ ଅନ୍ଧାର । ଗ୍ର. ଦ. ସ୍କ.

ଅନ୍ଧକାରମୟ କୋଠରି ।

ଗମ୍ଭାରି, ଗମ୍ଭାରୀ, ବି. ସଂ. ବୃକ୍ଷବିଶେଷ ।

ଗମ୍ଭିରିଦେଉ, ଗମ୍ଭିରିସାଆନ୍ତ, ଗମ୍ଭୀରିସାମନ୍ତ, ବି. (ଦେଶଜ) ଯୁବରାଜ ।

ଗମ୍ଭୀର, ବିଂ. (ଗମ୍ = ଗମନ କରିବା-ଈର, ମ ଆଗମ, ମ = ଭ) ଗଭୀର, ଅଗାଧ; ନିବିଡ଼; ଉଦାର; ପୂର୍ଣ୍ଣ ।

ଗମ୍ୟ, ବିଂ. (ଗମ୍ = ଗମନ କରିବା-ଯ) ଗମନ-ଯୋଗ୍ୟ (ସ୍ଥାନ); ପ୍ରାପ୍ୟ; ଊହ୍ୟ; ଅନୁମେୟ; ଜ୍ଞେୟ; ଭୋଗ୍ୟ ।

ଗୟ, ବି. (ଗମ୍ କିମ୍ବା ଗୈ = ଗାନ କରିବା-ଅୟ) ଅସୁରବିଶେଷ; ବାନରବିଶେଷ; ନୃପବିଶେଷ ।

ଗୟଳ, ଗଇଳ, ବି. ( ଗବୟ ଶବ୍ଦଜ) ବନ୍ୟଜନ୍ତୁ-ବିଶେଷ । ଯଥା—

ଜଳାର୍ଥୀ ଗୟଳ ମୃଗ ବିହ୍ୱାଡ କରି । ଦ. ବି.

(ଦେଶଜ) ବଡ଼ ବଡ଼ କାଠ ।

ଗୟା, ବି. ସ୍ତ୍ରୀ. (ଗୟ = ରାଜବିଶେଷ-ଅ-କରିବା ଅର୍ଥରେ, ସ୍ତ୍ରୀ-ଆ) ପୁରୀବିଶେଷ, ପ୍ରସିଦ୍ଧ ତୀର୍ଥସ୍ଥାନ । ଏହିଠାରେ ଶ୍ରାଦ୍ଧ କଲେ ପିତୃମାନେ ସଦ୍‌ଗତି ପ୍ରାପ୍ତ ହୁଅନ୍ତି ।

ଗୟାଳ, ବି. (ଗୟାଳୟ ଶବ୍ଦଜ) ଗୟା ପଣ୍ଡା; ଗୟାକ୍ଷେତ୍ରର ଅଧିକାରୀ ସମ୍ପ୍ରଦାୟବିଶେଷ ।

ଗର, ବି. (ଗୃ = ଭୋଜନ କରିବା-ଅ) ବିଷ; ଉପବିଷ; ରୋଗ । (ଦେଶଜ) ମୁଣ୍ଡିକାଠ; ଖଣ୍ଡ; ସ୍ଥୂଳ ଶରୀର ।

ଗରଗଡ଼, ବି. (ଗବେଡୁ ଶବ୍ଦଜ) ଧାନ୍ୟକ୍ଷେତ୍ର-ଜାତ ଅକର୍ମଣ୍ୟ ଶସ୍ୟବିଶେଷ । ଯଥା—

ମୁକ୍ତାକୁ ଛାଡ଼ିଲୁ ରେ ପୁଣ, ଗରଗଡ଼ ହେଲୁ ଭୂଷଣ । ଦା. ଭ.

ଗରଗର, ବିଂ. (ଦେଶଜ) ରାଗାନ୍ୱିତ । ଯଥା—

ଗରଗର ପ୍ରେମ ହୃଦୟକୁ କରି । ବି. ଚ. ମ.

ଜଡ଼ିତ, ଆସକ୍ତ । ଯଥା—

ପ୍ରେମରେ ଗରଗର, ଡାକୁଛୁ ହର ହର । ବି.ଚ.ମ.

ଗରଜ, ବିଂ. ( ଯାବନିକ ) ପ୍ରୟୋଜନ, ଆବଶ୍ୟକ ।

ଗରଜାଇବା, କ୍ରି. (ଦେଶଜ) ଦୁଗ୍ଧକୁ ଈଷତ୍ ଉଷ୍ମ କରିବା; ଗର୍ଜନ କରାଇବା ।

ଗରଜିବା, କ୍ରି. (ଗର୍ଜ୍ ଧାତୁଜ) ଉଚ୍ଚରେ ଧ୍ୱନି କରିବା । ଯଥା—

ଦମ୍ଭୋଳି ଆରବେ ପୁଣି ଗରଜି ଗମ୍ଭୀର । ବୈ.ଗ.

ଗରଣ, ବି.(ଗୃ=ସେଚନ କରିବା, ଗ୍ରାସ କରିବା -ଅନ) ସେଚନ; ଭକ୍ଷଣ; ବିଷ ।

ଗରବ, ବି. (ଗର୍ବ ଶବ୍ଦର ଅପଭ୍ରଂଶ) ଗର୍ବ । (ଦେଶଜ) ଫାଳିକ ବାଉଁଶର ମୂଳଦେଶ ।

ଗରବିଣୀ, ବି. ସ୍ତ୍ରୀ. (ଗର୍ବିଣୀ ଶବ୍ଦର ଅପଭ୍ରଂଶ) ଗର୍ବଯୁକ୍ତ । ଯଥା—

ରୂପ-ଗରବିଣୀ ସୁଗନ୍ଧଦାୟିନୀ । କ. ମ.

ଗରଭ, ବି. ( ଗର୍ଭ ଶବ୍ଦର ଅପଭ୍ରଂଶ ) ଗର୍ଭ; ବ୍ୟବଧାନ; ମଧ୍ୟଭାଗ । (ଏହିଟି ସଂସ୍କୃତ ଶବ୍ଦ ମଧ୍ୟ ହୋଇ ପାରେ—ଗୃ = କ୍ଷରିତ ହେବା-ଅଭ) ଗର୍ଭ ।

ଗରମ, ବିଂ. (ଘର୍ମ ଶବ୍ଦଜ) ତତଲା । ଯେପରି —ଗରମ ଜଳ । ତୀକ୍ଷ୍ଣ । ଯେପରି—ଗରମ ପଦାର୍ଥ । ବି. ଉଷ୍ମତା ବା ତାତି ।

ଗରମଇ, ବି. (ଦେଶଜ) ଧାନକିଆରି ବିଦାରେ ଦୁଇଓଡ଼ ଚଷି ଦୁଇ ଏକଓଡ଼ ମଇ ଚଳାଇବା ।

ଗରମ ମସଲା, ବି. ( ଦେଶଜ ) ଲବଙ୍ଗ, ଡାଲଚିନି, ତେଜପତ୍ରୀ, ଧନିଆ ଇତ୍ୟାଦିର ସମିଶ୍ରଣରେ କୃତ ମସଲା ।

ଗରମି, ଗର୍ମି, ବି. ( ଦେଶଜ ) ରୋଗବିଶେଷ; ସାମାନ୍ୟ ଜ୍ୱର । ଯଥା—ତାକୁ ଗର୍ମି ଦେଲା । ଉଷ୍ମତା ।

ଗରହାଜର, ବି. (ଯାବନିକ) ଅନୁପସ୍ଥିତ ।

ଗରଳ, ବି. (ଗୃ-ଅଲ୍) ବିଷ; ସର୍ପବିଷ; ଘାସର ବିଡ଼ା, ପରିମାଣବିଶେଷ । (ସ୍ତ୍ରୀ-ଈ) ଗଡ଼ୁଇ ମାଛ ।

ଗରା, ଗଗରା, ଗାଗରା, } ବି. (ଗର୍ଗରୀ ଶବ୍ଦଜ) ପିତଳ ମାଠିଆ । ଯଥା—

ପୋଛିପାଛି କରି ସବୁ ଖାଇଲା,
ତା ପରେ ଗରାଏ ପାଣି ପିଇଲା । ହା. ତ.

ଗରାକ, ଗରାଖ, ଗରାହକ, } ବି. (ଗ୍ରାହକ ଶବ୍ଦଜ) ଗ୍ରହଣକର୍ତ୍ତା ବା କିଣିବା ଲୋକ । ଯଥା—

ଗୁଡ଼ିଆଣୀ ଆଣି ପାଣିରେ ଗରାକକୁ କହଇ,
ତୋହର ପରାସ୍ତେ ମୋତେ ଗରାଖ ଅଛି ଅପାର । ସୁ. ପ.

ଗରାବଡୁ, ବି. (ଦେଶଜ) ଦେବତାଦିଙ୍କୁ ସ୍ନାନ କରାଇବା ସେବକ; ରାଜାଙ୍କର ଜଳ-ଚନ୍ଦନାଦି ଯୋଗାଇବା ସେବକ ।

ଗରି, ଗଡ଼ି, } ବି. (ଦେଶଜ) ଗୃହ ଛପରର ଭାଗ-ବିଶେଷ ।

ଗରିଆ, ଗରିୟା, } ବି. (ଗର୍ଗରୀ ଶବ୍ଦଜ) ଜଳାଦି ପାନ-ବିଶେଷ ।

ଗରିଆବଡୁ, ଗରାବଡୁ, } ବି. (ଦେଶଜ) ରାଜସେବକ ବ୍ରାହ୍ମଣବିଶେଷ ।

ଗରିବ, ଗରୀବ, } ବି. (ଯାବନିକ) ଦରିଦ୍ର । ଯଥା—

ସେ ପ୍ରୀତିରସରେ ଧନ ମୁହିଁ ସିନା ଗରିବ । ବି. ଚି. ମ.

ଗରିମା, ଗରିମନ୍, } ବି. (ଗୁରୁ-ଇମନ୍-ଭାବାର୍ଥେ) ଗୌରବ; ମାହାତ୍ମ୍ୟ; ଭାର, ଗୁରୁତ୍ୱ; ମହିମା; ଗର୍ବ, ଅହଙ୍କାର; ଆତ୍ମ-ଶ୍ଲାଘା । ଯଥା—

ରେ କୃଶାଙ୍ଗୀ ନ ବହ ଗରିମା । ଜା. ପ. ନା.

ଗରିଷ୍ଠ, ଗରୀୟାନ୍, ଗରୀୟସ୍, } ବିଂ. (ଗୁରୁ-ଇଷ୍ଠ, ଈୟସ୍-ଅତ୍ୟର୍ଥେ) ମର୍ଯ୍ୟାଦାପନ୍ନ; ଗୁରୁତର, ବଡ଼ ଭାରି; ଅତି ମହତ୍ତ୍ୱ; ଅତି ଗୌରବାନ୍ୱିତ; ଉତ୍କୃଷ୍ଟ । ଯଥା—

ସେ ଲଙ୍କା ବିରଚିଲା ଯେ ଥିଲା ଗରିଷ୍ଠ । ଜା.ପ.ନା.

ଗରୁ, ଗରୁଆ, } ବିଂ. (ଗୁରୁ ଶବ୍ଦଜ) ମହତ୍ତ୍ୱ, ବଡ଼ । ଯଥା—

ଲକ୍ଷ୍ମଣ ଇନ୍ଦ୍ରଜିତ ଗରୁ ରଣ,
ମହାକ୍ଷତ୍ରି ଅଟନ୍ତି ବେନି ଜଣ । ବି. ରା.

ଭାରି । ଯଥା—

ଉପରାଣଙ୍କୁ ମଣେ ନଗରୁ ଗରୁ । ବି. ଚି. ମ.
ଉଶ୍ୱାସ ଭାଗ ଉଠିଲା, ଗରୁଆ ତଳକୁ ଗଲା । ବି.ଚି.ମ.

ଗରୁଘରି, ବିଂ. (ଦେଶଜ) ଗର୍ଭିଣୀ ।

ଗରୁଡ଼, ବି. (ଗରୁତ୍=ପକ୍ଷ-ଡ଼ୀ=ଉଡ଼ିବା-ଅ, ତ୍ ଲୋପ, ଯେ ପକ୍ଷୀ ପରି ଉଡ଼େ; ଅଥବା ଗୁରୁ-ଡ଼ୀ-ଅ, ଉ-ଲୋପ, ଯେ ଗୁରୁତର ଭାର ବହନ କରି ଉଡ଼େ) ବୈନତେୟ, ବିଷ୍ଣୁଙ୍କ ବାହନ; ବ୍ୟୂହବିଶେଷ ।

ଗରୁଡ଼ଗୋବିନ୍ଦ, ବି. ସଂ. ବୃକ୍ଷବିଶେଷ; ବିଷ୍ଣୁଙ୍କ ବିଗ୍ରହବିଶେଷ ।

ଗରୁଡ଼ଧ୍ୱଜ, ବି. (ଗରୁଡ଼-ଧ୍ୱଜ = ବାହନ, ଚିହ୍ନ) ବିଷ୍ଣୁ, କୃଷ୍ଣ ।

ଗରୁଡ଼ାଇ, ବି. ସ୍ତ୍ରୀ. (ଗରୁଡ଼ଯାମୀ ଶବ୍ଦଜ) ଦେବୀ-ବିଶେଷ । (ସକାଈ ଶବ୍ଦ ଦେଖ ।)

ଗରୁଡ଼ାଗ୍ରଜ, ବି. (ଗରୁଡ଼-ଅଗ୍ରଜ = ଜ୍ୟେଷ୍ଠ) ଅରୁଣ, ସୂର୍ଯ୍ୟସାରଥି ।

ଗରୁଣି, ବି. (ଦେଶଜ) ଏକପ୍ରକାର ଜଳଚର ପକ୍ଷୀ । ଯଥା—

ଗରୁଣି ରାଜହଂସ ସାରଙ୍ଗ ବଡ଼ କାଙ୍କ,
ଏମନ୍ତେ ଜଳେ ପକ୍ଷୀ ଚରନ୍ତି ଏକୁଏକ । ନୃ.ପୂ.ଚ.ତ.

ଗରୁତ୍, ବି. (ଗୃ=ଶବ୍ଦ କରିବା, ଆର୍ଦ୍ର କରିବା-ଉତ୍) ପକ୍ଷ, ପଖି, ପକ୍ଷିର ଡେଣା ।

ଗରୁତ୍ମାନ୍, ଗରୁତ୍ମତ୍, } ବି. (ଗରୁତ୍=ପକ୍ଷ-ମତ୍-ଅସ୍ତ୍ୟର୍ଥେ) ଗରୁଡ଼; ପକ୍ଷୀ । (ଗରୁତ୍ମାନ୍ ଗରୁଡ଼ଃ—ଅମର ।) ବିଂ. ପକ୍ଷବିଶିଷ୍ଟ । (ସ୍ତ୍ରୀ-ଈ) ପକ୍ଷବିଶିଷ୍ଟା ।

ଗରୁଶୀଳ, ବିଂ. (ଦେଶଜ) ନିପୁଣ । ଯଥା—

ଯେଉଁ ଲୋକ ଗୃହରେ ହୁଅଇ ଗରୁଶୀଳ,
ଅପ୍ରମେୟ ହୋଇକରି ଭୁଣେ ମାଧୀ ଢଳ । ନା.ର.ଗୀ.

ଗରୁହଂସ, ଗରୁହଂସି, } ବି. ( ଦେଶଜ—
ଗରୁହଂସୀ, ଗୁରୁହଂସୀ, } ଉଭୟଲିଙ୍ଗ)ଉତ୍କୃଷ୍ଟ, ଯେ କାହାରିକୁ ମାନେ ନାହିଁ । ଯଥା—

ବଡ଼ାଇ ଗରୁହଂସ ସେ ଅଟେ ମହାରାଜା,
ତେପନ ଯୁଗର ସେ ଧାର୍ମିକ ମହାତେଜା । ସା.ଭା.ସ.
ଯୋଗୀ-ତପସ୍ୱୀ ଧାବଳ ବ୍ରାହ୍ମଣ ଭିକ୍ଷାରୀ,
ମାଗି ଖାଅନ୍ତି ଏ ଯେ ଅଟନ୍ତି ଗରୁହଂସି । ସା. ଭା. ଆ.
ଲକ୍ଷ୍ମୀଙ୍କି ଶତେଗୁଣ ଅଟୁ ତୁ ଗରୁହଂସୀ,
ବିଅର୍ଥେ ମରଗଲୁ ଧର୍ମଙ୍କ ସଙ୍ଗେ ଆସି । ନୃ.ପୁ.ସ.ଚ.

ଗର୍ଗ, ବି. (ଗୃ = ଭୋଜନ କରିବା-ଗନ୍) ମୁନି-ବିଶେଷ, ଏ ଯାଦବମାନଙ୍କର କୁଳଗୁରୁ ।

ଗର୍ଗର, } ବି. (ଗର୍ଗ = ଅନୁକରଣ ଶବ୍ଦ-ଋ =
ଗର୍ଗରୀ, } ଦାନ କରିବା-ଅ, ସ୍ତ୍ରୀ-ଈ) ଘଟ, କଳସ; ଦଧିମନ୍ଥନ ପାତ୍ର । (ମନ୍ଥନୀ ଗର୍ଗରୀ-ସମେ—ଅମର ।)

ଗର୍ଜ, } ବି. ସ୍ତ୍ରୀ. (ଗର୍ଜ୍ = ଶବ୍ଦ କରିବା-ଅ,
ଗର୍ଜା, } ସ୍ତ୍ରୀ-ଆ) ଗର୍ଜନ, ମେଘ ହସ୍ତୀ ପ୍ରଭୃତିର ଶବ୍ଦ ।

ଗର୍ଜନ, } ବି. (ଗର୍ଜ୍ = ଶବ୍ଦ କରିବା-ଅନ, ତ)
ଗର୍ଜିତ, } ନାଦ, ଶବ୍ଦ; ଉଦ୍ଧତ ଶବ୍ଦ; ସ୍ପର୍ଦ୍ଧା; ମେଘର ଧ୍ୱନି । (ସ୍ତନିତଂ ଗର୍ଜିତଂ ମେଘ-ନିର୍ଘୋଷେ—ଅମର ।) ସିଂହ ହସ୍ତୀ ସର୍ପାଦିର ଶବ୍ଦ । (ତସ୍ୟାତିଗର୍ଜିତଂ ଶ୍ରୁତ୍ୱା) ।

ଗର୍ଜନ୍ତା, ବିଂ. ( ଗର୍ଜନ୍ତ ଶବ୍ଦଜ ) ଗର୍ଜନକାରୀ । ଯଥା—

ଗର୍ଜନ୍ତା ନୀଳମେଘପ୍ରତିମ ଲଳିତ ଏ ବୀର ସନ୍ତାନ ଗ୍ରାମ । ଜା. ପ. ନା.

ଗର୍ତ୍ତ, ବି. (ଗୃ = ଭୋଜନ କରିବା-ତନ୍) ଛିଦ୍ର, ଗହ୍ୱର । (ଗର୍ତ୍ତରୁଦ୍ଧ ଇବୋରଗଃ) ଗାତ; ତ୍ରିଗର୍ତ୍ତ ଦେଶ; ସ୍ତ୍ରୀ ନିତମ୍ବର କୁକୁନ୍ଦର ଅର୍ଥାତ୍ ଆବର୍ତ୍ତାକାର ଚିହ୍ନ; ରୋଗବିଶେଷ ।

ଗର୍ତ୍ତିକା, ବି. ସ୍ତ୍ରୀ. ( ଗର୍ତ୍ତ-ଇକ-ଅସ୍ତ୍ୟର୍ଥେ-ଆ ) ତନ୍ତୁଶାଳା, ତନ୍ତଘର ।

ଗର୍ଦ୍ଦଭ, ବି. (ଗର୍ଦ୍ଦ = ଶବ୍ଦ କରିବା-ଅଭ-ସଂଜ୍ଞାର୍ଥେ) ଗଧ; ଶ୍ୱେତକୁମୁଦ; ବିଡ଼ଙ୍ଗ; (ସ୍ତ୍ରୀ-ଈ) ମାଈଗଧ ।

ଗର୍ଦ୍ଧ, ବି. ( ଗୃଧ୍ = ଲୋଭ କରିବାକୁ ଇଚ୍ଛା କରିବା-ଅ) ଲୋଭ; ସ୍ପୃହା ।

ଗର୍ଦ୍ଧନ, ବିଂ. (ଗୃଧ୍ = ଲୋଭ ଇଚ୍ଛା କରିବା-ଅନ) ଲୋଭୀ, ଲୁବ୍ଧ; କୃପଣ ।

ଗର୍ଭ, ବି.(ଗୃ = ଗ୍ରାସ କରିବା-ଭ) ଗର୍ଭାଶୟଗତ ଶୁକ୍ରଶୋଣିତମୟ ପିଣ୍ଡ; ଭ୍ରୂଣ; ଶିଶୁ; ଅଗ୍ନି; କୁକ୍ଷି; ଯେ ସ୍ଥାନରେ ଶୁକ୍ରଶୋଣିତ ସମବେତ ହୋଇ ସନ୍ତାନରୂପେ ପରିଣତ ହୁଏ; ଉଦର, ପେଟ; ଅଭ୍ୟନ୍ତର; ପନସକଣ୍ଟକ; ଅନ୍ନ; ପୁତ୍ର; ନାଟ୍ୟରେ ସନ୍ଧିବିଶେଷ ।

ଗର୍ଭକ, ବି. (ଗର୍ଭ=ଅଭ୍ୟନ୍ତର-କ, ସ୍ୱାର୍ଥେ) କେଶମଧ୍ୟ ପରିଷ୍କୃତ ମାଲ୍ୟ;ଖୋସା ଭିତରେ ଥିବା ମାଳା, କେଶଭୂଷଣ ପୁଷ୍ପ; ଦୁଇ ରାତି ଏକ ଦିନ ।

ଗର୍ଭଣା, ବି.ସ୍ତ୍ରୀ. (ଗର୍ଭିଣୀ ଶବ୍ଦଜ) ତୁଳାସଂକ୍ରାନ୍ତି ବା ତୁଳା ମାସର ଆଦ୍ୟ ଦିବସ । ଯଥା—

ଆଗେ ବୁଣ ପଛେ ବୁଣ, ଗର୍ଭଣାକୁ ଚୂନ ଚୂନ । ଡ଼ା.ବ.

ଗର୍ଭବତୀ । ଯେପରି—ଗର୍ଭଣା ଗାଈ ।

ଗର୍ଭଣୀ, ବି. ସ୍ତ୍ରୀ. (ଗର୍ଭିଣୀ ଶବ୍ଦଜ) ଗର୍ଭିଣୀ ସ୍ତ୍ରୀ ।

ଗର୍ଭାଗାର, ବି. (ଗର୍ଭ=ଅଭ୍ୟନ୍ତର-ଆଗାର= ବାସଗୃହ) ବାସଗୃହ; ଅନ୍ତର୍ଗୃହ; ସୂତିକା ଗୃହ ।

ଗର୍ଭାଧାନ, ବି. ( ଗର୍ଭ-ଆଧାନ = ସ୍ଥାପନ, ଉତ୍ପାଦନ ) ନିଷେକ କ୍ରିୟା, ଗର୍ଭରେ ଶୁକ୍ରଶୋଣିତର ସମବାୟ ।

ଗର୍ଭାଶୟ, ବି. (ଗର୍ଭ=ଭ୍ରୂଣ-ଆଶୟ=ଶୟନୀୟ ସ୍ଥାନ) ଜରାୟୁ, ଯେ ସ୍ଥାନରେ ଶୁକ୍ରଶୋଣିତ ସମବେତ ହୋଇ ସନ୍ତାନରୂପେ ପରିଣତ ହୁଏ ।

ଗର୍ଭିଣୀ, ବି. ସ୍ତ୍ରୀ. (ଗର୍ଭ-ଇନ୍-ଅସ୍ତ୍ୟର୍ଥେ-ଈ) ଗର୍ଭବତୀ ।

ଗର୍ଭିତ, ବିଂ. (ଗର୍ଭ-ଇତ-ଯୁକ୍ତାର୍ଥେ) ଅନ୍ତର୍ଗତ; ଗର୍ଭଯୁକ୍ତ ।

ଗର୍ଭୋପଘାତ, ବି.(ଗର୍ଭ-ଉପଘାତ)ଜାତଗର୍ଭର ନାଶ; ମେଘର ଜଳୋତ୍ପାଦନ ଶକ୍ତି ନାଶ ।

ଗର୍ଭୋପଘାତିନୀ,ବି.ସ୍ତ୍ରୀ.(ଗର୍ଭ-ଉପ-ହନ୍-ଇନ୍-ଈ, ହନ = ଘାତ) ଅସମୟରେ ବୃଷୋପଗମନାଦିଦ୍ୱାରା ଯେଉଁ ଗାଭୀର ଗର୍ଭପାତ ହୁଏ ।

ଗର୍ବ, ବି. (ଗର୍ବ୍ = ଅହଂକୃତ ହେବା-ଅ) ଦର୍ପ, ଅହଙ୍କାର; ଅନ୍ୟ ପ୍ରତି ଅବଜ୍ଞା ।

ଗର୍ବର, ବିଂ. ( ଗର୍ବ-ର-ଅସ୍ତ୍ୟର୍ଥେ) ଯେ ଗର୍ବ କରେ, ଅହଙ୍କାରୀ ।

ଗର୍ବାଟ, ବି. (ଗର୍ବ-ଅଟ୍ = ଗମନ କରିବା-ଅ) ଦ୍ୱାରପାଳ ।

ଗର୍ହଣ, } ବି.(ଗର୍ହ୍ = ନିନ୍ଦା କରିବା-ଅନ, ଆ)
ଗର୍ହଣା, } ନିନ୍ଦା, ଦୋଷାରୋପ; ତିରସ୍କାର ।

ଗର୍ହା, ବି. ସ୍ତ୍ରୀ. (ଗର୍ହ୍-ଅ-ଆ) ନିନ୍ଦା; ତିରସ୍କାର ।

ଗର୍ହିତ, ବିଂ. (ଗର୍ହ୍ = ନିନ୍ଦା କରିବା-ତ) ନିନ୍ଦିତ; ନିଷିଦ୍ଧ; ମନ୍ଦ, କୁତ୍ସିତ ।

ଗର୍ହ୍ୟ, ବିଂ. (ଗର୍ହ୍-ଯ) ନିନ୍ଦନୀୟ; ନିନ୍ଦାର ଯୋଗ୍ୟ; ଅଧମ ।

ଗଳ, ବି. (ଗଲ୍ = ଭୋଜନ କରିବା-ଅ) କଣ୍ଠ, ଗଳା; ଝୁଣା; ବାଦ୍ୟବିଶେଷ ।

ଗଳକମ୍ବଳ, ବି. (ଗଳ-କମ୍ବଳ) ଗୋରୁର ଗଳ-ଲମ୍ବିତ କମ୍ବଳାକୃତି ମାଂସ ।

ଗଳଗଣ୍ଡ, ବି. (ଗଳ-ଗଣ୍ଡ = ମାଂସପିଣ୍ଡ) ରୋଗ-ବିଶେଷ; ହାଡ଼ଗିଲା ପକ୍ଷୀ ।

ଗଲଗଲ, ବି. (ଦେଶଜ) କୁଣ୍ଠାଇ ହେବା ।

ଗଳଗାଜିବା, କ୍ରି. (ଗଳଗର୍ଜନ ଶବ୍ଦଜ) ଗଳ-ଗର୍ଜନ କରିବା । ଯଥା—

ବାସବ ଦେହୁ ଭ୍ରମ ଭାଜି,
ପୁଣି ପିଟିଲି ଗଳଗାଜି । ଭା. ଦ. ସ୍କ.

ଗଳଗ୍ରହ, ବି. (ଗଳ-ଗ୍ରହ୍ = ଗ୍ରହଣ କରିବା-ଅ) ସ୍ୱୟଂ ଉତ୍‌ଥାପିତ ଅପରିହାର୍ଯ୍ୟ ଆପଦ; ଅକାରଣରେ ଅନିଚ୍ଛାପୂର୍ବକ ଯାହାର ଭାର ନେବାକୁ ହୁଏ, ଗଳାର ବୋଝ; ମତ୍ସ୍ୟକଣ୍ଟକ; ଅସମାପ୍ତ କର୍ମ ।

ଗଳଥା, ବି. ସ୍ତ୍ରୀ. ( ଦେଶଜ ) ଚଣ୍ଟିଆ, ଗଳ-ଦେଶରେ ପ୍ରହାର, ଅପମାନ । ଯଥା —

ସୁହୃଦ ମୂଢ଼ ବରଷି ପୁଚ୍ଛ ଲକ୍ଷ୍ୟ ହେବାପାଇଁ,
ଗଳଥା ପାଇଲୁ ଯାଇ ଲୋକେଶ ପାଶ । ସୁ. ପ.

ଗଳଥିବା, କ୍ରି. ( ଦେଶଜ ) ଗଳଦେଶରେ ପ୍ରହାରିବା । ଯଥା—

ଆସ୍ଥାନୁ ଉଠି ପାବଚ୍ଛ ନେଲେକ ଗଳଥି,
ବାହୁଡ଼ାଇ ଆଣ ବୋଲି ବୋଲେ କୁରୁପତି । ସା. ଭା. ସ.

ଗଳନ, ବି. (ଗଲ୍ = କ୍ଷରିତ ହେବା-ଅନ) ଦ୍ରବ ହେବା, ତରଳିବା; ଗଳିପଡ଼ିବା, ନିର୍ଗତ ହେବା ।

ଗଳନ୍ତିକା, ବି. ସ୍ତ୍ରୀ. (ଗଲ୍-ଅନ୍ତ-ସଂଜ୍ଞାର୍ଥେ-କ-ଆ) ଯହିଁରୁ ଜଳ କ୍ଷରିତ ହୁଏ, ଗଡ଼ୁ ଓ ଝୁଙ୍କିବିଶେଷ । ( କର୍କର୍ଯ୍ୟାଳୁର୍ଗଳନ୍ତିକା— ଅମର । )

ଗଳବ୍ରତ, ବି. (ଗଳ = ଗର = ସର୍ପ ଭକ୍ଷଣ ବ୍ରତ ଯାହାର) ମୟୂର ।

ଗଳଶୁଣ୍ଡିକା, ବି. ସ୍ତ୍ରୀ. (ଗଳ = କଣ୍ଠ-ଶୁଣ୍ଡିକା = ହାତିର ଶୁଣ୍ଡ-ହାତିର ଶୁଣ୍ଡ ପରି ଦୋଦୁଲ୍ୟମାନ ଗୋଲ ଏବଂ ମାଂସମୟ ପଦାର୍ଥ) ଘଣ୍ଟିକା, ଗଳା ଭିତରେ ବାହାରିବା ଜିହ୍ୱାକୃତି ମାଂସଖଣ୍ଡ ।

ଗଳହସ୍ତ, ବି. ସଂ. ଅବମାନନା ସହିତ ବହିଷ୍କୃତ କରିଦେବାପାଇଁ ଗଳାରେ ହାତ ଦେବା, ଅର୍ଦ୍ଧଚନ୍ଦ୍ର, ଗଳାଧକ୍କା; ତର୍ଜନୀଅଙ୍ଗୁଷ୍ଠ ବିସ୍ତାର ।

ଗଳା, ବି. ( ଗଳ ଶବ୍ଦଜ ) ଗଳଦେଶ, କଣ୍ଠ; କଣ୍ଠଧ୍ୱନି, କଣ୍ଠସ୍ୱର । ଯଥା—ଏହାର ଭଲ ଗଳା ଅଛି, ତାର ଗଳା ନାହିଁ, କଣ ଗାଇବ ? (ଗଲ୍ ଧାତୁଜ) କ୍ରି. ଗଳିବା । ବିଂ. ଗଳିତ ।

ଗଳାଇବା, } କ୍ରି. (ଗଲ୍ ଧାତୁଜ) ପ୍ରବେଶ
ଗଳେଇବା, } କରାଇବା । ଯଥା—

ଗଣ୍ଡିରେ ମୁଖ ଗଳାଇ ସୁଖ ପାଇଣ କେହି । ସୁ. ପ.

ତରଳାଇବା ।

ଗଳାଖଙ୍କାର, ବି. (ଦେଶଜ) ଗଳଗର୍ଜନ ।

ଗଳାଖଙ୍କାରିବା, କ୍ରି. ( ଦେଶଜ ) ଗଳଗର୍ଜନ କରିବା ।

ଗଳାଧଃକରଣ, ବି. ( ଗଳ-ଅଧଃକରଣ ) ଭୋଜନ ।

ଗଳାସି, } ବି. ସ୍ତ୍ରୀ. (ଦେଶଜ) ଗୋରୁମାନଙ୍କର
ଗଳାସୀ, } ଗଳବନ୍ଧନ ରଜ୍ଜୁ ।

ଗଳି, ବି. ( ଦେଶଜ ) କନ୍ଦ, ଅଳ୍ପ ଓସାର ବାଟ । ଯଥା—

ଚନ୍ଦ୍ରାପୁରେ ଅଛୁ ଯେତେ ଗଳି କୁଞ୍ଚ,
ରହି ନ ପାରେ ତା ଆଲୋକରେ ଲୁଚ । ଦ. ବା.

ଗଳିଆ, ବି. ( ଗଳିତ ଶବ୍ଦଜ ) ବଲ ହୁଡ଼ା ପ୍ରଭୃତିରେ ହୋଇଥିବା ପାଣି ରହିବା କ୍ଷୁଦ୍ର ଗାତ ବା ରନ୍ଧ୍ର । (ଗଳା ଶବ୍ଦଜ) ଲଙ୍ଗି ।

ଗଳିଆରକ୍ତ, ବି. (ଦେଶଜ) ବାତରୋଗବିଶେଷ ।

ଗଳିଜ, } ବି. (ଯାବନିକ) ମଳ ବା ବିଷ୍ଠା ।
ଗଳିଯି, }

ଗଳିତ, ବିଂ. (ଗଲ୍ = କ୍ଷରିତ ହେବା-ତ) ସ୍ରୁତ, କ୍ଷରିତ; ଦ୍ରବୀଭୂତ; ପତିତ; ସ୍ଖଳିତ; ଜୀର୍ଣ୍ଣ, ଶୀର୍ଣ୍ଣ; ନଷ୍ଟ; ଶିଥିଳ ।

ଗଳିବା, କ୍ରି. (ଗଲ୍ ଧାତୁଜ) ସଂକୀର୍ଣ୍ଣ ସ୍ଥଳରେ ସଙ୍କୁଚିତ ହୋଇ ପ୍ରବେଶ କରିବା । ଯଥା—

ଇନ୍ଦ୍ର ମାର୍ଜାର ରୂପ ଧରି,ଗଳି ପଳାଇଗଲା ଡରି । ମା. ମା

ସ୍ରବିବା । ଯଥା—

କନ୍ୟାଭାଳ ଅମ୍ବୁଦାନେ କମ୍ବୁହୃଦ ଜଳ,
ଗଳେ କି ମୁଖ ପୋଛିବା ବ୍ୟାଜେ ଶ୍ରମଜଳ ।
କୋ. ବ୍ର. ସୁ.

ପତିତ ହେବା; ପ୍ରବିଷ୍ଟ ହେବା ।

ଗଳୁ , ବି. (ଦେଶଜ) କୁଣ୍ଡେଇ ହେବା, ଗଳ-ଗଳ ।

ଗଳୁମାରିବା, ବି. (ଦେଶଜ) କଣ୍ଡୁନିବାରଣ । ଯଥା—

ଅମଲ ଓ ପିଆଦାଙ୍କ ଅଣ୍ଟାର ଗଳୁ ମାରିବ
ତେବେ ଯାଇ ଢ଼ଗ୍ରି ପାଇବ । ଭ. ସା.

ଗଳେଇ, } ବି. ( ଗୁଳୁଚୀ ଶବ୍ଦଜ ) ଗୁଳୁଚୀ-
ଗଳିଆ, } ଲତା ।

ଗଳ୍ପ, ବି. ( ଭାଷଣାର୍ଥ ଜଲ୍ପ୍-ଅ, ଜ = ଗ ) ଉପନ୍ୟାସ; ଉପକଥା ।

ଗଲ୍ଭ, ବିଂ. ( ଗଲ୍ଭ୍ = ଗର୍ବ କରିବା-ଅ ) ଗର୍ବକାରୀ; ଧୃଷ୍ଟ ।

ଗଲ୍ଲି, ବି. (ଗଲ୍-ଲ—ସଂଜ୍ଞାର୍ଥେ) ଗଣ୍ଡ, ଗାଲ ।

ଗଲ୍ଲକ, ବି. ( ଗଲ୍ଲ-କ-ସ୍ୱାର୍ଥେ ) ଚଷକ, ମଦ୍ୟପାନ ।

ଗଲ୍ଲଚାତୁରୀ, ବି. (ଗଲ୍ପଚାତୁର୍ଯ୍ୟ ଶବ୍ଦଜ) ଗଳ୍ପ କହିବାରେ ଚତୁରତା ।

ଗବୟ, ବି. (ଗୋ = ଗୋରୁ-ଅୟ୍ = ଗମନ କରିବା-ଅ, ଯେ ଗୋ ସଦୃଶ ଗମନ କରେ) ଗଳକମ୍ବଳଶୂନ୍ୟ ଗୋ ତୁଲ୍ୟ ଜନ୍ତୁ; ବାନରବିଶେଷ ।

ଗବରାଜ, ବି. ( ଗବ = ଗୋସମୂହ-ରାଜା ) ବୃଷଭ, ଷଣ୍ଢ ।

ଗବଳ, ବି. (ଗୁ = ଶବ୍ଦ କରିବା-ଅଳ) ବନ୍ୟ-ମହିଷ; ମହିଷଶୃଙ୍ଗ । (ଗବଳଂ ମାହିଷଂ ଶୃଙ୍ଗଂ—ଅମର ।)

ଗବାକ୍ଷ, ବି. (ଗୋ = କିରଣ-ଅକ୍ଷ୍ = ବିସ୍ତୃତ କରିବା-ଅ, ଅଥବା ଗୋ = ଗୋରୁ-ଅକ୍ଷି = ଚକ୍ଷୁ—ଯେ କିରଣ ବିସ୍ତାର କରେ ଅଥବା ଗୋରୁର ଚକ୍ଷୁ ତୁଲ୍ୟ) ଝିଡ଼କି, ବାତାୟନ; ବାନରବିଶେଷ । (ବାତାୟନଂ ଗବାକ୍ଷଃ ସ୍ୟାତ୍—ଅମର ।)

ଗବାଦନ, ବି. (ଗୋ = ଗୋରୁ-ଅଦନ) ଘାସ, ତୃଣ ।

ଗବାଶନ, ବି. (ଗୋ-ଅଶ୍ = ଖାଇବା-ଅନ) ଗୋଖାଦକ; ନୀଚଜାତିବିଶେଷ ।

ଗବୀ, ବି. ସ୍ତ୍ରୀ. (ଗୋ = ଗୋରୁ, ବାକ୍ୟ-ସ୍ତ୍ରୀ-ଈ) ମାଈ ଗୋରୁ; ବାଣୀ ।

ଗବେଡ଼ୁ, } ବି. ସ୍ତ୍ରୀ. (ଗୋ = ଗୋରୁ ବା
ଗବେଡ଼ୁକା, } ପୃଥ୍ୱୀ-ଏଡ଼୍ = ରକ୍ଷା କରିବା-ଉ) ମେଘ; ତୃଣଧାନ୍ୟବିଶେଷ, ଗରଗଡ଼ ।

ଗବେଧୁ, } ବି. ସ୍ତ୍ରୀ. (ଗୋ = ଜଳ-ଏଧ୍ =
ଗବେଧୁକା, } ବୃଦ୍ଧି ପାଇବା-ଉ, ସଂଜ୍ଞାର୍ଥେ - କ -ଆ) ତୃଣଧାନ୍ୟ, ଗରଗଡ଼ ।

ଗବେଷଣ, } ବି. ସ୍ତ୍ରୀ. (ଗବେଷ୍ = ଅନ୍ୱେଷଣ
ଗବେଷଣା, } କରିବା-ଅନ, ଆ) କୌଣସି ବିଷୟର ତତ୍ତ୍ୱ ନିରୂପଣ ନିମିତ୍ତ ଅନ୍ୱେଷଣ, ଅନୁସନ୍ଧାନ; ଜଳର ଅନୁସନ୍ଧାନ; ନୃପ-ବିଶେଷ ।

ଗବ୍ୟ, ବିଂ. ( ଗୋ-ଯ-ଇଦମର୍ଥେ, ଭାବାର୍ଥେ, ବିକାରାର୍ଥେ) ଗୋସମ୍ବନ୍ଧୀୟ (ଦୁଗ୍ଧ ଘୃତାଦି) । ( ଗବ୍ୟଂ ତ୍ରିଷୁ ଗବାଂ ସର୍ବଂ—ଅମର ) । (ସ୍ତ୍ରୀ-ଆ) ଗୋସମୂହ; ଗୋରୋଚନା ।

ଗବ୍ୟୂତ, ଗବ୍ୟୂତି, } ବି. ସ୍ତ୍ରୀ. ( ଗୋ = ପୃଥିବୀ-ୟୂ = ଯୋଗ କରିବା-ତ, ତି ) ଦୁଇ କ୍ରୋଶ ପରିମାଣ । ଗବ୍ୟୂତିଃ ସ୍ତ୍ରୀକ୍ରୋଶ-ଯୁଗଂ—ଅମର ।)

ଗସ୍ତ, ବି. (ଯାବନିକ) ସରକାରୀ କାର୍ଯ୍ୟରେ ସ୍ଥାନାନ୍ତର ଯିବା ।

ଗସ୍ତଖର୍ଚ୍ଚା, ବି. (ଦେଶଜ) କାର୍ଯ୍ୟରେ ସ୍ଥାନାନ୍ତର ଗମନାଗମନର ବ୍ୟୟ ।

ଗସ୍ତାନୀ, ବି. ସ୍ତ୍ରୀ. (ଦେଶଜ) ଯେଉଁ ସ୍ତ୍ରୀ ସ୍ୱେଚ୍ଛାନୁସାରେ ପର ପୁରୁଷ ସଙ୍ଗ କରେ; ବେଶ୍ୟା ।

ଗହଗହ, ଅଂ. ( ଦେଶଜ ) ଶବ୍ଦାନୁକରଣ । ଯଥା—

ଶଙ୍ଖ ଶବଦର ଗହଗହ ଘୋଷବାଣୀ,
ଦୁଷ୍ଟ ରାଜାଙ୍କ ହୃଦ କମ୍ପିଲା ତାହା ଶୁଣି । ସା.ଭା.ଆ.

ଗହକ, ବି. (ଗ୍ରାହକ ଶବ୍ଦଜ) ଗ୍ରାହକ, ଗରାଖ । ଯଥା—

ଭୁଲାଇବାପାଇଁ ଗହକ ମନ,
ହାଟୁଆଙ୍କ ଦେଖ କେଡ଼େ ଯତନ । ଦ୍ୱି. ସା. ୮. ୮.

ଗହଣ, ବି. (ଗହନ ଶବ୍ଦଜ ପ୍ରାକୃତ) ବନ; ସମାଜ ବା ଲୋକସମୂହର ସହାର୍ଥ, ସଙ୍ଗ । ଯଥା—

ବୋଇଲେ ଏ କଥା ମୋତେ ନ ବୋଲିବ ଭାଇ,
ଗହଣେ ଭ୍ରମିବ ମୁଁ ତ ନ ପାରିବ ଯାଇ । ଭକ୍ତବନ୍ଧୁ ।

( ଗହନ ଶବ୍ଦର ଅପଭ୍ରଂଶ ) ପୋଷାକ, ଅଳଙ୍କାର । ଯଥା—

ଆରବନ ଦୁର୍ଯ୍ୟୋଧନ ନରଗଣ,
ଘେନ କୁରୁ ରଥିଙ୍କି ଲଗାଇ ଗହଣ । କୃ.ଭା.ବି.ପ.

ଗହଣା, ବି. ସ୍ତ୍ରୀ. (ଗହନା ଶବ୍ଦଜ) ପୋଷାକ, ଅଳଙ୍କାର । ଯଥା—

ସୁଗନ୍ଧ ଗହଣା ପିନ୍ଧି ତାର ସର୍ବ ଅଙ୍ଗେ,
ଝଲକନ୍ତି ଯାର ମିଳା ଗଜାଦିଙ୍କ ସଙ୍ଗେ । ସା.ଭା.ସ.

(ଦେଶଜ) ତେଲ ପେଡ଼ିବାର ଯନ୍ତ୍ର; ସାନ ଗଛମାନଙ୍କର ବଂଶାଦିନିର୍ମିତ ଆବରଣ । (ସମ୍ବଲପୁରରେ) ବନ୍ଧକ ।

ଗହନ, ବିଂ. (ଗହ୍ = ନିବିଡ଼ ହେବା, ବୁଝିବାକୁ କଠିନ ହେବା-ଅନ) ଦୁର୍ଗମ, ଦୁଷ୍ପ୍ରବେଶ୍ୟ; ଦୁରୂହ, ଦୁର୍ବୋଧ । ବି. ବନ । (ଗହନଂ କାନନଂ ବନଂ—ଅମର) । ଯାତନା, ଦୁଃଖ; ଗହ୍ୱର; ପରମେଶ୍ୱର ।

ଗହବ, ବିଂ. (ଦେଶଜ) ଗହଳ ବା ଘଞ୍ଚ । ଯଥା—

ଗହବ ଚମ୍ପା ଧଣ୍ଡା, ନିର୍ମିତ ଗଜଶୁଣ୍ଡା
ଦଣ୍ଡକୁ ବନ୍ଧି ଗୁନ୍ଥି ଯାହାକୁ ଗୋ । ଗୀତ ।

ଗହମ, ବି. (ଗୋଧୂମ ଶବ୍ଦଜ) ଶସ୍ୟବିଶେଷ ।

ଗହମ, ଗହମକାକୁଡ଼ି, } ବି. ( ଗୋଦୁଗ୍ଧା ଶବ୍ଦଜ ) ସୁସ୍ୱାଦୁ ଲତାଫଳବିଶେଷ ।

ଗହଳ, ଗହଳି, } ବି. (ଗହନ ଶବ୍ଦର ଅର୍ଥାନୁକରଣରେ ଦେଶଜ) ଗୋଳମାଳ; ଘଞ୍ଚତା । ଯଥା—

ଚଣ୍ଡିକା ଦେଉଳେ ଲଗିଛି ଗହଳ । ନ. କେ.
ଗୋଲାଆ ନ ରଖି କହ ଚନ୍ଦ୍ରମୁଖି !
ଗହଳ ନ ଥିବା ବେଳେ । କ. ଚ. ଚ.

ବିଂ. ଘଞ୍ଚ । ଯଥା—

ଏଆଦି ଗହନପାଦପେ ଗହଳ ଥିଲା ସେ ସ୍ଥଳୀ । ଉଷା ।

ଗହା, ବି. (ଗୁହା ଶବ୍ଦଜ) ଗୁହା, କନ୍ଦର, ଖୋଲ, ପର୍ବତ ଗର୍ତ୍ତ ।

ଗହ୍ୱଡ଼ା, ଗହ୍ୱର, } ବି. ( ଗମ୍ଭୀର ଶବ୍ଦଜ ) ଖାତ, ଗମ୍ଭୀରପ୍ରଦେଶ, ଚତୁର୍ଦ୍ଦିଗରୁ ନିମ୍ନସ୍ଥାନ ।

ଗହ୍ୱର, ଗମ୍ଭାର, ଗହ୍ୱଡ଼ା, ଗହ୍ୱର, } ବିଂ. ( ଗମ୍ଭୀର ଶବ୍ଦଜ ) ଗମ୍ଭୀର । ବି. ଗମ୍ଭୀର ସ୍ଥାନ, ନିମ୍ନସ୍ଥାନ ।

ଗହ୍ୱରି, ଗହ୍ୱରୀ, } ବି. ସ୍ତ୍ରୀ. ( ଗମ୍ଭୀର ଶବ୍ଦଜ ) ଖାଲ ଭୂମି ।

ଗହ୍ୱରଖର୍ଚ୍ଚ, ବି. ( ଦେଶଜ ) ଡଙ୍ଗାରୁ ମାଲ ଇତ୍ୟାଦି ନିରୂପିତ ସମୟରେ ଖଲାସ ନ କଲେ ମାଲବାଲା ଡଙ୍ଗାବାଲାକୁ ଯେଉଁ ଖେସାରତ ଦିଏ ।

ଗହ୍ମା, ବି. (ଦେଶଜ) ଶ୍ରାବଣପୂର୍ଣ୍ଣିମା ଦିନ ଉଲ୍ଲଙ୍ଘନାର୍ଥ ନିର୍ମିତ ମୃତ୍ତିକା ସ୍ତୂପ; ଏକପ୍ରକାର ଖେଳ । ଯଥା—

ଆବର କେହ୍ନୁ ଖେଳଇ ପଶା ନ୍ୟାସ୍ତ୍ରବଳ,
ଗହ୍ମା ସାତପହଣ୍ଡି ଫୋପଡ଼ା ଗୁଣ୍ଡିମାଲ । ନୃ.ପୁ.ଭୂ.ଭ.

ଗହ୍ୱର, ବି. ( ଗୋ = ପୃଥିବୀ-ହ୍ୱୃ = କୁଟିଳ ହେବା-ଅ ) ଦେବଖାତ, ଗର୍ତ୍ତ; ଗିରିଗୁହା; ଗହନ; ଦମ୍ଭ; ନିକୁଞ୍ଜ, ଲତାଗୃହ ।

ଗାଁ, ଗାଆଁ, ବି. (ଗ୍ରାମ ଶବ୍ଦଜ) ଗ୍ରାମ, ପଲ୍ଲୀ । ଯଥା—ପ୍ରତି ଗାଁରୁ ଜଣେ ଜଣେ ଆସିବେ ।

ବୁଝିଲେ ବ୍ରାହ୍ମଣେ ଯେ ଅଟନ୍ତି ଅଲସୁଆ,
ପାଇଲେ ଖାଇବାକୁ ନ ଯାନ୍ତି ଆନ ଗାଆଁ । ନୃ.ପୁ.ଚ.ଭ.

ଗାଇ, ଗାଈ, } ବି. ସ୍ତ୍ରୀ. (ଗବୀ ଶବ୍ଦଜ) ମାଈ ଗୋରୁ; ଦଶ ସଂଖ୍ୟା (ଗୁବାକ) ।

ଗାଇଆଳ, ବି. (ଗବୀପାଳ ଶବ୍ଦଜ) ଗାଈ ଜଗିବା ଲୋକ ।

ଗାଇବା, କ୍ରି. (ଗୈ ଧାତୁଜ) ଗାନ କରିବା; କହିବା । ଯଥା—

ଭବରେ ବିନୋଦ ଏହା ଗାଇଲା । ହା. ଭ.

ଗାଉଁଟିଆ, ଗୌନ୍ତିଆ, } ବି. (ସମ୍ବଲପୁରରେ ବ୍ୟବହୃତ) ଗ୍ରାମର ଅଧିକାରୀ; (ଦେଶଜ) ଶୂଦ୍ରଜାତିବିଶେଷ ।

ଗାଉଁଲ, ବିଂ. (ଦେଶଜ) ଗ୍ରାମବାସୀ ।

ଗାଉଁଲଆ, ବି. (ଦେଶଜ) ମୂଢ଼; ଗ୍ରାମ୍ୟ, ଗ୍ରାମବାସୀ; ଓଲୁ ।

ଗାଉଁଲଗାଁ, ବି. (ଦେଶଜ) ପଲ୍ଲୀଗ୍ରାମ । ବିଂ. ଗ୍ରାମବାସୀ ବା ଗ୍ରାମ୍ୟ ।

ଗାଏ, ବି. (ଦେଶଜ) ମୋଟ ।

ଗାଏଣୀ, ଗାୟଣୀ, } ବି. ସ୍ତ୍ରୀ. (ଗାୟନ ଶବ୍ଦଜ) ଗାନ କରୁଥିବା ସ୍ତ୍ରୀ ଲୋକ । ଯଥା—

ତ୍ରିଲୋକ କମ୍ପନ୍ତି ଯା ଧନୁଘୋଷ ଶୁଣି,
ହୋଇଛନ୍ତି ଏବେ ସେ ବିରାଟ ଗାଏଣୀ । କୃ.ଭା.ବ.ପ.

ଗାଗର, ବି. (ଗର୍ଗର ଶବ୍ଦଜ) ମତ୍ସ୍ୟବିଶେଷ ।

ଗାଗ୍ରବ, ବି. (ଗାର୍ଗବ ଶବ୍ଦଜ) ଋଷିବିଶେଷ । ଯଥା—

ଏକୋଇଶ ଗ୍ରନ୍ଥିରେ ଗାଗ୍ରବ ବିଜେ କଲେ,
ଜାତକ ନାମଟି ବୁଝି କର୍ଣ୍ଣରେ କହିଲେ । ନୃ.ପୁ.ସ.ଭ.

ଗାଙ୍ଗ, ବି. (ଗଙ୍ଗା-ଅ-ଅପତ୍ୟାର୍ଥେ, ସମ୍ବନ୍ଧାର୍ଥେ) ଭୀଷ୍ମ; କାର୍ତ୍ତିକେୟ; ଇଲିଶ ମାଛ; ସ୍ୱର୍ଣ୍ଣ; କେସୁର । ବିଂ. ଗଙ୍ଗାସମ୍ବନ୍ଧୀୟ । (ଗାଙ୍ଗଂବାରି ମନୋହାରି ।)

ଗାଙ୍ଗଟ, ଗାଙ୍ଗାଟ, ଗାଙ୍ଗଟେୟ, } ବି. ( ଗଙ୍ଗା-ଅଟ୍ = ଗମନ କରିବା-ଅ ନିପାତନ, ଗାଙ୍ଗଟ-ଏୟ-ସ୍ୱାର୍ଥେ ) ମତ୍ସ୍ୟବିଶେଷ, ଚିଙ୍ଗୁଡ଼ି ମାଛ ।

ଗାଙ୍ଗବ, ବି. (ଗାଙ୍ଗ କିମ୍ବା ଗାଙ୍ଗେୟ ଶବ୍ଦଜ) ଭୀଷ୍ମ । ଯଥା—

ଧନ୍ୟରେ ପାଣ୍ଡବେ ବୋଲି ଗାଙ୍ଗବେ ବୋଇଲେ,
କୃଷ୍ଣଙ୍କୁ ରଥରେ ନେଇ ସାରଥି ସେ କଲେ । ନୃ. ପୁ. ଭୂ. ଭ.

ଗାଙ୍ଗୀ, ବି. ସ୍ତ୍ରୀ. (ଗାଙ୍ଗ ଶବ୍ଦଜ) ଗଙ୍ଗାଦେବୀ । ଯଥା—

ଗଙ୍ଗା ବୋଲି ମୋତେ ବୋଲୁଥିବୁ ଅନୁବ୍ରତେ,
ଗାଙ୍ଗୀ ବୋଇଲେ କଦାପି ନ ପାଇବୁ ମୋତେ । ସା. ଭା. ଆ.

ତନ୍ନାମଧାରିଣୀ ସ୍ତ୍ରୀ ।

ଗାଙ୍ଗେୟ, ଗାଙ୍ଗାୟନ, } ବି. ( ଗଙ୍ଗା-ଏୟ, ଆୟନ-ଅପତ୍ୟାର୍ଥେ ) ଭୀଷ୍ମ; କାର୍ତ୍ତିକେୟ । ବିଂ. ଗଙ୍ଗାସମ୍ବନ୍ଧୀୟ ।

ଗାଙ୍ଗୋଇ, ଗଙ୍ଗାଇ, } ବି. ( ଦେଶଜ ) ପକ୍ଷିବିଶେଷ । ଯଥା—

ଚଳମତ୍ସ୍ୟେ ଚଲ୍ଲମାରନ୍ତି ଗାଙ୍ଗୋଇ । ଚଲ୍ଲକା ।
ଛଡ଼ିର ତାମ୍ରଚୂଡ଼ ଯେ ଗଙ୍ଗାଇ ଡୁବାଇ,
ଏ ଆଦି ଦର୍ଶିଲେ ଅଛି ଯାବତ ଚଢ଼ାଇ । ନୃ.ପୁ.ପ୍ର.ଭ.

ଗାଁଜ, ଗାଞ୍ଜ, ବି. ( ଦେଶଜ ) କଳସୀମୁହଁର ବିଣ୍ଡା ।

ଗାଁଜିବା, ଗାଞ୍ଜିବା, ଗେଞ୍ଜିବା, } କ୍ରି. (ଦେଶଜ) ବନ୍ଧୁକ ପ୍ରଭୃତିରେ ବାରୁଦ ଖୁନ୍ଦିବା ।

ଗାଜର, ବି. ( ଦେଶଜ ପ୍ରାୟ ବ୍ୟବହୃତ ) ଗୁଞ୍ଜନ, ରକ୍ତବର୍ଣ୍ଣ ମୂଳବିଶେଷ ।

ଗାଞ୍ଜିଆ, ବି. (ଦେଶଜ) ଟଙ୍କା ପଇସା ରଖିବା ଥଳିବିଶେଷ ।

ଗାଛି, ବିଂ. (ଦେଶଜ) କୃପଣ, ଲୋଭୀ ।

ଗାଡ଼, } ବି. ( ଗର୍ତ୍ତ ଶବ୍ଦଜ ) ଗାତ,
ଗାଡ଼ଆ, } ଗର୍ତ୍ତ ।

ଗାଡ଼ା, ବି. (ଦେଶଜ, ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଏକପ୍ରକାର ଗରା, ଜଳପାତ୍ରବିଶେଷ ।

ଗାଡ଼ଆ, ବି. (ଗଡ଼ଡ଼ ଶବ୍ଦଜ ପ୍ରାକୃତ) କ୍ଷୁଦ୍ର ଜଳାଶୟ ।

ଗାଡ଼ୀ, } ବି. ସ୍ତ୍ରୀ. (ଗାନ୍ତ୍ରୀ ଶବ୍ଦଜ) ପ୍ରଧାନ
ଗାଡ଼ି, } ଶକଟ, ଅଶ୍ୱଶକଟ, ଗୋଶକଟ । ଯଥା—

ସେ ଦାରୁଣ ଦରବାରେ ଯିବାପାଇଁ,
ଗାଡ଼ୀ ଘୋଡ଼ାଅଦ ଲୋଡ଼ା ହେବ ନାହିଁ ।ଦ. ବା.

ଗାଡ଼ୋୟାନ, } ବି. ( ଦେଶଜ ) ଶଗଡ଼ଆ,
ଗାଡ଼ୁଆନ, } ଗାଡ଼ିଚାଳକ ।
ଗାଡ଼ିଆଳ, }

ଗାଢ଼, ବିଂ. (ଗାହ୍ = ବିଲୋଡ଼ନ କରିବା, ଅବଗାହନ କରିବା-ତ) ଅତିଶୟ, ଅତିରକ୍ତ । ଯଥା—ଗାଢ଼ ପରିଶ୍ରମ । ଦୃଢ଼ । ଯଥା—ଗାଢ଼ ଶରୀର । ଘନ, ଯାହା କି ତରଳ ନୁହେ ଦୃଢ଼ (ପଦାର୍ଥ) । ସେବିତ; ଗଭୀର; ଭାରି ।

ଗାଢ଼ୁଆ, ବିଂ. (ଗାଢ଼ ବା ଗାଢ଼ମୁଷ୍ଟି ଶବ୍ଦଜ) କଠିନ; କୃପଣ; ଆଣ୍ଠ; ନିଷ୍ଠୁର, ନିର୍ଦ୍ଦୟ ।

ଗାଢ଼ୁସିକ, ବି. (ବାର୍ଦ୍ଧୁଷିକ ଶବ୍ଦଜ ପରା ?) ବଡ଼ ଧନୀ । (ଏ ଶବ୍ଦଟି ସ୍ୱର୍ଣ୍ଣବଣିକମାନଙ୍କ ଦ୍ୱାରା ବ୍ୟବହୃତ ହୁଏ ।)

ଗାଣ, ବି. (ଗାନ ଶବ୍ଦଜ ପ୍ରାକୃତ) ଗାଇବା, ଗାନ ।

ଗାଣିତିକ, ବିଂ. ( ଗଣିତ-ଇକ-ଜ୍ଞାତାର୍ଥେ, ଇଦମର୍ଥେ ) ଗଣିତଶାସ୍ତ୍ରଜ୍ଞ; ଗଣିତସମ୍ବନ୍ଧୀୟ ।

ଗାଣ୍ଠି, ବି. (ଗ୍ରନ୍ଥ୍-ଇ) ଗ୍ରନ୍ଥି, ଗଣ୍ଠି । (ଦେଶଜ) ଗୁହ୍ୟଦ୍ୱାର ଓ ତନ୍ନିକଟସ୍ଥ ଅଂଶ; ପିଚ୍ଛ ।

ଗାଣ୍ଡିମ, ବି. ( ଗାଣ୍ଡୀବ ଶବ୍ଦଜ) ଅର୍ଜୁନଙ୍କ ଧନୁ । ଯଥା—

ପାର୍ଥହାତେ ଗାଣ୍ଡିମ ନକୁଳ ହାତେ କୁନ୍ତ ।ନୃ.ପୁ.ସ.ତ.

ଗାଣ୍ଡିବ, } ବି. ( ଗାଣ୍ଡି = ପ୍ରଧାନ ଗ୍ରନ୍ଥି-ବ-
ଗାଣ୍ଡୀବ, } ଅସ୍ତ୍ୟର୍ଥେ ) ଅର୍ଜୁନଙ୍କ ଧନୁ; ଧନୁକ ।

ଗାଣ୍ଡୁ, ବି. ( ଦେଶଜ ) ତର୍ଜନା ବଚନ । ଯଥା—

ଏରୂପରେ ପୂର୍ବାହ୍ନ ସମସ୍ତେ କୁରୁ ପାଣ୍ଡୁ,
ଆଟ ପିଟାପିଟି ହେଲେ ବୋଲି ଗାଣ୍ଡୁ । କୃ.ଭା.ସ୍ତ୍ରୀ.ପ.

ଗାଣ୍ଡୁଆ, ବି. (ଦେଶଜ) ଟୋକେଇ ।

ଗାତ, ବି. (ଗର୍ତ୍ତ ଶବ୍ଦଜ) ଖାଲ; ରନ୍ଧ୍ର ।

ଗାତବ୍ୟ, ବିଂ. (ଗୈ = ଗାନ କରିବା-ତବ୍ୟ) ଗାନର ଯୋଗ୍ୟ ।

ଗାତା, ବିଂ. (ଗୈ = ଗାନ କରିବା-ତୃ) ଗାୟକ ।

ଗାତୁ, ବି. (ଗୈ = ଗାନ କରିବା-ତୁନ୍, ଗୈ = ଗା) କୋକିଳ; ଭ୍ରମର; ଗନ୍ଧର୍ବ ।

ଗାତୁଆ, ବିଂ. (ଦେଶଜ) ଯେ ଗାତରେ ବାସ କରେ । ବି. କଙ୍କଡ଼ା ପ୍ରଭୃତି ।

ଗାତ୍ର, ବି. (ଗମ୍ = ଗମନ କରିବା-ତ୍ରନ୍—ସଞ୍ଜ୍ଞାର୍ଥେ) ଶରୀର; ଅଙ୍ଗ; ହସ୍ତିର ଅଗ୍ରଜଙ୍ଘାର ଆଦିଭାଗ ।

ଗାଥକ, ବି. (ଗୈ = ଗାନ କରିବା-ଥକ—ଶିଳ୍ପି-ଅର୍ଥେ) ଗାୟକ, ଗାନକାରୀ । (କ୍ୱଣଦ୍ଭିରଳଗାଥକୈଃ—ଭଟ୍ଟି ।)

ଗାଥା, ବି. (ଗୈ = ଗାନ କରିବା-ଥନ୍-ସ୍ତ୍ରୀ-ଆ) ଶ୍ଳୋକ, ପଦ୍ୟ; କବିତା; ଗାନ, ଗୀତ; ବର୍ଣ୍ଣନ ।

ଗାଦ, ବି. (ଦେଶଜ) ତେଲ ପ୍ରଭୃତିର କାଣ୍ଟି; ମଇଳା ।

ଗାଦି, ବି. (ଯାବନିକ ଗଦ୍ଦି ଶବ୍ଦଜ) ସିଂହାସନ; ଆସନ; ସମାଧି; ରାଶି, ସ୍ତୂପ; ଏକତ୍ରୀକରଣ ।

ଗାଧ, ବି. (ଗାଧ୍ = ପ୍ରତିଷ୍ଠିତ ହେବା, ଇଚ୍ଛା କରିବା-ଅ) ତଳସ୍ପର୍ଶ; ସ୍ଥାନ; ଲୋଭ । ବିଂ. ଅଗଭୀର ।

ଗାଧା, ବି. ସ୍ତ୍ରୀ. (ଦେଶଜ କିମ୍ବା ଗାଥା ଶବ୍ଦଜ) ଧନ୍ଦା; ଜଟିଳତା ।

ଗାଧି, ବି. (ଗାଧ୍ = ପ୍ରତିଷ୍ଠିତ ହେବା-ଇ) ବିଶ୍ୱାମିତ୍ରଙ୍କ ପିତା; ଚନ୍ଦ୍ରବଂଶୀୟ ନୃପତିବିଶେଷ ।

ଗାଧୁଆ, ଗାଧୁଆପାଧୁଆ, } ବି. (ଗାତ୍ରଧାବନ ଶବ୍ଦଜ) ସ୍ନାନ । ବିଂ. ସ୍ନାନ କରିଥିବା ।

ଗାଧେୟ, ବି. (ଗାଧି = ଋଷି-ଏୟ-ଅପତ୍ୟାର୍ଥେ) ବିଶ୍ୱାମିତ୍ର, ଗାଧିପୁତ୍ର ।

ଗାଧୋଇବା, କ୍ରି. (ଗାତ୍ରଧାବନ ଶବ୍ଦଜ) ସ୍ନାନ କରିବା ।

ଗାନ, ବି. (ଗୈ = ଗାନ କରିବା-ଅନ, ଗୈ = ଗା) ଗାଇବା, ଗୀତ; ସାମବେଦର ଧ୍ୱନି ।

ଗାନ୍ତ୍ରୀ, ବି. ସ୍ତ୍ରୀ. (ଗନ୍ତ୍ରୀ-ଅ-ସ୍ୱାର୍ଥେ-ଈ) ବୃଷବାହ୍ୟ ଶକଟ; ଗୋରୁ ଶଗଡ଼; ପୃଥିବୀ; ଗୋରୁ ।

ଗାନ୍ଦିନୀ, ବି. (ଗୋ = ସ୍ୱର୍ଗ-ଦା-ଇନ୍-ଈ, ମ ଆଗମ) ଗଙ୍ଗାନଦୀ; ଗଙ୍ଗାଦେବୀ; ଅକ୍ରୂର-ମାତା ।

ଗାନ୍ଧାର, ବି. (ଗାନ୍ଧ୍-ଋ = ଗମନ କରିବା-ଅ) ପ୍ରାଚୀନ ଦେଶବିଶେଷ, ବର୍ତ୍ତମାନ ନାମ କାନ୍ଦାହାର; ସ୍ୱରବିଶେଷ; ରାଗବିଶେଷ; ସିନ୍ଦୂର; ଗନ୍ଧକ । (ସ୍ତ୍ରୀ-ଈ) ଧୃତରାଷ୍ଟ୍ରଙ୍କ ମହିଷୀ । ବିଂ. ଗାନ୍ଧାର ଦେଶସ୍ଥ ।

ଗାବ, ବି. (ଗୌ ଶବ୍ଦଜ) ଗାଈ । ଯଥା—

 ଗଜ ଅଶ୍ୱ ଗାବ ହିରଣ୍ୟ ବସନ,
 ବିପ୍ରେ ଦେଲେ ବହୁ ଦାନ । ବି. ଗୀ.

(ଏହି ଶବ୍ଦଟି ବିଶେଷତଃ ପଦ୍ୟରେ ପ୍ରଯୁଜ୍ୟ) (ଦେଶଜ) ମୃଦଙ୍ଗ ପ୍ରଭୃତି ବାଦ୍ୟ-ଯନ୍ତ୍ରରେ ଦେବା ଏକପ୍ରକାର ଲେପ ।

ଗାବିବା, କ୍ରି. (ପ୍ରାକୃତ ଗାବ ଧାତୁଜ) ଗାନ କରିବା । ଯେପରି—ମଧୁରେ ଗାବଇ ।

ଗାଭୀ, ବି. ସ୍ତ୍ରୀ. (ଗବୀ ଶବ୍ଦଜ) ମାଈ ଗୋରୁ; ଧେନୁ ।

ଗାମଚ୍ଛ, ଗାମୁଚ୍ଛ, ଗାମୁଛ୍ଛ, } ବି. (ଦେଶଜ) ଦେହ ଘଷିବା ଛୋଟ ବସ୍ତ୍ର ।

ଗାମୀ, ଗାମୁକ, } ବିଂ. (ଗମ୍-ଇନ୍, ଉକ) ଯେ ଗମନ କରିବେ, ଗନ୍ତା, ଗମନକାରୀ; ଗମନଶୀଳ । ଯେପରି—ଦ୍ରୁତଗାମୀ; ବେଗଗାମୀ ।

ଗାମ୍ଭୀର୍ଯ୍ୟ, ବି. (ଗମ୍ଭୀର-ଯ-ଭାବାର୍ଥେ) ଗମ୍ଭୀରତା; ପ୍ରଗାଢ଼ତା । ଯଥା—ଅର୍ଥଗାମ୍ଭୀର୍ଯ୍ୟ । ଅବକାଶଭୂ; ଅଗ୍ରଫଳ ।

ଗାୟ, ବି. (ଗୈ = ଗାନ କରିବା-ଅ) ଗାନ ।

ଗାୟକ, ଗାୟନ, } ବିଂ. (ଗୈ = ଗାନ କରିବା-ଅକ, ଅନ) ଗାନକାରକ, ସଙ୍ଗୀତ-ବ୍ୟବସାୟୀ । (ତଥା ଗାୟନ୍ତି ଗାୟକାଃ ।)

ଗାୟଣି, ବି. (ଗାନ ଶବ୍ଦଜ) ଗାନ । ଯଥା—

 ସାରିକା ଶୁକ ଗାୟଣି,
 ସାର ଧୈର୍ଯ୍ୟ ଗୀତ ଶୁଣି । କୋ. ବ୍ର. ସୁ.

ଗାୟତ୍ତରୀ, ଗାଇତରୀ, } ବି. ସ୍ତ୍ରୀ. (ଗାୟତ୍ରୀ ଶବ୍ଦର ଅପଭ୍ରଂଶ) ଗାୟତ୍ରୀ ମନ୍ତ୍ର; ଗାୟତ୍ରୀ ଦେବୀ । ଯଥା—

ତିରି ମୁଖ ତିରି ଭୁଜ ତିରି ପାଦ ଧରି,
ଲୋହିତ ବର୍ଣ୍ଣ ଧରି ଜନ୍ମିଲେ ଗାୟତରୀ । ନୃ. ପୁ. ପ୍ର. ତ.

ଗାୟତ୍ରୀ, ଗାୟତ୍ରି, } ବି. ସ୍ତ୍ରୀ (ଗାୟତ୍ର୍ = ଗାନକାରୀ-ତ୍ରୈ = ପାଳନ କରିବା-ଅ-ଈ, ଯେ ଗାନକର୍ତ୍ତାଙ୍କୁ ତ୍ରାଣ କରେ) ବେଦମନ୍ତ୍ର-ବିଶେଷ; ବେଦମାତା ।

ଗାର, ବି. (ଦେଶଜ) ଏକରେଖା ପରିମିତ । ଯଥା—

 ପାରେ ନାହିଁ ଯେଉଁ ପ୍ରଭୁଙ୍କ ଆଜ୍ଞାରେ,
 ବେଳାଭୂମି ସୀମା ଲଙ୍ଘିବାକୁ ଗାରେ । ନ. କେ.

ଲେଖା ବା ଗଣନା । ଯଥା—

ଗୁଣଗଣ ଗଣନେ ଗଣକ ବାରେ,
ଗଣେଶହିଁ ସହି ! ନ ପାରିବେ ଗାରେ । ବି. ଚ. ମ.

ଗିରି । ଯଥା—

 ଭରତ କଲ୍ପିତ ଅଗାରଗାର ରେ । ଫ. ସ.

ଓଜନ କରିବା ପରିମାଣବିଶେଷ ।

ଗାରଡ଼, ବି. (ଗଡ଼୍‌ଡ଼ର ଶବ୍ଦଜ) ଅଣ୍ଡିରା ମେଷ ।

ଗାରଡ଼, ଗାରଡ଼, ଗାରେଡ଼, } ବି. ( ଗାରୁଡ଼ ଶବ୍ଦଜ ) ମାୟାବିଦ୍ୟା । ଯଥା—

ବଡ଼ ଯେ ମୂର୍ଖ ସେହୁ ଜନ,
ଗାରଡ଼ ମନ୍ତ୍ର ଯେ କୁଜ୍ଞାନ । ବି. ପୁ.
ସ୍ତମ୍ଭନ ମୋହନ ଯେ ମାରଣ ଉଚ୍ଚାଟନ,
ଧରଣ ଧାରଣ ଲେପ ଗାରେଡ଼ ବା ଗଣ । ନୃ.ପୁ.ସ.ତ.

ଗାରଦ, ବି. (ଯାବନିକ) ବନ୍ଦୀଗୃହ, ସାମାନ୍ୟ ବନ୍ଧସ୍ଥାନ ।

ଗାରଣ୍ଟି, ବି. (ଦେଶଜ) ଜବାବ, ସମ୍ମତି ବା ସ୍ୱୀକାର କରିବା । ଯଥା—

ଏ ସବୁ ଉପାଦାନ ସଜଳ ହେଲେ ମଧ୍ୟ ଆପଣଙ୍କ ବିବାଦ ଓ ଅଶ୍ୱବକୁ ଗୃହିଁ ଉପଯୁକ୍ତ ମାହିଛିଏ ଯେ କାଳରେ ପଡ଼ିଯିବ, ତାହା କିଏ ଗାରଣ୍ଟି ଦେବ । ଉ. ସା ୧୯. ୮.

ଗାରଗାରିଆ, ଗାରଗାରିକଆ, ଗାରଗାରିଆ, } ବିଂ. (ଦେଶଜ) ଗାରଯୁକ୍ତ ।

ଗାରଡ଼, ବି. (ଦେଶଜ) ମେଣ୍ଢା ।

ଗାରିବା, ଗାରଦେବା, } କ୍ରି.(ଦେଶଜ) ଗାର ପକାଇବା; ନିର୍ଣ୍ଣୟ କରିବା ।

ଗାରିମା, ବି. ( ଗରିମା ଶବ୍ଦଜ ) ବଡ଼ାଇ । ଯଥା---

ଏହିଠାରେ ଆଇ ଦର୍ଶନେ ନ ଆସୁ
ଏଡ଼େ ଗାରିମା ତୋହର । ମ. ମ.

ଗାରୁଡ଼, ବି. (ଗରୁଡ଼-ଅ-ଇଦମର୍ଥେ) ବିଷଶାସ୍ତ୍ର, ବିଷମନ୍ତ୍ର; ସ୍ୱର୍ଣ୍ଣ; ମରକତମଣି । ଯଥା—

ବକ୍ର ।ଭିଶାରଦେନ୍ଦ୍ର ପ୍ରଥମ ଭୁଜଯୁଗେ
ଗାରୁଡ଼ ସ୍ତମ୍ଭ ସାମ୍ୟ । ଜା. ପ. ନା.

ବ୍ୟୂହବିଶେଷ; ପୁରାଣବିଶେଷ; ଅସ୍ତ୍ରବିଶେଷ । ବିଂ. ଗରୁଡ଼ସମ୍ବନ୍ଧୀୟ ।

ଗାରୁଡ଼ିଆ, ଗାରଡ଼ିଆ, ଗାରଡ଼ିଆ, } ବି. (ଗାରୁଡ଼ିକ ଶବ୍ଦଜ) ସାପୁଆ, ଯେ ଗାରଡ଼ି କରେ । ଯଥା---

ଗୃରୁ ଭୁରୁଲତା ତା ସଙ୍ଗେ ଖେଳଇ,
ମାର ଗାରୁଡ଼ିଆ ଖେଳାଏ କି ଅହି । ନ. କେ.

ମନ୍ଦିମା ଗାରଡ଼ିଆ ପ୍ରକାଶି ଏ ସର୍ପ,
ସନ୍ତାପକୁ ଏବେ କରିଦିଅ ଲେପ । କୃ. ଖ. ବି. ପ.

ଗାରୁଡ଼ିକ, ବି. (ଗାରୁଡ଼ = ବିଷମନ୍ତ୍ର-ଇକ-ଜ୍ଞାତାର୍ଥେ) ବିଷବୈଦ୍ୟ ।

ଗାରୁତ୍ମତ, ବି. (ଗରୁତ୍ମତ୍-ଅ) ମରକତମଣି । (ଗାରୁତ୍ମତଂ ମରକତଂ—ଅମର ।) ଗରୁଡ଼ ଦେବତାତ୍ମକ ଅସ୍ତ୍ର ।

ଗାର୍ଗି, ଗାର୍ଗ, } ବି. ( ଗର୍ଗ-ଇ, ଯ-ଅପତ୍ୟାର୍ଥେ ) ଗର୍ଗମୁନିପୁତ୍ର ।

ଗାର୍ଭିଣ, ବି. ସଂ. ଗର୍ଭିଣୀସମୂହ ।

ଗାର୍ହପତ୍ୟ, ବି. ( ଗୃହପତି-ଯ-ଇଦମର୍ଥେ ) ସାଗ୍ନିକ ଗୃହର ଯଜ୍ଞାଦି କ୍ରିୟା; ଗୃହସ୍ଥ ବ୍ୟକ୍ତି ବୈଦିକ ମତରେ ଯେଉଁ ଅଗ୍ନି ରଖିଥାନ୍ତି । ବିଂ. ଗୃହପତିସମ୍ବନ୍ଧୀୟ ।

ଗାର୍ହମେଧ, ଗାର୍ହସ୍ଥ, ଗାର୍ହସ୍ଥ୍ୟ, } ବି. (ଗୃହମେଧ-ଅ, ଗୃହସ୍ଥ-ଅ, ଯ) ଗୃହସ୍ଥ ଧର୍ମ; ଗୃହସ୍ଥ କର୍ତ୍ତବ୍ୟ; ପଞ୍ଚଯଜ୍ଞରୂପ କର୍ମ; ଦ୍ୱିତୀୟ ଆଶ୍ରମ । ବିଂ. ଗୃହସ୍ଥସମ୍ବନ୍ଧୀୟ ।

ଗାଲ, ବି. (ଗଲ୍ଲ ଶବ୍ଦଜ) କପୋଳ ।

ଗାଲତୁର, ଗାଲତୁରି, ଗାଲତୂର, } ବି. ( ଦେଶଜ ) ମୁଖବାଦ୍ୟବିଶେଷ । ଯଥା—

ତାଲ ମୁରଲୀ ଗାଲତୁର,
ନାଚନ୍ତି ବ୍ରହ୍ମାଣ୍ଡ ଠାକୁର । ଖ୍ରୀ. ଦ. ସ୍ତୁ.
ଗାଲତୁର ମାରଣ ହସିଲ ଭୀମସେନ । ସା. ଖ୍ରୀ. ସ.

ଗାଲଚୋଡ଼ା, ବି. (ଦେଶଜ) ଗାଲଚପା ।

ଗାଲଚୋଡ଼ିବା, କ୍ରି. (ଦେଶଜ) ଗାଲଚପି ମାରିବା ।

ଗାଲନ, ବି.(ଗଲ-ଇ = ଗାଲ-ଅନ) ଗାଳିବା । ଯେପରି—ମଣ୍ଡି ଗାଲନ ।

ଗାଲପାଟି, ବି. (ଦେଶଜ) ତଳପାଟି ।

ଗାଲବ, ବି. ସଂ. ମୁନିବିଶେଷ; ଲୋଧ୍ର ବୃକ୍ଷ; କେନ୍ଦୁକ ବୃକ୍ଷ ।

ଗାଲବାଦ୍ୟ, ବି. (ଓଡ଼ିଆ ଓ ସଂସ୍କୃତ ଶବ୍ଦ ମିଶ୍ରଣ) ମୁଖବାଦନ; ମୁଖବାଦ୍ୟ ।

ଗାଲମୋଗ୍ଛ, ଗାଲମୁଛ, ଗାଲମୋଗ୍ଛ, } ବି. ( ଦେଶଜ ) ଗାଲରେ ରେଖା ଆକାରରେ ରଖିଥିବା ବାଳ । ଯଥା—

ଗାଲମୋଗ୍ଛଧାରୀ ତାଲଟେରେଶ୍ୱର । ନ. କେ.
ଗଣ୍ଡସ୍ଥଳେ ଗାଲମୋଗ୍ଛ ମୁଗିଶ ରଖିଲ । ମ. ସ.

ଗାଳ, } ବ. ସ୍ତ୍ରୀ. (ଗାଳ=କ୍ଷରଇବା-ଇ, ଈ)
ଗାଳୀ, } ଅଭିସମ୍ପାତ; ଶାପ; କଟୁବାକ୍ୟ ।
(ଦଦନ୍ତୁ ଦଦନ୍ତୁ ଗାଳିଂ ଗାଳିମନ୍ତୋ ଭବନ୍ତଃ, ବୟମପି ତଦଭାବାତ୍ ଗାଳି-ଦାନେଽସମର୍ଥାଃ ।)

ଗାଳଗୁଲାଜ, } ବ. (ଗାଳ ଶବ୍ଦଜ) କଟୁବାକ୍ୟ ।
ଗାଳଗୁଲଜ, } ଯଥା—
ଏତେ ଗାଳଗୁଲାଜ ଦେଇ ପାଟି କାହିଁ ଖରାପ କରୁଚ । ଉ. ସା.

ଗାଲ, ବ. (ଦେଶଜ) ମଞ୍ଜିର ଯେଉଁଠାରୁ ଗଜା ବାହାରେ । ଯଥା—
ପାଚିଲା ଆମ୍ବର ମୁଣ୍ଡି ଓ ଗାଲ ଛୁଇଁ ଦେଇ ଦୁଇପାଖ ଛୁରୀରେ ଚାଞ୍ଚି ଟାକୁଆ ମୁଣ୍ଡ ଉପରକୁ ଛାଡ଼ି କରି ରୋପଣ କରିବ । କୃଷିଶିକ୍ଷା ।
ମାଛର ଗାଲ ।

ଗାଲିଚ୍ଛ, ବ. (ଯାବନିକ) ମେଷଲୋମନିର୍ମିତ ବିଛଣାବିଶେଷ ।

ଗାଲିତ, ବିଂ. (ଗଲ୍-ଣିଚ୍-ତ) ଦ୍ରବୀକୃତ; ଯାହା ଗଳା ଯାଇଅଛି ।

ଗାଲନ୍ନି, ବ. ସଂ. ମୁଦ୍ରାବିଶେଷ ।

ଗାଲପାଡ଼ିବା, କ୍ରି. (ଦେଶଜ) ଚେଇଁ ଶୋଇବା; ଲୁକ୍କାୟିତଭାବରେ କୌଣସି କଥା ଶୁଣିବା ।

ଗାଲିବା, କ୍ରି. (ଗାଳନ ଶବ୍ଦଜ) ପେଜ ପ୍ରଭୃତି ନିଗାଡ଼ିବା; କୌଣସି ପଦାର୍ଥ ବାହାର କରିବା । ଯେପରି—ମୂଷା ମାଟି ଗାଳିବା, ଓଳିଆରୁ ଧାନ ଗାଳିବା ।

ଗାଲିମ, ବ. (ଯାବନିକ) ଶତ୍ରୁ ।

ଗାଲସି, ବ. (ଦେଶଜ) ମାଛର ଗାଲ ।

ଗାଲୁ, ବ. (ଦେଶଜ) ସତକୁ ମିଛ ମିଛକୁ ସତ କରି କହିବାର ଶକ୍ତି । ଯଥା—
ସେ ମୋତେ କହୁଥାଇ କଥାରେ ଗାଲୁ ବନ୍ଧ,
ଦେବ ତାକୁ ଶିରି ଶାଲୁକୁ ପନ୍ଧରାଇ । କୃ. ଭା. ବ. ପ.
ଭଙ୍ଗୀ ବା ଚମତ୍କାର । ଯଥା—
ଯୁଧିଷ୍ଠିର ରଜା ପେଷିଲେ ଆମ୍ଭଙ୍କୁ,
ତୁମ୍ଭର ପଶାଖେଳ ଗାଲୁ ଭାଙ୍ଗିବାକୁ । କୃ. ଭା. ବ. ପ.

ଗାଲୁଭୁରୁଡ଼ି, ବ. (ଦେଶଜ) ମିଥ୍ୟା ଆସ୍ଫାଳନ; ମିଥ୍ୟାରେ ଭଣ୍ଡିବା ।

ଗାଲୁଆ, ବିଂ. (ଦେଶଜ) ମିଛୁଆ; ଠେଁସା, ଅମାନିଆ । ବ. ଗାଲରେ ଜନ୍ମିବା ଫୁଲ, ଗାଲରେ ହେବା ଏକପ୍ରକାର ବ୍ରଣଶୋଥ ।

ଗାଲୁକରିବା, କ୍ରି. (ଦେଶଜ) ଭୁରୁଡ଼ାଇବା ।

ଗାବଲ୍‌ଗଣି, ବ. (ଗବଲ୍‌ଗଣ-ଇ-ଅପତ୍ୟାର୍ଥେ) ଗବଲ୍‌ଗଣପୁତ୍ର, ସଞ୍ଜୟ ।

ଗାଭୀ, ବ. ସ୍ତ୍ରୀ. ସଂ. ଗାଈ, ମାଈ ଗୋରୁ ।

ଗାହନ, ବ. (ଗାହ୍=ବିଲୋଡ଼ନ କରିବା-ଅନ) ବିଲୋଡ଼ନ; ମଜ୍ଜନ ।

ଗିଆନ, ବ. (ଜ୍ଞାନ ଶବ୍ଦଜ) ବୁଦ୍ଧି; ଚେତନା । ଯଥା—
ତାର ତା ରସେ ମଜାଇ ପ୍ରେମ ଉପୁଜାଇ,
ନୋହିଲେ ହେବ ଗିଆନ ଆନ । ବ. ଚ. ମ.

ଗିଡ଼ିଗିଡ଼ି, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ଯଥା—
ଘୁମୁଘୁମୁ ଘୁମୁରା ବାଜଇ ଶଙ୍ଖ ଯୋଡ଼ି,
ଦମାଲୁ ଦୁଲୁଦୁଲୁ ମର୍ଦ୍ଦଳ ଗିଡ଼ିଗିଡ଼ି । ନୃ. ପୁ. ଦ୍ୱି. ତ.

ଗିଣିଗିଣା, } ବିଂ. (ଦେଶଜ) ଅସଂସ୍କାରଯୁକ୍ତ;
ଗିଣିଗିଣିଆ, } ଅତ୍ୟନ୍ତ ସରୁ । ବ. ମକ୍ଷିକା-ବିଶେଷ ।

ଗିଣିଗିଣି, କ୍ରି. ବିଂ. (ଦେଶଜ) ଶବ୍ଦାନୁକରଣ-ବିଶେଷ । (ଘଣ୍ଟିଆ ଶବ୍ଦ ଦେଖ ।) ବିଂ. ଅସନ୍ତୁଷ୍ଟ ।

ଗିଦଡ଼, ବ. (ଦେଶଜ) ଶୃଗାଳ । ବିଂ. ଅକର୍ମଣ୍ୟ ।

ଗିଧଡ଼, ବିଂ. (ଦେଶଜ) ଗଧ ।

ଗିନା, ବ. (ଦେଶଜ) ଧାତୁନିର୍ମିତ କ୍ଷୁଦ୍ର କଟୋରା ।

ଗିନି, ବ. (ଦେଶଜ) କଂସାରେ ନିର୍ମିତ ଛୋଟ କରତାଳ, ବାଦ୍ୟବିଶେଷ । (ଇଂରାଜୀ) ସୁବର୍ଣ୍ଣମୁଦ୍ରାବିଶେଷ ।

ଗିର, } ବ. (ଗୃ=ଶବ୍ଦ କରିବା-କ୍ୱିପ୍, ଆ,
ଗିରା, } ଋ=ଇର୍) ବାକ୍ୟ, ବଚନ ।

ଗିରଫ, ବ. (ପାରସିକ ଶବ୍ଦ) ଧରିନେବାର ଆଦେଶ ।

ଗିରଫତାର, } ବି. (ପାରସିକ ଶବ୍ଦ) ଧରି-
ଗିରଫଦାର, } ନେବା ।

ଗିରସ୍ତ, ବି. (ଗୃହସ୍ଥ ଶବ୍ଦଜ) ଭର୍ତ୍ତା, ସ୍ୱାମୀ ।

ଗିରା, ବି. (ଦେଶଜ) ରେଖା ବା ଗାର । ଯଥା—
ସ୍ମର କାଣ୍ଡମାର୍ଗ ତୁଲ୍ୟ ଅଞ୍ଜନ ଗିରା । ଫ. ସ.
ଅଂଶ ବା ଭାଗ; କଣ୍ଢିର କୋମଳତମ ମଧ୍ୟଭାଗ ।

ଗିରାସ, ବି. (ଗ୍ରାସ ଶବ୍ଦର ଅପଭ୍ରଂଶ) ଗ୍ରାସ, କବଳ । ଯଥା—
ପଞ୍ଚ ଗିରାସ ତୁଣ୍ଡେ ଭରି,
ଅନ୍ନ ପୁଡ଼ାଏ ହସ୍ତେ ଧରି । ଖ୍ରି. ଦ. ସ୍କ.

ଗିରି, ବି. (ଗୃ=ଗ୍ରାସ କରିବା-ଇ) ପର୍ବତ; ସନ୍ନ୍ୟାସିବିଶେଷ; ପରିବ୍ରାଜକମାନଙ୍କର ଉପାଧିବିଶେଷ । ଯେପରି—ଆନନ୍ଦ ଗିରି । ନେତ୍ରରୋଗବିଶେଷ; ଗେଣ୍ଡୁକ; ନିଗରଣ; ଭକ୍ଷଣ । (ସ୍ତ୍ରୀ) ବାଳମୂଷିକା । (ଦେଶଜ) କଣ୍ଢିର କୋମଳତମ ମଧ୍ୟଭାଗ ।

ଗିରିକା, ବି. ସ୍ତ୍ରୀ. (ଗିରି-କ-ସ୍ୱାର୍ଥେ-ଆ) ବାଳମୂଷିକା, ଛୋଟ ମୂଷା ।

ଗିରିଗୁଡ଼ୁ, ବି. (ଏହି ଦୁଇ ଶବ୍ଦର ଏକ ଅର୍ଥ—ଗୋଲା) (ଦେଶଜ ପ୍ରାୟ ବ୍ୟବହୃତ) କନ୍ଦୁକ, ଗେଣ୍ଡୁ ।

ଗିରିଜ, ବି. (ଗିରି-ଜନ୍=ଜନ୍ମିବା-ଅ) ଅଭ୍ର; ଗୈରିକ; ଶିଳାଜତୁ; ଲୌହ । (ସ୍ତ୍ରୀ-ଆ) ଦୁର୍ଗା, ପାର୍ବତୀ; ଗିରିମଲ୍ଲିକା ।

ଗିରିଜା, } ବି. (ପୋର୍ତ୍ତୁଗୀଜ ଶବ୍ଦ) ଭଜନା-
ଗିର୍ଜା, } ଳୟ ।

ଗିରିପୁ, } ବି. (ଦେଶଜ-ବିଶେଷତଃ ଗଞ୍ଜାମରେ
ଗିରୁପୁ, } ବ୍ୟବହୃତ) ଗର୍ବ ।

ଗିରିବାଣ, ବି. (ଦେଶଜ-ଏହାଟି ଗଞ୍ଜାମରେ ବ୍ୟବହୃତ—ତୈଲଙ୍ଗମାନେ ସୁଦ୍ଧା ଏହି ଶବ୍ଦକୁ ଏହି ଅର୍ଥରେ ବ୍ୟବହୃତ କରନ୍ତି) ଗର୍ବ ।

ଗିରିବ୍ରଜ, ବି. ସଂ. ବେହାରର ଅନ୍ତଃପାତୀ ନଗରବିଶେଷ, ମଗଧଦେଶାନ୍ତର୍ଗତ ଜରାସନ୍ଧ ରାଜାଙ୍କର ପୁରୀ, ଏହା ଗଙ୍ଗା ଓ ଶୋଣ-ନଦୀର ସଙ୍ଗମ ସ୍ଥଳରେ ଥିଲା ।

ଗିରିମଲ୍ଲିକା, ବି. ସ୍ତ୍ରୀ. (ଗିରି-ମଲ୍ଲିକା) କୁଟଜବୃକ୍ଷ ।

ଗିରିଶ, } ବି. (ଗିରି=ପର୍ବତ=କୈଳାସ-
ଗିରିଶୟ, } ଶୀ=ଶୋଇବା-ଅ, ଗିରି-ସଦ୍
ଗିରିଷଦ୍, } =ବାସ କରିବା-କ୍ୱିପ୍) ଶିବ, ମହାଦେବ ।

ଗିରିସଙ୍କଟ, ବି. (ଗିରି-ସଙ୍କଟ) ପର୍ବତଶ୍ରେଣୀର ମଧ୍ୟେ ମଧ୍ୟେ ସ୍ଥିତ ସଂକୀର୍ଣ୍ଣ ନିମ୍ନଭୂମି ।

ଗିରିସମ, } ବି. (ଗ୍ରୀଷ୍ମ ଶବ୍ଦଜ) ନିଦାଘକାଳ ।
ଗିରିଷମ, } ଯଥା —
ଗ୍ରିସମ, }
ପ୍ରବେଶ ହୋଇଲା ଗ୍ରିସମ ସମୟ । ଲା. ବ.
ବୃଦ୍ଧି ଯତନୁ ଢନକୁଦନୁ ଗିରିସମରେ ଢଶିଲ
ତନୁ ଗିରିଷମରେ ଏ ଅନୁମାନୁ ନୁହଇ ଆନ ଯେ ।
ବୈ. ବି.

ଗିରିସାର, ବି. (ଗିରି-ସାର=ସାରାଂଶ) ମଳୟ ପର୍ବତ; ଲୌହ; ଟିନ; ରଙ୍ଗ ।

ଗିରୀଶ, ବି. (ଗିରି=କୈଳାସ ପର୍ବତ-ଈଶ=ସ୍ୱାମୀ) ମହାଦେବ; ହିମାଳୟ ପର୍ବତ । (ଗିର୍=ବଚନ-ଈଶ=ପତି) ବାଚସ୍ପତି, ବୃହସ୍ପତି ।

ଗିରୁଡ଼ି, ବିଂ. (ଦେଶଜ) କ୍ଷୁଦ୍ର ଅର୍ଥରେ ବ୍ୟବହୃତ ହୁଏ । ଯେପରି—ଗିରୁଡ଼ି ଆମ୍ବ ।

ଗିଳ, ବିଂ. (ଗୃ=ଗ୍ରାସ କରିବା-ଅ, ଋ=ଇର, ର=ଳ) ଗ୍ରାସକ, ଯେ ଗ୍ରାସ କରେ । ଯେପରି—ତିମିଙ୍ଗିଳ ।

ଗିଳନ, ବି. (ଗୃ=ଭକ୍ଷଣ କରିବା-ଅନ, ଋ=ଇର, ର=ଳ) ଗ୍ରାସକରଣ, ଗଳାଧଃକରଣ ।

ଗିଲ, ବି. (ଦେଶଜ) କଣ୍ଟକଲତା ଫଳ-ବିଶେଷ ।

ଗିଲଅଗି, ବି. (ଦେଶଜ) ଗିଲଗଛର ଅଗ୍ରଭାଗ; ଏହାର ଅଭିନବ କୋମଳ ପତ୍ର ।

ଗିଲଟି, ବି. (ଦେଶଜ) ସନ୍ଧିସ୍ଥାନରେ ଫୁଲି ଗଣ୍ଠି ହୋଇଥିବା ଶିର ।

ଗିଳା, ବି. (ଗିଳନ ଶବ୍ଦଜ) ଗିଳିବା କିମ୍ବା ଗଳାଧଃ କରିବା । ଯଥା—
ଗିଳା ଲେହ୍ୟା ଚୋବା ପିଆ ଏ ଚାରି ବିଶେଷ ।
ନୃ. ପୁ. ପ. ତ.
ବିଂ. ଗିଳୁକ, ଯେ ଗିଳଇ; ପେଟୁ ।

ଗିଲ୍, ବିଂ. (ଦେଶଜ) ଅସୁସ୍ଥ; ଅଚଞ୍ଚଳ ।

ଗିଳାଇବା, କ୍ରି. (ଦେଶଜ) ଖୁଆଇବା । (ଅନାଦରାର୍ଥରେ) ଖାପ ପ୍ରଭୃତିରେ ଖଣ୍ଡା ପ୍ରଭୃତିକୁ ସଂଯୁକ୍ତ ରଖିବା ।

ଗିଲାସ, ବି. (ଯାବନିକ) ପାନପାତ୍ର; କାଚନିର୍ମିତ ପ୍ରପାପ ।

ଗିଲଟି, ଗିଲ୍‌ଟି, } ବିଂ. (ଯାବନିକ) କୃତ୍ରିମ, ଭେଲ । ଯେପରି—ଗିଲ୍‌ଟି ସୁନା

ଗିଳିତ, ବିଂ. (ଗୃ=ଭକ୍ଷଣ କରିବା-ତ, ର= ଇର, ର=ଳ) ଭକ୍ଷିତ; ଗ୍ରସ୍ତ ।

ଗିଳିବା, କ୍ରି. (ଗିଳ୍ ଧାତୁଜ) ଗ୍ରାସ କରିବା ।

ଗିଲସି, ବି. (ଦେଶଜ) ପରିଧେୟ ବସ୍ତ୍ରବିଶେଷ ।

ଗୀତ, ବି. (ଗୈ=ଗାନ କରିବା-ତ, ଗୈ= ଗୀ) ଗାନ, ସଙ୍ଗୀତ । (ଗୀତଂ ଗାନମିମେ-ସମେ—ଅମର ।) ପୁନଃପୁନ ଏକବାକ୍ୟ-କଥନ । ବିଂ. ବର୍ଣ୍ଣିତ; ଉଚ୍ଚାରିତ; ଯାହା ଗାନ କରାଯାଇଅଛି ।

ଗୀତା, ବି. ସ୍ତ୍ରୀ.(ଗୀତ-ଆ) ଗୁରୁଶିଷ୍ୟ କଳ୍ପନା-କ୍ରମରେ ଆତ୍ମବିଦ୍ୟାର ଉପଦେଶାତ୍ମକ କଥା; ଗ୍ରନ୍ଥବିଶେଷ ।

ଗୀତାଯନ, ବି. ସଂ. ଗୀତସାଧନ ବେଣୁ-ମୃଦଙ୍ଗାଦି ।

ଗୀତି, ବି. ସ୍ତ୍ରୀ. (ଗୈ=ଗାନ କରିବା-ତି, ଗୈ=ଗୀ) ଗାନ; ଛନ୍ଦୋବିଶେଷ ।

ଗୀତିକା, ବି. ସ୍ତ୍ରୀ. (ଗୀତି-କୈ=ଶବ୍ଦ କରିବା-ଅ-ଆ) ଗୀତି ତୁଲ୍ୟ ଗାଥା । (ଗୀତି-କ-ସ୍ୱାର୍ଥେ -ଆ) ଗାନ ।

ଗୀତୀ, ଗୀତିନ୍, } ବିଂ. (ଗୀତ-ଇନ୍, ବିଦ୍ୟତାର୍ଥେ) ସଙ୍ଗୀତ ବିଦ୍ୟାରେ ନିପୁଣ, ଗୀତଜ୍ଞ ।

ଗୀର୍ଣ୍ଣ, ବିଂ. (ଗୃ=ଶବ୍ଦ କରିବା, ଗ୍ରାସ କରିବା-ତ, ଋ=ଈର, ତ=ନ) ପ୍ରଶଂସିତ; କଥିତ; ଗିଳିତ, ଭକ୍ଷିତ; ଗ୍ରସ୍ତ; ସ୍ୱୀକୃତ ।

ଗୀର୍ତ୍ତି, ବି. (ଗୃ-ତି) ଭକ୍ଷଣ; ପ୍ରଶଂସା, ସ୍ତୁତି ।

ଗୀର୍ବାଣ, ବି. (ଗୀର୍=ବାକ୍ୟ-ବାଣ—ବାକ୍ୟ କେବଳ ଯେଉଁମାନଙ୍କର କାର୍ଯ୍ୟସାଧନରୂପ ଅସ୍ତ୍ର) ଦେବତା ।

ଗୀର୍ପତି, ଗୀଃପତି, ଗୀଷ୍ପତି, } ବି.(ଗୀର୍=ବାକ୍ୟ-ପତି) ବୃହସ୍ପତି; ପଣ୍ଡିତ ।

ଗୁ, ବି. ସଂ. ବିଷ୍ଠା, ପୁରୀଷ ।

ଗୁଆ, ବି. (ଗୁବାକ ଶବ୍ଦଜ) ଗୁବାକ । (ଗବ୍ୟସ୍ତ ଶବ୍ଦଜ) ବିଂ. ଗୋସମ୍ବନ୍ଧୀୟ, ଗବ୍ୟ । ଯେପରି—ଗୁଆ ଘିଅ, ଗୁଆ ଲହୁଣୀ ।

ଗୁଆଖୋଳ, ଗୁଆଖୋଳପା, } ବି. (ଦେଶଜ) ଗୁଆ ଫଳର ଉପରିସ୍ଥ ଆବରଣ ବା ଶ୍ୱେପା ।

ଗୁଆକଉଡ଼ି, ବି. (ଦେଶଜ) ଲଆରି ଭଣ୍ଡାରି ଗଉଡ଼ ପ୍ରଭୃତି ପାଠକମାନେ ବିବାହ କଲେ ବେଦୀସ୍ଥଠାରେ ବର ଘର ଦଶ ପୁଞ୍ଜା ଗୁଆ, ଦୁଇ ଅଣା ଏବଂ କନ୍ୟା ଘର ଦଶ ପୁଞ୍ଜା ଗୁଆ, ଦୁଇ ଅଣା ଦିଅନ୍ତି, ଏହାକୁ ଗୁଆ କଉଡ଼ି କହନ୍ତି ।

ଗୁଆଘିଅ, ବି. (ଗବ୍ୟଘୃତ ଶବ୍ଦଜ) ଗୋଦୁଗ୍ଧ-ଜନିତ ଘୃତ ।

ଗୁଆଣି, ବି. (ଦେଶଜ) ଗର୍ଭ, ଉଦର । ଯଥା—
ଯେତେ ଯୋଗାଡ଼ ଦେବ ତୁମ୍ଭର ମାଢ଼ଫୁଲ,
ତୁମ୍ଭେ ମଣୋହି ନ କରୁଁ ସମସ୍ତ ପାଇଲୁ ।
ସଂପୂର୍ଣ୍ଣ କରଣ ଦେଖି ମୋହର ଗୁଆଣି,
ଗନ୍ଧ ଆମୋଦଇ ଯେ କର୍ପୂର ରସ ଜାଣି । ସାକ୍ଷି.ଆ.

ଗୁଆନୋ, ବି. (ଯାବନିକ) ପକ୍ଷିବିଶେଷ ଏବଂ ତାହାର ମଳଜାତ ଖତ ।

ଗୁଆପକାଇବା, ଗୁଆଦେବା, } କ୍ରି. (ଦେଶଜ) ଗୁବାକ ଦେଇ ନିମନ୍ତ୍ରଣ କରିବା ।

ଗୁଆଁର, ଗମାର, } ବିଂ. (ଦେଶଜ) ନିର୍ବୋଧ, ମୂର୍ଖ । ଯଥା—
କହେ ସଜନୀ ଏଡ଼େ ଗୁଆଁର,
ଏହା ଦେଖିଲେ କରେ ପ୍ରହାର । ର. ପ.

ଗୁଆଁଶ୍ରୀ, ବି. ସ୍ତ୍ରୀ. (ଦେଶଜ) ନିର୍ବୋଧ ସ୍ତ୍ରୀ । ଯଥା—

ଦେଖିବି ଆହୁରି ରଖିବି ଦମ୍ଭ କେଉଁ ଗୁଆଁଶ୍ରୀ,
କିଙ୍କରୀ ହେବାକୁ ଶଙ୍କରୀ ରମା ହେବେ ଆତୁରୀ ।
ବ. ଚ. ମ.

ଗୁଆଳ, } ବି. (ଗୋପାଳ ଶବ୍ଦଜ, ପ୍ରାକୃତ)
ଗୋଆଳ, } ଗଉଡ଼ । ଯଥା —

ବନେ ଗୋଗୋଷ୍ଠେ ରହିଲେ ଗୁଆଳ,
ଗୈରରୂପ ଧଇଲା ନନ୍ଦବାଳ । ଗୋ. ଭ.

ଗୁଆଳୀ, ଗୁଆଳି, } ବି. ସ୍ତ୍ରୀ. (ଗୋପବାଳୀ
ଗୋଆଳୀ, } ଶବ୍ଦଜ) ଗଉଡ଼ୁଣୀ । ଯଥା—

କହିଲେ ତେଜ କାହିଁ ଅଛୁ ଗୁଆଳି,
ତୋତେ କି କଲା ମୋର ବନମାଳୀ । ଗୋ. ଭ.

(ଗୁହାଳୟା ଶବ୍ଦଜ) ଲତାବିଶେଷ ।

ଗୁଆଲ, ବି. (ଦେଶଜ) ବିବାହ ପରେ ବର କନ୍ୟା ବନ୍ଧୁ ଗୃହମାନଙ୍କୁ ସମାରୋହ ସହିତ ଯିବା; ବ୍ରତ ସମୟରେ ମଧ୍ୟ ଗୁଆଲ ହୁଏ । ଯଥା—ଗୁଆଲ ସଞ୍ଜ ।

ଗୁଆଲୁଣୀ, ବି. ସ୍ତ୍ରୀ. (ଦେଶଜ) ଗଉଡ଼ୁଣୀ ।

ଗୁଇଁଗାଇଁ, } ବି. (ଦେଶଜ) ଅସ୍ପଷ୍ଟଭାବରେ
ଗୁଇଁପୁଇଁ, } ବିରକ୍ତିପ୍ରକାଶ ।

ଗୁଇ, ବି. (ଗୁପ୍ତି ଶବ୍ଦଜ) ଗୋପନୀୟ କଥା; ଗୁପ୍ତ ଦୋଷ । ଯଥା—ସେ ମୋର ଗୁଇ ଖୋଜୁଛି ।

ଗୁଇନ୍ଦା, ବି. (ଦେଶଜ) ଗୁପ୍ତଚର ।

ଗୁଗୁଚିଆ, } ବି. (ଦେଶଜ) ତୃଣବିଶେଷ ।
ଗୁଗୁଚିଁଆ, } ଯଥା—

ଉପାଙ୍ଗ ଆଣ ହେ ଗୁଗୁଚିଆରୁ ଲୁଚଏ,
କୃପଙ୍କୁ ବେ ଇଲେ ଭରଦ୍ୱାଜଙ୍କ ତନୟେ । ସା. ଭା. ଆ.

ଗୁଗୁଳ, ବି. (ଗୁଗ୍‌ଗୁଳୁର ଅପଭ୍ରଂଶ) ସ୍ୱନାମଖ୍ୟାତ ଧୂପବିଶେଷ ।

ଗୁଗ୍‌ଗୁଳ, } ବି. (ଗୁଜ୍-କ୍ୱିପ୍ = ଗୁଗ୍—ଏ
ଗୁଗ୍‌ଗୁଳୁ, } ସ୍ଥଳରେ ବ୍ୟାଧି ଅର୍ଥ-ଗୁଡ଼୍ = ରକ୍ଷା କରିବା-ଅ, ଡ—ସଂଜ୍ଞାର୍ଥେ ଡ଼ = ଳ, ଯେ ବ୍ୟାଧିରୁ ରକ୍ଷା କରେ) ବୃକ୍ଷନିର୍ଯ୍ୟାସବିଶେଷ, ସୁଗନ୍ଧଦ୍ରବ୍ୟବିଶେଷ ।

ଗୁଚ୍ଛା, ବି. (ଦେଶଜ) ଗୁନ୍ଥା, ଗ୍ରଥନ ।

ଗୁଚ୍ଛିବା, } କ୍ରି. (ଦେଶଜ) ଗୁନ୍ଥିବା ।
ଗୁଞ୍ଛିବା, } ଯଥା—

ଦଳମାନ ହରି କରି ସେବତୀ,
ଗୁଚ୍ଛୁ ଅଛୁ ମାନିଆ କେ ଯୁବତୀ । ଲା. ବ.

ଗୁଚ୍ଛ, ଗୁତ୍ସ, } ବି. (ଗୁ—ଶବ୍ଦକରିବା-ଛ, ଗୁଚ୍ଛ-
ଗୁଚ୍ଛକ, } କ-ସ୍ୱାର୍ଥେ, ଯହିଁରେ ଭ୍ରମରମାନେ ଶବ୍ଦ କରନ୍ତି ଅଥବା—ଗୁଧ୍ = ଖେଳା କରିବା, ବେଷ୍ଟନ କରିବା-ଛ (ସ) —ସଂଜ୍ଞାର୍ଥେ, ଧ = ଦ = ତ) ସ୍ତବକ; ପୁଷ୍ପପେଣ୍ଡା; ତୃଣାଦି ଗୋଛା; ମୟୂରପୁଚ୍ଛ; ହାରବିଶେଷ, ମୁକ୍ତାମାଳା । (ଗୁଚ୍ଛ ସ୍ତବକହାରୟୋଃ—ଅମର ।) ମଲ୍ଲିକାଦି ଗଛ । (ମୂଳତ ଏବ ଯସ୍ୟ ଲତାସମୂହୋ ଭବନ୍ତି ନ ଚ ପ୍ରକାଣ୍ଡୋ ନ ତେ ଗୁଚ୍ଛା ମଲ୍ଲିକାଦୟଃ ।)

ଗୁଚ୍ଛପତ୍ର, ବି. ସଂ. ତାଳ ଗଛ ।

ଗୁଚ୍ଛଫଳା, ବି. ସ୍ତ୍ରୀ. ସଂ. ଦ୍ରାକ୍ଷାଲତା; କଦଳୀ ବୃକ୍ଷ ।

ଗୁଜ, } ବି. (ଦେଶଜ) ଘର ଗୃହର
ଗୋଜ, } କାଷ୍ଠୋପକରଣବିଶେଷ ।

ଗୁଜରାଟ, ବି. (ଗୁର୍ଜ୍ଜର ଶବ୍ଦଜ) ଦେଶବିଶେଷ ।

ଗୁଜରାଟୀ, } ବିଂ. (ଦେଶଜ) ଗୁଜରାଟ-
ଗୁଜୁରାଟୀ, } ଦେଶୀୟ ।

ଗୁଜରାଣ, ଗୁଜୁରାଣ, ଗୁଜୁରାନ, } ବି. (ଯାବନିକ) ଜୀବନୋପାୟ; ସାମୟିକ ପ୍ରୟୋଜନ; ଗରଜ ।

ଗୁଜରାତି, } ବି. (ଦେଶଜ) ମସଲାବିଶେଷ,
ଗୁଜୁରାତି, } ଛୋଟ ଅଳାଇଚ । ବିଂ. ଗୁଜରାଟଦେଶୀୟ ।

ଗୁଜୁରି, ବି. (ଦେଶଜ) ପାହୁଡ଼ ।

ଗୁଜୁରିବା, କ୍ରି. (ଦେଶଜ) କାଳକାଟିବା ।

ଗୁଜ୍ଜରୀ, ବି. ସ୍ତ୍ରୀ. ସଂ. ରାଗିଣୀବିଶେଷ ।

ଗୁଞ୍ଜ, ବି. (ଗୁନ୍‌ଜ୍ = ଶବ୍ଦ କରିବା-ଅ, ଯେ ସ୍ଥଳେ ଭ୍ରମରମାନେ ଶବ୍ଦ କରନ୍ତି) ଗୁଚ୍ଛ, ସ୍ତବକ; ଗୁଞ୍ଜନ । (ସ୍ତ୍ରୀ-ଆ = ଗୁଞ୍ଜା) କାଇଁଚ । ଅବ୍ୟକ୍ତ ମଧୁରଧ୍ୱନି; ମଦ୍ୟଗୃହ; ପଟହ, ଢକ୍‌କା; ପରିମାଣବିଶେଷ । (ଗୁଞ୍ଜା ତୁ କାକଚିଞ୍ଚାୟାଂ ପଟହେ ଚ କଳଧ୍ୱନୌ —ମେଦିନୀ ।)

ଗୁଞ୍ଜନ, ଗୁଞ୍ଜିତ, } ବି. (ଗୁନ୍‌ଜ୍ = ଶବ୍ଦ କରିବା-ଅନ, ତ) ଗୁଣୁଗୁଣୁ ଶବ୍ଦ ।

ଗୁଞ୍ଜର, ବି. (ଗୁଞ୍ଜ୍ ଧାତୁଜ) ଗୁଣୁଗୁଣୁ ଶବ୍ଦ କରିବା । ଯଥା--

କୋକିଳ କୁହରେ ଭ୍ରମର ଗୁଞ୍ଜରେ ।

(ଦେଶଜ) ଚୂର୍ଣ୍ଣକୁନ୍ତଳ; ସ୍ତ୍ରୀ-ହସ୍ତାଳଙ୍କାରବିଶେଷ; ଏକଜାତୀୟ ପୋକ । (କୁଞ୍ଜର ଶବ୍ଦଜ) ହସ୍ତୀ ।

ଗୁଞ୍ଜରମୁଣ୍ଡାଳ, ବି. (ଦେଶଜ) ଚୂର୍ଣ୍ଣକୁନ୍ତଳ । ଯଥା—

କପାଳ ତଟେ କି ଶୋଭା ଦିଶେ ଗୁଞ୍ଜରମୁଣ୍ଡାଳ,
କିବା ଅରବିନ୍ଦ ପାଶେ ଅଳିବୃନ୍ଦ ରହେ
ଅଙ୍ଗକୁ ଅଙ୍ଗ ଟଳି । ର. କ.

ଗୁଞ୍ଜରି, ବି. (ଦେଶଜ) ଆଭରଣବିଶେଷ । ଯଥା—

ମଣି ଗୁଞ୍ଜରି ଶିରେ ଧରି,
ଗୋରୁଙ୍କ ସଙ୍ଗେ ବନଗୃହୀ । ଭା. ଦ. ସ୍କ.

ଗୁଞ୍ଜରିପାଟି, ଗୁଞ୍ଜୁରିପାଟି, ଗୁଞ୍ଜୁରି, } ବି. (ଦେଶଜ) କପାଳର ଶିରା; ଆଭରଣବିଶେଷ । ଯଥା—

ଗୁଞ୍ଜରିପାଟି ଅଳକାବଳିକ,
ମକର କୁଣ୍ଡଳ ଗଣ୍ଡସ୍ଥଳୀକ । ବି. ଚ. ମ.
ଗୁଞ୍ଜୁରିପାଟି ତାଳୁମୂଳେ,
ଚନ୍ଦ୍ରକୁଣ୍ଡଳ ଗଣ୍ଡସ୍ଥଳେ । ଭା. ଦ. ସ୍କ.
କରେଣି ମନ୍ଦାର ଫୁଲ ଗୁଞ୍ଜୁରି ଲଲାଟେ,
ପ୍ରତିଜ୍ଞା ସାମରଥା ଧାମନ୍ତି ଓଷ୍ଠପୁଟେ । ସା. ଭା. ସ.

ଗୁଞ୍ଜରିବା, କ୍ରି. (ଗୁଞ୍ଜ୍ ଧାତୁଜ) ଅବ୍ୟକ୍ତ ଧ୍ୱନି କରିବା, ଗୁଞ୍ଜନ କରିବା । ଯଥା—

ଗୁଞ୍ଜରିଲ ଅଳି ଉଠିଲ କାକଳୀ ଲହରୀ କି ସୁଲଳିତ । କ. ମ.

ଗୁଞ୍ଜା, ବି. ସ୍ତ୍ରୀ. ସଂ. କାଇଁଚ । (ଦେଶଜ) ପେଲି, ଠେଲିବା । ବିଂ. ପେଲି ହୋଇଥିବା । ଯେପରି—ଗୁଞ୍ଜା ରୁଅ । ଗୁଞ୍ଜି ହୋଇ ପଶିବା ଲୋକ, ଲେଉଡ଼ା ।

ଗୁଞ୍ଜାଗୁଞ୍ଜି, ବି. (ଦେଶଜ) ପେଲାପେଲି; ଗଳାଗଳି । ଯଥା—

ପିଲାଏ ଖେଳନ୍ତି କାଠି ଗୁଞ୍ଜାଗୁଞ୍ଜି,
କେଡ଼େ ଶୋଭାବନ ଦିଶେ ଦାଣ୍ଡ ମଝି ।
ଭଡ଼ ।

ଗୁଞ୍ଜିକା, ବି. ସ୍ତ୍ରୀ. (ଗୁଞ୍ଜା-କ-ଆ) କାଇଁଚ; ଏକକାଇଁଚପରିମାଣ ।

ଗୁଞ୍ଜିବା, କ୍ରି. (ଦେଶଜ) ପେଲିବା; ଗଳାଇବା; ଭ୍ରମରବଦ୍ ଧ୍ୱନି କରିବା । ଯଥା—

ଜଗଦ୍‌ବ୍ୟାପି ପ୍ରେମ ଜଗତ କଲ୍ୟାଣ
ଗୁଞ୍ଜେ ଭ୍ରମର ମାଳ ମାଳ । ଗ୍ର. ନା.

ଗୁଞ୍ଜୁରି, ବି. (ଦେଶଜ) ଭ୍ରମରଜାତୀୟ ପକ୍ଷିବିଶେଷ । (ଏହାକୁ ଫିରିକି ଏବଂ ଝିଣ୍ଟିକା କହନ୍ତି) । ଯଥା—

କୁମାର କରରେ ବନ୍ଧନେ ସ୍ୱରେ
ଗୁଞ୍ଜୁରି ଯେସନ୍ତେ ଭ୍ରମଇ । ର. କ.

ଗୁଟି, ଗୁଟିକା, ଗୁଟୀ, } ବି. ସ୍ତ୍ରୀ. (ଗୁଡ଼୍ = ବେଷ୍ଟନ କରିବା-ଟିକ୍-ଆ, ଈ, ଡ଼ = ଟ) ବଟିକା; ଗୁଳି, ଗୁଳ ।

ଗୁଟିପୋକ, ବି. (ଦେଶଜ) କୀଟବିଶେଷ ।

ଗୁଡ଼, ବି. (ଗୁ = ଶବ୍ଦ କରିବା-ଡ଼) ଇକ୍ଷୁରସ ପ୍ରଭୃତିରୁ ଜାତ ମିଷ୍ଟଦ୍ରବ୍ୟବିଶେଷ । ହସ୍ତିସନ୍ନାହ, ହସ୍ତିର ସଜ୍ଜା; ଗ୍ରାସ; ଗୋଲାକାର ବସ୍ତୁ । ବିଂ. ମିଷ୍ଟ । (ସ୍ତ୍ରୀ-ଆ) ସ୍ନୁହୀବୃକ୍ଷ, ସିଝୁଗଛ । (ଦେଶଜ) ବାଳକମାନଙ୍କର ଲିଙ୍ଗ ।

ଗୁଡ଼କନ୍ଦ, ବି. (ସଂସ୍କୃତ ଓଡ଼ିଆ ଶବ୍ଦ ମିଶ୍ରଣ) ଅପରିଷ୍କୃତ ନବାତ ।

ଗୁଡ଼କଙ୍କ, ବି. (ଦେଶଜ) ବର୍ତ୍ତୁଳାକୃତି ସମୁଦ୍ରତୀରଜାତ ଫଳବିଶେଷ । ଯଥା—

ଗୁଡ଼କଙ୍କ ଯେସନ କନ୍ଦୁକ କ୍ରୀଡ଼ା କରେ ସମୀର । ଚ. ଭା.

ଗୁଡ଼ଚୀ, ଗୁଡୁଚୀ, ଗୁଡ଼ୂଚୀ, } ବି. ସ୍ତ୍ରୀ. [ଗୁଡ଼ = (ରୋଗରୁ) ରକ୍ଷା କରିବା-ଅ-ଉଚ୍, ଉଚ-ସ୍ତ୍ରୀ-ଈ] ଗୁଳୁଚଲତା ।

ଗୁଡ଼ତମାଖୁ, ବି. (ଯାବନିକ) ମାଦକଦ୍ରବ୍ୟ-ବିଶେଷ ।

ଗୁଡ଼ତ୍ୱଚ, ଗୁଡ଼ତ୍ୱକ, } ବି. (ଗୁଡ଼ = ମିଷ୍ଟ-ତ୍ୱଚ୍ = ଛାଲି) ଦାରୁଚିନି ।

ଗୁଡ଼ତ୍ୱକ, ଗୁଡୁତକ, } ବି. (ଗୁଡ଼ତ୍ୱକ୍ ଶବ୍ଦଜ) ଦାରୁଚିନି ।

ଗୁଡ଼ପୁଷ୍ପ, ବି. (ଗୁଡ଼ = ମିଷ୍ଟ-ପୁଷ୍ପ) ମହୁଲ ଓ ତାର ଗଛ ।

ଗୁଡ଼ବଣା, ଗୁଡ଼କାଣ୍ଡି, ଗୁଡ଼କାଣିକା, ଗୁଡ଼କଣ୍ଠ, } ବି. (ଦେଶଜ) ଗୁଡ଼ ରନ୍ଧିବା ମାଠିଆ; ଯେଉଁ ହାଣ୍ଡିରେ ଗୁଡ଼ ତିଆରି ସମୟରୁ ରଖି ଥାଆନ୍ତି ।

ଗୁଡ଼ଳ, ବି. (ଗୁଡ଼-ଲା = ଗ୍ରହଣ କରିବା-ଅ) ଗୁଡ଼ଦ୍ୱାରା ଉତ୍ପନ୍ନ ମଦ୍ୟ । ବିଂ. ଗୁଡ଼ୋତ୍ପନ୍ନ ।

ଗୁଡ଼ା, ବି. (ଗୁଡ଼୍ ଧାତୁଜ) ଗୁଡ଼ାଇବା । ବିଂ. ବେଷ୍ଟିତ । ଯଥା—

ତତକ୍ଷଣେ ହରିଙ୍କି ଧରିଣ ଯାମଳରେ,
ରୋଳରେ ଗୁଡ଼ା କରି ବାନ୍ଧିଲେ କୋପଭରେ । ନୃ. ପୁ. ସ. ତ.

କ୍ରି. ଗୁଡ଼ାଇବାକୁ ଆଦେଶ ଦେବା ।

ଗୁଡ଼ା, ଗୁଡ଼ାଏ, ଗୁଡ଼ାକ, ଗୁଡ଼େ, ଗୁଡ଼ିଏ, ଗୁଡ଼ିକ, ଗୁଡ଼, } ଅଂ. (ଦେଶଜ) ଅନେକ ପରିମାଣ । ଯଥା—

ଏ ମାଘ ମାସର ଜାଡ଼ ବସ୍ତ୍ର ଆମ୍ଭର ନାହିଁ,
ପାଉଁଶ ଗୁଡ଼ା ପାଡ଼ି ଶୋଇବା ଉସୁମାଇ । ହା. ଭା. ଆ.
ଦନ୍ତ ଧାବନକୁ ଆଣି ଆମ୍ବପତ୍ର ଗୁଡ଼ା,
ପଖାଳି ପିଢ଼ାରେ ଶୁଖାନ୍ତି ଲଙ୍ଗ କାପଡ଼ା । ହା. ଭା. ଆ.

ଗୁଡ଼ାଇବା, ଗୁଡ଼ଆଇବା, ଗୁଡ଼ୁଆଇବା, } କ୍ରି. (ଦେଶଜ) ବେଡ଼ାଇବା, ବେଷ୍ଟନ କରିବା । ଯଥା—

ବନାରସୀ ଶାଢ଼ୀ ପିନ୍ଧିଲେ ଗୁଡ଼ୁଆଇ । କୃ. ଭା. ବି. ପ.

ଗୁଡ଼ାକା, ବି. ସ୍ତ୍ରୀ. (ଗୁଡ଼୍-ଆକ-ଆ) ତନ୍ଦ୍ରା; ନିଦ୍ରା; ଆଳସ୍ୟ ।

ଗୁଡ଼ାକୁ, ଗୁଡ଼ାଖୁ, } ବି. (ଯାବନିକ) ମାଦକଦ୍ରବ୍ୟ-ବିଶେଷ ।

ଗୁଡ଼ାକେଶ, ବି. (ଗୁଡ଼ା = ସିଜୁଗଛ-କେଶ, ଯାହାର କେଶ ସିଜୁପତ୍ର ପରି, ଗୁଡ଼ାକା = ନିଦ୍ରା-ଈଶ = ପ୍ରଭୁ) ମହାଦେବ, ଶିବ; ଅର୍ଜୁନ । (ଗୁଡ଼ାକେଶୋ ଧନଞ୍ଜୟଃ ।)

ଗୁଡ଼େର, ବି. (ଗୁଡ଼୍ = ବେଷ୍ଟନ କରିବା-ଏର —ସଂଜ୍ଞାର୍ଥେ) ଗ୍ରାସ ।

ଗୁଡ଼ି, ବି. (ଗଡ଼ିଜାତ ଶବ୍ଦଜ) ମନ୍ଦିର; ଲୁଗାର ଗୁଡ଼ାହୋଇଥିବା ଅଂଶ; ସ୍ତ୍ରୀମାନଙ୍କ ବସ୍ତ୍ରାଞ୍ଚଳର ଗଣ୍ଠି; କାଗଜରେ ପ୍ରସ୍ତୁତ ଏକପ୍ରକାର ଖେଳନା ଯାହା ପବନରେ ଉଡ଼େ ।

ଗୁଡ଼ି, ବି. (ଦେଶଜ କିମ୍ବା ଗୁଟିକା ଶବ୍ଦଜ) ସାନ ସାନ ପଥର ।

ଗୁଡ଼ିଆ, ଗୁଡ଼ିୟା, } ବି. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ଜାତିବିଶେଷ, ଗୁଡ଼କାର ।

ଗୁଡ଼ିଆଣୀ, ଗୁଡ଼ିୟାଣୀ, } ବି. ସ୍ତ୍ରୀ. (ଦେଶଜ) ଗୁଡ଼ିଆର ସ୍ତ୍ରୀ ।

ଗୁଡ଼ୁଗାଡ଼ି, ଗୁଡ଼ୁଶଗଡ଼, } ବି. (ଗଞ୍ଜାମରେ ଚଳେ) ଗୃହ-ଆଡ଼ୁ ଛପାବନ୍ଧା ଶଗଡ଼ ।

ଗୁଡ଼ୁଗୁଡ଼ୁ, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ଯେପରି—ଶଗଡ଼ ଗୁଡ଼ୁଗୁଡ଼ୁ ଚାଲୁଛି । ବି. ଗଡ଼ ଗଡ଼ ଚାଲିବା । ଯେପରି —ପିଲାଟି ଗୁଡ଼ୁଗୁଡ଼ୁ ହାମୁଡ଼ୁଛି ।

ଗୁଡ଼ୁମୁଗୁଡ଼ୁମୁ, କ୍ରି. ବିଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ପଡ଼ୁଅଛି ତୋପ ଗୁଡ଼ୁମୁଗୁଡ଼ୁମୁ । ଦ. ବା.

ଗୁଣ, ବି. (ଗୁଣ୍ = ମନ୍ତ୍ରଣା କରିବା, ଅଭ୍ୟାସ କରିବା, ଗୁଣିତ କରିବା-ଅ) ଉତ୍କର୍ଷ; ଆବୃତ୍ତି; ତ୍ୟାଗ; ସତ୍ତ୍ୱରଜସ୍ତମୋରୂପକ ଗୁଣ; ଦୟା ଦାକ୍ଷିଣ୍ୟ ବିନୟ ସୌଜନ୍ୟ ପ୍ରଭୃତି; ଜ୍ଞାନ ବିଦ୍ୟା ବୁଦ୍ଧି ପ୍ରଭୃତି; ରୂପ ଲାବଣ୍ୟ ପ୍ରଭୃତି; କବିତାର ପ୍ରସାଦ ମାଧୁର୍ଯ୍ୟ ଓଜ ପ୍ରଭୃତି; ଶୁକ୍ଳରକ୍ତପୀତତ୍ୱାଦି; କାଠିନ୍ୟାଦି; ତିକ୍ତତ୍ୱାଦି; ବ୍ୟାକରଣରେ ଇ, ଉ ଆଦିରେ ଏ, ଓ ପ୍ରଭୃତି ହେବା; ଫଳ; ଉପକାର; ଗୁଣନ, ଏକ ଅଙ୍କଦ୍ୱାରା ଅନ୍ୟ ଅଙ୍କର ପୂରଣ କ୍ରିୟା; ନ୍ୟାୟମତେ, ରୂପରସଗନ୍ଧାଦି; ଶରୀରସ୍ଥ କଫପିତ୍ତାଦି; ଅପ୍ରଧାନ; ସୂତ୍ର; ରଜ୍ଜୁ; ମୌର୍ବୀ; ଧନୁର ରଜ୍ଜୁ; ଇନ୍ଦ୍ରିୟ; ଅଭ୍ୟାସ; ବୃଦ୍ଧି; ଦଣ୍ଡନୀତିରେ ସନ୍ଧିବିଗ୍ରହାଦି; ଅଂଶ, ଭାଗ; ସୂଦ, ପାଚକ। (ମୌର୍ବ୍ୟାଂ ଦ୍ରବ୍ୟାଶ୍ରିତେ ସତ୍ତ୍ୱଶୌର୍ଯ୍ୟସନ୍ଧ୍ୟାଦିକେ ଗୁଣଃ —ଅମର।) (ଗୁଣୋ ମୌର୍ବ୍ୟାମପ୍ରଧାନେ ରୂପାଦୌ ସୂଦ ଇନ୍ଦ୍ରିୟେ, ତ୍ୟାଗେ ଶୌର୍ଯ୍ୟାଦିସତ୍ତ୍ୱାଦିସନ୍ଧ୍ୟାଦ୍ୟାବୃତ୍ତିରଜ୍ଜୁଷୁ । ଶୁକ୍ଳାଦାବପି ବିଂଶ୍ୟାଂ ଚ—ମେଦିନୀ।) (ଘୃଣ ଶବ୍ଦଜ) କୀଟବିଶେଷ।

ଗୁଣନ, ବି. (ଗୁଣ୍-ଅନ) ମନ୍ତ୍ରଣା; ଅଭ୍ୟାସ; ପୂରଣ; ଏକ ଅଙ୍କଦ୍ୱାରା ଅନ୍ୟ ଅଙ୍କର ଗୁଣନ କରିବା; ଆବୃତ୍ତି; ବର୍ଣ୍ଣନ।

ଗୁଣନିକା, ବି. ସ୍ତ୍ରୀ. (ଗୁଣନ-କ-ଆ, ଅକ = ଇକ) ଗୁଣନ; ଆମ୍ରେଡ଼ନ, ଦ୍ୱିରୁକ୍ତି; ଅଭ୍ୟାସ; ନୃତ୍ୟ; ପାଠସ୍ଥିରୀକରଣ।

ଗୁଣବୃକ୍ଷ, } ବି. (ଗୁଣ = ରଜ୍ଜୁ-ବୃକ୍ଷ) ନୌକା
ଗୁଣସ୍ତମ୍ଭ, } ଜାହାଜର ମାସୁଲ।

ଗୁଣସଙ୍ଗ, ବି. (ଗୁଣ = ସୁଖଦୁଃଖାଦି-ସଙ୍ଗ) ସୁଖ ଦୁଃଖାଦିରେ ଆସକ୍ତ।

ଗୁଣା, ବି. ସ୍ତ୍ରୀ. ( ଦେଶଜ ) ସ୍ତ୍ରୀମାନଙ୍କର ନାସିକାର ଅଳଙ୍କାରବିଶେଷ। ଯଥା—

ଫଳଗୁଣା ମାଠଗୁଣା ବିବେକ କରଇ ବଣା,
ନାସାପୁଟକେ ପୁଟକେ ଥାଇ ଝଟକେ। ଲ. ବ.

ବନ୍ଧୁଙ୍କ ଆଦିରେ ବାନ୍ଧିବା ପାଡ଼ିଆ। ଯଥା—

ବେଣୀ ନଳ ଝଟକେ ଗୁଣା କର ହାଟକେ
ମୁଠା ବାନ୍ଧିଲେ କି ଛଟକେ। କୋ. ବ୍ର. ସୁ.

( ଗୁଣ ଶବ୍ଦଜ ) ବୀଣା ପ୍ରଭୃତିର ତାର। ଯଥା—

କେଳିପ୍ରବୀଣା ବୀଣା ବାଉଁ ଗୁଣା ହତ ମତରେ।
କୋ. ବ୍ର. ସୁ.

( ଗୁଣନ ଶବ୍ଦଜ ) ଗୁଣିବା; × ଏହି ସାଙ୍କେତିକ ଚିହ୍ନ।

ଗୁଣାଗାର, ବି. (ଦେଶଜ) ଅର୍ଥଦଣ୍ଡ, ଜରିମାନା।

ଗୁଣାଣ, ବି. (ଗୁଣନ ଶବ୍ଦଜ) ଗୁଣନ, ଅଙ୍କ ଗୁଣିବା ପ୍ରଣାଳୀ।

ଗୁଣି, ଗୁଣୀ, ବି. (ଗୁଣ ଶବ୍ଦଜ) ଯନ୍ତ୍ରାଯନ୍ତ୍ର ବିଦ୍ୟା।

ଗୁଣିଆ, } ବି. (ଗୁଣୀ ପଦରୁ ଉତ୍ପନ୍ନ) ଭୂତ
ଗୁଣିୟା, } ପ୍ରେତ ଛଡ଼ାଇବା ଲୋକ। ଯଥା—

ବେଦରେ ମନ୍ତ୍ରରେ ଯୁକ୍ତ ଗୁଣିଆ ଯେହ୍ନ,
ବଦୂର ହୋଇଲା ସୂର୍ପଣଖା ଡ଼ାକିନୀ। ବୈ. ବି.

ଐନ୍ଦ୍ରଜାଲିକ। ଯଥା—

ବନ୍ଧୁରେ! ତୁ ମୋ ଗୁଣିଆ ଗୁରୁ,
ବରିଛି କେ ଯିବ ତୋହ ଆଗରୁ। ବି. ଚି. ମ.

ଗୁଣିତ, ବିଂ. (ଗୁଣ୍-ତ) ପୂରିତ, ଅନ୍ୟ ଅଙ୍କଦ୍ୱାରା ଯେ ଅଙ୍କର ଗୁଣନକ୍ରିୟା ହୋଇଅଛି; ଗଣିତ।

ଗୁଣିବା, କ୍ରି. (ଗୁଣ୍ ଧାତୁଜ) ଗୁଣନ କରିବା। ଯେପରି— ୩ × ୪ = ୧୨ । ଭାବିବା; ବିଚାର କରିବା; ସ୍ମରଣ କରିବା; ପଠନ କରିବା। ଯଥା—ସେ ପ୍ରତ୍ୟହ ବିଷ୍ଣୁ-ସହସ୍ରନାମ ଗୁଣୁଅଛନ୍ତି।

ଗୁଣୀ, ବିଂ. (ଗୁଣିନ୍—ଗୁଣ-ଇନ୍-ଅସ୍ତ୍ୟର୍ଥେ) ଗୁଣବାନ୍, ଗୁଣବିଶିଷ୍ଟ; ଧର୍ମୀ। ବି. ଧନୁକ। (ଦେଶଜ-ଗଞ୍ଜାମରେ ବ୍ୟବହୃତ) ବେଶ୍ୟା।

ଗୁଣୁଗୁଣୁ, ଅଂ. (ଦେଶଜ) ଆନନ୍ଦଜନିତ ମୃଦୁ ଶବ୍ଦର ଅନୁକରଣ ଧ୍ୱନି। ବି. ଭ୍ରମର ଶବ୍ଦବିଶେଷ।

ଗୁଣୁଗୁଣୁହେବା, କ୍ରି. ( ଦେଶଜ ) ଅସ୍ପଷ୍ଟ ଓ ଅଶ୍ରୁତଭାବରେ କଥା ହେବା; ଧୀରେ ଧୀରେ ନିଜେ ନିଜେ କଥା ହେବା।

ଗୁଣ୍ଠ, ବି. (ଦେଶଜ) ଭୂମିର ପରିମାଣବିଶେଷ, ଏକମାଣର [illegible] ଅଂଶ । ବିଂ. କ୍ଷୁଦ୍ରକାୟ, ବାମନ ।

ଗୁଣ୍ଠନ, ବି. (ଗୁଣ୍ଠ୍ = ବେଷ୍ଟନ କରିବା-ଅନ) ବେଷ୍ଟନ । ଆବରଣ ।

ଗୁଣ୍ଠିଣୀ, ଗୁଣ୍ଠୁଣୀ, } ବି. ସ୍ତ୍ରୀ. (ଦେଶଜ) କ୍ଷୁଦ୍ରକାୟ ବା ଖର୍ବକାୟ । ଯେପରି— ଗୁଣ୍ଠୁଣୀ ହାଣ୍ଡି ।

ଗୁଣ୍ଠିତ, ଗୁଣ୍ଡିତ, ବିଂ. (ଗୁଣ୍ଠ୍-ତ) ଧୂଳିଲିପ୍ତ, ଧୂଳିଯୁକ୍ତ ।

ଗୁଣ୍ଡ, ଗୁଣ୍ଡକ, } ବି. (ଗୁଣ୍ଡ୍ = ଚୂର୍ଣ୍ଣକରିବା-ଅ, କ-ସ୍ୱାର୍ଥେ) ଚୂର୍ଣ୍ଣ; ଧୂଳି; ମୟଳା; ତୃଣବିଶେଷ; କଳଧ୍ୱନି; ସ୍ନେହପାତ୍ର । (ଗୁଣ୍ଡଦେଶଜ ପ୍ରାପ୍ୟ ହେଲେ-ଧୂଳି ଅର୍ଥ) । ଯଥା—ସେ ତ ପଟାରେ ଗୁଣ୍ଡ ପକାଇ ନାହିଁ, ପାଠ କାହୁଁ ବୁଝିବ । (ଗୁଣ୍ଡିକୈଃ ସିତ ପୀତୈଶ୍ଚ ମଣ୍ଡୟନ୍ତୀ ଗୃହାଙ୍ଗଣଂ ।)

ଗୁଣ୍ଡ, ଗୁଣ୍ଡି, } ବି. (ଗୁଣ୍ଡିକା ଶବ୍ଦଜ) ଧୂଆଁପତ୍ର ଓ ଭଜା ଧଣିଆ ପ୍ରଭୃତିରେ ପ୍ରସ୍ତୁତ ପାନରେ ଖାଇବା ପଦାର୍ଥ; ଚୂର୍ଣ୍ଣ, ଧୂଳି । ଯଥା—

ସହସ୍ର କରେ ସେ ଭୂତଳେ
ଫିଙ୍ଗିଲେ ଅନଳ ଗୁଣ୍ଡି (ଚୂର୍ଣ୍ଣ) । ଉଷା ।

ମୁରୁଜ । ଯଥ —

ଶୀତଗୁଣ୍ଡି ଅଙ୍ଗେ ପାଣ୍ଡବେ ଭୋଜନକଲୁ,
ସାରିଲେ ଦେବନ ସଙ୍ଗେ କୃଷ୍ଣ ପାଞ୍ଚାଳିଙ୍କୁ । କୃ.ଭା.ବ.ପ.

ଗୁଣ୍ଡା, ଗୁଣ୍ଡି, } ବି. ( ଗୁଣ୍ଡ ଶବ୍ଦଜ ) ଧୂଳି, ଚୂର୍ଣ୍ଣ । ଯଥା—

ବଡ଼ ଗ୍ରାବେ ମାରିଣ ଗୁଣ୍ଡା ହେଲା ତକ୍ଷଣ
ଅସ୍ଥି ସହ ରକ୍ଷନପୂର୍ଣ୍ଣ । ବୈ. ବି.

(ଦେଶଜ) ଗ୍ରାସ, କବଳର ମାତ୍ରାବିଶେଷ । ଯଥା—

ଉଦକ ଭକ୍ଷି ଦେବୀ ଛନ୍ନ ଗୁଣ୍ଡି ଭକ୍ଷିଲେ,
ଏମନ୍ତ ସମସ୍ତେ ଡ଼ମ୍ବରୁ ବାଦ୍ୟ ଶୁଣିଲେ । ସା.ଭା.ଆ.

ଗୁଣ୍ଡା, ବି. ବିଂ. ( ଦେଶଜ ) ଦୁଷ୍ଟ ଲୋକ; ବଦମାଏସ; ମୂର୍ଖ; ନୀଚ; ଚୂର୍ଣ୍ଣ; କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ; ଗ୍ରାସ; ଭୋଜନର ମାତ୍ରାବିଶେଷ ।

ଗୁଣ୍ଡାମାରିବା, କ୍ରି. (ଦେଶଜ) ଗୁଣ୍ଡା ଗୁଣ୍ଡା ଖାଇବା । ଯଥା—

ଅଲସୀ ମାରଇ ଫାଲୁଆ ଗୁଣ୍ଡା,
ଗୃହିଁ ରହୁଥାଏ ଗେରସ୍ତ ହୁଣ୍ଡା । ହା. ତ.

ଗୁଣ୍ଡି, ବି. ( ତୈଲଙ୍ଗ ଶବ୍ଦ କିନ୍ତୁ ଗଞ୍ଜାମୀ ଓଡ଼ିଆରେ ପ୍ରଚୁର) ବୋତାମ । (ଦେଶଜ) କ୍ଷୁଦ୍ର ବସନ୍ତରୋଗ; ଉକ୍ତି ବା ଖେଳରେ ଖେଳୁଆଳିମାନଙ୍କର ମେଳ । ଯଥା—

ଶଲ୍ୟ ସହଦେବ ଦୁହେଁ ପୁଣି ଗୁଣ୍ଡି ହେଲେ,
ଯୁଧିଷ୍ଠିରେ ସହଦେବ ଅନ୍ୟ ପକ୍ଷେ ଶଲ୍ୟେ । ସା.ଭା.ଆ.

ଗୁଣ୍ଡିଆ, ବି. ( ଦେଶଜ ) ହୃଦୟ; ଧୈର୍ଯ୍ୟ । ଯଥା—ଅହୋ ! ତୋର କେଡ଼େ ଗୁଣ୍ଡିଆ ।

ଗୁଣ୍ଡିକ, ଗୁଣ୍ଡିକା, } ବି. (ଗୁଣ୍ଡ୍-ଅକ, ଇ-ଆଗମ, ସ୍ତ୍ରୀ-ଆ) ତଣ୍ଡୁଳାଦି ଚୂର୍ଣ୍ଣ; ମୁରୁଜ ।

ଗୁଣ୍ଡିଚ୍ଚ, ବି.ସ୍ତ୍ରୀ. ସଂ. (ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କ ପତ୍ନୀ ଗୁଣ୍ଡିଚ୍ଚଦେବୀଙ୍କ କର୍ତ୍ତୃକ ପ୍ରତିଷ୍ଠିତ ଥିବାରୁ ଏହାର ନାମ ଗୁଣ୍ଡିଚ୍ଚ ) ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥ ମଣ୍ଡପ ବା ପ୍ରାସାଦବିଶେଷ । ଏଥିରେ ଶ୍ରୀଜଗନ୍ନାଥ ରଥୋତ୍ସବ ସମୟରେ ସପ୍ତାହ କାଳ ଅବସ୍ଥାନ କରନ୍ତି ।

ଗୁଣ୍ଡିଚ୍ଚଯାତ୍ରା, ବି. ସ୍ତ୍ରୀ. ( ଗୁଣ୍ଡିଚ୍ଚ-ଯାତ୍ରା ) ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥୋତ୍ସବ ।

ଗୁଣ୍ଡିତ, ବିଂ. (ଗୁଣ୍ଡ୍-ତ) ଚୂର୍ଣ୍ଣିତ; ଚୂର୍ଣ୍ଣଯୁକ୍ତ, ଧୂଳିଯୁକ୍ତ, ଧୂଳିଲିପ୍ତ ।

ଗୁଣ୍ଡିମାଳ, ବି. ( ଦେଶଜ ) ଖେଳବିଶେଷ । ( ଗଦ୍ଧା ଶବ୍ଦ ଦେଖ । )

ଗୁଣ୍ଡିର, ଗୁଣ୍ଡରି, ଗୁଣ୍ଡୁରି, } ବି. (ଦେଶଜ) ଏକପ୍ରକାର ପକ୍ଷୀ, ଚଟକାକୃତି ପକ୍ଷିବିଶେଷ । ଯଥା—

କପୋତ ପାରୁଆ ଗୁଣ୍ଡୁରି,
କ୍ଷୀର ଗୋବର୍ଦ୍ଧି ଆଦି କରି । ଦା. ର.

ଏକପ୍ରକାର ପୋକ, ଏହି ପୋକ ଧୂଳି ଭିତରେ ରହେ ।

ଗୁଣ୍ଡୁଚ, } ବି. (ଦେଶଜ) ମୂଷିକବିଶେଷ ।
ଗୁଣ୍ଡିଚ, } ଯଥା—

କପୋତ ରାବିଲେ ତରୁଷଣ୍ଡେ ଲୁଚ,
ପଦ୍ମ ଅନ୍ତରାଳେ ରାବିଲେ ଗୁଣ୍ଡୁଚ । ନ. କେ.
ଗୁଣ୍ଡିଚମୂଷା ଖାଅନ୍ତି ଯାକୁ ଅବହେଳେ । ବୃ. ସ୍ତୁ.

ଗୁଣ୍ଡେଇବା, } କ୍ରି. (ଦେଶଜ) ଗୁଣ୍ଡା କରିବା ।
ଗୁଣ୍ଡାଇବା, }

ଗୁଡା, ବି. (ଦେଶଜ) ଲୁଚକାଳି (ଖେଳ) ।

ଗୁଡା, } ବି. (ତେଲିଙ୍ଗ ଶବ୍ଦ କିନ୍ତୁ ଗଞ୍ଜାମୀ
ଗୁଣ୍ଠ, } ଓଡ଼ିଆରେ ବ୍ୟବହୃତ) ଜମିର ରାଜଭାଗ ଠିକ୍ କରି ଦେବା ଇଜାରା ।

ଗୁଡା, } ବି. (ଦେଶଜ) ଶଗଡ଼ର ଜୁଆଳିକି
ଗଡା, } ଯେଉଁ ଚମଦଉଡ଼ି କଡାଦଣ୍ଡିଡ଼ରେ ବାନ୍ଧନ୍ତି ସେହି ଦଉଡ଼ିର ନାମ ।

ଗୁତ୍ସ, } ବି. (ଗୁଧ୍=କ୍ରୀଡ଼ା କରିବା-ସ, ଧ=
ଗୁତ୍ସକ, } ଦ=ତ—କ-ସ୍ୱାର୍ଥେ, ଭ୍ରମରମାନେ ଯହିଁରେ କ୍ରୀଡ଼ା କରନ୍ତି) ସ୍ତବକ, ଗୁଚ୍ଛ; ସ୍ତମ୍ଭକ; ଗ୍ରନ୍ଥର ପରିଚ୍ଛେଦ; ହାରବିଶେଷ ।

ଗୁଦ, ବି. (ଗୁ=ବିଷ୍ଠା ତ୍ୟାଗ କରିବା-ଦ, ଅଥବା ଗୁଦ୍=କ୍ରୀଡ଼ା କରିବା-ଅ) ଗୁହ୍ୟଦ୍ୱାର, ମଳଦ୍ୱାର ।

ଗୁଦକୀଳ, ବି. (ଗୁଦ-କୀଳ) ଅର୍ଶରୋଗ ।

ଗୁଦଗ୍ରହ, ବି. (ଗୁଦ-ଗ୍ରହ-ଅ) ଉଦାବର୍ତ୍ତରୋଗ, ମଳବନ୍ଧ ହେବା ।

ଗୁଦଡ଼ି, } ବି. (ଯାବନିକ) କନ୍ଥା, ସନ୍ନ୍ୟାସି-
ଗୁଧଡ଼ି, } ମାନଙ୍କର ଗାତ୍ରାଚ୍ଛାଦନ; ଜୀର୍ଣ୍ଣବସ୍ତ୍ର ।

ଗୁନା, ବି. (ଦେଶଜ-ଗଞ୍ଜାମରେ ବ୍ୟବହୃତ) ଜଳ ପ୍ରଭୃତି ରଖିବାପାଇଁ ବୃହତ ମୃତ୍ତିକା ଭାଣ୍ଡ ।

ଗୁନ୍ଥା, ବି. (ଗ୍ରଥନ ଶବ୍ଦଜ, ପ୍ରାକୃତ ଗୁଂଥରୁ ଉତ୍ପନ୍ନ) ଗୁନ୍ଥିବା । ଯଥା—

ସେବାରେ ଅଳୀ, ଫୁଲ ଗୁନ୍ଥାରେ ମାଳୀ । ଲୋ. ବ.

ବିଂ. ଗ୍ରଥିତ । ଯଥା—

ବ୍ୟାଳସାହସ ଗୁନ୍ଥା ମାଳା ସଦୃଶ ପ୍ରବେଶ ତହିଁ ଝସାଇ ।
ବୈ. ବି.

ଗୁନ୍ଥିତ, ବିଂ. (ଗ୍ରଥିତ ଶବ୍ଦଜ) ଗୁନ୍ଥା ହୋଇଥିବା । (ଚଉସରା ଶବ୍ଦ ଦେଖ ।)

ଗୁନ୍ଥିବା, କ୍ରି. (ଗ୍ରଥନ ଶବ୍ଦଜ) ଫୋଡ଼ିବା; ମାଳା କରିବା । ଯଥା—

ରାଜାଙ୍କ ସକାଶେ ଗୁନ୍ଥି ଦେଉଥିଲି ସୁରଭି କୁସୁମହାର ।
ପାର୍ବତୀ ।

ଗୁନ୍ଦୁରା, ବି. (ଗୁନ୍ଦ୍ରା ଶବ୍ଦଜ) ମିଥ୍ୟା । ବିଂ. ମିଥ୍ୟାବାଦୀ; ଗୋଲିଆ ।

ଗୁନ୍ଦୁରେଇବା, କ୍ରି. (ମିଥ୍ୟାର୍ଥକ ଗୁନ୍ଦ୍ର ଧାତୁଜ) ମିଥ୍ୟା କହିବା ।

ଗୁନ୍ଦ୍ର, ବି. (ଗୁଦ୍=ଖେଳା କରିବା-ର, ନ ଆଗମ) ଶରତୃଣ, ଶରଗଛ । (ଗୁନ୍ଦ୍ରସ୍ତେ ଜନକଃ ଶିରଃ—ଅମର ।)

ଗୁନ୍ଦ୍ରା, ବି. ସ୍ତ୍ରୀ. ସଂ. ମୁଥାବିଶେଷ, ନାଗରମୁଥା । (ସ୍ୟାଦ୍ଭଦ୍ରମୁସ୍ତକୋ ଗୁନ୍ଦ୍ରା—ଅମର ।) ପ୍ରିୟଙ୍ଗୁବୃକ୍ଷ । (ଲତାଗୋବନ୍ଦନୀ ଗୁନ୍ଦ୍ରା ପ୍ରିୟଙ୍ଗୁଃ—ଅମର ।)

ଗୁପ୍ତ, ବିଂ. (ଗୁପ୍=ରକ୍ଷା କରିବା, ଗୋପନ କରିବା-ତ) ରକ୍ଷିତ; ଗୂଢ଼; ଲୁକ୍କାୟିତ; ଅଦୃଶ୍ୟ; ଅଲକ୍ଷିତ, ଅପରିଜ୍ଞାତ; ସଂବୃତ । ବି. ବୈଶ୍ୟର ଉପାଧି । (ଗୁପ୍ତଦାସାତ୍ମକଂ ନାମପ୍ରଶସ୍ତଂ ବୈଶ୍ୟଶୂଦ୍ରୟୋଃ ।)

ଗୁପ୍ତି, ବି. (ଗୁପ୍-ତି) ରକ୍ଷା; ପହରା; ଗୋପନ; ସଂବରଣ; ଭୂମିର ଗହ୍ୱର; କାରାଗାର; ଅବସ୍କର ସ୍ଥାନ; ରଥ ନୌକାଦିର ଗର୍ତ୍ତ; ଯମ; ଅସ୍ତ୍ରବିଶେଷ ।

ଗୁନ୍ଦ, ବି. (ଦେଶଜ) ଅଠାବିଶେଷ ।

ଗୁବା, ବି. (ଦେଶଜ) କପିଥାକୃତି ଗୋଟା ଗୋଟା ହୋଇଥିବା ଦେହସ୍ଥ ମାଂସପିଣ୍ଡ, ଯାହା କି ଦେହରେ ଗୋଟା ଗୋଟା ହୋଇ ଉଠିଥାଏ । ଯଥା—

ତକ୍ଷଶିଳା ଚାଲି ଗୁବା ଭେଦ ଲଖି ହୋଇ ଦୋହଲିଲା ।
ମ. ଯା.

ପଶୁମାନଙ୍କ ଦେହରେ ଓ ଗୋଡ଼ରେ ଗୁବା ଗୁବା ହୋଇ ଫୁଲିଯାଇ ଘା ହୋଇଯାଏ । କୃ. ଶି.

ଗୁମ୍, ବି. (ଦେଶଜ) ନିସ୍ତବ୍ଧ । ଅଂ. ଅନୁକରଣ ଶବ୍ଦବିଶେଷ ।

ଗୁମ୍‌ଖାଇବା, କ୍ରି. (ଦେଶଜ) ଚୁପ୍ ହେବା । ଯଥା—

ଆମ୍ଭେମାନେ ପ୍ରଥମେ ଏ କଥା ଶୁଣି ଟିକିଏ ଗୁମ୍‌ଖାଇ ଗଲୁଁ । ଉ. ସା.

ଗୁମ୍‌ହେବା, କ୍ରି. (ଦେଶଜ) ହଜିବା, ଚତୁର୍ଦ୍ଦିଗରେ ବା ସବୁଆଡ଼େ ପ୍ରଖ୍ୟାତ ହେବା ।

ଗୁମର, ବି. (ଦେଶଜ) ଅହଙ୍କାର, ଦମ୍ଭ; ଅଭିମାନ; ଇଙ୍ଗିତ, ଭିତର କଥା; ମାତ୍ସର୍ଯ୍ୟ ।

ଗୁମରିବା, କ୍ରି. (ଦେଶଜ) ଅଭିମାନ କରିବା; ଅହଙ୍କାର କରିବା । ଯଥା—

ଅତୀତ ଭାବନାରାଶି ଉଠେ ପ୍ରାଣେ ଗୁମରି,
ଶୋଇଲି ମୁଁ ବର୍ଷଶେଷେ ଗତ କଥା ସୁମରି ।
ଉ. ସା. ୧୯. ୧.

ଗୁମା, ବି. (ଦେଶଜ) ମୋଟା ଅଥଚ ଅଳ୍ପ ଉଚ୍ଚ ।

ଗୁମାନ, ବି. (ଦେଶଜ) ଟେକ । ଯଥା—

ଘନଶ୍ୟାମ ଗୁଣମାନ ରଖିଅଛୁ କି ମୋ ଧୈର୍ଯ୍ୟ ଗୁମାନ ।
ବି. ଚି. ମ.

ଅଭିମାନ । ଯଥା—

ଗୁମାନ କରି ଗୋରି ରହି ପାରିବୁ କିରେ? ସଙ୍ଗୀତ ।

ଗୁମାନି, ଗୁମାନୀ, ଗୁମାନିଆ, } ବିଂ. (ଦେଶଜ) ଅଭିମାନୀ ।

ଗୁମାସ୍ତା, ଗୋମାସ୍ତା, } ବି. (ଯାବନିକ) ଜମିଦାରି କଚେରୀର ହିସାବପତ୍ର ରଖିବା ମୋହରିର ।

ଗୁମାସ୍ତାଗିରି, ବି. (ଯାବନିକ) ଗୁମାସ୍ତା ପଦର କର୍ତ୍ତୃତ୍ୱ ବା ଅଧିକାର ।

ଗୁମୁଗାମ, ଗୁମୁଗୁମୁ, } ବି. (ଦେଶଜ) ମୁଷ୍ଟି ପ୍ରହାର; ଅନୁକରଣ ଶବ୍ଦବିଶେଷ ।

ଗୁମଟ, ଗୁମୁଟ, } ବି. ଗ୍ରୀଷ୍ମ, ଉତ୍ତାପ, ଗର୍ମି ।

ଗୁମୁଟି, ବି. (ଦେଶଜ) ଆଲୁଅବିହୀନ କ୍ଷୁଦ୍ର ଗୃହ । ଯଥା—

ଗୁମୁଟି ଘରେ ନେଇଁ ଭରି,
ତହୁଁ ସଜାଲେ ଧୂଆଁ କରି । ବି. ପୁ.

ଗୁମୁହାଁ, ବି. (ଦେଶଜ) ଗୁପ୍ତକ୍ରୋଧୀ ।

ଗୁମୁସୁମ, ଗୁମ୍‌ସୁମ, ଗୁମସୁମ, } ବି. (ଦେଶଜ) ପର ପ୍ରତି ଅସୂୟା ସହ ଗୁପ୍ତ ବିରୁର । ଯଥା—

ସାଆନ୍ତ ମହଲେ ଆଜି ଭାରି ଗୁମୁସୁମ,
ପିଟିବାକୁ ଘଣ୍ଟା ହେଲା ପଣ୍ଡାକୁ ହୁକୁମ । ଉ.ସା.୮.୯.

ଗୁମ୍ଫ, ବି. (ଗୁନ୍ଫ୍ = ଗ୍ରନ୍ଥନ କରିବା-ଅ) ଗ୍ରନ୍ଥନ, ଗୁନ୍ଥିବା; ଶ୍ମଶ୍ରୁ, ନିଶ; ବାହୁଭୂଷଣ; ପ୍ରବନ୍ଧସନ୍ଦର୍ଭ; ଗୁଚ୍ଛ । ଯଥା—

ସୁକୁମାରୀ ନାହିଁ ଛଳେ କମ୍ପାଇଲା
କର୍ଣ୍ଣିଝଲକା ମୋତି ଗୁମ୍ଫ । ର. ପ.

(ତଦ୍ଭବ ଶବ୍ଦରୂପେ ବ୍ୟବହୃତ ହେଲେ) ଗୁହା ବା କ୍ରୋଡ଼ । ଯଥା—

ରୁପିଲି ତରୁ ମୁଁ ତୋର ବିରହାଗ୍ନି
ନ ଥୁଅ ମୋ ହୃଦ ଗୁମ୍ଫ । ଲ. ପ.

ଗୁମ୍ଫନ, ବି. (ଗୁନ୍ଫ୍-ଅନ) ଗ୍ରନ୍ଥନ ।

ଗୁମ୍ଫିତ, ବିଂ. (ଗୁନ୍ଫ୍-ତ) ଗ୍ରଥିତ, ନିବଦ୍ଧ, ଗୁନ୍ଥା ।

ଗୁମ୍ଫା, ବି. (ଦେଶଜ-ଗୁମ୍ଫ ଶବ୍ଦାନୁକୃତ) ଗୁଚ୍ଛ । ଯଥା—ଏହାର ଫୁଲଗୁଡ଼ିକ ଗୁମ୍ଫା ଗୁମ୍ଫା ହୋଇ ଫୁଟିଅଛି । ବାହୁର ଅଳଙ୍କାରବିଶେଷ । ଯଥା—

ତାଡ଼ ଗୁମ୍ଫା ସରଳ ବାହୁଟି ଜଗଦଳା,
ହୃଦୟ ଭୂଷଣ କର୍ଣ୍ଣଫୁଲ ରତ୍ନମାଳା । ସା. ଖ୍ର. ସ.

ଗୁହା, ଶିଳାଗର୍ତ୍ତ । ଯଥା—

ଗୁଳ୍ମାକୀର୍ଣ୍ଣ ଯାର ଅସଂଖ୍ୟ ଗୁମ୍ଫାରୁ ବୋଧିସତ୍ତ୍ୱର ଶିଳା ।
ଯ. କେ.

ଗୁମ୍ବଜ, ଗୁମ୍ବେଜ, ଗୁମ୍ବୁଜ, } ବି. (ଯାବନିକ) ଖିଲାନ ଘର ।

ଗୁପ୍ପାଁ, ବିଂ. (ଦେଶଜ) ଗୁପ୍ତ ଅଭିମାନୀ, ଯେ ଭିତରେ ଭିତରେ ଅଳ୍ପ କଥାରେ ଅଭିମାନ କରେ ।

ଗୁରସ୍ତ, } ବି. ( ଗୃହସ୍ଥ ଶବ୍ଦଜ ) ପଣ୍ଡ ।
ଗେରସ୍ତ, } ଯଥା—

ଗେରସ୍ତ ଝାଣରେ ଡାକେ ଗୁହାଇ,
ଘୁଙ୍ଗୁଡ଼ିରେ ଘର ଦେଇ ଉଡ଼ାଇ । ହା. ଗ.

ଗୁରାଣ୍ଡି, ବି. (ଦେଶଜ) ଶସ୍ତ୍ରବିଶେଷ । ଯଥା—

କେବଣ ଗାଣ୍ଡୀସୁତ ଦରାଣ୍ଡି ହୋଇ ମାଇଲା
ଧର ଭୂଷଣ୍ଡୀ ଭୁଷିଲା,
ମଧ୍ୟେ କେତେ ଗୁରାଣ୍ଡି ହେଣ୍ଡି ମାଇଲା ହେ । ସୁ. ପ.

ଗୁରାଣ୍ଡି ହେବା, କ୍ରି. (ଦେଶଜ) ଗୋଳାଇବା ।

ଗୁରାଳ, ବି. ( ଦେଶଜ ) କୋଳାହଳ; ଅସ୍ତବ୍ୟସ୍ତତା ସହ ଧ୍ୱନି ।

ଗୁରାଳହେବା, କ୍ରି. ( ଦେଶଜ ) ଅତି ବ୍ୟସ୍ତ-ଭାବରେ କୋଳାହଳ କରିବା; ଅତି ବ୍ୟସ୍ତ-ଭାବରେ ଦରାଣ୍ଡି ହେବା । ଯଥା—

ବଳଭୂକମାନେ ପକାଇ ବୋବାଳି,
ଧାଇଁଲେ ଗିଳିବାକୁ ହୋଇଣ ଗୁରାଳ । କୃ.ଖ୍ୟା.ଆ.ପ.

ଗୁରୁ, ବି. ( ଗୃ = ଶବ୍ଦ କରିବା, ବୋଲିବା ଇତ୍ୟାଦି-ଉ ) ଆଚାର୍ଯ୍ୟ; ଅଧ୍ୟାପକ; ଉପଦେଶକ; ମନ୍ତ୍ରୋପଦେଷ୍ଟା; ଧର୍ମୋ-ପଦେଷ୍ଟା, ପୁରୋହିତ; ନିୟମକାରକ; ବୃହସ୍ପତି; ଦ୍ରୋଣାଚାର୍ଯ୍ୟ; ପିତାମାତା ପ୍ରଭୃତି; ନାଟ୍ୟ ଶିକ୍ଷକ; ଦୁଇମାତ୍ରାଯୁକ୍ତ ଓ ସଂଯୁକ୍ତା-କ୍ଷର ପୂର୍ବ ବର୍ଣ୍ଣ । ବିଂ. ଅଲଘୁ; ଭାରି; ଉତ୍କଟ; ଶ୍ଳାଘ୍ୟ; ଦୁସ୍ତର; ଦୁର୍ବହ; ମହତ୍; ବୃହତ୍; କଠିନ; ଅଧିକ; ଅତିଶୟ; ଉତ୍କୃଷ୍ଟ, ପ୍ରୟୋଜନୀୟ ।

ଗୁରୁକାନ, ବି. (ସଂସ୍କୃତ ଓଡ଼ିଆ ଶବ୍ଦ ମିଶ୍ରଣ) ଗୁରୁ ଯେଉଁ କାନରେ ମନ୍ତ୍ର ଦିଅନ୍ତି, ଦକ୍ଷିଣ କର୍ଣ୍ଣ ।

ଗୁରୁଗୁରୁ, ଅଂ. ( ଦେଶଜ ) ଶବ୍ଦାନୁକରଣ-ବିଶେଷ । ଯଥା—

ମହିଷ ଟିପାର ଗୁରୁଗୁରୁ ଧ୍ୱନି । ଚିଲିକା ।

ଗୁରୁଜ, ବି. (ଦେଶଜ) କବାଟ ବନ୍ଦ କରିବା-ପାଇଁ ଦ୍ୱାରବନ୍ଧରେ ଯେଉଁ ଲୌହଖଣ୍ଡ ଯୁକ୍ତ ଥାଏ; ଶସ୍ତ୍ରବିଶେଷ । ଯଥା—

ବୋଇଲା ଖଡ଼ଗଫଳା ଧନୁ ଯେ ବାଣ,
ପଟା ଶକତି ଗୁରୁଜ ଗଦାଯୁକ୍ତ ଜାଣ । ସା.ଭା.ଆ.

ଗୁରୁଡ଼, ବି. (ଦେଶଜ) ଧାନ ରଖିବା ଡୋଳି । ବିଂ. କ୍ଷୁଦ୍ର ଆମ୍ବ ।

ଗୁରୁଣ୍ଡା, ବି. ( ଦେଶଜ ) ହାମୁଡ଼ା ଅର୍ଥାତ୍ ଶିଶୁମାନଙ୍କର ଆଣ୍ଠୁ ଭରରେ ଚାଲି ।

ଗୁରୁଣ୍ଡିବା, କ୍ରି. (ଦେଶଜ) ଶିଶୁମାନେ ଆଣ୍ଠୁରେ ଚାଲିବା । ଯଥା—

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ ଶ୍ରୀକୃଷ୍ଣ ବସନ୍ତ ଯାଇ ।
ବି. ଚ. ମ.

ଗୁରୁଦା, ବି. ( ଦେଶଜ ) ଅସ୍ତ୍ରବିଶେଷ । ଯଥା—

ମାଇଲେ ତୀକ୍ଷ୍ଣ କାଣ୍ଡ ଖଣ୍ଡା,
ଗଦା ଗୁରୁଦା ଲୌହ ଦଣ୍ଡା । ବ. ରା.

ଗୁରେଇବା, କ୍ରି. ( ଦେଶଜ ) ଧାନ୍ୟାଦି ପାଛୁଡ଼ିବା, ପାଛୁଡ଼ିଲାବେଳେ ତୁଚ୍ଛ ଅଂଶ ବାହାର କରିବା ।

ଗୁର୍ଜ୍ଜର, ବି. ସଂ. ଗୁଜରାଟ ଦେଶ; ତଦ୍ଦେଶ-ବାସୀ; ରାଗିଣୀବିଶେଷ ।

ଗୁର୍ବିଣୀ, } ବି. ସ୍ତ୍ରୀ. (ଗର୍ବ = ଅହଙ୍କୃତ ହେବା-
ଗୁର୍ବୀ, } ଇନ୍-ଈ, ଅ = ଉ, ଅଥବା ଗୁରୁ = ଗର୍ଭସ୍ଥସତ୍ତ୍ୱ- ଇନ୍ - ଅସ୍ତ୍ୟର୍ଥେ-ସ୍ତ୍ରୀ-ଈ ) ଗର୍ଭିଣୀ, ଅନ୍ତଃସତ୍ତ୍ୱା ।

ଗୁର୍ବୀ, ବି. ସ୍ତ୍ରୀ. (ଗୁରୁ-ସ୍ତ୍ରୀ-ଈ) ଗୌରବବତୀ; ଗୁରୁପତ୍ନୀ; ଗର୍ଭିଣୀ ।

ଗୁଳ, ବି. ( ଗୁଡ଼ = ଗୁଳ—ଡ଼ ଓ ଳର ଅଭେଦତ୍ୱରୁ ) ଇକ୍ଷୁବିକାର ।

ଗୁଳ, ବି. ( ଦେଶଜ ) ପୋଡ଼ା ଗୁଡ଼ାଖୁ କିମ୍ବା ପିକାର ଭସ୍ମାକାର ଅଂଶ ।

ଗୁଳା, ବି. (ଦେଶଜ) ବଟିକା; ଗୁଟିକା । ଯଥା—
ସମସ୍ତ ଭୁଙ୍ଗଳରେ ବେଗ ବିଷଗୁଳା କଲା ପାନ । ର. ପ.

ଶଗଡ଼ର ଚକଦ୍ୱୟ ଯିବାର ମାର୍ଗ; ଭୂମି ବିଭାଗକରଣର ନିର୍ଦ୍ଦିଷ୍ଟ ପଥ; ଧନାଦି ବିଭାଗ କରିବା ସମୟରେ ନିର୍ଦ୍ଦିଷ୍ଟ କରି ରଖିଥିବା ପଥ । ଯଥା---
ତୁମ୍ଭର ଆମ୍ଭର ଆସ ପକାଇବା ଗୁଳା,
ଯାହା ଭଗେ ପଡ଼ିବ ସେ ହେବେ ଚୋର ବଳା । ନୃ. ପୁ. ଭୃ. ତ.

ନଡ଼ିଆର ଚୋପା ଛଡ଼ାଇଲେ ଯେଉଁ ଗୁଟିକା ରହେ; ଶଗଡ଼ର ଊର୍ଦ୍ଧ୍ୱ ପାଖରେ ବନ୍ଧା ହୋଇଥିବା ଦଣ୍ଡା ବାଉଁଶ; ଦୂରତାର ପରିମାଣ ବିଶେଷ; ଆଖୁର ମଞ୍ଜି; ବାଳକମାନଙ୍କ ଲିଙ୍ଗ ।

ଗୁଲାଲ, ବି. (ଯାବନିକ) ରଙ୍ଗଫଗୁ । ଯଥା—
ନବ ତରୁଣୀଙ୍କ ଅମଳ କପୋଳ
ଅରୁଣ ଗୁଲାଲ ପାଛେ । ପାର୍ବତୀ ।

ଗୁଲ, ବି. (ଦେଶଜ) ମାଦକଦ୍ରବ୍ୟବିଶେଷ; ବାଉଁଶରେ ନିର୍ମିତ ଚୋକାଇ । (ଏହା ଗଞ୍ଜାମରେ ବ୍ୟବହୃତ ।)

ଗୁଲଖୋର, ବିଂ. ( ଯାବନିକ ) ଯେ ଗୁଲ ସେବନ କରେ ।

ଗୁଳି, } ବି. ( ଗୋଳକ ଓ ଗୁଳିକା ଶବ୍ଦଜ )
ଗୁଳୀ, } ଗୁଟିକା । ଯଥା—
କୁନ୍ଦ ରଖିଛୁ ବିଧୁ କଂସା ଗୁଳି । ର. ପ.

ବାଟୁଳି, ମୃତ୍ତିକାନିର୍ମିତ ଗୁଟିକା; ବନ୍ଧୁକରେ ପକାଇବା ନିମିତ୍ତ ଶିଂସାଗୋଳା । ଯଥା—
ରଞ୍ଜିକ ପରାଗ ପକାଇଛୁ ଅଳି ଗୁଳି । ର. ପ.

ଶକଟାଦିର ଚକ; ଦୂରତାର ପରିମାଣବିଶେଷ, ଯେତେଦୂର ପର୍ଯ୍ୟନ୍ତ ଗୁଳି ଯାଏ ।

ଗୁଳିଆ, ବି. ( ଦେଶଜ ) ଲୁଣ ବ୍ୟବସାୟରେ ଅଗ୍ରିମ ଟଙ୍କା ଗ୍ରହଣକାରିର ଉପାଧି ନାମ ।

ଗୁଳିଆଗୁଳି, ବି. ( ଗଡ଼ଜାତ ଶବ୍ଦ ) ମହୁର ତିଅଣ । ( ଦେଶଜ ) ଘଣ୍ଟାଘଣ୍ଟି । ବିଂ. ଗୋଳିଆ (ଜଳ ପ୍ରଭୃତି) ।

ଗୁଳିକା, ବି. ସ୍ତ୍ରୀ. (ଗୁଡ଼୍ = ବେଷ୍ଟନ କରିବା-ଅକ-ଆ, ଅକ = ଇକ, ଡ଼ = ଳ) ଗୁଟିକା, ଗୁଳି; ବନ୍ଧୁକର କ୍ଷୁଦ୍ର କ୍ଷୁଦ୍ର ଲୌହଗୋଳା; ବାଟୁଳି; ଶକଟଚକ୍ର ।

ଗୁଳିକାଣ୍ଡ, ବି. (ଦେଶଜ) ବାଟୁଳି । ଯଥା—
ଅର୍ଜୁନ ପଦବୀ ତହିଁ ପ୍ରସିଦ୍ଧ,
କାଣ୍ଡ ଗୁଳିକାଣ୍ଡ ତାଙ୍କ ଆୟୁଧ । କୋ. ବ୍ର. ସୁ.

ଗୁଳିଗେଣ୍ଡା, ବି. (ଦେଶଜ) ଏକପ୍ରକାର ସାନ ଗେଣ୍ଡା ।

ଗୁଳିଚକାଠ, } ବି. (ଦେଶଜ) ମାଲଖମ୍ବ ।
ଗୁଳୁଚକାଠ, } ଯଥା—
କାନୁ ଗୁଳୁଚ କାଠ ଦେ ହଲାଇ । ପ୍ରେ. ସୁ. ନି.

ଗୁଳିମେଖ, ବି. (ଦେଶଜ) ଲୁହା ମେଖ ବା ଲୁହାକଣ୍ଟାବିଶେଷ ।

ଗୁଳୀ, ବି. ସ୍ତ୍ରୀ. (ଗୁଡ଼୍ = ବେଷ୍ଟନ କରିବା-ଅ—ଈ, ଡ଼ = ଳ) ଗୁଟିକା, ଗୁଳି; ବସନ୍ତରୋଗ ।

ଗୁଳୁଗୁଚୁ, } ବି. (ଦେଶଜ) ସାନ ଶିଶୁମାନେ
ଗୁଳୁଗୁଞ୍ଚା, } ପେଟେଇବା । ଯଥା—
ଗୁଳୁଗୁଚୁରେ ଅଧରୁ ବହଇ ଲାଳ,
ଝାଳ ବିନ୍ଦୁ ଗଳିତ ଶ୍ରୀମୁଖମଣ୍ଡଳ । ବି. ରା.
ଚାଲନ୍ତି ଆଗେ ଗୁଳୁଗୁଞ୍ଚା,
କ୍ଷଣ କ୍ଷଣକେ ପଞ୍ଚଦୁଞ୍ଚା । ଖ୍ରି. ଦ. ସ୍କ.

ଗୁଳୁଗୁଞ୍ଚି, ବି. (ଦେଶଜ) ଏକପ୍ରକାର ଶର । ଯଥା—
ତ୍ରିମୁନା ଏକମୁନା ନାମ ତା ଗୁଳୁଗୁଞ୍ଚି ।
ଲଲାଟକୁ ଲକ୍ଷ କରି ଧନୁରେ ଆମଞ୍ଚି । ନୃ. ପୁ. ଷ. ତ.

ଗୁଳୁଗୁଳି, } ବି. (ଦେଶଜ) ଘର୍ମ, ଗ୍ରୀଷ୍ମତାପ ।
ଗୁଳିଗୁଳି, }

ଗୁଲୁଗୁଲୁ, ବି. (ଦେଶଜ) କଣ୍ଡୁ । ଅଂ. ଶବ୍ଦାନୁକରଣବିଶେଷ ।

ଗୁଳୁଚ, }
ଗୁଳୁଞ୍ଚି, } ବି. ସ୍ତ୍ରୀ. (ଗୁଳୁଚୀ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଲତାବିଶେଷ ।
ଗୁଳୁଞ୍ଚି, }

ଗୁଳୁଚପାଳୁଆ, ବି. (ଦେଶଜ) ଗୁଳୁଚ ଲତାକୁ ଚେଚି ପାଣିରେ ପକାଇଲେ ତା ତଳେ ଏକ ପ୍ରକାର ଶୁକ୍ଳ ପଦାର୍ଥ ବସିଯାଏ, ତାହାକୁ ଶୁଖାଇ କରିବା ଗୁଣ୍ଡର ନାମ ।

ଗୁଳୁଛ, ଗୁଳୁଞ୍ଛ, ବି. (ଦେଶଜ) ଗୁଚ୍ଛ, ସ୍ତବକ ।

ଗୁଳୁମ, ବି. (ଗୁଳ୍ମ ଶବ୍ଦର ଅପଭ୍ରଂଶ) ଉଦର ରୋଗବିଶେଷ । ଯଥା—

ଇଅଁଲା ପିଅଁଲା ହଡ଼ଗଣ୍ଡି ଊର୍ଦ୍ଧ୍ୱଧୂମ,
ଅନ୍ତ ଦନ୍ତ ବାତ ପିତ୍ତ ପିଲୋହ୍ୱ ଗୁଳୁମ । ନୂ.ପୁ.ପ.ତ.

ନଅଗୋଟି ରଥ, ନଅଗୋଟି ଗଜ, ସତାଇଶି ଗୋଟି ଘୋଡ଼ା, ପଞ୍ଚଚାଳିଶି ଗୋଟି ପାଇକ, ଏତାଦୃଶ ଚତୁରଙ୍ଗ ସେନାର ସମୂହ । ଯଥା—

ଏରୂପେ ସେନାମୁଖ ତିନରେ ଗୁଳୁମ,
ଗୁଳ ତିନଗୋଟି ହେଲେ ଗଣ ନାମ । କୃ. ଭା.ଆ. ପ.

ଗୁଳୁର, ବି. (ଦେଶଜ) ଅଣ୍ଟାରେ ପିନ୍ଧିବା ଏକପ୍ରକାର ଅଳଙ୍କାର ।

ଗୁଲ୍ଖାଲୁ, ଗୁଲଆଲୁ, ବି. (ଦେଶଜ, ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଗଞ୍ଜପାସାରର ଏକପ୍ରକାର ରଙ୍ଗ; ଶଙ୍ଖ ବାଟି କଇଥ ଅଠା ମିଶାଇ ଏହା ବର୍ତ୍ତିକୁ ତପ୍ୟାର କରନ୍ତି ।

ଗୁଲ୍ଫ, ବି. (ଗୁଲ୍=ଗମନ କରିବା-ଫ) ପାଦମୂଳ, ଗୋଇଠି ।

ଗୁଳ୍ମ, ବି.(ଗୁଡ଼୍=ବେଷ୍ଟନ କରିବା-ମକ୍, ଡ଼=ଳ) ଉଦରରେ ସମ୍ଭୂତ ରୋଗବିଶେଷ, ପ୍ଲୀହାବୃଦ୍ଧି ରୋଗ; ସ୍ତମ୍ବ, ଗଣ୍ଡି ରହିତ ଗଛ; ଗ୍ଳେଠ ଗ୍ଳେଠ ଗଛ; ଲତାଗୃହ; ସୈନ୍ୟସଂଖ୍ୟାବିଶେଷ । (ଗୁଳୁମ ଶବ୍ଦ ଦେଖ) ଘାଟ; ଥାନା; ଥାନାରେ ସ୍ଥାପିତ ସୈନ୍ୟ । (ଗୁଳ୍ମଃ ସେନାଘଟ୍ଟଭିଦୋଃ ସୈନ୍ୟରକ୍ଷଣରୁଗ୍‌ଭିଦୋଃ । ସ୍ତମ୍ବେ— ମେଦିନୀ ।)

ଗୁଳ୍ମିନୀ, ବି. ସ୍ତ୍ରୀ. (ଗୁଳ୍ମ-ଇନ୍-ଅସ୍ତ୍ୟର୍ଥେ-ଈ) ବିସ୍ତୃତ ଲତା, ଲତା ।

ଗୁବାକ, ଗୁବାକ, ବି. (ଗୁ=ତ୍ୟାଗ କରିବା-ଆକ) ଗୁଆ; ଗୁଆଗଛ ।

ଗୁହ, ବି. (ଗୁହ୍=ସମ୍ବରଣ କରିବା-ଅ) କାର୍ତ୍ତିକେୟ । (ସେନାନୀରଗ୍ନିଭୂର୍ଗୁହଃ— ଅମର ।) ବିଷ୍ଣୁ । (ବିକର୍ତ୍ତା ଗହନୋ ଗୁହଃ —ବି. ସହସ୍ରନାମ ।) ଶୃଙ୍ଗବେରପୁରାଧିପ ମ୍ଳେଚ୍ଛବିଶେଷ; ବେଗବାନ୍ ଅଶ୍ୱ; କାୟସ୍ଥମାନଙ୍କ ଉପାଧି ।

ଗୁହ, ଗୁଅ, ବି. (ଦେଶଜ) ମଳ, ବିଷ୍ଠା ।

ଗୁହା, ବି. ସ୍ତ୍ରୀ. (ଗୁହ୍=ସମ୍ବରଣ କରିବା-ଅ-ଆ) ପର୍ବତାଦିର ଗହ୍ୱର; ଗର୍ତ୍ତ; ଅଭ୍ୟନ୍ତର । (ଆତ୍ମା ଗୁହାୟାଂ ନିହିତୋଽସ୍ୟ ଜନ୍ତୋଃ ।)

ଗୁହା, ଗୁହାଇ, ବି. (ପ୍ରାକୃତ ଗୋହା ଶବ୍ଦଜ) ସାକ୍ଷୀ ।

ଗୁହାଣି, ବି. (ଦେଶଜ) ଗୋରୁମାନେ ଘାସ କୁଟା ଖାଇବାପାଇଁ ମଡ଼ାଇ ରଖିବା ପଟାବାଡ଼ି ।

ଗୁହାରି, ବି. (ଦେଶଜ) ଫେରାଦ । ଯଥା—

ନରପତି ଆଗେ କରି ଗୁହାରି,
ଦଣ୍ଡ ଦିଆଇବୁ ହେ ବଂଶୀଧାରି !

ନିବେଦନ । ଯଥା—

ଆର୍ତ୍ତିଜନ ଗୁହାରିକି ସାବଧାନ ହେବ ହେ । କୋ.ବ୍ର.ସୁ.

ଗୁହାରିଆ, ବି. (ଦେଶଜ) ବୃକ୍ଷବିଶେଷ । ବିଂ. ଯେ ଗୁହାରି କରେ । ଯଥା—

ତ୍ରିଦଶରାଜର ଆଗେ ଗୁହାରିଆ,
ରହିଅଛନ୍ତି ହୋଇ କେତେ ଠିଆ । ସୁ. ପ.

ଗୁହାଳ, ବି. (ଗୋଶାଳ ଶବ୍ଦଜ) ଗୋରୁ ରଖିବା ଘର ।

ଗୁହାଳଖଲିଆ, ବି. (ଦେଶଜ) ଯେଉଁ ବଳଦ ଗୁହାଳରୁ ବାହାରି ଖଣ୍ଡେଦୂର ଗୋଡ଼ ଘୋଷାଡ଼ି ଚାଲେ ।

ଗୁହାଳପୋଛା, ବି. (ଦେଶଜ) ଗୁହାଳ ପୋଛା ଗୋବର ଇତ୍ୟାଦି ଯେଉଁ ଟୋକାଇରେ ଧରି ଫିଙ୍ଗାଯାଏ; ବିଂ. ଗୁହାଳପୋଛା ବା ଯେ ଗୁହାଳ ପୋଛେ ।

ଗୁହ୍ୟ, ଗୋହ୍ୟ, ବିଂ. (ଗୁହ୍-ଯ) ଗୋପନୀୟ; ବିଜନ, ନିର୍ଜନ; ଦୁର୍ବୋଧ । ବି. ନିର୍ଜନ ସ୍ଥାନ; ମଳଦ୍ୱାର; ଉପସ୍ଥ; କଚ୍ଛପ; ଅହଙ୍କାର ।

ଗୁହ୍ୟକ, ବି. (ଗୁହ୍-କଣ୍, ଯ ଆଗମ, ଯେ ନିଧି ରକ୍ଷା କରେ) ଦେବଯୋନିବିଶେଷ, କୁବେରଙ୍କ ଅନୁଚର ।

ଗୁହ୍ୟକେଶ୍ୱର,ବି.(ଗୁହ୍ୟକ-ଈଶ୍ୱର) କୁବେର ।

ଗୂଢ଼, ବିଂ. (ଗୁହ୍ = ଆଚ୍ଛାଦନ କରିବା-ତ ) ଅନ୍ତରିତ; ଅଜ୍ଞାତ; ପ୍ରଚ୍ଛନ୍ନ; ଗୁପ୍ତ; ଯାହା ସହଜେ ବୋଧଗମ୍ୟ ନୁହେ । ଯଥା—

ହେ ରାମ ଏ ରାକ୍ଷସ ଗୂଢ଼ବେଶ । କା. ପ. ନା.

ବି. ରହଃ ।

ଗୂଢ଼ପାଦ୍, ଗୂଢ଼ପାଦ, } ବି. ( ଗୂଢ଼ = ଲୁକ୍‌କାୟିତ-ପାଦ୍, ପାଦ ) ସର୍ପ, ସାପ । ବିଂ. ଗୁପ୍ତପଦବିଶିଷ୍ଟ, ଆଚ୍ଛନ୍ନପଦବିଶିଷ୍ଟ ।

ଗୂଢ଼ପୁରୁଷ, ବି. (ଗୂଢ଼ = ଲୁକ୍‌କାୟିତ-ପୁରୁଷ) ଗୂଢ଼ଚର, ଛଦ୍ମବେଶୀ ଦୂତ ।

ଗୂଢ଼ମୈଥୁନ, ବି. (ଗୂଢ଼-ଲୁକ୍‌କାୟିତ-ମୈଥୁନ = ସଙ୍ଗମ) କାକ, କୁଆ ।

ଗୂଥ, ବି. ( ଗୂ = ବିଷ୍ଠା ତ୍ୟାଗ କରିବା-ଥ ) ବିଷ୍ଠା, ମଳ ।

ଗୂନ, ବିଂ. (ଗୂ = ବିଷ୍ଠା ତ୍ୟାଗ କରିବା-ତ, ତ = ନ) ଯେ ମଳ ତ୍ୟାଗ କରିଅଛି; ଉତ୍ସୃଷ୍ଟ; ତ୍ୟକ୍ତ ।

ଗୂରଣ, ଗୋରଣ, ଗୁରଣ, } ବି.(ଗୁର୍, ଗୂର୍ = ଚେଷ୍ଟା କରିବା-ଅନ) ଉଦ୍ୟମ, ଚେଷ୍ଟା; ଉତ୍ତୋଳନ, ଉଠାଇବା ।

ଗୃଞ୍ଜନ, ବି. ( ଗୃନ୍‌ଜ୍ = ଶବ୍ଦ କରିବା-ଅନ ) ରସୁଣ; ରକ୍ତବର୍ଣ୍ଣ ମୂଳବିଶେଷ, ଗାଜର; ବିଷାକ୍ତ ପଶୁମାଂସ ।

ଗୃଧ୍ନୁ, ଗୃଧ୍ନୁ, } ବିଂ.(ଗୃଧ୍-ଅତ୍ୟନ୍ତ ଆକାଙ୍‌କ୍ଷା କରିବା -ତ, ନୁ) ଲୋଲୁପ, ଲୋଭୀ; ଅଭିଳାଷଯୁକ୍ତ ।

ଗୃଧ୍ୟ, ବିଂ. (ଗୃଧ୍-ଅତ୍ୟନ୍ତ ଆକାଙ୍‌କ୍ଷା କରିବା-ଯ) ଅଭିଳଷଣୀୟ, ବାଞ୍ଛନୀୟ ।

ଗୃଧ୍ର, ବି. (ଗୃଧ୍-ର) ଶକୁନିପକ୍ଷୀ, ଶାରୁଗୁଣା ପକ୍ଷୀ ।

ଗୃହ, ବି. (ଗ୍ରହ୍ = ଗ୍ରହଣ କରିବା-ଅ,ର-ଋ) ଘର; ଗୃହସ୍ଥାଶ୍ରମ; ଭାର୍ଯ୍ୟା । ( ନ ଗୃହଂ ଗୃହମିତ୍ୟାହୁର୍ଗୃହିଣୀ ଗୃହମୁଚ୍ୟତେ । ) ମେଷାଦି ରାଶି ।

ଗୃହଗୋଧିକା, ବି. ସ୍ତ୍ରୀ. ( ଗୃହ-ଗୋଧିକା = ଗୋଇ) ଝିଟିପିଟି ।

ଗୃହପତି, ବି. ( ଗୃହ-ପତି ) ଗୃହସ୍ଥାଶ୍ରମୀ, ଗୃହସ୍ୱାମୀ; ମନ୍ତ୍ରୀ ।

ଗୃହସ୍ଥ,ବି.(ଗୃହ-ସ୍ଥା-ଅ) ସଂସାରୀ, ଦ୍ୱିତୀୟାଶ୍ରମୀ; ଗୃହପତି, ଗୃହସ୍ୱାମୀ । ବିଂ. ଗୃହସ୍ଥିତ ।

ଗୃହାଗତ,ବି.(ଗୃହ-ଆଗତ) ଆଗନ୍ତୁକ, ଅତିଥି ।

ଗୃହାରାମ, ବି. ( ଗୃହ-ଆରାମ ) ଗୃହ ନିକଟସ୍ଥ ଉଦ୍ୟାନ ।

ଗୃହାବଗ୍ରହଣୀ,ବି.ସ୍ତ୍ରୀ. (ଗୃହ-ଅବଗ୍ରହ = ଗ୍ରହଣ କରିବା-ଅନ-ଈ) ଦେହଳୀ, ଏରୁଣ୍ଡୀ ।

ଗୃହିଣୀ, ବି. ସ୍ତ୍ରୀ. (ଗୃହୀ ଦେଖ) ପତ୍ନୀ, ଭାର୍ଯ୍ୟା ।

ଗୃହୀ, ବି. ( ଗୃହିନ୍-ଗୃହ = ଭାର୍ଯ୍ୟା-ଇନ୍-ଅସ୍ତ୍ୟର୍ଥେ) ଗୃହସ୍ଥ, ଗୃହପତି ।

ଗୃହୀତ, ବିଂ. (ଗ୍ରହ୍-ଇ-ତ) ପ୍ରାପ୍ତ; ସ୍ୱୀକୃତ, ଯାହା ଗ୍ରହଣ କରାଯାଇ ଅଛି; ଆକ୍ରାନ୍ତ; ଧୃତ; ଆଶ୍ରିତ; ଅଭ୍ୟସ୍ତ; ଜ୍ଞାତ ।

ଗୃହୀତା, ବି. (ଗୃହୀତୃ-ଗ୍ରହ୍ = ଗ୍ରହଣ କରିବା-ତୃ) ଗ୍ରାହକ, ଗ୍ରହଣକର୍ତ୍ତା ।

ଗୃହ୍ୟ, ବିଂ. ( ଗ୍ରହ୍-ଯ ) ଅଧୀନ, ଆୟତ୍ତ; ଗ୍ରହଣର ଯୋଗ୍ୟ; (ଗୃହ-ଯ) ଗୃହପାଳିତ; ଗୃହୋତ୍ପନ୍ନ; ଧର୍ମଶାସ୍ତ୍ରର ଗ୍ରନ୍ଥବିଶେଷ ।

ଗେଙ୍ଗୁଟି, ଗେଙ୍ଗୁଟୀ, } ବି. ସ୍ତ୍ରୀ. (ଦେଶଜ) ପଥର ଚୂନର ଉପାଦେୟ ବସ୍ତୁବିଶେଷ; ପ୍ରସ୍ତରବିଶେଷ । ଯଥା---

ପୁଣି କେତେ ଥର ଗିଳିଅଛୁ ଆହା

ଗୁଡ଼ ବୋଲିଣ ଗେଙ୍ଗୁଟି । ଉ. ସା.

ଗେଞ୍ଚ, ବି. (ଦେଶଜ) ଭିଡ଼, ଓସାର । ଯଥା—

ଏ ବାଟ ଅଳ୍ପ ଗେଞ୍ଚ । ବିଂ. ହୀନ ।

ଗେଞ୍ଜା, } ବି. (ଦେଶଜ) ଭିଡ଼ରେ ଯାକିବା,
ଗେଞ୍ଜା, } ଭିଡ଼ରେ ମାଡ଼ିବା ।

ଗେଞ୍ଜିବା, } କ୍ରି.(ଦେଶଜ) ଭିଡ଼ରେ ଯାକିବା;
ଗେଞ୍ଜିବା, } ଗୋଳିଦେବା ।

ଗେଞ୍ଜିହେବା, } କ୍ରି. (ଦେଶଜ) କେଞ୍ଜି ହେବା,
ଗେଞ୍ଜି ହେବା, } ବନ୍ଧ ହେବା । ଯଥା—

କାଣ୍ଡମାନେ ବାଜି ଘୋଡ଼ାଏ ହୋଇ ଗେଞ୍ଜି,
ପ୍ରିୟ ପ୍ରାଣଟିକି ଗ୍ରୁଞ୍ଜଲେ ଦୁଃଖେ ମଞ୍ଜି । କୃ.ଖ୍ର.ଖ୍ର.ପ.

ଗେଞ୍ଜଣା, ବି. ( ଦେଶଜ ) ଗେଞ୍ଜିବା, ଯେଉଁ କାଠିଦ୍ୱାରା ଚୂଲ୍ଲୀର ନିଆଁକୁ ଗେଞ୍ଜାଯାଏ ।

ଗେଠମ, } ବିଂ. (ଦେଶଜ) ବାଙ୍ଗୁରିଆ,
ଗେଠମା, } ବାମନ ।

ଗେଠମୀ, ବି. ସ୍ତ୍ରୀ. (ଦେଶଜ) ବାଙ୍ଗୁରି ।

ଗେଠିରାଉତରା, ବି. (ଦେଶଜ) ଚକା ସରୁ ଅଳ୍ପ ରଙ୍ଗ ଧାନ, ଏହାର ଚାଉଳ ଧୋବ ହୁଏ ।

ଗେଟେଠେଇ, ବି. (ଦେଶଜ) ପିଷ୍ଟକବିଶେଷ ।

ଗେଢା, ବିଂ. (ଦେଶଜ) ଗୋଲମ ।

ଗେଢି, ବି. (ଦେଶଜ) ପଥର ଗୋଡ଼ି ।

ଗେଡ଼ା, ବିଂ. (ଦେଶଜ) ବାଙ୍ଗର, ଠୁଙ୍ଗା ।

ଗେଡ଼ୀ,ବିଂ.(ଦେଶଜ) ବାଙ୍ଗୁରି,ଖର୍ବାକୃତି ସ୍ତ୍ରୀ ।

ଗେଣ୍ଡି, ବି. (ଦେଶଜ) ଚୂନଗୋଡ଼ି ।

ଗେଣ୍ଡା, ବି. (ଗଣ୍ଡୂକ ଶବ୍ଦଜ) ଜଳରେ ଥିବା ଶମ୍ବୂକ ଜନ୍ତୁବିଶେଷ ।

ଗେଣ୍ଡାମାଟି, ବି. (ଗଣ୍ଡୂକ-ମୃତ୍ତିକା ଶବ୍ଦଜ) ଗେଣ୍ଡା ଗାଳିଥିବା ମାଟି ।

ଗେଣ୍ଡାଳିଆ, ବି. ( ଦେଶଜ ) ପକ୍ଷିବିଶେଷ । ଯଥା—

ଉଡ଼ିଗଲା ଗେଣ୍ଡାଳିଆ ଝାଡ଼ିଦେଲା ପର,
ଜେମାଦେଈ କାନ୍ଦୁଛନ୍ତି ଦେଖି ବୁଢ଼ାବର ।

ଗେଣ୍ଡୁ, ବି. (ଗେଣ୍ଡୁକ ଶବ୍ଦଜ) ପୁଷ୍ପବିଶେଷ । ଯଥା—

ମଧୁ ଶୁଙ୍ଘି ଶୁଙ୍ଘି ପ୍ରଜାପତି ବୁଲେ
ଗେଣ୍ଡୁଫୁଲେ କୁରୁବକେ । ହରିବଂଶୀ ।

ଏକପ୍ରକାର ଧାତୁ; କାଉଡ଼ିବିଶେଷ ।

ଗେଧ, ବି. (ଦେଶଜ) ବୁଢ଼ା ମାଙ୍କଡ଼ । ଦଳପତି ମାଙ୍କଡ଼ ।

ଗେଧା, ବିଂ. (ଦେଶଜ) ମୋଟା ।

ଗେନ୍ଦାଫୁଲ, ବି. (ସମ୍ବଲପୁରରେ ବ୍ୟବହୃତ) ଗେଣ୍ଡୁଫୁଲ ।

ଗେନ୍ଦୁକ, } ବି. (ଗେ = ଗଗନେ ଇନ୍ଦୁରିବ
ଗେଣ୍ଡୁକ, } ଗେନ୍ଦୁକଃ, ଗଗନରେ ଇନ୍ଦୁପ୍ରାୟ
ଗେଣ୍ଡୁକ, } ଦିଶୁଥିବାରୁ, କଡ଼୍ୟତେ ଭିଦ୍ୟତେ
ଗେଣ୍ଡୁ, } ଇତି କଣ୍ଡୁକଃ, କଡ଼ି ଭେଦନେ, କେହି କେହି କଡ଼୍ ଧାତୁର ଅର୍ଥ ଭିଦ୍ୟ ହୁଏ ବୋଲି କଣ୍ଡୁକ କହନ୍ତି— କଡ଼୍-ଉକ, ମ ଆଗମ, ଗମ୍ = ଗମନ କରିବା-ଇଣ୍ଡୁ, କ—ସ୍ୱାର୍ଥେ ) କନ୍ଦୁକ, ବର୍ତ୍ତୁଳାକୃତି ଖେଳନାବିଶେଷ ।

ଗେଳିବା, କ୍ରି. (ଦେଶଜ—ଅନାଦର ଅର୍ଥରେ) ଖାଇବା ।

ଗେରସ୍ତ, ବି. (ଗୃହସ୍ଥ ଶବ୍ଦଜ) ଗୃହସ୍ୱାମୀ ।

ଗେରସ୍ତାଣୀ, } ବି.ସ୍ତ୍ରୀ. (ଗୃହସ୍ଥ-ଆଣୀ—ଏଥିରୁ
ଗେରତାଣୀ, } ଜାତ)ଗୃହାଧିକାରିଣୀ। ଯଥା—

କି କରିବେ ଭାଇ ବାପା ତୋହର,
ଘର ଗେରତାଣୀ ମୁହିଁ ମୋ ଘର । ହା. ତ.

ଗେରୁ, ବି. (ଗୈରିକ ଶବ୍ଦଜ) ରକ୍ତବର୍ଣ୍ଣ ପର୍ବତ-ମୃତ୍ତିକାବିଶେଷ । ଯଥା—

ମନଶିଳେ ଗେରୁ ଘୋରଣ ତିଳକ
ରଚିଲେ ମୋର ଲଲାଟେ । ବି. ରା.

ଗେରୁଆ, ବିଂ. ( ଗେରୁ-ଉଆ ) ଗେରୁର ବର୍ଣ୍ଣଯୁକ୍ତ, କଷାୟ ।

ଗେଲ, ବି. (ଦେଶଜ) ଶ୍ରଦ୍ଧା । ଯଥା—

କେ ବୋଲେ କି ବୋଲ                 ମଧୁକର ଗେଲ
ବଢେ ନନ୍ଦା ପଦ୍ମକୋଳକୁ । ର.କ.

ପ୍ରେମ, ସ୍ନେହ । ଯଥା—

କରନ୍ତି ଗେଲ ନାନା ସୁଖ ପାଇ । ର. କ.

ଇଙ୍ଗିତ ବା ଭଙ୍ଗୀ । ଯଥା—

ବୋଲିଦେଲ ସିନା ଗେଲେ ହସି,
ବଶ୍ୟେ ତୋ ସମେ ନାହିଁ ବିଶ୍ୱାସୀ । କ.ଚ.ଚ.

ଗେଲବସର, ବି. (ଦେଶଜ) ସ୍ନେହ, ଆଦର । ବିଂ. ଗେହ୍ଲା, ସ୍ନେହ ବା ଆଦରର ପାତ୍ର । ଯଥା—

ପିଲା ତ ଆଗରୁ ଗେଲବସର ସେରନ୍ତାରେ ବଢ଼ିଛି । ଉ. ସା.

ଗେଲା, } ବିଂ. (ଦେଶଜ) ସେରନ୍ତା, ସ୍ନେହ
ଗେହ୍ଲା, } ବା ଆଦରର ପାତ୍ର ।

ଗେଲାଇବା, ଗେହ୍ଲେଇବା, ଗେହ୍ଲାଇବା, } କ୍ରି. (ଦେଶଜ) ସ୍ନେହ ବା ଆଦର କରିବା । ଯଥା—

ନୃପନାଙ୍କୁ କହୁଛନ୍ତି ଗେହ୍ଲାଇ । ବ. ଚ. ମ.

ଭଙ୍ଗୀ କରିବା । ଯଥା—

ମୁଖ ହଲାଇ ଗେହ୍ଲାଇ ଭାଷା କହୁବାର । ଲ. ବ.

ଗେଲାଣି, } ବିଂ. (ଦେଶଜ) ସେରନ୍ତୀ, ସ୍ନେହ
ଗେହ୍ଲାଣି, } ବା ଆଦରର ପାତ୍ରୀ ।

ଗେହ, ବି. ( ଗୃହ୍ଣାତି ପୁରୁଷେଣାର୍ଜିତଂ ଧନମିତି ଗୃହଂ ଗେହଂ ଚ—ଅମର ଟୀକା ।) ଗୃହ ।

ଗେହେଶୂର, ବି. ( ଗେହେ = ଘରେ-ଶୂର ) କାପୁରୁଷ, ଅକ୍ଷମ ବ୍ୟକ୍ତି । ବିଂ. ଗୃହରେ ବସିରହି ଆତ୍ମଶ୍ଲାଘାକାରୀ ।

ଗୈରକ, ବି. (ଗିରି = ପର୍ବତ-ଇକ) ଗେରୁ; ସ୍ୱର୍ଣ୍ଣ । (ସ୍ୱର୍ଣ୍ଣେଽପି ଗୈରିକଂ—ଅମର ।) ବିଂ. ଗିରିସମ୍ଭୂତ ।

ଗୈରେୟ, ବି. (ଗିରି-ଏୟ) ଶିଳାଜତୁ; ପର୍ବତଜାତ ବସ୍ତୁ ।

ଗୋ, ଗୌ, ବି. (ଗମ୍ = ଗମନ କରିବା-ଓ-ସଜ୍ଞାର୍ଥେ) ପଶୁ; ବୃଷ; ଚନ୍ଦ୍ର; ସୂର୍ଯ୍ୟ; ସ୍ୱର୍ଗ; ଚକ୍ଷୁ; ବାଣ; ବଜ୍ର; ଜଳ; ଇନ୍ଦ୍ରିୟ; କେଶ; କିରଣ; ଯାଗବିଶେଷ । ସ୍ତ୍ରୀ. ଧେନୁ; ଦିଗ; ବାକ୍ୟ; ପୃଥିବୀ; ମାତା; ଗାୟତ୍ରୀ । (ସ୍ୱର୍ଗେଷୁପଶୁବାଗ୍‌ବଜ୍ରଦିଙ୍‌ନେତ୍ରଘୃଣିଭୂଜଳେ, ଲକ୍ଷ୍ୟଦୃଷ୍ଟ୍ୟା ସ୍ତ୍ରିୟାଂ ପୁଂସି ଗୌଃ—ଅମର ।) (ଗୌଃ ସ୍ୱର୍ଗେ ବୃଷଭେ ରଶ୍ମୌ ବଜ୍ରେ ଶୀତରେ ପୁମାନ୍, ଅର୍ଜୁନୀ ନେତ୍ର ଦିକ୍ ବାଣ ଭୂବାଗାପ୍ସୁ ଯୋଷିତି— ବିଶ୍ୱ ।) (ଗୌର୍ନାଦିତ୍ୟେ— କୋଷାନ୍ତର ।) ( ଦେଶଜ ) ଅଂ. ସ୍ତ୍ରୀ. ସମ୍ବୋଧନ । ଯଥା—

ଶିଶୁ ସଙ୍ଗେ ମାଗୋ ଏହିରୂପେ
ମୋର ଜୀବନେ ହେଲା ସମାଧି । ପାର୍ବତୀ ।

ଗୋଇ, ବି. ( ଦେଶଜ ) ମର୍ମ; ଅପ୍ରକାଶ୍ୟ ବିଷୟ । (ଗୁପ୍ତି ଶବ୍ଦଜ) ଗୁହ୍ୟଛିଦ୍ର; ଗର୍ତ୍ତ । ( ଗୋଧି ଶବ୍ଦଜ ପ୍ରାକୃତ ) ଗୋଇ ସାପ ନାମକ ବିଳେଶୟ ଜନ୍ତୁ ।

ଗୋଇଠା, ବି.(ଦେଶଜ)ପାଦାଘାତ । ଯଥା—

ଗୋଇଠା ପ୍ରହାର ନେବେ ତା ମୁଖୁ ଓଟାର । ମ.ଯା.

ଗୋଇଠି, ବି. ପାଦମୂଳ । ( ଘୁଣ୍ଟୀ ଶବ୍ଦଜ ) ଗୁଲ୍‌ଫ; ପାଦମୂଳରେ କରିବା ପ୍ରହାର ।

ଗୋଈ, } ବି. ସ୍ତ୍ରୀ. (ଗୋପୀ ଶବ୍ଦଜ ପ୍ରାକୃତ)
ଗୋଇ, } ଗଉଡୁଣୀ; ଗୋପାଙ୍ଗନା । ଯଥା—

କଷ୍ଟ କଷ୍ଟେ ଗୋଈ କ୍ରୋଧଭର ହୋଇ
ବୋଇଲେ ଶୁଣ ହେ କରୁଣା । ର. କ.

ଗୋଏନ୍ଦା, } ବି. (ଦେଶଜ) ଚର ବା ଦୂତ,
ଗୋଇନ୍ଦା, } ଯେ ସମ୍ବାଦ ଦିଏ; ଗୁପ୍ତଚର ।

ଗୋକର୍ଣ୍ଣ, ବି. (ଗୋ = ଗୋରୁ-କର୍ଣ୍ଣ = କାନ) ଅନାମିକାଯୁକ୍ତ ଅଙ୍ଗୁଷ୍ଠ ପରିମାଣ, ବିତସ୍ତି; ଗଣ୍ଡୂଷ; ମୃଗବିଶେଷ; ଅଶ୍ୱତର; ସର୍ପ; ତୀର୍ଥବିଶେଷ ।

ଗୋକୁଳ, ବି. (ଗୋ-କୁଳ-ସମୂହ) ଗୋସମୂହ; ଗୋଷ୍ଠ ସ୍ଥାନ, ଯମୁନାନଦୀତୀରସ୍ଥ ଗ୍ରାମବିଶେଷ; (ଗୁଗ୍ଗୁଲ ଶବ୍ଦଜ—ପୁରୀ ଅଞ୍ଚଳରେ ବ୍ୟବହୃତ) ଗୁଗ୍ଗୁଳ ନାମକ ଗନ୍ଧଦ୍ରବ୍ୟ । ଯେପରି—ଝୁଣା ଗୋକୁଳ ।

ଗୋକ୍ଷୁର, } ବି. ସଂ. କଣ୍ଟକ ଗୁଳ୍ମବିଶେଷ ।
ଗୋକ୍ଷୁରକ, } ( ଗୋକଣ୍ଟକୋ ଗୋକ୍ଷୁରକଃ —ଅମର । )

ଗୋଖର, ବି. (ଦେଶଜ) ବିଷଧର ସର୍ପବିଶେଷ; କର୍ଣ୍ଣଭୂଷଣବିଶେଷ ।

ଗୋଖରା, } ବି. (ଗୋକ୍ଷୁର ଶବ୍ଦଜ) କଣ୍ଟକ
ଗୋଖୁରା, } ଗୁଳ୍ମବିଶେଷ । (ଦେଶଜ) ମୂର୍ଖ, ମୂଢ଼ । ଯଥା—

ଗୋଖରା ବ୍ରାହ୍ମଣ ଏ ଅଟଇ ମହାଦୁଷ୍ଟ । ସା. ଭି. ଆ.

ଗୋଖା, ବି. ( ଦେଶଜ ) ମାଚଜାତିବିଶେଷ ।
ଯଥା—
ହାଡ଼ି ବାଉଁର ଗୋଖା ଆଉ,
କଣ୍ଡରା ପାଣ ଅଗ୍ରେଚର । ବି. ପୁ.
ବିଂ. ଯାହାର ଦେହ ମୋଟା ଓ ଦୃଢ଼;
ହୃଣ୍ଡା; ମୂର୍ଖ ।

ଗୋଗୋଛବାଡ଼ିଆ, ବି. (ଦେଶଜ) ଭଲ ମନ୍ଦ ନ ବିଚାରି ପିଟିବା ।

ଗୋଗ୍ରନ୍ଥି, ବି. ସଂ. ଗୋଷ୍ଠ; ଶୁଷ୍କ ଗୋମୟ ବା ଘଷି ।

ଗୋଙ୍ଗାନ, ବି. (ଦେଶଜ) ଦୁଃସ୍ୱପ୍ନ ।

ଗୋଚର, ବି. ( ଗୋ=ଇନ୍ଦ୍ରିୟ, ଗୋରୁ- ଚର୍-ଅ) ଆଶ୍ରୟ; ବିଷୟ ଅର୍ଥାତ୍ ଯାହା ଅନୁଭବ କରାଯାଏ । ଯେପରି—ଇନ୍ଦ୍ରିୟ- ଗୋଚର, ଚକ୍ଷୁଗୋଚର ଇତ୍ୟାଦି । ସାକ୍ଷାତ୍କାର; ଗୋରୁ ଚରିବା ସ୍ଥାନ; ଜ୍ୟୋତିଷରେ ତାତ୍କାଳିକ ଗ୍ରହସଞ୍ଚାର । ବିଂ. ଆଶ୍ରିତ, ସ୍ଥିତ ।

ଗୋଚନା, ଗୋଚିନା, ଗୋରୁଚନା, } ବି. ( ଗୋରୋଚନା ଶବ୍ଦଜ ) ଗୋରୋଚନା ।

ଗୋଛ, ଗୋଚ୍ଛ, } ବି. (ଗୁଚ୍ଛ ଶବ୍ଦଜ) ବିଡ଼ା; ସମୂହାର୍ଥ ।

ଗୋଚ୍ଛଗୋଚ୍ଛ, ବିଂ. (ଦେଶଜ) ବିଡ଼ା ବିଡ଼ା; ପଲ ପଲ; ପ୍ରଚୁର ।

ଗୋଚ୍ଛଇତ, ଗୋଛେଇତ, } ବି. (ଦେଶଜ) ସଂଜ୍ଞାବିଶେଷ; ହାଡ଼ି ।

ଗୋଚ୍ଛି, ବି. (ଦେଶଜ) ମାଂସପେଶି; ସନ୍ଧିସ୍ଥାନ ।

ଗୋଚ୍ଛିକାର, ବି. ( ଦେଶଜ ) ସଂଜ୍ଞାବିଶେଷ; ଶ୍ରୀଜଗନ୍ନାଥମହାପ୍ରଭୁଙ୍କର ସେବକବିଶେଷ ।

ଗୋଜ, ବି. (ଦେଶଜ) ମେଖ; ଗୃହର ପକ୍ଷିଆ ପ୍ରଭୃତିରେ ବସାଇବା କାଷ୍ଠଖଣ୍ଡ । ବିଂ. ସୂକ୍ଷ୍ମାଗ୍ରକୁଞ୍ଚିତ । ଯଥା—
ସ୍ନେହେ କରୁଥାଇ ଅଧର ଗୋଜ,
ଚୁମ୍ବନ ନ ଦିଏ ବାରଇ ଲଜ । ସୁ. ରେ.

ଗୋଜଣ, ବି. (ଦେଶଜ) ନଥାଁ ଖେଳାଇବା ଖୁଣ୍ଟା ।

ଗୋଜା, ବି. (ଦେଶଜ) ତୃଣ ଆଦିର ପତ୍ର ।
ଯଥା—
ତୃଣ ବ୍ରହ୍ମସ୍ୱ ନେବା ଲୋକଙ୍କୁ ଡ଼କାଇଲା,
ଗୋଜା ଚିରି ମୂଳ କଲମ୍ବର ଗ୍ରୁଡ଼ିଦେଲା । ନ୍ୟୁ.ପ.ଚ.
ଭୂମି ବାଣ୍ଟର ନିର୍ଣ୍ଣୟପତ୍ର; ମେଖ ବା କୀଳକ । ବିଂ. ସୂକ୍ଷ୍ମାଗ୍ରକୁଞ୍ଚିତ; ତୀକ୍ଷ୍ଣ, ମୁନିଆ ।

ଗୋଜକାଠି, ବି. ( ଦେଶଜ ) ସିନ୍ଧ କରିବାର ଅସ୍ତ୍ର, ସିନ୍ଧକାଠି; ସ୍ତ୍ରୀମାନେ ଜୁଡ଼ାରେ ପିନ୍ଧିବା ଏକପ୍ରକାର କାଠି ।

ଗୋଟମା, ବି. (ଦେଶଜ) ନଡ଼ିଆକଷି ।

ଗୋଟା, ବିଂ. ( ଦେଶଜ ) ବର୍ତ୍ତୁଳ; କଡ଼ା, ଏକ ।

ଗୋଟାଇବା, ଗୋଟେଇବା, } କ୍ରି. (ଦେଶଜ) ଚଞ୍ଚୁ ବାଛି- ନେବା; ଉତ୍ତୋଳନ କରିବା; ଶସ୍ୟାଦି ତୋଳିବା ।

ଗୋଟାଏ, ଗୋଟିଏ, } ବିଂ. (ଦେଶଜ) ଏକ, ଏକଗୋଟି ।

ଗୋଟାକେତେ, ବିଂ. ( ଦେଶଜ )କେତେକ ।
ଯଥା—
ଝିଙ୍କାଝିଙ୍କି କରି ପକାଇ ମୋତେ ତଳେ,
ଗୋଇଠା ଗୋଟାକେତେ ମାଇଲା ତ ବଳେ ।
କୃ. ଖ. ବି. ପ.

ଗୋଟାଳି, ବି. (ଦେଶଜ) ଗୋଲାକାର କ୍ଷୁଦ୍ର ଖଡ଼ି ।

ଗୋଟି, ଗୋଟିଏ, ଗୋଟିକ, (ଆଦରାର୍ଥ) ଗୋଟା, ଗୋଟାଏ, (ଅନାଦରାର୍ଥ) ଗୋଟାକ, } ବିଂ. ଏକମାତ୍ର ।

ଗୋଟି, ବିଂ. ( ଗୋଷ୍ଠୀ ଶବ୍ଦଜ ) ଏକତ୍ରିତ ।
ଯଥା—
ଏମାନଙ୍କ ଧନୁକୁ କାଣ୍ଡରେ ମୁଁ କାଟି,
ଆଣନ୍ତି କ୍ଷଣକରେ ମୋ ଗାଈ କରି ଗୋଟି ।
କୃ. ଖ. ବି. ପ.

ଗୋଟିଆ, ବି. ( ଦେଶଜ ) ରଥ ଚକ୍ର ପରି ଚକ୍ର ଥିବା ଏକବଳଦିଆ ଶଗଡ଼ । ଯଥା—
ଟାଙ୍ଗା ଦେଖିଲେ ଆମ ଗଡ଼ଜାତଆଙ୍କର ଗୋଟିଆ ମନେ ପଡ଼େ । ଭ. ସା. ୧୧ ଖ.
ବିଂ. ଏକମାତ୍ର ।

ଗୋଟିକରିବା, କ୍ରି. ( ଦେଶଜ ) ଏକତ୍ରିତ କରିବା, ସମ୍ମିଳିତ କରିବା । ଯଥା—
**କୋଟିଏ ମଦନ ଯାର ଗୋଟିଏ ଅଙ୍ଗକୁ,**
**ଗୋଟି କଲେ ହେଲେ ଯୋଟି ନୋହିବେ କାଳକୁ ।**
**ସୁ. ପ.**

ଗୋଟିକା, } ବିଂ. ( ଦେଶଜ ) ଏକୁଟିଆ,
ଗୋଟିକିଆ, } ଏକମାତ୍ର ଯୁକ୍ତ ।

ଗୋଟିଗୋଟି, ବିଂ. (ଦେଶଜ) ଏକ ଏକ ।

ଗୋଟିପୁଅ, } ବି. ( ଦେଶଜ ) ନାଟୁଆପିଲା;
ଗୋଟିପୋ, } ଏକପ୍ରକାର ନାଚ । (ଏଥିରେ ଗୋଟିଏ ପିଲା ମାତ୍ର ନାଚ କରି ବହୁମାନ ଭଙ୍ଗି ଦେଖାଉଥାଏ ।) ଯଥା—
**ସତ କଥା ଓଜ୍ଝାଆକୁ କେ ଦିବ ଆଦର,**
**ଗୋଟିପୋମାନେ ଯେ ଦେଉଛନ୍ତି ଶ୍ରାଦ୍ଧ କର । ଛ. ଭୃ.**

ଗୋଟିପୋକ, ବି. (ଦେଶଜ) ପାଟପୋକ, ଏହି କୀଟ ଟସର ସୂତା ପ୍ରସୁତ କରେ ।

ଗୋଟିହେବା, କ୍ରି. ( ଦେଶଜ ) ଏକତ୍ରିତ ହେବା, ସମ୍ମିଳିତ ହେବା ।

ଗୋଠ, ବି. ( ଗୋଷ୍ଠ ଶବ୍ଦଜ—ପ୍ରାକୃତ ଗୋଠ୍ଠରୁ ଜାତ) ଗୋରୁ ରଖିବା ସ୍ଥାନ । ଯଥା—
**ଗୋଠକୁ ଗରୁଡ଼ ନେଉଛୁ ଗୋଧନ । ଗୁ. ମା.**
ଗୋଚ୍ଚରଣ ଭୂମି; କଟିଦେଶର ଭୂଷଣ; ପଲ ।

ଗୋଠଫଳ, ବି. (ଦେଶଜ) ଗୋଭକ୍ଷ୍ୟ କାକୁଡ଼ି ବା ଗୋରକ୍ଷ କାକୁଡ଼ି । ଯଥା—
**ଦୁଇ କଲେ ଦୁଇ ଗୁଆ ଯାକଅଛୁ ବର,**
**ଗୋଠଫଳ ବଳଦ ଖୈବାଏ ଧୀର ଧୀର । ମ. ସ.**

ଗୋଠିଆ, ବିଂ. (ଗୋଷ୍ଠୀୟ ଶବ୍ଦଜ) ଗୋଠରେ ଥିବା (ଗାଈ ପ୍ରଭୃତି) ।

ଗୋଠୀ, } ବି. ( ଗୋଷ୍ଠୀ ଶବ୍ଦର ଅପଭ୍ରଂଶ )
ଗୋଠି, } ସମୂହ ବା ସମାଜ ।

ଗୋଡ଼, ବି. (ଦେଶଜ) ରଙ୍ଗା, ଜହ୍ନି କାକୁଡ଼ି ପ୍ରଭୃତି ମାଡ଼ିବାପାଇଁ ପୋତିବା ଖୁଣ୍ଟି; ମୂଳ ବା ଆଦି । ( ପ୍ରାକୃତ ଗୋଡ୍ଡୋ ଶବ୍ଦଜ ) ପାଦ, ଚରଣ । ଯଥା—
**ଫରକଟା ଗୋଡ଼େ ପୂଣି ହୁଏ ଠିଆ । ଦ. ବା**

ଗୋଡ଼କନା, } ବି. (ଦେଶଜ) ମୋଜା ।
ଗୋଡ଼ମୁଣା, }

ଗୋଡ଼ଦେବା, କ୍ରି. ଉପସ୍ଥିତ ହେବା ।

ଗୋଡ଼ାଇବା, } କ୍ରି. ( ଦେଶଜ ) ପଛରେ
ଗୋଡ଼େଇବା, } ଧାଇଁବା । ଯଥା—
**କେକୀଶିଶୁ ପଛେ ଗୋଡ଼ାନ୍ତି । ଧ. କ.**

ଗୋଡ଼ାଳକ, ବିଂ. (ଦେଶଜ) ଶତ୍ରୁର ପଛରେ ଯେ ଗୋଡ଼ାଏ । ଯଥା—
**ଧୃଷ୍ଟ ପତ୍ରୀରନ୍ତ ଦ୍ରୋଣଗୁରୁ ନନ୍ଦକର,**
**ପଳାଳକ ଗୋଡ଼ାଳକ ଅଟେ କେ ବଗୁର । ସା. ଖ୍ରି. ବ. ପ.**

ଗୋଡ଼ି, } ବି. ( ଦେଶଜ ) ସାନ ସାନ
ଗୁଡ଼ି, } ପଥର ।

ଗୋଡ଼ବାଣ, ବି. (ଦେଶଜ) ପୁଷ୍ପବୃକ୍ଷବିଶେଷ ।

ଗୋଡ଼ଶାଳ, } ବି. (ଦେଶଜ) କାଷ୍ଠର ଯୋଡ଼ିବା
ଗୋଡ଼ଗ୍ଟଳ, } ସ୍ଥାନରେ ବ୍ୟବହୃତ ହେବା କଣ୍ଟା ।

ଗୋଣୀ, ବି. ସ୍ତ୍ରୀ. (ଗୁନ୍ = ଗଣନା କରିବା-ଅ-ଈ) ପରିମାଣବିଶେଷ; ପରିମାଣବିଶେଷର ପାତ୍ର; ଥଳି, ବସ୍ତା ।

ଗୋଣ୍ଡ, ବି. (ଗୁଣ୍ଡ୍ = ବେଷ୍ଟନ କରିବା, ଜଡ଼ାଇବା-ଅ) ମ୍ଲେଚ୍ଛଜାତିବିଶେଷ; ନାଭି-ଦେଶର ବର୍ଦ୍ଧିତ ମାଂସ; ବର୍ଦ୍ଧିତ ନାଭି; ନାଭି । (ଗୋଣ୍ଡଃ ପାମରଜାତୌ ଚ ବୃଦ୍ଧନାଭୌ ଚ ସମତଃ—ରୁଦ୍ର ।)

ଗୋତ, } ବି. ( ଗୋତ୍ର ଶବ୍ଦଜ, ପ୍ରାକୃତ
ଗୋତ୍ତ, } ଗୋତ୍ତ ) ବଂଶ ।

ଗୋତମ, } ବି. ସଂ. ନ୍ୟାୟଶାସ୍ତ୍ରପ୍ରଯୋକ୍ତାମୁନି;
ଗୌତମ, } (ଗୋ = ଶ୍ରେଷ୍ଠତମ) ବୌଦ୍ଧମତ-ପ୍ରବର୍ତ୍ତକ ମୁନି । ( ବର୍ଦ୍ଧି ମାଂ ଗୋତମଂ-କୁଟ୍ଟେ । )

ଗୋତର, ବି. ( ଗୋତ୍ର ଶବ୍ଦର ଅପଭ୍ରଂଶ ) ପୂର୍ବ ବଂଶଧର ନାମ ।

ଗୋଡ଼ା, ବି. (ଦେଶଜ) ଉବନ ।

ଗୋଡାମରି, ବିଂ. (ଦେଶଜ) ଦଗାଦାର; ଧୂର୍ତ୍ତ । ବି. ପାଣିର ଏକ ସ୍ଥାନରେ ବୁଡ଼ି ଅନ୍ୟ ସ୍ଥାନରେ ବାହାରିବା ।

ଗୋତାମାରିବା, କ୍ରି: ( ଦେଶଜ ) ପାଣିରେ ବୁଡ଼ିବା ।

ଗୋତି, ବି. ( ଦେଶଜ ) ପର ଘରେ ଆଶ୍ରୟ ମାଗି ପେଟ ପୋଷିବା । ବିଂ. ଯେ ଗୋତି ପଶିଥାଏ । ଯଥା—

ଆବର କୁସୁମବୃକ୍ଷେ ପଶନ୍ତ ଯାଇ ଗୋତି,
ଗୋତି ଶବଦ ବହୁ ହୁଅଇ ପୋଷା ନତି । ନୃ.ପୁ.ସ.ତ.

ଗୋତିପଶା, ଗୋତିପସା, ବିଂ. ( ଦେଶଜ ) ଯେ ପର ଘରେ ଆଶ୍ରୟ ମାଗି ପେଟ ପୋଷିଥାଏ ।

ଗୋତିପଶିବା, କ୍ରି. ଶରଣାପନ୍ନ ହେବା ।

ଗୋତ୍ର, ବି. (ଗୋ = ଶବ୍ଦ କରିବା-ତ୍ର— ସଂଜ୍ଞାର୍ଥେ, ଯେ ପୂର୍ବପୁରୁଷମାନଙ୍କୁ କହେ) ବଂଶ; ନାମ; କୁଳପ୍ରବର୍ତ୍ତକ ଋଷି; ଅରଣ୍ୟ; କ୍ଷେତ୍ର; ପଥ; ଛତ୍ର; ଗୋଗୃହ । (ଗୋ = ପୃଥିବୀ-ତ୍ରୈ-ଅ) ପର୍ବତ । (ଗୋତ୍ରଂ ଶୈଳେ କୁଳେଽପି ଚ; ଗୋତ୍ରଂ କୁଳାଖ୍ୟୟୋଃ କାନନକ୍ଷେତ୍ରବର୍ତ୍ମସୁ— ମେଦିନୀ ।)

ଗୋତ୍ରଭିଦ୍, ବି. (ଗୋତ୍ର = ପର୍ବତ-ଭିଦ୍-କ୍ୱିପ୍) ଇନ୍ଦ୍ର ।

ଗୋତ୍ରମାରୁ, ବିଂ. (ଦେଶଜ ପ୍ରାୟ) ଦଗାଦାର, ଦଗାବାଜୀ ।

ଗୋତ୍ରା, ବି. ସ୍ତ୍ରୀ. ସଂ. ପୃଥିବୀ; ଗୋସମୂହ ।

ଗୋଦ, ବି. (ଗୋ = ବାକ୍ ଇତ୍ୟାଦି-ଦା-ଅ) ମସ୍ତିଷ୍କ, ମଗଜ; ଗୋଦାବରୀ ନିକଟସ୍ଥ ଦେଶବିଶେଷ । ବିଂ. ଗୋଦାତା ।

ଗୋଦ, ଗୋଦର, ଗୋଦରି, ବି. (ଦେଶଜ) ବାତବିକୃତିରେ ସ୍ଥୂଳ ହୋଇ ଯାଇଥିବା ଚରଣାଦି, ଶ୍ଲୀପଦ ।

ଗୋଦରୀ, ବି. ସ୍ତ୍ରୀ. ( ଦେଶଜ ) ଯେଉଁ ସ୍ତ୍ରୀର ଚରଣରେ ଶ୍ଲୀପଦ ହୋଇଥାଏ । ଯଥା—

ଗୋଦରୀ ଲୋ ଗୋଡ଼କୁ ଚୁହାଁ ।

ଗୋଦା, ଗୋଦାବରୀ, ବି. ସ୍ତ୍ରୀ. (ଗୋ = ଜଳ, ସ୍ୱର୍ଗ-ଦା-କ୍ୱିପ୍) ନଦୀବିଶେଷ ।

ଗୋଦାମ, ବି. (ଯାବନିକ) ବିକ୍ରୟାର୍ଥ ବା ଅନ୍ୟ ଅଭିପ୍ରାୟରେ ଗଚ୍ଛିତ ପଦାର୍ଥମାନ ରଖିବା ସ୍ଥାନ, ଗଞ୍ଜ ।

ଗୋଦାମରଦି, ବିଂ. (ଯାବନିକ) ଅକର୍ମଣ୍ୟ ।

ଗୋଦାରଣ, ବି. ( ଗୋ = ଭୂମି-ଦାରଣ ) ଲଙ୍ଗଳ; କୋଦାଳ, କୋଡ଼ି ।

ଗୋଧଡ଼ି, ଗୋଧଡ଼ି, ଗୋଦଡ଼ି, ବି.(ଦେଶଜ) ଚିରାକନ୍ଥା; ଚିରାକନ୍ଥା ମୁଣା; ଯେ ଗୋଧଡ଼ି ଧରିଥାଏ, ଭିକ୍ଷୁ ବା ଯୋଗୀ । ଯଥା—

ଗୋଧଡ଼ି ଧର୍ମ ଆଶ୍ରେ କରି,
ଜ୍ଞାନଗୋଧଡ଼ି ଝୋଲି ଧରି । ଦା. ର.
ତା ଦେଖି ସେ ଜ୍ଞାନଗୋଧଡ଼ି,
ମନେ ପାଇଲି ତାପ ବଡ଼ି । ଦା. ର.

ଗୋଧନ, ବି. (ଗୋ-ଧନ = ସମୂହ) ଗୋରୁ-ସମୂହ; ଗୋରୂପ ଧନ ।

ଗୋଧରି, ବିଂ. (ଦେଶଜ) ଅକର୍ମଣ୍ୟ ।

ଗୋଧା, ଗୋଧିକା, ବି. (ଗୁଧ୍ = ବେଷ୍ଟନ କରିବା-ଅ- ଆ-ଆକାରର ପୂର୍ବେ ଇକ-ସ୍ୱାର୍ଥେ ) ଗୋଇସାପ; ଧନୁର୍ଗୁଣାଘାତ ନିବାରଣାର୍ଥ ପ୍ରକୋଷ୍ଠର ଚର୍ମମୟ ଆବରଣ ।

ଗୋଧି, ବି.(ଗୋ = ଚକ୍ଷୁ, ଜଳ-ଧା-ଇ, ଅଥବା ଗୁଧ୍ = ବେଷ୍ଟନ କରିବା-ଇ) ଲଲାଟ ଦେଶ; ଗୋଧା । (ଲଲାଟମଲିକଂ ଗୋଧିଃ— ଅମର ।) (ଗୋଧିକା ଶବ୍ଦର ଅପଭ୍ରଂଶ) ଗୋଇସାପ ।

ଗୋଧୂମ, ଗୋଧମ, ବି. (ଗୁଧ୍ = ବେଷ୍ଟନ କରିବା-ଉମ, ଅମ-ସଂଜ୍ଞାର୍ଥେ) ଗହମ ।

ଗୋଧୂଳି, ବି. ସ୍ତ୍ରୀ. (ଗୋ-ଧୂଳି) ସୂର୍ଯ୍ୟାସ୍ତ ସମୟ; ଗୋରୁର ପାଦଧୂଳି ।

ଗୋନନ୍ଦୀ, ଗୋନର୍ଦ୍ଦ, ବି. ( ଗୋ = ଜଳ-ନନ୍ଦ୍ = କ୍ରୀଡ଼ା କରିବା-ଇନ୍, ନର୍ଦ୍ଦ = ଶବ୍ଦ କରିବା-ଅ) ସାରସ ପକ୍ଷୀ; ପର୍ବତ-ବିଶେଷ; ଦେଶବିଶେଷ; କାଶ୍ମୀର ନୃପ-ବିଶେଷ ।

ଗୋପ, ବି.(ଗୋ = ଗୋରୁ, ପୃଥିବୀ-ପା = ପାଳନ କରିବା-ଅ) ଗଉଡ଼ ଜାତି; ରାଜା, ଭୂପତି । ବିଂ. ଗୋରକ୍ଷକ । (ଗୁପ୍ = ରକ୍ଷାକରିବା-ଅ) ରକ୍ଷକ । (ସ୍ତ୍ରୀ-ଈ) ଗୋପାଳୁଣୀ; ରକ୍ଷିକା ।

ଗୋପଗୋଣ୍ଡ, ବି. ସ୍ତ୍ରୀ. (ଗୋପାଳିକା ଶବ୍ଦଜ) ଗୋପସ୍ତ୍ରୀ ।

ଗୋପତ୍ତମାରୁ, ବି°. (ଦେଶଜ) ବିଶ୍ୱାସଘାତକ; ରହସ୍ୟଭେଦକାରୀ ।

ଗୋପନ, ବି. (ଗୁପ୍ = ରକ୍ଷା କରିବା, ଲୁକ୍‌କାୟିତ କରିବା-ଅନ) ରକ୍ଷଣ, ରଖିବା; ଅଦୃଶ୍ୟକରଣ, ଲୁଚାଇବା ।

ଗୋପନୀୟ, ବି°. (ଗୁପ୍-ଅନୀୟ) ଅପ୍ରକାଶ୍ୟ, ଗୋପ୍ୟ; ରକ୍ଷଣୀୟ ।

ଗୋପାନସୀ, ବି. ସ୍ତ୍ରୀ. (ଗୁପ୍ = ରକ୍ଷା କରିବା-ନସ୍-ଈ, ଆ ଆଗମ) ବଡ଼ଭି, ଘରର ଚାଳର ନିମ୍ନସ୍ଥ ବକ୍ରକାଷ୍ଠ ।

ଗୋପାୟନ, ବି. (ଗୁପ୍-ଆୟ୍ = ଗୋପାୟ୍-ଅନ) ଗୋପନ; ରକ୍ଷା । ବି°. ରକ୍ଷକ ।

ଗୋପାୟିତ, ବି°. ରକ୍ଷିତ; ପୁଷ୍ଟ ।

ଗୋପାଳ, ବି. (ଗୋ=ଭୂମି, ଗୋରୁ-ପାଳ୍-ଅ) ଶ୍ରୀକୃଷ୍ଣ; ଗୋପ; ଭୂପତି ।

ଗୋପୁର, ବି. (ଗୁପ୍ = ରକ୍ଷା କରିବା-ଉର) ପୁରଦ୍ୱାର; ନଗର ଦ୍ୱାର, ଦ୍ୱାର; ଅତ୍ୟୁଚ୍ଚ ଗୃହବିଶେଷ ।

ଗୋପ୍ତା, ବି°. (ଗୁପ୍-ତୃ) ରକ୍ଷକ; ପ୍ରତିପାଳକ; ଅଧ୍ୟକ୍ଷ ।

ଗୋପ୍ୟ, } ବି°. (ଗୁପ୍-ଯ, ତବ୍ୟ) ଗୋପନୀୟ; ରକ୍ଷଣୀୟ ।
ଗୋପ୍ତବ୍ୟ,

ଗୋପ୍ୟାନ, ବି. (ଗୋପନ ଶବ୍ଦଜ) ଗୋପନ । ବି°. ଗୁପ୍ତ । ଯଥା—

ମନୁ ବୋଇଲେ ଏମାନେ ହୋଇଲେ ଦରିଦ୍ର୍ୟ,
ଗୋପ୍ୟାନେ ପାଣ୍ଡବେ ଯେ ରହିଲେ ଅଇଶ୍ୱର୍ଯ୍ୟ । ସା. ଭା. ଆ.

ଗୋବ, ବି. (ଦେଶଜ) ଇଟା ବା ଢ଼ାଳ ଚତାଇ ବିନ୍ଧିବା ସ୍ଥାନରେ ବସାଇବା; ଛଳ ।

ଗୋବର, ବି. (ଗୋମଳ ଶବ୍ଦଜ) ଗୋମଳ ବା ଗୋମୟ ।

ଗୋବରଗଣେଶ, ବି°. (ଦେଶଜ) ଅକର୍ମଣ୍ୟ, ଯେ ଦେଖିବାକୁ ସୁନ୍ଦର ଓ ସ୍ଥୂଳ ଅଥଚ ଭିତରେ କିଛି ବିଦ୍ୟା ବା ବୁଦ୍ଧି ନାହିଁ ।

ଗୋବରଛତୁ, ବି. (ଗୋମୟଛତ୍ରାକ ଶବ୍ଦଜ) ଗୋବରଗଦାରେ ଉଠିବା ଛତୁ ।

ଗୋବରପୋକ, } ବି. (ଦେଶଜ) ଗୋମୟକୀଟ ।
ଗୋବରିଆପୋକ,

ଗୋବରା, } ବି. (ଦେଶଜ) ପକ୍ଷିବିଶେଷ । (ଗୁଣ୍ଡୁରି ଶବ୍ଦ ଦେଖ)
ଗୋବରାଚଢ଼ାଇ,

ଗୋବରି, } ବି. (ଦେଶଜ) ପକ୍ଷିବିଶେଷ । ଯଥା—
ଗୋବରୀ,

ଶ୍ୟାମଳ ଶଙ୍ଖଚିଲ କେଶର ଖଣ୍ଡଭୁଆ,
ମୟୂର ମାଟିଚିଲ ଗୋବରୀ ଭଦାଳିଆ । ନୃ. ପୁ. ଚ. ଭ.

ଗୋବରେଇବା, କ୍ରି. (ଦେଶଜ) ଗୋରୁର ଗର୍ଭସ୍ରାବ ହେବା ।

ଗୋବା, } ବି. (ଦେଶଜ) ଯଷ୍ଟିର ଅଗ୍ରଭାଗରେ କରିବା ପ୍ରହାର । ଯଥା—
ଗେବା,

ଏପାଖେ ଧୋବୁଣୀ ଯେପାଖେ ଧୋବା,
କାଞ୍ଜିକି ମାଇଲେ କୁରଚି ଗେବା । ହା. ଭ.

ଗୋବିବା, } କ୍ରି. (ଦେଶଜ) ଯଷ୍ଟି ଅଗ୍ରରେ ପ୍ରହାରିବା ।
ଗେବିବା,

ଗୋବିହେବା, } କ୍ରି. (ଦେଶଜ) ଶସ୍ତ୍ରାଦି କ୍ଷତ କରି ଭିତରେ ପଶିବା । ଯଥା—
ଗେବିହେବା,

କର୍ଣ୍ଣଙ୍କ ହୃଦୟସାଞ୍ଜୁକୁ ଫୁଟାଇଲା,
ପିଠିଆଡ଼େ ନକଲା ମଧ୍ୟରେ ଗେବିହେଲା । କୃ. ଭା. ବ. ପ.

ଗୋମୟ, ବି. (ଗୋ-ମୟଟ୍-ପୁରୀଷାର୍ଥେ) ଗୋବର ।

ଗୋମାୟୁ, ବି. (ଗୋ = ଶବ୍ଦ ଇତ୍ୟାଦି-ମା = ପରିମାଣ କରିବା-ଉ, ଯ ଆଗମ) ଶୃଗାଳ, ଶିୟାଳ; ଗନ୍ଧର୍ବବିଶେଷ ।

ଗୋମେଦ, ବି. (ଗୋ = ଚକ୍ଷୁ-ମିଦ୍ = ସ୍ନିଗ୍ଧ ହେବା ଇତ୍ୟାଦି-ଅ) ପୀତବର୍ଣ୍ଣ ମଣିବିଶେଷ; ଦ୍ୱୀପବିଶେଷ ।

ଗୋମେଧ, ବି. (ଗୋ = ଗୋରୁ-ମିଦ୍-ଅ, ଦ = ଧ) ଗୋସବନାମକ ଯଜ୍ଞବିଶେଷ ।

ଗୋର, ବି. (ଯାବନିକ) ସମାଧି, ଶ୍ମଶାନ ।
ଗୋରଖା, ବି. ( ଗୋରକ୍ଷ ଶବ୍ଦଜ ) ହିମାଳୟ ପ୍ରଦେଶର ବୀରସୈନ୍ୟଜାତିବିଶେଷ ।
ଗୋରଡ଼ା, ବି. ( ଦେଶଜ ) ଗୋରୁଖିଆଡ଼; ବଗିଗ୍ନ; ବୈଦିକ ବ୍ରାହ୍ମଣବିଶେଷ । ଯଥା—

କୌତ୍ସ ମଡ଼ିଆ ବସୁ କାନ୍ତାରୁ ଗୋରଡ଼ା,
ଏ ସବୁ ବ୍ୟାଖ୍ୟାକୁ ନୂଆ ଅଭିଧାନ ଲୋଡ଼ା ।
ଊ. ସା. ୧୮. ୯.

(ଗୋରୁ ଏମାନଙ୍କର ପ୍ରଧାନ ସମ୍ବଳ ଥିବାରୁ ଏହି ନାମ ହୋଇଅଛି ।)
ଗୋରଡ଼୍, ବି. (ଦେଶଜ) ଗୋରୁର ହମ୍ବାରବ ।
ଗୋରସ, ବି. (ଗୋ = ଗୋରୁ-ରସ) ଗାଈ-ଦୁଗ୍ଧ; ଦଧି; ଘୃତ; ନବନୀତ ।
ଗୋରସଜ, ବି. (ଗୋରସ-ଜନ୍-ଅ) ତକ୍ର, ଚହ୍ଲା ।
ଗୋରା, ବିଂ. (ଗୌର ଶବ୍ଦଜ) ଗୌରବର୍ଣ୍ଣ, ଶୁଭ୍ର । ବି. ଚୈତନ୍ୟଦେବ । (ଦେଶଜ) ଇଯୁରୋପୀୟ ସୈନ୍ୟବିଶେଷ, ଇଯୁରୋପୀୟ ବ୍ୟକ୍ତି, ଶ୍ୱେତକାୟ ପୁରୁଷ ।
ଗୋରୀ, ବି. ସ୍ତ୍ରୀ. ( ଗୋରୀ ଶବ୍ଦଜ-ପ୍ରାକୃତ ) ଗୌରବର୍ଣ୍ଣା ସ୍ତ୍ରୀ; ଗୌରୀଦେବୀ ।
ଗୋରୁ, ବି. (ଗୋ ଶବ୍ଦଜ) ଗାଈ ବଳଦ ପ୍ରଭୃତି ।
ଗୋରୁଖିଆ, ବି. (ଗବାକ୍ଷୀ ଶବ୍ଦଜ) ଲତା-ବିଶେଷ; ଯେଉଁ ଜାତି ମୃତ ଗୋରୁ ଖାଆନ୍ତି ।
ଗୋରୁମାହାର, } ବି. (ଦେଶଜ) ଗାଈ ଜଗିବା
ଗାଈମାହାର, } ଲୋକ । ଯଥା—

ଗୋପାଳପୁଅମାନେ ଶିଖିଥିବେ ସବୁ,
ଗୋରୁମାହାର ପିଲାକୁ କେ ପାଶବ ବାବୁ । ନୃ.ପୁ.ପ୍ର.ଚ.

ଗୋରେଖ, ବି. (ଗୋରକ୍ଷ ଶବ୍ଦଜ) ସନ୍ନ୍ୟାସି-ବିଶେଷ, ମତ୍ସ୍ୟେନ୍ଦ୍ରନାଥଙ୍କ ଶିଷ୍ୟ ।
ଗୋରେଖକାକୁଡ଼, } ବି. (ଗୋରକ୍ଷ କର୍କଟୀ
ଗୋରକ୍ଷକାକୁଡ଼, } ଶବ୍ଦଜ) ଲତାବିଶେଷ; ଲତାଫଳବିଶେଷ । (କେହି କେହି ବୁଦୁକା କହନ୍ତି ।)
ଗୋରେଖଗୁଡ଼ଲ, } ବି. (ଗୋରକ୍ଷ ତଣ୍ଡୁଳ
ଗୋରକ୍ଷଗୁଡ଼ଲ, } ଶବ୍ଦଜ) ଗରଗଡ଼ ।
ଗୋରୋଚନା, ବି. ସ୍ତ୍ରୀ. (ଗୋ-ରୋଚ୍ = ଦୀପ୍ତି ପାଇବା-ଅନ-ଆ) ଗୋମସ୍ତକସ୍ଥିତ ଶୁଷ୍କ ପିତ୍ତ ।
ଗୋର୍ଚିନା, } ବି.ସ୍ତ୍ରୀ. (ଗୋରୋଚନା ଶବ୍ଦଜ)
ଗୋରୁଚନା, } ଗୋରୋଚନା ।
ଗୋଳ, } ବି. (ଗୁଡ଼୍ = ଗୋଳ ହେବା-ଅ-କ
ଗୋଳକ, } -ସ୍ୱାର୍ଥେ) ବର୍ତ୍ତୁଳାକାର ବସ୍ତୁ । ଯଥା—ଅୟୋଗୋଳକ, ଚହିଁରେ ପୃଥିବୀ ଓ ଆକାଶର ପ୍ରତିମୂର୍ତ୍ତି ଅଙ୍କିତ ଅଛି । ପତିର ମୃତ୍ୟୁ ପରେ ଉପପତିଠାରୁ ଜାତ ସନ୍ତାନ । (ମୃତେ ଭର୍ତ୍ତରି ଗୋଳକଃ) ମଣ୍ଡଳ । ( ଦେଶଜ ) ଗୋଳମାଳ; ବାଦାନୁବାଦ । ଯଥା—

ବିବେକୀ ସଜନୀ ସୌନ୍ଦର୍ଯ୍ୟ ଗୋଳେ,
ବଳେ ଛଡ଼ାଇ ଦେଖାଇ କପୋଳେ । ବୈ. ବି.

ଅଳି । ଯଥା—

କଲେ ସେଦିନ ଯେରୂପେ ଗୋଳ,
କ୍ରୋଧେ ଯଶୋଦା ଖଟାଇଲେ ଗ୍ୱୋଳ । ର. କ.

କଳହ । ଯଥା—

କୃଷ୍ଣ ଯେ ଗଲେ ଏକା ରଥେ,
ନ ପୁଣ ଗୋଳ ହୁଏ ପଥେ । ଖ୍ରି. ଦ. ସ୍କ.

କୋଳାହଳ । ଯଥା—

ଶୁଭଇ ମୁଖରବ ଗୋଳ । ଖ୍ରି. ଦ. ସ୍କ.

କ୍ରି. ମିଶାଅ ।
ଗୋଲଆଳୁ, ବି. (ଦେଶଜ) ବିଲାତି ଆଳୁ ।
ଗୋଳକଧନ୍ଦା, ବି. (ଦେଶଜ) ଯେ ବିଶେଷ ଧନ୍ଦା ଲଗାଏ ।
ଗୋଳକୁଣ୍ଡା, ବି. ସ୍ତ୍ରୀ. (ଦେଶଜ) ଅସତୀ ସ୍ତ୍ରୀ, ଦୁଷ୍ଟା ସ୍ତ୍ରୀ । ଯଥା—

ଏସନ ବେଶ୍ୱାର ଖଣ୍ଡଙ୍କର ଅଟେ ଜାତି,
ଗୋଳକୁଣ୍ଡା ଅଟନ୍ତି ତାହାଙ୍କର ଯୁବତୀ । ସ୍ୱା. ଖ୍ରି. ଆ.

ଗୋଲକୁଣ୍ଡା, } ବି. (ଟାଙ୍ଗୀମ ଅଞ୍ଚଳରେ
ଗୋଲୁକୁଣ୍ଡା, } ବ୍ୟବହୃତ) ଏକପ୍ରକାର ଶିମ୍ବ ବା ଝୁଣ୍ଟା ।

ଗୋଲଖ, ବି. (ଗୋଳକ ଶବ୍ଦଜ) ବିଧବାପୁତ୍ର । ଯଥା—

ବୋଲବୁ ବସୁଛୁ ହୋ ଗୋଲଖପୁଅ,
ତୋ ବାପ ଭାଇ ନାମ କହିଲ ଶୁଣିଥାଅ । ନୃ.ପୁ.ସ.ତ.

ଗୋଲ, } ବିଂ. (ଗୋଳ ଶବ୍ଦଜ) ବର୍ତ୍ତୁଳ ।
ଗୋଲଗାଲ, } ବି. କୋଳାହଳ; ମେଳ ।

ଗୋଳଘାଣ୍ଟ, ବିଂ. (ଦେଶଜ, ସ୍ତ୍ରୀ ସମାଜରେ ସମଧିକ ପ୍ରଚଳିତ) ଅସ୍ତବ୍ୟସ୍ତ; ଦୁରବସ୍ଥା-ଜର୍ଜରିତ । ବି. ଗୋଳମାଳ, ଧନ୍ଦା ।

ଗୋଲଞ୍ଜା, ବି. (ଦେଶଜ) ବନ୍ୟଜନ୍ତୁ-ବିଶେଷ । ଯଥା—

ମହିଷୀଦଳ ଗୋରୁ ଶାର୍ଦ୍ଦୂଳ ବାଘୁଟିଆ,
ଗୋଲଞ୍ଜା କାଳମୁଖା ମାର୍ଜାର ବଣଭୁଆ । ନୃ.ପୁ.ଚ.ତ.

ମର୍କଟବିଶେଷ ।

ଗୋଲନ୍ଦାଜ, ବି. (ଯାବନିକ) ବନ୍ଧୁକଧାରୀ ସୈନ୍ୟ, ଯେମାନେ ବନ୍ଧୁକରେ ନିପୁଣ ।

ଗୋଳବାନ୍ଧିବା, କ୍ରି. (ଦେଶଜ) ମେଳ କରିବା ।

ଗୋଲମରିଚ, } ବି. (ଗୋଳକ-ମରୀଚ-ଏହାର
ଗୋଳମରିଚ, } ଅପଭ୍ରଂଶ) କଳା ମରିଚ ।

ଗୋଳମାଳ, ବି. (ଦେଶଜ) ଚହଳ; ବାଦାନୁ-ବାଦ; କଳହ ।

ଗୋଳମାଳିଆ, ବିଂ.(ଦେଶଜ) ଯେ ଗୋଳମାଳ କରେ; ଜଟିଳ; ଅଡୁଆ ।

ଗୋଳା, ବି. (ଦେଶଜ) ଗୋଳିବା, ମିଶ୍ରିତ କରିବା । ଯଥା—

ଛୋଲା ନୋହିବାରୁ ଲତାରୁ କୁସୁମ,
ଗୋଳା ନୋହିବାରୁ ଚନ୍ଦନ । ପ୍ରେ. ସୁ. ନି.

ବିଂ. ଗୋଳିଥିବା, ମିଶ୍ରିତ । ଯଥା—

ଗୋଳା ଶ୍ରୀଖଣ୍ଡ କାଳାଗୁରୁ ସରସ ମନେ
ଇଚ୍ଛିଲି ମଲ୍ଲିମାଳା । ବି. କା.

ଘଣ୍ଟା ହୋଇଥିବା । (ଗୋଳକ ଶବ୍ଦଜ) ବି. ବନ୍ଧୁକର ଗୁଳି । ଯଥା— ସୈନ୍ୟମାନେ ପ୍ରଥମତଃ ଗୋଳା ବର୍ଷଣ କଲେ । ଗୋଲ-କାର କ୍ଷୁଦ୍ର ପଦାର୍ଥ ।

ଗୋଲା, ବି. (ଦେଶଜ) ଶୂଦ୍ରଜାତିବିଶେଷ । ଯଥା—

ଗଡ଼ଜଡ଼ରୁ ଗୋଲାଯାଏ ଯେତେ ଥିଲେ,
ମାରିବ ଥିଲେ ବୋଲି ସମସ୍ତେ ପଳାଇଲେ । କୃ.ଖ୍ର.ଶ.ପ.

(ଗୋଳକ ଶବ୍ଦଜ) ଗୋଲାକାର ଲୌହ-ପିଣ୍ଡ; ବନ୍ଧୁକ ଗୁଳି; ଧାନ୍ୟାଦିର ଆଗାର; ଲୁଣ ରନ୍ଧା ହେଲି ପରେ ଯେଉଁଠାରେ ଜମା ରଖନ୍ତି ।

ଗୋଲାଆଖୁ, ବି. (ଦେଶଜ) ଲଗାଇବାପାଇଁ ଯେଉଁ ଆଖୁ ଖଣ୍ଡ ଖଣ୍ଡ କରି କାଟି ରଖିଥାନ୍ତି ।

ଗୋଳାଇବା, } କ୍ରି. (ଦେଶଜ) ଦ୍ରବ ପଦାର୍ଥ
ଗୋଳିବା, } ସହ ଅନ୍ୟ ପଦାର୍ଥ ମିଶାଇବା; ଘାଣ୍ଟିବା ।

ଗୋଲାପ, } ବି. (ଯାବନିକ) ସ୍ୱନାମପ୍ରସିଦ୍ଧ
ଗୁଲାପ, } ପୁଷ୍ପବିଶେଷ ।
ଗୁଲାବ, }

ଗୋଲାପଜାମୁ, ବି. (ଯାବନିକ) ସୁସ୍ୱାଦୁ ଫଳବିଶେଷ; ଏକପ୍ରକାର ମିଷ୍ଟାନ୍ନ ।

ଗୋଲାପପାଣି, ବି. (ଦେଶଜ) ଗୋଲାପ ପୁଷ୍ପରେ ସୁବାସିତ ଜଳ ।

ଗୋଲାପି, ବିଂ. (ଦେଶଜ) ଗୋଲାପ ଫୁଲର ରଙ୍ଗବିଶିଷ୍ଟ ।

ଗୋଲାମ, } ବିଂ. (ଯାବନିକ) ଦାସ ।
ଗୋଲାମୁ, } ଯଥା—

ଲେଙ୍ଗୁଟି ପିନ୍ଧା ଲୋକଙ୍କୁ ପାଗ ଛତା
ଗୋଲାମଙ୍କୁ ବଡ଼ପଣ ।

ବି. ଗଞ୍ଜାପାସାରର ଏକପ୍ରକାର ରଙ୍ଗ; ବର୍ଣ୍ଣସଙ୍କର ଜାତିବିଶେଷ ।

ଗୋଲାମି, ବି. (ଯାବନିକ) ଦାସତ୍ୱ ।

ଗୋଳାହାଟ, } ବି. (ଗୋଲୋକହାଟ ଶବ୍ଦଜ)
ଗୋଲାହାଟ, } ହୃଦପୁର ଏକ ସ୍ଥାନ । ଯଥା—

କାଉଁରୀମଣ୍ଡଳେ ଯାଇ ପଶି ଗୋଲାହାଟେ,
କାଳିନ୍ଦୀ ଜଳ ଅଛି ଦେଖିବ ହୃଦତଟେ । ନୃ.ପୁ.ତୃ.ତ.

ଜୀବରାଶି ବା ସଂସାର । ଯଥା—

ଈଶ୍ୱର ବସାଇଲେ ଯେବଣ ଗୋଲାହାଟ,
ସେ ହାଟେ ବିକା କଣା କରନ୍ତି ଜନପୁଟ । ନୃ.ପୁ.ଚ.ତ.

ଗୋଲଆ, ବି. (ଦେଶଜ) କପଟ । ଯଥା —
ଗୋଲଆ ନ ରଖି କହ ଚନ୍ଦ୍ରମୁଖି । କ. ଚ. ଚ.
ବିଂ. ଅନିର୍ମଳ, ଆବିଳ; ଯେ ଗୋଳାଏ ବା ଘାଣ୍ଟେ; କପଟୀ ।

ଗୋଲ, ବି. (ଗୋଳକ ଶବ୍ଦଜ) ବାଳକକ୍ରୀଡ଼ନକବିଶେଷ । (ଦେଶଜ) ଦୂରତ୍ୱର ପରିମାଣ ।

ଗୋଲସୂତା, ବି. (ଦେଶଜ) କଳପ୍ରସୁତ ଏକପ୍ରକାର ସୂକ୍ଷ୍ମ ସୂତା ।

ଗୋଲହେବା, ଗୋଲଗାଲହେବା, } କ୍ରି. (ଦେଶଜ) ଘାଣ୍ଟି ହେବା । ଯଥା—
ଏସକାଶୁଁ ମୋ ମନ ହେଉଅଛୁ ଗୋଲ,
ଫିଟାଇ କହିଲ ହେ ତୁମ୍ଭଙ୍କ ବନମାଳ । କୃ.ଭ.ସ.ପ.
ସ୍ୱୟଂ ନାରାୟଣ ପ୍ରଭୁ ଭକ୍ତ ଭାବଗ୍ରାହୀ,
ଗୋଲଗାଲ ହେଉଅଛୁ କର ମୋତେ ତ୍ରାହି ।
ନୃ. ପୁ. ପ. ତ.

ଗୋଲେଖ, ବି. (ଗୋଲୋକ ଶବ୍ଦଜ) ବୈକୁଣ୍ଠ ।

ଗୋଲୋକ, ବି. (ଗୋ = ସ୍ୱର୍ଗ-ଲୋକ୍ = ପ୍ରକାଶ କରିବା-ଅ, ଅଥବା ଗୋ = ଗାଈ-ଲୋକ) ବୈକୁଣ୍ଠ, ଶ୍ରୀକୃଷ୍ଣଙ୍କ ସ୍ଥାନ; ସ୍ୱର୍ଗଧାମ ।

ଗୋଲୋମୀ,ବି.ସ୍ତ୍ରୀ. (ଗୋଲୋମସଦୃଶୀ ବୋଲି) ଶ୍ୱେତଦୂର୍ବା ।

ଗୋବଳୀବର୍ଦ୍ଦନ୍ୟାୟ, ବି. ସଂ. ବଳୀବର୍ଦ୍ଦ ଶବ୍ଦଦ୍ୱାରା ମହାବୃଷଭ ଅର୍ଥବୋଧ ହେଉଥିଲେ ସୁଦ୍ଧା ଗୋଶବ୍ଦପୂର୍ବକ ବଳୀବର୍ଦ୍ଦ ଶବ୍ଦଦ୍ୱାରା ଶୀଘ୍ର ପ୍ରୋକ୍ତ ଅର୍ଥ ଜ୍ଞାତ ହୁଏ ।

ଗୋବଶା, ବି. ସ୍ତ୍ରୀ. (ଗୋ-ବଶା = ବନ୍ଧ୍ୟା) ବନ୍ଧ୍ୟା ଗାଈ ।

ଗୋବାଟ, ବି. ସଂ. ଗୋଶାଳ; ଗୋଷ୍ଠ ।

ଗୋବିନ୍ଦ, ବି. (ଗୋ = ବେଦଭାଷା, ସ୍ୱର୍ଗ, ଗୋରୁ, ପୃଥ୍ୱୀ-ବିନ୍ଦ୍ = ଜାଣିବା, ଅଥବା ବିଦ୍ = ପାଇବା, ଜାଣିବା-ଅ, ଯେ ବେଦର ଭାଷା ଜାଣନ୍ତି, ଯାହାଙ୍କ ହେତୁରୁ ସ୍ୱର୍ଗ ପ୍ରାପ୍ତ ହୁଏ, ଯେ ଗୋରକ୍ଷାଦ୍ୱାରା ସୁଖ ପାନ୍ତି, ଯେ ବିଶ୍ୱସମୂହକୁ ଜାଣନ୍ତି ଇତ୍ୟାଦି) ଶ୍ରୀକୃଷ୍ଣ; ବୃହସ୍ପତି । ବିଂ. ଗୋପାଳକ ।

ଗୋବ୍ରଜ, ବି. (ଗୋ-ବ୍ରଜ୍ = ଗମନ କରିବା-ଅ) ଗୋଷ୍ଠ ।

ଗୋଶଲ, ବି. (ଯାବନିକ) ସ୍ନାନ ।

ଗୋଶଲଖାନା, ବି. (ଯାବନିକ) ସ୍ନାନଗୃହ ।

ଗୋସା, ଘୋସା, ବି. (ଯାବନିକ) ରାଗ ବା କୋପ ।

ଗୋସାଇଁ, ଗୋସେଇଁ, } ବି. (ଗୋସ୍ୱାମୀ ଶବ୍ଦଜ) ପ୍ରଭୁ; ସ୍ୱାମୀ । ଯଥା—
ବାଲମୁକୁନ୍ଦ ସ୍ୱରୂପ ହେଲେ ଗୋସାଇଁ । ର. କ.
ବ୍ରାହ୍ମଣ ସମ୍ବୋଧନ । ଯଥା—
କ ଗୋସାଇଁ ଏଥି ଅଧିକ ବୋଲ,
ଆମ୍ଭ ବର୍ଗରେ ନାହିଁ ଏହା ତୁଲ । ଲ. ବ.
ପ୍ରଧାନ ମଠମାନଙ୍କର ମହନ୍ତ । ଯେପରି— ଗଦାଧର ଗୋସାଇଁ ।

ଗୋସାଇଁଖିଆ, ଗୋସେଇଁଖିଆ, ଗୋସାଣିଖିଆ, } ବି. (ଦେଶଜ)ଗାଳିବିଶେଷ ।

ଗୋସାଉଲ, ଗୋସାଉଳୀ, } ବି. ସ୍ତ୍ରୀ. (ଦେଶଜ) ଲତାବିଶେଷ ।

ଗୋସାଣୀ, ବି. ସ୍ତ୍ରୀ. (ଗୋସ୍ୱାମିନୀ ଶବ୍ଦଜ) ମାତା ଏବଂ ଗୋସାଇଁମା । ଯଥା—
ପୁଣି ନଅରରୁ ଗୋସାଣୀ ମଣିମାଙ୍କ ଅଜ୍ଞା ଧର କରଭକ ଆସିଅଛୁ । ଶ. ନା. ସୁ. ଯୁ.
ପିଶାଚୀ, ଡାହାଣୀ; ଦେବୀବିଶେଷ ।

ଗୋସାଣୀଆ, ବି. (ଦେଶଜ) ସ୍ତ୍ରୀମାନଙ୍କର ଗାଳିବିଶେଷ । ବିଂ. ପିଶାଚୀଗ୍ରସ୍ତ ।

ଗୋସାମଣୀ, ଗୋସାମଣି, } ବି. ସ୍ତ୍ରୀ. (ଗୋସ୍ୱାମିନୀ ଶବ୍ଦଜ) ପ୍ରଭୁ ବା ସ୍ୱାମିନୀ । ଯଥା—
ଯୋଗେଣ ଯୋଗେଶ୍ୱରୀ ତୁ ଅଟୁ ଗୋସାମଣୀ,
ଆପଦଖଣ୍ଡନୀ ଗୋ ସୁରଲୋକରକ୍ଷିଣୀ । ସା.ଭ.ଆ.

ଗୋସୁଆରା, ଗୋସୁଆଁରା, } ବି. (ଯାବନିକ) ସାବକ ବନ୍ଦୋବସ୍ତରେ (**Revenue Settlement**) ପ୍ରସ୍ତୁତ ହୋଇଥିବା କାଗଜବିଶେଷ, ଯହିଁରୁ ଭୂମିର ପରିମାଣ ଜଣାଯାଏ ।

ଗୋସ୍ତନୀ, ବି. ସ୍ତ୍ରୀ. ସଂ. ଦ୍ରାକ୍ଷା, ଅଙ୍ଗୁର ।

ଗୋସ୍ୱାମୀ, ଗୋସ୍ୱାମିନ୍, } ବି. (ଗୋ = ଗୋରୁ, ଜ୍ଞାନେନ୍ଦ୍ରିୟ, ସ୍ୱର୍ଗ ପୃଥିବୀ-ସ୍ୱାମିନ୍ = ପ୍ରଭୁ) ଗୋସମୂହର ଅଧିକାରୀ; ଯେ ସାଂସାରିକ ବ୍ୟାପାରରେ ଲିପ୍ତ ନ ଥାଇ ଧର୍ମଶାସ୍ତ୍ରରେ ମନୋନିବେଶ କରେ; ଧର୍ମୋପଦେଷ୍ଟା; ବାଚସ୍ପତି; ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଭକ୍ତ ଅଦ୍ୱୈତାଦି ଓ ତଦ୍‌ବଂଶୀୟମାନଙ୍କ ଉପାଧି-ବିଶେଷ ।

ଗୋଷ୍ଠ, ବି [ଗୋ = ପଶୁ-ସ୍ଥା (ଷ୍ଠା)-ଅ, ଯେଉଁ ସ୍ଥାନରେ ଗୋରୁମାନେ ରହନ୍ତି] ଗୋଠ ।

ଗୋଷ୍ଠାଗାର, ବି. (ଗୋଷ୍ଠ = ସଭା-ଆଗାର) ସଭା ଗୃହ; ବହୁଜନର ଆଗାର; ଗଞ୍ଜା; ଗୋପଗୃହର ଗୃହ ।

ଗୋଷ୍ଠୀ, ବି. ସ୍ତ୍ରୀ. (ଗୋଷ୍ଠ = ସମାବେଶ କରିବା, ଏକତ୍ର କରିବା-ଅ-ଈ) ସଭା; ପରିବାର, ପୋଷ୍ୟବର୍ଗ; ଜ୍ଞାତି; ସଂଳାପ । (ଗୋଷ୍ଠୀ-ସୁଖମନୁଭବନ୍ତି) ଏକପ୍ରକାର ଉପରୂପକ ।

ଗୋଷ୍ପଦ, ବି. (ଗୋ-ପଦ, ସ ଆଗମ) ଗୋରୁ ଖୁରା ଚିହ୍ନର ପରିମିତ ସ୍ଥାନ; ଗୋରୁର ପଦଚିହ୍ନ; ଯେଉଁ ସ୍ଥାନରେ ଗୋରୁର ସର୍ବଦା ଗତାୟାତ ଅଛି ।

ଗୋହରି, ଗୋହିରି, ଗୋହିରିବାଟ, } ବି. (ଦେଶଜ) ଗଳି ଅର୍ଥାତ୍ ଦୁଇ ପାର୍ଶ୍ୱରେ ବାଡ଼ ଥିବା ସଂକୀର୍ଣ୍ଣ ପଥ ।

ଗୋହରୀତକୀ, ବି. ସ୍ତ୍ରୀ. ସଂ. ବେଲଗଛ ।

ଗୋହଳ, ବି. (ଗଡ଼ଜାତ ଶବ୍ଦ) ୨୫ ଗୋଟି ବାଉଁଶର ବିଡ଼ା ।

ଗୋହାଳ, ଗୁହାଳ, } ବି. (ଗୋଶାଳ ଶବ୍ଦଜ) ଗୋରୁ ବାନ୍ଧିବା ଗୃହ ।

ଗୋହା, ବିଂ. (ଗୋହନ୍—ଗୋ-ହନ୍ = ବଧ କରିବା-କ୍ୱିପ୍) ଗୋହତ୍ୟାକାରୀ ।

ଗୋହି, ବି. (ଗୋଧୀ ଶବ୍ଦଜ) ଗୋଇସାପ ।

ଗୋହିଖିଆ, ବି. (ଗୋହି ଯେ ଖାଏ, ଦେଶଜ) ଏକପ୍ରକାର ଗାଳି । ବିଂ. ନୀଚ । ଯଥା—

ଏହି ଗୋହିଖିଆ ଧିବରଟା । ଶ. ନା. ସୁ. ଯୁ.

ଗୋହିରି, ବି. (ଦେଶଜ) ପାଣି ବହି ଯାଉଥିବା ଖାଲ ଭୂମି; ଦୁଇ ପାଖରେ ବାଡ଼ ଥିବା ଖାଲ ଦଣ୍ଡା । ଯଥା—

ଗ୍ରାମର ଦକ୍ଷିଣ ଗୋହିରି,
ତହିଁରେ ଯେଉଁ କୃଷି କରି । ବି. ପୁ.

ଗୌଡ଼, ବି. ( ଗୁଡ଼-ଅ ) ଦେଶବିଶେଷ; ତଦ୍ଦେଶୀୟ ଲୋକ । ଏହି ଗୌଡ଼ମାନେ ପଞ୍ଚପ୍ରକାର । ଯଥା—ସାରସ୍ୱତ, କାନ୍ୟକୁବ୍ଜ, ଗୌଡ଼, ମୈଥିଳ ଓ ଉତ୍କଳ । (ପଞ୍ଚ-ଗୌଡ଼ା ଇତି ଖ୍ୟାତା ବିନ୍ଧ୍ୟସ୍ୟୋତ୍ତର-ବାସିନଃ) (ସ୍ତ୍ରୀ-ଈ) ଗୁଡ଼ଦ୍ୱାରା ପ୍ରସ୍ତୁତ ସୁରା; ରାଗିଣୀବିଶେଷ; କାବ୍ୟର ବୃତ୍ତିବିଶେଷ ଅର୍ଥାତ୍ ଓଜଗୁଣବ୍ୟଞ୍ଜକ ଶବ୍ଦବିନ୍ୟାସ; ସଙ୍ଗୀତର ରୀତିବିଶେଷ । ( ଦେଶଜ ) ଗୋପାଳଜାତି ।

ଗୌଡ଼ିଆମତ, ବି. (ଗୌଡ଼ୀୟ ମତ ଶବ୍ଦଜ) ଚୈତନ୍ୟମତ, ବୈଷ୍ଣବମତ ।

ଗୌଣ, ବି. (ଗୁଣ-ଅ) ଅପ୍ରଧାନ । ଯେପରି— ଦେବାସୁରଗଣ ସାଗର ମନ୍ଥନ କରିଥିଲେ । ଏସ୍ଥଳରେ ସାଗରର ପ୍ରାଧାନ୍ୟ ନ ବୁଝାଇ ଅମୃତର ମୁଖ୍ୟତ୍ୱ ବୁଝାଏ, ସୁତରାଂ ସାଗର ମନ୍ଥନ ଧାତୁର ଗୌଣକର୍ମ । ଗୁଣସମ୍ବନ୍ଧୀୟ; ବିଳମ୍ବ । ଯଥା—କିଛି ଗୌଣରେ ଯିବି । ଅପେକ୍ଷା । ଯଥା—ଏହା ସେ କିଛି ଗୌଣ କରି ଦେଇଅଛି । (ସ୍ତ୍ରୀ-ଈ) ଶବ୍ଦର ବୃତ୍ତି-ବିଶେଷ ।

ଗୌଣୀ, ଗଉଣି, ଗଉଣୀ, } ବି. ସ୍ତ୍ରୀ. (ଗୋଣୀ ଶବ୍ଦଜ) ପରିମାଣ-ବିଶେଷ; ସେହି ପରିମାଣ ପରିମିତ ପାତ୍ର । ଯଥା—

ସୁନା କାକେର ଗୋଟି ଧରି,
ଧାନ ଗଉଣୀ ପରେ ଭରି ।
ପୂଜା କରନ୍ତି ଗୁରୁବାର,
ତାହା ଦେଖିଲି ଏକ ନର । ଦା. ଭ.

ଗୌତମ, ବି. ( ଗୋତମ-ଅ-ଅପତ୍ୟାର୍ଥେ ) ସତାନନ୍ଦ ଋଷି; ବୁଦ୍ଧ । ବିଂ. ଗୋତମ-ସମ୍ବନ୍ଧୀୟ । (ସ୍ତ୍ରୀ-ଈ) ଦ୍ରୋଣଭାର୍ଯ୍ୟା, କୃପୀ; ଗୋଦାବରୀ ନଦୀ; ରାକ୍ଷସୀବିଶେଷ; ଦୁର୍ଗା । ବିଂ. ଗୋତମସମ୍ବନ୍ଧୀୟା; ଗୋତମବଂଶୀୟା ।

ଗୌଧାର, ଗୌଧେୟ, ଗୌଧେର, ବି. (ଗୋଧା-ଆର, ଏୟ, ଏର-ଅପତ୍ୟାର୍ଥେ) ଗୋଧିକାତ୍ମଜ, ଗୋଇ ସାପର ପିଲା । (ଦ୍ୱିପ୍ତୌ ଗୌଧେରଗୌଧାରଗୌଧେୟା ଗୋଧିକାତ୍ମଜେ—ଅମର ।)

ଗୌର, ବିଂ. (ଗୁଡ଼୍ = ବେଷ୍ଟନ କରିବା-ଅ, ଡ଼ = ର) ଶ୍ୱେତ; ପୀତ; ଶ୍ୱେତରକ୍ତ; ଲୋହିତ; ପରିଷ୍କୃତ; ବିଶୁଦ୍ଧ । ବି. (ଶ୍ୱେତ ସୋରିଷ;ଚନ୍ଦ୍ର;ପଦ୍ମକିଞ୍ଜଳ୍କ; ପଦ୍ମକେଶର; ସ୍ୱର୍ଣ୍ଣ; କୁଙ୍କୁମ । (ଗୌରଃ ପୀତେଽରୁଣେ ଶ୍ୱେତେ ବିଶୁଦ୍ଧେ ଚାଭିଧେୟବତ୍ । ନା ଶ୍ୱେତସର୍ଷପେ ଚନ୍ଦ୍ରେ ନ ଦ୍ୱୟୋଃ ପଦ୍ମ-କେଶରେ— ମେଦିନୀ ।)

ଗୌରବ, ବି. (ଗୁରୁ-ଅ) ଗୁରୁତ୍ୱ, ଭାର; ଆଦର; ମହିମା; ମର୍ଯ୍ୟାଦା; ଉତ୍କର୍ଷ । (ବିଶେଷଣ ହେଲେ—ଗୌରବିତ ।)

ଗୌରୀ, ବି. ସ୍ତ୍ରୀ. (ଗୌରୀ ଶବ୍ଦଜ) ପାର୍ବତୀ । ଯଥା—

ଗୌରୀ ଦେବୀ ତହିଁ ବୋଇଲେ ଯେ କୁତୂହଳେ,
ଧାନ ଗୃହଳ ଆମ୍ଭର ଅଛୁ କି ରହିଲେ । ସା.ଭା.ଆ.

ଗୌରବର୍ଣ୍ଣା ସ୍ତ୍ରୀ ।

ଗୌରୀ, ବି. ସ୍ତ୍ରୀ. (ଗୌର-ଈ) ଗୌରବର୍ଣ୍ଣା ସ୍ତ୍ରୀ; ପାର୍ବତୀ; ଅବିବାହିତା ଅଷ୍ଟବର୍ଷା କନ୍ୟା; ପୃଥିବୀ; ଗୋରୋଚନା; ହରିଦ୍ରା; ରାଗିଣୀବିଶେଷ; ନଦୀବିଶେଷ ।

ଗ୍ରଥିତ, ଗ୍ରନ୍ଥିତ, ବି. (ଗ୍ରନ୍ଥ୍ = ଗୁନ୍ଥିବା-ତ) ଗୁମ୍ଫିତ; ରଚିତ ।

ଗ୍ରନ୍ଥ, ବି. (ଗ୍ରନ୍ଥ୍ = ଗୁନ୍ଥିବା-ଅ) ଗୁନ୍ଥା;ସମ୍ପର୍କ; ସନ୍ଦର୍ଭ; ଶାସ୍ତ୍ର; ସମ୍ପତ୍ତି ।

ଗ୍ରନ୍ଥନ, ଗ୍ରନ୍ଥନା, ବି. (ଗ୍ରନ୍ଥ୍-ଅନ-ଆ) ଗୁମ୍ଫନ, ଗୁନ୍ଥା; ରଚନା ।

ଗ୍ରନ୍ଥି, ବି. ( ଗ୍ରନ୍ଥ୍ = ଏକତ୍ର କରିବା-ଇ ) ବଂଶାଦିର ସନ୍ଧି, ଗଣ୍ଠି; ଶରୀରର ସନ୍ଧି; ରୋଗବିଶେଷ; ବନ୍ଧନ; ବକ୍ରତା ।

ଗ୍ରନ୍ଥିକ, ବି. (ଗ୍ରନ୍ଥି-ଇକ-ଜ୍ଞାତାର୍ଥେ) ଦୈବଜ୍ଞ, ଗଣକ; କନିଷ୍ଠ ପାଣ୍ଡବ, ସହଦେବ ।

ଗ୍ରନ୍ଥିଳ, ବିଂ. ( ଗ୍ରନ୍ଥି-ଲ-ଅସ୍ତ୍ୟର୍ଥେ ) ବହୁ ଗ୍ରନ୍ଥିବିଶିଷ୍ଟ; କର୍କଶ । ଯଥା —ଦୁରହଙ୍କାର ଗ୍ରନ୍ଥିଳ ହୃଦୟ ।

ଗ୍ରସନ, ବି. (ଗ୍ରସ୍ = ଭକ୍ଷଣ କରିବା-ଅନ) ଗ୍ରାସ କରିବା; ଗିଳିବା ।

ଗ୍ରସ୍ତ, ବିଂ. (ଗ୍ରସ୍-ତ) ଆଚ୍ଛାଦିତ; ଭକ୍ଷିତ; ଆକ୍ରାନ୍ତ । ବି. ଅସମ୍ପୂର୍ଣ୍ଣ ବାକ୍ୟ, ଲୁପ୍ତବର୍ଣ୍ଣ ପଦ ବା ବାକ୍ୟ । (ଲୁପ୍ତବର୍ଣ୍ଣପଦଂ ଗ୍ରସ୍ତଂ —ଅମର ।)

ଗ୍ରହ, ବି. (ଗ୍ରହ୍ = ଗ୍ରହଣ କରିବା-ଅ) ସୂର୍ଯ୍ୟାଦି ନବଗ୍ରହ; ବାଳାଘାତିନୀ ପୂତନାଦି ଗ୍ରହ; ଗ୍ରହଣ; ସ୍ୱୀକାର; ଆଗ୍ରହ; ଜ୍ଞାନ; ଧାରଣ । ଯେପରି—କେଶଗ୍ରହ । ଗ୍ରାସ; ନିର୍ବନ୍ଧ; ଚନ୍ଦ୍ରସୂର୍ଯ୍ୟ ଗ୍ରହଣ ।

ଗ୍ରହଣ, ବି. (ଗ୍ରହ୍-ଅନ) ସ୍ୱୀକାର; ଅବଲମ୍ବନ । ଯେପରି --ଶରୀର ଗ୍ରହଣ । ବୋଧ, ଅନୁଭବ । ଯେପରି—ଶବ୍ଦର ଅର୍ଥଗ୍ରହଣ । ଧାରଣ । ଯେପରି – ନେତ୍ରରେ ବାଷ୍ପବିନ୍ଦୁ ଗ୍ରହଣ । ଗ୍ରହ ବା ଉପଗ୍ରହର ଛାୟାପତନଦ୍ୱାରା ଅଦର୍ଶନ । ଯେପରି— ସୂର୍ଯ୍ୟଗ୍ରହଣ, ଚନ୍ଦ୍ରଗ୍ରହଣ ।

ଗ୍ରହୀତା, ଗ୍ରହୀତୃ, ବିଂ. (ଗ୍ରହ୍-ତୃ) ଗ୍ରହଣକର୍ତ୍ତା, ଗ୍ରାହକ ।

ଗ୍ରାମ, ବି.(ଗମ୍ = ଗମନ କରିବା-ଅ-ନିପାତନ) ବାସସ୍ଥାନ, ଗାଁ । (ଅନ୍ୟ ଶବ୍ଦର ପରେ ପ୍ରଯୁକ୍ତ ହେଲେ) ସମୂହ । ଯଥା—ଗୁଣ-ଗ୍ରାମ । ସ୍ୱରସମୂହ ।

ଗ୍ରାମଟିକା, ଗ୍ରାମଟୀ, ଗ୍ରାମଟି, } ବ. ସ୍ତ୍ରୀ. ସଂ. କ୍ଷୁଦ୍ର ଗ୍ରାମ ।

ଗ୍ରାମଣୀ, ବ. (ଗ୍ରାମ-ନୀ = ନେବା-କ୍ୱିପ୍) ଗ୍ରାମର ପ୍ରଧାନ ଲୋକ; ଅଧିପତି; ଭୋଗିକ; ନାପିତ । ବିଂ. ଶ୍ରେଷ୍ଠ । (ଗ୍ରାମଣୀର୍ଭୋଗିକେ ପତ୍ୟୌ ପ୍ରଧାନେ ନାପିତେଽପି ଚ—ବିଶ୍ୱପ୍ରକାଶ ।)

ଗ୍ରାମତା, ବ. (ଗ୍ରାମ-ତା-ସମୂହାର୍ଥେ) ଗ୍ରାମସମୂହ ।

ଗ୍ରାମ୍ୟ, ବିଂ. (ଗ୍ରାମ-ଯ-ଭବାର୍ଥେ) ଗ୍ରାମ୍ୟଜାତ । ଯଥା—ଗ୍ରାମ୍ୟ ଜନ । ନୀଚ; ଜଘନ୍ୟ; ଅସଭ୍ୟ; ଅଶ୍ଳୀଳ; ମୂଢ଼; ପ୍ରାକୃତ ।

ଗ୍ରାମ୍ୟଧର୍ମ, ବ. ସଂ. ସ୍ତ୍ରୀସଂସର୍ଗ, ମୈଥୁନ ।

ଗ୍ରାବା, ଗ୍ରାବନ୍, ଗ୍ରାବ, } ବ. (ଗ୍ରହ୍ = ଗ୍ରହଣ କରିବା-ବନ୍) ପ୍ରସ୍ତର, ପଥର; ପର୍ବତ । (ଗ୍ରାବାଣୌ ଶୈଳପାଷାଣୌ—ଅମର ।) ମେଘ । ବିଂ. ଦୃଢ଼ ।

ଗ୍ରାସ, ବ. (ଗ୍ରସ୍ = ଭକ୍ଷଣ କରିବା-ଅ) କବଳ; କୁକ୍କୁଟାଣ୍ଡପରିମିତ ଅନ୍ନ; ଭକ୍ଷଣ ।

ଗ୍ରାହ, ବ. (ଗ୍ରହ୍ = ଗ୍ରହଣ କରିବା-ଅ) ଗ୍ରହଣ; ଜ୍ଞାନ; ଆଗ୍ରହ; ନିର୍ବନ୍ଧ; ନକ୍ର, କୁମ୍ଭୀର; ଜଳହସ୍ତୀ ।

ଗ୍ରାହକ, ବିଂ. (ଗ୍ରହ୍-ଅକ) ଗ୍ରହଣକର୍ତ୍ତା; କ୍ରେତା, ଯେ କ୍ରୟ କରେ; ଶ୍ୟେନ, ବାଜପକ୍ଷୀ; ବ୍ୟାଳଗ୍ରାହୀ, ସାପୁଆ; ରକ୍ଷିପୁରୁଷ ।

ଗ୍ରାହ୍ୟଯ୍ୟ, ବିଂ. (ଗ୍ରାହ୍ୟ ଶବ୍ଦଜ) ଗ୍ରହଣଯୋଗ୍ୟ । ଯଥା—

ପୁରଞ୍ଜନ ବୋଲେ ମୁଁ ଗଙ୍ଗାକୂଳଆ ଦ୍ୱିଜ,
ଅଥର୍ବବେଦୀ ବ୍ରାହ୍ମଣଙ୍କୁ ସର୍ବ ଗ୍ରାହ୍ୟଯ୍ୟ । **ସା.ଭ** ଆ.

ଗ୍ରାହ୍ୟ, ବିଂ. (ଗ୍ରହ୍-ଯ) ଗ୍ରହଣଯୋଗ୍ୟ; ସ୍ୱୀକାର୍ଯ୍ୟ; ଜ୍ଞେୟ; ଉପାଦେୟ; ଗଣନୀୟ; ଆଦରଣୀୟ ।

ଗ୍ରୀବା, ବ. ସ୍ତ୍ରୀ. (ଗୃ = ଭୋଜନ କରିବା-ବ-ଆ) କନ୍ଧରା, ବେକ । ଯଥା—

ଦାସେରକ ଆଗ୍ରୀ କର ଉରୁତଳ,
ଗ୍ରୀବାଉଚ୍ଛ ଗ୍ରୀବା ଟେକ ନମ୍ରଦଳ । ନ. କେ.

ଗ୍ରୀଷ୍ମ, ବ. (ଗ୍ରସ୍ = ନେବା ଇତ୍ୟାଦି-ମ—ନିପାତନ) ଉଷ୍ଣ ଋତୁ; ଉତ୍ତାପ, ଉଷ୍ମା । ବିଂ. ଉଷ୍ଣ ।

ଗ୍ରୈବ, ଗ୍ରୈବେୟ, ଗ୍ରୈବେୟକ, } ବ. (ଗ୍ରୀବା-ଅ, ଏୟ୍-ଇଦମର୍ଥେ, କ-ସ୍ୱାର୍ଥେ) କଣ୍ଠଭୂଷଣ; କଣ୍ଠବନ୍ଧନ । ବିଂ. ଗ୍ରୀବାସମ୍ବନ୍ଧୀୟ ।

ଗ୍ଲପନ, ବ. (ଗ୍ଲୈ-ଣିଚ୍-ଅନ) ଗ୍ଲାନିକରଣ; କୁତ୍ସା, ନିନ୍ଦା । ବିଂ. ଗ୍ଲାନିକାରକ ।

ଗ୍ଲସ୍ତ, ବିଂ. (ଗ୍ଲସ୍ = ଭକ୍ଷଣ କରିବା-ତ) ଭକ୍ଷିତ ।

ଗ୍ଲହ, ବ. (ଗ୍ଲହ୍ = ପାଇବା-ଇତ୍ୟାଦି-ଅ) ପଶା ଖେଳର ବାଜି ବା ପଣ, ଦ୍ୟୂତ ।

ଗ୍ଲାନ, ଗ୍ଲାସ୍ନୁ, } ବିଂ. (ଗ୍ଲୈ = ମ୍ଳାନ ହେବା-ତ, ସ୍ନୁ-ଗ୍ଲୈ = ଗ୍ଲା) ଗ୍ଲାନିଯୁକ୍ତ, ଶ୍ରାନ୍ତ; ଅସୁସ୍ଥ, ବ୍ୟାଧିଯୁକ୍ତ ।

ଗ୍ଲାନି, ବ. (ଗ୍ଲୈ-ତି) ଶ୍ରାନ୍ତି, କ୍ଲାନ୍ତି; ଅସ୍ୱାସ୍ଥ୍ୟ; ହାନି; ଅବସନ୍ନତା ।

ଗ୍ଲେୟ, ବିଂ. (ଗ୍ଲୈ = ମଳିନ ହେବା, କ୍ଲାନ୍ତ ହେବା-ଯ, ଗ୍ଲୈ = ଗ୍ଲା) ଗ୍ଲାନିଯୋଗ୍ୟ ।

ଗ୍ଲୌ, ବ. (ଗ୍ଲୈ = କ୍ଷୟ ପାଇବା-ଔ) ଚନ୍ଦ୍ର; କର୍ପୂର । (ଗ୍ଲୌର୍ମୃଗାଙ୍କଃ କଳାନିଧିଃ—ଅମର ।)

# ଘ

**ଘ**, (ହନ୍ = ଆଘାତ କରିବା-ଅ) ବ୍ୟଞ୍ଜନମାଳାର ଚତୁର୍ଥ ବର୍ଣ୍ଣ; ଘଣ୍ଟା; ଘୁଙ୍ଗୁର; ଠନ୍ ଠନ୍ ଶବ୍ଦ; ଘର୍ଘରଧ୍ୱନି; ବର୍ବର । (ସ୍ତ୍ରୀ-ଆ) କାଞ୍ଚୀ; ଆଘାତ ।

ଘଇତା, ବ. (ଗୃହୀତା ପଦର ଅପଭ୍ରଂଶ) ସ୍ୱାମୀ, ଭର୍ତ୍ତା ।

ଘଉଡ଼ା, ବ. (ଦେଶଜ) ଦୂରୀକରଣ ।

ଘଉଡ଼ିବା, } କ୍ରି. (ଦେଶଜ) ଦୂର କରିବା,
ଘୌଡ଼ିବା, } ତଡ଼ିଦେବା ।

ଘଙ୍ଗୁରି, } ବି. (ଦେଶଜ) ଘଣ୍ଟି ।
ଘୁଙ୍ଗୁରି, }

ଘଞ୍ଚ, ବିଂ. (ଘନ ଶବ୍ଦଜ) ଗହଳ । ଯଥା—
ସଞ୍ଚ ଘଞ୍ଚ ଘନ ବିରଳ ଫରଳ ବର୍ତ୍ତୁଳ ମୁକୁତାମାଳୀ ।
ବି. ଚି. ମ.

ଘଞ୍ଚାଘଞ୍ଚ, } ବିଂ. (ଦେଶଜ) ଅତି ଗହଳ ।
ଘଞ୍ଚାଘଞ୍ଚି, } ଯଥା—
ହୃଦୟସ୍ଥ ପୂରି ପଦକ ଘଞ୍ଚାଘଞ୍ଚି ପଦ୍ମମାଳ ପାଦତଳ । ବି.ଗୀ.

ଘଞ୍ଚାଳ, ବି. (ଦେଶଜ) ପ୍ରତିରୋଧ । ଯଥା—
ବାଟେ ଆସୁଁ ଘଞ୍ଚାଳ କଲେ ରେଣୁକାସୁତ,
ବୋଇଲେ ତୋ ନାମ କସ କହ ମୋତେ ସତ ।
ନୃ. ପୁ. ସଂ. ତ.

ଘଟ, ବି. (ଘଟ୍ = ଚେଷ୍ଟା କରିବା-ଅ) ଧାତୁ ଅଥବା ମୃତ୍ତିକାନିର୍ମିତ କୁମ୍ଭ, କଳସ; ଗଜକୁମ୍ଭ; ଶ୍ୱାସରୋଧକ କୁମ୍ଭକ; କୁମ୍ଭରାଶି; ପରିମାଣ ବିଶେଷ । (ଦେଶଜ)(ଘଟ ଦ୍ରବ୍ୟର ଆଧାରଭୂତ, ସେହିପରି ଦେହ ଜୀବର ଆଧାରଭୂତ ହୋଇଥିବାରୁ ଘଟ ନାମ ପାଇଅଛି) ଦେହ । ଯଥା—
କୃପା କର ହେ ନରହରି,
ଘଟ ଘଟକେ ଅଛ ପୂରି । ଦା. ର.

ଘଟକ, ବିଂ. (ଘଟ୍-ଅକ) ଯେ ଘଟାଇଦିଏ । ବି. ଦୂତ; ଯେ ମଧ୍ୟବର୍ତ୍ତୀ ହୋଇ ବିବାହ ସମ୍ବନ୍ଧ ସ୍ଥିର କରନ୍ତି ।

ଘଟଣ, ବି. (ଘଟନ ଶବ୍ଦଜ, ପ୍ରାକୃତ) ଘଟିବା । ବିଂ. ସୁନ୍ଦର । ଯଥା—
ଘଟଣ ନ ଦିଶେ ପୁରି ନ ଥିଲେ ଗୋବିନ୍ଦ । କେ.କୋ.

ଘଟଣା, ବି. (ଘଟନ ଶବ୍ଦଜ) ଘଟିବା ।

ଘଟଣି, ବି. ( ଘଟନ ଶବ୍ଦଜ ) ସମ୍ପାଦନ; ନିର୍ମାଣ । ଯଥା—
ଭଣାଣଏ ବିଖରିରେ ଘରେକ ନିର୍ମାଣି,
ସ୍ଥୂଳ ପିଢ଼ା ଆଦି ସବୁ ପାଷାଣେ ଘଟଣି । ସା.ଭୂ.ସ.

ଘଟତି, ବି. (ଦେଶଜ) ଘଟଣା । ଯଥା—
ଅଗ୍ନିକାର ମହାଋଷି ଅର୍ଜିଲେ ଏ କୀର୍ତ୍ତି,
ପୂର୍ବର ପରାକୃତ ଏ ଦଇବ ଘଟତି । ସା. ଭୂ. ଆ.

ଘଟନ, } ବି.(ଘଟ୍—ଚେଷ୍ଟା କରିବା-ଅନ-ଆ)
ଘଟନା, } ହସ୍ତିସୈନ୍ୟ; ଯୋଜନ । ଯଥା—
ଅଘଟନ ଘଟନାପଟୀୟସୀ ମାୟା ।
ମେଳନ, ସଂଘଟନ; ଆକସ୍ମିକ ବ୍ୟାପାର; ଦୈବଗତି, ବିଧିନିବନ୍ଧ ।

ଘଟରଘୁମା, ବି. (ଦେଶଜ) ପକ୍ଷିବିଶେଷ । ଯଥା—
ହୁଳହୁଳି ହର୍ଷେ ଉଅନ୍ତି ସଘନେ
ଘଟରଘୁମା ଘରଣୀ । ଉଦ୍ଦଣ୍ଡୀ ।

ଘଟସୂତ୍ର, ବି. (ଘଟ-ସୂତ୍ର—ଏ ଦୁଇଟି ସଂସ୍କୃତ ଶବ୍ଦ ସତ୍ୟ ତଥାପି ସମ୍ମିଶ୍ରଣରେ ଓଡ଼ିଆ ଶବ୍ଦ ପରି ବ୍ୟବହୃତ । ଅଥଚ ଦୈବର ଘଟସୂତ୍ର, ବିଧାତାର ଘଟସୂତ୍ର ଏପରି ସ୍ଥଳରେ କେବଳ ବ୍ୟବହୃତ ହୋଇଥାଏ) ଘଟଣା । ଯଥା—
ଦଇବ ଘଟସୂତ୍ରମାନ,
କେ କରି ପାରେ ତାହା ଆନ । ଦା. ର.
ଘଟନାକ୍ରମ । ଯଥା—
ଦଇବର ଘଟସୂତ୍ର ଏହା ଅଛି ପୂର୍ବେ,
ଉଭୟକୁଳ ଅଭାବ ହେବେ କଉରବେ । ସା. ଭା. ବି.

ଘଟା, ବି. ସ୍ତ୍ରୀ. ସଂ. ଜାକଜମକ; ସମୂହ; ହସ୍ତିସମୂହ; ଯୁଦ୍ଧରେ ହସ୍ତିସମୂହର ଏକତ୍ର ମିଳନ । ସମୂହ । ଯଥା—
ଦେଖନ୍ତେ ବ୍ୟୋମ ମାୟାଜନିତ ରଜଘଟା-ବ୍ୟାପ୍ତ ।
ଜା.ପ.ନା.
(ଘୃଷ୍ଟ ଶବ୍ଦଜ) ଦାଗ; ଦେହରେ ଲଗାଇବା ଘଷି । ଯଥା—
ଘଟା ବଟାଇ ଆଣି ବୋଲିଲେ ଦେହସାକେ,
ବିକାଶେ ଲକ୍ଷ୍ମୀରୂପ ଅଧିକେ ହଇଲେକେ । ନୃ.ପୁ.ପ୍ର.ତ.

ଘଟାଇବା, କ୍ରି. ( ଘଟ୍ ଧାତୁଜ ) ଆଣି ଉପସ୍ଥିତ କରାଇବା; ମିଳାଇବା । ଯଥା—
ଅଘଟ ଘଟଣା ଦେଲ ଘଟାଇ । ହା. ଭ.

ଘଟାଘଟି, ବି. (ଦେଶଜ) ମିଳାମିଳି । ବିଂ. ଉଦ୍ଭ୍ରାନ୍ତ । ଯଥା—ତାହାର ଘଟାଘଟି ସମସ୍ତ ହେଲାଣି ।

ଘଟାଗ୍ରୀ, ବି. ସ୍ତ୍ରୀ. (ଘଟଧାରିଣୀ ଶବ୍ଦଜ) ଦେବୀ-ବିଶେଷ । (ସକାଇ ଶବ୍ଦ ଦେଖ ।)

ଘଟି, ବି. (ଘୃଷ୍ଟ ଶବ୍ଦଜ) ଦେହର ମଳି ଛଡ଼ାଇବାପାଇଁ ଲେପନାର୍ଥ ଚୂର୍ଣ୍ଣ । (ଘଟୀର ଅପଭ୍ରଂଶ) ଲୋଟା, ଢ଼ାଳ ।

ଘଟିକା, ବି.ସ୍ତ୍ରୀ. (ଘଟି-କ-ସ୍ୱାର୍ଥେ-ଆ) ମୁହୂର୍ତ୍ତ; ଦଣ୍ଡାତ୍ମକ କାଳ; ଦିବସ ବା ରାତ୍ରିର ଦ୍ୱାଦଶ ଭାଗ, ଅଢ଼ାଇ ଦଣ୍ଡ; ପାଦଗ୍ରନ୍ଥି; ଘଟୀ, କଳସୀ । (ଘଟ୍ = ଚେଷ୍ଟା କରିବା-ଣିଚ-ଅକ-ଆ, ଅକ = ଇକ) ଯୋଜନ-କାରିଣୀ ।

ଘଟୀ, ବି. ସ୍ତ୍ରୀ. (ଘଟ-ଈ) କାଂସ୍ୟ ପିତ୍ତଳାଦି-ନିର୍ମିତ ଅନତିବୃହତ୍ ଜଳପାତ୍ର; ଘଡ଼ି, କାଳନିର୍ଣ୍ଣୟାତ୍ମକ ଯନ୍ତ୍ର; ଦଣ୍ଡାତ୍ମକ କାଳ; ମୁହୂର୍ତ୍ତ ।

ଘଟୁଆଳ, ବି. ( ଦେଶଜ ) କର ଆଦାୟ କରିବା ବ୍ୟକ୍ତି । ଯଥା—

ଦୂରରୁ ଯେ ବଣିକଗଣେ ଆସିଥାନ୍ତି,
ତାଙ୍କଠାରୁ ଉଚିତ କର ଯା ପ୍ରାପତି ।
ତୁମ୍ଭଙ୍କୁ ଘଟୁଆଳେ ଦିଅନ୍ତି କି ତାହା,
ଆହେ ଯୁଧିଷ୍ଠିର ନରକୁଳନାହା । କୃ. ଭା. ସ. ପ.

ଘଟ୍ଟ, ବି. (ଘଟ୍ଟ = ଚାଳିତ କରିବା-ଅ) ନଦୀ ପ୍ରଭୃତିର ଘାଟ, ତୋଠ; ଶୁଳ୍କଗ୍ରହଣ ସ୍ଥାନ; ଅବତରଣ ସ୍ଥାନ ।

ଘଟ୍ଟନ, ବି. (ଘଟ୍ଟ୍ = ଚାଳିତ କରିବା-ଅନ) ଆଘାତ; ଘର୍ଷଣ; ଯୋଟିବା; ସଂଘଟନ; ଚାଳନା ।

ଘଡ଼ଇ, ବି. (ଦେଶଜ) ରାଜସେବକବିଶେଷ । (ଘଡ଼ିତାଳ ଶବ୍ଦ ଦେଖ ।)

ଘଡ଼ଘଡ଼, ଅ. ଅନୁକରଣ ଶବ୍ଦବିଶେଷ । ଯଥା—

ଘଡ଼ ଘଡ଼ କରି ମାରେ ଘୁଙ୍ଗୁଡ଼ି । ହା. ତ.

ଘଡ଼ଘଡ଼ି, ବି. (ଦେଶଜ) ମେଘଧ୍ୱନି; ଚଡ଼କ ।

ଘଡ଼ି, ଘଡ଼ୀ, ବି. ସ୍ତ୍ରୀ. (ଘଟୀ ଶବ୍ଦଜ ପ୍ରାକୃତ) ଦୁଇ ଦଣ୍ଡପରିମିତ କାଳ; ସମୟବୋଧକ ଯନ୍ତ୍ର । ଯଥା—

ସମସ୍ତ ଜାଣିବା ମିଛ ବାହାନାରେ,
ଘଡ଼ି କାଢ଼ି କେହି ଦେଖାଏ ବାହାରେ । ଦ. ବା.

ମୃତ୍ତିକାପାତ୍ରବିଶେଷ । ଯଥା—

ଯାଇ ଯମୁନାପାଣିକି, ତୁ ନ ବୁଡ଼ାଇ ଘଡ଼ିକି । ଗୀତ.

ଘଡ଼ିଆଳ, ବି. (ଦେଶଜ) କୁମ୍ଭୀରବିଶେଷ, ଘଡ଼ିମୁହାଁ । ଯଥା—

ଗଣ୍ଡ ଜାଗା ଥିବାରୁ ଏଠାରେ ଗୋମୁହାଁ କୁମ୍ଭୀରର ଉପଦ୍ରବ ଭାରି, ଦାଣ୍ଡିଆଣୀ ଘଡ଼ିଆଳ ତ ପଣ ପଣ । ଛ. ଆ. ଗୁ.

ଘଡ଼ିଘଡ଼ିକି, ଘଡ଼ିକିଘଡ଼ି, ଘଡ଼ିଘଡ଼ିକେ, କ୍ରି. ବିଂ. (ଦେଶଜ) କ୍ଷଣକୁ-କ୍ଷଣ । ଯଥା—

ଆସୁଥିବ ପରି ବୋଲି ଘଡ଼ିଘଡ଼ିକି ନିରିଛଇଲି,
ଡୋଳ ସଘନେ ଭ୍ରୂ ବଲ୍ଲୀ
ଗୃହୁଁ ଥିବେ ଚନ୍ଦ୍ରବଦନା ରେ । ଫ. ସା.

ଘଡ଼ିତାଳ, ବି. (ଦେଶଜ) ରାଜସେବକ-ବିଶେଷ । ଯଥା—

ପାତ୍ର ମନ୍ତ୍ରୀ ଅମାତ୍ୟ ସେନାପତିଗଣ,
ଯେ ଯାହା ଆସନ ମାଡ଼ି ବସିଲେ ବେହରଣ ।
ଖଣ୍ଡିଆ ପଡ଼ିହାରି ଘଡ଼ଇ ଘଡ଼ିତାଳ,
ପାଇକ ମାହୁନ୍ତ ଅଶ୍ୱପାଳ ମାଳ ମାଳ ।
ନୃ. ପୁ. ଦ୍ୱି. ତ.

(ଏହି ଶବ୍ଦର ଅର୍ଥ ଠିକ୍ ଜଣା ଯାଉନାହିଁ । ଏତାଦୃଶ ଆହୁରି ଅନେକ ଶବ୍ଦ ଏହି ଗ୍ରନ୍ଥ ମଧ୍ୟରେ ଦେଖାଯାଏ ।)

ଘଣା, ଗହଣା, ବି. ( ଦେଶଜ ) ତିଳ ସୋରିଷ ପ୍ରଭୃତିରୁ ତେଲ ବାହାର କରିବା ଯନ୍ତ୍ରବିଶେଷ । ଯଥା

ତେଲିରୁ ମହାପାପୀ ନାହିଁ,
ଘଣାରେ ଗୋରୁ ଦୁଃଖ ଦେଇ । ବି. ପୁ.

ଘଣାପକାଇବା, କ୍ରି. ଘଣାଯନ୍ତ୍ର ଚାଳନ କରିବା ।

ଘଣି, ବି. (ଦେଶଜ) ଶଗଡ଼ର ଚକଦ୍ୱାରା ରାସ୍ତା ଉପରେ ହୋଇଥିବା ଖାଲ ।

ଘଣ୍ଟ, ବି. (ଘଣ୍ଟ୍=ଦୀପ୍ତିପାଇବା, ଅଥବା ହନ୍-ଟ -ସଂଜ୍ଞାର୍ଥେ, ହ = ଘ) ମତ୍ସ୍ୟ ଶାକ ପ୍ରଭୃତିର ବ୍ୟଞ୍ଜନବିଶେଷ, ଘଣ୍ଟତିଅଣ । (ଘଣ୍ଟା-ଶବ୍ଦଜ) କାଂସ୍ୟନିର୍ମିତ ବାଦ୍ୟବିଶେଷ; କାଂସ୍ୟନିର୍ମିତ ବଡ଼ ଘଙ୍ଗୁର । ଯଥା—

ଘଣ୍ଟ ଯେ କରତାଳମାନ,
ଶିଙ୍ଗା ବଜାଇ ଘନ ଘନ । ଦା. ର.

ଘଣ୍ଟପାଟୁଆ, ବି.(ଦେଶଜ)ସାରଳାଠାକୁରାଣୀଙ୍କ ଆଜ୍ଞାପ୍ରଚାରକବିଶେଷ । କାକଟପୁର ସର୍ବ-ମଙ୍ଗଳାଙ୍କ ସେବକ ।

ଘଣ୍ଟା, ବି. ସ୍ତ୍ରୀ. (ହନ୍ = ଆଘାତ କରିବା-ଟ-ସଂଜ୍ଞାର୍ଥେ-ଆ, ହ = ଘ) କାଂସ୍ୟାଦିନିର୍ମିତ ବାଦ୍ୟବିଶେଷ । (ରଘୁପତେଃ କୋଦଣ୍ଡ-ଘଣ୍ଟାରବଃ) ସାର୍ଦ୍ଧ ଦ୍ୱିଦଣ୍ଡାତ୍ମକ କାଳ । (ବ୍ୟଞ୍ଜନାର୍ଥ ଘଣ୍ଟ ଶବ୍ଦଜ) ବେସର ତିଅଣ; (ଘଟ୍ଟନ ଶବ୍ଦଜ) ଘାଣ୍ଟିବା କିମ୍ବା ଆଲୋଡ଼ନ । ବିଂ. ଆଲୋଡ଼କ, ବିକ୍ଷୋଭକ; (ଘଟୀ ଶବ୍ଦଜ) ଘଟିକା ଯନ୍ତ୍ର ।

ଘଣ୍ଟାକୋଳି, ବି. (ଘଣ୍ଟକୋଳି ଶବ୍ଦଜ) ଏକପ୍ରକାର କୋଳି ।

ଘଣ୍ଟାଚକଟା, ବି. (ଦେଶଜ) ଗୋଳମାଳ ।

ଘଣ୍ଟାପଥ, ବି. (ଘଣ୍ଟା-ପଥ-ଯହିଁରେ ହସ୍ତି-ପ୍ରଭୃତି ଘଣ୍ଟାଯୁକ୍ତ ହୋଇ ଗମନ କରନ୍ତି) ଘଣ୍ଟାବାଧି ହସ୍ତ୍ୟାଦିର ଗମନଯୋଗ୍ୟ ପ୍ରଧାନ ମାର୍ଗ; ବଡ଼ଦାଣ୍ଡ ।

ଘଣ୍ଟି, ବି. ସ୍ତ୍ରୀ. (ଘଣ୍ଟିକା ବା ଘଣ୍ଟୀ ଶବ୍ଦର ଅପଭ୍ରଂଶ) ସାନ ଘଣ୍ଟ; ଘାଗୁଡ଼ି । ଯଥା—

ବ୍ୟାଧ ଯେସନେ ମୃଗ ମାର,
ଶବଦେ ଘଣ୍ଟି ଗୁଳେ ଧର । ଭ୍ର. ଦ. ସ୍କ.

ଘଣ୍ଟିଆ, ବି. (ଘଣ୍ଟିକା ଶବ୍ଦଜ ପ୍ରାକୃତ) ଘାଗୁଡ଼ି କିମ୍ବା ଏକପ୍ରକାର ଅଳଂକାର । ଯଥା—

କଟିରେ ଘଣ୍ଟିଆ ଯେ ଶୁଭଇ କଣି କଣି,
ଝୁଲିଲେ ହେମଝୁଣ୍ଟିଆ ବାଜଇ ଗିଣି ଗିଣି ।
ନୃ. ପୁ. ପ. ତ.

ଘଣ୍ଟିଆ, ଘଣ୍ଟୁଆ, } ବି. (ଦେଶଜ) ଯେ ଘଣ୍ଟା ବଜାଏ । (ଘଣ୍ଟା-ଉଆ, ଇଆ)

ଘଣ୍ଟିକା, ଘଣ୍ଟୀ, } ବି. ସ୍ତ୍ରୀ. ସଂ. କ୍ଷୁଦ୍ର ଘଣ୍ଟା; ଗଳାର ଭିତର ଭାଗ, ତାଳୁର ନିମ୍ନ ଜିହ୍ୱା ।

ଘଣ୍ଟୁ, ବି. (ଘଣ୍ = ଦୀପ୍ତି ପାଇବା-ଟୁ) ହସ୍ତିର ଗଳଲମ୍ବିତ ଘଣ୍ଟା; ପ୍ରତାପ ।

ଘତ, ବି. (ଦେଶଜ) କୌଶଳ । ଯଥା—
ତାଙ୍କପାଇଁ ତ ଟିକିଏ ନାକ କାନମୋଡ଼ା କରି ଖଣ୍ଡେ ଦୁଇଖଣ୍ଡ ଘତ ଆରମ୍ଭ କରିବାର ଦରକାର । ଉ. ସା. ୮. ୯.
ଧରଣ; ଗୀତ ବାଦ୍ୟର ପ୍ରକାର ।

ଘତଘାତ, ବି. (ଦେଶଜ) କୌଶଳ; ସାବଧାନତା ।

ଘନ, ବି. (ହନ୍-ଆଘାତ କରିବା-ଅ, ହ-ଘ) କରତାଳ, ମର୍ଦ୍ଦଳ, ଘଣ୍ଟା, ଘୁଙ୍ଗୁର ପ୍ରଭୃତି ଧାତୁମୟ ବାଦ୍ୟଯନ୍ତ୍ର; ପ୍ରଧାନ ନୃତ୍ୟ; ଲୌହ; ଚର୍ମ; ମେଘ; ଲୌହମୁଦ୍‌ଗର; ଜମାଟ, ଭିଡ଼; ଦୃଢ଼ତା, କାଠିନ୍ୟ; ମୁଥା; ବିସ୍ତାର; ଦେହ; ଅଭ୍ରକ; କୌଣସି ରାଶିକୁ ସେହି ରାଶିଦ୍ୱାରା ଦୁଇଥର ଗୁଣନ । ଯଥା—୨ର ଘନ = ୮, ୩ର ଘନ = ୨୭ । ବିଂ. ସାନ୍ଦ୍ର, ଘଞ୍ଚ; କଠିନ, ଦୁର୍ଭେଦ୍ୟ; ସ୍ଥିର; ପୁଷ୍ଟ; ଅଧିକ; ସ୍ଥାୟୀ; ଅବିରତ ।

ଘନକ୍ଷେତ୍ର, ବି. ସଂ. ଦୈର୍ଘ୍ୟ, ପ୍ରସ୍ଥ ଓ ବେଧ-ବିଶିଷ୍ଟ କ୍ଷେତ୍ର ।

ଘନଚତୁଷ୍କୋଣ, ବି. ସଂ. ଦୈର୍ଘ୍ୟ, ପ୍ରସ୍ଥ ଓ ବେଧବିଶିଷ୍ଟ ଚତୁଷ୍କୋଣ ।

ଘନଜ୍ୱାଳା, ବି. ସ୍ତ୍ରୀ. ସଂ. ବଜ୍ରାଗ୍ନି, ବିଜୁଳି ।

ଘନଘନ, କ୍ରି. ବିଂ. (ଦେଶଜ) ଶୀଘ୍ର; ପୁନଃପୁନ ।

ଘନଘାଇ, କ୍ରି. ବିଂ. (ଦେଶଜ) ଉଚ୍ଚଧ୍ୱନିରେ, ଉଚ୍ଚଧ୍ୱନିପୂର୍ବକ । ଯଥା—

ଶବଦ ଯୋଡ଼ାଶଙ୍ଖେ ଚମକୁଥାନ୍ତି ମଣ୍ଡି,
ଗହଳେ ଲକ୍ଷ ଡ଼ାକ ପଡ଼ନ୍ତି ଘନଘାଇ । ନୃ.ପୁ.ଚ.ତ.

ଘନଫଳ, ବି. ସଂ. କୌଣସି ରାଶିକୁ ସେହି ରାଶି ଦ୍ୱାରା ଦୁଇଥର ଗୁଣନ କଲେ ଯେଉଁ ଫଳ ହୁଏ । ଯଥା—୪ × ୪ × ୪ = ୬୪ ।

ଘନରସ, ବି. (ଘନ = ମେଘ, ନିବିଡ଼-ରସ = ଜଳ, ଶୃଙ୍ଗାର ଆନନ୍ଦ ପ୍ରଭୃତି) ଜଳ; ପ୍ରଚୁର ସନ୍ତୋଷ ।

ଘନବଲ୍ଲିକା, ଘନବଲ୍ଲୀ, } ବି. ସ୍ତ୍ରୀ. ସଂ. ବିଦ୍ୟୁତ୍, ବିଜୁଳି; ଲତାବିଶେଷ; ନିବିଡ଼ ଲତା ।

ଘନସାର, ବି. ସଂ. କର୍ପୂର; ପାରଦ; ଜଳ; ଚନ୍ଦନ ।

ଘନାଗମ, ବି. (ଘନ-ଆଗମ) ବର୍ଷାକାଳ; ମେଘାଗମନ ।

ଘନାଘନ, ବି. (ହନ୍ = ବଧ କରିବା-ଅ, ହ = ଘ, ଦ୍ୱିତ୍ୱ, ଅ = ଆ) ଇନ୍ଦ୍ର; ଅପକାରକ ହସ୍ତୀ, ମତ୍ତହସ୍ତୀ; ବର୍ଷଣକାରୀ ମେଘ; ପରସ୍ପର ସଙ୍ଘର୍ଷଣ । ବିଂ. ସତତ ଘାତୁକ; ନିରନ୍ତର; ସାନ୍ଦ୍ର; ନିଷ୍ଠୁର । (ଶକ୍ରଘାତୁକମତ୍ତେଭ-ବର୍ଷୁକାବ୍ଦା ଘନାଘନଃ—ଅମର ।)

ଘନାତ୍ୟୟ, } ବି. (ଘନ = ମେଘ-ଅତ୍ୟୟ,
ଘନାନ୍ତ, } ଅନ୍ତ = ନାଶ) ଶରତ୍‌କାଳ ।

ଘନିଷ୍ଠ, ବିଂ. (ଘନ-ଇଷ୍ଠ) ଅତିଶୟ ଘନ । (ଦେଶଜରୂପେ) ନିକଟସ୍ଥ, ଆସନ୍ନ, ଅତି ନିକଟ ।

ଘନୀଭୂତ, ବିଂ. (ଘନ-ଭୂତ-ଚ୍ୱି-ଅଭୂତ ତଦ୍ଭାବଅର୍ଥରେ) ସାନ୍ଦ୍ରୀଭୂତ, ଯାହା ବର୍ତ୍ତମାନ ଘନ ହୋଇଅଛି ।

ଘନୋପଳ, ବି. (ଘନ = ମେଘ-ଉପଳ = ପଥର) କରକା, କୁଆପଥର ।

ଘବଘବ, ଅଂ. (ଦେଶଜ) ଜଳପ୍ରବେଶ ଶବ୍ଦ ।

ଘମଘମ, ଅଂ. (ଦେଶଜ) ଅନୁକରଣାର୍ଥବିଶେଷ । ଯଥା—ଘମ ଘମ ବାସୁଅଛି, ଘମ ଘମ ଝାଳ ବହୁଅଛି ।

ଘମାଘୋଟ, ବି. (ଦେଶଜ) ବିଶେଷ ଆନନ୍ଦ; ଜାକଜମକ । ବିଂ. ନିବିଡ଼, ଗାଢ଼ । ଯଥା—ଘମାଘୋଟ ନିଦ୍ରା ।

ଘମିର, } ବି. (ଘର୍ମଚର୍ଚ୍ଚିକା ଶବ୍ଦଜ) ଝାଳ-
ଘମିରି; } ମାଛି; ଝାଳଯୋଗୁଁ ଦେହରେ ଜନ୍ମିବା କ୍ଷୁଦ୍ର ବ୍ରଣ ।

ଘର, ବି. (ଗୃହ ଶବ୍ଦଜ ପ୍ରାକୃତ) ଗୃହ; କାର୍ଯ୍ୟ ଅର୍ଥରେ ଅନ୍ୟ ଶବ୍ଦ ଶେଷରେ ପ୍ରଯୁକ୍ତ ହୁଏ । ଯଥା—ବିଭାଘର, ବ୍ରତଘର ଇତ୍ୟାଦି । ପୋଷା ହାତୀଙ୍କର ସଂଖ୍ୟା । ଯଥା—ଦୁଇଘର ହାତୀ, ତିନିଘର ହାତୀ । ଗୃହିଣୀ ଅର୍ଥ । ଯଥା—ଘରେ ମୋତେ ଯିବାପାଇଁ ନାହିଁ କଲେ ଅର୍ଥାତ୍ ମୋତେ ଯିବାପାଇଁ ଭାର୍ଯ୍ୟା ନାହିଁ କଲେ ।

ଘରକରଣା, ବି. (ଦେଶଜ) ଗୃହଧର୍ମ; ଘର ଚଳାଇବା । ବିଂ. ଗୃହୀ । ଯଥା—

ଯେ ଘରକରଣା ନୋହିବେ ସେ ବଣା
ଘୂନେଇ ପଡ଼ିବେ କେବେ ।

ଘରକରିବା, ଘରଦୁଆର କରିବା, କ୍ରି. ଗୃହ ପରିଚାଳନ କରିବା ।

ଘରଘର, ଘଡ଼ଘଡ଼, ଅଂ. ଘର୍ଘର ଶବ୍ଦ ।

ଘରଜୁଆଁଇଁ, } ବି. (ଦେଶଜ) ଯେଉଁ ଜ୍ୱାଇଁ
ଘରଜୋଇଁ, } ଶ୍ୱଶୁର ଘରେ ଆସି ରହେ ଓ ଶ୍ୱଶୁରର ସମ୍ପତ୍ତିରେ ଅଧିକାରୀ ହୁଏ ।

ଘରଚଟିଆ, ବି. (ଗୃହଚଟକ ଶବ୍ଦଜ) ସ୍ୱନାମ-ପ୍ରସିଦ୍ଧ କ୍ଷୁଦ୍ର ପକ୍ଷୀ ।

ଘରଟ୍ଟ, ବି. (ଘର୍-ଅଟ୍ = ଗମନ କରିବା-ଅ, ଯେ ଘର୍ ଘର୍ ଶବ୍ଦ କରି ଭ୍ରମଣ କରେ) ପେଷଣଯନ୍ତ୍ର, ଘୋରଣା ।

ଘରଣୀ, ବି. ସ୍ତ୍ରୀ. (ଗୃହିଣୀ ଶବ୍ଦଜ) ଭାର୍ଯ୍ୟା । ଯଥା—

ଘରର ଘରଣୀ ମୁଁ ପରି ତୋର,
କିଛି ନ ବୁଝିଲୁ ଖବର ମୋର । ହା. ତ.

ଘରତଳ, ବିଂ. (ଦେଶଜ) ଘରକୁ ଲାଗିଥିବା ଜମି ।

ଘରଧରିବା, କ୍ରି. କନ୍ୟା ରଜସ୍ୱଳା ହେବା, ପ୍ରଥମତଃ ଋତୁମତୀ ହେବା; ଚିନ୍ତାରେ ମଗ୍ନ ହେବା ।

ଘରପୋଡ଼ା, } ବିଂ. (ଦେଶଜ) ଗୃହ-
ଘରପୋଡ଼ିଆ, } ଦାହକ ।

ଘରପୋଡ଼ିଆ, ବି. (ଦେଶଜ) ଏକପ୍ରକାର ଔଷଧି ଗୁଳ୍ମ ।

ଘରବାଡ଼ି, ବି. (ଦେଶଜ) ଭିଟାଜମି, ବାସ୍ତୁ; ଯାହା କିଛି ପୈତୃକ ସମ୍ପତ୍ତି ।

ଘରବୁଡ଼ା, ବିଂ. (ଦେଶଜ) ଯେ ଘର ବୁଡ଼ାଇ ଦିଏ ଅର୍ଥାତ୍ ସର୍ବନାଶ କରେ । ଯଥା—
କୁକାଟିକା ନକଟକୁ କମନୀୟ ଜୁଡ଼ା,
କେତକୀପାଖୁଡ଼ାବେଢ଼ା ନାରୀଘରବୁଡ଼ା । ର. କ.
ବି. ଘର ବୁଡ଼ାଇବା ଅର୍ଥାତ୍ ସର୍ବନାଶ କରିବା । ଯଥା—
କେଉଁ କାମିନୀ ଲୋଟଣୀ ଜୁଡ଼ା,
କଟାକ୍ଷରେ କରେ ଘରବୁଡ଼ା । ର. କ.

ଘରବୁଡ଼ାଇବା, କ୍ରି. ନାଶ କରିବା କିମ୍ବା ସର୍ବସ୍ୱ ହରିବା ।

ଘରଭଙ୍ଗା, ବିଂ. (ଦେଶଜ) ଯେ କୁମନ୍ତ୍ରଣାଦ୍ୱାରା ଗୃହ ମଧ୍ୟରେ ବିବାଦବୀଜ ରୋପଣ କରେ ।

ଘରି, ବି. (ଦେଶଜ) ପକ୍ଷିମାନଙ୍କ ବସା, ମାଉଡ଼; ଛିଦ୍ର ।

ଘରିଖାଇବା, କ୍ରି. ତୁଣ୍ଡରୁ ଠିକ୍ କଥା ନ ବାହାରି ଜାଉଁଜାଉଁ ହେବା; ଚକ ମଧ୍ୟସ୍ଥ ଖୋଲରେ ଅଖ ଘଷି ହୋଇ ସେ ଛିଦ୍ରକୁ ବଡ଼ କରିଦେବା ।

ଘରେଇ, } ବିଂ. (ଦେଶଜ) ଗୃହରେ ବ୍ୟବ-
ଘରୁଆ, } ହୃତ । ଯଥା—ଘରେଇ ଭାଷା,
ଘରୋଇ, } ଘରୋଇ ଭାଷା ।

ଘର୍ଘର, ବି. (ଘୃ-ଯଙ୍ଲୁଗନ୍ତ=ଘର୍ଘ=ଶବ୍ଦ-ବିଶେଷ-ରା-ଅ) ପର୍ବତର ପଥ; ପେଚକ; ଧ୍ୱନିବିଶେଷ । (ସ୍ତ୍ରୀ-ଈ, ଆ) କ୍ଷୁଦ୍ର ଘଣ୍ଟିକା; ବୀଣାବିଶେଷ । ବିଂ. ଘର୍ଘର ଶବ୍ଦବିଶିଷ୍ଟ ।

ଘର୍ମ, ବି. (ଘୃ=କ୍ଷରିତ ହେବା-ମ) ଗ୍ରୀଷ୍ମ; ରୌଦ୍ର; ଝାଳ । ଯେପରି—ଘର୍ମାକ୍ତ ଦେହ । ବିଂ. ଉଷ୍ଣ ।

ଘର୍ମାନ୍ତ, ବି. (ଘର୍ମ-ଅନ୍ତ=ଶେଷ) ବର୍ଷାକାଳ ।

ଘର୍ଷଣ, ବି. (ଘୃଷ୍-ଅନ) ଘଷିବା, ମାର୍ଜନ ।

ଘଷରା, ବିଂ. (ଦେଶଜ) ଘର୍ଷଣଦ୍ୱାରା କ୍ଷୟପ୍ରାପ୍ତ; ଅଚଳ ।

ଘସା, ବି. (ଦେଶଜ) ଘସିବା । (ପୁରୀରେ ବ୍ୟବହୃତ) ଚୂଡ଼ାଘସା, ଚୂଡ଼ା ନବାତ ନଡ଼ିଆ ଘିଅମିଶ୍ରିତ ମିଷ୍ଟାନ୍ନବିଶେଷ ।

ଘସା, } ବି. ( ଘର୍ଷ ଶବ୍ଦଜ ) ଘସିବା ।
ଘଷା, } ଯଥା—
କଲୁଁ ଦେଲା କାଳେ ଶିଳାପଦବୀ,
ରାମା ଚରଣଘସା ଭଲ ଭାବି । କୋ. ବ୍ର. ସୁ.
ବିଂ. ଘର୍ଷିତ । ଯଥା—
କମ୍ପି କମ୍ପାଇଲା ଯେ ଘସା ଚୂନବସା ଦଣ୍ତୀ । ସଙ୍ଗୀତ ।

ଘସାଘସି, ବି. (ଦେଶଜ) ଘସିବା; ଅନ୍ୟୋନ୍ୟ ଘସିବା ।

ଘସାପାଣି, ବି. ( ଦେଶଜ ) ମସଲାମିଶ୍ରିତ ସୁପେୟ ଜଳ ।

ଘସାମଜା, ବି. (ଦେଶଜ) ଭଲକରି ଘସିବା ।

ଘସି, ବି. (ଦେଶଜ) ଶୁଷ୍କ ଗୋମୟ । (ଘସ୍= ଭୋଜନ କରିବା-ଇ) ଭକ୍ଷଣ, ଭୋଜନ ।

ଘସିବା, } କ୍ରି. ( ଘର୍ଷଣ ଶବ୍ଦଜ ) ଘର୍ଷଣ
ଘଷିବା, } କରିବା; ପାଦାଦ୍ଧ ମର୍ଦ୍ଦନ କରିବା । ( ଗଡ଼ଜାତ ଶବ୍ଦ ) ଲିପିବା; ବାଟିବା ।

ଘସ୍ମର, ବିଂ. (ଘସ୍=ଭକ୍ଷଣ କରିବା-ମର-ଶୀଳାର୍ଥେ) ଖାଦକ ।

ଘସ୍ର, ବି. (ଘସ୍=ଭୋଜନ କରିବା-ର—ଯହିଁରେ ଲୋକେ ଭୋଜନ କରନ୍ତି) ଦିନ, ଦିବସ । ଯଥା—
ତୋ ବକ୍ତ୍ର୍ରାଭ ଲାଞ୍ଛନସ୍ଥାନ ପରିପୂର୍ଣ୍ଣ,
ଘସ୍ରେ ରାତେ ସୁନ୍ଦରତାରେ ଦ୍ୟୁତଧାମା । ବି. କା.

ଘା, } ବି. ( ଘାତ ଶବ୍ଦଜ ) କ୍ଷତଚିହ୍ନ ।
ଘାଆ, } ଯଥା—
ଅର୍ଜୁନ ଘାଆରେ ସେତୁ କଲା ପୁଷ୍ପବୃଷ୍ଟି । ସା.ଭା.ସ.
ବ୍ରଣ । ଯଥା—
ଅସର୍ପା ହୋଇବୁ ଆବର,
ଭକ୍ଷିବୁ ଘାଆର ରୁଧିର । ବି. ପୁ.
ଆଘାତ, ପ୍ରହାର । ଯଥା—
ଜରାସନ୍ଧ ବିଦାରଣ କଲା ମୁଥ ଘାରେ । ସା. ଭା. ସ.
କେତେ ମତ୍ତ ହସ୍ତୀ କାଣ୍ଡ ଘାଆ ପାଇ,
ପଳାଇଲେ ଖରେ ମୁଣ୍ଡକୁ ସାଙ୍କୁଡ଼ାଇ । କୃ. ଭା. ଆ. ପ.

ଘାଇ, } ବି. (ଘାତ ବା ଘାଷ୍ଟ ଶବ୍ଦଜ) ନଦୀ
ଘାଈ, } ଆଦି ବୃଦ୍ଧି ଦ୍ୱାରା ବନ୍ଧ ଆଦି ଭଗ୍ନ ହୋଇ ଯେଉଁ ଜଳପଥ ହୁଏ । ଯଥା—

ପବନକୁ ଉଡ଼ିଯାଇ ଧରି କେ ପାଇଛୁ,
ଘାଇ ବୋଲି ସମୁଦ୍ର ବାନ୍ଧିଲେ କି ଶୁଖିଛୁ । ନୃ.ପୁ.ଚ.ତ.

ଘାଇଲି, ବିଂ. (ଦେଶଜ) କ୍ଷତଯୁକ୍ତ ।

ଘାଉଆ, ବିଂ. (ଦେଶଜ) କ୍ଷତଯୁକ୍ତ; ଆହତ । ଯଥା—

କୃଷ୍ଣ ଅରଜୁନ ହେଲେନ ଘାଉଆ,
କାଣ୍ଡେ ଆସି ଫୋଡ଼ିଦେବା ତାଙ୍କ ହସ୍ତୀ । କୃ.ଖ୍ରି.ଶ.ପ.

ଘାଉଡ଼, } ବି. ( ଦେଶଜ ) ସାପକାମୁଡ଼ା ।
ଘାଉଡ଼ି, } ଯଥା—

ଯୁଧିଷ୍ଠିର କ୍ରୋଧ ସର୍ପର ଘାଉଡ଼,
ହେଲେ ଯିବ ମିଳାଇ କୁରୁଙ୍କର ହାଡ । କୃ.ଖ୍ରି.ଉ.ପ.
ଘାଉଡ଼-ଘାଆ ଯେତେ ଫୁଙ୍କିଲେ ଯିବ ଉଡ଼ି,
ନ ଫୁଙ୍କି ରହିଲେ କେହ୍ନେ ବିଷ ଦେବେ ଝାଡ଼ି ।
ନୃ. ପୁ. ଚ. ତ.

ଘାଏ, କ୍ରି. ବିଂ. (ଦେଶଜ) ଏକ ଆଘାତରେ; ଆଘାତରେ । ଯଥା—

ବିତର୍କିଲେ ସେ ମଇନାକ ଉଡ଼ି,
ବଜ୍ର ଘାଏ ବହୁତ ଦୂରେ ପଡ଼ି । ବୈ. ବି.

ଦାଉରେ । ଯଥା—ବୁଡ଼ୀଟିଏ ହେଲାଣି, ହଠାତ୍ ଏଡ଼େ ଘାଏ ନାଆଁ ହୋଇ ଯାଉଅଛି କିଆଁ । (ଗଡ଼ଜାତରେ ସମଧିକ ବ୍ୟବହୃତ) ଥରେ ।

ଘାଗଡ଼ା, } ବି. (ଦେଶଜ) ପରିଧେୟ ବସ୍ତ୍ର-
ଘାଗରି, } ବିଶେଷ ବା ଅଙ୍ଗରକ୍ଷାବିଶେଷ ।

ଘାଗଡ଼ା, ବି. (ଦେଶଜ) କଣ୍ଠାଭରଣବିଶେଷ ।

ଘାଗୁଡ଼ି, } ବି. ସ୍ତ୍ରୀ. (ଘର୍ଘର ଶବ୍ଦଜ) କ୍ଷୁଦ୍ର
ଘାଗୁରି, } ଘଣ୍ଟିକା । ଯଥା—

ନାସ୍ୱାତଳକ ଦ୍ରବ୍ୟ ଫଳକ ବତ,
ଯେ ଯେନ ଶବ୍ଦ ବଚନ ଘାଗୁରିଯୁକ୍ତ । କୋ.ବ୍ର.ସୁ.

କଟିଭୂଷଣବିଶେଷ; ପାଦାଭରଣବିଶେଷ ।

ଘାଟ, } ବି. ସ୍ତ୍ରୀ. (ଘଟ୍ = ହିଂସା କରିବା-
ଘାଟା, } ଇ-ଅ, ସ୍ତ୍ରୀ-ଆ, ଇକ) ଗ୍ରୀବା
ଘାଟିକା, } ଶିରଃସନ୍ଧିର ପଶ୍ଚାଦ୍‌ଭାଗ; ଗ୍ରୀବା । (ଅବଟୁର୍ଘାଟା କୃକାଟିକା—ଅମର ।)

ଘାଟ, ବି. (ଘଟ୍ଟ ଶବ୍ଦଜ) ନଦୀ ପାର ହେବା ସ୍ଥାନ । ଯଥା—

କେତେବେଳେ ଘାଟୁଆଳ ଘାଟ ସାଧି ବାଟେ । ରା.କ.

ଜଳରେ ଅବତରଣ କରି ସ୍ନାନ କରିବା ସ୍ଥାନ । ଯଥା—

ବନେ ଗଲି ମୁଁ ଘାଟେ ନୀର ଆଣି । ଗୋ. ଭ୍ର.

ନଦୀ ପାର କରିବା ମୂଲ । ଯଥା—

ଜଗି ଦଧି ବିକ ଯିବା ବାଟକୁ,
ଗୋପୀଙ୍କି ମାଗନ୍ତି ଦଧି ଘାଟକୁ । ବ. ଚ. ମ.

ଠାଣା, ପ୍ରଧାନ ଦ୍ୱାର । ଯଥା—

ହରି କପିଳାସ ଘାଟ, ହ ଅକ୍ଷର ମଧ୍ୟେ ବାଟ । ଛା.କୋ.

ଦୁଃସହ ଘଟଣା । ଯଥା—

ସେ କଥା ଶୁଣି ଖ୍ରିଷ୍ଟ ମନରେ ବଡ଼ ହସି,
ପାଞ୍ଚିଲେ କଥା ଘାଟ ପଡ଼ିଲା ଏବେ ଆସି । ନୃ.ପୁ.ସ.ତ.

ପର୍ବତ; ଦୁର୍ଗମ ସ୍ଥାନ । ଯଥା—ପୂର୍ବ ଘାଟ, ପଶ୍ଚିମ ଘାଟ ।

ଘାଟି, } ବି. ( ଘଟ୍ଟ ଶବ୍ଦଜ ) ପର୍ବତମଧ୍ୟସ୍ଥ
ଘାଟୀ, } ସଙ୍କୀର୍ଣ୍ଣ ରାସ୍ତା; ଦୁଃସହ ଘଟଣା; ଉତ୍ତପ୍ତ ଲୌହଦ୍ୱାରା ଦାଗ; ଗିରିସଙ୍କଟ; ସନ୍ଧିସ୍ଥଳ; ସଙ୍କଟ ସମୟ, ବିପଦ । ଯଥା—

ଦେଖ ଏତେ ଦିନ ଖାଇଅଛ ଯାହା ଲୁଣ,
ଘାଟି ବେଳ ପଡ଼ିଅଛି ମାନ ତାଙ୍କ ଗୁଣ । ଉ. ସା.

ଘାଟିଆ, } ବି. (ଦେଶଜ) ନଦୀ ପାର କରିବା
ଘାଟୁଆ, } ବ୍ୟକ୍ତି । ଯଥା—

ଉପନତନଯ୍ୟା ତଟେ, କେଳିକଦମ୍ବ ନିକଟେ,
କପଟ ଭେଜଣ ବାଟେ, ସେ ନୂଆ ଘାଟିଆ । ଫ.ସା.

ବିଂ. ଠାଣା ବା ଦୁଃସ୍ଥାନରେ ଯେ ଜଗିଥାଏ । ଯଥା—

ଘମ ଘମ ଘମ ଘମ ପଡ଼ିଲାଣି ଥକା,
ଘାଟିଆ ବାମୁଣଗଣ ସଙ୍ଗେ ବକ ବକ । ଉ. ଭ୍ରୁ.

ଘାଟୁଆଳ, ବି. ( ଦେଶଜ ) ଘାଟ ଜଗିବା ଲୋକ । (ଘାଟ ଶବ୍ଦ ଦେଖ ।)

ଘାଣ୍ଟ, ବି. (ଘଟ୍ଟ ଧାତୁଜ) ଘଟ୍ଟନ; ମିଶାମିଶି ଘାଣ୍ଟ ଛଅଣ । କ୍ରି. ଆଲୋଡ଼ନ କର ।

ଘାଣ୍ଟଚକଟ, ବି. (ଦେଶଜ) ଗୋଳମାଳ ।

ଘାଣ୍ଟତରକାରି, } ବି. ( ଦେଶଜ ) ବେସର
ଘାଣ୍ଟତିଅଣ, } ତରକାରି ।

ଘାଣ୍ଟିଆ, ବି. (ଦେଶଜ) ଶସ୍ୟବିଶେଷ; ତର୍କାରି-ବିଶେଷ । ବିଂ. ଗୋଳିଆ ।

ଘାଣ୍ଟିକ, ବି. ( ଘଣ୍ଟା-ଇକ-ବାଦନାର୍ଥେ ) ଯେଉଁମାନେ ଏକତ୍ରିତ ହୋଇ ଦେବତା ସମ୍ମୁଖରେ ଘଣ୍ଟା ବଜାଇ ଆରାଧନା କରନ୍ତି । ବିଂ. ଘଣ୍ଟାବାଦକ; ସ୍ତୁତିପାଠକ-ବିଶେଷ । (ବୈତାଳିକା ବୋଧକରାସ୍ତାନ୍ତିକା ଘାଣ୍ଟିକାର୍ଥକାଃ—ଅମର ।)

ଘାଣ୍ଟିବା, କ୍ରି. (ଘଟ୍ଟ ଧାତୁଜ) ଗୋଳିବା; ତଳ ଉପର ଆଲୋଡ଼ନ କରିବା ।

ଘାଣ୍ଟିହେବା, କ୍ରି. ( ଘଟ୍ଟଧାତୁରୁ ଅନୁକୃତ ) କାର୍ଯ୍ୟରେ ବ୍ୟସ୍ତ ହେବା, କଳବଳ ହେବା । ଯଥା—

ଘାଣ୍ଟି ହେଉଛୁଁ ମାସ ଭିନ୍ନିଭ୍ର ଶତପଣ-
ନେଣା ଯା ଆମ୍ଭ ବଣ ନୋହିଲୁ ଗୋ । କ.ଚ.ଚ.

ଗୋଳାଇ ହେବା; ବୋଳି ହେବା । ଯଥା—

ପିଲାଦିନେ ଖେଳ ଧୂଳିରେ ଘାଣ୍ଟି ହୋଇ,
ସ୍ୱାମ୍ଭଙ୍କର କୋଳରେ ବସଇ ମୁଁ ଯାଇ । କୃ.ଷ୍ଣା.ସ୍ୱା.ପ.

ଦୁଃଖିତ ହେବା । ଯଥା—

ଖୋରାକ ଯେଉଁ ଦିନ ନ ମିଳେ ଅଳସ୍ମାତେ,
କୁଟୁମ୍ବ ଆକୁଳେ ମନ ଘାଣ୍ଟି ହୁଏ ନତେ । ନୃ.ପ୍ର.ଚ.ତ.

ଘାତ, } ବି. (ହନ୍=ବଧ କରିବା-ଅ, ଅନ,
ଘାତନ, } ହନ୍=ଘାତ୍) ପ୍ରହାର; ବଧ; କ୍ଷତ; ଅଙ୍କଗୁଣନ । (କର୍ତ୍ତୃବାଚ୍ୟରେ ଘାତକ ଓ ଘାତନ ମଧ୍ୟ ହୁଏ ।)

ଘାତୁକ, ବିଂ. (ହନ୍-ଉକ,ହନ୍=ଘାତ୍) ହିଂସ୍ର, ନାଶକ; ନିଷ୍ଠୁର; କ୍ରୂର ।

ଘାନ୍ତ, କ୍ରି. ବିଂ. (ଦେଶଜ) କ୍ଷଣମାତ୍ର । ଯଥା—

କୁଳକୁ ଗୁହିଁ କେ କହନ୍ତ,
ମରଣ ହୋଇଲା ଏ ଘାନ୍ତ । ଭ୍ର. ଦ. ସ୍କ.

ବାର ବା ଥର । ଯଥା—

ସେଥି ସ୍ନାନ କଲେ ହୁଏ ଯେତେ ଫଳଶ୍ରୁତି,
ଏକ ଘାନ୍ତ ମଥା ଯେହ୍ନେ ସେ ତୀର୍ଥେ ବୁଡ଼ାନ୍ତି । ସା.ଭ୍ର.ଆ.

ଘାନ୍ତେ, କ୍ରି. ବିଂ. (ଦେଶଜ) କ୍ଷଣେ; ଥରେ ।

ଘାବର, ବିଂ. (ଦେଶଜ) ଅସ୍ତବ୍ୟସ୍ତ; ଭୀତ ।

ଘାବରେଇବା, କ୍ରି. (ଦେଶଜ) ଭୀତ ହେବା ।

ଘାବା, ବିଂ. (ପ୍ରାକୃତ ଘାବ ଶବ୍ଦଜ) କ୍ଷତବିକ୍ଷତ ।

ଘାରିବା, କ୍ରି. (ଘୂର୍ଣ୍ଣି ଶବ୍ଦଜ) ଘୋଟିବା । ଯଥା—

ଅଙ୍ଗ ଘାରଇ ଯାର ଅନଙ୍ଗବାଣ । ମେ. ଦୂ.

ଘାଲିବା; ଢୁଳାଇବା; ଲାଗିବା କିମ୍ବା ବୋଧ ହେବା । ଯଥା—

ବେର କ ହୁଏ ଭୋର,
ବିଷପ୍ରାୟେ ଘାରେ ମୋ ଶରୀର । ବୈ. ବି.

ଘାରିମାନ, ବିଂ.(ଘୂର୍ଣ୍ଣମାନ ଶବ୍ଦଜ) ବିକ୍ଷୋଭିତ । ଯଥା—

ଏରୂପେ କନ୍ୟାଯାକ ହୋଇଣ ଘାରିମାନ,
ମନକୁ ହିଙ୍ଗାସନ୍ତ ହୃଦରେ ବିଷ୍ଣୁ ଚିହ୍ନି । ନୃ.ପ୍ର.ଭୂ.ତ.

ଘାରିହେବା, କ୍ରି. (ଘୂର୍ଣ୍ଣ୍ ଧାତୁଜ) ବିକ୍ଷୋଭିତ ହେବା । ଯଥା—

ବିଦେହେ ବିଦେହଶରେ ହୋଇଲେ ଘାରି । ବୈ. ବି.

ଘାଲି, ବି. ( ଦେଶଜ ) ମିଥ୍ୟାରେ ଶୋଇଲା ପ୍ରାୟ ହେବା, ଠେଲ ଠେଲ ଅବସ୍ଥା ।

ଘାଲିପଡ଼ିବା, କ୍ରି. ( ଦେଶଜ ) ଶୋଇବାର ବାହାନା କରିବା, ଚେଇଁ ଶୋଇବା ।

ଘାଲିବା, କ୍ରି. ( ଦେଶଜ ) ଠେଲିବା; ପେଷଣ କରି ମିଶାଇବା ।

ଘାଲିହେବା, କ୍ରି. ( ଦେଶଜ ) ମିଥ୍ୟାରେ ଶୋଇଥିଲା ପରି ହେବା, ଠେଲିବା ।

ଘାଲୁ, ବି. ( ଦେଶଜ ) ଖେଳିବା ନିମନ୍ତେ ବସାଇଥିବା କଉଡ଼ି ଗଦା ।

ଘାସ, ବି. ( ଘସ୍=ଭକ୍ଷଣ କରିବା-ଅ ) ଦୁର୍ବାତୃଣ ।

ଘାସି, ବି. (ଘସ୍=ଭକ୍ଷଣ କରିବା-ଇ) ଅଗ୍ନି । (ଦେଶଜ) ପଞ୍ଚମଜାତିବିଶେଷ, ମେହେନ୍ତର; ଏକପ୍ରକାର ବୈଦିକ ବ୍ରାହ୍ମଣ । (ସାରୁଆ ଶବ୍ଦ ଦେଖ ।)

ଘାସିଆ, } ବି. (ଦେଶଜ) ଯେ ଘାସ ବିକ୍ରୟ
ଘାସିଆରି, } କରେ; ଯେ ଘୋଡ଼ା ନିମନ୍ତେ ଘାସ କାଟେ ।

ଘିଅ, ବି. (ଘୃତ ଶବ୍ଦଜ ପ୍ରାକୃତ) ଘୃତ ।

ଘିଅକୁଆଁଷି, ଘିଅକୁଆର, ଘିକୁଆର, } ବି. ସ୍ତ୍ରୀ. (ଘୃତକୁମାରୀ ଶବ୍ଦଜ) ଗୁଳ୍ମବିଶେଷ ।

ଘିଅକୋରୁଅ, ବି. (ଦେଶଜ) ଲହୁଣୀକୁ ନିଆଁରେ ବସାଇବା ।

ଘିଙ୍ଗାରହେବା, କ୍ରି. (ଦେଶଜ) ଖେଙ୍କାର ହେବା, ରାଗରେ ଧମକାଇବା ।

ଘିଞ୍ଚିବା, କ୍ରି. (ଗଡ଼ଜାତରେ ବ୍ୟବହୃତ) ଟାଣିବା ।

ଘିଡ଼ଘିଡ଼, ବି. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ଝମକ ଦମା ଢୋଲ ନିଶାଣ ଘିଡ଼ଘିଡ଼ । ନୃ.ପ୍ର.ସ.ଚ

ଶ୍ଳେଟ ଶଗଡ଼ର ଶବ୍ଦ ।

ଘିତିବା, କ୍ରି. (ଦେଶଜ) ଘେନିବା କିମ୍ବା ଗ୍ରହଣ କରିବା; ନେବା; ଶୋଷ ପାଇବା; ପ୍ରକୋପ ହେବା । ଯଥା—ଘା ଘିନିବା ।

ଘିନଘିନ, ଘିନଘିନି, } ବିଂ. (ଘୃଣା ଶବ୍ଦଜ) ଘୃଣାଜନକ ।

ଘିନଖାଇବା, କ୍ରି. (ସମ୍ବଲପୁରରେ ବ୍ୟବହୃତ) କିଣି ଖାଇବା ।

ଘିନାଇବା, ଘିନେଇବା, } କ୍ରି. (ଦେଶଜ) ଶୋଷ ପାଇବା ।

ଘିମିରି, ଡିମିରି, } ବି. (ଘର୍ମ କିମ୍ବା ଘର୍ମଚର୍ଚ୍ଚିକା ଶବ୍ଦଜ) ଝାଳ ହେତୁରୁ ହେବା କଣ୍ଡୁବିଶେଷ ।

ଘିର୍‌କୋଇ, ବି. (ଦେଶଜ) ଷଣ୍ଢକୁ ଡାକିବା ଶବ୍ଦବିଶେଷ ।

ଘିରଘିରାଇବା, କ୍ରି. (ଦେଶଜ) ଗୃହଆଡ଼େ ବୁଲାଇବା । ଯଥା—

ଖଡ୍ଗକ ଅଗ୍ରରେ ହାତ ପୂରାଇ,

ଓଟାରି ନେଲା ସେ ଘିରଘିରାଇ । ହା. ଚ.

ଘୁଘୁ, ଅଂ. (ଦେଶଜ) ଶବ୍ଦାନୁକରଣବିଶେଷ । ଯଥା—ପବନ ଘୁ ଘୁ ବହୁଅଛି । ବି. ପକ୍ଷିବିଶେଷ, ବନକପୋତ ।

ଘୁଘୁହେବା, କ୍ରି. (ଦେଶଜ) ଘୁ ଘୁ ଶବ୍ଦ କରିବା । ଯଥା—ପେଟ ଘୁ ଘୁ ହେଉଅଛି ।

ଘୁଙ୍ଗା, ବି. (ଦେଶଜ) କାପତା ପକ୍ଷୀ । ବିଂ. ମୂକ; ବାକ୍‌ଶକ୍ତିହୀନ ।

ଘୁଙ୍ଗୀ, ବି.ସ୍ତ୍ରୀ. (ଦେଶଜ) ବାକ୍‌ଶକ୍ତିରହିତା ସ୍ତ୍ରୀ ।

ଘୁଙ୍ଗୁଡ଼ି, ଘୁମୁଡ଼ି, } ବି. (ଦେଶଜ) ଶୟନକାଳରେ ନାସିକାର ଉଚ୍ଚ ଶବ୍ଦ; ବନ୍ଦ ଗୁରୁଜ ନଥିବା କବାଟକୁ ଭୂମିରେ ଯେଉଁ କାଷ୍ଠଖଣ୍ଡ ପୋତି ତାର ଉପରେ ରଖନ୍ତି ସେହି କାଷ୍ଠଖଣ୍ଡ ।

ଘୁଙ୍ଗୁଡ଼ା, ଘୁଙ୍ଗୁଡ଼ିଆ, ଘୁଙ୍ଗୁଡ଼ିପୁଆ, } ବିଂ. (ଦେଶଜ) ଯେ ବିଶେଷ ଘୁଙ୍ଗୁଡ଼ି ମାରଇ । ଯଥା—

ବ୍ୟସ୍ତ ହୋଇ କହେ ଅଲସୀପଣ,

ଘୁମା ଘୁଙ୍ଗୁଡ଼ିପୁଆ ପାଡ଼ୁରୀ ଖଣ । ହା. ଚ.

ଘୁଙ୍ଗୁର ବି. (ଦେଶଜ) କଟିଦେଶର ଅଳଙ୍କାରବିଶେଷ; ଘାଗୁଡ଼ି; ପାଦର ଆଭରଣବିଶେଷ ।

ଘୁଞ୍ଚା, ବି. (ଦେଶଜ) ଅପସରଣ, ଆଗ ବା ପଛକୁ ଗୃଳିଯିବା ।

ଘୁଞ୍ଚାଇବା, କ୍ରି. (ଦେଶଜ) ସ୍ଥାନାନ୍ତର କରିବା । ଯଥା—

କ୍ଷଣେ କ୍ଷଣେ କପୋଳୁଁ ଘୁଞ୍ଚାଉଥିବ । ମେ. ଦୂ.

ଦୂର କରିବା କିମ୍ବା ନାଶ କରିବା । ଯଥା—

ରସନାଧରେ ଏ ବିଧିରେ

ବିଞ୍ଚାନ୍ତି ଘୁଞ୍ଚାନ୍ତି ଅଳପ ତାପ । ବି.ଚ.ମ.

ଘୁଞ୍ଚିବା, କ୍ରି. ସ୍ଥାନାନ୍ତର ହେବା; ଦୂର ହେବା ।

ଘୁଟ, ଘୁଟି, ଘୁଟୀ, ଘୁଟିକା, ଘୁଟିକ, } ବି. ସ୍ତ୍ରୀ. (ଘୁଟ୍ = ବ୍ୟାଘାତ କରିବା-ଅ, ଇ, ଈ, କ-ସ୍ୱାର୍ଥେ, ଆ) ଗୁଳ୍‌ଫ, ଗୋଇଠି ।

ଘୁଡ଼ୀ, ବି. ସ୍ତ୍ରୀ. (ଘୂର୍ଣ୍ଣି ଶବ୍ଦଜ) କାଗଜରେ ପ୍ରସ୍ତୁତ ଶୂନ୍ୟଗାମୀ କ୍ରୀଡ଼ନକବିଶେଷ; କାଗଜଚିଲ ।

ଘୁଡୁକ, ଧୁଡୁକ, } ବି. (ଦେଶଜ) ଏକପ୍ରକାର ବାଦ୍ୟ । ଯଥା—

ଯୋଡ଼ିକ ମୋଡ଼ି ଦେଇ ଆଉଁସିଲେ ଢେଙ୍କ,

ସିଂହଦ୍ୱାରେ ହେଲେ ବଜାଇ ଘୁଡୁକ । କୃ.ଖ.ଆ.ପ

ଘୁଣ, ବି. (ଘୁଣ୍ = ଭ୍ରମଣ କରିବା-ଅ) କାଠ-
କୀଟବିଶେଷ । ଯଥା—ଘୁଣାକ୍ଷର ନ୍ୟାୟ ।

ଘୁଣ୍ଟ, } ବି. (ଘୁଟ୍ = ବ୍ୟାଘାତ କରିବା-ଅ,
ଘୁଣ୍ଟକ, } ମ ଆଗମ, କ-ସ୍ୱାର୍ଥେ) ଗୁଲ୍‌ଫ,
ଗୋଇଠି ।

ଘୁଣ୍ଟିକ, } ବି. ସ୍ତ୍ରୀ. ସଂ. ବନସ୍ଥ କରୀଷ,
ଘୁଣ୍ଟିକା, } ବଣଘସି ।

ଘୁଣ୍ଡି, } ବି. (ଦେଶଜ) ବୋତାମ ।
ଗୁଣ୍ଡି,

ଘୁମ, ବି. ( ଘୂର୍ଣ୍ଣ ଶବ୍ଦଜ ) ନିଦ । ଯଥା—
ବିଷ୍ଣୁମାୟାରେ ପୁଣ ଲାଗିଲା ମାୟାଘୁମ,
ସ୍ୱପନ ଚେଷ୍ଟା ଦେଖି ଦେଖିଲେ ଜ୍ୟୋତିବ୍ରହ୍ମ ।
ନୃ. ପୁ. ତୃ. ଚ.
ଢୁଳା । ଯଥା—
ପଙ୍ଖା ବାନ୍ଧୁଥିଲା ପଛରେ ରହି,
ଘୁମ ଯୋଗେ ତାହା ଦେଲା ପକାଇ । ସ୍ୱା. ଚ.
(ଦେଶଜ) ଶସ୍ୟାଦି ରଖିବା ନିମିତ୍ତ ମାଟିରେ
ପ୍ରସ୍ତୁତ ବଡ଼ ବଡ଼ ପାତ୍ରବିଶେଷ ।

ଘୁମଟା, ବି. (ଦେଶଜ) ଘୋଡ଼ଣୀ; ଓଢ଼ଣା ।

ଘୁମା, ବି. (ଦେଶଜ) ଶସ୍ୟାଦି ରଖିବା ନିମନ୍ତେ
ମାଟିର ବଡ଼ ପାତ୍ର; ଗୋରୁର ରୋଗ-
ବିଶେଷ, ଏଥିରେ ଗୋରୁ ସର୍ବଦା ଆଖି
ବୁଜିଥାଏ; ଢୁଳା, ନିଦ । ବିଂ. ଯେ ଘୁମାଏ
ବା ଢୁଳାଏ ।

ଘୁମାଇବା, } କ୍ରି. (ଘୂର୍ଣ୍ଣ୍ ଧାତୁଜ) ଢୁଳାଇବା;
ଘୁମେଇବା, } ଅମଳରେ ଘାରିହେବା ।
ଯଥା—
ଘୁମାଇବାର ସମ୍ଭବ ନାହିଁ କି ? କ. ଚ. ଚ.
ବୁଲାଇବା; ଆଘାତାଦିରୁ ଭ୍ରମ ପାଇବା ।
ଯଥା—
ଭୀମର ମୁଥଘାତେ କର୍ଣ୍ଣବୀର ଘୁମାଇ,
ଅଶ୍ୱତ୍ଥାମା ରଥ ଟେକିଲେ ବ୍ୟଗ୍ର ନେଇଁ । ସା. ଭା. ଆ.

ଘୁମିବା, କ୍ରି. (ଘୂର୍ଣ୍ଣ୍ ଧାତୁଜ) ବୁଲିବା ।

ଘୁମୁଘୁମୁ, ଅଂ. ( ଦେଶଜ ) ଶବ୍ଦାନୁକରଣ-
ବିଶେଷ । ଯଥା—
ଘୁମୁଘୁମୁ ଘୁମୁରା ଶୁଭଇ ଭେରୀ ନାଦ । ନୃ.ପୁ.ପ୍ର.ଚ.

ଘୁମୁରା, ବି. (ଦେଶଜ) ବାଦ୍ୟବିଶେଷ ।
( ଘୁମୁଘୁମୁ ଶବ୍ଦ ଦେଖ ) ଘୁମୁରିବା;
ଘୁମୁରିବାର ଶବ୍ଦ ।

ଘୁମୁରିବା, କ୍ରି. (ଘୂର୍ଣ୍ଣ୍ ଧାତୁଜ) ଶବ୍ଦବିଶେଷ
କରିବା କିମ୍ବା ଗର୍ଜିବା । ଯଥା—
ଭିକ୍ଷାଣୀ ଲୋକ ଆସି ମାଗିବ ଯେବେ ଦ୍ୱାରେ,
ଚକ୍ଷୁ ତାକୁ ତରାଟି ଘୁମୁରଇ ଘରେ । ନୃ. ପୁ. ପ୍ର. ଚ.
ଘାରିବା । ଯଥା—ପାରା ଘୁମୁରିବା ।

ଘୁରଣ, ବି. (ଘୂର୍ଣ୍ଣନ ଶବ୍ଦଜ) ଘୂର୍ଣ୍ଣନ; ବୁଲିବା ।

ଘୁରଣିଆ, ବିଂ. ( ଘୂର୍ଣ୍ଣ୍ ଧାତୁଜ ) ଘୂର୍ଣ୍ଣମାନ;
ଭ୍ରମଯୁକ୍ତ ।

ଘୁରାଇବା, କ୍ରି. (ଘୂର୍ଣ୍ଣ୍ ଧାତୁଜ) ବୁଲାଇବା ।
ଯଥା—
ଦକ୍ଷିଣ କରେ ପଦ୍ମଯୋନି,
ଧୀରେ ଘୁରାନ୍ତି ଅନ୍ତର୍ଯ୍ୟାମୀ । ଭା. ଦ. ସ୍କ.

ଘୁରାଘୁର, ବି. ( ଘୂର୍ଣ୍ଣ୍ ଧାତୁଜ ) ବୁଲାବୁଲି,
ଚଉଆଡ଼େ ବୁଲିବା । ଯଥା—
ବସ୍ତ୍ରାଙ୍କ ଲଞ୍ଜ ଯୋଏ ଧରି,
ଯେସନେ ହୁଲନ୍ତି ଘୂରାଘୂରି । ଭା. ଦ. ସ୍କ.
ଚେର ମୂଳ ଔଷଧ ।

ଘୁରିବା, } କ୍ରି. ( ଘୂର୍ଣ୍ଣ୍ ଧାତୁଜ ) ଚଉଆଡ଼େ
ଘୂରିବା, } ବୁଲିବା । ଯଥା—
ସଂଶୟ ପ୍ରବାହେ ଚନ୍ତାକୁଳ ମନ ବୁଲିଲା ଘୂରି । ଉଷା.

ଘୁର୍ଘୁର, ବି. (ଘୁର୍ = ଅନୁକରଣ ଶବ୍ଦ-ଘୁର୍-
ଶବ୍ଦ କରିବା-ଅ) ଘୁର୍ଘୁରିଆ ପୋକ; ଶବ୍ଦ-
ବିଶେଷ; କଳକତରା ।

ଘୁର୍ଘୁରିକା, ବି. ସ୍ତ୍ରୀ (ଘୁର୍ଘୁର = ଘରଘର ଧ୍ୱନି-
ଇକ-ଅସ୍ତ୍ୟର୍ଥେ-ଆ) ରୋଗବିଶେଷ; ଗଳା
ଘଡ଼ଘଡ଼ ।

ଘୁଲଘୁଞ୍ଚା, ବି. ( ଦେଶଜ ) ଖେଳବିଶେଷ ।
(ଚଉରଙ୍ଗି ଶବ୍ଦ ଦେଖ । )

ଘୁଷ୍, ଘୁସ୍, ବି. (ଯାବନିକ) କାର୍ଯ୍ୟସିଦ୍ଧି ନିମିତ୍ତ
ଗୋପନରେ ଦେବା ଧନ, ଉତ୍କୋଚ ।

ଘୁଷ୍‌ଖୋର, ବିଂ. ( ଯାବନିକ ) ଲାଞ୍ଚୁଆ, ଯେ
ଉତ୍କୋଚ ନେଇ କାର୍ଯ୍ୟ କରେ ।

ଘୁଷା, } ବି. ( ଦେଶଜ ) କ୍ରୋଧ ।
ଘୋଷା, } ଯଥା—

ନ ପାଇଲେ ସେମାନଙ୍କଠାରୁ ଅଣ୍ଟାଖୁସା,
ଚମକବ ଦେଖି ବୀରମାନଙ୍କର ଘୁଷା । ଉ. ଭ୍ରୁ.

ଘୁଷା, } ବି. ( ଦେଶଜ ) ପରସ୍ପର ବନ୍ଧୁ-
ଘୁଷି, } ଭାବରେ ମୁଷ୍ଟିପ୍ରହାର, ମୁଷ୍ଟି ।

ଘୁଷାଘୁଷି, ବି. (ଦେଶଜ) ମୁଥ ମରାମରି ।

ଘୁଷିତ, } ବିଂ. ( ଘୁଷ୍ = ଶବ୍ଦ କରିବା-ତ )
ଘୁଷ୍ଟ, } ଶବ୍ଦିତ, ନାଦିତ । ବି. ଘୋଷଣା ।

ଘୁଷିବା, କ୍ରି. ବଳପୂର୍ବକ ପ୍ରବେଶ କରିବା ।

ଘୁଷୁରି, } ବି. ( ଘୃଷ୍ଟି ଶବ୍ଦଜ ) ଗ୍ରାମ୍ୟ
ଘୁଷୁରି, } ଶୂକର ।

ଘୁଷୁରିଆ, } ବିଂ. ( ଦେଶଜ ) ଶୂକର-
ଘୁସୁରିଆ, } ରକ୍ଷକ ।

ଘୁଷୁରିଆଛପା, } ବି. (ଦେଶଜ) ଖଜୁରିପତ୍ରରେ
ଘୁସୁରିଆପଟି, } ବୁଣା ହୋଇଥିବା ଏକ-
ପ୍ରକାର ଆସନ ।

ଘୁଷୁରିବା, } କ୍ରି. ଭୂମିରେ ଲୋଟିବା ।
ଘୁସୁରିବା, }

ଘୁସ୍କୀ, ବି. ସ୍ତ୍ରୀ. (ଦେଶଜ) ଗୁପ୍ତବେଶ୍ୟା, ଯେ
ସ୍ତ୍ରୀ ଗୋପନରେ ଉପଦେଶ କରେ ।

ଘୁସୃଣ, ବିଂ. (ଘୁନ୍ସ୍ = ଭୂଷିତ କରିବା-ଋଣ)
କୁଙ୍କୁମ ।

ଘୂକ, ବି. (ଘୂ = ଅନୁକରଣ ଶବ୍ଦ-କୈ = ଶବ୍ଦ
କରିବା-ଅ) ପେଚକ ।

ଘୂର୍ଣ୍ଣି, } ବି. (ଘୂର୍ଣ୍ଣ = ଘୁରିବା-ଅ, ଅନ, ଇ)
ଘୂର୍ଣ୍ଣନ, } ପରିଭ୍ରମଣ । (କର୍ମବାଚ୍ୟରେ
ଘୂର୍ଣ୍ଣି, } କ୍ତପ୍ରତ୍ୟୟ ହେଲେ ଘୂର୍ଣ୍ଣିତ ହୁଏ)

ଘୂର୍ଣ୍ଣାୟମାନ, ବିଂ. [ଘୂର୍ଣ୍ଣ୍-ଆୟ (ନାମଧାତୁ)-
ମାନ] ଯେ ମଣ୍ଡଳାକାରରେ ପରିଭ୍ରମଣ
କରୁଅଛି ।

ଘୂର୍ଣ୍ଣ୍ୟମାନ, ବିଂ. [ଘୂର୍ଣ୍ଣ୍-ମାନ-(ଶାନ), ଯ
ଆଗମ] ଭ୍ରାମିତ, ଯେ ଘୁରି ଯାଇଅଛି ।

ଘୃଣା, ବି. ସ୍ତ୍ରୀ. (ଘୃଣ୍ = ଦୀପ୍ତି ପାଇବା-ଅ-ଆ,
ଅଥବା ଘୃ = ସେକ କରିବା-ଣ-ଆ, କାରୁ-
ଣ୍ୟରେ ହୃଦୟକୁ ଆର୍ଦ୍ର କରେ ବୋଲି)
ଦୟା; ଅବଜ୍ଞା, ଅଶ୍ରଦ୍ଧା; କୁତ୍ସିତ ବା
ଦୁର୍ଗନ୍ଧ ବସ୍ତୁ ପ୍ରତି ବିରାଗ; ଲଜ୍ଜାବୋଧ;
ଜୁଗୁପ୍ସା ।

ଘୃଣି, ବି. (ଘୃଣ୍ = ଦୀପ୍ତି ପାଇବା-ଇ) ଚନ୍ଦ୍ର ଓ
ସୂର୍ଯ୍ୟଙ୍କ କିରଣ; ସୂର୍ଯ୍ୟ; ଶିଖା । (ଘୃ =
ସେଚନ କରିବା-ନି) ତରଙ୍ଗ; ଜଳ ।

ଘୃଣିତ, ବିଂ. (ଘୃଣ୍-ତ କିମ୍ବା ଘୃଣା-ଇତ—
ଯାହାକୁ ସମସ୍ତେ ହେୟଜ୍ଞାନ କରନ୍ତି)
ନିନ୍ଦିତ; ଅବଜ୍ଞାତ; ଅନୁଗ୍ରହପ୍ରାପ୍ତ; ଦୟାର୍ହ ।

ଘୃତ, ବି. (ଘୃ = କ୍ଷରିତ ହେବା, ଦୀପ୍ତି ପାଇବା-
ତ) ଆଜ୍ୟ, ଘିଅ; ଜଳ; ଦୀପ୍ତି । ବିଂ. ଦୀପ୍ତ ।

ଘୃତକୁମାରୀ, ବି. ସ୍ତ୍ରୀ. ସଂ. (ଏହାର ସହିତ
କୁମାରୀର କୋମଳ ଓ ସୁନ୍ଦରତାର ଉପମା
ହୁଏ ବୋଲି) ଘିଅକୁଆଁରିଗଛ ।

ଘୃତାଚୀ, ବି. ସ୍ତ୍ରୀ. (ଘୃତ-ଅନ୍ଚ୍ = ପୂଜା
କରିବା-କ୍ୱିପ୍-ଈ) ଅପ୍ସରାବିଶେଷ ।

ଘୃମ, ବି. (ଘର୍ମ ଶବ୍ଦଜ) ଘର୍ମ । ଯଥା—
ଚର୍ମଗୋଟି ରହିଅଛୁ ତେଜ ଶୀତ ଘୃମେ,
ଉଦରଗୋଟି ଅଛୁ କେବଳ ଭକ୍ଷ୍ୟ କର୍ମେ ।
ନୃ. ସୁ. ସ. ଭ.

ଘୃମିତ, ବିଂ. (ଘର୍ମାକ୍ତ ଶବ୍ଦଜ) ଘର୍ମଯୁକ୍ତ ।

ଘୃଷ୍ଟ, ବିଂ. (ଘୃଷ୍=ଘର୍ଷଣ କରିବା-ତ) ମାର୍ଜିତ;
ଯାହା ଘଷା ଯାଇଅଛି । ବି. ଗନ୍ଧଦ୍ରବ୍ୟ-
ବିଶେଷ, ଅଗୁରୁ ପ୍ରଭୃତି । (ଭାବବାଚ୍ୟରେ
'ତି' ପ୍ରତ୍ୟୟ କଲେ ଘୃଷ୍ଟି ହୁଏ ।)

ଘେତିବା, କ୍ରି. (ଗ୍ରହଣାର୍ଥ ପ୍ରାକୃତ ଘେତ୍ତ
ଧାତୁଜ) ଗ୍ରହଣ କରିବା । ଯଥା—
ରାଜାର ଆଜ୍ଞାରେଣ ମନ୍ତ୍ରୀ,
ଦେଖିଲେ କରେ ପାଞ୍ଜି ଘେତି । ମା. ମା.

ଘେନା, ବି. (ଦେଶଜ) ଗ୍ରହଣ । ଯଥା—
ମୋ ଦୋଷଯାକ ମିତ୍ର ! ଘେନା ନ କର । ଛ.ବ.
ବିଂ. ଗ୍ରହଣ କରାଯିବା, ଗୃହୀତ । କୌଣସି
କୌଣସିଠାରେ "ଯେ ଗ୍ରହଣ କରେ" ଏ
ଅର୍ଥ ପ୍ରଦାନ କରେ । ଯଥା—
କାହିଁ ଛନ୍ତି ଗୋପାଙ୍ଗନା ଜୀବନଘେନା,
ସଜନ ଶୋ । ଭି. କ.

ଘେନାଇବା, କ୍ରି. ( ଦେଶଜ ) ବୁଝାଇବା । ଯଥା—

ଘେନାଇ ଆମ୍ଭେ ଯେତେ କହିଲୁଁ ଗୋ,
ଘେନିଲୁ ନାହିଁ ବାଳା ପଢ଼ିଲୁ ଗୋ । କ. ଚ. ଚ.

ମନାଇବା; ଘେନାଇ କଥା କହିବା । ଯଥା—

ଏ ନୁହଇ ଘେନ ତୁମ୍ଭଙ୍କୁ କେମନ୍ତ ଦିଶିଲା । ଲ. ବ.

ରଞ୍ଜାଇବା । (ମନ ଓ ହୃଦୟ ଶବ୍ଦ ପ୍ରତି ପ୍ରଯୋଜ୍ୟ) ଯଥା—

ରହସ୍ୟେ ମନ ଘେନାଇବ । ପ୍ରେ. ସୁ. ନି.

ଗ୍ରହଣ କରାଇବା ।

ଘେନାକ, ବି. (ଗ୍ରାହକ ଶବ୍ଦଜ) ଯେ ଭାବ-ଗ୍ରହଣ କରି ପାରେ, ଭାବୁକ ।

ଘେନାଘେନ, ବି. (ଦେଶଜ) ଠେକାଠେକି କରିବା, ତୋଷାମଦ, ଗୁଠୁ । ଯଥା—

ଘନପୀନସ୍ତନା ଭୃରୁବେଣୀ,
ଘେନାଘେନ କେତେ ଜାଣୁ ପୁଣି । କା. ଚ.

ଭାବ । ଯଥା—

ଘେନାଘେନ ଚମତ୍କାର, ଭାବନା ତୋର ତାହାର । ସଙ୍ଗୀତ ।

ଘେନି, ଅ°. (ଦେଶଜ) ନିମନ୍ତେ, ପାଇଁ । ଯଥା—

ତୋ ଘେନି ତମାଳଶ୍ୟାମ ମୋ ମରଜ କଷିଲା । କ. ଚ. ଚ.

ହେତୁରୁ । ଯଥା—

ମାରି ତସ୍କର ଘେନି ଦରି ଅଛୁ । ଲ. ବ.

କ୍ରି. ଗ୍ରହଣ କରି ।

ଘେନିବା, କ୍ରି. (ଗ୍ରହ୍ ଧାତୁଜ ପ୍ରାକୃତ ଗେଣ୍ହରୁ ଜାତ) ଗ୍ରହଣ କରିବା । (ଗଡ଼ଜାତରେ) କିଣିବା ।

ଘେନିଯିବା, କ୍ରି. (ଦେଶଜ) ଧରି ବାହାରି-ଯିବା ।

ଘେର, } ବି. (ଦେଶଜ) ବେଷ୍ଟନ, ବାଡ଼ ।
ଘେରା, } ଯଥା—

ତୋର ଲାଗି ଘେର ପଡ଼ିବା ହେବଟି । କ.ଚ.ଚ.

ପାଚେରୀ, ବେଢ଼, ପରିଧି ।

ଘେରଣ, ବି. (ଦେଶଜ) ବେଷ୍ଟନ । ବି°. ବେଷ୍ଟିତ ।

ଘେରବନ୍ଧ, ବି. (ଦେଶଜ) ବାଡ଼, ବାଡ଼ାବନ୍ଧ ।

ଘେରାଇବା, କ୍ରି. ( ଦେଶଜ ) ଚତୁର୍ଦ୍ଦିଗରୁ ଆବରଣ କରିବା ।

ଘେରିବା, କ୍ରି. (ଦେଶଜ) ବାଡ଼ବେଢ଼ିବା; ଚତୁର୍ଦ୍ଦିଗରେ ଆବରଣ କରିବା; ବେଷ୍ଟନ କରିବା ।

ଘୈତା, } ବି. (ଗୃହୀତା ପଦଜାତ) ପତି ।
ଘଇତା, } ଯଥା—

ଦୁର୍ଯୋଧନ ବୋଇଲେ ଆସି ସେ ସଭାକୁ,
ପଚାରନ୍ତୁ ଏହା ସେ ତାଙ୍କର ଘଇତାକୁ । କୃ.ଭା.ସ.ପ.

ଘୋଘା, } ଅ°. (ଦେଶଜ) ଗୋଳମାଳ ସୂଚକ
ଘୋଘୋ, } ଅନୁକରଣ ଶବ୍ଦ । ଯଥା—

ପଶେ ଘୋଘୋ ରବେ ଯଥା ନକ୍ରୀକୁଳେଶ୍ୱରୀ । ମ.ଯା.

ଘୋଟ, } ବି. (ଘୁଟ୍ = ପ୍ରତ୍ୟାବର୍ତ୍ତନ କରିବା-
ଘୋଟକ, } ଅ, ଅକ, ଯେ ଭୂମିରେ ପ୍ରତ୍ୟାବୃତ୍ତ ହୋଇ ଲୁଣ୍ଠିତ ହୁଏ) ଅଶ୍ୱ, ଘୋଡ଼ା ।

ଘୋଟ, ବି. (ଦେଶଜ) ଭେଲକ । ଯଥା—

ବଦୂର ଧନ ଯାହାର ତାକୁ ଘୋଟ ଲଗାଇ
କି କଲ ଦଇବ । ବୈ.ବି.

ଗିଲଟ ବା ଗୁଣ୍ଡଣି । ଯଥା—

ସେ ସାଙ୍ଖୁ ଉପରେ ହୋଇଛୁ ସୁନା ଘୋଟ ।
କୃ. ଭ. ବ. ପ.

ବି°. ଅଧିକ । କ୍ରି. ମର୍ଦ୍ଦନ କରି ।

ଘୋଟଣ, ବି. (ଦେଶଜ) ଘୋଟିବା, ପେଷଣ ।

ଘୋଟଣା, ବି. (ଦେଶଜ) ଚଷାଙ୍କପାଇଁ ବିଲକୁ ନେଇ ଦେବା ଅନ୍ନ ବ୍ୟଞ୍ଜନାଦି ।

ଘୋଟା, ବି. (ଦେଶଜ) ଘୋଟିବା; ଭାଙ୍ଗ ନାସ ପ୍ରଭୃତି ଘୋଟିବା ପାତ୍ରବିଶେଷ ।

ଘୋଟାବାଡ଼, ବି. (ଦେଶଜ) ନାସ ଚୂରିବା ଓ ଭାଙ୍ଗ ଘୋଟିବା ଠେଙ୍ଗା ।

ଘୋଟିବା, କ୍ରି. (ଦେଶଜ) ମର୍ଦ୍ଦନ କରିବା କିମ୍ବା ବାଟିବା । ଯଥା—

ଘୋଟି କତବ ମୂଳ । କ. ଚ. ଚ.

ବ୍ୟାପିବା । ଯଥା—ବନରେ ଦାବାଗ୍ନି ଘୋଟିଲା । ଆଚ୍ଛାଦିବା । ଯଥା—ମେଘ ଘୋଟିଅଛି ।

ଘୋଡ଼, ବି. (ଦେଶଜ) ଆଚ୍ଛାଦନ । ବି°. ପ୍ରଚ୍ଛନ୍ନ, ଗୁପ୍ତ ।

ଘୋଡ଼ଚ, ବି. (ଦେଶଜ) କାଠର ବେଞ୍ଚ, ଦ୍ରବ୍ୟାଦି ରଖିବା ନିମନ୍ତେ କାଷ୍ଠନିର୍ମିତ ଚତୁଷ୍ପଦ ଆସନବିଶେଷ ।

ଘୋଡ଼ଣା, ଘୋଡ଼ଣୀ, ଘୋଡ଼ଣି, ବି. ସ୍ତ୍ରୀ. (ଦେଶଜ) ଢାଙ୍କୁଣୀ । ଯଥା---

ଗେଲା ଘୋଡ଼ଣୀକି ମନ୍ତ୍ରିକ ଦ୍ୱାରି । ସଙ୍ଗୀତ ।

ଘୋଡ଼ମେଇବା, ଘୋଡ଼ମ୍ଭେଇବା, ବି. ( ଦେଶଜ ) ଶିଶୁମାନଙ୍କର ହାମୁଡ଼ିବା ।

ଘୋଡ଼ଲାଗି, ବି. ( ଦେଶଜ ) ଜଗନ୍ନାଥ ମହାପ୍ରଭୁଙ୍କର ଶୀତକାଳର ବସ୍ତ୍ରଭୂଷଣବିଶେଷ । ଯଥା—

ଦାରୁବ୍ରହ୍ମରୁ କେ ବଡ଼ ଘୋଡ଼ଲାଗି
କାଡ଼ିକୁ ତରିଣ । ଲ. ବି.

ଘୋଡ଼ା, ବି. (ଘୋଟକ ଶବ୍ଦଜ) ଅଶ୍ୱ; କଦଳୀବୃକ୍ଷର ଗଣ୍ଡି । (ଦେଶଜ) ବି. ଆଚ୍ଛାଦନ । ବିଂ. ଆଚ୍ଛାଦିତ ।

ଘୋଡ଼ାଇବା, ଘୋଡ଼େଇବା, ଘୋଡ଼ିବା, କ୍ରି. ଢାଙ୍କିବା । ଯଥା—

ବଢ଼ିଲେ ଜଡ଼ିଲେ ଘୋଡ଼ିଲେ ଖଲିଛି
ବେଢ଼ି ଚକୋରପନ୍ତି ଅଳକା । ବୈ. ବି.

ଘୋଡ଼ାଯିବା, କ୍ରି. ଆଚ୍ଛାଦିତ କରାଯିବା । ଯଥା—

ପଦକେ ନଭ ପୁଣି ଘୋଡ଼ାଯାଇଛୁ । ବି. ଚ. ମ.

ଘୋଡ଼ାବଚ, ବି. (ଦେଶଜ) ଏକଜାତୀୟ ବଚ; ଘୋଡ଼ା ପାଟିରୁ ଯେଉଁ ଫେଣ ବାହାରେ ।

ଘୋଡ଼ାଶୁଣ୍ଠୀ, ବି. ସ୍ତ୍ରୀ. (ଘୋଟକ-ଶୁଣ୍ଠୀ-ଏଥିରୁ ଉତ୍ପନ୍ନ) ଔଷଧଦ୍ରବ୍ୟବିଶେଷ ।

ଘୋଡ଼ିଆଇହେବା, କ୍ରି. ଅନ୍ୟଦ୍ୱାରା ଆଚ୍ଛାଦିତ ହେବା ।

ଘୋଡ଼ହେବା, ଘୋଡ଼ାଇହେବା, ଘୋଡ଼େଇହେବା, କ୍ରି. ଆଚ୍ଛାଦିତ ହେବା ।

ଘୋଡ଼ୀ, ବି. ସ୍ତ୍ରୀ. (ଘୋଟକୀ ଶବ୍ଦଜ) ମାଈ ଘୋଡ଼ା; କଦଳୀକାନ୍ଧର ଡେମ୍ଫ ।

ଘୋଣା, ବି. ସ୍ତ୍ରୀ. (ଘୁଣ୍=ଭ୍ରମଣ କରିବା-ଅ-ଆ) ନାସିକା; ଅଶ୍ୱର ନାସିକା । (ଘୋଣା ନାସା ଚ ନାସିକା—ଅମର ।)

ଘୋଣୀ, ବି. ( ଘୋଣିନ୍-ଘୋଣା-ଇନ୍-ଅସ୍ତ୍ୟର୍ଥେ ) ଶୂକର ।

ଘୋମଟା, ବି. ( ଦେଶଜ ) ଅବଗୁଣ୍ଠନ, ମୁଖାଚ୍ଛାଦନ ।

ଘୋର, ବି. ( ଘୁର୍ = ଭୟଙ୍କର ହେବା-ଅ ) ଶିବ; ଋଷିବିଶେଷ; ଭୟ; ବିଷ । (ସ୍ତ୍ରୀ-ଆ) ଭୟାନକ ରାତ୍ରି । ବିଂ. ଭୟଙ୍କର; ଗାଢ଼, ଘନ; ଅତ୍ୟନ୍ତ । ଯଥା—ଘୋର ନିଦ୍ରା । ଅସଦୃଶ; ମହତ୍; ବିଷମ; ଦାରୁଣ; ଦୁର୍ଗମ । ଯଥା—ଘୋର ଜଙ୍ଗଲ ।

ଘୋରଣା, ବି. (ଘୁରଣ ଶବ୍ଦଜ) ଚୂରିବା ଯନ୍ତ୍ର, ପେଷଣୀ, ଚକି ।

ଘୋରି, ବି. ( ଘୂର୍ଣ୍ଣ ଧାତୁଜ ) ଘୋରିବା; ଘୋରି କରି ଦେବା ଔଷଧ; (ଗଡ଼ଜାତରେ) ବଟିକା । ବିଂ. ଘୋରିଥିବା । ଯଥା—

ମୋ ଘୋରି ଚନ୍ଦନ ଯେ ହୋଇବ ବୋଲି,
ଗ୍ରୀଷ୍ମମେ ବାତକୁ ନ ବସିବ ଭାଲି । କୃ. ଗ୍ରୀ. ବି. ପ.

ଘୋରିଘୋରି, ବି. (ଦେଶଜ) ଘୋରିବା, ଭଲ କରି ଘୋରିବା । ଯଥା—

ଶରଧା କରି ତାହା ଧରି,
ବୋଲେ କରିବି ଘୋରିଘୋରି । ଦା. ର.

ଚେରମୂଳ ଔଷଧ ।

ଘୋରିସଜ, ବି. ( ଦେଶଜ ) ପିଲାମାନଙ୍କ ନିମନ୍ତେ ଔଷଧ ସଂଗ୍ରହ । ଯଥା—(ବଚ; ପିପ୍‌ପଳୀ; ଶୁଣ୍ଠୀ; ଜିରା; ଜୁଆଣି; ଜାଇଫଳ; ଲବଙ୍ଗ; ଜାଇପତ୍ରୀ ଇତ୍ୟାଦି କେତେକ ଚୂର୍ଣ୍ଣକା ଔଷଧ ।)

ଘୋରିବା, କ୍ରି. ( ଘର୍ଷଣ ଶବ୍ଦଜ ) ଘଷି ଘଷି ଛିଣ୍ଡାଇବା କିମ୍ବା ସାରିବା । ଯଥା—

ଘୋଟି କିତବମୂଳ ଘୋରି ଘୋରି କାଙ୍ଗଲ । କ. ଚ. ଚ.

ଘୋରଣାରେ ଚୂରିବା । ଯେପରି—ଗହମ ଘୋରୁଅଛି । ଡାଲି ତରକାରି ଖିରି ଇତ୍ୟାଦିକୁ ଅଣକରେ ଘୋରିବା ।

**ଘୋଳ**, ବି. (ଘୁର୍-ଅ-ର=ଳ) ମଥିତ ଦଧି, ତକ୍ର । ( ଯତ୍ତୁ ସସ୍ନେହମଜଳଂ ମଥିତଂ ଘୋଳମୁଚ୍ୟତେ । )

**ଘୋଳଦହି**, ବି. (ଘୋଳଦଧି ଶବ୍ଦଜ) ପାଣିଆ ଦହି ।

**ଘୋଳପଥର**, ବି. ( ବାଲେଶ୍ୱର ପ୍ରାନ୍ତରେ ) କୁଆପଥର ।

**ଘୋଳା**, ବି. (ଦେଶଜ) ଗୋଡ଼ ହାତ ବନ୍ଧା । ଯଥା—

ଘୋଳାରେ ପଡ଼ିଛେ ମରୁ ଆଜ ତୋ ହୁକୁମରୁ
ନିକୁଞ୍ଜ ଦଉଡ଼କୁ ଚହିଲୁ ଗୋ । କ.ଚ.ଚ.

ବିଂ. କର୍ଦ୍ଦମଯୁକ୍ତ, ଅନିର୍ମଳ ।

**ଘୋଳାବନ୍ଧା, ଘୋଳାମିଳା,** } ବି. (ଦେଶଜ) ଗୋଡ଼ ହାତ ବନ୍ଧା ।

**ଘୋଳାଇବା, ଘୋଳେଇବା,** } କ୍ରି. ଗୋଡ଼ ହାତ ବାନ୍ଧିବା ।

**ଘୋଳଆ, ଗଳଆ,** } ବି. (ଦେଶଜ) କଆର ପ୍ରଭୃତିର ଜଳ ନିର୍ଗମନ ଛିଦ୍ର ।

**ଘୋଳହେବା**, କ୍ରି. ଗୋଡ଼ ହାତ ବନ୍ଧାହେବା; ଘୋଳା ବନ୍ଧା ସହିବା । ଯଥା—

ପଳାଏ ସେ ଭୀମସେନ ପଛକୁ ନ ଚାହିଁ,
ପଞ୍ଚାଶ ଯୋଜନ ପଳାଇଲା ଘୋଳ ହୋଇ । ସା.ଭା.ଆ.

ପାଣି ଫାଟିଯିବା ।

**ଘୋଷ**, ବି. (ଘୁଷ୍=ଶବ୍ଦ କରିବା-ଅ) ଗଉଡ଼-ପଲ୍ଲୀ, ଗଉଡ଼ପଡ଼ା, ଗଉଡ଼ସାହି । ( ଘୋଷ ଆଭୀରପଲ୍ଲୀ ସ୍ୟାତ୍—ଅମର । ) ଧ୍ୱନି, ମେଘଧ୍ୱନି; କଂସା; କାୟସ୍ଥମାନଙ୍କର ଉପାଧି; ଗଉଡ଼ ।

**ଘୋଷଣ, ଘୋଷଣା,** } ବି. ( ଘୁଷ୍-ଅନ-ଆ ) ଉଚ୍ଚଶବ୍ଦ; ଇତସ୍ତତଃ ବିଜ୍ଞାପନ ପ୍ରଚାର; ସର୍ବଦା ରଟନ । (ବୀର୍ଯ୍ୟବଳମଶୌର୍ଯ୍ୟାଣାଂ ଘୋଷଣଂ ଗର୍ହିତଂ ଭବେତ୍) (ଏହାର ବିଶେଷଣ ପଦ—ଘୋଷିତ ।)

**ଘୋଷଯାତ୍ରା**, ବି. ସ୍ତ୍ରୀ. (ଘୋଷ=ଘୋଷପଲ୍ଲୀ-ଯାତ୍ରା=ଗମନ) ଘୋଷପଲ୍ଲୀକୁ ଯିବା । ପୂର୍ବେ ରାଜାମାନେ ଆପଣାର ଅଧୀନ ଘୋଷପଲ୍ଲୀକୁ ଗମନ କରି ଗୋ-ସମୂହର ତତ୍ତ୍ୱାବଧାନ କରନ୍ତି । କୁରୁରାଜ ଦୁର୍ଯ୍ୟୋଧନ ଏହି ଘୋଷଯାତ୍ରା ଛଳରେ ପାଣ୍ଡବମାନଙ୍କ ପ୍ରତି ଅତ୍ୟାଚାର କରିବାକୁ ଯାଇଥିଲେ । ( ଅନେକେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରାକୁ ମଧ୍ୟ ଘୋଷଯାତ୍ରା କହନ୍ତି । )

**ଘୋଷିବା**, କ୍ରି. (ଘୁଷ୍ ଧାତୁଜ) ପାଠ ମୁଖସ୍ଥ କରିବା; ପୁନଃପୁନଃ କହିବା । ଯଥା—

ତପନଜାତଟକୁ ତୁ, ତରୁଣୀଟା କେଉଁ କୁତୂହଳରୁ
ଆସିଲୁ ହେତୁ, କହି ବୋଲି ଘୋଷିଲି । କ.ଚ.ଚ.

**ଘୋଷା**, ବି. (ଦେଶଜ) ରେଷ ବା ରାଗ; ଖପ୍ପା; ଅବରୋଧପ୍ରଥା; ଗୀତର ଉହା ବା ଧ୍ରୁବ ପଦ । (ଘୁଷ୍ ଧାତୁଜ) ପାଠ ମୁଖସ୍ଥ କରିବା ।

**ଘୋସରା, ଘୋଷରା,** } ବି.(ଦେଶଜ)ଝିଙ୍କିନେବା । ଯେପରି, ମଲାଠାଉଁ ଘୋଷରା ବାଧେ । ନଦୀବନ୍ଧ ଉପରୁ ଶଗଡ଼ ପ୍ରଭୃତି ଗଡ଼ିଯିବା ନିମନ୍ତେ ତଳକୁ ଯେଉଁ କ୍ରମନିମ୍ନ ବାଟ ତିଆରି ହୋଇଥାଏ । ବିଂ. ଟଣାଓଟରା ।

**ଘୋସରାଇବା,ଘୋଷରାଇବା, ଘୋସଡ଼ାଇବା,ଘୋଷଡ଼ାଇବା,** } କ୍ରି.(ଦେଶଜ) ଝିଙ୍କାଇବା ।

**ଘୋସରିବା, ଘୁସୁରିବା,** } କ୍ରି. (ଦେଶଜ) ଲମ୍ବି ତଳେ ଇତସ୍ତତଃ ହେବା, ତଳେ ଲମ୍ବି ଲେଟିବା । ଯଥା—

କାନ୍ଧରୁ ଖସିପଡ଼ି ପଣନ୍ତ ଘୋଷରିଲା,
ଉଡ଼ି ଫରହର ଶବଦ ଜାତ ହେଲା । କୃ.ଭା.ବ ପ.

**ଘୋସାରିବା, ଘୋଷାରିବା, ଘୋସାଡ଼ିବା, ଘୋଷାଡ଼ିବା,** } କ୍ରି.(ଦେଶଜ)ଝିଙ୍କିବା,ଟାଣିବା; ଭୂଇଁରେ ଭୂଇଁରେ ଟାଣିକରି ନେବା ।

**ଘୋସିହେବା, ଘୋଷିହେବା,** } କ୍ରି.(ଘୁଷ୍ ଧାତୁଜ) ସବୁବେଳେ କହିବା, ସନ୍ତତ ମନେ ପକାଇବା ।

**ଘ୍ରାଣ**, ବି. (ଘ୍ରା=ଗନ୍ଧ ଗ୍ରହଣ କରିବା-ଅନ) ନାସିକା, ଗନ୍ଧଗ୍ରହଣ । ବିଂ. ଆଘ୍ରାତ ।

ଘ୍ରାଣତର୍ପଣ, ବି. (ଘ୍ରାଣ-ତର୍ପଣ = ଯେ ତୃପ୍ତି- କରେ) ସୁରଭି; ଅତି ସୁଗନ୍ଧ । ବିଂ. ନାସାତୃପ୍ତିକାରକ ।

ଘ୍ରାତ, ବିଂ. (ଘ୍ରା-ତ) ଯାହା ଘ୍ରାଣଦ୍ୱାରା ଗୃହୀତ ହୋଇଅଛି, ଆଘ୍ରାତ ।

ଘ୍ରାତବ୍ୟ, ବିଂ. (ଘ୍ରା-ତବ୍ୟ) ଯାହା ଘ୍ରାଣଦ୍ୱାରା ଗ୍ରହଣଯୋଗ୍ୟ ବା ଆବଶ୍ୟକ ।

ଘ୍ରାତି, ବି. ( ଘ୍ରା = ଗନ୍ଧଗ୍ରହଣ କରିବା-ତି ) ଆଘ୍ରାଣ, ସୁଙ୍ଘିବା; ନାସିକା ।

ଘ୍ରେୟ, ବିଂ. (ଘ୍ରା-ଯ) ଯାହା ଆଘ୍ରାଣ କରି ଯାଇ ପାରେ ।

## ଙ

ଙ, ବି. ବ୍ୟଞ୍ଜନମାଳାର ପଞ୍ଚମ ବର୍ଣ୍ଣ । (ଙୁ = ଶବ୍ଦ କରିବା-ଅ) ବିଷୟ; ବିଷୟସ୍ପୃହା; ବିଷୟରକ୍ଷା; ଉଭୟ; ଧ୍ୱନି; ଭୈରବ ।

## ଚ

ଚ, ବି. ବ୍ୟଞ୍ଜନମାଳାର ଷଷ୍ଠ ବର୍ଣ୍ଣ । ଅଂ. (ଚି = ଏକତ୍ର କରିବା-ଅ) ସମୁଚ୍ଚୟ; ଏବଂ, ଓ; ସମାହାର; ଆନୁଷଙ୍ଗିକତା; ଅବଧାରଣ; ପାଦପୂରଣ । ବି. ଚୋର; ଚନ୍ଦ୍ର; ଚଣ୍ଡେଶ୍ୱର; କୂର୍ମ ।

ଚଅଁଚଅଁ, ଅଂ. ( ଦେଶଜ ) ପିଇବାବେଳେ ଅନୁକରଣ ଶବ୍ଦବିଶେଷ ।

ଚଅଁର, ବି. (ଚମର ଶବ୍ଦଜ ପ୍ରାକୃତ) ଚମରୀପୁଚ୍ଛ- ନିର୍ମିତ ବ୍ୟଜନବିଶେଷ; ନଡ଼ିଆ ଖଜୁରି ପ୍ରଭୃତି ଗଛରୁ ଫଳ ହେବା ପୂର୍ବରୁ ଯେଉଁ ଗୁଚ୍ଛ ବାହାରିଥାଏ ।

ଚଅଁରପକାଇବା, କ୍ରି. (ଦେଶଜ) ଚାମରରେ ବ୍ୟଜନ କରିବା ।

ଚଅଁରେଇବା, କ୍ରି. (ଦେଶଜ) ନାରିକେଳ ବୃକ୍ଷ ପ୍ରଭୃତି ଚଅଁର ପକାଇବା କିମ୍ବା ଜନ୍ମାଇବା ।

ଚଇତ, } ବି. (ଚୈତ୍ର ଶବ୍ଦର ଅପଭ୍ରଂଶ)
ଚୈତ, } ମାସବିଶେଷ ।

ଚଇତନ, ବି. (ଚୈତନ୍ୟ ଶବ୍ଦଜ) ଚେତା; ଜ୍ଞାନ । ଯଥା—

ଚଇତନ ଦମ୍ଭ ଯାଉଛୁ ଲାଗି । ବି. ଚ. ମ.

ତନ୍ନାମଧାରକ ବ୍ୟକ୍ତି ।

ଚଇତାହରଡ଼, ବି. (ଦେଶଜ) କାର୍ତ୍ତିକ ମାସରେ ବୁଣିବା ହରଡ଼ ।

ଚଇତିଆଳ, ବିଂ. (ଦେଶଜ) ଚୈତ୍ର ମାସରେ ହେବା; ଚୈତ୍ରମାସସମ୍ବନ୍ଧୀୟ ।

ଚଇତିଘୋଡ଼ା, ବି. ( ଦେଶଜ ) ଚୈତ୍ର ପୌର୍ଣ୍ଣମୀରେ କେଉଟମାନେ ବସ୍ତ୍ର ଇତ୍ୟାଦିରେ ଯେଉଁ ଘୋଡ଼ା କରି ନାଚନ୍ତି ।

ଚଇନ, ବିଂ. (ଦେଶଜ) ସ୍ଥିର ।

ଚଉ, } ବିଂ. (ଚତୁଃଶବ୍ଦଜ ପ୍ରାକୃତ) ଚାରି ।
ଚୌ, } ଯଥା—

କି ଏ ବେନି ମତ୍ତଗଜ ସେ,
ଚଉଦନ୍ତେ କରେ ଯୁଝ । ବି. ଗୀ.

ଚାରିଗୁଣ । ଯଥା—ଦୁଇ ଚଉ ଆଠପଣ ।

ଚଉକ, } ବି. (ଚତୁଷ୍କ ଶବ୍ଦଜ, ପ୍ରାକୃତ
ଚୌକ, } ଚଉକ୍କାରୁ ଜାତ) ଚାରି ଅଙ୍ଗୁଳି ପରିମାଣ । ଯଥା—

ପ୍ରଚ୍ଛ ଯେ ଘନ ହାତ କାଣ,
ଚଉକେ ବହଳ ପ୍ରମାଣ । ଦା. ର.

ଗୃହର ଦାରୁସ୍ତମ୍ଭ ଉପରିସ୍ଥ କାଷ୍ଠଖଣ୍ଡ । ଯଥା—

ସେଥିରେ ଓଗ୍ର ଚଉକ ଚୌକାଠ କବାଟ,
ହୁଡ଼ୁକା ଅର୍ଦ୍ଧ କରିଇ ବନ୍ଧିବଧ ଥାଟ । ବୃ. ସୁ.

ଚତୁଷ୍ପଥ ।

ଚଉକଠ, } ବି. (ଦେଶଜ) କବାଟର ଚାରି
ଚଉକାଠ, } ପାଖରେ ଲଗିଥିବା ଚାରି ଖଣ୍ଡ କାଠରେ ତିଆରି ଆଡ଼ା ।

ଚଉକଣ୍ଡ, ବି. (ଦେଶଜ) ଚାରିପାଖ । ଯଥା—

ବେଢ଼ିଛନ୍ତି ଚଉକଣ୍ଡ ଯୂଥପତି
କି ଆଜ୍ଞା ଦେବେ ସମ୍ରାଟ । ବୈ. ବି.

ଚଉକନା, ବି. (ଦେଶଜ) ଶସ୍ୟବିଶେଷ । (ଚିକନା ଶବ୍ଦ ଦେଖ ।)

ଚଉକି, ବି. (ଚତୁଷ୍କ ଶବ୍ଦଜ) କାଷ୍ଠାସନ-ବିଶେଷ । ଯଥା—

କାଠିଲଗି ପାଇଁ ଚଉକିରେ ଯାଇ
ଭୂଇଁରେ ବିଜୟ କଲେ । ର. କ.

କଣ୍ଠାଭରଣବିଶେଷ । ଯଥା—

କଣ୍ଠରେ ଚଉକି ଧାମ ହୃଦେ କଣ୍ଠିହାର । ନ. ସ.

ଗ୍ରାମ ରକ୍ଷା କରିବା ବିଭାଗବିଶେଷ ।

ଚଉକିଆ, ଚଉକିଦାର, } ବି. (ଦେଶଜ) ଗ୍ରାମରକ୍ଷକ କର୍ମଚାରିବିଶେଷ ।

ଚଉକିଦେବା, କ୍ରି. ଗ୍ରାମ ଜଗିବା ।

ଚଉଠ, ବି. (ଦେଶଜ) ଚାରି ଭାଗରୁ ଏକଭାଗ ।

ଚଉଠି, ଚଉଠୀ, ଚୌଠୀ, } ବି. ସ୍ତ୍ରୀ. (ଚତୁର୍ଥୀ ଶବ୍ଦଜ, ପ୍ରାକୃତ ଚୌତ୍ଥିରୁ ଜାତ) ଚତୁର୍ଥୀ ତିଥି; ବିବାହର ଚତୁର୍ଥ ଦିବସ । ଯଥା—

ବରବର୍ଣ୍ଣିନୀ ବରଙ୍କ ଚଉଠି ଉତ୍ସବ,
ବରବର୍ଣ୍ଣିନୀ କ୍ରୀଡ଼ାକୁ ରଚିଲେ ବାନ୍ଧବ । ବୈ. ବି.

ଚଉଡ଼ା, ବି. (ଦେଶଜ) ପ୍ରସ୍ଥ । ବିଂ. ଫରସ୍ଥ ।

ଚଉଡ୍ରୋଳ, ଚଉଦୋଳ, ଚଉଦଳ, ଚୌଦୋଳ, } ବି. (ଚତୁର୍ଦ୍ଦୋଳ ଶବ୍ଦଜ) ଚାରିଜଣ ବହିବା ଶିବିକା-ବିଶେଷ । ଯଥା—

ଡ଼ଗର ମୁଖେ ବାରତା ପାଇ ବୀରବର,
ଆପଣେ ବିଜୟେ କଲା ଚୌଦୋଳ ଉପର । ସା. ଭା. ସ.

ଚଉତ, ଚଉତା, } ବି. (ଦେଶଜ) ଚାରିଭାଗ । ବିଂ. ଚାରିଭାଗ କରା ଯାଇଥିବା ।

ଚଉତନା, ଚଉତୁନା, ଚୌତନା, ଚୌତୁନା, } ବି. (ଦେଶଜ) ଖେମାଲ । ଯଥା—

ବେଢ଼ିଛନ୍ତି ଶିଷ୍ୟ ଉପଶିଷ୍ୟ ବେଶ ହୋଇ,
କେ ଚଉତନା କେ ପାଗ ମୁଣ୍ଡେ ମୁଣ୍ଡିଆଇ । ଲ. ବ.

ଚଉତରା, ଚଉତୁରା, } ବି. (ଚତ୍ୱର ଶବ୍ଦଜ) ଚାନ୍ଦନୀ ।

ଚଉତି, ବି. (ଗଡ଼ଜାତ ଶବ୍ଦ) ଚଉପଦୀ ବା ପଦଟୋଲି ।

ଚଉତିବା, ଚୌତିବା, } କ୍ରି. (ଦେଶଜ) ବସ୍ତୁକୁ ଚାରି-ପୁର କରି ସଜାଡ଼ିବା ।

ଚଉତିରିଶ, ଚଉତିରିଶି, ଚଉତିସ, ଚଉତିସି, } ବିଂ. (ଚତୁସ୍ତ୍ରିଂଶ ଶବ୍ଦଜ) ୩୪ ସଂଖ୍ୟା ।

ଚଉଥ, ଚୌଥ, } ବି. (ଦେଶଜ) ମରହଟ୍ଟାମାନେ ଯେଉଁ ସୁକର ଆଦାୟ କରୁଥିଲେ ।

ଚଉଦ, ଚୌଦ, } ବିଂ. (ଚତୁର୍ଦ୍ଦଶ ଶବ୍ଦଜ, ପ୍ରାକୃତ ଚଉଦ୍ଦହରୁ ଜାତ) ୧୪ ସଂଖ୍ୟା ।

ଚଉଦଳ, ବି. (ଚତୁର୍ଦ୍ଦଳ ଶବ୍ଦଜ) ଏକପ୍ରକାର ଖେଳ । ଯଥା—

କାହିଁ ଜୁଆ ଖେଳ ବିବାଦରେ ହୋନ୍ତି ମେଳ,
କାହିଁରେ ନ୍ୟାସ୍ତବଳ ଖେଳନ୍ତି ଚଉଦଳ । ନୃ. ପ୍ର. ଦ୍ୱି. ତ.

ଚଉଦିଗ, ବି. (ଚତୁର୍ଦ୍ଦିକ୍ ଶବ୍ଦଜ) ଚାରିଦିଗ; ଚାରିଆଡ଼ ।

ଚଉଦିଗା, ବିଂ. (ଚତୁର୍ଦ୍ଦିକ୍ ଶବ୍ଦଜ) ଚତୁର୍ଦ୍ଦିଗ-ବ୍ୟାପୀ ।

ଚଉଦୁଆର, ବିଂ. (ଚତୁର୍ଦ୍ଦ୍ୱାର ଶବ୍ଦଜ) ଚାରି ଦ୍ୱାରବିଶିଷ୍ଟ ।

ଚଉପଟ, ବି. (ଦେଶଜ) ଚାରିଆଡ଼, ଚତୁର୍ଦ୍ଦିଗ । ଯଥା—

ବାଗ ରଜ୍ଜୁ ଧରିଣ କସିଣ କରେ ଗ୍ରନ୍ଥ,
କେବଣ ଅଶ୍ୱ ଚାଲେ ଚମକ ଚଉପଟ । ନୃ. ପ୍ର. ଚ. ତ.

ଏକପ୍ରକାର ଖେଳ । (ଦଙ୍ଗା ଫିସାଦ ଶବ୍ଦ ଦେଖ ।)

ଚଉପଦ୍ଧ, ଚଉପଦୀ, ଚୌପଦୀ, } ବି. ସ୍ତ୍ରୀ. (ଚତୁଷ୍ପଦା ଶବ୍ଦଜ) ଚାରି-ପଦିଆ ଗୀତ; ପଦଟୋଲି । ଯଥା—

ଚମ୍ପକ ପ୍ରସୂନମାନ ତୋଳିବାକୁ ସମ୍ମତ,
ଜାନକୀ ଧରି ପ୍ରମୁଗ୍ଧ ପଦ୍ମପର୍ଣ୍ଣ—ଚୌପଦୀ । ଜା. ପ. ନା.

ଚଉପାଶ, } ବି. ( ଚତୁଃପାର୍ଶ୍ୱ ଶବ୍ଦଜ )
ଚୌପାଶ, } ଚାରିପାଖ ।

ଚଉବନ, ବିଂ. (ଦେଶଜ) ୫୪ ସଂଖ୍ୟା ।

ଚଉବନ, ବିଂ. (ଦେଶଜ) କଟକ (ସେର); ଚାରିବର୍ଣ୍ଣବିଶିଷ୍ଟ ।

ଚଉବର୍ଗ, } ବି. (ଚତୁର୍ବର୍ଗ ଶବ୍ଦଜ) ଧର୍ମ
ଚୌବର୍ଗ, } ଅର୍ଥ କାମ ଓ ମୋକ୍ଷ । ଯଥା—
ସେ କମ୍ବୁକଟକ ରାଜା ଦେବ ଜଗନ୍ନାଥ,
ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ । କୋ. ବ୍ର. ସୁ.

ଚଉଭିତେ, କ୍ରି. ବିଂ. (ଦେଶଜ) ଚାରିଆଡ଼େ । ଯଥା—
ଶୀଘ୍ର ହସ୍ତିପୃଷ୍ଠେ ଚଢ଼ିଣ ମାହୁନ୍ତେ,
ବେଢ଼ିଲେ ଭୀମସେନଙ୍କର ଚଉଭିତେ । କୃ.ଭା.ବି.ପ.

ଚଉମଥା, } ବି. (ଚତୁର୍ମସ୍ତ ଶବ୍ଦଜ) ବ୍ରହ୍ମା ।
ଚଉମସ୍ତା, } ଯଥା—
କସ ଭିଆଇଲା ଚଉମଥା ଏ । ସୁ. ପ.

ଚଉରଙ୍ଗି, ବି. (ଦେଶଜ) ଖେଳବିଶେଷ । ଯଥା—
କାହିଁରେ ଦୁଲୁଦୁଞ୍ଚା ଖେଳନ୍ତି ଚଉରଙ୍ଗି,
ସବୁ ଦେବଙ୍କୁ ଜିଣି ହୋଇଲେ ଏକଅଙ୍ଗି ।
ନୃ. ପୁ. ଦ୍ୱି. ତ.
ଛକବାଟ ।

ଚଉରସ, } ବିଂ. (ଚତୁରସ୍ର ଶବ୍ଦଜ) ଚାରିଆଡ଼
ଚୌରସ, } ସମାନ ପରିମାଣ ହେବା; ସମତୁଲ । ଯଥା—
ଅଲକାପୁରୁଁ ପୁର ଅଧିକ ଶୋଭା ଦିଶେ,
ଦେଖିଲୁଁ ମାତ୍ର କହି ନ ପାରୁଁ ଚଉରସେ । ନୃ.ପୁ.ଷ.ଛ.
ମଜଭୁତ, ଶକ୍ତ ।

ଚଉରସିଆ, ବିଂ. (ଦେଶଜ) ସମତୁଲ ।

ଚଉରା, ଚଉଁରା, } ବି. ସ୍ତ୍ରୀ. (ଦେଶଜ କିମ୍ବା
ଚୌରା, ଚୌଁରା, } ଚତ୍ୱର ଶବ୍ଦଜ) ତୁଳସୀ-ବୃକ୍ଷ ଲଗାଇବା ପାଇଁ ଇଷ୍ଟକାଦିରେ କରିବା ସ୍ତୂପ । ଯଥା—
ପ୍ରତିଦୁଆରେ ଦ୍ୱାରା ପୂଣ,
ତୁଳସୀ ଚଉରା ଶୋଭନ । ଦା. ର.

ଚଉରାଅଶି, ବିଂ. (ଦେଶଜ) ୮୪ ସଂଖ୍ୟା ।

ଚଉରାଣୋଇ, } ବିଂ. ( ଦେଶଜ ) ୯୪
ଚଉରାନବେ, } ସଂଖ୍ୟା ।

ଚଉରାଳିଶି, ବିଂ. (ଦେଶଜ) ୪୪ ସଂଖ୍ୟା ।

ଚଉଁରି, ଚଉଁରୀ, } ବି. ସ୍ତ୍ରୀ. (ଚମରୀ ଶବ୍ଦଜ)
ଚଉରୀ, ଚୌଁରୀ, } କେଶବନ୍ଧନ ରଜ୍ଜୁ-ବିଶେଷ । ଯଥା—
ଗର୍ଭକ କଲା ଚଉଁରୀ ରୁପା ଭଉଁରୀ ଯେ । ଲ. ବ.
(ଦେଶଜ) ଏକମହଲା କୋଠରୀ । ଯଥା—
ନିଜ ଚଉରିକି ନେଇଗଲେ ତାର
ହସ୍ତ ଧରି ମହାଦରେ । ଘ. କେ.

ଚଉରିଭୁଣ୍ଡି, } ବି. ( ଦେଶଜ ) କେଶର
ଚଉରିମୁଣ୍ଡି, } ଅଳଙ୍କାରବିଶେଷ ।

ଚଉସମ, ବି. (ଚତୁଃସମ ଶବ୍ଦର ଅପଭ୍ରଂଶ) ଚାରିଗୋଟି ସୁଗନ୍ଧ ଦ୍ରବ୍ୟ—ଚନ୍ଦନ, ଅଗୁରୁ, କସ୍ତୂରୀ ଓ କୁଙ୍କୁମ ।

ଚଉସରା, }
ଚଉସରୀ, } ବି. ସ୍ତ୍ରୀ. (ଚତୁଃସର ଶବ୍ଦଜ)
ଚୌସରି, } ଚାରିଗୋଟି ସୋରା । ଯଥା—
ଲମ୍ବିତ ଚଉସରୀ ଷେ ଗଜର ମୁକୁତା । ସା. ଭା. ସ.
ବିଂ. ଚାରିସୋରାଯୁକ୍ତ(ଆଭରଣ) । ଯଥା—
ଆଉ କେହି ଚଉସରି କେହି ନବସରି ।
କେ ମାଳ ଗୁନ୍ଥଇ କେ କବରୀ ବାନ୍ଧ କରି । ନୃ.ପୁ.ତୃ.ତ.
ଚତୁରସ୍ର । ଯଥା —
ଅଷ୍ଟରନ୍ଧ୍ରେ ଚଉସରା ମଣ୍ଡପର ସ୍ଥଳୀ,
କୁତୂହଳେ ରାଜାମାନେ ନେବେ ପରକଳି । ସା.ଭା.ସ.

ଚଉଷଠି, } ବିଂ. ( ଚତୁଃଷଷ୍ଟୀ ଶବ୍ଦଜ,
ଚୌଷଠୀ, } ପ୍ରାକୃତ ଚଉଷଠିରୁ ଜାତ) ୬୪ ସଂଖ୍ୟା ।

ଚଉସ୍ତରି, } ବିଂ. ୭୪ ସଂଖ୍ୟା ।
ଚଉସ୍ତୋରି, }

ଚକ, ବି. (ଚକ୍ର ଶବ୍ଦଜ, ପ୍ରାକୃତ ଚକ୍କରୁ ଜାତ) ଶଗଡ଼ ପ୍ରଭୃତିର ଗୁଳ । ଯଥା—
ରଥଚକହିଁ ନ ଚଳିଲେ,
ସମସ୍ତେ ଦେଖିଣ ଭାଳିଲେ । ଦା. ର.
(ଚତୁଷ୍କ ଶବ୍ଦଜ) ବିସ୍ତୃତ ଭୂଖଣ୍ଡ । ଯଥା—
ତାହା ଜୀବନ ଗୋଟି ଅଟଇ ଜାଣ ଧିକ,
ବୁଝିଲେ ପଞ୍ଚ ରାଜ୍ୟ ମୋହର ସୁନାଚକ । ନୃ.ପୁ.ସ.ତ.
ଚତୁଃଶାଳର ମଧ୍ୟସ୍ଥାନ; ଗ୍ରାମର ମଧ୍ୟରେ କମ୍ବୁପ୍ରମିତ ଭୂମି; ବେଦୀ ମଧ୍ୟସ୍ଥ ବରକନ୍ୟାଙ୍କ ଆସ୍ଥାନ । ଯଥା—
ସକଳ ଯୁବତୀ ତହିଁ ହୋଇ କଉତୁକ,
ବେଦୀରେ ପ୍ରବେଶ ହୋଇ ବନ୍ଦାଇଲେ ଚକ । ମଂ. ସ.
(ଚକ୍—ବ୍ୟାଘାତ କରିବା-ତୃପ୍ତ ହେବା-ଅ) ଖଳ; ସାଧୁ ।

ଚକଖଣ୍ଡି, ବି. (ଇଂରାଜୀ ଶବ୍ଦଜ) ସୀମାଚିହ୍ନ ।

ଚକଚକ, } ବି. (ଦେଶଜ) ଦୀପ୍ତି ।
ଚକମକ, } ଯଥା—

ଚକଚକ କରି ମାରଇ ବିଜୁଳି
ଦେଖୁ ଦେଖୁ କାହିଁ ଲୁଚେ । ଉ. ସା.

ବିଂ. ସୁନ୍ଦର । ଯଥା—

ପରିଧାନ ମୃଗଚର୍ମ୍ମ ଗଣ୍ଡିରେ ଅଟକ,
ମାଳ କଣ୍ଠେ ଲାଗିବାରୁ ଦିଶେ ଚକଚକ । କ. ଘ.

ଚକଚକିଆ, } ବିଂ. (ଦେଶଜ) ଦୀପ୍ତିମାନ୍;
ଚକମକିଆ, } ଅତି ସୁନ୍ଦର । ଯଥା—

ପିନ୍ଧି ନୂଆ ଚକଚକିଆ ପୋଷାକ,
ଥୋକାଏ ବନ୍ଧୁଙ୍କ ମନେ ବଡ ଜାଁକ । ଦ. ବା.

ରଙ୍ଗିଲା ।

ଚକଟା, ବି. (ଦେଶଜ) ଦୁଧ ପାଣିଲା କଦଳୀ ପ୍ରଭୃତି ମିଶ୍ରିତ ସୁମିଷ୍ଟ ଖାଦ୍ୟବିଶେଷ; ଦଳିତ ମିଷ୍ଟ ପଦାର୍ଥ । ଯେପରି—କଦଳୀ-ଚକଟା, ଛେନାଚକଟା । ଦଳିବା । ବିଂ. ଦଳିତ ।

ଚକଟିବା, କ୍ରି. (ଦେଶଜ) ଲୁଦିବା । ଯଥା—

ଚକଟିଲା ପ୍ରାୟେ ଗଜ ନଳନ । ର. ପ.

ଦଳିବା । ଯଥା—କଦଳୀ ଚକଟୁଅଛୁ ।

ଚକଡ଼ା, } ବି. (ଚକ୍ର ଶବ୍ଦଜ) ବିସ୍ତୃତ ଭୂଖଣ୍ଡ;
ଚକଲା, } ସୁବିସ୍ତୃତ ସ୍ଥାନ । ଯଥା—

ରଥ ଚକଡ଼ାରେ ଦୈର୍ଘ୍ୟ ହୋଇଅଛୁ ଛୁଡ଼ା ।
ନୃ. ପୃ. ର. ଚ.

ପ୍ରଦେଶ ବା ଭାଗ । ଯଥା—

ଗୁହାଁନ୍ତେ ଝଟକ ଦିଶେ ଦର୍ପଣର ବାଡ଼,
ରଥ ଭଲ ଚକଡ଼ା କୁରୁବିନ୍ଦ ଉହାଡ଼ । ନୃ.ପୃ.ପ.ଚ.

ଚକତି, ବି. (ଦେଶଜ) ଗୋଲାକାର କାଗଜ-ଖଣ୍ଡ । ଯଥା—ଟଙ୍କାଟା ରୁପାର ଖଣ୍ଡିଏ ଚକତି ।

ଚକବନ୍ଦୀ, ବି. (ଯାବନିକ) କୌଣସି ଜମି ବା ସମ୍ପତ୍ତିର ସୀମା ନିରୂପଣ କରିବା; ପୁଲିସ ଲୋକଙ୍କର ଯେତେଦୂର ପର୍ଯ୍ୟନ୍ତ ଅଧୀନ ସ୍ଥାନ; ଗ୍ରାମର ସୀମା ନିରୂପଣ କରିବା ।

ଚକମକ, ବି. (ପ୍ରାକୃତ) ଆଲୁଅ, କାନ୍ତି ।

ଚକମକି, ବି. (ଦେଶଜ) ଅଗ୍ନି ଉତ୍ପାଦକ ପ୍ରସ୍ତର; ଝଟକ ବା କାନ୍ତି ।

ଚକରି, } ବି. (ଚକ୍ର ଶବ୍ଦଜ) ଚକ୍ରାକୃତି,
ଚକ୍କରି, } ଚକ୍ରାକାର; ଚକ୍ରାକାର ଗତି ।

ଯଥା—

କାହିଁ ଅଶ୍ୱାରୋହୀ ଯେନ ଅଶ୍ୱବର,
କଦମେ ବୁଲାଇ ଧାଅଇ ଚକ୍କର । ନ. କେ.

ଚକା, ବି. (ଚକ୍ର ଶବ୍ଦଜ) ମାଲ ଯେଉଁ ପାଷାଣ ଖଣ୍ଡ ଟେକଇ । ଯଥା—

ଏକ ସ୍ତନ ଚକାରେ ହସ୍ତ ନ୍ୟସ୍ତ । ପ୍ରେ. ସୁ. ନି.

ଜାନୁ ଛନ୍ଦି ବସିବା । (ଚକାମାଡ଼ିବା ଦେଖ) ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବିଜୟ ପୀଠ । ଯଥା—

ସ୍ନାହାନ କରିବା ନିମନ୍ତେ,
ଚକାରେ ବିଜେ ଜଗନ୍ନାଥେ । ଦା. ର.

ବିଂ. ବର୍ତ୍ତୁଳ । ଯଥା—

ଚକାନୟନଙ୍କୁ ଚକା ରେ ମାନସ
ଚକାନୟନଙ୍କୁ ଚକା । ସଙ୍ଗୀତ ।

ଚକାପାଡ଼ିବା, ଚକାମାଡ଼ିବା, ଚକାମାରିବା, ଚକାପକାଇବା, } କ୍ରି. (ଦେଶଜ) ଜାନୁ ଛନ୍ଦି ବସିବା । ଯଥା—

ଏହା କହି ଚକାମାଡ଼ି ବସିଲା,
ଭୃତ ଭାଣଙ୍କୁ ଗୋଳାଇ ଦେଲା । ହା. ଭ.

ଚକାପିଡ଼ା, ବି. (ଦେଶଜ) ଜାନୁ ଛନ୍ଦି ବସିବା; ବର୍ତ୍ତୁଳ ପୀଠ ।

ଚକାପିଡ଼ାମାରିବା, କ୍ରି. (ଦେଶଜ) ଜାନୁ ଛନ୍ଦି ବସିବା ।

ଚକାମହୁରି, ଚକାମାଉଳି, ଚକାଚକାମହୁରି, } ବି. (ଦେଶଜ) ପିଲା-ମାନଙ୍କର ଚକ୍ରାକୃତି ବୁଲିବା ଖେଳବିଶେଷ । ଯଥା—ଚକା ଚକା ମହୁରି, ମାମୁଘର ଚଉରି—ଇତ୍ୟାଦି (ଏହି ଗୀତ ଗାଇ ଖେଳନ୍ତି ।)

ଚକାମାଉଳି, ବି. (ଦେଶଜ) ପିଲାମାନଙ୍କର ଚକ୍ରାକୃତି ବୁଲିବା ଖେଳବିଶେଷ; ଜାନୁ ଛନ୍ଦି ବସିବା ପ୍ରଣାଳୀ ।

ଚକାମାଣ୍ଡୁ, ବି. (ଦେଶଜ) ଜାନୁ ଛନ୍ଦ ବସିବା ।
ଚକାମାଣ୍ଡୁ ପକାଇବା, କ୍ରି. ଜାନୁ ଛନ୍ଦ ବସିବା ।
ଚକାସିତ, ବିଂ. (ଚକାସ୍ = ଦୀପ୍ତି ପାଇବା-ତ) ଦୀପ୍ତ, ଉଜ୍ଜ୍ୱଳ; ଶୋଭିତ; ପ୍ରକାଶିତ ।
ଚକି, ବି. ( ଚକ୍ର ଶବ୍ଦଜ ) କାଗଜରେ ନିର୍ମିତ ପଦାର୍ଥବିଶେଷ, ଯାହା ସୂତଦ୍ୱାରା ଉଡ଼ାଯାଏ । ଯଥା—
ନରେଖି କାଗଜଚକି ଯଥା କୁରୁକୀ । ଲ. ବ.
ବର୍ତ୍ତୁଳାକାର ଖଣ୍ଡ । ଯଥା—
ତହିଁ ଦେଖିଲା ଜ୍ୟୋତିମୟେ,
ବିଚିତ୍ର ସୁବର୍ଣ୍ଣ ଚକିଏ । ଦା. ର.
ଘୋରଣା,ପେଷଣାର୍ଥ ପ୍ରସ୍ତର ଯନ୍ତ୍ର; ଗୋଡ଼ର ଆଣ୍ଠୁରେ ଥିବା ବର୍ତ୍ତୁଳ ହାଡ଼ଖଣ୍ଡ ।
ଚକିତ, ବିଂ. (ଚକ୍ = ଘାତ ହେବା, ବ୍ୟାଘାତ କରିବା-ତ) ଭୟାଦି କାରଣରୁ ଯାହାର ଚିତ୍ତରେ ଗ୍ଲାନିଲ୍ୟ ଜନ୍ମି ଅଛି, ଘାତ; କମ୍ପିତ; ତ୍ରସ୍ତ । ବି. ଭୟ ।

ଚକୁ, } ବି. (ଗଡ଼ଜାତ ଶବ୍ଦ) ଚୁସା ।
ଚକ୍କୁ, }

ଚକୁଆ,ବି. (ଚକ୍ରାହ୍ୱ ଶବ୍ଦଜ, ପ୍ରାକୃତ ଚକ୍‌କୋ-ଉରୁ ଜାତ) ପକ୍ଷିବିଶେଷ, ଚକ୍ରବାକ ପକ୍ଷୀ ।

ଚକୁଳି, } ବି. ସ୍ତ୍ରୀ. (ଶଷ୍କୁଳୀ ଶବ୍ଦଜ) ପିଷ୍ଟକ-
ଚକୁଳୀ, } ବିଶେଷ ।

ଚକୁଳିଆପଣ୍ଡା, ବି. (ଦେଶଜ) ମାଟଶ୍ରେଣୀର ବ୍ରାହ୍ମଣ ।
ଚକେ, କ୍ରି. ବିଂ. ( ଦେଶଜ ) ବସିବାତକ ସ୍ଥଳର ପରିମାଣରେ ।
ଚକୋଆ, ବି. (ପ୍ରାକୃତ ଚକ୍‌କୋଉରୁ ଜାତ) ଚକ୍ରବାକ ପକ୍ଷୀ । ଯଥା—
ପଦ୍ମପତ୍ରରେ ଲୁଚିଥିଲେ ହେଲେ ଚକୋଆକୁ ଅନେଇ ନ ପାରି ଚକୋଇ କମ୍ପିତ ହଉଛି । ଶ. ନା. ସୁ. ଯ୍ୟ.

ଚକୋଇ, } ବି. ସ୍ତ୍ରୀ. (ପ୍ରାକୃତ) ଚକ୍ରବାକୀ ।
ଚକୋଈ, }

ଚକୋର, ବି. ( ଚକ୍ = ତୃପ୍ତ ହେବା-ଓର ) ପକ୍ଷିବିଶେଷ, ଯେଉଁ ପକ୍ଷୀ ଚନ୍ଦ୍ରକାପାନରେ ତୃପ୍ତ ହୁଏ ।

ଚକ୍ତି, ବି. (ଦେଶଜ) କ୍ଷୁଦ୍ର କ୍ଷୁଦ୍ର ଗୋଲାକାର କାଗଜ ବା ଚମ ।
ଚକ୍ର, ବି. (କୃ=କରିବା-ଅ, କ ଦ୍ୱିତ୍ୱ, କ=ଚ) ଚକ୍ରବାକ ପକ୍ଷୀ । (ଚକ୍ = ତୃପ୍ତ ହେବା-ର) ସୈନ୍ୟ; ରାଜ୍ୟ, ଦେଶ, ପ୍ରଦେଶ; ସମୂହ; ରଥାଦିର ଚକ; ତୀକ୍ଷ୍ଣଧାର ଅସ୍ତ୍ରବିଶେଷ; ଗ୍ରାମସମୂହ; କୁମ୍ଭକାରର ଚକ; ଇନ୍ଦ୍ରଜାଲ; ଜଳଭଉଁରି;ସୈନ୍ୟବ୍ୟୂହ; ଛଳ, କୂଟବୁଦ୍ଧି, କୁମନ୍ତ୍ରଣା; ହସ୍ତସ୍ଥ ରେଖାବିଶେଷ; ଦେବାର୍ଚ୍ଚନ ଯନ୍ତ୍ର ।

ଚକ୍ରବର୍ତ୍ତୀ, } ବି. (ଚକ୍ର=ଦେଶସମୂହ-ବୃତ୍-
ଚକ୍ରବର୍ତ୍ତିନ୍, } ଇନ୍) ଆସମୁଦ୍ରକ ରାଜ୍ୟ, ବହୁତ ରାଜା ଯାହାଙ୍କୁ କର ଦିଅନ୍ତି, ସମ୍ରାଟ୍ । ( ଚକ୍ରବର୍ତ୍ତୀ ସାର୍ବଭୌମଃ । ) (ସ୍ତ୍ରୀ-ଚକ୍ରବର୍ତ୍ତିନୀ । )

ଚକ୍ରବାକ, ବି. (ଚକ୍ର-ବାକ = ଉକ୍ତ-ବଚ୍-ଅ —ଯେ ଚକ୍ର ନାମରେ ଅଭିହିତ) ସ୍ୱନାମ-ପ୍ରସିଦ୍ଧ ପକ୍ଷୀ ।

ଚକ୍ରବାଡ଼, } ବି. (ଚକ୍ର=ଦେଶସମୂହ-ବଲ୍ =
ଚକ୍ରବାଳ, } ଆବରଣ କରିବା-ଅ, ବାଡ଼୍ = ନିର୍ଗତ ହେବା-ଅ—ଅନ୍ଧକାରରୁ ଯେ ଚକ୍ର ପରି ଉଦୟ ହୁଏ) ଲୋକାଲୋକପର୍ବତ; ମଣ୍ଡଳାକାର ଦିକ୍‌ସମୂହ । (ଚକ୍ରବାଳଂ ତୁ ମଣ୍ଡଳଂ—ଅମର । ) (Horizon) କୌଣସି ସ୍ଥାନରେ ଅବସ୍ଥିତ ହୋଇ ଦୃଷ୍ଟିନିକ୍ଷେପ କଲେ ଯେ ସ୍ଥଳେ ପୃଥିବୀ ଓ ଆକାଶ ପରସ୍ପର ମିଳିତ ବୋଧ ହୁଏ ।

ଚକ୍ରାଙ୍ଗ, ବି. (ଚକ୍ର-ଅଙ୍ଗ = ଅବୟବ) ରଥ; ଗାଡ଼ି; ବଗିଗୃ; ହଂସ ।
ଚକ୍ରାଟ, ବି. (ଚକ୍ର-ଗ୍ରାମସମୂହ-ଅଟ୍=ଭ୍ରମିବା-ଅ) ଯେ ଗ୍ରାମେ ଗ୍ରାମେ ଭ୍ରମଣ କରୁଥାଏ; ସାପୁଆ, ଜାଙ୍ଗଳିକ; ଧୂର୍ତ୍ତ; ସ୍ୱର୍ଣ୍ଣମୁଦ୍ରା ।
ଚକ୍ରାନ୍ତ, ବି. (ଚକ୍ରାଟ ଶବ୍ଦଜ) କୁମନ୍ତ୍ରଣା । କୌଣସି ବ୍ୟକ୍ତିର ଅନିଷ୍ଟସାଧନାର୍ଥ ପାଞ୍ଚ-ଜଣ ଏକତ୍ରିତ ହୋଇ ମନ୍ତ୍ରଣା କରିବା ।

ଚକ୍ରାବର୍ତ୍ତ, ବି. ( ଚକ୍ର-ଆବର୍ତ୍ତ = ଘୂର୍ଣ୍ଣନ ) ମଣ୍ଡଳାକାରରେ ଭ୍ରମଣ ।

ଚକ୍ରିକା, ବି. ସ୍ତ୍ରୀ. ସଂ. ଜାନୁ, ଆଣ୍ଠୁ ।

ଚକ୍ରୀ, } ବି. ( ଚକ୍ର-ଇନ୍-ଅସ୍ତ୍ୟର୍ଥେ ) କୁମ୍ଭ-
ଚକ୍ରିନ୍, } କାର; ଚକ୍ରବାକ; ସର୍ପ; ସମ୍ରାଟ୍; ତେଲି; ବାଜୀକର; କୁମନ୍ତ୍ରଣାକାରକ; ଦେଶାଧିପ; କାକ; ଗର୍ଦ୍ଦଭ । ବିଂ. ଯେ ସତତ ପରର ଅନିଷ୍ଟ ଚିନ୍ତା କରେ; ଯେ ଅନ୍ୟକୁ କୁମନ୍ତ୍ରଣା ଦିଏ; ଖଳ ।

ଚକ୍ରୀବାନ୍, ବି. ( ଚକ୍ରୀବତ୍—ଯେ ଚକ୍ରର ପରି ଭ୍ରମଣ କରେ ) ଗର୍ଦ୍ଦଭ, ଗଧ ।

ଚକ୍ଷଣ, ବି. (ଚକ୍ଷ୍ = ବୋଲିବା, ଖାଇବା-ଅନ) ଚାଟଣି; କଥନ; ମଦ୍ୟପାନ ରୋଚକ ଭକ୍ଷ୍ୟଦ୍ରବ୍ୟ ।

ଚକ୍ଷୁଃ, ବି. (ଚକ୍ଷୁଷ୍-ଚକ୍ଷ୍ = ଦେଖିବା, ବୋଲିବା-ଉସ୍) ନୟନ, ନେତ୍ର ।

ଚକ୍ଷୁଃଶ୍ରବା, } ବି. (ଚକ୍ଷୁଷ୍-ଶ୍ରବସ୍ = କର୍ଣ୍ଣ, ଯେ
ଚକ୍ଷୁଃଶ୍ରବସ୍, } ଚକ୍ଷୁଦ୍ୱାରା ଶ୍ରବଣ କରେ ) ସର୍ପ, ସାପ ।

ଚକ୍ଷୁଷ୍ୟ, ବିଂ. (ଚକ୍ଷୁଷ୍-ଯ-ହିତାର୍ଥେ) ଚକ୍ଷୁର ହିତଜନକ; ସୁନ୍ଦର; ପ୍ରିୟଦର୍ଶନ ।

ଚଖା, ବି.(ଖାଦନାର୍ଥ ଚକ୍ଷ୍ ଧାତୁଜ) ଜିହ୍ୱାଦ୍ୱାରା ସ୍ୱାଦଗ୍ରହଣ । ବିଂ. ଯେ ମୁଖେ ଅର୍ଥାତ୍ ଜିହ୍ୱାଦ୍ୱାରା ସ୍ୱାଦ ଗ୍ରହଣ କରେ; ଯେ ସବୁ ପଦାର୍ଥ ମୁଖେ ଦିଏ କିନ୍ତୁ କୌଣସି ପଦାର୍ଥ ଖାଏ ନାହିଁ ।

ଚଗଲ, ବିଂ.(ଜଗଲ ଶବ୍ଦଜ) ଦୁଷ୍ଟ; ଅସ୍ଥିରମନା ।

ଚଗଲି, ବିଂ. ସ୍ତ୍ରୀ. ଅସ୍ଥିରମନା ସ୍ତ୍ରୀ ।

ଚଗଲାମି, ବି. (ଦେଶଜ) ଦୁଷ୍ଟପଣ; ଚଞ୍ଚଳପଣ ।

ଚଙ୍କିବା, କ୍ରି. (ଦେଶଜ) ହଲିବା; ସ୍ଥାନାନ୍ତରିତ ହେବା ।

ଚଙ୍କ୍ରମଣ, ବି. (କ୍ରମ୍ = ପାଦ ବିକ୍ଷେପ କରିବା, ଚାଲିବା-ଯଙ୍-ମ ଆଗମ = ଚଙ୍କ୍ରମ-ଅନ, କ = ଚ) ପୁନଃପୁନଃ ଗମନ; ପୁନଃପୁନଃ ଭ୍ରମଣ ।

ଚଙ୍ଗ, ବିଂ. (ପ୍ରାକୃତ) ସୁନ୍ଦର; ଦକ୍ଷ, ନିପୁଣ ।

ଚଙ୍ଗଚଙ୍ଗହେବା, } କ୍ରି. (ଦେଶଜ) କୌଣସି
ଚେଙ୍ଗଚେଙ୍ଗହେବା, } କାର୍ଯ୍ୟରେ ନିଜର କର୍ତ୍ତୃତ୍ୱ ଥିଲା ପରି ଦେଖାଇ ନିରଙ୍କୁଶ ହେବା; ଚଞ୍ଚଳ ହେବା ।

ଚଜା, ବି. (ତର୍ଜ୍ ଧାତୁଜ) ତର୍ଜନା; ଭୟପ୍ରଦର୍ଶନ ।

ଚଜାଚଜି, ବି. (ତର୍ଜ୍ ଧାତୁଜ ) ଅନ୍ୟୋନ୍ୟ ତର୍ଜନା କରିବା । ଯଥା—

ବାହ୍ୱାସ୍ଫୋଟ ମାରି ଅଢ଼ ବଢ଼ କରି,
ଚଜାଚଜି ହେଲେ କରେ ଗଦା ଧରି । କୃ.ଭ.ସ.ମ.

ଚଜିବା, } କ୍ରି. ( ତର୍ଜ୍ ଧାତୁଜ ) ତର୍ଜନ-
ଚଢ଼ିବା, } କରିବା । ଯଥା—

ମନେ ଆସେ ପାଞ୍ଚ ପାଞ୍ଚ ଶାର୍ଙ୍ଗଧନୁ
ଚଜେ ଅବା ମନୋଭବ । ଘ. କେ.

ଚଞ୍ଚତ୍, ବି. ( ଚନ୍ଚ୍ = ଚଞ୍ଚଳହେବା-ଅତ୍ ) ଚଞ୍ଚଳ ।

ଚଞ୍ଚରୀକ, ବି.(ଚର୍-ଯଙ୍ = ପୁନଃପୁନଃ ଗମନକରିବା-ଈକ, ମ ଆଗମ—ଯଙ୍ ଲୋପ ) ଭ୍ରମର ।

ଚଞ୍ଚଳ, ବିଂ.(ଚଲ୍-ଯଙ୍ = ପୁନଃପୁନଃ ଚଳିବା-ମ ଆଗମ-ଅ) ଅସ୍ଥିର; ଚପଳ; ଲୋଲୁପ; କମ୍ପିତ; ବିଚଳିତ; ଲମ୍ପଟ । ବି. ବାୟୁ । (ସ୍ତ୍ରୀ-ଆ) ବିଦ୍ୟୁତ୍; ଲକ୍ଷ୍ମୀ ।

ଚଞ୍ଚା, ବି. ସ୍ତ୍ରୀ. (ଚଞ୍ଚ୍ = ଗମନ କରିବା-ଅ,ଆ) ନଳନିର୍ମିତ ଆସ୍ତରଣ, ମୁଞ୍ଚି; ତୃଣରଚିତ ମନୁଷ୍ୟାକୃତି ।

ଚଞ୍ଚା, } ବି. (ଦେଶଜ) ନଡ଼ିଆପତ୍ରର ମୂଳରେ
ଚଞ୍ଚୁ, } ଥିବା ଜାଲ ଆକାରବିଶିଷ୍ଟ ବଲ୍କଳ । ଆମ୍ବର ନୂତନ ଟାକୁଆ ।

ଚଞ୍ଚା, } ବିଂ. ( ଦେଶଜ ) ଭକ୍ଷ୍ୟହୀନ ବା
ଚଞ୍ଚୀ, } ଚୋପାଛଡ଼ା । ଯଥା—

ମୁହାଣିରେ ପକାଇ ବନ୍ଦନମାଳା,
ଚଞ୍ଚା ନାଲଉପଲେ କରଣ ହେଲା । ର. ପ.

ଯାହାକୁ ଚୁଞ୍ଚି ଥାନ୍ତି । ବି. (ଚଷ୍ ଧାତୁଜ) ଚୁଞ୍ଚିବା ।

ଚଞ୍ଚୁ, } ବି. ସ୍ତ୍ରୀ. (ଚଞ୍ଚ୍ = ଖାଇବା-ଉ, ଊ)
ଚଞ୍ଚୂ, } ଥୋଣ୍ଟି, ପକ୍ଷିର ଥଣ୍ଟ ।

ଚଞ୍ଚୁକା, ବି. ସ୍ତ୍ରୀ. ( ଚଞ୍ଚୁ-କ = ସ୍ୱାର୍ଥେ-ଆ ) ପକ୍ଷିର ଥଣ୍ଟ ।

ଚଞ୍ଚୁର, ବିଂ. (ଚଞ୍ଚ୍ = ଗମନ କରିବା-ଉର) ଦକ୍ଷ, ନିପୁଣ ।

ଚଟ୍, କ୍ରି. ବିଂ. (ଦେଶଜ) ଶୀଘ୍ର ।

ଚଟକ, ବି. ( ଚଟ୍ = ଭେଦ କରିବା-ଅକ ) ଚଟିଆପକ୍ଷୀ । (ଦେଶଜ) ବାହ୍ୟାଡ଼ମ୍ବର । ଯଥା—

ଦୁଇ ଦିନ ହସ୍ତରେ ବାହାରର ଚଟକଟା ଗୁଲଗଲେ
ବିଷମ ବିଭ୍ରାଟ୍ ଘଟେ । ମୁ. ୨ ଖ. ୫୨ ପୃ.

ଚଟକଣା, ବି. (ଦେଶଜ) ଗୃହଚୂଡ଼ା ।

ଚଟକଣି, ବି. (ଦେଶଜ) ଗ୍ଲୋଟ ଗୃହଚୂଡ଼ା ।

ଚଟକା, ବିଂ. (ଦେଶଜ) ଚେପଟା ।

ଚଟକାମୁଖ, ବି. ( ଚଟକାକାର-ମୁଖ ) ଅସ୍ତ୍ର-ବିଶେଷ ।

ଚଟଚଟ, } ବି. ( ଦେଶଜ ) ଅଗ୍ନିଜ୍ୱାଳାର
ଚଟଗୁଟ, } ଅନୁକରଣ ଶବ୍ଦ । ଯଥା—

କି ସେ ମାଡ଼ ଡାଙ୍କ ପଳାଇବେ ଶୁଣି
ସେ ଅନଳ ଚଟଚଟ । ପାବଂଶ ।

ଅଠା ପରି ଲାଗିବା ।

ଚଟଚଟିଆ, ବିଂ. (ଦେଶଜ) ଅଠା ଅଠା ହେବା ।

ଚଟତ୍କାର, ବିଂ. (ଚଟତ୍ = ଅବ୍ୟକ୍ତ ଶବ୍ଦ-କୃ-ଅ) ଅବ୍ୟକ୍ତଶବ୍ଦକାରକ । ବି. ଅସ୍ଫୁଟଶବ୍ଦ-କରଣ ।

ଚଟପଟି, ବି. (ଚର୍ମପଟ୍ଟିକା ଶବ୍ଦଜ) ଭଣ୍ଡାରିମାନେ ଯେଉଁ ଚର୍ମଖଣ୍ଡରେ ଖୁର ଘଷନ୍ତି ।

ଚଟପଟିଆ, ବିଂ. (ଦେଶଜ) ଅସ୍ଥିର, ଚଞ୍ଚଳ ।

ଚଟରପଟର, ଅଂ. (ଦେଶଜ) ଶବ୍ଦାନୁକରଣ-ବିଶେଷ ।

ଚଟା, ବି. (ଦେଶଜ) ରାଗ; ଗୁଟିବା । ବିଂ. ଚେପ୍‌ଟା; ଯେ ଗୁଟେ ।

ଚଟାଇ, } ବି. (ଚଟ୍ଟ ଶବ୍ଦଜ) ତୃଣାସନ ବା
ଚଟେଇ, } ମସିଣା ।

ଚଟାଣ, ବି. (ଦେଶଜ) ସମତଳ ଭୂମି; ଗୃହର ତଳ ।

ଚଟାଲ, କ୍ରି. ବିଂ. (ଦେଶଜ) ଶୀଘ୍ର ।

ଚଟି, ଚଟୀ, ବି. ସ୍ତ୍ରୀ. ( ଦେଶଜ ) ମାର୍ଗମଧ୍ୟସ୍ଥ କ୍ଷୁଦ୍ର ଗୃହ । ଯଥା—

ଅଳ୍ପଦିନ ସ୍ଥିତିପାଇଁ ଭବଚଟୀ । ଦ. ବା.

ଚର୍ମପାଦୁକାବିଶେଷ । ଯେପରି—ପାଦେ ଚଟି ହାତେ ଛତା । ବିଂ. କ୍ଷୁଦ୍ର ।

ଚଟିଆ, ବି. (ଚଟକ ଶବ୍ଦଜ) ଗୃହ ଗୁଳରେ ନିବାସ କରିବା ପକ୍ଷିବିଶେଷ ।

ଚଟୁ, ବି. (ଚଟ୍ = ଭେଦ କରିବା ଇତ୍ୟାଦି-ଉ) ଗୁଟୁ, ପ୍ରିୟବାକ୍ୟ; ବ୍ରତୀମାନଙ୍କର ଆସନ-ବିଶେଷ; ଉଦର, ପେଟ । (ଉର୍ଦ୍ଦ୍ଧ ଶବ୍ଦଜ) ବ୍ୟଞ୍ଜନ ପ୍ରଭୃତି ଘାଣ୍ଟିବା କାଷ୍ଠଖଣ୍ଡ । ଯଥା—

କେତେ ଘାଣ୍ଟିବ ଘାଣ୍ଟୁ,
ଗୁଣ ସୁଆଦ କି ଜାଣିବ ଚଟୁ । ଡ଼ା. ବ.

ଚଟୁଆ, ବି. ( ଦେଶଜ ) ମୃଗାଦିର ଫାଡ଼ିଆ । ଯଥା—

ବେନି ହାତ ଚଟୁଆ ଗୋ ଧନୁ ପ୍ରାୟ ଭଙ୍ଗି,
ଅଙ୍ଗୁଷ୍ଠିରେ ନାଇଛୁ ସ୍ଫଟିକ ରଙ୍ଗ ମୁଦି । ମଂ. ପ.

ଚଟୁଣି, } ବି. ( ଚକ୍ଷଣୀ ଶବ୍ଦଜ ) ଭୁଞ୍ଜିକୁ
ଚଟୁଣୀ, } ରୁଚିବାପାଇଁ କରିବା ଅପକ୍ୱ
ଚଟଣୀ, } ବ୍ୟଞ୍ଜନ । ଯଥା—

ଅଲ୍ପ ବଢ଼ିଲେ ଅମୃତ କରନ୍ତି ଚଟଣୀ,
ରୁଢ଼ାଣୀ ସଙ୍ଗେ ପିଅନ୍ତି ସୁରଭି ଲସଣୀ । ବୁ. ସ୍ତୁ.

ଚଟୁଳ, ବି. (ଚଟ୍ = ଭେଦ କରିବା ଇତ୍ୟାଦି-ଉଳ କିମ୍ବା ଚଟୁ-ଳ-ଅସ୍ତ୍ୟର୍ଥେ) ଚଞ୍ଚଳ । ଯଥା—ଚଟୁଳା ଶଫରୀ । ଶୀଘ୍ର; ସୁନ୍ଦର; ପ୍ରିୟବାଦୀ । (ସ୍ତ୍ରୀ-ଆ) ବିଦ୍ୟୁତ୍ ।

ଚଟୁଲୋଳ, ବିଂ. (ଚଟୁ = ସୁନ୍ଦର-ଲୋଳ = ଚଞ୍ଚଳ) ଅତିଶୟ ଚଞ୍ଚଳ; ଅତିଶୟ ସୁନ୍ଦର; ଗୁଟୁକାର ।

ଚଡ଼କ, ବି. (ଦେଶଜ) ବଜ୍ର । ଯଥା—

ଚଡ଼ ଚଡ଼ ଚକ୍ରେ ଯେବେ ପଡ଼ଇ ଚଡ଼କ । ବେ. ପ.

ଚଡ଼ଚଡ଼, } କ୍ରି. ବିଂ. (ଦେଶଜ) ଶବ୍ଦାନୁକରଣ-
ଚଡ଼ଗୁଡ଼, } ବିଶେଷ; ପୀଡ଼ାର ଅନୁକରଣ ଶବ୍ଦ । ଯଥା—

ସ୍ତ୍ରୀ ଶୁଣ କହନ୍ତି ଗର୍ଭଭାର ବଡ଼ କଷ୍ଟ,
ନବ ମାସ ପୂର୍ଣ୍ଣ ହେଲେ ଚଡ଼ଚଡ଼ ପେଟ । ନୃ. ପୁ. ପ୍ର. ଭ.

ଚଡ଼ଚଡ଼ରେ ଗୃହଚୂଡ଼ାଗୁଡ଼ାଏ ବାଜିଲି ।

ଚଢ଼ନ, ବି. (ଯାବନିକ) ଆରୋହଣ ।

ଚଢ଼ନଦାର, ବି. (ଯାବନିକ) ଅଶ୍ୱାଦି ଚଢ଼ିବା ଲୋକ ।

ଚାଢ଼ା, } ବି. (ଦେଶଜ) ଆରୋହଣ; ଦ୍ୱୀପ ବା
ଚଢ଼ା, } ଜଳମଧ୍ୟସ୍ଥ ଭୂଭାଗ; ପଠୁ ।

ଚଢ଼ାଇ, ଚଢ଼ାଇ, } ବି. (ଚଟକ ଶବ୍ଦର
ଚଢ଼େଇ, ଚଢ଼େଇ, } ଅନୁକରଣରେ ଜନ୍ମି ସ୍ୱଜାତୀୟ ପକ୍ଷି ଅର୍ଥବୋଧକ ହୋଇଥିବା) ପକ୍ଷୀ । ଯଥା—

ଚପଲେ ବଧି ବଗୁର ଏତେ,
ଚଢ଼ାଇ ଚଢ଼ି ଅଇଲେ ତୁରତେ । ବି. ଚି. ମ.

ଚଢ଼ାଇମାର, } ବି. (ଚଟକମାରକ ଶବ୍ଦଜ)
ଚଢ଼େଇମାରୁ, } ବ୍ୟାଧ; ଶାକୁନିକ ।

ଚଢ଼ୁ, ବି. ( ଦେଶଜ ) ତପ୍ତ ଲୌହଦ୍ୱାରା ଦାଗ । ଯଥା—

ବ୍ରାହ୍ମଣମାନଙ୍କର କେହ୍ମ ସାହା ନାହିଁ ବୋଲି ମାହାନ୍ତି ଆମର ଶିର ଦେଖି ଚଢ଼ୁଟାଏ ବସାଇଦେଲେ ପରା । ଭ. ସା.

କ୍ରିମି ଦୋଷାଦି ନିବାରଣ ନିମିତ୍ତ ଶିଶୁ ପିଲାମାନଙ୍କ ପେଟରେ ତପ୍ତ ଲୌହଶଳାକାରେ ଚଢ଼ୁ ଦିଆଯାଏ ।

ଚଢ଼ୁଆ, }
ଚଢ଼ୂଆ, } ବି. (ଦେଶଜ) ଥାଳି । ଯଥା—

ରତ୍ନ ଆସନୁ ତୋଳି ସୁବର୍ଣ୍ଣ ଚଢ଼ୁଆରେ,
କରନ୍ତି ସ୍ନାନ ପୂଜା ଷୋଡଶ ଉପଗ୍ରରେ । ନୃ.ପୁ.ଭ୍.ତ.

ଚଢ଼ୁକାଠି, ବି. (ଦେଶଜ) ସାନ ପିଲାମାନଙ୍କୁ ଲଗୁଡ଼ବା ଲୌହଶଳାକାବିଶେଷ ।

ଚଢ଼ୁଦେବା, କ୍ରି. (ଦେଶଜ) ତପ୍ତଲୌହଦ୍ୱାରା ଦାଗିବା ।

ଚଢ଼ା, ବି. (ଦେଶଜ) ଆରୋହଣ । ଯଥା—

ଅଶ୍ୱଚଢ଼ାରେ ସେହୁ ଦକ୍ଷ,
କ୍ଷତ୍ରି ସୁମଣେ ଅଟେ ମୁଖ୍ୟ । ଦା. ର.

ଗୁରିଆଡ଼ୁ ଜଳରେ ଭାସି ଆସିବା ପଠୁ । ଯଥା—ଚଢ଼ା ପଡ଼ିବାରୁ ପୋଖରୀଟି ପଦର ପ୍ରାପ୍ତ ହୋଇ ସାରିଲାଣି; ବୃଦ୍ଧି । ବିଂ. ଯେ ଚଢ଼ିଥାଏ, ଆରୂଢ଼; ବୃଦ୍ଧ; ବଢ଼ିଥିବା ।

ଚଢ଼ାଇବା, କ୍ରି. ( ଦେଶଜ ) ବସାଇବା; ମଢ଼ାଇବା । ଯଥା—

ଚଢ଼ାଇଦେଲି ଗୁରୁ- ତର ଚନ୍ଦନ ତରୁ
ଚୂଳେ ମର୍କଟୀ ଲଟୀ ଗୁରକୁ ରେ । ସଂଗୀତ ।

ଖାଦ୍ୟ ପାନ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ । ଯଥା—ପାନେ ଔଷଧ ଚଢ଼ାଇଦେବା ।

ଚଢ଼ାଉ, ବି. (ଦେଶଜ) ଆକ୍ରମଣ । ଯଥା—

ସେହି ମୂର୍ତ୍ତି ତୋର ଉକ୍ତଲେ ଚଢ଼ାଉ,
କରି ଦେଖିଥିଲା ଦୈତ୍ୟ ରକ୍ତବାହୁ । ଚିଲିକା ।

କ୍ରି. ଆରୋହଣ କରାଅ ।

ଚଢ଼ାପଡ଼ିବା, କ୍ରି. (ଦେଶଜ) ମୂଲ୍ୟାଦି ବୃଦ୍ଧି କରିବା; ଜଳରେ ଭାସି ଆସିବା ଅଳିଆ ପ୍ରଭୃତିରେ ନିମ୍ନ ସ୍ତର ପୋତି ହେବା ।

ଚଢ଼ିବା, କ୍ରି. (ଦେଶଜ) ଆରୋହଣ କରିବା ।

ଚଢ଼େଇଆ, ବିଂ. (ଦେଶଜ) ଯେ ଚଢ଼େଇ ଧରି ପେଟ ପୋଷେ ।

ଚଣକ, ବି. (ଚଣ୍ = ଦାନ କରିବା-ଅ-କ ଯୋଗ) ଚଣା; ବୁଟ; ମୁନିବିଶେଷ ।

ଚଣା, ବି. (ଚଣକ ଶବ୍ଦଜ) ବୁଟବିଶେଷ । ଯଥା—

ଟାଣ ଚଣା ନାରଦ ଖୁଆଇଲା ମରି । ବି.ଚି.ମ.

( ସମାନ ଆକୃତି ଯୋଗୁଁ ) ଆମ୍ବକଷିର ପ୍ରଥମ ଅବସ୍ଥା ।

ଚଣାଫଳ, ବି. (ଦେଶଜ) ଶଗଡ଼ର ଉଧିର ଆଗ ଓ ପଛରେ ଥିବା ଫଳ ଦୁଇଟି ।

ଚଣ୍ଡ, ବି. (ଚଣ୍ଡ୍ =କ୍ରୋଧକରିବା-ଅ) ତିନ୍ତିଡ଼ୀବୃକ୍ଷ; ଯମଦୂତ; ଦୈତ୍ୟବିଶେଷ; ଉଷ୍ଣତା; କ୍ରୋଧ; ତୀକ୍ଷ୍ଣତା; ଉଗ୍ରତା । ବିଂ. ଉଷ୍ଣ; ତୀକ୍ଷ୍ଣ; ଉଗ୍ର; ଅତ୍ୟନ୍ତ କ୍ରୁଦ୍ଧ ।

ଚଣ୍ଡରଶ୍ମି, } ବି. (ଚଣ୍ଡ = ଉଷ୍ଣ, ତୀକ୍ଷ୍ଣ-ରଶ୍ମି,
ଚଣ୍ଡାଂଶୁ, } ଅଂଶୁ = କିରଣ) ସୂର୍ଯ୍ୟ ।

ଚଣ୍ଡାତକ, ବି. (ଚଣ୍ଡା = କୋପନା ସ୍ତ୍ରୀ-ଅତ୍ = ଗମନ କରିବା-ଅକ) ସ୍ତ୍ରୀମାନଙ୍କର ଅର୍ଦ୍ଧୋରୁ ପର୍ଯ୍ୟନ୍ତ ବସ୍ତ୍ର; ଲହଙ୍ଗା । (ଅର୍ଦ୍ଧୋରୁକଂ ବରସ୍ତ୍ରୀଣାଂ ସ୍ୟାଚ୍ଚଣ୍ଡାତକମଂଶୁକେ — ଅମର ।)

ଚଣ୍ଡାଳ, } ବି. (ଚଣ୍ଡ = କ୍ରୁଦ୍ଧ-ଅଲ୍ = ପାରଗ
ଚୁଣ୍ଡାଳ, } ହେବା-ଅ-ଯେ ଅନୁଚିତ କର୍ମରେ ପାରଗ ହୁଏ) ନିଷାଦ ଜାତି; 'ଶୂଦ୍ରର ଔରସରେ ବ୍ରାହ୍ମଣୀର ଗର୍ଭଜାତ ଜାତି; ଯେଉଁ ବ୍ୟକ୍ତିର କିଛିମାତ୍ର ଦୟା ଓ ମମତା ନାହିଁ ।

ଚଣ୍ଡାଳୁଣୀ, ବି. ସ୍ତ୍ରୀ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ପାପିନୀ; ଚଣ୍ଡାଳ ସ୍ତ୍ରୀ ।

ଚଣ୍ଡିକା, } ବି. ସ୍ତ୍ରୀ. (ଚଣ୍ଡ-ଈପ୍, ଆପ୍-ଇକ)
ଚଣ୍ଡୀ, } ପାର୍ବତୀଙ୍କ ମୂର୍ତ୍ତିଭେଦ; ଯୋଗିନୀ-ବିଶେଷ; ଅତି କୋପନା ସ୍ତ୍ରୀ ।

ଚଣ୍ଡିମା, ବି. (ଚଣ୍ଡ-ଇମନ୍) ଚଣ୍ଡତ୍ୱ, ଉଗ୍ରତା, କୋପନତା ।

ଚଣ୍ଡୁ, ବି. (ଚଣ୍ଡ୍ = କ୍ରୋଧ କରିବା-ଉ) ଇନ୍ଦୁର; ମାଦକଦ୍ରବ୍ୟବିଶେଷ ।

ଚତରା, ବି. ( ଚତ୍ୱର ଶବ୍ଦଜ ) ଚନ୍ଦ୍ରାକୃତି ସମତଳ । ବିଂ. ବିସ୍ତୃତ, ଝାମ୍ପୁଲ୍ ।

ଚତୁଃଶାଲ, ବି. (ଚତୁଃ = ଚାରି, ଶାଲ = ଗୃହ ସମାହାର) ଯେଉଁ ଗୃହ ମଧ୍ୟରେ ଚାରିଟି ଗୃହ ଅଛି; ପରସ୍ପରାଭିମୁଖ ଚାରି ଗୃହ; କୋଠାଘର; ମୁନିମାନଙ୍କ ଗୃହ ।

ଚତୁଃଷଷ୍ଟି, ବିଂ. (ଚତୁଃ = ଚାରି, ଷଷ୍ଟି = ଷାଠିଏ) ୬୪ ସଂଖ୍ୟା ।

ଚତୁର୍, } ବିଂ. (ଚତ = ପ୍ରାର୍ଥନା କରିବା-
ଚତ୍ୱାର, } ଉର୍-ବାର) ଚାରି; ଚତୁର୍ବାଚକ ଶବ୍ଦ—ଯେପରି ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ; ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଚତୁର୍ବର୍ଣ୍ଣ; ସାମ ଋକ ଯଜୁ ଅଥର୍ବ ଚତୁର୍ବେଦ; ସତ୍ୟ ତ୍ରେତା ଦ୍ୱାପର କଳି ଚତୁର୍ଯୁଗ । ଇତ୍ୟାଦି ।

ଚତୁର, ବିଂ. (ଚତ୍-ଉର) କାର୍ଯ୍ୟଦକ୍ଷ, ନିପୁଣ; ସୁନ୍ଦର । (ନିପୁଣରେତି ଗତିଂ ଚତୁରଂ ବପୁଃ) ନେତ୍ରଗୋଚର; ବୁଦ୍ଧିଆ, ଚଲାକ । (ସ୍ତ୍ରୀ-ଆ) ନିପୁଣା, କାର୍ଯ୍ୟଦକ୍ଷା । (ଦେଶଜ) ଶଠ, ଧୂର୍ତ୍ତ । (ଚତୁଃ ଶବ୍ଦଜ) ୪ ସଂଖ୍ୟା । ଯଥା—

ଏକଇ ବୃକ୍ଷେ ବେନି ଫଳ,
ଚତୁର ରସ ଭିନ୍ନ ମୂଳ । ଷ୍ଟ. ଦ. ସ୍ତ.

ଚତୁରଙ୍ଗ, ବିଂ. (ଚତୁର୍-ଅଙ୍ଗ) ସର୍ବାଙ୍ଗସମ୍ପନ୍ନ; ଯେପରି ଚତୁରଙ୍ଗ ସେନା; ଚାରିଅଙ୍ଗଯୁକ୍ତ । ବି. ହସ୍ତୀ ଅଶ୍ୱ ରଥ ପଦାତିରୂପ ଚାରି-ଭାଗରେ ବିଭକ୍ତ ସେନା; ପାଶକ୍ରୀଡ଼ା-ବିଶେଷ, ପଶା ଖେଳ; ସତରଞ୍ଜ ଖେଳ ।

ଚତୁରନ୍ତ, ବିଂ. (ଚତୁଃ-ଅନ୍ତ = ଶେଷଭାଗ) ଯାହା ଚତୁର୍ବିଧ ପଦାର୍ଥରେ ପରିବୃତ ।

ଚତୁରଶୀତି, ବିଂ. (ଚତୁଃ-ଅଶୀତି) ୮୪ ସଂଖ୍ୟା ।

ଚତୁରଶୀତିତମ, ବି. ସଂ. ଚତୁରଶୀତି ସଂଖ୍ୟାର ପୂରଣ ।

ଚତୁରସ୍ର, ବିଂ. (ଚତୁର୍ = ଚାରି-ଅସ୍ର = କୋଣ) ଚତୁଷ୍କୋଣ, ଚାରିକୋଣିଆ; ଚୌରସ ଯାହା ଉଚ୍ଚ ନୀଚ ନୁହେ । ଯଥା—ଚତୁରସ୍ର ସ୍ଥାନ; ନିର୍ଦ୍ଦୋଷ, ଅବ୍ୟଭିଚରିତ । ଯଥା— ଚତୁରସ୍ର ସିଦ୍ଧାନ୍ତ ।

ଚତୁରାଇପଣ, ବି. ( ଦେଶଜ ) ଚତୁରପଣ, ଚାତୁର୍ଯ୍ୟ । ଯଥା—

କହୁଥାଅ ଚତୁରାଇପଣ ତ ଆମ୍ଭଙ୍କୁ । ର. କ.

ଚତୁରାଙ୍ଗ, ବି. (ଚାତୁର ଶବ୍ଦଜ) ଚାତୁର୍ଯ୍ୟ । ଯଥା—

ସାଧୁତ ବିନସ୍ଥ ବାଣୀ ଶୁଣି ଖବରାଖି,
ବୋଇଲେ ଚତୁରାଙ୍ଗ ବିଗ୍ରହ କଲ ଏହୁ । ନୃ. ପୁ. ଚ. ଚ.

ଚତୁରାଳ, ବି. (ଦେଶଜ) ଚତୁରତା ପ୍ରକାଶ କରିବା

ଚତୁରୀ, ବି. ସ୍ତ୍ରୀ. (ଚତୁର ଶବ୍ଦଜ) ଚତୁରତା ପୂର୍ଣ୍ଣ ସ୍ତ୍ରୀ ।

ଚତୁରୁ, ବିଂ. (ଚତୁର ଶବ୍ଦଜ) ଦକ୍ଷ, ନିପୁଣ; ବୁଦ୍ଧିମାନ୍ ।

ଚତୁର୍ଗତି, ବି. (ଚତୁଃ = ଚାରି, ଗତି = ଗମନ) କଚ୍ଛପ; ଆଶ୍ରମଚତୁଷ୍ଟୟର ଯେ ଗତିସ୍ୱରୂପ, ପରମେଶ୍ୱର ।

ଚତୁର୍ଥ, ବିଂ. (ଚତୁର୍-ଥଟ୍-ପୂରଣାର୍ଥେ) ଚାରି ସଂଖ୍ୟାର ପୂରକ । (ସ୍ତ୍ରୀ-ଈ) ତିଥିବିଶେଷ; ଶନିବାରର ଚତୁର୍ଥ ଦିବସ ।

ଚତୁର୍ଥଭାକ୍, ବି. (ଚତୁର୍ଥ = ଚତୁର୍ଥାଂଶ-ଭଜ୍-କ୍ୱିପ୍) ଚତୁର୍ଥାଂଶଗ୍ରାହୀ ନୃପ ।

ଚତୁର୍ଦ୍ଦଶ, ବିଂ. (ଚତୁଃ = ଚାରି-ଦଶ) ୧୪ ସଂଖ୍ୟା; ଚତୁର୍ଦ୍ଦଶ ସଂଖ୍ୟାର ପୂରକ । (ସ୍ତ୍ରୀ-ଈ) ତିଥିବିଶେଷ ।

ଚତୁର୍ଦ୍ଦଶବିଦ୍ୟା, ବି. ସ୍ତ୍ରୀ. ସଂ. ଚାରି ବେଦ; ଆୟୁର୍ବେଦାଦି ବେଦର ଷଡ଼ଙ୍ଗ; ଧର୍ମଶାସ୍ତ୍ର, ପୁରାଣ, ମୀମାଂସା ଓ ତର୍କ ।

ଚତୁର୍ଦ୍ଦୋଳ, ବି. (ଚତୁର୍ = ଚାରି ବାହକ ଦୋଳ) ଚାରିଜଣରେ ବହନୀୟ ଶିବିକା-ବିଶେଷ, ଚୌଦୋଳ ।

ଚତୁର୍ଦ୍ଧା, ଅଂ. (ଚତୁର୍ = ଚାରି-ଧା-ପ୍ରକାରାର୍ଥେ) ଚାରିପ୍ରକାର; ଚାରିବାର ।

ଚତୁର୍ଦ୍ଧାମ, ବି. ( ଚତୁର୍-ଧାମ ) ରାମନାଥ, ବୈଦ୍ୟନାଥ, ଜଗନ୍ନାଥ, ଦ୍ୱାରକାନାଥ ।

ଚତୁର୍ମାସ୍ୟା ବି. ସ୍ତ୍ରୀ. ( ଚାତୁର୍ମାସ ଶବ୍ଦଜ ) ଶ୍ରାବଣାଦି ଚାରି ମାସ । ଯଥା—

ବୃକ୍ଷ ତଳରେ କଲେ ବସା,
ଦୁଃଖେ ବଞ୍ଚିଲେ ଚତୁର୍ମାସ୍ୟା । ମା. ମା.

ଚତୁର୍ମୁଖ, ଚତୁର୍ବକ୍ତ୍ର, ଚତୁରାନନ, } ବି. (ଚତୁର୍ = ଚାରି-ମୁଖ, ବକ୍ତ୍ର, ଆନନ) ବ୍ରହ୍ମା ।

ଚତୁର୍ବିଧ, ବିଂ. ( ଚତୁର୍ = ଚାରି-ବିଧା-ପ୍ରକାରାର୍ଥେ ) ଚାରିପ୍ରକାର ।

ଚତୁଷ୍କ, ବି. (ଚତୁର = ଚାରିକୋଣ-କ, ଅଥବା ଚତୁର୍-କୈ = ଦୀପ୍ତି ପାଇବା-ଅ) ଚତ୍ୱର; ଚତୁସ୍ତମ୍ଭଯୁକ୍ତ ମଣ୍ଡପ; ଚାରିକୋଣିଆ ପୁଷ୍କରିଣୀ; ମଶାରି; ଚୌକି ।

ଚତୁଷ୍ଟୟ, ବିଂ. (ଚତୁଃ-ତୟଟ୍-ଅବୟବାର୍ଥେ) ଚାରି ଅଂଶରେ ବିଭକ୍ତ ବା ଗଣିତ; ଚାରିବିଧ, ଚାରି ସଂଖ୍ୟା ।

ଚତୁଷ୍ପଥ, ବି. (ଚତୁଃ-ପଥ) ଚୌରାସ୍ତା; ଚାରି-ମୁହାଣି; ବ୍ରାହ୍ମଣ ।

ଚତୁଷ୍ପଦ, ଚତୁଷ୍ପଦୀ, } ବି. (ଚତୁଃ-ପଦ-ଇନ୍-ଅସ୍ତ୍ୟର୍ଥେ) ଚଉପଦୀ, ଚାରିଚରଣବିଶିଷ୍ଟ ପଦ୍ୟ; ପଶୁ ।

ଚତୁଷ୍ପାଠୀ, ବି. ସ୍ତ୍ରୀ. (ଚତୁଃ-ପୀଠ = ଆଧାର) ଚାରି ଶାସ୍ତ୍ରର ଅଧ୍ୟୟନାଳୟ; ଚୌପାଢ଼ି ।

ଚତୁଃସମ, ବି. (ଚତୁଃ-ସମ) ଚନ୍ଦନ, ଅଗୁରୁ, କସ୍ତୂରୀ, କୁଙ୍କୁମ ଏହି ଚାରିଦ୍ରବ୍ୟ; ଲବଙ୍ଗ, ସୈନ୍ଧବ, ହରୀତକୀ, ଜୁଆଣି ଏହି ଚାରିଦ୍ରବ୍ୟ ।

ଚତ୍ତୁ, ବିଂ. (ଚତୁଃ ଶବ୍ଦଜ) ୪ ସଂଖ୍ୟା । ଯଥା—

ଶଙ୍ଖ ଚକ୍ର ଗଦା ପଦ୍ମ ଘେନି ଚତ୍ତୁ କରେ,
ଶ୍ରୀବତ୍ସ ଚିହ୍ନ ଫୁଟି ଦିଶଇ ହୃଦ ପରେ । ନୃ. ପୁ. ପ୍ର. ତ.

(ଚତୁର ଶବ୍ଦଜ) ଦକ୍ଷ, ଚତୁର ।

ଚତ୍ୱର, ବି. (ଚତ୍ = ପ୍ରାର୍ଥନା କରିବା-ବର, କିମ୍ବା ଚତ୍ = ଗମନ କରିବା-ବର) ଅଗଣା; ଯଜ୍ଞସ୍ଥାନ; ହୋମାର୍ଥ ପରିଷ୍କୃତ ଭୂମି; ରଙ୍ଗସ୍ଥାନ ।

ଚତ୍ୱାର, ବି. ସଂ. ଚତୁଃସଂଖ୍ୟା; ଚାରି ।

ଚତ୍ୱାରିଂଶତ୍, ବି. ସଂ. ୪୦ ସଂଖ୍ୟା ।

ଚଦର, ବି. (ଦେଶଜ) ଉତ୍ତରୀୟ ବସ୍ତ୍ରବିଶେଷ ।

ଚଦା, ବି. (ଦେଶଜ) ତର୍ଜନା ।

ଚଦବା, ଚଜବା, } କ୍ରି. (ତର୍ଜନ ଶବ୍ଦଜ) ଧମକାଇବା । ଯଥା—

ଆବରହିଁ ଜାତି ଯେତେ ଅଛଇ ସଂସାରେ,
ସେ ଦୋଷ କଲେ ନ ମାରିବ ଚଜବ ବାକ୍ୟରେ ।
ନ. ଯୁ. ପ୍ର. ତ.

ଚନ୍ଦ, ଚାନ୍ଦ, } ବି. ( ଚନ୍ଦ୍ର ଶବ୍ଦଜ ପ୍ରାକୃତ ) ଚନ୍ଦ୍ର । ଯଥା—

ଆପେ ବ୍ରହ୍ମା ବିଷ୍ଣୁ ଆପେ ସେହି ରୁଦ୍ର ଇନ୍ଦ୍ର,
ଆପେ ଆପେ ବରୁଣ ଆପେ ସେ ରବି ଚନ୍ଦ୍ର ।
ନୃ. ପୁ. ଚୁ. ତ.

ଚାନ୍ଦ ଉଦିତ ଦ୍ୱିତୀୟା ତିଥିକି,
ବାଜେଣୀ ନୂପୁର ବାନ୍ଧି ନର୍ତ୍ତକୀ । କୋ. ବ୍ର. ସୁ.

ଚନ୍ଦନ, ବି. (ଚନ୍ଦ୍ = ଆହ୍ଲାଦିତ କରିବା-ଅନ) ସ୍ୱନାମପ୍ରସିଦ୍ଧ ବୃକ୍ଷ; ବାନରବିଶେଷ; ଚନ୍ଦନକାଠ; ନଦୀବିଶେଷ ।

ଚନ୍ଦନପୁଷ୍ପ, ବି. ସଂ. ଲବଙ୍ଗ ।

ଚନ୍ଦନାଚଳ, ଚନ୍ଦନାଦ୍ରି, } ବି. (ଚନ୍ଦନ-ଅଚଳ, ଅଦ୍ରି = ପର୍ବତ) ମଳୟପର୍ବତ ।

ଚନ୍ଦା, ବି. (ଦେଶଜ) ଚନ୍ଦ୍ର; ଅନାବୃତ ସ୍ଥାନ ।

ଚନ୍ଦିର, ବି. ( ଚନ୍ଦ୍ = ଦୀପ୍ତି ପାଇବା-ଇର ) ଚନ୍ଦ୍ର; ହସ୍ତୀ ।

ଚନ୍ଦ୍ର, ଚନ୍ଦ, ବି. (ଚନ୍ଦ୍‌=ଦୀପ୍ତି ପାଇବା-ର, ଅ) ଚନ୍ଦ୍ର; କର୍ପୂର; ଜଳ; ମୟୂରଚନ୍ଦ୍ରିକା; ସ୍ୱର୍ଣ୍ଣ; ସୀରକ; ଦ୍ୱୀପବିଶେଷ; କୌଣସି ଶବ୍ଦର ପରେ ରହିଲେ—ଶ୍ରେଷ୍ଠ । ଯେପରି -- କବିଚନ୍ଦ୍ର, ବୈଦ୍ୟଚନ୍ଦ୍ର ଇତ୍ୟାଦି । (ଦେଶଜ) ଗଞ୍ଜିପା ସାରର ଏକପ୍ରକାର ରଙ୍ଗ, ଏହାକୁ ଦାପକଲାରେ କଇଥ ଅଠା ମିଶାଇ କରନ୍ତି । ବିଂ. ଆହ୍ଲାଦଜନକ ।

ଚନ୍ଦ୍ରଉଦଆ, ବି. (ଚନ୍ଦ୍ରୋଦୟ ଶବ୍ଦଜ) ଚନ୍ଦ୍ରୋଦୟ । ଯଥା—

**ଚନ୍ଦ୍ରଉଦଆ କେତେ ଦେବେ ଜାଳି । ର. ପ.**

ଚନ୍ଦ୍ରକ, ବି. (ଚନ୍ଦ୍ର-କ-ତୁଲ୍ୟାର୍ଥେ) ମୟୂରପୁଚ୍ଛର ଚନ୍ଦ୍ରାକୃତି ଚିହ୍ନ; ମଣ୍ଡଳ; ଚନ୍ଦ୍ରମାଛ; ନଖ । (ଚନ୍ଦ୍ର-କ-ସ୍ୱାର୍ଥେ) ଚନ୍ଦ୍ର ।

ଚନ୍ଦ୍ରକାନ୍ତ, ବି. (ଚନ୍ଦ୍ର-କାନ୍ତ=କମନୀୟ, ପ୍ରିୟ) ମଣିବିଶେଷ; ଚନ୍ଦନ କାଷ୍ଠ; କୁମୁଦ । ବିଂ. ଚନ୍ଦ୍ରବତ୍ ସୁନ୍ଦର ।

ଚନ୍ଦ୍ରକାନ୍ତି, ବି.(ଚନ୍ଦ୍ର-କାନ୍ତି=ଦୀପ୍ତି) ରୌପ୍ୟ, ରୁପା ।

ଚନ୍ଦ୍ରଚୂଡ଼,
ଚନ୍ଦ୍ରମୌଳି,
ଚନ୍ଦ୍ରାପୀଡ଼, } ବି. (ଚନ୍ଦ୍ର, ଚୂଡ଼ା, ମୌଳି, ଆପୀଡ଼=ଶିରୋଭୂଷଣ) ମହାଦେବ, ଶିବ; ପର୍ବତବିଶେଷ ।

ଚନ୍ଦ୍ରଭଗା, ବି. ସ୍ତ୍ରୀ. (ଚନ୍ଦ୍ରଭାଗ=ହିମାଳୟର ଏକାଂଶ-ଅ-ଭବାର୍ଥେ) କାଶ୍ମୀରଦେଶସ୍ଥ ସ୍ୱନାମପ୍ରସିଦ୍ଧ ନଦୀ; ଉତ୍କଳଦେଶର ସ୍ୱନାମପ୍ରସିଦ୍ଧ ନଦୀ ।

ଚନ୍ଦ୍ରମା,
ଚନ୍ଦ୍ରମସ୍, } ବି. (ଚନ୍ଦ୍ର=କର୍ପୂର-ମସ୍=ତୁଲ୍ୟ କରିବା-କ୍ୱିପ୍) ଚନ୍ଦ୍ର; ନଦୀବିଶେଷ ।

ଚନ୍ଦ୍ରବିନ୍ଦୁ, ବି.ସଂ. ଅର୍ଦ୍ଧଚନ୍ଦ୍ରାକାରଯୁକ୍ତ ବିନ୍ଦୁ ।

ଚନ୍ଦ୍ରବିହଙ୍ଗମ, ବି. ସଂ. ଚନ୍ଦ୍ର ତୁଲ୍ୟ ଶୁଭ୍ର ବିହଙ୍ଗମ, ପକ୍ଷୀ; ବକପକ୍ଷୀ ।

ଚନ୍ଦ୍ରଶାଲା,
ଚନ୍ଦ୍ରଶାଳିକା, } ବି. ସ୍ତ୍ରୀ. (ଚନ୍ଦ୍ର-ଶାଲା ଚନ୍ଦ୍ର-ଜ୍ୟୋତ୍ସ୍ନା) ରିଥାଦିର ବା ପ୍ରାସାଦର ଶିରୋଗୃହ ।

ଚନ୍ଦ୍ରହାସ, ବି. (ଚନ୍ଦ୍ର-ହସ୍=ହସିବା-ଅ—ଉଜ୍ଜ୍ୱଳତାରେ ଯେ ଚନ୍ଦ୍ରକୁ ଉପହାସ କରେ) ଖଡ୍‌ଗ; ରାବଣର ଖଡ୍‌ଗ; ରୌପ୍ୟ; କଂସା । (ସ୍ତ୍ରୀ-ଆ) ଗୁଳୁଚୀ ।

ଚନ୍ଦ୍ରା, ବି. ସ୍ତ୍ରୀ. ସଂ. ଅଳାଇଚ; ଚନ୍ଦ୍ରୁଆ; ଗୁଳୁଚୀ । (ଚନ୍ଦ୍ରାଉଳୀ ଶବ୍ଦର ଅପଭ୍ରଂଶ) ଚନ୍ଦ୍ରାବତୀ; ଚନ୍ଦ୍ରାବଳୀ, ଚନ୍ଦ୍ରଭାନୁଙ୍କ କନ୍ୟା, ଗୋପସ୍ତ୍ରୀବିଶେଷ । ଯଥା—

ଚନ୍ଦ୍ରା ସୁରତି ଚନ୍ଦ୍ରୁଁ କରତି ପକାଉଅଛୁ କାମ ଗ୍ରୁତ । ବି. ଚି. ମ.

( ଚନ୍ଦ୍ର ଶବ୍ଦଜ ଅନାଦରାର୍ଥକ ) ଚନ୍ଦ୍ରନାମା ବ୍ୟକ୍ତି ।

ଚନ୍ଦ୍ରାତପ, ବି. (ଚନ୍ଦ୍ର-ଆତପ=କିରଣ) ଜ୍ୟୋସ୍ନା । (ଚନ୍ଦ୍ର-ଆତ=ଗମନ-ପା=ରକ୍ଷା କରିବା-ଅ) ଚନ୍ଦ୍ରୁଆ ।

ଚନ୍ଦ୍ରିକା, ବି. ସ୍ତ୍ରୀ. (ଚନ୍ଦ୍ର-ଇକ-ଆ) ଜ୍ୟୋସ୍ନା । ନେତ୍ରତାରକା; ଚନ୍ଦ୍ରଭାଗା ନଦୀ; ଚନ୍ଦ୍ରମାଛ; (ଚନ୍ଦ୍ରକ ଶବ୍ଦଜ) ମୟୂରପୁଚ୍ଛର ଚନ୍ଦ୍ରାକୃତି ଚିହ୍ନ; ଅଭ୍ରକର ଆଭ୍ୟନ୍ତରୀଣ ଅଂଶ ।

ଚନ୍ଦ୍ରୋପଳ, ବି. (ଚନ୍ଦ୍ର-ଉପଳ=ପ୍ରସ୍ତର ବା ମଣି) ଚନ୍ଦ୍ରକାନ୍ତମଣି ।

ଚନ୍ଧା,
ଚନ୍ଦା, } ବିଂ. (ଦେଶଜ) ଟାଙ୍ଗରା ଅର୍ଥାତ୍ ଯାହା ମୁଣ୍ଡରେ ବାଳ ନ ଥାଏ; ଖାଲି ।

ଚନ୍ନ, ବି. (ଚନ୍ଦନ ଶବ୍ଦଜ) ଚନ୍ଦନ ।

ଚନ୍ନଲଗି, ବି. (ଦେଶଜ) ଚନ୍ଦନ ଲଗାଇବା । ବିଂ. ଚନ୍ଦନଚର୍ଚ୍ଚିତ ।

ଚପ, ବି.(ଦେଶଜ)ମାଂସପ୍ରସ୍ତୁତ ଖାଦ୍ୟବିଶେଷ ।

ଚପକନ, ବି. (ଯାବନିକ) ଅଙ୍ଗରଖାବିଶେଷ ।

ଚପଟ,
ଚପେଟ,
ଚପେଟକ,
ଚପେଟିକା, } ବି. ( ଚପ୍=ଚୂର୍ଣ୍ଣକରିବା-ଅଟ, ଇଟ, ଅଥବା ଚପ୍=ସାନ୍ତ୍ୱନାର ନମିତ୍ତ-ଇଟ୍=ଗମନ କରିବା-ଅ, କ-ସ୍ୱାର୍ଥେ, ଆ ) ଚପଡ଼ା; କରତଳ ପ୍ରହାର । ଯଥା—

ଯାହା ବଜ୍ରଚପେଟିକା ଲଭି କଲି ପ୍ରହ୍ରାବ ବୀରବର । କା. ପ. ନା.

ଚପଟ, ବି. (ଚପେଟ ଶବ୍ଦଜ, ମାତ୍ର ଅର୍ଥ କିଞ୍ଚିତ୍ ଭିନ୍ନ) ପୀଡ଼ା; ଆଘାତ ।

ଚପରାସ, } ବି. (ଯାବନିକ) ସରକାରୀ ବା
ଚପରାସି, } ଜମିଦାରୀ କଚେରିସ୍ଥ ନିମ୍ନତମ କର୍ମଚାରୀ । ଯଥା—

ଚପରାସରସ୍ତୁ ଯେଷ୍ଟି କଂସରସ୍ତୁ
ନନ୍ଦେ'କ୍ଷେ ନେବ କି ତତ୍ତ୍ୱ । ସଂ. ସ.

ଚପରାସ, ବି. (ଯାବନିକ) ଚପରାସିମାନେ ଧାରଣ କରିଥିବା ଢୋଦା ।

ଚପଳ, ବିଂ. (ଚପ୍ ବା ଚୁପ୍=ଗମନ କରିବା-ଅଳ) ଚଞ୍ଚଳ; ତରଳ; ଅନବସ୍ଥିତ । କ୍ଷଣିକ; ଦୁର୍ବିନୀତ; ଚକଳ; ଧୃଷ୍ଟ; ପ୍ରଗଲ୍ଭ । କ୍ରି. ବିଂ. ଶୀଘ୍ର । ବି. ପାରଦ; ପ୍ରସ୍ତରବିଶେଷ; ଚୌର; ମୀନ, ମତ୍ସ୍ୟ । (ସ୍ତ୍ରୀ-ଆ) ଲକ୍ଷ୍ମୀ; ବିଜୁଳି; ବେଶ୍ୟା; ସୁରା; ଜିହ୍ୱା ।

ଚବକା, ବି. (ଦେଶଜ) ସାମାନ୍ୟ ପୋଖରୀ, ଚୁଆ ।

ଚବିଶ, } ବିଂ. (ଚତୁର୍ବିଂଶ ଶବ୍ଦଜ) ୨୪
ଚବିଶି, } ସଂଖ୍ୟା ।

ଚମ, ବି. (ଚର୍ମ ଶବ୍ଦଜ, ପ୍ରାକୃତ ଚମ୍ମ ଶବ୍ଦରୁ ଜାତ) ଛାଲ, ଚର୍ମ । ଯଥା—

ଅମର ପରି ଦେହ ଚମର ତେଜ ଦିଶେ । କୃ.ଷା.ବ.ପ.

ଚମଉକୁଣି, ବି. (ଦେଶଜ) ଦେହଚର୍ମରେ ଜାତ କୀଟବିଶେଷ ।

ଚମକ, ବି. (ଚମତ୍କାର ଶବ୍ଦଜ) କୌଣସି ଶବ୍ଦାଦି ଶୁଣି କିମ୍ବା ଭୟଙ୍କର ରୂପ ଦେଖି ହଠାତ୍ ଯେ ଭୟ ହୁଏ; ଭୟ; କମ୍ପ । ଯଥା—

ହଙ୍କାରଣେ କୃଷ୍ଣ ଅବିରତ ରତ,
ହଠେ ଗାତ୍ରରେ ଚମକ ଶତ ଶତ । କ. ଚ. ମ.

ବିଂ. ଅସ୍ଥିର; ଭୟକାରକ, କମ୍ପକାରକ । ଯଥା—

ହଂସକ ନୂପୁର ପାଦେ ଚୂଳି ଟୁଣ୍ଟିଆ ପ୍ରପଦେ,
ଚେତନା ଚମକ ପକାଇଦେବ ଏ
ଝଂମକ ଚମକ ନାଦେ । କୋ. ବ୍. ସୁ.

ଚମକଡ଼ା, ବି. (ଦେଶଜ) ଚମକଠା ଶସ୍ତ୍ର । ଯଥା—

ସୁନାର ଯେ ନହୁରୁଣୀ ରୁପା ଚମକଡ଼ା । ମଂ. ସଂ.

ଚମକାଇବା, କ୍ରି. ଭୟରେ କମ୍ପାଇବା ।

ଚମକିବା, କ୍ରି. ଭୟରେ କମ୍ପିବା ।

ଚମଚଟା, } ବି. (ଦେଶଜ) ଚେମିଣି
ଚମଚଟିଆ, } ଚଢ଼ାଇ, ସ୍ୱନାମପ୍ରସିଦ୍ଧ ଦାନ୍ତ
ଚମରଚଟୁ, } ଥିବା ପକ୍ଷୀ, ଗୃହର ଆଟୁରେ
ଚମରଚଟୁଆ, } ଲମ୍ବି ରହିଥାଏ । ଯଥା—

ଉମିରକୁ ଉଢ଼ି ବାଜନ୍ତି ବଳନେ
ପକ୍ଷବାଦେ ଚମଚଟା । ପାବଂଶ ।

ଚମଡ଼ା, ବି. (ଚର୍ମ ଶବ୍ଦଜ) ଛାଲ ବା ଚମ ।

ଚମତ୍, ଅଂ. ସଂ. ଚମକିବା ।

ଚମତ୍କରଣ, ବି. (ଚମତ୍=ଆଶ୍ଚର୍ଯ୍ୟବୋଧକ ଶବ୍ଦ-କୃ=କରିବା-ଅନ) ଆଶ୍ଚର୍ଯ୍ୟବୋଧ ଜନ୍ମାଇବା, ଚମତ୍କୃତ କରିବା ।

ଚମତ୍କାର, ବି. (ଚମତ୍-କୃ-ଅ) ଆଶ୍ଚର୍ଯ୍ୟ, ବିସ୍ମୟ; ଅନିର୍ବଚନୀୟ ଆନନ୍ଦ । ବିଂ. ଆଶ୍ଚର୍ଯ୍ୟଜନକ ।

ଚମତ୍କାରକ, } ବିଂ. (ଚମତ୍-କୃ-ଅକ, ଇନ୍)
ଚମତ୍କାରୀ, } ବିସ୍ମୟକର; ଆଶ୍ଚର୍ଯ୍ୟଜନକ । (ସ୍ତ୍ରୀ-ଈ) ବିସ୍ମୟୋତ୍ପାଦିକା; ଆଶ୍ଚର୍ଯ୍ୟଜ୍ଞାପିକା ।

ଚମଦଳା, ବି. (ଚର୍ମଦଳ ଶବ୍ଦଜ) କ୍ଷୁଦ୍ର ରୋଗବିଶେଷ, ଏହି ରୋଗ ଚମକୁ ଦଳି କୁଣ୍ଡିଆ ଏବଂ ଘା ଜାତ କରାଏ ।

ଚମର, ବି. (ଚମ୍-ଭକ୍ଷଣ ଓ ଗମନ କରିବା-ଅର) ବାଳବ୍ୟଜନ, ଚାମର; ମୃଗବିଶେଷ; ଦୈତ୍ୟବିଶେଷ । (ସ୍ତ୍ରୀ-ଈ) ମୃଗୀବିଶେଷ ।

ଚମସ, ବି. (ଚମ୍-ଅସ) ଯଜ୍ଞପାତ୍ରବିଶେଷ; ଚାମର, କରଚୁଲି । (ସ୍ତ୍ରୀ-ଈ) ପିଷ୍ଟକବିଶେଷ; ଏକପ୍ରକାର ମିଷ୍ଟାନ୍ନ ।

ଚମାର, ବି. (ଚର୍ମକାର ବା ଚର୍ମାର ଶବ୍ଦଜ, ପ୍ରାକୃତ ଚମ୍ମାର ଶବ୍ଦଜାତ) ମୋଚିଜାତି, ଚାଳପତ୍ରବ୍ୟବସାୟୀ ।

ଚମୀକର, ବି. ସଂ. ସ୍ୱର୍ଣ୍ଣଖଣି ।

ଚମୂ, ବି. (ଚମ୍=ଶତ୍ରୁକୁ ଭକ୍ଷଣ କରିବା, ଧ୍ୱଂସ କରିବା-ଊ) ସେନାଦଳ; ରଥଗଜାଦି ଚତୁରଙ୍ଗ ସେନାର ପରିମାଣବିଶେଷ । ଯଥା—

ଚତୁର୍ଦ୍ଦଶ ସହସ୍ର ରାକ୍ଷସଚମୂ ସୁମହାଗ୍ରଣୀ । ଜା.ପ.ନା.

ଚମୂରୁ, ଚମୂରୁ, ଚମୂରୁକ, } ବି. (ଚମ୍ = ଭକ୍ଷଣ ଓ ଗମନ କରିବା-ଊରୁ, ଉର, କ-ସ୍ୱାର୍ଥେ) ହରିଣବିଶେଷ । ଯଥା—

ଘୀରୁ ଚମୂରୁକସମୂହର ଦୃଷ୍ଟି ଦେଖି ଅଜ୍ଞାତ-ଭାବ
ଶବରେ ନ ଲଭନ୍ତି ତୁଷ୍ଟି । କା. ପ. ନା.

ଚମ୍ପକ, ବି. ( ଚମ୍ପ୍ = ପ୍ରାପ୍ତି ପାଇବା-ଅକ ) ଚମ୍ପାଗଛ; ନଗରବିଶେଷ; ଚମ୍ପାଫୁଲ; ଚମ୍ପକକଦଳୀ ।

ଚମ୍ପତି, ବି. (ଚମୂପତି ଶବ୍ଦଜ) ସେନାପତି; ଶ୍ରେଷ୍ଠ ରାଜାମାନଙ୍କର ଉପାଧି ।

ଚମ୍ପା, ବି. (ଚନ୍ମ୍ = ଗମନ କରିବା-ଅ-ଆ) ସ୍ୱନାମପ୍ରସିଦ୍ଧ ନଗରୀ; ନଦୀବିଶେଷ; କର୍ଣ୍ଣଙ୍କ ପତ୍ନୀ । (ଚମ୍ପକ ଶବ୍ଦଜ) ପୁଷ୍ପବିଶେଷ; ବାଣବିଶେଷ ।

ଚମ୍ପାଈ, ବି. ସ୍ତ୍ରୀ. (ଚମ୍ପକା ଶବ୍ଦଜ) ଦେବୀବିଶେଷ । ଯଥା—

ଚମ୍ପାଈ ଅପରାଜିତା ରୂପାଇ ପିଙ୍ଗଳା,
ବାହ୍ନବ ମାରକମା ମାରଳମା ହିଙ୍ଗୁଳା । ନୃ.ପୁ.ଚ.ତ.

ଚମ୍ପାବତୀ, ବି. ସ୍ତ୍ରୀ. (ଚମ୍ପକବତୀ ଶବ୍ଦଜ) ଦେବୀଙ୍କ ନାମବିଶେଷ । (ଚମ୍ପେଶୀ ଶବ୍ଦ ଦେଖ ।)

ଚମ୍ପାବାଣ, ବି. (ଚମ୍ପକବତୀ ଶବ୍ଦଜ) ଏକପ୍ରକାର ଆତସବାଜି । ଯଥା—

ନର୍ତ୍ତନ କରନ୍ତି ନଟ ଭାଟେ ଯେ କୀର୍ତ୍ତନ,
ଠାବେ ଠାବେ ଝର ଝର ଫୁଟେ ଚମ୍ପାବାଣ ।

ଚମ୍ପାମହିପାଳ, ବି. (ଦେଶଜ) ଏକପ୍ରକାର ଶୁକ୍ଳ ବଡ଼ଧାନ ।

ଚମ୍ପୂ, ବି.(ଚମ୍ = ଭକ୍ଷଣ କରିବା, ଗମନ କରିବା-ଉ, ପ ଆଗମ) ଗଦ୍ୟପଦ୍ୟମୟୀ ବାଣୀ ।

ଚମ୍ପେଇନଳ, ଚମ୍ପେଇନଉଳ, ଚମ୍ପେଇନେଉଳ, } ବି. (ଦେଶଜ) ଗୋଧିଜାତୀୟ ବିଳେଶୟ ଜନ୍ତୁବିଶେଷ । ଯଥା—

ଚମ୍ପେଇନଳ, ବାଉଁଶ ଲଟିରେ ଯାଉଛି ଗଳି । ଡ଼ା.ବି.

ଚମ୍ପେକ, ବି. ( ଚମ୍ପକ ଶବ୍ଦଜ ) ଚମ୍ପାଫୁଲ । ଯଥା—

ନବକିଶୋର, ଚମ୍ପେକଗୋର ବିମ୍ବଅଧର ରେ । ର.କ.

ଚମ୍ପେଶୀ, ବି. ସ୍ତ୍ରୀ. ( ଚମ୍ପକେଶୀ ଶବ୍ଦଜ ) ନାମବିଶେଷ । ଯଥା—

ଚର୍ଚ୍ଚିକା ଚାମୁଣ୍ଡା ଗୋ ଚଣ୍ଡିକା ଚନ୍ଦ୍ରକାନ୍ତି,
ଚଣ୍ଡଘଣ୍ଟା ଚମ୍ପେଶୀ ଚର୍ଚ୍ଚେଲ୍ଲୀ ଚମ୍ପାବତୀ । ନୃ.ପୁ.ଚ.ତ.

ଚମ୍ବୁ, ବି. (ଦେଶଜ) ଘଟୀ, ଢାଳ; ଲୋଟା ।

ଚୟ, ବି. (ଚି = ଏକତ୍ର କରିବା-ଅ) ସମୂହ, ରାଶୀ; ବପ୍ର, ଭେଣ୍ଡି; ପୋସ୍ତା; ପ୍ରାକାର; ସଞ୍ଚୟ; ଆହରଣ; ଅଗ୍ନ୍ୟାଦିର ଚୟନରୂପ ସଂସ୍କାରବିଶେଷ ।

ଚୟନ, ବି.(ଚି = ଏକତ୍ରିତକରିବା-ଅନ) ସଂଗ୍ରହ, ସଙ୍କଳନ; ପୁଷ୍ପାଦି ତୋଳିବା; ଇଷ୍ଟକାଦିଦ୍ୱାରା ନିର୍ମାଣ; ସଂସ୍କାରସାଧନ ବସ୍ତୁ ।

ଚୟନୀୟ, ବିଂ. (ଚି-ଅନୀୟ) ଚୟନଯୋଗ୍ୟ; ଯାହା ଚୟନ କରିବା ଉଚିତ ବା ଆବଶ୍ୟକ ।

ଚର, ବି.(ଚର୍ = ଗମନ କରିବା-ଅ) ଗୁପ୍ତଦୂତ; କପର୍ଦ୍ଦକ; ଅକ୍ଷକ୍ରୀଡ଼ାବିଶେଷ; ଖଞ୍ଜନପକ୍ଷୀ; ଗୋଚାରଣଭୂମି; ମେଷ କର୍କଟ ତୁଳା ଓ ମକରରାଶି; ସ୍ୱାତି, ପୁନର୍ବସୁ ଓ ଶ୍ରବଣା ନକ୍ଷତ୍ର; ମଙ୍ଗଳଗ୍ରହ; ନଦୀମଧ୍ୟସ୍ଥ ବାଲୁକାମୟ ଭୂଭାଗ । ବିଂ. ଜଙ୍ଗମ, ଗମନଶୀଳ ।

ଚରକ, ବି. ( ଚର୍ ଅକ ) ଆୟୁର୍ବେଦବିତ୍ ଋଷିବିଶେଷ; ତତ୍କୃତ ଗ୍ରନ୍ଥ; ଭିକ୍ଷୁକ; ଦୂତ, ଚର ।

ଚରଖ, ଚରଖା, ଚରଖି, ଚର୍ଖି, } ବି. (ଚକ୍ର ଶବ୍ଦଜ) ସୂତାକାଟିବା ଯନ୍ତ୍ର ଅର୍ଥାତ୍ ଅରଟ; ନଦୀରେ ଭାସିଯାଉଥିବା କାଠ ଧରିବା ନିମନ୍ତେ ଆଙ୍କୁଡ଼ି; ଚଣାସଂକ୍ରାନ୍ତିରେ ଚାଟୁଆମାନେ ଯେଉଁ ଯନ୍ତ୍ରରେ ଓହଳି ବୁଲନ୍ତି ।

ଚରଖୀ, ବି. (ଚକ୍ର ଶବ୍ଦଜ) ବାଦ୍ୟବିଶେଷ ।

ଚରଗୁ, ବି.(ଚର୍ଚ୍ଚା ଶବ୍ଦର ଅପଭ୍ରଂଶ) ସମ୍ମାନନାପୂର୍ବକ ଭୋଜନାଦି ଦେବା । ଯଥା—

ଜଣ ଜଣକେ ଚରଗୁ କଲେ ଭୁତଵାର । ବି. ରା.

ଚରଗୁ, } ବି. (ଚର୍ଚ୍ଚା ଶବ୍ଦଜ) ରାଜସେବକ
ଚରଚଆ, } ବା ନିଯୋଗିବିଶେଷ; କୌଣସି-
ଠାରୁ ଭଦ୍ରବ୍ୟକ୍ତିମାନେ ରାଜଦ୍ୱାରକୁ ଆସିଲେ ରାଜାଜ୍ଞାନୁସାରେ ଯେ ସେମାନଙ୍କର ବସା ସଞ୍ଜା ଆଦି ସମର୍ପଣ କରେ । ଯଥା—

ପଇଦ ତଗର ଯେ ମହାସୁଆର ଭୋଇ,
ଚହ୍ଲାଣ ଚରଚଆ ଯେ ସୁଆର ପୋଲଇ । ନୃ.ପୁ.ଦ୍ୱି.ତ.

ଚରଚିବା, କ୍ରି. (ଚର୍ଚ୍ଚ୍ ଧାତୁଜ) ଚର୍ଚ୍ଚା କରିବା, ଭୋଜନାଦିରେ ଯୋଗାଡ଼ କରିବା । ଯଥା—

ଭୋଜ୍ୟପରମାନଙ୍କେ ବହୁତ ଲୋକ ହେଲେ,
ଚରଚୁ ଚରଚୁ କେ ବା ଭୋକେ ରହେ ଭଲେ ।
ନୃ. ପୁ. ତୃ. ତ.

ଚରଡ଼ା, ବି. (ଦେଶଜ) ପକ୍ଷିବିଶେଷ । ଯଥା—

ମାଳବଣି ରାଜବଣି ଡେଣ୍ଟୁଆ ଛଞ୍ଚାଣ,
ଚରଡ଼ ଚନ୍ଦ୍ରାମଣି ଯେ ବାଂଶୁଲି ପୁଣ । ନୃ.ପୁ.ଚ.ତ.

ଚରଣ, ବି. ( ଚର୍ = ଗମନ କରିବା-ଅନ ) ପଦ; ଶ୍ଳୋକର ଚତୁର୍ଥାଂଶ; ଗୋତ୍ର; ମୂଳ; ଭ୍ରମଣ, ଚଳନ; ଭକ୍ଷଣ, ଚରିବା; ଆଚରଣ ।

ଚରଣାମୃତ, ବି. (ଚରଣ-ଅମୃତ = ଜଳ ) ବିଷ୍ଣୁପାଦୋଦକ; ବ୍ରାହ୍ମଣପାଦୋଦକ ।

ଚରଣାୟୁଧ, ବି. (ଚରଣ-ଆୟୁଧ, ଯାହାର ଚରଣ କେବଳ ତାହାର ଅସ୍ତ୍ର) କୁକ୍‌କୁଟ, କୁକୁଡ଼ା ।

ଚରଣାବରଣ, ବି. ( ଚରଣ-ଆବରଣ ) ମୋଜା ।

ଚରଣି, ବି. (ଦେଶଜ) ଗ୍ରାସ । ଯଥା—

ହସ୍ତି ଘୋଡ଼ାଙ୍କୁ ଦେଉ ଚରଣି ଆଦି କରି,
ଏମନ୍ତ ଦ୍ରୁପଦ ଆଉ ଦ୍ରୋଣ ଯେ ସମ୍ଭାଳି । ସା.ଭା.ଆ.

ଗୋ ମହିଷାଦିମାନେ ଘାସ ଚରିବା; ଗୋ ମହିଷାଦି ଚରିବା ନିମନ୍ତେ ରାଜାଙ୍କୁ ଯେଉଁ କର ଦିଆଯାଏ ।

ଚରବି, ଚର୍ବି, ବି. (ହିନ୍ଦୀ) ମାଂସର ବସା ।

ଚରମ, ବିଂ. (ଚର୍ = ଗମନ କରିବା-ଅମ) ଅନ୍ତ, ଶେଷ; ପଶ୍ଚିମ; ପଶ୍ଚାତ୍ । ବି. ଅନ୍ତିମ କାଳ ।

ଚରମଲେଖ, ବି. (ଚରମ = ଶେଷ ସମୟର ଲେଖ) ଉଇଲ ।

ଚରସ୍ } ବି. (ଦେଶଜ) ମାଦକଦ୍ରବ୍ୟ-
ଚରସ, } ବିଶେଷ, ଗଞ୍ଜାଇର ଅଠା ।

ଚରା, ବି. (ଦେଶଜ) ଚରିବା; ତୃଣାଦି ଗ୍ରାସ । (ଚର ଶବ୍ଦଜ) ନଦୀତଟେ ଜମିଥିବା ପଙ୍କ; ନଦୀମଧ୍ୟସ୍ଥ ଭୂଭାଗ । ଯଥା—

କୈବର୍ତ୍ତ୍ୟ ଚରାରେ ଲାଗି ଗହଳ ସେ
ବାହୁଡ଼ିବ ନାହିଁ ଆଉ । ଯ. କେ.

ବିଂ. ଚରୁଥିବା । ଯଥା—ଚରା ମେଘ ।

ଚରାଇବା, କ୍ରି. (ଚର୍ ଧାତୁଜ) ଗୋରୁ ପ୍ରଭୃତି ପଶୁଙ୍କୁ ବୁଲାଇ ଖୁଆଇବା, ବୁଲାଇବା । ଯଥା—

ଶ୍ରୀ ହରିତରେ ଘେରି ଚରାଉଥାନ୍ତି ବାଛୁରି । କ.ଚ.ଚ.

ଚରାଚର, ବିଂ. (ଚର = ଜଙ୍ଗମ, ଅଚର = ସ୍ଥାବର) ଜଗତ୍ ।

ଚରିତ, ବି. (ଚର୍ = ଆଚରଣ କରିବା-ତ) ଆଚରଣ; ବିଚରଣ; ଅନୁଷ୍ଠାନ; ଖ୍ୟାତି; ଚରିତ୍ର; କାର୍ଯ୍ୟ । ବିଂ. ଅନୁଷ୍ଠିତ, କୃତ; ସିଦ୍ଧ, ସମ୍ପନ୍ନ । ଯେପରି—ଚରିତାର୍ଥ । ଫଳିତ; ଭକ୍ଷିତ; ଆଶ୍ରିତ ।

ଚରିତାର୍ଥ, ବିଂ. (ଚରିତ = ସଫଳ, ସମ୍ପନ୍ନ-ଅର୍ଥ = ପ୍ରୟୋଜନ) କୃତକାର୍ଯ୍ୟ, ସଫଳ-ପ୍ରୟୋଜନ; କୃତକୃତ୍ୟ ।

ଚରିତ୍ର, ବି. ( ଚର୍-ଇତ୍ର-ସଂଜ୍ଞାର୍ଥେ ) ସ୍ୱଭାବ; ଆଚରଣ ।

ଚରିବା, କ୍ରି. (ଚର୍ ଧାତୁଜ) ଗୋରୁ ପ୍ରଭୃତି ବୁଲି ଖାଇବା ।

ଚରିଷ୍ଣୁ, ବିଂ. ( ଚର୍-ଇଷ୍ଣୁ-ଶୀଳାର୍ଥେ ) ଗମନଶୀଳ; ଜଙ୍ଗମ; କୀର୍ତ୍ତିମାନ୍ ବ୍ୟକ୍ତିର ପୁତ୍ର ।

ଚରୁ, ବି. (ଚର୍ = ଭକ୍ଷଣ କରିବା-ଉ, ଯାହା ଦେବତାମାନେ ଭକ୍ଷଣ କରନ୍ତି) ଯଜ୍ଞୀୟ ପାୟସାନ୍ନ ।

ଚର୍ଚ୍ଚରୀ, ବି. ସ୍ତ୍ରୀ. (ଚର୍ଚ୍ଚ = ବୋଲିବା; ଶବ୍ଦ କରିବା-ଅର-ଈ) ଉତ୍ସବ; ବାଦ୍ୟବିଶେଷ; ଗାନବିଶେଷ ।

ଚର୍ଚ୍ଚା, ବି. (ଚର୍ଚ୍ଚ୍ = ଅନୁଶୀଳନ କରିବା-ଅ-ଆ) ଆଲୋଚନା, ଅନୁଶୀଳନ; ଲେପନ; ଚିନ୍ତା, ଅନୁଧ୍ୟାନ; ବିଗ୍ରହ ।

ଚର୍ଚ୍ଚିତ, ବିଂ. (ଚର୍ଚ୍ଚ୍-ତ କିମ୍ବା ଚର୍ଚ୍ଚା-ଇତ) ଚନ୍ଦନାଦିଦ୍ୱାରା ଲେପିତ; ଆଲୋଚିତ, ଅନୁଶୀଳିତ; ଚିନ୍ତିତ, ଅନୁଧ୍ୟାତ । ବି. ଚନ୍ଦନଲେପନ ।

ଚର୍ପଟ, ବି. (ଚର୍ପ୍ = ନମ୍ର ବା ବିସ୍ତୃତ ହେବା-ଅଟ) ଚପେଟ, ଚାପୁଡ଼ା; ବିସ୍ତାର । (ସ୍ତ୍ରୀ-ଆ, ଈ) ଚାପୁଡ଼ାଧ୍ୱନି; ଦୁଇ ହାତର ଚାପୁଡ଼ାଧ୍ୱନି ।

ଚର୍ମ,<br>ଚର୍ମନ୍, } ବି. (ଚର୍ = ଗମନ କରିବା-ମ, ମନ୍) ଛାଲ, ଚମଡ଼ା; ବଲ୍କଳ; ଢାଲ; ବର୍ମ ।

ଚର୍ମକାର,<br>ଚର୍ମାର, } ବି. (ଚର୍ମନ୍-କୃ-ଅ, ଚର୍ମ-ଋ-ଅ) ଚମାର, ମୁଚି ।

ଚର୍ମଚଟକା,<br>ଚର୍ମଚଟୀ, } ବି. ସ୍ତ୍ରୀ. (ଚର୍ମ-ଚଟକ, ଚର୍ମ-ଚଟ୍ = ଆଘାତ କରିବା-ଅ-ଈ) ଚମଚଟିଆ; ବାଦୁଡ଼ୀ ।

ଚର୍ମଣ୍ୱତୀ, ବି. ସ୍ତ୍ରୀ. (ଚର୍ମନ୍-ବତ୍—ଅସ୍ତ୍ୟର୍ଥେ-ଈ) ଦଶପୁରର ନଦୀ, ଆଧୁନିକ ନାମ ଚମ୍ବଲ; କଦଳୀଗଛ ।

ଚର୍ମପାଦୁକା, ବି. ସ୍ତ୍ରୀ. (ଚର୍ମନିର୍ମିତ-ପାଦୁକା) ଉପାନତ୍, ଜୋତା, ପାଦରକ୍ଷକ ।

ଚର୍ମପ୍ରଭେଦିକା, ବି. ସ୍ତ୍ରୀ. (ଚର୍ମ-ପ୍ର-ଭିଦ୍ = ଭେଦ କରିବା-ଅକ, ଅକ = ଇକ-ଆ) ଚର୍ମବେଧନାସ୍ତ୍ର ।

ଚର୍ମପ୍ରସେବକ,<br>ଚର୍ମପ୍ରସେବିକା, } ବି. ସ୍ତ୍ରୀ. (ଚର୍ମ-ପ୍ର-ସିବ୍ = ସିଲାଇ-ଅକ, ଅକ = ଇକ, ଆ) ଭସ୍ତ୍ରା, ଜନ୍ତ୍ର । (ଭସ୍ତ୍ରା ଚର୍ମପ୍ରସେବିକା —ଅମର ।)

ଚର୍ମୀ,<br>ଚର୍ମିନ୍, } ବି. (ଚର୍ମ = ଢାଲ-ଇନ୍-ଅସ୍ତ୍ୟର୍ଥେ) ଯେ ଢାଲ ଧରିଥାଏ, ଚର୍ମଧାରୀ । (ଚର୍ମୀ ଫଳକପାଣିଃ ସ୍ୟାତ୍—ଅମର ।)

ଚର୍ଯ୍ୟ,<br>ଚର୍ଯ୍ୟା, } ବି. ସ୍ତ୍ରୀ. (ଚର୍ = ଆଚରଣ କରିବା-ଯ-ଆ) ଆଚରଣ, ବ୍ୟବହାର; ଚରିତ; ଗତି; ଭୋଜନ ।

ଚର୍ବିତ, ବିଂ. (ଚର୍ବ୍ = ଚୋବାଇବା-ତ) ଚୋବାଇଥିବା, ଚୂର୍ଣ୍ଣିତ; ଭକ୍ଷିତ; ସ୍ୱାଦିତ । (ବିଶେଷ୍ୟ ହେଲେ—ଚର୍ବଣ) ।

ଚର୍ବ୍ୟ, ବିଂ. (ଚର୍ବ୍-ଯ) ଚର୍ବଣଯୋଗ୍ୟ; ଯାହା ନ ଚୋବାଇଲେ ଖାଇ ହୁଏ ନାହିଁ ।

ଚଳ, ବିଂ. (ଚଳ୍ = ଚଳିବା-ଅ) ଚଞ୍ଚଳ, ଅସ୍ଥିର; ଜଙ୍ଗମ; କମ୍ପିତ; ଚଳିତ; ବ୍ୟବହୃତ । (ସ୍ତ୍ରୀ-ଆ) ଲକ୍ଷ୍ମୀ; ବିଜୁଳି । ବି. ଚାଞ୍ଚଲ୍ୟ । (ଦେଶଜ) ରାଗ ବା କ୍ରୋଧ; ହସ୍ତଦ୍ୱାରା ଯେତେ ପାଣି ଧରେ; ଚଳନ । କ୍ରି. ଚାଲ, ଯାଅ ।

ଚଳକା, ବି. (ଚୁଳୁକ ଶବ୍ଦଜ) ହସ୍ତକୋଷ ।

ଚଳଣ, ବି. (ଚଳନ ଶବ୍ଦଜ ପ୍ରାକୃତ) ଚଳିବାର ରୀତି ।

ଚଳଣ,<br>ଚଳଣା, } ବି. (ଦେଶଜ) ଲତାଫଳବିଶେଷ; ଏକପ୍ରକାର କାଛ ବା ଲେଙ୍ଗୁଟି । ଯଥା—

ଏଥୁଅନ୍ତେ ମାଦ୍ରୀ ଦେବୀଙ୍କ ସାନ ବଚ୍ଛ,
ଚଳଣାଟିଏ ପିନ୍ଧି ହେଲେ କାଛୁକୁଛ । କୃ. ଖ. ବ. ପ.

ଚଳଣି,<br>ଚଳଣି, } ବି. (ଦେଶଜ) ବ୍ୟବହାର, ଚାଲ; ଦେଶାଚାର ।

ଚଳତ୍, ବିଂ. [ ଚଳ୍-ଅତ୍ (ଶତୃ) ] ଚଞ୍ଚଳ; ଯେ ଯାଉଅଛି, ଯେ ଚାଳିତ ହେଉଅଛି; ଧାବମାନ; ଗମନଶୀଳ; କମ୍ପମାନ; ଯାହା ପ୍ରଚଳିତ ଅଛି ।

ଚଳଦଳ,<br>ଚଳପତ୍ର, } ବି. ସଂ. ଅଶ୍ୱତ୍ଥ ବୃକ୍ଷ ।

ଚଳନ, ବି. (ଚଳ୍-ଅନ) ଗମନ; ଭ୍ରମଣ; ରୀତି; ଆଚାର; କମ୍ପନ; ଚରଣ । ବିଂ. ଚଳନଶୀଳ; କମ୍ପଯୁକ୍ତ ।

ଚଳନାକାଛ, ବି. (ଚଳତ୍-କଚ୍ଛ ଶବ୍ଦଜ) ଚାଳିତ ହେବା ଅର୍ଥାତ୍ ଲମ୍ବିଥିବା କାଛ । ଯଥା—

ପିନ୍ଧି ଚଳନା କାଛକୁ ବାନ୍ଧିଛନ୍ତି ତହିଁ । ଲ. ବ.

ଚଳନ୍ତା,<br>ଚଳନ୍ତ, } ବିଂ. (ଚଳତ୍ ଶବ୍ଦଜ) ଚଳୁଥିବା; ପ୍ରଚଳିତ ।

ଚଳନ୍ତିପ୍ରତିମା, ବି. (ଚଳନ୍ତି ପ୍ରତିମା ଶବ୍ଦଜ) ଯେଉଁ ଦେବମୂର୍ତ୍ତିମାନ ସ୍ଥାନାନ୍ତରିତ ହେବାର ଅସମ୍ଭବ, ସେହି ଦେବମୂର୍ତ୍ତି-ମାନଙ୍କର ପ୍ରତିନିଧିସ୍ୱରୂପ କ୍ଷୁଦ୍ର ମୂର୍ତ୍ତିମାନ ଦେବାଳୟରେ ରଖା ହୋଇଥାଏ, ସେହି ଚଳନ୍ତି ପ୍ରତିମାମାନ ଜାନଯାତ୍ରା ସମୟରେ ବାହାରକୁ ବାହାରନ୍ତି । ବିଂ. କେବଳ ଗତିମାନ କାର୍ଯ୍ୟକାରୀ, ବୁଦ୍ଧି ବିଚାରଶୂନ୍ୟ ।

ଚଳମାଡିବା, କ୍ରି. (ଦେଶଜ) ବିରକ୍ତି ବୋଧ-ହେବା ।

ଚଳା, ବି. ସ୍ତ୍ରୀ. (ଦେଶଜ) ଟିପ୍‌ପଣୀ, ଅତି ସଂକ୍ଷେପରେ ଯହିଁରେ ଟଙ୍କା ପ୍ରଭୃତିର ହିସାବ ରଖାଯାଏ ।

ଚଲ୍, ବି. (ଚଲ୍ ଧାତୁଜ) ଚାଳିବା । (ଦେଶଜ) ଘୋଲ ଦହି ।

ଚଲାଇବା, କ୍ରି. (ଚଲ୍ ଧାତୁଜ) ଚାଳନ କରିବା; ଧାନ ପ୍ରଭୃତି ଚାଳୁଣୀରେ ଶୁଦ୍ଧ କରିବା ।

ଚଳାଇବା, } କ୍ରି. (ଚଲ୍ ଧାତୁଜ) ପଦବ୍ରଜରେ
ଚଳେଇବା, } ଭ୍ରମଣ କରାଇବା; ଗୃହକାର୍ଯ୍ୟାଦି ସମାଧା କରିବା; ରାଗାନ୍ୱିତ କରିବା; କୌଣସି ନୂତନ ରୀତି ପ୍ରବର୍ତ୍ତନ କରିବା ।

ଚଲାକ, ଚଲାଖ, } ବିଂ. (ପାରସ୍ୟ) ଚତୁର ।
ଚାଲାକ, ଚାଲାଖ, }

ଚଲାକି, ଚଲାଖି, } ବି. (ଦେଶଜ) ଚତୁରତା ।
ଚାଲାକି, ଚାଲାଖି, }

ଚଲକ, ଚାଲକ, ବି. (ଚଲ୍ ଧାତୁଜ) ପାଦଗମନ ।

ଚଲାଣ, ବି. (ଯାବନିକ) ଗୁଡ଼ଚିଠୀ, ପ୍ରେରଣ; ଅପରାଧୀ ବ୍ୟକ୍ତିକୁ ବିଚାର ନିମନ୍ତେ ପ୍ରେରଣ; ଟଙ୍କା ଦାଖଲ କରିବାର ଟିପ୍‌ପଣୀ ।

ଚଳାଚଳ, ବିଂ. (ଚଲ୍-ଅ-ଦ୍ୱିତ୍ୱ, ଚଳ ସ୍ଥାନେ ଚଳାଚଳ) ଅତ୍ୟନ୍ତ ଚଞ୍ଚଳ । (ଚଳଂ ଲୋଳଂ ଚଳାଚଳଂ—ଅମର ।) (ଚଳ-ଅଚଳ) ଚଳିତ, ଅଚଳିତ; ପ୍ରଚଳିତ, ଅପ୍ରଚଳିତ; ବ୍ୟବହୃତ, ଅବ୍ୟବହୃତ । ବି. କାକ । (ସ୍ତ୍ରୀ-ଆ) ଅତି ଚଞ୍ଚଳା । (ଦେଶଜ) ବ୍ୟବହାର ଚଳିବା ନ ଚଳିବା ।

ଚଳିତ, ବିଂ. (ଚଲ୍-ତ) ଗତ; ଅସ୍ଥିର; କମ୍ପିତ । ବି. ଚଳନ, ଗତି । (ଦେଶଜ) ବିଂ. ଯାହାର ଚଳନ ବା ବ୍ୟବହାର ହେଉଅଛି, ପ୍ରଚଳିତ, ବ୍ୟବହୃତ ।

ଚଳିବା, କ୍ରି. (ଚଲ୍ ଧାତୁଜ) ଗମନ କରିବା; ହଲିବା; ପ୍ରବର୍ତ୍ତିତ ହେବା । ଯଥା—ଏପରି କୌଣସି ରୀତି ସମାଜରେ ଚଳେ । (ଦେଶଜ) ରାଗିବା; କାର୍ଯ୍ୟ-ନିର୍ବାହ ହେବା ।

ଚଳିଷ୍ଣୁ, ବିଂ. (ଚଲ୍-ଇଷ୍ଣୁ-ଶୀଳାର୍ଥେ) ଗମନ-ଶୀଳ, ଯାହା ସ୍ଥିର ନୁହେଁ; ପ୍ରସ୍ଥାନୋଦ୍ୟତ ।

ଚଳୁ, ବି. (ଚଲ୍-ଉ) ଗଣ୍ଡୂଷ; ବ୍ରାହ୍ମଣମାନଙ୍କର ଭୋଜନ ପୂର୍ବରେ ଓ ପରେ ନିୟମିତ ଆଚମନ; ଆଚମନ ମନ୍ତ୍ର; ଭୋଜନ ।

ଚଳୁଆ, ବିଂ. (ଦେଶଜ) କ୍ରୋଧୀ । ଯଥା—

ଚଳୁଆ ସେ କୁରୁପତି ପ୍ରକାର । ର. ପ.

ଚଳୁକ, ବି. (ଚଲ୍-ଉକ-ପରିମାଣାର୍ଥେ) ପ୍ରସୃତି, ହସ୍ତକୋଷ; କ୍ଷୁଦ୍ରଭାଣ୍ଡ ।

ଚଳେ, ବି. (ଚଳୁକ ଶବ୍ଦଜ) ଏକ ଗଣ୍ଡୂଷ ବା ଏକ ପୋଷ ।

ଚଳେନ୍ଦ୍ରିୟ, ବିଂ. (ଚଳ = ଚଞ୍ଚଳ-ଇନ୍ଦ୍ରିୟ) ଅଳ୍ପ କାରଣରେ ଯାହାର ମନରେ କ୍ରୋଧ, ବିରାଗ ବା ବିକାର ଉପସ୍ଥିତ ହୁଏ; ଅସ୍ଥିରଚିତ୍ତ ।

ଚଶମା, } ବି. (ଯାବନିକ) ପ୍ରଚକ୍ଷୁ, ପ୍ରତିଚକ୍ଷୁ ।
ଚସମା, } ଯଥା—

ହୃଦେ ଲମ୍ବମାନ ସୁବର୍ଣ୍ଣ ତକମା,
ନାସିକା ଶୋଭନ ସୁବର୍ଣ୍ଣ ଚସମା । ଦ. ବା.

ଚସମୈ, }
ଚସମଇ, } ବି. (ଯାବନିକ) ଖିରି ।
ଚସମୈ, }

ଚଷକ, ବି. (ଚଷ୍ = ଭୋଜନ କରିବା-ଅକ) ମଦ୍ୟପାନପାତ୍ର; ମଦ୍ୟବିଶେଷ । (ଚଷକୋଽସ୍ତ୍ରୀ ପାନପାତ୍ରଂ— ଅମର ।)

ଚସା, ଚଷା, } ବି. (ଦେଶଜ) କୃଷକ ।
ଚଶା, } ଯଥା—

ସିଂହ ପରେ ହିଏ ବସାଇ ଶଶାକୁ,
କରଣ ଉପରେ ବସାଏ ଚଷାକୁ । ଦ. ବା.

ଚଷାଣ୍ଡିଆ, ବିଂ. (ଦେଶଜ) ଅଖାଡ଼ୁ, ନିର୍ବୋଧ ।

ଚଷାପକ୍ଷୀ, } ବି. (ଗୃଷପକ୍ଷୀ ଶବ୍ଦଜ) ଭଦ-
ଚଷାପୁଅ, } ଭଦଲଆ ପକ୍ଷୀ, ସ୍ୱର୍ଣ୍ଣ ଗୃଢକ-
ବିଶେଷ । ଯଥା —

ବିହ୍ୱଳେ କାନ୍ତାରେ କୁକୁଟ କୌଶିକ,
ଚଷାପୁଏ ମିଳି ହସା ତୌର୍ଯ୍ୟତ୍ରିକ । ନ. କେ.

ଚଷାଭୁତା, ବିଂ. (ଦେଶଜ) ଅଖାଡ଼ୁଆ ।

ଚଷାଳ, ବି. (ଚଷ୍=ଭୋଜନ କରିବା-ଆଳଚ୍) ଯଜ୍ଞୀୟ ପଶୁବନ୍ଧନାର୍ଥ କାଷ୍ଠ; ଯୂପକଟକ, ଯୂପୋପରସ୍ଥ କାଷ୍ଠ ବା ଲୌହନିର୍ମିତ ବଳୟ; ମଧୁ ସ୍ଥାନ । (ଚଷାଲୋ ଯୂପକଟକଃ—ଅମର ।)

ଚଷିବା, ଚସିବା, } କ୍ରି. (କୃଷ୍ ଧାତୁଜ)
ଚଶିବା, } ଲାଙ୍ଗଳରେ ଭୂ କର୍ଷଣ
କରିବା । ଯଥା—

ନଖଲାଙ୍ଗଳେ ଚଷିଲି ଭୂବନ । ଲ. ବ.

କର୍ଷଣ କରିବା । ଯଥା—

କରଜରେ ମହୀ ଚଷିଲିଣି । ବ. ଚ. ମ.

ଚଷୁ, ଚସୁ, } ବି. (ତୁଷ ଶବ୍ଦଜ) ଧାନର
ଚଶୁ, } ଚୋପା । ଯଥା—

ବହୁ ବ୍ୟୟେ ଏହି ବହୁଶୀର୍ଷ ପଶୁ,
ତୋଷି ସିନା ଖାଲି କୁଟୁଅଛ ଚଶୁ । ଦ. ବା

ଚଷୁକୁଟା, } ବି. (ଦେଶଜ) ଚସୁ କୁଟିବା;
ଚସୁକୁଟା, } ବୃଥା ପରିଶ୍ରମ; ନିଷ୍ଫଳୋଦ୍ୟମ ।

ଚହଟ, ବି. (ଦେଶଜ) ଶୋଭା; କାନ୍ତି । ଯଥା—

ବନ୍ଦନ ଅଞ୍ଜନ ହସ୍ତ ନୟନ,
ଅନବରତ ଚହଟ ଚଳନ । ପ୍ରେ. ସୁ. ନି.

ପ୍ରକାଶ; ପ୍ରଚାର । ଯଥା—

ନୋହୁ ଏ କଥା ଗୋପରେ ଚହଟ । ବ. ଚ. ମ.

ବିଂ. ପ୍ରକାଶିତ ।

ଚହଟଚମ୍ପା, } ବିଂ. (ଦେଶଜ) ଆଡ଼ମ୍ବର-
ଚହଟଚକଣ, } ଯୁକ୍ତ; ଶୋଭାମୟ ।

ଚହଟା, ବି. (ଦେଶଜ) ବିସ୍ତୃତ ଭୂଖଣ୍ଡ । ଯଥା—

ସେ ଚହଟା ଭିତରେ ଅଛୁ ଯେଉଁ ମନ୍ଦିର,
ତହିଁରେ ଶବଦ ଶୁଭେ ଦ୍ୱାଦଶ ପ୍ରକାର । ନୃ. ପୁ. ଚ. ଚ.

ଚହଟାଇବା, କ୍ରି. (ଦେଶଜ) ଆମୋଦରେ ପୂର୍ଣ୍ଣ କରିବା; ପ୍ରକାଶିତ କରିବା ।

ଚହଟିଆ, ବିଂ. (ଦେଶଜ) ଶୋଭା ବା କାନ୍ତିରେ ଯୁକ୍ତ ।

ଚହଟିବା, କ୍ରି. (ଦେଶଜ) ପ୍ରକାଶିତ ହେବା । ସୁଗନ୍ଧ ପ୍ରସରିବା । ଯଥା—

ବାସ ଚହଟି ଅଙ୍ଗୁ ଯାଉଥିଲା,
ବେଢ଼ିଥିଲେ ରଥେ ଭ୍ରମରମାଳା । ବୈ. ବ.

ଚହଟିହେବା, କ୍ରି. (ଦେଶଜ) ଗର୍ବରେ ଉତ୍ଫୁଲ୍ଲିତ ହେବା; ପ୍ରକାଶିତ ହେବା । ଯଥା—

ବ୍ରାହ୍ମଣକୁଳେ ଜନ୍ମି ବିଷ୍ଣୁ ବଲ୍ଲଭ ପୋଏ,
ଚହଟି ହେଉଛନ୍ତି ଶଫରୀ ମୀନ ପ୍ରାୟେ । ନୃ. ପୁ. ଚ. ଚ.

ଚହଳ, ବି. (ଦେଶଜ) ଗୋଳମାଳ ବା ମୁଖରବ । ଯଥା—

କାହିଁ ଏବେ ସେ ଚହଳ ଯାର ଘୋର ରୋଳ,
କଣଥିଲି ଏତେ କାଳ ଶ୍ରବଣ ବଧିର । କ. ବ.

ଗମନାଗମନର ଭିଡ଼ ।

ଚହଳା, ବିଂ. (ଦେଶଜ) ଚଞ୍ଚଳ; ଉଦ୍ଧତ । ଯଥା—

କୁଳେ ଜାତ ଲୋକେ କାଠରେ ଅଗ୍ନି ଥିଲି,
ପର ଚହିଆନ୍ତି ନୋହିଣ ଚହଳା । କୃ. ଭା. ଉ. ପ.

ଚହଲିବା, କ୍ରି. (ଦେଶଜ) ତରଳପଦାର୍ଥ ପ୍ରଭୃତି ଦୋହଲିବା କମ୍ବା ହଲିବା । ଯଥା—

ସେ ପୃଥିବୀ ଟଳଟଳ ହୋଇ ଚହଲିଲା,
ଚହଲନ୍ତେ ପୃଥିବୀକି ପିତା ପଚାରିଲା । ନୃ. ପୁ. ପ୍ର. ଚ.

ଚହଲାଇବା, କ୍ରି. (ପ୍ରୟୋଜନାର୍ଥ) ଦୋହୋଲାଇବା ।

ଚହ୍ଲା, ବି. (ଦେଶଜ) ପାତଳ ଦହି ।

ଗୃ, ବି. (ଯାବନିକ) ବୃକ୍ଷବିଶେଷର ପତ୍ର; ଅଳତା ।

ଗୃ, } ବି. (ଇଚ୍ଛା ଶବ୍ଦଜ) ସ୍ପୃହା, ବାଞ୍ଛା ।
ଗୃହା, } (ଯାବନିକ) ବୃକ୍ଷବିଶେଷର ପତ୍ର ।

ଗୃଇଁ, ବିଂ. (ଦେଶଜ) ଚଞ୍ଚଳ, ଚପଳ । ଅଂ. ଚାଞ୍ଚି, ତୀକ୍ଷ୍ଣତାବୋଧ ।

ଗୃଇଁକରିବା, କ୍ରି. (ଦେଶଜ) ଚାଞ୍ଚିବା; ଗୃଇଁ ଶବ୍ଦ କରିବା ।

ଗୃଇଁକାଠ, ବି. (ଚବ୍ୟକାଷ୍ଠ ଶବ୍ଦଜ) ଔଷଧ-ଦ୍ରବ୍ୟବିଶେଷ ।

ଗୃଇଁପଖାଳ, ବି. (ଦେଶଜ) ଚାଉଳ ପଖାଳ; ରାନ୍ଧିଲାକ୍ଷଣି ପଖାଳିବା ଭାତ; ସଜ ପଖାଳ ।

ଗୃଇଁମାରିବା, କ୍ରି. ଧପାମାରିବା ।

ଗୃଉଳ, ବି. (ଗୃଳମାଦ୍ୱାରା ପରିଷ୍କୃତ ହୋଇ-ଥିବାରୁ ବୋଧହୁଏ ଏହି ନାମ ହୋଇ ଯାଇଅଛି) ତଣ୍ଡୁଳ; ନିସ୍ତୁଷ ବୀଜ । ଯେପରି —ଜିରାଗୃଉଳ, ଧନିଆଗୃଉଳ ।

ଗୃଉଳିଆ, ବିଂ. (ଦେଶଜ) ତଣ୍ଡୁଳବ୍ୟବସାୟୀ; ଅଳ୍ପ କଠିନ । ବି. ବୃକ୍ଷବିଶେଷ, ଫଳ-ବିଶେଷ; ପିଦୁଡ଼ି; ବଡ଼ ବଡ଼ ଜାମୁଫଳକୁ ମଧ୍ୟ ଗୃଉଳିଆ କହନ୍ତି । ଯଥା—

ବୁଝି ପାରୁଥିଲେ ଗୁଣ ଭେକ ତା ସ୍ୱନାମ,
କଦାପି କହନ୍ତୁ ନ ଥାନ୍ତେ ଗୃଉଳିଆ ନାମ । ବୃ. ସୁ.

ଗୃଉଳିଆପୋକ, ବି. (ଦେଶଜ) ଶସ୍ୟଖାଦକ-କୀଟ ।

ଗୃକର, ବି. (ଯାବନିକ) କର୍ମଗୃସ୍ଥ । ଯଥା—
ତୁ ସିନା ଅଢ଼ାଇ ଦିନର ଗୃକର । ଦ. ବା.
ଦାସ; ଯେ ଗୃହା କରନ୍ତି ।

ଗୃକରାଣୀ, ବି. ସ୍ତ୍ରୀ. (ଦେଶଜ) ଦାସୀ ।

ଗୃକରାନ, ବି. (ଯାବନିକ) ଇନାମ; ନିରୂପିତ ଗୃକରର ବିନାମୂଲ୍ୟରେ ରାଜପ୍ରଦତ୍ତ ଭୂସମ୍ପତ୍ତି; ଗୃକରମାନେ ।

ଗୃକରି, } ବି. (ଯାବନିକ) କାର୍ଯ୍ୟ; ଦାସତ୍ୱ,
ଗୃକରୀ, } ସେବା । ଯଥା—

ଗୃକରି କରିବା ଆଶା ତାର ବଳିଥିଲି,
ଅପେକ୍ଷାରେ ଅପେକ୍ଷାରେ ବର୍ଷେ ଗତ ହେଲି । ବେ.ପ.

ଗୃକରିଆ, } ବି. (ଦେଶଜ) ଦାସ ।
ଗୃକରିଆ, }

ଗୃକରିଆଣୀ, } ବି. ସ୍ତ୍ରୀ. (ଦେଶଜ) ଦାସୀ ।
ଗୃକରିଆଣୀ, }

ଗୃକଚକ୍ୟ, ବି. (ଚକ୍-ଅ-ଦ୍ୱି ତ୍ୱ-ଯ) ଦୀପ୍ତି; କାନ୍ତି; ଉଜ୍ଜ୍ୱଳତା ।

ଗୃକୁ, ଗୃକ୍କୁ, ବି. (ଯାବନିକ) ସାନଛୁରୀ । ଯଥା—

ଗୃକୁ ମୂନରେ ତରାସି କରି ଖଣ୍ଡ ଖଣ୍ଡ,
ଯେ ଅଟେ ଉଦରାମୟ କାରଣ ପ୍ରଚଣ୍ଡ । ବୃ. ସୁ.

ଗୃକୁଣ୍ଡା, ବି. (ଚକ୍ରମର୍ଦ୍ଦ ଶବ୍ଦଜ) ଗୁଳ୍ମ-ବିଶେଷ । ବିଂ. ଏକାନ୍ତ ବିଷୟାସକ୍ତ । ଯଥା—

ଦାରା ସୁତ ଧନରେ ହୁଅନ୍ତି ଯେହୁ ମୋହୀ,
ଗୃକୁଣ୍ଡା ବୋଲି ତାକୁ ସଂସାରଯାକେ କହି । ନୃ.ପୁ.ଷ.ତ.

ଗୃକ୍ଷୁଷ, ବିଂ. (ଚକ୍ଷୁସ୍-ଅ) ଚକ୍ଷୁଦ୍ୱାରା ଯାହା ଜନ୍ମେ । ଯେପରି—ଗୃକ୍ଷୁଷ ଜ୍ଞାନ, ଗୃକ୍ଷୁଷ ପ୍ରମାଣ । ଚକ୍ଷୁଦ୍ୱାରା ଗୃହୀତ, ପ୍ରତ୍ୟକ୍ଷ, ଚକ୍ଷୁଗୋଚର ।

ଗୃଖଣା, } ବି. (ଚଷଣ ଶବ୍ଦଜ) ଗୃଖିବା;
ଗୃଖେଣା, } ଭୋଜନ ସମୟରେ ଗୃଖିବା ଆଗୁର ପ୍ରଭୃତି ।

ଗୃଖଣ୍ଡ, ବି. (ଦେଶଜ ବା ଗୃପଖଣ୍ଡ ପଦରୁ ଜାତ) ଦ୍ୱାଦଶ ଅଙ୍ଗୁଳ ପରିମାଣ । ଯଥା—
ଆସିଲେ ସେ ସପ୍ତ ଗୃଖଣ୍ଡର ତଳେ । ଚଳିକା ।

ଗୃଖି, ଗୃଖୀ, } ବି. (ଚକ୍ଷ୍ ଶବ୍ଦଜ) ବାଲିଙ୍ଗି
ଗୃକି, } ବା ଗନ୍ଧ । ଯଥା—

ଖୀମଙ୍କର କହିବା ବଚନ ଗୃଖି ଖଣ୍ଡି,
ଶୁଣିଲେ ସହି ପାରିବ କି ମୋର ଗଣ୍ଡି । କୃ.ଭ.ସୌ.ପ.
ବାଗୃଖାନ, କହିବାର ପଟୁତା ।

ଗୃଖିବା, କ୍ରି. (ଚକ୍ଷ୍ ଧାତୁଜ) ଆସ୍ୱାଦନ କରିବା । ଯଥା—
ଗୃଖିବା ଦେଖିବା ସ୍ପରଶ ନାହିଁ,
ବିକାରବଳେ ଚହ୍ଲାହାଏ ସେହି । ବି. ଚି. ମ.

ଗୁଖୁଣିଆ, ବି॰. (ଦେଶଜ) ଗୁଖିବା ବ୍ୟକ୍ତି, ଯେ ଗୁଖେ ।

ଗୁଗଡ଼ା, ବି. (ଦେଶଜ) ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ । (ମୁଦିରଥ ଶବ୍ଦ ଦେଖ)

ଗୁଙ୍ଗଡ଼ା, } ବି. ( ଦେଶଜ ) ଡାଲା ।
ଗୁଙ୍ଘଡ଼ା, } ଯଥା—

ବନପୁଷ୍ପମାଳା ମାଳକ,
ବକ୍ଷସ୍ଥଳୁ ଗୁଙ୍ଗଡାରୁ ଟେକିଲ ଦ୍ଵିଜ । ବୈ. ବି.

ଗୁଙ୍ଗଡ଼ାମେଇପ, } ବି. (ଦେଶଜ) ଶ୍ରୀଜଗନ୍ନାଥ
ଗୁଙ୍ଗଡ଼ାମେକାପ, } ମହାପ୍ରଭୁଙ୍କର ସେବକବିଶେଷ । ଯଥା—

ଗୁଙ୍ଗଡାମେଇପ ଯେ ଦଇତାପତି ହୋଇ,
ସେବାପୂଜା କରି ମୋ ଖଞ୍ଜାରେ ଥିବ ରହି ।
ନୃ. ପୁ. ତୃ. ତ.

ଗୁଙ୍ଗାରୀ, } ବି. ସ୍ତ୍ରୀ. (ଦେଶଜ) ବଂଶନିର୍ମିତ
ଚଙ୍ଗାରି, } ପାତ୍ରବିଶେଷ ।

ଗୁଙ୍ଗୁ, ବି. (ଦେଶଜ) ଏକପ୍ରକାର ନାଟ । ଯଥା—

ରାଉଯାକ ବସି ଶିଖରେ ନୂଆଙ୍ଗେ
କରୁଥିବେ ଗୁଙ୍ଗୁ ନାଟ । ପାର୍ବତୀ ।

ବାଦ୍ୟବିଶେଷ । ଯଥା—

ବାଜିଲା ଢୋଲ ଟମକ ଭେରୀ,
ଶଙ୍ଖ ଅସଂଖ୍ୟ ଗୁଙ୍ଗୁ ମହୁରୀ । ର. ପ.

ଗୁଙ୍ଗୁମାଡ଼ା, ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ଆବର ବଜାଉଛନ୍ତି କଂସାଳ କାହାଳୀ,
ଦୋସରି ଗୁଙ୍ଗୁମାଡ଼ା ମୃଦଙ୍ଗ ରାମତାଳୀ । ନୃ.ପୁ.ଦ୍ଵି.ତ.

ଗୁଙ୍ଗୁଡ଼ା, ଗୁଙ୍ଗୁଡ଼ୀ, } ବି. ସ୍ତ୍ରୀ. ( ଦେଶଜ )
ଗୁଙ୍ଗୁଡି, ଗୁଙ୍ଘଡ଼ା, } ଡାଲା ବା ପାତ୍ରବିଶେଷ । ଯଥା—

ବାଳକ ବାଳିକା ଧରିଣ ଗୁଙ୍ଗୁଡ଼ୀ,
ଫୁଲ ତୋଳୁଛନ୍ତି ଦଉଡ଼ି ଦଉଡ଼ି । ଗୁ. ମା.
ଗୁଙ୍ଘଡ଼ା ଭୂଷଣ ପେଡ଼ି ଯେ । ଲ. ବ.

ଗୁଚକା, }
ଗୃଚକା, } ବି. ସ୍ତ୍ରୀ. ( ଚର୍ଚ୍ଚିକା ଶବ୍ଦଜ )
ଗୁଚଚକେଣ୍ଡ, } ଦେବୀବିଶେଷ । ଯଥା—

ମତୁଆଳ ଖେଳରସେ ହୃଦେ ମୁଣ୍ଡମାଳ,
ଖେଚରୀ ଭୂଚରୀ ଦେବୀ ଗୁଚକା ଚଞ୍ଚଳୀ । ସା.ଭ୍ର.ଆ.

ଗୁଚପୁଟ, ବି. (ଦେଶଜ) ବାଦ୍ୟବିଶେଷ, ବାଦ୍ୟତାଳବିଶେଷ । ଯଥା—

ଉରପୁଟ ଗୁଚପୁଟ ପୁଟଣ ଗରଜି,
ନବଲକ୍ଷ ଡମ୍ବରୁ ଯେ ଅନ୍ତରୀକ୍ଷେ ବାଜି । ନୃ.ପୁ.ପ୍ର.ତ.

ଗୁଚେର, } ବି. ସ୍ତ୍ରୀ. ( ଚର୍ଚ୍ଚରୀ ଶବ୍ଦଜ )
ଗୁଚେରୀ, } ଦୋଳଯାତ୍ରା ସମୟର କ୍ରୀଡ଼ା; ଦେବୀଙ୍କ ନାମବିଶେଷ । (ଚର୍ଚ୍ଚରୀ ଶବ୍ଦ ଦେଖ)

ଗୁଞ୍ଜ, ଗୁଞ୍ଜରୀ, } ବି. (ଦେଶଜ) ନାରିକେଳ
ଗୁଞ୍ଜଡ଼ା, } ପତ୍ର କମ୍ବା ବାଉଁଶରେ ନିର୍ମିତ ତାଟି ।

ଗୁଞ୍ଜଡ଼ା, ବି. (ଦେଶଜ) ତାଟିର ଆକୃତିବିଶିଷ୍ଟ ପ୍ରସ୍ତର ଆସ୍ତରଣ । ଯଥା—ପଥରଗୁଞ୍ଜଡ଼ା ।

ଗୁଚର, ଗାଁଚର, } ବି. ( ଦେଶଜ ) କାଟି
ଗୁଚେର, } କୁଞ୍ଚିତ କରିଥିବା ବାଳ ଅର୍ଥାତ୍ ଜୁଲୁପି; କୁଞ୍ଚିତକେଶ । ଯଥା—

ଗୁଚେର ଚକ୍ରରେ ପୁଣି ଖୋସିଲେ ସେ ଖୋସା,
ମଣ୍ଡିଲେ ମଲ୍ଲୀ ମାଳତୀ ଆଦି ଫୁଲ ମିଶା । ନୃ.ପୁ.ପ୍ର.ତ.

ଗୁଞ୍ଜି, } ବି. (ଦେଶଜ) ନଡ଼ିଆପତ୍ର ମୂଳରେ
ଗୁଞ୍ଜୁ, } ହୋଇଥିବା ଜାଲଆକାର ବଳ୍କଳ; ଆମ୍ବର ନୂତନ ଠାକୁଆ ।

ଗୁଞ୍ଜିବା, } କ୍ରି. ( ତକ୍ଷ୍ ଧାତୁଜ ) ବାରସି
ତାଞ୍ଜିବା, } ପ୍ରଭୃତିରେ କାଠର ଚୂଲ ଛଡ଼ାଇବା; ଉପରର ପାତଳା ଅଂଶ କାଢ଼ିନେବା ।

ଗୁଣ୍ଟ, ବି. (ଦେଶଜ) କମ୍ବା (ଚେଟ ଶବ୍ଦଜ) ପୁତ୍ର, ଶିଷ୍ୟ । ଯଥା—

କେଳୀଭଲେଣ୍ଟ ନୂଆ ଗୁଣ୍ଟକୁ ଯେସନ
ଗୁଣ୍ଟ ଧର ଅବଧାନ । ଯ. କେ.

କୁମାର । ଯଥା—

କେ ବୋଲେ ନନ୍ଦଗୁଣ୍ଟକୁ ଗୋ ମୂର୍ଚ୍ଛିଲେ ଏ ଗୋପେ
କେଉଁ ଗୋପୀ ପୁଣି ରଖି ପାରିବ ଘଟକୁ । ବି.ଚ.ମ.

ବଡ଼ ଡାଲା, ତାଟ; ମୁଖରୋଚନାର୍ଥ ଖାଦ୍ୟବିଶେଷ; ମଦ୍ୟପାନକାଳୀନ ମାଂସ ପ୍ରଭୃତିର ବ୍ୟଞ୍ଜନାଦି । ଯଥା—

କେତେକ ଜଣ ମାଂସ ପ୍ରସ୍ତୁତ ଓ ଗୁଣ୍ଟ ପ୍ରସ୍ତୁତରେ ଲାଗିଯାଇ ଅଛନ୍ତି । ମୁ. ୨ଖ. ୭୮. ପୃ.

ଗୁଣ୍ଟକେର, } ବି. (ଚେଟକା-ଏର, ଐର—
ଗୁଣ୍ଟକୈର, } ଅପତ୍ୟାର୍ଥେ) ଚେଟକାସନ୍ତାନ; ଚେଟକାର ପୁତ୍ର ।

ଚାଟଶାଳ, ଚାଟଶାଳୀ, ଚାଟଶାଲ, } ବି. ସ୍ତ୍ରୀ. (ଚଟ୍ଟଶାଲା ଶବ୍ଦଜ) ପାଠଶାଳା । ଯଥା—

ହର୍ଷେ ଶିଶୁଗଣ ପୋଥି ଧରି ହାତେ,
ଚାଟଶାଳୀ ଯାନ୍ତି ଆନନ୍ଦେ ପ୍ରଭାତେ । ଗ୍ରା. ମା.

ଚାଟି, ବି. (ଦେଶଜ) ବଡ଼ ଡାଲା । ଯେଉଁ ସ୍ଥଳରେ ଲବଣ ପୋକ୍ତାନ ହୁଏ ସେ ସ୍ଥାନକୁ ଚାଟି କହନ୍ତି ।

ଚାଟିବା, କ୍ରି. (ଦେଶଜ) ଲେହନ କରିବା ।

ଚାଟୁ, ବି. (ଚଟ୍ = ଭେଦ କରିବା-ଉ) ସ୍ତୁତିବାକ୍ୟ, ଖୋଷାମୁଦିଆ କଥା; ମିଥ୍ୟା ପ୍ରିୟବାକ୍ୟ ।

ଚାଟୁଆଇବା, କ୍ରି. ( ଚାଟୁଶବ୍ଦଜାତ ) ଚାଟୁ କହିବା । ଯଥା—

କନକକଞ୍ଜାଙ୍ଗୀ ଜନକସୁତାକୁ
ରାମଚନ୍ଦ୍ର ଚାଟୁଆଇ । ଲ. ବ

ଚାଟୁକାର, ବିଂ. (ଚାଟୁ = ସ୍ତୁତିବାକ୍ୟ-କୃ-ଅ) ମିଥ୍ୟା ପ୍ରିୟଭାଷୀ, ଖୋଷାମୁଦିଆ ।

ଚାଟୁପଟୁ, ବିଂ. ( ଚାଟୁ-ପଟୁ = ନିପୁଣ ) ଭଣ୍ଡ, ପ୍ରତାରକ; ତୋଷାମଦକାରୀ ।

ଚାଣକ୍ୟ, ବି. (ଚଣକ ମୁନି-ଯ—ଅପତ୍ୟାର୍ଥେ) ପ୍ରାଚୀନ ପଣ୍ଡିତବିଶେଷ; ତତ୍କୃତ ଗ୍ରନ୍ଥବିଶେଷ ।

ଚାଣୁର, ଚାଣୂର, } ବି. (ଚଣ୍, ଚନ୍ = ଶବ୍ଦ କରିବା-ଉର) ଦୈତ୍ୟବିଶେଷ, କଂସର ମଲ୍ଲବିଶେଷ ।

ଚାଣ୍ଡି, ଚାଣ୍ଡେ, ଚାହାଣ୍ଡି, ଚାହାଣ୍ଡେ, } କ୍ରି. ବିଂ. (ଦେଶଜ) ଶୀଘ୍ର । ଯଥା—

ଫୁଲକାଣ୍ଡ ଫୁଲକୋଦଣ୍ଡେ ଚାଣ୍ଡେ ଆକର୍ଣ୍ଣ ଟାଣି ।
ଚ. ଭା.

ଚାଣ୍ଡାଳ, ବି. (ଚଣ୍ଡାଳ-ଅ-ସ୍ୱାର୍ଥେ) ନିଷାଦ ।

ଚାତକ, ବି. (ଚତ୍ = ମାଗିବା-ଅକ, ଯେ ମେଘକୁ ଜଳ ଯାଚ୍ଞା କରେ) ସ୍ୱନାମପ୍ରସିଦ୍ଧ ପକ୍ଷୀ ।

ଚାତନ, ବି. (ଚତ୍-ଣିଚ୍-ଅନ) ପୀଡ଼ନ, କ୍ଲେଶ ଦେବା ।

ଚାତର, ଚାତରି, } ବି. ( ଚତୁର ଶବ୍ଦରୁ ଉତ୍ପନ୍ନ ) ଚାତୁର୍ଯ୍ୟ, କୌଶଳ, କଥାଦ୍ୱାରା ଭଣ୍ଡାଇ; ବାଲିଙ୍ଗି ବା ଗର୍ବ ।

ଚାତୁର, ବି. (ଚତୁର-ଅ-ଇଦମର୍ଥେ) ଗୋଲବାଲିଶ; ଚତୁର୍ଜନବାହ୍ୟ ଶକଟ; ଚତୁରତା । ଯଥା—

ନ ଜାଣି କେଶବ ଭେଦ, ଚାତୁରରେ କଥାରେ,
ବସନ୍ତ ଆଦି ଋତୁରେ କେଉଁ ଚାତୁରେ । ପ୍ରେ.ସୁ.ନି.

ବିଂ. ପ୍ରିୟଭାଷୀ ।

ଚାତୁରି, ବି. ( ଚାତୁରୀ ଶବ୍ଦର ଅପଭ୍ରଂଶ ) ଚତୁରତା; ପ୍ରବଞ୍ଚନା, ଶଠତା । ଯଥା—

ନୁହେ ଏହା ଜ୍ଞାନ ଗୁମାନ ଚାତୁରି । ଦ. ବା.

ଚାତୁରୀ, ଚାତୁରିକା, } ବି. ସ୍ତ୍ରୀ. ( ଚତୁର-ଅ-ଈ ) ଚତୁରତା, ନୈପୁଣ୍ୟ ।

ଚାତୁର୍ମାସିକ, ଚାତୁର୍ମାସ୍ୟ, } ବି. ( ଚତୁର୍ମାସ-ଇକ, ଯ ଭାବାର୍ଥେ ) ଚତୁର୍ମାସବ୍ୟାପୀ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବା; ଚତୁର୍ମାସସାଧ୍ୟ ବ୍ରତବିଶେଷ ।

ଚାତୁର୍ଯ୍ୟ, ବି. (ଚତୁର-ଯ-ଭାବାର୍ଥେ) ଚତୁରତା ନୈପୁଣ୍ୟ । (ଦେଶଜଭାବରେ) ପ୍ରବଞ୍ଚନା, ଶଠତା ।

ଚାତୁର୍ହୋତ୍ର, ବି. (ଚତୁର୍ହୋତ୍ର-ଅ-ଇଦମର୍ଥେ) ଚତୁର୍ହୋତ୍ର ମନ୍ତ୍ରର ବ୍ୟାଖ୍ୟା; ହୋତୃଚତୁଷ୍ଟୟର କର୍ମ । ବିଂ. ଚତୁର୍ହୋତ୍ରସମ୍ବନ୍ଧୀୟ ।

ଚାଦର, ବି. (ଯାବନିକ) ଉତ୍ତରୀୟ ବସ୍ତ୍ର ।

ଚାଦରବିଜୁଳି, ବି. ସ୍ତ୍ରୀ. (ଦେଶଜ) ଏକପ୍ରକାର ବିଦ୍ୟୁତ୍ ଯହିଁରେ ମେଘ ବ୍ୟାପି ଆଲୋକ ଦୃଷ୍ଟିଗୋଚର ହୁଏ ।

ଚାନ୍ଦ, ବି. (ଚନ୍ଦ୍ର ଶବ୍ଦଜ) ଚନ୍ଦ୍ର । ଯେପରି— ଚାନ୍ଦବଦନୀ । (ଚନ୍ଦ୍ରଦର୍ଶନାଦିର ପ୍ରଧାନତ୍ୱ ଥିବାରୁ) ବିବାହର ଚନ୍ଦ୍ର ବନ୍ଦାପନା, ବିବାହ ପରେ ଶୁକ୍ଳପକ୍ଷ ତୃତୀୟା ଦିନ ଏହି କାର୍ଯ୍ୟ ହୁଏ; କୁମାରପୂର୍ଣ୍ଣିମା ଦିନ ଚନ୍ଦ୍ରଙ୍କୁ ଭୋଗ ହୋଇଥିବା ନୈବେଦ୍ୟ; ଶୁକ୍ଳଚନ୍ଦ୍ର; କୁମାରପୌର୍ଣ୍ଣମୀ ଦିନ ଦୁଇ ଜଣ ଚାନ୍ଦ ଦିଆଦେଇ ହୋଇ ଯେଉଁ ବନ୍ଧୁତା ବସାନ୍ତି ।

ଚନ୍ଦକଳା, ବି. (ଦେଶଜ) ସ୍ତ୍ରୀମାନେ ମୁଣ୍ଡରେ ଖୋପି ପିନ୍ଧିବା କଳାବିଶେଷ ।

ଚନ୍ଦନା, ବି. (ଦେଶଜ) ଯେଉଁ ଉଚ୍ଚ ଜମିରେ ଘର କରିଥାଏ; ଘରବାଡ଼ି ଜମି ।

ଚନ୍ଦନୀ, ବି. ସ୍ତ୍ରୀ. (ଚନ୍ଦ୍ରୀ ଶବ୍ଦଜ) ଚନ୍ଦ୍ରକିରଣ, ଜ୍ୟୋତ୍ସ୍ନା; ଚଉତରା ପିଣ୍ଡା । ଯଥା—

ତେଣେ ନୃପନନ୍ଦନୀ ରୁଚିରତର ଚନ୍ଦନୀ
ଗୃହ ରେ ମଣ୍ଡି ଚନ୍ଦନୀ ଚନ୍ଦ୍ରକୁ ଗ୍ରହି । ଲ. ବ.

ଚନ୍ଦବନ୍ଦା, ଚନ୍ଦବନ୍ଦାପନା, } ବି. (ଚନ୍ଦ୍ରବନ୍ଦାପନା ଶବ୍ଦଜ) ବିବାହ ପରେ ଶୁକ୍ଳପକ୍ଷ ତୃତୀୟା ଦିନ କରିବା କାର୍ଯ୍ୟ । ଯଥା—

ଆନନ୍ଦ ହୁଅନ୍ତି ବାଳୀ ଚନ୍ଦ ପୂଜିବାରେ,
ଚନ୍ଦବନ୍ଦୀ ଶିଖମାନ ଥୋଇଲେ ବେଦୀରେ । ମଂ. ସ.

ଚନ୍ଦା, ବି. (ଯାବନିକ) ଭେଦା ।

ଚନ୍ଦ, ବି. (ଯାବନିକ) ରୁପାବିଶେଷ । ଯଥା—

କଳା କେତପା ଚନ୍ଦ୍ରାତପ ମଧ୍ୟେ କ
ରକତକର ନାୟକ,
କଉତୁକରେ ତାର ଚନ୍ଦ ଦର୍ପଣ
ଖଞ୍ଜାଇଅଛୁ ଅନେକ । ର. କ.

(ଚନ୍ଦ୍ରକା ଶବ୍ଦଜ) ମତ୍ସ୍ୟବିଶେଷ, ସ୍ୱନାମ-ପ୍ରସିଦ୍ଧ ମାଛ, ଗୋଡ଼ି ଚଳପା ।

ଚନ୍ଦଆ, ବିଂ. (ଦେଶଜ) ଯେଉଁ ଜୀବ ମୁଣ୍ଡରେ ଶୁକ୍ଳବର୍ଣ୍ଣ ଚିହ୍ନ ଥାଏ । (ଘୋଡ଼ା ଗୋରୁ)

ଚନ୍ଦ୍ରଆ, ବି. (ଚନ୍ଦ୍ରାତପ ଶବ୍ଦଜ) ବିତାନ । ଯଥା—

ସେ ମାରକ୍ତ ପର୍ଯ୍ୟ ଚନ୍ଦ୍ରଆ ଚୁମ୍ବାରେ
ଦଦିଲ ଯା ଏବେ ଶୁଣ । ଯ. କେ.

ଚନ୍ଦ୍ର, ଚନ୍ଦ୍ରମସ, } ବିଂ.(ଚନ୍ଦ୍ର, ଚନ୍ଦ୍ରମସ-ଅ)ଚନ୍ଦ୍ର-ସମ୍ବନ୍ଧୀୟ । (ସ୍ତ୍ରୀଲିଙ୍ଗରେ ଚନ୍ଦ୍ରମସୀ ହୁଏ । )

ଚନ୍ଦ୍ରାୟଣ, ବି. (ଚନ୍ଦ୍ର-ଆୟନ) ବ୍ରତବିଶେଷ, ଚନ୍ଦ୍ରବ୍ରତ; ପ୍ରାୟଶ୍ଚିତ୍ତବିଶେଷ ।

ଚନ୍ଦ୍ରୀ, ବି. ସ୍ତ୍ରୀ. (ଚନ୍ଦ୍ର-ଅ-ଈ) ଚନ୍ଦ୍ରପତ୍ନୀ; ଜ୍ୟୋତ୍ସ୍ନା ।

ଚପ, ବି. [ଚପ୍-(ବାଣ) ନିକ୍ଷେପ କରିବା-ଅ, ଅଥବା ଚପ୍-ବଂଶବିଶେଷ-ଅ-ବିକାରାର୍ଥେ] ଧନୁ; ବୃତ୍ତକ୍ଷେତ୍ରର ଅର୍ଦ୍ଧ । (ଦେଶଜ) ବିହାରନୌକା । ଯଥା—

ଦିବ୍ୟ ଚନ୍ଦନକାଠେ ଚପ ଶୋଭା,
ତହିଁ ମଣ୍ଡପ କାମରଥ ଅବା । ବି. ଗ୍ରା.

ଓଜନ ବା ଭାର । ଯେପରି—ପାଦ ଚପ; କଣ୍ଠର ଏକପ୍ରକାର ଅଳଙ୍କାର । ଯଥା—

କଣ୍ଠରେ ସୁନା ଚପ ଦିଶଇ ଶୋଭିବନ । ନୃ.ପୁ.ଭୃ.ଚ.

ଚପଖେଳିବା, କ୍ରି. (ଦେଶଜ) ନୌକାବିହାର କରିବା ।

ଚପଡ଼, ଚପଡ଼ା, ଚପୁଡ଼ା, ଚପୋଡ଼, ଚପୋଡ଼ା, } ବି. (ଚପେଟ ଶବ୍ଦଜ) କରତଳ ପ୍ରହାର । ଯଥା—

ଚପୁଡ଼େ ମାଇଲେ ଅଶ୍ୱ ପର,
ଅଶ୍ୱ ମରନ୍ତେ ଦିଶି ଅସୁର । ବି. ଗ୍ରା.

ଚପଡ଼ାଇବା, ଚପୁଡ଼ାଇବା, ଚପଡ଼େଇବା, ଚପୁଡ଼େଇବା, } କ୍ରି. (ଦେଶଜ) ଚପେଟାଘାତ କରିବା ।

ଚପଳ, ଚପଳ୍ୟ, } ବି. ( ଚପଳ-ଅ, ଯ-ଭାବାର୍ଥେ ) ଚପଳତା; ଅସ୍ଥୈର୍ଯ୍ୟ; ଔଦ୍ଧତ୍ୟ ।

ଚପସର, ଚପସୋର, ଚପ, } ବି. (ଦେଶଜ ଅଥବା ଚମ୍ପକସର ଶବ୍ଦଜ) କଣ୍ଠାଭରଣବିଶେଷ । ଯଥା—

ଚପସୋରରେ ମନୋହର ଗଳା । ଲ. ବ.

ଏକପ୍ରକାର ଅଣ୍ଟାସୁତା ବା କଟିର ଅଳଙ୍କାର । ଯଥା—

କୁବିନ୍ଦକୁରୁଜାତ କଟିରେ ଚପସର,
ସୁବର୍ଣ୍ଣସୂତାରେ ଖଞ୍ଜି ଛନ୍ତି ଯତ୍ନ କରି । ନୃ. ପୁ. ସ. ଚ.

ଚପିବା, କ୍ରି. (ଦେଶଜ) ଓଜନ ବା ଭାର ପ୍ରଦାନ କରିବା । ଯଥା—

ବଳିଷ୍ଠ ବଳକ ଚପି ଅଧୋଭୁବନରେ । ବୈ. ବ.

ଭଡ଼ିବା । ଯଥା—

ଭୟଙ୍କର ହୁଙ୍କାରେ ଅଧରେ ଦନ୍ତ ଚପି । କ. ବ.

ଚବ, ଚବା, ଚବକାଠି, } ବି. ସ୍ତ୍ରୀ. (ଯାବନିକ) କୋଳପର କାଠି; କୁଞ୍ଚିର କାଠି । ଯଥା—

ମୋର ହସ୍ତେ ନ୍ୟସ୍ତ ନଗରର ଚବ,
ସମ୍ମାନେ ମୋହର ସର୍ବୋପରି ଦାବୀ । ଦ. ବା.

ଚୁବଦେବା, } କ୍ରି. (ଦେଶଜ) କୋଲପଦ୍ୱାରା
ଚୁବପକାଇବା, } ଗୁହ ରୁଦ୍ଧ କରିବା ।

ଚୁବୁକ, ବି. (ଯାବନିକ) କୋରଡ଼ା ବା ଗୁଟଣୀ । ଯଥା—

ଚେଙ୍ଗି ଚୁବୁକ ଗୁଟ ଖିଟି,
ସବୁଙ୍କୁ କଲେ ସାତ ବେଣ୍ଟି । ଦା. ର.

ଚୁବୁକସବାର, ବି. (ଯାବନିକ) ଯେ କୋରଡ଼ାଦ୍ୱାରା ଘୋଡ଼ାକୁ ଶିକ୍ଷିତ କରନ୍ତି ।

ଚୁମଚ, } ବି. (ଚମସ ଶବ୍ଦଜ) ପାତ୍ରବିଶେଷ
ଚୁମଚୁ, } ଅର୍ଥାତ୍ ଡ଼ଙ୍କି ।
ଚୁମଚା, }

ଚୁମଚିକା, ବି. ସ୍ତ୍ରୀ. (ଚର୍ମ-ଚଟିକା ଶବ୍ଦଜ) ଚମଚଟିଆ ।

ଚୁମଡ଼ା, ବି. ସ୍ତ୍ରୀ. (ଚୁମୁଣ୍ଡା ଶବ୍ଦଜ) ଦେବୀବିଶେଷ । ଯଥା—

ଚୁମଡା ଚର୍ଚ୍ଚିକା ଯେ ଭୈରବୀ ଭଦ୍ରକାଳୀ,
ଖାଙ୍କୋଲୀ ବେତାଳୀ ପୁଣି ଅଭୟା ବାସେଲୀ ।
ସା. ଭି. ଆ.

ଚୁମର, } ବି. (ଚମର = ମୃଗବିଶେଷ-ଅ—
ଚୁମରୀ, } ଇଦମର୍ଥେ) ସ୍ତ୍ରୀ. ଚମରୀପୁଚ୍ଛନିର୍ମିତ
ଚୁମରୀ, } ବ୍ୟଜନବିଶେଷ; ରୋମଗୁଚ୍ଛ; ଚମରମୃଗ । (ଚୁମରୀ ଚମରେ ବାଳବ୍ୟଜନେ ରୋମଗୁଚ୍ଛକେ—ରଭସ ।)

ଚୁମରୀ, } ବି. (ଚୁମର-ଇନ୍—ଅସ୍ତ୍ୟର୍ଥେ)
ଚୁମରିନ୍, } ଘୋଟକ; ମୃଗ । ବିଂ. ଚୁମରଯୁକ୍ତ ।

ଚୁମୀକର, ବି. (ଚମୀକର = ଖନି-ଅ) ସ୍ୱର୍ଣ୍ଣ । ବିଂ. ସ୍ୱର୍ଣ୍ଣମୟ ।

ଚୁମୁଣ୍ଡା, ବି. ସ୍ତ୍ରୀ. ଦୁର୍ଗା । ଚଣ୍ଡ ଓ ମୁଣ୍ଡ ନାମକ ଅସୁରଦ୍ୱୟଙ୍କୁ ନାଶି ଆଣିଥିବାରୁ ଚୁମୁଣ୍ଡା ନାମ ହେଲା । (ଯସ୍ମାତ୍ ଚଣ୍ଡଂ ଚ ମୁଣ୍ଡଂ ଚ ଗୃହୀତ୍ୱା ତ୍ୱମୁପାଗତା । ଚୁମୁଣ୍ଡେତି ତତୋ ଲୋକେ ଖ୍ୟାତା ଦେବି ! ଭବିଷ୍ୟସି —ଦେବୀମାହାତ୍ମ୍ୟ ।)

ଚୁମ୍ପା, ବି. (ଦେଶଜ) ନାରକେଳଫଳ ଯାହାର ଆଶ୍ରୟରେ ଗଛରେ ଲମ୍ବି ରହିଥାଏ; ନାରକେଳ ଗଛର ଅବୟବବିଶେଷ । ଯଥା —

ଲମ୍ବାନ୍ତି ଚୁମ୍ପା ରଜ୍ଜୁରେ ବାନ୍ଧି ନାରକେଳ,
ବୃକ୍ଷରେ ବୃଟିବ କଏ ? ତାଙ୍କ ସୃଷ୍ଟି ଖେଳ । ବୃ.ସ୍ତୁ.

ଚୁମ୍ପେୟ, ବି. (ଚମ୍ପା = ଦେଶବିଶେଷ-ଏୟ) ଚମ୍ପକପୁଷ୍ପ; ନାଗକେଶର; ସ୍ୱର୍ଣ୍ଣ; କିଞ୍ଜଳ୍କ ।

ଚୁର, ବି. (ଚର୍ = ଗମନ କରିବା-ଅ) ଗତି, ସଞ୍ଚାର; ବନ୍ଧନ; କାରାଗାର; ଶୃଙ୍ଖଳ; କୃତ୍ରିମ ବିଷ; ଗୁପ୍ତଚର । (ଚୁରସ୍ତୁ ଗୂଢ଼ପୁରୁଷଃ)

ଚୁରଣ, ବି. ( ଚର୍-ଣିଚ୍-ଅନ ) ନଟ; ଦେବଯୋନିବିଶେଷ; ଧର୍ମଶାସ୍ତ୍ରପାଠକ; ସ୍ତୁତିପାଠକ; ଚରାଇବା । ଯେପରି— ଗୋଚୁରଣ । ବିଂ. ଧୂର୍ତ୍ତ ।

ଚୁରଣା, ବି. (ଦେଶଜ-ଚୁରିଅଣା) ଟଙ୍କାର ଏକଚତୁର୍ଥାଂଶ । ଯଥା—

ରୁଏ ଅଭିଷେକ ପାଇଁ ଦକ୍ଷିଣା ଚୁରଣା,
ତା ସଙ୍ଗେ ସଞ୍ଚାଟିଏ ପଞ୍ଚବ ଦେଅଣା । ଉ.ସା.୧୮.୯.

ଚୁରଣି, ବି. ( ଦେଶଜ ) ଚୁରି ଅଣାର ରୌପ୍ୟମୁଦ୍ରା ।

ଚୁରମାଚୁଣ୍ଡ, ବି. (ଦେଶଜ- -ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଖାତରେ ପକାଇ ଖେଳିବା ବାଟୀର ଚତୁର୍ଥ ଆଘାତ ।

ଚୁରା, ବି. ( ଦେଶଜ ) ଆଶ୍ରୟ; ଲତାଦିର ଆଶ୍ରୟ; ମଞ୍ଜିରୁ ଜାତ ନୂତନ ଗଜା; କ୍ଷୁଦ୍ରବୃକ୍ଷ; ଉପାୟ । ଯଥା---

ଅପ୍ରକଟ ହୋଇ ରହିବାପାଇଁ କାହିଁ ତା ଚୁରା । ଚ.ଭି.

ଚୁରି, ବିଂ. (ଚତୁର୍ ଶବ୍ଦଜ ପ୍ରାକୃତ) ୪ ସଂଖ୍ୟା ।

ଚୁରିଆଖି, ବି. (ଦେଶଜ) ସାକ୍ଷାତ୍କାର; ବ୍ରହ୍ମା ।

ଚୁରିଆଖିଆ, ବି. (ଦେଶଜ) ବ୍ରହ୍ମା ।

ଚୁରିଆଖିହେବା, କ୍ରି. ସାକ୍ଷାତ୍ କରିବା ।

ଚୁରିକାତ, ବି. (ଦେଶଜ) ଦୁଇ ହାତ ଦୁଇ ଗୋଡ଼ । ଯଥା—ଚୁରିକାତ ଛୁଡି ଶୋଇଅଛି ।

ଚୁରିକାତଚୁଡ଼ବା, } କ୍ରି. ଗୋଡ଼ ହାତ ଚୁରି
ଚୁରିକାତଚୁଟିବା, } ନିଶ୍ଚଳଭାବରେ ନିଃକ୍ଷିପ୍ତ କରିବା ।

ଚାରିଖାନ, ବି. (ଦେଶଜ) ଚତୁର୍ବିଧ ଜନ୍ତୁ । ଯଥା—

ପଙ୍କଜରୁ ଉପୁଜି ବୋଲନ୍ତି ପଦ୍ମଯୋନି,
ବୋଲନ୍ତି ଚତୁର୍ମୁଖ ସୃଜିଣ ଚାରିଖାନି । ନୃ.ପୁ.ଦ୍ୱି.ତ

ବିଂ. ଚତୁର୍ବିଧ । ଯଥା—

ସ୍ୱେଦଜ ଅଣ୍ଡଜ କୀଟ ଉଦ୍ଭିଜ ଜରାୟୁଜ,
ସ୍ଥାବର ଜଙ୍ଗମ ଆଦି ଚାରିଖାନି ହେଜ । ନୃ.ପୁ.ଦ୍ୱି.ତ.

ଚାରିଗଣ୍ଡା, ବି. (ଦେଶଜ) ଏକପ୍ରକାର ଖେଳ, ଗୁଳେଇ ଖେଳ । (ଚାରିଗଣ୍ଡା କଉଡ଼ିରେ ଖେଳନ୍ତି ବୋଲି ଏ ଖେଳର ନାମ ଚାରିଗଣ୍ଡା) ଷୋଡ଼ଶ ।

ଚାରିଚେମା, ବି. (ଦେଶଜ) ଏକପ୍ରକାର ଖେଳ; ଏହାକୁ ଚାରିଟା କଉଡ଼ିରେ ଖେଳନ୍ତି ।

ଚାରିଜାମା, ବି. (ଦେଶଜ) ଅଶ୍ୱରେ ଆରୋହଣ କରିବା ନିମନ୍ତେ ସାଜବିଶେଷ ବା ଆସ୍ତରଣବିଶେଷ ।

ଚାରିପାଠ, ବି. (ଦେଶଜରୂପେ ବ୍ୟବହୃତ) ଓଡ଼ିଆ, ବଙ୍ଗଳା, ନାଗରୀ ଓ ପାରସୀ ।

ଚାରିପାୟା, ଚାରିପାଇ, } ବି. (ଦେଶଜ) କାଷ୍ଠନିର୍ମିତ ଚାରି ଗୋଡ଼ବିଶିଷ୍ଟ କ୍ଷୁଦ୍ର ଖଟବିଶେଷ ।

ଚାରିମା, ବି. (ଚାରୁ-ଇମନ୍-ଭାବାର୍ଥେ) ଚାରୁତା, ସୌନ୍ଦର୍ଯ୍ୟ ।

ଚାରୁ, ବିଂ. (ଚର୍ = ଗମନ କରିବା-ଉ) ସୁନ୍ଦର; ସୁଦୃଶ୍ୟ; ସମ୍ୟକ୍; ଅସାଧାରଣ । ବି. ବୃହସ୍ପତି; ରୁକ୍ମିଣୀତନୟ । (ଦେଶଜ-ମନୋହରତ୍ୱରୁ) ମୁଖରୋଚକ ସୁପକ୍ୱ ଅମ୍ଳରସ । ଯେପରି—ଆମ୍ବୁଲ ଚାରୁ, ତେନ୍ତୁଳି ଚାରୁ ।

ଚାର୍ଚ୍ଚିକ୍ୟ, ଚର୍ଚ୍ଚିକା, } ବି. (ଚର୍ଚ୍ଚିକୈବ ଚାର୍ଚ୍ଚିକ୍ୟଂ— ଅମରଟୀକା ।) (ଚର୍ଚ୍ଚ୍ = ସୁନ୍ଦର ହେବା-ଅକ-ଆ—ଚନ୍ଦନାଦିଦ୍ୱାରା ବିଲେପନ, ଯ ସ୍ୱାର୍ଥେ) ଦେହରେ ଚନ୍ଦନାଦି ବିଲେପନ ।

ଚାର୍ବାକ, ବି. (ଚାରୁ-ବାକ୍ = ବାକ୍ୟ, ନିପାତନ) ବୃହସ୍ପତିଙ୍କ ଶିଷ୍ୟବିଶେଷ; ନାସ୍ତିକବିଶେଷ; ତାର୍କିକବିଶେଷ ।

ଚାଳ, ବି. (ଦେଶଜରୂପେ ବ୍ୟବହୃତ) ଗୃହର ଉପରି ଆଚ୍ଛାଦନ । ଯେପରି—ଘରଚାଳ । କ୍ରି. (ଚଳ୍ ଧାତୁଜ) ଚାଳନ କର ।

ଚାଲ, ବି. (ଦେଶଜ) ଧରଣ ବା ରୀତି; ପ୍ରଥା; ଆଚରଣ ।

ଚାଲଚଳଣି, ବି. (ଦେଶଜ) ଆଚରଣ, ବ୍ୟବହାର, ଚରିତ୍ର ।

ଚାଳକ, ବିଂ. (ଚଳ୍-ଣିଚ୍-ଅକ) ଯେ ଚଳାଏ; ଯେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଏ । ବି. ମତ୍ତହସ୍ତୀ । (ଏହାର ବିଶେଷ୍ୟ ପଦ ଚାଳନ ଓ ଚାଳନା ।)

ଚାଳନୀ, ବି. ସ୍ତ୍ରୀ. (ଚଳ୍-ଣିଚ୍-ଅ-ସ୍ତ୍ରୀ-ଈ) ଚାଲୁଣୀ, ଧାନ୍ୟ ପରିଷ୍କୃତ କରିବା ପାତ୍ର ।

ଚାଳନୀନ୍ୟାୟ, ବି. ସଂ. ଯେପରି ଚାଲୁଣୀ ଚାଲିବାଦ୍ୱାରା ତଣ୍ଡୁଳାଦିର ସ୍ଥାନାନ୍ତର ପତନ ହୁଏ, ତଦ୍ରୂପ ।

ଚାଲବୁଲ, ବି. (ଦେଶଜ) ଯିବା ଆସିବା ।

ଚାଲି, ବି. (ଚଲ୍ ଧାତୁଜ) ଗତି, ଗମନ । ଯଥା—

କରୁଛି ପ୍ରତେ, ମନରେ ଏତେ, ଏ ଚାଲି ଅନୁମାନୁ ।
ର. କ.

ଆଚରଣ । ଯଥା—

ଜଣା ପଡ଼ିଲି ରେ ବଣା ମୃଗାକ୍ଷି ତୋ ଚାଲି,
ଅଣାଇ ନକଟେ ବଣା କରି ବାଟେ
ଝଣାକୁ ଦେବାର ପେଲି । ସଙ୍ଗୀତ ।

ଚାଲିବା, କ୍ରି. (ଚଲ୍ ଧାତୁଜ) ଗମନ କରିବା; ପରିଚାଳିତ ହେବା । ଯଥା—ତାଙ୍କର ଆଦେଶରେ ଚଳୁଅଛି; ପ୍ରବର୍ତ୍ତିତ ହେବା ।

ଚାଳିଶ, ଚାଳିଶି, } ବିଂ. (ଚତ୍ୱାରିଂଶ ଶବ୍ଦଜ ପ୍ରାକୃତ) ୪୦ ସଂଖ୍ୟା ।

ଚାଳିଶା, ବି. (ଦେଶଜ) ନେତ୍ରବିକାରବିଶେଷ । ପ୍ରାୟଶଃ ୪୦ ବର୍ଷ ବୟସ୍କର ଏହି ବିକାର ଜନ୍ମୁଥିବାରୁ ଚାଳିଶା ନାମ ହେଲା; ୪୦ ନମ୍ବରିଆ ସୂତା । ବିଂ. ଚାଳିଶି ପରିମାଣରେ ପରିମିତ ।

ଚାଲୁଣି, } ବି. ସ୍ତ୍ରୀ. (ଚାଲନୀ ଶବ୍ଦଜ) ତଣ୍ଡୁଳାଦି
ଚାଲୁଣୀ, } ଚଳେଇବା ନିମିତ୍ତ ବହୁ ଛିଦ୍ର-
ଯୁକ୍ତ ପାତ୍ର ।

ଚାଲୁଣିଆ, ବି. (ଦେଶଜ) ବ୍ରଣରୋଗବିଶେଷ ।

ଚାଷ, ଚାସ, ବି. (ଚଷ୍ = ଭକ୍ଷଣ କରିବା-ଅ) ସ୍ୱର୍ଣ୍ଣଚାତକ, ଭିଦଭିଦଲିଆ ପକ୍ଷୀ; ଇକ୍ଷୁ, ଆଖୁ । (ଇକ୍ଷୁପକ୍ଷିଭିଦୋଶ୍ଚାସଃ—ରୁଦ୍ର ।) କୃଷିକର୍ମ, ଭୂମିକର୍ଷଣ ।

ଚାଷୁଣୀ, } ବି. ସ୍ତ୍ରୀ. (ଦେଶଜ) ଚଷାର ସ୍ତ୍ରୀ ।
ଚାସୁଣୀ, } ଯଥା—

ଏଦିଗେ ଚାସୁଣୀ ସେଦିଗେ ଚଷା । ଗ୍ରା. ଗ.

ଚାହା, ବି. (ଦେଶଜ) ଚା, ବୃକ୍ଷବିଶେଷର ପତ୍ର । (ପ୍ରାକୃତ) ଇଚ୍ଛା ।

ଚାହାଁ, } ବି. (ଦେଶଜ) ଦୃଷ୍ଟି ବା ଅନାଇବା ।
ଚା, } ଯଥା—

କଥା ନ କହନ୍ତି ଜଗତ ମୋହନ୍ତି
ସବୁଠାରେ ସମ ଚାହାଁ । ର. କ.

କ୍ରି. ଦେଖ । ଯଥା—

ଚାହାଁ ରେ ନିକୁଞ୍ଜ ଶେଯକୁ । ସଙ୍ଗୀତ ।

ଚାହାଁଇବା, କ୍ରି. (ଦେଶଜ) ଦେଖାଇବା । ଯଥା—

ଗଗନେ ଚାହାଁଇ ବଦନ,
ଚନ୍ତଇ କମଲଲୋଚନ । ଖ୍ରା. ଦ. ସ୍କ.

ଚାହାଡ଼ା, ବି. (ଦେଶଜ) ରାଜଦାସୀବିଶେଷ । ଯଥା—

ପୋଇଲି ପରିବାରୀ ଚାହାଡ଼ା ମୁଦୁସୁଲି,
ଧରନ୍ତି ଠେକ ସର୍ବେ ରାଣୀଙ୍କ ଉଠ ବୋଲି ।
ନୃ. ପୃ. ଚ. ଚ.

ଚାହାଁଣି, } ବି. ସ୍ତ୍ରୀ. (ଦେଶଜ) ଦୃଷ୍ଟି ।
ଚାହାଣୀ, } ଯଥା—

ଜନକ ନୃପତି କନ୍ୟା ଚାରୁ ଚାହାଁଣି ଭଙ୍ଗୀ । ଜା.ପ.ନା

ଚାହାଳ, ବି. (ଦେଶଜ) ଚାଟଶାଳ ବା ପାଠଶାଳା । ଯଥା—

କାହିଁ ବା ଚାଟେ ଚାହାଳରେ,
ପଢ଼ନ୍ତି ପୋଥି ଧୀରେ ଧୀରେ । ଗ୍ରା. ମା.

ଚାହି, ବିଂ. (ଦେଶଜ) ଆବଶ୍ୟକ; ଲୋଡ଼ା ।

ଚାହିକଚକା, ବି. (ଦେଶଜ) ଚାକଚକ୍ୟ ।

ଚାହିକଚକଣ, ବିଂ. (ଦେଶଜ) ଚକଚକ; ବାହ୍ୟାଡ଼ମ୍ବରଯୁକ୍ତ ।

ଚାହିତା, ବି. (ଦେଶଜ) ଯତ୍ନ ।

ଚାହିବା, କ୍ରି. (ପ୍ରାକୃତ ଚାହା ଶବ୍ଦଜାତ) ଇଚ୍ଛିବା; ମାଗିବା । ଯଥା—

ନୃପତି ବୋଇଲେ ଆଉ ଯା ଚାହିବ ଦେବ,
ଏ ଚୋରକୁ କେବେହେଁ ଛାଡ଼ି ନ ପାରିବ । ବୈ. ପ.

ଚାହିଁବା, କ୍ରି. (ଦେଶଜ) ଦେଖିବା, ଅନାଇବା । ଯଥା—

କାହା ମୁଖ ଚାହିଁବି ଏ ମନ୍ଦାକ୍ଷରେ । ବି. ଚ. ମ.

ଚାହୁକମ, ବି. (ଦେଶଜ) ବାଦ୍ୟବିଶେଷ; ଯୁଦ୍ଧବାଦ୍ୟବିଶେଷ । ଯଥା—

ନଉସାଗରଯାଏ ସେ ବାଜଇ ଭଡ଼ମ୍ବ,
ପଞ୍ଚାଶୋଇ ସାଗର ବାଜଇ ଚାହୁକମ । ନୃ.ପୃ.ପ.ଚ.

ଚଁ, ଚଇଁ, ଅନୁକରଣ ଶବ୍ଦବିଶେଷ ।

ଚଆଁ, ବି. (ଦେଶଜ) ତପ୍ତ ଲୌହାଦିଦ୍ୱାରା ପଶୁ କିମ୍ବା ମନୁଷ୍ୟ ଦେହରେ ଦାଗ ଦେବା; ଚେତା ।

ଚଆଁଇବା, } କ୍ରି. (ଦେଶଜ) ଚେତା ହେବା;
ଚେଇଁବା, } ସଚେତ କରାଇବା ।

ଚଆଁଇଥିବା, କ୍ରି. (ଦେଶଜ) ସଚେତ ରହିବା । ଯଥା—

ଚୋର ବିଶେଷ ଛନ୍ତି ଏ ଦେଶ,
ଚଆଁଇଥିଲେ ଧନେ ଥାଇ ଆଶ । ଭ. ଯ.

ଚଆଁପହଡ଼, ବି. (ଦେଶଜ) ରାଜାମାନେ ବିଶ୍ରାମ ନିମନ୍ତେ ବିଛଣାରେ ନିଦ୍ରିତ ନ ହୋଇ ପଡ଼ିଥିବା ।

ଚଆର, ବିଂ. (ଦେଶଜ) ତୀକ୍ଷ୍ଣ । ଯଥା—

ଚନା ପ୍ରମାଣେ ନ ରହୁ ମାନେ,
ଚଆର କାଣ୍ଡ କି ରମ୍ଭାଛଦନେ । ର. ପ.

ବି. ଶର, ବାଣ । ଯଥା—

ସାତ୍ୟକି କ୍ରୋଧ ହୋଇ ଶିଷ୍ଟଙ୍କ ଗଣ୍ଡି ଟିକି,
ଗଳାଇଦେଲେ ବିନ୍ଧ ଚଆର ମୁନୁଟିକି । କୃ.ସ୍ୱ.ଖି.ପ.

ଚଇଁବା, କ୍ରି. (ଦେଶଜ) ଜଳାଦି ଜମିବା । ଯେପରି—ତଳରେ କ୍ଷୀର ଟିପକ ଚଇଁଗଲା ।

ଚଉତାଣି, ବି. ( ଚତ୍ ଧାତୁଜ) ଚିନ୍ତନ, ସ୍ମରଣ । ଯଥା—

ତାହା ଦେଖିବାରେ ମହାରାଜାଙ୍କ ମନ ଭିତରେ ଥିବା କୌଣସି ଲୋକର ଚଉତାଣି ମଧ୍ୟ ହେଉଚି । ଶ. ନା. ସୁ. ଯୁ.

ଚଉତିବା, କ୍ରି. ( ଚତ୍ ଧାତୁଜ ) ସ୍ମରଣ କରିବା । ଯଥା--

ମୁଁ ତ ଶାପ ପାଇବାର ଚଉତି ପାରୁ ନାହିଁ । ଶ. ନା. ସୁ. ଯୁ.

ଚକ, ବି. (ଦେଶଜ) କଣ୍ଠାଭରଣ; ବାଉଁଶକାଠି-ନିର୍ମିତ ପରଦାବିଶେଷ; ତୁଚ୍ଛାର୍ଥବୋଧକ । ଯେପରି—ଅଧମ ଚକ, ମୂର୍ଖ ଚକ ।

ଚକଚକ, ବିଂ. (ଦେଶଜ) ଜକଜକ, ଚକଚକ ।

ଚକଟ, ଚକଟା, ଚକଠା, } ବିଂ. (ଚିକଳ ଶବ୍ଦଜ) ଅଠାପରି ଥିବା; କୃପଣ ।

ଚକଟାମାଟି, ଚକଟାଜମି, } ବି. ( ଚିକଳ ମୃତ୍ତିକା ଶବ୍ଦଜ ) ଯେଉଁ ମାଟିରେ ବାଲିଠାରୁ କାଦୁଅ ନଅ ଗୁଣ ଅଧିକ ଥାଏ ।

ଚକଟାଦୋରସା, ବି.(ଚିକଳ-ଦ୍ୱି ରସ-ଶବ୍ଦଜ) ଯେଉଁ ମାଟିରେ କାଦୁଅ ବାଲିଠାରୁ ଦ୍ୱିଗୁଣ ଅଧିକ ଥାଏ ।

ଚକଣ, ଚକଣା, ଚକଣିଆ, } ବିଂ. (ଚିକ୍‌କଣ ଶବ୍ଦଜ) ମସୃଣ ଅର୍ଥାତ୍ ଖେଦଡିଆ ନ ହେବା; ସ୍ନିଗ୍ଧ ବା ତୈଳାକ୍ତ; ଉତ୍ତମ, ସୁନ୍ଦର । ଚକଚକିଆ । ଯଥା—

ଗୋରୁ ସୁନାମକୁ ଗୋହିଁ ଚକଣ କାଳିଆ କହଇ । ବି. ଚି. ମ.

ଚକଣ, ବି. (ଚିକ୍‌କଣ ଶବ୍ଦର ଅର୍ଥାନୁକରଣରେ ବ୍ୟବହୃତ) ତେଲ, ତୈଳ । ଯଥା—

ବାଳକ ବନରୁ ସେହୁ କରନ୍ତି ତପସ୍ୟା,
ଚକଣ ନ ଦେନ୍ତି ସଂକ୍ରାନ୍ତି ଅମାବାସ୍ୟା । ନୃ. ପୁ. ପ୍ର. ତ.

ଚକଣକୁହା, ବିଂ. (ଦେଶଜ) ଯେ ବ୍ୟକ୍ତି ମିଠାକଥା କହେ, କିନ୍ତୁ କାର୍ଯ୍ୟତଃ କିଛି ନୁହେ ।

ଚକଣାଚକଣି, ବିଂ. (ଦେଶଜ) ସୁନ୍ଦର; ସୁନିର୍ମଳ ।

ଚକଣାଚକଣିହେବା, ଚକଣାଇବା, ଚକଣାଇବା, ଚକଣେଇବା, ଚକଣେଇବା, } କ୍ରି. ( ଦେଶଜ ) ତୈଳାକ୍ତ କରିବା; ମସୃଣ କରିବା; ସୁନ୍ଦର କରିବା ।

ଚକଣାମାଟି, ବି. (ଚିକ୍‌କଣ-ମୃତ୍ତିକା-ଶବ୍ଦଜ) କୁମ୍ଭାରମାଟି ।

ଚକା, ବି. (ଗଞ୍ଜାମର ଦକ୍ଷିଣାଞ୍ଚଳରେ ବ୍ୟବହୃତ) ଆଶା, ପ୍ରଲୋଭନ; ବିଷୟର ଆସ୍ୱାଦନ ।

ଚକାଦେଖାଇବା, କ୍ରି. ପ୍ରଲୋଭନ ଦେଖାଇବା; କୌଣସି ବିଷୟ ପ୍ରଥମତଃ ଆସ୍ୱାଦନ କରାଇବା ।

ଚକିତ୍ସକ, ବି. (କିତ୍ = ରୋଗନଷ୍ଟ କରିବା-ସନ୍-ଇଚ୍ଛାର୍ଥେ-ଦ୍ୱିତ୍ୱ, ଅକ) ଯେ ରୋଗ ଦୂର କରିବାର ଇଚ୍ଛା କରେ, ବୈଦ୍ୟ ।

ଚକିତ୍ସା, ବି. ସ୍ତ୍ରୀ. (କିତ୍-ସନ୍-ଦ୍ୱିତ୍ୱ-ଆ) ରୋଗର ପ୍ରତିକାର । (ତ ପ୍ରତ୍ୟୟରେ ଚିକିତ୍ସିତ ଓ ଯ ପ୍ରତ୍ୟୟରେ ଚିକିତ୍ସ୍ୟ ହୁଏ ।)

ଚିକିଳ, ବି. (ଚିକ୍ = ବ୍ୟାଘାତ କରିବା-ଇଳ) ପଙ୍କ, କାଦୁଅ ।

ଚିକୀର୍ଷା ବି. ସ୍ତ୍ରୀ. (କୃ-ସନ୍-ଇଚ୍ଛାର୍ଥେ ଦ୍ୱିତ୍ୱ-ଆ) କରିବାର ଇଚ୍ଛା । (ଉ ପ୍ରତ୍ୟୟରେ ଚିକୀର୍ଷୁ ଏବଂ ତ ପ୍ରତ୍ୟୟରେ ଚିକୀର୍ଷିତ ହୁଏ ।)

ଚିକୁର, ଚିକୂର, } ବି. (ଚି = ବର୍ଦ୍ଧିତ ହେବା ଅବ୍ୟକ୍ତ ଶବ୍ଦ-କୁର, କୂର) କେଶ; ପର୍ବତ; ସରୀସୃପ; ସର୍ପ; ପକ୍ଷିବିଶେଷ । ବିଂ. ଚପଳ, ବିଚାରଶୂନ୍ୟ, ଅପରାଧୀ । (ଚପଳଷ୍ଟିକୁରଃ ସମୌ—ଅମର ।)

ଚିକ୍କ, ବି. (ଚିକ୍-ଅନୁକରଣ ଶବ୍ଦ-କୈ = ଶବ୍ଦ କରିବା-ଅ) ଛୁଚୁନ୍ଦରୀ, ଚୁଚୁନ୍ଦ୍ରା ।

ଚିକ୍କଣ, ବିଂ. (ଚିତ୍ = ବୋଧ କରିବା-କଣ; ତ୍-କ) ସ୍ନିଗ୍ଧ, ଚକଣ । ବି. ସୁପାରିଗଛ, ସୁପାରି । (ସ୍ତ୍ରୀ-ଆ) ଉତ୍ତମା ଗାଈ ।

ଚିଙ୍ଗଟ, ଚିଙ୍ଗେଟ, ଚିଙ୍ଗଟୀ, ଚିଙ୍ଗଡ଼, } ବି. (ଚିଙ୍ଗ = ସୁନ୍ଦର-ଅଟ, ଏଟ = ଯେ ଗମନ କରେ, ଅଡ଼ = ଯେ ବ୍ୟାପେ) ମତ୍ସ୍ୟବିଶେଷ, ଚିଙ୍ଗୁଡ଼ିମାଛ ।

ଚିଙ୍ଗୁଡ଼ି, } ବି. (ଚିଙ୍ଗଡ଼ି ଶବ୍ଦଜ) ସ୍ୱନାମପ୍ରସିଦ୍ଧ
ଚୁଙ୍ଗୁଡ଼ି, } ମତ୍ସ୍ୟବିଶେଷ ।

ଚିଙ୍ଗୁଡ଼ିଆଦଳ, ବି. (ଦେଶଜ) ଏକପ୍ରକାର ଦଳ ।

ଚିଜ, ଡିଜ, ବି. (ଦେଶଜ) ପଦାର୍ଥ ।

ଚିଞ୍ଚା, ବି. ସ୍ତ୍ରୀ. ସଂ. ତିନ୍ତିଡ଼ୀବୃକ୍ଷ, ତେନ୍ତୁଳି ।

ଚିଟର, } ବି. (ଚିତ୍ରକ ଶବ୍ଦଜ) ଏକପ୍ରକାର
ଚିଟ୍ରା, } ବ୍ୟାଘ୍ର ।

ଚିଟା, ବିଂ. (ଦେଶଜ) ବିରକ୍ତ । ଯଥା—

ଚିଟା ହୋଇ ରହିଲୁ ତା ଫଳ ଏହି । ର. ପ.

ଅଠାଅଠା । ଯଥା—

ଏ ସ୍ଥାନର ମିଠା କଥା ଚିଟା ଗୁଡ଼ ବଳି,
ପାଚିଲି ସାଲିମା କମ୍ପା ଶଙ୍କରା କଦଳୀ । ଉ. ଭ୍ର.

ଚିଟାଉ, ବି. (ଦେଶଜ) ପତ୍ର । ଯଥା—

ରାଜସୁତା ପ୍ରୀତିକଉଶଳାକୁ ଚିଟାଉ । ପ୍ରେ.ସୁ.ନି.

ଚିଟାକର୍ପୂର, } ବି. (ଚୀନକର୍ପୂର ଶବ୍ଦଜ)
ଚିଟକର୍ପୂର, } କୃତ୍ରିମ କର୍ପୂର ।

ଚିଟୁକୁଣୀ, } ବି. ସ୍ତ୍ରୀ. (ଦେଶଜ) ତିର୍ଯ୍ୟକ୍-
ଚିଟୁକୁଣି, } ଭାବରେ ମୁଷ୍ଟିପ୍ରହାର ।

ଚିଠା, ବି. (ଦେଶଜ) ଖସଡ଼ା, (**Draft**) ବ୍ୟୟ ହିସାବର ଖାତା; ଜମିପରିମାଣ ଖାତା ।

ଚିଠାସିହା, ବି. (ଯାବନିକ) ଯେଉଁ ପୁସ୍ତକ ବା ଖାତାରେ ଦୈନିକ ଆୟର ହିସାବ ସର୍ବ-ପ୍ରଥମେ ଲେଖାଯାଏ ।

ଚିଠି, ଚିଠୀ, } ବି. ସ୍ତ୍ରୀ. (ଦେଶଜ) ପତ୍ର
ଚିଟୀ ଚିଠିପତ୍ର, } ବା ଚିଟାଉ ।

ଚିଠିକରିବା, } କ୍ରି. (ଦେଶଜ) ଲିଖିତଆଦେଶ
ଚିଟିକରିବା, } ପଠାଇବା ।

ଚିଡ଼, ବି. (ଦେଶଜ) ବିରକ୍ତ ।

ଚିଡ଼ଚିଡ଼ା, ବିଂ. (ଦେଶଜ) କନ୍ଦଳିଆ, କଳହା, କ୍ରୋଧୀ ।

ଚିଡ଼ଚିଡ଼ିଆ, ବିଂ. (ଦେଶଜ) କ୍ରୋଧୀ ।

ଚିଡ଼ିମାଡ଼ିବା, } କ୍ରି. (ଦେଶଜ) ବିରକ୍ତ ବୋଧ
ଚିଡ଼ମାଡ଼ିବା, } ହେବା ।

ଚିଡ଼ା, ବିଂ. (ଚଣ୍ଡ ଶବ୍ଦଜ) କ୍ରୋଧୀ, ରାଗୀ । ବି. କ୍ରୋଧ, ବିରକ୍ତ ।

ଚିଡ଼ିଆ, ବି. (ପାରସ୍ୟ ଶବ୍ଦ) ପକ୍ଷୀ ।

ଚିଡ଼ିଆଖାନା, } ବି. ପକ୍ଷିମାନଙ୍କୁ ରଖିବା
ଚିଡ଼ିୟାଖାନା, } ସ୍ଥାନ ।

ଚିଡ଼ିଆମାର, } ବି. (ଦେଶଜ) ବ୍ୟାଧ । ଯେ
ଚିଡ଼ିଆମାରୁ, } ପକ୍ଷୀ ଧରେ ଓ ମାରେ ।

ଚିଡ଼ିତନ, } ବି. (ଦେଶଜ) ତାସ ଖେଳର
ଚିଡ଼ିଆ, } ଏକପ୍ରକାର ରଙ୍ଗ ।

ଚିଡ଼ିବା, କ୍ରି. (ଦେଶଜ) କ୍ରୁଦ୍ଧହେବା, ରାଗିବା । ଯଥା—

ଯେଉଁପରି ମନରେ ଚିଡ଼ିବ ଭୀମସେନ,
ସେପରି ଛଳନା କରି କହେ ଦୁର୍ଯ୍ୟୋଧନ । ସା.ଭା.ଆ.

ଚିଡ଼େଇବା, } କ୍ରି. (ଦେଶଜ) ଖଟେଇ ହେବା;
ଚିଡ଼ାଇବା, } ଚଳାଇବା; ବିରକ୍ତ କରାଇବା ।

ଚିଣି, ବି. (ଦେଶଜ) ଶ୍ରେଷ୍ଠ, ସାନ । ଯଥା—

ଶ୍ରାଦ୍ଧ ପିଣ୍ଡ ସମ କରି ଚିଣି ପିଣ୍ଡମାନ । ବୃ. ସ୍ମୃ.

ଚିଣିଚିଣି, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ଯଥା—

ଚିଣି ଚିଣି କିଣି କିଣି ଶଙ୍ଖ ଭେରୀ ନାଦ,
ତାଳ କଂସାଳ ମୃଦଙ୍ଗ ବଇଁଶୀ ଶବଦ । ନୃ.ପୁ.ପ୍ର.ତ.

ଚିଣିସିନ୍ଦୂର, } ବି. (ଚୀନସିନ୍ଦୂର ଶବ୍ଦଜ)
ଚେଣିସିନ୍ଦୂର, } ଏକପ୍ରକାର ଉତ୍କୃଷ୍ଟ ସିନ୍ଦୂର ।

ଚିଣିଚମ୍ପା, } ବି. (ଦେଶଜ) ଏକପ୍ରକାର
ଚେଣିଚମ୍ପା, } ପୁଷ୍ପ ।

ଚିତ୍, ବି. (ଚିତ୍ = ବୋଧ କରିବା-କ୍ୱିପ୍) ଜ୍ଞାନ, ଚୈତନ୍ୟ । ଅଂ. ଅସାକଲ୍ୟ । ଯଥା— କଦାଚିତ୍, କିଂଚିତ୍ ।

ଚିତ, ବିଂ. (ଚି = ସଂଗ୍ରହ କରିବା-ତ) ସଞ୍ଚିତ, ସମ୍ପାଦିତ; ରଚିତ । ବି. ଚୟନ । (ଚିତ୍ତ ଶବ୍ଦର ଅପଭ୍ରଂଶ) ମନ, ଚିତ୍ତ । ଯଥା—

ଶାଣେ ଉତ୍କୀର୍ଣ୍ଣ କି ବରାଙ୍ଗ ଏମନ ଆସଇ ଚିତେ ।
ଉଷା ।

(ଦେଶଜ) ବିଂ. ଉତ୍ତାନ । ଯଥା—ଚିତ ହୋଇ ଶୋଇବା ।

ଚିତଉ, }
ଚିତୋଉ, } ବି. (ଦେଶଜ) ପିଷ୍ଟକବିଶେଷ ।
ଚିତାଉ, }

ଚିତଉଉଆଁସ, ଚିତୋଉଉଆଁସ, ଚିତୋଉଅମାସ୍ୟା, } ବି. (ଯେଉଁ ଅମାବାସ୍ୟାରେ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କର ଚିତାଉ ଭୋଗ ହୁଏ) ଶ୍ରାବଣ ଅମାବାସ୍ୟା ।

ଚିତକରିବା, ଚିତ୍‌କରିବା, } କ୍ରି. (ଦେଶଜ) ମାଲମାନେ କୁସ୍ତାକୁସ୍ତି ହେଲାବେଳେ ବଳିଷ୍ଠତର ମଲ୍ଲ ଅପର ମଲ୍ଲକୁ ଚିତ କରି ପକାଇଦେବା । (ଏହା ଜୟସୂଚକ)

ଚିତଳ, ବି. (ଚିତ୍ରଫଳ ଶବ୍ଦଜ) ମତ୍ସ୍ୟବିଶେଷ ।

ଚିତପଟାଙ୍ଗ, ଚିତ୍‌ପଟାଙ୍ଗ, ଚିତ୍ତପଟାଙ୍ଗ, } ବି. (ଦେଶଜ) ପିଠିମାଡ଼ି ଲମ୍ବ ହୋଇ ପଡ଼ିଯିବା । ଯଥା—

ଏଣିକି ଓଡ଼ିଶାଟା ଚିତ୍ପଟାଙ୍ଗ ହୋଇ ବାନାପଟା ଖେଳିବ । ଉ.ସା.୧୮.୯.

ଚିତା, ବି. (ଚି=ସଂଚୟ କରିବା-ତ-ଆ) ଶବଦାହସ୍ଥାନ, ଶବଦାହାର୍ଥ ସଂଚିତ କାଷ୍ଠରାଶି ବା ଚୁଲ୍ଲୀ; ରଇ । (ଚିହ୍ନ ଶବ୍ଦଜ) ତିଳକ । ଯଥା—

କୁଆଁରୀ ତହିଁ ମଧ୍ୟେ ବିରାଜିତା,
ପ୍ରାଚୀ କରିଛୁ କି ରମାନନ୍ଦୀ ଚିତା । ନ. କେ.

ସ୍ତ୍ରୀମାନେ କପାଳରେ ଲଗାଇବା ଅଭ୍ରାଦି ଖଣ୍ଡ । ଯଥା—

ଗିରିକା ନିମନ୍ତେ ପୁଣି,
ଦେଲେ ଯେ ଚିତା କାଛେଣୀ । ଲ. ବ.

ଔଷଧି ଗୁଳ୍ମବିଶେଷ ଅର୍ଥାତ୍ ଚିତାପାରୁ; ସ୍ତ୍ରୀମାନେ ପିଠୋଉ ପ୍ରଭୃତିରେ ଲେଖିବା ରଙ୍ଗବଲ୍ଲୀ; ସ୍ତ୍ରୀମାନେ ଚୁନ୍ଥ ଓ କଳାଦାଗ ହସ୍ତାଦିରେ ଯେଉଁ ଚିହ୍ନ କୁଟାନ୍ତି ।

ଚିତାକାଟିବା, କ୍ରି. (ଦେଶଜ) ତିଳକ ଘେନିବା; ଠକିବା ।

ଚିତାକୁଟିବା, କ୍ରି. (ଦେଶଜ) ଚୁନ୍ଥ ଓ କଳାଦାଗ ହସ୍ତାଦିରେ ଚିହ୍ନ କରିବା ।

ଚିତାଦେବା, କ୍ରି. (ଦେଶଜ) କାନ୍ଥ ପ୍ରଭୃତିରେ ପିଠୋଉଦ୍ୱାରା ଚିହ୍ନ ଲେଖିବା ।

ଚିତାପାରି, ଚିତାପାରୁ, } ବି. (ଚିହ୍ନ ଶବ୍ଦଜ) ଔଷଧି ଗୁଳ୍ମବିଶେଷ । (ବେଙ୍ଗୁନିଆ ଶବ୍ଦ ଦେଖ)

ଚିତାପେଡ଼ି, ଚିତାପେଡ଼ି, } ବି. (ଚିତ୍ରପେଟିକା ଶବ୍ଦଜ) ତିଳକପେଡ଼ି, ଚନ୍ଦନପେଡ଼ି । ଯଥା—

ସେମାନଙ୍କ ଦେହ ତ ଅଟଇ ବିଶାଳ,
ଚିତାପେଡ଼ି ନିନ୍ଦଇ ଗ୍ରୀବର ଓସାର । କୃ. ଭା. ବ. ପ.

ଚିତାବାଘ, ବି. (ଚିତ୍ରବ୍ୟାଘ୍ର ଶବ୍ଦଜ) ବ୍ୟାଘ୍ରବିଶେଷ ।

ଚିତ୍ତ, ବି. (ଚି = ସଂଚୟ କରିବା-ତ୍ତି) ଶବଦାହାଗ୍ନି, ଚିତା; ସମୂହ; ରାଶି; ଇଷ୍ଟକାଦି ପୁଞ୍ଜି; ନିର୍ବିଷସୃଜ୍ଞାନ । ବିଂ. (ଦେଶଜ) ଉତ୍ତାନ, ଊର୍ଦ୍ଧ୍ୱମୁଖ । ଯଥା—

ସୈରିନ୍ଧ୍ରୀ ସେ କାଳେ କରକୁ ଛାଟିଦେଲେ,
ଚିତ୍ତ ହୋଇ କୀଚକ ମଣ୍ଡଳ ଯାଇ ଚଳେ । କୃ.ଭା.ବ.ପ.

ବି. ସର୍ପବିଶେଷ । ଯଥା—

ପାଣିହୁଳା ଧଣ୍ଡା ଚିତ୍ତ ଆଦି ସାପେ,
ରହିଲେ ପଟ ଧରି କର୍ଣ୍ଣଙ୍କ ସମୀପେ । କୃ ଭା.କ.ପ

ଚିତ୍ତମାଡ, ବିଂ. (ଦେଶଜ) ଉତ୍ତାନ ହୋଇ ନିପତିତ ।

ଚିତ୍ତମାରିବା, କ୍ରି. (ଦେଶଜ) ମାଛମାନେ ମରିବା ପୂର୍ବରୁ ଚିତ୍ତ ହୋଇ ପାଣି ଉପରେ ଭାସିଉଠିବା; ଗାମୁଛାଁ ବା ଲୁଗାରେ କଳା ବା ଧଳା ଦାଗ ପଡ଼ିବା; ମାଲମାନେ ଶୂନ୍ୟ ଲମ୍ଫ ଦେଇ ଚିତ୍ତ ହେବା ।

ଚିତ୍ତସାପ, ଚିଟିସାପ, } ବି. (ଚିତ୍ରସର୍ପ ଶବ୍ଦଜ) ସର୍ପବିଶେଷ; ଏହାର ଦେହ ଶ୍ୱେତ ଓ କୃଷ୍ଣ ବର୍ଣ୍ଣରେ ଚିହ୍ନିତପ୍ରାୟ ଦିଶୁଥାଏ ।

ଚିତ୍ତହେବା, କ୍ରି. (ଦେଶଜ) ଉତ୍ତାନ ବା ଊର୍ଦ୍ଧ୍ୱମୁଖ ହେବା । ଯଥା—

ଚିତ୍ତହୋଇ ମୁହଁ ମାଡ଼ି ଅବା ପାରୁଣେ । ମ. ଯା.

ଚିତୁ, ଚିତ୍ତ, ଚିତ, } ବି.(ଦେଶଜ) ଖେଳର ବାଉଳ କଉଡ଼ି ଉତ୍ତାନ ହୋଇ ପଡ଼ିବା । ବିଂ. ଉତ୍ତାନପତିତ ।

ଚିତୁ, ବିଂ. (ଦେଶଜ—ଏହି ତେଲୁଗୁ ଶବ୍ଦ, ମାତ୍ର ଗଞ୍ଜାମୀ ଓଡ଼ିଆରେ ଚଳେ) ରଦ୍ଦି । ଯେପରି—ଚିତୁ କାଗଜ ।

ଚିତ୍ତୁଆଇବା, ଚିତୋଇବା, ଚିତ୍ତୁଆଇବା, ଚିତ୍ତେଇବା, } କ୍ରି. (ଚିତ୍ ଧାତୁଜ) ମନେ ପକାଇବା । ଯଥା—

ଚିତ୍ତୁଆଇ କେ ଦଅନ୍ତା ଏହି ଚନ୍ଦ୍ରମା ଅହନ୍ତା,
ଚିତ୍ତେଇ ତ ନାହିଁ ସିନ୍ଧୁ ଅମ୍ଭ କର୍ମରୁ । ର. ପ.

ଚିତ୍ତୁଆଣ, ବି. (ଚନ୍ଦନ ଶବ୍ଦଜ) ଚନ୍ଦନ । ଯଥା—

ଢନଢନକର ପୀରଢ଼ ଗାଢ଼,
ଚିତୁଅଣେକୁ ଏ ବରଷା ଦୃଷ୍ଟି । ଲ. ବ.

ଚିତ୍ତୁଲୁ, ବି. (ଦେଶଜ) ବାଉଳଖେଳରେ ସବୁ ବାଉଳି ଚିତ୍ ହୋଇ ପଡିଲେ ଅର୍ଥାତ୍ ଉତ୍ତାନ ହୋଇ ପଡିଲେ ଚିତ୍ତୁଲୁ ।

ଚିତ୍ତ, ବି. (ଚିତ୍ = ବୋଧ କରିବା-ତ) ମନ, ହୃଦୟ, ଅନ୍ତଃକରଣ । (ଦେଶଜ—ଗଞ୍ଜାମରେ ବ୍ୟବହୃତ) ଆଜ୍ଞା, ଅବଧାନ ।

ଚିତ୍ତାବେଗ, ବି. (ଚିତ୍ତ—ଆବେଗ) ମନୋବୃତ୍ତି ।

ଚିତ୍ର, ବି. ( ଚିତ୍-ତ୍ରୈ = ତ୍ରାଣ କରିବା-ଅ ) ଆଶ୍ଚର୍ଯ୍ୟ; ଆଲେଖ୍ୟ; ଛବି; ଚିତ୍ରଫଳକ । ( ଆଲେଖ୍ୟାଶ୍ଚର୍ଯ୍ୟୟୋଶ୍ଚିତ୍ରଂ—ଅମର । ) ଆକାଶ; ତିଳକ; ନାନାବର୍ଣ୍ଣ । (ଚିତ୍ରଂ ଖେ ତିଳକେଽଦ୍ଭୁତେ !) ରଙ୍ଗଦେବା; ଯମ; ଏରଣ୍ଡବୃକ୍ଷ; ଅଶୋକବୃକ୍ଷ; ଚିତାପାରୁଗଛ । ବିଂ. ନାନାବର୍ଣ୍ଣଯୁକ୍ତ; ଆଶ୍ଚର୍ଯ୍ୟଜନକ; ନାନାବିଧ ।

ଚିତ୍ରକର, ଚିତ୍ରକାର, ଚିତ୍ରକୃତ୍, } ବି. (ଚିତ୍ର-କର, କାର, କୃତ୍) ଜାତିବିଶେଷ; ଯେ ଚିତ୍ର କରେ ।

ଚିତ୍ରକାଠି, ଚିତ୍ରଖଣ୍ଡି, } ବି. (ସଂସ୍କୃତ ଏବଂ ଓଡ଼ିଆ ଶବ୍ଦ ମିଶ୍ରଣ) ଚିତ୍ରଶଳାକା, ଯେଉଁ କାଠିରେ ଚିତ୍ର କରନ୍ତି ।

ଚିତ୍ରକାବ୍ୟ, ବି. ( ଚିତ୍ର-କାବ୍ୟ ) ପଦ୍ମବନ୍ଧ ପ୍ରଭୃତି ଘଟିତ କାବ୍ୟ, ଯେଉଁ କାବ୍ୟରେ କେବଳ ବନ୍ଧ କବିତାମାନ ଥାଏ । ଯେପରି, ଉପେନ୍ଦ୍ର ଭଞ୍ଜଙ୍କର ବନ୍ଧୋଦୟ ।

ଚିତ୍ରକୂଟ, ବି. (ଚିତ୍ର—ଆଶ୍ଚର୍ଯ୍ୟ, ଚିତ୍ରିତ-କୂଟ—ଶିଖର) ରାମଗିରି, ବର୍ତ୍ତମାନ ବୁନ୍ଦେଲଖଣ୍ଡରେ ଚିତ୍ରକୋଟ ନାମରେ ପ୍ରସିଦ୍ଧ ପର୍ବତ ।

ଚିତ୍ରଗୁପ୍ତ, ବି. (ଚିତ୍ର = ଲେଖନ-ଗୁପ୍ତ = ଯେ ରକ୍ଷା କରେ) ଚତୁର୍ଦ୍ଦଶ ଯମରୁ ଏକ ଯମ, ଯମଙ୍କ ଲେଖକ ।

ଚିତ୍ରଣ, ବି. (ଚିତ୍ର୍ = ଚିତ୍ରିତ କରିବା-ଅନ) ଚିତ୍ରକରଣ; ଲିଖନ ।

ଚିତ୍ରପଟ, ବି. (ଚିତ୍ର = ଛବି, ପଟ = ବସ୍ତ୍ର) ଆଲେଖ୍ୟପଟ, ଯେଉଁ ବସ୍ତ୍ରର ଉପରେ ଛବିମାନ ଅଙ୍କିତ ହୋଇଥାଏ ।

ଚିତ୍ରପାଦା, ବି. ସ୍ତ୍ରୀ. ( ଚିତ୍ର = ବିଚିତ୍ରିତ, ଚିହ୍ନଯୁକ୍ତ ପାଦ ) ସାରିକା ପକ୍ଷିଣୀ ।

ଚିତ୍ରପାଲୁ, ବି. (ଦେଶଜ—ତୈଲଙ୍ଗମାନେ ମଧ୍ୟ ଏହି ଶବ୍ଦ ବ୍ୟବହାର କରନ୍ତି, କିନ୍ତୁ ଓଡ଼ିଆଙ୍କ ମୁଖରେ ଓଡ଼ିଆ ଶବ୍ଦ ପରି ବ୍ୟବହୃତ ହେଉଅଛି) କାଠ ଚିକ୍କଣ କରିବା ଅସ୍ତ୍ର, ରନ୍ଦା ।

ଚିତ୍ରଫଳକ, ବି. (ଚିତ୍ର—ବିଚିତ୍ର-ଫଳକ) ଯାହା ଉପରେ ଚିତ୍ର ଅଙ୍କନ କରିବାକୁ ହୁଏ ।

ଚିତ୍ରଭାନୁ, ବି. (ଚିତ୍ର = ବିଚିତ୍ର-ଭାନୁ = କିରଣ) ଅଗ୍ନି; ସୂର୍ଯ୍ୟ; ଅଶ୍ୱିନୀକୁମାରଦ୍ୱୟ; ଚିତାପାରୁଗଛ ।

ଚିତ୍ରରଥ, ବି. (ଚିତ୍ର = ଚିତ୍ରିତ-ରଥ) ଗନ୍ଧର୍ବବିଶେଷ; ସୂର୍ଯ୍ୟ ।

ଚିତ୍ରଲେଖା, ବି. ସ୍ତ୍ରୀ. ପୁ. ବାଣରାଜାଙ୍କ ମନ୍ତ୍ରୀଙ୍କ କନ୍ୟା, ଉଷାଙ୍କର ସଖୀ; ଅପ୍ସରାବିଶେଷ; ଛନ୍ଦୋବିଶେଷ ବା ବୃତ୍ତବିଶେଷ ।

ଚିତ୍ରଶାଳା, ଚିତ୍ରଶାଳିକା, } ବି. ସ୍ତ୍ରୀ. (ଚିତ୍ର = ଆଶ୍ଚର୍ଯ୍ୟଜନକ ବସ୍ତୁ-ଶାଳା = ଗୃହ **Museum**) ଯେଉଁ ସ୍ଥାନରେ ପ୍ରକୃତ ଇତିବୃତ୍ତ, ପଦାର୍ଥମୀମାଂସା ଓ ସାହିତ୍ୟବିଦ୍ୟା ସମ୍ବନ୍ଧୀୟ ଏବଂ ଶିଳ୍ପସାଧିତ କୌତୂହଳଜନକ ବସ୍ତୁ ସକଳ ସ୍ଥାପିତ ରହେ; ଚିତ୍ରକରଗୃହ ।

ଚିତ୍ରଶିଖଣ୍ଡିଜ, ବି. (ଚିତ୍ରଶିଖଣ୍ଡୀ = ସପ୍ତର୍ଷି ମଧ୍ୟରେ ଏକ, ଅଙ୍ଗିରା-ଜନ୍-ଅ) ବୃହସ୍ପତି ।

ଚିତ୍ରଶିଖଣ୍ଡୀ, ବି. (ଚିତ୍ରଶିଖଣ୍ଡିନ୍ ଚିତ୍ର= ଆଶ୍ଚର୍ଯ୍ୟ-ଶିଖଣ୍ଡ-ଚୂଡ଼ା-ଇନ୍—ଅସ୍ତ୍ୟର୍ଥେ) ସପ୍ତର୍ଷି । (ମରୀଚି ରଙ୍ଗିର ଅତ୍ରିଃ ପୁଲସ୍ତ୍ୟଃ ପୁଲହଃ କ୍ରତୁଃ ବଶିଷ୍ଠଶ୍ଚେତି ସପ୍ତୈତେ ଜ୍ଞେୟାଶ୍ଚିତ୍ରଶିଖଣ୍ଡିନଃ ।)

ଚିତ୍ରା, ବି. ସ୍ତ୍ରୀ. (ଚିତ୍ର-ଆ) ନକ୍ଷତ୍ରବିଶେଷ; ଅପ୍ସରାବିଶେଷ; ଚିତିସାପ; ମାୟା; ଛନ୍ଦ ବା ବୃତ୍ତବିଶେଷ ।

ଚିତ୍ରିତ, ବିଂ. ( ଚିତ୍ର୍ = ଚିତ୍ରିତ କରିବା-ତ ) ଚିତ୍ରାର୍ପିତ, ନାନାବର୍ଣ୍ଣବିଶିଷ୍ଟ; ଚିହ୍ନଯୁକ୍ତ ।

ଚିତ୍ରୋତ୍ପଳା, ବି. ସ୍ତ୍ରୀ. ସଂ. ମହାନଦୀ, ଉତ୍କଳର ଗଙ୍ଗା, ଉତ୍କଳରାଜଧାନୀର ମେଖଳା-ସ୍ୱରୂପିଣୀ ।

ଚିଦାଭାସ, ବି. (ଚିତ୍ = ଜ୍ଞାନ, ଆଭାସ=ଦୀପ୍ତି) ଜ୍ଞାନର ଆଭାସ, ଜ୍ଞାନର ପ୍ରକାଶ; ଜ୍ଞାନ; ଜୀବାତ୍ମା ।

ଚିନ, ବି. ( ଚିହ୍ନ ଶବ୍ଦର ଅପଭ୍ରଂଶ ) ଚିହ୍ନ, ଚୀନଦେଶ ।

ଚିନମାଟି, } ବି. (ଦେଶଜ) ବାସନ ଇତ୍ୟାଦି
ଚିନାମାଟି, } ତିଆରି କରିବା ନିମନ୍ତେ ଏକ-
ପ୍ରକାର ଧଳାମାଟି ।

ଚିନା, } ବି. (ଚୀନ ଶବ୍ଦଜ) ଧାନ୍ୟବିଶେଷ ।
ଚିହ୍ନା, } (ଚିହ୍ନକ ଶବ୍ଦଜ) ଗୁଞ୍ଜ କାଇଁଚର
ତୁଳ ବା ପରିମାଣ । ଯଥା—

ଚନ୍ଦ୍ରଜନକ ମନ୍ଥି ଶ୍ରମକୁ ପାଇ,
ଚିନାଏ ସୁଧା ଦେବେ କାହାନ୍ତୁ ପାଇ । ର. ପ.

ଯବକଞ୍ଚିତ୍ପରିମାଣ । ଯଥା—

ସ୍ମରୁମାରୁତରୁ ତରୁ- ତଳ ଶୀତଳ ହେଉରୁ
ଚିନାଏ ତ ଖେଦ ନାହିଁ ମୋର । କ. ଚ. ଚ.

ଚିହ୍ନିବା, ପରିଚୟ କରିବା । ବିଂ. ପରିଚିତ । ଯେପରି—ଚିହ୍ନା ଲୋକ । ଚୀନଦେଶଜାତ; ଚୀନଦେଶବାସୀ ।

ଚିନାମାଳ, ବି. (ଦେଶଜ) ମେଣ୍ଢା ଓ ଛାଗଳର କୋଷ ।

ଚିନାମାଳୀ, ବି. ସ୍ତ୍ରୀ. ( ଚୀନ-ମାଳା ଶବ୍ଦଜ ) କଣ୍ଠାଭରଣବିଶେଷ । ଯଥା—

ସବୁ ବୃଥା ହେଲ ଦଶହରା ଗଲ
ନ ପାଇଲ ଚିନାମାଳୀ । କ. ମ.

ଧାନ୍ୟବିଶେଷ ।

ଚିନି, ବି. (ଦେଶଜ) ଏକପ୍ରକାର ମାଟି; ଏକପ୍ରକାର ନବାତ । ଯଥା—

ଅଧାମଗୋଷ୍ଟିକା ସର ସାକର ଲବଣୀ,
ପଇଡ଼ପାଣି ଖଜା ଖଜୁରି ଖଣ୍ଡଚିନି । ନୃ. ପୁ. ତୁ. ଭ.

ଚିନିଚମ୍ପା, ବି. ଏକପ୍ରକାର ପୁଷ୍ପ ।

ଚିନିବା, } କ୍ରି. (ଦେଶଜ) ପରିଚିତ
ଚିହ୍ନିବା, } କରିବା ।

ଚିନିବାସନ, ବି. (ଚିନି-ବାସନ) ଚିନିମାଟିରେ ତିଆରି ପାତ୍ରବିଶେଷ ।

ଚିନିସିନ୍ଦୁର, } ବି. (ଚୀନସିନ୍ଦୂର ଶବ୍ଦଜ)
ଚିନିସୁନ୍ଦର, } ଏକପ୍ରକାର ସିନ୍ଦୂର ।

ଚିନ୍ତନ, } ବି.(ଚିନ୍ତ୍ = ଭାବନା କରିବା-ଅନ-
ଚିନ୍ତନା, } ଆ,ଚିନ୍ତ୍-ଅ-ଆ)ଧ୍ୟାନ, ଉପାସନା;
ଚିନ୍ତା, } ଭାବନା; ଉଦ୍‌ବେଗ; ସ୍ମରଣ; ଶଙ୍କା
ବା ଭୟ; ଆଲୋଚନା, କୌଣସି ବିଷୟ ସ୍ଥିର ବା ସ୍ମରଣ କରିବାପାଇଁ ମନରେ ଆନ୍ଦୋଳନ । (ଅକ ପ୍ରତ୍ୟୟରେ ଚିନ୍ତକ ଏବଂ ତ ପ୍ରତ୍ୟୟରେ ଚିନ୍ତିତ ହୁଏ ।)

ଚିନ୍ତାମଣି, ବି.(ଚିନ୍ତା-ମଣି) ବାଞ୍ଛିତ ଫଳଦାୟକ ରତ୍ନବିଶେଷ; ସ୍ପର୍ଶମଣି; ବ୍ରହ୍ମା; ବୁଦ୍ଧବିଶେଷ ।

ଚିପ, ବି. (ଦେଶଜ) କୁରାଢ଼ି ପ୍ରଭୃତିର ବେଣ୍ଟ ଆଣ୍ଟରେ ରହିବାପାଇଁ ସଂଲଗ୍ନ ରଖିବା କ୍ଷୁଦ୍ର କାଷ୍ଠଖଣ୍ଡ; ମୁଦ୍ରିକାର ଆନୁଷଙ୍ଗିକ କ୍ଷୁଦ୍ର ବଳୟ ।

ଚିପା, ବି. (ଦେଶଜ) ଚିପିବା । ଯଥା—

ସେ ଅଙ୍ଗୁଳି ଚିପା ହୋଇଲ ଅଡ଼ୁଆ,
ଭୀମ ସର୍ପ ମଣ୍ଡଳଗଲେ ନୋହୁ ଠିଆ । କୃ.ଭା.ବ.ପ.

(ଗଞ୍ଜାଡରେ) ଗ୍ରୋଡ଼ କଂସା । ବିଂ. କୃପଣ । ଯଥା—ସେ ବଡ଼ ଚିପା ଲୋକ । ଯାହାକୁ ଚାପ ଦିଆ ଯାଇଥାଏ, ସଂକୋଚିତ ।

ଚିପିଟ, ଚିପିଟକ, } ବି. (ଚି-ପିଟ୍ = ଚେପଟା
ଚିପୁଟ, ଚିବଟ, } କରିବା ଅ-ନିପାତନେ)
ଚୁଡ଼ା । ବିଂ. ଚେପଟା; ବସ୍ଥିତ; ବସ୍ଥିତ-ନାସିକ ।

ଚିପିବା, କ୍ରି. ( ଦେଶଜ ) ଚାପ ଦେଇ ସଂକୋଚନ କରିବା ।

ଚପୁଆ, ବି. (ଦେଶଜ) ଶଗଡ଼ର କାଷ୍ଠବିଶେଷ ।

ଚପୁଡ଼ା, } ବି. (ଦେଶଜ) ହସ୍ତଦ୍ୱାରା ସଂପୀଡ଼ିତ
ଚୁପୁଡ଼ା, } କରି ରସ ନିର୍ଗତ କରିବା । ବିଂ. ଯାହାକୁ ଚପୁଡ଼ିଥାନ୍ତି ।

ଚପୁଡ଼ିବା, } କ୍ରି. (ଦେଶଜ) ସଂପୀଡ଼ନରେ
ଚୁପୁଡ଼ିବା, } ରସ ନିର୍ଗତ କରିବା । ଯଥା—

ଚନ୍ଦ୍ରରୁ ଚପୁଡ଼ି ସୁଧାଝର,
ଚିର ତୃଷିତର ମୁଖେ ଭରି । କ. ଚ. ଚ.

ଚପୁଲି, ବି. (ଦେଶଜ) ଖୋଲି ଜୋତା; ସ୍ତ୍ରୀମାନଙ୍କର ପାଦର ବୃଦ୍ଧାଙ୍ଗୁଷ୍ଠିର ଅଳଙ୍କାରବିଶେଷ ।

ଚମୁଟା, } ବି. ( ଦେଶଜ ) ଦୁଇ ନଖଦ୍ୱାରା
ଚୁମୁଟା, } ଆଘାତ ବା କ୍ଷତ କରିବା; ସୁନାରିମାନଙ୍କର ଶସ୍ତ୍ରବିଶେଷ ।

ଚମୁଟିବା, କ୍ରି. ( ଦେଶଜ ) ଦୁଇ ନଖରେ ଆଘାତ ବା କ୍ଷତ କରିବା ।

ଚମିନି, ବି. ସ୍ତ୍ରୀ. (ଇଂରାଜୀ ଶବ୍ଦ) ଲଣ୍ଠନର ଆଲୋକଦାୟୀ କାଚନଳିକା ।

ଚମୁଣି, ଚମୁଣିଆ, } ବି. (ଚର୍ମଚଟିକା ଶବ୍ଦଜ)
ଚେମିଣି, } ବାଦୁଡ଼ୀ ପକ୍ଷୀ । ଯଥା—

ଚମୁଣି ଚଷାପୁଅ ମହୁଲି ନାମେ ପକ୍ଷୀ । ନ.ପୃ.ଚ.ଭ
ଡଡର ଚମୁଣିଆ ଡ଼ାକନ୍ତି କିଣି କିଣି । ନୃ.ପୂ.ପ.ଭ.

ଚମୁଲା, ବି. (ଦେଶଜ) ବୋଝ ବହିବା ସମୟରେ ମୁଣ୍ଡ ଉପରେ ଦେବା ମଣ୍ଡଳାକୃତି କନାବିଣ୍ଡା ।

ଚିର, କ୍ରି. ବିଂ. (ଚି=ଚୟନ କରିବା-ର) ବହୁକାଳ ଯାଏ, ଅନାଦି କାଳରୁ । ବିଂ. ବହୁକାଳସ୍ଥାୟୀ । ବି. ଦୀର୍ଘକାଳ (ଚୀର ଶବ୍ଦର ଅପଭ୍ରଂଶ) ଗୋରୁ ପ୍ରଭୃତିର ସ୍ତନାଗ୍ର । ଯଥା—

ଦୁହାଁଳ ଦୁଇ ଘଡ଼ୁକୁ ଗୋପାଳେ ଦୁହନ୍ତି,
ପ୍ରଥମରୁ ଚିରେ ଚିରେ ଭୂମିରେ ପକାନ୍ତି । ସା.ଭ୍ର.ଆ.

ଚିରକାରିନ୍, } ବିଂ. (ଚିରଂ-କୃ=କରିବା-
ଚିରକାରୀ, } ଇନ୍-ଚିର-କ୍ରିୟା) ଦୀର୍ଘସୂତ୍ରୀ,
ଚିରକ୍ରିୟ, } ବିଳମ୍ବରେ କାର୍ଯ୍ୟକାରକ, ଯେ ସତ୍ୱର କାର୍ଯ୍ୟ ନିର୍ବାହ କରିପାରେ ନାହିଁ ।

ଚିରକୁଟ, ବି. (ଦେଶଜ) ଛିଣ୍ଡା କାଗଜ ।

ଚିରକୁଟି, } ବି. (ଦେଶଜ) ଲେଙ୍ଗଡ଼ା ଲୁଗା ।
ଚିରାକୁଟି, } ଯଥା—

ଚିରକୁଟି ବିପ୍ରେକ କଟିରେ ଅଛି ପିନ୍ଧି । ସା.ଭ୍ର.ଆ.
କଟିରେ କାଛେଟି ତାଙ୍କ କଣ୍ଠେ ଚିରାକୁଟି । ସା.ଭ୍ର.ସ.

ଚିରଗୁଣୀ, } ବି. ସ୍ତ୍ରୀ. ( ଚୀରକୁଣୀ ଶବ୍ଦଜ )
ଚିରୁଗୁଣୀ, } ଅନ୍ଧକାର ରାତିରେ ନିର୍ଜନ
ଚିରକୁଣୀ, } ସ୍ଥାନରେ ଯେଉଁ ଅଗ୍ନିର ଆଲୋକ ଦେଖାଯାଏ । ରାକ୍ଷସୀ; ଡ଼ାଆଣୀ ।

ଚିରଚିରା, ବି. (ଦେଶଜ) ଭୟରେ ଚିତ୍କାର କରିବା ।

ଚିରଚିରାଇବା, } କ୍ରି. ( ଦେଶଜ ) ଭୟରେ
ଚିରଚିରେଇବା, } କିଂକର୍ତ୍ତବ୍ୟବିମୂଢ଼ ହୋଇ ଚିତ୍କାର କରିବା ।

ଚିରଜୀବୀ, } ବି. (ଚିର-ଜୀବ୍=ପ୍ରାଣ ଧାରଣ
ଚିରଞ୍ଜୀବୀ, } କରିବା-ଇନ୍) ବିଷ୍ଣୁ; କାକ;
ଚିରଞ୍ଜୀବିନ୍, } ମାର୍କଣ୍ଡେୟ; ଶାଲ୍ମଳୀ ବୃକ୍ଷ; ଅଶ୍ୱତ୍ଥାମା; ବଳି; ବ୍ୟାସ; ହନୁମାନ; ବିଭୀଷଣ; କୃପ; ପରଶୁରାମ । ବିଂ. ବହୁକାଳସ୍ଥାୟୀ; ଅମର ।

ଚିରଟୀ, ଚିରଣ୍ଟୀ, } ବି. ସ୍ତ୍ରୀ. (ଚିରଂ-ଅଟ୍,
ଚିରିଟୀ, ଚିରଣ୍ଟୀ, } ଇଟ୍=ଗମନ କରିବା-ଅ-ଈ, ନିପାତନ) ବିବାହିତା ହେଉ କିମ୍ବା ଅବିବାହିତା ହେଉ ପିତୃକୁଳ ସ୍ନେହ ହେତୁ ଯେ ପିତୃକୁଳରେ ଚିରକାଳ ରହେ, ପିତୃଗୃହସ୍ଥିତା କନ୍ୟା; ଦ୍ୱିତୀୟବୟସ୍କା କନ୍ୟା । (ସ୍ୱବାସିନ୍ୟାଂ ଚିରଣ୍ଟୀ ସ୍ୟାତ୍ ଦ୍ୱିତୀୟେ ବୟସି ସ୍ତ୍ରିୟାଂ—ରୁଦ୍ର ।)

ଚିରନ୍ତ, } ବିଂ. (ଚିର-ନ୍ତ, ତନ-ସ୍ୱାର୍ଥେ)
ଚିରନ୍ତନ, } ଚିରକାଳୀନ; ପୁରାତନ; ଯାହା ବହୁକାଳରୁ ପ୍ରଚଳିତ ଅଛି ।

ଚିରଂ, ଚିରରାତ୍ରାୟ, }
ଚିରସ୍ୟ, ଚିରାତ୍, } ଅଂ. ସଂ. ବହୁକାଳ;
ଚିରାୟ, ଚିରେଣ, } ବାରମ୍ବାର ।
ଚିରେ,

ଚିରା, ବିଂ. (ଚୀର ଶବ୍ଦଜ) ଛିଣ୍ଡା, ଲେଙ୍ଗଡ଼ା ।
ଯଥା—
ଚିରା ପିଣନ୍ତି କରେ ଧରି,
ହରିଙ୍କି ବଞ୍ଚିଲେ ସୁନ୍ଦରୀ । ଦା. ର.
କ୍ଷତବିକ୍ଷତ । ଯଥା—
ସହସ୍ରେ କାଣ୍ଡ ବିନ୍ଧି ସାତ୍ୟକି ମହାବୀର,
କଲେ ଅଶ୍ୱତ୍ଥାମାଙ୍କ ଦେହଟିକି ଚିରା । କୃ.ଭା.ଖି.ପ.
ଅସ୍ତ୍ରଦ୍ୱାରା କଟାଯିବା । ବି. (ଦେଶଜ) ଡିଆଁ । ଯଥା—
ଶୁଣି ବଇନତେୟ ଆଉ ଚିରାଏ ମାରି,
ବସିଲା ମୁରି ଆଗେ ବେନି ଖଗକୁ ଡେରି । ନୃ.ସୁ.ପ.ଚ.
ଚିରିବା; ଅସ୍ତ୍ରଦ୍ୱାରା କାଟିବା ।

ଚିରାଇତା, ଚିରାୟିତା, ଚିରେତା, ଚିରେଇତା, } ବି. (କିରାତତିକ୍ତ ବା ଚିରତିକ୍ତ ଶବ୍ଦଜ) ଔଷଧ ଦ୍ରବ୍ୟବିଶେଷ ଅର୍ଥାତ୍ ଭୂନିମ୍ବ ।

ଚିରାମରା, ବିଂ. (ଦେଶଜ) ଜୀର୍ଣ୍ଣ । ଯଥା—
ଚିରାମରା ଶୃଙ୍ଗବେଣୁ ବାଦ୍ୟ ନାଦ ଶୁଣୁ ଶୁଣୁ
ଶେଷ ହୁଏ ଦିନ ଦିନେ ଦିନେ ଗୋ । କ.ଚ.ଚ.

ଚିରାମାରିବା, କ୍ରି. (ଦେଶଜ) ଡେଇଁବା; ଲମ୍ଫ ମାରିବା । (ଚିରା ଶବ୍ଦ ଦେଖ ।)

ଚିରାଳ, ବି. (ଦେଶଜ) ପତାକା । ଯଥା—
ବସ୍ତୁଦ୍‌ଗଙ୍ଗା ବୀଚି ରୁଚିକି ଧରିବା ପାଞ୍ଚି ଚିରାଳ ବିଳସି ।
ବୈ. ବି.

ଚିରଣି, ଚିରଣୀ, ଚିରୁଣି, } ବି.ସ୍ତ୍ରୀ. (ଦେଶଜ) ପାନିଆଁ, କଙ୍କତିକା ।

ଚିରିବା, କ୍ରି. (ଦେଶଜ) ଫାଡ଼ିବା; କାଟିବା; ଦ୍ୱିଫାଳ କରିବା; କ୍ଷତବିକ୍ଷତ କରିବା । ଯଥା—
ଶ୍ୱାସ ପ୍ରଖରେ ବକ୍ଷେ ଦୁଃଖରେ ଧରା ନଖରେ ଚିରେ ।
ଲ. ବ.

ଚିର୍ଭଟୀ, ବି. ସ୍ତ୍ରୀ. ସଂ. କାକୁଡ଼ୀ; ଫୁଟିକାକୁଡ଼ୀ ।

ଚିଲ, ବି. (ଚିଲ୍ଲ ଶବ୍ଦର ଅପଭ୍ରଂଶ) ସ୍ୱନାମପ୍ରସିଦ୍ଧ ପକ୍ଷୀ ।

ଚିଲମ, ଚିଲମି, } ବି. (ଯାବନିକ) ଗଞ୍ଜାଇ ଗୁଡ଼ାଖୁ ଇତ୍ୟାଦି ସେବନ କରିବାର ଅଗ୍ନିପାତ୍ର ।

ଚିଲିମୀଳିକା, ବି. ସ୍ତ୍ରୀ. (ଚିର-ମୀଲ୍=ଚକ୍‌ଚକ୍ କରିବା-ଇକ-ଆ, ର=ଳ) ଖଦ୍ୟୋତ; ବିଦ୍ୟୁତ୍; କଣ୍ଠାଭରଣବିଶେଷ ।

ଚିଲରା, ବି. (ଦେଶଜ-ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଟଙ୍କା ଦେଇ ଦିଅଣି ପଇସା ପ୍ରଭୃତି ଆଣିବା । ବିଂ. ସାମାନ୍ୟ ବା ସାଧାରଣ; ତୁଚ୍ଛ ।

ଚିଲା, ବି. (ଦେଶଜ) ପକ୍ଷିମାନଙ୍କର ଝାମ୍ପ; ମାଟିଆରଙ୍ଗ ।

ଚିଲାଇବା, ଚିଲେଇବା, } କ୍ରି. (ଦେଶଜ) ଉଚ୍ଚରେ ଉଡ଼ିବା । ଯଥା—
ଆଚ୍ଛା ଏକ କଥା ଅଛି କରି ତୁହି ଯାଇ,
ପଣ୍ଡ ଶୋଇବା ଠାବରେ କାନ୍ଦି ତୁ ଚିଲାଇ । ବେ.ପ.

ଚିଲାଖିଆ, ଚିଲଆଖିଆ, } ବିଂ. (ଚିଲ୍ଲାକ୍ଷ ଶବ୍ଦଜ) କ୍ଳିନ୍ନନେତ୍ର; ଯାହାର ଆଖି ଚିଲର ଆଖି ପରି ।

ଚିଲାମାରିବା, କ୍ରି. (ଦେଶଜ) ପକ୍ଷିମାନଙ୍କର ଝାମ୍ପମାରିବା । ଯଥା—
ଚଳମତ୍ସ୍ୟେ ଚିଲା ମାରନ୍ତି ଗାଙ୍ଗୋଇ । ଚିଲିକା ।

ଚିଲିମିଲିପୋକ, ବି. (ଚିଳିମୀଳିକା ଶବ୍ଦଜ) ଖଦ୍ୟୋତ ।

ଚିଲିମିଳିମାଳି, ବି. ସ୍ତ୍ରୀ. (ଚିଳିମୀଳିକା ଶବ୍ଦଜ) ସ୍ତ୍ରୀକଣ୍ଠାଭରଣବିଶେଷ ।

ଚିଲ୍ଲି, ଚିଲି, } ବି. ସ୍ତ୍ରୀ. (ଚିଲ୍ଲିକା ଶବ୍ଦଜ) ଭ୍ରୂ, ଭ୍ରୂଲତା । ଯଥା—
ରଖି କମାଣ ସେ କରେ କମ୍ପାଇଲେ
ନଚାଇବୁ ତୁ ଏକା ତୋ ଚିଲ୍ଲି । ବ.ରା.

ଚିଲ୍ଲ, ବି. (ଚିଲ୍ଲ=ବିଳାସ କରିବା-ଅ) ଚିଲପକ୍ଷୀ । ବିଂ. କ୍ଲିନ୍ନାକ୍ଷ ।

ଚିଲ୍ଲିକା, ଚିଲ୍ଲୀ, ବି. ସ୍ତ୍ରୀ. ସଂ. ଭ୍ରୂ, ଭ୍ରୂଲତା । ଯଥା—
ଚିଲ୍ଲୀ ବଲ୍ଲୀ ବିହାରରେ ମିଳିତ ଯେ । ଉଦ୍ଧବଦୂତ ।

ଚିବ, ଚିବୁ, ଚିବୁକ, } ବି. (ଚିବ୍=ଆଚ୍ଛାଦନ କରିବା-ଇ, ଉ, କ-ସ୍ୱାର୍ଥେ) ଥୋଡ଼ି ।

ଚିହୁଁକା, ଚିହୁଙ୍କା, ବି. (ଦେଶଜ) ଚମକ ।

ଚହିଁକାଇବା, } କ୍ରି. ଭୟ ଦେଖାଇ
ଚହଙ୍କାଇବା, } ଚମକାଇବା । ଯଥା—

ଚହ୍ନି କି ଲକ୍ଷ୍ମଣ ସଙ୍ଗେ, ଭ୍ରମରଚକୁର ମୋତେ
ଚହିଁକାଇ ପଗ୍ଭରଲୁ କହ ଗୋ । କ. ଚ. ଚ.

ଚହିଁକବା, } କ୍ରି. (ଦେଶଜ) ଚମକବା ।
ଚହଙ୍କିବା, }

ଚହିଁକପଡ଼ିବା, କ୍ରି. (ଦେଶଜ) ଚମକବା ।

ଚହ୍ନ, ବି. (ଚିହ୍ନ=ଲକ୍ଷ୍ୟ କରିବା-ଅ) କଳଙ୍କ; ଦାଗ; ଲକ୍ଷଣ; ସଙ୍କେତ; ପତାକା । (ବିଶେଷଣାର୍ଥକ ହେଲେ ତ ପ୍ରତ୍ୟୟରେ ଚହ୍ନିତ ହୁଏ ।)

ଚହ୍ନଠ, } ବି. (ଚହ୍ନ ଶବ୍ଦଜ) ପରିଚୟ । ବିଂ.
ଚହ୍ନୋଟ, } ଯେ ପରିଚୟ କରାଇ ଦିଏ, ପରିଚୟକ ।

ଚହ୍ନବା, ଚହ୍ନିବା,} ବିଂ. (ଚହ୍ନ ଶବ୍ଦରୁ ଉତ୍ପନ୍ନ)
ଚିନବା, ଚହ୍ନାରି,} ଯେ ଚହ୍ନି ପାରଇ ।
ଯଥା—

ଜାଣିଲ ପରି ମୁଁ ସେହି ଚିନବା,
ଚହ୍ନନ୍ତି କେ କାଚ କେଉଁଟା ହୀରା । ଉ. ସା.
ପ୍ରେମବିପଣୀରେ ଚହ୍ନିବା ଗ୍ରାହକ
ତାର ଦିନା ପ୍ରେମିଜନ । ଉର୍ବଶୀ ।

ଚହ୍ନା, ବି. ( ଦେଶଜ ବା ଚହ୍ନ୍ ଧାତୁଜ ) ପରିଚୟ । ଯଥା—
ନରଦାସେ ଯଥା ନରଙ୍କୁ ଦିଅନ୍ତି ଚହ୍ନା । ଡ. ବ.
(ଚହ୍ନକ ଶବ୍ଦଜ) ଘୃଣ କାଇଁଚର ଓଜନ ।
ବିଂ. ପରିଚିତ; ଯେ ଚହ୍ନି ପାରେ ।
ଯଥା—

ବ୍ରହ୍ମଚହ୍ନା ଲୋକକୁ ବୋଲନ୍ତି ବ୍ରହ୍ମଜ୍ଞାନୀ । ନୃ.ପୁ.ଚୃ.ତ.

ଚହ୍ନାକ, ବି. ( ଚହ୍ନକ ଶବ୍ଦଜ ) ଏକଚନା ।
ବିଂ. ଚହ୍ନିପାରିବା ବ୍ୟକ୍ତି ।

ଚହ୍ନାଚହ୍ନି, ବି. ( ଦେଶଜ ) ଅନ୍ୟୋନ୍ୟ ପରିଚୟ । ଯଥା—
ସାଦ୍ର ତମସରେ ଚହ୍ନାଚହ୍ନି ନୋହି
ପୁରୁଷ ବିନୟ କହି । ର. ପ.

ଚହ୍ନାଳି, ବିଂ. (ଦେଶଜ) ଚହ୍ନିପାରିବା ବ୍ୟକ୍ତି ।

ଚହ୍ନିବା, କ୍ରି. (ଦେଶଜ) ଭଲ ମନ୍ଦ ବିବେଚନା କରିବା । ଯଥା—

ମୂଲ୍ୟ ଚହ୍ନି ମୂଲ୍ୟ ଦେବାକୁ କେବଳ ଜାଣନ୍ତି ବୀରେ ।
ଉଷା.

ଚୀନ, ବି. (ଚୀ=ଚୟନ କରିବା-ନ, ଇ=ଈ) ମୃଗବିଶେଷ; ଦେଶବିଶେଷ; ଧାନ୍ୟବିଶେଷ; ଚୀନଦେଶୀୟ ଲୋକ; ତଦ୍ଦେଶୀୟ ବସ୍ତ୍ରବିଶେଷ । (ଚୀନାଂଶୁକମିବ କେତୋଃ— ଶ. ନା. ) ପତାକା ।

ଚୀନା, ବି. (ଚୀନ ଶବ୍ଦର ଅପଭ୍ରଂଶ) ଶସ୍ୟବିଶେଷ ।

ଚୀନାଂଶୁକ, ବି. ( ଚୀନ-ଅଂଶୁକ ) ପଟ୍ଟବସ୍ତ୍ରବିଶେଷ; ବଡ଼ ସରୁ ଲୁଗା । (ଚୀନାଂଶୁକମିବ ପୀନସ୍ତନଜଘନାୟାଃ କୁଳୀନାୟାଃ ।)

ଚୀର, ବି. (କୃ=ବିକ୍ଷେପ କରିବା-ଅ, କ=ଚ) ଟାଙ୍ଗି ଚୀର; ଛିନ୍ନବସ୍ତ୍ରଖଣ୍ଡ; ଗଛର ଛାଲି; ରେଖା ଓ ଲେଖାବିଶେଷ । (ସ୍ତ୍ରୀ.ଈ-ଚୀରୀ) ଝିଲ୍ଲୀ, ଝିଲ୍ଲିକା (ପୋକ) । (ଚୀରୀ ଝିଲ୍ଲ୍ୟାଂ ନପୁଂସକଂ । ଗୋସ୍ତନେ ବସ୍ତ୍ରଭେଦେ ଚ ରେଖାଲେଖନଭେଦୟୋଃ—ମେଦିନୀ । )

ଚୀର୍ଣ୍ଣ, ବି. (ଚର୍=ବିଭାଗ କରିବା, ଖଣ୍ଡନ କରିବା ଇତ୍ୟାଦି-ନ) କୃତ; ସଞ୍ଚିତ; ଅନୁଶୀଳିତ;ବିଭକ୍ତ;ଖଣ୍ଡିତ;ବିଦୀର୍ଣ୍ଣ;ସମ୍ପାଦିତ ।

ଚୀବର,ବି.(ଚୀ=ଚୟନ କରିବା-ବର)ଯୋଗୀ ବା ସନ୍ନ୍ୟାସିମାନେ ଯେଉଁ ଜୀର୍ଣ୍ଣ ଓ ଛିନ୍ନବସ୍ତ୍ର ଧାରଣ କରନ୍ତି, ଚୀର; କୌପୀନ ।

ଚୁଁ, } ଅଂ. (ଦେଶଜ) ଅନୁକରଣ ଶବ୍ଦ-
ଚୁଁକାର, } ବିଶେଷ । ଗୁରୁଜନମାନଙ୍କ ପ୍ରତି ଅନ୍ତଃପୁରସ୍ଥା ସ୍ତ୍ରୀମାନଙ୍କର ସାଙ୍କେତିକ ଶବ୍ଦ । ଯଥା—
ଗୃହ ଦ୍ୱାରରେ ଦେଖି ସଖୀ ସଲଜ୍ଜ,
ଚୁଁକାରେ ତାକୁ ଧରି ଅଧରରୋଜ । ର. ପ.

ଚୁଆଁ, ବି. (ଦେଶଜ) ନୂତନ କୁଳବଧୂମାନଙ୍କର ଚୁଁ ଚୁଁ ଶବ୍ଦ ।

ଚୁଆଁଚୁଇଁ, ବି. (ଦେଶଜ) ଗୁରୁଜନଙ୍କ ସମ୍ମୁଖରେ କୁଳବଧୂଦ୍ୱୟର ସାଙ୍କେତିକ ଚୁଁ- ଶବ୍ଦରେ କଥୋପକଥନ ।

ଚୁଆଁଚୁହ୍ନିଁ, } ବି. ( ଦେଶଜ ) ଅନ୍ୟୋନ୍ୟ
ଚୁହ୍ନାଁଚୁହ୍ନିଁ, } ଚୁହ୍ନିଁବା । ଯଥା—

ମାନଗୋବିନ୍ଦର ଏସନ ବଚନ ଶୁଣି,
ମୁହିଁ ଚୁଆଁଚୁହ୍ନି ହେଲେ ବିବେକ ନୃମଣି । ସା.ଭ୍ର.ଆ.

ଚୁଆ, ବି. (ଦେଶଜ) ସୁଗନ୍ଧ ତୈଳବିଶେଷ । (ଚୁଣ୍ଡ ଶବ୍ଦଜ) ନଦୀବାଲିରେ ଖୋଳିବା କୁଅଁ; କ୍ଷୁଦ୍ର ତଡ଼ାଗ ।

ଚୁଆଇବା, କ୍ରି. ( ଦେଶଜ ) ବକଯନ୍ତ୍ରଦ୍ୱାରା କୌଣସି ବସ୍ତୁରୁ ଅର୍କ ବାହାର କରିବା ।

ଚୁଆଡ଼, ବି. (ଦେଶଜ) ଜଙ୍ଗଲଜାତିବିଶେଷ ।

ଚୁଉଁଚୁଉଁ, ବି. ( ଦେଶଜ ) କୁଳବଧୂମାନେ ଶ୍ୱଶ୍ରୂ ପ୍ରଭୃତିଙ୍କୁ କଥା ନ କହି ଏହି ଶବ୍ଦରେ ଡାକନ୍ତି ଓ ଭାବ ପ୍ରକାଶ କରନ୍ତି । ଯଥା—

ଚୁଉଁ ଚୁଉଁ କରି ଡାକିବୁ ମୋତେ,
ହାତଠାରି ଶିଖି ଠାରିବୁ ଯେତେ । ଉ. ସା.

ଚୁକ, ବି. (ହିନ୍ଦୀ) ପରିଶୋଧ ।

ଚୁକ୍‌ଚୁକ୍, ବି. (ଦେଶଜ) ଦୁଗ୍‌ଧାଦି ଅଳ୍ପ ଅଳ୍ପ ପାନ କରିବାର ଶବ୍ଦ; ବାଳକର ସ୍ତନ୍ୟପାନ ଶବ୍ଦ ।

ଚୁକିବା, କ୍ରି. (ଦେଶଜ) ସ୍ତନ୍ୟପାନ କରିବା; ଭ୍ରମରେ ପଡ଼ିବା ।

ଚୁକ୍ତି, ବି. ( ଯାବନିକ ) ସମାଧା, ନିଷ୍ପତ୍ତି; ଅଙ୍ଗୀକାର ।

ଚୁକ୍ତିପତ୍ର, ବି. ( ଦେଶଜ ) ଅଙ୍ଗୀକାରପତ୍ର । (**Agreement, Deed of contracts.**)

ଚୁକ୍ତିଭଙ୍ଗ, ବି. (ଦେଶଜ) ଅଙ୍ଗୀକାରଲଙ୍ଘନ, ନିୟମଲଙ୍ଘନ ।

ଚୁକ୍ର, ଚୁକ୍ରକ, ବି. (ଚୁକ୍ = ତୃପ୍ତହେବା-ର,କ-ସ୍ୱାର୍ଥେ) ପାଳଙ୍ଗ ଶାକବିଶେଷ; ଅମ୍ଳବେତସ ଶାକ, କାଞ୍ଜିକବିଶେଷ । (ଚୁକ୍ରସ୍ତ୍ୱମ୍ଳେଽମ୍ଳବେତସେ—ହୈମ । )

ଚୁଗୁଲି, ବି. (ଦେଶଜ) ଖଳ ।

ଚୁଗୁଲିଆ, ବିଂ. (ଦେଶଜ) ଖଳୁଆ ।

ଚୁଗୁଲିଖୋର, ବିଂ. (ଦେଶଜ) ଖଳୁଆ, ଯେ ଖଳ କହେ, ଯେ ଖଳ ଶୁଣେ ।

ଚୁଙ୍ଗଚୁଙ୍ଗିଆ, } ବିଂ. ( ଦେଶଜ ) ଅସ୍ଥିର,
ଚୁଙ୍ଗୁଚୁଙ୍ଗିଆ, } ଚପଳ ।

ଚୁଙ୍ଗ, ଚୁଙ୍ଗୀ, } ବି. ସ୍ତ୍ରୀ. ( ଦେଶଜ ) ନଳୀ,
ଚୁଙ୍ଗା, } ନଳା, ଖୋଳ, ବାଉଁଶନଳ ।

ଚୁଙ୍ଗି, ବି. (ବାଲେଶ୍ୱର ପ୍ରାନ୍ତରେ) ଉଈ ।

ଚୁଙ୍ଗିଭଡ଼ାକା, ବି. (ଦେଶଜ) ଗୁଡ଼ାଖୁ ଖାଇବାର ଯନ୍ତ୍ର, ହୁକା ।

ଚୁଚ, ଚୁଁଚ, } ବି. ( ଚୁଚୁକ ଶବ୍ଦଜ ) ସ୍ତ୍ରୀ-
ଚୁଞ୍ଚି, } ସ୍ତନାଗ୍ରଭାଗ, ଯୁବତୀସ୍ତନ ।

ଚୁଚୁକ, } ବି. (ଚୁ ଚୁ = ଅନୁକରଣ ଶବ୍ଦ-କୈ
ଚୂଚୁକ, } = ଶବ୍ଦ କରିବା-ଅ ) କୁଚାଗ୍ର, ସ୍ତନର ଶିଖରଭାଗ ।

ଚୁଚୁ, ଚୁଚୁକାଳ, ବି. ( ଦେଶଜ ) କୁକୁର ବିରାଡ଼ି ଆଦିକୁ ଚୁ ଚୁ କରି ଡାକିବା ଶବ୍ଦ ।

ଚୁଚୁନ୍ଦ୍ରା, } ବି. ( ଛୁଚ୍ଛୁନ୍ଦରୀ ଶବ୍ଦଜ ) ଗନ୍ଧ-
ଚୁଚୁନ୍ଦୁରା, } ମୂଷିକ । ଯଥା—

ଚୁଚୁନ୍ଦ୍ରାକୁ ନାଗ ଧରିଲା ଦୁର୍ଯୋଗ
ବିଧାତା ସମ୍ପାଦିଥିଲା କାହିଁ । ବି. ଚି. ମ.

ଚୁଚୁନ୍ଦ୍ରୀ, } ବି. ( ଦେଶଜ ) ବାଣବିଶେଷ,
ଚୁଚୁନ୍ଦ୍ରା, } ଚର୍ମନଳାରେ ବାରୁଦ ଦେଇ
ଚୁଚୁନ୍ଦୁରୀ, } ଏହା ତିଆରି କରନ୍ତି; ରୋଗ-ବିଶେଷ ।

ଚୁଞ୍ଚୁ, ବିଂ. ସଂ. କୌଣସି ଶବ୍ଦର ପରେ ପ୍ରଯୁକ୍ତ ହେଲେ ପ୍ରସିଦ୍ଧ, ଖ୍ୟାତ, ନିପୁଣ । ଯେପରି, ବିଦ୍ୟାଚୁଞ୍ଚୁ, ଅକ୍ଷରଚୁଞ୍ଚୁ ଇତ୍ୟାଦି ।

ଚୁଟି,ଚୁଟୀ,ବି.(ଚୂଡ଼ା ଶବ୍ଦଜ) ବାଳ । ଯଥା—

ରୋଗବ୍ୟାଜେ କାଳ ଥରେ ଥରେ ଚୁଟୀ,
ଝିଙ୍କିଦେଲେ ଏହି ଦର୍ପ ଯାଏ ତୁଟି । ଦ. ବା.

ଶିଖା ।

ଚୁଟିଆ, ବିଂ. (ଦେଶଜ) ଯାହାର ଅତି ଅଳ୍ପ ଶିଖା ଥାଏ ।

ଚୁଟିଆମୂଷା, ବି. (ଚୂଡ଼ା-ମୂଷିକ ଶବ୍ଦଜ) ଗ୍ରେଷ୍ଠ ମୂଷିକବିଶେଷ । ଯଥା—

ପୋଷାକ ଚୁଟିଆମୂଷାର ଅନ୍ଧାର । ଦ. ବା.

ଚୂଡ଼ା, ବି. (ଚିପିଟ ଶବ୍ଦଜ) ଧାନ୍ୟରୁ ପ୍ରସ୍ତୁତ ଖାଦ୍ୟବିଶେଷ ।

ଚୂଡ଼ାଦହି, ବି. (ଦେଶଜ) ବ୍ରାହ୍ମଣଭୋଜନ; ଚୂଡ଼ା ଓ ଦହିର ଚକଟା ।

ଚୂଡ଼ାଦହିଆ, ବିଂ. (ଦେଶଜ) ଯେଉଁ ବ୍ରାହ୍ମଣ ଚୂଡ଼ା ଓ ଦହିର ପ୍ରିୟ ।

ଚୂଡ଼ି, ଚୂଡ଼ୀ, ବି. ସ୍ତ୍ରୀ. (ଦେଶଜ) ସ୍ତ୍ରୀ ହସ୍ତାଭରଣବିଶେଷ; କମିଜର ହସ୍ତପ୍ରାନ୍ତର ପଟି ।

ଚୂଡ଼ିଆ, ବି. (ଦେଶଜ) ବସ୍ତ୍ରବିଶେଷ ।

ଚୂଡ଼ିତିଆ, ବି. (ଦେଶଜ) ଲିଆର ଜାତି ।

ଚୂନ, ବି. (ଚୂର୍ଣ୍ଣ ଶବ୍ଦର ଅପଭ୍ରଂଶ) ପ୍ରସ୍ତର ଶମ୍ବୂକ ପ୍ରଭୃତିର ଭସ୍ମ । (ଚୂନ ଶବ୍ଦ ଦେଖ ।)

ଚୂନକୋଳି, ବି. (ଦେଶଜ) ଏକପ୍ରକାର କୋଳି ଫଳ । (ରାଜଜାମୁ ଶବ୍ଦ ଦେଖ ।)

ଚୂନଗବ, ବି. (ଦେଶଜ) ଏକପ୍ରକାର କାଲଗଛ ବା ଏରଣ୍ଡ ଗଛ ଓ ଫଳ ।

ଚୂନଚୂନ, ବିଂ. (ଦେଶଜ) କ୍ଷୁଦ୍ର; ଟିକିଟିକି ।

ଚୂଦିବା, କ୍ରି. (ଗଡ଼ଜାତରେ) କାଠରେ କଣ୍ଟି ଗଢ଼ିବା ।

ଚୁପ୍, ଚୁପୁ, ବିଂ. (ଯାବନିକ) ମୌନ, ନୀରବ ।

ଚୂପୁଲି, ବି. (ଦେଶଜ) ପାଦର ଅଳଙ୍କାରବିଶେଷ ।

ଚୂମ୍ଖାଇବା, କ୍ରି. (ଦେଶଜ) ଚୁମ୍ବନ କରିବା ।

ଚୂମା, ଚୁମ୍ବା, ବି. (ଚୁମ୍ବନ ଶବ୍ଦଜ) ଚୁମ୍ବନ ।

ଚୂମିବା, ଚୁମ୍ବିବା, କ୍ରି. (ଚୁମ୍ବ୍ ଧାତୁଜ) ଚୁମ୍ବନ କରିବା, ଚୁମ୍ବନ ଦେବା ।

ଚୁମ୍ବ, ଚୁମ୍ବନ, ବି. (ଚୁମ୍ବ୍-ଅ, ଅନ) ମୁଖରେ ମୁଖସ୍ପର୍ଶ, ଚୁମା । ଯଥା—

କାହାକୁ ଚୁମ୍ବ ଦେଇ ଶେଳମ୍ବ
ପ୍ରାପ୍ତେ କରନ୍ତି ଭୋଗ । ର. କ.

ଚୁମ୍ବକ, ବି. (ଚୁମ୍ବ୍-ଅକ) ଲୌହାକର୍ଷକ ମଣି; ଚୁମ୍ବକପଥର; ସଂକ୍ଷିପ୍ତ ବିବରଣ । ବିଂ. ଧୂର୍ତ୍ତ, ଲମ୍ପଟ; ସଂଗ୍ରହକର୍ତ୍ତା; ଏକଦେଶାଭିଜ୍ଞ; ଚୁମ୍ବନକାରୀ ।

ଚୁରଟ, ବି. (ଦେଶଜ) ଶୁଷ୍କତାମ୍ରକୂଟନିର୍ମିତ ନାଳ; ଧୂଆଁ ପତ୍ରନିର୍ମିତ ଶଳାକା, ପିକା । ଯଥା—

ଏବେ ତାହା ସ୍ଥାନେ ଦ୍ରବ୍ୟ ଚୁରଟ,
ବସିଛି ବିସ୍ତାରି ଧୂପ ଉତ୍କଟ । ଉ. ସା. ୩. ୫.

ଚୁରମା, ବି. (ଦେଶଜ) ଖାଦ୍ୟବିଶେଷ ।

ଚୁରମାର, ବିଂ. (ଦେଶଜ) ଚୂର୍ଣ୍ଣ; ଧ୍ୱସ୍ତ; ବିନଷ୍ଟ ।

ଚୁରୁକ, ବି. (ଦେଶଜ) ଶିଖା, ମସ୍ତକର ମଧ୍ୟଭାଗସ୍ଥ ସୂକ୍ଷ୍ମ କେଶଗୁଚ୍ଛ । ଯଥା—

ଚୁରୁକ ରଖିବା ଓ ଚଣ୍ଡା କାଟିବା ନୀତିବିରୁଦ୍ଧ ।
ଉ. ସା. ୧୮. ୧୧.

ଚୂଳ, ବି. (ଚୂଡ଼ ଶବ୍ଦର ଅପଭ୍ରଂଶ) ମସ୍ତକଭୂଷଣବିଶେଷ; କେଶ ଓ ଶିଖାଗୁଚ୍ଛ । ଯେପରି—ମୟୂରଚୂଳ । ଉପରକୁ ଉଠିଥିବା ମାଂସପିଣ୍ଡ । ଯେପରି—ବୃଷଭଚୂଳ ।

ଚୂଳି, ବି. (ଚୂଳ ଶବ୍ଦଜ) କଠାଉର ଅଗ୍ରଭାଗରେ ଥିବା କାଷ୍ଠଖଣ୍ଡ ଯାହା କି ଅଙ୍ଗୁଳି ସନ୍ଧିରେ ରହେ ।

ଚୂଲି, ଚୁଲି, ଚୁହ୍ଲି, ଚୁହ୍ଲା, ବି. ସ୍ତ୍ରୀ. (ଚୁଲ୍ଲୀ ଶବ୍ଦଜ) ଯହିଁରେ ଅଗ୍ନି ଜାଳି ରନ୍ଧନପାତ୍ର ବସାନ୍ତି ।

ଚୂଳିଆ, ବିଂ. (ଦେଶଜ, ଚୂଳ-ଇଆ-ଅସ୍ତ୍ୟର୍ଥେ) ଯାହାର ଚୂଳ ଥାଏ । ଯଥା— କେକପୁଚ୍ଛ ଗୁରୁଚୂଳିଆ । ର. କ. ପକ୍ଷିବିଶେଷ ।

ଚୂଳିଝୁଣ୍ଟିଆ, ବି. (ଦେଶଜ) ପାଦାଙ୍ଗୁଳିର ଅଳଙ୍କାର । ଯଥା—

ହଂସକ ନୂପୁର ପାଦେ,
ଚୂଳିଝୁଣ୍ଟିଆ ପ୍ରପଦେ । କୋ. ବ୍ର. ସୁ.

ଚୂଲିଝିଙ୍କା, ବି. (ଦେଶଜ) ଚୂଲି ଉପରେ ହାଣ୍ଡି ବସିବା ନିମନ୍ତେ ବାହାରିଥିବା ମାଟିପିଣ୍ଡ ।

ଚୂଲିପଙ୍ଘା, ବି. (ଦେଶଜ) ଚୂଲିର ଝିଙ୍କା ମଧ୍ୟରେ ଥିବା ବ୍ୟବଧାନ ।

ଚୂଲମୁହଁ, ବି. (ଚୁଲ୍ଲୀମୁଖ ଶବ୍ଦଜ) ଯେଉଁ ବାଟେ ଚୁଲକୁ ଜାଳ ଦିଅନ୍ତି ।

ଚୂଲୁକ, ବି. (ଚୁଲ୍ = ମଜ୍ଜନ କରିବା, ପାନ କରିବା-ଉକ) ପଙ୍କ, କର୍ଦ୍ଦମ; କ୍ଷୁଦ୍ରପାତ୍ର; ଗଣ୍ଡୂଷ; ଗୋତ୍ରପ୍ରବର୍ତ୍ତକ ଋଷିବିଶେଷ; ମାଷମଜ୍ଜନୋପଯୁକ୍ତ ଜଳ ।

ଚୂଲୁକିତ, ବିଂ. (ଚୁଲୁକ-ଇତ) ଗଣ୍ଡୂଷଦ୍ୱାରା ପୀତ; କର୍ଦ୍ଦମିତ ।

ଚୂଲ୍ଲ, ବିଂ. (ଚୁଲ୍ଲ୍ = ବିଳାସ କରିବା-ଅ) କ୍ଲିନ୍ନ ଅକ୍ଷିବିଶିଷ୍ଟ । ବି. କ୍ଲିନ୍ନ ଅକ୍ଷି ।

ଚୂଲ୍ଲକୀ, ବି. ସ୍ତ୍ରୀ. (ଚୁଲ୍ଲ୍ = ବିଳାସ କରିବା-ଅକ-ଈ) ଶିଶୁମାର; ପାତ୍ରବିଶେଷ; ନଦୀ ପ୍ରଭୃତିର ପର ପାର ।

ଚୂଲ୍ଲି, ଚୁଲ୍ଲୀ, ଚୁଲ୍ଲା, } ବି. ସ୍ତ୍ରୀ. (ଚୁଲ୍ଲ୍ = ବିଳାସ କରିବା-ଇ, ଅ-ସ୍ତ୍ରୀ-ଈ, ଆ) ଅଗ୍ନିସ୍ଥାନ, ଚୁଲି; ଦାହସ୍ଥାନ ।

ଚୂଷିବା, କ୍ରି. (ଚୁଷ୍ ଧାତୁଜ) ଶୋଷିବା ।

ଚୂହାଁଚୁହିଁ ହେବା, କ୍ରି. (ଦେଶଜ) ଅନ୍ୟୋନ୍ୟତଃ ଚୁହିଁବା । ଯଥା—

ଏକକୁ ଅରେକ ମୁଖ ହୋଇ ଚୁହାଁଚୁହିଁ,
ଶ୍ରୀମହାପୁରାଣ କେ ଶ୍ରୀମୁଖରେ ପାରେ କହି । ନୃ.ପୁ.ପ୍ର.ଚ.

ଚୂହାଣ, ବି. (ଦେଶଜ) କ୍ଷତ୍ରିୟବିଶେଷ; ରାଜସେବକବିଶେଷ; ଗୃହଦାହକ । ଯଥା—

ଶୂନ୍ୟଘରଗୁଡ଼ାଏ ଅଇଲା ସବୁ ଲୋଡ଼ି,
ଚୂହାଣକୁ ବୋଇଲା ରେ ଘର ଦିଅ ପୋଡ଼ି ।
ନୃ. ପୁ. ଦ୍ୱି. ଚ.

ଚୂଡ଼ା, ଚୂଳା, ବି. (ଚୁଡ୍ = ପ୍ରେରଣ କରିବା-ଅ, ଆ, ଚୁଡ୍ = ଚୂଡ଼) ସଂସ୍କାରବିଶେଷ; ମୟୂରର ମସ୍ତକ ମଧ୍ୟସ୍ଥ ଶିଖା; ମସ୍ତକର ମଧ୍ୟସ୍ଥ ଶିଖା; ଶିଖା, କେଶ; ଅଗ୍ରଭାଗ; ଶିଖର; ଶିରୋଭୂଷଣ, ମୁକୁଟ; ବାହୁଭୂଷଣ; ଭୂଷଣ । ବିଂ. ଶ୍ରେଷ୍ଠ । ଯଥା—ବଂଶର ଚୂଡ଼ା ।

ଚୂଡ଼ାକରଣ, ବି. (ଚୂଡ଼ା-କୃ-ଅନ) ବ୍ରାହ୍ମଣାଦିଙ୍କର ସଂସ୍କାରବିଶେଷ, ବାଳକଟା ।

ଚୂଡ଼ାନ୍ତ, ବି. (ଚୂଡ଼ା = ଶିଖା-ଅନ୍ତ = ଶେଷ) ଶେଷ ନିଷ୍ପତ୍ତି; ପରାକାଷ୍ଠା; ଚୂଡ଼ାର ଶେଷ ।

ଚୂଡ଼ାଳ, ବିଂ. (ଚୂଡ଼ା = ଶିଖା-ଲ-ଅସ୍ତ୍ୟର୍ଥେ) ଚୂଡ଼ାବିଶିଷ୍ଟ, ଶିଖାଯୁକ୍ତ । ବି. ମସ୍ତକ ।

ଚୂତ, ବି. (ଚୁଷ୍ = ଶୋଷିବା-ତ) ଆମ୍ରବୃକ୍ଷ, ଆମ୍ର । (ଚ୍ୟୁତ୍ = କ୍ଷରିତ ହେବା-ଅ, ନିପାତନ) ଗୁହ୍ୟଦ୍ୱାର; ପ୍ରସବସାର ।

ଚୂନ, ଚୁନ, ବି. (ଚୂର୍ଣ୍ଣ ଶବ୍ଦଜ, ପ୍ରାକୃତ ଚୁଣ୍ଣରୁ ଜାତ) ପ୍ରସ୍ତର ଶମ୍ବୁକାଦିର ଭସ୍ମ ।

ଚୂନରୀ, ଚୁନରୀ, } ବି. (ଚୂର୍ଣ୍ଣକାର ଶବ୍ଦଜ) ଚୁନ ପ୍ରସ୍ତୁତ କରିବା ଲୋକ ।

ଚୂନା, ଚୁନା, ଚୂନି, } ବି. (ଚୂର୍ଣ୍ଣଶବ୍ଦଜ) ଗୁଣ୍ଡ ବା ଚୂର୍ଣ୍ଣ । ଯଥା—

ଅନାଉଣୀ ନରତ, ଚୂନା କର ଦୁରିତ । କ.ଚ.ଚ.
ବୀରେ ଡ଼ାଳମ୍ବ ତଳ ଅବନୀ,
ବୁଣିଲା ପ୍ରାୟେ ମାଣିକ୍ୟ ଚୁନି । ଲ. ବ.

ଚୂନି, ଚୁନି, (ଚୂର୍ଣ୍ଣଶବ୍ଦଜ) ଗହମଅଟାର ଖଦଡ଼ା ଅଂଶ; କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ । ଯେପରି—ହୀରାଚୁନି । ଶସ୍ୟାଦିର ଚୋପା ।

ଚୂର, ଚୁର, } ବି. (ଚୂର୍ଣ୍ଣଶବ୍ଦଜ) ଗୁଣ୍ଡ । ଯଥା—

ଘନସାର ଚୂରରେ ପୂରିତ କଲା ସୃଷ୍ଟି । ଲ. ବ.

ବିଂ. (ଦେଶଜ) ନିଶାରେ ପୂର୍ଣ୍ଣ କମ୍ପା ଭୋଳା । କ୍ରି. ଚୂର୍ଣ୍ଣ କର ।

ଚୂରିବା, ଚୁରିବା, } କ୍ରି. (ଚୁର୍ ଧାତୁଜ) ଚୂର୍ଣ୍ଣ କରିବା । ଯଥା--

ସୈନ୍ଧବ ପିପ୍ପଳୀ ମିଳି, ଚୂରି ବାସେ ଗୁଡ଼ ଦଳି । ଲ.ବ.

ଚୂର୍ଣ୍ଣ ବି. (ଚୂର୍ଣ୍ଣ = ଧୂଳି କରିବା-ଅ) ଗୁଣ୍ଡ, ଧୂଳି; ଅବୀର; ଚୂନ; ଶକ୍ତୁ; ସୁଗନ୍ଧ ଧୂଳି । ବିଂ. ଯାହା ଗୁଣ୍ଡ ହୋଇଅଛି, ଖଣ୍ଡିତ; ଯାହା ନଷ୍ଟ ହୋଇଅଛି । ଯଥା—ତାହାର ଦର୍ପ ଚୂର୍ଣ୍ଣ ହେଲା ।

ଚୂର୍ଣ୍ଣକ, ବି. (ଚୂର୍ଣ୍ଣ-କ) ଧୂଳି; ଶକ୍ତୁ, ବ୍ୟାଖ୍ୟାନ ଗ୍ରନ୍ଥବିଶେଷ; ଅଭିପ୍ରାୟ ପ୍ରଦର୍ଶନ; ଗଦ୍ୟବିଶେଷ; କଠୋର ବର୍ଣ୍ଣ ଓ ଦୀର୍ଘ ସମାସରହିତ ଗଦ୍ୟ ।

ଚୂର୍ଣ୍ଣକୁନ୍ତଳ, ବି. (ଚୂର୍ଣ୍ଣ=ଖଣ୍ଡିତ-କୁନ୍ତଳ=କେଶ) ଅଳକା; ଜୁଲପି ।

ଚୂର୍ଣ୍ଣଚଉଁରା, ଚୂନଚଉଁରା, } ବି. ସ୍ତ୍ରୀ (ଦେଶଜ) ଗୁରିଆଡ଼େ ଥିବା ଚୁନଘର । ଯଥା—

ଧାପଦଣ୍ଡି ଲଭି ମରାଳପନ୍ତି ଢଏ ଭଉଁରା,
ବଡ଼ ବଡ଼ଭାଙ୍କ ବେଢ଼ି କି ଶୋଭା ଚୂର୍ଣ୍ଣଚଉଁରା । ଲା.ବ.

ଚୂର୍ଣ୍ଣିତ, ବିଂ. (ଚୂର୍ଣ୍ଣ-ତ) ଯାହା ଚୂର୍ଣ୍ଣ କରା ଯାଇଅଛି, ଚୂର୍ଣ୍ଣୀକୃତ ।

ଚୂଳ, ଚୂଳକ, ବି. ସଂ. କେଶ । (ସ୍ତ୍ରୀ-ଆ) ଚୂଡ଼ା, ପ୍ରାସାଦୋପରସ୍ଥ ଶିରୋଗୃହ ।

ଚୂଲିକ, ବି. ( ଚୂଲ୍=ଉନ୍ନତ ହେବା-ଇକ ) ଘୃତପକ୍ୱ ଗୋଧୂମପିଷ୍ଟକ, ପୁରି ପ୍ରଭୃତି । (ସ୍ତ୍ରୀ-ଆ) ହସ୍ତିକର୍ଣ୍ଣର ମୂଳ; ଚୂଡ଼ା; ନାଟ୍ୟାଙ୍ଗବିଶେଷ ।

ଚୂଷଣ, ବି. (ଚୂଷ୍-ଅନ) ଜିହ୍ୱାଦ୍ୱାରା ରସାକର୍ଷଣ ।

ଚେଁ, ଅଂ. (ଦେଶଜ) ପିଠା ଭଜା ଶବ୍ଦର ଅନୁକରଣ ।

ଚେଁଖେ, କ୍ରି. ବିଂ. (ଦେଶଜ) ଚେଁଚେଁ, ଘାଏ । ଯଥା—

ଥରେ ହେଲେ ଯେବେ ସ୍ୱାଙ୍କୁ ଆମ କଳରେ ପାଇବା
ତେବେ ଆସ୍ତୁ କରି ଚେଁଖେ ଦବା । ଉ.ସା.

ଚେଇଁବା, କ୍ରି. (ଚିତ୍ ଧାତୁଜ) ସଚେତହେବା ।

ଚେଇଁଶୋଇବା, କ୍ରି. (ଦେଶଜ) ଗାଲପାଡ଼ି ଶୋଇବା, ନିଦ୍ରିତ ଥିବାର ବାହାନା କରିବା । ଯଥା—

ଚେଇଁ ଶୋଇବ ଯେ, ତାକୁ ଉଠାଇବ କେ ।

ଚେଉ, ଚ୍ୟାଉ, } ବି. ( ଦେଶଜ ) କରଣମାନଙ୍କର ଉପାଧିବିଶେଷ ।

ଚେକା, ବି. (ଚକ୍ର ଶବ୍ଦଜ) ଘାସ ଲାଗିଥିବା ଚକ୍ରାକୃତି ମୃତ୍ତିକାଖଣ୍ଡ; ଚକ୍ରାକୃତିଖଣ୍ଡ । ଯଥା—

ମୋର ବୁଦ୍ଧି ମାଟିଚେକା ପରି,
ତା ମୁଁ ସତ କରି ଘେନାଲି । ଶ. ନା. ସ୍ତୁ. ଯୁ.

ପଦ୍ମାସନ । ବିଂ. ଗୋଲ ।

ଚେକାବନ୍ଦୀ, ବି. (ଦେଶଜ) ମାଟିହିଡ଼ରେ ଘାସ ଚେକା ଗୁଞ୍ଜିଣି କରିବା ।

ଚେକାମାଉଳି, ବି. (ଦେଶଜ) ବାଳକମାନେ ଘୁରି ଘୁରି ଯେଉଁ ଖେଳ ଖେଳନ୍ତି ।

ଚେଙ୍ଗ, ବି. (ଦେଶଜ) ଦାଗ, ଦଗା ।

ଚେଙ୍ଗ, ବି. (ଦେଶଜ) ଗଞ୍ଜାପାସାରର ରଙ୍ଗବିଶେଷ, ହରିତାଳ ଓ ମଳି ବାଟି କରିଥ ଅଠା ମିଶାଇ ଏହା କରନ୍ତି ।

ଚେଙ୍ଗ, ଚେଙ୍ଗା, } ବି. ( ଦେଶଜ ) ମତ୍ସ୍ୟବିଶେଷ; ବାଣବିଶେଷ; ପ୍ରହାରବିଶେଷ ।

ଚେଙ୍ଗି, ବି. (ଦେଶଜ) ଅଙ୍ଗୁଷ୍ଠ ଓ ତର୍ଜନୀଦ୍ୱାରା ଜଙ୍ଘ ମୋଡ଼ି ଛିଣ୍ଡିବା । (ଚିମୁକ ଶବ୍ଦ ଦେଖ ।)

ଚେଟ, ଚେଟକ, ଚେଡ଼କ, } ବି.(ଚିଟ୍=ପ୍ରେରଣ କରିବା-ଅ-କ-ସ୍ୱାର୍ଥେ) ଦାସ, ଭୃତ୍ୟ; ଉପନାୟକ । (ସ୍ତ୍ରୀ-ଚେଟୀ, ଚେଟିକା, ଚେଡିକା ।)

ଚେଢ଼, ବି. (ଚେଟ ଶବ୍ଦଜ ପ୍ରାକୃତ) ଦାସ ।

ଚେଢ଼ୀ, ବି. ସ୍ତ୍ରୀ. (ଚେଟୀ ଶବ୍ଦଜ ପ୍ରାକୃତ) ଦାସୀ । ଯଥା—

ତହୁଁ ଶିବିକାର ଆବରଣ ଫେଡ଼ି,
କେମାକୁ ଦେଖିଲେ ନିଦ୍ରାଗତ ଚେଢ଼ୀ । ନ. କେ.

ଚେଢ଼ୀପୁଅ, ଚେଢ଼ପୋ, } ବି. ( ଚେଟୀପୁତ୍ର ଶବ୍ଦଜ ) ଦାସୀପୁତ୍ର; ନୀଚ; ଅଧମ । ଯଥା—

ଏ ନର ଚେଢ଼ପୋକୁ କରି ଆମ୍ଭେ ପୂଜା,
କଲୁଁ ତ ସ୍ୱର୍ଗପୁରେ ଅଣି ରାଜା । କୃ. ଖ. ଉ. ପ.

ଚେଣି, ବି. (ଦେଶଜ) ମିଷ୍ଟାନ୍ନବିଶେଷ । ଯଥା—

ମନୋହର ଚେଣି ଭୁଞ୍ଜି ହୋଇଲା ସନ୍ତୋଷ,
ମଦନାବତୀଙ୍କ ସେ କରଇ ପଉରୁଷ । ନୃ.ପୁ.ଦ୍ୱି.ତ.

ଚେଣସିନ୍ଦୂର, ବି. ( ଚୀନସିନ୍ଦୂର ଶବ୍ଦଜ ) ସିନ୍ଦୂରବିଶେଷ ।

ଚେଣିଚମ୍ପା, ଚେରଚମ୍ପା, } ବି. (ଦେଶଜ) ପୁଷ୍ପବିଶେଷ ।

ଚେଙ୍ଗା, ବିଂ. (ଦେଶଜ) ଯେ ବିରକ୍ତ କରେ; କଳିହୁଡ଼ା ।

ଚେଣ୍ଟେଇ, ବି. ସ୍ତ୍ରୀ. (ଚେଣ୍ଟୀ ଶବ୍ଦଜ) ସାମାନ୍ୟ ବାଳିକା ।

ଚେଣ୍ଟେଇବା, କ୍ରି. (ଦେଶଜ) ଧକମାକ ହେବା; ବିରକ୍ତ କରିବା ।

ଚେଣ୍ଡି ହାତ, ବି. (ବାଲେଶ୍ୱର ପ୍ରାନ୍ତରେ) ବାମହସ୍ତ ।

ଚେଣ୍ଡା, ବି. (ଦେଶଜ) ଅଣ୍ଡିରା ମହିଷ, ଦାମୁଡ଼ି । ଯେପରି—ଚେଣ୍ଡାପୋଡ଼ । ବିଂ. ଯୁବାବୟସ୍କ ।

ଚେଣ୍ଡିଆ, ବି. (ଦେଶଜ) ନୂତନ ଯୁବା । ଯଥା—

ଶେଉଳ ମାଛ ପ୍ରାୟେ ସେ ହେଲେ ମନ୍ଦା ଜାଣ,
ଭେଣ୍ଡିଆ ଚେଣ୍ଡିଆ ବୁଦ୍ଧି କାହିଁ କେତେ ପୁଣ ।
ନୃ. ପୁ. ଚ. ତ.

ଚେତ୍, ଅଂ. ଯଦି, ବିବେଚନା ।

ଚେତଃ, ଚେତସ୍, ବି. (ଚିତ୍=ଜାଣିବା-ଅସ୍) ମନ, ଅନ୍ତଃକରଣ, ଚିତ୍ତ; ଚିତ୍ତବୃତ୍ତି । ବିଂ. ଜ୍ଞାତା ।

ଚେତନ, ବି. (ଚିତ୍-ଜାଣିବା-ଅନ) ଆତ୍ମା; ଚିତ୍ତ । ବିଂ. ଚୈତନ୍ୟବିଶିଷ୍ଟ; ଜାଗ୍ରତ । (ସ୍ତ୍ରୀ-ଆ) ସଂଜ୍ଞା; ବୁଦ୍ଧି; ଜ୍ଞାନ, ଚୈତନ୍ୟ; ଜାଗରଣ; ମନ ।

ଚେତା, ବି. (ଚିତ୍ ଶବ୍ଦଜ) ଜ୍ଞାନ । ଯଥା—

ଚେତା ବୁଡ଼ାଇଲି କମେ ସେ ସାତ୍ତ୍ୱିକ ଭାବ ଉଚ୍ଛଳ ।
ଉଷା.

ନିଦ୍ରାଭଙ୍ଗ ବା ଜାଗରଣ । ଯଥା—

ସେ ବେନି ମୋତେ ଛୁଆଇଁ,
ତକ୍ଷଣେ ମୋ ଚେତା ହୋଇ । ଲ. ବ.

ବିଂ. ଗତନିଦ୍ର ବା ନିଦ୍ରାରୁ ଉତ୍ଥିତ; ମୋହରୁ ବିମୁକ୍ତ । ଯଥା—

ତୁମ୍ଭେ ଏଣିକି ଚେତା ହୁଅ,
ଚିର ନୁହେଁଟି ନର ଦେହ । ଦା. ର.

ଚେତାଇବା, ଚେତେଇବା, କ୍ରି. (ଚିତ୍ ଧାତୁଜ) ସ୍ମରଣ କରାଇବା; ନିଦ୍ରାରୁ ଉଠାଇବା; ସତର୍କ କରାଇବା ।

ଚେତାଉଣି, ବି. (ଦେଶଜ) ସତର୍କ କରିବା; ଉତ୍ତେଜନା ।

ଚେତାନ, ବି. (ଚିତ୍ ଧାତୁଜ) ଉତ୍ତେଜନା ।

ଚେତାଳ, ବିଂ. (ଦେଶଜ) ସତର୍କ, ସାବଧାନ ।

ଚେତିତ, ବିଂ. (ଚିତ୍-ଣିଚ୍-ତ) ଜ୍ଞାତ ।

ଚେତିବା, କ୍ରି. (ଚିତ୍ ଧାତୁଜ) ଜାଗ୍ରତ ହେବା କିମ୍ବା ନିଦ୍ରାରୁ ଉଠିବା । ଯଥା—

ଚେତି ଚତୁଷ୍ଟ ଗୁହିଁଲି କଣି ନାଶେ
ପାଶେ ନାହିଁ ଦ୍ରବ୍ୟ ତରୁଣ । ଲ. ବ.

ସ୍ମରଣ କରିବା । ଯଥା—

କିଛି କହନ୍ତୁ ଅବା ଚେତି ଚିତ୍ତେ । ର. କ.

ସତର୍କ ହେବା । ଯଥା—

ଚେତି ଉଭା ହେଲେ ସୈନ୍ୟେ ଖିଡ ଲଭି । କ. କେ.

ଜାଣିବା । ଯଥା—

ତୋ ଭାବ ମୁଁ ଚେତି ଅଛି ।

ଚେତୁଆ, ଚେତୁଆଳ, ବିଂ. (ଦେଶଜ) ଜାଗରୂକ । ଯଥା—

ପୋଡା ଶାଳ, ଉଭା ଚାଳ, ରୁଅ ହେନ୍ତାଳ,
ଗଣ୍ଡି ବେତାଳ, ଘରଣୀ ଚେତୁଆଳ, ଏ ଘର
ରହଇ ଅପାରକାଳ । ନୃ. ପୁ. ପ୍ର. ତ.

ଚେତେଇବା, ଚତୋଇବା, କ୍ରି. (ଚିତ୍ ଧାତୁଜ) ସ୍ମରଣ କରାଇବା ।

ଚେନ, ବି. (ଇଂରାଜୀ ଶବ୍ଦ) ଶିକୁଳି; ଘଡ଼ିର ଶିକୁଳି । ଯଥା—

ନାନା ଅଳଙ୍କାର କଲେ ଝଲମଲ,
ନବ୍ୟ ଘଡ଼ି ଚେନ ପ୍ରାଚୀନ କୁଣ୍ଡଳ । ଦ. ବା.

ମାପିବାର ଶିକୁଳି ।

ଚେନମେନ, ବି. (ଇଂରାଜୀ ଶବ୍ଦ) ମାପ କରିବା କୁଲି ବା ମୂଲିଆ ।

ଚେନା, ଚେନ, ବି. (ଦେଶଜ) ଚ୍ଛିଲ ପ୍ରାୟ ପାତୁଆଖଣ୍ଡ; କ୍ଷୁଦ୍ରଖଣ୍ଡ ।

ଚେନାଇବା, ଚେନେଇବା, କ୍ରି. (ଦେଶଜ) କାଠ ପ୍ରଭୃତିରୁ ଚ୍ଛିଲ ବାହାର କରିବା; କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ କରିବା ।

ଚେପା, ବିଂ. (ଦେଶଜ) ଠୋଲି; ଚେପ୍ଟା । (ଲେଫେଡ଼ା ଶବ୍ଦ ଦେଖ) । ବି. (ଅଶିକ୍ଷିତ ସମାଜରେ) ପେଟୁ ।

ଚେପ୍ଟା, ଚେପଟା, ଚେପେଟା, ବିଂ. (ଚିପିଟ ଶବ୍ଦଜ ଚେପା, ଠୋଲି ।

ଚେମଣ୍ଡ, } ବିଂ. (ଦେଶଜ) ଯାହା ସହଜରେ
ଚେମଣ୍ଡା, } ଛିଣ୍ଡେ ନାହିଁ, ଚର୍ମର ଗୁଣ-
ବିଶିଷ୍ଟ ।

ଚେମଣ୍ଡକୁତ, ବି. (ଦେଶଜ) ଶିକାରିକୁକ୍କୁର-ବିଶେଷ, ଲାଗଣକୁକୁର ।

ଚେମଣ୍ଡଚଟି, } ବି. (ଦେଶଜ) ଚେମିଣି-
ଚେମରଚଟି, } ଚଢ଼ାଇ । ବିଂ. ଜିଦଖୋର ।

ଚେମଣ୍ଡାଲଇ, } ବି. (ଦେଶଜ) ସହଜରେ ନ
ଚେମଣ୍ଡଲଇ, } ଛିଡ଼ିବା ବୃକ୍ଷଜାତ ରଜ୍ଜୁ-
ଚେମଣିଲଇ, } ବିଶେଷ; ସୁଗନ୍ଧ ନାମକ
ଔଷଧି ଲତା ।

ଚେମଣିଆ, ବି. (ଦେଶଜ) ଚମଚଟିଆ ।

ଚେମା, } ବି. (ଦେଶଜ) ଏକପ୍ରକାର
ଆଠଚେମା, } ଖେଳ; ଏହାକୁ ପାଞ୍ଚ ଗୋଟି
କଉଡ଼ିରେ ଖେଳନ୍ତି ।

ଚେମ୍ପାଡ଼, ବି. (ଦେଶଜ) ଶର, ବାଣ । ଯଥା—
ସମର୍ପିଦେଲୁ କାମଚେମ୍ପାଡ଼କୁ । ସଙ୍ଗୀତ ।

ଚେୟାର, ବି. (ଇଂରାଜୀ ଶବ୍ଦ) ବେତ୍ରାସନ, ସୁଖାସନ; ଚଉକି ।

ଚେର, ବି. (ଦେଶଜ) ବୃକ୍ଷମୂଳ । ଯଥା—
ମାସ୍ତୁ ଚେର ତଳେ ଭେଦିବ ଯେତିକ,
ଅନ୍ତକ ରଗଡ଼େ ଝିଙ୍କିବ ତେତିକ । ଦ. ବା.
(ଚୀର ଶବ୍ଦଜ) ପଶୁ ସ୍ତନର ଅଗ୍ରଭାଗ ।

ଚେରଚଣା, ବି. (ଦେଶଜ) ଶସ୍ୟବିଶେଷ,ଭୂଇଁଚଣା; ମୁଗଫଳ (**Groundnut**)

ଚେରଷ୍ଟା, } ବି. (ଚେଷ୍ଟା ଶବ୍ଦଜ) ଆଚରଣ;
ଚେରେଷ୍ଟା, } କାର୍ଯ୍ୟ । ଯଥା—
ଅନେକ କାଳର ସେ ଅଟଇ ବୁଢ଼ୀ ଗୋଟା,
ତାହାଠାରେ ହେଲା ମୋର ଏତେକ ଚେରଷ୍ଟା ।
ସା. ଭ. ଆ.
ଜ୍ଞାନ ।

ଚେରାଗ, ବି. (ଦେଶଜ) ଦିହୁଡ଼ି ।

ଚେରିପୋ, } ବି. (ଚେଟୀପୁତ୍ର ଶବ୍ଦଜ) ଦାସୀ-
ଚେଡ଼ିପୋ, } ପୁତ୍ର, ପୋଇଲାପୁଅ ।

ଚେରୁଆ, ବିଂ. (ଦେଶଜ-ଚେର-ଉଆ) ଚେରପୂର୍ଣ୍ଣ, ଚେରଯୁକ୍ତ । ଯେପରି—ଚେରୁଆ ଆମ୍ବ ।

ଚେରେଇବା, କ୍ରି. (ଦେଶଜ) ଚେରମାଡ଼ିବା; ଟିକିଏ ସବଳ ହେବା ।

ଚେଲ, ବି. (ଚଲ୍ = ପରିଧାନ କରିବା-ଅ)ବସ୍ତ୍ର; ପରିଚ୍ଛଦ । ବିଂ. ଅଧମ; କୁତ୍ସିତ । ଯଥା—
ଚେଲ ଚୀବର ।

ଚେଲା, ବି. (ଚେଲ୍ଲକ ଶବ୍ଦଜ) ବୈଷ୍ଣବ ଓ ସନ୍ନ୍ୟାସିମାନଙ୍କର ଉତ୍ତରାଧିକାରୀ ଶିଷ୍ୟ; ଟହଲିଆ, ସେବାକାରୀ । ଯଥା—
ବଶିଷ୍ଟଙ୍କର ଚେଲା ପଞ୍ଚାଶ ସହସ୍ର ଶିଷ୍ଟି,
ଅରୁନ୍ଧତୀ ବଢ଼ାଇଦିଅନ୍ତି ସଙ୍ଗେ ପଶି । ସା.ଭ.ଆ.

ଚେଲି, ବି. (ଚେଲ ଶବ୍ଦଜ) ପଟ୍ଟବସ୍ତ୍ରବିଶେଷ ।

ଚେଲି, ବି. (ଦେଶଜ) ଭୁଛ ବା ମିଛ (ଲୋକ) । (ଖେତା ଶବ୍ଦ ଦେଖ ।)

ଚେଲିକା, } ବି. ସ୍ତ୍ରୀ. ସଂ. ପରିଚ୍ଛଦ ।
ଚେଲୀ,

ଚେଷ୍ଟା, } ବି. (ଚେଷ୍ଟ୍-ଅ-ଆ,ତ) ବ୍ୟାପାର;
ଚେଷ୍ଟିତ, } କାର୍ଯ୍ୟ; ଗତି; ସାହସ; ଯତ୍ନ ।
( ଅକ ପ୍ରତ୍ୟୟରେ ଚେଷ୍ଟକ ହୁଏ ) ।
ଯଥା—
ଶ୍ରୀରାମଙ୍କ ଉଦାର ସୃଷ୍ଟିର ମହା ଗମ୍ଭୀର ଦୃଢ଼ଚେଷ୍ଟିତ ।
ଜା. ପ. ନା.

ଚେହେଁକା, ବି. (ଦେଶଜ) ଭୟରେ ଚମକିବା ।

ଚେହେରା, ବି. (ହିନ୍ଦୀ) ଗଠନ, ଗଠନପ୍ରଣାଳୀ । ଯଥା—
ସେ ନ ମାନେ ଭାଇ ଫେଶନ ଚେହେରା । ଦ. ବା.
ମୁଖଶ୍ରୀ ।

ଚୈତନ୍ୟ, ବି. (ଚେତନ-ଯ-ସ୍ୱାର୍ଥେ—ଭାବାର୍ଥେ) ଭଗବାନଙ୍କ ଅବତାରବିଶେଷ, ଜଗନ୍ନାଥ ମିଶ୍ର ଓ ଶଚୀଦେବୀଙ୍କ ପୁତ୍ର; ଚେତନର କାର୍ଯ୍ୟ ବା ଧର୍ମ; ଜ୍ଞାନ; ଚେତନା; ଜାଗରଣ; ବ୍ରହ୍ମ; ପ୍ରକୃତି ।

ଚୈତ୍ୟ, ବି. (ଚିତ୍ୟ = ଅଗ୍ନି-ଅ—ଇଦମର୍ଥେ) ମୃତଜାସ୍ଥାନ; ଯଜ୍ଞସ୍ଥାନ । ( ଚୀୟତେ ପାଷାଣାଦିନା ଚୈତ୍ୟଂ ) ବୌଦ୍ଧମାନଙ୍କର ଦେବାଳୟବିଶେଷ; ଶ୍ମଶାନପାର୍ଶ୍ୱସ୍ଥ ବୌଦ୍ଧଗଣପୂଜନୀୟ ବୃକ୍ଷ; ଶ୍ମଶାନତରୁ; ରଥ୍ୟାବୃକ୍ଷ; ପୂଜନୀୟ ବୃକ୍ଷ । ବିଂ. ଚିତାସମ୍ବନ୍ଧୀୟ ।

ଚୈତ୍ର, } ବି. (ଚୈତ୍ରୀ=ଚିତ୍ରାନକ୍ଷତ୍ରଯୁକ୍ତ
ଚୈତ୍ରିକ, } ପୂର୍ଣ୍ଣିମା-ଅ ଯୁକ୍ତାର୍ଥେ, ଇକ
ସ୍ୱାର୍ଥେ) ବସନ୍ତକାଳର ପ୍ରଥମ ମାସ,
ମଧୁମାସ ।

ଚୈତ୍ରରଥ, ବି. (ଚିତ୍ରରଥ=ଏହି ଉଦ୍ୟାନ-
ରକ୍ଷକ-ଅ-ରକ୍ଷାର୍ଥେ) କୁବେରଙ୍କ ଉଦ୍ୟାନ;
ମୁନିବିଶେଷ; ଗ୍ରନ୍ଥବିଶେଷ ।

ଚୋକଡ଼, ବି. (ଦେଶଜ) ତଷୁ, କୁଣ୍ଡା, ଭୁଷି ।

ଚୋକ୍ଷ, ବିଂ. (ଚୁକ୍ଷ୍-ଯ, ଯ=କ) ନିପୁଣ; ଶ୍ଳକ୍ଷ୍ଣ;
ମନୋଜ୍ଞ; ନିର୍ମଳ; ଗୀତ । ବି. ପର୍ବତ
ବନପ୍ରଦେଶ ।

ଚୋଖ, ବି. (ଚୋକ୍ଷ ଶବ୍ଦଜ) କ୍ରୋଧ । ଯଥା—
ଚୋଖରେ ଲଳିତା ଭଷେ,
ଚନ୍ଦ୍ରି ନାହିଁ ତୁମ୍ଭେ କେସେ । ବି. ଚ. ମ.
ଆଧିକ୍ୟ; ମନୋଜ୍ଞତା । ଯଥା—
ତୋ ଶ୍ରୀମୁଖ ଚୋଖ ସେ ଶୀତମୟୂଖ
ଦେଖି ଦୁଃଖୀ ହୁଏ ମାନସେ । ସୁ. ପ.
ସଂଯୋଗ । ଯଥା—
ଗୁରୁ ନିରଖ ସଙ୍ଗରିକା ଭାବରେ,
ଚୋଖ ହୋଇଛୁ ପୁଣି ମୁକ୍ତାଳଂକାରେ । ର. ପ.
ବିଂ. ସଂଯୁକ୍ତ; ଶ୍ଳକ୍ଷ୍ଣ; ଉତ୍ତମ; ମନୋହର ।
ଯଥା—
ଉରଜ ଚକ୍ରବାକ, କରଜ କହ୍ଲାରକ,
ଚକୁର ଶୈବାଳରୁ ଚୋଖ । ସୁ. ପ.

ଚୋଖା, } ବିଂ. (ଚୋକ୍ଷ ଶବ୍ଦଜ) ଶ୍ଳକ୍ଷ୍ଣ;
ଚୋଖାର, } ବିଶୁଦ୍ଧ; ଶୀଘ୍ରଗାମୀ । ଯଥା—
ରଥ କୋଟିଏକ ଚଢ଼ି ଗଜ ପାଞ୍ଚ ଖର୍ବ,
ବାର ପଦ୍ମର୍ଦ୍ଧ ଖୁରଣି ଚୋଖା ଯେ ତୁରଙ୍ଗ । ସା.ଭା.ଆ.
ଧବଳ ତୁରଙ୍ଗମ ଚୋଖାର ବେନି ବାଜୀ,
ତାହା ଆରୋହିଲେ ଯୁଧିଷ୍ଠିର ସ୍ୱାମୀ ସାଜି । ସା.ଭା.ଆ.

ଚୋଖାର, ବି. (ଚୋକ୍ଷ ଶବ୍ଦଜ) (ପୁରାଣ-
ମାନଙ୍କରେ ଏ ଶବ୍ଦର ବ୍ୟବହାର ସମଧିକ,
ଅନେକ ସ୍ଥଳର ପ୍ରାକରଣିକ ଅର୍ଥାନୁସାରେ
ଏହାର ଅର୍ଥ ସ୍ଥିର କରିଅଛୁଁ) ବେଗଗାମୀ
ଘୁର । ଯଥା—
ଚୋଖାର ଜଣାଇଲା କିମ୍ମୁଣ୍ଡାସୁର ଆଗେ,
ହେ ଦେବ ! କଥାଏ ଏବେ ଶୁଣିବା ହେଉ ବେଗେ ।
ନୃ. ପୁ. ଦ୍ୱି. ତ.

ଚୋଙ୍ଗି, ବି. (ଚୁଙ୍ଗିକା ଶବ୍ଦଜ) ଶାକବିଶେଷ ।
(ଗୀତାର୍ଥ ଚୋକ୍ଷ ଶବ୍ଦଜ) ରାଗିଣୀବିଶେଷ;
ବାଲଙ୍ଗି ବା ଗର୍ବ ।

ଚୋଗା, ବି. (ଯାବନିକ) ଚପକନ ବା କୋଟ
ଉପରେ ପିନ୍ଧିବା ପୋଷାକବିଶେଷ ।

ଚୋଚମା, } ବି. (ଚୁଷ୍ ଧାତୁ ଚୋଷଣ ଶବ୍ଦଜ)
ଚୁଚୁମା, } ପୁନଃପୁନଃ ଚୁଷିବା ।

ଚୋଚମିବା, } କ୍ରି. (ଚୁଷ୍ ଧାତୁଜ) ଚୁଷିବା ।
ଚୁଚୁମିବା, }

ଚୋଟ, ବି. (ଦେଶଜ) ଆଘାତ, ଅସ୍ତ୍ରର
ଆଘାତ । ଯଥା—
ଭଲ୍ଲରେ ଭଲ ଭଲ୍ଲ ଭୁଷିଲେ
ମଲ୍ଲ ଯୁଝିଲେ ଶାର୍ଦ୍ଦୂଳ ତୁଲେ,
ଖଡ଼ଗ ଚୋଟ ପରୀକ୍ଷା କଲେ ଖଡ଼ଗ ପରେ ଯେ । ଲ.ବ.
ନଳରେ ଗୁଳି ପକାଇବା । ଯଥା—
ଶ୍ରୀଚକ୍ରଧର ଚୋଟ ପକାଇଥିବ ଅଣ୍ଟେ,
ଶ୍ରୀନାରାୟଣ ଗଜ ପୁରାଇ ନଳ ବାଟେ । ମଂ. ସ.
ବାର ବା ଥର ।

ଚୋଡ଼, } ବି. (ଚୁଳ=ଉନ୍ନତ ହେବା-ଅ)
ଚୋଳ, } ଦେଶବିଶେଷ; ଉତ୍ତରୀୟ ବସ୍ତ୍ର ।

ଚୋଦନ, ବି. (ଚୁଦ୍=ପ୍ରେରଣ କରିବା-ଣିଚ୍-
ଅନ) ପ୍ରେରଣ । ବିଂ. ପ୍ରେରକ । (ଦେଶଜ)
ସ୍ତ୍ରୀସମ୍ଭୋଗ । (ପ୍ରବର୍ତ୍ତକ ଓ ପ୍ରେରକାର୍ଥରେ
ଚୋଦକ ଏବଂ ଚୋଦୟିତା ହୁଏ ।)

ଚୋଦନା, ବି. ସ୍ତ୍ରୀ. (ଚୁଦ୍-ଣିଚ୍-ଅନ—ଆ)
ପ୍ରେରଣା; ତର୍ଜନା; ପ୍ରବର୍ତ୍ତନା । (ପ୍ରେରିତ
ଓ ନିଯୋଜିତାର୍ଥରେ ଚୋଦିତ ହୁଏ ।)

ଚୋପ, ବି. (ଦେଶଜ) ରାଗ, କ୍ରୋଧ; ଶର,
ବାଣ । ଯଥା—
କର ପ୍ରତାପ ଦେଖାଇ ଅଳପ ଗୃପରେ
ଚୋପ ସନ୍ଧି ଯେ ନୃପ । ସୁ. ପ.
ଦାନପତ୍ର, ଅଧିକାରପତ୍ର; ବାଦ୍ୟବିଶେଷ ।

ଚୋପଦାର, ବି. (ହିନ୍ଦି-ଚୋପ=ଅଧିକାରପତ୍ର
ଯେ ପାଇଅଛି) ରାଜାଙ୍କ ଆଗମନ ସମୟରେ
ଲୋକଙ୍କୁ ଯେ ସାବଧାନ କରାଏ । ଯଥା—
ଆଗରେ ଚୋପଦାର ହୋଇଣଛନ୍ତି ହରି । ନୃ.ସୁ.ତୃ.ତ.

ଚୋପା, } ବି. ( ଚୋବ ଶବ୍ଦଜ ) ଛେଲି
ଚୋପି, } ଅର୍ଥାତ୍ ବୃକ୍ଷାଦିର ବଲ୍କଲ; ଆମ୍ବ
କଦଳୀ ପ୍ରଭୃତିର ଉପରିସ୍ଥ ଅଂଶ; ମୁଗାଦିର
ତୁଷ । ଯଥା—
ବାହାଘରେ ଯେଉଁ ବର ଡାଲି,
ଅଧେ ଚୋପା ଅଧେ ନଇବାଲି । ହା. ଡ.

ଚୋବା, } ବି. (ଚର୍ବ ଧାତୁଜ) ଦନ୍ତଦ୍ୱାରା
ଚୋବାଣ, } ପେଷଣ ।

ଚୋବାଇବା, } କ୍ରି. (ଚର୍ବ ଧାତୁଜ) ଦନ୍ତଦ୍ୱାରା
ଚୋବେଇବା, } ପେଷଣ କରିବା; ଦଂଶନ
କରିବା । ଯେପରି—ସାପ ଚୋବାଇଲା ।

ଚୋର, } ବି. (ଚୁର୍ = ଚୋରି କରିବା-ଅ =
ଚୌର, } ଚୋର-ଅ—ସ୍ୱାର୍ଥେ = ଚୌର )
ତସ୍କର, ଡକାଇତ; ପରସ୍ୱାପହାରକ ।

ଚୋରଣୀ, } ବିଂ. ସ୍ତ୍ରୀ. (ସଂସ୍କୃତ ଶବ୍ଦରେ
ଚୋରୁଣୀ, } ଓଡ଼ିଆ ପ୍ରତ୍ୟୟ) ଯେଉଁ ସ୍ତ୍ରୀ
ଚୋରିକରେ ।

ଚୋରା, ବିଂ. (ଚୋର ଶବ୍ଦଜ) ଅପହାରକ,
ଯେ ଚୋରାଏ । (ପୂର୍ବପଦରେ ସହିତ
ହେଲେ ଏହି ଅର୍ଥ ହୁଏ ।) ଯଥା—
ପାମର ଅଜ୍ଞାନ ଆରେ ତୁମ୍ଭେ ଗାଈଚୋରା,
ଉଚ୍ଛିଷ୍ଟମାନ କାଢ଼ିବ ଛେଣ୍ଡି ଯେ ପହଁରା । ସା.ଭ୍ର.ସ.
ଅପହୃତ । ଯଥା—
ଚୋରା ସୁଖେ ରତ ହୋଇ କଟାଇଲେ
ଦିନ ଅଛ ହୃଷ୍ଟମନେ । ଯ. କେ.
ବି. ଚୋରି କରିବା ।

ଚୋରାଇବା, } କ୍ରି. (ଚୁର୍ ଧାତୁଜ) ଚୋରି
ଚୋରେଇବା, } କରିବା, ଲୁଚାଇବା ।

ଚୋରାବସନ୍ତ, } ବି. (ଚୌର-ବସନ୍ତ ଶବ୍ଦଜ)
ଚୋରିବସନ୍ତ, } ବସନ୍ତ ପ୍ରାରମ୍ଭରେ ବହିବା
ପବନ । ଯଥା—
ନଆଲୀ ବିକାଶି- ଚୋରାବସନ୍ତକୁ
ବନେ ଯଥା ଫୁଲଚୂଇଁ । ଯ. କେ.

ଚୋରି, ଚୋରୀ, ବି. ( ଚୌରିକା ଶବ୍ଦଜ )
ଚୌର୍ଯ୍ୟବୃତ୍ତି, ତସ୍କରତା । ଯଥା—
ଚୋରୀ କରିବାକୁ ଆସିଥିଲେ ଚୋରମାନେ । ବେ.ପ.

ଚୋରିକା, } ବି. ସ୍ତ୍ରୀ. ( ଚୋର-ଇକ-ଆ )
ଚୌରିକା, } ତସ୍କରତା, ଚୌର୍ଯ୍ୟବୃତ୍ତି ।

ଚୋରିତ, ବିଂ. (ଚୁର୍-ତ) ଅପହୃତ; ଯାହା
ଚୋରି କରିଅଛନ୍ତି । ଯଥା—
ଦୈତ୍ୟଦ୍ୱାରା ଜନକତନୟା ଚୋରି ତା ବୋଲି ମାନ ।
ଜା. ପ. ନା.

ଚୋଳ, ବି. ( ଚୁଲ୍ = ଉନ୍ନତ ହେବା-ଅ )
ଦେଶବିଶେଷ, ତାଞ୍ଜୋର, ପାଣ୍ଡ୍ୟମଣ୍ଡଳର
ଉତ୍ତର ପିନାକିନୀ ନଦୀ ପର୍ଯ୍ୟନ୍ତ ଏହି
ଦେଶର ସୀମା; କାଞ୍ଚୁଲି । ଯଥା—
ସାଳଂକାର ସୁଚୋଳା ନ ଗମିଣ ବନ୍ଧୁରେ ହୋଇଲି
ବଙ୍ଗଚୋଳା । ବିହ୍ଲଣକାବ୍ୟ ।

ଚୋଳକ, ବି. (ଚୁଲ୍-ଅକ) ସାଞ୍ଜୁ; ବଲ୍କଳ;
କାଞ୍ଚୁଲି ।

ଚୋସ୍ତ, ବିଂ. (ଯାବନିକ) ଶକ୍ତ; ଚଉରସ ।

ଚୋଷଣ, ବି. ( ଚୁଷ୍ = ଚୁଚୁମିବା-ଅନ )
ଚୁଚୁମିବା ।

ଚୋଷିବା, କ୍ରି. ( ଚୁଷ୍ ଧାତୁଜ ) ଶୋଷିବା,
ଚୁଷିବା ।

ଚୋହାଣ, } ବି. (ଚୋହମାନ ଶବ୍ଦଜ) ରାଜ-
ଚୁହାଣ, } ପୁତମାନଙ୍କର ଶାଖାବିଶେଷ;
ଚୌହାନ, } ଉପାଧିବିଶେଷ ।

ଚୋହଳା, ବି. (ଦେଶଜ) ଉଦ୍ଧତ; ଅସଭ୍ୟ;
ଉନ୍ମତ୍ତ । ଯଥା—
ଚୋହଳା ହୋଇ ଏ ଗୀତ ଗାଇ,
ଚରୁ ଭୋଜନେ କେ ଶ୍ୱାନକୁ ନେଇ । ର. ପ.

ଚୋହାଡ଼, } ବିଂ. ( ଦେଶଜ ) ଅସଭ୍ୟ,
ଚୁଆଡ଼, } ବନ୍ୟ ।

ଚୌକ, ବି. (ଚତୁଷ୍କ ଶବ୍ଦଜ) ଚତୁଷ୍ପଥ ରାସ୍ତା,
ଛକ; ଘରର ଗୁହପାଖେ ଥିବା ଖମ୍ବ
ଉପରିସ୍ଥ କାଷ୍ଠଖଣ୍ଡମାନ । (ଚଉକ ଶବ୍ଦ
ଦେଖ) ଚୌକାଠ । (ଦେଶଜ) ଗୁହପଣ ।

ଚୌକସ, ବିଂ. (ଦେଶଜ) ଚତୁର । ଯଥା—
ଆବା ! ତାର କେଡ଼େ ଚୌକସପଣିଆଁ !
ମଜଭୁତ ।

ଚୌକାଠ, } ବି. (ଚତୁଷ୍କାଷ୍ଠ ଶବ୍ଦଜ) ଦ୍ୱାର-
ଚୌକଠ, } ବନ୍ଧ ।

ଚୌକା, } ବି°. (ଚତୁଷ୍କୋଣ ଶବ୍ଦଜ) ଚାରି-
ଚଉକା, } କୋଣିଆ; ଗଡ଼ିଆ ଅର୍ଥାତ୍ କ୍ଷୁଦ୍ର ଜଳାଶୟ । ବି. (ଦେଶଜ) ପାକସ୍ଥାନ; ଭୋଜନ ସ୍ଥାନ ଲିପିବା; ଗଞ୍ଜପା ସାରରେ ଚାରିଗୋଟି ଚିପଥିବା ସାର; ତାସ ଖେଳରେ ୪ ସଂଖ୍ୟାପରିମିତ କାଗଜ ।

ଚୌକାଦେବା, କ୍ରି. (ଦେଶଜ) ଭୋଜନ ସ୍ଥାନ ଲିପିବା ।

ଚୌକି, } ବି. (ଚତୁଷ୍କ ଶବ୍ଦଜ) କାଷ୍ଠାସନ-
ଚଉକି, } ବିଶେଷ । (ଦେଶଜ) ପହରା ବା ରକ୍ଷା, ଜଗୁଆ; ଜଗୁଆଳି । ଯଥା—

ନଗ୍ର ଚାରିପାଖଯାକ ଚଉକି ଜଗାଇ,
ପୁଣି ପୋଢ଼ିମରୁ ବୋଲି ଲଗାଇଲି କୁହି । ନୃ.ପ୍ର.ଭୂ.ତ.

ଚୌକିଆ, } ବି. (ଦେଶଜ) ପ୍ରହରୀ ବା
ଚୌକିଦାର, } ଜଗୁଆଳି ।

ଚୌକୁଣ୍ଡି, } ବି. (ଦେଶଜ) ଏକପ୍ରକାର
ଚୌକୁଣି, } ଖେଳ, ଏଥିରେ ଆଠଜଣରେ ଖେଳନ୍ତି, ଚାରିକୋଣରେ ଚାରିଜଣ ଜଗିଥାନ୍ତି, ଆଉ ଚାରିଜଣ ପାଲି ଭିତରକୁ ଆସିବାପାଇଁ ସତର୍କତାରେ ଠିଆ ହୋଇଥାନ୍ତି ।

ଚୌଠ, ଚୌଥ, } ବି.(ଚତୁର୍ଥ ଶବ୍ଦଜ ପ୍ରାକୃତ
ଚଉଠ, ଚଉଥ, } ଚଉତ୍ଥରୁ ଜାତ) ଚାରି-
ଚୌଠା, ଚଉଠା, } ଭାଗରୁ ଏକ ଭାଗ ¼ ।

ଚୌଡ଼ା, } ବି. (ଦେଶଜ ବା ଇଉର ଶବ୍ଦଜ)
ଚଉଡ଼ା, } ଓସାର, ପ୍ରସ୍ଥପରିମାଣ । ବି°. ଓସାରିଆ ।

ଚୌଳ, } ବି. (ଚୂଡ଼ା-ଅ-ଭାବାର୍ଥେ, ଡ଼=ଳ)
ଚୌଳ, } ଚୂଡ଼ାକରଣ ସଂସ୍କାର । ବି°. ଚୂଡ଼ାସମ୍ବନ୍ଧୀୟ ।

ଚୌତିରିଶି, } ବି°. (ଚତୁସ୍ତ୍ରିଂଶ ଶବ୍ଦଜ) ୩୪
ଚୌତିଶି, } ସଂଖ୍ୟା ।

ଚୌତିଶା, } ବି. (ଚତୁସ୍ତ୍ରିଂଶ ଶବ୍ଦଜ) କାଦି
ଚଉତିଶା, } ଅକ୍ଷରକ୍ରମରେ ରଚିତ ଚତୁସ୍ତ୍ରିଂଶ
ଚୌତିଂଶା, } ପଦବିଶିଷ୍ଟ କବିତା । ଯଥା—

ଆଉ ଛନ୍ଦରେ ତାହା ହେବ ରଚିତ,
ଚଉତିଶାରେ ଯମକ ଯୁତ । କୋ. ବ୍ର. ପୁ.

ଚୌଦ, ବି°. (ପ୍ରାକୃତ ଚୌଦ୍ଦହ ଶବ୍ଦଜ) ୧୪ ସଂଖ୍ୟା ।

ଚୌଦପାହୁଣ୍ଡିଆ, ବି. (ଦେଶଜ) ଏକପ୍ରକାର ଖେଳ, ଏହି ଖେଳକୁ କେହି ସାତ-ପାହୁଣ୍ଡିଆ ଖେଳ କହନ୍ତି । (ସାତପାହୁଣ୍ଡିଆ ଶବ୍ଦ ଦେଖ ।)

ଚୌଦୁଡ଼ି, } ବି. (ଦେଶଜ) ନିତାନ୍ତ ବିଶ୍ୱାସ ।
ଚଉଦୁଡ଼ି, } ଯଥା—

ତାହା କାଙ୍କୋଲା ଅସୁର ଚଉଦୁଡ଼ି କରି,
ଗୁରୁଙ୍କ ଆଜ୍ଞାରେ ପାଳିଥାଏ ବସୁନ୍ଧରୀ । ନୃ.ପୁ.କ୍ରି.ତ.

ଚୌଧୁରୀ, } ବି. (ଚତୁର୍ଦ୍ଧୁରୀଣ ଶବ୍ଦଜ) ଗ୍ରାମର
ଚଉଧୁରୀ, } ପ୍ରଧାନ ବ୍ୟକ୍ତି; ଉପାଧିବିଶେଷ । ବି°. ମୋଟ ।

ଚୌପାଢ଼ି, } ବି. (ଚତୁଷ୍ପାଠୀ ଶବ୍ଦଜ) ଚାରି
ଚୌପାଢ଼ି, } ବେଦ ଅଧ୍ୟୟନ କରିବା ସ୍ଥାନ
ଚୌପାଠି, } ବା ଟୋଲ; ସମସ୍ତେ ବସି ଉଠା କରିବାପାଇଁ ନିର୍ମିତ ବାହ୍ୟ ବିଖରା ।

ଚୌପାୟୀ, ବି. (ଚତୁଷ୍ପାଦ ଶବ୍ଦଜ) ଚାରିପାଦ ବା ଚାରିଖୁରାବିଶିଷ୍ଟ ଆସନ ।

ଚୌପିଠିଆ, ବି°. (ଦେଶଜ) ଯେ ସବୁ-କାର୍ଯ୍ୟରେ ଦକ୍ଷ; ସିଦ୍ଧହସ୍ତ ।

ଚୌବଚା, ବି. (ଯାବନିକ) ଜଳକୁଣ୍ଡ ।

ଚୌବନ, ବି°. (ପ୍ରାକୃତ ଚୌବଣ ଶବ୍ଦଜ) ୫୪ ସଂଖ୍ୟା ।

ଚୌବନ୍ଧ, } ବି. (ଦେଶଜ) ଦ୍ୱାରବନ୍ଧ ।
ଚୌବନ୍ଧ, }

ଚୌବାହା, } ବି. (ଚତୁର୍ବାହୁ ଶବ୍ଦଜ) ଚତୁ-
ଚଉବାହା, } ର୍ଭୁଜ; ଶ୍ରୀ ଜଗନ୍ନାଥ । ଯଥା—

ରୁକ୍ମିଣୀ କହୁଛନ୍ତି ଯାହା,
ଭୋଳାନାଥ ଶୁଣ ଚଉବାହା । ଖ୍ରୀ. ଦ. ସ୍କ.

ଚୌବିଂଶ, ବି°. (ଚତୁର୍ବିଂଶ ଶବ୍ଦଜ) ୨୪ ସଂଖ୍ୟା ।

ଚୌମଥା, } ବି. (ଚତୁର୍ମସ୍ତ ଶବ୍ଦଜ) ବ୍ରହ୍ମା ।
ଚୌମାଥ, } ଯଥା—
ଚଉମାଥ, }

ଏତେ କହଣ ଚଉମାଥ,
ଆୟୁଧ ଦେଲେ ଶିବ ହସ୍ତ । ମା. ମା.

ଚୌରାଣୋଇ, } ବି°. ୯୪ ସଂଖ୍ୟା । (ଚତୁ-
ଚୌରାନବେ, } ର୍ନବତି ଶବ୍ଦଜ ।)

ଚୌରାଶି, } ବି°. ( ଚତୁରଶୀତି ଶବ୍ଦଜ )
ଚୌରାଅଶି, } ୮୪ ସଂଖ୍ୟା ।

ଚୌର୍ଯ୍ୟ, ବି. (ଚୌର-ଯ) ତସ୍କରତା ।

ଚୌଶାଳ, ବି. ସ୍ତ୍ରୀ. ( ଚତୁଃଶାଲ ଶବ୍ଦଜ ) ଚାରିପାଖରୁ ଉତ୍ପନ୍ନ ହେବା ଗୃହ; ମୁନିମାନଙ୍କ ଶାଳ ।

ଚୌସାର, } ବି. ( ଚତୁଃସାର ଶବ୍ଦଜ )
ଚଉସାର, } ପଶାପାଲି ।

ଚ୍ୟବନ, ବି. ( ଚ୍ୟୁ=ପତିତ ହେବା-ଅନ ) ଋଷିବିଶେଷ, ଭୃଗୁନନ୍ଦନ; କ୍ଷରଣ, ଗଳିବା; ଛଦ ।

ଚ୍ୟୁତ, ବି°. (ଚ୍ୟୁ=ଗମନ କରିବା, ପତିତ ହେବା-ତ) ଭ୍ରଷ୍ଟ; ପତିତ । ଯଥା—ବୃକ୍ଷଚ୍ୟୁତ; କ୍ଷରିତ, ଗଳିତ; ନଷ୍ଟ । ( ତ ପ୍ରତ୍ୟୟରେ ବିଶେଷ୍ୟାର୍ଥରେ ଚ୍ୟୁତି ହୁଏ ।)

## ଛ

ଛ, ବି°. ବ୍ୟଞ୍ଜନମାଳାର ସପ୍ତମ ବର୍ଣ୍ଣ । ( ଛୋ=ଛେଦନ କରିବା-ଅ ) ନିର୍ମଳ; ତରଳ; ଛେଦକ; କର୍ତ୍ତିତ । ବି. ଛେଦ, ଖଣ୍ଡ । (ଛଦ୍=ଆଚ୍ଛାଦନ କରିବା-ଅ)ଗୃହ; ମାହାତ୍ମ୍ୟ । (ସ୍ତ୍ରୀ-ଛା) ଗୋପନ; ଆଚ୍ଛାଦନ; ଶିଶୁ ।

ଛ, ଛଅ, ବି°. ( ଷଟ୍‌ପଦଜାତ ପ୍ରାକୃତ ) ୬ ସଂଖ୍ୟା ।

ଛଅର, ଛର, ବି. (କ୍ଷୌର ଶବ୍ଦଜ) କ୍ଷୌର ।

ଛଅରବାଅର, ବି. (ଦେଶଜ) ମୃତବ୍ୟକ୍ତି ଶୁଦ୍ଧହେବା ସମୟରେ ଜ୍ଞାତିମାନଙ୍କର କେଶମୁଣ୍ଡନ ।

ଛଅଷଠି, } ବି. ( ଷଟ୍‌ଷଷ୍ଟୀ ଶବ୍ଦଜ ) ୬୬
ଛଷଠି, } ସଂଖ୍ୟା ।

ଛଇ, ବି. (ଛବି ଶବ୍ଦଜ ପ୍ରାକୃତ) ରୂପ, ଛବି; ବିନ୍ୟାସ; ଚଟକ । ଯଥା—

ଶାରଦ ଘନାନ୍ତ ଲକ୍ଷ୍ମୀ ଲୀଳାମୟୀ,
ପ୍ରକାଶନ୍ତ କେତେ ନବ ନବ ଛଇ । ଚଳିକା ।

(ଛନ୍ଦି ଶବ୍ଦଜ ପ୍ରାକୃତ) କୌତୁକ ଆଦର ସୂଚ; ଗ୍ଲୁତର ବା ଗର୍ବ । ଯଥା—

ବିପ୍ରମାନଙ୍କ ଛଇ ଅଳପ ଅଟଇ କି,
ଆପେ ଆପେ କହନ୍ତି ପ୍ରାନ୍ତପଣ ଟେକି ।
ନୃ. ପୁ. ଷ. ଡ.

ଛଇଳ, } ବି°. ( ଛବିଲ ଶବ୍ଦଜ ପ୍ରାକୃତ
ଛଇଲ, } ଛଇଲ୍ଲରୁ ଜାତ) ଚତୁର; ସୁନ୍ଦର । ଯଥା—

ଛଇଲଲୋକର ନବଗୁଣବତୀ ଛବି । ବି. ଚ. ମ.

ଛଇଳା, ଛଇଲା, } ବି. ସ୍ତ୍ରୀ. (ଛଇଲ-ଆ, ଈ)
ଛଇଲୀ, } ସୁନ୍ଦରୀ । ଯଥା—

ବେଗେ ପଳାଇଲା ଛଇଲା ଲାଜଭୟେ ଅଧୀରୀ । ଚ.ଭା.

ରସିକା । ଯଥା—

ତୁମ୍ଭଙ୍କୁ ପ୍ରାପତ ନୁହେ କଦାଚିତ ଏ ନବଛଇଲୀ । ସୁ.ପ.

ଛଉ, ବି. (ଶ୍ୱିନ୍ନ ଶବ୍ଦଜ) କ୍ଷୁଦ୍ରରୋଗବିଶେଷ, ଦେହରେ ସ୍ଥାନେ ସ୍ଥାନେ ଯେଉଁ ଧୋବ ଚିହ୍ନ ହୁଏ । (ଦେଶଜ) ଛେଲି; ଗନ୍ଧବିଶେଷ; (ଗଡଜାତରେ ପ୍ରଚଳିତ) ବନ୍ୟଜାତିଙ୍କର ନୃତ୍ୟବିଶେଷ ।

ଛଉକା, ବି°. (ଦେଶଜ) ଚତୁର; ଗୁପିଗୁପିକିଆ ।

ଛଉର, ବି. (ଦେଶଜ) ସାଞ୍ଜୁ, କବଚ । ଯଥା—

ଶତ୍ରୁମାନେ ପଡ଼ିଲେ ଯେ ଗାଇଙ୍କ ଶରୀରେ,
ବଜ୍ର ଛଉରରେ ପଞ୍ଚ ଚୂର ସର୍ବ ଶରେ । ସା.ଭା.ଆ.

ବଜ୍ରଲେପ । ଯଥା—

ସର୍ବଶରୀରେ ଲେପିଲେ ବଜ୍ର ଯେ ଛଉର,
ମହାମନ୍ତ୍ର ପଢ଼ି ଅଙ୍ଗଯାକ ଦେଲେ ଝାଡ଼ି । ସା.ଭା.ଆ.

ଆଚ୍ଛାଦନ; ଆସ୍ତରଣ । ଯଥା—

ସୁବର୍ଣ୍ଣ ପିଢ଼ାରେ କୃଷ୍ଣାଜିନ ଛଉର,
ପୂଜା ପାଇ ବସିଲେ ସକଳ ଉପଗୁରୁ । ସା.ଭା.ସ.

ଛକ, } ବି. (ଦେଶଜ) ଗୃହବାଟ ମିଶିଥିବା
ଛକି, } ସ୍ଥାନ । ଯଥା—

ଛକେ ଛକେ ଜଗି ଅଛନ୍ତି ଚର । ବି. ଚ. ମ.

× ଚିହ୍ନ; ପ୍ରଧାନ ସ୍ଥଳ ।

ଛକଡ଼, } ବି. ( ଦେଶଜ ) ଭଡ଼ାଗାଡ଼ି ବା
ଛକଡ଼ା, } ଶଗଡ଼ ।

ଛକପାଗଡ଼ା, ବି. (ଦେଶଜ) ଶକଟା ଖେଳର ଦାନବିଶେଷ, ଛଅ ଏକ ।

ଛକଲିଆ, ବି. (ଦେଶଜ) ଜାମାବିଶେଷ ।

ଛକା, ବି. (ଦେଶଜ) ଜଗିବା; ଲୁଚିବା । (ଷଟ୍ ଶବ୍ଦଜ ପ୍ରାକୃତ ଛକ୍କା ଶବ୍ଦଜାତ) ଗଞ୍ଜପା ଖେଳରେ ଛଅଗୋଟି ଚିପଥିବା ସାର; ତାସ ଖେଳର ୬ ସଂଖ୍ୟକ ପତ୍ର ।

ଛକାଛକି, ବି. (ଦେଶଜ) ଜଗାଜଗି, ଅନ୍ୟୋନ୍ୟ ଜଗିବା; ଲୁଚ୍ଚାଲୁଚି; ଅନ୍ୟୋନ୍ୟତଃ ସାବଧାନ ହୋଇ ରହିବା; ସତର୍କତା ।

ଛକାପଞ୍ଝା, ବି. (ଦେଶଜ) ଚତୁରତା; ସତର୍କତା; ଗଞ୍ଜପା ଖେଳର ଛଅ ଚିପ ଓ ପାଞ୍ଚ ଚିପ ଥିବା ସାର ।

ଛକି, ବି. (ଦେଶଜ) ଚତୁଷ୍ପଥ; × ଚିହ୍ନ ।

ଛକିବା, } କ୍ରି. (ଦେଶଜ) ଛକରେ ଜଗିବା;
ଛକିଚୁକିବା, } × ଚିହ୍ନ ହେବା; ଲୁଚିବା ।
ଯଥା—
ସାକ୍ଷାତ ଅନଙ୍ଗ ପ୍ରାୟେ ସୂକ୍ଷ୍ମ କଟି,
ଛକି ଅନଙ୍ଗ କି ଲଭିଲ ଧୂର୍ଜଟି । ନ. କେ.

ଛକିବାଟ, ବି. (ଓଡ଼ିଆ ଓ ସଂସ୍କୃତ ଶବ୍ଦ ମିଶ୍ରଣ) ଚତୁଷ୍ପଥ ।

ଛଖଣ୍ଡି, } ବି. (ଦେଶଜ) ଶବ ଘେନିଯିବା
ଛଖଣ୍ଡିଆ, } ଶଯ୍ୟା; ଛଅଖଣ୍ଡି ।

ଛଗଣ, ବି. (ଦେଶଜ) ଶୁଷ୍କ ଗୋମୟ, ଘସି ।

ଛଗଳ, } ବି. ( ଛୋ = ଛେଦନ କରିବା-
ଛଗଳକ, } କଳ, କ = ଗ, କ ସ୍ୱାର୍ଥେ, ସ୍ତ୍ରୀ-
ଛଗଳୀ, } ଈ) ସ୍ତ୍ରୀ ଛାଗଳ; ମାଳବର୍ଣ୍ଣ ବସ୍ତ୍ର; ଅଗ୍ନି ମୂନି ।

ଛଙ୍କା, ବିଂ. (ଦେଶଜ) ନିର୍ମଳ, ବିଶୁଦ୍ଧ, ଛଣା; ଘୃତପକ୍ୱ; ଯେ ଛୁଙ୍କେ । ବି. ଛୁଣିବା, ଛୁଙ୍କିବା ଯଥା—
ବସନ୍ତମୁଖଁ କି ଉପମା ଖଟୁ,
କାମକାକର ଛଙ୍କା ଜାଲଚଟୁ ।

ଛଚଡ଼, ବି. (ଦେଶଜ) ବାଉଁଳ ଖେଳରେ ସବୁ ବାଉଁଳ ଅର୍ଥାତ୍ ଛଅଟା ଯାକ ଚିତ୍ତ ହୋଇ ପଡ଼ିବା ।

ଛଚନା, ବି. (ଦେଶଜ) ଛଡ଼ଅନା ଗଛ । (ଷଟ୍-ଚିହ୍ନକ ଶବ୍ଦଜ) ପରିମାଣବିଶେଷ ।

ଛଛନ୍ଦ, ବି. (ସ୍ୱଚ୍ଛନ୍ଦ ଶବ୍ଦଜ) ସ୍ୱଚ୍ଛନ୍ଦ ।

ଛଚୁନ୍ଦା, ବି. (ଦେଶଜ) ଲମ୍ବ ଲତାଫଳବିଶେଷ ।

ଛଞ୍ଚା, ବି. (ସଞ୍ଚୟ ଶବ୍ଦଜ) ସଞ୍ଚୟ; ପାକ ନିମିତ୍ତ ସାମଗ୍ରୀ । ବିଂ. ସଞ୍ଚିତ; ଯେ ସଞ୍ଚୟ କରେ ।

ଛଞ୍ଚା, ଛଅଞ୍ଚା, ବି. ( ଶୌଚ ଶବ୍ଦଜ ) ମଳ-ଶୌଚ ।

ଛଞ୍ଚାଣ, ବି. ( ଶ୍ୟେନ ଶବ୍ଦଜ ) ପକ୍ଷିବିଶେଷ । ( ସଞ୍ଚାଣ ଶବ୍ଦ ଦେଖ ।)

ଛଞ୍ଚିବା, } କ୍ରି. ( ସଞ୍ଚୟ ଶବ୍ଦଜ ) ସଞ୍ଚୟ
ଛଚିବା, } କରିବା । (ଶୁଚ୍ ଧାତୁଜ) ମଳ
ଛଅଁଚିବା, } ଶୌଚ କରିବା ।

ଛଟକ, ବି. (ଛଟା ଶବ୍ଦଜ) ଶୋଭା; ଛଟା । ଯଥା—
କଟକ ନିର୍ମାଣ ଛଟକ ଦେଖି,
ବିଶ୍ୱକର୍ମା ମସ୍ତ ବୁଜାଣ ଆଖି । କୋ. ବ୍ର. ସୁ.
ଭଙ୍ଗୀ । ଯଥା—
ନେତ୍ର ଛଟକ ଅଟକେ ଧୃତି । ସଙ୍ଗୀତ ।

ଛଟପଟ, ବି. (ଦେଶଜ) କଲବଲ । ଯଥା—
ଛୁଟି ଯାଇ ବିଚେତନା,
ଛଟପଟ ହେବ ସିନା । କ. ଚ. ଚ.
ବିଂ. ଅସ୍ଥିର, ବାଧାରେ ଅସ୍ଥିର ।

ଛଟରପଟର, ବି. (ଦେଶଜ) କଲବଲ । ବିଂ. ଯେ କଲବଲ ହୁଏ ।

ଛଟା, ବି. ସ୍ତ୍ରୀ. (ଛୋ = ଦୀପ୍ତିପାଇବା-ଅଟ-ଆ) ଦୀପ୍ତି, ଆଲୋକ; ଶୋଭା, ସୌନ୍ଦର୍ଯ୍ୟ; ସମୂହ; ରେଖା; ପରମ୍ପରା । ଯେପରି— ଶ୍ଳୋକଚ୍ଛଟା । (ଦେଶଜ) ଛୁଟିବା । ଯଥା—
ଚନ୍ଦ୍ର ଛଟା ଲଗିଣ ବିଚନ୍ଦ୍ର ଅଣ୍ଡ ଅଂଶ,
ଜଗତଜନର ଯହିଁ ପାପ ହୁଏ ଧ୍ୱଂସ । ଜା. ର. ଗୀ.
ଛଳ; ଚତୁରତା; ଗୋଳମାଳ ।

ଛଟାଙ୍କ, } ବି. ( ଦେଶଜ ) ସେରକର
ଛଟାଙ୍କି, } ଷୋଡ଼ଶାଂଶ; ତରଳପଦାର୍ଥର
ଛଟେଇଙ୍କି, } ପରିମାଣ ଏବଂ ଓଜନବିଶେଷ ।

ଛଟାଣ, ବି. (ଦେଶଜ) ଗୁଟିବା ।

ଛଟାଘ୍ର, ବି. ସ୍ତ୍ରୀ. (ଛଟା=ରେଖା-ଘ୍ର) ବିଦ୍ୟୁତ୍, ବିଜୁଳି ।

ଛଡ଼, ବିଂ. ( ଷଟ୍ ଶବ୍ଦଜ ) ୬ ସଂଖ୍ୟା । (ଦେଶଜ) ସଳଖ ଯଷ୍ଟି ।

ଛଡ଼, ଛଡ଼, ବି. (ଦେଶଜ) ହାତବାଡ଼ି । ଯଥା—

ଲମ୍ବା ଛଡ଼ିଏ ଧରି କରେ,
ଗୁଲନ୍ତି ଅତି ଧୀରେ ଧୀରେ । ଦା. ର.

ଛଡ଼ରସ, ବି. (ଷଟ୍‌ରସ ଶବ୍ଦଜ) କଟୁ, ତିକ୍ତ, ଅମ୍ଳ, କଷାୟ, ମିଷ୍ଟ ଓ ଲବଣ ଏହି ଛଅ ପ୍ରକାର ରସ । (ଦେଶଜ) ନାନାବିଧ ବିକାର; ବିହୁ ଦୁଶ୍ଚେଷ୍ଟା ।

ଛଡ଼ା, ବି. ସ୍ତ୍ରୀ. (ଦେଶଜ) ଅପ୍ରସୂତା ଗୌ, ଯେଉଁ ଗୋରୁ ପ୍ରସବ କରି ନ ଥାଏ; ଛଗ୍ରୀ, ଛଗ୍ରୀପାଣି । ଯଥା—

ରଙ୍ଗେ ଦିଅନ୍ତି ପକାଇ ପନୀରେ ମିଶାଇ କସ୍ତୁରୀ
ଛଡ଼ା ବିଧାନବଶେ । ର. ପ.

ଦୂର ବା ତ୍ୟାଗ କରିବା; କଦଳୀ ପଣସ ପ୍ରଭୃତିର ଚୋପା କାଢ଼ିବା; ପାଦର ଅଳଙ୍କାରବିଶେଷ । ବିଂ. ଅନ୍ତର ବା ଦୂର । ଯଥା—

କ୍ଷେତ୍ରକୁ ଛଡ଼ା ଦଶ କୋଶ,
ଯେ ବାଣପୁର ନାମେ ଦେଶ । ଦା. ର.

ଯାହା ତ୍ୟାଗ କରିଥାଉଁ । ଯଥା—

ଏଥିରେ ନ କର ମୁହାଂସ,
ଗୁଡ଼ିଲି ଯେହ୍ନେ ଛଡ଼ାପୁଷ୍ପ । ଦା. ର.

ଚୋପା ପ୍ରଭୃତି ଯାହାର ଛଡ଼ାଇଥାନ୍ତି; ଯେ ଛଡ଼ାଏ । ଯଥା—

ସେକାଳେ ବିରସ ଛଡ଼ା ଷଡ଼ରିତୁ ମତ । କୋ.ବ୍ର.ସୁ.

ଯେ ଗୁଟେଡ଼ । ଯେପରି—କୁଳଛଡ଼ା । ଅଂ. ବିନା । ଯଥା—ଏହା ଛଡ଼ା ଆଉ କଣ କହିବେ । କ୍ରି. ଛଡ଼ାଅ, ଦୂର କରାଅ । ଯଥା—

ଛଡ଼ାସୁମନ ଛଡ଼ାସୁମନ-ଭାପ କରିବି ହାର । କୋ.ବ୍ର.ସୁ.

ଛଡ଼ାଇବା, } କ୍ରି (ଦେଶଜ) ତ୍ୟାଗ କରାଇବା;
ଛଟେଡ଼ଇବା, } ଦୂର କରାଇବା; କାଢ଼ିନେବା । ଯଥା—

ଗୃମର ଛଡ଼ାଇ ଚକୁର ଶଙ୍କା,
ବସନ ପ୍ରସନ୍ନକୁ ଜବନକା । କୋ. ବ୍ର. ସୁ.

ଛଡ଼ାଛଡ଼ି, ବି. (ଦେଶଜ) ଅନ୍ତର । ଯଥା—

ଘନଷ୍ଟ ପ୍ରଣୟ କଲି କୃଟେ ତା ସଙ୍ଗରେ,
ଛଡ଼ାଛଡ଼ି ନ ହୁଅଇ କଣି ଦିବସରେ । ବେ. ପ.

ପରସ୍ପର ଗୁଡ଼ିବା; ଓଟରିଓଟରି, ଠେଣାଠେଣି । ଯଥା—

ଦୁଇଜଣ ଝିଙ୍କାଝିଙ୍କି ଛଡ଼ାଛଡ଼ି ହେଉଁ । ବେ. ପ.

ଛଡ଼ାଣ, ବି. (ଦେଶଜ) ଗୁଡିବା, ତ୍ୟାଗ କରିବା; ଅନ୍ତର, ବ୍ୟବଧାନ ।

ଛଡ଼ି, ବି. (ଦେଶଜ) ହାତଧରି ବାଡ଼ି, କ୍ଷୁଦ୍ର ଯଷ୍ଟି; ଆଡ଼ମ୍ବର ।

ଛଡ଼ିଦାର, ବି. ( ଯାବନିକ ବା ଦେଶଜ ) ପାଇକ ବା ସିପାଇ । ଯଥା—

ଏମନ୍ତ ବିଗ୍ଭରୁଁ ତା ମନେ,
ବାଦ୍‌ସାର ଛଡ଼ିଦାରମାନେ । ଦା. ର.

ବିଂ. ଯେ ବିଶେଷ ଆଡ଼ମ୍ବର କରେ ।

ଛଣ, ବି. (ଶଣ ଶବ୍ଦଜ) ଶୁଷ୍କତୃଣବିଶେଷ । (କ୍ଷଣ ଶବ୍ଦଜ ପ୍ରାକୃତ) ଅଳ୍ପକାଳ ।

ଛଣଖାଇ, ବି. (ଦେଶଜ) ଗୃହ ଗୃଳର ନିମ୍ନ ପ୍ରାନ୍ତରେ ଲାଗିଥିବା ପଟା ।

ଛଣପଟ, ବି. (ଶଣପୁଷ୍ପିକା ଶବ୍ଦଜ) ତୃଣ-ବିଶେଷ । ଯଥା—

ପୁଷ୍ପେ ଶୋଭିତ ଛଣପଟ କିଆରି,
ସୁବର୍ଣ୍ଣ ଜିଣି କାନ୍ତି କ ମନୋହାରି । ଗୁ. ମା.

ଛଣା, ବି. (ଦେଶଜ) ଗୁଣିବା, ପରିଷ୍କାର । ବିଂ. ପରିଷ୍କୃତ । ଯଥା—

ଛଣା ସୁଧାସର- ପଣାରୁ ମଧୁର
ଲଗୁଥିଲି ଶ୍ୟାମ ପ୍ରୀତି । ସଙ୍ଗୀତ ।

ଛଣି, } ବି. ସ୍ତ୍ରୀ. (ଶାଣୀ ଶବ୍ଦଜ) ଛଣପଟ-
ଛଣୀ, } ନିର୍ମିତ ରଜ୍ଜୁ; ଠଙ୍କା ରଖିବା ଥଳୀ ।

ଛତ, ବି. (ଛଦ ଶବ୍ଦଜ) କୋଠାର ଗୁତ ।

ଛତର, ଛତ୍ର, } ବି. (ସତ୍ର ଶବ୍ଦଜ) ସଦାବର୍ତ୍ତ ବା ଯେଉଁଠାରେ ଅନ୍ନଦାନ ହୁଏ ।
ଯଥା—
ବିରାଟ ବୋଇଲା ସ୍ୱାମି ଶୁଣ ଭୀମସେନ,
ସାତ ଷୌଣୀ ସୈନ୍ୟ ଛତ୍ରେ କରନ୍ତି ଭୋଜନ ।
ସା. ଭା. ସ. ପ.

ଛତରଖାଈ, ଛତରଖିଆ, } ବି. (ଦେଶଜ) ଯେଉଁମାନେ ନଅ ଅଙ୍କରେ ଦୁର୍ଭିକ୍ଷରେ ଛତ୍ରରେ ଖାଇବାରୁ ନିଜ ନିଜର ଜାତି ହରାଇଥିଲେ; ଛତରରେ ଖାଇବା । ବିଂ. ଯେଉଁମାନେ ଛତରରେ ଖାଆନ୍ତି ।

ଛତରଙ୍ଗି, ଛତରଞ୍ଜି, ସତରଞ୍ଜି, ସତରଞ୍ଜି, } ବି. (ଚତୁରଙ୍ଗ ଶବ୍ଦଜ) ଏକପ୍ରକାର ସୂତ୍ରନିର୍ମିତ ଗାଲିଚ୍ଚ; ଏକପ୍ରକାର ଖେଳ ।

ଛତରା, ବିଂ. (ଛିତ୍ୱର ଶବ୍ଦଜ) ଧୂର୍ତ୍ତ, ଭଣ୍ଡ; ବିସ୍ଥିତ; ଯେ ଏଣେତେଣେ ବୁଲେ ।

ଛତା, ବି. (ଛତ୍ର ଶବ୍ଦଜ) ଛତ୍ର, ଆତପତ୍ର । ବିଂ. ଝାମ୍ପଲା, ବିସ୍ଥିତ ।

ଛତାଉରୀ, ଛତାବରୀ, ଛତୌରୀ, ଛତୁଆରି, } ବି. ସ୍ତ୍ରୀ. (ଶତାବରୀ ଶବ୍ଦଜ) ଏକପ୍ରକାର ଔଷଧି ଲତା ।

ଛତାମାରିବା, କ୍ରି. (ଦେଶଜ) ଛତ୍ରାକାର ହେବା; ଛତ୍ରାକାରରେ ପଡ଼ିବା । ଯଥା—
ଏଡିକବେଳକୁ ଗାଡ଼ି ଛତାମାରି ଓଲଟି ପଡ଼ିଲା ।
ଉ. ସା. ୧୯ ଭା. ୧ ସଂ.

ଛତି, ବି. (ଛତ୍ର ଶବ୍ଦଜ) ଆତପତ୍ର । ଯଥା—
ପ୍ରେମିକା କୁଳେ ମୁଁ ଟେକାଇବି ଛତି । ନ. କେ.
ମୁଣ୍ଡି, ଅଗ୍ରଭାଗ ।

ଛତିଅନା, ଛତିନା, } ବି. (ସପ୍ତପର୍ଣ୍ଣ ଶବ୍ଦଜ) ବୃକ୍ଷ-ବିଶେଷ ।

ଛତିଆ, ବିଂ. (ଦେଶଜ) ବିସ୍ଥିତ । ବି. ଜିହ୍ୱାର ମଳ ।

ଛତିକଣ୍ଟା, ବି. (ଦେଶଜ) ଉପରେ ଛତ୍ରାକୃତିଯୁକ୍ତ ଏକପ୍ରକାର ଲୌହକଣ୍ଟା ।

ଛତିବତି, ବିଂ. (ଦେଶଜ) ଅସ୍ତବ୍ୟସ୍ତ ।

ଛତିଶ, ଛତିଶି, ଛତିଶ, } ବିଂ. (ଷଟ୍‌ତ୍ରିଂଶ ଶବ୍ଦଜ) ୩୬ ସଂଖ୍ୟା ।

ଛତିଶା, ବିଂ. (ଦେଶଜ) ଜାରଜ; ଦୁଷ୍ଟ; ଚତୁର; ଷଟ୍‌ତ୍ରିଂଶ ପରିମାଣରେ ପରିମିତ ।

ଛତୁ, ଛତୁଆ, } ବି. (ଶକ୍ତୁ ଶବ୍ଦଜ) ଯବାଦି ଚୂର୍ଣ୍ଣ । ଯଥା—
ଉଞ୍ଛବୃତ୍ତି ଦ୍ୱିଜ ଛତୁଆଗୁଡ଼ିଏ
ପୂର୍ବେ ଦେଲେ ଦ୍ୱିଜଗଣଙ୍କୁ ଏ ରସ୍ତେ ।
ସେ ଦ୍ୱିଜଙ୍କ ଛତୁ ମୋ ଦେହ ଅଧିକରେ
ପଡ଼ିବାରୁ ଗଣନା ହୋଇଲା ସେ ସୁନାରେ ।
କୃ. ଭା. ଅ. ପ.

(ଛତ୍ରିକା ଶବ୍ଦଜ) ଶିଳୀନ୍ଧ୍ର । ଯଥା—
ଛତୁ ଯେ ଛତ୍ରପ୍ରାୟେ ହୋଇ,
ରାଜାର ପ୍ରାୟ ଦିଶେ ମହୀ । ଭା. ଦ. ସ୍କ.

ଛତୁଫାଟିଯିବା, ବି. (ଦେଶଜ) ସମ୍ପୂର୍ଣ୍ଣରୂପେ ନଷ୍ଟ ବା ଚୂର୍ଣ୍ଣ ହୋଇଯିବା ।

ଛତୁରସ, ବି. (ଶକ୍ତୁରସ ଶବ୍ଦଜ) ଏକପ୍ରକାର ମିଷ୍ଟାନ୍ନ ।

ଛତ୍ର, ଛତ୍ର୍‌, } ବି. (ଛଦ୍-ଆଚ୍ଛାଦନ କରିବା-ଣିଚ୍-ର, ତ୍ର) ଆତପତ୍ର; ଆଚ୍ଛାଦନ । (ସ୍ତ୍ରୀ-ଆ) ମଞ୍ଜିଷ୍ଠା ।

ଛତ୍ରକ, ବି. (ଛତ୍ର-କ) ଛତ୍ର; ମାଛରଙ୍କା ପକ୍ଷୀ; ଈଶ୍ୱରଗୃହବିଶେଷ ।

ଛତ୍ରଖାଈ, ବି. ସ୍ତ୍ରୀ. (ଦେଶଜ ପ୍ରାୟ) ଯେ ମାଗି ଖାଇବାରୁ ଜାତି ହରାଏ; ନୀଚଶ୍ରେଣୀର ବେଶ୍ୟା ।

ଛତ୍ରଖିଆ, ଛତରଖିଆ, } ବି. (ଦେଶଜ) ଛତ୍ରରେ ଖାଇବା । ବିଂ. ଯେ ଛତ୍ରରେ ଖାଏ, ଯେ ମାଗିଖାଏ ।

ଛତ୍ରଦଣ୍ଡ, ବି. (ଛତ୍ରସ୍ୱରୂପ ଦଣ୍ଡ) ରାଜଛତ୍ର ।

ଛତ୍ରପତ୍ର, ବି. (ଛତ୍ର-ପତ୍ର) ସ୍ଥଳପଦ୍ମ; ଭୂର୍ଜପତ୍ର ବୃକ୍ଷ ।

ଛତ୍ରଭଙ୍ଗ, ବି. (ଛତ୍ର-ଭଙ୍ଗ=ନାଶ—ଏ ସ୍ଥଳରେ ଛତ୍ର ଶବ୍ଦର ଅର୍ଥ ରକ୍ଷଣ ବା ରାଜଚିହ୍ନ) ବୈଧବ୍ୟ; ସ୍ୱାତନ୍ତ୍ର୍ୟ; ନୃପନାଶ; ଅରାଜକତା; ଯୁଦ୍ଧକ୍ଷେତ୍ରରୁ ପଳାୟନ ।

ଛନସାଇ, ବି. (ଦେଶଜ ପ୍ରାୟ) ଛନାକୃତି ଶିରସ୍ତ୍ରାଣବିଶେଷ । ଯଥା—
ମସ୍ତକେ ତାର ଛନସାଇ ପାଗ ଭଳ,
ପାଟଦିଆ ପାଟଖଣ୍ଡୀ କରେ ଧର । କୃ.ଖ୍ରୀ.ଆ.ପ.

ଛନା, ବିଂ. (ଛନ ଶବ୍ଦଜ) ବିସ୍ତୃତ; ଯେ ଏଣେ ତେଣେ ବୁଲୁଥାଏ ।

ଛନାକ, ବି. (ଛନ-ଅକ୍=ଗମନ କରିବା, ତୁଲ୍ୟ ହେବା-ଅ) ଶିଳୀନ୍ଧ୍ର । (ସ୍ତ୍ରୀ-ଈ) ରାସ୍ନା ।

ଛଦ, ବି. (ଛଦ୍=ପିଚ୍-ଅ) ପତ୍ର; ପକ୍ଷ, ପକ୍ଷୀ; ଆଚ୍ଛାଦନ; ତମାଳବୃକ୍ଷ; ଗ୍ରନ୍ଥିପର୍ଣ୍ଣୀ ବୃକ୍ଷ ।

ଛଦନ, ବି. (ଛଦ୍-ଅନ) ଆଚ୍ଛାଦନ; ପତ୍ର; ପକ୍ଷ ।

ଛଦି, ବି. (ଛଦ୍-ଇ) ଗୃହର ଛାତ, ଚାଳ; ଆଚ୍ଛାଦନ ।

ଛଦ୍ମ, ଛଦ୍ମନ୍, ବି. (ଛଦ୍-ମନ୍) ଛଳ, କପଟ ।

ଛଦ୍ମମ, ବି. (ଛଦ୍ମ ଶବ୍ଦଜ) କପଟ; ବାହାନା । ଯଥା—
ରଜକ ଛଦ୍ମମରେ କାଲ,
ନ ଶୁଣେ ରାମକୃଷ୍ଣ ବୋଲ । ଖ୍ରୀ. ଦ. ସ୍କ.

ଛନ, ବି. (ଦେଶଜ) ଭୟ । ଯଥା—
ଆତଙ୍କ ହୋଇ ସଖୀଏ ଛନେ ପଚାରନ୍ତି । ବି.ଚ.ମ.

ଛନଛନ, ବିଂ. (ଦେଶଜ) ଭୀତ । ଯଥା—
ଉପରକୁ ଚାହିଁ ହୁଏ ଛନଛନ । ବି. ଚ. ମ.
ଭୟରେ ଅସ୍ଥିର ।

ଛନକ, ଛନକା, ବି. (ଦେଶଜ) ଭୟ; ଚେହେଁକା । ଯଥା—
ଅବଶେ ଆଖି ବୁଜିଲି ଛନକେ । ନ. କେ.
ଛନକାରେ ନିଦ୍ରା ତୁଟିଗଲା ରାଣୀ ଉଠିଲେ ଖରେ । ଉଷା.

ଛନଛତ୍ର, ଛିନଛତ୍ର, ବିଂ. (ଦେଶଜ) ଅସ୍ତବ୍ୟସ୍ତ । (ସ୍ୱନକ୍ଷତ୍ର ଶବ୍ଦଜ) ଜନ୍ମନକ୍ଷତ୍ର-ଦିବସ ।

ଛନ୍ନ, ବିଂ. (ଛଦ୍-ତ) ଗୁପ୍ତ; ଆଚ୍ଛାଦିତ; ଲୁପ୍ତ, ନଷ୍ଟ । ବି. ନିର୍ଜନ ସ୍ଥାନ ।

ଛନ୍ଦ, ବି. (ଛନ୍ଦ୍=ଆଚ୍ଛାଦନ କରିବା-ଅ) ଅଭିପ୍ରାୟ; ବଶତା; ଅଭିଳାଷ; ପ୍ରବୃତ୍ତି; ବିଷ । ବିଂ. ଗୋପନୀୟ । (ଦେଶଜ) କପଟ; ଢଙ୍ଗ, ଭଙ୍ଗୀ । ଯଥା—
ବପଣୀ ବସିଛି କାଠଯୋଡ଼ି ବନ୍ଧେ,
ବକା କଣା ଲଗିଅଛି ନାନା ଛନ୍ଦେ । ନ. କେ.
ପ୍ରକାର । ଯଥା—
ନାନା ଛନ୍ଦେ ବାଜେ ତୁର । ସୁ. ପ.
ଗୋଦୋହନ ସମୟରେ ବାଛୁରୀଙ୍କୁ ବାନ୍ଧିବାର ରଜ୍ଜୁ । ଯଥା—
କେ ଗୋପୀ ଦୁହୁଁ ଥିଲା ଗାଈ,
ବାଛୁରୀ ବାନ୍ଧି ଛନ୍ଦ ଦେଇ । ଗୋ. ଖ୍ରୀ.

ଛନ୍ଦଣା, ବି. (ଦେଶଜ) ବନ୍ଧନ ।

ଛନ୍ଦଣି, ଛନ୍ଦଣୀ, ବି. ସ୍ତ୍ରୀ. (ଦେଶଜ) ଗାଈମାନଙ୍କୁ ଛନ୍ଦିବା ଦଉଡ଼ି । ଯଥା—
ଚରଣେ ଛନ୍ଦିଲେ ଛନ୍ଦଣୀ । ର. କ.
ବନ୍ଧନ । ଯଥା—
କଚଟି ବାନ୍ଧୁଛି ହେମସୂତ୍ରେ ଛନ୍ଦଣୀ,
କଟିତଟେ ପୀତାମ୍ବର ସ୍ୱର୍ଣ୍ଣମଣିଶ୍ରେଣୀ । ବ. ରା.

ଛନ୍ଦଦଉଡ଼ି, ବି. (ଦେଶଜ) ଗାଈ ବାଛୁରୀମାନଙ୍କୁ ଛନ୍ଦିବା ଦଉଡ଼ି । ଯଥା—
ଛନ୍ଦ ଦଉଡ଼ି କାନ୍ଧେ ଘେନ,
ଗୋବିନ୍ଦ କଲେ ଶିଙ୍ଗାଧ୍ୱନ । ଖ୍ରୀ. ଦ. ସ୍କ.

ଛନ୍ଦସ୍, ବି. (ଛନ୍ଦ୍=ପ୍ରୀତିପାଇବା, ଆନନ୍ଦ କରିବା-ଅସ୍) ପଦ୍ୟବନ୍ଧ, ପଦ୍ୟର ଭେଦ-ବୋଧକ ସଂଜ୍ଞା ବା ଜାତି; ଇଚ୍ଛା; ସ୍ୱେଚ୍ଛାଚାର; ବେଦ ।

ଛନ୍ଦା, ବି. (ଦେଶଜ) ବନ୍ଧନ, ବାନ୍ଧିବା; ଚତୁଷ୍ପଥ । ବିଂ. ଛନ୍ଦିଥିବା, ଯେ ଛନ୍ଦେ ।

ଛନ୍ଦାଛନ୍ଦି, ବି. (ଦେଶଜ) ଅନ୍ୟୋନ୍ୟ ବନ୍ଧନ; ଅନ୍ୟୋନ୍ୟ ସମ୍ବନ୍ଧ । ଯଥା—
ତରୁବ୍ରତତୀର ପ୍ରେମେ ବନ୍ଧାବନ୍ଧି
ଛନ୍ଦାଛନ୍ଦି ଘେନାଘେନି । ଯ. କେ.

ଛନ୍ଦିବା, କ୍ରି. (ଦେଶଜ) ସଂଯୋଗ କରିବା; ଅନ୍ୟୋନ୍ୟ ସମ୍ବନ୍ଧ ଘଟାଇବା । ଯଥା—
ତା ସଙ୍ଗେ ଛନ୍ଦିଲି ତୁମ୍ଭଙ୍କୁ ସିନା ଫୁଲକମାଣ । ଚ.ଖ୍ରୀ.
ଚାରିଆଡ଼େ ଗୁଡ଼ାଇବା । ଯଥା—
ଭଦ୍ରକ ଯା ପଦେ ବେଢ଼ିଅଛି ଛନ୍ଦି । ନ. କେ.
ବାନ୍ଧିବା । ଯଥା—
ହାତେ ହାରେ ହାରେ ବନ୍ଧୁ ଛନ୍ଦନ୍ତି ପ୍ରୀତିରେ । ବି. ଛ. ମ.

ଛପଛପିକା,
ଛପଛପିକଆ, } ବି. (ଦେଶଜ) ଚର୍ବିତ ।

ଛପନ, ବିଂ. (ପ୍ରାକୃତ ଛପ୍‌ପଣରୁ ଜାତ) ୫୬ ସଂଖ୍ୟା ।

ଛପର, ବି. (ହିନ୍ଦୀ) ଚାଳ; ଆଚ୍ଛାଦନ ।

ଛପରବନ୍ଧି, ବି. (ଦେଶଜ) ଗୃହାଦିର ଚାଳକୁ ଛାଉଣି କରିବା ।

ଛପା, ବି. (ଦେଶଜ) ବାଉଁଶନିର୍ମିତ ଆସ୍ତରଣବିଶେଷ । ଯଥା—

ଯେତେ ଆସିଥିଲେ ସଙ୍ଗତେ ବୈଦ୍ୟଶ୍ରେଣୀ
ରହିଲେ ସେ ଶିବିର କରି ଛପା ଟାଣି । କୃ.ଖ.ଉ.ପ.

ଲୁଚିବା; ପୁସ୍ତକାଦି ମୁଦ୍ରଣ; ମୋହର (Seal) । ବିଂ. ମୁଦ୍ରିତ । ଯେପରି—ଛପା ପୁସ୍ତକ । ଅବିଦିତ ବା ଲୁକ୍କାୟିତ ।

ଛପାମୁଦି, ବିଂ. (ଦେଶଜ) ନାମାଙ୍କିତ ମୁଦ୍ରିକା ।

ଛପିବା, କ୍ରି. (ଦେଶଜ) ଲୁଚିବା । ଯଥା—

ବସିନଲେ ଯାଏ ନୋହି ଛପି ଦ୍ୱୀପୀ ପରି । ବୈ. ବି.

ଲଭିବା (ଅଦୃଶ୍ୟରୁ) ।

ଛବିଶ, ଛବିଶି, ବିଂ. (ପ୍ରାକୃତ ଛବ୍ବିସା ଶବ୍ଦଜ) ୨୬ ସଂଖ୍ୟା ।

ଛମଣ୍ଡ, ବିଂ. (ଛମ୍ = ଭକ୍ଷଣ କରିବା-ଅଣ୍ଡ-ସଂଜ୍ଞାର୍ଥେ) ଅନାଥ ଶିଶୁ, ପିତୃହୀନ ବାଳକ ।

ଛମାଖି, ବି. (ଦେଶଜ) ବାଉଁଳଖେଳରେ ସବୁ ବାଉଁଳ ଅର୍ଥାତ୍ ଛଅଟାଯାକ ମାଖି ଉବୁଡ଼ହୋଇ ପଡ଼ିବା ।

ଛୟାଣୋଇ,
ଛୟାଣେଇ,
ଛୟାନବେ, } ବିଂ. (ଷଣ୍ଣବତି ଶବ୍ଦଜ) ୯୬ ସଂଖ୍ୟା ।

ଛୟାଳିଶି, ବିଂ. (ଦେଶଜ) ୪୬ ସଂଖ୍ୟା ।

ଛୟାଶି, ଛୟାଅଶି, ବିଂ. (ଦେଶଜ) ୮୬ ସଂଖ୍ୟା ।

ଛର,
ଛଅର, } ବି. (କ୍ଷୌର ଶବ୍ଦଜ) କେଶମୁଣ୍ଡନ ।

ଛରା,
ଛେରା, } ବି. (ଦେଶଜ) ଛିଟା ଛିଟା ଜଳ ସିଞ୍ଚିବା । ଯଥା—

କର୍ପୂର ଚନ୍ଦନ ଛରା ଦିବା ବାଟରେ,
କରିଛୁ ପାଏଡ଼ା ସବୁ ରଙ୍ଗପାଟରେ । ର. କ.

ଛରାପହରା,
ଛେରାପହରା,
ଛଡ଼ାପହରା,
ଛଡ଼ାପାଣି, } ବି. (ଦେଶଜ) ସମ୍ମାର୍ଜନୀରେ ପହିଁରି ଜଳସେଚନ କରିବା । ଯଥା—

ଛେରାପହରା କରିବ ତହିଁ ପ୍ରଭାତେ,
ଆମନ୍ତ୍ରିତ ରାଜାଙ୍କର ଭୋଜନର ସ୍ଥାନେ । ସା. ଖ. ସ.

ଶ୍ରୀ ଜଗନ୍ନାଥଙ୍କ ଦେବସ୍ନାନ ମଣ୍ଡପ ଓ ରଥ ଉପରେ ସୁଗନ୍ଧ ଚନ୍ଦନର ଜଳସେଚନ ।

ଛର୍ଦ୍ଦନ, ଛର୍ଦ୍ଦି,
ଛର୍ଦ୍ଦିସ୍, ଛର୍ଦ୍ଦା, } ବି. (ଛର୍ଦ୍ଦ୍ = ବମନ କରିବା-ଅନ, ଇ, ଇସ୍) ବମନ, ବାନ୍ତି, ଉଦ୍‌ଗାର ।

ଛଳ, ବି. (ଛୋ = ସାରଲ୍ୟ ଛେଦନ କରିବା-ଳ) କପଟତା, ଶଠତା, ପ୍ରତାରଣା; ଚତୁରୀ । କୌଶଳ; ଆପତ୍ତି; ଅଭିସନ୍ଧି; ମନୋଭିଳାଷ । ବାକ୍ୟଦୂଷଣବିଶେଷ; ବିପରୀତାର୍ଥ ଆରୋପଣ । (ଦେଶଜ) ବାହାନା; ମାନ, ଅଭିମାନ ।

ଛଳନ,
ଛଳନା,
ଛଳିତ, } ବି. [ଛଳ-ଇ = ଛଳି (ନାମଧାତୁ) ସ୍ତ୍ରୀ-ଅନ, ଆ, ଭାବେ ତ] ପ୍ରତାରଣା, ଶଠତା । (କର୍ମବାଚ୍ୟରେ ତ ପ୍ରତ୍ୟୟ କଲେ ପ୍ରତାରିତ ଅର୍ଥ ।)

ଛଳଛଳ,
ଛଳଛଳ, } ବିଂ. (ଦେଶଜ) ଅଶ୍ରୁପ୍ଲାବିତ । ଯଥା—

ନେତ୍ର ଛଳଛଳ ଦିଶୁଅଛି ।

ଛଳାଇବା,
ଛଳେଇବା, } କ୍ରି. (ଛଳ ଶବ୍ଦଜ) ଶ୍ଳେଷରେ କହିବା । ଯଥା—

ସୁମତିକି ଛଳାଇବ, ସୁଟିବାକୁ ବଳାଇବ । ବି.ଚ.ମ.

ଛଳିବା, କ୍ରି. (ଛଳ ଶବ୍ଦଜ) ପ୍ରତାରଣା କରିବା; ଶ୍ଳେଷରେ କହିବା ।

ଛଲ୍ଲି, ଛଲ୍ଲୀ, ବି. ସ୍ତ୍ରୀ. ଶଠ; ବଲ୍କଳ; ଫୁଲ; ସନ୍ତାନ; ଲତା ।

ଛବି, ବି. (ଛୋ=ଅନ୍ଧକାର ଛେଦନ କରିବା-ଇ) ଦୀପ୍ତି; ଶୋଭା; ଉଜ୍ଜ୍ୱଳତା; ଚିତ୍ରିତ ମୂର୍ତ୍ତି, ପ୍ରତିମୂର୍ତ୍ତି ।

ଛଅସ୍ତର, ଛସ୍ତର, ଛସ୍ତୋର, ଛଅସ୍ତୋର, } ବି°. ( ପ୍ରାକୃତ ଛେହତ୍ତର ଶବ୍ଦଜ ) ୭୬ ସଂଖ୍ୟା ।

ଛଷଠି, ଛଅଷଠି, } ବି°. ( ଷଟ୍‌ଷଷ୍ଟି ଶବ୍ଦଜ ) ୬୬ ସଂଖ୍ୟା ।

ଛୁଆଣ, ଛୁଆଣି, ଛୁଆଣି, } ବି. ( ଛଦନ ଶବ୍ଦଜ ) ଆଚ୍ଛାଦନ । ଯଥା—

ତହିଁପରେ ଛୁଆଣି ଯେ ପଟ୍ଟପଟ ଶେଯ । ନୃ.ପୁ.ପ.ତ.

ଛପରବନ୍ଧ ।

ଛୁଇ, ବି. (ଛୁପ୍ତା ଶବ୍ଦଜ) ଅନାତପ ଅର୍ଥାତ୍ ଖରାର ଅଭାବ; ପ୍ରତିବିମ୍ବ । ଯଥା—

ଛୁଇକି ଅନାଇଁ ଛୁଇକି ଫୁଲାଇ ନିଭଙ୍ଗେ,
ମୁଗମା ବଳାଇଥାଇ କି ସ୍ଫୁରୁଥି ରଙ୍ଗେ । ବି. ଚ. ମ.

ଛୁଉଣି । ଯଥା—

ସବୁ ଆୟୁଧରେ ପ୍ରଧାନ ଅଟଇ,
ପିଠିଯାକ ହୋଇଛୁ କୁନ୍ଦନପୁନା ଛୁଇ । କୃ.ଭ.ବ.ପ.

ଛୁଇବା, ଛୁଇଁବା, } କ୍ରି. (ଛଦ୍ ଧାତୁଜ) ଆଚ୍ଛାଦିବା । ଯଥା—

ଧୂମାକାରେ ଦୂରେ ପର୍ବତର ଛୁଇ,
ମାଡ଼ିଆସୁଅଛୁ ଜଳ ସ୍ଥଳ ଛୁଇ । ନ. କେ.

ଛପରବନ୍ଧ କରିବା । ଯଥା—

ମଣ୍ଡପ ଛୁଅଁ ବୋଲି ସଭିଙ୍କି ଆଜ୍ଞା ଦେଲା । ନୃ.ପୁ.ଚ.ତ.

ଛୁଇତଳିଆ, ବି°. (ଦେଶଜ) ଯାହାର ତଳେ ସର୍ବଦା ଛୁଇ ପଡ଼େ, ଯେ ଛୁଇତଳେ ଥାଏ ।

ଛୁଇନିଦ, ବି. (ଛୁପ୍ତା-ନିଦ୍ରା-ଶବ୍ଦଜ) ସଚେତ-ନିଦ୍ରା, ନିଦ୍ରାର ପ୍ରାରମ୍ଭ ।

ଛୁଇବାଇଲେନିଦରା, ବି. ( ଦେଶଜ ) ଦୂର ଓ ନିକଟ ସମ୍ପର୍କ ।

ଛୁଉଣି, ଛୁଉଁଣୀ, } ବି. ସ୍ତ୍ରୀ. (ଛଦ ଶବ୍ଦଜ) ଶିବିର, ତମ୍ବୁ; ଗୃହର ଛପରବନ୍ଧ ।

ଛୁଉଣି, ଛୁଉଣୀ, ଛୁଅଣି, ଛୁପୁଣି, ଛୁଏଣି, } ବି. ସ୍ତ୍ରୀ. (ପ୍ରାକୃତ ଛୁବଣି ଶବ୍ଦଜ) ଆଚ୍ଛାଦନ । ଯଥା—

ଅଛି ପଞ୍ଜରା ଗୃହପାଶେ,
ଛୁହଣି ନଖ ଲୋମ କେଶେ । ଭ. ଏ. ସ୍କ.

ଝିଷ୍ଣୁଙ୍କ ରହିବର କନକ ଛୁପୁଣି । ସା. ଭ. ଆ.

ଛପରବନ୍ଧ । ଯଥା—

ସୁବର୍ଣ୍ଣ କାନ୍ଥ ତହିଁ ସୁବର୍ଣ୍ଣ ଛୁଏଣି । ସା. ଭ. ସ°

ଶିବିର, ତମ୍ବୁ ।

ଛୁଏଁ, ଅ°. (ଦେଶଜ) ସ୍ୱୟଂ ।

ଛୁଗ, ଛୁଗଳ, ଛୁଗଳକ, } ବି. (ଚ୍ଛାଗ, ଛଗଳ-ଅ, କ-ସ୍ୱାର୍ଥେ) ଅଜ, ଛେଳି ।

ଛୁଙ୍କିବା, କ୍ରି. ( ଦେଶଜ ) ଗୃହଲୁଣୀରେ ଚଲାଇବା; ଛୁଣିବା ।

ଛୁଙ୍କୁଣୀ, ଛୁଙ୍କୁଣି, ବି. ସ୍ତ୍ରୀ. (ଦେଶଜ) ଗୃହଲୁଣୀ ।

ଛୁଚ୍ଛ, ବି°. (ଦେଶଜ) ଉତ୍ତମ ।

ଛୁଚ, ବି. (ଦେଶଜ) ନବାତ ।

ଛୁଚକୋରା, ବି. (ଦେଶଜ) ନାରିକେଳ ଓ ନବାତରେ ପ୍ରସ୍ତୁତ ମିଷ୍ଟାନ୍ନବିଶେଷ ।

ଛୁଚଧଡ଼ିଆ, ବି°. (ଦେଶଜ) ଯେଉଁ ଲୁଗାର ଶୁକ୍ଳ ଧଡ଼ି ଥାଏ ।

ଛୁଞ୍ଚ, ବି. (ସଞ୍ଚ ଶବ୍ଦଜ ?) ପ୍ରତିମାଦି ତପ୍ୟାର କରିବାର ଆଦର୍ଶ । ଯଥା—

ବିଶ୍ୱକାନ୍ତ ସାର    ଗୋଲ ଅବା ମାର
ଢ଼ାଳିଅଛୁ ପ୍ରେମ ଛୁଞ୍ଚେ । ଯ. କେ.

ଲିଖିତ ନ ହେବା ଢ଼ାଳପଟ ପୁସ୍ତକ; ଧାତୁ ଢ଼ାଳିବା ପାତ୍ର । (ଦେଶଜ) ଝାପରା ।

ଛୁଞ୍ଚୁଣି, ଛୁଞ୍ଚୁଣୀ, } ବି. ସ୍ତ୍ରୀ. ( ସମ୍ମାର୍ଜନୀ ଶବ୍ଦଜ ) ଝାଡ଼ୁ ।

ଛୁଟ, ଛୁଟଣି, ଛୁଟେଣି, } ବି. (ଦେଶଜ) ଚାବୁକ । ଯଥା—

ଅଶ୍ୱକୁ ସାରଥି କଲେ ଛୁଟଣି ପ୍ରହାର । କ. ବ.

ଗ୍ଡେଟ ସରୁ ଯଷ୍ଟି । ଯଥା—

କେଳିତଳେ ନୂଆ ଗୃଟକୁ ଯେସନ
ଛୁଟ ଧରି ଅବଧାନ । ଯ. କେ.

ଛୁଟିଆ, ବି. (ଦେଶଜ, ଛୁଟ-ଇ-ଆ) ପାଇକ, ଚୌକିଆ । ଯଥା—

ରାଜାଙ୍କ ହକରା ଆସିଲା ଦାସଙ୍କ ପ୍ରତି,
ଛୁଟିଆ ଆସିଲେ ନେଇଯିବେ ଛୁମୁଙ୍କ କତି । ଡ.ବ.

ବି°. ଯେ ଛୁଟ ଧରିଥାଏ; ଯେ ଛୁଟ ଧରି ଶାନ୍ତିରକ୍ଷା କରେ ।

ଘୁଟିପିଟି, ବି. (ଦେଶଜ) ହାତ ଗୋଡ଼ ଛୁଆଁଇ ଦେବା । ବି°. ଅସ୍ତବ୍ୟସ୍ତ । ଯଥା—
ତା ଦେଖି କୁରୁମୁଖେ ହୋଇଲେ ଘୁଟିପିଟି,
ମଲଇଁ ବୋଲି ଭଜିଲେ ହୋଇ ଗୋଟି ଗୋଟି ।
କୃ. ଭ. ବି. ପ.

ଘୁଟିପିଟିହେବା, କି. ଅସ୍ତବ୍ୟସ୍ତ ହେବା; ହାତ ଗୋଡ଼ ଛୁଆଁଇବା । ଯଥା—
ଖାଇବାମାନଙ୍କେ ଚେତା ହରାଇ ପଡ଼ିଲା,
ଘୁଟିପିଟି ହୋଇକରି ଜୀବନ ଛାଡ଼ିଲା । ବେ. ପ.

ଘୁଟିବା, କି. (ଦେଶଜ) ନିଃକ୍ଷେପଣ କରିବା । ଯଥା—
ସୈରନ୍ଧ୍ରୀ ସେକାଳେ କରକୁ ଘୁଟିଦେଲେ । କୃ.ଭ.ବି.ପ.
ଲେଶିବା । ଯଥା—
ରମା କେ ଉଶୀର ବାଟୁଛୁ ଘୁଟୁଛୁ
ବାତାସୁନି ବାଟଫାଟକୁ । ବି. ଚ. ମ.
ଝିଙ୍କିବା । ଯଥା—
ଜାଣାଗୋଟି ହାତୁ ମୋର ନେବ ବଳେ ଘୁଟି ।
ନୃ. ପୁ. ଦ୍ୱି. ଭ.

ଘୁଟେଣି, ଘୁଟେଣୀ, ଘୁଟିଣି, } ବି. ସ୍ତ୍ରୀ. (ଦେଶଜ) ହସ୍ତକୋଷ ବା ମୌଜା । ଯଥା—
ଏହା ଶୁଣି ଅର୍ଜୁନ ଘୁଞ୍ଚି ସ୍ଥିରବେଶ,
ଘୁଟେଣି ଦୁଇ କରେ ବାନ୍ଧିଲେ ବନ୍ଧ ତୋଷ ।
କୃ. ଭ. ବି. ପ.
ଘ୍ଲୋଟ ଘୁଟ ବା ଗୁଳୁକ; ନିକ୍ଷେପଣ । ଯଥା—
ଗୁଣେ ଶର ଘୁଟେଣି କରଣ ବ୍ରହ୍ମଶର,
ବୋଲନ୍ତ ଏବେ କେଣେ ଯିବୁ ରେ ମୁରାସୁର ।
ନୃ. ପୁ. ଷ. ଚ.
ଟେକା ଫୋପାଡ଼ିବା ନିମନ୍ତେ ଭେଉଡ଼ି ।

ଘୁଡ଼, ବି. (ଦେଶଜ, ହିନ୍ଦୀ ଘ୍ଲୋଡ଼ ଶବ୍ଦର ଅନୁକୃତ) ତ୍ୟାଗ । ଯଥା—
ଘୁଡ଼ ଯାଉ ନାହିଁ ମନୁ । କ. ଚ. ଚ.
ବାହାଲ; ହ୍ରାସ (remission) । ବି°. ତ୍ୟକ୍ତ । ଯଥା—
କପାଇଁ ଦଣ୍ଡ ଘୁଡ଼ ହେଲା,
ତୋର କି ସମପଣ ଗଲା । ଦା. ର.
କି. ଘୁଡ଼ିବାକୁ ଅନୁମତି ବା ଆଦେଶ ଦେବା ।

ଘୁଡ଼ଖାଇ, ବି. (ଦେଶଜ, ଯହିଁ ଘୁଡ଼ = ତ୍ୟକ୍ତ ପଦାର୍ଥ ଫେର ଖାଇବାକୁ ହୁଏ) କାର୍ତ୍ତିକ ପୌର୍ଣ୍ଣିମାର ପରଦିବସ ।

ଘୁଡ଼ପତ୍ର, ବି. (ଦେଶଜ, ଘୁଡ଼—ତ୍ୟାଗପତ୍ର) ଶୂଦ୍ର ଜାତିରେ ଭାର୍ଯ୍ୟା ଭର୍ତ୍ତାର ମନ ନ ମିଳିଲେ ଭାର୍ଯ୍ୟାକୁ ଭର୍ତ୍ତା କିମ୍ବା ଭର୍ତ୍ତାକୁ ଭାର୍ଯ୍ୟା ଘୁଡ଼ି-ଦେବା ସମ୍ପର୍କରେ ଲେଖିଦେବା ପତ୍ର ।

ଘୁଡ଼ିବା, ଘୁଡ଼ିଛୁଡ଼ିବା, } କି. ତ୍ୟାଗ କରିବା; ଅନ୍ତର ହେବା; ଅନ୍ତର କରିବା ।

ଘୁଣିବା, କି. (ଦେଶଜ) ବସ୍ତ୍ରାଦିଦ୍ୱାରା ଦ୍ରବ-ପଦାର୍ଥର ସାରାଂଶ ବାହାର କରିବା । ଯଥା- -
ଅମୃତ ମିଶାଇ ବାଟି ଘୁଣିଲି । ବି. ଚ. ମ.
ଜଳରୁ କୌଣସି ପଦାର୍ଥ ଉପରକୁ ବାହାର କରିବା ।

ଘୁତ, ବି°. (ଘ୍ଲୋ=ଛେଦନ କରିବା-ତ) ଛିନ୍ନ; ଦୁର୍ବଳ; କ୍ଷୀଣ । (ଛଦ ବା ଘୁଦ ଶବ୍ଦଜ) ଉପରସ୍ଥ ଆଚ୍ଛାଦନ; ଘୃଳ ।

ଘୁନ୍ତ, ବି. (ଦେଶଜ) ବକ୍ଷଃସ୍ଥଳ; ହୃଦୟ; ସାହସ; ଧୈର୍ଯ୍ୟ ।

ଘୁନ, ବି. (ଛନ-ଅ-ଅସ୍ତ୍ୟର୍ଥେ, ଅଥବା ଛନ = ଗୁରୁଙ୍କ ଦୋଷାବରଣ-ଅ-ଶୀଳାର୍ଥେ—ଯେ ଗୁରୁଙ୍କ ଦୋଷକୁ ଘୋଡ଼ାଇ ରଖେ) ଶିଷ୍ୟ, ପଢ଼ୁଆ; ମଧୁବିଶେଷ ।

ଘୁନବୃତ୍ତି, ବି. ସ୍ତ୍ରୀ. (ଘୁନ-ବୃତ୍ତି) ଘୁନର ଜୀବିକା; ଘୁନ ନିମନ୍ତେ ମାସିକ ବା ବାର୍ଷିକ ସାହାଯ୍ୟ ।

ଘୁଦ, ଘୁଦନ, } ବି. (ଛଦ୍ = ଆଚ୍ଛାଦନ କରିବା-ଅ, ଅନ) ଆଚ୍ଛାଦନ; ଘୁତ; ପତ୍ର; ଘୁଲ । (ବିଶେଷଣାର୍ଥରେ ଘୁଦକ ଓ ଘୁଦିତ ହୁଏ)

ଘୁନ, ବି. (ଦେଶଜ) ପାତଳ ଚମଡ଼ା ।

ଘୁନିଆ, ଘୁନିୟା, ବି. (ଦେଶଜ) ଭୟ । ବି°. ଭୀତ; ସଂଶୟ ।

ଘୁନ୍ଦ, ବି. (ଛନ୍ଦସ୍ ଶବ୍ଦଜ) ଛନ୍ଦୋବଦ୍ଧ ପଦ୍ୟ-ବିଶେଷ ।

ଘୁପ, ବି. (ଦେଶଜ) ମୁଦ୍ରା ବା ଚିହ୍ନ; ହରି-ନାମାବଳୀ ଚିହ୍ନିତ ଫଳକବିଶେଷ । ଯଥା—
ତା ନାମ ଘୁପରେ ଘୁଇ ସ୍ୱରୂପରେ ବସିବ ତପରେ ।
ବି. ଚ. ମ.
ଛେପ ।

**ଛାପଚକଣ**, ବିଂ. ( ଦେଶଜ ) ଦେଖିବାକୁ ମନୋହର; ଚର୍ଚ୍ଚିତ ।

**ଛାପା**, ବି. (ଦେଶଜ) ମୁଦ୍ରାଙ୍କନ; ମୁଦ୍ରାଯନ୍ତ୍ର; ହରନାମ ମୁଦ୍ରା । ଯଥା—
ଛାପା ତିଳକ ମାଳ ଭରି,
କପଟେ ହୋଇ ବ୍ରହ୍ମଚାରୀ । ଦା. ର.
ଚିହ୍ନ ବା ବିନ୍ୟାସ । ଯଥା—
ଶୋଣିତ ଛାପା ପ୍ରାୟେ ଦିଶିଲା ଚିହ୍ନ ଝଳ । ନୃ.ପୁ.ପ.ତ.
ବିଂ. ମୁଦ୍ରିତ ।

**ଛାପାଖାନା**, ବି. (ଦେଶଜ) ମୁଦ୍ରାଯନ୍ତ୍ରାଳୟ ।

**ଛାପାମୁଦି**, ବି. ଯେ ମୁଦିରେ ନାମ ଅଙ୍କିତ ହୋଇଥାଏ ।

**ଛାପିଛାପିକିଆ, ଛପିଛପିକିଆ**, } ବିଂ. (ଦେଶଜ) ଛାପଯୁକ୍ତ; ସବଳ ବା ନାନାବର୍ଣ୍ଣଯୁକ୍ତ । ଯଥା—
ମାଡ଼ି ଆସୁଥିଲା କ୍ରମେ ପୂର୍ବମୁଖେ ପ୍ରସାରି ବିରାଟ କାୟା,
ଝିଲ୍ଲି ସଙ୍ଗେ ଖରା ଛାପିଛାପିକିଆ
ପ୍ରଦୋଷର ମହାଛାୟା । ଯ. କେ.

**ଛାପିବା**, କ୍ରି. ଲୁଚିବା; ଦ୍ରବପଦାର୍ଥକୁ ବସ୍ତ୍ରାଦିଦ୍ୱାରା ଶୁଖାଇବା; ମୁଦ୍ରାଙ୍କନ କରିବା ।

**ଛାବଳ**, ବି. (ଦେଶଜ) ଏକପ୍ରକାର ଖେଳ । (ଧୂଳିଗୁଞ୍ଜାଇ ଶବ୍ଦ ଦେଖ ।)

**ଛାମୁ**, ବି. [ ଦେଶଜ କିମ୍ବା ପ୍ରାକୃତ ସାମୁହ (ସମ୍ମୁଖ) ଶବ୍ଦଜ ] ସମୀପ; ରାଜା ଏବଂ ବଡ଼ଲୋକମାନଙ୍କ ସମ୍ବୋଧନ ।

**ଛାମୁଆ**, ବି. ( ଦେଶଜ ) ସମ୍ମୁଖରେ ଥିବା ଲୋକ । ଯଥା—
ସବୁ ଦେବେ ସବୁକାଳେ ଊର୍ଦ୍ଧ୍ୱମୁହାଁ,
ହୋଇଥାନ୍ତି ଯିନା ଶ୍ରୀଛାମୁ ଛାମୁଆ । ଦ. ବା.

**ଛାମୁକରଣ** ବି. (ସମ୍ମୁଖ-କରଣ) ହିସାବପତ୍ର ରଖିବା କର୍ମଚାରୀବିଶେଷ; ଉପାଧିବିଶେଷ ।

**ଛାମୁଦୁଆର**, ବି. (ସମ୍ମୁଖଦ୍ୱାର ଶବ୍ଦଜ) ସଦର ଦରଜା; ଘରର ଓଳି । ଯଥା—
ପୁନେଇପରବେ ସେ ଅଲକ୍ଷଣୀ,
ଛାମୁଦୁଆରକୁ ଓଳାଇ ଆଣି । ହା. ତ.

**ଛାମୁଡ଼ିଆ, ଛାମୁଣ୍ଡିଆ, ଛାମୁଣ୍ଡି, ଛାମୁଣ୍ଡା**, } ବି.(ଛାୟାମଣ୍ଡପ ଶବ୍ଦଜ) ଛାୟାମଣ୍ଡପ । ଯଥା—
ଅଶ୍ୱଶାଳ ଗଜଶାଳ ରଚି ନଦୀକୂଳେ,
ନାନାବିଚିତ୍ର ଛାମୁଣ୍ଡି ଭିଆଇଲେକ ହେଲେ । ସା.ଖ୍ର.ଆ.

**ଛାମୁଦାନ୍ତ**, ବି. (ସମ୍ମୁଖଦନ୍ତ ଶବ୍ଦଜ) ଆଗଦାନ୍ତ ।

**ଛାୟା**, ବି. ସ୍ତ୍ରୀ. [ଛୋ = (ରୌଦ୍ର) ଛେଦନ କରିବା-ଯ-ଆ] ଅନାତପ; ଅନ୍ଧକାର; ପ୍ରତିବିମ୍ବ; କାନ୍ତି, ଦୀପ୍ତି; ଆଲୋକ; ସୂର୍ଯ୍ୟପତ୍ନୀ; ଶ୍ରେଣୀ; ଦୁର୍ଗା; ପାଳନ; ଉତ୍କୋଚ ।

**ଛାୟାତରୁ**, ବି. ପୁଂ. ଛାୟାପ୍ରଧାନ ବୃକ୍ଷ, ବୃହତ୍ ବୃକ୍ଷ; ନମେରୁ ବୃକ୍ଷ; ସୁରପୁନ୍ନାଗ ବୃକ୍ଷ ।

**ଛାୟାପଥ**, ବି. (ଛାୟା = ଦୀପ୍ତି-ପଥ) ରାତ୍ରିରେ ଦୃଶ୍ୟମାନ ନକ୍ଷତ୍ରସମାକୁଳ ପର ପ୍ରକାଶମାନ ନଭୋମଣ୍ଡଳର ଉରଷ୍ଟୀନ ଅଂଶବିଶେଷ । (**Milky Way**)

**ଛାୟାବାଜି**, ବି. (ଦେଶଜ) ଗାରୁଡ଼ି; କୁହୁକ । ଯଥା—
ଝୁହୁଁ ଝୁହୁଁ ହେଲା ଛାୟାବାଜି ବତ,
ଗମ୍ଭୀର କନ୍ଦର ହ୍ରଦେ ପରିଣତ । ନ. କେ.

**ଛାୟେଁ, ଛାଏଁ**, ଅଂ. ( ସ୍ୱୟଂ ଶବ୍ଦଜ ) ସ୍ୱୟଂ; ସ୍ୱେଚ୍ଛାତଃ ।

**ଛାର**, ବିଂ. (ଅସାର ଶବ୍ଦଜ) ମନ୍ଦ; ଅଧମ; ଜ୍ଞାନହୀନ; ଅଗଣନୀୟ, ତୁଚ୍ଛ ।

**ଛାରଖାର**, ବି. (ଦେଶଜ) ସର୍ବନାଶ । ବିଂ. ଉଚ୍ଛିନ୍ନ ବା ବିନଷ୍ଟ । ଯଥା—
ଘେରି କରି ନଗରକୁ କଲା ଛାରଖାର । ବେ. ପ.

**ଛାରପୋକ**, ବି. (ଦେଶଜ) ଓଡ଼ଶ, ଗନ୍ଧକୀଟ ।

**ଛାଲ**, ବି. (ଛଲ୍ଲି ଶବ୍ଦଜ) ଚମ; ବୃକ୍ଷର ବକଳ ।

**ଛାଲି**, ବି. (ଛଲ୍ଲି ଶବ୍ଦଜ) ବଲ୍କଳ ।

**ଛି, ଛିଇ, ଛିଆ**, } ଅଂ. (ଦେଶଜ) ନିନ୍ଦା; ଘୃଣା; ଧିକ୍କାର । ଯଥା—
ଆତ୍ମପୁରୁଷ ଆଗ ବାସନା ହିଏ ଖାଇ,
ପ୍ରକୃତିଗଣେ ପଛେ ବୋଲନ୍ତି ଛିଇ ଛିଇ । ନୃ.ପୁ.ଷ.ତ.

ଛୁଆଁ, ବିଂ. (ଛିପ୍ସ ଶବ୍ଦଜ) ଚଞ୍ଚା ହୋଇଥିବା କିମ୍ବା ଗ୍ଲେପାଛଡ଼ା ହୋଇଥିବା । ବି. ଛେଇବା ।

ଛୁଆଁଇବା, କ୍ରି. ଗ୍ଲେପା ଛଡ଼ାଇବା, ଅନ୍ୟଦ୍ୱାରା ଛେଇବା ।

ଛୁକାର, ବି. (ଶୀତ୍କାର ଶବ୍ଦଜ) ଶୀତ୍କାର ।

ଛୁଙ୍କ, ଛୁଙ୍କା, ବି. (ଛିକ୍କା ଶବ୍ଦଜ) ନାସିକା ଧ୍ୱନି ।

ଛୁଙ୍କିବା, କ୍ରି. ନାସିକାଦ୍ୱାରା ଶବ୍ଦ କରିବା ।

ଛୁଚୁକୁନ୍ଦା, ବି. (ଦେଶଜ-ଗଞ୍ଜାମରେ ବ୍ୟବହୃତ) ପରର ଦୋଷ ଦେଖାଇ ସୁଖୀ ହେବା ।

ଛୁଞ୍ଚ, ବି. (ସେଚନ ଶବ୍ଦଜ) ସେଚନ; ଅଳ୍ପ ଅଳ୍ପ ଲେପନ ।

ଛୁଞ୍ଚଡ଼ା, ବି. (ଦେଶଜ) ବିକ୍ଷେପଣ; ପବନ-ଯୋଗୁଁ ବର୍ଷାଜଳର ତିର୍ଯ୍ୟକ୍‌ପତନ ।

ଛୁଞ୍ଚଦେବା, କ୍ରି. ଗୃହର ତଳଭାଗ କନାରେ ଅଳ୍ପ ଅଳ୍ପ ଲିପିବା ।

ଛୁଞ୍ଚକନା, ବି. (ଦେଶଜ) ଲିପିବାର କନା ।

ଛୁଞ୍ଚପତର, ବି. (ଦେଶଜ) ପତ୍ରାକୃତି ପତଳା ସରୁ ଚକୁଳି; ପିଷ୍ଟକବିଶେଷ ।

ଛୁଞ୍ଚା, ବି. (ସେଚନ ଶବ୍ଦଜ) ସେଚନ । ବିଂ. ସେଚିତ ହୋଇଥିବା; ବନାଉତିର ପ୍ରକାରଭେଦ ।

ଛୁଞ୍ଚାଡ଼ିବା, କ୍ରି. (ଦେଶଜ) ବିକ୍ଷେପଣ କରିବା; ବଳପୂର୍ବକ ଛୁଟିବା । ଯଥା—

ଶୁଣି ଅସୁର ଧଇଲେ ଗୃଧ୍ର ବୀର,
ବାହୁ ଛୁଞ୍ଚାଡ଼ନ୍ତେ ସେ ପଡ଼ିଲେ ଭୂମିର । ବି. ରା.

ଛୁଞ୍ଚିବା, କ୍ରି. (ସିଚ୍ ଧାତୁଜ) ସେଚନ କରିବା ।

ଛୁଟ, ବି. (ଦେଶଜ) ରଞ୍ଜିତ ବସ୍ତ୍ର । ଯଥା—

ଆଣି ଛୁଟ ଜବନିକା ବାନ୍ଧି,
କଲେ ପ୍ରାଙ୍ଗଣ ଶୋଭାକୁ ବୃଦ୍ଧି । ଲା. ବି.

ଛୁଟକା, ବି. (ଦେଶଜ) ବ୍ୟଥା, ଝିନ୍ଧା; ଛୁଟା, ବିନ୍ଦୁ ।

ଛୁଟକିବା, କ୍ରି. (ଦେଶଜ) ବିନ୍ଧିବା ।

ଛୁଟା, ବି. (ଦେଶଜ) ବିନ୍ଦୁ । ଯଥା—

ଛୁଟା ଉଠି ପଡ଼ୁଥିଲି କି ଆସି ତା
ହମଛଲେ ଧରଣୀରେ । ଯ. କେ.

ଦାଗ, କୌଣସି ପଦାର୍ଥରେ ଦାଗ ଲଗି-ଯିବା; ପରିମାଣବିଶେଷ ।

ଛୁଟାଇବା, କ୍ରି. ବିନ୍ଦୁ ବିନ୍ଦୁ ପ୍ରକ୍ଷେପ କରିବା ।

ଛୁଟାଣ, ବି. (ଦେଶଜ) ପ୍ରୋକ୍ଷଣ ।

ଛୁଟିକା, ଛୁଡ଼କା, ବି. (ଦେଶଜ) ଛୁଟା ।

ଛୁଟିକଣୀ, ଛୁଟୁକୁଣୀ, } ବି. ସ୍ତ୍ରୀ. (ଦେଶଜ) ମୂଷାମଗ୍ର ନଳ, ପ୍ରାଚୀର ମଧ୍ୟସ୍ଥ ତିର୍ଯ୍ୟକ୍ ଗଡ଼ । ଯଥା—

ଛୁଟିକଣିମାନ ପାଚିରୀ ବେଢ଼ିଣ ଶୋଭି,
ଯେଉଁ ଦୁର୍ଗକୁ ଦେଖିଲେ ସୁରଦେବ ଲୋଭି । ବି. ରା.

ତେରଛ ହୋଇ ପୋଡା ହୋଇଥିବା ବଣା; ଠେକା ଫୋପାଡ଼ିବା ନିମନ୍ତେ ଦଉଡ଼ି; ଏହି ଦଉଡ଼ି ଛନ୍ଦରେ ଫୋପାଡ଼ିବା ପ୍ରସ୍ତରଖଣ୍ଡ । ଯଥା—

ଗମନ କରୁ କରୁ ଫୁଟାଉଛନ୍ତି ବାଣ,
ଦେଖନ୍ତେ ଛୁଟୁକୁଣୀ ପଡ଼ୁଛୁ ଆଟରେଣ । ନୃ. ପୂ. ଷ. ଉ.

ଛୁଟିକିବା, କ୍ରି. (ଦେଶଜ) ଦ୍ରବ ପଦାର୍ଥ ବିନ୍ଦୁ ବିନ୍ଦୁ କରି ନିକ୍ଷିପ୍ତ ହେବା । ଯଥା—

ଅସିଲେ ରଥାଙ୍ଗେ ବେଗେ ରକ୍ତ ଛୁଟିକାଇ । ମ. ଯା.

ବିନ୍ଧିବା ।

ଛୁଡ଼ା, ବି. (ଦେଶଜ) ଠିଆ; ଛୁଡ଼ିବା । ଯଥା—

ବିକର୍ଣ୍ଣ ଦେଖିକରି ନିଜ ଧନୁ ଚଢ଼ା,
ପଳାଇଲେ ତେଉଁ ରଥରେ କୋଦି ଛୁଡ଼ା ।
କୃ. ଭା. ବ. ପ.

ବିଂ. ଛିନ୍ନ ।

ଛୁଡ଼କା, ବି. (ଦେଶଜ) ଛୁଟା, ବିନ୍ଦୁ ।

ଛୁଡ଼କବା, କ୍ରି. ଦ୍ରବ ପଦାର୍ଥ ନିକ୍ଷିପ୍ତ ହୋଇ ବିନ୍ଦୁ ବିନ୍ଦୁ ପଡ଼ିବା । ଯଥା—

କ୍ଷୀରୋଦ ଫେନ ବସ୍ତ୍ରୁ ଅଙ୍ଗେ ଛୁଡ଼କ । ରୁ. ସ୍ତ.

ଅନ୍ୟ ପଦାର୍ଥ ନିକ୍ଷିପ୍ତ ହେବା । ଯଥା—

ବହୁତର ଦୂରେ ଯାଇ ପଡ଼ିଲା ଛୁଡ଼କ,
କୃତାନ୍ତକ ମଲ୍ଲିକ କେ ପାରଇ ବା ରଖି । ସା. ଭା. ସ.

( ଦୁଗ୍ଧ ଶବ୍ଦ ପ୍ରତି ପ୍ରଯୋଜ୍ୟ ) ପାଣି-ଫାଟିଯିବା ।

ଛିଡ଼ିବା, କ୍ରି. (ଦେଶଜ) ନିଶ୍ଚିତ ହେବା । ଯଥା—ସେ ବିଷୟ ଆଜ ଛିଡ଼ିଲା । ଛିନ୍ନ ହେବା । ଯଥା—ମାଳା ଛିଡ଼ିଗଲା । ଦୁଧ ପାଣି ଫାଟିଯିବା ।

ଛିଣ୍ଡା, ବିଂ. (ଛିଦ୍ ଧାତୁ ବା ଛିନ୍ନ ଶବ୍ଦଜ) ଛିନ୍ନ । ଯଥା—ଛିଣ୍ଡା କନା । ବି. ଛିଡ଼ିବା; ଛିଣ୍ଡିବା ଅର୍ଥାତ୍ ଦୁଇ ନଖଦ୍ୱାରା କ୍ଷତ କରିବା; ନଦୀବଢ଼ି ଘୁଞ୍ଚିଗଲେ ଯେଉଁ ଯେଉଁ ଅଂଶମାନଙ୍କରେ ପାଣି ରହେ ।

ଛିଣ୍ଡାଇବା, ଛିଣ୍ଡେଇବା, } କ୍ରି. ( ଛିଦ୍ ଧାତୁଜ ) ଛିନ୍ନ କରିବା; ନିଶ୍ଚୟ କରିବା ।
ଯଥା—
ଏ ବିଗୁର ଛିଣ୍ଡାଇ ବାହାର ହେବଟି କି । ଲ. ବି.

ଛିଣ୍ଡାଣ, ବି. (ଦେଶଜ) ଛିଣ୍ଡାଇବା ।

ଛିଣ୍ଡାଳ, ଛିଣ୍ଡାଳି, ଛିନାଳି, } ବିଂ. (ହିନ୍ଦୀ ଛିନାଳ ଶବ୍ଦଜ ) ନଷ୍ଟା ବା କୁଳଟା ।

ଛିଣ୍ଡିବା, କ୍ରି. (ଛିଦ୍ ଧାତୁଜ) ଦୁଇ ନଖଦ୍ୱାରା କ୍ଷତ କରିବା; ଖସିପଡ଼ିବା, ବିଚ୍ଛିନ୍ନ ହେବା ।

ଛିତ, ବିଂ. (ଛିଦ୍-ତ) ଛିନ୍ନ, ଛିଣ୍ଡା ।

ଛିତ୍ତି, ବି. (ଛିଦ୍ = ଛେଦନ-ତି) ଛେଦନ ।

ଛିତ୍ୱର, ଛିଦ୍ୱର, } ବିଂ. (ଛିଦ୍-ବର, ଦ=ତ ବିକଳ୍ପେ) ଧୂର୍ତ୍ତ; ଶତ୍ରୁ; ଛେଦକ ।

ଛିତିବିତି, ବିଂ. (ଛିନ୍ନଭିନ୍ନ ଶବ୍ଦଜ) ଅସ୍ତବ୍ୟସ୍ତ, ଇତସ୍ତତଃ ବିକ୍ଷିପ୍ତ । ବି. ଏଣେ ତେଣେ ହେବା; ନିକ୍ଷେପ ।

ଛିଦୁର, ବିଂ. (ଛିଦ୍-ଉର) ଛିନ୍ନ; ଛେଦକ; ପ୍ରତାରକ; ଶତ୍ରୁ । (ଇ ଓ ଇର ପ୍ରତ୍ୟୟରେ ଛିଦି, ଛିଦିର ହୁଏ)

ଛିଦ୍ର, ବି. ( ଛିଦ୍-ର ) ବିବର; ଦୋଷ; ଅବକାଶ; ଅପକର୍ଷ; ନ୍ୟୂନତା ।

ଛିନଛନ, ବିଂ. (ଦେଶଜ) ଇତସ୍ତତଃ ନିକ୍ଷିପ୍ତ ।
ଯଥା—
ଆଜ୍ଞା ପ୍ରମାଣେ ବୈନତେୟ ଚଳିଗଲା,
ସଞ୍ଚଯାକ ଭାଙ୍ଗିଣ ଛିନଛନ କଲା । ନୃ. ପୁ. ସ. ଚ.

ଯେଉଁମାନେ ଇତସ୍ତତଃ ପଳାନ୍ତି । ଯଥା—
ଅବିଶ୍ୱାସେ ରହୁ ଭାଜିଲ ଛିନଛନ । ନୃ.ପୁ.ପ.ଚ.

ଛିନଗ୍ରେଠ, ଛିନଗ୍ରେଠିଆ, } ବିଂ. (ଦେଶଜ) କ୍ଷୁଦ୍ର; ହୀନ ।

ଛିନା, ବିଂ. (ଗଡ଼ଜାତୀୟ) ନିର୍ଜନ ।

ଛିନାଇବା, କ୍ରି. (ଛିନ୍ନ ଶବ୍ଦଜ) ଛିଣ୍ଡାଇବା ।
ଯଥା—
ଯୁବା ଦମ୍ଭ ତରୁ କିବା ଛିନାଉ ରେ । ର. ପ.

ଛିନାଳ, ବି.ସ୍ତ୍ରୀ. (ହିନ୍ଦୀ) ନଷ୍ଟା ବା କୁଳଟା ସ୍ତ୍ରୀ ।

ଛିନାଳି, ବି. (ଦେଶଜ) ଲୁଚୁରୀ । ଯଥା—
କହିବି ଛିନାଳି ନାଲୀକାକ୍ଷୀ ନବବାଳୀ
ବାଳଣ ମୁଁ ଦଅ ସେବା ପାଳି ପାଳି । ପ୍ରେ.ସୁ.ନି.

ଛିନ୍ନ, ବିଂ. (ଛିଦ୍ = ଛେଦନ କରିବା-ତ, ତ = ନ) ଯାହା କଟା ଯାଇଅଛି, କର୍ତ୍ତିତ; ଯାହା ଛିଡ଼ି ଯାଇଅଛି; ଉତ୍ପାଟିତ । (ସ୍ତ୍ରୀ-ଆ) ବେଶ୍ୟା; ଗୁଳୁଚୀ ।

ଛିନ୍ନଭିନ୍ନ, ବିଂ. (ଛିନ୍ନ-ଭିନ୍ନ) ଇତସ୍ତତଃ ବିକ୍ଷିପ୍ତ; ଯହିଁ ଲଣ୍ଡଭଣ୍ଡ ହୋଇଅଛି; ବିନଷ୍ଟ ।

ଛିଟକା, ବି. (ଦେଶଜ) ଓଜ, ସାଦୃଶ୍ୟ । ଯେପରି—ଏ ପିଲାଟିଁ ମାର ଛିଟକା ଅଛି, ଏ ପିଲାଟିଁ ବାପର ଛିଟକା ଅଛି । ଭାବ ପ୍ରଦର୍ଶନ ।

ଛିଟକାଇବା, କ୍ରି. (ଦେଶଜ) କ୍ରୁଦ୍ଧ ହୋଇ ଅନ୍ୟକୁ ଖାତିର କରିବା । ଯଥା—
ପଢ଼ାଇଲ ଅଗ୍ରୁ ପାଠ ଆଜଯାଏ ନେଇ.
ଏତେ ବୋଲି ପୁନିକୁ ଦେଲକ ଛିଟକାଇ । ନୃ.ପୁ.ସ.ଚ.

ଛିଲକା, ଛିଲିକା, ଛିଲିକା, } ବି. (ଛିଲି ଶବ୍ଦଜ) ବଲ୍କଳ । ଖୋଳପା, ଗୁଲ; କ୍ଷୁଦ୍ର ଅଂଶ ।

ଛୁ, ବି. (ହିନ୍ଦୀ) ପଳାୟନ, ଦଉଡ଼ ।

ଛୁଁଚୁ, ଛୁଁଚୁ, } ବି. ( ଦେଶଜ ) ଗନ୍ଧମୂଷିକ, ଚୁଚୁନ୍ଦ୍ରା ।

ଛୁଅ, ବି. (ଦେଶଜ) ଉପାୟ । ଯଥା—
କ୍ରୋଧରେ ଦସଇ ଆରମ୍ଭି ଛୁଅ । ର. କ.
ମର୍ମ; କୌଶଳ । ଯଥା—
କର୍ଣ୍ଣ ତ ଯୁଦ୍ଧଛୁଅ ତରକ ଜାଣନ୍ତି,
ପଳାଇଲେ ହେଲେ ବନ୍ଧିଲେ ଶର ଅନ୍ତି । ନୃ.ପୁ.କ.ପ.

ଛୁଆଁ, ବି. (ଦେଶଜ) ଋତୁମତୀ ସ୍ତ୍ରୀ; ଋତୁମତୀ ହେବା; ସ୍ପର୍ଶ କରିବା; ଛପରବନ୍ଧ । ଯଥା—
ଘରଛୁଆଁ ଲାଗିଅଛି । ବିଂ. ଅଶୁଚିମନ୍ତ, ଦୂଷିତ; ଆଚ୍ଛାଦିତ । ଯଥା—

ବାଘଛାଲଛୁଆଁ ଖଣ୍ଡାଟି ଶ୍ରୀମନ୍ତଙ୍କର,
ଚନ୍ଦ୍ରଖାପ ଖଣ୍ଡାକୁ ବହନ୍ତି ଯୁଧିଷ୍ଠିର । କୃ.ଶ୍ରୀ.ବି.ପ.

ଛପରବନ୍ଧ ହୋଇଥିବା (ଘର); ସ୍ପୃଷ୍ଟ; ଆର୍ତ୍ତବଯୁକ୍ତା ।

ଛୁଆଁଇବା, କ୍ରି. (ଦେଶଜ) ଆଚ୍ଛାଦନ କରିବା; ଛପରବନ୍ଧ କରିବା । ଯଥା—

ମନସିଜ ବେନି କୁଟୀର ଭିଆଇ,
ପଦ୍ମାବଳିରେ ଯତନେ ଛୁଆଁଇ । କୋ.ବ୍ର.ସୁ.

ସ୍ପର୍ଶ କରାଇବା ।

ଛୁଆଁଛୁଇଁ, ଛୁଆଁଛୁଡ଼ି, } ବି. (ଦେଶଜ) ସ୍ପର୍ଶ । ଯଥା—

ସାବଧାନ ହୋଇ ତୁମ୍ଭେ ଶୁଣ ପୀତବାସ,
କି କି ଦ୍ରବ୍ୟ ଛୁଆଁଛୁଇଁ କଲେ ନାହିଁ ଦୋଷ ।
ନା. ର. ଗୀ.

ଅନ୍ୟୋନ୍ୟ ସ୍ପର୍ଶ କରିବା । ଯଥା—

କରୁଛନ୍ତି ନିତି ନିତି କେତେ ଅନାଚାର,
ନାହିଁ ତାଙ୍କଠାରେ ଛୁଆଁଛୁଡ଼ିର ବ୍ୟବହାର ।

ଛୁଆଁଚ, ଛୁଆଞ୍ଚ, } ବିଂ. (ଦେଶଜ) ଅଶୁଚିମନ୍ତ, ଦୂଷିତ । ବି. ସ୍ତ୍ରୀ. ଆର୍ତ୍ତବ; ଅଶୁଚି ।

ଛୁଆ, ବି. (ଦେଶଜ କିମ୍ବା ଶାବକ ଶବ୍ଦଜ) ପିଲା, ଶିଶୁ । ବିଂ. କ୍ଷୁଦ୍ର ।

ଛୁଆଣି, ବି. (ଦେଶଜ) ଛପରବନ୍ଧ । ବିଂ. ଆଚ୍ଛାଦିତ, ଛପରବନ୍ଧ ହୋଇଥିବା ।

ଛୁଆରି, ବି. (ଦେଶଜ) ଖଜୁରି ।

ଛୁଆଳି, ଛୁଆଁଳି, } ବି. (ଦେଶଜ) ଛପରବନ୍ଧ କରିବା ଲୋକ ।

ଛୁଇଁ, ବି. (ହିନ୍ଦୀ—ଛୁମୀ ଶବ୍ଦଜ) ଫଳବିଶେଷ; ସୋରିଷ ପ୍ରଭୃତି ଫଳଗୁଚ୍ଛର ନାଡ଼ ।

ଛୁଇଁବା, ଛୋଇଁବା, ଛୁଆଁଇବା, } କ୍ରି. (ଦେଶଜ) ସ୍ପର୍ଶ କରିବା; ଛପରବନ୍ଧ କରିବା ।

ଛୁକରିବା, ଛୁଦେବା, ଛୁବତାଇବା, } କ୍ରି. (ଦେଶଜ) ପଳାୟନ କରିବା ।

ଛୁଚୁନ୍ଦ୍ରା, ଚୁଚୁନ୍ଦ୍ରା, ଚୁଚୁନ୍ଦୁରି, } ବି. (ଛୁଛୁନ୍ଦରୀ ଶବ୍ଦଜ) ଗନ୍ଧମୂଷିକ ।

ଛୁଞ୍ଚା, ବି. (ବାଲେଶ୍ୱର ପ୍ରାନ୍ତରେ) ଗନ୍ଧମୂଷିକ ।

ଛୁଞ୍ଚି, ଛୁଞ୍ଚୀ, ବି. ସ୍ତ୍ରୀ. (ସୂଚୀ ଶବ୍ଦଜ) ସୂଚୀ ।

ଛୁଞ୍ଚିପନି, ଛିଞ୍ଚିପନି, } ବି. (ଦେଶଜ—ପିଠୋଉ ଛିଞ୍ଚି ଛିଞ୍ଚି ତିଆର କରିବାରୁ ଏହାର ନାମ ଛିଞ୍ଚିପନି) ଏକପ୍ରକାର ଅତି ସରୁ ଚକୁଳି । (ପିଠୋଉରେ ଦୂବଘାସ କେରାଏ ବୁଡ଼ାଇ ଘିଅବୋଳା ପଲମରେ ଛିଞ୍ଚି ଏହାକୁ ପ୍ରସ୍ତୁତ କରନ୍ତି ।)

ଛୁଟି, ଛୁଟୀ, ବି. (ହିନ୍ଦୀ) ବିଦାୟ; ଗୁଡ଼ି ।

ଛୁଟିବା, କ୍ରି. (ଦେଶଜ) ନଷ୍ଟ ହେବା, ନଷ୍ଟ କରିବା । ଯଥା—

ଛୁଟିଯାଇ ବିଚେତନା,
ଛଟପଟ ହେଉ ସିନା । କ. ଚ. ଚ.

ଅତିବାହିତ ହେବା; ଦଉଡ଼ିବା; ଜୋରରେ ଚାଲିବା ।

ଛୁତକିଆ, ଛୁତରିକା, ଛୁସିକା, } ବି. ସ୍ତ୍ରୀ. (ସୂତକ ବା ସୂତିକା ଶବ୍ଦଜ) ସନ୍ତାନ ଜନ୍ମରେ ଅଶୌଚ ।

ଛୁନା, ବିଂ. (କ୍ଷୁଣ୍ଣ ଶବ୍ଦଜ) ଦୁଃଖିତ, ଚିନ୍ତିତ । କ୍ରି. ଛୁଁଅ ନାହିଁ । ଯଥା—

ସୁନା ତନୁ ଛୁ ନା ମୋର,
ସହଜେ ତୋ ଜାତି ଚୋର । ର. ପ.

ଛୁପ, ଚ୍ଛୋପ, } ବି. (ଛୁପ୍ = ସ୍ପର୍ଶ କରିବା-ଅ) ସ୍ପର୍ଶ; ଯୁଦ୍ଧ; ଚପଳତା । (କ୍ଷୁପ୍ ଶବ୍ଦଜ ପ୍ରାକୃତ) ବୁଦା, କ୍ଷୁଦ୍ର ଗଛ ।

ଛୁରି, ବି. ସ୍ତ୍ରୀ. (ଛୁରିକା ଶବ୍ଦଜ) କ୍ଷୁଦ୍ର ଅସ୍ତ୍ରବିଶେଷ, ଛୁରୀ । (ଦେଶଜ—ଛୁରୀ ପରି ଆକୃତିବିଶିଷ୍ଟ ହେବାରୁ ଛୁରି ନାମ ହେଲା) ଗୁଖଡ଼ିଆ ମାନ ଉଠିଥିବା ପନି ଫୁଟି ନ ଥିବା ନଡ଼ିଆ ଗଜାଗଛ । (ଗଡ଼ଜାତରେ) ଖୁର ।

ଛୁରି, ଛୁରିକା, ଛୁରୀ, } ବି. ସ୍ତ୍ରୀ. (ଛୁର୍ = ଛେଦନ କରିବା-ଇ, ଅକ-ସ୍ତ୍ରୀ-ଈ, ଅକ = ଇକ) ଅସ୍ତ୍ରବିଶେଷ; ବନ୍ଧ୍ୟା ଗୋରୁ ।

ଛୁରିଅନା, ବି. (ଦେଶଜ) ପୁଷ୍ପବୃକ୍ଷବିଶେଷ । ଯଥା—

ସ୍ମର ଛୁରୀ ପରି ମଣେ ଛୁରିଅନା । ନ. କେ.

ଛୁରିତ, ବି. (ଛୁର୍ = ରଞ୍ଜିତ କରିବା-ତ) ଲିପ୍ତ; ଖଚିତ; ବ୍ୟାପ୍ତ; ଶୋଭିତ; ରଞ୍ଜିତ ।

ଛେ, ଛେତ୍, ଅଂ.(ଦେଶଜ) ଅସୂୟାସୂଚକାର୍ଥ ।

ଛେଇବା, କ୍ରି. (ଛିଦ୍ ଧାତୁଜ) ହାଣିବା କିମ୍ବା କାଟିବା, ଗ୍ରେପା କାଟିବା । ଯେପରି— ନଡ଼ିଆ ଛେଉଅଛି । ମୁଣ୍ଡ କାଟିବା । ଯଥା—

ପୁଣି ଯେଷିଲେ ବାଣ ନୃସିଂହ ସାନ ଭାଇ,
ସାରଥିକ ରଥଉପରେ ଦେଲେକ ଛେଇ । ନୃ.ପୁ.ଚ.ତ.

ଛେଉଣ୍ଡ, ଛେଉଣ୍ଡା, ଛେମଣ୍ଡ, } ବିଂ. (ଛମଣ୍ଡ ଶବ୍ଦଜ) ପିତୃମାତୃହୀନ ବାଳକ ।

ଛେକ, ବିଂ. (ଛେ = ଛେଦନ କରିବା-ଇକ, ନିପାତନ) ବିଦଗ୍ଧ; ପାଳିତ ପକ୍ଷି ମୃଗାଦି; ଅନୁପ୍ରାସବିଶେଷ । (ଦେଶଜ) ବିରାମ । ଯେପରି—ବୃଷ୍ଟିର ଛେକ; ଚରିତର ବିରାମ (**Para**) ।

ଛେଚା, ବି. (ଛିଦ୍ ଧାତୁଜ) ଛେଚିବା, କଚୁଡ଼ିବା ।

ଛେଚିବା, କ୍ରି. କୁଟିବା; ଊର୍ଦ୍ଧ୍ୱକୁ ଟେକି ନିପାତିତ କରିବା । ଯଥା—

ଯେଉଁରୂପେ ତାଙ୍କୁ ଛେଚିଲି ପଥରରେ,
ସେରୂପେ ଛେଚି ମୁଷ୍ଟି କୀଚକ ଉପରେ । କୃ.ଭା.ବି.ପ.

ଛେଚିହେବା, କ୍ରି. ଊର୍ଦ୍ଧ୍ୱରୁ ଆପେ ପଡ଼ିତ ହେବା; ବହୁ ଆୟାସରେ ଯତ୍ନକରିବା । ଯଥା—

ଅର୍ଜୁନ ଜଳଧାର ସର୍ଜନା କଲି ଯାହା,
ଛେଚି ହେଲେ ନୁହନ୍ତା କାହାର ହାତେ ତାହା ।
କୃ. ଭା. ଭୀ. ପ.

ଛେଣା, ବି. (ଦେଶଜ) ବଢ଼ାଇମାନେ ପଟା ପ୍ରଭୃତି ଗୁଞ୍ଜିବା; ଖଣିତ ଆକୃତି ଅସ୍ତ୍ରବିଶେଷ ।

ଛେଣୀ, ଛେଣି, } ବି. ସ୍ତ୍ରୀ. (ଦେଶଜ) ଲୌହ ଅସ୍ତ୍ରବିଶେଷ, ପଥର ବା ଲୌହ କାଟିବା ଅସ୍ତ୍ରବିଶେଷ; ଷ୍ଟାମ୍ପ କୋର୍ଟଫିସ ଇତ୍ୟାଦିରେ ଛିଦ୍ର କରିବା ନିମିତ୍ତ ଯନ୍ତ୍ରବିଶେଷ (**Perforator**) ।

ଛେତଦୂବ, ବି. (ଶ୍ୱେତ ଦୂବା ଶବ୍ଦଜ) ଶୁକ୍ଳଦୂବା ।

ଛେତସୋରିଷ, ବି. (ଶ୍ୱେତ ସର୍ଷପ ଶବ୍ଦଜ) ଶୁକ୍ଳବର୍ଣ୍ଣ ସର୍ଷପ ।

ଛେତା, ଛେତ, ବିଂ. (ଶ୍ୱେତ ଶବ୍ଦଜ) ଶୁକ୍ଳ ।

ଛେତ୍ତା, ଛେତ୍ତୃ, } ବି. (ଛେ-ଛେଦନ କରିବା-ତୃ) ଛେଦକ; ଯେ ଛେଦନ କରେ ।

ଛେଦ, ବି. (ଛିଦ୍ = ଛେଦନ କରିବା-ଅ) ଛେଦନ; ବିରାମ; ପରିଚ୍ଛେଦ; ଅଧ୍ୟାୟ; ଖଣ୍ଡ, ଭାଗ, ଖଣ୍ଡନ । (ଏଥିରୁ ବିଶେଷ୍ୟ ପଦ ଛେଦନ ଓ ବିଶେଷଣ ଛେଦକ, ଛେଦିତ, ଛେଦନୀୟ ଓ ଛେଦ୍ୟ ହୁଏ ।)

ଛେଦରି, ବି. (ଛିଦର ଶବ୍ଦଜ) ସୂତ୍ରଭେଦ; ଗଣ୍ଠିଆ ମୂତା । (ଦେଶଜ) ଇତସ୍ତତଃ ହେବା । ବିଂ. ଖଣ୍ଡ ଖଣ୍ଡ ।

ଛେଦା, ବି. (ଦେଶଜ) ଧଡ଼ି ନ ଥିବା ଲୁଗାବିଶେଷ; ସାନ ସାନ ଆଖୁ ଖଣ୍ଡ; ଦଧିବିଶେଷ, ଖଣ୍ଡଖଣ୍ଡିଆ ଦହି । (ଛିଦ୍ ଧାତୁଜ) ଛେଦିବା, ହଣା, ହାଣିବା । ବିଂ. ଛେଦିତ । ଯଥା—

ବରଣ ପାଶେ ଥିଲି ଛେଦା ଶବ ଗୃହିଁଲି
ଏ ଦଣେ ପ୍ରଭୁ ଘୋଷି ସେ । ବୈ. ବି.

ଛେଦିବା, କ୍ରି. (ଛିଦ୍ ଧାତୁଜ) ହାଣିବା ।

ଛେଦରିବା, ଛେଦ୍ରିବା, } କ୍ରି. (ଦେଶଜ) ଇତସ୍ତତଃ ହେବା ।

ଛେନା, ବି. (ଦେଶଜ) ଦଧି ଦୁଧରୁ ଜାତ ଖାଦ୍ୟଦ୍ରବ୍ୟବିଶେଷ; ଆମିକ୍ଷା (ଗଡ଼ଜାତରେ) ଘସି, ଶୁଷ୍କ ଗୋମୟ ।

ଛେଦା, ବି. (ଦେଶଜ) ମାଠିଆ ।

ଛେପ, ଛୁପ, ବି. (ନି-ଷ୍ଠେବ ଶବ୍ଦଜ) ଥୁ ଥୁ ।

ଛେବଳ, ବି°. (ଚପଳ ଶବ୍ଦଜ) ଚପଳ; ବାଳ-ସ୍ୱଭାବ ।

ଛେମ, ବି. (କ୍ଷମ ଶବ୍ଦଜ) କ୍ଷମତା; ଯୋଗ୍ୟତା ।

ଛେର, ବି. (ଦେଶଜ) ତରଳ ପୁରୀଷ; ସୁଗନ୍ଧ ଜଳସେଚନ । ଯଥା—

ଅଗଣା ଖଡକା ପହଁର,
ଚନ୍ଦନେ ଗୋଳ ଦ୍ୟନ୍ତି ଛେର । ଖି. ଦ. ସ୍ୱ.

ବି°. ଯେ ତରଳ ପୁରୀଷ ତ୍ୟାଗ କରେ ।

ଛେରିବା, କ୍ରି. (ଦେଶଜ) ତରଳ ପୁରୀଷ ନିଃସାରଣ କରିବା ।

ଛେଲ, } ବି. (ଶଲ୍ୟ ଶବ୍ଦଜ) ଅସ୍ତ୍ରବିଶେଷ ।
ଛେଲ୍, } ଯଥା—

ଗଦା ମୁଦ୍‌ଗର ଛେଲ ଶକଣ୍ଠ କୋଦଣ୍ଡ । ନୃ. ପୁ. ଦ୍ୱି. ଭ.

ଛେଲି, ବି. (ଛଲ୍ଲି ଶବ୍ଦଜ) କାଷ୍ଠ ଚାଞ୍ଛିଲେ ବାହାରିବା ଖଣ୍ଡ; ଚାଞ୍ଛିବା; ପରମାଣ-ବିଶେଷ । ଗୁଡ଼ = ୧୨ ବିଶା, କପା = ୪୦ ବିଶା ।

ଛେଲାଇବା, } କ୍ରି. (ଦେଶଜ) ଚାଞ୍ଛିବା;
ଛେଲେଇବା, } ଛେଲି ବାହାରିଲା ପରି ହାଣିବା ।

ଛେଳି, ବି. (ଛାଗଳ = ପ୍ରାକୃତ ଛାଳୀ ଶବ୍ଦଜ) ଛାଗଳ; ଭୟାଳୁ ଲୋକ ।

ଛେଳିପାଗୁଳିଆ, ବି. (ଦେଶଜ) ହ୍ରସ୍ୱବୃକ୍ଷବିଶେଷ ।

ଛେଲି, } ବି. (ଛଲ୍ଲି ଶବ୍ଦଜ) ବଲ୍‌କଲ; କାଠ-
ଛାଲି, } ଚଞ୍ଛା ଛାଲି ।

ଛେଲିବା, କ୍ରି. ଚାଞ୍ଛିବା ।

ଛେଁ, } ବି. (ଦେଶଜ) ନୌକା ପ୍ରଭୃତିର
ଛଇ, } ଉପରିଭାଗର ଆବରଣ ।

ଛୋକର, ବି. (ଯାବନିକ) ପିଲା, ଟୋକା ।

ଛୋକାର, } ବି. (ଶକାର ଶବ୍ଦଜ) ବେଶ୍ୟା-
ଛୋକାରିଆ, } ପୁତ୍ର, ଭଡୁଆ, ନିର୍ଲଜ୍ଜ ଲୋକ; ଭଣ୍ଡ ଲୋକ ।

ଛୋକାରୁଣୀ, ବି. ସ୍ତ୍ରୀ. ନିର୍ଲଜ୍ଜା ସ୍ତ୍ରୀ ।

ଛୋଟ, ବି°. (ଦେଶଜ କିମ୍ବା ପ୍ରାକୃତ ଛୋଟି ଶବ୍ଦଜ) ସାନ । ଯେପରି—ଛୋଟ ଦଉଡ଼ି । କନିଷ୍ଠ । ଯେପରି—ଛୋଟ ଭାଇ । କ୍ଷୁଦ୍ର, ଅଧମ । ଯେପରି—ଛୋଟ ଲୋକ ।

ଛୋଟଓଷା, ବି. (ଦେଶଜ) ଏକପ୍ରକାର ଛୋଟ ଧାନ ।

ଛୋଟମହୀପାଳ, ବି. (ଦେଶଜ) ଧାନ୍ୟବିଶେଷ ।

ଛୋଟା, ବି°. (ଦେଶଜ) ଲେଙ୍ଗଡ଼ା ।

ଛୋଟାଇବା, } କ୍ରି. ଲେଙ୍ଗଡ଼ାଇ ଚାଲିବା;
ଛୋଟେଇବା, } ଛୋଟ ବା କ୍ଷୁଦ୍ର କରିବା ।

ଛୋଟିଆ, ବି°. (ଦେଶଜ) (ଛୋଟ-ଇଆ-ସ୍ୱାର୍ଥେ) ସାନ; କ୍ଷୁଦ୍ର ।

ଛୋଟୀ, ବି°. ସ୍ତ୍ରୀ. ଲେଙ୍ଗଡ଼ୀ, ଯେଉଁ ସ୍ତ୍ରୀ ଲେଙ୍ଗଡ଼ାଇ ଚାଲେ । (ଛୁଟ୍ = ଛେଦନ କରିବା-ଇନ୍ = ଛୋଟିନ୍) । ବି. ଧୀବର ।

ଛୋଟିକା, ବି. ସ୍ତ୍ରୀ. (ଛୁଟ୍ = ଛେଦନ କରିବା-ଅକ-ଆ, ଅକ = ଇକ) ଅଙ୍ଗୁଳିଧ୍ୱନି । (ଛୋଟିକାଭିର୍ଦ୍ଦିଶଦଶ ବନ୍ଧନଂ କୃତ୍ୱା—ଭୂତଶୁଦ୍ଧି ।)

ଛୋପର, } ବି. (ଦେଶଜ) ବେଲ, ଭଗଲ;
ଛୋପଡ଼ା, } କୌତୁକ । ବି°. କୌତୁକୀ ।

ଛୋର, ବି. (ଛୁରିକା ଶବ୍ଦଜ) ଶସ୍ତ୍ରବିଶେଷ ।

ଛୋଲ, ବି. (ଦେଶଜ) ଚଣାବିଶେଷ; ବୁଟ । ବି°. ଛାଲ କଡ଼ା ହୋଇଥିବା ।

ଛ୍ୟା, } ଅ°. (ଦେଶଜ) ଧିକ୍ ଶବ୍ଦାର୍ଥ;
ଛ୍ୟାଛ୍ୟା, } ହେୟଜ୍ଞାପନାର୍ଥ; ଘୃଣାର୍ଥ ।
ଛିଆ, }

## ଜ

ଜ, ବ୍ୟଞ୍ଜନମାଳାର ଅଷ୍ଟମ ଅକ୍ଷର । (ଜନ୍ = ଜନ୍ମ କରିବା-ଅ) ଶିବ; ବିଷ୍ଣୁ; ଉତ୍ପତ୍ତି; ପିତା; ବେଗ । ବି°. ଜନ୍ମଯୁକ୍ତ; ଭୁକ୍ତ; ଜାତ ।

ଜଇଲ, ଜେଲ, ବି. (ଇଂରାଜୀ ଶବ୍ଦ) ବନ୍ଦୀଘର ।

ଜଉ, ଜୌ, ବି. (ଜତୁ ଶବ୍ଦଜ ପ୍ରାକୃତ) ଲାଖ ।

ଜଉଆ, ବି. (ଦେଶଜ) ଧାନଗଛ ଇତ୍ୟାଦିର ରୋଗବିଶେଷ ।

ଜଉତିଷ, } ବି. (ଜ୍ୟୋତିଷ ଶବ୍ଦଜ) ଜ୍ୟୋତିଃ-
ଜୌତିଷ, } ଶାସ୍ତ୍ର । ବିଂ. (ଜ୍ୟୋତିଷ ଶବ୍ଦଜ) ଜ୍ୟୋତିଃଶାସ୍ତ୍ରବେତ୍ତା ।

ଜଉତୁକ, ବି. (ଯୌତୁକ ଶବ୍ଦର ଅପଭ୍ରଂଶ) ବର ଓ କନ୍ୟାଙ୍କୁ ଦେବା ଉପହାର ।

ଜଉପୋକ, ବି. (ଦେଶଜ) ଏକ ଜାତୀୟ ଭ୍ରମର, ସେମାନେ ଜଉପରି ପଦାର୍ଥରେ ବସା ନିର୍ମାଣ କରନ୍ତି ।

ଜଉସାଳ, ବି. (ଜଉ-ଶାଲ = ସାଳ) ଜଉରେ ନିର୍ମିତ ଘର, ଯେଉଁ ଘରରେ ବିଶେଷ ଗ୍ରୀଷ୍ମ ଅନୁଭୂତ ହୁଏ । (ଦେଶଜ) ଚିତ୍ରର ଝୁଲ ବାହାର କରିବା । (ଚିତ୍ରକାରମାନେ ଚିତ୍ରର ଝୁଲ ବାହାର କରିବାପାଇଁ ଜଉଫେନ ଦେଇ ଚିଟୁ ହାସ ଦେଖାଇ କନାରେ ପୋଛନ୍ତି ।)

ଜକ, ବି. (ଦେଶଜ) ଜଳଥିବା ସ୍ଥାନ; ଚେକ; ମୌଳିକ ମନ୍ତ୍ର । ଯଥା—ତାହାର ଆଡୁର ଟିକିଏ ଜକ ଅଛି, ସେହେତୁ ଗାରମା ଗୁଡ ନାହିଁ ।

ଜକଜକ, ବିଂ. ( ଚକ୍‌ଚକ୍ ଶବ୍ଦଜ ) ଉଜ୍ଜ୍ୱଳ; ଚକ୍‌କଣ । ଯଥା—

ମୁଖ ମାଠି ତଇଲେ କରଛୁ ଜକଜକ । ଲ. ବ.

ଜକରି, ବି. (ଦେଶଜ) ଝିର ।

ଜକା, ବି. (ଦେଶଜ ) ଜାକିବା । ବିଂ. ଯେ ଜାକେ; ଜାକିଥିବା । ଯଥା—

କଲଜକା ଗୁଆ ଗୁଆଘୃତ ଦେଲେ ନେଇ । ମ. ଫ.

ଜକାଜକ, ବି. (ଦେଶଜ) ଭିଡ଼; ଭିଡ଼ାଭିଡ଼; ଠେଲାଠେଲି ।

ଜକ୍ଷ୍ମ, ଜକ୍ଷ୍ମା, ବି. (ଜକ୍ଷ୍ = ଭକ୍ଷଣ କରିବା-ମ, ମନ୍) ରୋଗବିଶେଷ ।

ଜଖ, ବି. ( ପ୍ରାକୃତ ଜକ୍‌ଖ ଶବ୍ଦଜ ) ସୁନାକୁ ଅନେକ କାଳ ପର୍ଯ୍ୟନ୍ତ ପୋତି ରଖିଲେ ଜନ୍ତୁ ପାଲଟି ଯାଇ ବାହାରେ ବୁଲେ ବୋଲି ଲୋକେ କହନ୍ତି, ସେହି ପୋତା ସୁନାକୁ ଜଖ କହନ୍ତି ।

ଜଖମ, ବି. (ଦେଶଜ) ପବନ ଅଟକି ଯିବା; ଆକସ୍ମିକ ଆଘାତ; ହାତ ଗୋଡ଼ ଆଦିର ବେଦନା ହେବା । ବିଂ. କ୍ଷତ; ଭଗ୍ନ ।

ଜଗ, ବି. ( ଜଗତ୍ ଶବ୍ଦର ଅପଭ୍ରଂଶ ) ବିଶ୍ୱ, ବ୍ରହ୍ମାଣ୍ଡ; ସଂସାର । ଯଥା—

ଜୟ ଜୟ ଜଗପତି ଜଗତଶରଣ । ନୃ.ସୁ.ତୃ.ଚ.

ଜଗଜଣା ବିଂ. ( ଜଗଜ୍ଜେତା ଶବ୍ଦଜ ) ଯେ ଜଗତ୍ ଜିଣି ପାରେ । ବି. ଜଗତ୍ ଜିଣିବା ।

ଜଗଜ୍ଜିତା, } ବିଂ. (ଜଗଜ୍ଜେତା ଶବ୍ଦଜ) ଯେ
ଜଗଜ୍ଜିତା, } ଜଗତ ଜୟ କରେ; ଯେ ବିଶ୍ୱ
ଜଗୁଜିତା, } ଜୟ କରି ପାରେ । ଯଥା—

ଅଧରେ ଦନ୍ତ ରୂପିଣ ମୂର୍ତ୍ତି ଜଗଜ୍ଜିତା । ସା.ଶ୍ଵ.ଆ.

ବିଂ. ମହାନ୍, ମହଦର୍ଥ ।

ଜଗଜେଠି, } ବିଂ. ( ଜଗଜ୍ଜ୍ୟେଷ୍ଠ ଶବ୍ଦଜ )
ଜଗଜ୍ଜେଠି, } ସର୍ବପ୍ରଧାନ; ସର୍ବପ୍ରଧାନ ବୀର ।

ଯଥା—

ବାହୁନୀମାନେ ଜଗଜ୍ଜେଠିମାନଙ୍କେ
ଏ ବିଧିର ରଣଚକ । ବୈ. ବି.

ଜଗଝମ୍ପ, } ବି. ( ଦେଶଜ ) ବାଦ୍ୟଯନ୍ତ୍ର-
ଜଗଝମ୍ପା, } ବିଶେଷ । ପୁରା ଯୁଦ୍ଧବାଦ୍ୟ-ସ୍ୱରୂପ ବ୍ୟବହୃତ ଥିଲା । ଯଥା—

ତୁରୀ ଭେରୀ ଢକ୍‌କା ଢୋଲ ମଧୁରିକା
ଝିରଝିରି ଜଗଝମ୍ପା । ଯ. କେ.

ଜଗଣା, ବି. ( ଜି ଧାତୁଜ ) ଜୟଶାଳୀ । ଯଥା—

ଏକକୁ ଆରେକେ ଦୈତ୍ୟେ ଅଟନ୍ତି ଜଗଣା,
ଆଗ ପଛେ ଗୁଳିଛନ୍ତି ହୋଇଣ ଅରଣା । ନୃ.ସୁ.ଦ୍ୱି.ଚ.

ଜଗତ୍, } ବି. (ଗମ-କ୍ୱିପ୍—ଅତ୍, ନିପାତନ—
ଜଗତ, } ଗମ୍ = ଜଗ୍ ଆଦେଶ) ବିଶ୍ୱ, ବ୍ରହ୍ମାଣ୍ଡ; ପୃଥିବୀ; ଶରୀର; ବାୟୁ । ବିଂ. ଜଙ୍ଗମ, ଅସ୍ଥାୟୀ ।

ଜଗତ୍ପ୍ରାଣ, } ବି. ( ଜଗତ୍-ପ୍ରାଣ, ଜଗତ୍-
ଜଗଦାୟୁ, } ଆୟୁ ) ପବନ ।

**ଜଗତୀ**, ବି. ସ୍ତ୍ରୀ. (ଜଗତ୍-ଈ) ପୃଥ୍ୱୀ; ଭୁବନ; ପୃଥିବୀସ୍ଥ ଲୋକ; ବଡ଼ ଅଟ୍ଟାଳିକା ।

**ଜଗନ୍ନାଥ**, ବି. (ଜଗତ୍-ନାଥ) ଉତ୍କଳୀୟ ପୁରୀ-ଧାମର ସୁପ୍ରସିଦ୍ଧ ପୁରୁଷୋତ୍ତମ ଦେବମୂର୍ତ୍ତି, ନାରାୟଣ; ଶ୍ରୀପୁରୁଷୋତ୍ତମ କ୍ଷେତ୍ର ।

**ଜଗଦଳ, ଜଗଦଳା**, ବି. (ଜଗଦ୍ଦଳ ଶବ୍ଦଜ) ବାହାଳଂକାରବିଶେଷ; ବାହୁର ଅଳଂକାର-ବିଶେଷ । ଯଥା—

ବାହେ ବାହୁଟି ରତ୍ନ ଶୋଭଇ ଜଗଦଳ । ନୃ.ପୁ ଦ୍ଵି.ତ.

**ଜଗନାଥ**, ବି. (ଜଗନ୍ନାଥ ଶବ୍ଦର ଅପଭ୍ରଂଶ) ଲକ୍ଷ୍ମୀପତି ।

**ଜଗନାହା, ଜଗନ୍ନାହା**, ବି. (ଜଗନ୍ନାଥ ଶବ୍ଦଜ ପ୍ରାକୃତ) ଶ୍ରୀକୃଷ୍ଣ ।

**ଜଗବନ୍ଧୁ**, ବି. (ଜଗତ୍=ଜଗ-ବନ୍ଧୁ) ବ୍ରହ୍ମାଣ୍ଡ-ନାଥ; ଲୋକବନ୍ଧୁ ।

**ଜଗମୋହନ**, ବି. (ଜଗତ୍‌ମୋହନ ଶବ୍ଦର ଅପଭ୍ରଂଶ) ଶ୍ରୀକୃଷ୍ଣ; ଶ୍ରୀମନ୍ଦିରର ସମ୍ମୁଖସ୍ଥ ମନ୍ଦିର । ଯଥା—

ଜଗମୋହନେ ଗଡ଼ିଯାଇ,
ଗରୁଡ଼ ପଛେ ଉଭା ହୋଇ । ଦା. ର.

**ଜଗଳ**, ବି. (ଗଲ୍-ଯ—ଯଙ୍ ଲୁଗନ୍ତ-ଅ, ଗ=ଜ) କବଚ; ମଦ୍ୟବିଶେଷ; ଗୋମୟ । ବିଂ. ଧୂର୍ତ୍ତ ।

**ଜଗହୁତ**, ବି. (ଜଗଦ୍ଭୂତ ଶବ୍ଦଜ) ଜଗନ୍ନାଥ । ଯଥା—

ଏହନ ବାଣୀ ଶ୍ରବଣ କରି ଜଗହୁତ,
ବୋଇଲେ ବଡ଼ ଦୁକାର ଅଟଇ ସାଧୁ ତ । ନୃ.ପୁ.ଦ୍ଵି.ତ.

**ଜଗହୁଳା**, ବି. ( ଦେଶଜ ) ପ୍ରଦୀପବିଶେଷ । ଯଥା—

ରାନ୍ଧି କାଳେ ଲାଗିଲା ଜଗହୁଳା ଅଲୁଅ,
ଦୁଗୁଣ ପ୍ରହାର କରେ ପବନର ପୁଅ । ସା.ଭା.ଆ.

**ଜଗା**, ବି. (ଜାଗୃ ଧାତୁଜ) ଜଗିବା । ବିଂ. ଜଗିବା ବ୍ୟକ୍ତି । ଯଥା—

କଲେ ଏ ଦେହ ଅଲଗା, ସୁରଭିଜଗା । ର. କ.

**ଜଗାଜଗି**, ବି. ( ଜାଗୃ ଧାତୁଜ ) ଅନ୍ୟୋନ୍ୟ ଜଗିବା ।

**ଜଗାଜଗିହେବା**, କ୍ରି. (ଜଗୃ ଧାତୁଜ) ଅନ୍ୟୋ-ନ୍ୟତଃ ସତର୍କ ରହିବା; ସମସ୍ତେ ସତର୍କ ରହିବା । ଯଥା—

ଆଜଠାରୁ ସମସ୍ତେ ଜଗାଜଗି ହେବା,
ଏ କଥା କାହା ଆଗେ ପ୍ରକାଶ ନ କରିବା । କୃ.ଭା.ଆ.ପ.

**ଜଗାଳ**, ବି. (ଜାଗୃ ଧାତୁର ଅନୁକୃତ) ଜଗିବା ଲୋକ । ଯଥା—

ରଜକ ଗଉଡ଼ ଭଣ୍ଡାରି,
ଗ୍ରାମ ଜଗାଳ ଆଦି କରି । ଦା. ର.

**ଜଗିଆ, ଜଗୁଆ**, ବି. ( ଦେଶଜ ) ଜଗିବା; ଜଗିବା ଲୋକ । ଯଥା—

ଏ ସବୁ ଜଗନ୍ନାଥ ଧନ,
ମୁଁ ଏଥି ଜଗିଆ ସମାନ । ଦା. ର.

ନକସଖେଳରେ ଫେରି ସାରି ନ ମାଗି ରହିବା ।

**ଜଗିବା**, କ୍ରି. (ପ୍ରାକୃତ ଜଗ୍ ଧାତୁଜ) ଅପେକ୍ଷା କରି ବସିବା; ସତର୍କ ରହିବା ।

**ଜଗୁ**, ବି. (ଜଗତ୍ ଶବ୍ଦଜ ପ୍ରାକୃତ) ଜଗତ୍, ବ୍ରହ୍ମାଣ୍ଡ । ଯଥା—

ଜଗୁଜୀବନ ଦାଶରଥି,
ଜାନକୀ ଦେବୀ ପ୍ରାଣପତି । କ. ଲୋ.

**ଜଗୁଆଳ, ଜଗୁଆଳି**, ବି. (ଦେଶଜ) ଜଗିବା ଲୋକ । ଯଥା—

ଶଙ୍କର ଜଗୁଆଳ ସେଠାରେ । ଜ୍ଞା. କୋ.

ଜଗୁଆଳି ସଦା କେମାର ଗହଣେ
ଅଲକ୍ଷିତେ ଫୁଲଶର । ଯ. କେ.

**ଜଗୁନାହା**, ବି. (ଜଗୁ=ଜଗତ୍-ନ, ହା=ନାଥ) ଜଗନ୍ନାଥ ।

**ଜଗ୍ଧ, ଜଗ୍ଧି**, ବି. ସଂ. ଭୋଜନ । (ଜଗ୍ଧ=ଭୁକ୍ତ, ଭକ୍ଷିତ ।)

**ଜଘନ**, ବି. (ହନ୍-ଯ-ଯଙ୍ ଲୁଗନ୍ତ-ଅନ— ଦ୍ଵିତ୍ଵ, ନ ଲୋପ, ହ=ଘ, ଘ=ଜ ) କଟିଦେଶର ସମ୍ମୁଖଭାଗର ନିମ୍ନଦେଶ ।

**ଜଘନ୍ୟ**, ବିଂ. (ଜଘନ-ଯ-ଭବାର୍ଥେ) ଅଧମ; ଗର୍ହିତ; ଚରମ; ଶୂଦ୍ର; ମେଢ୍ର ।

**ଜଘନ୍ୟଜ**, ବି. (ଜଘନ୍ୟ-ଜନ୍-ଅ) ଶୂଦ୍ର । ବିଂ. କନିଷ୍ଠ ।

ଜଙ୍ଗମ, ବିଂ. (ଗମ୍—ଯଙ୍ ଲୁଗନ୍ତ-ଯ-ଅ) ଗମନଶୀଳ ।

ଜଙ୍ଗମ, ଜଙ୍ଗମୁ, ଜଙ୍ଗୁମୁ, } ବି. (ଦେଶଜ) ଶିବପୂଜକ ଜାତିବିଶେଷ ।

ଜଙ୍ଗଳ, ଜଙ୍ଗଲ, } ବି. ଫ. ବନ, ଅରଣ୍ୟ; ମାଂସ । ବିଂ. ନିର୍ଜନ, ବନ୍ୟ ।

ଜଙ୍ଗଲାଟ, ବିଂ. (ଦେଶଜ) ଅରଣ୍ୟମୟ ।

ଜଙ୍ଗଲି, ବିଂ. (ଜାଙ୍ଗଲୀୟ ଶବ୍ଦଜ) ବନ୍ୟ; ଅସଭ୍ୟ ।

ଜଙ୍ଘ, ବି. (ଜଙ୍ଘା ଶବ୍ଦର ଅପଭ୍ରଂଶ) ଆଣ୍ଠୁର ଉପରଭାଗ ।

ଜଙ୍ଘା, ବି. ସ୍ତ୍ରୀ. (ଜନ୍ = ଜନ୍ମିବା-ଅ-ଆ, ଜନ୍ ସ୍ଥାନେ ଜଙ୍ଘ ଆଦେଶ) ଆଣ୍ଠୁର ଉପରସ୍ଥ ଭାଗ ।

ଜଂଘାଳ, ଜଂଘିଳ, ଜଂଘାକରିକ, } ବିଂ.(ଜଂଘା-ଅଳ, ଇଳ, ଜଂଘା-କର-ଇକ, ଯେ ପଦବ୍ରଜରେ କର ଆଦାୟ କରେ) ଦ୍ରୁତ-ଗାମୀ, ଧାବକ ।

ଜଂଘି, ଜଂଘିଆ, } ବି. ( ଦେଶଜ-ଜଂଘ-ଇ, ଇଆ ) ପାଜାମା । ବିଂ. ଦ୍ରୁତଗାମୀ ।

ଜଂଘିହରଡ଼ା, ବି. (ଦେଶଜ) କ୍ଷୁଦ୍ର ହରଡ଼ା ।

ଜଂଘିଲାଟ, ବି. ଇଙ୍ଗ୍ରାଜୀ ସୈନ୍ୟଙ୍କର ଭାରତୀୟ ସେନାପତି ।

ଜଜ, ବି. (ଇଙ୍ଗ୍ରାଜୀ ଶବ୍ଦ) ବଡ଼ ଅଦାଲତର ଅଧିକାରୀ ।

ଜଜାଙ୍ଗ, ଜଜାଙ୍ଗି, ବି. ( ଦେଶଜ ) ହ୍ରସ୍ୱ ବୃକ୍ଷବିଶେଷ ।

ଜଂଜପୂକ, ବିଂ. (ଜପ୍-ଯ-ଯଙ୍-ଲୁଗନ୍ତ-ଊକ, ମ ଆଗମ) ଯେ ସର୍ବଦା ଜପ କରେ; ଗର୍ହିତ ଜପକାରୀ ।

ଜଞ୍ଜାଳ, ବି. (ଜନ୍-ଯ—ଯଙ୍ ଲୁଗନ୍ତ-ଅ—ଯେ ବାରମ୍ବାର ଜନ୍ମାଏ = ଜଞ୍ଜ-ଆଳ—ପୂରଣାର୍ଥେ) ଆବର୍ଜନା; ଉତ୍ପାତ ।

ଜଞ୍ଜାଳିଆ, ବିଂ. (ଦେଶଜ ପ୍ରାୟ) ଯେ ବିଶେଷ ଅଳି କରେ; ବିଷୟଧନ୍ଦାରେ ଆସକ୍ତ ।

ଜଞ୍ଜାଳୀ, ବି. ସ୍ତ୍ରୀ. ଯେଉଁ ସ୍ତ୍ରୀ ବିଶେଷ ଗୋଳ-ମାଳ କରେ । ଯଥା—

ତା ଶୁଣି ବୋଇଲା ଜଞ୍ଜାଳୀ
ମୋ ମୁଖେ ଦେବ ପଗ କାଳି । ଦା. ର.

ଜଞ୍ଜିର, ଜଞ୍ଜିର, ବି. (ଦେଶଜ) ଶିକୁଳି ।

ଜଟ, ବି. (ଜଟା ଶବ୍ଦର ଅପଭ୍ରଂଶ) କେଶ-ବିନ୍ୟାସବିଶେଷ ।

ଜଟା, ବି. ସ୍ତ୍ରୀ. (ଜଟ୍ = ଏକତ୍ର ହେବା-ଅ-ଆ) ସଂହତକେଶ, ଜଟ; ସିଂହାଦିର ମସ୍ତକର ବାଳଗୁଚ୍ଛ; ବୃକ୍ଷର ଅବରୋହ; ବେଦପାଠ-ବିଶେଷ ।

ଜଟାଜଟି, ବି. (ଦେଶଜ) ଭଣ୍ଡାଭଣ୍ଡି ।

ଜଟାଜୂଟ, ବି. (ଜଟା-ଜୂଟ = ସମୂହ) ଜଟା-ସମୂହ; ମହାଦେବଙ୍କର ଜଟାପଟଳ ।

ଜଟି, ବି. (ଜଟା ଶବ୍ଦଜ) ଜଟା । ଯଥା—
ଊର୍ଦ୍ଧ୍ୱ ପଞ୍ଚଦଶ ନେତ ଶିରେ ଶୋହେ ଜଟି । ସା.ଭା.ଆ.

ଜଟିଆ, ବିଂ. ( ଜଟାଳ ବା ଜଟିଳ ଶବ୍ଦଜ ) ଯାହାର ଜଟା ଅଛି; ଗୋଳମାଳିଆ । ବି. ମହାଦେବ; ଉତ୍କଳର ପର୍ବତବିଶେଷ ।

ଜଟିଳ, ଜଟାଳ, ଜଟୀ, } ବି.(ଜଟା-ଳ,ଇଳ,ଇନ୍-ଅସ୍ତ୍ୟର୍ଥେ) ବ୍ରହ୍ମଚାରୀ;ବଟବୃକ୍ଷ;ସିଂହ; ପ୍ଲକ୍ଷବୃକ୍ଷ; ମହାଦେବ । ବିଂ. ଜଟାଧାରୀ (ଦେଶଜରୂପେ) ଜଟିଳ = ଯହିଁରେ ଅନେକ ଗୋଳମାଳ ଅଛି, ଦୁର୍ବୋଧ ।

ଜଟିବା, କ୍ରି. (ଦେଶଜ) ଭଣ୍ଡି ନେବା; ଭଣ୍ଡି କହିବା । ଯଥା—ସେ ମୋତେ ଜଟିଦେଇ ଗଲେ ।

ଜଠ, ଜଠ୍ର, } ବି. (ଜଠର ଶବ୍ଦର ଅପଭ୍ରଂଶ) ଉଦର, ଗର୍ଭ । ଯଥା—
ବୋଇଲେ ଆମ୍ଭେମାନେ ବିଧବା ସ୍ତ୍ରୀ ଅଟୁଁ,
କରୂପେ କହ ପୁତ୍ର ଜନ୍ମିବେ ଆମ୍ଭ ଜଠୁଁ । କୃ.ପୁ.ସ.ଡ.

ଜଠର, ବି. ( ଜନ୍ = ଭକ୍ଷଣ କରିବା-ଅର, ମ ସ୍ଥାନେ ଠ ) ଉଦର, ଜରାୟୁ, ଗର୍ଭ; କଠିନ, କର୍କଶ; ବୃଦ୍ଧ । (ଜଠରଃ କଠିନେ-ଽପି ସ୍ୟାତ୍—ଅମର ।)

ଜଡ଼, ବିଂ. (ଜଲ୍ = ଜମା କରିବା, ଆଚ୍ଛାଦନ କରିବା-ଅ, ଲ = ଡ଼) ଶୀତଳ, ନିସ୍ତେଜ; ନିଃସ୍ପନ୍ଦ; ନିରୁଦ୍ୟୋଗ; ମୂର୍ଖ; ଅଚେତନ; ମୂକ; ସୀମା; ଜଳ; (ଦେଶଜ) ଅସଲ । ବି. ଚେର ବା ମୂଳ ।

ଜଡ଼ା, ବି. (ଦେଶଜ) ଏରଣ୍ଡତୈଳ; ସଂଲଗ୍ନ ହେବା; ଆସକ୍ତ ହେବା; ସଂଯୋଗ । ବିଂ. ଜଡ଼ିତ । ଯଥା —

ଅଙ୍ଗୁଳିରେ ଅଷ୍ଟରତ୍ନ ଜଡ଼ା ମୁଦ୍ରି ଜଡ଼ି । ସା. ଭ୍ର. ଆ. (ଜଡ଼ ଶବ୍ଦଜ) ମୂକ ।

ଜଡ଼ାଉ, } ବି. ( ଦେଶଜ ) ଆଭରଣ
ଜଡ଼ଉ, } ପରିଧେୟାଦିରେ ରତ୍ନାଦି ଜଡ଼ିତ କରାଇବା । ଯଥା—

ନାନା ରତ୍ନେ ଖଞ୍ଜି ନାନା ଜଡ଼ାଉ କରାଇ,
ସଂହର ଗନ୍ଧମାନ କଲେକ ଖଞ୍ଜାଇ । ସା.ଭ୍ର.ସ.

ଜଡ଼ାଜଡ଼ି, ବି. ( ଦେଶଜ ) ସଂଲଗ୍ନ ହେବା, ସଂଯୋଗ । ବିଂ. ସଂଲଗ୍ନ; ସଂଯୁକ୍ତ । ଯଥା—

ଶୋଭା ପ୍ରଭାଏ ଭିଡ଼ାଭିଡ଼ି,
ହରଷ ରସ ଜଡ଼ାଜଡ଼ି । କୋ. ବ୍ର. ସ୍ତୁ.

ଜଡ଼ି, ବି. (ଜାଟ୍ ଶବ୍ଦଜ) ଚେରମୂଳ ଔଷଧ-ବିଶେଷ । ( ଜଟୀ ଶବ୍ଦଜ ) ବଟବୃକ୍ଷ; ପ୍ଲକ୍ଷବୃକ୍ଷ ।

ଜଡ଼ିତ, ବିଂ. (ଦେଶଜ) ସଂଯୁକ୍ତ; ସଂସକ୍ତ; ମଗ୍ନ ।

ଜଡ଼ିବା, କ୍ରି. ( ଦେଶଜ ) ମିଶିବା; ଆସକ୍ତ ହେବା; କାରୁକାର୍ଯ୍ୟରେ ମଣ୍ଡିତ କରିବା ।

ଜଡ଼ିମା, } ବି. ( ଜଡ଼-ଇମନ୍-ଭାବାର୍ଥେ )
ଜଡ଼ିମନ୍, } ଜଡ଼ତା; ମୂର୍ଖତା ।

ଜଡ଼ିମୁଣୀ, ବି. ସ୍ତ୍ରୀ. (ଦେଶଜ) କେଳାର ନାନା ପ୍ରକାର ଗଦ ବା ଜଡ଼ିରେ ପୂର୍ଣ୍ଣ ମୁଣା ।

ଜଡ଼ୁଲ, }
ଜଡ଼ୁର, } ବି. ସଂ. ଦେହ ମଧ୍ୟରେ ଥିବା
ଜଟୁଲ, } ତିଳାକୃତି ଚିହ୍ନ ।

ଜଣ, ବି. ( ଜନ ଶବ୍ଦଜ ପ୍ରାକୃତ ) ବ୍ୟକ୍ତି । ଯେପରି—ଦୁଇଜଣ, ଗୃହଜଣ ।

ଜଣକ, ବି. ଏକଜଣ । ଯଥା—ଜଣକପାଇଁ ଏତେଗୁଡ଼ାଏ ଆୟୋଜନ ।

ଜଣକେତେ, ସର୍ବଂ. (ଦେଶଜ) କେତେଜଣ ।

ଜଣକିଆ, } ବିଂ. ( ଦେଶଜ ) ଏକଜଣର
ଜଣିକିଆ, } ଯୋଗ୍ୟ ।

ଜଣା, ବିଂ. (ପ୍ରାକୃତ ଜାଣ ଧାତୁଜ) ଜ୍ଞାତ । ଯଥା—ତାହା ମୋର ଜଣା କଥା । ବି. ଜ୍ଞାନ, ବୋଧ । ଯଥା—ତାର ଜଣା ନିମନ୍ତେ ବିଜ୍ଞାପନ । ରାଜାଙ୍କୁ ଜଣା କରିବା ।

ଜଣାଇବା, } କ୍ରି. ବିଜ୍ଞାପନ କରିବା; ନିବେଦନ
ଜଣେଇବା, } କରିବା ।

ଜଣାଣ,ବି.(ପ୍ରାକୃତ ଜାଣ ଧାତୁଜ) ନିବେଦନ । ଯଥା—ରାଜାଙ୍କ ଛାମୁରେ ଜଣାଣ କଲେ । ଦେବତାଙ୍କ ଉଦ୍ଦେଶ୍ୟରେ ରଚିତ ସ୍ତୁତି । ଯେପରି—କୃପାସିନ୍ଧୁ ଜଣାଣ ।

ଜଣାମଣା, ବି. (ପ୍ରାକୃତ ଜ୍ଞାନାର୍ଥ ଜାଣ ଓ ମୁଣ ଧାତୁରୁ ଉତ୍ପନ୍ନ) ନିବେଦନ । ଯଥା—

ମୁଁ ଏହି ଅଭିଳାଷେ ଶିବ ଶିବାଙ୍କ ପାଶେ
କରୁ ଯେ ଥାଇ ଜଣାମଣା ରେ । ସ. ସ.

ଜତୁ, ବି. (ଜନ୍ = ଉତ୍ପନ୍ନ ହେବା-ଉ, ନ ସ୍ଥାନେ ତ) ଲାଖ, ଜଉ ।

ଜତ୍ରୁ, ବି. (ଜନ୍ = ଉତ୍ପନ୍ନ ହେବା-ରୁ-ସଂଜ୍ଞାର୍ଥେ, ନ ସ୍ଥାନେ ତ) କଣ୍ଠର ଉଭୟ ପାର୍ଶ୍ୱସ୍ଥ ଅସ୍ଥିଦ୍ୱୟ; ସ୍କନ୍ଧ ଓ ବକ୍ଷସ୍ଥଳର ସନ୍ଧି ।

ଜଥା, ବି. (ଦେଶଜରୂପେ ଗଞ୍ଜାମରେ ମାତ୍ର ବ୍ୟବହୃତ, କିନ୍ତୁ ଏହି ତେଲିଙ୍ଗ ଶବ୍ଦ) ପିଣ୍ଡା ଓଡ଼ଣୀ ।

ଜନ, ବି. (ଜନ୍ = ଜନ୍ମିବା-ଅ) ଲୋକ, ବ୍ୟକ୍ତି; ଭୁବନ; ଜନଲୋକ, ମହଃପରବର୍ତ୍ତୀ ଲୋକ ।

ଜନକ, ବି. (ଜନ୍-ଣିଚ୍ = ଜନ୍ମଦେବା-ଅକ) ପିତା; ଜନକ ରାଜା । (ପିତୃସାଦୃଶ୍ୟରୁ) ରାଜା । ବିଂ. ଉତ୍ପାଦକ । (ସ୍ତ୍ରୀଲିଙ୍ଗରେ ଜନିକା) । (ଜନକୋତ୍ପାଦକେ ତାତେ ନା ନୃପେ ନିର୍ମିବଂଶଜେ—କୋଷାନ୍ତର ।)

ଜନନ, ବି. (ଜନ୍-ଣିଚ୍ = ଜନ୍ମ ଦେବା-ଅନ) ପିତା, ଜନକ; ଉତ୍ପାଦକ । (ଜନ୍-ଅନ) ଉତ୍ପତ୍ତି, ବଂଶ । (ବିଶେଷଣରେ ଜନିତ, ଜନକ, ଜନିତା ଏବଂ ଜନୟିତା ହୁଏ ।)

ଜନନୀ, ବି. ସ୍ତ୍ରୀ. (ଜନନ-ଈ) ମାତା; ଉତ୍ପାଦିକା; ଦୟା; ସୂତିକା; ମଞ୍ଜିଷ୍ଠା ।

ଜନପଦ, ଜନପାଦ, ବି.(ଜନ-ପଦ=ସ୍ଥାନ-ଅ-ସ୍ୱାର୍ଥେ) ଦେଶ, ଲୋକାଳୟ; ଲୋକ ।

ଜନରବ, ବି. (ଜନ-ରବ) ଲୋକପ୍ରବାଦ; କୋଳାହଳ, ଏକତ୍ରିତ ବହୁଲୋକଙ୍କ ଧ୍ୱନି ।

ଜନଶ୍ରୁତି, ଜନବାଦ, ଜନପ୍ରବାଦ, ବି. ସଂ. କିମ୍ବଦନ୍ତୀ; ଲୋକପ୍ରବାଦ ।

ଜନାଭ୍ର, ବି. (ଦେଶଜ, ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଲୋକଗଣନା ।

ଜନାର୍ଦ୍ଦନ, ବି. (ଜନ=ଲୋକ, ଅସୁରବିଶେଷ-ଅର୍ଦ୍ଦ=ଗତି, ପୀଡ଼ାଦେବା-ଅନ) ବିଷ୍ଣୁ । ବିଂ. ଲୋକଗତିଦାୟକ; ଲୋକପୀଡ଼କ ।

ଜନି, ଜନୀ, ବି. ସ୍ତ୍ରୀ. (ଜନ୍=ଉତ୍ପତ୍ତି-ଇ, ଈ) ଉତ୍ପତ୍ତି, ଜନ୍ମ । (ଜନୁ, ଜନୂ ଓ ଜନୁସ୍ ମଧ୍ୟ ହୁଏ ।) ମାତା; ନାରୀ; ଜାୟା; ସ୍ନୁଷା ବା ପୁତ୍ରବଧୂ ।

ଜନି, ଜହ୍ନି, ବି. ସ୍ତ୍ରୀ. (ଜ୍ୟୋତ୍ସ୍ନୀ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଲତାଫଳବିଶେଷ ।

ଜନ୍ତ, ଜନ୍ତା, ଯନ୍ତା, ବି. (ଯନ୍ତ୍ର ଶବ୍ଦଜ) କମାରର ଯନ୍ତ୍ର, ଏଥିଦ୍ୱାରା ଅଗ୍ନି ଉତ୍ତେଜନ କରିବାକୁ ହୁଏ; ବ୍ୟାଘ୍ରାଦି ଜନ୍ତୁ ଧରିବାପାଇଁ ପେଟିକା ତୁଲ୍ୟ କାଷ୍ଠଗୃହ; କାଷ୍ଠଖଣ୍ଡକୁ ଆୟତ୍ତ ରଖି କାର୍ଯ୍ୟ କରିବା ନିମନ୍ତେ ବଢ଼େଇମାନେ ଯେଉଁ ଚଉକାଠ ବ୍ୟବହାର କରନ୍ତି; ଦଳିତ ହେବା ।

ଜନ୍ତାଜନ୍ତ, ଯନ୍ତାଯନ୍ତ, ବି. (ଦେଶଜ) ଭିଡ଼ ବା ଜଣକ ଉପରେ ଜଣେ ମାଡ଼ି ପଡ଼ିବା । ଯଥା—

ବାଜି ଟପଟକୁ   ଗଜ ଚହଟକୁ
ସ୍ଥାନ ନୋହି ଜନ୍ତାଜନ୍ତ । ବୈ. ବି.

ଚକଟାଚକଟି ।

ଜନ୍ତାଳ, ବି. (ଦେଶଜ) ଦେବୀଙ୍କ ମନ୍ଦିରରେ କରିବା ଭୋଜ ।

ଜନ୍ତିବା, କ୍ରି. (ଦେଶଜ) ଗୋଟିକ ଉପରେ ଗୋଟିଏ ଲଗାଲଗି କରି ରଖିବା । ଯଥା—

ହାଟବାଟରେ ପୂରି,
ରହିଗଲେ ଲୋକେ ଜନ୍ତି ହୋଇ ପରି । ସୁ. ପ.

ଜନ୍ତିହେବା, କ୍ରି. (ଦେଶଜ) ସଙ୍କୁଚିତ ହେବା; ବିନଷ୍ଟ ହେବା । ଯଥା—

ମୃତପିଣ୍ଡ ଲାଗନ୍ତେ ଶ୍ରୀ ହୁଅଇଟି ଜନ୍ତି । ସା.ଭା.ଆ.

ସଙ୍କୁଳ ବା ଅନ୍ୟୋନ୍ୟ ଗାଢ଼ ସଂଲଗ୍ନ ହେବା । ଯଥା—

ବହୁତ ଜଳଜନ୍ତୁ ଜନ୍ତି ହୋଇଛନ୍ତି । କୃ.ଖ.ଆ.ପ.

ଜନ୍ତୁ, ବି. (ଜନ୍=ଜନ୍ମିବା-ତୁ) ଜନ୍ମଶୀଳ, ଜୀବ, ପ୍ରାଣୀ । (ଯୁ ପ୍ରତ୍ୟୟରେ ଜନ୍ୟୁ ମଧ୍ୟ ହୁଏ ।) (ଗଡ଼ଜାତରେ) ଛେଳି ଓ ମେଣ୍ଢା । ଯେପରି—ଜନ୍ତୁ ମାରିବା । ସାପ । ଯେପରି—ଜନ୍ତୁ କାମୁଡ଼ିଲା । (ଏହି ଦୁଇ ଅର୍ଥ ଗଞ୍ଜାମର କେତେ ଅଂଶରେ ମଧ୍ୟ ବ୍ୟବହୃତ ଅଛି ।)

ଜନ୍ତୁଜନ୍ତା, ଜନ୍ତୁଜୁନ୍ତା, ବି. (ତଦ୍ଭବ ଶବ୍ଦସ୍ୱରୂପ) ନାନାବିଧ ଜନ୍ତୁ; ସରୀସୃପ ।

ଜନ୍ତୁଫଳ, ବି. ସଂ. ଉଡ଼ମ୍ବିରି ଗଛ ଓ ଫଳ ।

ଜନ୍ଦା, ବି. (ଦେଶଜ) ବଡ଼ ବଡ଼ ପିପୀଲିକା-ବିଶେଷ । ଯେପରି—ଗୁଡ଼ରେ ଜନ୍ଦା ପିମ୍ପୁଡ଼ି ।

ଜନ୍ଦାଖାଇ, ବି. (ଦେଶଜ) ବୃକ୍ଷବିଶେଷ, ଏହି ବୃକ୍ଷରେ ନିବାସ କଲେ ଜନ୍ଦା ମରିଯାନ୍ତି ।

ଜନ୍ମ, ଜନ୍ମନ, ବି. (ଜନ୍-ମନ୍) ଉତ୍ପତ୍ତି; ସଂସାର, ଲୋକ ।

ଜନ୍ୟ, ବିଂ. (ଜନ୍=ଜନ୍ମିବା-ଯ) ଜାୟମାନ; ଉତ୍ପାଦ୍ୟ; ଉତ୍ପାଦକ; ଜନହିତକର । (ସ୍ତ୍ରୀ—ଜନ୍ୟା) ମାତୃସଖୀ; ମାତା । ବି. ହଟ୍ଟ; ଅପବାଦ; ଜନ୍ମକାଳୀନ କୁଲକ୍ଷଣ; ଯୁଦ୍ଧ; ପ୍ରୀତି; ବରର ବୟସ୍ୟ ।

ଜପ, ଜାପ, ଜପନ, } ବି.(ଜପ୍=ପାଠ କରିବା,ଜପିବା -ଅ, ଅନ) ମନ୍ତ୍ରାଦିର ଯଥାବିଧି ପୁନଃପୁନଃ ଉଚ୍ଚାରଣ । ବିଂ. ଜପକାରକ । ଯଥା-- କର୍ଣ୍ଣେଜପ । (ବିଶେଷଣାର୍ଥରେ ଜାପକ, ଜପିତ, ଜାପ୍ୟ ମଧ୍ୟ ହୁଏ ।)

ଜପମାଳ, ବି. (ଜପମାଳା ଶବ୍ଦଜ) ଯେଉଁ ମାଳାରେ ଜପ କରନ୍ତି ।

ଜପା, ବି. ସ୍ତ୍ରୀ. (ଜପ୍=ମନ୍ତ୍ରି ଜପିବା-ଅ-ଆ) ମନ୍ଦାର ଗଛ ଓ ଫୁଲ । (ଦେଶଜ) ଜପ କରିବା; ସବୁବେଳେ ଭାବିବା ।

ଜପିବା, କ୍ରି. (ଜପ୍ ଧାତୁଜ) ଜପ କରିବା; ସବୁବେଳେ ଭାବିବା ଓ ଉଚ୍ଚାରଣ କରିବା ।

ଜବ୍, ଅଂ. (ହିନ୍ଦୀ—ଯଦା ଶବ୍ଦଜ) ଯେବେ । ଯଥା—

ଜାନ ଜବାପେକ୍ଷୀ ପରଦର୍ପହାନେ । ଲା. ବ.

[ଏ ସ୍ଥଳରେ ଶ୍ଳେଷାର୍ଥରେ ଜବ ଶବ୍ଦର (ଯେବେ) ଏମନ୍ତ ଅର୍ଥ ହେଉଅଛି, କିନ୍ତୁ ଏ ଶବ୍ଦଟି ଏହି ଅର୍ଥରେ ଓଡ଼ିଆରେ ସର୍ବସ ପ୍ରଚଳିତ ନୁହେ ।] ହଂସାକୁ ଜବ୍ ବିପତ୍ତି ପଡ଼େ କାକର ଚୁମ୍ବି ଚୁମ୍ବି ଖାଏ । ଲାବଣ୍ୟ-ବତୀର ଲୋକନାଥ ଦାସ ଟୀକା । ଲୁଣି-ରଖା ଘାସ କାଟିବା ଅସ୍ତ୍ର ।

ଜବର, ବି. (ଯାବନିକ-ଆରବୀୟ) କ୍ଷମତା, ବଳ । ବିଂ. ବଳିଷ୍ଠ; ଦୃଢ଼ ।

ଜବରଦସ୍ତ, ବିଂ. (ଆରବୀୟ) ଟାଣ, ଦୃଢ଼, ମଜଭୁତ; ବଳିଷ୍ଠ । ଯଥା —

ଜବରଦସ୍ତ ଲୋକଟା ସେ ଖୁବ୍ ଥିଲା ବଳ,
ଅଧିକାର କରିଥିଲେ ଓଡ଼ିଆମଣ୍ଡଳ । ଉ. ଭ୍ର.

ଜବରଦସ୍ତି, ବି. (ଆରବୀୟ) ବଳ; ଅତ୍ୟାଚାର ।

ଜବରାନ୍, କ୍ରି. ବିଂ. (ଯାବନିକ) ବଳପୂର୍ବକ ।

ଜବାନ, ବିଂ. (ଯାବନିକ) ଯୁବା; ବଳିଷ୍ଠ । ବି. ମୋକଦ୍ଦମାରେ ବାଦୀ ନାଲିସ ଦାଏର କଲାରୁ ପ୍ରତିବାଦୀ ପ୍ରତ୍ୟୁତ୍ତରସ୍ୱରୂପ ଯେଉଁ ବର୍ଣ୍ଣନାପତ୍ର ଦାଖଲ କରେ; ଭାଷା, ବାକ୍ୟ ।

ଜବାନବନ୍ଦି, ବି. (ଯାବନିକ) ମୋକଦ୍ଦମାରେ ପକ୍ଷ ଓ ସାକ୍ଷିମାନଙ୍କର ଏଜାହାର ବା ଉକ୍ତି ।

ଜବାନି, ବି. (ଯାବନିକ) ମୌଖିକରୂପେ କହିବା ।

ଜବାବ, ବି. (ଯାବନିକ) ପ୍ରତ୍ୟୁତ୍ତର । ଯଥା—
ମୂର୍ଖପଣେ ଗୁରୁଙ୍କୁ ନଜର ନ କରଇ,
ଗୁରୁଙ୍କୁ ଜବାବ ଦିଏ ଗର୍ବପଣ ବହି । ନୃ. ପୁ. ତୃ. ତ. ବାକ୍ୟ; ସ୍ୱୀକାର । ଯଥା—ଏପରି ଜବାବ କର ।

ଜବାବଦେହି, ବି. (ଯାବନିକ) ଦାୟିତ୍ୱ ।

ଜବ୍ଦ, ବିଂ. (ଯାବନିକ) ପରାଜିତ, ଅପମାନିତ ।

ଜମ, ବି. (ଯମ ଶବ୍ଦଜ-ପ୍ରାକୃତ) ଯମ, ମୃତ୍ୟୁ-ଦେବତା ।

ଜମକ, ବି. (ଦେଶଜ) ଆଡ଼ମ୍ବର । ବିଂ. ଆଡ଼ମ୍ବରଯୁକ୍ତ ।

ଜମଜମାଣି, ବି. (ଦେଶଜ) ଦୈହିକ ଖେଳ-ବିଶେଷ; ପିଲାଙ୍କର ଏକପ୍ରକାର କଉଡ଼ି-ଖେଳ ।

ଜମରିଳ, ବି. (ଦେଶଜ) ବିଶେଷ ଝାଳ, ଗାତ୍ରପରିଶ୍ରମଜନିତ ଝାଳ ।

ଜମା, ବି. (ଯାବନିକ) ଆୟ । ଯଥା—
ଜମା ଅନୁରୂପେ ବ୍ୟୟ ଲାଗି ଦାୟୀ । ଦ. ବା.
ବାର୍ଷିକ ଖଜଣାର ପରିମାଣ । ଯଥା—
ଘରବାଡ଼ି ଜମିଜମା ବନ୍ଦୋବସ୍ତ । ଦ. ବା.
ସଞ୍ଚିତ ଧନ । ବିଂ. ଏକତ୍ରିତ; ସଞ୍ଚିତ ।

ଜମାଇବା, ଜମେଇବା, } କ୍ରି. (ଦେଶଜ) ସଞ୍ଚୟ କରିବା, ଏକତ୍ରିତ କରିବା; ଆଡ଼ମ୍ବର-ଯୁକ୍ତ କରିବା । ଯଥା—ଧାନ୍ୟ ଜମେଇବା ।

ଜମଉତ, ଜମାତ୍, ଜମାଉତ, ଜମୌତ, } ବି.(ଦେଶଜ) ବୈରାଗି-ଦଳ । ଏପରି ବୈରାଗି-ମାନେ ଦଳବଦ୍ଧ ହୋଇ ଏକ ମହନ୍ତ ନିଶ୍ଚିତ କରି ଆଡ଼ମ୍ବର ସହିତ ତୀର୍ଥାଟନ କରୁଥାନ୍ତି । ଯଥା—
ଅନେକ ଜମାଉତ ହୋଇ,
ଅଇଲେ ତୀର୍ଥ ଯିବାପାଇଁ । ଦା. ର.

ଜମାଖରଚ, ବି. (ଦେଶଜ) ଆୟ ବ୍ୟୟ; ଆୟବ୍ୟୟ ହିସାବ ।

ଜମାଟ, ବି. (ଦେଶଜ) ଜାକ, ଭିଡ଼; ମିଷ୍ଟ ସେଟି । ବିଂ. ଏକତ୍ରିତ, ରାଶୀକୃତ, ଘନୀଭୂତ ।

ଜମାଦାର, ବି. (ଯାବନିକ) ସିପାଇମାନଙ୍କ ଅଧିକାରୀ ।

ଜମାବନ୍ଦି, ବି. (ଯାବନିକ) ଜମିଦାରମାନଙ୍କ ବାର୍ଷିକ ବନ୍ଦୋବସ୍ତ ।

ଜମାରୁ, କ୍ରି. ବିଂ. (ଦେଶଜ) ଆଦୌ, ମୁଣ୍ଡୁହୁଁ ।

ଜମି, ଜମୀ, } ବି. (ଦେଶଜ) ଭୂମି । (ଜମା ଶବ୍ଦ ଦେଖ ।)

ଜମିଦାର, ଜମୀଦାର, } ବି. (ଯାବନିକ) ଭୂମ୍ୟଧିକାରୀ; ସାମାନ୍ୟ ରାଜା ।

ଜମିଦାରି, ବି. (ଯାବନିକ) ଭୂସମ୍ପତ୍ତିବିଶେଷ; ଯେଉଁ ଭୂସମ୍ପତ୍ତିର ସମଧିକ ଅଂଶ ରାଜ-ସରକାରଙ୍କୁ ଦେବାକୁ ହୁଏ ।

ଜମିବାଡ଼ି, ବି. (ଦେଶଜ) ଭୂସମ୍ପତ୍ତି ।

ଜମ୍ପତି, ବି. (ଜାୟା-ପତି, ଜାୟାର ଜମ୍ ଆଦେଶ) ଭାର୍ଯ୍ୟା ଭର୍ତ୍ତା ।

**ଜମ୍ବାଳ**, ବି. (ଜମ୍=ଗ୍ରାସ କରିବା, ବାଳ-ସଂଜ୍ଞାର୍ଥେ—ଯେ ଲୋକଙ୍କ ଗତିକୁ କିମ୍ବା ବସ୍ତୁକୁ କବଳିତ କରିଦିଏ) କାଦୁଅ, ପଙ୍କ; ଶୈବାଳ; କେତକୀବୃକ୍ଷ ।

ଜମ୍ବିର, ଜମ୍ବୀର, } ବି. (ଜମ୍=ଭକ୍ଷଣ କରିବା-ଇର, ଈର, ବ ଆଗମ) ଅମ୍ଳଫଳବିଶେଷ ।

ଜମ୍ବିଳ, ଜମ୍ବିଲ, } ବି. (ଜମ୍ବୀର ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଫଳ ।

ଜମ୍ବୁ, ଜମ୍ବୂ, } ବି. (ଜମ୍=ଭକ୍ଷଣ କରିବା-ଉ, ଊ, ବ ଅଗମ) ଜାମ୍ବଗଛ ଓ ଫଳ; ନଦୀବିଶେଷ; ଦ୍ୱୀପବିଶେଷ । (ଜାମ୍ବବ ଶବ୍ଦଜ) ଭାଲୁ ।

ଜମ୍ବୁକ, ଜମ୍ବୂକ, } ବି. (ଜମ୍=ଭକ୍ଷଣ କରିବା-ଉକ, ଊକ, ବ ଆଗମ) ଶୃଗାଳ; ନୀଚ-ବ୍ୟକ୍ତି; ଗୋଲପଜାମୁଗଛ; ବରୁଣ ।

ଜମ୍ବେବ, ଜାମ୍ବେବ, ଜମ୍ବୈବ, } ବି. ( ଜାମ୍ବବ ଶବ୍ଦଜ ) ଭାଲୁ; ରାମଙ୍କ ସେନାପତିବିଶେଷ ।

ଜମ୍ଭ, ବି. ( ଜନ୍ଭ୍ =ନଷ୍ଟ କରିବା-ଅ ) ଦୈତ୍ୟବିଶେଷ; ଜମ୍ବିରଫଳ; ତୂଣ; ଭକ୍ଷ୍ୟ; ଦମ୍ଭ; ଭକ୍ଷଣ ।

ଜମ୍ଭଭେଦୀ, ଜମ୍ଭଭେଦିନ୍, } ବି. ( ଜମ୍ଭ-ଭିଦ୍-ଇନ୍ ) ଇନ୍ଦ୍ର ।

ଜୟ, ବି. ( ଜି = ଜିଣିବା-ଅ ) ଶତ୍ରୁଦମନ; ବଶୀକରଣ; ବିଷ୍ଣୁଙ୍କ ପାର୍ଶ୍ୱଚର; ବିରାଟଙ୍କ ଭବନରେ ଯୁଧିଷ୍ଠିରଙ୍କ ନାମ; ଜୟନ୍ତ; ବିଷ୍ଣୁ । (ସ୍ତ୍ରୀ-ଆ) ପାର୍ବତୀ; ହରୀତକୀ; ହରଡ଼ା; ଜୟନ୍ତୀବୃକ୍ଷ; ଗଞ୍ଜାଇ, ଗଞ୍ଜାଇ-ଭାଙ୍ଗ; ତୃତୀୟା, ଅଷ୍ଟମୀ, ତ୍ରୟୋଦଶୀ ତିଥି; ପତାକାବିଶେଷ ।

ଜର, ବି. (ଜ୍ୱର ଶବ୍ଦର ଅପଭ୍ରଂଶ ପ୍ରାକୃତ) ଜ୍ୱର ବେଗ ।

ଜରଜର, ବିଂ. (ଜର୍ଜର ଶବ୍ଦର ଅପଭ୍ରଂଶ) ଶିଥିଳ ବା ଅବସନ୍ନ । ଯଥା—

ନିଶାନ୍ତ ସମୀରେ ଦେହ ହେଲ୍ ଜରଜର । ପାର୍ବତୀ ।

ଲିପ୍ତ । ଯଥା—

କୁଙ୍କୁମେ ହୋଇଅଛୁ ସେ ଜର ଜର । ଲ. ବ.

ପୂର୍ଣ୍ଣ । ଯଥା—ଝାଳରେ ଜରଜର ।

ଜରଜାତକା, ବି. (ଜାରଜାତ ଶବ୍ଦଜ) ପର-ପୁରୁଷ ଔରସରେ ଜାତ ସନ୍ତାନ ।

ଜରଠ, ବିଂ. (ଜୄ=ଜୀର୍ଣ୍ଣ ହେବା-ଅଠ) କଠିନ, କର୍କଶ; ନିଷ୍ଠୁର; ଜୀର୍ଣ୍ଣ; ବୃଦ୍ଧ; ପରିଣତ । ବି. ଜରା ।

ଜରଦ୍‌ଗବ, ବି. (ଜରତ୍-ଗୋ) ବୃଦ୍ଧ ବୃଷ; ଗୃଧ୍ରବିଶେଷ । (ସ୍ତ୍ରୀ-ଈ) ବୁଢ଼ିଗାଈ ।

ଜରସମନ, ଜରସମିନ, } ବି. (ଯାବନିକ) ମୂଲ୍ୟ ।

ଜରା, ବି. ସ୍ତ୍ରୀ. (ଜୄ = ଜୀର୍ଣ୍ଣ ହେବା-ଅ-ଆ) ବାର୍ଦ୍ଧକ୍ୟ; ଜୀର୍ଣ୍ଣତା; ରାକ୍ଷସୀବିଶେଷ ।

ଜରାୟୁ, ବି. (ଜରା-ଇ = ପାଇବା-ଉ)ଗର୍ଭାଶୟ (Uterus); ଜଟାୟୁ ପକ୍ଷୀ; ଗର୍ଭ ।

ଜର, } ବି. ( ଦେଶଜ ) ବସ୍ତ୍ରରେ ବୁଣିଥିବା
ଜରି, } ସ୍ୱର୍ଣ୍ଣାଦିର ସୂକ୍ଷ୍ମ ତନ୍ତୁରେଖା । ଯଥା—
ଜରିଲୁଗା । [ଏହାର ଅନ୍ୟ (ଯାବନିକ) ନାମ ଜର କସି ।]

ଜରିଆ, ବିଂ. (ଦେଶଜ) ଜରିଯୁକ୍ତ । ଯେପରି— ଜରିଆ ଲୁଗା । (ଯାବନିକ) ଦ୍ୱାରା । ଯେପରି ମୋ ଜରିଆ, ତୁମ ଜରିଆ ।

ଜରିଗୁଲ୍ମ, ବି. (ଦେଶଜ) ଏକପ୍ରକାର ଗଛ; ଏହି ବୃକ୍ଷ ପ୍ରସ୍ତରଗୃହର ଶତ୍ରୁ ବୋଲି ଖ୍ୟାତ । ଯଥା—

ଜରିଗୁଲ୍ମାକୀର୍ଣ୍ଣ ଜୀର୍ଣ୍ଣ ସୌଧରାଜି । ଯ. କେ.

ଜରିପ, } ବି. (ଯାବନିକ) ଭୂମିର ପରିମାଣ
ଜରିବ, } ସ୍ଥିର କରିବା; ଭୂମିମାପ ।

ଜରିବଅମିନ୍, ବି. ଯେ ଭୂମିର ପରିମାଣ ସ୍ଥିର କରେ ।

ଜରିବା, କ୍ରି. (ଜୃ ଧାତୁଜ) ଜଡ଼ିତ ହେବା । ଯଥା—

ପିନ୍ଧିବା ବସନୁ ଜରି,
ଶ୍ରୀଅଙ୍ଗେ ଯାଇଛୁ ଜରି । କୋ. ବ୍ର. ସ୍ତୁ.

ଦ୍ରବପଦାର୍ଥ ଦେହାଦିରେ ପଡ଼ି ଶୁଖିଯିବା; ଅଗ୍ନି ଉତ୍ତାପରେ ତୈଳାଦିରୁ ଜଳସତ୍ତା ଶୁଖିଯିବା ।

ଜରିମାନା, } ବି. (ଯାବନିକ) ଅର୍ଥଦଣ୍ଡ ।
ଜୋରିମାନା, }

ଜରିପଞ୍ଜର, } ବି. ( ଦେଶଜ ) ଜରିନାମକ
ଜରପଞ୍ଜର, } ସ୍ୱଚ୍ଛପଦାର୍ଥରେ ନିର୍ମିତ ପଞ୍ଜର ବା ଦୀପାଧାର । ଯଥା—

ପ୍ରଦୀପ ଜରିପଞ୍ଜରେ ଆଚ୍ଛାଦି । ର. ପ.

ଜର୍ଜର, ବିଂ. (ଜୃ-ଅ-ଦ୍ୱିତ୍ୱ ଅଥବା ଜର୍ଜ-ଅର) ଜୀର୍ଣ୍ଣ; ବିଶୀର୍ଣ୍ଣ; ଶିଥିଳ । (ଜର୍ଜରିତର ମଧ୍ୟ ଏହି ଅର୍ଥ) ବି. ଶୈଳଜ; ଇନ୍ଦ୍ରଧ୍ୱଜ ।

ଜଳ, ବି. (ଜଳ୍ = ଆଚ୍ଛାଦନ କରିବା-ଅ) ବାରି, ପାଣି । ବିଂ. ଶୀତଳ ।

ଜଳକା, ବି. (ଦେଶଜ) ନେତ୍ରବିକାରବିଶେଷ । ଯଥା—

ଜଳକା ନୟନେ ଯା ଦିଶେ ଉଜ୍ଜ୍ୱଳ । ଦ. ବା.

ବିଂ. ଯେ ସ୍ପଷ୍ଟ ଦେଖି ପାରେ ନାହିଁ ।

ଜଳଖିଆ, ବି. ( ଦେଶଜ ) ମିଷ୍ଟାନ୍ନ; ଶୁଷ୍କ ଲଘୁଖାଦ୍ୟ ।

ଜଳଚର, } ବି. ( ଜଳ-ଚର୍ = ଗମନ-
ଜଳଚାରୀ, } କରିବା-ଅ, ଇନ୍ ) ଜଳଜନ୍ତୁ;
ଜଳେଚର, } ମତ୍ସ୍ୟ ବକ ପ୍ରଭୃତି ।

ଜଳଜ, } ବି. (ଜଳ-ଜନ୍-ରୁହ୍-ଅ) ପଦ୍ମ
ଜଳରୁହ, } ପ୍ରଭୃତି; ଶଙ୍ଖ । ବିଂ. ଜଳଜାତ ।

ଜଳଜଳ, ବିଂ. (ଜାଜ୍ୱଲ୍ୟ ଶବ୍ଦଜ) ଚକଚକ, ଉଜ୍ଜ୍ୱଳ; ନିର୍ନିମେଷ (ଦୃଷ୍ଟି) । ବି. ଚକ୍ଷୁ ମେଲି ଏକଦୃଷ୍ଟିରେ ଚାହିଁବା । ଯଥା—

ସ୍ୱାମୀ ତାର ଉଚରବେ ଚମକି ଉଠିଲ,
ବକ ପରି ହୋଇ ଜଳଜଳ ଚାହିଁ ଥିଲ । ବେ. ପ.

ଜଳଜଳା, ବିଂ.(ଦେଶଜ) ବେଙ୍କାଯୁକ୍ତ, ଅଲଜ୍କୁ; ଛିଦ୍ରବିଶିଷ୍ଟ । ଯଥା—ଜଳଜଳା ହାଣ୍ଡିରେ ଜଳ ରହି ପାରେ କି ?

ଜଳଜଳାହାଣ୍ଡି, ବି. (ଦେଶଜ) ଅଶୌଚଗୃହରେ ପରିତ୍ୟକ୍ତ ପାକହାଣ୍ଡି, ବାଇଜ ହାଣ୍ଡି ।

ଜଳଦ, ବି. (ଜଳ-ଦା = ଦାନ କରିବା-ଅ) ମେଘ; ମୁସ୍ତକ, ମୁଥା । ବିଂ. ଜଳଦାତା; ଜଳପଞ୍ଜରୀ । ବି. ସ୍ତ୍ରୀ. (ଦେଶଜ) ଝରକା ।

ଜଳଦି, କ୍ରି. ବିଂ. (ଯାବନିକ) ଶୀଘ୍ର, ଝଟିତି ।

ଜଳଧି, ଜଳନିଧି, ବି. (ଜଳ-ଧା-ଇ, ଜଳ-ନି-ଧା-ଇ) ସମୁଦ୍ର ।

ଜଳପଞ୍ଜରୀ, ବି. ସ୍ତ୍ରୀ. ( ଦେଶଜ ) ଝରକା । ଯଥା—

ସୌନ୍ଦର୍ଯ୍ୟ (ସୁନ୍ଦର) ରୂପ ଦେଖି କାମେ ହୋନ୍ତି ଘାରି,
ଜଳପଞ୍ଜରୀ ବାଟେ ଚାହାନ୍ତି ଅନୁସରି । ନୃ. ପୁ. ସ. ତ.

ଜଳପାଡଆ, ବି. (ଦେଶଜ) ଏକପ୍ରକାର ପକ୍ଷୀ । ଯଥା—

କୋକିଳ ସାରି ଶୁଆ ଯେ ବୃକ୍ଷେ ଦ୍ୟନ୍ତି ରବ,
ବାଦରୀ ଜଳପାଡଆ କୁମ୍ଭାଟୁଆ ଖବ । ନୃ. ପୁ. ଚ. ତ.

ଜଳପ୍ରାୟ, ବି. (ଜଳ-ପ୍ରାୟ = ପ୍ରଚୁର) ଜଳମୟ ଦେଶ ।

ଜଳା, ବି.(ଜାଳ ଶବ୍ଦଜ) ଛିଦ୍ର, ରନ୍ଧ୍ର । ଯଥା—
ଯଷ୍ଟି ଯେନ ଫୋଡ଼ିଲେ ଦଧିଖଣ୍ଡ,
ଜଳା ସଲଖେ ପାଡ଼ିଅଛୁ ତୁଣ୍ଡ । ଗୋ. ଭ.
(ଜ୍ୱାଳା ଶବ୍ଦଜ) ଜଳା ପୋଡ଼ା ।

ଜଳାକବାଟି, } ବି. (ଜାଳକବାଟିକା ଶବ୍ଦଜ)
ଜଳାକବାଟ, } ଝରକା, ଖିଡ଼କି । ଯଥା—
ଜଳାକବାଟି ବାଟେ ଯାଇ,
ଚନ୍ଦ୍ରକିରଣ ପ୍ରକାଶଇ । ଖ୍ରୀ. ଦ. ସ୍କ.

ଜଳାଞ୍ଜଳି, ବି. ( ଜଳ-ଅଞ୍ଜଳି ) ଜଳର ଅଞ୍ଜୁଳା; ଅଞ୍ଜଳିପ୍ରମାଣ ଜଳ; ଜଳତର୍ପଣ; ପରିତ୍ୟାଗ । ଯଥା—ଏହି ବାଳକଟି ଲେଖାପଢ଼ାରେ ଜଳାଞ୍ଜଳି ଦେଇଅଛି ।

ଜଳାଧାର, } ବି. (ଜଳ-ଆଧାର = ଆଶ୍ରୟ,
ଜଳାଶୟ, } ଆଶୟ = ଆ-ଶୀ-ଅ) ପୁଷ୍କରିଣୀ; ସମୁଦ୍ର; ନଦୀ; ଜଳପାତ୍ର ।

ଜଳାପଞ୍ଜର, ବି. ( ଜାଳପିଞ୍ଜର ଶବ୍ଦଜ ) ଝରକା । ଯଥା—
ଜଳାପଞ୍ଜରମାନ ବସାଇ ଧାଡ଼ି ଧାଡ଼ି,
ସୁବର୍ଣ୍ଣ ଲେପ ଦେଇଣ ଆସିଲେ ବାହୁଡ଼ି । ନୃ.ପୁ.ସ.ତ.

ଜଲ୍ଲାଦ, } ବି. (ଯାବନିକ) ଘାତକ ବା ଯେ
ଜଲ୍ଲାଦ, } ଫାଶି ଦିଏ; ଚଣ୍ଡାଳ ।

ଜଲଦି, କ୍ରି. ବିଂ. (ଯାବନିକ) ଶୀଘ୍ର । ଯଥା—ଜଲଦି ଆସ ।

ଜଳି, ବି.(ଜଳୀର ଅପଭ୍ରଂଶ) ପରିଖା । ଯଥା—
ଦ୍ୱିତୀୟ ସାଗର ପରି ବେଢ଼ିଅଛି ଜଳି । ସୁ. ପ.

ଜଳିଆ, ବିଂ. (ଦେଶଜ) ନାନାବିଧ ଔଷଧ ଖାଇ, ପଚ୍ଛକୁ ଔଷଧ କାଟି ନ କଲେ ସେ ରୋଗକୁ "ଔଷଧଜଳିଆ" ବୋଲି କହନ୍ତି । ଯେପରି—ଜଳିଆ ଔଷଧ ।

ଜଳିବା, କ୍ରି. (ଜ୍ୱଲ୍ = ଜଳ ପ୍ରାକୃତ ଧାତୁଜ) ପ୍ରଦୀପ୍ତ ହେବା; ଶରୀରରେ ଦାହ ହେବା; କ୍ଷତରେ ଖାର ଲାଗିଲେ ପୀଡ଼ା ହେବା ।

ଜଳୁଆ, ବିଂ. (ଦେଶଜ) ପାଣିଚିଆ, ପାଣିପରି; ଜଳାର୍ଦ୍ର; ଜଳା ବା ଜ୍ୱାଳା ଯେ କରେ । ଯେପରି—ଜଳୁଆ ଲେପ ।

ଜଳୌକା, } ବି. ସ୍ତ୍ରୀ. [ଜଳୌ-କସ୍, ଜଳ-
ଜଳାକା, } ଓକସ୍ = ସ୍ଥାନ, ଜଳ-ଅକ୍ =
ଜଳୁକା, } ଗମନ କରିବା-ଅ, ଆ, ଜସ୍ =
ଜଳୂକା, } (ରକ୍ତ) ମୋଚନ କରିବା-ଊକ, ଊକ-ସଂଜ୍ଞାର୍ଥେ, ସ୍ = ଳ] ଜୋକ; ଜଳାଧିଷ୍ଠିତ ଜନ୍ତୁମାନ । (ଜଳୌକସାଂ ସସତ୍ତ୍ୱାନାଂ ବଭୂବ ପ୍ରିୟଦର୍ଶନଃ ।)

ଜଳ୍ପ, ଜଳ୍ପନ, } ବି. (ଜଳ୍ପ୍ = କହିବା, ଗଳ୍ପ
ଜଳ୍ପିତ, } କରିବା-ଅ, ଅନ, ତ) କଥନ, ଉକ୍ତି; ପର ମତ ଖଣ୍ଡନପୂର୍ବକ ସ୍ୱମତ ସ୍ଥାପନ; ଅନେକ ବକିବା; ବାଗ୍‌ଜାଲତା; ପ୍ରସ୍ତାବ । (ବିଶେଷଣରେ ଜଳ୍ପକ, ଜଳ୍ପାକ ଓ ଜଳ୍ପିତ ମଧ୍ୟ ହୁଏ ।)

ଜବ, } ବି. (ଜବ୍ = ବେଗେ ଚଳିବା-ଅ,
ଜବନ, } ଅନ) ବେଗ । ବିଂ. ବେଗବାନ୍ । (ଆରବ ଦେଶ-ମୁସଲମାନ୍‌ଜାତି ଓ ମୃଗ-ବିଶେଷକୁ ମଧ୍ୟ ଜବନ କହନ୍ତି ।)

ଜବନିକା, } ବି. ସ୍ତ୍ରୀ. (ଜୁ = ପାଇବା-ଅନ,
ଜବନୀ, } ସ୍ତ୍ରୀ-ଈ, କ-ସ୍ୱାର୍ଥେ—ସ୍ତ୍ରୀମାନେ ଯାହା ପ୍ରାପ୍ତ ହୁଅନ୍ତି) ତିରସ୍କରିଣୀ, ପରଦା; ଜବନସ୍ତ୍ରୀ ।

ଜବସ, ବି. (ଜ = ଶୀଘ୍ର ଜନ୍ମିବା-ଅସ) ଘାସ ।

ଜହର, ବି. (ଯାବନିକ) ଗରଳ, ବିଷ । ଯଥା—
ଯୋଷି କଳବମୂଳ ଘୋର ଘୋରଜାଙ୍ଗଳ,
ଜହର ତୁଲେ ତାହା ପିଇଲୁ ରେ । କ. ଚ. ଚ.
ଜ୍ୟୋତିର୍ମୟ ପ୍ରସ୍ତରଖଣ୍ଡ । ବିଂ. ପର୍ଯ୍ୟାପ୍ତ, ଯଥେଷ୍ଟ (ଗଞ୍ଜାମରେ ଏହି ଅର୍ଥ ସମଧିକ ବ୍ୟବହୃତ ।)

ଜହର ଦେବା, କ୍ରି. ବିଷ ଖୁଆଇବା ।

ଜହରାତ, } ବି. ( ହିନ୍ଦୀ ) ରତ୍ନଅଳଙ୍କାର,
ଜବାହାର, } ରତ୍ନାଦି ଅଳଙ୍କାର; ବହୁମୂଲ୍ୟ
ଜହୁରାତ, } ରତ୍ନାଦି ।

ଜହୁରି, ବି. (ଯାବନିକ ବା ହିନ୍ଦୀ) ଯେ ବହୁମୂଲ୍ୟ ପ୍ରସ୍ତରାଦିରେ ବାଣିଜ୍ୟ କରେ ।

ଜହ୍ନ, ଜନ୍ନ, } ବି. (ଜ୍ୟୋସ୍ନା ଶବ୍ଦଜାତ
ଜନ, ଜନମାମୁ, } ପ୍ରାକୃତ ଜଣ୍ହା ଶବ୍ଦଜ)
ଚନ୍ଦ୍ର । ଯଥା—
କର ମନ ତୋଷ ଜହ୍ନମାମୁ ଆସ
ଆସ ବୋଲନ୍ତି ନନ୍ଦଗ୍ରସ୍ତେ । ର. କ.
ଚନ୍ଦ୍ରକିରଣ । ଯଥା—କି ସୁନ୍ଦର ପିଠୋଉ ପରି ଜନ ପଡ଼ୁଛି ।

ଜହ୍ନପକ୍ଷ, ଜନପକ୍ଷ, } ବି. (ଦେଶଜ) ଶୁକ୍ଳପକ୍ଷ ।
ଜନପଖ, } ଯେପରି—ଜନପଖ ରାତି ।

ଜହ୍ନା, ଜନା, ବି. (ଦେଶଜ) ଶସ୍ୟବିଶେଷ । ଯଥା—ଜହ୍ନାଲିଆ । ଫୁଟିଫୁଟିକା (ଗ୍ରାମ୍ୟ) ।

ଜହ୍ନି, ଜହ୍ନୀ, ବି. ସ୍ତ୍ରୀ. (ଜ୍ୟୋସ୍ନୀ ଶବ୍ଦଜ) ସ୍ୱନାମଖ୍ୟାତ ଲତାଫଳବିଶେଷ ।

ଜହ୍ନିପୋକ, ବି. (ଦେଶଜ) ଜୁଳୁଜୁଳିଆ ପୋକ । (ଜହ୍ନିଫୁଲର କାନ୍ତି ପରି ଏହାର କାନ୍ତି ଥିବାରୁ ଏହାକୁ ଜହ୍ନିପୋକ କହନ୍ତି ।)

ଜହ୍ନୁକନ୍ୟା, } ବି.ସ୍ତ୍ରୀ. (ଜହ୍ନୁ=ରାଜର୍ଷିବିଶେଷ-
ଜହ୍ନୁସୁତା, } କନ୍ୟା, ସୁତା) ଗଙ୍ଗା । ଏହି ଋଷି ପ୍ରଥମତଃ ନିଜ ଯଜ୍ଞଶାଳାଗତା ଗଙ୍ଗାଙ୍କୁ ପାନ କରି ଦେଇଥିଲେ, ଭଗୀରଥଙ୍କ ସ୍ତୁତିରେ ପରେ କର୍ଣ୍ଣମାର୍ଗ ଦେଇ ବହିର୍ଗତ କରିଥିଲେ ।

ଜା, ଜାଆ, } ବି.ସ୍ତ୍ରୀ.(ଯାତା ପଦଜାତ ପ୍ରାକୃତ)
ଯାଆ, } ଦିଅର ଓ ଦେଢ଼ଶଶୁରଙ୍କ ପତ୍ନୀ ।

ଜାଇ, ଜାଈ, } ବି.ସ୍ତ୍ରୀ. (ଜାତି ଶବ୍ଦଜ) ସ୍ୱନାମ-
ଯାଇ, } ପ୍ରସିଦ୍ଧ ପୁଷ୍ପବିଶେଷ । (ଦେଶଜ) ଡ଼ାଲି; ଐଶ୍ୱର୍ଯ୍ୟସୂଚକ ଦେହସ୍ଥ ଚିହ୍ନବିଶେଷ, ଜାଇମନ୍ଦା । ଯଥା—
ଶରୀରଯାକ ତାହାର ଦିଶେ ଗୋଟା ଜାଇ,
କେତେ ତହିଁ ଲକ୍ଷଣ ତ କହିଲେ ନ ସରଇ ।
ନୃ. ସୁ. ସ୍ତୁ. ତ.

ଜାଇକାଠି, ବି. (ଦେଶଜ) ଏକପ୍ରକାର ତୃଣ, ଏହାର ପାଉଆରେ ପଟି ବିଞ୍ଚଣା ପ୍ରଭୃତି ପାରଳାଖିମଣ୍ଡିରେ ବୁଣାଯାଏ ।

ଜାଇପତ୍ରି, } ବି. ସ୍ତ୍ରୀ. (ଜାତିପତ୍ରୀ ଶବ୍ଦଜ)
ଜାଇଫତ୍ରୀ, } ସ୍ୱନାମପ୍ରସିଦ୍ଧ ସୁଗନ୍ଧ ଔଷଧ-
ଜାଇତ୍ରି, } ଦ୍ରବ୍ୟ ।

ଜାଇଫଳ, ବି. (ଜାତୀଫଳ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ସୁଗନ୍ଧ ଔଷଧଦ୍ରବ୍ୟ ।

ଜାଇରଗଡ଼ା, } ବି. (ଦେଶଜ) ବିବାହ
ଜାଇବାଇରଗଡ଼ା, } ପୂର୍ବରୁ ଶୁଭଦିନ ଦେଖି ବିବାହ ନିମନ୍ତେ ଯେଉଁ ଧାନ ଜାଇ ଚୂରିବା ଆରମ୍ଭ କରନ୍ତି ।

ଜାଇମନ୍ଦା, ବି. (ଦେଶଜ) ଶରୀରସ୍ଥ କଳା ବା ଧଳା ଚିହ୍ନବିଶେଷ ।

ଜାଉ, ଯାଉ, ବି. (ଯବାଗୂ ଶବ୍ଦଜ) ଗୁଡ଼ଚାଉଳ ଆଦି ଚୂନାରେ କରିବା (ଘାମାସୁ) ଖାଦ୍ୟବିଶେଷ; ଅନ୍ନମଣ୍ଡ ।

ଜାଉଁଳା, ଯାଉଁଳା, } ବିଂ. (ଯାମଳ ଶବ୍ଦଜ)
ଯାଆଁଳା, ଜାଆଁଳା, } ଦୁଇଗୋଟି ମିଶିଥିବା । ଯଥା—
ଜାଉଁଳ ତାଡ଼ ସଜାଡ଼ି, କଡ଼ିଆଲୀ ଶଙ୍ଖା ଚୂଡ଼ୀ । ଲ.ବ.
ବି. ଏକାଥରକେ ଜାତ ଦୁଇଗୋଟି ସନ୍ତାନ; ଯୋଡ଼ି ।

ଜାଉଁଳ, } ବି. (ଯୁଗଳ ଶବ୍ଦଜ) ଏକମାତ୍ର
ଯାଉଁଳ, } ବସ୍ତ୍ରରେ ବନ୍ଧାହେବା ଦୁଇଗୋଟି ବୁଜୁଳା । ଯଥା—
ଲଲାଟେ ଶ୍ରୀହରିମନ୍ଦିର, ପୃଷ୍ଠକ ଯାଉଁଳ କନ୍ଧର । ଦା.ର.

ଜାଉଁଳଗୁଣା, ବି. ସ୍ତ୍ରୀ. ସ୍ତ୍ରୀମାନଙ୍କର ନାସିକାଭରଣବିଶେଷ ।

ଜାଉଁଳପାଲି, ବି. ବାଘ ପାଲି, ଦୁଇ ଦଳ ଠିଆପାଲିବାଲଙ୍କ ଦ୍ୱାରା ଯେଉଁ ଯାତ୍ରା ହୁଏ ।

ଜାଉଁଳବନ୍ଧା, ବିଂ. (ଦେଶଜ) ଯେଉଁ ଲୋକ ଜାଉଁଳ ବାନ୍ଧ କାନ୍ଧରେ ନିଏ; ଭିକମଗା, ଦରିଦ୍ର ।

ଜାଁକ, ବି. (ଦେଶଜ) ଗର୍ବ । ଯଥା—
ପିନ୍ଧି ନୂଆ ଚକଚକିଆ ପୋଷାକ,
ଥୋକାଏ ବହନ୍ତି ମନେ ବଡ଼ ଜାଁକ । ଦ. ବା.

ଜାଁକଜମକ, ବିଂ. (ଦେଶଜ) ଆଡ଼ମ୍ବରପୂର୍ଣ୍ଣ; ଜଳ୍ଜ୍ୱଳ । ବି. ଆଡ଼ମ୍ବର ।

ଜାକ, ବି°. (ଦେଶଜ) ଭିଡ଼; ସଙ୍କୀର୍ଣ୍ଣ । ବି. ଭିଡ଼ ହେବା ।

ଜାକଜମକ, ବି°. (ଦେଶଜ) ଆଡ଼ମ୍ବରପୂର୍ଣ୍ଣ । ବି. ଖୁବ୍ ଆଡ଼ମ୍ବର ।

ଜାକସାର, ବି°. (ଦେଶଜ) ସଙ୍କୀର୍ଣ୍ଣ ।

ଜାକସିର, ବି. (ଦେଶଜ) ଶିଶୁମାନଙ୍କର ଏକପ୍ରକାର ଅଳଙ୍କାର ।

ଜାକିବା, କ୍ରି. (ଦେଶଜ) ଗୁଆ ପ୍ରଭୃତି କଳରେ ଧରିବା; ଛାଡ଼ି ନ ଦେବା; ବ୍ୟସ୍ତ କରିବାକୁ କୁଣ୍ଠିତ ହେବା; ଭିଡ଼ିବା । ଯଥା—

ଚକିତ ଶିଶୁକୁ ହସ୍ତେ ଧଇଲି ଜାକି । ମ. ଯା.

ଜାକିଜୁକି ହେବା, କ୍ରି (ଦେଶଜ) ଦେହ ସଙ୍କୁଚିତ କରିବା; ନାନା ବାବତରୁ ବ୍ୟସ୍ତ ସଙ୍କୋଚ କରିବା

ଜାକେଟ, ବି. (ଇଂରାଜୀ ଶବ୍ଦ) ଏକପ୍ରକାର ପରିଚ୍ଛଦ ।

ଜାଗର, ଜାଗରଣ, ଜାଗର୍ତ୍ତି, } ବି. (ଜାଗୃ = ନିଦ୍ରାକ୍ଷୟ-ଅ, ଅନ ଏବଂ ତି) ଅନିଦ୍ରା, ନିଦ୍ରାଭଙ୍ଗ; ସତର୍କତା; ନିଦ୍ରାରୁ ଉତ୍ଥାନ । (ବିଶେଷଣରେ ଜାଗରକ, ଜାଗରୂକ, ଜାଗର୍ତ୍ତି, ଜାଗରଣ ଓ ଜାଗରିତ ହୁଏ ।)

ଜାଗା, ଜେଗା, } ବି. (ଦେଶଜ) ଆଖଡ଼ା; ସ୍ଥାନ । ଯଥା—

ପଦାର୍ଥ ରଖିବାକୁ ନ ପାଇ ଘରେ ଜାଗା,
କାହିଁ କେତେ ଦ୍ରବ୍ୟ ରହିଥାଏ ହୋଇ ଫିଙ୍ଗା ।
ନୃ. ପୁ. ଦ୍ୱି. ତ.

ଜାଗାଘର, ବି. (ଦେଶଜ) ଆଖଡ଼ା ।

ଜାଗିବ, କ୍ରି. (ଜାଗୃ ଧାତୁଜ) ଜାଗ୍ରତ ଥିବା । ଯଥା—

ତା ରୂପମାଧୁରୀ ଜାଗିଛି ମୋ ମନରେ । ବେ. ପ.

ଜାଗିର, ଜାୟଗିର, } ବି. (ପାରସ୍ୟ ଜାୟ୍ ର ଶବ୍ଦଜ) ରାଜଦତ୍ତ ପୁରସ୍କାରସ୍ୱରୂପ ଭୂସମ୍ପତ୍ତି ।

ଜାଗୁଳାଇ, ଜାଗୁଳେଇ, } ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । (ସକାଇ ଶବ୍ଦ ଦେଖ ।)

ଜାଗୁଲି, ଜାଗୁଲୀ, } ବି. (ଦେଶଜ) ଦୀପ ବସାଇବା ନିମିତ୍ତ ମୃତ୍ତିକାନିର୍ମିତ କ୍ଷୁଦ୍ର କ୍ଷୁଦ୍ର ପାତ୍ର ।

ଜାଗ୍ରତ୍, ବି°. (ଜାଗୃ-ଅତ୍ = ଶତୃ) ଜାଗରଣଶୀଳ, ଜାଗରଣବିଶିଷ୍ଟ । ବି. ଜାଗରଣାବସ୍ଥା ।

ଜାଗ୍ରତ, ବି°. (ଜାଗ୍ରତ୍ ଶବ୍ଦଜ) ସାବଧାନ, ସତର୍କ; ଜାଗରୂକ ।

ଜାଙ୍ଗଳ, ବି. (ଜଙ୍ଗଲ-ଅ) ହରିଣାଦି ପଶୁ; ଜଳହୀନ ଦେଶ । ବି°. ବନ୍ୟ; ଅସଭ୍ୟ ।

ଜାଙ୍ଗଲିକ, ବି. (ଜଙ୍ଗଲ-ଇକ-ନିବାସାର୍ଥେ, ଜ୍ଞାନାର୍ଥେ) ବିଷବୈଦ୍ୟ, ସାପୁଆ; ଜଙ୍ଗଲବାସୀ ।

ଜାଙ୍ଗୁଲା, ବି. ସ୍ତ୍ରୀ. (ଜାଙ୍ଗୁଲିକା ଶବ୍ଦଜ) ଦେବୀବିଶେଷ । ଯଥା—

ପିଶାଚୀ କଙ୍କାଖାଇ ବନଦେବୀ ଶୋଷିଣୀ,
ସର୍ପମୁଖୀ ଜାଙ୍ଗୁଲା ବିମଳା ବିମୋଚନୀ । ନୃ.ପୁ.ଚ.ତ.

ଜାଙ୍ଘିକ, ବି°. (ଜଙ୍ଘା-ଇକ) ଦ୍ରୁତଗାମୀ । ବି. ଉଷ୍ଟ୍ର ।

ଜାଜ୍ୱଲ୍ୟମାନ, ବି. (ଜ୍ୱଲ୍-ଦୀପ୍ତି ପାଇବା-ଯ—ଯଙନ୍ତ, ଦ୍ୱିତ୍ୱ-ଆନ, ଆ = ମା) ଦେଦୀପ୍ୟମାନ, ଅତି ଜ୍ୱଳନ୍ତ ।

ଜାଠ, ବି°. (ଦେଶଜ) କୃପଣ । ବି. କାଣ୍ଡ ।

ଜାଠି, ଜଠି, ବି°. (ଦେଶଜ) ଅସ୍ତ୍ରବିଶେଷ । ଯଥା—

ଧନୁ ଫଳା ମୁଦୁଗର କମାଣ ଯେ ଜାଠି,
ନାନା ଶସ୍ତ୍ରମାନ ଧରି ମହାକୋଧେ ଛୁଟି । ସା.ଖ.ଆ.

ଜାଠିମଧୁ, ଯାଠିମଧୁ, } ବି. (ଯଷ୍ଟିମଧୁ ବା ମଧୁଯଷ୍ଟୀ ଶବ୍ଦଜ) ସୁଗନ୍ଧି ଔଷଧ ଦ୍ରବ୍ୟବିଶେଷ ।

ଜାଡ଼, ବି. (ଜାଡ୍ୟ ଶବ୍ଦଜ) ହିମ; ଶୀତ । ଯଥା—

ବ୍ୟାଘ୍ରପ୍ରାୟେ ଜାଡ଼ ମାଡ଼ିବସୁଁ ଲୋକେ
ମୋଡ଼ି ହୋଇ ଇପି ଇପି ଖୁପି । ବୈ. ବି.

ଜାଡ଼ା, ଜଡ଼ା, ବି. (ଜଡ଼ ଶବ୍ଦଜ) ମୂକ ।

ଜାଡ଼ିବା, ଜାଡ଼ିଯିବା, } କ୍ରି. (ଦେଶଜ) ପାଟି ଖନି ମାରିଯିବା; ଜଡ଼ପ୍ରାୟ ହେବା; କାକର ହେବା । ଯଥା—

ନାସା ଶ୍ରବଣ-ପାଦ ପାଣି,
ଜାଡ଼ିଲା ହିମପ୍ରାୟେ ପୁଣି । ମା.-ମା.

ଜାଡ଼ୀ, ବିଂ. ( ଜଡ଼ ଶବ୍ଦଜ ) ମୂର୍ଖ । ବି. ଜଡ଼ତା । ଯଥା—
ବହିଲି ଜାଡ଼ୀ ଶୁଷ୍କ କଣ୍ଠେ ରହିଲି ନାହିଁ । ବୈ. ବି.

ଜାଡ଼ୁଆ, ବି. (ଜଡ଼ ଶବ୍ଦଜ) ଯେ ଭଲ କରି ଉଚ୍ଚାରଣ କରି ନ ପାରେ । ଯଥା—
ସେ ନର ଜାଡ଼ୁଆ ହୁଅଇ,
ଏମନ୍ତ ଶ୍ଳେଷ୍ମା ସେ ହୁଅଇ । ବି. ପୁ.

ଜାଡ଼ୁଆଳ, ବି. (ଦେଶଜ) ଶୀତବସ୍ତ୍ର । ବିଂ. ଶୀତକାଳୀନ ।

ଜାଡ୍ୟ, ବି. (ଜଡ଼-ଯ) ଜଡ଼ତା; ମୂର୍ଖତା; ସ୍ତମ୍ଭିଭାବ; ଆଳସ୍ୟ ।

ଜାଣନ୍ତା, ବିଂ. ( ଜାନନ୍ତ ପଦଜାତ ) ଯେ ଜାଣଇ । ଯଥା—
କୃଷ୍ଣ ଗୋପୀ ବିନୁ ଅନୁଭବ ଜାଣନ୍ତା ନାହିଁ କହି । ର. କ.

ଜାଣି, ଅଂ. (ଦେଶଜ) ତୁଲ୍ୟାର୍ଥ । ଯଥା—
ଦିଶଇ ସେ ଶାୟକ ବିଧୂମ ଅଗ୍ନି ଜାଣି । ନୃ. ପୁ. ପ୍ର. ଚ.

ଜାଣିବା, କ୍ରି. (ଜ୍ଞା ଧାତୁଜ, ପ୍ରାକୃତ ଜାଣଧାତୁ-ଜାତ) ଜ୍ଞାତ ହେବା, ଅବଗତ ହେବା ।

ଜାଣୁମଣି, ବି. ସ୍ତ୍ରୀ. (ଦେଶଜ) ବିବେକତା । ଯଥା—
ଜାଣ ଜାଣୁମଣି ମାନସରୋବରେ
ଚଞ୍ଚୁରେ ଉପଗତ । ଲ. ବ.

ଜାତ, ବିଂ. (ଜନ୍-ତ) ଉତ୍ପନ୍ନ; ପ୍ରଶସ୍ତ; ବ୍ୟକ୍ତ; ଶିଶୁ । ବି. ଜାତି; ସମୂହ; ବ୍ୟକ୍ତି; ଉତ୍ପତ୍ତି ।

ଜାତ, ଯାତ, } ବି. (ଯାତ୍ରା ଶବ୍ଦଜ) ଦେବୋତ୍ସବ, ନୃତ୍ୟୋତ୍ସବ । ଯଥା—
କରିବି ଧନୁଜାତ ଆଣିବି ନନ୍ଦସୁତ
ଜନକ ଜନନୀ ସହିତେ । ର. କ.

ଜାତକ, ବି. (ଜାତ-କ-ଇଦମର୍ଥେ) ଜନ୍ମପତ୍ରିକା; ଜାତ ବାଳକର ଶୁଭାଶୁଭ ନିର୍ଣ୍ଣାୟକ ଗ୍ରନ୍ଥବିଶେଷ; ଜାତକର୍ମ । ବିଂ. ଉତ୍ପନ୍ନ ।

ଜାତବେଦସ, ଜାତବେଦ, } ବି. (ଜାତ=ଉତ୍ପନ୍ନ-ବେଦ=ଶ୍ରୁତି-ଅସ୍) ଅଗ୍ନି ।

ଜାତି, ବି. (ଜନ୍=ଉତ୍ପନ୍ନ ହେବା-ତି) ପ୍ରକାର; ଭେଦ; ଶ୍ରେଣୀ; ବଂଶ; ବ୍ରାହ୍ମଣାଦି ବର୍ଣ୍ଣ; ମାଳତୀପୁଷ୍ପ; ଜାଇଫୁଲ ।

ଜାତିସ୍ମର, ବି. (ଜାତି=ପୂର୍ବଜନ୍ମ-ସ୍ମର=ଯେ ସ୍ମରଣ କରେ) ପୂର୍ବଜନ୍ମର ବୃତ୍ତାନ୍ତସ୍ମାରକ; ଯାହାର ପୂର୍ବଜନ୍ମର କଥା ସ୍ମରଣ ରହେ ।

ଜାତୀପତ୍ରୀ, ବି. (ଜାତୀ-ପତ୍ର) ସୁଗନ୍ଧ ଔଷଧ ଦ୍ରବ୍ୟବିଶେଷ ।

ଜାତୀଫଳ, ବି. ସ୍ଥ. ଜାଇଫଳ ।

ଜାତୀୟ, ବିଂ. (ଜାତି-ଈୟ) ଜାତିସମ୍ବନ୍ଧୀୟ; ପ୍ରକାର; ଜାତି ମଧ୍ୟରେ ଅବସ୍ଥିତ । ଯଥା— ସଜାତୀୟ, ବିଜାତୀୟ ।

ଜାତୁ, ଅଂ. ସ୍ଥ. କଦାଚିତ୍; ନିଷେଧ ।

ଜାତୁଧାନ, ବି. (ଜାତୁ=କଦାଚିତ୍-ଧାନ=ସନ୍ନିଧାନ) ରାକ୍ଷସ ।

ଜାତୁଷ, ବିଂ. (ଜତୁ-ଅ-ବିକାରାର୍ଥେ ଷ ଆଗମ) ଜତୁନିର୍ମିତ ।

ଜାତ୍ୟ, ବିଂ. (ଜାତି-ଯ-ସାଧୁ ଅର୍ଥେ) କୁଳୀନ, ଶ୍ରେଷ୍ଠ; କମନୀୟ ।

ଜାତ୍ୟନ୍ଧ, ବିଂ. (ଜାତି=ଜନ୍ମ-ଅନ୍ଧ) ଆଜନ୍ମ ଦୃଷ୍ଟିହୀନ ।

ଜାତ୍ୟା, ଜାତିଆ, } ବିଂ. (ଜାତ୍ୟ ଶବ୍ଦଜ) କୁଳୀନ । ଯେପରି—ଜାତ୍ୟା ସାନ୍ତ ।

ଜାଦୁ, ବି. (ଯାବନିକ) କୁହୁକ ବା ମାୟା । (ଯାଦବ ଶବ୍ଦଜ) ଶ୍ରୀକୃଷ୍ଣନାମକ । (ଦଦ୍ରୁ ଶବ୍ଦଜ) ଦଦ୍ରୁ, ଚର୍ମରୋଗବିଶେଷ ।

ଜାଦୁକର, ଜାଦୁଗର, } ବି. (ଯାବନିକ) ଐନ୍ଦ୍ରଜାଲିକ; ମାୟାବୀ ।

ଜାଦୁ କରିବା, କ୍ରି. ଭୁଲାଇବା, ଯନ୍ତ୍ରମନ୍ତ୍ର ପ୍ରୟୋଗ କରିବା ।

ଜାଦୁଖାଇ, ବି. (ଦେଶଜ) ବୃକ୍ଷବିଶେଷ ।

ଜାଦୁଘର, ବି. (ଦେଶଜ) ଯେଉଁ ଗୃହରେ ଦର୍ଶନୀୟ ସାମଗ୍ରୀମାନ ଠୁଳ କରି ରଖା ହୋଇଥାଏ (**Museum**) ।

ଜାନ, ବି. (ଜୀବନ ଶବ୍ଦଜ) ପ୍ରାଣ । ଯଥା—
ଜାନ ଯିବାପେକ୍ଷା ପର ଦର୍ପ ସ୍ଥାନେ । ଲ. ବ.
ଜାନ ଯାଉ ପଛେ ମାନ ରହୁ,
ମାନ ବରାବର ଜାନକୁ !
ଲବଣ୍ୟବତୀ ଟୀକା—ଲେ. ଦା.
(ଯାନ ଶବ୍ଦଜ) ବାହନ ।

ଜାନାନା, } ବି. (ଯାବନିକ) ସ୍ତ୍ରୀଜାତି ।
ଜନାନା, }

ଜାନୁ, ବି. [ଜନ=(ଗତି) ଜନ୍ମାଇବା-ଉ— ଯେ ଗତି ଜନ୍ମାଏ] ଆଣ୍ଠୁ, ଊରୁସନ୍ଧି ।

ଜାନୁଆର, } ବି. (ପାରସ୍ୟ ଶବ୍ଦ) ଜନ୍ତୁ ।
ଜାନୋର, }

ଜାପକ, ବିଂ. (ଜପ୍-ଅକ) ଯେ ଜପ କରେ ।

ଜାପନ, ବି. (ଜପ୍-ଣିଚ୍-ଜାପି=ବଳବାନ୍-ଅନ) ପ୍ରତ୍ୟାଖ୍ୟାନ; ନିବର୍ତ୍ତନ, ନିଷ୍ପାଦନ ।

ଜାପଟି, ବି. (ଦେଶଜ) ଧାନ୍ୟରାଶିରେ ମାରିବା ମୁଦ୍ରା ।

ଜାବୁଡ଼ା, ବି. (ଦେଶଜ) ଚୃପୋଡ଼ା; ଦୃଢ଼ରେ ଧରିବା ।

ଜାବୁଡ଼ିବା, } କ୍ରି. (ଦେଶଜ) ଦୃଢ଼ଭାବରେ ଧରିବା ।
ଜାବୋଡ଼ିବା, }

ଜାମଦାନ, ବି. (ଯାବନିକ) (ସୂକ୍ଷ୍ମରନ୍ଧ୍ରଯୁକ୍ତ) ବସ୍ତ୍ରବିଶେଷ ।

ଜାମା, ବି. (ଯାବନିକ) କୁର୍ତ୍ତା ବା ଅଙ୍ଗରଖା । ଯଥା—

ଖଞ୍ଜିଲେ ସରୁ ଜାମା ଅଙ୍ଗରେ ପରିହରି । କୃ. ଭ. ଆ. ପ.

ଜାମାଜୋଡ଼, } ବି. (ଯାବନିକ) ବସନାଦି-
ଜାମାଯୋଡ଼, } ଦ୍ୱାରା ସଜ୍ଜା ।

ଜାମାତା, ବି. (ଜାମାତୃ-ଜା=ଜାୟା-ମାତୃ) କନ୍ୟାର ପତି, ଜୁଆଁଇ; ସ୍ୱାମୀ ।

ଜାମାରୁ, ବି. (ହିନ୍ଦୀ) ବସ୍ତ୍ରବିଶେଷ ।

ଜାମି, ଜାମୀ, ବି. ସ୍ତ୍ରୀ. (ଜନ୍=ଉତ୍ପନ୍ନ ହେବା-ମି) ଭଗିନୀ; ଦୁହିତା; ସ୍ନୁଷା; କୁଳକାମିନୀ; ପତିବ୍ରତା ସ୍ତ୍ରୀ । (ଜାମିଃ ସ୍ୱସୃ କୁଳସ୍ତ୍ରିୟୋଃ—ଅମର ।)

ଜାମିନ, ବି. (ଯାବନିକ) ପ୍ରତିଭୂତ୍ୱ; ଅନ୍ୟର ଋଣ ବା କାର୍ଯ୍ୟ ନିମନ୍ତେ ଦାୟିତ୍ୱ ।

ଜାମିନଦାର, ବି. (ଯାବନିକ) ପ୍ରତିଭୂ; ଯେ ଅପରର ଋଣ ବା କାର୍ଯ୍ୟ ନିମନ୍ତେ ଦାୟୀ ରହେ ।

ଜାମ୍ବୁ, ଜମ, ବି. (ଜମ୍ବୁ ଶବ୍ଦଜ) ଜାମ୍ବୁଗଛ । ଯଥା—

ବାଉ ତ ନୋହିବ ତାହା ବଣଜାମୁପଲବାଙ୍କୁ । ଉଷା ।

ଜାମୁକ, ବି. (ଦେଶଜ) ବାଣୁଆମାନେ ନଳୀ ଲଚ୍ଛିବାପାଇଁ ଯେଉଁ ଦଉଡ଼ିରେ ନିଆଁ ରଖିଥାନ୍ତି । ଯଥା—

ବିଜୁଳୀ ଜାମୁକା ଘନାଳୀ ନଳୀ,
ସ୍ତନିତ ତ୍ୱ ଶବ୍ଦ କୁଳଣ ଗୁଳି । ଲ. ବ.

ଜାମୁଡ଼ାଳ, ବି. (ଦେଶଜ) ଜାମ୍ବୁଗଛର ଗୁଆ; ଜାମୁଗଛର କଅଁଳ ପତ୍ର ଓ ଶିଖା । ଯଥା—

କଦମ୍ବ କୁସୁମ ଶୋଭାକୁ ସୁଷମ
ଦିଶଇ ରଙ୍ଗ ଜାମୁଡାଳ । ର. କ.

ଜାମ୍ବୁ, ବି. (ଜମ୍ବୁ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ବୃକ୍ଷ ।

ଜାମ୍ବବ, ବି. (ଜମ୍ବୁ-ଅ-ଫଳାର୍ଥେ) ଜାମ୍ବକୋଳି; ଭଲ୍ଲୁକରାଜ, ଜାମ୍ବୁବାନ୍ ।

ଜାମ୍ବୁନଦ, ବି. (ଜମ୍ବୁନଦୀ-ଅ) ସ୍ୱର୍ଣ୍ଣ । ଯଥା—

ସ୍ୱଚ୍ଛାମ୍ଭଃ ପୂର୍ଣ୍ଣ ଜାମ୍ବୁନଦ କଳଶ ତଥା
ଗୁମ୍ଫର ଛତ୍ରମାନ । ଜା. ପ. ନା.

ଧୁସ୍ତୁର ପୁଷ୍ପ ।

ଜାୟୁ, ବି. (ଯାବନିକ) ବିବରଣ ବା ତାଲିକା; ସମ୍ମତି । ବିଂ. ଉତ୍ତମ; ନ୍ୟାୟାନୁଗତ ।

ଜାୟୁବନ୍ଧକ, ବି. (ଯାବନିକ) ଦଖଲବନ୍ଧକ; ଟଙ୍କା କରଜ ନେଇ ତାହାର ସୁଧ ନିମନ୍ତେ ଜମି ଭୋଗ କରିବାର ଚୁକ୍ତି ।

ଜାୟୁଦାଦ, } ବି. (ପାରସ୍ୟ ଶବ୍ଦ) ସମ୍ପତ୍ତି ।
ଜାଏଦାଦ, }

ଜାୟା, ବି. ସ୍ତ୍ରୀ. (ଜନ୍=ଉତ୍ପନ୍ନ ହେବା-ଯ) ଭାର୍ଯ୍ୟା, ପତ୍ନୀ; ସପ୍ତମ ଲଗ୍ନ ।

ଜାୟାଜୀବୀ, } ବି. (ଜାୟା ଜୀବ୍=ବଞ୍ଚିବା-
ଜାୟାନୁଜୀବୀ, } ଇନ୍) ନଟ; ବେଶ୍ୟାପତି ।

ଜାର, ବି. (ଜୄ=ଜୀର୍ଣ୍ଣ କରିବା-ଅ) ଉପପତି ।

ଜାରଜ, ବି. (ଜାର-ଜନ୍-ଅ) ଉପପତିଦ୍ୱାରା ଜାତ ପୁତ୍ର । (ଜରାୟୁଜ ଶବ୍ଦଜ) ମନୁଷ୍ୟ ଆଦି ଜନ୍ତୁ । ( ଗୃହଖାନ ଶବ୍ଦ ଦେଖ ) କ୍ଷେତ୍ରଜ ସନ୍ତାନ ।

ଜାରଣ, ବି. (ଜୃ-ଣିଚ୍-ଅନ) ଜୀର୍ଣ୍ଣ କରିବା, ପରିପାକ କରିବା ।

ଜାରିଜରି, ବି.(ଦେଶଜ)ଅସାର ଅଂଶ । ଯଥା—
ଏହି କାଠର କେଉଁଠି ଜାରିଜରି ନାହିଁ ।

ଜାରି, ଜାରୀ, ବି. ସ୍ତ୍ରୀ. ଔଷଧିବିଶେଷ, ଜାଡ଼ୀ; (ଯାବନିକ) ଅଧିକାର; ବଳାତ୍କାର; ପ୍ରଚାର; ଶାସନ । ବିଂ. ପ୍ରଚାରିତ; ପ୍ରଚଳିତ; ଶାସିତ । ଯଥା—ସମନ ଜାରୀ କରିବା ।

ଜାରିବା, କ୍ରି. (ଜୃ ଧାତୁଜ) ଜଳୀୟ ଅଂଶକୁ ଶୁଷ୍କ କରିବା; ଜୀର୍ଣ୍ଣ କରିବା; ଭସ୍ମସାତ୍ କରିବା । ଯଥା—
ପଡେ ପତଙ୍ଗ ସେମନେହ ଧଇ,
ଯଥା ଅନଳ ତାହାକୁ ଜାରି । ଲ. ବ.

ଜାଳ, ବି. (ଜଲ୍ = ଆଚ୍ଛାଦନ କରିବା-ଅ) ମତ୍ସ୍ୟାଦି ବା ପକ୍ଷିପ୍ରଭୃତି ବନ୍ଧନାର୍ଥ ସୂତ୍ରାଦିନିର୍ମିତ ଯନ୍ତ୍ର (ଜାଲ); ରଥାଦିର ଆବରଣବିଶେଷ; ଗବାକ୍ଷ; ସମୂହ; ଇନ୍ଦ୍ରଜାଲ; ଛଳ; କପଟ; ପ୍ରତାରଣା; ଦମ୍ଭ; କଳିକା ବା କୋରକ । (ଜ୍ୱାଳ ଶବ୍ଦଜ) କାଷ୍ଠ ଆଦି । ଯଥା—
ସେଠାରେ ଦେଖିଲି ଜାଳ ତ ନାହିଁ,
କପରି କରିବି ରୋଷାଇ ମୁହିଁ । ହା. ତ.
(ଜ୍ୱାଳା ଶବ୍ଦଜ) ଅଗ୍ନିତେଜ ।

ଜାଲ, ବି. (ଦେଶଜ) କୃତ୍ରିମ ଲେଖ୍ୟ; କପଟତା । ବିଂ. କୃତ୍ରିମ ।

ଜାଳକ,ବି. (ଜାଳ-କ) କଳିକା;ଜାଳ; ସମୂହ; ଭୂଷଣବିଶେଷ; ଦମ୍ଭ; କୁଲାୟ; ଗବାକ୍ଷ ।

ଜାଳମୁଣି, ବି. (ଦେଶଜ) ଏକପ୍ରକାର ଥଳି ।

ଜାଳା,ବି.(ଜ୍ୱାଳା ଶବ୍ଦଜ) ବାଧା; ଦାଉ; ତାପ ।

ଜାଲି, ଜାଲୀ, ବି. (ଜାଲ ଶବ୍ଦଜ) ଜାଲ ପରି ଛିଦ୍ରବିଶିଷ୍ଟ ଶିରୋଭୂଷଣବିଶେଷ । ଯଥା—
କୁଡ଼ାଜାଲି ଏ ସଦୃଶ ଯେ, ଶ୍ୟାମଳ କମଳକଳିରେ
କି କଲି ଯେଉଁଣି ସୁଧା ବରଷା ଯେ । ଲ. ବ.
ଅନେକ ଛିଦ୍ରବିଶିଷ୍ଟ ଜାଲି; ଦୋଷ । ଯଥା—
ଭୁମ୍ଭ ତାଙ୍କର ଯେବେ ହୋଇଛୁ ବୋଲିବୋଲି,
ଘରେ ପଶିଲେ ଆଉ ଥାଏ କି କଥା ଜାଲି ।
ନୃ. ପୁ. ସ. ତ.
ବାଧା । ଯଥା—
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଘଞ୍ଚଙ୍କ ପାରେ ବୁଲି,
ତୁହିଁରେ ବସିଥିଲେ ନ ଲାଗେ ଶମନ ଜାଲି । ନୃ.ପୁ.ପ.ତ.

ଜାଲିଆ, ବି. (ଜାଳିକ ଶବ୍ଦଜ) ଯେ ଜାଲରେ ମାଛ ମାରି ଜୀବିକା ନିର୍ବାହ କରେ । ବିଂ. କପଟୀ; କୃତ୍ରିମ ଲେଖ୍ୟର କର୍ତ୍ତା ।

ଜାଲିକ, ବି. (ଜାଲ-ଇକ) ଧୀବର; ବ୍ୟାଧ; ମାକଡ଼ସା; ମର୍କଟ । ବିଂ. ପ୍ରତାରକ । (ସ୍ତ୍ରୀ-ଆ) ମୁଖବସ୍ତ୍ରବିଶେଷ; ଜୋକ; ବିଧବା ।

ଜାଲିକବାଟ, ଜାଲିକବାଟି, ବି. (ଜାଲିକପାଟ ଶବ୍ଦଜ) ମଧ୍ୟରେ ଜାଲିକାମ ହୋଇଥିବା କବାଟ ।

ଜାଲିଚଟୁ, ଜାଲ୍ଲିଚଟୁ, ବି. (ଜାଲଚର୍ମ ଶବ୍ଦଜ) ପୁରି ବା ଅନ୍ୟପ୍ରକାର ପିଷ୍ଟକ ଘୃତରୁ ଉଠାଇବା ନିମନ୍ତେ ବ୍ୟବହୃତ ଛିଦ୍ରବିଶିଷ୍ଟ ଲୌହ ଅଣକବିଶେଷ ।

ଜାଲିଜାଲୁଆ, ଜାଲଜାଲୁଆ, ବିଂ. (ଦେଶଜ) ଅସ୍ପଷ୍ଟ (ଦେଖାଯିବା); ଜାଲ ପରି ଛିଦ୍ରବିଶିଷ୍ଟ ।

ଜାଳିଣିକାଠ, ଜାଳେଣି, ବି. (ଦେଶଜ) ଚୁଲି ଜାଳିବା କାଠ । ଯଥା—
ଛନ୍ଦି ସୃଗାଳକୁ ଯେ ଜାଳେଣି ଆଦି କରି,
ପାକ ହେବ ନଳବଧି ଗଉର ଶଉର । ସା. ଭୁ. ସ.

ଜାଳିବା, କ୍ରି. (ଜ୍ୱଲ୍ ଧାତୁଜ) ଦହନ କରିବା; ଅଗ୍ନି ପ୍ରଜ୍ୱଳିତ କରିବା; ଉତ୍ତପ୍ତ କରିବା ।

ଜାଲିବାଡ଼, ବି. (ଦେଶଜ) ଯେଉଁ ବାଡ଼ ବା ଆବରଣରେ ଜାଲିକାମ ହୋଇଥାଏ ।

ଜାଲିନଥ, ବି. (ଦେଶଜ) ନାସିକାର ଅଳଂକାରବିଶେଷ । ଯଥା—
ଆର ପାଶେ ଜାଲିନଥ ଫାନ୍ଦ ପାତି,
କି ମନ୍ମଥ ଦୃଷ୍ଟି ମୃଗ ଧରିବାକୁ କରିଛି ମତି । ବ.ଚ.ମ.

ଜାଲୁଆ, ବି. (ଦେଶଜ) ଯେ ଜାଳ ଆଣେ; ଯେ ଜାଳକାଠ ଯୋଗାଏ ।

ଜାଲ୍ମ, ବି. (ଜଲ୍-ଆଚ୍ଛାଦନ କରିବା-ମ) ନୀଚ ବ୍ୟକ୍ତି । ବିଂ. ଅବିବେଚକ; ମୂର୍ଖ; ଜଡ଼; କ୍ରୂର; ପାମର; ଦୁରାତ୍ମା; ନିର୍ଦ୍ଦୟ ।

ଜାହାଜ, ବି. (ଯାବନିକ) ବୋଇତ ।

ଜାହାଜିଆ, ବି. (ଦେଶଜ) ନାବିକ । ବିଂ. ଜାହାଜସମ୍ବନ୍ଧୀୟ ।

ଜାହାଳି, } ବି. (ଦେଶଜ) ନହଆ ଅର୍ଥାତ୍ ବଡ଼
ଜାହାଁଳି, } ବଡ଼ କୁଣ୍ଡି; ବଡ଼ ବଡ଼ ହାଣ୍ଡି ।

ଜାହିର, ବି. (ଯାବନିକ) ପ୍ରକାଶ; ଶାସନ । ବିଂ. ଅବଗତୀର୍ଣ୍ଣ; ପ୍ରକାଶିତ ।

ଜାହ୍ନବୀ, ବି. ସ୍ତ୍ରୀ. (ଜହ୍ନୁ = ମୁନିବିଶେଷ-ଅ-ଅପତ୍ୟାର୍ଥେ-ସ୍ତ୍ରୀ-ଈ) ଜହ୍ନୁକନ୍ୟା, ଗଙ୍ଗା ।

ଜିଆ, ଜିଆନାଡ଼, ବି. (ଦେଶଜ) କେଞ୍ଚୁଆ ।

ଜିଆଁ, ବିଂ. (ଜୀବିତ ଶବ୍ଦଜ) ସଜୀବ । ବି. ଜିଇଁବା, ପ୍ରାଣରେ ବଞ୍ଚିବା ।

ଜିଆଁଇବା, କ୍ରି. (ଜୀବ୍ ଧାତୁଜ) ଜୀବିତ କରିବା । ଯଥା—

ହର କୋପାନଳେ ଦଗ୍ଧ ମଦନକୁ
ଜିଆଁଇଥାନ୍ତା ତା ହେଲେ । ଯ. କେ.

ଜିଆଦ, ଜ୍ୟାଦ, ବି. (ଦେଶଜ) ମୃଗବିଶେଷ । ଯଥା—

ଖୁରଣ୍ଡି ସିଂହ ଜ୍ୟାଦ ଯେ ଆବର ଭେରଣ୍ଡା,
ଚମରୁ ବନଗୋରୁ ଶରଭଲୁଆ ଗଣ୍ଡା । ନୃ. ପୁ. ଚ. ଉ.

ଜିଆଁଯିବା, କ୍ରି. (ଦେଶଜ) ପ୍ରାଣରେ ବଞ୍ଚି ରହିବା । ଯଥା—

ବିସ୍ମରିଲେ ଏହା ନାମ ତ ଜାଣି ନାହିଁ,
ବଶ ହେବ ମୁଁ ଏ ଜିଆଁଯିବ କେହି । କୃ.ଭା.ଆ.ପ.

ଜିଇଁବା, } କ୍ରି. (ଜିବ୍ ଧାତୁଜ) ଜୀବନ ଧାରଣ
ଜୀଇଁବା, } କରିବା, ସଜୀବ ରହିବା । ଯଥା—

ଶ୍ରୀରାଧିକା ବିନା ମୁଁ ତ ଜିଇଁବିନା
ଅମର-ନବୀନା ପ୍ରାପ୍ତ ହେଲେ । ବି. ଚ. ମ.

ଜିଉଛି, } ବି. ସ୍ତ୍ରୀ. (ଜୀବିତବତ୍ସା ଶବ୍ଦଜ)
ଜୀଉଛି, } ଦେବୀବିଶେଷ । ଯଥା—

(ଜୀଉଛି) ଜିଉଛୀ ଜାଗୁଳାଇ ଜଗତମାତା ଜୟା,
ଯୋଗିନୀ ଯୋଗରୂପା ଯେ କେନାବଳୀ ଜୟା ।
ନୃ. ପୁ. ପ. ଉ.

ଯେଉଁ ସ୍ତ୍ରୀର ସନ୍ତାନ ସବୁ ଜିଅନ୍ତି । ଯଥା—

ମଉଛୁ ଗର୍ଭକଷ୍ଟ ଯେ ଅବା ହୋଇଥିବ,
ଭଜିଲେ ମୁରାର ନାମ ଜୀଉଛି ହୋଇବ । ନୃ.ପୁ.ଷ.ଉ.

ଜିଓଳ, ବି. (ଦେଶଜ, ସମଧିକତଃ ବଙ୍ଗଭାଷାରେ ବ୍ୟବହୃତ) ମାଗୁର ପ୍ରଭୃତି ମାଛ; କଚ୍ଛପ ପ୍ରଭୃତି ।

ଜିଗର, ବି. (ଦେଶଜ) ବାରମ୍ବାର ଅନୁରୋଧ, ଜିଦ୍ । ଯଥା—

ଏହି ମନ୍ତ୍ରଟି ସମ୍ମିଳନୀରେ ଆବୃତ୍ତି ହେବା ସକାଶେ
ଆମର ଜିଗର । ଉ. ସା. ୧୮. ୯.

ଜିଗମିଷା, ବି. ସ୍ତ୍ରୀ. (ଗମ୍-ସନ୍-ଇଚ୍ଛାର୍ଥେ—ସନନ୍ତ ଦ୍ୱିତ୍ୱ, ଇ ଆଗମ, ଆ) ଗମନେଚ୍ଛା । (ବିଶେଷଣରେ ଜିଗମିଷୁ ହୁଏ) । ଯଥା—

ତାଙ୍କାରେ ବନ ଜିଗମିଷୁ ପ୍ରାଣେଶଙ୍କ ସଙ୍ଗେ ।
ଜା. ପ. ନା.

ଜିଗୀଷା, ବି. ସ୍ତ୍ରୀ. (ଜି = ଜିଣିବା-ସନ୍—ସନନ୍ତ ଦ୍ୱିତ୍ୱ, ଇ ଆଗମ, ସ୍ତ୍ରୀ-ଆ) ଜୟ କରିବାର ଇଚ୍ଛା; ଉଦ୍ୟମ; ପ୍ରକର୍ଷ । (ବିଶେଷଣରେ ଜିଗୀଷୁ, ଜିଗୀଷିତ ହୁଏ ।)

ଜିଘତ୍ସା, ବି. ସ୍ତ୍ରୀ. (ଅଦ୍ = ଭୋଜନ କରିବା-ସନ୍—ଇଚ୍ଛାର୍ଥେ, ଅଦ୍ = ଘତ୍, ଦ୍ୱିତ୍ୱ, ଘ = ଜ, ଇ ଆଗମ, ସ୍ତ୍ରୀ—ଆ) ଭୋଜନେଚ୍ଛା, କ୍ଷୁଧା । (ବିଶେଷଣରେ ଜିଘତ୍ସୁ ହୁଏ ।)

ଜିଘାଂସା, ବି. ସ୍ତ୍ରୀ. (ହନ୍ = ବଧ କରିବା-ସନ୍ ଇଚ୍ଛାର୍ଥେ, ହନ୍ = ଘା, ଦ୍ୱିତ୍ୱ, ମ ଆଗମ-ଆ) ହନନେଚ୍ଛା, ବଧଚେଷ୍ଟା । (ବିଶେଷଣରେ ଜିଘାଂସୁ, ଜିଘାଂସିତ ହୁଏ) । ଯଥା—

ନଷ୍ଟେ ତାହା ଶିର କରତଳେ ହୋନ୍ତି ଶସ୍ତ୍ରେ ଜିଘାଂସୁ ।
ଜା. ପ. ନା.

ଜିଘୃକ୍ଷା, ବି. ସ୍ତ୍ରୀ. (ଗ୍ରହ୍ = ଗ୍ରହଣ କରିବା-ସନ୍—ଇଚ୍ଛାର୍ଥେ, ଦ୍ୱିତ୍ୱ-ଆ) ଗ୍ରହଣେଚ୍ଛା । (ବିଶେଷଣରେ ଜିଘୃକ୍ଷୁ, ଜିଘୃକ୍ଷିତ ହୁଏ ।)

ଜିଜ୍ଞସେନୀ, ବି. ସ୍ତ୍ରୀ. (ଯାଜ୍ଞସେନୀ ଶବ୍ଦଜ) ଦ୍ରୌପଦୀ । ଯଥା—

କୁନ୍ତୀ ଗାନ୍ଧାରୀ ଜିଜ୍ଞସେନୀ,
ଆବର ଯେତେକ ତରୁଣୀ ; ଖ. ଦ. ଯ.

ଜିଜୀବିଷା, ବି.ସ୍ତ୍ରୀ. (ଜୀବ୍ = ପ୍ରାଣଧାରଣ କରିବା-ସନ୍ ଦ୍ୱିତ୍ୱ, ସ୍ତ୍ରୀ-ଆ) ଜୀବନେଚ୍ଛା, ବଞ୍ଚିବାର ଇଚ୍ଛା । (ବିଶେଷଣରେ ଜିଜୀବିଷୁ ହୁଏ ।)

ଜିଜ୍ଞାସା, ବି. ସ୍ତ୍ରୀ. (ଜ୍ଞା-ସନ୍—ଇଚ୍ଛାର୍ଥେ ଦ୍ୱିତ୍ୱ-ଅ-ଆ) ଜାଣିବାର ଇଚ୍ଛା; ପ୍ରଶ୍ନ; ଅନୁସନ୍ଧାନ କରିବାର ଇଚ୍ଛା । (ବିଶେଷଣରେ ଜିଜ୍ଞାସୁ, ଜିଜ୍ଞାସମାନ, ଜିଜ୍ଞାସିତ, ଜିଜ୍ଞାସ୍ୟ ଓ ଜିଜ୍ଞାସ୍ୟମାନ ପଦ ନିଷ୍ପନ୍ନ ହୁଏ ।)

ଜିଡ଼ି, ବି. (ଜଟୀ ଶବ୍ଦଜ) ପ୍ଲକ୍ଷବୃକ୍ଷ ।

ଜିଣନ୍ତା, ବିଂ. (ପ୍ରାକୃତ ଜିଣ୍ ଧାତୁଜ) ଜେତା, ଯେ ଜିଣେ । ଯଥା—

ବଜ୍ର ସମାନ ତାହାର କାଣ୍ଡମୂଳ
ଜିଣନ୍ତା ନାହିଁ ଭୂତଳେ । ବ. ଗ୍ର.

ଜିଣା, ବି. (ପ୍ରାକୃତ ଜିଣ୍ ଧାତୁଜ) ଜୟ । ଯଥା—

ସବୁଙ୍କର ହରି ଜିଣା ଦେଖିଣ ଚନ୍ଦ୍ରସେନ,
ସହି ନ ପାରଣ ଦେବଙ୍କର ଅପମାନ । ନୃ.ପୂ.ଦ୍ୱି.ତ.

ବିଂ. ଯାହା ଜୟ କରାଗଲା, ଜିତ । ଯଥା—

ଦେଖ ଜୁଅ-ଜିଣା ଦ୍ରବ୍ୟକୁ କଲେ ଭେଖ । କୃ.ଭା.ବ ପ.

ଯେ ଜୟ କରିଥାଏ । ଯଥା---

ସେକାଳେ ଧୃତରାଷ୍ଟ୍ର କଲେ ଜଣାମଣା,
ତୁମ୍ଭେ ମହାପ୍ରଭୁ ତିନିଲୋକଜିଣା । କୃ. ଭା. ଦ୍ରୋ. ପ.

ଜିଣାଣ, ବି. (ପ୍ରାକୃତ ଜିଣ୍ ଧାତୁଜ) ଜୟ ।

ଜିଣିବା, କ୍ରି. (ପ୍ରାକୃତ ଜିଣ୍ ଧାତୁଜ) ଜୟ କରିବା । ଯଥା—

ସାରା ସଂସାର ଜିଣିଲ ସେ । ବ. ଚ. ମ.

ଅତିକ୍ରମ କରିବା, ଲଂଘିବା । ଯଥା—

ବିହାୟସେ ବିହଗ ସାଗର ଜିଣିଯାଇ,
ବର୍ତ୍ତିକସ୍ୱରୂପ ଧୂତ କେଁ କେଁ କେଁ କେଁ କହି । ବୈ.ବି.

ଜିତ, ବିଂ. (ଜି=ଜିଣିବା-ତ) ପରାଜିତ, ସ୍ୱାୟତ୍ତୀକୃତ; ଜୟଲବ୍ଧ ।

ଜିତା, ବି. (ଜିତ ଶବ୍ଦଜ) ଜୟ । ବିଂ. (ଜେତୃ ଶବ୍ଦଜ) ଜେତା ଅର୍ଥାତ୍ ଜୟୀ । ଯଥା—

ବାଳକେ ମଣିବାକୁ ନ କରେ ମୁହିଁ ଚିନ୍ତା;
ଦେଖିବି ବିଷ୍ଣୁଙ୍କୁ ଜିଣି ଦେବ କେଉଁ ଜିତା ।
ନୃ. ପୂ. ଚ. ତ.

ଜିତିବା, କ୍ରି. (ଜିଣ୍ ଧାତୁଜ) ଜିଣିବା । ଯଥା—

ପାରନ୍ତି ସେ ଜିତି   ଜାଣନ୍ତି ଯେ ନୀତି
ଭୂଷିତ ହୋଇଛି କ୍ଷିତି । ବ. ଗ୍ର.

ଜିତେନ୍ଦ୍ରିୟ, ବି. (ଜିତ-ଇନ୍ଦ୍ରିୟ) ତପସ୍ୱୀ, ଯେ ଇନ୍ଦ୍ରିୟମାନ ଜୟ କରିଅଛି ।

ଜିତ୍ୱର, ବିଂ. (ଜି=ଜୟ କରିବା-ବର-ଶୀଳାର୍ଥେ, ତ୍ ଆଗମ) ଜୟଶୀଳ ।

ଜିଦ, ଯିଦ, ଜିଦ୍ଦ, } ବି. (ଯାବନିକ) ମନୋରଥ; ନିର୍ବନ୍ଧ; ଆଗ୍ରହାତିଶୟ ।

ଜିଦଦାର, ବି. (ଯାବନିକ) ଯେ ବ୍ୟକ୍ତି ଆପଣାର କଥା ରକ୍ଷା କରିବାପାଇଁ ଅନ୍ୟର ଯୁକ୍ତି ତର୍କ ମାନେ ନାହିଁ ।

ଜିଦାଜିଦି, ବି. (ଯାବନିକ) ଚଗ୍ରାଭିମାନ ।

ଜିଦମାରିବା, କ୍ରି. (ଦେଶଜ) କୌଣସି ଏକ ବିଷୟରେ ଦୁଇ ପକ୍ଷ ବିଭିନ୍ନମତ ହୋଇ ଉଭୟଙ୍କ ମତ ଠିକ୍ ବୋଲି ଉଭୟ ପକ୍ଷ ଆଗ୍ରହ କରିବାର ନାମ ଜିଦମରାମରି ହେବା ।

ଜିନ୍, ବି. (ଯାବନିକ) ଘୋଡ଼ାର ଗଦି ।

ଜିନ୍‌କର, ଜିନ୍‌ଗର, } ବିଂ. (ଯାବନିକ) ଯେ ଘୋଡ଼ାର ଜିନ୍ ବା ଗଦି ତିଆରି କରେ ।

ଜିନ, ବି. (ଜି=ଜୟ କରିବା-ନ—ଯେ ତପସ୍ୟାଦ୍ୱାରା ଭୁବନ ଜୟ କରେ) ବୌଦ୍ଧ-ମତପ୍ରବର୍ତ୍ତକ ମୁନି; ବିଷ୍ଣୁ । ବିଂ. ଜୟଶୀଳ ।

ଜିନ୍‌ସବାର, ବି. (ଯାବନିକ) ଯେଉଁ ଘୋଡ଼ାରେ ଚଢ଼ାଯାଏ ।

ଜିନିଷ, ବି. (ଦେଶଜ) ପଦାର୍ଥ, ଦ୍ରବ୍ୟ । ଯଥା—

ବହୁତ କାଳର ବହୁତ ଜିନିଷ,
ବହିଲେଣ ନ ସରଇ ରାତି ଯେ ଦିବସ । ସା.ଖ୍ରୀ.ସ.

ଜିନିଷପତର, ଜିନିଷପତ୍ର, ଜିନିଷପାତି, ଜିନିଷସାତ, } ବି. (ଦେଶଜ) ପଦାର୍ଥ ସକଳ ।

ଜିବ, ଜିଭ, ବି. (ଜିହ୍ୱା ଶବ୍ଦଜ) ଜିହ୍ୱା । ଯଥା—

କସ୍ତୂରୀକି ଖଳଙ୍କ ଜିଭେ ରଖିଲା । ର. କ.

ଜିବ୍ରା, ବି. (ଇଂରାଜୀ ଶବ୍ଦ **Zebra**) ଅଶ୍ୱ-ଜାତୀୟ ବନ୍ୟ ଜନ୍ତୁବିଶେଷ, ଏହାର ସର୍ବାଙ୍ଗ ଶ୍ୱେତ ଓ କୃଷ୍ଣବର୍ଣ୍ଣ ରେଖାରେ ଚିତ୍ରିତ ।

ଜମା, ବ. ( ଯାବନକ ) ମାରଫତ, ନିକଟ । ଯଥା—

କଟୂଆଲ ତାଙ୍କ ତାର ଜମା କରଦେଲା,
ନୃପସୁତ ନୃପ ପାଶେ ଧରା ହୋଇଗଲା । ବେ. ପ.

ଜମାଦାର, ବଂ. (ଯାବନକ) କୌଣସି ପଦାର୍ଥ ଯାହା ଜମାରେ ଥାଏ ।

ଜମିଖାଡ଼, ବ. (ଦେଶଜ) ତୋଡ଼ଜାତୀୟ କ୍ଷୁଦ୍ର ମତ୍ସ୍ୟବିଶେଷ ।

ଜିମ୍ବୁଳ, ଜିଅଳ, } ବ. ( ଜଳପ୍ରିୟ ଶବ୍ଦଜ ) କଚ୍ଛପ; ମତ୍ସ୍ୟବିଶେଷ ।

ଜିରା, ଜୀରା, } ବ. (ଜୀରକ ଶବ୍ଦଜ) ସୁଗନ୍ଧ ମସଲା ଦ୍ରବ୍ୟବିଶେଷ । ଯଥା—

ଜିରା ମରିଚ ହିଙ୍ଗୁ ଧାର,
ପକାଇ କଲେକ ମଧୁର । ଦା. ର.

ଜିରାଇତ, ଜିରାଇତି, ଜିରାୟତ, } ବ. (ହିନ୍ଦୀ) ରଇତି ଜମି ଅର୍ଥାତ୍ ରାଜାଙ୍କ ପ୍ରତିନିଧିଠାରେ ମୁଣ୍ଡଲେଖା ବାନ୍ଧି ପାଇଥିବା ଜମି ।

ଜିରେଫା, ବ. (ଇଂରାଜୀ ଶବ୍ଦ—**Giraffe**) ଲମ୍ବ ପଦ ଓ ଗ୍ରୀବାବିଶିଷ୍ଟ ଉଷ୍ଟ୍ରାକାର ଜନ୍ତୁବିଶେଷ ।

ଜିଲଦ, ବ. ( ଯାବନକ ) ପୁସ୍ତକଖଣ୍ଡ (**Volume**) ।

ଜିଲା, ଜିଲ୍ଲା, } ବ. (ଯାବନକ) ପ୍ରଦେଶର ଅଂଶ ବା ବିଭାଗବିଶେଷ ।

ଜିଲପି, ଜିଲ୍ବି, } ବ. (ଦେଶଜ) ଘୃତପକ୍ୱ ମିଷ୍ଟାନ୍ନବିଶେଷ ।

ଜିଷ୍ଣୁ, ବ. (ଜି = ଜୟ କରିବା-ଷ୍ଣୁକ—ଶୀଳାର୍ଥେ) ବିଷ୍ଣୁ; ଇନ୍ଦ୍ର; ଅର୍ଜୁନ; ସୂର୍ଯ୍ୟ । ବଂ. ଜୟଶୀଳ ।

ଜିହୀର୍ଷା, ବ. ସ୍ତ୍ରୀ. (ହୃ = ହରଣ କରିବା-ସନ୍—ଇଚ୍ଛାର୍ଥେ-ଦ୍ୱିତ୍ୱ, ହ = ଜ-ଅ-ଆ) ହରଣେଚ୍ଛା, (ବିଶେଷଣରେ ଜିହୀର୍ଷୁ, ଜିହୀର୍ଷିତ ହୁଏ ।) ଯଥା—

ସ୍ୱୈର ପ୍ରାପ୍ତେ ଯଦ ନ ଲୁଚ ସେ ହୋଇଥାନ୍ତା ଜିହୀର୍ଷୁ ।
ଜା. ପ. ନା.

ଜିହ୍ମ, ବଂ. [ହା = (ରକୁଚା) ତ୍ୟାଗ କରିବା-ମ—ନିପାତନ] କୁଟିଳ, ବକ୍ର; ଖଳ; ଜଡ଼; କୁଣ୍ଠିତ; ଅପ୍ରସନ୍ନ; ଅଧାର୍ମିକ; ମନ୍ଦ ।

ଜିହ୍ମଗ, ଜିହ୍ମଗାମୀ, } ବ. (ଜିହ୍ମ = ବକ୍ର-ଗମ୍-ଅ, ଇନ୍) ଶର । ବଂ. ବକ୍ରଗାମୀ ।

ଜିହ୍ୱ, ଜିହ୍ୱା, } ବ. (ଲିହ୍ = ଆସ୍ୱାଦନ କରିବା-ବ, ଲ = ଜ-ଆ) ରସନେନ୍ଦ୍ରିୟ, ଜିଭ ।

ଜିହ୍ୱାପ, ବ. (ଜିହ୍ୱା-ପା = ପିଇବା-ଅ) କୁକ୍କୁର; ବ୍ୟାଘ୍ର; ବିଡ଼ାଳ; ଭଲ୍ଲୁକ ।

ଜୀମୂତ, ବ. (ଜୀ = ଜୀବନ-ମୂ = ବନ୍ଧନ କରିବା-ତ, ଜୀବନ = ଜଳ—ଜୀବନର ଜୀ ଆଦେଶ-ମୂତ = ବଦ୍ଧ ) ମେଘ; ପର୍ବତ; ଇନ୍ଦ୍ର । (ଜୀମୂତୌ ମେଘପର୍ବତୌ—ଅମର ।)

ଜୀର, ଜୀରକ, ବ. ଫ. ଜିରା ।

ଜୀର୍ଣ୍ଣ, ବଂ. ( ଜୃ = ଜୀର୍ଣ୍ଣ ହେବା-ତ, ଋ = ଈର, ତ = ନ) ପୁରାତନ; ଜର୍ଜରିତ । ଯଥା—ଜୀର୍ଣ୍ଣଗୃହ । ପରିପକ୍ୱ । ଯେପରି—ଅନ୍ନ ଜୀର୍ଣ୍ଣ ହେଲା ।

ଜୀବ, ବ. (ଜୀବ୍ = ବଞ୍ଚିବା-ଅ) ଜୀବାତ୍ମା; ପ୍ରାଣ; ଚେତନାବିଶିଷ୍ଟ ପଦାର୍ଥ; ପ୍ରାଣୀ, ଜନ୍ତୁ; ବୃହସ୍ପତି; ବୃତ୍ତି, ଜୀବନୋପାୟ; ଜୀବନ; ଛିଙ୍କକାଳୀନ କଲ୍ୟାଣସୂଚକ ବାକ୍ୟ । ଯଥା—

ଆହା ତାହା ନିହତ ରହିଲ ସର୍ବଦା ସ୍ମୃତିକୋଷେ,
ଯହିଁ କାଳେ ମୁହିଁ ପୁଣି ଛିଙ୍କିଦେବାରୁ ପାଶେ ।
କୋଧାବେଶୁ ବ୍ୟକତ ନ କଲ "ଜୀବ" ଏ ଭାରତୀକୁ,
ତାଟଙ୍କେ ତା ଶ୍ରବଣ ମୁଦିଲି ପାଇ ଯେ ମୂକତାକୁ ।
ବ. କା.

ଜୀବଜୀବ, ଜୀବଞ୍ଜୀବ, ଜୀବଜୀବକ, } ବ. (ଜୀବ = ଜୀବନକାଳ-ଜୀବ୍-ଇ-ଅ, ଯେ ଦୀର୍ଘକାଳ ବଞ୍ଚେ, ସ୍ୱାର୍ଥେ-କ) ଚକୋର ପକ୍ଷୀ ।

ଜୀବନ, ବ. (ଜୀବ୍ = ବଞ୍ଚିବା-ଅନ) ପ୍ରାଣ; ପ୍ରାଣଧାରଣ; ଜୀବିକା; ଜଳ; ପବନ; ମଜ୍ଜା ।

ଜୀବନ୍ତ, ଜୀବନ୍ତା, ଜୀଅନ୍ତା, ଜିଅନ୍ତା, } ବଂ. ( ଜୀବତ୍ ଶବ୍ଦଜ ପ୍ରାକୃତ ) ଜୀଇଁଥିବା; ଜୀବିତ । ଯଥା—

ଶିଶୁ ସଙ୍ଗେ ମାଗୋ ଏହି ରୂପେ ମୋର
ଜୀବନ୍ତେ ହେଲା ସମାଧି । ପାର୍ବତୀ ।
ଜୀବନ୍ତା ନ ବୋଲି ତାକୁ ମଲା ସଙ୍ଗେ ଲେଖି ।
ନା. ର. ଗୀ.

ଜୀବାତୁ, ବ. ( ଜୀବ୍-ଆତୁ ) ଜୀବିକା; ଜୀବନୌଷଧ; ଅନ୍ନ ।

ଜୀବିକା, ବି. ସ୍ତ୍ରୀ. ( ଜୀବ୍-କଣ୍-ଆ ) ବୃତ୍ତି, ଜୀବନୋପାୟ; ଜୀବନ ।

ଜୀବିତ, ବି. (ଜୀବ୍-ବଞ୍ଚିବା-ତ) ଆୟୁ; ପ୍ରାଣ; ଜୀବନକାଳ; ଜୀବନ । ବିଂ. ଯେ ପ୍ରାଣ ଧାରଣ କରିଅଛି, ଜୀବନ୍ତ ।

ଜୁ, ଜୋ, ବି. (ଦେଶଜ) ଶକ୍ତି, ସାମର୍ଥ୍ୟ ।

ଜୁଅ, ଜୂଅ, ବି. (ଦ୍ୟୂତ ଶବ୍ଦଜ ପ୍ରାକୃତ) ଖେଳ-ବିଶେଷ । ଯଥା—

ଧନର ଲୋଭେ ନିଜ ଧନ,
ଜୁଅରେ ହାରଇ ଯେସନ । ଭା. ଦ. ସ୍କ.

ଜୁଆଁଇ, ଜୋଁଇ, ଜ୍ୱାଇଁ, ବି. ( ଜାମାତୃ ଶବ୍ଦଜ ) ଝିଅର ପତି । ଯଥା—

ଝିଅ ଜ୍ୱାଇଁ ନାତି ତିନଙ୍କି ଦେଖିଲା ରାଜା,
ଅନେକ ରତ୍ନ ଦେଇଣ କଲା ପାଦପୂଜା । ସା. ଭା. ଆ.

ଜୁଆ, ବି. (ଦେଶଜ) ଆମ୍ବ ପ୍ରଭୃତିକୁ ଲୁଣ ମରିଚ ଆଦିରେ ସିଝା କରିବା । ବିଂ. ଲୁଣ ମରିଚ ଆଦିରେ ସିଝା । ଯେପରି— ଜୁଆ ଆମ୍ବ । (ଦ୍ୟୂତ ଶବ୍ଦଜ) ଦ୍ୟୂତକ୍ରୀଡ଼ା ।

ଜୁଅଙ୍ଗ, ବି. (ଦେଶଜ) ପାର୍ବତ୍ୟ ଜାତି-ବିଶେଷ । ଯଥା—

ମାଲ୍ୟଗିରିବାସୀ ଦୁର୍ଦ୍ଧର୍ଷ ଜୁଆଙ୍ଗ । ନ. କେ.

ଜୁଆଚୋର, ବି. (ଦେଶଜ) ନାନା କପଟରେ ଯେ ଜୁଆ ଖେଳେ । ବିଂ. ଶଠ, ପ୍ରବଞ୍ଚକ ।

ଜୁଆଣି, ଜୁଆଣୀ, ବି. ସ୍ତ୍ରୀ. (ଯମାନୀ ଶବ୍ଦଜ) ଔଷଧ-ଦ୍ରବ୍ୟବିଶେଷ ।

ଜୁଆଦ, ବି. (ଦେଶଜ) ମୃଗବିଶେଷ । ଯଥା—

ଋଷି ବୋଇଲେ ହୁଅନ୍ତୁ ଗଜ ଗୋରୁ ବାଜି,
ମୃଗ ସିଂହ ଜୁଆଦ ହରିଣ ପୁଞ୍ଜି ପୁଞ୍ଜି । ନୃ. ପୁ. ପ୍ର. ତ.

ଜୁଆନ, ଜୁଆଣ, ବି. ( ଯୁବା ଶବ୍ଦଜ ପ୍ରାକୃତ ) ଯୁବା ।

ଜୁଆନିୟା, ଜୁଆଣିଆ, ବି. ( ଦେଶଜ ) ଶସ୍ୟକ୍ଷେତ୍ର ଭିତରେ ହେବା ତୃଣବିଶେଷ ।

ଜୁଆର, ବି. (ଦେଶଜ) ସମୁଦ୍ରଉଚ୍ଛ୍ୱାସ । ଯଥା—

ଖେଳାଇ ଜୀବନ ଜଳଧିରେ ସୁଖ
ଦୁଃଖର ଜୁଆର ଭଟ୍ଟା । ୟ. କେ.

ବିଂ. ଯେ ଜୁଆ ଖେଳଇ, ଦ୍ୟୂତକାର । ଯଥା—

ଯାହାକୁ ବେଶ୍ୟା ସ୍ତ୍ରି ଶ୍ରି ନାଟୁଆ ଜୁଆର,
ପ୍ରଶଂସନ୍ତି ଜାଣ ବ୍ୟର୍ଥ ତା ଶରୀର । କୃ.ଭା.ଉ.ପ.

ଜୁଆରି, ଜୁଆରୀ, ଜୁଆରିଆ, ଜ୍ୱାରିଆ, ବିଂ. (ଦେଶଜ) ଯେ ଜୁଆ ଖେଳେ । ଯଥା—

ବୋଇତ ବଣିକାର ଜୁଆରୀ ଯେ ଚୋର,
ବୈଦ୍ୟ ଶନ୍ଦ୍ରି ମିନ ନାଟୁଆ ଆଦି ନର । କୃ.ଭା.ଉ.ପ.

ଯେଉଁଠାରେ ଜୁଆର ହୁଏ ।

ଜୁଆଳି, ଯୁଆଳି, ବି. ( ଯୁଗ ଶବ୍ଦଜ ) ଲଙ୍ଗଳ ଓ ଶଗଡ଼ ବାନ୍ଧିବା ସମୟରେ ବଳଦର କାନ୍ଧରେ ଯେଉଁ କାଷ୍ଠଖଣ୍ଡ ରହେ; ଜୁଆ ଖେଳିବା ବ୍ୟକ୍ତି । ଯଥା—

ଥୋକାଏ ଖେଳଇ ଜୁଅ ଜୁଆଳିଙ୍କ ମେଳେ,
ବୁଝାଇ କହିଲେ କଥା ନ ବୁଝଇ ଭଲେ । ନା.ର.ଗୀ.

ଜୁଇ, ବି. (ଯୂଥୀ ଶବ୍ଦଜ) ପୁଷ୍ପବିଶେଷ; (ଜୀବକ ଶବ୍ଦଜ) ହ୍ରସ୍ୱବୃକ୍ଷବିଶେଷ; ( ଦେଶଜ ) ନିଆଁ । ଯଥା— .

ନଗ୍ର ଗୃହପାଖଯାକ ଚଉକି ଜଗାଇ,
ପୁନ ପୋଡ଼ିମରୁ ବୋଲି ଲଗାଇଲି ଜୁଇ । ନୃ.ପୁ.ଭୂ.ତ.

ଶବଦାହ ନିମନ୍ତେ ପ୍ରସ୍ତୁତ ଅଗ୍ନି; ପକ୍ଷି-ବିଶେଷ । ଯଥା—

ଭଉଁର ବାଜପୋଇ କୋଇଲି କଉଖାଇ,
ସାଗୁଣା ମାଟିଚଟା ବାଇଟାହୋଗ ଜୁଇ । ନୃ.ପୁ.ଚ.ତ.

ଜୁଇଗାଡ଼, ଜୁଇଗାତ, ବି. (ଦେଶଜ) ଯେଉଁ ଗର୍ତ୍ତ ଉପରେ ଚିତା ଅଗ୍ନି ଜଳେ ।

ଜୁଇବା, ଜୁଆଇବା, କ୍ରି. (ଦେଶଜ) ଆମ୍ବ ପ୍ରଭୃତିକୁ ଲୁଣ ମରିଚ ମସଲା ଦେଇ ସୁସିଦ୍ଧ କରିବା ।

ଜୁଗୁପ୍ସନ, ଜୁଗୁପ୍ସା, ବି. (ଗୁପ୍-ନିନ୍ଦା କରିବା-ସନ୍-ଦ୍ୱିତ୍ୱ-ଅନ୍,ଅ-ଆ) ନିନ୍ଦା; ଘୃଣା । (ବିଶେଷଣରେ ଜୁଗୁପ୍ସକ, ଜୁଗୁପ୍ସିତ, ଏବଂ ବିଶେଷ୍ୟରେ ଜୁଗୋପିଷା ହୁଏ ।)

ଜୁଟ୍‌ହେବା, ଜୁଟହେବା, କ୍ରି. ( ଦେଶଜ ) ଏକତ୍ରିତ ହେବା ।

ଜୁଟାଇବା, କ୍ରି. (ଦେଶଜ) ହାବୁଡ଼ାଇବା ।

ଜୁଟିବା, } କ୍ରି. (ଦେଶଜ) ପ୍ରାପ୍ତ ହେବା;
ଯୁଟିବା, } ମିଳିତ ହେବା । ଯଥା—

କର୍ମଯୁଗେ ନ ମିଳିବ ନିଷିକର ଦାନ,
ଅଭିଷେକ କଲେ ଆଉ ନ ଜୁଟିବ ଅନ୍ନ । ଭ.ସା.୧୮.୯.

ଜୁଡ଼ା, ଜୂଡ଼ା, ବି. (ଜୂଟ ଶବ୍ଦଜ) କେଶ-ବିନ୍ୟାସବିଶେଷ । ଯଥା—

ରଙ୍ଗ ଭଙ୍ଗି ଭରି ଦିବ୍ୟ ଜୁଡ଼ାକୁ,
ସଜାଡ଼ିଲେ ଯୁବା ଜ୍ଞାନବୁଡ଼ାକୁ । ଲ. ବ.

ଜୁଣ, ବି. (ଯୋଜନ ଶବ୍ଦଜ) ଚୂରିକ୍ରୋଶ । (ଜୂର୍ଣ୍ଣ ଶବ୍ଦଜ) ତୃଣବିଶେଷ ।

ଜୁତ, ବି. (ଦ୍ୟୂତ ଶବ୍ଦଜ) ଜୁଆଖେଳ ।

ଜୁତା, ଜୋତା, ବି. (ଦେଶଜ) ଚର୍ମପାଦୁକା । ଯଥା—

ହଲ କଲି ଲୋକ ଜୋତା ମାଡ଼ିବାର
ଏ କଥା କି ଧନ୍ୟ ଧନ୍ୟ ।

ଶଗଡ଼ ପ୍ରଭୃତି ବାନ୍ଧିବା ମୋଟା ଦଉଡ଼ି ।

ଜୁର, ଜୂର, ବି. (ଦେଶଜ) ବଳାତ୍କାର ହରଣ । ଯଥା—

ଏଣୁ ବସନ ଜୁରେ ଇଚ୍ଛେ ମଧୁ । ପ୍ରେ.ସୁ.ନି

ବିନାଶ କରିବା ।

ଜୁରମାରି, ବି. (ଦେଶଜ) ବଳାତ୍କାରରେ ଜୁରିନେବା ।

ଜୁରିବା, କ୍ରି. (ଦେଶଜ) ବଳାତ୍କାରରେ ହରିବା । ଯଥା—

ଯାଚକ କାମନା ସମ୍ପୂର୍ଣ୍ଣ କରି,
ବଇରିବୃନ୍ଦର ଅର୍ଥକୁ ଜୁରି । କୋ. ବ୍ର. ସୁ.

ଜୁରି, ବି. (ଯାବନିକ) କ୍ଷମତାପନ୍ନ ପଞ୍ଚାୟତ । ଜଜସାହେବଙ୍କ ବିଚାର ସମୟରେ ତାଙ୍କୁ ବିଚାରରେ ସାହାଯ୍ୟ ଓ ପରାମର୍ଶ ଦେବା ନିମନ୍ତେ ସାଧାରଣଙ୍କ ମଧ୍ୟରୁ ଯେଉଁମାନେ ତାଙ୍କ ନିକଟରେ ବସନ୍ତି (Jury) ।

ଜୁଲ, ଜୁଲୁକା, ବି. (ଦେଶଜ) କବାଟର କିଳଣି ଅଟକିବାର ଲୌହ ବା କାଷ୍ଠର ଅଟକବିଶେଷ; ଗାଈକୁ ଦୁହିଁବା ବେଳେ ତାର ଗୋଡ଼କୁ ବାନ୍ଧିବା ଦଉଡ଼ି ।

ଜୁଲପି, } ବି. (ଦେଶଜ) କତୁରିବା ବାଳ ।
ଝୁଲପି, } ଯଥା—

ଜୁଲପି-ମଣ୍ଡିତ ଗଣ୍ଡ ଉଜ୍ଜ୍ୱଳ ପ୍ରଭାରେ । ମ. ଯା.

ଜୁଲମ, } ବି. (ହିନ୍ଦୀ) ବଳାତ୍କାର;
ଜୁଲୁମ, } ଅତ୍ୟାଚାର ।

ଜୁଲମବାଜ, ବିଂ. (ଯାବନିକ) ଅତ୍ୟାଚାରୀ ।

ଜୁଲାପ, ବି. (ଦେଶଜ) ଝାଡ଼ା କରାଇବା ଔଷଧ ।

ଜୁଲୁଜୁଲା, } ବି. (ଦେଶଜ) ଜ୍ୟୋତିରିଙ୍ଗଣ ।
ଜୁଲୁଜୁଲିଆ, } ଯଥା—

ଦିବସେ ଜୁଲୁଜୁଲା ପୋକ,
ପ୍ରକାଶି ପାରେ କି ଆଲୋକ । ଭ. ଦ. ସ୍କ.

ଜୁଲ୍ଲି, ବି. (ଝିଲ୍ଲି ଶବ୍ଦଜ) ମାଛଜାତିବିଶେଷ ।

ଜୁହାର, ବି. (ଦେଶଜ) ନମସ୍କାର ।

ଜୁହାରିବା, କ୍ରି. (ଦେଶଜ) ନମସ୍କାର କରିବା । ଯଥା—

ମାତୃ ପାଦପଦ୍ମ ଉଦ୍ଦେଶେ ଜୁହାର । ନ. କେ.

ଜୂଟ, ବି. (ଜୁଟ୍-ଅ) ଜଟା; ମହାଦେବଙ୍କ ଜଟା; ସମୂହ; ବନ୍ଧନ ।

ଜୃମ୍ଭ, ଜୃମ୍ଭା, } ବି. (ଜୃନ୍ଭ୍ = ହାଇ ମାରିବା-
ଜୃମ୍ଭିକା, } ଅ-କ-ସ୍ୱାର୍ଥେ, ଅକ-ଇକ-ଆ)
ହାଇ; ପ୍ରକାଶ, ସ୍ଫୁଟନ ।

ଜୃମ୍ଭକ, ବି. (ଜୃନ୍ଭ୍-ଅକ) ହାଇ; କୃଶାଶ୍ୱ ମୁନିପୁତ୍ରଙ୍କ ଅଧିଷ୍ଠିତ ଅସ୍ତ୍ରବିଶେଷ; ରୁଦ୍ରଗଣବିଶେଷ । ବିଂ ନିଦ୍ରାକାରକ; ଯେ ଜୃମ୍ଭଣ କରେ, ଯେ ସର୍ବଦା ହାଇ ମାରେ ।

ଜୃମ୍ଭଣ, ବି. (ଜୃନ୍ଭ୍ = ହାଇ ମାରିବା-ଅନ) ମୁଖବିକାଶ, ହାଇ; ପ୍ରକାଶ, ସ୍ଫୁଟନ । (ବିଶେଷଣରେ ଜୃମ୍ଭମାଣ, ଜୃମ୍ଭିତ ହୁଏ ।)

ଜୃମ୍ଭିତ, ବିଂ. (ଜୃନ୍ଭ୍-କ୍ତ) ପ୍ରକାଶମାନ, ସ୍ଫୁଟିତ । ଯଥା—

ଜୃମ୍ଭନ୍ନୀଲୋତ୍ପଳଦଳସମଶ୍ୟାମସମ୍ମୁଗ୍ଧଗାତ୍ର ।
ଜା. ପ. ନା.

ଜେଉଟ, } ବି. (ଦେଶଜ) ଫଳବିଶେଷ ।
ଜେଉଠ, } ଯଥା—

ଆମ୍ର ପନସ ପୁନ୍ନାଗ ଜେଉଟ,
ବେଲ ବରୁଣ କପିତ୍ଥ ପ୍ରକଟ । ଦା. ର.

ଜେଜେ, ବି. (ଦେଶଜ) ପ୍ରଣାମ; ଝିଅଁ ଦେବତା; ବୃଦ୍ଧ ଗୁରୁଜନ ।

ଜେଜେମା, } ବି. ସ୍ତ୍ରୀ. (ଦେଶଜ) ପିତାଙ୍କ
ଜେଜୀମା, } ମାତା ।

ଜେଜେବାପା, ବି. (ଦେଶଜ) ପିତାଙ୍କ ପିତା ।

ଜେଠାଈ, } ବି. ସ୍ତ୍ରୀ. (ଜ୍ୟେଷ୍ଠ-ଆର୍ଯ୍ୟା =
ଦେଠାଈ, }
ଜେଠେଈ, } ଆଈ ଶବ୍ଦଜ) ପିତାଙ୍କ ବଡ଼
ଦେଠେଈ, } ଭାଇଙ୍କ ଭାର୍ଯ୍ୟା । ଯଥା—

ଗୋହତ୍ୟା ବ୍ରହ୍ମହତ୍ୟା ଅନେକ ଅଛୁ କରି,
ଜେଠାଈ ମାଉସୀ ଖୁଡ଼ୀ ସବୁ ଅଛୁ ହରି । ନୃ.ପୁ.ସ.ଡ

ଜେତା, ଜିତୃ, ବିଂ. (ଜି = ଜୟ କରିବା-ତୃ) ଯେ ଜୟ କରେ, ଯେ ଜୟ କରିଅଛି । (ବିଂ. ଜୟଯୋଗ୍ୟ ଅର୍ଥରେ ଜେତବ୍ୟ, ଜଯ୍ୟ, ଜେୟ ହୁଏ ।)

ଜେନା, ବି. (ଦେଶଜ-ଜି ଧାତୁର ଅନୁକରଣରେ ଗଠିତ) ରାଜପୁତ୍ର । ଯଥା—
ଆମ୍ଭେ ଗୋପାଳ ପୁଅ ସିନା,
ବ୍ରଜରାଜଙ୍କ ସାନ ଜେନା । ଦା. ର.
କ୍ଷତ୍ରିୟ ଅନ୍ତର ସନ୍ତାନମାନଙ୍କ ଉପାଧି; ଦଳୁଆମାନଙ୍କର ଘରର ନାମ ।

ଜେନାବଳୀ, ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । (ଝାଉଁଳି ଶବ୍ଦ ଦେଖ ।)

ଜେମନ, ବି. (ଜିମ୍ = ଭକ୍ଷଣ କରିବା-ଅନ) ଭୋଜନ, ଖାଇବା ।

ଜେମା, ବି. ସ୍ତ୍ରୀ. (ଦେଶଜ—ଜେନାର ସ୍ତ୍ରୀଲିଙ୍ଗପଦ) ରାଜପୁତ୍ରୀ । ଯଥା—
ଜୟକାଞ୍ଚୀଜେମା ବିଶ୍ୱମନୋରମା । ଚଲିକା ।

ଜେର, ବି. (ପାରସ୍ୟ ଭାଷା) ଗତ, ବିନଷ୍ଟ ।

ଜେଗ, କ୍ରି. (ଯାବନିକ) କୂଟପ୍ରଶ୍ନ ।

ଜେଲ,ଜେଲଖାନା,ବି. (ଯାବନିକ) କାରାଗାର ।

ଜୈତ୍ର, ବିଂ. (ଜେତୃ-ଅ, ଅଥବା ଜି = ଜୟ କରିବା-ତ୍ର-ଶୀଳାର୍ଥେ) ଯେ ଜୟ କରିପାରେ, ଜୟଶୀଳ । ବି. ଔଷଧ; ପାରଦ ।

ଜୈବାତୃକ, ବି. (ଜୀବ୍ = ବଞ୍ଚିବା-ଆତୃକ) ଚନ୍ଦ୍ର; କର୍ପୂର; ପୁତ୍ର; ଔଷଧ । ବିଂ. ଦୀର୍ଘଜୀବୀ, ଦୀର୍ଘାୟୁ; କୃଶ । (ଯେଉଁମାନେ କୃଶ ପର୍ବର୍ତ୍ତେ କୃଶ ଅର୍ଥ କହନ୍ତି—ଜୈବାତୃକଃ ପୁମାନ୍ ସୋମେ ଦୀର୍ଘାୟୁଃ କୃଶଯୋର୍ଦ୍ଵିଷୁ ।)

ଜୋ, ବି. (ଯୋଗ ଶବ୍ଦଜ) ସୁବିଧା; ବୀଜବପନାଦିର ପ୍ରକୃତ ସମୟ ।

ଜୋକ, ବି. (ଜଳୌକା ଶବ୍ଦଜ) ରକ୍ତଶୋଷକ ଜଳଚର କୀଟବିଶେଷ, ଏ ଜନ୍ତୁ ଜଳରେ ରହି ଗୋ ମହିଷାଦିଙ୍କ ଦେହରେ ବିଶେଷ ଲାଗେ । ଯଥା—
ଜୋକ ଯେ ଏକଇ ଚରଣେ,
ଯେସନେ ସଞ୍ଚରଇ ତୃଣେ । ଭା. ଦ. ସ୍କ.

ଜୋକଆ, ବି. (ଦେଶଜ) ଦାନ୍ତମୂଳ ଫୁଲା; ଏକପ୍ରକାର ଲୁହାକଣ୍ଟା ।

ଜୋଖା, ବି. (ଦେଶଜ) ସ୍ଥୂଳତଃ ପରିମାଣ କରିବା; ଦନ୍ତମୂଳରେ ମାଂସବୃଦ୍ଧି ।

ଜୋଗଣ, ବି. (ଦେଶଜ) ରାଜାମାନଙ୍କର ଭୋଜନ ।

ଜୋଗଣାହାରି, } ବି. (ଦେଶଜ) ରାଜାଙ୍କର
ଜୋଗଣିଆ, } ପାଚକ, ଯେ ଜୋଗଣ ଠିକଣା କରେ; ଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ ।

ଜୋଗାଡ଼,ବି. (ଦେଶଜ) ବିଷୟର ଆୟୋଜନ; କନ୍ୟା ଶାଶୁ ଘରକୁ ଯିବା ସମୟରେ ପ୍ରଦତ୍ତ ଉପକରଣ ସାମଗ୍ରୀ; ଠିକ ସଂସ୍ଥାପନ ।

ଜୋଗାଡ଼ଆ, ବିଂ. (ଦେଶଜ) ଯେ ଯୋଗାଡ଼ କରେ ।

ଜୋଗାଡ଼ିବା, କ୍ରି. (ଦେଶଜ) କୌଣସି ପଦାର୍ଥ ପ୍ରସ୍ତୁତ କରି ରଖିବା, ଠିକ ଠିକଣା କରି ରଖିବା; ସାମଗ୍ରୀ ଠିକ କରି ରନ୍ଧନ ଆରମ୍ଭ କରିବା; ଆୟୋଜନ କରିବା ।

ଜୋଡ଼, } ବି. (ଯୁଗ୍ମ ଶବ୍ଦଜ) ଦୁଇଟି; ଏକତ୍ର;
ଜୋଡ଼ା, } ଦୁଇଟି ପରିଚ୍ଛଦ । ଯଥା—
ପାଟଯୋଡ଼ । (ଦେଶଜ) ପ୍ରସ୍ତରାଦି ଭାଙ୍ଗିଗଲେ ଭଙ୍ଗା ସ୍ଥାନକୁ ଜୋଡ଼ିବା ।

ଜୋଡ଼, } ବିଂ. (ଯୁଗ୍ମ ଶବ୍ଦଜ) ଦୁଇଗୋଟି ।
ଜୋଡ଼ା, } ବି. ଭଗ୍ନପଦାର୍ଥ ଜୋଡ଼ିବା ।

ଜୋଡ଼ହସ୍ତ,ବି. (ଓଡ଼ିଆ ସଂସ୍କୃତ ଶବ୍ଦର ମିଶ୍ରଣ) ବଦ୍ଧାଞ୍ଜଳି, ପୁଟାଞ୍ଜଳି ।

ଜୋଡ଼ିବା, କ୍ରି. ( ଦେଶଜ ) ଭଗ୍ନଖଣ୍ଡଦ୍ରବ୍ୟ ମିଶାଇବା ।

ଜୋଡ଼ଜମକ, ବି୦. (ଦେଶଜ) ଯେଉଁ ପଦାର୍ଥ ଦୁଇଗୋଟି ଏକସ୍ଥାନରେ ଥିବାରୁ ଶୋଭା-ଯୁକ୍ତ ଦେଖାଯାଏ ।

ଜୋର,ବି.(ଯାବନିକ) ବଳ;ବେଗ (**force**) ।

ଜୋର, ଜୋଡ଼, ଜୋଢ଼, } ବି. (ଦେଶଜ) ବର୍ଷା ଜଳ ଯେଉଁଠାରେ ଜମା ହୋଇ ରହେ ।

ଜୋଳ, ଜୋଳୀ, } ବି. ସ୍ତ୍ରୀ. (ଦେଶଜ) ଲଙ୍ଗଳର ଫାଳ ଖାଲ ।

ଜୋଷ, ଜୋଷମ୍, } ବି. (ଜୁଷ = ତୃପ୍ତ ହେବା, ତୃପ୍ତ କରିବା-ଅ) ସୁଖ; ସନ୍ତୋଷ; ନୀରବରେ; ସ୍ୱଚ୍ଛନ୍ଦରେ; ପ୍ରଶଂସା; ଲଙ୍ଘନ । (ତୁଷ୍ଣୀମର୍ଥେ ସୁଖେ ଜୋଷଂ । ) (ଜୋଷଂ ସୁଖେ ସ୍ତୁତୌ ଗୁପି ମୌନଲଙ୍ଘନୟୋରପି —ହୈମ ।)

ଜୋଷା, ଜୋଷିତ୍, ଜୋଷିତା, } ବି. ସ୍ତ୍ରୀ. (ଜୁଷ୍ = ତୃପ୍ତ କରିବା-ଅ, ଆ, ଜୁଷ-ଇତ୍, ଇତ-ଆ ) ନାରୀ, ସ୍ତ୍ରୀ ।

ଜ୍ଞ, ବି୦. (ଜ୍ଞା = ଜାଣିବା-ଅ) ଜ୍ଞାନୀ, ଯେ ଜାଣେ; ପଣ୍ଡିତ । (ଧୀରୋ ମନୀଷୀ ଜ୍ଞଃ—ଅମର ।) ବି. ବ୍ରହ୍ମା; ଚନ୍ଦ୍ର; ମଙ୍ଗଳଗ୍ରହ; ବୁଧଗ୍ରହ ।

ଜ୍ଞପ୍ତି, ବି. (ଜ୍ଞା-ଇ = ଜ୍ଞପ୍ = ଜଣାଇବା-ତି) ବୁଦ୍ଧି; ଜ୍ଞାନ; ବିଜ୍ଞାପନ; ଜାଣିବା । (ବିଶେଷଣରେ ଜ୍ଞପିତ ଓ ଜ୍ଞପ୍ତ ହୁଏ ।)

ଜ୍ଞାତ,ବି.(ଜ୍ଞା-ତି) ଦାୟାଦ; ସଗୋତ୍ର ; ସପିଣ୍ଡ ।

ଜ୍ଞାନ, ବି. (ଜ୍ଞା = ଜାଣିବା-ଅନ) ବୁଦ୍ଧି, ପ୍ରଜ୍ଞା; ତତ୍ତ୍ୱଜ୍ଞାନ । (ବିଶେଷଣରେ ଜ୍ଞାତ, ଜ୍ଞାତବ୍ୟ, ଜ୍ଞାତା ଓ ଜ୍ଞେୟ ପଦ ସାଧିତ ହୁଏ ।)

ଜ୍ଞାପନ, ବି. ( ଜ୍ଞା-ଣିଚ୍-ପ ଆଗମ-ଅନ ) ଆବେଦନ, ବିଦିତକରଣ; ବିଜ୍ଞାପନ । (ବିଶେଷଣରେ ଜ୍ଞାପିତ, ଜ୍ଞାପକ, ଜ୍ଞାପୟିତା ଓ ଜ୍ଞାପନୀୟ ପଦ ନିଷ୍ପନ୍ନ ହୁଏ ।)

ଜ୍ୟା, ବି. ସ୍ତ୍ରୀ. ( ଜ୍ୟା = ଜୀର୍ଣ୍ଣ ହେବା-କ୍ୱିପ୍ ) ପୃଥିବୀ । (ପ୍ରସବ ହେତୁ ଯାହାର ଶରୀର ଶୀର୍ଣ୍ଣ ହୁଏ) ମାତା; ଧନୁର୍ଗୁଣ ।

ଜ୍ୟାୟାନ୍, ଜ୍ୟେଷ୍ଠ, } ବି୦. (ଜ୍ୟାୟସ୍-ପ୍ରଶଂସ୍ୟ ବା ବୃଦ୍ଧ-ଈୟସ୍, ଇଷ୍ଠ-ଅତ୍ୟର୍ଥେ, ପ୍ରଶସ୍ୟ ବା ବୃଦ୍ଧ ସ୍ଥାନରେ ଜ୍ୟ ) ଅଗ୍ରଜ, ଯେ ବୟସରେ ବଡ଼; ପ୍ରବୃଦ୍ଧ; ଉତ୍କୃଷ୍ଟ, ଶ୍ରେଷ୍ଠ । (ସ୍ତ୍ରୀ-ଜ୍ୟାୟସୀ)

ଜ୍ୟୋଛନା, ଜୋଛନା, } ବି. ସ୍ତ୍ରୀ. ( ଜ୍ୟୋତ୍ସ୍ନା ଶବ୍ଦଜ ) କାନ୍ତି; ରଶ୍ମି । ଯଥା—

ବିମ୍ବ ଗ୍ରାସ କରିବାରୁ ପୂର୍ବେ ଈଶ
ଜଗିଛୁ କି ତାର ଜ୍ୟୋଛନା । ଧ୍ରୁ. ପ.

ଜୋତିଃ, ଜ୍ୟୋତି, } ବି. ସ୍ତ୍ରୀ. (ଜ୍ୟୋତିଷ୍-ଦ୍ୟୁତ୍ = ଦୀପ୍ତି ପାଇବା-ଇସ୍-ଦ୍ୟ = ଜ୍ୟ ) ଗ୍ରହ ନକ୍ଷତ୍ର ପ୍ରଭୃତି ପଦାର୍ଥ; ତେଜ; ଚୈତନ୍ୟ; ଚକ୍ଷୁ; ଆତ୍ମା; ଜ୍ୟୋତିଃଶାସ୍ତ୍ର; ଅଗ୍ନି; ସୂର୍ଯ୍ୟ; ପୁତ୍ର; ଆଲୋକ; ଶିଖା; ଜ୍ୱାଳା; ଦୀପ୍ତି ।

ଜ୍ୟୋତିରିଙ୍ଗ, ଜ୍ୟୋତିରିଙ୍ଗଣ, } ବି. ( ଜ୍ୟୋତିଃ-ରିଙ୍ଗ, ଇଙ୍ଗଣ—ଇନ୍ଗ୍ = ଗମନ କରିବା -ଅ, ଅନ) ଖଦ୍ୟୋତ, ଜୁଳୁଜୁଳିଆ ପୋକ ।

ଜ୍ୟୋତିଷ, ଜ୍ୟୌତିଷ, } ବି. (ଜ୍ୟୋତିଷ୍-ଅ—ଇଦମର୍ଥେ) ଜ୍ୟୋତିର୍ବିଦ୍ୟା, ବେଦାଙ୍ଗଶାସ୍ତ୍ର-ବିଶେଷ । ବି୦. ଜ୍ୟୋତିଃଶାସ୍ତ୍ରଜ୍ଞ ।

ଜ୍ୟୋତ୍ସ୍ନା, ବି. ସ୍ତ୍ରୀ. (ଜ୍ୟୋତିସ୍-ନ-ଅସ୍ତ୍ୟର୍ଥେ-ଆ, ଇ ଲୋପ) ଚନ୍ଦ୍ରିକା; ଚନ୍ଦ୍ରକିରଣ; କାନ୍ତି, ଶୋଭା ।

ଜ୍ୱର, ବି. (ଜ୍ୱର୍ = ସନ୍ତପ୍ତ ହେବା-ଅ) ସ୍ୱନାମ-ପ୍ରସିଦ୍ଧ ରୋଗ; ସନ୍ତାପ; ରୋଗପୀଡ଼ା; ଅସ୍ୱାସ୍ଥ୍ୟ; ଯାତନା । (ବିଶେଷଣରେ ଜ୍ୱରୀ, ଜ୍ୱରିତ ହୁଏ ।)

ଜ୍ୱଳନ, ବି.(ଜ୍ୱଲ୍ = ଦୀପ୍ତ ହେବା-ଅନ) ଦୀପନ; ଜ୍ୱାଳା; ଅଗ୍ନି; ଦୀପ୍ତି; ଦାହ । (ବିଶେଷଣରେ ଜ୍ୱଳନ୍ତ, ଜ୍ୱଳିତ ଓ ଜ୍ୱାଳିତ ହୁଏ ।)

ଜ୍ୱାଳ, ବି. (ଜ୍ୱଲ୍=ପ୍ରଦୀପ୍ତ ହେବା-ଅ) ଅଗ୍ନିଶିଖା; କ୍ଷତ ଓ ଆହତ ସ୍ଥାନର ଦାହ; ଦୁଃଖ, କ୍ଲେଶ, ଯାତନା । ବିଂ. ଦୀପ୍ତିବିଶିଷ୍ଟ; ଅଗ୍ନି ଶିଖା । ଯଥା—

ଶ୍ରୀଖଣ୍ଡାଦ୍ରି-ପ୍ରଭବମରୁତ ଜାଳଜାଳ ପ୍ରକାଶେ ।
ଜା. ପ. ନା.

# ଝ

**ଝ**, ବ୍ୟଞ୍ଜନମାଳାର ନବମ ବର୍ଣ୍ଣ । (ଝଝ୍ = ଏକତ୍ର କରିବା-ଅ) ବି. ବୃହସ୍ପତି; ଦୈତ୍ୟପତି; ଇନ୍ଦ୍ର । ସ୍ତ୍ରୀ. ଝଞ୍ଜାବାତ; ଜଳବର୍ଷଣ; ଶବ୍ଦ । ବିଂ. ନିଦ୍ରିତ; ନଷ୍ଟ ।

ଝଁଝଁ, ଝଅଁ ଝଅଁ, } ଅଂ. (ଦେଶଜ) ଶବ୍ଦାନୁକରଣବିଶେଷ ।

ଝକ, ବି. (ଦେଶଜ) କାନ୍ତି । ଯଥା—

ହେବାରୁ ବ୍ୟାପିଲା ଝକ ପ୍ରଭାବରେ
ଲୁଟିବା ଭାବିଲା ମନ । କୋ. ବ୍ର. ଘୁ.

ଝକଝକ, ବି. (ଦେଶଜ) ଜାଜ୍ୱଲ୍ୟମାନ ।

ଝକମକ, ବି. (ଦେଶଜ) ଜାଜ୍ୱଲ୍ୟମାନ । ଯଥା—

କଉସ୍ତୁଭ ସମ କରେ ଝକମକ,
ପ୍ରଭୁ ଝାଳ ବକ୍ଷେ ଚନ୍ଦ୍ରମା ପଦକ । ନ. କେ.

ଝକମକ, ବି. (ଦେଶଜ) ଅଗ୍ନିଉତ୍ପାଦକ ପ୍ରସ୍ତରବିଶେଷ ।

ଝକମକିଆ, ବିଂ. ଜାଜ୍ୱଲ୍ୟମାନ । ଯଥା—

ଝକମକିଆ ଅଳଂକାର,
ପିନ୍ଧିବାକୁ ଇଚ୍ଛା ନୁହେ କାହାର ।

ଝକମାର, ଝକମାରି, } ବି. (ଦେଶଜ) ଅପରାଧ, ତ୍ରୁଟି; ବେକୁବୀ ।

ଝଗଡ଼, ବି. (ଦେଶଜ) ରାଜସ୍ନାନ ।

ଝଗଡ଼, ଝଗଡ଼ା, ବି. (ଦେଶଜ) କଳହ, ବିବାଦ । ଯଥା—

ଝଗଡ଼ କରି ଅତନୁ,
ଝିଙ୍କିଛି କୁସୁମଧନୁ । ବ. ର. ମ.

ଝଗଡ଼ ହେବା, କ୍ରି. (ଦେଶଜ) ଅକାରଣ ବକ ହେବା । ଯଥା—

ଝଗଡ଼ ମାନ ହେଲ ହେ ଶ୍ୟାମ । କ. ଚ. ଚ.

ବ୍ୟର୍ଥରେ ଆସକ୍ତିପୂର୍ବକ ଧନ୍ଦା ପାଇବା । ଯଥା—

ଅନେକ କୂଟ ଛନ୍ଦ କରି,
ଝଗଡ଼ି ହୋଇଣ ସେ ମରି । ମା. ମା.

ଝଙ୍କଝଙ୍କ, ଅଂ. (ଦେଶଜ) ପବନ ବହିବା ଶବ୍ଦର ଅନୁକରଣ ।

ଝଙ୍କା, ବି. (ଦେଶଜ) ବଡ଼ ଢୋକାଇ ।

ଝଙ୍କାଝୋର, ବିଂ. (ଦେଶଜ) ପ୍ରଚୁର, ଯଥେଷ୍ଟ ।

ଝଙ୍କାର, ଝଙ୍କୃତ, ବି. (ଝମ୍=ଅନୁକରଣ ଶବ୍ଦ-କୃ-ଅ, ତ) ଧ୍ୱନିବିଶେଷ, ଝନଝନ ଶବ୍ଦ; ଭ୍ରମରାଦିର ଶବ୍ଦ ।

ଝଙ୍କାଳିଆ, ବିଂ. (ଦେଶଜ) ଝାମ୍ପୁରା, ଝାମ୍ପୁଲା; ବିସ୍ତୃତ । ଯଥା—

ଝଙ୍କାଳିଆ ଗୁମ୍ଫା ତରୁ ମଞ୍ଜୁ କୁଞ୍ଜେ ଶୁଭୁଥାଇ ଅନୁକ୍ଷଣ ।
ଯ. କେ.

ଝଙ୍କୀ, ବିଂ. (ଦେଶଜ) ଯେ ବ୍ୟକ୍ତି ଆପଣା କଥା ରକ୍ଷା କରିବାକୁ ଯୁକ୍ତି ତର୍କ ମାନେ ନାହିଁ ।

ଝଜକା, ବି. (ଦେଶଜ) ଭୟରେ ପଶ୍ଚାତ୍ପଦ ହେବା ।

ଝଜକିବା, କ୍ରି. (ଦେଶଜ) ଭୟରେ ପଶ୍ଚାତ୍ପଦ ହେବା ।

ଝଜକଝଜକ, ବି. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ଝଜକ ଝଜକ ଶବ୍ଦ ଶୁଭେ ବାଜିବାରୁ । ନୃ. ପୁ. ଦ୍ୱି. ଭ.

ଝଜ, ବି. (ଦେଶଜ, ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ସାନ ଗାମୁଛା ।

ଝଞ୍ଝଟ, ବି. (ଦେଶଜ) ଗୋଳମାଳ; ଅଡୁଆ; ଲେଞ୍ଜରା; ଜଞ୍ଜାଳ; ଭିଡ଼ ବା କାର୍ଯ୍ୟାତିଶଯ୍ୟ; କ୍ଲେଶ ।

ଝଞ୍ଜା, ବି. (ଝମ୍-ଝଟ୍ କିମ୍ବା ଜନ୍-ଅ-ଆ, ଝଙ୍କାର ଶବ୍ଦ ଯେ ଜନ୍ମାଏ) ବୃଷ୍ଟି; ଝଡ଼, ଝଡ଼ି; ଧ୍ୱନିବିଶେଷ; ତୃପ୍ତି ।

ଝଞ୍ଜାନଳ, ଝଞ୍ଜାବାତ, ଝଂଝାବାତ, } ବି. ( ଝଞ୍ଜା-ଅନଳ, ବାତ ) ଝଡ଼, ତୋଫାନ; ବର୍ଷାକାଳୀନ ପବନ ।

ଝଞ୍ଜାରିବା, କ୍ରି. (ଦେଶଜ) ସବଳ ଉତ୍କର୍ଷ ପ୍ରକାଶ କରିବା, ଜିଣିବା; ଇତସ୍ତତଃ ଚାଳିତ କରିବା । ଯଥା—

ଆଣ୍ଠୁରେ ମାରି କର ଝଞ୍ଜାରିଲେ ଫରି । କୃ.ଭା.ଆ.ପ.

ଝଞ୍ଜାଳ, ଝଞ୍ଜାଳି, } ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ବାଇଲେ ବୀଣାଯନ୍ତ୍ର ତାଳ,
କଂସାଳ ଝଞ୍ଜାଳ ମର୍ଦ୍ଦଳ । ମା. ମା.

ଝଞ୍ଜାଳ ବେଣୁ ବୀଣା ବଜାନ୍ତି କେହୁ ଅବା । ନୃ.ପୁ.ଚ.ଉ.

ଝଞ୍ଜିରି, ବି. (ଦେଶଜ) ଶିକୁଳି ।

ଝଂଝଟିଆ, ବିଂ. (ଦେଶଜ) କାର୍ଯ୍ୟରେ ବ୍ୟସ୍ତ; ଦୁଷ୍କର, କଠିଣ; ଗୋଳମାଳିଆ ।

ଝଟ, କ୍ରି. ବିଂ. (ଝଟିତି ଶବ୍ଦଜ) ଶୀଘ୍ର । ଯଥା—
ବିବସ୍ତ୍ର ହୋଇଣ ପଳାଇଲେ କୁନ୍ତିଭଟେ,
ସୂପକାର ଆଦିଙ୍କି ଭେଟିଲେ ଯାଇ ଝଟେ । ସା.ଭା.ବି.

ଝଟଝଟ, ଝଟ୍‌ଝଟ୍, } ବି. (ଦେଶଜ) ଖିପ୍ର । ଯଥା—

ଭାନୁକର ଲାଗି ଝଟକଇ ଝଟ ଝଟ । ଲା. ବ.

କ୍ରି. ବିଂ. ଶୀଘ୍ର ! ଯଥା—

ସୁବର୍ଣ୍ଣନିର୍ମିତ ପହଁରି ନିଜ କରେ ଧରି,
ରାଜପୁତ୍ରେ ପହଁରନ୍ତି ଝଟ ଝଟ କରି । ସା. ଭା. ସ.

ଝଟକ, ବି. (ଦେଶଜ) କାନ୍ତି । ବିଂ. ଯାହା କ୍ଷଣକାଳ ନିମନ୍ତେ ତେଜ ପ୍ରକାଶ କରେ । ଯଥା—

ହିନପତନୀ ଅଙ୍ଗେ ଶୋଭା,
ଝଟକ ବିଜୁଳିର ଆଭା । କ. ଲୋ.

କ୍ରି. ବିଂ. ଶୀଘ୍ର ।

ଝଟକା, ବି. (ଯାବନିକ) ସାନ ଘୋଡ଼ାଗାଡ଼ି ।

ଝଟକଣି, ଝଟକନି, } କ୍ରି. ବିଂ. ( ଦେଶଜ ) ଶୀଘ୍ର, ହଠାତ୍ । ଯଥା—

ନକ୍ଷତ୍ର ବାର ତିଥି କରଣ ଯୋଗ ଆଦି,
ଏମାନ ଝଟକଣି ଢଳନ୍ତି ହୃଦେ ଭେଦି । ନୃ.ପୁ.ସ.ଉ.

ଝଟକିବା, କ୍ରି. (ଦେଶଜ) ଜାଜ୍ୱଲ୍ୟମାନ ହେବା ।

ଝଟତି, କ୍ରି. ବିଂ. (ଝଟିତି ଶବ୍ଦର ଅପଭ୍ରଂଶ) ଶୀଘ୍ର ।

ଝଟନୀ, ଝଟନେନୀ, } ବି. ସ୍ତ୍ରୀ. (ଦେଶଜ) ଦେବୀଙ୍କ ନାମବିଶେଷ । (ଝାଡ଼େଶ୍ୱରୀ ଶବ୍ଦ ଦେଖ ।)

ଝଟପଟ, ବି. (ଦେଶଜ) ସତ୍ୱର ।

ଝଟପରି, କ୍ରି.ବିଂ.(ଦେଶଜ) ଶୀଘ୍ର, ଅତିଶୀଘ୍ର । ଯଥା—

ଝଟପରି ନିଦ୍ରା ଭାଜିଗଲା ମୋର କାଢ଼ର ଯାସେ । ଲା.ବ.

ଝଟବରୀ, ବି. ସ୍ତ୍ରୀ. (ଦେଶଜ) ଦେବୀଙ୍କ ନାମବିଶେଷ । (ଝାଡ଼େଶ୍ୱରୀ ଶବ୍ଦ ଦେଖ ।)

ଝଟା, ବି. (ଦେଶଜ) ଶିମ୍ବ; ଝୁଟି ଅର୍ଥାତ୍ ମୁରୁଜ ଆଦିରେ ଲେଖିବା ଚିତା । ଯଥା—
ଆମ୍ରମଗୋଟି ଲିପି ଆପଣା ଝଟା ଦେବ,
ପାଣିଝରୀଏ ଫଳରୁ ଗୁଣ୍ଡିଏ ଆଣିବ । ସା. ଭା. ଆ.

ଝାଟି ଅର୍ଥାତ୍ ବୃକ୍ଷ ଗୁଳ୍ମାଦିର ସରୁ ସରୁ ଶାଖା ।

ଝଟାପଟି, ଝଟାପଟା, } ବି. (ଦେଶଜ) କଳହ, ମରାମରି; ମୁହାଁମୁହିଁ ।

ଝଟାପଟା, ବିଂ. (ଦେଶଜ) ଯାହା କୌଣସି ବସ୍ତୁରେ ଲାଗିଲେ ଛାଡ଼େ ନାହିଁ । ଯଥା—

କସ କଣ୍ଟା, କାନାକୋଳି କଣ୍ଟା,
ଯହିଁରେ ଲାଗିବ ଝଟାପଟା । କଥାର ଲଥା ।

ଝଟାଳିଆ, ବିଂ. (ଦେଶଜ) ଝାଟିପୂର୍ଣ୍ଣ; ଯେଉଁ ମୃଗର ଶୃଙ୍ଗମାନ ବଡ଼ ଓ ବିଶେଷ ଶାଖାଯୁକ୍ତ ।

ଝଟିକା, ବି. (ପ୍ରାକୃତିକ) ତୋଫାନ, ବାତ୍ୟା ।

ଝଟିତି, କ୍ରି. ବିଂ. (ଝଟ୍-ଇତି) ଶୀଘ୍ର, ଦ୍ରୁତ, ବେଗ ।

ଝଡ଼, ଝଡ, ବି. (ଝଟିକା ଶବ୍ଦଜ ପ୍ରାକୃତ) ଅବିଶ୍ରାନ୍ତ ବୃଷ୍ଟିସହ ପ୍ରବଳ ପବନ, ତୋଫାନ ।

ଝଡ଼ା, ବି. (ଦେଶଜ) ଝାଡ଼ିବା; ପହଁରିବା; ମନ୍ତ୍ରିବା ଅର୍ଥାତ୍ ଭୂତ ପ୍ରେତାଦି ଲାଗିଥିଲେ ମନ୍ତ୍ର ପଢ଼ି ମାର୍ଜନ କରିବା; ପୁଷ୍ପଗୁଚ୍ଛ । ଯଥା—

ଝଡ଼ା ସଜଡ଼ାକାଳେ ସୁମନସରେ । ପ୍ରେ. ସୁ. ନି.

ଏକପ୍ରକାର ପିଠା । ଯଥା—

ଝଡ଼ାବଡ଼ା ଲଡ଼ୁ କୋରା ଷଡରସ ବିଧି । ନୃ.ପୁ.ଭୃ.ଉ.

ଗଛରୁ ଝଡ଼ବା । ବଂ. ସାର । ଯେପରି—
ଝଡ଼ା ମଞ୍ଜି । ଯେ ଝାଡ଼ଇ; ଯାହାକୁ ଝାଡ଼-
ଥାଉଁ । କ୍ରି. ବିଂ. ନିଃଶେଷରେ । ଯଥା—

**ପଣ୍ଡିତମାନଙ୍କ ଗାଦି ଖାଲିଅଛି ପଡ଼ି,**
**ଯାବନ୍ତ ଶାସନଝଡ଼ା ପାଉଛନ୍ତି ରଡ଼ି । ଉ. ଭ୍ର.**

ଝଡ଼ାମହୁର, ଝଡ଼ାବେଶର, ବି. (ଦେଶଜ) ଯେଉଁ ମହୁର ଭିଆଣ ବା ବେଶର ଭିଆଣରୁ ମାଛକଣ୍ଟା କଡ଼ା ହୋଇଥାଏ ।

ଝଡ଼ପୋକ, ଝରପୋକ, ଝଡ଼ିଆପୋକ, ଝରିଆପୋକ, } ବି. (ଦେଶଜ) ବୃଷ୍ଟିସୂଚକ କୀଟବିଶେଷ ବା ଏକପ୍ରକାର ପକ୍ଷଯୁକ୍ତ ଉଈ ।

ଝଡ଼ିବା, କ୍ରି. (ଦେଶଜ) ବୃକ୍ଷାଦିରୁ ଖସିପଡ଼ିବା; କ୍ଷୀଣ ହେବା । ଯଥା—

ଝଡ଼ିବ **ବଳ** କୋମଳ ଗୁଡ଼ରୁ,
ଝସିଧିକ ଝାଲ୍ଟିପୀଡ଼ା ଛାଡ଼ରୁ । କ. ଚ. ଚ.

ଅନ୍ନ ଆଦି ପେଟରେ ଜୀର୍ଣ୍ଣ ହେବା ।

ଝଡ଼େଇବା, ଝଡ଼ାଇବା, କ୍ରି. (ଦେଶଜ) ଗଛରୁ ଖସାଇପକାଇବା; ଅନ୍ନାଦିକୁ ବ୍ୟାୟାମଦ୍ୱାରା ଜୀର୍ଣ୍ଣ କରାଇବା ।

ଝଣଝଣ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ ।

ଝଣତ୍କାର, ଝନତ୍କାର, ବି. (ଝନତ୍-କାର) ଝନ୍‌ଝନ୍ ଶବ୍ଦ; ଅନୁକରଣ ଶବ୍ଦ ।

ଝଣ୍ଡା, ବି. (ଦେଶଜ) ମାଳା । ଯଥା—

**ଯୋରବାସିଙ୍କର ଦୁରନ୍ତବାଣ ମଙ୍ଗଳଝଣ୍ଡା । ଉଷା ।**

ଝନଝନ, ଝନଝନା, ଝନନ, ଝନ୍‌ଝନା, } ବି. (ଦେଶଜ) ଶବ୍ଦବିଶେଷ । ଯଥା—

ଗମ୍ଭୀର ସମର ବାଦ୍ୟ ଅସ୍ବର ଝନ୍‌ଝନା । କ. ବ.
ନାହିଁ ଏଥି ରଣବାଦ୍ୟ ଅସ୍ବର ଝନଝନା । ଜା. ପ.
ଝନନ କଙ୍କିଣୀ ମଧୁର । ବ. ଚ. ମ.

ଝପ, ଝପକିନି, ଝପକନା, କ୍ରି. ବିଂ. (ଦେଶଜ) ଶୀଘ୍ର ।

ଝପଟ, ଉ. (ଦେଶଜ) ଦଉଡ଼, ଧାଇଁବା । ଯଥା—

ଘୋଟକ ଝପଟ ଧୂଳି ଘୋଟେ ନଭସ୍ଥଳ । କ.ବ.

ଝପଟିବା, କ୍ରି. (ଦେଶଜ) ଦଉଡ଼ିବା, ଧାବମାନ କରିବା ।

ଝପଟାଇବା, ବି. (ଦେଶଜ) ଧାବମାନ କରାଇବା । ଯଥା—

ଝପଟାଇଦେଲି ଖରେ ତୁରଙ୍ଗମ ସେ କାନ୍ତାର ପଥେ ।
ଯ. କେ.

ଝବା, ଝୁବା, ଝୋବା, ବି. (ଦେଶଜ) ସାନ କଳସୀ । ଯଥା—

ଝବା ବନା ନକ ବାଉ,
ଝାଙ୍କରେ ହୋଇବ ଧରି । ବ. ଚ. ମ.

ଝମକ, ଝମକା, ବି. (ଦେଶଜ) ଧମକ, ଦାଉ । ଯଥା—

ଏ ମହାଭ୍ରମ୍ବର ଅସ୍ବର ଝମକ । ଦ. ବା.

ଝମଝମ ଶବ୍ଦ, ଝଙ୍କାର ଶବ୍ଦ । ଯଥା—

ଝିଙ୍କାର ଝଙ୍କାର ଝୁଣ୍ଟିଆ ଝମକ
ଚମକ ପକାଇ ଯିବାରେ । ଲ. ବ.

ଝମକିବା, ଝମକାଇବା, ବି. (ଦେଶଜ) ଧମକାଇବା । ଯଥା—

ଝମକ, ଝଗଡ଼ା ଦୁଷ୍ଟେ କରନ୍ତି । ବ. ଚ. ମ.

ଦବିଯିବା । ଯଥା—

ଅନ୍ଧାର ଗୁଡ଼ରେ କଣ ଝମକେ,
ଯାହା ପାଏ ତାହା ଅଣ୍ଟାରେ ଜାଟକେ ।

ଝମଝମ, ବି. (ଦେଶଜ) ଅଳଙ୍କାରାଦିର ଶବ୍ଦବିଶେଷ ।

ଝର, ବି. (ଝୃ—ଚ୍ୟୁତ ହେବା-ଅ) ନିର୍ଝର, ଉତ୍ସ ।

ଝରକା, ବି. (ଦେଶଜ) ଖିଡ଼କି ।

ଝରଝର, ଝର୍ଝର, } ବି. (ଦେଶଜ) ଜଳଝରଣର ଅନୁକରଣ ଶବ୍ଦ । ଯଥା—

ଝର୍ଝର ଶବଦେ ଭୃଗୁରୁ ଭୃଗୁକୁ ଡେଇଁ ପଡ଼ଇ । ଉଷା ।

ଝରଝରା, ବି. (ଝର୍ଝର ଶବ୍ଦଜ) ବାଦ୍ୟବିଶେଷ । ଯଥା—

ତୁରୀ ଭେରୀ ଢକ୍କା ଢୋଲ ମଧୁରିକା
ଝରଝରା କରଝମ୍ପା । ଯ. କେ.

ଝରଣ, ବି. (ଝର ଶବ୍ଦଜ) ନିର୍ଝର ।

ଝରା, ବି. (ଦେଶଜ) ପୁଷ୍ପଗୁଚ୍ଛ; ସାନ ମହାଦେଈ । ଯେପରି—ଝରାଦେଈ ।

ଝରାକାଠି, ବି. (ଦେଶଜ) ସ୍ତ୍ରୀମାନଙ୍କର ଶିରୋଭୂଷଣବିଶେଷ । ଯଥା—

**ବଶୀଖ ଝରାକାଠିକି ଦେଖାଇ ଯେ । ବୈ. ଦ.**

ଝର, ଝରି, ବି. (ଦେଶଜ) ଜଳପାତ୍ରବିଶେଷ । ଯଥା—

ବାର ପୁଞ୍ଜି କଲ କାଚଝରି,
ନାନା ଜାତି କୁସୁମକୁ ଭରି । ଲ. ବ.

ଉପରେ ସାନ ସାନ ଛିଦ୍ର ହେବା ପମାର ପାଣି ଛିଞ୍ଚିବାର ପାତ୍ରବିଶେଷ ।

ଝରିବା, କ୍ରି. (ଝର୍ ଧାତୁଜ) କ୍ଷରିବା; ନିର୍ଗତ ହେବା ।

ଝର୍ଝର, ବି. (ଝର୍ଝ-ରବ କରିବା-ଅର) ଶବ୍ଦବିଶେଷ; ବାଦ୍ୟବିଶେଷ; କଳିଯୁଗ; ବେତ୍ରନିର୍ମିତ ଦଣ୍ଡବିଶେଷ । (ସ୍ତ୍ରୀ-ଝର୍ଝରୀ) ବେଶ୍ୟା ।

ଝଲକ, ବି. (ଦେଶଜ) କାନ୍ତି; କଂସାଳବାଦ୍ୟ । ଆନ୍ଦୋଳନ । ଯଥା—

ହାହା ବାଲୀ ଫୁଲ ଝଲକା ଝଲକ
ପଲକ ଘଡ଼ିଏ ଦେଉଛି । ଲ. ବ.

ବିଂ. ପ୍ରତିବିମ୍ବିତ; ଦୀପ୍ତ । ଯଥା—

ଝଲକଅଙ୍ଗୀ ତ କରୁଛି ଭଙ୍ଗୀ ତ
ବଗ୍ରହଲେ କେଡ଼େ ଗୁରୁ ।

ଝଲକଲଡ଼ୁ, ବି. (ଦେଶଜ) ଅତ୍ୟୁତ୍କୃଷ୍ଟ ମିଷ୍ଟାନ୍ନବିଶେଷ ।

ଝଲକା, ବି. (ଦେଶଜ) କର୍ଣ୍ଣଭୂଷଣବିଶେଷ । (ଝଲକାଇବା ପଦ ଦେଖ ।) (ଗଡ଼ଜାତ) ଝରକା, ବାତାୟନ; ଝଲକଦଣ୍ଡି; ଆଘାତଦ୍ୱାରା ଉପରକୁ ଛିଞ୍ଚିଡ଼ିବା ଜଳ ବା ତାହାର ପରିମାଣ ।

ଝଲକାଇବା, କ୍ରି. (ଦେଶଜ) ଆନ୍ଦୋଳନ କରିବା, ଚହଲାଇବା । ଯଥା—

ଝଲକାଇ ତ ଝଲକା ହଂସକୁ କରି କି ମଜା ।
କୋ. ବ୍ର. ସୁ.

ଝଲକାଏ, ବିଂ. (ଦେଶଜ) ମନ୍ଦାଏ । (ତରଳ ପଦାର୍ଥ ପ୍ରତି ପ୍ରଯୋଜ୍ୟ ।)

ଝଲକିବା, କ୍ରି. (ଦେଶଜ) ଚହଲିବା, ଆନ୍ଦୋଳିତ ହେବା; ସଞ୍ଚରିବା; ଝଟକିବା । ଯଥା—

ଏତେ ବୋଲି ଈଶ୍ୱର ହୋଇଲେ ପ୍ରଚଣ୍ଡ,
ଅଗ୍ନି ଝଲକିଲା ପ୍ରାୟେ କମ୍ପିଲେ ବ୍ରହ୍ମାଣ୍ଡ । ନୃ. ପୁ. ଦ୍ୱି. ଛ.

ଆନ୍ଦୋଳିତ ହେବା ଅର୍ଥରେ । ଯଥା—

ଝଲକିଗଲା କୃଷ୍ଣ ଅକାରଣେ । କ. ଚ. ଚ.

ସଞ୍ଚରିବା ଅର୍ଥରେ । ଯଥା—

ଶତ ମନୋରଥ ଝଲକେ ଯେମନ୍ତେ ଆଶାକାନନେ ।
ଚ. ଭା.

ଝଲଝଲିଆ, ବିଂ. (ଦେଶଜ) ଦୀପ୍ତିଯୁକ୍ତ ।

ଝଳଝଳିଆ, ବି. (ଦେଶଜ) ହସ୍ତିକର୍ଣ୍ଣ; ଆସ୍ଫାଳନ । ବିଂ. ସରୁ । ଯଥା—

ରୁପାର ଜରି ପଡ଼ି କି ଚକଚକିଆ,
ବହିଅଛି ପାଗ୍ରେଉଡ଼ା ସେ ଝଳଝଳିଆ ।

ଝଲମ, ବି. (ଦେଶଜ) ଦେଉଳ ପୀଢ଼ ବା ଗୃହମାନଙ୍କର ଯେଉଁ ଭାଗ ପଦାକୁ ବଳିଥାଏ ।

ଝଲମଲ, ବିଂ. (ଦେଶଜ) ଜକଜକ ବା ଉଜ୍ଜ୍ୱଳ । ଯଥା—

ହସୁ ହସେ ସୁନାଖିଲ ଝଲମଲ ଦନ୍ତେ । ଲ. ନ.

ଝଲମଲିଆ, ବିଂ. (ଦେଶଜ) କାନ୍ତିଯୁକ୍ତ । ଯଥା—

ସେହି ପରି ଝଲମଲିଆ ଶାଢ଼ୀ,
ପିନ୍ଧି ଯାଉଥିଲି ମୁହଁକୁ ମୋଡ଼ି ।

ଝଲସିବା, କ୍ରି. (ଦେଶଜ) ଚମକିବା; ଝଟକିବା ।

ଝଲସିପଡ଼ିବା, କ୍ରି. (ଦେଶଜ) ଆଖି ନିମୀଳିତ ହେବା; ଚମକି ପଡ଼ିବା ।

ଝଲସାଇବା, କ୍ରି. (ଦେଶଜ) ଅନ୍ୟ ମନକୁ ରଞ୍ଜିତ କରିବା; ଚମତ୍କୃତ କରିବା ।

ଝଳା, ବି. (ଦେଶଜ) ଝାଳିବା, ଧାତୁଖଣ୍ଡଦ୍ୱୟକୁ ସଂଯୁକ୍ତ କରିବା; ଉଭୟ ପଦାର୍ଥର ଅନ୍ୟୋନ୍ୟ ସଂଯୋଗ ।

ଝଲି, ବି. (ଦେଶଜ) ଦୀପ୍ତି । ବିଂ. ଦୀପ୍ତ । ଯଥା—

ତରୁଣ କଦଳୀ ତରୁରୁ ହୋଇଛି
ଅରୁଣକଞ୍ଜ ଜାତ ଝଲି । ପ୍ରେ. ସୁ. ନି.

ଝଲିବା, କ୍ରି. (ଦେଶଜ) ସୁନ୍ଦର ଦିଶିବା; କାନ୍ତି ପ୍ରକାଶିତ କରିବା । ଯଥା—

ପୀତକର କାଳେ ଝଲୁଛି ଭୁବନ । ନ. କେ.

ଲାଗି ରହିବା । ଯଥା—

କବା ଅରବନ୍ଦ ପାଶେ ଅଳିବୃନ୍ଦ
ରହେ ଅଙ୍ଗକୁ ଅଙ୍ଗ ଝଲି । ଉ. କ.

ଝଲ୍ଲକ, ବି. (ଝଲ୍ଲ = ଅନୁକରଣ ଶବ୍ଦ-କୈ = ଶବ୍ଦ କରିବା-ଅ) କାଂସ୍ୟନିର୍ମିତ ବାଦ୍ୟ-ବିଶେଷ ।

ଝଲ୍ଲରୀ, } ବି. ସ୍ତ୍ରୀ. (ଝଲ୍ଲି-ଅନୁକରଣ ଶବ୍ଦ-ରା
ଝଲରୀ, } = ଗ୍ରହଣ କରିବା-ଅ, ଈ) ବାଦ୍ୟ-ବିଶେଷ, ହୁଡ଼ୁକ୍କ, ହୁଡ଼ୁକା ।

ଝଷ, ଝଷ, ବି. ( ଝଷ୍ = ବଧ କରିବା-ଅ ) ମତ୍ସ୍ୟ; ତାପ; ବନ; ମୀନରାଶି ।

ଝଷକେତନ, } ବି. (ଝଷ-କେତନ, କେତୁ)
ଝଷକେତୁ, } କନ୍ଦର୍ପ, ମୀନକେତନ, ମଦନ ।

ଝସାଇବା, କ୍ରି. (ଦେଶଜ) ସାହସରେ ପଶିବା । ଯଥା—

ଝସାଇ ପଶିଲେ ଶ୍ରୀରାମଙ୍କ ଥାଟ । ବ. ରାମାୟଣ ।

ଝାଇଁ, ବି. (ଦେଶଜ) ମୂର୍ଚ୍ଛା । ବିଂ. ତୀବ୍ର, ତପ୍ତ । ଯଥା—

ଗୃହଲ ଭାଜିଲ ଝାଇଁ,
ଝାଇଁପାଣିଖିଆ ବାଛୁରି ଘୋଡା ଅସ୍ତ୍ର କରଦେଉ ନାହିଁ ।

ଅଂ. ଅନୁକରଣ ଶବ୍ଦ । ଯଥା—

ବନଭୂମି ଝଙ୍କାରିଲା ଝାଇଁ ଝାଇଁ ରବେ । ଦ. ବି.

ଝାଇଁପଖାଳ, ବି. (ଦେଶଜ) ଗରମ ପଖାଳ ।

ଝାଇଁମାରିବା, କ୍ରି. (ଦେଶଜ) ଘୋଳ ହେବା, ଝାଇଁ ଝାଇଁ ହେବା ।

ଝାଇଁମୁଗ, ବି. (ଦେଶଜ) ଗ୍ରୀଷ୍ମଋତୁରେ ଅମଳ ହେବା ମୁଗ, ଧଳାମୁଗ ।

ଝାଇ, ବି. (ଦେଶଜ) ଜଡଆ ଗୁଡ଼ରେ ପାଗ ଧରିବା; ପୋଡ଼ିବା ।

ଝାଉଁ, ଝାଉ, ବି. (ଝାବୁକ ଶବ୍ଦଜ) ବୃକ୍ଷ-ବିଶେଷ ।

ଝାଉଁଳା, ବି. ( ଦେଶଜ ) ନୈବେଦ୍ୟକାର-ବିଶେଷ; ମଉଳିବା । ବିଂ. ମଉଳି ଥିବା ।

ଝାଉଁଳ, ବିଂ. (ଦେଶଜ) ନିସ୍ତେଜ ।

ଝାଉଁଳିବା, କ୍ରି. (ଦେଶଜ) ମଉଳିବା । ବିଂ. ଯେ ମଉଳିଥାଏ । ଯଥା—

ଝାଉଁଳିବା ନବତମାଲ ରମା,
ଝିଙ୍କି ଆଣି ଅଙ୍ଗେ କଲଣି ଜମା । କ. ଚ. ଚ.

ଝାଙ୍କ, ବି. (ଦେଶଜ) ମତ୍ତତା; ବାତୁଳତା; ବଡ଼ ଟୋକାଇ ବା ଝଙ୍କା; ଡ଼ାଲ; ସମୂହ । ଯଥା—

ଗଜ ତୁରଙ୍ଗ ଶାଳପାଖେ,
ବରାହ ମୃଗ ଝାଙ୍କେ ଝାଙ୍କେ । ଭ. ଦ. ସ୍କ.

ଝାଙ୍କରା, ଝାଙ୍କଡ଼ା, ବିଂ. (ଦେଶଜ) ବିସ୍ତୃତ । ଯଥା—

ବୈତରଣୀ କୂଳେ ଝାଙ୍କଡ଼ା ହୋଇ ଲୋ
ଅଛଇ ଗୋଟିଏ ବର । ଉ. ସା. ୧୮. ୮.

ଝାଙ୍କିବା, କ୍ରି. (ଦେଶଜ) ମାଦକଦ୍ରବ୍ୟ ଖାଇ ମତ୍ତ ହେବା; ଲୁଚି ଅନାଇବା । ଯଥା—

ଠାବେ ଠାବେ ଅଭ୍ରଖଣ୍ଡ ସ୍ୱର୍ଣ୍ଣକାନ୍ତ,
ଶିର ତୋଳି ଶୈଳ ଶିଖେ ଝାଙ୍କୁଥାନ୍ତ । ଚିଲିକା ।

ଟାଣିବା । ଯଥା—

ପୁଣି ଅର୍ଦ୍ଧଚନ୍ଦ୍ର ବାଣ ପେଷିଲା ଅସୁର,
କର୍ଣ୍ଣର ମୂଳଯାଏ ଝାଙ୍କିଲା ଧାଡକାର । ନୃ.ପୁ.ଚ.ଭ.

ଗଛ ପ୍ରଭୃତି ଦୋହଲାଇବା; ଅତର୍କିତଭାବରେ ଆକ୍ରମଣ କରିବା । ଯଥା—

ସେ ବୃକ୍ଷମୂଳେ ଟିକଏ ବିଶ୍ରାମନ୍ତ ବସି,
ଝାଙ୍କିଲା କାଳନିଦ୍ରା ଶ୍ରୀକୃଷ୍ଣ ଅଙ୍ଗେ ଆସି । ନୃ.ପୁ.ସ.ଭ.

ଝାଞ୍ଜ, ବି. ( ଝନଝନ ଶବ୍ଦଜ ) କରତାଳ; ମନ୍ଦିରାବିଶେଷ ।

ଝାଞ୍ଜରା, ବି. (ଦେଶଜ) ଏକପ୍ରକାର ଗୁଲୁଣି ।

ଝାଞ୍ଜି, ଝାଞ୍ଜୀ, ବି. ସ୍ତ୍ରୀ. (ଦେଶଜ) ତାତି; ସନ୍ତାପ । ଯଥା—

ଝଡ଼ିବ ବଳ କୋମଳ ଗୁଡରୁ,
ଝଷଧ୍ୱଜ ଝାଞ୍ଜି ପୀଡ଼ା ତାଡରୁ । କ. ଚ. ଚ.

ଝାଞ୍ଜିମୁଗ, ବି. (ଦେଶଜ) ଧଳାମୁଗ ।

ଝାଞ୍ଜିରା, ବି. (ଦେଶଜ) ନାଳମୁହଁରେ ଦେବା ଲୋହପଟି ।

ଝାଞ୍ଜିରାମଙ୍ଗଳା, ବି. ସ୍ତ୍ରୀ. (ଦେଶଜ) ଦେବୀ-ବିଶେଷ ।

ଝାଞ୍ଜୀ, ବି. (ଦେଶଜ) ଗ୍ରୀଷ୍ମ, ଉଷ୍ଣପବନ, ତାତି ।

ଝାଟ, ଝାଡ଼, ବି. (ଦେଶଜ) ନିକୁଞ୍ଜ ।

ଝାଟପାଟ, ବ. (ଦେଶଜ) ଝୁଞ୍ଜୁଣିରେ ଝାଡ଼ିବା କମ୍ପା ଓଳାଇବା । ଯଥା—
**ଝାଟପାଟ ଉଆଳ ରଖିବ ରୁମ୍ପ ପାଶେ ।** ନୃ.ପୂ.ଚ.ଭ.

ଝାଟି, ଝାଟୀ, ବ. (ଯଷ୍ଟି ଶବ୍ଦଜ) ବୃକ୍ଷର ସରୁ ଶାଖା; ବାଉଁଶକଣି ।

ଝାଟିମାଟି, ବ. (ଯଷ୍ଟି-ମୃତ୍ତିକା ଶବ୍ଦଜ) ଝାଟିର ବାଡ଼ ଦେଇ ତା ଉପରେ ମାଟି ଲେପି ଯେଉଁ କାନ୍ଥ ତିଆରି ହୁଏ ।

ଝାଟୁଆ, ବ. (ଦେଶଜ) ଝୁଞ୍ଜୁଣୀ । ଯଥା—
ସବୁ ପକାଇଦେଲ ଦୂରେ,
ଝାଟୁଆ ଧୂଳର ପ୍ରକାରେ । ଦା. ର.
ଝୁଞ୍ଜୁଣୀରେ ଝାଡ଼ିବା ଅଳଆ ।

ଝାଡ଼, ବ. (ଦେଶଜ) ବଣ । ଯଥା—
ଝାଡ଼ବନୋଦଆ ହର, ଝସକେତନକୁ ଡ଼ର । ବ.ଚ.ମ.
ଗୁଛ ବା କାନ୍ଧ; ଗଛ; ପରିଷ୍କାର । (ହିନ୍ଦୀ) କାଚନିର୍ମିତ ଆଲୋକାଧାର ।

ଝାଡ଼ଗୁରୁଡ଼, ବ. (ଦେଶଜ) ବଣଟୋଟାରେ ଯେଉଁ ଛୋଟ ଛୋଟ ଆମ୍ବ ହୁଏ ।

ଝାଡ଼ଣ, ବ. (ଦେଶଜ) ସମ୍ମାର୍ଜନୀ ।

ଝାଡ଼ବାସିନୀ, ବ. ସ୍ତ୍ରୀ. (ଝାଡ଼ = ବନ-ବାସିନୀ) ଦେବୀଙ୍କ ନାମବିଶେଷ । (ଝାଡ଼େଶ୍ୱରୀ ଶବ୍ଦ ଦେଖ ।)

ଝାଡ଼ା, ବ. (ହିନ୍ଦୀ) ମଳ; ମଳ ନିଃସରଣ ବା ଅତିସାର; ହଗଣା ।

ଝାଡ଼ାକଇ, ଝାଡ଼ାବାନ୍ତି, ବ. (ଦେଶଜ-ଝାଡ଼ା= ଅତିସାର-କଇ, ବାନ୍ତି) ଓଲଉଠା ରୋଗ । ଯଥା—
ଝାଡ଼ାକଇ ରୋଗେ ଯାନ୍ତୀ ପଡ଼ିଛ ହତାଶେ,
କେ ଯିବ ଔଷଧ ଦେନ ଆଉ ତାହା ପାଶେ । ଉ. ଭ୍ର.

ଝାଡ଼ି, ବ. (ଦେଶଜ) କ୍ଷୁଦ୍ର ବନ, ଜଙ୍ଗଲ ।

ଝାଡ଼ିବା, ଝାଡ଼ିଝୁଡ଼ିବା, କ୍ରି. (ଦେଶଜ) ମନ୍ତ୍ର-ପାଠ କରି ଭୂତାଦି ଛଡ଼ାଇବା । ଯଥା—
ବିଦେହ ପ୍ରେତ ଝାଡ଼ିବାକୁ
ଅନ୍ତରଗତୁଁ ତୋ ବାଣୀ ମନ୍ତ୍ରର । ବୈ.ବି.
ପରିଷ୍କାର କରିବା; ଗାଳିଦେବା; ଦୋହଲାଇ ଫଳାଦି ତଳେ ପଡ଼ିଲା ପରି କରିବା; କମ୍ପାଇବା, ଦୋହଲାଇବା । ଯଥା—
କାନ୍ଧ ଝାଡ଼ିଇ ନାଡ଼ ମାରି,
ଗଗନେ ପଡ଼ୁଅଛି ହରି । **ଜ.** ଦ. ସ୍ତ୍ର.
ଅସ୍ତବ୍ୟସ୍ତ କରିବା । ଯଥା —
କରଇ ନିବେଦନ ଦୀନହୀନ **ଅଜ୍ଞାନ**
ଦଣ୍ଡ ଦେବାରୁ ସଦା ଝାଡ଼ ହେ ।
ଲୋ. ଜଣାଣ ।

ଝାଡ଼ୁ, ବ. (ଝଟୁକ ଶବ୍ଦଜ) ସଂମାର୍ଜନୀ, ଝୁଞ୍ଜୁଣୀ । କ୍ରି. ପରିଷ୍କାର କରୁ ।

ଝାଡ଼ୁଆ, ବଂ. (ଦେଶଜ) ସମ୍ବଲପୁରରେ ବ୍ରାହ୍ମଣମାନଙ୍କର ଏକ ଶାଖା ।

ଝାଡ଼ପୁଡ଼, ଝାଡ଼ୁପୁଡ଼ୁ, କ୍ରି. ବଂ. (ଦେଶଜ) ନିଃଶେଷ । ଯଥା—ସବୁ ଝାଡ଼ପୁଡ଼ ହୋଇଗଲା ଅର୍ଥାତ୍ ନିଃଶେଷ ହେଲା ।

ଝାଡ଼େଣୀ, ବ. (ଦେଶଜ) ଗାଳି, ଭର୍ତ୍ସନା ।

ଝାଡ଼େଶ୍ୱରୀ, ବ. ସ୍ତ୍ରୀ. (ଝାଡ଼-ଈଶ୍ୱରୀ) ଦେବୀଙ୍କ ନାମବିଶେଷ । ଯଥା—
ଝାଡ଼େଶ୍ୱରୀ ଝଟବରୀ ଝାଡ଼ର ବାସିନୀ,
ଝଟନୀ ଝଟନେତ୍ରୀ ଗୋ ଝଟକଦଶନୀ । ନୃ.ପୂ.ପ.ଭ.

ଝାଡ଼, କ୍ରି. ବଂ. (ଝଟିତି ଶବ୍ଦଜ, ପ୍ରାକୃତ ଝଡ଼ିରୁ ଜାତ) ଶୀଘ୍ର । (ଏତେକ ଶବ୍ଦ ଦେଖ ।)

ଝାଡ଼କା, ଝାଡ଼କାର, } କ୍ରି. ବଂ. (ଝଟିତି ଶବ୍ଦଜ) ଶୀଘ୍ର । ଯଥା—
ଶୁଣି ନାମ ଭ୍ରମ ହେଲା ଯେ ଝାଡ଼କାରେ ଗୃହ କଲେ ।
ବ. ଚ. ମ.

ଝାପସା, ଝାପ୍ସା, ବଂ. (ଦେଶଜ) ଅସ୍ପଷ୍ଟ । (ଦୃଷ୍ଟି ସମ୍ବନ୍ଧରେ) ଜାଲଜାଲୁଆ ।

ଝାମ, ବ. (ଦେଶଜ) ଭ୍ରମ । ଯଥା—
କହୁ କହୁ କାମ ହୋଇଲା ଝାମ । ର. କ.
ଅଗ୍ନିର ତାତ; ଶଗଡ଼ ଚକର ଲୌହ-ପରିଧି; ଅଗ୍ନିପୂର୍ଣ୍ଣ ଗର୍ତ୍ତ ଅର୍ଥାତ୍ ପଣା-ସଂକ୍ରାନ୍ତିରେ ଯେଉଁ ଅଗ୍ନି ଉପରେ ଚାଲନ୍ତି । ଯଥା—
କାମ ଚଲାଇଲା ସରଣୀ ଝାମରେ
ନାଗରୀ ଦୋଷୀ ବିଦେଶୀ । ଲ୍ଲ. ବ.

ଝାମମାରିବା, କ୍ରି. ଝୋଲମାରିବା, ମୂର୍ଚ୍ଛିତ ହେବା ।

ଝାମା, ବି. (ଦେଶଜ) ପୋଡ଼ା ଇଟା ।

ଝାମି, ବି. (ଦେଶଜ) ଏକପ୍ରକାର ସ୍ୱାଦୁଫଳ, ଗୁଡଲଆ ଫଳ ।

ଝାମୁ, ବି. (ଦେଶଜ) ଝାଉଁଗଛ ।

ଝାମ୍ପ, ବି. (ଝମ୍ପ ଶବ୍ଦଜ) ଲମ୍ଫ, କୁଦା; ମାଛ ଧରିବା ଯନ୍ତ୍ରବିଶେଷ; ଚଢ଼ିବା ଗଛ; ବର୍ଷା ସମୟରେ ମୁଣ୍ଡରେ ଦେବା ତାଳପତ୍ରର ଛତ୍ରବିଶେଷ; ବଡ଼ ଟୋକାଇ; ପକ୍ଷିମାନଙ୍କର ଗୋଡ଼ନଖଦ୍ୱାରା ଆକ୍ରମଣ । ଯଥା—

ଏତେ ବୋଲି ଚଲପକ୍ଷି ଝାମ୍ପ ତାକୁ ଦେଲା,
ଦନାରୁ ଅଧିକ ଧର ଚରିପକାଇଲା । ନା. ର. ଗୀ.

ଝାମ୍ପଲ, ବିଂ. ବିସ୍ତୃତ ବା ଚଢ଼ିବା ।

ଝାମ୍ପି, ବି. (ଦେଶଜ) ପତ୍ରନିର୍ମିତ ମସ୍ତକାବରଣ ।

ଝାମ୍ପିବା, କ୍ରି. (ଝମ୍ପ ଧାତୁଜ) ଉପରକୁ ହଠାତ୍ ଆକ୍ରମଣ କରିବା । ଯଥା—

ଅର୍ଜୁନ କୁରୁମୃଗମାନଙ୍କୁ ସେହିକାଳେ,
ପଡ଼ିଲେ ସିଂହପ୍ରାୟେ ଝାମ୍ପି ଆସି ହେଲେ । କୃ. ଭା. ଉ. ପ.

ପକ୍ଷିଆଦି ମନୁଷ୍ୟାଦିଙ୍କଠାରୁ ଅତର୍କିତଭାବରେ କୌଣସି ପଦାର୍ଥ ନେଇଯିବା ।

ଝାମ୍ପଡ଼ା, ଝାମ୍ପୁରା, ବିଂ. (ଦେଶଜ) ଯାହାର ମୁଣ୍ଡ ବା ମୁଣ୍ଡର ବାଳ ପ୍ରଭୃତି ଇତସ୍ତତଃ ବିସ୍ତୃତ, ଚଢ଼ିଆ ବା ଛଡ଼ିବା ।

ଝାମ୍ପୁଲ, ବିଂ. (ଦେଶଜ) ବହୁ ଶାଖାପ୍ରଶାଖାଯୁକ୍ତ, ଚଢ଼ିବା ।

ଝାଳ, ବି. (ଝଳ ଶବ୍ଦଜ) ସ୍ୱେଦ । (ଦେଶଜ) ରନ୍ଧ୍ର ହେବା ପାତ୍ରାଦିର ପୁନଃସଂଯୋଗ ।

ଝାଳପାତିଆ, ବି. (ଦେଶଜ) ପାତ୍ରାଦି ଝାଳିବା ସମୟରେ ସଂଯୋଗ କରିବା ଧାତୁଖଣ୍ଡ ।

ଝାଲର, ଝାଲରି, ବି. (ଦେଶଜ) ଚନ୍ଦୁଆ ପ୍ରଭୃତିର ଚାରିଆଡ଼େ ଝୁଲୁଥିବା ବସ୍ତ୍ରବିଶେଷ; ମୟୂରର ବିସ୍ତୃତ ପୁଚ୍ଛ । ଯଥା—

ଚନ୍ଦ୍ରାତପ ତଳେ ଝୁଲିଛି ମଞ୍ଜୁଳ,
ଝାଲର ପରିସ୍ତେ ପତ୍ର ସଙ୍ଗେ ଫୁଲ । ଚିଲିକା ।

ଝାଳିବା, କ୍ରି. (ଦେଶଜ) ଧାତୁନିର୍ମିତ ପାତ୍ର ଓ ଅଳଙ୍କାରାଦି ମରାମତି କରିବା ଏବଂ ଉଜ୍ଜ୍ୱଳ କରିବା; ଭିନ୍ନ ବସ୍ତୁକୁ ସଂଯୋଗ କରିବା । ଯଥା—

ଏ ଦେହ ମଣ୍ଡିଛୁ ଅନ୍ତର ଭିତର
ଖରି ବାନ୍ଧ କି ଝାଳିଲଣି । ବ. ଚ. ମ.

ଉଜ୍ଜ୍ୱଳ କରିବା ।

ଝାଲି, ବି. (ଦେଶଜ) ମୟୂର ପୁଚ୍ଛ ବା ସାଧାରଣ ପୁଚ୍ଛ; ଆଗର କିମ୍ବା ଅଡ଼ଙ୍ଗା । (ଏହି ଅର୍ଥ ବିଶେଷତଃ ଗଞ୍ଜାମରେ ବ୍ୟବହୃତ ।) ଝାଲର । ଯଥା—

ଶିରିରେ ଶୋଭଇ ମୟୂରକଣ୍ଠ ଝାଲି । ସା. ଭା. ବ.

ଝାଳେଇବା, କ୍ରି. (ଦେଶଜ) ଘର୍ମଯୁକ୍ତ ହେବା ।

ଝାବୁକ, ଝାବୁ, ବି. ସଂ. ଝାଉଁ ଗଛ ।

ଝାସ, ବି. (ଦେଶଜ) ଅଗାଧ ଜଳାଦିରେ ପ୍ରାଣ ତ୍ୟାଗ କରିବା; ଅଗ୍ନିରେ ପ୍ରବେଶ । ଯଥା—

ସିନ୍ଧୁରେ ସିନ୍ଧୁରେ ଝାସ ଯୁବା ପାଞ୍ଚିଲେ । ପ୍ରେ ସୁ. ନି.

ଅଗ୍ନି ଓ ସୂର୍ଯ୍ୟଙ୍କ ତେଜ ବା ତାତି; କାନ୍ତି । ଯଥା—

ତନୁ ତୋ ନୀଳଘନ ଝାସ,
ବିଜୁଳିପ୍ରାୟ ପୀତବାସ । ଭ. ଦ. ସୁ.

ଝାସଦେବା, କ୍ରି. (ଦେଶଜ) ସହସା ପ୍ରବେଶିବା; ଆକ୍ରମଣ କରିବା । ଯଥା—

ରବି ପାଞ୍ଚଘଡ଼ି ଦେଢ଼ ପ୍ରହର ପ୍ରବେଶ,
ଧାମେ ବୃକୋଦର ଯେ ସମରେ ଦେବ ଝାସ । ସା. ଭା. ବ.

ଝାସିବା, କ୍ରି. (ଦେଶଜ) ଜଳାଦିରେ ପଶି ପ୍ରାଣତ୍ୟାଗ କରିବା ।

ଝିଁ ଝିଁ, ଅଂ. (ଦେଶଜ) ଅନୁକରଣ ଶବ୍ଦ ।

ଝିଅ, ଝୁଅ, ବି. ସ୍ତ୍ରୀ. (ଦେଶଜ, ପ୍ରାକୃତ ଧୀଆ ଶବ୍ଦରୁ ଜାତ) ପୁତ୍ରୀ, କନ୍ୟା । ଯଥା—

ଶରଣ ସମ୍ଭାଳ ଦୁଃଖି ଝିଅକୁ ମା ରଖ ଶ୍ରୀଚରଣ ତଳେ ।
ପାଙ୍କଣ୍ଟ ।

ଝିଅଝିଆଣି, ବି. ସ୍ତ୍ରୀ. (ଦେଶଜ) କନ୍ୟା ।
ଝିଆଣ୍ଡି, ବି. ସ୍ତ୍ରୀ. (ଦେଶଜ) ଭ୍ରାତୃଷ୍ପୁତ୍ରୀ ଅର୍ଥାତ୍ ସାନ ଓ ବଡ଼ ଭାଇର ଝିଅ ।
ଝିଆଣ୍ଡିଜୋଇଁ, ବି. ଝିଆଣ୍ଡିର ସ୍ୱାମୀ ।
ଝିକା, ବି. (ଦେଶଜ) ସବଳେ ଆକର୍ଷଣ କରିବା ।
ଝିକିବା, କ୍ରି. (ଦେଶଜ) ସବଳେ ଆକର୍ଷଣ କରିବା । ଯଥା—

ନରେ ସ୍ୱର୍ଗେ ଠେକଦେବାକୁ ଅମରେ
ମର୍ତ୍ତ୍ୟେ ଆଣିବାକୁ ଝିକ । ଯ. କେ.

ଝିଙ୍କ, ବି. (ଦେଶଜ) ବନ୍ୟଜନ୍ତୁବିଶେଷ, ପକ୍ଷିବିଶେଷ । ଯଥା—

ଶୁଭୁଅଛୁ କାନନରେ ଝିଙ୍କପକ୍ଷୀ ସ୍ୱନ । ବ. ଶ୍ର.

ଝିଙ୍କକାଠି, ବି. (ଦେଶଜ) ଝିଙ୍କପକ୍ଷୀ ବା ପଶୁର ଦେହରେ ଥିବା କାଠି । ଏହା ପୋଥିରେ ଲାଗେ ଓ ସ୍ତ୍ରୀମାନଙ୍କ କେଶର ଆଭରଣ ସ୍ୱରୂପ ବ୍ୟବହୃତ ହୁଏ ।
ଝିଙ୍କର, ବି. (ଦେଶଜ) ଘରଚୁଆଣି କରିବା ଖପରି; ବନ୍ୟଜନ୍ତୁବିଶେଷ ଅର୍ଥାତ୍ ଝିଙ୍କ । (ଶାଳେହା ଶବ୍ଦ ଦେଖ ।) ଭଙ୍ଗାହାଣ୍ଡି ଖଣ୍ଡ ।
ଝିଙ୍କା, ବି. (ଦେଶଜ) ଚୂଲିର ଉପରେ ଥିବା ଗୋବ କମ୍ବା ସ୍ତୂପ, ଯାହା ଉପରେ ହାଣ୍ଡି ବସେ । ସ୍ତ୍ରୀ ମସ୍ତକାଳଙ୍କାରବିଶେଷ; ଓଟରି କମ୍ବା ସବଳେ ଆକର୍ଷଣ । ବିଂ. ଆକର୍ଷଣ କରାଯିବା; ଉଣା ।
ଝିଙ୍କାଝିଙ୍କି, ବି. (ଦେଶଜ) ଓଟରିଓଟରି । ଯଥା—

ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର,
ଲଭ ଲଗି ହୁଅ ଅଗ୍ରୁ ହୁସିଆର । ଦ. ବା.

ଝିଙ୍କାର, ବି. (ଦେଶଜ) ଏକପ୍ରକାର ପୋକ ।
ଝିଙ୍କିବା, କ୍ରି. (ଦେଶଜ) ସବଳେ ଆକର୍ଷଣ କରିବା । ଯଥା—

ଝଗଡ଼ା କରି ଅତନୁ, ଝିଙ୍କିଛୁ କୁସୁମଧନୁ । ବ. ଚ. ମ.

ଉଣା କରିବା ।
ଝିଙ୍ଗାସ, ଧିଙ୍ଗାସ, } ବି. (ଧିକ୍‌ଭାଷଣ ଶବ୍ଦଜ) କୁବଚନ, ଭର୍ତ୍ସନା । ଯଥା—

ସହଦେବଙ୍କୁ ବୋଲେ କୁମାରପୁତ୍ର ବସ,
ହୃଦରେ କିନ୍ତୁ ବନ୍ଧ ବୋଇଲ ଏ ଝିଙ୍ଗାସ । ସା.ଭା.ଆ.

ଝିଙ୍ଗାସିବା, କ୍ରି. (ଦେଶଜ) ଭର୍ତ୍ସନା କରିବା । ଯଥା—

ମାଣେ ତଣ୍ଡୁଳ ପ୍ରକାଶିଲେ,
ସକଳ ଲୋକେ ଝିଙ୍ଗାସିଲେ । ଦା. ର.

ଝିଞ୍ଜାରିବା, କ୍ରି. (ଦେଶଜ) ସାରହୀନ କରିବା; ପୋକ ଲୁଗା କାଟିବା; ଘୁଣ ଓ ଉଇ ଲାଗି ନଷ୍ଟ ହେବା; ବିଦାରିବା । ବିଂ. ଅସାର ।
ଝିଞ୍ଜିର, ବି. (ଦେଶଜ) ଶିକୁଳି ।
ଝିଞ୍ଜିରପୋଲ, ବି. (ଦେଶଜ) ଶିକୁଳିରେ ଲଟକାଇ ଯେଉଁ ପୋଲ (**Bridge**) ତିଆରି ହୋଇଥାଏ ।
ଝିଟପିଟ, ଝିଟିପିଟି, ଝିଣ୍ଟିପିଟି, } ବି. (ଦେଶଜ) ଗୃହଗୋଧିକା; ଗୃହଦ୍ୱାରର ନିମ୍ନସ୍ଥ କାଷ୍ଠଫଳକ; ଦଣ୍ଡାରେ ଯୁକ୍ତଥିବା ସାନ କାଷ୍ଠଖଣ୍ଡମାନ ।
ଝିଟିକା, ଝିଣ୍ଟିକା, ବି. ସ୍ତ୍ରୀ. (ଦେଶଜ) ପତଙ୍ଗବିଶେଷ । ଯଥା—

ପିଲାଦିନେ ଈଷିକା କାଣ୍ଡଟିଏ ନେଇ,
ଶୂଳ ଦେଲ ତହିଁ ଝିଟିକାଟିଏ ମୁହିଁ । କୃ.ଭା.ଆ ପ.

ଝିଣ୍ଟି, ବି. (ଦେଶଜ) ଲତାବିଶେଷ ।
ଝିଣଝିଣ, ବି. (ଦେଶଜ) ସମୟେ ସମୟେ ଗୋଡ଼ ପ୍ରଭୃତିରେ ଏପରି ଏକ ବିକାର ହୁଏ ଯେ ଛୁଇଁଲେ ଜାଣେ ନାହିଁ ।
ଝିନ, ଝୀନ, ବିଂ. (କ୍ଷୀଣ ଶବ୍ଦଜ, ପ୍ରାକୃତ ଝୀଣ ଶବ୍ଦଜାତ) ପାତଳ । (ଝଟକ ଶବ୍ଦ ଦେଖ ।)
ଝିପିଝିପି, ଅଂ. (ଦେଶଜ) କ୍ଷୁଦ୍ର କ୍ଷୁଦ୍ର ଟୋପାରେ ବର୍ଷା ହେବା; ବର୍ଷା ପ୍ରତି ପ୍ରଯୋଗ ହେବା ଅନୁକରଣ ଶବ୍ଦ । ଯଥା—

ଝିପି ଝିପି ପଡ଼େ ବରଷାର ବାରି
ସିରି ସିରି ବହେ ବାୟୁ । ଉ. ସା ।

ଝିମା, ବି. (ଦେଶଜ) ଏକପ୍ରକାର ବାତ ବିକାର ।

ଝିମାଣି, ଝିମିଟି, ଝିମିଣି, } ବି. (ଦେଶଜ) ଖେଳବିଶେଷ ଅର୍ଥାତ୍ ଝୁଡ଼ୁଝୁଡ଼ୁ ଖେଳ । ଯଥା—

ଇନ୍ଦ୍ରପ୍ରସ୍ଥ ଆଖଡ଼ାରେ କୁତୂହଳ କୃତେ,
ରସେ ଭିଆଇଲେ ଝିମିଟି ଖେଳ ପକ୍ଷାନ୍ତେ । ସା.ଭା.ଆ.ପ.

ଝିମାଣି, ବି. (ଦେଶଜ) ଝିମିଶାଳ ଅର୍ଥାତ୍ ଶସ୍ତ୍ର ତିଆରି କରିବା ଶାଳାର ଅଗ୍ନି । ଯଥା—

ଝିମାଣି ଅଗ୍ନି ଆଣିଲ କରେ ସେହୁ କାଳ । ସା.ଭା.ଆ.

ଝିମିଝିମି, ଅ°. (ଝିଞ୍ଜିମ ଶବ୍ଦଜ) ଅଙ୍ଗବିଶେଷରେ ରକ୍ତସଞ୍ଚାଳନର ବ୍ୟାଘାତ ହେଲେ ଯେଉଁ ଯନ୍ତ୍ରଣା ଅନୁଭୂତ ହୁଏ । ଯଥା—

ଝିମିଝିମି କଳେବର ଯେ,
ଝାଳ ବହେ ଝରଝର । ବି. ଚି. ମ.

ଅନୁକରଣ ଶବ୍ଦବିଶେଷ । ଯଥା—

ଝିମିଝିମି ଡମିଡମି ଧାଉଙ୍ଗି ଧାଉଙ୍ଗି,
ଏରୂପେ କରି ପାଦ ବୁଲନ୍ତି କରି ଭଙ୍ଗୀ । ନୃ.ପୁ.ଦ୍ୱି.ତ.

ଝିମିଠ, ବି. (ଦେଶଜ) ମୁହୂର୍ତ୍ତିକ । ଯଥା—

ଝିଗଡ଼ି ମାନ ହେଲ ହେ ଶ୍ୟାମ,
ଝିମିଠ ହେବାକୁ ସହସ୍ରେ ଯାମ । କ. ଚ. ଚ.

ଝିମିରି, ବି. (ଦେଶଜ) ଶସ୍ତ୍ରାଦି ଯେ ତିଆରି କରନ୍ତି । ଯଥା—

ଝିମିରିମାରଣାମାନେ ଅଛନ୍ତି ବାଟୁଣାରେ । ସା.ଭା.ସ.

ଝିମିଶାଳ, ବି. (ଦେଶଜ) ଶସ୍ତ୍ର ତିଆରି କରିବା ଶାଳା । ଯଥା—

ପାଞ୍ଚଶ ଲକ୍ଷ ଯେ ଉଠିଅଛି ଝିମିଶାଳ,
ଲୋହକର୍ମରେ ଘଟଣ କରିବେ ସକଳ । ସା.ଭା ସ.

ଝିଲ, ବି. (ଦେଶଜ) ଜଳପାଠ; ଦହ ।

ଝିଲମିଲ, ଝିଲମିଲ, ବି. (ଦେଶଜ) କବାଟବିଶେଷ ।

ଝିଲି, ଝିଲ୍ଲି, ବି. (ଦେଶଜ) ଏକପ୍ରକାର ଖଜା, ଘୃତପକ୍ୱ ପିଷ୍ଟକବିଶେଷ ।

ଝିଲପି, ଝିଲାପିଲି, ଝୁଲପି, } ବି. (ଦେଶଜ) କର୍ଣ୍ଣମୂଳକୁ ଲମ୍ବିବା ବାଳ ।

ଝିଲାପି, ବି. (ଦେଶଜ) ପିଷ୍ଟକବିଶେଷ ।

ଝିଲମିଲ, ଝିଲମିଲକା, } ବି. (ଦେଶଜ) ଜୁକୁଜୁଳିଆ ପୋକ । ଯଥା—

ଏକା ଅଗ୍ନି ଧାପରେ ଜଳିବେ ଯେବେ ରାତେ,
କି ହେବ ତା ପାଶେ ଥାଇ ଝିଲମିଲ ଶତେ ।
ନୃ. ପୁ. ପ୍ର. ତ.

କବାଟବିଶେଷ; ସ୍ତ୍ରୀମାନଙ୍କ ସୀମନ୍ତଭୂଷଣବିଶେଷ । ଯଥା—

ଝିଲମିଲ ପାନପତ୍ରୀରେ ଅତିଶୋଭନ,
ମାରି ମଙ୍ଗଳ ପଲ୍ଲବତୋରଣ ପରି । ଲ. ବ.

ଝିଲ୍ଲିକା, ଝିଲ୍ଲୀ, ବି. ସ୍ତ୍ରୀ. (ଝିଲ୍ଲ-ଇକ-ଆ, ଈ) ପତଙ୍ଗବିଶେଷ, ଝିଙ୍କାରି । ଯଥା—

ଧିଗଧିଗନ୍ତରେ ଶୁଭେ ଝିଲ୍ଲୀସ୍ୱନ,
କିବା ସେ ଯାମିନୀ ନୂପୁରକଙ୍କଣ । ନ. କେ.

ଝୁଙ୍କ, ଝୁଙ୍କି, ବି°. (ଦେଶଜ) ବିହ୍ୱଳ । ବି. ମାଦକ ପଦାର୍ଥର ପ୍ରଭାବ । ଯଥା—

ନିଶା ଝୁଙ୍କେ ହଜିଯାଏ ମାନବ ଚେତନା,
ପ୍ରୀତିରସେ ବୁଡ଼ିଯାଏ ସମାଜମାନନା । ଉ.ସା ୧୮.

ନିଶା; ରାଗ; ନତ ହେବା ।

ଝୁଙ୍କିବା, କି. (ଦେଶଜ) ମାଦକଦ୍ରବ୍ୟ ଖାଇ ଟଳିବା; ନତ ହେବା । ଯଥା—

ଶିରାଳଶରୀର ବୟୋଧର୍ମେ ତାର
ଆଗକୁ ପଡ଼ୁଛି ଝୁଙ୍କି । ପାର୍ବତୀ ।

ଝୁଞ୍ଜିଳ, ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ବାଜିଲ ବଜଘୋଷ ଝୁଞ୍ଜିଲ ପଖାଉଜ । ନୃ.ପୁ.ଦ୍ୱି.ତ.

ଝୁଠା, ବି°. (ଯାବନିକ) ମିଥ୍ୟା; କୃତ୍ରିମ; ଅଇଣ୍ଠା ।

ଝୁଟି, ବି. (ଦେଶଜ) ନାନାବର୍ଣ୍ଣରେ ଲେଖିବା ଚିତା ବା ଚିତ୍ର; ଚିତ୍ରବଲ୍ଲୀ ।

ଝୁଣା, ବି. (ଧୂନା ବା ଧୂନକ ଶବ୍ଦଜ) ଶାଳଗଛର ନିର୍ଯ୍ୟାସ; ଦନ୍ତଦ୍ୱାରା ସବଳେ ଆଘାତ କରିବା; ଶୁଷ୍କ ନଡ଼ିଆ ।

ଝୁଣିବା, କି. (ଦେଶଜ) ରକ୍ତଶୋଷଣପୂର୍ବକ କାମୁଡ଼ିବା ବା ଚୁଚୁମିବା । ଯଥା—

ପାଞ୍ଚଟା ମୁଣ୍ଡ ଥିବା ସର୍ପପ୍ରାୟେଁ ହୋଇ,
ଶୁଣି ଯୁଦ୍ଧ କଲେ ଦୁହେଁ କୋପ ବହି । କୃ.ଭା.ବି.ପ.

ଝିଙ୍କିବା । ଯଥା—

କେତେ ରାଣୀର କେଶ ଝୁଣଇ ନୃପମଣି । ସା.ଭା.ଆ.

ମସ୍ତକବାଚକ ଶବ୍ଦ ସହିତ—କମ୍ପିବା । ଯଥା—

ଅତି ନିନ୍ଦିତ କଥା ଶୁଣି,
ବେଗେ ଉଠିଲ ଶିର ଝୁଣି । ଖ୍ଃ ଦ. ସ୍ତୁ.

ଝୁଣୁଝୁଣିଆ, ବି. (ଦେଶଜ) ଗୁଳ୍ମବିଶେଷ ।

ଝୁଣୁଝୁଣୁ, ଅଂ. (ଦେଶଜ) ଶବ୍ଦାନୁକରଣବିଶେଷ ।

ଝୁଣ୍ଟା, ବି. (ଝୁଣ୍ଟ ଶବ୍ଦଜ) ଅକାଣ୍ଡ ବୃକ୍ଷ; ଅନ୍ୟର ଆକ୍ରମଣରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ମହଦ୍‌ବ୍ୟକ୍ତିଙ୍କ ନାମରେ ଘଣ ପକାଇବା; ଚାଲୁ ଚାଲୁ କୌଣସି କଠିନ ପଦାର୍ଥରେ ପାଦ ବାଜିବା।

ଝୁଣ୍ଟାମାରିବା, କ୍ରି. (ଦେଶଜ) ଅନ୍ୟର ଆକ୍ରମଣରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ମହଦ୍‌ବ୍ୟକ୍ତିଙ୍କ ନାମରେ ଘଣ ପକାଇବା ।

ଝୁଣ୍ଟିଆ, ବି. ( ଦେଶଜ ) ସ୍ତ୍ରୀ ପାଦାଙ୍ଗୁଳିର ଅଳଂକାରବିଶେଷ । ଯଥା—

ଝିଲ୍ଲୀ ଡାକ କର୍ଣ୍ଣେ ଶୁଣି,
ଝୁଣ୍ଟିଆ ପଦ୍ମସ୍ୱେ ମଣି । ବି. ଚ. ମ.

ଝୁଣ୍ଟିବା, କ୍ରି. (ଦେଶଜ) ଚାଲୁ ଚାଲୁ କୌଣସି କଠିନ ପଦାର୍ଥରେ ପାଦାଙ୍ଗୁଳି ଆଘାତ ପାଇବା ।

ଝୁପଡ଼ି, ବି. (ଦେଶଜ) କୁଡ଼ିଆ ।

ଝୁମା, ବି. (ଦେଶଜ) ମୂର୍ଚ୍ଛା, ଭ୍ରମ; ନିଶା ଝୋଳରେ ଢଳିବା ।

ଝୁମିବା, ଝୁମାଇବା, କ୍ରି. (ଦେଶଜ) ମୂର୍ଚ୍ଛା ବା ଭ୍ରମ ପାଇବା । ଯଥା—

ସେ ସକାଶୁଁ ଖ୍ୟାତ ରଥର କୁବର,
ଧରି ଝୁମି ରହିଲେ ନ କରି ସମର । କୃ. ଭ. ବି.

ଝୁମୁକା, ବି. (ଦେଶଜ) କାଷ୍ଠନିର୍ମିତ ଖେଳନା; ସ୍ତ୍ରୀ କର୍ଣ୍ଣଭୂଷଣବିଶେଷ; ବୃକ୍ଷବିଶେଷ ।

ଝୁମୁକ, ବି. (ଦେଶଜ) ନାଚିବା ସମୟରେ ଗୋଡ଼ରେ ବାନ୍ଧିବା ଘାଗୁଡ଼ିମାଳ । ଯଥା—

ଏଥେ ଗରବ ତୋର ଏଡ଼େ,
ଝୁମୁକ ବାନ୍ଧିଅଛୁ ଗୋଡ଼େ । ଦା. ର.

ଝୁମୁକକଠାଉ, ବି. ( ଦେଶଜ ) ଯେଉଁ କଠାଉରେ ଘାଗୁଡ଼ି ଲଗିଥିବାରୁ ଚାଲିବା ସମୟରେ ଝୁଣୁ ଝୁଣୁ ଶବ୍ଦ ହୁଏ ।

ଝୁମୁଝୁମୁ, ଝୁମ୍‌ଝୁମ୍, ଅଂ. ( ଦେଶଜ ) ଅଳଙ୍କାରାଦିର ମଧୁର ଅନୁକରଣ ଶବ୍ଦ । ଯଥା—

ବାଲା ଅଳକ୍ତ ଝୁମୁଝୁମୁ ସ୍ୱନିତ । ବୈ. ବି.

ଝୁମ୍ପା, ବି. (ଦେଶଜ) ଫୁଲ; ଗୁଚ୍ଛ ବା ଥୋପା; କେଶ ବନ୍ଧନ ନିମିତ୍ତ ଯେଉଁ ପାଟଫୁଲ ହୁଏ ତାହାର ସୀମାସ୍ଥିତ ରଞ୍ଜିତ ଗ୍ରନ୍ଥି । ଯଥା—

ଝିଗ୍ଧ ସକଡ଼ା କବରୀ ଯେ, ଝୁମ୍ପାଫୁଲ ପ୍ରଭେ କର ।

ଝୁମ୍ପି, ବି. (ଦେଶଜ) ସ୍ତ୍ରୀ କର୍ଣ୍ଣାଳଙ୍କାରବିଶେଷ; ଜୁଡ଼ାଲମ୍ବିତ ଭୂଷଣବିଶେଷ; ଫୁଲ; କପାଳ ଉପରକୁ ଲମ୍ବିଥିବା କ୍ଷୁଦ୍ର କ୍ଷୁଦ୍ର କେଶ; କେଶ ବନ୍ଧନ ନିମିତ୍ତ ଯେଉଁ ପାଟଫୁଲ ହୁଏ ତାହାର ସୀମାସ୍ଥିତ ଗ୍ରନ୍ଥି । ଯଥା—

ତାର ଚନ୍ଦ୍ର ଝୁମ୍ପି ଖଞ୍ଜିଲେ,
ଖଞ୍ଜିଲେ କି ଅବା ମନ ରଞ୍ଜିଲେ । ଲ. ବି.

ଝୁମ୍ପୁଡ଼ି, ବି. (ଦେଶଜ) ଗୁଳ୍ମବିଶେଷ; କୁଡ଼ିଆ ଘର; କ୍ଷୁଦ୍ର ବୁଦା ବା କ୍ଷୁଦ୍ର ଗୁଳ୍ମ ।

ଝୁରା, ବି. ( ଧୁର ଶବ୍ଦଜ ପ୍ରାକୃତ ) ଶଗଡ଼ର ଜୁଆଳି, ଯାନାଗ୍ରସ୍ଥିତ ସଚ୍ଛିଦ୍ର ପ୍ରାନ୍ତ ଦାରୁବିଶେଷ; ଚୂନା; ଗୁଣ୍ଡିଆ; ଝୁରିବା; ଶଗଡ଼ ଜୁଆଳିକି ଯେଉଁ ଚମଡ଼ାଦଉଡ଼ିରେ ବାନ୍ଧନ୍ତି ସେ ଦଉଡ଼ିର ନାମ ଝୁରା; କଟା ଦଉଡ଼ି ହେଲେ ଗଟା କହନ୍ତି ।

ଝୁରି, ବି. (ଦେଶଜ) ସାନ ଚୂଲିଜାଳ କାଠ । (ଗଡ଼ଜାତ) ସାନ ଗଛ; ଚୂନା ।

ଝୁରିବା, କ୍ରି. ( ଦେଶଜ ) ପ୍ରିୟ ବ୍ୟକ୍ତିର ବିରହରେ ତାହାର ଗୁଣ ସ୍ମରଣ କରି ଖେଦ ଲଭିବା । ଯଥା—

ଏବେ ମରୁଅଛୁ ଝୁରି,
ଦରିଦ୍ର ରତନ ପାଇ ହରାଇଲୁ ପରି । ପ୍ରେ. ସୁ. ନି.

ଝୁଲ, ବି. (ଦେଶଜ) ଅଗ୍ନିକଣା; ହସ୍ତି ଉପରେ ପକାଇବା ଆସ୍ତରଣ; ଘରର ଅଳନ୍ଧୁ; ଯାହା ଝୁଲୁଅଛି; ମୟୂରାଦିର ବର୍ହ । ଯଥା—

ଅଛି ଶୋଭା ଶୋହୁଛି ମୟୂର ଝୁଲ ଯେନି । ଲ. ବି.

ଝୁଲଣ, ବ. (ଦୋଳନ ଶବ୍ଦଜ) ଶ୍ରାବଣ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ହେବା ଶ୍ରୀକୃଷ୍ଣଙ୍କ ଉତ୍ସବ; ଆନ୍ଦୋଳନ ।

ଝୁଲଣା, ବ. ( ଦୋଳନ ଶବ୍ଦଜ ) ଦୋଳି । ଯଥା—

ଝୁଲଣା ରାଧା କୃଷ୍ଣର,
ଝୁଲାଇ ଦେବ କ          ଏ ପରାଣ ବନ
ଖେଳିବେ ସାମନ୍ତସିଂହାର । ବ. ଚ. ମ.

ଝୁଲା, ବ. (ଦେଶଜ) ଲଟକାଇବା; ଝୁଲିବା; ସଙ୍ଗୀତର ଏକପ୍ରକାର ତାଳ; ଏକପ୍ରକାର ଧାନ ।

ଝୁଲାଇବା, କ୍ରି. (ଦୁଲ୍ ଧାତୁଜ) ଦୋହଲାଇବା । ଯଥା—

ପଦ୍ମିନୀବିଳାସ କଲେ ଝୁଲାଇ ଝୁଲାଇ । କୋ. ବ୍ର. ସୁ.

ଫାଶିଦେବା; ବାନ୍ଧି ଲମ୍ବାଇବା । ଯଥା—

ସେ ବୃକ୍ଷ ଡାଳରେ ଝୁଲାଇଛୁ ଏକ ଶବ,
ସତ୍ୱର ଯାଅ ତାହାକୁ ଏଠାକୁ ଆଣିବ । ବେ. ପ.

ଝୁଲି, ବ. (ଦେଶଜ) ବୈଷ୍ଣବମାନଙ୍କର ଜପମାଳା ରଖିବା ମୁଣା; ଖନ୍ଦା ।

ଝୁଲିବା, କ୍ରି. (ଦୁଲ୍ ଧାତୁଜ) ତଳକୁ ଓହୋଳି ଦୋହଲିବା; ଦୋହଲିବା । ଯଥା—

ମନ୍ଦାନିଳେ ଝୁଲୁଅଛି ସିଂହାସନ । ନ. କେ.

ଝେଁବ, ଝେଁବା, ଝୋବ, ଝୋବା, ଝୋଆ, } ବ. (ଦୋହନ ଶବ୍ଦଜ) କ୍ଷୁଦ୍ର କଳସି ବା ଦୋହନପାତ୍ର ।

ଝୋଟ, ବ. (ଦେଶଜ) ନଳିତା ବା କାଉଁଶିଆ ନାମକ ଗୁଳ୍ମତ୍ୱକ୍‌ରୁ ନିର୍ଗତ ସୂତ୍ରବତ୍ ପଦାର୍ଥ ।

ଝୋଟି, ଝୁଟି, ବ. (ଦେଶଜ) ମୁରୁଜରେ ବା ପିଠୋଉରେ ଦେବା ଚିତା ବା ଚିତ୍ର । ଯଥା—

ଏତେ ବୋଲି କନ୍ୟାଏ ବ୍ରତ ଉତ୍ସବ କଲେ,
ଯାବତ ପୁରେ ବିଷ୍ଣୁ ପ୍ରତିମା ଝୋଟି ଦେଲେ ।
ନୃ. ପୁ. ଡୃ. ଡ.

ଝୋଁପ, ଝୋପ, ବ. (କ୍ଷୁପ୍ ଶବ୍ଦଜ) ବୁଦା, କ୍ଷୁଦ୍ର ଗଛ ।

ଝୋଳ, ବ. (ଦେଶଜ) ଅଣ, ତିଅଣର ପାଣି ।

ଝୋଲ, ବ. (ଦେଶଜ) ଏକପ୍ରକାର ଯାନ; ବଡ଼ ଥାଳିଆ; ପାତଳା ଗୁଦର । ଯଥା—

କୁସୁମ ପାଖୁଡ଼ା ବିଛି ଝୋଲ ପକାଇ । ର. କ.

ମୁଣି । ଯଥା—

ଗୋଧଡ଼ି ଧର୍ମ ଆଗ୍ରେ କର,
ଜ୍ଞାନଗୋଧଡ଼ି ଝୋଲ ଧର । ଦା. ର.

ଝୋଲମାରିବା, କ୍ରି. ( ଦେଶଜ ) ଅଚେତନ ହେବା, ଭ୍ରମ ଜାତ ହେବା । ଯଥା—

ଝଳ ପଞ୍ଚାଲୀ ଝଟକେ ନାହିଁ କ,
ଝୋଲ ମାଇଲ ତୁମ୍ଭଙ୍କୁ କାହିଁକି ? କ. ଚ. ଚ.

ଝୋଲମରା, ବ. (ଦେଶଜ) ଅଚେତନ, ଭ୍ରମ ।

ଝୋଳ, ଝୋଳି, ବ. (ଦେଶଜ) ମୁଣା । ଯଥା—

କଙ୍ଗାଲୀ ବରତଥାଲୀ ସେ ମୋର ତ
ନାମ ଗଲାର ତ ଦୁଃଖ ଝୋଳି । ବ.ଚ.ମ.

## ଞ

ଞ, ବ୍ୟଞ୍ଜନମାଳାର ଦଶମ ବର୍ଣ୍ଣ । ବ. ଗାୟନ; ଗାୟକ; ଘର୍ଘରଧ୍ୱନି; ବଳବର୍ଦ୍ଦ; ଶୁକ୍ର; ଯୋଗୀ; ଶବ୍ଦ । ବଂ. ସ୍ୱଧର୍ମଭ୍ରଷ୍ଟ; କ୍ରୂର ।

## ଟ

**ଟ**, ବ୍ୟଞ୍ଜନମାଳାର ଏକାଦଶ ବର୍ଣ୍ଣ । ବ. (ଟକ୍-ଅ) ଶବ୍ଦ; ପାଦ; ଶିବ; ବାମନ; ଟଙ୍କାରଧ୍ୱନି; କରଙ୍କ । ବଂ. ତ୍ରିଭୁବନ-ବିଖ୍ୟାତ ।

ଟକ, ବ. (ଦେଶଜ) ଖାଇବା ଇଚ୍ଛା; ଅମ୍ଳରସ ବା ଖଟା ।

ଠକଠକ, ବି°. (ଦେଶଜ) ଚଞ୍ଚଳ; ବ୍ରଣରେ ବେଦନା; ଘାତଜାତଅଣ ଫୁଟିବା ଶବ୍ଦବିଶେଷ।

ଠକଠକା, ବି°. (ଦେଶଜ) ଲୋଭୀ; ଲାଳସାଯୁକ୍ତ; ତରତରିଆ।

ଠକମକ, ବି°. (ଦେଶଜ) ଧ୍ୱନିଯୁକ୍ତ। ଯଥା—

ବନସ୍ତ ଠକମକ ଲେ କଏ ସେ ଖୁଙ୍ଖଇ ଜାଳ।

ଅ°. ଶବ୍ଦର ଅନୁକରଣବିଶେଷ।

ଠକମକ, ଠକରମକର, } ଅ°. (ଦେଶଜ) ଘୃତ ପ୍ରଭୃତି ଫୁଟିବାର ଅନୁକରଣ ଶବ୍ଦ।

ଠକ ଠକ, ଠକାଠକ } ବି. (ଦେଶଜ) ଅନ୍ୟୋନ୍ୟରେ ଆକ୍ଷେପ କରିବା; ଦୁଇ ପକ୍ଷ ମଧ୍ୟରେ ଜିଦ ବା ଜିଗର। ଯଥା—

ପରସ୍ପରେ ଛୁଦ୍ର ଠକାଠକ ହୋଇ,

ବନ୍ଧାବନ୍ଧ ହେଲେ ଦୁହେଁ ରୋଷ ବହି। କୃ. ଖ. କ.

ଠକ୍‌କର, ବି. (ଦେଶଜ) ବାଜିମାରିବା ଅର୍ଥାତ୍ ଫାଟାକରିବା; ସମକକ୍ଷତା; ପ୍ରତିଯୋଗିତା; ଠୋକର ଅର୍ଥାତ୍ ଆଘାତ।

ଠକ୍ର, ବି. (ସଂସ୍କୃତ) ତାକୁଡ଼ି (**Spindle**)।

ଠଗର, ବି. ( ତଗର ଶବ୍ଦଜ ) ପୁଷ୍ପବିଶେଷ ଅର୍ଥାତ୍ ତଗଠ। ଯଥା—

ଅଶିତ ଅପରାଜିତା ଧବଳ ଠଗର। କ. ବ.

ଠଗରପାଦ, ବି. (ତଗରପାଦ ଶବ୍ଦର ଅପଭ୍ରଂଶ) ଜଳଜାତ ଲତାବିଶେଷ।

ଠଙ୍କ, ବି. ( ଠନ୍‌କ୍=ବନ୍ଧ କରିବା-ଅ ) ପାହାଡ଼। ଯଥା—

ବନାନ୍ତେ ପଶିଲ ଯାଇ ଗିରିଠଙ୍କେ। ନ. କେ.

ବିଦାର୍ଣ୍ଣ ପ୍ରସ୍ତରଭାଗ; ପରିମାଣବିଶେଷ; ଖଡ୍‌ଗକୋଷ; ଏକପ୍ରକାର ଅସ୍ତ୍ର; ପ୍ରସ୍ତରଭେଦନାସ୍ତ୍ର; ଖନନାସ୍ତ୍ର। (ଦେଶଜ) ଅମ୍ଳରସ ବା ଖଟା। ଯଥା—

ଠଙ୍କ ନ ଥାଇ ଠଖି।

ଖଡ୍‌ଗ; କ୍ରୋଧ; ଠଙ୍କା; ଗର୍ବ।

ଠଙ୍କଧର, ବି. (ଠଙ୍କ-ଧୃ-ଅ) ମହାଦେବ।

୧୨୭

ଠଙ୍କବଥୁଆ, ବି. (ଠଙ୍କବାସ୍ତୁକ ଶବ୍ଦଜ) ଏକପ୍ରକାର ଶାକ।

ଠଙ୍କଶାଲ, ବି. ସ୍ତ୍ରୀ. ( ଠଙ୍କ-ଶାଲ ) ଯେଉଁ ଗୃହରେ ଠଙ୍କା ନିର୍ମାଣ କରନ୍ତି।

ଠଙ୍କା, ବି. ସ୍ତ୍ରୀ. (ଠନ୍‌କ୍ ଶବ୍ଦଜ) ରୌପ୍ୟମୁଦ୍ରା; ଏକ ଠଙ୍କାକ ଷୋଳ ଅଣା। ଯଥା—

ମହାଜନେ ପାଟଣାର ପଶ୍ଚିମରେ ବସନ୍ତି,

ବିଶୋଇ ନାୟକ ଠଙ୍କା ଆଗେ ନ ବାନ୍ଧନ୍ତି।

ନୃ. ପୁ. ଦ୍ବି. ତ.

ଠଙ୍କାଠୋକର, ବି. (ଦେଶଜ) ଧନସମ୍ପତ୍ତି।

ଠଙ୍କାଶାଳ, ଠଙ୍କାଶାଳା, } ବି. (ଠଙ୍କଶାଳା ଶବ୍ଦଜ) ଯେଉଁ ଗୃହରେ ଠଙ୍କା ତିଆର ହୁଏ।

ଠଙ୍କାର, ବି. (ଠନ୍-କୃ-ଅ) ଧନୁକର ଜ୍ୟାର ଶବ୍ଦ; ବିସ୍ମୟ, ଆଶ୍ଚର୍ଯ୍ୟ; ଖ୍ୟାତି, ପ୍ରସିଦ୍ଧି। ବି°. ଠଙ୍କାରଯୁକ୍ତ। ବି. ସ୍ତ୍ରୀ. ତାରାଦେବୀ।

ଠଙ୍କି, ବି. ( ଦେଶଜ ) ଲଖରାଜ ଭୂମିରେ ନିରୂପିତ ରାଜକରବିଶେଷ।

ଠଙ୍କିତ, ବି°. (ଠଙ୍କ୍-ତ) ଶଙ୍କିତ; ଉଲ୍ଲିଖିତ; ବଦ୍ଧ।

ଠଙ୍କିଦାର, ବି. (ଦେଶଜ) ଯେଉଁ ଲଖରାଜଦାରମାନେ ଠଙ୍କି କର ପ୍ରଦାନ କରନ୍ତି।

ଠଙ୍କିଳ, ବି°. ( ଠଙ୍କ-ଇଳ ) ପାହାଡ଼ମୟ। ଯଥା—

ଯାଁ କଟକ ଠେକ ଠଙ୍କିଲ ଛଡ଼ଆ। ନ. କେ.

ଠଙ୍ଗା, ବି. (ଦେଶଜ) ବାନ୍ଧି ଲମ୍ବାଇବା। ବି°. ଯାହା ବାନ୍ଧି ଲମ୍ବାଇଥାଉଁ।

ଠଙ୍ଗାଇବା, କ୍ରି. (ଦେଶଜ) ଲଟକାଇବା।

ଠଣକା, ବି. (ଠନ୍‌କ୍ ଧାତୁଜ ବା ଠନକା ଶବ୍ଦଜ) ଠାଣିଧରିଥିବା ରକ୍ତ।

ଠଣଠଣ, ବି. (ଦେଶଜ) ବ୍ରଣାଦିର ପକ୍ୱାବସ୍ଥାର ବେଦନା; ଅନୁକରଣ ଶବ୍ଦବିଶେଷ।

ଠଣା, ବି. (ଦେଶଜ) ଠାଣିବା; ବେଦନା। ଯଥା—

ପାଣ୍ଡବ କୁରୁଙ୍କର ଗୋଳରୁ ସାଗୁଣା,

ବଳୁଆଏ ମାଂସରେ କଣ୍ଟବେ ପେଟଠଣା। କୃ.ଖ.ଉ.ପ.

ଟଣାଟଣି, ବି. (ଟନ୍‌କ୍ ଧାତୁଜ) ଓଟରାଓଟର । ଯଥା—

ପ୍ରେମ ଲଙ୍କା ମଧ୍ୟେ ବଳ ଟଣାଟଣି
ଲାଗି ପ୍ରେମଶୀଳା ମନେ । ଯ. କେ.

ଟପଟପ, ଅ°. (ଦେଶଜ) ଜଳବିନ୍ଦୁ ପତନର ଅନୁକରଣ ଶବ୍ଦ ।

ଟପରଟପର, ଅ°. ( ଦେଶଜ ) ଜଳବିନ୍ଦୁ ପତନର ଅନୁକରଣ ଶବ୍ଦ । ଯଥା—

ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା । ଉ. ସା.

ଟପା, ବି. (ଦେଶଜ) ଗାନବିଶେଷ; ଡାକ (**Post**) । ଯଥା—

ସିପାହିମାନେ ଛୁଟିଦେଇ ଘୋଡ଼ା ଧୂପା,
ଧାଇଁଲେ ଯମଠାକୁ ଯେହ୍ନ ଯୁଦ୍ଧ ଟପା । ଲ୍କ.ଭି.ଗ୍ରୀ.ପ.

ଟପିବା, } କ୍ରି. (ଦେଶଜ) ଅତିକ୍ରମ କରି-
ଟପିଯିବା, } ଯିବା । ଯଥା—

ଖେଳ ଭାଙ୍ଗି ପିଲେ ହରିବୋଲ ଦେଇ
ଦଉଡ଼ି ଆସନ୍ତି ଘରେ,
ଅର୍ଦ୍ଧପଥେ ମେଘ ଗୋଡ଼ାଇ ଧରଣ
ଟପିଯାଏ ତାଙ୍କୁ ଖରେ । ଉ. ସା.

ଟବ୍, ଅ°. ( ଦେଶଜ ) ଜଳାଦି ତରଳ ପଦାର୍ଥରେ ଅନ୍ୟ ପଦାର୍ଥର ପତନ ଶବ୍ଦ । ଯଥା—

ଟହକହାସୀ ଜଶୋଗ୍ରୀ ମନ,
ଟବ୍ ପର ରସେ ବୁଡ଼ିବ ଯେହ୍ନ । କ. ଚ. ଚ.

ପୁଷ୍ପ ରଖିବାପାଇଁ ମୃତ୍ତିକାନିର୍ମିତ ପାତ୍ର-ବିଶେଷ; ନଅଅା ଅର୍ଥାତ୍ ବଡ଼ ବଡ଼ କୁଣ୍ଡ ।

ଟଭା, ବି. (ଦେଶଜ) ସ୍ୱନାମପ୍ରସିଦ୍ଧ ଫଳ । ଯଥା—

ଟଭାଫାଳ ପରି ଖୋଷା, ଖୋସିଛି ଯୋଷା ଏ । ଲ.ବ.

ଟମକ, ବି. (ଦେଶଜ) ଘୋଷଣା, ଧେଣ୍ଡୁରା ।

ଟମକଅା, ବି. (ଦେଶଜ) ଟମକ ବଜାଇବା ଲୋକ ।

ଟମଟମ, ବି. ( ଦେଶଜ ) ଦୁଇଚକିଅା ଘୋଡ଼ାଗାଡ଼ି ।

ଟମଟମା, ବି. ( ଦେଶଜ ) ବାଦ୍ୟବିଶେଷ; ଘୋଷଣା ।

ଟର୍ଣ୍ଣି, ଟରଣି, ବି. (ଯାବନିକ) ମୁକ୍ତାର ବା ଓକିଲ ନିକଟରେ ଅର୍ଥଲୋଭରେ ମୋକଦ୍ଦମା ସଂଗ୍ରହକାରୀ ।

ଟରଟର, ଅ°. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ ।

ଟର୍‌ର, ବି°. (ଦେଶଜ) ସତେଜ; ପୂର୍ଣ୍ଣ ।

ଟଳଟଳ, ଟଳମଳ, } ବି°. ( ଟଲ୍ ଧାତୁଜ )
ଟଳମଟଳ, } ଅସ୍ଥିର, ଚଞ୍ଚଳ । ଯଥା—

ବେଣୁରାଜାର ଅନ୍ତକାଳେ,
ଭୂମି କମ୍ପିଲା ଟଳମଳେ । ଭା. ଦ. ସ୍କ.

ଟଳଟଳିଅା, ବି°. (ଟଲ୍ ଧାତୁଜ) ଚଞ୍ଚଳ । ଯଥା—

ଟଳଟଳିଅା ନ କର ମନ,
ଟସକର ବନ୍ଧି ନେବେ ତୋ ଧନ । ଜ୍ଞା. କୋ.

ଟଳାଟଳି, ବି. (ଦେଶଜ) ଭଣ୍ଡାଭଣ୍ଡି ।

ଟଳିବା, କ୍ରି. (ଟଲ୍ ଧାତୁଜ) ଗଡ଼ପଡ଼ିବା । ଯଥା—

ଟଳିଲା ହସ୍ତିନା ହର୍ମ୍ୟରାଜି ଟଳଟଳେ । କ. ବି.

ଦୋହଲିବା; ଅନ୍ୟଥା ହେବା । ଯଥା—

ବଇଦେହୀ ଚିତ୍ତ ନ ଟଳିବ । ବୈ. ବି.

ନାଶ ହେବା । ଯଥା—

ଜୀବନାଶା ଟଳି ଯାଉଅଛୁ କଳି
ପାରୁନାହିଁ ମୁଁ ମୋ ହୃଦଜ୍ୱର । କ.ଚ.ଚ.

ଟସକର, ଟସ୍କର, ବି. (ତସ୍କର ଶବ୍ଦଜ) ଚୋର । (ଟଳଟଳିଅା ଶବ୍ଦ ଦେଖ ।)

ଟସର, ବି. (ତସରଶବ୍ଦଜ ପ୍ରାକୃତ) ପାଟସୂତ୍ର-ବିଶେଷ ।

ଟହକ, ବି°. (ଦେଶଜ) ସୁନ୍ଦର; ରକ୍ତବର୍ଣ୍ଣ; ମନୋହର । ଯଥା—

ଟହକହାସୀ, କୁଟିଳ ଲୋକେ ନିକ
ବନ୍ଧନମୁକ୍ତ ବେଭାର ରେ । ଲ. ବ.

ଟହଟହ, ବି°. (ଦେଶଜ) ଅତି ଲାଲ । ଅ°. ହାସର ଅନୁକରଣ । ଯଥା—

ଦେଖିଣ ବଲୂପ ରାମ ଟହ ଟହ ହସେ,
ଛିନ୍ନ କର୍ଣ୍ଣ ନାସିକା କେ ଆସେ ମୋର ପାଶେ । ବି.ରା.

ଟହଲ, ବି. (ହିନ୍ଦୀ) ଭ୍ରମଣ, ମଜଲିସ ଭ୍ରମଣ; ସେବା; ସେବାକାରର ଉପାଧିବିଶେଷ ।

ଟହଲିଅା, ବି. ( ଦେଶଜ ) ସେବାକାରୀ (**Orderly**); ଭ୍ରମଣକାରୀ ।

ଟହଲିବା, କ୍ରି. (ଦେଶଜ) ଭ୍ରମଣ କରିବା ।

ଟାଉଟାଉ, ବି°. (ଦେଶଜ) ତରତର ।

ଠାଉଁଠାଉଁ, କ୍ରି. ବିଂ. ( ଦେଶଜ ) କର୍କଶ-ସ୍ୱରରେ (କଥା କହିବା) ।

ଠାକର, ବି. ( ଦେଶଜ ) ଅଙ୍ଗୁଳିଗ୍ରନ୍ଥି ଦ୍ୱାରା ମସ୍ତକରେ ଆଘାତ କରିବା ଅର୍ଥାତ୍ ଠଣା । ଯଥା—

ପର ପରିବାଦ ମୁଣ୍ଡେ ଠାକର ବରଷ । କ.ଚ.ଚ.

ଭର୍ତ୍ସନା ବା ପରାଭବ ।

ଠାକରା, ବି. (ଦେଶଜ) ତାଳୁ; ତାଳୁକା ଓ ଜିହ୍ୱାସଂଯୁକ୍ତ ଶବ୍ଦ ।

ଠାକରାଫୁଟାଇବା, ଠାକରାମାରିବା, କ୍ରି. (ଦେଶଜ) ତାଳୁ ଓ ଜିହ୍ୱାଦ୍ୱାରା ଶବ୍ଦ କରିବା ।

ଠାକିବା, କ୍ରି. (ଦେଶଜ) ଜଗିବସିବା; ଅପେକ୍ଷା କରିବା; ଲକ୍ଷି ରହିବା ।

ଠାକୁଆ, ଠାକ୍ୱା, ବି. ( ଦେଶଜ ) ଆମ୍ବବୀଜ, କୋଇଲିର କଠିନ ଆବରଣ; ମିଷ୍ଟାନ୍ନ-ବିଶେଷ; ବାଣି କାଟିବା ଯନ୍ତ୍ରବିଶେଷ । ବିଂ. ଆମ୍ବଠାକୁଆ ଭଳି ଚେପଟା ।

ଠାଙ୍କ, ବି. (ଠଙ୍କ ଶବ୍ଦଜ) ଜଙ୍ଘା ।

ଠାଙ୍କିବା, କ୍ରି. (ଦେଶଜ) ହାତଦ୍ୱାରା କୌଣସି କ୍ଷୁଦ୍ର ପଦାର୍ଥ ଓଜନ କରିବା; ସିଲଇ କରିବା ।

ଠାଙ୍କୁ, ଠାଙ୍କୁଆ, ବି. (ଦେଶଜ) ଆମ୍ବଠାକୁ; ଉଇହୁଙ୍କା ମଧ୍ୟସ୍ଥ ଉଇବସା ।

ଠାଙ୍କୁରିବା, ଠାଙ୍କୋରିବା, କ୍ରି. ( ଦେଶଜ ) ରୋମାଞ୍ଚ ହେବା । ଯଥା—

ରୋମମୂଳମାନ ଠାଙ୍କୁରି ଉଠିଲା । ପାର୍ବତ୍ତ ।

ଠାଙ୍କେ, କ୍ରି.ବିଂ. (ଦେଶଜ) ବିଶେଷ ପରିମାଣରେ (ମାଡ଼ ଦେବା) । ବିଂ. ଅନେକ ।

ଠାଙ୍ଗଣ, ଠାଙ୍ଗଣା, ବି. ( ଠଙ୍ଗଣ ଶବ୍ଦଜ ) ସୋହାଗା; ସାନ ଘୋଡ଼ା; ଟଟ୍ଟୁ ଘୋଡ଼ା ।

ଠାଙ୍ଗର, ବି. (ଦେଶଜ) କେଶଶୂନ୍ୟ ମସ୍ତକ । ଯଥା—

ଠାଙ୍ଗରମୁଣ୍ଡେ ହସ୍ତ ଦେଲେ,
କେଶ ତୋ କଅଁଳୁ ବୋଇଲେ । ଦା. ର.

ବୃକ୍ଷାଦିଶୂନ୍ୟ ପାହାଡ଼ିଆ ଭୂମି । ଯଥା—

ଫିଟିଛୁ ଟର ଦେଖ ଠାଙ୍ଗର ଅଗେ । ରୁ. ସୁ.

(ଗଡ଼ଜାତ ଶବ୍ଦ) ଟେକା ।

ଠାଙ୍ଗରା, ଠେଙ୍ଗରା, ବି. (ଦେଶଜ) ଯାହା ମୁଣ୍ଡରେ ବାଳ ନ ଥାଏ ଅର୍ଥାତ୍ ଚନ୍ଦା-ମୁଣ୍ଡିଆ । ବି. ରନ୍ଧନଗୃହରେ ହାଣ୍ଡି ପ୍ରଭୃତି ରଖିବା ସ୍ଥାନ ।

ଠାଙ୍ଗା, ବି. (ଦେଶଜ) ଗୋଟିକିଆ ବଳଦ କିମ୍ବା ଘୋଡ଼ାର ଦୁଇଚକିଆ ଗାଡ଼ି । (ଗୋଟିଆ ଶବ୍ଦ ଦେଖ ।)

ଠାଙ୍ଗି, ଠାଙ୍ଗିଆ, ଠାଙ୍ଗୀ, ବି.(ଠଙ୍ଗ ବା ଠଙ୍କ ଶବ୍ଦଜ) କ୍ଷୁଦ୍ର ପାହାଡ଼; ପ୍ରସ୍ତରମୟ ପ୍ରଦେଶ; କୁଠାରବିଶେଷ । ଯଥା—

ତେଣ୍ଟା ଏକମୁନା ଠାଙ୍ଗି ଆଦି ଶସ୍ତ୍ର ଧରି । ମ. ଯା.

ଠାଙ୍ଗିବା, କ୍ରି. ( ଠଙ୍କ ଶବ୍ଦଜ ) ହାଣିଦେବା; ଲଟକାଇବା । ଯଥା—

ଫାଶ ଲଗାଇ ତା ଗଳାରେ,
ଠାଙ୍ଗନ୍ତି ଶିମୁଳି ବୃକ୍ଷରେ । ବି. ପୁ.

ଠାଙ୍ଗେରା, ବି. ( ଠଙ୍ଗଦ୍ରୁଶ ଶବ୍ଦଜ ) (ମୁଣ୍ଡ) ହଲାଇବାର କ୍ରିୟା ।

ଠାଙ୍ଗାରିବା, ଠାଙ୍ଗୁରିବା, ଟୁଙ୍ଗାରିବା, କ୍ରି. ( ଦେଶଜ ) ( ମୁଣ୍ଡ ) ହଲାଇବା ।

ଠାଟ୍ଟୁ, ବି. (ଦେଶଜ) ଛୋଟଘୋଡ଼ା (**pony**) ।

ଠାଣ, ବି. (ଦେଶଜ) ଗୁମାନ ବା ଗର୍ବ; କାଠିନ୍ୟ; ସ୍ପୃହା ( **tendency** ) । ଉଚ୍ଚସ୍ୱର । ଯଥା—

ଗେରସ୍ତ ଠାଣରେ ଡ଼ାକେ ଉହାଇ,
ଦୁଙ୍ଗୁଡ଼ିରେ କର ଦେଉ ଉଡ଼ାଇ । ହା. ତ.

ବିଂ. କଠିଣ । ଯଥା—

ବାଲାବଚନ କୁଳିଶ ଠାଣ ।

ଅସହ୍ୟ । ଯଥା— ଠାଣ ଖରା ।

ଠାଣହତା, ବିଂ. (ଦେଶଜ) ଯେଉଁ **ବଳଦ** ମାଡ଼ ଖାଇଲେହେଁ କାର୍ଯ୍ୟ କରେ ।

ଠାଣି, ବି. (ଦେଶଜ) ବସ୍ତ୍ରର ଲମ୍ବ **ସୂତା** । (ତୌଡ଼ା ବାଗରେ ଯେଉଁ ସୂତା ଥାଏ ତାକୁ ଭରଣୀ କହନ୍ତି ।)

ଟାଣିବା, କ୍ରି. (ତନ୍ ଧାତୁଜ) ଆକର୍ଷଣ କରିବା; ଓଟାରିବା । ଯଥା—
ଟାଣୁଛୁ କର୍ଣ୍ଣଯାଏ ଶରାସନ । ବ. ଚ. ମ.
ଛନ୍ଦାଦି ବିସ୍ତୃତ କରିବା; (ପେଟ ବା କାନ) ବ୍ୟଥା କରିବା; ଗର୍ବ କରିବା । ଯଥା—
ଆମ୍ଭେ ତ କି ଗଣ୍ଠିକୁ ବଳ୍ଲବବଳେ ଜାଣି,
କହୁଥାଇଁ ସଭା ମଧ୍ୟେ କଥା ଟାଣି । କୃ. ଭା. ବ. ପ.

ଟାଣିହେବା, ଟାଣିଟଣି ହେବା, } କ୍ରି. (ଦେଶଜ) ଗର୍ବରେ କହିବା; ଓଟାରିହେବା । ଯଥା—
ଭୀଷ୍ମ ଦ୍ରୋଣ କର୍ଣ୍ଣ ଶଲ୍ୟଙ୍କୁ ନ ଜାଣି,
ନ କହ ସଭାମଧ୍ୟେ ହୋଇ ଟାଣିଟୁଣି । କୃ.ଭା.ଉ.ପ.

ଟାଣୁଆଁ, ବି°. (ଦେଶଜ) ତୀକ୍ଷ୍ଣ ବା କଠିଣ; ସବଳ ।

ଟାଣୁଟୁଣୁ, ବି. (ଦେଶଜ) ଗର୍ବ ।

ଟାପରି, ଟାପରିଟାପରି, } ବି. (ଦେଶଜ) ପରିହାସ, ଥଟ୍ଟା, ରହସ୍ୟ । ଯଥା—
ଟାପରିଯୋଗ୍ୟ କେ କହିଲେ ବନ୍ଧୁ,
ଟାକ ରହିଛୁ ତୋ ଅଙ୍କାକୁ ମୁହିଁ । ବ. ଚ. ମ.

ଟାପରିଖେଳିବା, କ୍ରି. (ଦେଶଜ) ପରିହାସ କରିବା ।

ଟାପୁ, ଟାପ, ବି. (ଦେଶଜ) ଦ୍ୱୀପ; ମନୁଷ୍ୟମାନଙ୍କର ପାଦ । ଯଥା—
ନଟଗୋପାଳଆର ଗଞ୍ଜାଇ ଆପୁ,
ଦନେ ନୋହିଲେ ଯେ ନ ଚଳେ ଟାପୁ । ହା. ତ.
(ବିଶେଷତଃ ହାସ୍ୟରସରେ ବ୍ୟବହୃତ) ଅଶ୍ୱାଦି ପଶୁମାନଙ୍କର ପାଦ । ଯଥା—
କମ୍ପାଇବ ଅଶ୍ୱବାର ଅଶ୍ୱଖୁର ଟାପୁ । ମ. ଯା.
ମନୁଷ୍ୟର ଗୁରକାତ—ଦୁଇ ହାତ ଦୁଇ ଗୋଡ଼ । ଯଥା—
ଅଙ୍କା ପ୍ରମାଣେ ଶର ଚଳିଲା ଶୀଘ୍ରେ ଯାଇ,
ଗୁର ଟାପୁ ଛେଦି ମୁଣ୍ଡ ଭୂରେ ଦେଲା ଥୋଇ ।
ନୃ. ପୁ. ଚ. ତ.

ଟାମଜନ, ବି. (ଦେଶଜ ପ୍ରାୟ) ଏକପ୍ରକାର ସବାରି ।

ଟାଳଟୁଳ, ବି. (ଦେଶଜ) ଭଣ୍ଡାଭଣ୍ଡି, ଠକାଠକି, କାଳକ୍ଷେପଣ; ଟାଳିବା ।

ଟାଳମଟାଳ, ବି. (ଦେଶଜ) ଭଣ୍ଡାଭଣ୍ଡି; ଟାଳିବା ।

ଟାଳମଟାଳ କରିବା, କ୍ରି. (ଦେଶଜ) ଉଲଟାଇବା ।

ଟାଳିବା, କ୍ରି. (ଦେଶଜ) ଅନ୍ୟଥା କରିବା; ମୂଳୋତ୍ପାଟନ କରିବା; ଭାଙ୍ଗିବା: କୌଣସି ଛଳନାଦ୍ୱାରା କାଳକ୍ଷେପଣ କରିବା; ଥଟ୍ଟା ବା ପରିହାସ କରିବା ।

ଟାଁସ, ଟାଁସା, ଟାଁଆସା, } ବି°. (ଦେଶଜ) କର୍କଶ (କେଶ ବା ଲୋମ) ।

ଟାଁସମାଲପା, ବି. (ଗଞ୍ଜାମରେ) ଏକପ୍ରକାର ବାଦ୍ୟ ।

ଟାହି, ବି. (ଦେଶଜ) ପରିହାସ ।

ଟାହିବା, କ୍ରି. (ଦେଶଜ) ପରିହାସ କରିବା ।

ଟାହୁଲି, ବି. (ଦେଶଜ) ପରିହାସ ।

ଟାହୁଲିଆ, ବି°. (ଦେଶଜ) ପରିହାସପ୍ରିୟ ।

ଟି, ଅ°. (ଦେଶଜ) ଶବ୍ଦବିଶେଷ; ନିଶ୍ଚୟାର୍ଥ; ପାଦପୂରଣାର୍ଥ । ଯଥା—
ତୋହ ବରସରେ ଆମ୍ଭ ବୁଦ୍ଧି ସରେ
ବୁଝିବୁ ତୋପରେ କାହାକୁଟି । ବ. ଚ. ମ.

ଟିଆ, ବି. (ଦେଶଜ) ଏକପ୍ରକାର ଶୁଆ; ଶୁକପକ୍ଷିବିଶେଷ; ଉତ୍ତେଜନା ।

ଟିଆଇବା, କ୍ରି. (ଦେଶଜ) ଉତ୍ତେଜନା କରିବା ।

ଟିଆମତା, ବି. (ଦେଶଜ) ଉତ୍ତେଜନା ।

ଟିକ, ଟିକକ, ଟିକି, } ବି°. (ଦେଶଜ) ସାମାନ୍ୟ; ଛୋଟ, କ୍ଷୁଦ୍ର; ଅଳ୍ପ । ଯଥା—
ବୋଟମାନ ବହିକରି ଆଣନ୍ତି ବାଳକେ,
ତଷା କଲା ବାଟେ ଜଳ ନ ମିଳିଲା ଟିକେ । ନୃ.ପୁ.ପ୍ର.ଚ
ଟିକକ ଦୋଷକୁ ରାମା ଏତେ ରୁଷା ରୁଷିଲା । ର. ଚ

ଟିକଟିକ, ଟିକିଟିକି, } ବି. (ଦେଶଜ) ପକ୍ଷିବିଶେଷ । ଯଥା—
ମୃଦୁନାଦେ କାହିଁ ରଟେ ଟିକଟିକ
ବିହଙ୍ଗମ କାନନବାସୀ । ଉର୍ବଶୀ
ବି°. ଅତି ଅଳ୍ପ ବା କ୍ଷୁଦ୍ରଖଣ୍ଡ ।

ଟିକର, ବି (ଦେଶଜ) କୁଦ ବା ଉଚ୍ଚସ୍ଥାନ ଯଥା—ଟିକର ଭୂଇଁରେ ନ କର ଗୃହ ।

ଟିକଗ, ବଂ. (ଦେଶଜ) ଉଚ; ଅଳ୍ପ । ଯଥା—
କେବେ ନ କରନ୍ତୁ ଟିକଗ ଗୃଷ,
କର ଦେବୁ ନାହିଁ ଲଭରେ ଆଶ । ଉ. ସା.
ବି. ଚନ୍ଦାମାନେ ବଳରୁ ପଶୁ ପକ୍ଷି ପ୍ରଭୃତିଙ୍କୁ ଚମକାଇ ତଡ଼ିବାପାଇଁ ଯେଉଁ ଦୁଇଖଣ୍ଡି ଗଣ୍ଠି ଆ ବାଉଁଶ ବଜାନ୍ତି ।

ଟିକଲ, ବି. (ଦେଶଜ) ପତ୍ରଦ୍ୱାସ ।

ଟିକା, ଟୀକା, ବି. (ଦେଶଜ) ତିଳକବନ୍ଦୁ । (ଗଡ଼ଜାତ ଶବ୍ଦ) ଭେଟି ନଜୁବା ପାଦପୂଜା; ବସନ୍ତରୋଗ ନବାରଣାର୍ଥ ହସ୍ତରେ କ୍ଷୁଦ୍ର ଛିଦ୍ର କର ଗୋବୀଜ ଗ୍ରହଣ କରିବା; ସ୍ୱର୍ଣ୍ଣ ରୌପ୍ୟାଦନର୍ମିତ ପଦକ । ବଂ. ଶ୍ରେଷ୍ଠ ।

ଟିକାଏ, ବଂ. (ଦେଶଜ) ଅଳ୍ପ; ଅଳ୍ପକ୍ଷଣ । ଯଥା—
ଟେକ ଆନ ଟେକ ଆନ ବାଞ୍ଛା ପରଣସହ୍ୟ,
ଟିକାଏ ରସ ଟୀକାଏ ଚଯ ଶାସ୍ତ୍ରରେ ପର ରୁଦ୍ଧ ।
କୋ. ବ୍ର. ସୁ.

ଟିକାଇତ, ଟୀକାଇତ, ଟିକାୟୁତ, ଟିକାଏତ, } ବି. (ଦେଶଜ) ରାଜାଙ୍କ ବଡ଼ ପୁଅ । ଯଥା—
ଟିକାଏତ ଅଷ୍ଟଦୁର୍ଗର କହଇ ଶ୍ୟାମ ଏ କ ଆଚରତ ।
କ. ଚ. ଚ.
ରାଜାଙ୍କ ନିକଟରେ ଉପାଧିପ୍ରାପ୍ତ ବା ସମ୍ଭ୍ରାନ୍ତ ବ୍ୟକ୍ତି ।

ଟିକ, ଟିକିକ, ବଂ. (ଦେଶଜ) ଅଳ୍ପ; ସାନ, ଗ୍ଛୋଟ । ଯଥା—
ଟିକଦନୁ ହେବେ କଣା ରୁମ୍ଭର । ବ. ଚ. ମ.
ଖଣ୍ଡ । ଯଥା—
ଶଲ୍ୟ କ୍ଷୁର ନାଣେ ସାତ୍ୟକ ଧନୁକିକ,
ମୁଠିଠାରୁ କରଦେଲେ ଦୁଇ ଟିକ । କୃ.ଖ୍ରା.ଶ.ପ.

ଟିକଆ, ବି. (ଦେଶଜ) ଘୁଡ଼ାଖୁ ବା ଗୁଲରେ ନିଆଁ ଧରାଇବା ନମନ୍ତେ ଅଙ୍ଗାର ଗୁଣ୍ଡିରେ ପ୍ରସ୍ତୁତ ଗୋଲାକାର ଖଣ୍ଡ । ଯଥା—
ଟିକିଆ ଖଣ୍ଡ ଖ୍ଣ ନିଅ ଝୁଲ ସବୁ ଲୁଗାପଟାଯାକ
ବୁଣି ପକାଇଲ । ଛ. ଆ. ଗୁ.

ଟିକିଟିକି, ବଂ. (ଦେଶଜ) ଖଣ୍ଡ ଖଣ୍ଡ । ବି. ଝିଟିପିଟି ।

ଟିକସ୍ୱେ, ଟିକଏ, ଟିକାଏ, } ବଂ. (ଦେଶଜ) ଅଳ୍ପ; ଅଳ୍ପକାଳ । ଯଥା—
କେ କହେ ସଖୀଏ ରହ ଗୋ ଟିକଏ
ଡାକ ଆଣେ ଅଭଡାକୁ । କ. ମ.

ଟିକର, ବଂ. (ଦେଶଜ) କ୍ଷୁଦ୍ର ବା ଗ୍ଛୋଟ ।

ଟିକଲ, ଟିକଲି, ବି. ସ୍ତ୍ରୀ. (ଦେଶଜ) ସ୍ତ୍ରୀମାନଙ୍କ ଭ୍ରୂଦ୍ୱୟର ମଧ୍ୟସ୍ଥ ଅଳଙ୍କରଣବିଶେଷ ଅର୍ଥାତ୍ ଏକମକାର ଟିପା; ଡାକରେ ବ୍ୟବହୃତ ଷ୍ଟାମ୍ପ (**Postage stamp**)

ଟିଙ୍କ, ଟିଙ୍କି, ବି. (ଦେଶଜ) ପଶୁ ଦେହର ରକ୍ତଶୋଷକ କୀଟ ।

ଟିଙ୍ଗିଶୁଳା, ବଂ. (ଦେଶଜ) ଚଡ଼ା, ଯେ ଅଳ୍ପ କଥାରେ ଚଡ଼େ ବା ରାଗେ ।

ଟିଟିଭ, ବି. (ଟିଟ୍ଟିଭର ଅପଭ୍ରଂଶ) ପକ୍ଷିବିଶେଷ ।

ଟିଟ୍ଟିଭ, ଟିଟ୍ଟିଭକ, ବି. (ଟିଟ୍ଟି = ଅନୁକରଣ ଶବ୍ଦ-ଭାଷ୍-ଅ, କ—ସ୍ୱାର୍ଥେ) ପକ୍ଷିବିଶେଷ ।

ଟିଟିର, ବି. (ଦେଶଜ) ପକ୍ଷିବିଶେଷ ।

ଟିଣା, ବି. (ଦେଶଜ) ଉପଧାତୁବିଶେଷ; ଗୁଳ୍ମବିଶେଷ; ରାଗୀ ଅର୍ଥାତ୍ ଯେ ଅଳ୍ପ କଥାରେ ଚଡ଼ି ଉଠେ ।

ଟିନ, ଟିଣ, ବି. (ଇଂରାଜୀ ଶବ୍ଦ) ଉପଧାତୁବିଶେଷ; ଟିଣନର୍ମିତ ପାତ୍ର ।

ଟିପ, ବି. (ଟିପ୍ ଧାତୁଜ) ଅଙ୍ଗୁଳର ଅଗ୍ର । ଯଥା—
ବରଷଟିଏ ଗୋଡ଼ ଅଙ୍ଗୁଷ୍ଠି ଟିପେ ରହି,
ତପ କଲ ତା କର ନ ପାରଲେ କେହି । କୃ.ଖ୍ରା.ଉ.ପ.
ଅଙ୍ଗୁଳି ଅଗ୍ର ମର୍ଦ୍ଦିତ । ଯଥା—ଗୃହଟିପ ନାସ । କର ଜପନ । ଏଥିରେ ଟିପଚିହ୍ନ ଅର୍ଥାତ୍ **finger impression** ବ୍ୟବହୃତ ହେଉଥିବାରୁ) (ପୁଞ୍ଜିପଟା ଶବ୍ଦ ଦେଖ) ଗଞ୍ଜପା ସାରରେ ଏକଠାରୁ ଦଶ ପର୍ଯ୍ୟନ୍ତ ଲେଖିବା ଚିହ୍ନ; ସ୍ୱଳ୍ପ ଦୋଷ । ଯଥା—
ଥାଉ ଥାଉ ଗୁଣ କେଉଁ ବିଚକ୍ଷଣ
ଟିପ ଦେବ ଦଶୁ ନାହିଁ । ବ. ଚ. ମ.

ଟିପଚିହ୍ନ, ବି. କାଗଜ ଉପରେ ଅଙ୍ଗୁଳି ଅଗ୍ରଭାଗଦ୍ୱାରା କାଳିରେ ଚିହ୍ନ ଦେବା କ୍ରିୟା । (finger impression) ।

ଟିପଣା, ଟିପଣୀ, } ବି. (ଟିପ୍ପଣୀ ଶବ୍ଦର ଅପଭ୍ରଂଶ) ସ୍ମରଣାର୍ଥ କୌଣସି ବିଷୟ ଲେଖି ରଖିବା ପତ୍ର; ଜାତକ ବା ଜନ୍ମ-ପତ୍ରିକାର ସଂକ୍ଷେପ ଲିପି; ଟୀକା ।

ଟିପଦେବା, କ୍ରି. (ଦେଶଜ) ଦୋଷ ଦେଖାଇବା । (ଟିପ ଶବ୍ଦ ଦେଖ ।)

ଟିପମାରିବା, କ୍ରି. (ଦେଶଜ) ଦସ୍ତଖେଳରେ ହୁକୁମ ସାର ଭୁଲେ ବିନା ସାର ଦେବା ।

ଟିପା, ବି. (ଦେଶଜ) ସ୍ମାରକ ପତ୍ର; ଚିଠା । ଯଥା—

ଚୂନ କଳା ଦଶ୍ଚ ଆଣି ଗୋଳାଇ,
ଟିପା ଦେଲ ଭକା ମୁଖରେ ନେଇ । ହ୍ରା. ଚ.

ଟିପାଇ, ଟିପେଇ, ତ୍ରିପାଇ, } ବି. (ତ୍ରିପଦୀ ଶବ୍ଦଜ) ଶଗଡ଼ ଝୁଙ୍ଗାମୁଣ୍ଡି ଟେକି ଧରିବା କାଷ୍ଠ; ତିନପାଦବିଶିଷ୍ଟ କ୍ଷୁଦ୍ର ମେଜ ବା କାଷ୍ଠାଧାରବିଶେଷ ।

ଟିପାକାଠି, ବି. (ଦେଶଜ) ଏହି କାଣ୍ଡଦଣ୍ଡରେ ନୋଳିଆମାନେ ବସି ଅବହେଳାରେ ସମୁଦ୍ରରେ ବୁଲନ୍ତି । ଯଥା—

ଟିପାକାଠି ପୃଷ୍ଠେ ତରଙ୍ଗେ ନୋଳିଆ
ଗାଏ ଜୟ ଗଙ୍ଗେଶ୍ୱର । ପାର୍ବତୀ ।

ଟିପାଟିପି, ବି. (ଦେଶଜ) ଠାରାଠାରି; ସଂକ୍ଷେପରେ ଲେଖାଲେଖି ।

ଟିପିଟିପିକିଆ, ବିଂ. (ଦେଶଜ) ଯାହାର ଟିପିଟିପି ଚିହ୍ନ ଥାଏ । ଯଥା—

ଟିପିଟିପିକିଆ ହରିଣୀଟିଏ ଲୋ ନିଛ ଆଣୁଥାନ୍ତି ଧରି ।
ଉ. ସା. ୧୮. ୮.

ଟିପିଦେବା, କ୍ରି. (ଟିପ୍ ଧାତୁଜ) ଇସାରା କରିବା; (ଚୋପ ଶବ୍ଦ ଦେଖ) ଚିପିଦେବା; ସଂକ୍ଷେପରେ ଲେଖିଦେବା; ସଂକ୍ଷେପରେ ଲେଖି ରଖିବା ।

ଟିପିବା, କ୍ରି. (ଟିପ୍ପଣୀ ଶବ୍ଦଜ) ଟିପଦ୍ୱାରା ବାଦ୍ୟ ବଜାଇବା । ଯଥା—

କାଖରେ କଳଧୌତକଡ଼ କରେ ବୀଣା ଟିପି । ନୃ. ସୁ. ପ୍ର. ଚ.
ସ୍ମରଣାର୍ଥ କୌଣସି ବିଷୟ ଲେଖିବା; ସଙ୍କେତରେ କହିବା । ଯଥା—

ବାପାଙ୍କ କଥା ଶୁଣି ହୃଦର ଭୟରେ,
ଆଖି ଟିପି ବାପାଙ୍କୁ ନିବାରଣ କଲେ । କୃ. ଭ. ବି. ପ.

(ଟିପ୍ ଧାତୁଜ) ଆଘାତ କରିବା । ଯଥା—
କରରୁହ ଟିପି ନାନାପ୍ରକାର । ର. ପ.

ଟିପୁଣା, ବି. (ଦେଶଜ) ଚିତ୍ରକାରମାନେ ରୂପଚିତ୍ରର ପୂର୍ବେ ରୂପ ଗାରେଇଥିବା ପଟ ପ୍ରଭୃତି ।

ଟିପେଇ, ବି. (ଦେଶଜ) ପାଣିରେ ଭସାଇ ମାଛ ଧରିବା ଯନ୍ତ୍ର । ଯେପରି—ସୋଲ ଟିପେଇ ।

ଟିପ୍ପଣୀ, ବି. (ଟିପ୍ ଧାତୁଜ) ଜନ୍ମପତ୍ରିକାର ସଂକ୍ଷେପ-ଲିପି; ସଂକ୍ଷିପ୍ତ ଟୀକା ।

ଟିଭକ, ବି. (ଦେଶଜ) ଗୁହ୍ୟଦ୍ୱାର ।

ଟିମ, ବି. (ଡିମ୍ବ ଶବ୍ଦଜ) ଶିଶୁ ।

ଟିମା, ଟିମକ, ବିଂ. (ଦେଶଜ) ଖର୍ବକାୟ, ବାଙ୍ଗର ।

ଟିରିକ, ବି. (ଦେଶଜ) ମେରୁଦଣ୍ଡର ନିମ୍ନସ୍ଥାନ ।

ଟିଲି, ବି. (ଦେଶଜ) ଗ୍ରଣ ପକାଇବା ସମୟରେ ଦୋଷ ନିବାରଣାର୍ଥ ତର୍ଜନୀ ଓ ମଧ୍ୟମାଙ୍ଗୁଳିଦ୍ୱୟକୁ ଛନ୍ଦି ରଖିବା ।

ଟୀକା, ବି. ସ୍ତ୍ରୀ. (ଟୀକ୍—ଗମନ କରିବା-ଅ-ଆ -ଯାହାଦ୍ୱାରା ମୂଳଗ୍ରନ୍ଥର ଅର୍ଥ ବୁଝିଲେ) ବିବୃତି, ବ୍ୟାଖ୍ୟା ।

ଟୁକି, ବି. (ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ) ପଥର ବାଟି ।

ଟୁକିବା, ଠୋକିବା, କ୍ରି. (ଦେଶଜ) ଗୋଟାଇ କରି ଖାଇବା, ଖାଇବା ।

ଟୁକୀ, ବି. ସ୍ତ୍ରୀ. (ଗଡ଼ଜାତ) ଟୋକୀ ବା ବାଳିକା ।

ଟୁକୁଣା ବି. (ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ) ଡାଳ, କୋଠ ।

ଟୁକୁମଠାମ, ବି. (ଦେଶଜ) ଇଟା ପଥର ବାନ୍ଧ ସମାନ ଦେଖିବା ଯନ୍ତ୍ର ।

ଟୁକୁଳୀ, ବି. ସ୍ତ୍ରୀ. (ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ ) ଅପ୍ରାପ୍ତବୟସ୍କା କନ୍ୟା ଅର୍ଥାତ୍ ଟୋକୀ ।

ଟୁଙ୍ଗା, ବି. (ଦେଶଜ) ବନ୍ୟଖାଦ୍ୟବିଶେଷ ।

ଟୁଙ୍ଗୀ, ବି. (ଦେଶଜ) ଏକପ୍ରକାର ଆଖଡ଼ା ।

ଟୁଙ୍ଗେଇ, ବି. (ଦେଶଜ) ଏକଜାତୀୟ କ୍ଷୁଦ୍ର-ମୂଷିକ ।

ଟୁଣଟୁଣ, ବିଂ. ( ଦେଶଜ ) ପ୍ରକାଶୋନ୍ମୁଖ । ଯଥା—ଗର୍ଭିଣୀଙ୍କୁ ଟୁଣଟୁଣ । ବି. ଘଣ୍ଟିର ଶବ୍ଦ ।

ଟୁଣା, ବି. (ଦେଶଜ) ଗାରଡ଼, ମାୟା ।

ଟୁଣୁକା, ବି. (ଦେଶଜ) ସାମାନ୍ୟ ଉପାଦାନ-ବିଶିଷ୍ଟ ଔଷଧ ।

ଟୁଣୁକାଟୁଣୁକ, ବି. ( ଦେଶଜ ) ଏଣୁତେଣୁ ଉପଚାର ।

ଟୁଣୁଟୁଣୁ, ଟୁଣ୍ଟୁଣୁ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ; ଘଣ୍ଟିର ଶବ୍ଦ ।

ଟୁପା, ବି. (ସମ୍ବଲପୁରରେ) ସାନ ପାଚ୍ଛିଆ ।

ଟୁଗ୍ର, ବି. (ଗଡ଼ଜାତ) ମାତୃପିତୃହୀନ ବାଳକ ।

ଟୁଗ୍ରୀ, ବି. ସ୍ତ୍ରୀ. ( ଗଡ଼ଜାତ ) ମାତୃପିତୃହୀନ ବାଳିକା ।

ଟେକ, ବି. ( ଦେଶଜ ) ମହତ୍ତ୍ୱ; ଆଧିକ୍ୟ; ପ୍ରାଧାନ୍ୟ । ଯଥା—

ନିଜ ସ୍ଥଳୀ ବୋଲି ସ୍ୱର୍ଗ ଟେକ ସିନା
ବଢ଼ାନ୍ତି ଅମରଗଣ । ଉର୍ବଶୀ ।

ପ୍ରଶଂସା । ଯଥା—

କହି ନୁହଇ ସୁରଙ୍ଗ ଅଧର ଟେକ । ର. କ.

ଗୁମାନ । ଯଥା—

ଟାଣ ଚଣା ଚବଣ ନାରଦ କଲି ପଣ,
ଟେକ ଊଜ ଭଜିବ ଅବଶ୍ୟ ଶ୍ରମ କର । ବି.ଚ.ମ.

ବିଂ. ଶ୍ରେଷ୍ଠ । ( ଟିକାଏ ଶବ୍ଦ ଦେଖ ) କ୍ରି. ଉଠାଅ ।

ଟେକା, ବି. ( ଦେଶଜ ) ମୃତ୍ତିକାଖଣ୍ଡ । ଟେକବା । ଯଥା—

କାହିଁ କୂର୍ମରୂପରେ ହୋଇଛ ପୃଥ୍ୱୀ ଟେକା ।
ନୃ.ପୁ.ପ.ଭ.

ବିଂ. ଟେକବା ବ୍ୟକ୍ତି । ଯଥା—

କରୁ ଯା ଥିଲି ମନରେ ଦକା,
ତାହା ଶୁଣିଲେ ମନ୍ଦରଟେକା । ର. କ.

ଯାହାକୁ ଟେକିଥାନ୍ତି ଅର୍ଥାତ୍ ଉତ୍ତୋଳିତ । ଯଥା—

ଢ଼ାଳନ୍ତି ଗ୍ରମର ଶ୍ୱେତଛତ୍ର ଟେକା ତହିଁ । କୋ.ବ୍ର.ସୁ.

ଟେକାଟେକ, ବି. ( ଦେଶଜ ) ତୋଷାମଦ, ଗୃଚ୍ଛୁ; ଧରାଧରି ।

ଟେକାପାଣି, } ବି. ଯେଉଁ ଲୋକ ଜାତିରୁ
ଟେକାଭାତ, } ଅଟକ ହୁଏ ସେ ଅପର ଲୋକ-ବ୍ୟବହୃତ ପାତ୍ରରେ ଖାଏ ନାହିଁ ବା ପାଣି ପିଏ ନାହିଁ, ତାକୁ ଟେକିକରି ଭାତ ବାଢ଼ି ଦିଅନ୍ତି ଓ ପାଣି ଗଡ଼ାଇଦେଲେ ସେ ଅଞ୍ଜୁଳି କରି ପିଏ ।

ଟେକିବା, କ୍ରି. (ଦେଶଜ) ଉତ୍ତୋଳନ କରିବା; ପ୍ରଶଂସା କରିବା ।

ଟେକହେବା, କ୍ରି. ( ଦେଶଜ ) ଗର୍ବ ବଢ଼ିବା; ଉପରକୁ ଉଠିବା ।

ଟେଙ୍ଗର, } ବି. (ଦେଶଜ) ରନ୍ଧନଗୃହରେ
ଟେଙ୍ଗଡ଼ା, } ହାଣ୍ଡି ପ୍ରଭୃତି ରଖିବା ସ୍ଥାନ ।

ଟେଙ୍ଗାଇବା, } କ୍ରି. (ଦେଶଜ) ଶଗଡ଼ ପ୍ରଭୃତିର
ଟେଙ୍ଗେଇବା, } ଏକଭାଗ ଉପରକୁ ଟେକିବା ।

ଟେଣ୍ଟୁଆ, ବି. (ଦେଶଜ) ପକ୍ଷିବିଶେଷ । ଯଥା—

ମାସଲ ସେଣା ପକ୍ଷୀ ବାୟସା କ୍ଷୁଦ୍ର ଚଲ,
ଶୁକ ପିକ ଟେଣ୍ଟୁଆ ଯେ କୁମ୍ଭାଟୁଆ କୁଳ । ନୃ.ପୁ.ପ୍ର.ଭ.

ଟେଣ୍ଟୋଇ, ବି. (ଟିଟି ଭ ଶବ୍ଦଜ) ପକ୍ଷିବିଶେଷ । ଯଥା—

ନଭେ ରବି ରବି ଯାଉଛି ଟେଣ୍ଟୋଇ
ସୁମୀଲ ଚଲିକା ମୁଖେ । ପାର୍ବତୀ ।

ଟେବଲ, ବି. ( ଇଂରାଜୀ ଶବ୍ଦ ) ଲେଖନାଦିର ଆଧାର ।

ଟେର, ବି. (ଦେଶଜ) ପ୍ରାମାଣ୍ୟ; ଅନୁସନ୍ଧାନ ।

ଟେରା, } ବିଂ. ସଂ. ଯାହାର ଚକ୍ଷୁ ବକ୍ର
ଟେରକ, } ହୋଇଥାଏ, ଟେରା ।

ଟେରା, ବି. (ଟେରକ ଶବ୍ଦଜ) ବକ୍ରଦୃଷ୍ଟିଯୁକ୍ତ ବ୍ୟକ୍ତି, ଯାହାର ଗୋଟିଏ ଚକ୍ଷୁ ସାନ ଅନ୍ୟଟି ବଡ଼ ହୋଇଥାଏ । (ଦେଶଜ) ଏକପ୍ରକାର ଯବନିକା । ଯଥା—

ଉପରେ ଚନ୍ଦ୍ରାତପ ଦର୍ପଣର ଟେରା । ନୃ.ପୁ.ପ୍ର.ଚ.

ଟେରାବାଡ଼, ବି. (ଦେଶଜ) ଯବନିକା ବା ବସ୍ତ୍ରାବରଣ, କନାର ବାଡ଼ ।

ଟେରୀ, ବି. ସ୍ତ୍ରୀ. (ଟେରକ ଶବ୍ଦଜ) ଯେଉଁ ସ୍ତ୍ରୀର ଗୋଟିଏ ଚକ୍ଷୁ ବଡ଼ ଅନ୍ୟଟି ସାନ ହୋଇଥାଏ; ଯେଉଁ ସ୍ତ୍ରୀର ଦୃଷ୍ଟି ବକ୍ର ।

ଟେଳା, ବି. (ଦେଶଜ) ବଡ଼ ବଡ଼ ଖଣ୍ଡ; ଟେକା । ଯଥା—

ଟେଳା ମାଇଲେ କି ସ୍ୱାମି ଟଳଇ ମନ୍ଦର । ସା.ଭା.ସ.

ଟେଲିଗ୍ରାମ, ବି. (ଇଂରାଜୀ ଶବ୍ଦ) ତାରସମ୍ବାଦ ।

ଟେହ୍ୱିବା, ଟେଇବା, କ୍ରି. (ଦେଶଜ) ଉତ୍ତେଜିତ କରିବା; ମନ୍ଦକାର୍ଯ୍ୟରେ ପ୍ରବର୍ତ୍ତାଇବା ।

ଟୋକଣୀ, ବି. (ଦେଶଜ) ବଡ଼ ପିତଳହଣ୍ଡୀ ।

ଟୋକା, ବି. (ତୋକ ଶବ୍ଦଜ) ପିଲା ବା ବାଳକ । ଯଥା—

ଟୋକାବେଳହୁଁ କାହ୍ନୁ ଘରବୁଡ଼ା । ଗୋ. ଭା.

ଟୋକାଇ, ଟୋକେଇ, ବି. (ଦେଶଜ) ବାଉଁଶ ବା ବେତନିର୍ମିତ ଆଧାରବିଶେଷ ।

ଟୋକିବା, କ୍ରି. (ଦେଶଜ) ଦୋଷ ଦେବା; ଚର୍ବଣ କରିବା; ଖାଇବା; ଖୁଣ୍ଟି କରି ଖାଇବା; ଝୁଣ୍ଟିବା; ବାଛିବା ।

ଟୋକୀ, ବି. ସ୍ତ୍ରୀ. (ତୋକ ଶବ୍ଦଜ) ବାଳିକା; ଯୁବତୀ । ଯଥା—

ଟୋକୀ କେ ରହିବ ଗୋପେ ତା ଶୁଣି,
ଟାଉ ଟାଉ ହେବେ ସୁରମଣୀ । ବି. ଚ. ମ.

ଟୋକେଇ, ବି. ସ୍ତ୍ରୀ. (ଦେଶଜ) ବେତାଦିନିର୍ମିତ ଆଧାରବିଶେଷ; ପୋଇଲୀ ବା ମାଚ ସ୍ତ୍ରୀ । ଯଥା—

ଟୋକେଇ ପୁଅ ଫୁଲରସ ଭୋର ଭ୍ରମର ସ୍ୱାଙ୍କର ମୁହଁଆଡ଼କୁ ଚହଟ । ଶ. ନା. ସୁ. ସୁ.

ଟୋପ, ବି. (ଦେଶଜ) ଖୋଲ; କାଗଗୁହ । ଯଥା—

ଚିପିଦେଲେ କଂସ ଆଗେ କେ ନୃଶଂସ
ନନ୍ଦ ବନ୍ଦୀ ହେବେ ଟୋପେ । ବି. ଚ. ମ.

ହାତୀ ଧରିବା ସକାସେ ଯେଉଁ ଗର୍ତ୍ତ ଖୋଳାଯାଏ । ଯଥା—

ଟାଣ କି ଅଛୁ କହନ୍ତୁ ହରି,
ଟୋପ ରାଧା ମୋ ମନ କରୀ । ବି. ଚ. ମ.

ଟୋପର, ବି. (ଦେଶଜ) ବନପକ୍ଷିବିଶେଷ । ଯଥା—

ବାସର ଯୌବନ ଘୋଷିଲେ ଧପନେ ବନ ଟୋପର । ଉଷା ।

(ପ୍ରାକୃତ ଟୋପ୍ପର ଶବ୍ଦଜ) ପତ୍ର ବା ବାଉଁଶ ନିର୍ମିତ ମୁଣ୍ଡର ଢାଙ୍କୁଣୀବିଶେଷ; ମସ୍ତକାବରଣ ବା ଟୋପି (Hat); ମୁକୁଟ । ଯଥା—

ଯେ ନାମ ଭଜେ ଚକ୍ରଧର, ସେ ଅଟେ ଶ୍ରମନ ଟୋପର ।
ତାହାକୁ ଶିରେ ଥିଲେ ଭରି, ଶତ୍ରୁ ଦେଖିଣ ଭସ୍ମ କରି । ଦା. ର.

ଟୋପା, ବି. (ଦେଶଜ) ଜଳାଦି ତରଳ ପଦାର୍ଥର ବିନ୍ଦୁ; ତିଳକବିନ୍ଦୁ ।

ଟୋପି, ବି. (ଦେଶଜ) ତିଳକାଦି ବିନ୍ଦୁ; ଶିରସ୍ତ୍ରାଣ ବା ମସ୍ତକାବରଣ; ଜଳାଦି ବିନ୍ଦୁ । ଯଥା—

ଯେସନ୍ତେ ଶୂନ୍ୟରୁ ଖସିଣ ପଡ଼େ ଟୋପି ଜଳ । ନ. ପୁ. ପ୍ର. ଚ.

ଡାଲି ବା ଛୋଟ ଛୋଟ ଗୁଙ୍ଗୁଡ଼ି ।

ଟୋଲ, ବି. (ବଙ୍ଗୀୟ ଶବ୍ଦଜ) ସଂସ୍କୃତ ପାଠଶାଳା । ଯଥା—

ଢେର ଦିନୁ ଓଡ଼ିଶାରେ ପିଠା ଅଛି ଢୋଲ,
ବାଲେଶ୍ୱରେ ଫିଟାଇଛି ରାମଚନ୍ଦ୍ର ଟୋଲ । ହ. ଭୁ.

ଟୋଳକ, ବି. (ଦେଶଜ) ବୋଇତକଖାରୁ ।

ଟୋଲି, ବି. (ଦେଶଜ) ପଲ୍ଲୀ ବା ଗ୍ରାମ; ଚେପା; ଧାତୁନିର୍ମିତ ଜଳପାତ୍ରାଦିର କୌଣସି ଅଂଶ ଆଘାତଦ୍ୱାରା ଦବିଗଲେ ତାହାକୁ ଟୋଲି କହନ୍ତି; କେତେକ ବୈଦିକ ବ୍ରାହ୍ମଣମାନଙ୍କର ଉପାଧିବିଶେଷ । ଯେପରି— ଟୋଲି ମିଶ୍ର ।

ଟୋଲ, ବି. (ଦେଶଜ—ଗଞ୍ଜାମୀ, ଏ ତେଲୁଗୁ ଶବ୍ଦ, କିନ୍ତୁ ଓଡ଼ିଆରେ ମଧ୍ୟ ବ୍ୟବହୃତ ହୁଏ) ଅଧପାହ୍ର ।

ଟୌ, ଟଉ, ବି. (ଦେଶଜ) ଉପଧାତୁବିଶେଷ ।

# ଠ

**ଠ**, ବ୍ୟଞ୍ଜନମାଳାର ଦ୍ୱାଦଶ ବର୍ଣ୍ଣ । ବି. ଶିବ; ମହାଧ୍ୱନି; ଚନ୍ଦ୍ରମଣ୍ଡଳ; ଶୂନ୍ୟ; ଇନ୍ଦ୍ରିୟଗୋଚର ।

ଠଉଁ, ଅ°. (ଦେଶଜ) ଠାରୁ; ପଞ୍ଚମୀବୋଧକ ।

ଠଉର, ଠୌର, ବି. (ସ୍ଥିର ଶବ୍ଦଜ) ସ୍ଥିରତା; ଅନୁମାନ; ଠିକଣା ।

ଠଉରଠିକଣା, ବି. ବନ୍ଦୋବସ୍ତ ।

ଠଉରାଇବା, ଠଉରେଇବା, } କ୍ରି. (ସ୍ଥିର ଶବ୍ଦଜ) ଖୋଜିବା; ଅନୁମାନ କରିବା; ସ୍ଥିର କରିବା ।

ଠଉରିବା, କ୍ରି. (ସ୍ଥିର ଶବ୍ଦଜ) ସ୍ଥିର ରହିବା । ଯଥା—

ନ ମିତ ନ ଜାତି ଶୀଳ, ନ କୁଳ ବରତଫଳ,
ଠଉର ନ ପାରେ ମୋ ମତି ରେ । ବି. ଚି. ମ.

ସ୍ଥିରୀକୃତ ହେବା । ଯଥା—ଦୋଷ ଠଉରିବା ।

ଠକ୍ଠକ୍, ଅ°. (ଦେଶଜ) ଅନୁକରଣ ଶବ୍ଦବିଶେଷ; ଡ଼େଇଁବା ।

ଠକ, ଠଗ, ବି. (ଦେଶଜ) ପ୍ରତାରକ ବା ପ୍ରବଞ୍ଚକ । ଯଥା—

ଠକ ନୋହେ ଗୁରୁ ବଇଷ୍ଣବ ଯେହୁ,
ଠିକେ ଏଥି ମର୍ମ ଜାଣି ପାରିବେଟି ସେହୁ । ବି.ଚି.ମ.

ବି°. କପଟୀ; ନିଷ୍ଠୁର; ଖଳ । ଯଥା—

ଠକଗିରି ନ ଆଚର, ମୋ ବେଦନାକୁ ବିଚାର,
ଅକପଟ ଜାଣ ବନ୍ଧୁ ତୋତେ ଉଚିତ ରେ । କ.ଚ.ଚ.

ଠକଠକ, ବି. (ଦେଶଜ) ବିପଦ; ଉତ୍ପାତ; ଝଞ୍ଜଟ ।

ଠକା, ବି. (ଦେଶଜ) ଠକିବା; (ସମ୍ବଲପୁରରେ) ଠିକ୍ ।

ଠକାଠକ, ବି. (ଦେଶଜ) ଭଣ୍ଡାଭଣ୍ଡି ।

ଠକାଇବା, ଠକେଇବା, } କ୍ରି. (ଦେଶଜ) ପ୍ରତାରିତ କରାଇବା; ଅବଲମ୍ବନ କରିବା; କାର୍ଯ୍ୟ ଚଳାଇବା ନିମନ୍ତେ କୌଣସି କାର୍ଯ୍ୟ [ଯେନକେନପ୍ରକାରେ ସମ୍ପନ୍ନ କରିବା ।

ଠକାମି, ଠକାମୀ, } ବି. (ଦେଶଜ) ପ୍ରବଞ୍ଚନା; ପ୍ରତାରଣା ।

ଠକାର, ବି. (ଦେଶଜ) ଠକପଣ । ଯଥା—

ଠିକେ କ୍ଷୀରଧି ଠିକେ କ ରଧିଜାତ ବର୍ଣ୍ଣିଲ୍ଲକୁଟେ,
ଠକାର ପର ଠକାର ପରିହରି ନ ପାରୁ ନିଷ୍ଟେ ।
କୋ. ବ୍ର. ସୁ.

କପଟ । ଯଥା—

ଏତେ ବୋଲ ଠକାରେ ନିଦ୍ରା ଗଲେ ହରି,
ଲକ୍ଷ୍ମୀ ମିଳିଲେ ଯାଇ ଚନ୍ଦନ ପୁଷ୍ପ ଧରି । ନୃ.ପୁ.ଦ୍ୱି.ଡ.

ଠକିବା, କ୍ରି. (ଦେଶଜ) ପ୍ରତାରିତ କରିବା ।

ଠକ୍କୁର, ବି. ସଂ. ଦେବତାଙ୍କ ପ୍ରତିମା, ଠାକୁର ।

ଠଗି, ଠଗୀ, ବି°. (ଦେଶଜ) ଛଦ୍ମବେଶଧାରୀ ।

ଠ-ଠା-ଠି, ବି. (ଦେଶଜ) ଅତ୍ୟନ୍ତ ହୀନାବସ୍ଥା ।

ଠଣି, ବି. (ଦେଶଜ) ଅଙ୍ଗର ଶୋଭା । ଯଥା—

ଠଣି ସେ ପୁଣ ଏ ପରି ରେ । ଲ୍ଲ. ବ.

ଗଠନ । ଯଥା—

ଠଣି ସୁନ୍ଦର ଶିରୋମଣି,
ଠିକେ କମଳା ଯାର ରାଣୀ । କ. କୋ.

ଠଣଠଣ, ଠନଠନ, ଠଣଠାଣ, } ଅ°. (ଠ°ଠ° ଶବ୍ଦଜ) ଟଙ୍କା ବାଜିବାର ଅନୁକରଣ ଶବ୍ଦବିଶେଷ ।

ଠଣା, ବି. (ସ୍ଥାନ ଶବ୍ଦଜ ପ୍ରାକୃତ ଠାଣରୁ ଜାତ) ପ୍ରତିହାରର ସ୍ଥାନ । ଯଥା—

ବଣାରୁ ଦନ୍ତ ବାତ ଠଣାରୁ ପଳାୟିତ
ଇତର କପି ଇତସ୍ତତ । ବୈ. ବି.

ବନ୍ଧାଙ୍ଗୁଳିଦ୍ୱାରା ମସ୍ତକାଘାତବିଶେଷ । ଯଥା—

ଠଣାଠୁକି ତାପ ନାଶ, ମୁଣ୍ଡେ ମନମଥ ପାଶ,
ବନ୍ଧନରୁ କରନ୍ତୁ ସିନା ମୋତେ ମୋଚିତ ରେ । କ.ଚ.ଚ.

କାନ୍ଥଖୁରା ବା କାନ୍ଥଖୋଳା ।

ଠଣୁନ, ବି. (ଦେଶଜ) ଅବ୍ୟକ୍ତ ଶବ୍ଦ; ରିକ୍ତତାବୋଧକ ।

ଠବର୍ତ୍ତୁଳ, ବି°. (ଦେଶଜ) ଠ ପରି ଗୋଲ ବା ଅତି ଗୋଲ । ଯଥା—

ଠିକେ ଠବର୍ତ୍ତୁଳ ଚନ୍ଦ୍ରାନନ ତୋ ଚଉରେ ।
କୋ. ବ୍ର. ସୁ.

ଠମକ, ବି: (ଦେଶଜ) ଭାବହାବ, ପ୍ରାଗଲ୍‌ଭ୍ୟ ।

ଠାର, ବି. (ଦେଶଜ) ସଙ୍କେତଦ୍ୱାରା ମନୋଭାବ କହିବା ।

ଠାରଠୋର, ବି. (ଦେଶଜ) ସଙ୍କେତ କରାକରି । ଯଥା—

ଆମ୍ଭକୁ ନ କହିଣ, ଠାରଠାରି ହୋଇଣ
ଅଗମ୍ୟ ବନରେ ପଶିଲେ । ବି. ରା.

ଠସ, ବି. (ଦେଶଜ) ଖୁଣ୍ଟ; ପରିହାସ । ଯଥା—

ଶଠ ଦୁଷ୍ଟ ଧୃଷ୍ଟ ଲମ୍ପଟ ନାୟକ, ବିଦେଶକୁ ଯିବା କଥା,
ସତ କି ଅବା ଠସ ।

ଠସକାଇ, ବି. (ଦେଶଜ) ଅଶକ୍ତତା ।

ଠସା, ବି. (ଦେଶଜ) ଟାପରା; ଖୁଣ୍ଟ ।

ଠାଁ, ଠା, ଠାଆଁ, ଠାଆ, ବି. (ସ୍ଥାନ ଶବ୍ଦଜ ପ୍ରାକୃତ) ଭୋଜନ ସ୍ଥାନ । ଯଥା—

ଭୋଜନ ମଧ୍ୟରେ ବିଜେ କଲେ ଭବତ୍ରାତା,
ଠାଁସଜ ନର୍ମ୍ମ କରିଅଛନ୍ତି କମଳାଇ । ନୃ. ପୁ. ତୃ. ତ.

ସ୍ଥାନ । ଯଥା—

ଆନ ଠାକୁ ନ ବାନ୍ଧିଲା ଯୋଖି,
ହୃଦ ଲଖି କଲା କସ ଦେଖି । କୋ. ବ୍ର. ସୁ.

ଜାଗା ବା ପାଦ; ଭୋଜନ ସ୍ଥାନରେ ମୁରୁଜଦ୍ୱାରା ପ୍ରସ୍ତୁତ ପ୍ରକୋଷ୍ଠ; ଭୋଜନ ।

ଠାଆପିଡ଼ା, ବି. ( ଦେଶଜ ) ଭୋଜନସ୍ଥାନ ପ୍ରସ୍ତୁତ କରିବା । ଯଥା—

ଠାଆପିଡ଼ା କରି କୃଷ୍ଣେ ଡେକଗଲେ,
ଉଦଅଙ୍କେ ଘରୁ ବଢ଼ାବଢ଼ି କଲେ । କୃ.ଭା.ଦ.ପ.

ଭୋଜନ ।

ଠାଁପୁରୁ, ବି°. (ଗଡ଼ଜାତ ଶବ୍ଦ) ସମୁଦାୟ ।

ଠାଁସଜ, ଠାଆଁସଜ, ଠାଆସଜ, ଠାସଜ, } ବି. (ଦେଶଜ) ଭୋଜନ-ପାତ୍ରାଦିସମୂହ । ଯଥା—

ତଦୁତ୍ତରୁ ଶୁଣି ଯାହା ଦେଲେ ପ୍ରଜାପତି,
ଠାଆଁସଜ କରି ସେହି ବାନ୍ଧୁ ପଠାନ୍ତି । ନୃ.ପୁ.ପ୍ର.ତ.

ଠାଇଁ, ଠେଇଁ, } ବି. ( ପ୍ରାକୃତ ଠାଇଁ ପଦଜାତ ) ଥୁଆଥୋଇ ବା ଶୂଦ୍ରାଦି ବିଧବାର ପୁନର୍ବିବାହ । ଅ°. ନିକଟରେ ବା ପାଖରେ । ଯଥା—

ଥିଲା ତା ମାଇପ ନାମ ଅଲଇ,
ସବୁ ଅଲକ୍ଷଣ ଥାନ୍ତି ତା ଠାଇଁ । ହା. ତ.

ସ୍ୱାଙ୍କଠେଇଁ ମୋର ଭାଇସ୍ନେହ ରହିଛି । ଶ.ନାଟକ.

ସ୍ଥାନରେ । ଯଥା—

ବ୍ୟାସ ଋଷି ଜନମ ହେଲେ କେଉଁଠାଇଁ । ନା.ର.ଗୀ.

ଠାଉକଆ, ଠାଉଆ, ବି. (ଦେଶଜ) ଗେରୁ ।

ଠାଏଁ, ଠାଏ, ଅ°. (ପ୍ରାକୃତ ଠାଇଁ ପଦଜାତ) ସ୍ଥାନରେ । ଯଥା—

ଏ ସୃଷ୍ଟି ରହେ ସର୍ବଠାଏଁ,
ତୁ ଯେହ୍ନେ ବୁଲୁ ନାନାଦେହେ । ଭା. ଦ. ସ୍କ.

ଏକସ୍ଥାନରେ; ସପ୍ତମୀ ବିଭକ୍ତି ପ୍ରତ୍ୟୟ । ଯଥା—

ଏଥକୁ ଗୋଟିଏ କଥା ଅଛଇ ଉପାୟେ,
ଉତ୍ତମ ସାଧୁ ଯେବେ ମିଳଇ ମୂର୍ଖଠାଏ । ନୃ.ପୁ.ଦ୍ୱି.ତ.

ଠାକରା, ବି. (ଦେଶଜ) ଏକପ୍ରକାର ବାଣକାଷ୍ଠ ଖଞ୍ଜି ମଝିରେ ଗାତ କରି ତହିଁରେ ଡାରୁ ଖୁନ୍ଦି ଏ ବାଣ ତିଆରି କରନ୍ତି ।

ଠାକିବା, କ୍ରି. (ଦେଶଜ) ସ୍ଥିର ହେବା । ଯଥା—

ଠୂଲଶୂନ୍ୟ ପରେ ବାସ, ଠାକିଛ ପରମହଂସ । ଜ୍ଞା.କୋ.

ଠାକୁର, ଠକୁର, ବି. (ପ୍ରାକୃତ ଠକ୍କୁରୋ ଶବ୍ଦଜ) ଦେବତା । ଯଥା—

କୋଟିବ୍ରହ୍ମାଣ୍ଡରେ ଏମନ୍ତ ଠାକୁର
ଥିବାର ଶୁଣିଛ କାହିଁ । ର. କ.

ଶ୍ରେଷ୍ଠ ବା ମାନ୍ୟ ବ୍ୟକ୍ତି; ପ୍ରଭୁ । ଯେପରି—

ଠାକୁର ରାଜା ।

ଠାକୁରକୋଠି, ଠାକୁରଘର, ଠାକୁରବାଡ଼ୀ, } ବି. (ଠକ୍କୁର ପ୍ରକୋଷ୍ଠ ଶବ୍ଦଜ; ଠକ୍କୁର ଗୃହ ଶବ୍ଦଜ; ଠକ୍କୁର ବାଟୀ ଶବ୍ଦଜ) ଦେବାଳୟ ।

ଠାକୁରବାପା, ବି. ( ଠକ୍‌କୁର-ବପ୍ରା ଶବ୍ଦଜ) ପିତାମହ ।

ଠାକୁରମା, ବି. ସ୍ତ୍ରୀ. (ଠକ୍‌କୁର-ମାତା ଶବ୍ଦଜ) ପିତାମହୀ ।

ଠାକୁରାଣୀ, ବି. ସ୍ତ୍ରୀ. ( ଦେଶଜ ) ଦେବୀ । ଯଥା—

ଠାକୁର ଠାକୁରାଣୀଙ୍କ ପଦାମ୍ବୁଜ ଧ୍ୟାନରଙ୍କ । କ.ଚ.ଚ

ରାଣୀ ବା ସ୍ୱାମିନୀ; ଗୃହିଣୀ; ବସନ୍ତ ରୋଗ; ଗୋରୁମାନଙ୍କୁ ହେବା ରୋଗବିଶେଷ ।

ଠାକୁରାଣୀଲାଗିବା, ବି. (ଦେଶଜ) କୌଣସି କୌଣସି ଲୋକଙ୍କଠାରେ ଠାକୁରାଣୀ ଆବିର୍ଭୂତ ହେବା ।

ଠାକେରା, ବିଂ. (ଦେଶଜ) ଝାଙ୍ଗରା । ଯଥା—

ଠାକେରା ବୁଢ଼ା ନିରେଖ ନାରମାଖି ଜନ,

ଏହାକୁ ଦୋହିତା ଦେଲେ କେମନ୍ତ ରାଜନ । ମଂ. ଯ.

ଠାଟ, ଠାମ, ବି. (ଦେଶଜ) ଭଙ୍ଗୀ । ବିଂ. ମନୋହର ବା ସୁଦୃଶ୍ୟ ।

ଠାଠିକ, ବିଂ. (ଦେଶଜ) ସୁନ୍ଦର । ଯଥା—

ଠାଠିକ ଦିଶେ ଅମ୍ବୁଜରୁ ଖସେ କି

ଅବମାକ ବକାଳିକା ରେ । ଲ. ବ.

ଠାଣା, ବି. (ସ୍ଥାନ ଶବ୍ଦଜ, ପ୍ରାକୃତ ଠାଣ ଶବ୍ଦରୁ ଜାତ) ଜଗିବା ସ୍ଥାନ ।

ଠାଣି, ଠାଣୀ, ଠାଣିମାଣି, } ବି. (ଦେଶଜ) ଅଙ୍ଗଭଙ୍ଗୀ । ଯଥା—

ରହିଲା ଅଣଆସୃତେ ସେ ସେହି ଠାଣିରେ । ଲ. ବ.

ଠାଣିମାଣିରେ ଉଭା ହୋଇଲା ଯେ ଅର୍ଜୁନ,

ବାବୁ ମୋ ଅସୂଷ ଯେନ ବାଣ ବୋଲେ ଦ୍ରୋଣ ।

ସା. ଭା. ଆ.

ଆକୃତ । ଯଥା—

ଭଲ ସେ ରୂପ ଠାଣି କାହିଁ ନାହିଁ ରେ । ସଙ୍ଗୀତ ।

ଠାପୁଆ, ବିଂ. (ଦେଶଜ) ଅଳସୁଆ, ମଠୁଆ । ଯଥା—

କେହି ବା ଠାପୁଆପଣେ ଧର୍ମଧ୍ୱଜ ପର,

ପରଠାରୁ ସଦା ଅର୍ଥଶୋଷଣପ୍ରୟାସୀ । ମ. ଯା.

ସାମାନ୍ୟ, ଯେଉଁ ଲୋକ କୌଣସି ଛଳରେ କାର୍ଯ୍ୟ କରେ ନାହିଁ ।

ଠାପୋଇ, ବି. ସ୍ତ୍ରୀ. (ଦେଶଜ) ଅଳସୀ ସ୍ତ୍ରୀ ।

ଠାବ, ବି. (ସ୍ଥାନ ଶବ୍ଦଜ ପ୍ରାକୃତ ଠାଁ ଶବ୍ଦଜାତ) ସ୍ଥାନ । ଯଥା—

କୁଞ୍ଜକାନନରେ ଯେତେ ବିନୋଦ ଠାବ । ର. କ.

ଠିକଣା । ଯଥା—

ହୃଦପଦ୍ମେ ବିରାଜିଣ ମୁହିଁ କଲି ଠାବ,

ଏହା ମୋତେ ପ୍ରସନ୍ନେ କହିବା ପଦ୍ମନାଭ । ନା.ର.ଗୀ.

ଠାବକରିବା, କ୍ରି. ଅନୁସନ୍ଧାନଦ୍ୱାରା ସ୍ଥିର କରିବା ।

ଠାର, ବି. (ଦେଶଜ) ସଙ୍କେତ; ଅପର ଲୋକ ଯେପରି ବୁଝି ନ ପାରିବ ସେହିପରି ଭାଷାରେ କଥା କହିବା । ଯଥା— ଶଶିଠାର, ଫୁଲଠାର ।

ଠାରଠୁର, ବି. (ଦେଶଜ) ଅନ୍ୟୋନ୍ୟ ନେତ୍ର-ସଙ୍କେତ । ଯଥା—

ଠାରଠୁର କଥା ହୋଇ ସରସରେ,

ଆଚମନ କରି ସେଠାରୁ ଉଠିଲେ । କୃ.ଭା.ଆ.ପ.

ଠାରିବା, କ୍ରି. (ଦେଶଜ) ସଙ୍କେତ କରିବା । ଯଥା—

ଠାରିଦେଲେ ନେତ୍ରାଞ୍ଚଳେ । କ. ଚ. ଚ.

କାଗଜ ବା ତାଳପତ୍ରରେ ଟିପି ରଖିବା; ସୂଚନା କରିବା । ଯଥା—

କହିବା ଆଗେ ବୋଲିଣ ଯେତେ ଅଛୁ ଠାରି,

ଏହିଠାରୁ ଶୁଣ ତୁମ୍ଭେ ଏ କଥା ପସ୍ତରି । ନୃ.ପୁ.ପ୍ର.ତ.

ଠିଁ, ଠି, ଅଂ. (ଦେଶଜ) ଠାରେ । ଯଥା—

ଦ୍ରୁପଦ ବୋଇଲେ ପଣ୍ଡା କହିଲ ତ ଅମାତ,

ଏକ ସ୍ତ୍ରୀ ଯାକ କେଉଁଠି ଅଛୁ ପାଞ୍ଚ ପତି । ସା. ଭା. ଆ.

ଠିଅ, ବି. (ଦେଶଜ) ଅଭିମାନ ବା ଆଧିକ୍ୟ । ଯଥା—

ଆଜ ଏଣିକି ରାଜା ଅଛନ୍ତି କେତେ କହି,

ତାଙ୍କୁ ବରି ଆଣିଲେ ରହିବ ମୋର ଠିଅ । ନୃ.ପୁ.ଦ୍ୱି.ତ.

ଡିରା, ଅବଲମ୍ବନ ।

ଠିଆ, ବି. (ପ୍ରାକୃତ ଟିଆ ଶବ୍ଦଜ) ଉଭା ହେବା । ବିଂ. ଉଭା ହୋଇଥିବା; ସଳଖ ।

ଠିଅଠାଣି, ବିଂ. ( ଦେଶଜ ) ସୁଗଠିତ; ମନୋହର । ଯଥା—

ଗୋବିନ୍ଦ ବୋଇଲେ ସ୍ୱାମି ଦେଖ ହଳପତି,
ଶୂରବର ଅର୍ଜୁନର ଠିଅଠାଣି ମୂର୍ତ୍ତି । ସା.ଭା.ଆ.

ବି. ଠିଆହେବାର; ମନୋହର ଛଟା ।

ଠିଆଟଙ୍ଗା, ବି. (ଦେଶଜ) ଲମ୍ବକରି ଲଟାଇବା ଭଳକ । ଯଥା- -

ଗୋମସ୍ତେ ଦେଲେ ଠିଅଟଙ୍ଗା,
ଯେ ପ୍ରଭୁ ଗୋବ୍ରାହ୍ମଣହିତା । ଭା. ଦା. ସ୍କ.

ଠିକ, ବି (ଦେଶଜ) ନିଷ୍ଠାପ୍ୟ । ଯଥା—
ଠିକେ ମୁଁ କହୁଛି ତୋତେ, ଠାବ ଦେଇଥିବୁ ଚରେ ।

ସମଷ୍ଟି । ବିଂ. ଉତ୍ତମ ବା ଭଲ । ଯଥା—

ଠିକ ଯେତେ ନେତେ ପାତଶାହି ନାଗ
ନାଗନାରିକ ଯେମନ୍ତ । ବି. ଚ. ମ.

ନିଶ୍ଚିତ । ଯଥା—ତାହା ଠିକ କର ।

ଠିକଣା, ବି. ( ଦେଶଜ ) ନିଦର୍ଶନ; ଠାବ; ନିଷ୍ଠାପ୍ୟ ।

ଠିକରିବା, କ୍ରି. ( ଦେଶଜ ) ନେତ୍ର ନିର୍ନିମେଷ ହେବା; ଝଲକ ପଡ଼ିବା । ଯଥା—

ଠିକରି ପଡ଼ୁଛି ଠାବେ ଠାବେ ନେତ୍ର
ହେରି ଏ ଚନ୍ଦ୍ରମା ହାଟ । ପାର୍ବତୀ ।

ଠିକା, ବି. (ଦେଶଜ) ଅତିରିକ୍ତ; ଠୁଳ ବା ମୋଟ; ଚୁକ୍ତି ବା ନିଷ୍ପତ୍ତି । ବିଂ. ଅସ୍ଥାୟୀ (temporary) ।

ଠିକ୍କା, ବି. ( ଦେଶଜ ) ତାସଖେଳରେ ୧ ସଂଖ୍ୟକ ପତ୍ର ।

ଠିକାଠିକା, ବିଂ. (ଦେଶଜ) ଗୋଟିଏ ଗୋଟିଏ ବା ବିରଳ ।

ଠିକିବା, କ୍ରି. (ଦେଶଜ) ଅତିରିକ୍ତ ହେବା, ସମଧିକ ହେବା; ନିଶ୍ଚିତ ହେବା । ଯଥା—

ଠିକେ ଶରଣ ଠିକେ କି ରତ୍ନଜାତ ବର୍ତ୍ତୁଳ କୁଚେ,
ଠକାର ପରି ଠକାର ପରିହରି ନ ପାରୁ ନିଷ୍ଟେ ।
କୋ. ବ୍ର. ସୁ.

ବାଧା ପାଇବା । ଯଥା—

ଥରେ କାର୍ଯ୍ୟକ୍ଷେତ୍ରରେ ପଶି ନ ଠିକବା ପର୍ଯ୍ୟନ୍ତ ।
ଉ. ସା. ୧୧. ୪.

ଠିକିରି, ବି. ( ଦେଶଜ ) ତାସଖେଳର ଏକ-ପ୍ରକାର ରଙ୍ଗ ।

ଠୁକ୍‌ଠୁକ୍, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ବି. ଧୀର (ଚାଲି) । ଯଥା—
ଠୁକ୍ ଠୁକ୍ ଚାଲିକି, ସରି ନୁହେ ଯୋଡ଼ା ପାଲିଙ୍କି ।

ଠୁକା, ବି. ( ଦେଶଜ ) ଧୀରଭାବରେ ଆଘାତ କରିବା ।

ଠୁକିବା, ଠୁକ୍କିବା, କ୍ରି. (ଦେଶଜ) ଅଙ୍ଗୁଳି ବା କରତଳଦ୍ୱାରା ଆଘାତ କରିବା । ଯଥା—
ଜଳସନ୍ଧ ପ୍ରଭା ପରିଭଣ୍ଡୀ କାମନାଗରୀ ଠୁକିଲ ହେହେ ।
କୋ. ବ୍ର. ସୁ.

ପ୍ରହାର କରିବା ।

ଠୁକେଇବା, କ୍ରି. (ଦେଶଜ) ପ୍ରହାର କରିବା; ଧୀରଭାବରେ ଆଘାତ କରିବା ।

ଠୁଙ୍ଗା, ବିଂ. ( ଦେଶଜ ) ଶାଖାପତ୍ରାଦିବିହୀନ (ବୃକ୍ଷ), ମୁଣ୍ଡା; ଏକୁଟିଆ ।

ଠୁଣା, } ବିଂ. (ଦେଶଜ) ବାଙ୍ଗରା, ନେଷ୍ଟ
ଠୁଣୁକା, } ବା ହୀନ ।

ଠୁଣୁଠୁଣୁକା, } ବିଂ. ( ଦେଶଜ ) ସାମାନ୍ୟ,
ଠୁଣୁଠୁଣୁକିଆ, } ସାଧାରଣ । ବି. ସାଧାରଣ ଉପାୟ ।

ଠୁରି, ବିଂ. (ଦେଶଜ) ଖର୍ବ । ଯଥା—
କି ବେଙ୍ଗ—ଠୁରି ବେଙ୍ଗ । ଉ. ସା.

ଠୁଳ, ବିଂ. (ସ୍ଥୂଳ ଶବ୍ଦଜ) ଏକତ୍ରିତ; ଠିକ । ଯଥା—

ଠୁଳେ ଗଙ୍ଗାରୁ ଜଳ ଅଣି,
ଘନ କି ପତନ କରଇ ଧରିରେ । ଲ. ବ.

ମୋଟ ବା ସମଷ୍ଟି । ଯଥା—

ଶୁଣନ୍ତୁ କହିଲି ଠୁଳ କରି,
ଯେ ସ୍ଥାନମାନ ଯେ ବିସ୍ତାର । ବି. ପୁ.

ଠୁଲି, ବି. (ଦେଶଜ) ମସ୍ତକାବରଣ ହାଣ୍ଡି ଅର୍ଥାତ୍ ଖପୁରି ।

ଠେଁ, } ଅଂ. (ସ୍ଥାନେ ଏହି ପଦଜାତ, ପ୍ରାକୃତ
ଠେ, } ଠେଁ ପଦରୁ ସଞ୍ଜାତ) ସ୍ଥାନରେ ।

ଠେକ, ବି. (ଦେଶଜ) ଅବଲମ୍ବନ, ତିରି । ବିଂ. ଉଚ୍ଚ । ଯଥା—

ମଥା ଉପରେ କେଶ ବାନ୍ଧଣ ଠେକ ଜୁଡ଼ା,
କଟିରେ ଝିନବାସ କରିଛନ୍ତି ଦୋସଢ଼ା । ନୃ.ପୁ.ସ.ଚ.

ଠେକର, ବିଂ. (ଦେଶଜ) ଠେକ; ଗୃହସର । ଯଥା—

ହୀରା ଠେକର ସରା ରଜ,
ଝଲକା ସୁମଣ୍ଡଣି ହେଜ । କୋ. ବୃ. ସୁ.

ଠେକରା, ବି. (ଦେଶଜ) ପାକ ନିମନ୍ତେ ହାଣ୍ଡି ।

ଠେକା, ବି. (ଦେଶଜ) ପାଗପ୍ରାପ୍ତ ମୁଣ୍ଡରେ ବାନ୍ଧିବା ଲୁଗା ।

ଠେକି, ଠେକା, ବି. (ଦେଶଜ) କ୍ଷୁଦ୍ର ମୃତ୍ତିକା-ଘଟବିଶେଷ ।

ଠେକୁଆ, ବି. (ଦେଶଜ) ଶଶକ, ଖୁଦୁର ।

ଠେଙ୍ଗ, ବି. (ଦେଶଜ) ଉଚ୍ଚ ଭୂମି; ମନୁଷ୍ୟର କଟିତଳର ହାଡ଼ ।

ଠେଙ୍ଗା, ବି. (ଦେଶଜ) ବଡ଼ ବାଡ଼ି । ଯଥା—

କରେ ଘେନିଛୁ ଠେଙ୍ଗାଗୋଟି,
ମୋତେ ଏ ପକାଇବ ପିଟି । ଧା. ର.

ଜ୍ୱରବିଶେଷ । ଯେପରି—ଠେଙ୍ଗା ଜର ।

ଠେଙ୍ଗାଇବା, ଠେଙ୍ଗେଇବା, } ବି. (ଦେଶଜ) ଠେଙ୍ଗାରେ ପିଟିବା ।

ଠେଙ୍ଗା, ଠେଙ୍ଗି, ବି. (ଦେଶଜ) ବାଡ଼ିଆବାଡ଼ି; ଅନ୍ୟୋନ୍ୟ ଠେଙ୍ଗାରେ ମାଡ଼ ମାରିବା ।

ଠେଙ୍ଗିଣି, ଠେଙ୍ଗୁଣୀ, ବି. ସ୍ତ୍ରୀ. (ଦେଶଜ) ସାନ ଠେଙ୍ଗା; ଗୋରୁ ପ୍ରଭୃତିଙ୍କର ପିଠିର ହାଡ଼ ।

ଠେଙ୍ଗୁ, ବି. (ଦେଶଜ) କଟିତଳ ହାଡ଼ । ଯଥା—

ଘରେ ବାହାରେ ଯେ ପାଏ
ସେ ଠେଙ୍ଗୁରେ ସ୍ନେହେ ହାଣିଦିଏ । ଛ ସା.

ଠେଲ, ବି. (ଦେଶଜ) ଭିଡ଼ । ଯଥା—

ସବୁଦିନେ ଅତିଥିଙ୍କ ଲାଗିଥାଏ ଠେଲ,
ଜଣାଯାଏ ଏହା ହେବ ସବୁଲୋକ ହୋଟେଲ । ଉ. ଭ୍ର.

ଠେଲା, ବି. (ଦେଶଜ) ପେଲିବା ।

ଠେଲାଠେଲି, ବି. (ଦେଶଜ) ପେଲାପେଲି ।

ଠେଲିବା, କ୍ରି. (ପ୍ରାକୃତ ଠେଲ ଧାତୁଜ) ପେଲିବା । ଯଥା—

ଗହଳେ ଗଲେ ପେଲାପେଲି,
ସ୍ୱାମିଙ୍କି ପକାଇବେ ଠେଲି । ଷ. ଦ. ସ୍ତ.

ଠେଁସ, ଠେସ, ବି. (ଦେଶଜ) ଅବଲମ୍ବନ; ପେଲା; ଧକ୍କା ।

ଠେସଦେବା, କ୍ରି. (ଦେଶଜ) ଅବଲମ୍ବନ ବା ଆଶ୍ରୟ କରିବା, ଦେବା ।

ଠେଁସା, ଠେସା, ବି. (ଦେଶଜ) ପେଲା; ଅଡ଼ିନିମ । ବିଂ. ଅଳସୁଆ ।

ଠେସିବା, ଠେଁସିବା, ଠେସେଇବା, } କ୍ରି. (ଦେଶଜ) ପେଲିବା । ଯଥା—

କୁଚମନ୍ଦର ଠେଁସି ହୃଦର ଦଅ ମୋ ଦର ନାହିଁ । ଲା. ବ.

ଆଘାତ କରିବା । ଯଥା—

ଉରେ ଉରଜ ଦେଇଥାଇ ଠେସି । ପ୍ରେ. ସୁ. ନି.

କହିଲେ ନ ମାନିବା । ଯଥା—

ବଡ଼ ଲୋକ ବାକ୍ୟ କହିଲେ ଯେ ଜନ ଠେଁସେ,
ଛନ ବରଷ ମଧ୍ୟେ ପଡ଼ଇ ଦଣ୍ଡ ଦୋଷେ । ନୃ.ପୁ.ସ.ଚ.

ଠୋ, ଠୋଓ, ଠୋଠୋ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ଠୋକର ଛଣ୍ଡାଇ ଦେ ନା । କ. ଚ. ଚ.

ଯିବାଧାତେ କାଣ୍ଡଟିମାନେ ଠୋଓ ରଡ଼ି,
ନନ୍ଦା କଲେ ପ୍ରଳୟକାଳ ଘଡ଼ଘଡ଼ି । କୃ. ଖ. ଖି. ପ.

କାଠ ହାଣୁ ଠୋ ଠୋ, ବାଘ ମାମୁ ରୁ ଅଲେଇସି ଯା । ଉତ୍କଳକାହାଣୀ ।

ଠୋକ, ବି. (ଦେଶଜ) ସମଷ୍ଟି ।

ଠୋକର, ଠୋକରା, ବି. (ଦେଶଜ) ବାଧା; ଆଘାତ; ଗୃହପୋଡ଼ା ।

ଠୋଠୋ, ଠୋଠା, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ସେ ଅସ୍ତ୍ରେ ଠୋଠୋ ହୋଇ ଗୁଣରୁ ବାହାରିଲେ,
ଅଜୁ ନଙ୍କ ଅସ୍ତ୍ରକୁ ସେ କିଛି ନ ହାରିଲେ । କୃ. ଖ. ବ.

ଠୋଫଟକ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ; ଠୋକନ ।

ଠୋଲକା, ଠୋଲୋକା, } ବି. (ଦେଶଜ) ପିଷ୍ଟକବିଶେଷ । ବିଂ. ଫୁଲ ।

ଠୋଲ, ଠୋଲି, ବି. (ଦେଶଜ) ପକ୍ଷାଧାର, ଦନା । ଯଥା—

ଏକ ନଗରରେ ଯାଇ ପ୍ରବେଶ ହୋଇଲା,
ପଲାଶ ପତର ଠୋଲ ଗୁଡ଼ିଏ ସିଇଁଲା । ବେ. ପ.

ଠୋସ, ବିଂ. (ଦେଶଜ) ଟାଣ ବା ଦମ୍ଭ ।

# ଢ

**ଢ**, ବ୍ୟଞ୍ଜନମାଳାର ତ୍ରୟୋଦଶ ବର୍ଣ୍ଣ । ବି. ଶିବ; ଶବ୍ଦ; ଗୃଧ୍ରପକ୍ଷୀ; ହାସ; ବାଡ଼ବାଗ୍ନି; ବାଦ୍ୟଯନ୍ତ୍ରବିଶେଷ । ସ୍ତ୍ରୀ. ଢାକିନୀ ।

ଢ଼ଂସିବା, କ୍ରି. (ଦଂଶନ ଶବ୍ଦଜ) କାମୋଡ଼ିବା ।

ଢ଼ାଇଁ, ଢୁଇଁ, ବି. (ଦେଶଜ) ଖେଳରେ ହାରିବା ବ୍ୟକ୍ତି ।

ଢଉଁରିଆ, ଢେଉଁରିଆ, } ବି. (ଦେଶଜ) ହସ୍ତାଭରଣ ଓ କର୍ଣ୍ଣାଭରଣବିଶେଷ । ଯଥା—

କରତଟେ ଢ଼ଉଁରିଆ ମାଳ ବାନ୍ଧ । ର. କ.

ଢଉଲ, ଢୌଲ, } ବିଂ. (ଦେଶଜ) ସୁନ୍ଦର । ବି. ଆଚରଣ; ରୀତି; ଗଠଣ ।

ଢ଼କର, ବି. (ଦେଶଜ) ଆହ୍ୱାନ ।

ଢ଼କା, ବି. (ଦେଶଜ) ଚହଳ । (କଅଁଳା ଶବ୍ଦ ଦେଖ) ଆହ୍ୱାନ; ଚିତ୍କାର ଶବ୍ଦ; କ୍ରନ୍ଦନ । ଯଥା—

ଢ଼କା ଦେବା ହନେ ଅଟକେ ହସ୍ତୀନେ
ଦେଖିଲୁ ଶକଟ ଦଶା । କ. ଚ. ଚ.

ଢ଼କାଇତ, ଢ଼କାଏତ, ଢ଼କେଇତ, } ବି. (ହିନ୍ଦୀ) ଖଣ୍ଡି ବା ଚୋର । ଯଥା—

କେଉଁ ଅରଣ୍ୟରେ କେଉଁ ଗୋପୀଠାରେ
ନୋହୁଛୁ ଢକାଏତପଣ । ର. କ.

ଢ଼କାଇତି, ଢ଼କାଇତି, ଢ଼କାଇତପଣ, } ବି. (ହିନ୍ଦୀ) ଚୌର୍ଯ୍ୟ ବା ଚୋରୀ ।

ଢ଼କାଇବା, ଢ଼କେଇବା, } କ୍ରି. (ଦେଶଜ) ଆହ୍ୱାନ କରିବା; ଡ଼ାକିବା ନିମନ୍ତେ ଲୋକ ପଠାଇବା ।

ଢ଼କାଢ଼କ, ବି. (ଦେଶଜ) ପରସ୍ପର ଆହ୍ୱାନ । ଯଥା—

ଆସ ଆସ ଢ଼କାଢକରେ
ସେ ଢ଼କା ପକାଉଅଛନ୍ତି ପିକେ । କୋ. ବ୍ର. ସୁ.

ଢ଼ାକବୋବାଳି, ବି. (ଦେଶଜ) କାନ୍ଦବୋବାଳି ।

ଢ଼କାହକା, ବି. (ଦେଶଜ) ଅନ୍ୟୋନ୍ୟ ଆହ୍ୱାନ । ଯଥା—

ବଉଳ ! ଅଶୋକା ! ହୋଇ ଢକାହକା
ଚଳିଲେ ଅନେକ ନାରୀ । କ. ମା.

ଢ଼ଗଢ଼ଗ, କ୍ରି. ବିଂ. (ଦେଶଜ) ଶୀଘ୍ର ।

ଢ଼ଗଢ଼ଗା, ବିଂ. (ଦେଶଜ) ଅସ୍ଥିର; ଯେ ପେଟରେ କୌଣସି କଥା ରଖି ନ ପାରି ଶୀଘ୍ର ବାହାରେ ପ୍ରକାଶ କରିଦିଏ ।

ଢ଼ଗର, ବି. (ଦେଶଜ) ଦୂତ । ଯଥା—

ଆଜ୍ଞା ପ୍ରମାଣେ ଢ଼ଗର ଅଇଲା,
କଂସ ଆଜ୍ଞା ବୋଲି ଗୋପେ କହିଲା । ଗୋ. ଭ.

ଢ଼ଗରା, ବି. (ଦେଶଜ) ଯେଉଁ ବ୍ୟକ୍ତିଦ୍ୱାରା ଘୋଷଣା ପ୍ରଚାରିତ ହୁଏ । ଯଥା—

କୁମ୍ଭାଟୁଆ ଖଗ ପ୍ରଭାତ ଢ଼ଗରା,
ରଙ୍ଗେ ବଜାଇଲା କାନନ ନାଗରା । ନ. କେ.

ଗୃହ: ଝଣ୍ଟ୍ରାଏତମାନଙ୍କର ଶାଖାବିଶେଷ ।

ଢ଼ଗରାଇବା, କ୍ରି. (ଦେଶଜ) ଘୋଷଣା ପ୍ରଚାରିତ କରିବା ।

ଢ଼ଗରାଇଜାଗିର, ଢ଼ଗରେଇଜାଗିର, } ବି. (ଦେଶଜ) ଢ଼ଗର କାର୍ଯ୍ୟ ନିମନ୍ତେ ରାଜସରକାରରୁ ମିଳିଥିବା ଜମି ।

ଢ଼ଙ୍କ, ବି. (ଦେଶଜ) ଲତାର ଅଗ୍ର; କୌଣସି ପଦାର୍ଥର ଅଗ୍ର ବା ମୁଣ୍ଡ । ଯଥା—ଢ଼ଙ୍କ ମୋଡ଼ିଦେବା ।

ଢ଼ଙ୍କା, ବି. (ଦେଶଜ) ଅଣକ; ବାଦ୍ୟବିଶେଷ; ଧେଣ୍ଡୁରା ।

ଢଙ୍କାରି, ବି. (ଦେଶଜ) କଣ୍ଟକବୃକ୍ଷବିଶେଷ ।

ଢ଼ଙ୍କି, ବି. (ଦେଶଜ) ତମ୍ବା ପିତଳନିର୍ମିତ ସାନ ହତା ।

ଢ଼ଙ୍କୁଣୀ, ବି. ସ୍ତ୍ରୀ. (ଢ଼ାକିନୀ ଶବ୍ଦଜ) ଢ଼ାଆଁଣୀ ।

ଢ଼ଙ୍ଗା, ବି. (ଦେଶଜ) ନୌକା । ଯଥା—

ତରୀ ରୂପ ଢଙ୍ଗାରେ ବସାଇ ତାକୁ ଆଇ,
କଚ୍ଛନ୍ଦନ ଅନ୍ତରେ ଶିଖିଲି ନାବ ବାହି । ନା. ରୂ. ଗୀ.

ଡ଼ଙ୍ଗୀ, ବ. (ଦେଶଜ) କ୍ଷୁଦ୍ର ନୌକା । ଯଥା—
କ ସେ ମନମଥ ମହାନଦୀ ଡ଼ଙ୍ଗୀ । ର. କ.

ଡ଼ଜନ, ବ. (ଇଂରାଜୀ ଶବ୍ଦ) ୧୨ ଗୋଟି ।

ଡ଼ବଡ଼ବ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—
ଡବଡବ ବାର ନଃସରବ ଶ୍ରବ ପ୍ରହରେ ନୟନଯୁଗୁଁ । କ. ଚ. ଚ.

ଡ଼ବଡ଼ବା, ବ. (ଦେଶଜ) ଡ଼ମ୍ଫା ଅର୍ଥାତ୍ ଯାହା ପେଟରେ କଥା ରହେ ନାହିଁ ।

ଡ଼ବା, ବ. (ଦେଶଜ) ବୃହତ୍ ହୁକାବିଶେଷ; ବାଉଁଶ ଖୋଳବିଶେଷ; ରେଲର ମାଲଗାଡ଼ିର ପ୍ରକୋଷ୍ଠ ।

ଡ଼ଭର, ଡ଼ମ୍ଭର, ବି°. (ଦେଶଜ) ଆଡ଼ମ୍ବରଯୁକ୍ତ ।

ଡ଼ମ, ଡ଼ମ୍ବ, ବ. (ଦେଶଜ) ନୀଚଜାତିବିଶେଷ ।

ଡ଼ମଣି, ଡ଼ମୁଣି, ବ. (ଦେଶଜ) କବାଟରେ ଲଗାଇବା କଣ୍ଟାବିଶେଷ; ଡ଼ମର ସ୍ତ୍ରୀ ।

ଡ଼ମର, ବ. (ଡ଼ମ୍-ଅର) ଦଙ୍ଗା, ମରାମରି; ଆକ୍ରମଣ; ବିପ୍ଳବ; ଭୟରେ ପଳାୟନ ।

ଡ଼ମରୁ, ବ. (ଡ଼ମ = ଅନୁକରଣ ଶବ୍ଦ-ଋ = ଗମନ କରିବା-ଉ) ବାଦ୍ୟବିଶେଷ ।

ଡ଼ମାଡ୍ଡୋଲ, ବି°. (ଦେଶଜ) ଅମିତବ୍ୟୟୀ ।
ବ. ଅଯଥା ଆଡ଼ମ୍ବର ।

ଡ଼ମୁଣୀ, ଡ଼ମୁଣୀ, ଡ଼ମୁଣିଆଣୀ, } ବ. ସ୍ତ୍ରୀ. (ଦେଶଜ) ଡ଼ମର ସ୍ତ୍ରୀ ।

ଡ଼ମ୍ଫ, ବ. (ଦମ୍ଭ ଶବ୍ଦଜ) କପଟ ।

ଡ଼ମ୍ଫା, ବି°. (ଦେଶଜ) ଆଗଚଲା ବା ଆଗବୋଲା; ଉଦ୍ଧତ; ଫମ୍ପା; ବାକ୍‌ସର୍ବସ୍ୱ ।

ଡ଼ମ୍ବର, ବି°. (ଡ଼ମ୍ବ-ଅର) ଉଦ୍ଧତ, ବିଖ୍ୟାତ । ବ. ଉତ୍କର୍ଷ ।

ଡ଼ମ୍ବରୁ, ବ. (ଡ଼ମରୁ ଶବ୍ଦଜ) ବାଦ୍ୟବିଶେଷ ।

ଡ଼ର, ବ. (ଦର ଶବ୍ଦଜ, ପ୍ରାକୃତ ଡ଼ରେରୁ ଜାତ) ଭୟ ।

ଡ଼ରକୁଳା, ବି°. (ଦରକୁଳ ଶବ୍ଦଜ) ଖିନ୍ନ ବା ଭୟାକୁଳ ।

ଡ଼ରା, ଡ଼ରାହରା, ବ. (ଦେଶଜ) ଭୟ ଦେଖାଇବା ।

ଡରାଇବା, କି. (ଦେଶଜ) ଭୟ ଦେଖାଇବା ।

ଡରାଣ, ବ. (ଦେଶଜ) ଡରାଇବା ।

ଡରିବା, ଡରିହରିବା, କି. (ଦେଶଜ) ଖିନ୍ନ ହେବା ।

ଡରୁଆ, ବ. (ଦେଶଜ) ଭୟାକୁଳ । ଯଥା—
ଦୁର୍ଯ୍ୟୋଧନ ଡରୁଆ କର୍ଣ୍ଣକୁ ସଙ୍ଗେ ଘେନ,
ପ୍ରଥ ଯୁଦ୍ଧେ କରୁଛୁ ଆମ୍ଭର ଓଜହାନ । କୃ.ଖ୍ରି.ବ.ପ.

ଡହକ, ବ. (ଦାହ ଶବ୍ଦଜ) ତାତି । ବି°. ତପ୍ତ ।

ଡହଡ଼, ଡହଡହ, ଦହଡ଼, ଦହଦହ, } ବି°. (ଦହ୍ ଧାତୁଜ) ଉତ୍ତପ୍ତ । ଯଥା—
ଡହଡହ ହେବ ମୃଦୁ ଅବୟବ
ଶ୍ୟାମ ଶ୍ରୀଅଙ୍ଗ ଛିଟ ଭେମୁଁ । କ. ଚ. ଚ.

ଡହଣା, ବ. (ଦେଶଜ) ଏକପ୍ରକାର ଖେଳ । (ଧୂଳିଗୁଣ୍ଡାଇ ଶବ୍ଦ ଦେଖ ।)

ଡହଳ, ବି°. (ଦେଶଜ) ଡମ୍ଫା ଅର୍ଥାତ୍ ଯାହା ପେଟରେ କଥା ରହେ ନାହିଁ । ବ. ନାରଦ ।

ଡହଳବିକଳ, ବି°. (ଦାହାକୁଳ ଶବ୍ଦଜ) ପୀଡ଼ାରେ ଅସ୍ତବ୍ୟସ୍ତ; ଶୋକାକୁଳ ।

ଡାଆଁଣା, ଡାହାଣା, ବି°. (ଦେଶଜ) ଖାଦ୍ୟଲୋଭୀ ।

ଡାଆଣିଆ ଖରା, ବ. (ଦେଶଜ) ସୂର୍ଯ୍ୟାସ୍ତ ସମୟର ଖରା । ଯଥା—
ଡାଆଣିଆ ଖରା ପଡ଼ିଛୁ ବେଳ ଯାଉଛୁ ବୁଡ଼ି,
ଅସ୍ତାଚଳ ଶିଖେ ତପନ ଯାଉଅଛନ୍ତି ବୁଡ଼ି । ଭ.ସା.

ଡାଆଁଣୀ, ଡାହାଣୀ, ବ. ସ୍ତ୍ରୀ. (ଡାକିନୀ ଶବ୍ଦଜ) ଯୋଗିନୀବିଶେଷ; ଅପଦେବତାର ଗୁଣଯୁକ୍ତା ସ୍ତ୍ରୀ; ଖାଦ୍ୟଲୋଭସକ୍ତା ସ୍ତ୍ରୀ ।

ଡାଆଁସ, ଡାଉଁଶ, ବ. (ଦଂଶ ଶବ୍ଦଜ) ମକ୍ଷିକାବିଶେଷ ।

ଡାଇ, ବ. (ଦେଶଜ) ଅସ୍ତ୍ରାଘାତ ।

ଡାଉଁରାଇବା, କି (ଦେଶଜ) ସୁବିଧା ଅପେକ୍ଷା କରିବା ।

ଡାକ, ବ. (ଦେଶଜ) ଶବ୍ଦ; ପିଶାଚବିଶେଷ; ପ୍ରେରିତ ସମ୍ବାଦକୁ ଶୀଘ୍ର ଠିକଣାରେ ପହଞ୍ଚାଇ ଦେବାର ପ୍ରଣାଳୀ (post); ଆହ୍ୱାନ । ଯଥା—
କରି ଉଚ୍ଚସ୍ୱର କଲା ରେରେକାର
ଗଣ୍ଡାକୁ ଅନେକ ଡାକ ଦେଲା ।
ବି°. ବିଖ୍ୟାତ ।

ଡାକଘର, ଡାକଚୌକା, ଡାକଚୌକି, } ବି. ( ଦେଶଜ ) ଚିଠିପତ୍ର ଆଦାନ-ପ୍ରଦାନାର୍ଥ ନିର୍ଦ୍ଦିଷ୍ଟ ସରକାରୀ ଗୃହ ।

ଡାକପାଣି, ବି. (ଦେଶଜ) ପ୍ରିୟଜନ ବିଦେଶରୁ ଆସିବାପାଇଁ କରିବା ଉପାୟ । ଯଥା—

କେ କହେ ଲୋ ମିତ ମୋର ପ୍ରାଣନାଥ
ପାଙ୍କଣେ ନଇଲେ ଘରେ,
ଉପାୟ ମିତଣୀ କହେ 'ଡାକପାଣି'
କର ଗୁଣି ଆଣି ଖରେ । କ. ମ.

ଡାକଡଙ୍ଗା, ବି. (ଦେଶଜ) ଯେ ନୌକାରେ ଡାକ ବୁହାଯାଏ (**Mail Boat**) ।

ଡାକରେଲ, ବି. (ଦେଶଜ) ଯେଉଁ ରେଲରେ ଡାକ ବୁହାଯାଏ (**Mail train**) ।

ଡାକନାମ, ବି. (ଦେଶଜ) ବିଖ୍ୟାତ ନାମ ।

ଡାକପୁଳନ୍ଦା, ଡାକଲଫାଫା, ବି. (ଦେଶଜ) ଟପାବିଡ଼ା; ଡାକରେ ପତ୍ର ପଠାଇବାର କାଗଜର ଆବରଣ ।

ଡାକରା, ବି. (ଦେଶଜ) ନିମନ୍ତ୍ରଣ; ଆହ୍ୱାନ ।

ଡାକ, ବି. (ଦେଶଜ) ଡମ୍ବରୁ । ଯଥା—

ଡାକମଧମାକୁ ଡାକ ଆଣିବାକୁ ଏଠାକୁ କାହା ସାହସ ।
କ. ଚ. ଚ.

ଡାକିବା, ଡାକହାକିବା, କ୍ରି. ( ଦେଶଜ ) ଆହ୍ୱାନ କରିବା; ଶବ୍ଦ କରିବା ।

ଡାକୁ, ବିଂ.(ଦେଶଜ)ବିଖ୍ୟାତ । ବି. ଡକାଇତ ।

ଡାକୁଆ, ବି. (ଦେଶଜ) ଆହ୍ୱାନକାରୀ; ଭଣ୍ଡାରି; ଦଣ୍ଡାସି । ଯଥା—

କାଲି ଯିବା ବୋଲି ଟମକ ବଜାଇ,
ଡାକୁଆକୁ ବୋଲି ଦେଇଯାଉ କହି । କୃ.ଖ.ଉ.ପ.

ଡାକେଣୀ, ଡାକିଂଣୀ, ଡାକେଂଣୀ, } ବି. ସ୍ତ୍ରୀ. ( ଡାକିନୀ ଶବ୍ଦଜ ) ଯୋଗିନୀ-ବିଶେଷ ।

ଡାକେଶ୍ୱରୀ, ବି. ସ୍ତ୍ରୀ. ( ଦେଶଜ ) ଅଷ୍ଟାଦଶ ଦେବୀଙ୍କ ମଧ୍ୟରୁ ଏକ । (ଢାକେଶ୍ୱରୀ ଶବ୍ଦ ଦେଖ ।)

ଡାକୁଣୀ, ଡାକଂଣୀ, ବି. ସ୍ତ୍ରୀ. (ଡାକିନୀ ଶବ୍ଦଜ) ଡାଆଣୀ, ଯୋଗିନୀ, ଦେବୀବିଶେଷ ।

ଡାକ୍ତର, ବି. ( ଇଂରାଜୀ ଶବ୍ଦଜ ) ବୈଦ୍ୟ, ଚିକିତ୍ସକ ।

ଡାଗର; ବି. ( ଦେଶଜ ) କେଶକାଠବିଶେଷ; ଡିଙ୍ଗା ।

ଡାଙ୍ଗ, ବି. (ଦେଶଜ) କାଠି; ବାଡ଼; ସାନ ଯଷ୍ଟି । ଯଥା—

ଡାଙ୍ଗ ଯେନ ଫୋଡ଼ିଲେ ଦଧିଖଣ୍ଡ,
କଲା ସଳଖେ ପାତଦେଇ ତୁଣ୍ଡ । ଗୋ. ଭ୍ର.

ଯଷ୍ଟି, ବାଡ଼ି । ଯଥା—

ଅକାଶେ ବୁଲାଇଲା ସେ ଧରି ଲୁହା ଡାଙ୍ଗେ,
ପବତେ ଚୂର୍ ହୋଇଲେ ପଡ଼ି ତାର ଅଙ୍ଗେ ।
ସା. ଭା. ବି.

ଡାଙ୍ଗି, ବି. (ଦେଶଜ) କ୍ଷୁଦ୍ର କାଠି ।

ଡାଙ୍ଗିଆ, ବି. (ଦେଶଜ) କ୍ଷୁଦ୍ର ଯଷ୍ଟି; ପାଳିତ ଗୋବର ଚଢ଼ାଇବା ନିବାସଭୂତ ଯଷ୍ଟି; ଗୃହର ଅଙ୍ଗୀଭୂତ କ୍ଷୁଦ୍ର କ୍ଷୁଦ୍ର କାଷ୍ଠଖଣ୍ଡ । ଯଥା—

ଘାରି ଲଗି ଡାଙ୍ଗିଆରେ ଖଞ୍ଜି ଅଛୁ ମଞ୍ଚା,
ମୁକୁତାରେ ନିର୍ମିତ ହୋଇଛୁ ଘର ସଞ୍ଚା । ନୃ.ପୁ.ପ.ଭ.

ଡାଙ୍ଗରା, ବି. (ଦେଶଜ) ଚାଟ ।

ଡାଫଣ, ଡାମ୍ଫ, ଡାମ୍ଫଣ, } ବି. (ଦେଶଜ) ବଡ଼ ଚୁଲ୍ଲି; ଫୋଡଣୀ ।

ଡାବ, ବି. (ଦେଶଜ) ପଇଡ ବା ନାଲ ନଡ଼ିଆ; ଏକପ୍ରକାର ଯବାଗୁ; ଔଷଧିଲତିକା; ଆଡମ୍ବର । ଯଥା—

ସଦାଶିବ କାବ୍ୟକଣ୍ଠେ ରଖିବେ ମନରେ,
ଆପଣ ନାହାନ୍ତି ଏହି ପଣ୍ଡିତଡାବରେ । ଉ. ଭ୍ର.
ବିଂ. ସୁନ୍ଦର ।

ଡାବଖଣ୍ଡା, ବି. (ଦେଶଜ) ଦୁଇଆଡ଼େ ଧାରଥିବା ଖଣ୍ଡା । ଯଥା—

ବେନି କନ୍ଧେ ବେନି ତୂଣୀ ଛନ୍ଦିଲେ,
ଭଙ୍ଗ ଡାବଖଣ୍ଡା ବାମେ ସେ ବାନ୍ଧିଲେ । କୃ.ଖ.ବ.ପ.

ଡାବରିକାଉ, ଡାବରି, ଡାମରିକାଉ, ଡାମରି, ଡାବରିକୁଆ, ଡାମରିକୁଆ, } ବି. ( ଦେଶଜ ) ବଡ଼ ବଡ଼ କୁଆ, ଦ୍ରୋଣକାକ ।

ଡାମର, ବି. (ଡମ-ଅର) ତନ୍ତ୍ରଶାସ୍ତ୍ରବିଶେଷ । ବିଂ. ଉଦ୍ଧତ ।

ଡାଳ, ବି. (ଦାଳ ଶବ୍ଦଜ) ଶାଖା ।

ଡାଳଚକ୍ର, ବି. (ଦେଶଜ ବା ଦାଳଚୂର୍ଣ୍ଣକ ଶବ୍ଦଜ) ଗୁଡ଼ଖିଆ ।

ଡାଳଭଙ୍ଗାକୋଶ, ବି. (ଦେଶଜ) ଖଣ୍ଡେ ଡାଳ ଭାଙ୍ଗି ସେ ଡାଳ ଝାଉଁଳି ପଡ଼ିବା ସମୟରେ ଯେତେ ପଥ ଅତିକ୍ରମ କରାଯାଏ । (ଶୂଳଦ୍ୱାର) ସେହି ପଥର ଦୂରତାକୁ "ଡାଳଭଙ୍ଗା କୋଶ" ବୋଲାଯାଏ ।

ଡାଳମାକୁଡ଼,
ଡାଳମାକଡ଼,
ଡାଳମାଙ୍କୁଡ଼,
ଡାଳମାଙ୍କିଡ଼, } ବି. (ଦେଶଜ) ଏକପ୍ରକାର ଖେଳ—ପିଲାମାନେ ମାଙ୍କଡ଼ ପରି ଏକ ଡାଳରୁ ଅନ୍ୟ ଡାଳକୁ ଡେଇଁ ଏ ଖେଳ ଖେଳନ୍ତି । (ଧୂଳିଗୁଞ୍ଜାଇ ଶବ୍ଦ ଦେଖ ।)

ଡାଲ, ବି. (ଡଲୁକ ଶବ୍ଦଜ) ଗୁଙ୍ଗୁଡ଼ି ବା ବାଉଁଶନିର୍ମିତ ପାତ୍ରବିଶେଷ; ବନ୍ଧୁବାନ୍ଧବମାନଙ୍କ ନିକଟକୁ ପଠାଯିବା ଖାଦ୍ୟସାମଗ୍ରୀ ଉପଢୌକନ ।

ଡାଳ, ଡାଳୀ, ବି. (ଦେଶଜ) ପାରଧିବିଶେଷ—ଏହି ପାରଧିରେ ମୁଣ୍ଡରେ ଡାଳ ଅର୍ଥାତ୍ ଜ୍ୱଳନ୍ତା ନିଆଁ ଧରି ଶବରମାନେ ବନରେ ବୁଲନ୍ତି, ତାହା ଦେଖି ମୃଗମାନେ ଧାଇଁ ଆସନ୍ତି । ଯଥା—

ଜଳେ ତହିଁ ଜ୍ୱଳନ କାମଡ଼ାଳ ବହି,
ଆସୁଥିଲି ଉପମାକୁ ସେ ବାମା ଲଭଇ । ଲ. ବ.

ଶାଖା ଡାଳ ଆକୃତି; ଚକ୍ର; କ୍ଷୁଦ୍ର ଡାଳ; ସବାରି ବା ଗାଡ଼ିରେ ଲଣ୍ଠନ ରଖିବା ନିମନ୍ତେ ଯେଉଁ ଲୌହ ଶାଖା ବାହାରି ଥାଏ ।

ଡାଳିଆ, ବି. (ବାଲେଶ୍ୱର ପ୍ରାନ୍ତରେ) ସାନ କଳସୀ; କ୍ଷୁଦ୍ର ଡାଳ ।

ଡାଳିମ, ଡାଳିମ୍ବ,
ଡାଳିବ, } ବି. (ଦାଡ଼ିମ୍ବ ଶବ୍ଦଜ) ଫଳବୃକ୍ଷବିଶେଷ ।

ଡାଳମହୁ, ବି. (ଦାଳମଧୁ ଶବ୍ଦଜ) ଡ଼ାଳରେ ଯେଉଁ ମହୁ ହୋଇଥାଏ ।

ଡାଳିମ୍ବା,
ଡ଼ାଳିମ୍ବ, } ବି. (ଦେଶଜ) ଡ଼ାଳିମ୍ବବୀଜଗଠିତ ମିଷ୍ଟାନ୍ନ ବା ଗଜା । (ପାରିଜାତ ଶବ୍ଦ ଦେଖ ।)

ଡ଼ାଳିମ୍ବା,
ଡ଼ାଳିମ୍ବାମନଶିଳା, } ବି. (ଦାଡ଼ିମୀ ମନଃଶିଳା ଶବ୍ଦଜ) ମନଃଶିଳା-ଭେଦ ।

ଡ଼ାଳିହଳଦୀ, ବି. (ଦେଶଜ) ଦାରୁହରିଦ୍ରା ।

ଡ଼ାଲି, ବି. (ଦାଲୀ ଶବ୍ଦଜ) ହରଡ଼ ମୁଗ ପ୍ରଭୃତିର ଡାଇ; ଡାଇ ତିଅଣ; ବନ୍ଧୁ-ବାନ୍ଧବମାନଙ୍କୁ ପଠାଯିବା ଖାଦ୍ୟସାମଗ୍ରୀ ଉପଢ଼ୌକନ । (ଦେଶଜ) ସଉରାମାନେ ବେଠିସ୍ୱରୂପ ଆଣି ଦେବା ପରିବା ପ୍ରଭୃତି, ଏକପ୍ରକାର ଭେଟି ।

ଡ଼ାଲୁଅ, ଦାଲୁଅ, ବି. (ଦାଲ ଶବ୍ଦଜ) ଗ୍ରୀଷ୍ମ-ଋତୁରେ ହେବା ଧାନ୍ୟବିଶେଷ ।

ଡ଼ାହା, ବି. (ଦାହ ଶବ୍ଦଜ) ପୋଡ଼ା; ତପ୍ତ । ଯଥା---

ଡ଼ାହା ଉତ୍ତୀର୍ଣ୍ଣ ତପାଣ ହେମପାନେ
ସ୍ଥିର କି ମାଣିକ୍ୟମଣି ରେ । ଲ. ବ.

ଦେହଜ୍ୱାଳା । ବିଂ. ପୋଡ଼ା, ଦଗ୍ଧ ।

ଡ଼ାହାଣ, ବି. (ଦକ୍ଷିଣ ଶବ୍ଦଜ, ପ୍ରାକୃତ ଦାହିଣ ଶବ୍ଦଜାତ) ଦକ୍ଷିଣ, ଖାଇବା (ହାତ) ।

ଡ଼ାହାଣ, ବି. (ଦେଶଜ) ସ୍ତ୍ରୀମାନଙ୍କର ଏକପ୍ରକାର ଗାଳି; କୌଣସି ଖାଦ୍ୟ ପଦାର୍ଥ ବା ସୁନ୍ଦର ପଦାର୍ଥରେ ଲୋଭାସକ୍ତ ହେବା ବ୍ୟକ୍ତିକୁ ଏ ଗାଳି ଦିଆଯାଏ; ଯାହାର ଜିହ୍ୱା ଲାଳସା ଥାଏ ।

ଡ଼ାହାଳ,
ଡ଼ାହାଳ କୁକୁର,
ଡ଼ାହାଳିଆ କୁତି, } ବି. (ଦେଶଜ) ବେଣ୍ଟେ-କୁକୁର, ଏକପ୍ରକାର ଶିକାରୀ କୁକୁର ।

ଡ଼ାହି, ବି. (ଦେଶଜ) ଶାଖା ।

ଡ଼ାହୁକ, ବି. (ଦାତ୍ୟୂହ ଶବ୍ଦଜ) ପକ୍ଷିବିଶେଷ; ରଥବାହକ ।

ଡଆଁ, ବି. (ଦେଶଜ) ଲମ୍ଫ; ବାଡ଼; କୁଦା; କୌଣସି ସ୍ଥାନକୁ ଗୋରୁମାନେ ପଶି ପାରିବେ ନାହିଁ ଅଥଚ ମନୁଷ୍ୟମାନେ ଡେଇଁ କରି ଯାଇ ପାରିବେ ଏଭଳି ଉଦ୍ଦେଶ୍ୟରେ ଯେଉଁ

ଦୁଇଖଣ୍ଡି ବାଉଁଶ ବା ଦୋକାନିଆ କାଠ-
ଖଣ୍ଡିଏ ଛକ ହୋଇ ହୋଇ ପୋତା ହୋଇ-
ଥାଏ, ତାହାକୁ ଡ଼ଆଁ କହନ୍ତି । ବିଂ. ଯେ
ଡ଼ଏଁ; ଫନ୍ଦାମକ । ଯେପରି—ଡ଼ଆଁ ରୋଗ ।

ଡ଼ଆଁଇବା, କ୍ରି. (ଦେଶଜ) ନିକ୍ଷେପ କରିବା ।
ଯଥା—

ଖଣ୍ଡାକୁ ଉପରକୁ ଦେଇଣ ଡ଼ଆଁଇ,
ବାହାରିଲେ ଦାଣ୍ଡକୁ ଗ୍ରୁଡିକୁ ଫୁଲାଇ । କୃ. ଷ୍ଠୀ. ବି. ପ.

ଡଆଁମାରିବା, କ୍ରି. (ଦେଶଜ) ଡ଼େଇଁବା ।
ଯଥା—

ଦେଖ ଶ୍ରୀରାମ ସେନ ପ୍ଲବଗଣ
ଡ଼ଆଁ ମାରି ବୃକ୍ଷାଗ୍ରୁ ବୃକ୍ଷେ । ଜା. ପ. ନା.

ନାଚିବା; ପଳାଇବା ।

ଡ଼ିକିରି, ଡ଼ିକ୍ରି, ଡ଼ିଗ୍ରୀ, } ବି. (ଇଂରାଜୀ ଶବ୍ଦ) ମକଦ୍ଦ-
ମାରେ ବାଦିର ଜୟଲାଭ;
ମକଦ୍ଦମା ଫଇସଲ ହେବା ହୁକୁମ ବା
ଲିପି । ଯଥା—

ଜଣେ କରି ଘର ଦ୍ୱାର ବିକରି,
ମାଲ କିଣି ଘରେ ନେଲ ଡ଼ିକରି । ଉ. ସା.

ଡ଼ିଗ୍ରୀଦାର, ବି. ଯେ ଡ଼ିଗ୍ରୀ ଲଭିଅଛି ।

ଡ଼ିଗ୍ରୀଚୁଡ଼ାନ୍ତ, ବି. (ଦେଶଜ) ଯେଉଁ ଡ଼ିଗ୍ରୀର
ଅନ୍ୟଥା ହେବ ନାହିଁ ।

ଡ଼ିଗ୍ରୀଜାରି, ବି. ଡ଼ିଗ୍ରୀ ଅମଳ ଚଳାଇବା ।

ଡ଼ିଙ୍ଗର, ବି. (ଦେଶଜ) ସେବକ, ଦାସ;
କଣା; ପାହାଡ଼ପ୍ରଦେଶ । ଯଥା—

ବନ ଡ଼ିଙ୍ଗର ଜିଣିଣ ଆସୁଛି ରଥୀଏ । ସା. ଭା. ହ.

ବିଂ. ଧୂର୍ତ୍ତ । ଯଥା—

କୋଇଲି ଡ଼ିଙ୍ଗର ରାବଣ ବଡ଼ ଦୁଷ୍ଟ । କା. କୋ.

ଡ଼ିଙ୍ଗା, ବିଂ. (ଦେଶଜ) ବଡ଼ ଉକୁଣୀ ।

ଡ଼ିଙ୍ଗାରିବା, କ୍ରି. (ଦେଶଜ) ଠାଣିହେବା ।

ଡ଼ିଙ୍ଗୀ, ବି. (ଦେଶଜ) କ୍ଷୁଦ୍ର ନୌକା ।

ଡ଼ିଡ଼ିମ, ବି. (ଡ଼ିଣ୍ଡିମ ଶବ୍ଦଜ) ବାଦ୍ୟବିଶେଷ ।
ଯଥା—

ଶଙ୍ଖ କମ କାହାଳୀ ଡ଼ିଡ଼ିମ ଡ଼ିବଡ଼ିବ,
ପଢ଼ାର ଡମ୍ବୁର ବଂଶୀ ମିଷ୍ଟସ୍ୱରେ ଶୁଭ । ନୃ. ପୁ. ଦ୍ୱି. ଡ.

ଡ଼ିଣା, ବି. (ଦେଶଜ) ପାନ ରଖିବା ପାତ୍ର-
ବିଶେଷ; ଧାନ୍ୟାଦି ମାପିବା ପାତ୍ରବିଶେଷ ।

ଡ଼ିଣ୍ଡିମ, ବି. (ଡ଼ିଣ୍ଡି = ଅନୁକରଣ ଶବ୍ଦ-ମି =
କ୍ଷେପଣ କରିବା-ଅ) ନାଗରା ।

ଡ଼ିଣ୍ଡିର, ଡ଼ିଣ୍ଡୀର, ବି. (ହିଣ୍ଡୀର ଶବ୍ଦଜ)
ସମୁଦ୍ର ଫେନ ।

ଡ଼ିବା, ଡ଼ିବିଆ, ବି. (ଦେଶଜ) ପାନ ରଖିବା
ପାତ୍ରବିଶେଷ; ଧାନ୍ୟାଦି ମାପିବା ପାତ୍ର-
ବିଶେଷ; ଧାତୁନିର୍ମିତ ଆବରଣଯୁକ୍ତ
କ୍ଷୁଦ୍ର ପାତ୍ର ।

ଡ଼ିବି, ବି. (ଦେଶଜ) କେରାସିନ ତେଲ
ଜାଳିବା ପ୍ରଦୀପ ।

ଡ଼ିବିଡ଼ିବି, ବି. (ଦେଶଜ) ବାଦ୍ୟଧ୍ୱନିବିଶେଷ ।

ଡ଼ିବିକରାଜି, ବି. (ଦେଶଜ) ଗାତରେ ପକାଇ
ଖେଳିବା ବାଟିଖେଳର ଦ୍ୱିତୀୟ ଅ.ଘ ତ ।

ଡ଼ିବିରି, ବି. (ଦେଶଜ) କେରାସିନ ଜାଳିବା
ପ୍ରଦୀପ; ପେଚକୁ (**screw**) ଅଟକାଇ
ରଖିବା ନିମନ୍ତେ ଯେଉଁ ଲୌହଖଣ୍ଡ ଦିଆ
ଯାଇଥାଏ ।

ଡ଼ିମ, ବି. (ଡ଼ିମ୍ବ ଶବ୍ଦଜ) ଅଣ୍ଡ, ଡ଼ିମ୍ବ ।

ଡ଼ିମିରି, ଡିମିରି, ଡ଼ିମ୍ବିରି, ଡିମ୍ବିରି, } ବି. (ଉଦୁମ୍ବରିକ ଶବ୍ଦଜ)
ବୃକ୍ଷବିଶେଷ ।

ଡିମିଡ଼ିମି, ବି. (ଦେଶଜ) ବାଦ୍ୟଧ୍ୱନିବିଶେଷ ।
(ଡାକଠ ଡାକଠ ଶବ୍ଦ ଦେଖ ।)

ଡିମ୍ବ, ବି. (ଡ଼ିନ୍‌ବ-ଅ) ଅଣ୍ଡ, ଡିମ; ଅଳ୍ପ-
ବୟସ୍କ ଜନ୍ତୁ; ଭୟଜନିତ ଚିତ୍କାରାଦି;
ବିବାଦ, କଳହ, ବିପ୍ଲବ; ପ୍ଲୀହା ।

ଡିମ୍ଭ, ଡ଼ିମ୍ଭକ, ବି. (ଡିନ୍‌ଭ-ଅକ) ଶିଶୁ ।
ଯଥା—

ସୀତା କଲ କପଟ ଆଦର ମନ୍ତ୍ରୀଡ଼ିମ୍ଭେ । ଜା. ପ. ନା.

ବିଂ. ମୂର୍ଖ; ଅଜ୍ଞ ।

ଡ଼ିଲ୍ଲି, ଡ଼ିଲ୍ଲୀ, ଦିଲ୍ଲି, ଦିଲ୍ଲୀ, } ବି. (ଦେହଳୀ ଶବ୍ଦଜ ପ୍ରାକୃତ)
ଉତ୍ତର-ପଶ୍ଚିମାଞ୍ଚଳୀୟ ନଗର-
ବିଶେଷ ।

ଡ଼ିହ, ଡିଅ, ବି. (ଦେଶଜ) ବାସଯୋଗ୍ୟ ଉଚ୍ଚ-ଭୂମି; ବାଡିଖଣ୍ଡ; ଯଷ୍ଟ୍ୟଗ୍ର ଆଘାତ । ଯଥା—
ବାଡ଼ି ଧରି ବୁଢ଼ୀ କରଇ କୋହ୍ନ,
ଆଉ ଉହାଡ଼କୁ ମାରଇ ଡ଼ିହ ।

ଡିହକୁଡ଼ି, ବି. (ଦେଶଜ) ଯେଉଁ କୁଡ଼ି ଖାଇବା ଅପେକ୍ଷାରେ ଜଗି ରହିଥାଏ; ଏପରି ଡିହ-ବିଲୁଆ ।

ଡ଼ିହମୁଗ, ବି. (ଦେଶଜ) କଳାମୁଗ ।

ଡ଼ୁଇଁ, ବି. (ଦେଶଜ) ଖେଳରେ ହାରିବା । ବିଂ. ବ୍ୟାକୁଳ । ଯଥା—
ଡ଼ୁଇଁ ହେବୁ ଯିନା ଆମ୍ଭେ ଫଳ ବିନା
ନ ପଡ଼ୁ ତା ଆମ୍ଭ କାନେ । କ. ଚ. ଚ.

ଡ଼ୁଗି, ବି. (ଦେଶଜ) ଏକପ୍ରକାର ସାରି ଖେଳ । ଏଥିରେ ୨୪ ଗଣ୍ଡା ସାରି ବ୍ୟବହାର କରି ଚାରିଜଣରେ ଖେଳନ୍ତି, ସମୟେ ସମୟେ ଦୁଇ ଦୁଇ ହାତ ଉଜ ହୋଇଥାନ୍ତି । ବିଶେଷ ହୁକୁମ ସାରି ଏବଂ ଧାଡ଼ି ସାରି (ଅଣି) ଚାଇଥିବା ଖେଳାଳି ପ୍ରଥମେ ଖେଳଇ । ବାଦ୍ୟଯନ୍ତ୍ରବିଶେଷ ।

ଡ଼ୁଙ୍ଗିବା, କ୍ରି. (ଗଡ଼ଜାତ) ଲୁଚି ଶୁହିଁବା । (ଦେଶଜ) ଫୋଡ଼ିବା ।

ଡ଼ୁଡ଼ୁ, ବି. (ଦେଶଜ) ଏକପ୍ରକାର ଖେଳ ।

ଡ଼ୁବକ, ଡ଼ୁବର, ଡ଼ୁବୁର, ଡ଼ୁବୁରି, ଡ଼ୁବୁରୁ, } ବି. (ଦେଶଜ) ଡ଼ୁବିବା ଲୋକ ।

ଡ଼ୁବନ, ବି. (ଦେଶଜ) ନିମଜ୍ଜନ, ଡ଼ୁବିବା; ଖ୍ରୀଷ୍ଟୀୟ ଧର୍ମରେ ଦୀକ୍ଷିତ ହେବା ପୂର୍ବରୁ ସ୍ନାନ (**Baptism**) ।

ଡ଼ୁବା, ବି. (ଦେଶଜ) ଡ଼ୁବିବା ।

ଡ଼ୁବାଇ, ଡ଼ୁବେଇ, ବି. (ଦେଶଜ) ପକ୍ଷିବିଶେଷ । (ଡିଡିରି ଶବ୍ଦ ଦେଖ ।) କାଂସ୍ୟପାତ୍ରବିଶେଷ ।

ଡ଼ୁବିବା, କ୍ରି. (ଦେଶଜ) ଜଳାଦିରେ ବୁଡ଼ିବା; ଆସକ୍ତ ହେବା; ଅଧୋଗତି ହେବା । ଯଥା—
ସୁବଙ୍କ ଲୋକ ଯେବେ ଗ୍ରାମରେ ଜଣେ ଥାଇ,
ତାହାଙ୍କ ଲଗି ପୃଥ୍ୱୀ କେବେହେଁ ନ ଡ଼ୁବଇ ।
ନୃ. ପୃ. ସ. ତ.

ଡ଼ୁବୁରି, ବି. (ଦେଶଜ) ଜଳରେ ବୁଡ଼ିବା ବ୍ୟକ୍ତି ।

ଡ଼ୁହା, ଦୁହା, ବି. (ଦେଶଜ) ଗାଥା; ଏକ-ପ୍ରକାର ଗୀତ । ଯଥା—
ଭାଟେ କଯ୍ୟେବାର କରନ୍ତି ସେ ଡ଼ୁହା ପଢ଼ି,
ଆଗରେ ବୀରକାହାଳୀ ବାଜେ ଯୋଡ଼ି ଯୋଡ଼ି ।
ନୃ. ପୁ. ଡ଼ୁ. ଚ.

ଡ଼େଇଁବା, କ୍ରି. (ଦେଶଜ) ଲମ୍ଫ ଦେବା; ଚକ୍ଷୁ ଆଦି ସ୍ଫୁରଣ ହେବା; ଲଙ୍ଘିବା । ଯଥା—
ବରଣ ଡ଼େଇଁଣ ରଣ ଆରମ୍ଭି ପଶି ମାରଣ
ବାରଣ ଦାରଣ ହସ୍ତ କରି । ବୈ.ବି.

ଡେଉଁରିଆ, ଡ଼େଉଁରିଆ, ଡୌରିଆ, ଡଉଁରିଆ, } ବିଂ. (ଦର୍ପ ଶବ୍ଦଜ) ଏହାକୁ ପଞ୍ଚ-ଲୌହରେ ତିଆରି କରି ଭୟନିବାରଣାର୍ଥ ହାତରେ ବାନ୍ଧି ଥାଆନ୍ତି; ହସ୍ତ ଓ କଣ୍ଠର ଆଭରଣବିଶେଷ ।

ଡ଼େଉଁରିଆମାଳି, ବି. (ଦେଶଜ) ଡ଼େଉଁରିଆମୂର୍ତ୍ତି ଏକପ୍ରକାର ଅଳଙ୍କାର ।

ଡ଼େକ୍‌ଚି, ବି. (ଯାବନିକ) ଧାତୁନିର୍ମିତ ପାକ-ପାତ୍ରବିଶେଷ ।

ଡ଼େକସ, ବି. (**Desk**) କାଷ୍ଠପେଟିକାବିଶେଷ ।

ଡ଼େଙ୍ଗ, ଡ଼େଙ୍ଗା, ବି. (ଦେଶଜ) ଲମ୍ବା । ଯଥା—
ଲମ୍ବ ମୁହଁ ଉଚ୍ଚ ଯେ କପାଳ ଡ଼େଙ୍ଗା ନାକ । ମଂ. ଫ.
ଉଚ୍ଚ । ଯଥା—ଡ଼େଙ୍ଗା ମୁଣ୍ଡରେ ଠେଙ୍ଗା ।

ଡ଼େଙ୍ଗୀ, ଡ଼େଙ୍ଗାଣି, ଡ଼େଙ୍ଗେଣି, } ବି. ସ୍ତ୍ରୀ. (ଦେଶଜ) ଉଚ୍ଚଶରୀରା ସ୍ତ୍ରୀ ।

ଡ଼େଙ୍ଗୁଜ୍ୱର, ବି. (ଦେଶଜ) ପୂର୍ବବଙ୍ଗ ଆସାମରେ ଏକପ୍ରକାର ଜ୍ୱର ।

ଡ଼େଙ୍ଗୁରା, ବି. (ଦେଶଜ) ଧେଣ୍ଡୁରା, ନାଗରା, ବାଦ୍ୟବିଶେଷ । ଯଥା—
ଅବା ଡ଼େଙ୍ଗୁରା ଦେଇ କି ଅପସରସା,
ବଳାତ୍କାରେ ଶୋଭାଗୁଣେ ଛଡ଼ାଇ ରସା । ବୈ.ବି.

ଡ଼େଣା, ବି. (ଡ଼ୀ ଧାତୁଜ) ବାହା, ପକ୍ଷ । ଯଥା—
ଡ଼େଣାରୁ ଶିଶିର ବିନ୍ଦୁ ଝାଡ଼ିଦିଏ ନଭେ ଯେ ଦେଖ । ଉଷା ।

ଡେଣୁଆ, ବି. (ଦେଶଜ) ଠେକା; ଠେଲା ।

ଡ଼େବର, ବିଂ. (ଦେଶଜ) ବାମଭାଗର ହସ୍ତ-
ପାଦାଦି । ଯଥା—

ଏ ଧନୁକୁ ଶତ ବରଷ କୁଣଧାରୀ,
ଡ଼େବରି କରପୁଟେ ଥିଲେଟି ଜାଣ ଧରି । କୃ.ଭା.ବ.ପ.

ଡ଼େମ୍ଫ, ବି. (ଦେଶଜ) ପ୍ରାଦେଶ ପରିମାଣ;
ଫଳ ଫୁଲର ବୃନ୍ତ । ଯଥା—

ଡ଼େମ୍ଫେ ଡ଼େମ୍ଫେ କ୍ଷୁଦ୍ର କ୍ଷୁଦ୍ର ପର୍ଣ୍ଣକୋଷ
ଯଜାଡ଼ୁଅଛୁ ବାସଙ୍ଗ । ଊର୍ବଶୀ ।

ଡ଼େମ୍ଫନାଗରା, ଡ଼େମ୍ଫ, ବି. (ଦେଶଜ) ବାଦ୍ୟ-
ବିଶେଷ ।

ଡ଼େରା, ବି. (ଯାବନିକ) ବସ୍ତ୍ରନିର୍ମିତ ଗୃହ ।
(ଗଡ଼ଜାତରେ) ବସାଘର । (ଦେଶଜ)
ଲୁଗା ବୁଣିବା ଜାତିବିଶେଷ ।

ଡ଼େରିବା, ବିଂ. ଡ଼େରିଥିବା । ଯଥା—

ବ୍ୟାକୋଷ ପୁଷ୍ପମଣ୍ଡନ କୋଷସ୍ଥାନ
ପଙ୍କେଶ କି ଡ଼େରା ହୋଇ ଯେ । ବୈ. ବି.

ଡ଼େରି, ଦେରି, ବି. (ହିନ୍ଦୀ) ବିଳମ୍ବ । ଯଥା—

ଯୁଧିଷ୍ଠିର ବୋଇଲେ ପାର୍ଥ କଲୁ ବହୁ ଡ଼େରି । ସା.ଭା.ସ.

ଡ଼େରିବା, କ୍ରି. (ଦେଶଜ) ଶୁଣିବାକୁ କାନ-
ପାତିବା । ଯଥା—

କହୁଛୁ ଶ୍ରବଣ ଡ଼େରି ଶୁଣ ନରସାଇଁ । ବେ.ପ.

ଆଉଜାଇବା; ସଂଲଗ୍ନ କରି ଥୋଇବା;
ବିସ୍ତାରିବା । ଯଥା—

ସେକାଳ ଶୋଭାକୁ ଚନ୍ଦ୍ର ନେଇେ ହେରି,
ବସିଲେ ଆକାଶରେ ଗ୍ରନ୍ଥିକ ଡ଼େରିକରି । କୃ.ଭା.ବ.ପ.

ଡ଼ୋକରା, ବିଂ. (ଦେଶଜ) ଅତି ବୁଢ଼ା । ବି.
ଅତି ବୃଦ୍ଧବ୍ୟକ୍ତି ।

ଡ଼ୋକରି, ବି. ସ୍ତ୍ରୀ. (ଦେଶଜ) ଅତି ବୁଢ଼ୀ ।

ଡ଼ୋବ, ବି. (ଦେଶଜ) କର୍ଦ୍ଦମାକ୍ତ ସ୍ଥାନ ।

ଡ଼ୋଭା, ବି. (ଦେଶଜ) ଆବୁ । ଯଥା—

ମୁକୁଟ ବାନ୍ଧିଲେ ତାକୁ ନ ଦିଶଇ ଶୋଭା,
କପୋଳ ନିରେଖି ଅନା ଗାଲ ପାଖେ ଡ଼ୋଭା । ମଂ.ଫ.

ଡ଼ୋର, ବି. (ଡ଼ୋରକ ଶବ୍ଦଜ) ସାନ ଦଉଡ଼ି ।

ଡ଼ୋରା, ବି. (ଦେଶଜ) ସୋରା, ଧାଡ଼ି । ଯଥା—

ଡ଼ୋରା ଡ଼ୋରା ହୋଇ ପରଶିଛୁ ଶିଖ । ଚିଲିକା ।

ଡ଼ୋରି, ବି. (ଡ଼ୋରକ ଶବ୍ଦଜ) ରଜ୍ଜୁ । ଯଥା—

ଅଲକ୍ଷିତେ ଫିଙ୍ଗଇ ଦୂରୁ ପ୍ରେମଡୋରି । ନ. କେ.

ଡ଼ୋରିଆ, ବି. (ଦେଶଜ) ରେଖାରଞ୍ଜିତ ବସ୍ତ୍ର ।
ଯଥା—

ଶିରେ ଡ଼ୋରିଆ ଶୋଭନ,
ଅଙ୍ଗେ ଗୋଧଡ଼ି ଆବରଣ । ଦା. ର.

ଡ଼ୋଳ, ଡ଼ୋଳା, ବି. (ଦେଶଜ) ଆଖିର
ପିତୁଳା । ଯଥା—

ଡ଼ୋଳାପ୍ରତିମାକୁ ପରାଏ ତୁମ୍ଭକୁ
ଯଶୋଦା ଅଛନ୍ତି ପାଳି । କ. ଚ. ଚ.

କଣ୍ଠି ହୋଇଲା କପୋଳ,
ଭ୍ରୂସନ୍ଧିକି ଲୁଚି ଲୁଚି ଯା ବେନି ଡ଼ୋଳ । ବି.ଚ.ମ.

ଡ଼ୋଲ, ବି. (ଦେଶଜ) ଜାହାଜର ମାସ୍ତୁଲ ।

ଡ଼ୋଲି, ବି. (ଦୋଳା ଶବ୍ଦଜ ପ୍ରାକୃତ) ଚୂରି-
ପାୟାଯୁକ୍ତ ଖଟିଆବିଶେଷ ।

ଡ଼ୋଲି, ବି. (ଦୋଳା ଶବ୍ଦଜ) ଚୂରିପାୟାଯୁକ୍ତ
ଖଟିଅ ବିଶେଷ । ଯଥା—

ବାରବାନି ସୁନା ଡ଼ୋଲିମାନଙ୍କରେ,
ଧରାଇଲେ ତାଙ୍କ ଲୋକଙ୍କ ହାତରେ । କୃ. ଭା. ସ. ପ.

(କଣ୍ଡୋଳ ଶବ୍ଦଜ) ଧାନ୍ୟାଦି ରଖିବା
ପାତ୍ରବିଶେଷ । ଯଥା—

ଚହିଁରୁ ଡ଼ୋଲିଏ ରଖାଅ ଆଣି,
ସାଚ ନବାତରେ ମିଶାଇ ପାଣି । ହା. ତ.

ଶସ୍ୟପରିମାଣବିଶେଷ; ଚୂଳଶ ଗଉଣି ବା
ଦୁଇ ପଉଟି ।

ଢୌଲ, ଡ଼ଉଲ, ବି. (ଦେଶଜ) ଗଠଣ, ଭାବ-
ଭଙ୍ଗୀ । ବିଂ. ସୁନ୍ଦର, ସୁଗଠିତ ।

ଢୌଲତ, ବିଂ. (ଯାବନିକ) ଜାକଜମକ,
ଆଡ଼ମ୍ବର ।

# ଢ

**ଢ଼**, ବ୍ୟଞ୍ଜନମାଳାର ଚତୁର୍ଦ୍ଦଶ ବର୍ଣ୍ଣ । ବି. ଢକ୍କା; କୁକ୍କୁର; କୁକ୍କୁରଲାଙ୍ଗୁଳ; ସର୍ପ; ଧ୍ୱନି । ବିଂ. ନିର୍ଗୁଣ ।

**ଢ଼ଁ ଢ଼ଁ**, ଅଂ. ( ଦେଶଜ ) ଅନୁକରଣ ଶବ୍ଦ-ବିଶେଷ । ବି. ଉଚ୍ଚ ଅପାନ ବାୟୁ ।

**ଢକ**, ବି. ( ଦେଶଜ ) ପରିମାଣବିଶେଷ, ବିଂଶତିକରା ଅର୍ଥାତ୍ ସ୍ୱର୍ଣ୍ଣାଦି ତୌଲ କରିବା ପ୍ରସ୍ତରାଦି ।

**ଢକଢ଼କ**, ଅଂ. (ଦେଶଜ) ପିଇବାର ଅନୁକରଣ ଶବ୍ଦ ।

**ଢକାଇ**, ବିଂ. (ଦେଶଜ) ଢାକାରେ ପ୍ରସ୍ତୁତ (ଶାଢ଼ୀ) ।

**ଢ଼କାର, ଢକ୍କାର**, ବି. (ଦେଶଜ) ହାକୁଟି ।

**ଢକ୍କା**, ବି. ସଂ. ପଟହବାଦ୍ୟ, ବଡ଼ ଢୋଲ ।

**ଢ଼ଗ, ଢ଼େଗ**, ବି. (ଦେଶଜ) ଛଟା; ଉପକଥା । ଯଥା—

ଋତୁ ବସନ୍ତେ ଯୁବା ଚରିତେ
ରଚେ କୀରବର ଢ଼ଗ ସୁଢଙ୍ଗେ । ର. ପ.

ସ୍ତ୍ରୀଲୋକ ବା ଇତର ସାଧାରଣ ଲୋକ ଯେଉଁସବୁ ପ୍ରବଚନ ଉଦାହରଣ ଛଳରେ କହନ୍ତି । ଯେପରି—

ଯେତେ ମାଠିରୁ ମାଠ, ମୁଁ ସେଇ ଦରପୋଡ଼ା କାଠ ।

**ଢ଼ଙ୍କର, ଢଙ୍କସର**, ବିଂ. (ଦେଶଜ) ନିତାନ୍ତ ପାଣିଆ । ଯେପରି—ଢଙ୍କର ଡ଼ାଲି ।

**ଢଙ୍କା**, ବି.(ଦେଶଜ) ଆଚ୍ଛାଦନ । ବିଂ. ଆଚ୍ଛାଦିତ ବା ଢାଙ୍କି ହୋଇଥିବା । (ଢ଼କା ଶବ୍ଦଜ) ଜୟବାଦ୍ୟବିଶେଷ । ଯଥା—

ମାତ୍ତ ବୀରମଦେ ସବେଁ ମହାନନ୍ଦେ
ଯେବେ ପିଟି ଜୟ ଢ଼ଙ୍କା । କ. ମ.

**ଢ଼ଙ୍ଗ**, ବି. ( ଦେଶଜ ) ଆଚରଣ; ଭଙ୍ଗୀ; ଶୋଭା । ଯଥା—

ତଥିପରେ ମଲ୍ଲି କଢ଼ି, ମର୍କତ ରତନେ ଜଡ଼ି,
ପାଟଳ କୁସୁମେ ଭୃଙ୍ଗ ଚୁମ୍ବିଲା ଢ଼ଙ୍ଗ । ସୁ. ପ.

**ଢ଼ଙ୍ଗଢ଼ାଙ୍ଗ**, ବି. ( ଦେଶଜ ) ଆଡ଼ମ୍ବର, ଡୌଲତ ।

**ଢ଼ଣ**, ବି. (ଧନୁ ଶବ୍ଦଜ) ଧନୁ ।

**ଢ଼ଣା**, ବିଂ. (ଦେଶଜ) ପରିଶ୍ରାନ୍ତ ।

**ଢ଼ଣୁଆ**, ବି. (ଦେଶଜ) ଦୁହାଁଳ ଗାଈ । ବିଂ. ଦୁଧିଆଳୀ, ଯେ ବହୁତ ଦୁଧ ଦିଏ ।

**ଢ଼ପ**, ବି. (ଦେଶଜ) ଛଇ ବା ଆକୃତି ଅର୍ଥାତ୍ ଗଠନ ।

**ଢ଼ପଢ଼ପ**, ଅଂ.(ଦେଶଜ) ଶବ୍ଦାନୁକରଣବିଶେଷ ।

**ଢ଼ବା**, ବିଂ. (ଦେଶଜ) ପୋଲା ।

**ଢ଼ମ, ଢ଼ାମ**, ବି. (ଦେଶଜ) ଗର୍ବ । ଯଥା—

ଢ଼ମ ଯେ କଲା ରାଜୁ କଂସ,
ଢ଼ାଲେ ଆପଣେ ଗଲା ନାଶ । କ. ଲୋ.

ଆଡ଼ମ୍ବର ।

**ଢମଣା, ଢ଼ାମଣା**, ବି. (ଧର୍ମାଣ ଶବ୍ଦଜ) ସର୍ପ-ବିଶେଷ ।

**ଢ଼ମା**, ବି. (ଦେଶଜ) ଗୋରୁଙ୍କୁ କୁଣ୍ଡା ପାଣି ଖୁଆଇବା ବାଉଁଶନିର୍ମିତ ପାତ୍ରବିଶେଷ ।

**ଢ଼ମାଳି**, ବି. (ଦେଶଜ) କବିତ୍ୱହୀନ ରଚନା । ଯଥା—

ଢ଼ମପଣେ ବର୍ଣ୍ଣୁଅଛି ମୁଁ ଗୋବିନ୍ଦ ଚରିତ,
ଢ଼ଗଢ଼ମାଳି ହେଲେହେଁ ତଥାପି ଅମୃତ । ବି. ଚ. ମ.

ହାସ୍ୟ । ଯଥା—

ଢ଼ମାଳି ନୁହେ ଏ ସତ ରେ । ଲ. ବ.

**ଢ଼ମାକ୍ରଣୀ**, ବି. ସ୍ତ୍ରୀ. (ଦେଶଜ) ମାତଦେବୀ । ଯଥା—

ସବୁ ଯୁବତୀ ପରେ ତୁମ୍ଭେ ସେ ଠାକୁରାଣୀ,
ତୁମ୍ଭଙ୍କୁ ନ ପୂଜି ଲୋକେ ପୂଜନ୍ତି ଢ଼ମାକ୍ରଣୀ ।
ନୃ. ପୃ. ଚ. ଭ.

**ଢଳଢ଼ଳ**, ବିଂ. (ଦେଶଜ) ତରଳ ବା ପାଣିଆ । ଚଞ୍ଚଳ । ଯଥା—

ଢ଼ଳଢ଼ଳ ଲୁହେ ଲୋ ନୟନ ସାରସ । ବି.ଚି.ମ.

ଚକଚକ ବା ତେଜୋଯୁକ୍ତ । ଯଥା—

ଢଳ ଢ଼ଳ ଚନ୍ଦ୍ରମା ଧୌତ ଆକାଶ । ଭୁ. ସ୍ତୁ.

ଢଳହଳ, ବିଂ. (ଦେଶଜ) ଚଞ୍ଚଳ । ଯଥା—
କମଳଦଳେ ଢଳହଳ କାଳନ୍ଦୀ ଜଳ
ପଦ୍ମସ୍ତେ ଢ଼ୋଳା ଢଳୁଛି । ଲ. ବ.
ସୁନ୍ଦର । ଯଥା—
ଢଳହଳ ଚୂତପଲ୍ଲବେ ଯେମନ୍ତ ମତ୍ତ ପିକ ଚଞ୍ଚୁଘାତ ।
ଲ. ବ.
ଝକଝକ । ଯଥା—
କାଚ ଘଟେ ଜଳ ଦଶେ ଢଳହଳ
ପ୍ରତିଚକ୍ଷୁରେ ବର୍ଣ୍ଣି ପ୍ରାପ୍ତେ । ର. କ.

ଢଳା, ବି. (ଦେଶଜ) ଢଳିବା । ବିଂ. ଢଳଥିବା ।

ଢଳାଢଳି, ବି. (ଦେଶଜ) ଏକ ପାତ୍ରରୁ ଅନ୍ୟ ପାତ୍ରକୁ ନେବା । ବିଂ. ଅତି ଉନ୍ମତ୍ତ ।

ଢଳିତ, ବିଂ. (ଦେଶଜ) ଚଞ୍ଚଳ । ଯଥା—
ବିଡମ୍ବ ନୂତନ ମଞ୍ଜରୀ ଢଳିତ କି ପବନେ,
ନଡ଼ମ୍ବଣା ଅନ୍ୟ ଦୃଷ୍ଟି ଯେ ଟଳ ଟଳ ଗମନେ । ବୈ. ବି.

ଢଳିବା, କ୍ରି. (ଦେଶଜ) ଟଳିବା; ଆଉଜିବା; ଭୂମିରେ ପଡ଼ିଯିବା; ଦୋହଲିବା । ଯଥା—
କନକଲତା ମାଲମଣି ସ୍ଥଳରେ
ପବନେ ଢଳିଲ ପଡୁସ୍ତେ । ର. କ.
ବିଂ. ଟଳିଯାଇଥିବା ।

ଢାଇ, ବି. (ଦେଶଜ) ମୁଣ୍ଡକୁ ମୁଣ୍ଡ ଲଢ଼ାଇ । ଅଂ. ଅନୁକରଣ ଶବ୍ଦବିଶେଷ ।

ଢାଉଁ, ବି. (ଦେଶଜ) ବାଦ୍ୟ ।

ଢାଉଁଢାଉଁ, ବି. (ଦେଶଜ) ବାଦ୍ୟଯନ୍ତ୍ରର ଶବ୍ଦବିଶେଷ ।

ଢାଉ, ଢଉ, ବି. (ଦେଶଜ) ଗେରୁ ।

ଢାଉରଙ୍ଗ, ବି. (ଦେଶଜ) ଗଞ୍ଜପାସାରର ଫସର ରଙ୍ଗ ।

ଢାକ, ବି. (ଢକ୍କା ଶବ୍ଦଜ) ବୃହତ୍ ବାଦ୍ୟ-ଯନ୍ତ୍ରବିଶେଷ ।

ଢାକା, ବି. (ଢକ୍କ ଶବ୍ଦଜ) ଦେଶବିଶେଷ ।

ଢାକଟି, ବି. (ଗଞ୍ଜାମରେ ବ୍ୟବହୃତ) ଜଗୁଆ; ଯନ୍ତ୍ର ।

ଢାଙ୍କିବା, କ୍ରି. (ଦେଶଜ) ଆଚ୍ଛାଦନ କରିବା ।

ଢାଙ୍କୁଣି, ଢାଙ୍କୁଣୀ, ବି. ସ୍ତ୍ରୀ. (ଦେଶଜ) ଆଚ୍ଛାଦନ । ଯଥା—
ଲୋକ ଆସିବା ବେଳ ଜାଣି,
ପଣନ୍ତ ଢଅଇ ଢାଙ୍କୁଣି । ମା. ମା.
ଆବରଣ ପାତ୍ର । ଯଥା—
ଦନ୍ତଦନ୍ତ ସମୁଦ୍ଗକ, ପ୍ରବାଳ ଢାଙ୍କୁଣୀ ଟେକ,
ଦଗ ବଣିକ କି ଫେଇ ଭଳେ ଥୋଇଛି । ବ. ଚ. ମ.

ଢାଙ୍ଗା, ବି. (ଦେଶଜ) ସ୍ତମ୍ଭ, ଖମ, ଧରଣା ।

ଢାମ୍ପ, ବି. (ଦେଶଜ) ବାଦ୍ୟବିଶେଷ ।

ଢାଳ, ବି. (ଦେଶଜ) ଉଜାଡ଼; ଗୁଡ଼ୁଣି । ଯଥା—
ପରେ ମନୋହର ହେମ ଢାଳ । ଲ. ବ.
ଧାତୁନିର୍ମିତ ଗ୍ରୋଟ ଜଳପାତ୍ରବିଶେଷ । (ବାଲେଶ୍ୱର ପ୍ରାନ୍ତରେ) ତେଲଉଣି ।

ଢାଲ, ବି. (ଦେଶଜ) ଫଳକ ଅର୍ଥାତ୍ ତରବାରି ଆଘାତରୁ ଆପଣାକୁ ରକ୍ଷା କରିବା ନିମିତ୍ତ ଚର୍ମନିର୍ମିତ ଅସ୍ତ୍ରବିଶେଷ । ଯଥା—
ଭଗ୍ନାୟୁଧ ଛିନ୍ନବର୍ମ ଛିନ୍ନଢ଼ାଲ । ନ. ଲେ.
ବର୍ମବିଶେଷ ।

ଢାଳା ବି. (ଗଞ୍ଜାମର କେତେକ ଅଞ୍ଚଳରେ ବ୍ୟବହୃତ) ଆଗ ଭରସା ।

ଢାଳିବା, କ୍ରି. (ଦେଶଜ) ଇଢିବା; ଧାତୁ ଇତ୍ୟାଦି ତରଳ କରି ଗ୍ରାଞ୍ଚରେ ଇଢ଼ି ମୂର୍ତ୍ତି ପ୍ରସ୍ତୁତ କରିବା; ଚାମରାଦି ଇତସ୍ତତଃ ଚାଳନା କରିବା । ଯଥା—
ଢାଳନ୍ତି ଚାମର ଶ୍ୱେତଛତ୍ରଟେକା ତହିଁ । କୋ. ବ୍ର. ସୁ.

ଢାଳିଆ, ବିଂ. (ଦେଶଜ) ବସ୍ତୁତ । ବି. ଗୋରୁଙ୍କୁ କୁଣ୍ଡା ପାଣି ଦେବାପାଇଁ ବାଉଁଶନିର୍ମିତ ପାତ୍ରବିଶେଷ ।

ଢାଲୁ, ବିଂ. (ଦେଶଜ) ଗଡ଼ାଣିଆ; ବନ୍ଧ ।

ଢାଳେ, କ୍ରି. ବିଂ. (ଦେଶଜ) ନିଷ୍ଠୁରେ; ଅକ୍ଳେଶରେ, ଅବଲୀଳାକ୍ରମେ । ଯଥା—
ଢାଲେ ଅସୁର ଗଲ ନାଶ । ଭା. ଦ. ସ୍କ.
ବାରେ ବା ଥରେ । ଯଥା—
ଢ଼ାଲେ ତ ଢ଼ାଲଲୁ ନାହିଁ କୃପାସୁଧା ଝଙ୍କିକ ରେ ।
କ. ଚ. ଚ.

ଢିଙ୍କି, ଢେଙ୍କି, ବି. (ଦେଶଜ) ଧାନ କୁଟିବା ଯନ୍ତ୍ରବିଶେଷ । (ଗୁଞ୍ଜୁଣୀ ଶବ୍ଦ ଦେଖ) ।

ଢିଙ୍କିଶାଳ, ଢେଙ୍କିଶାଳ, ବି. (ଦେଶଜ) ଯେଉଁ ଶାଳରେ ଢିଙ୍କିରେ ଧାନ କୁଟାହୁଏ ।

ଢିପ, ଢେପ, ବ. (ଦ୍ୱୀପ ଶବ୍ଦଜ) ଉଚ୍ଚ ସ୍ଥାନ ।
ଢିରି, ବ. (ଦେଶଜ) ଠେକ ବା ଧାରଣା, ଠେଁସ । ଯଥା—
ଢାଳେ ବୋଝକଥା ମଥା ସେ ଜାଣଇ
ଢିରିବାନ୍ଧି ଆମ୍ଭେମାନେ । ଗୀତ ।
ଢିଲମଢିଲ୍ଲ, କି. ବିଂ. (ଦେଶଜ) ଅମନୋଯୋଗରେ, ଅଯତ୍ନଭାବରେ ।
ଢିଲା, ବ. (ଦେଶଜ) ଢେଲା । (ଢିଲ୍ଲ ଶବ୍ଦ ଦେଖ) ।
ଢିଲ୍ଲ, ବିଂ. (ଶିଥିଳ ଶବ୍ଦଜ, ପ୍ରାକୃତ ସିଢିଲରୁ ଜାତ, ନଚେତ୍ ପ୍ରାକୃତ ଠିଲ୍ଲା ଶବ୍ଦଜ) ହୁଗୁଳା; ଅଳସୁଆ; ଅନେକ ରଜ୍ଜୁଯୁକ୍ତ ଗୋବନ୍ଧନୀବିଶେଷ; କୁହାଁଉଳରେ ଗୋରୁ ବାନ୍ଧିବା ନିମନ୍ତେ ଏହାକୁ ବ୍ୟବହାର କରନ୍ତି, ଏଥିରେ ଅନେକ ପଘା ଖଞ୍ଜା ହୋଇଥାଏ ।
ଢୁକା, ଢୋକା, ବ. (ପ୍ରାକୃତ ଢୁକ୍ ଧାତୁଜ) ଢୋକିବା ବା ପିଇବା ।
ଢୁକିବା, କ୍ରି. (ପ୍ରାକୃତ ଢୁକ୍ ଧାତୁଜ) ପ୍ରବେଶ ହେବା, ଉପସ୍ଥିତ ହେବା ।
ଢୁକିବା, ଢୋକିବା, କି. (ଦେଶଜ) ପିଇବା ।
ଢୁକାଇବା, ଢୁକେଇବା, କି. (ଦେଶଜ) ପ୍ରାଣ ଛାଡ଼ିବା ପୂର୍ବରୁ ଅଙ୍ଗକୁ କ୍ଷୀଣଭାବରେ ଇତସ୍ତତଃ ଚାଳନ କରିବା ।
ଢୁଙ୍କୁଆବାଇଗଣ, ବ. (ଦେଶଜ) ବାଙ୍କିର ସ୍ଥାନବିଶେଷରେ ଉତ୍ପନ୍ନ ବୃହଦାକାର-ବିଶିଷ୍ଟ ବାଇଗଣ ।
ଢୁଙ୍କୁରି, ବ. (ଦେଶଜ) ଢୁଳା ।
ଢୁଙ୍କୁରାଇବା, କି (ଦେଶଜ) ଢୁଳାଇବା ।
ଢୁମ୍ପା, ବ. (ଦେଶଜ) ବାଦ୍ୟବିଶେଷ । ଯଥା—
କର୍ଣ୍ଣାଳ କାହାଳ ବଜଘୋଷ ବେଣୁ ଢୁମ୍ପା । ଲ. ବ.
ଢୁମ୍ପାବସ୍ତ୍ର, ବ (ଦେଶଜ) କନ୍ଦଜାତୀୟ ଗୁଳ୍ମ-ବିଶେଷ ।
ଢୁଳ, ଢୁଳା, ବ. (ଦେଶଜ) ନିଦ୍ରାବେଶରୁ ଫଳିତପତନ । ଯଥା—
ବସିଥିଲି ଜାଗରେ, ରଜନୀ ଅଧ ପ୍ରହରେ
ଅଳପ ଆସିଲା ଢୁଳ, ଏମନ୍ତ ହେଲ ଯେ । ଲ. ବ.
ଢୁଳାଇବା, ଢୁଳେଇବା, କି. (ଦେଶଜ) ନିଦ୍ରାବେଶ ହେବା ।
ଢୁଳୁଢୁଳୁ, ବ. (ଦେଶଜ) ନିଦରେ ଘାର ହେବା । ବିଂ. ନିଦ୍ରାରେ ଆସକ୍ତ । ଯଥା—
କାହୁଁଛି କାହାକୁ ନ ଦଏ ଧରି,
ଢୁଳୁ ଢୁଳୁ ଅଖି ଶୋଇବ ପରି । ଉ. ସା. ୧୯. ୯.
ଢୁସାଇବା, କି. (ଦେଶଜ) ସଜୋରରେ ଆଘାତ କରାଇବା । ଯଥା—
ସହଦେବ ଦୁଃଶାସନର ଗଣ୍ଡିଟିକ,
ଢୁସାଇ କାଣ୍ଡମାନ ଯୁଝିଲେ ଧନୁ ଟେକ । କୃ.ଭା.କ.ପ.
ଢୁସିବା, କି. (ଦେଶଜ) ସଜୋରରେ ଆଘାତ କରିବା ।
ଢୁସିହେବା, କି. (ଦେଶଜ) ଚାଲିବାବେଳେ କୌଣସି ଆବରଣ ବା ପ୍ରତିରୋଧର ଆଘାତ ପାଇବା । ଯଥା—
ଫିଟିବା ଦୁଆରମାନଙ୍କୁ ଲେଉଟିଲେ,
ନ ଫିଟିବା ଦୁଆରମାନଙ୍କେ ଢୁସିହେଲେ । କୃ.ଭା.ସ.ପ.
ଢୁସୁ, ଅଂ. (ଦେଶଜ) ପତନର ଅନୁକରଣ ଶବ୍ଦ । ଯଥା—
ସେ ଘାତରେ ଦୁଃଶାସନ ଢୁସୁ ହୋଇ,
ପଡ଼ିଲା ରଥଦଣ୍ଡ ମୁଣ୍ଡକୁ ଢୁସାଇ । କୃ. ଭା. କ. ପ.
ଢେଉ, ବ. (ଦେଶଜ) ଲହରୀ । ଯଥା—
ଢାଙ୍କୁଣି ଫିଟିଛି ଅନା, ଢାଳେହେ ପଦାରେ ପଡ଼ିଛି ସୁନା
ଢେଉକୁ କରି ଗ୍ଲେଉକୁ ଧର,
ଢୁଳାଇଲେ ଘରେ ପଶିବ ଗ୍ଲେଉ । ଛା. କୋ.
ଢେଗାଫଳ, ବ. (ଦେଶଜ) ବର୍ତ୍ତୁଳାକୃତି ଫଳବିଶେଷ । ଯଥା—
ଅସୁରଙ୍କ ଆଖି ହେଲେ ଅଟେ ଖର ଦୃଷ୍ଟି,
ଢେଗାଫଳ ପ୍ରାୟେ ଢୋଲା ଦିଶୁଥାଇ ଫୁଟି ।
ନୃ. ପୁ. ଷ. ଉ.
ଢେଙ୍କଳା, ବ. (ଗଡ଼ଜାତ ଶବ୍ଦ) ଟେକା ।
ଢେଙ୍କା, ବ. (ଦେଶଜ) ଢିରି; ଢାକା ଦେଶର ଅପଭ୍ରଂଶ । (ଢକା ଶବ୍ଦଜ) ବାଦ୍ୟବିଶେଷ ।

ଢେଣ୍ଡରା, } ବି. ( ଦେଶଜ ) ଘୋଷଣା
ଢେଣ୍ଡୁରା, } ବାଦ୍ୟବିଶେଷ ।

ଢେମଣ, } ବି. (ଦେଶଜ) ଜାର ବା ଉପପତି;
ଢେମଣା, } ଅଲଜୁକ; ସର୍ପବିଶେଷ ।

ଢେମଣୀ, ବି. ସ୍ତ୍ରୀ. ( ଦେଶଜ ) ବେଶ୍ୟା; କୁଳଟା ।

ଢେର, ବିଂ. (ଯାବନିକ) ଯଥେଷ୍ଟ, ବହୁତ । (ଢୋଲ ଶବ୍ଦ ଦେଖ ।)

ଢେଲ, ବି. (ଦେଶଜ) ଟେକା ।

ଢୋଢୋ, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ ।

ଢୋକ, ବି. (ଦେଶଜ) ଏକ କବଳପରିମିତ ଜଳ । ଯଥା—

ଢୋକୁଟିଏ ଦିନା ହୁଟି,
ମୋ ସାର ଯାଉଛୁ ଲୁଟି । କ. ଚ. ତ.

ଢୋକାଇବା, କ୍ରି. ( ଦେଶଜ ) ପିଆଇବା; ମୃତ୍ୟୁପୂର୍ବକାଳୀନ କ୍ରିୟା ।

ଢୋକିବା, କ୍ରି. (ଦେଶଜ) ଗିଳିବା, ପିଇବା ।

ଢୋଲ, ବି. (ଢୋଲକ ଶବ୍ଦଜ) ବାଦ୍ୟବିଶେଷ; ବଡ଼ ପେଟ; ଫମ୍ପା; ଶୂନ୍ୟସମାନ ପଦାର୍ଥ ।

ଢୋଲି, ବି. ( ଦେଶଜ ) ଫମ୍ପା, ପେଟଆ ଅର୍ଥାତ୍ ଯାହାର ପେଟ ବଡ଼ ।

ଢୋଲିଇ, ଢୁଲିଇ, ବି. (ଦେଶଜ) ଶଗଡ଼ ଇତ୍ୟାଦିରେ ଜିନିଷ ବୋଝାଇ କରିବା ।

ଢୋଲଆ, ଢୋଲି, ବିଂ. (ଢୋଲ ଶବ୍ଦଜ) ଯେ ଢୋଲ ବଜାଏ ।

ଢୋ଼ଲି, ବି. ସ୍ତ୍ରୀ. (ଦେଶଜ) ଅତି ମୋଟା ସ୍ତ୍ରୀ ।

ଢୋଲେଇ, ବିଂ. (ଦେଶଜ) ବୋଝାଇ ଘେନି ଯିବା ।

## ଣ

ଣ, ବ୍ୟଞ୍ଜନମାଳାର ପଞ୍ଚଦଶ ବର୍ଣ୍ଣ । ବି. ଜ୍ଞାନ; ନିଶ୍ଚୟ, ନିର୍ଣ୍ଣୟ; ଶିବ; ଭୂଷଣ; ଜଳାଶୟ । ଅଂ. (ନନୁ ଶବ୍ଦଜ ପ୍ରାକୃତ) ଅସମାପିକା କ୍ରିୟାବାଚକ ନିଶ୍ଚୟାର୍ଥ । ଯେପରି—ଖାଇଣ ଗଲି, ଦେଇଣ ଗଲି ଇତ୍ୟାଦି ।

ଣ୍ୟ, ବି. ବ୍ରହ୍ମଲୋକସ୍ଥ ସରୋବରବିଶେଷ ।

## ତ

ତ, ବ୍ୟଞ୍ଜନମାଳାର ଷୋଡ଼ଶ ବର୍ଣ୍ଣ । ବି. ( ତକ୍=ହାସ୍ୟ ଓ ସହ୍ୟ କରିବା-ଅ ) ଚୌର; ବୃଷ; ଅମୃତ; ପୁଚ୍ଛ; ମ୍ଳେଚ୍ଛ; କ୍ରୋଡ଼; ରତ୍ନ । ଅଂ. ( ତୁ ଶବ୍ଦଜ ) ନିଯୋଗାର୍ଥ; ପ୍ରଶଂସାର୍ଥ; ସମୁଚ୍ଚୟାର୍ଥ; ନିଶ୍ଚୟାର୍ଥ; ପାଦପୂରଣାର୍ଥ । ଯଥା—

ଗୋବିନ୍ଦ ବଚନ କଲେ ତ ରଚନ,
ସେ ଯାଏ ବଞ୍ଚନ କି ହୁଅଇ । ବି. ଚ. ମ.

ଅବଧାରଣାର୍ଥ । ଯଥା—

ଏବେ ଦକ୍ଷ ତ ପବନ ବନପ୍ରିୟ
ଭ୍ରମର ବୋଲି ଛଳାଇବ । ପ୍ରେ. ସୁ. ନି.

ତଅଁର, ବି. ( ତନ୍ତ୍ର ଶବ୍ଦଜ ) ରଞ୍ଜିତ ସୂତ୍ର-ବିଶେଷ ।

ତଅଁଳା, ବି. (ଦେଶଜ) ଆରଣ୍ୟକ ଜାତି-ବିଶେଷ । ଯଥା—

ଝଁଉ କ୍ଷପଦୀତଧାର୍ଯ୍ୟ ସପ୍ତଶଯ୍ୟା ଶିଖର୍ଯ୍ୟ ଶୃଙ୍ଗେ ତଅଁଳା ।
ପାର୍ବତୀ ।

ତଇତୁଳା, ବି. ସ୍ତ୍ରୀ. (ଦେଶଜ) ଦେବୀଙ୍କ ନାମ-ବିଶେଷ । ଯଥା—

କି ଅମ୍ବିକା ତଇତୁଳା କି ଲୋହମା ତରା,
କି ଲୋଚନୀ କି ମୋହିନୀ ତାରେଣୀ କି ପୁରା ।
ନୃ. ପୁ. ପ. ତ.

ତଇଲି, ବି. (ଦେଶଜ) ନୂତନ ଆବାଦଯୋଗ୍ୟ ଜଙ୍ଗଲ ଜମି ।

ତଇଳ, ବି. (ତୈଳ ଶବ୍ଦର ଅପଭ୍ରଂଶ) ତେଲ; ତେଲରେ ନାନାବିଧ ଔଷଧଦ୍ରବ୍ୟ ପକାଇ ପାକ କରିବା ମର୍ଦ୍ଦନାର୍ଥ ଔଷଧବିଶେଷ ।

ତଇଲପିଆ, ବି°. (ଦେଶଜ)ତେଲ ପିଆଇଥିବା ଅର୍ଥାତ୍ ଲଗାଇଥିବା । ଯଥା—

ତଇଲପିଆ କାଣ୍ଡ ବାଛୁଣ ପକ୍ଷଗି,
ଅର୍ଜ୍ଜୁନଙ୍କ ହୃଦସ୍ଥକୁ ବନ୍ଧିଲେ ଉଦ୍ଦେଶି ।

(ତୈଳପାୟିକା ଶବ୍ଦଜ) ପତଙ୍ଗବିଶେଷ ।

ତଉଁଣି, ବି. ସ୍ତ୍ରୀ. (ଦେଶଜ) ଲୁଗାବିଶେଷ ।

ତଉଲ, ତୌଲ, ତୌଲ, ବି. (ଦେଶଜ) ତୁଳିବା, ଓଜନ କରିବା ।

ତଉଳିବା, ତୌଲିବା, କ୍ରି. (ଦେଶଜ) ତୌଲ କରିବା, ତରାଜୁଦ୍ୱାରା ଓଜନ କରିବା । ଯଥା—

ଏହୁ ଦଣ୍ଡେ ଧାତା ତଉଲନ୍ତ ଅବା
ନରଭାଗ୍ୟ ମହୀତଳେ । ପାର୍ବତୀ ।

ତକ, କ୍ରି. ବି°. (ଦେଶଜ) ପର୍ଯ୍ୟନ୍ତ । ଯଥା— ସନ୍ଧ୍ୟାତକ ରହିଥିବ । ସମୁଦାୟ; ସମୁଚ୍ଚୟାର୍ଥ । ଯଥା—ଘିଅତକ ଗଡ଼ିଗଲା । ଠାରେ ନ୍ୟସ୍ତ । ଯଥା—ଅମୁକ କାର୍ଯ୍ୟ ଅମୁକତକ ଅଛି ।

ତକମା, ବି. (ଯାବନିକ) ପଦକ (**Medal**) । ଯଥା—

ହୃଦେ ଲମ୍ବମାନ ସୁବର୍ଣ୍ଣ ତକମା,
ନାସିକାଶୋଭନ ସୁବର୍ଣ୍ଣ ଚସମା । ଦ. ବା.

ତକରାର, ବି. (ଯାବନିକ) ବାଦାନୁବାଦ; କଳହ; ଭଲ ମନ୍ଦ ଓ ସତ୍ୟାସତ୍ୟ ବିଚାର; ଅନୁସନ୍ଧାନ ।

ତକସିର, ତକସିର, ତଗସିର, ବି. (ଯାବନିକ) ଅପରାଧ, ଦୋଷ ।

ତକ୍ର, ବି. (ତକ୍-ର) ଚହ୍ଲା, ଘୋଳଦହି ।

ତକ୍ରାଟ, ବି. (ତକ୍ର-ଅଟ) ଖୁଆ, ମନ୍ଥନଦଣ୍ଡ ।

ତକାଇବା, ତକେଇବା, କ୍ରି. (ତର୍କ ଧାତୁଜ) ଅପେକ୍ଷା କରିବା । ଯଥା—

ତକା ନୟନକୁ ତକାରେ ମାନସ ।

ତକିଆ, ବି. (ଆରବ୍ୟ ତକିୟା ଶବ୍ଦଜାତ) ଅପସର ବା ମାଣ୍ଡି । ଯଥା—

ଟୋପି ତକିଆ ଶୀତତ୍ରାଣ,
କାଞ୍ଚିଲା ଅଙ୍ଗରଖାମାନ । ଦା. ର.

ତକ୍ତ, ବି. (ଯାବନିକ) ମଧ୍ୟସ୍ଥଳ ।

ତକ୍ତପୋଷ, ତକ୍ତପୁରୁଷ, ବି. (ଯାବନିକ) କାଷ୍ଠନିର୍ମିତ ଶଯ୍ୟନାଧାର ବା ଖଟ ।

ତକ୍ତା, ବି. (ଯାବନିକ) କାଠପଟା; କାଗଜର ବଡ଼ ଫର୍ଦ୍ଦ ।

ତକ୍ଷକ, ବି. (ତକ୍ଷ୍=କାଷ୍ଠାଦି ଗୃହ୍ଣିବା-ଅକ) ନାଗବିଶେଷ; ବିଶ୍ୱକର୍ମା, ବଢ଼େଇ; ସୂତ୍ରଧାର ।

ତକ୍ଷଣ, ତତ୍କ୍ଷଣେ, କ୍ରି. ବି°. (ତତ୍କ୍ଷଣ ଶବ୍ଦଜ) ଶୀଘ୍ର ।

ତକ୍ଷଶିଳା, ବି. ସ୍ତ୍ରୀ. (ତକ୍ଷ୍=ଗୃହ୍ଣିବା-ଶିଳା=ପଥର) ପଞ୍ଜାବ ଅନ୍ତର୍ଗତ ନଗରବିଶେଷ ।

ତଗର, ବି. (ତ=କୋଡ଼-ଗୃ=ଗ୍ରାସ କରିବା-ଅ) ଟଗର ଫୁଲର ଗଛ; ଟଗର ଫୁଲ ।

ତଗିର, ବି. (ଦେଶଜ) ରାଜସେବକବିଶେଷ । (ଯଡ଼ତାଳ ଶବ୍ଦ ଦେଖ ।)

ତଗାଇଦା, ବି. (ଗଞ୍ଜାମରେ ବ୍ୟବହୃତ) ମକଦ୍ଦମା ।

ତଗ୍ୟ, ବି. (ତତ୍-ଜ୍ଞା—ଏଥିରୁ ଜାତ) ଜ୍ଞାନ; ସ୍ମରଣ ।

ତଜବିଜ, ତଜବୀଜ, ବି. (ଆରବୀ ଭାଷା) ବିଚାର; ପରୀକ୍ଷା ।

ତଟ, ବି. (ତଟ୍=ଉନ୍ନତ ହେବା-ଅ) କୂଳ, ତୀର । (ସ୍ତ୍ରୀ—ରେ ତଟୀ ହୁଏ) । ଯଥା—

ତା ବକ୍ଷୋଜ ତଟୀ,
ନିତାନ୍ତ ଶିଥିଲା ଆଲୋକ ଏ ଯାବତ । କା. ପ. ନା.

ତଟକା, ବି°. (ଯାବନିକ) ନୂତନ ବା ନୂଆ, ସଦ୍ୟ ।

ତଟସ୍ଥ, ବି°. (ତଟ-ସ୍ଥା-ଅ) ବ୍ୟସ୍ତ; ଚମତ୍କୃତ; ଅପକ୍ଷପାତୀ; ତୀରସ୍ଥ ।

ତଟାକ, ତଟାଗ, ତଡ଼ାଗ, ତଡ଼ାକ, ବି. (ତଟ-ଅକ୍=ଗମନ କରିବା-ଅକ, ଅଗ; ତଡ଼୍=ଆଘାତ କରିବା-ଆଗ, ଆକ) ବୃହତ୍ ପୁଷ୍କରିଣୀ ।

ତଟିନୀ, ବି. ସ୍ତ୍ରୀ. (ତଟ-ଇନ୍-ଈ) ନଦୀ ନିମ୍ନଗା ।

ତଟ୍ଟୁ, ବି. (ଯାବନିକ) ସାନ ଘୋଡ଼ା ।

ତଡ଼, ବି. (ତଟ ଶବ୍ଦଜ ପ୍ରାକୃତ) କନାର; ପ୍ରାନ୍ତ ।

ତଡ଼ଉ, ତଢ଼ଉ, ବି. (ଦେଶଜ) ଶ୍ରୀଜଗନ୍ନାଥଙ୍କ ଦେଉଳରେ କରଣ କାର୍ଯ୍ୟବିଶେଷ ।

ତଡ଼କା, ତଡ଼କି, ବି. (ତାଟଙ୍କ ଶବ୍ଦଜ) କର୍ଣ୍ଣ-ଭୂଷଣବିଶେଷ । ଯଥା—

କର୍ଣ୍ଣେ ତଡ଼କା ରହି କାପ, ହରୁଛି ମୁନି ମନ ଦର୍ପ ।
ମା. ମା.

ହୀରର ତଡ଼କି-ବେନି କର୍ଣ୍ଣମୂଳେ ସାଜେ । ନୃ.ପୁ.ଦ୍ୱି.ତ.

ତଡ଼ତାବୁଡ଼, ବି. (ଦେଶଜ-ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଧନ୍ଦା ।

ତଡ଼ତ୍ତି, ତଡ଼ନ୍ତି, କ୍ରି. ବିଂ. (ଝଟିତି ଶବ୍ଦଜ) ଶୀଘ୍ର । ଯଥା—

ହଟରେ ଯାଅ ତଡ଼ତ୍ତିକ ମୋ ବନ୍ଧୁ ହେ । ବି. ରା.

ତଡ଼ପ, ବି. (ଦେଶଜ) ଉତ୍ତମ ବସ୍ତ୍ର । ଯଥା—

କୁସୁମ ମାଳକୁ ପକାଇ ତନୁକୁ ତଡ଼ପ ଲଗିହୋଇଲେ ।
ର. କ.

ତଡ଼ବଡ଼, ତଡ଼ବଡ, କ୍ରି. ବିଂ. (ଦେଶଜ) ଶୀଘ୍ର । ଯଥା—

ତଡ଼ବଡ଼ ହୋଇଣ ସେ ନାବ ବୁଡ଼ିଗଲା । ସା. ଭା. ଆ.
ବିଂ. ଚଞ୍ଚଳ । ଯଥା—

ଶିବିର ନିକଟେ ତ ଉପପ୍ଲବ ଗଡ଼,
ବାହାରିଲେ ସେଠାରୁ ହୋଇ ତଡ଼ବଡ ।
କୃ. ଭା. ସୌ. ପ.

ତଡ଼ବଡ଼, ତଡ଼ାବଡ, } ବି. (ଦେଶଜ) ଧୂମଧାମ; ବେଗ; ବେଗଜନିତ ଧ୍ୱନି । ଯଥା—

ଘୋଡ଼ାଙ୍କର ତଡ଼ବଡ଼ି ହସ୍ତି ଘଣ୍ଟି ରବ,
ଗାଈଙ୍କର ହେମା ଆଦି କଳକଳା ରବ । ସା.ଭା.ବି.ପ

ତଡ଼ବେଗ, କ୍ରି. ବିଂ. (ଦେଶଜ) ଶୀଘ୍ର । ଯଥା—

ଶୁଣିଣ ବିଜୟ ଦ୍ୱାରୀ ଗଲା ତଡ଼ବେଗେ,
ଯାଇ ଜଣାଇଲା ହର ବ୍ରହ୍ମାଙ୍କର ଆଗେ । ନୃ.ପୁ.ଦ୍ୱି.ତ.

ତଡ଼ାଇବା, କ୍ରି. (ଦେଶଜ) ଦୂର କରିବା । ଯଥା—

ମନ୍ଦରୁ ଦେବୁ ତଡ଼ାଇ ଯେ । ବି. ଚ. ମ.

ତଡ଼ାଉ, ତଢ଼ାଉ, ବି. (ଦେଶଜ) ପୋଷାକ; ଆଭରଣ । ଯଥା—

ମଣିମୟ ତଡ଼ାଉ ଶ୍ରୀଅଙ୍ଗେ ଲଗିକରି,
ଭାଲପଟରେ ସୁନ୍ଦର ତିଲକ ଦେଲେ ନାରୀ । ବି. ରା.

ତଡ଼ାପଡ଼ିବା, କ୍ରି. (ଦେଶଜ) ସ୍ତବ୍ଧ ହେବା । ଯଥା—

ବଜର ଡ଼ାକରେ କାନ ତଡ଼ା ପଡ଼େ
ଏକା ଜଗନ୍ନାଥ ସାହା । ଉ. ସା. ୧୮. ୮.

ତଡ଼ିତ୍, ବି. ସ୍ତ୍ରୀ. (ତଡ଼୍ = ଆଘାତ କରିବା-ଇତ୍) ବିଜୁଳି, ବିଦ୍ୟୁତ୍, ଚପଳା ।

ତଡ଼ିତ୍ୱାନ୍, ବି. (ତଡ଼ିତ୍ = ବିଜୁଳି-ବତ୍ ଅସ୍ତ୍ୟର୍ଥେ) ମେଘ । ବିଂ. ବିଦ୍ୟୁତ୍‌ଯୁକ୍ତ ।

ତଡ଼ିବା, କ୍ରି. (ଦେଶଜ) ଦୂର କରିବା, ବାହାର କରିଦେବା; ବଳପୂର୍ବକ ପଛଆଡ଼କୁ ଠେଲିଦେବା ।

ତଣ୍ଟା, ବି. (ଦେଶଜ) ଅଡ଼ୁଆ, ଆପଦ ।

ତଣ୍ଟି, ବି. (ଦେଶଜ) ଗଳଦେଶ । ଯଥା—

ଦୁଃଖୀ ରଙ୍କି ତଣ୍ଟି ଚିପି ବାରମ୍ବାର,
ଦାତାପଣ କେତେ କରୁଛ ପ୍ରଚାର । ଦ. ବା.

ତଣ୍ଟିଆ, ବି. (ଦେଶଜ) ଗଳାରେ ହସ୍ତ ଦେଇ ଠେଲିବା ।

ତଣ୍ଟିଘା, ବି. (ଦେଶଜ) ଗୋରୁମାନଙ୍କର ଏକପ୍ରକାର ରୋଗ, ଗଳବ୍ରଣ ।

ତଣ୍ଡ, ବି. (ଦଣ୍ଡ ଶବ୍ଦଜ) ଅର୍ଥଦଣ୍ଡ ଅର୍ଥାତ୍ ଜରିମାନା । ଯଥା—

ତପରିସରସ୍ଥ ପେଷି କଂସରାସ୍ଥ
ନଦେ ୀଷେ ନେବ କି ତଣ୍ଡ ।

ତଣ୍ଡକ, ବି. (ତନ୍ଡ଼ = ଆଘାତ ଓ ବଧ କରିବା-ଅକ) ଖଞ୍ଜନପକ୍ଷୀ; ଫେନ; ବଞ୍ଚକ; ତରୁ-ସ୍କନ୍ଧ । ବିଂ. ବିନାଶକ; ବହୁରୂପୀ ।

ତଣ୍ଡକାର, ବି. (ଦେଶଜ ପ୍ରାୟ) ଯେ ଅର୍ଥଦଣ୍ଡ ନିଏ; ପୁରୀଜିଲାରେ ରାଜାଙ୍କ ତରଫରୁ ଯେଉଁ ବରକନ୍ଦାଜମାନେ କର ଅସୁଲ କରନ୍ତି । ବି. ସଂ. ଋଷିବିଶେଷ ।

ତଣ୍ଡି, ବି. (ଦେଶଜ) ଗୃହର ଛପରଯୋଗ୍ୟ ତୃଣବିଶେଷ । ଯଥା—

ବିରୂପା ତଟିନୀ ତଣ୍ଡି ପଠାଗୃହ ରଥାଙ୍ଗ ବଧୂ ବିଳାପେ ।
ଯ. କେ.

ତଣ୍ଡିଆ, ବି. (ଦେଶଜ) ତଣ୍ଡି ନେବା ଲୋକ, ଯେ ତଣ୍ଡି ନିଏ । ଯଥା—

ମଡ଼ାତଣ୍ଡିଆ ଧନ ଆସି,
ମାଗିଲେ ହୁଅ ତାର ଦାସୀ । ଦା. ର.

ତଣ୍ଡିବା, କ୍ରି. (ଦେଶଜ) ଜରିମାନା କରି ଅର୍ଥ ଆଣିବା । ଯଥା—
ତଣ୍ଡି ଦୁଃଖୀ ରଙ୍କି ଅରକ୍ଷିତ ଷଣ୍ଡ ।

ତଣ୍ଡୀ, ତଣ୍ଡି, ବି. (ଦେଶଜ) ଏକପ୍ରକାର ପୁଷ୍ପଜାତୀୟ ଗଛ । ଯଥା---
କାମଦେବ ଶ୍ୱେତ ଚାମର ପ୍ରାୟେ,
କାଶତଣ୍ଡୀ ଫୁଲ ଚଳନ୍ତି ବାୟେ । ର. କ.

ତଣ୍ଡୁଳ, ବି. (ତଣ୍ଡ=ଆଘାତ କରିବା-ଉଳ) ଚାଉଳ ।

ତଣ୍ଡୁଳିକାଶ୍ରମ, ବି. (ତଣ୍ଡୁଳିକ-ଆଶ୍ରମ) ତୀର୍ଥବିଶେଷ ।

ତଣ୍ଡେଇବା, କ୍ରି. ( ଦେଶଜ ) ଜରିମାନା କରାଇବା ।

ତଣ୍ଡେଲ, ବି. (ଦେଶଜ) ମାଝିର ସହକାରୀ ।

ତତ, ବି. (ତନ୍=ବିସ୍ତାର କରିବା-ତ) ବାୟୁ; ବୀଣାଦି ବାଦ୍ୟ । ବିଂ. ବିସ୍ତୃତ, ବ୍ୟାପ୍ତ ।

ତତଃ, ଅଂ. ସଂ. ତଦନନ୍ତର; ତେବେ; ସେଠାରେ; ତହିଁରେ ।

ତତକ୍ଷଣ, ତତକ୍ଷଣି, ତତକ୍ଷଣାନ୍ତ, } କ୍ରି. ବିଂ. (ତତ୍କ୍ଷଣ ଶବ୍ଦଜ) ଶୀଘ୍ର । ଯଥା—
ବୁଡ଼ନ୍ତେ ନଉକା ଭସାଇଲେ ବ୍ରହ୍ମଜାତ,
ନଦୀରେ ପୁତ୍ରକୁ ପକାଇଲେ ତତକ୍ଷଣାନ୍ତ । ସା.ଭ୍ର.ଆ.

ତତଗତ, ତତଘତ, ତଦ୍‌ଗତ, } ବି. (ଗଞ୍ଜାମରେ ବ୍ୟବହୃତ) ଜ୍ଞାନ ବା ଚେତନା । ଯଥା—ତାର ତତଘତ ଗୁଡ଼ିଗଲାଣି ।

ତତଲା, ବିଂ. (ତପ୍ତଳ ଶବ୍ଦଜ) ଗରମ ।

ତତାଇବା, ତତେଇବା, କ୍ରି (ଦେଶଜ) ଗରମ କରିବା ।

ତତୁ, ତତ୍ତୁ, ବି. (ତତ୍ତ୍ୱ ଶବ୍ଦଜ) ତତ୍ତ୍ୱ । ଯଥା—
ପିଣ୍ଡ ପ୍ରାଣ ଯାହାଙ୍କର ଅଟେ ଏକ ତତୁ,
ଯୋଗେଶ୍ୱର ସ୍ୱରୂପ ସେ ଜ୍ଞାନବାନ ହେତୁ । ସା.ଭା.ସ.
ଯଥାର୍ଥ । ଯଥା—
ପରର ପୁଅ ଯଦି ହୋଇଥିବେ ତତ୍ତୁ,
ସୁଖେ ଧନ ଜନ ଯେବେ ଭୋଗ କରୁଥାନ୍ତୁ । ନୃ.ପୁ.ସ.ତ.

ତତେ, ସଂ. ( ଦେଶଜ ) ଯୁଷ୍ମଦ୍ ଶବ୍ଦର ଅମାନ୍ୟାର୍ଥ ଦ୍ୱିତୀୟା ଏକବଚନ ।

ତତ୍‌କାଳ, ବି. (ତତ୍-କାଳ) ସେହି ସମୟ । ବିଂ. ଶୀଘ୍ର, ହଠାତ୍ । (ଏଥିରୁ "ତତ୍କାଳିକ, ତତ୍କାଳୀନ" ଏହି ଶବ୍ଦମାନ ହୁଅନ୍ତି ।)

ତତ୍‌କ୍ଷଣ, କ୍ରି. ବିଂ. (ତତ୍-କ୍ଷଣ) ସେହିକ୍ଷଣି, ଅବିଳମ୍ବେ ।

ତତ୍ପର, ବିଂ. (ତଦ୍-ପର) ଆସକ୍ତ; ବ୍ୟଗ୍ର; ନିପୁଣ । କ୍ରି. ବିଂ. ତଦନନ୍ତର ।

ତତ୍ତ୍ୱ, ବି. (ତତ୍-ତ୍ୱ) ଈଶ୍ୱର; ବ୍ରହ୍ମ; ସତ୍ୟ; ପ୍ରକୃତ ଅବସ୍ଥା; ଚତ୍ତ୍ୱ; ପଦାର୍ଥ; ଅନ୍ୱେଷଣ, ଅନୁସନ୍ଧାନ ।

ତତ୍ତ୍ୱାବଧାରକ, ବିଂ. (ତତ୍ତ୍ୱ-ଅବ-ଧୃ-ଅକ) ଯେ କୌଣସି ବିଷୟରେ ତତ୍ତ୍ୱ ନିରୂପଣ କରେ; ରକ୍ଷଣାବେକ୍ଷଣକର୍ତ୍ତା, ଅଭିଭାବକ । ବି. ତତ୍ତ୍ୱାବଧାନ, ତତ୍ତ୍ୱାବଧାରଣ ।

ତତ୍ର, ଅଂ. ( ତତ୍-ତ୍ର ) ସେଠାରେ, ତଦ୍‌ବିଷୟରେ ।

ତତ୍ରତ୍ୟ, ବିଂ. (ତତ୍ର-ତ୍ୟ) ସେଠାର, ସେହି ସ୍ଥାନସ୍ଥ ।

ତତ୍ରାପି, ଅଂ. ( ତତ୍ର-ଅପି ) ତଥାଚ, ତେବେହେଁ ।

ତଥା, ଅଂ. (ତତ୍-ଥାଚ୍-ପ୍ରକାରାର୍ଥେ) ସେହିପ୍ରକାର; ତଥ୍ୟ; ସତ୍ୟ; ଏବଂ; ତହିଁରେ; ସ୍ୱୀକାର; ସାଦୃଶ୍ୟ; ସମୁଚ୍ଚୟ; ନିଶ୍ଚୟ ।

ତଥାଗତ, ବି. (ତଥା-ଗତ, ଆଗତ) ବୁଦ୍ଧ; ସେହିପ୍ରକାର ଆସିବାର । ବିଂ. ସେହିରୂପେ ଆଗତ ।

ତଥାଚ, ତଥାପି, ଅଂ. ତତ୍ରାପି, ତେବେହେଁ ।

ତଥି, ସଂ. (ତତ୍ର ଶବ୍ଦଜାତ, ପ୍ରାକୃତ ତତ୍ଥ ଶବ୍ଦଜ) ସେହିଠାରେ; ତହିଁରେ । ଯଥା—
ରଖାଇ କୃଷ୍ଣଙ୍କୁ ବୁଝାଇଦେଲା ଯେ ଗୁପ୍ତ ତଥି ।ବି.ଚ.ମ.

ତଥୈବଚ, ଅଂ. (ତଥା-ଏବ-ଚ) ସେହିରୂପରେ ହେବାର, ସାତପୂର୍ବକ ନୁହେ ।

ତଥ୍ୟ, ବି. (ତଥା-ଯ), ଯଥାର୍ଥ, ପ୍ରକୃତ ଅବସ୍ଥା । ବିଂ. ସତ୍ୟ, ପ୍ରକୃତ ।

ତଦବିର, ତଦ୍‌ବିର, ବି. (ହିନ୍ଦୀ) କାର୍ଯ୍ୟର ବିସ୍ତୃର; ଯତ୍ନ, ଉଦ୍‌ଯୋଗ ।

ତଦନନ୍ତର, ଅଂ. (ତତ୍‌-ଅନନ୍ତର) ତହିଁଉତ୍ତାରୁ, ତାହା ପରେ ।

ତଦପି, ଅଂ. (ତତ୍‌-ଅପି) ତଥାପି, ସେହି ମଧ୍ୟ ।

ତଦବସ୍ଥ, ବିଂ. (ତତ୍‌-ଅବସ୍ଥା) ସେହିପରି; ଏକାଦଶାପନ୍ନ; ତଦବସ୍ଥାପନ୍ନ ।

ତଦର୍ଥ, କ୍ରି. ବିଂ. (ତତ୍‌-ଅର୍ଥ) ତନ୍ନିମିତ୍ତ, ସେହିହେତୁ ।

ତଦା, ଅଂ. (ତଦ୍‌-ଦା) ସେହି ସମୟରେ, ସେତେବେଳେ ।

ତଦାନୀଂ, ଅଂ. (ତତ୍‌-ଦାନୀଂ) ସେତେବେଳେ ।

ତଦାନୀନ୍ତନ, ବିଂ. (ତଦାନୀଂ-ତନ) ତତ୍କାଳୀନ, ସେହି ସମୟରେ ଯାହା ଘଟିଅଛି ।

ତଦାରକ, ତଦାରଖ, ବି. (ଯାବନିକ) ଅନୁସନ୍ଧାନ ।

ତଦୀୟ, ବିଂ. (ତତ୍‌-ଈୟ) ତତ୍‌ସମ୍ବନ୍ଧୀୟ; ତାହାର ଅଧିକୃତ ।

ତଦ୍‌ଗତ, ବିଂ. (ତତ୍‌-ଗମ୍‌-ତ) ଏକାଗ୍ର, ଅଭିନିବିଷ୍ଟ, ତଦାସକ୍ତ ।

ତଦଗୁଣ, ବି. (ତତ୍‌-ଗୁଣ) କାବ୍ୟର ଅଳଙ୍କାରବିଶେଷ; ତାହାର ଗୁଣ ।

ତଦ୍ଧନ, ବିଂ. (ତତ୍‌-ଧନ) କୃପଣ, ବ୍ୟୟକୁଣ୍ଠ ।

ତଦ୍ଧିତ, ବି. (ତତ୍‌-ହିତ) ଶବ୍ଦର ଉତ୍ତର ପ୍ରତ୍ୟୟ କରି ଯେଉଁସବୁ ପଦ ନିଷ୍ପନ୍ନ ହୁଏ । ବିଂ. ତଦ୍‌ବିଷୟରେ ଉପଯୁକ୍ତ ।

ତନଇ, ତନୟି, ବି. (ତନୟ ଶବ୍ଦଜ) ପୁତ୍ର । ଯଥା—

ଶୁଣ ହେ ବ୍ୟାସଙ୍କ ତନଇ,
ପୁଣ୍ୟର କଥା ଶୁଣିଲଇ । ବି. ପୁ.

ତନଖା, ବି. (ହିନ୍ଦୀ) ବେତନ, ଦରମା । (ଦେଶଜ) ହାମି ବା ବନ୍ଧକ ଦେଇ ଋଣ ଆଣିବା; ଋଣ ଆଣି ବନ୍ଧାଦେବା ପଦାର୍ଥ ।

ତନଖିବା, କ୍ରି. (ଦେଶଜ) ଠିକଣା କରିବା, ଏଷ୍ଟିମେଟ୍ କରିବା, ପରୀକ୍ଷା କରିବା ।

ତନୟ, ବି. (ତନ୍‌ = ବିସ୍ତାର କରିବା-ଅୟ— ଯେ ଯଶ ବଂଶ ପ୍ରଭୃତି ବିସ୍ତାର କରେ) ପୁତ୍ର । (ସ୍ତ୍ରୀ-ଆ) ପୁତ୍ରୀ, କନ୍ୟା ।

ତନୟିତ୍ନୁ, ବି. (ତନ୍‌ = ବିସ୍ତାର କରିବା-ଇତ୍ନୁ) ବଜ୍ର; ମେଘ ।

ତନାଘନା, } ବିଂ. { (ଦେଶଜ)
ତନେଇଘନେଇ, } କ୍ରି. ବିଂ. { ତରତର ।

ତନାଧିଗ୍ଲ, ବି. (ସମ୍ବଲପୁରରେ) ଟଣାଟଣି ।

ତନିଷ୍ଠ, } ବିଂ. (ତନୁ-ଇଷ୍ଠ, ଈୟସ୍‌)
ତନୀୟାନ୍‌, } କ୍ଷୀଣତର, ଅତିକୃଶ, ଅତ୍ୟଳ୍ପ, ଅତିକ୍ଷୁଦ୍ର ।

ତନୁଃ, ବି. (ତନ୍‌ସ୍‌ = ତନୁ-ଉସ୍‌) ଶରୀର, ଦେହ ।

ତନୁ, ତନୂ, ବି. ସ୍ତ୍ରୀ. (ତନ୍‌-ଉ, ଊ) ଶରୀର; ମୂର୍ତ୍ତି । ବିଂ. ଅଳ୍ପ; କୃଶ; ସୂକ୍ଷ୍ମ; କୋମଳ ।

ତନୁଖା, ବି. (ଦେଶଜ) ଚଠି ।

ତନୁଚ୍ଛଦ, ବି. (ତନୁ = ଶରୀର-ଛଦ୍‌-ଅ) ବର୍ମ, କବଚ, ସାଞ୍ଜୁ ।

ତନୁଜ, ତନୂଜ, ବି. (ତନୁ-ତନୂ-ଜନ୍‌-ଅ) ପୁତ୍ର, ପୁଅ । (ସ୍ତ୍ରୀ-ଆ) କନ୍ୟା, ଦୁହିତା ।

ତନୁତ୍ର, } ବି. (ତନୁ-ତ୍ରୈ = ତ୍ରାଣ କରିବା-
ତନୁତ୍ରାଣ, } ଅ, ଅନ) ବର୍ମ, ସାଞ୍ଜୁ ।

ତନୁଭୃତ୍‌, ବିଂ. (ତନୁ-ଭୃ = ଧାରଣ କରିବା-କ୍ୱିପ୍‌) ଦେହୀ, ଜୀବ ।

ତନୁରୁହ, } ବି. (ତନୁ, ତନୂ-ରୁହ୍‌ = ଜନ୍ମିବା
ତନୂରୁହ, } -ଅ) ରୋମ, ଲୋମ ।

ତନୁବାର, ବି. (ତନୁ-ବୃ-ଅ) ବର୍ମ, ସାଞ୍ଜୁ ।

ତନୂନପ, ବିଂ. (ତନୁ = ଶରୀର-ଊନ = ଲଘୁତା -ପା = ପାଳନ କରିବା-ଅ) ଘୃତ, ଘିଅ ।

ତନୂନପାତ୍‌, ବି. (ତନୂନପ = ଘୃତ-ଅଦ୍‌ = ଭକ୍ଷଣ କରିବା-କ୍ୱିପ୍‌) ଅଗ୍ନି ।

ତନ୍ତ, ବି. (ତନ୍ତ୍ର ଶବ୍ଦଜ ପ୍ରାକୃତ) ଲୁଗା ବୁଣିବା ଯନ୍ତ୍ର । ଯଥା—

ତଦଅନ୍ତେ ଦେଖିଲେ ଦୁଇଟି ଯୁବତୀ,
ବସିକରି ତନ୍ତେ ଲୁଗା ବୁଣୁଛନ୍ତି । କୃ. ଖ. ଆ. ପ.

ତନ୍ତଶାଳ, ତନ୍ତସାଳ, ବି. (ତନ୍ତ୍ରଶାଳା ଶବ୍ଦଜ) ଯେଉଁ ଘରେ ତନ୍ତ ଥାଏ ।

ତନ୍ତ୍ରମାଧିଆ, ବିଂ. (ଦେଶଜ) ଯେଉଁ କାର୍ଯ୍ୟ ପୂର୍ଣ୍ଣରୂପେ କରାଯାଏ ନାହିଁ ।

ତନ୍ତି, ତନ୍ତୀ, ବି. (ତନ୍ତ୍ରୀ ଶବ୍ଦଜ) ଲୁଗାବୁଣିବା ଜାତିବିଶେଷ । ଯଥା—

ତନ୍ତି କାନ୍ଧି ଚଳାଇଲା ଯେ ଖରେ,
ପଶିଲା ଯାଇ ସେ ତନ୍ତିର ଘରେ । ହା. ଭ.

ବିଂ. (ଦେଶଜ) ଓଲା, ମୂର୍ଖ, ନିବୁଦ୍ଧିଆ । (ତନ୍ତିମାନଙ୍କର ନିର୍ବୋଧତା ପ୍ରସିଦ୍ଧ ।)

ତନ୍ତିଆ, ବିଂ. (ଦେଶଜ) ଅଠାଅଠା । (ଗୁଡ଼ ପ୍ରଭୃତି ଶବ୍ଦରେ ପ୍ରଯୋଜ୍ୟ) ଯେପରି— ତନ୍ତିଆ ଗୁଡ଼ ।

ତନ୍ତିଆଣୀ, ବି. ସ୍ତ୍ରୀ. (ଦେଶଜ) ତନ୍ତିର ସ୍ତ୍ରୀ ।

ତନ୍ତୁ, ବି. (ତନ୍=ବିସ୍ତାର କରିବା-ତୁ) ସୂତ୍ର, ସୂତା; ତାର ।

ତନ୍ତୁକ, ବି. (ତନ୍ତୁ-କ) ସର୍ଷପ, ସୋରିଷ । (ସ୍ତ୍ରୀ-ତନ୍ତୁକୀ) ଶିରା, ନାଡ଼ି, ଧମନୀ ।

ତନ୍ତୁନାଭ, ବି. ସ୍ତ୍ରୀ. (ତନ୍ତୁ ନାଭିରେ ଅଛି ଯାହାର) ବୁଢ଼ିଆଣୀ ପୋକ, ମାକଡ଼ସା ।

ତନ୍ତୁବାପ, ତନ୍ତୁବାୟ, ବି. (ତନ୍ତୁ-ବପ୍= ବୁଣିବା-ଅ, ୟ) ମାକଡ଼ସା; ତନ୍ତୀ ।

ତନ୍ତୁସନ୍ତତ, ବି. (ତନ୍ତୁ-ସନ୍ତତ=ବ୍ୟାପ୍ତ) ସ୍ୟୂତ ବସ୍ତ୍ର, ସିଇଁବା ଲୁଗା ।

ତନ୍ତୁସାର, ବି. (ତନ୍ତୁ-ସାର=ସାରାଂଶ) ଗୁଆ ଗଛ; ଯେଉଁ ବୃକ୍ଷର ମଜ୍ଜା ତନ୍ତୁବିଶିଷ୍ଟ ।

ତନ୍ତ୍ର, ବି. (ତନ୍=ବିସ୍ତାର କରିବା-ତ୍ର) ଶିବୋକ୍ତ ଗ୍ରନ୍ଥବିଶେଷ; ଶିବ ଓ ଶକ୍ତିର ଉପାସନାବିଧାୟକ ବେଦର ଶାଖାବିଶେଷ; ସିଦ୍ଧାନ୍ତ; ଔଷଧ; କାରଣ; ଉପାୟ; ସୈନ୍ୟ; ରାଜ୍ୟ; ସୂତ୍ର; ତନ୍ତୁବାୟ; ବ୍ୟବସାୟ । ବିଂ. ଅଧୀନ, ଆୟତ୍ତ ।

ତନ୍ତ୍ରୀ, ବି. (ତନ୍ତ୍ର-ଈ) ବୀଣା; ରଜ୍ଜୁ ।

ତନ୍ଦରା, ତନ୍ଦ୍ରା, ବି. (ଦେଶଜ-ଗଞ୍ଜାମୀ, ନିଦ୍ରାର୍ଥବୋଧକ ତନ୍ଦ୍ରା ଶବ୍ଦରୁ ଜାତ, କିନ୍ତୁ ଅର୍ଥ ଭିନ୍ନ) ଉଦ୍‌ବେଗ । କ୍ରି. ବିଂ. ଶୀଘ୍ର ।

ତନ୍ଦ୍ରା, ବି. (ତନ୍ଦ୍=ଅଳସ ହେବା-ଅ-ଆ) ଅଳ୍ପନିଦ୍ରା, ନିଦ୍ରାବେଶ; ଅବସନ୍ନତା; ଆଳସ୍ୟ ।

ତନ୍ନତନ୍ନ, କ୍ରି. ବିଂ. (ତତ୍-ନ=ତାହା ନୁହେ-ତତ୍-ନ=ତାହା ନୁହେ) ତାହା ନୁହେ ତାହା ନୁହେ; ପୁଙ୍ଖାନୁପୁଙ୍ଖ; ବିଶେଷଭାବରେ; ମନୋଯୋଗପୂର୍ବକ ।

ତନ୍ୱୀ, ବିଂ. (ତନୁ-ଈ) କ୍ଷୀଣା, କୃଶାଙ୍ଗୀ ।

ତପଃ, ବି. (ତପସ୍=ତପ୍-ଅସ୍) ତପସ୍ୟା; ଅଦୃଷ୍ଟ; ବ୍ରାହ୍ମଣାଦିଙ୍କ ଧର୍ମ, ଆଚରଣ; ଲୋକବିଶେଷ ।

ତପ, ବି. (ତପ୍=ଦାହ କରିବା-ଅ) ଗ୍ରୀଷ୍ମକାଳ । (ତପସ୍ ଶବ୍ଦର ଅପଭ୍ରଂଶ) ତପସ୍ୟା ।

ତପଋଷି, ବି. (ତପଷ୍ଟାଷି ଶବ୍ଦଜ ବା ଅପଭ୍ରଂଶ) ତପସ୍ୱୀ । ଯଥା—

ଋଷିମାନଙ୍କୁ ଧରି ବସିଲେ ସଭା କରି,
ଅଠାଶିସହସ୍ରାଏ ଅଛନ୍ତି ତପଋଷି । ନୃ. ପୁ. ଚୂ. ଭ.

ତପନ, ବି. (ତପ୍=ତାପ ଦେବା-ଅନ) ସୂର୍ଯ୍ୟ; ଗ୍ରୀଷ୍ମଋତୁ; ତାପ; ସୂର୍ଯ୍ୟକାନ୍ତମଣି; ଅର୍କବୃକ୍ଷ । ବିଂ. ସନ୍ତାପଜନକ ।

ତପନୀୟ, ବିଂ. (ତପ୍=ଦାହ କରିବା-ଅନୀୟ) ତପଯୋଗ୍ୟ । ବି. ସ୍ୱର୍ଣ୍ଣ । ଯଥା—

ତପନୀୟ ଗୋଷ୍ଠ ବରଣ ଜାଣି,
ତଳପଡନ ପକ୍ୱ ପତ୍ର ଆଣି ।
ତୀର୍ଥପାବନ ସ୍ୱଭରେ ଲଭନ୍ତି,
ତଦାକାର ଭାବ କ୍ଷଣେ ଭଜନ୍ତି । ବି. ଚି. ମ.

ତପରଖ, ତପରଖାନା, ବି. (ଯାବନିକ) ପରୀକ୍ଷାକରଣ; ତଦାରଖ ।

ତପସିଲ, ବି. (ଯାବନିକ) ବିବରଣ ।

ତପସ୍ୱୀ, ବି. (ତପସ୍-ବିନ୍-ଅସ୍ତ୍ୟର୍ଥେ) ତାପସ; ମୁନି । ବିଂ. ଧାର୍ମିକ; କ୍ଲେଶସହିଷ୍ଣୁ ।

ତପି, ତପୀ, ବି. (ତପସ୍ୱୀ ଶବ୍ଦଜ) ତପସ୍ୱୀ । ଯଥା—

ଗର୍ବିତପଣେ ଯେ ସର୍ବଥା,
ନନ୍ଦଇ ତପୀ ଜପୀ କଥା । ମା. ମା.

ତପୁ, ତପୂ, କ୍ରି. ବିଂ. ତାହାର ପୂର୍ବେ ।

ତପ, କ୍ରି. ବିଂ. ତାହାର ପଶ୍ଚିମେ ।

ତଦ, କ୍ରି. ବିଂ. ତାହାର ଦକ୍ଷିଣେ ।

ତଉ, କ୍ରି. ବିଂ. ତାହାର ଉତ୍ତରେ ।

ତପୁସି, ବି. (ତପସ୍ୱୀ ଶବ୍ଦଜ) ତପସ୍ୟା କରିବା ବ୍ୟକ୍ତି । ଯଥା—
ମହାତପୁସି ଜନପ୍ରାପ୍ତେ,
ଅଙ୍ଗ ବିରାଜେ କ୍ୟୋତମସ୍ତେ । ଦା. ର.

ତପୁସିଆଁ, କ୍ରି. ବିଂ. (ଦେଶଜ) ଅସମ୍ପୂର୍ଣ୍ଣଭାବରେ (କାର୍ଯ୍ୟ କରିବା) ।

ତପୋଧନ, ବି. (ତପସ୍-ଧନ-ଯାହାର) ତାପସ, ଯୋଗୀ, ମୁନି, ଋଷି ।

ତପୋବନ, ବି. (ତପସ୍-ବନ) ମୁନିମାନଙ୍କ ଆଶ୍ରମ ।

ତପ୍ତ, ବିଂ. (ତପ୍=ଦାହ କରିବା-ତ) ଉଷ୍ଣ, ତାପଯୁକ୍ତ; ଖେଦଯୁକ୍ତ ।

ତଫସିଲ, ବି. (ଯାବନିକ) ବିବରଣ । ଯଥା—
ପଗୁରଛ ଏ ସ୍ଥାନର କଥା ତଫସିଲ,
ସବୁ କଥା ଲେଖିବା ତ ବଡ଼ ମୁସକଲ । ଉ. ଭ୍ର.

ତଫାତ୍, ତଫୋତ, ବିଂ. (ଯାବନିକ) ଭିନ୍ନ । କ୍ରି. ବିଂ. ଦୂରରେ ।

ତଫାବତ, ତବାବତ, } ବି. (ଦେଶଜ) ଦୋଷ । ବିଂ. ଊଣାଅଧିକ, ତାରତମ୍ୟ ବା ତାରତମ ।

ତବ, ସର୍ବଂ. (ଯୁଷ୍ମଦ୍ ଶବ୍ଦଜ) ତୁମ୍ଭର ।

ତବକ, ବି. (ଦେଶଜ) ପିତଳ ଥାଳି ।

ତବତ, ବି. (ତପ୍ତ ଶବ୍ଦଜ) ଗରମ ଭାତ ।

ତବଦ, ତବଦା, ତାବଦା, } ବିଂ. (ସ୍ତବ୍ଧ ଶବ୍ଦଜ) ସ୍ତବ୍ଧ ହୋଇ ଯାଇଥିବା ।

ତମ, ବି. (ତମ୍=ଖେଦ କରିବା-ଅ) ତମୋଗୁଣ; ରାହୁ; ଅନ୍ଧକାର । ବିଂ. ଅଧିକ; ଅନେକଙ୍କ ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ବୁଝିବାପାଇଁ ଗୁଣବାଚକ ଶବ୍ଦର ଉତ୍ତର 'ତମ' ପ୍ରତ୍ୟୟ ହୁଏ ।

ତମତମ, ବିଂ. (ଦେଶଜ) କ୍ରୋଧଯୁକ୍ତ । ଯଥା—
ଦୁଃସହ ସଂଗ୍ରାମ ଦେଖି ତହିଁ ବୀର ଭୀମ,
କମ୍ପଇ ଶରୀର କୋପେ ଅତି ତମତମ । ସା. ଭା. ସ.
କାନ୍ତିହୀନ । ଯଥା—
ସ୍ୱେଦର ଗମ ଗମ ବଦନ ତମ ତମ
ଦିଶଇ ସୀତ ଆନ ଆନ । ବି. ଚ. ମ.

ତମସ୍, ତମଃ, ବି. (ତମ୍=ଖିନ୍ନ ହେବା-ଅସ୍) ଅନ୍ଧକାର; ତମୋଗୁଣ; ମୋହ; ନରକ; ଶୋକ; ପାପ; ଅଜ୍ଞାନ; ଗର୍ବ; ରାହୁ ।

ତମସ, ବି. (ତମ୍-ଅସ) ଅନ୍ଧକାର ।

ତମସୁକ, ବି. (ଯାବନିକ) ଦସ୍ତାବିଜବିଶେଷ, ଋଣଗ୍ରହଣ ପତ୍ର ।

ତମା, ବି. ସ୍ତ୍ରୀ. (ତମ୍-ଆ) ରାତ୍ରି; ତମାଲବୃକ୍ଷ ।

ତମାଖୁ, ତମ୍ବାଖୁ, ତମାକୁ, } ବି. (ଯାବନିକ, କିନ୍ତୁ ପ୍ରଥମେ ତାମ୍ରକୂଟ ଶବ୍ଦଜ ହୋଇଥିବ) ଧୂଆଁ ପତ୍ର; ଗୁଡ଼ାଖୁ ।

ତମାଦି, ବି. (ଯାବନିକ) କାଳଦୋଷ ।

ତମାଦିଆଇନ, ବି. (ଯାବନିକ) କେଉଁ କେଉଁ ବିଷୟ କେତେ କେତେ କାଳ ପରେ ଅଦାଲତରେ ନାଲିସ ହୋଇ ନ ପାରେ ଏ ବିଷୟ ଯେଉଁ ଆଇନରେ ଥାଏ ।

ତମାମ, ବିଂ. (ଯାବନିକ) ସମ୍ପୂର୍ଣ୍ଣ; ସବୁ ।

ତମାଳ, ବି. (ତମ୍-ମ୍ଳାନ ହେବା-ଆଳ) ବୃକ୍ଷବିଶେଷ; ଚନ୍ଦନତିଳକ; ଖଡ୍ଗ ।

ତମାସା, ବି. (ଯାବନିକ) କୌତୁକ ।

ତମି, ବିଂ. (ତମସ୍ୱୀ ଶବ୍ଦଜ) କ୍ରୋଧୀ । ଯଥା—
କ୍ରୋଧରେ କଣ ମୋତେ ବୋଇଲ ହୋଇ ତମି,
ବୋଇଲି ଆହେ କୃଷ୍ଣ କାହିଁକି ଦେବ ଭୂମି ।
ନୃ. ପୁ. ସ. ତ.

ତମିସ୍ର, ବି. (ତମସ୍-ର-ଅସ୍ତ୍ୟର୍ଥେ, ନିପାତନ) ଅନ୍ଧକାର; କ୍ରୋଧ; ଅଜ୍ଞାନ । ବିଂ. ତମୋଯୁକ୍ତ; ଅନ୍ଧକାରଯୁକ୍ତ ।

ତମୀ, ତମି, ବି. (ତମ୍=ଅନ୍ଧକାର-ଈ, ଇ) ରାତ୍ରି ।

ତମିସ୍ରା, ବି. (ତମିସ୍ର-ଆ) ଅନ୍ଧକାରମୟ ରାତ୍ରି ।

ତମୋଘ୍ନ, ତମୋନୁଦ୍, ତମୋନୁଦ, ତମୋପହ, } ବି. (ତମସ୍-ଅନ୍ଧକାର ପ୍ରଭୃତି-ହନ୍, ନୁଦ୍-ଅ, କ୍ୱିପ୍, ଅ-ହ=ଘ, ତମସ୍-ଅପ-ହନ୍-ଅ) ଅଗ୍ନି; ସୂର୍ଯ୍ୟ; ଚନ୍ଦ୍ର; ବିଷ୍ଣୁ; କେଶବ; ଶମ୍ଭୁ ।

ତମୋଭିଦ୍, } ବି. (ତମସ୍-ଭିଦ୍-କ୍ୱିପ୍,
ତମୋମଣି, } ତମସ୍-ମଣି = ରତ୍ନ) ଜୁଳୁ-ଜୁଳିଆ ପୋକ, ଖଦ୍ୟୋତ ।

ତମ୍ପ, ବିଂ. (ଦେଶଜ) ଆର୍ଦ୍ର, ଓଦା, ସନ୍ତ-ସନ୍ତିଆ ।

ତମ୍ପ, ତମ୍ପ, } ବି. (ତୃଫ ଶବ୍ଦଜ) ବିଷଧର
ତଁପ, } ସର୍ପବିଶେଷ । ଯଥା—

କିଏ ନ ଡରଇ ଉତ୍ତିପଫଣ ତମ୍ପକୁ । ଦ. ବା.

ତମ୍ପା, ବି. (ଦେଶଜ) ଯବାଦି ଚୂର୍ଣ୍ଣ ଗୁଡ଼ ପ୍ରଭୃତିରେ କରିବା ଖାଦ୍ୟବିଶେଷ ।

ତମ୍ପୀ, ବି. (ଦେଶଜ) ଗାଈ; ଗାଡ଼ି ।

ତମ୍ବା, ବି. (ତାମ୍ର ଶବ୍ଦଜ, ପ୍ରାକୃତ ତମ୍ବରୁ ଜାତ) ଧାତୁବିଶେଷ ।

ତମ୍ବାପଟା, } ବି. (ତାମ୍ରପଟ୍ଟ ଶବ୍ଦଜ) ସନନ୍ଦ;
ତମ୍ବାପାଟିଆ, } ଶାସନଦାନ ପତ୍ର ।

ତମ୍ବାଳିଆ, ବିଂ. ତମ୍ବାମିଶ୍ରିତ; ତମ୍ବା ସଦୃଶ ବର୍ଣ୍ଣ ।

ତମ୍ବି, ବି. (ଦେଶଜ) କାର୍ଯ୍ୟକରଣରେ ବଳପୂର୍ବକ ବାଧ କରାଇବା । ଯଥା—

କାର୍ଯ୍ୟ ଶେଷ କରାଇବା ନିମନ୍ତେ ଖାରି ତମ୍ବି ଲାଗିଛି । ଉ. ସା. ୧୧. ୧୧୬ ପୃ.

ତମ୍ବୀ, ତର୍ମ୍ବି, ବି. (ଯାବନିକ) ରାଗ ବା କ୍ରୋଧ; ବାରମ୍ବାର କୌଣସି ବିଷୟରେ ହୁକୁମ ଦେବା; ଧମକାଇବା ।

ତମ୍ବୁ, ତାମ୍ବୁ, ବି. (ଦେଶଜ) ଶିବିର । ଯଥା—

ଉରଜ କନ୍ଦୁକ ଚକ୍ରବାକ ସମ୍ପୁଟକ,
କି ସ୍ୱୟମ୍ଭୁ ତମ୍ବୁ ଅମ୍ବୁଜ କୋରକ । ଲ. ବ.

ତମ୍ବୁଚି, ବି. (ଦେଶଜ) ଯେ ଢୋଲ ବଜାଏ ।

ତମ୍ବୁର, ଡମ୍ବୁର, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ । ଯଥା—

ଶଙ୍ଖ କମ କାହାଳୀ ଡିଣ୍ଡିମ ଡିବଡିବ,
ପଟହ ତମ୍ବୁର ବଂଶୀ ମିଷ୍ଟସ୍ୱରେ ଶୁଭ । ନୃ.ପୁ.ଦ୍ୱି.ଖ.

ତୟାର, ତୟାରି, ବି. (ଦେଶଜ) ନିର୍ମାଣ । କ୍ରି. ପ୍ରସ୍ତୁତ ହେବା । ବିଂ. ପ୍ରସ୍ତୁତ । ଯଥା—

ନାନାବର୍ଣ୍ଣ ଉପଳରେ ହୋଇଛି ତୟାର । ସୁ. ପ.

ତର, ବିଂ. (ତୃ = ତରିବା-ଅ) ଦୁଇ ବସ୍ତୁ ମଧ୍ୟରେ ଏକର ଉତ୍କର୍ଷସାଧନବିଶେଷ । ବି. ସନ୍ତରଣ, ପାରିହେବା; ଗତି; ପଥ । (ଦେଶଜ) ବି. ସମୟ୍ୟାବସର । ଯଥା—

ତର ନ ସହୁ ଇଚ୍ଛନ୍ତେ ଉତ୍ତର । ବି. ଚ. ମ.

କ୍ରି. ବିଂ. ଶୀଘ୍ର । ଯଥା—

ବୃଷଭାସନ ବୃଷଭାପଣ ଅତିତର,
ବିଶ୍ୱେ ତାର ଯେଉଁ ନାମ ତାରକମନ୍ତ୍ରର । ବୈ.ବି.

ତରକ, ତରକା, } ବି. (ତର୍କ ଶବ୍ଦଜ)
ତରକଣା, } ଅନୁମାନ ।

ତରକା, ତର୍କା, ବିଂ. (ତର୍କକ ଶବ୍ଦଜ) ଯେ ତକ୍ଷଣେ ତର୍କେ ବା ଅନୁମାନ କରେ । ଯଥା—

ବୋଇଲା ଶୁଣ ମୁନି ଆପଣ ଷଣ୍ଡାମର୍କା,
ତୁମ୍ଭ ପ୍ରାୟେ ବୁଦ୍ଧିମନ୍ତ ନାହିଁ ଶାସ୍ତ୍ରେ ତର୍କା । ନୃ.ପୁ.ସ.ଭ.

ହୁରୁଡ଼ା, ଭୟାଳୁ ।

ତରକାରି, } ବି. (ଦେଶଜ) ବ୍ୟଞ୍ଜନଯୋଗ୍ୟ
ତର୍କାରି, } ଫଳମୂଳାଦି ଦ୍ରବ୍ୟ । ଯଥା—

ସବୁ ତରକାରି ହାଟକୁ ଗଲେ,
କାର୍ତ୍ତିକ ଗ୍ରାମରେ ଖୁଡ଼ି ଅଇଲେ । ଗ୍ରା. ଗ.

ତରକିବା, ତର୍କିବା, କ୍ରି. (ତର୍କ ଧାତୁଜ) ହୁରୁଡ଼ିବା; ସାବଧାନ ଥିବା; ଅନୁମାନ କରିବା । ଯଥା—

ତରକଅଛି ସେ ପର କି ନନ୍ଦ ରାଜକୁମାର । ବି ଚ.ମ.

ତରକ୍ଷୁ, ବି. (ତର = ପଥ-କ୍ଷୁ = କ୍ଷୟ କରିବା-ଉ) ହେଟା ବାଘ; କ୍ଷୁଦ୍ରବାଘ ।

ତରଙ୍ଗ, ବି. (ତୃ = ଗମନ କରିବା-ଅଙ୍ଗ) ଊର୍ମି; ଲହରି, ଢେଉ; ବୀଚି; ଭଙ୍ଗି—ଲହରୀ ଅର୍ଥରେ । ଯଥା—

ନାଚ ନାଚ ତୁରଙ୍ଗ ପରି ଯେ ତରଙ୍ଗ-
ସମୂହ ଆସୁଛନ୍ତି ଦେଖାଇ ନାନା ରଙ୍ଗ । କୃ.ସି.ସ୍ୱ.କା.

ବିଶେଷଣରେ ତରଙ୍ଗିତ ପଦ ସିଦ୍ଧ ହୁଏ ।

ତରଙ୍ଗିଣୀ, ବି. ସ୍ତ୍ରୀ. (ତରଙ୍ଗ-ଇନ୍-ଅସ୍ତ୍ୟର୍ଥେ —ସ୍ତ୍ରୀ-ଈ) ନଦୀ ।

ତରଛ, ବି. (ତ୍ରସ୍ତ ଶବ୍ଦଜ) ଭୀତ । ଯଥା—
ଅଷ୍ଟ ମାସର ଦଣ୍ଡ କହିବ କସ ପୁଣି,
ତରଛ ହୋଇଥାଇ ଗର୍ଭର କଥା ଜାଣି । ନୃ.ପୁ.ଭୃ.ତ

ତର୍ଛ, ବି. (ତ୍ରାସ ଶବ୍ଦଜ) ଭୟ । ଯଥା—
ମୁର ଦୈତ୍ୟର ନଗ୍ରକୁ ଗଲ ବିଦ୍ୟା କହି,
ତର୍ଛରେ ନ କହି ତାଙ୍କୁ ଅଇଲ ପଳାଇ । ନୃ.ପୁ.ଚ.ତ.

ତରଛାଇବା, କ୍ରି. ( ତ୍ରସ୍ତ ଶବ୍ଦଜ ) ଭୟ ଦେଖାଇବା, ଭୟ ଜାତ କରାଇବା ।

ତରଛା, ବିଂ. (ତ୍ରସ୍ତ ଶବ୍ଦଜ) ଭୀତ ।

ତରଜମା, ତର୍ଜମା, ବି. (ଯାବନିକ) ଭାଷାନ୍ତର-କରଣ ।

ତରଜା, ବି (ତର୍ଜନା ଶବ୍ଦଜ) ତର୍ଜନା । ଯଥା—
ଲେଉଟି ବିମାନ ତାର ହାନ୍ଦୋଳାନ୍ତେ ରାଜା,
ହୃଦେ ବ୍ୟଥା ପାଇଣ ଯେ କରଇ ତରଜା ।
ନୃ. ପୁ. ଦ୍ୱି. ତ.

ବିଂ. ଯେ ତର୍ଜନା କରେ, ଉତ୍ତେଜନାଯୁକ୍ତ । ଯଥା—
ବାହାର ରାଜା ବାଜଇ ବାଜା,
ହୁଅନ୍ତି ଅସୁର ବଡ଼ ତରଜା । ବି. ରା.

ତରଜିବା, କ୍ରି. ( ତର୍ଜ୍ ଧାତୁଜ ) ତର୍ଜନା କରିବା ।

ତରଜୁତ, ବି. (ଦେଶଜ-ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ବନ୍ଦୋବସ୍ତ କରିବା, ଚର୍ଚ୍ଚା କରିବା ।

ତରଡ଼ଙ୍ଗା, ବିଂ. (ଦେଶଜ) ତରତରିଆ ।

ତରଡ଼ା, ତୋରଡ଼ା, ବି. (ଦେଶଜ) ଫଳ-ବିଶେଷ । ଏହା ମଧୁର ଏବଂ ତିକ୍ତ-ଭେଦରେ ଦୁଇ ପ୍ରକାର ।

ତରଣ, ବିଂ. (ତୃ = ପାର ହେବା-ଅନ) ପାର ହେବା; ଭେଳା; ସ୍ୱର୍ଗ । (ଦେଶଜ) ଶିତାଉ ପିଠା ସକାଶେ ଯେଉଁ ଅଟକାଳି କରା ଯାଇଥାଏ । ଯେପରି—ଶିତାଉ ତରଣ ।

ତରଣି, ବି. (ତୃ-ଅନି) ନୌକା, ଭେଳା; ସୂର୍ଯ୍ୟ; କିରଣ; ତାମ୍ର ।

ତରଣୀ, ବି. ସ୍ତ୍ରୀ. (ତୃ-ଅନ-ଈ) ନୌକା, ଭେଳା ।

ତରଣ୍ଡ, ବି. (ତୃ = ଜଳେ ଭାସିଯିବା-ଅଣ୍ଡ) ଭେଳା, ନୌକା ।

ତରତର, ବି.(ଦେଶଜ) ଚଞ୍ଚଳ । କ୍ରି.ବିଂ. ଶୀଘ୍ର ।

ତରତରିଆ, ତର୍ତରିଆ, ବିଂ. (ଦେଶଜ) ଚଞ୍ଚଳ ବା ଅଧୀର ।

ତରପ, ତରଫ, ବି. (ଯାବନିକ) ପକ୍ଷ; ଦିଗ । ଯଥା—
ଦେଖ ଅରଜୁନ କର୍ଣ୍ଣ ତରପୁଟି,
ଦେଖି ରହିଅଛୁ ଆଖିକି ତରାଟି । କୃ. ଖ କ. ପ.

ତରବଣା, ବିଂ. (ଦେଶଜ) ଯେ ସମୟ ଭୁଲି ନ ଯାଏ । ଯଥା—
ଯେତେବେଳେ ଯାହାକୁ କରିବ ସ୍ମରଣା,
ଆସିବ ମୋ ପାଖକୁ ନୋହି ତରବଣା । କୃ. ଖ. ବି. ପ.

ତରବର, ତରଭର, ତରବରିଆ, } ବିଂ. ( ଦେଶଜ ) ଚଞ୍ଚଳ ।

ତରବୁଜ, ତରଭୁଜ, ତରମୁଜ, ଖରବୁଜ, } ବି. (ତରମ୍ବୁଜ ଶବ୍ଦଜ) ଲତାଫଳବିଶେଷ ।

ତରଳ, ବିଂ. ( ତୃ = ଗମନ କରିବା-ଅଳ ) ଚଞ୍ଚଳ; ଦ୍ରବୀଭୂତ; ଦୀପ୍ତିଯୁକ୍ତ । ବି. ହାର; ହାରମଧ୍ୟସ୍ଥ ମଣି । (ତରଳୋ ହାରମଧଗଃ —ଅମର ।) (ବିଶେଷଣରେ ତରଳିତ ହୁଏ ।)

ତରଳାଇବା, କ୍ରି. (ତରଳ ଶବ୍ଦଜ) ତରଳ କରିବା ।

ତରଳିଆ, ବିଂ. (ତରଳ ଶବ୍ଦଜ) ତରଳ; ତରଳା ବା ତରଳାଦେଶନିବାସୀ ।

ତରବାର, ତରବାରି, ତରୁଆରି, } ବି. (ତର = ଗମନ-ବୃ-ନିଯୁକ୍ତ କରିବା-ଅ, ଇ) ଖଡ୍‌ଗ, ଖଣ୍ଡା । ଯଥା—
ତ୍ରୈଲୋକ୍ୟନାଥ ତରୁଆରି,
ଜାଗ୍ରତେ କରେ ଥାଅ ଧରି । ଦା. ର.

ତରସ, କ୍ରି. ବିଂ. (ତ୍ୱରା ଶବ୍ଦଜ) ଶୀଘ୍ର । (ତରସ୍ = ବଳ-ଅ, ଯହିଁରେ ବଳ ଅଛି) ମାଂସ । (ତରସଂ ମାଂସଂ ପଳଳଂ କ୍ରବ୍ୟମାମିଷଂ )

ତରସ୍ତ, ତରସ୍ଥ, ବିଂ. (ତ୍ରସ୍ତ ଶବ୍ଦଜ) ଭୀତ । ଯଥା—
ମାତା ଯେବେ ମରିବ ମୁଁ ଜୀଇଁବି କେସନେ,
ଏତେ ପାଞ୍ଚି ତରସ୍ଥ ହୁଅଇ ବାଳା ମନେ । ନୃ.ପୁ.ପ.ତ.

ତରସ୍ଥାନ, ବି. (ତର = ପାର, ଗମନ-ସ୍ଥାନ) ଉତ୍ତରଣ ସ୍ଥାନ, ଘାଟ ।

ତରଃ, ବ. (ତରସ୍-ତୃ=ଗମନ କରିବା-ଅସ୍) ବଳ; କ୍ଷୀର; ଭେଳା; ବେଗ; ରୋମ । ବେଗ, ଯଥା—ତରସ୍ୱାନ୍=ବେଗବାନ୍ ।

ତରସ୍ୱୀ, ବିଂ. (ତରସ୍=ବେଗ-ୱିନ୍) ବେଗବାନ୍; ବଳିଷ୍ଠ । ବି. ଗରୁଡ଼; ବାୟୁ ।

ତରା, ବି. (ତାରା ଶବ୍ଦଜ) ନକ୍ଷତ୍ର ।

ତରାଇ, ତରେଇ, ବି. (ଦେଶଜ) କେଉଟମାନଙ୍କର ସଂଜ୍ଞାବିଶେଷ; କାଉଡ଼ିଆ । ଯଥା—

ତରାଇ ହୁଇ ନାବ ଆଣ,
ଏ ଜଳୁ କର ପରିତ୍ରାଣ । ଦା. ର.

ତରାଜ, ତରାଜୁ, ବି. (ଯାବନିକ) ନିକିତି । ଯଥା—

ଭୁଲିଲୁ ତରାଜୁ ଦେନିଣ,
ବୁଝିଲୁ ସାନ ବଡ଼ପଣ । ଦା. ର.

ତରାଟ, ବି. (ତାରାବର୍ତ୍ତି ଶବ୍ଦଜ) ପୁଷ୍ପବିଶେଷ ।

ତରାଟ, } ବି. (ତାରାଟ ବା ତାରାବର୍ତ୍ତନ ଶବ୍ଦଜ)
ତରାଟି, } ଅପାଙ୍ଗ ।

ତରାଟିଚାହିଁବା, କ୍ରି. (ତାରାବର୍ତ୍ତନ ଶବ୍ଦଜ) କ୍ରୋଧରେ କଟାକ୍ଷରେ ଚାହିଁବା । ଯଥା—

ତରାଟି ଚାହିଁଲା ଭୀମ କୁରୁଆଡ ପ୍ରତି । ବେ. ସଂ.

ତରାଟିବା, କ୍ରି. (ତାରାଟ ଶବ୍ଦଜ) ନେତ୍ରାନ୍ତରେ ଚାହିଁ ସଙ୍କେତ କରିବା । ଯଥା—

ଶୁଣିଣ ତନୟ ତରାଟିଲେ ଯହୁଁ କୋପେ,
ନିଗର୍ତ୍ତିକୁ ଛାଡ଼ିଦିଅ ଯାଉ ଇନ୍ଦ୍ରପ୍ରସ୍ଥେ । ସା. ଖ. ବି.
(ତାରାବର୍ତ୍ତନ ଶବ୍ଦଜ) ଅପାଙ୍ଗ ନିକ୍ଷେପ କରିବା । ଯଥା—

ମୁଖରେ ସେ କଳା ପାଉଁସ ଦେଇ ମାଖି,
ଚାହିଁଲେ ରଙ୍ଗ କରି ତରାଟି ଦୁଇ ଆଖି । କୃ.ଖ.ବ.ଟ.

ତରାତାରିଣୀ, } ବି. ସ୍ତ୍ରୀ. ଗଞ୍ଜାମ ଅନ୍ତର୍ଗତ
ତରାତାରେଣୀ, } ପୁରୁଷୋତ୍ତମପୁରସ୍ଥ ପ୍ରସିଦ୍ଧ ଦେବୀ ।

ତରାସ, ତାସ, ବି. (ଦେଶଜ) ରାଜୋପକରଣ ଛତ୍ରବିଶେଷ । ଯଥା—

ରାଜ ହେବେ ଚନ୍ଦ୍ର ସୂର୍ଯ୍ୟ ତରାସେ ସୁନ୍ଦର । ର. ପ.

ତରାସିଆ, ବି. (ଦେଶଜ) ନାପିତ, ଭଣ୍ଡାରି; ଭଣ୍ଡାରିଙ୍କ ଦେବା ଉପାଧିବିଶେଷ ।

ତରାସିବା, କ୍ରି. (ଦେଶଜ) ଚୁଳୁରେ କାଟିବା । (ଚୁଳୁ ଶବ୍ଦ ଦେଖ) କ୍ଷୀତ କରାଇବା ।

ତରି, ତରୀ, ବି. ସ୍ତ୍ରୀ. (ତୃ=ପାର ହେବା ଇ-ଈ) ନୌକା, ଭେଳା, ବସ୍ତ୍ରାଦି ରଖିବା ନିମନ୍ତେ ପେଟିକ; ଲୁଗାର ଦଶି । ବିଂ. ପାରଗାମୀ ।

ତରିଆଣ, ବିଂ. (ଦେଶଜ) ତାରକ ବା ଯେ ତାରିଦିଏ । ଯଥା—

ହୀରା ନୀଳା ପଦକ ଦିଶଇ ତାରାଜ୍ୟୋତି,
ଭଗତଭାବକୁ କି ଏ ତରିଆଣ ମୂର୍ତ୍ତି । ମ. ସଂ.
ବି. ତରିବା ।

ତରିଜା, ବି. (ଦେଶଜ) ଅଧିକାର । ଯଥା—

କେଶବ ବୋଇଲେ ଆମ୍ଭେ ରାଜାର ଭଣଜ୍ଞା,
କରୁଅଛୁ ଆମ୍ଭ ଆଗେ ଏତେକ ତରିଜା । ର. କ.

କ୍ରୋଧ । ଯଥା—

ସେ ଦ୍ରବ୍ୟ ପାଇଲେ ମୁଁ ହୁଅନ୍ତି ସ୍ୱର୍ଗେ ରାଜା,
ତେଣୁକରି ବାସବଙ୍କୁ କରିଛୁ ତରିଜା ନୃ.ପୁ.ଦ୍ୱି.ତ.

ପ୍ରଭାବ ବା ମହିମା । ଯଥା—

ବୋଲନ୍ତି ଶକ୍ରବଂଶ ଶୁଣ ହେ ମହାରାଜା,
ସେ ଅସୁରଙ୍କର କସ ଶୁଣିବ ତରିଜା । ନୃ.ପୁ.ଦ୍ୱି.ତ.

ଅହଂଭାବ ବା ଦ୍ୱେଷ । ଯଥା—

କଶ୍ୟପ ଋଷିଙ୍କର ଯେ ଅଦିତି ଭାରଯା,
ଦିତି ଗର୍ଭ ହେଲା ଶୁଣି କଲା ସେ ତରିଜା । ନୃ.ପୁ.ପ୍ର.ତ.

ତେଜ । ଯଥା—

ପ୍ରଥମରେ ସ୍ୱର୍ଗେ ଯାଇ ଆମ୍ଭେ ହେବୁଁ ରାଜା,
ନବଦ୍ୱୀପେ ଲଗିବ ଯେ ଆମ୍ଭର ତରିଜା । ନୃ.ପୁ.ଦ୍ୱି.ତ.

ତରିତା, ବି. ସ୍ତ୍ରୀ. (ସଂସ୍କୃତ ଶବ୍ଦ) ତର୍ଜମୀ; ଗଞ୍ଜେଇ ବା ଗଞ୍ଜାଇ ।

ତରିବତ, ବି. (ଯାବନିକ) ଶିକ୍ଷା ।

ତରିବା, କ୍ରି. (ତୃ ଧାତୁଜ) ନଦ୍ୟାଦି ପାର ହେବା ।

ତରୁ, ବି. (ତୃ=ଉତ୍ପନ୍ନ ହେବା-ଉ) ବୃକ୍ଷ, ପାଦପ, ଗଛ ।

ତରୁଣ, ବିଂ. (ତୃ=ପାର ହେବା-ଉନ) ନୂତନ; ଯୁବା; ଅଳ୍ପ, ଅନଧିକ; ଅପରିପକ୍ୱ ।

ତରୁଣୀ, ବି. ସ୍ତ୍ରୀ. (ତରୁଣ-ଈ) ଯୁବତୀ; ଦନ୍ତୀ-ବୃକ୍ଷ, ଘୃତକୁମାରୀ ।

ତରୁମୃଗ, ବି. ( ତରୁ-ମୃଗ ) ଶାଖାମୃଗ, ବାନର ।

ତରୁରାଗ, ବି. ( ତରୁ-ରାଗ ) ନୂତନପଲ୍ଲବ, କିଶଳୟ ।

ତରୁରାଜ, ବି. ( ତରୁ-ରାଜା ) ତାଳଗଛ; ନଡ଼ିଆଗଛ ।

ତରୁରୁହ, ବି. (ତରୁ-ରୁହ) ବୃକ୍ଷଉପରେ ଜାତ ବୃକ୍ଷ ।

ତରେଇ, ବି. (ତୃ ଧାତୁଜ) ତରାଇ ଶବ୍ଦ ଦେଖ ।

ତର୍କ, ବି. ( ତର୍କ୍ = ବିତର୍କ କରିବା-ଅ ) ବାଦାନୁବାଦ; ବିଚାର; ନ୍ୟାୟଶାସ୍ତ୍ର ।

ତର୍କବିଦ୍ୟା, ବି. ( ତର୍କ-ବିଦ୍ୟା ) ତର୍କଶାସ୍ତ୍ର; ନ୍ୟାୟବିଦ୍ୟା ।

ତର୍ଜନ, ବି. ( ତର୍ଜ = ଭର୍ତ୍ସନା କରିବା-ଅନ ) ଭୟପ୍ରଦର୍ଶନ; ଭର୍ତ୍ସନା; କ୍ରୋଧ; ଦ୍ୱେଷ । ( ବିଶେଷଣରେ ତର୍ଜ୍ଜିତ ହୁଏ ।)

ତର୍ଜନୀ, ବି. (ତର୍ଜ-ଈ—ଏହି ଅଙ୍ଗୁଳିଦ୍ୱାରା ତର୍ଜନାଭିନୟ କରନ୍ତି ବୋଲି ଏହି ନାମ) ବୃଦ୍ଧଅଙ୍ଗୁଷ୍ଠିର ନିକଟସ୍ଥ ଅଙ୍ଗୁଳି, ବଶି-ଆଙ୍ଗୁଠି ।

ତର୍ଣ୍ଣ, ତର୍ଣ୍ଣକ, } ବି. (ତୃଣ୍-ଅ, ଅକ) ସଦ୍ୟୋଜାତ ଗୋବତ୍ସ; ସଦ୍ୟୋଜାତ ଶିଶୁ ।

ତର୍ପଣ, ବି. (ତୃପ୍=ପ୍ରୀତ କରିବା-ଅନ) ତୃପ୍ତି-ଜନକ, ପିତୃଲୋକର ପ୍ରୀତ୍ୟର୍ଥ ଜଳଦାନ; ଋକ୍ଷଣ; ତୃପ୍ତି । ବିଂ. ତୃପ୍ତିଜନକ । (ବିଶେଷଣରେ ତର୍ପିତ ପଦ ହୁଏ ।)

ତର୍ଷ, ତର୍ଷଣ, } ବି. (ତୃଷ୍-ଅ, ଅନ) ତୃଷ୍ଣା; ଇଚ୍ଛା । (ବିଶେଷଣରେ ତର୍ଷିତ ହୁଏ ।)

ତଳ, ବି. (ତଲ୍=ପ୍ରତିଷ୍ଠିତ, ଉନ୍ନତ ହେବା-ଅ) ଅଧୋଭାଗ; ପାତାଳ; ମଧ୍ୟଦେଶ; ଉପର-ଭାଗ; ମୂଳଭାଗ । ଯଥା—ତରୁତଳ । କାନନ; ଗର୍ତ୍ତ; ଚପେଟ; ତାଳବୃକ୍ଷ; ଖଡ଼୍ଗାଦିର ମୁଷ୍ଟି ।

ତଳଚକା, ବି. (ଦେଶଜ) ବୋଇତକଖାରୁ ।

ତଳତଲିଆ, ବି. (ଦେଶଜ) ପାତ୍ରରୁ ତରଳ-ପଦାର୍ଥ ନିଃଶେଷ ହୋଇଗଲେ ଯେଉଁ କଠିଣ ପଦାର୍ଥ ଅବଶିଷ୍ଟ ରହେ ।

ତଲପ, ବି. (ଦେଶଜ) ବହି । ଯଥା—

ଚିତ୍ରଗୁପତେ ଯେ ତାର ପାପ ଲେଖି ଆସି,
ତଲପ ଯେସନେ ତାର ପାଖେ ଛନ୍ତି ବସି । ନା.ରଂ.ଗୀ.

ତଳପେଟ, ତଲପେଟ, ବି. (ଦେଶଜ) ନାଭିର ତଳସ୍ଥାନ ।

ତଲବ, ବି. (ତଲ୍-ବା = ବଜାଇବା, ତାଡ଼ନ କରିବା-ଅ)ତଲବାଦ୍ୟବାଦନ । ବିଂ. ତଲ-ବାଦ୍ୟବାଦକ । (ଆରବୀ) ବେତନ ।

ତଲବ, ବି. (ଯାବନିକ) ଡାକରା । ଯଥା—

ଆଜ ଦରବାରେ ହେବଟି ତଲବ,
ତୁମ୍ଭେ ତହିଁ ଥିବା ନୁହେ ଅସମ୍ଭବ । ଦ. ବା.

ତଲବାନା, ବି. (ଯାବନିକ) ତଲବ କରିବା ବା ଅଦାଲତକୁ ଡ଼କାଇବା ନିମନ୍ତେ ଦାଖଲ ହେବା ଫିସ ।

ତଲବାର, ବି. (ଯାବନିକ) ଖଣ୍ଡା । ଯଥା—

କଙ୍କଭକ୍ଷ କ୍ଷୟଶୀଳ ତଲବାର । ମ. ଯା.

ତଳା, ବି. (ତଳ ଶବ୍ଦଜ) ନିମ୍ନସ୍ଥଳ; କଆର ।

ତଲା, ବି. ( ଦେଶଜ ) ଭଜା । ଯଥା—ବୁଟତଲା । ବିଂ. ଭର୍ଜିତ ।

ତଲାଉ, ବି. (ଯାବନିକ) ପୋଖରୀ ।

ତଳାତଳ, ବି. ( ତଳ-ତଳ, ଦ୍ୱିତ୍ୱ ) ସପ୍ତ-ପାତାଳରୁ ଗୋଟିଏ ।

ତଲ୍ଲିର, ବି. (ଦେଶଜ) ଗରିବଲୋକେ ଖରା ଓ ବର୍ଷା ନିବାରଣ ନିମିତ୍ତ ପତ୍ର ଓ ବାଉଁଶରେ ଯେଉଁ ଟୋପର କରିଥାନ୍ତି । ଯଥା—

ବଇଁଶି ଶିଙ୍ଗା ଦୁଇ ଅଣ୍ଟାରେ ଖୋଷିଲେ,
ପତର ତଲ୍ଲିରକ ମୁଣ୍ଡରେ ଲଦିଲେ । କୃ. ଖ୍ରୀ. ବି. ପ.

ନାବ ଇତ୍ୟାଦିକୁ ପବନ ବେଗରେ ଚଳା-ଇବା ନିମନ୍ତେ ନାବ ଉପରେ ଯେଉଁ ପବନରୋଧକ ଆବରଣ ଠିଆକରିବାରେ ବାନ୍ଧନ୍ତି ।

ତଲାସ, ତଲ୍ଲାସ, ତଲାସି, } ବି. (ଆରବୀ) ଅନୁସନ୍ଧାନ, ଅନ୍ୱେଷଣ ।

ତଲାସିବା, କ୍ରି. ଅନୁସନ୍ଧାନ କରିବା, ଖୋଜିବା ।

ତଲାସିଫିସ୍, ବି. ଅଦାଲତରୁ କାଗଜପତ୍ର ଖୋଜି ବାହାର କରିବା ନିମନ୍ତେ ଯେଉଁ କୋର୍ଟଫିସ୍ ଦିଆଯାଏ ।

ତଳି, ବି. (ଦେଶଜ) ଗଜାଗଛ । (ତଳ ଶବ୍ଦଜ) ତଳ । ଯଥା—

ଜଘନପୁଳିନୁଁ ବଳି, କୋକନଦ ପଦତଳି । ସୁ. ପ.

ନିମ୍ନସ୍ତର । ଯଥା—

କେହି ପାଇ ନାହିଁ ମନର ତଳି,
ଭକ୍ତ ହୃଦ୍ରେ ସର୍ବପ୍ରକାର ଅଳି । ଭ. ସା.

ତଳିପକାଇବା, କ୍ରି. (ଦେଶଜ) ମଞ୍ଜି ବୁଣିବା ।

ତଳିପା, ବି. (ତଳ-ପାଦ ଶବ୍ଦଜ) ପାଦ ତଳଭାଗ । ଯଥା—

ତା ତଳିପା ତଳେ ରାଧା ରହିଛନ୍ତି । ବି. ଚ. ମ

ତଳିପେଟ, ବି. (ଦେଶଜ) ପେଟର ଯେଉଁ ଭାଗ ନାଭିତଳେ ଥାଏ ।

ତଲ୍ପି, ବି. (ଯାବନିକ) ଗଣ୍ଠିରି ବା ବଡ଼ା ।

ତଳିମାଟି, ବି. (ତଳମୃତ୍ତିକା ଶବ୍ଦଜ) ଚୃଷମାଟିର ତଳ ମୃତ୍ତିକା ।

ତଲେଇ, ବି. (ତଲାର ଶବ୍ଦଜ) ଛପା; ନାବରେ ବନ୍ଧା ହେବା ତାଟି ଅର୍ଥାତ୍ ପାଲ ।

ତବତ, ବିଂ. (ତପ୍ତ ଶବ୍ଦଜ) ତତଲା ।

ତବତି, ବି. (ତପ୍ତି ଶବ୍ଦଜ) ଉଷ୍ଣତା ବା ତାତି । ଯଥା—

କେବଳ ଅନଳ ତବତି,
ପାଇ ମନରେ ହେବ ଶାନ୍ତ । ଦା. ର.

ତବଦ, ତବଧ, ତବଦା, ବିଂ. (ସ୍ତବ୍ଧ ଶବ୍ଦର ଅପଭ୍ରଂଶ) ସ୍ତବ୍ଧ । ଯଥା—

ଜନ୍ତୁମାନେ ଯେ ହୋଇଲେ ତବଦ,
ବିସ୍ମରିଲେ କି ହେଲା ଶବଦ । ଧ୍ରୁ. ପ.
ସେହି ଶବଦ ତବଧ ଧ୍ୟାନ ଛଳେ
ଯୋଗିବୃନ୍ଦରେ କି ଦେଲା । କୋ. ବ୍ର. ସ୍ତୁ.

ବି. ସ୍ତବ୍ଧତା ।

ତବଲ, ତବଲା, ବି. (ଯାବନିକ) ବାଦ୍ୟଯନ୍ତ୍ରବିଶେଷ ।

ତସର, ବି. (ତସର ଶବ୍ଦଜ) ଏକଜାତୀୟ ପୋକର ସୂତା; ସେଥିରେ ପ୍ରସ୍ତୁତ ହେବା ଲୁଗା ।

ତସଲା, ବି. (ଦେଶଜ) ଏକପ୍ରକାର ପିତଳପାତ୍ର ।

ତସା, ବି. (ଦେଶଜ) କୃଷକ ।

ତସାଇବା, କ୍ରି. (ଦେଶଜ) ଚୃଷ କରାଇବା ।

ତସିବା, କ୍ରି. (ଦେଶଜ) ଚୃଷ କରିବା ।

ତସିଲି, ବି. (ଦେଶଜ) ଢେଙ୍କି ପ୍ରଭୃତିର କୀଳା ।

ତସୁ, ବି. (ତୁଷ ଶବ୍ଦଜ) ଧାନର ଚୋପା ।

ତସ୍କର, ବି. (ତତ୍—ସେହି ନିନ୍ଦିତ କର୍ମ-କୃ-ଅ, ନିପାତନ) ଚୋର, ଅପହାରକ; କର୍ଣ୍ଣ । (ତସ୍କରଃ କର୍ଣ୍ଣ ଚୌରୟୋଃ ।)

ତସ୍କରୀ, ବି. ସ୍ତ୍ରୀ. (ତସ୍କର-ଈ) କୋପନା ସ୍ତ୍ରୀ ।

ତହଁର, ବି. (ଦେଶଜ) ଜୁଆଳି ମଝିରେ ମାରିଥିବା ଲୁହାକୀଳା ।

ତହ, ବି. (ଦେଶଜ) ଲୁଗାର ଭାଙ୍ଗ; ଧପା ବା ଭଣ୍ଡାଇବା ।

ତହମାରିବା, କ୍ରି. ବିଂ. (ଦେଶଜ) କଥୋପକଥନବେଳେ ଅନ୍ଦାଜ ଗୋଟିଏ କଥା କହି ସମ୍ପୂର୍ଣ୍ଣରୂପେ ଜାଣିଥିବାର ପରିଚୟ ଦେବା; ଧପା ମାରିବା ।

ତହବିଲ, ବି. (ଯାବନିକ) ପାଣ୍ଠି; ଗଚ୍ଛିତ ଥିବା ଧନ ।

ତହବିଲଦାର, ବି. (ଯାବନିକ) ଭଣ୍ଡାରଘରିଆ ଅର୍ଥାତ୍ ଯାହଠାରେ ଟଙ୍କା ରହେ; ଯାହାଠାରେ ତହବିଲ ରହେ ।

ତହସିଲ, କ୍ରି. (ଯାବନିକ) ରାଜସ୍ୱ ଆଦି ଅସୁଲ କରିବା । ବି. ରାଜସ୍ୱାଦି ଆଦାୟର ସୁବିଧା ନିମନ୍ତେ ନିରୂପିତ ସୀମା ।

ତହସିଲଦାର, ବି. (ଯାବନିକ) ଯେଉଁ କର୍ମଚାରୀ ରାଜସ୍ୱ ଆଦି ଅସୁଲ କରନ୍ତି ।

ତହସିଲଦାରି, ବି. (ଯାବନିକ) ତହସିଲଦାର କାର୍ଯ୍ୟ ।

ତହିଁ, ସର୍ବଂ. ( ତନ ଶବ୍ଦଜ ପ୍ରାକୃତ ) ସେହିଠାରେ ।

ତହିଁକି, ଅଂ. (ତଦ୍ ଶବ୍ଦଜ) ସେହିଠାକୁ ।

ତହିଁପରେ, ତାପରେ, ଅଂ. ତା ଉତ୍ତାରୁ; ତା ଉପରଭାଗରେ ।

ତହିଁପାଇଁ, ଅଂ. ତହିଁନିମିତ୍ତ; ସେଥିଯୋଗୁଁ ।

ତହିଁପାଁରେ, ଅଂ. (ଗଞ୍ଜାମୀ) ସେଥିଯୋଗୁଁ ।

ତହୁଁ, ସର୍ବଂ. ( ପ୍ରାକୃତ ତହିଁ ପଦ ଜାତ ) ତହିଁରୁ; ତାହା ଉତ୍ତାରୁ; ସେଠାରୁ; ସେ ହେତୁରୁ । ଯଥା—

ବାଲ୍ୟେ ଲଭିଥିଲେ ଶ୍ରମ ଶତଶୃଙ୍ଗ ଶାପ,
ତହୁଁ ଆଦ୍ୟ ଋଣେ ପାଉଛନ୍ତି ମନସ୍ତାପ । ବେ.ସଂ.

ପଞ୍ଚମୀବିଭକ୍ତି ପ୍ରତ୍ୟୟାର୍ଥ । ଯଥା—

ବୋଇଲେ ହେ ରାଜପୁତ୍ର ଆମ୍ଭ ତହୁଁ ଶୁଣ,
ଗୁରୁପଣେ ଆମ୍ଭେ ତୋତେ କରୁଛୁଁ କଲ୍ୟାଣ ।
ନୃ. ପୁ. ସ. ତ.

ତା, ସର୍ବଂ. ( ତଦ୍ ଶବ୍ଦଜ ପ୍ରାକୃତ ) ତାହା, ତାହାର । ( ତାପ ଶବ୍ଦଜ ) ଡିମ୍ବରୁ ଛୁଆ ବାହାରିବା ପର୍ଯ୍ୟନ୍ତ ପକ୍ଷିଗଣ ଯେଉଁ ଅଣ୍ଡା ଉଷୁମାଇଥାନ୍ତି । ବି. ତାଡ । (ଦେଶଜ) ଖଣ୍ଡେ କାଗଜ ।

ତାଇ, ବି. (ଦେଶଜ) ପିଠା ଭାଜିବା ଲୌହପାତ୍ର ବିଶେଷ; ପିଠାଙ୍କ ତାଳ; ମୋହର ଚିହ୍ନ । (ଗଡ଼ଜାତ ଶବ୍ଦଜ) ମହରଣ୍ଡା ।

ତାଇତ, ବି. (ଯାବନିକ) ବାଜୁବନ୍ଧ, ବାହୁର ଅଳଙ୍କାରବିଶେଷ ।

ତାଇବା, କ୍ରି. (ଦେଶଜ) ତପ୍ତ କରିବା । ଯଥା—

ଚନ୍ଦନଭାଏ ଦେଖି ଧାତା ରଙ୍ଗେ କ୍ରମେ କରି ଜନ୍ତା-
ସମୁଦ୍ରରେ ପାଣି ଦେଇ ଯେବେ ଆଣିବ । ର. ପ.

ନିଆଁ ଜଳାଇବାପାଇଁ ଜନ୍ତା ଚଳାଇବା । ଯଥା—

ବିରହ ଅନଳ ପ୍ରଜ୍ୱଳ ହେବାକୁ
ଯନ୍ତ୍ର ତାଇଦେଲି ପ୍ରକାର । ଲ. ବ.

ରଖାଇବା ।

ତାଉତ, ବି. (ଦେଶଜ) ଠିକଠିକଣା କରିବା ।

ତାଉଆ, ତାଓଆ, ବି. ( ତପ୍ତକ ଶବ୍ଦଜ ) ଲୌହପାତ୍ରବିଶେଷ ।

ତାକ, ବି. (ଦେଶଜ) କାନ୍ଥଖୋଳା; କାନ୍ଥକୁରା ।

ତାକଟତାକଟ, / ତାକଡ଼ତାକଡ଼, } ବି. (ଦେଶଜ) ବାଦ୍ୟଧ୍ୱନି ବିଶେଷ । ଯଥା—

ଡିମିଡିମି ବୋଲଣ କରନ୍ତି ନର୍ତ୍ତ୍ୟରଙ୍ଗ,
ତାକଟ ତାକଟ ଡାକୁଛନ୍ତି ସୋଢ଼ଲାଙ୍ଗ । ନୃ.ପୁ.ପ୍ର.ତ.

ତାକତରକ, ବି. (ଦେଶଜ) ସତର୍କତା; ଭଙ୍ଗୀ ।

ତାକତ, ବି. (ଯାବନିକ) ବଳ; ଅଧିକାର ।

ତାକିତ, ତାକିଦ, / ତାଗିତ, ତାଗିଦା, } ବି. (ଯାବନିକ) ଆଦେଶପତ୍ର । ଯଥା—

ଏମନ୍ତ ତାକିତ କରାଇ,
କହନ୍ତି ରଜା ଆଗେ ଯାଇ । ଦା. ର.

ସେ ବାରମ୍ବାର ତଲବ ତାଗିଦା କରୁଅଛନ୍ତି ।

ତାକୁଡ଼ି, ବି. (ତର୍କୁଟୀ ଶବ୍ଦଜ) ସୂତା କାଟିବା ଯନ୍ତ୍ରବିଶେଷ; ଯନ୍ତ୍ରରେ ଥରକରେ ପୂରିହୋଇ କଟା ହେବା ସୂତାକେରା । ଯଥା—

ବରଷକେ କାଟେ ଧନ ତାକୁଡ଼ି ଯେ
ଧନକେ କାଟଇ ଶିଏ । ହ୍ୱା. ତ.

ତାଖତ୍, ବି. (ଯାବନିକ) ବଳ ।

ତାଗ, ବି. (ଦେଶଜ) ସୂକ୍ଷ୍ମ ସୂତାଦଉଡ଼ି ।

ତାଗା, ବି. (ଦେଶଜ) ହସ୍ତବନ୍ଧନ ସୂତ୍ରବିଶେଷ; ସୂକ୍ଷ୍ମ ଯଷ୍ଟି ।

ତାଗି, ବି. (ଦେଶଜ) ବଢ଼େଇ ଓ ଚମକାରର ଲିହଣ ଅସ୍ତ୍ରବିଶେଷ । ଯଥା—

କୁନ୍ତ ତାଗି ବରଛା ଯେ ଛେଲ ଚମ କାଠ । ସା.ଭା.ଆ.

ତାଗିବା, କ୍ରି. ( ଦେଶଜ) ତାଗି ଦ୍ୱାରା ଦାଗ କରିବା ।

ତାଙ୍କ, ତାଙ୍କର, / ତାଙ୍କରି, } ସର୍ବଂ. ( ତଦ୍ ଶବ୍ଦଜ ) ତାହାଙ୍କର ।

ତାଙ୍କେ, ସର୍ବଂ. (ଗଞ୍ଜାମୀ) ସେ ।

ତାଙ୍କୁ, ସର୍ବଂ. (ତଦ୍ ଶବ୍ଦଜ) ତାହାଙ୍କୁ ।

ତାଚ୍ଛଲ୍ୟ, ବି. (ଦେଶଜ) ଅବହେଳା; ଅଶ୍ରଦ୍ଧା ।

ତାଚ୍ଛଏଁ, କ୍ରି. ବି. (ତତ୍-ଇଚ୍ଛା ଏଁ) ତାହାର ସ୍ୱଇଚ୍ଛାରେ ।

ତାଚ୍ଛୀଲ୍ୟ, ବି. ( ତତ୍-ଶୀଳ = ସ୍ୱଭାବ-ଯ ) ତଚ୍ଛୀଳତା, ତତ୍‌ସ୍ୱଭାବତା ।

ତାଜ, ବି. (ଦେଶଜ) ଶିରୋଭୂଷଣ, ମୁକୁଟ । ଯଥା—

ଚନ୍ଦ୍ରକାରୂପିଣୀ ସେ ଚନ୍ଦ୍ରବଦନୀ
ଚନ୍ଦ୍ରପୁରବାଶିର ତାଜ । ଯ. କେ.

ଧରଣୀନ୍ଦ୍ର ଜଗଦ୍ଦେବ, ଧାନେ ବଲ୍ଲଭୀ ବଲ୍ଲଭ
ଧରଧୂଳି କରେ ମସ୍ତକରେ ତାଜ । କ.ଚ.ଚ.

ତାଜମହଲ, ବି. ( ଯାବନିକ ) ଆଗ୍ରାଠାରେ ସାଜହାନ ଚକ୍ରବର୍ତ୍ତୀଙ୍କଦ୍ୱାରା ନିର୍ମିତ ମହଲ ବା ଗୋପୁରବିଶେଷ ।

ତାଜା, ବିଂ. (ପାରସ୍ୟ) ଟଟକା ଅର୍ଥାତ୍ ନୂଆ; ସଜ; ଖାଅନ୍ତା; ରସାଳ ।

ତାଜି, ତାଜୀ, ବି. (ଦେଶଜ) କ୍ଷୁଦ୍ର ଅଶ୍ୱ-ବିଶେଷ; ଜାତିବିଶେଷ ।

ତାଜିଆ, ବି. (ଯାବନିକ) ମହରମ ସମୟରେ ମୁସଲମାନମାନେ ଯେଉଁ ସଜ୍ଜା ସହ ନଗର ଭ୍ରମଣ କରନ୍ତି ।

ତାଜିବ୍, ବି. (ଯାବନିକ) ଆଶ୍ଚର୍ଯ୍ୟ ।

ତାଜୁବ୍, ତାଜୁବ୍, ବିଂ. ( ଯାବନିକ ) ଆଶ୍ଚର୍ଯ୍ୟାନ୍ୱିତ ।

ତାଟ, ବି. (ଦେଶଜ) ବାଉଁଶ ବା ତାଳପତ୍ର-ନିର୍ମିତ ବଡ଼ ଗୁଞ୍ଜୁଡ଼ି ।

ତାଟକା, ତାଟଙ୍କ, } ବି. (ଦେଶଜ) ଆଶ୍ଚର୍ଯ୍ୟ;
ତାଟଙ୍ଗା, ତାଟଙ୍କା, } ଭୟ ବା ବିସ୍ମୟ । ଯଥା—

ଦେଖି ଲଗିଲଣି ତାଟଙ୍ଗା ମୋତେ,
ଦେଶୀ ବଲ୍ଲଭର ପ୍ରଭେଦ ଏତେ । ଉ. ସା.

ବିଂ. ସ୍ତବ୍ଧ ବା ବିସ୍ମିତ । ଯଥା—

ସଜନୀମାନେ ଦେଖି ହେଲେ ତାଟକା । ବି. ଚ. ମ.

ତାଟଙ୍କ, ବି. ( ତଟ୍ = ଧାପ୍ରିପାଇବା-ଅଙ୍କ ) କର୍ଣ୍ଣଭୂଷଣ, କାପ ।

ତାଟକକା, } ବି. ସ୍ତ୍ରୀ. ସଂ. ତାଟକାନାମ୍ନୀ
ତାଟକା, } ଅସୁରୀ, ସୁକେତୁ ସୁତା ତାଡ଼କା । ଯଥା—

ତାଟକକାକୁ ସୁବାହୁ କରାଳକୁ ସୈନ୍ୟ ତୁଲେ,
ରାମ ବନ ଶି ପଠାଇଅଛନ୍ତି ମହୀସ୍ଥ ପୁରେ । ଜା.ପ.ନା.

ତାଟି, ବି. (ଦେଶଜ) ବାଉଁଶ ବା ତାଳପତ୍ର-ନିର୍ମିତ ବାଡ଼ । ଯଥା—

ବ୍ୟାଧେ ବନ୍ଧଣ ନଳ ତାଳତାଟିକ ଯେ । ଲ୍ଲ. ବ.

ବାଉଁଶ ଓ ତାଳପତ୍ରନିର୍ମିତ ଶଗଡ଼ର ଆବରଣ ।

ତାଟିଆ, ବି. (ଦେଶଜ) ଗିନା ।

ତାଟିକିଲବା, କ୍ରି. (ଦେଶଜ) ତାଟିଦ୍ୱାରା ଗୃହ ରୁଦ୍ଧ କରିବା ।

ତାଡ଼, ବି. ( ତାଟଙ୍କ ଶବ୍ଦଜ ) ବାହୁର ଆଭରଣବିଶେଷ । (ଦେଶଜ) ନଡ଼ିଆ ପ୍ରଭୃତିର ବୀଜାରୋପଣ ।

ତାଡ଼ଣ, ବି. (ତାଡ଼ନ ଶବ୍ଦଜ) ତାଡ଼ନ; ଶସ୍ତ୍ର-ବିଶେଷ । (ମାଡ଼ଣ ଶବ୍ଦ ଦେଖ ।)

ତାଡ଼ନ, ବି. (ତାଡ଼୍ = ଆଘାତ କରିବା-ଅନ) ତର୍ଜନ; ଭର୍ତ୍ସନା; ଦଣ୍ଡ । (ବିଶେଷଣରେ ତାଡ଼କ ତାଡ଼ିତ ତାଡ଼୍ୟମାନ ପଦ ସିଦ୍ଧ ହୁଏ ।)

ତାଡ଼ନା, ବି. (ତାଡ଼୍-ଅନ-ଆ) ଉତ୍ପୀଡ଼ନ ।

ତାଡ଼ନୀ, ବି. (ତାଡ଼ନ-ଈ) କଶା; ତାଡ଼ନଦଣ୍ଡ ।

ତାଡ଼ପକାଇବା, କ୍ରି. ( ଦେଶଜ ) ନଡ଼ିଆ ପ୍ରଭୃତିର ବୀଜାରୋପଣ କରିବା ।

ତାଡ଼ପା, ତାଡ଼ପି, ବି. (ଦେଶଜ) ଉଚ୍ଚଶବ୍ଦାଦି ଶୁଣି କର୍ଣ୍ଣକୁ ନ ଶୁଭିବା ପରି ସ୍ତବ୍ଧ ହେବା ।

ତାଡ଼ା, ବି. (ଦେଶଜ) କାଗଜର ଗୋଛା ।

ତାଡ଼ି, ବି. ( ତାଳୀ ଶବ୍ଦଜ ) ମଦ୍ୟଭେଦ ଅର୍ଥାତ୍ ତାଳ ବା ଖଜୁରିଗଛର ରସ ।

ତାଡ଼ିଖଟି, ବି. ଯେଉଁଠାରେ ଲୋକେ ତାଡ଼ି ପିଅନ୍ତି ।

ତାଡ଼ିଆ, ବି. (ଦେଶଜ) ମାଟିହାଣ୍ଡିବିଶେଷ; ଶ୍ରୀ ଜଗନ୍ନାଥ ଦେଉଳରେ ପ୍ରସ୍ତୁତ ପିଷ୍ଟକ-ବିଶେଷ; ଛେନାଦିଆ ଅମାଲୁ ।

ତାଡ଼ିବା, କ୍ରି. (ଦେଶଜ) ମୂଳୋତ୍ପାଟନ କରିବା । ଯଥା—

କୋଳ ପ୍ରାପ୍ତେ ପ୍ରେମଲତା ତାଡ଼ିଲ । ର. କ.

(ତାଡ଼୍ ଧାତୁଜ) ଆଘାତ କରିବା । ଯଥା—

କାମ ମୋ ହୃଦସ୍ଥ ତାଡ଼ୁଛି । ର. କ.

ତାଡ଼ୁଆ, ବି. (ଦେଶଜ) ସେନା ବ୍ୟୂହବିଶେଷ । ଯଥା—

ସେ ସୈନ୍ୟରେ ଥିଲେ ଯେତେକ ଗଡ଼୍ୟା,
ଶତ୍ରୁକରେ ଗୋଟିଏ କଲେ ସେ ତାଡ଼ୁଆ । କୃ.ଷ୍ଟ.ଉ.ପ.

ତାଡ଼େଣି, ତାଟେଣି, ବି. (ଦେଶଜ) ଅସ୍ତ୍ରବିଶେଷ । ଯଥା—

ପଡ଼ି ଚୂର ହୁଅନ୍ତି ତାଡ଼େଣି ବଜ୍ରସେଲ୍ଲା । ସା. ଭ୍. ସ.
ସେନା ପଟ୍ଟିଆର ଆଉ ଅଭେଦ ତାଟେଣି,
ଝଟକନ୍ତି ଲଙ୍କିଆ ବଳୁଲ ତେଜ ଜାଣି । ସା. ଭ୍. ସ.

ତାଣ୍ଡବ, ବି. (ତଣ୍ଡୁ=ମୁନିବିଶେଷ-ଅ-ପ୍ରଣୟନାର୍ଥେ) ଦେବତାମାନଙ୍କର ନୃତ୍ୟ, ଶିବଙ୍କର ନୃତ୍ୟ, ତଣ୍ଡୁ ମୁନିଙ୍କ ପ୍ରଣୀତ ନାଟ୍ୟଶାସ୍ତ୍ର । (ଲୌକିକ ବ୍ୟବହାରରେ) କଳହ ।

ତାଣ୍ଡବିବା, କ୍ରି. ନର୍ତ୍ତନ କରିବା । ଯଥା—

ଗୁର୍ବୀ ମୌର୍ବୀ ନିନାଦ ଶ୍ରବଣ କରି
ମୁଦେ ବର୍ହିଏ ତାଣ୍ଡବନ୍ତି । ନା.ପ.ନା.

ତାଣ୍ଡିଆ, ବି. (ଦେଶଜ) ଶଗଡ଼ର ଉଧିସହ ଯେଉଁ ବାଉଁଶଦଣ୍ଡା ବନ୍ଧା ହୋଇଥାଏ ସେଥିର ଶେଷଭାଗ ।

ତାତ, ବି. (ତାୟ୍=ପାଳନ କରିବା-ତ) ପିତା, ପବିତ୍ରବ୍ୟକ୍ତି; ସ୍ନେହପାତ୍ର; ସ୍ନେହସୂଚକ ବାକ୍ୟ । ବିଂ. ମାନ୍ୟ, ପୂଜ୍ୟ ।

ତାତି, ବି. (ତନ୍=ବିସ୍ତାର କରିବା-ତି, ଅଥବା ତାତ-ଇ-ଅପତ୍ୟାର୍ଥେ) ପୁତ୍ର, ସୁତ, ଆତ୍ମଜ; ବୃଦ୍ଧି । (ତପ୍ତି ଶବ୍ଦଜ) ଉତ୍ତାପ । ଯଥା—

ସ୍ୱେଦ ଅଙ୍ଗ ତାତି ପାଇ,
ସେହି ଗଲା ଅନ୍ୟ ହୋଇ । ର. ପ.

ତାତିଲା, ତତଲା, ବି. (ତପ୍ତି ଶବ୍ଦଜ) ଉତ୍ତପ୍ତ ।

ତାତିବା, କ୍ରି. (ତପ୍ତି ଶବ୍ଦଜ) ପୋଡ଼ିଯିବା । ତପ୍ତହେବା । ଯଥା—

ମହୀରେ ସୁତପତରେ ତାତୁଅଛି ପାଦ । ବି. ଗ୍ର.

ତାତ୍ପର୍ଯ୍ୟ, ବି. (ତତ୍ପର=ଆସକ୍ତ-ଯ) ଅଭିପ୍ରାୟ, ମର୍ମ; ଅର୍ଥ; ଉଦ୍ଦେଶ୍ୟ ।

ତାଦୃକ୍, ତାଦୃଶ, ତାଦୃକ୍ଷ, } ବିଂ. (ତଦ୍-ଦୃଶ୍-କ୍ୱିପ୍, ଅ, ସ) ସେହିପ୍ରକାର; ତଦ୍ରୂପ; ସେହିପରି; ତାପରି ।

ତାନ, ବି. (ତନ୍ ଧାତୁଜ) ତନ୍ତୁମାନେ ଲୁଗା ବୁଣିବା ସକାଶେ ଯେଉଁ ସୂତା କାଢ଼ିଥାନ୍ତି । ଯଥା—

ବୁଣିବାପାଇଁ କି ତାନ କାଢ଼ିଅଛୁ
ତନ୍ତୁବାୟୁ ମାଳପାଟ । ଚନ୍ଦ୍ରୋପମା ।

ପ୍ରସାରିତ କରି ରଖିବା ସକାଶେ ଲୁହାତାର ବା ଦଉଡ଼ି; ଯଥା—ପାଲ୍ କର ତାନ । ଗାନାଙ୍ଗବିଶେଷ ।

ତାନପୁରା, ବି. (ତାନ-ପୁରା) ବୀଣାକାର ବାଦ୍ୟଯନ୍ତ୍ରବିଶେଷ ।

ତାନମାନ, ବି. (ଦେଶଜ) କ୍ରୋଧ । ବିଂ. କ୍ରୁଦ୍ଧ । ଯଥା—ସେ ଏହା ଶୁଣିଲାକ୍ଷଣି ତାନମାନ ହୋଇଗଲା ।

ତାପ, ବି. (ତପ୍-ଅ) ଉଷ୍ଣତା; ଜ୍ୱର; କ୍ଲେଶ, ମନଃପୀଡ଼ା, ଯାତନା । (ବିଶେଷଣରେ ତାପିତ ହୁଏ ।)

ତାପକ, ବିଂ. (ତପ୍-ଅକ) ତାପଜନକ । ବି. ଜ୍ୱର ।

ତାପତ୍ୟ, ବି. (ତପତୀ-ଯ) ଅର୍ଜୁନ; ପାଣ୍ଡବାଦି; ତପତୀସନ୍ତାନ ।

ତାପତ୍ରୟ, ବି. ( ତାପ-ତ୍ରୟ ) ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଏହି ତ୍ରିବିଧ ସନ୍ତାପ ।

ତାପନ, ବି. (ତପ୍-ଣିଚ୍-ଅନ) ସୂର୍ଯ୍ୟ; ମଦନର ପଞ୍ଚଶରାନ୍ତର୍ଗତ ଶରବିଶେଷ; ସୂର୍ଯ୍ୟକାନ୍ତମଣି; ସୂର୍ଯ୍ୟକିରଣ । ବିଂ. ତାପଜନକ ।

ତାପରା, ଟାପରା, ବି. (ଦେଶଜ) ଅଣ୍ଟା ।

ତାପରି, ବିଂ. (ତତ୍ପ୍ରାୟ ଶବ୍ଦଜ) ତତ୍ସଦୃଶ ।

ତାପସ, ବିଂ. ( ତପସ୍-ଅ-ପ୍ରୟୋଜନାର୍ଥେ ) ତପସ୍ୱୀ, ମୁନି । ବି. ତେଜପତ୍ର ।

ତାପସତରୁ, ତାପସଦ୍ରୁମ, ବି. (ତାପସ-ତରୁ, ଦ୍ରୁମ) ଇଙ୍ଗୁଦୀବୃକ୍ଷ ।

ତାପି, ବି. (ଦେଶଜ, ତେଲୁଗୁମାନେ ମଧ୍ୟ ଏହି ଶବ୍ଦ କହନ୍ତି, ମାତ୍ର ଓଡ଼ିଆମାନେ ଓଡ଼ିଆ ଶବ୍ଦ ପରି ବ୍ୟବହାର କରନ୍ତି) ଇଟାପଥର ପ୍ରଭୃତି ବାନ୍ଧିବା ଅସ୍ତ୍ରବିଶେଷ ।

ତାପିଚ୍ଛ, } ବି. (ତାପିନ = ସନ୍ତପ୍ତ-ଛଦ୍ =
ତାପିଞ୍ଛ, } ଆଚ୍ଛାଦନ କରିବା-ଅ) ତମାଳ-ବୃକ୍ଷ ।

ତାପିବା, କ୍ରି. ( ତପ୍ ଧାତୁଜ ) ଅଗ୍ନିସେବା; ଧୂନି ପ୍ରଭୃତି ଲଗାଇବା । ଯଥା-- ଧୂନି ତାପି ବସିଅଛନ୍ତି ।

ତାବଡ଼, ବି (ଦେଶଜ) ଶାସନ କରିବା କିମ୍ବା ଧମାଇ ଦେବା ।

ତାବଡ଼ିବା, ତାବୁଡ଼ିବା, କ୍ରି. (ଦେଶଜ) ଧମାଇ ଦେବା ।

ତାବଲ, ତବଲ, ବି. (ଦେଶଜ) ପିତଳପାତ୍ର-ବିଶେଷ ଅର୍ଥାତ୍ ନକି ।

ତାବଦା, ବିଂ. ( ସ୍ତବ୍ଧ ଶବ୍ଦଜ ) ସ୍ତବ୍ଧ ହୋଇ ଯାଇଥିବା ।

ତାମରସ, ବି. (ତାମର = ଜଳ-ସସ୍ = ବାସ କରିବା-ଅ) ପଦ୍ମ, ତମ୍ବା; ସ୍ୱର୍ଣ୍ଣ; ସାରସ ପକ୍ଷୀ ।

ତାମସ,ବି. (ତମସ୍-ଅ—କିବାସାର୍ଥେ) ପେଚକ; ଖଳ; ସର୍ପ; ଖଳ ବ୍ୟକ୍ତି । ବିଂ. ତମୋଗୁଣ-ଯୁକ୍ତ, ଗାଢ଼ଅନ୍ଧକାରରେ ଆଚ୍ଛନ୍ନ ।

ତାମସା, ବି. (ଯାବନିକ) କୌତୁକ, ରହସ୍ୟ ।

ତାମସୀ, ବି. ସ୍ତ୍ରୀ. (ତାମସ-ଈ) ଅନ୍ଧକାର ରାତ୍ରି; ଦୁର୍ଗା । ବିଂ. ତାମସିକ; ତମୋଗୁଣଯୁକ୍ତ; ଗାଢ଼ଅନ୍ଧକାରାଚ୍ଛନ୍ନ ।

ତାମିଲ୍, ବି. (ଯାବନିକ) ପାଳନ । ଯଥା--- ହୁକୁମ୍ ତାମିଲ୍ କରିବାକୁ ହେବ ।

ତାମିଲି, ବି. ( ତାମ୍ବୂଳୀ ଶବ୍ଦଜ ) ଯେ ପାନ ବିକେ ।

ତାମ୍ପଡ଼ା, ବି. (ଦେଶଜ) ବଡ଼ ଚିଙ୍ଗୁଡ଼ିଶୁଖୁଆ । ବିଂ. ଯାହାର ଶରୀର କୃଶ ଓ ଲମ୍ବ ।

ତାମ୍ବରା, ବି. ( ଦେଶଜ ) ତମ୍ବା କାମ କରିବା ଲୋକ । ଯଥା—

ଏମନ୍ତ କହି ତାମ୍ବରାକୁ,
ହକାରି ଭୁରତେ ପାଶକୁ । ଦା. ର.

ତାମ୍ବି, ବି. (ଦେଶଜ—ଗଞ୍ଜାମୀ) ଟିନ ।

ତାମ୍ବୁ, ତମ୍ବୁ, ବି. ( ଦେଶଜ ) ଶିବିର । ଯଥା—

ଶୁଭ୍ର ତାମ୍ବୁ ଶୋହେ ଖଣ୍ଡଶୈଳ ପ୍ରାୟେ । ନ.କେ.

ତାମ୍ବୁରା, ବି. (ତୁମ୍ବୁରୁ ଗନ୍ଧର୍ବ କର୍ତ୍ତୃକ ସୃଷ୍ଟ ବୋଲି ଏହାର ନାମ ତାମ୍ବୁରା) ବାଦ୍ୟଯନ୍ତ୍ର-ବିଶେଷ ।

ତାମ୍ବୂଳ, ବି. ( ତମ୍ = ମ୍ଳାନ ହେବା-ବୂଳ ) ପାନ ।

ତାମ୍ବୂଳୀ, ତାମ୍ବୂଳିକ, ବି. ( ତାମ୍ବୂଳ-ଇନ୍, ଇକ) ତାମ୍ଲିଜାତି, ତାମ୍ବୂଳ ବିକ୍ରୟୀ ।

ତାମ୍ର, ବି. (ତମ୍-ଇଚ୍ଛା କରିବା-ର) ତମ୍ବା, ଧାତୁବିଶେଷ; କୁଷ୍ଠରୋଗବିଶେଷ । ବିଂ. ଅରୁଣବର୍ଣ୍ଣ । ଯଥା—ତାମ୍ରକେଶ ।

ତାମ୍ରକର୍ଣ୍ଣୀ, ବି. ସ୍ତ୍ରୀ. (ତାମ୍ର = ରକ୍ତବର୍ଣ୍ଣ-କର୍ଣ୍ଣ) ପଶ୍ଚିମଦିକ୍‌ହସ୍ତିନୀ ।

ତାମ୍ରଚୂଡ଼,ବି. (ତାମ୍ର-ଚୂଡ଼ା)କୁକ୍‌କୁଟ,କୁକୁଡ଼ା ।

ତାମ୍ରବଲ୍ଲୀ, ବି. ସ୍ତ୍ରୀ. ( ତାମ୍ର-ବଲ୍ଲୀ ) ମଞ୍ଜିଷ୍ଠା ଲତା ।

ତାମ୍ରବୃକ୍ଷ, ବି. (ତାମ୍ର=ରକ୍ତବର୍ଣ୍ଣ-ବୃକ୍ଷ) ରକ୍ତ-ଚନ୍ଦନବୃକ୍ଷ ।

ତାମ୍ରଶିଖୀ, ବି. ( ତାମ୍ର-ଶିଖା-ଯାହାର ) କୁକ୍‌କୁଟ, କୁକୁଡ଼ା ।

ତାମ୍ରସାର, ବି. (ତାମ୍ର-ସାର=ସାରାଂଶ) ରକ୍ତ-ଚନ୍ଦନବୃକ୍ଷ; ରକ୍ତଚନ୍ଦନ ।

ତାର, ବି. (ତୃ = ପାର ହେବା-ଅ) ଉଚ୍ଚୈସ୍ୱର; ପରିଷ୍କାର; ମୁକ୍ତାହାରମଧ୍ୟମଣି; ରଜ୍ଜୁ; ଓଁକାର; ପ୍ରଣବ: ବାନରବିଶେଷ; ରୌପ୍ୟ; ମୁକ୍ତା; ଚକ୍ଷୁର ତାରା; ନକ୍ଷତ୍ର; ଗ୍ରହ । ବିଂ. ଅତି ଉଚ୍ଚ; ସ୍ଥୂଳ; ଦୀପ୍ତିଯୁକ୍ତ; ଉତ୍କୃଷ୍ଟ; ଉତ୍ତମ ପରିଷ୍କୃତ; ବିସ୍ତୃତ । ସର୍ବଂ. (ତଦ୍ ଶବ୍ଦଜ) ତାହାର । ବି. (ତନ୍ତ୍ର ଶବ୍ଦଜ) ଧାତୁସୂତ୍ର; ଟେଲିଗ୍ରାମ; ବୀଣାଦିରେ ଲଗାଇବା ସୂତ୍ର । ଯଥା—

ଟଙ୍କାର ଚଢ଼ାଇଅଛୁ କି ସେ ନିଜ
କଣ୍ଠଯନ୍ତ୍ରେ ନୂଆ ତାର । ଉର୍ବଶୀ

ତାରକ, ବି. (ତାର-କ-ସ୍ୱାର୍ଥେ ଏବଂ ତୃ-ଅକ) ଚକ୍ଷୁର ଡ଼ୋଳା; ତାରକା, କର୍ଣ୍ଣଧାର; ତାରକାସୁର; ଭେଳା; ନକ୍ଷତ୍ର । ବିଂ. ରକ୍ଷକ, ରକ୍ଷାକର୍ତ୍ତା ।

ତାରକସିକାମ, ବି. (ଦେଶଜ) ସ୍ୱର୍ଣ୍ଣରୌପ୍ୟାଦି ତାରଦ୍ୱାରା ନିର୍ମିତ ସୂକ୍ଷ୍ମ କାରୁକାର୍ଯ୍ୟ ।

ତାରକିତ, ବିଂ. (ତାରକା-ଇତ-ଯୁକ୍ତାର୍ଥେ) ଉଜ୍ଜ୍ୱଳ; ନକ୍ଷତ୍ରିତ, ତାରକାଯୁକ୍ତ । ଯଥା—
ଶୁକ୍ଳ ତାରକିତ ସୈକତେ ଫେନଚୂଡ଼ ଲହରୀ । ଚ.ଭା.

ତାରଣ, ବିଂ. (ତୃ = ପାର ହେବା-ଣିଚ୍-ଅନ) ଯେଉଁ ବ୍ୟକ୍ତି ପାର କରେ, ତ୍ରାଣକର୍ତ୍ତା । ବି. ଭେଳା; ପାର କରିବା, ବିପଦରୁ ଉଦ୍ଧାର କରିବା ।

ତାରତର, ବି. (ଦେଶଜ) ଶୋଭା । ଯଥା—
କେତେ ତାରତର ଦିଶୁଛନ୍ତି ସେ । ର. କ.

ତାରତମ, ବି. (ଦେଶଜ) ଭେଦ । ଯଥା—
ଏ ବର୍ଣ୍ଣ ସୁବର୍ଣ୍ଣ କମ ହୁଅନ୍ତା କି ତାରତମ,
ଭିନ୍ନ ଭିନ୍ନ ଜାଣି ହେଲା ରତନଯୋଗେ । ଲ. ବ.

ତାରତମ୍ୟ, ବି. (ତାରତମ-ଯ) ନ୍ୟୂନାଧିକ, ଇତରବିଶେଷ ।

ତାରନ୍ତା, ବିଂ. (ଦେଶଜ) ତାରିବା ଲୋକ । ଯଥା—
ବାର ବାରିକମୁହିଁକି କହେ କେ ସମ୍ଭାଳ
କେ ହୋଇବ ଏହାର ତାରନ୍ତା । ବି. ଚ. ମ.

ତାରପିନତେଲ, ବି. (ଟର୍ପେନ୍ ଇଂରାଜୀ ଶବ୍ଦଜ) ସର୍ଜରସ ।

ତାରା, ବି. ସ୍ତ୍ରୀ. (ତୃ-ଣିଚ୍ = ପାର କରିବା-ଅ-ଆ) ନକ୍ଷତ୍ର; ଦୁର୍ଗା; ବୌଦ୍ଧଦେବୀ; ଚକ୍ଷୁର ଡ଼ୋଳା; ବୃହସ୍ପତିଙ୍କଭାର୍ଯ୍ୟା; ବାଳିର ଭାର୍ଯ୍ୟା ।

ତାରାପତି, ବି. (ତାରା-ପତି) ଚନ୍ଦ୍ର; ଶିବ; ବାଳି; ସୁଗ୍ରୀବ; ବୃହସ୍ପତି ।

ତାରାପଥ, ବି. (ତାରା-ପଥିନ୍) ଆକାଶ, ନଭୋମଣ୍ଡଳ ।

ତାରିକ, ତାରିଖ, ବି. (ଆରବୀ) ଦିବସ ଗଣନ ।

ତାରିଣୀ, ବି. ସ୍ତ୍ରୀ. (ତୃ-ଣିଚ୍-ଇନ୍-ଈ) ଦୁର୍ଗା; ଗଞ୍ଜାମ ପୁରୁଷୋତ୍ତମପୁରସ୍ଥ ପର୍ବତୋପରିସ୍ଥିତ ଆଦିଶକ୍ତି ଦେବତା । ବିଂ. ତ୍ରାଣକର୍ତ୍ତ୍ରୀ । ବି. ତରିତାରିଣୀ ବ୍ରତରେ ଗଳାରେ ପିନ୍ଧିବା ସକାଶେ ଦଶ ଛିଅ ସୂତାରେ ପ୍ରସ୍ତୁତ ବ୍ରତବିଶେଷ ।

ତାରିଫ, ବି. (ହିନ୍ଦୀ) ପ୍ରଶଂସା ବା ସ୍ତୁତି; ଉତ୍କୃଷ୍ଟତା, ପ୍ରୀତି । ଯଥା—
ଦୈତ୍ୟଙ୍କ ତାରିଫ ଦେବ କହିଲେ ନ ସରେ,
ପୃଥ୍ୱୀ ଖୋଳି ନେଲାପ୍ରାୟେ ଉଗ୍ରନ୍ତ ଅସୁରେ ।
ନୃ. ପୁ. ଚ. ତ.

ତାରିବା, କ୍ରି. (ତୃ ଧାତୁଜ) ପରିତ୍ରାଣ କରିବା ।

ତାରେ, ସଂ. (ଦେଶଜ) ତାହାକୁ । ଯଥା—
ସାଧୁଙ୍କୁ ଯେ ଦିଏ କଷଣ,
ତାରେ ସଂହାରେ ନାରାୟଣ । ଭା. ଦ. ସ୍କ.

ତାରେକ, ବି. (ତାରକ ଶବ୍ଦଜ) ଯେ ତାରଣ କରେ ।

ତାରେଣୀ, ବି. ସ୍ତ୍ରୀ. (ତାରିଣୀ ଶବ୍ଦଜ) ଦେବୀବିଶେଷ; ବ୍ରତବିଶେଷରେ ଗଳାରେ ପିନ୍ଧିବା ସୂତ୍ରବିଶେଷ । ବିଂ. ଯେ ତାରଣ କରେ । ଯଥା—
ଆବର ଥିଲେକ ଯେତେ ଦୁର୍ଗତିତାରେଣୀ ।
ନୃ. ପୁ. ଚ. ତ.

ତାର୍କ୍ଷ୍ୟ, ବି. (ତୃକ୍ଷ୍ = ଗମନ କରିବା-ଯ-ପଠ୍ଟୁ-ଛାର୍ଥେ) ଅଶ୍ୱ; ସର୍ପ; ଗରୁଡ଼; ଅର୍ଜୁନ; ଶାଳବୃକ୍ଷ; ଅରୁଣ; ରଥ; ରସାଞ୍ଜନ; ବୃକ୍ଷବିଶେଷ ।

ତାଳ, ବି. (ତଳ୍ = ପ୍ରତିଷ୍ଠିତ ଓ ଉନ୍ନତ ହେବା-ଅ) ଗାନ ବାଦ୍ୟ ବିଷୟରେ କାଳ ଓ କ୍ରିୟାର ପରିମାଣ, କାଳପରିମାଣବିଶେଷ; ବିସ୍ତୃତ ଅଙ୍ଗୁଷ୍ଠ ଓ ମଧ୍ୟମାଙ୍ଗୁଳି ପରିମାଣ; ତୃଣରାଜ; ହରିତାଳ; ତାଳଫଳ; ମନୁଷ୍ୟର ମଥାପର୍ଯ୍ୟନ୍ତ ଗଭୀରପ୍ରମାଣ; ଖଡ଼୍ଗମୁଷ୍ଟି ।

ତାଳକୀ, ବି. ସ୍ତ୍ରୀ. (ତାଳ-କ-ଈ) ତାଳରସ, ତାଡ଼ି ।

ତାଳପତ୍ର, ବି. (ତାଳ-ପତ୍ର) ତାଳଗଛର ପତ୍ର; କର୍ଣ୍ଣଭୂଷଣବିଶେଷ ।

ତାଳପିଠା, ବି. (ଦେଶଜ) ପକ୍ୱତାଳ ରସଦ୍ୱାରା ପ୍ରସ୍ତୁତ ଗୁରୁପାକ ପିଷ୍ଟକବିଶେଷ ।

ତାଳବରଡ଼ା, ବି. (ଦେଶଜ) ତାଳବାହୁଙ୍ଗାରେ ଲାଗିଥିବା ତାଳପତ୍ର ।

ତାଳବାହୁଙ୍ଗା, ବି. ( ଦେଶଜ ) ତାଳଗଛର ଶାଖା ।

ତାଳବୃନ୍ତ, ତାଳବୃନ୍ତକ, ବି. (ତାଳ-ବୃନ୍ତ-କ) ବ୍ୟଜନ, ପଖା, ତାଳବିଞ୍ଚଣା । (ବ୍ୟଜନଂ ତାଳବୃନ୍ତକଂ—ଅମର ।)

ତାଲବ୍ୟ, ବିଂ. (ତାଲୁ-ଯ) ତାଲୁସମ୍ବନ୍ଧୀୟ । ବି. ତାଲୁରୁ ଉଚ୍ଚାରିତ ବର୍ଣ୍ଣ ।

ତାଳମୂଳ, ବି. ଔଷଧି ଗୁଳ୍ମବିଶେଷ ।

ତାଲବର, ତାଲେବର, } ବିଂ. (ଯାବନିକ) ଧନାଢ୍ୟ ।

ତାଳସଜ, ବି. (ଦେଶଜ) ତାଳଗଛର କୋମଳ ଫଳ, କୋମଳ ତାଳଫଳର ରସ । ଯଥା—

ଦଧି ଦୁଗ୍ଧ ଘୃତ ଛେନା ପେଡ଼ା ତାଳସଜ,
ଆମ୍ବ କଦଳୀ ଯେ ଲେମ୍ବୁ ଅନାର ପନସ । ନୃ.ସୂ.ପ୍ର.ଛ.

ତାଲା, ବି. (ତାଳକ ଶବ୍ଦଜ) କୋଲପ ।

ତାଲାଙ୍କ, ବି. (ତାଳ-ଅଙ୍କ = ଚିହ୍ନ) ବଳରାମ; ମହାଦେବ; ଲକ୍ଷଣାକ୍ରାନ୍ତ ପୁରୁଷ; ପୁସ୍ତକ; ଶାକବିଶେଷ ।

ତାଲାକାଠି, ବି. (ଦେଶଜ) ଚାବିକାଠି, କଞ୍ଚି ।

ତାଳି, ବି. (ତାଳ ଶବ୍ଦଜ) କରତାଳ । ଯଥା—

ତାଳି ଦେଉଛନ୍ତି ଦର୍ଶକମଣ୍ଡଳୀ । ନ. କେ.

ତାଳିକ, ବି. (ତାଳ = କରତାଳ-ଇକ) କରତାଳି; ଚପେଟ, ଚୃପଡ଼ା, ବନ୍ଧନ; ମୋହର କରିବା ।

ତାଲିକା, ବି. (ହିନ୍ଦୀ) ନିର୍ଘଣ୍ଟପତ୍ର; ଚୃପୁଡ଼; ଲତାବିଶେଷ ।

ତାଲିମ, ବି. (ଯାବନିକ) ଶିକ୍ଷା ।

ତାଳୀ, ବି. ସ୍ତ୍ରୀ. ( ତାଳ-ଈ ) ହେନ୍ତାଳ ଗଛ; ତାଳ ଗଛ; ତାଳ ବନ; ତାଡ଼ୀ; ତାଲା; ଯେ ବାଦ୍ୟ ସଂଯୋଗରେ ତାଳ ପ୍ରଦାନ କରେ । ପୁଂ. ଶିବ; ମୁନିବିଶେଷ । (ଦେଶଜ) ଲୁଗା ଚିରିଗଲେ ସେଥିରେ ଯେଉଁ କନା ପକାଇ ସିଲାଇ କରନ୍ତି । ଯଥା—

ଆସୁଅଛୁ ମିଥ୍ୟା ଯାର ବସ୍ତ୍ରଯାକ ତାଳି,
ତାଳି ପରେ ତାଳି ପୁଣି ତାଳି ତା ଉପରେ । ମ. ଯା.

ତାଲୁ, ବି. (ତ = ଗମନ କରିବା-ଉ, ର=ଲ, ଯାହାଦ୍ୱାରା ବାକ୍ୟ ନିର୍ଗତ ହୁଏ) ଜିହ୍ୱେନ୍ଦ୍ରିୟର ଅଧିଷ୍ଠାନ ସ୍ଥାନ ।

ତାଲୁଆ, ବି. (ତାଲୁ ଶବ୍ଦଜ) ଟାକରା ଅର୍ଥାତ୍ ତାଲୁ ।

ତାଲୁକ, ବି. (ତାଲୁ-କ-ସ୍ୱାର୍ଥେ) ତାଲୁ ।

ତାଲୁକା, ବି. (ଦେଶଜ) ଗୋଇଠିର ତଳଭାଗ; ତାଲୁ ।

ତାଲୁକ, ତାଲୁକା, ବି. (ଆରବୀ) ଜମିଦାରୀ; ରାଜ୍ୟ ।

ତାଲୁଜିହ୍ୱ, ବି. ( ତାଲୁ-ଜିହ୍ୱା ତାଲୁଦ୍ୱାରା ଏହାର ଜିହ୍ୱାର କାର୍ଯ୍ୟ ନିଷ୍ପନ୍ନ ହୁଏ ବୋଲି) କୁମ୍ଭୀର ଘଣ୍ଟିକା ।

ତାଲୂର, ତାଲୁର, } ବି. (ତାଲ୍-ଊର, ଉର) ଆବର୍ତ୍ତ; ଜଳଭଉଁରି ।

ତାବତ୍, ଅଂ. ( ତଦ୍ = ସେହି-ବତୁ-ପରିମାଣାର୍ଥେ ) ଅବଧି; ତଦବଧି; ସେହି ପର୍ଯ୍ୟନ୍ତ; ତତ୍କାଳରେ, ପରିଚ୍ଛେଦ; ପରିମାଣ; ଅବଧାରଣ; ସାକଲ୍ୟ; ବାକ୍ୟାଲଂକାର । ( ଯାବତ୍ ତାବଚ୍ଚ ସାକଲ୍ୟେଽବଧୌ ମାନେଽବଧାରଣେ—ଅମର ।)

ତାବଜ, ବି. (ଯାବନିକ) କଣ୍ଠାଭରଣବିଶେଷ ଅର୍ଥାତ୍ ତେଉଁରିଆ ।

ତାବେ, ବି. (ଯାବନିକ) ଅଧୀନତା ।

ତାବେଦାର, ବିଂ. (ଯାବନିକ) ଅଧୀନସ୍ଥ ।

ତାସ, ବି. ( ଦେଶଜ ) କ୍ରୀଡ଼ନାର୍ଥ ଚିହ୍ନିତ କ୍ଷୁଦ୍ରପଟ; କୃଷି, ଚୃଷ ।

ତାସଣ, ତାସନ, ବି. (ଦେଶଜ) ମାର୍ଜନ ବା ଝାଡ଼ଣ; ତନ୍ତୁ ପରିଷ୍କାର; ତନ୍ତୁବାୟମାନଙ୍କର ଯନ୍ତ୍ରବିଶେଷ ।

ତାସା, ବି. (ଦେଶଜ) ବାଦ୍ୟବିଶେଷ । ଯଥା—
କଡ଼ କଡ଼ ଦମ ଦମ କରି ତାସା, ନାଗରା, ଢୋଲ,
ମହୁରି ପ୍ରଭୃତି ବଜାଇବାକୁ ଲାଗିଲେ ।
ହ. ସା. ୧୮. ୯.

ତାସୁଣୀ, ବି. ସ୍ତ୍ରୀ. (ଦେଶଜ) ତସାର ସ୍ତ୍ରୀ ।

ତାହା, ସର୍ବଂ. (ତଦ୍ ଶବ୍ଦଜ, ପ୍ରାକୃତ ତେଆରୁ ଜାତ) ସେହି । (ତଦ୍ ଶବ୍ଦଜ, ପ୍ରାକୃତ ତହାରୁ ଜାତ) ତଦ୍ ଶବ୍ଦର ଷଷ୍ଠୀ ବିଭକ୍ତି-ଯୁକ୍ତ ଅର୍ଥ ।

ତାହାତହିଁ, ସର୍ବଂ. ( ତଦ୍ ଶବ୍ଦଜ ) ତାହା-ଠାରେ; ତାହାଠାକୁ । ଯଥା —
ଏଡ଼େ ମଣିଷମାରୁଣୀ ବୋଲି ଯେବେ ମୁହିଁ,
ଆଗୁ ଜାଣିଥାନ୍ତି ଯାଆନ୍ତି କି ତାହାତହିଁ । ବେ.ପ.

ତାହି, ତାଇ, ସର୍ବଂ (ତଦ୍ ଶବ୍ଦଜ) ତାହା । ଯଥା—
ବାଳକପରାୟେ ହୋଇ,
ପୁଚ୍ଛା କଲା ତାହି ତାହି । କ୍ଲ. ବ.

ତାହି, ତ୍ରାହି, ବି. (ଦେଶଜ) ଥର ।

ତାହିବା, କ୍ରି. ( ଦେଶଜ ) କ୍ରୁଦ୍ଧ ହେବା; ଉତ୍ତେଜିତ କରିବା । ଯଥା—
ନାସେ ଶ୍ୱାସ ରହିଲା ନାଶେ ମାର ତାହିଲା
ମୂର୍ଚ୍ଛା ମୂର୍ଚ୍ଛିତ ଗଲା କାହିଁ ସେ । କୋ.ବ୍ର.ସୁ.

ତି, ଅଂ. ନିଶ୍ଚୟାର୍ଥକ । ଯଥା—
ରାମ ବୋଲନ୍ତି ସତି, ମୋର ଦୋଷ ନାହିଁ ତି,
ତାଙ୍କ ଅଧର୍ମେ ସେହି ମଲେ । ବି ରା.
ସମ୍ଭାବନା; ପ୍ରଶ୍ନ ।

ତିଅଣ, ତିଉଣ, ବି. ( ତେମନ ଶବ୍ଦଜ ) ବ୍ୟଞ୍ଜନ, ତରକାରି । ଯଥା—
ମୁଗଢଲିଣ ସଙ୍ଗେ ଦଧି, ଧରି ପ୍ରବେଶ ଦୟାନିଧି ।
ଦା. ର.

ତିଅର, ଧୀଅର, ତିୟର, ଧୀୟର, ବି. ( ଧୀବର ଶବ୍ଦଜ, ପ୍ରାକୃତ ) ବର୍ଣ୍ଣସଙ୍କର ଜାତିବିଶେଷ ।

ତିଆ, ବି. (ଦେଶଜ) ତିଆପୁଡ଼ା ଖେଳର ତିନି, ସାତ, ଏଗାର, ପନ୍ଦର ଦାନ ।

ତିଆଇବା, ବି. (ଦେଶଜ) ଭାତିଦ୍ୱାରା ଅଗ୍ନିରେ ବାୟୁ ସଂଯୁକ୍ତ କରିବା ।

ତିଆଡ଼ି, ତିଆଡି, ତିହାଡ଼ି, ବି. (ତ୍ରିପାଠୀ ଶବ୍ଦଜ) ବୈଦିକ ବ୍ରାହ୍ମଣ ସଂଜ୍ଞାବିଶେଷ । ଯଥା—
ଏ ଗ୍ରାମେ ଭଟ୍ଟମିଶ୍ର ଘର,
ତିହାଡ଼ି ଷଡ଼ଙ୍ଗୀ ଆବର । ଦା. ର.

ତିଆଡିଆ, ବି. ( ଦେଶଜ ) ଯାନବହନକାରୀ ଗଉଡ଼ମାନେ କାନ୍ଧ ବଦଳାଇବାବେଳେ ଯେଉଁ ଗଉଡ଼ ସମୁଦାୟ ଯାନର ଭାର ବହନ କରେ ।

ତିଆପୁଡ଼ା, ବି. ( ଦେଶଜ ) ଗୁଟିନେଇ ଖେଳ; ଏଥିରେ ଚାରି ଗଣ୍ଡା କଉଡ଼ିରେ ଚାରିଜଣ ଖେଳନ୍ତି, ଚାରିଜଣର ଚାରିଟା ଦାନ ତିଆ, ପୁଡ଼ା, ଦୁଆ, ନିକ; ତିଆ ବୋଇଲେ ୩, ୭, ୧୧, ୧୫; ପୁଡ଼ା ବୋଇଲେ ୪, ୮, ୧୨, ୧୬; ଦୁଆ ବୋଇଲେ ୨, ୬, ୧୦, ୧୪; ନିକ ବୋଇଲେ ୧, ୫, ୯, ୧୩ ।

ତିଆର, ବି. ( ଦେଶଜ ) ପ୍ରସ୍ତୁତ; ସୁସଜ୍ଜ । ଯଥା---
ଏହା ଶୁଣି ବୋଇଲେ ବିରାଟ ନରଈଶ,
ତିଆର କର ମୋର ରଥ ଗଜ ଅଶ୍ୱ । କୃ. ଭା. ବି. ପ.

ତିଆରଣ, ବି. ( ଦେଶଜ ) ପ୍ରବୋଧବାକ୍ୟ ବୁଝାଇବା । ଯଥା—
ବାଳକ ଭାବରୁ ସେ ଘେନେ ତିଆରଣ,
ଏଥକୁ ସଂଶୟ ଯେ ନ କର ନୃପରାଣ । ନୃ.ପୁ.ସ.ତ.

ତିଆରି, ବି. (ଦେଶଜ) ସୁସଜ୍ଜ ବା ପ୍ରସ୍ତୁତ-କରଣ ।

ତିଆରିବା, କ୍ରି. ( ଦେଶଜ ) ମନ୍ଦ କଥାରୁ ନିବର୍ତ୍ତାଇବା, ବୁଝାଇବା; ଦେଖାଇ ଶିଖାଇ ଗାଳିଦେବା; ତୟାର କରିବା । ଯଥା—
କାନ୍ଥ ଭାଲ ରୁଅ ବତା ଗଣ୍ଠି ଆଦି କରି,
ଜଉ ସକଳସ ଗୁଆଘୃତରେ ତିଆରି । ସା. ଭା. ଆ.

ତିକା, ବି. ( ଦେଶଜ ) ଗଞ୍ଜପା ସାଉରେ ତିନି ଟିପ ଥିବା ସାର; ଚେମା ଖେଳରେ ତିନିଟା କଉଡ଼ି ଚିତ ହୋଇ ପଡ଼ିବା ଦାନ ।

ତିକାଠିଆ, ବି. (ଦେଶଜ) ତିନିଖଣ୍ଡି କାଠିରେ ତିଆରି ହୋଇଥିବା ଆଧାନ ।

ତିକ୍ତ, ବି. (ତିଜ୍ = କ୍ଷମା କରିବା ତ) ପିତା ।

ତିକ୍ତକ, ବି. ( ତିକ୍ତ-କ ) ନିମ୍ବ; ଖଇର; ଚିରେଇତା ।

ତିକ୍ତରସ, ବିଂ. ତିକ୍ତରସଯୁକ୍ତ; ସୁଗନ୍ଧ ।

ତିକ୍ତସାର, ବି. (ତିକ୍ତ-ସାର=ସ୍ଥିରାଂଶ) ଖଇର ।

ତିଖ,ତୀଖ, ବି. (ତୀକ୍ଷ୍ଣ ଶବ୍ଦଜ, ତିକ୍ଖ ପ୍ରାକୃତରୁ ଜାତ) ଉଚ୍ଚ; ଉଗ୍ର; ଗରମ; ଚାଲୁହୀନ ।

ତିଖଡ଼, ବି. (ଦେଶଜ) କଳହ ।

ତିଖଣ, ବି. (ତୀକ୍ଷ୍ଣ ଶବ୍ଦଜ, ପ୍ରାକୃତ) ତୀକ୍ଷ୍ଣ ।

ତିଖାର, ବି. (ଦେଶଜ) ନିଷ୍ପତ୍ତି । ବିଂ. ନିଷ୍ପନ୍ନ ।

ତିଖାରିବା, କ୍ରି. (ଦେଶଜ) ଉତ୍ତେଜନା କରିବା ।

ତିଖିର, ବି. (ତ୍ୱକ୍କ୍ଷୀର ଶବ୍ଦଜ) ପାଳୁଅ ।

ତିଗ୍ମ, ବିଂ. (ତିଜ୍=ତୀକ୍ଷ୍ଣ କରିବା-ମ) ତୀକ୍ଷ୍ଣ, ଉଷ୍ଣ, ଖର, ଉଗ୍ର, କଟୁ, ଉଦ୍ଧତ । ବି. ଉଷ୍ଣତା ।

ତିଘିବା, କ୍ରି. (ଦେଶଜ) ଉପରକୁ ଡେଇଁବା । ଯଥା—

ଆଣ୍ଠୁରେ ମାରି କର ଟଙ୍କାରିଲେ ଫେରି,
ଉପରକୁ ତିଘିଲେ କରେ ଖଣ୍ଡା ଧରି । କୃ.ଭା.ଆ.ପ.

ତିତଉ, ବି. [ ତନ୍=( ଶସ୍ୟକୁ ) ବିସ୍ତାର କରିବା-ଇତଉ ] ଚାଲନୀ, ଚାଲୁଣୀ । (ଚାଲନୀ ତିତଉଃ ପୁମାନ୍—ଅମର ।)

ତିତାଲି, ବି. (ଦେଶଜ) ତ୍ରିତଳବିଶିଷ୍ଟ କୋଠା ।

ତିତି, ବି. (ଦେଶଜ) କଜ୍ଜ୍ୱଳ ।

ତିତିର, ବି. (ତିତ୍ତିର ଶବ୍ଦର ଅପଭ୍ରଂଶ) ପକ୍ଷିବିଶେଷ ।

ତିତିକ୍ଷା, ବି. ସ୍ତ୍ରୀ. (ତିଜ୍=ସହିବା-ସନ୍-ଅ, ଦ୍ୱିତ୍ୱ-ଆ) କ୍ଷମା, ସହିଷ୍ଣୁତା । (ବିଶେଷଣରେ ତିତିକ୍ଷୁ ଓ ତିତିକ୍ଷିତ ପଦ ନିଷ୍ପନ୍ନ ହୁଏ ।)

ତିତିଭ, ବି. ସଂ. ଇନ୍ଦ୍ରଗୋପ କୀଟ, ପାଟପୋକ ।

ତିତୀର୍ଷୁ, ବିଂ. (ତୃ=ପାର ହେବା-ସନ୍-ଦ୍ୱିତ୍ୱ-ଉ) ତରିଣେଚ୍ଛୁ । (ବିଶେଷଣରେ ତିତୀର୍ଷା ହୁଏ ।)

ତିତ୍ତି, ତିତି, ଅଂ. (ଦେଶଜ, ଗଞ୍ଜାମର ଦକ୍ଷିଣରେ ବ୍ୟବହୃତ) ଶଗଡ଼ରେ ବନ୍ଧା ବଳଦକୁ ଅଡ଼ାଇବା ସାଙ୍କେତିକ ଶବ୍ଦ ।

ତିତ୍ତିର, ତିତ୍ତିରି, ବି. (ତିତ୍ତି=ଅନୁକରଣ ଶବ୍ଦ-ରା=ଦାନ କରିବା-ଅ) ପକ୍ଷିବିଶେଷ; ମୁନି-ବିଶେଷ ।

ତିଥ, ବି. (ତିଜ୍=ତୀକ୍ଷ୍ଣ କରିବା-ଥ) ଅଗ୍ନି; କାଳ; ପ୍ରାବୃଟ୍‌କାଳ ।

ତିଥି, ବି. ସ୍ତ୍ରୀ. (ତନ୍ୱତେ ଷଷ୍ଟି ଘଟିକାଭିରିତି ତିଥିଃ, ତନୁବସ୍ତାରେ । ଅଥବା—ଅତ୍= ଗମନ କରିବା-ଇଥି, ଅ ଲୋପ) ଚନ୍ଦ୍ରମାସର ତ୍ରିଂଶ ଅଂଶ, ପ୍ରତିପଦାଦି ପଞ୍ଚଦଶ ତିଥି, ଚନ୍ଦ୍ରକଳାର ହ୍ରାସବୃଦ୍ଧି ଦ୍ୱାରା ସୀମାବଦ୍ଧ କାଳ ।

ତିନି, ତିନ୍ନି, ବିଂ. (ତ୍ରି ଶବ୍ଦଜ, ପ୍ରାକୃତ ତିଣ୍ଣିରୁ ଜାତ) ୩ ସଂଖ୍ୟା । ଯଥା—

ତିନ୍ନିଙ୍କର ହୋଇଗଲା ବୃଥା ଏ,
ସବୃଜନକୁ ହୋଇବ ପୋଥାଏ । ସୁ. ପ.

ତୃତୀୟ । ଯଥା—
ବିଗତ ଯେ ବିଭୀଷଣ ତିନି ନନ୍ଦନ ଯେ । ବୈ. ବି.
ଚେମା ଖେଳରେ ତିନିଟା କଉଡ଼ି ଚିତ ହୋଇ ପଡ଼ିବା ଦାନ ।

ତିନିକାଳ, ବି. (ତ୍ରିକାଳ ଶବ୍ଦଜ) ବାଲ୍ୟାବସ୍ଥା, ଯୌବନାବସ୍ଥା, ପ୍ରୌଢ଼ାବସ୍ଥା; ସତ୍ୟ, ତ୍ରେତା, ଦ୍ୱାପର; ଭୂତ, ଭବିଷ୍ୟତ୍, ବର୍ତ୍ତମାନ ।

ତିନିତାରବନ୍ଧ, ବି. (ଦେଶଜ) ଚିନ ବା କନ୍ଦର ବହଳ ପାଟ; କରଚୂଳଦ୍ୱାରା କଟେଇଲୁ ଉକ୍ତ ପାଟ ଉଠାଇଲେ ତାହା ତିନିଧାରରେ ଖସେ ।

ତିନିବଞ୍ଚ, ବି. (ଦେଶଜ) ସକଟା ଖେଳର ଦାନବିଶେଷ ଅର୍ଥାତ୍ ତିନିଏକ ।

ତିନିମାଡିରୁପୁ, ବି. (ଦେଶଜ) ଗାତରେ ପକାଇ ଖେଳିବା ବାଟିଖେଳର ତୃତୀୟ ଆଘାତ ।

ତିନିହେଁ, ବିଂ. ( ପ୍ରାକୃତ ତିହ୍ନଁରୁ ଜାତ ) ତିନିଜଣଯାକ ।

ତିନୋଟି, ବିଂ. (ଦେଶଜ) ତିନିଗୋଟି ।

ତିନେଇଧିନେଇ, ବି. ( ଦେଶଜ ) ନୃତ୍ୟ-ବିଶେଷ ।

ତିନପୁରମଲ୍ଲି, ତିନପୁରୁମଲ୍ଲି, ତିନପୁରିମଲ୍ଲି, ବି. (ତ୍ରିପୁରମଲ୍ଲି ଶବ୍ଦଜ) ମଲ୍ଲି-ପୁଷ୍ପବିଶେଷ ।

ତିନ୍ତା, ବିଂ. (ଦେଶଜ ବା ତିମ୍ ଧାତୁଜ) ଆର୍ଦ୍ର ବା ଓଦା ।

ତିନ୍ତାଇବା, ତିନ୍ତେଇବା, କ୍ରି. (ତିମ୍ ଧାତୁଜ) ଆର୍ଦ୍ର କରିବା ।

ତିନ୍ତିଡ଼, ତିନ୍ତିଡ଼ିକା, ତିନ୍ତିଡ଼ୀ, ତିନ୍ତିଲୀ, ତିନ୍ତିଡ଼ୀକ, ବି. (ତିମ୍ = ଆର୍ଦ୍ର ହେବା-ଅ - ଦ୍ୱିତ୍ୱ - ମ ସ୍ଥାନେ ନ୍, ଡ଼, କ ସ୍ୱାର୍ଥେ, ଡ଼ = ଲ-ଈ) ତେନ୍ତୁଳି ଓ ତାହାର ଗଛ ।

ତିନ୍ତିବା, କ୍ରି. (ତିମ୍ ଧାତୁଜ) ଆର୍ଦ୍ର ହେବା ।

ତିନ୍ତିଲା, ବିଂ. (ତିମ୍ ଧାତୁଜ) ଆର୍ଦ୍ର ।

ତିନ୍ତୁଳି, ତେନ୍ତୁଳି, ବି. (ତିନ୍ତିଡ଼ ଶବ୍ଦଜ, ପ୍ରାକୃତ ତିନ୍ତିଲୀରୁ ଜାତ) ସ୍ୱନାମପ୍ରସିଦ୍ଧ ବୃକ୍ଷ; ତାହାର ପାଚିଲା ଫଳ ।

ତିନ୍ତୁଳିଆବରୁ ବିଂ. ( ଦେଶଜ ) ବିଷଧର କୀଟବିଶେଷ ।

ତିନ୍ଦୁ, ତିନ୍ଦୁକ, ବି. (ତିମ୍ = ଆର୍ଦ୍ର ହେବା-ଉ, ଦ-ଆଗମ, କ-ସ୍ୱାର୍ଥେ) କେନ୍ଦୁ ଫଳ, କେନ୍ଦୁ ଗଛ ।

ତିପଟ, ବିଂ. (ତ୍ରିପଟ୍ଟ ଶବ୍ଦଜ) ତିନପୁଟା ।

ତିପୁର, ବି. (ଦେଶଜ) ମିଷ୍ଟାନ୍ନବିଶେଷ । (ମୁଗୁଡ଼ ଶବ୍ଦ ଦେଖ ।)

ତିପିରି, ବି.(ଦେଶଜ—ଗଞ୍ଜାମୀ) ବ୍ୟବହାରରେ ଧନର ଲୋକସାନ, ଧନ ନଷ୍ଟ ।

ତିବିର, ତିଭିର, ବିଂ. (ତୀବ୍ର ଶବ୍ଦଜ) ଦୁଷ୍ଟ । ଯଥା—ସେ ଟୋକା ବଡ଼ ତିବିର ପଡ଼ିଛି ।

ତିବ୍ବତ, ତିବତ, ବି. (ତ୍ରିଗର୍ତ୍ତ ଶବ୍ଦଜ—ଗଙ୍ଗା ବ୍ରହ୍ମପୁତ୍ର ଓ ସିନ୍ଧୁ ନଦୀର ଜନ୍ମଭୂମି ଗର୍ତ୍ତସ୍ଥ ବିଦ୍ୟମାନ ।) ଦେଶବିଶେଷ ।

ତିମି, ବି. (ତିମ୍ = ଆର୍ଦ୍ର ହେବା-ଇ) ପ୍ରକାଣ୍ଡ ମତ୍ସ୍ୟବିଶେଷ । ଯଥା—

ଦୂରେ ତିମିବୃନ୍ଦ ଏହା କରନ୍ତି ଭକ୍ଷଣ । କ.ବ.

ତିମିଙ୍ଗିଳ, ବି. ( ତିମି-ଗିଲ୍-ଅ ) ଅତି ବଡ଼ ମତ୍ସ୍ୟ, ଯେ ତିମିକି ଗିଳିପକାଏ ।

ତିମିଜ, ବି. (ତିମି = ମତ୍ସ୍ୟବିଶେଷ-ଜନ୍-ଅ) ମୁକ୍ତାବିଶେଷ ।

ତିମିତ, ବିଂ. (ତିମ୍ = ଆର୍ଦ୍ର ହେବା-ତ) ଆର୍ଦ୍ର; ନିଶ୍ଚଳ । ଯଥା—

ଉଠଇ ତିମିତ ବସ୍ତ୍ରେ ସାନ୍ଦ୍ର ଶୈବାଳଖଣ୍ଡ । ଜା.ପ.ନା.

ତିମିର, ବି. (ତିମ୍-ଇର) ଅନ୍ଧକାର; ନେତ୍ର-ରୋଗବିଶେଷ । ବିଂ. ଅନ୍ଧକାରମୟ ।

ତିମିରି,ବି.(ତିମିର ଶବ୍ଦଜ) ଅନ୍ଧକାର । ଯଥା—

ତିମିରି ବିଦାରଣ ଯେ ବିରାଜଇ ମଣି,
ଆଦିତ୍ୟ ଉଦୟ ପ୍ରାୟେ ଦିଶେ ଦିନମଣି । ସା.ଭା.ସ.

ତିରଣ, ବି. (ତୃଣ ଶବ୍ଦଜ) ତୃଣ । ଯଥା—

ବିନସ୍ଥ ବହୁତ ହୋଇଲୁଁ,
ଦନ୍ତରେ ତିରଣ ଧଇଲୁଁ । ଭା. ଦ. ସ୍କ.

ତିରନ୍ଦାଜ, ତୀରନ୍ଦାଜ, ବି. (ପାରସ୍ୟ ଶବ୍ଦ) ଯେ ବାଣ ନିକ୍ଷେପଣ କରେ ।

ତିରସ୍କରଣୀ, ତିରସ୍କାରିଣୀ, ବି. ସ୍ତ୍ରୀ. (ତିରସ୍ = ଅପ୍ରକାଶ୍ୟ-କୃ-ଇନ୍-ଈ) ପର୍ଦ୍ଦା, ଯବନିକା; ଅଦର୍ଶନୀ ବିଦ୍ୟା । ଯଥା—

ମହାରାଜ ! ମହାମାତ୍ୟ ବିଦ୍ୟୁଜ୍ଜିହ୍ୱଙ୍କର ତିରସ୍କରଣୀ ବିଦ୍ୟା ପ୍ରୟୋଗକୁ ଦେଖୁ ନାହାନ୍ତି କି ? ଜା. ପ. ନା.

ତିରସ୍କାର, ତିରସ୍କ୍ରିୟା, ବି. (ତିରସ୍—ଅପ୍ରକାଶ୍ୟ-କାର, କ୍ରିୟା) ନିନ୍ଦା; ଭର୍ତ୍ସନା; ଅନାଦର; କଞ୍ଚୁକ ।

ତିରସ୍କୃତ, ବିଂ. ( ତିରସ୍-କୃତ ) ଅନାଦୃତ, ଅନାଦରପ୍ରାପ୍ତ; ଅବଜ୍ଞାତ, ଭର୍ତ୍ସିତ; ଆଚ୍ଛାଦିତ । ତିରଥ, ବି. (ତୀର୍ଥ ଶବ୍ଦଜ) ତୀର୍ଥ, ପୁଣ୍ୟସ୍ଥାନ । ଯଥା—

ଯାବତ ତିରଥସ୍ନାନ ସ୍ନାର ଫଳଶ୍ରୁତି,
ଅଯୁତ ପୁତ୍ର ଧନ ବାଞ୍ଛିଲେ ଏଥି ଅଛି । ନୃ.ପୁ.ପ୍ର.ଭ

ତିରିଶ, ତିରିଶି, ତିଶି, ବିଂ. (ତ୍ରିଂଶତ୍ ଶବ୍ଦଜ) ୩୦ ସଂଖ୍ୟା । ଯଥା—

ଅନନ୍ତ ପାଟଣାର ସୁଜାଣ ଚକ୍ରବର୍ତ୍ତୀ,
ତିରିଶି ସହସ୍ର ଏହି ସେନା ବଳେ କଲ ଏଥି । ସା. ଭା. ଆ.

ତିସ୍ତ୍ରୀ, ବି. ସ୍ତ୍ରୀ. (ସ୍ତ୍ରୀ ଶବ୍ଦର ଅପଭ୍ରଂଶ) ସ୍ତ୍ରୀ ।

ତିରୋଧାନ, ବି. (ତିରସ୍=ଅପ୍ରକାଶ୍ୟ-ଧା-ଅନ) ଅଦର୍ଶନ, ଅନ୍ତର୍ଦ୍ଧାନ; ଆଚ୍ଛାଦନ, ବ୍ୟବଧାନ; ଆଚ୍ଛାଦନ ବସ୍ତ୍ରାଦି । (ଏହି ଅର୍ଥରେ ତିରୋଭାବ ପଦ ମଧ୍ୟ ସିଦ୍ଧ ହୁଏ ।)

ତିରୋହିତ, ବିଂ. (ତିରସ୍-ଧା-ତ, ଧା=ହି) ଅନ୍ତର୍ହିତ; ଆଚ୍ଛାଦିତ । (ଏହି ଅର୍ଥରେ ତିରୋଭୂତ ପଦ ମଧ୍ୟ ସିଦ୍ଧ ହୁଏ ।)

ତିର୍ଯ୍ୟକ୍, ତିର୍ଯ୍ୟଙ୍, ତିର୍ଯ୍ୟଞ୍ଚ, } ବିଂ. (ତିରସ୍-ଅନଚ୍=ଗମନ କରିବା-କ୍ୱିପ୍) ବକ୍ର, କୁଟିଳ; ତେର୍ଚ୍ଛା; ପାର୍ଶ୍ୱ ।

ତିର୍ଯ୍ୟଗ, ତିରଯଗ, ବିଂ. ( ତିର୍ଯ୍ୟକ୍ ଶବ୍ଦଜ ) ବକ୍ରଗମନଶୀଳ; ବକ୍ର ।

ତିର୍ଯ୍ୟଚ, ତିର୍ଯ୍ୟଞ୍ଚ, ବିଂ. (ତିର୍ଯ୍ୟକ୍ ଶବ୍ଦ ଦେଖ) ବକ୍ରଗମନଶୀଳ । ବି. ପଶୁ; ପକ୍ଷୀ ।

ତିଳ, ବି. ( ତିଲ୍=ସ୍ନେହଯୁକ୍ତ ହେବା-ଅ ) ଶସ୍ୟବିଶେଷ, ରାଶି; ତଦାକାର ଦେହସ୍ଥ ଚିହ୍ନ; ସୂକ୍ଷ୍ମକାଳ; ଅତ୍ୟଳ୍ପ । (ଦେଶଜ) ଏକପ୍ରକାର ଜଳଚର ପକ୍ଷୀ । (ମାଛରଙ୍କା ଶବ୍ଦ ଦେଖ ।)

ତିଳକ, ବି. (ତିଳ-କ-ଅଲ୍ପାଦ୍ୟର୍ଥେ) ଚିତା; ଟୋପା; ତିଳଗଛ; ଅଶ୍ୱବିଶେଷ; ମୂତ୍ରାଧାର; ମୃତ୍ତିକା । ବିଂ. ଶ୍ରେଷ୍ଠ, ପ୍ରଧାନ ।

ତିଳକାଳକ, ବି. (ତିଳ=ତିଳତୁଲ୍ୟ-କାଳ=କୃଷ୍ଣବର୍ଣ୍ଣ-କ) ଦେହସ୍ଥ ତିଳ ସଦୃଶ ଚିହ୍ନ । ବିଂ. ଯାହାର ଅଳକରେ ତିଳକ ଅଛି ।

ତିଳକାଶ୍ରୟ, ବି. (ତିଳକ-ଆଶ୍ରୟ) ଲଲାଟ, କପାଳ ।

ତିଳକୀ, ବିଂ ( ତିଳକ-ଇନ୍ ଅସ୍ତ୍ୟର୍ଥେ ) ତିଳକଧାରୀ ।

ତିଳଗଜା, ବି. (ଦେଶଜ ପ୍ରାୟ) ମିଷ୍ଟାନ୍ନବିଶେଷ ।

ତିଳା, ବି. (ତିଳ ଶବ୍ଦଜ) ଶସ୍ୟବିଶେଷ, ଏକପ୍ରକାର ରାଶି ।

ତିଲ୍ଲୀ, ବି. ସ୍ତ୍ରୀ. (ଦେଶଜ) ସ୍ତ୍ରୀ ।

ତିଳି, ତେଲି, ବି. (ଦେଶଜ) ବର୍ଣ୍ଣସଙ୍କର ଜାତିବିଶେଷ; ତୈଳକାରକ ।

ତିଳିତ୍ସ, ବି. (ତିଳତ୍=ଗତି-ସୋ=ନାଶକରିବା-ଅ) ବୃହତ୍ ସର୍ପ; ଗୋନସ ସର୍ପ ।

ତିଳୋତ୍ତମା, ବି. ସ୍ତ୍ରୀ. (ତିଳ-ଉତ୍ତମା—ବିଧାତା ସମୁଦାୟ ସୌନ୍ଦର୍ଯ୍ୟରୁ ତିଳ ତିଳ ପ୍ରମାଣେ ନେଇ ଏହାକୁ ନିର୍ମିତ କରିଥିଲେ ବୋଲି ତିଳୋତ୍ତମା ନାମ ଦେଲେ) ଅପ୍‌ସରାବିଶେଷ ।

ତିଲ୍ୟ, ବି. (ତିଳ-ଯ-ତତ୍‌ଯୋଗ୍ୟାର୍ଥେ) ତିଳକ୍ଷେତ୍ର, ଯେଉଁ କ୍ଷେତ୍ରରେ ରାଶି ଭଲ ହୁଏ ।

ତିଷ୍ଠିବା, କ୍ରି. (ସ୍ଥା ଧାତୁଜ) ସ୍ଥିତି କରିବା, ରହିବା, ବାସ କରିବା ।

ତିଷ୍ୟ, ବି. (ତୁଷ୍=ତୁଷ୍ଟ କରିବା-ଣିଚ୍-ଯ, ନିପାତନ) ପୁଷ୍ୟାନକ୍ଷତ୍ର; କଳିଯୁଗ । (ତିଷ୍ୟଃ ପୁଷ୍ୟେ କଳିଯୁଗେ—ଅମର ।)

ତିସରା, ବିଂ. (ତୃତୀୟ ଶବ୍ଦଜ) ତୃତୀୟଲୋକସମ୍ବନ୍ଧୀୟ; ତିନସୋରାଯୁକ୍ତ (ସୂତ୍ରାଦି) ।

ତିସରାଇବା, କ୍ରି. (ଦେଶଜ) ତିନସୋରାରେ ଯୁକ୍ତ କରିବା; ତ୍ରିଗୁଣ କରିବା ।

ତିସରି, ବିଂ. (ଦେଶଜ) ତିନସୋରାଯୁକ୍ତ । ଯଥା—

ନାୟିକାଗଣଯାକ ହୋଇଣ ଏକ ଠୂଳ,
ତିସରି ତିସରି କରି ଗୁନ୍ଥି ଫୁଲମାଳ । ନୃ.ପୃ.ତୃ.ତ.

ତିସରେଇବା, କ୍ରି. (ଦେଶଜ) ତିନସୋରାଯୁକ୍ତ କରିବା; ତିନଗୁଣ କରିବା ।

ତିସେଣିଆ, ବିଂ. (ଦେଶଜ ପ୍ରାୟ) ଯେଉଁ ଘର ଭିତରେ ୩ ଗୋଟି ଶେଣି ଥାଏ ।

ତିହାର, ବି. (ସମ୍ବଲପୁରୀ) ପର୍ବ ।

ତିହୁଡ଼ି, ତିଉଡ଼ି, ବି. (ତ୍ରିବୃଦ୍ଧିକା ଶବ୍ଦଜ) ଔଷଧି ଲତାବିଶେଷ । (ଦେଶଜ) ଏକପ୍ରକାର ଶସ୍ୟ । ଯଥା

କହୁଚି ତିହୁଡ଼ି ଯେ ଗହମ ଇକ୍ଷୁରସ,
ଏ ବିଧିରେ ଉପଅନ୍ନ କରିଲେ ପ୍ରକାଶ । ନୃ.ପୃ.ତୃ.ତ.

ତିହୁତି, ତିହୁଡ଼ି, ବି. (ଦେଶଜ—ତ୍ରି-ହୁତ-ଶବ୍ଦଜ କି ?) ଶରୀରର ଏକ ରହସ୍ୟ ସ୍ଥାନ । ଯଥା—

**ପଞ୍ଚତାଳ ସନ୍ଧି ଯେହୁ ତିହୁତିର ବାଟ,**
**ଜ୍ୱଳା ଅନଳ ଟେକିଲିକ ଶ୍ରୀହଟ ପାଟ ।** ସା. ଭ୍ର. ଆ.
**ତିନ ତିହୁଡ଼ି ତ୍ରିକୂଟ ତ୍ରିମୁନାର ସ୍ଥାନେ,**
**ବେନି ନାଳ ଖୋଲି ବେଢ଼ ସ୍ଥାପିଲେ ଯତନେ ।**
ନୃ. ପୁ. ପ୍ର. ତ.

ତୀଷ, ତିଷ, (ତୀକ୍ଷ୍ଣ ଶବ୍ଦଜ, ପ୍ରାକୃତ) ତୀକ୍ଷ୍ଣ । ଯଥା—

**ତିଷ ନାସ୍ତେ ସହାରିଲେ,**
**ରଥ କୁଞ୍ଜର ଅଶ୍ୱ ବୁଲେ ।** ଭା. ଦ. ସ୍କ.

ତୀଷମୁନା, ତିଷମୁନା, } ବି. (ତୀକ୍ଷ୍ଣ-ମୁନ=ଧାର) ଶସ୍ତ୍ରବିଶେଷ । ଯଥା—

**ବହନ୍ତି ନାରାଚ ଝଲକନ୍ତି ତୀଷମୁନା ।** ସା. ଭ୍ର. ସ.

ତୀକ୍ଷ୍ଣ, ବିଂ. (ତିଜ୍-ମ୍ନ) ଉଷ୍ଣ; ଅନାଳସ; ବୁଦ୍ଧିମାନ୍; ଉଗ୍ର । ବି. ଉଗ୍ରତା; ଉଷ୍ଣତା; ବିଷ; ଲୌହବିଶେଷ; ଯୁଦ୍ଧ; ମୃତ୍ୟୁ ।

ତୀଖା, ତିଖା, ବି. (ଦେଶଜ) କାଚନିର୍ମିତ ହସ୍ତାଭରଣ ।

ତୀଖାରିବା, ତିଖାରିବା, } କ୍ରି. (ଦେଶଜ) ମତେଇବା, ଉତ୍ତେଜିତ କରିବା ।

ତୀର, ବି. (ତୀର୍=ସମାପ୍ତ ହେବା, ଉଛତା-ପାଇବା-ଅ) ନଦ୍ୟାଦିର କୂଳ, ତଟ; ବାଣ, କାଣ୍ଡ; ଟିନ ଧାତୁ ।

ତୀର୍ଥ, ବି. (ତୃ-ଗମନ କରିବା-ଥ, ଋ=ଈର) ପୁଣ୍ୟସ୍ଥାନ; ଋଷିସେବିତ ଜଳ; ଜଳଘାଟ; ମନ୍ତ୍ରୀ; ସତ୍ପାତ୍ର; ଗୁରୁ; ଶାସ୍ତ୍ର; ସ୍ତ୍ରୀରଜ; ଯଜ୍ଞ; ଉପାୟ । (ତୀର୍ଥଂ ଶାସ୍ତ୍ରାଧ୍ୱରକ୍ଷେତ୍ରୋପାୟ ନାରୀରଜଃସୁ ଚ । ଅବତାରର୍ଷିଜୁଷ୍ଟାମ୍ବୁ ପାତ୍ରୋପାଧ୍ୟାୟ ମନ୍ତ୍ରିଷୁ —ମେଦିନୀ ।)

ତୀର୍ଥକାକ, ବି. (ତୀର୍ଥ-କାକ) ତୀର୍ଥସ୍ଥିତ କାକ ପରି ବ୍ୟବହାରୀ ଲୋକ; ଲୋଲୁପ; ତୀର୍ଥସ୍ଥିତ କାକ ।

ତୀର୍ଥରାଜ, ବି. (ତୀର୍ଥ-ରାଜା) ଗୟାତୀର୍ଥ; ସମୁଦ୍ର । ଯଥା—

**ସେ ଦୁର୍ଗପରିଖା ତୀର୍ଥରାଜ ଗର୍ଜନରେ,**
**କହେ ଅବଗାହେ ପାପବୃନ୍ଦ ଦହନରେ ।** କୋ. ବ୍ର. ସୁ.

ତୀବ୍ର, ବିଂ. (ତୀବ୍-ସ୍ଥୂଳ ହେବା-ର) ଉଷ୍ଣ; ଅଧିକ; ମହତ୍; ଦୁଃସହ; ତୀକ୍ଷ୍ଣ । ବି. ଶିବ; ଆଧିକ୍ୟ; ଉଷ୍ଣତା; ତୀକ୍ଷ୍ଣତା ।

ତୁ, ସର୍ବଂ. (ତ୍ୱଂ ଶବ୍ଦଜ, ପ୍ରାକୃତ ତୁଁ ଶବ୍ଦରୁ ଜାତ) 'ତୁମ୍ଭେ' ଏହି ପଦର ଅମାନ୍ୟାର୍ଥ । ସଂ. ଅଂ. (ତୁଦ୍-ଉ) ସମ୍ପର୍କ; ପ୍ରଭେଦ; କିନ୍ତୁ; ଆଧିକ୍ୟ; ଅଧିକନ୍ତୁ; ନିୟୋଗ; ନିଗ୍ରହ; ପଦ; ପ୍ରଶଂସା; ଅବଧାରଣ ।

ତୁଅ, ତୁଆ, ବି. (ଦେଶଜ) ଥର ।

ତୁଆକୁତୁଆ, ତୁଆଇତୁଆଇ, } କ୍ରି. ବିଂ. (ଦେଶଜ) ଥରକୁଥର ।

ତୁକାର, ବି. (ଦେଶଜ) ଅମାନ୍ୟ ବଚନ, ଭର୍ତ୍ସନା । ଯଥା—

**ଏହିପରି ଦଶସହସ୍ର ବରଷ ଗଲା,**
**ସହିଲେ ଶାନ୍ତନୁ ଯେତେ ତୁକାର ବୋଇଲା ।** ସା. ଭ୍ର. ଆ.

ତୁରକ, ତୁର୍କି, ବିଂ. (ତୁରଷ୍କ ଶବ୍ଦଜ) ତୁରଷ୍କଦେଶୀୟ ।

ତୁରକସବାର, ତୁର୍କିସବାର, } ବି. (ଦେଶଜ) ଅଶ୍ୱାରୋହୀ ସୈନିକବିଶେଷ ।

ତୁଖଡ଼, ତୁଖୁଡ଼, ବି. (ଦେଶଜ) ବିବାଦ । ବିଂ. ବଳିଷ୍ଠ ।

ତୁଙ୍ଗ, ବିଂ. (ତୁନ୍ଗ୍=ବଳିଷ୍ଠ ହେବା-ଅ) ଉନ୍ନତ; ଶ୍ରେଷ୍ଠ; ଉଗ୍ର । ବି. ପର୍ବତ; ନଡ଼ିଆଗଛ ପ୍ରଭୃତି; ମେଷାଦି ରାଶିବିଶେଷ । (ସ୍ତ୍ରୀ-ଈ) ହରିଦ୍ରା; ରାତ୍ରି ।

ତୁଙ୍ଗା, ଟୁଙ୍ଗା, ବି. (ଦେଶଜ) ମୂଳବିଶେଷ, ଏହାକୁ ବୈଶଂଜାତିମାନେ ଖାନ୍ତି ।

ତୁଚ୍ଛ, ତୁଛ, ବିଂ. (ତୁଚ୍ଛ ଶବ୍ଦଜ) ଖାଲି । ଯଥା—

**ପାନ ତୁଚ୍ଛ କର ଦଆଦେଇ ହୋଇଲେ ।** ବୈ. ବି.

(ଉଆସ ଶବ୍ଦ ଦେଖ ।)

ତୁଚ୍ଛା, ତୁଚ୍ଛ, ଚୁଚ୍ଛ, ବିଂ. (ଦେଶଜ) ଖାଲି; ମିଥ୍ୟା; କେବଳ । ଯଥା—

**ତୁଚ୍ଛା ଚିନ୍ତା କେବେ ଫେଡ଼ିଲା କପଣ ।**

ଭୁଚ୍ଛଇଁ, ଭୁଚ୍ଛକୁ, ଭୁଚ୍ଛହିଁ, ଭୁଚ୍ଛଇଁକି, ଭୁଚ୍ଛେଇକି, ଭୁଚ୍ଛଠାକୁ, } କ୍ରି. ବିଂ. ( ଦେଶଜ ) ନିଷ୍କାରଣରେ । ଯଥା—

ବିରାଟ ବୋଇଲେ ଗୋ ସୈରନ୍ଧ୍ରୀ, ଭୁଚ୍ଛହିଁ,
ଦଅ କନ୍ଦା ମୋତେ ମୁଁ କିଛି ଜାଣି ନାହିଁ । କୃ.ଭା.ବି.ପ.

ଭୁଚ୍ଛଇବା, ଚୁଚ୍ଛଇବା, ଭୁଚ୍ଛେଇବା, } କ୍ରି. ( ଦେଶଜ ) ଅଜାଡ଼ିବା ।

ଭୁଚ୍ଛାକୁ, ଭୁଚ୍ଛାନକ, କ୍ରି. ବିଂ. ( ଦେଶଜ ) ନିଷ୍କାରଣରେ । ଯଥା—

ଦେବତାଏ ତାଙ୍କୁ କି ଅପକାର କଲେ,
ଭୁଚ୍ଛାନକ କ୍ରୋଧ ଏଡ଼େ ସେ ବହିଲେ । କୃ.ଭା.ଆ.ପ.

ଭୁଚ୍ଛେଇଁ, ଭୁଚ୍ଛେଇ, କ୍ରି. ବିଂ. ( ଦେଶଜ ) ଅକାରଣରେ ।

ଭୁଚ୍ଛ, ବିଂ.(ଭୁଜ୍-ଓଜନ କରିବା-ଛ) ଅସାର; ହେୟ; ଶୂନ୍ୟ; ଅଳ୍ପ; ବର୍ଜିତ । ବି. ତୁଷ ।

ଭୁଟ, ବି. ( ତ୍ରୁଟ୍ ଧାତୁଜ ) ବାଣିଜ୍ୟରେ ନୋକସାନ ବା ହାନି, କ୍ଷୟ । ଯଥା—

ଚଞ୍ଚଳା ପିତା ସମାନ,
ଅର୍ଜ୍ଜନ ଭୁଟରହିତ ସର୍ବଦା ବର୍ଦ୍ଧି । ର. ପ.

ଭୁଟକା, ବିଂ. (ଦେଶଜ) ସାମାନ୍ୟ ।

ଭୁଟା, ବି. (ଦେଶଜ) ଗାଳି । ବିଂ. ଯେ ଭୁଟଇ ବା ଗୁଡ଼ଇ । ଯଥା—

କାହା ରଥ ଭାଜିଅଛି କାହା ଗୋଡ ଗ୍ରୁଟା,
ଯାନ ଚଢ଼ି ନ ପାରନ୍ତି ସର୍ବେ ରଣଭୁଟା । ସା.ଭା.ଆ.

ଭଙ୍ଗା, ଛିଣ୍ଡା ।

ଭୁଟି, ବି. (ତ୍ରୁଟି ଶବ୍ଦଜ) ଅଳ୍ପକାଳ; ହାନି । ଯଥା—

ହେବଲ ହେଉ ପଛେ ବହୁତ ଭୁଟି,
ଛାପାଖାନା ଏଣେ ଧରିଛି ତୋଟି । ଉ. ସା.

ବିଂ. ଅଳ୍ପ ।

ଭୁଟିବା, କ୍ରି. (ତ୍ରୁଟ୍ ଧାତୁଜ, ପ୍ରାକୃତ ଭୁଟ୍ଟ ଧାତୁଜାତ) ନାଶ ହେବା, ଛିନ୍ନ ହେବା । ଯଥା—

ଭୁଟିଛି ଉର ହାର ଗଜମୋତି । ବ. ସ୍ୱ.

କ୍ଷୀଣ ହେବା ବା ଊଣା ପଡ଼ିବା । ଯଥା—

ଶିଷ୍ୟ ସ୍ନେହ ଭୁଟିଗଲେ ସେ ହେବେ କ୍ରୋଧ । ଲ. ବ.

ତ୍ୟକ୍ତ ହେବା । (ଦେଶଜ) ଗାଳିଦେବା; ନିଷ୍ପନ୍ନ ହେବା ।

ଭୁଠ, ତୋଠ, ବି. (ତୀର୍ଥ ଶବ୍ଦଜ) ନଦୀ ବା ପୁଷ୍କରିଣୀରେ ସ୍ନାନ କରିବା ସ୍ଥାନ; ନଦୀ ବା ପୁଷ୍କରିଣୀର ଯେଉଁ ସ୍ଥାନରେ ମୃତାହ ଶ୍ରାଦ୍ଧାଦି କରାଯାଏ ।

ଭୁଠପଥର, ବି.(ଦେଶଜ) ନଦୀ ବା ପୁଷ୍କରିଣୀର ସ୍ନାନ କରିବା ସ୍ଥାନରେ ପଡ଼ିଥିବା ପଥର; ଅତ୍ୟନ୍ତ ସହିଷ୍ଣୁ ଲୋକ ।

ଭୁଡ଼କା, ବି. (ଦେଶଜ) ଗୋରୁମାନଙ୍କୁ ହେବା ରୋଗବିଶେଷ, ଏ ରୋଗ ଜନ୍ମିଲେ ଗୋରୁର ମୁହଁ ଫୁଲିଯାଇ ଭୁଣ୍ଡରୁ ଅନେକ ଲାଳ ବହେ ।

ଭୁଡ଼୍କ, ବି. ( ପ୍ରାକୃତ ଭୁରୁକ ଶବ୍ଦଜ ) ପଠାଣ । ଯଥା—

ଭୁଡ଼ୁକେ କରେ ଭର ଖିଡ଼ିକମାନଙ୍କୁ,
ପୋଷ କର ଯୋଡ଼ିକଦେଲେ ମନ୍ଦୁରାକୁ । କୃ.ଭା.ଆ.ପ.

ଭୁଣ, ବି. ( ତେମନ ଶବ୍ଦଜ ) ବ୍ୟଞ୍ଜନ ବା ତରକାରି ।

ଭୁଣ, ଭୁଣି, ଭୃଣ, ବି. (ତୂଣ ବା ତୂଣୀ ଶବ୍ଦର ଅପଭ୍ରଂଶ) ତୂଣୀର, ଶରମୁଣା ।

ଭୁଣ୍ଡ, ବି. (ଭୁଣ୍ଡ୍-ଅ) ମୁଖ; ଓଷ୍ଠାଧର, ଚଞ୍ଚୁ; ଶିବ । (ମୁଖ ଅର୍ଥରେ) ଯଥା—

କବ କବ ହେଲେ କିଛି ନୋହିବ ଭୁଣ୍ଡେ ।

(ଦେଶଜ) ପାଟି, ଉଚ୍ଚବାକ୍ୟ ।

ଭୁଣ୍ଡଆ, ଭୁଣ୍ଡିଆ, } ବିଂ. (ଭୁଣ୍ଡ ଶବ୍ଦରେ ଦେଶଜ ପ୍ରତ୍ୟୟ ପ୍ରୟୋଗ ) ବାଚାଳ; ଯେ ଉଚ୍ଚ ଧ୍ୱନି କରେ; ଯେ ସର୍ବଦା ଏଣୁ-ତେଣୁ ଗୁଡ଼ାଏ କହୁଥାଏ ।

ଭୁଣ୍ଡ କରିବା, କ୍ରି. ବଡ଼ପାଟି କରିବା; ବଡ଼ ଶବ୍ଦ କରିବା ।

ଭୁଣ୍ଡପୋଡ଼ା, ବି. ( ଦେଶଜ ) କଣ୍ଟକବୃକ୍ଷ-ବିଶେଷ ।

ଭୁଣ୍ଡବଜା, ବିଂ. (ଦେଶଜ) କଳହ; ହଟହଟା ।
ଭୁଣ୍ଡବାଇଦ, ବି. (ଦେଶଜ) ଜନଶ୍ରୁତି ।
ଭୁଣ୍ଡଲ, ବି. (ଦେଶଜ) ଅସ୍ତ୍ରବିଶେଷ । (ଫଳା-ଫଳା ଶବ୍ଦ ଦେଖ ।)
ଭୁଣ୍ଡସଙ୍ଖାଳ, ବିଂ. (ଦେଶଜ) କଥାବାର୍ତ୍ତାରେ ପ୍ରିୟ । ଯଥା—
ଭୁଣ୍ଡସଙ୍ଖାଳ ହୋଇ ମିଶିଣ ଥିବା ରହୁ,
ତୁମ୍ଭଙ୍କୁ ଦାନ ଦ୍ରବ୍ୟ ଏତେକ ଦେଲୁ ମୁହିଁ । ନୃ.ପୁ.ସ.ତ.
ଭୁଣ୍ଡାଟ, ବି. (ଦେଶଜ) ଘରଚାଳର ନିମ୍ନଭାଗରେ ଓଳତଳେ ଯେଉଁ ପଟା ଦିଆଯାଇଥାଏ । ଯଥା—
ଜମ୍ବୁନଦ ବତା ଲଇ ଚଙ୍ଗପାଟସ୍ଥିତା,
ଭୁଣ୍ଡାଟ ଗୋମେଦ ମାଣିକ୍ୟର ଧାଡ଼ି ବତା । ମ°. ଫ.
ଭୁଣ୍ଡି, ବି. (ଭୁଣ୍ଡ୍-ଇ) ଆସ୍ୟ; ସ୍ତ୍ରୀ. ନାଭି; ଚଞ୍ଚୁ । (ଭୁଣ୍ଡ ଦେଖ) ଗୋରୁଆଦିଙ୍କ ମୁଖରେ ଦେବା ଆଚ୍ଛାଦନବିଶେଷ । ଯଥା—
ଭଳିଲି ବନ୍ଧ କ ଗ୍ରୁଡ଼ିଦେଲି
ମୃଗ ଭୁଣ୍ଡେ ବଜ୍ରଭୁଣ୍ଡି ଦେଇ । ଯ. କେ.
ଘରର ଛଣଖାଇ । ଯଥା—
ଅବର ଦେବତାଙ୍କର ପୁର କଲି ଝଞ୍ଜା,
ଓର ଭୁଣ୍ଡି ପ୍ରବାଳରେ ଚହୂ ପୁଞ୍ଜା ପୁଞ୍ଜା । ନୃ.ପୁ.ପ୍ର.ତ.
ଭୁଣ୍ଡିଆ, ବିଂ. (ଦେଶଜ) ଯେ ପାଠିକରି ଗୋଳମାଳ କରେ ।
ଭୁଣ୍ଡିଆ, ଭୁଣ୍ଡିଆଟ, ଭୁଣ୍ଡି, } ବି. (ଦେଶଜ) ଛଣଖାଇ, ଗୃହଚାଳର ନିମ୍ନପ୍ରାନ୍ତରେ ଲାଗିଥିବା ପଟା । ଯଥା—
ପ୍ରବାଳରେ ମଣ୍ଡଣି ହୋଇଛୁ ହୀର ଭୁଣ୍ଡି,
ଭୁଣ୍ଡିଆ ଶ୍ରେଣୀରେ ମରକତ ଖଣ୍ଡି ଖଣ୍ଡି । ନୃ.ପୁ.ପ.ତ.
ଭୁଣ୍ଡେଇ, ବି. ସ୍ତ୍ରୀ. (ଦେଶଜ) କଳହକାରୀ ସ୍ତ୍ରୀ ।
ଭୁଣ୍ଡିଭ, ବିଂ. (ଭୁନ୍ଦିଳ ଶବ୍ଦଜ) ପେଟୁଆ, ସ୍ଥୂଳୋଦର ।
ଭୁତ, ବି. (ଦେଶଜ) ଯେଉଁ ବୃକ୍ଷର ପତ୍ର ରେଶମ ପୋକ ଖାଇ ବଞ୍ଚଇ ।
ଭୁତପୋକ, ବି. (ଦେଶଜ) ଯେଉଁ ପୋକ ତସର ସୂତା ପ୍ରସ୍ତୁତ କରଇ ।

ଭୁ, ଛା, ବି. (ଦେଶଜ) ଅପମାନସୂଚକ ବାକ୍ୟ ।
ଭୁ ଛା କରିବା, କ୍ରି. (ଦେଶଜ) ଅପମାନସୂଚକ ବାକ୍ୟ କହିବା ।
ଭୁତି, ବି. (ଦେଶଜ) ପକ୍ଷିବିଶେଷ । ଯଥା—
ସାରି ଶୁଆ ଶାମା ଭୁତି ଚପାପୁଅ ଦଯ୍ୟାଳୁ ପୁଣି ମୁନିଆ ।
ଯ. କେ.
ଭୁତିଆ, ବି. (ଭୁଥକ ଶବ୍ଦଜ) ମନ୍ଥରଗିରିଆ ।
ଭୁନା, ଭୁନିହ, ଭୁନହୋ, } କ୍ରିୟାରୂପ (ଦେଶଜ) ଭୁନିହୁଅ, ଚୁପ୍‌ରହ । ଯଥା—
ଭୁନିହ ସେ କଥା ଶୁଣିବାକୁ ମନ ବଳୁ ନାହିଁ ସୁକୁମାରୀ ।
ପାର୍ବତୀ ।
ମିତ ! ଭୁନ ହୋ ଲେ ଭୁ ତ ଅନୁଭବୀ ନୋହୁ ।
ସଙ୍ଗୀତ ।
ଭୁନ, ଭୁନତାନ, ବି. (ତୂଷ୍ଣୀଂ ଶବ୍ଦଜ) ନିର୍ବାକ୍, ନୀରବ । ଯଥା—
ମୁଖେ ବାସ ଦେଇ ତହୁଁ ସଖୀମାନେ ରାଧାଙ୍କୁ ଭୁନ କରିଲେ । ବି. ଚ. ମ.
ଭୁନତାନ ହୋଇ ରହିଲେ ଘରେ,
ଶଠିରେ ଉତ୍ତର ନ ଦେଲେ ଅରେ । ହ. ସା.
ଭୁନହେବା, କ୍ରି. (ତୂଷ୍ଣୀଂ ଶବ୍ଦଜ) ଚୁପ ହେବା ।
ଭୁନ୍ଦ, ବି. (ଭୁନ୍ଦ୍—ପୀଡ଼ା ଦେବା-ଅ, ନ ଆଗମ) ଉଦର, ପେଟ । (ସ୍ତ୍ରୀ-ଈ) ନାଭି ।
ଭୁନ୍ଦ, ବି. (ଭୁନ୍ଦ ଶବ୍ଦ ଦେଖ-ଇ) ଉଦର, ପେଟ; ନାଭି; ଗନ୍ଧଦ୍ରବ୍ୟବିଶେଷ ।
ଭୁନ୍ଦଭ, ଭୁଣ୍ଡିଭ, ବି. (ଭୁନ୍ଦିଳ ଶବ୍ଦଜ) ସ୍ଥୂଳୋଦର, ପେଟୁଆ ।
ଭୁନ୍ଦିକ, ଭୁନ୍ଦିଭ, ଭୁନ୍ଦିଳ, } ବିଂ. (ଭୁନ୍ଦ-ଇକ, ଇଭ, ଇଳ ଅସ୍ତ୍ୟର୍ଥେ) ସ୍ଥୂଳୋଦର, ପେଟା ।
ଭୁନ୍ନ, ବିଂ. (ଭୁଦ୍ = ବ୍ୟଥିତ କରିବା-ତ) ବ୍ୟଥିତ; ଛିନ୍ନ । ବି. ବୃକ୍ଷବିଶେଷ ।
ଭୁନ୍ନବାପୁ, ବି. (ଭୁନ୍ନ = ଛିନ୍ନ-ବେ = ସିଇଁବା-ଅ) ଦରଜୀ । (ଭୁନ୍ନବାପସ୍ତୁ ସୌଚିକଃ—ଅମର ।)
ଭୁଁପୁଡ଼ା, ବିଂ. (ଦେଶଜ) ଶୁଷ୍କ, ସଙ୍କୁଚିତ, ଯାହାର ଶରୀର ଅତି ଶୁଷ୍କ ।
ଭୁମ, ଭୁମର, ସର୍ବଂ. (ଯୁଷ୍ମଦ୍ ଶବ୍ଦଜ) ତୁମ୍ଭର ।

ତୁମୁଡୀ, ବି. ସ୍ତ୍ରୀ. (ଦେଶଜ) ସର୍ପଖେଳାର ଲାଉର ବଂଶୀ; ଏକପ୍ରକାର ବିଷାକ୍ତ କୀଟ ।

ତୁମୁଳ, ତୁମୂଳ, ବିଂ. (ତୁ = ବଧ କରିବା-ମୂଳକ୍, ମୂଳକ୍) ବିଶୃଙ୍ଖଳ; ଘୋରତର; ଅତିଶୟ; ଉତ୍କଟ; ଭୟାନକ; ବ୍ୟାକୁଳ । ବି. କଳହ, ଗଣ୍ଡଗୋଳ, ଯୁଦ୍ଧସଂକୁଳ । (ତୁମୂଳଂ ରଣସଂକୁଳେ—ଅମର ।)

ତୁମେ, ତୁମ୍ଭେ, ସର୍ବଂ. (ପ୍ରାକୃତ ତୁମ୍‌ହେ ପଦରୁ ଜାତ) ତୁ ପଦର ମାନ୍ୟାର୍ଥ । ଯଥା—

ପ୍ରଥମେ ମାଘମହାତମେ,
ଯାହା କହିଲ ପ୍ରଭୁ ତୁମେ । ମା. ମା.

ତୁମ୍ବ, ବି. (ଦେଶଜ) ଶକଟାଦି ଚକ୍ରର ମଧ୍ୟସ୍ଥଳ, ଧାନ୍ୟାଦି ମାପିବା ପାତ୍ରବିଶେଷ ।

ତୁମ୍ବପାଣ୍ଡିଆ, ବି. (ଦେଶଜ) ଶଗଡ଼ ତୁମ୍ବର ଗୃହ ଆଡ଼େ ଥିବା ଲୁହାବଳୟ ।

ତୁମ୍ବା, ତୁମ୍ବ, ତୁମ୍ବି, ବି. (ତୁମ୍ବୀ ଶବ୍ଦଜ) ବୀଣାଦି ଯନ୍ତ୍ରର ହାଣ୍ଡି ବା ଆଧାର; ତୁମ୍ବାରେ କରିବା ବାଦ୍ୟଯନ୍ତ୍ର: ଯୋଗିମାନଙ୍କର ଅଲାବୁପାତ୍ର । ଯଥା—

ବେଣୁ କରରେ ତୁମ୍ବା ଲଠି,
କିଅବା ବିଜୟ ଧୂର୍ଜଟୀ । ଦା. ର.

ତୁମ୍ବି, ବି. (ଦେଶଜ) ଏକପ୍ରକାର ବାଣ । ଯଥା—

ଚହବାଣ ଚନ୍ଦ୍ରବାଣ ତୁମ୍ବି ଯେ ହାବେଲି,
ଆକାଶେ ଗର୍ଜନ୍ତି ବାଣ ଜଣି ଅଦ୍ରାବଳି । ମ. ସଂ.

ଧାନ୍ୟାଦିପରିମାପକ ପାତ୍ରବିଶେଷ ।

ତୁମୁଡ଼ି, ବି. (ଦେଶଜ) ଏକପ୍ରକାର ବିଷାକ୍ତ କୀଟ ।

ତୁମ୍ବୁରି, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ । ଯଥା—

ଅଗସ୍ତି ମହାଋଷି ନାଚନ୍ତି ବାଇ ତାଳ,
ତୁମ୍ବୁରି ବଜାନ୍ତି ଯେ କପିଳ ତପଶୀଳ । ନୃ. ପୁ. ତୃ. ତ.

ତୁମ୍ବୁରୀ, ବି. (ତୁମ୍ବ୍ = ବଧ କରିବା-ଉର-ସ୍ତ୍ରୀ-ଈ) କୁକ୍‌କୁରୀ ।

ତୁମ୍ବୁରୁ, ବି. (ତୁମ୍ବ୍ = ବଧ କରିବା-ଉରୁ) ଗନ୍ଧର୍ବବିଶେଷ; ବୃକ୍ଷବିଶେଷ ।

ତୁମ୍ଭ, ସର୍ବଂ. (ପ୍ରାକୃତ ତୁମ୍ହରୁ ଜାତ) ଆପଣଙ୍କର ।

ତୁମ୍ଭଠାଇଁ, ତୁମ୍ଭରେ, ସର୍ବଂ. (ଦେଶଜ) ତୁମ୍ଭଠାରେ । ଯଥା—

ଆମ୍ଭର ମନ ତୁମ୍ଭଠାଇଁ,
ନକଟେ ଯିବୁଁ ବେନି ଭାଇ । ଖ. ଦ. ସ୍କ.

ତୁମ୍ଭଠାରୁଁ, ତୁମ୍ଭରଠାରୁଁ, ସର୍ବଂ. (ଦେଶଜ) ତୁମ୍ଭଠାରୁ । ଯଥା—

ତୁମ୍ଭେଟି ଦେବ ଅଖିଳତାତ,
ତୁମ୍ଭଠାରୁଁ ସକଳ ଜାତ । ବି. ଗୀ.

ତୁମ୍ଭେ, ସର୍ବଂ. (ପ୍ରାକୃତ ତୁମ୍‌ହେରୁ ଜାତ) ଆପଣ ।

ତୁର, କ୍ରି. ବିଂ. (ତ୍ୱର ଶବ୍ଦଜ) ଶୀଘ୍ର । (ତୂର୍ଯ୍ୟ ଶବ୍ଦଜ) ବାଦ୍ୟବିଶେଷ । ଯଥା—

ଫିଟାଇଣ ଗୃହ ଦ୍ୱାର, ବାହାର ହେଲେ ଅସୁର,—
ବଜାଇ ବିବିଧ ତୁର, ସକଳ ବୀର । ବି. ଗୀ.

ତୁର୍କ, ତୁରୁକ, ବି. (ତୁରସ୍କ ଶବ୍ଦଜ) ପଠାଣ । (ସ୍ତ୍ରୀ ରେ) ତୁରକୀ ।

ତୁରଗ, ତୁରଙ୍ଗ, ତୁରଙ୍ଗମ, ବି. (ତ୍ୱର-ଗମ୍-ଅ, ବିକଳ୍ପେ ମ ଆଗମ ଓ ଧାତୁର ମ ଲୋପ, ତ୍ୱର = ତୁର) ଅଶ୍ୱ; ମନଃ ।

ତୁରଗୀ, ତୁରଙ୍ଗୀ, ବି. (ତୁରଗ, ତୁରଙ୍ଗ-ଇନ୍-ଅସ୍ତ୍ୟର୍ଥେ)) ଘୋଡ଼ସବାର । ସ୍ତ୍ରୀ. ଅଶ୍ୱସ୍ତ୍ରୀ; ଅଶ୍ୱଗନ୍ଧା ।

ତୁରନ୍ତ, କ୍ରି. ବିଂ. (ତ୍ୱରିତ ଶବ୍ଦଜ) ଶୀଘ୍ର ।

ତୁରି, ତୁରୀ, ବି. ସ୍ତ୍ରୀ. (ତୁର—ଦ୍ରୁତଗମନ-ଇ, ଈ) ତନ୍ତୁବାୟର ଯନ୍ତ୍ରବିଶେଷ; ବାଦ୍ୟଯନ୍ତ୍ରବିଶେଷ ।

ତୁରିତ, କ୍ରି. ବିଂ. (ତ୍ୱରିତ ଶବ୍ଦଜ, ପ୍ରାକୃତ ତୁରିଦରୁ ଜାତ) ଶୀଘ୍ର, ହଠାତ୍ ।

ତୁରିତବନ୍ତ, ବି. (ତ୍ୱରିତ ଶବ୍ଦଜ) ସତ୍ୱର । ଯଥା—

ଲୋକଙ୍କୁ ଦୂର କରି, ଅଶ୍ୱରୁ ସେ ଉତୁରି,
ତୁରିତବନ୍ତ ହୋଇ ସେ ଗଲା । ସୁ. ପ.

ତୁରୀ, ତୁରି, ବି. (ତୂର୍ଯ୍ୟ ଶବ୍ଦଜ) ବାଦ୍ୟବିଶେଷ ।

ତୁରୀୟ, ବିଂ. (ଚତୁର୍-ଈୟ—ନିପାତନ) ଚତୁର୍ଥ । ଯଥା—ତୁରୀୟଯୁଗ । ପରମାତ୍ମା; ଗତିଯୁକ୍ତ; ଚତୁର୍ଥାଂଶର ପୂରଣ ।

ତୁରୁମ, ତୁରୁଙ୍ଗ, ବି. (ଦେଶଜ) ପାଦବନ୍ଧନୀ, ବେଡ଼ି ।

ତୁରୁଷା, ବି. (ତୃଷା ଶବ୍ଦଜ) ଶୋଷ । ଯଥା—

ଅଛନ୍ତି ଆକୁଳ ମୋ କାୟେ,
ଭୁଲୁଛି ଅତି ତୁରୁଷାଏ । ମା. ମା.

**ତୁର୍ଯ୍ୟ, ତୂର୍ଯ୍ୟ,** ବିଂ. ( ଚତୁର୍-ଯ ) ଚତୁର୍ଥ । ଯଥା—

ତୁର୍ଯ୍ୟାପତ୍ୟ ତୁମ୍ଭେ ସଦା ହୁଅ କୃତ-ଶ୍ରାଦ୍ଧାଦ୍ଧ
ପୈତୃକିସ୍ତୁ । ଜା. ପ. ନା.

**ତୁଳ,** କି. (ତୁଳନ ବା ତୁଳା ଶବ୍ଦଜ) ଓଜନ କରିବା । ବି. ଓଜନ । ବିଂ. (ତୁଲ୍ୟ ଶବ୍ଦଜ) ସମାନ । ଯଥା—

ତୁଚର ଚରଣ ତଳକୁ ତଳକୁ ଜବା କରିବା ଅନୁଚିତ । ବି. ଚି. ମ.

**ତୁଳଣା,** ବି. (ତୁଳନା ଶବ୍ଦଜ) ତୁଳିବା; ସାମ୍ୟ କରିବା; ସାଦୃଶ୍ୟ ।

**ତୁଳନା,** ବି. ସ୍ତ୍ରୀ. (ତୁଲ୍=ସଦୃଶ ହେବା-ଅନ-ଆ) ଉପମା, ସାଦୃଶ୍ୟ, ଦୃଷ୍ଟାନ୍ତ; ପରିମାଣ ।

**ତୁଳସା,** ବି. ସ୍ତ୍ରୀ. (ତୁଳସୀ ଶବ୍ଦଜ) ତୁଳସୀ-ଦେବୀ । ଯଥା—

କି କୁସୁମ ଦେଇ ଗନ୍ଧ କରିବ ମନ୍ତ୍ରିଣି,
ଯାହାର ପ୍ରିୟବନ୍ତୀ ତୁଳସା ଠାକୁରାଣୀ । ନୃ.ସୂ.ତୃ.ତ.

**ତୁଳସାରଣୀ,** ବି. ସ୍ତ୍ରୀ. ସଂ. ତୂଣ; ବାଣାଧାର ।

**ତୁଳସୀ,** ବି. ସ୍ତ୍ରୀ. (ତୁଳା=ସାଦୃଶ୍ୟ-ସୋ=ନାଶ କରିବା-ଅ-ଈ, ଯାହାର ସାଦୃଶ୍ୟ ନାହିଁ) ସ୍ୱନାମପ୍ରସିଦ୍ଧ ବୃକ୍ଷ; ବିଷ୍ଣୁପୁରାଣ-ମତେ ଜଳନ୍ଧରକନ୍ୟା; ବ୍ରହ୍ମପୁରାଣମତେ ରାଧିକାଙ୍କର ସଖୀ ।

**ତୁଲ,** ବିଂ. (ତୁଲ୍ୟ ଶବ୍ଦର ଅପଭ୍ରଂଶ) ସମାନ । ଯଥା—

ତୁମ୍ଭୂଦମ୍ନା ପ୍ରୋଷିତା ନାରୀ ତୁଲ,
କୁନ୍ଦଲତା ଗୁଡ଼ି ହେଲା ପ୍ରଫୁଲ୍ଲ । ର. ପ.

ବି. (ଦେଶଜ) ଗୃହୋପକରଣ ପାତ୍ରାଦି । ଯେପରି—ଘର ତୁଲ ।

**ତୁଲେ,** କ୍ରି. ବିଂ. (ଦେଶଜ) ସଙ୍ଗରେ, ସଙ୍ଗେ ।

**ତୁଳା,** ବି. ( ତୂଳକ ଶବ୍ଦଜ ) କପା ଏବଂ ଶାଳ୍ମଳୀକୋଷ ପ୍ରଭୃତି; ଓଜନ ବା ଅନୁମାନ କରି ଜାଣିବା । ବିଂ. ( ତୁଲ୍ୟ ଶବ୍ଦଜ ) ସମାନ । ଯଥା—

ମୁଖ ସାନ୍ଦ୍ରକୁ ପୂର୍ଣ୍ଣଚନ୍ଦ୍ର ନ ଘଟିଲା ଦେହ ଚନ୍ଦ୍ରା
ପାଇ କପୋଳ ତୁଳା ଅଧିକରେ ନୋହିଲା ।
ବି. ଚି. ମ.

**ତୁଳା,** ବି. ସ୍ତ୍ରୀ. (ତୁଲ୍=ଓଜନ କରିବା-ଅ-ଆ) ପରିମାଣଦଣ୍ଡ; ଭାରର ପରିମାଣ; ସାଦୃଶ୍ୟ; ସାମ୍ୟ; ତୁଳରାଶି; ନିକିତି ।

**ତୁଳାଇବା,** କି. ( ତୁଳକ ଶବ୍ଦଜ ) ଓଜନ କରାଇବା ।

**ତୁଳାକୋଟି,** ବି. ସ୍ତ୍ରୀ. (ତୁଳା=ନିକ୍ତି-କୁଟ୍=ପରିମାଣ କରିବା-ଇ) ନୂପୁର; ପରିମାଣ-ବିଶେଷ; ତୁଳାଦଣ୍ଡର ଅଗ୍ରଭାଗ ।

**ତୁଳାଧାର,** ବି. ( ତୁଳା=ପରିମାଣଦଣ୍ଡ, ଧୃ-ଅ) ବାଣିଜ୍ୟକାରୀ ।

**ତୁଲାଇବା,** କି. (ଦେଶଜ) ସମାଧାନ କରିବା; ସମାନ କରିବା । ଯଥା—

ହେ ଭଲ କହିଲ ବର କାହିଁ ଲକ୍ଷ୍ମୀ
ସୁକାନ୍ତକ ଆଉ ତୁଲାଇବ । କୋ.ବ୍ର.ସୁ.

ସମାନ ହେଲା ପରି ଦେବା । ଯଥା—

ହାଁ ହାଁ ହୁଁ ହୁଁ ନାମ ମଲ୍ଲି ମଲ୍ଲି
ରଖି ଭାଷାକୁ କସି ତୁଲାଇବ । ପ୍ରେ.ସୁ.ନି.

**ତୁଳି, ତୁଳୀ, ତୁଳିକା, ତୂଳି, ତୂଳୀ, ତୂଳିକା,** ବି. ସ୍ତ୍ରୀ. (ତୁଲ୍=ପରିମାଣ କରିବା-ଇ, ଈ-କ-ଆ) ତୁଳାନିର୍ମିତ ଶଯ୍ୟା; ଚିତ୍ରକରର ବର୍ତ୍ତିକା, ଚିତ୍ର କରିବା ଶଳାକା; ତନ୍ତୁ-ବାୟର ତୁରୀ ।

**ତୁଳି,** ବି. ( ତୂଳିକା ଶବ୍ଦଜ ) ଚିତ୍ରକାରର ଲେଖନୀ । ଯଥା—

ଉନ୍ମୀଳିତ ହୋଇ ତୁଳିରେ ଯେସନ
ଶୋଭେ ବର୍ଣ୍ଣୋଜ୍ଜ୍ୱଳ ଚିତ୍ର । ଯ. କେ.

ତନ୍ତୀଙ୍କ କଣ୍ଡା ରଖିବା ଯନ୍ତ୍ର; ଗୃହଘରର ଉଚ୍ଚତମ ଭାଗ; ପାଟମୁଚୁଳା । ଯଥା—

ପଡ଼ିଲା ତୁଳି ପାହାଡ଼ା ବଳସ୍ତ୍ର ନିର୍ମିଲେ,
ବାଜିଲେ ମେଘା ମୃଦଙ୍ଗ ମର୍ଦ୍ଦଳ ସହିତେ । କୋ.ବ୍ର.ସୁ.

(ତୂଳକ ଶବ୍ଦଜ) ତୁଳା; ଶଯ୍ୟା, ଶେଜ । ଯଥା—

ଗୁନ୍ଥି ଫୁଲମାଳୀ ମାଳୀପ୍ରାନ୍ତେ ପାତି ତୁଳି ତୁଳିକେ
ଚିତ୍ର ଲେଖିବ ଭାଲି ଭାଲି । ପ୍ରେ.ସୁ.ନି.

ତୁଳଆ, ବି. (ଦେଶଜ) ଗୃହର ମଧ୍ୟଭାଗରେ ଏବଂ ଦାଣ୍ଡଅଗ୍ନ ମଝିରେ ପଡ଼ିବା ଖମ୍ବ । ବିଂ. ତୁଳ ବା ଗୃହଧରର ଉଚ୍ଚତମଭାଗସମ୍ବନ୍ଧୀୟ । ଯେପରି—ତୁଳଆ ସେଣି ବା ଖମ୍ବ ।

ତୁଳିକ, ବି. (ତୁଳି-କ) ଲେଖନୀ । ଯଥା—

ଯଥାକଥା କରି ତାକୁ ଜଣାଣ,
ଲେଖିବା ତୁଳିକ କାଗଜ ଆଣ । ଲ. ବ.

ତୁଳକାଠ, ବି. (ଦେଶଜ ପ୍ରାୟ) ତନ୍ତମାନଙ୍କର ଲୁଗା ବୁଣିବା କାଷ୍ଠବିଶେଷ । ଯଥା—

ତନ୍ତୁକୁଳ ଲୋକ ଯେବେ କରିବେଟି ଦୋଷ,
ତାହାଙ୍କର ତୁଳକାଠ କାଢ଼ିବ ଅବଶ୍ୟ । ନୃ.ପୃ.ପ୍ର.ତ.

ତୁଳିତ, ବିଂ. (ତୁଳ୍-ତ) ପରିମିତ, ଉପମିତ, ଉତ୍କ୍ଷିପ୍ତ, ତୂଳିତ ।

ତୁଳିବା, କ୍ରି. (ତୁଳ୍ ଧାତୁଜ) ଓଜନ କରିବା, ସମାନ ମଣିବା । ଯଥା—

ଧୀରେ ଶୁଣି ତୁଳିବ ନଧିରେ । ବ. ଚ. ମ.

ତୁଳସୁପାଡ଼,ବି. (ଦେଶଜ) ରେଜେଇ । ଯଥା—

କଲି ତୁଳି ସୁପାଡ଼ ଅଙ୍ଗପଙ୍ଗ । ର. କ.

ତୁଟେଲ, ତୁଲରେ, ଅଂ. ( ଦେଶଜ ) ସଙ୍ଗେ । ଯଥା—

ଏ ସଙ୍କଟକାଳେ ଯିବଟିକି ମୋର ତୁଲେ । ଉ. ବ.
ପାଣ୍ଡୁସୁତେ ଅଗ୍ନି ତୁଲରେ ଦ୍ୱିଜଙ୍କୁ,
ପ୍ରଦକ୍ଷିଣ କରି ନମିଲେ ପାବକଙ୍କୁ । କୃ. ଖ. ବ. ପ.

ତୁଲ୍ୟ, ବିଂ. (ତୁଳା-ଯ) ସମାନ; ସଦୃଶ ।

ତୁବର,ବି. (ତୁ=ପୀଡ଼ା କରିବା-ବର) କଷାୟ-ରସ । ବିଂ. କଷାୟରସଯୁକ୍ତ ।

ତୁଷ, ବି. ( ତୁଷ୍=ସନ୍ତୁଷ୍ଟ କରିବା-ଅ ) ଧାନ୍ୟାଦିର ଚୋପା, ଚଷୁ ।

ତୁଷାର, ବି. (ତୁଷ୍=ତୁଷ୍ଟ ହେବା-ଆର) ହିମ, ନିହାର ବା ଜଳକଣା, ଶୈତ୍ୟ, ବରଫ; ଦେଶବିଶେଷ । ବିଂ. ଶୀତଳ ।

ତୁଷ୍ଟ, ବିଂ. (ତୁଷ୍=ତୁଷ୍ଟ ହେବା-ତ) ତୃପ୍ତ, ଆହ୍ଲାଦିତ । (ବିଶେଷ୍ୟରେ ତୁଷ୍ଟି ହୁଏ ।)

ତୁହାଇ, ଅଂ. (ଦେଶଜ) ପୁନଃପୁନଃ । ଯଥା—

କରକା ମାରୁଛି ତୁହାଇ । ଲ. ବ.

ତୁହାକୁତୁହା, କ୍ରି. ବିଂ. (ଦେଶଜ) ଥରକୁଥର ।

ତୁହି, ସର୍ବଂ. (ପ୍ରାକୃତ ତୁହ ଶବ୍ଦଜ) ତୁ ।

ତୁହିନ, ବି. ( ତୁହ୍=ପୀଡ଼ା ଦେବା ଇନ ) ହିମ, ଜ୍ୟୋତ୍ସ୍ନା । ବିଂ. ଶୀତଳ ।

ତୁହିନକର, } ବି. (ତୁହିନ=ଶୀତଳ-କର,
ତୁହିନାଂଶୁ, } ଅଂଶୁ=କିରଣ)ଚନ୍ଦ୍ର; କର୍ପୂର । ଯଥା—

ଅଗ୍ନି ପ୍ରାପ୍ତେ ତୁହିନକର ସେ ଦାହଦେଲ ବିଶେଷେ ।
ଜା. ପ. ନା.

ତୂଣ, ତୂଣୀ, } ବି. [ ତୂଣ୍=(ବାଣସହିତ)
ତୂଣୀର, } ପୂର୍ଣ୍ଣ ହେବା-ଅ-ଈ; ତୂଣ୍-ଈର] ଶର ରଖିବାର ପାତ୍ର, ଶରାଧାର, ବାଣମୁଣା ।

ତୂର, ତୂରୀ, ବି. (ତୂର୍=ଶୀଘ୍ର ଗମନ କରିବା-ଅ, ଈ) ବାଦ୍ୟଯନ୍ତ୍ର, କ୍ଷୁଦ୍ର ଭେରୀ ।

ତୂର୍ଣ୍ଣ, କ୍ରି. ବିଂ. (ତୂର୍=ଶୀଘ୍ର ଗମନ କରିବା-ତ) ଶୀଘ୍ର । ବିଂ. ସତ୍ୱର । (ବିଶେଷ୍ୟରେ ତୂର୍ଣ୍ଣି ହୁଏ ।)

ତୂର୍ଯ୍ୟ, ବି. ( ତୂର୍-ଯ ) ବିବିଧ ବାଦ୍ୟଯନ୍ତ୍ର-ବିଶେଷ ।

ତୂଳ, ବି. (ତୂଳ୍=ଓଜନ କରିବା-ଅ) କପା; ଶିମିଳୀତୂଳା; ଆକାଶ; ତିନ୍ତୁଳୀଗଛ ।

ତୂଳକ, ବି. (ତୂଳ-କ) କପା ।

ତୂଳଶର୍କରା, ବି. (ତୂଳ-ଶର୍କରା) କପାମଞ୍ଜି ।

ତୂବର, ତୂବରକ, ବି. (ତୂ=ହିଂସା କରିବା-ବର-କ ) ମାଖୁନା; ଶ୍ମଶ୍ରୁହୀନ ପୁରୁଷ; କଷାୟ ରସ; ଶୃଙ୍ଗହୀନ ବୃଷ; ଅଜାତଶୃଙ୍ଗ ଗୋରୁ; ନପୁଂସକ । ବିଂ. କଷାୟ ରସବିଶିଷ୍ଟ । ଯଥା—

ନିତ୍ୟେ ଆଦରି ଅମ୍ଳତୂବର ଫଳେ ଶରୀର ପର୍ଯ୍ୟାପନ୍ତି ।
ଜା. ପ. ନା.

ତୂଷ୍ଣୀଂ, ବିଂ. ( ତୂଷ୍=ସନ୍ତୁଷ୍ଟ ହେବା-ଣୀଂ ) ନୀରବ, ମୌନ ।

ତୃଣ, ବି. (ତୃହ୍ = ଆଘାତ କରିବା-ଣ, ହ ଲୋପ, ଏହା ପଶୁଦ୍ୱାରା ନଷ୍ଟ ହୁଏ ବୋଲି) ଘାସ କୁଟା ପ୍ରଭୃତି । (ତୃଣ ଶବ୍ଦଜ) କାଣ୍ଡମୁଣା, ତୂଣୀର ।

ତୃଣକେତୁ, } ବି. (ତୃଣ-କେତୁ, ଧ୍ୱଜ = ତୃଣଧ୍ୱଜ, } ପତାକା ) ବଂଶ, ବାଉଁଶ; ତାଳଗଛ ।

ତୃଣଦ୍ରୁମ, ବି. (ତୃଣ-ଦ୍ରୁମ = ବୃକ୍ଷ) ନାରିକେଳ; ତାଳ; ଗୁବାକ; କେତକୀ; ଖର୍ଜୁର; ହିଂତାଳ; ତାଳୀ ।

ତୃଣଧାନ୍ୟ, ବି. ସଂ. ବାଳୁଙ୍ଗାଧାନ, ନୀବାର ।

ତୃଣା, ତୃଣାବ୍ରତ, ବି. (ତୃଣାବର୍ତ୍ତ ଶବ୍ଦର ଅପଭ୍ରଂଶ) ଅସୁରବିଶେଷ । ଯଥା—

ତୃଣା ତୃଣାବଳୀ ପରି ହେଲା ବିନାଶ । ବି. ଚ. ମ.
ବେନି ମାସରେ ତୃଣାବ୍ରତକୁ ଦେଲେ ମାରି ।
ନୃ. ପୁ. ସ. ତ.

ତୃତୀୟ, ବିଂ. (ତ୍ରି-ତୀୟ-ପୂରଣାର୍ଥେ, ତ୍ରି = ତୃ) ତିନର ପୂରଣବାଚକ । (ସ୍ତ୍ରୀ-ଆ) ତିଥିବିଶେଷ ।

ତୃପତି, ତୃପୁତି, ବି. (ତୃପ୍ତି ଶବ୍ଦଜ) ତୃପ୍ତି । ଯଥା—

ଭୁପତି ତୃପୁତିକି ପାଇ,
ସୁତାରେ ସଖୀ ସମର୍ପାଇ । କୋ. ବ୍ର. ସୁ.

ତୃପ୍ତି, ବି. ସ୍ତ୍ରୀ. ( ତୃପ୍ = ତୃପ୍ତ ହେବା-ତି ) ସନ୍ତୋଷ; ଆହ୍ଲାଦ; କ୍ଷୁଧାନିବୃତ୍ତି । (ବିଶେଷଣରେ ତୃପ୍ତ ହୁଏ ।)

ତୃଷା, ତୃଷ୍ଣା, ବି. ସ୍ତ୍ରୀ. (ତୃଷ୍ = ତୃଷାର୍ତ୍ତ ହେବା-ଅ, ନ, ଆ) ପିପାସା; ଇଚ୍ଛା; ଆକାଙ୍କ୍ଷା; ଲୋଭ ।

ତେଇଶ, ତେଇଶି, } ବିଂ. (ତ୍ରୟୋବିଂଶ = ତେଶ, } ପ୍ରାକୃତ ତେଇସ ଶବ୍ଦଜ) ୨୩ ସଂଖ୍ୟା ।

ତେଓଢ଼, ବିଂ. (ଦେଶଜ) ବକ୍ର ।

ତେକଛି, ବି. (ତ୍ରିକଚ୍ଛ ଶବ୍ଦଜ) ତ୍ରିକଚ୍ଛ ।

ତେକାଳି, ବି. (ଦେଶଜ) ଅଶ୍ୱବିଶେଷ ଅର୍ଥାତ୍ ଟାଙ୍ଗଣା ।

ତେଙ୍ଗଢ଼ା, } ବି. (ତ୍ର୍ୟଙ୍ଗଠ ଶବ୍ଦଜ) ରାନ୍ଧିବା ଟେଙ୍ଗରା, } ଘରେ ହାଣ୍ଡି ପ୍ରଭୃତି ରଖିବା ସ୍ଥାନ ।

ତେଜଃ, ବି. (ତେଜସ୍-ତିଜ୍ = ତୀକ୍ଷ୍ଣ କରିବା-ଅସ୍) ଦୀପ୍ତିବା ଆଲୋକ; ପ୍ରଭାବ; ତୀକ୍ଷ୍ଣତା; ପୌରୁଷ; ଶକ୍ତି; ଅଗ୍ନି; ଘୃତ ।

ତେଜ, ବି. ( ତେଜସ୍ ଶବ୍ଦର ଅପଭ୍ରଂଶ ) ରାଗ । ବିଂ. ରାଗାନ୍ୱିତ; ବଳିଷ୍ଠ ।

ତେଜଣା, ବି. ( ତେଜନ ଶବ୍ଦଜ ପ୍ରାକୃତ ) ତୀକ୍ଷ୍ଣକରଣ; ଦୀପର ବତି ତେଜିବା ସକାଶେ ଶଳାକା; ଦୀପର ବତି ତେଜିବା ।

ତେଜନ, ବି. ( ତିଜ୍ = ତୀକ୍ଷ୍ଣକରଣ-ଅନ ) ତୀକ୍ଷ୍ଣକରଣ; ବାଉଁଶ; ମୁଞ୍ଜିତୃଣ ।

ତେଜସ୍ୱାନ୍ } ବିଂ. ( ତେଜସ୍-ବତ୍-ବିନ୍— ତେଜସ୍ୱୀ, } ଅସ୍ତ୍ୟର୍ଥେ ) ପ୍ରଭାବଶାଳୀ, ବଳବାନ୍; ତେଜୋବିଶିଷ୍ଟ । (ଏହି ଅର୍ଥରେ ତେଜସ୍ୱାନ୍ ଓ ତେଜସ୍ୱୁ ପଦ ମଧ୍ୟ ହୁଏ ।)

ତେଜା, ବି. (ତେଜନ ଶବ୍ଦଜ) ଦୀପ ପ୍ରଭୃତି ଉତ୍ତେଜିତ କରିବା ।

ତେଜିତ, ବିଂ. ( ତିଜ୍-ଣିଚ୍-ତ ) ଶାଣିତ, ମାର୍ଜିତ; ଉତ୍ତେଜିତ ।

ତେଜିବା, କ୍ରି. (ତିଜ୍ ଧାତୁଜ, ପ୍ରାକୃତ ତେଜ ଧାତୁଜାତ) ଦୀପ ପ୍ରଭୃତିର ବଳିତାକୁ ତେଜି ଉଜ୍ଜ୍ୱଳିତ କରିବା; ଉତ୍ତେଜିତ କରିବା । (ତ୍ୟଜ୍ ଧାତୁଜ) ତ୍ୟାଗ କରିବା ।

ତେଜୋମୟ, ବିଂ. (ତେଜସ୍-ମୟ, ପ୍ରାଚୁର୍ଯ୍ୟ ଅର୍ଥରେ) ଜ୍ୟୋତିର୍ମୟ, ତେଜଃପୂର୍ଣ୍ଣ, ଉଜ୍ଜ୍ୱଳ ।

ତେଜ୍ୟା, ବି. (ତ୍ୟଜ୍ ଧାତୁଜ) ତ୍ୟାଗ । ଯଥା—

ସୁଜ୍ଞାନୀ ଭକ୍ତଲୋକ କର୍ମରେ ନୋହେ ମନ,
କର୍ମକୁ ତେଜ୍ୟା କରି ଭଜଇ ଭଗବାନ । ନୃ.ପୁ.ସ.ତ.

ତେଢ଼ା, ତେଡା, ବିଂ. ( ଦେଶଜ ) ବକ୍ର; କୁଟିଳ; ଟେଢ଼ା ।

ତେଡ଼କ, ତେଡ଼େ, ବି. (ଦେଶଜ) ପରିମାଣ-
ବୋଧକାର୍ଥ । ଯଥା—
ଜଲ ଯେତେରୂପରେ ପ୍ରୀତ,
କରୁଛ ତେଡ଼କ ଅମିତ । ର. କ.
ମହତ୍ତ୍ ଅର୍ଥ । ଯଥା—
ତେଡ଼କ ହେବାରୁ ମୋ ପୁତ୍ରକୁ ଗଲୁ ମାରି,
ଧନ୍ୟ ତୋର ପିତା ଧନ୍ୟ ତୋ ଗର୍ଭଧାତ୍ରୀ । ନୃ.ପୁ ଷ.ଚ.

ତେଡ଼ିବା, କ୍ରି. ବିଂ. (ଦେଶଜ) ନ ମାନିବା, ମାନ୍ୟ ନ କରିବା, ଅବଜ୍ଞା କରିବା ।

ତେଡ଼ଦେବା, ତେଡ଼ିଦେବା, } କ୍ରି. (ଦେଶଜ) ଅବଜ୍ଞା କରିବା; ଖେଦିବା କିମ୍ବା ଚଡ଼ଦେବା ।

ତେଣ, ତେଣି, ତେଣର, } ବିଂ. (ଦେଶଜ) ସେହି-ଆଡ଼ର । ଯଥା—
ଏଣ କୂଳେ ମଠ କରି ତେଣ କୂଳେ ତପ,
ମହାବ୍ରହ୍ମ ଦେବଋଷି ହୃଦେ ନାହିଁ ପାପ । ନା.ର.ଗୀ.
କଇବର୍ତ୍ତୀକି ବୋଇଲେ ନାବ ବଅ ବାହି,
ତେଣି କୂଳେ ଆମ୍ଭଙ୍କୁ ପ୍ରବେଶ କର ନେଇ ।
ନା.ର.ଗୀ.

ତେଣିକି, ଅଂ. (ଦେଶଜ) ସେହିଦିଗକୁ । ଯଥା—
ଯେଣିକି ମୁଁ ଗୃହିଁ ଦେଉଥିବଟି,
ତେଣିକି ଦିଆଯାଉଥିବ ମୋତେ । କୋ. ବ୍ର. ସୁ.
ତା ପରେ । ଯଥା—
ତେଣିକି ଯିବାକୁ ତ ମୋର ନାହିଁ । ଢ. ବ.

ତେଣୁ, ସର୍ବଂ. (ଦେଶଜ) ସେହିହେତୁରୁ । ଯଥା—
ଅନଙ୍ଗର ପ୍ରୟାସ ତେଣୁ ସଫଳ । ମେ. ଦୂ.
ସେହିଆଡ଼ୁ, ସେହିଦିଗରୁ ।

ତେଣେ, ଅଂ. (ଦେଶଜ) ସେହିଦିଗରେ ।

ତେଣ୍ଟା, ବି. (ଦେଶଜ) ଜଞ୍ଜାଳ; ଆପଦ; ମତ୍ସ୍ୟାଦି ଭେଦନ କରିବା ଅସ୍ତ୍ରବିଶେଷ । ଯଥା—
ତେଣ୍ଟା ଏକମୁନା ଝାଙ୍ଗି ଆଦି ଶସ୍ତ୍ର ଧରି । ମ. ଯ.

ତେଣ୍ଟୁଆ, ବି. (ଦେଶଜ) ଏକପ୍ରକାର ପକ୍ଷୀ । ଯଥା—
ବଗୁଲି ହଂସ ମରାଳ ଆବର ପାଣିକୁଆ,
ଗଙ୍ଗାଇ ବୁଡ଼ାଇ ଯେ ତେଣ୍ଟୁଆ ପାଣିପିଆ ।
ନୃ. ପୁ. ଚ. ଚ.

ତେଣ୍ଟେଇ, ତେଣ୍ଟୋଇ, } ବି. ସ୍ତ୍ରୀ. (ଦେଶଜ) ଅମାନିଆ ସ୍ତ୍ରୀ; କଳହପ୍ରିୟା; ପକ୍ଷିବିଶେଷ ।

ତେଣ୍ଟେଇବା, କ୍ରି. (ଦେଶଜ) କଳହ କରିବା ।

ତେଣ୍ଟେଇଗୋଡ଼, ବି. (ଦେଶଜ) ଯେଉଁ ଗୋଡ଼ ଅତି ସରୁଆ ।

ତେଣ୍ଟେଇଗୋଡ଼ୀ, ବି. (ଦେଶଜ) ଯେଉଁ ସ୍ତ୍ରୀର ଗୋଡ଼ ଅତି ସରୁଆ ।

ତେଣ୍ଡା, ବି. (ଦେଶଜ) ଜଳ ଉଠାଇବା ଯନ୍ତ୍ରବିଶେଷ । ଯଥା—
ଦେଖ ତେଣ୍ଡା ରଜୁ ଦୁଇ, କ୍ରମେ କ୍ରମେ ଯେତେ ଲଇଁ,
ଅବିବେକ ପ୍ରାଣୀ, ନ ପାରନ୍ତି ଜାଣି,
ଯେମନ୍ତ ଜୀବନ ନେଇ । ଧ୍ରୁ. ପ.

ତେଣ୍ଡିବା, କ୍ରି. (ଦେଶଜ) ଯନ୍ତ୍ରରେ ପାଣି ଉଠାଇବା; ବେଶି ପରିମାଣରେ ଜଳଆଦି ପିଇବା ।

ତେତାଲ୍, ବି. (ତ୍ରି ତଳ ଶବ୍ଦଜ) ଉପରି ଉପରି ତିନପ୍ରସ୍ତ ଗୃହ ଅର୍ଥାତ୍ ତିନ ମହଲ୍ ।

ତେତକ, ବିଂ. (ପ୍ରାକୃତ ତେତ୍ତିଅରୁ ଜାତ) ତେତେ ପରିମାଣ । ଯଥା—
ଯେତେ ପଛେ ଥିଲା,
ତେତକ ଆଗକୁ ଗଲା ବହନ । ଉଷା.

ତେତପ, ବି. (ତିତ୍ତିଭ ଶବ୍ଦଜ) ଇନ୍ଦ୍ରଗୋପ କୀଟ; ପାଟପୋକ ।

ତେତିଶ, ତେତିଶି, ତେତିଶ, } ବିଂ. (ତ୍ରୟସ୍ତ୍ରିଂଶ ଶବ୍ଦଜ) ୩୩ ସଂଖ୍ୟା । ଯଥା—
ବ୍ରହ୍ମା ଶଙ୍କର ଇନ୍ଦ୍ର ମୂଳେ,
ତେତିଶକୋଟି ଦେବବଳେ । ଭା. ଦ. ସ୍କ.

ତେତେ, ସର୍ବଂ. (ଦେଶଜ) ପରିମାଣ ।

ତେତେବେଳେ, ସର୍ବଂ. (ଦେଶଜ) ସେହି ସମୟରେ ।

ତେନାତେନା, ବି. (ଦେଶଜ) ମର୍ଦ୍ଦଳ ଧ୍ୱନି-ବିଶେଷ । ଯଥା—
କୁଚମର୍ଦ୍ଦଳ ହୋଇଲା ତାଡ଼ିତ,
ନା ନା ଧ୍ୱନିଟି ତେନାତେନା ସତ । ପ୍ରେ.ସୁ.ନି.

ତେନ୍ତଗ, ବି. (ଦେଶଜ) ଶଗଡଦଣ୍ଡାର ଅଖଉପରିସ୍ଥ କାଠଖଣ୍ଡ ।

ତେନ୍ତଗମାଧିଆ, ବିଂ. (ଦେଶଜ) ଯେଉଁ କାର୍ଯ୍ୟ କଦର୍ଯ୍ୟଭାବରେ କରାଯାଏ ।

ତେନ୍ତାଲୀ, ବି. (ଦେଶଜ) ଦେବୀବିଶେଷ । ଯଥା—

ତେନ୍ତାଲୀ ବଙ୍କାଲୀ ଯେ କରାଳୀ ଦୁର୍ଗେଶ୍ୱରୀ,
ବାହୁତ ବାଦଭୂତ କୋଠାରୀ ଝାଡ଼େଶ୍ୱରୀ ।
ନୃ. ପୁ. ଚ. ତ.

ତେପନ, ବି. (ଦେଶଜ) ୫୩ ସଂଖ୍ୟା ।

ତେପାନ୍ତର, ବି. (ତ୍ରି-ପ୍ରାନ୍ତର ଶବ୍ଦଜ) ଦୂରସ୍ଥ ଖାଲଭୂମି ।

ତେପାୟୀ, ତିପାୟୀ, ବି. (ତ୍ରିପଦୀ ଶବ୍ଦଜ) ତିନପାଦ-ବିଶିଷ୍ଟ ଏକପ୍ରକାର ଟେବୁଲ୍ ।

ତେବେକେ, ଅଂ. (ଦେଶଜ) ତଥାପି । ଯଥା—

ତେବେକେ ବିପ୍ରଘରେ ଜନ୍ମିଲି ଆସି ହରି,
ଗୁରୁ ହୋଇ ଅଛି ମୋ ପୁତ୍ରଙ୍କୁ ଗଲ ମାରି ।
ନୃ. ପୁ. ପ. ତ.

ତେମନ୍ତ, ତେମନ୍ତି, ବିଂ. (ଦେଶଜ) ସେହିପରି । ଯଥା—

ସେହିଦିନୁ ରାଜରାଣୀ ହେଲେ ଗର୍ଭବତୀ,
କୁମ୍ଭାର ତେଲ ନାଗର ଘଟିଲା ତେମନ୍ତ । ବେ. ପ.

ତେମନ୍ତ, ବିଂ. (ଦେଶଜ) ସେହିପରି ।

ତେୟାଳିଶ, ତେୟାଳିଶି, ତେଆଳିଶ, ତେଆଳିଶି, ବି. (ତେଆଳିସା ପ୍ରାକୃତ ଶବ୍ଦଜ) ୪୩ ସଂଖ୍ୟା ।

ତେର, ବି. (ପ୍ରାକୃତ ତେରହରୁ ଜାତ) ୧୩ ସଂଖ୍ୟା ।

ତେରଛ, ତେରଚ୍ଛ, ବିଂ. (ତିରଶ୍ଚୀନ ଶବ୍ଦଜ, ପ୍ରାକୃତ ତିରଚ୍ଛି ଶବ୍ଦଜ) ବକ୍ର । ଯଥା—

ଭଜିବ ଶରୁ ଦର୍ପ ତେରଛେ ଦେଲେ ଗୁହିଁ ।
ନୃ. ପୁ. ଚ. ତ.

ତେରଚ୍ଛିବା, କ୍ରି. (ତିରଶ୍ଚୀନ ଶବ୍ଦଜ) ବକ୍ର କରିବା । ଯଥା—

ବିରହିମାନଙ୍କୁ କେ ତେରଚ୍ଛି ଧରି,
ଭ୍ରମାଉଛି କେ ଚକ୍ରାକାର କରି । ସୁ. ପ.

ତେରଚ୍ଛାଇବା, କ୍ରି. (ତିରଶ୍ଚୀନ ଶବ୍ଦଜ) ବକ୍ର-ଭାବରେ ଗୁହିଁବା ।

ତେରଜ, ବି. (ଯାବନିକ) ଯୋଗ ବା ମିଶାଣ ।

ତେଲ, ତେଲ୍ଲ, ବି. (ତୈଲ ଶବ୍ଦଜ, ପ୍ରାକୃତ) ମାଲପା, ମଥାଦିହ୍ନ ।

ତେଲକାଣ୍ଟି, ବି. (ତୈଳକଣ୍ଠ ଶବ୍ଦଜ) ତୈଳ କେତେଦିନ ଭାଣ୍ଡାଦିରେ ରଖିଲେ ତଳକୁ ଯେଉଁ ଅସାରାଂଶ ବସି ରହିଯାଏ ।

ତେଲକାପଡ଼ା, ବିଂ. (ତୈଳ ଓ କାର୍ପାସ ଶବ୍ଦଜ) ଲୁଗାକୁ ତେଲରେ ଭିଜାଇ ଚନ୍ଦ୍ରାର ଗୁଡ଼ାଇ ରଖିବା । (ଶବ ପ୍ରଭୃତି ପ୍ରୟୋଗ କରାଯାଏ ।)

ତେଲଙ୍ଗା, ବି. (ତୈଲଙ୍ଗ ଶବ୍ଦଜ ପ୍ରାକୃତ) ଜାତିବିଶେଷ; ଦେଶବିଶେଷ ।

ତେଲଙ୍ଗି, ବିଂ. (ତୈଲଙ୍ଗୀୟ ଶବ୍ଦଜ) ତେଲଙ୍ଗାସମ୍ବନ୍ଧ ।

ତେଲଙ୍ଗିବାଇଦ, ବି. (ତୈଲଙ୍ଗୀୟ ବାଦ୍ୟ ଶବ୍ଦଜ) ବାଦ୍ୟଯନ୍ତ୍ରବିଶେଷ ।

ତେଲି, ବିଂ. (ଦେଶଜ) ତେଲିଆ, ଚିକ୍କଣ ।

ତେଲିଉଣୀ, ତେଲଉଣି, ତେଲୁଣୀ, ବି. ସ୍ତ୍ରୀ. (ଦେଶଜ) ପଲମ ଅର୍ଥାତ୍ ପିଠା ପ୍ରଭୃତି ଭାଜିବା ପାତ୍ରବିଶେଷ ।

ତେଲିଉଣିପୋକ, ତେଲୁଣିପୋକ, ବି. (ଦେଶଜ) ଏକ-ପ୍ରକାର କୀଟ ।

ତେଲିଉଣିବସା, ତେଲଉଣିବସା, ବି. (ଦେଶଜ) ବିବାହର ପ୍ରଥମ ଦିବସ; ଏହି ଦିନ ଶୁଭଲଗ୍ନରେ ବିବାହର କାର୍ଯ୍ୟୋଦ୍ଦେଶରେ ପିଠା ଭାଜନ୍ତି । ଯଥା—

ଡାକ ଡାକ ବେଗେ ଦାସି ଯାଇ କେ ପଡ଼ିସା,
ଆଜ ଶୁଭଯୋଗ ହେବ ତେଲଉଣିବସା । ମ. ସଂ.

ତେଲି, ତେଲୀ, ବି. (ତୈଳୀ ଶବ୍ଦଜ) ତେଲ ପେଡ଼ିବା ଜାତି ।

ତେଲିଆ, ବିଂ. (ଦେଶଜ) ତୈଳଯୁକ୍ତ; ଚିକ୍କଣ; ଏକପ୍ରକାର ସାରୁ । (ତୈଳଯୁକ୍ତ ଅର୍ଥରେ) ଯଥା—

କେତେ କାମ କରିଗଲେ ବଙ୍ଗଳାଦେଶରେ,
ସମସ୍ତେ ଢାଳନ୍ତି ତେଲ ତେଲିଆ ମୁଣ୍ଡରେ । ବ. ଭ୍ର.

ତେଲୁଣୀ, ତେଲିଆଣୀ, ବି. ସ୍ତ୍ରୀ. (ଦେଶଜ) ତେଲିର ଭାର୍ଯ୍ୟା ।

ତେବେ, ଅ°. ( ପ୍ରାକୃତ ତାବ ଶବ୍ଦଜ ) ଆପେକ୍ଷିକାର୍ଥ; ସେହି ସମୟରେ ।

ତେବେକେ, ତେବେ, ତେବେସୁଦ୍ଧା, ତେବେହେଁ, ତେବେହେଲେ, } ଅ°. (ଦେଶଜ) ତଥାପି । ଯଥା—

**ତେବେହେଁ ମନାସଇ ଲଭି ଏ ଦଶା । ରୁ. ସୁ.**

ତେସନ, ତେସନେ, ତେସନେକ, } ବି°. ( ଦେଶଜ ) ସେହିପରି । ଯଥା—

**କାନ୍ଦଇ ତେସନ ପାଛୁ ହୋଇ ନରୂପାସ୍ୟ । କ. ସ.**
**ପ୍ରତିମା ତେସନେକମତେ, ଯେସନେ କୁହୁକ ଆୟୁରେ । ଭ୍ରୁ. ଦ. ସ୍କ.**

ତେସ୍ତର, ତେସ୍ତୋର, ବି. ( ଦେଶଜ ) ୭୩ ସଂଖ୍ୟା । ଯଥା—

**କ୍ଷୁର ପତ୍ର ତେସ୍ତର କାଣ୍ଡ ଗୁଣେ ଯୋଛି,**
**ଘୋଡ଼ାଇଦେଲେ ଆଗ ଦ୍ରୋଣଙ୍କୁ କଗ୍ଣୀ । କୃ. ଭା. ବି. ପ.**

ତେହାରି, ବି°. (ଦେଶଜ) ତିନଗୁଣ ।

ତେହେଁଟା, ବି. (ସମ୍ବଲପୁରୀ) ବଡ଼ ନୌକା ।

ତେହ୍ନେ, କ୍ରି. ବି°. (ଦେଶଜ) ସେପ୍ରକାର ।

ତୈଜସ, ବି°. ( ତେଜସ୍-ଅ-ବିକାରାର୍ଥେ ) ଧାତୁମୟ ପାତ୍ର; ତେଜୋବିକାର । ବି. ଧାତୁଦ୍ରବ୍ୟ; ଘୃତ ।

ତୈତିକ୍ଷ, ବି°. ( ତିତିକ୍ଷା-ଅ ) ତିତିକ୍ଷାଶୀଳ; ସହିଷ୍ଣୁ ।

ତୈଳ, ବି. (ତିଳ-ଅ—ବିକାରାର୍ଥେ) ତେଲ, ମାଲପା ।

ତୈଲଙ୍ଗ, ବି. (ତୈଲଙ୍ଗ ଶବ୍ଦଜ) ଦେଶ ଓ ଜାତିବିଶେଷ ।

ତୈଳପର୍ଣ୍ଣୀ, ବି. ସ୍ତ୍ରୀ. ସଂ. ଚନ୍ଦନବିଶେଷ; ହରିଚନ୍ଦନ ।

ତୈଳଯନ୍ତ୍ର, ବି. (ତୈଳ-ଯନ୍ତ୍ର) ଘଣା ।

ତୈଲଜମି, ବି. ( ଦେଶଜ ) ପର୍ବତ ଉପରେ ଜଙ୍ଗଲ ପୋଡ଼ି ଯେଉଁ କୃଷିଜମି ପ୍ରସ୍ତୁତ କରାଯାଏ ।

ତୈଳିକ, ବି. (ତିଳ-ଇକ) ତେଲି । ବି°. ତୈଳସମ୍ବନ୍ଧୀୟ ।

ତୋ, ତୋର, ସର୍ବ°. (ପ୍ରାକୃତ) ତୋହର ।

ତୋକ, ବି. (ତୁ = ବୃଦ୍ଧି କରିବା-କ) ଶିଶୁ, ଛୋଟପିଲା ।

ତୋଟା, ବି. (ଦେଶଜ) ଆରାମ ଅର୍ଥାତ୍ ବଡ଼ ବଗିଚ୍ଚ; ଫଳବଗିଚ୍ଚ । ଯେପରି—ଆମ୍ବ-ତୋଟା; ଫୁଲତୋଟା ।

ତୋଟାଳ, ତୋଟାଳିଆ, } ବି. (ଦେଶଜ) ତୋଟା ଜଗିବା ବ୍ୟକ୍ତି । ଯଥା—

**ତୋଟାଳମାନଙ୍କୁ ତହିଁ ଆଜ୍ଞା ଅବଧାରି,**
**ସୁବଧାନେ ତୋଟା ସବୁ ରଖ ଯତ୍ନ କରି । ସା.ଭା.ସ.**

ତୋଟି, ବି. (ଘୋଟୀ ଶବ୍ଦଜ, ମାନ ଅର୍ଥରେ ଅଳ୍ପ ଭେଦ) ଗଳଦେଶ ।

ତୋଟିକଟା, ବି°. ( ଦେଶଜ ) ଯେ ତୋଟି କାଟେ; ଘାତୁକ; ବିଶ୍ୱାସଘାତକ । ବି. ତୋଟି କାଟିବା ।

ତୋଟିଚିପା, ବି°. ( ଦେଶଜ ) ଯେ ତୋଟି ଚିପେ, ଘାତୁକ । ବି. ତୋଟି ଚିପିବା ।

ତୋଡ଼, ବି. (ଦେଶଜ) ବିବାଦ, ରାଗ ବା କ୍ରୋଧ; ତେଜ; ବେଗ; ସ୍ରୋତ; ବିବାଦ ଅର୍ଥରେ । ଯଥା—

**ଏଣୁକରି ଭକ୍ତ ଅଟେ ମୋହଠାରୁ ବଡ଼,**
**ନ ଜାଣିବା ଲୋକ ମୋର ଭକ୍ତେ ଲଗେ ତୋଡ଼ । ନୃ. ପୁ. ପ୍ର. ଭ.**

ରାଗ ବା କ୍ରୋଧ ଅର୍ଥରେ । ଯଥା—

**ହରିଙ୍କି ଛାଡ଼ି ଏବେ ଶିବପୁରାଣ ପଢ଼,**
**ଏ କଥାକୁ ରାଜା ତ କରିଛୁ କେଡ଼େ ତୋଡ଼ । ନୃ. ପୁ. ସ. ଭ.**

ତୋଡ଼କା, ବି. (ଦେଶଜ) ଗ୍ରେବାଇ ଖାଇବା । ବି°. ଯେ ଗ୍ରେବାଇ ଖାଏ । ଯଥା—
ସଁ ଘାଣିନାକା-ଦାଇତୋଡ଼କା । ଢଗ ।

ତୋଡ଼କିବା, କ୍ରି. (ଦେଶଜ) ଗ୍ରେବାଇ ଖାଇବା ।

ତୋଡ଼କୁଣୀ, ତୋଡ଼ୁକୁଣୀ, } ବି. ସ୍ତ୍ରୀ. ( ଦେଶଜ ) ଯେଉଁ ସ୍ତ୍ରୀ ଗ୍ରେବାଇ ଖାଏ ।

ତୋଡ଼ତାଡ଼, ବି. ( ଦେଶଜ ) ବାଦବିବାଦ; ବେଗ । ଯଥା—ଯେପରି ସମାଜସଂସ୍କାରର ତୋଡ଼ତାଡ଼ ଲାଗିଅଛି ।

ତୋଡ଼ପ, ବି. ( ଦେଶଜ ) ଶଗଡ ଭୁମ୍ବରେ ଲଗାଇବା ମଣ୍ଡଳାକାର ଲୌହବଳୟ ।

ତୋଡ଼ମାଡ଼, ବି. (ଦେଶଜ) ଅତ୍ୟାଗ୍ରହ ।

ତୋଡ଼ର, ବି. (ଦେଶଜ) ପାଦଭୂଷଣବିଶେଷ । ଯଥା—

ସେ ବାମା, ତୋଡ଼ର ଖୁଣ୍ଟିଆ କନ୍ଧ, ଝମ ଝମ ନାଦ
ଦମ ଦମ ହୃଦ ଶ୍ରବଣେ କରାଇ ଦେଇ । କୋ.ବ୍ର.ସୁ.

ତୋଡ଼ା, ବି. (ଦେଶଜ) ଟଙ୍କା ସୁନା ରଖିବା ଥଳୀ । ଯଥା—

ପଡ଼ି ତ ରହିଲା ସୁନା ରୁପା ତୋଡ଼ା । ଦ. ବା.

କେତେଗୁଡ଼ିଏ ଫୁଲ ଏକତ୍ର କରି ସଜାଇବା ଅର୍ଥାତ୍ ସ୍ତବକ ।

ତୋଡ଼ାଣି, ବି. ( ଦେଶଜ ) ପଖାଳଭାତର ଜଳଭାଗ ।

ତୋଡ଼ାଣିଆ, ବିଂ. (ଦେଶଜ) ତୋଡ଼ାଣିରେ ଓଦା; ଯେଉଁ ଲୋକ ପରର ତୋଡ଼ାଣି ପିଇ ଜୀବନଧାରଣ କରେ ଅର୍ଥାତ୍ ପରାନ୍ନଭୋଗୀ । ଯଥା—

ତୋଡ଼ାଣିଆ କରି ଏବେ ଦୁଇ ଜଣ,
କରୂପେ ହେବ ମୁହିଁ ଯୁଧିଷ୍ଠିରଦାସ । କୃ.ଷ.ସ.ପ.

ବି. ଲତାବିଶେଷ ।

ତୋଡ଼ି, ବି. (ଦେଶଜ) ମତ୍ସ୍ୟବିଶେଷ ।

ତୋଡ଼ିବା, କ୍ରି. (ଦେଶଜ) ଚିପିବା । ଯଥା— ଗାଲ ତୋଡ଼ିବା ।

ତୋଡ଼ମୁହାଁ, ବିଂ. ( ଦେଶଜ ) ଯାହାର ମୁହଁ ଗୋଜା ।

ତୋତା, ବି. (ଯାବନିକ) ଶୁକପକ୍ଷୀ ।

ତୋତ୍ର, } ବି. ( ତୁଦ୍ = ପୀଡ଼ାଦେବା-ତ୍ର ) ପାଞ୍ଚଣବାଡ଼ି; ଗୋରୁଆଦି ଜନ୍ତୁଙ୍କୁ ମାରିବାର ଗୁଞ୍ଚଣି; ଅଙ୍କୁଶ । ଯଥା—
ତୋତ୍ରୁ, }

ତୋତ୍ରାହତ ଗଜ ପ୍ରାୟ କ୍ରୁଦ୍ଧ ହୋଇ ଉଠିଲେ ।

ତୋଦନ, ବି. ( ତୁଦ୍ = ପୀଡ଼ାଦେବା-ଅନ ) ପୀଡ଼ାଦେବା; ପୀଡ଼ା; ଅଙ୍କୁଶ; ମୁଖ; ପ୍ରାଜନ ଦଣ୍ଡ ।

ତୋନକ, ସର୍ବଂ. (ଦ୍ରାବିଡ଼ୀୟାନ୍ତ-ତଡ଼ଜାତରେ) ତୋଠାକୁ ।

ତୋପ, ବି. (ଯାବନିକ) ଆଗ୍ନେୟାସ୍ତ୍ର । ଯଥା—

ପଡ଼ୁଅଛି ତୋପ ଗୁଡ଼ୁମ ଗୁଡ଼ୁମ । ଦ. ବା.

ତୋପବାଜି, ବି. ଉଚ୍ଚଶବ୍ଦକାରୀ ବାଣବିଶେଷ ।

ତୋଫା ବି. (ଯାବନିକ) ଉଜ୍ଜ୍ୱଳ ।

ତୋଫାନ, ବି. (ପାରସ୍ୟ) ବତାସ । ଯଥା—

ଭବଜଳଧିରେ ଗର୍ଜଇ ତୋଫାନ । ଦ. ବା.

ତୋଫାନିଆ, ବିଂ. ବାଗ୍‌ମୀ; ଯେ ବଡ଼ ବଡ଼ କଥା କହେ କିନ୍ତୁ କାର୍ଯ୍ୟରେ କିଛି ନୁହେ; ଆଡ଼ମ୍ବରଯୁକ୍ତ ।

ତୋମର, ବି. ( ତୌର୍ଗନ୍ତାମିଯୁତେଽନେନ ତୋମରଃ ଅଥବା ତାମ୍ୟନ୍ତେ ଅନେନ ତୋମରଃ, ତମୁ ଗ୍ଲାନୌ—ଅମର ଟୀକା ।) ଅସ୍ତ୍ରବିଶେଷ ।

ତୋୟ, ବି. ( ତାୟୃ = ପାଳନ କରିବା-ଅ, ତା = ତୋ) ଜଳ; ପୂର୍ବାଷାଢ଼ା ନକ୍ଷତ୍ର ।

ତୋୟଡ଼ିମ୍ବ, ବି. (ତୋୟ-ଡ଼ିମ୍ବ) କୁଆପଥର ।

ତୋୟଦ, ବି. (ତୋୟ = ଜଳ-ଦା-ଅ) ମେଘ, ଜଳଦ; ଘୃତ; ମୁସ୍ତକ । ବିଂ. ଜଳଦାତା ।

ତୋରଡ଼ା, ତରଡ଼ା, ବି. (ତୁର୍ଣ୍ଣୀକେର ଶବ୍ଦଜ) ଲତାଫଳବିଶେଷ ।

ତୋରଣ, ବି. ( ତୁର୍ = ବେଗେ ଗମନ କରିବା-ଅନ ) ବହିର୍ଦ୍ୱାର, ଫାଟକ, ଚୌକାଠ; ଗେଟ୍; ବରଣ୍ଡା; ଗୃହଦ୍ୱାର-ପ୍ରଦେଶ ।

ତୋରା, ବିଂ. (ଦେଶଜ) । ସୁନ୍ଦର । ଯଥା—

ତୈଲଙ୍ଗୀ ବସନ ଭୂଷଣେ ପୁଣି ହସଇ ତୋରା । ଚ. ଷ.

(ତ୍ୱରା ଶବ୍ଦଜ) ବିଂ. ଚଞ୍ଚଳ । ଯଥା—

ଧନୁ ଭାଙ୍ଗି ବଧୂ ମୋତେ ହେବେ ପରା,
ବରିବାକୁ ମନ ମୋ ହେଉଛି ତୋରା । ବ. ଷ.

କ୍ରି. ବିଂ. ଶୀଘ୍ର ।

ତୋରଏ, ବି°. (ଦେଶଜ) ସୁନ୍ଦର । କ୍ରି. ବି°. (ତ୍ୱର ଶବ୍ଦଜ) ଶୀଘ୍ର । ଯଥା—

କନ୍ଦର୍ପ ପ୍ରତାପେ ମନୁ ଆପେ ଆପେ
ମାନବତୀ ମାନ ଗୁଣ୍ଡିଲେ,
କାମୀ ସେହି ଭୟେ ଅତ୍ୟନ୍ତ ତୋରଏ
ଯୁବତୀଙ୍କ ପାଦେ ପଡ଼ିଲେ । ର. କ.

ତୋରାଣି, ତୋଡ଼ାଣି, ତୁଡ଼ାଣି, ବି. (ଦେଶଜ ବା ତୋୟାନ୍ନ ଶବ୍ଦଜ) ଅନ୍ନରେ ମିଶିଥିବା ପର୍ଯ୍ୟୁଷିତ ପାଣି । ଯଥା—

ଆଣି ପାର ଯେବେ କାଞ୍ଜି ତୋରାଣି,
ପିଇଲେ ଆରୋଗ୍ୟ ହୋଇବ ପୁଣି । ହା. ତ.

ତୋରେ, ସର୍ବ°. (ଦେଶଜ) ତୋଠାରେ । ଯଥା—

ସୁଧାବାଧିତରେ ଚକୋର ପରାଏ ତୋରେ ମୋ ପୀରତି । ର. ପ.

ତୋଳ, ତୋଳକ, ବି. (ତୁଲ୍ = ପରିମାଣ କରିବା-ଅ-କ) ପରିମାଣବିଶେଷ; ଏକଭରି ଓଜନ ।

ତୋଳନ, ବି. (ତୁଲ୍-ଅନ) ଉତ୍ଥାପନ, ଓଜନ, ତୁଳିବା ।

ତୋଳା, ବି. (ତୋଳକ ଶବ୍ଦଜ) ଏକଟଙ୍କାର ଓଜନ । (ତୁଲ୍ ଧାତୁଜ) ତୋଳିବା ବା ଓଜନ କରିବା । (ଦେଶଜ) ପୁଷ୍ପାଦି ଚୟନ କରିବା; ଯେପରି—ଫୁଲତୋଳା । ହାଟ ବା ଦୋକାନରୁ ସ୍ଥାନପତିଙ୍କୁ ଯେଉଁ କର ଦିଆଯାଏ; ଶଯ୍ୟାଦି ଗୋଟାଇବା; ଗୃହାଦି ନିର୍ମାଣ କରିବା । ବି°. ତୋଳିଥିବା; ଯେ ତୋଳନ କରେ ବା ତୋଳେ ।

ତୋଳିବା, କ୍ରି. (ତୁଲ୍ ଧାତୁଜ) ଓଜନ କରିବା; ପୁଷ୍ପାଦି ଚୟନ କରିବା; ଗୃହାଦି ନିର୍ମାଣ-କରିବା; ଗୋଟାଇ ନେବା; ଟେକିବା । ଯଥା—

ଗଗନମାର୍ଗକୁ ତୋଳୁଅଛି ବଜ୍ରମୁଷ୍ଟି । କ. ବ.

ଘରେ ଘରେ ମାଗି ଜମା କରିବା । ଯଥା—

ସାତ ସାତକୁମ୍ଭ କୁମ୍ଭେ ତୋଳିଲେ ଜଳ । ପ୍ରେ.ସୁ.ନି.

ଶଯ୍ୟାଦି ଉଠାଇନେବା । ଯଥା—

କନା ଖଣ୍ଡି ଧୋଇ ଶୁଖାଇଦେବ,
ଶୁଖିଗଲେ ତୋଳି ଘରେ ଥୋଇବ । ହା. ତ.

ତୋଷ, ବି. (ତୁଷ୍—ତୁଷ୍ଟ ହେବା-ଅ) ସନ୍ତୋଷ; ହର୍ଷ, ଆହ୍ଲାଦ ।

ତୋଷଣ, ବି. (ତୁଷ୍-ଅନ, ତୁଷ୍-ଣିଚ୍-ଅ) ସନ୍ତୋଷ, ସନ୍ତୁଷ୍ଟକରଣ । (ବିଶେଷଣରେ ତୁଷ୍ଟ ଓ ତୋଷିତ ହୁଏ ।)

ତୋଷାମଦ, ଖୋଷାମଦ, ବି. (ଯାବନିକ) ଚାଟୁବଚନ ।

ତୋଷାମଦିଆ, ବି°. (ଯାବନିକ) ଯେ ତୋଷାମଦ କରେ, ଯେ ତୋଷାମଦର ପ୍ରିୟ ।

ତୋଷିବା, କ୍ରି. (ତୁଷ୍ ଧାତୁଜ) ସନ୍ତୁଷ୍ଟ କରିବା ।

ତୋହି, ତୋହୋ, ସର୍ବ°. (ଦେଶଜ) ତୋର । ଯଥା—

ତୋହୋ ହୃଦୟେ ତାର ଗର୍ବ ଉଦିତ । ମେ. ଦୂ.

ତୋହିତହୁଁ, ତୋତହୁଁ, ସର୍ବ°. (ଦେଶଜ) ତୋଠାରୁ । ଯଥା—

ହେ ଜୟ ଜୟ ଜଗନ୍ନାଥ,
ଏ ଜୀବ ତୋହିତହୁଁ ଜାତ । ଷ. ଦ. ସ୍ତ.

ତୋହିରେ, ତୋହୋରେ, ସର୍ବ°. (ଦେଶଜ) ତୋଦ୍ୱାରା । ଯଥା—

ବୋଲେ ଜାମ୍ବେବ ତୋହିରେ କାର୍ଯ୍ୟ ହେବ,
ବିଗୁରି ରଘୁନନ୍ଦନ ଯେ । ବୈ. ବି.

ତୌଜି, ବି. (ଯାବନିକ) ରାଜକାର୍ଯ୍ୟ କର ଆଦାୟର ସୁବିଧା ନିମନ୍ତେ ସଂଖ୍ୟାଭୁକ୍ତ ଚକ ବା ବିଭାଗ ।

ତୌର୍ଯ୍ୟ ବି. (ତୂର୍ଯ୍ୟ-ଅ) ତୂର୍ଯ୍ୟବାଦ୍ୟ; ମୃଦଙ୍ଗାଦି ଧ୍ୱନି ।

ତୌର୍ଯ୍ୟତ୍ରିକ, ବି. (ତୌର୍ଯ୍ୟ-ତ୍ରିକ—ତିନି) ନୃତ୍ୟ, ଗୀତ, ବାଦ୍ୟ ଏହି ତିନିପ୍ରକାର ଏକତ୍ର ମିଳନକୁ ତୌର୍ଯ୍ୟତ୍ରିକ କହନ୍ତି । ଯଥା—

ବହିଲେ କାନ୍ତାରେ କୁକ୍କୁଟ କୌଶିକ,
ଚଷାପୁଏ ମିଳି ଉଷା-ତୌର୍ଯ୍ୟତ୍ରିକ । ନ. କେ.

ତୌଳିକ, ତୌଳିକିକ, ବି. (ତୂଳୀ-ଇକ, ତୂଳିକା-ଅ,ଇକ) ଚିତ୍ରକର, ପରିମାଣକାରୀ ।

ତ୍ୟକ୍ତ, ବିଂ. (ତ୍ୟଜ୍=ତ୍ୟାଗ କରିବା-ତ) ବର୍ଜିତ; କ୍ଷିପ୍ତ; ଦତ୍ତ ।

ତ୍ୟଜନ, } ବି. (ତ୍ୟଜ୍-ଅନ, ଅ) ଦାନ;
ତ୍ୟାଗ, } ବୈରାଗ୍ୟ; ବିସର୍ଜନ, ବର୍ଜନ ।
(ବିଶେଷଣରେ ତ୍ୟଜ୍ୟମାନ, ତ୍ୟାଜ୍ୟ ଓ ତ୍ୟାଜିତ ପଦ ସିଦ୍ଧ ହୁଏ ।) ଯଥା—

ତ୍ୟାଜିତୋ ଦୈବଗତ୍ୟା । ମେ. ଦୂ.

ଅନ୍ୟତ୍ର—କୃତଯାକ ଯାନ ଅଧୁନା
ଶଙ୍କା କର ତ୍ୟାଜିତ । ଜା.ପ.ନା.

ତ୍ୟଜିବା, କ୍ରି. (ତ୍ୟଜ୍ ଧାତୁଜ) ତ୍ୟକ୍ତ କରିବା, ତେଜିବା । ଯଥା—
ହସ୍ତେ ସମ୍ପ୍ରାପ୍ତ ରାଜ୍ୟ ତ୍ୟଜି ଗୁରୁ ବଚନେ
କାନନେ ମୁଁ ପ୍ରବିଷ୍ଟ । ଜା.ପ ନା.

ତ୍ୟାଗିବା, କ୍ରି. (ତ୍ୟଜ୍ ଧାତୁଜ) ତ୍ୟକ୍ତ କରିବା । ଯଥା—
ଆମ୍ଭେ ଦୁହେଁ ତ୍ୟାଗିବୁଁ ଅଦ୍ୟ ଧାମ,
ତୁମ୍ଭଙ୍କୁ ଏହା ଚରମ ପ୍ରଣାମ । ଜା. ପ. ନା.

ତ୍ୟାଗୀ, ବିଂ. (ତ୍ୟାଗିନ୍—ତ୍ୟାଗ-ଇନ୍) ଦାତା; ଶୂର, ବୀର; ବର୍ଜ୍ଜନଶୀଳ; ବୈରାଗୀ; ବିବେକୀ; କର୍ମଫଳତ୍ୟାଗୀ; ଯେ ସମସ୍ତ ତ୍ୟାଗ କରିଅଛି ।

ତ୍ରପ, ପୁଂ. } ବି. (ତ୍ରପ୍=ଲଜ୍ଜିତ ହେବା-
ତ୍ରପା, ସ୍ତ୍ରୀ. } ଅ, ଆ) ଲଜ୍ଜା; ବିନୟ; ଯଶଃ; କୀର୍ତ୍ତି; କୁଳ, ବଂଶ; କୁଳଟା, ବେଶ୍ୟା । (ବିଶେଷଣରେ ତ୍ରପିତ, ଏବଂ ତ୍ରପୀ, ତ୍ରପୀୟାନ୍ ଓ ତ୍ରପିଷ୍ଠ ପଦ ସିଦ୍ଧ ହୁଏ ।)

ତ୍ରୟ, ତ୍ରଇ, ବି. (ତ୍ରୟୀ ଶବ୍ଦଜ) ତିନି ସଂଖ୍ୟା । ଯଥା—
ଉଲଗ୍ନ ଶରୀର କରାଳ,
ହସ୍ତେ କମ୍ପଇ ତ୍ରୟ ଶୂଳ । ଭା. ଦ. ସ୍କ.
ଭ୍ରୂଲତା ନିନ୍ଦଇ କାର୍ମୁକ,
ମୋହୁଛୁ ନେତ୍ର ତ୍ରଇଲୋକ । ମା. ମା.

ତ୍ରୟ, ତ୍ରୟୀ, ବି. ସ୍ତ୍ରୀ. (ତ୍ରି-ଅୟ—ସଙ୍ଖ୍ୟାର୍ଥେ, ଈ) ଋକ, ଯଜୁ, ସାମ ଏହି ତିନି ବେଦ; ଗୃହିଣୀ; ବ୍ରହ୍ମା, ବିଷ୍ଣୁ, ଶିବ ଏହି ତିନି ମୂର୍ତ୍ତି; ବୁଦ୍ଧି; ଦୁର୍ଗା; ସୋମରାଜୀବୃକ୍ଷ । ବିଂ. ତ୍ରିତ୍ୱ ସଂଖ୍ୟାବିଶିଷ୍ଟ ।

ତ୍ରୟୋଦଶ, ବିଂ. ତେର ସଂଖ୍ୟାର ପୂରଣ-ବାଚକ ।

ତ୍ରୟୋଦଶୀ, ବି. ସ୍ତ୍ରୀ. ସଂ. ତିଥିବିଶେଷ ।

ତ୍ରସର, ବି. ସଂ. (ତ୍ରସ୍-ଅର) ତନ୍ତୁବାୟର ତୁରୀ ।

ତ୍ରସ୍ତ, ବିଂ. (ତ୍ରସ୍=ଭୀତହେବା-ତ) ଚକିତ, ଭୀତ, ଭୀରୁ; ବିଚଳିତ, କମ୍ପିତ ।

ତ୍ରାଣ, ବି. (ତ୍ରୈ=ରକ୍ଷାକରିବା-ଅନ) ରକ୍ଷା, ଉଦ୍ଧାର । ବିଂ. ରକ୍ଷକ ।

ତ୍ରାତ, ତ୍ରାଣ, ବିଂ (ତ୍ରୈ-ତ, ଅନ) ରକ୍ଷିତ ।
(ତ୍ରାଣଂ ତ୍ରାତଂ ରକ୍ଷିତମବିତଂ-- ଅମର ।)

ତ୍ରାତା, ବିଂ. (ତ୍ରୈ-ତୃ) ରକ୍ଷାକର୍ତ୍ତା, ଉଦ୍ଧାର-କର୍ତ୍ତା; ପାଳକ ।

ତ୍ରାୟମାଣ, ବିଂ. (ତ୍ରୈ-ମାନ, ଯ ଆଗମ) ତ୍ରାଣକାରୀ; ଯାହାକୁ ତ୍ରାଣ ବା ରକ୍ଷା କରା ଯାଉଅଛି । ସ୍ତ୍ରୀ. ଲତାବିଶେଷ ।

ତ୍ରାସ, ବି. (ତ୍ରସ୍=ଭୀତହେବା-ଅ) ଭୟ, ଶଙ୍କା; ମଣିର ଦୋଷ ବା କଳଙ୍କ ।
(ଦେଶଜ) ଖରା ଓ ନିଆଁର ଝାଞ୍ଜି । ଯଥା—
ସକଳ ଘଟ ମଧ୍ୟେ ତୋହର ପରକାଶ,
କୋଟିଏ ସୂର୍ଯ୍ୟ ଜିଣିଣ ତୋର ଜ୍ୟୋତତ୍ରାସ ।
ନୃ. ପୃ. ପ୍ର. ତ.

ନିକତି; ଆଡ଼େଣି; ଘାଟୋପକରଣ ଯାତ୍ର ଛନ୍ଦବିଶେଷ ।

ତ୍ରାହି, (ଏହା ସଂସ୍କୃତ କ୍ରିୟାପଦ) କ୍ରି. ରକ୍ଷାକର । ଯଥା—ତ୍ରାହି ମାଂ ପୁଣ୍ଡରୀକାକ୍ଷ ! (ଓଡ଼ିଆରେ କଷ୍ଟତ୍ର ଭୟ ସମୟରେ ବ୍ୟବହୃତ) ରକ୍ଷା, ପରିତ୍ରାଣ । ଯଥା—ହେ ହରେ ତ୍ରାହି କର । ଇତ୍ୟାଦି ।

ତ୍ରି, ବିଂ. (ତୃ-ଇ) ତ୍ରୟ, ତିନି ।

ତ୍ରିଂଶ, ବିଂ. ସଂ. ୩୦ ସଂଖ୍ୟାର ପୂରଣବାଚକ ।

ତ୍ରିଂଶତ୍, ବି. ସ୍ତ୍ରୀ. ସଂ. ୩୦ ସଂଖ୍ୟା ।

ତ୍ରିକ, ବି. (ତ୍ରି-କ) ମେରୁଦଣ୍ଡର ନିମ୍ନପ୍ରଦେଶ; କଟି; ୩ ସଂଖ୍ୟା; ତ୍ରିପଥ, ତିନିମୁଣ୍ଡିଆ ରାସ୍ତା; ତିକାଠିଆ, ତ୍ରିଫଳାଦି ।

ତ୍ରିକନା, ବି. (ଦେଶଜ) ଅସ୍ତ୍ରବିଶେଷ । ଯଥା—
ତ୍ରିକନା ଚଉକନା ବେଲଙ୍ଗ ବାରକନା,
ମୁଗୁର ଅଧାଚନ୍ଦ୍ର ବେତାଳ ଏକମୁନା । ନୃ.ପୃ.ଚ.ଛ.

**ତ୍ରିକର୍ମା**, ବି. (ତ୍ରି-କର୍ମନ୍) ଦାନ, ଯଜ୍ଞ ଓ ଅଧ୍ୟୟନନିଷ୍ଠ ବ୍ରାହ୍ମଣ ।

**ତ୍ରିକାଳ**, ବି. (ତ୍ରି-କାଳ) ପ୍ରାତଃ, ମଧ୍ୟାହ୍ନ, ସାୟାହ୍ନ; ଭୂତ, ଭବିଷ୍ୟତ୍, ବର୍ତ୍ତମାନ ।

**ତ୍ରିକୁଳ**, ବି. (ତ୍ରି-କୁଳ) ମାତୃକୁଳ, ପିତୃକୁଳ, ଶ୍ୱଶୁରକୁଳ ।

**ତ୍ରିକୋଣ**, ବି. (ତ୍ରି-କୋଣ) ତିନକୋଣବିଶିଷ୍ଟ ସ୍ଥାନ ।

**ତ୍ରିଗର୍ତ୍ତ**, ବି. (ତ୍ରି-ଗର୍ତ୍ତ) ହିମାଳୟ ଓ ଲାହୋର ସନ୍ନିହିତ ଦେଶବିଶେଷ । ସ୍ତ୍ରୀ. ଭୋଗାଭିଳାଷିଣୀ ସ୍ତ୍ରୀ; ଗଣିତବିଶେଷ । ବିଂ. ତ୍ରିଗର୍ତ୍ତ ଦେଶବାସୀ । (ମଦ୍ରରାଜସ୍ତୁ ବଳବାନ୍ ତ୍ରିଗର୍ତ୍ତାନାମଧୀଶ୍ୱରଃ ।)

**ତ୍ରିଗୁଣ**, ବି. (ତ୍ରି-ଗୁଣ) ସତ୍ତ୍ୱ, ରଜ, ତମ ଏହି ତିନ ଗୁଣ; ସୁଖ, ଦୁଃଖ ଓ ମୋହ ଏହି ତିନ ଗୁଣ । ଯଥା—

ତ୍ରିଗୁଣ ରଜ୍ଜୁ କରେ ଧରି, ମୃଗ ନଗୃନ୍ତ ନରହରି ।

ସ୍ତ୍ରୀ. ଦୁର୍ଗା ।

**ତ୍ରିଜଟା**, ବି. (ତ୍ରି-ଜଟା) ଶିବ; ବିଲ୍ୱପତ୍ର । ସ୍ତ୍ରୀ. ରାକ୍ଷସୀବିଶେଷ; ବିଭୀଷଣର ଦୁହିତା ।

**ତ୍ରିତୟ**, ବି. (ତ୍ରି-ତୟଟ୍-ପୂରଣାର୍ଥେ, ଅବୟବାର୍ଥେ) ତ୍ରିତ୍ୱସଂଖ୍ୟାନ୍ୱିତ; ତିନ ।

**ତ୍ରିତାପ**, ବି.(ତ୍ରି-ତାପ)ଆଧ୍ୟାତ୍ମିକ, ଆଧିଦୈବିକ ଏବଂ ଆଧିଭୌତିକ ଏହି ତିନପ୍ରକାର ତାପ ।

**ତ୍ରିଦଶ**, ବି. (ତ୍ରି-ଦଶା=ଅବସ୍ଥା, ଯେଉଁମାନଙ୍କର ତିନଗୋଟି ଅବସ୍ଥା ଅର୍ଥାତ୍ କୌମାର, ପୌଗଣ୍ଡ ଓ ଯୌବନାବସ୍ଥା ମାତ୍ର ଅଛି, ବୃଦ୍ଧାବସ୍ଥା ନାହିଁ । ନତୁବା ତ୍ରି ଯେ ତୃତୀୟ ଅବସ୍ଥା—ଯୌବନାବସ୍ଥା କେବଳ ସର୍ବଦା ଥାଏ ।) ଦେବତା, ଅମର । ବିଂ. ତ୍ରିଂଶସଂଖ୍ୟକ ।

**ତ୍ରିଦଶଗୋପ**, ବି. ସଂ. ସାଧବଘରବୋହୂପୋକ, ପାଟପୋକ ।

**ତ୍ରିଦଶମଞ୍ଜରୀ**, ବି. ସ୍ତ୍ରୀ. (ତ୍ରିଦଶ-ମଞ୍ଜରୀ) ତୁଳସୀ ।

**ତ୍ରିଦିବ**, ବି. (ତ୍ରି=ବ୍ରହ୍ମା, ବିଷ୍ଣୁ, ମହେଶ୍ୱର-ଦିବ୍=କ୍ରୀଡ଼ାକରିବା-ଅ) ସ୍ୱର୍ଗ; ଆକାଶ; ସୁଖ । (ସ୍ତ୍ରୀ-ଆ) ନଦୀବିଶେଷ ।

**ତ୍ରିଦୋଷ**, ବି. (ତ୍ରି-ଦୋଷ) ବାତ, ପିତ୍ତ, କଫ ଏହି ତ୍ରିଦୋଷ ।

**ତ୍ରିଧା**, ଅଂ. (ତ୍ରି-ଧା-ପ୍ରକାରାର୍ଥେ) ତିନପ୍ରକାର; ତିନିଖଣ୍ଡ; ତିନବାର ।

**ତ୍ରିନୟନ, ତ୍ରିନେତ୍ର, ତ୍ରିଲୋଚନ,** } ବି. ସଂ. ଶିବ, ମହାଦେବ, ଶଙ୍କର । (ସ୍ତ୍ରୀ. ରେ ତ୍ରିନୟନା, ତ୍ରିନେତ୍ରା, ତ୍ରିଲୋଚନା ।)

**ତ୍ରିପଣ୍ଡ**, ବିଂ. (ଦେଶଜ) ଝାଳରେ ଜର୍ଜ୍ଜର । ଯଥା—

ଘର୍ମେଣ ତ୍ରିପଣ୍ଡ ହୋଇଲା ମୋର କାୟେ । ସା.ଭା.ଆ.

ବି. ଝାଳ । ଯଥା—

ମହାରାଗେ ତ୍ରିପଣ୍ଡ ବହଇ ଯେ ବାର । ସା. ଭା. ସ. ପ.

**ତ୍ରିପଣ୍ଡକାଳିଆ, ତ୍ରିପୁଣ୍ଡକାଳିଆ,** } ବି. (ଦେଶଜ) ବିଶୁଦ୍ଧ କୃଷ୍ଣବର୍ଣ୍ଣବିଶିଷ୍ଟ । ଯଥା—

ଜୟ ତୁ ତ୍ରିପୁଣ୍ଡକାଳିଆ,
ଜୟ ତୁ କାଇଁଚମାଳିଆ । ଦା. ର.

**ତ୍ରିପଥଗା, ତ୍ରିସ୍ରୋତା,** } ବି. ସ୍ତ୍ରୀ. (ତ୍ରିପଥ=ସ୍ୱର୍ଗ ମର୍ତ୍ତ୍ୟ ପାତାଳ-ଗମ୍-ଅ-ଆ) ତ୍ରିପଥଗାମିନୀ ଗଙ୍ଗା ।

**ତ୍ରିପିଷ୍ଟପ, ତ୍ରିବିଷ୍ଟପ,** } ବି. (ତ୍ରି=ତୃତୀୟ-ପିଷ୍ଟପ=ଭୁବନ) ସ୍ୱର୍ଗ; ତ୍ରିଭୁବନ ।

**ତ୍ରିପୃତ୍ତି**, ବି. (ତୃପ୍ତି ଶବ୍ଦଜ) ତୃପ୍ତି । ବିଂ. ତୃପ୍ତ; ସନ୍ତୁଷ୍ଟ । ଯଥା—

ସମସ୍ତ ସୈନ୍ୟ ଯହୁଁ ହୋଇଲେ ତ୍ରିପୃତ,
ସମରେ ପଶିଲା ପୁଣି ପାଣ୍ଡୁଙ୍କ ସନ୍ତତ । ସା.ଭା.ବ.ପ.

**ତ୍ରିପୁରଦହନ, ତ୍ରିପୁରାରି, ତ୍ରିପୁରାନ୍ତକ,** } ବି. (ତ୍ରିପୁର=ମୟନିର୍ମିତ ପୁରତ୍ରୟ, ଅସୁରବିଶେଷ-ଦହନ, ଅରି, ଅନ୍ତକ) ମହାଦେବ, ଶିବ ।

**ତ୍ରିବଳି, ତ୍ରିବଳୀ,** } ବି. ସ୍ତ୍ରୀ. (ତ୍ରି-ବଳୀ=ଉଦର ଓ କଣ୍ଠାଦିରେ ମାଂସସଙ୍କୋଚଜନିତ ରେଖା) ଉଦର ଓ କଣ୍ଠାଦିରେ ସ୍ଥିତ ଲଳିତ ମାଂସ ରେଖାତ୍ରୟ । ଯଥା—

ତ୍ରିବଳି ଲଳିତମଧ୍ୟା କମ୍ବୁକଣ୍ଠୀ ବିଦଗ୍ଧା ।

ତ୍ରିଭଣ୍ଡ, ବି. (ଦେଶଜ ପ୍ରାୟ) ରାଜୋପକରଣ-ବିଶେଷ । (ମରାଠି ଶବ୍ଦ ଦେଖ ।)

ତ୍ରିମଣ୍ଡି, ତ୍ରିମୁଣ୍ଡି, ବି. (ଦେଶଜ ପ୍ରାୟ) ଏକ-ପ୍ରକାର ଜୁଡ଼ା, ତ୍ରିଗୁଣ କରି ବାନ୍ଧିବା ଜଟି । ଯଥା—

ସର୍ବାଙ୍ଗ ପୋଛି କୁସୁମେ ତ୍ରିମଣ୍ଡି ବାନ୍ଧିଲେ,
ବସନ ପୀତପଟରେ କାଛି ପିନ୍ଧାଇଲେ । ବ. ର.

କେଶ । ଯଥା—

ସୁବାସ ଜଳରେ ସ୍ନାନ, ତ୍ରିନବସନେ ପୋଛଣ,
ତ୍ରିମୁଣ୍ଡି ସେ ପୁଣ ଶୁଖାଇଲେ । ବ. ର.

ତ୍ରିମୁଣ୍ଡିଗଭା, ବି. (ଦେଶଜ) ଏକପ୍ରକାର ପୁଷ୍ପଗୁଚ୍ଛ । ଯଥା—

ତ୍ରିମୁଣ୍ଡି ଗଭା ମୁଣ୍ଡେ ଦେଇ,
କହଇ କୃଷ୍ଣ ହାହୁ ହାହୁ । ଭା. ଦ. ସ୍କ.

ତ୍ରିଯାମା, ବି.ସ୍ତ୍ରୀ. (ତ୍ରି-ଯାମ-ଆ) ରାତ୍ରି, ଯମୁନା-ନଦୀ; ହରିଦ୍ରା ।

ତ୍ରିବର୍ଗ, ବି. (ତ୍ରି-ବର୍ଗ=ସମୂହ) ଧର୍ମ, ଅର୍ଥ ଓ କାମ (ତ୍ରିବର୍ଗୋ ଧର୍ମକାମାର୍ଥୈଃ) ଉତ୍ପତ୍ତି, ସ୍ଥିତି ଓ ଧ୍ୱଂସ; ସତ୍ତ୍ୱ, ରଜ ଓ ତମ; ଆୟ, ବ୍ୟୟ ଓ ବୃଦ୍ଧି ।

ତ୍ରିବିକ୍ରମ, ବି. (ତ୍ରି-ବିକ୍ରମ=ପଦବିନ୍ୟାସ) ବାମନରୂପୀ ବିଷ୍ଣୁ; ତ୍ରିଲୋକଆକ୍ରମଣ ।

ତ୍ରିଶଙ୍କୁ, ବି. (ତ୍ରି-ଶଙ୍କୁ=ବ୍ୟତିକ୍ରମ) ସ୍ୱନାମ-ପ୍ରସିଦ୍ଧ ନୃପତି; ବିଡ଼ାଳ; ଶଲଭ; ଚାତକ-ପକ୍ଷୀ; ଖଦ୍ୟୋତ ।

ତ୍ରିଶଙ୍କୁଯାଜୀ, ବି. (ତ୍ରିଶଙ୍କୁଯାଜିନ୍-ତ୍ରିଶଙ୍କୁ-ଯଜ୍-ଇନ୍) ବିଶ୍ୱାମିତ୍ର ଋଷି । ଯଥା—

ସେହି ତ୍ରିଶଙ୍କୁଯାଜୀ କ୍ଷତ୍ରିୟ ବ୍ରାହ୍ମଣର । ଜା.ପ.ନା.

ତ୍ରିହାୟଣୀ, ବି. ସ୍ତ୍ରୀ. (ତ୍ରି-ହାୟନ=ବତ୍ସର) ତିନିବତ୍ସର ବୟସ୍କା ଗାଈ; ଦ୍ରୌପଦୀ । (କୃତଯୁଗେ ବେଦବତୀ ତ୍ରେତାୟାଂ ଜନକାତ୍ମଜା, ଦ୍ୱାପରେ ଦ୍ରୌପଦୀଚ୍ଛାୟା ତେନ କୃଷ୍ଣା ତ୍ରିହାୟଣୀ)

ତ୍ରୁଟି, ତ୍ରୁଟୀ, ବି. ସ୍ତ୍ରୀ. (ତ୍ରୁଟ୍=ଛିନ୍ନ ହେବା-ଇ, ଈ) ନ୍ୟୂନତା; କ୍ଷତି, ହାନି; ସଂଶୟ; ଚଉକ୍ଷଣପରିମିତ କାଳ; କ୍ଷୁଦ୍ର ଅଳାଇଚ ।

ତ୍ରୁଟିତ, ବିଂ. (ତ୍ରୁଟ୍-ତ) ଛିନ୍ନ; ଭଗ୍ନ; ସ୍ଖଳିତ; ଗଳିତ ।

ତ୍ରେତୟା, ବି. (ତ୍ରେତା ଶବ୍ଦଜ) ତ୍ରେତାଯୁଗ । ଯଥା—

ସତ୍ୟ ତ୍ରେତୟା ଯେ ଦ୍ୱାପର,
ଉବସେ ପୁଣ୍ୟ ଏ ଆକାର । ବ. ସୁ.

ତ୍ରେତା, ବି. (ତ୍ରୈ=ରକ୍ଷା-ଇତ=ପ୍ରାପ୍ତ-ଆ) (ଅଥବା ତ୍ରି=ତ୍ରିତ୍ୱ-ଇତ) ତୃତୀୟଯୁଗ; ଦକ୍ଷିଣ, ଗାର୍ହପତ୍ୟ ଓ ଆହବନୀୟ ଏହି ତିନି ଅଗ୍ନି । (ତ୍ରେତା ତ୍ୱଗ୍ନିତ୍ରୟେ ଯୁଗେ —ଅମର ।)

ତ୍ରୈମାତୁର, ବି. (ତ୍ରିମାତୃ-ଉର) ଲକ୍ଷ୍ମଣ; କୌଶଲ୍ୟା ଓ କୈକେୟୀଙ୍କ ପ୍ରଦତ୍ତ ପାୟସାନ୍ନରୁ ସୁମିତ୍ରା ଗର୍ଭଜାତ ସନ୍ତାନ ।

ତ୍ରୈଶଙ୍କବ, ବିଂ. (ତ୍ରିଶଙ୍କୁ-ଅ—ସମ୍ବନ୍ଧାର୍ଥେ) ତ୍ରିଶଙ୍କୁସମ୍ବନ୍ଧୀୟ । ଯଥା—

ତ୍ରୈଶଙ୍କବ ଲୋକ ସୃଷ୍ଟିକର୍ତ୍ତା ଭଗବାନ୍
ବିଶ୍ୱାମିତ୍ର । ଜା. ପ. ନା.

ତ୍ରୋଟି, ତ୍ରୋଟୀ, ବି. ସ୍ତ୍ରୀ. (ତ୍ରୁଟ୍=ଛେଦନ କରିବା-ଇ-ଈ) ପକ୍ଷିର ଥଣ୍ଟ, ମତ୍ସ୍ୟ-ବିଶେଷ; ପକ୍ଷିବିଶେଷ ।

ତ୍ରୋଣ, ବି. (ତୂଣୀ ଶବ୍ଦଜ) ଶର ରଖିବା ମୂଣା । ଯଥା—

ଅର୍ଜୁନ କରେ ଧନୁ ଘେନ,
କନ୍ଧେ ଶୋଭିତ ତ୍ରୋଣ ବେନ । ଭା. ଦ. ସ୍କ.

ତ୍ରୋଣା, ବି. (ତୋରଣ ଶବ୍ଦଜ) ବନ୍ଦନମାଳା । ଯଥା—

ପଲ୍ଲବ ତ୍ରୋଣା ଅଧର ପୟୋଧର
ପୂର୍ଣ୍ଣକୁମ୍ଭ ମୀନନୟନ । ଲ. ବ.

ତ୍ର୍ୟମ୍ବକ, ବି. (ତ୍ରି-ଅମ୍ବକ=ଚକ୍ଷୁ, ପିତା) ମହାଦେବ ।

ତ୍ୱକ୍, ତ୍ୱଚ୍, ତ୍ୱଚ୍, ବି. ସ୍ତ୍ରୀ. (ତ୍ୱଚ୍=ଆବରଣ କରିବା-କ୍ୱିପ୍) ଚର୍ମ, ଛାଲ; ସ୍ପର୍ଶେନ୍ଦ୍ରିୟ; ବଲ୍‌କଳ; ଗୁଡ଼ତ୍ୱକ ।

ତ୍ୱକ୍‌ସାର, ତ୍ୱଚସାର, ବି. (ତ୍ୱକ୍-ସାର) ବଂଶ, ବାଉଁଶ; ଗୁଡ଼ତ୍ୱକ ।

ତ୍ୱତ୍, ବିଂ. (ତନ୍ = ବିସ୍ତାର କରିବା-କ୍ୱିପ୍) ଅନ୍ୟ, ଭିନ୍ନ; ଏକବଚନାନ୍ତ ଯୁଷ୍ମଦ୍-ବାଚକ ।

ତ୍ୱଦୀୟ, ବିଂ. ( ତ୍ୱତ୍-ଈୟ ) ତ୍ୱତ୍ସମ୍ବନ୍ଧୀୟ, ତୁମ୍ଭର ।

ତ୍ୱରମାଣ, ବିଂ. (ତ୍ୱର୍ = ବେଗଗମନ କରିବା-ମାନ) ସତ୍ୱର ।

ତ୍ୱରା, ବି. ସ୍ତ୍ରୀ. ( ତ୍ୱର୍-ଅ, ଆ ) ବେଗ, ଶୀଘ୍ରତା; ଉତ୍କଣ୍ଠା; ବିଳମ୍ବାସହିଷ୍ଣୁତା ।

ତ୍ୱରାୟ, ତ୍ୱରେ, କ୍ରି. ବିଂ. (ତ୍ୱରା ଶବ୍ଦଜ) ଶୀଘ୍ର । ଯଥା—

ମାୟାଭେଦ୍ରେ ରହି ସାବଧିଥ ଗଗନେ
ଆସେ ବିମାନ ତ୍ୱରେ । ଜା. ପ. ନା.

ତ୍ୱରିତ, ବିଂ. (ତ୍ୱରା-ଇତ-ଅଥବା·ତ୍ୱର୍-ଇ-ତ) ସତ୍ୱର, ଶୀଘ୍ର, ତଡ଼ାବଡ଼ ।

ତ୍ୱାଦୃକ, ତ୍ୱାଦୃଶ, ତ୍ୱାଦୃକ୍ଷ, } ବିଂ.(ତ୍ୱତ୍-ଦୃଶ୍=ଦର୍ଶନ-କରିବା-କ୍ୱିପ୍, ଅ, ସ) ତୁମ୍ଭର ସଦୃଶ, ତୁମ୍ଭ ତୁଲ୍ୟ ।

ତ୍ୱିଷ, ତ୍ୱିଷା, ବି. ସ୍ତ୍ରୀ. (ତ୍ୱିଷ୍ = ଦୀପ୍ତହେବା-କ୍ୱିପ୍-ଆ) ତେଜ; କାନ୍ତି ।

ତ୍ୱିଷାଂପତି, ବି. (ତ୍ୱିଷାଂ = ଦୀପ୍ତିସମୂହର ପତି) ସୂର୍ଯ୍ୟ । ଯଥା—

ଯେକାଳେ ଗମନ୍ତି ସିଂହୁ ତ୍ୱିଷାଂପତି,
କ୍ୟୋତର୍ମିସ୍ତ ବର୍ଷେ କୁମାରୀ ବସତି । ନ. କେ.

ତ୍ସରୁ, ବି. (ତ୍ସର=ଯିବା-ଉ) ଖଡ୍‌ଗାଦିର ମୁଷ୍ଟି; ଅସ୍ତ୍ରର ବେଣ୍ଟ । (ତ୍ସରୁଃ ଖଡ୍‌ଗାଦି ମୁଷ୍ଟିଃ ସ୍ୟାତ୍—ଅମର) ହାତୁଡ଼ି ।

---

# ଥ

**ଥ**, ବ୍ୟଞ୍ଜନମାଳାର ସପ୍ତଦଶ ବର୍ଣ୍ଣ । ବି. (ସ୍ଥା-ଅ) ପର୍ବତ; ରୋଗବିଶେଷ; ଚିହ୍ନ; ଭକ୍ଷଣ; ରକ୍ଷଣ; ମଙ୍ଗଳ; ଭୟ ।

ଥଉଳ, ବିଂ. (ସ୍ଥୂଳ ଶବ୍ଦଜ) ସ୍ଥୂଳ । (ଥନ୍ତଳ ଶବ୍ଦ ଦେଖ ।)

ଥକା, ଥକ୍‌କା, ବି. (ସ୍ଥଗିତ ଶବ୍ଦଜ) ଅବସାଦ ବା ଶ୍ରାନ୍ତି । ବିଂ. ଅବସନ୍ନ, ଶ୍ରାନ୍ତ ।

ଥକାଇବା, କ୍ରି. ( ସ୍ଥଗ୍ ଧାତୁଜ ) ସ୍ତମ୍ଭ ବା ସ୍ଥଗିତ କରିବା । ଯଥା—

ନୟନେ ଥକାଇ ପାରିକି । ବି. ଚି. ମ.

କହୁଁ କହୁଁ ମଧ୍ୟେ ମଧ୍ୟେ ତୁନି ହେବା । ଯଥା—

ଥକାଇ ତୁ କହୁଁ କହୁଁ
ଧୃଷ୍ଟ ଚହୁନାହିଁଟି ରେ ମୋର ଜାଣ । କ. ଚ. ଚ.

ଥକାମରା, ବିଂ. (ଦେଶଜ ପ୍ରାୟ) ଅବସନ୍ନ, ଶ୍ରାନ୍ତ । ବି. ଶ୍ରାନ୍ତି; ବିଶ୍ରାମ ।

ଥକାମାରିବା, କ୍ରି. ଶ୍ରାନ୍ତ ହେବା; ବିଶ୍ରାମ ନେବା ।

ଥକିତ, ଥଗିତ, } ବିଂ. (ସ୍ଥଗିତର ଅପଭ୍ରଂଶ) ସ୍ଥଗିତ, ସ୍ତମ୍ଭିତ; ସ୍ଥିର । ଯଥା—

ଅସ୍ଥ କର ପଞ୍ଚମନ, ଥକିତେ ରଖ ପବନ । ଜ୍ଞା.କୋ.

ଥକିବା, ଥଗିବା, } କ୍ରି. (ସ୍ଥଗ୍ = ପ୍ରାକୃତ ଥକ୍ ଧାତୁଜ) ସ୍ଥିରହେବା; ଶ୍ରାନ୍ତ ହେବା ।

ଥକିଯିବା, ଥକିପଡ଼ିବା, } କ୍ରି. (ପ୍ରାକୃତ ଥକ୍ ଧାତୁଜ) ଅବସନ୍ନ ହେବା; ସ୍ଥଗିତ ହେବା । ଯଥା—

ବ୍ୟୋମକେଶ ମୂର୍ତ୍ତି ଦେଖିଲ ଚମକି,
ପଡ଼ିଲା ସେରୂପେ ଚଉବୃତ୍ତି ଥକି । ଚିଲିକା ।

ଥଙ୍ଗଥଙ୍ଗ, ବିଂ. (ସ୍ଥଗିତ ଶବ୍ଦଜ) ମଧ୍ୟେ ମଧ୍ୟେ ଯେ ଥକିଯାଏ । ଯଥା—

ଦୁଇ ଆଖି ତାଙ୍କର ହୋଇଗଲା ରଙ୍ଗ,
ବଚନ ମଧ୍ୟ ହୋଇଗଲା ଥଙ୍ଗଥଙ୍ଗ । କୃ. ଭ୍ର. କ. ପ.

ବି. ମଧ୍ୟେ ମଧ୍ୟେ ଥକିବା ।

ଥଟା, ଥଟ୍ଟା, ବି. (ଦେଶଜ) ପରିହାସ । ଯଥା—

ଲୁଚି ବସି କାଳ ଯାକୁ କରେ ଥଟା । ଦ. ବା.

ଥଟାର, ବି. (ଦେଶଜ) ଯେଉଁ ଜାତି କଂସା ଓ ପିତଳରେ ପାତ୍ର ଓ ଅଳଙ୍କାରାଦି ନିର୍ମାଣ ଓ କାରବାର କରନ୍ତି । ଯଥା—

ଥଟାର ହଂସ ପେଟୁ ଜାତ,
ତାହାଙ୍କୁ ସର୍ଜନା ଯୁଗତ । ବି. ପୁ.

ଥଣ୍ଡା, ଠଣ୍ଡା, ବି. (ଦେଶଜ) ଶୀତଳ । ଯଥା—
ତୁମ୍ଭର ଆଜ୍ଞା ଗୋଟି ପରଶୁ ତୀକ୍ଷଣ ଖଣ୍ଡା,
ତାହା ମୁଁ ଏବେ ଶୁଣି ହୋଇଲି ମନେ ଥଣ୍ଡା ।
ନୃ. ସୁ. ସ. ଭ.

ଥଣ୍ଟ, ବି. (ଦେଶଜ) ଚଞ୍ଚୁ । ଯଥା—
କେତେ ଦିନେ ହରି ବକ ଥଣ୍ଟ ଚିରି
କାଳ-ସଦନ ଦେଖାଇଲେ । ର. କ.

ଥଣ୍ଟିଆ, ବିଂ. (ଦେଶଜ) ଯାହାର ବଡ଼ ଥଣ୍ଟ ଥାଏ ।

ଥଣ୍ଟିଆ କମ୍ପୀର, ବି. (ଦେଶଜ) ବଡ଼ ଥଣ୍ଟ-ବିଶିଷ୍ଟ କମ୍ପୀରବିଶେଷ ।

ଥଣ୍ଡିଲ, ବି. (ସ୍ଥଣ୍ଡିଲର ଅପଭ୍ରଂଶ) ହୋମାର୍ଥ ବାଲୁକାଦି ମଣ୍ଡଳ ।

ଥନ, ବି. (ସ୍ତନ ଶବ୍ଦଜ, ପ୍ରାକୃତ ଥଣରୁ ଜାତ) କୁଚ, ସ୍ତନ । ଯଥା—
କୋଇଲି ଥନ ଭିଡ଼ି କ୍ଷୀରପାନ ଦେଲି,
ଅବିରକାଳକୁ ପୁଣି ଦେଖି ନ ପାରିଲି ଲୋ । କେ.କୋ.

ଥନଥନ, ବି. (ଦେଶଜ) ଚକ୍ଷୁର ଲୋତକପୂର୍ଣ୍ଣ ଅବସ୍ଥା । ଯଥା—
ଭିଜିଗଲା ଗାତ୍ର ନେତ୍ର ଥନଥନ । ବି. ଚି. ମ.

ଥନହରା, ବି. (ସ୍ତନ୍ୟହରା ଶବ୍ଦଜ) ସ୍ତନରୋଗ-ବିଶେଷ ।

ଥନ୍ତରା, ବିଂ. ( ଦେଶଜ ) ଅକର୍ମଣ୍ୟ ବା ନିସ୍ତେଜ, ଦାଢ଼ି ବା ମୁନ ନ ଥିବା ।

ଥନ୍ତଲ, ଥନ୍ତଲି, ଥନ୍ଥଲ, } ବିଂ. ( ଉଦ୍ଧଲ ଶବ୍ଦଜ ) ପୃଥୁଳ । ( ଏ ଶବ୍ଦ କେବଳ ପେଟ ଶବ୍ଦ ସହିତ ପ୍ରୟୋଗ ହୁଏ) ସ୍ଥୂଳପେଟ । ଯଥା—
ଆହୁଲା ଥନ୍ତଲପେଟା,
ନାଚଇ ଗଣ୍ଡଆଗୋଟା । ଗଣେଶସ୍ତୁତି ।

ଥପ, ଥପଥପ, କ୍ରି. ବିଂ. (ଦେଶଜ) ଜଳାଦି ତରଳପଦାର୍ଥର ବିନ୍ଦୁ ବିନ୍ଦୁ ପତନ ଶବ୍ଦର ଅନୁକରଣ । ଯଥା—
ପଡ଼ିଲା ମସ୍ତିଷ୍କ ତଳେ ଥପ ଥପ ହୋଇ । ମ. ଯା.

ଥବିର, ବି. (ସ୍ଥବିର ଶବ୍ଦର ଅପଭ୍ରଂଶ) ବୃଦ୍ଧ । (ଥିର ଶବ୍ଦ ଦେଖ) ସ୍ଥିର । ଯଥା—
ଭାବ କହେ ତୋର ଚିତ୍ତ, ଥବିର କର ଗୋ ସତ,
ଯିବ ମୁଁ ଆଣି ତେଣିକି । ଗ. ସ.

ଥମା, ବି. (ସ୍ତମ୍ଭ ଶବ୍ଦଜ) ଥକିବା ।

ଥମିବା, ଥର୍ମ୍ଭିବା, କ୍ରି. (ସ୍ତମ୍ଭ ଶବ୍ଦଜ) ଥକିବା ।

ଥୟ, ଥୟେ, ଥଏ, ବିଂ. ( ସ୍ଥୈର୍ଯ୍ୟ ଶବ୍ଦଜ ) ସ୍ଥିର । ଯଥା—
ପ୍ରେମାଲିଙ୍ଗନେ ଥୟ ହୋଇ ନ ରହି
ମୋ ମନ କଲା କାତର । ର. ପ.
ଲବେ ଥଏ ନୋହେ ମରୁତ,
ଭାବ ମୁଁ ଦଧି-ଗର୍ଭଜାତ । କୋ. ବ୍ର. ସୁ.

ଥୟେ, ଥଏ, କ୍ରି. ବିଂ. ( ସ୍ଥୈର୍ଯ୍ୟ ଶବ୍ଦଜ ) ନିଶ୍ଚିନ୍ତରେ, ସ୍ଥିରଭାବରେ ।

ଥର, ବି. (ଦେଶଜ) କମ୍ପ । (ସ୍ତର ଶବ୍ଦଜ) ବାର । ଯଥା—
ଦିନେ ମୋ ନେତ୍ରପଥରେ,
ପଡ଼ିଗଲେ ବାଙ୍କଚୂଳିଆ ଥରେ,
ଆଜଯାଏ ମୋ ହୃଦୟ ଥରେ । ବି.ଚି.ମ.

ଥରକ, ବି. (ଦେଶଜ) ଏକବାର ମାତ୍ର ।

ଥରଥର, ବିଂ. (ଦେଶଜ) କମ୍ପିତ । ଯଥା—
ଶ୍ରୀହସ୍ତ ହେଲା ଥରଥର, କମ୍ପିଲା ସୁରଙ୍ଗଅଧର । ଦା.ର.

ଥରଥରିଆ, ବିଂ. (ଦେଶଜ) କମ୍ପଯୁକ୍ତ ।

ଥରହର, ବିଂ. (ଦେଶଜ) ଇତସ୍ତତଃ ଚାଳିତ । ଯଥା—
ଶବଦେ ଅବନୀ ଭୟେ କମ୍ପେ ଥରହର । କ. ବ.

ଥରିବା, କ୍ରି. (ଦେଶଜ) କମ୍ପିବା ।

ଥରୁଆ, ବିଂ. (ଦେଶଜ) ଭୟାକୁଳ ।

ଥଳ, ବି. (ସ୍ଥଳ ଶବ୍ଦର ଅପଭ୍ରଂଶ ପ୍ରାକୃତ) ଜଳ ନ ଥିବା ସ୍ଥାନ । ଯଥା—
ବନ୍ଧାଅ ସେତୁ ବାନ୍ଧି ଅଚଳ,
ମୁଁ ପୁଣି କିଛୁ ହୋଇବି ଥଳ । ବି. ରା.
ନଦୀର ଯେଉଁ ସ୍ଥାନରେ ଅଳ୍ପ ଜଳ ଥିବାରୁ ଲୋକେ ଜଳ ଭିତରେ ପଶି ପାର ହୁଅନ୍ତି ।

ଥଳଥଳିଆ, ଥଲଥଲିଆ, } ବିଂ. (ଦେଶଜ) ଥକଥକିଆ; ମେଞ୍ଚାମେଞ୍ଚା; ଲୋଳିତ; କୋମଳ ।

ଥଳା, ବି. (ସ୍ଥାଲୀ ଶବ୍ଦଜ) ଚଡ଼ୁଆ; ଥାଳି ।

ଥଳାଇବା, କ୍ରି. ( ସ୍ଥଳ ଶବ୍ଦଜ ) ସମତଳ କରିବା ।

ଥଳାଥଳ, ବି. (ଦେଶଜ) ସମତଳ କରିବା ।

ଥଳ, ଥଳୀ, ବି. (ସ୍ଥଳୀ ଶବ୍ଦର ଅପଭ୍ରଂଶ) ସମତଳ ପଡ଼ିଆ ଭୂମି; ମୁଣା; ଟଙ୍କା ଆଦି ରଖିବା ମୁଣି ।

ଥଳିଆ, ବି. (ଦେଶଜ) ଝୁଲି ବା ସାନ ମୁଣି ।

ଥା, ବି. (ସ୍ଥା ଧାତୁଜ) ସ୍ଥାନ । ବିଂ. ସ୍ଥିର, ନିଶ୍ଚିତ ।

ଥାଇ, ଥାୟି, ବି. (ସ୍ଥାୟୀ ଶବ୍ଦର ଅପଭ୍ରଂଶ) ଚିର, ସ୍ଥିର ।

ଥାକ, ବି. (ଯାବନିକ) ଶ୍ରେଣୀ ବା ଦଳ । (ଦେଶଜ) ଗ୍ରେଟ ।

ଥାକୁଲଥକୁଲ, ବିଂ. (ଦେଶଜ) ଅତି ମୋଟ ।

ଥାକୁଲି, ବିଂ. (ସ୍ଥୂଳକାୟ ଶବ୍ଦଜ) ଅତି ମୋଟା ।

ଥାଟ, ବି. (ଦେଶଜ) ସୈନ୍ୟ । ଯଥା—

ପୁଣି ସେ ଗୃହିଲ ବୀର ନିଜ ଥାଟ ପ୍ରତି,
ଆସି ସାହା ହୁଅ ଯାର ଅଛଇ ଶକତି । ବେ. ସଂ

କଙ୍କାଳ; ପ୍ରତିମାର ମେଢ଼ ।

ଥାଟପଟାଳି, ବି. (ଦେଶଜ) ବହୁସଂଖ୍ୟକ ଲୋକ ।

ଥାଟରଜା, ବି. (ଦେଶଜ) କୌଣସି କୌଣସି ରାଜାମାନେ ନିଜ ଭ୍ରାତାଙ୍କୁ ଏହି ଉପାଧି ଦେଇଥାନ୍ତି ।

ଥାଣୁ, ବି. (ସ୍ଥାଣୁ ଶବ୍ଦର ଅପଭ୍ରଂଶ) ମହାଦେବ, ଶିବ । ଯଥା—

ଥାଣୁଙ୍କୁ ଭାବି ଭାବି ଭବଭୟେ ଭାସିବି
ଏହା କି ଦିଶିବ ସୁନ୍ଦର । ଲୋ.ନା. ଜଣାଣ ।

ଲଣ୍ଡା ଗଛ ।

ଥାତାମାମା, } ବି. (ଦେଶଜ) ସଂଶୟ,
ଥାଥାମାମା, } ସନ୍ଦେହ ।

ଥାତି, ବି. (ଦେଶଜ) ପାଉଣା; ଜମା; ସଞ୍ଚିତ । ଯଥା—

ଶୋଭା ବିଶ୍ୱସୃଜ ଥାତି ଭଣ୍ଡାର,
ଏ ବିଶ୍ୱମୋହନ କେତେ ମାତର ।

ଥାନ, ବି. (ସ୍ଥାନ ଶବ୍ଦର ଅପଭ୍ରଂଶ) ସ୍ଥଳ, ଜାଗା ଅର୍ଥାତ୍ ଦ୍ରବ୍ୟାଦି ରଖିବା ପାତ୍ର । (ଦେଶଜ) ବସ୍ତ୍ରବିଶେଷ; ଲମ୍ବ ବସ୍ତ୍ରଖଣ୍ଡ-ବିଶେଷ । ଯଥା—

ଏ ଦ୍ରବ୍ୟ ହେମକର ଥାନ,
ଅମୂଲ୍ୟ ସେ ବସ୍ତ୍ର ଶୋଭନ । ଦା. ର.

ଥାନପତି, } ବି. (ସ୍ଥାନପତି ବା ସ୍ଥାନାଧିପତି
ଥାନାପତି, } ଶବ୍ଦର ଅପଭ୍ରଂଶ) ସ୍ଥାନର ସ୍ୱତ୍ୱାଧିକାରୀ । (ପିଆଦା ଶବ୍ଦ ଦେଖ) ହାଟୁଆ ଜାତିମାନଙ୍କ ମଧ୍ୟରେ ସର୍ଦ୍ଦାର ।

ଥାନମୁଦୁରା, } ବି. (ସ୍ଥାନମୁଦ୍ରା ଶବ୍ଦଜ)
ଥାନମୁନ୍ଦୁରା, } କାନମୁଣ୍ଡା, କାନ ଓ ଗାଲର
ଥାନମୁଣ୍ଡା, } ସନ୍ଧିସ୍ଥାନ ।

ଥାନା, ବି. (ସ୍ଥାନ ଶବ୍ଦରୁ ଜାତ) ଅଡ୍ଡା, ଚୌକିସ୍ଥାନ; ପୁଲିସ କର୍ମଚାରୀଙ୍କ ଅଫିସ ।

ଥାନି, ବିଂ. (ସ୍ଥାନୀ=ସ୍ଥାନୀୟ ଶବ୍ଦଜ) ସ୍ଥାନୀୟ । ବି. ଭୂମିରେ ଏକପ୍ରକାର ସ୍ୱତ୍ୱ, ଗ୍ରାମବାସୀ ରୟତର ଉକ୍ତ ଗ୍ରାମସ୍ଥ ଭୂମିରେ ଯେଉଁ ସ୍ୱତ୍ୱ ଉଦ୍ଭବ ହୁଏ । ଯଥା—

ଥାନି ଜାଗିରର କର ଗ୍ରାହ୍ୟ ପରଜାଙ୍କୁ,
ବିହିନ ଭିଆଣ କଲେ ଭଣ୍ଡାରୁ ଦେବାକୁ । ସା.ଖ.ଆ.ପ.

(ଦେଶଜ) ବସ୍ତ୍ରବିଶେଷ ।

ଥାପନ, } ବି. (ସ୍ଥାପନ ଶବ୍ଦର ଅପଭ୍ରଂଶ)
ଥାପନା, } ରଖିବା, ସ୍ଥାପିବା । ବିଂ. ସ୍ଥାପିତ । ଯଥା—

ଅଯୁତ ତୁ କରି ଗୁହାଁ ପାଲଟି,
ଥାପନାଦିଅଁ କୁ ନ ବଳା ଦୃଷ୍ଟି । ଜ୍ଞା. କୋ.

ଥାପି, ବିଂ. (ସ୍ଥା ଧାତୁରୁ ଜାତ) ସ୍ଥିର, ଶାନ୍ତ । ବି. ଶାନ୍ତ । କ୍ରି. ବିଂ. ଧୀରେ । ଯଥା—

ଥାପିରେ କହ ତଥାପି ରେ ପ୍ରିୟସଖି । କ.ଚ.ଚ.

ଥାପିବା, କ୍ରି. (ସ୍ଥା ଧାତୁଜ) ସ୍ଥାପିତ କରିବା । ଯଥା—

ଥୋପକୁ ଥାପି ଲୁଚିଛୁ କି କାମ । ବ. ଚ. ମ.

ଥାବର, ବି. (ସ୍ଥାବର ଶବ୍ଦର ଅପଭ୍ରଂଶ) ପର୍ବତାଦି, ଯାହାର ଚଳନଶକ୍ତି ନାହିଁ ।

ଥାବସ୍ତ, ବି. ସ୍ତ୍ରୀ. (ସ୍ଥାବସ୍ତ ଶବ୍ଦର ଅପଭ୍ରଂଶ) ଦେବୀଙ୍କ ନାମବିଶେଷ । ଯଥା—

ସ୍ଥାବସ୍ତ ସ୍ଥାନ ସ୍ଥାପୀ ଥାବସ୍ତ ତୋର ନାମ,
ସ୍ଥାବରବାସିନୀ ଥାଣୁ ପ୍ରିୟା ନମୋନମ । ନୃ.ପୁ.ପ.ତ.

ଥାଳ, ବ. (ସ୍ଥାଲ ଶବ୍ଦର ଅପଭ୍ରଂଶ) ଥାଳ ଅର୍ଥାତ୍ ଧାତୁପାତ୍ରବିଶେଷ । ଦେବତାଙ୍କ ଭୋଗ ନିମନ୍ତେ ନେବା ଅନ୍ନପାତ୍ର । ଯଥା—

ଶିବ ଥାଳରେ ଗରଳ ଭରିଲୁ,
ବିଷ୍ଣୁ ପ୍ରଥମା ଅନଳେ ଦହିଲୁ । ଗୋ. ଖ୍ରୀ.

ଲାଉଖୋଳ ନିର୍ମିତ ଭିକ୍ଷାପାତ୍ର । ଯଥା—

ବସନ କଷାୟ ଭିକ୍ଷା ଆଣି ଦିଅ ଥାଳରେ ବୋଇଲା ।
ବୈ. ବି

ଥାଳକୁଣ୍ଡୀ, ଥାଲକୁଣୀ, ଥାଲୁକୁଣୀ, ବ. (ଦେଶଜ) ଔଷଧଗଛ-ବିଶେଷ ।

ଥାଲ, ଥାଲୀ, ବ. ସ୍ତ୍ରୀ. (ସ୍ଥାଲୀ ଶବ୍ଦର ଅପଭ୍ରଂଶ) ଧାତୁନିର୍ମିତ ପାତ୍ରବିଶେଷ । ଯଥା—

ଏମନ୍ତ ବୋଲି ଭୁଞ୍ଜିଥାଳ,
ଥୋଇ ଜାଳିଲେ ଦୀପାବଳୀ । ଦା. ର.

ଭିକ୍ଷାପାତ୍ର । ଯଥା—

କଙ୍କାଳି କରଙ୍କଥାଳୀ । ବି. ଚ. ମ.

ଥାଲଆ, ବ. ସ୍ତ୍ରୀ. (ସ୍ଥାଲକା ଶବ୍ଦଜ, ପ୍ରାକୃତ) ଛୋଟ ଥାଳ ।

ଥି, ଥିଁ, ଅ°. (ଦେଶଜ) ଠାରେ; ସପ୍ତମୀ ପ୍ରତ୍ୟୟାର୍ଥବୋଧକ ।

ଥିଙ୍ଗିଥିଙ୍ଗି, ବ. (ଦେଶଜ) ବାଦ୍ୟଧ୍ୱନିବିଶେଷ । ଯଥା—

ଚଞ୍ଚୁପୁଟ ଗୃଚପୁଟ ଥିଙ୍ଗି ଥିଙ୍ଗି ଥିଙ୍ଗି,
ମହାଆନନ୍ଦେ ହର ନାଚନ୍ତି ମନରଙ୍ଗୀ । ନୃ. ପୂ. ପ୍ର. ତ.

ଥିନାକଟା, ଥିନକଟା, ଥିନନା, ବ. (ଦେଶଜ) ବାଦ୍ୟଧ୍ୱନି-ବିଶେଷ । ଯଥା—

ପାଦରେ ନୂପୁର ଯୋଡ଼ି ବାଜେ ଝୁମୁଝୁମୁ,
ଧେଇ ଥିନାକଟା ଯେ ନାଚନ୍ତି ଉମା ଗୁମୁ । ନୃ. ପୂ. ପ୍ର. ତ.

ଥିର, ବ. (ସ୍ଥିର ଶବ୍ଦଜ, ପ୍ରାକୃତ) ସ୍ଥିର । ଯଥା—

ନୟନୁ ନୀର ଥିର ନୁହଇ ଗୋ ସେ ତ ଝୁରନ୍ତି ଏକା ।
ବି. ରା.

ଧୀର, ଅଚଞ୍ଚଳ । (ଥିରା ଶବ୍ଦ ଦେଖ ।)

ଥିରା, ବ. ସ୍ତ୍ରୀ. (ସ୍ଥିରା ଶବ୍ଦର ଅପଭ୍ରଂଶ) ପୃଥ୍ୱୀ । କ୍ରି°. ଧୀର । ଯଥା—

ଅରେ ସହୁତ ଅରେ ସହୁ ତ ତାପକୁ ରକୁ ନାଶ,
ଥିରସାର ଯେ ଥିରସାର ଯେ ମତେ କରିବା ଯଶ ।
କୋ. ବ୍ର. ସୁ.

ଥିରି, ଥିରିଥିରି, କ୍ରି. କ୍ରି°. (ସ୍ଥିର ଶବ୍ଦରୁ ଜାତ) ଧୀରେ ।

ଥୁଁ, ଅ°. (ଦେଶଜ) ଠାରୁ, ପଞ୍ଚମ୍ୟର୍ଥବୋଧକ ।

ଥୁ, ବ. (ଥୁତ୍ ଶବ୍ଦର ଅପଭ୍ରଂଶ) ଛେପ, ନିଷ୍ଠୀବନ; ପିକ; ଘୃଣାବାଚକ ।

ଥୁଆ, ବ. (ସ୍ଥା ଧାତୁଜ) ସ୍ଥାପନ । କ୍ରି°. ସ୍ଥିତ, ସ୍ଥାପିତ । ଯଥା—

କୃଶ କଟିତଟେ ଲଗ୍ନ ଅସିଲତା
ପାଶେ ଥୁଆ ଧନୁଶର । ୟ. କେ.

ଥୁଆଥୋଇ, ବ. (ଦେଶଜ) ବିଧବା ଶୂଦ୍ରସ୍ତ୍ରୀର ପୁନର୍ବିବାହ; ବିଭିନ୍ନ ପଦାର୍ଥମାନ ଯଥା-ସ୍ଥାନରେ ରଖିବା ।

ଥୁକ, ବ. (ଦେଶଜ) ଛେପ, ପିକ ।

ଥୁକ, ଥୋକ, ବ. (ଦେଶଜ) ପୁସ୍ତକାଦି ମଧ୍ୟରେ ରଖିବା ଚିହ୍ନ ।

ଥୁକଦାନ, ବ. (ଦେଶଜ) ଥୁକ ପକାଇବା ପାତ୍ର, ପିକଦାନ ।

ଥୁତ୍କାର, ବ. (ଥୁତ୍କାର ଶବ୍ଦର ଅପଭ୍ରଂଶ) ଛେପ ପକାଇବା, ନିଷ୍ଠୀବନ ।

ଥୁଣ୍ଟା, କ୍ରି°. (ଦେଶଜ) ଶାଖାହୀନ ।

ଥୁତି, ଥୁଥି, ବ. (ଓଷ୍ଠି ଶବ୍ଦଜ) ଚିବୁକ, ଓଷ୍ଠର ଅଧୋଭାଗ, ଦାଢ଼ି ।

ଥୁତୁ, ବ. (ଥୁତ୍ ଶବ୍ଦଜ) ଛେପ, ନିଷ୍ଠୀବନ ।

ଥୁତୁଡ଼ା, କ୍ରି°. (ଦେଶଜ) ଜଡ଼ା, ଯେ ଜାଡ଼ୁ ଜାଡ଼ୁ କଥା କହେ ।

ଥୁତ୍କାର, ବ. (ଥୁତ୍-ଅନୁକରଣ ଶବ୍ଦ-କାର = କରଣ) ନିଷ୍ଠୀବନ, ଥୁତୁ ପକାଇବା ।

ଥୁବଡ଼ା, କ୍ରି°. (ସ୍ଥବିର ଶବ୍ଦଜ) ଦରବୁଢ଼ା, ଅର୍ଦ୍ଧବୃଦ୍ଧ; ଅଧିକ ବର୍ଷ ପର୍ଯ୍ୟନ୍ତ ଅବିବାହିତ; ନତ, ନମ୍ର ହେବା ।

ଥୁରଥୁର, } ବିଂ. ( ଦେଶଜ ) କମ୍ପମାନ,
ଥୁ ରୁଥୁ ରୁ, } କମ୍ପିତ । ଯଥା—

ବୃଢ଼ା ଟା ହେଉଛି ସେ ଥୁରୁଥୁରୁ,
ପଗୁର ଜାଣିଲି ତା ନାମ ଗୁରୁ । ଢ. ସା.

ଥୂର୍ଣ୍ଣ, ବିଂ. ( ଥୂର୍ବ୍ =ବଧ କରିବା-ତ ) ବିନାଶିତ ।

ଥେଣ୍ଟ, ବି. (ଦେଶଜ) ଧୃଷ୍ଟଲୋକ; ଗୋର । ଯଥା—

ଥେଣ୍ଟ ଖଣ୍ଟ ଘରକଟ ନକଟ ହୋଇ । ଲ. ବ.

(ବୋଠ ବା ହୋଠୀ ଶବ୍ଦଜ) ପକ୍ଷିର ଚଞ୍ଚୁ ।

ଥେଣ୍ଟକାଲ, ବିଂ. ( ଦେଶଜ ପ୍ରାୟ ) ଅଳ୍ପ କାଲ, ଯାହାର ଶ୍ରବଣଶକ୍ତିର ଅଳ୍ପମାତ୍ର ହ୍ରାସ ହୋଇଅଛି । ଯଥା—

ଥେଣ୍ଟକାଲ ପ୍ରାୟେ ଶୁଣଇ ସବୁରି କଥା,
ଏମନ୍ତ କନ୍ୟାକୁ ବିଭା ନୋହିବ ସର୍ବଥା । ନୃ.ପୁ.ତୃ.ଚ.

ଥେଣ୍ଟା, ବି. (ଦେଶଜ) ମୁଥ, ଗାଲରେ ମୁଷ୍ଟି ପ୍ରହାର । ବିଂ. ( ହିନ୍ଦୀ-ଥେଣ୍ଟୁ ଶବ୍ଦଜ ) ଅମାନଆ ।

ଥେଣ୍ଟି, ବି. (ଦେଶଜ) ନଦୀର ତୀର ଉପରସ୍ଥ ଯେଉଁ ଭୂଭାଗ କ୍ରମଶଃ ସରୁ ହୋଇ ନଦୀର ଜଳ ମଧ୍ୟକୁ ପଶି ଯାଇଥାଏ । ଥେଣ୍ଟା; ମୁଥା ।

ଥେଣ୍ଟିବା, କ୍ରି. (ଦେଶଜ) ଅମାନ୍ୟ କରିବା ।

ଥେଣ୍ଟୁ, ବିଂ. (ହିନ୍ଦୀ) ଅମାନଆ ।

ଥେନ୍ତଡ଼ା, } ବିଂ. (ଦେଶଜ) ଯେଉଁ ଧାରୁଆ
ଥେଁତଡ଼ା, } ଅସ୍ତ୍ରାଦିର ଦାଢ଼ ନଷ୍ଟ ହୋଇ ଯାଇଥାଏ ।

ଥୈଥୈ, ବି. (ଦେଶଜ) ନର୍ତ୍ତନ, ନାଚ ।

ଥୈଲୀ, ଥୈଲି, ବି. ସ୍ତ୍ରୀ. (ଦେଶଜ) ଥଳିଆ, ସାନ ମୁଣା ।

ଥୋଇବା, କ୍ରି. ( ପ୍ରାକୃତ ଥୋ ଧାତୁଜ ) ରଖିବା । ଯଥା—

ମନ କୃପଣକୁ ଯେଉଁ ଚରିତ୍ର ରତନ,
ଗଣ୍ଠି କରି ଥୋଇଛି କରି କି ଯତନ । ବି. ଚ. ମ.

ଥୋଇଲି, } ବି. ସ୍ତ୍ରୀ. (ଦେଶଜ) ରକ୍ଷିତା ସ୍ତ୍ରୀ,
ଥୋଇଲି, } ବିବାହ ନ ହୋଇ ଯେଉଁ ସ୍ତ୍ରୀକୁ ଭାର୍ଯ୍ୟାରୂପେ ରଖିଥାନ୍ତି । ଯଥା—

ପାଣ୍ଡୁ ରାଜା ପୁତ୍ର ତ ଗୋଟିଏ ନ ଦେଖିଲ,
ଥୋଇଲି କନ୍ୟା ପୁତ୍ରଟି ଏମାନଙ୍କୁ ବୋଲି । ନୃ.ପୁ.ସ.ଚ.

ଥୋଇଲିମାଇପ,ବି. ସ୍ତ୍ରୀ. (ଦେଶଜ) ରକ୍ଷିତା ସ୍ତ୍ରୀ ।

ଥୋକ, ବିଂ. (ସ୍ତୋକ ଶବ୍ଦଜ) ଅଳ୍ପ, ସାମାନ୍ୟ; (ଦେଶଜ) ପୁସ୍ତକାଦିରେ ରଖିବା ଚିହ୍ନ । ଗ୍ରୋଟଗଦା; ମୋଟ ବା ଏକତ୍ର ଅର୍ଥାତ୍ ଏକାଠି ।

ଥୋକାଏ, } ବି. ( ସ୍ତୋକ ଶବ୍ଦରୁ ଜାତ )
ଥୋକାଏକ, } କେତେକ ବା ଅଳ୍ପ ।
ଥୋକେ, } ଯଥା—

ଥୋକାଏ ଦିନ ହୋଇଲି ବୋଲି ପାଖୁଁ ଭିନ୍ନ । ଲ.ବ.
ଥୋକାଏକ ଦିନେ ସେ ହୋଇଲି ବରଯୋଗ୍ୟ ।
ନା. ର. ଗୀ.

ଥୋକେ ଲୋକ ମାତ୍ର ଏମନ୍ତ କହନ୍ତି ।

ଥୋକେଥାକେ, କ୍ରି. ବିଂ. ( ଦେଶଜ ) ଏକାବେଳକେ ।

ଥୋଢ଼, ବି. (ଦେଶଜ) କଦଳୀ ଗଛର ମଞ୍ଜ; କେଣ୍ଡା ବାହାରି ନ ଥିବା କାଣ୍ଡ; ଦାଢ଼ିଗୁଚ୍ଛା । ଯଥା—

ମିଟି ମିଟି ଗୃହାଁନ୍ତି ପାଚିଲି ଥୋଢ଼ ବହି । ନୃ.ପୁ.ପ୍ର.ଚ.

ହସ୍ତିଶୁଣ୍ଡ । ଯଥା—

କେତେ ହାତୀମାନେ ରଥକୁ ଥୋଢ଼ହସ୍ତେ,
ଟିକିନେଲେ ଦେଖୁଥିଲେଟି ସମସ୍ତେ । କୃ. ଭା. ଭୀ. ପ.

ଥୋଢ଼ପାହାର, ଥୋଢ଼ପା, ବି. ( ଦେଶଜ ) ହସ୍ତିଶୁଣ୍ଡ ।

ଥୋଡ଼ା, ବିଂ. (ହିନ୍ଦୀ-ସ୍ତୋକ ଶବ୍ଦଜ) ଅଳ୍ପ । ଯଥା—

ମଚ୍ଛିମ ପଡ଼ି କାହିଁ ଲୋଡ଼ୁ ଦୁଧ ଥୋଡ଼ା । ଦ.ବା.

ଥୋଢ଼, } ବି. ସ୍ତ୍ରୀ. (ହୋଠୀ ଶବ୍ଦଜ) ମନୁଷ୍ୟ-
ଥୋଢ଼ୀ, } ବିଶେଷ; ଚିବୁକ, ଅଧରର ତଳଭାଗ ।

ଥୋଉ, } ବି. ( ଦେଶଜ ) ବଳଦଙ୍କ ଉପରେ
ଥୋଉ, } ଜିନିଷ ବୋହି ନେବାର ଅଖା ବା ପଲାଣ ।

ଥୋଡ଼ଆ, } ବି. (ଦେଶଜ) ଜାତିବିଶେଷ,
ଥୋରଆ, } ଯେଉଁମାନେ ବଳଦଦ୍ୱାରା ଭାର ବହନ କରି ନିଅନ୍ତି । ବିଂ. ଯାହାର ଥୋଡ଼ ବଡ଼ ।

ଥୋଡବଳଦ, ଥୋଡ଼ଆବଳଦ, ଥୋରବଳଦ, ଥୋରଆବଳଦ, } ବି. (ଦେଶଜ) ଯେଉଁ ବଳଦ ଥୋଡ଼ ବୁହନ୍ତି ।

ଥୋପ, ବି. (ଦେଶଜ) ବନସି ପ୍ରଭୃତିରେ ମତ୍ସ୍ୟାଦି ଧରିବା ନିମିତ୍ତ ଦେବା ଆହାର । ଯଥା—

ନାସେ ଗଜମୋତିବର,
ଥୋପ ମେଲିଛି କି କାମଧୀବର ।

(ସ୍ତବକ ଶବ୍ଦଜ) ଗୁଚ୍ଛ ।

ଥୋପା, ବି. (ସ୍ତବକ ଶବ୍ଦଜ) ଗୁଚ୍ଛ; କାନ୍ଧ; (ଦେଶଜ) ପଥର ହାଣିବାପାଇଁ ଲୁହାର ମୁଗୁର; ଜଳାଦିର ବିନ୍ଦୁମାନ । ଯଥା—

ଏ ମୋହର ନାମେ ଯାର ମନ ଯାଇ ପଶେ,
ସପତ ସମୁଦ୍ର ପାଣି ଥୋପାପ୍ରାୟେ ଦିଶେ । ନା.ର.ଗୀ.

ଥୋପାଇବା, କ୍ରି. (ଦେଶଜ) ଗୋଟିଏ ଅଙ୍ଗୁଳିଦ୍ୱାରା ପଛଆଡ଼ୁ ମୁଣ୍ଡରେ ଆଘାତ କରିବା ।

ଥୋପାଥୋପି, ବି. (ଦେଶଜ) ଅଙ୍ଗୁଳିଦ୍ୱାରା ଆଘାତ ।

ଥୋପିପଡ଼ିବା, କ୍ରି. (ଦେଶଜ) ବୋହି ପଡ଼ିବା । ଯଥା—

ଥୋପି ପଡ଼ୁଛି କି ରଙ୍ଗଅଧରୁ । ଲ. ବ.

ଥୋବରା, } ବିଂ. (ସ୍ଥବିର ଶବ୍ଦଜ) ବୁଢ଼ା;
ଥୋବଡ଼ା, } (ଦେଶଜ) ନିର୍ଲଜ୍ଜ । ଯଥା—

କୋକାଇରେ ରହିଣ ଦେଖୁଛୁ ଗାଲମୋଡ଼ା,
ବୁଝିଲେ ତୋହର ପ୍ରାୟ ନାହିଁ କେ ଥୋବଡ଼ା ।
ନୃ. ସୁ. ଷ. ତ.

ଘସରା ।

ଥୋମଣି, ଥୋମୁଣୀ, } ବି. ସ୍ତ୍ରୀ. (ଦେଶଜ)
ଥୋବୁଣି, ଥୋବଣା, } ପଶୁମାନଙ୍କର ଓଷ୍ଠ । ଯଥା—

ବାରଣ ଥୋମଣି ତାର ଦୁଇ ଓଷ୍ଠ ଶ୍ରେଷ୍ଠ,
ଅଳପ କହିଲେ ମେରୁ ପ୍ରାୟ ଶୁଭେ କଣ୍ଠ । ମଂ. ଘ.

ଥୋର, ବି. (ଦେଶଜ) ହସ୍ତିଶୁଣ୍ଡ । ଯଥା—

ଶରେ ଲଗଇ ଥୋରହସ୍ତ,
ଲୋକେ ଦେଖନ୍ତି ରାଜପଥ । ଭ୍ର. ଦ. ସ୍ତ.

ଥୋରପାର, } ବି. (ଦେଶଜ) ହସ୍ତିଶୁଣ୍ଡ ।
ଥୋରପାହାର, } ଯଥା—

କରିବୃନ୍ଦ ଘନଘୋଷି ଘନଘଣ୍ଟାକୃତ,
ଖାସେ ଥୋରପାର ଟେକି ଫିଙ୍ଗି ଆରୋହକ । ମ.ଯା.
ହସ୍ତିର ଥୋରପାହାର ପ୍ରାୟେ ହସ୍ତ ଦୁଇ । ନୃ.ସୁ.ପ୍ର.ତ.

ଥୋରହସ୍ତ, ବି. (ଦେଶଜ) ହସ୍ତିଶୁଣ୍ଡ; ମଣ୍ଡପର ଉପରଭାଗର ମଧ୍ୟରେ ନିମ୍ନକୁ ଲମ୍ବି ରହିଥିବା କାଷ୍ଠଖଣ୍ଡ । ଯଥା—

ମଣ୍ଡପ ଥୋରହସ୍ତେ ବସି ମଶକରୂପେ,
ବଲ୍ଲଭପୁତ୍ରଙ୍କୁ ଦେଖି ହସିଲେ କଉଣପେ । ନୃ.ସୁ.ଚ.ତ.

ଥୋରି, ବି. (ସ୍ଥୂଳ ଶବ୍ଦଜ) ଲଦନ ବହିବା ବଳଦ ।

## ଦ

ଦ, ବ୍ୟଞ୍ଜନମାଳାର ଅଷ୍ଟାଦଶ ବର୍ଣ୍ଣ । ବି. (ଦା = ଦାନ କରିବା-ଅ) ପର୍ବତ; ଦାନ; ଛେଦ; ଭାଗକରଣ; କଳତ୍ର । ବିଂ. ଦାତା । ଯଥା—ଧନଦ ।

ଦ, ଦଅ, ବି. (ଦଶ ଶବ୍ଦର ଅପଭ୍ରଂଶ) ଗଞ୍ଜପା ସାର ମଧ୍ୟରେ ଦଶଗୋଟି ଚିପ ଥିବା ସାର ।

ଦଅଣା, ଦୟଣା, } ବି. (ଦମନକ ଶବ୍ଦଜ)
ଦଏଣା, } ସୁବାସ ଗୁଳ୍ମବିଶେଷ ।

ଦଇ, ଦୈ, } ବି. (ଦଧି ଶବ୍ଦଜ ପ୍ରାକୃତ)
ଦହି } ଦଧି ।

ଦଇତ, } ବି. (ଦୈତ୍ୟ ଶବ୍ଦଜ) ରାକ୍ଷସ ।
ଦୟିତ, } ଯଥା—

କଠୋର ହୃଦୟ ଦଇତ । ର. କ.

ବିଂ. ନିଷ୍ଠୁରକର୍ମା ।

ଦଇତାପତି, ଦୈତାପତି, ଦୟିତାପତି, } ବି. (ଦେଶଜ) ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ । ଯଥା—

ଦଇତାପତିମାନେ ରଥେ,
ଧରଣ ନେବେ ଯୋଡ଼ହସ୍ତେ । ଦା. ର.

ଦଇତାରି, ଦୟିତାରି, ଦୈତାରି, ଦଇତ୍ୟାରି, } ବି. (ଦୈତ୍ୟାରି ଶବ୍ଦଜ) ବିଷ୍ଣୁ । ଯଥା—

କହନ୍ତି ପ୍ରଭୁ ଦଇତାରି,
ଛନ୍ଦିବ ଶୁଣ ହେତୁ କରି । ମା. ମା.

ଦଇତୁଣୀ, ବି. ସ୍ତ୍ରୀ. (ଦେଶଜ) ରାକ୍ଷସୀ। ଯଥା—

କଲୁ ଅଛ ଅପକାର ଦଇତୁଣୀ । ର. ଲ.

ଦହି ବିକିବା ସ୍ତ୍ରୀ, ଗୋପାଳୁଣୀ ।

ଦଇନ, ବି. (ଦୈନ୍ୟ ଶବ୍ଦଜ) ଦୈନ୍ୟ, ବିନୟ । ଯଥା—

ଏ ଘର କାମିନୀ ଅଛୁ ତୁ ଯେନ,
ଯେନଲୁ ନାହିଁ ମୋହର ଦଇନ । ବ. ରା.

ବିଂ. ଦୈନ୍ୟଯୁକ୍ତ ।

ଦଇବ, ଦଈବ, } ବିଂ. (ଦୈବ ଶବ୍ଦର ଅପଭ୍ରଂଶ) ବିଧାତା; ପ୍ରାକୃତ ।

ଦଇବଛଡ଼ା, ଦଈବଛଡ଼ା, } ବି. (ଦେଶଜ) ଅଲକ୍ଷଣା, ଅଲକ୍ଷ୍ମୀ ।

ଦଇବ, କ୍ରି. ବିଂ. (ଦୈବ ଶବ୍ଦଜ ପ୍ରାକୃତ) ହଠାତ୍, ଅକସ୍ମାତ୍ ।

ଦଇଲ, ବି. (ଦେଶଜ) ଗଞ୍ଜପା ସାରରେ ଦଶଟି ପର ସାର ।

ଦଉଡ଼, ବି. (ଦେଶଜ) ବ୍ୟାୟାମବିଶେଷ, ଧାଉଁଡ଼ । ଯଥା—

ଦଉଡ଼ ଅସିପଟ୍ଟ ସାଧନ୍ତି ସର୍ବ ଯୋଦ୍ଧା । ନୃ. ପୂ. ଚ. ତ.

ଦଉଡ଼, ଦଉଡ଼ା, ଦୌଡ଼, } ବି. (ଦେଶଜ) ଧାଇଁବା । ଯଥା—

ଆଜ ତୋ ହୁକୁମରୁ ନକୁଞ୍ଜ ଦଉଡ଼କୁ ରହିଲୁ ଗୋ ।
କ. ଚ. ଚ.

ଦଉଡ଼ା, ଦଉଡ଼, ଦୌଡ଼, } ବି. (ଡୋରକ ଶବ୍ଦଜ) ରଜ୍ଜୁ । ଯଥା—

ଲମ୍ବିତ ଜଟା ଯେ ଦଉଡ଼ା ପ୍ରାୟେକ ଶିରେ । ସା. ଭ୍ର. ଆ.

ଦଉଡ଼ା, ବି. (ଦେଶଜ) ଦ୍ୱିଖଣ୍ଡଯୁବାର; ମାରପିଟ; ଧାଉଁଡ଼ କମ୍ପା ଧାଇଁବା ।

ଦଉଡ଼ାଇବା, କ୍ରି. (ଦେଶଜ) ପ୍ରହାରିବା; ଦ୍ୱିଖଣ୍ଡଯୁବାର କାର୍ଯ୍ୟ କରିବା ।

ଦଉଡ଼ାଖାଇବା, ଦୋଉଡ଼ାଖାଇବା, } କ୍ରି. (ଦେଶଜ) ଦ୍ୱିଖଣ୍ଡଯୁଥର ଭୋଜନ କରିବା ।

ଦଉଡ଼ାଦଉଡ଼, ବି. (ଦେଶଜ) ଧାଁଧପଡ଼, ବାରମ୍ବାର ଦଉଡ଼ିବା ।

ଦଉଡ଼ିଆ, ବିଂ. (ଦେଶଜ) ରଜ୍ଜୁନିର୍ମିତ । କ୍ରି. ଧାଇଁଆସ ।

ଦଉଡ଼ଦଉଡ଼କା, କ୍ରି. ବିଂ. (ଦେଶଜ) ଧାଇଁ-ଧାଇଁ ଆସି, କେବଳ ଧାଇଁ ଧାଇଁ ।

ଦଉଡ଼ିବା, ଦୌଡ଼ିବା, } କ୍ରି. (ଦେଶଜ) ଧାଇଁବା; ମାରିବା, ପ୍ରହାର କରିବା ।

ଦଉଡ଼ଲଗାଇବା, ଦଉଡ଼ଦେବା, } କ୍ରି. (ଦେଶଜ) ଫାଶି-ଦେବା । ଯଥା—

ତୋହର ଉପରେ ମଲ ଦଉଡ଼ ଲଗାଇ,
ହୃଦରେ ମୁଣ୍ଡଗୋଟି ରେ ଅଛୁ ତୁ ଲଗାଇ । ସା. ଭ୍ର. ସ.

ଦଉରା, ବି. (ଦେଶଜ) ଦଉଡ଼ା । (ଡ଼ ସ୍ଥଳେ ଉଚ୍ଚାରଣରେ ସ୍ଥାନେ ସ୍ଥାନେ ର ହୋଇଥାଏ) ଜଜସାହେବଙ୍କ ନିକଟରେ ଗୁରୁତର ଅପରାଧର ବିଚାର (Session) ।

ଦଂଶ, ବି. (ଦନ୍ଶ୍ = ଦଂଶନ କରିବା-ଅ) ବନମକ୍ଷିକା, ଡାଁଶ; ଦନ୍ତ; ସାଞ୍ଜୁ; ଦୋଷ; ଦଂଶନ; ଖଣ୍ଡନ; (ସ୍ତ୍ରୀ-ଦଂଶୀ) କ୍ଷୁଦ୍ରଡାଁଶ; ମଛି, ମଶା ।

ଦଂଶନ, ବି. (ଦନ୍ଶ୍-ଅନ) ଦନ୍ତାଘାତ; କାମୁଡ଼ିବା; ସାଞ୍ଜୁ । (ବିଶେଷଣରେ ଦଂଶିତ ଓ ଦଂଶକ ହୁଏ ।)

ଦଂଷ୍ଟ୍ରି, ଦଂଷ୍ଟ୍ରା, ବି. (ଦନ୍ଶ୍-ତ୍ର-ସ୍ତ୍ରୀ, ଆ) ଦନ୍ତ, ରଦନ, ବଡଦାନ୍ତ, ବଡଦାନ୍ତପାଟି । ଯଥା—ଦଂଷ୍ଟ୍ରା କରାଳବଦନ । (ବିଶେଷଣରେ ଦଂଷ୍ଟ୍ରୀ ଓ ଦଂଷ୍ଟ୍ରାଳ ହୁଏ ।)

ଦକ, ବି. (ଉଦକ ଦେଖ-ଉ ଲୋପ) ନୀର, ଜଳ । (ଦେଶଜ) ଭୟ । ଯଥା—

ବାସ ହରିଲେ ସେ ବିହ୍ୱଳିଲେ ବେଗେ ଡରିଲେ ଦକୁ । ଲ. ବ.

ଚିନ୍ତା । ଯଥା—

ଯିବ ହୃଦ ଦକ ମର୍କତ ପଦକ
ଭୂଷଣ କର ବହନ । ବି.ଚି.ମ.

ଦକଦକ, ବିଂ. (ଦେଶଜ) ଭୟରେ କମ୍ପିତ । ଯଥା—

କେ କରେ ମହାଶୋକ କେ ହୁଏ ଦକ ଦକ
କେ ଦୀର୍ଘେ ଗ୍ରୁଡ଼ଇ ନିଃଶ୍ୱାସ । ବି. ଚି. ମ.

ଦକା, ବି. (ଦେଶଜ) ଭୟ; ଶଙ୍କା । ଯଥା—

କରୁ ଯେ ଥିଲି ମନରେ ଦକା । ର. କ.

ଦକ୍ଷ, ବିଂ. (ଦକ୍ଷ୍=ବେଗବାନ୍ ହେବା, ବୃଦ୍ଧି-ପାଇବା-ଅ) ସମର୍ଥ; ନିପୁଣ । ବି. ସ୍ୱନାମ-ପ୍ରସିଦ୍ଧ ରାଜା; ପ୍ରଜାପତିବିଶେଷ; ଶିବଙ୍କ ବୃଷ; କୁକ୍କୁଟ । (ସ୍ତ୍ରୀ-ଆ) ପୃଥିବୀ । ବିଂ. ନିପୁଣା ।

ଦକ୍ଷିଣ, ବିଂ. (ଦକ୍ଷ୍-ଇନ୍-ଅର୍ହାର୍ଥେ) ଅନୁକୂଳ; ସରଳ; ଅକପଟ; ବାମେତର, ଡାହାଣ; ସମର୍ଥ, ନିପୁଣ । ବି. ରାଗବିଶେଷ; ନାୟକ-ବିଶେଷ । (ସ୍ତ୍ରୀ-ଆପ୍) ବୈଦିକକର୍ମ କରାଇ ପୁରୋହିତାଦିଙ୍କୁ ଦେବା ଧନ; ପୁରସ୍କାର; ଯଜ୍ଞପତ୍ନୀ; ଦକ୍ଷିଣଦିଗ ।

ଦକ୍ଷିଣାପଥ, ବି. ( ଦକ୍ଷିଣା-ପଥିନ୍ = ପଥ ) ଦକ୍ଷିଣ ଦେଶ ।

ଦକ୍ଷିଣାରୁ, } ବି. (ଦକ୍ଷିଣାରୁସ୍-ଦକ୍ଷିଣ-ଅରୁସ୍
ଦକ୍ଷିଣେର୍ମା, } = ବଣ) (ଦକ୍ଷିଣେର୍ମନ୍-ଦକ୍ଷିଣ-ଇର୍ମ=କ୍ଷତ) ବ୍ୟାଧ କର୍ତ୍ତୃକ ଦକ୍ଷିଣପାର୍ଶ୍ୱରେ ଆହତ ମୃଗ ।

ଦକ୍ଷିଣ୍ୟ, ବିଂ. ( ଦକ୍ଷିଣା-ଯ-ଅର୍ହାର୍ଥେ ) ଦକ୍ଷିଣାର୍ହ, ଦକ୍ଷିଣାପ୍ରାପ୍ତିର ଯୋଗ୍ୟ. । ବି. ଆନୁକୂଲ୍ୟ; ନୈପୁଣ୍ୟ; ସରଳତା ।

ଦଖଲ, ବି. (ଯାବନିକ) ଅଧିକାର । ଯଥା—

ଓଡ଼ିଶା ରାଜାଙ୍କ ଏହା ଷୋଳଶା ଦଖଲ । ଉ. ଭ୍ର.

ଦଖଲନାମା, ବି. ( ଯାବନିକ ) ଯେଉଁ ଅନୁଶାସନପତ୍ରଦ୍ୱାରା ଦଖଲ ଦିଆଯାଏ ।

ଦଖଲନେବା, କ୍ରି. ଅଧିକାର କରିବା; ଆପଣାର ଅଧୀନ କରିବା; ନିଜର ବୋଲି ସ୍ୱୀକାର କରିବା ।

ଦଖଲି, ବି. (ଦେଶଜ) କାଦୁଅ ।

ଦଖିଣ, } ବି. ( ଦକ୍ଷିଣ ଶବ୍ଦଜ ପ୍ରାକୃତ )
ଦଖ୍ଣ, } ଦକ୍ଷିଣଦିଗ ।

ଦଖିଣସାହିଆ, ) ବି. ( ଦେଶଜ ) ବୈଦିକ
ଦକ୍ଷିଣସାହିୟା, } ବ୍ରାହ୍ମଣମାନଙ୍କ ମଧ୍ୟରେ
ଦକ୍ଷିଣିସାହିଆ, } ରଥସଂଜ୍ଞକ ବ୍ରାହ୍ମଣ-
ଦକ୍ଷିଣସାୟୀ, ) ମାନଙ୍କର ଉପାଧିବିଶେଷ ।

ଦଖିଣା, ବି. (ଦକ୍ଷିଣା ଶବ୍ଦଜ ପ୍ରାକୃତ) ବୈଦିକ କର୍ମ କରାଇ ପୁରୋହିତାଦିଙ୍କୁ ଦେବା ଧନ । ଯଥା—

ନୃପତି ଯେତେ ଯଜ୍ଞ କଲି,
ଦାନ ଦଖିଣା ଯେତେ ଦେଲି । ମା. ମା.

ଦଖିଣି, ଦଖିଣୀ, ବିଂ. (ଦେଶଜ) ଦକ୍ଷିଣ-ଦେଶସ୍ଥ ।

ଦଗଡ଼, ବି. (ଦେଶଜ) ଦମାମା ବାଦ୍ୟ ।

ଦଗା, ବି. (ଦେଶଜ) ଶଠତା । ଯଥା—

ଅଗାରୁ ଆଣି ବନେ ଜଗାଇଦେଇ ଧନେ
ଦଗା ଦେବାର ମନେ ନାହିଁ କି ? । ସଂ. ସ.

ଦଗାଦିଆ, ବି. (ଦେଶଜ) ଦଗା କରିବା । ବିଂ. ଶଠ ବା ଠକ ।

ଦଗାବାଜ, ଦଗାଦାର, ବିଂ. (ଦେଶଜ) ଶଠ, ଠକ ।

ଦଙ୍ଗା, ବି. (ହିନ୍ଦୀ—ଦ୍ୱନ୍ଦ୍ୱ ଶବ୍ଦଜ) କଳହ, ମରାମରି, ଠେଙ୍ଗାଠେଙ୍ଗି ।

ଦଙ୍ଗାଫିସାଦ, ବି. ( ଯାବନିକ ) କଳହ, ଗୋଳମାଳ ।

ଦଗ୍ଧ, ବିଂ. (ଦହ୍ = ପୋଡ଼ିବା-ତ) ଜ୍ୱଳିତ; ଭସ୍ମୀକୃତ; ସନ୍ତପ୍ତ ।

ଦଗ୍ଧପତ୍ରନ୍ୟାୟ, ବି. ସଂ. ପତ୍ରସକଳ ଦଗ୍ଧ ହୋଇଗଲେ ବସ୍ତୁତଃ ସେ ଗୁଡ଼ିକର ପତ୍ରତ୍ୱ ରହେ ନାହିଁ, କିନ୍ତୁ ପୂର୍ବାକାରଦ୍ୱାରା ଅବସ୍ଥାନ ଜ୍ଞାନ ମାତ୍ର ରହେ ।

ଦଚ୍ଛ, ଦଚ୍ଛ, ବି. (ଯଶଃ ଶବ୍ଦଜ) ଯଶ । ଯଥା—

ବ୍ରାହ୍ମଣଙ୍କୁ ମାରିଲେ ଛି ନାହିଁ ମୋତେ ଦଚ୍ଛ,
ମାରିବି ଦେଖିଲେ ଏକା ବଲ୍ଲଭର ବତ୍ସ । ନୃ.ପୃ.ପ.ଛ.

ଦଢ଼, ବିଂ. (ଦୃଢ଼ ଶବ୍ଦଜ ପ୍ରାକୃତ) ଅଣ୍ଟ, ମଜଭୁତ । ଯଥା—

ଦଢ଼ ଲୁଗା ଖଣ୍ଡେ ଆଣିବୁ ହାଟୁ,
ଚିରେ ଦରବାରେ ନ ଲୁଚେ ଆଣ୍ଠୁ । ଲ. ସା.

ଅଚ୍ଛିନ୍ନ ।

ଦଣ୍ଡ, ବି. (ଦଣ୍ଡ = ଦମନ କରିବା-ଅ) ଯଷ୍ଟି; ଦମନ, ଶାସନ; ଶିକ୍ଷା; ଯୁଦ୍ଧ; ବ୍ୟୂହ-ବିଶେଷ; ଅଶ୍ୱବିଶେଷ; ସୈନ୍ୟ; ଚାରିହସ୍ତ ପରିମାଣ; କୋଣ; ମନ୍ଥନ; ଷଷ୍ଟିପଳ-ପରିମିତ ସମୟ; ସୂର୍ଯ୍ୟଙ୍କ ପାରିପାର୍ଶ୍ୱିକ; ଯମ; ଅଭିମାନ । ବିଂ. ପ୍ରକାଣ୍ଡ । (ଦଣ୍ଡୋଦମେମାନଭେଦେ ଲଗୁଡ଼େ ଯମସୈନ୍ୟୟୋଃ । ବ୍ୟୂହଭେଦେ ପ୍ରକାଣ୍ଡେ-ଽଶ୍ୱେ କୋଣ ମନ୍ଥନୟୋରପି । ଅଭିମାନେ ଗ୍ରହେ ଦଣ୍ଡଶ୍ଚଣ୍ଡାଂଶୋଃ ପାରିପାର୍ଶ୍ୱିକେ ।) (ସୈନ୍ୟ ଅର୍ଥରେ) ଯଥା—

ମେଳଲେ ଦଣ୍ଡ ରାଜକର,
ଯୁଦ୍ଧେ ମାରିବା ରାମ ହର । ଭା. ଦ. ସ୍କ.

(ଦଣ୍ଡ ଧାତୁରୁ ବିଶେଷ୍ୟରେ ଦଣ୍ଡନ, ବିଶେଷଣରେ ଦଣ୍ଡିତ, ଦଣ୍ଡନୀୟ, ଦଣ୍ଡ୍ୟ ପଦ ହୁଏ ।)

ଦଣ୍ଡକା, ଦଣ୍ଡକାରଣ୍ୟ, } ବି. ସ୍ତ୍ରୀ. (ଦଣ୍ଡ-କ-ଆ) ଦେଶବିଶେଷ; ଜନସ୍ଥାନ; ଏ ସ୍ଥଳରେ ଶ୍ରୀରାମ ବିରାଧ ପ୍ରଭୃତିଙ୍କୁ ନିହତ କରିଥିଲେ । ଦଣ୍ଡକ ନୃପତିର ଦେଶ, ଯାହା କି ଶୁକ୍ରଙ୍କ ଶାପରେ ଘୋର ଅରଣ୍ୟ ହେଲା; ଦାକ୍ଷିଣାତ୍ୟର ପୂର୍ବଭାଗ ।

ଦଣ୍ଡକେ, ଦଣ୍ଡକରେ, } ବି. ଅଳ୍ପସମୟରେ, ଏକଦଣ୍ଡ ପରିମିତ କାଳରେ ।

ଦଣ୍ଡକରି, ଦଣ୍ଡକେରି, } ବି. (ଦେଶଜ) ଏକପ୍ରକାର ମାଛ । ଯଥା—

ବଳଦ ବାପୁଡ଼ା ଘର ଗୁରୁଁଅଛି ଦୂବ କରି ରୁଅ ବତା ।
ଦଣ୍ଡକେରି ମାଛ ଗଣ୍ଡି ଭିଡ଼ୁଅଛି ବକ ଧରିଅଛି ଛତା । ନୃ. ପୃ. ସ. ତ.

ଦଣ୍ଡନୀତି, ବି. ସଂ. ରାଜନୀତି ଶାସ୍ତ୍ରବିଶେଷ ।

ଦଣ୍ଡପାଟ, ବି. (ଦେଶଜ) ଜମିଦାରିର ଅଂଶ-ବିଶେଷ ।

ଦଣ୍ଡପାଣି, ଦଣ୍ଡଧର, } ବି. (ଦଣ୍ଡପାଣି, ଧର) ରାଜା; ଯମ; ସନ୍ନ୍ୟାସୀ; କୁମ୍ଭକାର । ବିଂ. ଯଷ୍ଟିଧାରୀ ।

ଦଣ୍ଡବତ, ବି. (ଦଣ୍ଡବତ୍-ଏଥିରୁ ଉତ୍ପନ୍ନ) ପ୍ରଣାମ । ଯଥା—

କୋଟି କୋଟି ଦଣ୍ଡବତ ଶ୍ୱଶୁରଙ୍କ
ନେଇଙ୍କୁ ଆମ୍ଭ କହିବ । ର. କ.

ଦଣ୍ଡସେନା, ବି. (ଦଣ୍ଡ, ସେନା—ଏକାର୍ଥ-ବାଚକ ଉଭୟ ଶବ୍ଦରେ, ଦେଶଜ ପ୍ରାପ୍ୟ) ଗଡ଼ଜାତରେ ପାଇକମାନଙ୍କର ଉପାଧି-ବିଶେଷ ।

ଦଣ୍ଡା, ବି. (ଦେଶଜ) ଗୋଚରପଡ଼ିଆ । (ଦଣ୍ଡ ଶବ୍ଦଜ) ଶରୀରର ପଶ୍ଚାଦ୍‌ଭାଗ; ଯଷ୍ଟି । ଯେପରି—ଆଖୁଦଣ୍ଡା, ମେରୁଦଣ୍ଡା । ଭେଣ୍ଡାମାନେ ବାହୁବଳରେ କରିବା ବ୍ୟାୟାମ । ଯଥା—

ପଢ଼ିଲେ ବେଦ ପୁରାଣ ଶାସ୍ତ୍ର ଆଗମ,
ଦଣ୍ଡା ଖଣ୍ଡା ଧନୁର୍ବିଦ୍ୟା କ୍ଷତ୍ରିୟଧର୍ମ । ବି. ରା.

ବିଂ. ଲମ୍ବା । ଯେ ଦଣ୍ଡପରି ପଡ଼ି ରହିଥାଏ । ଯଥା—

କର୍ଣ୍ଣ ଆଦି ଯେତେ କୁରୁ ଭେଣ୍ଡା ଥିଲେ,
ଜ୍ଞାନ ହାରି ଦଣ୍ଡା ହୋଇଣ ଶୋଇଲେ । କୃ.ଭା.ବି.ପ.

ଦଣ୍ଡାୟମାନ, ବିଂ. [ଦଣ୍ଡ-ଆୟ (ନାମଧାତୁ)-ମାନ] ଯେ ଦଣ୍ଡ ପରି ଠିଆ ହୋଇଅଛି ।

ଦଣ୍ଡି, ଦଣ୍ଡୀ, ବି. ସ୍ତ୍ରୀ. (ଦେଶଜ) ସ୍ତ୍ରୀନାସିକା-ଭରଣବିଶେଷ; ତୁଳାଦଣ୍ଡ, ତୌଲଦଣ୍ଡ ।

ଦଣ୍ଡିଆ, ବି. (ଦେଶଜ) ରାଜକର ସାଧିବା ବ୍ୟକ୍ତି । ଯଥା—

ଆପେ ଘାଟକଉଡ଼ି ସାଧିଲି ଫସାରେଣ,
ଦଣ୍ଡିଆଲୋକଙ୍କର ସେ ଛଡ଼ାଇଲି ପଣ । ନୃ.ପୃ.ପ୍ର.ଚ.

ଦଣ୍ଡିଦାର, ବି. (ଦେଶଜ) ଯେ ଗୁଡ଼ଲ ଇତ୍ୟାଦି ଓଜନ କରେ । ଯଥା—

ଦଣ୍ଡିଦାର ଥାଏ ପଛରେ ଧାଇଁ,
ବକସିସ ଫିସ ନେବାର ପାଇଁ । ଲ. ସା.

ଦଣ୍ଡିପୋଏଳା, ଦଣ୍ଡିପୋଢ଼ଳା, ଦଣ୍ଡିପଢ଼ଳା, } ବି. (ଦଣ୍ଡୋତ୍ପଳା ଶବ୍ଦଜାତ) କ୍ଷୁଦ୍ରବୃକ୍ଷବିଶେଷ, ସ୍ୱନାମ-ପ୍ରସିଦ୍ଧ ଗଛ ।

ଦଣ୍ଡୀ, ବି. (ଦଣ୍ଡ-ଇନ୍-ଅସ୍ତ୍ୟର୍ଥେ) ସନ୍ନ୍ୟାସୀ; ରାଜା; ଯମ; ଦ୍ୱାରପାଳ; ମହାଦେବ । ବିଂ. ଦଣ୍ଡଧାରୀ । (ସ୍ତ୍ରୀ-ଈ-ଦଣ୍ଡିନୀ) ଦଣ୍ଡଧାରିଣୀ ।

ଦଣ୍ଡୁଆସି, ବି. (ଦେଶଜ) ଚୌକିଆ । ଯଥା—

ଥୋକାଏ ହୁଅ ଦଣ୍ଡୁଆସି,
କହୁ ହସନ୍ତି ବ୍ରହ୍ମରାଶି । ଭା. ଦ. ସ୍କ.
( କେହୁ କେହୁ ଦଣ୍ଡାସି ମଧ୍ୟ କହନ୍ତି । )

ଚିମୁଟା, କର୍ମକାରର ଅସ୍ତ୍ରବିଶେଷ ।

ଦତ୍ତ, ବିଂ. (ଦଦ୍=ଦାନ କରିବା-ତ) ଅର୍ପିତ; ଉତ୍ସୃଷ୍ଟ; ତ୍ୟକ୍ତ ।

ଦତ୍ୟ, ବି. ( ଦୈତ୍ୟ ଶବ୍ଦର ଅପଭ୍ରଂଶ ) ଅସୁର । ଯଥା—

ବଂଶୀ ମଧୁର ଘର୍ଘର ବାଜେ ପୁଣି ପୁଣି,
ମୋହିଲୁ ଦତ୍ୟବଳ ମୋହିନୀ ଗୋସାମଣି । ସା.ଭୂ.ଆ.

ଦଦରା, ବିଂ. (ଦେଶଜ କିମ୍ବା ଦର୍ଦ୍ଦର ଶବ୍ଦଜ) ଫଟା, ଅଳ୍ପଭଗ୍ନ । ଯଥା—

ଦଦରା ନାବେ ଯେବେ ବସି,
ସମୁଦ୍ର ତରଣେ ପ୍ରୟାସୀ । ଭା. ଦ. ସ୍କ.

ଦଦା, ବି. ( ଗଡ଼ଜାତରେ ) ବଡ଼ଭାଇ, ଜ୍ୟେଷ୍ଠଭ୍ରାତା । ( ଗଞ୍ଜାମରେ ) ପିତାଙ୍କ ସାନଭାଇ, କକେଇ ।

ଦଦାଇ, } ବି. (ଦେଶଜ) ପିତାଙ୍କ ଜ୍ୟେଷ୍ଠ-
ଦଦେଇ, } ଭାଇ । ଯଥା—

ମାନଗୋବିନ୍ଦ ସଖାଙ୍କୁ ବୋଲି ଅମ୍ଭେ ଯିବା,
କାଲି ପଛେ ଦଦାଇଙ୍କ ଦର୍ଶନ କରିବା । ନୃ.ପୂ.ସ.ଚ.

ଦଦ୍ରୁ, ଦଦ୍ରୂ, ବି. ସ୍ତ୍ରୀ. (ଦରିଦ୍ରାପ୍ୟତି ଦଦ୍ରୁଃ— ଦରିଦ୍ରା-ଉ, ଊ) ଯାଦୁ, କୁଷ୍ଠବିଶେଷ ।

ଦଦ୍ରୁଣ, ବି. (ଦଦ୍ରୁରସ୍ୟାସ୍ତୀତି ଦଦ୍ରୁଣଃ— ଅମର) ଦଦ୍ରୁରୋଗୀ ।

ଦଧି, ବି. ସଂ. ଦହି ।

ଦନା, ଦୋନା, ଦନ୍ନ, ବି. (ଦେଶଜ) ପତ୍ର-ଠୋଲା; ପଶୁମାନଙ୍କ ଯୋନି ।

ଦନୁଜ, ବି. (ଦନୁ=କାଶ୍ୟପଙ୍କ ସ୍ତ୍ରୀ-ଜନ୍-ଅ) ରାକ୍ଷସ, ଦାନବ ।

ଦନ୍ତ, ବି. (ଦମ୍-ତ) ଦାନ୍ତ; ପର୍ବତଶୃଙ୍ଗ; ଗିରିନିତମ୍ବ; ନିକୁଞ୍ଜ; ସାନୁପ୍ରଦେଶ; ୩୨ ସଂଖ୍ୟା ।

ଦନ୍ତଚ୍ଛଦ, } ବି. ( ଦନ୍ତ-ଛଦ୍, ବସ୍=
ଦନ୍ତବାସ, } ଆଚ୍ଛାଦନ କରିବା-ଅ) ଓଷ୍ଠ ।

ଦନ୍ତା, ବି. (ଦନ୍ତୀ ଶବ୍ଦଜ) ହସ୍ତୀ । ବିଂ. ଶ୍ରେଷ୍ଠ; ଉତ୍କୃଷ୍ଟାର୍ଥବୋଧକ । ଯଥା—

ମୋ ଶାଳରେ ଯେତେ ଅଛନ୍ତି ବଳବନ୍ତା,
ବାଛି ତହୁଁ ଦେବ ଆଠୋଟି ଦନ୍ତା ଦନ୍ତା । କୃ.ଭା.ଉ.ପ.

ଦନ୍ତାବଳ, ବି. (ଦନ୍ତ-ବଳଚ୍-ଅସ୍ତ୍ୟର୍ଥେ, ଅ=ଆ) ହସ୍ତୀ । (ଦନ୍ତୀଦନ୍ତାବଳୋହସ୍ତୀ— ଅମର ।)

ଦନ୍ତାଳ, ବିଂ. ( ଦନ୍ତ-ଆଳ—ଅସ୍ତ୍ୟର୍ଥେ ) ଦନ୍ତବିଶିଷ୍ଟ; ଦାନ୍ତୁରା ।

ଦନ୍ତାଳିଆ, } ବିଂ. ( ଦନ୍ତାଳ ଶବ୍ଦଜ ) ଦନ୍ତ-
ଦାନ୍ତୁଳିଆ, } ବିଶିଷ୍ଟ; ଦାନ୍ତୁରା । ଯେ ପ୍ରଶସ୍ତ ଦାନ୍ତ ପାଇଅଛି । ବି. ଶୂକର; ହସ୍ତୀ ।

ଦନ୍ତୀ, ବି. ( ଦନ୍ତ-ଇନ୍ ) ହାତୀ । ବିଂ. ଦନ୍ତଯୁକ୍ତ ।

ଦନ୍ତୁର, ବିଂ. ( ଦନ୍ତ-ଉର ) ଉନ୍ନତ ବା ବହିର୍ଗତ ଦନ୍ତବିଶିଷ୍ଟ; ବନ୍ଧୁର, ଉଚ୍ଚ ନୀଚ (ସ୍ଥାନ); କୁଟିଳ ।

ଦନ୍ତ୍ୟ, ବିଂ. (ଦନ୍ତ-ଯ) ଦନ୍ତରୁ ଉଚ୍ଚାରିତ; ତ, ଥ, ଦ, ଧ, ନ, ଲ, ସ ପ୍ରଭୃତି ।

ଦନ୍ଥରା, ବିଂ. ( ଦେଶଜ ) ଯେଉଁ ଅସ୍ତ୍ର ବା ଯନ୍ତ୍ରରେ ଦାନ୍ତ ନ ଥାଏ ।

ଦନ୍ଦଶୂକ, ବି. [ଦନ୍‌ଶ-ଯ (ଯଙ୍‌ଲୁଗନ୍ତ) ଦ୍ୱିତ୍ୱ-ଊକ] ସର୍ପ । ବିଂ. ଯେ ଅତିଶୟ ଦଂଶନ କରେ ।

ଦପଦପ, } ଅଂ. (ଦେଶଜ ) ତେଜସ୍କର
ଧପଧପ, } ପଦାର୍ଥର ଦୀପ୍ତି । ଯଥା—

ଶାଶ୍ୱତ ନକ୍ଷତ୍ରମାଳା ଜଳ ଦପଦପେ । ଦ. ବ.

ଦପ୍ତର, ବି. (ଯାବନିକ) ଖାତା କିମ୍ବା ହିସାବ ବହି; କାର୍ଯ୍ୟାଳୟ ।

ଦପ୍ତରଖାନା, ବି. (ଯାବନିକ) ଯେଉଁଠାରେ ହିସାବବହି ଥାଏ ।

ଦପ୍ତରୀ, ବି. (ଯାବନିକ) ଯେ ବହି ବାନ୍ଧେ ।

ଦଫା, ବି. (ଯାବନିକ) ଧାଡ଼ି ବା ନିୟମ; ପ୍ରକରଣ; ଥର, ବାର ।

ଦଫାଏତ, ବି. (ଯାବନିକ) ଜମିଦାରମାନଙ୍କର ରାଜସ୍ୱ ଛଡ଼ା ବାକେ ଆୟ ।

ଦଫାଦାର, ବି. (ଯାବନିକ) ଦଣ୍ଡନାୟକ ।

ଦବଲୁ, ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ବାଜଇ ଦୁନ୍ଦୁଭି ଶଙ୍ଖ ମହୁରି କାହାଳୀ,
କଡ଼ା ମର୍ଦ୍ଦଳ ଦବଲୁ ଝାଞ୍ଜ ରାମତାଳି । ନୃ.ପୁ.ଦ୍ୱି.ତ.

ଦବାଇ, ଦବେଇ, ବି. (ଯାବନିକ) ଔଷଧ ।

ଦବାଇଖାନା, ବି. (ଯାବନିକ) ଔଷଧାଳୟ ।

ଦବାଇବା, କ୍ରି. (ଦେଶଜ) ତଳକୁ ଚୁପିବା; ଭୟ ଦେଖାଇ ସ୍ତବ୍ଧ କରିବା । ଯଥା—

ମଦକଳ କଳକଣ୍ଠକୁ ଯେ ମଧୁକାଳରେ
ମୁହିଁ ଦବାଇବି । ପ୍ରେ. ସୁ. ନି.

ଦଭ୍ର, ବି. ସଂ. କୃଶ; ଅଳ୍ପ । ଯଥା—

ମଧ୍ୟପ୍ରଦେଶ ନ ଥିଲା ପରି ଦଭ୍ର ତୋର । ବ୍ରାହ୍ମଣକାବ୍ୟ ।

ଦମ, ବି. (ଦମ୍ = ଶାନ୍ତହେବା, ଜିତେନ୍ଦ୍ରିୟ ହେବା-ଅ) ଦମନ, ଶାସନ; ଇନ୍ଦ୍ରିୟନିଗ୍ରହ; କ୍ଳେଶସହନ; କୁକର୍ମରୁ ମନୋନିବୃତ୍ତି । (ଯାବନିକ) ନିଃଶ୍ୱାସ ବା ଜୀବନ; ବଞ୍ଚନା ବା ପ୍ରତାରଣା; ଗଞ୍ଜାଇ ଲଗାଇ ଶୋଷିବା ପୁଳା । ଯଥା—

ଜଗାଇ ବୁଢ଼ାର ଗଞ୍ଜାଇ ଦମ,
ଦିନେ ନୋହିଲେ ଯେ ଟାଣଇ ଯମ । ହା.ତ.

ଦମକ, ବି. (ପ୍ରାକୃତ) ଚମକ । ଯଥା—

ଉପୁଜାଇ ବିଶ୍ୱବାସି ହୃଦୟେ ଦମକ । ବେ. ଫ.

ଦମକଳ, ବି. (ଦେଶଜ) ପାଣି ଉଠାଇବା ଯନ୍ତ୍ର ।

ଦମଦମ, ବି. (ଦେଶଜ) ଭୟରେ ହୃଦୟ ଥରିବା । ବିଂ. କମ୍ପିତ । ଯଥା—

ଶରୀର ଝମଝମ ହୃଦୟ ଦମଦମ
କାମ କରୁଛୁ ଘନଘନ ରେ । ବି.ଚି.ମ.

ଦମନ, ବି. (ଦମ୍-ଅନ) ଶାସନ; ବଶୀକରଣ, ନିବାରଣ; ଇନ୍ଦ୍ରିୟନିଗ୍ରହ; ବୀର; ପୁଷ୍ପବିଶେଷ । (ବିଶେଷଣରେ ଦମକ, ଦମିତ ଓ ଦମନୀୟ ପଦ ହୁଏ ।)

ଦମା, ଦମାମା, ଦମାମି, } ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ରହିଲା ବାଦ୍ୟ ନାଦ ଝମକ ଢୋଲ ଦମା । ସା.ଭି.ଆ.
ଜଗଝମ୍ପ ଝରଝରା ଦମାମା ଦୁନ୍ଦୁଭି । ମ. ଯା.

ହିପା; ଆବେଗ; କାଶର ପ୍ରକାରଭେଦ, ଦମାକାଶ ।

ଦମାଳି, ଦମାଲୁ, } ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ବାଜଇ ଢୋଲ ଦମାଳି ନିଶାଣ ମହୁରି । ନୃ.ପୁ.ତୃ.ତ.
ବାଜିଲା ଝମକ ନିଶାଣ,
ଦମାଲୁ ନାଦ ଘୋର ଟାଣ । ଦା. ର.

ଦମ୍ପତି, ବି. (ଜାୟା-ପତି-ଜାୟାର ଦମ୍ ଆଦେଶ) ଭାର୍ଯ୍ୟାଭର୍ତ୍ତା, ସ୍ତ୍ରୀପୁରୁଷ ।

ଦମ୍ଭ, ବି. (ଦନ୍ଭ୍-ଅ) କପଟତା; ଗର୍ବ; ଦୁଷ୍ଟତା; ଶଠତା । ବିଂ. (ଦେଶଜ) ଦୃଢ଼, ଟାଣ । ବି. ଦୃଢ଼ତା; ଧୈର୍ଯ୍ୟ; ବଳ । ଯଥା—ତା ଦେହରେ ଦମ୍ଭ ଅଛି ।

ଦମ୍ଭଧରା, ବିଂ. (ଦେଶଜ) ଦମ୍ଭ ଅର୍ଥାତ୍ ଧୈର୍ଯ୍ୟ ଯେ ଧରି ପାରେ । ଯଥା—

କରିକୁମ୍ଭସ୍ତନୀ କୃଷ୍ଣଦମ୍ଭଧରା
କୁଟିଳ ଚଞ୍ଚଳକଟାକ୍ଷା । ର. ଚ.

ଦମ୍ଭୋଳି, ବି. ସ୍ତ୍ରୀ. (ଦମ୍ଭାଦାଟୋପାତ୍ ଲୀୟତେ ଇତି, ଦଭ୍ନୋତି ଖେଦୟତି ଅରୀନ୍ ଇତି ବା ଦମ୍ଭୋଳିଃ = ଶତ୍ରୁମାନଙ୍କୁ ଯେ ଖେଦ ଦିଏ) ବଜ୍ର ।

ଦୟା, ବି. ସ୍ତ୍ରୀ. (ଦୟ୍-ଅ-ଆ) ପରଦୁଃଖରେ ଦୁଃଖାନୁଭବ, ପରଦୁଃଖହରଣେଚ୍ଛା, କୃପା ।

ଦୟାଳୁ, ବିଂ. (ଦୟା-ଆଳୁ) କୃପାବାନ୍ । (ଦେଶଜ) ପକ୍ଷିବିଶେଷ । (ଡୁଡ଼ି ଶବ୍ଦ ଦେଖ ।)

ଦୟିତ, ବି. (ଦୟ୍-ତ) ବଲ୍ଲଭ, ପତି । ବିଂ. ପ୍ରିୟ, ସ୍ନେହପାତ୍ର । (ସ୍ତ୍ରୀ-ଆ) ପତ୍ନୀ, ପ୍ରିୟା ।

ଦର, ବି. (ଦୃ-ଅ) ଭୟ, କମ୍ପ; ଶଙ୍କା । ବିଂ. ଈଷତ୍ । ଯଥା—ଦରହସିତବଦନ । (ଦେଶଜ) ମୂଲ୍ୟ । ବିଂ. ଅଧୁରା, ଅଧା । ଯଥା—ଦରପାଚିଲା, ଦରସିଝା, ଦରଖିଆ ଇତ୍ୟାଦି ।

ଦରଆଉଟା, ବିଂ. (ଦେଶଜ) ଅଳ୍ପପକ୍ୱ । ବି. ଅର୍ଦ୍ଧପାକ ।

ଦରଖିଆ, ବି. (ଦେଶଜ) ପୂର୍ଣ୍ଣକରି ନ ଖାଇବା । ବିଂ. ଯେ ପୂର୍ଣ୍ଣକରି ଖାଇ ନ ଥାଏ । ଯଥା—

ଜାଣୁଛ ତ ଦରଖିଆ ହେଲା ଲୋକ,
ଭୋକେ ରହିବାରୁ ତା ମଣଇ ଅଧିକ । କୃ. ଭା. ବି. ପ.

ଦରଜି, } ବି. (ଦେଶଜ) ସୌଚିକ, ବସ୍ତ୍ର ସିଲାଇ
ଦର୍ଜି, } କରିବା ଲୋକ । ଯଥା—

ଦରଜି ବାଳିକି କେ ବୋଲେ ଶରୀରେ ରଖିଣ ଦର,
ଦରହାସି ତନୁ ପାଇଛି ଦିଅ କରି ଆଦର । ସୁ. ପ.

ଦରଦ, ଦରମ, ବି. ( ଦେଶଜ ) ବ୍ୟଥା । ଯଥା—

ଗୋଡ଼ ଖସି ଖେଦ ହେବାର ଦରଦ
ଯିବାର ଉପାୟ କହ ରେ । କା. ଚ. ଚ.

ଦରଣ୍ଡା, ବି. (ଦେଶଜ) ଖୋଜିବା, ଲୋଡ଼ିବା ।

ଦରଣ୍ଡାଦରଣ୍ଡି, ବି. (ଦେଶଜ) ଖୋଜାଖୋଜି, ଭଲ କରି ଖୋଜିବା ।

ଦରପଡ଼ା, ବି. (ଦେଶଜ) ଅଧୁରାପଡ଼ା, ଅଧୁରା-ବିଦ୍ୟା; ବାଦ୍ୟବିଶେଷ । ଯଥା—

ଦୁନ୍ଦୁଭି ବିଜଘୋଷ ଝଞ୍ଜାଳ କମଯୋଡ଼ା,
କଂସାଳ ତଳତାଳ ବାଜଇ ଦରପଡ଼ା । ନୃ. ପୁ. ଚ. ଛ.

ଦରପନ୍ତରିଆ, ବିଂ. ( ଦେଶଜ ) ଦରଖିଆ, ଅଧଖିଆ । ଯଥା—

ଆମେ ଶୁଦ୍ର ପାଟି ଶୁଣିଲେ ଖାତପତ୍ରରୁ
ଦରପନ୍ତରିଆ ହୋଇ ଉଠୁଥିଲୁ । ଉ. ସା. ୧୮. ୧୧.

ଦରପାକଲା, ଦରପାଚଲା, ବିଂ. ( ଦେଶଜ ) ଅର୍ଦ୍ଧପକ୍ୱ ।

ଦରପୋଡ଼ା, } ବି. (ଦେଶଜ) ଅଧେ ପୋଡ଼ି-
ଦର୍ପୋଡ଼ା, } ଥିବା ନିଆଁ କାଷ୍ଠଖଣ୍ଡ ।

ଦରବ, ଦରପ, ଦର୍ପ, ବି. ( ଦ୍ରବ୍ୟ ଶବ୍ଦଜ ) ପଦାର୍ଥ । ଯଥା—

ଲବଣୀ ପିଣ୍ଡୁଳାରୁ ହୋଇ ଜନମ
ବଜ୍ରରୁ କଠିନ ଦରବ । ପ୍ରେ. ସୁ. ନି.

ଧନ । ଯଥା—

ଘଟଣ ଯେତେ, ଦରବ ସତେ,
ସୁପ୍ରାପତ କଲା ବିଧାତା ମୋତେ । ର. ପ.

ଦରବାଜା, ଦରୱାଜା, ବି. ( ଯାବନିକ ) କବାଟ, ଦ୍ୱାର ।

ଦରବାର, ଦର୍ବାର, ବି. ( ଦାର୍ବାଟ ଶବ୍ଦଜ ) ସଭା ।

ଦରବାରିଆ, ବି. ( ଦେଶଜ ) ମାମଲତକାର, ଯେ ଦରବାରକୁ ଯାଏ ।

ଦରମରା, ବିଂ. ( ଦେଶଜ ) ମୃତକଳ୍ପ, ମଲାପରି ।

ଦରମା, ଦରମାହା, } ବି. (ଯାବନିକ) ମାସିକ
ଦରମାହି, } ବେତନ । ଯଥା—

ସେ ଦରବାରେ ତ ଗଣା ହେବ ନାହିଁ,
ଛଡ ପଦ ତୋର କମ୍ପା ଦରମାହି । ଦ. ବା.

ଦରଳା, ବି. (ଦେଶଜ) ଚକଟିବା, ଘାଣ୍ଟିବା ।

ଦରଳିବା, ଦଳିବା, କ୍ରି. (ଦେଶଜ) ଘାଣ୍ଟିବା ।

ଦରଳାହେବା, } କ୍ରି. (ଦେଶଜ) ଘାଣ୍ଟି ହେବା,
ଦଳାହେବା, } ଏଣେତେଣେ ଗଡ଼ିବା ।

ଦରଶନ, ବି. (ଦର୍ଶନର ଅପଭ୍ରଂଶ) ଦର୍ଶନ, ଦେଖିବା ।

ଦରସିଜା, } ବିଂ. ( ଦେଶଜ ) ଅର୍ଦ୍ଧପକ୍ୱ ।
ଦରସିଝା, } ଯଥା—

ରାଜସ ଲୋକର ଯେ ଭୋଜନ କଥା ଶୁଣି,
ଅଲଣା ଦରସିଝା ଭୁଞ୍ଜଇ ସ୍ୱାଦୁ ମଣି । ନୃ. ପୁ. ସ. ଡ.

ଦରାଣ୍ଡା, } ବି. ( ଦେଶଜ ) ଅନ୍ୱେଷଣ;
ଦରଣ୍ଡା, } ଖୋଜିବା ।

ଦରାଣ୍ଡିବା, କ୍ରି. ( ଦେଶଜ ) ଖୋଜିବା, ଇତସ୍ତତଃ ଚଞ୍ଚଳ ହେବା । ଯଥା—

କୁଟୁଏ ଅର୍ଜୁନର କାଣ୍ଡରେ ଗଣ୍ଡି ହାଣ୍ଡି,
ଫଟାଇଥିଲେ ହେଲେ ଧାଇଁଲେ ଦରାଣ୍ଡି । କୃ. ଭା. ବି. ପ.

ଦରଗଣ୍ଡି ହେବା, କ୍ରି. ( ଦେଶଜ ) ଇତସ୍ତତଃ ଚଞ୍ଚଳ ହେବା; ବିଷୟରେ ଆସକ୍ତ ରହିବା । ଯଥା—

ଭାରିଯାଙ୍କୁ ବସ୍ତ୍ର ଅଳଙ୍କାର ମଣ୍ଡି,
ଭୋଗ କରୁଥାଅନ୍ତି ହୋଇଣ ଦରଗଣ୍ଡି । କୃ. ଭା. ଉ. ପ

ଦରି, ବି. (ଦେଶଜ) ଆସନବିଶେଷ ।

ଦରିଆ, ବିଂ. (ଦେଶଜ) ଯଥେଷ୍ଟ, ଅନେକ, ବହୁତ । ବି. ସମୁଦ୍ର । ଯଥା—

ବୋଇତକୁ ଦରିଆକୂଳରେ ରଖି ସେହି ବନସ୍ତ ବାଟେ ଫେରିଲି । ଲ. ସା

ଦରିଆଫତ, ଦରିଆପ୍ତ, } ବି. (ଯାବନିକ) ନ୍ୟାଯ୍ୟାନ୍ୟାଯ୍ୟ-ବିଚାର ।

ଦରିଦ୍ର, ବି. ( ଦରିଦ୍ରା-ଅ ) ନିର୍ଦ୍ଧନ, ଦୀନ; ବିହୀନ; କ୍ଷୀଣ ।

ଦରୀ, ବି. ସ୍ତ୍ରୀ. (ଦୃ-ଅ-ଈ) ପର୍ବତସ୍ଥ ଗୃହାକାର ବିବର ।

ଦରୁଆନ, ଦରୋଆନ, ବି. ( ଯାବନିକ ) ଦ୍ୱାରପାଳ ।

ଦରୁଟି, ବିଂ. (ଦେଶଜ) ଅବ୍ୟକ୍ତ । ଯଥା—

କହଇ ଦରୁଟି ବଚନ, କେବଳ ଅମୃତ ସମାନ । ଦା. ର.

ଦରୋବସ୍ତ, ଦୁରବସ୍ତ, ଦୋରବସ୍ତ, } ବିଂ.(ଯାବନିକ)ସମଗ୍ର, ସବୁ । ଯଥା—

କିଛୁ କରଗଲେ ନାହିଁ ମଠ ବନ୍ଦୋବସ୍ତ,
ତାଙ୍କ ଅନ୍ତେ କାମ ବିଗିଡ଼ିଲା ଦୁରବସ୍ତ । ଉ. ଭ୍ର.

ଦରୋଗା, ବି. ( ଯାବନିକ ) ଫୌଜଦାରୀର ଅଧିପତି ପୋଲିସ ସବ୍ ଇନସ୍ପେକ୍ଟର ।

ଦରୋଟି, ବିଂ. (ଦେଶଜ) ଅର୍ଦ୍ଧପକ୍ୱ ।

ଦର୍ଦ୍ଦୁର, ବି. (ଦୃ=ବିଦାରଣ କରିବା-ଅ, ଶବ୍ଦେନ କର୍ଣ୍ଣୌ ଦୃଣାତୀତି ଦର୍ଦ୍ଦୁରଃ— ଯେ ଶବ୍ଦରେ କର୍ଣ୍ଣ ବିଦୀର୍ଣ୍ଣ କଲାପରି କରେ) ଭେକ, ବେଙ୍ଗ; ମେଘ; ବାଦ୍ୟଯନ୍ତ୍ର-ବିଶେଷ; ଗ୍ରାମସମୂହ ।

ଦର୍ପ, ବି. (ଦୃପ୍-ଅ) ଗର୍ବ, ଅହଙ୍କାର; ତାପ ।

ଦର୍ପକ, ବି. (ଦୃପ୍-ଅକ) କନ୍ଦର୍ପ, କାମଦେବ । ବିଂ. ଉତ୍ତେଜକ ।

ଦର୍ପଣ, ବି. (ଦୃପ୍-ଅନ, ଦୃପ୍ୟତେ ଅନେନ ସୁବେଶାଭିମାନାଦିତି ଦର୍ପଣଃ) ମୁକୁର; ଆରଶି; ଚକ୍ଷୁ ।

ଦର୍ଭ, ବି. (ଦୃଭ୍-ଅ) କୁଶ, ଘାସ; ଦୁବ ।

ଦର୍ବି, ଦର୍ବୀ, } ବି. ସ୍ତ୍ରୀ. (ଦୃ-ବି-ଈ) ଚଟୁ, ହତା; ସର୍ପଫଣା ।

ଦର୍ବୀକର, ବି. (ଦର୍ବୀ=ଫଣା-କୃ-ଅ-ଯେ କରେ) ସର୍ପ । ବିଂ. ଦର୍ବୀ ବା ହତା-କାରକ ।

ଦର୍ଶ, ବି. (ଦୃଶ୍-ଅ) ଅମାବାସ୍ୟା; ଯାଗବିଶେଷ; ଦୃଷ୍ଟି, ଦର୍ଶନ । ବିଂ. ଦ୍ରଷ୍ଟା ।

ଦର୍ଶନ, ବି. ( ଦୃଶ୍=ଦେଖିବା-ଅନ ) ଅବଲୋକନ; ଜ୍ଞାନ; ସ୍ୱପ୍ନ; ନୟନ; ଧର୍ମ; ଆକୃତି; ଚକ୍ଷୁ; ଦର୍ପଣ; ବେଦାନ୍ତାଦି ଷଡ଼୍ଦର୍ଶନ ଶାସ୍ତ୍ର । ( ସାଂଖ୍ୟ, ପାତଞ୍ଜଳ, ନ୍ୟାୟ, ବୈଶେଷିକ, ମୀମାଂସା ଓ ବେଦାନ୍ତ —କପିଳ, ପତଞ୍ଜଳି, ଗୌତମ, କଣାଦ, ଜୈମିନି ଓ ବ୍ୟାସ ଏ ଛଅଜଣ ଏହି ଛଅ ଶାସ୍ତ୍ରର ରଚୟିତା) ଜ୍ଞାନଶାସ୍ତ୍ର । (ବିଶେଷଣରେ ଦର୍ଶକ, ଦର୍ଶନୀୟ, ଦର୍ଶୟିତା, ଦର୍ଶିତ, ଦର୍ଶୀ ଇତ୍ୟାଦି ପଦ ନିଷ୍ପନ୍ନ ହୁଏ ।)

ଦର୍ଶନି, ବି. (ଦର୍ଶନୀୟ ଶବ୍ଦଜ) ଭେଟି । ଯଥା—

ଯେ ଯାହାର ରାଜ୍ୟେ ରୁହାନ୍ତି ରାଜାମାନଙ୍କୁ,
ଅନେକ ଦେଖା ଦର୍ଶନି ଦିଅନ୍ତି ଭୀମଙ୍କୁ । ସା. ଭା. ସ.

ଦର୍ଶାଇବା, କ୍ରି. (ଦୃଶ୍ ଧାତୁଜ) ଦେଖାଇବା ।

ଦଳ, ବି. (ଦଲ୍=ଭେଦ କରିବା ଇତ୍ୟାଦି-ଅ) ପତ୍ର; ପୁଷ୍ପର ପାଖୁଡ଼ା; ସମୂହ; ଅସ୍ତ୍ରାଦିର ଧାର; ଅସ୍ତ୍ରଫଳକ; ଅର୍ଦ୍ଧ; ଦଳନ । (ଦେଶଜ) ଜଳଜାତ ତୃଣବିଶେଷ । ଯଥା—

ମୁଗୁନି ଶିଳା ଚଉକତି,
ତରେ ତା ଦଳ ପଙ୍କ ନାସ୍ତି । ମା. ମା.

ଠାକୁରଙ୍କୁ ମିଳନ ସ୍ଥାନକୁ ଆମନ୍ତ୍ରଣ କରିବା ପୂର୍ବରୁ ଯେଉଁ ପୁଷ୍ପ ପଠାଯାଏ; ପଲ, ପୁଞ୍ଜି ।

ଦଲଦଲ, ବିଂ. (ଦେଶଜ) କମ୍ପିତ । ଯଥା—

ପୃଥିବୀ ଉପରେ ସନ୍ତୁଁ ପଡ଼ିଲେକ ବାଳ,
ପଦାଘାତେ ମେଦିନୀ ହୋଇଲା ଦଲଦଲ । ସା.ଭା.ଆ.

ବି. ଅନୁକରଣଶବ୍ଦବିଶେଷ । ଯଥା—

ଲକ୍ଷେକ ଦମାଲି ବାଜୁଥିବ ଦଲ ଦଲ । ନୃ.ପୁ.ପ.ତ.

ଦଲଦଲିଆ, ବିଂ. (ଦେଶଜ) ପଙ୍କୁଆ, କାଦୁଆ ।
ଦଳନ, ବି. ( ଦଲ୍-ଅନ ) ମର୍ଦ୍ଦନ; ବିନାଶ; ଭେଦନ; ସ୍ଫୁଟନ; ଚୂର୍ଣ୍ଣନ । ବିଂ. ଦଳନ-କାରକ; ବିନାଶକ । ଯେପରି—ଦୁଷ୍କୃତ-ଦଳନ ହରି । ( ବିଶେଷଣରେ ଦଳିତ, ଦଳନୀୟ ହୁଏ । )
ଦଳବେହେରା, ବି. ( ଦେଶଜ ) ଯେ ପାଇକ-ମାନଙ୍କରେ ଶ୍ରେଷ୍ଠ; ଦଳୁଆ ଜାତିର ଅଧିକାରୀବିଶେଷ । ( ଦଳୁଆ ଜାତିରେ ନାୟକ, ଦଳବେହେରା ଓ ଭଲୟା ଏପରି ତିନିଜଣ ଅଧିକାରୀ ରହନ୍ତି । )
ଦଳା, ବି. (ଦଲ୍ ଧାତୁଜ) ଦଳନ । ଯଥା—
ଦଳିବେ ତାହାଙ୍କର ଗୁରୁ ବୃହନ୍ନଳା,
ସାରଥି ହୋଇକରି କୁରୁଙ୍କୁ ଦେଲେ ଦଳା ।
କୃ. ଭି. ବି. ପ.
ଗାଈ ପ୍ରସବ କଲା ପରେ ପଡ଼ିବା ଜରାୟୁ ଅନ୍ତପୁଡ଼ା । ବିଂ. (ଦଳିତ ଶବ୍ଦଜ) ଦଳନ କରାଯିବା; ଯେ ଦଳନ କରେ । ଯଥା—
ସହସ୍ରେ ରାଜାଙ୍କର ବଳ ଦର୍ପଦଳା,
ହୋଇଥିଲେ ହୋଇଲେ ଆସି ବୃହନ୍ନଳା । କୃ.ଭି.ବି.ପ.
ଦଳାଇ, } ବି. (ଦେଶଜ) ଶୂଦ୍ରମାନଙ୍କ ସଂଜ୍ଞା-
ଦଳେଇ, } ବିଶେଷ ଓ ଉପାଧିବିଶେଷ ।
ଦଳାଇ ହୋଇବା, } କ୍ରି. (ଦେଶଜ—ଦଳନ
ଦଳହେବା, } ଶବ୍ଦାନୁକୃତ ) ନିଜେ
ଦଳହୋଇବା, } ଦଳିତ କରାଯିବା ।
ଯଥା—
କଳାଇ ମାନଙ୍କୁ ଦଳାଇ ହୋଇଲା
ହିଙ୍ଗୁଳ ବଳିବା ଭାବକେ । ବି.ଚ.ମ.
କାଳ କାଳିଆ ଚରଣେ ଦଳ ହୋଇଲା । ର. କ.
ଦଲ୍ଲାଲ, ବି. (ଯାବନିକ) କ୍ରୟବିକ୍ରୟ ମଧ୍ୟସ୍ଥ ।
ଦଲାଲି, ବି. ( ଯାବନିକ ) ଦସ୍ତୁରୀ; ଦଲ୍ଲାଲର କାର୍ଯ୍ୟ ।
ଦଲିଲ, } ବି. ( ଯାବନିକ ) ସ୍ୱତ୍ୱାସ୍ୱତ୍ୱ
ଦଲ୍ଲିଲ, } ନିର୍ଦ୍ଦେଶକ ପତ୍ର; ମୋକଦ୍ଦମା-ସମ୍ବନ୍ଧୀୟ କାଗଜପତ୍ର ।

ଦଳିବା, କ୍ରି. (ଦଲ୍ ଧାତୁଜ) ଦଳନ କରିବା; ଗୋଡ଼ ହାତ ଘଷିବା; ନାଶ କରିବା ।
ଦଳୁଆ, ବି. ( ଦେଶଜ ) ଶୂଦ୍ରଜାତିବିଶେଷ । ବିଂ. ଦଳପୂର୍ଣ୍ଣ ।
ଦଳେଇ, ବି. ( ଦେଶଜ ) ଦଳୁଆ ଜାତିର ଘରର ନାମ । (ଏମାନଙ୍କର ଘରର ନାମ ନାୟକ, ଦଳେଇ, ପାତ୍ର, ଜେନା, ସାମଲ, ରାଉତ, ମାଝି, ମଲିକ, ଭଣ୍ଡାରି, ସାହୁ, ଲେଙ୍କା ଓ ମାହାନ୍ତି ହୋଇଥାଏ ।)
ଦବ, ବି. (ଦୁ = ଉତ୍ତପ୍ତ କରିବା-ଅ) ବନାଗ୍ନି, ଅରଣ୍ୟଅଗ୍ନି; ସନ୍ତାପ ।
ଦବଥୁ, ବି. ( ଦୁ-ଅଥୁ ) ଉଦ୍ବେଗ; ଦୁଃଖ; ପରିତାପ; ସନ୍ତାପ ।
ଦଶ, ବି. (ଦଶନ୍-ଦନ୍ଶ୍=ଖାପ୍ରିପାଇବା-ଅନ୍) ୧୦ ସଂଖ୍ୟା ।
ଦଶକେଟ୍ଟେଠ, ବି. (ଦେଶଜ) ଗାତରେ ପକାଇ ଖେଳିବା ବାଡିଖେଳର ଦଶମ ଆଘାତ ।
ଦଶଣି, ବି. (ଦେଶଜ) ଦଶଅଣାର ସମଷ୍ଟି ।
ଦଶତି, ବି. ସ୍ତ୍ରୀ. (ଦଶଗୁଣିତ-ଦଶନ୍, ନିପାତନ) ଶତ; ଏକଶତ ।
ଦଶନ, ବି. (ଦନ୍ଶ୍ = ଦଂଶନ କରିବା-ଅନ) ଦନ୍ତ; ପବିତ୍ର; ସାଞ୍ଜୁ ।
ଦଶବଳ, ବି. (ଦଶ = ବୁଦ୍ଧି, କ୍ଷାନ୍ତି, ବୀର୍ଯ୍ୟ ପ୍ରଭୃତି-ବଳ) ବୁଦ୍ଧ ।
ଦଶମ, ବିଂ. (ଦଶନ୍-ମଟ୍-ପୂରଣାର୍ଥେ) ଦଶର ପୂରକ । (ସ୍ତ୍ରୀ-ଈ) ତିଥିବିଶେଷ ।
ଦଶରା, } ବି. (ଦଶହରା ଶବ୍ଦର ଅପଭ୍ରଂଶ)
ଦସରା, } ଆଶ୍ୱିନ ଶୁକ୍ଳଦଶମୀ; ଗଙ୍ଗାସ୍ନାନର
ଦସହରା, } ତିଥିବିଶେଷ ।
ଦଶରୂପକ, ବି. (ଦଶ-ରୂପକ) ନାଟକାଦି ଲକ୍ଷଣ ପ୍ରତିପାଦକ ଗ୍ରନ୍ଥବିଶେଷ; ନାଟକ, ପ୍ରକରଣ, ଭାଣ, ବ୍ୟାୟୋଗ, ସମବକାର, ଡ଼ିମ, ଇହାମୃଗ, ଅଙ୍କ, ବୀଥୀ ଓ ପ୍ରହସନ ଏହି ଦଶବିଧ ରୂପକ ।

ଦଶହରା, ବି. ସ୍ତ୍ରୀ. (ଦଶ = ଦଶବିଧ ପାପ ହୃ-ଅ-ଆ, ଯେ ଦଶବିଧ ପାପ ହରଣ କରେ, ଯେଉଁ ତିଥିରେ ଗଙ୍ଗାସ୍ନାନଦ୍ୱାରା ଦଶବିଧ ପାତକ ନଷ୍ଟ ହୁଏ) ଆଶ୍ୱିନଶୁକ୍ଳଦଶମୀ; ଜ୍ୟେଷ୍ଠମାସର ଶୁକ୍ଳଦଶମୀ, ଗଙ୍ଗାଙ୍କ ଜନ୍ମ-ଦିବସ । (ଦଶପାପହରା ଯସ୍ମାତ୍ ତସ୍ମାତ୍ ଦଶହରା ସ୍ମୃତା ।)

ଦଶା, ବି. ସ୍ତ୍ରୀ. (ଦନ୍‌ଶ୍-ଅ-ଆ) ବସ୍ତ୍ରପ୍ରାନ୍ତ, ଦଶୀ; ଦୀପବର୍ତ୍ତିକା, ସଳିତା; ଅବସ୍ଥା; ଅଭିଳାଷ; ଚିନ୍ତା ସ୍ମୃତି ପ୍ରଭୃତି ଦଶବିଧ କାମଜ ଦଶା; ଜନ୍ମକାଳୀନ ଗ୍ରହର ଅବସ୍ଥାନ; ଗର୍ଭବାସ, ଜନ୍ମ, ବାଲ୍ୟ ପ୍ରଭୃତି ଶରୀରର ଦଶ ଦଶା ।

ଦଶା, ଦସା, } ବି. ( ଦଶାହ ଶବ୍ଦର
ଦଶ, ଦଶାଘର, } ଅପଭ୍ରଂଶ) ପ୍ରେତର ଦଶମ ଦିବସ । ଯଥା—

ସାକ୍ଷାତେ ନିଜ ପିତା ବିଧାତା ପଦ୍ମ ଛୋର,
ସେ ମଲେ କରିବୁ କିନା ଦଶା କିସ୍ୱାଘର । ନୃ. ପୁ. ଭ୍ର. ତ.

ଦଶାଘାଟ, ଦଶାକୁଠ, } ବି. (ଦେଶଜ) ମୃତ୍ୟୁର
ଦଶକୁଠ, } ଦଶମ ଦିନରେ ଯେଉଁ କର୍ମ ହୁଏ ଏବଂ ଯେଉଁ ସ୍ଥାନରେ କ୍ଷୌରବିଧି ହୁଏ ।

ଦଶାଘାଟିଆ, ବି. (ଦେଶଜ) ନିମ୍ନଶ୍ରେଣୀର ବ୍ରାହ୍ମଣବିଶେଷ; ଗାଳିବିଶେଷ ।

ଦଶାଦିଆ, ବି. ( ଦେଶଜ ) ପଶୁପକ୍ଷ୍ୟାଦିର ଗାଳି; ଅଲକ୍ଷଣା ପଶୁ ଆଦି ।

ଦଶି, ବି. (ଦଶା ଶବ୍ଦଜ) ଲୁଗାର ଶେଷ ଧଡ଼ି; କବାଟର ମୂଳରେ ଥିବା କାଷ୍ଠଖଣ୍ଡ ।

ଦଶିପୋକ, ବି. (ଦେଶଜ) ଏକପ୍ରକାର କୃମି; ଗର୍ଭଜାତ କୃମିବିଶେଷ । ଯଥା—

ଦଶିପୋକ ହୃଦରେ ମୁଁ ଥାଏ ନରକରେ,
ଲକ୍ଷ୍ମୀକି କୋଳରେ ଘେନି ଶଙ୍ଖଚକ୍ରକରେ । ନା. ର. ଗୀ.

ଦଷ୍ଟ, ବିଂ. (ଦନ୍‌ଶ୍-ତ) ଯାହାକୁ ଦଂଶନ କରିଅଛି ।

ଦସ, ବି. (ଦଶନ୍ ଶବ୍ଦଜ ପ୍ରାକୃତ) ୧୦ ସଂଖ୍ୟା ।

ଦସକତ, ଦସଖତ, } ବି. (ଯାବନିକ) ସ୍ୱାକ୍ଷର,
ଦସ୍ତଖତ, } ହସ୍ତାକ୍ଷର ।

ଦସକତ୍ତ, } ବିଂ. ଯହିଁରେ କୌଣସି
ଦସ୍ତଖତ୍ତ, } ବ୍ୟକ୍ତିଙ୍କର ସ୍ୱାକ୍ଷର ଥାଏ ।

ଦସିଆ, ବି. (ଦେଶଜ) ମୋଟା ବସ୍ତ୍ରବିଶେଷ ।

ଦସ୍ତ, ବି. (ଦେଶଜ) ଏକପ୍ରକାର ଗଞ୍ଜପା ଖେଳ; ଝାଡ଼ା ।

ଦସ୍ତଖତ୍, ବି. (ଯାବନିକ, ଦସ୍ତ = ହସ୍ତ-ଖତ୍ = ଲିଖନ) ସ୍ୱାକ୍ଷର ।

ଦସ୍ତବସ୍ତ, ବି. (ପାରସୀ, ଦସ୍ତ = ହସ୍ତ- ବସ୍ତ = ବନ୍ଧା) ବଦ୍ଧାଞ୍ଜଳି; ଯୋଡ଼ହାତ ।

ଦସ୍ତର, ବି. (ଯାବନିକ) ରାଜକୀୟ ବ୍ୟବ-ହାରର କାଗଜପତ୍ର ।

ଦସ୍ତରବନ୍ଦୀ, ବି. ରାଜକୀୟ କାଗଜ ସବୁ ଯାହାର ଅଧୀନ ରହେ ।

ଦସ୍ତା, ବି. ( ଦେଶଜ ) ଧାତୁପାତ୍ରବିଶେଷ, ସୀସା ଓ ରଙ୍ଗ ମିଶ୍ରିତ ଧାତୁ ।

ଦସ୍ତାନା, ବି. (ପାରସ୍ୟ ଶବ୍ଦ) ବସ୍ତ୍ରନିର୍ମିତ ହସ୍ତାବରଣ ।

ଦସ୍ତାବିଜ, } ବି. (ଯାବନିକ) ଋଣପତ୍ର,
ଦସ୍ତାବେଜ, } କ୍ରୟ ବିକ୍ରୟ ପତ୍ର; ଅଦା-ଲତରେ ପ୍ରଦାନାର୍ଥ କାଗଜପତ୍ରାଦି ।

ଦସ୍ତି, ବି. (ଦେଶଜ) ଭୂମିମାପର ପରିମାଣ-ବିଶେଷ ।

ଦସ୍ତୁ, ବି. (ଦେଶଜ) ଉତ୍ସବାଦିରେ ଦେବତାଙ୍କ ନିମିତ୍ତ ବସ୍ତ୍ର, ଶ୍ରେଷ୍ଠ ବସ୍ତ୍ର ।

ଦସ୍ତୁରି, } ବି. (ଯାବନିକ) କ୍ରୟ ବିକ୍ରୟ
ଦସ୍ତୁରୀ, } କାଳରେ ମଧ୍ୟସ୍ଥ ଲୋକ କ୍ରେତା ଓ ବିକ୍ରେତାଠାରୁ ଯାହା ପାଏ, ଶୁଳ୍କ । (ସ୍ୱାକ୍ଷରକୁ ମଧ୍ୟ ଦସ୍ତୁରି କହନ୍ତି ।)

ଦସ୍ୟୁ, ବି. (ଦସ୍ = ଉତ୍କ୍ଷେପଣ କରିବା, କ୍ଷୟ କରିବା-ଯୁ ) ଚୋର; ଯେ ଅନ୍ୟର ଉପରେ ଅତ୍ୟାଚାର ବା ଅନ୍ୟାୟାଚରଣ କରେ; ଉତ୍ପୀଡ଼ନକାରୀ; ମହା ସାହସିକ; ଅନ୍ତ୍ୟଜ ଜାତିବିଶେଷ; ଚୌର; ଅପହାରକ ।

ଦହ, ବି. (ହ୍ରଦ ଶବ୍ଦଜ—ବର୍ଣ୍ଣବିପର୍ଯ୍ୟୟ) ହ୍ରଦ । ଯଥା—

ପଚିଆ ଦହରୁ ପକ୍ଷୀ ଦଳେ ଦଳେ,
ଉଡ଼ି ଆସୁଛନ୍ତି ନଭେ କୋଳାହଳେ । ନ. କେ.

(ଦଗ୍ଧ ଶବ୍ଦଜ) ବିଂ. ଦଗ୍ଧ । ଯଥା—

ଦହ ସୁବର୍ଣ୍ଣ ଶରୀର, ପାଉଁଶ ଦେଇଛୁ କର । ବି.ଚି.

ଦହକ, ବି. (ଦାହକ ଶବ୍ଦଜ) ଉତ୍ତାପ ।

ଦହଗଞ୍ଜି, ବିଂ. (ଦେଶଜ) ବ୍ୟତିବ୍ୟସ୍ତ; ପୀଡ଼ିତ ।

ଦହଗଞ୍ଜିହେବା, କ୍ରି. (ଦେଶଜ) ପୀଡ଼ା ବା ବାଧାରେ ଦଗ୍ଧପ୍ରାପ୍ତ ହେବା ।

ଦହଡ଼, ବିଂ. (ଦେଶଜ ବା ଦଗ୍ଧ ଶବ୍ଦଜ) ତପ୍ତ, ଗରମ । ଯେପରି—ଦହଡ଼ ଭାତ ।

ଦହନ୍ତି, ବି. (ଦାହ-ହେତୁରୁ ଉତ୍ପନ୍ନ) ଅଗ୍ନି । ଯଥା—

ଭାଜିବ କ୍ଷୁଧା ଘୋର ହୋଇବୁ ତୁପନ୍ତ,
ଶୁଣି କରପଲ୍ଲବକୁ ଚୁମ୍ବିଲେ ଦହନ୍ତି । ନୃ.ପୁ.ପ୍ର.ଚ.

(ସାରଳା ଭାରତରେ ମଧ୍ୟ ଅଗ୍ନି ଅର୍ଥରେ ଏହାର ପ୍ରୟୋଗ ଅନେକସ୍ଥଳେ ଦେଖାଯାଏ ।)

ଦହଦହିଆ, ଦହଦହିକା, ଦହିଦହିଆ, } ବି. (ଦଧାଳୀ ଶବ୍ଦଜ) ଶାକବିଶେଷ ।

ଦହନ, ବି. (ଦହ୍ = ପୋଡ଼ିବା-ଅନ) ଅଗ୍ନି; ଦୁଷ୍ଟଲୋକ; ଚିତାପାରୁ ଗଛ; ଦାହ । ବିଂ. ଦଗ୍ଧକାରକ; ନିବାରକ । (ବିଶେଷଣରେ ଦହ୍ୟମାନ, ଦହମାପ୍ତ, ଦଗ୍ଧ ହୁଏ ।)

ଦହପାଣି, ବି. (ଦେଶଜ) ଲୁଣ ରାନ୍ଧିବାବେଳେ କୁଣ୍ଡିକୁ ନିଗଡ଼ାଇଥିବା ଲବଣାକ୍ତ ଜଳ ।

ଦହର, ବି. (ଦହ୍-ଅର) ଛୋଟ ଇନ୍ଦୁର; ଶିଶୁ । ବିଂ. ସ୍ୱଳ୍ପ, ସୂକ୍ଷ୍ମ ।

ଦହରାକାଶ, ବି. ସଂ. ଚିଦାକାଶ; ଈଶ୍ୱର ।

ଦହଲ, ବି. (ଦେଶଜ) କାଦୁଅ ।

ଦହଲା, ବି. (ଦେଶଜ) ଯେଉଁ ତାସ ଖେଳ ଖଣ୍ଡରେ ୧୦ ସଂଖ୍ୟା ଥାଏ ।

ଦହସତ, ବି. (ଯାବନିକ) ବାଧା, ଭୟ ।

ଦହିଗିହେବା, କ୍ରି. (ଦେଶଜ) ଅତି ଦୁଃଖ ଅନୁଭବ କରିବା ।

ଦହି, ଦଇ, ବି. (ଦଧି ଶବ୍ଦଜ ପ୍ରାକୃତ) ଦୁଗ୍ଧବିକାର ।

ଦହିକଡ଼ମା, ଦହିକଡ଼ି, } ବି. (ଦେଶଜ) ଦହିରେ ପ୍ରସ୍ତୁତ ଖାଦ୍ୟବିଶେଷ ।

ଦହିଗୁଡ଼ଭାତ, ବି. (ଦେଶଜ) ବିବାହ ପୂର୍ବ ଦିବସରେ ସ୍ତ୍ରୀ ଆଚାରବିଶେଷ ।

ଦହିବା, କ୍ରି. (ଦହ୍ ଧାତୁଜ) ଦଗ୍ଧ କରିବା ।

ଦହିମାଛିଆ, ବି. (ଦେଶଜ) ଧୋବା ।

ଦହିଯ, ବିଂ. (ଦହ୍ୟ ଶବ୍ଦଜ) ଦଗ୍ଧ । ଯଥା—

କଲେ ସୂର୍ଯ୍ୟ ନିଜ ମଣିକ ଦହିଯ
ନୋହେ କି ସେ ସୂର୍ଯ୍ୟଙ୍କର । ର. କ.

ଦହିହେବା, କ୍ରି. (ଦହ୍ୟ ଶବ୍ଦଜ) ନିଜେ ଦାହ୍ୟ ହେବା । ଯଥା—

ମୋହ ଭାଗ୍ୟେ ଈର୍ଷା ବହ୍ନି ଦହି ହେବ
ଭବେ କେଉଁ ଚଣ୍ଡାଳୁଣୀ । ପାଙ୍କଣି ।

ଦା, ଦାଆ, ବି. (ଦାବ ଶବ୍ଦଜ) ଧାନ୍ୟାଦି କାଟିବା ଅସ୍ତ୍ରବିଶେଷ ।

ଦାଇବା, କ୍ରି. (ଦେଶଜ) ଦାରେ କାଟିବା ।

ଦାଉ, ବି. (ଦାବ ଶବ୍ଦଜ) ବାଧା, ସନ୍ତାପ । ଯଥା—

ଅମ୍ଭୋରହାକ୍ଷୀର ନେହ କଟାକ୍ଷର
ହମ୍ଭୋଳରୁ ବଳ ଦାଉ । ସଙ୍ଗୀତ ।

ଦାଉଆ, ବି. (ଯାବନିକ) ପ୍ରାପ୍ୟ ଅଧିକାର ।

ଦାଉଦାଉ, ବି. (ଦେଶଜ) ଦୀପ୍ତି । ବିଂ. ଝକଝକ ।

ଦାଇକା, ଦାଏକା, } ବି. (ଦେଶଜ) ନାଟୁଆ ପିଲାମାନେ ବାଦି ପକ୍ଷକୁ ଲକ୍ଷ କରି ବୋଲିବା ପଦ ବା ଗୀତ ।

ଦାଏର, ବି. (ଯାବନିକ) ମକଦମା ଦାଖଲ କରିବା ।

ଦାଉଁଣୀ, ବି. ସ୍ତ୍ରୀ. (ଦାମନୀ ଶବ୍ଦଜ) ଯେଉଁ ଦଉଡ଼ିରେ ଅନେକ ଗୋରୁ ବନ୍ଧା ହୁଅନ୍ତି ।

ଦାଉଣ୍ଡି, ଦାମଣ୍ଡି, ଦାମୁଣ୍ଡି, } ବି. (ଦେଶଜ) ବାଦ୍ୟ-ବିଶେଷ । ଯଥା—
ବାଜନ୍ତି ବଜଘୋଷ ଯେ ମୃଦଙ୍ଗ ଦାଉଣ୍ଡି,
ପ୍ରବେଶି ଯୋଦ୍ଧା ଦେଖି ଖେମଟା ନାଟ ଖଣ୍ଡି । ସା·ଭା.ସ.

ଦାଉଦାଉ, ବିଂ. ( ଦେଶଜ ) ଜକଜକ ବା ଉଜ୍ଜ୍ୱଳ । ଯଥା—
ଉତ୍ତର ଅର୍ଜୁନଙ୍କ ମୁଖକୁ ଚାହିଁ ଚାହିଁ,
ବଳେ କରିଦେଲେ ମୁଖକୁ ଦାଉ ଦାଉ । କୃ.ଭା.ବି.ପ

ଦାକ୍ଷାୟଣୀ, ଦାକ୍ଷାୟିଣୀ, } ବି. ସ୍ତ୍ରୀ. ( ଦକ୍ଷ-ଆୟନ-ଅପତ୍ୟାର୍ଥେ-ଈ) ସତୀ, ଦୁର୍ଗା; ଦନ୍ତୀ ବୃକ୍ଷ; ରେବତୀ ନକ୍ଷତ୍ର ।

ଦାକ୍ଷାଯ୍ୟ, ବି. (ଦକ୍ଷାଯ୍ୟ-ଅ) ଗରୁଡ଼; ଗୃଧ୍ର ।

ଦାକ୍ଷିଣାତ୍ୟ, ବିଂ. (ଦକ୍ଷିଣ-ତ୍ୟ) ଦକ୍ଷିଣଦେଶ-ଜାତ; ଦକ୍ଷିଣଦେଶବାସୀ; ଦକ୍ଷିଣଦେଶସ୍ଥ ।

ଦାଖଲ, ଦାଖିଲ, } ବି. (ଯାବନିକ) ଅର୍ପଣ; ପ୍ରବେଶ କରିବା ।

ଦାଖଲ, ଦାଖିଲ, } ବି. (ଯାବନିକ) ପ୍ରମାଣ, ନିଦର୍ଶନ; ରାଜସ୍ୱ ଆଦି ଦାଖଲ ହେବାର ନିଦର୍ଶନ ପାଉତି ।

ଦାଗ, ବି. (ଦେଶଜ) ଚିହ୍ନ; କଳଙ୍କ । ଯଥା—
ଏବେ ଯେଉଁ ବିଚାର କରିଛ ମନରେ,
କଲେ ଦାଗ ରହିବ ତୁମ୍ଭର (ଗାଲରେ) କୁଳରେ ।
କୃ. ଭା. ସୌ. ପ.
(ପାରସ୍ୟ) ପୀଡ଼ନ, କ୍ଳେଶ ।

ଦାଗବାଜି, ବି. (ହିନ୍ଦୀ) ମରାମତି ।

ଦାଗିବା, କ୍ରି. ( ଦେଶଜ ) ଲୁହା ତତାଇ ଲଗାଇବା, ଚିହ୍ନ ଦେବା, କଳଙ୍କ ଦେବା ।

ଦାଗୀ, ବିଂ. (ଯାବନିକ) ଚିହ୍ନିତ; ଯେ ଦୋଷ କରି ଦଣ୍ଡ ପାଇଅଛି; ଯାହାଁରେ ଦାଗ ଲଗିଥାଏ ।

ଦାଡ଼ିମ, ଦାଳିମ, ଦାଡ଼ିମୀ, ଦାଳିମୀ, } ବି.ସ୍ତ୍ରୀ.(ଦଳ୍ = ବିଦାରଣ କରିବା-ଇମ, ଳ = ଡ଼-ଈ) ଦାଡ଼ିମଫଳ, ଡ଼ାଳିମ୍ବଫଳ ।

ଦାଡ଼ିମ୍ବ, ବି. ( ଦା = ଦାନ କରିବା-ଡିମ୍ବ ) ଡ଼ାଳିମ୍ବ ଗଛ ଓ ଫଳ ।

ଦାଢ଼, ବି. (ଧାର ଶବ୍ଦଜ କିମ୍ବା ଦଂଷ୍ଟ୍ରା ଶବ୍ଦଜ, ପ୍ରାକୃତ) ଅସ୍ତ୍ରାଦିର ଧାର । ଯଥା—ଏହି ଖଣ୍ଡାର ଦାଢ଼ ନାହିଁ । ପରିମାଣବିଶେଷ, କଡ଼ାର ୩୨ ଭାଗରୁ ଏକ ଭାଗ । ଯଥା—
ସବୁ ଲେଖେ ସେହି ପାଞ୍ଜିକାର ରାଢ଼,
କଡ଼ା ଦାଢ଼ ତହୁଁ ଯାଏ ନାହିଁ ଛାଡ଼ । ଦ· ବା·
ନଦ୍ୟାଦିର ତୀର । ଯଥା—
ଭେଡ଼ା ଆଖ୍ୟାଧାରୀ ବୃକ୍ଷହୀନ ଭୂମି ସମୁଦ୍ର ଦାଢ଼େ ।
ଛପା ।
ପ୍ରତାପ । ଯଥା—
ନୋହିଲେ କି ଯେ ନାମେ ଚମକ ଏଡ଼େ ପଡ଼େ,
ମେରୁ ମନ୍ଦର ଯେ ଭାଜିବ ତୋର ଦାଢ଼େ ।
ନୃ. ପୂ. ଦ୍ୱି. ଭ·
ବିଂ. ଉତ୍ତପ୍ତ; ତୀକ୍ଷ୍ଣ । ଯଥା—
ଗୁରୁଦ୍ରୋହୀ କଥା ଯେ ଅଗ୍ନିର ପ୍ରାୟ ଦାଢ଼,
ଅନ୍ଧାରେ ମାଡ଼ିଲେ ନିକି ନ ପୋଡ଼ଇ ଗୋଡ଼ ।
ନା. ର. ଗୀ.

ଦାଢ଼ମଇ, ବି. ( ଦେଶଜ ) ଏ ମଇ ବାଙ୍କ ହୋଇଥାଏ, ଏଥିରେ କୃଷିମାନେ ଚଷିବା ମାଟି ଟିକି ନିଅନ୍ତି ।

ଦାଢ଼ି, ବି. (ଦାଢ଼ିକା ଶବ୍ଦର ଅପଭ୍ରଂଶ) ଶ୍ମଶ୍ରୁ ଅର୍ଥାତ୍ ଗାଲ ଓ ଚିବୁକର ଲମ୍ବମାନ କେଶ ।

ଦାଢ଼ିଆ, ବିଂ. (ଦେଶଜ ଦାଢ଼ି-ଇଆ) ଯାହାର ଅଧିକ ଦାଢ଼ି ଥାଏ । ଯଥା—
ଏହି ଚପଟଟିକି ଲମ୍ବଦାଢ଼ିଆ ବୈଷ୍ଣବ ଗୁଡ଼ାକରେ ପୂରେଇଦେବେ । ଶ. ନା. ସୁ. ପୁ.

ଦାଢ଼ିଆଣୀ, ବି· ସ୍ତ୍ରୀ· ( ଦେଶଜ ) ଜଳଜନ୍ତୁ-ବିଶେଷ । (ଘଡ଼ିଆଳ ଶବ୍ଦ ଦେଖ ।)

ଦାଢ଼ି, ଦାଢ଼ା, } ବି· ସ୍ତ୍ରୀ. (ଦୋ = ଛେଦନ କରିବା-ଢ଼ି, ଢ-ଆ) ଦଂଷ୍ଟ୍ରା; ବଡ଼ ଦାନ୍ତ; ବୃଶ୍ଚିକ ପ୍ରଭୃତି ଜନ୍ତୁ ଯାହାଦ୍ୱାରା ଦଂଶନ କରନ୍ତି; ପ୍ରାର୍ଥନା; ସମୂହ ।

ଦାଢ଼ିକା, ବି. ସ୍ତ୍ରୀ. (ଦାଢ଼ା-କ-ଆ, ଆ = ଇ) ଶ୍ମଶ୍ରୁ, ଦାଢ଼ି । (କେଶେଷୁ ଗୃହ୍ଣତୋହସ୍ତୌ ଚ୍ଛେଦୟେଦବିଚାରୟନ୍ । ପାଦୟୋର୍ଦାଢ଼ିକାୟାଂ ଚ ।)

ଦାଢ଼ୁଆ, ବିଂ. (ଦେଶଜ) ତୀକ୍ଷ୍ଣ, ଦାଢ଼ଥିବା ।
ଯଥା—
ପହ୍ନୀକୁ ବୋଇଲ୍ ଲେ ଶୁଣ,
ଦାଢ଼ୁଆ କାଣ୍ଡ ପଟେ ଆଣ । ଦା. ର.

ଦାଣ୍ଠା, ବି. (ଦେଶଜ) ଆକଟ ।

ଦାଣ୍ଠିବା, କ୍ରି. (ଦେଶଜ) ଆକଟ କରିବା ।

ଦାଣ୍ଡି, ବି. (ଦେଶଜ) ଶୁଷ୍କ ଡାଳ ବା ଛୁଇଁ ।

ଦାଣ୍ଡିଆ, ବିଂ. (ଦେଶଜ) ଶୁଖିଲା ।

ଦାଣ୍ଡ, ବି. (ଦେଶଜ) ବାଟ, ସଡ଼କ । ଯଥା—
ଆଉ ଜନେ ନ ଯିବୁ ଏ ଦାଣ୍ଡରେ । ବି. ଚ. ମ.
ଗୃହର ବହିର୍ଭାଗ । ଯଥା—
ସଦ୍ଧ୍ୟି ଉତୁର ବେଗେ ଦାଣ୍ଡକୁ ଅଇଲା,
ନାନା ସ୍ଥାନ ଖୋଜି ଖୋଜି କାହିଁ ନ ପାଇଲା । ବେ.ପ.
ଏକପ୍ରକାର ବ୍ୟାୟାମ । ଯଥା—
ତହିଁରୁ ଅଧେ ମଧ ଲୁଗୁଇ ଖାଇବ,
ଦାଣ୍ଡ ପେଲ ଗଣ୍ଡିକି ମୋଟ କରିଦେବ କୃ.ଭା.ବ.ପ.
ବାହାର, ବହିର୍ଭାଗ । ଯଥା —
ବୋଇଲେ ହେ ରାଜନ ଆଖିକି ଲେଉଟାଇ,
କଳଭରୁ ଅଧେ ମଧ ଦାଣ୍ଡକୁ କାଢ଼ିଦେଇ । କୃ.ଭା.ସୌ.ପ.

ଦାଣ୍ଡପେଲିବା, କ୍ରି. (ଦେଶଜ) ବ୍ୟାୟାମ କରିବା ।

ଦାଣ୍ଡି, ବି. (ଦେଶଜ) ଶ୍ରେଣୀ । ଯେପରି—
ଦୁଇ ଦାଣ୍ଡି ସାହି । ଦଣ୍ଡାବାଟ ।

ଦାଣ୍ଡିକ, ବିଂ. (ଦଣ୍ଡ-ଇକ-ବୃତ୍ତ୍ୟର୍ଥେ) ଦଣ୍ଡ-ଧାରଣୋପଜୀବୀ ।

ଦାଣ୍ଡିକଳା, ବି. (ଦେଶଜ) ଶଗଡ଼ର ଅଖ ମଝିରେ ମାରିଥିବା କଳା ।

ଦାଣ୍ଡୁ, ବି. (ଦେଶଜ) ପେଣ୍ଡୁ ଖେଳର ଚଟୁ ।

ଦାତ, ବିଂ. (ଦୋ=ଛେଦନ କରିବା-ତ) ଛିନ୍ନ । (ଦୈ=ଶୁଦ୍ଧ କରିବା-ତ) ଶୁଦ୍ଧ; ପବିତ୍ର ।

ଦାତା, } ବିଂ. (ଦା = ଦେବା-ତୃ) ଦାନକର୍ତ୍ତା,
ଦାତ, } ଦାନଶୀଳ । (ତବ୍ୟ ପ୍ରତ୍ୟୟରେ ଦାତବ୍ୟ = ଦାନଯୋଗ୍ୟ ।)

ଦାତ୍ୟୂହ, } ବି. (ଦୋ=ଛେଦନ କରିବା-
ଦାତ୍ୟୌହ, } ତ = ଦାତ = ଛେଦନ, ଦାତ-ଊହ୍ = ତର୍କ କରିବା-ଅ) ପକ୍ଷିବିଶେଷ, ଡାହୁକ; ଜଳକାକ; ଚାତକ; ମେଘ ।

ଦାତ୍ର, ବି. (ଦୋ=ଛେଦନ କରିବା-ତ୍ର) ଦାଆ, ତୃଣାଦି କାଟିବା ଅସ୍ତ୍ର ।

ଦାଦ, ବି. (ଦାଦ୍ = ଦାନ କରିବା-ଅ) ଦାନ । (ଦଦ୍ୱାଚ ବିବଧାନ୍ ଦାନାନ୍) (ପାରସ୍ୟ) ପ୍ରତିଶୋଧ ।

ଦାଦନ, ବି. (ପାରସ୍ୟ) ଠିକା କର୍ମୀଙ୍କର ଅଗ୍ରିମ ବେତନ ।

ଦାଦପିଲ୍ଲିଦ, ବି. (ଦେଶଜ-ବିଶେଷତଃ ଗଞ୍ଜାମ ଅଞ୍ଚଳରେ ବ୍ୟବହୃତ) ନଜର ।

ଦାଦା, ଦାଦି, } ବି. (ଦାୟାଦ ଶବ୍ଦଜ)
ଦଦା, } ପିତାଙ୍କ ସାନ ଭାଇ । ଯଥା—
ମୋହର ସଖୀ ସାହା ନାହିଁ,
ଦାଦି ମଝିଲା ବାପ ଭାଇ । ଦା. ର.

ଦାଦୁ, ଜାଦୁ, ବି. (ଦଦ୍ରୁ ଶବ୍ଦଜ) ଏକପ୍ରକାର ଚର୍ମରୋଗ; କୁଷ୍ଠକଣ୍ଡୁ ।

ଦାଧିକ, ବିଂ. (ଦଧି-ଇକ) ଦଧିସଂଯୁକ୍ତ । ବି. ଦଧିଅନ୍ନ ।

ଦାନ, ବି. (ଦା = ଦେବା-ଅନ) ବିତରଣ; ହସ୍ତିର ମଦଜଳ । (ଦୋ=ପାଳନ କରିବା-ଅନ) ପାଳନ । (ଦୋ=ଛେଦନ କରିବା-ଅନ) ଛେଦନ; କର୍ତ୍ତନ । (ଦୈ = ଶୁଦ୍ଧ କରିବା-ଅନ) ଶୋଧନ, ଶୁଦ୍ଧି । ( ଦାନ ଗଜମଦତ୍ୟାଗପାଳନଚ୍ଛେଦଶୁଦ୍ଧିଷୁ —କୋଷାନ୍ତର ।) (ଦେଶଜ) ପଶାଖେଳର ବଜି, ଦଶପାଗଡ଼ା ଇତ୍ୟାଦି । ଯଥା—
କର ଚରଣ ପାଲି ଛକ ଚଉକ ସ୍ତନ
ସାରେ ଶୋଭା ପାଉ,
ବିଦ୍ୟୁଦ୍ୱିଜିତ ଦାନ କାନ୍ତ ସଙ୍ଗରେ କି
ଖେଳ ଖେଳିବା ଆଉ । ଲା. ବ.
( ଧାନ ଶବ୍ଦଜ ) ଧାନ । ଯେପରି—
ପିକିଦାନ ।

ଦାନବ, ବି. (ଦନୁ-ଅ-ଅପତ୍ୟାର୍ଥେ) ଦୈତ୍ୟ, ଅସୁର ।

ଦାନଶୌଣ୍ଡ, ବି. (ଦାନ-ଶୌଣ୍ଡ = ମତ୍ତ, ଆସକ୍ତ) ଅତିଦାତା, ବହୁପ୍ରଦ ।

ଦାନା, ବି. ( ଦାନବ ଶବ୍ଦଜ ) ଦୈତ୍ୟ; ଭୂତାଦି ଦେବଯୋନିବିଶେଷ । (ଯାବନିକ) ଶସ୍ୟାଦିର ବୀଜ; କ୍ଷୁଦ୍ର ଅଂଶ; ଭୋଜ୍ୟବସ୍ତୁ ।

ଦାନି, ଦାମି, ବି. (ଧାମି ଶବ୍ଦଜ) ଆଧାର । ଯେପରି—ନାସଦାନି ।

ଦାନିଆ, ବି. ( ଦାମିସ୍ତ ଶବ୍ଦଜ ) ବୈଦିକ ବ୍ରାହ୍ମଣ; ଗାଳିବିଶେଷ । ବିଂ. ଯେ ଦାନ ନିଏ; ଦାନର ଯୋଗ୍ୟ ।

ଦାନ୍ତ, ବିଂ. (ଦମ୍ = କ୍ଳେଶ ସହିବା, ଶାସନ କରିବା-ତ) ବଶୀକୃତ; ଦମିତ; କ୍ଳେଶ-ସହିଷ୍ଣୁ; ଜିତେନ୍ଦ୍ରିୟ; ଶାନ୍ତ; ଶାସିତ; ଦନ୍ତରେ ନିର୍ମିତ । (ବିଶେଷ୍ୟରେ ଦାନ୍ତି ହୁଏ ।) (ଦନ୍ତ ଶବ୍ଦଜ) ଦନ୍ତ; ହସ୍ତିଦନ୍ତ ।

ଦାନ୍ତକାଠି, ବି. (ଦନ୍ତକାଷ୍ଠ ଶବ୍ଦଜ) ଦନ୍ତ-ପରିଷ୍କାରକ କାଠି ।

ଦାନ୍ତଖୁଣ୍ଟା, } ବି. (ଦେଶଜ) ଦାନ୍ତ ଖୁଣ୍ଟିବା;
ଦାନ୍ତଖୁଣ୍ଟା, } ଦାନ୍ତ ଖୁଣ୍ଟିବା କାଠି ।

ଦାନ୍ତଘଷା, ବି. (ଦନ୍ତଘର୍ଷଣ ଶବ୍ଦଜ) ଦନ୍ତ-ଧାବନ ।

ଦାନ୍ତନିକଟା, } ବି. (ଦେଶଜ) ବିଗରେ ଦନ୍ତ
ଦାନ୍ତନିକୁଟା, } ପ୍ରଦର୍ଶନ । ଯଥା—

ପାଆନ୍ତି ସେ କିଛି ଉପରି ବଟା,
ହେଟ କରଣିଙ୍କ ଦାନ୍ତନିକଟା । ଉ. ସା.

ଦନ୍ତ ବିକୃତ କରି ହସିବା ।

ଦାନ୍ତପାଟି, ବି. (ଦେଶଜ) ଦାନ୍ତର ତଳଭାଗ ।

ଦାନ୍ତରଗଡ଼ା, ବି. (ଦେଶଜ) ଦାନ୍ତରେ ଦାନ୍ତ ଘଷି ଶବ୍ଦ କରିବା ।

ଦାନ୍ତରକୁଟା, } ବି. (ଦେଶଜ) ଅତି ନ୍ୟୂନ
ଦାନ୍ତରେକୁଟା, } ହୋଇ କହିବା, ମିନତି କରି କହିବା; ଦାନ୍ତ ବିକୃତ କରିବା ।

ଦାନ୍ତିଆ, ବି. (ଦେଶଜ) ମାଛଧରା ଯନ୍ତ୍ର-ବିଶେଷ; ଘର ପିଣ୍ଡା ଖୁଣ୍ଟ ଓ ଗୃହକରେ ସଂଲଗ୍ନ କାଷ୍ଠଖଣ୍ଡ ।

ଦାନ୍ତୁଡ଼ା, } ବିଂ. (ଦନ୍ତୁର ଶବ୍ଦଜ) ଯାହାର
ଦାନ୍ତୁରି, } ବଡ଼ ବଡ଼ ଦାନ୍ତ ।

ଦାନ୍ତୁଣୀ, ବି. ସ୍ତ୍ରୀ. (ଦେଶଜ) ଯେଉଁ ସ୍ତ୍ରୀର ଦାନ୍ତ ବଡ଼ ।

ଦାପନ, ବି. (ଦପ୍ = ଦେବା-ଅନ) ଦେବା, ପ୍ରଦାନ । (ବିଶେଷଣରେ ଦାପକ, ଦାପୟିତା, ଦାପିତ, ଦାପ୍ୟତ ଓ ଦାପ୍ୟ ହୁଏ ।)

ଦାମ, ବି. (ଦାମନ୍-ଦୋ = ଛେଦନ କରିବା-ମନ୍) ରଜ୍ଜୁ; ଯେଉଁ ରଜ୍ଜୁରେ ଅନେକ ଗୋରୁ ବନ୍ଧାଯାନ୍ତି; ମାଲ୍ୟ, ମାଳା । (ଦେଶଜ) ମୂଲ୍ୟ । ଯଥା—

କଣିଅଛି ଦ୍ରବ୍ୟ ଚତୁର୍ଗୁଣ ଦାମେ । ଦ. ବା.

ଗୁଚ୍ଛ, ତୃଣବିଶେଷ ।

ଦାମଡ଼ା, ଦାମ୍ବଡ଼ା, } ବି. (ଦମ୍ୟ ଶବ୍ଦଜ ମାନ
ଦାମୁଡ଼ି, } ଅର୍ଥ ଅଳ୍ପ ଭିନ୍ନପ୍ରକାର) ତରୁଣବୟସ୍କ ବଳଦ ।

ଦାମା, ବି. (ଦାମୋଦର ଶବ୍ଦର ଅପଭ୍ରଂଶ) ଦାମୋଦର, ବାଦ୍ୟଯନ୍ତ୍ରବିଶେଷ ।

ଦାମୁଣ୍ଡି, ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ଅଯୁତେ ବୀରକାହାଳି ଅଯୁତେ ଦାମୁଣ୍ଡି,
ଅଷ୍ଟରତ୍ନେ ଆଭରଣ ରଥ ଗଜ ମଣ୍ଡି । ସା. ଭା. ସ.

ଦାମୋଦର, ବି. (ଦାମନ୍ = ରଜ୍ଜୁ-ଉଦର = ପେଟ) ଶ୍ରୀକୃଷ୍ଣ ।

ଦାମ୍ଭିକ୍ୟ, ବିଂ. (ଦମ୍ଭନ୍ତ-ଯ) ଦାମ୍ଭିକସମ୍ବନ୍ଧୀୟ ।

ଦାମୁଡ଼ି, } ବି. (ଦମ୍ୟ ଶବ୍ଦଜ) ଅଳ୍ପବୟସ୍କ
ଦାମୁଡ଼ି, } ବଳଦ । (ଦେଶଜ) ଏକ ଅଣାର ଦ୍ୱାଦଶ ଅଂଶ ।

ଦାମ୍ଭିକ, ବି. (ଦମ୍ଭ-ଇକ) ଅହଙ୍କାରୀ; ଧୂର୍ତ୍ତ; କପଟାଶ୍ରୟୀ; ବିଡ଼ାଳତପସ୍ୱୀ; ବକପକ୍ଷୀ ।

ଦାୟ, ବି. (ଦା-ଦାନ କରିବା-ଅ, ଯ ଆଗମ) ଯୌତୁକାଦି ଦାନ; ପୈତୃକଧନ; ବିଭାଜ୍ୟବସ୍ତୁ; ଧନ; ଦାନ; ଛେଦନ; କ୍ଷତି; ଉତ୍ପାତ, ଉପଦ୍ରବ; ଶୋଧନ; ଜଳ । ବିଂ. ଦାତା ।

ଦାୟକ, ବି. (ଦା = ଦାନ କରିବା-ଅକ, ଯ ଆଗମ) ଦାତା; କ୍ଷତିପୂରକ; ଦାୟାଦ, ଜ୍ଞାତି । (ଦୋ = ଛେଦନ କରିବା-ଅକ) ଛେଦକ ।

ଦାୟାଦ, ବି. (ଦାୟ = ପୈତୃକଧନ-ଆ-ଦା = ଗ୍ରହଣ କରିବା-ଅ, ପୈତୃକଧନ ଯେ ଗ୍ରହଣ କରେ) ପୁତ୍ର; ଉତ୍ତରାଧିକାରୀ; ଉତ୍ତରାଧିକାର ସୂତ୍ରରେ ଧନ ଗ୍ରହଣରେ ଯାହାର ଅଧିକାର ଅଛି; ଜ୍ଞାତି; ସପିଣ୍ଡ; ଧନଭାଗୀ ।

ଦାୟୀ, ବିଂ. (ଦାୟିନ୍-ଦା-ଇନ୍, ଯ ଆଗମ) ଦାତା; ଦାୟଗ୍ରସ୍ତ; ଯାହା ଉପରେ ଭାର ବା ଭାର ଅଛି; ଯାହାକୁ କ୍ଷତିପୂରଣ କରିବାକୁ ହେବ ।

ଦାୟେକା, ବି. (ଦେଶଜ) ନାଟୁଆ ପିଲାମାନେ ନାଟ କଲା ସମୟରେ ବିବାଦ ପକ୍ଷ ପ୍ରତି କରିବା ଭର୍ତ୍ସନାର ଗୀତ ।

ଦାର, ବି. (ଦୃ = ବିଦାରଣ କରିବା, ଗ୍ରହଣ କରିବା-ଅ—ଯେ ସ୍ୱାମିକୁ ଗ୍ରହଣ କରେ ଅଥବା ଯେ ସ୍ୱାମୀର ଭ୍ରାତୃସ୍ନେହ ଭେଦ କରେ) ପତ୍ନୀ, ଭାର୍ଯ୍ୟା; କାମ; ଔଷଧବିଶେଷ; ବିଦାରଣ ।

ଦାରକ, ବି. (ଦୃ = ବିଦାରଣ କରିବା-ଅକ) ପୁତ୍ର; ଶିଶୁ; ଗ୍ରାମ୍ୟଶୂକର; ଦାରୁକ, ଶ୍ରୀକୃଷ୍ଣଙ୍କ ସାରଥି । ବିଂ. ଭେଦକାରକ; ବିଦାରଣକର୍ତ୍ତା । (ସ୍ତ୍ରୀ-ଦାରିକା) କନ୍ୟା; ବିଦାରଣକର୍ତ୍ତ୍ରୀ ।

ଦାରଣ, ବି. (ଦୃ-ଣିଚ୍-ଅନ) ବିଦାରଣ, ବିଦୀର୍ଣ୍ଣକରଣ; ବିଦାରଣସାଧନ ଅସ୍ତ୍ର । ବିଂ. ବିଦାରକ । (ବିଦାରଣାର୍ଥରେ ଇତ୍ୟାଦ୍ୟନ୍ତର ବିଦାରି ମଧ୍ୟ ହୁଏ ।) (ବିଶେଷଣରେ ଦାରିତ ହୁଏ ।)

ଦାରା, ବି. (ଯାବନିକ) ବାଦ୍ୟଯନ୍ତ୍ରବିଶେଷ । (ସଂସ୍କୃତରେ ଭାର୍ଯ୍ୟା ।)

ଦାରୀ, ବି. ସ୍ତ୍ରୀ. (ଦାରା ଶବ୍ଦଜ) ବେଶ୍ୟା; ରକ୍ଷିତା ସ୍ତ୍ରୀ । ଯଥା—

ଯେଉଁ ରଜା ଘରେ ଦାରୀ ରଖିଥାଏ,
ସେହି ହେଲେ ଏରୂପେ ଖେଳରେ ନ ଥାଏ ।
କୃ. ଭ. ସ. ପ.

ଦାରୁ, ବି. (ଦୃ = ବିଦୀର୍ଣ୍ଣ ହେବା-ଉ) କାଷ୍ଠବିଶେଷ; ଦେବଦାରୁବୃକ୍ଷ; ପିତ୍ତଳ । ବିଂ. ବିଦାରକ; ଶିଳ୍ପୀ; ଛେଦକ । (ଦା = ଦାନ କରିବା-ରୁ) ଦାନଶୀଳ, ଦାତା । (ଦୈ = ଶୁଦ୍ଧ କରିବା-ରୁ) ଶୋଧକ । (ଦେଶଜ) ବି. ବାରୁଦ ।

ଦାରୁଣ, ବିଂ. (ଦୃ-ଣିଚ୍-ଉନ) ଘୋର । ଯଥା—ଦାରୁଣ ସଂଗ୍ରାମ । ଭୟାନକ; କ୍ରୂର; କଠୋର; ଉତ୍କଟ, ଅତ୍ୟଧିକ । ଯଥା—ତାହାର ଦାରୁଣ ପୀଡ଼ା ହୋଇଅଛି । କର୍କଶ; ଉଗ୍ର; ମର୍ମଭେଦୀ; ନୃଶଂସ ।

ଦାରୁମୁଷି, ବି. (ଦାରୁବିଷ ଶବ୍ଦଜ) ଏକପ୍ରକାର ବିଷ । ଯଥା—

ଗୋଦନ୍ତା ଦାରୁମୁଷି ଚୂର,
ମହୁରା ବତ୍ସନାଭ ଭର । ଦା. ର.

ଦାରୁହଳଦ, ବି. (ଦାରୁହରିଦ୍ରା ଶବ୍ଦଜ) ଔଷଧି ଦ୍ରବ୍ୟବିଶେଷ ।

ଦାରୋଗା, ବି. (ପାରସ୍ୟ) ଦ୍ୱାରପାଳ; ପୋଲିସ କର୍ମଚାରିବିଶେଷ ।

ଦାର୍ଜିଲିଙ୍ଗ, ବି. (ଦୁର୍ଜୟଲିଙ୍ଗ ଶବ୍ଦଜ) ହିମାଳୟର ଉପତ୍ୟକାସ୍ଥ ମହାଦେବମୂର୍ତ୍ତି ।

ଦାର୍ବଟ, ବି. (ଦାରୁ = କାଷ୍ଠବିଶେଷ-ଅଟ୍ = ଗମନ କରିବା, ହେବା-ଅ) ମନ୍ତ୍ରଭବନ, ମନ୍ତ୍ରଣା କରିବାର ଗୃହ ।

ଦାର୍ବାଘାଟ, }
ଦାର୍ବାଘାତ, } ବି. ପୁଂ. କାଠହଣା ପକ୍ଷୀ ।

ଦାର୍ଶନିକ, ବିଂ (ଦର୍ଶନ-ଇକ) ଯେ ଦର୍ଶନଶାସ୍ତ୍ରର ଉପଦେଶ ଦିଏ; ଦର୍ଶନଶାସ୍ତ୍ରବେତ୍ତା; ଦର୍ଶନଶାସ୍ତ୍ରସମ୍ବନ୍ଧୀୟ ।

ଦାଲି, ବି. (ସମ୍ବଲପୁରରେ) ଡାଲି ।

ଦାବ, ବି. (ଦୁ = ଉତ୍ତପ୍ତ କରିବା-ଅ) ବନାଗ୍ନି; ବନ; ଅଗ୍ନି; ତାପ ।

ଦାବା, ବି. (ଦେଶଜ-ଫାର୍ସୀ) ନାଲିଶ; ଦାବୀ କରିବା ।

ଦାବାଦାର, ବି. (ଦେଶଜ) ଯେ ନାଲିଶ କରେ ।

ଦାବି, ଦାବୀ, ବି. (ଯାବନିକ) ପାଉଣା; ଅଧିକାର । ଯଥା—

ସମ୍ମାନେ ମୋହର ସର୍ବୋପରି ଦାବୀ । ଦ. ବା.

ଦାବିବା, କ୍ରି. (ଦେଶଜ) ଚିପିବା । ଯଥା—

ଅଦ୍ଭୁତେ କଇଲାସ ଉପାଡ଼ନ୍ତେ ମହେଶ

ଅଙ୍ଗୁଷ୍ଠେ ଦାବିଲ ଆପଣ ହେ । ଲୋ. ଜଣାଣ ।

ଦାଶ, ବି. (ଦାଶ୍ = ବଧ କରିବା, ଦାନ କରିବା-ଅ) ଧୀବର; ଭୃତ୍ୟ । (ସ୍ତ୍ରୀ ଦାଶୀ) ଧୀବରୀ; ଭୃତ୍ୟା ।

ଦାଶରଥ, } ବି. (ଦଶରଥ-ଅ, ଇ ଅପତ୍ୟାର୍ଥେ)
ଦାଶରଥି, } ଶ୍ରୀରାମ । (ପ୍ରଣାମୃତାଂ ଦାଶରଥାୟ ମୈଥିଳୀ) ବିଂ. ଦଶରଥସମ୍ବନ୍ଧୀୟ ।

ଦାଶେରକ, ବି. ପୁଂ. ମାଳବଦେଶ, ମାଳବଦେଶସ୍ଥ ଲୋକ ।

ଦାସ, ବି. (ଦାସ୍ = ଦାନ କରିବା-ଅ) ଭୃତ୍ୟ, ପରଗୃହାର୍ଥ ଯାହାକୁ କିଣିଥାନ୍ତି; ଧୀବର; ଦାନପାତ୍ର; ଶୂଦ୍ରଜାତି; ଶୂଦ୍ରଜାତିର ଉପାଧି ।

ଦାସକରଣ୍ଡା, } ବି. (ଦାସ-କୁରଣ୍ଟକ
ଦାସକେରଣ୍ଡା, } ଶବ୍ଦଜ) ପୁଷ୍ପଜାତୀୟ ଗୁଳ୍ମ-
ଦାସକେରେଣ୍ଡା, } ବିଶେଷ ।

ଦାସରଥି, ବି. (ଦେଶଜ) ସରୁ ଶୁକ୍ଳ ଅଳ୍ପ ଲମ୍ବ ଧାନ୍ୟବିଶେଷ ।

ଦାସେର, ବି. (ଦାସ୍-ଏରକ) ଉଷ୍ଟ୍ର; ଶୂଦ୍ର କୈବର୍ତ୍ତ । (ଦାସୀ-ଏର-ଅପତ୍ୟାର୍ଥେ) ଦାସୀପୁତ୍ର ।

ଦାସେରକ, ବି. (ଦାସେର-କ) ଉଷ୍ଟ୍ର; ଦାସୀପୁତ୍ର । ଯଥା—

ଦାସେରକ ଆଶ୍ରା କରି ଚଳୁଚଳ,

ଗ୍ରୀବାଉଚ୍ଚ ଗ୍ରୀବା ଟେକି ନମ୍ରଦଳ । ନ. କେ.

ଦାହ, ବି. (ଦହ୍ = ଦଗ୍ଧ କରିବା-ଅ) ଦହନ, ଭସ୍ମୀକରଣ, ଜ୍ୱଳନ; ସନ୍ତାପ ବା ଆନ୍ତରିକ ଯାତନା । (ବିଶେଷଣରେ ଦାହକ, ଦାହିତ, ଦାହ୍ୟ ଓ ଦାହ୍ୟ ହୁଏ ।)

ଦାହିବା, } କ୍ରି. (ଦହ୍ ଧାତୁଜ) ପୋଡ଼ିବା;
ଦାହିଦେବା, } ଆପେ ଦଗ୍ଧ ହେବା । ଯଥା—

କେତକୀ କଣ୍ଟାଦୁର୍ଗ ଆଗ୍ରେ କଲି

ଅଗ୍ନିରେ ଦାହିଲି କନକ । ବି. ଚି. ମ.

(ଭୁହିନକର ଶବ୍ଦ ଦେଖ ।)

ଦ, ବିଂ. (ଦ୍ୱି ଶବ୍ଦର ଅପଭ୍ରଂଶ) ଦୁଇ । ଯଥା—

ଦେବାନ୍ତକାରୀ ସାବର୍ଣ୍ଣୀ ସେବନ,

ବିଶେଷେ ନେଇ ସୁଖଦ ଭଜନ । ବୈ. ବି.

ଦଅଁ, ଦଅ, ବି. (ଦେବ ଶବ୍ଦଜ-ପ୍ରାକୃତ) ଦେବତା । ଯଥା—ଦଅଁ ଗଢ଼ୁଁ ଗଢ଼ୁଁ ମାଙ୍କଡ଼ ହେଲା । (ଦଅଁ ଦେବତା—ଏପରି ଏକାର୍ଥ ଯୁଗ୍ମଶବ୍ଦ ମଧ୍ୟ ବ୍ୟବହୃତ ।)

ଦଅଣି, ବି. (ଦେଶଜ) ଦୁଇଅଣାର ରୌପ୍ୟ-ମୁଦ୍ରା ।

ଦଅର, ବି. (ଦେବର ଶବ୍ଦଜ ପ୍ରାକୃତ) ପତିଙ୍କ କନିଷ୍ଠ ଭ୍ରାତା ।

ଦଆ, ଦୟା, ବିଂ. (ଦତ୍ତ ଶବ୍ଦଜ ପ୍ରାକୃତ) ଦେଇଥିବା, ଦତ୍ତ । ଯଥା—

ପ୍ରୀତି ବଣିକ ହାଟେ ଦଆ ଚମକ । ବି. ଚି. ମ.

ଯେ ଦଏ, ଦାତା । ଯଥା—

ଗୋବିନ୍ଦଦୁଆରୀ ଚିଦାନନ୍ଦଦସ୍ତା । ବି. ଚି. ମ.

ଦଆଇବା, କ୍ରି. (ଦା ଧାତୁ, ଦେ ଧାତୁର ରୂପ) ଅନ୍ୟଦ୍ୱାରା ପ୍ରଦାନ କରିବା ।

ଦଆଦେଇ, ବି. (ଦେଶଜ) ପରସ୍ପର ଦେବା, ଯଥୋଚିତ ପ୍ରଦାନ କରିବା । ଯଥା—ସମସ୍ତଙ୍କୁ ଦଆଦେଇ କଲା ପରେ ଅବଶିଷ୍ଟ ଆଣିଦିଅନ୍ତୁ ।

ଦଆଶିଲାଇ, } ବି. (ଦୀପ-ଶଳାକା-ଶବ୍ଦଜ)
ଦଆସଲାଇ, } ନିଆଁ କାଠି, ଗନ୍ଧକାଦିଲିପ୍ତ କାଠି ।

ଦଉଛି, ବି. (ଦ୍ୱିବତ୍ସା ଶବ୍ଦଜ) ଯାହାର ଦୁଇ ଗୋଟି ସନ୍ତାନ ମାତ୍ର ହୋଇ ପରେ ବନ୍ଦ ହୁଏ । ଯଥା—

ଅପୁତ୍ରିକେ ପୁତ୍ର ଜାତ ହୋଇବ ତାହାର,

ଦଉଛି ମଉଛି ବନ୍ଧ୍ୟା ସର୍ବଦୋଷ ପାର । ନୃ. ପୁ. ପ୍ର. ତ.

ଦଓଟି, ବି. (ଦେଶଜ) ଦୁଇଗୋଟି । ଯଥା—

ଏହା ଦେଖି ମୋହର ଏ ଦଓଟି ଆଖି,

ଫୁଟି ନ ଯାଉଅଛୁ କପାଁ ହୋଇ ଦୁଃଖୀ । କୃ. ଲୀ. ବି. ପ.

ଦକ୍, ବି. [ଦିଶ୍— ଦଶ୍ = (ଅବକାଶ) ଦାନ କରିବା-କ୍ୱିପ୍] ପୂର୍ବାଦି ଦଶଦିଗ; ଅଂଶ, ଖଣ୍ଡ । ଯଥା—ଗ୍ରାମର ପୂର୍ବଦିକେ । ସୀମା । ଯଥା—

ଭାରତର ଦକ୍ଷିଣଦିକରେ ସମୁଦ୍ର ଅଛି । ପକ୍ଷ । ଯଥା—ଶ୍ରୀକୃଷ୍ଣ ପାଣ୍ଡବ ଦିକରେ ରହିଲେ । ଦେଶ, ଅଞ୍ଚଳ । ଯଥା—ପୂର୍ବଦିକରୁ ଆଗତ । (ଦେଶଜ) ବିରକ୍ତ ।

**ଦିକ୍‌ଦାର**, ବିଂ. (ଯାବନିକ) ବିରକ୍ତ ।

**ଦିକ୍‌ଦାରହେବା**, କ୍ରି. (ଦେଶଜ) ବିରକ୍ତ ହେବା ।

**ଦିକଡ଼ା**, ବିଂ. (ଦେଶଜ) ଭୁକ୍ତ; ଦୁଇଗୋଟି କଉଡ଼ିର ମୂଲ୍ୟବାନ୍ । ବି. ଦୁଇଗୋଟି କଉଡ଼ି ।

**ଦିଗ**, ବି. (ଦିକ୍ ଶବ୍ଦଜ) ପୂର୍ବ-ପଶ୍ଚିମ ପ୍ରଭୃତି ।

**ଦିଗଡ଼**, ବି. (ଦ୍ୱିଗଳ ଶବ୍ଦଜ) ଦୁଇଖଣ୍ଡ ।

**ଦିଗ୍‌ଦର୍ଶନ**, ବି. (ଦିଗ୍-ଦର୍ଶନ, ଦିଙ୍ମାତ୍ରଦର୍ଶନ, ଅଳ୍ପପ୍ରଦର୍ଶନ । ଦିଗ୍=ଏସ୍ଥଳରେ ଅଳ୍ପ, ଯେପରି—ଦିଙ୍‌ଜ୍ଞାନ=ଅଳ୍ପଜ୍ଞାନ । ଯଥା—ଏ ଲୋକଟାର ଦିଗ୍‌ଜ୍ଞାନ ନାହିଁ ।) ଅଭିଜ୍ଞତା; ଦିଗ୍‌ଦର୍ଶନ ଯନ୍ତ୍ର (**Compass**) ।

**ଦିଗ୍ଧ**, ବିଂ. (ଦିହ୍=ଲେପନ କରିବା-ତ) ଲିପ୍ତ, ମିଶ୍ରିତ; ବିଷାକ୍ତ । ଯେପରି—ଦିଗ୍ଧ ଶର । ବି. ଅଗ୍ନି; ସ୍ନେହ; ଲେପନ; ପ୍ରବନ୍ଧ ।

**ଦିଚୌକ, ଦୁଇଚୌକ**, ବି. (ଦେଶଜ) ପଶାଖେଳର ଦାନବିଶେଷ । (ଦୁଇ କାଠିରେ ଚାରି ଚାରି ପଡ଼ିବା ।) ଯଥା—

ଯୁଧିଷ୍ଠିରଦେବ ବୋଇଲେ ମୋର ଦାନ ଦଶ,
ଦିଚୌକ ଦାନ ଘେନେ ଗାନ୍ଧାରୀର ଶିଷ । ସା.ଭା.ସ.

**ଦିଣ୍ଡିର**, ବି. ସଂ. ବାଦ୍ୟବିଶେଷ ।

**ଦିତ**, ବିଂ. (ଦୋ=ଛେଦନ କରିବା-ତ) ଛିନ୍ନ, ବିଦୀର୍ଣ୍ଣ । (ବିଶେଷ୍ୟରେ ଦିତି ହୁଏ ।)

**ଦିତ୍ସା**, ବି. ସ୍ତ୍ରୀ. [ଦା-ସନ୍-ଇଚ୍ଛାର୍ଥେ (ସନନ୍ତ) ଦ୍ୱିତ୍ୱ-ଆ, ଇ ଆଗମ] ଦାନ କରିବାକୁ ଇଚ୍ଛା । (ବିଶେଷଣରେ ଦିତ୍ସୁ ହୁଏ ।)

**ଦିଦୃକ୍ଷା**, ବି. ସ୍ତ୍ରୀ. [ଦୃଶ୍=ଦେଖିବା-ସନ୍ ଇଚ୍ଛାର୍ଥେ (ସନନ୍ତ) ଦ୍ୱିତ୍ୱ-ଆ] ଦେଖିବାର ଇଚ୍ଛା, ଦର୍ଶନାଭିଳାଷ । ଯଥା—

ତାହା ଦିଦୃକ୍ଷା ବୃଥା । ଜା. ପ. ନା.

(ବିଶେଷଣରେ ଦିଦୃକ୍ଷୁ, ଦିଦୃକ୍ଷମାଣ, ଦିଦୃକ୍ଷିତ ହୁଏ ।)

**ଦିଧକ୍ଷମାଣ**, ବି. [ଦହ୍-ସନ୍ (ସନନ୍ତ) ଦ୍ୱିତ୍ୱ, ଇ ଆଗମ, ହ=ଧ-ମାନ] ଯେ ଦାହ କରିବାକୁ ଇଚ୍ଛା କରୁଅଛି । (ବିଶେଷ୍ୟରେ ଦିଧକ୍ଷା । ବିଶେଷଣରେ ଦିଧକ୍ଷୁ, ଦିଧକ୍ଷିତ ମଧ୍ୟ ହୁଏ ।)

**ଦିଧିଷୁ**, ବି. ସଂ. ଦୁଇବାର ବିବାହିତ ପୁରୁଷ; ଦୁଇବାର ବିବାହିତା ସ୍ତ୍ରୀ । ଜ୍ୟେଷ୍ଠା ଭଗିନୀ ଅବିବାହିତା ଥାଉଁ ବିବାହିତା କନିଷ୍ଠା ଭଗିନୀ ।

**ଦିନ**, ବି. [ଦୋ=(ଅନ୍ଧକାର) ଛେଦନ କରିବା-ଇନ] ଦିବା, ଦିବସ; ଷଷ୍ଟି-ଦଣ୍ଡାତ୍ମକ ମାନୁଷ ଅହୋରାତ୍ର ।

**ଦିନକର, ଦିନକୃତ୍, ଦିନମଣି**, ବି. (ଦିନ-କୃ-ଅ, କ୍ୱିପ୍, ମଣି) ସୂର୍ଯ୍ୟ ।

**ଦିନକୁଦିନ, ଦିନକୁଦିନୁ**, କ୍ରି. ବିଂ. (ଦେଶଜ) କ୍ରମଶଃ, ଦିନକ ପରେ ଆଉ ଏକଦିନ । ଯଥା—

ବୁଦ୍ଧି ଯତନୁ ଦିନକୁଦିନୁ, ଗିରି ସମରେ ବଢିଲ ତନୁ,
ଗିରିସମରେ ଏ ଅନୁମାନୁ, ନୁହଇ ଆନ ଯେ ।
ବୈ. ବି.

**ଦିନକେ**, କ୍ରି. ବିଂ. (ଦେଶଜ) ଏକଦିନରେ ।

**ଦିନଯୌବନ**, ବି. (ଦିନ-ଯୌବନ) ମଧ୍ୟାହ୍ନ ।

**ଦିନସାରା**, ବି. (ବଙ୍ଗଭାଷାରୁ ଆନୀତ) ଦିନଯାକ ।

**ଦିନାକେତେ**, କ୍ରି. ବିଂ. (ଦେଶଜ) କେତେକ ଦିନ । ଯଥା—

ମୁଁ ଏଥେ ଥାଇ ଦିନାକେତେ,
ବନ୍ଧୁ ବାନ୍ଧବ ମୋର ଯେତେ । ଭା. ଦ. ସ୍କ.

**ଦିନାମାର**, ବି. (ଡେନ୍‌ମାର୍କର ଅପଭ୍ରଂଶ) ଡେନ୍‌ମାର୍କ ଅଧିବାସୀ ।

**ଦିନ୍**, ବି. (ଦିନ ଶବ୍ଦଜ) ଦିବସ, ଅହୋରାତ୍ର କାଳ । ଯଥା—

ସୁଯଜ୍ଞ ରାଜା ରାଣୀଏ କ୍ଷାତଗୋତ୍ର ଘେନ,
ରାଜାର ପ୍ରେତକାର୍ଯ୍ୟ ସାରିଲେ ବାରଦିନ । ନୃ.ପୁ.ସ.ଛ.

ଦିନୁଦିନ, } କ୍ରି. ବିଂ. ( ଦେଶଜ ) କ୍ରମଶଃ ।
ଦିନୁଦିନୁ, } ଯଥା—

ଚନ୍ଦ୍ର ଶୁକ୍ଳପକ୍ଷେ ବଢ଼େ ଯଥା ଦିନୁଦିନ । ର. ପ.
ଦିନୁ ଦିନୁ ଅଧିକ ଗୁଣବାନ,
ହେଲେ ଗୁଣଙ୍କ କାନ୍ତ ବଶମାନ । ପ୍ରେ. ସୁ. ନି.

ଦିନେକ, ଦିନେକେ, } କ୍ରି. ବିଂ. ( ଦେଶଜ )
ଦିନକେ, } କୌଣସି ଏକ-
ଦିବସରେ । ଯଥା—

ଦିନେକ ଦିନେଶ ଦଶଦଣ୍ଡ ବେଗ
ମଣ୍ଡପେ ବସିଛୁ କୁମର । ଲ. ବ.

ଦିପ, ବି. ( ଦୀପ ଶବ୍ଦର ଅପଭ୍ରଂଶ ) ଦୀପ, ଦୀପଆଲୁଅ ।

ଦିପାଳି, } ବି. (ଦୀପ ଶବ୍ଦଜ) ସାନ ମାଟିଦୀପ;
ଦୀପାଳି, } ଦୁଇପାଳି ବା ଦୁଇଥର ।

ଦିପାଳିଅମାସ୍ୟା, ବି.ସ୍ତ୍ରୀ. (ଦୀପାବଳୀ ଅମାବାସ୍ୟା ଶବ୍ଦଜ) କାର୍ତ୍ତିକ ଅମାବାସ୍ୟା ।

ଦିବାଲି, ବିଂ. (ଯାବନିକ) ଅସ୍ତବ୍ୟସ୍ତ । ଯଥା—

ଦିବାଲି ହେବାର ଦେହମଙ୍କା ସାର,
ଜାଣି ଯା ହେଲ ମାନସ ମୋର । କ. ଚ. ଚ.

ଦେଣଦୀର ।

ଦିବାଳି, } ବି. (ଦୀପାବଳୀ ଶବ୍ଦଜ) ଦୀପାବଳୀ
ଦେବାଳି, } ଅମାବାସ୍ୟା ।

ଦିମାକ୍, } ବି. (ଦେଶଜ) ମନର ଦୃଢ଼ତା, ମନ
ଦିମାକ, } ଅଣ୍ଟା କରିବା, ଅଭିମାନ କମ୍ଭା
ଦମାକ, } ଅହଂବୁଦ୍ଧି ।

ଦିମିଦିମି, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ( ଢିମିଢିମି ଶବ୍ଦ ଦେଖ । )

ଦିମୁଣ୍ଡିଆ, } ବିଂ. (ଦେଶଜ) ଯେ ଉଭୟ
ଦୋମୁଣ୍ଡିଆ, } ପକ୍ଷରେ ଥାଏ । ବି. ସର୍ପ-ବିଶେଷ ।

ଦିଲ୍, ଦିଲ, ବି. (ପାରସ୍ୟ ଶବ୍ଦ) ଅନ୍ତଃକରଣ ।

ଦିଲ୍ଲୀ, ବି. ସ୍ତ୍ରୀ. (ଦେହଳୀ ଶବ୍ଦଜ-- ଭାରତ-ବର୍ଷର ଦେହଳୀ ବା ଦ୍ୱାରସ୍ୱରୂପ ଥିଲା) ପୂର୍ବ ଯୁଧିଷ୍ଠିରଙ୍କ ରାଜଧାନୀ ଇନ୍ଦ୍ରପ୍ରସ୍ଥ ।

ଦିବ୍, } ବି. (ଦିବ୍ = କ୍ରୀଡ଼ା କରିବା-କ୍ୱିପ୍,
ଦିବ, } ଅ) ସ୍ୱର୍ଗ; ଆକାଶ ।

ଦିବସ, ବି. (ଦିବ୍ = କ୍ରୀଡ଼ା କରିବା, ଦୀପ୍ତି-ପାଇବା ଅସ) ଦିନ ।

ଦିବସ୍ପତି, ବି. (ଦିବସ୍ = ସ୍ୱର୍ଗ-ପତି) ଇନ୍ଦ୍ର ।

ଦିବା, ଅଂ. ଦିନରେ, ଦିବସରେ; ଦିନ ।

ଦିବାକୀର୍ତ୍ତି, ବି. ( ଦିବା-କୀର୍ତ୍ତି = ବ୍ୟାପାର, ଯଶ) ନାପିତ । (ଦିବା-ଅକୀର୍ତ୍ତି) ପେଚକ, ଚଣ୍ଡାଳ ।

ଦିବାଟନ, ବି. (ଦିବା-ଅଟ୍-ଅନ) କାକ ।

ଦିବାତନ, ବିଂ. (ଦିବା-ତନ୍) ଦିବସରେ ଥିବା, ଦିବସରେ ଘଟିବା, ଦିବସୀୟ । (ଶଶିନଇବ ଦିବାତନସ୍ୟ ଲେଖା—କୁ. ସଂ.)

ଦିବାନିଶ, କ୍ରି. ବିଂ. ( ଦିବା-ନିଶା ) ଅହର୍ନିଶ, ଅହୋରାତ୍ର ।

ଦିବାନ୍ଧ, } ବି. ସଂ. ପେଚକ, ପେଚୁ ।
ଦିବାଭୀତ, } (ଦିବାଭୀତ = ଚୋର ।)

ଦିବାଶୟ, ବିଂ. ( ଦିବା-ଶୀ = ଶୋଇବା-ଅ ) ଯେ ଦିବାଭାଗରେ ନିଦ୍ରା କରେ ।

ଦିବଷଦ,
ଦିବୌକସ୍, } ବି. (ଦିବ = ସ୍ୱର୍ଗରେ ସଦ୍ =
ଦିବୋକସ୍, } ଗମନ କରିବା-କ୍ୱିପ୍, ଦିବ-
ଦିବୋକସ, } ଓକସ୍ = ସ୍ଥାନ, ଗୃହ) ଦେବତା ।
ଦିବୌକ,

ଦିବ୍ୟ, ବିଂ. ( ଦିବ୍ = ସ୍ୱର୍ଗ-ଯ ) ସ୍ୱର୍ଗୀୟ; ଆକାଶୀୟ । ( ଦିବ୍ = ଦୀପ୍ତିପାଇବା-ଯ ) ମନୋହର; ଶ୍ରେଷ୍ଠ; ଶପଥ, ଘଣ; ଲବଙ୍ଗ; ହରିଚନ୍ଦନ; ଯବ; ଗୁଗ୍ଗୁଳ ।

ଦିବ୍ୟଗାୟନ, ବି. ସଂ. ଗନ୍ଧର୍ବ, ଦେବଯୋନି-ବିଶେଷ ।

ଦିବ୍ୟୋପପାଦୁକ, ବି. (ଦିବ୍ୟ = ସ୍ୱର୍ଗୀୟ-ଉପ-ପଦ୍ = ଗମନକରିବା-ଉକ) ଦେବତା ।

ଦିଶ, ଦିଶା, ବି. ( ଦେଶଜ ) ବୃତ୍ତ, ଗୀତର ରାଗଭେଦ । ଯଥା—

ନାରଦ ବୀଣା ବାଇ ଗାବନ୍ତି ଟେକ ଦିଶ । ନୃ.ପୂ.ଚ.ଛ.
ବକାନ୍ତି ସେ ଯନ୍ତ୍ର ଧରି ମଙ୍ଗଳ ଦିଶାରେ । ନୃ.ପୂ. ଭୂ.ଛ.

ଦିଶା, } ବି. ସ୍ତ୍ରୀ (ଦିଶ୍-ଆ, ଅସ୍) ପୂର୍ବାଦି
ଦିଶସ୍, } ଦିଗ । ଯଥା—ଦିଶାଗଜ; ଦିଶାପାଳ ।

ଦିଶା, ବି. ( ଦେଶଜ ) ଦେଉଳର ପାର୍ଶ୍ୱରେ ଥିବା ସାନ ଦେଉଳ ।

ଦିଶିବା, } କ୍ରି. ( ଦୃଶ୍ ଧାତୁଜ ଏବଂ ପ୍ରାକୃତ
ଦିସିବା, } ଦିସ୍ ଧାତୁଜ ) ଦୃଷ୍ଟିଗୋଚର ହେବା ।

ଦିଶିଆସିବା, କ୍ରି. ( ଦେଶଜ ) ଦୃଷ୍ଟିଗୋଚର ହେବା । ଯଥା—

ବିମ୍ବ ସରିତାର ଦିଶି ଆସିଲା । ବୈ. ବି.

ଦିଷ୍ଟ, ବି. (ଦିଶ୍-ଦାନ କରିବା, କହିବା-ତ) କାଳ, ସମୟ; ଭାଗ୍ୟ; ବୈବସ୍ୱତମନୁଙ୍କ ପୁତ୍ର । ବିଂ. ଆଦିଷ୍ଟ; ଉପଦିଷ୍ଟ; କଥିତ; ପ୍ରଦର୍ଶିତ; ଦତ୍ତ ।

ଦିଷ୍ଟାନ୍ତ, ବି. (ଦିଷ୍ଟ = ଭାଗ୍ୟ-ଅନ୍ତ = ଶେଷ) ମରଣ ।

ଦିଷ୍ଟି, ବି. ( ଦିଶ୍ = ପ୍ରଦର୍ଶନ କରିବା-ତି ) ଆନନ୍ଦ, ହର୍ଷ; ପରିମାଣବିଶେଷ; କଥନ; ଭାଗ୍ୟ; ଉପଦେଶ; ଉତ୍ସବ ।

ଦିଷ୍ଟ୍ୟା, ଅଂ. ସଂ. ଭାଗ୍ୟକ୍ରମେ; ଆହ୍ଲାଦରେ; ମଙ୍ଗଳରେ ।

ଦିସର, ଦିସୋର, } ବିଂ. (ଦେଶଜ) ଦୁଇ-
ଦିସୋର, } ସୋରଯୁକ୍ତ । ଯଥା—

ଦିସର ତିସର କରି ଗୁନ୍ଥିଲେ ଫୁଲମାଳ । କୃ.ସୁ.ଭ.ଭ.

ଦିହ, ବି. (ଦେହ ଶବ୍ଦଜ) ଦେହ । (ଦାଆପାଣି ଶବ୍ଦ ଦେଖ ।)

ଦିହଳ, ବି. ( ଦେଶଜ ) ଦୁଇ ଯୋଡ଼ା । ଯେପରି—ଦିହଳ ବଳଦ ।

ଦିହୁଡ଼ି, ଦିଉଡ଼ି, ବି. ( ଦେଶଜ ) ମସାଲ । ଯଥା—

ବହୁତ ଦିହୁଡ଼ି ଅନ୍ଧାର ଘଉଡ଼ି,
ଶୁଭେ ମଣିମା ମଣିମା ସ୍ୱନ ସେ । ବୈ. ବି.

(ଦେହଳୀ ଶବ୍ଦଜ) ସଦର ଦରୋଜା ।

ଦିହୁଡ଼ିଆ, ବି. ( ଦେଶଜ ) ଯେଉଁ ଲୋକ ମସାଲ ଦେଖାଏ; ଯେ ସଦର ଦରୋଜାରେ ଜଗି ରହେ ।

ଦୀକ୍ଷା, ବି. ସ୍ତ୍ରୀ. ( ଦୀକ୍ଷ୍ = ଉପଦେଶ କରିବା ଇତ୍ୟାଦି-ଅ-ଆ ) ମନ୍ତ୍ରଗ୍ରହଣ; ତନ୍ତ୍ର-ମତାନୁସାରେ ମନ୍ତ୍ରର ଉପଦେଶ; ଶିକ୍ଷା, ଉପଦେଶ; ଅର୍ଚ୍ଚନା; ଯଜ୍ଞାଦି କର୍ମରେ ସଂସ୍କାର; ବ୍ରତାଦି କର୍ମରେ ସ୍ଥିତି; ଅନୁଷ୍ଠାନ; ନିୟମ ବା ସଂକଳ୍ପପୂର୍ବକ ପ୍ରବୃତ୍ତ ହେବା; ପ୍ରବର୍ତ୍ତନା । ( ବିଶେଷଣରେ ଦୀକ୍ଷିତ ଓ ଦୀକ୍ଷଣୀୟ ଶବ୍ଦ ସାଧିତ ହୁଏ । )

ଦୀଖିତ, ବି. ( ଦୀକ୍ଷିତ ଶବ୍ଦଜ ) ଦୀକ୍ଷାବନ୍ତ; ପଣ୍ଡାମାନଙ୍କର ଉପାଧିବିଶେଷ ।

ଦୀଘିକା, } ବି. ସ୍ତ୍ରୀ. (ଦୀର୍ଘିକା ଶବ୍ଦର ଅପଭ୍ରଂଶ)
ଦୀଘି, } ବଡ଼ ପୋଖରୀ ।

ଦୀଧିତି, ବି. ସ୍ତ୍ରୀ. ( ଦୀଧି = ଦୀପ୍ତିପାଇବା-ତି ) କିରଣ, ଆଲୋକ ।

ଦୀପଦଣ୍ଡି, } ବି. (ଦେଶଜ ପ୍ରାୟ) ପୁଷ୍କରିଣୀ
ଦିପଦଣ୍ଡି, } ଆଦିର ମଧ୍ୟସ୍ଥ ଦେଉଳବିଶେଷ । ଯଥା—

ଦୀପଦଣ୍ଡି ଲଭି ମଣ୍ଡଳପନ୍ତି ଦିଏ ଭଉଁରୀ । ଲା. ବ.

ଦୀନ, ବିଂ. (ଦୀ = କ୍ଷୟ ପାଇବା-ତ) ଦରିଦ୍ର; କାତର; ଶୋଚ୍ୟ; ଦୁଃଖିତ; ମ୍ଳାନ; କ୍ଷୁବ୍ଧ; ସନ୍ତପ୍ତ; ଭୀତ । ବି. ତଗର ପୁଷ୍ପ ।

ଦୀନାର, ବି. (ଦୀନ-ଋ=ଗମନ କରିବା-ଅ ) ସ୍ୱର୍ଣ୍ଣମୁଦ୍ରା; ସ୍ୱର୍ଣ୍ଣାଳଙ୍କାର; ମୋହର ।

ଦୀପ, ବି. (ଦୀପ୍=ଦୀପ୍ତହେବା-ଅ) ପ୍ରଦୀପ, ଅଗ୍ନିଶିଖା । ବିଂ. ପ୍ରକାଶକ, ଯେ ଉଜ୍ଜ୍ୱଳ କରେ ।

ଦୀପନ, ବି. (ଦୀପ୍-ଅନ) ପ୍ରକାଶନ; ଉତ୍ତେଜନ; ମୟୂରଶିଖା; କାସମର୍ଦ୍ଦକ; ପଲାଣ୍ଡୁ; କୁଙ୍କୁମ । ବିଂ. ଉଦ୍ଦୀପକ, ଉତ୍ତେଜକ; ଜ୍ୱଳନକାରକ; ଶୋଭାଜନକ । (ବିଶେଷଣରେ—ଦୀପକ, ଦୀପନୀୟ, ଦୀପିତ, ଦୀପ୍ୟ ଓ ଦୀପ୍ତ ହୁଏ ।)

ଦୀପ୍ତି, ବି. ସ୍ତ୍ରୀ. ( ଦୀପ୍-ତି ) ତେଜ; ଶୋଭା, କାନ୍ତି; ଲାକ୍ଷା; କାଂସ୍ୟ ।

ଦୀପ୍ର, ବିଂ. (ଦୀପ୍-ର) ଦୀପ୍ତିଶାଳୀ; ତୀକ୍ଷ୍ଣ ।

ଦୀପ୍ୟମାନ, ବିଂ. (ଦା=ଦାନ କରିବା-ଆନ, ଯ ଆଗମ, ଦା = ଦୀ) ଯାହା ଦିଆ ଯାଉଅଛି ।

ଦୀର୍ଘ, ବିଂ. (ଦ୍ରାଘ୍=ଆହତ ହେବା-ଅ) ଲମ୍ବା । ଯଥା—ଦୀର୍ଘକେଶୀ । ଅଧିକ । ଯଥା—ଦୀର୍ଘନିଃଶ୍ୱାସ । ଗୁରୁ । ଯଥା—ଦୀର୍ଘସ୍ୱର । ବି. ଦ୍ୱିମାତ୍ର ସ୍ୱରବର୍ଣ୍ଣ । ଯଥା—ଆ, ଈ ଇତ୍ୟାଦି । ପରିଣାମ । ଯଥା—ସେ ଦୀର୍ଘଦର୍ଶୀ ଥିଲେ । ଉଷ୍ଟ୍ର ।

ଦୀର୍ଘଗ୍ରୀବ, ବି. (ଦୀର୍ଘ-ଗ୍ରୀବା) ବକ; ଉଷ୍ଟ୍ର ।

ଦୀର୍ଘଜୀବୀ, ଦୀର୍ଘାୟୁଃ, } ବିଂ. (ଦୀର୍ଘ-ଜୀବିନ୍, ଆୟୁସ୍) ଯେ ଅଧିକକାଳ ଜୀବିତ ରହେ । ବି. ମାର୍କଣ୍ଡେୟ ଋଷି ।

ଦୀର୍ଘଦର୍ଶୀ, ଦୀର୍ଘଦୃଷ୍ଟି, } ବିଂ. (ଦୀର୍ଘ ଦର୍ଶିନ୍, ଦୃଷ୍ଟି) ଦୂରଦର୍ଶୀ । ବି. ପଣ୍ଡିତ; ଗୃଧ୍ର; ଭଲ୍ଲୂକ, ଭାଲୁ ।

ଦୀର୍ଘସୂତ୍ର, ଦୀର୍ଘସୂତ୍ରୀ, } ବିଂ. (ଦୀର୍ଘ-ସୂତ୍ର, ଦୀର୍ଘସୂତ୍ର-ଇନ୍) ଚିରକ୍ରିୟ; ଯେ ଏକ ଦିବସସାଧ୍ୟ କାର୍ଯ୍ୟ ମାସକରେ ସମ୍ପନ୍ନ କରେ ବା କରି ନ ପାରେ ।

ଦୀର୍ଘିକା, ବି.ସ୍ତ୍ରୀ. (ଦୀର୍ଘ-କ-ସ୍ୱାର୍ଥେ-ସ୍ତ୍ରୀ-ଆ) ନିଶତ ଧନୁ ପରିମିତ ଜଳାଶୟ, ବୃହତ୍ ପୁଷ୍କରିଣୀ ।

ଦୀର୍ଣ୍ଣ, ବିଂ. (ଦୃ=ବିଦାରଣ କରିବା, ଭୟ ପାଇବା-ତ, ତ=ନ, ଋ=ଈର୍) ବିଦାରିତ; ଭଗ୍ନ; ଛିନ୍ନ । ବି. ବିଦାରଣ ।

ଦୁ, ବିଂ. (ପ୍ରାକୃତ) ଦୁଇ । ଯଥା—

ଶନି କାଳେ ଲଗିଲା ଜଗନ୍ମୁଲା ଆଲୁଅ,
ଦୁଗୁଣ ପ୍ରହାର କରେ ପବନର ପୁଅ । ସା.ଭା.ଆ.

ଦୁଆ, ବି. (ଦେଶଜ) ଦୁଆପିକା ନାମକ ଖେଳର ସଂଖ୍ୟାବିଶେଷ । (ଦୁଆ ବୋଇଲେ ୨, ୬, ୧୦, ୧୪) କଉଡ଼ି ଓ ପଶାଖେଳର ସାର ।

ଦୁଆଡ଼, ବି. (ଦେଶଜ) ଅସ୍ତ୍ରବିଶେଷ । ଯଥା—

ଅଙ୍କୁଶ ଫଳା ଦୁଆଡ଼ ତ୍ରିଶୂଳ ଶକତି,
ଏକକୁ ଆରକ କେ ବାରଣ ନ ଯାଆନ୍ତି । ନୃ.ପୁ.ଦ୍ୱି.ଭ.

ଦୁଆତ, ଦୁଆତଘଡ଼ି, } ବି. (ଦେଶଜ) କାଳି ରଖିବା ପାତ୍ର, ମସ୍ୟାଧାର ।

ଦୁଆପିକା, ବି. (ଦେଶଜ) ଏକପ୍ରକାର ଖେଳ, ହାତ ମୁଠାରେ ଆପୁଚ ଲୁଚାଇ ଏହି ଖେଳ ଖେଳନ୍ତି; ଏଥିରେ ପିକା, ଦୁଆ, ସାତା, ପୁଡ଼ା ବୋଲି ସଂଖ୍ୟା ନିର୍ଦ୍ଦିଷ୍ଟ ଥାଏ । ପିକା ବୋଇଲେ ୧, ୫, ୯, ୧୩; ଦୁଆ ବୋଇଲେ ୨, ୬, ୧୦, ୧୪; ସାତା ବୋଇଲେ ୩, ୭, ୧୧, ୧୫; ପୁଡ଼ା ବୋଇଲେ ୪, ୮, ୧୨, ୧୬ । ସାତାପୁଡ଼ା ଖେଳ ମଧ୍ୟ ଏହିପରି ।

ଦୁଆର, ବି. (ଦ୍ୱାର ଶବ୍ଦଜ ପ୍ରାକୃତ) ଗୃହର ପ୍ରବେଶ ମାର୍ଗ; ଦ୍ୱାର ନିକଟ ପିଣ୍ଡା; ଅଗଣା । ଯଥା—

ମାସକରେ ଥରେ ଓଲାଏ ଘର,
ବରଷକେ ଥରେ ଲିପେ ଦୁଆର । ହା. ଭ.

ଦୁଆରବନ୍ଧ, ବି.(ଦ୍ୱାରବନ୍ଧନ ଶବ୍ଦଜ) କବାଟର ଚଉକାଠ ।

ଦୁଆରକଳିବା, ଦୁଆରଦେବା, } ବି. (ଦେଶଜ) ଦ୍ୱାର ରୁଦ୍ଧ କରିବା ।

ଦୁଆରି, ଦୁଆରୀ, ବି. (ଦ୍ୱାରୀ ଶବ୍ଦଜ) ଦ୍ୱାର-ରକ୍ଷକ ।

ଦୁଇ, ବିଂ. (ପ୍ରାକୃତ ଦୁଇଅରୁ ଜାତ, ଦ୍ୱିତୟ=ଦୁଇଅ) ୨ ସଂଖ୍ୟା; ଦ୍ୱିତୟ । ଯଥା—

ଗୋବିନ୍ଦ କହିଲେ ଦୁଇ କେ ମଧ୍ୟରେ,
ଜାଣୁ ତ ପଢ଼ିଲେ ଏକ ମୂର୍ତ୍ତି । ବି. ଚ. ମ.

ଦୁଇଦଳିଆ, ଦୁଇଗୋଡ଼ିଆ, } ବିଂ. (ଦେଶଜ) ଯେ କ୍ଷଣେ ଏ ପକ୍ଷକୁ କ୍ଷଣେ ସେ ପକ୍ଷକୁ ଯାଏ ।

ଦୁଃଖ, ବି. (ଦୁଃଖ୍=କ୍ଲେଶ ଦେବା-ଅ, ଅଥବା ଦୁର୍=ଅଶୁଭ-ଖ୍ୟା=ବୋଲିବା କିମ୍ବା ଖନ୍=ଖୋଳିବା-ଅ) କ୍ଲେଶ; ଦୁର୍ଦ୍ଦଶା; ବିପଦ; ଅସୁଖ; ମନଃପୀଡ଼ା; ଅଧର୍ମଜନ୍ୟ ଆତ୍ମାର ଗ୍ଲାନି; ସଂସାର । ବିଂ. ଧର୍ମଜନକ ।

ଦୁଃଖାସିକା, ବି. ସ୍ତ୍ରୀ. (ଦୁଃଖ-ଆସ୍-ଅ-କ-ଆ) ଦୁଃଖାବସ୍ଥିତି ।

ଦୁଃଖିତ, ବିଂ. (ଦୁଃଖ୍-ତ) ଯାହାର ଦୁଃଖ ହୋଇଅଛି । ବି. (ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ) ଦୁଃଖ ।

ଦୁଃଶୀଳ, ବି.(ଦୁର୍-ଶୀଳ = ସ୍ୱଭାବ) ଦୁଃସ୍ୱଭାବ, ଦୁଃଶ୍ଚରିତ୍ର, ମନ୍ଦସ୍ୱଭାବବିଶିଷ୍ଟ ।

ଦୁଃଶ୍ରବ, ବିଂ. (ଦୁଶ୍ରୁ = ଶୁଣିବା-ଅ) ଅଶ୍ରାବ୍ୟ, ଯାହା ଶୁଣିଲେ ଦୁଃଖ ଉପସ୍ଥିତ ହୁଏ ।

ଦୁଃସାଧୀ, ବି. (ଦୁଃସାଧିନ୍-ଦୁଃ-ସାଧ୍-ନିଷ୍ପନ୍ନ କରିବା-ଇନ୍) ଦୌବାରିକ, ଦ୍ୱାରପାଳ ।

ଦୁଃସ୍ଥ, ଦୁସ୍ଥ, ବିଂ. (ଦୁର୍ = ଦୁଃଖ-ସ୍ଥା-ଅ) ଯେ କଷ୍ଟରେ ରହେ, ଯେ କ୍ଲେଶରେ କାଳଯାପନ କରେ, ଦରିଦ୍ର, ଦୁରବସ୍ଥାପନ୍ନ; ମୂର୍ଖ ।

ଦୁକ୍‌ଦୁକ୍, ଦୁକୁଦୁକୁ, ଦୁକୁଦୁକ, ବି. (ଦେଶଜ) ଭୟାଦିରୁ ହୃଦୟର ଅସ୍ଥିରତା । ଯଥା—ବୃଥା ଏଡ଼େ ଦୁକୁଦୁକୁ କାହିଁକି ? ବିଂ. ଭୟାଦି ହେତୁରୁ ଅସ୍ଥିର । ଯଥା—
ଏବେ ସ୍ୱଳ୍ପ ଲଗି ସେ ସ୍ୱଳ୍ପତରଙ୍ଗ
ଗ୍ରୁଢ କରେ ଦୁକୁଦୁକୁ । ଘ. କେ.

ଦୁକା, ବି. (ପ୍ରାକୃତ ଦୁକ୍‌କଇ ଶବ୍ଦଜ) ଗଞ୍ଜିପା ସାରର ଦୁଇଗୋଟି ଚିପ ଥିବା ସାର ।

ଦୁକୁଡା, ବି. (ଦେଶଜ) ଧୂଆଁପତ୍ର ।

ଦୁକୂଳ, ବି. (ଦୁ = ଉତ୍ତପ୍ତ କରିବା-ଉଳ, କୁ ଆଗମ, ଏ ବସ୍ତ୍ର ଉଷ୍ଣତାଜନକ) ରେସମୀ ଲୁଗା, ପଟ୍ଟବସ୍ତ୍ର । ( କ୍ଷୌମଂ ଦୁକୂଳଂ ସ୍ୟାଦ୍ୱେତୁ—ଅମର ।) ଶୁଭ୍ରବସ୍ତ୍ର; ସୂକ୍ଷ୍ମବସ୍ତ୍ର; ଉତ୍ତରୀୟ ବସ୍ତ୍ର ।

ଦୁକ୍‌ଖ, ବି. (ଦୁଃଖ ଶବ୍ଦଜ ପ୍ରାକୃତ) ଦୁଃଖ ।

ଦୁଗା, ଦୁଗୁ, ବି. ( ଦେଶଜ ) ସକଟା ଖେଳରେ ଦୁଇ ପଡିବା ଦାନ, କଉଡି ଖେଳରେ ଦୁଇସଂଖ୍ୟକ ଦାନ ।

ଦୁଗୁଣ, ବିଂ. ( ଦ୍ୱିଗୁଣ ଶବ୍ଦଜ ) ଦୁଇଗୁଣ । (ଦୁ ଶବ୍ଦ ଦେଖ ।)

ଦୁଗୁଧ, ବି. (ଦୁଗ୍ଧ ଶବ୍ଦର ଅପଭ୍ରଂଶ) କ୍ଷୀର ।

ଦୁଗ୍‌ଧ, ବି.(ଦୁହ୍-ଦୋହନ କରିବା-ତ) କ୍ଷୀର, ଦୁଧ; ଦୋହନ । ବିଂ. ଯାହାକୁ ଦୋହନ କରା ଯାଇଅଛି; ପୂରିତ । ( ସ୍ତ୍ରୀ-ଦୁଗ୍‌ଧା ) ଯାହାକୁ ଦୋହନ କରାଯାଏ । ଯଥା— ଦୁଗ୍‌ଧା ଗାଈ ।

ଦୁଗ୍‌ଧପୋଷ୍ୟ, ବି. (ଦୁଗ୍‌ଧ-ପୋଷ୍ୟ-ଯେମାନେ କେବଳ ଦୁଗ୍‌ଧପାନରେ ଜୀବନ ଧାରଣ କରନ୍ତି) ଶିଶୁ । ବିଂ. ଦୁଗ୍‌ଧପାନରେ ଜୀବିତ ।

ଦୁଗ୍ଧା, ଦୋଗ୍ଧା, ଦୋଗଧା, ବି. (ସନ୍ଦିଗ୍ଧ ଶବ୍ଦଜ) ସଂଶୟ, ସନ୍ଦେହ । ଯଥା—
କେବଳ ଦୋଗଧା ଏକା ନ କରିବୁ ମନେ,
ଏ କଥା ଧ୍ରୁବ ତୋତେ କହିଲୁଁ ପାଣ୍ଡୁନାନେ ।
ନୃ. ପୁ. ସ. ଚ.

ଦୁଜା, ବିଂ. ( ପ୍ରାକୃତ ଦୁଜ୍ଜେ ଶବ୍ଦରୁ ଜାତ ) ଦ୍ୱିତୀୟ । ଯଥା—
ବୈଷ୍ଣବ ଦେବଗୁରୁ ଦେବତା କରି ପୂଜା,
ଚଣ୍ଡାଳୁ ବ୍ରହ୍ମଯାଏ ଆମ୍ଭର ନାହିଁ ଦୁଜା । ନୃ.ପୁ.ପ.ଚ.

ଦୁଜେ, ଦ୍ୱିଜେ, କ୍ରି. ବିଂ. ( ପ୍ରାକୃତ ଦୁଜ୍ଜେ ଶବ୍ଦଜ ) ଦ୍ୱିତୀୟରେ । ଯଥା—
ଏକେ ସୁନ୍ଦର ଗିରି ଝରଣୀଜାଲ,
ଦୁଜେ ମହୀରେ ଏକେ ବରଷାକାଳ । ଲୁ. ସ୍ତ୍ର.
ଭୁଞ୍ଜାଇଲେ ତହିଁ ଉପରୁ ପାନ,
ଏକେ ଅଧର ଦ୍ୱିଜେ ପରସନ୍ନ । ଲ୍. ବ.

ଦୁଡ୍‌ଦୁଡ୍, ଦୁଡୁଦୁଡୁ, ବି. (ଦେଶଜ) ଭୟ ସମୟରେ ହୃତ୍‌କମ୍ପ, ଭୟରେ ହୃଦୟର ଅସ୍ଥିରତା । ଯଥା—ଅତି ଧୈର୍ଯ୍ୟଶାଳୀର ଗୁଣ୍ଡ ମଧ୍ୟ ସେ ଶବ୍ଦ ଶୁଣି ଦୁଡ଼ ଦୁଡ ହୁଏ ।

ଦୁଡୁକା, ବି. (ଗଡଜାତ ଶବ୍ଦ) ଫଳବିଶେଷ, ମଧୁରତୋରଡ଼ା ।

ଦୁଣ୍ଡୁକ, ବିଂ. ସଂ. କୁଟିଳାନ୍ତଃକରଣ, ଖଳ ।

ଦୁଣ୍ଡୁଭ, ବି. ( ଡୁଣ୍ଡୁଭ ଡୁଣ୍ଡୁଭଃ- ଡୁଡ୍ଡୁମଜ୍ଜନେ - ଡୁଡ୍ = ମଗ୍ନହେବା - ଉଭ) ପାଣିଧଣ୍ଡା ସାପ । (ସମୌ ରାଜିଲଡୁଣ୍ଡୁଭୌ —ଅମର ।)

ଦୁତି, ଦୁତି, ଦ୍ୱିତି, ବିଂ. (ଦ୍ୱିତୀୟ ଶବ୍ଦଜ) ଦ୍ୱିତୀୟ । ଯଥା—
କୁନ୍ତୀ ବୋଇଲେ ମୁଁ ଦୃଢଇଶ୍ୱରେ ସେବା କଲି,
ଏତେକାଳ ସେବା କରି ନିଷ୍ଫଳ ହୋଇଲି । ସା.ଭା.ଆ.
କନକାବତୀପୁର ଦ୍ୱିତି ଅମରସ୍ୱର୍ଗ,
ମଦନାବତୀକି ଧେନି କରେ ବଇଭୋଗ । ନୃ.ପୁ.ଦ୍ୱି.ଚ.

ଦୁଞ୍ଜଅ, } ବିଂ. (ଦ୍ୱିଜିହ୍ୱ ଶବ୍ଦଜ, ପ୍ରାକୃତ
ଦୁଞ୍ଜିହ୍ୱ, } ଦୁଞ୍ଜଅରୁ ଜାତ) ଦ୍ୱିଜିହ୍ୱ ।

ଦୁଞ୍ଜଅହେବା, କ୍ରି. (ଦେଶଜ) ବିବାହିତା ସ୍ତ୍ରୀକୁ ପୁନର୍ବାର ବିବାହ କରିବା ।

ଦୁଦୁମ୍ବୁଦୁଦୁମ୍ବୁ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ଦୁଦୁମ୍ବୁ ଦୁଦୁମ୍ବୁ ହୋଇ ବାଜଇ ଡ଼ମ୍ବରୁ । ନୃ.ସୃ.ଦ୍ୱି.ଉ.

ଦୁଦୁରି, ବି. (ଦର୍ଦୁରପର୍ଣ୍ଣୀ ଶବ୍ଦଜ) ଧୂତୁରା ଗଛ ଓ ତାହାର ଫଳ ।

ଦୁଧ, ବି. (ଦୁଗ୍ଧ ଶବ୍ଦଜ ପ୍ରାକୃତ) କ୍ଷୀର । (ଦେଶଜ) ସ୍ତନ, ପୟୋଧର ।

ଦୁଧଖଡ଼ି, ବି. (ଦୁଗ୍ଧ-ଖଟୀ-ଶବ୍ଦଜ) ଶୁକ୍ଳ ପାଷାଣଭେଦ ।

ଦୁଧଛେନା, ବି. (ଦେଶଜ) ଦୁଧରୁ ଯେଉଁ ଛେନା ପ୍ରସ୍ତୁତ ହୁଏ ।

ଦୁଧଦାନ୍ତ, ବି. (ଦୁଗ୍ଧ-ଦନ୍ତ ଶବ୍ଦଜ) ପିଲାମାନଙ୍କର ପ୍ରଥମତଃ ଉଠିଥିବା ଦାନ୍ତ ।

ଦୁଧବେଣ୍ଟ, ବି. (ଦୁଗ୍ଧ-ବୃନ୍ତ ଶବ୍ଦଜ) ଗାଈ-ଥନ୍ର ଶିର ।

ଦୁଧସର, ବି. (ଦୁଗ୍ଧସାର ଶବ୍ଦଜ) ଦୁଗ୍ଧ ସିଝାଇଲେ ତାହା ଉପରେ ଯାହା ଘନ ହୋଇ ରହେ ।

ଦୁଧିଆଳୀ, ବିଂ. ସ୍ତ୍ରୀ. (ଦୁଗ୍ଧଶାଳିନୀ ଶବ୍ଦଜ) ଦୁଗ୍ଧବତୀ । (ଦେଶଜ) ଦୁଗ୍ଧ ପରି ଶୁକ୍ଳ । ଯଥା—ଦୁଧିଆଳୀ ମାଟି ।

ଦୁଧିଆମେଣ୍ଟି, } ବି. (ଦେଶଜ) ଲତା-
ଦୁଧିଆମେଣ୍ଟିଆ, } ବିଶେଷ ।

ଦୁନିଆ, ବି. (ଯାବନିକ) ସଂସାର; ସଂସାରସ୍ଥ ଲୋକ । ଯଥା—

ମଧ୍ୟେ କେତେ ଦିନ ମାତର କୁଣିଆ,
ଏଥିପାଇଁ ପୁଣି ନ ଅଣ୍ଟେ ଦୁନିଆ । ଦ. ବା.

ଦୁନିଆଛଡ଼ା, ବିଂ. (ଦେଶଜ) ସଂସାରରୁ ବାହାର, ଅସାଧାରଣ ।

ଦୁନ୍ଦୁଭି, ବି. (ଦୁନ୍ଦୁ = ଅନୁକରଣ ଶବ୍ଦ-ଭ = ଉଚ୍ଚାରଣ କରିବା-ଇ) ଢକ୍କା, ନାଗରାବାଦ୍ୟ; ଦୈତ୍ୟବିଶେଷ; ରାକ୍ଷସବିଶେଷ; ବରୁଣ; ବିଷ; ବର୍ଷବିଶେଷ ।

ଦୁବ, ବି. (ଦୂର୍ବା ଶବ୍ଦଜ ପ୍ରାକୃତ) ଘାସବିଶେଷ ।

ଦୁବଗଣ୍ଠି, ବି. (ଦୂର୍ବାଗ୍ରନ୍ଥି ଶବ୍ଦଜ) ଦୁବଘାସର ଗଣ୍ଠି । (ଦେଶଜ) ବିବାହ ।

ଦୁବଦୁବାଣି, ବି. (ଦେଶଜ) ପିଲାମାନେ ଦୁବରେ ଡେଇଁ ଡେଇଁ ଖେଳିବା ଖେଳ ।

ଦୁବେଇ, ବି. (ଦ୍ୱିବେଦୀ ଶବ୍ଦଜ ପ୍ରାକୃତ) ନିମ୍ନଶ୍ରେଣୀସ୍ଥ ବୈଦିକ ବ୍ରାହ୍ମଣ ।

ଦୁମ୍‌ଦୁମ୍, }
ଦୁମୁଦୁମୁ, } ଅଂ. (ଦୁନ୍ଦମ ଶବ୍ଦଜ) ଶବ୍ଦାନୁ-
ଦୁମ୍‌ଦାମ୍, } କରଣବିଶେଷ । ଯଥା—

ଦେବାସୁର ଚମୂ ପରି ଭୂମ୍ବ ଚମୂ,
ଏଡ଼ି କରି ସ୍ୱର୍ଗକୁ ଧାଇଁଲେ ଦୁମୁଦୁମୁ । କୃ. ଷ୍ଣ. କ. ପ.

ଦୁମୁଆଣି, ବି. (ଦେଶଜ) ଦୁମୁଦୁମିଆ ବର୍ଷା, ଖୁବ୍ ଜଳବୃଷ୍ଟି । ଯଥା—

ଅଠ ଦୁମୁଆଣି ଫୋଲ ଅସରା,
ବଢ଼ଣି ଲଫି ଲଫି ଚଉଷଠି କୁଣ୍ଡାଝଡ଼ା,
ତେବେ ଚଷାର ପେଟ ହୁଏ ପୂରା । ଡ଼ା. ବ.

ଦୁମୁକାଣି, ବି. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଉପରକୁ ଲମ୍ଫମାରିବା ।

ଦୁମୁକିବା, କ୍ରି. (ଦେଶଜ—ଗଞ୍ଜାମୀ, ଏତାଦୃଶ ପଦ ତୈଲଙ୍ଗରେ ସୁଦ୍ଧା [ ଦୁମୁକୁଟ ] ବ୍ୟବହୃତ ଅଛି) ଉପରକୁ ଡେଇଁବା ।

ଦୁର୍, ଦୁସ୍, ଅଂ. (ଦୋ = ଛେଦନ କରିବା-ଉର୍, ଉସ୍) ଦୁଃଖ; ନିନ୍ଦିତ; ମନ୍ଦ; ଦୁଷ୍ଟ; ନିଷିଦ୍ଧ ।

ଦୁରଧ୍ୱ, ବି. (ଦୁର୍ = ମନ୍ଦ-ଅଧ୍ୱନ୍ = ମାର୍ଗ) କୁତ୍ସିତ ପଥ । ବିଂ. କୁମାର୍ଗଗାମୀ ।

ଦୁରନ୍ତ, ବିଂ. (ଦୁର୍ = ଦୁଃଖ-ଅନ୍ତ = ଶେଷ) ପରିଶେଷରେ କ୍ଳେଶକର; ଦୁର୍ଦ୍ଦାନ୍ତ; ଦୁର୍ଜ୍ଞେୟ; ଗମ୍ଭୀର; ଦୁଷ୍ଟ; ଅବାଧ୍ୟ; ଦୁରତିକ୍ରମଣୀୟ ।

ଦୁରନ୍ଧର, ବିଂ. (ଧୁରନ୍ଧର ଶବ୍ଦଜ) ଉଦ୍ଭଟ ।

ଦୁରବସ୍ଥ, ବିଂ. (ଦୁର୍-ଅବସ୍ଥା) ଦୁର୍ଦଶାପନ୍ନ ।
ଦୁରବାପ, } ବିଂ. (ଦୁର୍-ଅବ-ଆପ୍-ପାଇବା-
ଦୁରାପ, } ଅ, ଦୁର୍-ଆପ୍-ଅ) ଦୁଷ୍ପ୍ରାପ୍ୟ; ଦୁର୍ଲ୍ଲଭ । ଯଥା—

ହେଲେ ମାନୁଷ୍ୟରୂପୀ କରଗତ ପୁଣି ସେ ତା
ନ ହେଲେ ଦୁରାପ । ଜା. ପ. ନା.

ଦୁରାଗ୍ରହ, ବି. ( ଦୁର୍-ଆଗ୍ରହ = ଅତି ଯତ୍ନ ) ଦୁଶ୍ଚେଷ୍ଟା; ମନ୍ଦ ବିଷୟରେ ଅଭିନିବେଶ । ବିଂ. ଦୁଷ୍ଟ ଆଗ୍ରହଯୁକ୍ତ ।

ଦୁରାତ୍ମା, ବିଂ. ( ଦୁରାତ୍ମନ୍-ଦୁର୍ = ନିନ୍ଦିତ-ଆତ୍ମନ୍)ପାପାତ୍ମା; ନିର୍ଦ୍ଦୟ; ଦୁଷ୍ଟ; ଉତ୍ପୀଡ଼କ; ଦୁଷ୍ଟସ୍ୱଭାବ ।

ଦୁରାଧର୍ଷ, ବିଂ. (ଦୁର୍-ଆ-ଧୃଷ୍-ଇ = ପ୍ରଗଳଭ ହେବା-ଅ) ଦୁର୍ଦ୍ଧର୍ଷଣୀୟ । ବି. ଶ୍ୱେତସର୍ଷପ ।

ଦୁରାଧାର, ବିଂ.(ଦୁର୍-ଆ-ଧୃ-ଅ) ଯାହା ଧାରଣ କରିବା ଦୁଃସାଧ, ଦୁର୍ନିବାରଣୀୟ ।

ଦୁରାନମ, ବିଂ. ( ଦୁର୍-ଆ-ନମ୍-ଅ ) ଯାହା ଅନାୟାସେ ଲୁଆଁଇ ଦିଆଯାଇ ନ ପାରେ ।

ଦୁରାପ, ବିଂ. (ଦୁର୍ = ଦୁଃଖ-ଆପ୍ = ପାଇବା-ଅ) ଦୁଷ୍ପ୍ରାପ୍ୟ, ଦୁର୍ଲ୍ଲଭ ।

ଦୁରାସଦ, } ବିଂ. (ଦୁର୍-ଆ, ପକ୍ଷେ ଉପ-
ଦୁରୁପସଦ, } ସଦ୍ = ଗମନ କରିବା, ପାଇବା, ସହ୍ୟକରିବା-ଅ ) ଦୁଷ୍ପ୍ରାପ୍ୟ; ଦୁର୍ଦ୍ଧର୍ଷ; ଦୁଃସହ ।

ଦୁରିତ, ବି. ( ଦୁର୍ = ନିନ୍ଦା-ଇତ = ଗମନ ) ଦୁଷ୍କୃତ, ପାପ; ଅବସ୍ଥା । ବିଂ. ପାପିଷ୍ଠ ।

ଦୁରୀକ୍ଷଣା, ବି. ସ୍ତ୍ରୀ. (ଦୁର୍-ଈକ୍ଷଣା = ଦର୍ଶନ) ଅଭିସମ୍ପାତ, ଶାପ ।

ଦୁରୁକ୍ତ, ବି. (ଦୁର୍-ଉକ୍ତ = ବାକ୍ୟ) ଗାଳି, ଦୁର୍ବାକ୍ୟ ।

ଦୁରୂହ, ବିଂ. ( ଦୁର୍-ଊହ୍-ଅ ) ଦୁର୍ବୋଧ; କଠିନ; କଷ୍ଟସାଧ ।

ଦୁରୋଦର, ବି. (ଦୁର୍-ଆ-ଉଦର = ବିବାଦ) ଦ୍ୟୂତକାର, ଜୁଆରିଆ; ବାଜି, ପଣ; ପାଶକ; ଦ୍ୟୂତ, ଜୁଆଖେଳ ।

ଦୁର୍ଗ, ବି. (ଦୁର୍ = ଦୁଃଖ-ଗମ୍ = ଗମନକରିବା ଅ) ଗଡ଼; ମହାବିଘ୍ନ; ଦୁଃଖ; ମହାଭୟ; ଅତି ରୋଗ । ବିଂ. ଦୁର୍ଗମ ।

ଦୁର୍ଗତି, ବି. ( ଦୁର୍-ଗମ୍-ତି ) ଦୁରବସ୍ଥା, ଦାରିଦ୍ର୍ୟ; ନରକ । (ବିଶେଷଣରେ ଦୁର୍ଗତ ହୁଏ । )

ଦୁର୍ଘଟ, ବିଂ. ( ଦୁର୍-ଘଟ୍-ଅ ) ଯାହା ଅତି କଷ୍ଟରେ ଘଟେ, ଦୁଃସାଧ; କଠିନ ।

ଦୁର୍ଜାତ, ବି. (ଦୁର୍-ନିନ୍ଦିତ-ଜାତ = ଜନ୍ମ ବା ଯେ ଜନ୍ମି ଅଛି) ଦୁର୍ଭାଗ୍ୟ; ବ୍ୟସନ; ବିପଦ । ବିଂ. ଯାହାର ବୃଥା ଜନ୍ମ; ଅନୁଚିତ ।

ଦୁର୍ଦ୍ଦମ, } ବିଂ. (ଦୁର୍-ଦମ୍-ଅ, ଯ) ଦୁରନ୍ତ,
ଦୁର୍ଦ୍ଦମ୍ୟ, } ଅଶାନ୍ତ; ଦୁର୍ଦ୍ଦମନୀୟ ।

ଦୁର୍ଦ୍ଦାନ୍ତ,ବିଂ. (ଦୁର୍-ଦମ୍-ତ) ଅଶାନ୍ତ; ଯାହାକୁ ଦମନ କରିବା ଦୁଃସାଧ । ବି. କଳହ ।

ଦୁର୍ଦ୍ଦିନ, ବି. (ଦୁର୍ = ନିନ୍ଦିତ-ଦିନ) ମେଘାଚ୍ଛନ୍ନ ଦିବସ; ବର୍ଷଣ; ଦୁଃସମୟ ।

ଦୁର୍ଦ୍ଧର, ବିଂ. (ଦୁର୍-ଧୃ-ଅ) ଦୁର୍ଦ୍ଧାର୍ଯ୍ୟ; ଦୁଃସହ, ଦୁର୍ଗମ୍ୟ; ଦୁର୍ଦ୍ଧର୍ଷ । ଯଥା—

କୈଳାସଧର ମୋ ବାହାବଳରେ ଯେହୁ ଦୁର୍ଦ୍ଧର ।
ଜା. ପ. ନା.

ଦୁର୍ଦ୍ଧର୍ଷ, ବିଂ. (ଦୁର୍-ଧୃଷ୍-ଅ) ଅଧର୍ଷଣୀୟ; ଯାହାର ଅବମାନ ବା ଅନିଷ୍ଟ କରା ଯାଇ ନ ପାରେ; ଯାହାର ନିକଟକୁ ଯିବାକୁ ଭୟ ହୁଏ; ଅସହନୀୟ ।

ଦୁର୍ନାମ, ବି. (ଦୁର୍-ନିନ୍ଦିତ-ନାମନ୍)ଅର୍ଶରୋଗ; ଅଖ୍ୟାତି; କଳଙ୍କ, ନିନ୍ଦା ।

ଦୁର୍ଭିକ୍ଷ, ବି. (ଦୁର୍ = ନାହିଁ-ଭିକ୍ଷା) ଦେଶରେ ଖାଦ୍ୟଦ୍ରବ୍ୟର ଅଭାବ ।

ଦୁର୍ମନାୟମାନ, ବିଂ. (ଦୁର୍-ମନ-ଆୟ-ମାନ) ଉଦ୍‌ବିଗ୍ନଚିତ୍ତ; ଦୁର୍ଭାବନାଗ୍ରସ୍ତ ।

ଦୁର୍ମିଳ, ବିଂ. (ଦୁର୍ମୂଲ୍ୟଶବ୍ଦଜ) ଦୁର୍ଲ୍ଲଭ । ଯଥା—

କୁତ୍ସିତ ଦ୍ରବ୍ୟ ଗନ୍ଧ ବେଣାମୂଳ,
କର୍ମକୁ ସେହୁ ହୋଇଛୁ ଦୁର୍ମିଳ । ଲ. କ.

ଦୁର୍ଯୋଗ ବି. (ଦୁର୍-ଯୋଗ) ଦୁଃଖର ଯୋଗ; ଦୁର୍ଦ୍ଦିନ; ଦୁଃସମୟ ।

ଦୁର୍ଲ୍ଲଭ, ଦୁର୍ଲଭ୍ୟ, } ବିଂ.(ଦୁର୍-ଲଭ୍-ଅ,ଯ) ଦୁଷ୍ପ୍ରାପ୍ୟ; ବହୁମୂଲ୍ୟ; ଅସାଧାରଣ ।

ଦୁର୍ଲଳିତ, ବିଂ. (ଦୁର୍-ଲଳିତ) ଦୁଶ୍ରସ୍ତୁପ୍ରାପ୍ତ । ବି. ଦୁଶ୍ଚେଷ୍ଟିତ ।

ଦୁର୍ବାର, ଦୁର୍ବାରଣ, } ବିଂ. ( ଦୁର୍-ବୃ-ଇ-ଅ, ଅନ ) ଅନିବାର୍ଯ୍ୟ ।

ଦୁର୍ବାସା, ବି.(ଦୁର୍=କୁତ୍ସିତ-ବାସସ୍)ଅତ୍ରିପୁତ୍ର, ଋଷିବିଶେଷ । ବିଂ. କୁତ୍ସିତବସ୍ତ୍ରଧାରୀ ।

ଦୁର୍ବିଧ, ବିଂ. (ଦୁର୍=ମନ୍ଦ, କୁତ୍ସିତ-ବିଧ= ଆଚରଣ) ଦରିଦ୍ର; ଖଳ; ଦୁଷ୍ଟ; ମୂର୍ଖ ।

ଦୁର୍ବିପାକ, ବି. (ଦୁର୍-ବିପାକ=ପରିଣାମ) ମନ୍ଦ ପରିଣାମ; ଦୁର୍ଘଟଣା । ଯଥା—

ଆହା ଏ ଦୁର୍ବିପାକେ ପଡ଼ି ପୁଣି ଅଧୁନା ଦେଖିବାରେ ହତାଶ । ନା. ପ. ନା.

ଦୁର୍ବୃତ୍ତ, ବିଂ. (ଦୁର୍=ନିନ୍ଦିତ-ବୃତ୍ତ=ଚରିତ୍ର) ଦୁଶ୍ଚରିତ୍ର; ଧୂର୍ତ୍ତ; ଉଦ୍ଧତ; ଦୁରାତ୍ମା ।

ଦୁଲକିଚାଲିବା, ବି. (ଦେଶଜ) ଘୋଡ଼ାଚାଲିର ତୁଲ୍ୟ ଗମନ ।

ଦୁଲକିବା, ଦୁଲୁକିବା, କ୍ରି. (ଦେଶଜ) କମ୍ପିବା ।

ଦୁଲଣା, ଦୁଲଣୀ, ଦୁଲ୍ଲଣୀ, } ବି.ସ୍ତ୍ରୀ. (ଦେଶଜ) ଦୁହିତା, ଝିଅ । ଯଥା—

ତରଙ୍ଗ ଦୋଳାରେ ଦୋଳାୟିତ କରି ସିନ୍ଧୁ ଦୁଲଣା ।
ଉଷା ।

ବିକଳ ହୋଇଣ ବିଳାପ କରନ୍ତି ଉଚ୍ଚେ
ମୟ ଦୈତ୍ୟର ଦୁଲଣୀ । ବି. ରା.

ଦୁଲଣା, ବି. (ଦେଶଜ) ପୁତ୍ର । ଯଥା—

ଭାତ ତିଅଣ ଯେତେ ଥିଲିକ ରାନ୍ଧଣା,
ସବୁଥିରୁ ଅଧେ ଅଧେ ଭୁଞ୍ଜିଲା ଦୁଲଣା । ସା.ଭା.ଆ.

(ଦୁଲଣା = ଖ୍ରିମ) ବିଂ. ଗେହ୍ଲା ।

ଦୁଲଦୁଲ, ଦୁଲୁ ଦୁଲୁ, } ବିଂ. (ଦୁଲ୍ ଧାତୁଜ) କମ୍ପଯୁକ୍ତ । ଯଥା—

କମ୍ପଇ ଦୁଲଦୁଲ ହୋଇ,
ତା ଭଙ୍ଗୀ କହି ନ ସରଇ । ଦା. ର.

ଦୁଲଭ, ବିଂ. ( ଦୁର୍ଲ୍ଲଭ ଶବ୍ଦର ଅପଭ୍ରଂଶ ) ଦୁଷ୍ପ୍ରାପ୍ୟ ।

ଦୁଲଭା, ବି. (ଦୁର୍ଲ୍ଲଭା ଶବ୍ଦଜ) ଔଷଧି ଗୁଳ୍ମ-ବିଶେଷ ।

ଦୁଲା, ଦୁଲାମ, } ବି. (ଦେଶଜ—ଦୁଲାମ-ଗଞ୍ଜାମରେ ବ୍ୟବହୃତ) ଆଠୁ କରିବାପାଇଁ ଗୃହ ମଧ୍ୟରେ ପକାଇବା ବଡ଼ ବଡ଼ କାଷ୍ଠଖଣ୍ଡ ।

ଦୁଲାଈ, ବି. ସ୍ତ୍ରୀ. (ଦେଶଜ) ଦେବୀଙ୍କ ନାମ-ବିଶେଷ । ଯଥା—

ଦୁଲଈ ଦୁର୍ଗେଶ୍ୱରୀ ଗୋ ଦୁର୍ଗା ନାମ ବହୁ,
ଦୁର୍ଦ୍ଦର୍ଶିଣୀ ଦାହିନୀ ଦୁର୍ଗତି ଦୁଃଖ ଦହୁ । ନୃ.ପୁ.ପ.ତ.

ଶୀତବସ୍ତ୍ରବିଶେଷ ।

ଦୁଲାଳ, ବି. (ଦେଶଜ) ପ୍ରେମ, ଅନୁରାଗ; ପୁତ୍ର । ଯଥା—

ପୂର୍ବ ଦ୍ୱାରେ ଯାନ୍ତୁ ଆମ୍ଭ ସେନାପତି ନୀଳ,
ଦକ୍ଷିଣ ଦ୍ୱାର ଜଗିବେ ବାଳିର ଦୁଲାଳ । ବି.ରା.

ବିଂ. ପ୍ରିୟ, ମନୋଜ୍ଞ, ଗେହ୍ଲା ।

ଦୁଲାଳି, ଦୁଲାଳୀ, } ବି. ସ୍ତ୍ରୀ. (ଦେଶଜ) ସ୍ନେହବତୀ; ପ୍ରେମବତୀ । ଯଥା—

ଦୁଲାଳୀ ସେବକବତ୍ସଳୀ ପୁଣି କୃପାନିଧି ବରନରେଶ ।
ବ୍ର. ଚ. ମ.

ପୁତ୍ରୀ, ଝିଅ । ଯଥା—

ତାଙ୍କ ଦୁଲାଳୀ ସୁଲୋଚନା ବୋଲି
ଅଛି ଏକ ନାରୀବର । ସୁ. ପ.

ଦୁଲାଳିଆ, ବିଂ. (ଦେଶଜ) ଗେହ୍ଲା ।

ଦୁଳି, ଦୁଳୀ, ବି. ସ୍ତ୍ରୀ. [ଦୁଲ୍ (କର୍ଦ୍ଦମ ଇତ୍ୟାଦି) ଉତ୍କ୍ଷେପଣ କରିବା-ଇ, ଈ] କମଠୀ, କଚ୍ଛପୀ ।

ଦୁଲୁକିବା, କ୍ରି. (ଦେଶଜ) ଥରଥର ହେବା; ଉପରକୁ ଦେହ ନିକ୍ଷେପ କରିବା ।

ଦୁଲୁଦୁଲୁ, ଅଂ.(ଦେଶଜ) ବାଦ୍ୟାଦିର ଶବ୍ଦାନୁକରଣବିଶେଷ । ଯଥା—ଦମାଲୁ ଦୁଲୁଦୁଲୁ ବାଜେ ।

ଦୁଲ୍ଲଳା, ବି. (ଦେଶଜ) ଝିଅ । ଯଥା—

ବାଳାରୂପେ ଖେଳେ ଗଙ୍ଗା ନର୍ଘାତ ଦୁଲ୍ଲଳା । ସା.ଭା.ଆ.

ଦୁଃଶା, ଧୂଃଶା, ଦୁଶା, ଧୂସା, } ବି. (ଦୁଃଶାସନ ଶବ୍ଦର ଅପଭ୍ରଂଶ) ଦୁଃଶାସନ । ଯଥା—

ଦୁଃଶାରକ୍ତଲିପ୍ତହସ୍ତେ ବାନ୍ଧିବି ତା ବେଣୀ । କ. ବ.

ଦୁଷ୍ଟ୍ୟବନ, ବି. (ଦୁର୍ = ଦୁଃସହ-ଚ୍ୟବନ = ମୁନିବିଶେଷ ଯାହାର—ଇନ୍ଦ୍ର ଚ୍ୟବନ ମୁନି ପ୍ରତି ବଜ୍ର ଉତ୍ତୋଳନ କଲାରୁ ତଦୀୟ ଅଭିଶାପରେ ଇନ୍ଦ୍ରଙ୍କ ହସ୍ତ ସ୍ତମ୍ଭିତ ହୋଇଥିଲା) ଦେବରାଜ, ଇନ୍ଦ୍ର ।

ଦୁଷ୍କୃତ, ବି. (ଦୁର୍-କୃ-ତ) ପାପ; ଦୁଷ୍କର୍ମ; ଦୁର୍ଭାଗ୍ୟ । (ବିଶେଷଣ ଓ ବିଶେଷ୍ୟରେ ଦୁଷ୍କୃତ ହୁଏ ।)

ଦୁଷ୍ଟ, ବିଂ. ( ଦୁଷ୍ = ବିକୃତ ହେବା-ତ ) ଦୋଷଯୁକ୍ତ; ଅପବିତ୍ର; ଅଧାର୍ମିକ । (ସ୍ତ୍ରୀ-ଆ) ବ୍ୟଭିଚାରିଣୀ ।

ଦୁସମନ, ବିଂ. (ଯାବନିକ) ଦୋଷୀ; ଶତ୍ରୁ ।

ଦୁସ୍ତର, ବିଂ. (ଦୁର୍ = ଦୁଃଖ-ତୃ = ପାରହେବା-ଅ) ଅପାର; ଦୁରତିକ୍ରମ; ଦୁଷ୍ପରହର ।

ଦୁହା, ଡୁହା, ଦୋହା, } ବି. (ଦୋହା ଶବ୍ଦଜ) ପଦ୍ୟବିଶେଷ । ଯଥା—

ଡୁହାମାନ ପଢ଼ି ଯେତେ ଅବଧୂତ ହୋନ୍ତି,
ଆମ୍ଭାକୁ ନ ଚହ୍ନି ଗୁରୁ ଜ୍ଞାନ କହୁଥାନ୍ତି । ନୃ. ପୁ.ପ୍ର.ଭ.

ଦୁହାଁ, ବି. (ଦୁହ୍ ଧାତୁଜ) ଦୋହନ । ଯଥା— ଗାଈଦୁହାଁ ।

ଦୁହାଇ, ଦୋହା, ବି. (ଦେଶଜ) ରଣ, ଶପଥ ।

ଦୁହାଁଳ, ଦୁହାଳ, ଦୁହାଁଳିଆ, } ବିଂ. (ଦୋହଳ ଶବ୍ଦଜ) ଦୋହନଯୋଗ୍ୟ, ଦୁଧ ଦେଉଥିବା । ଯଥା—

ବଧାଇ କରି ଦେଲେ ତାହାଙ୍କୁ ଲକ୍ଷେ ଦୁହାଁଳ ଗାବି । ବି. ଗି.

ଦୁହିଁବା, ଦୋହିଁବା, } କ୍ରି. (ଦୁହ୍ ଧାତୁଜ) ଦୋହନ କରିବା । ଯଥା—

ଗାଈ ସେ ବେଳେ ହାଦେ ଦୁହିଁ,
ବାଛୁରି ତାର ସଙ୍ଗେ ଦେଇ । ବି. ପୁ.

ଦୁହିଙ୍କି, ଦୁହିଙ୍କୁ, ଦହିଙ୍କୁ, } ସର୍ବଂ. ( ଦେଶଜ ) ଉଭୟଙ୍କୁ ।

ଦୁହିତା, ଦୁହିତୃ, } ବି. ସ୍ତ୍ରୀ. [ଦୁହ୍ = (ମାତାକୁ) ଦୋହନ କରିବା-ତୃ—ଅନ୍ୟମାନେ କହନ୍ତି କି, ପୂର୍ବକାଳରେ କନ୍ୟାମାନେ ଗାଈ ଦୋହନ କରୁଥିଲେ ବୋଲି ଦୁହିତା ନାମ ପାଇଅଛନ୍ତି] କନ୍ୟା, ପୁତ୍ରୀ ।

ଦୁହିତ୍ରୀ, ବି. ସ୍ତ୍ରୀ. (ଦୁହିତୃ ଶବ୍ଦଜ) ଝିଅ । ଯଥା—

ନିଜ ବାହାନ ଦୁହିତାଙ୍କ,
ଦେଲ ସେ ମାନସୀ ମୂର୍ତ୍ତିଙ୍କ ।
ନାମ ତା ଦେଲ କାଦମ୍ବିନୀ,
କହେ ସାରସେ ଯାଅ ଘେନି । କୋ. ବ୍ର. ପୁ.

ଦୁହୁଡ଼ମୁଣ୍ଡା, ବି. ( ଦେଶଜ ) ଏକପ୍ରକାର ଲଙ୍ଗଳମୁଣ୍ଡା ।

ଦୁହୁଣୀ, ବି. ସ୍ତ୍ରୀ. (ଦେଶଜ) ଗାଈଦୁହାଁ କୁଣ୍ଡା । ଯଥା—

କରି ଜାନୁଯୁଗଲେ ସଂଯୋଗ ଦୁହୁଣୀ । ର. କ.

ଦୁହେଁ, ଦୋହେଁ, ଦହେଁ, } ସର୍ବଂ. (ପ୍ରାକୃତ ଦୋହିଁରୁ ଜାତ) ଉଭୟ ବା ଉଭୟେ । ଯଥା—

ସେ ଦୋହେଁ କେତେବେଳେ ସନ୍ଧିଲେ ବନ୍ଧିଲେ,
କୁରୁସେନାମାନେ ତା କଳି ନ ପାରିଲେ । କୃ.ଭା.ବ.ପ.

ତୁମ୍ଭେ ଦହେ ବସି ଖେଳିବ ଦୋଳି,
ଗୁହିଁ ପକାଇବି ମୁଁ ହୁଲହୁଲି । ଉ. ସା.

ଦୂତ, ବି. (ଦୁ = ଗମନ କରିବା-ତ, ଉ = ଊ) ବାର୍ତ୍ତାବହ; ଚର, ସନ୍ଦେଶଦାତା ।

ଦୂତି, ଦୂତିକା, ଦୂତୀ, } ବି. ସ୍ତ୍ରୀ. (ଦୁ = ଗମନ କରିବା-ତି, ଉ = ଊ, କ-ସ୍ୱାର୍ଥେ, ଦୂତ-ଈ) ବାର୍ତ୍ତାବାହକୀ, ସନ୍ଦେଶହାରିଣୀ; କୁଟ୍ଟିଣୀ ।

ଦୂନ, ବିଂ. (ଦୁ = ଖେଦ କରିବା-ତ) ପଥଶ୍ରାନ୍ତ; ପରିତାପିତ ।

ଦୂର, ବିଂ. (ଦୁର୍-ଇ = ଗମନ କରିବା-ର—ନିପାତନ) ଅସମୀପ; ଅତ୍ୟନ୍ତ; ଗାଢ଼; ଦୀର୍ଘ । ବି. ଅନ୍ତର, ବ୍ୟବଧାନ ।

ଦୂରତଃ, ଅଂ. (ଦୂର-ତସ୍) ଦୂରରୁ; ଦୂରରେ ।

ଦୂରତେ, କ୍ରି. ବି. (ଦୂରତଃ—ଏହି ପଦରୁ ଜାତ) ଦୂରରୁ, ଦୂରରେ । ଯଥା—

ଚନ୍ଦ୍ର କୁମୁଦେ ଦୂରତେ ମୁଦେ ପତର ମୁଦେ ମୋତେ ।
ଦେଇ ହଂସ କରିବା ରସ ନାହିଁ ବରଷ ଅନ୍ତେ ।
ପ୍ରେ. ସୁ. ନି.

ଦୂରୁ, ଦୁରୁ, ବିଂ. (ଦୂର ଶବ୍ଦଜ) ଦୂର । ଯଥା—

**ଏତେ ପାଞ୍ଚ ଆଗ ହୋଇ ଉଠିଲ ସଭାରୁ,**
**କାହାକୁ ନ କହି କଛି ଗଲ ଖଣ୍ଡେ ଦୂରୁ । ନୃ.ପୁ.ସ.ଭ.**

ଦୂରରୁ ।

ଦୂରଦର୍ଶନ, ଦୂରଦର୍ଶୀ, ଦୂରଦୃଷ୍ଟି, ବି. (ଦୂର-ଦର୍ଶନ, ଦୂର-ଦୃଶ୍-ଇନ୍, ଦୂର-ଦୃଷ୍ଟି) ପଣ୍ଡିତ; ଗୃଧ୍ର । ବିଂ. ଦୀର୍ଘଦର୍ଶୀ ।

ଦୂରୀକରଣ, ବି. (ଦୂର-କରଣ ମଧ୍ୟେ-ଚ୍ୱୀ-ଅଭୂତତଦ୍‌ଭାବେ) ଅବମାନନାପୂର୍ବକ ତଡ଼ିଦେବା; ବହିଷ୍କୃତ କରିବା । (ବିଶେଷଣରେ ଦୂରୀକୃତ ଏବଂ ଦୂରୀକ୍ରିୟମାଣ ହୁଏ ।)

ଦୂରୋହ, ବିଂ. (ଦୁର୍-ରୁହ = ଆରୋହଣ କରିବା-ଅ) ଦୁରାରୋହ ।

ଦୂର୍ବା, ବି. ସ୍ତ୍ରୀ. (ଦୁର୍ବ୍ = ଆଘାତ କରିବା-ଅ, ଯେ ପାପ ନଷ୍ଟ କରେ କିମ୍ବା ଯେ ପଶୁ-କର୍ତ୍ତୃକ ନଷ୍ଟ ହୁଏ) ସ୍ୱନାମପ୍ରସିଦ୍ଧ ତୃଣ ।

ଦୂଶ୍ୟ, ବି. ଙ୍ଗ. ବସ୍ତ୍ରନିର୍ମିତ ଗୃହ, ତମ୍ବୁ ।

ଦୂଷଣ, ବି. (ଦୂଷ୍ = ଦୋଷ ଦେବା, ବିକୃତ ହେବା-ଇ-ଅନ) ରାକ୍ଷସବିଶେଷ; ଦୋଷ; ଦୋଷ ଦେବା, ଦୋଷ ଦେଖାଇବା, ଦୋଷଯୁକ୍ତ କରିବା, ନିନ୍ଦିତ ବା ଅପବିତ୍ର କରିବା; ଧର୍ଷଣ । ବିଂ. ଦୂଷକ । (ବିଶେଷଣରେ ଦୂଷକ, ଦୂଷିତ, ଦୂଷଣୀୟ, ଦୂଷୟିତା, ଦୂଷୟିତୃ ଇତ୍ୟାଦି ପଦ ସାଧିତ ହୁଏ ।)

ଦୂଷିକା, ବି. ସ୍ତ୍ରୀ. [ଦୂଷ୍ = (ଚକ୍ଷୁ ଇତ୍ୟାଦି) ବିକୃତ ହେବା-ଇ-କ ସ୍ୱାର୍ଥେ-ଆ ] ନେତ୍ରମଳ; ତୂଳିକା; ଦୂଷଣକାରିଣୀ ।

ଦୂଷ୍ୟ, ବିଂ. (ଦୂଷ୍-ଯ) ଦୂଷଣୀୟ; ତ୍ୟାଜ୍ୟ । ବି. ପଟମଣ୍ଡପ । (ସ୍ତ୍ରୀ-ଆ) ହସ୍ତିକକ୍ଷ ରଜ୍ଜୁ ।

ଦୃକ୍, ବି. (ଦୃଶ୍-କ୍ୱିପ୍) ଚକ୍ଷୁ; ଦର୍ଶନ; ଜ୍ଞାନ । ବିଂ. ଦର୍ଶକ; ସାକ୍ଷୀ; ଜ୍ଞାତା । ଯଥା— ଆୟୁର୍ବେଦଦୃକ୍ ।

ଦୃଢ଼, ବିଂ. (ଦୃହ୍ = ବୃଦ୍ଧି ପାଇବା-ତ) କଠିନ, ସ୍ଥୂଳ; ସମର୍ଥ; ସ୍ଥିର; ଅତିଶୟ । ବି. ଲୌହ ।

ଦୃତ, ବି. (ଦୃ-ତ) ବିଦୀର୍ଣ୍ଣ ।

ଦୃପତି, ଦୃପତୀ, ବି. ସ୍ତ୍ରୀ. ( ଦ୍ରୌପଦୀ ଶବ୍ଦଜ ) ଦ୍ରୌପଦୀ, ପାଣ୍ଡବମହିଷୀ । ଯଥା—

**ପାଣ୍ଡବେ ଯେନ୍ନ ଦୃପତି ସୀତା ଯେନ୍ନ ରଘୁପତି,**
**ମାନ ନ ଥିଲେ ବିପତ୍ତି ହେଲ ପ୍ରାପତି । ପ୍ରେ. ସୁ. ନି.**

ଦୃପ୍ତ, ଦୃପ୍ର, ବିଂ. (ଦୃପ୍ = ଅହଂକୃତହେବା-ତ, ର) ଗର୍ବିତ, ଉଦ୍ଧତ; ଦୁଷ୍ଟ ।

ଦୃଭର, ବିଂ. (ଦୁର୍ଭର ଶବ୍ଦଜ ) ଦୁଃସହ । ଯଥା—

**ଦୃଭର ଦୁଷ୍ଟ ପ୍ରକୃତି ଅଟେ ଚୋର ଭୀମା,**
**ରାଜାଙ୍କର ଦୋଷଗଣ କରିବୁ ତୁ କ୍ଷମା । ସା. ଭା. ସ.**

ଦୃଶତ୍, ଦୃଷଦ୍, ଦୃଷଦ, ବି. (ଦୃ = ବିଦୀର୍ଣ୍ଣ ହେବା-ଶଦ୍, ଷଦ୍-କ୍ୱିପ୍ ) ପ୍ରସ୍ତର, ପଥର; ବିସ୍ତୃତ ଶିଳା ।

ଦୃଶ୍ୟ, ବିଂ. ( ଦୃଶ୍-ଯ ) ଦର୍ଶନୀୟ, ସୁନ୍ଦର; ପ୍ରକାଶ୍ୟ । ବି. ଦର୍ଶନୀୟ ବସ୍ତୁ ବା ବିଷୟ ।

ଦୃଷ୍ଟ, ବିଂ. (ଦୃଶ୍-ତ) ଶିକ୍ଷିତ, ଅବଲୋକିତ; ଜ୍ଞାତ; ଲୌକିକ । ବି. ଦର୍ଶନ; ଜ୍ଞାନ ।

ଦୃଷ୍ଟାନ୍ତ, ବି. (ଦୃଷ୍ଟ-ଅନ୍ତ = ଶେଷ, ବିଷୟ ପରିଚ୍ଛେଦ) ନିଦର୍ଶନ, ଉପମାନ; ଶାସ୍ତ୍ର; କାବ୍ୟର ଅଳଙ୍କାରବିଶେଷ; ମୃତ୍ୟୁ ।

ଦୃଷ୍ଟି, ବି. (ଦୃଶ୍-ତି, ଯାହାଦ୍ୱାରା ଦେଖାଯାଏ) ଚକ୍ଷୁ, ଦର୍ଶନ; ଜ୍ଞାନ ।

ଦେ, କ୍ରି. (ଦା ଧାତୁଜ) ଦିଅ ।

ଦେଆଳିଆ, ଦେଉଳିଆ, ଦେବାଳିଆ, ବିଂ. ( ଦେଶଜ ) ଋଣ-ଶୋଧନରେ ଅକ୍ଷମ; ଗତ-ସର୍ବସ୍ୱ, ନିଃସ୍ୱ ।

ଦେଇ, ଅଂ. ( ଦେଶଜ ) ତୃତୀୟା ବିଭକ୍ତି-ବୋଧକ । ଯଥା—

**ଅଷ୍ଟୌ ଅଙ୍ଗରେ ବୁଲଇ କାନନ ମଧ୍ୟ ଦେଇ । ଜା.ପ.ନା.**

ଦେଈ, ବି. ସ୍ତ୍ରୀ. ( ଦେବୀ ଶବ୍ଦଜ ପ୍ରାକୃତ ) ରାଜକନ୍ୟା । ଯଥା—

**ବୋଲେ ଖର, ଦେଈଙ୍କି କେ ଦେଲ ଏ ଦଶା । ବୈ.ବି.**

ସ୍ତ୍ରୀମାନଙ୍କର ସଂଜ୍ଞାବିଶେଷ ।

ଦେଉ, ବି. (ଦେବ ଶବ୍ଦଜ) ରାଜପୁତ୍ର ।

ଦେଉଳ, ବି. (ଦେବାଳ'ୟ' ଶବ୍ଦଜ ପ୍ରାକୃତ ଅଥବା ଦେବକୁଳ ଶବ୍ଦଜ ପ୍ରାକୃତ) ଦେବାଳୟ । ଯଥା—

ଭୂମିସାତ ଦେବ ଦେଖିଲେ ନିଜ ପ୍ରିୟ ଦେଉଳ ।
ଚ. ଭା.

ଦେବଳାମୀ, ବି. (ଦେଶଜ) ଋଣଶୋଧନରେ ଅସମର୍ଥତା ।

ଦେଉଳଆ, ବି. (ଦେଶଜ) ଯେଉଁମାନେ ଦେଉଳରେ ରହି ସେବାପୂଜାଆଦି କରନ୍ତି; ଋଣୀ ଅର୍ଥାତ୍ ଯେ ଋଣ ଶୋଧନ କରି ନ ପାରେ; ଏକଜାତୀୟ ନିମ୍ନଶ୍ରେଣୀର ବ୍ରାହ୍ମଣ । ଯଥା—

ଭଙ୍ଗମିଶ୍ର ପଣ୍ଡା ପାଢ଼ି ପଟ୍ଟୀ ଦେଉଳଆ । ଉ.ସା.୧୮.୯.

(ବାଲେଶ୍ୱର ପ୍ରାନ୍ତରେ) ସାନମାଠିଆ । ବିଂ. ଦେଉଳସମ୍ବନ୍ଧୀୟ; ଦେଉଳର ଆକୃତିବିଶିଷ୍ଟ ।

ଦେଏଣା, } କ୍ରି. (ଦେଶଜ) ଦେବା । ବିଂ.
ଦେଣା, } ଦେୟ । ଯଥା—

ଧ୍ରୁବ ଅଭିଷେକପାଇଁ ଦକ୍ଷିଣା ଗ୍ରହଣା । ଉ.ସା.୧୮.୯.

ଦେଓୟାନ, } ବି. (ପାରସ୍ୟ ଶବ୍ଦ) ରାଜ୍ୟ-
ଦେବାନ, } ସମ୍ବନ୍ଧୀୟ ପ୍ରଧାନ କର୍ମଚାରୀ ।

ଦେଓୟାଲ, ବି. (ପାରସ୍ୟ ଶବ୍ଦ) ପ୍ରାଚୀର, ଗଡ଼କାନ୍ଥ ।

ଦେଖ, କ୍ରି. (ପ୍ରାକୃତରୁ ଆଗତ) ଦୃଷ୍ଟିପାତ କର ।

ଦେଖଣା, ବି. (ଦେଶଜ) ଦେଖିବା ।

ଦେଖଣାହାରି, ବି. (ଦେଶଜ) ଦର୍ଶକ । ଯଥା—

ହେଲେ ନେଉଥାଇ ଦେଖଣାହାରିଙ୍କ ହୃଦୟ ହରି ।
ଉଷା ।

ଦେଖା, ବି. (ପ୍ରାକୃତ ଦେଖ ଧାତୁଜ) ଦର୍ଶନ । ଯଥା—

ସେହିରୂପେ ଦେବୀ ଦେଖାଦେଲେ ଆଜ । ନ.କେ.

ଭେଟି । ଯଥା—

ଧୀବର ନେଇ ମୀନ ଏକା,
ଜାଗ୍ରତବରେ ଦେଲା ଦେଖା । ଭା. ଏ. ସ୍କ.

ବିଂ. ଯେ ଦେଖିଥାଏ, ଦର୍ଶକ; ଯାହା ଦେଖିଥାନ୍ତି, ଦୃଷ୍ଟ । ଯଥା—

ଶଙ୍କରର ପଥରେ ପ୍ରଭୁ ମୋତେ ଏହା ଦେଖା ।
ନା. ର. ଗୀ.

ଦେଖାଇବା, କ୍ରି. (ପ୍ରାକୃତ ଦେଖ ଧାତୁରୂପ) ପ୍ରତ୍ୟକ୍ଷ କରାଇବା, ଅନୁଭୂତ କରାଇବା । ଯଥା—ଦୈବ ପାପ ପୁଣ୍ୟର ଫଳ ଦେହରେ ଦେଖାଇଦଏ ।

ଦେଖାଣ, ବି. (ପ୍ରାକୃତ ଦେଖ ଧାତୁଜ) ଦେଖିବା ।

ଦେଖାଳି, ବି. (ପ୍ରାକୃତ ଦେଖ ଧାତୁଜ) ଦେଖିବା ଲୋକ ।

ଦେଖାଶିଖା ବି. (ଦେଶଜ) ଅନୁକରଣ, ଅନ୍ୟର ଦେଖି ଶିଖିବା । ଯଥା—

ମୂର୍ଖାଦି ଲୋକେ କର୍ମ କରନ୍ତି ଦେଖାଶିଖା,
ଫଳକୁ ଆଶା କରି କରନ୍ତି କର୍ମ ଏକା । ନୃ.ପୁ.ସଂ.ଭ.

ବିଂ. ଅନୁକରଣପ୍ରିୟ । ଯଥା—ଦେଖାଶିଖା ଓଡ଼ିଶା ।

ଦେଖିବା, କ୍ରି. (ଦୃଶ୍‌ଧାତୁରେ ପ୍ରାକୃତ ଦେଖ ଆଦେଶ) ପ୍ରତ୍ୟକ୍ଷ କରିବା ।

ଦେଖୁଣି, ବି. (ପ୍ରାକୃତ ଦେଖ ଧାତୁଜ) ଦର୍ଶନ । ଯଥା—

ବିକେ ଜନକ ମନ୍ଦରେ ଦଶରଥ,
ବୋଲେ କେମାଙ୍କୁ ଆଣ ଦେଖୁଣି ଅର୍ଥ । ବି. ରା.

ଦେଖୁଣିଆ, ବିଂ. (ପ୍ରାକୃତ ଦେଖ ଧାତୁଜ) ଦେଖିବା ବ୍ୟକ୍ତି । ଯେଉଁ ବ୍ୟକ୍ତି ରାଜାଙ୍କ ନିକଟରେ ଖାଦ୍ୟାଦି ଦେଖି ପରୀକ୍ଷା କରେ ।

ଦେଢ଼ଶାଶୁ, } ବି. ସ୍ତ୍ରୀ. (ଜ୍ୟେଷ୍ଠଶ୍ୱଶ୍ରୂ ଶବ୍ଦଜ)
ଦେଢ଼ଶାଶୁ, } ପତ୍ନୀର ଜ୍ୟେଷ୍ଠା ଭଗିନୀ ।
ଜେଢ଼ଶାଶୁ, }

ଦେଢ଼ଶୁର, } ବି. (ଜ୍ୟେଷ୍ଠ-ଶ୍ୱଶୁର ଶବ୍ଦଜ)
ଦେଢ଼ଶୁର, } ପତିଙ୍କ ଜ୍ୟେଷ୍ଠଭ୍ରାତା ।
ଜେଢ଼ଶୁର, }

ଦେଢ଼ୁତା, } ବି. (ଜ୍ୟେଷ୍ଠତାତ ଶବ୍ଦଜ)
ଜେଢ଼ୁତା, } ପିତାଙ୍କ ବଡ଼ଭାଇ । ଯଥା—

ଦେଢ଼ୁତାଭାଇ ଦେଲେ ସମ୍ଭାଷିଯୋଗ ଖାଇ,
ଆମ୍ଭଙ୍କୁ ବସାଇଲେ ସଭାର ତଳେ ନେଇଁ । ନୃ.ପୁ.ସ.ଭ.

ଦେଢ଼, ବିଂ. (ଦେଶଜ) ଏକ ଆଉ ଅଧେ ।
ଦେଢଗୋଡ଼ିଆ, ବିଂ. (ଦେଶଜ) ଯାହାର ଗୋଟିଏ ଗୋଡ଼ ଛୋଟ, ଛୋଟା ।
ଦେଢ଼ା, ବି. (ଦେଶଜ) ଦେଢ଼ଗୁଣ ।
ଦେଢ଼ାଇ, ବି. (ଦେଶଜ) ଏକଅଧେ ।
ଦେଢ଼ି, ବି. (ଦେଶଜ) ଯେଉଁ ଋଣରେ ବର୍ଷକେ ମୂଳଧନର ଅର୍ଦ୍ଧେକ ସୁଧ ମିଳେ । ଯଥା—
**ବଣିକ ମିଠା ଜାଣି ହୋଇଲେ ଦ୍ରବ୍ୟ ଦେଢ଼ି,**
**ସାଦ୍ଧୁ ମିଠା ଜାଣି କଲ୍ଲର ଯେବେ ଗୁଡ଼ ।** ନୃ.ପୁ.ପ୍ର.ଭ.
ଦେଢ଼ଗୁଣ ।
ଦେଢ଼ିଅଡ଼ାଇ, ଦେଢ଼ିଆ, } ବିଂ. (ଦେଶଜ) ଅସମାନ ।
ଦେଣ, ବି. (ଦେଶଜ) ଋଣ ।
ଦେଣଦାର, ବିଂ. ଋଣଗ୍ରସ୍ତ ।
ଦେଣା, ବିଂ. (ଯାବନକ) ଯାହା ଦେବାକୁ ହେବ । ବି. ଦେବା; ଋଣ ।
ଦେଣାଦାର, ବିଂ. (ଯାବନକ) ଋଣୀ ।
ଦେଣି, ବି. (ଦେଶଜ) ଦେୟ ।
ଦେଦୀପ୍ୟମାନ, ବିଂ. (ଦୀପ୍ = ଦୀପ୍ତିପାଇବା-ଯଙ୍-ଅତିଶଯ୍ୟାର୍ଥେ, ଦ୍ୱିତ୍ୱ-ମାନ) ଜାଜ୍ୱଲ୍ୟମାନ; ଅତି ଦୀପ୍ତିବିଶିଷ୍ଟ ।
ଦେବା, କ୍ରି. (ଦା ଧାତୁମୂଳକ ପ୍ରାକୃତ ଦେ ଧାତୁଜ) ଦାନ କରିବା ।
ଦେବାଳିଆ, ଦେଉଳିଆ, } ବିଂ. (ଦେଶଜ) ଅତ୍ୟନ୍ତ ଋଣଗ୍ରସ୍ତ; ଋଣ ପରିଶୋଧ କରିବା ନିମନ୍ତେ ଅଶକ୍ତ; ନିଃସ୍ୱ ।
ଦେବାନୀଅଦାଲତ, ବି. (ହିନ୍ଦୀ) ଏଥିରେ ଭୂମିସଂକ୍ରାନ୍ତ ଓ ଅନ୍ୟାନ୍ୟ ରାଜକାର୍ଯ୍ୟ ଅଭିଯୋଗ ହୁଏ; ଏହାର ବର୍ତ୍ତମାନ ନାମ ଜଜକୋର୍ଟ ।
ଦେୟ, ବିଂ (ଦା = ଦାନ କରିବା-ଯ) ଦାନଯୋଗ୍ୟ; ଯାହା ଦେବା ଆବଶ୍ୟକ ।
ଦେବ, ବି. (ଦିବ୍ = କ୍ରୀଡ଼ା କରିବା-ଅ) ଈଶ୍ୱର, ଦେବତା, ସ୍ୱର୍ଗବାସୀ; ରାଜା; ବ୍ରାହ୍ମଣ; ବିଜିଗୀଷୁ, ଦେବର; ମେଘ; ସମ୍ମାନସୂଚକ ଉପାଧି; କ୍ରୀଡ଼ା; ଇନ୍ଦ୍ରିୟ; ଦୀପ୍ତି । ବିଂ. ପୂଜ୍ୟ, ଶ୍ରେଷ୍ଠ । ଯଥା—ନରଦେବ ।
ଦେବକୁଳ, ବିଂ. (ଦେବ = ଦେବତା-କୁଳ = ଆଳୟ) ଦେବାଳୟ, ପୂଜାସ୍ଥାନ, ଦେଉଳ; ବଂଶ; ସମୂହ ।
ଦେବଖାତ, ବି. (ଦେବ-ଖାତ = ଖନିତ—ଯାହା ମନୁଷ୍ୟଦ୍ୱାରା ଖନିତ ନୁହେ) ସ୍ୱାଭାବିକ ଖାତ, ଅକୃତ୍ରିମ ଜଳାଶୟ, ହ୍ରଦ ।
ଦେବଖାତବିଳ, ବି. (ଦେବଖାତ-ବିଳ = ଛିଦ୍ର) ପର୍ବତଗୁହା ।
ଦେବଜନ, ବି. (ଦେବ-ଜନ) ଦେବତା ତୁଲ୍ୟ ବ୍ୟକ୍ତି; ରାଜା; ଗନ୍ଧର୍ବ ।
ଦେବତା, ବି. (ଦେବ = କ୍ରୀଡ଼ା-ତନ୍ = ବିସ୍ତାର କରିବା-ଅ, ଆ) ଦେବ ।
ଦେବତ୍ର, ଦେବୋତ୍ତର, } ବିଂ. [ଦେବ-ତ୍ରୈ = ପାଳନ କରିବା-ଅ, ଦେବ-ଉତ୍ତର = ଯୋଗ—ଦେବତାଙ୍କ ସେବାର୍ଥ (ଭୂମି ପ୍ରଭୃତି)] ଦେବତା ଉଦ୍ଦେଶ୍ୟରେ ନିୟୋଜିତ, ଦେବସାତ୍କୃତ ।
ଦେବଧୂପ, ବି. ସଂ. ଗୁଗ୍‌ଗୁଳ ।
ଦେବନ, ବି. (ଦିବ୍ = କ୍ରୀଡ଼ା କରିବା ଇତ୍ୟାଦି-ଅନ) କ୍ରୀଡ଼ା; ଦ୍ୟୁତ; ଦୀପ୍ତି; ଦୁଃଖ; ବ୍ୟବହାର; ଜୟଇଚ୍ଛା; ଲୀଳାର ଉଦ୍ୟାନ; ପଶା; ପଦ୍ମ । (ସ୍ତ୍ରୀ-ଆ-ଦେବନା) କ୍ରୀଡ଼ା; ସେବା; ବିଳାପ । ଯଥା—ଅବ କା ପରିଦେବନା ।
ଦେବପଥ, ଦେବବର୍ତ୍ମ, } ବି. ସଂ. ଆକାଶ, ସ୍ୱର୍ଗପଥ, ଛାୟାପଥ ।
ଦେବଭୂୟ, ବି. (ଦେବ-ଭୂ = ହେବା-ଯ) ଦେବତ୍ୱ, ଦେବସାୟୁଜ୍ୟ ।
ଦେବଯଜନ, ବି. (ଦେବ-ଯଜନ) ଦେବଗଣଙ୍କର ଅର୍ଚ୍ଚନା, ଦେବଯାଗ; ଦେବତାମାନଙ୍କର ଯାଗର ସ୍ଥଳ । ଯଥା—
**ଦେବଯଜନସମ୍ଭବା ଅଲୌକିକ ଲାବଣ୍ୟମୟୀ ସୀତା ଜନକରାଜଙ୍କର ଧର୍ମତଃ ଦୁହିତା ଅଟନ୍ତି ।** ଜା.ପ.ନା.
ଦେବଯାନ, ବି. ସଂ. ବ୍ୟୋମଯାନ ।

ଦେବର, ବି. (ଦିବ୍ = କ୍ରୀଡ଼ା କରିବା ଇତ୍ୟାଦି-ଅର-ସଂଜ୍ଞାର୍ଥେ) ପତିର କନିଷ୍ଠ ଭ୍ରାତା, ପତିର ଭ୍ରାତା ମାତ୍ର ।

ଦେବରହସ୍ୟ, ବିଂ. ସଂ. ଅତି ଗୋପନୀୟ ।

ଦେବରାତ, ବି. (ଦେବ-ରା = ଦାନ କରିବା-ତ) ପରୀକ୍ଷିତ, ଅର୍ଜୁନଙ୍କ ପୌତ୍ର । ବିଂ. ଦେବଦତ୍ତ; ଦେବରକ୍ଷିତ ।

ଦେବଲ, ବି. (ଦେବ-ଲା = ଗ୍ରହଣ କରିବା-ଅ) ଦେବପୂଜକ ବ୍ରାହ୍ମଣ; ଋଷିବିଶେଷ ।

ଦେବବାଣୀ, ବି. ସଂ. ସଂସ୍କୃତଭାଷା; ଦେବ-ବଚନ, ଦେବାଦେଶ ।

ଦେବଶର୍ମା, ବି. ସଂ. ବ୍ରାହ୍ମଣଜାତିର ଉପାଧି-ବିଶେଷ । (ଦେବପୂର୍ବଂ ନରାଖ୍ୟଂ ହି ଶର୍ମବର୍ମାଦିସଂଯୁତଂ ।)

ଦେବସାତ୍କୃତ, ବିଂ. ସଂ. ଦେବତାଙ୍କ ଉଦ୍ଦେଶରେ ଦତ୍ତ ।

ଦେବା, ଦେବୃ, ବି. (ଦିବ୍-ଋ) ଦେବର, ଦିଅର; ରଣ୍ଡାପତି, ରାଣ୍ଡୀ ସ୍ତ୍ରୀର ପତି । (ସ୍ତ୍ରୀ) ପଥରୂରଣୀ ।

ଦେଶ, ବି. (ଦିଶ୍ = ବୋଲିବା-ଅ) ପୃଥିବୀର ଅଂଶବିଶେଷ, ରାଜ୍ୟ; ଅଂଶ, ଭାଗ । ଯେପରି—ପୃଷ୍ଠଦେଶ, ପାଦଦେଶ ।

ଦେଶକ, ବିଂ. (ଦିଶ୍ = ଅନୁମତି କରିବା-ଅକ) ଶାସନକର୍ତ୍ତା; ଉପଦେଶକ ।

ଦେଶରୂପ, ବି. ସଂ. ନ୍ୟାଯ୍ୟ, ଔଚିତ୍ୟ; ପ୍ରଶଂସିତ ଦେଶ ।

ଦେଶା, ଦେଶୀ, ବିଂ. ( ଦେଶୀୟ ଶବ୍ଦଜ ) ଦେଶସମ୍ବନ୍ଧୀୟ । ଯଥା—

ରାଜାମାନଙ୍କର ଥିବ ଯେତେକ ସଇନ,
ସମ୍ମୁରେ ଆସିବେ ଦେଶା ଦରଶନ ଯେନ । ସା.ଭା.ସ.

ଦେଶାଉର, ବି. (ଦେଶଜ) ଘୁର ବା ଡ଼ଗର । ଯଥା—

ଦେଶାଉରେ ବାର୍ତ୍ତା କଲେ ହସ୍ତିନା ନଗରେ,
ପାଣ୍ଡୁର ପୁତ୍ରେ ଜାତ ଶତଶୃଙ୍ଗ ଗିରିରେ । ସା.ଭା.ଆ.

ଦେଶିକ, ବି. (ଦେଶ-ଇକ) ପଥିକ, ପାନ୍ଥ । (ଦିଶ୍-ଇକ) ଗୁରୁ ।

ଦେହ, ବି. (ଦିହ୍ = ଲେହନ କରିବା, ଏକତ୍ର କରିବା-ଅ) ଶରୀର; ଲେପନ ।

ଦେହକେ, କ୍ରି. ବିଂ. (ଦେଶଜ) ଦେହ ଧାରଣ କରିଥିବା ପର୍ଯ୍ୟନ୍ତ, ଜୀବନବ୍ୟାପୀ ସମୟ । ଯଥା—

ମୋ ଦେହକେ ଏରୂପ ଯୁଦ୍ଧ କରିବାର,
ଦେଖି ନାହିଁ ଆହେ ଅର୍ଜୁନ ବୀରବର । କୃ.ଭା.ବି.ପ.

ଦେହଦେଖା, ଦେହରେଖା, ବିଂ. (ଦେଶଜ • କମ୍ବା ଦେହ-ଦର୍ଶନ ଓ ଦେହରକ୍ଷା-ଏଥିରୁ ଉତ୍ପନ୍ନ) କେବଳ ଦେହ ବଢ଼ାଇ ଯେ ଅଳସୁଆ ହୁଏ ।

ଦେହପାଣି, ବି. (ଦେଶଜ) ସ୍ନାନ । ଯଥା—

ଛନ ଛନ ହେଲଣି ନୋହୁଛ ଦେହପାଣି,
ଦେହକୁ କ୍ଳେଶ ହେବ ଉଠ ମୋ ବାକ୍ୟ ଶୁଣି ।
ନୃ. ପୁ. ଚ. ଉ.

ଦେହଲଗା, ବି. (ଦେହ-ଲଗ୍ନ-ଶବ୍ଦଜ) ଯେ ସର୍ବଦା ସେବା କରି ନିକଟରେ ଥାଏ । ଯଥା—

ହେଲ ଦେହଲଗା ଭୃତ୍ୟର ବାହନ । ଦ. ବା.

ଦେହଳି, ଦେହଳୀ, ବି. ସ୍ତ୍ରୀ. ( ଦେହ = ପ୍ରବେଶ ଦେଶ-ଲା = ଗ୍ରହଣ କରିବା-ଅ-ଇ-ସ୍ତ୍ରୀ-ଈ, ଯେ ପ୍ରବେଶଦେଶ ଗ୍ରହଣ କରେ, ଅଥବା ଦେହ = ଲେପ-ଲା-ଅ-ଇ-ଈ, ଯେ ଗୋମୟାଦି ଲେପନ ଗ୍ରହଣ କରେ) ଦ୍ୱାରାଗ୍ର ସ୍ଥାନ, ଗୃହ ସମ୍ମୁଖସ୍ଥ ପ୍ରଦେଶ, ଗୃହର ସମ୍ମୁଖବର୍ତ୍ତୀ ପିଣ୍ଡା; ଦ୍ୱାରବନ୍ଧର ଉପରସ୍ଥ କମ୍ବା ନିମ୍ନସ୍ଥ କାଷ୍ଠଫଳକ ।

ଦେହୁଡ଼ି, ଦେହୁଡ଼ୀ, ବି. ସ୍ତ୍ରୀ. (ଦେହଳି ଶବ୍ଦଜ) ଦରଜା, ଦ୍ୱାରଦେଶ; ସିଂହଦ୍ୱାର ।

ଦେହୁରି, ଦେଉରି, ବି. (ଦେଶଜ) ଦେବୀଙ୍କ ପୂଜାହାରି, ଦେବୀପୂଜକ । ଯଥା—

ଦେହୁରିଏ ହର୍ଷେ ପକାଇବେ ହୁରି
ଚର୍ଚ୍ଚିକାଶୈଳ ସୋପାନେ । ପାର୍ବତୀ ।

ସୁହାରମାନଙ୍କ ସଂଜ୍ଞାଭେଦ ।

ଦୈ, ବି. (ଦଧି ଶବ୍ଦଜ) ଦହି ।

ଦୈତେୟ, } ବି. (ଦିତି-ଏୟ, ଯ—ଅପ-
ଦୈତ୍ୟ, } ତ୍ୟାର୍ଥେ) ଦିତିପୁତ୍ର, ଅସୁର ।
ଯଥା—
ଆର୍ଯ୍ୟା ସୀତା କଷ୍ଟ କଲେଁଥିବେ
କ୍ରୂରଦୈତେୟଘାତା । କା.ପ.ନା.

ଦୈତ୍ୟଗୁରୁ, ବି. ସଂ. ଶୁକ୍ରାଚାର୍ଯ୍ୟ ।

ଦୈତାରି, ବି. (ଦୈତ୍ୟ-ଅରି = ଶତ୍ରୁ) ଶ୍ରୀକୃଷ୍ଣ ।

ଦୈନ, ବିଂ. (ଦିନ, ଦୀନ-ଅ) ଦିବସୀୟ, ଦୈନିକ । ବି. ଦୀନତା, ଦାରିଦ୍ର୍ୟ ।

ଦୈନଂଦିନ, ବିଂ. (ଦିନ-ଦିନ-ଅ) ପ୍ରତିଦିବସୀୟ, ପ୍ରାତ୍ୟହିକ, ପ୍ରତିଦିନ ଯାହା ଯାହା ହୁଏ ।

ଦୈନିକ, ବିଂ. (ଦିନ-ଇକ—ଭବାର୍ଥେ) ପ୍ରାତ୍ୟହିକ, ପ୍ରତିଦିନ ଯାହା ହୁଏ, ଦିବାଭାଗରେ ଯାହା ଘଟେ, ଏକ ଦିବସରେ ଯାହା ନିଷ୍ପନ୍ନ ହୋଇପାରେ; ଦିନସମ୍ବନ୍ଧୀୟ । ବି. ଏକଦିନର ବେତନ ।

ଦୈନ୍ୟ, ବି. (ଦୀନ-ଯ) ଦାରିଦ୍ର୍ୟ; କାର୍ପଣ୍ୟ; କାତରତା; ସନ୍ତାପ ।

ଦୈବ, ବି. (ଦେବ-ଅ-ଇଦମର୍ଥେ) ଭାଗ୍ୟ; ଅଙ୍ଗୁଳିର ଅଗ୍ରଭାଗରୂପ ଦେବତୀର୍ଥ; ବିବାହବିଶେଷ । ବିଂ. ଭାଗ୍ୟଜାତ; ଦେବସମ୍ବନ୍ଧୀୟ ।

ଦୈବଜ୍ଞ, ବି. (ଦୈବ = ପୂର୍ବକୃତ ଶୁଭାଶୁଭକର୍ମ-ଜ୍ଞା-ଅ) ଗଣକ; ଜ୍ୟୋତିଃଶାସ୍ତ୍ରବେତ୍ତା ।

ଦୈବତ, ବି. ସଂ. ଦେବତାସମୂହ । ବିଂ. ଦେବତାସମ୍ବନ୍ଧୀୟ ।

ଦୈବାତ୍, ଅଂ ସଂ. ଅତର୍କିତରୂପେ; ଅକସ୍ମାତ୍, ହଠାତ୍; ଦୈବବଶତଃ, ମନୁଷ୍ୟ ଇଚ୍ଛାରେ ନୁହେ ।

ଦୋଃ, } ବି. (ଦମ୍ = ଶାସନ କରିବା-ଓସ୍)
ଦୋସ୍, } ବାହୁ; ଦ୍ବିଭୁଜ ବା ଚତୁର୍ଭୁଜ
ଦୋଷ୍, } କ୍ଷେତ୍ରର ଭୁଜ ।

ଦୋ, ବିଂ. (ଦ୍ବି ଶବ୍ଦଜ ପ୍ରାକୃତ) ଦୁଇ ।

ଦୋଅଂଶାଜମି, ବି. (ଦେଶଜ) ବାଲିମିଶା ପଟୁ ଜମି ।

ଦୋକନା, ବି. (ଦେଶଜ) ଏକପ୍ରକାର ଶର ।
ଯଥା—
ବାଜଣ ଗଦାବର ହୋଇଲା ଶତେ ଚୂନା,
ଦେଖି ମୁର ଦୈତ୍ୟ ଶର ଧଇଲା ଦୋକନା ।
ନୃ. ପୁ. ଦ୍ବି. ଭ.
ବିଂ. ଦୁଇଶାଖାବିଶିଷ୍ଟ ।

ଦୋକାନ, ବି. (ଯାବନିକ) ପଣ୍ୟଶାଳା; ପସରା । ଯଥା—
ଗୁଡ଼ିଆ ଦୋକାନ ଘର ପାଖରେ,
ମିଠାଇ ଉଖୁଡ଼ା ମିଳେ ସେଠାରେ । ହା. ଭ.

ଦୋକାନଦାର, ବିଂ. (ଯାବନିକ) ଯେ ଦୋକାନ କରେ ।

ଦୋକାନୀ, ବିଂ. (ଯାବନିକ) ଯେ ଦୋକାନ କରେ ।

ଦୋକେନା, } ବିଂ. (ଦେଶଜ) ଦୁଇଆଡ଼େ
ଦୋକନା, } ଶାଖା ବାହାରି ଥିବା,
ଦୁଇଶାଖାବିଶିଷ୍ଟ ।

ଦୋଗ୍ଧା, ବି. (ଦୋଗ୍ଧୃ-ଦୁହ୍=ଦୋହନକରିବା-ତୃ) ବତ୍ସ; ଗୋପାଳ; କବି । ବିଂ. ଦୋହନକର୍ତ୍ତା । (ସ୍ତ୍ରୀ-ଦୋଗ୍ଧ୍ରୀ) ଦୋହନଶୀଳା, ଦୁଗ୍ଧବତୀ ।

ଦୋଘାଇ, ବିଂ. (ଦେଶଜ) ଯେଉଁ ପୁରୁଷ ଦୁଇଥର ବିବାହ ହୁଏ । ବି. ବିଷମ ଘଟନା ।

ଦୋଚୃଷ୍ଟା, } ବି. ସ୍ତ୍ରୀ. (ଦ୍ବିଚୃରଣୀ ଶବ୍ଦଜ)
ଦୋଚୃରଣୀ, } କୁଳଟା ଅର୍ଥାତ୍ ଅସତୀ ।
ଦୋଚୃରୁଣୀ, } ଯଥା—
ଅଧିକ କି କହିବି ତୋତେ,
ଦୋଚୃଷ୍ଟା କରିବୁ କି ମୋତେ । ଦା. ର.
ସେ ଗୁରୁ ବାକ୍ୟ ପରିମାଣି,
ଏ ଘରେ ମୁହିଁ ଦୋଚୃରୁଣୀ । ଭା. ଏ. ସ୍କ.

ଦୋଚୃଷ୍ଟ, } ବିଂ. (ଦ୍ବିଚୃଷ୍ଟ ଶବ୍ଦଜ) ଜାର-
ଦୋଚୃର, } ପୁରୁଷ ।

ଦୋତାଲା, ବିଂ. (ଦ୍ବିତଳ ଶବ୍ଦଜ) ଦ୍ବିତଳବିଶିଷ୍ଟ । ବି. ଦ୍ବିତଳବିଶିଷ୍ଟ ଗୃହ ।

ଦୋଦୁଲ୍ୟମାନ, ବିଂ. (ଦୁଲ୍-ଯ-ଦ୍ବିତ୍ୱ-ମାନ) ଯାହା ପୁନଃପୁନଃ ବା ଅତ୍ୟନ୍ତ ଦୋଳାୟମାନ ହେଉଅଛି ।

ଦୋଦୋପଞ୍ଜା, } ବିଂ. (ଦେଶଜ) ଅସ୍ତବ୍ୟସ୍ତ,
ଦୋଦୋପାଞ୍ଜ, } ଅସ୍ଥିର । ଯଥା—

**ଏ ସକାଶୁ ଯେତେ ଫୌଜେ ଥିଲେ ମେଞ୍ଜା,**
**ଦେଖିଣ ଯୋଦ୍ଧାମାନେ ହେଲେ ଦୋଦୋପଞ୍ଜା ।**
**କୃ. ଷ. ବ. ପ.**

ଦୋଧୂୟମାନ, ବିଂ. [ଧୂ=କମ୍ପିବା-ଯ (ଯଙ୍‌ଲୁଗନ୍ତ) ଦ୍ୱିତ୍ୱ-ମାନ, ଯ=ଆଗମ] ଅତିଶୟ କମ୍ପନଶୀଳ, ଅତିଶୟ କମ୍ପିତ ।

ଦୋପଖା, ବି. (ଦ୍ୱିପକ୍ଷ ଶବ୍ଦଜ) ଚୁଲ୍ଲୀବିଶେଷ । ଯଥା—
**ଦୋପଖା ଚୁଲ୍ଲୀପ୍ରାୟେ ଦିଶଇ ନାସାପୁଡ଼ା,**
**ଅଧର ବର୍ଣ୍ଣ ଦିଶେ ଯେସନେ ଦଉପୋଡ଼ା । ନୃ.ପୁ.ଚ.ଚ.**
ବିଂ. ଦୁଇପାର୍ଶ୍ୱଯୁକ୍ତ ।

ଦୋପଟା, } ବି. (ଦ୍ୱି=ଦ୍ୱିଗୁଣ-ପଟ ଶବ୍ଦଜ)
ଦୋପଟୀ, } ଚଦର ।

ଦୋପାଟିଆ, ବି. (ଦେଶଜ) ବାଦ୍ୟବିଶେଷ । (କମଭେଗ ଓ କଂସାଳ ଶବ୍ଦ ଦେଖ ।)

ଦୋପୁର, } ବିଂ. (ଦେଶଜ) ଯେଉଁମାନଙ୍କ
ଦପୁର, } ଦେହର ହାଡ଼ ମୋଟ ଏବଂ ମାଂସ
ଦପୁରିଆ, } ଅଧିକ ଥାଏ; ଦୁଇ ପୁରବିଶିଷ୍ଟ ।
ଯଥା—ଖଦଟି ଦପୁରିଆ କରି ଘୋଡାଇ ହୁଅ । ବି. ଆଠୁ ଘର, ଦ୍ୱିତଳ ଗୃହ ।

ଦୋଭାଷି, } ବି. (ଦ୍ୱିଭାଷୀ ଶବ୍ଦଜ) ତର୍ଜମା-
ଦୋଭାଷୀ, } କାରୀ, ଯେ ଅନ୍ୟର କଥା ତର୍ଜମା କରି କହେ ।

ଦୋମୁହାଁ, ବିଂ. (ଦ୍ୱିମୁଖ ଶବ୍ଦଜ) ଦୁଇଆଡ଼େ ଯେ ରହିଥାଏ, ଯାହାର ଦୁଇଟା ମୁଖ ।

ଦୋମୁହିଁ, ବି. (ଦ୍ୱିମୁଖ ଶବ୍ଦଜ) ଏକପ୍ରକାର ଗୃହ । ଯଥା—
**ଦୋମୁହିଁ ଆଡ଼ମୁହିଁ ଯେ ଲଙ୍କମୁହିଁ ଆଦି,**
**ସହସ୍ରେ ବଖରା ଘର ରତ୍ନରେ ସମ୍ପାଦି । ନୃ.ପୁ.ପ୍ର.ଚ.**
ବିଂ. ଯାହାର ଦୁଇଟା ମୁଖ ।

ଦୋର, ଦୋରୁଅ, } ବି. (ଦେଶଜ) ରସ,
ଦୋହୋର, } ଦ୍ରବ । ଯଥା—
**ତରୁଟି କୋଟକ୍ରେ ଶିଅଳ ଉଠି ଯାଇ,**
**ଖଣ୍ଡରୁ ଦୋର କାଢ଼ି ଲେଉଟି ବାନ୍ଧ ଦେଇ ।**
**ନୃ. ପୁ. ଭୃ. ଭ.**
**ଏକୁର ତରୁଶିଖେ ଲମ୍ବାଇଅଛୁ ଖଣ୍ଡ,**
**ସେଖଣ୍ଡେ ଦୋହୋର ଝର ପୁରେ ହୋଇ କୁଣ୍ଡ ।**
**ନୃ. ପୁ. ଭୃ. ଚ.**

ଦୋରସାଜମି, ବି. (ଦେଶଜ) ଯେଉଁ ମାଟିରେ ସମାନ ପରିମାଣ ବାଲି ଓ କାଦୁଅ ଥାଏ ।

ଦୋରସ୍ତ, ବି. (ଯାବନିକ) ସଜଡ଼ା, ଠିକଣା ।

ଦୋରସ୍ତକରିବା, କ୍ରି ସଜାଡ଼ିବା, ଠିକଠାକ କରିବା ।

ଦୋରା, ବି. (ମ୍ଳେଚ୍ଛାର୍ଥବୋଧକ ଦୁରାକ ଶବ୍ଦଜ) ଶୂଦ୍ରଜାତିବିଶେଷର ଉପାଧିବିଶେଷ । (ଏ ଶବ୍ଦଟି ତେଲଙ୍ଗୀ, କିନ୍ତୁ ଗଞ୍ଜାମର ଅନେକ ଭାଗରେ ଏହି ଉପାଧିଧାରୀ ଓଡ଼ିଆଭାଷୀ ପ୍ରଜା ଅଛନ୍ତି ।)

ଦୋରେହୀ, ବିଂ. (ଦ୍ରୋହୀ ପଦରୁ ଜାତ) ଦ୍ରୋହୀ । ଯଥା—
**ସେବକମାନଙ୍କୁ ରାଇଣ,**
**ଦାସେ ଦୋରେହୀ ଯେତେ ଜଣ । ଦା· ର.**

ଦୋଳ, ବି. (ଦୋଲ୍‌-ଅ—ଦୋଳା, ଦୋଳୀ ମଧ୍ୟ ହୁଏ) ଦୋଳା, ଖଟିଆ; ଡୋଲି, ଧାନ୍ୟାଦି ରଖିବା ପାତ୍ର, ଦୋଳନ; ଦୋଳି, ଯାହା ଉପରେ ବସି ଦୋଳନ୍ତି; ପର୍ବବିଶେଷ, ଫାଲ୍‌ଗୁନ ପୂର୍ଣ୍ଣିମାରେ ଅନୁଷ୍ଠିତ ପର୍ବ ।

ଦୋଳାୟମାନ, ବିଂ. [ଦୋଳ-ଆୟ (ନାମଧାତୁ)-ମାନ] ଯେ ଦୋଳୁଅଛି; ସନ୍ଦିହାନ, ସଂଶୟାରୂଢ଼ । (ବିଶେଷଣରେ ଦୋଳାୟିତ ମଧ୍ୟ ହୁଏ ।)

ଦୋଳାଇବା, କ୍ରି. (ଦୋଳାୟମାନ ଶବ୍ଦଜ) ପହଙ୍ଗାଇବା ।

ଦୋଳି, ବି. (ଦୋଳା ଶବ୍ଦଜ) ଦୋଳା, ଦୋଳିକା । ଯଥା—
**କଦମ୍ବ ଗଛରେ ଦୋଳି କରି ବସିଅଛନ୍ତି ନାଗର କହ୍ନାଇ । ର. କ.**

ଦୋଳିପହଙ୍ଗ, } ବି. (ଦେଶଜ) ଦୋଳିରେ
ଦୋଳିପହଙ୍ଗା, } ଝୁଲିବା ପ୍ରକ୍ରିୟା ।

ଦୋଷ, ବି. (ଦୁଷ୍‌-ଅ) ପାପ; ଅପରାଧ; ଅନିଷ୍ଟ; କୁକର୍ମ; ନିନ୍ଦା; କଳଙ୍କ; ତ୍ରୁଟି; ନ୍ୟୂନତା; ଅତ୍ୟାଚାର; କ୍ଷତି; କାବ୍ୟରେ ଅପକର୍ଷସାଧକ ଧର୍ମବିଶେଷ; ରାଗ ଦ୍ୱେଷ ମୋହ ପ୍ରଭୃତି; ବାତ ପିତ୍ତ କଫ ।(ସ୍ତ୍ରୀ-ଆ)ରାତି;ବାହୁ,ଭୁଜ

ଦୋସଡ଼ା, } ବି. (ଦେଶଜ କିମ୍ବା ଦ୍ୱିଶାଟୀ
ଦୋଷଡ଼ା, } ଶବ୍ଦଜ) ଉପର ବସ୍ତ୍ର, ଗୁଦର ।

ଦୋସର, ବି. (ଯାବନିକ) ସଙ୍ଗୀ ।

ଦୋସରା, ବିଂ. (ଦ୍ୱିତୀୟ ଶବ୍ଦଜ) ଅନ୍ୟ, ଭିନ୍ନ; ଅପ୍ରଧାନ; ଦ୍ୱିତୀୟ; ଯୁଗ୍ମ, ଯୋଡ଼ା । ଯଥା—
ଝଞ୍ଜାଝଞ୍ଜି ହୋଇଣ ଦୋସରା ଖମ୍ବ ବସେ,
ହୀରା ନୀଳା ମାଣିକ୍ୟ ଲମ୍ବଇ ଚଉପାଶେ । ନୃ.ପୁ.ପ.ତ.

ଦୋସରି, ବି. ( ଦେଶଜ ) ବାଦ୍ୟବିଶେଷ (କଂସାଳ ଶବ୍ଦ ଦେଖ) ଦୁଇସୋରା । ବିଂ. (ପ୍ରାକୃତ) ଦୁଇସୋରାଯୁକ୍ତ । ଯଥା—
ମୁକୁଟ କୁଣ୍ଡଳ ଚୂଳ ବାହୁଟି ଅଙ୍ଗଦମାଳ
ରୂପସରି ଦୋସରି ପଦକ । ବି. ରା.

ଦୋସରିଟଙ୍କା, } ବି. (ଦେଶଜ ପ୍ରାୟ) ଯୋଡ଼ି
ଦୋଷରିଟଙ୍କା, } ଟଙ୍କା । ଯଥା—
ମାଗଧ ପୁତ୍ରମାନେ ଦୋଷରି ଶଙ୍ଖମସ୍ତେ,
ଚମ୍ପକ ବିମାନେ ବିହରନ୍ତି ଶରଧାଏ । ନୃ. ପୁ. ତୃ. ତ.

ଦୋସାଧୁ, } ବି. (ଦୁଃସାଧୀ ଶବ୍ଦଜ) କଷ୍ଟୁ-
ଦୋସାଦ, } ଆଳ । ଯଥା—
ରାଜାଙ୍କର ବଚନରେ ଚଳିଲେ ଦୋସାଧୁ,
ବେନି କୁମାରଙ୍କୁ ଧରି ଆଣିଲେ ଅପ୍ରାଧୁ । ସା. ଭା. ସ.

ଦୋସ୍ତ, ବି. (ଯାବନିକ) ମିତ୍ର, ସୁହୃଦ; ବନ୍ଧୁ ।

ଦୋହ, ବି. ( ଦୁହ୍-ଅ ) ଦୋହନ; ତୃପ୍ତି; ସନ୍ତୋଷ; ଦୋହନପାତ୍ର; ମାତ୍ରାଛନ୍ଦୋବିଶେଷ । ( ବିଶେଷଣରେ ଦୋହକ, ଦୋହୀ ଓ ଦୋହ୍ୟ ହୁଏ । )

ଦୋହଦ, ବି. ( ଦୋହ = ସନ୍ତୋଷ-ଦା-ଅ ) ଇଚ୍ଛା; ଗର୍ଭିଣୀର ସ୍ପୃହା; ଗର୍ଭ; ଚିହ୍ନ; ଗର୍ଭଲକ୍ଷଣ ।

ଦୋହରା, } ବି. (ଦେଶଜ) ବାଦ୍ୟବିଶେଷ ।
ଦୋହୋରା, } ଯଥା—
କଡ଼ା ଦୋହରା ଆଦି ଝମକ ନୂପୁର,
ମହାମତ୍ତ ଭୋଳ ତହିଁ ନାଚନ୍ତି ତ୍ରିପୁରା । ସା. ଭା. ଆ.
ଅଗ୍ନି । ଯଥା—
ଦ୍ୱିଜ ବୋଲେ ଦେବ ଆନ୍ତ ଜାଣ କେଉଁଠାରେ,
ଶଙ୍ଖରେ ଅଛନ୍ତି ଦେବ ଦୋହୋରାରୂପରେ ।
ସା. ଭା. ଆ.

ଯେଉଁ ସ୍ଥାନରେ ଗ୍ରାମର ଧୋଇ ପାଣି ପଡ଼େ ।

ଦୋହଳ, ବି. (ଦୁହ୍-ଅ = ଦୋହ = ସନ୍ତୋଷ-ଲା = ଗ୍ରହଣ କରିବା-ଅ) ଇଚ୍ଛା; ଅଭିଳାଷ । (ସ୍ତ୍ରୀ-ଈ) ଅଶୋକବୃକ୍ଷ ।

ଦୋହଲିବା, କ୍ରି. (ଦେଶଜ) ଝୁଲିବା, ହଲିବା । ଯଥା—
ମନ୍ଦଗନ୍ଧବହ ଦୋହଲାଉଥାଇ ପଲ୍ଲବ ପୁଷ୍ପମୁକୁଳ ।
ଯ. କେ.

ଦୋଁହା, } ବି. ହିନ୍ଦୀଭାଷାରେ ବ୍ୟବହୃତ
ଦୋହା, } ଛନ୍ଦୋବିଶେଷ ।

ଦୋହାଇ, } ବି. ( ଦୋହ ଶବ୍ଦଜ )
ଦୋହି, } ପଦ୍ୟବିଶେଷ; ଶପଥ, ରାଣ ।
ଦ୍ୱାହି, } ଯଥା—
କମଠକୁ ଯାହୀ ନ ଆସିଲେ ତହୁଁ
ଦିଏ ଟଙ୍ଗେଶ୍ୱର ଦୋହି । ପା'ବଣ୍ଡ ।
ଦେଉଅଛୁ ମାତା ଭଗ୍ନି କନ୍ୟାଙ୍କ ଦୋହାଇ,
ଆସ ଉଠ ଧର ଖଡ୍ଗ ମିଳ ସର୍ବଭାଇ । ଉ. ସା.
ସୁବର୍ଣ୍ଣରପ୍ରାର୍ଥନା କରଣ ।

ଦୋହିତା, ବି. (ଦୁହିତା ପଦରୁ ଜାତ) ଝିଅ, କନ୍ୟା ।

ଦୌଲତ, ଦଉଲତ, ବି. (ଯାବନିକ) ଧନ, ସମ୍ପତ୍ତି ।

ଦୌହିତ୍ର, } ବି. ( ଦୁହିତୃ-ଅ-ଆୟନ,
ଦୌହିତ୍ରାୟଣ, } ଅପତ୍ୟାର୍ଥେ ) ଦୁହିତାର ସନ୍ତାନ ।

ଦ୍ୟୁ, ବି. ସଂ. ଆକାଶ, ସ୍ୱର୍ଗ; ଅଗ୍ନି; ସୂର୍ଯ୍ୟ; ଦିନ ।

ଦ୍ୟୁତି, ବି. ସ୍ତ୍ରୀ. ( ଦ୍ୟୁତ୍ = ଦୀପ୍ତିପାଇବା-ଇ ) ତେଜ, କିରଣ; ଶୋଭା; ଦୀପ୍ତି; ପ୍ରକାଶ ।

ଦ୍ୟୁନିଶ, ବି. (ଦ୍ୟୁ = ଦିବସ—ନିଶା = ରାତ୍ରି) ଅହୋରାତ୍ର, ଅହୋରାତ୍ରି ।

ଦ୍ୟୁମଣି, ବି. ସଂ. ସୂର୍ଯ୍ୟ ।

ଦ୍ୟୁମ୍ନ, ବି. (ଦ୍ୟୁ = ଦିନ-ମ୍ନା = ଅଭ୍ୟାସ କରିବା-ଅ) ଧନ; ସୁବର୍ଣ୍ଣ; ସାମର୍ଥ୍ୟ; ବଳ ।

ଦ୍ୟୂତ, ବି. (ଦିବ୍ = କ୍ରୀଡ଼ା କରିବା-ତ) ପଣ ଆଦି ଖେଳ; ଜୁଆଖେଳ ।

ଦ୍ୟୋ, ଦ୍ୟୌ, ବି. (ଦିବ୍-ଓ) ସ୍ୱର୍ଗ, ଆକାଶ ।

ଦ୍ୟୋତ, ବି. ( ଦ୍ୟୁତ୍ = ଦୀପ୍ତିପାଇବା-ଅ ) ଦ୍ୟୁତି, ଆଲୋକ; ଦୀପ୍ତି; ପ୍ରକାଶ; ଆତପ । (ବିଶେଷ୍ୟରେ ଦ୍ୟୋତି, ଦ୍ୟୋତନ ଏବଂ ବିଶେଷଣରେ ଦ୍ୟୋତକ, ଦ୍ୟୋତିତ, ଦ୍ୟୁତିତ, ଦ୍ୟୋତମାନ ଇତ୍ୟାଦି ପଦ ନିଷ୍ପନ୍ନ ହୁଏ ।)

ଦ୍ରପିଷ୍ଟ, ଦରପିଷ୍ଟ, } ବିଂ. (ଦର୍ପିଷ୍ଟ ଶବ୍ଦଜ) ଦର୍ପଶାଳୀ । ଯଥା—

**ଦୁଷ୍ଟ ଦ୍ରପିଷ୍ଟ ଯେତେ ବ୍ରହ୍ମାଣ୍ଡଯାକେ ଥିଲେ,**
**ସୁଜନ ସାଧୁ ରଖି ଦୁର୍ଜନ ସଂହାରିଲେ । ନୃ. ପୁ. ସ. ତ.**

ଦ୍ରବ, ବି. (ଦ୍ରୁ = ଗମନ କରିବା, ଗଳିବା-ଅ) ଗତି; ଗଳନ, ଗଳିବା; ପଳାୟନ; ବେଗ; ପରିହାସ; ରସ । ବିଂ. ତରଳ; ଗଳିତ ।

ଦ୍ରବିଣ, ବି. ( ଦ୍ରୁ = ଗମନ କରିବା-ଇନ ) ଧନ, ବିତ୍ତ; ସ୍ୱର୍ଣ୍ଣ ।

ଦ୍ରବ୍ୟ, ବି. (ଦ୍ରୁ = ବୃକ୍ଷ-ଯ) ପଦାର୍ଥ; ବିତ୍ତ; ମଦ୍ୟ; ବିନୟ; ବିଲେପନ; ଭେଷଜ । ବିଂ. ବୃକ୍ଷସମ୍ବନ୍ଧୀୟ ।

ଦ୍ରଷ୍ଟବ୍ୟ, ବିଂ. (ଦୃଶ୍-ତବ୍ୟ) ଦର୍ଶନୀୟ ।

ଦ୍ରଷ୍ଟା, ବିଂ. ( ଦୃଶ୍-ତୃ ) ଦର୍ଶକ; ସାକ୍ଷୀ; ବିଚାରକ ।

ଦ୍ରହସିତ, ବିଂ. (ଦରହସିତ ଶବ୍ଦଜ) ଅଳ୍ପ ହାସଯୁକ୍ତ । ଯଥା—

ଏରୂପେ ଅର୍ଜୁନ ମୁଖୁ ଶୁଣି ଦେବ ହରି,
ଦ୍ରହସିତ ହୋଇ ପ୍ରଭୁ ହସନ୍ତି ମୁରାରି । ନୃ. ପୁ. ସ. ତ.

ଦ୍ରାବକ, ବି. (ଦ୍ରୁ-ଅକ) ରସିକ; ଲମ୍ପଟ; ଚନ୍ଦ୍ରକାନ୍ତମଣି; ଚୋର; ରସବିଶେଷ । ବିଂ. ଦ୍ରବକାରକ; ପ୍ରବର୍ତ୍ତକ ।

ଦ୍ରାବିତ, ବିଂ. ( ଦ୍ରବ୍ = ଗଳିବା-ଣିଚ୍-ତ ) ଦ୍ରବୀକୃତ ।

ଦ୍ରୁତ, ବିଂ. (ଦ୍ରୁ ତ) ଧାବିତ; ଦ୍ରବୀଭୂତ; ଆର୍ଦ୍ର; ଶୀଘ୍ର । ବି. ଶୀଘ୍ରତା ; ଦ୍ରବୀଭୂତ ଘୃତ; ସ୍ୱର୍ଣ୍ଣାଦି; ଶୀଘ୍ର ଗମନ ।

ଦ୍ରୁବିଦ, ଦ୍ରୁବିଦ, } ବିଂ. ( ଦୁର୍ବିଧି ଶବ୍ଦଜ ) ମୂର୍ଖ, ବୁଦ୍ଧିହୀନ । ଯଥା—

ବେଦ ପଢ଼ି ତତ୍ତ୍ୱ ଯେ ନ ଜାଣେ ବ୍ରାହ୍ମଣ,
ଦ୍ରୁବିଦଜନ ପ୍ରାୟେ ଅଟଇ ସେହୁ ଜାଣ । ନୃ. ପୁ. ପ୍ର. ତ

ଦ୍ରୁମ, ବି. (ଦ୍ରୁ-ମ-ବିଦ୍ୟମାନାର୍ଥେ) ବୃକ୍ଷ; କୁବେର ।

ଦ୍ରୁହିଣ, ବି. (ଦ୍ରୁହ୍ = ବଧ କରିବା-ଇନ) ବ୍ରହ୍ମା; ବିଷ୍ଣୁ ।

ଦ୍ରୋଣ, ବି. (ଦ୍ରୁ = ଗମନ କରିବା-ନ) ଭାରଦ୍ୱାଜ; ଦ୍ରୋଣଗୁରୁ; ଆଢ଼କ ପରିମାଣ; ଡାହୁକ; ବୃଶ୍ଚିକ; ବୃହତ୍ ଜଳାଶୟବିଶେଷ; ମେଘବିଶେଷ । ( ସ୍ତ୍ରୀ-ଈ ) ଡଙ୍ଗା; ଜଳସେଚନୀ ।

ଦ୍ରୁବିନ, ଦ୍ରୁବିନ, ବି. (ଦେଶଜ) ଦୂରବୀକ୍ଷଣ ଯନ୍ତ୍ର ।

ଦ୍ରୋଛନା, ବି. ସ୍ତ୍ରୀ. ( ଜ୍ୟୋତ୍ସ୍ନା ଶବ୍ଦଜ ) ତେଜ; କାନ୍ତି । ଯଥା—

**ଯେବଣ ସ୍ଥାନକୁ ମୋ ନ ଲଗେ କିଛୁ ତେଜ,**
**ଦ୍ରୋଛନା ନ ପଡ଼ଇ ଅନଳ ଚନ୍ଦ୍ର ସୂର୍ଯ୍ୟ । ନୃ. ପୁ. ସ. ତ.**

ଦ୍ରୋହ, ବି. ( ଦ୍ରୁହ୍ = ହିଂସା କରିବା-ଅ ) ଅନିଷ୍ଟାଚରଣ; ଅନିଷ୍ଟ ଚିନ୍ତା; ପରାଭବ ।

ଦ୍ରୋଣାୟନ, ଦ୍ରୋଣାୟନ, ଦ୍ରୌଣି, ଦ୍ରୌଣ, ଦ୍ରୌଣେୟ, } ବି. ( ଦ୍ରୋଣ-ଆୟନ, ଆୟନ, ଇ, ଅ, ଏୟ— ଅପତ୍ୟାର୍ଥେ) ଅଶ୍ୱତ୍ଥାମା ।

ଦ୍ୱନ୍ଦ୍ୱ, ବି. (ଦ୍ୱି—ଦ୍ୱିତ୍ୱ-ନିପାତନ) ସ୍ତ୍ରୀ ପୁରୁଷ; ଯୋଡ଼ା; ବିବାଦ; ଦ୍ୱୟ; ସୁଖ ଦୁଃଖ, ରାଗ ଦ୍ୱେଷ ଇତ୍ୟାଦି ପରସ୍ପର ବିରୁଦ୍ଧ ଯୁଗ୍ମ; ଯୁଦ୍ଧ ।

ଦ୍ୱୟ, ଦ୍ୱୟୀ, ଦ୍ୱିକ୍, } ବି. ସଂ. ୨ ସଂଖ୍ୟା; ଦ୍ୱିତୀୟ । ବିଂ. ଦ୍ୱିତ୍ୱସଂଖ୍ୟାଯୁକ୍ତ ।

ଦ୍ୱାଃସ୍ଥ, ଦ୍ୱାସ୍ଥ, ଦ୍ୱାସ୍ଥିତ, ଦ୍ୱାଃସ୍ଥିତ, } ବି. (ଦ୍ୱାର୍-ସ୍ଥା-ଅ, ତ) ଦ୍ୱାରପାଳ । ବିଂ. ଦ୍ୱାରଦେଶରେ ସ୍ଥିତ ।

ଦ୍ୱାପର, ବି. (ଦ୍ୱି-ପର-ଯେ ଦୁଇ ଯୁଗର ପର) ଯୁଗବିଶେଷ; ସନ୍ଦେହ ।

ଦ୍ୱାରକ, } ବି. ସ୍ତ୍ରୀ. (ଦ୍ୱାର = ମୁକ୍ତିପଥ-କ,
ଦ୍ୱାରକା, } ଅଥବା କୈ = ଦୀପ୍ତି ପାଇବା-
ଅ) ଶ୍ରୀକୃଷ୍ଣଙ୍କ ନଗରୀ । ( ଏହାର ଅନ୍ୟ ନାମ ଦ୍ୱାରବତୀ ଓ ଦ୍ୱାରାବତୀ । )

ଦ୍ୱିଜ, ଦ୍ୱିଜନ୍ମା, } ବି. ( ଦ୍ୱି-ଜନ୍-ଅ, ଦ୍ୱି-
ଦ୍ୱିଜାତି, } ଜନ୍ମନ୍, ଜାତି ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ; ପକ୍ଷୀ ପ୍ରଭୃତି; ଦନ୍ତ । ବିଂ. ଦୁଇବାର ଜାତ ।

ଦ୍ୱିଜରାଜ, ବି. (ଦ୍ୱିଜ-ରାଜନ୍) ଚନ୍ଦ୍ର; କର୍ପୂର; ସର୍ପଶ୍ରେଷ୍ଠ ଅନନ୍ତ ।

ଦ୍ୱିଜିହ୍ୱ, ବି. (ଦ୍ୱି-ଜିହ୍ୱା) ସର୍ପ; ଖଳ; ସୂଚକ; ଚୋର ।

ଦ୍ୱିତୟ, } ବି. (ଦ୍ୱି-ତୟ) ଯୁଗ୍ମ; ୨ ସଂଖ୍ୟା ।
ଦ୍ୱିତୟୀ, } ବିଂ. ଦ୍ୱିତ୍ୱ ସଂଖ୍ୟାଯୁକ୍ତ ।

ଦ୍ୱିପ, } ବି. (ଦ୍ୱି-ପା-ଅ, ଇନ୍, ଯ ଆଗମ)
ଦ୍ୱିପାୟୀ, } ହସ୍ତୀ; ନାଗକେଶର ବୃକ୍ଷ ।

ଦ୍ୱିହୀନ, ବି. ( ଦ୍ୱି = ସ୍ତ୍ରୀ ପୁରୁଷ-ହୀନ ) ନପୁଂସକ ।

ଦ୍ୱୀପୀ, ଦ୍ୱୀପିନ୍, ବି. (ଦ୍ୱୀପ-ଇନ୍) ବ୍ୟାଘ୍ର ।

ଦ୍ୱେଷ, ବି. (ଦ୍ୱିଷ୍-ଅ) ଶତ୍ରୁତା; କ୍ରୋଧ; ଈର୍ଷା; ଅସୂୟା; ବିରାଗ । (ବିଶେଷଣରେ ଦ୍ୱେଷୀ, ଦ୍ୱେଷ୍ଟା, ଦ୍ୱେଷ୍ୟ ପ୍ରଭୃତି ପଦ ଏବଂ ବିଶେଷ୍ୟରେ ଦ୍ୱିଷତ୍, ଦ୍ୱେଷଣାଦି ପଦ ନିଷ୍ପନ୍ନ ହୁଏ । )

ଦ୍ୱୈତ, ବି. (ଦ୍ୱି-ଇତ=ଦ୍ୱୀତ-ଅ) ଦ୍ୱିତ୍ୱପ୍ରବୃତ୍ତି, ଦୁଇ ପଦାର୍ଥର ଅସ୍ତିତ୍ୱ, ଦ୍ୱିବିଧତ୍ୱ । ବିଂ. ଦ୍ୱୈତବାଦୀ ।

ଦ୍ୱୈପାୟନ, ବି. ( ଦ୍ୱୀପ୍-ଆୟନ-ଜାତାର୍ଥେ ) ବ୍ୟାସଦେବ ।

ଦ୍ୱୈମାତୁର, ଦ୍ୱିମାତୃକ, } ବି. ( ଦ୍ୱିମାତୃ-
ଦ୍ୱୈମାତୃକ, } ଷ୍ଣୁର୍-ଅ, କ )
ଗଣେଶ; ଜରାସନ୍ଧ ।

# ଧ

ଧ, ବ୍ୟଞ୍ଜନମାଳାର ଊନବିଂଶ ବର୍ଣ୍ଣ । ବି. (ଧା = ଧାରଣ କରିବା-ଅ) ଧନ; ବ୍ରହ୍ମା; କୁବେର; ଧର୍ମ । ବିଂ. ଧାରକ ।

ଧ, ଧଅ, ବି. ( ଧବ ଶବ୍ଦଜ ) ବୃକ୍ଷବିଶେଷ, ଧବ ବୃକ୍ଷ ।

ଧଅଧଅ, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ; କୁକୁର ପ୍ରତି ଉତ୍ତେଜକ ଶବ୍ଦ ।

ଧଇଁ, ବି. (ଦେଶଜ) ଶ୍ୱାସରୋଗବିଶେଷ ।

ଧଇର, ବି. (ଦେଶଜ) ମାଛ ଧରିବା ଯନ୍ତ୍ର-ବିଶେଷ ।

ଧଇଁସଇଁ, ବି. (ଦେଶଜ) ଉଦ୍‌ବେଗରୁ ଅତ୍ୟନ୍ତ ଶ୍ୱାସ ପ୍ରଶ୍ୱାସ ଜନ୍ମିବା ।

ଧଉଳ, ବିଂ. (ଧବଳ ଶବ୍ଦଜ ପ୍ରାକୃତ) ଶ୍ୱେତ ।

ଧଉଳା, ବିଂ. (ଧବଳ ଶବ୍ଦଜ ପ୍ରାକୃତ) ଶ୍ୱେତ । ବି. ଧୋବ କରିବା ।

ଧଉଳି, ବି. (ଧବଳ ଶବ୍ଦଜ) ବୃକ୍ଷ ପ୍ରଭୃତିରେ ଲାଗିବା ଧବଳବର୍ଣ୍ଣ ପୋକବିଶେଷ । ବିଂ. ଧବଳ । (ଦେଶଜ) ମାଛ ଧରିବା ଯନ୍ତ୍ର-ବିଶେଷ । ଯଥା—

ନଦୀରେ ବସିଛୁ ଧବଳ, ଉପରେ ଉଡ଼େ ହଂସରାଳ ।
(ସ୍ତ୍ରୀ-ଧଉଳି, ଧାଉଳି) ଧବଳବର୍ଣ୍ଣା ।

ଧଉଳଗିରି, ବି. (ଧବଳଗିରି ଶବ୍ଦଜ) ଉତ୍କଳର ବୌଦ୍ଧସମୟର ପର୍ବତବିଶେଷ ।

ଧଉଳିବା, କ୍ରି. ( ଧବଳ ଶବ୍ଦଜ ) ଧୋବ କରିବା, ସଫା କରିବା; କାନ୍ଥରେ ଚୂନ ଲିପିବା । ଯଥା—

ହୁଳହୁଳି ଦେଇ ଦାସୀ ମଙ୍ଗଳ ଗାଇଲେ,
ଅନ୍ୟ ନାରୀମାନେ ମିଳି କାନ୍ଥ ଧଉଳିଲେ । ମଂ. ସ.

ଧକ୍, ଅଂ (ଦେଶଜ) ଆଲୋକ ବା ଦୀପଶିଖାର ଉତ୍ଥାନର ଅନୁକରଣ ଶବ୍ଦ । ଯଥା—
ଧକ୍ କରି ଜଳି ଉଠିଲା ।

ଧକ, ବ. (ଦେଶଜ) ଧକାଇବା, ଆୟାସ ବା ଶ୍ରମଜନିତ ନିଃଶ୍ୱାସ ଓ ପ୍ରଶ୍ୱାସର ଆବେଗ । ଯଥା—

କଞ୍ଜନଖଞ୍ଜନଗଞ୍ଜନନେତ୍ରୀ କି ଧକ ସୁହାଉ ସଧାଉଛୁ । ଲ. ବ.

ବିଂ. ଉତ୍ତମ । (ବାଲେଶ୍ୱର ଅଞ୍ଚଳରେ) ବ. ସଫା ଗୁଡ଼ଜଳ । (କାବର—ନାଲି ଗୁଡ଼ଜଳ ।)

ଧକଧକ, ବ. (ଦେଶଜ) ଅତି ବେଗଗମନାଦିରୁ ଜାତ ଆୟାସ । ଯଥା—

ଧାଏଁ ଶ୍ରମ ଧକଧକେ ଅନଲଲୋଚନେ । ବୈ. ଗ.

ଆଲୋକ ବା ଅଗ୍ନିଶିଖାର ଉତ୍ଥାନର ଅନୁକରଣ ଶବ୍ଦ । ଯଥା—ଧକଧକ ଜଳୁଅଛି । ବେଦନା, ବାତ ଓ ବ୍ରଣଜନିତ ବେଦନା; ଉଦରର ଅପୂର୍ତ୍ତିଭାବ । ଯଥା—ପେଟ ଧକ୍‌ଧକ୍ କରୁଅଛି ବା ହେଉଅଛି । କ୍ରି. ବିଂ. ଉଜ୍ଜ୍ୱଳରୂପେ । ଯଥା—

ସହସା ଅନଳେ ଧକଧକ ହୋଇ ଜଳଲି ଚିତା । ଊଷା ।

ଧକସକ, ବ. (ଦେଶଜ) କଇଁ କଇଁ ହୋଇ କାନ୍ଦିବା ।

ଧକା, ଧକ୍‌କା, ବ. (ଦେଶଜ) ଗ୍ରୀବା ଦେଶରେ ଆଘାତ । ଯଥା—

କେତେଦିନ ପାଇଁ ଦର୍ପର ପତାକା,
ତୋଳିଦେଉଥିବ ଖାଉଥିବ ଧକା । ଦ. ବା.

ଆୟାସରୁ ଜାତ ନିଃଶ୍ୱାସ ।

ଧକାଇବା, ଧକେଇବା, } କ୍ରି. ( ଧକ୍ ଧାତୁଜ ) ସ୍ତମ୍ଭ କରିବା; ଆୟାସରୁ ଶ୍ୱାସ ମୁଞ୍ଚିବା; ଧକ୍‌କା ମାରିବା ।

ଧକାଧକ, ଧକ୍‌କାଧକ୍‌କ, } ବ. (ଦେଶଜ) ପେଲାପେଲି, ଅନ୍ୟୋନ୍ୟ ଧକ୍‌କା ମାରିବା ।

ଧକେଇବା, ଧକିବା, } କ୍ରି. (ଧକକ ଧାତୁଜ) ଆୟାସାଦିରୁ ଶୀଘ୍ର ଶୀଘ୍ର ନିଃଶ୍ୱାସ ପ୍ରଶ୍ୱାସ ଛାଡ଼ିବା । ଯଥା—

ଲଣ୍ଡାତରୁ ସନ୍ଧି ବାଟରେ ଧକେଇ
ହେଉଣଥାନ୍ତି ବହୁଙ୍ଗେ । ଯ. କେ.

ତେବେହେଲେ ଚକକୁ ନ ପାରିଲେ ଟେକି,
ରହିଲେ ଅଧରଅଙ୍କର ସୂତ ଧକି । କୃ. ଭ. କ. ପ.

ଧଟି, ବ. (ଧଣ୍ = ଶବ୍ଦ କରିବା-ଅ, ଣ = ଟି) ନକ୍ତ; ତୁଳା; ତୁଳାରାଶି । (ସ୍ତ୍ରୀ-ଈ, ଧଟୀ, ଧଟିକା) ପୁରାତନ ବସ୍ତ୍ର, କୌପୀନ; ଲୁଗାଧଡ଼ି । ଯଥା—

କାନ୍ତ କଟୀବାସ ଧଟୀ ଦୃଢ଼ରେ ଧରି,
ଖଟଖଟ ନାଶିଚସ୍ଥ ଗମନ କରି । ଲ. ବ.

ଧଡ଼, ବ. (ଦେଶଜ) ପାଦଅବଧି ସ୍କନ୍ଧ ପର୍ଯ୍ୟନ୍ତ ଶରୀର ।

ଧଡ଼କ, ବିଂ. (ଦେଶଜ) ଦୃଢ଼ ନ ଥିବା, ଶିଥିଳ । ବ. ଭୟ; ଶବ୍ଦବିଶେଷ ।

ଧଡ଼କଧଡ଼କ, ବ. (ଦେଶଜ) ଶକଟଗମନର ଅନୁକରଣ ଶବ୍ଦ ।

ଧଡ଼କଚ, ବ. ( ଦେଶଜ ) ଶକଟଗମନର ଅନୁକରଣ ଶବ୍ଦ ।

ଧଡ଼କନ, କ୍ରି. ବିଂ. (ଦେଶଜ) ଅତିଶୀଘ୍ର । ଯଥା—ଧଡ଼କନ ଉଠି ପଡ଼ିଲା ।

ଧଡ଼ଧଡ଼, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ତ୍ରାସେ ଧଡ଼ଧଡ଼ ମୋର କମ୍ପୁଥିଲା ହସ୍ତ । ବୈ. ଭ.

ଧଡ଼ପଡ଼, କ୍ରି. ବିଂ. (ଦେଶଜ) ଶୀଘ୍ର । ଯଥା—

ଭିକା ଭିକା ବୋଲି ଡ଼ାକିଲେ ଯହୁଁ,
ଧଡ଼ପଡ଼ କରି ଉଠିଲି ତହୁଁ । ହା. ତ.

ଧଡ଼ସ, ବ. (ଧର୍ଷ ଶବ୍ଦଜ) ଜଳପ୍ରବାହାଦିର ବେଗ । ଯଥା—ନଦୀର ଧଡ଼ସରେ ଗୁଲ ହେଉ ନାହିଁ ।

ଧଡ଼ସି, ଧଅସି, କ୍ରି. ବିଂ. (ଦେଶଜ) ଶୀଘ୍ର । ଯଥା—

ନେଇ ବଉଶୀରେ ସେ ଧଡ଼ସି ଅନୁରାଗେ,
ପୁରୁଷମନମୀନକୁ ଧରିନେଲା ବେଗେ । ଲ. ବ.

ଧଡ଼ା, ଧାଡ଼ା, ବିଂ. (ଦେଶଜ) କୃଶ, ଦୁର୍ବଳ । ଯଥା—

ବୟସ ସକାଶୁ ତ ହେଲିନି ମୁଁ ଧଡ଼ା,
ମୋହର ମଧ୍ୟ କୃଷ୍ଣ ! ଅଛି କି ଆଉ ଲୋଡ଼ା ।
କୃ. ଭ. କ. ପ.

ବ. ଅର୍ଗଳ, କାଷ୍ଠଦଣ୍ଡ ।

ଧଡ଼, ଧଡ଼ୀ, ବି. (ଧଟୀ ଶବ୍ଦଜ) ବସ୍ତ୍ରାଦିର ଧାର । ଯଥା—

ଇଡ଼ିକ ଯତନେ ଧଡ଼କ ଦନ୍ତବାସରେ ଧର । ବି.ଚି.ମ.

ଜୀର୍ଣ୍ଣ ବସ୍ତ୍ର; କନାର ବା ସୀମା ।

ଧଡ଼ିଆ, ଧାଡ଼ିଆ, } ବିଂ. (ଦେଶଜ) କୃଶ, ଦୁର୍ବଳ । (ଧଟୀ ଶବ୍ଦଜ) ବି. ମସ୍ତକରେ ବାନ୍ଧିବା ସୂତ୍ରବିଶେଷ; ଜୀର୍ଣ୍ଣ ବସ୍ତ୍ର; ବସ୍ତ୍ରାଦିର ଧାର ।

ଧଣତା, ଧଣନ୍ତା, } ବିଂ. (ଦେଶଜ) ପାଣିଆଁ, ପାଣିଚିଆ । ଯଥା—ଧଣତା ଖିର, ଧଣନ୍ତା ଡ଼ାଲି ।

ଧଣିଆ, ଧଣିୟା, ଧଣୀୟା, ଧନିଆ, ଧନ୍ୟା, } ବି. (ଧନ୍ୟାକ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଶସ୍ୟ-ବିଶେଷ ।

ଧଣିଆଗୁଣ୍ଡଳ, ଧନିଆଗୁଣ୍ଡଳ, } ବି. ଧନିଆର ନଷ୍ଟ ମଞ୍ଜି ।

ଧଣିଗୁ, ବି. (ଦେଶଜ) କାଉଁଣିଆପରି ଏକ-ଜାତି ଫସଲ ।

ଧଣ୍ଡ, ଧଣ୍ଡା, ବି. (ଦୁଣ୍ଡୁଭ ବା ଧୋଡ଼ ଶବ୍ଦଜ) ସର୍ପବିଶେଷ । ଯଥା—

ଖଣ୍ଡା ଧଣ୍ଡା ସାପ ପରସ୍ପେ ଚଢ଼ନ୍ତି,
ଯୋଇଅଛୁ ଶମ୍ଭୁଙ୍କ ବୁକୁରେ ଚଳୁଛି । କୃ.ଷି.ବି.ପ.

ଧଣ୍ଡଶିକଳା, ବି. (ଦେଶଜ) ଗୋଡ଼ ଶିକୁଳି । ଯଥା—

ଧଣ୍ଡଶିକଳା ଚରଣେ କର କଙ୍କଣରେ,
ବରଜିଛୁ ହେମବାଲୀ ବାମ ଶ୍ରବଣରେ । ଲ. ବ.

ଧଣ୍ଡସଣ୍ଡ, ବି. (ଦେଶଜ) ଅକଥ୍ୟ ଭାଷା ।

ଧଣ୍ଡା, ବି. (ଦେଶଜ) ପାଦ ପର୍ଯ୍ୟନ୍ତ ଲମ୍ବିଥିବା ମାଳା ବା ହାର । ଯଥା—

ନାନା କୁସୁମେ ହାର ଗୁନ୍ଥିଛ,
ତୁଳସୀ ଧଣ୍ଡାର ସହିତେ । ଦା. ର.

ପତାକା ।

ଧୁତ୍ତୂର, ଧୁସ୍ତୂର, ଧୁସ୍ତୁର } ବି. (ଧେଟ୍ = ପାନ କରିବା-ଉର, ନିପାତନେ) ଦୁଦୁରା ଗଛ ଓ ଫଳ ।

ଧନ, ବି. [ଧନ୍ (ଶସ୍ୟ) ଉତ୍ପନ୍ନ ହେବା-ଅ] ବିତ୍ତ; ସ୍ଥାବର ଅସ୍ଥାବର ସମ୍ପତ୍ତି; ଟଙ୍କା କଉଡ଼ି; ସ୍ୱର୍ଣ୍ଣ ପ୍ରଭୃତି; ଧାନ୍ୟାଦି; ଗୋମହିଷାଦି; ସ୍ନେହ; ଧନିଷ୍ଠା ନକ୍ଷତ୍ର ।

ଧନଞ୍ଜୟ, ବି. (ଧନଂ=ଧନକୁ-ଜି-ଅ) ଅଗ୍ନି; ଅର୍ଜୁନ; ସର୍ପବିଶେଷ; ଅର୍ଜୁନବୃକ୍ଷ; ଶରୀରସ୍ଥ ବାୟୁବିଶେଷ ।

ଧନଦ, ବି. (ଧନ-ଦା=ଦେବା-ଅ) କୁବେର । ବିଂ. ଧନଦାତା ।

ଧନବନ୍ତ, ବିଂ. (ଧନବତ୍ ଶବ୍ଦଜ) ଧନୀ । (ସ୍ତ୍ରୀ-ଈ) ଧନବତୀ; ସୌଭାଗ୍ୟବତୀ । ଯଥା—

ତୋହର ପ୍ରସାଦେ ମା ଗୋ ହୋନ୍ତୁ ଧନବନ୍ତୀ,
ତୋହର ପ୍ରସାଦେ ସୁଖେ ସ୍ୱର୍ଗେ ଇନ୍ଦ୍ର ଥାନ୍ତି । ମଂ.ଙ.

ଧନଧନ, ବିଂ. (ଧନ୍ୟ ଶବ୍ଦଜ) ଧନ୍ୟ । ଯଥା—

ଏଥକୁ ମନେ ପାଞ୍ଚ ଉଠ ହୋ ଫାଲଗୁନ,
ଜିଣିଲେ ତୋତେ ସର୍ବେ କହିବେ ଧନଧନ ।
ନୃ. ପୁ. ସ. ଭ.

ଧନିକ, ବିଂ. (ଧନ-ଇକ-ଅସ୍ତ୍ୟର୍ଥେ) ଧନାଢ୍ୟ; ଉତ୍ତମର୍ଣ୍ଣ, ମହାଜନ; ସାଧୁ; ଧାର୍ମିକ । (ସ୍ତ୍ରୀ-ଆ-ଧନିକା) ସୁନ୍ଦରୀ; ଯୁବତୀ; ସାଧ୍ୱୀ ସ୍ତ୍ରୀ; ଧନିକବଧୂ ।

ଧନୀ, ଧନି, ବି. ସ୍ତ୍ରୀ. (ଧନିକା ଶବ୍ଦଜ ପ୍ରାକୃତ) ସ୍ତ୍ରୀର ନାମାନ୍ତର ।

ଧନୀ, ବିଂ. (ଧନ-ଇନ୍) ଧନବାନ୍ ।

ଧନୁ, ଧନୁସ୍, ବି. (ଧନ୍=ଏ ସ୍ଥଳରେ ନିକ୍ଷେପ କରିବା-ଉ, ଉସ୍) ଧନୁକ, କୋଦଣ୍ଡ; ଧନୁରାଶି; ଚତୁର୍ହସ୍ତ ପରିମାଣ; ପିୟାଳ ଗଛ ।

ଧନୁଫଳା, ବି. (ଧନୁଃ-ଫଳକ-ଏ ଉଭୟ ଶବ୍ଦରୁ ଜାତ) ଶସ୍ତ୍ରବିଶେଷ । ଯଥା—

ଧନୁଫଳା ମୁଦ୍ଗର କମାଣ ଯେ ଘେଠି,
ନାନା ଶସ୍ତ୍ରମାନ ଧରି ମହାକ୍ରୋଧେ ଉଠି । ସା.ଭ.ଆ.

ଧନ୍ୱନ୍ତି, ଧନ୍ୱନ୍ତ୍ରି, ଧନନ୍ତରି, } ବି. (ଧନ୍ୱନ୍ତରି ଶବ୍ଦଜ) ସ୍ୱର୍ଗର ବୈଦ୍ୟ । ଯଥା—

ଏରୂପେ ବାକ୍ୟ ଗୋଟି ଧନ୍ୱନ୍ତି ମୁଖୁଁ ଶୁଣି,
ଆଚମ୍ବିତ ହୋଇଣ ତକ୍ଷକ ପୁଚ୍ଛେ ପୁଣି । ନୃ.ପୁ.ସ.ଭ.

ଧନ୍ଦପୁଆ, ବି. (ଦେଶଜ) ଏକପ୍ରକାର ଖେଳ । (ଧୂଳିଗୁଞ୍ଜାଇ ଶବ୍ଦ ଦେଖ ।)

ଧନ୍ଦରା, ବି. (ଦେଶଜ) ଛିଣ୍ଡା, ଚିରା । ଯେପରି—ଧନ୍ଦରା ଲୁଗା ।

ଧନ୍ଦା, ବି. (ଦେଶଜ) ପରିଶ୍ରମ; ବିଷୟାଦିର ଅବୋଧତା । ଯଥା—

ଯଥା ଜାତ ଧନ୍ଦା ଏହି ବୁଧମନ ବୋଧ । ବି. ଚି. ମ.

କାର୍ଯ୍ୟରେ ବ୍ୟସ୍ତତା । ଯଥା—ସେ ବର୍ତ୍ତମାନ ସମ୍ମିଳନୀ ଧନ୍ଦାରେ ପଡିଅଛନ୍ତି । ବିଂ. କାର୍ଯ୍ୟରେ ବ୍ୟସ୍ତ । ଯଥା—

ବିଧିର ବାମୁଁ ବିଧୀର ମୁଁ କାଳେ ହେଲି ଧନ୍ଦା ।

ବି. ଚି. ମ.

ଧନ୍ଦାଳି, ବିଂ. (ଦେଶଜ) ଅସ୍ପଷ୍ଟ, ଜଳଜାଳୁଆ ।

ଧନ୍ଦାଳିହେବା, } କ୍ରି. (ଦେଶଜ) କାର୍ଯ୍ୟାଦିରେ
ଧନ୍ଦହେବା, } ବ୍ୟସ୍ତ ହେବା ।

ଧନ୍ଦି, ଧନ୍ଦକି, ଧନ୍ଧି, ବି. (ଦେଶଜ) ବ୍ୟସ୍ତତା ।

ଧନ୍ଦୋଳ, ବି. (ଦେଶଜ) କଳହ; ଗୋଳମାଳ । ଯଥା—

ଅନେକ ରଣ ଧନ୍ଦୋଳ କଲେ ଆମ୍ଭ କୁଳେ,
ଅପାର ସୈନ୍ୟ ମାରିଲୁ କେବେ ନ ଗୁଡ଼ିଲେ । ସା. ଭା. ସ.

ବିଂ. ବ୍ୟସ୍ତ । ଯଥା—

ଯେତ୍ତା ଘର ଅଧିକାରୀ ସମସ୍ତ ନିୟୋଗୀ,
ଗହଳେ ଧନ୍ଦୋଳ ହୋଇ ଯାନ୍ତି ବେଗି ବେଗି ।

ସା. ଭା. ସ.

ଧନ୍ୟ, ବିଂ (ଧନ-ଯ-ଯୋଗ୍ୟାର୍ଥେ) ଭାଗ୍ୟବାନ୍, ସୌଭାଗ୍ୟଶାଳୀ; କୃତାର୍ଥ । ଯଥା—ଏହି କାର୍ଯ୍ୟଟି ନିଷ୍ପନ୍ନ କରି ମୁଁ ଧନ୍ୟ ହେଲି । ସାଧୁ; ଧାର୍ମିକ ।

ଧନ୍ୟବାଦ, ବି. (ଧନ୍ୟ-ବାଦ=କହିବା) ପ୍ରଶଂସା; ପ୍ରଶଂସାବାଦ ।

ଧନ୍ୱନ୍ତରି, ବି. (ଧନ୍ୱ=ମରୁଭୂମି-ଅନ୍ତ-ଋ= ଗମନ କରିବା-ଇ—ଏ ସମୁଦ୍ରରୁ ଉତ୍ଥିତ ହୋଇଥିଲେ) ଦେବବୈଦ୍ୟ; ପଣ୍ଡିତ-ବିଶେଷ, ବିକ୍ରମାଦିତ୍ୟଙ୍କ ନବରତ୍ନରୁ ଏକ ।

ଧନ୍ୱା, ଧନ୍ୱା, ବି. ସଂ. ଧନୁକ ।

ଧପ୍, ଅଂ. (ଦେଶଜ) ଆଲୋକାଦି ପ୍ରକାଶର ଅନୁକରଣ ଶବ୍ଦ ।

ଧପଟ, ଝପଟ, ବି. (ଦେଶଜ) ଧାଇଁବା, ଧାଉଁଡ଼ି । ଯଥା—

ବାଳୀ ଗଡ ପରି ତୁରଙ୍ଗ ଧପଟ ଲମ୍ଫଟବଶେ ଆଦର ।

କୋ. ବ୍ର. ସୁ.

ଧପଡଧପଡ଼, ଅଂ. (ଦେଶଜ) ଢେଙ୍କି ପ୍ରଭୃତିର ଅନୁକରଣ ଶବ୍ଦ ।

ଧପଡ, ବିଂ. (ଦେଶଜ) ଠକ, ଧପାବାଜ ।

ଧପଧପ, କ୍ରି. ବିଂ. (ଦେଶଜ) ପ୍ରଜ୍ୱଳିତରୂପେ । ଯଥା—

ଧପଧପ ହୋଇ ପ୍ରାଚୀ ମୂଳେ ଝଳେ
ଊର୍ମିମାଳା ରତ୍ନାକର । ପାଙ୍କଶି ।

ବିଂ. ଅତି ଶୁଭ୍ରବର୍ଣ୍ଣ ।

ଧପଧାପ, କ୍ରି. ବିଂ. (ଦେଶଜ) ଅତି ଶୀଘ୍ର । ଯଥା—

ତୁମ୍ଭ ସେନାଯାକ ପଳାନ୍ତେ ଧପଧାପ,
ଶବ୍ଦ ଜାତ ହୋଇ କର୍ଣ୍ଣର କଲା ତାପ । କୃ. ଭ. କ. ପ.

ଧପା, ବି. (ଯାବନକ) ଭଣ୍ଡାଇବା, ଠକାଇବା ।

ଧପାବାଜ, } ବି. (ଦେଶଜ) ଠକ, ଧପଡ଼ ।
ଧପାଡ, }

ଧବଳ, ବି (ଧବଳ ଶବ୍ଦଜ) ବଳରାମ । ଯଥା—

ଅଭିଷେକ ଦେଖି ଆମ୍ଭେ ଯିବା କି ଧବଳ,
ବ୍ରହ୍ମା ଇନ୍ଦ୍ର ସଙ୍ଗେ ଦିଗପାଳେ ଛନ୍ତି ମିଳି । ସା. ଭା. ବ. ପ.

ଧବଳୀ, ବି. (ଏହି ଶବ୍ଦଟି ସଂସ୍କୃତ ପ୍ରାପ୍ତ ହେଲେ ସୁଦ୍ଧା ଓଡ଼ିଆରେ ତଦ୍ଭବ କ୍ରମରେ ସୃଷ୍ଟ) ଗଙ୍ଗା ।

ଧବୁଡ଼ା, ବି. (ଦେଶଜ) ଧାଉଁଡ଼ି ।

ଧବୁଡ଼ିବା, କ୍ରି. (ଦେଶଜ) ଧାଇଁବା ।

ଧମକ, ବି. [ଧ୍ମା=(ଉଦ୍ଧାର) ଶବ୍ଦ କରିବା-ଅକ] କର୍ମକାର, କମାର । (ଦେଶଜ) ଭୟପ୍ରଦର୍ଶନ । ଯଥା—

ଚେତନା ଚମକ ପକାଇଦେବ ଏ
ଧମକ ଚମକ ନାଦେ । କୋ. ବ୍ର. ସୁ.

ବଳ; ଅଧିକାରପତ୍ରବିଶେଷ । ଯଥା—ସେ ଲେଖିଦେବା ଧମକ ଖଣ୍ଡିକ ଧରି ଯାଅ ।

ଧମକାଇବା, } କ୍ରି. (ଦେଶଜ) ଭୟ
ଧମକେଇବା, } ଦେଖାଇବା । ଯଥା—

ଧମକାଇଲା କି ତୋତେ କିଛି ଲାଜ । କ. ଚ. ଚ.

ଧମନ, } ବି. ସ୍ତ୍ରୀ. (ଧ୍ମା=ଶବ୍ଦ କରିବା-ଅନ-
ଧମନୀ, } ଈ) ନାଡ଼ୀ; ଶିରା; ଗଳା; ହରିଦ୍ରା ।

ଧମ୍ମିଲ୍ଲ, ବି. (ଧମି ତ୍ୟବ୍ୟୟଂ ମୂର୍ଦ୍ଧାର୍ଥଃ ଊର୍ଦ୍ଧ୍ୱଂ ବା ମିଲ୍ଲତେ ଧମ୍ମିଲ୍ଲଃ, ଧମ୍=ଊର୍ଦ୍ଧ୍ୱ-ମିଲ୍=ମିଳିତ ହେବା-ଲ ସଂଜ୍ଞାର୍ଥେ) ମନୋହର-ରୂପେ ବନ୍ଧା ମୁକ୍ତା ପୁଷ୍ପ ପ୍ରଭୃତିରେ ଅଳଙ୍କୃତ କେଶପାଶ । (ଧମ୍ମିଲ୍ଲଃ ସଂଯତାଃ କଚାଃ—ଅମର ।)

ଧର, ବି. (ଧୃ=ଧରିବା-ଅ) ପର୍ବତ; କାର୍ପାସ, ତୁଳା; କୂର୍ମରାଜ । ବିଂ. ଧାରଣକର୍ତ୍ତା । ଯେପରି—ଗଦାଧର ।

ଧରଣ, ବି.(ଧୃ-ଅନ)ପ୍ରକାର;ପ୍ରଣାଳୀ;ଧାରଣ; ପରିମାଣବିଶେଷ; ହିମାଳୟ ପର୍ବତ; ଭୁବନ; ସୂର୍ଯ୍ୟ; ସ୍ତନ; ଧାନ୍ୟ; ସେତୁ ।

ଧରଣା, } ବି. (ଦେଶଜ) ଅଧାପଡ଼ିବା;
ଧାରଣା, } ଦେବାଦିଙ୍କ ନିକଟରେ ନିରନ୍ତର ଅନୁସରଣ କରିବା ।

ଧରଣି, } ବି. ସ୍ତ୍ରୀ. (ଧୃ=ଧରିବା, ଅନ-ଈ,
ଧରଣୀ, } ଲୋକଙ୍କୁ ଯେ ଧରିଅଛି) ପୃଥିବୀ ।

ଧରଣୀଧର, ବି. (ଧରଣୀ-ଧୃ-ଅ) ପର୍ବତ, ଅନନ୍ତ; ଶିବ; କୂର୍ମରାଜ; ମହାବରାହ ।

ଧରତି, ବି. (ଧୃତି ଶବ୍ଦଜ) ଧୈର୍ଯ୍ୟ । ଯଥା—

ଏହୁ ଢନହେଁ ହରନ୍ତି ଚିତ୍ତ ଧରତି । ପ୍ରେ. ସୁ. ନି.

ଧରତି, } ବି. ସ୍ତ୍ରୀ. (ଧରିତ୍ରୀ ଶବ୍ଦଜ) ପୃଥ୍ୱୀ ।
ଧରତ୍ରି, } ଯଥା—

ଚତୁରଙ୍ଗ ବଳ ଗଢ଼, କରନ୍ତେ କମ୍ପେ ଧରତି । ବ.ଗ୍ର.

ଧରପଗଡ଼, ବି. (ଦେଶଜ) ଧରିବା ବାନ୍ଧିବା; ଅନୁସନ୍ଧାନ କରିବା । ଯଥା—

ଖୁବ୍ ଧରପଗଡ଼ ହେଲା, ଦୁଇ ଦିନ ପର୍ଯ୍ୟନ୍ତ ଖୋଜ ତଲାସ ହେଲା । ଛ. ଆ.

ଧରଷିବା, କ୍ରି. (ଧର୍ଷ ଧାତୁଜ) ଧର୍ଷଣ ବା ଆକ୍ରମଣ କରିବା । ଯଥା—

ସେ ଗଙ୍ଗାସିନ୍ଧୁ ଚରିତ ଘୋଷୁଥିଲେ ଅବିରତ
ଧରଷି ନ ପାରେ କଳୁଷଗଣ ହେ । ସୁ. ପ.

ଧରା, ବି. ସ୍ତ୍ରୀ. (ଧୃ=ଧାରଣ କରିବା-ଅ-ଆ) ପୃଥିବୀ; ଗର୍ଭାଶୟ; ମେଦ; ନାଡ଼ୀ; ଜରାୟୁ । (ଧୃ ଧାତୁଜ) ଧରିବା । ଯଥା—

ମୋତେ ବୋଇଲେ ବାମନ ଚନ୍ଦ୍ରଧରା ଆଶ,
କରିବାରୁ କଣୋଗା ପାଉଛୁ ଏତେ କ୍ଲେଶ । ବି.ଚି.ମ.

ବିଂ. ଧୃତ । ଯଥା—

କେ କହିବ ରାଧା ଚନ୍ଦ୍ରମୁଖୀ ରୂପ
କୃଷ୍ଣ ମନ ଯହିଁ ଧରା । ବ. ଚ. ମ.

ଯେ ଧରେ । (ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ—ଯେପରି ମୁରଲୀଧରା, ଛତାଧରା, ବାଡ଼ିଧରା ।)

ଧରାକ, ବି. (ଦେଶଜ) ପରୀକ୍ଷକ, ତତ୍ତ୍ୱାବଧାରକ ଅର୍ଥାତ୍ ଭଲ ମନ୍ଦ ବୁଝୁଥିବା ବ୍ୟକ୍ତି ।

ଧରାଧର, ବି. (ଧରା=ପୃଥ୍ୱୀ-ଧୃ-ଅ) ପର୍ବତ; ବିଷ୍ଣୁ; କୂର୍ମରାଜ ।

ଧରାଧରି, ବି. (ଦେଶଜ) ଅନ୍ୟୋନ୍ୟରେ ଧରିବା । ଯଥା—

କେହୁ ଭାବେ ହୁଅନ୍ତି ଧରାଧରି । ର. କ.

ଧରାପଡ଼ିବା, କ୍ରି. (ଦେଶଜ) ଚୌର୍ଯ୍ୟାଦି କର୍ମ ସ୍ଫୁଟ ହେବା; ଧୃତ ହେବା । ଯଥା—

ବରାଟଙ୍କ ଧରାପଡ଼ିବା ଜାଣି ଲୋକେ,
ପଳାଇଲେ ପଛକୁ କାନ୍ଦି କାନ୍ଦି ସବେ । କୃ.ଖ.ବ.ପ.

ଧରାବନ୍ଧା, ବିଂ. (ଦେଶଜ) ଠିକ, ନିର୍ଦ୍ଦିଷ୍ଟ ।

ଧରାମତ, ବି. (ଦେଶଜ) କ୍ରୟବିକ୍ରୟାଦି ବ୍ୟବହାର ନିଷ୍ପତ୍ତି ସମୟରେ ଅଗ୍ରିମ ଦେବା ଧନ (**Advance**) ।

ଧରିତ୍ରୀ, ବି. ସ୍ତ୍ରୀ. (ଧୃ=ଧରିବା-ଇତ୍ର-ସ୍ତ୍ରୀ-ଈ) ପୃଥିବୀ ।

ଧରିବା, କ୍ରି. (ଧୃ ଧାତୁଜ) ଧାରଣ କରିବା; ଅଣ୍ଡିରା ବାଛୁରୀଙ୍କୁ ଗାଈ ବା ପୁଂସ୍ତ୍ୱବିହୀନ

କରିବା; ହଳକରିବା; ବେଦନା କରିବା । ଯଥା—ଅଣ୍ଟା ଧରିବା, ଆଖି ଧରିବା । ମନ୍ତ୍ରାଦି ଗୁଣିବିଦ୍ୟାଦ୍ୱାରା ଘାକୁ ବିଶେଷ ପ୍ରକୁପିତ କରାଇବା । (ଗଡ଼ଜାତରେ) ନେବା ।

ଧର୍ମ, ବି. (ଧୃ=ପୋଷଣ କରିବା-ମ—ଯେ ସମସ୍ତଙ୍କୁ ପୋଷଣ କରୁଅଛି) ସତ୍କର୍ମ; ଶାସ୍ତ୍ରାନୁଯାୟୀ ବ୍ୟବହାର; ଆଚାର; ସ୍ୱାଭାବିକ ଅବସ୍ଥା । ଯେପରି—ଏହା ତାର ଦେହ ଧର୍ମ । ଶକ୍ତି, ଗୁଣ । ଯେପରି—ରୋଗ ଶାନ୍ତି ଔଷଧର ଧର୍ମ । ସାଦୃଶ୍ୟ ।

ଧର୍ମପତ୍ନୀ, ବି. ସ୍ତ୍ରୀ. (ଧର୍ମ=ଧର୍ମ ହେତୁ-ପତ୍ନୀ) ସହଧର୍ମିଣୀ; ଭାର୍ଯ୍ୟା ।

ଧର୍ମରାଜ, ବି. (ଧର୍ମ=ବିଚାର-ରାଜା) ଯମ; ଯୁଧିଷ୍ଠିର; ବୁଦ୍ଧ; ଧର୍ମ ।

ଧର୍ମଯୁଗ, ବି. (ଧର୍ମ=ଧର୍ମପ୍ରଧାନ-ଯୁଗ) ସତ୍ୟ-ଯୁଗ ।

ଧର୍ମସଂହିତା, ବି. ସ୍ତ୍ରୀ. (ଧର୍ମ-ସମ୍-ଧା-ତ-ଆ, ଧା-ହି) ସ୍ମୃତିଶାସ୍ତ୍ର ।

ଧର୍ମସୂତ୍ର, ବି. ସଂ. ଧର୍ମନିର୍ଣ୍ଣୟାର୍ଥ ଜୈମିନି-ପ୍ରଣୀତ ଧର୍ମମୀମାଂସାରୂପ ଗ୍ରନ୍ଥବିଶେଷ ।

ଧର୍ମାଧିକରଣ, ବି. (ଧର୍ମ-ଅଧିକରଣ=ଆଧାର) ଯେଉଁ ସ୍ଥାନରେ ଧର୍ମ ଅଧର୍ମ ବିଚାର କରାଯାଏ, ଅଦାଲତ; ଅନ୍ୟାନ୍ୟ ନ୍ୟାୟ-ବିଚାରାଳୟ ।

ଧର୍ମାସନ, ବି. ସଂ. ବିଚାରାସନ ।

ଧର୍ମିଷ୍ଠ, } ବିଂ. (ଧର୍ମ-ଇଷ୍ଠ, ଈୟସ୍) ଯେ
ଧର୍ମୀୟାନ୍, } ପ୍ରାଣପଣେ ଧର୍ମପଥରେ ଚାଲେ, ଯେ ପ୍ରାଣାନ୍ତରେ ମଧ୍ୟ ଅଧର୍ମପଥରେ ପଦାର୍ପଣ କରେ ନାହିଁ ।

ଧର୍ଷ, ଧର୍ଷଣ, ବି. (ଧୃଷ୍=ଅହଂକାରୀ ହେବା-ଅ, ଅନ) ପରାଭବକରଣ; ଅବଜ୍ଞାକରଣ; ବଳପୂର୍ବକ ବନ୍ଧକରଣ; ଅମର୍ଷ । (ବିଶେ-ଷଣରେ—ଧର୍ଷିତ ହୁଏ ।)

ଧଳ, ବି. (ଦେଶଜ) ଶୂଦ୍ର ଜାତିର ଉପାଧି-ବିଶେଷ ।

ଧଳା, ବିଂ. (ଧବଳ ଶବ୍ଦଜ) ଶ୍ୱେତ । ଯଥା—

କଳା ଧଳା କରିବାକୁ କେ ଅବା ଭଜନ । ର. କ.

ଗୌରବର୍ଣ୍ଣବିଶିଷ୍ଟ । ଯଥା—

ଧଳା କଳା ବେନଭାଇ ଗୋ ଦୁହେଁ ଦୁହିଙ୍କି ଶୋଭା ।

ଧଳାଶତା, ବି. (ଦେଶଜ) ବୃକ୍ଷବିଶେଷ ।

ଧଳାଙ୍କୁ, ବି. (ଦେଶଜ) ଗୁଳ୍ମବିଶେଷ ।

ଧବ, ବି. [ଧୂ=(ଶିଶୁମାନଙ୍କୁ) କମ୍ପାଇବା-ଅ] ପତି । ଯେପରି—ରମାଧବ, ମାଧବ । ବୃକ୍ଷବିଶେଷ; କମ୍ପ ।

ଧବଳ, ବି. (ଧାବ=ପରିଷ୍କାର କରିବା-ଅଳ, ଆ=ଅ) ଶୁକ୍ଳବର୍ଣ୍ଣ; କର୍ପୂରବିଶେଷ; ଶ୍ୱେତକୁଷ୍ଠରୋଗବିଶେଷ, ଶ୍ୱେତମରିଚ; ଶ୍ରେଷ୍ଠ ବୃଷ । ବିଂ. ଶ୍ୱେତବର୍ଣ୍ଣବିଶିଷ୍ଟ; ସୁନ୍ଦର । (ସ୍ତ୍ରୀ-ଆ-ଈ) ଶ୍ୱେତବର୍ଣ୍ଣ ଧେନୁ । (ବିଶେଷ୍ୟରେ ଧବଳିମା, ବିଶେଷଣରେ ଧବଳିତ, ଧବଳୀଭୂତ ଓ ଧବଳୀକୃତ ହୁଏ ।)

ଧବିତ୍ର, } ବି. (ଧୂ=କମ୍ପାଇବା-ଇତ୍ର)
ଧୂବିତ୍ର, } ବ୍ୟଜନ; ଚର୍ମନିର୍ମିତ ବ୍ୟଜନ; ତାଳବୃନ୍ତ । ବିଂ. ଅପନୟନକାରକ ।

ଧା, ବି. (ଧା=ଧାରଣ କରିବା-କ୍ୱିପ୍) ଧାରଣକର୍ତ୍ତା; ବ୍ରହ୍ମା; ବୃହସ୍ପତି ।

ଧାଁ, ଧାଆଁ, ବି (ଧାବନ୍ ଶବ୍ଦଜ) ଧାଇଁବା, ଧାଉଡ଼ି ।

ଧାଁଧପଡ଼, } ବି. (ଦେଶଜ) ଅତି ସତ୍ୱର
ଧାଁଆଁ ଧପଡ଼, } ଗମନାଗମନ ।

ଧାଇଁବା, କ୍ରି. (ପ୍ରାକୃତ ଧାଁ ଧାତୁଜ) ଦୌଡ଼ିବା ।

ଧାଈ, ଧାତ୍ରୀ, } ବି. ସ୍ତ୍ରୀ. (ଧାତ୍ରୀ ଶବ୍ଦଜ)
ଦାଈ, } ଉପମାତା । ଯଥା—

କପଟୀ ଧାତ୍ରୀ ପରାଣଖିଆ । ର. କ.

ବାଳକମାନଙ୍କର ରକ୍ଷଣାବେକ୍ଷଣକର୍ତ୍ତ୍ରୀ ଦାସୀ ।

ଧାଉଡ଼, } ବି. (ଦେଶଜ) ଧାବନ ଅର୍ଥାତ୍
ଧାଉଁଡ଼, } ଧାଇଁବା । ଯଥା—

ଅନଙ୍ଗ କି ତୁରଙ୍ଗ ଧାଉଡ଼ି ଦେଇ,
ଖାର ସନ୍ଧାନେ ଧୈର୍ଯ୍ୟ ଘଉଡ଼ି ନେଇ । ଲ. ବ.

ଶ୍ରେଣୀ ।

ଧାଉଡ଼ଆ, } ବ. ( ଦେଶଜ ) ରାଜଦୂତ ବା
ଧାଉଁଡ଼ଆ, } ରାଇବାର ଆଣିବା ଲୋକ; ଡ଼ାକବାଲା ।

ଧାଙ୍ଗଡ଼, ବ. (ଦେଶଜ) ନୃତ୍ୟବିଶେଷ ।

ଧାଙ୍ଗଡ଼ା, ବ. ( ଦେଶଜ ) ବନ୍ୟଜାତୀୟ ଯୁବକ ।

ଧାଙ୍ଗଡ଼ୀ, ବ. ସ୍ତ୍ରୀ. ( ଦେଶଜ ) ବନ୍ୟଜାତୀୟ ଯୁବତୀ ।

ଧାଟୀ, ବ. ସ୍ତ୍ରୀ. ସଂ. ଶତ୍ରୁର ଅଭିମୁଖରେ ଗମନ; ଶ୍ରେଣୀ ।

ଧାଡ଼, ବ. (ଧାଟୀ ଶବ୍ଦଜ ପ୍ରାକୃତ) ଆକ୍ରମଣ, ଶତ୍ରୁର ଅଭିମୁଖରେ ଗମନ । ଯଥା—

ଏବେ କୀଚକକୁ ଲଗିଲା କାମ ଧାଡ଼,
ମୋତେ ହର ଲୋଡ଼ୁଛୁ କଣିବନ ଘଡ଼ । କୃ.ଖ.ବ.ପ.

ଶ୍ରେଣୀ । ଯଥା—

ଧାଡ଼ ଧାଡ଼ ହୋଇ ମହାନଦୀ ଯାଏ,
ଶୁଭ୍ର ତମ୍ବୁ ଶୋଭେ ଖଡ଼ଶୈଳ ପ୍ରାୟେ । ନ.କେ.

(ଧାର ଶବ୍ଦଜ) କ୍ରମ, ମାର୍ଗ । ଯଥା—

ଏହି ସକାଶରୁ ଭୁମ୍ଭ ପଟ ଗୁଡ଼,
କହିଲେ ଦ୍ରୋଣଗୁରୁ ଯେ ଧରମ ଧାଡ଼ । କୃ.ଖ.ବ.ପ.

ଅନୁକ୍ରମ, ପରିପାଟୀ । ଯଥା—

ଏରୂପେ ବନ ମଧ୍ୟେ ରହିଲେ ବୁଢ଼ାପଣ୍ଡ,
ଶୁଣ ହେ ନାରଦ ଏ ନୃସିଂହ ଗ୍ରନ୍ଥ ଧାଡ଼ । ନୃ.ପୁ.ଚ.ଉ.

ଧାଡ଼ଦେବ, କ୍ରି. (ଧାଟୀ-ଦା ଧାତୁଜ) ଯୁଦ୍ଧାର୍ଥ ଆସିବା । ଯଥା—

କଳିଙ୍କ କାମ ମଗଧରାଜ ପ୍ରାପ୍ତ ହୋଇ,
ପୁଣି ଧାଡ଼ଦେଇ ଚଉ ଉଚ୍ଛନ୍ନ କରଇ । ଲ. ବ.

ଧାଡ଼ଧୋକଡ଼, ବ. ( ଦେଶଜ ) ଦୈଶିକ ଖେଳବିଶେଷ ।

ଧାଡ଼ପାଠ, ବ. (ଧାଟୀ-ପାଠ-ଏ ଉଭୟ ଶବ୍ଦର ଅନୁକୃତିରେ ଗଠିତ) ସାଧାରଣ ପାଠ ।

ଧାଡ଼ୁଆ, ବ. (ବାଲେଶ୍ୱର ଅଞ୍ଚଳରେ) ବୁଢ଼ା ମାଙ୍କଡ଼ ।

ଧାତା, ବ. (ଧାତୃ-ଧା = ଧାରଣ କରିବା-ତୃ) ବ୍ରହ୍ମା; ବିଷ୍ଣୁ; ପିତା; ଆତ୍ମା; ବାୟୁବିଶେଷ; ଆଦିତ୍ୟବିଶେଷ । ବିଂ. ରକ୍ଷାକର୍ତ୍ତା; ଧାରଣକର୍ତ୍ତା; ସୃଷ୍ଟିକର୍ତ୍ତା; ବିଧାନକର୍ତ୍ତା । (ଦେଶଜ) ବ. ବଳ, ଅଧିକାର । ଯଥା = କଣ ! ତୋର ଏତେ ଧାତା ଅଛି ? ତୁ ତାକୁ ଏପରି ବୋଲିବୁ ?

ଧାତି, } କ୍ରି. ବିଂ. ( ଦେଶଜ ) ଶୀଘ୍ର ।
ଧାତିକାରେ, } ଯଥା—

କୋପେ ଉଡ଼ାଇ ସୁରପତି,
ବଜ୍ର ପ୍ରହାର କଲା ଧାତି । ଖ. ଦ. ସ୍କ.
କୃଷ୍ଣ କହନ୍ତି କୋପଭରେ,
ଦାରୁକ ବାହା ଧାତିକାରେ । ଖ. ଦ. ସ୍କ.

ଧାତିଙ୍ଗି ଧାତିଙ୍ଗି, } ଅଂ. (ଦେଶଜ) ଅନୁ-
ଧାତିନ, } କରଣ ଶବ୍ଦବିଶେଷ । (ଢିମିଢିମି ଶବ୍ଦ ଦେଖ ।)

ଧାତୁ, ବ. (ଧା=ଧାରଣ କରିବା-ତୁ) ଦେହସ୍ଥ ବାତ ପିତ୍ତ କଫ ଓ ମେଦ ମାଂସାଦି; ପଞ୍ଚଭୂତ; ଗୈରିକାଦି; ସ୍ୱର୍ଣ୍ଣାଦି; ଭୂ, ଗମ୍ ପ୍ରଭୃତି ଶବ୍ଦଯୋନି; ଉପାଦାନ; ପାରଦ, ହିଙ୍ଗୁଳ ପ୍ରଭୃତି; ପରମେଶ୍ୱର ।

ଧାତୁକୀ, ବ. ସ୍ତ୍ରୀ. (ଧାତୁକୀ ଶବ୍ଦଜ) ପୁଷ୍ପଜାତୀୟ ଗୁଳ୍ମବିଶେଷ ।

ଧାତୁର, ବ. (ଧୁସ୍ତୁର ଶବ୍ଦଜ) ଦୁଦୁରା ଗଛ ।

ଧାତୁରଫୁଲିଆ, ବିଂ. (ଦେଶଜ) ଧାତୁରା ଫୁଲର ଆକୃତିବିଶିଷ୍ଟ । (କଂସା ଗ୍ଲାସ ସମ୍ବନ୍ଧରେ ଏ ଶବ୍ଦ ବ୍ୟବହୃତ ହୁଏ ।)

ଧାତ୍ରୀ, ବ. ସ୍ତ୍ରୀ. (ଧାତୃ-ଈ) ମାତା; ଧାଈମା; ପୃଥ୍ୱୀ; ଆମଳକୀ ।

ଧାନ, ବ. ( ଧା = ଧାରଣ କରିବା-ଅନ ) ନିଧାନ, ସ୍ଥାନ ଆଧାର; (ଧାନ୍ୟ ଶବ୍ଦର ଅପଭ୍ରଂଶ) ଯବଆଦି; ଓଜନର ପରିମାଣ ବିଶେଷ । ଯଥା—

ଗୁଣ ଧାନରେ ଏକ ରତି, ଚଳ୍ଲାକ ଅଟେ ଗୁଣ ରତି ।

(ସ୍ତ୍ରୀ ·ଧାନୀ ଓ ଧାନକା । ଯଥା—ରାଜଧାନୀ, ମତ୍ସ୍ୟଧାନୀ ।)

ଧାନକୋଠି, ବ. ( ଧାନ୍ୟକୋଷ୍ଠ ଶବ୍ଦଜ ) ଧାନଘର; ଧାନଗଦା; ଧାନବଦାଡ ।
ଯଥା—

ଭସାଇ ଗୋଶାଳା ଖଳା ମଞ୍ଚ ଧାନକୋଠି । ମ. ଯା.

ଧାନା, ବି. ସ୍ତ୍ରୀ. ସଂ. ନିସ୍ତୁଷ ଭୃଷ୍ଟଯବ ।

ଧାନୁଆକଣ୍ଠି, } ବି. (ଦେଶଜ ଓ ସ୍ତ୍ରୀ) କଣ୍ଠ-
ଧାନୁଆମାଳି, } ଆଭରଣବିଶେଷ ।

ଧାନୁଆମରିଚ, } ବି. ଏକଜାତୀୟ କ୍ଷୁଦ୍ର
ଧାନୁଆ ଲଙ୍କାମରିଚ, } ଓ ବିଶେଷ ରାଗ ଥିବା
ଲଙ୍କାମରିଚ ।

ଧାନୁକୀ, ଧାନୁକ, } ବି. (ଧାନୁଷ୍କ ଶବ୍ଦଜ)
ଧନୁକ, } ଧନୁର୍ଦ୍ଧର । ଯଥା—

ଅସୁରେ ଆସିବେ ହେ ଏହାଙ୍କୁ ଦେଖିବେ,
ଆମ୍ଭପାଇଁ ଧାନୁକୀ ସେ ହେ ଆଣିଛୁ
ବୋଲିଣ ଖାଇବେ । ବି. ର.

ଧନୁକଏ ଧରି କରେ ଧନୁବାଣ,
ନୃପଙ୍କୁ ଭେଟୁଛନ୍ତି ଟଙ୍କାର ଦେଇ ଗୁଣ । କୃ.ଭା.ଆ.ପ.

ଧାନୁଷ୍କ, ବି. (ଧନୁଷ୍କ-ଅ, ଅଥବା ଧନୁଷ୍-କ—
ପ୍ରହରଣାର୍ଥେ) ଧନୁର୍ଦ୍ଧାରୀ ।

ଧାନ୍ୟ, ବି. (ଧନ-ଯ-ସ୍ୱାର୍ଥେ କିମ୍ବା ଧା=
ଧାରଣ କରିବା-ଯ, ନ ଆଗମ) ଶସ୍ୟ,
ଧାନ; ପରିମାଣବିଶେଷ ।

ଧାନ୍ୟାକ, ବି. ସଂ. ଧଣିଆ ।

ଧାପ, ଦାପ, ବି. (ଦର୍ପ ଶବ୍ଦଜ) ପୀଡ଼ନ ।

ଧାପ, ବି. (ଧାବ୍ ଧାତୁଜ) ଗତିବେଗ । ଯଥା—
ଟଳମଳ ମେଦିନୀ ଯେ ପାଣ୍ଡବର ଧାପେ । ସା. ଭା. ସ.
କ୍ରି. ବିଂ. ଶୀଘ୍ର । ଯଥା—

କୃତାନ୍ତକ ବଚନେ ସୁବାହୁପାଣି କୋପେ,
କୃତାନ୍ତକ ପରେ ଗଳା ପ୍ରହାରିଲା ଧାପେ । ସା.ଭା.ସ.

ତତ୍କ୍ଷଣେ ବା ସେହିକ୍ଷଣେ । ଯଥା—
ସେ ଆଇଲା ଧାପେ ମୋତେ କହିବୁ ।

ଧାପଟ, } ବି. (ଦର୍ପ ଶବ୍ଦଜ) ପ୍ରତାପ,
ଦାପଟ, } ପ୍ରଭାବ ।

ଧାପଦେବା, କ୍ରି. (ଧାବ୍ ଧାତୁଜ) ସାହସରେ
ପଶିବା । ଯଥା—

ସଂଗ୍ରାମ ଭୂମିରେ ଯେଉଁ ଅଶ୍ୱ ଧାପ ଦେବ,
ରିପୁଙ୍କୁ ଧରି ଯେବେ କାତର ନ ହେବ । ନା.ର.ଗୀ.

ଧାପଧାଉଁଡ଼, ବି. (ଦେଶଜ) ଏକପ୍ରକାର
ଖେଳ । (ପଟାମୁଣ୍ଡି ଶବ୍ଦ ଦେଖ ।)

ଧାପେ, କ୍ରି. ବିଂ. (ଦେଶଜ) ତତ୍କ୍ଷଣାତ୍,
ସେକ୍ଷଣି । ଯଥା—

ଅର୍ଜୁନ ବଳ କିଛି ଗୃହି ତା ନ ସହି,
ବନ୍ଧିଲେ ବ୍ରେପଗୃପେ ଧାପେ କୋପେ ସେହି ।
କୃ. ଭା. ବ. ପ.

ଧାମ, ଧାମନ୍, ବି. (ଧା=ଧାରଣ କରିବା-
ମନ) ଗୃହ, ସ୍ଥାନ; ଶରୀର; ଜନ୍ମ; ପ୍ରଭାବ;
ତେଜ; ରଶ୍ମି; ଦୀପ୍ତି; ଉଚ୍ଚପାଦ । (ଧାମ
ରଶ୍ମୌ ଗୃହେ ଦେହେ ସ୍ଥାନେ ଜନ୍ମ-
ପ୍ରଭାବୟୋଃ—ହୈମ ।)

ଧାମଣ, } ବି. (ଧର୍ମଣ ଶବ୍ଦଜ) ବୃକ୍ଷବିଶେଷ ।
ଧାମଣା, } ଯଥା—

ଧାମଣା କାଠ ଧନୁ କଣ୍ଠା ବାଉଁଶ ଗୁଣ,
ଫିଙ୍ଗିକ ଫଳ ନାରାଚ ପୂରାଇଣ ତୂଣ । ସା. ଭା. ଆ. ପ.

ଧାମା, ବି. (ଦେଶଜ) ଡ଼ମା, ଗୋରୁ ଇତ୍ୟାଦିଙ୍କୁ
ଖୁଆଇବା ନିମନ୍ତେ ବାଉଁଶପାତିଆନିର୍ମିତ
ପାତ୍ରବିଶେଷ ।

ଧାର, ବି. (ଧୃ=ଧାରଣ କରିବା-ଅ) ଋଣ;
କ୍ଷେତ୍ରସୀମା ବା ପ୍ରାନ୍ତଭାଗ; ଅସ୍ତ୍ରର ତୀକ୍ଷ୍ଣାଂଶ ।
(ତୀକ୍ଷ୍ଣଧାରଃ କୁଠାରଃ) ତୀକ୍ଷ୍ଣତା; ପ୍ରସ୍ତର
ବିଶେଷ; ଗମ୍ଭୀରତା । (ସ୍ତ୍ରୀ-ଆ) ଦ୍ରବଦ୍ରବ୍ୟର
ନିରନ୍ତରକ୍ଷରଣ; ଯେପରି—ଅଶ୍ରୁଧାରା ।
ବୃଷ୍ଟି; ଅସ୍ତ୍ରର ତୀକ୍ଷ୍ଣପ୍ରାନ୍ତଭାଗ; ସ୍ରୋତ,
ପ୍ରଣାଳୀ, ଶ୍ରେଣୀ; କ୍ରମାଗତ ସ୍ଥିତି; ଯେପରି
ଧାରାବାହିକ । ଉତ୍କର୍ଷ; ଯଶ;
ପରିଚ୍ଛେଦ, ପ୍ରକରଣ; ବ୍ୟବସ୍ଥା; ଅଶ୍ୱ-
ଗତିବିଶେଷ ।

ଧାରଣ, ବି. (ଧୃ-ଇ=ପୋଷଣ କରିବା-ଅନ)
ଗ୍ରହଣ; ଅବଲମ୍ବନ; ଯେପରି—ଯଷ୍ଟି
ଧାରଣ । ପରିଧାନ; ଯେପରି—ବସ୍ତ୍ର-
ଧାରଣ । ନିବାରଣ; ସଂବରଣ; ଯେପରି—
ବେଗଧାରଣ । ବହନ; ସ୍ଥାପନ । ବିଂ.
ରକ୍ଷକ, ଗ୍ରାହକ । (ସ୍ତ୍ରୀ-ଆ-ଧାରଣା)
ସ୍ଥିରତା; ନିଶ୍ଚୟ; ମନେ ରଖିବା; ବୁଦ୍ଧି;
ଚିତ୍ତର ଏକାଗ୍ରତା; ବିଶ୍ୱାସ, ସିଦ୍ଧାନ୍ତ ।

( ଏହି ଧାତୁରୁ ବିଶେଷଣରେ ଧର୍ତ୍ତା, ଧର୍ତ୍ତବ୍ୟ, ଧାରକ, ଧୃତ, ଧାରିତ, ଧାର୍ଯ୍ୟ, ଧାତ୍ରୀ, ଧାରଣୀୟ, ଧାରୟିତା, ଧାରୟିଷ୍ଣୁ ଇତ୍ୟାଦି ପଦ ନିଷ୍ପନ୍ନ ହୁଏ ।)

ଧାରଣା, ବି. (ଧାରଣ ବା ଧାରଣା ଶବ୍ଦର ଅନୁକୃତ) ରେଖା । ଯଥା—

ଯା ପିଠିରେ ପଡ଼ିଛି ସୁନାର ଧାରଣା,
ଏ କାହା ଧନୁ ସତ କହି ନୋହି ବଣା । କୃ.ଖ୍ରି.ବି.ପ.

ଆଶ୍ରୟ । ଯଥା—

ନୃସିଂହ ବୋଲେ ସଖି ଜନ୍ମିଲେ ସ୍ଥିର ବାଳ,
ସଂସାରକୁ ଧାରଣା ଏ ହୋଇବେ କେବଳ ।
ନୃ. ପୁ. ଭୃ. ତ.

ଦେବତାଙ୍କ ନିକଟରେ ଅନୁସରଣ ।

ଧାରାଧର, ବି. ( ଧାରା-ଧୃ-ଅ ) ମେଘ; ଅସ୍ତ୍ର; ଖଡ୍ଗ ।

ଧାରାଳ, ବିଂ. ( ଧାରା-ଳ-ଅସ୍ତ୍ୟର୍ଥେ ) ତୀକ୍ଷ୍ଣ, ଶାନ୍ତିସଙ୍ଗତ; ସୁବ୍ୟବସ୍ଥ; ଧାରାବାହିକ ।

ଧାରାବାହିକ, } ବିଂ. (ଧାରା=କ୍ରମାଗତ ସ୍ଥିତି-
ଧାରାବାହୀ, } ବହ୍-ଇକ, ଇନ୍) କ୍ରମାଗତ-ସ୍ଥିତିଶୀଳ; ଯାହା ବରାବର ଚାଲି ଆସୁଅଛି, ଯାହା କେବେ ରହିତ ବା ସ୍ଥଗିତ ହୋଇ ନାହିଁ, ଅବିଚ୍ଛିନ୍ନ ।

ଧାରିବା, କ୍ରି. (ଧାରଣ ଶବ୍ଦଜ) କରଜ କରିବା ।

ଧାରୁଆ, ବିଂ.(ଧାରକ ଶବ୍ଦଜ)ଋଣୀ, କର୍ଜଦାର; ଧାର ବା ଦାଢ଼ଯୁକ୍ତ (ଅସ୍ତ୍ରାଦି) । ଯଥା—

ଅଥବା ଧାରୁଆ ପଣ କରିପଣ ନାଶେ,
ଅପୂର୍ଣ୍ଣାଙ୍କୁ ସମଧିକ ଥୋଇ ଚଉପାଶେ । ବୃ. ସ୍ତୁ.

ଧାବନ, ବି. (ଧାବ=ବେଗେ ଯିବା, ଧୌତ କରିବା-ଅନ) ଧାଉଁଡ଼, କ୍ଷାଳନ । (ବିଶେଷଣରେ ଧାବକ, ଧାବମାନ ଓ ଧାବିତ ହୁଏ ।)

ଧାସ, ବି. ( ଦେଶଜ ) ଉତ୍ତାପ । ଯେପରି— ନିଆଁ ଧାସ ।

ଧିଆନ, ବି. (ଧ୍ୟାନ ଶବ୍ଦର ଅପଭ୍ରଂଶ) ଧ୍ୟାନ । ଯଥା—

କୃଷ୍ଣ ରୂପ କରୁଥିବ ଧିଆନ । ର. କ.

ଧିଆଇବା, ଧ୍ୟାଇବା, } କ୍ରି. (ଧ୍ୟୈ ଧାତୁ ବା
ଧ୍ୟାୟିବା, } ଧ୍ୟାନ ଶବ୍ଦଜ ) ଧ୍ୟାନ କରିବା । ଯଥା—

ଅଳପକ କଳପନା ନୋହେ ଯେହ୍ନେ ସୁଲପନା,
କଳିଷ୍ଣ କଳିଷ୍ଣ କଳିଷ୍ଣ ହୋଇ, ଯାହା ଧିଆଇ ଯେ ।
କୋ. ବ୍ର. ସୁ.

ଯୋଗ ବିଯୋଗ ହୋଇବ ଧ୍ୟାୟିଲେ । କୋ. ବ୍ର. ସୁ.

ଧିକ୍, ଅଂ. (ଧିକ୍=ବିନାଶ କରିବା-ଇକ୍) ନିନ୍ଦା; ଭର୍ତ୍ସନା; ଅବଜ୍ଞା ।

ଧିକ୍କାର, ଧିକ୍କ୍ରିୟା, } ବି. ( ଧିକ୍-କୃ=
ଧିକ୍କୃତି, ଧିକ୍କୃତ, } କରିବା-ଅ, ଯୃ-ଆଗମ-ଆ, ତି, ତ, ଭାବବାଚ୍ୟରେ) ନିନ୍ଦା; ଭର୍ତ୍ସନା; ଅବଜ୍ଞା । ( ବିଶେଷଣରେ ମଧ୍ୟ ଧିକ୍କୃତ ପଦ ହୁଏ । )

ଧିକାର, ବି. ( ଧିକ୍କାର ଶବ୍ଦର ଅପଭ୍ରଂଶ ) ନିନ୍ଦା, ଭର୍ତ୍ସନା ।

ଧିକ, ଧିକଧିକ, ବି. (ଧିକ୍ ଶବ୍ଦଜ) ଧିକ୍କାର । ଯଥା—

କୋଠାରେ କେକୀ ମଧ୍ୟରେ ଡାକି
କରନ୍ତି ନାଟ କଳାପ ଟେକି,
ତା ଶୋଭା ଧିକ ବୋଲିବା ଭଳି ହେ । ସ୍ମ. ପ.

ବିଶ୍ରବା ଋଷିର ସନ୍ଧି ଧିକ, ନେଲି ଦୁହିତା ରସନଧିକ,
ଶୋକରେ କରେ ସେ ଧିକଧିକ ନାସାମାନରେ ଯେ ।
ବୈ. ବି.

ଧିକମାକି, ଧିକମାକି, ବିଂ.(ଦେଶଜ) ବିରକ୍ତ ।

ଧିଙ୍ଗାସ, ବି. ( ଧିକ୍ଭାଷ ଶବ୍ଦଜ ) ଭର୍ତ୍ସନା; ଅପ୍ରୀତି । ଯଥା—

ଧୃତରାଷ୍ଟ୍ରେ ରାଜ୍ୟ ସମର୍ପିଲି ଧର୍ମ ଅର୍ଥେ,
ଧର୍ମଧିଙ୍ଗାସ ଆସିଣ ହୋଇଲକ ତୋତେ । ସା.ଭା.ଆ.ପ.

ଧିଙ୍ଗାସିବା, କ୍ରି. ( ଧିକ୍ଭାଷ ଶବ୍ଦଜ ) ଅପ୍ରୀତି କରିବା; ଭର୍ତ୍ସନା କରିବା । ଯଥା—

ଧିଙ୍ଗାସେ ଦାନବୀ ହୋଇ ନରେ ହେଲୁ ବଶ,
ତେଣୁକରି ଆଜ ତୋତେ କରିବି ବିନାଶ । ସା.ଭା.ଆ.ପ.

ଧିଠ, ବିଂ. (ଧୃଷ୍ଟ ଶବ୍ଦଜ, ପ୍ରାକୃତ ଧିଟ୍ଠୋ ଶବ୍ଦରୁ ଜାତ) ଦୁଷ୍ଟ, ନିର୍ଲ୍ଲଜ୍ଜ । ଯଥା—

ମୁହଁ ନ ଲଗାଅ କେହି ଏହି ଧିଠକୁ । ବି. ଚ. ମ.

ଧିମା, ବିଂ. (ଦେଶଜ) ଅଚଞ୍ଚଳ, ଧୀର ।

ଧିର, ବିଂ. (ଧୀରର ଅପଭ୍ରଂଶ) ଆପି ।

ଧିରତି, ବି. (ଧୃତି ଶବ୍ଦଜ) ଧୈର୍ଯ୍ୟ । ଯଥା—
ତେଜି ଧିରତି ଧନ ହରନ୍ତି ଛନ୍ଦ ସରତି ସେ ତ ।
ପ୍ରେ. ସୁ. ନି.

ଧିରା, ବି. ସ୍ତ୍ରୀ. (ଧୀରା ଶବ୍ଦର ଅପଭ୍ରଂଶ) ନାୟିକାଭେଦ । ବିଂ. ଅଦୁଷ୍ଟା (ସ୍ତ୍ରୀ) । କ୍ରି. ବିଂ. ଧୀରଭାବରେ ।

ଧିରି, ଧୀରି, } କ୍ରି. ବିଂ. (ଧୀର ଶବ୍ଦଜ)
ଧୀରେ, ଧିରେ, } ଧୀରଭାବରେ । ଯଥା—
ମେରୁ ପଶ୍ଚିମ ଭାଗେ ଆସଇ ଦୈତ୍ୟ ହେରି,
ଯବନ ପୁର୍ବ ଏବେ ବହଇ ଧୀରିଧିରି । ନୃ.ପୁ.ତୃ.ତ.
ଧୀରେ ଧୀରେ ଶୁଣ ଏ ଉତ୍ତରୁ ଚରିତ । ବି. ଚି. ମ.

ଧିଷଣ, ବି. ( ଧିଷଣା-ଅ—ଅସ୍ତ୍ୟର୍ଥେ ) ବୃହସ୍ପତି । (ଗୀଷ୍ପତିର୍ଧିଷଣୋ ଗୁରୁଃ—ଅମର ।) (ଧୃଷ୍ଣୁବନ୍ତି ପ୍ରଗଲ୍‌ଭନ୍ତେ ଅନୟାଧିଷଣା, ଧୃଷ୍=ପ୍ରଗଲ୍‌ଭହେବା-ଅନ — ସ୍ତ୍ରୀ-ଆ ) ବୁଦ୍ଧି, ଜ୍ଞାନ । (ବୁଦ୍ଧିର୍ମନୀଷା ଧିଷଣା—ଅମର ।)

ଧୀ, ବି. ସ୍ତ୍ରୀ. (ଧ୍ୟୈ=ଚିନ୍ତା କରିବା-କ୍ୱିପ୍) ବୁଦ୍ଧି; ଜ୍ଞାନ ।

ଧୀର, ବିଂ. (ଧୀ=ବୁଦ୍ଧି-ରା=ଗ୍ରହଣ କରିବା-ଅ) ଧୈର୍ଯ୍ୟଶାଳୀ; ପଣ୍ଡିତ; ବୁଦ୍ଧିମାନ୍; ଗମ୍ଭୀରସ୍ୱଭାବ; କ୍ଷମୀ; ସ୍ଥିର; ଶାନ୍ତ, ବିନୀତ, ନମ୍ର; ମନୋହର; ଗମ୍ଭୀର; ସମର୍ଥ, ସାରବାନ୍ । ବି. ବଳିରାଜ; କୁଙ୍କୁମ । (ସ୍ତ୍ରୀ-ଆ) ନାୟିକାବିଶେଷ ।

ଧୀବର, ବି. [ଧୀ=(ମତ୍ସ୍ୟ) ଧାରଣ କରିବା ଓ ବିନଷ୍ଟ କରିବା-ବର] କୈବର୍ତ୍ତ । (କୈବର୍ତ୍ତେ ଦାସଧୀବରୌ—ଅମର ।)

ଧୁଁକା, ବି. (ଚଡ଼ଜାତ ଶବ୍ଦ) ପ୍ରବଳ ପବନ ।

ଧୁଆଁ, ଧୂଆଁ, ବି. ( ଧୂମ ଶବ୍ଦଜ ) ଧୂମ; ଧାଇଁବା । ଯଥା—
ସେହିରୂପେ ତୁମ୍ଭର କର୍ଣ୍ଣର ରଥ ଧୂଆଁ,
ଦେଖି ହେଲେ କ୍ରୋଧରେ ଦ୍ରୁପଦସୁତେ ନିଆଁ ।
କୃ. ଭା. କ. ପ.

ଧୁଆଁଇବା, } କ୍ରି. ( ଦେଶଜ ) ଧାବମାନ
ଧୂଆଇବା, } କରାଇବା । ଯଥା—
ନରେଶ ଏ ବାଣୀ ଯହୁଁ ଶୁଣିଲେ,
ତୁରଙ୍ଗମକୁ ଧୂଆଁଇ ହାଣିଲେ । କୋ. ବ୍ର. ସୁ.
ଧୌତ କରାଇବା ।

ଧୂଆ, ବି. (ଦେଶଜ) ଧୋଇବା; ଧାବମାନ କରିବା । ବିଂ. ଧୌତ । ଯଥା—
ଥିଲି ଯେ ପଙ୍କ ବେନି ତଟ,
ଭଙ୍ଗ ତରଙ୍ଗେ ଧୂଆ ତୋଠ । ଭା. ଦ. ସ୍କ.

ଧୂଆଁକାଳି, ବି. (ଧୂମକାଳିମା ଶବ୍ଦଜ) ଅଳନ୍ଧୁ ।

ଧୂଆଁଟିଆ, } ବିଂ. ( ଦେଶଜ ) ଧୂମମୟ ।
ଧୂଆଁଡିରିଆ, }

ଧୂଆଁପତ୍ର, } ବି. (ଧୂମ ପତ୍ର ଶବ୍ଦଜ) ତମାଖୁ-
ଧୂଆଁପତ୍ର, } ପତ୍ର ।

ଧୂଆଁପତ୍ରକାହାଳି, ବି. (ଦେଶଜ) ତମାଖୁଯୁକ୍ତ ପତ୍ରକାହାଳି, ପିକା ।

ଧୂଆଁଫୁଙ୍କା, ବିଂ. (ଦେଶଜ) ଯେଉଁ କଦଳୀକୁ ଧୂଆଁ ଫୁଙ୍କି ପଚାନ୍ତି ।

ଧୂଗାଡ଼, ବି. (ଦେଶଜ) ଅଜୀର୍ଣ୍ଣବିକାର । ଯଥା—
ହୁଲ୍‌କା ଅଜୀର୍ଣ୍ଣ ବାଡ଼ି ଧୂଗାଡ଼ ପେଟଫୁଲା,
ଦେଖିଲେ ସବୁ ଲୋକେ ବୋଲିବେ ମରିଗଲା ।
ନୃ. ପୁ. ସ. ତ.

ଧୂଡ଼ୁକ, ବି. (ଦେଶଜ) ଏକପ୍ରକାର ବାଦ୍ୟଯନ୍ତ୍ର; ଏଥିରେ ଖଣ୍ଡିଏ ସୂତା ବାନ୍ଧି ତହିଁରେ ଆଙ୍ଗୁଠି ମାଇଲେ ବାଜେ । ଯଥା—
ବାନ୍ଧିବ ଧୂଡ଼ୁକ ଛଡାରେ ବଜାଇବ ବଂଶୀ,
ଭଦଭଦଲିଆ ନାଆଁରେ ଗୀତ ଗାଇବ ବସି । ଉ.ସା.
ବିଂ. ଭଙ୍ଗା ।

ଧୂଡ଼ୁପୁଡ଼ୁ, } ଅଂ. (ଦେଶଜ) ଅନୁକରଣ
ଧୂଡ଼ୁକିନି, } ଶବ୍ଦବିଶେଷ ।

ଧୂତ୍ତ, ଅଂ. ( ଦେଶଜ ) ନିଷେଧାର୍ଥ, ନିବାରଣାର୍ଥ ।

ଧୂତ, ଧୂତ, ବିଂ. (ଧୁ, ଧୂ=କମ୍ପିବା-ତ) କମ୍ପିତ; ତ୍ୟକ୍ତ । (ଧୂତ ଦୋଷୋ ଭବିଷ୍ୟସି) (ବିଶେଷ୍ୟରେ ଧୂତି, ଧୂତି ଏବଂ ଧୂନନ ଓ ଧୂନନ ହୁଏ ।)

ଧୂତୁରା, ବି. (ଧୁସ୍ତୂର ଶବ୍ଦଜ) ଦୁଦୁରାଗଛ ।

ଧୂତୁରାଫୁଲିଆ, ବିଂ. (ଦେଶଜ) ଧୂତୁରାଫୁଲର ଆକୃତିବିଶିଷ୍ଟ ।

ଧୂନ, ବି. (ଧୂ = କମ୍ପିବା, ଗମନ କରିବା-ନ) ନଦୀ । (ଦୀର୍ଘ ଈକାରାନ୍ତ ମଧ୍ୟ ହୁଏ) । (ଧ୍ୱନି ଶବ୍ଦଜ) ଶବ୍ଦ । ଯଥା—

ଗୋରୁ ଗୋପାଳ ସଙ୍ଗେ ଘେନି,
ବିଶେଷ କଲେ ବେଣୁ ଧୂନି । ଭ୍ର. ଦ. ସ୍କ.

(ଦେଶଜ) ବୈରାଗିମାନେ ବଡ଼ ବଡ଼ କାଷ୍ଠ ଜାଳି ସଞ୍ଚୟ କରିଥିବା ଅଗ୍ନି । ଯଥା—

କପଟେ ବସିଲେ ଚଉପାଖେ ଧୂନି ଜାଳି,
ରାଜପୁତ୍ର ଗଲେ ଅଳଂକାର ଘେନି ଚଳି । ବୈ. ପ.

ଧୂପା, ବି. (ଦେଶଜ) ଆକ୍ରମଣ; ଅନ୍ୟର ଉପରକୁ ଚଳି ଉଠିବା; ମାରି ଉଠିବା; ଧାଇଁବା । ଯଥା—

ସିପାଇ ଘୋଡ଼ା ଧୂପା ମାରିବା ପାଇଁ ଗ୍ରୁଡ଼ି,
ପଳାଇଲେ ଘୋଡ଼ା ମୁଖରେ ପିଟି ବାଡ଼ି । କୃ.ଭା.ଗ୍ରୀ.ପ.

ଧୂପାଇବା, କ୍ରି. (ଦେଶଜ) ଧୂଆଁଇବା । ଯଥା—

ସିପାଇମାନେ ଯେ ଧୂପାଇ ଘୋଡ଼ା,
ଯୋଡାଇ ଜମାଇଁ କଲେ ସେ ଛଡ଼ା । ସୁ. ପ.

ଧୂପିବା, କ୍ରି. (ଦେଶଜ) ଧାଇଁବା; ଆକ୍ରମିବା । ଯଥା—

ଧରମବଳୁ କି ମୋର, ଧୂପି ଦେଇ ନିଜ କର,
କୋଳକୁ ଆଣିଲୁ କଳା ଦ୍ୱିଜରାଜ । କ. ଚ. ର.

ମାରିବାକୁ ଅନ୍ୟ ଉପରକୁ ଉଠିବା ।

ଧୂମ୍, ଅଂ. ଅତିଶୟ, ଅତ୍ୟନ୍ତ ।

ଧୂମ୍‌ଧାମ, ବି. (ଦେଶଜ) ଗୋଳମାଳ ।

ଧୂମା, ବିଂ. (ଦେଶଜ) ବଡ଼ ମୋଟା । (ପ୍ରାଣି-ବାଚକ ପ୍ରତି କେବଳ ପ୍ରଯୋଜ୍ୟ) । ଯଥା—

ଆଉ ଅଧିକ ମୋର ଏ ଧୂମା ପୁଅକୁ,
ଢଅ ନେଇଁ ମାନ ମୋ କହିବା ବଚନକୁ । କୃ.ଭା.ଆ.

ଧୂମାଳିଆ, ବିଂ. (ଦେଶଜ) ପ୍ରବଳବାୟୁଯୁକ୍ତ; ଧୂମମୟ; ଗୋଳମାଳିଆ । (ଧୂମା-ଆଳିଆ-ସ୍ୱାର୍ଥେ—ଖେଉଡ଼ାଳିଆ ପରି) ଧୂମା ବା ଅତି ମୋଟା ।

ଧୂମାଧୂମି, ବି. (ଦେଶଜ) ଉତ୍ପାତ ।

ଧୂମୀ, ବିଂ. ସ୍ତ୍ରୀ. (ଦେଶଜ) ଅତି ପୃଥୁଳା (ସ୍ତ୍ରୀ) ।

ଧୂମୁସୀ, ବିଂ. (ଦେଶଜ) କୁତ୍ସିତା (ସ୍ତ୍ରୀ) ।

ଧୂର୍, ଧୂର, ବି. ସ୍ତ୍ରୀ. (ଧୂର୍ବ୍ = ହିଂସା କରିବା-କ୍ୱିପ୍, ଅ-ଆ) ଭାର; ଚିନ୍ତା; ଭାବନା; ପ୍ରଥମ; ସମ୍ମୁଖ; ଅଗ୍ରଭାଗ; ଶକଟର ଅଗ୍ର; ଅକ୍ଷଦଣ୍ଡ ।

ଧୂରନ୍ଧର, ଧୁରୀଣ, ଧୂର୍ଯ୍ୟ, ଧୂର୍ବହ, } ବିଂ. (ଧୂର୍ଂ = ଭାରକୁ-ଧୃ-ଅ, ଧୂର୍-ଈନ-ବହନାର୍ଥେ, ଧୂର୍-ଯ-ଯୋଗ୍ୟାର୍ଥେ; ଧୂର୍-ବହ୍ = ବହିବା-ଅ) ଭାରବାହକ, ବହନ-କାରୀ; ଯେ ଅନାୟାସରେ ଭାର ବହନ କରି ପାରେ, କାର୍ଯ୍ୟଦକ୍ଷ; ଯାହାର ବିଲକ୍ଷଣ କ୍ଷମତା ଅଛି; ଅଗ୍ରଣୀ, ଶ୍ରେଷ୍ଠ; କର୍ମ-ନିର୍ବାହକ ।

ଧୂର୍ତ୍ତିପଡ଼ିବା, ଧୂର୍ତ୍ତିପଡ଼ିବା, } କ୍ରି. ( ଧୂର୍ତ୍ତି ଶବ୍ଦଜ ) କ୍ଷୁବ୍ଧ-ହେବା ।

ଧୂଳିଆ, ଧୂଳିଆ, } ବିଂ. (ଧୂଳି ଶବ୍ଦରେ ଉଡ଼ିଆ ପ୍ରତ୍ୟୟ) ଧୂଳିଯୁକ୍ତ । ଯଥା—

ଧୂଳିଆ ପଦରେଣୁ ଦର୍ଶନ,
କଲ ସେ ପ୍ରଭୁ ଭଗବାନ । ଦା. ର.

ଗୋଳମାଳିଆ । ବି. ଏକପ୍ରକାର ବାଇଗଣ ଫଳ ।

ଧୂଳିଆ ଜନ୍ଦା, ବି. (ଦେଶଜ) ଜନ୍ଦାବିଶେଷ; ସରୁ ଓ ଶ୍ରେଷ୍ଠ ଝିକଝିକିଆ ଜନ୍ଦା ।

ଧୂଳିଧୂସର, ବିଂ. (ଧୂଳିଧୂସରିତ ଶବ୍ଦଜ) ଧୂଳି-ଯୁକ୍ତ ।

ଧୂଷ, ବି. (ଦୂଷିକା ଶବ୍ଦଜ) ନେତ୍ରମଳ; ଧୂଳି ।

ଧୂଷା, ବି. (ଦେଶଜ) ପଶମୀବସ୍ତ୍ରବିଶେଷ ।

ଧୂସରା, ଧୂଷରା, ଧୂସୁରା, ଧୂଷୁରା, ଧୂଷୁରି, ଧୂଷିରିଧୂଷରି, } ବିଂ. (ଧୂସର ଶବ୍ଦଜ) ଧୂଳି-ଯୁକ୍ତ । ଯଥା—

ଜନ୍ମେଣ ଦରିଦ୍ର ସେହି ଅଟନ୍ତି ଭିକାରି,
ପାଉଁସେ ଶୋଇଛନ୍ତି ସେ ଧୂଷୁରିଧୂଷୁରି । ସା. ଭ. ଆ.

ଧୂସରକେନ୍ଦୂ, ବି. (ଧୂସର-କାକେନ୍ଦୂ ଶବ୍ଦଜ) ଏକପ୍ରକାର କେନ୍ଦୂଫଳ ।

ଧୂସା, ଢୁସା, ବିଂ. (ଦେଶଜ) ଯାହାର ଅତି ମୋଟା ଶରୀର । (ଦୁଃଶାସନ ଶବ୍ଦର ଅପଭ୍ରଂଶ-ଅନାଦରାର୍ଥ) ଦୁଃଶାସନ ।

ଧୂସୁର, ଧୂସୁର, } ବି. ସଂ. ଦୁଦୁରାଗଛ;
ଧୂସ୍ତର, ଧୂସ୍ତର, } ତତ୍ପୁଷ୍ପ ଓ ଫଳ ।

ଧୂଁ ଧୂଁ, ଅଂ. (ଦେଶଜ) ଅନୁକରଣ ଶବ୍ଦ । ଯଥା—

ଧୂ ଧୂଁ କରି ପବନଟାଏ ବହିଲେ ପର୍ବତମାନେ ତ
କମ୍ପିଯାନ୍ତି ନାହିଁ । ଶ. ନା. ସୁ. ସ୍ୱ

ଧୂନକ, ବି. ସଂ. ଝୁଣା ।

ଧୂପ, ବି. (ଧୂପ୍ = ସନ୍ତପ୍ତ କରିବା-ଅ) ଗନ୍ଧ-ଦ୍ରବ୍ୟବିଶେଷ; ଗନ୍ଧଦ୍ରବ୍ୟନିର୍ମିତ ବର୍ତ୍ତିକାକାର ବସ୍ତୁ ଓ ତଦୁତ୍ଥିତ ଧୂମ; ତାପନ । (ବିଶେଷଣରେ ଧୂପିତ ଓ ଧୂପାୟିତ ହୁଏ ।)

ଧୂପ, ଧୂପ, ବି. (ତାଦ୍ଭବକ ପ୍ରାପ୍ତ) ଦେବତା ନୈବେଦ୍ୟ ଭୋଗ । ଯଥା—

ମନ୍ଦ୍ରନାଦେ ବଢ଼ ଦେଉଲେ ବାଜଇ
ମଧ୍ୟାହ୍ନ ଧୂପର ବାଜା । ପାର୍ବତୀ ।

ଧୂପଦାନ, ବି. (ସଂସ୍କୃତ ଓ ଓଡ଼ିଆ ଶବ୍ଦ ମିଶ୍ରଣ) ଯେଉଁ ପାତ୍ରରେ ଅଗ୍ନି ରଖି ଦେବତାଙ୍କୁ ଧୂପ ଦିଆଯାଏ ।

ଧୂମ, ବି. (ଧୂ = କମ୍ପିବା-ମ-ସଂଜ୍ଞାର୍ଥେ) ଧୂଆଁ । (ଦେଶଜ) ମହା ଆଡ଼ମ୍ବର; ପ୍ରବଳ ବାୟୁ ।

ଧୂମକେତନ, } ବି. (ଧୂମ-କେତନ; କେତୁ =
ଧୂମକେତୁ, } ଧ୍ୱଜ) ଅଗ୍ନି; କେତୁଗ୍ରହ; ଉତ୍ପାତବିଶେଷ ।

ଧୂମଳ, ଧୂମ୍ର, ବିଂ. (ଧୂମ-ଲ, ର = ଗ୍ରହଣ କରିବା-ଅ) କୃଷ୍ଣଲୋହିତ ବର୍ଣ୍ଣବିଶିଷ୍ଟ । ବି. କୃଷ୍ଣଲୋହିତବର୍ଣ୍ଣ ।

ଧୂର୍ଜ୍ଜଟି, ବି. ( ଧୂର୍ = ତ୍ରୈଲୋକ୍ୟଚିନ୍ତା, ଭାର-ଜଟ = ବନ୍ଧନ କରିବା-ଇ, ଅଥବା ଧୂର୍ = ଭାରଭୂତ-ଜଟି = ଜଟା, ଯାହାଙ୍କର ଭାରଭୂତ ଜଟା ଅଛି) ଶିବ, ମହାଦେବ ।

ଧୂର୍ତ୍ତ, ବିଂ. ( ଧୂର୍ବ୍ = ହିଂସା କରିବା-ତ ) ଶଠ, ପ୍ରବଞ୍ଚକ; କପଟାଗ୍ରହୀ; ଦ୍ୟୂତକାରୀ, ଜୁଆଡ଼ିଆ; ଦୁଦୁରାଗଛ ।

ଧୂଳ, ଧୂଳୀ, ବି. ସ୍ତ୍ରୀ. (ଧୂ = କମ୍ପିବା-ଳ ସଂଜ୍ଞାର୍ଥେ) ରେଣୁ, ପାଂଶୁ । (ବ୍ୟବହାର ଭାଷାରେ) ବିଂ. ମଇଳା । ଯେପରି—ଲୁଗା ଧୂଳି ହୋଇ ଗଲାଣି ।

ଧୂଳିଘର, } ବି. (ସଂସ୍କୃତ ଓ ଓଡ଼ିଆ ଶବ୍ଦ
ଧୂଳିଘର, } ମିଶ୍ରଣ) ପିଲାମାନେ ଧୂଳିରେ କରିବା ଖେଳଘର ।

ଧୂଳିଗୁଞ୍ଜାଇ, } ବି. (ସଂସ୍କୃତ ଓ ଓଡ଼ିଆ ଶବ୍ଦ
ଧୂଳିଗୁଞ୍ଜାଇ, } ମିଶ୍ରଣ) ଏକପ୍ରକାର ଖେଳ । ଯଥା—

ପଢ଼ିଆ ଧୂଳିଗୁଞ୍ଜାଇ ଗ୍ରବଲ ଶିଖୁଆ,
ଉଦ୍ଦଣା ଡ଼ାଲମାଙ୍କୁଡ଼ି ଜାଣା ଧନ୍ଦପୁଆ । ନୃ. ପୁ. ଭୂ. ତ.

ଧୂସର, ବି. (ଧୂ-ସର) ଈଷତ୍ ପାଣ୍ଡୁବର୍ଣ୍ଣ, ଶୁକ୍ଳ ଓ କଳାର ମିଶ୍ରିତ ବର୍ଣ୍ଣ; ଉଷ୍ଟ୍ର; ଗର୍ଦ୍ଦଭ; କପୋତ; ତୈଳକାର । ବିଂ. ଈଷତ୍ ପାଣ୍ଡୁରବର୍ଣ୍ଣବିଶିଷ୍ଟ ।

ଧୃତ, ବିଂ. (ଧୃ = ଧରିବା-ତ) ଯାହା ଧାରଣ କରା ଯାଇଅଛି; ଗୃହୀତ; ବ୍ୟବହୃତ; ସ୍ଥାପିତ । ଯେପରି—ଭାଣ୍ଡଧୃତ ତୈଳ । ବି. ଧାରଣ; ଗ୍ରହଣ ।

ଧୃତି, ବି. (ଧୃ-ଧରିବା-ତି) ଧାରଣ; ଉଦ୍ଧାର; ଧୈର୍ଯ୍ୟ; ସ୍ଥିତି; ଇଚ୍ଛା; ସନ୍ତୋଷ; ପ୍ରୀତି; ଉତ୍ସାହ ।

ଧୃଷ୍ଟ, ବିଂ. ( ଧୃଷ୍ = ପ୍ରଗଲ୍‌ଭ ହେବା-ତ ) ନିର୍ଲଜ୍ଜ; ଯେ କୌଣସି ବିଷୟରେ ସଙ୍କୋଚ କରେ ନାହିଁ, ଉଦ୍ଧତସ୍ୱଭାବବିଶିଷ୍ଟ; ଲମ୍ପଟ । ବି. ନାୟକବିଶେଷ । (ସ୍ତ୍ରୀ-ଧୃଷ୍ଟା) ଅସତୀ ସ୍ତ୍ରୀ ।

ଧୃଷ୍ଣୁ, ବିଂ. (ଧୃଷ୍ = ପ୍ରଗଲ୍‌ଭ ହେବା-ନୁ—ଶୀଳାର୍ଥେ) ପ୍ରଗଲ୍‌ଭ; ନିର୍ଲଜ୍ଜ; ଧର୍ଷଣଶୀଳ; ସହିଷ୍ଣୁ ।

ଧେଇ, ବି. (ଦେଶଜ) ବାଦ୍ୟଶବ୍ଦବିଶେଷ । (ଥିନାକିଟା ଶବ୍ଦ ଦେଖ ।)

ଧେଇଧେଇତା, } ବି. (ଦେଶଜ, ବାଦ୍ୟ-
ଧେଇତାରଗଡ଼ଥୋ, } ଧ୍ୱନିବିଶେଷ ।

ଧେଡ଼, } ବି°. (ଦେଶଜ) ମାଚ; ଭୃଷ୍ଟାଗ୍ନୁଷା ।
ଧେଢ଼, } ବି. ମାଚଜାତିବିଶେଷ ।
ଧେଣ୍ଡୁରା, ବି. (ଦେଶଜ) ବାଦ୍ୟବିଶେଷ ।
ଧେଣ୍ଡୁରିଆ, ବି°. ( ଦେଶଜ ) ଯେ 'ଧେଣ୍ଡୁରା' ବଜାଏ ।
ଧେନୁ, ବି. ସ୍ତ୍ରୀ. ( ଧେ = ପାନ କରିବା-ନୁ ) ସବତ୍ସା ଗୌ; ନବପ୍ରସୂତା ଗାଈ । (ବ୍ୟବହାର ଭାଷାରେ) ସାଧାରଣ ଗାଈ ।
ଧେନୁକ, ବି. ( ଧେନୁ-କ ) ଅସୁରବିଶେଷ; ରତିବନ୍ଧବିଶେଷ; ତୀର୍ଥବିଶେଷ । (ସ୍ତ୍ରୀ-ଆ) ଧେନୁ; ହସ୍ତିନୀ ।
ଧେନୁଷ୍ୟା, ବି. ସ୍ତ୍ରୀ. ( ଧେନୁ-ଯ, ସ ଆଗମ ) ବନ୍ଧକସ୍ୱରୂପ ଅନ୍ୟ ଗୃହରେ ସ୍ଥାପିତା ଗୌ ।
ଧେୟ, ବି° ( ଧା = ଧାରଣ କରିବା-ଯ ) ଗ୍ରହଣୀୟ; କ୍ଷେପ୍ୟ ।
ଧୈର୍ଯ୍ୟ, ବି. ( ଧୀର-ଯ-ଭାବାର୍ଥେ ) ଧୀରତା, ସ୍ଥିରତା; ନିର୍ବିକାରଚିତ୍ତତା; ସହିଷ୍ଣୁତା ।
ଧୈବତ, ବି. (ଧୀମତ୍-ଅ, ନିପାତନ—ଅଥବା ଧେ = ପାନ କରିବା-ଐବତ) ସ୍ୱରବିଶେଷ । ଅଶ୍ୱର ସ୍ୱର ତୁଲ୍ୟ ସ୍ୱର (ନାରଦ ମତେ) । ଭେକର ତୁଲ୍ୟ ସ୍ୱର (ତାନସାନ ମତେ) ।
ଧୋ, ବି. ( ଦେଶଜ ) ବାଦ୍ୟଧ୍ୱନିବିଶେଷ; ମାଙ୍କଡ଼ ପ୍ରଭୃତିଙ୍କୁ ହୁଡୁଡ଼ାଇବା ନିମନ୍ତେ ଯେଉଁ ଶବ୍ଦ କରାଯାଏ । କ୍ରି. ଧୂଅ ।
ଧୋଇ, ବି. (ଦେଶଜ) ଜଳବହୁଳତା, ଜଳ ବଢ଼ି ।
ଧୋଇଆ, ବି°. (ଦେଶଜ) ଯେଉଁ ସ୍ଥାନ ପ୍ରଚୁର ଜଳଯୋଗୁଁ ଧୋଇ ହୋଇଯାଏ ।
ଧୋଇବା, କ୍ରି. (ଦେଶଜ) ଧୌତ କରିବା ।
ଧୋଓରା, ବି. (ଦେଶଜ) ଯେଉଁବାଟେ ଗ୍ରାମର ଧୋଇପାଣି ବୋହିଯାଏ । ଯଥା—

ଗାଆଁର ଧୋଓରା ପୋଖରି ତଳ,
ସ୍ୱାକୁ ଦେଉଥିବୁ ଆଗତ କର । ଉ. ସା.

ଧୋକଡ଼ା, ବି°. ( ଦେଶଜ ) ଛିରା (ଲୁଗା); ନିତାନ୍ତ ଜୀର୍ଣ୍ଣ ।
ଧୋକଡ଼, ଧୋକଢ଼, ବି. (ଦେଶଜ) ମୁଣା । ଯଥା—

କଲ କୁତୂହଲ ମୁନ ଦେଖିବା ନିମନ୍ତେ,
କଲଧୋକଢ଼ରୁ ଧୂଳ ବୁଣିଲେ ତୁରିତେ । ସା. ଖ. ଆ°

ବି°. ଚିରା; ଜୀର୍ଣ୍ଣ; ହୁଗୁଲା, ଶ୍ଳଥ ।
ଧୋକା, ବି. (ଦେଶଜ) ସନ୍ଦେହ । ଯଥା—

ଧୋକା ରଖିଲେ ଫନ୍ଦା ଫିଟିବ ନାହିଁ ।

ଭୟ; ଦୁଃଖ ।
ଧୋକାଦେବା, କ୍ରି. ( ଦେଶଜ ) ସନ୍ଦେହ କରାଇବା ।
ଧୋଜା, ବି. (ଧ୍ୱଜ ଶବ୍ଦଜ) ପତାକା ।
ଧୋଡ଼, ବି. ( ଧୂ = କମ୍ପାଇବା-ଡ଼ ) ଦୁଣ୍ଡୁଭ ସର୍ପ, ଧଣ୍ଡସାପ ।
ଧୋଡ଼କା, ବି°. (ଦେଶଜ) ଶିଥିଳ; ଫମ୍ପା । ଯେପରି—ଧୋଡ଼କା ଜହ୍ନି ।
ଧୋଢ଼ା, ବି. (ଦେଶଜ) ଚିପଭୂମି, ଦ୍ୱୀପ । ଯଥା—

ବିପିନଧୋଢ଼ା ସେ ଭଢ଼ାଭଢ଼ା,
ପବନ ସଙ୍ଗେ ହୋଇଣ ଯୋଡ଼ା,
ସେ ଖାଲି ଧୋଢ଼ା ଡେଇଁଣ ଛଡ଼ା,
ହୋଇ ଚଞ୍ଚଲେ ହେ । ସୁ. ପ.

ଧୋତ, } ବି. ( ଦେଶଜ ) ପୁରୁଷ ପିନ୍ଧିବା
ଧୋଥ, } ବସ୍ତ୍ର । ଯଥା—

ହସ୍ତରେ କୁଶବଟୁ ପାଣୀ,
ପିନ୍ଧ ସୁଚିନ ବସ୍ତ୍ର ଧୋଥ । ଦା. ର.

(ଗଡ଼ଜାତରେ ଧୂତି ଓ ଧୂତି କହନ୍ତି ।)
ଧୋବ, ଧୋବଲ, ବି°. ( ଧବଳ ଶବ୍ଦଜ ) ଶୁକ୍ଳ । ଯଥା—

ଶ୍ୱାନ ଗଳାରେ ଧୋବ ରେଖା,
ମାଳର ପ୍ରାନ୍ତେ ତାର ରେଖା । ବ. ପୁ.

ଧୋବା, ବି. (ଧାବକ ଶବ୍ଦଜ) ରଜକ ।
ଧୋବଧାଉଳିଆ, ବି. (ଦେଶଜ) ଯେ ଧୋବ ଲୁଗା ପିନ୍ଧିଥାଏ ।
ଧୋବ, ବି. (ଧବ ଶବ୍ଦଜ) ବୃକ୍ଷବିଶେଷ ।
ଧୋବୁଣୀ, ଧୋବଣୀ, ବି. ସ୍ତ୍ରୀ. ଧୋବାର ସ୍ତ୍ରୀ ।

ଧୋରଣ, ବି. (ଧୋର୍=ଗମନପଟୁ ହେବା-ଅନ) ହସ୍ତୀ ରଥ ଅଶ୍ୱ ପ୍ରଭୃତି ବାହନ; ଅଶ୍ୱର ଗତିବିଶେଷ ।

ଧୋରଣି, } ବି. ସ୍ତ୍ରୀ. ( ଧୋର=ଅଗ୍ରସର
ଧୋରଣୀ, } ହେବା-ଅନ-ସ୍ତ୍ରୀ-ଈ ) କମ୍ବୁଦନ୍ତୀ; ପରମ୍ପରା ।

ଧୌତ, ବିଂ. ( ଧାବ୍=ଶୁଦ୍ଧ କରିବା-ତ ) ପରିଷ୍କୃତ; ଶାଣିତ; ମାର୍ଜିତ; ଶୁଭ୍ର; କ୍ଷାଳିତ; ଶୋଧିତ । ବି. ରଜତ ।

ଧୌରେୟ, ବିଂ. ( ଧୁର୍=ଭାର-ଏୟ-ବହନାର୍ଥେ) ଭାରବାହୀ; ଅଗ୍ରବର୍ତ୍ତୀ । ବି. ଭାରବାହୀ ପଶୁ, ବୃଷାଦି ।

ଧୌର୍ଯ୍ୟ, ବି. (ଧୁର୍-ଯ) ଅଶ୍ୱର ପ୍ରଥମ ଗତି ।

ଧ୍ମା, ବି. (ଧୂଆଁ ଶବ୍ଦର ଅତି ସଂକ୍ଷିପ୍ତ) ଧୂଆଁ, ଧୂମ ।

ଧ୍ମାଙ୍କ୍ଷ, } ବି. (ଧ୍ମାକ୍ଷ୍, ଧ୍ୱାକ୍ଷ୍=ଘୋର ଶବ୍ଦ
ଧ୍ୱାଙ୍କ୍ଷ, } କରିବା-ଅ) କାକ, କୁଆ; ମତ୍ସ୍ୟଭକ୍ଷକ ପକ୍ଷୀ; ଭିକ୍ଷୁ; ତକ୍ଷକ; ନାଗବିଶେଷ ।

ଧ୍ମାତ, ବିଂ. (ଧ୍ମା=ଅଗ୍ନି ସଂଯୋଗ କରିବା, ଶବ୍ଦ କରିବା-ତ) ଶବ୍ଦିତ; ବାଦିତ; ଦଗ୍ଧ; ସଂଧୂକ୍ଷିତ । (ବିଶେଷ୍ୟରେ ଧ୍ମାନ ହୁଏ ।)

ଧ୍ୟାନ, ବି. ( ଧ୍ୟୈ=ଚିନ୍ତା କରିବା-ଅନ ) ଚିନ୍ତା; ଅଭିନିବେଶ ସହକାରେ ଅଭିମତ ବିଷୟର ଚିନ୍ତା; ଗମ୍ଭୀରଚିନ୍ତା; ସ୍ମରଣ; ଆଲୋଚନା; ଅନୁଶୀଳନ । (ବିଶେଷଣରେ ଧ୍ୟାତ, ଧ୍ୟାତବ୍ୟ, ଧ୍ୟେୟ ଓ ଧ୍ୟାୟୀ ହୁଏ ।)

ଧ୍ୟାୟ, ବି. (ଧ୍ୟୈ ଧାତୁଜ) ଧ୍ୟାନ । ଯଥା—

**ସେବକମାନଙ୍କର ଗୋବିନ୍ଦ ପାଦେ ଲୟେ,**
**ଅକ୍ଷୟବ୍ରହ୍ମକୁ ସେ କରନ୍ତି ନିତ୍ୟ ଧ୍ୟାୟେ । ନୃ.ପୂ.ସ.ତ.**

ଧ୍ରୁବ, ବି. (ଧ୍ରୁ=ସ୍ଥିର ହେବା-ଅ) ଧ୍ରୁବନକ୍ଷତ୍ର; ଲଣ୍ଡାଗଛ । ଯଥା—

ବକେ ବସିଥିଲି ଧ୍ରୁବ ଉପରେ,
ବିଷ୍ଣୁ ପଦକୁ ଭଜିଲି ଉତ୍ତରେ । ବୈ. ବି.

ବ୍ରହ୍ମା; ବିଷ୍ଣୁ; ଶିବ; ଉତ୍ତାନପାଦ ରାଜାଙ୍କ ପୁତ୍ର; ବସୁବିଶେଷ; ଯୋଗବିଶେଷ; ବିଷୁବରେଖାର ଉଭୟ ପ୍ରାନ୍ତ; ଶଙ୍କୁ; ନାସାଗ୍ର; ଲଲାଟସ୍ଥ ଆବର୍ତ୍ତବିଶେଷ; ନିଶ୍ଚୟ । ବିଂ. ନିତ୍ୟ, ଅକ୍ଷୟ; ନିଶ୍ଚିତ, ଦୃଢ଼, ସ୍ଥିର; ଅବଶ୍ୟ ।.(ସ୍ତ୍ରୀ-ଆ) ଗାନର ଧ୍ରୁବପଦ; ମୀତ; ସ୍ରୁଚ ବା ହୋମପାତ୍ରବିଶେଷ । (ଧ୍ରୁବଃ ଶଙ୍କୌ ହରେ ବିଷ୍ଣୌ ବଟେ ଚୋତ୍ତାନପାଦଜେ । ବସୁଯୋଗଭିଦୋଃ ପୁଂସି କ୍ଲୀବଂ ନିଶ୍ଚିତ ତର୍କୟୋଃ—ମେଦିନୀ) (ଶାଶ୍ୱତସ୍ତୁ ଧ୍ରୁବୋ ନିତ୍ୟଂ—ଅମର ।)

ଧ୍ୱଂସ, } ବି. (ଧ୍ୱନ୍ସ୍=ବିନଷ୍ଟ ହେବା-ଅ,
ଧ୍ୱଂସନ, } ଅନ) କ୍ଷୟ; ନାଶ, ହାନି; ପତନ; ଖଣ୍ଡନ; ଗମନ । (ବିଶେଷଣରେ ଧ୍ୱଂସିତ, ଧ୍ୱସ୍ତ ଓ ଧ୍ୱଂସୀ ହୁଏ ।)

ଧ୍ୱଜ, ବି. (ଧ୍ୱଜ୍=ଗମନ କରିବା-ଅ) ପତାକା; ଚିହ୍ନ, ଲକ୍ଷଣ; ସେନାଚିହ୍ନବିଶେଷ; ପୂର୍ବଦିଗର ଗୃହ, ମେଢ୍ର; ଗର୍ବ; ଶୌଣ୍ଡିକ ।

ଧ୍ୱନ, ଧ୍ୱନି, } ବି. (ଧ୍ୱନ୍=ଶବ୍ଦ କରିବା-ଅ,
ଧ୍ୱାନ } ଇ, ଅ) ଶବ୍ଦ; ମୃଦଙ୍ଗାଦି ନାଦ । (ବିଶେଷଣରେ ଧ୍ୱନିତ ହୁଏ—ଭାବବାଚ୍ୟରେ ତ ପ୍ରତ୍ୟୟ କଲେ ଧ୍ୱନିତର ଅର୍ଥ ନାଦ ମଧ୍ୟ ହୁଏ (।

ଧ୍ୱାନ୍ତ, ବି. (ଧ୍ୱନ୍=ଶବ୍ଦ କରିବା-ତ, ନିପାତନ) ଅନ୍ଧକାର ।

ଧ୍ୱାନ୍ତବୃତ୍ତ, } ବି. (ଧ୍ୱାନ୍ତ=ଅନ୍ଧକାର-ବୃତ୍ତ
ଧ୍ୱାନ୍ତୋନ୍ମେଷ, } =ଧନ, ଉନ୍ମେଷ=କମ୍ପିତ ପ୍ରକାଶ) ଖଦ୍ୟୋତ, ଜୁଳୁଜୁଳିଆ ପୋକ ।

# ନ

**ନ,** ବ୍ୟଞ୍ଜନମାଳାର ବିଂଶ ବର୍ଣ୍ଣ । ଅଂ. (ମ୍ନା = ପାଇବା-ଅ) ନିଷେଧ । (ସ୍ୱରାଦି ଶବ୍ଦ ପୂର୍ବେ ରହିଲେ ଏହାର ରୂପ 'ଅନ୍' ଏବଂ ବ୍ୟଞ୍ଜନବର୍ଣ୍ଣର ପୂର୍ବେ ରହିଲେ 'ଅ' ହୁଏ) ଅଭାବ; ଭେଦ; ସାଦୃଶ୍ୟ; ବୌଦ୍ଧ; ଗଣେଶ; ବନ୍ଧନ; ଦାନ; ରଣ ।

**ନ, ନଅ,** ବିଂ. (ନବ ଶବ୍ଦର ଅପଭ୍ରଂଶ) ୯ ସଂଖ୍ୟା । ଯଥା—

ନ ବରଷେ ନବରସେ ବଳିଲା ମନ । ବି. ଚି. ମ.

**ନଅଁଣ୍ଟ, ନଅଣ୍ଟ,** ବିଂ. (ଦେଶଜ) ଅଭାବ, ଅସମ୍ପୂର୍ଣ୍ଣ ।

**ନଅବିର,** ବି. ( ଦେଶଜ ) ଡ଼ିହ ଜମିରେ ଶ୍ରାବଣ ମାସରେ କରିବା ବିରି ।

**ନଅର,** ବି. (ନଗର ଶବ୍ଦଜ ପ୍ରାକୃତ ଣଅରର ରୂପାନ୍ତର) ରାଜାଙ୍କ ଉଆସ । ଯଥା—

ଅନୁକୂଳ ସାଳକ୍ଷୀରେ ହେଉଅଛି
ନଅରେ ଧୂପ ଆମୋଦ । ପାର୍ବତୀ ।

**ନଅରମୁଥା,** ବି. ( ନାଗରମୁସ୍ତକ ଶବ୍ଦଜ ) ଏକପ୍ରକାର ମୁଥା, ନାଗରମୁଥା ।

**ନଇଜ,** ବି. (ଦେଶଜ) ସ୍ୱଭାବ ।

**ନଇଁବା,** କ୍ରି. (ନମ୍ ଧାତୁଜ) ନତହେବା ।

**ନଇବିଦ୍ୟ,** ବି. ( ନୈବେଦ୍ୟ ଶବ୍ଦଜ ) ଦେବତାଙ୍କ ଭୋଗ୍ୟାନ୍ନ ।

**ନଇଲା,** କ୍ରି. (ଦେଶଜ) ନ ଆସିଲା । ଯଥା—

କହିବାକୁ ଆହି ନଇଲା ଭାଷା,
କି ଭାଗ୍ୟେ ଢ଼ଳି ନ ପଡ଼ିଲା ରସା । ର. କ.

ଗଞ୍ଜାପାସାରର ନବମ ଟିପସାର ।

**ନଈ, ନଇ,** ବି. ସ୍ତ୍ରୀ. (ନଦୀ ଶବ୍ଦଜ ପ୍ରାକୃତ) ନଦୀ । ଯଥା—

ଚନ୍ଦ୍ର ଭୁପତି କାହିଁ ଗୋମତୀ ନଈ । ମେ. ଦୂ.

ଘର ଛପରବନ୍ଧରେ ବତା ବାନ୍ଧିବା ନିମନ୍ତେ ବୃକ୍ଷାଦିର ଯେଉଁ ଛେଲି ବ୍ୟବହୃତ ହୁଏ ।

**ନଈଭାଲିଆ, ନଇଭାଲିଆ,** } ବି. (ନଦୀଭଲ୍ଲାତକ ଶବ୍ଦଜ) ଯେଉଁ ଭାଲିଆରୁ ଗୁଡ଼ିଲ ବାହାର କରି ଖାଆନ୍ତି; ଲଙ୍କାଆମ୍ବର ମଞ୍ଜି ।

**ନଈଶୁଆ, ନଇସୁଆ,** } ବି. ( ଦେଶଜ ) ଗାଳିବିଶେଷ; ଆକ୍ଷରିକ—ଯେ ନଈରେ ଶୁଏ ଅର୍ଥାତ୍ ମଲା ପରେ ଯାହାର ଶବକୁ ନେଇ ନଈରେ ପକାଇ ଦିଅନ୍ତି । (ନଦୀ—ଶୁକ ଶବ୍ଦଜ) ନଦୀତଟନିବାସୀ ଶୁକପକ୍ଷୀ ।

**ନଉ, ନବେ, ନୌ,** } ବିଂ. (ନବତି ଶବ୍ଦଜ) ୯୦ ସଂଖ୍ୟା । ଯଥା—

ଯୁଧିଷ୍ଠିର ସମ୍ମୁଖରେ କହନ୍ତି ଜନାର୍ଦ୍ଦନ,
ନବେ ଘନେ ଆସିବେଟି ସବୁ ରାଜାଗଣ । ସା. ଭା. ସ.

**ନଉକର, ନୌକର,** } ବି. ( ଦେଶଜ ) ସେବା । ଯଥା—

ଅନେକ ଗୃହକର, କରି ନଉକର କରନ୍ତି ଏହାଙ୍କ ସୃଷ୍ଟି ।
ସୁ. ପ.

ଗୃହକର ।

**ନଉକରି, ନୌକରି,** } ବି. ( ଦେଶଜ ) ସେବା, ଗୃହକର୍ମ ।

**ନଉଡ଼ି, ଲଉଡ଼ି,** } ବି. (ଲଗୁଡ଼ ଶବ୍ଦଜ) ବାଡ଼ି, ଯଷ୍ଟି । ଯଥା—

ଏତେ ବୋଲି କୋପ କରିଣ ବୁଢ଼ୀ,
ହସ୍ତରେ ତାର ଧଇଲା ନଉଡ଼ି ।

**ନଉଡ଼ିଖେଳ,** ବି. (ଦେଶଜ) ଦୋଳପୂର୍ଣ୍ଣିମା ସମୟରେ ଗଉଡ଼ମାନେ ବାଡ଼ି ଧରି ଯେଉଁ ଖେଳ ଖେଳନ୍ତି ।

**ନଉତନ,** ବିଂ. (ନୂତନ ଶବ୍ଦଜ) ନୂଆ ।

**ନଉତି, ନୌତି,** ବି. (ଦେଶଜ) ବଡ଼ ମାଟିହାଣ୍ଡି । ଯଥା—

ଶିକା ଉପରେ ନଉତି ଦେଖିଲେ,
ହସ୍ତ ନ ପାଇଲାକୁ ବୁଦ୍ଧି କଲେ । ଗୋ. ଭା.

ପରିମାଣବିଶେଷ ଏବଂ ସେହି ପରିମାଣର ମାପିବା ପାତ୍ର । ଯଥା—

ତହିଁରେ ମିଶାଇ କଦଳୀ ଛେନା,
ପୂର ନଉତିରୁ ନୋହିବ ଊଣା । ଦ୍ୱା. ତ.

ନଉନୁଆଣି, ବି. ( ଦେଶଜ ) ସର୍ପ । ବିଂ. ଉଲ୍ଲାକ୍ତ ।

ନଉରୁଣି, ଲଉରୁଣି, } ବି. (ଦେଶଜ) ନଖ-
ନହୁରୁଣି, ଲହୁରୁଣି, } କାଟିବା ଶସ୍ତ୍ର ।

ନଉଲ, ବିଂ. (ଦେଶଜ) ନୂତନ ।

ନକ୍ଚେ, } ବି. (ନକ୍ତକ ଶବ୍ଦଜ) କ୍ଷୁଦ୍ରଅଂଶ;
ନକଚ, } ଛିନ୍ନବସ୍ତ୍ର ।

ନକଲ, ବି. (ଯାବନିକ) କୌତୁକ, ପରିହାସ; ଆଦର୍ଶ, ପ୍ରତିଲିପି, ଅନୁକରଣ ।

ନକଲ୍, } ବିଂ. (ଯାବନିକ) ଯାହା ଅସଲ
ନକଲି, } ନୁହେ ।

ନକଲନବିସ, ବି. (ଯାବନିକ) ଯେଉଁମାନେ ନକଲ ଲେଖନ୍ତି ।

ନକଲିଆ, ବିଂ. (ଦେଶଜ) ଭଣ୍ଡ; ଯେ ଥଟ୍ଟା-ପରିହାସ କରେ ।

ନକଲି, ବିଂ. (ଦେଶଜ) ଆଦର୍ଶରୂପ । ଯଥା—
ନ କଲ୍ କୋଳ ନକଲି କୋଳ ସ୍ତିଗ୍ଧ ଗଣନା ହେଲ ।
ବି. ଚ. ମ.

ଭଣ୍ଡ ।

ନକଶ, } ବି. (ଦେଶଜ) ଏକପ୍ରକାର ଗଞ୍ଜପା
ନକସ, } ସାର ଖେଳ । ଏଥିରେ ତିନି ବା ଚାରି ଜଣ ଖେଳନ୍ତି, ଟିପ ଗଣନାରେ ସତର ହେଲେ ଏବଂ ଏକାକୁ ଏକା, ରଜାକୁ ରଜା, ମନ୍ତ୍ରିକୁ ମନ୍ତ୍ରୀ ଓ ଦଶକୁ ଦଶ ସାର ମେଳ ହେଲେ ନକସ ହୁଏ; ନକସା ହୋଇଥିବା ହସ୍ତାଭରଣ କାଚ ।

ନକଶା, } ବି. (ଯାବନିକ) ଛବି, ପ୍ରତିମୂର୍ତ୍ତି;
ନକସା, } ନମୁନା; ସୂକ୍ଷ୍ମ କାରୁକାର୍ଯ୍ୟ ।

ନକସି, ବି. (ଦେଶଜ) ବଣିଆମାନଙ୍କ କାରୁ-କାର୍ଯ୍ୟବିଶେଷ ।

ନକାଇ, ନକେଇ, ବି. (ଦେଶଜ) ଜାତିଭେଦ ।

ନକି, ଲକି, ବି. (ଦେଶଜ) ତସଲା, ପିତ୍ତଳ-ପାତ୍ରବିଶେଷ ।

ନକି, ବି. (ଦେଶଜ) ତିଆପୁଚ୍ଚା ଖେଳର ଏକ, ପାଞ୍ଚ, ନଅ ଓ ତେର ଦାନ ।

ନକୁଳ, ବି. ( ନ-କୁଳ = ବଂଶ ) ମହାଦେବ; ନେଉଳ; ଚତୁର୍ଥ ପାଣ୍ଡବ । ବିଂ. କୁଳହୀନ । (ସ୍ତ୍ରୀ-ଈ) କୁକ୍କୁଟୀ । (ଦେଶଜ) ମାଦକ-ଦ୍ରବ୍ୟ ସେବନ ପରେ ମୁଖରୋଚକସ୍ୱରୂପ ବ୍ୟବହୃତ ଦ୍ରବ୍ୟ ।

ନକ୍ତ, ବି. (ନଜ୍=ଲଜ୍ଜିତ ହେବା-ତ) ରାତ୍ରି ।

ନକ୍ତକ, ବି. (ନକ୍ତ-କ) ଛିନ୍ନବସ୍ତ୍ର; ଲେଙ୍ଗୁଡ଼ା ।

ନକ୍ତନ୍ଦିବ, ଅଂ. [ ନକ୍ତଂ (ଅବ୍ୟୟ) ଦିବା ] ଦିବାରାତ୍ର, ରାତ୍ରଦିବସ ।

ନକ୍ତମାଳ, ବି. ( ନକ୍ତଂ-ଆ-ଅଲ୍ = ଭୂଷା କରିବା-ଅ—ରାତ୍ରିରେ ମୁକୁଳିତ ହୁଏ ) କରଞ୍ଜବୃକ୍ଷ ।

ନକ୍ର, ବି. ( ନ-କ୍ରମ୍ = ଗମନ କରିବା-ଅ ) କୁମ୍ଭୀର । (ନକ୍ରଃ ସ୍ୱସ୍ଥାନମାସାଦ୍ୟ ଗଜେନ୍ଦ୍ର-ମପିକର୍ଷତି, ସ ଏବ ପ୍ରଚ୍ୟୁତଃ ସ୍ଥାନାତ୍ ଶୁନାପି ପରିଭୂୟତେ ।) ଜଳଜନ୍ତୁ; ଦ୍ୱାରର ଅଗ୍ରକାଷ୍ଠ ।

ନକ୍ଷତ୍ର, ବି. ( ନ-କ୍ଷି = କ୍ଷୟ ପାଇବା-ଅତ୍ର ) ତାରକା; ମୁକ୍ତା ।

ନକ୍ଷତ୍ରମାଳା, ବି. ସ୍ତ୍ରୀ. ( ନକ୍ଷତ୍ର-ମାଳା ) ୨୭ ଗୋଟି ମୁକ୍ତାରେ ଗ୍ରଥିତ ହାର । ( ସୈବ ନକ୍ଷତ୍ରମାଳା ସ୍ୟାତ୍ ସପ୍ତାବିଂଶତି ମୌକ୍ତିକୈଃ—ଅମର ।) ନକ୍ଷତ୍ରଶ୍ରେଣୀ; ନକ୍ଷତ୍ରସମୂହ; ନୃତ୍ୟବିଶେଷ ।

ନକ୍ଷତ୍ରେଶ, ବି. (ନକ୍ଷତ୍ର-ଈଶ = ପତି) ଚନ୍ଦ୍ର । (ଚନ୍ଦ୍ର ନାମକତ୍ୱରୁ) କର୍ପୂର ।

ନଖ, } ବି. ( ନ-ଖନ୍ = ଖୋଳିବା-ଅ, ର
ନଖର, } ସ୍ୱାର୍ଥେ ) ଅଙ୍ଗୁଳିର ଅଗ୍ରଭାଗସ୍ଥ ଅସ୍ଥିବିଶେଷ; ଅଂଶ, ଖଣ୍ଡ । (ବିଶେଷତଃ ନଖର ଶବ୍ଦ ସିଂହ ବ୍ୟାଘ୍ରାଦି ତୀକ୍ଷ୍ଣନଖ ପ୍ରତି ପ୍ରଯୁକ୍ତ ହୋଇଥାଏ ।)

ନଖରଞ୍ଜନୀ, ବି. ସ୍ତ୍ରୀ. (ନଖ-ରଞ୍ଜନୀ) ନାପିତର ଅସ୍ତ୍ରବିଶେଷ, ନହୁରୁଣୀ ।

ନଖାନଖି, ଅଂ. ନଖରେ ନଖରେ ଆଘାତ-ପୂର୍ବକ ଯୁଦ୍ଧ ବା କଳହ ।

ନଖୀ, ବି. ସ୍ତ୍ରୀ. (ନଖ୍=ଗମନ କରିବା-ଅ-ଈ) ଗନ୍ଧଦ୍ରବ୍ୟବିଶେଷ । ନଖିନ୍—ବିଂ. (ନଖ-ଇନ୍ ଅସ୍ତ୍ୟର୍ଥେ) ଯାହାର ପ୍ରଶସ୍ତ ନଖ ଅଛି । (ସିଂହ ବ୍ୟାଘ୍ରାଦି ।)

ନଗ, ବି. (ନ-ଗମ୍=ଗମନ କରିବା-ଅ) ବୃକ୍ଷ; ପର୍ବତ ।

ନଗଦ, ବି. (ଯାବନିକ) ବର୍ତ୍ତମାନ; ପ୍ରସ୍ତୁତ ମୂଲ୍ୟ ଦେଇ କ୍ରୟ କରିବା । ଯଥା—

ଶୁଣି ଆନନ୍ଦ ମହାଜନ,
ନଗଦ ଗଣି ଦେଲା ଧନ । ଦା. ର.

ନଗଦାନଗଦ, ବି. (ଦେଶଜ) ପ୍ରସ୍ତୁତ ଧନ ଦେବା । ଯଥା—

ନଗଦାନଗଦ ଦେଇ କହନ୍ତି,
କଣ୍ଠଚନ୍ଦ୍ର ପିଲା (ପିଲେ) ଉଭୁଡ଼ା ପନ୍ତି । ଉ. ସା.

ନଗର, ନଗରୀ, ବି. (ନଗ=ବୃକ୍ଷ, ପର୍ବତ, ପର୍ବତାକାର ଗୃହସମୂହ-ର-ଅସ୍ତ୍ୟର୍ଥେ)—କ୍ରୀଡ଼ାର୍ଥଂ ନଗାଃ ବୃକ୍ଷାଃ ପର୍ବତା ବା ଅତ୍ର-ସନ୍ତୀତି—(ନଗାଃ ନଗ ସଦୃଶାଃ ପ୍ରାସାଦାଦୟୋଽସନ୍ତୀତି ନଗରଃ) ପାଟଣା, ସହର, ରଜଭବନ ।

ନଗରକୀର୍ତ୍ତନ, ନଗରୀକୀର୍ତ୍ତନ, ବି ସଂ. ସମଗ୍ର ନଗରବ୍ୟାପୀ ହରିନାମ ସଂକୀର୍ତ୍ତନ ।

ନଗି, ଲଗି, ବି. (ଦେଶଜ) ଆଙ୍କୁଡ଼ି ।

ନଗୌକସ୍, ନଗୌକ, ନଗୌକା, ବି. (ନଗ=ପର୍ବତ, ବୃକ୍ଷ-ଓକସ୍=ଗୃହ, ସ୍ଥାନ) ପକ୍ଷୀ; ସିଂହ, କାକ; ବାନର । ବିଂ. ପର୍ବତବାସୀ ।

ନଗ୍ନ, ନଗ୍ନକ, ବିଂ. (ନଜ୍=ଲଜ୍ଜିତ ହେବା-ତ, ସ୍ୱାର୍ଥେ କ) ବିବସ୍ତ୍ର, ଲଙ୍ଗଳା, କଷାୟବସ୍ତ୍ରଧାରୀ; କ୍ଷପଣକ; ସ୍ତୁତିପାଠକ; ବୌଦ୍ଧସନ୍ନ୍ୟାସୀ ।

ନଗ୍ନିକା, ବି. ସ୍ତ୍ରୀ. (ନଗ୍ନ-କ-ସଂଜ୍ଞାର୍ଥେ, ଆ-ଅକ=ଇକ) ଅପ୍ରାପ୍ତବୟସ୍କା; ଅଜାତରଜସ୍କା; ବିବସ୍ତ୍ରା ।

ନଙ୍ଗର, ବି. (ପାରସିକ ଶବ୍ଦ) ନୌକା ବାନ୍ଧିବା ନିମିତ୍ତ ଲୌହନିର୍ମିତ ଏକପ୍ରକାର ଗୁରୁ ଭାର ବସ୍ତୁ ।

ନଗ୍ର, ବି. (ନଗର ଶବ୍ଦଜ-ଅନ୍ତ ସଂଶ୍ଳେଷ) ନଗର । ଯଥା—

ଏକାଳେ ଡ଼ଗର ଧାଆଇ ନାଗର
ଶୁଣି ନଗ୍ରଜନେ ହଚ୍ଛନ୍ନ । ଲ. ବ.

ନଗ୍ରୁ, ବି. (ଦେଶଜ) ନଗ୍ରୁଇବା ।

ନଚର, ଅଂ. ସଂ. ଶୀଘ୍ର, ଶୀଘ୍ରକାଳ ।

ନଚେତ୍, ଅଂ. ସଂ. ଏ ଯଦି ନ ହୁଏ, ଏ ନ ହେଲେ, ନଚୁବା ।

ନଛ, ବି. (ଲକ୍ଷ ଶବ୍ଦଜ) ତୁଳନା । ଯଥା—

ମାଣିକ୍ୟ ତୁଲେ ଆଣି କାଚକୁ କଲ ନଛ,
ରତ୍ନ ସୁବର୍ଣ୍ଣ ତୁଲେ ରଙ୍ଗତା ଦେଲ ନଛ । ନୃ.ପୁ.ସ.ଚ.

ନଛିବା, କ୍ରି. (ଲକ୍ଷ୍ ଧାତୁଜ) ତୁଳନା କରିବା ।

ନଛି, ଲଛି, ବି. (ଲକ୍ଷଣ ଶବ୍ଦଜ) ତୁଳନା । (ଦେଶଜ) ନଳ ପ୍ରଭୃତି ପୁଟାଇବା; ଚଟୁ ପ୍ରଭୃତି ତତାଇ ଦାଗ ଦେବା ।

ନଜର, ନଦର, ବି. (ଯାବନିକ) ଦୃଷ୍ଟି । ଯଥା—

କମ୍ପାବୃତ ମଣି ଗିରୀନ୍ଦ୍ରକୁ
ଜିଣିବାର ପୁରେ ହେଲା ମୋ ନଜର । କ.ତ.ର.

ସାବଧାନତା, ଲକ୍ଷ । ଯଥା—

ଏ କୁରୁକୁଳ ନକ ମୋହର ନଜରକୁ,
ଅଣ୍ଟିବେ, ଦେଖାଇବ ଏହାଙ୍କ କାଳକୁ । କୃ.ଭା.ଷ.ପ.

ଭେଟି । ଯଥା—ଶ୍ରୀଚ୍ଛାମୁରେ ସେଗୁଡ଼ିକ ନଦର ଦିଆ ଯାଇଅଛି ।

ନଜରଖାନା, ବି. (ଯାବନିକ) ବୈଠକଖାନା ।

ନଜରବନ୍ଦ, ବି. (ଯାବନିକ) ଯାହାକୁ ସାମନାରେ ରଖି ବନ୍ଦ କରାଯାଏ ଅର୍ଥାତ୍ ଯେଉଁ ବନ୍ଦୀକୁ ଆଖି ଆଗରୁ ଦଣ୍ଡେ ଅନ୍ତର କରି ଦିଆଯାଏ ନାହିଁ ।

ନଜରନଳୀ, ନଦରନଳୀ, ବି. (ଦେଶଜ) ଦୂରବୀକ୍ଷଣ ଯନ୍ତ୍ର ।

ନଜକ, ବିଂ. (ଦେଶଜ) ନିକଟ ।

ନଜର, } ବି. (ଯାବନିକ) ଆଇନ ସମ୍ବନ୍ଧରେ
ନଜୀର, } ପ୍ରାଚୀନ ଗ୍ରନ୍ଥ ବା ନିଷ୍ପତ୍ତି ଅର୍ଥାତ୍ ଯାହାକୁ ଉଦାହରଣସ୍ୱରୂପ ଧରଯାଏ, ପ୍ରମାଣବାକ୍ୟ । ଯଥା—

ମୁସଲମାନମାନଙ୍କର ବ୍ୟବହାର ସମ୍ବନ୍ଧରେ ଖଣ୍ଡିଏ ପ୍ରଧାନ ନଜର ପୁସ୍ତକ ଅଛି । ଭ. ସା.

ହୁକୁମପତ୍ର ବା ଡାକଦ । ଯଥା—

ଦୋକାନୀ ପ୍ରଭୃତ ନଜ ବୁଦ୍ଧିରେ,
ଚଢ଼ଲଲେ ମାଲ ଲଅ ନଜରେ । ଭ. ସା.

ଆଧିପତ୍ୟ; ଉଦାହରଣ ।

ନଞ୍, ଅ°. ଏହି ଶବ୍ଦଟି ସ୍ୱରର ପୂର୍ବେ ରହିଲେ "ଅନ୍" ଏବଂ ବ୍ୟଞ୍ଜନର ପୂର୍ବେ ରହିଲେ "ଅ" ହୁଏ । ଏହାର ଛଅଗୋଟି ଅର୍ଥ— ସାଦୃଶ୍ୟ, ଅଭାବ, ଅନ୍ୟଥା, ଅଳ୍ପତ୍ୱ, ଅପ୍ରାଶସ୍ତ୍ୟ ଓ ବିରୋଧ ।

ନଟ, ବି. (ନଟ୍ = ନୃତ୍ୟ କରିବା-ଅ) ନୃତ୍ୟ-ବ୍ୟବସାୟୀ, ନର୍ତ୍ତକ; ଯେ ନାଟକର ଅଭିନୟ କରେ; ବର୍ଣ୍ଣସଙ୍କର ଜାତିବିଶେଷ । (ସ୍ତ୍ରୀ-ଈ) ବେଶ୍ୟା; ନଟପତ୍ନୀ, ନର୍ତ୍ତକୀ, ଅଭିନୟ-କାରିଣୀ । (ନଷ୍ଟ ଶବ୍ଦଜ) ଦୁଷ୍ଟ । (ନଟସମୂହ = ନଟ୍ୟା, ନଟନ = ନୃତ୍ୟ) ।

ନଟ, ଲଟ, ବି. (ଦେଶଜ) ହଟହଟା । ଯଥା—

କରଇ ଅଣାୟତ୍ତ ସବୁ ନଟ । ର. କ.

ସମ୍ପର୍କ ।

ନଟକୁଟ, ବି. (ଦେଶଜ) ତନ୍ତ୍ର । ଯଥା—

ନଟକୁଟ କରଣ ଭିଆଣ କର ଗଢ଼ି,
ଏହାଠାରୁ ତାହାଙ୍କୁ ଯେ ଦେଉଥାଅ ପଢ଼ି । ନା.ର.ଗୀ.

ନଟକୁଟିଆ, ବିଂ. (ଦେଶଜ) ଅସ୍ଥିର, ଚଞ୍ଚଳ । ଯେ ନାନାପ୍ରକାର କୁତୂହଳଜନକ କାର୍ଯ୍ୟ କରିପାରେ ।

ନଟଖଟ, ବି. (ଦେଶଜ) ଅଡୁଆ ।

ନଟଖଟିଆ, ବିଂ. (ଦେଶଜ) ଦୁଷ୍କର, କଠିନ ।

ନଟ, ବି. (ଦେଶଜ) ଖେଳିବା ପେଣ୍ଡୁ ।

ନଡ଼, ବି. (ନଲ୍=ବନ୍ଧନ କରିବା-ଅ, ଳ=ଡ଼) ତୃଣବିଶେଷ ।

ନଡ଼କା, ବିଂ. (ଦେଶଜ) ଶ୍ଳଥ; ଝୁଲୁଥିବା ।

ନଡ଼ପ, ବି. (ଦେଶଜ) ତେଲ ।

ନଡ଼ପଶାଳ, ବି. ( ଦେଶଜ ) ତେଲ ଘଣା ପଡ଼ିଥିବା ଶାଳ । ଯଥା—

ପଶ୍ଚିମ ସୋମରାଷ୍ଟ୍ରେ ନଡ଼ପଶାଳମାନ,
ସବୁରି ପଦ ଘଣା ବୁଲଇ ନନ୍ଦନ୍ଦନ । ସା. ଷ୍ଟ. ସ.

ନଡ଼କୀୟ, } ବିଂ. ( ନଡ଼-ଈୟ—ଅସ୍ତ୍ୟର୍ଥେ,
ନଡ଼ପ୍ରାୟ, } କ-ଆଗମ, ନଡ଼ପ୍ରାୟ) ନଡ଼ପ୍ରଚୁର ପ୍ରଦେଶ, ଯେଉଁ ସ୍ଥାନରେ ଅନେକ ନଡ଼ ଥାଏ ।

ନଡ଼ବଡ଼, } ବିଂ. (ଦେଶଜ) ଶ୍ଳଥ, ଅଦୃଢ଼ ।
ଲଡ଼ବଡ଼, } ଯଥା—

ଭଗୀରଥ ପ୍ରାପ୍ତ ବର ଅଣ୍ଟା ନଡ଼ବଡ଼,
କହଣ ମାଡ଼ି ଗୃଲିଲେ ବାଜେ ଧଡ଼ଧଡ଼ । ମ°. ଫ.

ଅସ୍ଥିର; ଲମ୍ପଟ ।

ନଡ଼ବାନ, } ବିଂ. (ନଡ଼-ବତ୍,ବଳ-ଅସ୍ତ୍ୟର୍ଥେ)
ନଡ଼୍ବଳ, } ନଡ଼ବହୁଳ ପ୍ରଦେଶ ।

ନଡ଼ା, ବି. (ନଡ଼ ଶବ୍ଦଜ) ଛଣ; ସାରୁ ପ୍ରଭୃତି ଗଛର କଅଁଳ ଡେମ୍ଫ ।

ନଡ଼ାଇ, ନଡ଼େଇ, ନଡ଼େଇ, ବି. (ଦେଶଜ) ଯୁଦ୍ଧ ।

ନଡ଼ିଆ, ବି. (ନାରିକେଳ ଶବ୍ଦଜ) ନାରିକେଳ ଗଛ ଓ ଫଳ ।

ନଡ଼ିଆଗୁଅ, } ବି. (ଦେଶଜ) ନଡ଼ିଆ ପତ୍ରରେ
ନଡ଼ିଆଗୁଞ୍ଜ, } ପ୍ରସ୍ତୁତ ଆଭରଣବିଶେଷ ।

ନଡ଼ିଆତାଡ଼, ବି. (ଦେଶଜ) ଯେଉଁ ନଡ଼ିଆରୁ ଗଛ ହୁଏ ।

ନଡ଼ିଆତେଲ, } ବି. (ଦେଶଜ) ନଡ଼ିଆ ରସରୁ
ନଡ଼ିଆମାଲପା, } ଯେଉଁ ତେଲ ବାହାରେ ।

ନଡ଼ୁ, ଲଡ଼ୁ, ବି. (ଦେଶଜ) ମିଷ୍ଟାନ୍ନବିଶେଷ ।

ନଡ଼ୁଆ, ବି. (ଦେଶଜ) ଯେ ନଡ଼ୁ ଖାଏ ।

ନଣନ୍ଦ, } ବି. ସ୍ତ୍ରୀ. (ନନାନ୍ଦୃ ଶବ୍ଦଜ) ପତିଙ୍କ
ନଣଦ, } ଭଗିନୀ । ଯଥା—

ଦେଖି ସଖୀଏ ମନ୍ଦ ନଣନ୍ଦ କହରେ । ବି. ଚି. ମ.

**ନଣନ୍ଦପୁଟୁଲି**, ବି. (ଦେଶଜ) ବିବାହରେ କୌଳିକ ଆଚାରବିଶେଷ; ବିବାହ ହୋଇ ବର କନ୍ୟା ଆସିବା ସମୟରେ ବରର ଭଉଣୀ ବାଟ ଓଗାଳଇ; ତାକୁ ବସ୍ତ୍ରାଦି ପୁରସ୍କାର ପ୍ରଦାନ କଲେ ସେ ତେତେବେଳେ କନ୍ୟାର ମୁଖରେ ଦହି ଲଗାଇଦେଇ ବାଟ ଛାଡିଦିଏ।

**ନଣନ୍ଦେଇ, ନଣନ୍ଦୋଇ, ନଣଦେଇ**, ବି. (ନନାନ୍ଦୃପତି ଶବ୍ଦଜ) ନଣନ୍ଦର ପତି।

**ନଣ୍ଡା, ଲଣ୍ଡା**, ବିଂ. (ଦେଶଜ) ଶିଖାଶୂନ୍ୟ; ଯେଉଁ କୁଅଁରେ ନହ ନ ଥାଏ; ଶଙ୍କର; ଆଚ୍ଛାଦନବିହୀନ।

**ନଣ୍ଡାବଗୁଲି**, ବି. (ଦେଶଜ) ଔଷଧି ଗୁଳ୍ମ-ବିଶେଷ।

**ନତ**, ବିଂ. (ନମ୍ = ନମ୍ର ହେବା-ତ) ଯେଉଁ ବ୍ୟକ୍ତି ପ୍ରଣାମ କରିଅଛି; ନମ୍ରୀଭୂତ; ଲଇଁଥିବା। ଯେପରି—ନତଶାଖା; କୁଟିଳ, ଈଷତ୍ ବକ୍ର। ଯେପରି—ନତଭ୍ରୂ। (ବିଶେଷ୍ୟରେ ନତି ଓ ନମନ ହୁଏ।)

**ନତୁ, ନତୁବା**, ଅ. ନଚେତ୍, ଏ ନ ହେଲେ, ଏ ଯଦି ନ ହୁଏ, ଅଥବା। ଯଥା—

ନତୁ ଲଗିବ ହତ୍ୟା ତୋତେ,
ବୋଲି ପଡ଼ିଲେ ପାଦଗତେ। ଦା. ର.

**ନତୋନ୍ନତ**, ବିଂ. (ନତ-ଉନ୍ନତ) ଉଚ୍ଚ ନୀଚ, ନିମ୍ନୋନ୍ନତ।

**ନଥ, ନୋଥ, ଲୋଥ**, ବି. (ଦେଶଜ) ନାସିକାର ଅଳଙ୍କାରବିଶେଷ। ଯଥା—

କେଅବା ନ ଥରେ, କେନ୍ଦ ପଡ଼ିଲେ ନଥରେ। ବି. ଚ. ମ.
ଚଞ୍ଚ କର ଲୋଥକୁ, ମାର ମନମଥକୁ। ସଙ୍ଗୀତ।

**ନଥା**, ବି. (ଦେଶଜ) ତାଳି ଅର୍ଥାତ୍ ଚିରା ଲୁଗାରେ ନୂତନ କନା ପକାଇ ସିଇଁବା; ଉପରେ ପଡ଼ିବା; ଉପରେ ଲଦିବା; ଗୋଟାକ ଉପରେ ଆଉ ଗୋଟାଏ ଥୋଇବା; ଉପକଥା।

**ନଥି**, ବି. (ଯାବନିକ) ଏକତ୍ରଗୁନ୍ଥା କାଗଜ; ଛଟା।

**ନଦ**, ପୁଂ. **ନଦୀ**, ସ୍ତ୍ରୀ. ବି. (ନଦ୍ = ଶବ୍ଦ କରିବା-ଅ-ଈ) ପୁରୁଷବାଚକ ସ୍ରୋତବିଶିଷ୍ଟ ଜଳପ୍ରବାହ ନଦ। ଯଥା—ବ୍ରହ୍ମପୁତ୍ର, ଶୋଣଭଦ୍ର ପ୍ରଭୃତି; ସ୍ତ୍ରୀବାଚକ ଜଳପ୍ରବାହ ନଦୀ। ଯଥା—ଗଙ୍ଗା, ଯମୁନା, ସରସ୍ୱତୀ ପ୍ରଭୃତି। (ଏତାଦୃଶ ଜଳସ୍ରୋତମାନଙ୍କର ଅଧିଷ୍ଠାତ୍ରୀ ଦେବତା ଅଛନ୍ତି; ଯାହାର ଅଧିଷ୍ଠାତ୍ରୀ ଦେବତା ପୁରୁଷ, ତାହାର ନାମ ନଦ; ଯାହାର ଅଧିଷ୍ଠାତ୍ରୀ ଦେବତା ସ୍ତ୍ରୀ, ତାହାର ନାମ ନଦୀ।) ପୂର୍ବଗାମୀ ସ୍ରୋତ ନଦୀ ଏବଂ ନର୍ମଦା ବିନା ଅନ୍ୟାନ୍ୟ ପଶ୍ଚିମଗାମୀ ସ୍ରୋତ ନଦ। (ପ୍ରାକ୍‌ସ୍ରୋତ-ସୋନଦ୍ୟଃ ପ୍ରତ୍ୟକ୍ ସ୍ରୋତସୋ ନଦା ନର୍ମଦାଂ ବିନେ ତ୍ୟାହୁଃ।)

**ନଦଉ, ନଦାଣ**, ବି. (ଦେଶଜ) ଗୃହବିଶେଷ, ଏକ ପ୍ରକାର ପକ୍କା ଗୃହ।

**ନଦନ, ଲଦନ**, ବି. (ଦେଶଜ) ହାତୀ ପ୍ରଭୃତିଙ୍କ ଉପରେ ପକାଇବା ଆସ୍ତରଣ।

**ନଦର**, ବି. (ଦେଶଜ) ନଜର ଶବ୍ଦ ଦେଖ।

**ନଦରନଳା, ନଦରନଳୀ, ନଜରନଳୀ**, ବି. ସ୍ତ୍ରୀ. (ଦେଶଜ) ଦୂର-ଦର୍ଶନ ଯନ୍ତ୍ରବିଶେଷ। ଯଥା—

ନିକଟ ଦୂର ପ୍ରକଟ ଦରଶନ
ସେ କ୍ଷଣକ୍ଷଣକେ ହେଲା ଯେ,
ଦ୍ୱିବିଧ ନଦରନଳୀ ଆଦରକୁ
ସମସ୍ତ ଇକ୍ଷଣ ନେଲା ଯେ। କୋ. ବ୍ର. ସୁ.

**ନଦାରଦ**, ବିଂ. (ଯାବନିକ) ଅନାବଶ୍ୟକ, ପ୍ରୟୋଜନରହିତ; ଅନିଚ୍ଛୁକ। ବି. ଅଭିବାର୍ଥ।

**ନଦିଆ**, ବି. (ନବଦ୍ୱୀପ ଶବ୍ଦଜ) ଦେଶବିଶେଷ, ଯେଉଁଠାରେ ଶ୍ରୀଚୈତନ୍ୟ ମହାପ୍ରଭୁ ଅବତୀର୍ଣ୍ଣ; କ୍ଷେତ୍ରବିଶେଷ।

**ନଦିବା, ଲଦିବା**, କ୍ରି. (ଦେଶଜ) ଭାର ଥୋଇବା; ବଳଦ ପ୍ରଭୃତିଙ୍କ ପିଠିରେ ଭାର ଥୋଇବା।

**ନଦୀମାତୃକ**, ବିଂ. (ନଦୀ-ମାତୃ-କ-ସମାସାନ୍ତେ) ନଦୀଜଳୋତ୍ପନ୍ନ ଶସ୍ୟରେ ପାଳିତ (ଦେଶ)। ଯେଉଁ ଦେଶରେ ନଦୀ ଯୋଗୁଁ ଶସ୍ୟମାନ ଉତ୍ପନ୍ନ ହୁଏ।

ନଦୀସ୍ନ, ବିଂ. (ନଦୀ-ସ୍ନା=ସ୍ନାନ କରିବା-ଅ) ଯେ ନଦୀରେ ସ୍ନାନ କରେ; ନଦୀର ବିଶେଷଜ୍ଞ ।

ନଦ୍ଧ, ବିଂ. (ନହ୍ = ବନ୍ଧନକରିବା-ତ) ବନ୍ଧ, ବନ୍ଧା; ବ୍ୟାପ୍ତ ।

ନଦ୍ଧ୍ରୀ, } ବି. ସ୍ତ୍ରୀ. ( ନହ୍, ବଧ୍ = ବନ୍ଧନ
ବଦ୍ଧ୍ରୀ, } କରିବା-ତ୍ର-ଈ) ଚର୍ମମୟ ରଜ୍ଜୁ, ଚମଦଉଡ଼ି ।

ନନନ୍ଦା, ନନନ୍ଦୃ, } ବି. ସ୍ତ୍ରୀ. ( ନ-ନନ୍ଦ୍ =
ନନାନ୍ଦା, ନନାନ୍ଦୃ, } ଆନନ୍ଦିତ ହେବା-ଋ— ଯେ ଭ୍ରାତୃଜାୟା ପ୍ରତି ଆନନ୍ଦିତ ହୁଏ ନାହିଁ) ନଣନ୍ଦ, ଭର୍ତ୍ତାର ଭଗିନୀ ।

ନନା, ବି. (ଦେଶଜ) ଜ୍ୟେଷ୍ଠ ଭାଇ । ଯଥା—

**ବହୁତ ସଙ୍କୋଚରେ ତାତ କହୁ ନ କହିଲେ,**
**ନନାଙ୍କୁ ଓଲଗ ହେ ରାବଣ ମାତ ବୋଲେ ।** ବି. ଗ୍ରା. ପିତା । ( ପୁରୀଜିଲ୍ଲାର ବ୍ରାହ୍ମଣମାନଙ୍କ ମଧ୍ୟରେ ବ୍ୟବହୃତ; ବ୍ରାହ୍ମଣମାନଙ୍କ ପ୍ରତି ସମ୍ବୋଧନ ।)

ନନୀ, } ବି. ( ନବନୀତ ଶବ୍ଦର ଅପଭ୍ରଂଶ )
ନନ୍ନୀ, } ଲହୁଣୀ । ( ଗଡ଼ଜାତରେ ) ଝିଅ; ରାଜକନ୍ୟା ।

ନନୁ, ଅଂ. ( ନ-ନୁଦ୍ = ପ୍ରେରଣ କରିବା-ଉ, ଉଦ୍ ଲୋପ ) ପ୍ରଶ୍ନ; ସ୍ୱୀକାର; ଅନୁଜ୍ଞା; ସନ୍ଦେହ; ସମ୍ଭାବନା; ନିଶ୍ଚୟ; ଅବଧାରଣ; ଅନୁନୟ; ବିରୋଧ; ଆମନ୍ତ୍ରଣ ।

ନନ୍ଦ, ବି. (ନନ୍ଦ୍ = ଆନନ୍ଦିତ ହେବା-କରିବା-ଣିଚ୍-ଅ) କୁବେରଙ୍କ ନିଧିବିଶେଷ; କୃଷ୍ଣଙ୍କର ପାଳକ ପିତା; ପରମେଶ୍ୱର (ଆନନ୍ଦୋ ନନ୍ଦନୋ ନନ୍ଦଃ); ଚନ୍ଦ୍ରବଂଶୀୟ ନୃପବିଶେଷ (ଚାଣକ୍ୟ ଯାହାଙ୍କ ଉଚ୍ଛେଦ ସାଧନ କରିଥିଲେ) । ଆନନ୍ଦ । ଶ୍ରେଷ୍ଠ ବୈଦିକ ବ୍ରାହ୍ମଣମାନଙ୍କର ଶାଖାବିଶେଷ, ଉପାଧିବିଶେଷ । (ନାନ୍ଦୀପଟ ଶବ୍ଦଜ) କୁଅଁର ଆବରଣ ଓ ଘୋଡ଼ଣୀ ।

ନନ୍ଦକ, ବି. ( ନନ୍ଦ୍-ଅକ ) କୃଷ୍ଣଙ୍କର ଖଡ୍ଗ । ( ନନ୍ଦ-କ ସ୍ୱାର୍ଥେ ) ଆନନ୍ଦ; କୃଷ୍ଣଙ୍କର ପାଳକ ପିତା । ବିଂ. ଆନନ୍ଦଜନକ ।

ନନ୍ଦଥୁ, ବି. (ନନ୍ଦ୍ = ଆନନ୍ଦିତ କରିବା-ଅଥୁ) ଆନନ୍ଦ ।

ନନ୍ଦନ, ବି. (ନନ୍ଦ୍ = ଆନନ୍ଦିତ କରିବା-ଣିଚ୍-ଅନ) ପୁତ୍ର; ବିଷ୍ଣୁ; ମହାଦେବ; ଇନ୍ଦ୍ରଙ୍କ ଉଦ୍ୟାନ (ମେରୁର ଉତ୍ତରରେ ସ୍ଥିତ) । ବିଂ. ଆନନ୍ଦଜନକ । (ସ୍ତ୍ରୀ-ଈ) କନ୍ୟା ।

ନନ୍ଦାବର୍ତ୍ତ, ବି. (ନନ୍ଦ୍ୟାବର୍ତ୍ତ ଶବ୍ଦର ଅପଭ୍ରଂଶ) ବର୍ତ୍ତୁଳାକୃତି ପକ୍କାଗୃହ ।

ନନ୍ଦି, ବି. ( ନନ୍ଦ୍ = ଆନନ୍ଦିତ କରିବା-ଇ ) ଆନନ୍ଦ; ଦ୍ୟୂତାଙ୍ଗବିଶେଷ; ଶିବଙ୍କ ପ୍ରଧାନ ଅନୁଚର; ମହାଦେବ । ବିଂ. ଆନନ୍ଦଦାୟୀ ।

ନନ୍ଦିଆ, ବି. (ଜଳଭାଣ୍ଡ ଅର୍ଥବୋଧକ ନନ୍ଦିକା ଶବ୍ଦଜ) ବଡ଼ ବଡ଼ କୁଣ୍ଡ ।

ନନ୍ଦିକା, ବି. ସ୍ତ୍ରୀ. (ନନ୍ଦକ-ଆ-ଅକ = ଇକ) ଜଳରଖିବା ବଡ଼ କୁମ୍ଭ ବା ହାଣ୍ଡି; ତିଥିବିଶେଷ; ଇନ୍ଦ୍ରଙ୍କର ଉଦ୍ୟାନ । (ସ୍ତ୍ରୀ-ଆ) ତିଥିବିଶେଷ; ଭର୍ତ୍ତାଙ୍କ ଭଗିନୀ; ଦୁର୍ଗା; ଜଳାଧାର ।

ନନ୍ଦିଘୋଷ, ବି. (ନନ୍ଦି = ଆନନ୍ଦଯୁକ୍ତ-ଘୋଷ= ଧ୍ୱନି ) ଅର୍ଜୁନଙ୍କ ରଥ । ଶ୍ରୀଜଗନ୍ନାଥ ମହାପ୍ରଭୁ ଯେଉଁ ରଥରେ ବିଜେ ହୁଅନ୍ତି । ବନ୍ଦିମାନଙ୍କର ଘୋଷଣା । ବିଂ. ହର୍ଷଜନକ ଶବ୍ଦଯୁକ୍ତ ।

ନନ୍ଦିନୀ, ବି. ସ୍ତ୍ରୀ. ( ନନ୍ଦ୍-ଇନ୍-ଈ ) କନ୍ୟା; ଦୁର୍ଗା; ଗଙ୍ଗା; ବଶିଷ୍ଠଙ୍କ ହୋମଧେନୁ; ଅଯୋଧ୍ୟା । ବିଂ. ଆନନ୍ଦଦାୟିନୀ ।

ନନ୍ଦ୍ୟାବର୍ତ୍ତ, ବି. (ନନ୍ଦି-ଆନନ୍ଦ-ଆବର୍ତ୍ତ = ବାସସ୍ଥାନ) ବର୍ତ୍ତୁଳାକୃତି ଗୃହ; ଏକପ୍ରକାର ପକ୍କାଗୃହ ।

ନପୁଂସକ, ବି. ( ନ-ପୁମାନ୍ = ନପୁଂସକ, ନିପାତନ) ଅଥବା ( ନ-ପୁଂସକ = ପୁରୁଷ ନୁହେ) ଯେ ପୁରୁଷାକୃତି କିନ୍ତୁ ପୁରୁଷତ୍ୱହୀନ, କ୍ଲୀବ, ଛିନ୍ନମୁଷ୍କ । ସଂସ୍କୃତ ଭାଷାରେ ଯେଉଁ ଶବ୍ଦମାନଙ୍କର ରୂପ ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗ ପରି ନୁହେ ।

ନପ୍ତା, ବି. (ନପ୍ତୃ-ନ-ପତ୍=ପତିତ ହେବା-ତୃ, ନପାତନ-- ଯାହାଦ୍ୱାରା ବଂଶ ପତିତ ହୁଏ ନାହିଁ) ନାତି, ପୁତ୍ର ବା କନ୍ୟାର ପୁତ୍ର, ପୌତ୍ର, ଦୌହିତ୍ର ।

ନଫର, ବି. (ଆରବୀ ଶବ୍ଦ) ଭୃତ୍ୟ, ଦାସ ।

ନଫରାଲି, ବି. (ଆରବ୍ୟ ଶବ୍ଦ) ଭୃତ୍ୟର କର୍ମ, ଚାକରୀ ।

ନଫା, ଲଫା, ବି. (ଯାବନିକ) ଲାଭ ।

ନବତନ, ବିଂ. (ନୂତନ ଶବ୍ଦଜ) ନୂଆ । ଯଥା—
କାଠ ଲୋଡ଼ି ନ ଯିବା ଅଗ୍ନି ଲୋଡ଼ି ନ ଯିବା,
ନବତନ ହାଣ୍ଡି ଲୋଡ଼ିଲକ୍ଷଣୀ ପାଇବା । ସା. ଭା. ଆ.

ନବନଶି, ବିଂ. (ନବନଶିତ ଶବ୍ଦର ଅପଭ୍ରଂଶ) ସୁତୀକ୍ଷ୍ଣ । ଯଥା—
ଖୈରାର ତୁରଙ୍ଗମ ଅରୋହିଛନ୍ତି ବୀରେ,
ନବନଶି କୁନ୍ତମାନ ଝଲକନ୍ତି କରେ । ସା. ଭା. ବ.

ନବର, ବି. (ନଗର ଶବ୍ଦଜ) ରାଜାଙ୍କ ଉଆସ । ଯଥା—
ଦେଖି ସ୍ୱ ନବରେ ବିକେ କଲେ ନୁରୁପୁର ନରେଶ ।
ଉଷା ।

ସହର, ପାଟଣା । ଯଥା—
ବଢ଼ିରୁ ପୁହଭିବରେ ବ୍ରଜନବରେ । ବୈ. ବ.

ନବସରି, ନସରି, } ବିଂ. [ନବ-ସର (ମାଳାର୍ଥ) ଶବ୍ଦରୁ ଜାତ] ନଅଗୋଟି ସୋରିରେ ଯୁକ୍ତ (ମାଳ) । ବି. ଆଭରଣବିଶେଷ । ( ଚଉସରି ଶବ୍ଦ ଦେଖ । )

ନବାତ, ବି. (ଦେଶଜ) କନ୍ଦ; ଗୁଡ଼କୁ ରାନ୍ଧିଲେ ନବାତ ହୁଏ ।

ନବାବ, ବି. (ଯାବନିକ) ରାଜପ୍ରତିନିଧି ଅର୍ଥାତ୍ କୌଣସି ନଗର ବା ପ୍ରଦେଶର ଶାସନକର୍ତ୍ତା ।

ନବାବି, ବି. ( ଦେଶଜ ) ନବାବର ଯୋଗ୍ୟ ବଡ଼ଲୋକି, ନବାବଗିରି ।

ନବିନାଘୋଟ, ବି. (ଦେଶଜ) ଗାତରେ ପକାଇ ଖେଳିବା ବାଟିଖେଳର ନବମ ଆଘାତ ।

ନବିଶ, ବି. (ପାରସ୍ୟ ଶବ୍ଦ) ଲିଖନ; ଲେଖକ ।

ନବିସୀନ୍ଦା, ବି. (ପାରସ୍ୟ ଶବ୍ଦ) ଲେଖକ ।

ନବେ, ବିଂ. (ନବତି ଶବ୍ଦଜ) ୯୦ ସଂଖ୍ୟା ।

ନଭ, ନଭସ୍, } ବି. (ନଭ୍ = ନଷ୍ଟହେବା-ଅ, ଅସ୍) ଆକାଶ; ଶ୍ରାବଣମାସ; ସ୍ୱର୍ଗ; ମେଘ; ଋଷିବିଶେଷ । ବିଂ. ହିଂସକ ।

ନଭସ, ବି. (ନଭ୍-ଅସ) ଆକାଶ, ସ୍ୱର୍ଗ ।

ନଭସଙ୍ଗମ, ନଭଶ୍ଚର, } ବି. ( ନଭସ୍-ଗମ୍ = ଗମନ କରିବା-ଅ, ମ ଆଗମ, ନଭସ୍-ଚର୍-ଅ) ପକ୍ଷୀ; ବିଦ୍ୟାଧର ଗନ୍ଧର୍ବ ପ୍ରଭୃତି; ବାୟୁ; ମେଘ; ସୂର୍ଯ୍ୟାଦି ଗ୍ରହ । ବିଂ. ଆକାଶଗାମୀ ।

ନଭସ୍ୟ, ବି. ( ନଭସ୍ = ମେଘ-ଯ-ହିତାର୍ଥେ ) ଭାଦ୍ରପଦମାସ । ବିଂ ଆକାଶଜାତ ।

ନଭସ୍ୱାନ୍, ନଭସ୍ୱତ୍, } ବି. (ନଭସ୍-ବତ୍-ଅସ୍ତ୍ୟର୍ଥେ— ଆକାଶାଶ୍ରୟ ବୋଲି ଯେ ଆକାଶବିଶିଷ୍ଟ) ପବନ; ଯୁବା ।

ନମଃ, ଅଂ. (ନମସ୍-ନମ୍=ନମସ୍କାର କରିବା-ଅସ୍) ନମସ୍କାର; ତ୍ୟାଗ; ବୋଦନ; ପ୍ରଣାମ । ଯଥା—ନମୋ ବ୍ରହ୍ମଣ୍ୟ ଦେବାୟ ।

ନମ, ଅଂ. (ନମଃ ଶବ୍ଦର ଅପଭ୍ରଂଶ) ପ୍ରଣାମ । ଯଥା—
ମାତ୍ର ତୁମ୍ଭମାନଙ୍କର ହେଲେ ଫଳୋଦ୍‌ଗମ,
ନଇଁ ଶାଖା ମୁଣ୍ଡ ଦେଇ କରଥାଅ ନମ । ବୃ. ସ୍ମୃ.

ତ୍ୟାଗ । ଯଥା—ମୁଁ ସେମାନଙ୍କୁ ନମୋନମ କଲିଣି ଅର୍ଥାତ୍ ତ୍ୟାଗ କଲିଣି ।

ନମତା, ନମନ୍ତା, ଲମତା, } ବି. ( ନମସ୍କର୍ତ୍ତା ଶବ୍ଦଜ ) ସେବକବିଶେଷ; ପାଚିଲିଆ । ଯଥା —
ନମନ୍ତା ଦୋଷ କଲେ ସେବାରୁ ଛଡ଼ାଇବ,
ପାତ୍ର ଦୋଷ କଲେଟି ଦ୍ୱାରିକୁ ବାସହିବ । ନୂ.ପୁ.ପ୍ର.ତ.

ନମନ, ବି. (ନମ୍ = ନତ ହେବା-ଅନ) ନତ ହେବା; ପ୍ରଣାମ; ଲଇଁବା, ନମ୍ରହେବା । (ବିଶେଷଣରେ ନମିତ, ନମ୍ୟ, ନମନୀୟ, ନମସିତ ଓ ନମସ୍ୟିତ ହୁଏ ।)

ନମସ୍କାରହେବା, କ୍ରି. (ସଂସ୍କୃତ ଏବଂ ଓଡ଼ିଆ ପଦର ସଂମିଶ୍ରଣ) ନମସ୍କାର କରିବା । ଯଥା—

ପନଗା ନାରାୟଣ ଏ ସ୍ୱୟଂ ଅବତୀର,
ମାତାପିତାଦି କାହାକୁ ନୁହେ ନମସ୍କାର । ସା. ଭ. ବି.

ନମସ୍କୃତ, ବିଂ. (ନମଃ-କୃତ) ଯାହାକୁ ନମସ୍କାର କରା ଯାଇଅଛି ।

ନମସ୍ୟ, ବିଂ. ( ନମସ୍-ଯ-ଯୋଗ୍ୟାର୍ଥେ ) ପୂଜନୀୟ, ପ୍ରଣମ୍ୟ, ନମସ୍କାରର ଯୋଗ୍ୟ । (ସ୍ତ୍ରୀ-ଆ) ବି. ପୂଜା; ନତି । (ପୂଜା ନମସ୍ୟାପଚିତିଃ— ଅମର ।) ବିଂ. ସ୍ତ୍ରୀ. ବନ୍ଦନୀୟା, ପୂଜା ଓ ନମସ୍କାରର ଯୋଗ୍ୟ ।

ନମାଜ, ବି. (ପାରସ୍ୟ ଶବ୍ଦ) ମୁସଲମାନମାନଙ୍କର ଉପାସନା ।

ନମିବା, କ୍ରି. (ନମ୍ ଧାତୁଜ) ନମସ୍କାର କରିବା । ଯଥା—

ତାରୁ ନମ୍ରଶିରେ ନମିଲ ପଦ୍ମରେ । ନ. କେ.

ନମୁଚିସୂଦନ, } ବି. (ନମୁଚି=ଅସୁରବିଶେଷ-
ନମୁଚିଦ୍ୱିଟ୍, } ସୂଦନ = ଯେ ନାଶ କରେ,
ନମୁଚିଦ୍ୱିଷ୍, } ଦ୍ୱିଷ୍ = ଯେ ଦ୍ୱେଷ କରେ)
ଇନ୍ଦ୍ର; ଦେବରାଜ; ଶିବ ।

ନମୁନା, ନମୁନା, ବି. (ଯାବନିକ) ଆଦର୍ଶ । ଯଥା—

ଦେଖାଅ ଆମ୍ଭଙ୍କୁ ଦୁଇ ଚାରିଟା ନମୁନା,
ବୁଝିବୁଁ ଗିଲଟି ନୁହେ ଖାଣ୍ଟି ସଇସୁନା । ଉ. ଭ୍ର.

ଚିତ୍ରକାରମାନେ ରୂପ ବା ଛବି ଚିତ୍ରଣର ପୂର୍ବେ ଆକୃତିକୁ ଗାରେଇଥିବା ପଟା ପ୍ରଭୃତି ।

ନମେରୁ, ବି. (ନମ୍-ଏରୁ-ସଂଜ୍ଞାର୍ଥେ) ରୁଦ୍ରାକ୍ଷ ବୃକ୍ଷ; ସୁରପୁନ୍ନାଗ ବୃକ୍ଷ; ସୁରପୁନ୍ନାଗ ବୃକ୍ଷ । (ସୁରପୁନ୍ନାଗବୃକ୍ଷୋ ନମେରୁ ସ୍ୟାତ୍ ।)

ନମୋବାକ, ବି. (ନମସ୍-ବଚ୍-ଅ) ନମୋବଚନ, ନମସ୍କାରବାକ୍ୟ । (ଇଦଂ ଗୁରୁଭ୍ୟଃ ପୂର୍ବେଭ୍ୟୋ ନମୋବାକଂ ପ୍ରଶାସ୍ମହେ—ଉ. ରା. ଚ. )

ନମ୍ର, ବିଂ. (ନମ୍-ର-ଶୀଳାଦି ଅର୍ଥରେ) ନତ, ପ୍ରଣତ; ବିନୀତ, ଶିଷ୍ଟ; କୋମଳ; ଯାହା ବା ଯେ ଲଇଁଅଛି, ଆନତ ।

ନୟ, ବି. (ନୀ=ନେବା-ଅ) ନୀତି; ଉପଦେଶ; ନୀତିଶାସ୍ତ୍ର; ଦ୍ୟୂତକ୍ରୀଡ଼ାବିଶେଷ । ବିଂ. ନ୍ୟାଯ୍ୟ, ଉପଯୁକ୍ତ ।

ନୟନ, ବି. ( ନୀ = ନେବା-ଅନ ) ଚକ୍ଷୁ; ନେବା; ପ୍ରାପଣ; ଯାପନ । (ସ୍ତ୍ରୀ-ଈ-ନୟନୀ) ଚକ୍ଷୁର ତାରା ।

ନର, ବି. (ନୃ=ନେବା, ପାଇବା-ଅ-ଯେ ଆତ୍ମାର ଉନ୍ନତି ପାଏ) ମନୁଷ୍ୟ; ଅର୍ଜୁନ; ବିଷ୍ଣୁ; ଋଷିବିଶେଷ; ଶଙ୍କୁ; ପରମାତ୍ମା । (ଦେଶଜ ପ୍ରାପ୍ତ ହେଲେ) ଅଣ୍ଡିରା ଜୀବ ।

ନରକ, ବି. ( ନୃ = ନେବା-ଅକ, ଯେଉଁ ସ୍ଥାନକୁ ପାପିମାନଙ୍କୁ ନେବାକୁ ହୁଏ) ଦୁଃଖଭୋଗର ସ୍ଥାନ । (ନର = ମନୁଷ୍ୟ-କ = ମସ୍ତକ) ଦୈତ୍ୟବିଶେଷ, ଅସୁରବିଶେଷ । (ନର-କ-ସ୍ୱାର୍ଥେ) ମନୁଷ୍ୟ ।

ନରକୋଳି, } ବି. (ଦେଶଜ) ବୃକ୍ଷବିଶେଷ ।
ନଅରକୋଳି, } ଯଥା—

ନରକୋଳି ଜମ୍ବୁ ଜମ୍ବୁ ବଦରୀ । ବି. ଗୀ.

ନରନାରାୟଣ, ବି. ସଂ. କୃଷ୍ଣାର୍ଜୁନ; ବଦରିକାଶ୍ରମସ୍ଥ ଋଷିଦ୍ୱୟ ।

ନରମ, ନରମା, ବିଂ. (ନମ୍ର ଶବ୍ଦଜ) କୋମଳ । ଯଥା—

କହୁଅଛ ସରମ ଗୁଡ଼ିକର ମୁହିଁ,
ନରମ ଦେହେ ଦୁଃଖ ସହିବି ମୁ କେହି । କୃ. ଖି. ବି. ପ.

ଅକଠିନ, ସହଜ । (ହିନ୍ଦୀ) ଶୀତଳ । ଯେପରି—ନରମ ଜଳ ।

ନରଯନ୍ତ୍ର, ବି. ସଂ. ଦ୍ୱାଦଶାଙ୍ଗୁଳ କାଳରୂପ ଶଙ୍କୁଯନ୍ତ୍ର ।

ନରା, ବି. (ଦେଶଜ—ଅଶିକ୍ଷିତ ସମାଜରେ ନଡ଼ାକୁ ନରା କହନ୍ତି) ନଡ଼ା ।

ନରାଜ, ବି. (ନାରାଚ ଶବ୍ଦଜ) ତରାଜୁ ।

ନରାଧିପ, ନରପତି, ନରପାଳ, } ବି. ସଂ.
ନରଦେବ, ନରେଶ, } ରାଜା ।

ନରେନ୍ଦ୍ର, ବି. ସଂ. ରାଜା; ବିଷବୈଦ୍ୟ; ଭୂତ-ବୈଦ୍ୟ; ଜଗନ୍ନାଥ ମହାପ୍ରଭୁଙ୍କ ନାବ-କେଳିର ଜଳାଶୟ ।

ନର୍କ, ବି. (ନରକ ଶବ୍ଦର ଅନ୍ତ ସଂଶ୍ଳେଷ) ନରକ । ଯଥା—

ଅଷ୍ଟମ ନବମ ମାସ ଗର୍ଭିଣୀ ସଙ୍ଗରେ,
ବାହୁରେ ଯେ ପଡ଼ଇ ଅବଶ୍ୟ ନର୍କରେ । ବେ. ପ.

ନର୍ତ୍ତକ, ବି. (ନୃତ୍ = ନୃତ୍ୟ କରିବା-ଅକ) ଯେ ନୃତ୍ୟ କରେ, ନୃତ୍ୟବ୍ୟବସାୟୀ; ସଙ୍କରଜାତି ବିଶେଷ; ହସ୍ତୀ; ମୟୂର । ବିଂ. ନୃତ୍ୟକାରକ । (ସ୍ତ୍ରୀ-ଈ) ନର୍ତ୍ତକୀ; ହସ୍ତିନୀ; ମୟୂରୀ ।

ନର୍ତ୍ତନ, ବି. (ନୃତ୍-ଅନ) ନୃତ୍ୟ, ନାଚ । (ବିଶେଷଣରେ ନର୍ତ୍ତିତ ହୁଏ ।)

ନର୍ଦ୍ଦମା, ବି. (ଦେଶଜ) ପାଣି ବହିଯିବାର ନଳା ।

ନର୍ଦ୍ଦିତ, ବିଂ. (ନର୍ଦ୍ଦ = ଶବ୍ଦକରି-ତ) ଶବ୍ଦିତ, କୃତନାଦ; ସୂଚ । ବି. ଶବ୍ଦକରଣ ।

ନର୍ଦ୍ଦିବା, କ୍ରି. (ଗଡ଼ଜାତରେ) ଦୌଡ଼ିବା ।

ନର୍ମ୍ମ, ବି. (ନର୍ମ୍ମନ୍-ନୃ=ନେବା-ମନ୍) କ୍ରୀଡ଼ା, କୌତୁକ, ପରିହାସ; ବିହାର ।

ନର୍ମ୍ମଠ, ବିଂ. ( ନର୍ମ୍ମ-ଠ-ତତ୍ରଚେଷ୍ଟାର୍ଥେ ) କ୍ରୀଡ଼ାରତ; ଲମ୍ପଟ ।

ନଳ, ବି. (ନଲ୍ = ବନ୍ଧନ କରିବା-ଅ) ଶର; ତୃଣବିଶେଷ; ଅନ୍ତଃଶୂନ୍ୟ ଗୋଲକାର ଦ୍ରବ୍ୟବିଶେଷ, ଚୁଙ୍ଗା; ନିଷଧରାଜ; ସୂର୍ଯ୍ୟ-ବଂଶୀୟ ରାଜାବିଶେଷ; ବାନରବିଶେଷ; ପିତୃଲୋକବିଶେଷ; ଦୈତ୍ୟବିଶେଷ; ପଦ୍ମ । ଯେପରି—(ନଳିନୀ) ସୌରଭ; ଶାକାଦିର ଖଡ଼ା । (ଦେଶଜରୂପେ) ବାଉଁଶର ବଡ଼ ଲମ୍ବା ଦଣ୍ଡ ବା ନଳ; କେଳାମାନଙ୍କର ପକ୍ଷୀ ଧରିବା ଯନ୍ତ୍ରବିଶେଷ; ଜମିର ପରିମାଣ ସ୍ଥିର କରିବାର ପ୍ରଣାଳୀ ।

ନଳକୂବର, ବି. (ନଳ-କୂବର=ଶରୀର, ନଳ ରାଜାଙ୍କ ପରି ଯାହାଙ୍କ ଶରୀର) କୁବେରଙ୍କ ପୁତ୍ର ।

ନଳଦ, ବି. (ନଳ = ସୁଗନ୍ଧ-ଦା-ଅ) ବେଣା-ଚେର; ପୁଷ୍ପକରଥ; ମକରନ୍ଦ ।

ନଳବଣ, ବି. (ନଡ଼ବନ ଶବ୍ଦଜ) ବିଶେଷ ନଡ଼ା ଥିବା ସ୍ଥଳ ।

ନଳା, ବି. (ନାଳ-ଶବ୍ଦଜ) ପାଣି ବହିଯିବାର ନାଳ । ଯଥା—

ଏମନ୍ତେ କେତେ ଦିନ ପରେ,
ପ୍ରବେଶ ଅଠରନଳାରେ । ଦା. ର.

ବାଉଁଶ ପ୍ରଭୃତିର ଚୁଙ୍ଗୀ ।

ନଳି, ବିଂ. (ନଳ ଶବ୍ଦଜ) ସରୁ ।

ନଳିଆ, ବି. (ଦେଶଜ) ନଳୀ ଲାଗୁଥିବା ବ୍ୟକ୍ତି । ଯଥା—

ନୋହିଲେ ଏମନ୍ତେ ତୁ କର,
ହୋଇବେ ନଳିଆ ରୂପ ଧର ।
ଶ୍ରୀ ବନମାଳୀ ନାମେ ନଳ,
ଭୂକେ ପାଶରୁ ଯେବେ ଢୋଲ । ଦା. ର.

ନଳିକା, ବି. ସ୍ତ୍ରୀ. (ନଳ-କ-ଆ, ଅକ = ଇକ) ସୁଗନ୍ଧଦ୍ରବ୍ୟବିଶେଷ; ବୃକ୍ଷବିଶେଷ; ନାଡ଼ୀ; ନଳ; ଚୁଙ୍ଗା; ତୂଣ ।

ନଳିଘା, } ବି. ( ଦେଶଜ ) ଯେଉଁ ଘା
ନଳିଘାଆ, } ବାହାରେ ଶୁଖିଯାଏ କିନ୍ତୁ ଭିତରେ ପଚିଥାଏ; ନାଡ଼ୀବ୍ରଣ ।

ନଳିଚ, ବି. (ନଳିତ ଶବ୍ଦଜ ବା ନାଡ଼ୀଚ ଶବ୍ଦଜ) ଶାକଭେଦ ।

ନଳିତ, } ବି. ସ୍ତ୍ରୀ. (ନଲ୍ = ବନ୍ଧନ କରିବା-
ନଳିତା, } ତ-ସ୍ତ୍ରୀ-ଆ) ଶାକବିଶେଷ; ଝୋଟ-ଗଛ । ବିଂ. (ଦେଶଜ) ସରୁ, କୃଶ ।

ନଳିତାପିତ୍ରା, ବି. ( ନଳିତା ପତ୍ର ଶବ୍ଦଜ ) ନଳିତା ଗଛର ପତ୍ର ।

ନଳିନ, ବି. (ନଲ୍ = ବନ୍ଧନ କରିବା, ଉଜ୍ଜ୍ୱଳ ହେବା-ଇନ ଅଥବା ନଳ = ନାଳ—ଇନ) ପଦ୍ମପୁଷ୍ପ; ଜଳ; ନୀଳଗଛ; ଶୈବାଳ; ସାରସ ପକ୍ଷୀ । (ସ୍ତ୍ରୀ-ଈ = ନଳିନୀ) ପଦ୍ମିନୀ, ପଦ୍ମସମୂହ; ଯେଉଁ ସ୍ଥାନରେ ଯଥେଷ୍ଟ ପଦ୍ମ ଜନ୍ମେ, କମଳାକର; ସ୍ୱର୍ଗଗଙ୍ଗା; ପଞ୍ଚଦଶ ବର୍ଣ୍ଣଯୁକ୍ତ ପାଦବିଶିଷ୍ଟ ଛନ୍ଦ ।

ନଳମୀରୁହ, ବି. (ନଳମୀ-ରୁହ୍=ଜନ୍ମିବା-ଅ) ମୃଣାଳ; ବ୍ରହ୍ମା ।

ନଳନେଶୟ, ବି. (ନଳିନ=ପଦ୍ମ-ଶୀ=ଶୋଇବା-ଅ) ନାରାୟଣ ।

ନଳିବା, କ୍ରି. (ନଲ୍ ଧାତୁଜ) ଭୂମି ମାପ କରି ପରିମାଣ ସ୍ଥିର କରିବା ।

ନଳୀ, ନଳି, ବି. (ନାଳୀକ ଶବ୍ଦଜ) ବନ୍ଧୁକ । ଯଥା—

ଦୃଷ୍ଟିଭେଦୀ ଯାର ବଜ୍ରନାଦୀ ନଳୀ । ଚଳକା ।

ନଳ୍ୱ, ବି. (ନଲ୍=ନଳଭୁଲ୍ୟ ଦୀର୍ଘ ହେବା-ବ) ଚାରିଶତ ହସ୍ତ ପରିମିତ ସ୍ଥାନ । (ନଲ୍ୱଃ କିଷ୍କୁ ଚତୁଃଶତଂ—ଅମର ।)

ନବ, ବିଂ. (ନୁ=ସ୍ତବ କରିବା ଇତ୍ୟାଦି-ଅ) ନୂତନ; ୯ ସଂଖ୍ୟା । ବି. ସ୍ତବ ।

ନବକ, ବି. (ନବ-କ) ୯ ସଂଖ୍ୟା, ନବ-ସଂଖ୍ୟାନ୍ୱିତ ।

ନବଚତ୍ୱାରିଂଶତ୍, ବି. ଊନପଞ୍ଚାଶ, ୪୯ ସଂଖ୍ୟା ।

ନବତି, ବି. ୯୦ ସଂଖ୍ୟା । ବିଂ. ୯୦ ସଂଖ୍ୟା-ଯୁକ୍ତ ।

ନବଧା, କ୍ରି. ବିଂ. (ନବ-ଧା, ପ୍ରକାରାର୍ଥେ) ନଅପ୍ରକାର, ନଅବାର ।

ନବନୀ, } ବି. ସ୍ତ୍ରୀ. (ନବ=ନୂତନ-ନୀ=
ନବନୀତ, } ନେବା-କ୍ୱିପ୍, ତ, ଦୁଗ୍ଧରୁ ଯାହା କିଆଗଲା) ମଖନ, ଲହୁଣୀ (ନବ-ନୀତକ=ଘୃତ) ।

ନବବଧୂ, }
ନବକାରିକା, } ବି. ସ୍ତ୍ରୀ. ନବୋଢା, ନୂତନ ବିବାହିତା ସ୍ତ୍ରୀ ।
ନବଫଳିକା, }

ନବମ, ବିଂ. (ନବନ୍-ମ—ପୂରଣାର୍ଥେ) ନଅ ସଂଖ୍ୟାର ପୂରକ । (ସ୍ତ୍ରୀ-ଈ) ତିଥିବିଶେଷ ।

ନବମାଳିକା, } ବି. ସ୍ତ୍ରୀ. (ନବ=ପ୍ରଶଂସନୀୟ ।
ନବମଲ୍ଲିକା, } ମାଳିକା, ମଲ୍ଲିକା) ନଆଳୀ-ଫୁଲ, ସପ୍ତଳା, ନାମ ଲତା ।

ନବରଙ୍ଗ, ବି. (ନବ-ରଙ୍ଗ=ବର୍ଣ୍ଣ, କୌତୁକ, କ୍ରୀଡ଼ା) ନଅପ୍ରକାର ବର୍ଣ୍ଣକ; (ଦେଶଜ-ରୂପେ) ପରିହାସ; କୌତୁକ ।

ନବରଙ୍ଗିଆ, ବିଂ. ଯେ ନବରଙ୍ଗ ଲଗାଏ ।

ନବରତ୍ନ, ବି. (ନବନ୍-ରତ୍ନ=ମଣି) ମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ, ଗୋମେଦ, ବଜ୍ର, ବିଦ୍ରୁମ, ପଦ୍ମରାଗ, ମରକତ ଓ ନୀଳକାନ୍ତ ଏହି ନବରତ୍ନ । ଏକତ୍ର ନବରତ୍ନର ସମବାୟ; ନବରତ୍ନ ଘଟିତ ଅଳଂକାର; ବିକ୍ରମାଦିତ୍ୟ ରାଜାଙ୍କର ସଭାସଦ ନଅଜଣ ପ୍ରଧାନ ପଣ୍ଡିତ । (ଧନ୍ୱନ୍ତରି କ୍ଷପଣକା-ମରସିଂହଶଙ୍କୁଃ, ବେତାଳଭଟ୍ଟ ଘଟକର୍ପର କାଳିଦାସାଃ । ଖ୍ୟାତୋ ବରାହମିହିରୋ ନୃପତେଃ ସଭାୟାଂ, ରତ୍ନାନିବୈବରରୁଚି ର୍ନବବିକ୍ରମସ୍ୟ ।)

ନବରସ, ବି. (ନବନ୍-ରସ) ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ ଓ ଶାନ୍ତ । (ଶୃଙ୍ଗାର ହାସ୍ୟ କରୁଣ ରୌଦ୍ର ବୀର ଭୟାନକାଃ । ବୀଭତ୍ସୋଽଦ୍ଭୁତ ଇତ୍ୟଷ୍ଟୌ ରସାଃ ଶାନ୍ତସ୍ତଥାମତଃ ।) ଯଥା—

ନ ବରଷେ ନବରସେ ବଳିଲା ମନ । ବି. ଚ. ମ.

ନବସୂତିକା, ବି. ସ୍ତ୍ରୀ. (ନବ=ନୂତନ-ସୂତ=ସନ୍ତାନ-କ-ଆ) ନବପ୍ରସୂତା ସ୍ତ୍ରୀ; ଧେନୁ ବା ନବପ୍ରସୂତା ଗାଈ ।

ନବାନ୍ନ, ବି. (ନବ=ନୂତନ-ଅନ୍ନ) ସ୍ୱନାମ-ପ୍ରସିଦ୍ଧ କ୍ରିୟାବିଶେଷ; ନୂଆଖିଆ; ଏହା ନ ହେବା ପୂର୍ବରୁ ନୂତନ ତଣ୍ଡୁଳ ଭକ୍ଷଣ ନିଷିଦ୍ଧ ।

ନବୀନ, ବିଂ. (ନବ-ଈନ-ସ୍ୱାର୍ଥେ) ନୂତନ, ତରୁଣ । ଯଥା—ନବୀନ ନୀରଦ । (ବିଶେଷ୍ୟରେ ନବୀଭାବ, ନବୀଭବନ ଓ ବିଶେଷଣରେ ନବୀକୃତ, ନବୀଭୂତ ଇତ୍ୟାଦି ପଦମାନ ସାଧିତ ହୁଏ ।)

ନବୋଢ଼ା, ବିଂ. ସ୍ତ୍ରୀ. (ନବ-ଊଢ଼ା=ବିବାହିତା) ନୂତନ ବିବାହିତା ସ୍ତ୍ରୀ ।

ନବୋଦ୍ଧୃତ, ବି. (ନବ-ଉଦ୍ଧୃତ) ନବନୀତ, ଲହୁଣୀ । ବିଂ. ଅଳ୍ପକାଳ ହେଲା ଯାହାର ଉଦ୍ଧାର ସାଧନ ହୋଇଅଛି ।

ନବ୍ୟ, ଵି°. (ନବ-ଯ-ସ୍ୱାର୍ଥେ) ନୂତନ, ଅଳ୍ପ-ବୟସ୍କ, ଅପ୍ରବୀଣ; ଯୁବା; ଇଦାନୀନ୍ତନ । ବି. (ନୁ = ସ୍ତବ କରିବା-ଯ) ସ୍ତବ ।

ନଶ୍ୱର, ଵି°. (ନଶ = ବିନଷ୍ଟ ହେବା-ବର ଶୀଳାଦି ଅର୍ଥରେ) ନାଶଶୀଳ, ଅନିତ୍ୟ, ଅସ୍ଥାୟୀ ।

ନଷ୍ଟ, ଵି°. (ନଶ୍-ତ) ନାଶପ୍ରାପ୍ତ; ପଳାୟିତ; ଦୁଷ୍ଟ; ଦୁର୍ବୃତ୍ତ; ଗୁଣହୀନ; ଦୁଶ୍ଚରିତ; ଅକର୍ମଣ୍ୟ; ଅଭଦ୍ର; ଖଳ; କୁଟିଳ; ହିଂସ୍ର । ବି. ନାଶ, ସଂହାର ।

ନଷ୍ଟାମି, ନଷ୍ଟାମୀ, ବି. (ନଷ୍ଟ ଶବ୍ଦରେ ଦେଶୀୟ ପ୍ରତ୍ୟୟ) ଦୁଷ୍ଟତା, ଦୁଷ୍ଟାମି ।

ନଷ୍ଟେନ୍ଦୁକଳା, ବି. ସ୍ତ୍ରୀ. (ନଷ୍ଟ-ଇନ୍ଦୁକଳା = ଚନ୍ଦ୍ରକଳା) ଅମାବାସ୍ୟା ।

ନସିବ, ନସୀବ, ବି. (ଯାବନିକ) କପାଳ, ଭାଗ୍ୟ, ଅଦୃଷ୍ଟ ।

ନସ୍ତ, ବି. (ନସ୍ = କୁଟିଳ ହେବା-ତ ସଂଜ୍ଞାର୍ଥେ) ନାସିକା; ବୈଦ୍ୟଶାସ୍ତ୍ରୋକ୍ତ ପଞ୍ଚବିଧ ନସ୍ୟ ।

ନସ୍ତିତ, ନସ୍ତୋତ, ନସ୍ୟୋତ, ବି. [ନସ୍ତା ନାସିକାବୟବ-ବିଶେଷଃ-ତସ୍ମିନ୍ ବିଦ୍ଧୋ ନସ୍ତିତଃ, ନସ୍ୟେ ନାସିକାରନ୍ଧ୍ରେ (ନସ୍ତେ ନାସିକାୟାଂ ବା) ଊତଃ ରଜ୍ଜୁ-ପ୍ରୋତଃ ନସ୍ୟୋତଃ କମ୍ବା ନସ୍ତୋତଃ, ନସ୍ତ = ନାସିକା ( ନାମଧାତୁ )-ତ, ନସ୍ତ, ନସ୍ୟା = ନାସିକା-ଊତ = ସ୍ୟୂତ, ଗୁମ୍ଫିତ ] ଯେଉଁ ବଳଦର ନାସିକା ବିଦ୍ଧ କରି ରଜ୍ଜୁ ବନ୍ଧା ହୋଇଥାଏ ।

ନସ୍ୟ, ଵି°. ( ନାସା-ଯ-ପ୍ରୟୋଜନାର୍ଥେ ) ନାସିକାର ହିତଜନକ, ନାସାସମ୍ବନ୍ଧୀୟ । ବି. ନାସିକାରେ ଦେୟ ଚୂର୍ଣ୍ଣାଦି, ନାସ । (ସ୍ତ୍ରୀ-ଆ-ନସ୍ୟା) ନାସିକା; ନାସାପ୍ରୋତ ରଜ୍ଜୁ ।

ନସ୍ୟଧାନୀ, ବି. ସ୍ତ୍ରୀ. (ନସ୍ୟ = ନାସ-ଧାନୀ = ଆଧାର) ଯହିଁରେ ନାସ ରଖାଯାଏ, ନାସଦାନୀ ।

ନହ, ବି. (ନଖ ଶବ୍ଦଜ ପ୍ରାକୃତ) ନଖ । ଯଥା—

ନୃସିଂହ ମାଧବ ମୁରାରି,
ନହେଣ ହରଣ୍ୟ ବଦାର । କ. କୋ.

ନହନ, ବି. (ନହ୍ = ବନ୍ଧ କରିବା-ଅନ) ବନ୍ଧନ, ବନ୍ଧନରଜ୍ଜୁ ।

ନହବତ, ବି. ( ଯାବନିକ ) ବାଦ୍ୟବିଶେଷ । (ଆଲେକଜାଣ୍ଡ୍ରିର ବାଦସାହ ନହବତର ସୃଷ୍ଟିକର୍ତ୍ତା ।)

ନହବତ, ନହବତଖାନା, ବି. ( ଯାବନିକ ) ଗୀତ-ବାଦ୍ୟାଗାର, ଯେଉଁଠାରେ ନହବତ ପ୍ରଭୃତି ବାଦ୍ୟ ବାଜେ । ଯଥା—

ବାଜଣ ଉଠିଲା ନହବତେ ହଇନାଦେ ପଟହ । ଉଷା ।

ନହି, ଅ°. ନିଷେଧାର୍ଥ ।

ନହୁ, ଲହୁ, ବି. (ଦେଶଜ) ରକ୍ତ ।

ନହୁଣି, ଲହୁଣି, ବି. ( ନବନୀତ ଶବ୍ଦଜ ) ଲବଣି, ମଖନ ।

ନହୁରୁଣୀ, ବି. ସ୍ତ୍ରୀ. (ନଖରଞ୍ଜନୀ ଶବ୍ଦଜ) ନଖ କାଟିବା ଅସ୍ତ୍ର ।

ନହୁଲ, ଲହୁଲ, ନଉଲ, ଲଉଲ, ଵି°. ( ଲୌଲ୍ୟ ଶବ୍ଦଜ ) କୋମଳ; ନୂତନ । ଯଥା—

ବନ୍ଦ୍ରକା ନଗ୍ରେ ଜାଣ ଅଛନ୍ତି ଯେତେ କନ୍ୟା,
ନଉଲବୟସୀ ସେ ଅଟନ୍ତି ବରାଙ୍ଗନା । ନୃ. ପୁ. ତୃ. ତ.

ନାଁ, ନା, ବି. (ନାମ ଶବ୍ଦଜ) ନାମ । ଯଥା—

ର ରଶ୍ମି ରସ ଅଗ୍ନି ବୀଜ ଅଧିକା ଯେଣୁ ସାଧିଲା ନା ଦେଲେ ତ । ବି. ଚି. ମ.

ଅ°. (ନନୁ ଶବ୍ଦଜ) ପ୍ରଶ୍ନାର୍ଥ । ଯଥା—

ସଦା ପ୍ରସନ୍ନତା ଥିବା ନା ବନିତା
ବୋଇଲେ ଲୀଳ ପାଇବ । ବି. ଚ. ମ.

ନାସ୍ତ୍ୟର୍ଥ । ଯଥା—

ବସ ନା ଠାରେ ସେ ଯୋଗିଙ୍କି ଯୋଗେ । ବୈ. ବି.

ନିଷେଧାର୍ଥ, ନହି; (ନାବ ଶବ୍ଦର ଅପଭ୍ରଂଶ) ନାବ ।

ନାଆ, ବି. (ନାବ ଶବ୍ଦଜ) ନୌକା, (ନାମ ଶବ୍ଦଜ) ନାମ ।

ନାଇ, ବି. ( ନାଭି ଶବ୍ଦଜ, ପ୍ରାକୃତ ) ନାଭି ପ୍ରଦେଶ, ନାଭି । ଅ°. ( ନାସ୍ତି ଶବ୍ଦଜ ) ଅଭାବ; ନିଷେଧ ।

ନାଇବା, କ୍ରି. (ଦେଶଜ) ଲଗାଇବା, ପିନ୍ଧିବା, ପିନ୍ଧାଇବା । ଯଥା—

ଭଣ୍ଡାରୁଣୀ ନଖ କାଟିଲା, ଅଲତା ନାଇ ଦେଲା-
ବେଳକୁ କହିଲା, ସାଆନ୍ତାଣି ! ଇମିତି
ମେଲେଛଟା ହୋଇଚ କିଆଁ ମ ! ହି. ସା.

ନାଉ, ଲାଉ, ବି. (ଅଲାବୁ ଶବ୍ଦଜ) ଲତାଫଳ-ବିଶେଷ ।

ନାଉଦଅଣା, ବି. (ଦେଶଜ) ଲାଉରେ ପ୍ରସ୍ତୁତ ଏକପ୍ରକାର ସୁଖାଦ୍ୟ ବ୍ୟଞ୍ଜନ ।

ନାଉକା, ବି. (ନୌକା ଶବ୍ଦର ଅପଭ୍ରଂଶ) ନାବ । ଯଥା—

ସଂସାର ସାଗର ଏହୁ ମୋହଜଳ ପାଣୀ,
ଏଥକୁ ନାମ ନାଉକା ହୋଇଅଛୁ ଆସି । ସା. ଭା. ଆ.

ନାଉକେଶ୍ୱର, ବି. ( ନୌକେଶ୍ୱର ଶବ୍ଦଜ ) ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥ ଶିବଲିଙ୍ଗବିଶେଷ । ଯଥା—

ପଶ୍ଚିମେ ନାଉକେଶ୍ୱର ପାତାଳକୁ ଭେଦ,
ପୂର୍ବେ ବାଙ୍କିମୁହାଁଣ ପବନ ଜଳଆଦ । ନା. ର. ଗୀ.

ନାଉଡ଼, ନାଉଡ଼ିଆ, } ବି. (ନାବିକ ଶବ୍ଦଜ)
ନାଉରି, ନାଉରିଆ, } ନାବ ବାହିବା ଲୋକ । ଯଥା—

ସାନ ସଙ୍ଗେ ସର୍ବେ ବଡ଼ ସଙ୍ଗେ ଭୀମସେନ,
ବସନ୍ତେ ନାଉର ନାବ ବାହାଇ ସୁମନ । ସା. ଭା. ଆ.

ନାଏ, ବି. (ଦେଶଜ) ନାମରେ । ଯଥା—

ଦେବେ ଡ଼ରନ୍ତି ତାର ନାଏ,
ପ୍ରଚଣ୍ଡେ ପବନ ନ ବହେ । ଭା. ଦ. ସ୍କ.

ନାଏବ, ବି. (ଯାବନିକ) କର୍ମଚାରୀବିଶେଷ ।

ନାକ, ବି. ( ନ = ନାହିଁ—ଅକ = ଅସୁଖ, ଯେଉଁ ସ୍ଥାନରେ ଅସୁଖ ନାହିଁ ) ସ୍ୱର୍ଗ, ଆକାଶ । (ଦେଶଜ) ନାସିକା ।

ନାକକାନ୍ଦୁରା, ବିଂ. (ଦେଶଜ) ଅଳ୍ପକରେ ଯେ କାନ୍ଦିଲା ପରି ହୁଏ ।

ନାକକାନ୍ଦୁଣି, ବି. ( ଦେଶଜ ) ଅଳ୍ପକରେ କାନ୍ଦିଲା ପରି ହେବା ।

ନାକଚଣା, ବି. ( ଦେଶଜ ) ନାସିକାର ଅଳଙ୍କାରବିଶେଷ । ଯଥା—

ଶ୍ୱାସବଶେ ଫୁଲେ ଘୋଣା, ତହିଁ ମିଳା ନାକଚଣା,
ହିତ୍ଫୁଲ୍ଲ ତିଳଫୁଲକୁ ଭୃଙ୍ଗ ଚୁମ୍ବେ କି । ଲ. ବ.

ନାକଡ଼ିଆଁ, ବି. (ଦେଶଜ) ପରପ୍ରତି ଘୃଣା ।

ନାକଡ଼ିଆଁଇବା, କ୍ରି. (ଦେଶଜ) ଘୃଣା କରିବା ।

ନାକଦସୁଣା, ବି. (ଦେଶଜ) ତୃଣଜାତୀୟ ଗୁଳ୍ମବିଶେଷ ।

ନାକପୁଡ଼ା, ବି. (ଦେଶଜ) ନାସିକା ପୃଷ୍ଠ; ନାସିକା ରନ୍ଧ୍ର; ନାସିକାରେ ଥିବା ଅଳଙ୍କାରବିଶେଷ ।

ନାକଫୁଲାଇବା, କ୍ରି. (ଦେଶଜ) କ୍ରୁଦ୍ଧ ହେବା; ପର ପ୍ରତି ଘୃଣା କରିବା ।

ନାକଫୋଡ଼ା, ବିଂ. (ଦେଶଜ) ଯାହାର ନାକ ଫୋଡ଼ା ହୋଇଥାଏ ।

ନାକବାଳ, ବି. ( ଦେଶଜ ) ଶିଷ୍ୟମାନଙ୍କୁ ଦେବା ଦଣ୍ଡବିଶେଷ; ଏକ ହସ୍ତରେ ନାକ ଅପର ହସ୍ତରେ କାନ ଧରାଇ ପୁନଃ ପୁନଃ ବସାଉଥିବା ଉଠାଉଥିବା ଦଣ୍ଡ ।

ନାକବାଳଧରାଇବା, କ୍ରି. ( ଦେଶଜ ) ବହୁ ବାଧା ଦେବା; ବାଧାରେ ଅସ୍ତବ୍ୟସ୍ତ କରିବା । ଯଥା—

ହିନାକେତେ ପାଇଁ ବାପଘର ଯାଇ
ନାକ ବାଳ ଧରାଇବ । କ. ମ.

ନାକରା, ବିଂ. (ଦେଶଜ) ମନ୍ଦ, ଯାହା ଭଲ ନୁହେ ।

ନାକି, ଅଂ. ( ଦେଶଜ ) ସନ୍ଦେହାର୍ଥ, କିଜ୍ଞାସାର୍ଥ । ବିଂ. ନାକରେ ଉଚ୍ଚାରିତ । ଯଥା—ନାକି କଥା ।

ନାକୀ, ବି. (ନାକିନ୍-ନାକ = ସ୍ୱର୍ଗ-ଇନ୍-ଅସ୍ତ୍ୟର୍ଥେ) ଦେବତା ।

ନାଁକୁ, କ୍ରି. ବିଂ. (ଦେଶଜ) ନାମମାତ୍ର । ଯଥା—ସେ ନାଁକୁ ଅଛୁ ସିନା, ଏଥିରେ ତାର କର୍ତ୍ତବ୍ୟ କିଛୁ ନାହିଁ ।

ନାକୁ, ବି. (ପ୍ରାଣିନଃ ପ୍ରବେଶେ ନମନ୍ତ୍ୟସ୍ମ ନାକୁଃ—ଅମର ଟୀକା, ଅଥବା ନ-ଅକ୍ = ଗମନ କରିବା-ଉ) ବଲ୍ମୀକ, ବଳା; ପର୍ବତ ।

ନାକୁଆ, ବି. (ଦେଶଜ) ପାନପାନ୍ଦ । ଯଥା—
ଗଡ଼ ସୁନା ଗରଆ ନାକୁଆ ଖୋରା କମ,
କୁଡ଼ୁକ କଂସା ଥାଳ ପାଗ୍ରେଶି ପଲମ । ନୃ.ପୁ.ପ୍ର.ଚ.
ବିଂ. ଯାହାର ବଡ଼ ନାକ ।

ନାକୁଆସି, } ବି. (ଦେଶଜ) ନାକରୁ ବାଳ
ନାକୁଆସୀ, } ବାହାର କରିବା ଅସ୍ତ୍ର; ନାସିକାର ଅଗ୍ରଭାଗ ।

ନାକୋଣ୍ଡି, ବି. ସ୍ତ୍ରୀ. (ଦେଶଜ) ଯେଉଁ ସ୍ତ୍ରୀର ନାକ ବଡ଼ ।

ନାଖରା, ବି. (ଦେଶଜ) ଦୁଷ୍ଟ ।

ନାଗ, ବି. (ନଗ=ପର୍ବତ-ଅ-ଯେମାନେ ପର୍ବତମୟ ସ୍ଥାନରେ ବାସ କରନ୍ତି ବା ଉତ୍ପନ୍ନ ହୁଅନ୍ତି) କଦ୍ରୁ ସନ୍ତାନ; ସର୍ପ; ହସ୍ତୀ; ମେଘ; ନାଗକେଶର ବୃକ୍ଷ; ପୁନ୍ନାଗ ବୃକ୍ଷ; ଦେହସ୍ଥ ବାୟୁବିଶେଷ; ମୁଥା; ଅଶ୍ଳେଷା-ନକ୍ଷତ୍ର; ଦେଶବିଶେଷ; ସୀସକ । ବିଂ. (ଅନ୍ୟ ଶବ୍ଦର ପରେ ପ୍ରଯୁକ୍ତ ହେଲେ) **ଶ୍ରେଷ୍ଠ** ।

**ନାଗକେଶର**, ବି. ପୁଷ୍ପବିଶେଷ ।

**ନାଗଚୁଚୁନ୍ଦ୍ରାଧିରା**, ବି. (ଦେଶଜ) **Dilemma** ବୃଥା ଆସକ୍ତି, ଅଯଥା ଆସକ୍ତି । ଯେପରି—ନାଗ ସାପ ଚୁଚୁନ୍ଦ୍ରାକୁ ଧରିଲେ କେହି କାହାକୁ ଛାଡ଼ି ପାରେ ନାହିଁ ।

ନାଗପାଶ, ବି. (ନାଗ=ସର୍ପ-ପାଶ=ରଜ୍ଜୁ) ବନ୍ଧନବିଶେଷ; ସର୍ପରୂପ ପାଶ ।

ନାଗପୁଷ୍ପ, ବି. ନାଗକେଶର ବୃକ୍ଷ; ଚମ୍ପକ ବୃକ୍ଷ; ପୁନ୍ନାଗ ବୃକ୍ଷ ।

ନାଗଫାଶ, ବି. (ନାଗପାଶ ଶବ୍ଦଜ) ବନ୍ଧନବିଶେଷ ।

ନାଗବନ୍ଧ, ବି. (ଦେଶଜ ପ୍ରାୟ) କବାଟ ଲଗାଇବାପାଇଁ ଦ୍ୱାରବନ୍ଧର ଉପରିଭାଗରେ ମାରିଥିବା ଲମ୍ବ କାଷ୍ଠଖଣ୍ଡ ।

ନାଗମଲ୍ଲ, ବି. (ନାଗ-ମଲ୍ଲ) ଐରାବତ ହସ୍ତୀ ।

ନାଗଯଷ୍ଟି, ବି. (ନାଗ=ସର୍ପସଦୃଶ-ଯଷ୍ଟି=ଲଠି କାଠ) ପୁଷ୍କରିଣୀ ମଧ୍ୟରେ ପ୍ରୋଥିତ କାଷ୍ଠ; ରଇ କାଠ ।

ନାଗର, ବି. (ନଗର-ଅ, ଭବାର୍ଥେ) ନଗରଜାତ, ନଗର ସମ୍ବନ୍ଧୀୟ; ରସିକ; ବିଦଗ୍ଧ । ବି. ଦେବର, ଦିଅର; ନାରଙ୍ଗିଲେମ୍ବୁ ଗଛ; ଦେବନାଗର ଅକ୍ଷର; ଶୁଣ୍ଠୀ; ନାଗରମୁଥା; ରତିବନ୍ଧ । (ସ୍ତ୍ରୀ-ଈ) ବିଦଗ୍ଧା ନାରୀ, ଯୁବତୀ ।

ନାଗରଙ୍ଗ, ବି. (ନାଗ=ସୀସକ-ତଜ୍ଜନ୍ୟ ହେତୁ ସିନ୍ଦୂରକୁ ମଧ୍ୟ ନାଗ କହନ୍ତି) ସିନ୍ଦୂରରଙ୍ଗ; ଯାହାର ସିନ୍ଦୂର ପରି ବର୍ଣ୍ଣ; ନାରଙ୍ଗଫଳ ।

ନାଗରଚି, ବିଂ. (ଦେଶଜ) ଯେ ନାଗରା ବଜାଏ ।

ନାଗରା, ବି. (ଦେଶଜ) ବାଦ୍ୟବିଶେଷ । (କୁମ୍ଭାଟୁଆ ଶବ୍ଦ ଦେଖ)

ନାଗରିକ, ବିଂ. (ନଗର-ଇକ-ବାସାର୍ଥେ) ନଗରବାସୀ; ନଗରସମ୍ବନ୍ଧୀୟ ।

ନାଗରିକତା, ବି. (ନାଗରିକ-ତା-ଭାବାର୍ଥେ) (ଏହାଟି ସଂସ୍କୃତ ପଦ, କିନ୍ତୁ ତୈଲଙ୍ଗ ଭାଷାରେ କେବଳ ବ୍ୟବହୃତ ହେଉଥିବାର ଜଣା ଯାଉଅଛି—ଅଥଚ ତୈଲଙ୍ଗର ସଂସ୍ରବରେ ଗଞ୍ଜାମରେ ବ୍ୟାବହାରିକ ଭାଷାରେ ସୁଦ୍ଧା ବ୍ୟବହୃତ ହୋଇ ଆସିଲାଣି; ସୁତରାଂ ଏହାର ପ୍ରକୃତି ପ୍ରତ୍ୟୟର ସାଧୁତା ବିଚାର କଲେ ଓଡ଼ିଆ ଭାଷା ରାଜ୍ୟରେ ସର୍ବତ୍ର ବ୍ୟବହୃତ ହେବା ଉଚିତ ବୋଧ ହୁଏ) ସଭ୍ୟତା; ଚତୁରତା ।

ନାଗରାଟ, ବି. (ନାଗରୀ-ଅଟ=ଯେ ଗମନ କରେ-ନିପାତନ) ଲମ୍ପଟ, ଉପପତି ।

ନାଗବଲ୍ଲୀ, } ବି. ସ୍ତ୍ରୀ. (ନାଗ=ସର୍ପ, ବଲ୍ଲୀ,
ନାଗବଲ୍ଲରୀ, } ବଲ୍ଲରୀ=ଲତା) ତାମ୍ବୂଳବଲ୍ଲୀ, ପାନ ।

ନାଗସାହ୍ୱୟ, }
ନାଗାହ୍ୱ, } ବି. (ନାଗସ=ହସ୍ତିତୁଲ୍ୟ-ଆହ୍ୱୟ) ହସ୍ତିନାପୁର ।
ନାଗାହ୍ୱୟ, }

ନାଗହଂସ, ବି. ଦେଶଜ) କବାଟରେ ଶିକୁଳି ଲଗାଇବାପାଇଁ ଦ୍ୱାରବନ୍ଧରେ ମାରିଥିବା ହଂସପାଦାକୃତି ଲୌହବଳୟ; ଅନେକେ ଏହାକୁ ସୋଡ଼ିଷା କହନ୍ତି ।

ନାଗା, ବି. ( ଦେଶଜ ) ସନ୍ନ୍ୟାସିବିଶେଷ; ବୈରାଗିବିଶେଷ । ଯଥା—

ନାଗା ନମୋହ୍ନି ଖାଙ୍କା ଯେତେ,
ବିରକ୍ତ ନମୋହ୍ନି ସହୁତେ । ଦା. ର.

ପାବର୍ତ୍ତୀୟ ଅସଭ୍ୟଜାତିବିଶେଷ ।

ନାଗୁଣୀ, ବି. ସ୍ତ୍ରୀ. (ନାଗ ଶବ୍ଦରେ ଦେଶୀୟ 'ଉଣୀ' ପ୍ରତ୍ୟୟ ଯୋଗ) ମାଈ ନାଗସାପ । ଯଥା—

ହେମକୁମ୍ଭ ବାହାର କି କାଳୀ ନାଗୁଣୀ । ବି. ଗ୍ର.

ନାଗକନ୍ୟା । ଯଥା—

ଅମୃତରସ ପାନ କରନ୍ତ ବର କନ୍ୟା,
ଆଚମନ ସାରଣ ନାଗୁଣୀ ଅନ୍ନପୂର୍ଣ୍ଣା ।

ନାଗୁଲ, ବି. (ଦେଶଜ) କର୍ଣ୍ଣର ନାଗାକୃତି ଅଳଙ୍କାର ।

ନାଗଲଚଉଠି, } ବି ( ଦେଶଜ ) ନାଗ-
ନାଗୁଲଚଉଠି, } ଚତୁର୍ଥୀ; କାର୍ତ୍ତିକ ଶୁକ୍ଳ-ଚତୁର୍ଥୀରେ କୃତ୍ୟବିଶେଷ ।

ନାଗେଶ୍ୱର, ବି. ( ନାଗକେଶର ଶବ୍ଦଜ ) ସ୍ୱନାମପ୍ରସିଦ୍ଧ ପୁଷ୍ପ ।

ନାଚ, ବି. ((ନୃତ୍ୟ-ପ୍ରାକୃତ ନଚ୍ଚ ଶବ୍ଦଜ)ନର୍ତ୍ତନ, ଅଙ୍ଗଭଙ୍ଗୀ; ଯେପରି—ବାଈ ନାଚ ।

ନାଚଖାନା, ବି. (ଦେଶଜ) ନୃତ୍ୟଶାଳା । ଯଥା—

ଦେଇଅଛ ଡାଲି ଭରି ମେବା ନାନା,
କେତେ ଥର ଦେଇଅଛ ନାଚଖାନା । ଦ. ବା.

ନାଚଣି, ବି. (ଦେଶଜ) ନୃତ୍ୟ, ନାଚିବା ।

ନାଚଣୀ, ନାଚୁଣୀ, } ବି. ସ୍ତ୍ରୀ. (ପ୍ରାକୃତ ଣଚ୍ଚଣୀ
ନାଚେଣୀ, } ଶବ୍ଦଜ) ନୃତ୍ୟକାରିଣୀ ସ୍ତ୍ରୀ, ନର୍ତ୍ତକୀ । ଯଥା—

ପଚାରିବେ ଯେବେ ବିରାଟ ନରମଣି,
କହିବି ଦ୍ରୌପଦୀଙ୍କ ଅଟେ ମୁଁ ନାଚୁଣୀ । କୃ.ଭା.ବି.ପ.

ନାଚମା, ବି. (ଦେଶଜ) ନାଚର ବେତନ । ବିଂ. ନୃତ୍ୟସମ୍ବନ୍ଧୀୟ ।

ନାଗୁର, ବିଂ. (ଯାବନିକ-ନା = ନାହିଁ—ଗୁର = ଉପାୟ) ଅସହାୟ; ଅନାୟତ୍ତ; ନିରୁପାୟ । ଯଥା—

ଏଡ୍ୟୁକେଟେଡ୍ ବାବୁମାନଙ୍କର ବ୍ୟବହାର,
ଦେଖି ଦେଖି ହେଲିଣି ମୁଁ ନିହାତ ନାଗୁର । ଉ. ଭ୍ରୁ.

ନାଚିବା, କ୍ରି. (ପ୍ରାକୃତ ଣଚ୍ଚ ଧାତୁଜ) ନର୍ତ୍ତନ କରିବା; ଅଙ୍ଗଭଙ୍ଗୀ କରିବା ।

ନାଛ, ଲଛ, ବି. (ଦେଶଜ) ନଳ ପ୍ରଭୃତି ଫୁଟାଇବା; ତପ୍ତ ଲୌହଶଳାକାରେ ଦାଗ ଦେବା ।

ନାଛିବା, } କ୍ରି. ( ଦେଶଜ ) ନଳ ପ୍ରଭୃତି
ଲଛିବା, } ଫୁଟାଇବା; ବନ୍ଧୁକ ମାରିବା; ଧାପାଦି ଲଗାଇବା । (ବନ୍ତ ବହନ୍ତ ଶବ୍ଦ ଦେଖ) ଦେହରେ ତପ୍ତଶଳାକାଦ୍ୱାରା ଦାଗ ଦେବା । (ଲକ୍ଷ ଶବ୍ଦଜ) ଲକ୍ଷ କରିବା, ଲଖ ମାରିବା ।

ନାଜର, ନାଜିର, } ବି. (ଯାବନିକ—ନଜର
ନାଜୀର, } = ଦୃଷ୍ଟି-ଯେ ବ୍ୟବହାର ବିଚାରରେ ସମ୍ୟକ୍ ଦୃଷ୍ଟି ରଖେ ବା ତତ୍ତ୍ୱାବଧାରଣ କରେ) ସୁଦକ୍ଷ କର୍ମଚାରି-ବିଶେଷ; ଅଦାଲତର ଅଧିକାରିବିଶେଷ ।

ନାଜରଖାନା, ବି. ( ଯାବନିକ ) ନାଜରଙ୍କ କାର୍ଯ୍ୟାଳୟ ।

ନାଜିମ, ବି. (ହିନ୍ଦୀ) ଶାସନକର୍ତ୍ତା ।

ନାଟ, ବି. (ନଟନ ଶବ୍ଦଜ) ନୃତ୍ୟ । ଯଥା—

କହିବ କେତେ ସେ ନାଟ ଛବି । ର. କ.

ଗୋଳମାଳ, ଅଧର୍ମିକାର ଖେଳ; ଦେଶ-ବିଶେଷ, କର୍ଣ୍ଣାଟକ । (ଦେଶଜ) ବସ୍ତ୍ର । ଯଥା—

ନାଟ ହୁଅ ନାହିଁ ଧରାଧରି ହୋଇ
ପିନ୍ଧିଲେ ଯେଝା ଅମ୍ବର । ବି. ଚ. ମ.

କାଣ୍ଡ ବା ଶରବିଶେଷ । ଯଥା—

ଦୁର୍ଯ୍ୟୋଧନ ନାଟ ଗୋଟିଏକ ମାରିଦେଲା,
ସେ ନାଟ ଯାଇଣ ଏକ ବାମ୍ଫିରେ ପଡ଼ିଲା । ସା.ହ.ଆ.

ନାଟକ, ବି. (ନଟ୍ = ନୃତ୍ୟ କରିବା-ଅକ) ରୂପକ ଓ ଉପରୂପକ ଏହି ଦୁଇ ଭାଗରେ ବିଭକ୍ତ ଦୃଶ୍ୟକାବ୍ୟ; ଦଶ ରୂପକରୁ ଏକପ୍ରକାର ରୂପକ । ଯେପରି—ଶକୁନ୍ତଳା ନାଟକ, ଜାନକୀ ପରିଣୟ ନାଟକ ପ୍ରଭୃତି । ବିଂ. ନର୍ତ୍ତକ । (ସ୍ତ୍ରୀ-ଈ ନାଟକୀ) ଇନ୍ଦ୍ରସଭା ।

**ନାଟପାମନ୍ଦିର**, ବି. (ସଂସ୍କୃତ ଏବଂ ଓଡ଼ିଆ ଶବ୍ଦ ମିଶ୍ରଣ) ଯେଉଁ ମନ୍ଦିରରେ ନୃତ୍ୟ ଗୀତ ଶିକ୍ଷା ଦିଆଯାଏ । ଯଥା—

ଯାଅ ବୃନ୍ଦ ଗୋପାଳ ହୋ ନାଟପାମନ୍ଦିରେ,
ବୃହନ୍ନଳାଙ୍କୁ ଘେନି ତୁ ଆସ ମୋ ଛାମୁରେ । ସା.ଭା.ବି.ପ.

**ନାଟବନ୍ଦି**, ବି. (ହିନ୍ଦୀ) ରାଜସ୍ୱ ପ୍ରଦାନର ସମ୍ବନ୍ଧୀୟ ନିର୍ଦ୍ଦେଶ ବ୍ୟବସ୍ଥା ବା ଜମାବନ୍ଦୀ ।

**ନାଟମନ୍ଦିର**, ବି. ଦେବମନ୍ଦିରର ସମ୍ମୁଖସ୍ଥ ପ୍ରାସାଦବିଶେଷ ।

**ନାଟମୟୂର**, ବି. ( ଦେଶଜ ) ମୟୂର ସଦୃଶ ଅଳଙ୍କାରବିଶେଷ; ଭଲ କରି ନାଟ କରି ପାରୁଥିବା ମୟୂର ।

**ନାଟିକା**, ବି. ସ୍ତ୍ରୀ. (ନାଟକ-ଆ, ଅକ = ଇକ) ଚାରିଗୋଟି ଅଙ୍କବିଶିଷ୍ଟ ରୂପକବିଶେଷ । ଯଥା—ରତ୍ନାବଳୀ ନାଟିକା ପ୍ରଭୃତି; ନର୍ତ୍ତକୀ । (ନାଡ଼ିକା ଶବ୍ଦଜ) ନାଡ଼ୀ । ଯଥା—ହାତକୁ ଆଉ ତାର ନାଟିକା ଲାଗୁ ନାହିଁ ।

**ନାଟିତ**, ବିଂ. ( ନଟ୍ = ନର୍ତ୍ତନ କରିବା-ତ ) ଯେଉଁ ନାଟକର ଅଭିନୟ ହୋଇଅଛି । ଯଥା—ନାଟିତ ନାଟକ । ବି. ନର୍ତ୍ତନ; ଅଭିନୟ; ନଚାଇବା ।

**ନାଟିମ, ନାଟୁ,** } ବି. (ଦେଶଜ) ଖେଳିବା ପଦାର୍ଥବିଶେଷ ଅର୍ଥାତ୍ ଝୁମୁକା ।

**ନାଟୁଆ**, ବି. (ନର୍ତ୍ତକ ଶବ୍ଦଜ) ନର୍ତ୍ତକ । ବିଂ. ନର୍ତ୍ତନପଟୁ । ଯଥା—

ଭରତଆ ନିଜ ପ୍ରିୟା ସଙ୍ଗେ ନାଟ୍ୟତରଙ୍ଗେ
ମଗ୍ନ ନାଟୁଆ । ପାର୍ବତୀ ।

**ନାଟ୍ୟ**, ବି. (ନଟ୍-ଯ) ନୃତ୍ୟ, ଗୀତ ଓ ବାଦ୍ୟ ଏହି ତିନିର ସମବାୟ; ନୃତ୍ୟକ୍ରିୟା; ନୃତ୍ୟ ଗୀତ ବାଦ୍ୟ ବିଷୟକ ବିଦ୍ୟା । ଯେପରି— ନାଟ୍ୟଶାସ୍ତ୍ର ।

**ନାଡ଼**, ବି. (ନାଳ ଶବ୍ଦଜ-ପ୍ରାକୃତ) ପଦ୍ମାଦିର ଆଧାରଦଣ୍ଡ । ଯଥା—

ପଦ୍ମନାଡ଼ କି ବାହୁ ବେନି,
ଯତନେ ଗଢ଼ିଲା ପଦ୍ମଯୋନି । ମା. ମା.

(ନାଡ଼ୀ ଶବ୍ଦର ଅପଭ୍ରଂଶ) ଦେହ ଭିତରେ ବା ପେଟ ଭିତରେ ଥିବା ଶିରା । ଯଥା—

ନାଡ଼ି ଲୁଚଏ ଅନ୍ତ ପିତ୍ତ,
ମଧ୍ୟରେ ଅଛଇ ପୂରିତ । ମା. ମା.

ଗର୍ଭସ୍ଥ ଶିରା ଫୁଲି ଜନ୍ମାଇବା ଗର୍ଭବିକାରବିଶେଷ ।

**ନାଡ଼ା**, ବି. ( ନାଡ଼ୀ ଶବ୍ଦଜ ) ଗର୍ଭସ୍ଥ ଶିରାବିଶେଷ ।

**ନାଡ଼ାଧରିବା, ନାଡ଼ହେବା,** } କ୍ରି. ( ଦେଶଜ ) ନାଡ଼ୀ ବେଦନାରେ ପୀଡ଼ିତ ହେବା ।

**ନାଡ଼ି**, ବି. (ନାଡ଼ୀ ଶବ୍ଦଜ-ନାଡ଼ୀର ଆକୃତିବିଶିଷ୍ଟ ଥିବାରୁ ନାଡ଼ି ନାମ) ଏକପ୍ରକାର ଖଜା ବା ମିଷ୍ଟାନ୍ନ । ଯଥା—

ନାଡ଼ି ଯେ ସରପୁଲି ଗଜା,
ଅମାଲୁ ଆଦି ଦ୍ରବ୍ୟ ଖଜା । ଦା. ର.

**ନାଡ଼ି, ନାଡ଼ିକା, ନାଡ଼ୀ,** } ବି. ସ୍ତ୍ରୀ. (ନଡ଼୍ = ବନ୍ଧନ କରିବା-ଣିଚ୍-ଇ, ଈ, କ-ଆ) ଚୁଙ୍ଗୀ; ନାଳ; ଦେହସ୍ଥ ଶିରା; ହସ୍ତସ୍ଥ ଶିରାବିଶେଷ; ଜଳବାହିନୀ ସୂର୍ଯ୍ୟରଶ୍ମି; ଏକଦଣ୍ଡ ସମୟ; ୨୪ ମିନିଟ; ନାଳିଘା ।

**ନାଡ଼ିଚିପା, ନାଡ଼ୀଟିପା,** } ବି. (ଦେଶଜ) ନାଡ଼ିସ୍ପର୍ଶ କରି ରୋଗ ନିର୍ଣ୍ଣୟ କରା । ବିଂ. ଯେ ନାଡ଼ି ଚିପେ, ବୈଦ୍ୟ ।

**ନାଡ଼ିନ୍ଧମ**, ବି. (ନାଡ଼ି = ବାଉଁଶର ଚୁଙ୍ଗୀ-ଧମ୍ = ଶବ୍ଦ କରିବା, ଫୁଙ୍କିବା-ଅ) ସ୍ୱର୍ଣ୍ଣକାର, ସୁନାରି । (ନାଡ଼ିନ୍ଧମଃ ସ୍ୱର୍ଣ୍ଣକାରଃ— ଅମର ।) ବିଂ. ଶ୍ୱାସକାରକ ।

**ନାଡ଼ୀକ, ନାଡ଼ୀଚ**, ବି. ଶାକବିଶେଷ; ନଳିତା ଶାକ ।

**ନାଡ଼ୀଜଙ୍ଘ, ନାଳୀଜଙ୍ଘ,** } ବି. ( ନାଡ଼ୀ-ଜଙ୍ଘା ) ଦ୍ରୋଣକାକ; କାକ; ବକବିଶେଷ; ମୁନିବିଶେଷ ।

**ନାଡ଼ୀନକ୍ଷତ୍ର**, ବି. ଜନ୍ମନକ୍ଷତ୍ର ।

**ନାଡ଼ୀବ୍ରଣ, ନାଳୀବ୍ରଣ**, ବି. ସଂ. ନାଳିଘା ।

ନାଡ, ଲାଚ, ବି. (ଦେଶଜ) ଗୋଇଠା । ଯଥା—

କାନ୍ଧ ଝାଡ଼ଇ ନାଡ ମାର, ଗଗନେ ପଡ଼ୁଅଛୁ ହୁର ।
ଭା. ଦ. ସ୍କ.

ନାତା, ବି. (ଦେଶଜ—ଗଞ୍ଜାମର ଦକ୍ଷିଣାଞ୍ଚଳରେ କେବଳ ବ୍ୟବହୃତ, ତୈଲଙ୍ଗ ଭାଷାରୁ ଆଗତ) ଶବ୍ଦମାନଙ୍କର ଉକ୍ତ ଲେଖନ ।

ନାତି, ବି. (ନପ୍ତୃ—ପ୍ରାକୃତ ନତ୍ତି ଶବ୍ଦଜ) ପୁଅ ବା କନ୍ୟାର ପୁଅ ।

ନାତିଣୀ, } ବି. ସ୍ତ୍ରୀ. (ନପ୍ତ୍ରୀ ଶବ୍ଦଜ) ପୁଅ
ନାତୁଣୀ, } ବା କନ୍ୟାର ଝିଅ । ଯଥା—

ଅମ୍ଭାକୁ କୋଳେ ଘେନ ବୋଇଲେ ନାତୁଣୀ,
ଏଡ଼େ ଦୁଃଖ ବହିଲ ତୋତେ ଗୋ କୃଷ୍ଣପାଣି ।
କୃ. ଭା. ହ. ପ.

ନାଥ, ବି. (ନାଥ୍ = ପ୍ରଭୁହେବା, ଉପତପ୍ତ ହେବା-ଅ) ପ୍ରଭୁ, କର୍ତ୍ତା, ଅଧିପତି । ଯଥା— ଭୂନାଥ; ପତି, ଭର୍ତ୍ତା । ଯଥା—ଗୋପୀନାଥ; ବୃଷ ପ୍ରଭୃତିର ନାକଫୋଡ଼ା ରଜ୍ଜୁ; ଚର୍ମରଜ୍ଜୁ ।

ନାଥନ, ବି. (ନାଥ୍-ଅନ) ପ୍ରାର୍ଥନା ।

ନାଥବାନ୍, ବିଂ. (ନାଥବତ୍-ନାଥ-ବତ୍—ଅସ୍ତ୍ୟର୍ଥେ) ପରାଧୀନ ।

ନାଦ, ବି. (ନଦ୍ = ଶବ୍ଦ କରିବା-ଅ) ଶବ୍ଦ, ଧ୍ୱନି; ଗର୍ଜନ । (ବିଶେଷଣରେ ନାଦିତ ଓ ନାଦୀ ହୁଏ ।)

ନାଦ, ବି. (ଦେଶଜ) ଗର୍ତ୍ତକରଣାର୍ଥ କାଷ୍ଠଖଣ୍ଡବିଶେଷ, ଏହି କାଷ୍ଠଦଣ୍ଡରେ ସବଳ ପ୍ରହାରରେ ଗାତ କରି ରଞ୍ଜା ପୋତନ୍ତି ।

ନାନ୍ଦଆ, } ବି (ଦେଶଜ) ନାମକରଣ ।
ନାଁନ୍ଦଆ, } ଯଥା—ଆଜ ଆମ ପିଲାର ନାଁ ଦିଆ ଉତ୍ସବ ।

ନାନ, ବି. (ନନ୍ଦନ ଶବ୍ଦଜ) ପୁଅ । ଯଥା—
ଖୋଜନ୍ତି ପକ୍ଷୀ ବନ ବନ, ଡାକନ୍ତି ଆସ ନନ୍ଦନାନ ।
ଭା. ଦ. ସ୍କ.

ନାନମାନ, ବି. (ଦେଶଜ) ପୁରପୃଷ୍ଠ ପିଷ୍ଟକବିଶେଷ ।

ନାଁ ନାଁ, ଅଂ. (ନା, ଅବ୍ୟୟ ପଦରୁ ଜାତ) ନିବାରଣାର୍ଥ । ଯଥା—

ହାହାଁ ହୁଁହୁଁ ନାଁନାଁ ମଲି ମଲି ରଖ
ଛାଆକୁ କସ ରୁଳାଇବ । ପ୍ରେ. ସୁ. ନି.

ନାନା, ଅଂ. ବହୁବିଧ, ଅନେକ ପ୍ରକାର; ବ୍ୟତିରେକେ; ଭିନ୍ନ (ନା, ଏହି ପଦର ଦ୍ୱିତ୍ୱ) ନିବାରଣାର୍ଥ । ଯଥା—ନା ନା, ତାହା କଦାଚ ସମ୍ଭବ ହୋଇ ନ ପାରେ ।

ନାନାବି, } ବିଂ. (ନାନାବିଧ ଶବ୍ଦଜ)
ନାନାଧି, } ବିବିଧପ୍ରକାର; ବହୁ ପ୍ରକାର ।

ନାନାବିଧ, } ବିଂ. (ନାନା-ବିଧ ପ୍ରକାର)
ନାନାରୂପ, } ବହୁପ୍ରକାର ।

ନାନାର୍ଥ, ବିଂ. (ନାନା = ବହୁବିଧ-ଅର୍ଥ) ଅନେକାର୍ଥଯୁକ୍ତ । ବି ବହୁପ୍ରକାର ଅର୍ଥ ।

ନାନି, ବି. ସ୍ତ୍ରୀ. (ଦେଶଜ) ବଡ ଭଉଣୀ । ଯଥା—

ବୋଇଲା ଆଗୋ ନାନି ଶୁଣ,
ଯାହା ତୁ ପଗ୍ଭରିଲୁ ପୁଣ । ଦା. ର.

ନାନ୍ଦୀ, ବି. ସ୍ତ୍ରୀ. (ନନ୍ଦ୍ = ଆନନ୍ଦିତ କରିବା-ଣିଚ୍-ଇ-ଈ) ନାଟକାଦିର ପ୍ରାରମ୍ଭରେ ଦେବାଦିଙ୍କ ସ୍ତୁତି ବା ବନ୍ଦନା ।

ନାନ୍ଦୀମୁଖ, ବି. (ନାନ୍ଦୀ = ସ୍ତୁତି, ସୌଭାଗ୍ୟ-ମୁଖ = ପ୍ରଧାନ; ଅଥବା ନାନ୍ଦୀ = ଶୁଭ-ମୁଖ, ଆରମ୍ଭ) ବୃଦ୍ଧିଶ୍ରାଦ୍ଧଭୋଜୀ ମାତୃପିତୃଗଣ; କୂପାଦିର ଆଚ୍ଛାଦନ; ଆଭ୍ୟୁଦୟିକ ଶ୍ରାଦ୍ଧ; ବୃଦ୍ଧିଶ୍ରାଦ୍ଧଭୋଜୀ ପିତୃଗଣ, ଚତୁର୍ଦ୍ଦଶ ଛନ୍ଦର ବୃତ୍ତବିଶେଷ ।

ନାଁପକାଇବା, କ୍ରି. (ଦେଶଜ) ନାମର ନିନ୍ଦା କରାଇବା ।

ନାପସନ୍ଦ, ବି. (ଦେଶଜ) ଅନିଚ୍ଛା । ବିଂ. ଅନଭିମତ ।

ନାପାକ, ବିଂ. (ପାରସ୍ୟ ଶବ୍ଦ) ଅପବିତ୍ର, ଅଶୁଦ୍ଧ । ବି. ପାପ ।

ନାପିତ, ବି. [ନ-ଆପ୍ = (ମାନ୍ୟ) ପାଇବା-ତ] ଜାତିବିଶେଷ, ଭଣ୍ଡାରିଜାତି; ଏ ଜାତିର ପ୍ରଧାନ ବ୍ୟବସାୟ କ୍ଷୌରକର୍ମ ।

ନାପିବା, କ୍ରି. (ସମ୍ବଲପୁରରେ) ମାପିବା ।

ନାପିତଭଣ୍ଡ, ବି. ଯହିଁରେ ନାପିତର ବ୍ୟବସାୟୋପଯୋଗୀ ଖୁର ପ୍ରଭୃତି ଥାଏ ।

ନାବାଳକ, } ବିଂ. (ଆରବୀ ବା ଯାବନିକ-ନା=
ନାବାଲଗ, } ନିଷେଧବାଚକ, ବାଲଗ = ବୟଃପ୍ରାପ୍ତ) ଅପ୍ରାପ୍ତବୟସ୍କ । ଯଥା—

ମଲେ ଭଗବତ ରଖି ନାବାଳକ ଚେଲା,
ମଠ କାମ ସବୁ ମହାଫିସ ହାତେ ହେଲା । ଉ.ଭ୍ର.

ନାବାଲଗି, ବି. (ଯାବନିକ) ବାଲ୍ୟାବସ୍ଥା ।

ନାଭି, ବି. ସ୍ତ୍ରୀ. (ନହ୍ = ବନ୍ଧନ କରିବା-ଇ, ହ = ଭ) ଉଦରର ମଧ୍ୟଭାଗରେ ଗର୍ତ୍ତାକାର ନିମ୍ନାଂଶ, ନାହି; ଚକ୍ରର ମଧ୍ୟପିଣ୍ଡିକା; ସମ୍ରାଟ୍; କ୍ଷତ୍ରିୟ । (କ୍ଷତ୍ରିୟେଽପିଚ ନାଭିର୍ନା —ଅମର ।) ପ୍ରଧାନ, (ସ୍ତ୍ରୀ-ନାଭୀ) କସ୍ତୁରୀ; ମଦ୍ୟ ।

ନାଭିଳ, ବିଂ. ( ନାଭି-ଳ-ଅସ୍ତ୍ୟର୍ଥେ ) ଦୀର୍ଘନାଭିଯୁକ୍ତ ।

ନାଭୀଳ, ବି. (ନାଭୀ-ଳ) ସ୍ତ୍ରୀ ଲୋକର ଉରୁସନ୍ଧି; ନାଭୀର ଗଭୀରତା; କୃଚ୍ଛ୍ର; କଷ୍ଟ ।

ନାମ, ଅଂ. (ନମ୍=ନମ୍ର ହେବା-ଅ) ସମ୍ଭାବନା; ନିଶ୍ଚୟ; ଆଶ୍ଚର୍ଯ୍ୟ; ଶୋକ; ସ୍ମରଣ; ବିତର୍କ; କ୍ରୋଧ; ଛଳ; ପ୍ରସିଦ୍ଧି; ସ୍ୱୀକାର; ନିନ୍ଦା; ଅଳୀକ; ଆଖ୍ୟା । ବି.(ନାମନ୍-ମ୍ନା=ଅଭ୍ୟାସ କରିବା-ମନ୍ କିମ୍ବା ନମ୍ = ଶବ୍ଦ କରିବା-ମନ୍) ବିଭକ୍ତିହୀନ ଶବ୍ଦକୁ ନାମ କହନ୍ତି; ସଂଜ୍ଞା, ଆଖ୍ୟା ।

ନାମଗ୍ରାହ, ବି. (ନାମ-ଗ୍ରହ୍-ଅ) ନାମଗ୍ରହଣ ।

ନାମଜାଦ, ନାମଜ୍ୟାଦା, ବିଂ. ( ଯାବନିକ ) ବିଖ୍ୟାତ ।

ନାମଧେୟ, ବି. (ନାମ-ଧେୟ-ସ୍ୱାର୍ଥେ) ସଂଜ୍ଞା, ଆଖ୍ୟା ।

ନାମର୍ତ୍ତ, ବି. (ଦେଶଜ) ବିଶ୍ୱାସ ।

ନାମଶେଷ, ବି. (ନାମ-ଶେଷ = ଅନ୍ତ) ମୃତ୍ୟୁ । ବିଂ. ମୃତ ।

ନାମର୍ଦ୍ଦ, ନାମର୍ଦ୍ଦା, ବିଂ. (ଯାବନିକ) ପୁରୁଷତ୍ୱହୀନ ।

ନାଁସରେଇବା, କ୍ରି. ନାମର ନିନ୍ଦା କରାଇବା ।

ନାମସିକ, ବି. (ଏହି ଓଡ଼ିଆ ଶବ୍ଦ ନୁହେ କିନ୍ତୁ ଗଞ୍ଜାମ ଅଞ୍ଚଳରେ କେତେକ ଓଡ଼ିଆଙ୍କ ମୁଖରେ ବ୍ୟବହୃତ) ଅପଖ୍ୟାତି ।

ନାୟକ, ବି. (ନୀ = ନେବା -ଅକ) କାବ୍ୟାଦିର ପ୍ରଧାନ ପୁରୁଷ; ଉପଦେଷ୍ଟା; ସେନାପତି; ହାରମଧ୍ୟ ମଣି; ପ୍ରଣୟୀ ପୁରୁଷ; ଗୃହସ୍ୱାମୀ । ବିଂ. ପ୍ରାପକ; ନେତା; ଶ୍ରେଷ୍ଠ; ଅଧ୍ୟକ୍ଷ । (ସ୍ତ୍ରୀ-ଆ = ନାୟିକା) ପ୍ରଣୟିନୀ ସ୍ତ୍ରୀ; କାବ୍ୟାଦିରେ ବର୍ଣ୍ଣନୀୟା ପ୍ରଧାନ ସ୍ତ୍ରୀ; ଭଗବତୀଙ୍କର ଅଷ୍ଟଶକ୍ତି—ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା ପ୍ରଭୃତି ।

ନାୟେବ, ବି. ( ଆରବୀ ଶବ୍ଦ ) ପ୍ରତିନିଧି; ଜମିଦାରଙ୍କ ତରଫର ଗୋମାସ୍ତାମାନଙ୍କ ମଧ୍ୟରେ ଉପରସ୍ଥ କର୍ମଚାରୀ ।

ନାୟେବଲ, } ବି. (ନ୍ୟାୟବଲ ଶବ୍ଦଜ) ସ୍ୱନାମ-
ନାଏବଲ, } ପ୍ରସିଦ୍ଧ ଖେଳ । ଯଥା—

ଶକଟା ପଶା ଜୁଆ ସାରେଣି ନାଏବଲ,
ହରଷ ବିନୋଦରେ ଖେଳନ୍ତି ଆଦମୂଳ । ନୃ.ପୁ.ଚ.ଛ.

ନାରକ, ବି. (ନରକ-ଅ-ସ୍ୱାର୍ଥେ, ଇଦମର୍ଥେ) ନରକଦୁଃଖଭୋଗର ସ୍ଥାନ । ବିଂ. ନରକଭୋଗୀ, ନରକସମ୍ବନ୍ଧୀୟ ।

ନାରଖାର, ବି.(ଦେଶଜ)ଧ୍ୱଂସ,ନଷ୍ଟି । ଯଥା—

ରାଜମନ୍ତ୍ରୀ ବନ୍ଧୁ ରାଷ୍ଟ୍ରଯନ୍ତ୍ର କ୍ଷଣେ ହୁଅଇଟି ନାରଖାର ।
ପାବନ୍ତୀ ।

ନାରଙ୍ଗ, ବି. (ନାଗରଙ୍ଗ ଶବ୍ଦଜ) ଫଳବିଶେଷ । ଯଥା—

ସଫଳ ତହିଁ ଗୁଆ ନାରଙ୍ଗ,
ଶ୍ରୀଫଳ ରୁଙ୍ଗ ଶ୍ରୀମାତୁଳଙ୍ଗ । ଲ. ବ.

ନାରଙ୍ଗି,ବିଂ.(ଦେଶଜ) ନାରଙ୍ଗର ବର୍ଣ୍ଣବିଶିଷ୍ଟ ।

ନାରଦ, ବି. (ନାର = ମନୁଷ୍ୟସମୂହ-ଦା-ଅ, ଯେ ଉପଦେଶ ଦିଅନ୍ତି, ଅଥବା ନାର = ଜ୍ଞାନ-ଦା-ଅ, ଯେ ଜ୍ଞାନ ଦିଅନ୍ତି) ବ୍ରହ୍ମାଙ୍କ ମାନସ ପୁତ୍ର; ପୁରାଣବିଶେଷ । ବିଂ. (ନା = ନାହିଁ-ରଦ = ଦନ୍ତ, ଯାହାର ଦାନ୍ତ ନାହିଁ) ଦନ୍ତହୀନ; ପ୍ରଶସ୍ତ ଦନ୍ତ ଯାହାର ନାହିଁ ।

ନାରାଚ, ବି. (ନାର = ନରସମୂହ-ଆ-ଚମ୍ = ଭୋଜନ କରିବା-ଅ) ଲୌହମୟ ବାଣ; ଦୁର୍ଦ୍ଦିନ, ମେଘାଚ୍ଛନ୍ନ ଦିବସ; ଅଷ୍ଟାଦଶ ଛନ୍ଦର ବୃତ୍ତବିଶେଷ ।

ନାରାଚୀ, ବି. ସ୍ତ୍ରୀ. (ନାରାଚ-ଈ) ନିକ୍ତି; ତରାଜୁ । (ନାରାଚୀସ୍ୟା ଦେଷଣିକା— ଅମର ।)

ନାରାଜ, ବି. (ନାରାଚ ଶବ୍ଦଜ) ବାଣ । ଯଥା—

ସ୍ଥାଣୁ ବିରାଜମାନ ନାରାଜ ମଦନରାଜ ହସ୍ତେ । ଲା. ବ.

(ଯାବନିକ) ବିଂ. ଅନିଚ୍ଛୁକ । ଯଥା—

ଆମ୍ଭେମାନେ ଯେ ସବୁ ଅଙ୍ଗ ଦେଖି ନାହୁଁ ସେ ସମସ୍ତ ଅଙ୍ଗ ବର୍ଣ୍ଣନା କରିବାକୁ ନିତାନ୍ତ ନାରାଜ । ଛ. ଆ. ଗୁ.

ନାରାୟଣ, ବି. (ନାର = ଜଳ-ଅୟନ = ସ୍ଥାନ, କିମ୍ବା ନାର = ନରସମୂହ-ଅୟନ = ସ୍ଥାନ-ଯେ ନରମାନଙ୍କର ଆଶ୍ରୟ) ବିଷ୍ଣୁ । (ସ୍ତ୍ରୀ-ଈ-ନାରାୟଣୀ) ନାରାୟଣଙ୍କ ଶକ୍ତି; ଲକ୍ଷ୍ମୀ; ଦୁର୍ଗା; ଗଙ୍ଗା; ଶତମୂଳୀ ।

ନାରିକେଳ, ନାରିକେଲ, ନାରିକେଳୀ, } ବି. (ନାରିକ = ନାର-ଇକ, ଜଳୀୟ ସ୍ଥାନ-ଈର = ଗମନ କରିବା, ବୃଦ୍ଧି ପାଇବା-ଅ, ସ୍ତ୍ରୀ-ଈ) ସ୍ୱନାମପ୍ରସିଦ୍ଧ ଫଳ ବୃକ୍ଷ ଓ ତାହାର ଫଳ । ଯଥା—

ନାରିକେଳୀ ସୁନାରୀ ସ୍ତନଭର ସୁଷମା-ସ୍ପର୍ଦ୍ଧିନୀ
ହାସ୍ୟ ରଖେ । କା. ପ. ନା.

ନାରୀ, ବି. ସ୍ତ୍ରୀ. ( ନର-ଅ-ଧର୍ମ୍ମାର୍ଥେ-ଈ ) ମନୁଷ୍ୟ ଜାତିର ଯେ ଅଂଶ ସନ୍ତାନ ପ୍ରସବ କରେ, ସ୍ତ୍ରୀଲୋକ; ଷଟ୍‌ବିଂଶଚ୍ଛନ୍ଦର ବୃତ୍ତବିଶେଷ ।

ନାରେଙ୍ଗୀ, ନାରଙ୍ଗୀ, } ବି. ସ୍ତ୍ରୀ. (ନାଗରଙ୍ଗିଣୀ ଶବ୍ଦଜ) ଦେବୀବିଶେଷ, ଦେବୀଙ୍କ ନାମାନ୍ତର । ଯଥା—

ନିର୍ଲେଖି ନରକୁଳା ନାରଙ୍ଗୀ ନାରଏଣୀ,
ନମା ନମସ୍କାର ନିତ୍ୟରୂପା ନଳାସ୍ୱଣୀ । ନୃ.ପୁ.ପ.ଚ.

(ନାରେଣୀ ଶବ୍ଦ ଦେଖ ।)

ନାରେଣୀ, ନାରଏଣୀ, } ବି. ସ୍ତ୍ରୀ. ( ନାରାୟଣୀ ଶବ୍ଦଜ ) ଦେବୀବିଶେଷ, ଦେବୀଙ୍କ ନାମବିଶେଷ । ଯଥା—

ନାରେଣୀ ରାମଚଣ୍ଡୀ ନାରେଙ୍ଗୀ ଉଗ୍ରତାରା,
କୋଟାରୀ ବ୍ରହ୍ମାୟଣୀ ଯେ ବାସେଲୀ ତ୍ରିପୁରା । ନୃ. ପୁ. ଚ. ତ.

(ନାରେଙ୍ଗୀ ଶବ୍ଦ ଦେଖ ।)

ନାଳ, ବି. (ନଲ୍ = ବନ୍ଧନ କରିବା-ଅ) ନଳ; ମୃଣାଳ, ପଦ୍ମାଦିର ଦଣ୍ଡ; ହରିତାଳ; ଶିରା । (ଦେଶଜ) ପାଟିରୁ ବୋହିବା ଲାଳ; ଜଳ ବୋହିଯିବା ପହଣୀ ।

ନାଲ, ବି. (ଦେଶଜ) ରକ୍ତବର୍ଣ୍ଣ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ । (ଯାବନିକ) ଗୋରୁ ପ୍ରଭୃତିର ଖୁରାରେ ମାରିବା ଲୁହାର ପଟି; ଘୋଡ଼ାର ପାଦର ଲୌହପଟ ।

ନାଲବନ୍ଦୀ, ବି. (ଯାବନିକ) ଅଶ୍ୱାଦିଙ୍କ ଖୁରାରେ ଲୁହାର ପଟ ମାରିବା ପ୍ରଣାଳୀ ।

ନାଳଚ, ଲାଳଚ, } ବି. (ଦେଶଜ) ମନ ରଞ୍ଜାଇବାପାଇଁ ନାନା ସ୍ତୁତି କରି କହିବା; ଧନର ଆଶା ।

ନାଲାୟକ, ବିଂ. ( ଯାବନିକ, ନା = ନାହିଁ-ଲାୟକ) ଅନୁପଯୁକ୍ତ ।

ନାଳି, ନାଳୀ, } ବି. ସ୍ତ୍ରୀ. ନାଡ଼ୀ, ଦେହସ୍ଥ ଶିରା; ଚୁଙ୍ଗୀ; ଜଳନିର୍ଗମପଥ; ଏକଦଣ୍ଡ କାଳ । (ଦେଶଜ) ପତଳା ବା କୋମଳ ପଦାର୍ଥ; ନଡ଼ିଆ ଓ ତାଳର ଅତି ପତଳା ଓ କୋମଳ ରସ । (ନାଳୀ ଶବ୍ଦଜ) ଜଳ ବୋହିଯିବା ପହଣୀ ।

ନାଲି, ବି. ( ଦେଶଜ ) ରକ୍ତିମା; ଏକପ୍ରକାର ସୋରିଷ । ବିଂ. ଆରକ୍ତ । ଯଥା—

ବେଲୁଦ୍ ନାଲି କାଛ ପିନ୍ଧିଣ ଚଢ଼ିଲୁନା,
ଅଙ୍ଗି ଜଙ୍ଘି ଗଲାଇ ଯେ ଯାର ଟୋପି ବାନା । ନୃ. ପୁ. ଚ. ତ.

ନାଳିଆ, ବି. ( ଦେଶଜ ) ଟୋକାଇବିଶେଷ । (ନାଳ ଶବ୍ଦଜ) ପାଣି ବୋହିଯିବା ଛୋଟ ଓ ବଡ଼ ପ୍ରଣାଳୀ ।

ନାଳିଆପଟା, ବି. ( ଦେଶଜ ) ଏକପ୍ରକାର ଖେଳ—ଏଥିରେ ଶାରୀରିକ ପରିଶ୍ରମ ହୁଏ ।

ନାଳକ, ବି. (ନାଳୀ-କ—ଯୋଗାର୍ଥେ) ପଦ୍ମ; ମହିଷ । (ସ୍ତ୍ରୀ-ଆ) ନଳିତାଶାକ ।

ନାଳିଘା, } ବି. ( ନାଳୀ-ଘା) ପୂଜପୂର୍ଣ୍ଣ ଘା,
ନଳିଘା, } ଯେଉଁ ଘାର ଭିତରେ ସବୁ ଦିନେ ପୂଜ ରହିଥାଏ । (ନାଳୀ ଶବ୍ଦ ଦେଖ ।)

ନାଳିକେର, } ବି. ( ନାଳ୍ୟାକମୁଦକମୀ-
ନାଳୀକେର, } ରୟୂର୍ତ୍ତିତ ନାଳିକେରଃ, ସ୍ତ୍ରୀ.
ନାଳୀକେରୀ, } ନାଳୀକେରଃ ଈର୍‌କ୍ଷେପେ —ଅମରଟୀକା, ଅଥବା ନାଳୀକାନ ନାଳ-ଯୁକ୍ତାନ ପୁଷ୍ପଫଳାନ ଈରୟୂର୍ତ୍ତିତ ନାଳୀ-କେରଃ, ନାଳୀ-କ=ଜଳ-ଈର=କ୍ଷେପିବା-ଅ, ସ୍ତ୍ରୀ-ଈ, ନାଳୀକ-ଈର-ଅ) ନଡ଼ିଆଗଛ ଓ ତାହାର ଫଳ ।

ନାଲିସ, ନାଲସ, } ବି.(ଯାବନିକ) ମକଦ୍ଦମା ।
ନାଲିଚ, }

ନାଳୀ, ବି. ସ୍ତ୍ରୀ. (ନଲ୍=ବନ୍ଧନ କରିବା-ଇ-ଈ) ଜଳନିର୍ଗମପଥ; ଅନେକ ଦିନର ଘା; ପୁରୁଣ କ୍ଷତ ।

ନାଳୀକ, ବି. (ନାଳୀ=ତନ୍ତୁବିଶିଷ୍ଟ ନାଡ଼ ବା ଦଣ୍ଡ-କୈ=ପ୍ରକାଶ କରିବା-ଅ) ଶରୀର; ବାଣ, ଶର; ନଳୀ; ଶଲ୍ଲାସ୍ତ୍ର; ନାରିକେଳ କମଣ୍ଡଳୁ । ( ନାଳୀକଂ ବିଭୁସ୍ତ୍ୱାଦ୍ ବ୍ରହ୍ମ ) ପଦ୍ମସମୂହ । (ନାଳୀ-କ) ପଦ୍ମର ବୃନ୍ତ ବା ଦଣ୍ଡ ।

ନାଳୁଆ, ବି. (ଦେଶଜ) ଜଳପାନବିଶେଷ । ଯଥା—

ଦଶଲକ୍ଷ ନାଳୁଆ ଯେ ଦଶଲକ୍ଷ ଝଙ୍ଗା,
ଚତୁର୍ମାସ୍ୟ ମଧ୍ୟେ ଦେବ ଏତେକ ନିବାଡ଼ି । ସା.ଭା.ସ.

ନାବ, ନାବୀ, ବି. (ନୌ-ଅ-ସ୍ତ୍ରୀ-ଈ) ଶ୍ରେଣୀ-ବଦ୍ଧ । ସ୍ତ୍ରୀ. ନୌକା ଓ ଜାହାଜ । ଯଥା—

ବୃତ୍ତି ଏ ମୋ ପୋଷେ କୁଟୁମ୍ବ,
ବସାଇ ନ ଦେବ ପାଦ ନ ଧୋଇ ନାବ । ବୈ. ବି.

ନାବିକ, ବି. (ନୌ-ଇକ) ଯେ ନୌକା ଚାଳନ କରେ । ବିଂ. ନୌକାସମ୍ବନ୍ଧୀୟ ।

ନାବ୍ୟ, ବିଂ. ( ନୌ-ଯ—ଉତ୍ତରଣାର୍ଥେ ) ନୌକା ବ୍ୟତିରେକେ ଯାହା ପାର କରି ହୁଏ ନାହିଁ, ଯହିଁରେ ସବୁ ଦିନେ ପ୍ରଚୁର ଜଳ ରହେ । ଯଥା—ଗଙ୍ଗା ନାବ୍ୟନଦୀ । ବି. ( ନବ=ନୂତନ-ଯ ) ତରୁଣାବସ୍ଥା; ନୂତନତ୍ୱ ।

ନାଶ, ବି. ( ନଶ୍-ଅ ) ମୃତ୍ୟୁ; ଅଦର୍ଶନ; ପଳାୟନ ।

ନାଶନ, ବି. (ନଶ୍-ଅନ) ଉଚ୍ଛେଦନ, ବିଲୋ-ପନ । ବିଂ. ନାଶକ । (ବିଶେଷଣରେ ନାଶକ, ନାଶିତ, ନାଶୀ ମଧ୍ୟ ହୁଏ ।)

ନାସ, ବି. (ନସ୍ୟ ଶବ୍ଦର ଅପଭ୍ରଂଶ) ଧୂମ୍ର-ପତ୍ରର ଚୂର୍ଣ୍ଣ ।

ନାସତ୍ୟ, ବି. (ନ-ଅସତ୍ୟ) ଅଶ୍ୱିନୀକୁମାର, ସ୍ୱର୍ଗର ବୈଦ୍ୟ । ବିଂ. ସତ୍ୟଭାଷୀ ।

ନାସଦାନ, ବି. (ନସ୍ୟଧାନୀ ଶବ୍ଦଜ) ଯହିଁରେ ନାସ ରଖନ୍ତି ।

ନାସା, ନାସିକା, ବି. ସ୍ତ୍ରୀ. (ନାସ୍=ଶବ୍ଦ କରିବା-ଅ-ଆ-କ) ନାକ; ଦ୍ୱାରବନ୍ଧର ଉପରସ୍ଥ କାଷ୍ଠଖଣ୍ଡ; ଦ୍ୱାରବନ୍ଧ ଉପରେ ରହିବା ଚଉପଟ୍ଟୀ; ଏହାକୁ ନାସାଦାରୁ ମଧ୍ୟ କହନ୍ତି । (ନାସାଦାରୂପରିସ୍ଥିତ°—ଅମର । )

ନାସି, ବି. (ଦେଶଜ) ପ୍ରାନ୍ତ । ଯଥା—
ସୌର କରେ ଭାସି ନୀଳରମ୍ଭା ନାସି । ଚିଲିକା ।
ଶଗଡ଼ ଚକରେ ଲଗିଥିବା ଲୁହାଖଣ୍ଡ; ଅଗ୍ରଭାଗ । ଯଥା—ବେତନାସି ।

ନାସୀର, ବି. (ନାସ୍=ଶବ୍ଦ କରିବା-ଈର, ଯେଉଁମାନେ ସିଂହନାଦ କରନ୍ତି) ରଣ-ସ୍ଥଳରେ ଅଗ୍ରବର୍ତ୍ତୀ ସୈନ୍ୟ; ସେନାମୁଖ । ଯଥା—

ତୋତେ ଦୁଷ୍ଟାତ୍ମ ! ଦୈତ୍ୟାଧମ !
ଖର ବିଶିଖେ ନାଶି ନାସୀର ସଙ୍ଗେ । କା. ପ. ନା.

ନାସ୍ତି, ଅଂ. (ନ-ଅସ୍ତି) ନାହିଁ; ନୁହେ ।

ନାସ୍ତିକ, ବିଂ. (ନାସ୍ତି-କୈ=ଶବ୍ଦ କରିବା-ଅ) ଯେ ବେଦାଦି ଶାସ୍ତ୍ରର ପ୍ରମାଣ ସ୍ୱୀକାର କରେ ନାହିଁ; ଯେ ପରକାଳ ମାନେ ନାହିଁ; ନାସ୍ତିକ ଛଅ ପ୍ରକାର । ଯଥା—ମାଧ୍ୟମିକ, ଯୋଗାଚାର, ସୌତ୍ରାନ୍ତିକ, ବୈଭାଷିକ, ଚାର୍ବାକ ଓ ଦିଗମ୍ବର । (ବିଶେଷ୍ୟରେ ନାସ୍ତିକତା, ନାସ୍ତିକତ୍ୱ ହୁଏ ।)

ନାହ, ବି. ( ନହ୍ = ବନ୍ଧନ କରିବା-ଅ ) ବନ୍ଧନ; ରଜ୍ଜୁ ।

ନାହା, ବି. (ନାଥ-ପ୍ରାକୃତ ନାହ ଶବ୍ଦଜ) ଯଥା—

ଚେତାଇବାର ଆସୁଛି ସିନା ମୋ ନାହାକୁ । ପ୍ରେ.ସୁ.ନି.

ପ୍ରଭୁ, ଅଧିପତି । ଯଥା—

ଆନ ବୋଲେ ମୁହିଁ ପାଇକର ନାହା । ଦ. ବା.

(ନୌକା ଶବ୍ଦଜ) ନୌକା । ଯଥା—

ଯେଣେ ମନ ତେଣେ ବୁଲୁଅଛି ନାହା,

ନାହିଁ କଡ଼ୁଆଳ ଦେଖାଇବ ରାହା । ଦ. ବା.

ନାହାକ, ବି. ( ଦେଶଜ ) ଜାତିବିଶେଷ; ଏମାନେ ପାଞ୍ଜି ଦେଖିବା, ଖଡ଼ି ପକାଇବା କାର୍ଯ୍ୟ କରନ୍ତି; ଦଳୁଆ ଜାତିର କୁଳର ଅଧିକାରୀ ।

ନାହାକା, ବି. (ଦେଶଜ) ଶୁକବିଶେଷ; ଚେର ବିଶେଷ ।

ନାହାକାଣୀ, ବି. ସ୍ତ୍ରୀ. ( ନାହାକ-ଆଣୀ ) ନାହାକର ସ୍ତ୍ରୀ । ଯଥା—

ଏଣୁ ନାହାକାଣୀ ତେଣୁ ନାହାକ,

କାନ୍ତିକି ବୋଇଲେ ପାଞ୍ଜିକି ଦେଖ । ହା. ତ.

ନାହିଁ, ଅ°. (ନାସ୍ତି ଶବ୍ଦଜ ପ୍ରାକୃତ) ନାସ୍ତ୍ୟର୍ଥ ।

ନାହି, ଲହି, ବି. (ନାଭି ଓ ନାଖି ଶବ୍ଦଜ ପ୍ରାକୃତ) ନାଖି ।

ନାହୁଡ଼, } ବି. (ଦେଶଜ) ବୃଶ୍ଚିକାଦିର ପଛ
ନାଉଡ଼, } ମୁନରେ ଥିବା ବିଷାକ୍ତ ମାଂସାଙ୍କୁର ।

ନି, ଅ°. (ନମ୍ = ନମ୍ର ହେବା କିମ୍ବା ନହ୍ = ବନ୍ଧନ କରିବା-ଇ) ନିଷେଧ; ଅଭାବ; ନିକୃଷ୍ଟ; ନିଶ୍ଚୟ; ସଂଶୟ; ସାମୀପ୍ୟ; ନିନ୍ଦା ଇତ୍ୟାଦି । ( ନିର୍ ଉପସର୍ଗରୁ ଜାତ ) ଶବ୍ଦର ପୂର୍ବରେ ରହି ନାସ୍ତ୍ୟର୍ଥ । ଯଥା— ନିଅବକାଶ, ନିଅଣ୍ଟ ଇତ୍ୟାଦି ।

ନିଃକ୍ଷତ୍ର, } ବି°. (ନିଃ = ନାହିଁ-କ୍ଷତ୍ର,,କ୍ଷତ୍ରିୟ)
ନିଃକ୍ଷତ୍ରିୟ, } କ୍ଷତ୍ରିୟରହିତ ।

ନିଃଶଙ୍କ, ବି°. (ନିଃ = ନାହିଁ-ଶଙ୍କା = ଭୟ) ନିର୍ଭୟ; ଶଙ୍କାରହିତ ।

ନିଃଶଲାକ, ବି°. (ନିଃ = ନାହିଁ-ଶଲାକା = ସାରିକା—ଯେଉଁ ସ୍ଥାନକୁ ପକ୍ଷୀ ସୁଦ୍ଧା ଯାଏ ନାହିଁ) ନିର୍ଜନ, ବିଜନପ୍ରଦେଶ; ନିସ୍ତବ୍ଧ । (ନିର୍-ଶଲାକା—ଅସ୍ଥି) ଅସ୍ଥିରହିତ ।

ନିଃଶେଷିତ, ବି°. (ନିଃଶେଷ-ଇତ-ପ୍ରାପ୍ତ୍ୟର୍ଥେ) ନିଶେଷପ୍ରାପ୍ତ, ଯାହା ସମାପ୍ତ ହୋଇ ଯାଇଅଛି ।

ନିଃଶୋଧ, ବି°. (ନିର୍ = ସମ୍ପୂର୍ଣ୍ଣତା-ଶୋଧ = ଶୋଧନୀୟ) ନିର୍ମଳ, ମାର୍ଜିତ ।

ନିଃଶ୍ରୟଣୀ, ନିଃଶ୍ରୟିଣୀ, } ବି. ସ୍ତ୍ରୀ. (ନିର୍-ଶ୍ରି
ନିଃଶ୍ରେଣି, ନିଃଶ୍ରେଣୀ, } = ଗମନ କରିବା-ଅନ-ଈ, ନିଃଶ୍ରୟ-ଇନ୍-ଈ, ନିର୍ = ନିଶ୍ଚୟ-ଶ୍ରେଣୀ = ପଂକ୍ତି) ଅଧିରୋହଣୀ, ନିଶୁଣୀ; ଶିଡ଼ି ।

ନିଃଶ୍ରେୟସ, ବି. (ନିର୍ = ନିଶ୍ଚିତ, ଭୃଶ— ଶ୍ରେୟସ୍ = ମଙ୍ଗଳ) ମୁକ୍ତି; ଭକ୍ତି; ସୁଖ; ଜ୍ଞାନ; କୁଶଳ; ମଙ୍ଗଳ ।

ନିଃଷମ, ଅ°. ( ନିର୍ = ନାହିଁ-ସମ = ସମାନ ) ନିନ୍ଦା; ଶୋକ । (ନିଃଷମଂ ଦୁଃଷମଂ ଗର୍ହ୍ୟେ —ଅମର ।)

ନିଃସମ୍ପାତ, ବି. (ନିର୍ = ନାହିଁ ସମ୍ପାତ = ଗମନ, ଗତାୟାତ, ଯେ ସମୟରେ ଗମନାଗମନ ନାହିଁ) ନିଶୀଥ, ଅର୍ଦ୍ଧରାତ୍ର । ବି°. ଗମନାଗମନଶୂନ୍ୟ ।

ନିଃସରଣ, ବି. (ନିର୍ = ବାହାରେ-ସୃ = ଗମନ କରିବା-ଅନ) ବହିର୍ଗମନ, ନିର୍ଗତ ହେବା; ଗୃହର ସମ୍ମୁଖ ଦ୍ୱାର । (ନିଃସରନ୍ତ୍ୟନେନ ନିଃସରଣଂ ।) ଉପାୟ; ମୁକ୍ତି; ମୃତ୍ୟୁ ।

ନିଃସହ, ବି°. ଯେ ଆଉ ସହି ପାରେ ନାହିଁ ।

ନିଃସାର, ବି°. ସାରହୀନ, ରସହୀନ । ବି. ନିର୍ଗମ ପଥ ।

ନିଃସାରଣ, ବି. (ନିର୍-ସୃ-ଣିଚ୍-ଅନ) ନିର୍ବାସନ, ବହିଷ୍କରଣ; ଗୃହାଦିର ପ୍ରବେଶ ନିର୍ଗମ ପଥ । (ବିଶେଷଣରେ ନିଃସାରିତ ଓ ନିଃସୃତ ହୁଏ ।)

ନିଃସ୍ରବ, ନିସ୍ରବ, } ବି. (ନିର୍, ନି-ସ୍ରୁ =
ନିଃସ୍ରାବ, ନିସ୍ରାବ, } ଗଳିତ ହେବା-ଅ) କ୍ଷରଣ, ଦ୍ରବବସ୍ତୁର ନିର୍ଗମନ; ଅନ୍ନର ମଣ୍ଡ; ନିର୍ଗଳିତ ଦ୍ରବଦ୍ରବ୍ୟ । (ମାସରାସ୍ତ୍ରମନିସ୍ରାବା ମଣ୍ଡେ ଭକ୍ତ ସମୁଦ୍ଭବେ—ଅମର ।)

**ନିଃସ୍ୱ**, ବିଂ. (ନିର୍ = ନାହିଁ, ସ୍ୱ = ଧନ) ଦରିଦ୍ର, ନିର୍ଧନ; ଜ୍ଞାତିରହିତ ।

**ନିଃସ୍ୱଭାବ**, ବି. (ନିଃସ୍ୱ=ନିର୍ଧନ, ଭାବ—ହେବା, ନିର୍ = ନାହିଁ-ସ୍ୱଭାବ) ଦାରିଦ୍ର୍ୟ । ବିଂ. ସ୍ୱଭାବଶୂନ୍ୟ ।

**ନିଅଂଶୀ, ନିଅଂଶିଆ, ନିରଂସିଆ,** } ବିଂ. (ନିରଂଶୀ ଶବ୍ଦର ଅପଭ୍ରଂଶ) ନିର୍ବଂଶ । ଯଥା—

ଶୁଣୁ ଛୁଟିକି ରେ ଖାଇ ତୁ ଥାଇ,
ଏ ନିଅଂଶୀ ଝିଅ ଯାହା କହଇ । ହ୍ୱା. ତ.

**ନିଅଣ୍ଟ, ନିଅଣ୍ଟିଆ,** } ବିଂ. (ଦେଶଜ) ଊଣା, ଅଳ୍ପ । ଯଥା—

ଶତ ପ୍ରାୟଶ୍ଚିତ୍ତ କଲେ ହେଉଥିଲା ଦୋଷକୁ ତାହା ନିଅଣ୍ଟ । ଯ. କେ.

**ନିଅଳସି, ନିଅଳସୀ, ନିଅଳସ,** } ବିଂ. (ନିରଳସୀ ଶବ୍ଦଜ) ଯାହାର ଆଳସ୍ୟ ନାହିଁ । ଯଥା—

ଆବର ବାହାନ ତୋ ଯେବଣ ପକ୍ଷିରାଜ,
କେଡ଼େହେଁ ନିଅଳସୀ ଅଟେ ସେ ବ୍ରହ୍ମଚାରୀ । ନୃ. ପୁ. ତୃ. ତ.

**ନିଆଁ**, ବି. (ଦେଶଜ) ଅଗ୍ନି । (ନୀ ଧାତୁଜ) ନେବା । ବିଂ. ନୀତ ।

**ନିଆଁଅଁଟା**, ବି. (ଦେଶଜ) ଲୁଣ୍ଠା ।

**ନିଆଁକାଠି, ନିଆଁଖାଡ଼ି,** } ବି. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ଦିଆସିଲି କାଠି ।

**ନିଆଁଖୁଣ୍ଟା**, ବି. (ଦେଶଜ) ପ୍ରଜ୍ୱଳିତ କାଷ୍ଠଖଣ୍ଡ ।

**ନିଆଁପେଡ଼, ନିଆଁପେଡ଼ି**, ବି. (ଦେଶଜ) ଦିଆସିଲି ବାକ୍ସ ।

**ନିଆଁଗିଳା**, ବିଂ. (ଦେଶଜ) ଯେ ବଡ଼ ବଡ଼ କଥା କହେ, କିନ୍ତୁ କାର୍ଯ୍ୟରେ କିଛି ନୁହେ । ବି. ପକ୍ଷିବିଶେଷ ।

**ନିଆଁଦେବା**, କ୍ରି. (ଦେଶଜ) ନିଆଁ ଲଗାଇବା ।

**ନିଆଁବାଣ**, ବି. (ଦେଶଜ) ବିଶେଷ ଅସହ୍ୟ ଗ୍ରୀଷ୍ମ ।

**ନିଆଁଲଗା**, ବିଂ. (ଦେଶଜ) ପୋଡ଼ା ।

**ନିଆଇବା**, କ୍ରି. (ନୀ ଧାତୁଜ) ଅନ୍ୟଦ୍ୱାରା ନେବା । ଯଥା—

ବିଲୋକନ ଅର୍ଥରେ ଭରତ ଶତ୍ରୁଘ୍ନ,
ବିପ୍ରା କୈକେୟୀର ନିଆଇଲେ ତୋଷମନ । ବୈ. ବି.

**ନିଆଜ, ନ୍ୟାଜ,** } ବି. (ଦେଶଜ) ଭୂମି ଗୁଣ୍ଠ ବା ପଟ୍ଟା ଦେବା; ଅନ୍ଦାଜ, ଅନୁମାନ, ବିବେଚନା ।

**ନିଆଡ଼**, ବି. (ଦେଶଜ) ସମ୍ମୁଖ । ଯଥା—

ବଳରେ ଆକାଶରେ ଯେ ରଣସ୍ତମ୍ଭ ଗଢ଼େ,
ପ୍ରବେଶିଲେ ବୀରବର ଆସ୍ଥାନ ନିଆଡ଼େ । ସା. ଭା. ସ.

ନିଂ. ନିରନ୍ତରାଳ, ପ୍ରତ୍ୟକ୍ଷ । ଯଥା—

ଏଆଦି ପ୍ରାଣୀ ସ୍ଥାନ ବଡ଼େ,
ଯେ ଆସି ମିଳିବ ନିଆଡ଼େ । ଭା. ଏ. ସ୍କ.

**ନିଆମ**, ବି. (ନିୟମ ଶବ୍ଦଜ) ଶପଥ ବା ରାଣ; ଆଗ୍ରହନିଷ୍ଠା; ପ୍ରମାଣ ।

**ନିଆୟୁଧ**, ବିଂ. (ନିରାୟୁଧ ଶବ୍ଦର ଅପଭ୍ରଂଶ) ଆୟୁଧହୀନ । ଯଥା —

ମୁହିଁ ହୋଇବି ନିଆୟୁଧ,
ତେବେ ଏହାର ତୁଲେ ଯୁଦ୍ଧ । ଭା. ଦ. ସ୍କ.

**ନିଆରା, ନ୍ୟାରା, ନେରା,** } ବିଂ. (ଦେଶଜ) ଭିନ୍ନ; ସ୍ୱତନ୍ତ୍ର । ଯଥା—

ଜରାଖିରୁପରା ପୁରୁଷ ବସିଛନ୍ତି ନିଆରା,
ଜରାଖିରୁମାନେ କେ ସ୍ଥାନେ ଦେଇଛନ୍ତି ପସରା । ସୁ. ପ.

**ନିଆଳ, ନିଆଳୀ, ମିଆଳ,** } ବି. ସ୍ତ୍ରୀ. (ନବମାଳିକା ଶବ୍ଦଜ) ସୁଗନ୍ଧପୁଷ୍ପ-ବିଶେଷ । ଯଥା —

ଆଳୀ କରେ ପେଶୀ ନିଆଳୀ ମାଳିକା
ପଦେ ଲେଖିଥାଇ ଧନ । ପ୍ରେ. ସୁ. ନି.

(ଦେଶଜ) ବନ୍ଦି କରି ରଖିବା ଧମସୂରେ ପାଦରେ ଦେବା ଶିକୁଳି । ଯଥା—

ନିଆଳ ଭିତରେ ପାଦ ନ ପାରନ୍ତି ଟେକି,
ତାହା ଦେଖି ଖଳକାର ଖିଲ ଦେଲା ଝିଙ୍କି ।
ନୃ. ପୁ. ଦ୍ୱି. ତ.

(ମୁରସୁରର ବନ୍ଦଶାଳାରେ ନିରୁଦ୍ଧ ଇନ୍ଦ୍ରଙ୍କ ପାଦରୁ ଶୃଙ୍ଖଳା ବାହାର କରିବା ପ୍ରସ୍ତାବରେ ଶିକୁଳି ପରିବର୍ତ୍ତିରେ ନିଆଳ ଶବ୍ଦ ଅନେକ ବାର ବ୍ୟବହୃତ ଅଛି ।)

ନଆଳସୁତା, ବି. ( ଦେଶଜ ) କଣ୍ଠାଭରଣ-ବିଶେଷ ।

ନଆଶ, } ବିଂ. (ନିରାଶ ଶବ୍ଦଜ) ଆଶାହୀନ ।
ନଆଶା, } ଯଥା—

ମୋହଠାରୁ ନଆଶ,
ହୋଇ ବନେ କରିବ ନିବାସ । ସୁ. ପ.
ମିଛ ନ କହିବ ଆବର,
ନଆଶା ନ କରିବ ନର । ବି. ସୁ.

ନଆଶିବା, କ୍ରି. (ନିରାଶ ଶବ୍ଦଜ) ଆଶା ତ୍ୟାଗ କରିବା । ଯଥା—

ବୋଇଲେ ଗଡ଼ ଡେଇଁ ପଶିବା ଏବେ ଆସ,
ପ୍ରାଣକୁ ନଆଶିଣ କରିବା ତାଙ୍କୁ ନାଶ । ନୃ.ପୁ.ଚ.ତ.

ନିରାଶ କରିବା ।

ନଉଛଣା, } ବିଂ. ( ଦେଶଜ ) ତୁଚ୍ଛ, ହୀନ;
ନଉଛୁଣା, } ନିଷ୍ପ୍ରୟୋଜନ । ଯଥା—

କରିଛୁ ଏ ଘଟଣା ଦେବଙ୍କ ନଉଛଣା
ଏଣୁ ଅପୂଜ୍ୟ ହେଲୁ ବିହି ରେ । ସୁ. ପ.
ଜାଣି ଅଜଣା କି ଜଗତ ହେଲା,
ଏଡ଼େ ନଉଛୁଣା ଦୁଃଖକୁ କଲୁ । କ. ମ.

ନଉଚ୍ଛୁଇବା, } କ୍ରି. ( ଦେଶଜ ) ବନ୍ଦାଇବା;
ନଉଁଛୁବା, } ଦୃଷ୍ଟି ଦୋଷ - ନିବାରଣାର୍ଥ ଅନ୍ନ ପ୍ରଭୃତିରେ ଝାଡ଼ିଲା ପରି କରିବା । ଯଥା—

ସପ୍ତ ଆଳତି ବନ୍ଦାଇ, ଘରକୁ ନେଲେ ଅନ୍ନ ନଉଚ୍ଛୁଇ ।

ନଉଚ୍ଛୁଣି, ବି. (ଦେଶଜ) ବନ୍ଦାପନା । ଯଥା—

ତୋହର ସୁଷମା ନ ହେବେ ହେ ସମା
ହେବେ ପଦ ନଉଚ୍ଛୁଣି ରେ । ଫ. ସ.

ନଉଚ୍ଛୁଳି, } ବି. (ଦେଶଜ) ବନ୍ଦନା, ପ୍ରଣାମ ।
ନଉଞ୍ଛାଳି, } ଯଥା—

ଏମନ୍ତ କହି ବନମାଳି,
ଆପଣେ କଲେ ନଉଚ୍ଛୁଳି । ଭା. ଦ. ସ୍କ.

ବନ୍ଦାପନା । ଯଥା—

ଗୋରଜ କୃଷ୍ଣ ଅଙ୍ଗେ ବୋଳି,
ଅନେକ କଲେ ନଉଞ୍ଛାଳି । ଭା. ଦ. ସ୍କ.

ନଉଚ୍ଛୁଳିବା, } କ୍ରି. ବନ୍ଦାଇବା, ବନ୍ଦନା ବା
ନଉଞ୍ଛାଳିବା, } ପ୍ରଣାମ କରିବା । ଯଥା—

ଉଗ୍ରସେନକୁ ନଉଚ୍ଛୁଳି,
ମଧ୍ୟେ ବସିଲେ ବନମାଳି । ଭା. ଦ. ସ୍କ.

ନଉଚ୍ଛୁପିବା, } କ୍ରି. (ଦେଶଜ) ସୌନ୍ଦର୍ଯ୍ୟାଦି
ନୁଚ୍ଛୁପିବା, } ଗୁଣରେ ମୁଗ୍ଧ ହେବା; ବାତ୍ସଲ୍ୟରେ ମୁଗ୍ଧ ହେବା; ବାତ୍ସଲ୍ୟରେ ମୁଗ୍ଧ ହୋଇ ଶିଶୁର ଭାବୀ ଅମଙ୍ଗଳ ଆତ୍ମସାତ୍ କରିବା । ଯଥା—

କଲ୍ୟାଣ କର ଚୁମ୍ବ ଦେଇ,
ତୁମ୍ଭର ନଉଛୁ ମୁଁ ଯାଇ । ଭା. ଦ. ସ୍କ.

ନଉଡ଼ିବା, କ୍ରି. (ଦେଶଜ) ଇଡ଼ିବା । ଯଥା—

ମନ୍ତ୍ର ପଢ଼ି ଅଗ୍ନିରେ ଘିଅ ନଉଡ଼ିଲେ,
ଜଣା ନ ଯିବାକୁ ଆଶୀଷ୍ୟ ତାଙ୍କୁ କଲେ । କୃ.ଭା.ବ.ପ.

ନଉନ, } ବିଂ. ( ନ୍ୟୂନ ଶବ୍ଦର ଅପଭ୍ରଂଶ )
ନଉ୍ନ, } ଊଣା, ଅଳ୍ପ । ଯଥା—

କଲ ଦିବସକୁ ଅତି ନଉନ । ର. କ.

ନକ, ବିଂ. (ଦେଶଜ) ସରୁ । (ପ୍ରାକୃତ ଣିକର ରୂପାନ୍ତର) ସୁନ୍ଦର, ପରିଷ୍କୃତ । ଯଥା—

ଘାଟ ବାଟ ଦାଣ୍ଡ ଯେ ସମସ୍ତ ନକ କରି,
ସୁବର୍ଣ୍ଣ କଳସ ଉଭାରିଲେ ସର୍ବପୁରୀ । ସା. ଭା. ଆ.

(ସମ୍ବଲପୁରରେ) ସୁସ୍ଥ; ଭଲ ବା ଉତ୍ତମ ।

ନକଟ, ବିଂ. (ନି-କଟ୍ = ସମୀପେ ଯିବା-ଅ) ସମୀପ, ଅଦୂର ।

ନକମା, } ବିଂ. (ନିଷ୍କର୍ମା ଶବ୍ଦଜ) କର୍ମହୀନ,
ନକର୍ମା, } ଅପଦାର୍ଥ; ଅଳସ; ବ୍ୟର୍ଥ ।
ନକମା, } ଯେପରି—ନକମା ଜନ୍ତୁ ।

ନକର୍ମ, ବିଂ. ( ନିଷ୍କର୍ମ ଶବ୍ଦଜ ) କର୍ମହୀନ । ଯଥା—

ଅଯୁତେ ଶଙ୍ଖ ପୁଣି ବାଜିଲା ଅଟ୍ଟହାକେ,
ତହିଁରେ ନକର୍ମ ହୋଇ ବସିଥିଲୁଁ ଥୋକେ ।
ନୃ. ପୁ. ସ. ଚ.

ନକର, ବି. (ନି-ଉଦ୍ଧର-କୃ—ବିକ୍ଷେପ କରିବା-ଅ) ସମୂହ, ରାଶି । ଯଥା—ଶୀକର ନିକର ନିକ୍ଷେପିତ । ସାର; ନ୍ୟାଯ୍ୟଦେୟ ଧନ; ନିଧି, ରତ୍ନ । (ଦେଶଜ) ନିଷ୍ଟପ୍ତ । ଯଥା—ନକର କଥା କହ । ବିଂ. (ନିଷ୍କର ଶବ୍ଦଜ) କରରହିତ । ଯେପରି—ନକର ଜମି; ହସ୍ତହୀନ ।

ନକଳପ, ବି. ( ନିଷ୍କଳ୍ପ ଶବ୍ଦଜ ) କଳ୍ପନାର ଅଭାବ । ଯଥା—

କଳ୍ପନାରେ ବଡ଼େ ନକଳପେ ହୁଏ ସାନ,
ଏମନ୍ତ ବୃକ୍ଷକୁ ପେମ୍ବେ ଦେଲେ ଭଗବାନ । ନୃ.ପୁ.ପ୍ର.ଚ.

ନକଷ, } ବି. (ନି-କଷ୍, କସ୍ = ବଧ କରିବା,
ନକସ, } କର୍ଷଣ କରିବା-ଅ) କଷ୍ଟିପଥର; ସୁବର୍ଣ୍ଣରଜତାଦିର ପରୀକ୍ଷା ସ୍ଥାନ; ଶାଣ ।

ନିକଷଣ, ବି. ( ନି-କଷ୍-ଅନ ) ଘର୍ଷଣ; ଉଲ୍ଲେଖନ; ଖନନ ।

ନିକଷାତ୍ମଜ, ବି. ଅସୁର, ରାକ୍ଷସ ।

ନିକା, ବି. ଯାବନିକ) ମୁସଲମାନମାନଙ୍କ ମଧ୍ୟରେ ପ୍ରଚଳିତ ବିବାହବିଶେଷ; ଦ୍ୱିତୀୟ ବିବାହ, ଥୁଆନିଥାଇ ବିବାହ । ଅଂ. (ଗଡ଼ଜାତରେ) ମୁଣୁହୁଁ । (ନିକା ମନା କଲା = ମୂଳରୁ ମନା କଲା ।)

ନିକାଞ୍ଚନ, ବିଂ. (ନିଷ୍କାଞ୍ଚନ ଶବ୍ଦଜ) ଧନହୀନ, ନିଃସ୍ୱ । ( ନିକଞ୍ଚନ ଶବ୍ଦଜ ) ନିର୍ଜନ । ଯଥା —

ନିଃଶଙ୍କେ ବେନିଏ ନିକାଞ୍ଚନେ ଏଥି
କରୁଥିଲେଁ ବିଚରଣ । ଉର୍ବଶୀ ।

ନିକାମ, ବିଂ. (ନି-କମ୍ = ଇଚ୍ଛା କରିବା-ଅ) ସାତିଶୟ, ଯଥେଷ୍ଟ; ସ୍ୱେଚ୍ଛାପୂର୍ବକ ।

ନିକାୟ, ବି. (ନି-ଚି = ଏକତ୍ର କରିବା-ଅ, ଚ = କ) ସମୂହ ।

ନିକାଯ୍ୟ, ବି. (ନି-ଚି-ଅ-ନିପାତନ) ଆଳୟ, ଗୃହ ।

ନିକାର, ବି. (ନି-କୃ = ପରାଜୟାଦି କରିବା-ଅ) ପରାଭବ; ଅପକାର; ଅପମାନ; ତିରସ୍କାର; ଧିକ୍କାର ।

ନିକାଲ, ବି. ( ଯାବନିକ ) ଅଧିକାରରୁ ଦୂରୀକରଣ ।

ନିକାଳିବା,} କ୍ରି. ( ଦେଶଜ ) ପଦଚ୍ୟୁତ
ନିଖାଳିବା,} କରିବା; ତଡ଼ିଦେବା; ବାହାର କରିବା ।

ନିକାଶ, ବି. (ନି-କାଶ୍ = ଶୋଭା ପାଇବା-ଅ) ପ୍ରକାଶ ।

ନିକାଷ, ବି. (ନି-କଷ୍-ଅ) କର୍ଷଣ, ଘର୍ଷଣ ।

ନିକାସ, ବି. (ଯାବନିକ) ଶେଷ; ଜଳନିର୍ଗମ ପଥ; ହିସାବ ସ୍ଥିରୀକରଣ ।

ନିକାସି, ବି. (ଦେଶଜ) ନିଷ୍ପତ୍ତି, ଶେଷ; ଜଳନିର୍ଗମ ପଥ । ହିସାବ । ଯଥା—

ଧୃଷ୍ଟଦ୍ୟୁମ୍ନ ବିଶିଖେ କଳିଙ୍ଗ ହେଲେ ନାଶ,
ନିକାସି ହେବାକୁ ଗଲେ ଶମନ ସକାଶ । ବେ. ପ.

ନିକାସିବା, କ୍ରି. (ଦେଶଜ) ଶେଷ କରିବା; ଦୂର କରିବା ।

ନିକି, ଅଂ. (ଦେଶଜ) ପ୍ରଶ୍ନାର୍ଥ । ଯଥା—

କାଳକି ଏ ଶୋଭା ନିକି ଥିବ । ର. କ.

ସମ୍ଭାବନା । ଯଥା—

ଭାବବଶିଣୀ କି ଗୁଣ୍ଡ ମୁଁ କି ନିକି ନିନ୍ଦିବ ମୁନିଙ୍କି
ଏ ଦେଶରେ । ବି ଚି. ମ.

ନିଶ୍ଚୟାର୍ଥ । ଯଥା—

ପକ୍ଷୋଚ୍ଛ୍ୱାସେ ନିକି ବିରଜିବେ ଦୁର୍ନିବାରଶ୍ରୀ ପାତ ।
ଜା. ପ. ନା.

ନିକିଟିବା,} କ୍ରି. (ଦେଶଜ) ଦାନ୍ତ ବାହାରକୁ
ନିକୁଟିବା,} ଦେଖାଇବା । ଯଥା—

କେତେ ଯୋଦ୍ଧା ଦାନ୍ତମାନଙ୍କୁ ନିକିଟି,
ଧରିଲେ କୁଟା କରି ଦନ୍ତରେ ବସନ୍ତି । କୃ.ଖ୍ରୀ.ପ.

ନିକିତି, ନିକ୍ତି, ବି. (ଦେଶଜ) ସୁନା ରୁପା ତୁଳିବା ଯନ୍ତ୍ରବିଶେଷ । ଯଥା—

କାଚ କାଞ୍ଚନେ ତୁଳିଲି ପରାସ୍ତେ,
କବିବାଣୀ ନିକିତିରେ ସେ ହୁଏ । ର. କ.

ନିକଳିବା,} କ୍ରି. ( ଦେଶଜ ) ବାହାର
ନିକଲିବା,} ହେବା । ଯଥା—

କି କାଳୀକୁଣ୍ଡଳୀ ନାଗିବଳେ ପଣେ
ରତ୍ନପେଟିକାରୁ ନିକଳି । ବି. ଚି. ମ.

ଗଳିବା କିମ୍ବା ସ୍ରବିବା । ଯଥା—

ନାସିକା ବାଟେ ତାହାର ରୁଧିର ନିକଳି । ସା.ଭା.ଆ.

ଆରପାରି ହେବା ।

ନିକୁଞ୍ଚ,
ନିକୁଞ୍ଚିଆ, } ବିଂ. ( କୁତ୍ସା ଶବ୍ଦଜ ) ତୁଚ୍ଛ । ଯଥା—
ନୁକୁଞ୍ଚ,

ବୀର ଇଚ୍ଛେ ବିଜ୍ଞାନ ହେତେ ଥାଇ ବିପ୍ରେ,
ବଳିଷ୍ଟେ ଗଣିବେ ନିକୁଞ୍ଚେ । ବୈ. ବି.

ନିକୁଞ୍ଜ, ବି. (ନି-ନିରର୍ଥକ ଶବ୍ଦ-କୁଞ୍ଜ) ଲତା-ଗୃହ; ଲତା ପ୍ରଭୃତିରେ ସମାଚ୍ଛାଦିତ ଗୃହାକୃତି ସ୍ଥାନ ।

ନିକୁରମ୍ବ, ବି. (ନିକୁର = ଶବ୍ଦ କରିବା-ଅମ୍ବ) ସମୂହ ।

ନିକୃତି, ବି. (ନି-କୃ = କରିବା-ତି) ଶଠତା; ଭର୍ତ୍ସନା; ଅପକାର; ଦୈନ୍ୟ; ନିନ୍ଦା; ପରାଭବ । (ବିଶେଷଣରେ ନିକୃତ ହୁଏ ।)

ନିକୃଷ୍ଟ, ବିଂ. (ନି-କୃଷ୍ = ଅବଜ୍ଞା କରିବା-ତ) ଅପକୃଷ୍ଟ, ନୀଚ, ଜଘନ୍ୟ ।

ନିକେତ, } ବି. (ନି-କିତ୍ = ବାସ କରିବା-
ନିକେତନ, } ଅ, ଅନ) ଗୃହ, ଆଳୟ ।

ନିକୋଚ, ବି. ସଙ୍କୋଚନ ।

ନିକୋପି, } ବିଂ. (ନିଷ୍କୋପୀ ଶବ୍ଦର ଅପଭ୍ରଂଶ)
ନିକୋପୀ, } କୋପହୀନ । ଯଥା—

ନିକୋପି ପୁରୁଷ ସେ ହୃଦେ କୋପ ନାହିଁ,
ତାହାର ମନେ ସିନା ଡ଼ରୁଥିଲେ କହି । ନୃ.ସ୍ୱ.ସ.ଚ.

ନିକ୍ୱଣ, } ବି. ( ନିକ୍ୱଣ୍ = ଶବ୍ଦ କରିବା-ଅ )
ନିକ୍ୱାଣ, } ଧ୍ୱନି, ଶବ୍ଦ; ବୀଣାଦିର ଧ୍ୱନି ।

ନିକ୍ଷା, ବି. ସ୍ତ୍ରୀ. (ନିଶ୍ = ଏକାନ୍ତ ଅନୁରକ୍ତ ହେବା-ଅ-ସଙ୍କ୍ଷାର୍ଥେ ଅଥବା ନିକ୍ଷ୍-ଅ-ଆ) କେଶକୀଟ, ଉକୁଣି ।

ନିକ୍ଷେପ, ବି. (ନି-କ୍ଷିପ୍ = କ୍ଷେପଣ କରିବା-ଅ) ନ୍ୟାସ; ଗଚ୍ଛିତକରଣ; ସ୍ଥାପନ; କ୍ଷେପଣ, ଫିଙ୍ଗିଦେବା; ତ୍ୟାଗ । (ବିଶେଷଣରେ ନିକ୍ଷିପ୍ତ, ନିକ୍ଷେପକ, ନିକ୍ଷେପଣୀୟ ପଦ ନିଷ୍ପନ୍ନ ହୁଏ ।)

ନିଖ, ଲିଖ, } ବି. (ନିକ୍ଷା ଶବ୍ଦଜ) କେଶ-
ମିଖ, } କୀଟବିଶେଷ । ଯଥା—

ପକ୍ଷିଜୀବ ଗୋଟାକୁ କ ଠାବ ନାହିଁ ଏଣେ,
ନିଖ ଗୋଟା ପ୍ରାପ୍ତେ ହୋଇ ଲଗିଥିବ କୋଣେ ।
ନା. ର. ଗୀ.

ବିଂ. ଅତିକ୍ଷୁଦ୍ର ।

ନିଖଟୁ, ବିଂ. (ଦେଶଜ) ଅସମର୍ଥ, ଅଯୋଗ୍ୟ ।

ନିଖଡ଼ା, ବି. (ଦେଶଜ) ଜଳଜାତ ଫଳ-ବିଶେଷ ।

ନିଖର୍ବ, ବିଂ. (ନି = ଅତିଶୟ-ଖର୍ବ) ବାମନ ।
ବି. ଦଶ ସହସ୍ର କୋଟି ସଂଖ୍ୟା ।

ନିଖାତ, ବିଂ. (ନି-ଖନ୍-ତ) ଖନିତ; କ୍ଷୁଣ୍ଣ; ପ୍ରୋତ; ସ୍ଥାପିତ; ପ୍ରୋଥିତ । ଯଥା—ନିଖାତ ସ୍ତମ୍ଭ । (ଅଷ୍ଟାଦଶଦ୍ୱୀପନିଖାତ ଯୂପଃ ।)

ନିଖାରିବା, କ୍ରି. (ଦେଶଜ) ଲେଉଟପାଉଟ କରିବା । ଯଥା—

ନିଖାରି ନିଖାରି ଦେଖେ ସେ କାଗଜ । ଦ. ବା.

ନିଖି, ନିଖୀ, ନିଖ, ବି. ( ନିକ୍ଷା ଶବ୍ଦଜ ) କେଶକୀଟ ବା ଉକୁଣି ।

ନିଖି, ନିଖା, ନିଖେଇ, ବିଂ. ( ଦେଶଜ ) ଅତିକ୍ଷୁଦ୍ର ।

ନିଖିର, ବିଂ. (ଦେଶଜ) ଅତିକ୍ଷୁଦ୍ର ବା ଅତି ଶ୍ରେଷ୍ଠ ।

ନିଖିଳ, ବିଂ. (ନି = ନା-ଖିଳ, ଖ = ଆକାଶ-ଲ = ଗ୍ରହଣ କରିବା-ଅ-ଶୂନ୍ୟ, ଅଭାବ) ସମସ୍ତ, ସମଗ୍ର, ସମ୍ପୂର୍ଣ୍ଣ ।

ନିଖୁଣ, ବିଂ. ( ଅକ୍ଷୁଣ୍ଣ ଶବ୍ଦଜ ) ନିର୍ଦ୍ଦୋଷ, ଦୋଷଶୂନ୍ୟ; ସମ୍ପୂର୍ଣ୍ଣ । ଯଥା—

ସୁନ୍ଦରୀ ପଣେ ନିଖୁଣ ଯଉବନବତୀ,
ଦେଖିଲେ ଭସ୍ମ କରିବେ ରମ୍ଭା ଶଚୀ ରତି । ବ ରା.

ନିଖୁଁତ, ବିଂ. (ଦେଶଜ) ନିର୍ଦ୍ଦୋଷ ।

ନିଗଡ଼, ବି. (ନି-ଗଡ଼୍ = ବନ୍ଧନ କରିବା-ଅ) ଲୌହମୟ ପାଦବନ୍ଧନୀ; ବେଡ଼ି; ଲୌହ-ଶୃଙ୍ଖଳା । ଯେପରି—ସଂସାରିକବିଷୟ-ନିଗଡ଼ବନ୍ଧ । (ବିଶେଷଣରେ ନିଗଡ଼ିତ ।)

ନିଗଡ଼ା, ନିଙ୍ଗଡ଼ା, } ବି. (ଦେଶଜ) ଡ଼ାଳିବା;
ନିଙ୍ଗଡ଼ା, } ଗାଳିବା; ରସର ଆକର୍ଷଣ ।

ନିଗଡ଼ାନିଗିଡ଼, ବିଂ. (ଦେଶଜ) ପାନଶେଷ, ସର୍ବଶେଷ ।

ନିଗଦିତ, ବି. ( ନି-ଗଦ୍ = ବୋଲିବା-ତ ) କଥନ, କହିବା । ବିଂ. କଥିତ, ଉକ୍ତ, ନିର୍ଦ୍ଦିଷ୍ଟ, ଉଲ୍ଲିଖିତ ।

ନିଗମ, ବି. (ନି = ନିଯୁତ-ଗମ୍ = ଗମନ କରିବା-ଅ, ଯେଉଁ ସ୍ଥାନକୁ ମନୁଷ୍ୟମାନେ ନିଯୁତ ଗମନ କରନ୍ତି) ନଗର; ପଥ; ବାଣିଜ୍ୟ; ହଟ୍ଟ, ହାଟ, ବଜାର; ନିଶ୍ଚୟ; ପ୍ରତିଜ୍ଞା; ନ୍ୟାୟଶାସ୍ତ୍ର; ତନ୍ତ୍ରବିଶେଷ; ବେଦ । (ନିଗମକଳ୍ପତରୋର୍ଗଳିତଂ ଫଳଂ ।)

ନିଗର, } ବି. (ନି-ଗୃ = ଭୋଜନ କରିବା-ଅ)
ନିଗାର, } ଭକ୍ଷଣ; ଗିଳନ, ଗିଳା; ଗଳଦେଶ; ହୋମଧୂମ । (ବିଶେଷଣରେ ନିଗୀର୍ଣ୍ଣ = ଭକ୍ଷିତ ।)

ନଗାଡ଼ବା, କ୍ରି. (ଦେଶଜ) ଖାଳିବା; ରସ ଆକର୍ଷଣ କରିବା; ରସ ଚପୁଡ଼ିବା; ଢାଳିବା; ଝରାଇବା; ଉତାରିବା । ଯଥା—
ଘଡ଼ସେ ନାବ ବୁଡ଼ାଇ ଗୃହେ ଯାଇ ଥାଇ,
ରହେ ପାଣି ନଗାଡ଼ି ବମ୍ବରଦ୍ୱାରେ ବାହି । ସା.ଭ୍ର.ଆ.

ନଗାଳ, ବି. (ନ-ଗଲ୍ = ଭକ୍ଷଣ କରିବା-ଅ) ଅଶ୍ୱର ଗଳଦେଶ । (ନଗାଳସ୍ତୁ ଗଳୋଦ୍ଦେଶେ— ଅମର ।)

ନଗିଡ଼, ବି. (ଦେଶଜ) ଶୀତକାଳରେ ନିଆଁ ଲଗାଇବା ବଡ଼ ବଡ଼ କାଷ୍ଠଖଣ୍ଡ ।

ନଟିଡ଼ବା, କ୍ରି. (ଦେଶଜ) (ରସ) ବୋହିପଡ଼ିବା ।

ନଗୁ, ନଗ୍‌ଗୁ, ବି. ( ଦେଶଜ—ଗ୍ରାମ୍ୟରେ ବ୍ୟବହୃତ) ଅସଲ, ଉତ୍ତମ; ପ୍ରଶସ୍ତ । ଯେପରି—ନଗ୍‌ଗୁ ପଦାର୍ଥ, ନଗ୍‌ଗୁ ମାଲ ।

ନଗୁଣ୍ଡି, ନଗୁଣ୍ଡୀ, } ବି. (ନିର୍ଗୁଣ୍ଡୀ ଶବ୍ଦର ଅପଭ୍ରଂଶ) ବେଗୁନିଆ ।

ନଗୂଢ଼, ବିଂ. ( ନି-ଗୁହ୍-ତ ) ସଂବୃତ, ଲୁକ୍‌କାୟିତ, ଗୁପ୍ତ । ବି. ସାର; ମର୍ମ; ତାତ୍ପର୍ଯ୍ୟ; ବନମୁଦ୍‌ଗ ।

ନଗ୍ରହ, ବି. (ନି-ଗ୍ରହ୍ = ଗ୍ରହଣ କରିବା, କୃପା କରିବା-ଅ) ଅନୁଗ୍ରହର ବିପରୀତାର୍ଥ; ତାଡ଼ନା; ନିରାକରଣ; ଶାସନ, ଦଣ୍ଡ; ବନ୍ଧନ; ତିରସ୍କାର, ଭର୍ତ୍ସନା; ସଂଯମ; ଚିକିତ୍ସା; ଯାତନା; ବିଡ଼ମ୍ବନା; ନିବାରଣ । (ବିଶେଷଣରେ ନିଗୃହୀତ ଓ ନିଗ୍ରାହକ ହୁଏ ।)

ନଗଧା, ନଗିଧା, ବିଂ. (ଦେଶଜ) କୃପଣ ।

ନଘଞ୍ଚ, ନଘଞ୍ଚନ, } ବିଂ. (ଦେଶଜ) ଅତି ନିବିଡ଼ । ଯଥା—
ଆବର ଯେତେ ଋଷି ଗୋଡ଼ାଇଥିଲେ ପଛେ,
ସମସ୍ତେ ପଳାଇ ବେଢ଼ି ରହିଲେ ନଘଞ୍ଚେ । ନୃ.ପୁ ଚ.ଚ.

ନଘଣ୍ଟୁ, ବି. (ନି-ଘନ୍‌ଟ୍ = ଦୀପ୍ତି ପାଇବା, ଘଟନ କରିବା-ଉ) ସୂଚିପତ୍ର, ନିର୍ଘଣ୍ଟ; ଶବ୍ଦସଂଗ୍ରହ; ବୈଦିକ ଅଭିଧାନବିଶେଷ ।

ନଘସ, ବି. (ନି-ଅଦ = ଭକ୍ଷଣ କରିବା-ଅ ଅଦ୍ = ଘସ୍) ଭୋଜନ; ଭକ୍ଷଣ ।

ନଘା, ବି. (ଦେଶଜ) ଦୃଷ୍ଟି; ସାବଧାନତା; ଅଧିକାର । ଯେପରି—ରଜନଘା; ତତ୍ତ୍ୱାବଧାନ; ବିଷୟାବଧାରଣ । ଯଥା—
ଭୂମୁରେ ପାତ୍ର ମନ୍ତ୍ରୀ ଅଛନ୍ତି ସଭା କରି,
ରାଜ୍ୟର ନଘା କଷ୍ଟ ଯେ ବୁଝନ୍ତି ଗୁହାରି । ନୃ.ପୁ.ଚ.ଚ.

ନଘାଦେବା, ନଘାପକାଇବା, } କ୍ରି. ( ଦେଶଜ ) ଦୃଷ୍ଟି କରିବା ।

ନଘାନେବା, କ୍ରି. (ଦେଶଜ) ତତ୍ତ୍ୱ ନେବା ।

ନଘାମାନ, ବି. (ଦେଶଜ) ଯେ ରାଜାଙ୍କଠାରୁ ଏକଖଣ୍ଡର ଅଧିକାର ପାଇଥାନ୍ତି ।

ନଘୋଡ଼, ବି. ( ଦେଶଜ ) ଘୋଡାଇ ନ ହେବା । ଯଥା—
ନଶାରେ ନଘୋଡ଼େଣ ଶୁଅନ୍ତେ ବେଳନାଇ,
ଉପରେ ମାଡ଼ିବସି ଝୁଣ୍ଟିରୁ ଚୋଟି ଯାଇ । ନୃ.ପୁ.ଚ.ଚ.
ବିଂ. ଅନାଚ୍ଛାଦିତ ।

ନଘ୍ନ, ବିଂ. (ନି-ହନ୍ = ନିଗ୍ରହ କରିବା-ଅ, ହ = ଘ) ଆୟତ୍ତ; ବଶୀଭୂତ; ଆହତ; ପୂରିତ; ଗୁଣିତ; ପୋଷା; ଘାତକ ।

ନଚୟ, ବି. ( ନି-ଚି = ଏକତ୍ର କରିବା-ଅ ) ସମୂହ; ପୁଞ୍ଜ; ଉପଚୟ ବା ବୃଦ୍ଧି; ନିଶ୍ଚୟ ।

ନଚିତ, ବି. (ନି-ଚି-ତ) ବ୍ୟାପ୍ତ; ପରିପୂର୍ଣ୍ଣ; ରଚିତ; ସଂଚିତ; ଉପାର୍ଜିତ ।

ନଚୋଳ, ବି. (ନି-ଚୁଲ୍ = ଅବଗୁଣ୍ଠନ କରିବା-ଅ) ପ୍ରଚ୍ଛଦପଟ, ଆଚ୍ଛାଦନବସ୍ତ୍ର; ଉତ୍ତରୀୟବସ୍ତ୍ର; ସାଞ୍ଜୁ । (ନିଚୋଳଃ ପ୍ରଚ୍ଛଦପଟଃ— ଅମର ।)

ନଛନ୍ତ, ବିଂ. (ନିଃକ୍ଷତ୍ର ଶବ୍ଦଜ) କ୍ଷତ୍ରିୟହୀନ । ଯଥା—
ବ୍ରାହ୍ମଣ କୁଳରେ ପର୍ଶୁରାମ ଉତପତ,
ଏକୋଇଶବାର ନଛନ୍ତ କରିଲେ ପୃଥ୍ୱୀ । ସା. ଭ୍ର ଆ.

ନଛଳ, ନିଛଳ, ବି. (ଦେଶଜ) କପଟତା ।

ନଗ୍ରୁଟ, ବିଂ. (ଦେଶଜ) ନିର୍ଜନ । ଯଥା—
ଚଉଦିଗେ ଗୃହିଁ କେହି
କେଣେ ନାହିଁ ନଗ୍ରୁଟ ଘାଟକୁ ଗଲି । ସଙ୍ଗୀତ ।

ନଗ୍ରୁଟିଆ, ବିଂ. (ନଗ୍ରୁଟ-ଇଆ-ସ୍ୱାର୍ଥେ) ନିର୍ଜନ, ନିର୍ଜନରେ ଯେ ବୁଲୁଥାଏ ।

ନିଜ, ବିଂ. (ନି = ନିଯୁକ୍ତ-ଜ = ଜନ୍-ଅ = ଯେ ଜନ୍ମେ—ଆପଣାଠାରେ ଯାହା ପ୍ରବର୍ତ୍ତେ, ଆପଣା ସମ୍ବନ୍ଧ ଯାହାର ସମ୍ଭବ ଅଛି) ସ୍ୱକୀୟ; ଯାହା ସ୍ୱଭାବତଃ ଜନ୍ମେ, ସ୍ୱାଭାବିକ; ନିତ୍ୟ, ଚିରସ୍ଥାୟୀ । କ୍ରି. ବିଂ. ( ନିଜେ ) ସ୍ୱୟଂ, ସ୍ୱଶରୀରରେ । ( ସ୍ୱକେ ନିତ୍ୟେ ନିଜଂ ତ୍ରିଷୁ—ଅମର ।)

ନିଜାମ, ବି. (ଯାବନିକ ବା ଆରବ୍ୟ) ଶୃଙ୍ଖଳା; ସ୍ୱଭାବ; ଗଠନ; ବନ୍ଦୋବସ୍ତ ।

ନିଜ୍ୟମାନ, ବିଂ. (ନିଜ୍ = ଶୋଧନକରିବା-ମାନ, ଯ ଆଗମ) କ୍ଷାଳିତ, ଶୋଧିତ ।

ନିଟ, ବିଂ. (ଦେଶଜ) ନିଶ୍ଚିତ ।

ନିଟାଣୁଆ, ବିଂ. (ଦେଶଜ) ଯେ ଟାଣ ନୁହେ ଅର୍ଥାତ୍ ହାଲୁକା । ଯଥା—ନିଟାଣୁଆକୁ ସମସ୍ତେ ପରାଭବ ଦିଅନ୍ତି ।

ନିଟି, ମିଟି, ମିଟ, ବି. ( ଦେଶଜ ) ନିଶ୍ଚୟ । ବିଂ. ନିଶ୍ଚିତ ।

ନିଟିଲ, ନିଟଲ, ବି. ଭାଲପ୍ରଦେଶ । ଯଥା—

ପଦ୍ମାକ୍ଷ ଶମ୍ଭୁ ନିଟିଲାକ୍ଷ ବିଦଗ୍ଧ କାମ,
ସୌନ୍ଦର୍ଯ୍ୟଯୁକ୍ତ ନବବାରିଦ ଗୁଢ଼ଧାମ । ଜା.ପ.ନା.

ନିଟିଲାକ୍ଷ, ନିଟଲାକ୍ଷ, } ବି. ( ନିଟିଲ = ଭାଲ-ଅକ୍ଷି—ଯାହାର ଭାଲପ୍ରଦେଶରେ ଅକ୍ଷି ଅଛି ) ମହାଦେବ, ଶିବ ।

ନିଠା, ବି. ( ନିଷ୍ଠାଶବ୍ଦର ଅପଭ୍ରଂଶ ) ଶ୍ରଦ୍ଧା, କାର୍ଯ୍ୟାସକ୍ତି ।

ନିଠାଇ, ନିଠିଆଇ, } କ୍ରି. ବିଂ. ( ଦେଶଜ ) ଉତ୍ତମରୂପେ । ଯଥା—

ଭୀମ ବିରାଟର ସୁଆର ହୋଇଲେ,
ମାଛ ପିଠା ଅନ୍ନ ନିଠାଇ ଖାଇଲେ । କୃ. ଭା. ବ. ପ.

ଦୃଢ଼ରେ । ଯଥା—

ସେରୂପେ ଧର ବାଲ ଝିଙ୍କିଲେ ନିଠାଇ । କୃ.ଭା.ବ.ପ.

ନିଠେଇ, ବିଂ. (ନୈଷ୍ଠିକ ଶବ୍ଦଜ) ନିଷ୍ଠାବାନ୍, ଯାହାର ନିଷ୍ଠା ଥାଏ ।

ନିଠେଇବା, କ୍ରି. (ଦେଶଜ) ମଠେଇବା ।

ନିତମ୍ବ, ବି. (ନି-ତମ୍ବ = ଗମନ କରିବା-ଅ) ସ୍ତ୍ରୀଲୋକର କଟିଦେଶର ପଶ୍ଚାଦ୍‌ଭାଗ, କଟିଦେଶ; ପର୍ବତର ପାର୍ଶ୍ୱଦେଶ; ତଟ; ସ୍କନ୍ଧ ।

ନିତମ୍ବିନୀ, ବି. ସ୍ତ୍ରୀ. (ନିତମ୍ବ-ଇନ୍-ଅସ୍ତ୍ୟର୍ଥେ-ଈ) ପ୍ରଶସ୍ତ ନିତମ୍ବବତୀ, ନାରୀ ।

ନିତରାଂ, ଅଂ. (ନି = ନିଯୁକ୍ତ-ତରମ୍) ସର୍ବଥା; ଅତ୍ୟନ୍ତ; ଅବଶ୍ୟ ।

ନିତାନ୍ତ, କ୍ରି. ବିଂ. (ନି-ତମ୍ = ଇଚ୍ଛାକରିବା-ତ) ଅତିଶୟ, ଅତ୍ୟନ୍ତ; ଅବଶ୍ୟ । ବିଂ. ଅଧିକ ।

ନିତି, ନିତିପ୍ରତି, ନିତିପ୍ରତିଦିନ, } କ୍ରି. ବିଂ. (ନିତ୍ୟ ଶବ୍ଦଜ) ପ୍ରତ୍ୟହ । ଯଥା—

ଦେଖଇ ନିତି ହୁଇଁ ଏ ଗିରି ଶିରେ । ରୁ. ସୁ.
ନିତିପ୍ରତି ମୋ ଘରେ ସର ଖାଉ । ଗୋ. ଭ.

ନିତିମଳୁ, ବିଂ. (ଦେଶଜ) ଚିରରୋଗୀ ।

ନିତ୍ୟ, କ୍ରି. ବିଂ. (ନି = ନିଯୁକ୍ତ-ତ୍ୟ-ଭବାର୍ଥେ) ଅହରହ, ସତତ, ସର୍ବଦା; ଧାରାବାହିକ; ପ୍ରତିଦିନ । ବିଂ. ଯେ ସର୍ବକାଳରେ ବିଦ୍ୟମାନ ରହେ । ବି. ସମୁଦ୍ର; (ସ୍ତ୍ରୀ-ଆ) ଆଦିଶକ୍ତି ।

ନିତ୍ୟାନି, କ୍ରି. ବିଂ. (ନିତ୍ୟ ଶବ୍ଦଜ) ପ୍ରତିଦିନ । ଯଥା—

ଭୋଜନ ନିତ୍ୟାନି କରୁଥିବି ତୃପତି,
ତୁମ୍ଭ ପ୍ରସାଦେ ମୁଁ ଲଭିଲି ପରମ ଗତି । ସା.ଭା.ଅ.

(ଦେଶଜ) ଦୁର୍ଗନ୍ଧ ।

ନିଦ, ନିଁଦ, ବି. (ନିଦ୍ରା = ପ୍ରାକୃତ ନିଦ୍ଦ ଶବ୍ଦଜ) ନିଦ୍ରା ।

ନିଦକା, ବିଂ. (ଦେଶଜ, ନି = ନାହିଁ-ଦକା = ଭୟ) ନିର୍ଭୟ ।

ନିଦମାଡିବା, କ୍ରି. (ଦେଶଜ) ନିଦ୍ରା ଆକର୍ଷଣ କରିବା ।

ନିଦର, ବିଂ. (ଦେଶଜ, ନି = ନାହିଁ-ଦର = ଭୟ) ନିର୍ଭୟ । ଯଥା—

ନିଦରେ ନିଦରେ ଆଅ ବଧିରେ କହ । ବି.ଚି.ମ.

ନିଦର୍ଶନ, ବି. (ନି-ଦୃଶ୍-ଅନ) ଉଦାହରଣ, ଦୃଷ୍ଟାନ୍ତ; ଚିହ୍ନ; ପ୍ରମାଣ ।

ନିଦା, ବି°. (ଦେଶଜ) ଘନ, ଅଫମ୍ପା । ଯଥା—
ନିଦା ମଣି ଭ୍ରମେ କପିଁ ନିଅ ପୋଲ । ଦ° ବା.
ନିଗଛ, ପ୍ରଧାନ । ଯଥା—
ମୋ ରୂପ ନ ଚିହ୍ନି ଆନ ଦେବ ପୂଜେ ନ ମାନ,
ସେହିଟି ନିଦା ମୂର୍ଖ ଅଟଇ ଫାଲଗୁନ । ନୃ.ପୁ.ସ.ତ.

ନିଦାଘ, ବି. (ନି = ନିଯୁକ୍ତ-ଦହ୍-ଅ) ଗ୍ରୀଷ୍ମ-କାଳ; ଘର୍ମଜଳ; ଉତ୍ତାପ । ବି°. ଉଷ୍ଣ, ତପ୍ତ ।

ନିଦାନ, ବି. (ନି = ନିଶ୍ଚିତରୂପେ-ଦା = ଦାନ କରିବା, ହେବା-ଅନ) (ଯାହାଦ୍ୱାରା ସମସ୍ତ ଫଳ ଉତ୍ପନ୍ନ ହୁଏ) ମୂଳକାରଣ; କାରଣ । (ନିଦାନତ୍ୱାଦିକାରଣଂ—ଅମର ।)ଚିକିତ୍ସା-ଗ୍ରନ୍ଥବିଶେଷ; ଅନ୍ତ, ଅବସାନ; ବିରାମ, ନିବୃତ୍ତି; ପବିତ୍ରତା । (ଦେଶଜ) ନିଶ୍ଚୟ । ଯଥା—
ମୋ ଜୀବନ ଦାନ ଦେଲୁ ନିଦାନ
ଆତୁର ମନେ ବୋଇଲେ । ବି. ଚି ମ.

ନିଦାରୁଣ, ବି°. (ନି-ଦାରୁଣ) ଅତି ଦାରୁଣ, ଭୟାନକ; କଠିନ; ନିର୍ଦ୍ଦୟ; ଅସହ୍ୟ ।

ନିଦିଧ୍ୟାସ, } ବି. (ନି-ଧ୍ୟୈ = ଚିନ୍ତା ନିଦିଧ୍ୟାସନ, } କରିବା-ସନ୍-ଧାତୁର ଆଦି-ବର୍ଣ୍ଣର ଦ୍ୱିତ୍ୱ-ଅ, ଅନ) ମନୋନିବେଶ-ପୂର୍ବକ ଧାରାବାହିକ ଚିନ୍ତା ।

ନିଦେଶ, ବି. (ନି-ଦିଶ୍ = ବୋଲିବା, ଅନୁମତି କରିବା-ଅ) ଆଜ୍ଞା, ଅନୁମତି; କଥନ; ସମୀପ; ପାର୍ଶ୍ୱ । (ବିଶେଷଣରେ ନିଦେଷ୍ଟା, ନିର୍ଦ୍ଦିଷ୍ଟ ପଦ ନିଷ୍ପନ୍ନ ହୁଏ ।)

ନିଦ୍ରା, ବି. (ନି-ଦ୍ରା = କୁତ୍ସିତ ହେବା-ଅ-ଆ) ଶାରୀରିକ ଓ ମାନସିକ ବ୍ୟାପାରର ବିରାମ, ନିଦ; ନିମୀଳନ; ଆଳସ୍ୟ । (ବିଶେଷଣରେ ନିଦ୍ରାଣ, ନିଦ୍ରିତ ଓ ନିଦ୍ରାଳୁ ପଦ ନିଷ୍ପନ୍ନ ହୁଏ ।)

ନିଦ୍ରାଗିବା, କ୍ରି. (ସଂସ୍କୃତ ଏବଂ ଓଡ଼ିଆ ପଦ ମିଶ୍ରଣ) ଶୋଇବା । ଯଥା—
ପାର୍ବତୀଙ୍କର ଜାନୁରେ ସିମନ୍ଥାନ ଦେଇ,
ଦିବସରେ ନିଦ୍ରା ଯାଇଅଛନ୍ତି ସେ ଗୋସାଇଁ ।
ସା. ଲ୍ଷ. ବି. ପ.

ନିଧଡ଼କ, ବି°. (ଦେଶଜ) ଦୃଢ଼; ନିର୍ଭୟ ।

ନିଧନ, ବି. (ନିବୃତ୍ତେଽର୍ଥସମ୍ବନ୍ଧୋଽସ୍ୟେତି ନିଧନଃ । ନିଯୁକ୍ତଂ ଧନମସ୍ମିନ୍ନିତି, ନିର୍ଗତଂ ଧନମସ୍ମାଦିତି ବା ନିଧନଂ—ଅମର ଟୀକା । ନି = ନା-ଧନ ।)ମୃତ୍ୟୁ, ବିନାଶ; ବଂଶ । (ନିଧନଂ କୁଳନାଶୟୋଃ—ଅମର ।) ବି°. ଦରିଦ୍ର, ଧନହୀନ ।

ନିଧାନ, ବି. (ନି-ଧା-ଅନ) ନିଧି, ଭୂଗର୍ଭସ୍ଥ ଅସ୍ୱାମିକ ଧନତନ୍ତ୍ରାଦି; କୁବେରସମ୍ପତ୍ତି-ବିଶେଷ; ଆଧାର; ଭଣ୍ଡାର; ସ୍ଥାପନ; ଅର୍ପଣ; ଅପ୍ରକାଶ । (ବିଶେଷଣରେ ନିଧିତ୍ସୁମାନ୍ ଏବଂ ନିଧେୟ ପଦ ନିଷ୍ପନ୍ନ ହୁଏ ।)

ନିଧି, ବି. (ନି-ଧା-ଇ) କୁବେରସମ୍ପତ୍ତିବିଶେଷ; ଅସ୍ୱାମିକ ଭୂଗର୍ଭସ୍ଥ ଧନ; ଗଚ୍ଛିତବସ୍ତୁ; ନିକ୍ଷେପ; ଆଧାର; ସମୁଦ୍ର ।

ନିଧୁବନ,ବି.(ନି = ନିଶ୍ଚିତ-ଧୂ = କମ୍ପିବା-ଅନ) କାମକ୍ରୀଡ଼ା; ଉପଭୋଗ ।

ନିଧ୍ୟାନ, ବି. (ନି-ଧ୍ୟୈ-ଅନ) ଦର୍ଶନ ।

ନିଧ୍ୱାନ, ବି. (ନି-ଧ୍ୱନ୍-ଅ) ଧ୍ୱନି ।

ନିନଦ, } ବି. (ନି-ନଦ୍ = ଶବ୍ଦକରିବା-ଅ) ନିନାଦ, } ଧ୍ୱନି; ଗର୍ଜନ । (ବିଶେଷଣରେ ନିନାଦିତ ହୁଏ ।)

ନିନା, ବି. (ଦେଶଜ) ବଡ଼ଭାଇ, କେତେକ ରାଜପରିବାରରେ ବଡ଼ଭାଇର ନାମ ନିନା; ଗୌରବ ଓ ସମ୍ମାନସୂଚନାର୍ଥ ପ୍ରଯୁକ୍ତ ଉପାଧିପଦ । ଯଥା—
ନାରଦ ବୋଇଲେ ରାଜା ତୋହର କାର୍ଯ୍ୟେ ସିନା,
ସ୍ୱର୍ଗର ବାରତା କହୁ ଆଣିଅଛୁଁ ନିନା । ନୃ.ପୁ.ଦ୍ୱି.ତ.

ନିନୀଷା, ବି. ସ୍ତ୍ରୀ. (ନୀ = ନେବା-ସନ୍ ଇଚ୍ଛାର୍ଥେ ଦ୍ୱିତ୍ୱ-ଅ-ଆ) ନେବାର ଇଚ୍ଛା । (ବିଶେଷଣରେ ନିନୀଷୁ ଓ ନିନୀଷିତ ପଦ ନିଷ୍ପନ୍ନ ହୁଏ ।)

ନିନ୍ଦନ, } ବି. (ନିନ୍ଦ୍ = କୁତ୍ସା କରିବା-ଅନ, ନିନ୍ଦା, } ଅ-ଆ) କୁତ୍ସା, ଅପବାଦ । (ବିଶେଷଣରେ ନିନ୍ଦକ, ନିନ୍ଦନୀୟ ଓ ନିନ୍ଦ୍ୟ ପଦ ନିଷ୍ପନ୍ନ ହୁଏ ।)

ନିଦାଉଳ, ବିଂ. (ଦେଶଜ-ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ନିଦମାୟ । ଯଥା—

ନିଦାଉଳ ହେଲେ ହେଲେ କୁଳକର୍ମ ଯାହା,
କେବେ ହେଲେ ଲୋକ ଗୁଡ଼ି ନ ଦେବଟି ତାହା ।
ଶ. ନା. ସୁ. ସୁ.

ନିପ, ବି. (ନି = ନିଯୁକ୍ତ-ପା-ଅ) ଘଟ, କଳସ; କଦମ୍ବବୃକ୍ଷ ।

ନିପଟ, ବିଂ. (ଦେଶଜ) ଅତ୍ୟନ୍ତ; କେବଳ । ଯଥା—

ନିପଟ ନିସ୍ତେଜ ଦିଶୁଛୁ ତ ଆଜ
ନିରଳସ ଚନ୍ଦ୍ରମୁଖ । କ. ଚ. ଚ.

ନିପଟ, ବିଂ. ( ନିଷ୍ପଟୁ ଶବ୍ଦଜ ) ଅକୁଶଳ; ଅକର୍ମଣ୍ୟ ।

ନିପଠ, } ବି. (ନି-ପଠ୍ = ପଢିବା-ଅ) ପାଠ,
ନିପାଠ, } ଅଧ୍ୟୟନ ।

ନିପଣ, ବିଂ. (ନିର୍ବାଣ ଶବ୍ଦଜ) ନିସ୍ତେଜ; ହତୌଜ; ହତବୁଦ୍ଧି ।

ନିପାତ, } ବି. ( ନି-ପତ୍-ଣିଚ୍-ଅ, ଅନ )
ନିପାତନ, } ବିନାଶନ; ମରଣ; ଅଧଃପତନ; ବ୍ୟାକରଣର ନିୟମର ବୈପରୀତ୍ୟ । (ବିଶେଷଣରେ ନିପତିତ ଓ ନିପାତିତ ପଦ ନିଷ୍ପନ୍ନ ହୁଏ ।)

ନିପନ୍ନ, ବିଂ. ( ନିଷ୍ପନ୍ନ ଶବ୍ଦର ଅପଭ୍ରଂଶ ) ପତ୍ରହୀନ । ଯଥା—

ବଳେ ନିପନ୍ନ ବୃକ୍ଷ କର,
ରାମର ଉପରେ ପ୍ରହାର । ଭି. ଦ. ସ୍କ.

(ପ୍ରାଚୀନ ସାହିତ୍ୟର ଅନୁକରଣରେ ତଦ୍ଭବ ଶବ୍ଦ ସୃଷ୍ଟି ପରିପାଟୀରେ ଏତାଦୃଶ-ସ୍ଥଳେ ନଞର୍ଥ ବୋଧକ 'ନି'ରେ ସଂଯୋଗ ଅନେକ ସ୍ଥଳରେ କରିବାକୁ ହେବ, ଗ୍ରନ୍ଥ ବିସ୍ତାର ଭୟରୁ ସବିଶେଷ ପ୍ରଦତ୍ତ କଲୁ ନାହିଁ ।)

ନିପାଣିଆଁ, ବିଂ. (ଦେଶଜ) ନିସ୍ତେଜ । ଯଥା—

ହୋଇ ତ ଯାଇଥିଲା ବଦନ ନିପାଣିଆଁ,
ପାଣିରେ ଧୋଇବାରୁ ବଦନ ହେଲା ନୂଆ ।
କୃ. ଭି. ଉ. ପ.

ପାଣିରହିତ; ଯାହା ପାଣିମିଶ୍ରିତ ନୁହେ ।

ନିପାନ, ବି. (ନି = ନିଯୁକ୍ତ-ପା = ପାନକରିବା-ଅନ) ପଶୁ ପକ୍ଷୀପ୍ରଭୃତିଙ୍କ ଜଳପାନାର୍ଥ କୂପ ନିକଟରେ ନିର୍ମିତ କ୍ଷୁଦ୍ର ଜଳାଧାର; ପଶ୍ୱାଦିଙ୍କ ପାଇଁ ସ୍ଥାପିତ ଜଳପୂର୍ଣ୍ଣ ଭାଣ୍ଡ; ଗୋଦୋହନ ପାତ୍ର; ଦୁଗ୍ଧଭାଣ୍ଡ ।

ନିପୀଡ଼ନ, ବି. (ନି-ପୀଡ଼୍ = କ୍ଲେଶ ଦେବା, ନମସ୍କାର କରିବା ଇତ୍ୟାଦି-ଅନ) କ୍ଲେଶ-ପ୍ରଦାନ; ମର୍ଦ୍ଦନ; ଅଭିବାଦନ; ପଦାଦି ସେବା । (ବିଶେଷଣରେ ନିପୀଡ଼କ ଓ ନିପୀଡ଼ିତ ପଦ ନିଷ୍ପନ୍ନ ହୁଏ ।)

ନିପୀତ, ବିଂ. ନିଃଶେଷ ପୀତ ।

ନିପୁଣ, ବିଂ. (ନି-ପୁଣ୍ = ସତ୍କର୍ମ କରିବା-ଅ) କାର୍ଯ୍ୟକ୍ଷମ, ଦକ୍ଷ, ସମର୍ଥ ।

ନିପ୍ରୋଧ, } ବିଂ. (ଦେଶଜ) ଉପରୋଧହୀନ ।
ନିପ୍ରୋଧି, } ଯଥା—

ଆଜର ସଂଗ୍ରାମେ ଯେ କରିବେ ନିପ୍ରୋଧି,
ଜାଣିବା ପାଣ୍ଡବେ କପଟ ପାରନ୍ତି ଯୁଦ୍ଧି । ସା. ଭି. ଆ.

ନିପ୍ରୋଧିବା, } କି. (ଦେଶଜ) ଉପରୋଧ ନ
ନିପ୍ରୋହିବା, } ରଖିବା । ଯଥା—

ଶତେ ବା ବିଶାଶତେ ସେ ଥିବେ ସିନା ଆସି,
ନିପ୍ରୋହି ମାର ତାଙ୍କୁ ରଣରେ ତୁମ୍ଭେ ପଶି ।
ନୃ. ପୁ. ପ. ତ.

ନିବଦ୍ଧ, ବିଂ. (ନି-ବନ୍ଧ୍ = ବନ୍ଧନ କରିବା-ତ, ନ୍ ଲୋପ) ଗ୍ରଥିତ; ରଚିତ; ପରିହିତ; ବଦ୍ଧ; ନିବେଶିତ; ଆଶ୍ରିତ; ସ୍ୱୀକୃତ ।

ନିବନ୍ଧ, } ବି. (ନି-ବନ୍ଧ୍-ଅ, ଅନ) ନିୟମ,
ନିବନ୍ଧନ, } ବ୍ୟବସ୍ଥା; ବନ୍ଧନ; ସ୍ୱୀକରଣ; ରଚନା; ପ୍ରସ୍ତାବ; ବୃତ୍ତି ବା ବାର୍ଷିକ ପାରିତୋଷିକ ଦାନ ।

ନିବର୍ହଣ, ବି. (ନି-ବର୍ହ୍ = ବଧ କରିବା-ଅନ) ମାରଣ; ଉଚ୍ଛେଦ । (ବିଶେଷଣରେ ନିବର୍ହିତ ହୁଏ ।)

ନବାଡ଼, ବିଂ. (ନବଡ଼ ଶବ୍ଦଜ) ଦୃଢ଼ । ଯଥା—
ନବାଡ଼େ କଣ୍ଠମୁଦ ବେଗେ ସେ କଲଦେଲା ।
ନୃ. ପୁ. ସ. ଚ.

ନିର୍ମ୍ମିତ । ଯଥା—
ଏକଥା ନବାଡ଼ ଯେବେ ନ କରିବା ଆମ୍ଭେ,
ଏହିରୂପେ ସଂସାରେ ସମସ୍ତେ ସିନା ହେବେ ।
ନୃ. ପୁ. ଦ୍ଵି. ଚ.

ସଜ୍ଜିତ; ରଚିତ । ଯଥା—
କେଉଁ ରସିକ ବର ପୁରେ ଫୁଲେ ଶେଯ ନବାଡ଼ ।
ର. କ.

ସୁନ୍ଦର । ଯଥା—
ସ୍ଵାଙ୍ଗବସା କୁନ୍ଦନ ନବାଡ଼ ଗୁଣା । କୋ. ବ୍ର. ସୁ.

ବି. ରଚନା, ତିଆର । ଯଥା—
ପ୍ରତି କୋଠିରେ କଳା ଚିତ୍ରପଟିରେ
ପ୍ରତିମାମାନ ନବାଡ଼ । ଲ. ବ.

ନବାଡ଼ିବା, କ୍ରି. (ଦେଶଜ) ଦୃଢ଼ କରିବା । ଯଥା—
ଶାଢ଼ୀଧଡ଼ି ପଡ଼ି ଜଡ଼ି ନବଡ଼େ ନବା ନବାଡ଼
ଅଛି କେତେ ଛନ୍ଦେ । ଲ. ବ.

ନିଷ୍ପନ୍ନ କରିବା, ସିଦ୍ଧ କରିବା । ଯଥା—
କଲ କି ସୃଷ୍ଟି କିଛି ନ ବୁଡ଼ିଲା,
ହେଲୋଳା ଏରୂପେ ନବାଡ଼ିଲା । କୋ. ବ୍ର. ସୁ.

ତିଆର କରିବା । ଯଥା—
ଧନ୍ୟ ଧନ୍ୟ ବିଶ୍ଵକର୍ମା ନବାଡ଼ିଲା ଭଲ । ନା. ର. ଗୀ.

ନିଭ, ବିଂ. ( ନି-ଭା = ଦୀପ୍ତି ପାଇବା-ଅ ) (ଶବ୍ଦର ପରବର୍ତ୍ତୀ ହେଲେ) ସଦୃଶ, ତୁଲ୍ୟ । ଯଥା— ତମାଲନିଭ କାଳ କଳେବର । ବି. ପ୍ରକାଶ; ବ୍ୟାଜ ।

ନିଭୃତ, ବିଂ. (ନି-ଭୃତ = ପୋଷିତ) ବିନୀତ; ଗୁପ୍ତ; ନିଶ୍ଚଳ; ନିର୍ଜନ ।

ନିର୍ଭ୍ରାନ୍ତ, ବିଂ. (ନିର୍ଭ୍ରାନ୍ତ ଶବ୍ଦଜ) ନିର୍ଭୟ । ଯଥା—
ଶୁଣ ବୈବସ୍ଵତମନୁ ଭାଷେ ବ୍ରହ୍ମମୁନି,
ନିର୍ଭ୍ରାନ୍ତ ଯେ ସୂପକାର ଆଜ୍ଞା ଶିରେ ଘେନି । ସା. ଭା. ବି.

ନିମ୍ବ, ଲିମ୍ବ, ବି. (ନିମ୍ବ ଶବ୍ଦଜ) ବୃକ୍ଷବିଶେଷ ।

ନିମକ, ବି. ( ଯାବନିକ ) ଲବଣ । (ଲକ୍ଷଣାର୍ଥରେ) ଧନ ।

ନିମକଧରା, ବିଂ. (ଯାବନିକ) କୃତଜ୍ଞ ।

ନିମକହାରାମ, ବିଂ. (ଯାବନିକ) କୃତଘ୍ନ ।

ନିମଙ୍ଗାଈ, ବି. ସ୍ତ୍ରୀ. (ନଗମଙ୍ଗଳା ଶବ୍ଦଜ) ଦେବୀଙ୍କ ନାମବିଶେଷ । (ନାରେଙ୍ଗୀ ଶବ୍ଦ ଦେଖ ।)

ନିମନ୍ତେ, ଅଂ. (ନିମିତ୍ତ ଶବ୍ଦଜ) ପାଇଁ, ଲାଗି ।

ନିମନ୍ତ୍ରଣ, ବି. (ନି-ମନ୍ତ୍ର୍ = ଆହ୍ଵାନ କରିବା-ଅନ) କୌଣସି ସ୍ଥାନକୁ ଆହ୍ଵାନ; ବୈବାହିକାଦି କାର୍ଯ୍ୟରେ ଉପସ୍ଥିତି ପ୍ରାର୍ଥନା । (ବିଶେଷଣରେ ନିମନ୍ତ୍ରିତ ହୁଏ ।)

ନିମୟ, ବି. (ନି-ମି = ପରିମାଣ କରିବା-ଅ) ବିନିମୟ, ବଦଳ ।

ନିମସାର, ବି. ( ନୈମିଷାରଣ୍ୟ ଶବ୍ଦଜ ) ନୈମିଷାରଣ୍ୟ ।

ନିମା, ନିମାଈ, ବି. ସ୍ତ୍ରୀ. (ନିର୍ମାଲ୍ୟା ଶବ୍ଦଜ) ଦେବୀବିଶେଷ । (ରୂପାଈ ଶବ୍ଦ ଓ ନାରେଙ୍ଗୀ ଶବ୍ଦ ଦେଖ ।)

ନିମାନ, ବି. (ନି-ମା = ପରିମାଣ କରିବା-ଅନ) ମୂଲ୍ୟ । ବିଂ. (ଦେଶଜ) ସମାନ ।

ନିମିତା, ବି. (ନିମନ୍ତ୍ରଣ ଶବ୍ଦଜ) ନିମନ୍ତ୍ରଣ ।

ନିମିତ୍ତ, ବି. ( ନି-ମିଦ୍ = ସ୍ନିଗ୍ଧ ହେବା, ନିକ୍ଷେପଣ କରିବା-ତ) କାରଣ; ପ୍ରୟୋଜନ; ଉଦ୍ଦେଶ୍ୟ; ଚିହ୍ନ; ଶୁଭାଶୁଭ ଚିହ୍ନ; ଲକ୍ଷ୍ୟ । କ୍ରି. ବିଂ. ନିମନ୍ତେ ।

ନିମିତ୍ତ, ନିମିତ୍ୟ, } ବି. (ଦେଶଜ) ବିବାହାଦି ଶୁଭକାର୍ଯ୍ୟ, ଯହିଁରେ ଅନେକ ଲୋକ ନିମନ୍ତ୍ରିତ ହୁଅନ୍ତି ।

ନିମିଷ, ନିମେଷ, } ବି. (ନି-ମିଷ୍ = ପଲକପକାଇବା-ଅ) ଚକ୍ଷୁର୍ନିମୀଳନ, ପଲକ; ସ୍ପନ୍ଦନ; ପଲକପାତ ମାତ୍ର କାଳ, ସୂକ୍ଷ୍ମକାଳ ।

ନିମିଷିତ, ବି. ପକ୍ଷ୍ମଆକୁଞ୍ଚନ ।

ନିମୀଳ, ନିମୀଳନ, } ବି. (ନି-ମୀଲ୍-ଅ, ଅନ) ମୁଦ୍ରିତକରଣ; ଅପ୍ରକାଶ; ସଙ୍କୋଚକରଣ; ମରଣ; ମୋହ । (ଣିଜନ୍ତ) ମୁଦ୍ରିତ କରିବା । (ବିଶେଷଣରେ ନିମୀଳିତ ପଦ ନିଷ୍ପନ୍ନ ହୁଏ ।)

ନିମ୍ନ, ବିଂ. ( ନି-ମ୍ନା = ଅଭ୍ୟାସ କରିବା-ଅ ) ନୀଚ; ଅଧଃ; ଗଭୀର ।

ନିମ୍ବ, ନିମ୍ବକ, ବି. (ନିମ୍ବ୍ = ଜଳାଦି ସେକ କରିବା-ଅ) ନିମଗଛ ।

ନିୟତ, ବିଂ. (ନି ଯମ୍ = ନିବୃତ୍ତ କରିବା-ତ) ଦମିତ; ବଦ୍ଧ; ଶାସିତ; ନିଶ୍ଚିତ; ଅବଶ୍ୟମ୍ଭାବୀ; ଅବିଚ୍ଛିନ୍ନ; ନିୟମଯୁକ୍ତ । ବି. ନିତ୍ୟକର୍ମ । କ୍ରି. ବିଂ. ନିତ୍ୟ, ସର୍ବଦା ।

ନିୟତି, ବି. (ନି-ଯମ୍-ତି) ଐଶିକ ନିୟମ; କର୍ମର ପରିଣାମ; ଦୈବ, ଅଦୃଷ୍ଟ; ମୃତ୍ୟୁ । (ନିୟତିଃ କେନ ବାଧ୍ୟତେ) (ନିୟତି = ଦୁର୍ଗା) ।

ନିୟନ୍ତା, ବିଂ. (ନିୟନ୍ତୃ-ନି-ଯମ୍-ତୃ) ନିୟାମକ; ଯେ ଦମନ କରେ, ଯେ ଶାସନ କରେ; ପରିଚାଳକ ।

ନିୟମ, ବି. (ନି-ଯମ୍-ଅ) ଅଙ୍ଗୀକାର; ବ୍ୟବସ୍ଥା, ବିଧି; ଅବଧାରଣ; ରୀତି; ବ୍ରତାଦି; ଦମନ; ନିରୋଧ; ବନ୍ଧନ । (ବିଶେଷଣରେ ନିୟମିତ ଏବଂ ନିୟାମକ ହୁଏ ।)

ନିୟୁଦ୍ଧ, ବି. (ନି-ଯୁଦ୍ଧ) ମଲ୍ଲଯୁଦ୍ଧ; ବାହୁଯୁଦ୍ଧ ।

ନିଯୋଗ, ନିଯୋଜନ, ବି. (ନି ଯୁଜ୍-ଅ-ଅନ) ଆଦେଶ; ପ୍ରେରଣ; ପ୍ରବର୍ତ୍ତନ; କାର୍ଯ୍ୟର ଭାରାର୍ପଣ; ଅଧିକାର । (ବିଶେଷଣରେ ନିଯୁକ୍ତ, ନିଯୋକ୍ତା, ନିଯୋଜକ, ନିୟୋଜୟିତା, ନିଯୋଜିତ ଓ ନିଯୋଜ୍ୟ ପଦ ନିଷ୍ପନ୍ନ ହୁଏ ।)

ନିର, ନିସ୍, ଅଂ. ନିଶ୍ଚୟ; ନିଷେଧ; ନିଃଶେଷ; ଅତିକ୍ରାନ୍ତ; ବହିଷ୍କରଣ; ନିର୍ଗମନ ।

ନିରକ୍ଷ, ବି. ବିଷୁବରେଖା (equator), ନାଡ଼ୀମଣ୍ଡଳ, ନିରକ୍ଷବୃତ୍ତ; ନିରକ୍ଷଦେଶ ।

ନିରଖ, ବିଂ. (ନିରକ୍ଷ ଶବ୍ଦଜ) ଅରକ୍ଷକ । ବି. (ଯାବନିକ) ଦର ବା ମୂଲ୍ୟ ।

ନିରଙ୍କୁଶ, ବିଂ. (ନିର୍-ଅଙ୍କୁଶ) ଅନିବାର୍ଯ୍ୟ; ସ୍ୱେଚ୍ଛାଗାମୀ; ପ୍ରତିବନ୍ଧଶୂନ୍ୟ ।

ନିରଞ୍ଜନ, ବି. (ନିର୍ = ନାହିଁ-ଅଞ୍ଜନ = କଜ୍ଜଳ ଅର୍ଥାତ୍ ମଳ—ଯାହାର ମଳ ନାହିଁ) ନିର୍ମଳ; ଅଞ୍ଜନରହିତ; ଅବିଦ୍ୟାଦୋଷରହିତ । ବି. ପରଂବ୍ରହ୍ମ; ଶିବ । (ସ୍ତ୍ରୀ-ଆ) ପୂର୍ଣ୍ଣିମା ତିଥି ।

ନିରତ, ବିଂ. (ନି-ରତ) ଆସକ୍ତ, ଅନୁରକ୍ତ; ବ୍ୟାପୃତ; ନିଯୁକ୍ତ ।

ନିରତିଶୟ, ବିଂ. (ନିର୍ = ନାହିଁ-ଅତିଶୟ ଆଧିକ୍ୟ ଯାହାଠାରୁ) ଅତିରିକ୍ତ; ଅତ୍ୟଧିକ; ଅତ୍ୟୁତ୍କୃଷ୍ଟ । ବି. ପରମେଶ୍ୱର ।

ନିରନ୍ତର, ବି. (ନିର୍-ଅନ୍ତର) ନିବିଡ଼, ନିରବକାଶ । କ୍ରି. ବିଂ. ସର୍ବଦା; ଅନବରତ ।

ନିରୟ, ବି. (ନିର୍ = ନିର୍ଗତ-ଅୟ = ସୌଭାଗ୍ୟ) ନରକ; ଦୁର୍ଗତି । (ନିରୟୋ ଦୁର୍ଗତିଃ ସ୍ତ୍ରିୟାଂ- ଅମର ।)

ନିରର୍ଗଳ, ବିଂ. (ନିର୍-ଅର୍ଗଳ) ଅବାଧ; ଅପ୍ରତିବନ୍ଧକ; ଉଦ୍ଦାମ । କ୍ରି. ବିଂ. ଅବାଧରେ, ପ୍ରତିବନ୍ଧ ବ୍ୟତିରେକେ ।

ନିରବ, ବିଂ. (ନି = ନାହିଁ-ରବ) ନିଃଶବ୍ଦ; ମୌନୀ ।

ନିରସ, ବିଂ. (ନୀରସ ଶବ୍ଦଜ) ମନ୍ଦ, ସାମାନ୍ୟ । ଯଥା—

ନିରସ ବୋଲି ମୋତେ ତୋହର ମନେ ହେଉ ।
ନୃ. ପୂ. ସ. ଛ.

ଊଣା । ଯଥା—

ସୁନାହିତ ତନୁ କାନ୍ତିକି ନିରସେ, ସ୍ତନ ସୁନାଗିରିଯୁଗ ଭାଗୀ ଶୁଷ୍କ ।

ନିରସନ, ବି. (ନିର୍ = ବାହାରେ-ଅସ୍ = କ୍ଷେପଣ କରିବା-ଅନ) ପ୍ରତ୍ୟାଖ୍ୟାନ; ନିକ୍ଷେପ; ହନନ; ନିଷ୍ଠୀବନ; ନିଷ୍କାସନ । (ବିଶେଷଣରେ ନିରସ୍ତ, ନିରସ୍ୟମାନ ଓ ନିରସନୀୟ ପଦ ନିଷ୍ପନ୍ନ ହୁଏ ।)

ନିରଂସିଆ, ବିଂ. (ନିରଂଶ ଶବ୍ଦଜ) ଅପୁତ୍ରିକ, ବଂଶହୀନ । (ନିରାୟୁଷ ଶବ୍ଦଜ) ଯାହାର ଅଳ୍ପ ଆୟୁ । ଯଥା—

କେ ବାଇଶ ବର୍ଷିଆ କେ ପନ୍ଦର ବର୍ଷିଆ,
କେ ସାତ ସତର କେ ଅଠଇ ନିରଂସିଆ ।
ନୃ. ପୂ. ଦ୍ୱି. ଛ.

ନିରାକରଣ, ନିରାକୃତ, ବି. (ନିର୍-ଆ-କୃ = ଦୂର କରିବା-ଅନ, ତ) ଦୂରୀକରଣ;

ନିବାରଣ; ଖଣ୍ଡନ; ପ୍ରତ୍ୟାଖ୍ୟାନ; ଅବଧାରଣ; ମୀମାଂସା । (ବିଶେଷଣରେ— ନିରାକୃତ ଓ ନିରାକରିଷ୍ଣୁ ପଦ ନିଷ୍ପନ୍ନ ହୁଏ ।)

ନିରାଟ, ବିଂ. (ଦେଶଜ) ଖାଣ୍ଟି । ଯଥା—

ଆସିଲା ନିରାଟ ଖରା ଯାଉଁ ଯାଉଁ ମାଡ଼ି । ଦ. ବ.

ଦୃଢ଼ । ଯଥା—

ନାରାୟଣ ବୋଇଲେ ଆତୁର କର୍ପା ହୁଅ ।
ଦଶ ମାସ ନୋହିଲେ ନିରାଟ ନୋହେ ଦେହ ।
ନୃ. ପୁ. ତୃ. ତ.

ଅଛିଦ୍ର; ନିରବକାଶ । ଯଥା—

ଅଛିଦ୍ରେ ଦେଇଲା କବାଟ,
ପଡ଼ିଲା ହୋଇଣ ନିରାଟ । ଦା. ର.

ନିରାଧାର, ବିଂ. (ନିର୍ = ନାହିଁ-ଆଧାର) ଆଧାରଶୂନ୍ୟ; ନିରାଲମ୍ବ; ନିରାଶ୍ରୟ । (ଦେଶଜ) ବିଂ. ନିଶ୍ଚୟ, ନିଶ୍ଚିତ । ଯଥା—

ସପ୍ତମ ସାଗର ଏ ପୁରାଣ ମଧ୍ୟେ ସାର,
ପଦର ସସ୍ତ୍ର ଶ୍ଳୋକ ଅଟଇ ନିରାଧାର । ନୃ.ପୁ.ସ.ତ.

କ୍ରି. ବିଂ. ନିଶ୍ଚୟରେ । ଯଥା—

ଊର୍ବଶୀ ଜାଣ ତେବେ ମିଳିବ ତୋର ପୁରେ,
ଏ ଆମ୍ଭ ବାକ୍ୟ ସତ୍ୟ କହିଲୁଁ ନିରାଧାରେ । ନୃ.ପୁ.ସ.ତ.

ନିରାଧାରିବା, କ୍ରି. (ଦେଶଜ) ନିଶ୍ଚୟ କରିବା । ଯଥା—

ଯେହ୍ନେ ସେ ଅଜ୍ଞା ମୁହିଁ ଦେଲିଁ ନିରାଧାର,
ପାଞ୍ଚେହେଁ ପ୍ରଦାନ ହୁଅ ଦ୍ରୁପଦକୁମାରୀ । ସା. ଭା. ଆ.

ନିରାପକ୍ଷ, ବିଂ. (ନିରପେକ୍ଷ ଶବ୍ଦଜ) ନିର୍ଦ୍ଦୟ । ଯଥା—

ଖାଙ୍କର ତା କେଶ ଊର୍ଦ୍ଧ୍ୱ ଭୟଙ୍କର ଦାଢ଼ି,
ସିଂହଦ୍ୱାରେ ପ୍ରବେଶିଲା ନିରାପକ୍ଷ ରାଢ଼ି । ସା. ଭା. ସ.

କଠିନ । ଯଥା—

ସ୍ତ୍ରୀମାନଙ୍କର ବୁଦ୍ଧି ଅଟଇ ନିରାପକ୍ଷ,
ପିଶାଚୀ ପ୍ରାୟ ସାହସୀ ହୁଅନ୍ତି ପ୍ରତ୍ୟକ୍ଷ । ନୃ.ପୁ.ଦ୍ୱି.ତ.

ନିରାସ, ବି. (ନିର୍ = ବାହାରେ-ଅସ୍ = କ୍ଷେପଣ କରିବା-ଅ) ନିକ୍ଷେପ; ତ୍ୟାଗ; ନିରସନ । (ନିରାଶ ଶବ୍ଦଜ) ନିରାଶ । ଯଥା—

କଲେ ନିରାସ ହୋଇ ଗ୍ରିସମକାଳ,
ତାକୁ ଜାଳି ଦେବଟି ବିରହାନଳ । ଲ. ବ.

ନିରାସିଆ, ବିଂ. (ନିରାଶ ଶବ୍ଦଜ) ଆଶାହୀନ ।

ନିରଘାତ, } ବିଂ. (ନିର୍ଘାତ ଶବ୍ଦଜ) ନିଷ୍ଠୁର ।
ନିରଘାତ, } ଯଥା—

ଭୀମସେନ ସୈନ୍ୟବଳ ମାଇଲା ବହୁତ,
ବେନି ବୃକ୍ଷ ହସ୍ତେ ଧରି ପିଟେ ନିରଘାତ । ସା.ଭା.ଆ.

ବିଷମ; ଭୟାନକ । ଯଥା—

ତେସନେ ପଟାନ୍ତର ଯେ ଦଶନ୍ତି ରାଉତେ,
ପଡ଼ନ୍ତି ବଜ୍ରବାଣାଦ୍ଧ ଯେହ୍ନେ ନିରଘାତେ । ସା.ଭା.ସ.

ଭୟଙ୍କର ଧ୍ୱନି ପ୍ରଭୃତି । ଯଥା—

ସାଷ୍ଟାମ ପାଇଲା ସେ କୁମାର ଚୂଡ଼ାମଣି,
ବୋଲେ ଚେତା ହାରିଲି ମୁଁ ନିରଘାତ ଶୁଣି । ସା.ଭା.ବ.

ନିରବଂଶ, } ବିଂ. (ନିର୍ବଂଶ ଶବ୍ଦଜ) ବଂଶ-
ନିରବଂଶି, } ହୀନ । ଯଥା—
ନିରବଂଶିଆ, }

ଗୋରୁଙ୍କୁ ନିନ୍ଦାକଲେ ନୁହଇ ଜାଣ କୃଷି,
ପ୍ରଜାଙ୍କୁ ନିନ୍ଦାକଲେ ହୁଅଇ ନିରବଂଶି । ସା. ଭା. ଆ.

ନିରମଳ, ବିଂ. (ନିର୍ମଳ ଶବ୍ଦଜ) ସ୍ୱଚ୍ଛ । ଯଥା—

ବସନ୍ତ ବାସନ୍ତୀଚନ୍ଦ୍ର ମହା ନିରମଳ,
ସମସ୍ତେହେଁ ଦଶନ୍ତି ଦିବସ ପରିମଳ । ସା. ଭା. ଆ.

ନିଷ୍ପାପ । ଯଥା—

ମୋହର ଦାଇନ ଯେନି ଗୃହେ ଏବେ ଯାଅ,
ମୋହମାୟା ତେଜି ନିରମଳ ହୋଇଥାଅ । ନୃ.ପୁ ପ୍ର.ତ.

ନିରମାଣ, ବି. (ନିର୍ମାଣ ଶବ୍ଦଜ) ତିଆର କରିବା ।

ନିରୀକ୍ଷଣ, } ବି. (ନିର୍-ଈକ୍ଷ୍ = ଦେଖିବା-
ନିରୀକ୍ଷା, } ଅନ, ଅ-ଆ) ସମ୍ୟକ୍ ଦର୍ଶନ ।
(ବିଶେଷଣରେ ନିରୀକ୍ଷକ, ନିରୀକ୍ଷିତ, ନିରୀକ୍ଷମାଣ, ନିରୀକ୍ଷ୍ୟମାଣ ପଦ ନିଷ୍ପନ୍ନ ହୁଏ ।)

ନିରୀହ, ବିଂ. (ନିର୍ = ନାହିଁ-ଈହା = ଚେଷ୍ଟା) ନିଶ୍ଚେଷ୍ଟ; ଯେ କାହାର ବିଷୟରେ ହସ୍ତାର୍ପଣ କରେ ନାହିଁ, ଯେ କଦାପି ଅନଧିକାର ଚର୍ଚ୍ଚା କରେ ନାହିଁ; ଯେ କାହାର ସହିତ ବିରୋଧ ବା ବିବାଦ କରେ ନାହିଁ; ଶାନ୍ତପ୍ରକୃତି ।

ନିରୁକ୍ତ, ବି. (ନିର୍ = ନିଶ୍ଚୟ-ଉକ୍ତ) ନିର୍ବାଚନ; ନିଃଶେଷରେ କଥନ; ନିର୍ଣ୍ଣୟ; ମୀମାଂସା । (ବିଶେଷଣରେ ନିରୁକ୍ତ ହୁଏ ।)

ନିରୁତା, ବିଂ. (ଦେଶଜ) ଅମିଶ୍ରିତ; ପରିଶୁଦ୍ଧ; ଉତ୍ତମ । ଯଥା—

ଝଁଡ଼ା ବଡ଼ା ଲଡ଼ୁ କୋରା ଷଡ଼ରସ ବିଧି,
ନିରୁତା ଦୁଧେ ମେଦ ଅଛନ୍ତି କରି ସିଦ୍ଧି । ନୃ.ସୁ.ତୃ.ତ.

ନିରେଖ, ବିଂ. ( ଫାରସି ଶବ୍ଦଜ ) ଅନାଥ, ଅରକ୍ଷକ । ଯଥା—

ରେ ବନ୍ଧୁ ରଖ ହୋଇଲଣି ନିରେଖ,
ତୋଠାରେ ମୋ ଭକ୍ତି ଦୃଢ଼ । ର. କ.

ନିରେଖିବା, ନିରଖିବା, କ୍ରି. (ନିରୀକ୍ଷଣ ଶବ୍ଦଜ) ଦେଖିବା, ଚାହିଁବା । ଯଥା—

ମୃଗସ୍ତ୍ରୀ ଉଦ୍ଦେଶେ ହସ୍ତୁକେ ନିରେଖୁ ଥିଲା ସରସୀ । ଉଷା.

ଅତ୍ୟନ୍ତ ମନୋଯୋଗ ସହିତ ଚାହିଁବା ।

ନିରୋଧ, ବି. (ନି-ରୋଧ) ବେଷ୍ଟନ; କାରାବନ୍ଧନ; ବିନାଶ; ବାରଣ; କ୍ଷତି; ନିଗ୍ରହ । (ବିଶେଷଣରେ ନିରୋଧକ ଓ ନିରୋଧିତ ହୁଏ ।)

ନିରୋପିବା, କ୍ରି. (ନିରୂପଣ ଶବ୍ଦଜ) ନିରୂପଣ କରିବା । ଯଥା—

ଉଦ୍ଧବ ଦେଖି ଗୋପ ଗୋପୀ,
ବଦନ ଚାହାଁନ୍ତି ନିରୋପି । ଭା. ଦ. ସ୍କ.

ଯୁକ୍ତ କରିବା; ଆସକ୍ତ କରିବା । ଯଥା—

ମନ ନିରୋପି କୃଷ୍ଣପାଦେ,
ଗୋପୀଏ କହନ୍ତି ଆନନ୍ଦେ । ଭା. ଦ. ସ୍କ.

ନିରୋଳ, ବିଂ. (ଫାରେଳ ଶବ୍ଦଜ) ନିର୍ଜନ ବା ଏକାନ୍ତ (ସ୍ଥଳ) । ଯଥା—

ନାଡ଼ନୋଡ଼େ ବସି ସାରସଦମ୍ପତି ଯହିଁ ନିରୋଳେ ।
ଉଷା ।

(ଦେଶଜ) ସୁସ୍ପଷ୍ଟ । ଯଥା—

ହସ୍ତେ ପଦ୍ମ ପାଦେ ପଦ୍ମ ଦିଶୁଛି ନିରୋଳ,
ନେତ୍ରର ସଦୃଶ ଅଟେ ସାକ୍ଷାତ କମଳ । ନୃ.ସୁ.ପ୍ର.ଚ.

ନିରୋଳିବା, କ୍ରି. ( ଦେଶଜ ) ଉନ୍ମୀଳନ କରିବା, ପ୍ରକାଶ କରିବା । ଯଥା—

ଉଠି ବସିଲି ମହାବଳ,
ଚାହିଁଲା ନୟନ ନିରୋଳି । ଭା. ଦ. ସ୍କ.

ନିର୍ଗତ, ବିଂ. ( ନିର୍-ଗମ୍-ତ ) ଅପଗତ, ନିଃସୃତ, ବହିର୍ଗତ । (ବିଶେଷ୍ୟରେ ନିର୍ଗମ ଓ ନିର୍ଗମନ ହୁଏ ।)

ନିର୍ଘାତ, ବି. (ନିର୍-ହନ୍=ଶବ୍ଦ କରିବା-ଅ, ହନ୍=ଘାତ) ବାୟୁର ଆଘାତରେ ବାୟୁଜନିତ ଶବ୍ଦ; ବାୟୁର ଶବ୍ଦ । ବିଂ. ବିଷମ; ନିଷ୍ଠୁର; ଭୟାନକ ।

ନିର୍ଘୋଷ, ବି. (ନିର୍-ଘୁଷ୍=ଶବ୍ଦ କରିବା-ଅ) ଉତ୍କଟ ଶବ୍ଦ; ଗମ୍ଭୀର ଶବ୍ଦ; ଯେଉଁ ଶବ୍ଦ ଶୁଣିଲେ ଭୟ ହୁଏ ।

ନିର୍ଜର, ବି.(ନିର୍=ନାହିଁ-ଜରା=ବୃଦ୍ଧାବସ୍ଥା) ଦେବତା; ସୁଧା, ଅମୃତ । ବିଂ. ଜରାରହିତ ।

ନିର୍ଝର, ବି. ( ନିର୍-ଝୃ=କ୍ଷୀଣ ହେବା-ଅ ) ଗିରିନିର୍ଗତ ଜଳପ୍ରବାହ, ଝରଣା ।

ନିର୍ଝରିଣୀ, ବି. ସ୍ତ୍ରୀ. ନଦୀ ।

ନିର୍ଣ୍ଣୟ, ନିର୍ଣ୍ଣୟନ, ବି. ( ନିର୍=ନିଶ୍ଚୟ+ନୀ=ନେବା-ଅ, ଅନ) ନିଶ୍ଚୟ, ଅବଧାରଣ; ନିଷ୍ପତ୍ତି । (ବିଶେଷଣରେ— ନିର୍ଣ୍ଣାୟକ, ନିର୍ଣ୍ଣୀତ, ନିର୍ଣ୍ଣେତା ଓ ନିର୍ଣ୍ଣେୟ ପଦ ନିଷ୍ପନ୍ନ ହୁଏ ।)

ନିର୍ଣ୍ଣିକ୍ତ, ବିଂ. (ନିର୍+ନିଜ=ପରିଷ୍କାର କରିବା-ତ) ପରିଷ୍କୃତ, କ୍ଷାଳିତ; ମୁକ୍ତ; ବିଗତପାପ । (ନିର୍ଣ୍ଣିକ୍ତଂ ଶୋଧିତଂ ସମେ —ଅମର ।) (ବିଶେଷ୍ୟରେ—ନିର୍ଣ୍ଣିକ୍ତ ।)

ନିର୍ଦିଗ୍ଧ, ବିଂ. (ନିର୍-ଦିହ୍-ତ) ଲେପିତ; ବଳବାନ୍ ।

ନିର୍ଦେଶ, ବି. (ନିର୍-ଦିଶ୍=ନିରୂପଣ କରିବା ଇତ୍ୟାଦି-ଅ) ଆଜ୍ଞା; ନିରୂପଣ; କଥନ; ପ୍ରଦର୍ଶନ; ଅବଧାରଣ; ଉଲ୍ଲେଖ; ବର୍ଣ୍ଣନ । (ବିଶେଷଣରେ— ନିର୍ଦ୍ଦିଷ୍ଟ, ନିର୍ଦ୍ଦିଶ୍ୟମାନ, ନିର୍ଦ୍ଦେଶକ ଓ ନିର୍ଦ୍ଦେଷ୍ଟା ପଦ ନିଷ୍ପନ୍ନ ହୁଏ ।)

ନିର୍ଦ୍ଧାର, ନିର୍ଦ୍ଧାରଣ, ବି. ( ନିର୍-ଧୃ-ଅ, ଅନ ) ଅନେକଙ୍କ ମଧ୍ୟରୁ ଏକର ଅବଧାରଣ; ନିର୍ଣ୍ଣୟ; ମୀମାଂସା । (ବିଶେଷଣରେ ନିର୍ଦ୍ଧାରକ, ନିର୍ଦ୍ଧାରିତ ଓ ନିର୍ଦ୍ଧାର୍ଯ୍ୟ ହୁଏ ।)

**ନିର୍ବନ୍ଧ**, ବି. (ନିର୍-ବନ୍ଧ୍=ବନ୍ଧନ କରିବା-ଅ) ବ୍ୟବସ୍ଥା; ଆଗ୍ରହ; ଉତ୍କଟ ଯତ୍ନ; ଅଭିନିବେଶ; ସଂଯୋଗ, ଘଟନା; ନ୍ୟାଯ୍ୟାନ୍ୟାଯ୍ୟ ବିଚାର ନ କରି ନିଜ ମତର ଅନୁସରଣ; ପ୍ରାର୍ଥନାବିଶେଷ । ଯଥା—

ନିର୍ବନ୍ଧାଦେଶ ହେଲେ କରିବି କିସ ଅବା ନାହିଁ
କର୍ତ୍ତବ୍ୟ ଭବ । ବିହ୍ଲ. କା.

ବର କନ୍ୟା ସମ୍ବନ୍ଧରେ ପ୍ରାଥମିକ ବାକ୍‌ଦାନ ।

**ନିର୍ବର୍ହଣ**, ବି. (ନିର୍-ବର୍ହ=ବଧ କରିବା-ଅନ) ହିଂସା, ମାରଣ ।

**ନିର୍ଭର**, ବିଂ. (ନିର୍-ଭୃ=ପରିପୂର୍ତ୍ତି କରିବା-ଅ) ଅତିରିକ୍ତ; ପୂର୍ତ୍ତି । ବି. ସାରଭାଗ; ଅତିରେକ; ଭାର; ଆଶ୍ରୟ ।

**ନିର୍ଭି**, ବି. (ନିର୍ବାହ ଶବ୍ଦଜ) ନିଷ୍ପତ୍ତି । ଯଥା—

ଦଇବ ନିର୍ଭି କଣଥିଲା,
ତେଣୁ ଏକାନ୍ତେ ଭେଟାଇଲା । ଦା. ର.

ବିଂ. ନିଷ୍ପନ୍ନ ।

**ନିର୍ଭିଗତ**, ବିଂ. (ନିର୍ବାହିତ ଶବ୍ଦଜ) ନିର୍ବାହିତ; ନିଷ୍ପନ୍ନ; ପ୍ରଚଳିତ । ଯଥା— ଏମାନେ ଦେଶରେ ନିର୍ଭିଗତ ହେବେ ?

**ନିର୍ଭୀକ**, ବିଂ. (ନିର୍-ଭୀ-କ-ସମାସାନ୍ତେ ଆଗମ) ଭୟରହିତ, ନିଃଶଙ୍କ ।

**ନିର୍ମଞ୍ଛନ**, ବି. (ନିର୍ ମଞ୍ଛ୍=ଆରାଧନା କରିବା-ଅନ) ନୀରାଜନା, ଆଳତି, ବନ୍ଦାପନା; ସେବା ।

**ନିର୍ମଳ**, ବିଂ. (ନିର୍=ନାହିଁ-ମଳ) ମଳହୀନ; ସ୍ୱଚ୍ଛ; ପରିଷ୍କୃତ; ଶୁଦ୍ଧ, ନିର୍ଦୋଷ । ବି. ନିର୍ମାଲ୍ୟ ।

**ନିର୍ମାଇବା, ନିରମାଇବା, ନିର୍ମାଣିବା, ନିରମାଣିବା,** କ୍ରି. (ନିର୍ମାଣ ଶବ୍ଦଜ) ନିର୍ମାଣ କରିବା । ଯଥା—

ଅଧିକାର ଭ୍ରଷ୍ଟ ହୋଇ ପିତା ପୁତ୍ର ଦୁଇ,
ମଲୟଗିରିରେ ଅଛୁଁ କୁଟୀର ନିର୍ମାଇ । ବୈ. ପ.

**ନିର୍ମାଖି, ନିର୍ମାଖୀ, ନିର୍ମାକ୍ଷି, ନିରମାଖି,** ବିଂ. (ନିରପେକ୍ଷୀ ଶବ୍ଦରୁ ଜାତ) ନିରାଶ୍ରୟ । ଯଥା—

ଅମ୍ଭେ ନିର୍ମାଖୀ ଅଟୁଁ ଗୋପନାଥ । ଗୋ. ଭ.
ଜନପରଜା ଯହିଁ ସୁଖୀ, ପଣ୍ଡିତଜନେ ନିରମାଖି ।
ସେ ରାଜାକୁଳ ବଡ଼ ହୀନ, ଧିକ ତାହାଙ୍କର ଜୀବନ ।
ଲ. ଦ. ସ୍ୱ.

**ନିର୍ମାଣ, ନିର୍ମିତି**, ବି. (ନିର୍-ମା-ଅନ, ତି) ଗଠନ; ରଚନା, ଗ୍ରନ୍ଥନ; ସାର; ସାମଞ୍ଜସ୍ୟ; ପରିଚ୍ଛେଦ । (ବିଶେଷଣରେ ନିର୍ମାତା ଓ ନିର୍ମିତ ହୁଏ ।)

**ନିର୍ମାଲ୍ୟ**, ବି. (ନିର୍ମଳ-ଯ) ନିର୍ମଳତା । (ନିର୍-ମାଲ୍ୟ) ଦେବନିବେଦିତ ପୁଷ୍ପାଦି, ଉପଭୁକ୍ତ ପୁଷ୍ପାଦି; ଆଭରଣ । (ନିର୍-ମଳ-ଯ) ବିଂ. ନିର୍ମଳ, ପରିଷ୍କୃତ ।

**ନିର୍ମୋକ**, ବି. (ନିର୍-ମୁଚ୍-ଅ) ସାପକାତି; ସାଞ୍ଜୁ; ଆକାଶ; ମୋଚନ ।

**ନିର୍ଯ୍ୟାଣ**, ବି. (ନିର୍-ଯାନ) ପଶୁର ପୃଷ୍ଠାସନ; ପଶୁର ପାଦବନ୍ଧନ ରଜ୍ଜୁ; ହସ୍ତିର ଚକ୍ଷୁର କୋଣ; ମୁକ୍ତି; ପ୍ରାଣବାୟୁର ଦେହ ପରିତ୍ୟାଗ; ନିଃସରଣ, ବହିର୍ଗମନ ।

**ନିର୍ଯ୍ୟାତନ**, ବି. (ନିର୍-ଯତ୍=ଯତ୍ନ କରିବା-ଣିଚ୍-ଅନ) ବୈରଶୁଦ୍ଧି, ପ୍ରତିହିଂସା; ବଧ । (ବିଶେଷଣରେ ନିର୍ଯାତକ ଓ ନିର୍ଯାତିତ ହୁଏ ।)

**ନିର୍ଯ୍ୟାସ**, ବି. (ନିର୍-ଯସ୍=ଚେଷ୍ଟା କରିବା-ଅ) କ୍ଷରଣ; କ୍ୱାଥ; ଅଠା; ନିଗୂଢ଼ ।

**ନିର୍ବଚନ**, ବି. (ନିର୍-ବଚନ) ବ୍ୟାଖ୍ୟା; ମୀମାଂସା; ନିରୂପଣ । ବିଂ. ବଚନଶୂନ୍ୟ ।

**ନିର୍ବର୍ତ୍ତନ**, ବି. (ନିର୍-ବୃତ୍-ଅନ) ସମ୍ପାଦନ, ନିଷ୍ପାଦନ । (ବିଶେଷଣରେ ନିର୍ବର୍ତ୍ତକ ଓ ନିର୍ବର୍ତ୍ତିତ ପଦ ହୁଏ ।)

**ନିର୍ବପଣ**, ବି. (ନିର୍-ବପ୍=ଦାନ କରିବା-ଅନ) ଦାନ, ଅନ୍ନାଦି ପରିବେଷଣ ।

**ନିର୍ବାଣ**, ବି. (ନିର୍-ବା=ନାଶ କରିବା, ବହିବା ଇତ୍ୟାଦି-ତ) ମୋକ୍ଷ; ବିରାମ; ନାଶ; ଶାନ୍ତି; ମିଳନ; ହସ୍ତିର ସ୍ନାନ । ବିଂ. ମୁକ୍ତ; ନିମଗ୍ନ; ନଷ୍ଟ; ଶାନ୍ତ; ବିଶ୍ରାନ୍ତ; ବାଣଶୂନ୍ୟ ।

**ନିର୍ବାପଣ**, ବି. [ନିର୍-ବା-ଣିଚ୍ (ପ ଆଗମ)-ଅନ] ଦାନ; ବଧ; ଲିଭାଇବା । (ବିଶେଷଣରେ ନିର୍ବାପକ ଓ ନିର୍ବାପିତ ହୁଏ ।)

ନିର୍ବାସନ, ବି. (ନିର୍-ବସ୍-ଣିଚ୍-ଅନ) ଦେଶାନ୍ତରୀକରଣ, ଦୂରୀକରଣ, ବହିଷ୍କରଣ । (ବିଶେଷଣରେ ନିର୍ବାସକ ଓ ନିର୍ବାସିତ ହୁଏ ।)

ନିର୍ବାହ, ବି. (ନିର୍-ବହ୍-ଅ) ନିଷ୍ପତ୍ତି, ସମ୍ପାଦନ, ସମାପ୍ତି । (ବିଶେଷଣରେ ନିର୍ବାହକ ଓ ନିର୍ବାହିତ ହୁଏ ।)

ନିର୍ବୃତି, ବି. (ନିର୍-ବୃ=ବରଣ କରିବା, ସନ୍ତୁଷ୍ଟ ହେବା-ତି) ମୁକ୍ତି; ସୁଖ; ସନ୍ତୋଷ; ଶାନ୍ତି; ସିଦ୍ଧି । (ବିଶେଷଣରେ ନିର୍ବୃତ ହୁଏ ।)

ନିର୍ବୃତ୍ତି, ବି. (ନିର୍-ବୃତ୍-ତି) ନିଷ୍ପତ୍ତି । (ବିଶେଷଣରେ ନିର୍ବୃତ୍ତ ।)

ନିର୍ବେଦ, ବି. (ନିର୍-ବିଦ୍-ଅ) ସ୍ୱାବମାନନା; ବୈରାଗ୍ୟ, ଔଦାସୀନ୍ୟ; ଅନୁତାପ । (ବିଶେଷଣରେ ନିର୍ବିଣ୍ଣ ହୁଏ ।)

ନିର୍ବେଶ, ବି. (ନିର୍-ବିଶ୍-ଅ) ବେତନ; ଭୋଗ; ବିବାହ; ମୂର୍ଚ୍ଛା; ଲାଭ । (ବିଶେଷଣରେ ନିର୍ବିଷ୍ଟ ପଦ ନିଷ୍ପନ୍ନ ହୁଏ ।)

ନିଲକ୍ଷଣା, } ଦେ°. (ନିର୍ଲକ୍ଷଣୀ ଶବ୍ଦର ଅପଭ୍ରଂଶ)
ନିଲକ୍ଷଣୀ, } ଲକ୍ଷଣହୀନା ବା କୁତ୍ସିତା (ସ୍ତ୍ରୀ) । ଯଥା—

ମୁଁ ହୀନ ନିଲକ୍ଷଣୀ ମନ୍ଦ,
ତୋତେ ଏକାକୀ ଛାଡ଼ିଗଲି । ଦା. ର.

ନିଲଜ, } ଦେ°. (ନିର୍ଲଜ୍ଜ ଶବ୍ଦର ଅପଭ୍ରଂଶ)
ନିଲଜା, } ଲଜ୍ଜାହୀନ ।

ନିଲଜୀ, ବି. ସ୍ତ୍ରୀ. ଲଜ୍ଜାହୀନା ସ୍ତ୍ରୀ ।

ନିଲୟ, ବି. (ନି=ମଧ୍ୟେ-ଲୀ=ଲୀନ ହେବା-ଅ) ଗୃହ, ବାସସ୍ଥାନ; ନିଃଶେଷେ ଲୟ, ଅଦର୍ଶନ; ଆଧାର ।

ନିଳା, ବି. (ନୀଳ ଶବ୍ଦଜ) ନୀଳମଣି । ଯଥା—

ଘାଗୁଡ଼ି ନିଳା ହେମମଣ୍ଡେ,
କଟିତଟରେ ଶୋଭାପାଏ । ମା. ମା.

(ଲୀଳା ଶବ୍ଦଜ) ଲୀଳା, କ୍ରୀଡ଼ା; ଯାତ୍ରା; ବ୍ୟବହାରର ଗୋଳମାଳ ।

ନିଲାମ, } ବି. (ପୋର୍ତ୍ତୁଗୀଜ୍ ଶବ୍ଦ) ବିକ୍ରୟପ୍ରଣାଳୀ-
ନୀଲାମ, } ବିଶେଷ । ଯଥା—

କେତେ ଥର ଯାଇ ବିକ୍ରୟ ନିଲାମେ,
କିଣିଅଛ ଦ୍ରବ୍ୟ ଚତୁର୍ଗୁଣ ଦାମେ । ଦ. ବା.

ନିଳାସୁଣୀ, } ବି. ସ୍ତ୍ରୀ. (ନୀଳବାସିନୀ ଶବ୍ଦଜ)
ନୀଳାସୁଣୀ, } ଦେବୀଙ୍କ ନାମବିଶେଷ ।

(ନାରେଙ୍ଗୀ ଶବ୍ଦ ଦେଖ ।)

ନିଳଆ, ନେଳଆ, } ଦେ°. (ନୀଳ ଶବ୍ଦଜ) ନୀଳ-
ନେଳ, } ବର୍ଣ୍ଣଯୁକ୍ତ । ବି. ବର୍ଣ୍ଣବିଶେଷ ।

ନିଳଛ, ବି. (ଦେଶଜ) ଧରାହେବା ବୋଦା, ଖାସି ।

ନିଲୀନ, ବି°. (ନି-ଲୀ=ଲୀନ ହେବା-ତ) ବେଷ୍ଟିତ; ନିମଗ୍ନ; ଅବସ୍ଥିତ ।

ନିବର୍ତ୍ତନ, ବି. (ନି-ବୃତ୍-ଣିଚ୍-ଅନ) ପ୍ରତ୍ୟାବର୍ତ୍ତନ, ଫେରାଇ ଆଣିବା; ନିବାରଣ । (ବିଶେଷଣରେ ନିବର୍ତ୍ତିତ ହୁଏ ।)

ନିବହ, ବି. (ନି=ସର୍ବଦା-ବହ୍=ବହିବା, ପାରିବା-ଅ) ସମୂହ; ବାୟୁବିଶେଷ ।

ନିବାପ, ବି. (ନି-ବପ୍-ଅ) ମୃତ ପିତୃଲୋକ ଉଦ୍ଦେଶରେ ଦାନ; ଶ୍ରାଦ୍ଧ ତର୍ପଣ ପିଣ୍ଡ ଦାନାଦି; ଦାନ ।

ନିବାରଣ, ବି. (ନି-ବୃ-ଣିଚ୍-ଅନ) ନିଷେଧ, ମନା । (ବିଶେଷଣରେ ନିବାରକ, ନିବାରିତ, ନିବାରଣୀୟ ଓ ନିବାର୍ଯ୍ୟ ପଦ ନିଷ୍ପନ୍ନ ହୁଏ ।)

ନିବାସ, ବି. (ନି-ବସ୍-ଅ) ଗୃହ, ବାସସ୍ଥାନ; ଆଧାର ।

ନିବିଡ଼, ବି°. (ନି=ନା-ବିଳ=ଛିଦ୍ର, ଳ=ଡ଼) ସାନ୍ଦ୍ର, ଘନ, ଗହନ; ସ୍ଥୂଳ; ଦୃଢ଼ ।

ନିବୀତ, ବି. (ନି=ଅଧଃ-ବ୍ୟେ=ଗମନ କରିବା-ତ) କଣ୍ଠଲମ୍ବିତ ଯଜ୍ଞସୂତ୍ର । (ନିବୀତଂ କଣ୍ଠଲମ୍ବିତଂ—ଅମର) ଉତ୍ତରୀୟ ବସ୍ତ୍ର, ଆଚ୍ଛାଦନ ବସ୍ତ୍ର, ଓଢ଼ଣୀ । ବି°. ଆଚ୍ଛାଦିତ ।

ନିବୃତ୍ତି, ବି. (ନି-ବୃତ୍-ତି) ବିରତି, କ୍ଷାନ୍ତି, ପ୍ରବୃତ୍ତିର ବିପରୀତ । (ବିଶେଷଣରେ ନିବୃତ୍ତ ହୁଏ ।)

ନିବେଦ, } ବି. (ନି-ବିଦ୍-ଣିଚ୍-ଅ, ଅନ)
ନିବେଦନ, } ବିଜ୍ଞାପନ; ସମର୍ପଣ । ବିଶେଷଣରେ ନିବେଦକ, ନିବେଦିତ, (ନିବେଦନୀୟ ଓ ନିବେଦ୍ୟ ପଦ ସାଧିତ ହୁଏ ।)

ନିବେଶ, ବି. (ନି-ବିଶ୍ = ପ୍ରବେଶ କରିବା-ଅ) ଶିବିର; ସ୍ଥାନ; ଯୁଦ୍ଧ; ବିବାହ; ପ୍ରବେଶ; ଉପବେଶନ । (ବିଶେଷଣରେ ନିବିଷ୍ଟ, ନିବେଶିତ ହୁଏ ।)

ନିଶା, ବି. ସ୍ତ୍ରୀ. [ନି-ଶୋ (ବ୍ୟାପାର) ଅଳ୍ପ କରିବା-ଅ-ଆ] ରାତି; ହରିଦ୍ରା; ଅବସାନ, ଶେଷ । (ଦେଶଜ) ଅମଳ । ଯଥା—

ସଙ୍ଗୀତ ମୃଗୟା ପକ୍ଷୀ ନିଶ ପଶା-ଖେଳ କଲ
ତୁମ୍ଭେ ଜୀବନ ବ୍ୟବସା । ଦ. ବା.

ଖଣ୍ଡା ପ୍ରଭୃତିର ତୀକ୍ଷ୍ଣ ଧାର କରିବା ।

ନିଶାଖୋର, ବିଂ. (ଯାବନିକ) ନିଶାସେବୀ, ମଦୁଆଲ ।

ନିଶାଗରଜିବା, ନିଶାଗର୍ଜନ, } କ୍ରି. (ଦେଶଜ) ଗମ୍ଭୀର ନିଶୀଥରେ ଯେଉଁ ଗମ୍ଭୀର ଅବ୍ୟକ୍ତ ଶବ୍ଦ ଶୁଣାଯାଏ ।

ନିଶାଚର, ନିଶାଟ, } ବି.(ନିଶା-ଚର, ଅଟ୍-ଅ) ରାକ୍ଷସ; ପିଶାଚ; ଶୃଗାଳ; ପେଚକ; ସର୍ପ; ଚୌର; ଚକ୍ରବାକ । ରାକ୍ଷସ । ଯଥା—

ବଳୀ ଅଟଇ ସେ ସତେ ପୁଣି ନିଶାଟ ବୃନ୍ଦାନ୍ତକ । ଜା. ପ. ନା.

ନିଶାଟଙ୍କ, ବି. (ଦେଶଜ) ନିଶାରେ ଘୂର୍ଣ୍ଣନ । ଯଥା—

ନିଶାଟଙ୍କେ ହଜିଯାଏ ମାନବ ଚେତନା,
ପ୍ରୀତିରସେ ବୁଡ଼ିଯାଏ ସମାଜ ମାନନା । ଉ.ସା.୧୮.୮.

ନିଶାଣ, ବି. (ଦେଶଜ କିମ୍ବା ନିଦର୍ଶନ ଶବ୍ଦଜ) ଧ୍ୱଜ, ପତାକା; ଚିହ୍ନ; ବାଦ୍ୟବିଶେଷ । ଯଥା—

ଝମକ ନିଶାଣ କର୍ଣ୍ଣପାଶେ ବାଇଲେ । ବୈ. ବି.

ନିଶାତ, ନିଶିତ, } ବିଂ. (ନି-ଶୋ = ତୀକ୍ଷ୍ଣ କରିବା-ତ) ଶାଣିତ, ତୀକ୍ଷ୍ଣୀକୃତ ।

ନିଶାଦ, ବି. (ନି-ଶଦ୍ = ପତିତ ହେବା-ଅ) ଚଣ୍ଡାଳ; ବ୍ୟାଧ, ଜୀବହିଂସକ । ବିଂ. (ନିଶା-ଅଦ୍ = ଭୋଜନ କରିବା-ଅ) ରାତିଭୋଜୀ ।

ନିଶାନ୍ତ, ବି. (ନି-ଶମ୍-ତ) ଗୃହ; ଶେଷରାତ୍ରି, ରାତିର ଶେଷଭାଗ । ବିଂ. ଅତି ଶାନ୍ତ ।

ନିଶାପ, ବି. (ଦେଶଜ) ପାଞ୍ଚଜଣ ବସି ଯେ ନ୍ୟାୟବିଚାର । ଯଥା—

ପଣ୍ଡହର କରି ନିଶାପ ଯେ କରୁଥାଇ,
ତାହାଠାରୁ ଗୁହ୍ୟପାପୀ ସଂସାରେ କେ ନାହିଁ ।
ନୃ. ପୁ. ପ. ଭ.

ନିଶାବାଜ, ବି. (ଯାବନିକ) ନିଶାସେବୀ; ଯେ ନିଶା ଖାଇବାରେ ଅଭ୍ୟସ୍ତ ।

ନିଶିବା, କ୍ରି. (ଦେଶଜ) ଖଣ୍ଡା ପ୍ରଭୃତିର ତୀକ୍ଷ୍ଣ ଧାର କରିବା ।

ନିଶୀଥ, ବି. ଅର୍ଦ୍ଧରାତ୍ର, ରାତି ।

ନିଶୀଥିନୀ, ବି. ସ୍ତ୍ରୀ. (ନିଶୀଥ-ଇନ୍-ଈ) ରାତି ।

ନିଶୁଣି, ନିଶୁଣୀ, ବି. ସ୍ତ୍ରୀ. (ନିଃଶ୍ରେଣୀ ଶବ୍ଦଜ) କାଷ୍ଠ ବା ବାଉଁଶ ନିର୍ମିତ ଶିଡ଼ି । ଯଥା—

ନିଜ କରଗତ ପରାୟେ ମଣିଲ ସ୍ୱର୍ଗ ନିଶୁଣୀ । ଉଷା ।

ନିଶ୍ଚୟ, ବି. (ନିର୍-ଚି-ଅ) ନିଃସଂଶୟ ଜ୍ଞାନ, ନିର୍ଣ୍ଣୟ, ସିଦ୍ଧାନ୍ତ; ପରିଚ୍ଛେଦ । (ବିଶେଷଣରେ ନିଶ୍ଚିତ ପଦ ନିଷ୍ପନ୍ନ ହୁଏ ।)

ନିଶ୍ଚେଁ, ନିଶ୍ଚେ, କ୍ରି. ବିଂ. (ନିଶ୍ଚୟ ଶବ୍ଦଜ) ନିଶ୍ଚୟରେ । ଯଥା—

ନିଶ୍ଚେ ରସାମୃତ ରୂପ ବିଗ୍ରହ । ବି. ଚ. ମ.

ନିଷଙ୍ଗ, ବି. (ନି-ସନ୍ଜ୍ = ଆସକ୍ତ ହେବା-ଅ) ସଂସର୍ଗ; ତୂଣୀର । ଯଥା—

ନିଷଙ୍ଗୁ ବାଣ କାଢ଼ନ୍ତେ ଯାଏ ଶତ୍ରୁଙ୍କ ଜୀବନ । ଜା. ପ. ନା.

ନିଷଣ୍ଣ, ବିଂ. (ନି-ସଦ୍-ତ) ଉପବିଷ୍ଟ; ସ୍ଥିତ; ଶୟିତ ।

ନିଷଦ୍ୱର, ବି. କର୍ଦ୍ଦମ, କାଦୁଅ ।

ନିଷାଣ, ବି. (ଦେଶଜ) ନାଗରା ବାଦ୍ୟ । ଯଥା—

ରମଣୀୟ ସ୍ତବକରେ ଅଶୋକ ଯେ ହୋଇ,
ରସାଳସ୍ଥ ନିଷାଣ କି ମତଙ୍ଗଜେ ଶୋହି । ର. ପ.

ନିଦର୍ଶନ; ଚିହ୍ନ; ଶଙ୍କୁ; ସ୍ୱାକ୍ଷର ବିନା ସ୍ୱୀକାର ।

ନିଷାଣଦାର, ନିଷାଣିଦାର, } ବିଂ. (ଦେଶଜ) ଯେ ସ୍ୱାକ୍ଷର କରି ପାରେ ନାହିଁ; ଯେଉଁ ବ୍ୟକ୍ତି ଶଙ୍କୁ ଚିହ୍ନାଇଦିଏ ।

ନିଷାଣି, } ବି. ( ଦେଶଜ ) ବାଦ୍ୟବିଶେଷ ।
ନିଶାଣି, } ଯଥା—
ବାଜଇ ଢୋଲ ଦମାଲୀ ନିଷାଣି ମହୁରି,
ଭିଷଣେ ଗଲେ ଚଳି ଯାହାଙ୍କୁ ବିଜେ କରି ।
ନୃ. ପୁ. ତୃ. ଉ.
ରାଜଚିହ୍ନ; ଚିହ୍ନ । ଯଥା—
ତେବେ ସିନା ରାଜା ହୋଇ ଦିଶନ୍ତି ଶୋଭାକର,
ଏତେ କଥା ନିଷାଣି ଅବା କି ବାସବର । ନୃ.ପୁ.ଦ୍ୱି.ଉ.
ସ୍ୱାକ୍ଷର ବିନା ସ୍ୱୀକାର ।

ନିଷାଦ, ବି. (ନି-ସଦ୍-ଅ) ଚଣ୍ଡାଳ; ଧୀବର; କିରାତ; ସ୍ୱରବିଶେଷ ।

ନିଷିକର, } ବିଂ. (ନିଷ୍କରର ଅପଭ୍ରଂଶ) ଯେଉଁ
ନିଷକର, } ଭୂମି ପ୍ରଭୃତିର କର ଦେବାକୁ ହୁଏ ନାହିଁ । ଯଥା—
କର୍ମଯୁଗେ ନ ମିଳିବ ନିଷିକର ଦାନ,
ଅଭିଷେକ କଲେ ଆଉ ନ ଜୁଟିବ ଅନ୍ନ । ବି ସା. ୧୮.୯.

ନିଷିଦ୍ଧ, ବିଂ. [ନି-ସିଧ୍ (ନିଷ୍ପନ୍ନ କରିବା) ନିବାରଣ କରିବା-ତ] ନିବାରିତ; ବାଧିତ; ତିରସ୍କୃତ । (ବିଶେଷ୍ୟରେ ନିଷେଧ ହୁଏ ।)

ନିଷ୍କ, ବି. (ନିର୍-କୈ=ପ୍ରକାଶ ବା ଦୀପ୍ତିପାଇବା-ଅ-ନିପାତନ) ମୁଦ୍ରା; ମୋହର; ଦୀନାର ବା ବତିଶ ରତି ସୁବର୍ଣ୍ଣ; ଅଳଙ୍କାର; ସ୍ୱର୍ଣ୍ଣ; କଣ୍ଠଭୂଷଣ; ଉରୋଭୂଷଣ ।

ନିଷ୍କର୍ଷ, ବିଂ. (ନିର୍-କୃଷ୍=ଚଷିବା-ଅ) ନିଶ୍ଚୟ, ଇୟତ୍ତା; ସାର; ନିଃସାରଣ ।

ନିଷ୍କାଶ, } ବି. (ନିର୍-କଶ୍=ଗମନ
ନିଷ୍କାଶନ, } କରିବା-ଅ, ଅନ) ନିଃସାରଣ;
ନିଷ୍କାସ, } ନିର୍ବାସନ ।

ନିଷ୍କୃତି, ବି. (ନିର୍-କୃ-ତି) ସ୍ତ୍ରୀ ପରିତ୍ରାଣୋପାୟ; ନିସ୍ତାର; ଉପକାରୀର ପ୍ରତିଶୋଧ ।

ନିଷ୍କ୍ରମ, } ବି. (ନିର୍=ବାହାରେ-କ୍ରମ,
ନିଷ୍କ୍ରମଣ, } କ୍ରମଣ=ଗମନ) ବହିର୍ଗମନ । (ବିଶେଷଣରେ ନିଷ୍କ୍ରାନ୍ତ ହୁଏ ।)

ନିଷ୍ଠୁର, ବିଂ. (ନି-ଷ୍ଠା-ଉର) କ୍ରୂର; ନିର୍ଦ୍ଦୟ; କଠିନ ।

ନିଷ୍ଣାତ, ବିଂ. (ନି-ସ୍ନା=ମଗ୍ନ ହେବା-ତ) ପ୍ରବୀଣ, ନିପୁଣ; ପାରଗତ; ପ୍ରଧାନ ।

ନିଷ୍ପତ୍ତି, ବି. (ନିର୍-ପଦ୍=ଗମନ କରିବା, ସିଦ୍ଧ କରିବା-ତି) ସମାପ୍ତି; ସିଦ୍ଧି; ନିଶ୍ଚୟ; ଚୁକ୍ତି; ନିର୍ବାହ; ମୀମାଂସା । (ବିଶେଷଣରେ ନିଷ୍ପନ୍ନ ପଦ ସାଧିତ ହୁଏ ।) (ଏହିପରି ଣିଜନ୍ତରେ ନିଷ୍ପାଦନ ଓ ନିଷ୍ପାଦିତ ହୁଏ ।)

ନିଷ୍ୟନ୍ଦ, } ବି. (ନି-ସ୍ୟନ୍ଦ=କ୍ଷରିତ ହେବା-
ନିସ୍ୟନ୍ଦ, } ଅ) କ୍ଷରଣ; ବର୍ଷଣ; ନିର୍ଝର ।
ବିଂ. ନିଷ୍ୟନ୍ଦଯୁକ୍ତ ।

ନିସ, ନିଶ, ବି. (ଦେଶଜ) ଖାରକେଶ । ଯଥା—
ନବତନ ନିସ ଦାଢ଼ି ସୁନ୍ଦର ଦିଶନ୍ତି । ବି. ଗ୍.

ନିସଙ୍କୁଡ଼ି, } ବିଂ. (ଦେଶଜ) ଯାହା ସଙ୍ଗୁଡ଼ି
ନିସଙ୍ଗୁଡ଼ି, } ନୁହେଁ; ମିଷ୍ଟାନ୍ନ ପ୍ରଭୃତି ।

ନିସତ, ବି. (ନିଃସତ୍ତ୍ୱ ଶବ୍ଦଜ) ଆଳସ୍ୟ । ବିଂ. ବଳହୀନ । ଯଥା—
ଗୁଳିଯୋଗ ନ କଲି କି ଯଶ ସମର,
ଯେହୁ ନିସତ ତାକୁ ମାରି । କୋ. ବ୍ର. ସ୍ତୁ.

ନିସର୍ଗ, ବି. (ନି=ନିଶ୍ଚୟ-ସୃଜ୍=ସୃଷ୍ଟି କରିବା-ଅ) ସ୍ୱଭାବ; ସୃଷ୍ଟି ।

ନିସାଖା, } ବିଂ. (ନିଃ=ନାହିଁ-ଶାଖା-ନିଃଶାଖ
ନିଶାଖା, } ଶବ୍ଦଜ) ଅସହାୟ, ସହାୟହୀନ । ଯଥା—
କେତେ ନିସାଖା ମୋତେ କଲୁ ରେ ପ୍ରିୟମଣି,
ବଲ୍ଲଭ ପୁତ୍ରକୁ ଏବେ କିଏ ଦେବ ଆଣି । ନୃ.ପୁ.ଚ.ଉ.

ନିସାସ, ବି. (ପ୍ରାକୃତ ଣିସାସ ଶବ୍ଦଜ) ନିଃଶ୍ୱାସ ।

ନିସାହି, } ବିଂ (ନିଃସହାୟ ଶବ୍ଦଜ) ସହାୟ-
ନିସାହ୍ୱ, } ଶୂନ୍ୟ । ଯଥା—
ପୁଣି ବୋଲନ୍ତି ଲକ୍ଷ୍ମଣ, ଧର୍ମ କରନ୍ତି ପ୍ରମାଣ,
ନିସାହି ନିବଳ ଜନମାନେ । ବି. ଗ୍.

ନିସୁନ, ନିଶୁନ, ବିଂ. (ନିଃସ୍ୱନ ଶବ୍ଦଜ) ନିଃଶବ୍ଦ ।

ନିସୁନରାତି, } ବି. (ନିଃସ୍ୱନ-ରାତି ଶବ୍ଦଜାତ)
ନିଶୁନରାତି, } ଅର୍ଦ୍ଧରାତ୍ର । ଯଥା—
ନିସୁନ ରାତିରେ ଶାସ୍ତଗଣ୍ଡ ଦେଇ
ବହିଲ ବୃନ୍ଦାଏ ଲୁହ । ଭ.ସା.୧୮.୮.

ନିସୋଧନ, } ବି. (ନିଃଶୋଧ ଶବ୍ଦଜ) ଏକା-
ନିଶୋଧନ, } ବେଳକେ ନିଃଶେଷ କରିବା ।
ଯଥା—
ଦ୍ଵିତୀୟରେ ନାଶ ଗଲେ ଶମ୍ଭୁ ଯେ ନିଶମ୍ଭୁ,
ଅସୁରଙ୍କୁ ନିସୋଧନ କଲେ ଦେବୀ ସବୁ । ସା.ଭା.ବି.

ନିସୃଷ୍ଟ, ବିଂ. (ନି-ସୃଜ୍ = ସୃଷ୍ଟି କରିବା, ତ୍ୟାଗ କରିବା-ତ) ପ୍ରେରିତ; ଦତ୍ତ; ଅର୍ପିତ; ମଧ୍ୟସ୍ଥ ।

ନିସ୍ତଳ, ବିଂ. (ନିର୍-ତଳ୍ = ପ୍ରତିଷ୍ଠିତ ହେବା-ଅ) ବର୍ତ୍ତୁଳ; ନିମ୍ନ; ଚଞ୍ଚଳ; ତଳଶୂନ୍ୟ ।

ନିସ୍ତ୍ରିଂଶ, ବି. (ନିର୍-ତ୍ରିଂଶତ୍-ଅ) ତ୍ରିଂଶତ୍ ଅଙ୍ଗୁଳିର ଅଧିକ ପରିମାଣ ଅସ୍ତ୍ର, ଖଡ୍ଗ । ବିଂ. ନିର୍ଦ୍ଦୟ, ନିଷ୍ଠୁର; କ୍ରୂର; ତ୍ରିଂଶଶୂନ୍ୟ ।

ନିସ୍ଵନ, } ବି. (ନି-ସ୍ଵନ = ଶବ୍ଦ କରିବା-ଅ)
ନିସ୍ଵାନ, } ଶବ୍ଦ, ଧ୍ଵନି ।

ନିହଙ୍ଗ, ବି. (ନିଃସଙ୍ଗ ଶବ୍ଦଜ) ବିଷୟବିରକ୍ତ ବୈଷ୍ଣବବିଶେଷ । ବିଂ. ନିଃସଙ୍ଗ, ସଙ୍ଗରହିତ ।

ନିହତ, ବିଂ. ( ନି-ହନ୍ = ବଧ କରିବା-ତ ) ହତ, ବିନାଶିତ । (ବିଶେଷ୍ୟରେ ନିହନନ ଏବଂ ବିଶେଷଣରେ ନିହନ୍ତା, ନିହନ୍ୟମାନ ପ୍ରଭୃତି ପଦ ନିଷ୍ପନ୍ନ ହୁଏ ।)

ନିହମା, } କ୍ରି. ବିଂ. (ଦେଶଜ) ହଠାତ୍;
ନିହିମା, } ଚକ୍ଷୁର ପଲକମାନେ; ହେଳାରେ ।

ନିହାକା, ବି. ସ୍ତ୍ରୀ. (ନି-ହା = ତ୍ୟାଗ କରିବା-ଅକ-ଆ) ଯେ ଉଭୟଚର ବୋଲି କେତେବେଳେ ସ୍ଥଳଭାଗ କେତେବେଳେ ଜଳଭାଗ ତ୍ୟାଗ କରେ । ଗୋଧିକା, ଗୋଇସାପ ।

ନିହାତି, } ବିଂ. (ଦେଶଜ) ଅତିବ, ନିପଟ ।
ନିହାଏତ, } ଯଥା—
ଶଙ୍କରାଚାର୍ଯ୍ୟଙ୍କ ମଠ ନିହାତି ପୁରୁଣା,
ବେଶ ଚଳୁଅଛି କାମ କିଛି ନାହିଁ ଊଣା । ଉ. ଭ୍ର.

ନିହାଲ, ବିଂ. (ଦେଶଜ) ନିଶ୍ଚିନ୍ତ; ପୂର୍ଣ୍ଣମନୋରଥ ।

ନିହିତ, ବିଂ. (ନି-ଧା-ତ, ଧା = ହି) ଅର୍ପିତ; ସ୍ଥାପିତ; ଗୁପ୍ତ; କୃତ । (ବିଶେଷ୍ୟରେ ନିଧାନ ହୁଏ ।)

ନହେ, ଅଂ. (ଗଡ଼ଜାତ ଶବ୍ଦ) ନା, ନାହିଁ ।

ନିହ୍ରାଦ, ବି. (ନି-ହ୍ରାଦ୍ = ଶବ୍ଦ କରିବା-ଅ) ନିନାଦ, ଶବ୍ଦ ।

ନୀଚ, ବିଂ. (ନି = ନା-ଈ = ସୌଭାଗ୍ୟ-ଚ = ଏକତ୍ର କରିବା-ଅ) ନିମ୍ନ, ନିକୃଷ୍ଟ; କ୍ଷୁଦ୍ର; ବାମନ ।

ନୀଡ଼, ବି. (ନି-ଈଡ଼୍ = ବାସ କରିବା-ଅ) ପକ୍ଷିର ବସା; ଆଶ୍ରୟସ୍ଥାନ ।

ନୀତ, ବିଂ. (ନୀ = ନେବା-ତ) ପ୍ରାପିତ, ଗୃହୀତ; ଅତିବାହିତ । (ବିଶେଷଣରେ ନୀୟମାନ ମଧ୍ୟ ହୁଏ ।)

ନୀତି, ବି. (ନୀ-ତି) ଶୁକ୍ରାଚାର୍ଯ୍ୟଙ୍କ ପ୍ରଣୀତ ଶାସ୍ତ୍ର; ନୟ; ସ୍ଥିତି; ସୁଧାର; ପ୍ରାପଣ, ପ୍ରାପ୍ତି; ଯାପନ ।

ନୀପ, ବି. [ ନୀ = (ସନ୍ତୋଷ) ପାଇବା-ପ ] କଦମ୍ବ ବୃକ୍ଷ; ବନ୍ଧୁକ ବୃକ୍ଷ; ରାଜବଂଶବିଶେଷ; ଦେଶବିଶେଷ ।

ନୀର, ବି. (ନୀ = ପାଇବା-ର) ଜଳ, ରସ ।

ନୀରଦ, ବି. (ନୀର-ଦା-ଅ) ମେଘ, ମୁସ୍ତକ । ବିଂ. ଜଳଦାତା । (ନିର୍ = ନା, ରଦ = ଦନ୍ତ) ଦନ୍ତରହିତ ।

ନୀରଧି, } ବି. ( ନୀର-ଧା-ଇ, ନିଧି )
ନୀରନିଧି, } ସମୁଦ୍ର ।

ନୀରନ୍ଧ୍ର, ବିଂ. (ନିର୍ = ନାହିଁ-ରନ୍ଧ୍ର) ରନ୍ଧ୍ରରହିତ, ନିବିଡ଼, ଘଞ୍ଚ ।

ନୀରସ, ବିଂ. (ନିର୍ = ନାହିଁ-ରସ) ରସହୀନ; ଶୁଷ୍କ ।

ନୀରାଜନ, } ବି. (ନୀର = ଶାନ୍ତିଜଳ, ଅଜନ
ନୀରାଜନା, } = କ୍ଷେପଣ—ଯେଉଁ ସମୟରେ ଶାନ୍ତିଜଳ କ୍ଷେପଣ ହୁଏ) ଆରତ୍ରିକ, ଆଳତି; ଶାନ୍ତିକର୍ମବିଶେଷ ।

ନୀଳ, ବି. ( ନୀଳ୍ = କୃଷ୍ଣବର୍ଣ୍ଣ କରିବା-ଅ ) ବର୍ଣ୍ଣବିଶେଷ; ପର୍ବତବିଶେଷ; ବାନରବିଶେଷ; ନିଧିବିଶେଷ; ମଣିବିଶେଷ । ବିଂ ନୀଳବର୍ଣ୍ଣଯୁକ୍ତ ।

ନୀଳକଣ୍ଠ, ବି. (ନୀଳ-କଣ୍ଠ) ଶିବ; ମୟୂର; ଖଞ୍ଜନପକ୍ଷୀ; ଡାହୁକ; ନୀଳବର୍ଣ୍ଣର ଏକ-ରକମ ପକ୍ଷିବିଶେଷ ।

ନୀଳକାନ୍ତ, ନୀଳମଣି, ନୀଳ, } ବି. ଇନ୍ଦ୍ରନୀଳମଣି; ନୀଳପ୍ରସ୍ତର ବା ଶିଳା ।

ନୀଳନ୍ଧ, ବି. (ନୀଳେନ୍ଦୀବର ଶବ୍ଦଜ) ନୀଳୋତ୍ପଳ । ଯଥା—
ନୀଳନ୍ଧଦଳପ୍ରାନ୍ତେ ଢଳଇ ମୁଖଗୋଟି,
ଅମିୟ ରସ ଝରଇ ପ୍ରସନ୍ନ ବିମ୍ବୋଷ୍ଠି । ନୃ.ପୂ.ଦ୍ୱି.ଚ.

ନୀଳମୀଳିକ, ବି. ଖଦ୍ୟୋତ, ଜୁଳୁଜୁଳିଆ ପୋକ ।

ନୀଳଲୋହିତ, ବି. (ନୀଳ-ଲୋହିତ, ଯାହାଙ୍କ କଣ୍ଠରେ ନୀଳବର୍ଣ୍ଣ ଓ କେଶରେ ଲୋହିତବର୍ଣ୍ଣ) ଶିବ; ମିଶ୍ରିତବର୍ଣ୍ଣ । ବିଂ. ମିଶ୍ରିତବର୍ଣ୍ଣବିଶିଷ୍ଟ ।

ନୀଳା, ନିଳା, ବି. (ନୀଳ ଶବ୍ଦଜ) ନୀଳମଣି-ନାମକ ରତ୍ନ । ଯଥା—
ଯାଗୁଡ଼ି ନୀଳା ହେମମଧ୍ୟେ,
କଟିତଟରେ ଶୋଭାପାଏ । ମା. ମା.

ନୀଳାମ୍ବୁ, ବି. (ନୀଳବର୍ଣ୍ଣ ଅମ୍ବୁ-ଜଳରାଶି ଯାହାର) ସମୁଦ୍ର ।

ନୀଳିମା, ବି. (ନୀଳ-ଇମନ୍—ଭାବାର୍ଥେ) ନୀଳତ୍ୱ ।

ନୀବାର, ବି. (ନି-ବୃ=ପ୍ରାର୍ଥନା କରିବା-ଅ) ତୃଣଧାନ୍ୟ ।

ନୀବି, ନୀବୀ, ବି. ସ୍ତ୍ରୀ. (ନି-ବ୍ୟେ=ଆଚ୍ଛାଦନ କରିବା-ଇ) ମୂଳଧନ; ପଣକରିବା ଧନ; ସ୍ତ୍ରୀର କଟିବନ୍ଧନ ।

ନୀଶାର, ବି. (ନି-ଶୃ=ହିଂସା କରିବା-ଅ) ହିମ ଓ ବାୟୁନିବାରକ ଆବରଣବସ୍ତ୍ର, ମଶାରି; ପର୍ଦ୍ଦା ।

ନୀହାର, ବି. (ନି-ହୃ-ଅ) ତୁଷାର, ବରଫ; କୁହୁଡ଼ି ।

ନୁ, ଅଂ ପ୍ରଶ୍ନ; ସଂଶୟ; ସମ୍ବୋଧନ; ବିତର୍କ; ଛଳ; ଅନାଦର; ବିକଳ୍ପ; ଅନୁନୟ; ଅନୁତାପ; ହେତୁ ।

ନୁଆଁ, ନୁଆ, ନୂଆଁ, ନୂଆ, } ବିଂ. (ନବ ଶବ୍ଦଜ) ନୂତନ ।

ନୁଆଁଇବା, ଲୁଆଁଇବା, ନୋଆଁଇବା, } କ୍ରି. (ଦେଶଜ) ନମ୍ର କରିବା ।

ନୁଆଁଣ, ବି. (ଦେଶଜ) ନମ୍ର ହେବା । ବିଂ. ଅତି ନମ୍ର; ନମ୍ର ।

ନୁଆରିବା, କ୍ରି. (ଦେଶଜ) ନ ପାରିବା, ଅସମର୍ଥ ହେବା । ଯଥା—
ସୁବର୍ଣ୍ଣର ରଜା ପଛେ ଗଢ଼ାଇବେ ହର,
ନୋହିଲେ ଦୁଷ୍ଟଙ୍କ ଗର୍ବ ସହି ତ ନୁଆର । ସା.ଭା.ସ.ପ.
ଜାଣି ନ ପାରିବା । ଯଥା—
ମଣି ତ ତୁ ନୁଆରିଲୁ ଗହଡ଼ର କୁଟି,
ସମ୍ମୋହେ ହରାଇ ନାଶ ଗଲୁ ତୁ ଯୁଧିଷ୍ଠି । ସା.ଭା.ସ.
ନିବେଦନ କରିବା, କହିବା । ଯଥା—
ବାରବରଷେ ସଇନ ନ ଯାଇ କଲାନ,
ରଜା ଆଗେ ଯାଇ ନୁଆରିଲେ ଗୁରଗଣ । ସା.ଭା.ସ.

ନୁଉଁଛଣା, ନୁଉଁଛୁଣା, } ବିଂ. (ଦେଶଜ) ହତଶ୍ରୀକ; ଅକର୍ମଣ୍ୟ ।

ନୁଉଁଛୁଣୀ, ବିଂ. ସ୍ତ୍ରୀ. ହତଭାଗ୍ୟା ସ୍ତ୍ରୀ; କୁଲକ୍ଷଣୀ । ଯଥା—
ସେ ସ୍ତ୍ରୀ ସଂସାରକୁ ଅଟଇ ନୁଉଁଛୁଣୀ,
ଆବର ସ୍ତ୍ରୀଗୁଣ ଶୁଣ ହେ ନୃପମଣି । ନୃ. ପୂ. ତୃ. ଚ.

ନୁଖୁରା, ଲୁଖୁରା, } ବିଂ. (ଦେଶଜ) ତୈଳହୀନ, ଅଚିକ୍କଣ ।

ନୁଙ୍ଗୁରା, ବିଂ. (ଦେଶଜ) ଘୃଣ୍ୟ ବା ନିନ୍ଦ୍ୟ; ଅତିଶୟମଳମଠ; ମଇଳା; ଅଳିଆ ।

ନୁଛୁଡ଼ିବା, କ୍ରି. (ଦେଶଜ) ସୌନ୍ଦର୍ଯ୍ୟାଦିରେ ମୁଗ୍ଧ ହେବା । ଯଥା—
ବୋଲ ନୁଛୁଯାଇ ତୋର ଉଦାର ପଣକୁ,
ବିହିଲେ ଲଲାଟେ ଗଇଣକରେ ଶଙ୍କୁ । ବୈ. ବି.
(ନିଉଛୁଡ଼ିବା ପଦ ଦେଖ ।)

ନୁଡ଼କା, ନୁଡ଼ୁକା, ବି. (ଦେଶଜ) ଆଭରଣ-ବିଶେଷ ।

ନୁଣ, ଲୁଣ, ବି. (ଲବଣ ଶବ୍ଦଜ) ଲବଣ ।

ନୁଣକୋଳି, ନୁଣନୁଣିକାକୋଳି, } ବି. (ଦେଶଜ) ଏକ-ପ୍ରକାର କୋଳି, କୋଳି-ଜାତୀୟ ଗୁଳ୍ମବିଶେଷ ।

ନୁଣଖାଇ, ବି. (ଦେଶଜ) ଛୋଟ କଂସାଥାଳି ।

ନୁଣଚଉଁରି, ବି. (ଲବଣଚମରୀ ଶବ୍ଦଜ) ବିବାହରେ ପାଣିଗ୍ରହଣ ପୂର୍ବରୁ ସ୍ତ୍ରୀଆଚାର-ବିଶେଷ ।

ନୁଣିଆ, ବିଂ. (ଦେଶଜ) ଲବଣାକ୍ତ ।

ନୁତି, ବି. (ନୁ=ସ୍ତୁତି କରିବା-ତି) ସ୍ତୁତି, ପ୍ରଶଂସା; ପୂଜା; ପ୍ରଣାମ । (ବିଶେଷଣରେ ନୁତ ହୁଏ ।)

ନୁନ, ବି. (ଗଡ଼ଜାତୀୟ) ନୁଣ, ଲବଣ ।

ନୁନ, ବି. (ଦେଶଜ) ବକ୍ଷୋଜ ବା ସ୍ତନ; ବାଳକମାନଙ୍କର ଲିଙ୍ଗ ।

ନୂତନ, ନୂତ୍ନ, ବିଂ. (ନବ-ତନ, ନୂ-ସ୍ୱାର୍ଥେ; ନବ =ନୂ) ନବୀନ, ନୂଆ ।

ନୂନମ୍, ନୂନ, ଅଂ. ନିଶ୍ଚୟ, ତଥ୍ୟ: ବିତର୍କ; ସ୍ମରଣ; ପାଦପୂରଣାର୍ଥ ।

ନୂପୁର, ବି. (ନୂ=ନୂନ-ପୃ=ପୂରଣ କରିବା-ଅ) ପ୍ରସିଦ୍ଧ ଚରଣଭୂଷଣ ।

ନୃ, ବି. (ନୀ=ନେବା-ଋ) ନର, ମନୁଷ୍ୟ ।

ନୃତି, ବି. (ନୃତ୍=ନର୍ତ୍ତନ କରିବା-ଇ) ନୃତ୍ୟ ।

ନୃତୁ, ବିଂ. (ନୃତ୍-ଉ) ନର୍ତ୍ତନଶୀଳ ।

ନୃତ୍ତ, ବି. (ନୃତ୍-ତ) ନୃତ୍ୟ, ଅଭିନୟ । ବିଂ. ନର୍ତ୍ତନକାରୀ ।

ନୃତ୍ୟ, ବି. (ନୃତ୍=ନାଚିବା-ଯ) ତାଳମାନାଦି ଓ ଭାବହାବାଦି ଯୁକ୍ତ ଆଙ୍ଗିକ କ୍ରିୟା; ଅଭିନୟ ।

ନୃଦେବ, ନୃପ, ନୃପତି, ନୃପାଳ, ବି. (ନୃ=ନର-ଦେବ, ପା-ଅ, ପତି, ପାଳ) ରାଜା; କୁବେର ।

ନୃଶଂସ, ବିଂ. (ନୃ=ମନୁଷ୍ୟ-ଶନ୍ସ୍=ହିଂସା କରିବା-ଅ) ଘାତୁକ; ନିର୍ଦ୍ଦୟ ।

ନେ, କ୍ରି. (ନୀ ଧାତୁଜ) ନିଅ ।

ନେଇଗୁଡ଼ିବା, କ୍ରି. (ଗଡ଼ଜାତୀୟ) ବାଟେଇ-ଦେବା ।

ନେଉଟ, ବି. (ଦେଶଜ) କେହି କୌଣସି ପଦାର୍ଥପ୍ରତି ମନ୍ତ୍ର ଯନ୍ତ୍ର ପ୍ରୟୋଗ କରିଥିଲେ ପ୍ରତିମନ୍ତ୍ରଦ୍ୱାରା ତହିଁର ବିଷମୟ ଫଳକୁ ନିବାରଣ କରିବା ପ୍ରଣାଳୀ ।

ନେଉଟାଇବା, କ୍ରି. (ଦେଶଜ) ନେଉଟାଇ ଆଣିବା, ଗାଈ ପ୍ରଥମ ସଙ୍ଗମରେ ଗର୍ଭବତୀ ନ ହେଲେ ଉକ୍ତ ଗାଈ 'ନେଉଟାଏ' ।

ନେଉଟିଆ, ଲେଉଟିଆ, ବି. (ଦେଶଜ) ଶାକ-ବିଶେଷ ।

ନେଉଟିବା, ଲେଉଟିବା, କ୍ରି. (ଦେଶଜ) ଫେରିବା ।

ନେଉଳ, ନଉଳ, ବି. (ନକୁଲ, ପ୍ରାକୃତ ନଉଳ ଶବ୍ଦଜ) ସର୍ପନାଶକ ଜନ୍ତୁବିଶେଷ ସ୍ୱନାମପ୍ରସିଦ୍ଧ ବିଲେଶୟ ।

ନେଉଳା, ବି. (ଦେଶଜ) ଶଗଡ଼ କିମ୍ବା ହଳରେ ବାନ୍ଧିଲେ ଯେଉଁ ବଳଦ ମୁଣ୍ଡ ପୋତି ଚାଲେ ।

ନେକଡ଼ା 'ବାଘ', ନେକଂଡ଼ା 'ବାଘ', ବି. (ଦେଶଜ) ଚିତାବ୍ୟାଘ୍ର; ଗଧିଆ, ଜନ୍ତୁବିଶେଷ; ଚିତ୍ରକନା ।

ନେକନାମ, ବି. (ଦେଶଜ) ସୁନାମ ।

ନେକାର, ବି. (ନ୍ୟକ୍କାର ଶବ୍ଦଜ) ଅବଜ୍ଞା; ଧିକ୍କାର ।

ନେକ, ବି. (ଦେଶଜ) ଦାୟିତ୍ୱ ।

ନେଙ୍ଗଡ଼ା, ବିଂ. (ଦେଶଜ) ଖଞ୍ଜ, ଛୋଟା ।

ନେଡ଼, ବି. (ଦେଶଜ) କରତଳ ।

ନେତ, ବି. (ନେତ୍ର ଶବ୍ଦର ଅପଭ୍ରଂଶ) ବସ୍ତ୍ର; ପଟ୍ଟବସ୍ତ୍ରବିଶେଷ । ଯଥା—

ରହନ୍ତି ମନ୍ଦାକିନୀ ତହିଁ ସନ୍ନିଧିରେ,
ଅର୍ଜୁନ ନେତ ପତାକା କି ସେ । ର. ପ.

ପତାକା । ଯଥା—

ପତିତ ରହଣ ନିମନ୍ତେ,
ଦେଉଳେ ବାନ୍ଧିଛନ୍ତି ନେତେ । ଦା. ର.

ଓଷାବିଶେଷ ।

ନେତା, ବି. (ନେତୃ-ନୀ-ନେବା-ତୃ) ନାୟକ, ପ୍ରଭୁ । ବିଂ. ଯେ ନିଏ; ପ୍ରେରକ; ପଥ-ପ୍ରଦର୍ଶକ; ପ୍ରାପକ; ନିର୍ବାହକ ।

ନେତ୍ର, ବି. (ନୀ=ପାଇବା-ତ୍ର) ଚକ୍ଷୁ; ବସ୍ତ୍ର-ବିଶେଷ; ବୃକ୍ଷମୂଳ; ରଥ; ପଥ; ମନ୍ଥନ-ଦଣ୍ଡବଦ୍ଧ ରଜ୍ଜୁ । ବିଂ. ପ୍ରେରକ; ଚାଳକ; ରକ୍ଷକ; ପ୍ରାପକ; ପ୍ରବର୍ତ୍ତକ (ସ୍ତ୍ରୀ-ଈ) ଲକ୍ଷ୍ମୀ; ନାଡ଼ୀ; ନାରୀ ।

ନେତ୍ରପତ୍ର, ନେତ୍ରବସ୍ତ୍ର, ବି. ଚକ୍ଷୁପଲକ, ପକ୍ଷ୍ମ ।
ନେଦିଷ୍ଠ, ନେଦୀୟାନ୍, } ବିଂ. (ଅନ୍ତିକ = ସମୀପ-ଇଷ୍ଠ, ଈୟସ୍-ଅତ୍ୟର୍ଥେ) ଅତି ନିକଟବର୍ତ୍ତୀ; ନିପୁଣ ।
ନେପଥ୍ୟ, ବି. [ନେ = (ନୀ-କ୍ୱିପ୍) ନାୟକ-ପଥ୍ୟ = ଉପଯୁକ୍ତ, ମନୋହର, ଯୋଗ୍ୟ] ସଜ୍ଜାଗୃହ; ବେଶ; ଅଳଙ୍କାର ।
ନେପୁର, ବି (ନୂପୁର ଶବ୍ଦଜ) ପାଦର ଅଳଙ୍କାରବିଶେଷ । ଯଥା—
ଶ୍ରୀଭୁଜେ ବାହୁଟି ରମ୍ୟ ପଦ୍ମରେ ନେପୁର । ସଂ. ଫ.
(ଦେଶଜ) ମୂଷିକବିଶେଷ ଅର୍ଥାତ ଗୁଣ୍ଡୁଚି ।
ନେଫଡ଼ା, ବି. (ଦେଶଜ) ଫଳବିଶେଷ; ଦରିହସା ।
ନେଫଡ଼ିବା, କ୍ରି. (ଦେଶଜ) ଦାନ୍ତ ନିକଟିବା ।
ନେବା, କ୍ରି. (ନୀ ଧାତୁଜ) ଗ୍ରହଣ କରିବା; (ହିନ୍ଦୀ) ଫିତା ଅର୍ଥାତ୍ ବନ୍ଧନ ରଜ୍ଜୁ ।
ନେମି, ନେମୀ, } ବି.ସ୍ତ୍ରୀ. (ନୀ = ପାଇବା-ମି-ସଂଜ୍ଞାର୍ଥେ) ଚକ୍ରର ଧାର, ଚକ୍ରପ୍ରାନ୍ତ; ତିନିଶ ବୃକ୍ଷ; ବଜ୍ର, କୂପୋପରିସ୍ଥ ରଜ୍ଜୁଧାରଣାର୍ଥ କାଷ୍ଠଯନ୍ତ୍ର ।
ନେଳ, ବି. (ନୀଳ ଶବ୍ଦଜ) ହ୍ରସ୍ୱବୃକ୍ଷବିଶେଷ; ଯହିଁରୁ ନୀଳରଙ୍ଗ ଉତ୍ପନ୍ନ ହୁଏ ।
ନେଳି, ନିଳି, } ବି.(ନୀଳ ଶବ୍ଦଜ) ନୀଳବର୍ଣ୍ଣ; ନୀଳବଡ଼ି; ଏକପ୍ରକାର ବର୍ଣ୍ଣଦ ବୀଜବିଶେଷ; ଜଳ ଉପରେ ପଡ଼ି ରହିଥିବା ଶିଉଳି ।
ନେହାଏତ, ବିଂ. (ଯାବନିକ) ଅତ୍ୟନ୍ତ, ଅଧିକ ।
ନେହୁରା, ବିଂ. (ଦେଶଜ) ଖୋସାମତିଆ । ଯଥା—
ପୁଅ ହେଲବେଳକୁ କେତେ ନେହୁରା ହେଉଥିଲ । ଉ. ସା.
ବି. ଖୁସାମତ କମ୍ବା ସ୍ତବ ।
ନୈକ, ବିଂ. (ନ-ଏକ) ଅନେକ ।
ନୈକଭେଦ, ବିଂ. (ନ-ଏକଭେଦ) ନାନାବିଧ, ଅନେକପ୍ରକାର, ଅନେକ ।
ନୈଗମ, ବି. (ନିଗମ-ଅ-ସ୍ୱାର୍ଥେ) ଉପନିଷଦ; ବାଣିଜ୍ୟକାରୀ; ବେଦାନ୍ତଶାସ୍ତ୍ର; ନୀତିଶାସ୍ତ୍ର; ନଗରବାସୀ ଲୋକ; ନାୟକ; ପଥ । (ନୈଗମଃ ସ୍ୟାଦୁପନିଷଦ୍ ବଣିଜୋ ନାଗରେଽପିଚ—ମେଦିନୀ ।)
ନୈଚିକୀ, ନିଚିକୀ, ନିଚିକା, } ବି. ସ୍ତ୍ରୀ. (ନୀଚୈଶ୍ଚରତି ନୈଚିକୀ, ଅଥବା ନୀଚୈଃ ସ୍ୱରେଣାପି ଚରତୀତି ନୈଚିକୀ—ଅମରଟୀକା ।) (ଯେଉଁ ଗାଈ ଅନୁଚ୍ଚ ସ୍ଥଳରେ ଚରେ, ଅଥବା ଅନୁଚ୍ଚ ସ୍ୱରରେ ସୁଦ୍ଧା ଡ଼ାକିଲେ ଆସେ) ଉତ୍ତମ ଗାଈ । (ନୈଚିକୀ ଗୌରୁତ୍ତମାତୁ ନିଚିକାସା ପ୍ରକୀର୍ତ୍ତିତା—ନାମମାଳା ।) (ନୀଚିକା ନୈଚିକୀଚେତି—ଦ୍ୱିରୂପକୋଶ ।)
ନୈପୁଣ, ନୈପୁଣ୍ୟ, ବି. (ନିପୁଣ-ଅ, ଯ) ନିପୁଣତା ।
ନୈୟାୟିକ, ବିଂ. (ନ୍ୟାୟ-ଇକ—ଜ୍ଞାତାର୍ଥେ, ଯ ସ୍ଥାନେ ଐୟ) ନ୍ୟାୟଶାସ୍ତ୍ରଜ୍ଞ, ତାର୍କିକ ।
ନୈର୍‌ଋତ, ବି. (ନିର୍‌ଋତି-ଅ) ଦକ୍ଷିଣ ପଶ୍ଚିମ କୋଣ ଓ ତଦଧିପତି; ରାକ୍ଷସ ।
ନୈବେଦ୍ୟ, ବି. (ନିବେଦ-ଯ) ଦେବୋଦ୍ଦେଶରେ ନିବେଦନୀୟ ପଦାର୍ଥ ।
ନୈସର୍ଗିକ, ବିଂ. (ନିସର୍ଗ = ସ୍ୱଭାବ-ଇକ) ସ୍ୱାଭାବିକ ।
ନୋଚ୍ଛ, ବି. (ନ୍ୟୁବ୍‌ଜ ଶବ୍ଦଜ) ସଂକୋଚନ । ବିଂ. ସଂକୁଚିତ ।
ନୋଚା, ବିଂ. (ଦେଶଜ) କପଟାଚାରୀ ।
ନୋଚ୍ଛକୋଚ୍ଛ, ବିଂ. (ନ୍ୟୁବ୍‌ଜ କୁବ୍‌ଜ ଶବ୍ଦଜ) ସଂକୁଚିତ ।
ନୋଚହେବା, କ୍ରି. (ନ୍ୟୁବ୍‌ଜ ଶବ୍ଦଜ) ସଂକୁଚିତ ହେବା । ଯଥା—
କୁଳବତୀ ନବୀନା ନୃପତିନନ୍ଦିନୀ ସେ,
ମହାମତ୍ତଗଜ ଗ୍ରୀବ ନୋଚ ହୋଇ ବସେ । କୋ ବ୍ର-ସୁ.
ନୋଟା, ଲୋଟା, ବି. (ଦେଶଜ) ଡ଼ାଳ ।
ନୋଦନ, ବି. (ନୁଦ୍ = ପ୍ରେରଣ କରିବା ଇତ୍ୟାଦି-ଅନ) ପ୍ରେରଣ; ଅପସାରଣ; ଛେଦନ । (ବିଶେଷଣରେ ନୋଦିତ, ନୁତ୍ତ ଓ ନୁନ୍ନ ପଦ ନିଷ୍ପନ୍ନ ହୁଏ ।)

ନୋଲ, ବି. (ଦେଶଜ) କର୍ଣ୍ଣାଲଂକାରବିଶେଷ । ଯଥା—

**ସେହି ଦିନ ଦିବସେ ଶ୍ରବଣ ବିନ୍ଧାଇଲେ,**
**ଯୋଡ଼ି ଯୋଡ଼ି ନବୀନ ସୁବର୍ଣ୍ଣ ନୋଲ ଦେଲେ ।**
ନୃ. ପୁ. ଭୂ. ଚ.

ନୋଲଆ, ବି. ( ଦେଶଜ ) ସମୁଦ୍ରରେ ମାଛ ଧରିବା ଜାତି । ଯଥା—

**ଝିପାକାଠି ପୃଷ୍ଠେ ତରଙ୍ଗେ ନୋଲଆ**
**ଗାଏ ଜୟ ଗଙ୍ଗେଶ୍ୱର । ପାର୍ବତୀ ।**

**ବିଂ.** ଯେ ନୋଲ ପିନ୍ଧିଥାଏ ।

ନୋହିଲେ, } ଅଂ. ( ଦେଶଜ ) ନଚେତ୍,
ନ ହେଲେ, } ଯଦି ତାହା ନୁହେ ।

ନୋହୁଣୁ, } ଅଂ. ନ ହେବା ପୂର୍ବେ ।
ନ ହେଉଣୁ, } ଯଥା—

**କବା ନୋହୁଣୁ ମୋର ସୁତ,**
**କଂସ ହୋଇବ ପ୍ରାଣେ ହତ । ଖ୍ରି. ଦ. ସ୍ୱ.**

ନୋହେ, ନୁହେ, କ୍ରି. ( ଦେଶଜ ) ନ ହୁଏ । ଯଥା—

**ଠକ ନୋହେ ଗୁରୁ କୃଷ୍ଣ ବଇଷ୍ଣବେ ଯେହୁ । ବି.ଚ.ମ.**

ନୌ, } ବି. ସ୍ତ୍ରୀ. (ନୁଦ୍ = ପ୍ରେରଣ କରିବା-
ନୌକା, } ଔ ସଂଜ୍ଞାର୍ଥେ- କ ସ୍ୱାର୍ଥେ-ଆ ) ଜଳଯାନ, ନାବ ।

ନୌତାର୍ଯ୍ୟ, ବିଂ. ( ନୌ -ତୃ-ଯ ) ନାବ୍ୟ, ନୌକାଗମ୍ୟ ।

ନୌନୁତ, ବି. (ଦେଶଜ କିମ୍ବା ନ୍ୟାୟନୁତ ପଦରୁ ଜାତ) ଭଣ୍ଡାରି ବା ନାପିତ ପ୍ରଭୃତି କେତେକ ଜାତିରେ ବିବାହ ଭୋଜି ସମୟରେ କୁଳ ଲୋକଙ୍କ ମଧ୍ୟରେ ଗୋଟିଏ ପିଢ଼ା ପକାଇ ତହିଁରେ ଗୁଆ ଗୁଡ଼ିକ ରଖି ବରଘର ଏକ ଟଙ୍କା ହେଲେ କନ୍ୟାଘର ଆଠଅଣା ପଇସା, ଏହି ହିସାବରେ ସେହି ପିଢ଼ା ଉପରେ ରଖି ସମଗ୍ର କୁଳକୁ ପ୍ରଣାମ କରନ୍ତି, ତାହାର ନାମ ନୌନୁତ ।

ନୌବତ, ନହବତ, } ବି. (ଯାବନିକ)ବାଦ୍ୟ-
ନୌବତ୍, } ବିଶେଷ । ଯଥା—

**କହିଁ ନୌବତ ନ ବାଜିଲା,**
**ଏ ବଡ଼ ବିଶୟ ଲାଗିଲା । ଦା. ର.**

ନୌବଳ, ବି. (ନ୍ୟାସ୍ୱବଳ ଶବ୍ଦଜ) ଏକପ୍ରକାର ଖେଳ; ସତରଞ୍ଜ ଖେଳ । ( ନୌ = ଜଳଯାନ-ବଳ = ସୈନ୍ୟ ) ଜଳଯୁଦ୍ଧର ସୈନ୍ୟ ।

ନ୍ୟକ୍, } ବିଂ. (ନି = ନିକୃଷ୍ଟ-ଅନ୍ଚ୍ = ଗମନ
ନ୍ୟଙ୍, } କରିବା-କ୍ୱିପ୍) ନୀଚ; ଘୃଣ୍ୟ; ନିମ୍ନ ।

ନ୍ୟକ୍କାର, ବି. (ନ୍ୟକ୍-କାର) ଘୃଣା, ଅବଜ୍ଞା; ଧିକ୍କାର; ବମନ, ବାନ୍ତି ।

ନ୍ୟଗ୍ରୋଧ, ବି. (ନ୍ୟକ୍-ନିମ୍ନ-ରୋଧ) ବାଟବୃକ୍ଷ; ବାହୁ ପରିମାଣ ।

ନ୍ୟସ୍ତ, ବିଂ. (ନି-ଅସ୍ = କ୍ଷେପଣ କରିବା-ତ) ନିକ୍ଷିପ୍ତ; ତ୍ୟକ୍ତ; ଅର୍ପିତ; ସ୍ଥାପିତ; ପ୍ରେରିତ; ରଚିତ; ପାତିତ; ବିସ୍ତାରିତ ।

ନ୍ୟାୟ, ବି. (ନି = ନିଶ୍ଚୟ-ଇ = ଗମନ କରିବା-ଅ) ନୀତି; ଯୁକ୍ତି; ତର୍କଶାସ୍ତ୍ର; ଯାଥାର୍ଥ୍ୟ ।

ନ୍ୟାଯ୍ୟ, ବିଂ. (ନ୍ୟାୟ-ଯ) ଯଥାର୍ଥ, ଉଚିତ; ଯୋଗ୍ୟ ।

ନ୍ୟାସ, ବି. (ନି-ଅସ୍ = କ୍ଷେପଣ କରିବା-ଅ) ନିକ୍ଷେପ; ଅର୍ପଣ; ବିନ୍ୟାସ ବା ରଖିବା; ତ୍ୟାଗ; ସନ୍ନ୍ୟାସ ।

ନ୍ୟାସୀ, ବିଂ. (ନ୍ୟାସ-ଇନ୍ ଅସ୍ତ୍ୟର୍ଥେ) ତ୍ୟାଗୀ; ସନ୍ନ୍ୟାସଧର୍ମାବଲମ୍ବୀ ।

ନ୍ୟୁବ୍ଜ,ବିଂ.(ନି = ନା -ଉବ୍ଜ୍ = ଋଜୁ ହେବା-ଅ) କୁବ୍ଜ; ବକ୍ର; ଅଧୋମୁଖ ।

ନ୍ୟୂନ, ବିଂ. ( ନି-ଊନ୍ = କମ ହେବା-ଅ ) ଅଳ୍ପ; ନୀଚ; କ୍ଷୁଦ୍ର ।

# ପ

**ପ,** ବ୍ୟଞ୍ଜନମାଳାର ଏକବିଂଶ ବର୍ଣ୍ଣ । ବି. (ପା = ପାଳନ କରିବା-ଅ) ରଜା; ଶାସ୍ତା; (ପା = ପାନ କରିବା-ଅ) ପାନ । (ପତ୍ = ପଡ଼ିବା-ଅ) ବାୟୁ; ଅଣ୍ଡ; ପତ୍ର; ରକ୍ଷା । ବିଂ. ଯେ ପାନ କରେ; ଯେ ପାଳନ କରେ ।

ପଁ, ଅଂ. (ଦେଶଜ) ଶବ୍ଦାନୁକରଣବିଶେଷ ।

ପଁପାଁ, ଅଂ. (ଦେଶଜ) ଶବ୍ଦାନୁକରଣବିଶେଷ ।

ପଅଁର, ପଅଁସ୍, କ୍ରି. (ଦେଶଜ) ସନ୍ତରଣକର । ଯଥା—

କେତେବେଳେ ପଙ୍କ ଲଙ୍ଘେ ଗିରି,
କୁବଳୟ ହୁଅଇ ପଅଁରି । ର. କ.

ପଇ, ପୋଇ, ବି. (ଦେଶଜ) ଶଗଡ଼ ଚକର ଚାରିଆଡ଼େ ଥିବା ଲୌହବଳୟ । (କେଉଁମାନେ ଶଗଡ଼ ଗୁଳାର ଉପରିଭାଗରେ ଯୋଡ଼ା ହୋଇଥିବା କାଷ୍ଠଖଣ୍ଡଗୁଡ଼ିକୁ ପୋଇ କହନ୍ତି ।) ଶଗଡ଼ ଗଳିଯିବାରେ ଭୂମିସ୍ଥ ରେଖା । ଯଥା—ବୁଢ଼ା ବଳଦ ପୋଇ ଗୁଡ଼େ ନାହିଁ ।

ପଇଞ୍ଚି, ପହଞ୍ଚି, } ବି. (ଦେଶଜ) ହସ୍ତର ଆଭରଣବିଶେଷ । ଯଥା—

ସୁନାଖଡ଼ୁ ପହଞ୍ଚି ରତ୍ନର ମୁଦ୍ରିକା,
ଲଗାଇ କରି ଶୋଭା ଦିଶୁଛନ୍ତି ଏକା । କୃ. ଭା. ଆ. ପ.

ପଇଟ, ପଇଠ, ପଏଠ, ବି. (ଦେଶଜ) ଭରା । ଯଥା—

କରି ପଇଠ ଛନ୍ଦିବ କରତରେ ଦେଇ । ର. କ.

(ପ୍ରବିଷ୍ଟ ଶବ୍ଦଜ) କସ୍ତିବନ୍ଦୀ କରି ଦେବା; ସମର୍ପଣ ।

ପଇଟାଇବା, କ୍ରି. (ଦେଶଜ) ଅଭ୍ୟାସ କରିବା; ପାଠ ମୁଖସ୍ଥ କରି ଘୋଷିବା ।

ପଇଠା, ପଇଟା, } ବି. (ପ୍ରବିଷ୍ଟ ଶବ୍ଦଜ) ଅଭ୍ୟାସ; ପାଠ ଘୋଷିବା ।

ପଇଠାଇବା, କ୍ରି. (ପ୍ରବିଷ୍ଟ ଶବ୍ଦଜ) ଦାଖଲ କରିବା; ପାଠ ମୁଖସ୍ଥ କରି ଘୋଷିବା ।

ପଇଠ, ବି. (ଦେଶଜ) ହାତର ଭରା । ଯଥା— କରରେ ଦେଇ କରି ପଇଠିକି । ବି. ଚ. ମ.

ପଇଡ଼, ପୈଡ଼, } ବି. (ପୟଃପେଟ-କ ଶବ୍ଦଜ) କସି ନଡ଼ିଆ । ଯଥା—

ପଇଡ଼ପାଣି ରସପଣା,
ସ୍ୱାଦୁରେ ଏକୁ ଏକେ ଜଣା । ଦା. ର.

ପଇଡ଼ା, ପରିଡ଼ା, } ବି. (ଦେଶଜ—ପରିଡ଼ା ଶବ୍ଦ କ୍ରମଶଃ ପଇଡ଼ା ହୋଇଅଛି) ଉପାଧିବିଶେଷ; ପ୍ରତିହାରୀ, ଦ୍ୱାରୀ ।

ପଇତା, ପୈତା, ବି. (ଉପବୀତ ଶବ୍ଦଜ) ଯଜ୍ଞୋପବୀତ । ଯଥା—

ବକ ଶାମଳ ବାନା ତା ଭୁଜଙ୍ଗ ପଇତା । ଲ. ବ.

ପଇଡି, ପୈଡି, ବି. (ଦେଶଜ) ରନ୍ଧା ଡାଲି । ଯଥା—

କାକରୁ ମୁଗ ପଇଡି ମଧୁରୁଚି କାନ୍ତ,
ବିବିଧ ବ୍ୟଞ୍ଜନ ଆଣି ଲକ୍ଷ୍ମୀ ପରଷନ୍ତି । ନୃ. ପୁ. ଭୃ. ଚ.

ପଇଦ, ବି. (ଦେଶଜ) ରାଜସେବକବିଶେଷ । ଯଥା—

ପଇଦ ଡଗର ଯେ ମହାସୁଆର ଭୋଇ,
ଚୂହାଣ ଚରଚଆ ଯେ ସୁଆର ପଲଇ । ନୃ. ପୁ. ଦ୍ୱି. ଚ.

ପଇଲମ, ବି. (ଦେଶଜ) ସ୍ଥାଲୀପାତ୍ରବିଶେଷ । ଯଥା—

ଦେବଙ୍କ ରତ୍ନ ଯୋଗାଡ଼ ଅଛୁ ତୋର ପୁରେ,
ପଇଲମମାନଙ୍କୁ ମାଗିଲେ ଦାମୋଦରେ । ସା. ଭା. ସ.

ପଇସା, ବି. (ଦେଶଜ) ତାମ୍ରମୁଦ୍ରାବିଶେଷ ଅର୍ଥାତ୍ ଟଙ୍କାର ୬୪ ଭାଗରୁ ଏକ ଭାଗ; ଧନ ।

ପଇସାକାଢ଼ୁଆ, ବିଂ. (ଦେଶଜ) ଯେ ଧନ ବ୍ୟୟ କରି ପାରେ ।

ପଉଁଚି, ବି. (ଦେଶଜ) ହସ୍ତର ଅଳଙ୍କାରବିଶେଷ ।

ପଉଟି, ପୌଟି, } ବି. (ପୌତବ ଶବ୍ଦଜ) ଶସ୍ୟାଦିର ପରିମାଣବିଶେଷ । ଯଥା—

ବାଟିଏ ଯେ ଚଷେ ପଉଟିଏ ଦିଏ ସଞ୍ଜା,
ଦ୍ୱାଦଶ ଫଳ ଅର୍କି ସୁଖେ ନଥଇ ପ୍ରଜା । ସା. ଭା. ଆ.

ପଏକାର, ବି. (ଦେଶଜ) ପଦାତି ବା ସୈନ୍ୟବିଶେଷ । ଯଥା—

ଗଜ ତୁରଙ୍ଗ ପଏକାର,
ସୈନ୍ୟ ତା ଅଛଇ ଅପାର । ମା. ମା.

ପଏଡ଼, ବି. (ଦେଶଜ) ବ୍ୟାଘାତ, ବାଧା । ଯଥା—

ପ୍ରଥମ ଧାଡ଼ିରେ ଗୋପପୁରେ ସେ ବେଢ଼ିଲା,
ତାହାର ହେତୁ ଆମ୍ଭଙ୍କୁ ପଏଡ଼ ପଡ଼ିଲା । ସା. ଭା. ସ.

ଗତିରୋଧକ ପ୍ରତିବନ୍ଧ । ଯଥା—

ଏକାଦଶ ଯୋଜନ ପଏଡ଼ ପଡ଼େ ଥାଟ,
ମୃତ୍ୟୁପିଣ୍ଡ ଘାତେ ସେହୁ ନ ପାବନ୍ତି ବାଟ । ସା. ଭା. ବ.

ଯେ କୌଣସି ପଦାର୍ଥର ଆଚ୍ଛାଦନ ରୂପକ ରୂପ । ଯଥା—

ପାଞ୍ଚ ପୁଣ ଶରଯନ୍ତ୍ରେ ପଏଡ଼ ପଡ଼ିଲା,
ବହୁତର ରଥ ଗଜ ଅଶ୍ୱ ନାଶ ଗଲା । ସା. ଭା. ବ

ପାଦବିନ୍ୟାସଦ୍ୱାରା ସମାଚ୍ଛାଦନ । ଯଥା—

ଏକଜଣକ ପଏଡ଼ ଦ୍ୱାଦଶ ଯୋଜନ,
ମହାବାତ ଜିଣି ସ୍ୱାମି ତାହାର ଗମନ । ସା. ଭା. ବ.

ପକା, ବି. ( ଦେଶଜ ) କୋଠାଘର । କ୍ରି. ପକାଅ । ଯଥା—

ଏ ଗର୍ଭଯାତନାରେ ନ ପକା ମୋତେ ଆଉ ।
ନୃ. ପୃ. ପ. ଭ.

ପକାଇବା, କ୍ରି. (ଦେଶଜ) ନିକ୍ଷେପ କରିବା; ଗଣନା କରିବା ।

ପକାଣ, ବି. (ପକ୍କଣ ଶବ୍ଦଜ) ଶବରପଲ୍ଲୀ, ଶବରମାନଙ୍କର ଘର ।

ପକାପକି, କ୍ରି. (ଦେଶଜ) ଅନ୍ୟୋନ୍ୟ ଭଳେ ନିକ୍ଷେପ କରିବା । (ପିଟ୍ଟ ଶବ୍ଦ ଦେଖ ।)

ପକ୍କ, ବିଂ. (ପକ୍ୱ ଶବ୍ଦଜ) ଜୀର୍ଣ୍ଣ । ଯଥା—

ସୂର୍ଯ୍ୟ କଳାରେ ଆହାର ହୁଏ ଜାଣ ପକ୍କ,
ଚନ୍ଦ୍ର କଳାରେ ମନ୍ଦ ହୁଅଇ ଶରୀରକୁ । ନୃ. ପୃ. ସ. ଭ.

ପକ୍କଣ, ବି. (ପଚ୍ = ପାକ କରିବା-କଣ୍, ଚ = କ ) (ପଚ୍ୟତେ କଦନ୍ନମନ୍ତ୍ରେତି ପକ୍କଣଃ) ଭିଲ୍ଲପଲ୍ଲୀ, ଶବରପଲ୍ଲୀ, ଶବରମାନଙ୍କର ଗୃହ; ଅଗ୍ନି ।

ପକ୍କା, ବି. (ପକ୍ୱ ଶବ୍ଦଜ) ଘୃତାଦିରେ ପକ୍ୱ ମିଷ୍ଟାନ୍ନ । (ହିନ୍ଦୀ) କୋଠାଘର, ଚୂନ ଓ ଇଟା ବା ପଥରରେ ତିଆରି ହୋଇଥିବା ଘର । ବିଂ. ଉତ୍ତମ; ନିବାଡ଼; ସ୍ଥାୟୀ । ସ୍ଥାନେ ସ୍ଥାନେ ଅଧିକ ଅର୍ଥ । ଯଥା—

ବୟସ ପକ୍କା ହେଲେ ବୁଦ୍ଧି ହୁଏ କଞ୍ଚା ।

ପକ୍କକ, ବିଂ. (ପାବନକ) ଉତ୍ତମ ।

ପକ୍ତି, ବି. (ପଚ୍ = ପାକ କରିବା-ତି) ରନ୍ଧନ । (ପକ୍ତା = ପାଚକ ।)

ପକ୍ୱ, ବିଂ. (ପଚ୍-ତ, ତ = ବ) ପରିଣତ; ସିଦ୍ଧ; ଦୃଢ଼; ବିନାଶୋନ୍ମୁଖ ।

ପକ୍ଷ, ବି. (ପକ୍ଷ୍ = ପରିଗ୍ରହ କରିବା-ଅ) ମାସାର୍ଦ୍ଧ; ପକ୍ଷିର ଡେଣା; ପିଚ୍ଛ; ଶରର ପକ୍ଷି; ପାର୍ଶ୍ୱ-ଗୃହ; ଭିତ୍ତି; ପାର୍ଶ୍ୱ; ସହାୟ; ଚୁଲ୍ଲୀରନ୍ଧ୍ର; ମତ; ପକ୍ଷିପକ୍ଷର ମୂଳ; ( କେଶାଦି ଶବ୍ଦର ପରେ ରହିଲେ ) ସମୂହ । ଯେପରି— କେଶପକ୍ଷ ।

ପକ୍ଷତି, ବି. (ପକ୍ଷ-ତି-ମୂଳାର୍ଥେ) ପକ୍ଷିଡେଣାର ମୂଳ । (ସ୍ତ୍ରୀଃ ପକ୍ଷତିଃ ପକ୍ଷମୂଳଂ—ଅମର ।)

ପକ୍ଷପାତ, ବି. (ପକ୍ଷ = ପାର୍ଶ୍ୱ-ପତନ) ସ୍ନେହ; ଅନୁଗ୍ରହ; ଆସକ୍ତି; ପରିଚୟ; ଏକପାର୍ଶ୍ୱକୁ ଆଉଜିବା ।

ପକ୍ଷୀ, } ବି. (ପକ୍ଷ-ଇନ୍-ଅସ୍ତ୍ୟର୍ଥେ) ଚଢ଼ାଇ;
ପକ୍ଷିନ୍, } ବାଣ ।

ପକ୍ଷ୍ମ, ବି. (ପକ୍ଷ୍ମନ୍-ପକ୍ଷ୍ = ଗ୍ରହଣ କରିବା-ମନ୍) ନେତ୍ରଲୋମ; ପଲକ, ଲୋମ; ପୁଷ୍ପକେଶର· ସୂତାଦିର ଅଗ୍ରଭାଗ ।

ପଖ, ବି. ( ପକ୍ଷ = ପ୍ରାକୃତ ପକ୍‌ଖରୁ ଜାତ ) ମାସାର୍ଦ୍ଧ ।

ପଖଳା, ବି. (ପ୍ରକ୍ଷାଳ ଶବ୍ଦଜ) ଧୋଇବା । ବିଂ. ଧୋଇଥିବା, ଧୌତ । ଯଥା—

ରତ୍ନପାଦୁକା ଚଢ଼ି ସେଠାକୁ ଗଲେ କଳ୍କି,
ପାଣିପଖଳା ଖଦି ଦେହରେ ଲଗି ହେଲି । ନୃ.ପୃ.ପ.ଭ.

ପଖା, ବି. (ପକ୍ଷ ଶବ୍ଦଜ) ପାର୍ଶ୍ୱ । ଯଥା—

ଅଙ୍ଗଡ଼ାବ ଖଣ୍ଡା ବାମ ପଖା । ବି. ଗ୍ର.

ଚୁଲ୍ଲୀର ରନ୍ଧ୍ର; ମୟୂରପିଚ୍ଛାଦିରେ ରଚିତ ଏକପ୍ରକାର ରାଜୋପକରଣ । ଯଥା—

ଆଲଟ ଚାମର ପଖା ପଡ଼େ ଚଉପାଶ । ନ.ପୃ.ଭ.ଚ·

ପଖାଇବା, କ୍ରି. (ଦେଶଜ) ଏକପାର୍ଶ୍ୱସ୍ଥ ହେବା, ଏକଆଡ଼ରେ ରହିବା ।

ପଖାଉଜ, } ବି. (ଦେଶଜ) ଚର୍ମାବୃତ ବାଦ୍ୟ-
ପଖଉଜ, } ବିଶେଷ । ଯଥା—

ପଖାଉଜ ଭୁଲେ ଢୋଲ ବାଜଇ ଗହନେ । ସା·ଭା·ସ·

ପଖାଳ, ବି. (ପ୍ରକ୍ଷାଳନ ଶବ୍ଦଜ) ପାଣି ତୋରାଣି ମିଶା ଭାତ; ପ୍ରକ୍ଷାଳନ । ଯଥା—

କର କି ଫଳ ଜଳେ ମୁଖ ପଖାଳ
କାଠିଲଗି ସ୍ନାନ ସାର । ର. କ.

ପଖାଳକରା, } ବି. (ଦେଶଜ) ଯେଉଁ ମୋଟ
ପଖାଳକରିଆ, } ଲୁଗା ପିନ୍ଧି ଗାଧୋଇବାକୁ ହୁଏ; ଯେଉଁ ଲୁଗା ପ୍ରତିଦିନ ଧୂଆ ହୁଏ ।

ପଖାଳିବା, କ୍ରି. (ପ୍ର-କ୍ଷାଳ୍ ଧାତୁଜ) ଧୋଇବା । ଯଥା—

କେ ମୋ ଚରଣ ପଖାଳି ପାଦୁକ ପାଇଣ ଶିରେ ସିଞ୍ଚିବ ।
ବି· ଗ୍ର

ଗରମ ଭାତରେ ପାଣି ପୂରାଇବା ।

**ପକ୍ଷି**, ବ. (ପକ୍ଷ ଶବ୍ଦଜ) ପକ୍ଷର ଝୁଲ, ପୁଚ୍ଛ । ଯଥା—

କୃଷ୍ଣ ମସ୍ତକରେ ଦେଖି ମୟୂର ପକ୍ଷି ସଜନ ଗୋ । ର.କ.

(ପକ୍ଷୀ-ପ୍ରାକୃତ ପକ୍‌ଖି ଶବ୍ଦଜ) ପକ୍ଷୀ ।

**ପକ୍ଷିଆ**, ବ. (ଦେଶଜ) ଗୃହର ଭିତ୍ତି ଓ ସ୍ତମ୍ଭ ଉପରସ୍ଥ କାଷ୍ଠଖଣ୍ଡ; ବୃଷ୍ଟିନିବାରକ ତାଳପତ୍ର ଆଚ୍ଛାଦନୀବିଶେଷ । ଯଥା—

ତାଳପତ୍ର ବନ୍ଧୁ ହାତ କରଇ ମଣ୍ଡର,
ଦରବ୍ରେ ଛତା ପକ୍ଷିଆ କରନ୍ତି ଚନ୍ଦ୍ରର । ବୃ. ସୁ.

**ପକ୍ଷିଜଟା**, } ବ. (ପକ୍ଷୀ-ଜଟାୟୁ ଶବ୍ଦଜ )
**ପକ୍ଷିଜଟା**, } ଜଟାୟୁନାମକ ରାମାୟଣରେ ବର୍ଣ୍ଣିତ ପକ୍ଷୀ ।

**ପକ୍ଷିଧରା**, ବ. (ପକ୍ଷିଧାରକ ଶବ୍ଦଜ) ବ୍ୟାଧ । (ପକ୍ଷିଧାରଣ ଶବ୍ଦଜ) ପକ୍ଷୀ ଧରିବା ।

**ପକ୍ଷିପାଣି**, ବ. ( ଦେଶଜ ) ଗୁହ୍ଯକାଳିକା ଚଢ଼େଇର ଶୁଖିଲା ପକ୍ଷ ଯେଉଁ ପାଣିରେ ସିଦ୍ଧ ହୋଇ ତ୍ରିଦୋଷ ସନ୍ନିପାତରେ ଔଷଧସ୍ୱରୂପ ବ୍ୟବହୃତ ହୁଏ ।

**ପଖୋଜ**, } ବ. (ଦେଶଜ) ଚର୍ମାବୃତ ତାଳ
**ପଖୌଜ**, } ବାଦ୍ୟଯନ୍ତ୍ରବିଶେଷ ।

**ପଗ, ପବ**, ବ. (ପର୍ବ ଶବ୍ଦଜ) ଅଙ୍ଗୁଳିଗ୍ରନ୍ଥି । ଯଥା—

ଏ ମୋହର ଡାହାଣ ହସ୍ତର ପଗଅଛି,
ତା ଯତ୍ନେ ରଖିବୁ ନ ଜାଣିବ କୁରୁପତି । ସା. ଭା. ଆ.

ଇକ୍ଷୁ ପ୍ରଭୃତିର ଗୋଟିଏ ଗଣ୍ଠିଠାରୁ ଆଉ ଗୋଟିଏ ଗଣ୍ଠି ପର୍ଯ୍ୟନ୍ତ ଭାଗ । ଯଥା—

ଅଗ୍ର ମୂଳ ତାହାର ସମାନ ଏକଭାଗ,
ପ୍ରଥମ ଖଣ୍ଡକୁ କଲେ ଏକାଦଶ ପଗ । ନୃ. ପୁ. ପ୍ର. ତ.

**ପଗଡ଼ି**, ବ. (ଦେଶଜ) ବ୍ୟବହାରାଦିରେ ନିୟମ । (କର୍ପୂର ମଣି ପ୍ରଭୃତିର) ଗୋଟା ବା ଗୁଳା । ଯଥା—

ପଦ୍ମରାଗ ପଗଡ଼େ ପ୍ରତିମା ହୁଏ ଖଞ୍ଜା,
ମାଣିକ୍ୟ ଝରିମାନ ବସିଛି ପୁଞ୍ଜାପୁଞ୍ଜା । ନୃ. ପୁ ପ. ତ.

**ପଗଡ଼ି**, ବ. (ଯାବନିକ) ପାଗ । ଯଥା—

ଲାଲ ପଗଡ଼ିକି ନ ଡ଼ରନ୍ତି କିଏ ? ଦ. ବା.

(ଦେଶଜ) କର୍ଣ୍ଣଭୂଷଣବିଶେଷ ।

**ପଗଡ଼ିବା**, କ୍ରି. (ଦେଶଜ) ରକ୍ଷା କରିବା; ସମ୍ଭାଳିବା; ଯଥା—ଅସ୍ତ୍ର ଧର, ଦମ୍ଭ ପଗଡ଼ । ଜୁଟିବା; ପାଇବା । ଯଥା—

ଏ କଥାଟା ଆଗରୁ ପଗଡ଼ି ପାରିଥିଲେ ଦେଶ ସେବାର ଅର୍ଥ ଜୁଟିବାକୁ ଆମକୁ ଏତେ ଧନ୍ଦ ହେବାକୁ ପଡ଼ି ନଥାନ୍ତା । ଉ ସା. ୧୮. ୯.

**ପଗାର**, ବ. ( ଯାବନିକ ) ହାଡ଼; ସୀମା; ହାଡ଼ ଉପରେ ଦିଆ ଯାଇଥିବା ବାଡ଼ ।

**ପଘା**, ବ. (ପ୍ରଗ୍ରହ ଶବ୍ଦଜ) ଗୋରୁ ବାଛୁରି ଇତ୍ୟାଦିଙ୍କୁ ବାନ୍ଧିବା ରଜ୍ଜୁ ।

**ପଙ୍କ**, ବ. (ପନ୍‌ଚ୍‌—ବିସ୍ତାର କରିବା-ଅ) ପାପ; କର୍ଦ୍ଦମ ।

**ପଙ୍କଜ, ପଙ୍କଜନ୍ମ**, } ବ. ( ପଙ୍କ-ଜନ୍ =
**ପଙ୍କରୁହ, ପଙ୍କେରୁହ**, } ଜନ୍ମିବା-ଅ, ପଙ୍କ-ଜନ୍ମନ୍, ରୁହ) ପଦ୍ମ; ସାରସ ପକ୍ଷୀ । ବିଂ କର୍ଦ୍ଦମଜାତ ।

**ପଙ୍କଜିନୀ**, ବ. ସ୍ତ୍ରୀ. (ପଙ୍କଜ-ଇନ୍-ଅସ୍ତ୍ୟର୍ଥେ ଈ) ପଦ୍ମିନୀ; ପୁଷ୍କରିଣୀ, ପଦ୍ମାକର ।

**ପଙ୍କପ୍ରକ୍ଷାଳନ ନ୍ୟାୟ**, ବ. ପଙ୍କ ଲେପନ କରି ପ୍ରକ୍ଷାଳନ କରିବା ଅପେକ୍ଷା ପଙ୍କ ଲେପନ ନ କରିବାହିଁ ଶ୍ରେୟସ୍କର ।

**ପଙ୍କି**, ବ. (ଦେଶଜ) ଏକଜାତୀୟ ଧାନ୍ୟ ।

**ପଙ୍କିଳ**, ବିଂ. (ପଙ୍କ-ଇଳ) ପଙ୍କଯୁକ୍ତ, କାଦୁଆ । ଯେପରି—ପଙ୍କିଳ ଜଳ ।

**ପଙ୍କୁ**, ବ. (ପଙ୍କ ଶବ୍ଦଜ) କାଦୁଅ; ମାଟି । ଯଥା—

ମୁର ପ୍ରାପ୍ତେ ଲକ୍ଷେ କି କରି ପାରେ ତୁମ୍ଭଙ୍କୁ,
ବାଜି ତୁମ୍ଭ ପାଦ ସେ ହୋଇବ ଧୂଳି ପଙ୍କୁ ।
ନୃ. ପୁ. ଷ. ତ

**ପଙ୍କୁଆ**, ବିଂ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ପଙ୍କଯୁକ୍ତ ।

**ପଙ୍‌କ୍ତି**, ବ. ସ୍ତ୍ରୀ. (ପନ୍‌ଚ୍ = ବିସ୍ତୃତ ହେବା-ତି) ଶ୍ରେଣୀ; ଏକଜାତୀୟ ଲୋକଙ୍କ ଏକତ୍ର ସଂସ୍ଥାନ; ଦଶମ ଛନ୍ଦର ବୃତ୍ତବିଶେଷ; ଦଶ ସଂଖ୍ୟା; ପୃଥିବୀ; ପାକ; ଗୌରବ ।

ପଙ୍ଗା, ବି. (ଦେଶଜ) ହସ୍ତବ୍ୟଜନବିଶେଷ । ଯଥା—
ସୁମନେ ପଙ୍ଗା ରଚିବି, ସୁମରୁଁ ଧନ ବାଞ୍ଛିବି । ବି.ଚ.ମ.
ଗୃହର ଛାତରୁ ରଜ୍ଜୁ ଦ୍ୱାରା ଝୁଲୁଥିବା ବ୍ୟଜନବିଶେଷ ।

ପଙ୍ଗତ ବି. (ପଂକ୍ତି ଶବ୍ଦଜ) ଅନେକେ ଏକ ସ୍ଥାନରେ ବସି ଭୋଜନ କରିବା; ଭୋଜନାର୍ଥ ବସିବା ବ୍ୟକ୍ତିମାନଙ୍କର ପଂକ୍ତି । ଯଥା—
ପଙ୍ଗତ ହୋଇଣ ବସନ୍ତି,
ତେବେ ସେ ଭୋଜନ କରନ୍ତି । ଦା. ର.

ପଙ୍ଗପାଳ, ବି. (ଦେଶଜ) ଝିଣ୍ଟିକା । ଯଥା—
ଜଳାବାଟ ଦେଇ କାଟୁଁଇନ ଦେଲେ ଗୃହିଁ,
ପଙ୍ଗପାଲ ପରି ଲୋକମାନେ ଛନ୍ତି ଧାଇଁ । ଉ. ସା.

ପଙ୍ଗା, ବି. (ଦେଶଜ) ଲବଣବିଶେଷ ।

ପଙ୍ଗାସ, ବି. (ଦେଶଜ) ମତ୍ସ୍ୟବିଶେଷ ।

ପଙ୍ଗୁ, ବିଂ. (ପନତିପଙ୍ଗୁଃ—ଅମର ଟୀକା, ପନ୍-ଗତି କରିବା-ଅଙ୍ଗ ) ପଦବିକଳ, ଜଙ୍ଘାବିକଳ; ଖଞ୍ଜ; ଶନିଗ୍ରହ ।

ପଚ, ବିଂ. (ପଚ୍=ପାକ କରିବା-ଅ) ପାଚକ ।

ପଚନ, ବି. (ପଚ୍-ଅନ) ପାକ ।

ପଚପଚ, ବି. (ପଚ = ସଂହାରକର୍ତ୍ତା-ପଚ, ଯେ ସଂହାରକର୍ତ୍ତା ଯମାଦିର ମଧ୍ୟ ସଂହାରକ ) ମହାଦେବ । (ଦେଶଜ) ବିଂ. ଲତଲତ; କୋମଳ; ଘୃତାକ୍ତ ।

ପଚପଚିଆ, ବିଂ. (ଦେଶଜ)ଘୃତାକ୍ତ; ଲତଲତ ।

ପଚରା, ବି. (ଦେଶଜ) ପ୍ରଶ୍ନ । ବିଂ. ପୃଷ୍ଟ; ସଢ଼ା ବା ପର୍ଯ୍ୟୁଷିତ ।

ପଚରାଇବା, (ଣିଜନ୍ତ) କ୍ରି. (ଦେଶଜ) ଅନ୍ୟଦ୍ୱାରା ପଚାରିବା ।

ପଚରାପଚରି, କ୍ରି. (ଦେଶଜ) ଅନ୍ୟୋନ୍ୟ ପ୍ରଶ୍ନ କରିବା ।

**ପଚା**, ବି. (ପଚ୍ = ପାକ କରିବା-ଅ,ଆ) ପାକ । (ପଚ୍ ଧାତୁଜ) କ୍ରି. ପକ୍ୱ କରିବା । ବିଂ. (ପଚ୍ୟ ଶବ୍ଦଜ) ବିକୃତ । ଯଥା—
ହାତ ଘୋଡ଼ା ମନୁଷ୍ୟମାନଙ୍କ ଅନ୍ତ ମେଞ୍ଚା,
ବାସନା ହୋଇବାରେ ନାକ ହେଲା ପଚା ।
କୃ. ଭା. ଶ୍ରୀ. ପ.
ପର୍ଯ୍ୟୁଷିତ, ସଢ଼ା । ଯେପରି—ପଚା ମାଂସ । (ଦେଶଜ) ବି. ରତ୍ନବିଶେଷ; ବର୍ଣ୍ଣବିଶେଷ । ଯଥା—
ପଚାବର୍ଣ୍ଣ କୃଷ୍ଣବର୍ଣ୍ଣ ଧଳା ପୀତ ଗୁରା,
ଏତେ ବର୍ଣ୍ଣେ ହରଗଣ ଛନ୍ତି ଅବତରି । ନୃ.ପୁ.ପ.ତ.
ବିଂ. ଏକପ୍ରକାର ନୀଳବର୍ଣ୍ଣବିଶିଷ୍ଟ । ଯଥା—
କଳା ପୀତ ପଚା ଲୋହିତ ବର୍ଣ୍ଣ ସାର,
ସଖି ମଧ୍ୟେ ଖେଳିଲେ ବିରାଟ ସଙ୍ଗତର । କୃ.ଭା.ବ.ପ.

ପଚାଇବା, କ୍ରି. (ପଚ୍ ଧାତୁଜ) ପକ୍ୱ କରିବା; ରଙ୍ଗ କରିବା । ଯଥା—
ଲାକ୍ଷା ରଞ୍ଜାରସେ ପଚାଇଛୁ ଦନ୍ତରାଜି । ଲା. ବ.

ପଚାପତ୍ର, ବି. (ଦେଶଜ) ଏକପ୍ରକାର ସୁବାସ ପତ୍ର । ଯଥା—
ତହିଁରେ ଥୁଆଣି ଯେ ପଚାପତ୍ର ଶେଯ । ନୃ.ପୁ.ପ.ତ.

ପଚାରିବା, କ୍ରି. (ଦେଶଜ) ଜିଜ୍ଞାସା କରିବା ।

ପଚ୍ଚାଶ, ପଞ୍ଚାଶ, ପଞ୍ଚାସ, ବିଂ. (ପଞ୍ଚାଶତ୍ ଶବ୍ଦଜ) ୫୦ ସଂଖ୍ୟା ।

ପଚିବା, କ୍ରି. (ପଚ୍ ଧାତୁଜ) ବିକୃତ ହେବା, ପର୍ଯ୍ୟୁଷିତ ହେବା, ସଢ଼ିଯିବା । ଯଥା—
ପଚି ପଙ୍କ ଯୋଗେ ଗନ୍ଧାଏ ଅଙ୍ଗଶସ୍ୟେ । କୃ.ଭା.ବ.ପ.

ପଚିଶ, ପଞ୍ଚିଶ, ପଞ୍ଚିଶି, ବିଂ. (ପଞ୍ଚବିଂଶ ଶବ୍ଦଜ) ୨୫ ସଂଖ୍ୟା । ଯଥା—
ତଇଲପିଆ କାଣ୍ଡ ବାଛଣ ପଞ୍ଚିଶି । କୃ. ଭା. ବ. ପ.

ପଚେଳିମ, ବିଂ. (ପଚ୍-ଏଳିମ) ସ୍ୱୟଂ ପକ୍ୱ ।

ପଛ, ବି. ( ପଶ୍ଚାତ୍-ପ୍ରାକୃତ ପଚ୍ଛା ଶବ୍ଦଜ ) ପୃଷ୍ଠଦେଶ । ଯଥା—
କେ ପଛକୁ ଯାଇ ଉରେ ଆଉଜାଇ
ଲୁହ ଉଘୁଳାଇ କେହୁ ବୋଲେ । ବି.ଚ.ମ.
ତହିଁଉତ୍ତାରୁ ବା ପରେ । ଯଥା—
ନୃପବର ବୋଇଲେ ହେ ବାବୁ ଆଗେ ଶୁଣ,
ପଛେ ଦେବ ତୁମ୍ଭେ ତୁମ୍ଭ ପରିଚୟମାନ । ବେ. ପ.
ଶେଷ । ଯଥା—
ଆଗ-ସୁନାପାଗ, ପଛ-ଗୁହ ପୋଛ । ଢଗ.

ପଛକରିବା, କ୍ରି. (ଦେଶଜ) ପିଠି ବୁଲାଇ-
ଦେବା ।

ପଛକାଟ, ବି. (ଦେଶଜ) ପଛରୁ କାଟିବା
କିମ୍ବା ତୋଳିବା ଫଳ ଶସ୍ୟାଦି ।

ପଛକୁ, } କ୍ରି. ବିଂ. (ଦେଶଜ) ପଶ୍ଚାତ୍
ପଛବେଳକୁ, } ବା ତହିଁଉତ୍ତାରୁ । ଯଥା —
ପଛେ, }

ଅଭ୍ୟାସେ ପାଟବ ଅରଜି ପଛକୁ
ଗଢ଼ିଲେ ଏହି ଅବଳା । ଯ. କେ.

ପଛକେ, } ଅଂ. ( ଦେଶଜ ) ଅଙ୍ଗୀକାରାର୍ଥ;
ପଛେ, } ସୁଦ୍ଧା । ଯଥା—

ନୋହୁ ଏ ରାଜ୍ୟ ପଛକେ ନୋହୁ ଏ ସମ୍ପଦ,
କରୁପେ ସ୍ବାଙ୍କୁ ମାରି କରିବ ପ୍ରାଣବଧ । ନୃ.ପୁ.ସ.ଚ.
କୃଷ୍ଣ ଭୋଗରେ ସବୁ ପଛେ ଯାଉ । ର. କ.

ପଛଘୁଞ୍ଚା, ବି. (ଦେଶଜ) ପଶ୍ଚାତ୍ପଦ ହେବା;
ଅସମ୍ମତ ହେବା । ଯଥା—
ପ୍ରିୟତମ ବନ୍ଧୁ ଆଗେ ଦେଲେ ପଛଘୁଞ୍ଚା । ଢ.ବ.

ପଛଘୁଞ୍ଚାଦେବା, କ୍ରି. ଅସ୍ୱୀକୃତ ହେବା ।

ପଛନ୍ତେ, } କ୍ରି. ବିଂ. ( ପଶ୍ଚାତ୍ ଶବ୍ଦଜ )
ପଶ୍ଚାନ୍ତେ, } ଯଥା—

ମୂର୍ଖଲୋକମାନେ ଯା ବୋଲିବେ ପଦେ ପଦେ,
ପଛନ୍ତେ ତାହା ସହି ପାରିବୁ କହୋ ହୃଦେ ।
ନୃ. ପୁ. ସ. ଚ.

ପଛଭଡ଼ା, ବିଂ. (ଦେଶଜ) ପଶ୍ଚାତ୍ପଦ । ଯଥା—
ଦୁଃଶାସନ ମୁଖେ ନାହିଁ କିଛି ବ୍ରୀଡ଼ା,
ପଳାଇଲା ପଛକୁ ହୋଇ ପଛଭଡ଼ା । କୃ.ଖ.ବ.ପ.

ପଛବନ୍ଧା, କ୍ରି. ବିଂ. (ଦେଶଜ) ଦୁଇ ହାତକୁ
ପିଠିଆଡ଼କୁ ଓଟାରି (ବାନ୍ଧିବା) ।

ପଛୁଇବା, } କ୍ରି. (ଦେଶଜ) ପଛକୁ ଘୁଞ୍ଚି-
ପଛେଇବା, } ଯିବା; ଅନ୍ୟଆଡ଼କୁ ହେବା ।

ପଛୁଡ଼, ବି. (ଦେଶଜ—ପଛ-ଆଡ଼) ପଶ୍ଚାତ୍-
ଭାଗ ।

ପଛୁଲ, ବି. (ଦେଶଜ) ସମୁଦ୍ର ବେଳାଭୂମି
ଉପରେ ଯେଉଁ ଅଳ୍ପ ଗଭୀର ପ୍ରାନ୍ତର
ମଧ୍ୟରେ ଜୁଆର ସମୟରେ ସମୁଦ୍ର ଜଳ
ପ୍ରବେଶ କରେ ଏବଂ ଭଟ୍ଟା ସମୟରେ
ଶୁଖିଲା ପଡ଼େ ।

ପଛୁଆଣି, ବି. (ଦେଶଜ) ପଛଆଡ଼ । ଯଥା—
ସ୍ବର ଲକ୍ଷ ଯୋଦ୍ଧା ଘେନି ମନ୍ତ୍ରି ଚୂଡ଼ାମଣି,
ସହଦେବ ଚଳେ ଯୁଧିଷ୍ଠିରଙ୍କ ପଛୁଆଣି । ସା.ଭା.ଆ.
ବିଂ. ପଛଆଡ଼େ ଥିବା । ଯଥା—
ମୁଁ ତୁମ୍ଭର ପରେ ଥିବି ହୋଇ ପଛୁଆଣି । ନୃ.ପୁ.ପ.ଚ.
ପଶ୍ଚାତ୍‌ଦେଶରୁ ଆସିଥିବା ।

ପଛିମ, ପଚ୍ଛିମ, ବି. (ପଶ୍ଚିମ ଶବ୍ଦଜ, ପ୍ରାକୃତ)
ପଶ୍ଚିମଦିଗ; ଚରମଭାଗ ।

ପଛିମା, ବିଂ. ( ପାଶ୍ଚାତ୍ୟ ଶବ୍ଦଜ ) ପଶ୍ଚିମ-
ଦେଶବାସୀ ।

ପଜା, କ୍ରି. (ପ୍ର-ଅଜ୍-ଧାତୁଜ) ଶସ୍ତ୍ରାସ୍ତ୍ର ଧାର
କରିବା ।

ପଜାଇବା, } କ୍ରି. ଅସ୍ତ୍ରଶସ୍ତ୍ରାଦି ଧାର
ପଜେଇବା, } କରିବା ।

ପଝା, ପଜା, ବି. ( ଦେଶଜ ) ପଶୁମାନଙ୍କର
ରୋମନ୍ଥ ଅର୍ଥାତ୍ ଚର୍ବିତଚର୍ବଣ ।

ପଝାରି, ପଝାରୀ, ବି. (ଦେଶଜ) ନାବରେ
ଚଢ଼ିଥିବା ଯାତ୍ରୀ । ଯଥା—
କୁଳୁକୁଳୁନାଦେ ବହିଯାଏ ନଦୀ
ବକ୍ଷେ ପଡ଼େ ଘନବାରି,
ପାହାଡ଼ିଆ ରାଗ ଗୁଞ୍ଜି ନାଉରିଆ
କରଇ ପଝାରି ପାରି । ଉ. ସା.

ପଞ୍ଚ, ପଞ୍ଚନ୍, ବିଂ. (ପଚ୍=ବିସ୍ତୃତ ହେବା-ଅ)
୫ ସଂଖ୍ୟା ।

ପଞ୍ଚଇ, ବିଂ. (ପଞ୍ଚନ୍ ଶବ୍ଦଜ) ୫ ସଂଖ୍ୟା ।
ଯଥା—
ପଞ୍ଚଇ ବଦନ ତୋହର,
ତୋ ନାମ ଅପାରୁ ଅପାର । ମା. ମା.

ପଞ୍ଚକ, ବି. (ପଞ୍ଚନ-କ-ସ୍ୱାର୍ଥେ) ପାଞ୍ଚ ସଂଖ୍ୟା;
ପଞ୍ଚସମୂହ; ପଞ୍ଚ ଦିବସର ସମଷ୍ଟି । ବିଂ. ପଞ୍ଚ-
ସମ୍ବନ୍ଧୀୟ; ପଞ୍ଚ ପରିମିତ; ପାଞ୍ଚଜଣର କ୍ରୀତ ।

ପଞ୍ଚକୋଳ, ବି. ବୈଦ୍ୟଶାସ୍ତ୍ରରେ ପିପ୍ପଳୀ,
ପିପ୍ପଳୀମୂଳ, ଚୁଇକାଠ, ଚିତାପାରୁ ଓ ଶୁଣ୍ଠୀ ।

ପଞ୍ଚଗବ୍ୟ, ବି. ଦଧି, ଦୁଗ୍ଧ, ଘୃତ, ଗୋମୂତ୍ର
ଓ ଗୋମୟ ।

ପଞ୍ଚତା, ପଞ୍ଚତ୍ୱ, ବି. (ପଞ୍ଚନ୍-ତା, ତ୍ୱ) ପାଞ୍ଚ
ପାଞ୍ଚରେ ମିଶାଣ; ପାଞ୍ଚ ଅଂଶରେ ବିଭାଗ;
ମରଣ । (ସ୍ୟାତ୍ ପଞ୍ଚତା କାଳଧର୍ମୋ-
ଦିଷ୍ଟାନ୍ତଃ ପ୍ରଳୟୋଽତ୍ୟୟଃ—ଅମର ।)

ପଞ୍ଚତିରିଶ, } ବିଂ. (ପଞ୍ଚତ୍ରିଂଶ ଶବ୍ଦଜ) ୩୫
ପଞ୍ଚତିରିଶି, } ସଂଖ୍ୟା ।
ପଇଁତିରିଶ, }

**ପଞ୍ଚନଖ**, ବି. (ପଞ୍ଚନ୍-ନଖ) ହସ୍ତୀ; ବ୍ୟାଘ୍ର; ବାନର; ମନୁଷ୍ୟ; କୂର୍ମ । ବିଂ ପଞ୍ଚନଖ-ଯୁକ୍ତ ।

**ପଞ୍ଚପଲ୍ଲବ**, ବି. ଆମ୍ର, ଅଶ୍ୱତ୍ଥ, ବଟ, ପ୍ଲକ୍ଷ ଓ ଡ଼ିମିରି ଗଛର ଡ଼ାଳ ।

**ପଞ୍ଚପ୍ରାଣ**, ବି. ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ—ଶରୀରସ୍ଥ ଏହି ପଞ୍ଚବାୟୁ ।

**ପଞ୍ଚଭୂତ**, ବି. ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ ।

**ପଞ୍ଚମ**, ବିଂ. (ପଞ୍ଚନ୍-ମ-ପୂରଣାର୍ଥେ) ପାଞ୍ଚର ପୂରଣ; ସ୍ୱରବିଶେଷ; କୋକିଳଧ୍ୱନି; ରାଗବିଶେଷ ।

**ପଞ୍ଚମକାର**, ବି. (ପଞ୍ଚନ୍-ମକାର = ମ ଅକ୍ଷର; ଯେଉଁ ପାଞ୍ଚ ଶବ୍ଦର ପ୍ରଥମେ ମ ଅକ୍ଷର ଥାଏ) ମତ୍ସ୍ୟ, ମାଂସ, ମଦ୍ୟ, ମୁଦ୍ରା ଓ ମୈଥୁନ—ଏହି ପାଞ୍ଚ ।

**ପଞ୍ଚମହାଯଜ୍ଞ**, ବି. ବେଦାଧ୍ୟୟନ, ଅଗ୍ନିହୋତ୍ର, ପିତୃତର୍ପଣ, ଭୂତବଳି ଓ ଅତିଥିପୂଜା ।

**ପଞ୍ଚଯଜ୍ଞ**, ବି. ବ୍ରହ୍ମଯଜ୍ଞ, ନୃଯଜ୍ଞ, ଦୈବଯଜ୍ଞ, ପିତୃଯଜ୍ଞ ଓ ଭୂତଯଜ୍ଞ ।

**ପଞ୍ଚବଟୀ**, ବି. ସ୍ତ୍ରୀ. ଅଶ୍ୱତ୍ଥ, ବଟ, ବିଲ୍ୱ, ଧାତ୍ରୀ ଏବଂ ଅଶୋକ; ଦଣ୍ଡକାରଣ୍ୟସ୍ଥ ବନବିଶେଷ ।

**ପଞ୍ଚଶାଖ**, ବି. (ପଞ୍ଚନ୍-ଶାଖା) ହସ୍ତ । ବିଂ. ପାଞ୍ଚଶାଖାଯୁକ୍ତ ।

**ପଞ୍ଚଶିଖ**, ବି. (ପଞ୍ଚନ୍-ଶିଖା=ଚୂଡ଼ା ବା କେଶ) ସିଂହ; ମୁନିବିଶେଷ । ବିଂ. ପାଞ୍ଚଶିଖାବିଶିଷ୍ଟ ।

**ପଞ୍ଚସ୍ତରି, ପଞ୍ଚସ୍ତୋରି**, } ବିଂ. (ପଞ୍ଚସପ୍ତତି ଶବ୍ଦଜ) ୭୫ ସଂଖ୍ୟା ।

**ପଞ୍ଚଷଠି, ପଁଷଠି, ପଅଁଷଠି**, } ବିଂ. (ପଞ୍ଚଷଷ୍ଟି ଶବ୍ଦଜ) ୬୫ ସଂଖ୍ୟା ।

**ପଞ୍ଚା**, ବି. (ଦେଶଜ) ବିଚାର । ଯଥା—

ସୁସ୍ପଷ୍ଟ ରତିସଞ୍ଚା, ସଖୀ ଦେଖିବା ପଞ୍ଚା
କରଣ ନାଗରୀ ମାନସ । ର. ପ.

ଗୃହର ଚାଳ ବଢ଼ାଇ ପିଣ୍ଡାରେ କରିଥିବା ବଖରା ।

**ପଞ୍ଚାଇବା, ପହଞ୍ଚାଇବା**, } କ୍ରି. (ଦେଶଜ) ଦୋଳି ହଲାଇବା । ଯଥା—

ପଞ୍ଚାନ୍ତି ଦୋଳରେ ସୁତ ଗାଇଣ ଗୀତ ।
ବଜାନ୍ତି ଯୁବତି ବୀଣା ବାଦ୍ୟ ନିରତ । ବି. ଗୀ.

**ପଞ୍ଚାଣ**, ବି. (ପଞ୍ଚାନନ ଶବ୍ଦଜ) ସିଂହ । (ଦେଶଜ) ବିଚାର ବା ଆଲୋଚନା । ବିଂ. ଶ୍ରେଷ୍ଠ, ଉତ୍କୃଷ୍ଟ । ଯଥା—

ସେ ନଦୀକୂଳେ ଚଳଇ ପାଣ୍ଡବ ପଞ୍ଚାଣ,
ଆକାଶେ ଉଛୁଳେ ବାଦ୍ୟ ଢମକ ନିଶାଣ । ସା. ଭା. ସ.

**ପଞ୍ଚାଣୋଇ, ପଞ୍ଚାନବେ**, } ବିଂ. (ପଞ୍ଚନବତି ଶବ୍ଦଜ) ୯୫ ସଂଖ୍ୟା । ଯଥା—

ଏ ପ୍ରବନ୍ଧ ତିନିଶତ ପଞ୍ଚାଣୋଇ ପଦ । ପ୍ରେ. ସୁ. ନି.

**ପଞ୍ଚାନନ, ପଞ୍ଚାସ୍ୟ**, } ବି. (ପଞ୍ଚ=ବିସ୍ତୃତ-ଆନନ, ଆସ୍ୟ, ପଞ୍ଚ=ପାଞ୍ଚ-ଆନନ, ଆସ୍ୟ) ସିଂହ; ମହାଦେବ ।

**ପଞ୍ଚାପଞ୍ଚି, ପଞ୍ଚାପାଞ୍ଚି**, } ବି. (ଦେଶଜ) ଅନ୍ୟୋନ୍ୟତଃ ବଳ କଷି ବାହୁଯୁଦ୍ଧ କରିବା । ଯଥା—

ପ୍ରଲମ୍ବାସୁର ରାମ ସଙ୍ଗେ,
ପଡ଼ିଲା ପଞ୍ଚାପଞ୍ଚି ରଙ୍ଗେ । ଭା. ଦ. ସ୍କ.

ପୁଣି କରେ ଫଣ ଖଣ୍ଡାକୁ ଧଇଲେ,
ପଞ୍ଚାପାଞ୍ଚି ହୋଇ ହଣାହଣି ହେଲେ । କୃ. ଭା. ଆ. ପ.

ଅନ୍ୟୋନ୍ୟ ବିଚାର ।

**ପଞ୍ଚାବନ**, ବିଂ. (ଦେଶଜ) ୫୫ ସଂଖ୍ୟା ।

**ପଞ୍ଚାମୃତ**, ବି. (ପଞ୍ଚ-ଅମୃତ) ଦଧି, ଦୁଗ୍ଧ, ଘୃତ, ମଧୁ ଓ ଖଣ୍ଡ ।

**ପଞ୍ଚାମ୍ର**, ବି. ଅଶ୍ୱତ୍ଥ, ନିମ୍ବ, ଚମ୍ପକ, ବକୁଳ ଓ ନାରିକେଳ ।

**ପଞ୍ଚାୟୂତ, ପଞ୍ଚାୟିତ, ପଞ୍ଚାଇତ, ପଞ୍ଚାଇତି, ପଞ୍ଚାଏତ**, } ବି. (ପଞ୍ଚାୟୁତ ଶବ୍ଦର ଅପଭ୍ରଂଶ) ପାଞ୍ଚଜଣ ବସି ନ୍ୟାୟ ବିଚାର କରିବା; ପାଞ୍ଚଜଣ ଭଦ୍ରଲୋକ; କୌଣସି କଳହ ସମାଧା କରିବାପାଇଁ ନିର୍ବାଚିତ ଏକାଧିକ ଭଦ୍ରଲୋକ; ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ନିର୍ବାଚିତ ଗ୍ରାମରକ୍ଷକ ଭଦ୍ରବ୍ୟକ୍ତି ।

ପଞ୍ଚାଳ, ବି. ( ପଞ୍ଚ = ବିସ୍ତୃତ-ଆଳ ) ଦେଶ-ବିଶେଷ । ବିଂ. ପଞ୍ଚାଳଦେଶବାସୀ ।

ପଞ୍ଚାଳିବା, କ୍ରି. ( ଦେଶଜ ) ଦୁଇହାତରେ ମର୍ଦ୍ଦିବା । ଯଥା—

ପଶାକାଠି ପଞ୍ଚାଳି ଧଇଲେ ଶଙ୍ଖସେନ,
ଚଳେ ଗଡ଼ାଇ ଦେଖନ୍ତେ ପଡ଼େ ଦଶ ଦାନ ।
ନୃ. ପୁ. ଦ୍ୱି. ଚ.

ପଞ୍ଚାଳିଶ, ପଞ୍ଚଚାଳିଶ, ପଞ୍ଚାଳିଶି, ପଞ୍ଚଚାଳିଶି, ପଇଁଚାଳିଶ, } ବିଂ. ( ପଞ୍ଚଚତ୍ୱାରିଂଶ ଶବ୍ଦଜ ) ୪୫ ସଂଖ୍ୟା ।

ପଞ୍ଚାଶ, ପଞ୍ଚାସ, ପଚାସ, } ବିଂ. ( ପଞ୍ଚାଶତ୍ ଶବ୍ଦଜ ) ୫୦ ସଂଖ୍ୟା ।

ପଞ୍ଚାଅଶି, ପଞ୍ଚାଶି, } ବିଂ. (ପଞ୍ଚାଶୀତି ଶବ୍ଦର ଅପଭ୍ରଂଶ) ୮୫ ସଂଖ୍ୟା ।

ପଞ୍ଚିଶ, ପଞ୍ଚିଶି, ପଚିସି, } ବିଂ. ( ପଞ୍ଚବିଂଶ ଶବ୍ଦଜ ) ୨୫ ସଂଖ୍ୟା ।

ପଞ୍ଚୁ, ବି. ( ପଂକ୍ତି ଶବ୍ଦଜ ) ବୈଷ୍ଣବମାନଙ୍କର ସହ ପଂକ୍ତି ଭୋଜନ । ( ପଞ୍ଚନ୍ ଶବ୍ଦଜ ) ବିଂ. ପାଞ୍ଚ ସଂଖ୍ୟା । ଯଥା—

ଇନ୍ଦ୍ରଗୋପ କିବା ରଙ୍ଗଚରଣର ପ୍ରଭା,
ପଞ୍ଚୁ ଚନ୍ଦ୍ର ଯୋଗେ ପଦ୍ମ ଫୁଟିଲା କି ଅବା । ମଂ.ସ.

ପଞ୍ଚାଏତ; ପାଞ୍ଚଜଣ ଭଦ୍ରବ୍ୟକ୍ତି ।

ପଞ୍ଚୁଆତି, ବି. ( ପଞ୍ଚମରାତ୍ରି ଶବ୍ଦରୁ ଜାତ ) ବାଳକ ଜନ୍ମର ପଞ୍ଚମ ଦିବସ; ସେହି ପଞ୍ଚମ ଦିବସରେ ଦେବୀଙ୍କୁ ନିବେଦିତ ଭୃଷ୍ଟ ତଣ୍ଡୁଳ ପ୍ରଭୃତି । ଯଥା—

ବ୍ରୀହି ଆଦି ପଞ୍ଚବୀଜ ପଞ୍ଚୁଆତି ଯେ,
ବ୍ୟାନ ସହ ପଞ୍ଚ ବାୟୁ ତୋଷକ ସେ ଯେ । ବୈ. ବି.

ପଶାଖେଳର ଦାନବିଶେଷ ଅର୍ଥାତ୍ ଦୁଇ କାଠିରେ ତିନି ଓ ଦୁଇ ଦାନ ପଡ଼ିବା । ଯଥା—

ତାଙ୍କ ଦାନ ପଞ୍ଚୁଆତି ଆମ୍ଭ ଦାନ ବତି । ନା.ର.ଗୀ.

ପଞ୍ଚୁକୁଳ, ବି. (ପଞ୍ଚକୋଳ ଶବ୍ଦଜ) ଔଷଧି-ବିଶେଷ । (ପଞ୍ଚକୋଳ ଶବ୍ଦ ଦେଖ ।)

ପଞ୍ଚୁଗବ୍ୟ, ବି. (ପଞ୍ଚଗବ୍ୟ ଶବ୍ଦଜ) (ପଞ୍ଚଗବ୍ୟ ଶବ୍ଦ ଦେଖ ।)

ପଞ୍ଚୁଗ୍ରାସି, ବି. (ପଞ୍ଚଗ୍ରାସ ଶବ୍ଦଜ) ବିବାହରେ ବର କନ୍ୟାଙ୍କର ଏକତ୍ର ଭୋଜନ । ଯଥା—

ଏକ ଠାଆ ଟିଡ଼ାରେ ଯେ ବର କନ୍ୟା ବସି,
ଷଡ଼ରସେ ମଣୋହି କରନ୍ତି ପଞ୍ଚୁଗ୍ରାସି । ମଂ. ସ.

ଉପନୟନ ସମୟରେ ବ୍ରାହ୍ମଣ ଯଜ୍ଞୋପବୀତ ଗ୍ରହଣ କଲା ପରେ ପ୍ରଥମ ଥର ପଞ୍ଚପ୍ରାଣ ଉଦ୍ଦେଶ୍ୟରେ ଯେଉଁ ପାଞ୍ଚ ଗୁଣ୍ଡା ଖାଏ; ବ୍ରାହ୍ମଣମାନେ ଭୋଜନ ପୂର୍ବରୁ ଚକ୍ର କରି ପଞ୍ଚପ୍ରାଣ ଉଦ୍ଦେଶ୍ୟରେ ମୁଖରେ ଯେଉଁ ଅନ୍ନ ପାଞ୍ଚଥର ଦିଅନ୍ତି ।

ପଞ୍ଚୁପାତ୍ରୀ, ବି. ସ୍ତ୍ରୀ. ( ଦେଶଜ ପ୍ରାୟ ) ସନ୍ଧ୍ୟା ବନ୍ଦନାଦି ନିମିତ୍ତ ତାମ୍ର ବା ପିତ୍ତଳନିର୍ମିତ କ୍ଷୁଦ୍ର ପାତ୍ରବିଶେଷ ।

ପଞ୍ଚୁବର୍ଣ୍ଣ, ବି. (ପଞ୍ଚବର୍ଣ୍ଣ ଶବ୍ଦଜ) ପାଞ୍ଚ ରଙ୍ଗର ମୁରୁଜ ବା ଚୂର୍ଣ୍ଣ; ଏହାଦ୍ୱାରା ପୂଜା ଇତ୍ୟାଦିପାଇଁ ଭୂମିରେ ମଣ୍ଡଳ ଚିତ୍ର ଚିତ୍ରିତ କରାଯାଏ ।

ପଞ୍ଚୁମୂଳ, ବି. ( ପଞ୍ଚମୂଳ ଶବ୍ଦଜ ) ଅଗ୍ନାନ୍ତି, ଭେଙ୍ଗାଭେଜି, ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ ଓ ଗୋଖରା ଏ ପାଞ୍ଚକୁ ସାନ ପଞ୍ଚୁମୂଳ କହନ୍ତି; ବେଲ, ଫଣଫଣା, ଗମ୍ଭାରି, ପାଟୁଳି ଓ ଅଗିବଥୁ ଏ ପାଞ୍ଚକୁ ବଡ଼ ପଞ୍ଚୁମୂଳ କହନ୍ତି ।

ପଞ୍ଜର, ବି. ( ପନ୍ଜ୍ = ବାସ କରିବା-ଅର ) ଶରୀର; ଅସ୍ଥିମାତ୍ରାବଶିଷ୍ଟ ଶରୀର; ବନ୍ଧ ପକ୍ଷି ପ୍ରଭୃତିର ଗୃହ । (ତେ ବନ୍ଧାଶରଜାଳେନ ଶକୁନ୍ତାଇବ ପଞ୍ଜରେ ।) (ପିଞ୍ଜର ଶବ୍ଦଜ) ଜଳାକବାଟି, ଝରକା ।

ପଞ୍ଜୁରା, ବି. ( ପଞ୍ଜର ଶବ୍ଦଜ ) ଅସ୍ଥିକଙ୍କାଳ । ଯଥା—

ଅସ୍ଥି ପଞ୍ଜୁରା ଗୃଧ୍ରପାଶେ,
ଗୁଡ଼ଉଣି ନଖ ଲୋମ କେଶେ । ସ୍ୱ. ଦ. ସ୍ୱ.

ଜଳାକବାଟି; ଗୃହର ଏକପାର୍ଶ୍ୱରେ ଥିବା ଗୃହର ଅଂଶ ।

ପଞ୍ଜର, ପଞ୍ଜରୀ, } ବି ସ୍ତ୍ରୀ. (ପିଞ୍ଜର ଶବ୍ଦଜ) ବନ୍ଧ ପକ୍ଷି ପ୍ରଭୃତିର ଗୃହ ।

ପଞ୍ଜରିଆ, ବିଂ. (ଦେଶଜ) ଶଠ ବା ଧୂର୍ତ୍ତ; କଠ । ଗୋବର ଚଢ଼ାଇ ଯଦି ଗୃହଜ ପଶୁଙ୍କ ଚଢ଼େଇ କିଣିଲା ପରେ ପଞ୍ଜରୀରେ ରଖାଯାଏ ତେବେ ସେ ପଞ୍ଜରିଆ ।

ପଞ୍ଜା, ବି. (ପୁଞ୍ଜ ଶବ୍ଦଜ) ଦଳ, ସମୂହ ।

ପଞ୍ଜା, ପଞ୍ଝା, ବି. (ଦେଶଜ) ମଲ୍ଲମାନଙ୍କର ଅନ୍ୟୋନ୍ୟ ହସ୍ତତଳ ସଂଘର୍ଷଣ; ଗଞ୍ଜପାସାରରେ ପାଞ୍ଚଗୋଟି ଟିପଯୁକ୍ତ ସାର । (ପୁଞ୍ଜ ଶବ୍ଦଜ) ସମୂହ, ଦଳ ।

ପଞ୍ଜି, ପଞ୍ଜୀ, ପଞ୍ଜିକା, } ବି. ସ୍ତ୍ରୀ. (ପିନ୍ଜ୍ = ସଂପୃକ୍ତ ହେବା-ଇ-ଈ, କ ଯୋଗ-ଆ) ତିଥି ନକ୍ଷତ୍ରାଦି କାଳଜ୍ଞାନ ଗ୍ରନ୍ଥ, ପାଞ୍ଜି; ପ୍ରସ୍ତାବନା ।

ପଞ୍ଜୁରି, ପଞ୍ଜୁରୀ, ପଞ୍ଜୋରି, ପଞ୍ଜୋରୀ, } ବି. ସ୍ତ୍ରୀ. (ପିଞ୍ଜର ଶବ୍ଦଜ) ପକ୍ଷିପ୍ରଭୃତିଙ୍କୁ ବନ୍ଦୀ କରି ରଖିବାପାଇଁ କାଷ୍ଠାଦିନିର୍ମିତ ଗୃହ । ଯଥା—

ଉରଜ ପଞ୍ଜୁରୀ ପରେ ରହିଛି କ
ସଦା ସେ ସ୍ଥାନ ବାଞ୍ଛିତ । କୋ.ବ୍ର.ସ୍.

ପଞ୍ଜୁରି, ବି. (ଦେଶଜ) ଧନିଆ ପ୍ରଭୃତି ମସଲାଦ୍ୱାରା ପ୍ରସ୍ତୁତ ଏକପ୍ରକାର ସୁମିଷ୍ଟ ଚୂର୍ଣ୍ଣ ।

ପଟ, ବି. (ପଟ୍ = ବେଷ୍ଟନ କରିବା-ଅ) ବସ୍ତ୍ର; ନେତ୍ରପଟ, ଛବି; ପିଆଳବୃକ୍ଷ; ଚୂଳ, ଛାଦ । (ସ୍ତ୍ରୀ-ଈ) ଯବନିକା, ପର୍ଦ୍ଦା; ବସ୍ତ୍ରବିଶେଷ । (ଦେଶଜ) ପଶାଖେଳର ବଡ଼ ଆଦି ଦାନ । ଯଥା—

ବିଳାସ ଅଙ୍କରେ ସେହି ଚତୁର ପାଲରେ ଶୋହି
ପଟ ସାର ସାରରେ ମାରଣ । ବୈ. ବି

କଦଳୀଗଛର ଗେଟୁପା । ଯଥା—

କୁସୁମ ସ୍ମରଣରେ ପଟ କସ୍ତୁରେ । ର. କ.

ଏକମାତ୍ର । ଯଥା—

ବଳା ଦୁଇ ପଟ ଦୁଇ ଗୋଡ଼େ ଖଞ୍ଜି । କୃ. ଭ. ବ. ପ.

ଭାଗ; ପାର୍ଶ୍ୱ । ଯଥା—

ପଳାଇଲେ ଯୁଦ୍ଧରୁ ଦେଇ ପିଠି ପଟ । କୃ. ଭ. ବ. ପ.

ଆଡ଼ ଅର୍ଥାତ୍ ଦିଗ । ଯଥା—

ଅନାଇଁ ସେ ପଟ ରାଧା ସ୍ତମ୍ଭୀଭୂତ । ବି. ଚ ମ.

ସୁବିଧା । ଯଥା—ମୋତେ ପଟ ପଡ଼ିଲେ ତାକୁ ଛାଡ଼ିବି ନାହିଁ । କୌଣସି କୌଣସିଠାରେ ବ୍ୟକ୍ତିଅର୍ଥବୋଧକ ହୁଏ । ଯଥା—

ନ ଥିଲା ଲୋକକୁ ଯେବେ ସାହୁ କରେ ବଶ,
ନ ଚଳିଲା ପଟ ବୋଲି ନ ଜାଣଇ କସ । ନା.ର.ଗୀ.

କଆଗଛର ଶିଅ; ଅଖାମୁଣା । ଯଥା—

ଚୂଡ଼ା ପଟକୁ ଦେଖି, ବୁଢ଼ା ମାରୁଛି ଆଖି ।

ପଟକ, ବି. (ଦେଶଜ) ଗୋଟିଏ ମାତ୍ର । ଯଥା—ବଳଦ ପଟକ ମରିଗଲାରୁ ମାଧିଆର ବୃତ୍ତିଚ୍ଛେଦ ହେଲା ।

ପଟକା, ବି. (ପଟ-କ ଶବ୍ଦଜ) କଟିବସ୍ତ୍ର । ଯଥା—

ବୋଲ ବଶି ହନୁ ଶିରରେ ଲଗାଇ
ବାନ୍ଧେ କଟିଦେଶ ପଟକା । ବି. ରା.

ପଟଚର, ବି. (ପଟତ୍ = ଅନୁକରଣ ଶବ୍ଦ-ଚର୍ = ଆଚରଣ କରିବା-ଅ) ଚୌର; ରୋମର ଅନ୍ତଃପାତ୍ତି ଦେଶ, ଏହି ଦେଶ ସମ୍ପ୍ରତି ଇଟାଲି ନାମେ ଖ୍ୟାତ । (ଅନୁମାନ ହୁଏ, ମହାଭାରତରେ ପଟଚରମାନଙ୍କର ନାମୋଲ୍ଲେଖ ଅଛି ।) ଜୀର୍ଣ୍ଣବସ୍ତ୍ର । (ପଟଚରଂ ଜୀର୍ଣ୍ଣବସ୍ତ୍ରଂ—ଅମର ।)

ପଟଣା, ପାଟଣା, ବି. (ପତ୍ତନ ଶବ୍ଦଜ) ନଗର ।

ପଟନାୟକ, ବି. (ପଟ୍ଟନାୟକ ଶବ୍ଦଜ) କରଣମାନଙ୍କର ଉପାଧି ।

ପଟପଟ, ପଟପାଟ, } ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ରସୁଆ ଖଟକୁ ପାଳର ଦଉଡ଼ି ଛିଡ଼ିଗଲା ପଟପଟ ।
ହା. ଡ.

କର୍ଣ୍ଣ ବାହୁ ଉର ମସ୍ତକ ଲଲାଟ,
ଏମାନଙ୍କେ ଯାଇ ବାଜନ୍ତେ ପଟପାଟ । କୃ.ଭ.ବ.ପ.

ପଟମଣ୍ଡପ, ବି. ତମ୍ବୁ, ବସ୍ତ୍ରଗୃହ ।

ପଟଳ, ବି. (ପଟ୍ = ଗମନ କରିବା-ଅଳ) ଛାଦ, ଚୂଳ; ତିଳକ; ପରିଚ୍ଛଦ; ପରିବାର; ନେତ୍ରରୋଗବିଶେଷ; ତନ୍ତ୍ରଶାସ୍ତ୍ରର ପରିଚ୍ଛେଦ । (ସ୍ତ୍ରୀ-ଈ) ସମୂହ; ପେଟରା ।

ପଟ୍ଟବାସ, } ବି. (ପଟ୍ଟ=ବସ୍ତ୍ର-ବାସଗୃହ-ତମ୍ବୁ
ପଟ୍ଟବାସକ, } ସ୍ୱାର୍ଥେ-କ) ଗନ୍ଧଚୂର୍ଣ୍ଣ; ଫଗୁ-
ଚୂର୍ଣ୍ଣ ।

ପଟହ, ବି. (ପଟ୍=ଅନୁକରଣ ଶବ୍ଦ-ହା=ତ୍ୟାଗ କରିବା-ଅ) ରଣଢକ୍କା; ନାଗରା; ସମାରମ୍ଭ, ଆଡ଼ମ୍ବର; ବଧ ।

ପଟା, ବି. ( ପଟ୍ଟ ଶବ୍ଦଜ ) ତକ୍ତା; ରଇତଙ୍କୁ ଦେବା କବଲ; ସନନ୍ଦ । ଯଥା—

ଏ ଭୂମି ଚଷିଲେ ପଟା ଗଠିପଣ ନାହିଁ । ନା.ର.ଗୀ.

ଓଢ଼ଣି ବସ୍ତ୍ର; ଶର ଜରି ପ୍ରଭୃତିର ଧାର । ଯଥା—

ଲପଟା ପାଗେ ଜରି ପଟା ତ ପଡ଼ିଛୁ,
ପୃଷ୍ଠକୁ ଲମ୍ବି ପୁଷ୍ପ ଶୋଭା ସେ କରଛୁ । କୃ.ସୁ.ଆ.ପ.

ପଟାଜଗତି, ବି. ଅଟ୍ଟାଳିକାବିଶେଷ । ଯଥା—
ଦ୍ୱାରକାପୁରେ ଦେବଗୃହେ,
ପଟା ଜଗନ୍ତି ପରେ ବିହେ । ମା. ମା.

ପଟାଟପ,ବି. (ପଟ-ଆଟୋପ ଶବ୍ଦଜ)ଆଡ଼ମ୍ବର; ଟେକ । ଯଥା—
ସଭାରେ ପଡ଼ିଥିଲେ କଥା ଗୁରୁ କୋପ,
କରି କହିବାକୁ ଆସନ୍ତି ପଟାଟପ । କୃ. ଭା. ବି. ପ.

ପଟାନ୍ତର, ବି. (ଦେଶଜ) ତୁଳନା, ଉପମା । ଯଥା—

ମରଲୋକେ ତାର ଯୋଗ୍ୟ ପଟାନ୍ତର କାହିଁ ମହିଲା । ଉଷା ।

ପଟାପଟି, ବି. ( ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) କଳହ ।

ପଟାପଦ, ବି. (ପଟ୍ଟା-ପଦ ଶବ୍ଦଜ) ଅଧିକାର-ପଦ । ଯଥା—

ରଜାଠାରୁ ପଟାପଦ କେତଜ୍ଞ ପାଇଲି । ର. ପ.

ପଟାଭିଡ଼ି, ବି. (ଦେଶଜ) ପଟାରେ କରିଥିବା ଆଟୁ । ଯଥା—

ଦୁଇମୁହାଁ ଆଡ଼ମୁହାଁ ଲଙ୍କମୁହାଁ ନାଳ,
ଆଟୁଶାଳ ପଟାଭିଡ଼ି ଘର ଓଳତଳ । ନୃ. ପୁ. ଦ୍ୱି. ତ.

ପଟାମଇ, ବି. (ଦେଶଜ) କୃଷିର ଅସ୍ତ୍ରବିଶେଷ; ଏହାଦ୍ୱାରା ଚଷା ଭୂମିର ମାଟି ସମାନ କରନ୍ତି ।

ପଟାମୁଣ୍ଡି, ବି. (ଦେଶଜ) ଏକପ୍ରକାର ଖେଳ । ଯଥା—

ପହଣ୍ଡି ଧାପଧାଉଡ଼ି ପଟାମୁଣ୍ଡି ଖେଳ । ନୃ.ପୁ.ତୃ.ତ.

ପଟାଳି, ବି. (ଦେଶଜ) ଗ୍ରୋଟ ଗ୍ରୋଟ ଶାଗ-କିଆରି ।

ପଟାଳିଆ, ବି. (ଦେଶଜ) ବଡ଼ ବାଘ । (ଏହା ଦେହ ପଟା ପଟା ଚିହ୍ନରେ ଚିହ୍ନିତ ଥାଏ ।)

ପଟି, ପଟୀ, } ବି. ସ୍ତ୍ରୀ. ( ପଟ୍=ବେଷ୍ଟନ
ପଟିକା, } କରିବା-ଇ-ଈ, କ ଯୋଗ-ଆ)
ବସ୍ତ୍ରବିଶେଷ; ପଡ଼ା ବା ପଲ୍ଲୀ ।

ପଟି, ବି. (ଦେଶଜ) ତାଳପତ୍ର ଓ ନାନାବିଧ ତୃଣରେ ବୁଣିଥିବା ଆସ୍ତରଣବିଶେଷ । (ପଟ୍ଟ ଶବ୍ଦଜ) ତକ୍ତା, ପଟା । ଯଥା—

ଉପରେ ଲମ୍ବେ କାଚ କଳଶ ଗୋଟି ଗୋଟି,
ସ୍ଫଟିକର ଗୃଳରେ ହାଟକ ରୂପା ପଟି । ନୃ.ପୁ.ପ.ତ.

ପଟିଆ, ବି. (ଦେଶଜ) ଖେଳବିଶେଷ । (ଧୂଳି-ଗୁଞ୍ଜାଇ ଶବ୍ଦ ଦେଖ ।) ଅଯୁଗ୍ମ; ଗୋଟିକା; ସାହାଯ୍ୟ; କଟକ ଜିଲ୍ଲାର ସ୍ଥାନବିଶେଷ । ବିଂ. ସହାୟ; ପକ୍ଷପାତୀ । ଯଥା—ତୁମେ ତାହାର ପଟିଆ ବାହାର କହୁଅଛ ।

ପଟିଆବାହାରିବା, କ୍ରି. ( ଦେଶଜ ) ସହାୟ ହେବା ।

ପଟିଆମ, ବି. ( ଦେଶଜ ) କର୍ଣ୍ଣାଳଙ୍କାର-ବିଶେଷ । ଯଥା—

ସୁନା ମଲ୍ଲୀକଢ଼ି ଫୁଲ ଜାଲି ପଟିଆମ,
ବାଲୀରେ କରଛୁ ଶ୍ରବଣକୁ ମନୋରମ । ଲା. ବ.

ପଟିକା, } ବିଂ. (ଦେଶଜ) ଏକମାତ୍ର । ଯେପରି
ପଟିକିଆ, } ପଟିକା ବଳଦ ।

ପଟିମା,ବି. (ପଟିମନ୍-ପଟୁ-ଇମନ୍—ଭାବାର୍ଥେ) ପଟୁତା । (ତଦନ୍ତଶବ୍ଦ ଅର୍ଥରେ ପଟୀୟାନ୍ ଓ ପଟିଷ୍ଠ ହୁଏ ।)

ପଟୁ, ବିଂ. (ପାଟି=ପ୍ରାପ୍ତିପାଇବା-ଉ) ନିପୁଣ; ସମର୍ଥ; ନୀରୋଗ; ଚତୁର; ଉଷ୍ଣ; ଉଜ୍ଜ୍ୱଳ; ତୀକ୍ଷ୍ଣ; ନିଷ୍ଠୁର; ପ୍ରସ୍ଫୁଟିତ; ଧୂର୍ତ୍ତ । ବି. କଳରବ; ପଟୋଳ; ଛତ୍ରାକ । (ଦେଶଜ) ଜଳପ୍ରବାହରେ ଆସିବା ସାର ।

ପଟୁଆର, ପଟୁଆରି, } ବି. ( ଦେଶଜ )
ପଟୋଆର, ପଟୋଆରି, } ଉତ୍ସବ । ଯଥା—

ବିଖ୍ୟାପଣ ଜନ ନିରୋଧ କରନ୍ତି
ପଟୁଆର କରି ଅଗ୍ରତେ । ବି. ରା.
ରାମ ଲକ୍ଷ୍ମଣ ସହିତେ ବାନରବଳ,
ପଟୋଆରି ସମସ୍ତେ ଦେଖନ୍ତେ ବିକଳ । ବି. ରା.

ପଟୁଆରି, ବି. ( ଦେଶଜ ) ଜମି ମାପିବା କର୍ମଚାରୀ ।

ପଟୁକା, ବି. ସ୍ତ୍ରୀ. ( ପଟ ଶବ୍ଦଜ ) ଅଣ୍ଟାରେ ଭିଡ଼ିବା ବସ୍ତ୍ର ।ଯଥା—

ଦନ୍ତେ ତୃଣ ଅଛୁ ଧରି,
ଗଳେ ପଟୁକା ଅଛୁ ଭରି । ଦା. ର.

ପଟେ, ବି. (ଦେଶଜ) ଗୋଟିଏ । ଯଥା—
ଚରଣେକେ ବଳା ପଟେ, ନାଦ ପ୍ରକଟେ ଯେ । ଲ.ବ.

ପଟୋଟଜ, ବି. (ପଟ୍-ଉଟଜ) ତମ୍ବୁ, ବସ୍ତ୍ରଗୃହ ।

ପଟୋଳ, ବି. (ପାଟି=ପ୍ରାପ୍ତିପାଇବା-ଓଳ) ଏକପ୍ରକାର ଲତାଫଳ ।

ପଟୋଳିକା, } ବି. ସ୍ତ୍ରୀ. ( ପଟୋଳ-କ-ଈ-
ପଟୋଳୀ, } ଅଳ୍ପାର୍ଥେ) ଶ୍ରେଷ୍ଠ ପଟୋଳ ।

ପଟ୍ଟ, ବି. (ପଟ୍=ଗମନକରିବା, ପାଇବା-ତ) ପେଷଣାର୍ଥ ପ୍ରସ୍ତର; ପଟା; ଢାଲ; ରାଜକୀୟ ସନନ୍ଦ; ପଟ; ରାଜାସନ; ଉତ୍ତରୀୟ ବସ୍ତ୍ର; ପାଟବସ୍ତ୍ର; ରେଶମପ୍ରଭୃତି; ନଗର; ଚତୁଷ୍ପଥ; ପୀଠ; ରାଜାମାନଙ୍କର ଶାସନାନ୍ତର; ବ୍ରଣାଦି ବନ୍ଧନ; ଶିରୋବସ୍ତ୍ର, ପଗଡ଼ି । ( ପଟ୍ଟ ସ୍ତଚୁ-ଷ୍ପଥେ ପୀଠେ ରାଜାଦେଃ ଶାସନାନ୍ତରେ । ବ୍ରଣାଦି ବନ୍ଧନେ ପେଶାଶ୍ମନି—ହୈମ ।)

ପଟ୍ଟଦେବୀ, } ବି. ସ୍ତ୍ରୀ. ( ପଟ୍ଟ=ଶିରୋବସ୍ତ୍ର,
ପଟ୍ଟମହିଷୀ, } ପଗଡ଼ି; ସିଂହାସନ-ଦେବୀ, ମହିଷୀ ) କୃତାଭିଷେକା ରାଜମହିଷୀ, ପାଟରାଣୀ ।

ପଟ୍ଟନ,ବି. (ପଟ୍=ଗମନକରିବା-ତନ, ସନ୍ତତ ଯହିଁରେ ଲୋକଙ୍କର ଗମନାଗମନ ହୁଏ) ପାଟଣା, ନଗର ।

ପଟ୍ଟିକା, ବି. ସ୍ତ୍ରୀ. (ପଟ୍ଟ-କ-ଆ, ଅକ=ଇକ) ପଟ୍ଟବସ୍ତ୍ର, ପାଟ; ପଟ ।

ପଟ୍ଟିଶ, } ବି. (ପଟ୍=ଗମନକରିବା, ପାଇବା-
ପଟ୍ଟିସ, } ଟିଶ, ଟିସ-ସଂଜ୍ଞାର୍ଥେ) ଅସ୍ତ୍ରବିଶେଷ ।

ପଠନ, ବି. (ପଠ୍=ପାଠକରିବା-ଅନ) ପାଠ, ଅଧ୍ୟୟନ । (ବିଶେଷଣରେ ପଠିତ, ପଠନୀୟ, ପଠ୍ୟମାନ ଶବ୍ଦ ନିଷ୍ପନ୍ନ ହୁଏ ।)

ପଠା, ବି. ( ପ୍ରସ୍ଥ ଶବ୍ଦଜ ) ନଦୀମଧ୍ୟସ୍ଥ ଗୋରୁ ଚରିବା ସ୍ଥାନ । ଯଥା—

ଗଉଡ଼େ ମଧ୍ୟରେ ମୁରଲୀ ବଜାଇ,
ପଠାରୁ ଗୋଠକୁ ଆଣୁଛନ୍ତି ଗାଈ । ସ୍ତୁ. ମା.

( ଦେଶଜ ) ବି. ପଠାଇବା; ପିଠିରେ ଜନ୍ମିବା ଏକପ୍ରକାର ବ୍ରଣ । କ୍ରି. ପଠାଅ ।

ପଠାଇବା, } କ୍ରି. (ପ୍ରସ୍ଥାପନ ଶବ୍ଦଜ) ପ୍ରେରଣ
ପଠିଆଇବା, } କରିବା ।

ପଠାଉଣି, ବି. (ଦେଶଜ) ପ୍ରେରଣ, ପଠାଇବା ।

ପଠାଉଣୀ, ବି. ସ୍ତ୍ରୀ. (ଦେଶଜ) ପଠାଣର ସ୍ତ୍ରୀ । ଯଥା—

ଏଣୁ ପଠାଉଣୀ ତେଣୁ ପଠାଣ,
କାଞ୍ଚୀକି ବୋଇଲେ ପଢ଼ କୋରାଣ । ହା. ଚ.

ପଠାଣ, ବି. (ଯାବନିକ) ଯବନ ।

ପଠିଆ, ବି. (ଦେଶଜ) ପ୍ରେରଣ, ପଠାଇବା । କ୍ରି. ପଠାଅ । ଯଥା—

ବୋଲନ୍ତି ବନ୍ଧୁ ! ମୁଁ ତୋର ବେଠିଆ,
ପାଣି ଆଣିବାକୁ ମୋତେ ପଠିଆ । ବି. ଚ. ମ.

ପଡ଼ଣ, ବି. (ପତନ ଶବ୍ଦଜ) ପଡ଼ିବା ।

ପଡ଼ପଡ଼, ଅ°. (ଦେଶଜ) ଅନୁକରଣ ଶବ୍ଦବିଶେଷ ।

ପଡ଼ା, ବି. (ପତ୍ ଧାତୁଜ) ପଡ଼ିବା । (ଗ୍ରାମୈକଦେଶାର୍ଥ ପାଟକ ଶବ୍ଦଜ ) ପଲ୍ଲୀଗ୍ରାମ, ସାଧାରଣ ଗ୍ରାମ । ଯଥା—

ସାକ୍ଷାତେ ବିଷ୍ଣୁ ମୁହିଁ ଯାଉଛୁ ପଡ଼ା ମାଗି,
ନ ଦେଲେ ଶିର ତାର ନାଶିବ ଜାଣ ତ୍ୟାଗୀ ।
ନୃ. ପୁ. ସ. ତ.

ପଡ଼ାଇବା, କ୍ରି. ( ପତ୍ ଧାତୁଜ ) ଶଯ୍ୟାଦି ପକାଇବା । ଯଥା—

ତହିଁ ଶଯ୍ୟାକୁ ପଡ଼ାଇବ । ପ୍ରେ. ସୁ. ନ.

ସଜାଇବା । ଯଥା—

ଶେଯହିଁ ସଜଡ଼ାଇବ,
ସେବତୀକି ପଡ଼ାଇବ । ବି. ଚ. ମ.

ପଡ଼, ବି. ( ଦେଶଜ ) କୌଣସି ଲୋକର ଭରଣପୋଷଣାର୍ଥ ନିର୍ଦ୍ଦିଷ୍ଟ ସାହାଯ୍ୟ । ଯଥା—

ସକଳ ଜୀବେ ପଡ଼ିଦାତା,
ତୁମ୍ଭହିଁ ନାହିଁ ନା କରତା । ଦା. ର.

ଏକଜଣର ମାତ୍ର ଖାଦ୍ୟ ତଣ୍ଡୁଳାଦି; ଗୀତରେ ପଦବିନ୍ୟାସବିଶେଷ ।

ପଡ଼ଆ, ବି. (ଦେଶଜ) ପଦା ସ୍ଥାନ । ଯଥା—

ଭବ ପଡ଼ଆ ଭୂମି ଥିବାରୁ ଝଣ୍ଟେ ସ୍ଥିତ,
ତହିଁରେ ମୁହିଁ ଅଛଇ କରଣ ବସତ । ନୃ. ପୁ. ଭୃ. ତ

ବିଂ. ଖାଲି; ନିକୃଷ୍ଟ । ଯେପରି—ପଡ଼ଆ ବ୍ରାହ୍ମଣ; ଯେ ନିତ୍ୟ ପଡ଼ି ନେଇ ଖାଏ ।

ପଡ଼ବେଣି, ବି. (ଦେଶଜ) ଆଭରଣବିଶେଷ । ଯଥା—

ଶୁଣି ବଲ୍ଲଭରଣୀ ପୁନଙ୍କୁ ବେଗେ ଆଣି,
ଘଣ୍ଟି ଘଣ୍ଟାଘାଗୁଡ଼ି ଖଞ୍ଜିଲେ ପଡ଼ବେଣି । ନୃ.ପୁ.ଭୃ.ତ.

ପଡ଼ିବା, କ୍ରି. (ପତ୍ ଧାତୁଜ) ପତିତ ହେବା । ଯଥା—

ବଜ୍ର କି ପଡ଼ିଲା ସାହସ ଉଡ଼ିଲା । ବି. ଚ. ମ.

ଜାତହେବା । ଯଥା—

କମଳନୟନ ବନକୁ ଗମନ କରନ୍ତେ ପଡ଼େ ଏ କଥା ।
ର. କ.

ଉପସ୍ଥିତ ହେବା । ଯଥା—

ପଡ଼ିଲୁ ମୋ ମୁଖେ ଆଖେଟ କାଳେ । କୋ.ବ୍ର.ସ୍ତ

ଅନ୍ୟୋନ୍ୟ ମନ ମିଶିବା । ଯଥା—

ଦଣ୍ଡେ ନ ପଡ଼ଇ ସେ ଦୁହିଙ୍କର,
ହେଉଥାଏ କଳି ନିଶି ବାସର । ହା. ଭ.

ଆସକ୍ତ ହେବା । ଯଥା—

କହଇ ବେତାଳ ଶୁଣ ଶୁଣ ମହୀପାଳ,
ତପସ୍ୱି କଥାରେ ପଡ଼ି ହେଲ କି ପାଗଳ । ବେ. ପ.

ସମକକ୍ଷ ହେବା, ସଦୃଶ ହେବା । ଯଥା—

ଅଲଣ ମଲଣ ହୋଇ ବସ୍ତ୍ର ଦେବେ ଥିବ,
ଶୁଦ୍ଧ ବ୍ରତଗୃହ ହେଲେ ତାଙ୍କୁ ନ ପଡ଼ିବ । ନୃ.ପୁ.ଷ.ତ.

ପଡ଼ସା, ବି. (ପ୍ରତିବାସି ଶବ୍ଦଜ) ଆପଣାର ଘରକୁ ଲାଗିଥିବା ଗୃହ, ଆପଣାର ଘରକୁ ଯାହାର ଘର ଲାଗିଥାଏ । ଯଥା—

ପାଖ ପଡ଼ସା ସେ ବେନି ଜାଣୁ ହେଲ
ବେନି ମଧ୍ୟେ ଅନୁରାଗ । କେ. ଗୌ.

ପଡ଼ୁଷୁଣୀ, ପଡ଼ୋଷୁଣୀ, } ବି. ସ୍ତ୍ରୀ. (ଦେଶଜ) ପଡ଼ସାଘରର ସ୍ତ୍ରୀ । ଯଥା—

ସାହି ପଡ଼ୁଷୁଣୀ କାହାକୁ ନ ଦେଇ
ଖାଇ ମାରୁଥାଏ ହୁଣ୍ଡା । ହା. ଭ.

ପଡ଼ୋଶି, ବି. (ପ୍ରତିବାସି ଶବ୍ଦଜ) ପ୍ରତିବାସୀ, ଆପଣା ନିକଟରେ ଯେ ବାସ କରିଥାଏ ।

ପଢ଼ଣ, ବି. (ପଠନ ଶବ୍ଦଜ ପ୍ରାକୃତ ) ପଠନ, ଅଧ୍ୟୟନ ।

ପଢ଼ା, ବି. (ପଠ୍ ଧାତୁଜ) ଅଧ୍ୟୟନ । ଯଥା— ତୋର ପଢ଼ା ଭଲ ନୁହେ । ବିଂ. ପଠିତ । ଯଥା— ପଢ଼ାପାଠ । ଯେ ପଢ଼ୁଥାଏ । ଯଥା—

କୋକିଳଙ୍କୁ ସୁସ୍ୱର ବାଣୀରୁ ମଧୁର
ପଢ଼ା ସାରି କଥା ଜାଣି । ର. କ.

ପଢ଼ାଇବା, କ୍ରି. ( ପଠ୍ ଧାତୁଜ ) ପଠନ କରାଇବା ।

ପଢ଼ାର, ବି. (ଦେଶଜ) ବାଦ୍ୟବିଶେଷ । (ଢୁମ୍ପୁର ଶବ୍ଦ ଦେଖ ।)

ପଢ଼ିଆର, ପଢ଼ିହାରି, } ବି. (ପ୍ରତିହାରି ଶବ୍ଦଜ ପ୍ରାକୃତ) ଦ୍ୱାରୀ । ଯଥା—

ଆଜ୍ଞା ଦେଲେ ତୁ ପଢ଼ିହାରି ଯିବୁ,
ତ୍ୱରିତ ଲକ୍ଷ୍ମଣଙ୍କୁ ଘେନି ଆସିବୁ । ବି. ରା.

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ । ଯଥା—

ତୁମ୍ଭେ ଷୋଳ ସହସ୍ରରୁ ଅନେକ କନ୍ୟା ଯିବ,
ପଣ୍ଡା ପଢ଼ିଆରି ପଶୁପାଳକ ହୋଇବ । ନୃ.ପୁ.ଭୃ.ତ.

କେତେକ ବ୍ରାହ୍ମଣ ଏବଂ ଦଳୁଆମାନଙ୍କର ଉପାଧିବିଶେଷ ।

ପଢ଼ିବା, କ୍ରି. (ପଠ୍ ଧାତୁଜ) ଅଧ୍ୟୟନ କରିବା ।

ପଢ଼ୁଆଁ, ପୋଢ଼ୁଆଁ, } ବି. (ପ୍ରଥମ-ପ୍ରାକୃତ ପଢ଼ୁଅ ଶବ୍ଦରୁ ଜାତ) ପ୍ରଥମ ଜାତ ସନ୍ତାନ ।

ପଢ଼ୁଆଁଅଷ୍ଟମୀ, ବି. ସ୍ତ୍ରୀ. (ପ୍ରଥମାଷ୍ଟମୀ ଶବ୍ଦଜ) ମାର୍ଗଶୀର୍ଷ ମାସର ପ୍ରଥମ ଅଷ୍ଟମୀ ।

ପଢ଼ୁଆ, ବି. (ଦେଶଜ) ଛାତ୍ର; ସହାଧ୍ୟାୟୀ; ଗ୍ଲେଟନୌକା । ବିଂ. ଯେ ପଢ଼ିଥାଏ । ଯଥା—

ଆପଣ ତ ହେଲେ ଏବେ ଇଂରାଜୀ ପଢ଼ୁଆ,
ମାତୃଭାଷା କହିବାକୁ ଲାଗିବ ଅଡୁଆ । ଉ. ଭ୍ର.

ପଟେଢ଼ାଉ, ପଢ଼ଉ, ପଳଉ, } ବି. ( ପ୍ଲବ ଶବ୍ଦଜ ) ନୌକାବିଶେଷ ।

ପଣ, ବି. (ପଣ୍ = କ୍ରୟ ବିକ୍ରୟ କରିବା, ସ୍ତୁତି କରିବା-ଅ) ପ୍ରତିଜ୍ଞା; ବାଜି ମାରିବା; ଦ୍ୟୂତ; ବିକ୍ରୟ ଦ୍ରବ୍ୟ; ଧନ; ମୂଲ୍ୟ; ବେତନ; ପରିମାଣବିଶେଷ; ୨୦ ଗଣ୍ଡା ପରିମାଣ; ବ୍ୟବହାର; ବଦ୍ଧମୁଷ୍ଟି । (ପଣୋମାନେବଗ୍ଲହେ ଟାନାଂ ମୂଲ୍ୟେ କାର୍ଷାପଣେ ଧନେ । ଦ୍ୟୂତେ ବିକ୍ରୟ୍ୟଶାକାଦୌ ବଦ୍ଧମୁଷ୍ଟୌଗ୍ଲହେ-ଭୃତୌ—ଧରଣି ।) (ଦେଶଜ) ଅଧିକାର । ଯଥା—

ବିପ୍ରଙ୍କ ଦାନ ବୃତ୍ତି ହରଇ ଯେଉଁ ନଷ୍ଟ,
କିଛି ପଣ ପାଇଲେ ବୋଲଇ ମୁହିଁ ଶ୍ରେଷ୍ଠ ।
ନୃ. ପୁ. ପ. ତ.

ସତ୍ତ୍ୱ । ଯଥା—

ଦେବୁଁ ସର୍ବେଶ୍ୱର ପଣ ଛଡ଼ାଇ । ବି. ଚ. ମ.

ପଣଅଜା, ବି. ( ଦେଶଜ ) ମାତାମହ ଓ ପିତାମହଙ୍କ ପିତା । ଯଥା—

ଶାନ୍ତନୁ ବୋଇଲେ ଆମ୍ଭେ ସୋମବଂଶ ଗୋଷ୍ଠୀ,
ଆମ୍ଭର ପଣଅଜା ଶମ୍ଭୂଗ୍ରଣ ନୃପତି । ସା. ଭା. ଆ.

ପଣକିଆ, ବି. (ଦେଶଜ) ଦେଶୀୟ ରୀତି ଅନୁସାରେ ଗୁଣନ ।

ପଣଗୋସାଇଁବାପା, ବି. (ଦେଶଜ) ପିତାଙ୍କ ପିତାମହ ।

ପଣତ, ପଣନ୍ତ, ବି. (ପଟାନ୍ତ-ପ୍ରାକୃତ ପଡ଼ନ୍ତ ଶବ୍ଦଜ) ପିନ୍ଧିବା ବସ୍ତ୍ରର ଶେଷଭାଗ । ଯଥା—

ପଣନ୍ତେ ବାନ୍ଧିଅଛୁ ହସ୍ତ,
ଭୟେ କମ୍ପନ୍ତି ଗୋପୀନାଥ । ଭା. ଦ. ସ୍କ.

ସ୍ତ୍ରୀମାନେ ଶିରରେ ପକାଇବା ବସ୍ତ୍ରାଞ୍ଚଳ ।

ପଣନାତି, ବି. ( ପ୍ରନପ୍ତୃ ଶବ୍ଦଜ ) ନାତିର ପୁଅ । ଯଥା—

ନାତି ପଣନାତି ଯେ ଦୁହିତା ପୁତ୍ର ଯେତେ । ନା. ର. ଗୀ.

ପଣବ, ବି. ( ପଣ୍ = ସ୍ତୁତି କରିବା-ଅବ ) ବାଦ୍ୟଯନ୍ତ୍ରବିଶେଷ; ଦଶମ ଛନ୍ଦର ବୃତ୍ତ-ବିଶେଷ ।

ପଣସ, ବି. (ପନସ ଶବ୍ଦଜ ପ୍ରାକୃତ) ସ୍ୱନାମ-ପ୍ରସିଦ୍ଧ ଫଳବିଶେଷ ।

ପଣସକଢିଆ, ବିଂ. (ଦେଶଜ) ପଣସକଢ଼ିର ଆକୃତିବିଶିଷ୍ଟ । ଯଥା—

ସୁନାମୋଡ଼ିଆ ପଣସକଢ଼ିଆ କୁଣ୍ଡଳ । ଲ. ବ.

ପଣା, ବିଂ. ( ପ୍ରପାନକ ଶବ୍ଦଜ ) ନବାତ ପ୍ରଭୃତି ମିଶ୍ରିତ ପାନୀୟ ଜଳ ଓ ଦୁଗ୍ଧ । ଯେପରି—ଛେନାପଣା; ଦୁଧପଣା ।

ପଣାୟିତ, ପଣିତ, } ବିଂ. ( ପଣ୍ = ସ୍ତୁତି କରିବା ଇତ୍ୟାଦି-ତ, ପକ୍ଷେ ପଣ-ଆୟ-ତ) ସ୍ତୁତ; ପ୍ରଶଂସିତ, ବ୍ୟବହୃତ; ବିକ୍ରୀତ; କ୍ରୀତ; ବର୍ଣ୍ଣିତ ।

ପଣାସଂକ୍ରାନ୍ତି, ପଣାସଂକରାନ୍ତି, } ବି. ମେଷ ସଂକ୍ରମଣ; ମେଷ ମାସର ପ୍ରଥମ ଦିବସ ।

ପଣିଆ, ବି. ( ଦେଶଜ ) ସତ୍ତ୍ୱ । (ଅନ୍ୟ ବିଶେଷଣ ଶବ୍ଦସହ ପ୍ରଯୁକ୍ତ ହୋଇ-ଥାଏ) ଯଥା—

ଶତେକ ଯୋଜନ ସୀମାରେ,
ପ୍ରଭୁପଣିଆ ସେହୁ କରେ । ଦା. ର.

ପଣିକା, ବି. (ଦେଶଜ) ଦୁଇ ପାହୁଲା ।

ପଣିତବ୍ୟ, ବିଂ. (ପଣ୍=ସ୍ତୁତି କରିବା ଇତ୍ୟାଦି -ତବ୍ୟ) ବିକ୍ରେୟ; ବ୍ୟବହାର୍ଯ୍ୟ; ସ୍ତୋତବ୍ୟ ।

ପଣିତା, ବିଂ. (ପଣ୍-ତୃ) ବିକ୍ରେତା, କ୍ରୟ-ବିକ୍ରୟକାରକ; କ୍ରେତା; ସ୍ତୋତା ।

ପଣିବା, କ୍ରି. (ଦେଶଜ) କୁଟିବା ନିମନ୍ତେ ଢେଙ୍କିରେ ଧାନ ପକାଇବା; ଧାନ କୁଟିବା; ବିଧା ପ୍ରହାରିବା; ବଦ୍ଧମୁଷ୍ଟି ଆଘାତ କରିବା ।

ପଣେଇଦେବା, ପଣାଇଦେବା, } କ୍ରି. (ଦେଶଜ) ପ୍ରତିଜ୍ଞା ସହ କାର୍ଯ୍ୟ କରିବା ।

ପଣ୍ଡ, ବିଂ. ( ପଣ୍ଡ୍ = ଗମନ କରିବା-ଅ, ଅଥବା ପଣ୍-ଡ଼) ନିଷ୍ଫଳ । ଯଥା—

ଏ ଯଶ ତୁମ୍ଭର ଖ୍ୟାତି ଦୁନିଆରେ,
ପଣ୍ଡ ହେବ ସିନା ଯମ ଦରବାରେ । ଦ. ବା.

ବି. ଗଦ୍ଧ । ଯଥା—

ଯୁଧିଷ୍ଠି ଠାକୁରଙ୍କର ଲଗି ଏତେ ଦଣ୍ଡ,
ନୋହିଲେ କୌରବଙ୍କର ରହିନ୍ତା କି ପଣ୍ଡ ।
ନୃ. ପୁ. ସ. ତ.

**ପଣ୍ଡା**, ବି. ସ୍ତ୍ରୀ. ( ପଣ୍ଡ୍-ଅ-ଆ ) ସୂକ୍ଷ୍ମବୁଦ୍ଧି ; ଶାସ୍ତ୍ରଜ୍ଞାନ; ବେଦୋଜ୍ଜ୍ୱଳା ବୁଦ୍ଧି । (ପଣ୍ଡ ଶବ୍ଦଜ) ନିଷ୍କଳ; ଦେବପୂଜକ । ଯଥା—

ପଣ୍ଡାଏ ପୂଜାରେ ବସିଲେ,
ପ୍ରଭୁ ଚକ୍ଷୁରେ ନ ଦିଶିଲେ । ଦା. ର.

ନିମ୍ନଶ୍ରେଣୀସ୍ଥ ବ୍ରାହ୍ମଣ । ଯଥା—

ପଣ୍ଡା ପିଣ୍ଡାତଳକୁ ବସିଲେ ମଣ୍ଡପେ ଶାସନୀସ୍ତେ । ଗୋ. ବ. ନା.

ବୁଢ଼ା ନ ହେବା ପିଲା ପୋଡ଼ ।

**ପଣ୍ଡାପଣସ**, ବି. (ପଣ୍ଡ-ପନସ ଶବ୍ଦଜ) ଯେଉଁ ପନସ ରସାଳ ନୁହେଁ ।

**ପଣ୍ଡାମଇଁଷି**, ବି. ସ୍ତ୍ରୀ. ( ପଣ୍ଡ-ମହିଷୀ ଶବ୍ଦଜ ) ବନ୍ଧ୍ୟା ମହିଷୀ ।

**ପଣ୍ଡାମାରିବା**, କ୍ରି. (ଦେଶଜ) ଧାନଗଛ ପ୍ରଭୃତି ଅତିରିକ୍ତ ବଢ଼ିବା ।

**ପଣ୍ଡିଆଣୀ, ପଣ୍ଡାଣୀ**, ବି. ସ୍ତ୍ରୀ. (ଦେଶଜ-ପଣ୍ଡା-ଆଣୀ) ପଣ୍ଡାଙ୍କ ଭାର୍ଯ୍ୟା । ଯଥା—

ତା ଶୁଣି ପ୍ରଭୁ ଚକ୍ରପାଣି,
ବୋଇଲେ ଶୁଣ ପଣ୍ଡିଆଣୀ । ଦା. ର.

**ପଣ୍ଡିତ**, ବି. (ପଣ୍ଡା-ଇତ-ଜାତାର୍ଥେ) ବିଦ୍ୱାନ୍, ଦକ୍ଷ, ନିପୁଣ । ଯେପରି—ରଣପଣ୍ଡିତ । (ଦେଶଜ) ଏକପ୍ରକାର ଶୂଦ୍ରଜାତି, ଅର୍ଥାତ୍ ଖଣ୍ଡକାର । (ପଣ୍ଡିତ ଯେ ବୁଧଗ୍ରହ, ତାହାଙ୍କଠାରୁ ଏହି ଜାତି ଉତ୍ପନ୍ନ ବୋଲି କେହି କେହି କହନ୍ତି ।)

**ପଣ୍ଡିତଂମନ୍ୟ, ପଣ୍ଡିତଂମନ୍ୟମାନ, ପଣ୍ଡିତମାନୀ**, ବିଂ. ( ପଣ୍ଡିତଂ-ମନ୍ = ବୋଧ କରିବା-ଯ,ପକ୍ଷେ-ମାନ-ଯ ଆଗମ, ଅନ୍ୟ ପକ୍ଷେ ପଣ୍ଡିତ-ମନ୍=ମଣିବା-ଇନ୍—ପଣ୍ଡିତ ନ ହୋଇ ଆପଣାକୁ ଯେ ପଣ୍ଡିତ ମନେ କରେ) ପଣ୍ଡିତାଭିମାନୀ, ଯେ ପଣ୍ଡିତ ନ ହୋଇ ଆପଣାକୁ ପଣ୍ଡିତ ବୋଲି ଅଭିମାନ କରେ; ଅଜ୍ଞାନ । (ମୂର୍ଖାଃ ପଣ୍ଡିତମାନିନଃ ।)

**ପଣ୍ଡିତାୟମାନ**, ବିଂ. (ପଣ୍ଡିତ-ଆୟ-ମାନ) ଯେ ପୂର୍ବେ ପଣ୍ଡିତ ନ ଥିଲେ ଏକ୍ଷଣି ପଣ୍ଡିତ ହୋଇଅଛନ୍ତି; ଯେ ପଣ୍ଡିତତୁଲ୍ୟ ଆଚରଣ କରନ୍ତି ।

**ପଣ୍ଡିତଆଣୀ, ପଣ୍ଡିତୁଣୀ**, ବି.ସ୍ତ୍ରୀ. (ପଣ୍ଡିତ ଶବ୍ଦରେ ଓଡ଼ିଆ ଆଣୀ ଓ ଉଣୀ ପ୍ରତ୍ୟୟ) ପଣ୍ଡିତଙ୍କ ଭାର୍ଯ୍ୟା; ପଣ୍ଡିତା ସ୍ତ୍ରୀ; ପଣ୍ଡିତ-ଜାତିର ସ୍ତ୍ରୀ ।

**ପଣ୍ୟ**, ବିଂ. ( ପଣ୍-ଯ ) ବିକ୍ରେୟ ( ଦ୍ରବ୍ୟ ), ବ୍ୟବହାର୍ଯ୍ୟ; ସ୍ତୋତବ୍ୟ ।

**ପଣ୍ୟସ୍ତ୍ରୀ, ପଣ୍ୟଯୋଷିତା, ପଣ୍ୟାଙ୍ଗନା**, ବି. ସ୍ତ୍ରୀ. ବେଶ୍ୟା ।

**ପଣ୍ୟବୀଥିକା, ପଣ୍ୟବୀଥୀ**, ବି.ସ୍ତ୍ରୀ (ପଣ୍ୟବୀଥିକା, ବୀଥୀ= ଶ୍ରେଣୀ) ବିପଣି, ଶ୍ରେଣୀବଦ୍ଧ ଦୋକାନ । (ବିପଣିଃ ପଣ୍ୟବୀଥିକା ।)

**ପଣ୍ୟାଜୀବ**, ବି. ( ପଣ୍ୟ-ଆଜୀବ = ଜୀବିକା ) ବଣିକ୍, ଯେ କ୍ରୟ ବିକ୍ରୟ କରେ ।

**ପତକା**, ବି. (ପତାକା ଶବ୍ଦଜ) ବାନା, ଧ୍ୱଜ । ଯଥା—

କେତେଦିନ ପାଇଁ ଦର୍ପର ପତକା,
ତୋଳି ଦେଉଥିବ ଖାଉଥିବ ଧକା । ଦ. ବା.

**ପତଗ, ପତଙ୍ଗ, ପତଙ୍ଗମ**, ବି. [ପତ (ପତ୍=ଗମନ କରିବା-ଅ) ପକ୍ଷ-ଗମ-ମ, ବିକଳ୍ପେ ମ ଆଗମ-ବିକଳ୍ପେ ଧାତୁର ମ୍ ଲୋପ] ପକ୍ଷୀ; ଶଳଭ; ସୂର୍ଯ୍ୟ; ଅଗ୍ନି; ବାଣ; ଶାଳପ୍ରଭେଦ; ପାରଦ; ଚନ୍ଦନବିଶେଷ ।

**ପତଙ୍ଗିକା**, ବି. ସ୍ତ୍ରୀ. ମଧୁମକ୍ଷିକାବିଶେଷ ।

**ପତତ୍**, ବି. ( ପତ୍ = ଗମନ କରିବା-ଅତ୍— ଶତୃ) ପକ୍ଷୀ । ବିଂ. ପତନଶୀଳ ।

**ପତତ୍ର, ପତତ୍ର୍**, ବି. (ପତ୍ = ଗମନ କରିବା-ଅ = ପତ-ତ୍ରୈ = ତ୍ରାଣ କରିବା - ଅ, ପତନ୍ତଂ ତ୍ରାୟତେ-ଇତି ପତତ୍ରଂ) ପକ୍ଷିର ଡେଣା ।

**ପତତ୍ରି, ପତତ୍ରିନ୍**, ବି. ( ପତ୍-ଅତ୍ରି; ଅନ୍ୟପକ୍ଷେ ପତତ୍ର-ଇନ୍ ଅସ୍ତ୍ୟର୍ଥେ) ପକ୍ଷୀ ।

**ପତଦ୍ଗ୍ରହ**, ବି. (ପତତ୍ = ମୁଖଭ୍ରଷ୍ଟ ଜଳାଦି-ଗ୍ରହ୍-ଅ) ପିକଦାନ ।

**ପତନ**, ବି. (ପତ୍ = ଅଧୋଗମନକରିବା-ଅନ) ଚଳନ; ସ୍ଖଳନ; ଭ୍ରଂଶ; ନାଶ; ପାପ । ( ବିଶେଷଣରେ—ପତମାନ, ପତୟାଳୁ, ପତୟିଷ୍ଣୁ ପ୍ରଭୃତି ପଦ ନିଷ୍ପନ୍ନ ହୁଏ ।)

ପଟନ, } ବି. ସ୍ତ୍ରୀ. (ଦେଶଜ) ପରିଧେୟ ବସ୍ତ୍ର । ଯଥା—
ପଟଣି, }

କେତେବେଳେ ଗୋପେ ନାଗର ସ୍ୱରୂପେ
ବସନ୍ତପଟନ ଚିହ୍ନ । ର. କ.

(ପତ୍ନୀ ଶବ୍ଦର ଅପଭ୍ରଂଶ) ଭାର୍ଯ୍ୟା ।

ପଟର, ବିଂ. ( ପତ୍ = ଗମନକରିବା-ଅର ) ଗମନଶୀଳ । (ପତ୍ର ଶବ୍ଦର ଅପଭ୍ରଂଶ) ବି. ପତ୍ର, ଦଳ ।

ପଟରସଉରୁଣୀ, ବି. ସ୍ତ୍ରୀ. (ଦେଶଜ) ପାର୍ବତୀୟ ଅସଭ୍ୟଜାତିର ସ୍ତ୍ରୀ ।

ପଟରସଉରା, ବି. ( ଦେଶଜ ) ଏକପ୍ରକାର ପାର୍ବତୀୟ ଜାତି ।

ପଟଳା, ବିଂ. (ପତଳ ଶବ୍ଦଜ) ସରୁ, ସୂକ୍ଷ୍ମ ।

ପଟା, ବି. (ପତ୍ର ଶବ୍ଦଜ, ପ୍ରାକୃତ ପତ୍ତରୁ ଜାତ) ଫଳକ; ପତ୍ର ।

ପଟାଇବା, କ୍ରି. (ଦେଶଜ) ପ୍ରସାରିବା । ଯଥା—
ବନ୍ଧୁକ ଅଧସ୍ତ କନ୍ଧୁକ ଫିଙ୍ଗି କର ପଟାଇ । ଚ. ଭା.

ପଟାକା,ବି.ସ୍ତ୍ରୀ.(ପତ୍ = ଗମନକରିବା-ଅକ-ଆ) ଧ୍ୱଜ, ନିଶାଣ; ଧ୍ୱଜପଟ; ଚିହ୍ନ; ସୌଭାଗ୍ୟ ।

ପତି, ବି. (ପା-ରକ୍ଷାକରିବା-ଅତି) ରକ୍ଷକ; ପ୍ରଭୁ, ଭର୍ତ୍ତା । (ଦେଶଜ)ସାମାନ୍ୟ ବ୍ରାହ୍ମଣଙ୍କ ଉପାଧି । ଯଥା—
ନାମ ତା ଦାମୋଦର ପତି,
ଭାରିଯା ନାମ ଚନ୍ଦ୍ରକାନ୍ତି । ମା. ମା.

ପତିଆର, } ବି. (ପ୍ରତ୍ୟୟ ଶବ୍ଦଜ) ବିଶ୍ୱାସ ।
ପତିଆରା, } ବିଂ. ବିଶ୍ୱସ୍ତ । ଯଥା—
ସେ ମୋର ବଡ଼ ପତିଆରା ଲୋକ ।

ପତିପ, ପ୍ରତିପ, } ବି. (ପ୍ରତିପଦ୍ ଶବ୍ଦଜ) ପକ୍ଷର
ପ୍ରତିପଦା, } ପ୍ରଥମ ଦିବସ । ଯଥା—
ଅମାବସ୍ୟା ଲୁଚ ପ୍ରତିପ ଅନ୍ତେ ଉଦେ ହେବ ।
ନୃ. ପୂ. ପ୍ର. ତ.

ପତିତ, ବିଂ. (ପତ୍ = ପଡ଼ିବା-ତ) ଅଧୋଗତ; ଚଳିତ; ଗଳିତ; ଧର୍ମଭ୍ରଷ୍ଟ; ପାପୀ ।

ପତିମତୀ, } ବିଂ. (ପତି-ମତ୍-ଈ, ପତି-ବତ୍-
ପତିବତ୍ନୀ, } ଈ-ନ ଆଗମ) ସ୍ୱାମିଯୁକ୍ତା, ସଭର୍ତ୍ତୃକା, ସଧବା । (ପତିବତ୍ନୀ ସଭର୍ତ୍ତୃକା —ଅମର ।)

ପତିବ୍ରତା, } ବିଂ. ସ୍ତ୍ରୀ. ( ପତି-ବ୍ରତ,
ପତିଦେବତା, } ଦେବତା, ପ୍ରାଣ-ଆ ) ସତୀ,
ପତିପ୍ରାଣା, } ସାଧ୍ୱୀ ।

ପତୁଲୀ, } ବି. ସ୍ତ୍ରୀ. (ବାଲେଶ୍ୱର ପ୍ରାନ୍ତରେ)
ପତୁଲି, } ବେଙ୍ଗଳା । (ମୃତ୍ପାତ୍ରାର୍ଥବୋଧକ ପାତିଲୀ ଶବ୍ଦଜ) ମୃତ୍ପାତ୍ରବିଶେଷ; ଧାନ୍ୟ ମଳା ଓ ଉଡ଼ା ହେଲା ପରେ ଏକତ୍ର ସମତଳ ରାଶୀକୃତ ଧାନଗଦା ।

ପତ୍ତନ, ବି. (ପତ୍ = ଗମନ କରିବା-ତନ-ଯେଉଁ ସ୍ଥାନରେ ସନ୍ତତ ଲୋକଙ୍କର ଗମନାଗମନ ହେଉଥାଏ) ନଗର, ସହର; ମୃଦଙ୍ଗ ।

ପତ୍ତି, ବି. (ପଦ୍ = ଗମନ କରିବା-ତି) ପଦାତିକ ସୈନ୍ୟ; ବୀର; ସେନାବିଶେଷ । ଏକ ହସ୍ତୀ, ଏକ ରଥ, ତିନିଗୋଟି ଅଶ୍ୱ, ପାଞ୍ଚଜଣ ପଦାତିକ । (ଏକେଭୈକରଥାତ୍ର୍ୟଶ୍ୱାପତ୍ତିଃ ପଞ୍ଚପଦାତିକା—ଅମର । ) ଗତି । (ପତ୍ତି-ର୍ଗତୌ ଚ ମୂଳେଽପି—ଅମର ।)

ପତ୍ନୀ, ବି. ସ୍ତ୍ରୀ. (ପତି-ଈ-ଜାୟାର୍ଥେ-ନ ଆଗମ) ଭାର୍ଯ୍ୟା ।

ପତ୍ର, ବି. [ପତ୍ = ପଡ଼ିବା, ଗମନ କରିବା-ର, ଅଥବା ପତ୍-ତ୍ର (ଷ୍ଟ୍ରନ୍)] ବୃକ୍ଷାଦିର ଦଳ; ବାହନ; ଅଶ୍ୱ ଶକଟାଦି; ପକ୍ଷ; ବାଣର ପକ୍ଷ; ପୁସ୍ତକାଦିର ଅଂଶ; ଚିଠି; ପତ୍ରାବଳୀ ରଚନା ।

ପତ୍ରପରଶୁ, } ବି. (ପତ୍ର = ସୁବର୍ଣ୍ଣାଦିର ପତ୍ର-
ପତ୍ରପଶୁ, } ପରଶୁ) ସ୍ୱର୍ଣ୍ଣାଦିଚ୍ଛେଦକ ଅସ୍ତ୍ର-ବିଶେଷ, ଛେଣି ।

ପତ୍ରରଥ, ବି. (ପତ୍ର-ରଥ) ବାଣ; ପକ୍ଷୀ ।

ପତ୍ରଳ, ବି. (ପତ୍ର-ରଳ) ପାତଳ ଦହି ।

ପତ୍ରଲେଖା, ପତ୍ରବିଶେଷ, } ବି. ସ୍ତନ
ପତ୍ରାଙ୍ଗୁଳି, ପତ୍ରାବଳୀ, } କପୋଳାଦିରେ ପତ୍ରାବଳୀ ରଚନା ।

ପତ୍ରୀ, ବି. (ଦେଶଜ) ନିମ୍ନଶ୍ରେଣୀୟ ବ୍ରାହ୍ମଣ-ବିଶେଷ । ଯଥା—
ବସ୍ତ୍ରସ ବୈଦିକ ଘାସି ସାରୁଆ ହଳିଆ,
ଭଟ୍ଟମିଶ୍ର ପଣ୍ଡା ପାଢ଼ୀ ପତ୍ରୀ ଦେଉଳିଆ । ଉ.ସା.୧୮.୯.

(ପତ-ଈନ୍-ଅସ୍ତ୍ୟର୍ଥେ) ପକ୍ଷୀ; ବାଣ; ପର୍ବତ; ବୃକ୍ଷ; ରଥ । ବିଂ. ପତତ୍ରବିଶିଷ୍ଟ ।

ପଟୋର୍ଣ୍ଣ, ବି. ଧୌତ କୌଷେୟ; ରେଶମୀ ବସ୍ତ୍ର । (ପଟୋର୍ଣ୍ଣଂ ଧୌତକୌଷେୟଂ—ଅମର ।)

ପଥ, ବି. (ପଥ୍=ଗମନ କରିବା-ଅ) ରାସ୍ତା; ଉପାୟ ।

ପଥର, ବି. (ପ୍ରସ୍ତର-ପ୍ରାକୃତ ପତ୍ଥର ଶବ୍ଦଜ) ପାଷାଣ ।

ପଥରଫୋଡ଼, ବି. (ଦେଶଜ) ପାଷାଣଭେଦ ନାମକ ଗୁଳ୍ମବିଶେଷ ।

ପଥି, ବି. (ପଥ୍ୟ ଶବ୍ଦଜ) ରୋଗିବିହିତ ଆହାର । ଯଥା—

ପଥିର ଖବର ବୁଝ ରୁ ଆଗ,
ପଛେ ବୁଝାଯିବ ଔଷଧ ଭାଗ । ସ୍ୱା. ତ.

(ପଥିକ ଶବ୍ଦର ଅପଭ୍ରଂଶ) ପଥିକ । ଯଥା—

କୃଷ୍ଣ ଯାହା ହୃଦେ ପଥି,
କୃଷ୍ଣ ପଞ୍ଚମୀ ତିଥି ସେ । କୋ. ବ୍ର. ସୁ.

ପଥିକ, ବି. (ପଥିନ୍-କ-ଗମନାର୍ଥେ) ପାନ୍ଥ, ବାଟୋଇ; ବିଦେଶସ୍ଥ ।

ପଥିନ୍, ପଥି, ବି. (ପଥ୍=ଗମନ କରିବା-ଇନ୍, ଇ) ପଥ; ଉପାୟ; ରୀତି; ସ୍ୱଭାବ ।

ପଥୁକ, ବି. (ପଥିକ ଶବ୍ଦଜ) ପଥିକ । ଯଥା—

ପଥଶ୍ରାନ୍ତ ହୋଇ ଯେହ୍ନେ ପଥୁକ ସକଳ,
ବସନ୍ତ ତରୁଗୁଲ୍ମରେ ହୋଇ ଏକମେଳ । ବେ.ପ.

ପଥୁରି, ବି. (ପ୍ରସ୍ତରଣୀ ଶବ୍ଦଜ) ପଥରବାସନ ।

ପଥୁରିଆ, ପଥରିଆ, ବି. (ଦେଶଜ) ଯେ ପଥରର କାମ କରେ । ଯଥା—

ପଥୁରିଆମାନଙ୍କୁ ସେ ଆଣିଲା ଡ଼କାଇ,
ଅନେକ ଧନଦ୍ରବ୍ୟ ତାହାଙ୍କୁ ଦେଲା ବହି । ନୃ.ପୁ.ସ.ତ.

ପଥ୍ୟ, ବିଂ. (ପଥ୍-ଯ-ଯୋଗ୍ୟାର୍ଥେ) ହିତ; ଯୋଗ୍ୟ; ଆରୋଗ୍ୟ । ବି. ରୋଗିର ଯୋଗ୍ୟ ଆହାର । (ସ୍ତ୍ରୀ-ଆ) ହରୀତକୀ ।

ପଦ, ପାଦ, ବି. (ପଦ୍=ଗମନ କରିବା-ଅ) ଚରଣ; କିରଣ; ପଦଚିହ୍ନ; ଚିହ୍ନ; ସୁପ୍ତିଙନ୍ତ ପଦ; ବସ୍ତୁ; ବ୍ୟବସାୟ; ଚତୁର୍ଥାଂଶ; ତ୍ରାଣ; ଛଳ; କରଣ । (ପଦଂ ସ୍ଥାନେ ବିଭକ୍ତ୍ୟନ୍ତେ ଶବ୍ଦେ ବାକ୍ୟୈକ ବସ୍ତୁନୋଃ । ତ୍ରାଣେ ପାଦେ ପାଦଚିହ୍ନେ ବ୍ୟବସାୟାପଦେଶୟୋଃ —ହେମ ।)

ପଦକ, ବି. (ପଦ-କ) ସ୍ୱନାମଖ୍ୟାତ କଣ୍ଠଭୂଷଣ; ଏକମାତ୍ର ପଦ । ଯଥା—

ଏ ପଦକ କନ୍ଧ ସେ ପଦକ ଦେଲା ବେଗେ,
ମିତ୍ର ନେଇ ଦେଇ ଆଳୀ କରେ ଅନୁରାଗେ ।
କୋ. ବ୍ର. ସୁ.

ପଦବି, ପଦବୀ, ବି. (ପଦ=ଗମନ କରିବା-ଅବି-ସ୍ତ୍ରୀ-ଈ) ପଥ; ଉପନାମ, ଉପାଧି, ବ୍ୟବସାୟ ।

ପଦା, ବି. (ଦେଶଜ) ବହିର୍ଭାଗ । ଯଥା—

ବନ୍ଧୁଜନ ପରେ ପଦାକୁ ସେ ସବୁ ହୋଇଛୁ ଆଜ ବାହାର । ପାର୍ବତୀ ।

(ପଦ ଶବ୍ଦଜ) ପଡ଼ିଆ ଭୂମି । ଯଥା—

ଶୁଖିଆ ପଦାକୁ ଟାକୁ ଘେନାଇ ଚଲିଲେ । ବେ. ପ.

ବିଂ. ଖାଲି, ଶୂନ୍ୟ । ଯଥା—

କେଉଁ ଲୋକ କରେ ଧରି ଗଦା,
ହରିଙ୍କୁ ପିଟି କଲା ପଦା । ସ୍ବ. ପ.

ଇତର ବା ଅନ୍ୟ । ଯଥା—ସେ ପଦା ଲୋକ ।

ପଦାତ, ପଦାତି, ପଦାତିକ, ବି. (ପଦ-ଅତ୍=ଗମନ କରିବା-ଅ,ଇ-କ-ସ୍ୱାର୍ଥେ) ପଦଚାରୀ ସୈନ୍ୟ; ପିଆଦା ।

ପଦାର୍ଥ, ବି. (ପଦ=ଶବ୍ଦ-ଅର୍ଥ=ବିଧେୟ) ଶବ୍ଦର ପ୍ରତିପାଦ୍ୟ ବସ୍ତୁ; ଅଭିଧେୟ ପଦର ଅର୍ଥ ।

ପଦାର୍ଥବିଦ୍ୟା, ବି. ସ୍ତ୍ରୀ. (**Natural Philosophy**) ଯେଉଁ ଶାସ୍ତ୍ରଦ୍ୱାରା ଜଡ଼ପଦାର୍ଥ ସକଳର ଗୁଣ ଓ ଗତିର ବିଷୟ ଜଣାଯାଏ ।

ପଦିକ, ବି. (ପଦ୍-ଇକ) ପଦାତି ସୈନ୍ୟ ।

ପଦିକା, ବି. (ଦେଶଜ) ଭୂମିପରିମାଣ ଦଣ୍ଡ; ପରିମାଣବିଶେଷ । ଯଥା—

ପୋଷେ ମୁଠାଏ ଖଣ୍ଡେ ଅଣାଏ ପଦିକାଏ,
ପଣେ ମାଣେ କାହାଣେ ଦେବଟି ସର୍ବଦାଏ ।
ନୃ. ପୁ. ଦ୍ୱି. ତ.

**ପଦ୍ଧତି, / ପଦ୍ଧତୀ,** ବି. ସ୍ତ୍ରୀ. (ପଦ୍ = ପାଦ-ହନ୍-ତି) ପଥ; ଶ୍ରେଣୀ; ରେଖା; ପ୍ରବାହ; ରୀତି; ପ୍ରଣାଳୀ; ଆଗ୍ରୃରଗ୍ରନ୍ଥ; ପଦବୀ, ଉପାଧି । (ଗଞ୍ଜାମରେ ଆଇନ ଅର୍ଥରେ ବ୍ୟବହୃତ ।)

**ପଦ୍ମ,** ବି. (ପଦ୍-ମ—ପଦ୍ୟତେଽନେ ଲକ୍ଷ୍ମୀରିତି ପଦ୍ମଂ—ଅମରଟୀକା । ଏଥିରେ ଲକ୍ଷ୍ମୀ ପ୍ରାପ୍ତ ହୁଏ ବୋଲି ଏହାର ନାମ ପଦ୍ମ ।) ସ୍ୱନାମପ୍ରସିଦ୍ଧ ପୁଷ୍ପ; ନିଧିବିଶେଷ; ସଂଖ୍ୟା-ବିଶେଷ; ହସ୍ତିର ମସ୍ତକ ଓ ଶୁଣ୍ଡୋପର ରଚିତ ଚନ୍ଦ ବା ଚିହ୍ନବିଶେଷ; ବ୍ୟୂହ-ବିଶେଷ; ନାଗବିଶେଷ ।

**ପଦ୍ମକ,** ବି. ( ପଦ୍ମ-କ-ତୁଲ୍ୟାର୍ଥେ ) ହସ୍ତୀ ପ୍ରଭୃତିଙ୍କ ଦେହରେ ରକ୍ତବର୍ଣ୍ଣ ବିନ୍ଦୁ ବିନ୍ଦୁ ଚିହ୍ନ; ପଦ୍ମକାଷ୍ଠ; କୁଷ୍ଠ ।

**ପଦ୍ମତନ୍ତୁ, ପଦ୍ମନାଳ,** ବି. ମୃଣାଳ ।

**ପଦ୍ମରାଗ,** ବି. ତାମ୍ରବର୍ଣ୍ଣ ମଣିବିଶେଷ ।

**ପଦ୍ମା,** ବି. ସ୍ତ୍ରୀ. (ପଦ୍ମ-ଅ ଅସ୍ତ୍ୟର୍ଥେ-ଆ) ଲକ୍ଷ୍ମୀ; ନଦୀବିଶେଷ; କୁସୁମଫୁଲ; ମନସାଦେବୀ ।

**ପଦ୍ମାକର,** ବି. (ପଦ୍ମ-ଆକର = ଉତ୍ପତ୍ତି ସ୍ଥାନ) ସରୋବର; ପୁଷ୍କରିଣୀ ।

**ପଦ୍ମାଳୟା,** ବି. ଲକ୍ଷ୍ମୀ; ଲବଙ୍ଗ ।

**ପଦ୍ମାବତୀ,** ବି. ସ୍ତ୍ରୀ (ପଦ୍ମ-ବତ୍—ଅସ୍ତ୍ୟର୍ଥେ-ଈ) ମନସାଦେବୀ; ପଦ୍ମାନଦୀ; ମାଳବ-ଦେଶସ୍ଥ ନଗରବିଶେଷ; ଉଜ୍ଜୟିନୀ ନଗରର ଏକ ପୁରାତନ ନାମ; କର୍ଣ୍ଣଙ୍କ ପତ୍ନୀ ।

**ପଦ୍ମିନୀ,** ବି. ସ୍ତ୍ରୀ. (ପଦ୍ମ-ଇନ୍-ଈ) ପଦ୍ମସମୂହ; କମଳିନୀ; ସୁଲକ୍ଷଣା ସ୍ତ୍ରୀ; ହସ୍ତିନୀ ।

**ପଦ୍ମୀ, ପଦ୍ମିନ୍,** ବି. (ପଦ୍ମ = ରକ୍ତଚିହ୍ନ-ଇନ୍ ଅସ୍ତ୍ୟର୍ଥେ) ହସ୍ତୀ । ବିଂ. ପଦ୍ମବିଶିଷ୍ଟ ।

**ପଦ୍ୟ,** ବି. ( ପଦ = ଚରଣ-ଯ-ଯୁକ୍ତାର୍ଥେ ) ଶ୍ଳୋକ, ଛନ୍ଦୋଯୁକ୍ତ ଚତୁଷ୍ପାଦ ବାକ୍ୟ । (ପଦରୁ ଜାତ ବୋଲି) ଶୂଦ୍ର । (ସ୍ତ୍ରୀ-ଆ) ରାସ୍ତା, ମାର୍ଗ; ସ୍ତୁତି, ସ୍ତବ ।

**ପଧାନ,** ବି. ( ପ୍ରଧାନ ଶବ୍ଦର ଅପଭ୍ରଂଶ ) ଗ୍ରାମର ପ୍ରଧାନ ବ୍ୟକ୍ତି । ଯଥା—

ନାନା କଷ୍ଟ ପାଇ ଦେହେ ଶସ୍ୟ ଉପୁଜାଇ,
ଲେଖି ଯୋଖି ନ୍ୟନ୍ତ ସବୁ ପଧାନ ବିଶୋଇ ।
ନୃ. ପୁ. ପ୍ର. ତ.

ଉପାଧିବିଶେଷ । ବିଂ. ଶ୍ରେଷ୍ଠ ।

**ପନଙ୍ଗ,** ବି. (ପନ୍ନଗ ଶବ୍ଦଜ) ସାପ । ଯଥା—

ତଥାପି ନ ଗଲା ମୋ ପାପ,
ପୁଣିହିଁ କଲା ମୋତେ ସାପ ।
ପନଙ୍ଗ ବର୍ତ୍ତିଲ ଯେମନ୍ତେ,
ତାହା ତ ଜାଣିଛ ସମସ୍ତେ । ମା. ମା.

**ପନଙ୍ଗାନାରାୟଣ, / ପନଗାନାରାୟଣ,** ବି. (ପନ୍ନଗ-ନାରାୟଣ ଏହି ଉଭୟ ଶବ୍ଦରେ ଗଠିତ) ଦୁର୍ଯ୍ୟୋଧନଙ୍କ ନାମାନ୍ତର । ଯଥା—

ପନଗାନାରାୟଣ ସ୍ୱୟଂ ଅବତାର,
ମାତା ପିତାଦି କାହାକୁ ନୁହେ ନମସ୍କାର । ସା. ଭି. ବି.

**ପନସ,** ବି. (ପନ୍ = ସ୍ତୁତି କରିବା-ଅସ-ସଂଜ୍ଞାର୍ଥେ) ବାନରବିଶେଷ; ପଣସଫଳ ।

**ପନା, ପନ୍ନା, / ପହ୍ନା,** ବି. ( ଆପୀନ ଶବ୍ଦଜ ) ଗୋସ୍ତନ ।

**ପନାୟିତ, / ପନିତ,** ବିଂ. ( ପନ-ଆୟ-ତ, ପନ୍-ତ) ବର୍ଣ୍ଣିତ; ସ୍ତୁତ ।

**ପନି, ପନୀ,** ବି. (ପଣ୍ୟ ଶବ୍ଦଜ) ଚିନିକରର ପଦାର୍ଥବିଶେଷ ଅର୍ଥାତ୍ ଇଙ୍ଗତା ।

**ପନଅରି,** ବି. (ଦେଶଜ) ବାଇଗଣଫଳ ।

**ପନକି, / ପନକି,** ବି. (ଦେଶଜ) ଫଳ ମୂଳ କାଟିବା ଅସ୍ତ୍ର ।

ବ୍ୟଞ୍ଜନ କରିବାର ଅର୍ଥେ, ପନକି ପକାଇ ତୁରନ୍ତେ ।
ସେ ଫଳ କାଟନ୍ତେ କାମିନୀ । ଦା. ର.

**ପନିର, ପନୀର, / ପନିଅର,** ବି. (ପନୀର ଶବ୍ଦର ଅପଭ୍ରଂଶ) ସୁବାସ ଜଳ-ବିଶେଷ । ଯଥା—

କେ ଆଳଟ ବିଞ୍ଚୁଥିବ, କେ ପନୀର ସିଞ୍ଚୁଥିବ । ର. କ.

**ପନରଲାଗି, / ପନଅରଲାଗି, / ପନ୍ୟରଲାଗି,** ବି. (ଦେଶଜ) କ୍ଷୌରକର୍ମ । ଯଥା—

ଏଥିଅନନ୍ତରେ ଶୁଣ ଅପୂରୁବ ବାଣୀ,
ପନରଲାଗି ହେବେ ରଘୁକୁଳମଣି । ମଂ. ଘ.

ପନ୍ତ, ବି. (ପନ୍ଥା ଶବ୍ଦଜ) ମାର୍ଗ; କ୍ରମ ।

ପନ୍ତାଡ଼, ପନ୍ତାର, ବି. (ପ୍ରାନ୍ତ ଶବ୍ଦଜ) ପ୍ରାନ୍ତ ।

ପନ୍ତି, ବି. (ପଙ୍କ୍ତି ଶବ୍ଦଜ) ଶ୍ରେଣୀ । ଯଥା—
ହେମଫଳେ ନମ୍ର ଯହିଁ ଲଙ୍କାଆମ୍ର ପାଦପପନ୍ତି । ଉଷା.

ପନ୍ତିମୁଖୁଁ, ପନ୍ତିମୁଖାଁ, ପନ୍ତିମୁହାଁ, ପନ୍ତିମୁହଁ, } ବି. (ପଙ୍କ୍ତିମୁଖ ଶବ୍ଦଜ) ବ୍ରହ୍ମା । ଯଥା—
ପଢବରତ ମୋର ସମ୍ପତ୍ତି,
ପନ୍ତିମୁଖା ଦେଲୁ ଏ ବିପତ୍ତି । ବି. ଚି. ମ.

ପନ୍ତିରଥ, ବି. (ପଙ୍କ୍ତିରଥ ଶବ୍ଦଜ) ଦଶରଥ ।

ପନ୍ତିବାହୁ, ବି. (ପଙ୍କ୍ତିବାହୁ ଶବ୍ଦଜ) ରାବଣ ।

ପନ୍ଥା, ବି. ( ପଥିନ୍ ଶବ୍ଦର ପ୍ରଥମା ଏକ-ବଚନାନ୍ତ ପଦ) ପଥ; ଉପାୟ; ସ୍ୱଭାବ ।

ପନ୍ନ, ବିଂ. (ପଦ୍=ଗମନ କରିବା-ତ) ଚ୍ୟୁତ; ଗଳିତ; ପତିତ; ଅଧୋମୁଖ ।

ପନ୍ନଗ, ବି. (ପନ୍ନ=ପତିତ-ଗମ୍-ଅ) ସର୍ପ; ପଦ୍ମକାଷ୍ଠ; ସୀସକ ।

ପନ୍ନଗାରି, ପନ୍ନଗାଶନ, } ବି· ( ପନ୍ନଗ-ଅରି, ଅଶନ ) ଗରୁଡ଼ ।

ପନ୍ନଦ୍ଧା, ପନ୍ନଦ୍ଧୀ, } ବି. ସ୍ତ୍ରୀ. ( ପଦ୍-ନହ୍ =ବନ୍ଧନ କରିବା-କ୍ତ-ନିପାତନ ) ପାଦୁକା; ଜୁତା ।

ପନ୍ଦର, ପନ୍ଦ୍ର, } ବିଂ. (ପଞ୍ଚଦଶ=ପ୍ରାକୃତ ପନ୍ଦରହ ଶବ୍ଦଜ) ୧୫ ସଂଖ୍ୟା ।

ପନ୍ଦରା, ପନ୍ଦଡା, ପନ୍ଦାଡ଼ିଆ, } ବି. ( ଦେଶଜ ), ଜାତିବିଶେଷ । ( ପନ୍ଦାଡ଼ ଅର୍ଥାତ୍ ଓଳତଳେ ପଡ଼ିଥିବା; କମ୍ବଦନ୍ତୀ ଅଛି କି ଓଳତଳେ ପଡିଥିବା ଅଜ୍ଞାତ ପିତୃମାତୃକ ଶିଶୁଠାରୁ ସମୁତ୍ପନ୍ନ ହେଲାରୁ ଏହି ଜାତିର ନାମ ପନ୍ଦାଡ଼ିଆ ହେଲା ।)

ପନ୍ଦାଡ଼, ପନ୍ଦାର, ବି. (ଦେଶଜ) ଓଳତଳ ।

ପନ୍ଦାଡ଼, ପନ୍ଦାର, } ବି. ( ଦେଶଜ ) ଶଗଡ଼ଭୁମ୍ବର ବନ୍ଧମୁହଁରେ ଲଗିଥିବା ଲୌହ-ବଳୟ ।

ପବ, ବି· ( ପର୍ବ ଶବ୍ଦର ଅପଭ୍ରଂଶ ) ଗଣ୍ଠି । ଯଥା—
ଛନଗୋଟି ପବ ଥିଲା କାଣ୍ଡ ଯେତେ ଛନ୍ତି,
ଈଶ୍ୱର ! ଯୁଧିଷ୍ଠିର ନୃପ ତା ବନ୍ଧନ୍ତି । କୃ.ଖି.ହ.ପ.
ଅଙ୍ଗୁଳିର ଭାଗ । ଯଥା—
ଅନାମିକା ଅଙ୍ଗୁଳିରୁ ତର୍ଜନୀ ପବଯାଏ,
ମନ୍ତ୍ରକୁ ଭଜି ଧ୍ୟାନ କରିବ ମୋତେ ଲକ୍ଷ୍ୟେ ।
ନୃ. ପୁ. ଚ. ଚ.

ପବଅଇରି, ବି. ( ପର୍ବ-ଅରି ଶବ୍ଦଜ ) ଲତା-ବିଶେଷ ।

ପମ୍ପା, ବି. ସ୍ତ୍ରୀ. (ପା = ପାନ କରିବା-ପ-ଆ-ନିପାତନ) ନଦୀବିଶେଷ, ଏହିଟି ଋଷ୍ୟମୂକ ପର୍ବତରୁ ନିଃସୃତ ହୋଇ ତୁଙ୍ଗଭଦ୍ରା ନଦୀରେ ମିଳିତ ହୁଏ; ପ୍ରସିଦ୍ଧ ସରୋବର-ବିଶେଷ ।

ପୟଃ, ପୟ, } ବି. (ପୟସ୍-ପା = ପାନ କରିବା-ଅସ୍) ଦୁଗ୍ଧ; ଜଳ ।

ପୟଃପ୍ରଣାଳୀ, ବି. ସ୍ତ୍ରୀ. ( ପୟଃ-ପ୍ରଣାଳୀ ) ଜଳନିର୍ଗମପଥ; ନର୍ଦ୍ଦମା ।

ପୟଜାର, ପୟିଜାରୁ, ପୟିଜାର, } ବି. (ପାରସ୍ୟ ଶବ୍ଦଜ) ଚଟି, ଜୁତା, ପାଦ-ରକ୍ଷକ ।

ପୟଦଲ, ବି. ( ପାରସ୍ୟ—ପୟ = ପାଦ ) ପଦାତିସୈନ୍ୟ ।

ପୟର, ବି. (ଦେଶଜ) ପାଦ । ଯଥା—
ଶମ୍ଭୁ ସ୍ୱୟମ୍ଭୁ ଆଦି ସୁରବାର,
ସତତରେ ସୁମରନ୍ତି ପୟର । ବି. ଚ. ମ.

ପୟସ୍ୟ, ବିଂ. (ପୟସ୍-ଯ-ବିକାରାର୍ଥେ) ଦୁଗ୍ଧରୁ ଜାତ ( ଘୃତ ଦଧ୍ୟାଦି ); ଦୁଗ୍ଧ ସହିତ; (ସ୍ତ୍ରୀ-ଆ) ଛେନା ।

ପୟସ୍ୱଳ, ବିଂ. (ପୟସ୍-ବଳ-ଅସ୍ତ୍ୟର୍ଥେ) ଜଳ-ଯୁକ୍ତ । ବି. ଛାଗ ।

ପୟସ୍ୱିନୀ, ବି. ସ୍ତ୍ରୀ. ( ପୟସ୍-ଦୁଗ୍ଧ-ବିନ୍-ଅସ୍ତ୍ୟର୍ଥେ) ପ୍ରଶସ୍ତ ଦୁଗ୍ଧବତୀ ଗାଈ; ନଦୀ; ରାତ୍ରି; ଛାଗୀ; କ୍ଷୀରକୋଳି ।

ପୟାଣ, ବି. ( ପ୍ରୟାଣ ଶବ୍ଦର ଅପଭ୍ରଂଶ ) ପ୍ରସ୍ଥାନ । ଯଥା—
ପାଇଲେ ଅନେକ ଧନ ଯେତେ ବେନକଣ,
ରାତିରେ ରାତିରେ ତହୁଁ କଲେ ସେ ପୟାଣ । ବେ.ପ.

ପୟାର, ବି. (ଦେଶଜ) ଚତୁର୍ଦ୍ଦଶାକ୍ଷର ଛନ୍ଦ-ବିଶେଷ, ଉକ୍ତ ଛନ୍ଦରେ ରଚିତ କବିତା ।

ପୟୋଘନ, ବି. (ପୟସ୍ = ଜଳ-ଘନ=ଜମାଟ) କରକା, କୁଆପଥର ।

ପୟୋଧର, ବି. ( ପୟସ୍-ଧୃ-ଅ ) ସ୍ତ୍ରୀସ୍ତନ; ମେଘ; ନାରିକେଳ; କୋଷକାର, କେଶରୁ, କେଶୁର । (ପୟୋଧରଃ କୋଷକାରେ ନାଳିକେରେ ସ୍ତନେଽପିଚ । କଶେରୁ ମେଘୟୋଃ ପୁଂସି—ମେଦିନୀ ।)

ପୟୋଧାଃ, ପୟୋଧି, ପୟୋନିଧି, } ବି. ( ପୟୋଧସ୍-ପୟଃ-ଧା-ଅସ୍, ଇ, ନିଧି ) ସମୁଦ୍ର; ମେଘ ।

ପରଂ, ଅ°. କେବଳ; ପଶ୍ଚାତ୍; ନିଶ୍ଚୟ; କିନ୍ତୁ ।

ପର, ବି°. (ପ = ପୂର୍ତ୍ତି କରିବା, ପାଳନ କରିବା-ଅ) ଆସକ୍ତ; ଅନନ୍ତର; ଶ୍ରେଷ୍ଠ; ଅନ୍ୟ; କେବଳ; ଭିନ୍ନ; ସମ୍ୟକ୍; ଦୂର; ଅଧିକ । ବି. ପରମାତ୍ମା; ଶତ୍ରୁ; ବ୍ରହ୍ମ; ମୋକ୍ଷ; (ପାରସ୍ୟ) ପକ୍ଷିର ପାଳକ ବା ପକ୍ଷି; ଡେଣା । (ଦେଶଜ) ଉପରିଭାଗ । ଯଥା—

ବିଶେଷ କପି ଦୃଶ୍ୟ ଶେଷରେ ନୋହେ
ଶେଷ ନ ଦିଶେ ମହୀପର । ବୈ. ବି.

ପରଃଶତ, ବି. (ପର = ଅଧିକ-ଶତ-ଶତରୁ ଅଧିକ-ସ-ଆଗମ) ଶତାଧିକ ସଂଖ୍ୟା । ବି°. ଶତାଧିକ ସଂଖ୍ୟକ । (ଏହିପରି ପରଃଷଷ୍ଟି, ପରଃସହସ୍ର ଇତ୍ୟାଦି ପଦ ନିଷ୍ପନ୍ନ ହୁଏ ।)

ପରକନା, ବି. ( ଦେଶଜ ) କଣ୍ଠା କାଟିବା ନିମିତ୍ତ ବ୍ୟବହୃତ ଯଷ୍ଟିବିଶେଷ ।

ପରଖ, ବି. (ପରୀକ୍ଷା ଶବ୍ଦଜ) ପରୀକ୍ଷା; ପର୍ଯ୍ୟାଲୋଚନା । ଯଥା—

ପରଖର ସିନା ନକଷ ବିପତ୍ତିବେଳ । ଲ. ବ.

ପରଖିବା, କ୍ରି. (ଦେଶଜ) ପରୀକ୍ଷା କରିବା ।

ପରଗଣା, ବି. (ଯାବନିକ) ଚକଲା ବା ଜିଲ୍ଲାର ଏକ ଏକ ଅଂଶ ।

ପରଚ, ପରଚେ, } ବି. (ପରିଚୟ ଶବ୍ଦଜ) ପରିଚୟ । ଯଥା—

ପର ପରଚେ ହେବାର ସେ କି ଲୁଚିବାର
କାଳେ ଯିବ ତ ଏ ପୁଣ୍ୟ ପୁର । ବି. ଚ. ମ.

ପରଚିବା, କ୍ରି. ( ପରିଚୟ ଶବ୍ଦଜ ) ପରିଚୟ ଦେବା । ଯଥା—

ପରଚେ ମୁଁ ଭାତ କହିବାରେ ତାଙ୍କୁ । ବି. ଚ. ମ.

ପରଚୂଲା, ବି. ( ଦେଶଜ ) କୃତ୍ରିମକେଶ । ଯଥା—

ସେକାଳରେ ପରଚୂଲାମାନଙ୍କରେ ଏକପ୍ରକାର ମାଟିର ଚୂର୍ଣ୍ଣ ବ୍ୟବହୃତ ହେଉଥିଲା । ଭ. ସା.

ପରଚ୍ଛନ୍ଦାନୁବର୍ତ୍ତୀ, ବି°. ( ପରଚ୍ଛନ୍ଦ = ପରର ଅଭିପ୍ରାୟ — ଅନୁବର୍ତ୍ତୀ = ଅନୁଗାମୀ ) ପରାଧୀନ ।

ପରଜଳିବା, କ୍ରି. (ପ୍ର-ଜ୍ୱଲ୍ ଧାତୁଜ) କ୍ରୋଧରେ ପ୍ରଦୀପ୍ତ ହେବା ।

ପରଜା, ବି. (ଦେଶଜ) ବ୍ୟଞ୍ଜନାଦି ଛୁଙ୍କିବା । (ପ୍ରଜା ଶବ୍ଦର ଅପଭ୍ରଂଶ) ରଇତ, ପ୍ରଜା ।

ପରଜିବା, କ୍ରି. (ଦେଶଜ) ବ୍ୟଞ୍ଜନାଦି ଛୁଙ୍କିବା ।

ପରଞ୍ଜ, ବି. (ଦେଶଜ-ଗଞ୍ଜାମୀ ତେଲଙ୍ଗା ଏବଂ ଓଡ଼ିଆମାନେ ବ୍ୟବହାର କରନ୍ତି) ଘର-ତିଆରି ସମୟରେ କାଠରୁ କାଠ ବାନ୍ଧି କରିବା ଭାଡ଼ ।

ପରତ, ପରତେ, } ବି. ( ପ୍ରତ୍ୟୟ ଶବ୍ଦଜ ) ବିଶ୍ୱାସ । ଯଥା—

କହୁଁ ଲତାରୁ କୁସୁମ ଖସିବାର ଏମନ୍ତ ହଉଛି ପରତେ ।
ଲ. ବ.

ପରତନ୍ତ୍ର, ବି°. (ପର = ଅନ୍ୟ-ତନ୍ତ୍ର = ଅଧୀନ) ପରାଧୀନ ।

ପରତାଳ, ବି. ( ଦେଶଜ ) ସତ ମିଛ ବିବେଚନା ।

ପରତିଙ୍ଗା, ପରତିଜ୍ଞା, ପତିଜ୍ଞା, } ବି. (ପ୍ରତିଜ୍ଞା ଶବ୍ଦଜ) ପ୍ରତିଜ୍ଞା, ପଣ; କଣ୍ଠିଭୁରେ ଗର୍ବ ।

ପରଦି, ଅ°. ପରକାଳରେ, ପରକାଳ ।

ପରଦଳା, ବି. (ଦେଶଜ) ସାରାସାର ପରୀକ୍ଷା ।

ପରଦା, ପର୍ଦ୍ଦା, ବି. ( ଯାବନିକ ) ଯବନିକା; ଆବରଣ ।

ପରଦାଜ, ବିଂ. (ପାରସ୍ୟ-ପରଦାଖ୍ତନ ଶବ୍ଦଜ) ନଷ୍ଟନ୍ନ, ସମାଧା ।

ପରଦାନଶିନ, ପର୍ଦ୍ଦାନଶିନ, } ବି. (ପାରସ୍ୟ ଶବ୍ଦ, ପରଦା-ନଶିନ-ବସିବା, ଯେ ପରଦାର ଭିତରେ ବସେ ବା ରହେ) ଗୃହ-ରମଣୀ, ଅବରୋଧବାସିନୀ ସ୍ତ୍ରୀ ।

ପରଦାରକ, ବିଂ. (ପରଦାର-ଇକ) ପରସ୍ତ୍ରୀରେ ଆସକ୍ତ ।

ପରଦାରିଣୀ, ପରଦାରେଣୀ, } ବି. ସ୍ତ୍ରୀ. (ପରଦାର ଶବ୍ଦଜ) କୁଳଟା । ଯଥା—

ଭାରିଯା ହୋଇ ଯେ ହୋଇଲା ପରଦାରିଣୀ । ସା.ଭା.ଆ.

ପରନ୍ତୁ, ଅଂ. କିନ୍ତୁ, ଅଧିକନ୍ତୁ ।

ପରପଞ୍ଚ, ପରପଞ୍ଚା, } ବି. (ଦେଶଜ କିମ୍ବା ପ୍ରପଞ୍ଚ ଶବ୍ଦଜ) ହରବର । ଯଥା—ଏ ପରପଞ୍ଚରେ କିଏ ପଡ଼ିବ ମ । ବିଂ. ଜଟିଳ; କପଟ । ଯଥା—

ଏ ସଖୀ ପର ପରପଞ୍ଚ ଛଡ଼ିର,
ଶ୍ରବଣ ଶ୍ରବଣରେ ନୋହିବୁ ଧୀର । ବି. ଚି. ମ.

ଅସୁନ୍ଦର, ବିକୃତ । ଯଥା—

ଛୁଡ଼ା କଲେ ପାଖିହାତ ବସିବାରେ ଉଚ,
କି ଗୁଣ ଦେଖି ବରିଲେ ଏଡ଼େ ପରପଞ୍ଚ । ମଂ.ଘ.

ତୁଚ୍ଛ । ଯଥା—

ନିରେଖି ଗୁହିଁଲେ ବାଳ ନ ଦିଶଇ କଣ୍ଠା,
ଟାକୁଆ ଗାଲକୁ ମୁହଁ ଦିଶେ ପରପଞ୍ଚା । ମଂ. ଘ.

ପରପିଣ୍ଡାଦ, ବିଂ. (ପରପିଣ୍ଡ = ପରର ଭୋଜନୀୟବସ୍ତୁ-ଅଦ୍ = ଖାଇବା-ଅ) ପରାନ୍ନ-ଜୀବୀ । (ପରାନ୍ନଃ ପରପିଣ୍ଡାଦଃ—ଅମର ।)

ପରପୁଷ୍ଟ, ବି. (ପର-ପୁଷ୍ଟ-ପାଳିତ) କୋକିଳ । ବିଂ. ଅନ୍ୟକର୍ତ୍ତୃକ ପ୍ରତିପାଳିତ । (ସ୍ତ୍ରୀ-ଆ) ବେଶ୍ୟା ।

ପରବ, ବି. (ପର୍ବନ୍ ଶବ୍ଦଜ) ଉତ୍ସବ । ବିଂ. ଆନନ୍ଦଜନକ । ଯଥା—

ପୁନେଇ ପରବେ ସେ ଅଲକ୍ଷଣୀ । ହା. ଚ.

ପରବାନା, ପରୱ୍ୱାନା, ପରଆନା, } ବି. (ପାରସ୍ୟ ଶବ୍ଦ) କାରାଗାରରେ ବନ୍ଧ କରିବାପାଇଁ ଆଜ୍ଞାପତ୍ର, ହୁକୁମପତ୍ର, ଅନୁମତିପତ୍ର । ଯଥା—

ପାତକ ସ୍ୱରୂପେ ଆସି ରୋଗ ନାନା,
ଦେଖାଇବେ ତଲବର ପରବାନା । ଦ. ବା.

ପରବାନାନବିସ, ବିଂ. (ଯାବନିକ) ଯେ ପରବାନା ବା ହୁକୁମପତ୍ର ଆଣେ ।

ପରଭୃତ, ବି. (ପର = ଅନ୍ୟ-ଭୃତ = ପୁଷ୍ଟ) କୋକିଳ । (ସ୍ତ୍ରୀ-ପରଭୃତା, ପରଭୃତୀ, ପରଭୃତିକା) କୋକିଳା । ବିଂ. ଅନ୍ୟଦ୍ୱାରା ପାଳିତ ।

ପରମ, ବିଂ. (ପର = ଉତ୍ତମ-ମା = ପରିମାଣ କରିବା-ଅ) ପ୍ରଥମ; ଆଦ୍ୟପ୍ରଣବ; ଶେଷ; ପ୍ରକୃତ; ଉତ୍କୃଷ୍ଟ, ଶ୍ରେଷ୍ଠ; ପ୍ରଧାନ; ଅତ୍ୟନ୍ତ; ମହତ୍ ।

ପରମହଂସ, ବି. (ପରମ = ପ୍ରଧାନ-ହଂସ = ତପସ୍ୱୀ) ସନ୍ନ୍ୟାସିବିଶେଷ; ମହାଯୋଗୀ ।

ପରମାଣୁ, ବି. (ପରମ-ଅଣୁ) ଅତି ସୂକ୍ଷ୍ମ-ପଦାର୍ଥ ।

ପରମାନ୍ନ, ବି. (ପରମ = ଶ୍ରେଷ୍ଠ-ଅନ୍ନ) ପାୟସାନ୍ନ । (ପରମାନ୍ନଂ ତୁ ପାୟସଂ ।)

ପରମାୟୁ, ବି. (ପରମାୟୁସ୍ = ପରମ-ଆୟୁସ୍) ମରଣପର୍ଯ୍ୟନ୍ତ ଜୀବିତ ସମୟ ।

ପରମାର୍ଥ, ବି. (ପରମ-ଅର୍ଥ-ବିଷୟ, ବସ୍ତୁ) ଯାଥାର୍ଥ୍ୟ; ଶ୍ରେଷ୍ଠବସ୍ତୁ; ଧର୍ମ; ଯଥେଷ୍ଟ ଧନ ।

ପରମେଷ୍ଠୀ, ବି. (ପରମେଷ୍ଠିନ୍-ପରମେ = ସ୍ୱର୍ଗର ଅତି ଉଚ୍ଚସ୍ଥାନରେ-ସ୍ଥା-ଇନ୍) ବ୍ରହ୍ମା; ଶିବ; ଶାଳଗ୍ରାମବିଶେଷ; ମନ୍ତ୍ରଦାତା ଗୁରୁ ।

ପରମ୍ପରା, ବି. ସ୍ତ୍ରୀ. (ପରଂ-ପର-ଆ) ସନ୍ତତି; ଧାରା; ସମୂହ; ଅନୁକ୍ରମ; ଅନ୍ୱୟ, ବଂଶ ।

ପରମ୍ପରୀଣ, ବିଂ. (ପରମ୍ପରା-ଈନ) ପରମ୍ପରାରେ ଆଗତ; ଧାରାବାହିକ ।

ପରଳ, ବି. (ପଟଳ ଶବ୍ଦଜ) ନେତ୍ର ରୋଗ-ବିଶେଷ ।

ପରଳା, ବି. (ଦେଶଜ) ଗୃହଚାଳର ଚୁଅ-ଶ୍ରେଣୀରେ ଲାଗି ଲାଗି କରି ବତା ବାନ୍ଧିବା ।

ପରଳାଇବା, କ୍ରି. (ଦେଶଜ) ଚୁଅରେ ଲାଗି ଲାଗି କରି ବତା ଭିଡ଼ିବା ।

ପରବାନ୍, ବିଂ. ( ପରବତ୍ = ପର-ବତ୍ ଅସ୍ତ୍ୟର୍ଥେ) ପରାଧୀନ ।

ପରଶ, ବି· ରତ୍ନବିଶେଷ, ପରଶମଣି ।

ପରଶ, } ବି. (ସ୍ପର୍ଶ ଶବ୍ଦର ଅପଭ୍ରଂଶ) ସ୍ପର୍ଶ ।
ପରସ, } ଯଥା—

କରଇ ପରଶ ପଥର ପରଶ
ମାତ୍ରକେ ଲୁହାକୁ ସୁନା । ର. କ.

ନ ଦେଇ ଲଙ୍କା ପରସ ବର୍ଣ୍ଣୁଁ । ପ୍ରେ. ସୁ. ନି.

ପରଶୁ, } ବି. ( ପର = ଶତ୍ରୁ-ଶୃ = ହିଂସା
ପରଶ୍ୱଧ, } କରିବା-ଉ, ପର = ଶତ୍ରୁ-ଶ୍ୱନ୍ = କୁକୁର-ଧେ ପାନ କରିବା-ଅ, ଯେ କୁକୁର ପରି ଶତ୍ରୁକୁ ଖାଏ ବା ନାଶକରେ ) କୁଠାର; ଟାଙ୍ଗି ।

ପରଶ୍ୱଃ, ଅଂ. ଆଗାମୀ ଦିନର ପରଦିନ ।

ପରସନ, } ବିଂ. (ପ୍ରସନ୍ନ ଶବ୍ଦର ଅପଭ୍ରଂଶ)
ପ୍ରସନ, } ନିର୍ମଳ; ସଦୟ । ଯଥା--

ହରିଙ୍କ ଭକ୍ତିଠାରେ ମନ,
ହୁଅଇ ସଦା ପରସନ । ଭା. ଦ. ସ୍କ.

ପରସା, } ବି. (ପରିବେଷଣ ଶବ୍ଦଜ) ଭୋଜନ
ପରଶା, } ସମୟରେ ପୁନଃପୁନଃ ଅନ୍ନ ବ୍ୟଞ୍ଜନାଦି ଦେବା ।

ପରସିବା, } କ୍ରି. ପରିବେଷଣ କରିବା (ସ୍ପର୍ଶ
ପରଶିବା, } ଶବ୍ଦଜ) ସ୍ପର୍ଶ କରିବା । ଯଥା—

ଅସମ୍ଭାଳେ ଫିଟି କୁନ୍ତଳ ଭୂମି ଯାଏ ପରସି । ଚ. ଭା.

ପରସୁଣି, } ବି. (ପରିବେଷଣ ଶବ୍ଦଜ) ପରି-
ପରଶୁଣି, } ବେଷଣ । ବିଂ. ଯେ ପରିବେଷଣ କରେ । ଯଥା—

କ୍ରୂପଦରାଜାର ଦୁଲଣୀ,
ସେ ଯଜ୍ଞେ ଅନ୍ନ ପରସୁଣୀ । ଭା. ଦ. ସ୍କ.

ଯେଉଁ କାଂସ୍ୟପାତ୍ରଦ୍ୱାରା ପରିବେଷଣ କରାଯାଏ । (ସ୍ପର୍ଶନ ଶବ୍ଦଜ) ସ୍ପର୍ଶନ ।

ପରସୁଣିଆ, } ବି. (ଦେଶଜ) ପରିବେଷଣ-
ପରଶୁଣିଆ, } କର୍ତ୍ତା ।

ପରସ୍ତ, ବି. (ପ୍ରସ୍ଥ ଶବ୍ଦଜ) ଭାଗ, ସ୍ତର ।

ପରସ୍ତାତ୍, ଅଂ. ପଶ୍ଚାତ୍, ପରେ ।

ପରସ୍ତେ, କ୍ରି. ବିଂ. ଥରେ, ବାରେ ।

ପରସ୍ପର, ଅଂ. (ପର=ଅନ୍ୟ-ପର-ସ ଆଗମ) ଅନ୍ୟୋନ୍ୟ, ଇତରେତର ।

ପରା, ଅଂ. (ପୃ = ପୂର୍ତ୍ତି କରିବା-ଆ) ପ୍ରାଧାନ୍ୟ; ଅହଙ୍କାର; ଅତିକ୍ରମ; ଗମନ; ବଧ; କ୍ଷତି; ଆଭିମୁଖ୍ୟ; ପ୍ରାତିଲୋମ୍ୟ; ବିକ୍ରମ; ତିରସ୍କାର; ଅତିଶୟ; ପ୍ରାତିକୂଲ୍ୟ; ଅନାଦର; ପ୍ରତ୍ୟାବୃତ୍ତି; ଭଙ୍ଗ ଇତ୍ୟାଦି । (ଦେଶଜ) ତୁଲ୍ୟ । ଯଥା—

କୋଟିନିଧି ପାଇଲା ପରା ହୋଇ,
କେଉଁ ଗୋପୀ ଆନନ୍ଦରେ ଗମଇ । ର. କ.

ସଂଶୟାର୍ଥ । ଯଥା—

କୃଷ୍ଣ ନାଗର ପରା ଏହିମତ,
କରେ ବିକଳ ଜାଲଦେଇ ଗୁଡ । ର. କ.

ପ୍ରଶ୍ନାର୍ଥ । ଯଥା—

ଆପଣ ସିବେ ପରା ?

ପରାଇବା, କ୍ରି. (ଦେଶଜ) ଯୁକ୍ତ କରାଇବା; ପିନ୍ଧାଇବା; ଭୂଷିତ କରାଇବା । ଯଥା—

ପଲକ ନ ଚଳେ ପୁଲକ ଗଣ୍ଡପାଳେ ପରାଇ,
ଭାବ ଅଲଙ୍କାର ଭାବକୁ ଅଙ୍ଗୀକାର କରାଇ । ବି.ଚି.ମ.

ପରାକ୍ରମ, ବି. ( ପରା-କ୍ରମ୍-ଅ ) ଶକ୍ତି; ପୁରୁଷକାର । (ବିଶେଷଣରେ ପରାକ୍ରାନ୍ତ ପଦ ନିଷ୍ପନ୍ନ ହୁଏ ।)

ପରାଗ, ବି. (ପରା-ଗମ୍-ଅ-ଯେ ପାଏ) ଧୂଳି; ପୁଷ୍ପରେଣୁ; ସ୍ନାନୀୟ ଗନ୍ଧଚୂର୍ଣ୍ଣ; ଚନ୍ଦନ; ପର୍ବତବିଶେଷ; ଖ୍ୟାତି; ଉପରାଗ ।

ପରାଙ୍ମୁଖ, ବିଂ. (ପରାଙ୍-ବ୍ୟୁତ୍କ୍ରମାଗତ-ମୁଖ) ବିମୁଖ; ପ୍ରତିକୂଳ; ନିବୃତ୍ତ ।

ପରାଚୀନ, ବିଂ.(ପରାଚ୍=ବିମୁଖ-ଈନ) ବିମୁଖ; ପ୍ରାଚୀନ ।

ପରାଜୟ, ବି. (ପରା = ବ୍ୟତିକ୍ରମ-ଜି = ଜୟ କରିବା-ଅ) ପରାଭବ । (ବିଶେଷଣରେ ପରାଜିତ ହୁଏ ।)

ପରାଭବ, ବି. ( ପରା-ଭୂ-ଅ ) ପରାଜୟ; ତିରସ୍କାର; ଅତିକ୍ରମ; ବିନାଶ । (ବିଶେଷଣରେ ପରାଭୂତ ହୁଏ ।)

ପରାଭନ, ବି. ( ପ୍ରଭିନ୍ନ ଶବ୍ଦର ଅପଭ୍ରଂଶ ) ଭେଦ, ପ୍ରଭେଦ । ଯଥା—

ଏଣୁ ସେ ବେଦ ବିପ୍ର ନ କର ପରାଭନ,
ବେଦର ଫଳ ବିପ୍ର ବିପ୍ରର ପାଦ ପୁଣ୍ୟ । ନୃ.ପୁ.ଦ୍ୱି.ଭ.

**ପରାମର୍ଶ**, ବି. (ପରା-ମୃଶ୍ = ବିବେଚନା କରିବା-ଅ) ଯୁକ୍ତି; ମନ୍ତ୍ରଣା; ବିଗ୍ରହ; ସ୍ପର୍ଶ; ବିବେଚନା । (ବିଶେଷଣରେ ପରାମୃଷ୍ଟ ହୁଏ ।)

**ପରାମର୍ଷ**, ବି. ( ପରା-ମୃଷ୍ = କ୍ଷମାକରିବା, ସହିବା-ଅ) ସହନ ।

**ପରାୟ, ପରାୟେ, ପରାୟେକ, ପ୍ରାୟ, ପ୍ରାୟେ,** } ବିଂ. ଅଂ. ( ଦେଶଜ ) ତୁଲ୍ୟ । ଯଥା—

କରମାଳକର ମଧ୍ୟ ଖରତର
କମଳ କୁମାର ପରାୟ । ର. କ.
ମୁଣ୍ଡ ପଡ଼େ ଗଣ୍ଡଶୈଳ ପରାୟ । କୋ. ବ୍ର. ସୁ.
ଏ ବୋଲେ ବାସକଶଯ୍ୟା ପରାୟେକ
ହୋଇଅଛୁ ଏବେ ଦେଖ । ର. କ.

**ପରାୟଣ**, ବିଂ. (ପର = କେବଳ, ଅୟନ = ଆସକ୍ତ ସ୍ଥାନ) ଅତ୍ୟାସକ୍ତ । ଯଥା—ଧର୍ମ-ପରାୟଣ । ତତ୍ପର; ଅନୁରକ୍ତ; ଅଭିଷ୍ଟ । ବି. ଉତ୍ତମ ଅବଲମ୍ବନ, ଶ୍ରେଷ୍ଠ ଆଶ୍ରୟ ।

**ପରାରି**, ଅଂ. ଗତ ବର୍ଷର ପୂର୍ବ ବର୍ଷ, ତୃତୀୟ ବର୍ଷ । (ପରୁତ୍ପରାର୍ଯ୍ୟୈଷମୋଃ କ୍ରେ ପୂର୍ବେ ପୂର୍ବତରେ ଯତି—ଅମର ।) ବିଂ. ପରଶ୍ୱଃ ।

**ପରାର୍ଥ**, ବି. (ପର-ଅର୍ଥ) ଅନ୍ୟର ପ୍ରୟୋଜନ । ବିଂ. ଅନ୍ୟୋଦ୍ଦେଶ୍ୟଯୁକ୍ତ ।

**ପରାର୍ଦ୍ଧ**, ବି. (ପର-ଅର୍ଦ୍ଧ) ଶେଷାର୍ଦ୍ଧ; ଅତ୍ୟଧିକ ସଂଖ୍ୟାବିଶେଷ ।

**ପରାର୍ଦ୍ଧ୍ୟ**, ବିଂ. (ପରାର୍ଦ୍ଧ-ଯ) ଶ୍ରେଷ୍ଠତମ । ବି. ସ୍ୱର୍ଲୋକ ।

**ପରାବର୍ତ୍ତ, ପରାବୃତ୍ତି,** } ବି. (ପରା-ବୃତ୍-ଅ, ତି) ପରିବର୍ତ୍ତ, ବିନିମୟ; ପ୍ରତ୍ୟାବର୍ତ୍ତନ । (ବିଶେଷଣରେ ପରାବର୍ତ୍ତିତ ଓ ପରାବୃତ୍ତ ହୁଏ ।)

**ପରାସୁ**, ବିଂ. (ପର = ଦୂରେ-ଅସୁ = ପ୍ରାଣ) ମୃତ ।

**ପରାସ୍ତ**, ବିଂ. ( ପରା-ଅସ୍-ତ ) ପରାଜିତ । (ବ୍ୟବହାରରେ) ଅପମାନିତ ।

**ପରି**, ଅଂ. (ପୃ = ପୂର୍ଣ୍ଣ କରିବା-ଇ) ଚିହ୍ନ; ସର୍ବତୋଭାବେ; ଅତିଶୟ; ଭାଗ; ଜିଜ୍ଞାସା; ବର୍ଜନ; ଆଲିଙ୍ଗନ; ନିରସନ; ପୂଜା; ଭୂଷଣ; ଶୋକ; ବ୍ୟାପ୍ତି ଇତ୍ୟାଦି । (ଦେଶଜ) ତୁଲ୍ୟ । ଯଥା—

ହରିଣୀ ହୃଦୟ କ୍ଷତ ହେଲା ପରି
ବଢେ ବ୍ୟାକୁଳ ମୋର ଦେହର ହେ । ବି. ଚି. ମ.

କୌଣସି କୌଣସିଠାରେ ଉପରି କିମ୍ବା ଠାରେ ଏହି ସପ୍ତମୀବୋଧକ ଅର୍ଥକୁ ଦିଏ । ଯଥା—ମୋପରି ଆପଣଙ୍କ ଦୟା ଅଛି ତ ?

**ପରିକର**, ବି. (ପରି-କୃ-ଅ) ପର୍ଯ୍ୟଙ୍କ; ସହଚର; ସହକାରୀ; ପରିବାର; ହସ୍ତ୍ୟଶ୍ୱାଦି; ସମୂହ; ଉପକରଣ; ଆରମ୍ଭ; ନିଷ୍ପତ୍ତି; ଯତ୍ନ; କଟି-ବନ୍ଧ, କମରବନ୍ଧ; ବିବେକ; (ଭବେତ୍ ପରିକରବ୍ରାତେ ପର୍ଯ୍ୟଙ୍କ ପରିବାରୟୋଃ । ପ୍ରଗାଢ଼ ଗାତ୍ରିକାବନ୍ଧେ ବିବେକାରମ୍ଭୟୋ-ରପି—ବିଶ୍ୱ ।) (ଯତ୍ନାରମ୍ଭୌ ପରିକରୌ —ତ୍ରିକାଣ୍ଡ କୋଷ ।)

**ପରିକର୍ମ, ପରିକର୍ମନ୍,** } ବି. ( ପରି = ଭୂଷଣ-କର୍ମନ୍ ) ଅଙ୍ଗସଂସ୍କାର; ପ୍ରସାଧନ ।

**ପରିକ୍ରମ**, ବି. (ପରି = ଚତୁର୍ଦ୍ଦିଗେ-କ୍ରମ = ଗମନ) ପ୍ରଦକ୍ଷିଣୀକରଣ ।

**ପରିକ୍ରିୟା**, ବି. (ପରି-କ୍ରିୟା) ସଂସ୍କରଣ; ପରିଖାଦିଦ୍ୱାରା ବେଷ୍ଟନ ।

**ପରିକ୍ଷିତ୍, ପରିକ୍ଷିତ,** } ବି. (ପରି-କ୍ଷି = କ୍ଷୟ କରିବା, କ୍ଷୀଣ ହେବା-କ୍ୱିପ୍, ତ, କୁଳର କ୍ଷୀଣାବସ୍ଥାରେ ଜନ୍ମିଥିଲେ ବୋଲି ପରିକ୍ଷିତ ନାମ ଦିଆ ଯାଇଥିଲା) ଅର୍ଜୁନଙ୍କ ପୌତ୍ର, ଅଭିମନ୍ୟୁଙ୍କ ପୁତ୍ର, ଜନ୍ମେଜୟଙ୍କ ପିତା ।

**ପରୀକ୍ଷ**, ବି. (ପରିକ୍ଷିତ୍ ଶବ୍ଦଜ) ପରିକ୍ଷିତ ମହାରାଜ । ଯଥା—

ଶୁଣ ପରୀକ୍ଷ ନରନାଥ । ଭା. ଦ. ସ୍କ.

(ପରୀକ୍ଷା ଶବ୍ଦର ଅପଭ୍ରଂଶ) ପରୀକ୍ଷା । (ଦେଶଜ) ଔଷଧରେ ଅନୁପାନ ମିଶ୍ରିତ କରିବା । ଯଥା—

ମଧୁସୂଦନ ମଧୁ ଜାଣୁ, ପରୀକ୍ଷ କରିବ ତହିଁକି । ଦା. ର.

ପରୀକ୍ଷା, ପରୀଛା, } ବି. (ପରୀକ୍ଷକ ଶବ୍ଦଜ) ଯେ ପର୍ଷା, ପର୍ଚ୍ଛା, } ମଠାଦିର ସମସ୍ତ ବିଷୟର ପରୀକ୍ଷା କରନ୍ତି । ଯଥା—

କାଗଣ୍ଡି ପୁରୁଷ ପରୀକ୍ଷା,
ସେ ରଥ କରିବାକୁ ରକ୍ଷା । ଦା. ର.

ପଟ୍ଟଆରେ ଧରିଛନ୍ତି ପରୀଛାଏ ବେତ,
ମଣିମା ମଣିମା ଡ଼ାକ ଶୁଭେ ଅପ୍ରମିତ । ମ. ଘ.

ବରାହ ପୁରାଣ ହେଲେ ସର୍ବଅଧିକାରୀ,
ପର୍ଷା ପଣେ ବାମନପୁରାଣ ଅବତରି । ନୃ. ପୁ. ପ୍ର. ତ.

ପରିଖ, ବି. (ପରୀକ୍ଷା ଶବ୍ଦଜ) ପରୀକ୍ଷା; ଔଷଧରେ ଅନୁପାନ ମିଶ୍ରିତ କରିବା । ଯଥା—

ଚନକ ପରିଖ କରି ଔଷଧ ବିବିଧ,
ରୋଗିଏ ସେବି କରନ୍ତି ମନୋରଥ ସିଦ୍ଧ । ବୃ. ସ୍ମୁ.

ରାଜଉପଚାରବିଶେଷ । ଯଥା—

ଝରି ପରିଖ ବିଞ୍ଚଣା ପାନମୁଣା ସଜନୀ ସଜାଡ଼ିଲେ ତହିଁ ।
ଲ. ବ.

ପରିଖା, ବି. (ପରି = ଚତୁର୍ଦ୍ଦିଗରେ-ଖନ୍ = ଖୋଳିବା-ଅ-ଆ) ଗଡ଼ଖାଇ, ଜଳ ।

ପରିଗୁଣ, ବି. (ଦେଶଜ) ଅବସ୍ଥା । ଯଥା—

ଗାଁ ପରିଗୁଣ ଧୋବା ତୁଠରୁ ଜଣାଯାଏ । ଢଗ ।

ପରିଗ୍ରହ, ବି. (ପରି-ଗ୍ରହ୍ = ଗ୍ରହଣ କରିବା, ସ୍ୱୀକାର କରିବା-ଅ) ପତ୍ନୀ; ପରିଜନ; ମୂଳ; ଶାପ; ଶପଥ; ସୈନ୍ୟପଶ୍ଚାଦ୍‌ଭାଗ; ସ୍ୱୀକାର; ଗ୍ରହଣ; ଅଧିଷ୍ଠାନ; ମିଳନ; ଆପୃତୀକରଣ; ରାହୁମୁଖସ୍ଥ ଭାସ୍କର । ଯଥା—(ପରିଗ୍ରହଃ କଳତ୍ରେ ଚ ମୂଳ-ସ୍ୱୀକାରୟୋରପି । ଶପଥେ ପରିବାରେ ଚ ରାହୁବକ୍ତ୍ରସ୍ଥ ଭାସ୍କରେ—ଅଜୟ ।)

ପରିଘ, ବି. (ପରି = ସର୍ବତୋଭାବେ-ହନ୍-ଅ ହନ୍ = ଘ) ଲୌହମୁଖ ମୁଦ୍‌ଗର; ଅର୍ଗଳ, ହୁଡ଼୍‌କା; ଶୂଳ; ବ୍ୟାଘାତ, ଆଘାତ, ପରିଘାତ । (ପରିଘଃ ପରିଘାତେଽସ୍ତ୍ରେ—ଅମର ।)

ପରିଘାଇ, କ୍ରି. ବିଂ. (ଦେଶଜ) ଦୃଢ଼ରୂପେ; ଦୃଢ଼ରୂପେ ପ୍ରହାର କରି । ଯଥା—

ଅସୁର ଯେତେ ଶର ବିନ୍ଧନ୍ତି ପରିଘାଇ,
ନୃସିଂହଗଣେ ତାହା ଦିଅନ୍ତି ଫୋପଡ଼ାଇ । ନୃ. ପୁ. ପ. ତ.

ପରିଘାତ, } ବି. (ପରି-ହନ୍-ଣିଚ୍ = ଘାତ-ପରିଘାତନ, } ଅ, ଅନ) ଲୌହମୁଖ ମୁଦ୍‌ଗର; ଅର୍ଗଳ; ପ୍ରତିବନ୍ଧ, ଆଘାତ ।

ପରିଚୟ, ବି. (ପରି-ଚି-ଅ) ଜଣାଶୁଣା; ଅଭ୍ୟାସ; ପ୍ରଣୟ; ଚହ୍ନିବା । (ବିଶେଷଣରେ ପରିଚିତ, ପରିଚୟମୂଳକ ଓ ପରିଚେୟ ହୁଏ ।)

ପରିଚର, ବି. (ପରି-ଚର୍-ଅ) ପରିଚାରକ; ଅନୁଚର; ସେନାପତି ।

ପରିଚର୍ଯ୍ୟା, ବି. ସ୍ତ୍ରୀ. (ପରି-ଚର୍ = ଗମନ କରିବା ଇତ୍ୟାଦି-ଯ-ଆ) ସେବା; ଉପାସନା; ପୂଜା ।

ପରିଚ୍ଛଦ, ବି. (ପରି-ଛଦ୍ = ଆଚ୍ଛାଦନ କରିବା-ଅ) ପୋଷାକ, ଆଚ୍ଛାଦନ; ପରିଜନ; ହସ୍ତ୍ୟଶ୍ୱାଦି ଉପକରଣ । (ବିଶେଷଣରେ ପରିଚ୍ଛନ୍ନ ହୁଏ ।)

ପରିଜନ, ବି. (ପରି = ସମ୍ପୂର୍ଣ୍ଣରୂପେ-ଜନ) ପରିବାର, ପୋଷ୍ୟବର୍ଗ; ପରିଚାରକ ।

ପରିଡ଼ା, ବି. (ଦେଶଜ) ଶୂଦ୍ରଜାତିର ଉପାଧି-ବିଶେଷ; ଅଶ୍ୱପରିପାଳକ ଭୃତ୍ୟ । ଯଥା—

ନଲ୍ଲଲ ବୋଇଲେ ମୁଁ ଗୁଡ଼ିଦେଇ ବ୍ରୀଡ଼ା,
ବିରାଟ ଘରେ ହେବି ଘୋଡ଼ାର ପରିଡ଼ା । କୃ. ଭା. ବି. ପ.

ପରିଣତ, ବିଂ. (ପରି-ନମ୍ = ନମ୍ର ହେବା-ତ) ପକ୍ୱ, ଅବସ୍ଥାନ୍ତରପ୍ରାପ୍ତ; ସର୍ବତୋଭାବେ ନତ । (ବିଶେଷ୍ୟରେ ପରିଣତି ଓ ପରିଣାମ ପଦ ନିଷ୍ପନ୍ନ ହୁଏ ।)

ପରିଣାମିହେବା, କ୍ରି. (ପ୍ରଣାମ ଶବ୍ଦଜ) ପ୍ରଣାମ କରିବା । ଯଥା—

ଦେବସଭା ତଳେ ମୁଁ ହୋଇଲି ପରିଣାମି,
କି ଆଜ୍ଞା କରୁଛ ମୋତେ ପିତାମହ ସ୍ୱାମି । ସା. ଭ୍ର. ବ.

ପରିଣୟ, } ବି. (ପରି = ସମ୍ପୂର୍ଣ୍ଣରୂପେ-ନୀ = ପରିଣୟନ, } ପାଇବା-ଅ, ଅନ) ବିବାହ । (ବିଶେଷଣରେ ପରିଣେୟ, ପରିଣେତା ଓ ପରିଣୀତ ହୁଏ ।)

ପରିଣାହ, } ବି. (ପରି-ନହ୍ = ବନ୍ଧନ ପରୀଣାହ, } କରିବା-ଅ) ବିଶାଳତା; ବିସ୍ତାର, ଓସାର ।(ପରିଣାହୋ ବିଶାଳତା—ଅମର ।) (ବିଶେଷଣରେ ପରିଣଦ୍ଧ ହୁଏ ।)

**ପରିତଃ**, ଅଂ. ( ପରି-ତସ୍ ) ସର୍ବତୋଭାବେ; ଚତୁର୍ଦ୍ଦିଗରେ ।

**ପରିତାପ**, ବି. ( ପରି-ସମ୍ୟକ୍-ତପ୍-ଅ ) ଉତ୍ତାପ, ଉଷ୍ଣତା; ମନସ୍ତାପ, ସନ୍ତାପ; ଭୟ; କମ୍ପ । (ବିଶେଷଣରେ ପରିତପ୍ତ ହୁଏ ।)

**ପରିତ୍ରାଣ**, ବି. (ପରି = ସମ୍ପୂର୍ଣ୍ଣରୂପେ-ତ୍ରାଣ = ରକ୍ଷଣ) ରକ୍ଷା, ଉଦ୍ଧାର; ବଞ୍ଚିବା । (ବିଶେଷଣରେ ପରିତ୍ରାତା, ପରିତ୍ରାୟକ ଓ ପରିତ୍ରାତ ପଦ ନିଷ୍ପନ୍ନ ହୁଏ ।)

**ପରିଦାନ**, ବି. (ପରି = ପରିବର୍ତ୍ତରୂପେ-ଦାନ) ବିନିମୟ, ବଦଳ ।

**ପରିଦିନ**, } ବି. (ଦେଶଜ) ଦୁଇଦିନ ପୂର୍ବେ;
**ପୋରଦିନ**, } ଦୁଇଦିନ ପରେ ।

**ପରିଦେବନ**, } ବି. (ପରି-ଦେବ = ବିଳାପ
**ପରିଦେବିତ**, } କରିବା-ଅନ-ତ) ବିଳାପ; ଅନୁତାପ ।

**ପରିଧାନ**, ବି. (ପରି-ଧା = ଧାରଣ କରିବା-ଅନ) ପରିଧେୟବସ୍ତ୍ର; ପିନ୍ଧିବା; ଆଚ୍ଛାଦନ । (ବିଶେଷଣରେ ପରିହିତ ଓ ପରିଧେୟ ପଦ ହୁଏ ।)

**ପରିଧି**, ବି. (ପରି-ଧା-ଇ) ବେଢ଼; ଚନ୍ଦ୍ର ଓ ସୂର୍ଯ୍ୟଙ୍କର ମଣ୍ଡଳ; ପରିବେଷ୍ଟନ ।

**ପରିପକ୍ୱ**, ବିଂ. (ପରି-ପକ୍ୱ) ପରିଣତ, ପାଚିଲା; ବହୁଦର୍ଶୀ ।

**ପରିପଣ**, ବି. (ପରି-ପଣ) ମୂଳଧନ; ମୂଲ୍ୟ ।

**ପରିପନ୍ଥକ**, } ବିଂ. (ପରି = ଦୋଷ କୀର୍ତ୍ତନ-
**ପରିପନ୍ଥିନ୍**, } ପନ୍ଥକ, ପନ୍ଥିନ୍ = ଯେ ପଥରେ ଗମନ କରେ) ଶତ୍ରୁ, ପ୍ରତିକୂଳ; ଦସ୍ୟୁ; ପ୍ରତିରୋଧକ ।

**ପରିପାକ**, } ବି. (ପରି-ପଚ-ଅ) ପରିଣାମ;
**ପରୀପାକ**, } ନୈପୁଣ୍ୟ; ଉତ୍ତମପାକ; ଉତ୍କର୍ଷ ।

**ପରିପାଟୀ**, } ବି. ସ୍ତ୍ରୀ. (ପରି-ପଟ-ଣିଚ-ଇ)
**ପରିପାଟି**, } ଅନୁକ୍ରମ; ସୁଶୃଙ୍ଖଳା; ଆନୁପୂର୍ବୀ ।

**ପରିପ୍ଲବ**, ବିଂ. (ପରି-ପ୍ଲୁ = ଗମନ କରିବା-ଅ) କମ୍ପମାନ; ଚଞ୍ଚଳ, ଅସ୍ଥିର; ଆକୁଳ ।

**ପରିପ୍ଲୁତ**, ବିଂ. (ପରି-ପ୍ଲୁ = ଜଳରେ ଭାସିବା -ତ) ସିକ୍ତ; ପ୍ଲାବିତ; ମଗ୍ନ; ଚଞ୍ଚଳ; କମ୍ପମାନ । (ବିଶେଷ୍ୟରେ ପରିପ୍ଲୁତି ହୁଏ ।)

**ପରିବା**, ବି. (ଦେଶଜ) ତରକାରିର ଯୋଗ୍ୟ ଫଳମୂଳ । ଯଥା—

କାଷ୍ଠ ପରିବା ଆଦି ଯେତେ,
ସମସ୍ତ ଆଣ ହୋ ତୁରିତେ । ଦା. ର.

**ପରିଭବ**, **ପରୀଭବ**, } ବି. ( ପରି-ଭୂ-ଅ )
**ପରିଭାବ**, **ପରୀଭାବ**, } ପରାଜୟ; ପରାଭବ; ଅବଜ୍ଞା; ତିରସ୍କାର ।

**ପରିମଳ**, ବି. (ପରି-ମଳ = ଧାରଣ କରିବା-ଅ) କୁଙ୍କୁମଚନ୍ଦନାଦି ମର୍ଦ୍ଦନଜନିତ ସୁଗନ୍ଧ, ମନୋହର ଗନ୍ଧ; ସର୍ବତୋଭାବେ ସମ୍ବନ୍ଧ; ସଜ୍ଜନସହବାସ; ସମ୍ଭୋଗ ।

**ପରିମାଣ**, } ବି. (ପରି-ମା-ଅନ, ତି) ମାପ;
**ପରିମିତି**, } ଓଜନ; ସଂଖ୍ୟାକରଣ, ଗଣିବା; ବସ୍ତୁର ଦୀର୍ଘତାଦି । (ବିଶେଷଣରେ ପରିମିତ ହୁଏ ।)

**ପରିମୁଣ୍ଡା ଯିବା**, କ୍ରି. (ଦେଶଜ) ଦେବତାଙ୍କ ସମ୍ମୁଖରେ ନିଜର ନିତାନ୍ତ ଦୀନତା ପ୍ରକାଶ କରିବା । ଯଥା—

ଶ୍ରୀପାଦପଦ୍ମ ନତ୍ୟେ ଭାବି,
ବୋଲେ ମୁଁ ପରିମୁଣ୍ଡା ଯିବି । ଦା. ର.
କନ୍ଧର ଭାର ତଳେ ଥୋଇ,
ନୀଳଚକ୍ରକୁ ଦେଲା ଚାହିଁ ।
ବିଜୟ ବ୍ରହ୍ମାଣ୍ଡ ଗୋସାଇଁ,
ବୋଲେ ମୁଁ ପରିମୁଣ୍ଡା ଯାଇଁ । ଦା. ର.

**ପରିଯା**, ବି. (ପର୍ଯ୍ୟାୟ ଶବ୍ଦଜ) ନାମମାଳା; ଶବ୍ଦମାଳା ।

**ପରିରମ୍ଭ**, } ବି. (ପରି-ରଭ୍ = ବେଗଗମନ
**ପରିରମ୍ଭଣ**, } କରିବା-ଆଲିଙ୍ଗନ କରିବା-ଅ,
**ପରୀରମ୍ଭ**, } ଅନ) ଆଲିଙ୍ଗନ । (ବିଶେଷଣରେ ପରିରବ୍ଧ ହୁଏ ।)

**ପରିବର୍ତ୍ତ**, } ବି. ( ପରି-ବୃତ୍-ଅ, ଅନ )
**ପରିବର୍ତ୍ତନ**, } ବିନିମୟ, ବଦଳ; ନିବୃତ୍ତି;
**ପରୀବର୍ତ୍ତ**, } ଲୁଣ୍ଠନ । (ବିଶେଷଣରେ ପରିବର୍ତ୍ତିତ ହୁଏ ।)

**ପରିବାଦ**, } ବି. (ପରି = ଦୋଷକୀର୍ତ୍ତନ-
**ପରୀବାଦ**, } ବଦ୍-ଅ) ଅପବାଦ; ବୀଣାର ଅଙ୍ଗବିଶେଷ । (ବିଶେଷଣରେ ପରିବାଦୀ, ପରିବାଦକ ଓ ପରିବାଦିତ ହୁଏ ।)

**ପରିବାପିତ**, ବିଂ. (ପରି-ବପ୍-ଣିଚ୍-ତ) ମୁଣ୍ଡିତ । (ମୁଣ୍ଡିତଂ ପରିବାପିତଂ) ରୋପିତ । (ବିଶେଷ୍ୟରେ ପରିବାପ ଓ ପରିବାପନ ହୁଏ ।)

ପରିବାର, } ବି. (ପରି-ବୃ-ଅ) ପରିଜନ;
ପରୀବାର, } ପରିଚ୍ଛଦ;ଆକାର;ଖଡ୍ଗର ଖାପ ।

ପରିବେତ୍ତା, ବି. (ପରିବେତ୍ତୃ-ପରି = ବର୍ଜନ-ବିଦ୍ = ଲାଭ କରିବା-ତୃ) ଜ୍ୟେଷ୍ଠ ଭ୍ରାତା ଅବିବାହିତ ଥାଇଁ ବିବାହିତ କନିଷ୍ଠ ଭ୍ରାତା । (ଏପରି—ପରିବେଦନ, ପରିବିତ୍ତି, ପରିବିତ୍ତ ଓ ପରିବେଦୀ ପଦ ନିଷ୍ପନ୍ନ ହୁଏ ।)

ପରିବେଶ, ବି. (ପରି-ବିଶ୍-ଅ) ସୂର୍ଯ୍ୟଚନ୍ଦ୍ରଙ୍କ ମଣ୍ଡଳ; ମଣ୍ଡଳ; ପରିବେଷଣ ।

ପରିବେଷଣ, ବି. (ପରି-ବିଷ୍-ଅନ) ଭକ୍ଷ୍ୟ-ପଦାର୍ଥର ବିଭାଗପୂର୍ବକ ଅର୍ପଣ; ବେଷ୍ଟନ ।

ପରିବ୍ରାଜ, } ବି. (ପରି = ସର୍ବତୋଭାବେ-
ପରିବ୍ରାଜକ, } ବ୍ରଜ୍-ଅ) ଭିକ୍ଷୁ; ପର୍ଯ୍ୟଟକ ।

ପରିଶିଷ୍ଟ, ବିଂ. (ପରି-ଶିଷ୍ଟ) ଅବଶିଷ୍ଟ; ଗ୍ରନ୍ଥ ସମାପ୍ତି ପରେ ଯେଉଁ ଅବଶିଷ୍ଟ ଭାଗ ତହିଁରେ ସଂଯୁକ୍ତ କରାଯାଏ ।

ପରିଶୀଳନ, ବି. (ପରି-ଶୀଲ୍ = ଏକାନ୍ତ ପ୍ରବୃତ୍ତ ହେବା-ଅନ) ଅନୁଶୀଳନ; ଅବଗାହନ; ଆଲିଙ୍ଗନ । (ବିଶେଷଣରେ ପରିଶୀଳିତ ହୁଏ ।)

ପରିଶୋଧ, ବି. (ପରି-ଶୁଧ୍-ଅ) ଋଣଶୋଧ; ସମ୍ୟକ୍ ସଂଶୋଧନ ।

ପରିଶ୍ରମ, ବି. (ପରି-ଶ୍ରମ୍-ଅ) କର୍ମ କରିବାରେ ଶ୍ରାନ୍ତି, ଆୟାସ, କ୍ଳେଶ । (ବିଶେଷଣରେ ପରିଶ୍ରାନ୍ତ ଓ ପରିଶ୍ରମୀ ହୁଏ ।)

ପରିଷଦ୍, ବି. (ପରି = ସମ୍ୟକ୍ରୂପେ-ସଦ୍ = ଗମନ କରିବା-କ୍ୱିପ୍) ସଭା, ସମାଜ; ଗୋଷ୍ଠୀ ।

ପରିଷଦ, ବି. (ପରିଷଦ୍-ଅ) ସଭ୍ୟ; ଅନୁଚର ।

ପରିଷ୍କାର, ବି. (ପରି-କୃ-ଅ-ସ ଆଗମ) ସ୍ୱଚ୍ଛତା; ଶୋଧନ; ସଜ୍ଜା; ଶୋଭା; ସଜ୍ଜିତକରଣ । (ବିଶେଷଣରେ ପରିଷ୍କୃତ ପଦ ହୁଏ ।)

ପରିସର, ବି. (ପରି-ସୃ = ଗମନ କରିବା-ଅ) ପ୍ରଦେଶ; ପର୍ଯ୍ୟନ୍ତ ଭୂମି; ବିସ୍ତାର; ମୃତ୍ୟୁ ।

ପରିସ୍ତୋମ, ବି. (ପରି-ସ୍ତୋମ୍ = ପ୍ରଶଂସା କରିବା-ଅ) ହସ୍ତିପୃଷ୍ଠସ୍ଥିତ ଚିତ୍ରିତ ବସ୍ତ୍ର ବା କମ୍ବଳ ।

ପରିସ୍ରା, ବି. (ପରିସ୍ରାବ ଶବ୍ଦଜ) ମୂତ୍ର ।

ପରିହାର, ବି. (ପରି-ହୃ-ଅ) ଅବଜ୍ଞା; ପରିତ୍ୟାଗ; ଉପେକ୍ଷା ।

ପରିହାସ, } ବି. (ପରି = ସମ୍ୟକ୍-ହସ୍-ଅ)
ପରୀହାସ, } କୌତୁକ ।

ପରୀତ, ବିଂ. (ପରି-ଇତ = ଗତ) ପରିବେଷ୍ଟିତ; ଯୁକ୍ତ; ପରିଗତ ।

ପରୁ, ପୋରୁ, } ଅଂ. (ପରୁତ୍ ଅବ୍ୟୟ ପଦରୁ
ପୋରୁବର୍ଷ, } ଜାତ) ଗତବର୍ଷ । (ପରାରି ଶବ୍ଦ ଦେଖ ।)

ପରୁଆନା, ବି. (ଯାବନିକ) ଆଦେଶପତ୍ର ।

ପରୁତ୍, ଅଂ. (ପର = ପୂର୍ବସ୍ମିନ୍ ବର୍ଷେ-ଉତ୍-ନିପାତନ) ପୂର୍ବ ବର୍ଷର; ଗତ ବର୍ଷର । (ପରାରି ଶବ୍ଦ ଦେଖ ।)

ପରୁଷ, ବିଂ. (ପୃ = ପୂର୍ତ୍ତି କରିବା-ଉଷ) କଠିନ, କର୍କଶ; ନିଷ୍ଠୁର; ଉଦ୍ଧତ; ନାନାବର୍ଣ୍ଣ । ବି. କାର୍କଶ୍ୟ; କାଠିନ୍ୟ ।

ପରୁଷାଣ, } ବି. (ପରିବେଷଣ ଶବ୍ଦଜ)
ପରଷାଣ, } ଭୋଜନପାତ୍ରରେ ଅନ୍ନ ବ୍ୟଞ୍ଜନାଦି ଦେବା ।

ପରୁଷିବା, } କ୍ରି. (ପରିବେଷଣ ଶବ୍ଦଜ)
ପରଷିବା, } ଭୋଜନପାତ୍ରରେ ଅନ୍ନ ବ୍ୟଞ୍ଜନାଦି ଦେବା ।

ପରେ, ଅଂ. (ଉପରି ଶବ୍ଦଜ) ଉପରେ; ପଶ୍ଚାତ୍; ଉତ୍ତାରୁ । ଯଥା—
ଆମ୍ଭ ସନ୍ଦେଶ ପୁଣି କହିବ ପରେ । ମେ. ଦୂ.

ପରେତ, ବିଂ. [ପର = ଅନ୍ୟ (ଜଗତ)-ଇ = ଗମନ କରିବା-ତ] ମୃତ । ବି. ଭୂତଯୋନି-ବିଶେଷ, ପ୍ରେତ ।

ପରୋକ୍ଷ, ବିଂ. (ପର-ଅକ୍ଷ = ଇନ୍ଦ୍ରିୟ, ସ୍ ଆଗମ) ଅପ୍ରତ୍ୟକ୍ଷ ।

ପର୍ଜନ୍ୟ, ବି. (ପୃଚ୍ = ଜଳ ସେକ କରିବା-ଅନ୍ୟ) ଇନ୍ଦ୍ର; ଶବ୍ଦକାରୀ ମେଘ ।

ପର୍ଜା, ପରଜା, ବି. (ଦେଶଜ) ବ୍ୟଞ୍ଜନାଦିର ଝୁଙ୍କ । (ପ୍ରଜା ଶବ୍ଦଜ) ପ୍ରଜା ।

ପର୍ଜିବା, ପରଜିବା, } କ୍ରି. (ଦେଶଜ) ବ୍ୟଞ୍ଜନାଦିରେ ଛୁଙ୍କ ଦେବା ।

ପର୍ଚ୍ଚିବା, କ୍ରି. (ଗଡ଼ଜାତରେ) ବ୍ୟଞ୍ଜନାଦିରେ ଛୁଙ୍କ ଦେବା ।

ପର୍ଣ୍ଣ, ବି. ( ପର୍ଣ୍ଣ = ହରିଦ୍‌ବର୍ଣ୍ଣ ହେବା-ଅ ) ପତ୍ର; ତାମ୍ବୁଳ; ପକ୍ଷ; ପଳାଶବୃକ୍ଷ ।

ପର୍ଣ୍ଣଶାଳା, ବି. ସ୍ତ୍ରୀ. (ପର୍ଣ୍ଣ-ଶାଳା) ମୁନିମାନଙ୍କର ଗୃହ; ପତ୍ରକୁଡ଼ିଆ ।

ପର୍ଦ୍ଦା, ବି. (ଯାବନିକ) ଯବନିକା; ବ୍ୟବଧାନ; ବେଢ଼ା ।

ପର୍ଯ୍ୟଙ୍କ, ବି. (ପରି-ଅନକ୍ = ଗମନ କରିବା-ଅ) ପଲଙ୍କ ।

ପର୍ଯ୍ୟଟନ, ବି. ( ପରି-ଅଟ୍-ଅନ ) ଇତସ୍ତତଃ ଭ୍ରମଣ । (ବିଶେଷଣରେ ପର୍ଯ୍ୟଟକ ହୁଏ ।)

ପର୍ଯ୍ୟନ୍ତ, ବି. (ପରି-ଅନ୍ତ) ପାର୍ଶ୍ୱ;ପ୍ରାନ୍ତ;ସମୀପ; ସୀମା; ଅବସାନ । ବିଂ. ଶେଷସୀମା ପ୍ରାପ୍ତ ।

ପର୍ଯ୍ୟୟ, ବି. (ପରି-ଅୟ୍ = ଗମନ କରିବା-ଅ) ବ୍ୟତିକ୍ରମ; ବୈପରୀତ୍ୟ ।

ପର୍ଯ୍ୟାଣ, ବି. ( ପରିଯାଣ-ପରି-ଯା = ଗମନ କରିବା-ଅନ—ନିପାତନ ) ପଶୁର ପୃଷ୍ଠର ଆସନ, ପଲାଣ, ଜିନ ପ୍ରଭୃତି ।

ପର୍ଯ୍ୟାପ୍ତ, ବିଂ.(ପରି-ଆପ୍-ତ)ପ୍ରଚୁର, ଯଥେଷ୍ଟ; ସମର୍ଥ; ପ୍ରାପ୍ତ; ସମ୍ପନ୍ନ । ବି. ପ୍ରାଚୁର୍ଯ୍ୟ; ସାମର୍ଥ୍ୟ; ତୃପ୍ତି; ଶକ୍ତି । ( ବିଶେଷ୍ୟରେ ପର୍ଯ୍ୟାପ୍ତି ମଧ୍ୟ ହୁଏ ।)

ପର୍ଯ୍ୟାୟ, ବି. (ପରି-ଇ-ଅ) ଅନୁକ୍ରମ; ପ୍ରକାର; ସୁଯୋଗ; ପ୍ରାଚୁର୍ଯ୍ୟ; ନିର୍ମାଣ ।

ପର୍ଯ୍ୟୁଷିତ, ବିଂ. (ପରି-ବସ୍ = ବାସ କରିବା-ତ, ବ = ଉ) ପୂର୍ବଦିବସୀୟ, ବାସି ।

ପର୍ଯ୍ୟେଷଣା, ବି. ସ୍ତ୍ରୀ. ( ପରି-ଏଷଣା ) ଅନୁସନ୍ଧାନ ।

ପର୍ବ, ବି.(ପର୍ବନ୍—ପୃ = ପୂରଣ କରିବା-ବନ୍) ଗ୍ରନ୍ଥି ; ସନ୍ଧି; ଅମାବାସ୍ୟା ଓ ପ୍ରତିପଦାର ସନ୍ଧି; ଭଙ୍ଗୀ; ଅଷ୍ଟମୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା; ଅମାବାସ୍ୟା ଓ ସଂକ୍ରାନ୍ତି; ବିଷୁବ; ଉତ୍ସବ; ଅଧ୍ୟାୟ; ପ୍ରସ୍ତାବ; ସୂକ୍ଷ୍ମକାଳ ବା କ୍ଷଣ ।

ପର୍ବଣ, ପର୍ବଣୀ, ବି. ସ୍ତ୍ରୀ. ପୌର୍ଣ୍ଣମାସୀ ।

ପର୍ବତ, ବି. ( ପର୍ବ୍ = ପୂରଣ କରିବା-ଅତ ) ଗିରି, ପାହାଡ଼; ଦେବର୍ଷିବିଶେଷ; ଗନ୍ଧର୍ବବିଶେଷ ।

ପର୍ବତାଇ, ବି. ସ୍ତ୍ରୀ. (ପାର୍ବତୀ ଶବ୍ଦଜ) ଦେଶୀବିଶେଷ । (ରୂପାଇ ଶବ୍ଦ ଦେଖ ।)

ପର୍ବପର୍ବାଣି, ବି. ( ପର୍ବ ଓ ପର୍ବଣ ଶବ୍ଦଜ ) ଉତ୍ସବ ଦିବସମାନ ।

ପର୍ଶୁ, ପର୍ଶୁକା, ବି. ସ୍ତ୍ରୀ. ପାର୍ଶ୍ୱର ଅସ୍ଥି, ପଞ୍ଜରା ।

ପଲ, ବି. (ପଲ୍ = ଗମନ କରିବା-ଅ-ସଂଜ୍ଞାର୍ଥେ) ପରିମାଣବିଶେଷ; ମାଂସ; ଆମିଷ; ପ୍ରତାରଣ; ଚଳନ; ସୂକ୍ଷ୍ମକାଳ; ଶସ୍ୟଶୂନ୍ୟ ତୃଣ, ପାଳ ।

ପଲ, ବି. (ଦେଶଜ) ସମୂହ । ଯଥା—

ଯାଉଛନ୍ତି କୋରୁପଲ ଗୋଠରୁ ବାହୁଡ଼ି । ଗୁ.ମା.

ପଲଉ, ପଲୌ, ପଲାଉ, } ବି. (ପଳାନ୍ନ ଶବ୍ଦଜ) ଏକପ୍ରକାର ମାଂସତରକାରି । ଯଥା—

କେ ବୋଲଇ ପଲଉ ସଙ୍ଗକୁଟି ପିଠା,

ସରି କଲେ କଉନ ହେବ ତାର ମିଠା । କୃ.ଭ୍ର.ସ.ପ.

ପଲକ, ବି. (ଦେଶଜ) ଆଖିପତା । ଯଥା—

ନନ୍ଦମା ଶୋଇ ରତନ ପଲଙ୍କେ,

ବିବାଦୀ ଦେଖିଲା ଆଖି ପଲକେ । କୋ. ବ୍ର. ସୁ.

ନିମେଷମାତ୍ର ସମୟ । ଯଥା—

ଜଳେ ମିଶିଗଲା ସେ ଛବି ପଲକେ । ନ. କେ.

ପଲଖ, ବି. ( ଦେଶଜ ) କଡ଼କାଠ କାଟିଲେ ଦୁଇ ପାର୍ଶ୍ୱରୁ ଯେଉଁ ଦୁଇଟା ଅଚକ୍‌କଣ ପଟା ବାହାରେ ।

ପଲଙ୍କ, ବି. (ପର୍ଯ୍ୟଙ୍କ ଶବ୍ଦର ଅପଭ୍ରଂଶ) ଖଟ । (ପଲକ ଶବ୍ଦ ଦେଖ ।)

ପଲଟନ, ବି. (ଯାବନିକ) ସେନାଦଳ ।

ପଲବ, ବି. (ଦେଶଜ, ସଂସ୍କୃତ ଶବ୍ଦ କଲେ—ପଲ = ମାଂସ-ବା-ଅ) ମାଛ ଧରିବା ଯନ୍ତ୍ରବିଶେଷ ଅର୍ଥାତ୍ ପୋହଳା । ( ପଲ୍ଲବର ଅପଭ୍ରଂଶ) ପତ୍ର ।

ପଲବବା, କ୍ରି. ( ପଲ୍ଲବ ଶବ୍ଦଜ ) ପତ୍ର କଅଁଳିବା; ଅଧିକହେବା; ଉଦ୍ରେକହେବା । ଯଥା—

ରାଗରେ ବମୁଖ ଯହୁଁ ପାଇଲେ ସଇନ,
ଶସ୍ତ୍ର ଗୁଡ଼ି ପଲବନ୍ତ ବାହାନକୁ ଘେନ ।

ପଲମ, ବି. ( ଦେଶଜ ) ପାତ୍ରବିଶେଷ; ତେଲଉଣୀ । ଯଥା—

ଚନ୍ଦ୍ର ଝଞ୍ଜରେ ଦେଲେକ ସୁବାସିତ ପାଣି,
ସୁବର୍ଣ୍ଣର ପଲମ ସେ ବସାଇଲେ ଆଣି । ସା. ଭା. ଆ.

ପଲଳ, ବି. ( ପଲ୍ = ରକ୍ଷା କରିବା-ଅଳ ) ମାଂସ; ପଙ୍କ; ତିଳଚୂର୍ଣ୍ଣ ।

ପଲସ୍ତର,} ବି. (Plaster ଶବ୍ଦଜ) ଲେପ-
ପଲସ୍ତା, } ଯୋଗ୍ୟ ଦ୍ରବ୍ୟ; ଏକପ୍ରକାର ଲେପ ।

ପଲା, ବି. (ଦେଶଜ) ତୈଳାଦି ଗ୍ରହଣାର୍ଥ ଲୌହାଦିନିର୍ମିତ ଦର୍ବୀବିଶେଷ । (ପଳାୟନ ଶବ୍ଦର ଅପଭ୍ରଂଶ) ପଳାୟନ ।

ପଲ୍ଲି, ବି. (ଦେଶଜ ବା ପର୍ଣ୍ଣଶାଳର ଅପଭ୍ରଂଶ) ପତ୍ରର କୁଡିଆ, ଯହିଁରେ ବ୍ୟାଧମାନେ ମୃଗମାରଣାର୍ଥ ଲୁଚି ରହନ୍ତି; କ୍ଷୁଦ୍ର ଗୃହ ।

ପଲଇ, } ବି. (ଦେଶଜ) ଗୋରକ୍ଷକ ଗଉଡ଼-
ପଲେଇ, } ମାନଙ୍କର ଅଧିକାରୀ ବା ନେତା ।
ଯଥା—

ସେ ଗୌଡ଼ମାନଙ୍କରେ ଯେ ଅଟେ ପଲଇ,
ସେହିକ୍ଷଣି ରଥ ଗୋଟିଏ ଆଣିଲେହି । କୃ.ଭା.ବ.ପ.

ପଲାଇବା, କ୍ରି. (ପଳାୟନ ଶବ୍ଦଜ) ପଳାୟନ କରିବା । ଯଥା—

କାହିଁ ପଳାଉଛୁ ସୁନ୍ଦର ! ହୋଇ ଏଡ଼େ କାତର ।
ଚ. ଭା.

ପଲାଣ, ବି. (ପର୍ଯ୍ୟାଣ ଶବ୍ଦଜ, ପ୍ରାକୃତ ପଲ୍ଲାଣରୁ ଆଗତ) ବଳଦ ପୃଷ୍ଠରେ ଦେବା ଅଖାର ଗଦି । ଯଥା—

ଆଣି ବଳଦ ଗୋଟା ଚାରି,
ପଲାଣ ଦେଲା ସଜ କରି । ଦା. ର.

ସେନା ସାଜିବା । ଯଥା—

ଏ ମୋହର ଦେଶକେତେ ରେ ତୁ ଦଣ୍ଡ ପଲାଣ,
ଅନୁକୂଳରେ ବାହାର ହୁଅ ତତକ୍ଷଣ । ସା.ଭା.ଆ.

(ଦେଶଜ) ଗାଈ ବତ୍ସାକୁ ଦୁଧ ପିଆଉଥିଲେ ତାହା ପଦ୍ମଦ୍ୱାରରେ କରିବା ଉପାୟ-ବିଶେଷ ।

ପଲାଣିବା, କ୍ରି. ( ପର୍ଯ୍ୟାଣ ଶବ୍ଦଜ ) ବଳଦ ଉପରେ ଗଦି ପକାଇବା । ଯଥା—

ନନ୍ଦକେଶ୍ୱର ଆଣିଲେ ବୃଷଭ ପଲାଣି । ସା. ଭା. ଆ.

ଘୋଡ଼ାର ପୃଷ୍ଠରେ ଜିନ ଦେଇ ସୁସଜ୍ଜ କରିବା; ସେନା ସନ୍ନଦ୍ଧ କରିବା । ଯଥା—

ଯେମନ୍ତ ହୋଇଣ ମୁର ପଲାଣିଲା ଥାଟ,
ଦୂତଙ୍କ ମୁଖୁଁ ଶୁଣି କାମୁଡ଼େ ବାହୁ ଓଷ୍ଠ ।
ନୃ. ସୁ. ପ. ଚ.

ପଲାଣ୍ଡୁ, ବି. [ପଲ୍—(ପୀଡ଼ାରୁ) ରକ୍ଷା କରିବା-ଅଣ୍ଡୁ-ନିପାତନ] ପିଆଜ ।

ପଳାତକ, ବିଂ. ( ପଳାୟିତ ଶବ୍ଦଜ ) ଯେ ପଳାଏ; ନିରୁଦ୍ଦେଶ । ଯଥା—

ଭୀଷ୍ମ ପଶୁରନ୍ତି ଦ୍ରୋଣଗୁରୁ ନିକଟର,
ପଳାତକ ଗୋଡାତକ ଅଟେ କେ ? ବିଚାର ।
ସା. ଭା. ବ. ପ.

ପଲାନ୍ନ, ବି. (ପଳ = ମାଂସ-ଅନ୍ନ-ପଳମିଶ୍ରିତ ଅନ୍ନ) ମାଂସପକ୍ୱ ଅନ୍ନ, ପଲଉ ।

ପଳାପ, ବି. (ପ୍ରଳାପ ଶବ୍ଦର ଅପଭ୍ରଂଶ) ଅନର୍ଥ ବଚନ; ବାତୁଳପ୍ରାୟ କହିବା; ରୋଗର ଉପଦ୍ରବରୁ ପ୍ରଳାପ ।

ପଳାୟନ, ବି. (ପରା-ଅୟ୍ = ଗମନ କରିବା-ଅନ, ର = ଳ) ଭୟାଦି ହେତୁରୁ ପ୍ରସ୍ଥାନ; ଧାଇଁ ବାହାରିଯିବା । ( ବିଶେଷଣରେ ପଳାୟମାନ ଓ ପଳାୟିତ ପଦ ନିଷ୍ପନ୍ନ ହୁଏ । )

ପଲାଳ, ବି. ( ପଲ୍-ଆଳ-ସଂଜ୍ଞାର୍ଥେ ) ପାଳ, ତୃଣ ।

ପଲାଶ, ବି. (ପଳ—ପଲ୍ = ଗମନ କରିବା-ଅ—ଯେ ଗମନକରେ, ଆଶ—ଅଶ୍ = ବ୍ୟାପିବା-ଅ—ଯେ ବ୍ୟାପେ ଅର୍ଥାତ୍ ବାୟୁଦ୍ୱାରା ଚଳେ କମ୍ପା ବୃକ୍ଷକୁ ବ୍ୟାପେ) ପତ୍ର; (ପ୍ରଶସ୍ତ ପତ୍ରବିଶିଷ୍ଟ ବୋଲି) କିଂଶୁକ-ବୃକ୍ଷ; ମଗଧଦେଶ; ହରିଦ୍‌ବର୍ଣ୍ଣ । ବିଂ. ଶ୍ୟାମବର୍ଣ୍ଣବିଶିଷ୍ଟ; ନିର୍ଦ୍ଦୟ; ରାକ୍ଷସ; ପ୍ରେତ ।

ପଲ୍ଲଶିବା, କ୍ରି. (ଦେଶଜ) ହାତକୁ ସୁସଜ୍ଜକରିବା; ହାଣ୍ଡି ଶୀଘ୍ର ଗମନ କରିବା । ଯଥା—

**ମନ ହେଲବେଳେ ବାଘ୍ରୁ ହେଉ ବୁଦ୍ଧ**
**ଦେଖିଲେ ମାଡ଼ଇ ଡର,**
**ପଲ୍ଲଶିଲବେଳେ ପାହୁଣ୍ଡକେ କୋଶେ**
**ସ୍ଥଳୁଆଡ଼ ତରତର । ଭ. ସା.**

ପଲ, ବି. (ଦେଶଜ) ପଟୁମାଟି । ଯଥା—

**ନ ଗୁଡ଼ଇ ଆଶା ପଡ଼ିଲେ ପଲ,**
**କାହାର ଦୁରାଶା ଅଛୁ କ ଫଳ ।**
**କାପଟ୍ୟ ମାନସ ଦ୍ୱାର ଅର୍ଗଳୀ,**
**ମାକଡ଼ା ପଥରେ ପଡ଼ଇ ପଲ । ଭ. ସା. ୩. ୧୦.**

ପଲ, ବି. ସ୍ତ୍ରୀ. (ପଲ୍ଲୀ ଶବ୍ଦର ଅପଭ୍ରଂଶ) କ୍ଷୁଦ୍ର ଗ୍ରାମ । ଯଥା—

**ପ୍ରଭାତୁ ଛଡ଼ି ଚଳିଗଲେ,**
**ଶବର ପଲଏ ଦେଖିଲେ । ଦା. ର.**

ଦଶଲକ୍ଷ ଗାଈର ସମଷ୍ଟି ସଂଖ୍ୟା । ଯଥା—

**ସହସ୍ରେକ ଗାଈ ହେଲେ ଗୋଗୋଷ୍ଠେକ ବୋଲି,**
**ସହସ୍ରେ ଗୋଷ୍ଠ ହୋଇଲେ ହୁଏ ଏକ ପଲି ।**
**ସା. ଭ୍ର. ଆ.**

ପଲିତ, ବି. [ପଲ୍ = (ମୃତ୍ୟୁଦିଗକୁ) ଗମନକରିବା -ତ] ବୃଦ୍ଧାବସ୍ଥାରେ କେଶର ଶୁକ୍ଳତା; ତାପ; କର୍ଦ୍ଦମ । ବିଂ. ବୃଦ୍ଧ ।

ପର୍ଯ୍ୟଙ୍କ, ବି. (ପରି-ଅଙ୍କ) ପଲଙ୍କ; ମଞ୍ଚା; କୃଷି ।

ପର୍ଯ୍ୟସ୍ତନ, ବି. ( ପରି-ଅସ୍ତ-ଅନ ) ଅଶ୍ୱାଦିର ପୃଷ୍ଠାସନ, ଜିନ ।

ପଲ୍ଲବ, ବି. (ପଲ୍-କ୍ୱପ୍ = ପନ-ଲବ = ଅଳ୍ପ- ପତ୍ରର ଅଳ୍ପତା ହେତୁ ପଲ୍ଲବ) ନୂତନ ପତ୍ର; ଶ୍ରେଷ୍ଠ ଡାଳ; ଶୃଙ୍ଗାର; ବଳୟ; ବିଟ । (ବିଶେଷଣରେ ପଲ୍ଲବିତ ହୁଏ ।)

ପଲ୍ଲବଗ୍ରାହୀ, ବିଂ. (ପଲ୍ଲବ-ଗ୍ରହ୍-ଇନ୍) ବହୁ ବିଷୟରୁ କିଞ୍ଚିତ୍ କିଞ୍ଚିତ୍ ଜ୍ଞାନବିଶିଷ୍ଟ, ଅଳ୍ପଜ୍ଞ ।

ପଲ୍ଲି, ପଲ୍ଲୀ, ବି. ସ୍ତ୍ରୀ. (ପଲ୍ଲ = ଗମନକରିବା-ଇ, ସ୍ତ୍ରୀ-ଈ) ଶ୍ରେଷ୍ଠଗ୍ରାମ, ପଡ଼ା; ଗୃହଗୋଧିକା, ଝିଟିପିଟି ।

ପଲ୍ୱଲ, ବି. (ପଲ = ମତ୍ସ୍ୟାଦିର ଗମନ-ବଲ ଅସ୍ତ୍ୟର୍ଥେ) କ୍ଷୁଦ୍ର ଜଳାଶୟ ।

ପବନ, ବି. (ପୂ = ପବିତ୍ର କରିବା-ଅନ) ବାୟୁ । ବିଂ. ପବିତ୍ର, ପରିଷ୍କୃତ ।

ପବମାନ, ବି. (ପୂ = ଶୁଦ୍ଧ କରିବା-ଆନ-ମ- ଆଗମ) ପବନ; ଗାର୍ହପତ୍ୟ ଅଗ୍ନି । ବିଂ. ପବିତ୍ରକାରକ ।

ପବି, ବି. (ପୂ = ଶୁଦ୍ଧକରିବା-ଇ) ବଜ୍ର ।

ପବିତ୍ର, ବିଂ. (ପୂ-ଇତ୍ର) ପରିଶୁଦ୍ଧ । ବି. କୁଶ; ଘୃତ, ମଧୁ ପ୍ରଭୃତି ।

ପଶମ, ବି. (ପାରସ୍ୟ) ଲୋମ, ଊର୍ଣ୍ଣା ।

ପଶମୀ, ବିଂ. (ପାରସ୍ୟ) ଲୋମରଚିତ, ରୋମରେ ପ୍ରସ୍ତୁତ ।

ପଶା, ପସା, ବି. (ପାଶକ ଶବ୍ଦଜ) ଅକ୍ଷ, ଚଉପାର । ଯଥା—

**ବହୁ ନ ପାରିଲୁ ପଶାକାଠିକି,**
**ବୃଷାଙ୍କ ଗିରି ଥିଲୁ ଯେ ଟେକି । ବୈ. ବୈ.**

କୋଡ଼ି କାକି ପ୍ରଭୃତିରେ ବେଣ୍ଟ ଲାଗିବା- ପାଇଁ ଉପରିଭାଗରେ ଯେଉଁ ଗୋଲାକାର ଅଂଶ ଥାଏ । ଯେପରି—କୁରାଡ଼ିପସା ।

ପଶାକାଠି, ବି. ( ପାଶକ-କାଷ୍ଠ ଶବ୍ଦଜ ) ଚଉପାର ଖେଳିବା କାଠି । (ଏହାର ଆକୃତିପରି ବୋଲି) ଅଳ୍ପ ହଳଦିଆ ସରୁ ଲମ୍ବ ଧାନ ।

ପଶିବା, ପସିବା, କ୍ରି. (ପ୍ରବେଶ ଶବ୍ଦଜ) ପ୍ରବିଷ୍ଟ ହେବା ।

ପଶୁ, ବି. (ପଶ୍ = ବନ୍ଧନ କରିବା-ଉ) ଚାରି ପାଦ ଓ ଲାଙ୍ଗୁଳଯୁକ୍ତ ଜନ୍ତୁ । ବିଂ. ମୂର୍ଖ ।

ପଶୁପତି, ବି. (ପଶୁ = ବୃଷଭ-ପତି) ମହାଦେବ ।

ପଶୁରି, ବି. (ଦେଶଜ) ପରିମାଣବିଶେଷ ।

ପଶୁପାଳକ, } ବି. ଯେ ପଶୁ ପାଳନ କରେ, ପସୁପାଳକ, } ପଶୁଜଗୁଆଳ । (ଦେଶଜପ୍ରାପ୍ତ) ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ (ପଡ଼ିହାରି ଶବ୍ଦ ଦେଖ ।)

ପଶ୍ଚାତ୍, ଅଂ. ପରେ, ପଶ୍ଚିମେ, ପଛରେ ।

ପଶ୍ଚାତ୍ତାପ, ବି. (ପଶ୍ଚାତ୍-ତାପ) ଦୋଷ କଲା- ପରେ ସନ୍ତପ୍ତ ହେବା ।

ପଶ୍ଚିମ, ବି. (ପଶ୍ଚାତ୍-ଇମ) ଯେଉଁ ଦିଗରେ ସୂର୍ଯ୍ୟାଦି ଅସ୍ତ ହୁଅନ୍ତି; ଶେଷ; ପୃଷ୍ଠଦେଶ ।

ପଶ୍ଚିମାଣି, ପଚ୍ଛିମାଣି, } ବି°. (ପଶ୍ଚିମ ଶବ୍ଦରେ
ପଶ୍ଚିମା, ପଚ୍ଛିମା, } ଓଡ଼ିଆ ପ୍ରତ୍ୟୟ) ପଶ୍ଚିମଦେଶସମ୍ବନ୍ଧୀୟ । ଯଥା—
ପଶ୍ଚିମାଣି ଝୁଣ୍ଟିଆରେ ରଞ୍ଜିତା । ଲ. ବ.
ପଶ୍ଚିମା ବେଶ ଯଥୋଚିତ ବାସ,
ପିନ୍ଧାଇ ସଜମା ହୋଇଲେ ତୋଷ । କୋ. ବ୍ର. ସୁ.

ପଶ୍ୟତୋହର, ବି. (ପଶ୍ୟତଃ = ଦେଖୁଥିବା-ଲୋକର-ହର = ଯେ ହରେ) ଚୌର, ତସ୍କର; (ସ୍ୱର୍ଣ୍ଣକାର ପ୍ରଭୃତି) ।

ପସନ୍ଦ, ଫସନ୍ଦ, ବି°. (ଦେଶଜ) ସୁନ୍ଦର । ଯଥା—
ପସନ୍ଦ ନୁହଇ ପର ପୁରୁଷରେ ସ୍ନେହ । କ. ଚ. ଚ.
ବି. ସନ୍ତୋଷରେ ଭଲ କହିବା, ପ୍ରଶଂସା । ଯଥା—ତାହାଙ୍କୁ ଅନେକେ ପସନ୍ଦ କରନ୍ତି ।

ପସରା, ବି. (ଦେଶଜ) ବିକ୍ରୟ ବିଷୟ ଦ୍ରବ୍ୟପୂର୍ଣ୍ଣ ପାତ୍ର ବା ସ୍ଥାନ । ଯଥା—
ଗ୍ୱେର ହାତେ ଦେଲ ପ୍ରଣୟ ପସରା । ନ. କେ.
ଦୋକାନ । ଯଥା—
ମାଲ ପସରାଟି ସୁଧର୍ମୀ ସଭା ।
ସୁମନାବଳୀରେ ହୋଇଛୁ ଶୋଭା । କୋ. ବ୍ର. ସୁ.

ପସାର, ବି. (ପ୍ରସର ଶବ୍ଦଜ) ବ୍ୟବସାୟ ବୃଦ୍ଧି । ଯଥା—
ଆଗନ୍ତୁକ ମକେଲ ତୁମ୍ଭର ପସାର ଦେଖି ଭାରି ଖୁସି ହେବେ । ଭ. ସା.

ପସାରିବା, କ୍ରି. (ପ୍ରସାରିତ ଶବ୍ଦଜ) ପାତିବା, ଓସାରିବା । ଯେପରି—ହାତ ପସାରିବା ।

ପସାରି, } ବି. (ଦେଶଜ) ବିକ୍ରୟକାରୀ ବା
ପସାରି, } ଦୋକାନୀ ।

ପସାରୁଣୀ, } ବି. ସ୍ତ୍ରୀ. (ପ୍ରସାରଣୀ ଶବ୍ଦଜ)
ପସାରଣୀ, } ସ୍ୱନାମପ୍ରସିଦ୍ଧ ଔଷଧି ଲତା-ବିଶେଷ ।

ପସୁରି, } ବି. (ଦେଶଜ—ପଞ୍ଚ ସେର ଶବ୍ଦରୁ
ପସୁରି, } ଜାତ) ପାଞ୍ଚ ସେର; ପାଞ୍ଚ ସେରର ଓଜନ । ଯଥା—
ଓଜନରେ ହେବ ମଧ୍ୟ ଅଢ଼ାଇ ପସୁରି,
କପର ରଖିଛୁ ଏତେ ଗୁଣ ପେଟେ ପୁରି । ଭ. ଭୁ.

ପହଞ୍ଚା, ବି. (ଦେଶଜ) ଦୋଳ ଚାଳନ ।

ପହଞ୍ଚାଇବା, କ୍ରି. (ଦେଶଜ) ଦୋଳ ଚାଳନ କରିବା । ଯଥା—
ପହଞ୍ଚାଇଦେଲେ ଦୋଳ ବସି ବନମାଳୀ । ନ. ପୁ.

ପହଡ଼, ବି. (ଦେଶଜ ବା ପ୍ରମୀଳ ଶବ୍ଦଜ) ନିଦ୍ରା । (ମଣୋହି ଶବ୍ଦ ଦେଖ ।) (ପ୍ରହର ଶବ୍ଦଜ) ପ୍ରହର ବା ଯାମ (ଏହି ଅର୍ଥରେ ଚଷା ଲୋକେ ବ୍ୟବହାର କରନ୍ତି) । ଯଥା—
ଶତପଉଟି ତଣ୍ଡୁଳ ପହଡ଼କେ ପଚ,
ହସ୍ତ ଲାଗି ଅମୃତର ପାକ ହେଉଅଛ । ସା. ଭା. ସ.

ପହଡ଼ିବା, କ୍ରି. (ଦେଶଜ) ଶୋଇବା ।

ପହଣି, ପହଣୀ, ବି. ସ୍ତ୍ରୀ. (ପ୍ରବେଣୀ ଶବ୍ଦଜ) ଜଳ ନାଳ ।

ପହଣ୍ଡ, ପାହୁଣ୍ଡ, ବି. (ପଦାଣ୍ଡ ବା ପାଦହୁଣ୍ଡନ ଶବ୍ଦଜ) ପାଦ । ଯଥା—
ବାହାରିଲେ ପହଣ୍ଡ ପକାଇ ଆଗକୁ । କୃ. ଲ. ବି. ପ.
ବାରୁଣୀବଳୟକୁ କର୍ଣ୍ଣ ଗମଇ ପାଦକେ,
ପ୍ରବେଶ ହୋଇଲା ଯାଇ ପାଞ୍ଚ ପାହୁଣ୍ଡକେ । ସା ଭା. ଆ.
ପାଦନ୍ୟାସ । ଯଥା—
ମେଦିନୀଙ୍କ କିବା ପହଣ୍ଡ ମଣାଇ
ଆଣନ୍ତି ବେନି ଅପ୍ସରା । ଯ. କେ.

ପହଣ୍ଡକ, ବି. (ପଦାଣ୍ଡ ଶବ୍ଦଜ) ଏକପାଦ ମାନ । ଯଥା—
ଦଣ୍ଡକ ରହି ପହଣ୍ଡକ ଯାଇ ବସା କୂପାରେ । ବି. ଚ. ମ.

ପହଣ୍ଡି, ବି. (ଦେଶଜ) ଏକପ୍ରକାର ଖେଳ । (ପଟାମୁଣ୍ଡି ଶବ୍ଦ ଦେଖ) ଧୀରଗମନ । ଯଥା—
ପୂର୍ବଜରେ ପୂର୍ବ ଗଜ ଭାବ ଉପୁଜାଇ,
ପହଣ୍ଡି ବିଜୟ କଲେ ଝୁଲଇ ଝୁଲଇ । କୋ. ବ୍ର. ସୁ.

ପହର, ବି. (ପ୍ରହର ଶବ୍ଦର ଅପଭ୍ରଂଶ) ଯାମ ।

ପହରା, ବି. (ପ୍ରହରୀ ଶବ୍ଦଜାତ) ଦ୍ୱାର ଜଗିବା । ଯଥା—
ଯୋଗରୂପା ପ୍ରେମରୂପା ବାମ ଦକ୍ଷିଣରେ,
ଜଗନ୍ତି ପହରା ଏ ସୋହଂସ ହଂସପୁରେ । ନ. ପୁ. ଭୂ. ଭ.
(ଦେଶଜ) ଚଳଚଳଣି । ଯଥା—
ଜମିଦାର ଘର ବହୁଟା-ପହରା ଭଲ ନୁହେ, ତା ଗୋଡ଼ ପଡ଼ିଲା ଦିନୁ ଜମିଦାର ଘର ଲକ୍ଷ୍ମୀ ଛାଡ଼ିଲାଣି । ମୁକୁର. ୨. ୩.

ପହରା, } ବି. (ଦେଶଜ) ସମ୍ମାର୍ଜନୀବିଶେଷ ।
ପହଁରା, } ଯଥା—

ଖରଖର କରି ଖରକେ ଘର,
ପହଁରା ରଖଇ ଚୁଲ୍ଲୀମୁଣ୍ଡର । ହା. ତ.

ଉଳାଇବା, ଝାଡ଼ୁକରିବା; ଜଳରେ ସନ୍ତରଣ ।

ପହରାବାଲା, ବି. ଯେ ପହରକୁ ପହର ଦ୍ୱାରରେ ଜଗି ରହେ ।

ପହରିବା, } କ୍ରି. (ଦେଶଜ) ଝାଡ଼ୁକରିବା;
ପହଁରିବା, } ହସ୍ତ ପାଦାଦି ସଞ୍ଚାଳନଦ୍ୱାରା ଜଳରେ ଭାସିବା । ଯଥା—

ହଂସ ଚକ୍ରବାକ ଜଳେ ଅବତରି,
ବେଢ଼ିଣ ଦେବୀଙ୍କୁ ବୁଲିଲେ ପହଁରି । ନ. କେ.

ପିନ୍ଧିବା । ଯଥା—

ଫେନ ଶ୍ୱେତବସ୍ତ୍ରକୁ ଅଛୁ ତ ପହରି,
ରଙ୍ଗକରି ଧଡ଼ି ନେଉଛୁ ମନ ହରି । କୃ.ଶା.ବି.ପ

ପହଲ, ବି. (ଦେଶଜ) ହାତ ହଲାଇ ସଗର୍ବ ଗମନ ।

ପହଲାଇବା, } କ୍ରି. (ଦେଶଜ) ଗର୍ବରେ ହାତ
ପହଲିବା, } ହଲାଇ ଚାଲିବା । ଯଥା—

ପୁଣି ଚାଲଇ ପହଲଇ,
ଆଗ ହୋଇଲେ ଭାବଗ୍ରାହୀ । ଭା. ଦ. ସ୍ୱ.

ପହଲି, ବି. (ଦେଶଜ) ଢଙ୍ଗ । ଯଥା—

ଏ ସମସ୍ତେ ପହରାକେ ଆଗେ ବଲ ବଲ,
ପାଟିକରି ମେଲିଦେଲେ ପ୍ରାଚୀନ ପହଲି ।
ଉ. ସା. ୧୮. ୯.

ପ୍ରମାଣବାକ୍ୟ ।

ପହା, ବି. (ପ୍ରାଃ ଶବ୍ଦଜ) କଆଁରି ଚାରିପାଖର ହାଡ଼, ବଗିଚାର ସୀମା ।

ପହାଆ, ବି. (ଦେଶଜ) ଶଗଡ଼ଚକ ।

ପହାଜ, } ବି. (ଦେଶଜ) ଗୋଳମାଳ ।
ପହାସ, } ଯଥା—

ନ ଦେବୁ ଯେବେ ବେଗେ ସମର ତେବେ କର,
ଏତେ ବୋଲି ପହଜ କରଇ ମୁରସୁର । ନୃ.ପ୍ର.ଦ୍ୱି.ତ.

ବିବାଦ କିମ୍ବା ବାଦାନୁବାଦ । ଯଥା—

ଏଡ଼େ ପ୍ରଭୁ ହୋଇ ତୁମ୍ଭେ କହିଲେ ନ ବୁଝ,
ତ୍ରିଭୁବନେକ ସଙ୍ଗେ ଆସି ଲଗାଅ ପହଜ । ନୃ.ପୁ.ପ୍ର.ତ.

କ୍ରୋଧ । ଯଥା—

ତାହା ଶୁଣି ରାଜା ଆମ୍ଭ କଲେକ ପହଜ । ନୃ.ପୁ.ଦ୍ୱି.ତ.

ତେଜ କିମ୍ବା ଗର୍ବ । ଯଥା—

କାକୋଳାସୁରକୁ ଚାହିଁ କହେ ମୁରରାଜ,
ବୋଲେ ବେଗେ ଯାଇ ଭାଙ୍ଗ ଚକ୍ରର ପହଜ ।
ନୃ. ପୁ. ଦ୍ୱି. ତ.

ପହିଲ, ବିଂ. (ହିନ୍ଦୀ) ଆଦ୍ୟ ବା ପ୍ରଥମ ।

କ୍ରି. ବିଂ. ପ୍ରଥମରୁ, ପ୍ରଥମରେ । ଯଥା—

ଗୋବିନ୍ଦ କହିଲେ ଦୁଇ କେ ମହାରେ
ଜାଣୁ ତ ପହିଲେ ଏକ ମୂର୍ତ୍ତି । ବି. ଚି. ମ.

କ୍ରି. ଅଗ୍ରସର ହେବା । ଯଥା—

ଘେନାଇ ଆମ୍ଭେ ଯେତେ କହିଲୁଁ ରେ,
ଘେନଲୁ ନାହିଁ ବାଲା ପହିଲୁ ରେ । କ. ଚ. ଚ.

ପହିଲା, ପହିଲି, ବିଂ. (ହିନ୍ଦୀ) ଆଦ୍ୟ ବା ପ୍ରଥମ ।

ପହିଲଭୋଗ, } ବି. (ଦେଶଜ) ଦେବା-
ପହିଲିଭୋଗ, } ଳୟରେ ଦେବତାଙ୍କର
ପଇଲଭୋଗ, } ପ୍ରଥମ ଭୋଗ ।

ପହୁଞ୍ଚନ, ବି. (ଦେଶଜ) ଆଗମନ ।

ପହୁଞ୍ଚା, ବି. (ଦେଶଜ) ପ୍ରବେଶ ।

ପହୁଞ୍ଚିବା, କ୍ରି. (ଦେଶଜ) ପ୍ରବେଶିବା । ଯଥା—

ପାଞ୍ଚିଲେ ଗନ୍ଧର୍ବରାଜ ଆଜ ଏଥୁ ଯିବା,
କାଲି ପ୍ରଭାତରେ ପୁଣି ଆସି ପହୁଞ୍ଚିବା । ବେ. ପ.

ପହୁଡ଼, ବି. (ପ୍ରମୀଳ ଶବ୍ଦଜ) ନିଦ୍ରା । (ଗଉଡ଼ ଶବ୍ଦ ଦେଖ ।)

ପହୁଡ଼ିବା, କ୍ରି. ଶୋଇବା । ଯଥା—

ମନ୍ଥରା ବାଣୀ କୈକେୟୀ ରାଣୀ
ଶୁଣି କ୍ରୋଧେ ମନ୍ଦିରେ ପହୁଡ଼ିଲେ । ବି. ରା.

ବାଣାଦି ନିକ୍ଷେପ କରିବା । ଯଥା—

ଏହିରୂପେ ମୁରର ସକଳ ସେନାପତି ।
ଚକ୍ର ଉପରେ ନାରାଚ ସର୍ବେ ପହୁଡନ୍ତି ।
ସର୍ବେ ନାରାଚ ପହୁଡ଼ି ହେଲେ ଶୂନ୍ୟହସ୍ତ ।
ନୃ. ପୁ. ଦ୍ୱି. ତ.

ପହେଲାଘର, ବି. (ଦେଶଜ କିନ୍ତୁ ବିଶେଷତଃ ବଙ୍ଗଭାଷାରେ ବ୍ୟବହୃତ) ପ୍ରଥମ ଭାର୍ଯ୍ୟା ଥାଉଁ ଥାଉଁ ଦ୍ୱିତୀୟ ବିବାହ କଲେ ପ୍ରଥମ ସ୍ତ୍ରୀକୁ ପହେଲାଘର କହନ୍ତି ।

**ପହ୍ଲା**, ବି. (ଆପୀନ ଶବ୍ଦଜ) ଗୋରୁ ପ୍ରଭୃତିର ଦୁଗ୍‌ଧାଧାର ବା ସ୍ତନ । ଯଥା—

ଦୁଧ ପିଇ ବାଛୁରି ଯେବେ ପହ୍ଲା ଛାଡ଼େ,
ଗାଈଙ୍କ ତେବେ ଛନ୍ଦ ଦୁହନ୍ତି ଗଉଡ଼େ । କୃ.ଖ୍ରୀ.ଆ.ପ.

ଘୋଡ଼ାର ବାଖର ଲମ୍ବି ଥିବା ଅଂଶବିଶେଷ । ଯଥା—

ସୁବର୍ଣ୍ଣ ଜରିକୋଷ ବାଖର ପହ୍ଲା ଡେଣା କି ବିସ୍ତାରେ ତାର
ଡେଇଁଯିବାକୁ ସପ୍ତ ସାଗର ଇଚ୍ଛା କମ୍ପଇ ଯେ । ଲ. ବ.

**ପା**, **ପାଆ**, ବି. (ପାଦ ଶବ୍ଦଜ ପ୍ରାକୃତ) ପାଦ । ଯଥା—

ପାଟଲ ପା ଟଳଯାଏ ଶ୍ରୁତି ଦେଖି । ବି. ଚ. ମ.

ଚତୁର୍ଥାଂଶ ।

**ପା**, କ୍ରି. (ପ୍ର-ଆପ୍ ଧାତୁଜ) ପାଅ । ଯଥା—

ପାଣ୍ଡୁଙ୍କ କୋଳେ ଧରିଅଛନ୍ତି ଧୃତରାଷ୍ଟ୍ର,
ରାଜ୍ୟକୁ ଯିବା ବାବୁ ! ବନରେ ନ ପା କଷ୍ଟ । ସା.ଖ୍ରୀ.ଅ.

**ପାଆଧୁଆ**, } ବି. (ଦେଶଜ) ବିବାହରେ ଶଳା
**ପାଧୁଆ**, } ପାଦ ଧୌତ କରିବା ବିଧାନ । ଯଥା—

ପାଆ ଧୁଆ ବିଧାନ ଆରମ୍ଭ କଲେ ତହିଁ,
ରାମ ପାଦ ଧୋଇଦେବେ ସୀତା ସାନ ଭାଇ । ମଂ.ସଂ.

ପାଦ ଧୋଇବା ।

**ପାଆଫିଆ**, } ବି. (ଦେଶଜ) ବିବାହର ପୂର୍ବ
**ପାଆଫିଟା**, } ଦିବସରେ ନାପିତ ବରକନ୍ୟାଙ୍କ ପାଦରେ ଅଳତା ଦେବା ବିଧାନ । ଯଥା—

ଏଥୁ ଅନନ୍ତରେ ଗଲା କେତେହେଁକ ବେଳ,
ପାଆଫିଟା ଯୋଗ ହେଲା କର ଅନୁକୂଳ ।
ବାନ୍ଧିଲା ଯୁବତୀ ଇନ୍ଦୁ ଗୋବିନ୍ଦ ଗୁନ୍ଦୁଆ,
ଏହି ଶୁଭଲଗ୍ନରେ ହୋଇବ ପାଆଫିଆ । ମଂ. ସଂ.

**ପାଇଁ**, **ପାଇଁକି**, ଅଂ. (ଦେଶଜ) ନିମନ୍ତେ । ଯଥା—

ବାସୁକିଙ୍କି ଜିଣି ତାହାଙ୍କ ଭଗିନୀକି,
ଆଣିଲେ ତାଙ୍କ ଗର୍ବ ଭାଙ୍ଗିବାପାଇଁକି । କୃ.ଖ୍ରୀ.ବି.ପ.

**ପାଇକ**, ବି. (ପାଦାତିକ-ପ୍ରାକୃତ ପାଇକ୍କ ଶବ୍ଦଜ) ପିଆଦା । ଯଥା—

ଆନ ବୋଲେ ମୁହିଁ ପାଇକର ନାହା । ଦ. ବା.

**ପାଇକମରାଣି**, ବି. (ଦେଶଜ) ଦୈହିକ ଖେଳବିଶେଷ ।

**ପଇକସ୍ତା**, ବି. (ପାରସ୍ୟ ଶବ୍ଦ) ଯେଉଁ ପ୍ରଜା ଏକ ଗ୍ରାମରୁ ଅନ୍ୟ ଗ୍ରାମରେ ଭୂମି କର୍ଷଣ କରେ ।

**ପାଇକା**, ବି. (ଦେଶଜ) ପତ୍ରିମାଣବିଶେଷ ।

**ପାଇଖାନା**, } ବି. (ଯାବନିକ) ମଳତ୍ୟାଗ
**ପଇଖାନା**, } କରିବା ସ୍ଥାନ ।

**ପାଇଗ୍ଣ**, ବି. (ଦେଶଜ) ବଡ଼ ରଜା; ଗଞ୍ଜପାସାରରେ ବାର ସଂଖ୍ୟାରେ ନିର୍ଦ୍ଦିଷ୍ଟ ରଥ ବା ଗାଡ଼ିରେ ଚିହ୍ନିତ ସାରବିଶେଷ ।

**ପାଇଜାମା**, ବି. (ଦେଶଜ) ଗୋଡ଼ ଗଳାଇ ପିନ୍ଧିବା ପାଇଁ ସିଲାଇ ନିର୍ମିତ ପରିଧେୟବିଶେଷ ।

**ପାଇଟାଳ**, ବି. (ଦେଶଜ) ଶିଳ୍ପକାର୍ଯ୍ୟ କରିବା ବ୍ୟକ୍ତି ।

**ପାଇଟି**, ବି. (ଦେଶଜ) ନାନାବିଧ କାର୍ଯ୍ୟ; ଗୃହାଦିର କାର୍ଯ୍ୟ । ଯଥା—

ଦରଜି ବାଳୀକି କେ ବୋଲେ ଟିକେ ରଖିଣ ଦର,
ଦରହାସି ! ତନୁ ପାଇଟି ଦିଅ କରି ଆଦର । ସୂ. ପ.

**ପାଇବା**, କ୍ରି. (ଦେଶଜ) ପ୍ରାପ୍ତ କରିବା, ଲଭିବା; ଯୁକ୍ତ ବା ଯୋଗ୍ୟ ହେବା; ଅଣ୍ଟିବା । ଯଥା—ଏ ଲୁଗାଟି ମୋତେ ପାଇଲା ନାହିଁ । ପ୍ରସୂତ କରିବା । ଯଥା—
ସେ ସ୍ତ୍ରୀ ଯାଉଁଳା ପିଲା ପାଇଲା ।

**ପାଉଁଶ**, **ପାଉଁସ**, } ବି. (ପାଂଶୁ ଶବ୍ଦଜ) ଭସ୍ମ ।
**ପାଁଶ**, } ଯଥା—

ଶେଷଶାୟୀ ବିଧୁ ଶଶଧର ବିଧୁ
ଈଶ ପାଉଁସମଣ୍ଡନ । ବି. ଚ. ମ.

ସାଗୁଣା ଶୃଗାଳଙ୍କ ଗ୍ରାସ,
ନୋହିଲେ ହେବ ଧୂଳି ପାଁଶ । ଦା. ର.

**ପାଉଁସପାଉଁସିଆ**, ବି. (ଦେଶଜ) ଗୁଳ୍ମବିଶେଷ ।

**ପାଉଁସିଆ**, ବିଂ. (ଦେଶଜ) ପାଂଶୁବର୍ଣ୍ଣବିଶିଷ୍ଟ ।

**ପାଉଣା**, ବି. (ଦେଶଜ) ପ୍ରାପ୍ତି, ପାଇବା । ବିଂ. ପ୍ରାପ୍ୟ ।

**ପାଉତି**, ବି. (ପ୍ରାପ୍ତି ଶବ୍ଦଜ) ପ୍ରାପ୍ତି, ପ୍ରାପ୍ତିସ୍ୱୀକାର ପତ୍ର ବା ରସୀଦ ।

ପାଏ, ପାଏ୍ୱ, ବି. (ଦେଶଜ) ପାଦରେ, ଏକପାଦ ପରିମାଣ; ଚତୁର୍ଥାଂଶ ।

ପାଏକ, ବି. (ଦେଶଜ) ଏକଚତୁର୍ଥାଂଶମାତ୍ର । (ପ୍ରାକୃତ ପାଇକ୍‌କ ଶବ୍ଦଜ) ପିଆଦା । ଯଥା--

ପାଏକ କୁହାଟେ ମନେ ଲଗେ ହାସ । ଦ. ବା.

ପାଏଡ଼ା, } ବି. (ଦେଶଜ) ଦେବତା ଓ ରାଜା
ପାହାଡ଼ା, } ବିଜେ ହେବା ସମୟରେ ମାର୍ଗରେ ପ୍ରସାରିତ କରି ପକାଇବା ବସ୍ତ୍ର । ଯଥା--

ଚଞ୍ଚଳେକ୍ଷଣୀ ଅଞ୍ଚଳେ କରି ଭରି
ପାଏଡ଼ା କଲା ପଥକୁ ଯେ । ଲ. ବ.

ପଡ଼ିଲା ଭୂଇଁ ପାହାଡ଼ା ବିଜୟ ନିମିତ୍ତେ । କୋ. ବ୍ର. ସ୍ତୁ.

ପାଂଶନ, } ବିଂ. (ପନ୍‌ଶ୍‌ = ନାଶ କରିବା-
ପାଂସନ, } ଅନ) ଦୂଷକ; ନାଶକ । (ପାପିଷ୍ଠଃ କୁଳପାଂଶନଃ ।)

ପାଂଶୁ, ପାଂସୁ, ବି. (ପନ୍‌ସି = ନାଶ କରିବା-ଉ-ସଜ୍ଞାର୍ଥେ) ଧୂଳି; ପାପ; କର୍ପୂରବିଶେଷ; ଅନେକ ଦିନରୁ ସଂଚିତ ଗୋବର, ସାର; ସ୍ଥାବର ସମ୍ପତ୍ତି; ଲବଣବିଶେଷ ।

ପାଂଶୁଳ, ବିଂ. (ପାଂଶୁ-ଳ-ଅସ୍ତ୍ୟର୍ଥେ) ଧୂଳିଯୁକ୍ତ; ପାପିଷ୍ଠ । (ସ୍ତ୍ରୀ-ଆ) ଅସତୀ ସ୍ତ୍ରୀ; ରଜସ୍ୱଳା ।

ପାକ, ବି. (ପଚ୍ = ପାକ କରିବା-ଅ) ରନ୍ଧନ; ପରିପାକ; ସିଦ୍ଧି; ପରିଣତି; ନିଷ୍ପତ୍ତି; ଜରାରେ କେଶର ଶୁକ୍ଳତା; ପେଚକ; ରାକ୍ଷସବିଶେଷ ।

ପାକଳ, ବିଂ. (ପକ୍ୱ = ପ୍ରାକୃତ ପକ୍‌କ ଶବ୍ଦଜ) ପକ୍ୱ । ଯଥା—

ଅର୍କ ପାକଳେ ଆମ୍ଳ କରନ୍ତି ପ୍ରଚୁର,
ତୈଳ ଲବଣାଦି ଯୋଗେ ଆଗ୍ନି ମଧୁର । ବୃ. ସ୍ତୁ.

ପାକଲା, } ବିଂ. (ପଚେଲିମ ଶବ୍ଦଜ) ପରିପକ୍ୱ ।
ପାଚଲା, } ଯଥା—

ବରଦାଦି ପାକଲା ବାଳିଆ ଲମ୍ବ ଥୋଡ଼ା । ମଂ. ସଂ.

ପାଚଲା ବମ୍ବକୁ କାଉ ଝାମ୍ପିଲା କାଉ ଯେ । ସ୍ତୁ. ପ.

ପାକଳାଇବା, କ୍ରି. (ଦେଶଜ) ପରିପକ୍ୱ କରିବା; ରଜ୍ଜୁ ପ୍ରଭୃତିକୁ ଟାଣ କରିବା ।

ପାକଶାସନ, ବି. (ପାକ-ରାକ୍ଷସ ଶାସନ—ଯେ ଶାସନ କରେ) ଇନ୍ଦ୍ର ।

ପାକିବା, } କ୍ରି. (ପଚ୍ ଧାତୁଜ) ପକ୍ୱହେବା ।
ପାଚିବା, } ଯଥା—

ପାକିଲେ ଅମୃତ ତହିଁ ହୁଅଇ ପ୍ରବିଷ୍ଟ । ବୃ. ସ୍ତୁ.

ପାକିମ, ବିଂ. (ପାକ-ଇମନ୍-ନିଷ୍ପନ୍ନାର୍ଥେ) ପାକୋନ୍ମୁଖ ।

ପାକୁ, ପାକ, ବି (ଦେଶଜ) ଖେଳର ବାଉଁଳି କଉଡ଼ି ଉବୁଡ଼ି ହୋଇ ପଡ଼ିବା ।

ପାକୁଆ; ବିଂ. (ଦେଶଜ) ଦନ୍ତହୀନ । ଯଥା—

ବାହାଘରେ ଯେଉଁ ବରଡ଼ାଳି,
ଅଧେ ଖେପା ଅଧେ ନଇବାଳି ।
ପାକୁଆଏ ସବୁ ଖାଇ ଗୁଳିଗଲେ
ଦାନ୍ତଲଗା ମଲେ ଖଳି ଖଳି । ହା. ତ.

ପାକୁପାକୁ, ବି. (ଦେଶଜ) ପାଟିବୁଲାଉଥିବା ।

ପାକୁଳା, } ବି. (ଦେଶଜ) ପଶୁମାନଙ୍କର
ପାକୁଳି, } ଚର୍ବିତଚର୍ବଣ; ଖେବାଇଲା ପରି ପାଟିବୁଲାଇବା ।

ପାକୁଳାଇବା, } କ୍ରି. (ଦେଶଜ) ଚର୍ବିତ
ପାକୁଳିବା, } ଚର୍ବଣ କରିବା ।

ପାକୋଇ, ବି. ସ୍ତ୍ରୀ. (ଦେଶଜ) ଦନ୍ତହୀନା । ଯଥା—

ପାକୋଇ ହୋଇ ସବେ ବସିଛ ହୋଇ ବୁଢ଼ୀ ।
ନୃ. ପୂ. ସ. ତ.

ପାଖ, ବି. (ପକ୍ଷ ଶବ୍ଦଜ) ପାର୍ଶ୍ୱଭାଗ । ବିଂ. ସମୀପ । ଯଥା—

ପାଖକୁ ଆସିଲା ଅଲପ ହସିଲା । ବ. ଚ. ମ.

ପାଖଡ଼ା, ବି. (ଦେଶଜ) ଖଦିରବିଶେଷ ।

ପାଖରି, ବିଂ. (ପ୍ରଖର ଶବ୍ଦଜ) ଅତି ଉଗ୍ର ବା ଧୃଷ୍ଟ; ନିର୍ଲଜ୍ଜ; ଜଳଜଳା ।

ପାଖି, ବି. (ପକ୍ଷ ଶବ୍ଦଜ) ପାର୍ଶ୍ୱ । ଯଥା—
ଡାହାଣ ପାଖି, ଡେବିରିପାଖି ।

ପାଖିବା, କ୍ରି. (ଦେଶଜ) ଏକପାର୍ଶ୍ୱକୁ ଯିବା । ଯଥା—

କେ ଅବା ଲୁଗା ଦେଇ ଉଠାଇ କେହୁ ପାଖି,
ଏରୂପେ ହସି ମାତ୍ର ଚଳିଲେ ସବ ସଖୀ । ନୃ. ପୂ. ତୃ. ତ.

ପାଖୁଡ଼ି, ପାଖୁଡ଼ା, } ବି. (ଦେଶଜ) ପୁଷ୍ପାଦିର
ପାଖୁଡ଼ି, } ଦଳ । ଯଥା—

କେଉଁ ଲତାରୁ ଫୁଲ ପାଖୁଡ଼ ଖସେ । ର. କ.

କମଳ ପାଖୁଡ଼ା ବାଟେ ପଡ଼େ ଛଟେ । ଚିଲିକା ।

ଶତଦଳ ପଦ୍ମ ଯେହ୍ନେ ହୋଇଥାଇ କଡ଼ି,
କ୍ରମେ କ୍ରମେ ହୋଇ ସିନା ଫୁଟଇ ପାଖୁଡ଼ି । ନା. ର. ଗୀ.

ପାଖେଇବା, କ୍ରି. ( ଦେଶଜ ) ନିକଟବର୍ତ୍ତୀ ହେବା । ଯଥା—

ପାଖେଇ ପାଖେଇ ଆସୁଛି ସେ ଅକ୍ରମ ବେଳ । ଦ.ବା.

ଏକପାର୍ଶ୍ୱରେ ରହିବା । ଯଥା—

ଯୁଧିଷ୍ଠି ବାଟ ଛାଡ଼ିଣ ପାଖେଇ ରହିଲେ । ସା.ଭା.ଆ.

ପାଗ, ବି. (ଦେଶଜ) ଉଷ୍ଣୀଷ ଅର୍ଥାତ୍ ପଗଡ଼ି । ଯଥା—

କନକକନଭପଟମୀ ପାଗଲମ୍ବି ମଧ୍ୟରେ ଲେଟି ଯାଉଛି । ର. କ.

(ପାକ ଶବ୍ଦଜ) ଅନ୍ନ ବ୍ୟଞ୍ଜନାଦି; ସଙ୍ଗୁଡ଼ି; ଭୂମି ବୃକ୍ଷ ପ୍ରଭୃତିର ଫଳଦାୟକ ଅବସ୍ଥା-ବିଶେଷ ।

ପାଗଡ଼ା, ବି. ( ଦେଶଜ ) ସକଟା ଖେଳରେ ଏକ ପଡ଼ିବା ଦାନ ।

ପାଗଳ, ବିଂ. (ଦେଶଜ) ବାତୁଳ, ଉନ୍ମତ୍ତ । ଯଥା—

ତପସ୍ୱି କଥାରେ ପଡ଼ି ହେଲ କି ପାଗଳ । ବୈ. ପ.

ପାଗଳାମି, ବି. (ଦେଶଜ) ବାତୁଳତା ।

ପାଗଳମୀ, ପାଗଳୀ, ପାଗଲି, } ବି. ସ୍ତ୍ରୀ. ( ଦେଶଜ ) ଉନ୍ମତ୍ତ ସ୍ତ୍ରୀ । ଯଥା—

ଏଡେ ପାଗଳମୀ ଦେଖି ସପତଣୀ
ତାର ନଭେ ସ୍ମିତେ ହସେ । କ. ମ.

ପାଗହାଣ୍ଡି, ବି. ( ପାକହାଣ୍ଡୀ ଶବ୍ଦଜ ) ଯେଉଁ ହାଣ୍ଡିରେ ଅନ୍ନ ବ୍ୟଞ୍ଜନାଦି ରନ୍ଧନ୍ତି ।

ପାଗା, ବି. (ଦେଶଜ) ଘୋଡ଼ା ଓ ହାତିଙ୍କର ରହିବାର ଘର । ଯଥା—

ଠାକୁରାଣୀଙ୍କ ମାଟିର ହାତି ବା ଘୋଡ଼ା ଚଢ଼ିବାକୁ ଦେଲେ ପିଲାମାନଙ୍କର ପୀଡ଼ା ଛାଡ଼ିଯାଏ । ବଡ଼ ବଡ଼ ଲୋକଙ୍କର ପୀଡ଼ା ଛାଡ଼ିବାର ମଧ୍ୟ ଦେଖା ଓ ଶୁଣା ଅଛି । ଏଥି ସକାଶେ ଠାକୁରାଣୀଙ୍କ ପାଗା କେବେ ଖାଲି ଥାଏ ନାହିଁ । ଛ. ଆ. ଗୁ.

ପାଗୁଳି, ବି. (ପାକସ୍ଥଳୀ ଶବ୍ଦଜ) ପାକପାତ୍ର ।

ପାଙ୍ଗୁଳା, ବି. ( ଦେଶଜ ) ମନ୍ଦାଗ୍ନିଜନିତ ରୋଗବିଶେଷ । ବିଂ. ସେହି ରୋଗରେ ପୀଡ଼ିତ । ଯଥା—

ଦେଖିଲେ ମହାଦେବେ ଶେଯେ ଶୋଇଛନ୍ତି,
ପତପାଙ୍ଗୁଳା ପ୍ରାୟେ ଭୂମିରେ ଗଡ଼ୁଛନ୍ତି । ନୃ.ପୁ.ପ.ତ.

ପାଙ୍କ୍ତେୟ, ବିଂ. ( ପଙ୍କ୍ତି-ଏୟ ) ଏକ ପଙ୍କ୍ତିରେ ଭୋଜନଯୋଗ୍ୟ ।

ପାଚକ, ବିଂ. (ପଚ୍-ଅକ) ଯେ ପାକ କରେ; ଜୀର୍ଣ୍ଣକାରକ । ବି. ଅଗ୍ନି ।

ପାଚକପାଣି, ବି. (ସଂସ୍କୃତ ଓ ଓଡ଼ିଆ ଶବ୍ଦର ମିଶ୍ରଣ) ଭାଙ୍ଗ, ଗଞ୍ଜାଇ ମରିଚପାଣି ।

ପାଚକୋଡ଼ମ୍ବାଇ, ବି. ( ଦେଶଜ ) ଗହମ-କାକୁଡ଼ି ।

ପାଚନ, ବି. (ପଚ୍-ଣିଚ୍-ଅନ) ଔଷଧବିଶେଷ; କ୍ୱାଥ; ଅଗ୍ନି । ବିଂ. ଜୀର୍ଣ୍ଣକାରକ ।

ପାଚଲ, ବି. ( ଦେଶଜ ) ବ୍ୟଞ୍ଜନବିଶେଷ । ଯଥା—

ଭଜା ସାକସିଦ୍ଧ ମହୁର,
ଆମ୍ବିଲ ପାଚଲ ବେଶର । ଦା. ର.

ପାଚି, ବି. (ଦେଶଜ) ଖଦି, ପାଳକ ।

ପାଚିବା, କ୍ରି. ( ପଚ୍ ଧାତୁଜ ) ପକ୍ୱହେବା; ଚେମା ପ୍ରଭୃତି ଖେଳରେ ଜିଣିବା ।

ପାଚିର, ପାଚିସି, ପାଚେରି, ପାଚେରି, } ବି.ସ୍ତ୍ରୀ.(ପ୍ରାଚୀର ଶବ୍ଦଜ) ବେଢ଼ା କାନ୍ଥ । ଯଥା—

କନକମୟ ଦୀର୍ଘ ପାଚିସି,
ବିଶ୍ୱକର୍ମା ଯା ନିର୍ମାଣ କରି । ବି. ରା.

ପ୍ରତିଶବ୍ଦ ଦେଲା ଦୁର୍ଗର ପାଚେରି । ନ. କେ

ପାଚିଲା, ବିଂ. (ପଚେଲିମ ଶବ୍ଦଜ) ପକ୍ୱ । କ୍ରି. ପକ୍ୱ ହେଲା ।

ପାଚ୍ଛା, ପାଇଚ୍ଛା, ବି. ( ଦେଶଜ ) ବାଦସା । ଯଥା—

ଦୂତ କହିଲେ ପାଚ୍ଛା ଆଗେ,
ଫକୀର ଆଜ୍ଞା ଦେଲା ଆଗେ । ଦା. ର.

ପାଚ୍ଛୁଆ, ବି. (ଦେଶଜ) ସାନ ଚୋକାଇ ।

ପାଛୁଡ଼ା, ପାଛୁଡ, ପାଗ୍ଛୁଡ଼ା, ପାନଛୁଡ, } ବି. (ପ୍ରଚ୍ଛଦପଟ ଶବ୍ଦଜ) ଉତ୍ତରୀୟ ବସ୍ତ୍ର । ଯଥା—

ବାତେ ଫରଫର ରୂପା ଜରିର ପାଛୁଡ଼ା । ମ. ଯା.

ପାଗ୍ଲେଟା, ବି. ( ଦେଶଜ ) ଆଗବଢ଼ି ଆଣିବା ଅର୍ଥାତ୍ ଅଳ୍ପଦୂର ଯାଇଁ ବନ୍ଧୁଙ୍କୁ ସଙ୍ଗେ ଆଣିବା ।

ପାଗ୍ଲେଟିବା, ପାଗ୍ଲେଟିଯିବା, } କ୍ରି. ( ଦେଶଜ ) ଆଗବଢ଼ି ଆଣିବା । ଯଥା—

ତୁମ୍ଭଙ୍କୁ ପାଗ୍ଲେଟି ଆସୁଛନ୍ତି କି ଆଦରେ । କ. ବ.

ସଙ୍ଗେ ଯିବା । ଯଥା—

ଛଟି କାନ୍ତାକୁ ପାଗ୍ଲେଟି ଆସୁଁ କାନ୍ତ । କୋ.ବ୍ର.ସୁ.

ପାଗ୍ଲେଣି, ବି. (ଦେଶଜ) ପାନବିଶେଷ । (ନାକୁଆ ଶବ୍ଦ ଦେଖ ।)

ପାଜାମା, ବି. (ପାରସ୍ୟ) ପରିଚ୍ଛଦବିଶେଷ ।

ପାଜି, ବିଂ. (ଯାବନିକ) ନୀଚ । ଯଥା—

ମଉଗରବେ ଗୃଲେ ପାଜି,
ଜ୍ୟେଷ୍ଠମାନଙ୍କୁ ଗୋଡ ବାଜି । ଦା. ର.

ପାଞ୍ଚ, ବି. (ବାଞ୍ଛା ଶବ୍ଦଜ) ବିଗୁର । ଯଥା—

କି ପାଞ୍ଚ ତୁମ୍ଭର କହ ମୋତେ ଏବେ ଫେଡ଼ି । ଉ.ବ.
(ପଞ୍ଚନ୍ ଶବ୍ଦଜ) ୫ ସଂଖ୍ୟା । କ୍ରି. ବିଗୁର କର ।

ପାଞ୍ଚଜନ୍ୟ, ବି. ବିଷ୍ଣୁଙ୍କର ଶଙ୍ଖ ।

ପାଞ୍ଚଣ, } ପାଚଣ, } ବି. (ପ୍ରାଜନ ଶବ୍ଦଜ) ଗୋରୁ ପ୍ରଭୃତିଙ୍କୁ ଅଡ଼ାଇବା ଯଷ୍ଟି; ଲମ୍ବା ବେତ । ଯଥା—

ହସ୍ତେ ମାତ୍ର ପାଞ୍ଚଣବାଡ଼ି ଧରିଥିଲେ,
ଶ୍ରୀକୃଷ୍ଣଙ୍କୁ ମାରିବାକୁ ଉଦ୍ଦେଶି ଧାଇଁଲେ । କୃ.ଖ.ଆ.ପ.
ବାହାରିଲେ ପାଚଣବାଡ଼ି ହାତେ ବନ୍ଧି । କୃ.ଖ.ଖ.ପ.
(ପାଚନ ଶବ୍ଦଜ) କଷାୟ ଔଷଧବିଶେଷ ।

ପାଞ୍ଚଣା, ବି. (ପ୍ରାଜନ ଶବ୍ଦଜ) ଡାଙ୍ଗ । (ବାଞ୍ଛା ଶବ୍ଦଜ) ବିଗୁର ।

ପାଞ୍ଚଣି, ପାଞ୍ଚୁଣି, } ପାଞ୍ଚେଣି, } ବି. (ବାଞ୍ଛା ଶବ୍ଦଜ) ବିଗୁର । ଯଥା—

ଗରୁଡ଼ ପାଞ୍ଚୁଣିଯାକ ଜାଣିଲେ ନୃସିଂହ । ନୃ.ପୂ.ଚ.ତ.
ମନେ ମନେ ପାଞ୍ଚେଣି କରନ୍ତି ପଦ୍ମନାଭ । ସା.ଖ.ସ.

ପାଞ୍ଚନ, ବି. (ପାଚନ ଶବ୍ଦଜ) ଔଷଧବିଶେଷ ।

ପାଞ୍ଚମଥା, ପାଞ୍ଚମାଥ, } ପାଞ୍ଚମୁଣ୍ଡ, } ବି. (ପଞ୍ଚମସ୍ତ ଶବ୍ଦଜ) ଶିବ । ଯଥା—

ଏଥୁ ଅନ୍ତରେ କପିଳାସରେ କହନ୍ତି ଯେ ପାଞ୍ଚମଥା ।
ସ୍ୱ. ପ.

ବିକେ କର୍ଣ୍ଣିକଟାରି ଯେ ଯେନ ପାଞ୍ଚମୁଣ୍ଡ,
ସେହୁ ବାଉଁଶ ଗୋଟିକୁ କଲେ ପାଞ୍ଚ ଖଣ୍ଡ । ସା.ଖ.ବ.

ପାଞ୍ଚମୁଖ, ପାଞ୍ଚମୁହଁ, } ପାଞ୍ଚମୁହାଁ, } ବି. (ପଞ୍ଚମୁଖ ଶବ୍ଦଜ) ଶିବ । ଯଥା—

ପାଞ୍ଚ ପାଞ୍ଚମୁଖ ଅଣ ଜଳ ନ ଥିଲେ,
ବର ବରବର୍ତ୍ତିମାନ ହୁଅନ୍ତା ଭଲେ । ପ୍ରେ. ସୁ. ନ.

ପାଞ୍ଚରଙ୍ଗା, ବିଂ. (ପଞ୍ଚ-ରଙ୍ଗ ଶବ୍ଦରୁ ଜାତ) ଚିତ୍ରବିଚିତ୍ର ।

ପାଞ୍ଚଲପାଣ୍ଡ୍, ବି. (ଦେଶଜ) ଗାତରେ ପକାଇ ଖେଳିବା ବାଡିଖେଳର ପଞ୍ଚମ ଆଘାତ ।

ପାଞ୍ଚାଳ, ବି. (ପଞ୍ଚାଳ = ଦେଶବିଶେଷ-ଅ) ଦେଶବିଶେଷ, ପଞ୍ଜାବ; ସେହି ଦେଶର ରାଜା । ବିଂ. ପଞ୍ଚାଳଦେଶୀୟ; ଶାସ୍ତ୍ର ।

ପାଞ୍ଚାଳିକା, } ପାଞ୍ଚଳିକା, } ବି. ସ୍ତ୍ରୀ. (ପଞ୍ଚାଳ-ଇକ-ଆ) ବସ୍ତ୍ର ଦନ୍ତାଦିରେ ନିର୍ମିତ ପୁତ୍ତଳି ।

ପାଞ୍ଚାଳୀ, ବି. ସ୍ତ୍ରୀ. (ପଞ୍ଚାଳ-ଅ-ଈ) ଦ୍ରୌପଦୀ; କାଷ୍ଠାଦି ନିର୍ମିତ ପୁତ୍ତଳି ।

ପାଞ୍ଚି, ବି. (ଦେଶଜ) ପିନ୍ଧାବସ୍ତ୍ରବିଶେଷ । ଯଥା—

ପଟାକରି କୁଞ୍ଚି ଆଗରେ ପାଞ୍ଚି ଫେର,
ଛୁଡ଼ିଦେଇଛନ୍ତି ସମସ୍ତ ନରବର । କୃ. ଖ. ଆ. ପ.

ପାଞ୍ଚିବା, କ୍ରି. (ବାଞ୍ଛ୍ ଧାତୁଜ) ଆଲୋଚନା କରିବା । ଯଥା—

ସୁମନ୍ତ୍ର ଏମନ୍ତ ପାଞ୍ଚି ବିମନରେ । ବି. ଚ. ମ.

ପାଞ୍ଚୁଟା, ପାଞ୍ଚୋଟା, } ପାଞ୍ଚୋଟି, } ବିଂ. (ଦେଶଜ) ପାଞ୍ଚ-ଗୋଟି । ଯଥା—

ମାସକରେ ପାଞ୍ଚୋଟି ଟଙ୍କା ମିଳେ ।

ପାଞ୍ଚେହେଁ, ବି. (ଦେଶଜ) ପାଞ୍ଚଜଣଯାକ । (ନରଧାରିବା ପଦ ଦେଖ ।)

ପାଞ୍ଜି, ବି. (ପଞ୍ଜିକା ଶବ୍ଦଜ) ବାର ତିଥି ଆଦି ନିର୍ଦ୍ଧାରଣ ପୁସ୍ତକ; ଆୟ ବ୍ୟୟ ଚିଠା ।

ପାଞ୍ଜିଆ, ବି. (ଦେଶଜ) ରାଜାମାନଙ୍କର ଆୟ ବ୍ୟୟ ହିସାବ ଯେ ବୁଝେ ଓ ରଖେ । ଯଥା—

ପ୍ରତାପରୁଦ୍ର ରାଜତ୍ୱରେ,
ପାଞ୍ଜିଆ ବୃତ୍ତି ସେହୁ କରେ । ଦା. ର.

ଯେ ପାଞ୍ଜି ଧରି ଦିନ ବାର କହୁଥାଏ ।

**ପାଟ**, ବି. ( ଦେଶଜ ) ପ୍ରଶସ୍ତ ଭୂମିଖଣ୍ଡ । ଯଥା—

ବରୂପାର ପାଟେ ସେ ବିହଙ୍ଗ
ତୃଣଶଯ୍ୟାରୁ ହୋଇ ଉତ୍ଥିତ । ଯ. କେ.

(ପଟ୍ଟ ଶବ୍ଦଜ) ଲାଲ ସୂତା ବା କୌଷେୟ ବସ୍ତ୍ର; ରାଜସିଂହାସନ । ଯଥା—

ରାଜପାଟେ ବିକ୍ରମସିଂହଙ୍କୁ ବସାଇଲେ । ବେ. ପ.

ପୁରୁଷାନ୍ତର । ଯଥା—

ଋଷିକୁଲ୍ୟା ନଦୀତୀରେ ମୋହର ମଠ,
ପିତୃ ପିତାମହ ଗଲେକ ଯେ ସାତପାଟ । ନୃ.ସୂ.ଚ.ଚ.

ସିଂହାସନାଧିକାରୀ । ଯଥା—

କନକାବତୀ ଏବେ ହୋଇଲା ଅଣପାଟ,
ମୁରସୁର ମଲରୁ ଭାଜିଲା ସବୁ ଲଟ । ନୃ. ପୁ. ଷ. ଚ.

ଗୋବରା ଚଢ଼ାଇ ପ୍ରଭୃତିର ରୋମବିଶେଷ । ଯଥା—

ଗୋବରା ଚଢ଼ାଇକ ପାଟ ଉପୁଡ଼ାଇ,
ଛାଡ଼ିଦେବା ପର ହୋଇଛୁ ତ ମୁହିଁ । କୃ. ଭା. କ. ପ.

ବିଂ. ପ୍ରଧାନ, ଶ୍ରେଷ୍ଠ । ଯଥା—

କଂଶୁକ ପାଟ କରବାଳ ତାହାର । ର. କ.

(ଏହିପରି ପାଟଖଣ୍ଡା, ପାଟଛତ୍ର ଇତ୍ୟାଦି ।)

**ପାଟକ**, ବି. ( ଦେଶଜ ) ଶୂଦ୍ରଜାତିବିଶେଷର ଦଳକୁ ପାଟକ କହନ୍ତି । ଯେପରି ବଢ଼େଇ ପାଟକ । ଯଥା—

ପାଟକେ ହାଟରେ ବସ୍ତୁ ବିକ୍ରୟ କରନ୍ତି । ଲା. ବ.

**ପାଟଚର**, ବି. (ପଟଚର-ଅ-ସ୍ୱାର୍ଥେ) ଚୋର, ତସ୍କର ।

**ପାଟଣା**, ବି. (ପତ୍ତନ ଶବ୍ଦଜ) ନଗର, ସହର ।

**ପାଟଦେଉ**, ବି. ( ପଟ୍ଟଦେବ ଶବ୍ଦଜ ) ରାଜାଙ୍କ ଜ୍ୟେଷ୍ଠପୁତ୍ର ।

**ପାଟନ**, ବି. (ପଟ୍-ଣିଚ୍-ଅନ)ଛେଦନ,କର୍ତ୍ତନ; ବିଦାରଣ । (ବିଶେଷଣରେ ପାଟିତ ହୁଏ ।)

**ପାଟପୋକ**, ବି. (ଦେଶଜ) ଇନ୍ଦ୍ରଗୋପ ଅର୍ଥାତ୍ ସାଧବବୋହୂ ପୋକ; ଯେଉଁ ପୋକ ପାଟସୂତା କରଇ । ଯଥା—

ଯେମନ୍ତ ପାଟରା ଯେ ଜାତ,
ପାଟପୋକ ନାଶ କରନ୍ତ । ବ. ପୃ.

**ପାଟପୋହଳା, ପାଟପହଲା**, ବି. ( ପଟ୍ଟପ୍ରବାଳ ଶବ୍ଦଜ ) ଉତ୍ତମ ପ୍ରବାଳ । ଯଥା—

ପାଟ ପୋହଲା ଜାଣି ପାଦର ନଖ ରେଖ । ସା.ଭା.ଆ.

**ପାଟଭାଲ**, ବି. (ଦେଶଜ)ପକ୍ଷିବିଶେଷ । ଯଥା—

ଝବର ଭୂମିରେ ଯେ କପର୍ଦ୍ଦ ପାଟଭାଲ,
ନାନାବର୍ଣ୍ଣରେ ଜୀବ ଅଛନ୍ତି ତହିଁ ପୂର । ନୃ.ସୂ.ଚ.ଚ.

**ପାଟମହାଦେଈ**, ବି. ସ୍ତ୍ରୀ. ( ପଟ୍ଟମହାଦେବୀ ଶବ୍ଦଜ ) ପଟ୍ଟମହିଷୀ ।

**ପାଟଯୋଷି, ପାଟଜୋଷି**, ବି. ( ପଟ୍ଟଜ୍ୟୋତିଷ୍ ଶବ୍ଦଜ ) ଜ୍ୟୋତିଷଶାସ୍ତ୍ରବେତ୍ତାଙ୍କ ଉପାଧି । ଯଥା—

ସେହି ସମୟେ ପୁଣି ପାଟଯୋଷି,
ଦୁର୍ଗାମାଧବ ଲକ୍ଷ୍ମୀ ନୃସିଂହ ଋଷି । କୋ. ବ୍ର. ସୁ.

**ପାଟରା**, ବି.(ପଟ୍ଟକାର ଶବ୍ଦଜ) ସୂତ୍ରବ୍ୟବସାୟୀ, ଶୂଦ୍ରଜାତିବିଶେଷ । (ପାଟପୋକ ଶବ୍ଦ ଦେଖ ।)

**ପାଟରାଣୀ**, ବି. ସ୍ତ୍ରୀ. (ଦେଶଜ ପାଟରା-ଆଣୀ) ପାଟରାର ସ୍ତ୍ରୀ । ( ପଟ୍ଟରାଜ୍ଞୀ ଶବ୍ଦଜ ) ପାଟ-ମହାଦେଈ ।

**ପାଟଳ**, ବି. (ପାଟଳା = ପାଟଳପୁଷ୍ପ-ଅ-ତୁଲ୍ୟାର୍ଥେ) ଶ୍ୱେତରକ୍ତବର୍ଣ୍ଣ । (ଶ୍ୱେତରକ୍ତସ୍ତୁ ପାଟଳଃ) ଧାନ୍ୟବିଶେଷ; ବୃକ୍ଷବିଶେଷ; ପୁଷ୍ପବିଶେଷ । ବିଂ. ଶ୍ୱେତରକ୍ତବର୍ଣ୍ଣଯୁକ୍ତ (ସ୍ତ୍ରୀ-ଆ, ଈ) ପାଟୁଳିଗଛ ।

**ପାଟଳଆ**, ବି. (ପାଟଳ ଶବ୍ଦଜ) ଶ୍ୱେତମିଶ୍ରିତ ରକ୍ତବର୍ଣ୍ଣ । ବିଂ. ତଦ୍ବର୍ଣ୍ଣଯୁକ୍ତ ।

**ପାଟଳଆଲୋଧ**, ବି. ( ପାଟଳଲୋଧ୍ର ଶବ୍ଦଜ ) ଔଷଧଦ୍ରବ୍ୟବିଶେଷ ।

**ପାଟବ**, ବି. (ପଟୁ-ଅ) ନୈପୁଣ୍ୟ; ଆରୋଗ୍ୟ । ବିଂ. (ପଟୁ-ଅ-ସ୍ୱାର୍ଥେ) ପଟୁ ।

**ପାଟବରତ, ପାଟବ୍ରତ**, ବି. (ପଟ୍ଟବ୍ରତ ଶବ୍ଦଜ) ଏକ-ପ୍ରକାର ବ୍ରତସମ୍ବନ୍ଧୀୟ ପଟ୍ଟସୂତ୍ର ରକ୍ଷୁ । ଯଥା—

ବିଦମାଳୀ ପାଟବ୍ରତ, ତାଡ଼ରେ ଭୁଜ ଦୀପିତ । ଲା. ବ.

**ପାଟବିକ**, ବିଂ. ( ପଟୁ-ଇକ ) ନିପୁଣ; ଧୂର୍ତ୍ତ, ଶଠ ।

ପାଠା, ବି. (ଦେଶଜ) ଛାତ୍ରର ଫ୍ରେମ । ବିଂ. ଯାହାର ଛାତ୍ରୁ ଫ୍ରେମହୀନ ।

ପାଠାମୁଣ୍ଡା, ବିଂ. (ଦେଶଜ) ଯାହା ଛାତ୍ରରେ ଫ୍ରେମ ନ ଥାଏ । (ସ୍ତ୍ରୀଲିଙ୍ଗରେ ପାଠାମୁଣ୍ଡୀ ହୁଏ ।)

ପାଠି, ବି. (ଦେଶଜ) ତୁଣ୍ଡ । ଯଥା—

ଶୋଭିସାରକୁ ଟିକି,
କହିଆସିବି କି କୋଟିପାଟିକି । ବି. ଚି. ମ.

ଅଧର ଓ ଓଷ୍ଠ । ଯେପରି—ତଳପାଟି, ଉପରପାଟି । ଉଚ୍ଚଶବ୍ଦ । ଯଥା—ପାଟି କର ନାହିଁ; ଗୃହଦ୍ବାରର କାଷ୍ଠବିଶେଷ । (ମାଣଭୂମ୍ବ ପ୍ରଭୃତି ପରିମାଣ ପାଦ ଶବ୍ଦ ସହ ପ୍ରଯୁକ୍ତ ହେଲେ) ସାନ । ଯଥା—ପାଟିମାଣ ଅର୍ଥାତ୍ ସାନମାଣ ।

ପାଟିଆ, ବିଂ. (ଦେଶଜ) ଠକ । ଯଥା—ସେ ବଡ଼ ପାଟିଆ ଲୋକ । ବି. ଗୃହଦ୍ବାରର କାଷ୍ଠବିଶେଷ ।

ପାଟିଖଣ୍ଡା, ବି. (ଦେଶଜ) ସୁନ୍ଦର ଓ ଶ୍ରେଷ୍ଠ ଖଡ୍‌ଗବିଶେଷ । ଯଥା—

କରଦେଶେ ପାଟିଖଣ୍ଡା ଫରି ଛଡ଼ା,
ଧରି ବାହାରିଲେ ପାଇକେ ଭେଣ୍ଡାଭିଡ଼ା । କୃ.ଖି.ଖି.ପ.

ପାଟୀ, ବି. ସ୍ତ୍ରୀ. (ପଟ୍-ଣିଚ୍ = ଦୀପ୍ତି ପାଇବା-ଇ-ସ୍ତ୍ରୀ-ଈ) ପରିପାଟୀ; ପ୍ରଣାଳୀ; ଏକ-ଜାତୀୟ ଶ୍ରେଣୀ ।

ପାଟୀ, ପାଟି, ବି. ସ୍ତ୍ରୀ. (ଦେଶଜ) ଚନ୍ଦନାଦି ତିଳକରେଖା । ଯଥା—

ଚନ୍ଦନ ପାଟୀଏ ଥିବ କପାଳେ । ଲି. ବି.

(ପଟ୍ଟ ଶବ୍ଦଜ) ପଟା, ଫଳକ । ଯଥା—

ତହିଁର ପରେ ଖଞ୍ଜିଲେ ମୁକୁତାର ଜାଲି,
ଲଲାଟପାଟିରେ ଗୋରୋଚନାଚିତା ବୋଲି ।
ସା. ଖି. ଆ.

ପାଟୀଗଣିତ, ବି. ଅଙ୍କବିଦ୍ୟା ।

ପାଟୀର, ବି. (ପଟୀର-ଅ-ସ୍ୱାର୍ଥେ) ଚନ୍ଦନ-ବିଶେଷ ।

ପାଟୁପାଟୁ, ବିଂ. (ଦେଶଜ) ତୃଷାରେ ଶୁଷ୍କ । ଯଥା—

କାହାର ପାଟି ହୋଇଯାଅନ୍ତେ ପାଟୁ ପାଟୁ,
ପାଣି ଦିଅ ବୋଲି ଲୋକଙ୍କୁ କରେ ଗୁହାରୁ । କୃ.ଖି.ଖି.ପ.

ପାଟୁଳି, } ବି. (ପାଟଳୀ ଶବ୍ଦଜ) ବୃକ୍ଷ-
ପାଟୋଳି, } ବିଶେଷ ।

ପାଟେଲୀ, ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । ଯଥା—

ପାଟେଲୀ ସିଦ୍ଧେଶ୍ୱରୀ କାଳାସୁଣୀ ଶଚିକା । ନୃ.ପୁ.ଚ.ତ.

ପାଠ, ବି. (ପଠ୍-ପଢ଼ିବା-ଅ) ପଢ଼ିବା, ଆବୃତ୍ତି; ପୁସ୍ତକର ଅଂଶ । ଯେପରି—ପ୍ରଥମପାଠ, ଦ୍ୱିତୀୟପାଠ ଇତ୍ୟାଦି । (ବିଶେଷଣରେ ପାଠକ, ପାଠୀ, ପଠିତ, ପାଠିତ, ପାଠ୍ୟ ଓ ପଠମାନ ପଦ ନିଷ୍ପନ୍ନ ହୁଏ ।)

ପାଠୀନ, ବି. (ପାଠ-ଈନ) ପାଠକ; ମତ୍ସ୍ୟ-ବିଶେଷ; ବାଲିଆମାଛ ।

ପାଠୁଆ, ବି. (ପାଠ-ଉଆ—ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ପଢ଼ିବା ବ୍ୟକ୍ତି, ପାଠକ ।

ପାଡ଼, ବି. (ଦେଶଜ) ଅପାନବାୟୁ ।

ପାଡ଼ିବା, କ୍ରି. (ଦେଶଜ) ଅପାନବାୟୁ ତ୍ୟାଗ କରିବା; ଶସ୍ୟାଦି ପକାଇବା । ଯଥା—

ଆବେଶେ ଏବେ ସେ ଆବେଶେ ଅବଶେ
ଭୂରେ ପଣତ ପାଡ଼ିଲଣି । ବି. ଚି. ମ.

ରଚିବା । ଯଥା—

କଳକଣ୍ଠ କଣ୍ଠୀ ପଣତରେ ଗଣ୍ଠି
କି ମମତାରେ ପାଡ଼ିଲଣି । ବି. ଚି. ମ.

କହିବା; ପ୍ରକାଶ କରିବା । ଯଥା—

ସେ ଟୋ ସପତଣୀ କଥା ନ ପାଡ଼,
କଷ୍ଟେ ମରିବା ଏବେ ଅନ୍ନ ଛାଡ଼ । ଗୋ. ଖି.

ପାଡ଼ୁରା, ପାଡ଼ରା, ବିଂ. (ଦେଶଜ) ଯେ ବିଶେଷ ଅପାନବାୟୁ ତ୍ୟାଗ କରେ, ଭୟାକ୍ରାନ୍ତ । ଯଥା—

ବ୍ୟସ୍ତ ହୋଇ କହେ ଅଳସୀପତି,
ଘୁମା ଘୁଙ୍ଗୁଡ଼ିଆ ପାଡ଼ୁରା ରୀତି । ହା. ତ.

ପାଡ଼ୁଷି, ବି. (ପଞ୍ଚଜ୍ୟୋତିଷ୍ ଶବ୍ଦଜ) ବ୍ରାହ୍ମଣଙ୍କ ରାଜଦତ୍ତ ଉପାଧିବିଶେଷ । ଯଥା—

ହା ବୃଦ୍ଧ ରାଜଗୁରୁ ହା ବିଶୁ ପାଡ଼ୁଷି,
ପୂଜା ସଭା ଜାଣିଥିଲ ଓଡ଼ିଶା ନିବାସୀ । ଉ. ଭ୍ର.

ପାଡ଼ି, ପାଢ଼ୀ, ବି. ( ପାଠୀ ଶବ୍ଦଜ-ପ୍ରାକୃତ ) ପଠନଶୀଳ; ସାମାନ୍ୟ ବ୍ରାହ୍ମଣଙ୍କ ଉପାଧି; ଏକ ଶ୍ରେଣୀର ବ୍ରାହ୍ମଣ; ନୁଣରନ୍ଧା ଚୁଲ୍ଲୀ ତୟାର କରିବାକୁ ସ୍ଥାନ ନିର୍ବାଚନ କରି ଯେ ନୁଣ ରାନ୍ଧେ ତାହାର ଉପାଧି ।

ପାଡ଼ୁଆ, ବିଂ. (ଦେଶଜ) ଠକ; ଯେ ଧାର ନେଇ ଆଦାୟ ଦିଅଇ ନାହିଁ ।

ପାଣ, ବି. ( ଦେଶଜ ) ନୀଚଜାତିବିଶେଷ; (ସ୍ତ୍ରୀଲିଙ୍ଗରେ ପାଣୁଣୀ ହୁଏ ।)

ପାଣି, ବି. (ପଣ୍ = ବ୍ୟବହାର କରିବା-ଇ ) ହସ୍ତ; ମଣିବନ୍ଧାବଧି ଅଙ୍ଗୁଳି ପର୍ଯ୍ୟନ୍ତ; (ପାନୀୟ = ପ୍ରାକୃତ ପାଣିଅ ଶବ୍ଦଜ) ଜଳ; ସାମାନ୍ୟ ବ୍ରାହ୍ମଣଙ୍କ ଉପାଧିବିଶେଷ ।

ପାଣିଅଁଳା, ବି. (ପାନୀୟାମଳକ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଗଛ ।

ପାଣିଆଁ, ବିଂ. (ଦେଶଜ) ବହୁଜଳମିଶ୍ରିତ ।

ପାଣିକାଚ, ବି. (ଦେଶଜ) ଏକପ୍ରକାର କାଚ । ଯଥା—

ସେ ଭୁଜେ ବାନ୍ଧିଛୁ ରୂପାସୁତା ବିଦମାଳି,
ପାଣିରେ ପାଣିକାଚ ମିଶ୍ଚା କଡ଼ିଅଳି । ଲ. ବ.

ପାଣିକୁଆ, ବି. (ପାନୀୟ-କାକ ଶବ୍ଦଜ) ଜଳଚର ପକ୍ଷିବିଶେଷ ।

ପାଣିଗ୍ରହ, ପାଣିଗ୍ରହଣ, ପାଣିପୀଡ଼ନ, } ବି. ( ପାଣି-ଗ୍ରହ, ଗ୍ରହଣ, ପୀଡ଼ନ ) ବିବାହ ।

ପାଣିଗ୍ରାହୀ, ବି. (ପାଣି-ଗ୍ରହ୍-ଇନ୍) ରାଜଦତ୍ତ ଉପାଧିବିଶେଷ । ଯଥା--ଗୋବିନ୍ଦ ପାଣିଗ୍ରାହୀ । ବିଂ. ଯେ ପାଣି ଗ୍ରହଣ କରେ ।

ପାଣିଗୃହୀତା, ବି. ସ୍ତ୍ରୀ. (ପାଣି-ଗୃହୀତ-ଈ) ଭାର୍ଯ୍ୟା, ପତ୍ନୀ; (ପତ୍ନୀ ପାଣିଗୃହୀତା ଚ— ଅମର ।)

ପାଣିଘ, ବି. (ପାଣି = ହସ୍ତ-ହନ୍-ଅ ହନ୍=ଘ) ଯେ ହସ୍ତରେ ମୃଦଙ୍ଗାଦିର ତୁଲ୍ୟ ବାଦ୍ୟ ବଜାଏ ।

ପାଣିଚୁ, ପାଣିଚିଆ, ପାଣିପାଣିଚୁ, } ବିଂ. (ଦେଶଜ) ସ୍ୱାଦୁହୀନ; ରୁଚିହୀନ ।

ପାଣିଛୁଆଁ, ପାଣିସିଞ୍ଚା, } ବି. (ଦେଶଜ) ନିସେଣାଦ୍ୱାରା ପାଣି ସିଞ୍ଚିବା । ବିଂ. କେତେକ ଜଣ ଉଜ ବାନ୍ଧି ଖେଳିବା ସମୟରେ ଜଣେ ଖେଳୁଆଳି ଉଦ୍‌ବୃତ୍ତ ବା ବଳକା ରହିଗଲେ ଦୁଇ ଉଜ ଲୋକେ ସମୟେ ସମୟେ ଆପଣା ଉଜରେ ମିଶାଇବା ପାଇଁ ଯାହାକୁ ରଖିଥାନ୍ତି ।

ପାଣିଜ, ବି. (ପାଣି-ଜନ୍-ଅ) ନଖ ।

ପାଣିଦିଆ, ବିଂ. (ଦେଶଜ) ଯେଉଁ ଶସ୍ତ୍ରକୁ ପଜାଇ ପାଣି ଦେଇଥାନ୍ତି । ଯଥା—

ପାଣିଦିଆ ପଥରଘଷା ଚତୁର୍ଦ୍ଦଶ,
ବାଛି କାଣ୍ଡ ବାନ୍ଧିଲେ ଅର୍ଜୁନ ଚତୁର୍ଦ୍ଦଶ । କୃ.ଭ.ତ.ପ.

ଯେ ପାଣି ଦିଏ, ଜଳବାହକ । ବି. ପାଣି ଦେବା ।

ପାଣିଦ୍ରବ୍ୟ, ବି. (ସଂସ୍କୃତ ଓ ଓଡ଼ିଆ ଶବ୍ଦର ମିଶ୍ରଣ) ସ୍ୱର୍ଣ୍ଣାଦି ଓ ରତ୍ନାଦି । ଯଥା—

ପାଷାଣେ କର ଲଗିଲେ ହୁଏ ପାଣିଦ୍ରବ୍ୟ,
ଏତେକ ସମ୍ପଦ ଗୋ କପର ନ ଦେଖିବ । ସା.ଭା.ଆ.

ପାଣିନାଳ, ପାଣିନାଳି, } ବି. (ପ୍ରଣାଳୀ ଶବ୍ଦଜ) ପାଣି ଯିବା ନାଳ ।

ପାଣିପାଟିଆ, ପାଣିପଟା, } ବି. (ଦେଶଜ) ଘର ଓଳିର ମୁହଁ ପଟା । ଯଥା—

ପାଣିପାଟିଆ ପଟାରେ ହୀରା ଲଗି ଶ୍ରେଣୀ,
ଉପରେ ପଞ୍ଚବର୍ଣ୍ଣେ ଗୁନ୍ଦୁଆ ଅଛି ଟାଣି । ନୃ.ପୂ.ପ.ତ.

ପାଣିପାଣିଆଁ, ବି. (ଦେଶଜ) ସାମାନ୍ୟ ବସନ୍ତ-ରୋଗ । ବିଂ. ଅଧିକ ଜଳମିଶ୍ରିତ ।

ପାଣିପିଆ, ବି. ( ଦେଶଜ ) ପକ୍ଷିବିଶେଷ, (ଚେଣ୍ଟୁଆ ଶବ୍ଦ ଦେଖ) । ପାଣିପିଇବା । ବିଂ. ଯେ ଅଧିକ ପାଣି ପିଏ ।

ପାଣିଫାଟିବା, ପାଣିଫାଟିଯିବା, } ବି. ( ଦେଶଜ ) ହାତ ବାଜିବାରେ ଷଁଷ ପ୍ରଭୃତି ପାଣି ହୋଇଯିବା; ନିରସ୍ତ ହେବା ।

ପାଣିଫୋଟକା, ବି. (ପାନୀୟ-ସ୍ଫୋଟକ ଶବ୍ଦଜ) ଜଳବୁଦ୍‌ବୁଦ । ଯଥା—

ପାଣିଫୋଟକା ପ୍ରାୟେ ଦେଖିବାକୁ ସେ ଆନ୍ତି,
କୁହୁଡ଼ି ପ୍ରାୟ ପୁଣ ତକ୍ଷଣେ ନାଶ ଯାନ୍ତି । ନୃ.ପୂ.ପ.ତ.

ପାଣିବାଟ, ବି. (ପାନୀୟ-ବାଟ ଶବ୍ଦଜ) ଲୋକେ ଯେଉଁ ବାଟେ ଯାଇ ପାଣି ଆଣନ୍ତି । ଯଥା—

ନିକୃଷ୍ଟ ନାମ ହ୍ରଦରେ ପୋଖରୀର ରୂଠ,
ସବୁ ଲୋକଙ୍କର ସେ ବୁଝିଲେ ପାଣିବାଟ । ନୃ.ପୂ.ଭୃ.ଭ.

ସହଜ ରାସ୍ତା; ଅଭ୍ୟସ୍ତ ବାଟ ।

ପାଣିବେଣା, ବି. (ପାନୀୟ-ବୀରଣ ଶବ୍ଦଜ) ଉଶୀରଭେଦ ।

ପାଣିବେତ, ବି. (ପାନୀୟ-ବେତ୍ର ଶବ୍ଦଜ) ଜଳନିକଟରେ ଥିବା ବେତଗଛ ।

ପାଣିଶିଉଳ, ବି. (ପାନୀୟ-ଶୈବାଳ ଶବ୍ଦଜ) ଜଳରେ ଥିବା ବୃକ୍ଷବିଶେଷ । ଯଥା—

ତାରକତ କାହିଁ କରିଛୁ ସୁମନେ ପାଣିଶିଉଳ । ଉଷା ।

ପାଣିହଳା, } ବି. (ଦେଶଜ) ସର୍ପବିଶେଷ ।
ପାଣିହୁଳା, }

ପାଣ୍ଠି, ବି. (ଦେଶଜ) ମୂଳଧନ ବା ବ୍ୟବସାୟ ନିମିତ୍ତ ସଞ୍ଚିତ ଧନ । ଯଥା—

ଜାଣି ଶୁଣି ସିନା ବଣିକର ପାଣ୍ଠି,
କରନ୍ତି ଭେଳକୁ ହୁଣ୍ଡି ସୁନା ଖାଣ୍ଟି । ଉ. ବା.

ପାଣ୍ଡର, } ବି. (ପଣ୍ଡ୍ = ଗମନ କରିବା-ଅର,
ପାଣ୍ଡୁର, } ଉର) ପାଣ୍ଡୁବର୍ଣ୍ଣ; ପୀତଶୁକ୍ଳବର୍ଣ୍ଣ; ଶୁକ୍ଳବର୍ଣ୍ଣ । ବିଂ. ତଦ୍‌ବର୍ଣ୍ଣଯୁକ୍ତ ।

ପାଣ୍ଡବ, } ବି. (ପାଣ୍ଡୁ-ଅ-ଏୟ ଅପ-
ପାଣ୍ଡବେୟ, } ତ୍ୟାର୍ଥେ) ପାଣ୍ଡୁରାଜାଙ୍କ ପୁତ୍ର; ଯୁଧିଷ୍ଠିରାଦି ।

ପାଣ୍ଡରା, ବିଂ. (ପାଣ୍ଡୁର ଶବ୍ଦଜ) ଧୋବଲା ।

ପାଣ୍ଡିଆ, ବି. (ଦେଶଜ) ପକ୍ଷିବିଶେଷ । (ବଗିରାମ ଶବ୍ଦ ଦେଖ ।)

ପାଣ୍ଡୁ, ବି. (ପଣ୍ଡ୍ = ଗମନ କରିବା-ଉ) ଶୁକ୍ଳ-ପୀତବର୍ଣ୍ଣ; ଗୌରବର୍ଣ୍ଣ; ଶ୍ୱେତବର୍ଣ୍ଣ; ଧୃତରାଷ୍ଟ୍ରଙ୍କର ସାନଭାଇ; ରୋଗବିଶେଷ; ଦେଶବିଶେଷ; ଶ୍ୱେତହସ୍ତୀ ।

ପାଣ୍ଡୁଲେଖ୍ୟ, } ବି. (ପାଣ୍ଡୁ-ଲେଖ୍ୟ, ଲିପି)
ପାଣ୍ଡୁଲିପି, } ଖସଡ଼ା ଲେଖା ।

ପାଣ୍ଡ୍ୟ, ବି. ଦେଶବିଶେଷ; ତଦ୍ଦେଶର ରାଜା ।

ପାଣ୍ଡୋଇ, ବି. (ପନଦ୍ଧ୍ରୀ ଶବ୍ଦଜ) ପାଦରକ୍ଷକ, ଜୋତା । ଯଥା—

ପାଣ୍ଡୋଇ କଠାଉ ମସୁଣି,
ଆଣ ତ ଦୁଧର ଦୁହୁଣି । ଖ୍ରୀ. ଦ. ସ୍ତୁ.

ପାତ, ବି. (ପତ୍-ଅ) ପତନ; ଗମନ; ନାଶ । ବିଂ. ରକ୍ଷିତ ।

ପାତକ, ବି. (ପତ୍-ଣିଚ୍-ଅକ) ପତନର ସାଧନ; ପାପ ।

ପାତନ, ବି. (ପତ୍-ଣିଚ୍-ଅନ) ଅଧଃକ୍ଷେପଣ; ବିନ୍ୟାସ; ବିନାଶନ । (ବିଶେଷଣରେ ପାତିତ ହୁଏ ।)

ପାତନା, ବି. (ପାତନ ଶବ୍ଦଜ) ଜଞ୍ଜାଳ । ଯଥା—

ଚଉଦ ବ୍ରହ୍ମାଣ୍ଡ ପାତନା,
ଏ ସବୁ ତୋହର ରଚନା । ମା. ମା.

ପାତଳ, ବିଂ. (ପତଳ ଶବ୍ଦଜ) ସରୁ ବା ଯାହା ବହଳ ନୁହେ । ଯେପରି—ପାତଳ ଲୁଗା । ବି. (ପାଦତଳ ଶବ୍ଦଜ) ପାଦର ତଳ ।

ପାତଳଭାତ, ବି. (ଦେଶଜ) ଯବାଗୂ, ଯାଉ ।

ପାତଳା, ବି. (ପତଳ ଶବ୍ଦଜ) ସରୁ, ଯାହା ମୋଟ ନୁହେ ।

ପାତଳି, ବି. (ଦେଶଜ) ପଥର ଚିକ୍କଣ କରି ହାଣିବା ଅସ୍ତ୍ର ।

ପାତା, ପାତୃ, ବିଂ. (ପା = ରକ୍ଷା ଓ ପାନ କରିବା-ତୃ) ରକ୍ଷକ; ପାନକର୍ତ୍ତା ।

ପାତାଙ୍ଗ, ବି. (ପତାକା ଶବ୍ଦଜ) ପତାକା । ଯଥା—

କଣସୁ ମସୁ ରଥରେ ଉଡ଼ୁଛି ପାତାଙ୍ଗ,
କେଶର ଲଙ୍ଗୁର ଚିହ୍ନ ଉଡ଼ଇ ଉଡ଼ଙ୍ଗ । ସା. ଖ୍ରୀ. ବି.

ପାତାଳ, ବି. (ପତ୍ = ପଡ଼ିବା-ଆଳ) ଅଧୋ-ଭୁବନ; ନରକ; ଗର୍ତ୍ତମାତ୍ର; ଲଗ୍ନର ଚତୁର୍ଥ ସ୍ଥାନ ।

ପାତାଳଗରୁଡ଼, } ବି. ବୃକ୍ଷବିଶେଷ ।
ପାତାଳଗରୁଡ଼ୀ, }

ପାତାଳକରିବା, କ୍ରି. ଅତି ଗଭୀରରେ ପୋତିବା ।

ପାତି, ବି. (ଦେଶଜ) ଏକପ୍ରକାର ବାନର । ଯେପରି—ପାତିମାଙ୍କଡ଼ ।

ପାଢ଼, } ବି· ( ପଟିକା ଶବ୍ଦଜ ) ଧାତୁନିର୍ମିତ
ପାଢ଼ଆ, } ପାତଳପଟୀ । ଯଥା—

ସୁବର୍ଣ୍ଣର ପାଢ଼ଆ ଯେ ଉପରେ ଛାଉଣି,
ମର୍କତ ବୈଦୂର୍ଯ୍ୟ ଯେ ପ୍ରାଙ୍ଗଣେ ଶୁଦ୍ଧ ମଣି । ସା.ଭା.ଆ·

ପାଢ଼ିବା, କ୍ରି. (ଦେଶଜ) ବିସ୍ତାରିବା । ଯଥା—

ନିତମ୍ବ ନିର୍ମିତସ୍ଥାନ ପାଶ ପାଢ଼ିଛି ମଦନ । ଲ. ବ.

ଠେକି ବଡ଼ାଇବା । ଯଥା—

ତାହା ଦେଖି ସୈରିନ୍ଧ୍ରୀ ସ୍ତନାପାନ୍ତ ପାଢ଼ି,
ସେ ରକତଯାକ ତ ଧଇଲେ ଝିଟିଚ୍ଛି । କୃ.ଭା.ବି.ପ.

ପ୍ରକାଶ କରିବା । ଯଥା—

ଆରପାଶେ ଜାଲ୍ ନଥ, ଫାନ୍ଦ ପାଢ଼ି କି ମନ୍ମଥ,
ଦୃଷ୍ଟି ମୃଗ ଧରିବାକୁ କରିଛି ମତ । ବି. ଚ. ମ.

ରଚିବା । ଯଥା—

ଜୟଦ୍ରଥ କରେ ଦୁଃଶୀଳା ହସ୍ତ ଗୋଟି,
ମହାମନ୍ତ୍ର ବାକ୍ୟରେ ପାଢ଼ିଲେ କୁଶଗଣ୍ଠି । ସା. ଭା. ଆ.

ଶଯ୍ୟାଦି ପକାଇବା । ଯଥା—

ଗୁନ୍ଥି ଫୁଲ୍ ମାଳ ମାଳୀପ୍ରାୟେ ପାଢ଼ ଭୂଲ । ପ୍ରେ ସୁ.ନି.

ପାତିବ୍ରତ୍ୟ, ବି. (ପତିବ୍ରତା-ଯ) ସତୀତ୍ୱ ।

ପାତିହଂସ, ବି. ( ଓଡ଼ିଆ ଓ ସଂସ୍କୃତ ଶବ୍ଦର ମିଶ୍ରଣ ) କୁଳହଂସ ।

ପାତୁଆ, ବିଂ. (ଦେଶଜ) ଏକପାର୍ଶ୍ୱରେ ପାତଳ । ବି. ଏକପ୍ରକାର ବନ୍ୟଜାତି । ଯଥା—

ଅଞ୍ଜନାଭ ଗୁଞ୍ଜମାଳଆ ପାତୁଆ କରନ୍ତି ଜାତୁ ଫଗ୍ରହ ।
ପାବନ୍ତି ।

ପାତୁକ, ବିଂ. ( ପତ୍-ଉକ ) ପତନଶୀଳ । ଯଥା—

ତୁ ସେପରି ଦଶାବଣେ ପଦ ସମୀକରେ ପାତୁକ ।
ନା. ପ. ନା.

ବି. ପର୍ବତାଦିର ନିମ୍ନନିମ୍ନ ପ୍ରଦେଶ; ଜଳହସ୍ତୀ ।

ପାଟେକ, ବି. (ପାତକ ଶବ୍ଦଜ) ପାତକ ।

ପାଟେକି, ବିଂ. ( ପାତକିନ୍ ଶବ୍ଦଜ ) ଯେ ପାତକ କରେ, ପାପୀ

ପାତ୍ର, ବି. (ପା = ରକ୍ଷାକରିବା, ପାନକରିବା-ତ୍ର) ଭାଜନ; ବିଷୟ; ବର । ଯଥା—କନ୍ୟାର ପାତ୍ର ସ୍ଥିର କରିବାକୁ ହେବ । ଯୋଗ୍ୟ-ବ୍ୟକ୍ତି; ଖାରିଦ୍ୱୟ ମଧ୍ୟବର୍ତ୍ତୀ ଜଳାଧାର; ପ୍ରଣାଳୀ; ମନ୍ତ୍ରୀ; ଉପାଧିବିଶେଷ; ନାଟକର ଅଭିନେତୃଗଣ; ଦେହ । (ସ୍ତ୍ରୀ-ଈ) କନ୍ୟା । ବିଂ. ଯୋଗ୍ୟ, ଉପଯୁକ୍ତ; ଶ୍ରେଷ୍ଠ ।

ପାଥ, ବି. (ପା = ପାନକରିବା-ଥ) ସୂର୍ଯ୍ୟ; ଅଗ୍ନି; ଜଳ । (ପାର୍ଥ ଶବ୍ଦର ଅପଭ୍ରଂଶ) ଅର୍ଜୁନ; ଯଥା—

କଷ୍ଟ ସରିଲକୁ ଯେ ପାଥରଥ କାଲେ ଯେ
ବାହୁଥିଲେ ପାଥରଥ । ର. କ.

ପାଥରଥ, ବି. ( ପାଥ = ଜଳ, ରଥ = ଯାନ ) ନୌକା । ( ପାଥ ଶବ୍ଦ ଦେଖ ।)

ପାଥସ୍, ବି. ( ପା = ପାନ କରିବା-ଅସ୍-ଥ-ଆଗମ) ଜଳ; ଅନ୍ନ ।

ପାଥେୟ, ବି. (ପଥିନ୍-ଏୟ-ପ୍ରୟୋଜନାର୍ଥେ) ପଥର ସମ୍ବଳ, ବାଟଖରଚ; କନ୍ୟାରାଶି ।

ପାଦ, ବି. ( ପଦ୍ = ଗମନକରିବା-ଅ ) ପଦ; ରଶ୍ମି ବା କିରଣ; ଚତୁର୍ଥାଂଶ; ଚେର, ବୃକ୍ଷମୂଳ; ସୂର୍ଯ୍ୟ ।

ପାଦଗଣ୍ଡିର, } ବି. ( ପାଦ-ଗଣ୍ଡ୍ =
ପାଦବଲ୍ମୀକ, } ସ୍ଫୀତହେବା-ଇର, ପାଦ-ବଲ୍ମୀକ ) ଶ୍ଳୀପଦ, ଗୋଦର ।

ପାଦଚାର, ବି. (ପାଦ-ଚର୍-ଅ) ପରିଭ୍ରମଣ, ପାଦଚାଲି; ଗ୍ରହାଦିର ଆହ୍ନିକ ଭୋଗ ।

ପାଦଜ, ବି. (ପାଦ-ଜନ୍-ଅ-ବ୍ରହ୍ମାଙ୍କ ପାଦରୁ ଜାତ) ଶୂଦ୍ର । ବିଂ· ପାଦଜାତ ।

ପାଦତ୍ରାଣ, } ବି. (ପାଦ-ତ୍ରାଣ = ରକ୍ଷଣ,
ପାଦରକ୍ଷକ, } ରକ୍ଷକ) ପାଦୁକା, ଜୋତା ।

ପାଦପ, ବି. ( ପାଦ-ପା-ଅ-ଯେ ଚେରଦ୍ୱାରା ପାନ କରେ) ବୃକ୍ଷ; ପାଦପୀଠ । (ସ୍ତ୍ରୀ-ଆ-ପାଦପା) ପାଦୁକା ।

ପାଦରଥ, ବି. (ପାଦ-ରଥ = ଯାନ) ପାଦୁକା, ଜୋତା ।

ପାଦରି, } ବି. (ପୋର୍ତ୍ତୁଗୀଜ ଶବ୍ଦ) ଖ୍ରୀଷ୍ଟମତ
ପାଦ୍ରି, } ପ୍ରଚାରକ ।

ପାଦବିକ, ବି. (ପଦବୀ = ପଥ-ଇକ) ପାନ୍ଥ, ପଥିକ ।

ପାଦାଙ୍ଗଦ, ବି. (ପାଦ-ଅଙ୍ଗଦ = କେୟୂର ଅଥବା ପାଦ-ଅଙ୍ଗ = ସୌନ୍ଦର୍ଯ୍ୟ-ଦା-ଅ) ନୂପୁର ।

ପାଦାତ, ବି. (ପଦାତି-ଅ) ପଦାତିସମୂହ ।

ପାଦାତ, ପାଦାତି, ପାଦାତିକ, } ବି. (ପାଦ-ଅତ୍ = ଗମନ କରିବା-ଅ, ଇ-କ ସ୍ୱାର୍ଥେ) ପଦାତି ସୈନ୍ୟ ।

ପାଦାନ୍ତ, ବି. ( ପାଦାତି ଶବ୍ଦଜ ) ପଦାତି ସୈନ୍ୟ । ଯଥା—

ରଥୀ ସାରଥି ଯୂଥପତି,
ଘୋଟକ କୁଞ୍ଜର ପାଦାନ୍ତ । ଭା. ଦ. ସ୍କ.

ପାଦୁ, ବି. (ଦେଶଜ) ସୀସକଦ୍ରବରେ ପୂର୍ଣ୍ଣ କଉଡ଼ି । ( ପଦ୍ = ଗମନକରିବା-ଉ ) ପାଦରକ୍ଷକ, ଜୋତା; ଚଟି ।

ପାଦୁକ, ବିଂ. (ପଦ୍ = ଗମନକରିବା-ଉକ-ଶୀଳାର୍ଥେ) ପାଦକର୍ମପଟୁ, ଗମନଶୀଳ; ପ୍ରସବକାଳୀନ ଯେଉଁ ସନ୍ତାନର ପାଦ ଆଗେ ନିର୍ଗତ ହୋଇଅଛି । ବି. (ପାଦୋଦକ ଶବ୍ଦଜ) ଦେବତା ଓ ପୂଜ୍ୟ ଗୁରୁଜନଙ୍କ ପାଦଧୋଇବା ଜଳ । ଯଥା—

କେ ମୋ ଚରଣ ପଖାଳି
ପାଦୁକ ପାଇଣ ଶିରେ ସିଞ୍ଚିବ । ଭା. ଗ୍'

(ସ୍ତ୍ରୀ-ପାଦୁକା) ପାଦରକ୍ଷକ, ଜୋତା ।

ପାଦୂ, ବି. ସ୍ତ୍ରୀ. (ପଦ୍-ଊ) ପାଦୁକା, ଜୋତା ।

ପାଦ୍ୟ, ବି. (ପାଦ-ଯ) ପାଦପ୍ରକ୍ଷାଳନାର୍ଥ ଜଳ ।

ପାନ, ବି. (ପା = ପିଇବା, ରକ୍ଷାକରିବା-ଅନ) ପିଇବା; ରକ୍ଷଣ; ଶାଣୋଲ୍ଲେଖନ; ପାନପାତ୍ର; ଶୌଣ୍ଡିକ । (ପର୍ଣ୍ଣ ଶବ୍ଦଜ) ତାମ୍ବୂଳ । ଯଥା—

ସେ ନ ଜାଣେ ପାନ ଅନ୍ତରର ଘଟ । ଦ. ବା.

ଅରେମାନ ସେବନଯୋଗ୍ୟ ଔଷଧ ।

ପାନଅଇଡ଼, ପାନଅଇର, } ବି. (ଦେଶଜ) ସ୍ୱନାମପ୍ରସିଦ୍ଧ ଲତାବିଶେଷ ।

ପାନବରଜା, ବି. (ଗଡ଼ଜାତରେ) ପାନଖିଲ ।

ପାନମହୁରି ବି. ( ପର୍ଣ୍ଣ-ମଧୁରିକା ଶବ୍ଦଜ ) ପାନରେ ଖାଇବା ସ୍ୱନାମପ୍ରସିଦ୍ଧ ଦ୍ରବ୍ୟ ।

ପାନମୁଣା, ବି. (ଦେଶଜ) ପାନବଟୁଆ । (ପରିଖ ଶବ୍ଦ ଦେଖ ।)

ପାନରୀ, ବି. (ପର୍ଣ୍ଣକାର ଶବ୍ଦଜ) ପାନ ବିକିବା ଲୋକ ବା ଜାତି । ଯଥା—

ପାନରୀବାଳୀକି କେ ବୋଲେ କରି ନାହିଁ ମୁଁ ପାନ,
ପାନ ଭାଙ୍ଗି ଭାଙ୍ଗି ଦିଅ ଗୋ ମତେ ହୋଇ ସୋପାନ । ସୁ. ପ'

ପାନିଆ, ବି. (ଦେଶଜ) କଙ୍କତିକା, କେଶ-ପ୍ରସାଧନୀ ।

ପାନୀୟ, ବି. (ପା = ପାନ ଓ ରକ୍ଷାକରିବା-ଅନୀୟ) ଜଳ; ପାନାର୍ହ ଦ୍ରବ୍ୟବିଶେଷ । ବିଂ. ପାନଯୋଗ୍ୟ; ରକ୍ଷଣୀୟ ।

ପାନୀୟଫଳ, ବି. ଶୃଙ୍ଗାଟକ, ସିଙ୍ଗଡ଼ା ।

ପାନୀୟଶାଳିକା, ବି. ସ୍ତ୍ରୀ. ଜଳଛତ୍ର ।

ପାନୁ, ବି. (ଏହିଟି ତୈଲଙ୍ଗ ଶବ୍ଦ— ଗଞ୍ଜାମରେ ଓଡ଼ିଆରେ ବ୍ୟବହୃତ) ଟାକ୍ସ ବା ଉପକର ।

ପାନ୍ଥ, ବି. (ପଥିନ୍-ଅ-କୁଶଳାର୍ଥେ) ପଥିକ ।

ପାନ୍ଥନିବାସ, ପାନ୍ଥଶାଳା, } ବି. ମାର୍ଗମଧ୍ୟସ୍ଥ ଚଟିଗୃହ ।

ପାପ, ବି. (ପାତିରକ୍ଷତି ଅସ୍ମାଦାତ୍ମାନମିତି ପାପଂ-ପା = ରକ୍ଷଣେ-ଲୋକ ଏହାଠାରୁ ଆତ୍ମାକୁ ରକ୍ଷାକରେ) ଅଧର୍ମ, ଦୁଷ୍କୃତି; ଅନିଷ୍ଟ । ବିଂ. (ପାପ-ଅ-ଅସ୍ତ୍ୟର୍ଥେ) ପାପିଷ୍ଠ; ପାପଜନକ ।

ପାପଘ୍ନ, ବିଂ. (ପାପ-ହନ୍-ଅ, ହ = ଘ) ପାପ-ନାଶକ । ବି. ତିଳ ।

ପାପଡ଼, ପାପଡ଼ା, ବି. (ପର୍ପଟ ଶବ୍ଦଜ) ଔଷଧି ବୃକ୍ଷବିଶେଷ; ପିଷ୍ଟକବିଶେଷ ।

ପାପଡ଼, ପାପୁଡ଼, ବି. (ପର୍ପଟ ଶବ୍ଦଜ) ଏକ-ପ୍ରକାର ପିଠା । ଯଥା—

ଆବର ଅପମାଲୁ ଗଜା,
ନାଡ଼ୀ ପାପୁଡ଼ି ଭୋଗ ଖଜା । ଦା. ର.

ପାପପତି, ବି. (ପାପ-ପତି) ଉପପତି, ଜାର-ପୁରୁଷ ।

ପାପା, ବି. (ଦେଶଜ) ପିଠା ।

ପାପୀ, ପାପିଷ୍ଠ, ପାପୀୟାନ୍, } ବି. (ପାପ-ଇନ୍, ଇଷ୍ଠ, ଇୟସ୍ ଅସ୍ତ୍ୟର୍ଥେ, ଅତ୍ୟର୍ଥେ) ପାପଯୁକ୍ତ, ଅତିଶୟ ପାପଯୁକ୍ତ ।

ପାପୁଲ, ବି. (ଦେଶଜ) ହାତତଳ । ଯଥା—

ଅଞ୍ଜନ ଛଳେ ରଞ୍ଜନ କରକ ପାପୁଲ । ଲ. ବ.

**ପାପ୍ମା**, ବି. [ପାପ୍‌ମନ୍‌-ପା = (ଏହାଠାରୁ) ରକ୍ଷା କରିବା-ମନ୍‌, ପ ଆଗମ] ପାପ ।

**ପାବଚ୍ଛ**, ବି. ପାହାଚ, ସୋପାନ ।

**ପାଭାଗ**, ବି. (ଦେଶଜ) ପିଣ୍ଡା; ଭରଣ୍ଡା ।

**ପାମନ୍‌**, **ପାମା**, } ବି. (ପେ = ଶୁଷ୍କହେବା-ମନ୍‌) କୁଣ୍ଡିଆ, କଚ୍ଛୁରୋଗ ।

**ପାମନ**, ବିଂ. (ପାମନ୍‌-କୁଣ୍ଡିଆ-ନ-ଅସ୍ତ୍ୟର୍ଥେ) କଚ୍ଛୁରୋଗବିଶିଷ୍ଟ ।

**ପାମର**, ବିଂ. (ପାପ୍ମାନଂ ପାମାନଂ ରାତି ଇତି ପାମରଃ, ରା-ଆଦାନେ-ପାମନ୍‌ = କାଛୁ-ରା = ଗ୍ରହଣ କରିବା-ଅ) ଅଧମ, ନୀଚ; ପାପିଷ୍ଠ; ମୂର୍ଖ ।

**ପାମରା**, ବି. ( ପାପମରଣ ଶବ୍ଦଜ ) ଆୟୁ ଥାଉଁ ମରି ଫେର ଜୀଇଁବା ।

**ପାମରାପିବା**, କ୍ରି. ପୂର୍ବୋକ୍ତ ଅର୍ଥ ।

**ପାମ୍ପଡ**, ବି. ( ପର୍ପଟ ଶବ୍ଦଜ ) ଔଷଧିବୃକ୍ଷ-ବିଶେଷ ।

**ପାମ୍ପଡ଼ିଶୋଇବା**, **ପାଁପୁଡ଼ିଶୋଇବା**, **ପାଆଁ ପଡ଼ିଶୋଇବା**, } କ୍ରି. (ଦେଶଜ) ଦନ୍ତରେ ତୃଣ ଧରି ପାଦତଳେ ପଡ଼ିବା । ଯଥା—

ବିଭୀଷଣ ରାଜାଙ୍କ ସଭାରେ ମିଳିଲା,
ପାଆଁ ପଡ଼ି ଶୋଇ ହାତକୁ ଯୋଡ଼ିଲା । କ. ଭା. ସ. ପ.

**ପାୟସ**, ବି. (ପୟସ୍‌-ଅ-ବିକାରାର୍ଥେ) ପରମାନ୍ନ, କ୍ଷୀରି । ( ପାୟସଃ ପୟସା ସିଦ୍ଧଃ ) ବିଂ. ପୟଃସମ୍ବନ୍ଧୀୟ ।

**ପାୟା**, ବିଂ. ( ଦେଶଜ ) ସମାନ, ତୁଲ୍ୟ । ଯେପରି—ସେ ଆମ ପାୟା ନୁହେ, ଏ ତୁମ ପାୟା ନୁହେ । (ପାରସ୍ୟ) ପଦ; ଚୌକିର ପା ।

**ପାୟିକ**, ବି. (ପା = ରକ୍ଷାକରିବା-ଅକ-ଯ, ଇ ଆଗମ) ପାଦାତିକ ସୈନ୍ୟ ।

**ପାୟୁ**, ବି. ( ପା = ରକ୍ଷାକରିବା-ଉ ଯ ଆଗମ, ଅନ୍ନାହାର ନିଃସରଣଦ୍ୱାରା ଯେ ପ୍ରାଣୀମାନଙ୍କୁ ରକ୍ଷା କରେ) ଗୁହ୍ୟଦେଶ, ମଳଦ୍ୱାର ।

**ପାର**, ବି. (ପାର୍‌ = କର୍ମ ସମାପ୍ତ ହେବା-ଅ) ନଦୀର ପରପାରି; ଉଦ୍ଧାର । (ପୃ-ପୂରଣ ଓ ପାଳନ କରିବା-ଅ) ପ୍ରାନ୍ତ ।

**ପାରକ**, ବିଂ. (ପୃ = ପୂର୍ଣ୍ଣ କରିବା-ଅକ) ନିପୁଣ, ସମର୍ଥ; ପୂର୍ତ୍ତିକାରକ; ପାଳନକାରକ; ପ୍ରୀତିକାରକ ।

**ପାରଗ**, ବିଂ. ( ପାର = ଅନ୍ୟପାରି-ଗମ୍‌-ଅ ) ପାରଗାମୀ; ସମର୍ଥ ।

**ପାରଖି**, **ପାରକ୍ଷି**, **ପାରଖୀ**, **ପାରକ୍ଷୀ**, } ବି. (ପରୀକ୍ଷକ ଶବ୍ଦଜ) ଯେ ପରୀକ୍ଷା କରେ । ଯଥା—

ମାରି କି ଗଢ଼ିଲା । ଏ ମୂର୍ତ୍ତିକି କରି,
ଯୁବତୀଧୃତି ପାରଖୀ । ଯ. କେ.

ପାରଖୀ ନୋହିଲୁ ମୋ ସେବାକୁ,
ପାପୀ ପାଇଛୁ କାହିଁ କୃତାର୍ଥକୁ । ବି. ଚ. ମ.

**ପାରଣ**, **ପାରଣା**, } ବି. (ପାର୍‌-ଅନ-ସ୍ତ୍ରୀ-ଆ) ଉପବାସର ପରେ ପ୍ରଥମ ଭୋଜନ; ତୃପ୍ତି ।

**ପାରତ୍ରିକ**, ବି. ( ପରତ୍ର = ପରଲୋକ-ଇକ ) ପାରଲୌକିକ, ପରଲୋକସମ୍ବନ୍ଧୀୟ ।

**ପାରଦ**, ବି. (ପାର-ଦା-ଅ) ପାରାରସ । ବିଂ. ପାରଦାତା ।

**ପାରଦଣ୍ଡକ**, ବି. (ପାର = ଦୂରତର-ଦଣ୍ଡକ = ଦଣ୍ଡକାରଣ୍ୟ) ଓଡ଼ିଶା ବିଭାଗର ଏକ ଅଂଶ ।

**ପାରଦର୍ଶୀ**, ବିଂ. ( ପାରଦର୍ଶିନ୍‌-ପାର = ଅପରପାରି-ଦର୍ଶିନ୍‌ = ଯେ ଦେଖେ ) ପରିଣାମଦର୍ଶୀ; ବିଜ୍ଞ; ପଟୁ, ସମର୍ଥ ।

**ପାରଦାରିକ**, ବିଂ. ( ପରଦାର-ଇକ ) ପରସ୍ତ୍ରୀଗାମୀ ।

**ପାରଦାର୍ଯ୍ୟ**, ବି. (ପରଦାର-ଯ) ପରଦାର-ଗମନ ।

**ପାରବଶ୍ଚପୁରିଆ**, ବିଂ. ( ଦେଶଜ ) ବୈଦିକ ବ୍ରାହ୍ମଣଙ୍କ ଶ୍ରେଣୀବିଶେଷ ।

**ପାରବାଟ**, ବି. (ଦେଶଜ) ଉଦ୍ଧାର । ଯଥା—

ଦଇବଟି ଆମ୍ଭଙ୍କୁ ପାରବାଟ କଲା,
ଏଣୁ ଅଗ୍ନିଦାହରୁ ଦେହ ମୁକ୍ତ ହେଲା । କୃ. ଭ. ଆ. ପ.

**ପାରମ୍ପର୍ଯ୍ୟ**, ବି. ( ପରମ୍ପରା, ପରମ୍ପର-ଯ ) ପରମ୍ପରା ଗତି, ଅନୁକ୍ରମ ।

**ପାରଶ**, ବି. ( ପରଶ ଶବ୍ଦଜ ) ପରଶମଣି । ଯଥା—

ଲାଗିଲେ ପାରଶ ପଥର,
ସୁବର୍ଣ୍ଣ ହୁଏ ଲୁହା ଗୁର । ଦା. ର.

ପାରଶ୍ୱଧ, } ବିଂ. ( ପରଶଧ = କୁଠାର-ଅ,
ପାରଶ୍ୱଧିକ, } ଇକ) ପରଶୁଦ୍ୱାରା ଯେ ଯୁଦ୍ଧ କରେ, କୁଠାରଧାରୀ ।

ପାରସ, ବି. (ପାରଦ ରସ ଶବ୍ଦର ଅପଭ୍ରଂଶ) ପାରଦ, ପାରାରସ । ଯଥା—

ଜଗତୀବିଳାସୀ ରମା, ସନ୍ନିଧେ ଯାଉଁ ଚନ୍ଦ୍ରମା,
ଭାବନ୍ତ ସେ ଆଦରଣ, ସ୍ୱାନ ପାରସ ଯେ । କୋ·ବ୍ର.ସୁ.

ପାରା, ବି. (ପାରାବତ—ପ୍ରାକୃତ ପାରାଓ ଶବ୍ଦଜ) ପକ୍ଷିବିଶେଷ । ଯଥା—

ଉଡ଼ି ଯାଉଥିଲେ ଦେବୀଗୃହ ପାରାଖଡ଼ିରୁ ପାରା । ଉଷା ।

(ପାରଦ ଶବ୍ଦଜ) ପାରାରସ । ଯଥା—

ପାରାରୁ ଅନ୍ତର କବା କାଞ୍ଚନ । ବି· ରା.

ପାରାପତ, ପାରାବତ, ବି. ପକ୍ଷିବିଶେଷ, ପାରାପକ୍ଷୀ ।

ପାରାଖଡ଼, ବି. (ଦେଶଜ) ଯହିଁରେ ପାରାମାନେ ରହନ୍ତି ।

ପାରାୟଣ, ବି. (ପାର = ସମାପ୍ତି—ଅୟନ = ଗମନ) ସମ୍ପୂର୍ଣ୍ଣତା, ସମାପ୍ତି; ଯେକୌଣସି ଗ୍ରନ୍ଥର ସମ୍ପୂର୍ଣ୍ଣପାଠ । ଯଥା—ବେଦ-ପାରାୟଣ, ଭାଗବତପାରାୟଣ, ଅର୍ଥାତ୍ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଠ ।

(ପର-ଅୟନ) ଅତ୍ୟୁତ୍କୃଷ୍ଟ ସ୍ଥାନ ।

ପାରାବାରୀଣ, ବିଂ. (ପାରାବାର-ଈନ-ଗମନାର୍ଥ) ପାରଗାମୀ ।

ପାରି, ବି. (ପାର ଶବ୍ଦଜ) ନଦ୍ୟାଦିର ଅନ୍ୟତର ପାର୍ଶ୍ୱ । ଯଥା—

କୁମ୍ଭ ଭେଳାରେ ହୁଅନ୍ତ ପାରି
ତାହିତ ଏଥି ନାହାନ୍ତି କରି,
ମୋହ ନାୟକ ନାହାନ୍ତି ଯାଇଛନ୍ତି ସେପାରି । ର. କ·

ଆଡ ବା ଦିଗ । ଯଥା—ସେ ପାରି ଜଣେ ରହ, ଏ ପାରି ଜଣେ ରହ ।

ପାରିଜାତ, } ବି. (ପରି-ଜାତ = ଯେ ଜନ୍ମି-
ପାରିଜାତକ, } ଅଛି, ପାରିଜାତ-ଅ) ସୁରତରୁ, ଦେବତରୁ; ସୁଗନ୍ଧଦ୍ରବ୍ୟବିଶେଷ; ମନ୍ଦାର-ପୁଷ୍ପ; (ମନ୍ଦାରଃ ପାରିଜାତକଃ) ପାଳଧୂଆ ଗଛ ଓ ପୁଷ୍ପ ।

ପାରିଜାତ, ବି. (ଶବ୍ଦଟି ସଂସ୍କୃତ ହେଲେହେଁ ଭିନ୍ନାର୍ଥରେ ଓଡ଼ିଆରେ ପରିଣତ) ପିଷ୍ଟକ ବିଶେଷ । ଯଥା—

ଖଜା ଗଜା ପାରିଜାତ ଲଡ଼ୁ ଅଟକାଳି,
ଖଣ୍ଡ ନାଡ଼ୀ ସାକର ତାଳମ୍ବ ସରପୁଳି । ନୃ·ପୁ ପ୍ର.ତ.

ପାରିତୋଷିକ, ବି. ( ପରିତୋଷ-ଇକ-ଦେୟାର୍ଥେ) ପରିତୁଷ୍ଟ ହୋଇ ଯାହା ଦାନ କରାଯାଏ, ପୁରସ୍କାର ।

ପାରିଦଣ୍ଡ, ବି. (ଦେଶଜପ୍ରାୟ) ସୈନ୍ୟବିଶେଷ । ଯଥା—

ଅଶ୍ୱ ମର୍ଦ୍ଦିତ ଯୋଦ୍ଧା ମର୍ଦ୍ଦିତେ ପାରିଦଣ୍ଡ,
ଘୋର ଶବଦେ କମ୍ପୁଛି ମହୀ ନବଖଣ୍ଡ । ସା. ଭା. ଆ.

ପାରିଦଣ୍ଡରାଜା, ବି. ( ଦେଶଜପ୍ରାୟ ) ଅଧୀନରାଜା, ଏକଜଣ ବଡ଼ ରାଜାଙ୍କ ଆଦେଶାନୁବର୍ତ୍ତୀ ରାଜା । ଯଥା—

ପାରିଦଣ୍ଡ ରାଜାମାନେ ପଳାଇ ଯେ ଥିଲେ,
ଦ୍ରୁପଦଙ୍କୁ ଆସି ସମସ୍ତେ ଦରଶନ କଲେ । ସା.ଭା.ଆ·

ପାରିଧି, ବି. (ଦେଶଜ) ମୃଗୟା, ଶିକାର । ଯଥା—

ପାରିଧିକି ବିଜେ ହେଲେ ନରବର ଆରୋହି ଦନ୍ତୀ ।
ଉଷା ।

ପାରିଧିଆ, } ବିଂ. (ଦେଶଜ ପାରିଧି-ଇ-ଆ)
ପାରଧିଆ, } ପାରିଧି ବା ବେଣ୍ଟକରିବା ବ୍ୟକ୍ତି । ଯଥା—

ଯୁବା ପାରିଧିଆ ଯଉବନ କଣ୍ଟି,
କୁମ୍ଭ କରଜ ନାରଜେ ଟରି । କୋ. ବ୍ର. ସୁ.

ପାରିପ୍ଳବ, ବିଂ. ( ପରି-ପ୍ଳୁ-ଅ ) ( ପରିପ୍ଳବ ଶବ୍ଦ ଦେଖ । ) ( ପାରିପ୍ଳବ ପରିପ୍ଳବେ—ଅମର । )

ପାରିବା, କ୍ରି. ( ପାର୍ ଧାତୁଜ ) ସମର୍ଥହେବା, କ୍ଷମତାପନ୍ନ ହେବା । ଯଥା—

ବଞ୍ଚିଲି ନାହିଁ ଯେ ପାରିଲି କେହି ଜୀବନ ରଖି । ବ.ଚ·ମ·

(ଦେଶଜ) ଆଚରିବା କିମ୍ବା କରିବା ।

(ଡକା କିମ୍ବା ଉଚ୍ଚଧ୍ୱନିବାଚକ ଶବ୍ଦ ସହ ପ୍ରଯୋଜ୍ୟ । ) ଯଥା—
ଜାଣି ଜାଣି ଡକା ପାଣ ଧର୍ମଦ୍ରୋହୀ । ଚଳକା ।
ଭୂତଳରେ ପକାଇବା । ଯଥା—
ତୁ ରାମ ଅଟୁ ବଳିଆର,
ଫଳ ଥୋକାଏ ଏଥୁଁ ପାର । ଭା. ଦ. ସ୍କ.
ଆସନାଦି ପକାଇବା । ଯଥା—
ପାରଲେଣି ଏବେ ଦେବ ବିକର୍ତ୍ତନ,
ଉଦୟଗିରି ଶିଖରେ ସ୍ୱର୍ଣ୍ଣ ସିଂହାସନ । ଚଳକା ।
ପାଡ଼ିବା, ଡେରିବା । ଯଥା—
ଧୀରଭାବେ କାନ ପାର ଶୁଣ ନରଗଣ । ବେ. ପ.

ପାରବାପଣ, } ବି. (ଦେଶଜ) କାର୍ଯ୍ୟଦକ୍ଷତା ।
ପାରିଆପଣ, } ଯଥା—
ଯୋଡ଼ାଏ ଚକ୍ଷୁରେ ତ ପ୍ରାଣିର କେତେ ବୁଦ୍ଧି,
ପାରିବାପଣ ହେଲେ ବ୍ରହ୍ମାଣ୍ଡ ପାରେ ଭେଦି ।
ନୃ. ସୁ. ଷ. ଛ.

ପାରିଭଦ୍ର, } ବି. (ପରିଭଦ୍ର = ସମ୍ପୂର୍ଣ୍ଣରୂପେ ପାରିଭଦ୍ରକ, } ସୌଭାଗ୍ୟ - ଅ -କ - ସ୍ୱାର୍ଥେ) ପାରିଜାତ ବୃକ୍ଷ; ପାଳଧୁଆ ଗଛ ।

ପାରିଷଦ, ବି. (ପରିଷଦ୍-ଅ ସ୍ଥିତାର୍ଥେ) ସଭ୍ୟ । ବିଂ. ସଭାସମ୍ବନ୍ଧୀୟ ।

ପାରିହେବା, କ୍ରି. (ପାର୍ ଧାତୁଜ) ନଦ୍ୟାଦି ତରିବା । (ପାରି ଶବ୍ଦ ଦେଖ । ) ବିପଦରୁ ଉଦ୍ଧାର ହେବା । ଯଥା—
ମୋ ନାଥ କୁଅନ୍ତୁ ପାରି ସବୁ ସଙ୍କଟରୁ । କ. ବ.

ପାରୀଣ, ବିଂ. (ପାର୍-ଈନ) ପାରଗ ।

ପାରୀନ୍ଦ୍ର, } ବି. (ପର = ଅନ୍ୟ ଇନ୍ଦ୍ର = ପ୍ରଭୁ, ପାରିନ୍ଦ୍ର, } ନିପାତନ) ସିଂହ; ଅଜଗରସର୍ପ ।

ପାରୁ, ବି. ( ଦେଶଜ ) ତେନ୍ତୁଳିର ସିଠା । ଯେପରି—ତେନ୍ତୁଳିପାରୁ । (ତୈଲଙ୍ଗ ଶବ୍ଦ, କିନ୍ତୁ କେତେ ଗଞ୍ଜାମିଙ୍କ ମୁଖରେ ଓଡ଼ିଆରେ ବ୍ୟବହୃତ) ମହତ୍ତ୍ୱ; ମର୍ଯ୍ୟାଦା । (ସଂସ୍କୃତ ହେଲେ ପା = ରକ୍ଷାକରିବା-ରୁ) ସୂର୍ଯ୍ୟ; ଅଗ୍ନି ।

ପାରୁଆ, ବି. (ପାରାବତ ଶବ୍ଦଜ) ପାରାପକ୍ଷୀ । ଯଥା—
କପୋତ ପାରୁଆ ଗୁଣ୍ଡୁରି,
କାର ଗୋବରା ଆଦି କରି । ଦା. ର.

ପାରୁଶ, } ବି. (ପାର୍ଶ୍ୱ ଶବ୍ଦଜ) ପାର୍ଶ୍ୱଦେଶ;
ପାରୁଷ, } ପାର୍ଶ୍ୱଭାଗ । ଯଥା—
ପୁଷ୍ପିତ ପାଦପ ଥୋଇଲେ ସେ ପଥ ବେନି ପାରୁଶେ ।
ଉଷା.
(ଦେଶଜ) ବାଢ଼ିଥିବା ଅନ୍ନ ବ୍ୟଞ୍ଜନାଦି । ଯଥା—
ଦେଖିଲେ ବ୍ରାହ୍ମଣ ଗୋସାଇଁ,
ଅନ୍ନ ପାରୁଶେ ଦେଲେ ନେଇ । ଦା. ର.

ପାରୁଷ୍ୟ, ବି. (ପରୁଷ = କର୍କଶ-ଯ) କର୍କଶତା; ଅପ୍ରିୟଭାଷଣ ।

ପାରେଶ୍ୱ, ବି. ସ୍ତ୍ରୀ. (ପାରାବତୀ ଶବ୍ଦଜ) ପାରା ପକ୍ଷିଣୀ । ଯଥା—
ମନ ସାନନ୍ଦେ ଭହୁଁ ଖସନ୍ତି ପାରେଇକୁ ଦେଖିଣ
ପାରୁଆ ଯେସନେ । ବୃ. ଚନ୍ଦ୍ର. ବି.

ପାର୍ଥ, ବି. ( ପୃଥା = କୁନ୍ତୀ-ଅ-ଅପତ୍ୟାର୍ଥେ ) ପୃଥାଙ୍କ ପୁତ୍ର; ଯୁଧିଷ୍ଠିରାଦି; ଗନ୍ଧର୍ବବିଶେଷ; ଅର୍ଜୁନ ବୃକ୍ଷ ।

ପାର୍ଥକ୍ୟ, ବି. ( ପୃଥକ୍-ଯ ) ବିଭିନ୍ନତା, ପୃଥକତ୍ୱ ।

ପାର୍ଥିବ, ବି. (ପୃଥିବୀ-ଅ-ଈଶ୍ୱରାର୍ଥେ) ରାଜା । (ସ୍ତ୍ରୀ-ଈ) ସୀତା । ବିଂ. ପୃଥିବୀସମ୍ବନ୍ଧୀୟ ।

ପାର୍ବଣ, ବି. ( ପର୍ବନ୍-ଅ ) ଅମାବାସ୍ୟାଦି ପର୍ବରେ କୃତ ବା କର୍ତ୍ତବ୍ୟ ଶ୍ରାଦ୍ଧ; ମୃଗବିଶେଷ । ବିଂ. ପର୍ବସମ୍ବନ୍ଧୀୟ ।

ପାର୍ବତୀ, ବି. ସ୍ତ୍ରୀ. (ପର୍ବତ-ଅ-ଅପତ୍ୟାର୍ଥେ ସ୍ତ୍ରୀ-ଈ) ପର୍ବତକନ୍ୟା, ଦୁର୍ଗା; ଶଲ୍ଲକୀ; ଗୋପାଳପୁତ୍ରିକା; ଦ୍ରୌପଦୀ; ସୌରାଷ୍ଟ୍ରମୃତ୍ତିକା; କ୍ଷୁଦ୍ର ପାଷାଣଭେଦୀ: ଧାତୁକୀ ।

ପାର୍ଶ୍ୱ, ବି. ( ପର୍ଶୁ = ପାଶ୍ୱାସ୍ଥି-ଅ ) କକ୍ଷର ଅଧୋଭାଗ; ଏକଦେଶ; ସମୀପ ।

ପାର୍ଷଦ, ବି. (ପର୍ଷଦ୍ = ସଭା-ଅ) ସଭ୍ୟ; ନିକଟସ୍ଥ ବ୍ୟକ୍ତି ।

ପାଳ, ବିଂ. (ପାଳ୍ = ରକ୍ଷା କରିବା-ଅ)ରକ୍ଷକ । ବି. ସମୂହ । (ପଲାଳ ଶବ୍ଦଜ) ଶୁଷ୍କତୃଣ, କୁଟା । ( ଦେଶଜ ) ନଦୀତଟସ୍ଥ ଉର୍ବରା ଭୂମି ।

ପାଲ, ବି. (ଦେଶଜ) ନୌକା ଚଳାଇବା ନିମନ୍ତେ ତହିଁରେ ବନ୍ଧା ହୋଇଥିବା ଅଖାଲ ।

ପାଳକ, ବିଂ. (ପାଲ୍‌-ଅକ) ରକ୍ଷକ, ପାଳନକର୍ତ୍ତା । ବି. (ଦେଶଜ ପ୍ରାୟ) ଖଦ; ପାଚ ।

ପାଲକି, ବି. (ହିନ୍ଦୀ) ଏକପ୍ରକାର ସବାରି ।

ପାଳଙ୍କ, } ବି. ପାଳଙ୍ଗ ଶାକ; ବାଜପକ୍ଷୀ ।
ପାଳଙ୍କୀ, } ସ୍ତ୍ରୀ.

ପାଳଙ୍ଗ, ବି. (ପାଳଙ୍କ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଶାକ ।

ପାଲଟ, } ବି. (ପର୍ଯ୍ୟସ୍ତ = ପ୍ରାକୃତ ପଲ୍ଲଟ୍ଟ
ପାଲଟା, } ଶବ୍ଦଜ) ପରିବର୍ତ୍ତନ ବା ବଦଳ । ଯଥା—

ହେଲା ପାଲଟ ମୋର ତାର ଅମ୍ବର,
ମୋ ପାଶୁଁ ଗଲା ଆଉଁ ତାର ଅମ୍ବର । ପ୍ରେ.ସୁ.ନି.

ବିଂ. ବଦଳ ହୋଇଥିବା, ପରିବର୍ତ୍ତିତ; ପ୍ରଥମେ ପିନ୍ଧିବା । ଯଥା—

ପାଲଟା ଲୁଗାକୁ ପକାଇଦେଇ,
କହଇ ଗୁରସ୍ତ ମୁଖକୁ ଗୁହିଁ । ହା. ଚ.

ପାଲଟାପାଲଟି, ବି. (ପ୍ରାକୃତ ପଲ୍ଲଟ୍ଟ ଶବ୍ଦଜ) ବଦଳାବଦଳି । ଯଥା—

ହରଷ ବିରସ ପାଲଟା ପାଲଟି ମନ୍ଦ୍ରୂଲଟ ବିଟକୁ ସେ ।
କୋ. ବ୍ର. ସୁ.

ବିଂ. ବଦଳାବଦଳି ହୋଇଥିବା ।

ପାଲଟି, ପାଲି,, ବି. (ଦେଶଜ) ବ୍ୟାୟାମ କ୍ରିୟାବିଶେଷ, ଉଲ୍ଲଙ୍ଘନପୂର୍ବକ ଭୂମିରେ ଜାନୁଜଙ୍ଘାର ଆଘାତ ।

ପାଲଟିବା, କ୍ରି. (ପ୍ରାକୃତ ପଲ୍ଲଟ୍ଟ ଶବ୍ଦଜ) ବଦଳିବା । ଯଥା—

ରତ୍ନବେଣୀ ଏବେ ଆସି ଗ୍ରାସିବଣ
ସେକାଳ ପାଲଟି ବାଘ । ର. ପ.

ଚେଇଁଉଠିବା । ଯଥା—

ଯୂଥପତିମାନେ ପାଲଟିଣ କଲେ ରଣ,
ନିରନ୍ତରେ ବୃଷ୍ଟି କଲେ ଶାଳଶିଳଗଣ । ବି. ରା.

ପାଗ୍ଲେଟିଯିବା । ଯଥା—

ଶ୍ରୀରାମ ଲକ୍ଷ୍ମଣ ବିଶ୍ୱାମିତ୍ର ସଙ୍ଗେ ଘେନି,
କଚ୍ଛଦୂର ପାଲଟି ଅଇଲେ ରାଜମୁନି । ବି. ରା.

ପାଲଟିଲା, ବିଂ. (ପ୍ରାକୃତ ପଲ୍ଲଟ୍ଟ ଶବ୍ଦଜ) ଯେ ପାଲଟିଅଛି । ଯଥା—

ଅଗ୍ରତରେ ଥିଲା ଅଦ୍ଭୁତ ପୁରୁଷ
ପାଲଟିଲା ହୋଇ ଲୁଚିଲା । କୋ.ବ୍ର.ସୁ.

ପାଳଣ, ବି. (ପାଳନ ଶବ୍ଦଜ ପ୍ରାକୃତ) ପାଳିବା । ବିଂ. ପାଳିତ; ରକ୍ଷିତ । ଯଥା—

ମୁଁ ଯେବେ ନ ବସନ୍ତି ସବୁରି କାହାରେ,
ଆଉ କି ଲୋକେ ପାଳଣ ହୁଅନ୍ତେ ଜଗତେ ।
ନୃ. ପୁ. ପ୍ର. ତ.

ପାଲଣ୍ଡା, ବି. (ଦେଶଜ କମ୍ବା ପାଳିତା ଶବ୍ଦଜ) ଦାସୀ, ପୋଇଲି । ଯଥା—

ପାଣିଝଙ୍କା ଘେନି ସେ ପାଲଣ୍ଡା ଯାଇଥିଲା,
ନୃପତିର ହସ ଦେଖି ସେହି ସେ ହସିଲା । ସା.ଭ୍ର.ଆ.ପ.

ପାଳଧୂଆ, ବି. (ଦେଶଜ) ବୃକ୍ଷବିଶେଷ । (ଏହାର ଦେହଯାକରେ ଗୋଖରୁର କଣ୍ଟା ପରି କଣ୍ଟା ଥାଏ ।) ଯଥା—

ମେରୁକୁ ମଣଇ ସେ ଯେ ପାଳଧୂଆ ଫଳ,
ଆଉ କେଉଁ ପଦାର୍ଥ ଯେ ଏମାନଙ୍କ ତୁଲ । ନା.ର.ଗୀ.

ପାଳନ, ବି. (ପାଲ୍‌-ଣିଚ୍‌-ଅନ) ରକ୍ଷା; ପୋଷଣ; ଭରଣପୋଷଣ; ସଦ୍ୟପ୍ରସୂତା ଗାଈର କ୍ଷୀର । (ବିଶେଷଣରେ ପାଳିତ, ପାଳୟିତା, ପାଳନୀୟ ପଦ ନିଷ୍ପନ୍ନ ହୁଏ ।)

ପାଲା, ବି. (ଦେଶଜ) ଏକପ୍ରକାର ନାଟ । ଯେପରି—ପାଲା ନାଟ; ସତ୍ୟନାରାୟଣ ପୂଜା; ଧର୍ମ ସମ୍ବନ୍ଧୀୟ ସଙ୍ଗୀତର ଧର୍ମମୂର୍ତ୍ତି ଇତିବୃତ୍ତର କିୟଦଂଶ ।

ପାଲାଶ, ବିଂ. (ପଲାଶ = ପତ୍ର ବା ଏହି ବୃକ୍ଷ-ଅ) ହରିଦ୍ବର୍ଣ୍ଣ; ପଲାଶବୃକ୍ଷସମ୍ବନ୍ଧୀୟ ।

ପାଳି, ପାଳୀ, ବି. ସ୍ତ୍ରୀ. (ପାଲ୍‌ = ରକ୍ଷା କରିବା-ଇ, ଈ) ଶ୍ରେଣୀ; ପ୍ରାନ୍ତଭାଗ; ପ୍ରଦେଶ; ଖଡ୍ଗର ତୀକ୍ଷ୍ଣଧାର; ହୋଡ଼; କୋଣ; ସେତୁ; ଚିହ୍ନ; ଶ୍ମଶ୍ରୁଳା ସ୍ତ୍ରୀ; ଗୁରୁମାନଙ୍କ ବୃତ୍ତି; କେଶକୀଟ; ପ୍ରାକୃତ ଭାଷାବିଶେଷ । (ପାଳିଃ କର୍ଣ୍ଣଲତାଗ୍ରେଽଶ୍ରୌ ପଂକ୍ତ୍ୟାଙ୍କ-ପ୍ରଭେଦନଯୋଃ । ଗୁର୍ବାଦିଦେଯେ

ସ୍ତ୍ରୀପାଳୀପ୍ରକାଶଶ୍ମଶ୍ରୁ ଯୋଷିତୋଃ — ମେଦିନୀ) (ଦେଶଜ) ଥର ବା ବାର, ନିର୍ଦ୍ଦିଷ୍ଟ ସମୟ । ଯଥା—

ନବବାଳୀ ବାଳିଶ ମୁଁ ହୁଅ ସେନା ପାଳ ପାଳ ।
ପ୍ରେ. ସୁ. ନି.

(ନେସିଲଙ୍ଗ ଶବ୍ଦ, କିନ୍ତୁ ଗଞ୍ଜାମରେ ଓଡ଼ିଆରେ ବ୍ୟବହୃତ) କଲମର ନିବ୍ ।

ପାଲି, ବି. ସ୍ତ୍ରୀ. (ପଞ୍ଚାଳି ବା ପଞ୍ଚାଳୀ ଶବ୍ଦଜ) ପଶା ଆଦି ଖେଳର ଛକ ।

ପାଲିଆ, ବି. ( ଦେଶଜ ପାଲି-ଇଆ ) ପାଲି ଅନୁସାରେ କାର୍ଯ୍ୟ କରିବା ବ୍ୟକ୍ତି, ପାଲି କର୍ମର ସହକାରୀ; ଗାୟକର ଗାନକୁ ଅନୁସରି ପଛେ ଗାଇବା ବ୍ୟକ୍ତି ।

ପାଲିଆ, ବି. (ଦେଶଜ) ଅତି ନୀଚ ଶୂଦ୍ର ଜାତି ।

ପାଲିଏ, ବି. (ଦେଶଜ) ଥରେ । ଯଥା—

ପୀତପଟ ନଟ ନା ମୋ ଆଗରେ ନ ଧର,
ପାଳିଏ ମାତ୍ର ହେବିର ଗୋ । କ. ଚ. ଚ.

ପାଲିଙ୍କି, ପାଲିଙ୍କୀ, ପାଲିକି, ପାଲିକୀ, ବି. ସ୍ତ୍ରୀ. ( ଦେଶଜ ) ଏକପ୍ରକାର ସବାରି । (ବୋଧହୁଏ ପଲ୍ୟଙ୍କ ସଦୃଶ ଥିବାରୁ ପାଲିଙ୍କି ନାମ ହୋଇଅଛି ।) ଯଥା—

ପାଲିଙ୍କୀ ଅଙ୍କରୁ ହେତୁର ଟଳିକ
ଏମନ୍ତ ଚତୁରୀରଚନ । ଲ. ବ.

ପାଲିବା, କ୍ରି. (ପାଲ୍ ଧାତୁଜ) ପରିପାଳନ କରିବା ।

ପାଲୁ, ପାଲୁଅ, ବି. (ପାଲକ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଚୂର୍ଣ୍ଣବିଶେଷ, ଯହିଁରେ ପାୟସ କରନ୍ତି, ତହିଁରେ କରିବା ପାୟସ ।

ପାଲୁ, ଶବପାଲୁ, ବି. (ଦେଶଜ) କାଠ ଚକ୍କଣ କରିବା ଅସ୍ତ୍ର ।

ପାଳୁଆ, ବିଂ. (ଦେଶଜ) ଯାହା ପାଳ ବଳରେ ହୁଏ । ଯେପରି— ପାଳୁଆ ବାଇଗଣ ।

ପାଲୁଗୁଣ୍ଡି, ବି. ( ପାଲକଗୁଣ୍ଡିକା ଶବ୍ଦଜ ) ସ୍ୱନାମପ୍ରସିଦ୍ଧ ଚୂର୍ଣ୍ଣ, ଯହିଁରେ ପାୟସ କରନ୍ତି ।

ପାବକ, ବି.(ପୂ = ପବିତ୍ର କରିବା-ଅକ) ଅଗ୍ନି; ସଦାଚାରୀ ବ୍ୟକ୍ତି; ଭଲ୍ଲାତକ; ରକ୍ତଚିତ୍ରକ; ଚିତାପାରୁ । ବିଂ. ପବିତ୍ରକାରକ ।

ପାବନ, ବିଂ. (ପୂ-ଣିଚ୍-ଅନ) ପବିତ୍ର; ପବିତ୍ରକାରକ । ବି. ପବିତ୍ରୀକରଣ; ରୁଦ୍ରାକ୍ଷ; ଗୋମୟ; ଜଳ; ଅଗ୍ନି; ବିଷ୍ଣୁ ।

ପାଶ, ବି. (ପାଶି = ବନ୍ଧନ କରିବା-ଅ) ରଜ୍ଜୁ; ଅସ୍ତ୍ରବିଶେଷ; ମୃଗ; ଫାନ୍ଦ, ଫାଶ । (କେଶବାଚକ ଶବ୍ଦରେ ଯୁକ୍ତ ହେଲେ) ଗୁଚ୍ଛ, ସମୂହ । (କର୍ଣ୍ଣବାଚକ ଶବ୍ଦର ପରେ ରହିଲେ) ସୁନ୍ଦର । (ଛାତ୍ର ଭିଷକ୍ ପ୍ରଭୃତି ଶବ୍ଦର ପରେ ରହିଲେ) କୁତ୍ସିତ । ଯେପରି — ଭିଷକ୍ ପାଶ ।

ପାଶ, ପାସ, ବି. ( ପାର୍ଶ୍ୱ ଶବ୍ଦଜ ପ୍ରାକୃତ ) ନିକଟ । ଯଥା—

ଜ୍ୟେଷ୍ଠ ପୌର୍ଣ୍ଣମାସୀ ସ୍ନାନ ଅବଶେଷେ,
ସେତେବେଳେ ହସ୍ତୁକେ ମିଳି ମହାପ୍ରଭୁ ପାଶେ । କୋ. ବ୍ର. ସ୍ତୁ

ପାର୍ଶ୍ୱଭାଗ ।

ପାଶକ, ବି. (ପାଶି-ଅକ) ପଶା, ଚଉପାର ।

ପାଶବ, ବି. (ପଶୁ-ଅ) ପଶୁସମୂହ । ବିଂ. ପଶୁସମ୍ବନ୍ଧୀୟ ।

ପାଶୀ, ବି. ( ପାଶିନ୍-ପାଶ-ଇନ୍ ଅସ୍ତ୍ୟର୍ଥ ) ପାଶହସ୍ତ; ବରୁଣ; ବ୍ୟାଧ; ଯମ; ଅସ୍ତ୍ରଧାରୀ । (ଦେଶଜ) ନିକଟବର୍ତ୍ତୀ । ଯଥା—

ବାଳକ ଶରର ସୁଦର୍ଶନ ପର ପକ୍ଷ,
ବହୁରେ ସେ ପାଶୀ ହେଲ ପାଶୀ ନୋହୁ ହେବା 'ବୈ.ବ.

ପାଶୁପତ, ବି. (ପଶୁପତି-ଅ) ପଶୁପତିଙ୍କର ଉପାସକ, ଶୈବ; ବକପୁଷ୍ପ; ଅସ୍ତ୍ରବିଶେଷ । ବିଂ. ଶିବସମ୍ବନ୍ଧୀୟ ।

ପାଶ୍ଚାତ୍ୟ, ପାଶ୍ଚାତ୍ତ୍ୟ, ବିଂ. ( ପଶ୍ଚାତ୍-ଯ ) ପଶ୍ଚିମଦେଶୀୟ, ପଶ୍ଚିମଦେଶସ୍ଥ; ପଶ୍ଚାତ୍‌ସ୍ଥିତ । ବି. ଯବନ ।

ପାଷଣ୍ଡ, ପାଷଣ୍ଡକ, ପାଖଣ୍ଡ, ବି. (ପାଶାନ୍ ମୃଷ୍ଟିବନ୍ଧ ହେତୁ ଭୂତାନି ଅଧର୍ମ ଶାସ୍ତ୍ରାଣି ଅନନ୍ତ ବଦନ୍ତୀତି ପାଷଣ୍ଡାଃ, ପାଶ-ଅଣ୍ = ଶବ୍ଦ କରିବା-ଡ୍, କ ସ୍ୱାର୍ଥେ, ଅଥବା ପାଳନାଚ୍ଚ ସ୍ତ୍ରୀଧର୍ମଃ ପା ଶବ୍ଦେନ ନିଗଦ୍ୟତେ ତଂ ଖଣ୍ଡୟନ୍ତି ତେ ତସ୍ମାତ୍ ପାଖଣ୍ଡାସ୍ତେନ ହେତୁନା, ଅଥବା ଷଣ୍ଡଯୁକ୍ତତ୍ତ୍ୱ ତଂ ଯସାତ୍ ପାଷଣ୍ଡସ୍ତେନ

ଖଣ୍ଡିତଃ, ପା = ବେଦଧର୍ମ-ଖଣ୍ଡ, ଷଣ୍ଡ) ବେଦ ବିରୁଦ୍ଧାଚାରୀ; ଧର୍ମବହିଷ୍କୃତ; ବୌଦ୍ଧକ୍ଷପଣକାଦି; ନାସ୍ତିକ; ପାମର ।

ପାଷାଣ, ବି. ( ପିଷ୍ = ଚୂର୍ଣ୍ଣ କରିବା-ଆନ ) ପଥର ।

ପାସୋର, ବି. (ବି-ସ୍ମୃ ଧାତୁଜ) ବିସ୍ମରଣ ।

ପାସୋରା, ବିଂ. (ବି-ସ୍ମୃ ଧାତୁଜ) ଯେ ବିସ୍ମରଣ କରାଏ । ଯଥା—

ଏ ଶୋକପାସୋରା ଅପ୍‌ସରା ଭୁବନ । ଚିଲିକା ।

ପାସୋରିବା, କ୍ରି. (ବି-ସ୍ମୃ ଧାତୁଜ) ବିସ୍ମରଣ କରିବା ।

ପାହାଚ, ପାଉଛ, ପାହାଞ୍ଚ, } ବି. ସୋପାନ । ଯଥା—

ନ ପାହାଚ ତଳେ ରୁହାଇଲେ ଦଣ୍ଡଧାରୀ । ସା.ଭା.ସ.

ପାହାଡ଼, ବି. (ଦେଶଜ) ଶ୍ରେଷ୍ଠ ପର୍ବତ ।

ପାହାଡ଼ା, ବି. (ଦେଶଜ) ଦେବତା ବିଜୟୀ ହେବା ସମୟରେ ମାର୍ଗରେ ପ୍ରସାରିତ କରି ପକାଇବା ବସ୍ତ୍ର । (ପାଏଡ଼ା ଶବ୍ଦ ଦେଖ ।) ସୁନା ରୁପାର ଜିନିଷ ତିଆରିରେ ସୁନାରିଙ୍କୁ ଦେବା ବଟା ବା କାଠକସର ।

ପାହାଡ଼ିଆ, ବିଂ. (ଦେଶଜ) ପର୍ବତମୟ ।

ପାହାଡ଼ିଆକେଦାର, ବି. ରାଗିଣୀବିଶେଷ ।

ପାହାନ୍ତା, ପାହାନ୍ତ, ପାହାନ୍ତୀ, ପାହାନ୍ତିଆ, } ବି. (ପ୍ରଭାତ ଶବ୍ଦଜ) ରାତିର ଶେଷଭାଗ । ଯଥା—

ଜମରେ ଭୀତ ହେଲି ପାହାନ୍ତ କରନ୍ତେ ଏ ଲୀଳା ।
ର. କ.

ପାହାନ୍ତିଆ, ବିଂ. (ପ୍ରଭାତୀୟ ଶବ୍ଦଜ) ପାହାନ୍ତରେ ଉଦୟ ହେବା । ଯଥା—

ଭାସିଲି ଯେକାଳେ ଉଷାର ସୀମନ୍ତମଣି ତାରା
ପାହାନ୍ତିଆ । ମ. ଯା.

ବି. (ଦେଶଜ) ଯେ ପାନ ବିକ୍ରୟ କରେ; ଜାତିବିଶେଷ ।

ପାହାର, ବି. (ପ୍ରହାର ଶବ୍ଦଜ) ଆଘାତ, ମାଡ଼; ଢେଙ୍କିରେ କୁଟିବା ।

ପାହାରି, ବି. (ପ୍ରହରୀ ଶବ୍ଦଜ) ଦ୍ୱାରୀ । ଯଥା—

ପାହାରି ଧନୁଧରେ ରହି,
ଭିତରେ ନ ଦିଅନ୍ତି ଯାଇ । ଶ୍ରୀ. ଦ. ସ୍ୱ.

ପାହିବା, ପାଇବା, } କ୍ରି. ( ଦେଶଜ ) ଶେଷ ହେବା । ଯଥା—

ଏହୁପରି ଯେବେ ପାହିଲା ଶର୍ବରୀ । ନ. କେ.

ପାହୁଡ଼, ବି. (ଦେଶଜ) ପାଦର ଅଳଙ୍କାର-ବିଶେଷ । ଯଥା—

କଣିକଣି ପାହୁଡ଼ ଚରଣେ ବାଜେ । ର. କ.

ପାହୁଣ୍ଡ, ବି. (ପାଦହୁଣ୍ଡନ ବା ପାଦଦଣ୍ଡ ଶବ୍ଦଜ) ପାଦ, ଏକପାଦ ମାତ୍ର । (ପହଣ୍ଡ ଶବ୍ଦ ଦେଖ ।)

ପାହୁରାଣି, ପାହୁରୁଣୀ, ପାଉରାଣୀ, } ବି. ସ୍ତ୍ରୀ. ( ପ୍ରହାରଣୀ ଶବ୍ଦଜ ) ଧାନ୍ୟ ପ୍ରଭୃତି କୁଟିବା ଯନ୍ତ୍ର-ବିଶେଷ ।

ପାହୁରିବା, ପାଉରିବା, } କ୍ରି. ( ଦେଶଜ ) ଧୋଡ଼ାଇ ହେବା ।

ପାହୁଲ, ବି. (ଦେଶଜ) ପାଦଚିହ୍ନ । ଯଥା—

ବ୍ୟଗ୍ରେ ଗୌଣେ ଆସୁଁ ମାର୍ଗରେ କେଦାର ଦେଖିଲି
ବ୍ୟାଘ୍ର ପାହୁଲ । କେ. ଗୌ.

ପାହୁଲି, ପାଉଲି, } ବି. ( ଦେଶଜ ) ପଇସାର ଚତୁର୍ଥାଂଶ; କରତଳ ।

ପିଁ, ଅଂ. ( ଦେଶଜ ) ଶବ୍ଦର ଅନୁକରଣ-ବିଶେଷ । ବି. ପିଲମାନେ ନଡ଼ଆପତ୍ର ପ୍ରଭୃତିରେ କରିବା କାହାଳିବିଶେଷ ।

ପିଁ ପିଁ, ଅଂ. (ଦେଶଜ) ଶବ୍ଦର ଅନୁକରଣ-ବିଶେଷ ।

ପିଅଁଳା, ବି. ( ପିଙ୍ଗଳା ଶବ୍ଦଜ ) ଶରୀରସ୍ଥ ପ୍ରଧାନ ନାଡ଼ୀବିଶେଷ । ଯଥା—

ତରଙ୍ଗତାରଙ୍ଗ ଇଅଁଳା ପିଅଁଳା କାଟି,
ନବନାଡ଼ୀର ମୂଳେ ବାନ୍ଧିଲି ନାଡ଼ୀ ଗୋଟି । ସା.ଭା.ଆ.

ପିଅନ, ବି. (ଇଂରାଜୀ ପ୍ୟୁନ ଶବ୍ଦଜ) ଚପରାସି । ଯଥା—

ଦେଲେ ରାଧାନାଥ ବାବୁ ମାସ ଶେଷ ହେଲା,
ପିଅନ ଦୁଆରେ ଟଙ୍କା ଆଣି ଦେଇଗଲା । ଉ.ସା.୧୮.୯.

ପିଅର, ପିଅୂର, } ବି. ( ପିତୃ ଶବ୍ଦର ପିତର ଶବ୍ଦରୁ ଜାତ ପ୍ରାକୃତ) ପିତା । ଯଥା—

ଦାରୁଣ ପିଅର ମୋର କଲେ ସତ୍ୟ । ବି. ସ.

ପିଆ, ବି. (ପା ଧାତୁଜ) ପିଇବା । ବିଂ. ପିଇଥିବା, ଯେ ପିଏ । (ଧାତୁମୂର୍ତ୍ତି ପ୍ରଭୃତି ସ୍ଥଳେ) ତଳା; ଯେପରି ପିଆ ପାଇଟି ।

ପିଆଇବା, କ୍ରି. ମିଶାଇବା, ଜଡ଼ିତ କରିବା । ଯଥା—

ଷଟେ ନେତ୍ର ଭିନ୍ନ ଭିନ୍ନାଞ୍ଜନକେଶୀ
ମନକୁ ମନ ପିଆଇବ । ପ୍ରେ. ସୁ. ନି.

ପିଆଜ, ପିଯ୍ୱାଜ, ବି. (ଦେଶଜ) ପଲାଣ୍ଡୁ ।

ପିଆଦା, ପିଯ୍ୱାଦା, ବି. (ପାରସ୍ୟ-ପାଦାଭ ଶବ୍ଦଜ) ପାଇକ ବା ଶିପାଇ । ଯଥା—

ପୃଷ୍ଠାଗ୍ର କୁଠାର ଆନାପଥ ସରଦସ୍ତ,
ସିପାହି ପିଆଦା ଆଦି ସବୁ ଭୋଜପୃଷ୍ଟ । ଲ. ଭ୍ର.

ପିଆପାଇଟି, ବି. (ଦେଶଜ) ଧାତୁଦ୍ରବ ଢାଳି ତିଆରି କରିବା କାରୁକାର୍ଯ୍ୟ; ଯୋଡ଼ି ତିଆରି କରିବା କାରୁକାର୍ଯ୍ୟ ।

ପିଆପିଇ, ବି. (ପା ଧାତୁଜ) ଅନ୍ୟୋନ୍ୟ ମିଶି ପାନ କରିବା । ଯଥା—

ପରସ୍ପରରେ ହୋଇଲେ ଅଧର ପିଆପିଇ । ଲ. ଚ.

ପିଆରି, ବିଂ. (ଦେଶଜ) ପ୍ରିୟ; ଅଧୀନ । ଯଥା—

ପଦ ସେକାଳରେ ଥିଲ ପଇସା ପିଆରି,
ପାଠାସଠର ସେପରି ନ ଥିଲ ଆଦର । ଉ.ସା.୧୮.୯.

ପିଆଳ, ପିଯ୍ୱାଳ, ବି. (ପ୍ରିୟାଳ ଶବ୍ଦଜ ପ୍ରାକୃତ) ସ୍ୱନାମପ୍ରସିଦ୍ଧ ବୃକ୍ଷବିଶେଷ । ଯଥା—

ହରିତକୀ ନୀପ ଧାତ୍ରୀ ବିଭୀତକ ଧବ ପିଆଳ । ଉଷା ।

ପିଆଲ୍, ବି. (ଦେଶଜ) ପାନପାତ୍ର ।

ପିଆଶାଳ, ବି. (ପୀତଶାଳ ଶବ୍ଦଜ) ସ୍ୱନାମ-ପ୍ରସିଦ୍ଧ ବୃକ୍ଷବିଶେଷ ।

ପିଆସା, ପିଆସ, ପିଯ୍ୱାସ, } ବି. ( ପିପାସା ଶବ୍ଦଜ ପ୍ରାକୃତ ) ତୃଷା । ଯଥା—

ପଥରକୁ କଲ ସନ୍ନିପାତ ଜର
ପାଣିକି କଲ ପିଆସ,
ଅଗ୍ନି ବାପୁଡ଼ାକୁ ଶୀତ କରୁଅଛ
ଶୁଣ ଆହେ ପାଣ୍ଡୁଶିଷ୍ୟ । ନୃ.ପୂ.ସ.ଚ.

ପିଇଁବା, ପିଇବା, ପୀଇବା, } କ୍ରି. (ପା ଧାତୁଜ) ପାନ କରିବା ।

ପିଉଷ, ବି. (ପୀୟୂଷ ଶବ୍ଦଜ ପ୍ରାକୃତ) ଅମୃତ । ଯଥା—

ଏକେତ ଯୁବାଜନ୍ମୁ ବୟସ କାମ ଚେଷ୍ଟା,
ରମଣୀକ ପିଉଷ ସେ ଦୃଷ୍ଟି ଶସ୍ତ୍ରରିଷ୍ଟା । ନୃ.ପୂ.ପ୍ର.ଚ.

ପିଉସା, ବି. (ପିଉସୀ ଶବ୍ଦର ପୁଂଲିଙ୍ଗ ପଦ) ପିତାଙ୍କ ଭଣୋଇ । ଯଥା—

ପ୍ରଥମରେ ପିଉସୀ ପିଉସା ଦୁହିଙ୍କି,
ନମସ୍କାର କଲେ ଯାଇଣ ଜଡକ । କୃ. ଷ୍ଣ. ସ. ପ.

ପିଉସୀ, ପିଇସୀ, ବି. ସ୍ତ୍ରୀ. (ପିତୃସ୍ୱସୃ-ପ୍ରାକୃତ ପିଉସିଆ ଶବ୍ଦଜ) ପିତାଙ୍କ ଭଗିନୀ । (ପିଉସା ଶବ୍ଦ ଦେଖ ।)

ପିକ, ବି. (ପି = ଅନୁକରଣ ଶବ୍ଦ-କୈ = ଶବ୍ଦ କରିବା-ଅ) କୋକିଳ । (ସ୍ତ୍ରୀ-ପିକୀ ହୁଏ ।) (ଦେଶଜ) ପାନଛେପ । ଯଥା—

ପିକବାଣୀ ପାନପିକ ପକାଇବା ବ୍ୟାଜରେ
ଲକେ ବଞ୍ଚାଇ । ଲ. ବ.

ପିକଦାନ, ପିକଦାନ, ପିକଦାନୀ, } ବି. ( ପୃଷ୍ଠ-ଧାନୀ ଶବ୍ଦଜ ) ପିକ ପକାଇବା ନିମିତ୍ତ ବ୍ୟବହୃତ ପାତ୍ରବିଶେଷ ।

ପିକା, ବି. (ଦେଶଜ) ଏକ ତିନି ପାଞ୍ଚ ପ୍ରଭୃତି ଅଯୁଗ୍ମ ସଂଖ୍ୟା; ଦୁଆ ପିକା ବା ସାତପୁଡ଼ା ଖେଳର ୧, ୫, ୯, ୧୩ ପ୍ରଭୃତି ସଂଖ୍ୟା ।

ପିକା, ପିଙ୍କା, ବି. (ଦେଶଜ) ଧୂମପାନବର୍ତ୍ତିକା ।

ପିଙ୍ଗ, ବି. (ପିନ୍ଜ୍-ଅ) ନୀଳ ପୀତ ମିଶ୍ରିତ ବର୍ଣ୍ଣ; ମୂଷିକ । ବିଂ. ତଦ୍ବର୍ଣ୍ଣଯୁକ୍ତ ।

ପିଙ୍ଗଳ, ବି. (ପିନ୍ଜ୍-ଅଳ ଅଥବା ପିଙ୍ଗ-ଲ-ଅସ୍ତ୍ୟର୍ଥେ) ନୀଳ ପୀତ ମିଶ୍ରିତ ବର୍ଣ୍ଣ; ନାଗବିଶେଷ; ସୂର୍ଯ୍ୟଙ୍କ ପାରିପାର୍ଶ୍ୱିକ; ମଙ୍ଗଳଗ୍ରହ; ବତ୍ସରବିଶେଷ; ଛନ୍ଦଃ-ଶାସ୍ତ୍ରକାର; ବାନର; ଅଗ୍ନି; ନେଉଳ । (ସ୍ତ୍ରୀ-ଆ) ପ୍ରଧାନ ନାଡ଼ୀବିଶେଷ । ବିଂ. କପିଳବର୍ଣ୍ଣଯୁକ୍ତ ।

ପିଙ୍ଗାକ୍ଷ, ପିଙ୍ଗେକ୍ଷଣ, ବି. ଶିବ; ବ୍ୟାଧିବିଶେଷ ।

ପିଚ, ବି. (ଦେଶଜ) ବୃକ୍ଷ ଓ ଫଳବିଶେଷ ।

ପିଗୁ, ବି. (ସ୍ପିଚ ଶବ୍ଦଜ) କଟିର ପଶ୍ଚାଦ୍‌ଭାଗସ୍ଥ ମାଂସପିଣ୍ଡଦ୍ୱୟ ଅର୍ଥରେ ନିତମ୍ବ । ଯଥା—
କଣ୍ଠ ପିଗୁଦେଶେ ଦେଇ ହସ୍ତ ବେନି,
ପକାପକ ହେଲେ ସେକାଳେ ସେ ବେନି । କୃ. ଖ୍ରୀ. ସ. ପ.
ପିଗୁଚ, ପିଗୁସ, ବି. (ପିଶାଚ ଶବ୍ଦଜ) ପିଶାଚ । ଯଥା—
ଅଗ୍ନିକାଠାରୁ ଶାପ ପାଇ,
ଥିଲେ ପିଗୁସ ରୂପ ହୋଇ । ମା. ମା.
ପିଗୁଶି, ବିଂ. (ପିଶାଚ ଶବ୍ଦଜ) କୃପଣ । ଯଥା—
ପିଗୁଶିପଣରେ ଲଗିଅଛୁ,
କାହିଁ ବୋଇଲେ ନ ଛାଡ଼ୁଛୁ । ମା. ମା.
ପିଗୁଣୀ, ପିଗୁଶୁଣୀ, ପିଶାଚଣୀ, ପିଶାଚିନୀ, } ବି. ସ୍ତ୍ରୀ. (ପିଶାଚୀ ଶବ୍ଦଜ) ପିଶାଚ ସ୍ତ୍ରୀ । ଯଥା—
ଏ ପାଞ୍ଚ କନ୍ୟା ବହୁରୂପି
ହେଲେ ସେ ପିଗୁଣୀ ପିଗୁଶୀ । ମା. ମା.
ରକ୍ତେ ବଳେମନ ମା ଗୋ ପୋଡ଼ାମାଂସ ଭକ୍ଷି,
ପିଗୁଶୁଣୀ ଶେଣୀରୂପେ ପ୍ରେତରୂପା ଅକ୍ଷି । ସାଂ. ଖ୍ରୀ. ସ.
ଦୁଷ୍ଟା ସ୍ତ୍ରୀ । ଯଥା—
ଏମନ୍ତ ଧ୍ୱନତାଳକାବୋଲଟି ପିଶାଚୁଣୀ । ନୃ. ପୃ. ସ. ଚ.
ଦେବୀବିଶେଷ । (ଜାଙ୍ଗୁଳୀ ଶବ୍ଦ ଦେଖ ।)
ପିଚ, ବି. (ଦେଶଜ) ଦେହରୁ ରକ୍ତଦ୍ରବ୍ୟାଦିର ଝରଣ, ପିଚକା ପ୍ରାୟ ଝରିବା । ଯଥା—
ଯକ୍ଷ ରକ୍ଷ ପିଶାଚମାନେ ନାଚ ନାଚ,
ଖାଇଲେ ଦେହଥିଲ ରକତ ଯହୁଁ ପିଚ । କୃ. ଖ୍ରୀ. କ. ପ.
ପିଚକା, ପିଚକାରୀ, ପିଚକାରି, } ବି. ସ୍ତ୍ରୀ. (ଦେଶଜ) ଜଳ ନିକ୍ଷେପିବା ଯନ୍ତ୍ର । ଯଥା—
ପିଚକା ଘନସାରରେ ଘନ ମାରେ ଜଘନରେ ।
ପ୍ରେ. ସୁ. ନି.
କେ କାହାର ବଦନକୁ ମାର ଧାଇଁ ହସି,
ମାର ପିଚକାରି ସ୍ତନଯୁଗ ପରଶଂସି । ମ. ସ.
ପିଚଣ୍ଡ, ପିଚଣ୍ଡ, } ବି. (ଅପି = ନିଶ୍ଚୟ - ଚମ୍ = ଭକ୍ଷଣକରିବା-ଅ, ଡ଼ ଆଗମ, ଅପିର ଅ ଲୋପ । ଅପି ଚମତ୍ୟାହାରମିତିବା ପିଚଣ୍ଡଃ—ଅମରଟୀକା । ) ଉଦର, ପେଟ; ସ୍ଥୂଳ ପେଟ ।
ପିଚଣ୍ଡିକ, ପିଚଣ୍ଡିଳ, } ବିଂ. (ପିଚଣ୍ଡ-ଇଲ-ଅସ୍ତ୍ୟର୍ଥେ) ବଡ଼ ପେଟ ଯାହାର, ସ୍ଥୂଳପେଟା ।
ପିଚୁ, ବି. [ ପିଚ୍ (ସୌତ୍ରଧାତୁ)-ଉ ] କପା, କାର୍ପାସ ତୂଳା; ପରିମାଣବିଶେଷ; କୁଷ୍ଠବିଶେଷ ।
ପିଚୁମର୍ଦ୍ଦ, ବି. (ପିଚୁ-କୁଷ୍ଠ-ମୃଦ୍-ଅ) ନିମ୍ବଗଛ ।
ପିଚୁଳ, ବି. (ପିଞ୍ଜଳ ଶବ୍ଦଜ) ଝେଉଁମଳ ।
ପିଚ୍ଛଟ, ବି. ସୀସକ, ସିଂସା; ନେତ୍ରରୋଗବିଶେଷ ।
ପିଚ୍ଛ, ପିଞ୍ଛ, ବି. (ପିଚ୍ଛ ଶବ୍ଦଜ) ମୟୂରପୁଚ୍ଛ; ଚାମର ଆକୃତି ରାଜୋପକରଣବିଶେଷ । ଯଥା—
ଆଲଟ ଚାମର ପିଚ୍ଛ ପଡ଼ିଲ ଚାପାଶ ।
ଶ୍ରୀରାମ ଉପରେ ପିଞ୍ଛ ଚାଳନ୍ତି ସକଳେ । ନୃ. ପୃ. ସ. ଚ.
ପିଚ୍ଛ, ପିଚ୍ଛ, } ବି. (ପିଚ୍ଛ ଶବ୍ଦଜ) ନେତ୍ରପଲକ, ନେତ୍ର ପଲକପାତ । ଯଥା—
ଅଷ୍ଟପଦଯୋଗେ ପଡ଼ୁଛୁ ଯହିଁ (ନେତ୍ରରେ) ପିଚ୍ଛ,
ଦେଖୁ ଦେଖୁ ତୁମ୍ଭେ ତାହା କର କପା ମିଛ ।
ନୃ. ପୃ. ତୃ. ତ.
ଦେଖି ଅଖିଳ ଯେ ନେଶ୍ୱର,
ନୟନ ପିଚ୍ଛ କଲେ ଦୂର । ଖ୍ରୀ. ଦ. ସ୍କ.
ପିଚ୍ଛଡ଼ା, ପିଚ୍ଛଳା, } ବି. (ଦେଶଜ) ନେତ୍ରପଲକ; ନେତ୍ର ପଲକପାତ । ଯଥା—
ପିଚ୍ଛଡ଼ା ମେଡ଼ା ମଧ୍ୟେ ଥିଲୁ,
କିରୂପେ ଫିଟି ଏ ଅଇଲୁ । ଲ. ର.
ଚକ୍ଷୁ ପିଚ୍ଛଳାକେ ମେ ମାରଇ ଲକ୍ଷେ ଦକ୍ଷ । ନୃ. ପୃ. ଚ. ଚ.
ପିଚ୍ଛଡ଼ାପଡ଼ିବା, କ୍ରି. (ଦେଶଜ) ପଲକପାତ, ଆଖି ମୁଦ୍ରିତ ହେବା । ଯଥା—
ବୃନ୍ଦାବନ୍ତ ଜଗତ ପରେ ସବୁ ସଖୀ,
ବୋଲେ ବଂଶୀ ପିଚ୍ଛଡ଼ା ନ ପଡ଼େ ଆଖି । ବ. ସ୍.
ପିଚ୍ଛଳ, ବିଂ. (ପିଚ୍ଛିଳ ଶବ୍ଦଜ) ଖସରା, ଗଡ଼ାଣିଆ ।
ପିଚ୍ଛଳ, ପିଚ୍ଛଲି, ବି. (ଦେଶଜ) ଅନ୍ତକୋଷ ।
ପିଚ୍ଛଲ, ପଚ୍ଛଲ, ବିଂ. (ଦେଶଜ) ଯେ ପଛରେ ଥାଏ ।
ପିଚ୍ଛୁ, ବି. (ଦେଶଜ) ପ୍ରତି; ସକାଶେ । ଯଥା—
ଯେଉଁ ରଜାମାନେ ଶାସନର ବ୍ରାହ୍ମଣମାନଙ୍କ ପିଚ୍ଛୁ ବାଟି ବାଟି ଲାଖରାଜ ବୃତ୍ତି ଖଞ୍ଜି ଯାଇଥିଲେ ସେମାନଙ୍କର ସ୍ଥୂଳବୁଦ୍ଧିକୁ ଏ ବେଦାନ୍ତ ବାକ୍ୟର ମର୍ମ ପ୍ରବେଶ କରା ଯାଇ ନ ଥିଲା । ଇ ସା.
ପିଚ୍ଛୁଡ଼ା, ବି. (ଦେଶଜ) ଆଖିର ପଲକ, ପଲକପାତ; ନିମେଷମାତ୍ର ସମୟ । ଯଥା—
ଆଖିର ପିଚ୍ଛୁଡ଼କେ ବନ୍ଧଣ ଲକ୍ଷେ ଶର । ନୃ. ପୃ. ଚ. ଚ.
ପିଚ୍ଛୁଡ଼ିବା, କ୍ରି. (ଦେଶଜ) ଆଖି ପଲକ ପଡ଼ିବା । ଯଥା—
କେତେବେଳରେ ଆଖି ପିଚ୍ଛୁଡ଼ିବା ଉପେକ୍ଷି
କରୁଣା ବଳେକନ କର । ଇ. କ.

ପିଚ୍ଛିଳ, } ବିଂ. (ଦେଶଜ) ସର୍ବଶେଷ; ପଛେ
ପିଚ୍ଛିଲ, } ହେବା ।

ପିଚ୍ଛିଲପଡ଼ା, ବିଂ. (ଦେଶଜ) ସ୍ୱଧର୍ମତ୍ୟାଗୀ ।

ପିଚ୍ଛଣୀ, } ବି. ସ୍ତ୍ରୀ. (ଦେଶଜ ବା ପୁଚ୍ଛଧାରଣୀ
ପିଞ୍ଛୁଣୀ, } ଶବ୍ଦଜ) ଭୂତାଦି ବା ଦେବୀ ପ୍ରଭୃତିଙ୍କ ଆବେଶ ହେଲେ ଯେଉଁମାନେ ମୟୂରପୁଚ୍ଛ ଧରି ଝାଡ଼ନ୍ତି ।

ପିଚ୍ଛୁଳ, ବି. (ଦେଶଜ କିମ୍ବା ପିଚଟ ଶବ୍ଦଜ) ଦେହର ସନ୍ଧିସ୍ଥାନମାନଙ୍କରେ ଜନିତ ମାଂସଗୁଳା; ଏକପ୍ରକାର ରୋଗ ।

ପିଚ୍ଛ, ବି. (ପିଚ୍ଛ୍ =ପୀଡ଼ନକରିବା-ଅ) ମୟୂରପୁଚ୍ଛ; ଚୂଡ଼ା; ଲାଙ୍ଗୁଳ ।

ପିଚ୍ଛଳ, ବିଂ. (ପିଚ୍ଛ-ଳ) ପିଚ୍ଛିଳ ।

ପିଚ୍ଛା, ବି. ସ୍ତ୍ରୀ. (ପିଚ୍ଛ୍ = ଭାଗ କରିବା-ଅ-ସ୍ତ୍ରୀ-ଆ) ଭାତର ମଣ୍ଡ; ସର୍ପର ଲାଳ; ଗୁଆଗଛ; ଶ୍ରେଣୀ; ଘୋଡ଼ାର ପାଦର ଘାଆ; ବବୁରିଅଠା ।

ପିଚ୍ଛିକା, ବି.ସ୍ତ୍ରୀ.ଫ. ପିଚ୍ଛସମୂହ; ଚାମରବିଶେଷ ।

ପିଚ୍ଛିଳ, ବିଂ. (ପିଚ୍ଛା = ଫେନ-ଇଳ ଅସ୍ତ୍ୟର୍ଥେ) ପିଚ୍ଛଯୁକ୍ତ; ଖସଡ଼ା; ମଣ୍ଡଯୁକ୍ତ ଭାତ; ଜଳଯୁକ୍ତ ବ୍ୟଞ୍ଜନ ।

ପିଜାସ, ବି. (ପିଞ୍ଜୂଷ ଶବ୍ଦଜ) କର୍ଣ୍ଣମଳ, ଗଇ ।

ପିଜୁଳି, ବି. (ଦେଶଜ) ଗୁଆଳିଆ ଫଳ ।

ପିଞ୍ଛୁଳା, ବି. (ଦେଶଜ) ଉଚ୍ଛିଷ୍ଟ ପାତ୍ରାଦି ଧୌତ କରିବା; ଭୋଜନପାତ୍ର ଧୋଇବା ।

ପିଞ୍ଛୁଳାଇବା, } କ୍ରି. (ଦେଶଜ) ଉଚ୍ଛିଷ୍ଟପାତ୍ର
ପିଞ୍ଛୁଳେଇବା, } ଧୋଇବା; ଭୋଜନପାତ୍ରକୁ ସାମାନ୍ୟତଃ ଧୋଇରଖିବା ।

ପିଞ୍ଜ, ବି. (ପିନ୍ଜ୍ = ଆଘାତ ଓ ବଧ କରିବା-ଅ) ବଳ, ଶକ୍ତି; ବଧ । ବିଂ. ବ୍ୟାକୁଳ; କାତର ।

ପିଞ୍ଜଟ, ବି. (ପିନ୍ଜ୍ = ମିଳିତ ହେବା-ଅଟ) ନେତ୍ରମଳ ।

ପିଞ୍ଜର, ବି. (ପିନ୍ଜ୍ = ବାସ କରିବା ଇତ୍ୟାଦି-ଅର) ପଞ୍ଜରା; ପୀତବର୍ଣ୍ଣ ଅଶ୍ୱ; ସ୍ୱର୍ଣ୍ଣ; ପିତ୍ତଳ । ବିଂ. ପୀତ ବା ପିଙ୍ଗଳବର୍ଣ୍ଣଯୁକ୍ତ । (ପିଞ୍ଜରୋଽଶ୍ୱାନ୍ତରେ ପୀତେ କ୍ଲୀବଂ ସ୍ୱର୍ଣ୍ଣେ ଚ ପୀତକେ—କୋଷାନ୍ତର ।)

ପିଞ୍ଜାଇହେବା, କ୍ରି. (ପିନ୍ଜ୍ ଧାତୁଜ) ଆହତ ହେବା, ଭଣାଇ ହେବା । ଯଥା—

ମୃଦୁଲାକୁ ଭୁଲା ନୋହିକରି ଭୁଲା
ଦେହକୁ ପିଞ୍ଜାଇ ହେଉଛୁ । ବି. ଚି. ମ.

ପିଞ୍ଜିବା, କ୍ରି. (ପିନ୍ଜ୍ ଧାତୁଜ) ଭଣିବା । ଯଥା—

ଆସ ପୁତ୍ରେ ଧରଣ ପିଞ୍ଜିବା ତାର ମାଂସ । ନୃ.ପୁ.ପ୍ର.ଉ.

ପିଞ୍ଜିରି, ବି. (ଦେଶଜ ବା ପିଞ୍ଜର ଶବ୍ଦଜ) କବାଟରେ କାଷ୍ଠନିର୍ମିତ ବତା ମାରି ତୟାର କରିବା ବଖରା ।

ପିଟ, ପିଟକ, ବି. (ପିଟ୍ = ମିଳିତ ହେବା-ଅ, ଅକ) ବଂଶଦଳ ନିର୍ମିତ ଧାନ୍ୟରକ୍ଷାର୍ଥ ଡୋଲି; ଟୋକାଇ; ପେଡ଼ି; ବସ୍ତ୍ରୋଟକ ।

ପିଟଣା, ବି. (କୁଟ୍ଟନାର୍ଥ ପିଟ୍ଟଧାତୁଜ) ବଢ଼ାଇ ପ୍ରଭୃତିଙ୍କ ଅସ୍ତ୍ରବିଶେଷ ।

ପିଟା, ବି. (କୁଟ୍ଟନାର୍ଥ ପିଟ୍ଟଧାତୁଜ) ମାଡ଼ ।

ପିଟାପିଟି, ବି. (କୁଟ୍ଟନାର୍ଥ ପିଟ୍ଟଧାତୁଜ) ଅନ୍ୟୋନ୍ୟ ପିଟିବା ।

ପିଟିବା, କ୍ରି. (କୁଟ୍ଟନାର୍ଥ ପିଟ୍ଟଧାତୁଜ) ମାରିବା ।

ପିଠର, ବି. ଫ. ସ୍ଥାଳୀ; ମନ୍ଥନଦଣ୍ଡ; ମୁଥା । (ପିଠରଃ ସ୍ଥାଲ୍ୟାଂ ନା କ୍ଲୀବଂ ମୁସ୍ତମନ୍ଥନଦଣ୍ଡୟୋଃ—ମେଦିନୀ ।)

ପିଠା, ବି. (ପିଷ୍ଟକ ଶବ୍ଦଜ) ପିଷ୍ଟକ ।

ପିଠାଉ, } ବି. (ପିଷ୍ଟୋଦକ ଶବ୍ଦଜ) ଗୁଣ୍ଡଳି
ପିଠୋଉ, } ବତୁରାଇ ବାଟିଲେ ପିଠୋଉ ହୁଏ ।

ପିଠାଖଡ଼ିକା, } ବି. (ପିଷ୍ଟ-ପତ୍ରିକା ଶବ୍ଦଜ)
ପିଠାପାତିଆ, } ତେଲାଭଣୀରେ ପିଠା ଭଜା
ପିଠାପାତୟା, } ଯହିଁରେ ଚଳଉଠାନ୍ତି ।

ପିଠି, ବି. (ପୃଷ୍ଠ ଶବ୍ଦଜ) ପୃଷ୍ଠଦେଶ ।

ପିଠିଆ, ବ. (ଦେଶଜ) ରଥ ଟିଙ୍କିବା ଲୋକେ । ଯଥା—

ତା ଶୁଣି ପିଠିଆଏ ଗଲେ,
ରଥ ଦଉଡ଼ି ଓଟାରିଲେ । ଦା. ର.

(ଏମାନଙ୍କୁ କଳାପିଠିଆ ମଧ୍ୟ ବୋଲନ୍ତି । ପ୍ରମାଣ—ଦାର୍ଢ୍ୟତାଭକ୍ତିରସାମୃତରେ ଅଛି)

ପିଠିଆଇବା, କ୍ରି. (ଦେଶଜ) ବୁଲପଡ଼ି ପଛ-କରିବା; ପିଠିରେ ଭର ଦେଇ ଠେକିବା ।

ପିଠିଆଡ଼ିବା, କ୍ରି. (ଦେଶଜ) ପିଠିଦେଖାଇବା । ଯଥା—

ଆଲୋକିତ ସଂଗ୍ରାମେ ରହିଲେ ପିଠି ଆଡ଼ି,
ନାଗରମାନ ପଡ଼ି ସମସ୍ତେ ଗଲେ ଝଡ଼ି । ନୃ.ସ୍ୱ.ଦ୍ବି.ଜ

ପିଠିଦେବା, କ୍ରି. (ପୃଷ୍ଠଦାନ ଶବ୍ଦଜ) ବୁଲି-ପଡ଼ିବା । ଯଥା—

ଯେ ଅବା କ୍ଷତ୍ରିବୃତ୍ତି ବହି,
ରଣେ ପଳାନ୍ତି ପିଠି ଦେଇ । ମା. ମା.

ଭୟରେ ପଳାଇବା ।

ପିଠିଆବଳଦ, ବ. (ଦେଶଜ) ଯେଉଁ ବଳଦ ପିଠିରେ ଭାର ବହେ ।

ପିଠୁଆର, ବ. (ଦେଶଜ) ବ୍ୟଞ୍ଜନରେ ଦେବା କିରମରିଚାଦିର ପିଠୋଉ । ଯଥା—

ପରିବା ଲବଣ ପିଠୁଆର ଆଦିକରି,
ଘୃତଯୋଗେ ଏକା ଯାନ୍ତି ଦିଅନ୍ତି ଯୋଗାଡ଼ି । ସା.ଷ୍ଣ.ସ.

ପିଠୋଳ, } ବ. ( ଦେଶଜ ) ଏକପ୍ରକାର
ପିଠଳ, } କନ୍ଦ ।

ପିଡ଼କ, ବ. ସଂ. ବ୍ରଣ; ଫୋଟକା ।

ପିଡ଼ିଆ, ବ. (ପିଣ୍ୟାକ ଶବ୍ଦଜ) ତିଳାଦିର ମଳ ।

ପିଡ଼ିଗି, } ବ. (ଦେଶଜ) ସୁଗନ୍ଧ ଔଷଧ
ପିଡ଼ିପିଡ଼ିଆ, } ଦ୍ରବ୍ୟବିଶେଷ ।

ପିଢ଼, ବ. (ପୀଠ ଶବ୍ଦଜ) ଚଉତରା; ପ୍ରସ୍ଥ; ଗଦା । ଯଥା—

ଏ ବେଲ ଜଣିଲି ରୁକ୍ମିଣ,
ସୁବର୍ଣ୍ଣ ଯେତେ ପିଢ଼ ପୁଣ । ଷ୍ଣ. ଦ. ସ୍ୱ.

ପୀଠସ୍ଥାନ । ଯଥା—

କୃଷ୍ଣର ଅସନଖଣ୍ଡି ଯେବଣ ନବାସ,
ସେ ପିଢ଼ ଗୁଡ଼ି କଲ ଦ୍ୱାରକା କଲ ନାଶ । ନୃ.ପୃ.ସ.ତ.

ଗୃହଭିତ୍ତିର ଉପରିଭାଗ ।

ପିଢ଼ା, ବ. (ପୀଠ ଶବ୍ଦଜ) କାଷ୍ଠାସନବିଶେଷ; ଗୃହଭିତ୍ତିର ଉପରିଭାଗ ।

ପିଣ୍ଡ, ବ. (ପିଣ୍ଡ—ରାଶି କରିବା-ଅ) ଗୋଲକୃତ ବସ୍ତୁ । ଯେପରି—ଲୌହପିଣ୍ଡ; ଗୁଳା; ପିତୃଲୋକଙ୍କୁ ପ୍ରଦେୟ ଗ୍ରାସ; ମାଂସ; ଗ୍ରାସ; ବଳ; ସମୂହ; ଦେହ ଓ ଗୃହର ଏକଦେଶ; ଗଜକୁମ୍ଭ; ଜୀବିକା । ବି. ସଂହତ; ସାନ୍ଦ୍ର ।

ପିଣ୍ଡା, ବ. (ପିଣ୍ଡିକା ଶବ୍ଦଜ) ପାଦଗ ।

ପିଣ୍ଡୁଳା, ବ. (ପିଣ୍ଡ ଶବ୍ଦଜ) ମାଟି ପ୍ରଭୃତିର ମେଞ୍ଚା । ଯଥା—

ଯଉଁଣି ପେଟ ଘାତକୁ ପାଇଲି,
ପିଣ୍ଡୁଳାଏ ମାଉଁସ ପେଟରୁ ବାହାରିଲି । କୃ.ଷ୍ଣ.ଆ ପ.

ପିଣ୍ଡୋଲ, ବ. ସ୍ତ୍ରୀ. ସଂ. ଭୁକ୍ତସମୁଜ୍‌ଝିତ; ଖାଇଲା ପରେ ରହିଯିବା ଉଚ୍ଛିଷ୍ଟ ।

ପିଣ୍ୟାକ, ବ. (ପିଷ୍‌-ଆକ-ନିପାତନ ପିଡ଼ିଆ, ହିଙ୍ଗୁ, କଲ୍କ; କୁଙ୍କୁମ ।

ପିତ, ପୀତ, ବ. (ପିତ୍ତ ଶବ୍ଦଜ) ଦେହସ୍ଥ ରସ-ବିଶେଷ, ବାତାଦି ତ୍ରିଦୋଷରୁ ଏକ । (ଗୁଞ୍ଜୁଣୀ ଶବ୍ଦ ଦେଖ ।)

ପିତଳ, ବ. (ପିତ୍ତଳ ଶବ୍ଦଜ) ମିଶ୍ରିତ ଧାତୁ-ବିଶେଷ; ତସଲା ।

ପିତଶେଳଷମ, ବ. ( ପିତ୍ତଶ୍ଳେଷ୍ମା ଶବ୍ଦଜ ) ପିତ୍ତଶ୍ଳେଷ୍ମା ।

ପିତା, ବ. (ପିତୃ-ପା = ପାଳନ କରିବା-ତୃ) ଜନକ, ବାପା; ପିତୃଲୋକ; (ପିତ୍ତ ଶବ୍ଦଜ) ତିକ୍ତ ।

ପିତାକୋରୁଆଁ, ବ. (ପୀତକାବେର ଶବ୍ଦଜ) କୁଡ଼େଇଗଛ ।

ପିତାମହ, ବ. (ପିତୃ-ଆମହ) ପିତାଙ୍କ ପିତା; ବ୍ରହ୍ମା; ଦକ୍ଷରାଜା; (ସ୍ତ୍ରୀ-ଈ) ପିତାଙ୍କ ମାତା; ଜେଜେମା ।

ପିତାମ୍ବର, ବ. (ପୀତାମ୍ବର ଶବ୍ଦଜ) ପୀତ-ପଟ୍ଟବସ୍ତ୍ର ।

ପିତାଶୁଣୀ, } ବ. ସ୍ତ୍ରୀ. (ପିଶିତାଶିନୀ ଶବ୍ଦଜ)
ପିତୃଶୁଣୀ, } ଡାହାଣୀବିଶେଷ ।

ପିତ୍ତନାଟ,} ବି. (ଦେଶଜ) ନାନା ତନ୍ତ୍ର
ପିତୁନାଟ, } ଯନ୍ତ୍ରରେ କଳହ ଲଗାଇବା ।

ପିତୁଳା, ପିତୁଳ, } ବି. ( ପୁତ୍ତଳୀ ଶବ୍ଦଜ )
ପିତୁଳୀ, ପୁତଳ, } ମୂର୍ତ୍ତି । ଯଥା—

କାମାନ୍ଧମାମାନଙ୍କ ଢ଼ୋଲା ପିତୁଳା । ବି. ଚ. ମ.

ମୃଗସ୍କନ୍ଧାର ବେଶେ ଅଗ୍ରେ ଉଭା ଆସି
ଅପୂର୍ବ ଶୋଭା ପିତୁଳୀ । ଯ. କେ.

ପିତୁଳାଘର, ବି. (ପୁତ୍ତଳୀ-ଗୃହ ଏହି ଉଭୟ ଶବ୍ଦଜାତ) ଦେଉଳର ଗୃହପାଖରେ ବସାଇବା ମୂର୍ତ୍ତିମାନଙ୍କ ଘର ।

ପିତୃକ, ବିଂ. (ପିତୃ-କ) ପିତୃ ସମ୍ବନ୍ଧୀୟ; ପିତାଙ୍କଠାରୁ ପ୍ରାପ୍ତ ।

ପିତୃକାନନ, ପିତୃବନ, } ବି. ସଂ. ଶ୍ମଶାନ ।
ପିତୃଗୃହ, ପିତୃବସତି, }

ପିତୃତିଥି, ପିତୃଦିନ, ବି. ସଂ. ଅମାବାସ୍ୟା ।

ପିତୃତୀର୍ଥ, ବି. ସଂ. ଗୟାଧାମ; ହସ୍ତର ଅଙ୍ଗୁଷ୍ଠ ଓ ତର୍ଜନୀର ମଧ୍ୟ ସ୍ଥାନ ।

ପିତୃପତି, ବି. ସଂ. ଯମ ।

ପିତୃପକ୍ଷ, ବି. ସଂ. ଆଶ୍ୱିନ କୃଷ୍ଣପକ୍ଷ । ବିଂ. ପିତୃକୁଳ ଜାତ ।

ପିତୃପ୍ରସୂ, ବି. ସ୍ତ୍ରୀ. ସଂ. ପିତାମହୀ; ସନ୍ଧ୍ୟାସମୟ ।

ପିତୃଯଜ୍ଞ, ବି. ସଂ. ଶ୍ରାଦ୍ଧ; ତର୍ପଣ ।

ପିତୃବ୍ୟ, ବି. (ପିତୃ-ବ୍ୟ-ତତ୍ ଭ୍ରାତାର୍ଥେ) ପିତାଙ୍କ ଭ୍ରାତା ।

ପିତୃସଦନ, ବି. ସଂ. କୁଶ ।

ପିତୃଷ୍ୱସା, ବି. (ପିତୃ = ପିତା-ସ୍ୱସୃ = ଭଗିନୀ) ପିତାଙ୍କ ଭଗିନୀ; ପିଉସୀ ।

ପିତୃଷ୍ୱସ୍ରେୟ,} ବି. (ପିତୃଷ୍ୱସୃ-ଏୟ, ଈୟ
ପିତୃଷ୍ୱସେୟ, } ଅପତ୍ୟାର୍ଥେ) ପିଉସୀର ପୁଅ ।
ପିତୃଷ୍ୱସ୍ରୀୟ, }

ପିତ୍ତ, ବି. (ଅପି—ନଷ୍ଟସ୍ୱରୂପେ-ଦୋ = ଛେଦନ କରିବା-ତ, ଅପିର ଅ ଲୋପ) ଶରୀରସ୍ଥ ଧାତୁବିଶେଷ; ବାତାଦି ତ୍ରିଦୋଷରୁ ଏକ ।

ପିତ୍ତଳ, ବି. [ପିତ୍ତ-ଲା (ବର୍ଣ୍ଣ) ଗ୍ରହଣ କରିବା-ଅ] ତାମ୍ରମିଶ୍ରିତ ଧାତୁବିଶେଷ । ବିଂ. ପିତ୍ତଯୁକ୍ତ ।

ପିତ୍ସଳ, ବି. ( ପିତ୍ = ଗମନ କରିବା-ସଳ ) ମାର୍ଗ; ପଥ ।

ପିଦୁଡ଼ି, ବି. (ଦେଶଜ) ପିଜୁଳି ଫଳ; ଗୁଆଳିଆ ଫଳ ।

ପିଧାନ, ବି. (ଅପି = ନଷ୍ଟସ୍ୱରୂପେ-ଧା-ଅନ, ଅପି ର-ଅ ଲୋପ) ଆଚ୍ଛାଦନ; ଆବରଣ ।

ପିଧାନକ,ବି.ସଂ. ଖଡ୍‌ଗକୋଷ । (ବିଶେଷଣରେ ପିନ୍ଧିତ ହୁଏ ।)

ପିନଦ୍ଧ, ବିଂ. (ଅପି-ନହ୍—ବନ୍ଧନ କରିବା-ତ) ବଦ୍ଧ; ଆବୃତ; ପରିହିତ ।

ପିନାକ, ବି. [ପା = (ଜଗତ୍) ରକ୍ଷାକରିବା-ଆକ ଆ = ଇ; ନ ଆଗମ] ପାଂସୁବର୍ଷା; ଶିବଙ୍କ ଧନୁ ଓ ବାଦ୍ୟଯନ୍ତ୍ର; ତ୍ରିଶୂଳ । (ପିନାକୋଽସ୍ତ୍ରୀ ରୁଦ୍ରଚାପେ ପାଂସୁବର୍ଷେ ତ୍ରିଶୂଳୟୋଃ ।)

ପିନାସି, ବି. (ପୀନସ ଶବ୍ଦଜ) ନାସିକାରୋଗ-ବିଶେଷ ।

ପିନ୍ଧା, ବି. (ପିଧାନ ଶବ୍ଦଜ) ପିନ୍ଧିବା । ଯଥା—

ବାସ ପିନ୍ଧା ରତାନ୍ତରେ । ବି. ଚ. ମ.

ପିନ୍ଧିବାଲୁଗା । ଯଥା—

ସେଠାରୁ ବିଜେ କରିଗଲେ,
ପିନ୍ଧା ଦୋସଡ଼ା ପାଇ ଭଲେ । ଦା. ର.

ବିଂ. ପିନ୍ଧିଥିବା; ପରିହିତ । ଯଥା—

ପିନ୍ଧାବାସ ନୀରରେ ଜରଜର । ର. ପ.

ପିନ୍ଧାଇବା, କ୍ରି. (ପିଧାନ ଶବ୍ଦଜ) ପରିଧାନ କରାଇବା ।

ପିନ୍ଧାଣ, ବି. (ପିଧାନ ଶବ୍ଦଜ) ପରିଧାନ ।

ପିନ୍ଧିବା, କ୍ରି. ( ପିଧାନ ଶବ୍ଦଜ ) ପରିଧାନ କରିବା, ଅଳଙ୍କାର ଗ୍ରହଣ କରିବା ।

ପିପତିଷା, ବି. ସ୍ତ୍ରୀ. (ପତ୍ = ପଡ଼ିବା-ସନ୍ = ଇଚ୍ଛାର୍ଥେ ଦ୍ୱିତ୍ୱ; ଇ ଆଗମ-ଅ, ଆ) ପତନେଚ୍ଛା । (ବିଶେଷଣରେ ପିପତିଷୁ ହୁଏ ।)

ପିପଳାମୂଳ, } ବି. (ପିପ୍ପଲୀମୂଳ ଶବ୍ଦର
ପିମ୍ପଳାମୂଳ, } ଅପଭ୍ରଂଶ) ସ୍ୱନାମପ୍ରସିଦ୍ଧ ଔଷଧ ମୂଳବିଶେଷ ।

ପିପଳି, ପିମ୍ପଳି, ପିପୋଳି, ବି. ସ୍ତ୍ରୀ. (ପିପ୍ପଳୀ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଔଷଧଦ୍ରବ୍ୟବିଶେଷ ।

ପିପା, ବି. (ଦେଶଜ) କାଷ୍ଠର କୁଣ୍ଡ ବା ପାତ୍ରବିଶେଷ ।

ପିପାସା, ବି. ସ୍ତ୍ରୀ. (ପା-ସନ୍-ଇଚ୍ଛାର୍ଥେ ଦ୍ୱିତ୍ୱ-ଅ, ଆ) ପାଇବାର ଇଚ୍ଛା; ତୃଷ୍ଣା । (ବିଶେଷଣରେ ପିପାସୁ, ପିପାସିତ ହୁଏ ।)

ପିପୀଲ, ପିପୀଲକ, ପିପୀଲୀ, ପିପୀଲିକା, ବି. ସ୍ତ୍ରୀ. [ପୀଲ୍ = ସ୍ତବ୍ଧ ହେବା (ଯଙ୍ ଲୁଗନ୍ତ)-ଯ-ଅ, ଅକ] ପିମ୍ପୁଡ଼ି ।

ପିମ୍ପୁଡ଼ି, ବି. (ପିପୀଲିକା ଶବ୍ଦଜ) ପିପୀଲିକା ନାମକ କୀଟ ।

ପିମ୍ପୁଡ଼ିଆ, ବି. (ଦେଶଜ) ଗୋରୁମାନଙ୍କର ରୋଗବିଶେଷ; ଏଥିରେ ଗୋରୁମାନଙ୍କର ଦେହ ଓ ଗୋଡ଼ରୁ ଚମ ବାହାରିପଡ଼ି ଘାଆ ହୁଏ ।

ପିରତି, ପିରୀତି, ବି. ( ପ୍ରୀତି ଶବ୍ଦର ଅପଭ୍ରଂଶ ) ସ୍ନେହ ।

ପିଲ, ବି. (ଦେଶଜ) କଦଳୀପ୍ରଭୃତି ଗଛର ମୂଳ କନ୍ଦାରୁ ବାହାରିବା ସାନ ଗଛ; ସାନ ବାଉଁଶଖଣ୍ଡ ।

ପିଲବାଡ଼ି, ବି. (ଦେଶଜ) ବାଉଁଶଖଣ୍ଡ; ସାନ ବଡ଼ ଦୁଇଟି ବାଉଁଶଖଣ୍ଡଦ୍ୱାରା ଖେଳିବା ଏକପ୍ରକାର ଖେଳ ।

ପିଲସଜ, ପିଲସୁଜ, ବି. (ପାରସ୍ୟ ଫତିଲସୁଜ ଶବ୍ଦରୁ ଜାତ) ଦୀପାଧାର; ଦୀପାଳି ପ୍ରଭୃତି ।

ପିଲା, ବି. (ଦେଶଜ) ବାଳକ, ସନ୍ତାନ । ଯଥା—

କ୍ଷତ୍ରିୟ ପିଲା ହୋଇ ଯୁଦ୍ଧକୁ ଯେବେ ଡରେ,
କେବେହେଲେ ପୃଥ୍ୱୀ ସେ ଅରଜି ନ ପାରେ ।

କୃ. ଖ୍ରୀ. ହି. ପ.

ପିଲାଟିଆ, ପିଲାଣ୍ଟିଆ, ବିଂ. (ଦେଶଜ) ବାଳକପ୍ରାୟ । ଯଥା—ତୋର ପିଲାଟିଆ ସ୍ୱଭାବ କେବେ ଗଲା ନାହିଁ । ବି. ପିଲାପଣିଆ ।

ପିଲାପିଲି, ବି. (ଦେଶଜ) କୁମାର କୁମାରୀ ପ୍ରଭୃତି ପରିବାର । ଯଥା—

କୁଶଳେ ସମସ୍ତେ ଛନ୍ତି ପିଲାପିଲି ଘରେ,
ତୁମ୍ଭ ଘର କଥା ଲେଖି ଫେରନ୍ତା ଡାକରେ । ଜ. ଭ୍ର.

ପିଲାବସାଣି, ବି. ( ଦେଶଜ ) ମାଈପିଲା ରଜସ୍ୱଳା ହେଲେ ସାତ ଦିନ ପର୍ଯ୍ୟନ୍ତ ବସାଇବା ।

ପିଲାମରା, ବିଂ. (ଦେଶଜ) ପିଲାଙ୍କୁ ଯେ ନାଶ କରେ । ବି. ପିଲାମାନଙ୍କର ନାଶ, ଅକାଳ ମରଣ ।

ପିଲିତୋଟା, ବି. (ଦେଶଜ) ଯେଉଁ ତୋଟାରେ ସାନ ସାନ ଗଛ ଥାଏ; ନୂଆ ତୋଟା ।

ପିଲିସଜ, ପିଲିସଜ, ବି. (ଦେଶଜ ବା ପାରସ୍ୟ ଫତିଲସୁଜ ଶବ୍ଦ ଜାତ) ପିତ୍ତଳାଦିର ଉଚ୍ଚ ପ୍ରଦୀପ ବା ଦୀପାଧାର ।

ପିଳେଇ, ପିଳୋହି, ପିହ୍ଲେଇ, ବି. (ପ୍ଲୀହ ଶବ୍ଦଜ) ଉଦରସ୍ଥ ମାଂସପିଣ୍ଡବିଶେଷ; ସେହି ମାଂସପିଣ୍ଡ ବିକୃତିରୁ ଜାତ ରୋଗବିଶେଷ ।

ପିଲ୍ଲ, ବିଂ. ସଂ. କ୍ଳିନ୍ନଚକ୍ଷୁ; ଚିଲଆଖିଆ ।

ପିଶଙ୍ଗ, ବି. (ପିଶ୍-ଅଙ୍ଗ) ପିଙ୍ଗଳବର୍ଣ୍ଣ । ବିଂ. ତଦ୍‌ବର୍ଣ୍ଣଯୁକ୍ତ ।

ପିଶାଚ, ବି. (ପିଶିତମଶ୍ନନ୍ତୀତି ପିଶାଚାଃ, ପିଶିତ-ଚମ୍-ଅ-ନିପାତନ) ଦେବଯୋନିବିଶେଷ ।

ପିଶିତ, ବି. (ପିଶ୍ = ଅବୟବୀଭୂତ ହେବା-ତ) ମାଂସ ।

ପିଶୁନ, ବିଂ. (ପିଶ୍ = ଖଣ୍ଡ ହେବା-ଉନ) କ୍ରୂର; ଜ୍ଞାପକ ବା ସୂଚକ; ପରସ୍ପର ଭେଦକାରକ; ଚର; କାକ; ନାରଦ; କୁଙ୍କୁମ ।

ପିଷ୍ଟ, ବିଂ. (ପିଷ୍-ତ) ମର୍ଦ୍ଦିତ; ଚୂର୍ଣ୍ଣିତ । ବି. ପିଠା ।

ପିଷ୍ଟକ, ବି. (ପିଷ୍ଟ-କ) ପିଠା; ତିଳଚୂର୍ଣ୍ଣ ।

ପିଷ୍ଟପ, ପିଷ୍ଟୁପ, ବିଷ୍ଟପ, ବି. (ବିଶ୍ = ପ୍ରବେଶ କରିବା-ଅପ, ନିପାତନ—ବିଶନ୍ତ୍ୟସ୍ମିନ୍ନିତି ବିଷ୍ଟପଂ—ଅମରଟୀକା) ଭୁବନ, ଜଗତ୍ ।

ପିଷ୍ଟାତ, ପିଷ୍ଟାତକ, ବି. (ପିଷ୍ଟ-ଅତ୍-ଅ-କ) ଅବୀର; ଗନ୍ଧଚୂର୍ଣ୍ଣ; ଫଗୁଗୁଣ୍ଡ ।

ପିସ୍ତା, ବିଂ. (ଦେଶଜ—ଗଞ୍ଜାମରେ ବ୍ୟବହୃତ) ମାଚ, ଅନ୍ତନ୍ୟୂନ । ଯଥା—ତାର ଅବସ୍ଥା ବଡ଼ ପିସ୍ତା ପଡ଼ିଗଲା ।

ପିସ୍ତୂଲ, ପିସ୍ତୁଲ, ପିସ୍ତଲ, } ବି. (ପୋର୍ତ୍ତୁଗୀଜ ଭାଷାରୁ ଆଗତ) ଆଗ୍ନେୟାସ୍ତ୍ର-ବିଶେଷ; କ୍ଷୁଦ୍ର ବନ୍ଧୁକ ।

ପିହାଣ, ବି. (ଦେଶଜ) ପରିମାଣବିଶେଷ । ଯଥା—

ତୁମ୍ଭପାଇଁ ଗନ୍ଧ ଗୁହଳ ମାଣେ,
କାଞ୍ଜି କାଞ୍ଜିପାଣି ଦିଅ ପିହାଣେ । ହ୍ଵା. ଭ.

ପିହାଣିଆ, ବି. (ଦେଶଜ) ବେଣୀର ଆଭରଣ-ବିଶେଷ । ଯଥା—

ଭଲ କଲ ବେଣୀ ହେଲା ଏ ଦୃଷ୍ଟି
କୁରଣ୍ଟକ ଗର୍ଣ୍ଣି କହ୍ଲାର ଫୁଟି
ରାଜହଂସପନ୍ତ ମୋତି ସୀମନ୍ତ
ହୀରାପିହାଣିଆ ଅଗ୍ରେତେ ତଥି ।
ବଣା ଏକ ହଂସୀ, କାଳନ୍ଦୀ ସ୍ରୋତେ ଯାଉଛି ଭାସି ।
କୋ. ବ୍ର. ସୁ.

ପିହୁଡ଼ା, ବି. (ଦେଶଜ) ଶିଶୁପିଲାମାନଙ୍କର ଏକପ୍ରକାର ରୋଗ ।

ପୀଠ, ବି. (ପିଠ୍ = କ୍ଲିଷ୍ଟହେବା-ଅ, ନିପାତନ) ପିଢ଼ା, ବସିବାର ଆସନ; ଦେବତାଙ୍କର ଅଧିଷ୍ଠାନ ସ୍ଥାନ ।

ପୀଡ଼ନ, ବି. (ପୀଡ୍-ଅନ) ଦୁଃଖ ଦେବା; ମର୍ଦ୍ଦନ; ବିନାଶ । (ବିଶେଷଣରେ ପୀଡ଼ିତ, ନିପୀଡ଼କ ଓ ପୀଡ୍ୟମାନ ପଦ ଏବଂ ବିଶେଷ୍ୟରେ ପୀଡ଼ା ପଦ ନିଷ୍ପନ୍ନ ହୁଏ ।)

ପୀତ, ବି. (ପା = ପିଇବା-ତ) ହରିଦ୍ରାବର୍ଣ୍ଣ; ପାନ । ବିଂ. ତଦ୍‌ବର୍ଣ୍ଣଯୁକ୍ତ; ଯାହା ପାନ କରା ଯାଇଅଛି; ପାନକର୍ତ୍ତା ।

ପୀତନ, ବି. (ପୀତ = ହରିଦ୍ରା-ମା-ଅ) କୁଙ୍କୁମ; ହରିତାଳ ।

ପୀତି, ବି. (ପା = ପିଇବା-ତି) ପାନ; ଶୁଣ୍ଡି-ଦୋକାନ; ଘୋଟକ ।

ପୀନ, ବିଂ. (ପ୍ୟାୟୃ = ବୃଦ୍ଧିପାଇବା-ତ) ସ୍ଥୂଳ; ପ୍ରବୃଦ୍ଧ; ସମ୍ପନ୍ନ ।

ପୀନସ, ବି. (ପୀନ = ମୋଟା-ସୋ = ନାଶ-କରିବା-ଅ) ନାସିକାରୋଗବିଶେଷ ।

ପୀୟୂଷ, ବି. (ପୀୟୂ = ତୃପ୍ତ କରିବା-ଉଷ) ଅମୃତ, ସୁଧା; ଅଭିନବ ଦୁଗ୍ଧ ।

ପୀର, ବି. (ଯାବନିକ) ସାଧୁ; ଦେବତା-ବିଶେଷ ।

ପୀବନ୍, ପୀବା, } ବି. (ପ୍ୟାୟ୍ = ବୃଦ୍ଧିପାଇବା-ବନ୍) ବାୟୁ । ବିଂ. ସ୍ଥୂଳ; ବଳିଷ୍ଠ ।

ପୀବର, ବିଂ. (ପ୍ୟାୟୃ-ବର) ସ୍ଥୂଳ; ବଳିଷ୍ଠ ।

ପୁଂଶ୍ଚଳୀ, ବି. ସ୍ତ୍ରୀ. (ପୁମ୍‌ସ୍ = ପୁରୁଷ-ଚଲ୍ = ଗମନ କରିବା-ଅ-ଈ) ବ୍ୟଭିଚାରିଣୀ; ବେଶ୍ୟା; ଅସତୀ ।

ପୁଂସକାର, ବି. (ପୁଂସ୍କାର ଶବ୍ଦଜ) ପୌରୁଷ । ଯଥା—

ତୁମ୍ଭେ ସକଳ ନୃପବର,
ଦେବ ମୋହର ପୁଂସକାର । ଭା. ଦ. ସ୍କ.

ପୁଂସବନ, ବି. (ପୁମ୍‌ସ୍-ସୂ = ପ୍ରସବ କରିବା-ଅନ) ଗର୍ଭିଣୀର ଦ୍ଵିତୀୟ ବା ତୃତୀୟ ମାସରେ କର୍ତ୍ତବ୍ୟ ସଂସ୍କାରବିଶେଷ ।

ପୁଂସ୍ତ୍ଵ, ବି. (ପୁମ୍‌ସ୍-ତ୍ଵ) ପୁରୁଷତ୍ଵ; ମନୁଷ୍ୟତ୍ଵ, ଶୁକ୍ର; ପୁଂଲିଙ୍ଗତା ।

ପୁଅ, ବି. (ପୁତ୍ର ଶବ୍ଦଜ) ପୁତ୍ର ।

ପୁଆ, ବି. (ପୂପ ଶବ୍ଦଜ) ମିଷ୍ଟାନ୍ନବିଶେଷ । (ଦେଶଜ) ବୃକ୍ଷଡ଼ାଳ; କଦଳୀଗଛର ପିଲ ।

ପୁଆଣି, ପୁହାଣି, } ବି. (ଦେଶଜ) ପୁଷ୍ପବତୀର ବନ୍ଦାପନା ।

ପୁଆପୁଇ, ବି. (ଦେଶଜ) (ମନଶବ୍ଦ ସହିତ) ଅନ୍ୟୋନ୍ୟ ମିଶିବା । ଯଥା—

ଏହା କଲେ ଦ୍ରୁପଦ ଯୁଧିଷ୍ଠିର ଦୁଇ,
ଜଣଙ୍କର ମନ ନୋହିବ ପୁଆପୁଇ । କୃ.ଭା.ଆ.ପ.

ପୁଇ, ମୂଇ, ବି. (ପୂତିଶବ୍ଦଜ ପ୍ରାକୃତ) ଦୁର୍ଗନ୍ଧ । ଯଥା—

ଏ ପୁଇ ଦେହ ଧରଣ ସମସ୍ତେ ତ ଅଛ,
ଶ୍ରୀହରିଙ୍କି ଭଜିଲାରୁ ସଂସାରେ ଜିଇଛ । ନୃ.ପୁ.ପ.ତ.

ପୁକୁଡ଼, ପୁକ୍ତା, ପୁଖୁଡ଼, ପୋକ୍ତା, ପୋଖଡ଼, ପୋକ୍ତ, } ବି. (ପ୍ରସୂତ ଶବ୍ଦଜ) ସନ୍ତାନ ପ୍ରସବ ।

ପୁକ୍‌କଶ, } ବି. ସଂ. ଚଣ୍ଡାଳ; ଶବରାଳୟ ।
ପୁକ୍‌କସ, } ବିଂ. ନୀଚ, ଅଧମ ।

ପୁଙ୍ଖ, ବି. ( ପୁମ୍‌ସ୍‌-ଖନ୍ = ଖୋଳିବା-ଅ ) ବାଣର ପକ୍ଷଯୁକ୍ତ ସ୍ଥାନ; ମୂଳ ।

ପୁଙ୍ଖାନୁପୁଙ୍ଖ, ବି. ସଂ. ସବିଶେଷ ବିବେଚନା ।

ପୁଙ୍ଗ, ବି. (ପୁମ୍‌ସ୍‌-ଗମ୍‌-ଅ) ସମୂହ ।

ପୁଙ୍ଗବ, ବି. (ପୁମ୍‌ସ୍‌-ଗୋ-ଅ) ବୃଷ । ବିଂ. ( ନାମର ପରେ ରହିଲେ ) ଶ୍ରେଷ୍ଠ । ଯେପରି—ନରପୁଙ୍ଗବ ।

ପୁଚୁପୁଚୁ, ବିଂ. (ଦେଶଜ) ସଢ଼ା; ଖିଚଖିଚ ।

ପୁଚରା, ପୁଚୁକା, ବିଂ. ( ଦେଶଜ ) ପଚି ଯାଇଥିବା ।

ପୁଛ, ବି. (ପୁଚ୍ଛର ଅପଭ୍ରଂଶ) ଲାଞ୍ଜ; ବର୍ହ ।

ପୁଚ୍ଛ, ପୁଚ୍ଛା, ବି. ( ପୃଚ୍ଛା ଶବ୍ଦଜ ) ପ୍ରଶ୍ନ, ପଚାରିବା । ଯଥା—

ମୁଁ ପୁଚ୍ଛାକଲି ଏମନ୍ତ, କେଉଁ ରାଜାର ସେ ସୁତ । ଲ.ବ.

ପୁଚ୍ଛାପୁଚ୍ଛି, ବି. (ପୃଚ୍ଛ ଧାତୁଜ) ଅନ୍ୟୋନ୍ୟ ପଚାରିବା । ଯଥା—

ଏତେ ଭଲ ପୁଚ୍ଛାପୁଚ୍ଛି କେ କାହିଁ ଗୋ ମିତ,
ପୋଥା ବୋଲେ ଯେ ମଗଧେଶ୍ୱର ପ୍ର ସ୍ୱସୃତ ।
କୋ. ବ୍ର. ସୁ.

ପୁଚ୍ଛିବା, } କ୍ରି. (ପୃଚ୍ଛ ଧାତୁଜ) ପଚାରିବା ।
ପୁର୍ଚ୍ଛିବା, } ଯଥା—

ପୁଚ୍ଛିଲେ ଏ କଥା ବାଷ୍ପ ଗଦଗଦ ସ୍ୱରେ । ଛ. ବ.

ପୁଚ୍ଛ, ବି. ( ପିଚ୍ଛ୍ = ପୀଡ଼ନ କରିବା-ଅ ) ଲାଙ୍ଗୁଳ ।

ପୁଜ, ବି. (ପୂଯ଼ ଶବ୍ଦଜ) ବ୍ରଣରୁ ନିର୍ଗତ ଲସି । ଯଥା—

ଘମ ପାଦରୁ ପୁଜ ଶ୍ରୋଣି,
ଆପ୍ୟାନ କରେ ସେହି ପ୍ରାଣୀ । ମା. ମା.

ପୁଜା, ବି. (ପୂଜାର ଅପଭ୍ରଂଶ) ପୂଜା ।

ପୁଜାରି, } ବି. ( ପୂଜାକାରୀ ପଦରୁ ଜାତ )
ପୁଝାରି, } ଦେବପୂଜକ । (ପିଆଦା ଶବ୍ଦ ଦେଖ ।)

ପୁଞ୍ଜ, ବି. (ପୁମ୍‌ସ୍‌-ଜନ୍-ଅ) ରାଶି; ସମୂହ । (ବିଶେଷଣରେ ପୁଞ୍ଜିତ ଏବଂ ପୁଞ୍ଜିଷ୍ଟ ହୁଏ ।)

ପୁଞ୍ଜା, ପୁଞ୍ଜି, ବି.(ପୁଞ୍ଜ ଶବ୍ଦଜ)ସମୂହ । ଯଥା—

ମାଣିକ୍ୟ ପୁଞ୍ଜି ପୁଞ୍ଜି ଗୁନ୍ଥିତ ପାଟସୁତା । ସା.ଖ.ସ.

ଗୁରଗୋଟି । ଯେପରି—ଦୁଇପୁଞ୍ଜା, ତିନିପୁଞ୍ଜା ।

ପୁଞ୍ଜିପଠା, ବି. (ଦେଶଜ) ହସ୍ତାଭରଣବିଶେଷ । ଯଥା—

ବିଲ୍ଲଘରକୁ ହାତର ପୁଞ୍ଜିପଠା ସବୁ ଢାଳଦେଇ ଯଦି ମହାଜନକୁ ଟିପ ନ ଦିଆଗଲା ସେ ପୁଣି ଶିଲ୍ପରେ ଲେଖା । ମୁ. ପ.

ପୁଞ୍ଜିମହାପାଳ, ବି. (ଦେଶଜ) ଧାନ୍ୟବିଶେଷ ।

ପୁଟ, ବି. ( ପୁଟ୍ = ସଂଲଗ୍ନହେବା-ଅ ) ପୁସ୍ତକାଦିର ପୃଷ୍ଠା; ଆବରଣ; ଖୋପ; ଅଞ୍ଜଳି, ଔଷଧପାକପାତ୍ର; ପତ୍ରଠୋଲା; ଯୁଗ୍ମ; ଡବା; ଘୋଡ଼ାର ଖୁରା ।

ପୁଟକ, ବି. (ପୁଟ-କ) ପୁଡ଼ା; ପତ୍ରାଦିନିର୍ମିତ ପାତ୍ର ।

ପୁଟଭେଦ, } ବି. (ପୁଟ = ପରସ୍ପର ସଂଯୋ-
ପୁଟଭେଦନ, } ଜନଭେଦ, ଭେଦନ) ନଗର, ସହର ।

ପୁଟଳି, } ବି. (ଦେଶଜ) ପୋଟଳା ବା
ପୋଟଳି, } ପୁଡ଼ା; ବଡ଼ା ବା ବୋଝ ।

ପୁଟା, ବି. (ଦେଶଜ) ଗର୍ଭସ୍ଥ ଅନ୍ତ୍ରସମୂହ । (ପୁଡ଼ା ଶବ୍ଦ ଦେଖ ।)

ପୁଟି, ବି. (ଦେଶଜ) କୋଡ଼ିଏ ମାଣ ବା ଭୁମ୍ବ; ଶଗଡ଼ଗୁଳିର ଉପରିଭାଗରେ ଯୋଡ଼ା ହୋଇଥିବା କାଷ୍ଠଖଣ୍ଡମାନ; କେରାଣ୍ଡି ମାଛ ।

ପୁଟୀ, ପୁଟିମାଛ, ବି. (ପ୍ରୋଷ୍ଠୀମତ୍ସ୍ୟ ଶବ୍ଦଜ) କେରାଣ୍ଡି ମାଛ ।

ପୁଡ଼ା, ବି. ( ପୁଟକ ଶବ୍ଦଜ ) ନାସାପୁଟ । ଯଥା—

ମନୁଷ୍ୟମାନଙ୍କର ଅନ୍ତ୍ରପୁଟା ଗନ୍ଧ,
ମୋର ନାକପୁଡ଼ାକୁ କରଦେଲା ବନ୍ଦ । କୃ.ଖ.ବ.ପ.

ନାସାପୁଟର ଅଳଙ୍କାରବିଶେଷ; ପୋଟଳା । ଯଥା—

ନାନା ବ୍ୟଞ୍ଜନ ଗୁଡ଼ ଦଧି,
ପୁଡ଼ା ଗୋଟିଏ ଦେଲେ ବାନ୍ଧି । ଖ. ଦ. ସ୍କ.

ଜାଉଁଳା କବାଟର ଏକଖଣ୍ଡ । ଯଥା—

କେଉଁମାନେ ଘର ଗବାକ୍ଷ ପୁଡ଼ା ଫେଇ,
ଗୁହିଁଦେଇ ମୁଖ ନିଅନ୍ତି ଲୁଚାଇ । କୃ.ଖ.ଆ.ପ.

ପୁସ୍ତକାଦିର ପୃଷ୍ଠା; ଦୁଆପିକା କମ୍ବା ସାତାପୁଡ଼ା ଖେଳର ୪, ୮, ୧୨, ୧୬ ପ୍ରଭୃତି ସଂଖ୍ୟା ଏବଂ ଛଆପୁଡ଼ା ଖେଳର ପ୍ରୋକ୍ତସଂଖ୍ୟକ ଦାନ ।

ପୁଡ଼, ପୁଡ଼ୀ, ବି. ସ୍ତ୍ରୀ. (ପୁଟୀ ଶବ୍ଦଜ ପ୍ରାକୃତ) ଦୁବ ପ୍ରଭୃତିର ସାନ ବଡ଼ା ।
ପୁଡ଼ଆ, ବି. (ଦେଶଜ) ପୋଟଲି ବା ପୁଡ଼ା ।
ପୁଡ଼ୁଗ, ବି. (ଦେଶଜ) ଧାନ୍ୟାଦିର ଓଳିଆ । ଯଥା—
ମାଛ୍ର ବିନା ଅଡ଼ଡ଼ରେ ସେ ଫେଣାଟା,
ରହିଛୁ ହୋଇକର ପୁଡ଼ୁଗ ପରି ଟା । କୃ.ଖ.ଛ.ପ.
ପୁଡ଼ୁଗା, ବି. (ସମ୍ବଲପୁରରେ) ବାଇଗଣ ପ୍ରଭୃତି ପୋଡ଼ିବା; ପୋଡ଼ା ବାଇଗଣ ପ୍ରଭୃତିର ବ୍ୟଞ୍ଜନ ।
ପୁଣ, ପୁଣି, ଅ. ( ପୁନଃ ଶବ୍ଦଜ ପ୍ରାକୃତ ) ପୁନର୍ବାର; ଏବଂ, ଆଉର ।
ପୁଣପୁଣ, ପୁଣିପୁଣି, ପୁଣପୁଣି, } ଅ. (ପୁନଃପୁନଃ ଶବ୍ଦଜ) ଥରକୁଥର । ଯଥା—
ରଙ୍ଗୌଷ୍ଠ ଅରୁଣବଣେ ଝଟକାଇ ହାସକ୍ୟୋତ
ପୁଣପୁଣି କ । ର. ପ.
ପୁଣ୍ଡରୀକ, ବି. (ପୁଣ୍ଡ୍ = ପୀଡ଼ନକରିବା, ଶୋଭନ କରିବା-ଅରୀକ ) ଶ୍ୱେତପଦ୍ମ; ଶ୍ୱେତଚନ୍ଦନ; ଅଗ୍ନିକୋଣର ହସ୍ତୀ; ବ୍ୟାଘ୍ର; ସହକାର; ଶୁଭ୍ରବର୍ଣ୍ଣ; କମଣ୍ଡଳୁ ।
ପୁଣ୍ଡ୍ର, ବି. (ପୁଣ୍ଡ୍-ର) ତିଳକ; ଇକ୍ଷୁ; କୃମି; ମାଧବୀଲତା ।
ପୁଣ୍ୟ, ବି. (ପୁଣ୍ = ସତ୍ କରିବା ଇତ୍ୟାଦି-ଯ) ଧର୍ମ, ସୁକୃତ । ବିଂ. ପବିତ୍ର, ନିଷ୍ପାପ, ନିର୍ମଳ; ମନୋଜ୍ଞ । (ସ୍ତ୍ରୀ-ଆ) ତୁଳସୀ ।
ପୁଣ୍ୟଜନ, ବି. (ପୁନ=ପବିତ୍ରତା-ଅଜନ=ଯେ ଜନ୍ମାଏ ନାହିଁ) ରାକ୍ଷସ; ଯକ୍ଷ; ଧାର୍ମିକ-ବ୍ୟକ୍ତି ।
ପୁତ, ବି. ( ପୁତ୍ର ଶବ୍ଦଜ ପ୍ରାକୃତ ) ପୁଅ, ସନ୍ତାନ । ଯଥା—
ଗୋରେଖ ବୋଇଲେ ଅହେ ଶୁଣସି ହେ ପୁତ,
ଆମ୍ଭେ ସେ ଗୋରେଖ ଆହୋ ଅଟୁଁ ଅବଧୂତ ।
ସା. ଭ. ସ.
ପୁତୁରା, ବି. (ଦେଶଜ) ଭ୍ରାତୃପୁତ୍ର ।
ପୁତୁଳା, ବି. (ପୁତ୍ତଳକ ଶବ୍ଦଜ) ମୂର୍ତ୍ତି ।
ପୁତ୍ତଳି, ପୁତ୍ତଳୀ, ପୁତ୍ତଳିକା, } ବି. ସ୍ତ୍ରୀ. ସଂ. ପିତୁଳା ।
ପୁତ୍ତିକା, ବି. ସ୍ତ୍ରୀ. ସଂ. ଉଇପୋକ; ମଧୁମକ୍ଷିକା ।
ପୁତ୍ର, ପୁତ୍ତ୍ର, ବି. ( ପୁ = ପବିତ୍ରକରିବା-ତ୍ର-ଯେ ପିତା ମାତାକୁ ପବିତ୍ର କରେ । ଅଥବା ପୁଂ = ନରକବିଶେଷ-ତ୍ରୈ = ତ୍ରାଣକରିବା-ଅ) ପୁଅ ।
ପୁତ୍ରକ, ବି. (ପୁତ୍ର-କ) ସ୍ନେହପାତ୍ର; ପୁତ୍ର । ( ସ୍ତ୍ରୀ-ପୁତ୍ରକା, ପୁତ୍ରିକା ) କନ୍ୟା; ଦତ୍ତକକନ୍ୟା; ପୁତ୍ତଳିକା ।
ପୁତ୍ରିକ, ବିଂ. ( ପୁତ୍ର-ଇକ ଅଥବା-ପୁତ୍ର-କ-ଅସ୍ତ୍ୟର୍ଥେ, ଇ ଆଗମ) ପୁତ୍ରଯୁକ୍ତ ।
ପୁନଃପୁନଃ, ଅ. ସଂ. ବାରମ୍ବାର ।
ପୁନରପି, ଅ. (ଦେଶଜ) ପୁନର୍ବାର ।
ପୁନର୍ଭବ, ବି. (ପୁନଃ-ଭୂ-ଅ) ନଖ; ପୁନର୍ଜନ୍ମ ।
ପୁନର୍ଭୂ, ବି. ସ୍ତ୍ରୀ. ( ପୁନଃ-ଭୂ-ହେବା-କ୍ୱିପ୍ ) ବିଧବା ହୋଇ ଦ୍ୱିତୀୟବାର ବିବାହିତା ହେବା ସ୍ତ୍ରୀ । ବିଂ. ପୁନର୍ଜାତ ।
ପୁନଷ୍ଚ, ଅ. ପୁନର୍ବାର ।
ପୁନାଙ୍ଗ, ପୋଲାଙ୍ଗ, } ବି. (ପୁନ୍ନାଗ ଶବ୍ଦଜ) ପୁଷ୍ପବୃକ୍ଷ-ବିଶେଷ । ଯଥା—
ପୁନାଗ ପଦ୍ମ କାଇ ମନ୍ଦାର ବଣମଲ୍ଲୀ । ନୃ.ପୃ.ଭ.ତ.
ପୁନାଦି, ବି. (ତୈଲଙ୍ଗ ଶବ୍ଦ କନ୍ତୁ ଗଞ୍ଜାମରେ ଓଡ଼ିଆରେ ବ୍ୟବହୃତ କରନ୍ତି) ପ୍ରାକାରାଦିର ମୂଳଭିତ୍ତି ।
ପୁନ୍ନାଗ, ବି. ସଂ. ନାଗକେଶର ବୃକ୍ଷ; ଶ୍ୱେତ-ହସ୍ତୀ; ଶ୍ୱେତୋତ୍ପଳ; ନରଶ୍ରେଷ୍ଠ ।
ପୁନଅଁ, ପୁନେଇଁ, ପୁନେଇ, ପୁନେଁ, } ବି. ସ୍ତ୍ରୀ. (ପୌର୍ଣ୍ଣମୀ ଶବ୍ଦଜ) ପୂର୍ଣ୍ଣିମା । ଯଥା—
ଜହ୍ନମାମୁଁ ଘରେ ରହିବୁ ଆସି,
ବଡ଼ା ହୋଇଯିବୁ ପୁନଅଁ ବାସି । ଉ. ସା.
ପୁମାନ୍, ବି. ( ପୁମ୍ସ୍ ଶବ୍ଦର ପ୍ରଥମା ଏକ-ବଚନର ପଦ ପା-ଡୁମ୍ସ୍ ) ପୁରୁଷ, ପୁଂଲିଙ୍ଗ ମାତ୍ର ।
ପୁର୍, ପୁରୀ, ବି. ସ୍ତ୍ରୀ. (ପୁର୍ = ଅଗ୍ରେ ଅଗ୍ରେ ଗମନ କରିବା-କ୍ୱିପ୍, ସ୍ତ୍ରୀ-ଈ) ନଗରୀ ।
ପୁରଃସର, ବିଂ. ( ପୁରସ୍ = ଅଗ୍ର-ସୃ-ଅ ) ଅଗ୍ରସର ।
ପୁର, ବି. ( ପୄ = ପୂର୍ଣ୍ଣକରିବା-ଅ ) ଗୃହ । (ଆତ୍ମାର ଗୃହ ବୋଲି) ଶରୀର । ବିଂ. ପୂର୍ଣ୍ଣ; ପ୍ରଚୁର ।

ପୁର, ପୁରୁ, ବି. (ଦେଶଜ) ପ୍ରସ୍ଥ । ଯଥା—
ପୁରେକ ବସନ ପୟୋଧରେ ଅଛୁ । ର. ପ.
ଲୁଗାଟି ଗୁରପୁରୁ କରି ଚଉତି ଘୋଡ଼ାଇ ହେଲେ ।

ପୁର, ବି. (ପୂର ଶବ୍ଦର ଅପଭ୍ରଂଶ) କାକରା ପିଠା ପ୍ରଭୃତିର ମଧ୍ୟରେ ଦେବା ନଡ଼ିଆ କୋରା ଆଦି ।

ପୁରଟ, ବି. ସଂ. ସ୍ୱର୍ଣ୍ଣ ।

ପୁରଣି, } ବି. (ପୂରଣ ଶବ୍ଦଜ) ପୂର୍ଣ୍ଣକରଣ ।
ପୁରୁଣି, } ବିଂ. ସଂ. ପୂର୍ଣ୍ଣ ।

ପୁରତ, ବି. (ପୁରତଃ ପଦରୁ ଜାତ) ସମ୍ମୁଖ । ଯଥା—
ଥିଲେ ତାଙ୍କର ଚରିକ ସ୍ୱଶ୍ରୂତ,
ବୁଝି ଥାନ୍ତେ ଆସି ଆମ୍ଭ ପୁରତ । କୋ. ବ୍ର. ସୁ.

ପୁରତଃ, } କ୍ରି. ବିଂ. ସଂ. ଅଗ୍ରେ, ସମ୍ମୁଖରେ ।
ପୁରତସ୍, }

ପୁରନ୍ଦର, } ବି. (ପୁର = ଅସୁରବିଶେଷ ଦୃ-
ପୁରଶାସନ, } ଅ-ମ ଆଗମ) ଇନ୍ଦ୍ର; ଚୋର ।

ପୁରନ୍ଧ୍ରୀ, ବି. ସ୍ତ୍ରୀ. (ପୁରଂ = ଗୃହକୁ-ଧୃ-ଅ, ସ୍ତ୍ରୀ-ଈ) ପତିପୁତ୍ରବତୀ ସ୍ତ୍ରୀ, ଗୃହିଣୀ ।

ପୁରଶ୍ଚରଣ, ବି. (ପୁରସ୍-ଚର୍-ଅନ) ଅଭୀଷ୍ଟ ସିଦ୍ଧି ସକାଶେ ସ୍ୱୀୟ ଇଷ୍ଟଦେବତାଙ୍କ ମନ୍ତ୍ର ଜପ, ହୋମ, ତର୍ପଣ, ଅଭିଷେକ ଓ ବ୍ରାହ୍ମଣଭୋଜନ ଏହି ପାଞ୍ଚ ସାଧନଦ୍ୱାରା ପୂଜା କରିବା ।

ପୁରସ୍, ଅଂ. ସଂ. ପୂର୍ବେ, ପ୍ରଥମେ, ସମ୍ମୁଖେ ।

ପୁରସ୍ତମ, ବି. ( ପୁରୁଷୋତ୍ତମ ଶବ୍ଦଜ ) ପୁରୁଷୋତ୍ତମ କ୍ଷେତ୍ର ।

ପୁରସ୍ତାତ୍, ଅଂ. ସଂ. ପୂର୍ବଦିଗରେ ବା କାଳରେ; ଆଗେ, ସମ୍ମୁଖରେ ।

ପୁରସ୍କାର, } ବି. ( ପୁରସ୍-କାର, କ୍ରିୟା )
ପୁରସ୍କ୍ରିୟା, } ସମ୍ମାନ; ଆଦର; ପାରିତୋଷିକ-ଦାନ; ଅଗ୍ରେକରଣ; ଅଭିଷେକ ।

ପୁରା, ଅଂ. ସଂ. ପୂର୍ବକାଳେ; ପ୍ରଥମେ; ନିକଟେ; ପୂର୍ବବୃତ୍ତ; ପଶ୍ଚାତ୍ ।

ପୁରା, ପୂରା, ବିଂ. (ପୂର୍ଣ୍ଣ ଶବ୍ଦଜ) ପୂର୍ଣ୍ଣ । ଯଥା—
ଗ୍ରାସ କରୁଛନ୍ତି ସେ ଉଦର ପୁରା କରି । ନୃ. ପୁ. ଭୃ. ଭ.

ପୁରାଇବା, ପୂରାଇବା, } କ୍ରି. (ପୂର୍ ଧାତୁଜ)
ପୁରେଇବା, } ପୂର୍ଣ୍ଣ କରିବା ।

ପୁରାତନ, ବିଂ. (ପୁରା-ତନ) ପ୍ରାଚୀନ, ପୁରୁଣା ।

ପୁରାବୃତ୍ତ, ବି. ( ପୁରା-ବୃତ୍ତ = ଚରିତ ) ପୂର୍ବ ବୃତ୍ତାନ୍ତ, ଇତିହାସ ।

ପୁରାଷାହ, ବି. (ପୁର = ଶତ୍ରୁପୁର-ସହ୍ = ସହ୍ୟ ଓ ପରାଭବ କରିବା-ଅ) ଇନ୍ଦ୍ର; ଶିବ ।

ପୁରି, ପୂରି, ବି. (ପୂରିକା ଶବ୍ଦଜ) ମିଷ୍ଟାନ୍ନ-ବିଶେଷ ।

ପୁରିବା, ପୂରିବା, କ୍ରି. (ପୂର୍ ଧାତୁଜ) ପୂର୍ଣ୍ଣ ହେବା । ଯଥା—
ଉଡ଼ିଯିବ ମୋ ନିନ୍ଦା ଏ ପୁରି ମୁରି । ବି. ଚି. ମ.

ପୁରୀ, ବି. ସ୍ତ୍ରୀ. (ପୁର୍-ଈ) ପୁରୁଷୋତ୍ତମ-କ୍ଷେତ୍ର; ସନ୍ନ୍ୟାସିମାନଙ୍କର ଉପାଧିବିଶେଷ; ନଗରୀ; ଭବନ; ଦେହ ।

ପୁରୀଷ, ବି. (ପୃ-ଈଷ) ମଳ, ବିଷ୍ଠା ।

ପୁରୁଖା, ପୁର୍ଖା, ବିଂ. (ପ୍ରମୁଖ ଶବ୍ଦଜ) ପ୍ରବୀଣ ।

ପୁରୁଡ଼ା, ବି. (ଦେଶଜ) ଖାଲ ପୋତିବା ।

ପୁରୁଡ଼ିବା, କ୍ରି. (ଦେଶଜ) ଖାଲ ପୋତିବା ।

ପୁରୁଡ଼ିହେବା, କ୍ରି. (ଦେଶଜ) ନିମ୍ନସ୍ଥାନ ସମତଳ ହେବା; ଖାଲ ପୁଣି ଭରତି ହେବା ।

ପୁରୁଣା, ବିଂ. (ପୁରାଣ ଶବ୍ଦଜ) ଯାହା ନୂତନ ନୁହେ । ଯଥା—
କରଇ କି ପୁରୁଣା ପ୍ରୀତି ମନ ଫୁରୁଣା ହୋଇଲେ
ଅତ୍ୟନ୍ତ ଯୋରେହା । ର. କ.

ପୁରୁଣି, } ବି. ସ୍ତ୍ରୀ. ( ପୁନର୍ଣ୍ଣବା ଶବ୍ଦଜ )
ପୁରୁଣୀ, } ଶାକବିଶେଷ, ଧୋବ ଆଠିକା-ପୋଡ଼ ଶାଗ ।

ପୁରୁବ, } ବି. ( ପୂର୍ବ ଶବ୍ଦର ଅପଭ୍ରଂଶ )
ପୂରୁବ, } ପୂର୍ବଦିଗ । ବିଂ. ପ୍ରଥମେ ଥିବା । ଯଥା—
ନ ଥିବ ସେ ପୁରୁବ ବକ୍ର ବିକାଶ । ମେ. ଦୂ.

ପୁରୁଷ, } ବି. [ପୃ = (ବଳ) ପୂରଣ କରିବା-
ପୂରୁଷ, } ଉଷ] ମନୁଷ୍ୟ; ପୁଂଜାତିମାତ୍ର; ଆତ୍ମା;
ବିଷ୍ଣୁ ।

ପୁରୁଷକାର, ବି. ( ପୁରୁଷ-କୃ-ଅ ) ପୌରୁଷ; ଉତ୍ସାହ; ଚେଷ୍ଟା ।

ପୁରୁଷାର୍ଥ, ବି. (ପୁରୁଷ-ଅର୍ଥ = ପ୍ରୟୋଜନ) ଧର୍ମ, ଅର୍ଥ, କାମ ଓ ମୋକ୍ଷରୂପ ପ୍ରୟୋଜନ; ସୁଖ; ମୁକ୍ତି ।

ପୁରୁହୂତ, ବି. (ପୁରୁ = ଅଧିକ, ହୂତ = ଆହୂତ, ନାମ) ଇନ୍ଦ୍ର ।

ପୁରୋଡ଼ାଶ, ବି. (ପୁରସ୍ = ଅଗ୍ରେ-ଦାଶ୍ = ଦାନ କରିବା-ଅ) ଯାହା ଯଜ୍ଞରେ ଅଗ୍ରେ ଦିଆଯାଏ, ଯଜ୍ଞୀୟ ଘୃତ; ହୁତଶେଷ; ପିଷ୍ଟକ ।

ପୁରୋଧାଃ, } ବି. (ପୁରସ୍-ଧା-ଅସ୍) ପୁରୋ-
ପୁରୋଧସ୍, } ହିତ, ଯେ ଯଜ୍ଞାଦି କର୍ମ କରାଏ ।

ପୁରୋଭାଗୀ, } ବିଂ. ( ପୁରସ୍-ଭଜ୍-ଇନ୍ )
ପୁରୋଭାଗିନ୍, } ଅଗ୍ରଗାମୀ; ଯେ ଗୁଣଭାଗ ତ୍ୟାଗ କରି ଦୋଷଭାଗ ଦର୍ଶନ କରେ । (ଦୋଷୈକଦୃକ୍‌ପୁରୋଭାଗୀ—ଅମର ।)

ପୁଲକ, ବି. ( ପୁଲ୍ = ଉନ୍ନତ ହେବା-ଅ-କ ) ରୋମାଞ୍ଚ; ଆନନ୍ଦ; ହରିତାଳ; ଗଜାନ୍ନପିଣ୍ଡ । ( ବିଶେଷଣରେ ପୁଲକିତ ହୁଏ । )

ପୁଳା, ବି. (ପୁଳକ ଶବ୍ଦଜ) ମେଣ୍ଢା; କବଳ ।

ପୁଳାଏ, ବି. ଏକ କବଳ; ଏକମାତ୍ର ଗ୍ରାସ ।

ପୁଳାକ, ବି. ସଂ. ଅଗାଡ଼ି । ( ଦେଶଜ ) ଏକପୁଳା ।

ପୁଳି, ବି. (ପୂଳିକା ଶବ୍ଦଜ) ଏକପ୍ରକାର ପିଠା ।

ପୁଲିଆ, ପୁଲ୍ୟା, } ବିଂ. (ଦେଶଜ) ବିନାମୂଲ୍ୟ,
ପୁଲି, } ମହାଲିଆ ।

ପୁଲିନ, ବି. ( ପୁଲ୍ = ବୃହତ୍ ହେବା-ଇନ ) ତୋୟୋତ୍ଥିତ ସୈକତ; ନଦୀର ବାଲିପଟା; ତଟ; ଚଡ଼ା; ଦ୍ୱୀପ ।

ପୁଲିନ୍ଦ, ବି. ( ପୁଲ୍ = ବୃହତ୍ ହେବା-ଇନ୍ଦ ) ମ୍ଳେଚ୍ଛ ଜାତିବିଶେଷ ।

ପୁଳିନ୍ଦା, } ବି. (ଦେଶଜ) ବୋଝ; ବିଡ଼ା;
ପୁଳିନ୍ଦା, } ଲୁଗାପଟା ବା କାଗଜର ଖୋଳ ।

ପୁଲିସ, } ବି. (ଇଂରାଜୀ ପୋଲିସ ଶବ୍ଦଜ)
ପୋଲିସ, } ନଗରରକ୍ଷକ ଠାଣା ଏବଂ ତହିଁର କର୍ମଚାରୀ । ଯଥା—

**ଆନ ବୋଲେ ମୁହିଁ ଅଟଇ ପୁଲିସ,**
**ବିନା ମେଘେ ମୃଜ ପାରଇ କୁଳିଶ । ଦ. ବା.**

ପୁଲୋମଜା, ବି. ସ୍ତ୍ରୀ. (ପୁଲୋମନ୍-ଜନ୍-ଅ-ଆ) ଇନ୍ଦ୍ରାଣୀ, ଶଚୀଦେବୀ ।

ପୁଷ୍କର, ବି. (ପୁଷ୍ = ପୋଷଣ କରିବା-କୃ-ଅ) ଆକାଶ; ଜଳ; ପଦ୍ମ; ହସ୍ତିଶୁଣ୍ଡାଗ୍ର; ମୃଦଙ୍ଗାଦି ବାଦ୍ୟଭାଣ୍ଡର ମୁଖ; ତୀର୍ଥବିଶେଷ; ଦ୍ୱୀପବିଶେଷ; ଖଡ଼୍‌ଗାଦିର ଖାପ; ଖଡ଼୍‌ଗଫଳକ; ବାଣ; ଯୁଦ୍ଧ; ଔଷଧିବିଶେଷ; ସର୍ପବିଶେଷ । (ପୁଷ୍କରଂ କରିହସ୍ତାଗ୍ରେ ବାଦ୍ୟଭାଣ୍ଡମୁଖେ ଜଲେ; ବ୍ୟୋମ୍ନି ଖଡ଼୍‌ଗଫଲେ ପଦ୍ମେ ତୀର୍ଥୌଷଧିବିଶେଷୟୋଃ—ଅମର ।)

ପୁଷ୍କଳ, ବିଂ. (ପୁଷ୍ = ପୋଷଣ କରିବା-କଳ) ଉତ୍କୃଷ୍ଟ; ଅଧିକ ।

ପୁଷ୍ଟ, ବିଂ. (ପୁଷ୍-ତ) ପ୍ରତିପାଳିତ; ବୃଦ୍ଧିଯୁକ୍ତ । (ବିଶେଷ୍ୟରେ ପୁଷ୍ଟି ହୁଏ ।)

ପୁଷ୍ପ, ବି. (ପୁଷ୍ପ୍ = ବିକଶିତ ହେବା-ଅ) ଫୁଲ; ସ୍ତ୍ରୀରଜ; ବିକାଶ; କୁବେରଙ୍କ ପୁଷ୍ପକରଥ; ନେତ୍ରରୋଗବିଶେଷ ।

ପୁଷ୍ପକ, ବି. (ପୁଷ୍ପ-କ) କୁବେର ରଥ, ରତ୍ନନିର୍ମିତ କଙ୍କଣ; ନେତ୍ରରୋଗବିଶେଷ; ପିତ୍ତଳ; ମୃଚ୍ଛକଟୀ; ରସାଞ୍ଜନ ।

ପୁଷ୍ୟ, ବି. (ପୁଷ୍-ଯ) ନକ୍ଷତ୍ରବିଶେଷ; ପୌଷମାସ; କଳିଯୁଗ ।

ପୁସ, ପୁଷ, ବି. ( ପୁଷ୍ୟ ଶବ୍ଦର ଅପଭ୍ରଂଶ ) ମାସବିଶେଷ । ଯଥା—

**ପୁଷମାସେ ବଡ଼ ଶୀତ, କଷ୍ଟ ହଏ ଅପ୍ରମିତ । ବା.କୋ.**

ପୁସି, ବି. (ଦେଶଜ) ବିରାଡ଼ି ।

ପୁସ୍ତ, } ବି. (ପୁସ୍ତ = ବନ୍ଧନ କରିବା-ଅ-କ)
ପୁସ୍ତକ, } ପୋଥି, ଗ୍ରନ୍ଥ, ଲିପିଲେଖନ ପ୍ରଭୃତି ଶିଳ୍ପକର୍ମ । ବିଂ. ବଦ୍ଧ ।

ପୁସ୍ତକର୍ମା, ବି. ସଂ. ଶିଳ୍ପୀ ।

ପୁହାଁଇବା, } କ୍ରି. (ଦେଶଜ) ଖଗ ବା ନଅାଁ
ପୁଆଁଇବା, } ପାଖରେ ବସିବା ।

ପୁହାଇବା, କ୍ରି. (ଦେଶଜ) ପ୍ରଭାତ କରିବା । ଯଥା—

ପୁହାଇଲି ରେ ପ୍ରେମରସେ ଆଜ ରାତି । ର. ପ.

ବିଳମ୍ବ କରିବା, ସମୟ ଶେଷ କରିବା । ଯଥା— ବେଳ ପୁହାଇ ଦେଲି ।

ପୁହାତାରା, ବି. (ଦେଶଜ) ପ୍ରାତଃକାଳ ସମୟରେ ଉଦିତ ତାରା । (ଏହି ତାରା ଉଦି ପୁହାଇବା ହେତୁ ଏହା ନାମ ପୁହାତାରା ।) ଯଥା—

ଗଗନେ ପୁହାତାରା ଉହିଁ,
ଉଠିଣ ବସ୍ତ୍ର କର ଗୁହିଁ । ମା. ମା.

ପୂଗ, ବି. (ପୂ=ପବିତ୍ର କରିବା-ଗ) ଗୁବାକବୃକ୍ଷ; ଗୁବାକ; ସମୂହ ।

ପୂଜନ, ପୂଜା, ବି. (ପୂଜ୍=ପୂଜା କରିବା-ଅନ, ଅ-ଆ) ପୂଜା, ଅର୍ଚ୍ଚନା; ସମ୍ବର୍ଦ୍ଧନା; ପ୍ରଶଂସା । (ବିଶେଷଣରେ ପୂଜକ, ପୂଜୟିତା, ପୂଜିତ, ପୂଜମାୟ, ପୂଜ୍ୟମାନ, ପୂଜିତବ୍ୟ ଓ ପୂଜ୍ୟ ପଦ ନିଷ୍ପନ୍ନ ହୁଏ ।)

ପୂତ, ବିଂ. (ପୂ=ପବିତ୍ର କରିବା-ତ) ପବିତ୍ର; ପରିଷ୍କୃତ; ସତ୍ୟ; କୁଶ; ଶଙ୍ଖ ।

ପୂତି, ବି. (ପୂ-ତି) ପବିତ୍ରତା । (ପୂୟ୍=ଦୁର୍ଗନ୍ଧ ହେବା-ତି) ଦୁର୍ଗନ୍ଧ । ବିଂ. ଦୁର୍ଗନ୍ଧ-ବିଶିଷ୍ଟ ।

ପୂପ, ବି. (ପୂ=ପବିତ୍ର କରିବା-ପ) ପିଷ୍ଟକ, ପିଠା; ରୁଟି ।

ପୂୟ, ପୂୟନ, ବି. (ପୂୟ୍=ଦୁର୍ଗନ୍ଧ ହେବା-ଅ, ଅନ) ବିକୃତରକ୍ତ, ପୂଜ ।

ପୂର, ବି. (ପୂର୍=ପରିପୂର୍ଣ୍ଣ ହେବା-ଅ) ପ୍ରବାହ, ସମୂହ; ପରିପୂରଣ; ଖାଦ୍ୟ-ବିଶେଷ; ପୁରୀ । (ବିଶେଷଣରେ ପୂରକ, ପୂରୟିତା, ପୂରିତ ପଦ ନିଷ୍ପନ୍ନ ହୁଏ ।)

ପୂର୍ଣ୍ଣ, ବିଂ. (ପୂ-ତ—ତ=ନ) ପରିପୂର୍ଣ୍ଣ; ସଫଳ, ଅପେକ୍ଷାଶୂନ୍ୟ । ବି. ଜଳ ।

ପୂର୍ଣ୍ଣମା, ପୂର୍ଣ୍ଣିମା, } ବି. ସ୍ତ୍ରୀ. (ପୂର୍ଣ୍ଣ-ମା=ଚନ୍ଦ୍ର,
ପୌର୍ଣ୍ଣମାସୀ, } ପୂର୍ଣ୍ଣ-ମାସ । ମୀୟତେ ତିଥିରନେନ ମାଃ ଚନ୍ଦ୍ରଃ । ପୂର୍ଣ୍ଣଶ୍ଚାସୌମାଶ୍ଚ ପୂର୍ଣ୍ଣମାଃ । ତସ୍ୟେୟଂ ପୌର୍ଣ୍ଣମାସୀ, ପୂର୍ଣ୍ଣୋ-ମାସୋଽସ୍ୟାମିତିବା) ଶୁକ୍ଲପକ୍ଷର ପଞ୍ଚଦଶୀ-ତିଥି ।

ପୂର୍ତ୍ତ, ବି. (ପୂ-ତ) ପୁଷ୍କରଣୀ ଓ କୂପଖନନ ପ୍ରଭୃତି; ପାଳନ; ପୂରଣ । ବିଂ. ପୂରିତ; ଆଚ୍ଛାଦିତ । (ବିଶେଷ୍ୟରେ ପୂର୍ତ୍ତି ହୁଏ ।)

ପୂର୍ବ, ବି. (ପୂର୍ବ୍=ପୂରଣ କରିବା-ଅ) ଦିଗବିଶେଷ । ବିଂ. ପ୍ରଥମ; ଜ୍ୟେଷ୍ଠ; ପୂର୍ବକାଳୀନ; ପ୍ରାଚ୍ୟଦେଶୀୟ ।

ପୂଳ, ପୂଲ, } ବି. ସ୍ତ୍ରୀ. ସଂ. ପୂଳପିଠା ।
ପୂଳିକା, }

ପୃକ୍ତ, ବିଂ. (ପୃଚ୍-ତ) ମିଶ୍ରିତ; ସଂଲଗ୍ନ । (ବିଶେଷ୍ୟରେ ପୃକ୍ତି ହୁଏ ।)

ପୃଚ୍ଛା, ବି. (ପ୍ରଚ୍ଛ୍-ଅ-ଆ) ପ୍ରଶ୍ନ; ଜିଜ୍ଞାସା ।

ପୃତନା, ବି. ସ୍ତ୍ରୀ. ସଂ. ସେନା; ସୈନ୍ୟଦଳ ।

ପୃଥକ୍, ଅଂ. ସଂ. ଅନ୍ୟ, ଭିନ୍ନ; ନୀଚ ।

ପୃଥକ୍‌ଜନ, ବିଂ. ସଂ. ମୂର୍ଖ; ନୀଚ; ପାପୀ ।

ପୃଥି, ପୃଥୀ, ବି. ସ୍ତ୍ରୀ. (ପୃଥିବୀ ଶବ୍ଦର ଅପଭ୍ରଂଶ) ପୃଥିବୀ । ଯଥା—

ପୃଥି ଆପିଲରୁ ପୁଣି କେତେ ଦିନ ଅନ୍ତେ,
ହଂସରୂପେ ଜ୍ଞାନ ପୁଣି କହିବେ ସନନ୍ତେ । ନୃ. ପୁ. ପ୍ର. ତ.

ପୃଥିବୀ, ପୃଥ୍ୱୀ, ବି. ସ୍ତ୍ରୀ. (ପ୍ରଥ=ବିଖ୍ୟାତ ବା ବିସ୍ତୃତ ହେବା-ଇବ, ପ୍ରଥ=ପୃଥ-ଈ) ଭୂମି ।

ପୃଥୁ, ବିଂ. (ପ୍ରଥ୍-ଉ) ବିସ୍ତୃତ; ବିଶାଳ; ସ୍ଥୂଳ ।

ପୃଥୁକ, ବି. (ପୃଥୁ-କ) ଶିଶୁ; ଚିପିଟକ ବା ଚୂଡ଼ା ।

ପୃଥୁଳ, ବିଂ. (ପୃଥୁ-ଳ) ବଡ଼; ବିସ୍ତୃତ; ସ୍ଥୂଳ ।

ପୃଷତ୍, ପୃଷତ, } ବି. ସଂ. ଜଳାଦିର ବିନ୍ଦୁ ।
ପୃଷନ୍ତି, }

ପୃଷାର୍ଥ, } ବି. (ପୁରୁଷାର୍ଥ ଶବ୍ଦର ଅପଭ୍ରଂଶ)
ପ୍ରୁଷାର୍ଥ, } ପୌରୁଷ; ଗୌରବ । ଯଥା—

ଶ୍ରମସେନକୁ ପୃଷାର୍ଥ କରନ୍ତି ଅନେକ,
ସାଧ ସାଧୁ ମାରୁତ ରୁ ଖଣ୍ଡି ଅଛି ଏକ । ସା. ସ୍କ. ଷ.

ପୃଷ୍ଟ, ବି°. (ପ୍ରଛ୍‌-ତ) ଜିଜ୍ଞାସିତ । ବି. ଜିଜ୍ଞାସା ।
ପୃଷ୍ଠ, ବି. (ପୃଷ୍‌-ଥ) ପଶ୍ଚାଦ୍‌ଭାଗ; ପିଠି ।
ପୃଷ୍ଠବଂଶ, ବି. ସଂ. ପିଠିର ହାଡ଼ ।
ପେଁ, ପେଁପେଁ, ଅ°. (ଦେଶଜ) ଶବ୍ଦାନୁକରଣବିଶେଷ ।
ପେଁକାଳି, ବି°. (ପେଁକାଷ୍ଠ ଶବ୍ଦଜ) ବାଦ୍ୟବିଶେଷ, ମହୁରି ।
ପେଁଗୁଳ, } ବି°. (ଦେଶଜ) ଘୂର୍ଣ୍ଣମାନ;
ପେଙ୍ଗାଳ, } ବକ୍ର ।
ପେକମ, ବି. (ଦେଶଜ) ମୟୂରପୁଚ୍ଛ ।
ପେଖନା, ପେଖାନା, } ବି. (ପ୍ରେକ୍ଷଣ ଶବ୍ଦଜ)
ପେଖଣ୍ଡି, } ବାହାନା ବା ଛଳନା ।
ଯଥା—
ଦେଖାଉଛ ଭବେ ଅସଂଖ୍ୟ ପେଖନା । ଧ. ବା.
ପେଙ୍ଗା, ବି. (ପଙ୍ଗୁ ଶବ୍ଦଜ) ଟେଙ୍ଗା; ଟେଙ୍ଗାଇ ଚାଲିବା ।
ପେଙ୍ଗାଇବା, } କ୍ରି. (ଦେଶଜ) ଟେଙ୍ଗାଇ
ପେଙ୍ଗେଇବା, } ଚାଲିବା ।
ପେଚ, ପେଁଚ, ବି. (ଦେଶଜ) ଗୁପ୍ତ ଦୋଷ ।
ଯଥା—
ଆବର ଉପର କଣ କହିଲେ କି ହେବ,
ସେ ପେଚ ପେଚଯାକ ସବୁରି ମନେ ଥିବ ।
ନ. ପୁ. ସ. ଚ.
ପେଚକ, ବି. (ପିଚ୍‌=ବ୍ୟକ୍ତ କରିବା-ଅକ-ନିପାତନ) ପେଚୁ ପକ୍ଷୀ; ହସ୍ତିର ପୁଚ୍ଛମୂଳ; ଗୁହ୍ୟଦେଶାଚ୍ଛାଦକ ମାଂସପିଣ୍ଡବିଶେଷ; ପର୍ଯ୍ୟଙ୍କ ।
ପେଚୁ, ବି. (ପେଚକ ଶବ୍ଦଜ) ଉଲ୍ଲୁକପକ୍ଷୀ ।
ପେଚୁଆ, ବି°. (ଦେଶଜ) ବଙ୍କା ।
ପେଜ, ବି. (ପେୟା ଶବ୍ଦଜ) ରନ୍ଧା ଅନ୍ନରୁ ନିର୍ଗତ ଜଳ ।
ପେଞ୍ଚ, ବି°. (ଦେଶଜ) ବାଙ୍କ; ନମ୍ର ।
ପେଟ, ବି. (ପେଟକ ଶବ୍ଦଜ) ଉଦର; ଗର୍ଭ ।
ପେଟ, ପେଟିକା, } ବି. ସ୍ତ୍ରୀ. (ପିଟ୍‌=ସଂହତ
ପେଟୀ, ପେଟକ, } ହେବା-ଅ, ଅକ, କମ୍ବା ସ୍ୱାର୍ଥେ କ-ଈ, ଆ, ଅକ=ଇକ) ବେତ କାଷ୍ଠାଦିନିର୍ମିତ ପେଡ଼ି, ସମୂହ ।

ପେଟକାବୁରା, ବି°. (ଦେଶଜ ବା ପେଟୁକ ଶବ୍ଦଜ) ଯେ ଭୋଜନ କେବଳ ଇଚ୍ଛା କରେ, ଉଦରମ୍ଭରି ।
ପେଟକାବୁରୀ, ସ୍ତ୍ରୀ. ଯେଉଁ ସ୍ତ୍ରୀ ଭୋଜନ କେବଳ ଇଚ୍ଛା କରେ । ଯଥା—
କହେ କେଉଁ ଗୋପୀ ଯେ ପେଟକାବୁରୀ
ବୃତ୍ତେ ତାର ପୂଣ୍ୟ କାହିଁ । କ. ମ.
ପେଟଖସା, ବି. (ଦେଶଜ) ଗର୍ଭପାତ, ଗର୍ଭସ୍ରାବ ।
ପେଟଟେଣା, ବି. (ଦେଶଜ) ଉଦରପୀଡ଼ା ।
ପେଟଫୁଲା, ବି. (ଦେଶଜ) ଉଦର ଆଧ୍ମାନ; ମନୋଦୁଃଖ । ଯଥା—
ସେ କଥା ମନୁ ମୋର ପାସୋର ଯାଉ ନାହିଁ,
ତୁ କହିଲେ ପେଟଫୁଲା ଭାଜିବ ସେ ଯାଇ । ନ. ପୁ. ସ. ଚ.
ପେଟବିକଳିଆ, ବି°. (ଦେଶଜ) ପେଟକୁ ଭାତ ନ ପାଇ ଯେ ବିକଳ ହୁଏ । ଯଥା—
ଏବେ ସେ ବୟସ ହୋଇ ପେଟବିକଳିଆ,
ହେଲେଣି ପନ୍ଦର ଅଣା ଦଶ ବିଟାଳିଆ । ଉ ସା. ୧୮. ୯.
ପେଟମରା, ବି. (ଦେଶଜ) ଗୋରୁମାନଙ୍କର ଏକପ୍ରକାର ରୋଗ; କ୍ଷୁଧା ସମ୍ଭାଳିବା ।
ପେଟରା, ବି. (ପେଟକ ଶବ୍ଦଜ) ପେଡ଼ି ପ୍ରଭୃତି । ଯଥା—
ଆପଣା ଭକ୍ଷ୍ୟ ଦ୍ରବ୍ୟ ଆଣି,
ପେଟରା ମଧ୍ୟେ ଭରି ପୁଣି । ଦା. ର.
ବି°. ଯାହାର ପେଟ ବଡ଼ ଅଟେ ।
ପେଟରାଣ୍ଡୀ, ବି. ସ୍ତ୍ରୀ. (ଦେଶଜ) ଗର୍ଭିଣୀ ଥାଇ ଯେଉଁ ସ୍ତ୍ରୀ ବିଧବା ହୁଏ । ଯଥା—
ବ୍ୟାସଦେବ କହିଲେ ଯେ ଅଗ୍ନି ଶାସ୍ତ୍ରଖଣ୍ଡି
ବିରାଟ ଦୁହିତା ହୋଇବ ପେଟରାଣ୍ଡୀ । ସା. ଭା. ବି. ପ.
ପେଟଲି, ପେଟିଲି, } ବି. ସ୍ତ୍ରୀ. (ଦେଶଜ)
ପେଟୁଲି, ପେଟୁଲ୍ଲି, } ଗର୍ଭବତୀ ସ୍ତ୍ରୀ ।
ପେଟା, ପେଟୁ, } ବି°. (ଦେଶଜ ବା ପେଟୁକ
ପେଟୁଆ, } ଶବ୍ଦଜ) ଯାହାର ବଡ଼ ପେଟ । ଯଥା—
କାହାକୁ ଜଡ଼ କାଲ କାହାକୁ କରେ ଟେଙ୍ଗା,
କାହାକୁ କୁବ୍‌ଜ କରେ କାହାକୁ କରେ ପେଟା ।
ନ. ପୁ. ତୃ. ଚ.
କୁକ୍ଷିମ୍ଭରି ଅର୍ଥାତ୍ ଯେ ସର୍ବଦା ଖାଇବା ଇଚ୍ଛା କରେ ।

ପେଟିଆ, ବି. ( ପେଟିକା ଶବ୍ଦଜ ପ୍ରାକୃତ ) ପେଡ଼ି ।

ପେଟିଆଇବା, } କ୍ରି. ( ଦେଶଜ ) ପେଟରେ
ପେଟେଇବା, } ଭରଦେଇ ରହିବା ।
ପେଟେବା, } ଯଥା—

ଅଗ୍ନିର ଗୃହପାଶେ ବୁଲନ୍ତି ଢେଙ୍ଗି ଢେଙ୍ଗି,
ଜଳକୁଣ୍ଡ ମଧ୍ୟରେ ପଡ଼ନ୍ତି ପେଟିଆଇ । ନୃ.ପୁ.ଭୂ.ତ.

ପେଟ ତଳକୁ କରି ଶୋଇବା ।

ପେଟୁକ, ବିଂ. ଉଦରମ୍ଭରି, ଉଦରସର୍ବସ୍ୱ ।

ପେଠୀ, ପେଣ୍ଠୀ, ବି. ସ୍ତ୍ରୀ. (ଦେଶଜ) ବାଙ୍ଗରି ।
ଯଥା—

କଟିରେ ଦେଇ କରପଇଠିକି,
କହୁଛନ୍ତି କାହ୍ନୁ କେଉଁ ପେଠୀକି । ବି. ଚ. ମ.

ପେଡ଼ା, ପେଡ଼, } ବି. (ପେଟୀ ଶବ୍ଦଜ ପ୍ରାକୃତ)
ପେଢ଼ା, ପେଢ଼ି, } ପେଟରା । ଯଥା—

ମରମ ପରମ ଲଳ ଧନ ପେଡ଼ା । ବି. ଚ. ମ.
ଏ ବଚନେ ଶିଷ୍ୟ କରେ ପେଢ଼ା ବୁହାଇ । ଲ.ବ.
ଯୋଗାଏ ଚନ୍ଦନ ପେଡ଼ି ମାଳଗିର । ପାର୍ବତୀ ।
ଗୃଙ୍ଗଡ଼ା ଭୂଷଣ ପେଢ଼ି ଯେ । ଲ. ବ.

ପେଡ଼ା, ବି. ( ଦେଶଜ ) ମିଷ୍ଟାନ୍ନବିଶେଷ; ହଳଦି ପ୍ରଭୃତିର ଖଣ୍ଡ । ଯଥା—

ମାଆ ଖୁଡ଼ୀ ଅଛ୍ୟ ଯେ ବ୍ରାହ୍ମଣୀ ସାତ ଆସି,
ସାତପେଡ଼ା ହଳଦି ଛେଚଲେ ଅଛ୍ୟେ ମିଶି । ମଂ. ଫ.

(ପୀଡ୍ ଧାତୁଜ) ଆଖୁ ପ୍ରଭୃତିର ପେଷଣ ।

ପେଡ଼ପେଡ଼ିଆ, ବି. (ଦେଶଜ) ଔଷଧି ଗୁଳ୍ମ-ବିଶେଷ ।

ପେଡ଼ିବା, କ୍ରି. (ପୀଡ୍ ଧାତୁଜ) ବିଶେଷ ପୀଡ଼ା-ଦେବା; ପେଷଣ କରିବା ।

ପେଣ୍ଟଲୁନ, ବି. (ଇଂରାଜୀ ଶବ୍ଦ) ପାଜାମା-ବିଶେଷ; ଶରୀରର ଅଧୋଦେଶର ପରିଧାନ ।

ପେଣ୍ଠ, ବି. (ଦେଶଜ) ହାଟ ବଜାର ଓ ଅନେକ ବ୍ୟବହାରୀ ଥିବା ଗ୍ରାମବିଶେଷ । ଯଥା—

ସହସ୍ରେକ ହାଟ ଦୁଇ ସହସ୍ର ଯେ ପେଣ୍ଠ,
ଅନୁବ୍ରତେ ଉତ୍ସବ ହରଷ ସର୍ବ ରାଷ୍ଟ୍ର । ସା. ଭା. ସ.

ପେଣ୍ଠୀ, ବି. ସ୍ତ୍ରୀ. (ଦେଶଜ) ନୂତନବାଳକା ।

ପେଣ୍ଡା, ପେଣ୍ଡି, ବି. (ପିଣ୍ଡ ଶବ୍ଦଜ) ଗୁଚ୍ଛ । କାନ୍ଧ । ଯଥା—

ପେଣ୍ଡି ପେଣ୍ଡି ହୋଇ ତନୁଯାକ ତାର
ମୁକୁତାଚୟ ବଢ଼ଇ । ବି. ଘ.

ପେଣ୍ଡା, ବି. (ପିଣ୍ଡ ଶବ୍ଦଜ) ଘରର ପିଣ୍ଡା ଖମ୍ବ-ଉପରସ୍ଥ କାଷ୍ଠ ଖଣ୍ଡ । ଯଥା—

ସେ ଖମ୍ବେ ପେଣ୍ଡାମାନଙ୍କରେ ମୋଢ଼ ପେଣ୍ଡା,
ଲମ୍ବି ପଡ଼ିଛନ୍ତି ହୋଇ ଗଣ୍ଡା ଗଣ୍ଡା । କୃ. ଭା. ବ. ପ.

ଜାନୁର ନିମ୍ନଭାଗ; କଦଳୀ ପ୍ରଭୃତିର କାନ୍ଧ; ପୁଷ୍ପାଦିର ସ୍ତବକ ବା ଗୁମ୍ଫା । ଯଥା—

ବାଳକେ ନନ୍ଦା କରେ ମାଣିକ୍ୟଗୁନ୍ଥା ପେଣ୍ଡା ।
କୃ. ଭା. ଆ. ପ.

ପେଣ୍ଡାବାଳ, ବି. (ବାଳ ଓ ପିଣ୍ଡ ଶବ୍ଦଜ-ଶବ୍ଦ-ବିଲୋମ) କେଶଗୁଚ୍ଛ । ଯଥା—

ପେଣ୍ଡାବାଳ ମୁକୁଳାଇ ବସିଅଛୁ କେଡ଼େ । ମ. ଯା.

ପେଣ୍ଡାଳିବା, କ୍ରି. (ଦେଶଜ) ସମ୍ଭାଳି ନେବା ।

ପେଣ୍ଡି, ବି. (ପିଣ୍ଡିକା ଶବ୍ଦଜ) ପିଣ୍ଡାର ଆକୃତି-ବିଶିଷ୍ଟ ଦେବପୀଠ ।

ପେଣ୍ଡିଖଜୁରି, ବି. (ପିଣ୍ଡଖର୍ଜ୍ଜୁର ଶବ୍ଦଜ) ଏକ-ପ୍ରକାର ଖଜୁରି ଗଛ ।

ପେଣ୍ଡୁ, ବି. (ପିଣ୍ଡ ଶବ୍ଦଜ) କନ୍ଦୁକ ।

ପେଦୁର, ବି. (ପ୍ରିୟଦୂର ଶବ୍ଦଜ) ଫଳ-ବିଶେଷ, ଏକପ୍ରକାର ଗୃଞ୍ଜଳିଆ ଫଳ । ଯଥା—

ଯେ ଫଳ ପାକଲେ ହୁଏ ପ୍ରିୟଫଳ ଦୂର,
ତେଣୁ ସେ ଫଳର ନାମ ଅଟେ ପ୍ରିୟଦୂର ।
ଅଶିକ୍ଷିତ ବ୍ୟବହାରେ ହୋଇଲା ପେଦୂର,
ଅର୍ଦ୍ଧପକ୍ୱ ଅବସ୍ଥାରେ କେଡ଼େ ସେ ମଧୁର । ବୃ. ସୁ.

ପେନସ, } ବି. (ପୀନସ ଶବ୍ଦଜ) ନାସାରୋଗ-
ପିନସ, } ବିଶେଷ ।

ପେନସନ, ବି. (ଇଂରାଜୀ ଶବ୍ଦ) ବିନାବେତନ, କର୍ମିଗୃହର ପୁରସ୍କାରସ୍ୱରୂପ ବୃତ୍ତି ।

ପେନସିଲ, ବି. (ଇଂରାଜୀ ଶବ୍ଦ) ଲେଖନୀ-ବିଶେଷ ।

ପେନ୍ଥି, ବି. (ଦେଶଜ) ପୁଞ୍ଜା । ଯଥା—

ଚଉକଣ୍ଠ ଖଞ୍ଜିଲେ ସୁବର୍ଣ୍ଣ ସାରି ସୁଆ,
ପୁଞ୍ଜି ପୁଞ୍ଜି ନାଗେଶ୍ୱର ପେନ୍ଥି ପେନ୍ଥି ଗୁଆ । ମଂ.ଫ.

ପେମ, ପେମ୍ମ, ବି. (ପ୍ରେମନ୍ ଶବ୍ଦଜ ପ୍ରାକୃତ) ପ୍ରୀତି ।

ପେମୀ, ବିଂ. ( ପ୍ରେମୀ ପଦ ଜାତ ) ପ୍ରେମୀ, ପ୍ରୀତିମାନ୍ ।

ପେୟ, ବି. (ପୀ = ପିଇବା-ଯ) ଜଳ, ଦୁଗ୍ଧ । ବିଂ. ପାନଯୋଗ୍ୟ ।

ପେୟାଲ୍, ବି. (ପାରସ୍ୟ) ପାତ୍ରବିଶେଷ, କଟୋରା ।

ପେଲ, ବି. (ପିଲ୍ = ପ୍ରେରଣ କରିବା କିମ୍ବା ପେଲ୍ = ଗମନ କରିବା-ଅ) ଅଣ୍ଡକୋଷ, କୁଚୁଣ୍ଡି; କ୍ଷୁଦ୍ରାଂଶ; ଗମନ ।

ପେଲଣା, ବି. (ଦେଶଜ) ଠେଲିବା, ପେଲିବା; ପେଲଣାବାଡ଼ି ।

ପେଲଣାଜାଲ, ବି. (ଦେଶଜରେ ସଂସ୍କୃତ ଶବ୍ଦ ମିଶ୍ରଣ) ଜାଲବିଶେଷ । ଯଥା—

ଶୁଣି ଧୀବର କୋପଭରେ,
ପେଲଣା ଜାଲ ଧରି କରେ । ଦା. ର.

ପେଲଣାବାଡ଼ି, ବି. (ଦେଶଜ) ଧାନ କୁଟିଲା-ବେଳେ ଢେଙ୍କିଲଞ୍ଜିରେ ଠିଆରହି ଏଥିରେ ଧାନ ପେଲି ଦିଅନ୍ତି ।

ପେଲବ, ବିଂ. (ପେଲ-କ୍ଷୁଦ୍ରାଂଶ-ବା = ଗମନ କରିବା-ଅ) କୃଶ; କୋମଳ; ବିରଳ; ସୂକ୍ଷ୍ମ; ଭଙ୍ଗୁର; ଲଘୁ ।

ପେଲା, ବି. (ଦେଶଜ) ଠେଲା (ବିଶେଷତଃ ଗଞ୍ଜାମର ଦକ୍ଷିଣ ଅଞ୍ଚଳରେ ବ୍ୟବହୃତ) । କୋଡ଼ିରେ ଖୋଳିବା ତୃଣ ସମେତ ବର୍ତ୍ତୁଳାକୃତି ମୃତ୍ତିକା ଖଣ୍ଡ ।

ପେଲାପଣ, ବି. (ଦେଶଜ) ସାହସରେ ସମସ୍ତଙ୍କୁ ଠେଲି ପକାଇବା । ଯଥା—

ଯେ ପେଲାପଣ କରିଯାଇ,
ମାଡ଼େ ତା ଜୀବନ ଛଡ଼ାଇ । ଦା. ର.

ପେଲାପେଲି, ବି. ( ଦେଶଜ ) ପରସ୍ପର ଠେଲିବା ।

ପେଲିବା, କ୍ରି. (ଦେଶଜ) ଠେଲିବା, ଅତିକ୍ରମଣ କରିବା । ଯଥା—

ମାନ୍ୟା ସ୍ତ୍ରୀମାନଙ୍କୁ ଯେ ନ କହିବ ପେଲି ।
ନୃ. ପୁ. ଦ୍ୱି. ତ.

ଆଗ ବଢ଼ି ହେବା । ଯଥା—

ଯେ ପ୍ରାଣୀମାନଙ୍କୁ କୃପା ନ କହିବ ପେଲି । ନା.ର.ଶୀ.

ପେଶକସ, ବି. ( ପାରସ୍ୟ ) ଉପଢ଼ୌକନ, ସମ୍ମାନାର୍ଥ ଯାହା ନଜର ଦିଆଯାଏ ।

ପେଶନକାର, ପେଷକାର, ପେସକାର, } ବି. (ପାରସ୍ୟ) ରାଜକର୍ମଚାରି-ବିଶେଷ । ଯଥା —

ଯେ ଅବା ଯେବଣ ମାର୍ଗେ ହୋଇବ ଯୋଗ୍ୟତା,
ପେଶନକାର ପେଶି ବୁଝିବ ସେହି କଥା । ନୃ.ପୁ.ଦ୍ୱି.ତ.

ପେଶଳ, ପେଷଳ, ପେସଳ, } ବିଂ. (ମିଶନ୍ତି ଅବୟବା ଭବନ୍ତି କାର୍ଯ୍ୟେଷ୍ୱିତି ପେଶଳଃ । ପିଶ୍ = ଅବୟବୀଭୂତ ହେବା-ଅଳ, ଯେ ସମସ୍ତ କାର୍ଯ୍ୟରେ ଅବୟବୀଭୂତ ହୋଇ ରହେ) ଦକ୍ଷ, ଚତୁର; ଧୂର୍ତ୍ତ; ସୁନ୍ଦର; କୋମଳ । (ଚତୁରୌ ଦକ୍ଷେ ଚ ପେଶଳଃ — ଅମର ।)

ପେଶି, ବି. (ଦେଶଜ) ସୋରିଷ ପରି ଏକ-ପ୍ରକାର ଶସ୍ୟ ।

ପେଶୀ, ବି. ସ୍ତ୍ରୀ. (ପିଶ୍ = ଅବୟବୀଭୂତହେବା-ଇ-ସ୍ତ୍ରୀ-ଈ) ଶରୀରସ୍ଥ ରକ୍ତସଞ୍ଚାଳକ ଯନ୍ତ୍ର-ବିଶେଷ, ମାଂସପିଣ୍ଡ; ଡିମ୍ବ; ମୁକୁଳ; ଖଡ୍ଗର ଖାପ ।

ପେଷଣ, ବି. (ପିଷ୍-ଅନ) ମର୍ଦ୍ଦନ; ଚୂର୍ଣ୍ଣନ; ପେଷଣପାତ୍ର, ଖଲ୍ଲାଦି ।

ପେଷଣୀ, ବି. (ପେଷଣୀ ଶବ୍ଦଜ) ପେଷିବା ପ୍ରସ୍ତର ଖଣ୍ଡ, ଲୁହୁଣାଗୁଡ଼ା । (ପେଷଣ ଶବ୍ଦଜ) ମର୍ଦ୍ଦନ, ପେଷିବା । (ପ୍ରେଷ୍ ଧାତୁଜ) ପଠାଇବା ।

ପେଷିବା, କ୍ରି. (ପିଷ୍ ଧାତୁଜ) ମର୍ଦ୍ଦିବା, ଚୂର୍ଣ୍ଣ କରିବା । (ପ୍ରେଷ୍ ଧାତୁଜ) ପଠାଇବା । ଯଥା—

କେ କାହା ଠାବକୁ ଦୂତୀ ପେଷନ୍ତି । ବି. ଚି. ମ.

ପେସଣ, ପେଷଣ, } ବି. (ପ୍ରେଷଣ ଶବ୍ଦର ଅପଭ୍ରଂଶ) ପଠାଇବା ।

ପେସ୍କାର, ବି. ( ଯାବନିକ ) ଏକପ୍ରକାର ଗୁମାସ୍ତା, ଏହାଙ୍କଠାରେ ଜମିଦାରି କାଗଜ-ପତ୍ର ରହେ ।

ପେସ୍ତା, ବି. (ଯାବନିକ) କାବୁଲଦେଶୀୟ ଫଳବିଶେଷ ।

ପେହେଙ୍କାଳ, } ବି. (ପେଁ-କାଷ୍ଠ ଏହି ପଦରୁ
ପେହେଙ୍କାଳି, } ଜାତ) ମୁଖବାଦ୍ୟବିଶେଷ: ହସ୍ତିର ରଡ଼ି । ଯଥା—

ମାହୁନ୍ତଙ୍କ ଅଙ୍କୁଶ ଘାତ ପାଇକରି,
ହାତିଏ ରଡ଼ିଦେଲେ ପେହେଙ୍କାଳି ପରି । ଜ୍ଞା.ଭା.ବି.ପ.

ପୈଠ, ପୈଠି, } ବି. (ପ୍ରବିଷ୍ଟ ଶବ୍ଦଜ) ଦାଖଲ ।
ପଇଠି, } ବିଂ. ଦାଖଲ କରିପିବା । ଯଥା—

ଚନ୍ଦନ ଅଗୁରୁ ଦାରୁ ବୃକ୍ଷମାନ କାଟି,
ଗଙ୍ଗାକୂଳରେ ଆଣିଣ କରିବ ପଇଠି । ସା. ଭା. ସ·

ପୈତୃକ, ବିଂ. (ପିତୃ-କ-ସମ୍ବନ୍ଧାର୍ଥେ) ପିତୃ ପିତାମହାଦିସମ୍ବନ୍ଧୀୟ

ପୈଶୁନ୍ୟ, ବି· (ପିଶୁନ = ଖଳ-ଯ) ଧୂର୍ତ୍ତତା; ବ୍ୟାବହାରିକ ଭାଷାରେ ଅପବାଦ, ନିନ୍ଦା ।

ପୋଇ, ବି. (ପୁତ୍ର ଶବ୍ଦଜ) ପୁତ୍ର । ଯଥା—

ବୋଇଲା ଶୁଣ ଆହେ ସକଳ ବାଳପୋଇ,
ଶୁଣିଛୁ ଜ୍ଞାନ ମୁହିଁ ମାତାର ଗର୍ଭେ ଥାଇ । ନୃ.ପୃ·ସ.ତ.

(ପୂତିକା କିମ୍ବା ଉପୋଦକା ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଶାକବିଶେଷ । (ଦେଶଜ) ଶଗଡ଼ଚକ ଗଡ଼ିଯିବାର ରେଖା । ଯେପରି ବୁଢ଼ା ବଳଦ ପୋଇ ଛାଡ଼େ ନାହିଁ ।

ପୋଇଗୁନ୍ଧିଆ, } ବି. (ଦେଶଜ) ଇଙ୍ଗୁଦ ବୃକ୍ଷ ।
ପୁଇଗୁନ୍ଧିଆ, } ଯଥା—

ପୋଇଗୁନ୍ଧିଆ ତରୁମୂଳେ ଶୋଇଲେ
କୁଶାଙ୍କୁର ଶଯ୍ୟା କରି । ବି. ରା.

ପୋଇନାଡ଼ୀ, ବି. (ବାଲେଶ୍ୱର ପ୍ରାନ୍ତରେ) ପୋଇଖାଡ଼ୀ ।

ପୋଇଲା, ବି. (ଦେଶଜ) କଣାଦାସ ।

ପୋଇଲୀ, ବି. ସ୍ତ୍ରୀ. (ଦେଶଜ) ଦାସୀ ।

ପୋଇଲୀପୁଅ, ବିଂ. (ଦେଶଜ) ନୀଚ । ବି. ଦାସୀର ପୁତ୍ର ।

ପୋଏ, ପୁଏ, ବି. (ଦେଶଜ) ପୁତ୍ରମାନେ । ଯଥା—

ଦେଖ ଦୁଃଖିତ ମୋର ପୋଏ । ଜ୍ଞା. ଦ. ସ୍କ.

ପୋଏଲୀ, ବି. (ଦେଶଜ) ଦାସୀ ପ୍ରାପ୍ତ ଅଧୀନା । ଯଥା—

ପୋଏଲ ଶବରୁଣୀ ସେ କୁନ୍ତୀଙ୍କି କହଇ,
ପାଣ୍ଡୁ ମାଦ୍ରୀ ବେନି ଶତଶୃଙ୍ଗେ ଛନ୍ତି ରହି । ସା.ଭା.ଆ.

ପୋକ, ବି. (ଦେଶଜ) କୀଟ ।

ପୋକଖିଆ, ବିଂ. (ଦେଶଜ) ଯହିଁରେ ପୋକ ଲାଗିଥାଏ, ପୋକରା: ଯେ ପୋକ ଖାଏ । ବି. ପୋକ ଖାଇବା ।

ପୋକଡ଼ା, } ବିଂ. (ଦେଶଜ) ଯହିଁରେ ପୋକ
ପୋକରା, } ଲାଗିଥାଏ, କୀଟଦଂଷ୍ଟ ।

ପୋକଲଗା, ବିଂ. (ଦେଶଜ) କୀଟଦଂଷ୍ଟ । ବି. କୀଟ ଦଂଶନ କରିବା ।

ପୋକସୁଙ୍ଘା, ବି. (ଦେଶଜ) ଔଷଧି ଗୁଳ୍ମ-ବିଶେଷ । ବିଂ. ପୋକ ଯାହା ସୁଙ୍ଘି ଦେଇଥାଏ ।

ପୋକା, ବିଂ. (ଦେଶଜ) କୀଟଦଂଷ୍ଟ । ଯଥା—

ଏଣୁ କରି ପୁଚ ଦେହ ନ ଯାଇ ଯେ ପୋକା,
ଯମପୁର ଖୋଜକଲେ ଶରୀର ଅଛି ଏକା । ନୃ.ପୃ.ପ.ଚ·

ପୋକ୍ତ, ବିଂ. (ପର୍କ୍ୱିମ ଶବ୍ଦଜ) ପରିପକ୍ୱ; ଦୃଢ଼, କଠିନ ।

ପୋକ୍ତାନ, ବି. (ଦେଶଜ) ଲୁଣ ରାନ୍ଧିବା ।

ପୋଖତ, ବି. (ଦେଶଜ) ପାକଳ ହେବା ।

ପୋଖତି, ବି. ସ୍ତ୍ରୀ. (ପ୍ରସୂତି ଶବ୍ଦଜ) ସଦ୍ୟ ପ୍ରସବ କରିଥିବା ସ୍ତ୍ରୀ ।

ପୋଖରି, } ବି. ସ୍ତ୍ରୀ. (ପୁଷ୍କରି ବା ପୁଷ୍କରଣୀ
ପୋଖୁରି, } ଶବ୍ଦଜ) ପୁଷ୍କରଣୀ ।

ପୋଖରିଆଡ଼, ବି. (ଦେଶଜ) ବାହାରକୁ ଯିବା, ହଗା ।

ପୋଖରିଆଡ଼ି, ବି. (ବାଲେଶ୍ୱର ପ୍ରାନ୍ତରେ) ପୋଖରୀହୁଡ଼ା ।

ପୋଖରିପାଣି, ବି. (ପୁଷ୍କରଣୀ-ପାନୀୟ ଏଥିରୁ ଉତ୍ପନ୍ନ) ପୁଷ୍କରିଣୀର ଜଳ । (ଦେଶଜ) ଝାଡ଼ାଫେରି ଯିବା ।

ପୋଗଣ୍ଡ, ବିଂ. ସଂ. ବିକଳାଙ୍ଗ । ବି. ୫ ବର୍ଷ-ଠାରୁ ୧୫ ବର୍ଷ ପର୍ଯ୍ୟନ୍ତ ଶିଶୁକୁ ପୋଗଣ୍ଡ କହନ୍ତି ।

ପୋଚ, ବି. (ଦେଶଜ) ଦୁର୍ଗନ୍ଧ, ପୂତିଗନ୍ଧ ।

ପୋଚକା, ବିଂ. ( ଦେଶଜ ) ସଢ଼ି ଦୁର୍ଗନ୍ଧମୟ ହୋଇ ଯାଇଥିବା ।

ପୋଚ୍ଛ, ପୋଚ୍ଛପୋଚ୍ଛ, } ବି. ( ପ୍ରୋଞ୍ଛନ ଶବ୍ଦଜ ) ପ୍ରୋଞ୍ଛନ, ପୋଚ୍ଛିବା । ଯଥା—

କଲେ ଶ୍ରୀଅଙ୍ଗ ପୋଚ୍ଛ ବସନରେ । ର. କ.

ବିଂ. ପ୍ରୋଞ୍ଛିତ ।

ପୋଚ୍ଛିବା, କ୍ରି. ( ପ୍ରୋଞ୍ଛନ ଶବ୍ଦଜ ) ପ୍ରୋଞ୍ଛନ କରିବା ।

ପୋଚ୍ଛିପାଚ୍ଛିବା, କ୍ରି.(ପ୍ରୋଞ୍ଛନ ଶବ୍ଦଜ) ଭଲକରି ପୋଚ୍ଛିବା; ନିଃଶେଷ କରିବା । ଯଥା—

ପୋଚ୍ଛିପାଚ୍ଛି କରି ସବୁ ଖାଇଲା,
ତା ପରେ ଗରଏ ପାଣି ପିଇଲା । ହା. ଚ.

ପୋଟଳ, ବି. (ପଟୋଳ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଲତାଫଳବିଶେଷ ।

ପୋଟଳା, ବି. (ଦେଶଜ) ପୁଡ଼ା; ଆଲିଙ୍ଗନ ।

ପୋଟଳାପୋଟଳି, ବି. ( ଦେଶଜ ) ପରସ୍ପର ଆଲିଙ୍ଗନ । ଯଥା—

ଏରୂପେ କହୁଁ କହୁଁ ଆନନ୍ଦ ପଡ଼େ ବଳି,
ହୋଇଲେ ସେ ଦୁହେଁ ପୋଟଳାପୋଟଳି ।
କୃ. ଭ. ଆ. ପ.

ପୋଟା, ବି. ସ୍ତ୍ରୀ. (ପୁଟ୍ = ସଂଯୁକ୍ତ ହେବା-ଅ-ଆ) ପୁରୁଷଲକ୍ଷଣଯୁକ୍ତା ସ୍ତ୍ରୀ । (ପୁଚ୍ଛପୁଚ୍ଛି ଶବ୍ଦ ଦେଖ । )

ପୋଟାଳିବା, କ୍ରି. ( ଦେଶଜ ) ଆଲିଙ୍ଗନ କରିବା ।

ପୋଡ଼, ବି. ( ପୁଟ୍ ଧାତୁଜ ) ଦାହ । ବିଂ. ଦଗ୍ଧ । କ୍ରି. ଦାହକର ।

ପୋଡ଼ନ୍ତା, ବିଂ. (ଦେଶଜ) ଦଗ୍ଧ । ଯଥା—

ପୋଡ଼ନ୍ତା ଘାଆରେ କେତେ ଲଗାଉଛୁ ଚୂର୍ଣ୍ଣ ।
ସା. ଭ. ଆ.

ପୋଡ଼ପିଠା, ବି. (ପୁଟପିଷ୍ଟ ଶବ୍ଦଜ) ଏକପ୍ରକାର ପିଠା ।

ପୋଡ଼ା, ବି. (ପୁଟ୍ ଧାତୁଜ) ଦଗ୍ଧ କରିବା; ଦାହ, ଜ୍ୱାଳା । ବିଂ. ଦଗ୍ଧ; ତୁଚ୍ଛ; ହୀନ; ବ୍ୟର୍ଥ । ଯଥା—

ଏ ପୋଡ଼ା ପ୍ରାଣେ ଆଉ କି ପ୍ରୟୋଜନ । କ. ବ.

ପୋଡ଼ାଣ୍ଡହୁଡ଼ା, ବି. (ଦେଶଜ) ଶସ୍ୟବିଶେଷ, ହରଡ଼ ।

ପୋଡ଼ିବା, କ୍ରି. ( ପୁଟ୍ ଧାତୁଜ ) ଜଳିବା; ଜାଳିବା । ଯଥା—

ଅତନୁ ସୁତନୁ ତନୁ ପୋଡ଼ିଲାଣି । ବ. ଚ. ମ.

ନାଶିବା; ନାଶହେବା । ଯଥା—

ସେ ପୁଣ୍ୟକ୍ଷେତ୍ର ହେବ ପବିତ୍ର
ପୋଡ଼ିବ ମୋ ପାପରାଶି । ସୁ. ପ.

ପୋଡ଼, ପୋଡ଼ୁଅ, ପୋଡ଼ୁଅ, } ବି. (ଦେଶଜ) ମହିଷ । ଯଥା—

ପୋଡ଼ୁଅ ମେଷ ଛାଗଳ ଦେଲେ ବଳିଭୋଜ ।
ସା. ଭ. ଆ. ପ.

ପୋତ, ବି. (ପୂ = ପବିତ୍ର କରିବା-ତ) ଶିଶୁ; ନୌକାଦି ଜଳଯାନ; ବସ୍ତ୍ର; ଗୃହନିର୍ମାଣ-ସ୍ଥାନ; ପୋତା; ଦଶମବର୍ଷୀୟ ହସ୍ତୀ ।

ପୋତକ, ବି. (ଦେଶଜ) କାଠବିଶେଷ ।

ପୋତା, ବି. ( ପ୍ରୋଥ ଶବ୍ଦଜ ) ପୋତିବା; ପୋତିଥିବା ଧନ; ପ୍ରାକାର ପ୍ରଭୃତିର ମୂଳଭିତ୍ତି । ବିଂ. ଯାହା ପୋତି ଥାଉଁ । ଯେପରି—ପୋତାଧନ ।

ପୋତିବା, କ୍ରି. ( ପ୍ରୋଥ ଶବ୍ଦଜ ) ପ୍ରୋଥିତ କରିବା; ଆଚ୍ଛାଦିତ କରିବା । ଯଥା—

ବାଣେ କୁରୁବୀରଙ୍କୁ ସେ ପକାଇଲେ ପୋତି । ବେ.ସ.

ମସ୍ତକ ଶବ୍ଦ ସହ ଲୁଆଁଇବା । ଯଥା—

ଏକାଠି ହେବାରୁ ସ୍ଥିର ନେତ୍ର କେମା
ନପାରେ ପୋତିଲି ମଥା । ଯ. କେ.

ପୁରୁଡ଼ିବା । ଯଥା—

ବସ୍ତରଲେ ସିନ୍ଧୁ ପୋତି ଯିବା ପର୍ବତରେ । ବୈ. ବ.

ପୋତିହେବା, କ୍ରି. (ପ୍ରୋଥ ଶବ୍ଦଜ) ଖାଲ ବା ଗର୍ତ୍ତ; ପ୍ରଦେଶ ସମତଳ ହେବା । ଯଥା—

ସମୁଦ୍ର ପୋତି ହୁଏ କି ଧୂଳି ପକାଇଲେ ।ସା.ଭ.ଆ.ପ.

ପୋତ୍ରୀ, ବି. (ପୋତ୍ରିନ୍-ପୋତ୍ର—ଶୂକରମୁଖାଗ୍ର-ଇନ୍-ଅସ୍ତ୍ୟର୍ଥେ) ବରାହ ।

ପୋଥା, ପୋଥି, } ବି.(ପୁସ୍ତୀ = ପ୍ରାକୃତ ପୋଥୀ ଶବ୍ଦଜ) ପୁସ୍ତକ । ଯଥା—

ସେ କଥା, କହିବାକୁ କେ ବା ସାମରଥା,
କହି ବସିଲେ ହୋଇବ ପୋଥା । ର. କ.

ପୋଦନା, ବି. (ପୂତନୀ ଶବ୍ଦଜ) ଶାକବିଶେଷ ।

ପୋଦ୍ଦାର, ବି. (ପାରସ୍ୟ ପୌତାଦାର ଶବ୍ଦଜ) ବଣିଆ ।

ପୋପରୁ, ବିଂ. (ଦେଶଜ) ପୋକଡ଼ା ।

ପୋପୌଅମାସ୍ୟା, ବି. (ଦେଶଜ) କାର୍ତ୍ତିକ ଅମାବାସ୍ୟା ।

ପୋବାର, ବି. (ଦେଶଜ) ପଶାଖେଳର ଦାନବିଶେଷ; ସୁଯୋଗ । ଯଥା—

ପୁଅମାନେ ବାପ ଭୟରେ ଶଙ୍କି ରହିଥିଲେ, ଏତେବେଳେ ପୋବାର ପଡ଼ି ଯାଇଅଛି । ଛ· ଆ· ଗୁ·

ପୋରଆ, ବିଂ. (ଦେଶଜ) ଅତି ପୁରୁଣା ।

ପୋଲ, ବି. (ଦେଶଜ) ପାଣିଯିବା ମାର୍ଗ (Bridge) । ବିଂ. ଫମ୍ପା । ଯଥା—

ନଦୀ ମଣି କ୍ରମେ କମ୍ପାଁ ନଅ ପୋଲ । ଦ. ବା.

ମେଲ୍ ବା ମୁକୁଳା; ସାରହୀନ ।

ପୋଲଇ, ବି. (ଦେଶଜ) ରାଜସେବକବିଶେଷ । (ଚରଗୁ ଶବ୍ଦ ଦେଖ ।)

ପୋଲକାଶୁଣୀ, ବି. ସ୍ତ୍ରୀ. (ପୌଲକାଶିମୀ ଶବ୍ଦଜ) ଦେବୀବିଶେଷ । ଯଥା—

ଚମ୍ପାଇ ପୋଲକାଶୁଣୀ ରୂପାଇ ପିଙ୍ଗଳା,
ସାରକମା ମାରକମା ବାହୁଡ଼ି ହିଙ୍ଗୁଳା । ନୃ.ପୁ.ଷ.ଚ·

ପୋଲ୍, ବିଂ. (ଦେଶଜ) ଫମ୍ପା । ଯଥା—

ପୋଲ୍ ବାଉଁଶ, ଚୋର ବଉଁଶ, ହେଉ ନଅଂଶ,
କାହିଁରେ କସ, ଅଛି ତୋ ଯଶ । ଚଗ ।

ସାରହୀନ; ମାଗଣା ବା ବିନାମୂଲ୍ୟ ।

ପୋଲଙ୍ଗ, ବି. (ପୁନ୍ନାଗ ଶବ୍ଦଜ) ବୃକ୍ଷବିଶେଷ ।

ପୋଲନ୍ତ, ବି. (ଦେଶଜ) ହାଲୁକା, ଫୁସଫୁସିଆ । ଯଥା—

କୋବି ଲଗାଇବାପାଇଁ କଳାମାଟିଆ ଜମିକୁ ପୋଲନ୍ତ କରି ଚଷି ତହିଁ ଉପରେ ଗୋବରଖତ ବିଶେଷରୂପେ ବୁଣିଦେଇ ଗୁଡ଼ିଦେବ । କୃଷିଶିକ୍ଷା ।

ପୋଲକା, ବି. ସ୍ତ୍ରୀ. ପୁଳପିଠା ।

ପୋଳୁଅ, ପୋଳୁହ, ପୋହଳ, ପୋହୁଳ, ପୋଳ, } ବି. (ପଲବ ଶବ୍ଦଜ) ବାଉଁଶନିର୍ମିତ ମାଛଧରା ଯନ୍ତ୍ରବିଶେଷ । ଯଥା—

ଖୁମ୍ପି ଖାଇଥାନ୍ତେ ମୋତେ ଗଣ୍ଡେ ହୋଇ ଠୁଳ,
ଶଙ୍ଖଳକୁ ମାଡ଼ିବସେ ଯେମନ୍ତ ପୋହୁଳ । ଋ· ଭୁ·

ପୋଷ, ପୋଷଣ, } ବି. (ପୁଷ୍ = ପାଳନ କରିବା-ଅନ) ପାଳନ; ବର୍ଦ୍ଧନ; (ବିଶେଷଣରେ ପୋଷକ, ପୋଷୟିତୃ, ପୋଷ୍ଟା ଓ ପୋଷିତ ହୁଏ ।)

ପୋଷା, ପୋଷିଆଁ, ପୋସିଆ, ପୁସିଆ, } ବିଂ. (ପୋଷ୍ୟ ଶବ୍ଦଜ) ପାଳିତ, ପୋଷିଥିବା । ଯଥା—ପୋଷାଜନ୍ତୁ, ପୋସିଆପୁଅ ।

ପୋଷା, ବି. (ପୋଷ ଶବ୍ଦଜ) ପୋଷଣ, ପାଳନ ।

ପୋଷାକ, ପୋଶାକ, } ବି. (ଯାବନିକ) ପରିଚ୍ଛଦ, ଉତ୍ତମବସ୍ତ୍ର । ଯଥା—

ପୋଷାକ ଚୂଷ୍ଟିଆମୂଷାର ଆହାର । ଦ. ବା.

ପୋଷାକ, ପୋଷାକୀ, } ବିଂ. (ଯାବନିକ) ପୋଷାକୋପଯୋଗୀ । ବି. ଭୋଗ୍ୟବସ୍ତୁ । ଯଥା—

ଚରଣ ବେନି ଧୋଇ ଶିରରେ ସିଞ୍ଚୁ ହେଲା,
ମୋ ଗର୍ଭକୁ ପୋଷାକ କି ଆଣିଛ ବୋଇଲା ।
ନୃ. ପୁ. ଷ. ଚ.

ପୋଷିବା, କ୍ରି. (ପୁଷ୍ ଧାତୁଜ) ପାଳନ କରିବା ।

ପୋଷ୍ଟ, ବି. (ଇଂରାଜୀ ଶବ୍ଦ) ଡାକ ।

ପୋଷ୍ୟ, ବିଂ. (ପୁଷ୍-ଯ) ପୋଷଣଯୋଗ୍ୟ ।

ପୋସ, ପୋଷ, ବି. (ଦେଶଜ) ଅଧଆଞ୍ଜୁଳା । ଯଥା—

ଲେଉଟି ଆଉ ପୋଷେ ହସ୍ତରେ ଧରୁ ଧରୁ,
ଶ୍ରୀମହାଲକ୍ଷ୍ମୀ ଛୁଟି ଆସିଲେ ଅସନରୁ । ନୃ.ପୁ.ଷ.ଚ.

ପୋସ୍ତ, ବି. (ଯାବନିକ) ଅହିଫେନ ଗଛର ଫଳ ।

ପୋସ୍ତା, ବି. (ଦେଶଜ) ଅବଲମ୍ବନ, ଆଶ୍ରୟ ।

ପୋହଳା, ପହଳା, ପୋଏଳା, } ବି. (ପ୍ରବାଳ ଶବ୍ଦଜ) ପ୍ରବାଳ, ରତ୍ନବିଶେଷ । ଯଥା—

ସିଦ୍ଧ ପୋହଳା ପ୍ରାୟେ ଦଶେ ପାଦ ଅଙ୍ଗୁଷ୍ଠି,
ସେବତୀ ପାଖୁଡ଼ା ପ୍ରାୟେ ଦଶେ ନଖ ଫୁଟି । ସା.ଭା.ଆ.
ରଙ୍ଗେ ମର୍କତ ପୋଏଳା ଆଦିତ୍ୟର ଜ୍ୟୋତି । ସା.ଭା.ସ·

ପୌଗଣ୍ଡ, ବି. (ପୋଗଣ୍ଡ-ଅ) ପୋଗଣ୍ଡାବସ୍ଥା ।

ପୌରୁଷ, ବି. (ପୁରୁଷ-ଅ) ପରାକ୍ରମ; ପୁରୁଷକାର ।

ପୌରୋଗବ, ବି. (ପୁରଃ = ଅଗ୍ରେ-ଗୁ = ନେଇ-ଅ, ଯାହାର ଅଗ୍ରେ ପାଚ୍ୟବସ୍ତୁରେ ଦୃଷ୍ଟି ରହେ) ରନ୍ଧନଶାଳାର ଅଧିକାରୀ ।

ପୌଷ, ବି. (ପୌଷୀ ଅ—ଯୁକ୍ତାର୍ଥେ) ମାସବିଶେଷ ।

ପ୍ର, ଅଂ. (ପ୍ରଥ୍ = ବିଖ୍ୟାତ ହେବା-ଅ) ଉତ୍କର୍ଷ; ଗତି; ଆରମ୍ଭ; ସର୍ବତୋଭାବ; ଖ୍ୟାତି; ଉତ୍ପତ୍ତି; ଇତ୍ୟାଦି ।

ପ୍ରକଟ, ବି. (ପ୍ର-କଟ) ସ୍ପଷ୍ଟ, ବ୍ୟକ୍ତ । (ବିଶେଷ୍ୟରେ ପ୍ରକଟନ, ବିଶେଷଣରେ ପ୍ରକଟିତ ପଦ ହୁଏ ।)

ପ୍ରକର, ବି. (ପ୍ର-କୃ = ବିକ୍ଷେପ କରିବା-ଅ) ସମୂହ, ପୁଷ୍ପାଦିର ସ୍ତବକ; ସାହାଯ୍ୟ ।

ପ୍ରକର୍ଷ, ବି. (ପ୍ର-କୃଷ୍-ଅ) ଉତ୍କର୍ଷ, ଆଧିକ୍ୟ ।

ପ୍ରକାଣ୍ଡ, ବି. (ପ୍ର-କାଣ୍ଡ) ବୃକ୍ଷର ଗଣ୍ଡି । ବିଂ. ବଡ଼, ମହତ୍ ।

ପ୍ରକାମ, ବିଂ.(ପ୍ର-କମ୍-ଅ) ଯଥେଷ୍ଟ; ପର୍ଯ୍ୟାପ୍ତ ।

ପ୍ରକାର, ବି. (ପ୍ର କୃ-ଅ) ସାଦୃଶ୍ୟ; ପ୍ରଭେଦ ।

ପ୍ରକାଶ, ବି. (ପ୍ର-କାଶ୍-ଅ) ଦୀପ୍ତି; ପ୍ରସ୍ଫୁଟ; ଜ୍ଞାନ । (ବିଶେଷଣରେ ପ୍ରକାଶକ, ପ୍ରକାଶିତ ଓ ପ୍ରକାଶ୍ୟ ହୁଏ ।)

ପ୍ରକୃତ, ବିଂ. ସଂ. ବାସ୍ତବିକ, ଯଥାର୍ଥ; ରଚିତ; ପ୍ରସ୍ତାବିତ ।

ପ୍ରକୃତି, ବି. (ପ୍ର କୃ ତି) ସ୍ୱଭାବ; ଶକ୍ତି; ସ୍ୱାମୀ, ମନ୍ତ୍ରୀ, ସହାୟ, ଧନ, ଦେଶ, ଦୁର୍ଗ ଓ ସୈନ୍ୟ ଏହି ସପ୍ତବିଧ ରାଜ୍ୟାଙ୍ଗ; ଈଶ୍ୱରସୃଷ୍ଟ ଯାବତୀୟ ପଦାର୍ଥ ।

ପ୍ରକୃଷ୍ଟ, ବିଂ. ସଂ. ଉତ୍କୃଷ୍ଟ, ଶ୍ରେଷ୍ଠ ।

ପ୍ରକୋଷ୍ଠ, ବି. (ପ୍ର-କୁଶ୍-ଠ) କୋଠରି; କହୁଣିର ନିମ୍ନଭାଗରୁ ମଣିବନ୍ଧ ପର୍ଯ୍ୟନ୍ତ ହସ୍ତର ଭାଗ ।

ପ୍ରକ୍ରମ, ବି. (ପ୍ର-କ୍ରମ୍-ଅ) ଆରମ୍ଭ; ଗମନ; ଅତିକ୍ରମ । (ବିଶେଷଣରେ ପ୍ରକ୍ରାନ୍ତ ହୁଏ ।)

ପ୍ରକ୍ଷେପ, ବି. (ପ୍ର-କ୍ଷିପ୍-ଅ) ବିନ୍ୟାସ; ଫିଙ୍ଗିବା । (ବିଶେଷଣରେ ପ୍ରକ୍ଷିପ୍ତ ହୁଏ ।)

ପ୍ରଖ୍ୟା, ବି. ସ୍ତ୍ରୀ. (ପ୍ର-ଖ୍ୟା-ଅ-ଆ) ସାଦୃଶ୍ୟ; ପ୍ରକାର; ଖ୍ୟାତି ।

ପ୍ରଗଲ୍ଭ, ବିଂ. (ପ୍ର-ଗଲ୍ଭ୍-ଅହଙ୍କାରୀ ହେବା-ଅ) ଉଦ୍ଧତ; ନିର୍ଲ୍ଲଜ; ସମର୍ଥ; ନିର୍ଭୀକ ।

ପ୍ରଗ୍ରହ, ପ୍ରଗ୍ରାହ, ବି. (ପ୍ର-ଗ୍ରହ-ଅ) ଅଶ୍ୱାଦିର ଲଗାମ; ବନ୍ଧନ; କଏଦ ବା ବନ୍ଦୀ; କିରଣ; ଗ୍ରହଣ ।

ପ୍ରଘଟ, ବି. (ପ୍ରକଟ ଶବ୍ଦଜ) ପ୍ରଖ୍ୟାତି । ବିଂ. ପ୍ରଖ୍ୟାତ । ଯଥା—

ଏ କଥା ପ୍ରଘଟ ନ କର,
ଆମ୍ଭେ ହୋଇ ଯିବୁଁ ଗୋପପୁର । ଭା. ଦ. ସ୍କ.

ପ୍ରଚାର, ବି. (ପ୍ର-ଚର୍-ଅ) ପ୍ରଚଳନ; ପ୍ରସିଦ୍ଧି; ପ୍ରକାଶ । (ବିଶେଷଣରେ ପ୍ରଚାରକ, ପ୍ରଚାରୟିତା, ପ୍ରଚାରିତ ପ୍ରଭୃତି ପଦ ନିଷ୍ପନ୍ନ ହୁଏ ।)

ପ୍ରଚୁର, ବିଂ. (ପ୍ର-ଚୁର୍-ଅ) ପ୍ରଭୂତ, ବହୁତ, ଅଧିକ ।

ପ୍ରଚ୍ଛିନ୍ନ, ବିଂ. (ଦେଶଜ) ସୁସ୍ପଷ୍ଟ । କ୍ରି. ବିଂ. ସୁସ୍ପଷ୍ଟରୂପେ, ଭଲକରି । ଯଥା—

ରାଜ୍ୟର ନିଯାନିଷ୍ଠା ଗୁହାରି ଯେତେ ପଢ଼େ,
ପ୍ରଚ୍ଛନ୍ନ କରି ତାହା ବୁଝନ୍ତି ଯୋଗାରୂଢ଼େ । ନୃ. ପୁ. ଚ. ତ.

ପ୍ରଚ୍ଛଦ, ବି. (ପ୍ର-ଛଦ୍-ଅ) ଆଚ୍ଛାଦନ; ଆବରଣ ବସ୍ତ୍ର; ଆସ୍ତରଣ ବସ୍ତ୍ର; ଗୁଦଡ଼ି । (ବିଶେଷଣରେ ପ୍ରଚ୍ଛନ୍ନ ଓ ପ୍ରଚ୍ଛାଦିତ ପଦ ହୁଏ ।)

ପ୍ରଜା, ବି. ସ୍ତ୍ରୀ. (ପ୍ର-ଜନ୍-ଅ-ଆ) ଅଧିକାରସ୍ଥ ଜନ; ସନ୍ତାନ ।

ପ୍ରଜାପତି, ବି. (ପ୍ରଜା-ପତି) ବ୍ରହ୍ମା; ବିଶ୍ୱକର୍ମା; ଜାମାତା; ସୂର୍ଯ୍ୟ; ଅଗ୍ନି; ପିତା; ରାଜା; ମରୀଚି, ଅତ୍ରି ପ୍ରଭୃତି ଦଶ ପ୍ରଜାପତି; ବିଷ୍ଣୁ; ସ୍ୱନାମଖ୍ୟାତ କୀଟବିଶେଷ । ଯଥା—

ମଧୁ ଲୁଟି ଲୁଟି ପ୍ରଜାପତି ବୁଲେ
ଗେଣ୍ଡୁ ଫୁଲେ କୁରବକେ । ଉର୍ବଶୀ ।

ପ୍ରଜାବତୀ, ବି. ସ୍ତ୍ରୀ. (ପ୍ରଜା-ବତ୍ ଅସ୍ତ୍ୟର୍ଥେ-ଈ) ଭ୍ରାତୃଜାୟା । (ପ୍ରଜାବତୀ ଭ୍ରାତୃଜାୟା— ଅମର ।) ସନ୍ତାନବତୀ ।

ପ୍ରଜ୍ଞ, ବି°. ( ପ୍ର-ଜ୍ଞା-ଅ ) ପଣ୍ଡିତ; ବିଚକ୍ଷଣ; ପ୍ରଣତ ଜାନୁକ । (ପ୍ରଜ୍ଞଃ ପ୍ରଣତଜାନୁକଃ—ଅମର) (ପ୍ରଣତଜାନୁକର ନାମ ପ୍ରଜ୍ଞୁ ମଧ୍ୟ ହୁଏ । )

ପ୍ରଜ୍ଞା, ବି. ସ୍ତ୍ରୀ. ( ପ୍ର-ଜ୍ଞା-ଆ ) ବୁଦ୍ଧି, ଜ୍ଞାନ; ମନ୍ତ୍ରଣା; ଶିକ୍ଷଣମତି; ସରସ୍ୱତୀ ।

ପ୍ରଣତି, ବି. (ପ୍ର-ନମ୍-ତି) ପ୍ରଣାମ; ନମ୍ରତା । (ବିଶେଷଣରେ ପ୍ରଣତ ହୁଏ । )

ପ୍ରଣପତ୍ୟ, } ବି. (ପ୍ରଣାମ ଶବ୍ଦଜ) ନମସ୍କାର,
ପ୍ରଣମିତ, } ପ୍ରଣାମ । ଯଥା—

ଉଠିକରି ପୁଣ ପୁଣ କରେ ପ୍ରଣପତ୍ୟ,
ପୁଅ ବଧୂ ଆଦି ପତ୍ନୀ କୁଟୁମ୍ବ ସହିତ । ସା. ଭା. ସ
କଲକ ଶତେ ପ୍ରଣମିତ,
ବୋଇଲି ହୋଇ କୃତକୃତ । ମା. ମା.

ପ୍ରଣପତ୍ୟହେବା, କ୍ରି. ପ୍ରଣାମ କରିବା । ଯଥା—

ଏହା ଶୁଣି ଚରଣେ ମୁଁ ପ୍ରଣପତ୍ୟ ହେଲି,
ଅକ୍ଷୟଭୂଷଣ ଗୋଟିକ ଦିଅ ହୋ ବୋଇଲି । ସା.ଭା.ବ.ପ.

ପ୍ରଣମିବା, କ୍ରି. ( ପ୍ର-ନମ୍ ଧାତୁଜ ) ନମସ୍କାର କରିବା । ଯଥା—

ସାଷ୍ଟାଙ୍ଗେ ପ୍ରଣମି କର ଯୋଡ଼ି ଉଭା ହୋଇ ଅଗ୍ରତେ । ଉଷା ।

ପ୍ରଣୟ, ବି. ( ପ୍ର-ନୀ-ଅ ) ପ୍ରେମ; ପ୍ରାର୍ଥନା; ଶ୍ରଦ୍ଧା; ପରିଚୟ; ବିଶ୍ୱାସ ।

ପ୍ରଣୟନ, ବି. (ପ୍ର-ନୀ-ଅନ) ନିର୍ମାଣ; ରଚନା । (ବିଶେଷଣରେ ପ୍ରଣୀତ ଓ ପ୍ରଣେତା ହୁଏ ।)

ପ୍ରଣାମ, ବି. ( ପ୍ର-ନମ୍-ଅ ) ନମସ୍କାର, ଅଭିବାଦନ ।

ପ୍ରଣାମି, } ବି. (ସଂସ୍କୃତ ଶବ୍ଦରେ ଓଡ଼ିଆ
ପ୍ରଣାମୀ, } ପ୍ରତ୍ୟୟ ଯୋଗ) ଦେବତାଦିଙ୍କୁ ପ୍ରଣାମ ସମୟରେ ପ୍ରଦତ୍ତ ଭେଟି । ଯଥା—

ଦେବତାଙ୍କୁ କିଛୁ ପ୍ରଣାମୀ ଦେଲେ ଟଙ୍କା ପଇସା
ସବୁ ସେହିଠାରେ ପଡ଼ି ରହୁଥାଏ । ମୁକୁର ୨. ୨.

ପ୍ରଣାଳ, } ବି. (ପ୍ର-ନଲ୍=ବନ୍ଧନ କରିବା-ଅ-
ପ୍ରଣାଳୀ, } ଈ) ସ୍ତ୍ରୀ. ଜଳନିର୍ଗମପଥ; ଶ୍ରେଣୀ; ଦ୍ୱାର; ଖଣ୍ଡ, ଧାରା ।

ପ୍ରଣିଧାନ, ବି. (ପ୍ର-ନି-ଧା-ଅନ) ଧ୍ୟାନ; ଯତ୍ନ; ସମାଧି । (ବିଶେଷଣରେ ପ୍ରଣିହିତ ହୁଏ ।)

ପ୍ରଣୋଦିତ, ବି. (ପ୍ର-ନୁଦ୍ = ପ୍ରେରଣ କରିବା-ଣିଚ୍-ତ) ପ୍ରେରିତ; ନିଯୋଜିତ । ଯଥା—ହିଂସା ପ୍ରଣୋଦିତ ତରବାରିର ଜୟ ଜୟ ନୁହେ ।

ପ୍ରତାନିନୀ, ବି. ସ୍ତ୍ରୀ. (ପ୍ର-ତନ୍-ଇନ୍-ଈ) ଲତା ।

ପ୍ରତାପ, ବି. ( ପ୍ର-ତାପ ) ପ୍ରଭାବ; ଆତପ; ସନ୍ତାପ ।

ପ୍ରତାରଣ, } ବି. (ପ୍ର-ତୃ = ବଞ୍ଚନା କରିବା-
ପ୍ରତାରଣା, } ଅନ, ଆ) ବଞ୍ଚନା, ଠକିବା; ପାର କରିବା । (ବିଶେଷଣରେ ପ୍ରତାରକ ଓ ପ୍ରତାରିତ ହୁଏ ।)

ପ୍ରତି, ଅ°. ( ପ୍ରଥ୍-ଅତି ) ପ୍ରତିନିଧି; ବିପରୀତ; ପ୍ରତିକୂଳ; ପରିବର୍ତ୍ତି; ଉପରି; ଆଭିମୁଖ୍ୟ; ପ୍ରଶସ୍ତି; ବିରୋଧ; ସାଦୃଶ୍ୟ ଇତ୍ୟାଦି । ଦ୍ୱିତୀୟା ଓ ସପ୍ତମୀ ଅର୍ଥବୋଧକ । ଯଥା—ମୋ ପ୍ରତି ଆପଣ ସନ୍ତତ ସଦୟ ଥିବେ । (ଦେଶଜ) ଓସାର । ଯଥା—

ଦଶ ଯୋଜନ ପ୍ରତି ତାର ଅଟଇ ସେତୁକୁ ସମାନ । ବି. ରା.

ସ୍ଥାନେ ସ୍ଥାନେ ପଞ୍ଚମୀ ଅର୍ଥବୋଧକ । ଯଥା—ଏହା ପ୍ରତି ସେ ବଡ଼ ।

ପ୍ରତିକକ୍ଷ, ବି. ( ପ୍ରତି-କକ୍ଷ ଶବ୍ଦଜ ) ପ୍ରତିଯୋଗୀ । ଯଥା—

ତହିଁକି କଥାଏ ଯେ କହିବା ଉପଲକ୍ଷ,
ଆମ୍ଭକୁ ଦେହ ଜାଣ ଯେଉଁରୂପେ ପ୍ରତିକକ୍ଷ । ନୃ. ପୁ. ସ.ଭ.

ପ୍ରତିକାର, } ବି. ( ପ୍ରତି-କୃ-ଅ ) ବୈର-
ପ୍ରତୀକାର, } ନିର୍ଯ୍ୟାତନ; ପ୍ରତିଫଳ; ପରିଶୋଧ; ଉପାୟ; ଚିକିତ୍ସା ।

ପ୍ରତିକି, ଅ°. (ଦେଶଜ ବା ପ୍ରତିଶବ୍ଦଜ) ଅପେକ୍ଷା ଅର୍ଥାତ୍ ପଞ୍ଚମୀ ଅର୍ଥବୋଧକ । ଯଥା—

ଏହା ଶୁଣିବାର ପ୍ରତିକି ମରଣ,
ହୋଇଲେ ମୋର ଭଲ ହୋଇବଟି ଜାଣ ।
କୃ. ଭା. ଶ. ପ.

ପ୍ରତିକୂଳ, ବି. (ପ୍ରତି = ବିରୁଦ୍ଧ-କୂଳ) ପ୍ରତିପକ୍ଷ, ବିରୁଦ୍ଧ ।

ପ୍ରତିକୃତି, ବି. (ପ୍ରତି-କୃତି) ପ୍ରତିମୂର୍ତ୍ତି; ପ୍ରତିବିମ୍ବ; ପ୍ରତିନିଧି; ସାଦୃଶ୍ୟ ।

ପ୍ରତିଗ୍ରହ, } ବି. ( ପ୍ରତି-ଗ୍ରହ୍-ଅ, ଅନ )
ପ୍ରତିଗ୍ରହଣ, } ସ୍ୱୀକାର; ଦାନଗ୍ରହଣ; ଅନୁଗ୍ରହ ।

ପ୍ରତିଜ୍ଞା, ବି. ସ୍ତ୍ରୀ. (ପ୍ରତି-ଜ୍ଞା-ଅ, ଆ) ଅଙ୍ଗୀକାର, ପଣ; ଅଭିଯୋଗ ।

ପ୍ରତିନିଧି, ବିଂ. (ପ୍ରତି = ପରିବର୍ତ୍ତି-ନି-ଧା-ଇ ) ତୁଲ୍ୟ, ସଦୃଶ; ବଦଳ; ପ୍ରତିଭୂ; ଜାମିନ ।

ପ୍ରତିପତ୍ତି, ବି. (ପ୍ରତି-ପଦ୍ = ଗମନ କରିବା, ପାଇବା ଇତ୍ୟାଦି-ତି) ପ୍ରାପ୍ତି; ସମ୍ମାନ; ସୁଖ୍ୟାତି, ଗୌରବ; ପ୍ରବୃତ୍ତି; କର୍ତ୍ତବ୍ୟଜ୍ଞାନ; ଅଙ୍ଗୀକାର; ଅଭିଯୋଗ; ପ୍ରଗଲ୍‌ଭତା; ନିଶ୍ଚୟ; ଅନୁମତି; ଉପାୟ; ବ୍ୟବସ୍ଥା; ସମ୍ୟକ୍‌ଜ୍ଞାନ । (ବିଶେଷଣରେ ପ୍ରତିପନ୍ନ ହୁଏ ।)

ପ୍ରତିପାଦନ, ବି. ( ପ୍ରତି-ପଦ୍-ଣିଚ୍-ଅନ ) ଦାନ; ସମ୍ପାଦନ; ନିବାହ; ଜ୍ଞାପନ; ପ୍ରତିପତ୍ତି; ଉତ୍ପାଦନ; ସ୍ଥିରୀକରଣ । (ବିଶେଷଣରେ ପ୍ରତିପାଦକ, ପ୍ରତିପାଦିତ ଓ ପ୍ରତିପାଦ୍ୟ ପଦ ନିଷ୍ପନ୍ନ ହୁଏ ।)

ପ୍ରତିବନ୍ଧ, ବି. (ପ୍ରତି-ବନ୍ଧ୍-ଅ) ବାଧା, ବିଘ୍ନ, ବ୍ୟାଘାତ ।

ପ୍ରତିଭା, ବି. ସ୍ତ୍ରୀ (ପ୍ରତି-ଭା=ଦୀପ୍ତି ପାଇବା-ଅ, ଆ) ବୁଦ୍ଧି; ଅସାଧାରଣ ବୁଦ୍ଧିଶକ୍ତି; ପ୍ରତ୍ୟୁତ୍ପନ୍ନମତି; ନବନବୋନ୍ମେଷଶାଳିନୀ ପ୍ରଜ୍ଞା; ଦୀପ୍ତି; ସାଦୃଶ୍ୟ ।

ପ୍ରତିଭାତ, ବିଂ. (ପ୍ରତି-ଭା-ତ) ପ୍ରଦୀପ୍ତ; ଉଦିତ ।

ପ୍ରତିଭାନ, ବି. (ପ୍ରତି-ଭା-ଅନ) ବୁଦ୍ଧି; ପ୍ରଭା ।

ପ୍ରତିଭୂ, ବି. ( ପ୍ର-ଭୂ-କ୍ୱିପ୍ ) ବନ୍ଧକ, ଜାମିନ ।

ପ୍ରତିମ, ବିଂ. (ପ୍ରତି = ସମାନ-ମା-ଅ) ସଦୃଶ ।

ପ୍ରତିମା, ବି. ( ପ୍ରତି-ମା-ଅ-ଆ ) ପ୍ରତିମୂର୍ତ୍ତି; ପ୍ରତିବିମ୍ବ; ଛବି; ସାଦୃଶ୍ୟ ।

ପ୍ରତିବାଦ, } ବି. (ପ୍ରତି-ବାଦ) ପ୍ରତିକୂଳ
ପ୍ରତୀବାଦ, } ଉକ୍ତି; ଆପତ୍ତି ।

ପ୍ରତିବେଶ, } ବି. (ପ୍ରତି = ନିକଟ-ବିଶ =
ପ୍ରତୀବେଶ, } ପ୍ରବେଶ କରିବା-ଅ) ସମୀପବର୍ତ୍ତୀ ବାସସ୍ଥାନ । (ବିଶେଷଣରେ ପ୍ରତିବେଶୀ ହୁଏ ।)

ପ୍ରତିଶ୍ରବ, ବି.(ପ୍ରତି-ଶ୍ରୁ-ଅ) ସ୍ୱୀକାର । (ବିଶେଷଣରେ ପ୍ରତିଶ୍ରୁତ ହୁଏ ।)

ପ୍ରତିଷେଧ, ବି. (ପ୍ରତି-ସିଧ୍-ଅ) ନିବାରଣ; ତ୍ୟାଗ । (ବିଶେଷଣରେ ପ୍ରତିଷେଧକ, ପ୍ରତିଷେଦ୍ଧା ଓ ପ୍ରତିଷିଦ୍ଧ ପଦ ନିଷ୍ପନ୍ନ ହୁଏ ।)

ପ୍ରତିଷ୍ଠା, ବି. ସ୍ତ୍ରୀ. (ପ୍ରତି-ସ୍ଥା = ପ୍ରଶଂସା କରିବା ଇତ୍ୟାଦି-ଅ, ଆ) ସୁଖ୍ୟାତି; ମର୍ଯ୍ୟାଦା; ସମାପ୍ତି; ସ୍ଥିତି; ଆଶ୍ରୟ; ସ୍ଥାନ । (ବିଶେଷଣରେ ପ୍ରତିଷ୍ଠିତ, ପ୍ରତିଷ୍ଠ୍ୟମାନ ପ୍ରଭୃତି ପଦ ନିଷ୍ପନ୍ନ ହୁଏ ।)

ପ୍ରତିହାର, } ବି. (ପ୍ରତି-ହୃ-ଅ) ଦ୍ୱାର; ଦ୍ୱାର-
ପ୍ରତୀହାର, } ପାଳ; ତ୍ୟାଗ; ମାୟା । (ସ୍ତ୍ରୀ-ଈ) ଦ୍ୱାରପାଳିକା ।

ପ୍ରତୀକ, ବିଂ. (ପ୍ରତି-ଇ-ଇକ) ପ୍ରତିକୂଳ; ବିପରୀତ । ବି. ଅଙ୍ଗ, ଅବୟବ ।

ପ୍ରତୀଚୀ, ବି. ସ୍ତ୍ରୀ. (ପ୍ରତି = ପଶ୍ଚାତ୍-ଅନ୍‌ଚ୍ = ଗମନ କରିବା-କ୍ୱିପ୍ ଈ) ପଶ୍ଚିମଦିଗ ।

ପ୍ରତୀତି, ବି. (ପ୍ରତି-ଇ-ତି) ପ୍ରସିଦ୍ଧି; ଜ୍ଞାନ; ସମ୍ମାନ; ପ୍ରୀତି; ହର୍ଷ; ବିଶ୍ୱାସ । (ବିଶେଷଣରେ ପ୍ରତୀତ ହୁଏ ।)

ପ୍ରତୀପ, ବିଂ. (ପ୍ରତି-ଅପ୍ = ଜଳ-ଅ, ଅନ୍ = ଇପ) ପ୍ରତିକୂଳ; ବିପରୀତ; ପରାଙ୍ମୁଖ; ପଶ୍ଚିମ ।

ପ୍ରତୀୟମାନ, ବି. (ପ୍ରତି-ଇ-ମାନ, ଯ ଆଗମ) ଜ୍ଞାୟମାନ, ଯାହା ଜଣା ଯାଉଅଛି ।

ପ୍ରତେ, ବି. (ପ୍ରତ୍ୟୟ ଶବ୍ଦଜ) ବିଶ୍ୱାସ । ଯଥା—

ହେଉଥାଇ ପ୍ରତେ ନନ୍ଦନ କି ଶତେ
ହୋଇଛୁ ଏ ବନେ ଠୁଳ । ଯ. କେ.

ପ୍ରତୋଳୀ, ବି. ସ୍ତ୍ରୀ. ସଂ. ରଥ୍ୟା; ରାସ୍ତା; ଅଭ୍ୟନ୍ତରପଥ ।

ପ୍ରତ୍ନ, ବିଂ. ସଂ. ପୁରାତନ, ପୁରୁଣା ।

ପ୍ରତ୍ୟଗ୍ର, ବିଂ. (ପ୍ରତି-ଅଗ୍ର = ପ୍ରଥମ) ନୂତନ; ଅମ୍ଳାନ ।

ପ୍ରତ୍ୟୟ, ବି. (ପ୍ରତି-ଇ = ଜାଣିବା ଇତ୍ୟାଦି-ଅ) ନିଶ୍ଚୟଜ୍ଞାନ; ବିଶ୍ୱାସ; ଶପଥ; ହେତୁ; ପ୍ରସିଦ୍ଧି ।

ବିଂ. ଅଧୀନ । (ପ୍ରତ୍ୟୟୋଽଧୀନ ଶପଥ ଜ୍ଞାନ ବିଶ୍ୱାସ ହେତୁଷୁ—ଅମର ।) (ବିଶେଷଣରେ ପ୍ରତ୍ୟାୟକ = ବିଶ୍ୱାସକାରକ ହୁଏ ।)

ପ୍ରତ୍ୟବାୟ, ବି. ( ପ୍ରତି-ଅବ-ଇ-ଅ ) ପାପ; ଅନିଷ୍ଟ, କ୍ଷତି; ବିପରୀତ ଆଚରଣ ।

ପ୍ରତ୍ୟହ, ଅଂ. ସଂ. ପ୍ରତିଦିନ ।

ପ୍ରତ୍ୟାଖ୍ୟାନ, ବି. ( ପ୍ରତି-ଆ-ଖ୍ୟା-ଅନ ) ନିରାକରଣ, ଦୂରୀକରଣ; ଅସ୍ୱୀକାର । (ବିଶେଷଣରେ ପ୍ରତ୍ୟାଖ୍ୟାତ ହୁଏ ।)

ପ୍ରତ୍ୟାବର୍ତ୍ତନ, ପ୍ରତ୍ୟାବୃତ୍ତି, } ବି. (ପ୍ରତି-ଆ-ବୃତ୍-ଅନ, ତି) ପ୍ରତିନିବୃତ୍ତି; ପ୍ରତ୍ୟାଗମନ; ପ୍ରତିନିବାରଣ । (ବିଶେଷଣରେ ପ୍ରତ୍ୟାବୃତ୍ତ ହୁଏ ।)

ପ୍ରତ୍ୟୁତ, ଅଂ. ସଂ. ଉକ୍ତର ବୈପରୀତ୍ୟ; ବରଂ ।

ପ୍ରତ୍ୟୁତ୍ପନ୍ନମତି, ବି. ସ୍ତ୍ରୀ. ସଂ. ତତ୍କାଳୋଚିତ-ବୁଦ୍ଧି । ବିଂ. ପ୍ରତିଭାନ୍ୱିତ ।

ପ୍ରତ୍ୟେକ, କ୍ରି. ବିଂ. ଏକେ ଏକେ; ସମୁଦାୟ ।

ପ୍ରଥମ, ବିଂ. (ପ୍ରଥ୍-ଅମ) ଆଦ୍ୟ, ପ୍ରଧାନ ।

ପ୍ରଥା, ବି. ସ୍ତ୍ରୀ. (ପ୍ରଥ୍-ଅ, ଆ) ରୀତି, ଧାରା; ଖ୍ୟାତି; ପ୍ରସିଦ୍ଧି; ବିସ୍ତାର । (ବିଶେଷଣରେ ପ୍ରଥିତ ହୁଏ ।)

ପ୍ରଦକ୍ଷିଣ, ବି. ସଂ. ଚତୁର୍ଦ୍ଦିଗରେ ବେଷ୍ଟନ; ବନ୍ଦନା । ବିଂ. ଅନୁକୂଳ ।

ପ୍ରଦର୍ଶନ, ବି. ( ପ୍ର-ଦୃଶ୍-ଣିଚ୍-ଅନ) ଦେଖାଇବା । (ବିଶେଷଣରେ ପ୍ରଦର୍ଶକ, ପ୍ରଦର୍ଶିତ ଇତ୍ୟାଦି ପଦ ହୁଏ ।)

ପ୍ରଦଳ, ବି. (ଦେଶଜ) ଗୋଳମାଳ; ହଟ୍ଟ । ଯଥା—

ମୋର ପ୍ରଦଳ ଶୁଣି ନନ୍ଦରାଣୀ,
ଘର ଭିତରୁ ବାହାର ତରୁଣୀ । ଗୋ. ଲୀ.

ପ୍ରଦୋଷ, ବି. (ପ୍ର-ଆରମ୍ଭ-ଦୋଷା = ରାତ୍ରି-ଯହିଁରେ ବା ଯାହାଠାରୁ) ସାୟଂକାଳ । ବିଂ. ପ୍ରକୃଷ୍ଟ ଦୋଷଯୁକ୍ତ ।

ପ୍ରଦ୍ୟୋତନ, ବି. (ପ୍ର-ଦ୍ୟୁତ୍-ଅନ) ଦୀପ୍ତି, ପ୍ରକାଶ; ସୂର୍ଯ୍ୟ । ବିଂ. ଦ୍ୟୋତନଶୀଳ ।

ପ୍ରଦ୍ରବ, ପ୍ରଦ୍ରାବ, ବି. (ପ୍ର-ଦ୍ରୁ-ଅ) ପଳାୟନ; ଧାବନ ।

ପ୍ରପଞ୍ଚ, ବି. (ପ୍ର-ପନ୍‌ଚ୍ = ବିସ୍ତୃତ ହେବା-ଅ) ସମୂହ; ମାୟା; ସଂସାର; ଭ୍ରାନ୍ତି; ବଞ୍ଚନା; ବୈପରୀତ୍ୟ ।

ପ୍ରପନ୍ନ, ବିଂ. (ପ୍ର-ପଦ୍-ତ) ପ୍ରାପ୍ତ; ଆଶ୍ରିତ; ଶରଣାଗତ ।

ପ୍ରପା, ବି. ସ୍ତ୍ରୀ. ସଂ. ଜଳଛତ୍ର ।

ପ୍ରବାଳ, ବି. (ପ୍ର-ବଲ୍-ଅ) ପୋହଳା, ରତ୍ନ-ବିଶେଷ; ନୂତନ ପଲ୍ଲବ; ଅଙ୍କୁର; ବୀଣା-ଦଣ୍ଡ । (ପ୍ରବାଳୋ ବଲ୍ଲକୀ ଦଣ୍ଡେ ବିଦ୍ରୁମେ ନବପଲ୍ଲବେ—କୋଷାନ୍ତର ।)

ପ୍ରଭା, ବି. ସ୍ତ୍ରୀ. ସଂ. ଦୀପ୍ତି; ପ୍ରକାଶ ।

ପ୍ରଭାବ, ବି. (ପ୍ର-ଭୂ-ଅ) ପ୍ରତାପ; ମହିମା; ସାମର୍ଥ୍ୟ; ଉଦ୍ଭବ ।

ପ୍ରଭୂତ, ବିଂ. ( ପ୍ର-ଭୂ-ତ ) ପ୍ରଚୁର, ବହୁ; ଉତ୍ପନ୍ନ; ଉନ୍ନତ ।

ପ୍ରମଦା, ବି. ସ୍ତ୍ରୀ. (ପ୍ର-ମଦ-ଆ) ସୁନ୍ଦରୀ ନାରୀ ।

ପ୍ରମାଣ, ବି. (ପ୍ର-ମା-ଅନ) ନିଶ୍ଚୟର ହେତୁ; ସାକ୍ଷୀ; ଶାସ୍ତ୍ର; ପରିମାଣ; ବିଶ୍ୱାସ; ନିଶ୍ଚୟ ।

ପ୍ରମାଦ, ବି. (ପ୍ର-ମଦ୍-ଅ) ଅନବଧାନତା, ଭ୍ରମ ।

ପ୍ରମୀଳା, ବି. ସ୍ତ୍ରୀ. (ପ୍ର-ମୀଲ୍-ଅ-ଆ) ତନ୍ଦ୍ରା; ମୁଦ୍ରଣ; ଅବସାଦ ।

ପ୍ରମୁଖ, ବିଂ. (ପ୍ର-ମୁଖ) ପ୍ରଥମ; ଶ୍ରେଷ୍ଠ; ପ୍ରଭୃତି । ବି. ଆରମ୍ଭ, ସମୂହ ।

ପ୍ରୟତ, ବିଂ. (ପ୍ର-ଯମ୍-ତ) ପବିତ୍ର; ସଂଯତ; ଦତ୍ତ ।

ପ୍ରୟାସ, ବି. (ପ୍ର-ଯସ୍ = ଯତ୍ନକରିବା-ଅ) ଶ୍ରମ; ଯତ୍ନ; ଇଚ୍ଛା ।

**ପ୍ରୟୋଜନ**, ବି. ( ପ୍ର-ଯୁଜ୍-ଅନ ) ହେତୁ, ଉଦ୍ଦେଶ୍ୟ; କାର୍ଯ୍ୟ; ଫଳ; ପ୍ରୟୋଗକରଣ । (ବିଶେଷଣରେ ପ୍ରୟୋଜକ, ପ୍ରୟୋଜନୀୟ ଓ ପ୍ରଯୋଜ୍ୟ ପଦ ସାଧିତ ହୁଏ ।)

**ପ୍ରଳାପ**, ବି. ( ପ୍ର-ଲପ୍-ଅ ) ଅନର୍ଥକ ବାକ୍ୟ; ରୋଗୀର ଉପଦ୍ରବବିଶେଷ; ବିଳାପ ।

**ପ୍ରଳେ**, ବି. (ପ୍ରଳୟ ଶବ୍ଦଜ) ପ୍ରଳୟ; ନାଶ । ଯଥା—

ଯାବତ ସୃଷ୍ଟି ପ୍ରଳେ ହେଲେ,
ମୁଁ ସତ୍ୟ ନ ଲଙ୍ଘଇ ଭଲେ । ଦା. ର.

**ପ୍ରଲୋଭନ**, ବି. (ପ୍ର-ଲୁଭ୍-ଣିଚ୍-ଅନ) ଲୋଭ ଦେଖାଇବା । ବିଂ. ଲୋଭପ୍ରଦର୍ଶକ ।

**ପ୍ରବଚନ**, ବି. ( ପ୍ର-ବଚନ ) ବେଦାଦି ଶାସ୍ତ୍ର; ଉତ୍ତମ ବଚନ: ବେଦାର୍ଥ ଜ୍ଞାନ ।

**ପ୍ରବର୍ତ୍ତନ**, ବି.(ପ୍ର-ବୃତ୍-ଅନ) ପ୍ରବୃତ୍ତି; ଆରମ୍ଭ । ବିଂ. ପ୍ରବୃତ୍ତିଜନକ, ଉତ୍ତେଜକ । (ବିଶେଷଣରେ ପ୍ରବର୍ତ୍ତକ, ପ୍ରବର୍ତ୍ତିତ ପ୍ରଭୃତି ହୁଏ ।)

**ପ୍ରବାଦ**,ବି. (ପ୍ର-ବଦ୍-ଅ) ଜନଶ୍ରୁତି, ଜନରବ; ଅପବାଦ; ପରମ୍ପରାଗତ ବାକ୍ୟ ।

**ପ୍ରବୃତ୍ତି**, ବି. ସ୍ତ୍ରୀ. (ପ୍ର-ବୃତ୍-ତି) ଇଚ୍ଛା; ଯତ୍ନ; ବାର୍ତ୍ତା; ପ୍ରବାହ; ଗତି; ବ୍ୟାପାର; ଉତ୍ପତ୍ତି । (ବିଶେଷଣରେ ପ୍ରବୃତ୍ତ ହୁଏ । )

**ପ୍ରବେଶ**, ବି. (ପ୍ର-ବିଶ୍-ଅ) ଭିତରକୁ ଯିବା । (ବିଶେଷଣରେ ପ୍ରବିଷ୍ଟ ପ୍ରଭୃତି ପଦ ହୁଏ ।)

**ପ୍ରଶ୍ରୟ**, ବି. ( ପ୍ର-ଶ୍ରି-ଅ ) ସ୍ନେହ; ସ୍ନେହଯୁକ୍ତ ସମ୍ମାନ; ବିନୟ ।

**ପ୍ରଶ୍ନ**,ବି.(ପ୍ରଚ୍ଛ୍-ତ) ପଚାରିବା । (ବିଶେଷଣରେ ପ୍ରଷ୍ଟା ଓ ପ୍ରଷ୍ଟବ୍ୟ ହୁଏ । )

**ପ୍ରସବ**, ବି. ( ପ୍ର-ସୂ=ପ୍ରସବକରିବା-ଅ ) ଉତ୍ପାଦନ, ସନ୍ତାନ ଜନ୍ମାଇବା; ଜନ୍ମ, ଉତ୍ପତ୍ତି; ସନ୍ତାନ; ପୁଷ୍ପ; ଫଳ; କାରଣ ।

**ପ୍ରସାଦ**, ବି. ( ପ୍ର-ସଦ୍ = ଗମନକରିବା, ହୃଷ୍ଟହେବା-ଅ ) ପ୍ରସନ୍ନତା; ଅନୁଗ୍ରହ; ନିର୍ମଳତା; ପ୍ରସକ୍ତି; ସୌମ୍ୟତା; ସ୍ୱାସ୍ଥ୍ୟ । (ବିଶେଷଣରେ ପ୍ରସନ୍ନ ହୁଏ ।

**ପ୍ରସାଧନ**, ବି. (ପ୍ର-ସାଧ୍=ସିଦ୍ଧକରିବା, ଭୂଷିତ କରିବା ଇତ୍ୟାଦି-ଅନ) ଅଳଙ୍କରଣ; ସାଧନ, ସମ୍ପାଦନ; କଣ୍ଟକଶୋଧନ; ସଜ୍ଜାବସ୍ତୁ । (ସ୍ତ୍ରୀ-ଈ) କଙ୍କତିକା, ପାନିଆଁ । ( ବିଶେଷଣରେ ପ୍ରସାଧକ ଓ ପ୍ରସାଧିତ ହୁଏ । )

**ପ୍ରସୂତି**, ବି. ସ୍ତ୍ରୀ. ( ପ୍ର-ସୂ=ପ୍ରସବକରିବା ତି ) ସନ୍ତାନ; ଗର୍ଭ; ଉତ୍ପତ୍ତି; କାରଣ; ମାତା । ( ବିଶେଷଣରେ ପ୍ରସୂତ ହୁଏ । )

**ପ୍ରସୂତିକା**, ବି. ସ୍ତ୍ରୀ. ସଂ. ଜାତପ୍ରସବା ସ୍ତ୍ରୀ ।

**ପ୍ରସୂନ**, ବି. (ପ୍ର-ସୂ=ପ୍ରସବକରିବା ତ) ପୁଷ୍ପ; ମୁକୁଳ; ଫଳ । ବିଂ. ଜାତ ।

**ପ୍ରସ୍ତର**, ବି. (ପ୍ର ସ୍ତୃ=ଆଚ୍ଛାଦନ କରିବା-ଅ) ପାଷାଣ; ମଣି; ପଲ୍ଲବାଦି ରଚିତ ଶଯ୍ୟା ।

**ପ୍ରସ୍ତାର**, ବି. (ଧ୍ର-ସ୍ତୃ-ଅ) ପଲ୍ଲବାଦି ରଚିତ ଶଯ୍ୟା; ତୃଣବନ; ଛନ୍ଦୋଗ୍ରନ୍ଥର ପ୍ରକ୍ରିୟାବିଶେଷ; ବିସ୍ତାର; ସମୂହ ।

**ପ୍ରସ୍ତାବ**, ବି. (ପ୍ର-ସ୍ତୁ = କଥାରମ୍ଭ କରିବା-ଅ) ପ୍ରସଙ୍ଗ; କଥାନୁଷ୍ଠାନ, ପ୍ରକରଣ; ଅବସର, ସୁଯୋଗ ।

**ପ୍ରସ୍ତୁତ**, ବିଂ.(ପ୍ର-ସ୍ତୁ = ନିଷ୍ପନ୍ନକରିବା ଇତ୍ୟାଦି-ତ) ପ୍ରକୃତ; ପ୍ରକ୍ରାନ୍ତ; ଉଲ୍ଲିଖିତ; ନିଷ୍ପନ୍ନ; ଉଦ୍ୟୁକ୍ତ; ଉପସ୍ଥିତ; ପ୍ରଶଂସିତ; ପ୍ରାସଙ୍ଗିକ; ପ୍ରକର୍ଷ ସ୍ତୁତିଯୁକ୍ତ; ପ୍ରତିପନ୍ନ ।

**ପ୍ରସ୍ଥ**, ବି. ( ପ୍ର-ସ୍ଥା-ଅ ) ପରିମାଣବିଶେଷ; ପର୍ବତର ଉପରିସ୍ଥ ସମାନ ଭୂମି ।

**ପ୍ରସ୍ଥାନ**, ବି. (ପ୍ର-ସ୍ଥା-ଅନ) ଗମନ; ପ୍ରୟାଣ; ଶତ୍ରୁର ଅଭିମୁଖରେ ଯାତ୍ରା ।

**ପ୍ରସ୍ରବଣ**, ବି. ( ପ୍ର-ସ୍ରୁ=କ୍ଷରିତହେବା-ଅନ ) ଉତ୍ସ, ନିର୍ଝର, ଝରଣା; କ୍ଷରଣ; ସ୍ୱେଦ; ମାଲ୍ୟବାନ୍ ପର୍ବତ ।

ପ୍ରସ୍ରା, ପ୍ରସା, ବି. (ପ୍ରସ୍ରାବ ଶବ୍ଦର ଅପଭ୍ରଂଶ) ମୂତ୍ର । ଯଥା—
ଅଷ୍ଟାରୁ ଉଠି ନୃପତି ପ୍ରସା କରି ଗଲା,
ବଟବୃକ୍ଷର ତଳେ ଯାଇଣ ବସିଲା । ସା. ଖ. ଅ.

ପ୍ରସ୍ରାବ, ବି. (ପ୍ର-ସ୍ରୁ-ଅ) ମୂତ୍ର; ପ୍ରକୃଷ୍ଟରୂପେ କ୍ଷରଣ ।

ପ୍ରହରଣ, ବି. (ପ୍ର-ହୃ-ଅନ) ଯୁଦ୍ଧ; ଦ୍ୱାର ।

ପ୍ରହରୀ, ବି. (ପ୍ରହର-ଇନ୍) ଚୌକିଦାର ।

ପ୍ରହାର, ବି.(ପ୍ର-ହୃ-ଅ)ଆଘାତ; ନିଗ୍ରହ; ଯୁଦ୍ଧ ।

ପ୍ରହେଳିକା, ପ୍ରହେଳୀ, ବି. ସ୍ତ୍ରୀ. ସଂ. କୂଟପ୍ରଶ୍ନ ।

ପ୍ରହ୍ଲାଦ, ବି.(ପ୍ର-ହ୍ଲାଦ୍-ଅ) ଆହ୍ଲାଦ, ଆନନ୍ଦ; ହିରଣ୍ୟକଶିପୁ ପୁତ୍ର ।

ପ୍ରାଂଶୁ,ବିଂ.(ପ୍ର-ଅଂଶୁ=କିରଣ) ଉଚ୍ଚ,ଉନ୍ନତ ।

ପ୍ରାକ୍, ଅଂ. ସଂ. ପୂର୍ବେ, ପ୍ରଥମେ; ପୂର୍ବଦିଗ ।

ପ୍ରାକର୍ମ, ପ୍ରାକ୍ରମ, ବି. ( ପରାକ୍ରମ ଶବ୍ଦଜ ) ସାମର୍ଥ୍ୟ । ଯଥା—
ବୃଷଭ ଖଗେନ୍ଦ୍ର ସିଂହ ଐରାବତେ କପିଙ୍କ ପ୍ରାକର୍ମ ।
ବୈ. ବି.
ବାହାର ହେବ ବଚନୁ ପ୍ରାକ୍ରମ ଭରସା,
ବାହା ଧନୁ ଦେଖି ମଣି କଣି ପାରେ ରସା । ବୈ. ବି

ପ୍ରାକାର, ବି. (ପ୍ର-ଆ-କୃ=ବେଷ୍ଟନ କରିବା-ଅ) ପ୍ରାଚୀର; ବେଷ୍ଟନ, ବେଢ଼ା; ସର୍ବତୋ-ବିସ୍ତାର ।

ପ୍ରାକୃତ,ବିଂ.(ପ୍ର-ଅକୃତ) ନୀଚ,ଅଧମ; (ପ୍ରକୃତି =ସ୍ୱଭାବ-ଅ) ସ୍ୱାଭାବିକ, ପ୍ରକୃତିସମ୍ବନ୍ଧୀୟ; ସାଧାରଣ, ସାମାନ୍ୟ । ବି. ଭାଷାବିଶେଷ: ନାଟକାଦିରେ ପ୍ରସିଦ୍ଧ ଅପଭ୍ରଂଶ ମାଗଧୀ ଶୌରସେନୀ ପ୍ରଭୃତି ଅଷ୍ଟାଦଶଭାଷା; ପାଲୀ ପ୍ରଭୃତି ଭାଷା ।

ପ୍ରାଗ, ବି. (ପ୍ରୟାଗ ଶବ୍ଦର ଅପଭ୍ରଂଶ) ପ୍ରୟାଗ-ତୀର୍ଥ; (ପ୍ରାକ୍ ଶବ୍ଦଜ) ପୂର୍ବଦିଗ । ଯଥା—
ପ୍ରାଗ ଦେଶରେ (ପ୍ରୟାଗ ଦେଶରେ) ସେ
ଅଟଇ ଅଧିକାରୀ,
ତପରେ ତୋଷିଲା ସେହି ଗଗନବିହାରୀ । ସାଂ.ଭ.ସ.

ପ୍ରାଙ୍ଗଣ, ବି. (ପ୍ର-ଅଙ୍ଗ୍=ଗମନ କରିବା-ଅନ) ଅଗଣା; ଗୃହଭୂମି; ପଣବବାଦ୍ୟ ।

ପ୍ରାଚୀ, ବି. ସ୍ତ୍ରୀ. (ପ୍ର-ଅଞ୍ଚ୍=ଗମନ କରିବା-କ୍ୱିପ୍-ସ୍ତ୍ରୀ-ଈ) ପୂର୍ବଦିଗ ।

ପ୍ରାଚୀନ, ବିଂ. ( ପ୍ରାକ୍-ଈନ ) ପୂର୍ବ; ପୂର୍ବ-କାଳୀନ, ପୁରାତନ; ବୃଦ୍ଧ; ପୂର୍ବଦେଶୀୟ ।

ପ୍ରାଚୀର, ବି. (ପ୍ର-ଆ-ଚି-ଆବରଣ କରିବା-ର) ପ୍ରାନ୍ତଭାଗରେ ଆବରଣ; ବେଷ୍ଟନ, ବେଢ଼ା, ପାଚେରି, ଗଡ଼କାନ୍ଥ ।

ପ୍ରାଜ୍ଞ, ବିଂ. (ପ୍ର-ଆ-ଜ୍ଞା-ଅ) ପଣ୍ଡିତ; ନିପୁଣ ।

ପ୍ରାଣନ, ବି. (ପ୍ର-ଅନ୍=ବଞ୍ଚିବା-ଅନ) ପ୍ରାଣ, ଜୀବନ; ଜୀବିତରହିବା; ଗଳଦେଶ ।

ପ୍ରାତରାଶ, ବି. ( ପ୍ରାତଃ-ଅଶ୍=ଖାଇବା-ଅ ) ପ୍ରାତଃକାଳୀନ ଭୋଜନ ।

ପ୍ରାଦୁର୍ଭାବ, ବି. ( ପ୍ରାଦୁସ୍-ଭୂ-ଅ ) ପ୍ରକଟିତ ହେବା; ଉଦ୍ଭବ; ପ୍ରଥମ ପ୍ରକାଶ । (ବିଶେଷଣରେ ପ୍ରାଦୁର୍ଭୂତ ହୁଏ ।)

ପ୍ରାଦେଶ, ବି. ସଂ. ବୃଦ୍ଧାଙ୍ଗୁଳି ଓ ତର୍ଜନୀ ବିସ୍ତାର କଲେ ଏକର ଅଗ୍ରଠାରୁ ଅପରର ଅଗ୍ର ପର୍ଯ୍ୟନ୍ତ ଯେଉଁ ପରିମାଣ ।

ପ୍ରାନ୍ତର, ବି. (ପ୍ର-ଅନ୍ତର) ଅତିଦୂର ଓ ଛାୟା ଜଳାଦି ଶୂନ୍ୟ ପ୍ରଦେଶ ବା ପଥ; ଜନଶୂନ୍ୟ ପ୍ରଦେଶ; ପଡ଼ିଆ; ଜଙ୍ଗଲ; କୋଟର ।

ପ୍ରାୟ, ବି. (ପ୍ର-ଇ=ଗମନ କରିବା, ମରିବା ଇତ୍ୟାଦି-ଅ) ଅଭିସନ୍ଧି ପୂର୍ବକ ଅନଶନ ମୃତ୍ୟୁ; ମରଣ; ବାହୁଲ୍ୟ । ( ପ୍ରାୟେଣ ସାମଗ୍ର୍ୟ ବିଧୌ ଗୁଣାନାଂ ) ଉପବାସ; ବୟସ; ପାପ । (ଶବ୍ଦର ପରବର୍ତ୍ତୀ ହେଲେ) ତୁଲ୍ୟ । (ପ୍ରାୟଶ୍ଚାନଶନେ ମୃତ୍ୟୌ ତୁଲ୍ୟ ବାହୁଲ୍ୟୟୋରପି —ବିଶ୍ୱ । )

ପ୍ରାୟକ, ପ୍ରାୟେ, ପ୍ରାୟେକ, } ବିଂ. (ପ୍ରାୟ ଶବ୍ଦଜ) ତୁଲ୍ୟ, ସଦୃଶ, ପରି । ଯଥା—
କଳ୍ପବୃକ୍ଷେ ନାନା ରତ୍ନ ଫଳ ପ୍ରାୟକ । ର. କ.
ନିଶାନ୍ତ ପ୍ରାୟେ ସବୁବେଳେ ଦିଶେ । କୋ.ବ୍ର.ସ୍ତୁ.
ଧାତା ପ୍ରାୟେକ ହୋଇବ କରତା । ବି. ରା

ପ୍ରାୟଶଃ, କ୍ରି. ବିଂ. ସଂ. ବାହୁଲ୍ୟରୂପେ; ସଚରାଚର ।

ପ୍ରାୟଶ୍ଚିତ୍ତ, ପ୍ରାୟଶ୍ଚିତ୍ତି, } ବି. (ପ୍ରାୟସ୍=ତପସ୍ୟା-ଚିତ୍-ତ, ତି) ଶୁଦ୍ଧିଲାଭ; ପାପ ବା ଦୋଷ-କ୍ଷୟ ସାଧନ କର୍ମ । (ପ୍ରାୟୋ ନାମ ତପଃ ପ୍ରୋକ୍ତଂ ଚିତ୍ତଂ ନିଶ୍ଚୟ ଉଚ୍ୟତେ । )

ପ୍ରାୟୋପବେଶ, ପ୍ରାୟୋପବେଶନ, ପ୍ରାୟୋପବେଶିକା, } ବି. (ପ୍ରାୟ = ଅଭିସନ୍ଧି ପୂର୍ବକ ଅନଶନମୃତ୍ୟୁ । ସ୍ତ୍ରୀ. -ଉପ-ବିଶ୍-ଅ, ଅନ, କ-ଆ) ଅଭିସନ୍ଧି ପୂର୍ବକ ଅନଶନ ମରଣାର୍ଥ ଉପବେଶନ ।

ପ୍ରାରବ୍ଧ, ବିଂ. (ପ୍ର-ଆରବ୍ଧ) କୃତାରମ୍ଭ । ବି. ଅଦୃଷ୍ଟ ।

ପ୍ରାର୍ଥନ, ପ୍ରାର୍ଥନା, } ବି. ( ପ୍ର-ଅର୍ଥ-ଣିଚ୍-ଅନ, ଆ ) ମାଗିବା; ଆକାଂକ୍ଷଣ; ବାଂଛା; ନିବେଦନ । ଯଥା—ମୋର ପ୍ରାର୍ଥନା ଶ୍ରବଣ କରନ୍ତୁ ।

ପ୍ରାଲେୟ, ବି. (ପ୍ର-ଆ-ଲୀ = ଲୀନ ହେବା-ଅ) ହିମ, ବରଫ ।

ପ୍ରାବରଣ, ବି. (ପ୍ର-ଆ-ବୃ-ଅନ) ଉତ୍ତରୀୟବସ୍ତ୍ର, ଆବରଣବସ୍ତ୍ର, ଚାଦର ।

ପ୍ରାବୃଷ୍, ପ୍ରାବୃଷ, ପ୍ରାବୃଟ୍, } ବି. (ପ୍ର-ଆ-ବୃଷ୍-କ୍ୱିପ୍-ଅ) ବର୍ଷାକାଳ ।

ପ୍ରାଶ୍ଚିତ, ବି. (ପ୍ରାୟଶ୍ଚିତ୍ତ ଶବ୍ଦର ଅପଭ୍ରଂଶ) ପାପ ବା ଦୋଷ କ୍ଷୟନିମିତ୍ତ କରିବା କର୍ମ । ଯଥା—

ଶୁଣ ହେ ଅର୍ଜୁନର ନାଥ,
ତହିଁକି ଯେ ପ୍ରାଶ୍ଚିତ ହୋନ୍ତୁ । ବି. ପୁ.

ପ୍ରାସ, ବି. (ପ୍ର-ଅସ୍ = କ୍ଷେପଣ କରିବା-ଅ) କ୍ଷେପଣୀୟ ଅସ୍ତ୍ରବିଶେଷ, କୁନ୍ତ; (ପ୍ରୟାସ ଶବ୍ଦଜ) ଦରଦ ବା ବେଦନା । ଯଥା—

ରଙ୍ଗିମା ଭଙ୍ଗୀ ବିଶେଷ ରହି ହୃଦେ ଦେଲା ପ୍ରାସ ।
ବି. ଚ. ମ.

ବିଂ. ବେଦନାଯୁକ୍ତ । ଯଥା—

ବୁଲିବାରେ ଦେଖି ହୋଇଛି ଗୋଡ଼ ପ୍ରାସ । କୃ.ଖି.ବ.ପ.

ପ୍ରାସାଦ, ବି. (ପ୍ର-ଆ-ସଦ୍ = ଗମନ କରିବା-ଅ) ଦେବତା ଓ ରାଜାଙ୍କ ଗୃହ; ବୃହତ୍ ଅଟ୍ଟାଳିକା; ଇଷ୍ଟକ ପ୍ରସ୍ତରମୟ ଦେବାଳୟ ।

ପ୍ରିୟ, ବି. ( ପ୍ରୀ = ତୁଷ୍ଟ କରିବା-ଅ ) ସ୍ୱାମୀ; ମୃଗବିଶେଷ । ବିଂ. ପ୍ରୀତିପାତ୍ର; ରମ୍ୟ; ପ୍ରୀତିଜନକ (ପ୍ରିୟ, ପ୍ରେୟାନ୍, ପ୍ରେଷ୍ଠ ଏପରି ତିନିରୂପ ହୁଏ) ।

ପ୍ରିୟକ, ବି. (ପ୍ରିୟ-କ) ମୃଗବିଶେଷ; କଦମ୍ବ-ବୃକ୍ଷ; ପ୍ରିୟଙ୍ଗୁବୃକ୍ଷ; ଭ୍ରମର; କୁସୁମ ।

ପ୍ରୀଣନ, ବି. (ପ୍ରୀ = ତୁଷ୍ଟ କରିବା-ଣିଚ୍-ଅନ) ତର୍ପଣ, ତୃପ୍ତିଜନନ ।

ପ୍ରୀତି, ବି. ସ୍ତ୍ରୀ. (ପ୍ରୀ-ତି) ତୃପ୍ତି; ହର୍ଷ; ସନ୍ତୋଷ; ପ୍ରେମ; ଅନୁରାଗ; କନ୍ଦର୍ପପତ୍ନୀ । (ବିଶେଷଣରେ ପ୍ରୀତ ହୁଏ ।)

ପ୍ରୀତିଆ, ପ୍ରୀତିୟା, } ବିଂ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ଯୋଗ) ପ୍ରୀତିମାନ୍ । ଯଥା—

ପ୍ରୀତିୟା ପ୍ରୀତିରଖା ଏତେ ସିଦ୍ଧି । ବି. ଚ. ମ.

ପ୍ରେତ, ବି. ( ପ୍ର-ଇ = ଗମନ କରିବା-ତ ) ନରକସ୍ଥ ପ୍ରାଣୀ; ମୃତବ୍ୟକ୍ତିର ଆତ୍ମା; ପିଶାଚ । (ସ୍ତ୍ରୀ-ଆ) ବୈତରଣୀ ନଦୀ । ବିଂ. ମୃତ ।

ପ୍ରେମ, ବି. (ପ୍ରେମନ୍=ପ୍ରିୟ-ଇମନ୍ ଭାବାର୍ଥେ, ପ୍ରିୟ = ପ୍ର) ଅନୁରାଗ; ପ୍ରୀତି; ସ୍ନେହ; ପରିହାସ ।

ପ୍ରେରଣ, ପ୍ରେଷଣ, } ବି. (ପ୍ର-ଈର, ଈଷ୍-ଅନ) ଆଜ୍ଞା-କରଣ; ନିଯୋଗ; ପଠାଇବା । (ବିଶେଷଣରେ ପ୍ରେରକ, ପ୍ରେରିତ ଓ ପ୍ରେଷିତ ହୁଏ ।)

ପ୍ରୋକ୍ଷଣ, ବି. (ପ୍ର-ଉକ୍ଷ୍ = ସେଚନ କରିବା-ଅନ) ଜଳସେଚନ, ଯଜ୍ଞାଦିରେ ପଶୁବଧ; ହତ୍ୟା । (ବିଶେଷଣରେ ପ୍ରୋକ୍ଷିତ ହୁଏ ।)

ପ୍ରୋତ, ବିଂ. (ପ୍ର-ବେ = ସିଲାଇ କରିବା-ତ) ସ୍ୟୂତ, ସିଲାଇ କରିଥିବା; ଗୁମ୍ଫିତ; ଗ୍ରଥିତ; ଅନ୍ତର୍ବିଦ୍ଧ । ବି. ବସ୍ତ୍ର ।

ପ୍ରୋତ୍ସାହ, ବି. (ପ୍ର-ଉତ୍ସାହ) ସାତିଶୟ ଯତ୍ନ; ଅଧ୍ୟବସାୟ; ଉତ୍ତେଜନା ।

ପ୍ରୋଥିତ, ବିଂ.(ପ୍ରୋଥ୍ = ପର୍ଯ୍ୟାପ୍ତ ହେବା-ତ) ଭୂଗର୍ଭନିହିତ, ନିଖାତ ।

ପ୍ରୋଷିତ, ବିଂ. (ପ୍ର-ବସ୍ = ପ୍ରବାସ କରିବା-ତ) ବିଦେଶସ୍ଥ; ନିବୃତ୍ତ; ଆଗତ ।

ପ୍ରୋଦ୍ଧୃତ, ବି. (ପୁରୋଦ୍ଧୃତ ଶବ୍ଦଜ) ପୁରୋହିତ । ଯଥା—

ତିନି ଭ୍ରାତାଙ୍କୁ, ମାତାମାନଙ୍କୁ, ମନ୍ତ୍ରୀ ସହିତେ,
ପୂଜି ପ୍ରୋଦ୍ଧୃତେ । ବି. ରା.

**ପ୍ରୋଷ୍ଠୀ**, ବି. ସ୍ତ୍ରୀ. (ପ୍ର-ଉଷ୍ = ଦାହ କରି-ଠ-ସଜ୍ଞାର୍ଥେ) ଶଫରୀ, କେରାଣ୍ଡି ମାଛ । ଯଥା—

ପ୍ରୋଷ୍ଠୀସମାଗ୍ନ ଉକ୍ତ ନାଳ-ଦେହ । ଲା. ପ. ଲା.

**ପ୍ରୌଢ଼**, ବିଂ. ( ପ୍ର-ବହ୍-ପ୍ରବୃଦ୍ଧ ହେବା-ତ ) ପ୍ରବୃଦ୍ଧ; ପ୍ରଗାଢ଼; ପ୍ରଚୁର; ପ୍ରଗଲ୍‌ଭ; ଯଥାବିଧି ବିବାହିତ; ଦକ୍ଷ; ଯୌବନ ଓ ବାର୍ଦ୍ଧକ୍ୟର ମଧ୍ୟମାବସ୍ଥା; ଯୁବା ।

**ପ୍ରୌଢ଼ି**, ବି. (ପ୍ର-ବହ୍-ତି) ଔଦ୍ଧତ୍ୟ; ଅଧ୍ୟବସାୟ; ଉତ୍ସାହ; ସାମର୍ଥ୍ୟ; ଉଦ୍ୟମ; ଉନ୍ନତି; ପ୍ରତିଷ୍ଠା ।

**ପ୍ଲକ୍ଷ**, ତ. ପୁଂ. ଜଡ଼ିଗଛ; ବଟବୃକ୍ଷ; ଦ୍ୱୀପ-ବିଶେଷ ।

**ପ୍ଲବ**, ବି. (ପ୍ଲୁ = ଡେଇଁ ଡେଇଁ ଯିବା, ଜଳରେ ଭାସିବା-ଅ) ଡେଇଁ ଡେଇଁ ଚାଲିବା; ସନ୍ତରଣ; ବେଙ୍ଗ; ଭେଳା; ମର୍କଟ; ମାଛଧରା ପୋଳୁହ; ପ୍ଲକ୍ଷବୃକ୍ଷ; ଜଳଚରବିଶେଷ ପକ୍ଷୀ; ଚଣ୍ଡାଳ ।

**ପ୍ଲବଗ, ପ୍ଲବଙ୍ଗ, ପ୍ଲବଙ୍ଗମ**, ବି. (ପ୍ଲୁ-ଗମ୍-ଅ, ବିକଳ୍ପେ ମ ଆଗମ) ବାନର; ଭେକ; ହରିଣ; ସୂର୍ଯ୍ୟସାରଥି । ବିଂ. ପ୍ଲୁତ-ଗତିଯୁକ୍ତ ।

**ପ୍ଲବନ**, ବି. (ପ୍ଲୁ-ଅନ) ଲମ୍ଫନ; ସନ୍ତରଣ ।

**ପ୍ଲାବନ**, ବି. ( ପ୍ଲୁ-ଣିଚ୍-ଅନ ) ଅଭିଷେକ; ଜଳରେ ଭାସିଯିବା; ବନ୍ୟା । (ବିଶେଷଣରେ ପ୍ଲାବିତ ହୁଏ ।)

**ପ୍ଲୁତ**, ବି. ( ପ୍ଲୁ-ତ ) ଲମ୍ଫ; ଅଶ୍ୱର ଗତି-ବିଶେଷ; ତ୍ରିମାତ୍ରୋଚ୍ଚାରଣ କାଳ; ତ୍ରିମାତ୍ରସ୍ୱର ।

**ପ୍ଲୁତି**, ବି. ( ପ୍ଲୁ-ତି ) ଡେଇଁ ଡେଇଁ ଯିବା; ଜଳପ୍ଲାବନ ।

---

# ଫ

**ଫ**, ବ୍ୟଞ୍ଜନମାଳାର ଦ୍ୱାବିଂଶ ବର୍ଣ୍ଣ । ବି. କର୍କଶ ବାକ୍ୟ; ନିଷ୍ଫଳ ବାକ୍ୟ; ଫୁତ୍କାର; ଝଞ୍ଜାବାତ; ଯକ୍ଷସାଧନବିଶେଷ; ଫଣୀ-ବିଶେଷ ।

**ଫଁ. ଫଁଅ, ଫଁଫଁ**, ଅଂ. ( ଦେଶଜ ) ସର୍ପଗର୍ଜନର ଅନୁକରଣ ଶବ୍ଦ । ଯଥା—

ଉମ୍ପ ପ୍ରାୟେ ଫଁ ଫଁ ସ୍ୱନେ ନିଃଶ୍ୱାସି । ମ. ଯା.

**ଫଏରକରିଦେବା**, କ୍ରି. ଉଡ଼ାଇ ଦେବା; ଜାଲ ଦେବା ।

**ଫଏସଲ, ଫଏସଲା, ଫୟସଲା**, ବି. ( ଯାବନିକ ) ନିଷ୍ପତ୍ତି, କାର୍ଯ୍ୟସମାଧା ।

**ଫଉଜ, ଫୌଜ**, ବି. (ଯାବନିକ) ପଦାତିର ବା ସେନାମାନଙ୍କ ଦଳ । ଯଥା—

ଫଉଜକରୁଲେ କୁଞ୍ଜଦ୍ୱାରେ ରଖାଅ କହି ବଲ୍ଲୀଧାରଣୀକି । କ. ଚ. ଚ.

**ଫକଡ଼**, ବିଂ. (ଦେଶଜ) ତୁଚ୍ଛ; ହୀନ ।

**ଫକା, ଫକ୍‌କା, ଫିକା**, ବିଂ. ( ଦେଶଜ ) ବ୍ୟର୍ଥ; ଶୂନ୍ୟ; ପାଣ୍ଡୁରବର୍ଣ୍ଣବିଶିଷ୍ଟ । ଯଥା—

ପର୍ଯ୍ୟୁଷିତ ପଦ୍ମ ପ୍ରାୟେ ତନୁ ଫିକା । ନ. କେ.

**ଫକାସି, ଫାକାସି**, ବି. ( ଦେଶଜ ) ଦମ କମ୍ପା ନିଃଶ୍ୱାସ ପ୍ରଶ୍ୱାସର ଶକ୍ତି; ଦମ୍ଭ; ଧୈର୍ଯ୍ୟ । ଯଥା—ଏହା ଶୁଣିଲାକ୍ଷଣି ତାର ଫକାସି ଉଡ଼ିଗଲା ।

**ଫକିର, ଫକୀର**, ବି. (ଯାବନିକ) ଦରିଦ୍ର । ଯଥା—

ଆଜ ଯେ ରାଜେନ୍ଦ୍ରାସନେ କାଲ ସେ ଫକୀର । କ. ବ.

ଯବନଭିକ୍ଷୁ ବା ସନ୍ନ୍ୟାସୀ ।

**ଫକ୍‌କିକା**, ବି. ସ୍ତ୍ରୀ. (ଫକ୍‌କ = ଫାଙ୍କି ଦେବା-ଇକ-ଆ) କୂଟପ୍ରଶ୍ନ; ଫାଙ୍କି ।

**ଫଗୁ**, ବି. ( ଫଲ୍‌ଗୁ ଶବ୍ଦର ଅପଭ୍ରଂଶ ) ଅବିରଗୁଣ୍ଡ ।

ଫଗୁଣ, ବି. (ଫାଲ୍‌ଗୁନ ଶବ୍ଦଜ) ମାସବିଶେଷ ।

ଫଜିତ, ଫଜିସ୍ତ, ଫଜିତି, } ବି. (ଯାବନିକ) ତିରସ୍କାର । ଯଥା—

କୁପୁରୁଷ ଲୋକମାନେ ସେମାନଙ୍କୁ ଝୁରି,
ଫଜିତ ଦେଉଥାନ୍ତି ମହତ୍ତ୍ୱ ଗୋଟି ଯାରି । ନୃ.ପୁ.ପ୍ର.ଚ.

ବିଂ. ତିରସ୍କୃତ । ଯଥା—

ଫଜିତ ହୋଇ ଦୂରରେ ଥିଲେ ହେଲେ
ଭଜିଥିବାର ତ ସତ । କ. ଚ. ଚ.

ନିନ୍ଦ୍ୟ । ଯଥା—

ଏକା ହୋଇ ଆମ୍ଭର ଶଏ ଭାଇଯାକୁ,
ଦେଉଛୁ ଶ୍ରୀମ ନାନା ଫଜିତ ଦଶାକୁ । କୃ.ଭା.ଆ.ପ.

ଫଟ୍, ଅଂ. ସଂ. ମନ୍ତ୍ରର ଅଂଶବିଶେଷ; ଅବ୍ୟକ୍ତ ଶବ୍ଦ; ଯୋଗବିଶେଷ ।

ଫଟ୍‌ଫଟ୍, ଅଂ. ଅନୁକରଣ ଶବ୍ଦବିଶେଷ ।

ଫଟେ, ଫଟା, ବି. (ସ୍ଫୁଟ୍ = ବିକସିତ ହେବା, ଭେଦ କରିବା-ଅ, ନିପାତନ-ଆ) ସର୍ପର ଫଣା; ଦନ୍ତ; ପ୍ରତାରଣା; ଶଠତା । (ଫଟେ= ଫଟୋଗ୍ରାଫିର ଛବି ।)

ଫଟକା, ଫଟାକ, } ବି. (ଦେଶଜ) ଅଗ୍ନିବାଣବିଶେଷ; ତାଳପତ୍ର ଭିତରେ ବାରୁଦ ଦେଇ ଏହା ତିଆରି କରନ୍ତି, କାର୍ତ୍ତିକ ଅମାବାସ୍ୟା ଦିନ ଏହାର ସମଧିକ ବ୍ୟବହାର ହୁଏ ।

ଫଟକା, ବି. (ଦେଶଜ) ମୂତ୍ରାଧାର ।

ଫଟା, ଫଟାଫଟି, } ବି. (ସ୍ଫୁଟ୍ ଶବ୍ଦଜ) ଫଟାଇବା । ବିଂ. ଫାଟଯୁକ୍ତ । ଯେପରି— ଫଟାହାଣ୍ଡି; ତୁଚ୍ଛ ବା ହୀନ । ଯଥା—

ଫଟା କପାଳରେ କୁଳଶବ୍ଦ ଦସ୍ତା
ବୋଲାଇବା ଥିଲା ଲେଖା । କ.ଚ.ଚ.

ତୁମ୍ଭ ବିନା ଫଟାଫଟି କଥା ଯୋଡ଼ି,
କହିବାକୁ ସଂସାରେ ନାହିଁ ମନସ୍ଫୂର୍ତ୍ତି । କୃ.ଭା.ଉ.ପ.

ଅକାମିଆ, ହତୌଜ । ଯଥା—

ଅଶ୍ୱତ୍ଥାମା ପାଖକୁ ଦ୍ରୁପଦଙ୍କ ବେଟା,
ଉଦ୍ଦେଶି ବିନ୍ଧୁ ଅଛୁ ନ କର ମନ ଫଟା । କୃ.ଭା.କ.ପ.

ଫଟାଇବା, କ୍ରି. ବିଦୀର୍ଣ୍ଣକରିବା, ଭାଙ୍ଗିବା ।

ଫଟାଇବା, ଫଟାଇହେବା, } କ୍ରି. (ଦେଶଜ) ବକବା ।

ଫଟାକଉଆଁସ, ବି. (ଦେଶଜ) କାର୍ତ୍ତିକ ଅମାବାସ୍ୟା ।

ଫଟିକ, ବି. (ସ୍ଫଟିକ = ପ୍ରାକୃତ ଫଟିହ ଶବ୍ଦଜ) ସ୍ଫଟିକ ପାଷାଣ; ଟାଙ୍ଗଣା ।

ଫଟିକରି, ବି. (ସ୍ଫଟିକ ଶବ୍ଦଜ) ଟାଙ୍ଗଣା ।

ଫଟିକବା, କ୍ରି. (ସ୍ଫୁଟ୍ ଧାତୁଜ) ଫାଟିବା; ଜଳ ପ୍ରଭୃତି ଶବ୍ଦ ଯୋଗେ ନିର୍ମଳ ହେବା ।

ଫଟୋଗ୍ରାଫ୍, ଫଟୋଗ୍ରାଫି, } ବି. (ଇଂରାଜୀ ଶବ୍ଦ) ଚିତ୍ର-ବିଦ୍ୟାବିଶେଷ ।

ଫଡ଼କା, ବି. (ଦେଶଜ ବା ପତାକା ଶବ୍ଦଜ) ପତାକା । ଯଥା—

ଏ କାଳ ଏକା ଏକାକରେ ପକାଇ ଡ଼କା
ବିଦ୍ୟୁ ଫଡ଼କା ଅଛୁ ବନ୍ଧି । ଲ. ବ.

ଫଡ଼ଫଡ଼, ଫଡ଼ଫାଡ଼, } ଅଂ. (ଦେଶଜ) ଶବ୍ଦାନୁକରଣ-ବିଶେଷ ।

ଫଡ଼ା, ବି. (ଦେଶଜ) କାଷ୍ଠପ୍ରଭୃତିର କର୍ତ୍ତିତ ଖଣ୍ଡ । ଯେପରି—କାଠଫଡ଼ା; ଭାଗ । ତେନ୍ତୁଳ ଓ କଖାରୁ ଶବ୍ଦ ଯୋଗେ ଅଖଣ୍ଡାର୍ଥ । ଯେପରି—ତେନ୍ତୁଳିଫଡ଼ା, କଖାରୁଫଡ଼ା । ବିଂ. ଚିରା; କର୍ତ୍ତିତ; ବିଭକ୍ତ ।

ଫଡ଼, ଫର, ବି. (ଫଳକ ଶବ୍ଦଜ) ପାଇକ-ମାନଙ୍କର ଅସ୍ତ୍ରବାରଣ ।

ଫଡ଼ଆ, ଫରଆ, ବି. (ଦେଶଜ) ପଶ୍ୱାଦିର କଟିଠାରୁ ଗୋଡ଼ର ସମୁଦାୟ ଅଂଶ ।

ଫଡ଼କାର, ବି. (ଦେଶଜ) ଯେ ଫଡ଼ ବା ଫଳକ ଧାରଣ କରେ; ଯେ ତାମ୍ବୂଳ ପ୍ରଭୃତିର ଯୋଗାଡ଼ କରେ । ଯଥା—

କର୍ପୂର ତାମ୍ବୂଳ ଗୁଆ ପାନେ ଭରିକରି,
ଫଡ଼କାରମାନେ ଯୋଗାଡ଼ ଅଛନ୍ତି ଧରି । ନୃ.ପୁ.ଦ୍ୱି.ଭ.

ଫଡ଼ିଙ୍ଗ, ବି. (ପତଙ୍ଗ ଶବ୍ଦଜ) ପତଙ୍ଗ ଅର୍ଥାତ୍ ଝିଣ୍ଟିକା ପ୍ରଭୃତି ।

ଫଣ, ଫଣା, ବି. (ଫଣ୍ = ଗମନ କରିବା-ଅ, ଆ) ସର୍ପର ବିସ୍ତାରିତ ମସ୍ତକ ।

ଫଣଫଣା, ବି. (ଦେଶଜ) ଔଷଧିବୃକ୍ଷବିଶେଷ ।

ଫଣୀ, ବି. (ଫଣ-ଇନ୍ ଅସ୍ତ୍ୟର୍ଥେ) ସର୍ପ ।

ଫଣ୍ଡ, ବି. (ଫନ୍ = ଗମନକରିବା-ଡ଼) ଉଦର, ଜଠର ।

ଫଣ୍ଡା, ବି. (ଦେଶଜ) ରୋଗଜନକ ଦଶା ବା ମାରାତ୍ମକ ଦଶା ।

ଫତନା, } ବି. (ଦେଶଜ) ବରଚ୍ଛିଖଡ଼ାର
ଫାତନା, } ଡୋରରେ ସଂଲଗ୍ନ ମୟୂରର ପକ୍ଷାଂଶ; ବଡ଼ଶିସୂତ୍ରଗ୍ରଥିତ ଲଘୁ କାଷ୍ଠବିଶେଷ ।

ଫତୁଆ, ବିଂ. (ଦେଶଜ) ବ୍ୟର୍ଥମନୋରଥ; ହଟହଟା ବା ଅପବାଦଯୁକ୍ତ । ଯଥା—

ଫତୁଆ ନୁହ ରୁ ବୋଲେ ଜଗଦେବ
ହରିଚନ୍ଦନ ଏ ଗୀତେ । କ. ଚ. ଚ.

ଫତୁର, ବି. (ଯାବନିକ) ଦରିଦ୍ର, ନିର୍ଧନ ।

ଫତୁର୍‌ଖୋର, ବିଂ. (ଯାବନିକ) ଫତୁଆ; ଅପବାଦଯୁକ୍ତ । ଯଥା—

ଫତୁରଖୋର ଆଖରକୁ ହେବାର
ଏହୁ ଏକା ଏଥି ଫଳ ରେ । କ.ଚ.ଚ.

ଫତେ, ବି. (ଯାବନିକ) ଜୟ ।

ଫତେହେବା, କ୍ରି. ଫଏସଲ ବା ନିଷ୍ପତ୍ତି ହେବା ।

ଫନ୍ଦ, ବି. (ଦେଶଜ) ପାହାଡ଼ର ପ୍ରାନ୍ତଭାଗ ବା ଧାର; କୌଶଳ; ଚାତୁର୍ଯ୍ୟ; ଉପାୟ । ଯଥା—

ନାନା ଫନ୍ଦ କରି ଠେକି ନ ପାରଇ ଆଣି,
ଝାଜିଲ ବନ୍ଧରେ ଯେହ୍ନେ ନ ରହଇ ପାଣି । ନା.ର.ଗୀ.

ଫନ୍ଦଫିକର, ବି.(ଦେଶଜ) ଉପାୟ, କୌଶଳ ।

ଫନ୍ଦା, ବି. (ଦେଶଜ) ଆଶ୍ରୟ, ଅବଲମ୍ବନ । ଯଥା—

କେତେ କହିବ ତାଙ୍କ ମିଛ ଫନ୍ଦା । ର. କ.

ଗୀଳକା । ଯଥା—

ଫନ୍ଦା ଧନ ମୁଁ ଫିଙ୍ଗିଦେଲି ପାଣିକି । ସଙ୍ଗୀତ ।

ଫନ୍ଦାଇବା, } କ୍ରି. (ଦେଶଜ) ଯୁକ୍ତିଯୁକ୍ତ କରି
ଫନ୍ଦେଇବା, } କହିବା । ଯଥା—

ଫନ୍ଦାଇ ନାନା ବିନସ୍ତ କହୁ
ଦନ୍ତେ ତୃଣ ଧରିବାର ଗଲ । କ. ଚ. ଚ.

ସଂଯୁକ୍ତ କରିବା ।

ଫନ୍ଦ, ବି. (ଦେଶଜ) କୁମନ୍ତ୍ରଣା । ଯଥା—

ମାଙ୍କଡ଼ ଦୋକାନୀ କରିଛୁ ଫନ୍ଦ,
ସଜାଡ଼ି ରଖିଛୁ ଶବଦ ସନ୍ଧ । ଉ. ସା.

ଫନ୍ଦିବା, କ୍ରି. (ଦେଶଜ) ସଂଲଗ୍ନହେବା, ଜଡ଼ି ରହିବା ।

ଫନ୍ଦୀ, ଫନ୍ଦ, ବି. (ଦେଶଜ) ଫିକର ବା ଉପାୟ । ବିଂ. ଉପାୟବନ୍ତ ।

ଫମ୍ପା, ବିଂ. (ଦେଶଜ) ଅନ୍ତଃସାରଶୂନ୍ୟ; ଫୋମ୍ପ; ଅସାର; ସ୍ଫୀତ ବା ଫୁଲା ।

ଫୟସଲ, ଫଇସଲ, } ବି. (ଯାବନିକ)
ଫଏସଲା, ଫଏସଲ, } ନିଷ୍ପତ୍ତି । ବିଂ. ନିଷ୍ପତ୍ତି କରାଯିବା । ଯେପରି—ଫଏସଲ ଜମି ।

ଫର, ବି. (ଫଳକ ଶବ୍ଦଜ) ଢାଲ ।

ଫରକ, ବି. (ହିନ୍ଦୀ) ପ୍ରଭେଦ ।

ଫରକଟା, } ବିଂ. (ଦେଶଜ) ମେଲା, ଓସାର;
ଫର୍କଟା, } ବିସ୍ତୃତ । ଯଥା—

ପ୍ରକଟାଇ ପୂର୍ବ ସାହେବପଣିଆଁ,
ଫରକଟା ଗୋଡ଼େ ହୁଏ ପୁଣି ଠିଆ । ଦ. ବା.

ଫରଗ୍, } ବିଂ. (ଦେଶଜ) ସାବକାଶ; ପ୍ରଶସ୍ତ;
ଫର୍ଚା, } ଅଧିକ । ବି. ପ୍ରକାଶ । ଯଥା—

ଫରଗ୍‌ରେ ନ ବୋଲେ ଉତ୍ତର । ବି. ଚ. ମ.

ଫରଦ, } ବି. (ଯାବନିକ) ତାଲିକା ।
ଫର୍ଦ, } ଯଥା—

ଏ ଦରବାରର ଆସନ ଫରଦ,
ଚନ୍ଦ୍ରଗୁପ୍ତ ପାଞ୍ଜୀ କରିଦେବ ରଦ । ଦ. ବା.

ଫରଫନ୍ଦ, ଫରଫନ୍ଦା, } ବି. (ଦେଶଜ)
ଫରଫନ୍ଦା, ଫର୍ଫନ୍ଦା, } ଉପାୟ; ଆଶ୍ରୟ । ଯଥା—

ନୃସିଂହ ନାମ ଗୋଟି ମନର ସୂତ୍ରେ ଯୋଖ,
କରିବ ଫରଫନ୍ଦା ଶ୍ରୀହରି ପଦ୍ମମୁଖ । ମ°. ଫ.

ଫରଫର, } ବି. (ଦେଶଜ) ମିଥ୍ୟାଗର୍ବ,
ଫରହର, } ବୃଥାଗର୍ବ । କ୍ରି. ବିଂ. (ଫର୍ଫର ଶବ୍ଦଜ) ଶବ୍ଦାନୁକରଣବିଶେଷ । ଯଥା—

ବାଟେ ଫରଫର ରୁପାକରର ପାଛୁଡ଼ା । ମ. ଯା.
ଶ୍ୱେତ ପତାକା ଉଡ଼ଇ ଫରହର । ବି. ସଂ

ଫରଫରହେବା, } କ୍ରି. (ଦେଶଜ) ସଗର୍ବେ
ଫରହରହେବା, } ଇତସ୍ତତଃ ଗୁଲିବା ।
ଯଥା—
ସଭାପଣ୍ଡିତଙ୍କର ଖଣ୍ଟଣୀ କଙ୍କର,
ବୋଲ କେହ୍ନୁ ହେଉଛନ୍ତ ଫରଫର । ଦ. ବା.

ଫରଫରା, ବ (ଦେଶଜ) ଅଳ୍ପପରିମାଣ ବର୍ଷା, ସାମାନ୍ୟ ବର୍ଷା ।

ଫରମାସ, } ବ. (ଯାବନିକ) ଆଦେଶ ବା
ଫରମାଣ, } ଆଜ୍ଞା । ଯଥା—
ଟେକ ଏ ସୁନ୍ଦର ଶ୍ରୀମୁଖଟି ପର ଘରବୃତ୍ତା ଫରମାସ ।
କ. ଚ. ଚ.
କ୍ରି. ଆଦେଶ ଦିଅ । ଯଥା—
ଫରମାସ ମନେ ମନେ । କ. ଚ. ଚ.

ଫରମାସିବା, କ୍ରି. ଆଦେଶ ଦେବା ।

ଫରଳ, ବଂ. (ଦେଶଜ) ବିସ୍ତୃତ । ଯଥା—
ସବଳ ଫରଳ ଚଳଲଳର । ପ୍ରେ. ସୁ. ନି.

ଫରକ, ବ. (ଦେଶଜ) ବିସ୍ମରଣ ।

ଫରକତ, ଫରକନ୍ତ, ବଂ. (ଦେଶଜ) ନିର୍ମଳ ।

ଫରାଖତ, ବ. (ଯାବନିକ) ପ୍ରାପ୍ତିପତ୍ର ଅର୍ଥାତ୍ ରସୀଦ ।

ଫରି, ବ. (ଫଳକ ଶବ୍ଦଜ) ଚର୍ମଆଡ଼ଣୀ ।

ଫରିକ, } ବ. (ଫଳକ ଶବ୍ଦଜ ବା ଫଳକୀ
ଫରିକାର, } ଶବ୍ଦଜ) ଫରି ଧରିବା ବ୍ୟକ୍ତି ।
ଯଥା—
ବିଶ୍ୱକେତୁଙ୍କୁ ଧନ୍ୱୀ ବୋଲି ଦଇବେ
ହୋଇବ କି ଏବେ ଫରିକ । ବୈ. ବି.
ଦୁଇ ସୈନ୍ୟଯାକ ଫରିକାର ଭେଣ୍ଡା,
ହଣାହଣି ହେଲେ କରେ ଟେକ ଖଣ୍ଡା । କୃ.ଷ.ବ.ପ.

ଫରିକନା, } ବ. (ଦେଶଜ) ଅସ୍ତ୍ରବିଶେଷ ।
ଫର୍କନା, } ଯଥା—
ତାର ଧନୁ କାଢ଼ି ପରଶୁ ଏକମୁନା,
ବାଙ୍କୋଲ୍ଲ ଦାରୁ ଶୂଳ ଦେକନା ଫରିକନା ।
ନୃ. ସୁ. ଚ. ଚ.

ଫରୁଆ, ବ. (ପୂଗପାତ୍ରାର୍ଥ ପଟୁବକ ଶବ୍ଦଜ) ସିନ୍ଦୂରାଦି ରଖିବାପାଇଁ କାଷ୍ଠ ବା ଧାତୁ ନିର୍ମିତ ବର୍ତ୍ତୁଳ ପାତ୍ରବିଶେଷ । ଯଥା—
ଫରୁଆର ପରି ଉରଜରେ ପରି
ରଖ ସେ ନୀଳମଣିକି । କ. ଚ. ଚ.

ଫର୍ଦ୍ଦ, } ବ. (ଯାବନିକ) ହିସାବ କାଗଜ,
ଫର୍ଦ୍ଦା, } ତାଲିକା; ଖଣ୍ଡ ।

ଫର୍ଫର, ବଂ. (ସ୍ଫୁର୍=ସ୍ଫୂର୍ତ୍ତି ପାଇବା-ଅ, ନିପାତନ) ଅତ୍ୟନ୍ତ ଚଞ୍ଚଳ ।

ଫର୍ଫରିକ, ବ. (ସ୍ଫୁର୍-ସ୍ଫୂର୍ତ୍ତି ପାଇବା-ଈକ— ସଙ୍ଜ୍ଞାର୍ଥେ) ପେଟ, ଗୃପଡ଼ ।

ଫର୍ମାନ, ବ. (ହିନ୍ଦୀ) ଗୁପ୍ତଚର ।

ଫଳ, ବ. (ଫଳ୍—ନିଷ୍ପନ୍ନ ହେବା-ଅ) ବୃକ୍ଷ ଲତାଦି ଜାତ ଶସ୍ୟ; ଉତ୍ପନ୍ନବସ୍ତୁ; ଲାଭ; କାର୍ଯ୍ୟସିଦ୍ଧି; ଧନ; ପ୍ରୟୋଜନ; ସୁଖଦୁଃଖ; ଫଳକ, ଚକ୍ରା, ପଟା; ଢାଲ; ଖଡ଼୍ଗାଦିର ପତ୍ର; ବାଣର ଅଗ୍ରଭାଗସ୍ଥ ଲୌହ; ଲଙ୍ଗଳଲୁହା; ଉତ୍ତର; ଦେହରେ ଉତ୍ପନ୍ନ ବର୍ତ୍ତୁଳାକୃତି ମାଂସପିଣ୍ଡ ।

ଫଳକ, ବ. (ଫଳ-କ-ସ୍ୱାର୍ଥେ) ଢାଲ; କାଷ୍ଠାଦିର ପଟା; ଅସ୍ତ୍ରର ଫଳା; କପାଳର ଅସ୍ଥି ।

ଫଳଣା, ଫଲାନା, ବଂ. (ଦେଶଜ) ଅମୁକ ।

ଫଳତଃ, କ୍ରି. ବଂ. ବସ୍ତୁତଃ, ଅର୍ଥାତ୍ ।

ଫଳନ୍ତା, ବଂ. (ଫଳନ୍ତ୍ ପଦରୁ ଜାତ) ଫଳୁଥିବା । କ୍ରି. ଫଳଥିଆନ୍ତା ।

ଫଳପୂର, ବ. (ଫଳ-ପୂର୍-ଅ) ଟାଭାଗଛ ଓ ଫଳ; ଡାଳିମ୍ବ ।

ଫଳବନ୍ତ, ବଂ. (ଫଳବାନ୍ ପଦଜାତ) ଫଳ-ଯୁକ୍ତ ।

ଫଳଶ୍ରୁତି, ବ.ସ୍ତ୍ରୀ. (ଫଳ—କର୍ମର ଫଳ-ଶ୍ରୁତି—ଶ୍ରବଣ) କର୍ମର ଫଳ ଶ୍ରବଣ ।

ଫଳା, ବ. (ଦେଶଜ) ବର୍ଣ୍ଣ ସଂଯୋଗକରଣ; ଫଳିବା; (ଫଳକ ଶବ୍ଦଜ) ଫରି ।

ଫଳାପାଟି, ବ. (ଦେଶଜ) ଅସ୍ତ୍ରବିଶେଷ । ଯଥା—
ନାରାଚ କୁନ୍ତ ଖଡ଼୍ଗ ଅସିପତ୍ର ଯଷ୍ଟି,
ଶାବେଲ କୋଦାଲ ଯେ ମୂଷଳ ଫଳାପାଟି ।
ନ. ପ୍ର. ଦ୍ୱି. ଚ.

ଫଳାର, ବ. (ଫଳାହାର ଶବ୍ଦର ଅପଭ୍ରଂଶ) ଫଳାଦିଭୋଜନ ।

ଫଳାରି, ବଂ. (ଦେଶଜ) ଯେ ଲୁଚି ଫଳାହାର କରିଅଛି ।

ଫଳ, ବି. (ଫଳକ ଶବ୍ଦଜ) ମତ୍ସ୍ୟବିଶେଷ; ଶଗଡ଼ର ଉପରେ ଯୋଡ଼ା ହୋଇଥିବା କାଷ୍ଠପଟା ଖଣ୍ଡମାନ ।

ଫଳଫଳା, ବି. (ଦେଶଜ) ଅସ୍ତ୍ରବିଶେଷ । ଯଥା—

ଆଡ଼ଣୀ ଫଳଫଳା ଯେ ଦୁଆଡ଼ ବଦାଉ,
ମୁଦ୍‌ଗର ଗଦା ଛେଲ ଭୁଶୁଣ୍ଡି ଦାଉଦାଉ ।

ଫଳଫଳା, ବି. (ଦେଶଜ) ଅସ୍ତ୍ରବିଶେଷ । ଯଥା—

ପରିଘ ଚକ୍ର କାଣ୍ଡ ନାରାଚ ଫଳଫଳା,
ଯେ ଯାହା ମନ କୋପେ ପିଟିଲେ ଅନର୍ଗଳା ।
ନୃ. ପୁ. ଚ. ତ.

ଫଳିନ, ଫଳୀ, ଫଳିତ, } ବିଂ. (ଫଳ-ଇନ, ଇନ୍, ଇତ-ଅସ୍ତ୍ୟର୍ଥେ) ଫଳଯୁକ୍ତ, ସଫଳ ।

ଫଳିବା, କ୍ରି.(ଫଳ୍ ଧାତୁଜ) ଫଳଯୁକ୍ତ ହେବା; ସଫଳ ହେବା, ଲାଭବାନ୍ ହେବା; ମାଂସ ରକ୍ତ ଗୋଟା ବାନ୍ଧି କର୍କଶ ହେବା ।

ଫଳେଗ୍ରହି, ଫଳେଗ୍ରହୀ, } ବିଂ.(ଫଳ-ଗ୍ରହ୍-ଇ, ଇନ୍)ଫଳ ଗ୍ରହଣକାରୀ; ସଫଳ, ଅବନ୍ଧ୍ୟ ।

ଫଳୋଦୟ. ବି. (ଫଳ-ଉଦୟ) ଫଳୋତ୍ପତ୍ତି; ଲାଭ: ସ୍ୱର୍ଗ; ଆନନ୍ଦ ।

ଫଲ୍‌ଗୁ, ବି. (ଫଲ୍-ଫଳଧାରଣ କରିବା-ଗୁ) ଗୟା ତୀର୍ଥର ନଦୀବିଶେଷ; ବୃଥାବାକ୍ୟ; ଲୋହିତବର୍ଣ୍ଣ ଚୂର୍ଣ୍ଣ, ଅବିର; ବସନ୍ତକାଳ । ବିଂ. ତୁଚ୍ଛ, ଅସାର; ମନୋହର ।

ଫସରଫସା, ବିଂ. (ଦେଶଜ) ନଷ୍ଟପ୍ରୟୋଜନ, ବ୍ୟର୍ଥ । ଯଥା—

ଚୁଇତଳ ଦେଖି କଲେ ବେହସା,
ହେବଟି ରେ ଭାଇ ଫସରଫସା । ଉ. ସା.

ଫସରଫାଟିଯିବା, କ୍ରି. ( ଦେଶଜ ) ନସ୍ତେଜ ହେବା ।

ଫସଲ, ବି. (ଯାବନିକ) କୃଷିଜାତ ଶସ୍ୟ ।

ଫସଲି, ଫସଲୀ, ବି. (ଯାବନିକ) ବର୍ଷ ।

ଫସୀଦ, ବି. (ଯାବନିକ) କପଟତା ।

ଫସ୍କା, ଫସକା, ବିଂ. (ଦେଶଜ) ହାଲୁକା, ଯେ ଶକ୍ତ ବା ଟାଣ ନୁହେ ।

ଫାଁପି, ବି. (ଦେଶଜ) ଫୁଲିବା ।

ଫାଇ, ବିଂ. ( ସ୍ଫାତି ଶବ୍ଦଜ ପ୍ରାକୃତ) ଅଧିକ; ଉନ୍ନତ; ଉତ୍କୃଷ୍ଟ । ଯଥା—

ବାର ବାନରୁ ସେ ଫାଇ,
ବୁଦ୍ଧି ଗତି ଲାଭ ମନ ଅନୁରୂପେ ପାଇ । ବୈ. ବି.

ଫାଇଁଫାଇଁ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ଶ୍ୱାସ ମୁଞ୍ଚୁଥିବ ଫାଇଁଫାଇଁ । ର. କ.

ଫାଇଦା, ଫଯଦା, ଫାଯଦା, ବି. (ଯାବନିକ) ଲାଭ; ଉପକାର; ଆବଶ୍ୟକତା ।

ଫାଉ, ବି. (ସ୍ଫାୟ୍ ଧାତୁଜ) ପରିମାଣରୁ କିଞ୍ଚିତ୍ ଅଧିକ ଲାଭ ।

ଫାଉଡ଼ା, ବି. (ଦେଶଜ) ମାଟି ଖୋଳିବା ଅସ୍ତ୍ରବିଶେଷ ।

ଫାକୋଡ଼, ଫାକୁଡ଼, } ବି. ( ଦେଶଜ ) ବଟା ବିରିରେ କଞ୍ଚା ମରିଚ ଓ ପିଆଜ ମିଶାଇ କରିବା ବଡ଼ା ।

ଫାଙ୍କ, ବି. (ଦେଶଜ) ଛିଦ୍ର ବା ରନ୍ଧ୍ର; ସାନଗାତ; ଖଣ୍ଡ ବା କ୍ରମ; ଅନ୍ତର । ଯେପରି— ନଷ୍ଟକେ ବାଙ୍କ ଦେଶକେ ଫାଙ୍କ ।

ଫାଙ୍କମାରିବା, କ୍ରି. (ଦେଶଜ) ଭଣ୍ଡି କମ୍ବା ଠକି ବାହାରିଯିବା ।

ଫାଙ୍କଡ଼ା, ବି. ( ଦେଶଜ ) ଛଳ; ବ୍ୟାଜ; କ୍ଷୁଦ୍ରଶାଖା ।

ଫାଙ୍କଚାଳ, ବି. ( ଦେଶଜ) କପଟ ବା ପ୍ରତାରଣା ।

ଫାଙ୍କି, ଫାଙ୍କା, } ବି. (ଫକ୍କିକା ଶବ୍ଦଜ) ଛଳନା; ପ୍ରତାରଣା;ମାୟା:ଚାତୁରୀ; କୌଶଳ; ମିଥ୍ୟା; ଚୂର୍ଣ୍ଣ; ଶାସ୍ତ୍ରର ପୂର୍ବପକ୍ଷ ।

ଫାଙ୍କିବା, କ୍ରି. (ଫକ୍କ ଧାତୁଜ) ଫାଙ୍କିଦେବା ।

ଫାଜଲ, ଫାଜିଲ, } ବିଂ. (ଯାବନିକ) ଅତିରିକ୍ତ, ବେଶି; ଯେ ବ୍ୟକ୍ତି ଆପେ ଜାଣିବା ଅପେକ୍ଷା ବେଶି କହେ ।

ଫାଜଲମି, ବି. (ଯାବନିକ) ଅନଧିକାର ଚର୍ଚ୍ଚା; ଧୃଷ୍ଟତା । ଯଥା—

ତୋର ଫାଜଲମି କେବେ ଛୁଡ଼ିଲୁ ନାହିଁ ।
ଉ. ସା. ୧୮. ୯.

ଫାଟ, ବି. (ସ୍ଫୁଟ ଧାତୁଜ) ଛିଦ୍ର ।

ଫାଟକ, ବି. (ଯାବନିକ) ସଦର ଦ୍ୱାର ବା ବାହାରଦ୍ୱାର; ଦୁର୍ଗାଦିର ପ୍ରବେଶ ଦ୍ୱାର ।

ଫାଟଣ, ବି. (ସ୍ଫୁଟନ ଶବ୍ଦଜ) ଫାଟ; ଫାଟିବା ।

ଫାଟଳ, ବି. (ଦେଶଜ) ଛିଦ୍ର, ରନ୍ଧ୍ର ।

ଫାଟିଫୁଟିବା, କ୍ରି. (ଦେଶଜ) ଖଣ୍ଡ ଖଣ୍ଡ ହେବା । ଯଥା—

ଗଳାର ହାର ବାହାର କରୁ କରୁ
ଫାଟିଫୁଟିଗଲେ ମୁକୁତା । ଲ. ବ.

ବିରସ୍ତ ହେବା, ନ ପାରି କ୍ଷାନ୍ତ ହେବା । ଯଥା—

ବଡ ବଡ଼ ଗଲେ ଫାଟିଫୁଟି,
ସାନ ଆସିଛୁ ବେସର ବାଟି । ଢଗ ।

ଫାଟିବା କ୍ରି. (ସ୍ଫୁଟ୍ ଧାତୁଜ) ବିଦୀର୍ଣ୍ଣ ହେବା; ମନ ପ୍ରଭୃତି ଶବ୍ଦଯୋଗେ ନିରୁତ୍ସାହ ହେବା । ଯଥା—

ଏହାଙ୍କ କଥାରେଟି ଆମ୍ଭର ମନ ଫାଟି,
ଯାଉଛୁ, ସେନା କେହ୍ନେ କରିବା କହ ଗୋଟି ।
କୃ. ଭ. ଉ. ପ.

ଫାଟୁଆ, ବି. (ଦେଶଜ) ଗୋମେଷାଦିର ରୋଗବିଶେଷ ।

ଫାଡ଼ିବା, କ୍ରି. (ସ୍ଫାଟନ ଶବ୍ଦଜ) ଚିରିବା । ଯଥା—

ବଡ ବଡ଼ କାଠମାନଙ୍କ ଗଣ୍ଡି ମୋଡ଼ି,
ବିଧା ମାରି ତାକୁ ଦେବ ମୁହିଁ ଫାଡ଼ି । କୃ.ଭ.ଉ.ପ.

ବିସ୍ତୃତ କରିବା । ଯଥା—

କୁଡ଼ାମଣ୍ଡା ମୁଣ୍ଡ ବୀରଙ୍କ ଗଣ୍ଡି ଛୁଡ଼ି,
ଦେଉଛନ୍ତି ଦେଖ ହେ ପାଟି ଫାଡ଼ି ଫାଡ଼ି । କୃ. ଭ.କ.ପ.

ଫାଣ୍ଟ, ବି°. (ଫଣ=ଅନାୟାସରେ ଉତ୍ପନ୍ନ ହେବା-ତ-ନିପାତନ) ଅନାୟାସରେ ପ୍ରସ୍ତୁତ । ବି. କ୍ୱାଥବିଶେଷ ।

ଫାଣ୍ଟିବା, କ୍ରି. (ଫାଣ୍ଟ ଶବ୍ଦଜ) ମିଶ୍ରିତ କରିବା; ଫେଣିବା ।

ଫାଣ୍ଡି, ବି. (ଯାବନିକ) ପୁଲିସ କର୍ମଚାରୀମାନଙ୍କ ସ୍ଥାନ ।

ଫାନସ, ଫାନୁସ, ବି. (ଯାବନିକ) କାଗଜ ନିର୍ମିତ ଦୀପ ଜାଳିବା ପାତ୍ରବିଶେଷ, ପ୍ରଦୀପମଞ୍ଜୁଷା ।

ଫାନ୍ଦ, ବି. (ଦେଶଜ) ପାଶ । ଯଥା—

ଜାଲ ପକାଇ ଫାନ୍ଦ ପାତି,
ପକ୍ଷୀ ମାରଇ ନିତି ନିତି । ଦା. ର.

କୌଶଳ, ଉପାୟ । ଯଥା—

ମନ୍ତ୍ରିସୁତ ମନେ ମନେ ପାଞ୍ଚେ ନାନା ଫାନ୍ଦ । ବୈ.ପ.

ଫାନ୍ଦିବା, କ୍ରି. (ଦେଶଜ) ସଂଲଗ୍ନ କରିବା । ଯଥା—

ଅଙ୍ଗୁଳିମାନଙ୍କରେ ଫାନ୍ଦି,
ଭରିଲି ଗୁରୁ ରତ୍ନମୁଦି । ମା. ମା.

କଳ କୌଶଳରେ ପକାଇବା; ବନ୍ଧନ କରିବା ।

ଫାମ୍ପ, ବି. (ଦେଶଜ) ଫୁଲା ।

ଫାମ୍ପା, ବି°. (ଦେଶଜ) ଯେ ଫୁଲିଯାଏ ।

ଫାମ୍ପିବା, କ୍ରି. ଫୁଲଇବା ।

ଫାରଶୀ, ଫାରସୀ, ଫାର୍ସୀ, ବି. (ପର୍ଶ୍ୱ ଶବ୍ଦଜ) ଅସ୍ତ୍ରବିଶେଷ ।

ଫାଳ, ବି. (ଫଳ୍=ବିଦୀର୍ଣ୍ଣ କରିବା-ଅ) ଲଙ୍ଗଳର ଅଗ୍ରଲୌହ; ଶିବ; ବଳରାମ । ବି°. ଖଣ୍ଡ ।

ଫାଲଗୁନ୍ୟ, ଫାଲଗୁନ, } ବି. (ଫାଲ୍‌ଗୁନ ଶବ୍ଦଜ) ଅର୍ଜୁନ । ଯଥା—

ଶ୍ରୀହରି ବୋଇଲେ ତୋର ଜୀବନହିଁ ଧନ୍ୟ,
ଧନ୍ୟ ଧନ୍ୟ ଅର୍ଦ୍ଧଅଙ୍ଗ ଅଟୁ ଫାଲଗୁନ୍ୟ । ନା.ର.ଗୀ.

ନକ୍ଷତ୍ରବିଶେଷ ।

ଫାଳଫାଳିଆ, ବି°. (ଫାଳ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ଯୋଗ) ଯାହା ଫାଳ ଫାଳ ହୋଇ ରହି ଯାଇଥାଏ ।

ଫାଳିଆ, ବି. (ଫାଳ ଶବ୍ଦଜ) ଖଣ୍ଡ । ବି°. ବିସ୍ତୃତ; ଏକଫାଳବିଶିଷ୍ଟ ।

ଫାଲୁଆ, ଫାଲ୍ଗୁଆ, } ବି°. (ଦେଶଜ) ବଡ଼ ବଡ଼; ଫଳର ଆକୃତିବିଶିଷ୍ଟ । ଯଥା—

ଅଳସୀ ମାରଇ ଫାଲୁଆ ଗୁଣ୍ଡା,
ଗୃହିଁ ରହିଥାଏ ଗେରସ୍ତ ହୁଣ୍ଡା । ଦ୍ୱା° ଚ.

ଫାଲ୍‌ଗୁନ, ବି. (ଫଲ୍‌ଗୁନ-ଅ) ଅର୍ଜୁନ; ଫାଲ୍‌ଗୁନମାସ । (ସ୍ତ୍ରୀ° ଈ) ପୂର୍ବାଫାଲ୍‌ଗୁନୀ ଓ ଉତ୍ତରଫାଲ୍‌ଗୁନୀ ନକ୍ଷତ୍ର; ଫାଲ୍‌ଗୁନ-ମାସ ପୂର୍ଣ୍ଣିମା ।

ଫାଲ୍‌ଗୁନି, ବି. (ଫଲ୍‌ଗୁନ-ଇ) ଅର୍ଜୁନ ।

ଫାଶ, ଫାସ, ଫାଶି, ଫାସି, } ବି. (ପାଶ ଶବ୍ଦଜ) ପାଶ । ଯଥା—

ବଶ୍ୟମନୋ ମୃଗ ଫାଶ । ଉର୍ବଶୀ ।

ଉଦ୍‌ବନ୍ଧନ; ମରଣ ।

ଫାସାଣ୍ଡି, ବିଂ. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ପଣ୍ଡ, ବ୍ୟର୍ଥ ।

ଫାସିଆ, ବି. (ଦେଶଜ) ନାକରେ ଲଗାଇବା ସାମାନ୍ୟ ଗୁଣା । ଯେପରି—ନାକଫାସିଆ । ବିଂ. ଯେ ଫାସି ଦିଏ ।

ଫାସିଆର, ବିଂ. (ଦେଶଜ) ଯେ ଫାସି ଦିଏ ।

ଫିଁ ଫିଁ, ଫିଫି, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ବୁଡ଼ିଗଲା ପକାଇଲେ କପି ଯେତେ ଗିରି,
ବୁଦ୍‌ବୁଦ ନ ଦିଶେ ଜଳ ଫିଫିକୃତ କରି । ବୈ. ବି.

ଫିଅ, ବି. (ଦେଶଜ) ବାହାର କରିବା । ବିଂ. ବାହାର କରାଯାଇଥିବା ।

ଫିକର, ଫନ୍ଦିଫିକର, } ବି. (ଯାବନିକ) ଉପାୟ, କୌଶଳ । ଯଥା—

ଧନ ଦାରା ସୁତପାଇଁ କପଁା ଅହର୍ନିଶି,
ନାନା ଫନ୍ଦ ଫିକର ଖୋଜୁଛ ମନେ ବସି । ବେ.ପ.

ଫିକା, ବିଂ. (ଦେଶଜ) ରକ୍ତହୀନ ବା ପାଣ୍ଡୁର ବର୍ଣ୍ଣବିଶିଷ୍ଟ । (ଫିକା ଶବ୍ଦ ଦେଖ ।) ମଳିନ; ପାଣିଆ ।

ଫିଙ୍ଗି, ବି. (ଦେଶଜ) ଅଗ୍ନିକଣା ।

ଫିଙ୍ଗକ, ବି. (ଫିଙ୍ଗ = ଅନୁକରଣ ଶବ୍ଦ-କୈ = ଶବ୍ଦକରିବା-ଅ) କଜଳପାତି ପକ୍ଷୀ ।

ଫିଙ୍ଗା, ବି. (ଦେଶଜ) ଫିଙ୍ଗିବା, ନିକ୍ଷେପିବା; ଢେଲା ପ୍ରଭୃତି ଫିଙ୍ଗିବା ନିମନ୍ତେ ଦଉଡ଼ିର ଶିକା । (ଫିଙ୍ଗଳ ଶବ୍ଦଜ) କଜଳପାତି ପକ୍ଷୀ ।

ଫିଙ୍ଗାଳ, ବି. (ଦେଶଜ) ଶିବିକାବାହକମାନଙ୍କ ମଧ୍ୟରେ ଯେ ଡ଼ାକ ପାରୁଥାଏ ।

ଫିଙ୍ଗିବା, କ୍ରି. (ଦେଶଜ) ନିକ୍ଷେପିବା; ସ୍ଥାନବିଶେଷରେ ତ୍ୟାଗ କରିବା । ଯଥା—

ଗଙ୍ଗା ସିନ୍ଧୁତଟେ ପ୍ରବେଶ ହୋଇଲା
ଫିଙ୍ଗିଣ ରାଜସମ୍ପତ୍ତି । ସୁ. ପ.

ଫିଟା, ବି. (ଦେଶଜ) ବନ୍ଧନମୁକ୍ତ କରିବା । ଯଥା—

କର କର ମୋ ଆଗେ ଧନୁରୁ ଶର ଫିଟା,
ଦେଖୁଛ ଆମ୍ଭେ ବୁଲୁ ବୁଲୁ କଣ୍ଟା ଲଟା । କୃ.ଖ.ବି.ପ.

ବିଂ. ବନ୍ଧନମୁକ୍ତ । କ୍ରି. ଫିଟାଅ ।

ଫିଟାଇବା, କ୍ରି. ବନ୍ଧନମୁକ୍ତ କରିବା, ପ୍ରକାଶ କରିବା । ଯଥା—

ଅଧୀର କପାଇଁ ହୁଅ କହ ହେ ଫିଟାଇ । ବେ.ପ.

ତ୍ୟାଗକରିବା । ଯଥା—

ଫଣସ୍ତ ଫିଟାଇ କହ ଠାକୁରାଣୀ । ବି. ରା.

ଫିଟାଭୁଟା, ବି. (ଦେଶଜ) ବିରଳ ।

ଫିଟିକିରି, ବି. (ସ୍ଫଟିକାରି ଶବ୍ଦଜ) ଫଟିକ ।

ଫିଟିବା, କ୍ରି. (ଦେଶଜ) ନିରୋଧମୁକ୍ତ ହେବା; ପ୍ରକାଶିତ ହେବା । ଯଥା—

ଫିଟିଛି ଝର ଦେଖ ଟାଙ୍ଗର ଅଙ୍ଗେ । ଭୁ. ସ୍ତୁ.

ଦୂରହେବା, ବିନଷ୍ଟହେବା । ଯଥା—

ଫିଟିଗଲା ଯେ ସନ୍ଦେହ । କ. ଚ. ଚ.

ଫିତା, ବି. (ପୋର୍ତ୍ତୁଗୀଜ ଶବ୍ଦ) ବନ୍ଧନରଜ୍ଜୁ ।

ଫିରଙ୍ଗ, ବି. (ପାରସ୍ୟ) ସ୍ୱନାମପ୍ରସିଦ୍ଧ ଦେଶବିଶେଷ ।

ଫିରଙ୍ଗି, ଫିରଙ୍ଗୀ, } ବି. (ପାରସ୍ୟ) ଫିରଙ୍ଗଦେଶଜାତ ପୁରୁଷ । ସାଧାରଣତଃ ଇଯୁରୋପୀୟମାନଙ୍କୁ ଫିରଙ୍ଗୀ କହନ୍ତି । ଦେଶୀୟ ସ୍ତ୍ରୀ ଗର୍ଭରେ ଇଯୁରୋପଦେଶ ପୁରୁଷର ଔରସରେ ଜାତ ସନ୍ତାନ; କମାଣଧାରୀ ସେନା ।

ଫିରତ, ଫେରତ, ବିଂ. (ଦେଶଜ) ପୁରାତନ ।

ଫିରାଦ, ବି. (ଦେଶଜ) ଆବେଦନ ।

ଫିରକି, ବି. (ଦେଶଜ) ଏକପ୍ରକାର ପତଙ୍ଗ ।

ଫିରିକଫଳ, ବି. (ଦେଶଜ) ଏକପ୍ରକାର କଣ୍ଟାଗଛ । ଯଥା—

ଧାମଣା କାଠ ଧନୁ କଣ୍ଟାବାଉଁଶ ଗୁଣ,
ଫିରିକଫଳ ନାରାଚ ପୁରାଇଣ ତୂଣ । ସା. ଖ. ଆ.

ଫିରଫିରା, ବି. (ଦେଶଜ) କର୍ଣ୍ଣର ଅଳଂକାରବିଶେଷ; ମୁଖବାଦ୍ୟବିଶେଷ; ଏକପ୍ରକାର ଘାସ; ରଥମଣ୍ଡନର ଉପକରଣବିଶେଷ; ରଥର ଚାମରବିଶେଷ । ଯଥା—

ତାଳଧ୍ୱଜ ରଥକୁ ଯେ ମଣ୍ଡନ୍ତି ଦାରୁକ,
ଉପରେ ତା ଚାମର ମଣ୍ଡନ୍ତି ଅନେକ ।
ଡାଳମ୍ବ ଚାମର ଯେ ମଣ୍ଡନ୍ତି ଫିରଫିରା,
ଶତେ ଜର ମୁକୁତାମାଳ ମାଣିକ୍ୟ ଝରା । ସା ଖ. ଆ.

ଫିଟଫିଟ, କ୍ରି. ବିଂ. ଶବ୍ଦାନୁକରଣବିଶେଷ । ଯଥା—

ମଉଳି ପଡ଼ୁଛେ ଚୂଟିକେଶ,
ପବନ ଉଠେ ଫିଟଫିଟ । ଦା. ର.

ଫିର୍‌ଯ୍ୟାଦ, ଫରୟାଦ, ଫିରଆଦ, ଫରଆଦ, ଫେରାଦ, ଫିରାଦ, ଫେରଆଦ, ଫେରଆଦ, } ବି. ( ଯାବନିକ ) ଅଭିଯୋଗ, ଗୁହାରି । ଯଥା—

ଫିରଆଦ କାହିଁ କରିବି ତୋ ନାମେ
ନିନ୍ଦା କଲେ ପଡ଼ୁଛେ କରି । କ. ଚ. ଚ.

ଫିରୟାଦୀ, ଫିର୍ଆଦି, ବି. (ଯାବନିକ) ମୁଦେଇ ।

ଫିସ୍, ବି. (ଇଂରାଜୀ ଫୀଜ ଶବ୍ଦଜ) ମୂଲ୍ୟ, ଦେୟ ।

ଫୀକ, ବି. (ଦେଶଜ) ଦସ୍ତଖେଳରେ ଅନ୍ୟ ଖେଳାଳି ହାତରେ ରଜା ମନ୍ତ୍ରୀ ଓ ଦହି ରହିଗଲେ ଯଦି ନଅ ସାତକୁ ଖେଳିବାକୁ ହୁଏ ତେବେ ଫୀକ ବୋଲାଯାଏ ।

ଫୁଁ ଫୁଁ, ବି. (ଦେଶଜ) ସର୍ପାଦିର ଧ୍ୱନି ବା ଗର୍ଜନ ।

ଫୁ, ଅଂ. (ଦେଶଜ) ତୁଚ୍ଛ ଅର୍ଥବୋଧକ । (ଫୁତ୍ ଶବ୍ଦର ଅପଭ୍ରଂଶ) ଫୁତ୍କାର । ଯଥା—

ଗଳୁଅଛି ଢଳଧାର ରୁଧିର,
ଫୁଫ୍କାର କରି ବାହାନ୍ତି ଶର । ବି. ଗ୍ରା.

ଫୁକ୍‌ନା, ଫୁକନା, ବି. (ଦେଶଜ) ସୂତାଧାର ।

ଫୁକା, ବି. (ଦେଶଜ) କ୍ଷୁଦ୍ରବ୍ରଣ ।

ଫୁକାର, ବି. ( ଫୁତ୍କାର ଶବ୍ଦର ଅପଭ୍ରଂଶ ) ଫୁତ୍କାରଧ୍ୱନି; ପୋଲ ମଧ୍ୟସ୍ଥ ଖାଲି ସ୍ଥାନ । ଯଥା—

ମହାନଦୀ ଓ କାଠଯୋଡ଼ିର ପ୍ରତ୍ୟେକ ଫୁକାରର
ବ୍ୟବଧାନ ଏକଶତ ଫୁଟ । ଉ. ସା. ୧୮. ୧୧.

ପ୍ରକାଶ । ବିଂ. ପ୍ରକାଶିତ, ଖ୍ୟାତ । ଯଥା—

ଫୁକାର ନୋହୁ ଜଗତେ । କ. ଚ. ଚ.

ଫୁକାରିବା, ଫୁକାରହେବା, } କ୍ରି. ଶବ୍ଦ କରିବା; ଗର୍ଜନ କରିବା । ଯଥା—

କେଶରୀ ଦେଖିକରି ଗ୍ରାମ ସିଂହ ଫୁକାରି
ହେଲେ ସେ ନିକ ବଡ଼ ହୁଏ । ର. କ.

ଫୁଙ୍କ, ଫୁଙ୍କା, ବି. (ଫୁତ୍କାର ଶବ୍ଦଜ) ମୁଖବାୟୁ ତ୍ୟଜନ, ଫୁତ୍କାର ।

ଫୁଙ୍କର, ଫୁଁକର, ବି. (ଦେଶଜ) ଛିଦ୍ର, ରନ୍ଧ୍ର ।

ଫୁଙ୍କାଣି, ବି. (ଦେଶଜ) ଭାତହାଣ୍ଡିର ଗୁଣ୍ଡୁଳି ଫୁଟିଲା ଉତ୍ତାରୁ ତହିଁରୁ ବାହାର କରି ରଖିଥିବା ପାଣି ।

ଫୁଙ୍କିବା, କ୍ରି. ( ଦେଶଜ ବା ଫୁତ୍କାର ଶବ୍ଦଜ ) ମୁଖବାୟୁ ତ୍ୟଜନ କରିବା, ଫୁତ୍କାର କରିବା ।

ଫୁଟ, ବିଂ.(ସ୍ଫୁଟ ଶବ୍ଦର ଅପଭ୍ରଂଶ) ପ୍ରକାଶିତ । ବି. ପ୍ରକାଶ । (ସ୍ଫୁଟ୍ ଧାତୁଜ) ବିଂ. ବିଦୀର୍ଣ୍ଣ; ପ୍ରସ୍ଫୁଟିତ । (ଦେଶଜ) ବି. ପଣସ ପ୍ରଭୃତିର ଖୋଷା; କମଳା ପ୍ରଭୃତିର କୁଳି; ସର୍ପର ଫଣା ।

ଫୁଟକ, ଫୁଟୁକ, } ବି. (ସ୍ଫୋଟ ଶବ୍ଦଜ) ଅଙ୍ଗୁଳି ଶବ୍ଦ । ଯଥା—

ମୁହଁମୁହଁ ମାରି ହାଇ ଫୁଟକ ଫୁଟାଇ । ମ. ଯା.

ଫୁଟା, ବି. (ସ୍ଫୁଟ ଶବ୍ଦଜ) ଫୁଟିବା; ରନ୍ଧନ ସମୟରେ ଭାତ ପ୍ରଭୃତିର ଠକମକ ଶବ୍ଦ । ବିଂ. ସଚ୍ଛିଦ୍ର, ରନ୍ଧ୍ରଯୁକ୍ତ, କଣା; ବିକଶିତ । ଯଥା—

ଫୁଟା କଞ୍ଜର ଶିର, ଛଟା ମୁଖ ମାଧୁରୀ । ଫ. ସ.

ଫୁଟାଲୁଗା, ବି. ( ଦେଶଜ ) ବିଧବାସ୍ତ୍ରୀମାନଙ୍କ ପାଇଁ ଧଡ଼ି ନ ଥିବା ଏକପ୍ରକାର ବସ୍ତ୍ର ।

ଫୁଟି, ବି. (ଦେଶଜ) ଲତାଫଳବିଶେଷ, ପାଚିଲା କାକୁଡ଼ିବିଶେଷ । ଯଥା—

ଫୁଟି ଫୁଟିଲାର ପରି ନାଶିଲେ କେଶୀ । ବ. ଚ. ମ.

( ସ୍ଫୁଟି ବା ସ୍ଫୁଟ ଶବ୍ଦର ଅପଭ୍ରଂଶ ) ପ୍ରକାଶ । ବିଂ. ସ୍ଫୁଟ, ଖ୍ୟାତ । ଯଥା—

ଦେବତାଙ୍କୁ ଗୃହିଣୀ କହନ୍ତି ପରମେଷ୍ଠୀ,
ବୋଲନ୍ତି ଦେବେ ! ଭଲେ ନ କର କଥା ଫୁଟି ।
ନୃ. ପୁ. ତୃ. ତ.

ଫୁଟିଆଣି, ବି. (ଦେଶଜ) ପାଣିଆ ପେଜ ସହିତ ଭାତ । ଯଥା—

ଏ ସବୁ ଏକସେର ଚାଉଳ ଫୁଟିଆଣିରେ ମିଶାଇ ରୋଗୀ ପଶୁକୁ କାଉ ସହିତ ଖୁଆଇବାକୁ ହେବ ।
କୃଷିଶିକ୍ଷା ।

ଫୁଟିକ, ବି. (ଦେଶଜ) ପାଦସମ୍ବାହନ ବା ଗୋଡ଼ଘଷା ସମୟରେ କରତଳର ଆସ୍ଫାଳନ । ଯଥା—

ବେନି ଚରଣ ଧରି ଗୃପନ୍ତି ଶ୍ରୀସ୍ୱାଦେବୀ,
ଅଷ୍ଟାଦଶ ଫୁଟିକ ସୋହଳପଦା ମିଶି । ନୃ.ପୁ.ଦ୍ୱି.ତ.

ଫୁଟିଗୁଡ଼, ବି. ( ବାଲେଶ୍ୱର ପ୍ରାନ୍ତରେ ) ଝୁମ୍ପୁଡ଼ୀ ।

ଫୁଟିଫୁଟିକା, ବି. (ଦେଶଜ) ଶାକବିଶେଷ ।

ଫୁଟିବା, କ୍ରି. (ସ୍ଫୁଟ୍ ଧାତୁଜ) ବିଦୀର୍ଣ୍ଣ ହେବା; କଣା ହେବା । ଯଥା—

ନେତ୍ର ଫୁଟିଯାଉ ହୃଦ ଫାଟିଯାଉ
ପ୍ରାଣ ହୁଟିଯାଉ ବେଗ କରି । ବି.ଚି.ମ.

ଶ୍ରାନ୍ତ ହେବା । ଯଥା—

ଏମନ୍ତେ ଗଲେ କେତେ ଗୃହ,
ପଥେ ରହିଲେ ଫୁଟିକରି । ମା. ମା.

ଭେଦିବା । ଯଥା—

ବଜ୍ରଗିରି ଭେଦମତେ ବାସବ ପୃଥ୍ୱୀ ସହିତେ,
ଫୁଟି ପାତାଳକୁ ହେଲେ ମୁନି । ବୈ.ବି.

ପ୍ରକାଶ ହେବା । ଯଥା—

ଫୁଟିବେ ତାରାଳୀ ନୀଳଗଗନେ । ମେ. ଦୂ.

ପ୍ରଫୁଲ୍ଲିତ ହେବା । ଯଥା—

ଯୂଥିକାଫୁଲ ଜାତ ତହିଁ ଫୁଟଇ । ମେ. ଦୂ.

ନଳୀ ପ୍ରଭୃତି ଶବ୍ଦ କରିବା । ଯଥା—

ଜ୍ୱଳନ ବଂଶନଳ ଗ୍ରନ୍ଥି ଗୁଳି ଫୁଟାଇ ଝରେ ।
କୋ. ବ୍ର. ସ୍ତ.

ପ୍ରତିବିମ୍ବିତ ହେବା । ଯଥା—

ସ୍ଫଟିକ ବାଡ଼େ ଫୁଟି ଦିଶେ କି ସେ ହେମପିତୁଳା ।
ଲ. ବ.

ଗୁଡ଼ଜଳ ଭିତରେ ପରିଣତ ହେବା । ଯଥା—

ଚରୁ ଫୁଟାଇଣ ଦେଲେ ରାଜାର ଅଗ୍ରତେ । ସା.ଭା.ଆ.

ବାଉଳ ଖେଳରେ ଆପଣା ବାଉଳର କଣା ହେବା ।

ଫୁତ୍କାର, ଫୁତ୍କୃତ, ବି. (ଫୁତ୍-କୃ-ଅ, ତ) ଫୁ କରିବା; ଫୁସ୍ ଫୁସ୍ ଶବ୍ଦ ।

ଫୁପି, ବି. (ଦେଶଜ) କେଶରୋଗବିଶେଷ; ମସ୍ତକର କେଶ ମୂଳରେ ପାଂଶୁ ପ୍ରାୟ ଜନ୍ମିବା; କାଷ୍ଠରେ କୀଟ ଦଂଶନରୁ ଜାତ ପାଂଶୁ । ବଂ. ଖଡ଼ୁଆ ।

ଫୁପିମାରିବା, କ୍ରି. କାଷ୍ଠ ପ୍ରଭୃତି କୀଟ ଦଂଶନ କରିବା; ବସ୍ତ୍ର ପ୍ରଭୃତି ଆତପ ଅଭାବରେ ବହୁ ଦିନ ନିକ୍ଷିପ୍ତ ରହିଲେ ଦୂଷିତ ହେବା ।

ଫୁରଣ, ବି. ( ସ୍ଫୁରଣ ଶବ୍ଦର ଅପଭ୍ରଂଶ ) ଈଷତ୍ ଚଳନ; ଦୀପ୍ତି ବା ପ୍ରକାଶ । (ଦେଶଜ) କର୍ମନିର୍ଦ୍ଧାରଣ ।

ଫୁରସତ, ଫୁରୁସତ, ବି. ( ଯାବନିକ ) ଅବସର, ଅବକାଶ ।

ଫୁରୁଣା, ଫୁଲଣା, ବି. (ଦେଶଜ) ଆନନ୍ଦ । ବିଂ. ଆନନ୍ଦିତ । ଯଥା—

ନୋହୁ ଫୁରୁଣା କମ୍ପା ଅରୁଣାଧର! କରୁଣାସିନ୍ଧୁ । ଲ.ବ.

ତାହାଙ୍କୁ କେବେହେଁ ମନେ ନ କରିବ ଊଣା,
ଦେଉଥିବ ତାଙ୍କୁ ମନ କରିଣ ଫୁଲଣା । ନୃ.ପୃ.ସ.ଚ.

ଫୁର୍ତ୍ତି, ବି. (ସ୍ଫୁର୍ତ୍ତି ଶବ୍ଦଜ) ପ୍ରକାଶ; ସ୍ଫୁରଣ ।

ଫୁଲ, ବି. (ପୁଷ୍ପ ଶବ୍ଦଜ, ପ୍ରାକୃତ) ପୁଷ୍ପ । (ଦେଶଜ) ଗଞ୍ଜାପାସାରର ରଙ୍ଗ ବା ବର୍ଣ୍ଣ-ବିଶେଷ । (ହରିତାଳ ଓ ହିଙ୍ଗୁଳ ବାଟି କଇଥ ଅଠା ମିଶାଇ ଏହି ବର୍ଣ୍ଣ କରନ୍ତି ।)

ଫୁଲକୋବି, ବି. (ଦେଶଜ) ଏକପ୍ରକାର କୋବି ।

ଫୁଲଖଡ଼ି, ବି. (ଦେଶଜ) ଦୁଧଖଡ଼ି ।

ଫୁଲଗୁଣା, ବି. (ଦେଶଜ) ନାସାର ଅଳଙ୍କାର-ବିଶେଷ । ଯଥା—

ଫୁଲଗୁଣା ମାଠଗୁଣା ବିବେକ କରଇ ବଣା । ଲ. ବ.

ଫୁଲଚୂଇଁ, ବି. (ଦେଶଜ) ପକ୍ଷିବିଶେଷ । ଯଥା—

ନିଆଳୀ ବିକାଶୀ ଙ୍କେର ବସନ୍ତକୁ
ବନେ ଯଥା ଫୁଲଚୂଇଁ । ଘ. କେ.

ଫୁଲଜାଲି, ବି. (ଦେଶଜ) କର୍ଣ୍ଣର ଅଳଙ୍କାର-ବିଶେଷ । (ପଟିଆନ ଶବ୍ଦ ଦେଖ ।)

ଫୁଲଧନୁ, ଫୁଲକମାଣ, ବି. ( ଫୁଲ-ଧନୁ, କମାଣ ଯାହାର) ମଦନ, କନ୍ଦର୍ପ ।

ଫୁଲନାକଡ଼ି, ବି. (ଦେଶଜ) ଦୈଶିକ ଖେଳ-ବିଶେଷ; କେତେକ ଜଣ ହାତକୁ ହାତ ମାରି ହାତ ପରୁଇ ଖେଳନ୍ତି, ଯେ ଉଠିଁ ରହେ ତାହାର ଆଖି ବୁଜନ୍ତି, ହାତରେ ଫୁଲ ଓ କଡ଼ିର ଆକୃତି ଦେଖାଇ ପଚାରନ୍ତି, ଯଦି ସେ ଠିକ କହେ ତ ଭଲ ହେଲା, ନୁହେ ତ ସମସ୍ତଙ୍କୁ ଖଣ୍ଡେଦୂର ଯାଏ ବହି ନେଉଥାଏ ।

ଏହି ଖେଳରେ ଗୋପବାଳକମାନଙ୍କୁ ବ୍ୟୋମାସୁର ଚୋରାଇ ନେଇଥିଲା ବୋଲି କିମ୍ବଦନ୍ତୀ ଶୁଣାଯାଏ ।

ଫୁଲବଡ଼, ବି. (ଫୁଲ୍ଲ-ବଟିକା ଶବ୍ଦଜ) ବିରିରେ କରିଥିବା ସାନ ସାନ ବଟିକା ।

ଫୁଲବୁଡ଼ାଖିଆ, ବି. (ଦେଶଜ) ମଦ୍ୟବିଶେଷ, ଫୁଲ ବୁଡ଼ାଇ ଯାହା ଖାଇବାକୁ ହୁଏ । ଯଥା—

ଫୁଲବୁଡ଼ାଖିଆ ମଦ ଘଟ ଶଏ,
ବଡ଼ ଭଲ ସୈରନ୍ଧ୍ରୀକି ଆଣିବା ଉପାୟେ । କୃ.ଭା.ବି.ପ.

ଫୁଲ ଭା, ବି (ଦେଶଜ) ବୈଦିକ ବ୍ରାହ୍ମଣ-ମାନଙ୍କର ବ୍ରତ ବିବାହାଦିରେ କରିବା ବୈଦିକ ବ୍ରାହ୍ମଣ ସଭା ।

ଫୁଲ୍, ବି. ( ଦେଶଜ ) ଶୋଥ; ଆଧ୍ମାନ । ଯଥା—

ମୁଣ୍ଡାରୁ ଧୂଳି ଝାଡ଼ି ମାରନ୍ତି ମୁଠାଏ,
ଏମନ୍ତ ନେ ହେଲେ ପେଟଫୁଲଟି ନ ଯାଏ ।ନୂ.ପ୍ର.ଦ୍ୱି.ଚ.

ଫୁଲାଇବା, କ୍ରି. ( ଦେଶଜ ) ଗର୍ବରେ ସ୍ଫୀତ କରିବା । ଯଥା—

କି କହନ୍ତୁ କାହ୍ନୁ, ଗ୍ରୀବ ଫୁଲାଇ । ଗି. ଚ. ମ.

ଫୁଲମର୍ଜିଆ, ବି. (ଦେଶଜ) ଫୁଲାପଣ. ଗର୍ବରେ କିମ୍ବା କଳ୍ପିତ ଗୌରବରେ ସ୍ଫୀତ ହେବା ସ୍ୱଭାବ ।

ଫୁଲାପଣ, ଫୁଲାପଣିଆ, } ବି. (ଦେଶଜ) ଗର୍ବରେ ସ୍ଫୀତ ହେବା; ଫୁଲିବା । ଯଥା—

ରଖାଇ ଫୁଲାପଣ ନାସେ
ଖେଳାଇ ଶିଖାଇ ଭ୍ରୂଲତା ଫଣିକି । ର. ପ.

ଫୁଲାଲୁଣ, ବି. (ଫୁଲ୍ଲ-ଲବଣ ଶବ୍ଦଜ) ଏକ-ପ୍ରକାର ଲବଣ, ଏହା ଔଷଧରେ ପଡ଼େ ।

ଫୁଲି, ଫୁଲୀ, ବି. (ଫୁଲ୍ଲ ଶବ୍ଦଜ ) ସୂତ୍ରନିର୍ମିତ ପୁଷ୍ପାକାର ଗୁଚ୍ଛ । ଯଥା—

ପୃଷ୍ଠଦେଶେ ଦୋଲେ ଫୁଲମଣ୍ଡିତ ତୂଣୀର । ମ. ଯା.

କେଶ ବନ୍ଧନୀର ପ୍ରାନ୍ତସ୍ଥ ଗୁଚ୍ଛ । ଯଥା—

ପଛକୁ ଲୁଚେର ଫୁଲି, ମାନସ ଭୁଲି ଯେ । ଲା. ବ.

ଶ୍ଳୋକାଦି ଶେଷରେ ଲିଖିତ ପଦ୍ମାକାର ଚିହ୍ନ । ଯଥା—

ଫୁଲ ପରି ପଦବିଶ୍ରାମିତ ସ୍ଥାନ ଫୁଲି । ଲା. ବ.

ଫୁଲିବା, କ୍ରି. ଗର୍ବରେ ସ୍ଫୀତହେବା । ଯଥା—

ଫୁଲିଗଲୁ ଫୁଲ ଲଳମଣିକି
ଜାଣି ପରି ଶ୍ୟାମ ହେନ୍ନ । କ. ଚ. ଚ.

ଉଲ୍ଲସିବା, ଭାବରେ ଉଲ୍ଲସିତ ହେବା । ଯଥା—

ଭାବେ ଫୁଲିଥାଇ ଦେହ,
ଧରଣୀ ପ୍ରାୟେ ସବ ସହ । ଦା. ର.

ଫୁଲୁରି, ଫୁଲରି, ବି. ( ଦେଶଜ ) ସୁବାସ ତୈଳ । ଯଥା —

ଫୁଲରି ଫୁଲକୁ ବସ, ମଣି ସୁକେଶ ପୁରୁଷ,
କଲଙ୍କି ଶାମ ଅନଶ,ତବ ଗୁଣଗଣ ହରି ହେ । ସଙ୍ଗୀତ ।

ଫୁଲ୍କା, ବି.(ଦେଶଜ) ମାଛର ଗଳାସ୍ଥ ଅବୟବ ବିଶେଷ; କୃଷି ସାଧିବାପାଇଁ ପ୍ରସ୍ତୁତ ଜମି ।

ଫୁଲ୍ଲ, ବି°. ( ଫୁଲ୍ଲ = ବିକସିତ ହେବା-ତ ) ବିକସିତ, ପ୍ରସ୍ଫୁଟିତ । ବି. (ଫୁଲ୍ଲ୍-ଅ) ଫୁଲ, ପୁଷ୍ପ ।

ଫୁସ୍‌ଫୁସ୍, ବି. ( ଦେଶଜ ଶରୀରସ୍ଥ ଯନ୍ତ୍ର-ବିଶେଷ; ଗୋପନରେ କଥା ହେବା, ଗୁପ୍ତ କଥାବାର୍ତ୍ତା । ଅ°. ଅନୁକରଣ ଶବ୍ଦବିଶେଷ ।

ଫୁସଫୁସିଆ, ବି°. (ଦେଶଜ) ଯେ ଗୋପନରେ ଚୁମ୍ ଚୁମ୍ କରି କଥା କହେ ।

ଫୁସଲାଇବା, ଫୁସଲେଇବା, } କ୍ରି. ( ଦେଶଜ ) ଲୋକଙ୍କୁ ପ୍ରଲୋଭନାଦି ଦ୍ୱାରା ଭୁଲାଇବା; ଖୁସାମଦରେ ଫୁଲାଇବା ।

ଫୁସଲାଫୁସଲି, ବି. (ଦେଶଜ) ଖୁସାମଦ ।

ଫୁସି, ଫୁଷି, ବି°. (ଦେଶଜ) ନିର୍ଧନ ବା ଦରିଦ୍ର; କୃପଣ; ତୁଚ୍ଛ ।

ଫୁମିକଙ୍କଡ଼ା, ଫୁଖିକଙ୍କଡ଼ା, } ବି. (ଦେଶଜ) ସାନ କଙ୍କଡ଼ା ।

ଫେଇବା, କ୍ରି. (ଦେଶଜ) ବାହାର କରିବା, ପ୍ରକାଶ କରିବା । ଯଥା—

ଶୈଳଦଣ୍ଡ ଝର-ଶୋଭ ଶୋଭନ୍ତେ
ଚକ୍ଷୁ ଅନ୍ତେ ଫେଇ । ଯ. କେ.

ଫିଟାଇବା । ଯଥା—

ଉରଜରେ ଜୀବ ନବଡ଼ ବନ୍ଧନ
ଏହୁ କରେ ପୁଣି ଫେଇବ । ପ୍ରେ. ସୁ. ନି.

ସ୍ଥାନେ ସ୍ଥାନେ ତ୍ୟାଗକରିବା, ଦୂର-
କରିବା । ଯଥା—
କି କାରଣେ ଆସିଛ ଫଣସ୍ଥ ଫେଡ଼ି କହ । ବୈ. ପ.
ଫେଏଫେଏ, ବି. (ଦେଶଜ) ଧ୍ୱନିବିଶେଷ ।
ଯଥା—
ଫେଏଫେଏ ରବ ଦେଇ ଫେରୁ ଉଲ୍‌କାମୁଖୀ । ଉ.ସା.
ଫେଣ୍ଟା, ବି. (ଦେଶଜ) ପଟ୍ଟଧୋଟି ବସ୍ତ୍ର-
ବିଶେଷ । ଯଥା—
ପିନ୍ଧିଛୁ ପତନୀ ଫେଣ୍ଟା ଫରିଆବ କରି । ଲ. ବ.
ଫେଡ଼ଣି, ବି. (ଦେଶଜ) ମୋକ୍ଷଣ । ଯଥା—
ତୁମ୍ଭେ ସେ ସକ୍ଷମ ମୋର ଆଚ୍ଛଫେଡ଼ଣେ । ଯ.କେ.
ଫେଡ଼ା, ବି. (ଦେଶଜ) ଫିଟାଇବା । ଯଥା—
ଆଖି ଫେଡ଼ା ଦେଲେ କରିବାର ନାହିଁ । ଲ. ବ.
ଅଙ୍କମାନଙ୍କର ବ୍ୟବକଳନ ।
ଫେଡ଼ାଇବା, କ୍ରି. (ଦେଶଜ) ଫିଟାଇ ପ୍ରକାଶିତ
କରାଇବ । ଯଥା—
ମରମ ପରମ ଲାଜ ଧପେଡ଼ା ଫେଡ଼ାଇଲୁ
ଦାଣ୍ଡରେ ପାମର ରେ ମଦନ । ବି. ଚି. ମ.
ଫେଡ଼ାଙ୍କ, } ବି. ( ଦେଶଜ ) ବ୍ୟବକଳନ,
ଫେଡ଼ାଣ, } ବିଯୋଗ ।
ଫେଡ଼ିବା, କ୍ରି. (ଦେଶଜ) ପ୍ରକାଶ କରିବା ।
ଯଥା—
କି ପାଞ୍ଚ ତୁମ୍ଭର କହ ମୋତେ ଏବେ ଫେଡ଼ି । ଲ.ବ.
ଫିଟାଇବା । ଯଥା—
ଫେଡ଼ି ପଢ଼ି ଆରମ୍ଭିଲ ବିସ୍ତରି ବିସ୍ତରି । ପ୍ରେ. ସୁ. ନି.
ଆଚ୍ଛାଦନ କାଢ଼ିନେବା; ବନ୍ଧନରୁ ମୁକ୍ତ
କରିବା; ଉଣା କରିବା । ଯଥା—
ଦଶ୍ୟାମସ୍ତ ଫେଡ଼ିବେ ଦୁଃଖ ମୋହର । କ. ଶ.
ଦୂର କରିବା; ତ୍ୟାଗକରିବା । ଯଥା—
ମନରୁ ଫଣସ୍ଥ ମୋର ଅବହେଲେ ଫେଡ଼ି । ବୈ. ପ.
ଫେଣ, ବି. ( ଫେନ ଶବ୍ଦଜ ପ୍ରାକୃତ ) ଜଳ
ଉପରେ ପଡ଼ିଥିବା ଫେମ୍ପର । ଯଥା—
ଧବଳ ଫେଣ ଛଳେ ଜାହ୍ନବୀ ହସେ । ମେ. ଦୂ.
(ଫଣ ଶବ୍ଦଜ) ସର୍ପର ଫଣା ।
ଫେଣା, ବି. (ଫଣ ଶବ୍ଦଜ) ସର୍ପ ମସ୍ତକ ।
(ଫେନ ଶବ୍ଦଜ) ନବାତରେ କୃତ ମିଷ୍ଟାନ୍ନ-
ବିଶେଷ । ଯଥା—
ଛତ୍ରୁ ସରପାପୁଡ଼ି ଫେଣା ଦଧି ସାକର । କୃ.ପୁ.ଭୃ.ତ.
(ଦେଶଜ) କଦଳୀ କାନ୍ଧରେ ଥିବା
କଦଳୀପୁଞ୍ଜା । ଯେପରି—କଦଳୀଫେଣା ।
ବଟା ବିରି ଓ ପିଠାଉକୁ ମିଶିତକରି
ଘାଣ୍ଟିବା; ମଧୁ ପ୍ରଭୃତିର ଆଧାରକୋଷ ।
ଯଥା —
ବ୍ରାହ୍ମଣଙ୍କ ତୁଳଟେ ଗନ୍ଧମାଦନରେ,
ମହୁଫେଣାଟାଏ ମୁଁ ଦେଖିଲି ନୟନରେ ।କୃ.ସ୍ୱା.ବ୍ର.ପ.
ଫେଣି, ଫେଣୀ, ବି. (ଫେନ ଶବ୍ଦଜ) ସର୍ପର
ଫଣା; ନବାତରେ କୃତ ମିଷ୍ଟାନ୍ନବିଶେଷ ।
ଫେଣିବା, } କ୍ରି. ( ଫାଣ୍ଟ ଶବ୍ଦଜ ) ବିରି
ଫେଣେଇବା, } ପିଠାଉ ଆଦି ମିଶ୍ରିତ କରି
ଘାଣ୍ଟିବା ।
ଫେନ, ବି. (ସ୍ଫାୟୀ = ବୃଦ୍ଧିପାଇବା-ନ,
ନିପାତନ) ଫେମ୍ପର, ତରଳବସ୍ତୁର ଉପରି
ଉତ୍ଥିତ ବୁଦ୍‌ବୁଦ; ସମୁଦ୍ର ଫେନ,
ଔଷଧିଦ୍ରବ୍ୟବିଶେଷ ।
ଫେନଲ, ବିଂ. ( ଫେନ-ଇଲ, ଯୁକ୍ତାର୍ଥେ )
ଫେନଯୁକ୍ତ ।
ଫେମ୍ପର, ବି. (ଦେଶଜ) ଫେନ ।
ଫେର, ବି. (ଦେଶଜ) ପରିହିତ ବସ୍ତ୍ରର ଲମ୍ବିତ
ଅଞ୍ଚଳ; ବସ୍ତ୍ରର ବେଷ୍ଟନ । ଯଥା—
ସୁଝିନ ପାଗ ଶୋହେ ଶିରେ,
ସୁଜରି ଫେର ତଥି ପରେ । ଦା. ର.
ବାଙ୍କ ବା ମୋଡ଼; ପ୍ରତ୍ୟାବର୍ତ୍ତନ । କ୍ରି. ବିଂ.
ପୁନରପି, ପୁଣି ।
ଫେରଣି, ବି. (ଦେଶଜ) ବସ୍ତ୍ରର ଭଙ୍ଗବିଶେଷ;
ଭ୍ରମଣ; ପ୍ରତ୍ୟାବର୍ତ୍ତନ । ଯଥା—
ମୁଷ୍ଟିକ ଜଙ୍ଘେ ଫେରଣି, ମୂର୍ଦ୍ଧାଘ୍ରାଣ ଚୁମ୍ବଦାନ,
ମୃଗାଙ୍କକୁ ଅସ୍ତ କଲେ ମୃଗାଙ୍କ ଛଳେ । ବି. ଚି. ମ.
ଫେରନ୍ତ, } ବିଂ. (ଦେଶଜ) ପ୍ରତିଦତ୍ତ । ବି.
ଫେରସ୍ତ, } ଫେରାଇ ଦେବା ।

ଫେରଫାର, ବି. ( ଦେଶଜ ) ଖାଇବା ବା ଉପାୟ; ଓଲଟପାଲଟ; ଆଦାନ ପ୍ରଦାନ ବା ବଦଳ, ବିନିମୟ ।

ଫେରବ, ବି. ( ଫେ=ଅନୁକରଣ ଶବ୍ଦ-ବିଶେଷ-ରୁ=ଶବ୍ଦ କରିବା-ଅ, ଯେ ଫେଁ ଫେଁ ରବ କରେ) ଶୃଗାଳ, ଶିଆଳ; ରାକ୍ଷସ । ବିଂ. ଧୂର୍ତ୍ତ; ହିଂସ୍ର ।

ଫେରା, ବି. (ଦେଶଜ) ଭ୍ରମଣ; ପୁନରାବୃତ୍ତି; ଚୂନ ସୁରକିର ପରିମାଣ ପାତ୍ର ।

ଫେରାଇବା, } କ୍ରି. (ଦେଶଜ) ବଦଳାଇବା:
ଫେରାଇଦେବା, } ବୁଲାଇବା ।

ଫେରାଫେରି, ବି. (ଦେଶଜ) ବଦଳାବଦଳି; ଲେଉଟାଲେଉଟି: ବୁଲାବୁଲି; ନାନାଆଡ଼େ ବୁଲିବା ।

ଫେରାର, ବି. (ଯାବନିକ) ପଳାୟନ ।

ଫେରାରି, } ବିଂ. (ଯାବନିକ) ଯେ ଅପରାଧ
ଫେରାରୀ, } କରି ପଳାୟନ କରିଅଛି; ସବୁ-ବେଳେ ଯେ ଭ୍ରମୁଥାଏ ।

ଫେରି, କ୍ରି. ବିଂ. (ଦେଶଜ) ପୁନରପି, ଆଉ-ଥରେ । ଯଥା—

ଫେରିଆସି ମାଯ଼ ଆମ୍ଭ ଆଗେ ନେହକଲ୍ଲୁ
ମାର ନ ବରଷ । କ. ଚ. ଚ.

କ୍ରି. ବୁଲି ।

ଫେରିଦେବା, } କ୍ରି. ( ଦେଶଜ ) ଘଉଡ଼ି
ଫେରେଇଦେବା, } ଦେବା, ତଡ଼ିଦେବା । ଯଥା—

ଫିରମାସ ମନେ ମନେ,
ଫେରିଦଅନ୍ତୁ ସେ ଆବର ମୁଁ ଯେବେ
ଯିବି ସେ ବଗକୁ ବନେ । କ. ଚ. ଚ.

ଫେରିବା, କ୍ରି. (ଦେଶଜ) ବାହୁଡ଼ିବା । ଯଥା—

ନିଶାନ୍ତ ଅନ୍ଧାରେ ମୃଦୁପାଦସ୍ୱରେ
ଫେରିଗଲେ ହଂସସ୍ୱରେ । ପାର୍ବତୀ ।

ବୁଲିବା, ଭ୍ରମିବା । ଯଥା—

କି ଯୋଗୀ ହୋଇବି ତା ଗୁଣ ଗାଇବି
ଏ ଦେହ ଥୋଇବି ମଣ୍ଡି ଫେରି । ବି. ଚ. ମ.

ବଦଳିବା । ଯଥା—

ଶଙ୍ଖନିଧି ପଦ୍ମନିଧି ଅଛି ତା ହସ୍ତରେ,
କର ଲାଗନ୍ତେ ପଥର ପାଣିଦ୍ରବ୍ୟେ ଫେରେ । ସା. ଭା. ସ.

ଫେରୁ, ବି. (ଦେଶଜ) ସର୍ପର ଫେଣ; ସର୍ପର ଅବୟବ । ଯଥା—

ହୃଦରେ ଆଭରଣ ଉତ୍ତର ସର୍ପ ଫେରୁ,
ଅନ୍ତରୀକ୍ଷେ ବାଜଇ ନବଲକ୍ଷ ଡ଼ମ୍ବରୁ । ସା. ଭା. ଆ.

ଫେରୁ, ଫେରୁ, } ବି. (ଫେ=ଅନୁକରଣ ଶବ୍ଦ-
ଫେରଣ୍ଡ, } ବିଶେଷ-ରୁ=ଶବ୍ଦ କରିବା-ଉ, ଅ, ଅଣ୍ଡ) ଶୃଗାଳ, ଶିଆଳ ।

ଫେଲର, ବିଂ. (ଦେଶଜ) ବିସ୍ତୃତ ।

ଫେଲସ, ବିଂ. (ଦେଶଜ) ହୁଗୁଳା, ଶିଥିଳ; ଓସାର, ବିସ୍ତୃତ ।

ଫେଳା, ଫେଳୀ, } ବି. (ଫେଲ୍=ଗମନ-
ଫେଳକା, ଫେଳି, } କରିବା, ତ୍ୟାଗ କରିବା-
ଫେଳ, ଫେଳକ, } ଅ, ଆ, ଈ; ଇ-କ-ଯୋଗ) ଉଚ୍ଛିଷ୍ଟ, ଅଇଁଠାଦ୍ରବ୍ୟ; ତ୍ୟକ୍ତବସ୍ତୁ । [ଫେଳ (ଫେଳୀ) ଭୁକ୍ତ ସମୁଜ୍ଝିତଂ — ଅମର ।]

ଫେଶନ, ବି. ( ଇଂରାଜୀ ଶବ୍ଦ ) ସୌକିନ ବେଶଭୂଷା । ଯଥା—

ସେ ନ ମାନେ ଭାଇ ଫେଶନ ଚେହେରା । ଦ. ବା.

ଫେସାଦ, ବି. (ଯାବନିକ) କଳହ, ଝଗଡ଼ା ।

ଫୈରି, ବି. (ଗଡ଼ଜାତରେ) ଗୋଡ଼ର ବଳା ।

ଫୋଟକା, ବି. ( ସ୍ଫୋଟ ଶବ୍ଦଜ ) ବ୍ରଣ ବା ବଥ; ଅଗ୍ନି ଦାହରୁ ଜନିତ ବ୍ରଣ; ଜଳବୁଦ୍‌ବୁଦ । ଯଥା—

ପାଣିଫୋଟକା ପରି ନିମିଷେ ଯିବ ସରି,
ବାଧି ନବନ୍ଧ ଛଳେ ମେଣ୍ଟେ ନା ରେ । ଗୀତ ।

ଫୋଡ଼, ବି. ( ସ୍ଫୋଟ ଶବ୍ଦଜ ) ବ୍ରଣ । (ଦେଶଜ) ରନ୍ଧ୍ର ।

ଫୋଡ଼ଣୀ, ବି. ସ୍ତ୍ରୀ. ( ସ୍ଫୋଟନୀ ଶବ୍ଦଜ ) ଫୋଡ଼ିବା ଅସ୍ତ୍ରବିଶେଷ ।

ଫୋଡ଼ା, ବି. (ସ୍ଫୋଟ ଶବ୍ଦଜ) ବ୍ରଣ ବା ବଥ; ରନ୍ଧ୍ର କରିବା । ଯଥା—

ଅର୍ଜୁନ କାଣ୍ଡ କୁରୁ ସେନାଙ୍କ ଗଣ୍ଡିଫୋଡ଼ା,
କଲକ୍ଷଣି ପଛକୁ କାଢ଼ିଲେ ସେ ଭଡ଼ା । କୃ. ଭା. ଖି. ପ.

ବିଂ. ଯେ ଫୋଡ଼େ; ରନ୍ଧ୍ରଯୁକ୍ତ ।

ଫୋଡ଼, ବି. ( ଦେଶଜ ବା ସ୍ଫୋଟ ଶବ୍ଦଜ ) ଘାଆରେ ଅସ୍ତ୍ର କରିବା ।

ଫୋଡ଼ିବା, କ୍ରି. (ସ୍ଫୁଟ୍ ଧାତୁଜ) ଛିଦ୍ର କରିବା, ବିନ୍ଧି ଆରପାର କରିବା । ଯଥା—

ମାତଲି ବୋଇଲେ ବ୍ରହ୍ମଅସ୍ତ୍ରେ ବୁକୁ
ଫୋଡ଼ିଲେ ମରିବ ଭୁଜଙ୍ଗେ । ବି. ଗ୍ରି.

ଫୋଡ଼ିହେବା, କ୍ରି. (ଦେଶଜ ପ୍ରାୟ) କଣା ହେବା, ଛିଦ୍ରଯୁକ୍ତ ହେବା । ଯଥା—

ପ୍ରହ୍ଲାଦ ଉପରେ ଚଢ଼ାଇଲେ ନେଇ,
ଦନ୍ତାଗ୍ରେ ହସ୍ତିପାଦ ଗଲା ଫୋଡ଼ିହୋଇ ।
ନୃ. ପୂ. ସ. ଭ.

ଫୋପଡ଼, } ବି. (ଦେଶଜ) ପିଲାମାନେ
ଫୋପଡ଼ା, ଯେଉଁ କାଷ୍ଠଖଣ୍ଡ ନିକ୍ଷେପି ଗଛରୁ ଫଳ ଝଡ଼ାନ୍ତି । ଯଥା—

ନୃସିଂହ ସ୍ୱାମୀ ଆମ୍ଭ ମନ ବଢ଼ିବାପାଇଁ,
ଚୂତଫଳେ ଫୋପଡ଼ ଖଞ୍ଜିଲେ ଭବଗ୍ରାହୀ ।
ନୃ. ପୂ. ଭୂ. ଭ.

ଫିଙ୍ଗିବା, ନିକ୍ଷେପିବା; ଖେଳବିଶେଷ । ଯଥା—

ଆବର କେହୁ ଖେଳଇ ପଶା ନ୍ୟାସ୍ତବଳ,
ଗହ୍ମା ସାତପହଣ୍ଡି ଫୋପଡ଼ା ଗୁଣ୍ଡିମାଳ ।
ନୃ. ପୂ. ଭୂ. ଭ.

ଫୋପଡ଼ାଇବା, କ୍ରି. (ଦେଶଜ) ଫିଙ୍ଗାଇବା, ନିକ୍ଷେପ କରାଇବା ।

ଫୋପରା, ବିଂ. (ଦେଶଜ) ସଚ୍ଛିଦ୍ର; ଖୋଲୁଆ ।

ଫୋପାଡ଼ିବା, କ୍ରି. (ଦେଶଜ) ନିକ୍ଷେପିବା । ଯଥା—

କୁଚୁଲି ପାଡ଼ିଣ ଯେବେ ଧରିଣ ମାରନ୍ତି,
ଖଣ୍ଡାଟେକା କେହୁ ଦୂରୁହୁଁ ଫୋପାଡନ୍ତି । ସା. ଭା. ଆ.

ଫୋସ, ବି. (ଦେଶଜ) ନିଃଶ୍ୱାସ ପ୍ରଶ୍ୱାସ ଶବ୍ଦ; ସର୍ପଗର୍ଜ୍ଜନ ଶବ୍ଦ ।

ଫୌଜଦାରି, } ବି. (ଯାବନିକ) ଦଳବଦ୍ଧ
ଫୌଜଦାରୀ, ହୋଇ ମାରପିଟ କରିବା; ମାରପିଟର ବିଚାରାଳୟ ।

ଫୌତ, ବି. (ଯାବନିକ) ମୃତ୍ୟୁ, ମରଣ ।

# ବ

ବ, ବ୍ୟଞ୍ଜନମାଳାର ନବୋତ୍ତରିଂଶ ବର୍ଣ୍ଣ । ବି. ପୁଂ. ବରୁଣ; ସିନ୍ଧୁ; ତୋୟ; ଯୋନି; ବପନ; ବନ୍ଧନ; ଗମନ ।

ବଅ, ବି. (ଦେଶଜ) ସୂତ୍ରବିଶେଷ ।

ବଅଣା, ବି. (ବଚନ = ପ୍ରାକୃତ ବଅଣ ଶବ୍ଦରୁ ଜାତ) କାର୍ଯ୍ୟ କରାଇବାପାଇଁ କିମ୍ବା କୌଣସି ପଦାର୍ଥ କିଣିବାପାଇଁ ଯାହା (ଯେଉଁ ଧନ) ପ୍ରଥମେ ଦିଆ ଯାଇଥାଏ । (ଯାହାକୁ ପାରସ୍ୟ ଭାଷାରେ ବାୟନା କହନ୍ତି ।)

ବଅର, ବି (ବଦର ଶବ୍ଦଜ, ପ୍ରାକୃତ) କୋଳି-ବୃକ୍ଷବିଶେଷ । ଯେପରି—ବଅର କୋଳି ।

ବଇଁଚ, ବି. (ଦେଶଜ) ଚେମା ଖେଳରେ ଗୋଟିଏ କଉଡ଼ି ଚିତ୍ ହୋଇ ପଡ଼ିବା ଦାନ ।

ବଇଁଚ, ବହିଁଚ, } ବି. (ବିକଙ୍କତ ଶବ୍ଦଜ)
ବୈଞ୍ଚି, କୋଳିବୃକ୍ଷବିଶେଷ । ଯଥା—

ହିନ୍ତାଳ କେନ୍ଦୁ, ବରକୋଳି,
ବେଲ ବକୁଳ ବୈଞ୍ଚିକୋଳି । ବି. ପୁ.

ବଇଁଶି, ବଇଁଶୀ, ବି. ସ୍ତ୍ରୀ. (ବଂଶୀ ଶବ୍ଦଜ) ମୁରଲି । ଯଥା—

ଭୂଙ୍ଗ ବଇଁଶି ବାଦ୍ୟ ଯେତେ
ଢମକ ନିଶାଣ ସହିତେ । ଦା. ର.

ବଇଁଶିଆ, ବି. (ଦେଶଜ) ଯେ ବଂଶୀ ବଜାଏ । ଯଥା—

ନ ଶୁଭିବ ଯାଏ ବଲି ବଇଁଶିଆ
ଭଡଙ୍ଗିଆ ବଂଶୀ ଧ୍ୱନି । ଯ. କେ.

ବଇ, ବି. (ଦେଶଜ) କୁଡ଼ । ଯଥା—

ଦଧି ମାଛ ପୂର୍ଣ୍ଣକୁମ୍ଭ ଚୂତପତ୍ର ଡ଼ାଳ,
ମଝି ବଇରେ ମୁକୁଟ ଲେଖି ଚିତ୍ରକାର । ମ. ଫ.
ଘେର ଜମ୍ଭା ବାଡ଼ ।

ବଇଗୁନ୍ୟ, ବି. (ବୈଗୁଣ୍ୟ ଶବ୍ଦଜ) ବିଗୁଣତା, ବିକୃତତା । ଯଥା—

ମନ ବଇଗୁନ୍ୟ ହେଲେ ହୁଅଇ ନିଷ୍ଫଳ । ନୃ. ପୂ. ସ. ଭ.

ବଇଠା, ବୈଠା, ବି. ( ଦେଶଜ ) ପ୍ରଣାପ । ଯଥା—
ବାହ୍ୱା ଏବେ ରଥ କଣ୍ଠିରଅଠାକୁ,
ଦେଖାଇକର ମୋର ଶର ବଇଠାକୁ । କୃ.ଖ୍ର.ବି.ପ.
ଉପବେଶନ, ବସିବା ।

ବଇଠାଇବା, କ୍ରି. ( ଦେଶଜ ) ବସାଇବା । ଯଥା—
ବଇଠାଇବି ତାକୁ ଯମଙ୍କ ପୁରତେ,
ତାଠାରେ ଥାଏ କ୍ରୋଧ ମୋହର ନରତେ । କୃ.ଖ୍ର.ବି.ପ

ବଇଠାରୁ, ବଇଠର, ବି. (ଶଠାବ୍ଦ ଅର୍ଥବୋଧକ ବଠର ଶବ୍ଦଜ କମ୍ବା ଦେଶଜ) ସୁନାରିମାନଙ୍କର ଉପାଧି । ଯଥା—
ତେବେ ବୀରବଲ କହିଲ ସୁବଇଠାରୁ ଠାରୁ
କହିରସନାକୁ ଚଳାନ୍ତି ଗଲ କୋଠାରୁ ଠାରୁ । ସୁ.ଗ.

ବଇଠି, ବଇଠୀ, ବୈଠି, ବୈଠୀ, ବି. (ଦେଶଜ) ପାତ୍ରାଦିର ଅଧଃସ୍ଥ ଆଧାର । ଯେପରି —ବଇଠି ଡାଳ । ଆସନବିଶେଷ । ଯଥା—
ମୋର ଜାନୁ ବଇଠିକି,
ଦେଲ ବଳେ କର ମହାଦେବୀ ମୋର
ନ ଦିଅ ଲଜେ ପିଠିକି । ବି. ଚ. ମ.

ବଇତମ, ବି. (ଦେଶଜ) ପୁରାତନ । ଯଥା—
ମୋ ଜୀବନ ବୀଣାଯନ୍ତ୍ର ତାର ସ୍ୱରସ୍ତାନ ବଇତମ ଅଛି ।
ମୁ. ୧. ୫.

ବଇଦ, ବୈଦ, ବଇଦ୍ୟ, ବି. (ବୈଦ୍ୟ ଶବ୍ଦର ଅପଭ୍ରଂଶ) ବୈଦ୍ୟ, ଚିକିତ୍ସକ । ଯଥା—
ବଇଦସାହିକି ନ ଗଲୁ ତୁହି,
ଜାଣୁ ଜାଣୁ ଦେହ ଦେଲୁ ବଢ଼ାଇ । ହ୍ୱା. ଚ.
ତନ୍ନାମଧେୟ ଶୂଦ୍ରଜାତିବିଶେଷ ।

ବଇଭୋଗ, ବି. (ବୈଭୋଗ ଶବ୍ଦର ଅପଭ୍ରଂଶ କମ୍ବା ବୈଭବ ଶବ୍ଦଜ) ଐଶ୍ୱର୍ଯ୍ୟ । ଯଥା—
ନୁହନ୍ତି ରାଜପଣେ ଯୋଗ୍ୟ,
ଆମ୍ଭର ଦେଲ୍ଲ ବଇଭୋଗ । ଖ୍ର. ଦ. ସ୍କ.

ବଇରାଗ, ବି. ( ବିରାଗ ଶବ୍ଦର ଅପଭ୍ରଂଶ ) ବିରକ୍ତି । ଯଥା—
ଗୃହକରଣ କାମଭୋଗ,
ତୁମ୍ଭର ମନ ବଇରାଗ । ଖ୍ର ଦ. ସ୍କ.

ବଇରାଗି, ବଇରାଗୀ, ବି. ( ବିରାଗୀ ଶବ୍ଦର ଅପଭ୍ରଂଶ ) ବିରାଗବନ୍ତ ବା ଯୋଗୀ । ଯଥା—
ବିମ୍ବ ବିରାଗରେ ବଇରାଗି ବେଶ
ଧରିଲ ଭସ୍ମ ବିଲେପନେ । ବି. ଚ. ମ.

ବଇର, ବି. (ବୈଶ୍ୱ ଶବ୍ଦର ଅପଭ୍ରଂଶ) ଶତ୍ରୁ; ପକ୍ଷୀବିଶେଷ । ଯଥା—
ବଇରକ, ବାଦେ କପୋତ ନକ ସଣ । ବୈ. ବି.

ବଇରୋଷ, ବି. ( ବିଶେଷ ରୋଷ—ଏଥିରୁ ଉତ୍ପନ୍ନ) ଦ୍ୱେଷ । ବି°. ବିଦ୍ୱେଷୀ । ଯଥା—
ପ୍ରୀତି ଉପୁଜାଇବା ନୋହିବା ବଇରୋଷ,
ତୁହି ଶୁଭେ ଥିଲେ ପଛେ ଉପୁଜିବ ବଂଶ । ନୃ.ପୁ.ପ.ତ.

ବଇଲ, ବି. ( ବଳୀବର୍ଦ୍ଦ ଶବ୍ଦଜ, ପ୍ରାକୃତ ) ବଳଦ । ଯଥା—
ବହୁତର ବଇଲ ଯେ ମଇଁଷୀ ଲଦନେ,
ଅନେକ ଯେ ସରଞ୍ଜାମ ବହିଛନ୍ତି ଜନେ । ସା.ଖ୍ର.ବି.ପ.

ବଉଁସ, ବି. ( ବଂଶ ଶବ୍ଦଜ ) ବଂଶ, କୁଳ, ଗୋତ୍ର ।

ବଉ, ବି. (ବଧୂ ଶବ୍ଦଜ, ପ୍ରାକୃତ) ପୁତ୍ରବଧୂ; ପୁତ୍ରର ଭାର୍ଯ୍ୟା ।

ବଉଦ, ବଉଧ, ବି. (ବୌଦ୍ଧ ଶବ୍ଦଜ) ବୌଦ୍ଧ; ବୌଦ୍ଧାବତାର । ଯଥା—
ବଉଦ କଲଙ୍କି ମିଶି ଦଶ ଅବତାର । ନୃ. ସ୍ତୁ. ତୃ. ଭ.
(ବାରିଦ ଶବ୍ଦଜ) ମେଘ । ଯଥା—
ବାରୁଣୀ ଗଗନ ଧରିଛୁ କିବା ବଚନ ବର୍ଣ୍ଣି,
ଭସିଯାଉଛନ୍ତି ଆକାଶେ କଳା ବଉଦଗଣ । ଉ. ସା.

ବଉଳ, ବି· (ବକୁଳ ଶବ୍ଦଜ, ପ୍ରାକୃତ) ବକୁଳପୁଷ୍ପ; ଆମ୍ବଗଛର ଫୁଲ । ଯଥା—
ଯେସନେ ଚୂତବୃକ୍ଷ ଥାଇ,
ତହିଁ ବଉଳ ବଉଳଇ । ଦା. ର.

ବଉଳଝରା, ବଉଲାଝରା, ବି. ( ଦେଶଜ ) ରଥ ଓ ରାଜପ୍ରାସାଦାଦିରେ ମଣ୍ଡିତ ହେବା ମାଳା । ଯଥା—
ଗୃହେ ମଣିମୟ ଗୃଳ, ବଉଲଝରା ପ୍ରବାଳ ।
କୋ· ବ୍ର· ସୁ·
ଉଚ ଶତାଙ୍ଗ କୁଚ ବଉଲ'ଝରା ଯେ,
ନଷ୍ଟେ ଭୂଷା ବିଦ୍ରୁମମାଳିକା ଝରା ଯେ । କୋ. ବ୍ର. ସୁ.
ବଉଳଫୁଲର ଗନ୍ଧ ।

ବଉଳା, ବି°. (ଦେଶଜ) ବଉଳପୁଷ୍ପର ବର୍ଣ୍ଣବିଶିଷ୍ଟ ।

ବଉଳାମାଳା, ବି. ( ଦେଶଜ ) କବାଟରେ ଖୋଦିତ ହେବା ମାଳାକାର କମ୍; ବଉଳଫୁଲର ମାଳା ।

ବଉଳ, ବାଉଳ, ବି. (ଦେଶଜ) କର୍ଣ୍ଣାଳଙ୍କାର ବିଶେଷ । ଯଥା—
କେଉଁ ଶୋଭା ଧରେ ଗୋରୁ କର୍ଣ୍ଣଯୁଗେ ହୀରବଉଳ । ଉଷା ।

ବଉଳିବା, କ୍ରି. (ଦେଶଜ) ଆମ୍ରଗଛରେ ପୁଷ୍ପ ହେବା; ପୁଷ୍ପ ପତ୍ରାଦି କଅଁଳିବା । ଯଥା—
ବଉଳିଛି ବନେ ପିଆଳ ବିଟପୀ ମାତ୍ର ବାନ୍ଧନାହିଁ ରଜ । ଉର୍ବଶୀ ।

ବଂହିମା, ବି. (ବଂହିମନ୍ = ବହୁଳ-ଇମନ୍-ଭାବାର୍ଥେ) ବାହୁଲ୍ୟ ।

ବଂହିଷ୍ଠ, ବଂହୀୟାନ୍, ବିଂ. (ବହୁଳ-ଇଷ୍ଠ, ଇୟସ୍) ଅତି ବହୁଳ ।

ବକତ, ବି. (ହିନ୍ଦୀ) ସମୟ ।

ବକତର, ବକ୍ତର, ବି. (ହିନ୍ଦୀ) ସାଞ୍ଜୁ । ଯଥା—
କବଚ କବାଇରଗଜରଟୋପି ବକତର ଏହିପ୍ରକାର । ଲା. ବ.

ବକବକ, ବି. (ଦେଶଜ) ଅସ୍ଫୁଟରେ ବିଶେଷ କହିବା; ଏଣୁ ତେଣୁ ଗୁଡ଼ାଏ କହିବା ।

ବକବକହସିବା, କ୍ରି. ବିଶେଷ ହସିବା ।

ବକବକିଆ, ବିଂ. (ଦେଶଜ) ଯେ ଅସ୍ଫୁଟରେ ବିଶେଷ କହେ ।

ବକମ, ବି. (ଦେଶଜ) ରକ୍ତବର୍ଣ୍ଣ କାଷ୍ଠବିଶେଷ ବା ଏକପ୍ରକାର ଗଛ, ଏଥିରେ ରଙ୍ଗ ତିଆରି କରନ୍ତି ।

ବକୟା, ବକେୟା, ବି. (ଯାବନିକ) ଅବଶେଷ ବା ବାକି ।

ବକର, ବି. (ଦେଶଜ) କପାବୃକ୍ଷର ଫଳ । (କର୍କର ଶବ୍ଦଜ) ମେଣ୍ଢା ।

ବକରୀ, ବି. ସ୍ତ୍ରୀ. (ବର୍କରୀ ଶବ୍ଦଜ) ଛାଗୀ ।

ବକର୍ଣ୍ଣା, ବି. ସ୍ତ୍ରୀ. (ଦେଶଜ) ଅଳ୍ପବୟସ୍କା ଗାଈ; ବାଛୁରିକୁ ଦୁଧ ଛଡ଼ାଇ ଦେଇଥିବା ଗାଈ ।

ବକର୍ଣ୍ଣାଦୁଧ, ବି. (ଦେଶଜ) ସଦ୍ୟଃପ୍ରସୂତା ଗାଈର ଦୁଗ୍ଧ ।

ବକଳ, ବି. (ବଳ୍କଳ ଶବ୍ଦର ଅପଭ୍ରଂଶ ବା ପ୍ରାକୃତ ବଲ୍କଲରୁ ଜାତ) ଗଛର ଛାଲି । ଯଥା—
ସାତ ବକଳ ଦେହରେ ଜଡ଼ି,
ଅଷ୍ଟମ ଡାଳେ ଛନ୍ଦି ବେଢ଼ି । ଭା. ଦା. ସ୍କ.

ବକଶିଶ, ବକସିସ୍, ବି. (ଯାବନିକ) ପାରିତୋଷିକ । ଯଥା—
ଦର୍ଶିଦାର ଆଏ ପଛରେ ଧାଇଁ,
ବକସିସ ଫିସ ନେବାରପାଇଁ । ଉ. ସା.

ବକସି, ବକ୍‌ସୀ, ବି. (ଯାବନିକ) ଉପାଧିବିଶେଷ; ନାଜିରଙ୍କ ଅଧୀନ କର୍ମଚାରୀ; ସେନାପତି ।

ବକା, ବି. (ବଚ୍ ଧାତୁଜ) କହିବା । (ଦେଶଜ) ନିର୍ବୋଧ । ଯଥା—
ସ୍ୱାମୀ ତାର ଉଚ୍ଚରବେ ଚମକି ଉଠିଲି,
ବକା ପରି ହୋଇ ଜଳଜଳ ଚାହିଁ ଥିଲି । ବେ.ପ.

ବକାଇବା, କ୍ରି. (ବଚ୍ ଧାତୁଜ) କୁହାଇବା, ବାଦନ କରିବା ।

ବକାବକ, ବି. (ଦେଶଜ) ଗଳ୍ପ, ଗୁଡ଼ାଏ କହିବା ।

ବକିବା, ବକିହେବା, କ୍ରି. (ବଚ୍ ଧାତୁଜ) ଗୁଡ଼ାଏ କହିବା । ଯଥା—
ଈଶାଣ କୋଣରେ ଅଇଁଠା ରଖେ,
ଗୁରସ୍ତ କହିଲେ ଯାହା ତା ବକେ । ହା. ଚ.

ବକେୟା, ବି. (ଯାବନିକ) ବାକି, ଅବଶେଷ ।

ବଙ୍କଡ଼ଉଁରୀ, ବଙ୍କାଡ଼ଉଁରୀ, ବି. (ଦେଶଜ) ଶିରୋଭୂଷଣବିଶେଷ । ଯଥା—
ବିଭୂଷି କଆପଟି ମୋଢ଼ ଜାଲି,
ଶିଖିନେ ତମାଳର କବା ଝଳି ।
ବନ୍ଧନକୃତ ପାଶ ଜାଲ ଦୁଇ,
ବିଶିଖ ଝରିକାଠିକି ଦେଖାଇ ।
ବଙ୍କଡ଼ଉଁରୀ ହିଁ ଧନୁ ଯେ,
ବାନ୍ଧିବ ଧୈର୍ଯ୍ୟମୃଗକୁ ବାନ୍ଧିବାକୁ
ଏଠାରେ କରେ ଅଛନ୍ତି ଯେ । ବୈ. ବି.

ବଖଡ଼, ବି. (ଦେଶଜ) ଗୋଳମାଳ ବା କଳହ । ଯଥା—
ଯେତେବେଳେ ବଖଡ ହୁଅନ୍ତି ଉନ୍ନ ଖାଇ,
ଘରର ଦ୍ରବ୍ୟସାକ କରନ୍ତି କୁଚ ନେଇ । ନୃ.ପୁ.ଭୃ.ତ.

ବଖଡ଼ିଆ, ବିଂ. (ଦେଶଜ) ହଇରାଣକାରୀ; କଳହା ।

ବଖରା, ବି. (ପକ୍ଷାଗାର ଶବ୍ଦଜ) ଗୃହର ପ୍ରକୋଷ୍ଠ । ଯଥା—
ଶତେକ ବଖରା ଚଉରି,
ଡୋଳାଇ ଅଛି ସବୁ କରି । ଦା. ର.
ବାଣ୍ଟ ବା ଭାଗ ।

ବଖାଣ, ବି. ( ବକ୍ଷ୍ୟମାଣ ଶବ୍ଦଜ ) କଥନ ।
ଯଥା—
ଏଣୁ କର ରାମ ଚରିତ ବଖାଣ,
କରିବାକୁ ହେଲା ମନ । ବି. ରା.

ବଖାଣିବା, କ୍ରି. (ବକ୍ଷ୍ୟମାଣ ଶବ୍ଦଜ) କହିବା ।
ଯଥା—
ଅନୁକ୍ଷଣେ ମୋତେ ଚୋପୁଥିଲେ ମୋର
ସୁନ୍ଦରପଣ ବଖାଣି । ପାର୍ବତୀ ।

ବଖାରି, ବି. (ଦେଶଜ) ବଂଶଶଳାକା ।

ବଖିଲ, ବିଂ. (ଯାବନିକ) କୃପଣ ।

ବଗ, ବି. (ବକ ଶବ୍ଦଜ) ବକପକ୍ଷୀ ।

ବଗଚର, } ବି. ସଡ଼କ ବା ରାସ୍ତା ପାର୍ଶ୍ୱରେ
ବଗଚରା, } ଯେଉଁ ସ୍ଥାନରୁ ମାଟି ଖୋଳା ହୋଇ ସଡ଼କରେ ପଡ଼େ, ସାଧାରଣତଃ ସେଠାରେ ଖାଲ ହେବାରୁ ଅଳ୍ପ ଅଳ୍ପ ପାଣି ରହେ ଏବଂ ମାଛ, ଗେଣ୍ଡା ଖୋଜିବା ଉଦ୍ଦେଶ୍ୟରେ ସେଠାରେ ବଗମାନେ ବସନ୍ତି, ଏଥିଯୋଗୁଁ ତାକୁ ବଗଚର ବା ବଗଚରା ବୋଲାଯାଏ ।

ବଗଡ଼, ବି. (ଦେଶଜ) ଜାରଜ; ଅଶ୍ଳୀଳଭାଷୀ; ଶୁଷ୍କ ବୃକ୍ଷାଦି ଥିବା କୃଷିଯୋଗ୍ୟ ପାର୍ବତୀୟ ସ୍ଥାନ ।

ବଗଡ଼ା, ବିଂ. (ଦେଶଜ) ମୋଟ (ଚାଉଳ ଶବ୍ଦରେ ପ୍ରଯୋଜ୍ୟ) । ଯଥା—
ଯାକୁ ମିଳଇ ଦିବ୍ୟ ଶାଳିଅନ୍ନ,
ତାର ବଗଡ଼ା ଭାତେ କାହିଁ ମନ । ଗୋ. ଭା.

ବଗଲ, ବଗଳ, ବି. (ପାରସୀସ୍ଥ) ବାହୁମୂଳ ।

ବଗଲବଜା, ବି. ( ଦେଶଜ ) ହେଣ୍ଡିମାରିବା, ସନ୍ତୁଷ୍ଟ ବା ଆନନ୍ଦିତ ହେବା; ଜୟୀ ହେବା ।

ବଗଫୁଲ, ବି. (ଦେଶଜ ବା ବଗପୁଷ୍ପ ଶବ୍ଦଜ) ଏକଜାତି ଫୁଲ, ବକପୁଷ୍ପ ।

ବଗା, ବକା, ବି. (ଦେଶଜ) ନିର୍ବୋଧ ।

ବଗାଣ, ବି. (ଦେଶଜ) ଏକପ୍ରକାର ମୋହନ-ବିଦ୍ୟା । ଯଥା—
ସ୍ତମ୍ଭନ ମୋହନ ଯେ ମାରଣ ଉଚ୍ଚାଟନ,
ଧରଣ ଧାରଣ ଲେପ ଗାରେଡ଼ି ବଗାଣ । ସ. ସା.

ବଗି, ବଗୀ, ବି. ( ଦେଶଜ ) ଘୋଟକଚାଳିତ ଯାନବିଶେଷ ।

ବଗିଚା, ବି. (ଯାବନିକ) ଉଦ୍ୟାନ ।

ବଗିରାମ, ବଗି, ବି. (ଦେଶଜ) ପକ୍ଷିବିଶେଷ ।
ଯଥା—
କପୋତ ପାରିବତ ଟିଟିଭ ଗେଣ୍ଡାଳିଆ,
ବଗିରାମ ବଗି ମିଣି କେସର ପାଣ୍ଡିଆ । ନୃ. ସୁ. ପ. ତ.

ବଗୁଲ, ବି. ( ଦେଶଜ ) ଏକପ୍ରକାର ପକ୍ଷୀ । (ଚେଣ୍ଟୁଆ ଶବ୍ଦ ଦେଖ । )

ବଗୁଲିଆ, ବିଂ. (ଦେଶଜ) ଠକ ବା ପ୍ରବଞ୍ଚକ ।

ବଗୁଲି, ବି. ସ୍ତ୍ରୀ. (ଦେଶଜ) ମାଈ ବଗ ।
ଯଥା—
ବନସ୍ତ ଝକମକଇ ଲୋ କଏସେ ଭାଙ୍ଗଇ ଜାଲ,
ବଗ ପଚାରଇ ବଗୁଲି ଲୋ ସଞ୍ଜ ହେଲା ଯିବା ଚାଲ ।
ଉ. ସା.

ବଘଲ, ବି. (ଦେଶଜ) ରାଜବଂଶବିଶେଷ ।

ବଘାର, } ବି. (ଦେଶଜ) ବ୍ୟଞ୍ଜନାଦିକୁ ଘୃତ
ବଗାର, } ମସଲାଦ୍ୱାରା ସୁସ୍ୱାଦକରଣ ଅର୍ଥାତ୍ ଛୁଙ୍କ ।

ବଘାରିବା, } କ୍ରି. ( ଦେଶଜ ) ବ୍ୟଞ୍ଜନାଦି
ବଗାରିବା, } ଛୁଙ୍କିବା । ଯଥା—
ପିଷ୍ଟ ଧନ୍ୟାକ ରସରେ ରାନ୍ଧିଦେଇ ଘୃତ,
ବଘାରିଲେ ହୋଇଥାନ୍ତି ଏମାନେ ଅମୃତ । ବୃ. ସୁ.

ବଘିବା, କ୍ରି. (ଗଡ଼ଜାତରେ) ଚଢ଼ିବା ।

ବଙ୍କା, ବି. (ବକ୍ର ଶବ୍ଦଜ) ଜଟିଳ । ଯଥା—
ସସ୍ମିତେ କହଇ ବଙ୍କା ବଙ୍କା ବାଣୀ । ଦ. ବା.
ବକ୍ର । ଯଥା—
ସହସ୍ର ସଙ୍ଖ୍ୟା ଗନ୍ଧର୍ବେ ଯେବେ ହେବେ ଗୋଟି,
ନ ପାରିବେ ବଙ୍କା କରି ମୋ ରୁମଟି । କୃ. ଭ. ବି. ପ.

ବଙ୍କାଳୀ, ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । (ଚେନ୍ତାଳୀ ଶବ୍ଦ ଦେଖ । )

ବଙ୍କି, ବି. (ଦେଶଜ) ଫୁଲନାଡ଼ । ଯଥା—
ବଙ୍କିକ ହର ଖୋଜଲେ ନ ପାଇ ବମଛ,
ବଙ୍କିମନସ୍ଥନା ମୋର ହୋଇଲା ଏମନ୍ତ । ବୈ. ବି.
ବଙ୍କିମ, ବି. (ବଙ୍କିମନ୍ ଶବ୍ଦଜ) ବକ୍ର ।
ବଙ୍କୁ, ବିଂ. (ବକ୍ର ଶବ୍ଦଜ) ବକ୍ର; କୁଟିଳ । ଯଥା—
ବଙ୍କୁନେତ୍ରୀକ ଏରୂପେ ବନସ୍ଥରେ
ବୋଧିଣ ପୁରୁଷବର । ପ୍ରେ.ସୁ.ନି.
ବଚ, ବି. (ବଚ୍ଚ ଶବ୍ଦର ଅପଭ୍ରଂଶ) ଔଷଧ ଦ୍ରବ୍ୟବିଶେଷ ।
ବଚସା, ବି. (ବଚସ୍ ଶବ୍ଦଜ) ବାକ୍‌ଯୁଦ୍ଧ, ବିତଣ୍ଡା, ବାକ୍ୟବ୍ୟୟ ।
ବଚ୍ଚ, ବି. (ହିନ୍ଦୀ) ପିଲା ।
ବଚୁଆ, ବି. (ଦେଶଜ) ମତ୍ସ୍ୟବିଶେଷ ।
ବଛର, ବି. (ବତ୍ସର ଶବ୍ଦଜ) ବର୍ଷ ।
ବଛା, ବି. (ଦେଶଜ) ବାଛିବା । (ବତ୍ସ ଶବ୍ଦଜ) ପୁତ୍ର । ଯଥା—
ଏଣୁ ଋଷିମାନେ ବୋଲନ୍ତି ଦେବବଛା,
ଜ୍ଞାନର ଚକ୍ଷୁକ୍ଷୀର ପିବନ୍ତି ମନଇଚ୍ଛା । ନୃ.ପୁ.ତୃ.ତ.
(ବତ୍ସା ଶବ୍ଦଜ ପ୍ରାକୃତ) ବାଛୁରି । ଯଥା—
ଯେତେ ଅଛନ୍ତି ବଛା ଘରେ,
ଅମ୍ଭେ ରଖିବୁଁ ନନ୍ଦାଖରେ । ଖ୍ଵ. ଦ. ସ୍ୱ.
(ଦେଶଜ) ବିଂ. ପ୍ରଥମେ ବାଛିଥିବା ।
(ଗଡ଼ଜାତ) ଅଣ୍ଡିରା ।
ବଛସ, ବଛସ, ବତ୍ସସ, } ବି. ( ଦେଶଜ ) ବୈଦିକ ବ୍ରାହ୍ମଣବିଶେଷ । ଯଥା—
ବତ୍ସସ ବୈଦିକ ଘାସି ସାରୁଆ ହଳଆ,
ଭଞ୍ଜମିଶ୍ର ପଣ୍ଡା ପାଢ଼ୀ ପଢୀ ଦେଉଳଆ । ଉ.ସା.୮.୯.
ବଛି, ବତ୍ସି, ବି. (ବତ୍ସ ଶବ୍ଦଜ) ପୁତ୍ର । ଯଥା—
ଏଥିଅନ୍ତେ ମାଦ୍ରୀଦେବୀଙ୍କ ସାନ ବଛି,
ଚଲଣାଟିଏ ପିନ୍ଧି ହେଲେ କାଛିକୁଛି । କୃ. ଖ୍ଵ. ବ. ପ.
ଯାହାଁ ବଜସ୍ଥ ନନ୍ଦବତ୍ସି,
ପଦ୍ମଜ ସମସ୍ଥ ହୋଇଛି । ଦା. ର.
କନ୍ୟା । ଯଥା—
ଭୀମ ବୋଇଲେ ଗୋ ଦ୍ରୁପଦଙ୍କ ବଛି,
ଯାହା କହୁଅଛ ତାହା ମୁଁ ମାନୁଛି । କୃ.ଖ୍ଵ.ବ.ପ.

ବଛୀ, ବି. ସ୍ତ୍ରୀ. (ଗଡ଼ଜାତରେ) ମାଈ, ସ୍ତ୍ରୀ ଜାତି ।
ବଜନ୍ତି, ବିଂ. (ଗଞ୍ଜାମ ଅଞ୍ଚଳରେ ବ୍ୟବହୃତ) ଠିକଠାକ କରି ନାନା କଥା କହିବା ।
ବଜବଜ, ବି. (ଦେଶଜ) ବିଶେଷ କହିବା ।
ବଜବଜହେବା, କ୍ରି. ( ଦେଶଜ ) ବିଶେଷ କହିବା । ଯଥା—
ତାହାଙ୍କୁ ଦେଖି ସର୍ବେ ଖଣ୍ଡିବା ପାପ ଆଜ,
ଶକୁନି ବୋଲେ କେତେ ହେଉଛ ବଜବଜ ।
ନୃ. ପୁ. ସ. ତ.
ବଜା, ବି. (ଦେଶଜ) ବାଦ୍ୟ ବଜାଇବା; ସ୍ପର୍ଶ; ଆଘାତ । ବିଂ. ଆହତ, ଆଘାତ ପାଇଥିବା । ଯଥା—
ମହାବାତ ବଜା ବୃକ୍ଷପ୍ରାୟେ ହୋଇ,
ତୁମ୍ଭ ସୈନ୍ୟଯାକ ପଡ଼ିଲେ ଯୁଦ୍ଧେ ଶୋଇ ।
କୃ. ଖ୍ଵ. କ. ପ.
ବଜା, ବଜାଣି, ବି. (ଦେଶଜ) ବଜାଇବା । ଯଥା—
ବୃହନ୍ନଳା ମାଦଳ ବଜା ଗୁଡ଼ିକରି,
ବୋଇଲେ ଶୁଣ ଆଗୋ ସୈରନ୍ଧ୍ରୀ ସୁନ୍ଦରୀ । କୃ.ଖ୍ଵ.ବି.ପ.
ପ୍ରପଦେ ଦେଲେ ଝୁଣ୍ଟିଆ ବାଜେଣି,
ବଜାଣି କାହିଁକି ଏଡ଼େ ସାଜେଣି । ଲା. ବ.
ବଜାଇବା, କ୍ରି. (ଦେଶଜ) ବାଦନ କରିବା । ଯଥା—
ତା ମନ ରଞ୍ଜାଇ ନାଗରୀ ବଜାଇ
ସୁରଙ୍ଗେ ମଜ୍ଜାଇଦେବ । ବି. ଚ. ମ.
ଆଘାତ କରିବା: ସ୍ପର୍ଶ କରିବା ।
ବଜାବଜି, ବି. (ଦେଶଜ) ଅନ୍ୟୋନ୍ୟରେ ସ୍ପର୍ଶ କରିବା । ଯଥା—
ସେ ବୃକ୍ଷମାନେ ବଜାବଜି ହେବା ଘାତେ,
ଅଗ୍ନି ଜାତ ତହୁଁ ହୋଇଲେ ଭୂଇଁତେ । କୃ.ଖ୍ଵ.ଆ.ପ.
ବଜାୟ, ବି. (ପାରସ୍ୟ) ରକ୍ଷା, ପୁନଃସ୍ଥାପନ; ପୁନଃପ୍ରତିଷ୍ଠା ।
ବଜାର, ବି. ( ଯାବନିକ ) ନାନା ଦ୍ରବ୍ୟ ବିକିବା ସ୍ଥଳ । ଯଥା—
ତୁମ୍ଭେ ଅଲଙ୍କାର ଘେନି ବଜାରକୁ ଯିବ,
ବିକିବ ବେଲି ବଣିଆ ଆଗରେ କହିବ । ବେ. ପ.
ବଜାରବୁଲି, ବି. ସ୍ତ୍ରୀ. (ଦେଶଜ) ବଜାରରେ ବୁଲିବା ସ୍ତ୍ରୀ । ଯଥା—
ବଜାରବୁଲି ହାଟ ଗ୍ୟେରଣୀ ଯେତେ ଲୋକ,
ତାଙ୍କ ଆଗେ କାନ୍ଦି ହୁଅଇ ସକସକ । ନୃ. ପୁ. ତୃ. ତ.

ବଜାରି, ବଜାରୀ, ବିଂ. (ଯାବନିକ) ବଜାରରେ ଥିବା ଲୋକ; ଅସମ୍ଭ୍ରାନ୍ତ ବା ନୀଚ ।

ବଜାରିଆ, ବିଂ. (ଦେଶଜ) ନୀଚ ବା ଯେ ଭଲ ମନ୍ଦ ନ ବିଚାରି ବକ ହୁଏ ।

ବଜାରହେବା, କ୍ରି. (ଦେଶଜ) ବକ ହେବା । ଯଥା—

କେ ବୋଲେ ଏହୁ ବଜାର,
କେତେ ହେଉଛୁ ବଜାର,
ପଇସା ପକାଇ                ମାରିସାରନ୍ତାନି
ନ ଥିଲେ ସାହେବ ଜାଣ ।

ବଜ୍ଜାତ, ବି. (ଯାବନିକ) ଜାରଜ, ବେଜନ୍ମା ।

ବଜ୍ରମୁଳ, ବଜରମୁଳ, } ବି. (ବଜ୍ରମୂଳ ଶବ୍ଦଜ) ସ୍ୱନାମ-ପ୍ରସିଦ୍ଧ ଔଷଧି ଗୁଳ୍ମ ।

ବଞ୍ଚ, ବି. (ଦେଶଜ) ସକଟା ଖେଳର ଏକ ଦାନ ।

ବଞ୍ଚକ, ବି. (ଦେଶଜ) ଅନ୍ନସଂସ୍ଥାନଦ୍ୱାରା ଜୀବିତ । ଯଥା—ମୁଁ କପରି ବଞ୍ଚକ ହେବି ।

ବଞ୍ଚା, ବି. (ଦେଶଜ) ବଞ୍ଚାଇବା । ବିଂ. ଯେ ବଞ୍ଚାଏ ।

ବଞ୍ଚାଇବା, କ୍ରି. (ଦେଶଜ) ପାଳନ କରିବା । ଯଥା—

ଜଳରେ ଲୁଚାଇ ଅଗ୍ନିକି ବଞ୍ଚାଇ
ମୋହରେ ସଞ୍ଚାଇବାର ହେବ । ବି.ଚ.ମ.

ଜିଆଁଇବା । ଯଥା—

ରସନାଧରେ ଏ ବାଧରେ ବଞ୍ଚାନ୍ତ
ଘୁଞ୍ଚାନ୍ତ ଅଳପ ତାପକୁ । ବି.ଚ.ମ.

ସହିବା, ସମ୍ଭାଳି ନେବା । ଯଥା—

ଉଞ୍ଚାଇ ପଛ ବେନି ପାଦ,
ପିଟିଲା ଗୋବିନ୍ଦର ହୃଦ ।
ଗୋବିନ୍ଦେ ବଞ୍ଚାଇଲେ ତାହା,
ବଜ୍ରହୁଁ ଅଣ୍ଟ ଯାର ହୁଆ । ଭା. ଦ. ସ୍କ.

(ବନ୍ଚ୍ ଧାତୁଜ) ପ୍ରତାରଣ କରିବା ।

ବଞ୍ଚିବା, କ୍ରି. (ବନ୍ଚ୍ ଧାତୁଜ) ଜିଇଁବା; କଷ୍ଟରୁ ଉଦ୍ଧରିବା । ଯଥା—

ତହୁଁ ବଞ୍ଚିଲ ପୁଣ୍ୟବଳେ,
ମିଳିଲ ଯାଇ ମଞ୍ଚାତଳେ । ଭା ଦ. ସ୍କ.

କାଳକ୍ଷେପ କରିବା । ଯଥା—

ଆନନ୍ଦେ କରି ମୋ ଉତ୍ସବ,
ଦିବସ ରଜନୀ ବଞ୍ଚିବ । ଭା. ଏ. ସ୍କ.

ବଟକଣ୍ଡି, ବଟଖଣ୍ଡି, } ବି. (ଦେଶଜ) ତୌଲର ପରିମାଣବୋଧକ ପ୍ରସ୍ତରାଦି ।

ବଟା, ବି. (ଦେଶଜ) ଭଣ୍ଡିବା; ସାନ ଥାଳ ବା ତାମ୍ବୁଳାଦି ପାତ୍ର । ଯଥା—

କର୍ପୂର ତାମ୍ବୁଳ ରତ୍ନବଟାରେ ଥୋଇ । ର. କ.

ଟଙ୍କାଆଦି ଭଙ୍ଗାଇଲେ ଅର୍ଥାତ୍ ଟଙ୍କାଆଦି ଦେଇ ପଇସା ବଦଳାଇଲେ ଯାହା ଅଧିକ ଦେବାକୁ ପଡ଼େ; ଉପରି ଦେବା ଧନ । ଯଥା—

ଏବେ ଯେ ମୋର ମୂଳେ ସେ କଥା ବୁଝାଇ,
ଟଙ୍କାକ ସ୍ଥଳରେ ଦୁଇଅଣା ବଟା ଯାଇ । କୃ.ପୂ.ପ୍ର.ଭ.

ବାଟିବା; କଳଙ୍କ । ଯଥା—ବୃଥାରେ ତାଙ୍କୁ ବଟା ଲାଗିଲା । ବିଂ. ବାଟିଥିବା ।

ବଟାବଟି, ବି. (ଦେଶଜ) ଠକାଠକି । ଯଥା—

ଅଳପ କଥା ହେଲେ ରଜାକୁ ନ କହ,
ନ କରି ବଟାବଟି ଜାଣି କହୁଥାଇ । କୃ. ଭା. ଦ୍ୱ. ପ.

ବାଟିବା ।

ବଟାବଟିକରିବା, କ୍ରି. (ଦେଶଜ) ବାଟିବା; ଠକିବା । ଯଥା—

ବଟାବଟି କରି ଆଣି ଏଣେ,
ହଟହଟା କରି ଗଲେ କେଣେ ।

ବଟାଳି, ବଟାଳୀ, ବି. (ଦେଶଜ) ବାଟିବା ଲୋକ । (ପତପାଳୀ ଶବ୍ଦଜ) ଅସ୍ତ୍ରବିଶେଷ, ଏକପ୍ରକାର ଲଢ଼ାଣ ।

ବଟିଆ, ବି. (ବର୍ତ୍ତିକା ଶବ୍ଦଜ, ପ୍ରାକୃତ) ଭୂତାଦି ଭୟ ନିବାରଣାର୍ଥ ଔଷଧ ଧରିବାପାଇଁ ତାମ୍ରାଦି ସଂପୁଟ । ବିଂ. ଯେ ଠକି କହୁଥାଏ ।

ବଟିବା, କ୍ରି. (ଦେଶଜ) ଭଣ୍ଡିବା, ଠକିବା ।

ବଟୁଆ, ବି. (ଦେଶଜ) ବହୁ ସ୍ତରଯୁକ୍ତ ବସ୍ତ୍ର-ନିର୍ମିତ ଥଳିବିଶେଷ । ଯେପରି—ପାନ-ବଟୁଆ ।

ବଡ଼, ବଡ଼ିଇ, ବିଂ. (ବୃହତ୍ ଶବ୍ଦଜ, ପ୍ରାକୃତ) ବୃହତ୍ । ଯଥା—

ତୁମ୍ଭ ମଧ୍ୟେ ସାନ ବଡ଼ ନାହିଁ କେହି । ଦ. ବା.

ଶ୍ରେଷ୍ଠ । ଯଥା—

ବିକେ କଣେ ଯେ ଯାହାକୁ ସ୍ନେହେ,
ବଡ଼ ତାଠାରୁ ଜୀବନ ନୁହେ । କ. ଚ. ଚ.

ଅତ୍ୟନ୍ତ । ଯଥା—

ଆଜି ଆମ୍ଭର ନବଡ଼ ଅସନ୍ତୁଷ୍ଟ ସେ ଯେ ବଡ଼ ।
କ. ଚ. ଚ.

ଶୀକାରେ ଅଛ ମୋର ସର,
ଗନ୍ତିଷ୍ଟି ବଡ଼ଇ ଅନ୍ଧାର । ଭା. ଦ. ସ୍କ.

ବଡ଼ଆଠ, } ବି. (ଦେଶଜ) ଏକପ୍ରକାର
ବଡ଼ରେମା, } ଖେଳ । ଏ ଖେଳ ସାତଗୋଟି
ବାରଆଠ, } କଉଡ଼ିରେ ଖେଳନ୍ତି, ଛଟି
କଉଡ଼ି ଚିତ୍ ହେଲେ ରେମା, ସାତଟା ଚିତ୍ ହେଲେ ବାର, ମାଖ ପଡ଼ିଲେ ଆଠ କହନ୍ତି ।

ବଡ଼ଓଷା, ବି. (ଦେଶଜ) ଲମ୍ବା ଓ ମୋଟା ବଗଡ଼ା ଧାନ, ଏହା ଅଳ୍ପ ହଳଦିଆ ବର୍ଣ୍ଣ ହୋଇଥାଏ; ସୋମନାଥବ୍ରତ ।

ବଡ଼ଖାନା, ବି. (ଦେଶଜ ବା ଯାବନିକ) ଭୋଜି ।

ବଡ଼ଗଳ, ବଡ଼ହାଲ, ବି. (ଟାମିଲ ବଡ଼ ହେଲ୍ ଶବ୍ଦଜ) ରାମାନୁଜ ମତର ଶାଖାବିଶେଷ ।

ବଡ଼ଗୁଣ୍ଡି, ବି. (ଦେଶଜ) ଶସ୍ତ୍ରବିଶେଷ । ଯଥା—
ପରମେଶ୍ୱର ନାମ କରି ବଡ଼ ଗୁଣ୍ଡି,
ପେଷିବାମାନେ ଶତ୍ରୁ ହୋଇବେ ଖଣ୍ଡ ଖଣ୍ଡ । ମ. ପ.

ବଡ଼ଘର, ବି. (ଦେଶଜ) ଭଦ୍ରସନ୍ତାନ । ଯଥା—
ତୁହି ବଡ଼ଘର ପୁଅ ରେ କାଳିଆ
ମୁହିଁ ବଡ଼ଘର ବୋହୂ । ସ. ସ.

ବଡ଼ଜିରା, ବି. (ବୃହତ୍ ଜୀର ଶବ୍ଦଜ) ଏକ ପ୍ରକାର ଜିରା ।

ବଡ଼ଜେନା, ବି. (ଦେଶଜ) କ୍ଷତ୍ରିୟ ସନ୍ତାନଙ୍କ ଉପାଧିବିଶେଷ । ଯଥା—
ପାତ୍ର ମନ୍ତ୍ରୀ ଦୋସାଧି ଖଣ୍ଡିଆ ବଡ଼ଜେନା,
ସାଆନ୍ତ ମାହନ୍ତ ରଥୀ ପାଦାତି ଯେ ସେନା ।
ନୃ. ପୁ. ଦ୍ୱି. ଚ.

ବଡ଼ପଣ, } ବି. (ଦେଶଜ) ଆଧିକ୍ୟ ।
ବଡ଼ପଣିଆ, } ଯଥା—
ଇନ୍ଦ୍ର ନୀଳମଣି ଝଳ ଦର୍ପଣ,
ଯୋଖ କରିବା ଯେବେ ପଣପଣ,
ତେବେ ତାହାର କାନ୍ତି ବଡ଼ପଣ । ବି. ଚି. ମ.
ଗର୍ବ ।

ବଡ଼ପଣ୍ଡା, ବି. (ଦେଶଜ) ରାଜଦତ୍ତ ଉପାଧିବିଶେଷ । (ଖାଡ଼ଙ୍ଗା ଶବ୍ଦ ଦେଖ) ଯେ ଦେବପୂଜକମାନଙ୍କ ମଧ୍ୟରେ ପ୍ରଧାନ ।

ବଡ଼ପାଟିଆ, ବିଂ. (ଦେଶଜ) ଯେ ବଡ଼ ଶବ୍ଦ କରେ । ବି. ଗୃହର ପ୍ରଧାନ ପାଟି ବା ଶ୍ରେଣୀ ।

ବଡ଼ବା, ବି. ସ୍ତ୍ରୀ. (ବଲ-ବା-ଅ-ଆ, ଲ=ଡ଼) ଘୋଟକୀ; କୁମ୍ଭଦାସୀ; ଦ୍ୱିଜଯୋଷିତ୍; ଅଶ୍ୱିନୀ ନକ୍ଷତ୍ର; ଅଶ୍ୱମୁଖୀ ସମୁଦ୍ରସ୍ଥା ଦେବୀବିଶେଷ; ସ୍ୱର୍ବୈଦ୍ୟଦ୍ୱୟର ମାତା; ଦାସୀ ।

ବଡ଼ବାଗ୍ନି, } ବି. (ବଡ଼ବା-ଅଗ୍ନି, ଅନଳ)
ବଡ଼ବାନଳ, } ସମୁଦ୍ର ଜଳ ମଧ୍ୟସ୍ଥ ଅଗ୍ନି ।

ବଡ଼ବାସୁତ, ବି. (ବଡ଼ବା-ସୁତ) ଅଶ୍ୱିନୀକୁମାର ଦ୍ୱୟ ।

ବଡ଼ମା, ବି. ସ୍ତ୍ରୀ. (ବୃଦ୍ଧମାତା ପଦରୁ ଜାତ) ପିତାଙ୍କ ଜ୍ୟେଷ୍ଠଭ୍ରାତାଙ୍କ ଭାର୍ଯ୍ୟା: ମାତାଙ୍କ ଜ୍ୟେଷ୍ଠ ଭଗିନୀ; ପିତା ମାତାଙ୍କ ମାତା ।

ବଡ଼ବଡ଼ା, ବିଂ. (ଦେଶଜ) ମହତ୍ତ୍ୱ । ଯଥା—
ସେ ଲୋକ ଭଲ ମନ୍ଦ କାହାକୁ କସ ଲୋଡ଼ା,
କେତେରୂପେ ସଂସାରେ ଅଛନ୍ତି ବଡ଼ବଡ଼ା ।
ନୃ. ପୁ. ତୃ. ଚ.

ବଡ଼ବଡ଼ଆ, ବି. (ଦେଶଜ) ପିତୃ ପିତାମହାଦି ।

ବଡ଼ସିଂହାର, } ବି. (ଦେଶଜ) ମହାପ୍ରଭୁଙ୍କର
ବଡ଼ସିଙ୍ଗାର, } ଶୟନ ସମୟରେ ହେବା ବେଶଭୂଷଣ । ଯଥା—
ପ୍ରଭୁ ମଣୋହି ଆଦି କରି,
ବଡ଼ସିଂହାର ବେଶ ସାରି । ଦା. ର.

ବଡ଼ା, ବି. (ଦେଶଜ) ଗୋଲାକାର ପିଷ୍ଟକବିଶେଷ । ଯଥା—
ନାନାଦି ବର୍ଣ୍ଣରେ ପିଠା ହୋଇଛି ସଜଡ଼ା,
ପୁଳ ନାଡ଼ୀ ମନୋହର ଅପମାଳୁ ବଡ଼ା । ନୃ.ପୁ.ତୃ.ଚ.

ବଡ଼ାଇ, ବଡ଼େଇ, ବି. (ଦେଶଜ) ଗର୍ବ । ଯଥା—
ଯିବାବେଳେ ରବି କାମକୁ କୋପ ଚକ୍ଷୁରେ ଚାହିଁ,
କହିଲେ ଛଡ଼ାଇଦେବଟି ତୋର ଏହି ବଡ଼ାଇ । ଚ ଭା.
ଆଧିକ୍ୟ ବା ଗୌରବ । ଯଥା—
ବୃଥା କର କିପାଁ ଭାଗ୍ୟର ବଡ଼ାଇ । ଦ. ବା.
ବିଂ. ଅତ୍ୟନ୍ତ । ଯଥା—
ବଡ଼ାଇ ସ୍ଥାନ କଣ୍ଟକପୂର୍ଣ୍ଣ ମଧ୍ୟରେ ଦରେ ଲୁଚ,
ବାସସମେଳ କେତକୀ ଫୁଲ କେତେ ମନକୁ ରୁଚ ।
ବୈ. ବି.

ବଡ଼ାମୀ, ବିଂ. (ଦେଶଜ) ଅଭିମାନୀ । ଯଥା—
ବଗୃନେନ୍ତି ନାରାୟଣ ମନ୍ଦକୂର୍ଚ୍ଚ କଲୁ,
ଏତେ ବଡ଼ାମୀ ରାଜାକୁ କିପାଁ ଅଣାଇଲୁ । ସା. ଭ. ସ.
ବି. ବଡ଼ପଣିଆ ।

ବଡ଼, ବଡ଼ୀ, ବି. (ବଟୀ ଶବ୍ଦଜ ପ୍ରାକୃତ) ବିରି ପ୍ରଭୃତିରେ କରିବା ଗୋଲାକାର ବଟିକା । ଯଥା—

ସୁସ୍ୱାଦ ସାକର ଆଉ ସରୁ ଅନ୍ନ ବଡ଼,
ମଧୁ ରୁଚିରେ ଛେନାମଣ୍ଡା ମିଶ୍ରିତ ପାପଡ଼ । ସା.ଖି.ଆ.

ବଟିକା ବା ଗୁଳା । ଯଥା—

ଅଳାଇଚ ନଖୀ ଭରି, ପାନେ ଦିଅ ବଡ଼କରି । ଲ୍ଲ.ବ.

ସ୍ତ୍ରୀ. (ଗଡ଼ଜାତରେ) ଦେଠେଇ ।

ବଡ଼ିମା, } ବି. (ବଡ଼ିମା ଶବ୍ଦଜ) ଗର୍ବ ।
ବଡ଼ିମାପଣ, } ଯଥା—

କୃପକେ ଉପାର୍ଜନ୍ତି ବାଳୁଙ୍ଗା କ୍ଷେତ୍ରୁଁ,
ସାଧୁ ଯେସନ ଆତ୍ମବଡ଼ିମା ଚେତୁଁ । ଭୁ. ସ୍ତ୍ର.

ଆପଣା ମରଣ ନ ଜାଣୁ,
ଆମ୍ଭ ବଡ଼ିମାପଣ ମଣୁ । ଖି. ଦ. ସ୍କ.

ବଡ଼ୁ, ବି. (ବଟୁ ଶବ୍ଦଜ ପ୍ରାକୃତ) ବ୍ରତ ବା ଉପନୟନ କର୍ମ । (ଦେଶଜ) ଜାତି-ବିଶେଷ ।

ବଡ଼ୁଭିକ୍ଷା, } ବି. (ବଟୁଭିକ୍ଷା ଶବ୍ଦଜ) ଉପ-
ବଡ଼ିଭିକ୍ଷା, } ନୟନ ସମୟରେ କରିବା ଭିକ୍ଷା । ଯଥା—

ସୁବର୍ଣ୍ଣ ଥାଳରେ ମାଏ ଦେଲେ ବଡ଼ଭିକ୍ଷା,
ଷଡ଼ରସ ରନ୍ଧ ଯାହା ଥିଲେ ଅନ୍ନସଂଖ୍ୟା । ନୃ.ପୁ ତୃ.ତ.

ବଡ଼ା, ବି. (ଦେଶଜ) ମୃତ୍ତିକାପାତ୍ରବିଶେଷ । ଯଥା—ଦହିବଡ଼ା; ଅନ୍ନ ବ୍ୟଞ୍ଜନାଦି ବାଢ଼ିବା । ବିଂ. ଯାହା ବାଢ଼ିଥାଉଁ; ଅଧିକ । ଯଥା—

ପାଇକ ରାଉତଙ୍କୁ ବର୍ତ୍ତନ ବଡ଼ା କଲା,
ଦ୍ୱିଗୁଣ ପ୍ରମାଣେ ଭୂମି ସମସ୍ତଙ୍କୁ ଦେଲା । ନୃ.ପୁ.ପ.ତ.

ବି. ଆରମ୍ଭ, ଉଦ୍ୟମ । ଯଥା—

ଜାଣୁଅଛୁ ପୁଣ ସ୍ନେହରେ ଅନ୍ଧ ବୁଢ଼ା.
ଆମ୍ଭ ସଙ୍ଗେ କରିବ କଥାରେ ଯୁଦ୍ଧବଡ଼ା । କୃ.ଖି.ଉ.ପ.

ବଡ଼ାଇ, } ବି. (ବର୍ଦ୍ଧକି ଶବ୍ଦଜ) କାଷ୍ଠକର୍ମ
ବଢ଼େଇ, } କରିବା ଜାତିବିଶେଷ । ଯଥା—

ବଢ଼ାଇସାଇରୁ ବାରସି ଆଣ,
ଚିକ୍କ ଚିକ୍କ ମର୍ଦ୍ଦି ଖଣ୍ଡିକ ହାଣ । ହା. ତ.

ବଡ଼ାଇ, ବି. (ଦେଶଜ) ମରଣ । ଯଥା—

ସମସ୍ତେ ଦେଖୁଥିଲ ଶସ୍ତ୍ରକୁ ଛାଡ଼ିଦେଇ,
ମୋର ବାରୁ ଥିଲେ, ଧୃଷ୍ଟଦ୍ୟୁମ୍ନ ବଡ଼ାଇ ।
ଦେଲ ରଣେ ତାଙ୍କୁ ହୋଇ କୋପଚିତ୍ତ,
କରିବାକୁ ପାଣ୍ଡବ ସଇନ ଉଲ୍ଲସିତ । କୃ. ଖି. କ. ପ.

ବଡ଼ାଇବା, କ୍ରି. (ଦେଶଜ) ବିସ୍ତାର କରିବା । ଯଥା—

ବଢ଼ାଇ ଶରଧା ଭାଙ୍ଗିଗଲେ ବନମାଳୀ । କେ. ଟୀକା.

ଶେଷ କରିବା । ଯଥା—

ଶୈଳତଟେ ଆମ୍ଭ ତୋଟାରେ ପଥିକେ
ମଧ୍ୟାହ୍ନ ନିଦ୍ରା ବଡ଼ାଇ । ୟ. କେ.

ସମ୍ପୂର୍ଣ୍ଣ କରିବା । ଯଥା—ଭୋଜନାର୍ଥ ଅନ୍ନବ୍ୟଞ୍ଜନାଦି ଅନ୍ୟ ବ୍ୟକ୍ତିଦ୍ୱାରା ରଖାଇବା । ସ୍ପର୍ଶ କରିବାପାଇଁ ପ୍ରସାରିବା । ଯଥା—

ଖମଣିମଣ୍ଡଳକୁ ତୁ କର ବଡ଼ାଇଲୁ ରେ । କ. ଚ. ଚ.

ଅନ୍ୟର ହାତରେ ଦେବା । ଯଥା—

ଭରେକ ଅନ୍ନ ପୁଣି ପାଣି କଳଶିଏ,
ଗୁଣ୍ଡିର କଳାବାଟରେ ବଡ଼ାଇଣ ଦିଏ । ସା·ଖି.ଆ.

ପ୍ରାଣ ନାଶ କରିବା । ଯଥା—

ଯୁଧିଷ୍ଠିର ବୋଇଲେ ଅର୍ଜୁନ ବେଗେ ଯାଅ,
ଯୁଦ୍ଧରେ କର୍ଣ୍ଣଙ୍କର ପ୍ରାଣକୁ ବଡ଼ାଅ । କୃ.ଖି.କ·ପ·

ବଡ଼ାଉଣି, ବି. (ଦେଶଜ) ବଡ଼ାଇବା ।

ବଡ଼ାଉଣୀ, ବି. ସ୍ତ୍ରୀ. (ଦେଶଜ) ବଡ଼ାଇ-ଜାତିର ସ୍ତ୍ରୀ । ଯଥା—

ଏଣେ ବଢ଼ାଉଣୀ ତେଣେ ବଢ଼ାଇ,
କାନ୍ଧିକି ଦେଲେ ସେ ଗଡ଼ଗଡ଼ାଇ । ହା. ତ.

ବଡ଼ି, ବି. (ଦେଶଜ) ଗର୍ବ । ଯଥା—

କରିବର କନ୍ଧେ ଅଛୁ ଚଢ଼ି,
କହୁଅଛୁ ଏଡ଼େ ଘେନି ବଡ଼ି । ର. କ.

(ବୃଦ୍ଧି ଶବ୍ଦଜ) ବୃଦ୍ଧି; ବିଶେଷ ବର୍ଷାରୁ ହେବା ଜଳପ୍ରବାହ । ଯଥା—

ସଞ୍ଚାଣ ଆଗେ ପକ୍ଷୀ କେ ଅଛୁ ପ୍ରାଣ ପାଇ,
ବଡ଼ି ଜଳ ବାନ୍ଧଣ କେ ପାରିବ କି ଥୋଇ ।
ନୃ. ପୁ. ତୃ. ତ.

ବଡ଼ିଅଳ, ବି. (ସମ୍ବଲପୁର ଅଞ୍ଚଳରେ ବ୍ୟବ-ହୃତ) ଆତ ଫଳ ବା ସୀତା ଫଳ ।

ବଡ଼ିଆ, ବିଂ. (ଦେଶଜ) ବଡ଼; ଅଧିକ ।

ବଡ଼ିଆକାଙ୍କ, ବି. (ବୃହତ୍ କଙ୍କ ଶବ୍ଦଜ) ବଡ଼ ବଗ ।

ବଢ଼ିଣା, ବି. (ଦେଶଜ) ପହଁରା ବା ସମ୍ମାର୍ଜନୀ-ବିଶେଷ ।

ବଢ଼ିବା, କ୍ରି. (ବୃଧ୍ ଧାତୁଜ ପ୍ରାକୃତ) ବୃଦ୍ଧି ପ୍ରାପ୍ତ ହେବା । ଯଥା—

ରତନ ରଙ୍କ ପାଇବାର ସମ ଆନନ୍ଦ ବଢ଼ିଲା କୃଷ୍ଣର ।
ବି. ଚି. ମ.

ବଢ଼ୁଆ, ବଡ଼ୁଆ, ବି. (ଦେଶଜ) ମୃତ୍ତିକାପାତ୍ର-ବିଶେଷ ଅର୍ଥାତ୍ ବଢ଼ା ।

ବଣ, ବି. (ବନ ଶବ୍ଦଜ ପ୍ରାକୃତ) ଅରଣ୍ୟ ।

ବଣକଦଳୀ, ବି. ( ଦେଶଜ ) ଏକପ୍ରକାର ଧାନ—ଏହାର ଦୁଇ ପାଖ ଧୋବ, ବର୍ଣ୍ଣ ମାଟିଆରଙ୍ଗ ପୁଣି ଅଳ୍ପ ସରୁ ହୋଇଥାଏ; ଏକପ୍ରକାର ଗୁଳ୍ମ ।

ବଣଜାମୁ, ବି. (ବନ-ଜମ୍ବୁ ଶବ୍ଦଜ) ବନରେ ଥିବା ଜାମ୍ବୁଗଛ । ଯଥା—

ବାଉ ତ ନୋହିବ ତାହା ବଣଜାମୁ ପଲ୍ଲବାଙ୍କୁରୁ ।
ଉଷା ।

ବଣଭୂଆ, ବି. ( ଦେଶଜ ) ବନରେ ଥିବା ବିରାଡ଼ି ବା କଟାସ । ଯଥା—

ସେ ବଣଭୂଆ ଟେକଣ ଖୁଆ
ଫୁଲାଇଦେଇ ଆନନ୍ଦେ ହୁଆ,
ଇନ୍ଦୁର ଛୁଆ ଶାର୍ଦ୍ଦୁଳ ଛଡ଼ଆଁ
କର ଧରନ୍ତି ହେ । ସୁ. ପ.

ବଣମଲି, ବି. ସ୍ତ୍ରୀ. (ବନମଲ୍ଲୀ ଶବ୍ଦଜ) ବନରେ ଥିବା ମଲ୍ଲି ଫୁଲ ।

ବଣମୁଗ, ବି. (ବନମୁଦ୍ଗ ଶବ୍ଦଜ) ଏକପ୍ରକାର ଗୁଳ୍ମ ।

ବଣମୁଥା, ବି. (ବନ୍ୟମୁସ୍ତା ଶବ୍ଦଜ) ବଡ଼ମୁଥା ।

ବଣା, ବି. (ଦେଶଜ) ଗୁଡ଼ ରଖିବା ମୃତ୍ତିକା ପାତ୍ରବିଶେଷ; ଭ୍ରମ । ଯଥା—

ପ୍ରତିଭାଏ ଦଶି ପ୍ରଭାକୁ ପ୍ରକାଶି ବିବେକ ବଣାକୁ ପାଞ୍ଚ ।
କୋ. ବ୍ର. ସ୍ତୁ.

ବିଂ. ଭ୍ରାନ୍ତ । ଯଥା—

ହଂସର ଯିବା କଥା କାହାକୁ ନାହିଁ ଜଣା, .
ଜାଣିଲେ କାହିଁପାଇଁ ହୁଅନ୍ତେ ଲୋକେ ବଣା ।
ନୃ. ପୁ. ଭୃ. ତ.

ବଣାହେବା, କ୍ରି. (ଦେଶଜ) ଭ୍ରାନ୍ତହେବା । ଯଥା—

ବଣା ହେଲେ ଜଣାଥାଉଁ ତୁମ୍ଭ ବୀରପଣ । ବୈ. ବି.

ବଣି, ବଣିରାଜ, ବି. (ଦେଶଜ) ପକ୍ଷିବିଶେଷ । ଯଥା—

ଅନେକ ସୁଆ ସାରି ବଣି,
ପୋଷିଅଛନ୍ତି ଗୃହେ ଆଣି । ଦା. ର.

ବଣିଆ, ବି. (ବଣିକ୍ ଶବ୍ଦଜ) ସୁନାରିଜାତି । ଯଥା—

ତହୁଁ କାଞ୍ଚି ଗଲା ପଳାଇ ଖରେ,
ଯାଇଣ ପଶିଲା ବଣିଆ ଘରେ । ହ୍ରା. ତ.

କୁମୁଟି ବା ବୋଇତ ବେପାରି; ପକ୍ଷି-ବିଶେଷ ।

ବଣିଆଣୀ, ବି. ସ୍ତ୍ରୀ. (ଦେଶଜ) ବଣିଆର ସ୍ତ୍ରୀ । ଯଥା—

ଏଣୁ ବଣିଆଣୀ ତେଣୁ ବଣିଆ,
କାଞ୍ଚିକି କଲେ ସେ ଜୋଇଁକୁଣିଆ । ହ୍ରା. ତ.

ବଣିଆତି, ବିଂ. ବଣିଆସମ୍ବନ୍ଧୀୟ । ଯଥା—ବଣିଆତି ବେପାର ।

ବଣିକ୍, } ବି. (ପଣ୍ = କ୍ରୟବିକ୍ରୟ କରିବା-
ବଣିଜ୍, } ଇଜ, ପ = ବ) କ୍ରୟବିକ୍ରୟକାରୀ, ବଣିଆ; ବୈଶ୍ୟଜାତି ।

ବଣିକପଥ, ବି. (ବଣିଜ୍-ପଥ) ବଜାର; ହାଟ ।

ବଣିଗ୍‌ବନ୍ଧ, ବି. (ବଣିଜ୍-ବନ୍ଧ) ଉଷ୍ଟ୍ର, ଉଟ ବା ଓଟ ।

ବଣିଗ୍‌ଭାବ, ବି. ସଂ. ବାଣିଜ୍ୟ ।

ବଣିଜ, ବି. (ବାଣିଜ୍ୟର ରୂପାନ୍ତର) ବେପାର ଯଥା—

ଅତି ଦରିଦ୍ର ମୁଁ ବହୁତ ବଣିଜ
କରୁଛୁ ଉପାୟ ବଳରେ । ଲ. ବ.

ବଣିଜ୍ୟ, ବାଣିଜ୍ୟ, ବି. ( ବଣିଜ୍-ଯ ) କ୍ରୟ ବିକ୍ରୟ ।

ବଣିଜାର, } ବି. (ବଣିକ୍ ଶବ୍ଦଜ) ବେପାର
ବଣିଜାରୁ, } କରିବା ବ୍ୟକ୍ତି । ଯଥା—

ଗୋବିନ୍ଦ ଶୋଭା ଗୁଣ ନାମ ରତନେ,
ବଣିଜାର କଣୋରାମଣି ଯତନେ । ବି. ଚି. ମ.

ବଣୁଆଁ, ବଣୁଆ, ବିଂ. (ବନ୍ୟ ଶବ୍ଦଜ) ବନ୍ୟ; ଅସଭ୍ୟ । ବି. ଏକପ୍ରକାର ପୋଟଳ ।

ବଣ୍ଟେରା, ବଣ୍ଟା, ବି. (ବଣ୍ଟନ ଶବ୍ଦଜ) ବିଭାଗ । ଯଥା—

ତୁମ୍ଭେ ଥିଲେ ଆମ୍ଭର ଦ୍ରବ୍ୟ କି ବଣ୍ଟାହୋନ୍ତା ।
ନୃ. ପୁ. ଭୃ. ତ.

ବଣ୍ଟୁଆଗ, ବି. (ଦେଶଜ) ବଣ୍ଟନ । ବିଂ. ଯେ ବାଣ୍ଟଇ ।

ବଣ୍ଠ, ବି. (ଦେଶଜ ପ୍ରାପ୍ତ) ବାଙ୍ଗର ବା ଖଙ୍ଗ ।

ବତକ, ବି. (ବର୍ତ୍ତିକ ଶବ୍ଦଜ) କ୍ଷୁଦ୍ରହଂସ ।

ବତର, ବି. (ଦେଶଜ) ଗବାଦ୍ଧର ଋତୁ; ଆର୍ଦ୍ରତା । ଯଥା—ଗଛରେ ପତର ନାହିଁ କି ଭୂଇଁରେ ବତର ନାହିଁ । ବିଂ. ଜଳସିକ୍ତ ।

ବତରା, ବତୁରା, ବି. (ଦେଶଜ) କୌଣସି ପଦାର୍ଥ ପାଣିରେ ପକାଇ ରଖିବା । ବିଂ. ଜଳରେ କ୍ଲିନ୍ନ ହେବା ।

ବତା, ବି. (ଦେଶଜ) ଚଗବାଉଁଶ । ଯଥା—
କାନ୍ଥ ଘର ଭୂଅ ବତା ଗଣ୍ଡି ଆଦଳର,
ଜହ ସକଳସ ଗୁଆଧୂଡରେ ଡଆର । ସା. ଭା. ଆ.

ବତାଇବା, କ୍ରି. (ଦେଶଜ) ବୁଝାଇବା । ଯଥା—
ରାଜାଙ୍କୁ ଯେଉଁରୂପେ କରନ୍ତି ଲୋକେ ସେବା,
ସେମାନ ସବୁ ଶୁଣ ବତାଇ କହିବା । କୃ. ଭା. ବ. ପ.
(ଗଡ଼ଜାତରେ) କହିବା ।

ବତାସ, ବି.(ଦେଶଜ) ପ୍ରବଳ ପବନ । ଯଥା—
ଚେତା ନାହିଁ ତାଙ୍କ ପୁଂସ ଉର୍ଦ୍ଧ୍ବକୁ ଚଢ଼ନ୍ତି ଶ୍ୱାସ
ଭାବନ୍ତି ଏହି ବତାସ ଭାନୁକୁ ଉଡାଇ । ର. ପ.

ବତି, ବତୀ, ବତ୍ତି, } ବି. ସ୍ତ୍ରୀ. (ବର୍ତ୍ତି ଶବ୍ଦଜ) ସଳିତା । ଯଥା—
ଲେଉଟିଣ ବେନ ଦୈତ୍ୟ ତପେ ମନ ଗଲା,
ବଂଶ ଅଙ୍ଗୁଳି ଅଗ୍ରେ ବାନ୍ଧିଲେ ଦୀପାବଳି ।
ତଇଲ ବୋଲି ତହିଁ ଲଗିଲେ ବତ୍ତି,
ଦଶ ଭୁବନ ପର୍ଯ୍ୟନ୍ତେ ଲଗିଲା ତପତି । ନୃ.ପୁ.ଦ୍ୱି.ତ.

ବତଝାଡ଼, ବି. (ଦେଶଜ) ଦୀପଗଛ ।

ବତିଶ, ବତିଶି, ବତ୍ରିଶ, } ବିଂ. (ଦ୍ୱାତ୍ରିଂଶ ଶବ୍ଦଜ) ୩୨ ସଂଖ୍ୟା । ଯଥା—
ବତିଶ ପଦେ ମନୋରମ ଛାନ୍ଦ । ବୈ. ବ.

ବତିଶା, ବି. (ଦେଶଜ) ପରିମାଣବିଶେଷ ।

ବତ୍ତୁ, ବି. (ଦେଶଜ) କନ୍ଦୁକ । (ଏ ଶବ୍ଦଟି ତେଲିଙ୍ଗା କିନ୍ତୁ ଓଡ଼ିଆରେ ବ୍ୟବହୃତ ହେଲାଣି) ସମ ସଂଖ୍ୟା ଅର୍ଥାତ୍ ଦୁଇ, ଚାରି, ଛଅ ପ୍ରଭୃତି ।

ବତୁରିବା, କ୍ରି. (ଦେଶଜ) ଜଳରେ କ୍ଲିନ୍ନ ହେବା ।

ବଥ, ବି. (ଦେଶଜ) ବ୍ରଣବିଶେଷ ।

ବଥା, ବି. (ବ୍ୟଥା ଶବ୍ଦର ଅପଭ୍ରଂଶ) ପୀଡ଼ା; ଶୂଳରୋଗ ।

ବଥୁଆ, ବି. (ବାସ୍ତୁକ ଶବ୍ଦଜ) ଶାକବିଶେଷ ।

ବଥେଇବା, ବଥାଇବା, } କ୍ରି. (ବ୍ୟଥା ଧାତୁଜ) ପୀଡ଼ା ହେବା ।

ବଦ୍, ବିଂ. (ଯାବନିକ) ମନ୍ଦ ବା ନିକୃଷ୍ଟ ।

ବଦ୍‌ଖେୟାଲ, ବି. (ଯାବନିକ) ମନେ ମନେ ଦୁରଭିସନ୍ଧି ।

ବଦ୍‌ଖୋଇ, ବି. (ଯାବନିକ) ମନ୍ଦ ସ୍ୱଭାବ ।

ବଦ୍‌ଜାତ, ବି. (ଯାବନିକ) ଖଚଡ଼ ବା ଖଚର ।

ବଦ୍‌ନାମ, ବଦ୍‌ନାମ, } ବି. (ଯାବନିକ) କୁନାମ ବା କୁଯଶ ।

ବଦନାମ, ବି. (ଯାବନିକ) ନିନ୍ଦା ।

ବଦନାମୀ, ବଦଲାମୀ, ବଦଲାମି, } ବି. (ଯାବନିକ) ନିନ୍ଦିତ ବା ନିଷ୍କଳଙ୍କ । ଯଥା—
ମୂର୍ଖ ଦ୍ୱିଜ ବ୍ରାହ୍ମଣ ତୁମ୍ଭେ କି ଜାଣ କଥା,
ଏଡ଼େ ବଦଲାମୀ ହୋଇ ଲଗିଲ ରେ ବୃଥା ।
ନୃ. ପୁ. ପ. ତ.

ବଦମାଶ, ବଦମାସ, } ବି. (ଯାବନିକ) ମନ୍ଦ ଲୋକ ବା ଯେ ଅନ୍ୟାୟରେ ଜୀବିକା ନିର୍ବାହ କରେ । ଯଥା—
ସେଥି ମଧ୍ୟେ ଥିଲେ ଜଣେ ହୟଗ୍ରୀବ ଦାସ,
ଭାରି ପାଜି ଶଯ୍ତାନ ବଡ଼ ବଦମାସ । ହ. ଭ୍ର.

ବଦ୍‌ମାଶି, ବି. (ଯାବନିକ) ମନ୍ଦତା ।

ବଦର, ବଦରି, ବଦରିକା, ବଦରୀ, } ବି. (ବଦ୍ = ସ୍ଥିର ରହିବା-ଅର, ଇ, ଇକ-ଆ, ଈ, ଯେ ଛିନ୍ନ ହେଲେହେଁ ସ୍ଥିର ରହେ) ବରକୋଳି ଗଛ; ବରକୋଳି ଫଳ । ଯଥା—
ମାଘମାସେ ନ ଭକ୍ଷିବ ବଦରୀ ମୂଳାକୁ ଯେ ।
କାର୍ପାସ ଫଳ, କପା ବା ଜଡ଼ା ।

ବଦରାଗୀ, ବି. ( ଯାବନିକ ) ମନ୍ଦ ଚେଷ୍ଟ ବ୍ୟକ୍ତି । ଯଥା—

ବଇରାଗୀ ଓ ବଦରାଗିମାନଙ୍କ ଦାଉ ଜୁଲମରୁ ରକ୍ଷା ପାଇବୁଁ । ଉ. ସା. ୧୮. ୯.

ବଦରିକାଶ୍ରମ, ବି. (ବଦରିକା-ଆଶ୍ରମ) ତୀର୍ଥ-ବିଶେଷ; ବ୍ୟାସଦେବଙ୍କର ଆଶ୍ରମ ।

ବଦଳ, ବି. (ଦେଶଜ) ପରିବର୍ତ୍ତନ; ପ୍ରତିଦାନ, ବିନିମୟ ।

ବଦଳାଇବା, କ୍ରି. (ଦେଶଜ) ପରିବର୍ତ୍ତନ କରିବା । ଯଥା—

ଯୁଧିଷ୍ଠି ବୋଇଲେ ଏବେ ବଦଳାଅ ଦାନ,
ତୁହ୍ମ ଆନ ଦାନ ଘେନ ମୁଁ ଘେନିବି ଆନ । ସା.ଷ୍ୱ.ସ.

ବଦଲଣ, ବି.(ଦେଶଜ) ପରିବର୍ତ୍ତନ, ବିନିମୟ ।

ବଦଳାବଦଳ, ବି. (ଦେଶଜ) ପରସ୍ପର ପରି-ବର୍ତ୍ତନ ।

ବଦ୍‌ଲ, ବି. (ଯାବନିକ) ପ୍ରତିନିଧି ।

ବଦାଉ, ବି. (ଯାବନିକ) ଫଳକ । ଯଥା—

ବଦାଉ ଭଲେ ଝଟକଇ ଖଡ଼୍‌ଗ ଢଲକ । ବୈ. ବି

ବଦାଡ଼ି, } ବି. (ଦେଶଜ) ଗଦା । ଯେପରି—
ପଦାଡ଼ି, } ପାଳ ବଦାଡ଼ି ।

ବଦିବା, କ୍ରି. ( ବଦ୍ ଧାତୁଜ ) କହିବା । ଯଥା—

ବଦଇ ଶଙ୍ଖ ନୋହିବା ହେବା ଯୋଖ ଏକାଳ ସୂଚୁଚ । ବୈ. ବି.

ବଦ୍ରିକା, ବି. (ବଦରିକା ଶବ୍ଦର ଅପଭ୍ରଂଶ) ବ୍ୟାସାଶ୍ରମ । ଯଥା—

ମନ୍ତ୍ରୀକି ରାଜ୍ୟ ସମର୍ପି ମଗଧ ନୃପତି,
ବଦ୍ରିକା ଆଶ୍ରମେ ସେ ରହିଲୁ ତପେ ମାତି । ସା.ଷ୍ୱ.ସ.

ବଦ୍ଧ, ବି. (ଦେଶଜ) ଦ୍ୱାରବନ୍ଧ ଦୁଲପ୍ରଭୃତିରେ ଖୋଳିବା ରେଖ ।

ବଦ୍ଧ, ବି°. (ବନ୍ଧ୍ —ବନ୍ଧନ କରିବା-ତ)ସଂଯତ; ବନ୍ଧା । ଯଥା—

ବଦ୍ଧ ଅଟେ ମୁକ୍ତ ତାର ପ୍ରବାଳ ଅଙ୍କୁରେ । କ. ବ.

ଗ୍ରଥିତ; ଉତ୍ପନ୍ନ; ବିବ୍ରତ ।

ବଦ୍ଧପରିକର, ବି°.(ବଦ୍ଧ-ପରିକର = କଟିବନ୍ଧ) ଯେଉଁ ବ୍ୟକ୍ତି ଦୃଢ଼ରୂପେ ଅଣ୍ଟା ବାନ୍ଧିଅଛି; ଦୃଢ଼ପ୍ରତିଜ୍ଞ ।

ବଦ୍ଧମୁଷ୍ଟି, ବି. (ବଦ୍ଧ-ମୁଷ୍ଟି) ଦୃଢ଼ମୁଷ୍ଟି; କୃପଣ ।

ବଦ୍ଧମୂଳ, ବି°. (ବଦ୍ଧ-ମୂଳ) ଦୃଢ଼ମୂଳ, ଯାହାର ମୂଳ ଉପାଡ଼ିବା କଠିନ ।

ବଦ୍ଧଶିଖ, ବି. (ବଦ୍ଧ-ଶିଖା) ଶିଶୁ । ବି°. ଯେ ଶିଖା ବନ୍ଧନ କରିଅଛି; ଶିଷ୍ୟ ।

ବଦ୍ଧାଞ୍ଜଳି, ବି°. (ବଦ୍ଧ-ଅଞ୍ଜଳି) କୃତାଞ୍ଜଳି ।

ବଧ, ବି. ( ହନ୍-ଅ, ହନ୍ ସ୍ଥାନରେ ବଧ୍ ) ବିନାଶ କରିବା, ହନନ, ହତ୍ୟା ।

ବଧକ, ବି°. ( ହନ୍-ଅକ, ହନ୍ = ବଧ୍ ) ହତ୍ୟାକାରୀ, ଯେ ବଧ କରଇ ।

ବଧତ୍ର, ବି. (ବଧ୍-ଅତ୍ର) ଆୟୁଧ, ଅସ୍ତ୍ର ।

ବଧସ୍ଥଳୀ, ବି. ସ୍ତ୍ରୀ. (ବଧ-ସ୍ଥଳୀ) ବଧଭୂମି, ପ୍ରାଣବଧର ସ୍ଥାନ ।

ବଧାଇ, ବି. (ଯାବନିକ) ପାରିତୋଷିକ । ଯଥା—

ବଧାଇ ଲଭିଲେ ନୃପେ ନାଶ୍ରିଏ କହି,
ବାର୍ତ୍ତାବହେ ରାଜ୍ୟାନ୍ତରେ ଗମିଲେ ତହିଁ । ବୈ ବି.

ବଧାର୍ହ, ବି°. (ବଧ-ଅର୍ହ) ବିନାଶଯୋଗ୍ୟ, ବଧର ଉପଯୁକ୍ତ ।

ବଧି, ବି. (ଦେଶଜ) ମୃଦଙ୍ଗର ଚମଦଉଡ଼ି ।

ବଧିଆ, ବି. (ବଧିର ଶବ୍ଦଜ) କାଲୁ ବା କାଲୀ । ଯଥା—

ଦକ୍ଷିଣୀ ଚୌପଦୀ ଆଉ ଗୋଟିପୋ ତାଧିଆ,
ଶୁଣି ଶୁଣି କାନ ହୋଇଗଲଣି ବଧିଆ । ଉ. ଭ୍ରୁ.

ବଧିର, ବି°. [ବନ୍ଧ୍ —(ଶ୍ରବଣ) ବନ୍ଧ କରିବା-ଇର] ଶ୍ରବଣଶକ୍ତିହୀନ; କାଲ । ଯଥା—

ବଧିର ନୁହଇ ବୀର ବୋଇଲୁ ତହିଁ ଧୀବର
ଶୁଣିଲଣି ପଥରେ ପଥିର ଅବଳା । ବୈ. ବି.

ବଧିବା, କ୍ରି. (ବଧ୍ ଧାତୁଜ) ନାଶକରିବା । ଯଥା—

କେ ବୋଲେ ହେ ବନ୍ଧୁ ଆମ୍ଭ ପ୍ରାଣବନ୍ଧୁ
ଦେଇ ପର ବଧୂଠାରେ ମନ । ବ.ଚ.ମ.

ବଧୂଲ, ବଧୂଲୀ, ବି. ସ୍ତ୍ରୀ. (ବନ୍ଧୂଲ ଶବ୍ଦଜ) ପୁଷ୍ପବିଶେଷ । ଯଥା—

ବଧୂଲ କୁସୁମ ରଙ୍ଗ ଶୋଭଇ ଲୋଚନ । ସ୍ତୁ. ମା

ବଧୂ, ବି. ସ୍ତ୍ରୀ. (ବନ୍ଧ୍ = ବନ୍ଧନ କରିବା-ଊ) ନାରୀ; ନବବିବାହିତା ସ୍ତ୍ରୀ, ପତ୍ନୀ, ଭାର୍ଯ୍ୟା; ପୁତ୍ରବଧୂ, ବୋହୂ । (ବଧୂବା ପଦ ଦେଖ ।)

ବଧୂଜନ, ବି. ସ୍ତ୍ରୀ. (ବଧୂ-ଜନ) ଯୁବତୀ ସ୍ତ୍ରୀ; ବୋହୂ ।

ବଧୂଟୀ, ବଧୂଟିକା, ବଧୂଟି, ବି. ସ୍ତ୍ରୀ. (ବଧୂ-ଟୀ-ଅଳ୍ପାର୍ଥେ) ପିଲାବୋହୂ; ବାଳିକା ।

ବଧେଇ, ବଂ. (ବଧେୟ ଶବ୍ଦଜ) ବଧେୟ ।

ବଧୋଦ୍ୟତ, ବଂ. ( ବଧ-ଉଦ୍ୟତ ) ବଧ ନିମିତ୍ତ ଉଦ୍ୟୁକ୍ତ, ଆତତାୟୀ ।

ବଧ୍ୟ, ବଂ. ( ହନ୍-ଯ, ହନ୍ = ବଧ୍ ) ବଧର ଯୋଗ୍ୟ ।

ବଧପାଳ, ବି. (ବଧ = କାରାଗୃହ-ପାଳ୍-ଅ) କାରାଗୃହରକ୍ଷକ ।

ବଧଭୂମି, ବି. ସ୍ତ୍ରୀ. (ବଧ-ଭୂମି) ବଧସ୍ଥାନ, ଯେଉଁ ସ୍ଥାନରେ ସର୍ବସମକ୍ଷରେ କୌଣସି ବ୍ୟକ୍ତିକୁ ପ୍ରାଣଦଣ୍ଡ ଦିଆଯାଏ ।

ବନ, ବି. (ବନ୍ୟା ଶବ୍ଦଜ, ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ) ନଈବଢ଼ି ।

ବନକ, ବି. (ବର୍ଣ୍ଣ ଶବ୍ଦଜ) ରଙ୍ଗବିଶେଷ । ଯଥା—

ବନକ ଛଳେ କସ୍ତୂରୀ ସିନ୍ଦୂରେ । ବୈ. ବି.

ବନମାଟି, ବି. (ବର୍ଣ୍ଣମୃତ୍ତିକା ଶବ୍ଦଜ) ବର୍ଣ୍ଣ-କାରକ ମୃତ୍ତିକାବିଶେଷ ।

ବନ୍‌ଶୀ, ବନ୍‌ସୀ, ବି. ସ୍ତ୍ରୀ. (ବଡ଼ଶୀ ଶବ୍ଦଜ) ମାଛ ଧରିବା କଣ୍ଟା ।

ବନସ୍ତ, ବି. (ବନ ଶବ୍ଦଜ) ବଣ । ଯଥା—

କାହିଁ ଯିବ ଏ ଘୋର ବନସ୍ତରେ । ବ. ଚ. ମ.

ବନା, ବନାନ, ବି. (ବର୍ଣ୍ଣନ ଶବ୍ଦଜ) ରଚନା କରିବା; ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣ ଯୁକ୍ତ କରିବା ଧାରା ।

ବନାଇବା, କ୍ରି. (ଦେଶଜ) ନିର୍ମାଣ କରିବା ତିଆରି କରିବା । ଯଥା—

କାଗଜ କତରି କରି ସିନ୍ଧୁ ତରିଯିବାକୁ ମୁଁ ତରି ବନାଇବି । ବ. ଚ. ମ.

ଅନ୍ୟଦ୍ୱାରା ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣ ଯୋଗ କରାଇବା; ଫଳ ଅର୍ଦ୍ଧପକ୍ୱ ହେବା ।

ବନାତ, ବି. (ହିନ୍ଦୀ) ଊର୍ଣ୍ଣସୂତ୍ରନିର୍ମିତ ସ୍ଥୂଳ-ବସ୍ତ୍ରବିଶେଷ ।

ବନାନ, ବି. (ଦେଶଜ) ବ୍ୟଞ୍ଜନରେ ସ୍ୱର ଯୁକ୍ତ କରିବା; ତିଆରି କରିବା ।

ବନାବନ, ବି. (ଦେଶଜ) ବନାଇବା; ବନିବା, ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣ ଯୁକ୍ତ କରିବା ।

ବନାରସ, ବି. (ବାରାଣସୀ ଶବ୍ଦଜ) କାଶୀ ।

ବନାରସୀ, ବି. (ଦେଶଜ) କାଶୀର ପାଟବସ୍ତ୍ର । ଯଥା—

ଶଙ୍ଖା ଦୁଇବାହୁ ଦୁଇ ହାତେ ଲଇ,
ବନାରସୀ ଶାଢ଼ୀ ପିନ୍ଧିଲେ ଗୁଡ଼ାଇ । କୃ. ଭ୍ର. ବ. ଗ.

ବନିବା, କ୍ରି. (ଦେଶଜ) ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣ ଯୁକ୍ତ କରିବା; ଉତ୍ତମ ଖାଦ୍ୟ ହେତୁରୁ ହୃଷ୍ଟପୁଷ୍ଟାଙ୍ଗ ହେବା; ଫଳ ଅର୍ଦ୍ଧପକ୍ୱ ହେବା; ନିର୍ମାଣ ବା ତିଆରି କରିବା; ସୌନ୍ଦର୍ଯ୍ୟରେ ସଜ୍ଜିତ ହେବା । ଯଥା—

ବନି ବନ ବନିତା କି ପୁଷ୍ପହାସେ ଝଳ । ବୈ. ବି.

ବନ୍ତଲକଦଳୀ, ବନ୍ତାଲୁକଦଳୀ, ବି. (ଦେଶଜ) ଏକପ୍ରକାର ଭିଅଣ କଦଳୀ । ଯଥା—

କହେ କେଉଁ ବାଲୀ ବନ୍ତଲ କଦଳୀ
ନ ମିଳେ ହବିଷ୍ୟପାଇଁ । କ. ମ.

ବନ୍ତାଲୁମାଛ, ବି. (ଦେଶଜ) ଏକପ୍ରକାର ସମୁଦ୍ରଜାତ ମାଛ ।

ବନ୍ଥ, ବି. (ଦେଶଜ) ମାଛ ଧରିବାପାଇଁ ବାଉଁଶକାଠିରେ କରିବା ଜାଲ ।

ବନ୍ଦର, ବି. ( ଯାବନିକ ) ସମୁଦ୍ରତୀରସ୍ଥ ବାଣିଜ୍ୟ ସ୍ଥାନ । ଯଥା—

ବନ୍ଦର ଯେ ମିଥିଲା ମେଲିବେ ଯାଇ,
ବଲ୍ଲେକଲକ୍ଷଣୀ ରମାରତ୍ନ ତହିଁ । ବୈ. ବି.

ବନ୍ଦା, ବି. (ବନ୍ଦନ ଶବ୍ଦଜ) ବନ୍ଦାଇବା; ସ୍ତୁତି ବା ପ୍ରଣାମ କରିବା । ଯଥା—

ଏବେ ଯେ ମୁରପୁର କରୁଛୁ ମୋତେ ନନ୍ଦା,
ସେ ଜନ୍ମେ ପୁଣି ତୋର କରିବ ବିଷ୍ଟୁବନ୍ଦା ।
ନୃ. ପୁ. ପ. ତ.

(ଯାବନିକ) ଗୋଲାମ ।

ବନ୍ଦାଇବା, କ୍ରି. (ବନ୍ଦ୍ ଧାତୁଜ) ଅର୍ଘ୍ୟ ମାଲ୍ୟାଦି ଦ୍ୱାରା ବନ୍ଦାପନା କରିବା । ଯଥା—

ଯାଇ ଭଜ ବନ୍ଦାଅ ଖାଇ ତ ମୋର ଅଛେ କହ୍ନାଇ ।
ବି. ଚ. ମ.

ବନ୍ଦାଣ, ବି. (ବନ୍ଦନ ଶବ୍ଦଜ) ବନ୍ଦାପନା । ଯଥା—

ବନ୍ଦାଣମାସେ କେ      ରଚେ କେ ହସ୍ତୁକେ
କେ ନାଚି ବନ୍ଦାଇ । ବୈ. ବି.

ଲୁଚ ବିବାହାଦିରେ ଦେବା ଯୌତୁକ ।

ବନ୍ଦିଆ, ବି. (ଦେଶଜ) କର୍ଣ୍ଣାଳଂକାରବିଶେଷ । ବିଂ. ବନ୍ଦିରେ ଥିବା ଲୋକ । ଯଥା—

ବନ୍ଧିଆ ମଣ୍ତ୍ରନେ ଶ୍ରବଣେ ତାଳପତ୍ର ଦହଡ଼ି,
ବନ୍ଦିଆ ନୋହିବ କି ସେ ଯିବ ଯେଉଁ ନୟନ ପଡ଼ି ।
ବୈ. ବି.

କେଦାରର ଜଳନିର୍ଗମନ ମାର୍ଗ ।

ବନ୍ଦିଖାନା, ବି. (ଯାବନିକ) କାରାଗାର ।

ବନ୍ଦିବା, କ୍ରି. (ବନ୍ଦ୍ ଧାତୁଜ) ପ୍ରଣାମ କରିବା ।

ବନ୍ଦୁ, ବି. (ଦେଶଜ) କବାଟରେ ମାରିଥିବା ଲୌହଖଣ୍ଡ ।

ବନ୍ଦୁଆନ, ବି. (ଦେଶଜ) କଏଦି ।

ବନ୍ଦୁକ, ବି. (ଯାବନିକ) ନାଳକାସ୍ତ୍ର; ନଳ ।

ବନ୍ଦୋବସ୍ତ, } ବି. (ଯାବନିକ) ସୁବ୍ୟବସ୍ଥା ।
ବନ୍ଦବସ୍ତ, } ଯଥା—

ଘର ବାଡ଼ୀ ଜମିଜମା ବନ୍ଦୋବସ୍ତ । ଦ. ବା.

ବିଂ. ସୁବ୍ୟବସ୍ଥିତ ।

ବନ୍ଧ, ବି. (ଦେଶଜ) ବଡ଼ ହିଡ଼; ଜଳାଶୟ; ସେତୁ ।

ବନ୍ଧ, ବି. (ବନ୍ଧ୍-ଅ) ବନ୍ଧନ, ବାନ୍ଧିବା; ବୃନ୍ତ ବା ଫୁଲର ଡେମ୍ଫ; ଗ୍ରନ୍ଥି, ଗଣ୍ଠି; ଗଚ୍ଛିତ-ଦ୍ରବ୍ୟ; ରୋଧ; ଶରୀର; ଯୋଗ; ଧାରା; ଉତ୍ପତ୍ତି; ଗୃହାଦି ବେଷ୍ଟନ ।

ବନ୍ଧକ, ବି. (ବନ୍ଧ୍-ଅକ) ଋଣ ନିମିତ୍ତ ଋଣଦାତାଙ୍କ ନିକଟରେ ଗଚ୍ଛିତ ବସ୍ତୁ; ବିନିମୟ ।

ବନ୍ଧକୀ, ବି. ସ୍ତ୍ରୀ. ( ବନ୍ଧକ-ଈ ) ଅସତୀ, ପୁଂଶ୍ଚଳୀ ।

ବନ୍ଧଣି, ବି. (ବନ୍ଧନ ଶବ୍ଦଜ) ବନ୍ଧନ । ଯଥା—

ଛନ୍ଦଣି ବନ୍ଧଣି ଭୁଜଦଣ୍ଡ,
କ୍ଷମା କର ଦୋଷ ମୋର ଭଣେ ମାରକଣ୍ଡ ଲୋ ।
କେ. କୋ

ବନ୍ଧତନ୍ତ୍ର, ବି. (ବନ୍ଧ-ତନ୍ତ୍ର) ଚତୁରଙ୍ଗ ସୈନ୍ୟ ।

ବନ୍ଧନ, ବି. (ବନ୍ଧ୍-ଅନ) ରୁଦ୍ଧ କରିବା, ଅବରୋଧ, ଅଟକ; ବଧ; ବାନ୍ଧିବା; ବୃନ୍ତ; ବାଣର ପୁଙ୍ଖ; ବନ୍ଧନ ନିମିତ୍ତ ରଜ୍ଜୁ ।

ବନ୍ଧନୀ, ବି. ସ୍ତ୍ରୀ. (ବନ୍ଧ୍-ଅନ-ଈ) ଶରୀରର ଅସ୍ଥି ସବୁ ପରସ୍ପର ସଂଶ୍ଳିଷ୍ଟ ରଖିବା ନିମିତ୍ତ ସୂତ୍ରବତ୍ ପଦାର୍ଥ; ଅନେକ ରାଶିକୁ ଏକରାଶିରେ ପ୍ରକାଶ କରିବାର ଚିହ୍ନବିଶେଷ । **(bracket)** ଯଥା—( ); { }; [ ];

ବନ୍ଧନ ସାଧନ ରଜ୍ଜୁ ଶୃଙ୍ଖଳାଦି ।

ବନ୍ଧା, ବି. (ବନ୍ଧନ ଶବ୍ଦଜ) ବନ୍ଧନ । ଯଥା—

ବନ୍ଧା ଫିଟାଇ କୋଳେ ଧରି,
ଆଉଁସିଦେଲେ କରେ ହରି । ଦା. ର.

(ବନ୍ଧକ ଶବ୍ଦଜ) ହାମି ଦେବା ପଦାର୍ଥ । ବିଂ. ଯାହାକୁ ବାନ୍ଧିଥାଉଁ ।

ବନ୍ଧାକୋବି, ବି. ( ଦେଶଜ ) ଏକପ୍ରକାର କୋବି ।

ବନ୍ଧାବନ୍ଧି, ବି. (ବନ୍ଧନ ଶବ୍ଦଜ) ଅନ୍ୟୋନ୍ୟରେ ବାନ୍ଧିବା । ଯଥା—

ତରୁବ୍ରତ ଥିର ପ୍ରେମ ବନ୍ଧାବନ୍ଧି
ଛନ୍ଦାଛନ୍ଦି ଘେନାଘେନି ।      ଯ. କେ.

ସମ୍ୟକ୍ ବାନ୍ଧିବା ।

ବନ୍ଧୁ, ବି. (ବନ୍ଧ—ଯେ ସ୍ନେହଦ୍ୱାରା ମନ ବନ୍ଧନ କରେ-ଉ) ମିତ୍ର; ସ୍ୱଜନ; କୁଟୁମ୍ବ, ଜ୍ଞାତି; ଭ୍ରାତା ।

ବନ୍ଧୁକ, ବନ୍ଧୂକ, } ବି. (ବନ୍ଧ୍-ଉକ,
ବନ୍ଧୁଜୀବ, ବନ୍ଧୁଜୀବକ, } ଉକ, ବନ୍ଧୁ-ଜୀବ୍-ଅ, କ) ସ୍ୱନାମପ୍ରସିଦ୍ଧ ରକ୍ତବର୍ଣ୍ଣ ପୁଷ୍ପବୃକ୍ଷ ଓ ତାହାର ଫୁଲ ।

ବନ୍ଧୁର, ବନ୍ଧୂର, ବିଂ. (ବନ୍ଧ୍-ଉର, ଊର) ରମ୍ୟ, ସୁନ୍ଦର; ଉଚ୍ଚନୀଚ, ଖାଲଢିପ । ଯଥା—

ଏ ବନ୍ଧୁର ସ୍ଥଳ ଅଟେ ମମ ଜୀବବନ୍ଧୁ ।   ଜା. ପ. ନା.

ବନ୍ଧୁରା, ବନ୍ଧୂରା, ବି. ସ୍ତ୍ରୀ. ବେଶ୍ୟା । ବିଂ. ଅସତୀ ।

ବନ୍ଧୂଳ, ବି. (ବନ୍ଧ-ଊଳ) ଅସତୀପୁତ୍ର; ବନ୍ଧୂକ ବୃକ୍ଷ । ବିଂ. ନମ୍ର; ସୁନ୍ଦର ।

ବନ୍ଧ୍ୟ, ବି. (ବନ୍ଧ-ଯ) ଫଳଶୂନ୍ୟ (ବୃକ୍ଷ), ନିଷ୍ଫଳ; ବନ୍ଧନଯୋଗ୍ୟ ।

ବନ୍ଧ୍ୟା, ବିଂ. (ବନ୍ଧ୍ୟ-ଆ) ସନ୍ତାନୋତ୍ପାଦନ ଶକ୍ତିହୀନା; ବନ୍ଧନଯୋଗ୍ୟା ।

ବନ୍ଧ୍ୟାତନୟ, ବିଂ. ସଂ. ଅଳୀକ, ମିଥ୍ୟା । ବି. ଅଳୀକ ବିଷୟ ।

ବନ୍ଧ୍ର, ବି. (ବନ୍ଧ-ର) କୁକ୍ଷି, ଉଦର ।

ବବୁର, ବି. (ବର୍ବୁର ଶବ୍ଦଜ) ଗୁହାରିଆଗଛ, ବାବୁଲଗଛ । ଯଥା—

ବବୁର ପ୍ରସୂନ ବାସ ଜନପଦେ, ପ୍ରସରଇ ଅହର୍ନିଶି ।
ଊର୍ବଶୀ ।

ବବୁର୍ଚ୍ଚି, ବି. (ଯାବନିକ) ପାଚକ ଅର୍ଥାତ୍ ଯେ ରାନ୍ଧଇ ।

ବବୁର୍ଚ୍ଚିଖାନା, ବି. (ଯାବନିକ) ରନ୍ଧନଶାଳା ।

ବଭ୍ରୁ, ବି. (ଭୃ = ପାଳନ କରିବା-ଉ, ବଭ୍ର-ଉ) ବିଷ୍ଣୁ; ଶିବ; ଅଗ୍ନି; ନେଉଳ; ଦେଶବିଶେଷ; ମୁନିବିଶେଷ । ବିଂ. ବିଶାଳ, ବିପୁଳ; ପିଙ୍ଗଳବର୍ଣ୍ଣ ।

ବମକଇ, ବି. (ଦେଶଜ) ଏକପ୍ରକାର କନ୍ଦା ।

ବମି, ବି. (ବର୍ମି ଶବ୍ଦର ଅପଭ୍ରଂଶ) ମତ୍ସ୍ୟ-ବିଶେଷ ।

ବମ୍ଭର, ବି. (ବମ୍ଭ = ଏକପ୍ରକାର ଅନୁକରଣ ଶବ୍ଦ-ରା = କରିବା-ଅ) ମଧୁମକ୍ଷିକା; ଭ୍ରମର । ଯଥା—

ଏ ପୁଂସ୍କୋକିଳ ମତ୍ତ ବମ୍ଭରଗଣେ
ବିକ୍ଷୋଭ ପଞ୍ଚାନନେ । ଜା. ପ. ନା.

ବମ୍ଭରାଳୀ, ବି. ସ୍ତ୍ରୀ. (ବମ୍ଭ = ଅନୁକରଣ ଶବ୍ଦ-ରା = କରିବା-ଳ-ଈ) ମକ୍ଷିକା; ଭ୍ରମର । (ବମ୍ଭର-ଆଳୀ) ମଧୁମକ୍ଷିକାସମୂହ; ଭ୍ରମର-ଶ୍ରେଣୀ ।

ବୟ, ବି. (ବ୍ୟୟ ଶବ୍ଦର ଅପଭ୍ରଂଶ) ଖରଚ । ଯଥା—

ଅନେକ ଧନ ବୟ କଲେ,
ଏରୂପେ ଗ୍ରାମ ବସାଇଲେ । ଦା. ର.

ବୟକରିବା, କ୍ରି. କଣିବା ।

ବୟନାମା, ବି. (ଯାବନିକ) ବିକ୍ରୟପତ୍ର ।

ବୟସିବା, କ୍ରି. (ଦେଶଜ) ଗାଈ ଗର୍ଭିଣୀ ହେବା ।

ବୟସ, ବି. (ବୟଃ ଶବ୍ଦଜ) ବାଲ୍ୟାଦି ଅବସ୍ଥାର ପରିମାଣ ସମୟ । ଯଥା —

ବୟସ ନାମ ଖ୍ୟାତ ପୁଣ ମୁନି କରେ ଯା ହେବ ।
ବୈ. ବି.

ବୟସିକା, ବୟସୀ, ବି. ସ୍ତ୍ରୀ. (ବୟସ୍ୟା ଶବ୍ଦଜ) ସଖୀ । ଯଥା—

ବୟସିକାଏ ଛଳଭାବେ ବୋଧି । ବୈ. ବି.
ପ୍ରାତେ ନବବୟସୀ ବୟସୀ ପାଶେ ବସି
ବଶୀଭୂତ ଦର୍ଶନ ଆଣେ ସେ । କୋ.ବ୍ର.ସୁ.

ବୟା, ବି. (ବ୍ୟୟ ଶବ୍ଦଜ) ବ୍ୟୟ ।

ବୟାଣୋଇ, ବିଂ. (ଦେଶଜ) ୯୨ ସଂଖ୍ୟା । ଯଥା—

ବୋଲେ ଉପଇନ୍ଦ୍ର ଭଞ୍ଜ ଶେଷ ହେଲା ଗ୍ରନ୍ଥ
ବୟାଣୋଇ ପଦେ । ବୈ. ବି.

ବୟାନ, ବି. (ଯାବନିକ) ବ୍ୟାଖ୍ୟା, ଅର୍ଥ । (ବଦନ ଶବ୍ଦଜ) ମୁଖ ।

ବୟାଳିଶ, ବୟାଳିଶି, } ବିଂ. (ଦେଶଜ) ୪୨ ସଂଖ୍ୟା । ଯଥା—

ବୟାଳିଶ ପଦରେ ଏ ଚମତ୍କାର,
ବୁଧେ ହେଲା ନ କର ମନେ ବିସ୍ମର । ବୈ. ବି.

ବୟାଶି, ବୟାସି, ବିଂ. (ଦେଶଜ) ୮୨ ସଂଖ୍ୟା । ଯଥା—

ବୟାସି ପଦେ ପଣ୍ଡିତେ ଏ ସ୍ୱାଦୁରେ ରସ । ବୈ. ବି.

ବୟିବା, ବଇବା, କ୍ରି. (ବ୍ୟୟ ଶବ୍ଦଜ) ବ୍ୟୟ କରିବା । ଯଥା—

ବାସ୍ତବ୍ୟ ଆପଣ ପରି କେ ଅଛୁ,
ବଇଲେ ପଦାର୍ଥ ନ ତୁଟେ କଛୁ । ବୈ. ବି.

ବର, ବି. (ବଟ ଶବ୍ଦଜ) ବଟବୃକ୍ଷ । ଯଥା—

ଗଙ୍ଗେଶ୍ୱର ଗାଥା ଦୋହଲ ଦୋହଲ
ଭୂମି ଲମ୍ବି ବରଡାଳେ । ପାଙ୍କଟା ।

(ଗଡ଼ଜାତ) ସ୍ୱାମୀ, ପତି ।

ବରକତ, ବି. (ଯାବନିକ) ଶୁଭ ।

ବରକନ୍ଦାଜ, ବି. (ଯାବନିକ) ସିପାହି ବା ଚପରାସି, ଆଗ୍ନେୟାସ୍ତ୍ରଧାରୀ ଯୋଦ୍ଧା ।

ବରକୋଳି, } ବି. (ବଦରକୋଳି) ସ୍ୱନାମ-
ବର୍କୋଳି, } ପ୍ରସିଦ୍ଧ କୋଳିଗଛ ବା କୋଳି ।

ବରଖାସ୍ତ, ବିଂ. ( ପାରସ୍ୟ ବରଖାସତନ୍ ଶବ୍ଦଜ ) ପଦଚ୍ୟୁତ ।

ବରଖାସ୍ତି, ବି. (ପାରସ୍ୟ ବରଖାସତନ୍ ଶବ୍ଦଜ) ପଦତ୍ୟାଗ ।

ବରଗା, ବି. ( ଦେଶଜ ) କୋଠା ଘରର କଡ଼ିକାଠ ଉପରେ ପଡ଼ିତ ସରୁ କାଷ୍ଠ; ପଠାଇବା, ପ୍ରେରଣ ।

ବରଗିବା, କ୍ରି. (ଦେଶଜ) ପଠାଇବା । ଯଥା—

ବସନ୍ତ କୋକିଳ ଅନଙ୍ଗଙ୍କୁ ଉଚ୍ଚାଟନେ,
ବରଗିଲେ ଅତି ଯତ୍ନ କରି ଏହି ବନେ । ବୈ. ବି.

ବରଗୁଡ଼ି, ବି. (ବର୍ବଟ ଶବ୍ଦଜ) ଏକପ୍ରକାର ଚଣା ।

ବରଚ୍ଛା, ବର୍ଚ୍ଛା, } ବି. (ଦେଶଜ) ଅସ୍ତ୍ରବିଶେଷ ।
ବରଚ୍ଛି, ବର୍ଚ୍ଛି, } ଯଥା—

ବରଚ୍ଛାଘାତକ ପରି ବ୍ୟାକୁଳରେ ବୁଲନ୍ତି ଶିରବିବର ।
ବୈ. ବି.

ଶତ୍ରୁବର ଛିନ୍ନକାରୀ ବରଚ୍ଛିଧାରିଣୀ । ମ. ଯା.

ବର୍ଚ୍ଛି ଘେନି ଭୂଷଇ ଆପଣେ,
କପି ମାଇଲୁ ଲକ୍ଷ ପ୍ରମାଣେ । ବି. ରା.

ବରଜ, ବି. (ଦେଶଜ) ପାନତୋଟା ।

ବରଜାତି, ବି. (ବରଯାତ୍ରୀ ଶବ୍ଦଜ) ବିବାହ ସମୟରେ ବର ସହିତ ଆସିବା ବନ୍ଧୁମାନେ । ଯଥା—

ଦ୍ରୋଣ ବୋଇଲେ ଆମ୍ଭେ ବରଜାତିପଣେ ଆସି,
ଏତେବେଳେ ଜାଣ ବର ପ୍ରବେଶ ହେଲା ଆସି ।
ସା. ଭା. ଆ.

ବରଜି, ବରଜୀ, ବରଜିଆ, ବି. ( ଦେଶଜ ) ପାନରୀ ।

ବରଜିବା, ବର୍ଜିବା, କ୍ରି. ତେଜିବା । (ଗଡ଼-ଜାତରେ) ଚଡ଼ିବା ।

ବରଝାଞ୍ଜି, } ବି. (ଦେଶଜ) ପୋଖରୀ ଗଡ଼-
ବୁରଝାଞ୍ଜି, } ଆରେ ହୋଇଥିବା ଏକପ୍ରକାର ଦଳ ।

ବରଡ଼ି, ବି. ( ଦେଶଜ ) ଅପ୍ରସୂତା ଗାଈ । ଯଥା—

ଦୁହାଁଳ ଦୁଇ ପଦ୍ମ ବରଡ଼ି ବହୁ ଗାଈ,
ଅଶ୍ୱିର ଦଶଲକ୍ଷ ଛତିଶିଲକ୍ଷ ମାଈ । ସା. ଭା. ଆ.

ଛନିଲକ୍ଷ ବରଡ଼ି ଯେ ବାରଲକ୍ଷ ଗାଈ,
ଅବଶ୍ୟ ଆର ଜନ୍ମରେ ମିଳୁ ତୋତେ ଏହି ।
ନୃ. ପୁ. ପ. ତ.

ବରଡ଼ା, ବି. (ବର୍ବଟ ଶବ୍ଦଜ) ତାଳ ନାରିକେଳ ପ୍ରଭୃତି ଗଛର ବାଙ୍ଗୁଆ ଦୁଇପାଖର ପତ୍ର । (ଦେଶଜ) ସ୍ୱନାମପ୍ରସିଦ୍ଧ ଶାକବୃକ୍ଷବିଶେଷ; ଚିତ୍ରକାରମାନେ ପୁଚ୍ଛ ରଙ୍ଗ ଲଗାଇଲା ପରେ ଘଷିବା ଗୋଟାଳିଆ ପଥର ।

ବରଣା, ବି. (ଦେଶଜ) ସୂତା କାଟିବା ନିମିତ୍ତ ପ୍ରସ୍ତୁତ ତୁଳାର ବର୍ତ୍ତିକା ।

ବରଣି, ବିଂ. ( ବରଣୀୟ ଶବ୍ଦଜ ) ବରଣର ଯୋଗ୍ୟ ।

ବରଣ୍ଡା, } ବି. ( ବରଣ୍ଡକ ଶବ୍ଦଜ ) ପାଶ୍ୱଗ
ବାରଣ୍ଡା, } ବା ପିଣ୍ଡା ।

ବରତନ, ବି. ( ବର୍ତ୍ତନ ଶବ୍ଦର ଅପଭ୍ରଂଶ ) ବେତନ ।

ବରତରଫ, ବେତରଫ, ବି. ( ପାରସ୍ୟ ) କାର୍ଯ୍ୟରୁ ତଡ଼ିବା ।

ବରତିବା, ବର୍ତ୍ତିବା, କ୍ରି. (ଦେଶଜ) ପ୍ରାଣରେ ରହିବା । ଯଥା—

ଅଦିତି ବୋଇଲେ ବାବୁ ମାର ବେଗେ ଉଠି,
ତାର ପୁତ୍ର ଜନ୍ମିଲେ ନାହୁଁଟି ତୁ ବର୍ତ୍ତି । ନୃ.ପୁ.ପ.ତ.

ବରଦଳ, } ବି. (ଦେଶଜ) ବର୍ଦ୍ଧାକାର ଅସ୍ତ୍ର-
ବର୍ଦ୍ଦଳ, } ବିଶେଷ । ଯଥା—

ଯମଦଣ୍ଡ ପ୍ରାୟେ କରେ ବଳ ବରଦଳ । ମ. ଯା.

ବରଦାସ୍ତ, ବି. (ଯାବନିକ) ସହିଷ୍ଣୁତା । ବିଂ. ସହ୍ୟ ।

ବରଧୂତ, } ବିଂ. (ବର୍ଦ୍ଧିତ ଶବ୍ଦଜ) ବୃଦ୍ଧିଯୁକ୍ତ ।
ବର୍ଦ୍ଧୁତ, } ଯଥା—

ଧର୍ମବନ୍ତ ଲୋକର ଯେ ଦାରା ଧନ ସୁତ,
ଧର୍ମବଳୁ ହୁଏ ତାର ସକଳ ବର୍ଦ୍ଧୁତ । ନୃ.ପୁ.ଭୃ.ତ.

ବରନ, ବି. (ବର୍ଣ୍ଣ ଶବ୍ଦର ଅପଭ୍ରଂଶ) ବର୍ଣ୍ଣ ।

ବରନଆ, } ବିଂ. ( ଦେଶଜ ) ବର୍ଣ୍ଣଯୁକ୍ତ ।
ବରନିଆ, } ଯଥା—

ଜୟ ଦାମହେମଜିତ ବାସଧାର,
ଜୟ ଘନଶ୍ୟାମ ବରନିଆ ହର । କୃ. ଭା. କ. ପ.

ବରଣୀୟ, ବି°. (ବର୍ଣ୍ଣନୀୟ ଶବ୍ଦଜ) ବର୍ଣ୍ଣନା-
ଯୋଗ୍ୟ । ଯଥା—
ବରଣୀୟ କ ବହୁମୂଲ୍ୟ ଦୁକୂଳ ବନ୍ଧୁ ଅନ୍ୟ ସ୍ତ୍ରି ଶ୍ୱବର,
ବରବର୍ଣ୍ଣିନୀ ହରଦ୍ରା ବୋଲଇଲ
ଛୁଇଁ ଯାହା କଳେବର । ବୈ. ବି.

ବରପାୟା, ବି°. (ବର-ପଦ ଏଥିରୁ ଜାତ)
ଉଚ୍ଚ ବା ଉଚ୍ଚପଦସ୍ଥ ।

ବରଫ, ବର୍ଫ, ବି. (ଯାବନିକ) ତୁଷାର ।

ବରଲ, ବି. (ଦେଶଜ) ଅସ୍ତ୍ରବିଶେଷ । ଯଥା—
ବରଲ ସମାନ ଘାତ କରୁଅଛୁ ଫୁଲଶରେ ରତିବର ।
ବୈ. ବି.

ବରଷ, ବି. (ବର୍ଷ ଶବ୍ଦର ଅପଭ୍ରଂଶ) ବାର
ମାସକୁ ବରଷ ବା ବର୍ଷ କହି ।

ବରଷା, ବି. (ବର୍ଷା ଶବ୍ଦର ଅପଭ୍ରଂଶ) ବର୍ଷା ।

ବରଷିଆ, } ବି°. (ବର୍ଷୀୟାନ୍ ପଦରୁ ଜାତ)
ବରସିଆ, } ବୟୁସଯୁକ୍ତ । ଯଥା—
ସାଠିଏ ବରଷିଆ ହୋଣ୍ଡ ଯେଉଁ ରୂପେ,
ଯୁଝନ୍ତ ସେ ଦୁହେଁ ଯୁଝିଲେ ସେହିରୂପେ । କୃ.ଭା.ବ.ପ.

ବରଷିବା, } କ୍ରି. ବୃଷ୍ଟିକରିବା । ଯଥା—
ବରସିବା, }
ସ୍ମିତ ସୁଧାକୁ ବରଷି ଯେ,
ଭରି ଘନରସ ଉଛୁଳାଇ ଦେଲେ
ନାଗରୀ ହୃଦସରସୀ ଯେ । ବି.ଚ.ମ.

ବରା, ବି. (ଦେଶଜ) କଡ଼କାଷ୍ଠ ମଧ୍ୟରେ ରନ୍ଧ୍ର,
କଡ଼କାଠର ଭିତରେ କାଠଦଂଷ୍ଟ୍ର ଭାଗ ।

ବରାତ୍, ବି. (ଆରବୀ) ପ୍ରୟୋଜନ ।

ବରାତ, ବି. ( ଦେଶଜ ) ଗଞ୍ଜାପାସାରରେ
ଏକବର୍ଣ୍ଣ ସାର; ହିଙ୍ଗୁଳ ବାଟି କଇଂଠ
ଅଠା ମିଶାଇଲେ ଏ ବର୍ଣ୍ଣ ହୁଏ; ଦେବା-
ପାଇଁ ଆଦେଶ (ବେଠି ଶବ୍ଦ ଦେଖ) ।

ବରାବର, କ୍ରି. ବି°. (ଯାବନିକ) ସମ୍ମୁଖ ବା
ସମୀପ; ଏକଧାରାରେ । ଯଥା—
ଯେ ଯାହା କହୁ ମାନ ମୁହିଁ କହେ ବରାବର,
ଓଡ଼ିଶାର ଭାଗ୍ୟଗୁଣେ ହେଲ ଇନ୍‌ସପେକ୍‌ଟର ।
ଉ. ଭ୍ର.

ବି. ସମାନ, ତୁଲ୍ୟ । ଯଥା—
ତାରାବର କିରଣ ବରାବର ଚରଣ,
ନଖାଂଶୁ ସୁରଗଣ ଶିଖାଭରଣ । କ. ଚ. ଚ.

ବରାବାଦ, ବି. (ହିନ୍ଦୀ) ନଷ୍ଟ ।

ବରାମଦ, ବି. (ହିନ୍ଦୀ) ଗୋରିଯିବା ଧନ
ମିଳିବା; ଗୁପ୍ତ ପଦାର୍ଥ ଧରାଯିବା । ଯଥା--
ଏବେ ପିଲଙ୍କ କୋଥଲି ଓ ବେଗରୁ ଧଳା ନାଲି
ହରେକ କିସମର ପଦାର୍ଥ ବରାମଦ ହେଲା ।
ଉ ସା. ୧୮. ୧୧.

ବରାହଦାନ୍ତ, ବି. (ଦେଶଜ, ବରାହ ଦନ୍ତ ଦାନ୍ତ
ତୁଲ୍ୟ ଆକୃତି ଥିବାରୁ ବରାହଦାନ୍ତ ନାମ
ହେଲା) ବଣିହାଦାନ୍ତ ଫୁଲ । ଯଥା—
ବରାହଦାନ୍ତ ନବମାଳିକା, ନୂତନ କରବୀର କଳିକା
ଯଥା ବାଳିକା ନଖମାଳିକା ମହୀ ଉଜ୍ଜ୍ୱଳ ଯେ । ଲ୍.ବ.

ବରିହାଇବା, ବି. ( ଗଡ଼ଜାତରେ )
ଓଲେଇବା ।

ବରିଆ, ବି. (ଦେଶଜ) ନଆଁଅଠା ଅର୍ଥାତ୍
ନଆଁ ସଞ୍ଚୟ କରିବାପାଇଁ ପାଳ ପ୍ରଭୃତି
ନିର୍ମିତ ଶଳାକା ।

ବରିବା, କ୍ରି. (ବୃ ଧାତୁଜ) ବରଣ କରିବା ।
ଯଥା—
ବରିଲ ନାହିଁ ସେ ପାରଲ କେହୁ ଜୀବନ ରଖି । ବି.ଚ.ମ.
ମଣ୍ଡନକରିବା । ଯଥା—
ବାରେକ ବରିବାରେ କବରୀ ହେବ ପବନ ବାଳି ।
କୋ. ବ୍ର. ସୁ.

ବରିଷଣ, ବି. (ବର୍ଷଣ ଶବ୍ଦଜ) ବର୍ଷା, ବୃଷ୍ଟି ।

ବରୁଣ, ବି. (ବ୍ରଣ ଶବ୍ଦଜ) ଘାଆ; ବ୍ରଣ ।

ବରୁଣାଇ, ବି. ସ୍ତ୍ରୀ. (ବାରୁଣୀଦେବୀ ଶବ୍ଦଜ)
ଦେବୀଙ୍କ ନାମବିଶେଷ । (ବାହୁଡ଼ୀ ଶବ୍ଦ
ଦେଖ ।)

ବର୍ଗି, ବର୍ଗୀ, ବି. (ଦେଶଜ) ମହାରାଷ୍ଟ୍ରୀୟ
ଦସ୍ୟୁବିଶେଷ ।

ବର୍କଟ, ବି. (ବର୍କ-ଅଟ) ବ୍ରୀହିବିଶେଷ ।
(ବର୍କ = ଗମନ କରିବା) ବି°. ଲମ୍ପଟ ।

ବର୍କଟୀ, ବି. ସ୍ତ୍ରୀ. (ବର୍କଟ-ଈ) ବେଶ୍ୟା;
ବ୍ରୀହିବିଶେଷ; ବରଗୁଡ଼ି ।

ବର୍କର, ବି. (ବର୍କ-ଅର) ନୀଚ; ମୂର୍ଖ; ଅତି
ଅସଭ୍ୟ ।

ବର୍ହ, ବି. (ବର୍ହ = ପ୍ରାପ୍ତିପାଇବା-ଅ) ମୟୂର-
ପୁଚ୍ଛ; ପତ୍ର; ସଙ୍ଗୀ ।

ବର୍ହିଣ, ବର୍ହୀ, ବି. (ବର୍ହ-ଇନ, ଇନ୍) ମୟୂର ।

ବଳ, ବି. (ବଳ୍ = ବଳିଷ୍ଠହେବା-ଅ) ବାସୁକ; ଅନନ୍ତ; ବଳରାମ; ଦୈତ୍ୟବିଶେଷ; କାକ; ବରୁଣଗଛ; ସାମର୍ଥ୍ୟ; ପରାକ୍ରମ; ସାର; ଖଡ; ଘର; ସ୍ଥୂଳତା; ଦୃଢ଼ତା; ଦେହ; ରୂପ; ଶୁକ୍ର; ରକ୍ତ; ଭୃତ୍ୟ, ସୁହୃତ୍, ଶ୍ରେଣୀ, ଦ୍ୱିପତ୍, ଆଟବିକ, ମୌଳ ଏହି ଛ ପ୍ରକାର ସୈନ୍ୟ । ବିଂ. ବଳବାନ୍; ବଳିଷ୍ଠ ।

ବଳ, ବଇଲ, ବି. (ବଳୀବର୍ଦ୍ଦ ଶବ୍ଦଜ ପ୍ରାକୃତ) ବଳଦ । ଯଥା—

ହସ୍ତେ ଏକ ଏକ ଶୂଳ ଘେନ ଯୋଦ୍ଧାମାନେ,
ସମସ୍ତେ ସଜ ହୋଇଲେ ବଇଲ ବାହନେ । ସା.ଶ୍ରୀ.ସ.

ବଳକା, ବିଂ. (ଦେଶଜ) ଅଧିକ; ଅବଶିଷ୍ଟ । ଯଥା—

ସେନାମାତଙ୍ଗମାନେ କବଳରୁ ବଳକା ଦର୍ଭ
ନକ୍ଷେପିଛନ୍ତି । ଜା.ପ.ନା.

ବଳକ୍ଷ, ବି. (ବଳ = ଶକ୍ତି-କ୍ଷୈ = କ୍ଷୀଣହେବା-ଅ) ଶ୍ୱେତବର୍ଣ୍ଣ । ବିଂ. ଶ୍ୱେତବର୍ଣ୍ଣବିଶିଷ୍ଟ । ଯଥା—

ବଳକ୍ଷ ପକ୍ଷକୁ ଅଙ୍ଗରେ ବନ୍ଧୁ,
ବନ୍ଧନ ସେ ତମନାଶନ ବନ୍ଧୁ । ବୈ. ବି.

ବଳଗଣ୍ଡି, ବି. (ଦେଶଜ) ଯେଉଁଠାରେ ପ୍ରଥମେ ଶ୍ରୀଜଗନ୍ନାଥମହାପ୍ରଭୁଙ୍କ ରଥ ରହେ । ଯଥା—

ବଳଗଣ୍ଡିଠାରେ ରହି ଯଥା ଜଗନ୍ନାଥ,
ବନେ ପୁଣି ଜନକ ସନ୍ତୋଷେ ଚାଳ ରଥ । ବୈ. ବି.

ବଳଜ, ବି. (ବଳ୍ = ଶକ୍ତି-ଜନ୍-ଅ) ଧାନ୍ୟରାଶି; କ୍ଷେତ୍ର; ପୁରଦ୍ୱାର; ଯୁଦ୍ଧ । (ସ୍ତ୍ରୀ) ଉତ୍ତମା ସ୍ତ୍ରୀ; ଜୁଇଫୁଲ । (ବଳଜା ବଲ୍‌ଗୁ ଦର୍ଶନା —ଅମର ।)

ବଳଦ, ବଳଧ, } ବି. (ବଳୀବର୍ଦ୍ଦ ଶବ୍ଦଜ, ପ୍ରାକୃତ ବଳଦ୍ଧ ଶବ୍ଦରୁ ଜାତ) ଅଣ୍ଡିରା ଗୋରୁ । ଯଥା—

ହଳ ବଳଦ ଯେ ଏ ଭୂମିକ ନୋହେ ଲୋଡ଼ା,
ମୂଳହିଁ ଦେବାକୁ ନାହିଁ ସବୁ ବନ୍ଧ ଛଡ଼ା । ନା.ର.ଗୀ.

ବଳଦିଆ, ବିଂ. (ଦେଶଜ) ଯେଉଁମାନେ ବଳଦ ଉପରେ ଘର ଲଦି କାରବାର କରନ୍ତି ।

ବଳନ୍ତ, ବଳବନ୍ତ, ବଳବନ୍ତା, } ବି. (ବଳବତ୍ ଶବ୍ଦଜ) ବଳବାନ୍ । ଯଥା—

ମନ୍ଦଗତି ଗୃହିଁ କରେ କେଉଁ ସହଚରୀ,
କାନ୍ତ ବଳବନ୍ତ ମୁଁ ଅନ୍ତବଳା ସୁକୁମାରୀ । କୋ.ବ୍ର.ସୁ.
ମହା ବଳବନ୍ତା ପ୍ରତିଜ୍ଞାଶୀଳ ସେ ଭୀମ,
ଷଡ଼ଲକ୍ଷ କୋଶେ ବାସ କରଇ ଯମ । ସା. ଭା. ଆ.

ବଲମ, ବି. (ଦେଶଜ) ବର୍ଚ୍ଛି ବା ଏକପ୍ରକାର ଅସ୍ତ୍ର ।

ବଲ୍‌ବଲ, କ୍ରି. ବିଂ. (ଦେଶଜ) ଗୃହାଣି ପ୍ରଭୃତି ପ୍ରୟୋଗ ହୁଏ । ଯଥା—

ତାହା ଦେଖି ତ ଅଜାମିଳ,
ଗୃହିଁଥାଇ ବଲ୍‌ବଲ । ମା. ମା.

ବଳସ୍ତା, ବି. (ଦେଶଜ) ବନ୍ୟଜନ୍ତୁବିଶେଷ । ଯଥା—

ଗୟଲ ଗଣ୍ଡା ବ୍ୟାଘ୍ର ବଳସ୍ତା ଭାଲୁଯାଏ,
ଏ ଆଦି ଚରପାଦେ ଜନ୍ମନ୍ତୁ ତୋର ପୋଏ ।
ନୃ. ପୁ. ପ୍ର. ତ.
ଆରେ କାଳ ଆବୋରଲେ ନ ବର୍ତ୍ତିନ୍ତି ପ୍ରାଣୀ,
କ୍ଷୁଦ୍ର ମୃଗପଲକୁ ରେ ବଳସ୍ତା କି ଗଣି । ହା.ଶ୍ରୀ.ସ.

ବଳା, ବି. ସ୍ତ୍ରୀ. (ବଲ୍-ଅ-ଆ) ଅସ୍ତ୍ରବିଦ୍ୟାବିଶେଷ ।

ବଳା, ବି. (ବଳୟ ଶବ୍ଦଜ) ସ୍ତ୍ରୀପାଦଭୂଷଣବିଶେଷ । ଯଥା—

ବୀଣାଗୁଣୋଜ୍ଜ୍ୱଳାବଚନା ଝୁଣ୍ଟିଆ
ବଳା ହେବାକୁ ଭଲଲଣି । ବି. ଚି. ମ.

ସ୍ତ୍ରୀକରଭୂଷଣବିଶେଷ । ଯଥା—

ବାଜଇ ରଣ ରଣ ବାଜେଣୀ ବଳା । ମେ. ଦୂ.

ଶଗଡ଼ ଭୁମ୍ବ ପ୍ରଭୃତିର ଚକଅଖ୍ରେ ବୁଲିଥିବା ଲୁହାର ବଳୟାକାର ଖଣ୍ଡ । (ବାଳ ଶବ୍ଦଜ) ପୁଅ । ଯଥା—

ତୁନ ହେଲୁ କଆଁ ତୁ କ ରୁଷିଲୁ ରେ ବଳା । ଦ. ବି. (ଦେଶଜ) ଗୁଳା ବାନ୍ଧିବା; ସୁତା ପ୍ରଭୃତିରେ ଦଉଡ଼ି କରିବା ।

ବଳାଇବା, } କ୍ରି. (ଦେଶଜ) ପ୍ରବର୍ତ୍ତାଇବା ।
ବଳଆଇବା, } ଯଥା—
ବଳେଇବା,

ପ୍ରଦୋଷ କୃତ୍ୟରେ ବଳାଇଲେ ମନ । ନ. କେ.

ଅତିକ୍ରମ କରିବା । ଯଥା—

ଏତେ ବୋଲି ସଜନୀ ଦେହଲୀ ବଳାଇଲେ । ପ୍ରେ.ସୁ.ନି.

ଆସକ୍ତ କରାଇବା । ଯଥା—

କାହାର ମନକୁ କହାରେ ଅଛ କି ହେ ବଳାଇ । ବି. ଚି ମ.

ଅନୁରୋଧ କରିବା । ଯଥା—

ସୁମତିକି ଛଳାଇବ, ଶୁଣିବାକୁ ବଳାଇବ । ବି. ଚି. ମ.

ଅବଶିଷ୍ଟ ରଖିବା; ପ୍ରବେଶ କରାଇବା; ଅଧିକାର କରିବା । ଯଥା —

କେ ବୋଇଲା ଛଳ ଏ ଭାରତୀକି,
ଲାଜ ବଳଆଇଥିବ ପ୍ରୀତିକି । ଲା. ବ.

ବଳାକ, } ବି. ସ୍ତ୍ରୀ. (ବଳ୍=ଶକ୍ତି-ଅକ=ଗମନ
ବଳାକା, } କରିବା-ଅ, ଆ) କ୍ଷୁଦ୍ରକାଷ୍ଠପୁ ବକଶ୍ରେଣୀ; କାମୁକୀ ।

ବଳାତ୍, ଅଂ. ସଂ. ହଠାତ୍; ବଳପୂର୍ବକ ।

ବଳାତ୍କାର, ବି. (ବଳ୍-ଅତ୍=ବଳାତ୍-କାର) ଜୋର କରିବା ।

ବଳାବଳି, ବିଂ. (ଦେଶଜ) ଅଧିକ । ଯଥା—

ଦୁହେଁ ଦୁହିଙ୍କରି, ଚଉ ନେଲେ ହରି,
କେ କାହାକୁ ବଳାବଳି,
ନୋହୁ ହରଷରେ ମଦନସାଗରେ ବୁଡ଼ିଲେ । ସୁ. ପ.

ବଳାରାତି, ବି. (ବଳ୍=ଅସୁର-ଅରାତି) ଇନ୍ଦ୍ର ।

ବଳାହକ, ବି. (ବଳ୍=ଶକ୍ତି-ଅ=ନିଷେଧାର୍ଥ-ହା=ତ୍ୟାଗ କରିବା-ଅକ) ମେଘ; ପର୍ବତ; ଦୈତ୍ୟବିଶେଷ; ସର୍ପବିଶେଷ; ମୁଥା ।

ବଳି, ବି. (ବଳ୍=ଦାନ କରିବା, ବଧ କରିବା-ଇ) ବଳିରାଜା; ରାଜସ୍ୱ, କର; ପୂଜାସାମଗ୍ରୀ; ପୂଜା; ଭୂତଯଜ୍ଞ; ଜୀବଗଣକୁ ଖାଦ୍ୟଦାନ; ଚାମରଦଣ୍ଡ । ଳୀ, ସ୍ତ୍ରୀ. ଉଦରାଦି ସ୍ଥାନରେ ତରଙ୍ଗାୟିତ ମାଂସ; ଜରାବିଶ୍ଳଥ ଚର୍ମ; ଭଙ୍ଗୀ; ଗୁହ୍ୟଦ୍ୱାରର ଅଭ୍ୟନ୍ତରସ୍ଥ ମାଂସପିଣ୍ଡ; ଶରୀର ମଧ୍ୟ ରେଖା; ଗୃହଦାରୁବିଶେଷ, ଭୁଳିଆ ଖୁଣ୍ଟ; ଓଳି ବା ଛପରର ଶେଷଭାଗ ।

ବଳିଆ, ବି. (ବଳି ଶବ୍ଦଜ) ବଳରାମ ନାମକ । ଯଥା—

ପ୍ରଭୁ ଶ୍ରୀମୁଖୁଁ ଶୁଣି ଏତେ,
ଦାସ ବଳିଆ ଗ୍ଭର କେତେ । ଦା. ର.

(ଦେଶଜ) ଶ୍ୱାନାକୃତି କ୍ରୂର ବନ୍ୟଜନ୍ତୁ । ଯଥା —

ଶିବା ବ୍ୟାଘ୍ର ବଳିଆ ଯେ ନେଉଳ ମଞ୍ଜାରୀ । ନୃ. ପୁ. ପ୍ର. ତ.

ବଳିଆଇବା, କ୍ରି. (ଦେଶଜ) ବିସ୍ତାର କରିବା । ଯଥା—

ବଳିଆଇ ଯେ କି ବଳୀଶୋଭିନୀକି
କହିବାକୁ ଅଛୁ ଆତୁର । ଲା. ବ.

ବଳାତ୍କାର କରିବା । ଯଥା—

ବଳିଆଇ ବାସ ରଖି ନ ପାରିବ ସ୍ୱଭାବେ ଅବଳା ମୁହିଁ । ଲା. ବ.

ଅନୁରୋଧ କରିବା । ଯଥା—

ଯେଉଁ ମନ୍ତ୍ରୀ ରାଜାକୁ ବଳିଆଇ କାର୍ଯ୍ୟ,
କରଇ ତାହାରଟି ହୁଅଇ ଅକାର୍ଯ୍ୟ । କୃ. ଖା. ବି. ପ.

ଆସକ୍ତ କରିବା; ଅବଶିଷ୍ଟ ରଖିବା; ଅଧିକ କରିବା । ଯଥା—

ଲାଜ ବଳିଆଇଥିବ ପ୍ରୀତିକି । ଲା. ବ.

ବଳିଆର, ବଳୀଆର, } ବିଂ. (ବଳୀୟାନ୍
ବଳିୟାର, ବଳୀୟାର, } ପଦରୁ ଜାତ) ବଳିଷ୍ଠ । ଯଥା—

ମହାବଳିଠାରୁ ବଳିଆର ପୁଣି ଦେବବିଧାନ । ଉଷା ।

ସତ୍ୟହିଁ ଏକା ବଳିଆର, ବ୍ରହ୍ମାଣ୍ଡ ମଧ୍ୟେ ସତ୍ୟ ସାର । ଗ୍ରୁ. ମା.

ଅଧିକ । ଯଥା—

ବେଳ ହୋଇଲା ବଳିଆର,
ଫୁଟିଲେ ରୋହିଣୀ କୁମର । ଖ୍ରୀ. ଦ. ସ୍କ.

ବଡ଼, ବୃହତ୍ ।

ବଳିତ, } ବିଂ. (ବଳି=ଶ୍ଳଥ ଚର୍ମ, କ୍ରି ବଳି-
ବଳିନ, } ଇତ, ଇନ) ବଳିଯୁକ୍ତ ।

ବଳିତା, ବି. (ଦେଶଜ) ଦୀପବର୍ତ୍ତି, ସଳିତା । ଯଥା—

ଦୀପରେ ବଳିତାଟି ଯେବଣରୂପେ ଥାଇ,
ଜଳଇ ତୈଳ ସଂଯୋଗୁ ତିନିରୂପ ହୋଇ । ନୃ.ପୁ.ସ.ତ.

ବଳଧ୍ୱଂସୀ, ବ. (ବଳ-ଧ୍ୱଂସିନ୍) ବିଷ୍ଣୁ ।
ବଳନନ୍ଦନ, ବ. (ବଳ-ନନ୍ଦନ) ବାଣାସୁର ।
ବଳନ୍ଦମ, ବ.(ବଳମ୍-ଦମ୍-ଦମନ କରିବା-ଅ) ବଳଧ୍ୱଂସୀ, ବିଷ୍ଣୁ ।
ବଳପୁଷ୍ଟ, ବ. (ବଳ-ପୁଷ୍ଟ) କାକ ।
ବଳିବା, କ୍ରି. ( ଦେଶଜ ) ଅଧିକ ହେବା । ଯଥା—
ହୃଦ କି ତାଙ୍କର ବଳିଗଲା ପଣ । ନ. କେ.
ଆସକ୍ତ ହେବା । ଯଥା—
ନ ବରସେ ନବରସେ ବଳିଲା ମତି । ବ. ଚ. ମ.
ଉପୁଜିବା । ଯଥା—
ଶୁକର କରିବା ଆଶା ତାର ବଳିଥିଲା,
ଅପେକ୍ଷାରେ ଅପେକ୍ଷାରେ ବର୍ଷେ ଗତ ହେଲା । ବେ.ପ.
ଅତିକ୍ରମ କରିବା । ଯଥା—
ଇଛିତ ସିବା ନାହିଁ ଦେହଳୀ ବଳି,
ଯୁଗଳ ବସିବାର ପ୍ରସନ୍ନ ଖଳି । କୋ. ବ୍ର. ସୁ.
ମାଟି ପ୍ରଭୃତି ଗୁଳା କରିବା । ଯଥା—
ବଳଶ୍ରେଷ୍ଠ ତାହାଙ୍କ ବାମ କଲା ପ୍ରହାର,
ବଳି ବାଟୁଳିକ ସ୍ତନାଗ୍ରରୂପେ ସେ ମନୋହର । ବୈ.ବ.
ସୂତା ପ୍ରଭୃତି ଦଉଡ଼ି କରିବା । ଯଥା—
ଆନନ୍ଦେ ବଳିଲେ ଚଉଁର,
ସ୍ୱାମୀ ଖରଯା ବସିକର । ଦା. ର.
ପ୍ରବେଶ କରିବା; ଅବଶିଷ୍ଟ ରହିବା ।
ବଳଭ, ବ. (ବଳ-ଭ ଅସ୍ତ୍ୟର୍ଥେ) ବଳଯୁକ୍ତ ।
ବଳଭୁକ୍, ବ. (ବଳ-ଭୁଜ=ଖାଇବା-କ୍ୱିପ୍) କାକ ।
ବଳମୁଖ, ବଳୀମୁଖ, ବ. (ବଳ, ବଳୀ-ମୁଖ) ବାନର, କପି ।
ବଳସଦ୍ମ,ବଳମନ୍ଦିର, ବ.(ବଳ-ସଦ୍ମନ୍, ମନ୍ଦିର) ପାତାଳ; ରସାତଳ ।
ବଳିଗିବା, } କ୍ରି. ( ଦେଶଜ ) କହିବା । ଯଥା—
ବଳଗିବା, }
ବଳିଗିଲେ ମୁନି ଭରତ, ଦଶରଥ ନେନ ସୁତ
ବନେ ତାଡ଼ନ୍ତି ବନାଶି ରଖି ମୋ ଯାଗ । ବୈ.ବ.
ବଳୀ, ବଂ. (ବଳ-ଇନ୍ ଅସ୍ତ୍ୟର୍ଥେ) ବଳବାନ୍ । ବ. ବଳରାମ; ଉଷ୍ଟ୍ର; ମହିଷ; ଶୂକର; ବୃଷଭ ।

ବଳୀକ, } ବ. (ବଳ-ଆବରଣ କରିବା-
ବଳକ, } ଇକ)ପଟଳର ପ୍ରାନ୍ତ; ଗୃହାଚ୍ଛାଦନ; ଗୁଞ୍ଜ ।
ବଳୀବର୍ଦ୍ଦ, ବ. (ବଳ=ଶକ୍ତି-ବର୍ଦ୍ଧ=ବର୍ଦ୍ଧନ, ଳ=ଳୀ, ଧ ସ୍ଥାନରେ ଦ) ବଳଦ; ଷଣ୍ଢ ।
ବଲି, ବ. (ଦେଶଜ) ସାନ କଅାର ।
ବଣିଶି, ବଣଣୀ, } ବ. (ଦେଶଜ) ସ୍ତ୍ରୀନାସା-
ବସଣି, ବସୁଣୀ, } ଲଙ୍କାରବିଶେଷ । ଯଥା—
ବଶଣୀ ଟେକ ହେବାର କି ମନୋରମ । ବ. ଚ. ମ.
ରାଜସ୍ୱରେ ଥିବା ଖଞ୍ଜଣା । ବଂ. ସ୍ଥିର । ଯଥା—
ବଣିଶି କରିବ ଯୁବା ଚିତ୍ତରେ ପ୍ରେମ । ବ. ଚ. ମ.
ବଶ୍ୟ, ବ. (ବୈଶ୍ୟ ଶବ୍ଦର ଅପଭ୍ରଂଶ) ବୃଷ୍ଣିପୁ ଜାତି ।
ବସନ୍ତ, ବ. ( ଦେଶଜ ) ଦେଉଳର ତଳ ପିଢ଼ରେ ହୋଇଥିବା ଏକପ୍ରକାର କମ-କାର୍ଯ୍ୟ; (ଦେଉଳର ଝଲମରେ ମଧ ଏ କାମ କରନ୍ତି) ହଳଦିଆ ରଙ୍ଗ ।
ବସା, ବ. (ବାସ ଶବ୍ଦଜ) ପକ୍ଷିଘର । ଯଥା—
ବସାରେ ବର୍ଷରେ ଆହାର ମିଳୁ,
ବଳାକା ଖିଷ୍ଟୁଁ ଆଜ୍ଞା ଦେଲେ ହେଉ । ବୈ. ବି.
ପଥିକ ବା ବୈଦେଶିକମାନେ ରହିବା ଗୃହ । ଯଥା—
କୃଷ୍ଣର ଦୂତକୁ ବସାଇ ପାଶେ । ର. କ.
ସ୍ଥାନ । ଯଥା—
ହୋଇଅଛୁ ଯାଙ୍କ ସୌଧ ଏବେ
ବ୍ୟାଘ୍ର ଭଲ୍ଲୂକର ବସା । ପାର୍ବତୀ ।
ବସିବା; ବସିଥିବା; ସ୍ଥାପିତ; ଖଚିତ । ଯଥା—
ନାହା ତଳିବାରୁ ଚଳେ ହାରବସା
କୁନ୍ଦନ ନବାଢ ଗୁଣା । କୋ. ବ୍ର. ସୁ.
ବସାଣି, ବ. (ବସ୍ ଧାତୁଜ) ବସିବା ।
ବସିବା, କ୍ରି. (ବସ୍ ଧାତୁଜ) ଉପବିଷ୍ଟ ହେବା; ଅନୁନ୍ନତାବସ୍ଥାକୁ ପାଇବା । ଯଥା—
ଲୋକଟା ଏକାବେଳକେ ବସିଗଲା ।

ବସୁ, ବି. (ଦେଶଜ) ଅଧସେର ପରିମାଣ । ଯଥା—

ବଣିଜାର ହସ୍ତ ସ୍ୱର୍ଗପ୍ରସ୍ତୁତ,
ବଶ୍ୱା ବସୁ ଛନ୍ଦ ସବୁ ଜାଣନ୍ତୁ । ବୈ. ବି.

ଶ୍ରେଷ୍ଠ ବୈଦିକ ବ୍ରାହ୍ମଣବିଶେଷ । (କାନ୍ତାରୁ ଶବ୍ଦ ଦେଖ ।)

ବସୁମାତା, ବି. ସ୍ତ୍ରୀ. (ବସୁଧା ମାତା ପଦର ଅପଭ୍ରଂଶ) ଭୂମାତା । ଯଥା—

ଯେତେକାଳଯାଏ ରହିଥିବ ବସୁମାତା । ସା. ଖ. ବି.

ବସ୍ତା, ବି. (ଯାବନିକ) ଅଖାମୁଣା; ପୁଟୁଳି ।

ବସ୍ତାନ, ବି. (ଯାବନିକ) କାର୍ଯ୍ୟଘର; ବୋଝ ।

ବସ୍ତି, ବସ୍ତୀ, ବି. ସ୍ତ୍ରୀ. (ଏହି ସଂସ୍କୃତ ହେଲେହେଁ ବ୍ୟବହାରରେ ଦେଶଜ ପ୍ରାୟ) ନଗର, ପାଟଣା ।

ବହ, ବି. ସ୍ତ୍ରୀ. (ଗଡ଼ଜାତରେ) ବହୂ ବା ବଧୂ ।

ବହତି, ବି. (ଦେଶଜ) ପାପର ସଳିତା । (ବତି ଶବ୍ଦ ଦେଖ । )

ବହନ, କ୍ରି . ବିଂ. (ଦେଶଜ) ଶୀଘ୍ର । ଯଥା—

ଯେତେ ପଛେ ଥିଲ ତେତିକ ଆଗକୁ ଗଲ ବହନ ।
ଭ୍ରସା ।

ବହନ, ବି. (ବହ୍ନି ଶବ୍ଦର ଅପଭ୍ରଂଶ) ନିଆଁ । ଯଥା—

ପଞ୍ଚାଗ୍ନି ଏକ କରି ମୁନି ଦେଲେ ଆହୁତି,
ବ୍ରହ୍ମାଣ୍ଡେ ଲଗିଲ ସେ ବହନଶିଖା ଜ୍ୟୋତି । ସା.ଖ.ଅ.

ବହପ, ବହପା, ବି. (ଦେଶଜ) ସାହସ ।

ବହପିବା, କ୍ରି . (ଦେଶଜ) ସାହସ କରିବା ।

ବହଳ, ବି. (ବନ୍ହ୍ = ବୃଦ୍ଧି ପାଇବା-ଅଳ) ପୋତ, ନୌକା । ବିଂ. ଅନେକ, ଅଧିକ; ଦୃଢ଼, କଠିନ । ( ଦେଶଜ ) ମୋଟା । (ବହୁଳ ଶବ୍ଦଜ ହେବାଠାରେ) ସାନ୍ଦ୍ର । ଯଥା—

କିବା ସେ ବହଳ ତମିସ୍ର ସହିତ । ନ. କେ.

ବହଳିଆ, ବିଂ. (ଦେଶଜ) ଘଞ୍ଚ; ମୋଟା ।

ବହି, ବି. (ଯାବନିକ) ପୁସ୍ତକ । (ଗଡ଼ଜାତ) ହିସାବ ପୁସ୍ତକ ।

ବହିଣୀ, ବହେଣୀ, } ବି. ସ୍ତ୍ରୀ. (ଭଗିନୀ ଶବ୍ଦଜ) ଭଗିନୀ । ଯଥା—

ବହିଣୀ ତୁ ମୋର ନ ଜାଣି ସଂସାର
ମଧ୍ୟରେ କେ ଅଛୁ । ବୈ. ବି.

ପାବଂତୀ ତୁମ୍ଭର ପୁଣି ଅଟନ୍ତି ବହେଣୀ । ନୃ.ପୁ.ପ୍ର.ଭ.

ବହିଦାର, ବି. (ପାରସ୍ୟ) ଯେ ବହି ତିଆରି କରେ; ବହି ଯାର ଅଧୀନ ରହେ ।

ବହିବା, କ୍ରି . (ବହ୍ ଧାତୁଜ) ବହନ କରିବା; ପ୍ରସରିବା । ଯଥା—

ସେ କି ଆନ କେ ତାଙ୍କ ନାମ ବହଇ,
ନାମରେ ସୁଧାସ୍ୱାଦୁ ନଦୀ ବହଇ । ବି. ଚ. ମ.

ଅତିବାହିତ ହେବା । ଯଥା—

ସେହି ଅପେକ୍ଷାରେ ଗୃହଦିନ ବହିଗଲ । ବେ. ପ.

ବହିର, ବହିରା, ବିଂ. (ବଧିର ଶବ୍ଦଜ, ପ୍ରାକୃତ) କାଲ ।

ବହିଶ, ବହିରା, ବି. (ଦେଶଜ) ବାଜପକ୍ଷୀ ।

ବହୁ, ବହୂ, } ବି. ସ୍ତ୍ରୀ. ( ବଧୂ ଶବ୍ଦଜ, ପ୍ରାକୃତ ) ପୁତ୍ରର ଭାର୍ଯ୍ୟା । (ବନ୍ହ୍ = ବୃଦ୍ଧି ପାଇବା-ଉ = ବହୁ) ଅନେକ, ଅଧିକ, ପ୍ରଚୁର ।

ବହୁକର, ବହୁକରୀ, } ବି. (ବହୁ-କୃ-ଅ, ଈ) ମାର୍ଜନ-କାରୀ; ଯେ ଅନେକ କାର୍ଯ୍ୟ କରେ; ଝାଡ଼ୁ ।

ବହୁଟି, ବି.ସ୍ତ୍ରୀ.(ବଧୂଟୀ ଶବ୍ଦଜ) ପୁତ୍ରର ଭାର୍ଯ୍ୟା ।

ବହୁଡ଼ି, ବି. (ଦେଶଜ) ତୃଣଜାତୀୟ ଗୁଳ୍ମ-ବିଶେଷ ।

ବହୁତ, ବିଂ. (ପ୍ରଭୂତ ଶବ୍ଦଜ, ପ୍ରାକୃତ ପହୁତ ଶବ୍ଦରୁ ଜାତ) ବିଶେଷ ବା ଅନେକ ।

ବହୁତୃଣ, ବି. ( ବହୁ-ତୃଣ ) ତୃଣବିରୁ, ତୃଣଗୁଳ୍ମ । ବିଂ. ତୃଣବହୁଳପ୍ରଦେଶ ।

ବହୁତ୍ୱକ୍‌କ, ବହୁତ୍ୱକ୍, ବି. ( ବହୁ-ତ୍ୱଚ୍-କ, ବହୁ-ତ୍ୱଚ୍-କ୍ୱିପ୍) ଭୂର୍ଜପତ୍ର ।

ବହୁଧା, ଅଂ. (ବହୁ-ଧା ପ୍ରକାରାର୍ଥେ) ବହୁ-ପ୍ରକାରେ; ବହୁବାର; ବହୁବିଧ ।

ବହୁଧାର, ବି. (ବହୁ-ଧାର) ଅଶନି, ବଜ୍ର ।

ବହୁନାଦ, ବି. (ବହୁ-ନାଦ) ଶଙ୍ଖ ।

ବହୁପତ୍ର, ବି. (ବହୁ-ପତ୍ର) ପଲାଣ୍ଡୁ, ପିଆଜ । ବିଂ. ଅନେକ ପତ୍ରବିଶିଷ୍ଟ ।

ବହୁପାଦ୍, ବହୁପାଦ, ବି. (ବହୁ-ପାଦ୍, ପାଦ) ବଟବୃକ୍ଷ ।

ବହୁପ୍ରଜ, ବି. (ବହୁ-ପ୍ରଜା-ଅ) ଶୂକର; ତୃଣ-ବିଶେଷ ।

ବହୁମତ, ବିଂ. ( ବହୁ-ମନ୍-ତ ) ଅତିଶୟ ଆଦୃତ ।

ବହୁମଳ, ବି. (ବହୁ-ମଳ) ସୀସା । ବିଂ. ଅନେକ ମଳଯୁକ୍ତ ।

ବହୁମାନ, ବି. (ବହୁ-ମାନ) ଅତିଶୟ ଆଦର; ଅତିଯତ୍ନ ।

ବହୁରୂପ, ବି. (ବହୁ-ରୂପ) ଝୁଣା; କେଶ; କୃକଳାସ; ବ୍ରହ୍ମା; ବିଷ୍ଣୁ; ଶିବ; କାମଦେବ ।

ବହୁଳ, ବିଂ. (ବହୁ-ଲା=ଦାନ କରିବା-ଅ) ଅନେକ; କୃଷ୍ଣବର୍ଣ୍ଣବିଶିଷ୍ଟ । ବି. କୃଷ୍ଣପକ୍ଷ; କୃଷ୍ଣବର୍ଣ୍ଣ; ଆକାଶ ।

ବହୁବୀଜ, ବି. (ବହୁ-ବୀଜ) ଆତଫଳ । ବିଂ. ବହୁ ବୀଜବିଶିଷ୍ଟ ।

ବହୁଶ୍ରୁତ, ବିଂ. ( ବହୁ-ଶ୍ରୁତ ) ସୁଶିକ୍ଷିତ; ବେଦାଦି ଶାସ୍ତ୍ରଜ୍ଞ ।

ବହୁସାର, ବି. (ବହୁ-ସାର) ଖଦିରବୃକ୍ଷ ।

ବହୁସୂତି, ବି. ସ୍ତ୍ରୀ. (ବହୁ-ସୂ-ତି) ବହୁବତ୍ସ ପ୍ରସବିନୀ ଗାଭୀ ।

ବାଁ, ବି. (ବାମ ଶବ୍ଦଜ) ବାମଭାଗ ।

ବାଁଇନମାଛ, ବି. (ଦେଶଜ) ତୋଡ଼ମାଛ ।

ବା, ବି. (ବାତ ଶବ୍ଦର ଅପଭ୍ରଂଶ) ପବନ । ଯଥା—

କର୍ଣ୍ଣମୂଳେ ଝୁଲପି ଝୁଲଇ ମନ୍ଦ ବାଏ । ମଂ. ଘ.

(ବା ଧାତୁଜ) ସଞ୍ଚାର । ଯଥା—

ଆବର ପବନ ବା ଲଗଇ ଯେତେ ଭୂମି,
ଦେବୁ ସେ ଗ୍ରାମଖଣ୍ଡି ନେବେ ଯୁଧିଷ୍ଠି ସ୍ୱାମୀ ।
ନୃ. ପୃ. ସ. ତ.

ବାଆ, ବି. (ବାତ ଶବ୍ଦଜ) ପବନ । (ବା ଧାତୁଜ) ସଞ୍ଚାର; ସ୍ପର୍ଶ ।

ବାଆନ, ବାନ, ବାଉନ, ବିଂ. (ଦେଶଜ) ୫୨ ସଂଖ୍ୟା । ଯଥା—

ଲୁହା ତେବନ ଗଦା ବାଉନ ବାଉନ ଭାର,
ଭୀମ ଗଦାଘାତେ ସେ ପର୍ବତ ହେଲା ଚୂର । ସା.ଭା.ଆ.

ବାଇଁବା, } କ୍ରି. (ଦେଶଜ) ସକଟା ପ୍ରଭୃତି
ବାହିବା, } ଖେଳରେ ଏକ ପାଲିରୁ ଅନ୍ୟ ପାଲିକୁ ସାର ନେବା ।

ବାଇ, ବି. (ଦେଶଜ) ଦୋଷ । ଯଥା—

ତୁ ସ୍ୱର ସ୍ତ୍ରିୟା ବୁଦ୍ଧି କେତେକ ଲୋ କଳୁହ,
ମହା ଚଣ୍ଡାଳୁଣୀ ତୁ ଲକ୍ଷ୍ମୀଙ୍କି କହୁ ବାଇ । ନୃ.ପୃ.ସ.ତ.

ବାଇ, ବାୟି, ବିଂ. (ଦେଶଜ) ବାତୁଳ ବା ଉନ୍ମତ୍ତ । ଯଥା—

ମୋ ସ୍ୱର ତରୁଣୀପାଇଁ ହେଲା ଏଡ଼େ ବାଇ କପାଇଁ ।
ଉଷା ।

(ଗଡ଼ଜାତରେ) ଭଉଣୀ ।

ବାଇଆଣୀ, ବି. ସ୍ତ୍ରୀ. (ଦେଶଜ) ଉନ୍ମତ୍ତା ବା ବାତୁଳା । ଯଥା—

ଗଙ୍ଗା ବୋଇଲେ ମୁଁ ତୋତେ କହଇ ନିରାଧାର,
ବାଇଆଣୀ ବାଉଲୀ ସେ ମୁହିଁ ଦ୍ରୋହକାରୀ । ସା.ଭା.ଆ.

ବାଇଗଣ, } ବି. (ବାତିଙ୍ଗଣ ଶବ୍ଦଜ) ଫଳ-
ବାଇଙ୍ଗଣ, } ବିଶେଷ ।

ବାଇଚଟିଆ, ବି. (ଦେଶଜ) ଏକପ୍ରକାର ଚଟିଆ, ଏମାନେ ବୃକ୍ଷରେ ବସା କରନ୍ତି ।

ବାଇଜହାଣ୍ଡି, ବି. (ବର୍ଜିତ ହାଣ୍ଡିକା ଶବ୍ଦଜ) ଅଶୌଚବୃଦ୍ଧି ହେଲେ ଯେଉଁ ସବୁ ରନ୍ଧା ହାଣ୍ଡି ଫିଙ୍ଗିଦିଅନ୍ତି ।

ବାଇଠା, } ବି. (ଦେଶଜ) ଏକପ୍ରକାର
ବାଇଠାଙ୍ଗିର, } ପକ୍ଷୀ । (ଜୁଇ ଶବ୍ଦ ଦେଖ ।)

ବାଇଡ଼ଙ୍କ, } ବି. (ଦେଶଜ) ଲତାବିଶେଷ,
ବାଇଡ଼ଙ୍କ, } ଏହାର ଫଳ ଦେହରେ ଲାଗିଲେ ଅତୀବ କଣ୍ଡୁ କରେ ।

ବାଇଦ, ବି. (ବାଦ୍ୟ ଶବ୍ଦଜ) ବାଜା ଅର୍ଥାତ୍ ବାଦ୍ୟ । ଯଥା—

ସେ ଶବଦେ ଜନେ ମଣନ୍ତି ପ୍ରମୋଦ,
ହୋଇ କାମରାଜ ପିଟେ କି ବାଇଦ । କୃ. ଭ. ସ. ପ.

ବାଇଦା, ବି. (ଦେଶଜ, ଗଞ୍ଜାମୀ, ଏହିଟି ତେଲୁଗୁ ଶବ୍ଦ, କିନ୍ତୁ ଓଡ଼ିଆରେ ପ୍ରଚୁର) ମିଆଦ ।

ବାଇବା, କ୍ରି. (ଦେଶଜ) ବଜାଇବା । ଯଥା—
ଶୁଣି ମଧୁର ବାଣୀ ବାଣୀ
ଆହ୍ଵ ମୁଁ ବୀଣା ସ୍ଵର କମ୍ପା ବାଇବ । ପ୍ରେ.ସୁ.ନି.

ବାଇବଛ, ବି୦. (ଦେଶଜ) ବାତୁଳ ପରି ଅସ୍ତବ୍ୟସ୍ତ ।

ବାଇବତାଳ, ବି୦. (ଦେଶଜ) ବାତୁଳ ପରି ଅସ୍ତବ୍ୟସ୍ତ ।

ବାଇବେଲ, ବି. (ଦେଶଜ) ଖ୍ରୀଷ୍ଟିୟାନମାନଙ୍କ ଧର୍ମଶାସ୍ତ୍ର ।

ବାଇଶ, ବାଇଶି, ବି୦. (ଦ୍ଵାବିଂଶ ଶବ୍ଦଜ) ୨୨ ସଂଖ୍ୟା ।

ବାଈ, ବି. ସ୍ତ୍ରୀ. (ଯାବନିକ) ବେଶ୍ୟା । ଯଥା—
ମାଡ ମୁଣ୍ଡ ଖାଇ ନଚୁଅଛ ବାଈ । ଦ. ବା.
ମହାରାଷ୍ଟ୍ର ପ୍ରଭୃତି ଦେଶରେ ଭଦ୍ରମହିଳାମାନଙ୍କ ଉପାଧି; ନର୍ତ୍ତକୀ; ଖେମ୍ଟାଲି ।

ବାଉଁରିବା, ବାଉଁରେଇବା, ବାଆଁରିବା, ବାଆଁରେଇବା, କ୍ରି. (ଦେଶଜ) ଆନପ୍ରକାର କହି ପୂର୍ବ କଥା ପାସୋରାଇ ଭୁଲାଇବା । ଯଥା—
କରୁପେ କୃପରେ ତୁମ୍ଭେ ପଚାରିଲ ପୁଚ୍ଛିଲ,
ନାରୀଶିରୋମଣି ତାଙ୍କୁ ବାଆଁରେଇଦେଲ । ବୈ.ପ.

ବାଉଁଶ, ବାଉଁସ, ବାଂଶ, ବି. (ବଂଶ ଶବ୍ଦଜ) ବଂଶବୃକ୍ଷ ।

ବାଉଁଶିଆ, ବାଉଁସିଆ, ବି. (ଦେଶଜ) ବାଉଁଶନିର୍ମିତ ପରିମାଣ ପାତ୍ରବିଶେଷ । ଯଥା—
ମୁଁ ରନ୍ଧିଲି ବାଉଁଶିଆଏ ଭାତ ରାନ୍ଧିଲେ ନଅରଘର
ଚଉରଙ୍ଗ ଖାଇଲେ ସରିବ ନାହିଁ । ହ. ସା.

ବାଉଁସଧାନ, ବି. (ବଂଶଧାନ୍ୟ ଶବ୍ଦଜ) ଏକପ୍ରକାର ଧାନ୍ୟ, ବାଉଁସଗଛର ଧାନ୍ୟାକୃତି ଫଳ ।

ବାଉଁସପତ୍ରି, ବି. (ଦେଶଜ) ମତ୍ସ୍ୟବିଶେଷ ।

ବାଉଁସପତ୍ରିଆ, ବି. (ବଂଶପତ୍ରୀ ଶବ୍ଦଜ) ତୃଣବିଶେଷ । ବି୦. ବାଉଁଶପତ୍ର ଆକୃତିବିଶିଷ୍ଟ ।

ବାଉନିବା, ବାହୁନିବା, କ୍ରି. (ଦେଶଜ ବା ଆବାହନ ଶବ୍ଦଜ) ଗୁଣସ୍ମରଣପୂର୍ବକ ବିଳାପ କରିବା ବା ଝୁରିବା; ଗୁଣ ସ୍ମରଣ କରିବା । ଯଥା—
କଲା ଶ୍ରୀମୁଖକୁ ଚାହିଁଣ,
ବାହୁନୁଥାଇ ପ୍ରଭୁ ଗୁଣ । ଦା. ର.

ବାଉରି, ବି. (ଦେଶଜ) ନୀଚଜାତିବିଶେଷ ।

ବାଉଳ, ବାଉଳା, ବି୦. (ବାତୁଳ ଶବ୍ଦଜ, ପ୍ରାକୃତ) ବାତୁଳ; ନିଦ୍ରାରେ ପ୍ରଳାପ ।

ବାଉଳା, ବାଉଁଳା, ବାଉଳାବାତୁଳା, ବି. (ବ୍ୟାକୁଳ ଶବ୍ଦଜ) ପ୍ରଳାପ ବଚନ; ରୋଗର ଉପଦ୍ରବବିଶେଷ ।

ବାଉଳି, ବି. (ବ୍ୟାକୁଳ ଶବ୍ଦଜ) ନିଦ୍ରାରେ ପ୍ରଳାପ କରିବା । ଯଥା—
କହୁଥିବାର ବାଉଳି, ଜସ୍ତ ରାଧେ ରାଧେ ବୋଲି । ସ.ସ.
(ଦେଶଜ) କର୍ଣ୍ଣଭୂଷଣବିଶେଷ । ଯଥା—
ବାଉଳି ଶ୍ରବଣ ଫୁଲ ସୁଷମାକୁ ନାହିଁ ତୁଲ । ସୁ. ପ.
ଛପରବନ୍ଧ କଲା ସମୟରେ ହାତିଅନ୍ଧ କାନ୍ଥରେ (ମୁକୁଟା) ପାଣି ନ ପଡ଼ିଲା ପରି ବାନ୍ଧିଥିବା ନଡ଼ା ।

ବାଉଳି, ବାହାଳି, ବାଳି, ବି. (ଦେଶଜ) ଖେଳର ପ୍ରଧାନ କଉଡ଼ି ।

ବାଉଳିଖେଳ, ବାହାଳିଖେଳ, ବି. (ଦେଶଜ) ଏ ଖେଳରେ ଦୁଇଜଣ ଠାରୁ ଚାରିଜଣ ପର୍ଯ୍ୟନ୍ତ ଦୁଇ ଦୁଇଟା ବାଉଳି ପକାଇ ଖେଳନ୍ତି, ଅନ୍ୟମାନଙ୍କର ବାଉଳି ସବୁ ଚିତ, ଜଣକର ମାତ୍ର ଗୋଟିଏ ବା ଦୁଇଟା ମାଖ ହେଲେ ନଭୁବା ଅନ୍ୟମାନଙ୍କର ସବୁ ମାଖ, ଜଣକର ମାତ୍ର ଗୋଟିଏ ବା ଦୁଇଟା ଚିତ ହେଲେ ଜିଣା ହୁଏ ।

ବାଉଳିହେବା, ବାଉଁଳିହେବା, କ୍ରି. (ବ୍ୟାକୁଳ-ଭୂ ଧାତୁଜ) ନିଦ୍ରାରେ ପ୍ରଳାପ କରିବା ।

ବାଏ, ବି. (ଦେଶଜ, ତୃତୀୟ ବିଭକ୍ତ୍ୟନ୍ତ) ପବନରେ । ଯଥା—
ହଣେ ହଣନ୍ତି ଧୂମମୟେ,
ଭୂମି ପ୍ରଚଣ୍ଡେ ଘୋର ବାଏ । ଖ. ଦ. ସ୍କ.
କ୍ରି. (ଦେଶଜ ପଦ) ବଜାଏ । ଯଥା—
କେ ତାଳୀ ବାଏ ମନୋହରେ । ଖ. ଦ. ସ୍କ.

ବାକଠକୁଲଆ, ବିଂ. (ଦେଶଜ) ଜାତିଭ୍ରଷ୍ଟ। ବି. ଶୂଦ୍ରଜାତୀୟ ଶ୍ରେଣୀ।

ବାକସ, ବାକ୍ସ, ବି. (ଇଂରାଜୀ ଶବ୍ଦ) ସାନ ପେଡ଼ି।

ବାକି, ବାକୀ, ବିଂ. (ଯାବନିକ) ବକେୟା, ଅବଶିଷ୍ଟ। ଯଥା—

ଲେଖିନେଲେ ଆସି ମନ୍ତ୍ରି ସନ୍ନିଧିରୁ
ଥିଲା ଯା ବାକି ବରତନ। ଲ. ବ.

ବାକଟି, ବି. (ଦେଶଜ) ମାଛ ଧରି ବିକିବା ଜାତିବିଶେଷ।

ବାକେଶ୍ୱରୀ, ବି. ସ୍ତ୍ରୀ. (ବାକ୍ୟେଶ୍ୱରୀ ଶବ୍ଦର ଅପଭ୍ରଂଶ) ଦେବୀବିଶେଷ ବା ଅଷ୍ଟାଦଶ ଦେବୀରୁ ଏକ। ଯଥା--

ଭୁବନେଶ୍ୱରୀ ଡାକେଶ୍ୱରୀ ବାକେଶ୍ୱରୀ କରି। ନୃ.ପୃ.ଭୃ.ଚ.

ବାଖର, ବି. (ଦେଶଜ) ଘୋଡ଼ାରେ ପକାଇବା ଆସନ। ଯଥା—

ସୁବର୍ଣ୍ଣ ଜରି ବାଖର, ପଶ୍ମୀ ଚେଣା କି ବସ୍ତ୍ରାରେ ଢାର,
ଡେଇଁଯିବାକୁ ସପ୍ତସାଗର ଇଚ୍ଛା କମ୍ପାଇ ଯେ। ଲ. ବ.

ଦେଶୀୟ ମଦ୍ୟର ଉପାଦାନ ବିଶେଷ। ଯଥା—

ତଣ୍ଡୁଳ ବାଖର ପ୍ରଭୃତି ପଦାର୍ଥରେ ମାଦକତା ଗୁଣ ସ୍ୱତନ୍ତ୍ର ଭାବରେ ନ ଥିଲେ ମଧ୍ୟ— ମୁ ୨.୧୦.

ବାଗ, ବି. (ଦେଶଜ) ଯେଉଁ ରଜ୍ଜୁ ଆକର୍ଷଣ କରି ଘୋଡ଼ାକୁ ଚଳାଇବାର ଓ ରଖିବାର ହୁଏ। ଯଥା—

ନନ୍ଦଘୋଷରେ ହରି ସାରଥିପଣେ ରହି,
ଶ୍ୱେତ ଅଶ୍ୱଙ୍କ ବାଗ ଧଇଲେ ଭାବଗ୍ରାହୀ। ନୃ.ପୃ.ଭୃ.ଚ.

(ପାରସ୍ୟ) ଉଦ୍ୟାନ।

ବାଗ, ବାଗେ, କ୍ରି. ବିଂ. (ଦେଶଜ) ପ୍ରକାରେ। ଯଥା—

ମୁହିଁ ଯାଉଅଛି ଯେ ବନସ୍ତ ଶତଶୃଙ୍ଗ,
ସ୍ୱାମୀ ବଦନ ଚାହିଁବି ଆଉ କେଉଁ ବାଗ। ସା. ଭା. ଆ.

ପୁଣ୍ୟ କରିବି କେଉଁ ବାଗେ,
ଭିକ୍ଷେ ମାତ କହ ମୋର ଆଗେ। ମା. ମା.

ବାଗଇବା, } କ୍ରି. (ଦେଶଜ) ଆଶ୍ରୟକରିବା;
ବାଗେଇବା, } ଠକିବା କିମ୍ବା ବୁଲାଇବା।
ଯଥା—

ସେ ଯେଉଁ ଆଡ଼କୁ ବାଗେଇଅଛନ୍ତି ସେହିଆଡ଼କୁ। ଉ. ସା. ୧୧. ୭.

ବାଗଣ, ବି. (ଦେଶଜ) ଏକପ୍ରକାର ମାୟାବିଦ୍ୟା (ଗାରେଡ଼ି ଶବ୍ଦ ଦେଖ)।

ବାଗଧରିବା, କ୍ରି. (ଦେଶଜ) ପଥ ଧରିବା।

ବାଗେଇନେବା, କ୍ରି. (ଦେଶଜ) ବୁଲାଇନେବା; ଓଲଟାଇ ନେବା।

ବାଘ, ବି. (ବ୍ୟାଘ୍ର ଶବ୍ଦଜ ବାଗ୍‌ଘ ଶବ୍ଦରୁ ଜାତ) ବ୍ୟାଘ୍ର। ଯଥା—

ଧେନ ମାଘକୁ ବାଘ କରି ମନରେ କହୁଅଛୁ ପୁରଃସର। ଲ. ବ.

ବାଘଛେଳି, ବି. (ଦେଶଜ) ଏକପ୍ରକାର ଖେଳ।

ବାଘୁଣୀ, ବି. ସ୍ତ୍ରୀ. (ଦେଶଜ) ମାଈବାଘ।

ବାଙ୍କ, ବି. (ବଙ୍କ ଶବ୍ଦଜ) ବଙ୍କ। ଯଥା—

ହନେ ମୋ ନେତ୍ରପଥରେ,
ପଡ଼ିଗଲେ ବାଙ୍କଚୂଳିଆ ଥରେ। ବି. ଚ. ମ.

ବାଙ୍କଠେଙ୍କ, } ବିଂ. (ଦେଶଜ) ବଙ୍କ।
ବାଙ୍କଠାଙ୍କ, } ଯଥା—

ବାଙ୍କଠାଙ୍କ ଗଳୁଛନ୍ତି ତ ଗୁମ୍ଫ କାଣ୍ଡେ। କୃ.ଭା.ବ.ପ.

ବାଙ୍କଡ଼ା, ବିଂ. (ଦେଶଜ) ବଙ୍କ।

ବାଙ୍କମୁଣି, ବି. (ଦେଶଜ) ପକ୍ଷିବିଶେଷ (ମାଛରଙ୍କା ଶବ୍ଦ ଦେଖ)।

ବାଙ୍କି, ବି. (ଦେଶଜ) ସ୍ତ୍ରୀମାନଙ୍କର ବକ୍ରାକାର ପାଦବଳୟ।

ବାଙ୍କିଆ, } ବି. (ଦେଶଜ) ଏକପ୍ରକାର
ବାଙ୍କିୟା, } ଶିବିକା। ଯଥା—

ଇଲା ଠାକୁରାଣୀ ଯାଇ ରତ୍ନବାଙ୍କିଆରେ,
ମନ୍ଦିରକୁ ବିଜେ କରି ଗଲନ୍ତି ସଧିରେ। ନୃ.ପୃ.ଭୃ.ଚ.

ବାଙ୍କିମୁହାଣ, ବି. (ଦେଶଜ) ପୁରୀର ପୂର୍ବଦିଗରେ ଅବସ୍ଥିତ ସମୁଦ୍ର ଜଳଭାଗ। ଯଥା—

ପୂର୍ବେ ବାଙ୍କିମୁହାଣ ପବିତ୍ର ଜଳ ଆଦି। ନା. ର. ଗୀ.

ବାଙ୍କୁଲ, ବି. (ଦେଶଜ) ଚନ୍ଦ୍ରାକାର ଆଭରଣ-ବିଶେଷ । ଯଥା—

କଣ୍ଠସୂର କୁନ୍ଦଫୁଲ ମାଳା ରେଖ ରେଖ,
ଅଶ୍ଚରତ୍ନ ବାଙ୍କୁଲ ଲଗିଛୁ ରଥ ଅଖ । ସା. ଭ୍ର. ବ.

ବାଙ୍କେଡ଼, ବାଙ୍କୋଡ଼, ବାକେଡ଼, } ବି. (ଦେଶଜ) ଅସ୍ତ୍ର-ବିଶେଷ । ଯଥା —

ଲୌହ ବରଗ୍ଧ ବାଙ୍କେଡ଼ ଚକ୍ର ଛୁର କାଣ୍ଡ ।
ନୃ. ପୂ. ଦ୍ୱି. ଛ.

ବାକେଡ଼ ଯମଦାଢ଼ ତୀର କସାଣ ଲାଠି । ନୃ.ପୂ.ଚ.ଛ.

(ଫରିକନା ଶବ୍ଦ ଦେଖ ।)

ବାଙ୍କୋଇମହୁପାଳ, ବି. ( ଦେଶଜ ) ଏକ-ପ୍ରକାର ମହୁପାଳ ଧାନ ।

ବାଙ୍ଗର, ବାଙ୍ଗଗ୍, ବାଙ୍ଗଡ଼ା, ବିଂ. (ଦେଶଜ) ଖର୍ବ ଅର୍ଥାତ୍ ଚିମ୍ପା ।

ବାଙ୍ଗୀ, ବାଙ୍ଗଡ଼ୀ, ବିଂ. ସ୍ତ୍ରୀ. (ଦେଶଜ) ଖର୍ବୀ ଅର୍ଥାତ୍ ଚିମ୍ପୀ ।

ବାଙ୍ଗି, ବାହାଙ୍ଗି, ବାଉଁଙ୍ଗି, } ବି. (ବିହଙ୍ଗିକା ଶବ୍ଦଜ) ଭାରଯଷ୍ଟି ।

ବାଙ୍ଗୁଆ, ବାହାଙ୍ଗା, ବି. (ଦେଶଜ) ତାଳ ଓ ନଡ଼ିଆ ଗଛର ଡାଳ ।

ବାଙ୍ମୂଳ, ବି. (ବାକ-ମୂଳ ଶବ୍ଦର ଅପଭ୍ରଂଶ) ଜବାନବନ୍ଦୀ ।

ବାଚକଡ଼, ବି. (ଦେଶଜ) ଏକପ୍ରକାର ଶର । ଯଥା—

ବାଚକଡ଼ ଯମଦାଢ଼ ପରଘ ସାବେଲ । ନୃ. ପୂ. ପ. ଛ.

ବାଚ୍ଚ, ବି. (ଯାବନିକ) ପିଲା; ପୁତ୍ର ।

ବାଛରା, ବି. ( ଦେଶଜ ) ବାଳରୋଗବିଶେଷ; ଘୋଡ଼ାଛୁଆ । (ବସ୍ତତରୀ ଶବ୍ଦଜ) ବାଛୁର ।

ବାଛୁ, ବି. (ଦେଶଜ) ପୁଅ । ଯଥା—

ବାହିଁଲ ତୁରଙ୍ଗମ ଯେ ସୁଦେଷ୍ଣାର ବାଛୁ । ସା. ଭ୍ର. ବ.

ବାଛିବା, କ୍ରି. ( ଦେଶଜ ) ନିନ୍ଦା କରିବା । ଯଥା—

ନ ବାଛୁବ ପରେ ଆତ୍ମକୁ ଆଉ ତ
ଏ କଥା ହେବ ସହ୍ୟ କ ହେ, ନାଗର । ବି.ଚ.ମ.

ଭଲ ଅସାର ଭିନ୍ନ କରିବା । ଯଥା—

ବୃନ୍ଦେ ରସାଳ ଅସ୍ୱାଦୁଁ, ବାଛଇ ସ୍ୱାଦୁ ସେ । ବୈ. ବି.

ବାଛିବୁଛିବା, କ୍ରି. ( ଦେଶଜ ) ଭଲ କରି ବାଛିବା ।

ବାଛୁର, ବି. (ବସ୍ତତରୀ ଶବ୍ଦଜ) ଗୋବତ୍ସ ।

ବାଜ, ବି. (ଦେଶଜ) ଛଞ୍ଚାଣପକ୍ଷୀ । ଯଥା—

ରାଜା ପ୍ରଜା ହେଲେ ଏବେ ବାଜ ପାରା । ଦ. ବା.

ଧାଡ଼ି ବା ଶ୍ରେଣୀ । ଯଥା—ଦେଖଣାହାରି ଲୋକେ ଦୁଇ ବାଜରେ ଠିଆ ହୋଇ-ଅଛନ୍ତି ।

ବାଜଣା, ବି. ( ବାଦନ ଶବ୍ଦଜ ) ବାଦ୍ୟ । ଯଥା—

ବାଜିଲ ମଙ୍ଗଳ ବାଜଣା ଏକାଳେ
ଉପୁଜାଇ ଧର୍ମକର୍ମ । ଉଷା.

ବାଦନ ଅର୍ଥାତ୍ ବଜାଇବା । ଯଥା—

ବାଦ୍ୟ ବାଜଣା ଜଣା ଅର୍ଥେ ନ କରି
ପରସ୍ପରେ କଥା ନୋହି । ବୈ. ବି.

ବାଜଣିଆ, ବି. (ଦେଶଜ) ବାଦ୍ୟ ବଜାଇବା ଲୋକ । ଯଥା—

ବାଜଣିଆ ବଳ ଲଙ୍କାରୁ ବାହାରି
ଏକାଳେ ବାଦ୍ୟ ବଜାଇ । ବୈ. ବି.

ବାଜପୋଇ, ବି. (ଦେଶଜ) ପକ୍ଷିବିଶେଷ । ( ଜୁଇ ଶବ୍ଦ ଦେଖ । )

ବାଜବଇରି, ବାଜବହାରି, ବାଜଭଇଁରି, ବାଜବହରି, } ବି. ( ଦେଶଜ ) ପକ୍ଷିବିଶେଷ । ଯଥା—

ପ୍ରଭୁ ନଳରୁ ଗୁଳି ବାହାରି ଗୁଡ଼ି ଦେବାରୁ
ବାଜବଇରି । ଲ. ବି.

ଅଠାକାଠି ଆଉ ବାଜ ଭଇଁରି,
ଧରି ଆସିଲେ କେତେ କେତେ ନର । ସୁ. ପ.

ବାଜରା, ବି. (ଦେଶଜ) ମକା ପରି ଏକପ୍ରକାର ଶସ୍ୟ ।

ବାଜା, ବି. (ବାଦ୍ୟ ଶବ୍ଦଜ) ବାଦ୍ୟ । ଯଥା—

ଆସନ୍ତି ବଜାଇ ନାନା ରଙ୍ଗେ ବାଜା । ଦ. ବା.

ବାଜାଦାର, ବି. (ଦେଶଜ) ବାଦ୍ୟ ବଜାଇବା ଲୋକ ।

ବାଜି, ବି. (ଦେଶଜ) ପଣ ବା ହୁଡ଼ି; ଦସ୍ତ-ଖେଳରେ ସୂର୍ଯ୍ୟ ରଙ୍ଗର ରଜା ।

ବାଜି, ବାଜୀ, ବି. ( ଯାବନିକ ) କ୍ରୀଡ଼ା ବା ଖେଳା; କୁହୁକ, ଭେଲ୍କି ।

ବାଜକର, } ବି. ( ଦେଶଜ ) ଗାରଡ଼ିଆ,
ବାଜଗର, } କୁହୁକିଆ । ଯଥା—
କଣ୍ଟକକାନନ ପୁଷ୍ପିତପବନ କଲା ପ୍ରେମ ବାଜଗର ।
କେ. ଗୌ.
ମନରେ ହୋଇଲା ତାର ବୈରାଗ୍ୟ ଉଦୟ,
ବୋଇଲା ସଂସାର ଲୀଳା ବାଜକର ପ୍ରାୟ । ବେ. ପ.
ବାଜଣି, ବାଜଣୀ, ବିଂ. ସ୍ତ୍ରୀ. ( ଦେଶଜ )
ଶବ୍ଦକାରୀ । ଯଥା—
ବାଜଣୀ ନୂପୁର ବାନ୍ଧ ନର୍ତ୍ତକୀ । କୋ. ବ୍ର. ସୁ.
ବାଜିବା, କ୍ରି. (ବଦ୍ ଧାତୁଜ) ଧ୍ୱନି କରିବା ।
ଯଥା—
ଧାଆନ୍ତେ କବଚେ ବାଜ ବାଜଇ ତୂଣୀର । ବେ. ପ.
ପ୍ରକଟ ହେବା । ଯଥା—
କୃଷ୍ଣ ନାମ ସବୁଆଡ଼େ ବାଜିଗଲା । ର. କ.
ନ୍ୟସ୍ତହେବା, ଲାଗିବା । ଯଥା—
ବନମାଳ ହୃଦେ ଲାଗିଲା କୁନ୍ତ । ବ. ଚ. ମ.
ବାଜିମାରିବା, କ୍ରି. (ଦେଶଜ) ପଣ କରିବା ।
ବାଜିପ୍ତାପ୍ତି, ବି. (ପାରସ୍ୟ) ସାମାନ୍ୟ କର
ଧାର୍ଯ୍ୟ ହୋଇଥିବା ଜମି ।
ବାଜୁ, ବି. ( ପାରସ୍ୟ-ବାହୁ ଶବ୍ଦଜ ) ବାହୁ
ଅଳଂକାର ।
ବାଜୁ, ବାଜୁବନ୍ଧ, } ବି.(ଦେଶଜ)ହସ୍ତାଳଙ୍କାର
ବାଜବନ୍ଧ, } ବିଶେଷ । ଯଥା—
କରେ ଚୂଡ଼ି ବାହୁଯୁଗେ ବାଜୁବନ୍ଧ
ଗ୍ରୀବାଦେଶେ ଗ୍ରୈବେୟକ । ଯ. କେ.
ବାଜେଣି, } ବିଂ. ସ୍ତ୍ରୀ. ବାଜୁଥିବା । (ଅଳଙ୍କାର
ବାଜେଣୀ, } ପ୍ରତି ପ୍ରଯୋଜ୍ୟ) । ଯଥା—
କଳରବ କରେ କନକ କିଙ୍କିଣୀ
ବାଜଇ ବାଜେଣୀ ନୂପୁର । ର. କ.
ବାଞ୍ଝୀ, ବାଞ୍ଝି, ବି. ସ୍ତ୍ରୀ. ( ବନ୍ଧ୍ୟା ଶବ୍ଦଜ )
ବନ୍ଧ୍ୟା । ଯଥା—
ବାଞ୍ଝୀ ସ୍ତ୍ରୀ ଗର୍ଭେ ଯେସନ୍ତେ ପୁତ୍ର ନୋହେ ଜାତ ।
ନା. ର. ଗୀ.
ବାଂଝ, ବାଁଝ, } ବିଂ. ସ୍ତ୍ରୀ. (ବନ୍ଧ୍ୟ ବା ବନ୍ଧ୍ୟା
ବାନ୍ଧ, } ଶବ୍ଦଜ) ବନ୍ଧ୍ୟା ସ୍ତ୍ରୀ । ଯଥା—
ପଥ ଭୁଲେ ନ ମିଳାର କେହି ନ ଜାଣିବେ,
ବାଞ୍ଝ ହେଲା ବୋଲିକରି ନନ୍ଦିବେ ସରବେ । ନା.ର.ଗୀ.

ବାଟଗୁଲି, } ବି. ସ୍ତ୍ରୀ. (ଦେଶଜ) ପକ୍ଷିବିଶେଷ
ବାଟଗୁପୁଲି, } (ଚଢ଼େଇ ଶବ୍ଦ ଦେଖ) । ଯଥା—
ଚଢ଼େଇ ଚନ୍ଦ୍ରାମଣି ଯେ ବାଟଗୁଲି ପୁଣ । ନୃ.ପୁ.ଚ.ତ.
ବାଟପଡ଼ା, ବିଂ. (ଦେଶଜ) ଯାହା ହେତୁରୁ
ବାଟ ପଡ଼ିଯାଏ, କେହି ସେହି ବାଟେ
ଯାଇ ପାରନ୍ତି ନାହିଁ ଅର୍ଥାତ୍ ଘାତୁକ ।
ଯଥା—
ଅର୍ଜୁନ ବୋଇଲେ ଭୁହି ଅଟୁ ବାଟପଡ଼ା,
କଷ୍ଟେ ପ୍ରାଣନାଶ ଆଜ ହୋଇଲୁ ରେ ବୀର । ସା.ଭ୍ର.ଆ.
ଦସ୍ୟୁ, ତସ୍କର । ବି. ମାର୍ଗରେ ଥିବା
ପଲ୍ଲୀଗ୍ରାମ ।
ବାଟପାଡ଼ି, } ବି. (ଦେଶଜ) ଡକାଇତ ।
ବାଟପାରି, }
ବାଟମୁଣ୍ଡି, ବି. (ଦେଶଜ) ଦ୍ୱାରଦେଶ ।
ବାଟଦସ, ବି. (ଦେଶଜ) ବିବାହର ପୂର୍ବ
ଉତ୍ସବସ୍ଥ ଦିବସ ।
ବାଟି, ବି. (ଦେଶଜ) କ୍ରୀଡ଼ନକବିଶେଷ ।
ଯଥା—
ବାଟି କ୍ରୀଡ଼ାକୁ ଗ୍ରୁଡ଼ି ନାହିଁ ଯେହି,
ବେଶେ ରହିବାକୁ ଏକା ଡ଼ରଇ । ବୈ. ବି.
ଭୂମିପରିମାଣବିଶେଷ । ଯଥା—
ବାଟିଏ ଯେ ତପେ ପଉଟିଏ ଢ଼ଏ ସଙ୍ଖ୍ୟା । ସା. ଭ୍ର. ଆ.
ଗିନା, ପାତ୍ରବିଶେଷ ।
ବାଟିବା, କ୍ରି. (ଦେଶଜ) ମର୍ଦ୍ଦନକରିବା ।
ଯଥା—
ଅମୃତ ମିଶାଇ ବାଟି ଗୁଣିଲା । ବ. ଚ. ମ.
ବାଟୁଆ, ବି. (ଦେଶଜ) ପଥିକ । ଯଥା—
ତାହାଙ୍କ ଆତିଥ୍ୟ ବିଧି ଥିଲା ଚମତ୍କାର,
ଖୋଜି ଖୋଜି ବାଟୁଆଙ୍କୁ କରନ୍ତି ସତ୍କାର । ଉ. ଭ୍ର.
ବାଟଳ, ବିଂ. (ବର୍ତ୍ତୁଳ ଶବ୍ଦଜ) ବର୍ତ୍ତୁଳ ।
ଯଥା—
ଉଦର ଗୋଟିକ ହେମ ପାନପାତ୍ର କି ସେ,
ପଦ୍ମପତ୍ର ନୀର ପ୍ରାୟେ ସୁବାଟୁଳ ଦିଶେ । ନୃ.ପୁ.ପ୍ର.ତ.
ବାଟୁଳି, ବାଟୁଳୀ, ବି. ସ୍ତ୍ରୀ. (ବର୍ତ୍ତୁଳ ଶବ୍ଦଜ)
ଧନୁରେ ବନ୍ଧିବା ଲୌହାଦି ଗୁଳି । ଯଥା—
ବାଟୁଳୀ ଧରୁଁ କ୍ରୌଞ୍ଚ ଚମକେ,
ଭୋଜନକାଳେ ଭୟତ୍ରଶାକେ । ବୈ. ବି.
ଅଶ୍ୱତ୍ଥମାରଣପଟୁ ଆୟୁଧ ବାଟୁଳି । ମ. ଯା.

ବାଟୁଲିଖଡ଼ା, ବି. (ବର୍ତ୍ତୁଳଖେଟକ ଶବ୍ଦଜ) ଏକପ୍ରକାର ଧନୁ, ଏଥିରେ ମାଟିର ସାନ ସାନ ଗୁଳି ନିକ୍ଷେପ କରି ମାକଡ଼ ଓ ଚଢ଼େଇ ମାରନ୍ତି ।

ବାଟେଇଦେବା, କ୍ରି. (ଦେଶଜ) ବାଟ ଦେଖାଇ ଯାଅ ବୋଲି କହିବା; ପଠାଇଦେବା ।

ବାଟୋଇ, ବି. (ଦେଶଜ) ପଥିକ । ଯଥା—

ବାଟୋଇ ଠାବେ ଠାବେ ଅଟକ ରହେ । ରୁ. ସ୍ତୁ.

ବାଡ଼, ବି. (ଦେଶଜ) ଭିତ୍ତି; ଆଡ଼ । ଯଥା—

କେଉଁ ରସନିଧି ଶରହେ ଅବଧି
ଗାର କାଟିଲି ବାଡ଼ରେ । ର. କ.

( ବଉଳଝଙ୍କା ଶବ୍ଦ ଦେଖ । )

ଘେର । ଯଥା—

ସୁଖ ଦେଇ ସୁଖପଥେ ବଜ୍ରବାଡ଼ ଦେଇ
ବୁଜିଦେଲି ବିହ୍ମା । ଯ. କେ.

ବାଟିକା । ଯଥା—

ଘରର ବାଡ଼ ସଜକଣ୍ଟା,
ଖାର ଅଙ୍ଗାର ଭସ୍ମ ଅଠା । ଖ୍ଵ. ଦ. ସ୍ଵ.

ଶ୍ରେଣୀ ବା ଭାଗ । ଯଥା—ଏବେ ଗୌଡ଼-ଜାତି ଦୁଇବାଡ଼ ହୋଇଅଛନ୍ତି ।

ବାଡ଼ପାଣି, ବାଡ଼ପାଣିପିଟା, } ବି. (ଦେଶଜ) ଭଣ୍ଡାରିପ୍ରଭୃତି ଶୂଦ୍ରଜାତିରେ କନ୍ୟାର ଯୋଗ୍ୟ ବର ନ ଘଟିବା ପକ୍ଷେ ପ୍ରଥମେ ଜୁଇଁ ବା ଅଜା ପ୍ରଭୃତି ସଙ୍ଗେ କନ୍ୟାର ବିବାହ ବଢ଼ାଇ ଦିଅନ୍ତି, ପରେ ବର ଘଟିଲେ ସେ କନ୍ୟାକୁ ପ୍ରଦାନ କରନ୍ତି, ଏ ପ୍ରଥାକୁ ବାଡ଼ପାଣିପିଟା କହନ୍ତି ।

ବାଡ଼ବ, ବି. (ବଡ଼ବା-ଅ) ବାଡ଼ବାଗ୍ନି, ସମୁଦ୍ରୀସ୍ଥ ଅଗ୍ନି; ବ୍ରାହ୍ମଣଜାତିବିଶେଷ ବା କରଣବିଶେଷ; ବଡ଼ବାସମୂହ । ବିଂ. ବଡ଼ବାସମ୍ବନ୍ଧୀୟ ।

ବାଡ଼ା, ବି. (ଦେଶଜ) ପ୍ରହାର ।

ବାଡ଼ାଇବା, ବାଡ଼େଇବା, କ୍ରି. (ଦେଶଜ) ପ୍ରହାର କରିବା ।

ବାଡ଼ି, ବାଡ଼ୀ, ବି. ସ୍ତ୍ରୀ. (ବାଟୀ ଶବ୍ଦଜ ପ୍ରାକୃତ) ବାଟିକା । ଯଥା—

ଘର ବାଡ଼ୀ ଜମିଜମା ବନ୍ଦୋବସ୍ତ । ଡ. ବା.

(ଦେଶଜ) ଯଷ୍ଟି । ଯଥା—

କଠାଭି ଦଉଡ଼ି ଶିକା ଖର ବାଡ଼ି
ଆସ୍ଥା ହେଲିନି ତେତେବେଳୁ । ର. କ.

ବିରେଚନ । ଯଥା—

ହିକ୍କା ଅଜୀର୍ଣ୍ଣ ବାଡ଼ି ଧୂଗାଡ଼ି ପେଟଫୁଲି । ନୃ.ସୁ.ସ.ତ.

କେଉଁ କେଉଁଠାରେ ଋଣ ଶବ୍ଦର ସହିତ ବ୍ୟବହୃତ ହୁଏ । ଯଥା—

ଋଣ ବାଡ଼ି କରଣ ଦେଇଥାଇ ଧନ । ନା. ର. ଗୀ.

ଯେଉଁ ସ୍ଥଳରେ ଲୁଣମାଟି ସଂଗୃହୀତ ହୋଇ ରଖାଯାଏ ତାକୁ ବାଡ଼ି କହନ୍ତି ।

ବାଡ଼ିଅଁଳା, ବାଡ଼ିଅଏଳା, } ବି. (ବାଟୀ-ଆମଳକ ବା ବାଟ୍ୟାଲକ ଶବ୍ଦଜ) ସ୍ଵନାମ ପ୍ରସିଦ୍ଧ ଗୁଳ୍ମବିଶେଷ ।

ବାଡ଼ିଆ, ବି. (ଦେଶଜ) ପ୍ରହାର । ଯଥା—

ଏଣୁ ଗୁଡ଼ିଆଣୀ ତେଣୁ ଗୁଡ଼ିଆ,
କାଷ୍ଠିକ ଦେଲେ ସେ ଚଟୁବାଡ଼ିଆ । ହା. ତ.

ବଗିଗୁ ଜଗିବାବାଲ୍; ଖୋଳସା ।

ବାଡ଼ିଆଡ଼, ବି. (ଦେଶଜ) ଘରର ପଛଆଡ଼ ଜମି । ଯଥା—

ବାଡ଼ିଆଡ଼େ କୂପ ଖୋଳି ମରୁଥାନ୍ତି ବୃଦ୍ଧ । ନା.ଭ.ଗୀ.

ବାଡ଼ିଆବାଡ଼େଇ, ବି. (ଦେଶଜ) ବାଡ଼ିରେ ପିଟାପିଟି । ଯଥା—

ବାଡ଼ିଆବାଡ଼େଇ ହୋଇ ମରନ୍ତି ପାମରେ । ମ ଯା.

ବାଡ଼ିକ, ବି. (ଦେଶଜ) ବିରେଚନ, ମଳତ୍ୟାଗ ।

ବାଡ଼ିକ ବସିବା, କ୍ରି. (ଦେଶଜ) ମଳତ୍ୟାଗ କରିବାକୁ ବସିବା । ଯଥା—

ଅଲପ ଖାଇ ଲୋକେ ବହୁତ ବାଡ଼ିକ,
ବସୁଛନ୍ତି ଆଣୁ କୁ ହୋଇ ଜାକଜୁକ । କୃ. ଖ. ହ. ପ.

ବାଡ଼ିତିଆଡ଼, ବାଡ଼ିତ୍ୟାଡ଼, ବି. (ଦେଶଜ) କାଠ ଯୋଡି ମାଟି ଛୁଟିଥିବା କାନ୍ଥ ।

ବାଡ଼ିବାନ୍ତି, ବି. (ଦେଶଜ ପ୍ରାୟ) ବିସୂଚିକା ରୋଗ ।

ବାଡ଼ୁଅ, ବିଂ. (ଅବ୍ୟୂଢ଼ ଶବ୍ଦଜ) ଅବିବାହିତ ।

ବାଡ଼ୋର, ବି. (ଦେଶଜ) ଯୁଦ୍ଧବିଦ୍ୟାବିଶେଷ । ଯଥା—

ଫର ଖଣ୍ଡା ସାବେଲ ସାଧିକ ମାଲଯୁଦ୍ଧ,
ବାଡ଼ୋର ଚକାବହୁଡ଼ା ଆଦି ପରଲମ୍ବ । ନୃ.ସୁ. ଚ ତ.

ବାଢ଼ିବା, କ୍ରି. (ଦେଶଜ) ଭୋଜନାର୍ଥେ ଅନ୍ନ ବ୍ୟଞ୍ଜନାଦି ରଖିବା; ବିସ୍ତୃତ କରି ଥୋଇବା । ଯଥା—

ବୁହାଇ ଅମୂଲ୍ୟ ପଦାର୍ଥ ଶ୍ରୀରାମ ଶ୍ରୀମୁଖରେ ସମସ୍ତ,
ବାଢ଼ିଣ ମସ୍ତକେ ଦେଲେ ବେନି ହାତ । ବି. ରା.

ବିସ୍ତାର ପ୍ରକାଶ କରିବା । ଯଥା—

ଦ୍ରୋଣଗୁରୁ ବୃଢ଼ା ଦେଖି ଯୁଦ୍ଧପ୍ରୌଢ଼ି,
ଅର୍ଜୁନର ପ୍ରଶଂସା କରିଲେ ମୁଖେ ବାଢ଼ି । କୃ.ଭୁ.ବ.ପ.

ବାଢ଼ୁଣୀ, ବି. ସ୍ତ୍ରୀ. (ଗଡ଼ଜାତରେ) ପହଁରା ।

ବାଢ଼ୋଇ, ବି. (ବର୍ଦ୍ଧକୀ ଶବ୍ଦଜ) ଜାତିବିଶେଷ ।

ବାଣ, ବି. (ବଣ୍ = ଶବ୍ଦ କରିବା-ଅ) ଶର; ଅଗ୍ନି; ଶବ୍ଦ; ଗୋସ୍ତନ; ବାଣରାଜା । (ଦେଶଜ) ହାଉଇ, ଆତସବାଜି ପ୍ରଭୃତିକୁ ବାଣ କହନ୍ତି; ଏକପ୍ରକାର ପୁଷ୍ପବୃକ୍ଷ, ଏହା ରକ୍ତ ଓ ପୀତ ଦ୍ୱିବିଧ; ମାରଣ ମନ୍ତ୍ର ବା ଉପାୟ । ଯଥା—ସେ ତାକୁ ବାଣ ମାରିଲା ଅର୍ଥାତ୍ ପ୍ରାଣରେ ମାରିବାପାଇଁ ମନ୍ତ୍ରୋପାୟ କଲା; ମୂଲ୍ୟ । ଯଥା—

ବ୍ରାହ୍ମଣ ବୋଲଇ ତୁ ଶୁଣ,
ଏ ବସ୍ତ୍ରଖଣ୍ଡି ଯେତେ ବାଣ ।
ତେତେକ ଯେବେ ଗ୍ରହିଦେବୁ,
ତେବେ ଏ ଫଳଗୋଟି ନେବୁ । ଦା. ର.

ବାଣଯୁଆର, ବି. (ଦେଶଜ) ବରାହ ।

ବାଣାବାଡ଼ି, ବି. (ଦେଶଜ) ଲମ୍ବ ରଜ୍ଜୁ ରେଷ୍ଟ ହେବା ବାଉଁଶ ଯଷ୍ଟି ।

ବାଣି, ବି. (ଦେଶଜ) ବୃତ୍ତିବିଶେଷ ବା ଛନ୍ଦବିଶେଷ । ଯଥା—ଅମୁକ ବାଣିରେ ଗାଇବ । ସ୍ତ୍ରୀ. ବାପଦଣ୍ଡ ଅର୍ଥାତ୍ ଲୁଗା ବୁଣିବା ତନ୍ତ ।

ବାଣିପଥର, ବି. (ଦେଶଜ) ସାନ ଗୋଟାଳିଆ ପଥର ।

ବାଣୁଆ, ବି. (ଦେଶଜ) ବ୍ୟାଧ; ଯେ ବାଣ ତିଆରି କରେ ।

ବାଣ୍ଟ, ବି. (ବଣ୍ଟନ ଶବ୍ଦଜ) ବିଭାଗ ।

ବାଣ୍ଟିବା, କ୍ରି. ( ବନ୍ଟ ଧାତୁଜ ) ବିଭାଗ କରିବା; ବିତରଣ କରିବା । ଯଥା—

ବେଶେ ରହିବାକୁ ଏକା ଡରଇ,
ବାଣ୍ଟ ମନେ ଦୈତ୍ୟ ନାଶିବେ କେହି । ବୈ. ବି.

ବାଣ୍ଟିହେବା, କ୍ରି. (ଦେଶଜ) ଚିନ୍ତିତ ହେବା; ଆପେ ବିଭକ୍ତ ହେବା ।

ବାତାପି, ବି. (ଦେଶଜ) ଅମ୍ଳଫଳବିଶେଷ ।

ବାତେଇବା, କ୍ରି. ( ଦେଶଜ ) ବାତାଧିକ ହେବା, ବାତବିକାରରେ ପୀଡ଼ିତ ହେବା ।

ବାପ୍ରା, ବି. (ବପ୍ର ଶବ୍ଦଜ) ପୁଅ ବା ପୁତ୍ରର ସମ୍ବୋଧନ । ଯଥା—

ଶୁଣିଣ ଜଗନ୍ନାଥେ ବୋଇଲେ ଅଗ୍ରୁ ଆଗ୍ରୁ,
ଦେହକୁ କାଟିବାରୁ ଜାଣିଲୁ କ ହୋ ବାପ୍ରା ।
ନୃ. ପୁ. ସ. ତ.

ବାଦ, ଅଂ. (ଦେଶଜ) ପରେ, ଉତ୍ତାରୁ ।

ବାଦଡ଼ା, ବାଦରା, ବାଦୁଡ଼ି, } ବି. (ଦେଶଜ) ରାତିଚରା-ନାମକ ଏକଜାତୀୟ ପକ୍ଷୀ, ଏମାନେ ଗଛରେ ଓହଳି ରହିଥାନ୍ତି । ଯଥା—

ବାଦରା ପକ୍ଷୀପ୍ରାୟେ ଲମ୍ବିଲା ଦୈତ୍ୟ ତହିଁ । ନୃ.ପୁ.ପ୍ର.ତ.

ବାଦଭୂତି, ବି. ସ୍ତ୍ରୀ. ଦେବୀବିଶେଷ । (ତେନ୍ତାଳୀ ଶବ୍ଦ ଦେଖ)

ବାଦର, ବିଂ. (ବଦର-ଅ) କାର୍ପାସ ନିର୍ମିତ (ବସ୍ତ୍ରାଦି) । ବି. କୋଳି ଗଛ, ବରକୋଳି ଗଛ; କାର୍ପାସ ସୂତ୍ର ।

ବାଦରା, ବି. ସ୍ତ୍ରୀ. (ବଦର-ଅ-ଆ) କପାଗଛ ।

ବାଦଲ, ବି.(ବାର୍ଦ୍ଦଳ ଶବ୍ଦଜ) ଦୁର୍ଦ୍ଦିନ । ଯଥା—

କେତେବେଳେ ଖସୁଥାଏ ବିରଳ ଶୀକର,
କେତେବେଳେ ବୃଷ୍ଟିହୀନ ବାଦଲ ମାତର ।
ଉ. ସା. ୭ଭା. ୮ସ.

ବାଦସା, ବାଦ୍‌ସା, ବାଦସାହ, } ବି. (ଯାବନିକ) ରାଜା । ଯଥା—

ଝାଡ଼ଖଣ୍ଡ ରସା ବାଦସା ଭଣେ । କ. ଚ. ଚ.

ଚକ୍ରବର୍ତ୍ତୀ । ଯଥା—

ଏମନ୍ତ ବିଚାରି ତା ମନେ,
ବାଦ୍‌ସାର ଛଡ଼ିଦାରମାନେ । ଦା. ର.

ବାଦାମ, ବାଦାମ୍, } ବି. (ପାରସ୍ୟ ବା ବାତାମ୍ର ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଫଳବିଶେଷ ।

ବାଧ, ବି. (ବାଧ୍‌-ଅ) ବ୍ୟାଘାତ, ପ୍ରତିବନ୍ଧ, ରୋଧ; ଉପଦ୍ରବ; ପୀଡ଼ା । ବିଂ. ବାଧକ ।

ବାଧକ, ବିଂ. (ବାଧ୍‌-ଅକ) ପ୍ରତିବନ୍ଧକ । ବି. ସ୍ତ୍ରୀଲୋକମାନଙ୍କର ସନ୍ତାନ ପ୍ରସବ ପ୍ରତିବନ୍ଧକ୍‌ରୋଗବିଶେଷ ।

ବାଧକ, ବାଧକା, ବି. (ବାଧା ଶବ୍ଦଜ) ବାଧା, ପୀଡ଼ା ।

ବାଧା, ବି. ସ୍ତ୍ରୀ. (ବାଧ-ଆ) କ୍ଳେଶ, ଦୁଃଖ ।

ବାଧିତ, ବିଂ. (ବାଧ୍‌-ତ) ପୀଡ଼ିତ, ବ୍ୟଥିତ; ବ୍ୟାହତ, ନିବାରିତ; ଆୟତ୍ତ, ବଶୀଭୂତ । (ବିଶେଷ୍ୟରେ ବାଧନ ହୁଏ ।)

ବାଧିବା, କ୍ରି. (ବାଧନ ଶବ୍ଦଜ) କଷ୍ଟ ବୋଧ ହେବା; ପ୍ରତିକୂଳାଚରଣ କରିବା ।

ବାଧ୍ୟ, ବିଂ. (ବାଧ୍‌-ଯ) ବାରଣଯୋଗ୍ୟ; ବଶୀଭୂତ; ପୀଡ଼ନୀୟ ।

ବାଧ୍ୟତା, ବି. (ବାଧ୍ୟ-ତା) ବଶୀଭୂତତା; ନିଷିଦ୍ଧତା । (ବ୍ୟାବହାରିକକ୍ଷେତ୍ରରେ) ଶ୍ରଦ୍ଧା; ଯତ୍ନ ।

ବାନ, ବି. (ଦେଶଜ) ସ୍ୱର୍ଣ୍ଣର ତେଜ । ବିଂ. ୫୨ ସଂଖ୍ୟା ।

ବାନଗି, ବି. (ଦେଶଜ) ଗର୍ବ ।

ବାନା, ବି. (ଦେଶଜ) ପତାକା; ଆଧିକ୍ୟ ବା ମହିମା । ଯଥା—

ଲଙ୍କା ନିବାରଣ ବାନା ପ୍ରଭୁ ଭଗବାନ । ବୈ. ସ.

ପ୍ରଭୁ ଭଗବାନ ।

ବାନାପଟା, ବି. (ଦେଶଜ) ଏକପ୍ରକାର କ୍ରୀଡ଼ା ।

ବାନ୍ଦର, ବି. (ବାନର ଶବ୍ଦଜ) ବାନର ।

ବାନ୍ଦା, ବି. (ପାରସ୍ୟ) ଦାସ, ଭୃତ୍ୟ । (ସ୍ତ୍ରୀ ବାନ୍ଦୀ) ଦାସୀ ।

ବାନ୍ଧ, ବିଂ. (ବନ୍ଧ୍ୟର ଅପଭ୍ରଂଶ) ବାଂଝ; ନିଷ୍ଫଳ ।

ବାନ୍ଧକନେୟ, ବି. (ବନ୍ଧକୀ = ଅସତୀ-ଏୟ, ନ ଆଗମ) ଅସତୀ ପୁତ୍ର, ଜାରଜ ।

ବାନ୍ଧପୁଅ, ବାନ୍ଧପୁଅା, ବିଂ. ମିଥ୍ୟା, ଅଳୀକ ।

ବାନ୍ଧିବା, କ୍ରି. (ବନ୍ଧ୍‌ ଧାତୁଜ) ବନ୍ଧନ କରିବା; ଗଣ୍ଠି ପକାଇବା; ଖେଳିବା ସମୟରେ ହୁଡ଼ି କରିବା ।

ବାନ୍ଧେଣି, ବି. (ଦେଶଜ) ବନ୍ଧନ । ଯଥା—

ବେଗେ ଘରୁ ଗୋ ଆସ ନନ୍ଦରାଣି,
ଯାଇ ଦେଖ ତୋ ପୁଅର ବାନ୍ଧେଣି । ଗୋ. ଭ.

ବାପ, ବାପା, ବୋପା, ବି. (ବପ୍ତା ପଦଜାତ) ପିତା ।

ବାପୁଡ଼ା, ବି. (ପ୍ରାକୃତ ବପ୍ପୁଡ଼ା ଶବ୍ଦଜ) ସାମାନ୍ୟ ଲୋକ ।

ବାପୁଡ଼ୀ, ବି. ସ୍ତ୍ରୀ. ସାମାନ୍ୟ ସ୍ତ୍ରୀ । ଯଥା—

କାଳରେ ସେ ବାପୁଡ଼ୀ ହୋଇଛୁ ଶ୍ୱେଦତ,
କ୍ଷୁଧାଗ୍ନିରେ ପୋଡ଼ିଯାଉଛି ତାର ତନୁ । କୃ. ସ୍ତ୍ର. ଆ. ପ.

ବାଫ, ବାମ୍ଫ, ବି. (ବାଷ୍ପ ଶବ୍ଦଜ) ବାଷ୍ପ ।

ବାବତ, ବାବଦ, ବି. (ଯାବନିକ) ଗଣନାକ୍ରମ; ସମ୍ବନ୍ଧ; ବିଷୟ ।

ବାବନ, ବାଉନ, ବିଂ. (ଦେଶଜ) ୫୨ ସଂଖ୍ୟା । ଯଥା—

ଯାହାର ବାଉନ କୋଟି ପୂରିଛି ଭଣ୍ଡାର,
ସେ ପ୍ରଭୁ ଭିକ୍ଷା ପୁଣି ମାଗନ୍ତି ଦ୍ୱାର ଦ୍ୱାର । ନୃ. ପୁ. ପ. ଭ.

ବାବନାଭୂତ, ବି. (ଦେଶଜ) ଭୂତବିଶେଷ । ଯଥା—

ଧରିଛ ବ୍ୟାଘ୍ରଚର୍ମ ଏ ପୃଥ୍ୱୀକି ଅପୂର୍ବ,
ବାବନାଭୂତ ପ୍ରାୟେ ଲାଗୁଛ ତୁମ୍ଭ ଭାବ । ନୃ. ପୁ. ପ୍ର. ଭ.

ବାବଲ, ବି. ଅସ୍ତ୍ରବିଶେଷ । ଯଥା—

ଛେଲ ବାବଲ କୁନ୍ତ ଅସିପଞ୍ଚ କୋଦଣ୍ଡ । ସା. ଭ୍ର. ଆ.

ବାବା, ବି. (ହିନ୍ଦୀ) ପିତା; ବାତ୍ସଲ୍ୟସମ୍ବୋଧନ । ଯଥା—

ପୁତ୍ରକୁ କହିଲେ ବାବା ବାବା କି ସର୍ବନାଶ । ବୈ. ପ.

ମହାତ୍ମବ୍ୟକ୍ତି । ଯଥା—

ବିକର୍ଣ୍ଣ ଜୟଦ୍ରଥ ବାଲ୍ମୀକି ବାବା । ନୃ. ପୁ. ସ. ଭ.

ବାବାଜି, ବି. (ଦେଶଜ) ବୈରାଗୀ, ସନ୍ନ୍ୟାସୀ-ବୈଷ୍ଣବ; ପିତା ମହାଶୟ; ବଡ଼ଲୋକ ମହାଶୟ ।

ବାବୁ, ବି. ( ଦେଶଜ ) ପିତା; ବାତ୍ସଲ୍ୟ-ସମ୍ବୋଧନ । ଯଥା—

ମୁନିଙ୍କି କହିଲେ ସବୁ,
ସେ ବୋଲନ୍ତି ରହ ବାବୁ । ବି. ରା.

ବଡ଼ଲୋକ । ଯଥା—

ସେଠାରେ ନ ଥିବେ କେହି ଦେଶୀ ବାବୁ । ଦ. ବା.

(ଇଂରାଜୀଭାଷାରେ) ଅଳସବ୍ୟକ୍ତି; ସୁଖ-ଭୋଗୀ; ଧନଲୋକର ଉପାଧି ।

ବାଭୁ, ବି. (ଗଡ଼ଜାତରେ) ପୁଅ ।

ବାମଞ୍ଚ, ବଞ୍ଚ, ବି. (ଦେଶଜ) ସକଟାଖେଳର ଦାନବିଶେଷ । ଯଥା—

ଯୁଧିଷ୍ଠିରଙ୍କ ମୁଖ ଗୁହିଁ ମନ୍ତ୍ରୀ କାଠି ପାଡ଼ି,
ଯୁଧିଷ୍ଠି ଦେଖିଲେ ଯେ ବାମଞ୍ଚ ଦାନ ପଡ଼ି । ସା.ଭା.ସ.

ବାମୁଣ, ବାମଣ, } ବି. ( ବ୍ରାହ୍ମଣ ଶବ୍ଦଜ, ପ୍ରାକୃତ ବମ୍ହଣରୁ ଜାତ ) ବ୍ରାହ୍ମଣ । ଯଥା—

ଘାଟିଆ ବାମୁଣଗଣ ସଙ୍ଗେ ବକ ବକ । ଭ. ଭୂ.

ବାମୁଣୀ, ବାମୁଣିଆଣୀ, ବି. ସ୍ତ୍ରୀ. ( ଦେଶଜ ) ବ୍ରାହ୍ମଣ ସ୍ତ୍ରୀ ।

ବାମ୍ପି, ବାମ୍ପୀ, ବି. ସ୍ତ୍ରୀ. (ବାପୀ ଶବ୍ଦଜ) କ୍ଷୁଦ୍ର ପୋଖରୀ ।

ବାୟନା, ବି. (ପାରସ୍ୟ ଶବ୍ଦ) କ୍ରୟ କରିବା ପୂର୍ବରୁ ଦେବା ଅଗ୍ରିମ ମୂଲ୍ୟ; ବଅଣା ।

ବାୟା, ବାଇଆ, ବି. ( ଦେଶଜ ) ବାତୁଳ । (ବର୍ତ୍ତକ ଶବ୍ଦଜ) ପକ୍ଷିବିଶେଷ ।

ବାୟାଣୀ, ବାଇଆଣୀ, ବି. ସ୍ତ୍ରୀ. ( ଦେଶଜ ) ବାତୁଳା; ମାଈ ବାୟାପକ୍ଷୀ ।

ବାୟୁନା, ବି. (ଦେଶଜ) ବାଦ୍ୟ ବଜାଇବା ଲୋକ । ଯଥା—

ବାୟୁନାଏ ଦୁନ୍ଦୁଭି ବଆଇ ହରଷେ । ବୈ. ବି.

ବାର, ବିଂ.(ବାରହ ପ୍ରାକୃତ ଶବ୍ଦଜ)୧୨ ସଂଖ୍ୟା; ଥର । କ୍ରି. ଜାଣ ।

ବାରକନା, ବି. ( ଦେଶଜ ) ଶସ୍ତ୍ରବିଶେଷ । (ବିକନା ଶବ୍ଦ ଦେଖ । )

ବାରଣ, ବି. (ଦେଶଜ) ବାରିବା; ଜାଣିବା, ବୋଧ, ଜ୍ଞାନ । ଯଥା—

ପର ଆପଣା ବୋଲି ଯେ ବାରଣ ନ ଯାଇ । ସା.ଭା.ବ.

ବାରଣି, ବାରଣୀ, ବି. ସ୍ତ୍ରୀ. (ବାରଣ ଶବ୍ଦଜ) ବାରଣୋପାୟ । ଯଥା—

କାମ ରଖିବନି କ ପ୍ରାଣେ ପୁଣି,
କ କରିବା ନାହିଁ ଆମ୍ଭ ବାରଣୀ । ର. ପ.

ବାରଦାଣ୍ଡି, ବି. ( ଦେଶଜ ) ଏକପ୍ରକାର ଶାରୀରିକ ଶ୍ରମଖେଳ ।

ବାରବୟ, ବିଂ. ( ଦେଶଜ ) ଦ୍ୱାଦଶବର୍ଷ ବୟସ୍କ ।

ବାରବୟା, ବିଂ. ( ଦେଶଜ ) ଦ୍ୱାଦଶବର୍ଷ ବୟସ୍କା । ଯଥା—

ବାର ବାର ଧରଇ ଉର ଉପରେ,
ବାରବୟା ଚାପ ଉଣା ଉତପରେ । ବି. ଚି. ମ.

ବାରବାନ, ବାରବାଣି, ବିଂ. (ଦେଶଜ) ଉଜ୍ଜଳ ବା ଉତ୍ତମ (ସୁନା) । ଯଥା—

ଝଲ ଗୌରବପୁ ଆଭାପୁଞ୍ଜ ବାରବାଣି
ସୁନା ଦର୍ପ ହରେ । ଯ. କେ.

ବାରବାର, କ୍ରି, ବିଂ. (ଦେଶଜ) ଥରକୁଥର । ( ବାରବୟା ଶବ୍ଦ ଦେଖ । )

ବାରମାଟି, ବିଂ. (ଦେଶଜ) ଉତ୍କୃଷ୍ଟ ବା ଉତ୍ତମ (ସୁନା) । ଯଥା—

ଭଲ ମନ୍ଦ ଦୁଇ କଥା ବାଗ୍ଭରଇ ଦେଖି,
ବାରମାଟି ସୁନା କ ପିତଳ ସଙ୍ଗେ ଲେଖି । ନା.ର.ଗୀ.

ବାରମାସି, ଆଠକାଳବାରମାସି, } ବି.(ଦେଶଜ)ବର୍ଷଯାକ । ଯଥା—

ବିଷ୍ଣୁର ପୂଜାବିଧି କରନ୍ତି ବାରମାସି । ନୃ. ପୁ. ଚ. ଚ.

ବାରସି, ବାର୍‌ସେସି, ବାରସି, ବାର୍ଷି, } ବି. (ଦେଶଜ) ବଡ଼ାଇ-ମାନଙ୍କର ଅସ୍ତ୍ରବିଶେଷ । ( କେନା ଶବ୍ଦ ଦେଖ । )

**ବାରଧି, ବାରିନଧି,** ବି. (ବାରିଂନଧି ଶବ୍ଦର ଅପଭ୍ରଂଶ) ସମୁଦ୍ର । ଯଥା—

ଏ ଗ୍ରନ୍ଥ ମାଘମହାଭଙ୍ଗ, ଅଶେଷ ବାରିନଧି ସମ ।ମା.ମା.

କରୁଣାକର କୃପାବାରିଧି ଭଗବାନ । ନୃ ପୁ. ଚ. ତ.

**ବାରିକ,** ବି. (ଦେଶଜ) ଭଣ୍ଡାରି ଜାତି । (ଗଞ୍ଜାମର ପାରଳା ପ୍ରଭୃତି ଅଞ୍ଚଳରେ) ନଗର ବା ଗ୍ରାମ ଦଣ୍ଡାସି ବା ଚଉକିଦାରଙ୍କୁ ମଧ୍ୟ ବାରିକ କହନ୍ତି ।

**ବାରିବା,** କ୍ରି. (ବାରଣ ଶବ୍ଦଜ) ନିବାରଣ କରିବା; (ଦେଶଜ) ଜାଣିବା । ଯଥା—

ନାଗ୍ନି ବାରି ବାରି ନୋହିଲା ତହିଁ ଘଡ଼ିଏଯାଏ । ଭା.ବ.

**ବାରିହା, ବାର୍‌ହା, ବାରୁଆ,** } ବି. (ବରାହ ଶବ୍ଦଜ) ବନ୍ୟ ଶୂକର ।

**ବାରୁ,** ବି. (ଦେଶଜ) ଘୋଟକ । ଯଥା—

ତକ୍ଷଣେ ବାରୁ ଲଗି ହୋଇ,
ବିଜୟ କଲେ ନୃପସାଇଁ । ଦୀ. ର.

**ବାରୁଆଳି,** ବି. ( ଦେଶଜ ) କଳହ ବା ବିରୋଧ । ଯଥା—

ଆସନ୍ତେଣ ଏକ ଘରେ ଶୁଭୁଅଛୁ କଲି,
ପତି ପତ୍ନୀ ଦୁହିଙ୍କି ଲାଗିଛୁ ବାରୁଆଳି । ନୃ. ପୁ. ସ. ତ.
ବିଂ. ବିରୋଧୀ । ଯଥା—

ସ୍ୱାମୀର ତୁଲେ ତୁମ୍ଭେ ନୋହିବ ବାରୁଆଳି । ସା.ଖ୍ରୀ.ଆ.

**ବାରୁଦ,** ବି. (ଦେଶଜ) ସୋରା ଗନ୍ଧକ ମିଶ୍ରିତ ଚୂର୍ଣ୍ଣ ଅର୍ଥାତ୍ ଦାରୁ ।

**ବାରୁଲଗି,** ବି. (ଦେଶଜ) ଘୋଡ଼ାସବାରି, ଘୋଡ଼ାରେ ବସିବା ।

**ବାରୁଲଗିହେବା,** କ୍ରି. (ଦେଶଜ) ଘୋଡ଼ାରେ ବସିବା । ଯଥା—

ପାଟଗଜ ଆଉ ପାଟବାରୁ ଲଗି ହୋଇ,
ନଗରଯାକ ବୁଲିଣ ଦେଖିଲେ ନୃପସାଇଁ । ନୃ.ପୁ.ଷ.ତ.

**ବାରେ, ବାରେକ,** କ୍ରି. ବିଂ. (ଦେଶଜ) ଥରେ ।

**ବାରୋଣୀ,** ବି. (ବାରୁଣୀ ଶବ୍ଦଜ) ସ୍ନାନଯୋଗ ।

**ବାରେଣ୍ଟ,** ବି. (ଇଂରାଜୀ **warrant** ଶବ୍ଦର ଅପଭ୍ରଂଶ) ଅପରାଧିକୁ ଧରି ନେବାପାଇଁ ହୁକୁମ । ଯଥା—

ତଲବ ନୁହଇ ବାରେଣ୍ଟ ପିନା ସେ । ଦ. ବା.

**ବାର୍ଦ୍ଧଟୀର,** ବି. ( ବର୍ଦ୍ଧଟୀ = ବେଶ୍ୟା-ର- ଅପତ୍ୟାର୍ଥେ) ଅସତୀ ପୁତ୍ର, ଜାରଜ; ଆମ୍ର ପଲ୍ଲବ ।

**ବାଲ,** ବି. (ବଲ୍ = ବୃଦ୍ଧି ପାଇବା-ଅ) ବାଳକ; ଲାଙ୍ଗୁଳ; କେଶ । ବା. ସ୍ତ୍ରୀ. ନୂତନା ସ୍ତ୍ରୀ । ବିଂ. ନୂତନ; ଅଜ୍ଞାନ, ମୂର୍ଖ ।

**ବାଲକ,** ବି. (ବାଲ-କ ସ୍ୱାର୍ଥେ) ଶିଶୁପୁତ୍ର; ବଳୟ, ବଳା; ମୁଦି, ଅଙ୍ଗୁରୀୟ; ଲାଙ୍ଗୁଳ ।

**ବାଲଖିଲା,** ବି. (ବାଲଖିଲ୍ୟ ଶବ୍ଦଜ) ଋଷି-ବିଶେଷ । ଯଥା—

ଆସନେ ବସିଲେ ବାଲଖିଲା ମହାମୁନି । ସା.ଖ୍ରୀ.ଆ.

**ବାଲଖିଲ୍ୟ, ବାଲିଖିଲ୍ୟ,** } ବି. ସଂ. ବୃଦ୍ଧାଙ୍ଗୁଷ୍ଠ ପରିମାଣ ମୁନିବିଶେଷ ।

**ବାଲଚର୍ଯ୍ୟ,** ବି. ( ବାଲ-ଚର୍ଯ୍ୟ = ଗତି ) କାର୍ତ୍ତିକେୟ; ବାଳକର ଚରିତ୍ର ।

**ବାଲଧି,** ବି. (ବାଲ-ଧା-ଇ) ପୁଚ୍ଛ; ଚାମର ।

**ବାଲପାଶ୍ୟା,** ବି. ସ୍ତ୍ରୀ. (ବାଲ-ପାଶ-ଯ-ଆ) ଲଲାଟଭୂଷଣ; ସୀମନ୍ତ ।

**ବାଲପୁଷ୍ପୀ,** ସ୍ତ୍ରୀ.(ବାଲ=କେଶ-ପୁଷ୍ପ=ଫୁଲ-ଈ) ଯୂଥିକା, ଯୂଈଗଛ ।

**ବାଲମୂଷିକା,** ବି. ( ବାଲ = କ୍ଷୁଦ୍ର-ମୂଷିକା ) ଚୁଟିଆମୂଷା ।

**ବାଲବତ୍ସ,** ବି. (ବାଲ = ସନ୍ତାନ-ବତ୍ସ = ପ୍ରିୟ) କପୋତ; ପାରା ।

**ବାଲବ୍ୟଜନ,** ବି. (ବାଲ-ବ୍ୟଜନ) ଚାମର ।

**ବାଲହସ୍ତ,** ବି. ( ବାଲ-ହସ୍ତ ) କେଶଗୁଚ୍ଛ; ସଲୋମ ଲାଙ୍ଗୁଳ ।

**ବାଲ୍ଲ,** ବି. (ହିନ୍ଦୀ) ବ୍ୟକ୍ତି । ଯଥା—

ସ୍ୱାମି ଘୃଣ ସହସ୍ର ବରଷ ଏହି ରୁଚେ,
ଜଣେ ପାରି ହେବାବାଲ୍ଲ ପଡ଼େ ଏହା ଭେଟେ ।
ସା. ଖ୍ରୀ. ଆ.

ବାଲି, } ବି. (ବାଳ-ଇ, ଇନ୍, ଏ ମାତାଙ୍କ
ବାଲୀ, } କେଶଗୁଚ୍ଛରୁ ଜନ୍ମ ଥିଲେ) କିଷ୍କିନ୍ଧ୍ୟା-
ପତି, ବାନରରାଜା । (ଦେଶଜ) ସ୍ତ୍ରୀ.
ସ୍ତ୍ରୀମାନେ କାନରେ ଲଗାଇବା ଏକପ୍ରକାର
ଗୁଣା; ଖେଳିବା ସାନ କଉଡ଼ି । ଯଥା—

ବାଲି ବସଇ ଦ୍ୟୁତେ ସଦା ଜିତ । ବୈ. ବି.

ବାଲି, ବି. (ବାଲୁକା ଶବ୍ଦଜ) ବାଲୁକା ।

ବାଲିଆ, ବି. (ଦେଶଜ) ପକ୍ଷିବିଶେଷ । ଯଥା—

ଗୁଡକ କାଳୀ ନାଗୁଣୀ ଗୁଣ୍ଡୁରି ବାଲିଆ । ନୃ.ପୁ.ଚ.ଚ.

ବିଂ. ବାଲିମିଶ୍ରିତ । ଯେପରି—ବାଲିଆ ମାଟି ।

ବାଲିଆ, ବି. (ଦେଶଜ) ମତ୍ସ୍ୟବିଶେଷ । ଯଥା--

ବାଲିଆମାଛରୁ ଅଲଗ କର,
ଆମ୍ବୁଲ ଛପଲ ଡହିରେ ଭର । ସ୍ୱା. ଡ.

ବାଲିକାଗଜ, ବି. (ଦେଶଜ) ଖଳିକାଗଜ ।

ବାଲିକୁଦ, ବି. (ବାଲୁକୂଟ ଶବ୍ଦଜ) ବାଲିଗଦା ।

ବାଲିଖଣ୍ଡି, ବି. (ଦେଶଜ) ପୁରୀର ସ୍ଥାନବିଶେଷ ଅର୍ଥାତ୍ ଯେଉଁ ସ୍ଥାନରେ ଗୁଣ୍ଡିଚାମନ୍ଦିର ବିଦ୍ୟମାନ । ଯଥା—

ବଳଗଣ୍ଡି ଉତ୍ତରରେ ବାଲିଖଣ୍ଡିପୁର । ନା.ର.ଗୀ.

ବାଲିଗରଡ଼ା, ବି. (ଦେଶଜ) ସାନ ସାନ ଗୋଡ଼ି ପଥର ।

ବାଲିଗିରଡ଼ା, ବି. (ବାଲୁଗର୍ତ୍ତଡଶ ବା ଗଡ଼ଶ ଶବ୍ଦଜ) ମତ୍ସ୍ୟବିଶେଷ ।

ବାଲିଙ୍ଗି, ବାନଗି, ବି. (ଦେଶଜ) ଗର୍ବ ।

ବାଲିଶ, ବିଂ. (ବଳିଂ ଶ୍ୟତି ବଳିଶଃ, ଶୋ ତନୂକରଣେ, ବଳିଶ ଏବ ବାଳିଶଃ, ବଳି = ପୂଜୋପହାର-ଶୋ = ନାଶକରିବା- ଅ = ବଳିଶ-ଅ ସ୍ୱାର୍ଥେ) ଅଜ୍ଞାନ; ଶିଶୁ; ମୂର୍ଖ । (ଶିଶାବଜ୍ଞେ ଚ ବାଳିଶଃ—ଅମର ।)

ବାଲିଶ, ବି. (ଯାବନିକ) ଉପଧାନ, ତକିଆ ।

ବାଲିଶୁଆ, ବି. (ବାଲି=ବାଲୁକା-ଶୁକ=ଶୁଆ) ଏକଜାତୀୟ ଶୁକପକ୍ଷୀ ।

ବାଲିହନ୍ତ, ବାଲିଅନ୍ତା, ବି. (ଦେଶଜ) ନଦୀ-ବିଶେଷ; ପୁରୀଜିଲ୍ଲାର ସ୍ଥାନବିଶେଷ ।

ବାଲ୍ମୀଶ, ବି. ମୂତ୍ରକୃଚ୍ଛ୍ର ରୋଗ ।

ବାଲୁଆରା ଜମି, ବି. (ଦେଶଜ) ଯେଉଁ ମାଟିରେ ବାଲି କାଦୁଅଠାରୁ ୯ ଗୁଣ ଥାଏ ।

ବାଲୁଆରା ଦୋରସା ଜମି, ବି. (ଦେଶଜ) ଯେଉଁ ମୃତ୍ତିକାରେ କାଦୁଅଠାରୁ ବାଲି ଦ୍ୱିଗୁଣ ଥାଏ ।

ବାଲୁକା, ବି. ସ୍ତ୍ରୀ. ସଂ. ବାଲି ।

ବାଲୁଙ୍କା, ବି. (ବାଲୁକା ଶବ୍ଦଜ) ବାଲି । ଯଥା—

ବାଲୁଙ୍କା ମୂର୍ତ୍ତି କରି ପୂଜିବ ଶୁଦ୍ଧଚିତ୍ତେ । ନୃ.ପୁ.ଚୂ.ଚ.

ବାଲୁଙ୍ଗା, ବି. (ଦେଶଜ) ମୁନିଧାନ୍ୟ; ଧାନଗଛ ଆକୃତି ତୃଣବିଶେଷ । ଯଥା—

କୃଷକେ ଉପାଡ଼ନ୍ତି ବାଲୁଙ୍ଗା କ୍ଷେତ୍ରୁ । ରୁ. ସ୍ତ.

ବାଲୁତ, ବି. (ଦେଶଜ) ପିଲା, ବାତ୍ସଲ୍ୟପାତ୍ର । ଯଥା—

ଆଣିଲି ବାଲୁତ ତୋତେ ଏ ପ୍ରବାସେ । ନ କେ.

ବାଲୁତି, } ବି. ସ୍ତ୍ରୀ. (ଦେଶଜ) ମାଈ ପିଲା ।
ବାଲୁଣୀ, } ଯଥା—

ଜନଗହଳବେଳେ ବାଲୁଣୀ ଯାଇଥିଲ । ସା. ଖ୍ର. ଆ.

ବାଲୁବାଲୁଆ, ବି. (ଦେଶଜ) ଏକପ୍ରକାର ପୋକ । (ଏ ପୋକ ଦେହରେ ଲାଗିଲେ ଅସହ୍ୟ କଣ୍ଡୁ ହୁଏ) । ବିଂ. ଯାହାର ଶରୀରରେ ବିଶେଷ ବାଳ ଥାଏ ।

ବାଲୁବାଲୁଆ, ବାଲୁବାଲୁଆ, ବି. (ଦେଶଜ) ଶାକବିଶେଷ ।

ବାଲେୟ, ବି. (ବାଳ-ଏୟ) ଗର୍ଦ୍ଦଭ; ଦୈତ୍ୟ-ବିଶେଷ । ବିଂ. ପୂଜାର ଉପଯୁକ୍ତ; ମୃଦୁ, କୋମଳ; ବାଳକର ହିତକର ।

ବାଲ୍ୟ, ବି. (ବାଳ-ଯ) ଶୈଶବ; ୧୬ ବର୍ଷ ପର୍ଯ୍ୟନ୍ତ ।

ବାବୁରି, ବାବୁଲି, ବି. (ଦେଶଜ) ଏକପ୍ରକାର ତୃଣ; କୁଟିଳକର୍ତ୍ତିତ କେଶ; ଚୂର୍ଣ୍ଣକୁନ୍ତଳ । ଯଥା—

ସରସୀର ମୃଦୁବାତେ ମନ୍ଦେ ଦୋଳି ସ୍ୱେଦାର୍ଦ୍ର ଭାଲେ ବାବୁରି,
କୁନ୍ତଳର ଲଗ୍ନଗୁଚ୍ଛ ଭଆଇଛୁ ଅଯତ୍ନଜାତ ମାଧୁରୀ ।
ଘ. କେ.

ବାସଙ୍ଗ, ବି. (ବାସକ ଶବ୍ଦଜ) ଔଷଧ ଗଛ-ବିଶେଷ । ( ଗୋଖରା ଶବ୍ଦ ଦେଖ । )

ବାସନ, ବି. (ଦେଶଜ) ଛୋଟ ଛୋଟ ପାତ୍ର ।

ବାସନ୍ତ, ବିଂ. (ଦେଶଜ ପ୍ରାପ୍ତ) ମନୋମାତ । ଯଥା—

ବାସନ୍ତୀ ଆଳ ବାସନ୍ତ ଆଳ ପର ଗୁଣ୍ଠିବ ତୋଳ,
ବାରେକ ବର ବାରେ କବରୀ ହେବ ପବନ ବାଳୀ ।
କୋ. ବ୍ର. ସୁ.

ବାସନ୍ଦ, ବି. (ଦେଶଜ) ଅଟକ, ମନା । ଯଥା—

ଅନେକ ଛଡ଼ିଦାର ଗଲେ,
ମଠ ବାସନ୍ଦ କରାଇଲେ । ଦା. ର.

ବାସନ୍ଦିବା, ବାସେନ୍ଦିବା, } କ୍ରି. ଅଟକ ବା ମନା କରିବା । ଯଥା—

ନମନ୍ତ୍ରା ଦୋଷ କଲେ ସେବାରୁ ଛଡାଇବ,
ପାତ୍ର ଦୋଷ କଲେଟି ଦ୍ୱାର ବାସେନ୍ଦିବ । ନୃ.ପୁ.ପ୍ର.ଚ.

ବାସିନ୍ଦା, ବିଂ. ( ଯାବନିକ ) ବାସକାରୀ, ଅଧିବାସୀ । ଯଥା—

ଡାଲ ଆତପତ୍ର ମସ୍ତକେ ଧରଣ
ଗ୍ରାମର ବାସିନ୍ଦାଗଣ । ଉ. ସା.

ବାସିପାଇଟି, ବି. (ଦେଶଜ) ସ୍ତ୍ରୀମାନେ ପାହାନ୍ତରୁ ଉଠି କରିବା ଗୃହକାର୍ଯ୍ୟ । ଯଥା—

ରାତି ଥାଉଁ ଥାଉଁ ପହଞ୍ଚି ଘରେ,
ବାସିପାଇଟି ତୁ ସାରିବୁ ଖରେ । ଉ. ସା.

ବାସିବା, କ୍ରି. (ବାସ୍ ଧାତୁଜ) ସୁଗନ୍ଧ ହେବା । ଯଥା—

ବାସିଲା ତୋ ତନୁ ତହୁଁ ବିଶେଷ । କ. ବ.

(ଦେଶଜ) ଦୁର୍ଗନ୍ଧ ହେବା ।

ବାସୀ, ବାସି, ବି. ( ଦେଶଜ ) ପର୍ଯ୍ୟୁଷିତ । ଯେପରି—ବାସି ଭାତ ।

ବାସୁଙ୍ଗା, ବି. (ଦେଶଜ) ପଟ । ଯେପରି—କଦଳୀ ବାସୁଙ୍ଗା ।

ବାସେଲୀ, ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । (ବାହୁଡ଼ୀ ଶବ୍ଦ ଦେଖ ।)

ବାସ୍ତୁ, ବି. ( ବାସ୍ତୁ ଶବ୍ଦଜ, ଅର୍ଥ ଅଳ୍ପ ଭିନ୍ନ ) ନିବାସ । ଯଥା—

—ବିଜୟୀ ନାମ ପାଟଣାରେ । ଅଛଇ ତାର ନିଜ ବାସ୍ତୁ,
ଜାତିରେ ଅଟେ ରଜପୁତ । ଦା. ର.

ବାସ୍ତୁରା, ବିଂ. (ଯାବନିକ) ଦେଓସ୍ଥାଳୀୟା ବା ଫଲ୍ଗୁଆ ।

ବାସ୍ତୋରି, ବାସ୍ତରି, ବାଅସ୍ତରି, ବାଆସ୍ତରି, } ବିଂ. ( ଦେଶଜ ) ୭୨ ସଂଖ୍ୟା । ଯଥା—

ମହାଭାରତ ଯୁଦ୍ଧ ହୋଇ ସେ ଭୂମିର,
ଏମନ୍ତ ସମର ହେଲା ବାଆସ୍ତରିବାର । ସା. ଭା. ସ.
ରୁଅ ଶ୍ରେଣୀ ଅଟେ ବାଆସ୍ତରୀ ସନ୍ଧି ନାଡ଼ୀ,
ଠାବେ ଠାବେ ଭିଡ଼ା ହୋଇଅଛୁ ଗଣ୍ଠି ପଡ଼ି ।
ନୃ. ପୁ. ପ୍ର. ଚ.

ବାଷଠି, ବାଷଠୀ, ବାଷଷ୍ଟୀ, } ବିଂ. ( ଦ୍ୱାଷଷ୍ଟୀ ଶବ୍ଦଜ ) ୬୨ ସଂଖ୍ୟା ।

ବାଷ୍ପ, ବାଷ୍ପ, (ବାଧ୍-ପ, ଧ୍ = ଷ) ଅଶ୍ରୁ; ଉଷ୍ମା; ସୂକ୍ଷ୍ମଜଳକଣା; କଣ୍ଟବାରି ।

ବାହୁ, ବାହା, ବି. ସ୍ତ୍ରୀ. (ବାହ୍-ଉ) ଭୁଜ ।

ବାହା, ବି. (ବିବାହ ଶବ୍ଦଜ) ବିବାହ । ଯଥା—

ବାହାଘର ଯେଉଁ ରସ,
ତାକୁ ଦେଖିଲେ ମାଡ଼ୁଛି ହସ । ହା. ଭ.

ବାହକ, ବାହାକ, } ବି. ( ବାଦକ ଶବ୍ଦଜ ) ମୃଦଙ୍ଗ-ବାଦକ, ଯେ ମୃଦଙ୍ଗ ବଜାଏ ।

ବାହାଡ଼ା, ବି. (ବହେଡ଼ିକ ଶବ୍ଦଜ) ତ୍ରିଫଳାରୁ ଏକ ଫଳ ।

ବାହାଦୁର, ବି. (ଯାବନିକ) ସମ୍ଭ୍ରାନ୍ତ ଉପାଧି-ବିଶେଷ । ଯଥା—

ଆହେ ବୈକୁଣ୍ଠନାଥ ଦେ ରାଜା ବାହାଦୂର । ଉ. ଭ୍ର.

ଶ୍ରେଷ୍ଠ, ପ୍ରବୀଣ । ଯଥା—

ସତେ ସତେ ତୁମ୍ଭେ ଜଣେ ଅଟ ବାହାଦୂର । ଉ. ଭ୍ର.

ବାହାଦୁରୀ, ବି. ( ଯାବନିକ ) ପ୍ରବୀଣତା, ଶ୍ରେଷ୍ଠତା ।

ବାହାନ, ବି. (ବାହନ ଶବ୍ଦଜ) ଯାନ । ଯଥା—

ବୃଷଭ ବାହାନ ତୋହର । ମା. ମା.

ବାହାନା, ବି. (ଦେଶଜ) ଛଳନା । ଯଥା—

ସମସ୍ତ ଜାଣିବା ମିଛ ବାହାନରେ,
ଘଣ୍ଟି କାଢ଼ି କେହୁ ଦେଖାଏ ବାହାରେ । ଦ. ବା.

ବାହାନ୍ନ, ବି. (ସମ୍ବଲପୁର ଅଞ୍ଚଳରେ) ମୁଚୁଳା ।

ବାହାପଟ, ବି. (ସଂସ୍କୃତ ଶବ୍ଦ, କିନ୍ତୁ ଭିନ୍ନାର୍ଥରେ ଓଡ଼ିଆରେ ପରିଣତ) ହସ୍ତ ସଙ୍କୋଚପୂର୍ବକ ବାହୁଦ୍ୱାରା କରିବା ଆଘାତ । ଯଥା—

କୀଚକ ବାହାପଟ ମାରନ୍ତେ ନେଇ ହୃଦେ,
ପଛକୁ ନ ଚଳିଲେ ଭୀମସେନ ପଦେ । କୃ.ଭା.ବି.ପ.

ବାହାପିଆ, ବିଂ. (ଦେଶଜ) ମିଥ୍ୟା ସାହସୀ । ଯଥା—
କହେ କେତେ ରଙ୍ଗେ କଥା ବାହାପିଆପଣେ । ମ.ଯା.
ବାହାବା, ବି. (ଯାବନକ) ଧନ୍ୟବାଦ । ଯଥା—
ବାହାବା ନେବାକୁ ହେଉଥିଲେ ବଡ଼ ଖ୍ୟାତ । ଛ. ବ.
ବାହାର, ବିଂ. (ବହିର୍ ଶବ୍ଦଜ) ନିର୍ଗତ । (ଯାବନକ) ସୁନ୍ଦର । ଯଥା—
ବଲ୍ମୀକ ଶିଖାଗ୍ରରୁ ହୋଇ ବାହାର,
ସୁରେନ୍ଦ୍ର ଚାପ ଯେସନ୍ତେ ଦିଶେ ବାହାର । ମେ.ଦୂ.
ବି. (ଯାବନକ) ସୌନ୍ଦର୍ଯ୍ୟ, ସୌଷ୍ଠବ । (ବହିର୍ ଶବ୍ଦଜ) ଗୃହର ବାହ୍ୟପ୍ରଦେଶ । ଅଂ. (ପ୍ରାକୃତ ବାହିର ଶବ୍ଦଜ) ବ୍ୟତୀତ । ଯଥା—
ଆନ କିଛୁ ନ ଆସେ ତହିଁ ବାହାରେ । ବ. ଚ. ମ.
ବାହାରି, ବିଂ. (ପ୍ରାକୃତ ବାହିର ଶବ୍ଦଜ) ଭିନ୍ନ, ଅନ୍ୟ । ଯଥା—
କେ ବୋଇଲେ ପୁରୁଷ କେ ବୋଇଲେ ସ୍ତ୍ରିରି,
କେ ବୋଇଲେ ଦୁଇ କଥାରୁ ବାହାରି । କୃ.ଭ୍ର.ବ.ପ.
ବାହାରିବା, କ୍ରି. (ଦେଶଜ) ଜାତ ହେବାର, ବହିର୍ଗତ ହେବାର । ( ବାହାର ଶବ୍ଦ ଦେଖ । )
ବାହାଲ, } ବି. (ପାରସ୍ୟ) ପଦଚ୍ୟୁତଙ୍କୁ ଫେର
ବାହାଲି, } କାର୍ଯ୍ୟରେ ନିଯୁକ୍ତକରଣାର୍ଥ ଆଦେଶ ।
ବାହାଲ, ବି. (ଦେଶଜ) ଭଲ କଉଡ଼ି; ତିନଠା ଗୁଲିଠା କଉଡ଼ିରେ ଖେଳିବା ଖେଳ ।
ବାହି, ବି. ( ଦେଶଜ ) ଶଙ୍ଖା ବା କାଚର ମୁଠା । ଯଥା—
ଶଙ୍ଖା ଦୁଇ ବାହି ଦୁଇ ହାତେ ଲଇ । କୃ. ଭ୍ର. ବ. ପ.
ବଳୟ ପ୍ରଭୃତି ହସ୍ତଭୂଷଣ । ଯଥା—
କଣକରଜତ ଯେଉଁ ବାହୁ ଦୁଇ,
ତହିଁରେ ବହିଛନ୍ତି ସେ ଶଙ୍ଖା ବି ବାହି । କୃ.ଭ୍ର ବ.ପ.
ବାହିବା, କ୍ରି. (ଦେଶଜ) ବଜାଇବା । ଯଥା—
ହାଟ ଦେଖାଉଅଛନ୍ତି ନଟ ତହିଁ,
ଚଢ଼ି ବଂଶଶଲାକାରେ ଢୋଲ ବାହି । ଲ. ବ.
ରଥାଦି ଚଲାଇବା । ଯଥା—
କୃଷ୍ଣ କହନ୍ତି କୋପଭରେ,
ଦାରୁକ ବାହା ଧାଡକାରେ । ଭ୍ର. ଦ. ସ୍ମ.
ଆକ୍ରମଣ କରିବା । ଯଥା—
ମୋ ରାଜ୍ୟକୁ ବାହିଲ କରିତ ମହୀପାଳ । ସା. ଭ୍ର. ସ.
ସେନାଦି ସହ ପ୍ରସ୍ଥାଣ କରିବା । ଯଥା—
ଆଜ୍ଞା ପରମାଣେ ବଙ୍ଗଦେଶ ସେନାପତି,
ସମଦଣ୍ଡ ଘେନ ରଜା ବାହାଇ ଚଳନ୍ତି । ସା. ଭ୍ର. ସ.
ଜଳାଦି ପ୍ରସରଣ କରାଇବା ।
ବାହ୍ୟସ୍ୟ, } ବିଂ. (ଦେଶଜ) ବାହ୍ୟ; ଇତର ।
ବାହ୍ୟକ, } ଯଥା—
ବାହ୍ୟସ୍ୟ ଲୋକ ସାହାଯ୍ୟ କେତେବେଳ ରହି ।
କୋ. ବ୍ର. ସୁ.
ବାହୁ, ବି. (ବାଧ୍-ଉ, ଧ = ହ) ଭୁଜ, କକ୍ଷଠାରୁ ଅଙ୍ଗୁଳିର ଅଗ୍ରଭାଗ ପର୍ଯ୍ୟନ୍ତ ଅବୟବ; ତ୍ରିକୋଣାଦିର ପାର୍ଶ୍ୱରେଖା ।
ବାହୁକ, ବି. (ବାହୁ-କ) ସାରଥି-ବେଶଧାରୀ ନଳରାଜା; କପି । ବିଂ. ଦାସ, ଅଧୀନ । (ବାହକ ଶବ୍ଦଜ) ଯେ ବାହନଏ । ଯଥା—
ହରି ନାମ ନଉକା ବାହୁକ ଭକ୍ତ ହୋଇ । ନୃ.ପୁ.ଦ୍ୱି.ଚ.
ବାହୁଙ୍ଗା, ବାହୁଙ୍ଗୀ, } ବି.ସ୍ତ୍ରୀ. (ଦେଶଜ) ତାଳ,
ବାଙ୍ଗୁଆ, } ନଡ଼ିଆ ଓ କଦଳୀ ବୃକ୍ଷାଦିର ଶାଖା ।
ବାହୁଙ୍ଗା, ବାହୁଙ୍ଗୀ, ବି. ସ୍ତ୍ରୀ. ( ଦେଶଜ ) ଭାରଦଣ୍ଡ ।
ବାହୁଜ, ବି. ( ବାହୁ-ଜନ୍-ଅ ) କ୍ଷତ୍ରିୟ; ଶୁକପକ୍ଷୀ । ବିଂ. ବାହୁଜାତ ।
ବାହୁଟା, ବି. (ଦେଶଜ, ତେଲଙ୍ଗାମାନେ ମଧ କହନ୍ତି) ଧ୍ୱଜ, ବାନା । ( ବାତପ୍ରମୀ ଶବ୍ଦଜ ) ବେଗଗାମୀ ହରିଣ ।
ବାହୁଟିଆ, } ବି. (ବାତପ୍ରମୀ ଶବ୍ଦଜ) ହରିଣ-
ବାଉଟିଆ, } ବିଶେଷ । ଯଥା—
ବାହୁଟିଆ କୃଷ୍ଣାଜିନ ଗୁଲମାନ ଥିବ । ସା· ଭ୍ର· ଆ·
ବାହୁଟୀ, ବି. ସ୍ତ୍ରୀ. ( ଦେଶଜ ) ହସ୍ତାଭରଣ ବିଶେଷ । ଯଥା—
କରେ ବଳୟ ବାହୁଟୀ କଙ୍କଣ । ଗୋ· ଭ୍ର·
ବାହୁଡ଼, ବାହୁଡ଼ା, ବି· (ଦେଶଜ) ପ୍ରତ୍ୟାବର୍ତ୍ତନ, ଫେରିବା; ଜଗନ୍ନାଥଙ୍କ ଯାତ୍ରାବିଶେଷ ।

ବାହୁଡ଼ାଣି, ବି. (ଦେଶଜ) ପ୍ରତ୍ୟାବର୍ତ୍ତନ ।

ବାହୁଡ଼ାଦଶମୀ, ବି. ସ୍ତ୍ରୀ. (ଦେଶଜ) ଆଷାଢ଼ ଶୁକ୍ଳଦଶମୀ ।

ବାହୁଡ଼, ବାଉଡ଼, ଅଂ. (ଦେଶଜ) ପୁନରପି, ଆଉ ଥରେ ।

ବାହୁଡ଼ିବା, କ୍ରି. (ଦେଶଜ) ଫେରି ଆସିବା ।

ବାହୁଡ଼ୀ, ବି. ସ୍ତ୍ରୀ. (ଦେଶଜ) ଦେବୀଙ୍କ ନାମବିଶେଷ । ଯଥା—

ବରୁଣାଇ ଖଇଭଦ୍ରା ବାହୁଡ଼ୀ ବାସେଲୀ,
ବାରଳା ବ୍ରହ୍ମାଯୁଣୀ ବିକଟ ବିକରାଳୀ । ନୃ.ପୁ.ପ.ଚ.

ବାହୁମତୀ, ବି. ସ୍ତ୍ରୀ. ( ବାହୁମତୀ ପଦଜାତ ) ଦେବୀବିଶେଷ । (ଚେନ୍ନାଳୀ ଶବ୍ଦ ଦେଖ ।)

ବାହୁତ୍ରାଣ, ବି. (ବାହୁ-ତ୍ରୈ-ଅନ) ଅସ୍ତ୍ରାଘାତ ନିବାରଣ ନିମନ୍ତେ ବାହୁରେ ବନ୍ଧ ଲୌହମୟ ଆବରଣ ।

ବାହୁଦନ୍ତୀ, ବି. (ବାହୁ-ଦନ୍ତ-ଇନ୍) ଇନ୍ଦ୍ର ।

ବାହୁନା, ବାଉନା, } କ୍ରି. (ଦେଶଜ) ପ୍ରିୟ ପଦାର୍ଥ ସ୍ମରି ଶୋକ କରିବା; ଦୋଷାରୋପଣ କରିବା ।

ବାହୁନିବା, ବାଉନିବା, } କ୍ରି. (ଦେଶଜ) ଶୋକ କରି ଝୁରିବା । ଯଥା—

କେହି ନ ଶୁଣିଲେ ବାହୁନ ବାହୁନ
କଲି ମୁଁ ଯେତେ ବିଳାପ । ପାବଂଗ ।

ଦୋଷାରୋପଣ କରିବା ।

ବାହ୍ମଣ, ବାମୁଣ, ବି. (ବ୍ରାହ୍ମଣ ଶବ୍ଦଜ, ପ୍ରାକୃତ ବହ୍ମଣ ଶବ୍ଦଜ) ବିପ୍ର, ଦ୍ୱିଜ ।

ବାହ୍ମଣଖୋଟୀ, ବି. ସ୍ତ୍ରୀ. (ବ୍ରାହ୍ମଣଯଷ୍ଟିକା ଶବ୍ଦଜ) ହ୍ରସ୍ୱ ବୃକ୍ଷବିଶେଷ ।

ବାହ୍ମଣିଆଣୀ, ବାମୁଣିଆଣୀ, ବି. ସ୍ତ୍ରୀ. (ଦେଶଜ) ବ୍ରାହ୍ମଣ ସ୍ତ୍ରୀ ।

ବାହୁଯୁଦ୍ଧ, ବି. (ବାହୁ-ଯୁଦ୍ଧ) ମଲ୍ଲଯୁଦ୍ଧ ।

ବାହୁଳ, ବି. (ବହୁଳା = କୃତ୍ତିକା ନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା-ଅ) କାର୍ତ୍ତିକ ମାସ । (ବହୁଳ = ଅଗ୍ନି-ଅ ସ୍ୱାର୍ଥେ) ଅଗ୍ନି । (ବାହୁ-ଲା-ଅ) ବାହୁତ୍ରାଣ । ( ବହୁଳ = ଅନେକ-ଅ ) ଅନେକତ୍ୱ ।

ବାହୁଲ୍ୟ, ବି. (ବହୁଳ-ଯ) ଆଧିକ୍ୟ, ପ୍ରାଚୁର୍ଯ୍ୟ ।

ବାହୁବାହବି, ବି. (ବାହୁ-ଦ୍ୱିତ୍ୱ-ଇ) ବାହୁଯୁଦ୍ଧ ।

ବି. ଅଂ. (ଅପି ଶବ୍ଦଜ, ପ୍ରାକୃତ) 'ମଧ୍ୟ' ଏହି ଅବ୍ୟୟର ଅର୍ଥ ।

ବିଆଁ, ବି. (ଦେଶଜ) ଗୋରୁ ଆଦିର ପ୍ରସବ ।

ବିଆଜ, ବେଆଜ, ବ୍ୟାଜ, } ବି. (ମରହଟ୍ଠୀ, ବ୍ୟାଜ ଶବ୍ଦଜ) ସୁଦ । ଯଥା—

ବ୍ୟାଜ ଯେ ବା ମାଗି ବ କରଇ ଦରପୂରି,
ସୁବେଦା ବିପ୍ରଙ୍କର ହରଇ ବସୁନ୍ଧରି । ନୃ.ପୁ.ପ୍ର.ଚ.

ବିଆଣ, ବି. (ଦେଶଜ) ପ୍ରସବ । ଯଥା—

ପୋଡ଼ି ଏ ଦେବକୀ ବିଆଣ,
କେ ବୋଲେ କର୍ଣ୍ଣେ ତା ନ ଶୁଣ । ଭା.ଦ.ସ୍କ.

ବିଆଣିଆ, ବିଂ. ସ୍ତ୍ରୀ. (ଦେଶଜ) ପ୍ରସବବତୀ ।

ବିଆଳି, ବିଆଳୀ, ବି. ସ୍ତ୍ରୀ. (ଦେଶଜ) ଧାନ୍ୟବିଶେଷ ।

ବିଇଞ୍ଚ, ବି. (ବିଚର୍ଚ୍ଚିକା ଶବ୍ଦଜ) ଏକପ୍ରକାର କଣ୍ଡୁରୋଗ ।

ବିଏଁ, ବି. (ଦେଶଜ) ବେକ ପର୍ଯ୍ୟନ୍ତ ପରିମାଣ ।

ବିକନ୍ଧ, ବି. (ଦେଶଜ) ଦୁଇ ଘରର ମଧ୍ୟବର୍ତ୍ତୀ ସଙ୍କୀର୍ଣ୍ଣ ସ୍ଥାନ । ଯଥା—

ଏମନ୍ତରୂପେ ଗ୍ରାମେ ଫେରି,
କନ୍ଧ ବିକନ୍ଧ ଆଦି କରି । ଦା. ର.

ବିକଳ, ବିକଳା, ବି. (ଦେଶଜ) ଦୈନ୍ୟ, ଅସ୍ଥିରତା । ବିଂ. କାତର ।

ବିକଳାଇବା, କ୍ରି. (ଦେଶଜ) କାତର ବା ଦୈନ୍ୟ ହେବା । ଯଥା—

ରାମ ମୁଖକୁ ଚାହିଁ   କହଇ ବିକଳାଇ
ଶୁଣ ଧାର୍ମିକ ରଘୁବଂଶୀ । ବି. ରା.

ବିକସିବା, କ୍ରି. (ବି-କାଶ ଧାତୁଜ) ପ୍ରସ୍ଫୁଟିତ ହେବା, ପ୍ରକାଶିତ ହେବା ।

ବିକା, ବି. (ବି-କ୍ରୀ ଧାତୁଜ, ପ୍ରାକୃତ ବିକ୍କଉ ଜାତ) ବିକ୍ରୟ । ଯଥା—

ବିକା କିଣା ଲାଗିଅଛି ନାନା ଛନ୍ଦେ । ନ. କେ.

(ପୂର୍ବ ଶବ୍ଦ ସମ୍ବନ୍ଧ) ବକବା ଲୋକ । ଯଥା—

ମିଳିଲେ କୋଲିବକା ଲାଗେ,
ମାଣ ପାଉ ଦେଖାଏ ବେଗେ । ଷ୍ଟ୍ରି. ଦ. ସ୍କ.

ବିଂ. ବନ୍ଦୀତ । ଯଥା—

ବକା ମୋର ମନ ପ୍ରାଣ ଜାନକୀ ପାଶରେ । ବୈ. ବ.

**ବକାଇବା**, କ୍ରି. (ଦେଶଜ) ଭଲରେ ଗଣିତ ହେବା କିମ୍ବା କାର୍ଯ୍ୟଦକ୍ଷ ବୋଲାଇବା । ଯଥା—

ବଡ଼ୁକା ଦେଶେ ଥିବାକୁ ସିନା ବକାଉଛ,
ବ୍ରାହ୍ମଣ ଲୋକଙ୍କୁ ଏ ଆଣି ଯୁଦ୍ଧେ ପୂରାଉଛ । ନୃ.ପୁ.ଚ.ଭ.

(ପ୍ରାକୃତ ବକ୍କ ଧାତୁଜ) ବନ୍ଦସ୍ତ କରାଇବା ।

**ବକାବକ**, ବି. (ବକା ଶବ୍ଦଜାତ ହେଲା ପର) ବନ୍ଦସ୍ତ । ଯଥା—

ବଜାର ବସି ଦ୍ରବ୍ୟ ହେଉଛି ବକାବକ । ନୃ. ପୁ.

**ବକାଯିବା**, କ୍ରି. (ଦେଶଜ) ଭଲରେ ଗଣିତ ହେବା କିମ୍ବା କାର୍ଯ୍ୟଦକ୍ଷ ବୋଲାଇବା; ବନ୍ଦୀତ ହେବା ।

**ବକିବା**, କ୍ରି. (ପ୍ରାକୃତ ବକ୍କ ଧାତୁଜ) ବନ୍ଦସ୍ତ କରିବା । ଯଥା—

ପୂର୍ବ ପୁରୁଷର ପ୍ରତିଷ୍ଠା ବିଶାଳ,
ବକ ସ୍ୱର୍ଗି ଖାଉଥିବ କେତେ କାଳ । ଦ. ବା.

**ବକିହେବା**, କ୍ରି. ଆପେ ଆପଣାକୁ ବକିବା । (ଓହଲା ଶବ୍ଦ ଦେଖ ।)

**ବକୋଡିବା**, କ୍ରି. (ବି-କୁଟ୍ ଧାତୁଜ) କରତିବା । ଯଥା—

ବକୋଡ କାଟିଲେ ଶରୀର,
ବୋଲିଲେ ଲବଣ ଦେଶର । ମା. ମା.

କାମୋଡ଼ିବା କିମ୍ବା ଛିଣ୍ଡାଇବା । ଯଥା—

ବକୋଡ ନାସା ଗୁଚ୍ଛେ ଶୁଣ୍ଡ ଛନ୍ନାଇ ପଡ଼େ
ଅନ୍ତରୀକ୍ଷରେ ଉଡ଼ିପିଞ୍ଛେ । ବୈ. ବ.

**ବନ୍ଦ, ବନ୍ଦେ**, ବି. (ବନ୍ଦସ୍ତ ଶବ୍ଦର ଅପଭ୍ରଂଶ) ବନ୍ଦସ୍ତ । ଯଥା—

ପାଟକେ ହାଟରେ ବସ୍ତୁ ବନ୍ଦେ କରନ୍ତି । ଲ. ବ.

**ବନ୍ଦୀ, ବନ୍ଦି, ବନ୍ଦିର**, ବି. (ବନ୍ଦେତା ଶବ୍ଦଜ) ବକବା ଲୋକ । ଯଥା—

କାଞ୍ଚୀ ନଗରେ ବୁଲିବୁଲି,
ଡାକନ୍ତି ଆସ୍ଥା ବନ୍ଦୀ ବୋଲି । ଦା. ର.

(ବନ୍ଦସ୍ତ ଶବ୍ଦଜ) ବନ୍ଦସ୍ତ । ଯଥା—

ଜାଲ ପକାଇ ମୀନ ମାର,
ପ୍ରାଣ ପୋଷଇ ବନ୍ଦୀକର । ଦା. ର.

(ଡ଼ିକରି ଶବ୍ଦ ଦେଖ ।)

**ବଖଣ୍ଡ**, ବି. (ଦେଶଜ) କୁବଚନ । ଯଥା—

ଚଣ୍ଡ ହୋଇ ଦେଖ ବଖଣ୍ଡ କହୁଛ
ମଧୁର ନାହିଁ ତୁଣ୍ଡରେ । ବ. ଚ. ମ.

**ବଗଡ଼ା**, ବିଂ. (ଦେଶଜ) ଦୁଷ୍ଟ ବା ଭ୍ରଷ୍ଟ ।

**ବଗଡ଼ିବା, ବଗଡ଼ିହେବା**, କ୍ରି. (ଦେଶଜ) ବିରୋଧ ହେବା । (ଦରୋବସ୍ତ ଶବ୍ଦ ଦେଖ) ଅସମ୍ମତ ହେବା ।

**ବଗାଡ଼, ବଗାଡ଼ିଆ**, ବି. (ଗଡ଼ଜାତ ଶବ୍ଦଜ) ମୂଲ ନେଇ ସବାରି ପ୍ରଭୃତି ବହିବା ବେଠିଆ ।

**ବଗାଡ଼ିବା**, କ୍ରି. (ଗଡ଼ଜାତ) ବେଠିଆ ଠିକଣା କରିବା । (ଦେଶଜ) କାର୍ଯ୍ୟ ବିରୋଧ କରିବା ।

**ବଟିଡ଼ିବା, ବଟିଡ଼ିଯିବା**, କ୍ରି. (ଦେଶଜ) ବିକାରଯୁକ୍ତ ହେବା ।

**ବଚଣା, ବଞ୍ଚଣା, ବଚଣି, ବଞ୍ଚଣି, ବଞ୍ଚଣୀ**, ବି. ସ୍ତ୍ରୀ. (ବ୍ୟଜନ ଶବ୍ଦଜ) ବ୍ୟଜନ, ପଙ୍ଖା । ଯଥା—

ବଚଣା ପବନେ କେହି ବା ଚନ୍ଦନେ
ଶୀତଳନ୍ତି ସ୍ୱଶରୀର । ଗ୍ରୁ. ମା.
ପବନ ବଚଣି ଧରି ବଞ୍ଚେ ମୋତେ ନଚ୍ଛେ । ନୃ. ପୁ. ଚ. ଭ.
ବଞ୍ଚଣୀ ପାଦ ମଞ୍ଜୀଳ ଗ୍ରହ । ପ୍ରେ. ସୁ. ନ.

ବଞ୍ଚିବା, ବ୍ୟଜନ ଚାଳନ କରିବା ।

**ବଚରବଚରହେବା**, କ୍ରି. (ବଚ୍ଚର ଶବ୍ଦଜ) ଅନ୍ୟୋନ୍ୟ ବଚ୍ଚର କରିବା ।

**ବଚ୍ଚ**, ବି. (ଦେଶଜ) ବୃଷଣ ।

**ବଚ୍ଚିରା**, ବିଂ. (ଦେଶଜ) ଅନାଥ, ଦୀନ ।

**ବଚକଟିଆ**, ବିଂ. (ଦେଶଜ) ବକ୍ରତ । ଯଥା—

ବଡ଼ ବଚକଟିଆ ସେ କଣ୍ଟାଖୁଣ୍ଟା ଭୂମି । ସା. ଭ୍ର. ଆ.

**ବଚଟିହେବା**, କ୍ରି. (ଦେଶଜ) ବକ୍ରତ ହେବା । ଯଥା—

ଆମର ଦେହରେ ଆମର ପରୋପଦେଶ ପାଣ୍ଡିତ୍ୟ-ଗୁଡାକ ବଚଟି ହୋଇଯାଇ ଦହଟାଯାକ ହୁମାଲ କରି ପକାଇଲଣି । ଉ.ସା.୧୮.୧୧.

ବଚ୍ଛଣା, ବଚ୍ଛଣି, ବି. ( ବିସ୍ତରଣ ଶବ୍ଦଜ ) ଆସ୍ତରଣ । ଯଥା—

ନଭେ ତାର ପ୍ରାପ୍ତେ ବାମାଦଳ ଗଲେ
ବଚ୍ଛଣି ହୋଇ କାନନେ । ଯ. କେ.

ବିସ୍ତୃତ ଆସନ; ଶେଯ ।

ବଚ୍ଛା, ବି. (ବୈଦ୍ଧିକ ଶବ୍ଦଜ, ପ୍ରାକୃତ ବଚ୍ଛାଅ ଶବ୍ଦ ଜାତ) ବିଷାକ୍ତ କୀଟବିଶେଷ; ମାସବିଶେଷ । ଯଥା—

ବଚ୍ଛା କୃଷ୍ଣପକ୍ଷ ଚତୁର୍ଥୀ ଯେ ଭୃଗୁବାର,
ଶ୍ରବଣା ନକ୍ଷତ୍ର ଯେ ଅଟଇ ସେ ଦିନର । ସା.ଭ୍ର.ଆ.

ବଚ୍ଛାଇବା, କ୍ରି. (ଦେଶଜ) ଶଯ୍ୟାଦି ବିସ୍ତୃତ କରି ପକାଇବା । ଯଥା—

ଏକ ଗୋଟି ମଞ୍ଚ କାଟିଆଣିଲା,
ମଝି କୋଠାରେ ତା ବଚ୍ଛାଇଦେଲା । ହା. ଭ.

ବଚ୍ଛାଣିକରିଦେବା, କ୍ରି. ବିଭକ୍ତ କରିଦେବା; ବାଣ୍ଟି କରି ଦେବା ।

ବଚ୍ଛୁଆତି, } ବି. (ବୃଶ୍ଚିପର୍ଣୀ ଶବ୍ଦଜ) କଣ୍ଟକାରକ ଲତାବିଶେଷ । ବିଂ. ଦୁଷ୍ଟ । ଯଥା—
ବଚ୍ଛ୍ୟାତି, }

କସ କରିବ ତୁମ୍ଭ ପୋଏ ତ ବଚ୍ଛୁଆତ,
ଦାଣ୍ଡର ଖପର ଆଣି ଘରେ ଥୋଇଯାନ୍ତି । ନୃ. ପୃ.

ବଜପ୍ଟ, ବି. (ଦେଶଜ) ଦେବତା ଓ ରାଜାଙ୍କର ପ୍ରସ୍ଥାନ ବା ଗମନ । ଯଥା—

ପୂର୍ବକରେ ପୂର୍ବଗଜ ଭାବ ଉପୁଜାଇ,
ପଡ଼ନ୍ତି ବଜପ୍ଟ କଲେ ଟଳୁଇ ଟଳୁଇ । କୋ. ବ୍ର. ସ୍ତ

ବଜଘୋଷ, ବି. ( ବଜପ୍ଟଘୋଷ ଶବ୍ଦଜ ) ବାଦ୍ୟବିଶେଷ । ଯଥା—

କର୍ଣ୍ଣାଳ କାହାଳ ବଜଘୋଷ ବେଣୁ ତମ୍ପା । ଲ.ବ.

ବଜୁ, ବଜୁଳି, ବଜୁଳୀ, ବି. ସ୍ତ୍ରୀ. (ବିଦ୍ୟୁତ ଶବ୍ଦଜ, ପ୍ରାକୃତ ବିଜ୍ଜୁ ଓ ବିଜ୍ଜୁରି ଶବ୍ଦ ଜାତ, ପ୍ରାକୃତର ବିଜୁଳିଆ ମଧ୍ୟ ହୁଏ) ଚପଳା । ଯଥା—

ସାତ୍ତ୍ୱିକ ସୈନ୍ୟମେଘେ ସେ ଅସ୍ତ୍ରପନ୍ତି ବଜୁ,
ପରାପ୍ତେ ନୟନକୁ ଦିଶୁଛନ୍ତି ମଞ୍ଜୁ । କୃ.ଭା.ଉ.ପ.

ବଜୁଳିପୋକ, ବି. ( ବାଲେଶ୍ୱର ପ୍ରାନ୍ତରେ କହନ୍ତି) ଜୁଳୁଜୁଳିଆ ପୋକ ।

ବଜେ, ବି. (ଦେଶଜ) ଗମନ; ଆଗମନ । ଯଥା—

ଯାଅ ହେ ହନୁ ଭରତ ପାଶେ ଆମ୍ଭର ବଜେ କହ ।
ବି. ରା.

ପ୍ରବେଶ । ଯଥା—

ଏ ବସ୍ତୁର ମୂଳ କରି,
ବଜେ ବହନେ ସୁନ୍ଦରୀ । ଲ. ବ.

ବଜେକର୍ଣ୍ଣିକଟାରି, ବି. ( ଦେଶଜ ) ଅସ୍ତ୍ରବିଶେଷ । ଯଥା—

ରାଣୀ ମୁଖରୁ ଭାଷା ଯେ ନ ସ୍ଫୁରଇ ପୁଣି,
ବଜେକର୍ଣ୍ଣିକଟାରରେ ପକାଇଲେ ହାଣି । ସା.ଭ୍ର.ଆ.

ବଟ୍ଟା, ବି. ସ୍ତ୍ରୀ. (ଦେଶଜ) ଦେବୀଙ୍କ ନାମବିଶେଷ । ଯଥା —

ବୈଷ୍ଣବୀ ବିଷ୍ଣୁହୃଦସ୍ଥା ବିମଳା ବିରୋଜା,
ବ୍ରହ୍ମାୟଣୀ ବାକ୍ୟେଶ୍ୱରୀ ବିନତା ଯେ ବଟ୍ଟା ।
ନୃ. ପୃ. ପ. ଭ.

ବଞ୍ଚା, ବି. (ବାଜ୍ ଧାତୁଜ) ବ୍ୟଜନ ଚାଳନ କରିବା ।

ବଞ୍ଚାବଞ୍ଚି, ବି. (ବାଜ୍ ଧାତୁଜ) ବ୍ୟଜନ ଚାଳନ କରିବା । ଯଥା—

ବୋଲନ୍ତି ଏ ଆଲଟେ ହେଉଥା ବଞ୍ଚାବଞ୍ଚି । ନୃ.ପୃ.

ଅନ୍ୟୋନ୍ୟ ବଞ୍ଚିବା ।

ବଞ୍ଚିବା, କ୍ରି. (ବାଜ୍ ଧାତୁଜ) ବ୍ୟଜନ ଚାଳନ କରିବା । ଯଥା—

ବ୍ୟସ୍ତେ ଅନୁଚରେ ବ୍ୟଜନେ ବଞ୍ଚିଲେ ସିଞ୍ଚିଲେ ଜଳ ।
ଉଷା ।

ବଞ୍ଝା, ବି. (ଦେଶଜ) ଏଣେ ତେଣେ ଫିଙ୍ଗିବା ।

ବଞ୍ଝିବା, କ୍ରି. ( ଦେଶଜ ) ଏଣେ ତେଣେ ଫିଙ୍ଗିବା । ଯଥା—

ଯୁବତୀ ସେବତୀ ପାଖଡ଼ା ମିଶାଇ
ଘନସାର ଚୂର ବଞ୍ଝିଲେ । ଲ. ବ.

ବଟା, ବି. (ବାଟା ଶବ୍ଦର ଅପଭ୍ରଂଶ—ସଂସ୍କୃତ ଭାରତରେ ଏହି ବାଟା ପଦ ଉକ୍ତ ଅଛି) କ୍ରୀଡ଼ନାର୍ଥ ଲୌହ ଗୁଟିକା । ଯଥା—

ସେ ଲୁହା ଗୁଟିକାଟି ଖେଳ ଉନ୍ମତ୍ତରେ ।
ପଡ଼ିଲା ସେ ଯାଇ ଗମ୍ଭୀର କୂପରେ,
ସେ ବଟା ଆଣିବାକୁ ସମସ୍ତ କ୍ରମରେ । କୃ.ଭା ଆ.ପ.

ବଟାଳ, ବଟାଳଆ, ବିଂ. (ଦେଶଜ) ଅଜା-
ଡିଆ । ଯଥା—
ଏବେ ସେ ବସ୍ତ୍ର ହୋଇ ପେଟବକଳଆ,
ହେଲେଣି ପନ୍ଦର ଅଣା ଦାଣ ବଟାଳଆ । ଉ·ସା·୧୮·୯·
ଅପବନ । ଯଥା—
ଏଡ଼େ ଗର୍ବ କର ଯେ ବଟାଳ କଲୁ ଦେହ ।
ନୃ. ପୂ. ପ୍ର. ତ.

ବଟୋଳ, ବିଂ. (ଦେଶଜ) ଦୁଷ୍ଟ । ଯଥା—
ହିଂସ୍ରକ କୁଟିଳ ଯେହୁ ଦାମ୍ଭିକ ବଟୋଳ । ନୃ.ପୂ.

ବଡ଼୍, ବି. (ବଟ୍ ଶବ୍ଦଜ) ମଳ । ବିଂ. ଦୁର୍ଗନ୍ଧ ।

ବଡ଼ା, ବି. (ଦେଶଜ) ଗୋଷ୍ଠ । (ବଡ଼୍ ଭେଦନାର୍ଥ ଧାତୁଜ) ପରୀକ୍ଷା କରିବା । ବିଂ. ପରୀକ୍ଷାଦ୍ୱାରା ନିଶ୍ଚିତ କରାଯାଇଥିବା । ଯେପରି—ବଡ଼ା ଔଷଧ ।

ବଡ଼, ବି. (ଦେଶଜ) ଗୋଷ୍ଠ । ଯଥା—
ଆବର କୁଶବଡ଼ ଧର, ପବନୁ ଗନ୍ଧ ଖର କର । ମା·ମା.
ସାନକଳସି । (ବଟୀ ଶବ୍ଦଜ) ପାନଖିଲ ।

ବଡ଼ଆ, ବି. ସ୍ତ୍ରୀ. (ବଟିକା ଶବ୍ଦଜ) ପାନଖିଲ । ଯଥା—
ପଞ୍ଚଗ୍ରାସ ସାର ବଡ଼ଆ ଲାଗି,
ବୋଲେ ବଣି ମଧ୍ୟଶଯ୍ୟାରେ ପ୍ରବେଶ ବେଗି । ବ.ରା·

ବଡ଼ବା, କ୍ରି. ( ଭେଦନାର୍ଥ ବଡ଼୍ ଧାତୁଜ ) ପରଖିବା; ନିଶ୍ଚୟ କରିବା । ଯଥା—
ବଡ଼ଅବ ପରୀକ୍ଷା କର ସେହୁ,
ବଡ଼ ଶବ୍ଦେ ଶୁଭିଲ ଆଜ ଯାହୁ । ବୈ. ବ.

ବଡ଼ବଡ଼ା, ବିଂ. (ଗଡ଼ଜାତରେ) ଅସ୍ତବ୍ୟସ୍ତ ।

ବଣ୍ଡା, ବଣ୍ଡି, ବି. (ଦେଶଜ) ବସ୍ତ୍ର ଓ ପାଳ ପ୍ରଭୃତିର ଗୁଳା ଏବଂ ଟେଳା । ଯଥା—
କୁରୁଳ ପାରଣ ଯେବେ ଧରଣ ମାରନ୍ତ,
ବଣ୍ଡା ଟେକା କେହୁ ଦୂରନ୍ତୁଁ ଯେ ଫୋପାଡ଼ନ୍ତ ।
ସା. ଭା. ଆ.
ମାଟିଆଦିର ମେଣ୍ଟା । ଯଥା—
କେ ବୋଲେ ଗୋବରବଣ୍ଡା ମାର ଅସୁରକୁ ।
ନୃ. ପୁ. ତ. ଭ.
କନ୍ଦୁକ; ପାଦଗଣ୍ଠି ଆଦିରେ ଜନିତ କର୍କଶ ମାଂସଗୁଟିକା ।

ବତ, ବି. (ବିତ୍ତ ଶବ୍ଦର ଅପଭ୍ରଂଶ) ଧନ ।

ବତପନ, ବିଂ. (ଦେଶଜ) ଦୀପ୍ତ, ଶୋଭାଯୁକ୍ତ ।
ଯଥା--
ଅଙ୍ଗୁଳିରେ ମୁଦ୍ରିକା ଦିଶଇ ବତପନ । ନୃ. ପୁ.

ବତି, ବି. ( ଦେଶଜ ) ପଶା ବା ସକଟା ଖେଳରେ ଦୁଇ କାଠିରେ ତିନ ତିନ ପଡ଼ିବା ଦାନ ।

ବତିବା, କ୍ରି. (ଦେଶଜ) କାଟିବା ।

ବତିବା, ବତିଯିବା, କ୍ରି. (ଦେଶଜ) ଯାପିତ ହେବା । ଯଥା—
ଏକା ପ୍ରୀତି ବାଲା ନୁହେ ଫଳବତୀ,
ବର୍ଷ ପରେ ବର୍ଷ ଯାଏ ରେ ବତି । ଉ. ସା.

ବଦ, ବଦମାଳି, ବି. (ଦେଶଜ) ବାହୁର ଅଳଙ୍କାରବିଶେଷ । ଯଥା—
ମୁକୁଟ କୁଣ୍ଡଳ ତାଡ଼ ବଦ ଯେ ମୁଦ୍ରିଡ଼ । ସା. ଭା. ସ.
ବଦମାଳି ପାଟବ୍ରତ, ତାଡରେ ଭୁଜ ଦୀପିତ । ଲ. ବ.
କଣ୍ଠର ଅଳଙ୍କାରବିଶେଷ । ଯଥା—
କଣ୍ଠେ ମୁକୁତା ବଦମାଳି । ଭା. ଦ. ସ୍କ.

ବଦା, ବି. (ବଦାଗ୍ର ଶବ୍ଦର ଅପଭ୍ରଂଶ) ଧାନ-ଗଛ ସାନ ହୋଇଥିବା ସମୟରେ ଚଷି ସେଗୁଡ଼ିକର ଚେର ଛିଣ୍ଡାଇବା ନିମିତ୍ତ ଲୁହାକଣ୍ଟାଯୁକ୍ତ କାଷ୍ଠନିର୍ମିତ କୃଷିସାଧନ ଅସ୍ତ୍ର ।
ବଦାଯୁ, ମେଲଣି । ଯଥା—
ବୋଧି ବଦାକର ଭଗବନ୍ତଙ୍କି । ବ. ଚ. ମ.

ବଦାକ, ବଦାଯୁ, ବି. (ଦେଶଜ) ମେଲଣି ।

ବଦାଡ଼ିବା, କ୍ରି. (ବି-ଦୃ ଧାତୁଜ, ର=ଡ଼) ବଦାଚିବା । ଯଥା—
ଶାଖା ଭୂମିମାନଙ୍କର ବାନରଙ୍କ ଘର,
ଶାଖାମୃଗ ନାମ ତେଣୁ ଦେଇଛନ୍ତି ନର ।
ଖରବେଳେ କୋଟରରେ ବସି ଧାଡ଼ି ଧାଡ଼ି,
ପୋକ ମାରନ୍ତି ଅନ୍ୟୋନ୍ୟ ଦେହକୁ ବଦାଡ଼ି । ବୃ. ସୁ.

ବଦାବଦ, ବି. ବଦାଯୁ, ମେଲଣି ।

**ବଦୁ**, ବି. (ଦେଶଜ) ପଶାଖେଳରେ ଦୁଇ କାଠିରେ ଦୁଇ ଦୁଇ ପଡ଼ିବା ଦାନ । ବିଂ. (ବିଦ୍‌ବତ୍ ଶବ୍ଦଜ) ପଣ୍ଡିତ, ବିଦ୍ୟାବନ୍ତ । ଯଥା—

ଶ୍ୱେତ ଗୁମରମାନ ପଡ଼ଇ ଚଉକଡ଼,
ବଦୁଜନମାନେ ଶୁଭମଙ୍ଗଳ ବାଞ୍ଛନ୍ତି । ନୃ. ପୁ. ପ. ତ.

**ବଦୁଜନ**, ବି. (ବିଦ୍ୱଜ୍ଜନ ଶବ୍ଦଜ) ପଣ୍ଡିତବ୍ୟକ୍ତି ।

**ବଦ୍ୟୁ**, ବି. ( ବିଦ୍ୟୁତ୍ ଶବ୍ଦର ଅପଭ୍ରଂଶ ) ବିଜୁଳି । ଯଥା—

ଅନ୍ୟୋନ୍ୟରେ ହୋଇ ବାଟରେ ଭେଟାଭେଟି,
ଗର୍ମିଲେ ବଦ୍ୟୁପର ଆକାଶେ ଚଢ଼ନ୍ତି । କୃ. ଖ. ବି. ପ.
(ବିଦ୍‌ବତ୍ ଶବ୍ଦଜ) ବିଦ୍ୟାବନ୍ତ । ଯଥା—
ଅଦ୍ଭୁତ ଦେଖି ବଦ୍ୟୁଜନେ,
ଯେସନେ ତୋଷ ହୋନ୍ତି ମନେ । ଖ. ଦ. ସ୍କ.

**ବଦ୍ରୂପ**, ବି. (ଦେଶଜ) ପରିହାସ; ତାମସା ।

**ବଧା**, ବି. (ଦେଶଜ) ମୁଷ୍ଟିପ୍ରହାର ।

**ବଧାତ**, ବି. ( ବିଧାତୃ ଶବ୍ଦର ଅପଭ୍ରଂଶ ) ବ୍ରହ୍ମା । ଯଥା—

ନାରଦ ଋଷିଙ୍କି ଯାହା କହିଲେ ବଧାତ । ନୃ.ପୁ ପ୍ର.ତ.

**ବଧାବଧି**, ବି. (ଦେଶଜ) ଅନ୍ୟୋନ୍ୟ ବଧା ମାରିବା ।

**ବନଶ୍ୟନ୍ତ**, ବି. (ନଶ୍ ଧାତୁଜ) ନାଶ । ଯଥା—

କୁଳାଙ୍ଗାର ପୁତ୍ର ଯାର ଜନ୍ମଇ ବଂଶରେ,
ସମୂଳେ ବନଶ୍ୟନ୍ତ କରଇ ଅନ୍ୟାୟରେ । ନୃ.ପୁ.ସ.ତ.

**ବନା**, ବି. (ଦେଶଜ) ଗଞ୍ଜିପା ସାରରେ ଏକ ଠାରୁ ଦଶ ପର୍ଯ୍ୟନ୍ତ ଲିଖିତ ଟିପଚିହ୍ନ; ଦସ୍ତ ଖେଳରେ ଅପ୍ରଧାନ ସାର । ( ଅନ୍ୟାର୍ଥ ଅବର୍ଗୀୟ 'ବ' ସ୍ଥଳେ ଦେଖ । )

**ବନାମା**, ବି. (ଦେଶଜ) ଏକପ୍ରକାର ଜୋତା ବା ପାଦରକ୍ଷକ ।

**ବନାମାଗିବା**, କ୍ରି. (ଦେଶଜ) ଡୁଗି ଖେଳର ଆରମ୍ଭରେ ଅନ୍ୟ ଊକିକ ସାର ବଦଳ ମାଗିବା ।

**ବନାମାରିବା**, କ୍ରି. (ଦେଶଜ) ହାକମ ସାର ଦେବାକୁ ନ ଥିଲେ ବନା ସାର ଦେବା ।

**ବନୁ**, ଅଂ. ( ବିନା ଶବ୍ଦଜ, ପ୍ରାକୃତ ବିଣୁ ଶବ୍ଦଜାତ ) ବିନା ଅର୍ଥାତ୍ ବ୍ୟତିରେକେ । ଯଥା—

ଘନ ବନୁ ନିର୍ମଳ ହେଲା ଆକାଶ । ରୁ. ସୁ.

**ବନୋଇ**, ବିଂ. (ବିନୟୀ ଶବ୍ଦଜ) ବିନୟବନ୍ତ । ଯଥା—

ବନୋଦ ଯେଉଁ ରାମାରେ କରିବ ମନ,
ବନୋଇ ନୋହୁଁ ଧରିବ ମୁଁ ସେହି ମୂର୍ତ୍ତି । ବୈ. ବି.
(ବିନୟ ଶବ୍ଦଜ) ବିନୟ ।

**ବନୋଇବା**, କ୍ରି. ( ବିନୟ ଶବ୍ଦଜ ) ବିନୟ ହେବା । ଯଥା—

ଅନେକ ଧନ ବସ୍ତ୍ର ଦେଇ,
ସମସ୍ତେ କହନ୍ତି ବନୋଇ । ଦା. ର.

**ବନୋନ**, ବି. ( ଦେଶଜ ) ଯେଉଁ ନଦୀ ପାର ହେବାକୁ ଆସନ୍ତି ।

**ବନ୍ଦୁ**, ବି. (ବନ୍ଦ୍ = ଅବୟବୀଭୂତ ହେବା-ଉ) ଦ୍ରବଦ୍ରବ୍ୟର କଣା; କ୍ଷୁଦ୍ରଚିହ୍ନ; ଅନୁସ୍ୱାର; ଭ୍ରୂମଧ୍ୟ ।

**ବନ୍ଧ**, ବି. (ବ୍ୟଧ୍ ଧାତୁଜ) ଛିଦ୍ର, କଣା ।

**ବନ୍ଧଣ**, ବି. ( ଦେଶଜ ) ରତି ସମୟର କର୍ଷଣାକର୍ଷଣ । ଯଥା—

ଷୋଳକଳା ସୁରତ ବନ୍ଧଣ ଆଲିଙ୍ଗନ,
ଚୌଷଠି ପାଶବନ୍ଧ ଛନ୍ଦାଣୋଇ ବନ୍ଧଣ । ନୃ.ପୁ.ପ୍ର.ତ.
ବନ୍ଧିବା ।

**ବନ୍ଧା**, ବି. (ବ୍ୟଧ୍ ଧାତୁଜ) ଟଣା, ବ୍ରଣାଦିର ବ୍ୟଥା; ଶର ବିନ୍ଧିବା; ଫୋଡ଼ିବା । ବିଂ. ( ବିଦ୍ଧ ଶବ୍ଦଜ ) ଯାହାକୁ ବିନ୍ଧାଯାଇଁ । ଯଥା—

କାମଶରେ ବନ୍ଧା ବିରହ ଅନଳେ
ଦଗ୍ଧ ହେଉଅଛୁ ନିତ । କୋ. ବ୍ର. ସୁ.

**ବନ୍ଧାଇବା**, କ୍ରି. (ବ୍ୟଧ୍ ଧାତୁଜ) ଫୋଡ଼ାଇବା ।

**ବନ୍ଧାଣ**, ବି. (ଦେଶଜ) ମଲ୍ଲଯୁଦ୍ଧ । ଯଥା—

ହେଳି ଶିଷ୍ୟଗଣ କରନ୍ତି ବନ୍ଧାଣ
ବଳବାନ କଷାକଷି । କୋ.ବ୍ର.ସୁ.
ବନ୍ଧିବା ।

**ବନ୍ଧାଣି**, ବି. (ବଧାମି ଶବ୍ଦଜ) କାରିଗର ।

ବିନ୍ଧାଣିଗାଇ, ବି. (ଦେଶଜ) ବଢ଼େଇମାନଙ୍କର ଏକପ୍ରକାର କୁଳାଧିକାରୀ; ପ୍ରଧାନ କାରିଗର ।

ବିନ୍ଧାବିନ୍ଧି, ବି. (ଦେଶଜ) ଅନ୍ୟୋନ୍ୟ ବିନ୍ଧିବା ।

ବିନ୍ଧିବା, କ୍ରି. (ବ୍ୟଧ୍ ଧାତୁଜ) ବ୍ରଣାଦି ବ୍ୟଥା କରିବା; ଫୋଡ଼ିବା; ଧନୁରୁ ଶର ଛାଡ଼ିବା ।

ବିନ୍ଧୁଣି, ବିନ୍ଧୁଣୀ, ବି. ସ୍ତ୍ରୀ. ( ବ୍ୟଧ୍ ଧାତୁଜ ) ସୂଚୀବିଶେଷ ।

ବିପତ, ବି. (ବିପତ୍ତି ଶବ୍ଦର ଅପଭ୍ରଂଶ) ଆପଦ ।

ବିପନ, ବି. (ବପନ ଶବ୍ଦଜ) କ୍ଷୌର ।

ବିପାଠ, ବି. ସଂ. ବାଣ, ଶର । ଯଥା—

ବିକର୍ଣ୍ଣ ତାହା ଦେଖି ପଢ଼ି ମନ୍ତ୍ରପାଠ,
ଅର୍ଜୁନଙ୍କୁ ବିନ୍ଧିଲେ ବାହୁଣ ବିପାଠ । କୃ. ଭା. ବି. ପ.

ବିବି, ବି. ସ୍ତ୍ରୀ. ( ଯାବନିକ ) ରାଣୀ; ମାନ୍ୟା ଭଦ୍ରମହିଳା ।

ବିଭଳ, ବିଭୋଳ, ବିଭୋଳା, } ବିଂ. (ବିହ୍ୱଳ ଶବ୍ଦଜ, ପ୍ରାକୃତ ବିଭ୍ଭଳ ଶବ୍ଦଜାତ) ବିହ୍ୱଳ । ଯଥା—

ଯେସନେ ରମଣର କାଳେ,
ନଖଦନ୍ତ ଘାତେ ବିଭୋଳେ । ଦା. ର.
କାଦମ୍ବରୀ ପାନେ ପ୍ରଭୁ ସବ ବିଭୋଳା । ମ. ସ.

ବିଭଳିବା, ବିଭୋଳିବା, କ୍ରି. (ବିହ୍ୱଳ ଶବ୍ଦଜ, ପ୍ରାକୃତ ବିଭ୍ଭଳ ଶବ୍ଦଜାତ) ବିହ୍ୱଳ ହେବା । ଯଥା—

ବିଭଳିଲେ ବିଘାତଶୈଳେ ଯଥା ଫୁଲେ । ବୈ. ବି.
ପୁଲକ ହେଲା ରୋମାବଳୀ,
ବଚନ କହିଲା ବିଭୋଳି । ଦା. ର.

ବିଭା, ବି. (ବିବାହ ଶବ୍ଦଜ) ବିବାହ ।

ବିଭାଇ, ବି. ସ୍ତ୍ରୀ. (ବିବାହିତ ଶବ୍ଦଜ) ବିବାହିତା । ଯଥା—

ବିଭାଇ ଭାର୍ଯ୍ୟାରେ ଯେବେ ନୋହିଲା ସନ୍ତୋଷ । ସା. ଭା. ଆ.

ବିଭୋର, ବିଭୋଳ, } ବିଂ. ( ବିହ୍ୱଳ ଶବ୍ଦଜ ) ବିହ୍ୱଳ, ଉନ୍ମତ୍ତ ।

ବିଭ୍ରକ୍ଷୁ, ବିଂ. (ଭ୍ରସ୍ଜ୍-ସନ୍-ଉ) ଦାହେଚ୍ଛୁ । (ବିଶେଷ୍ୟରେ ବିଭ୍ରକ୍ଷା ହୁଏ ।)

ବିଭ୍ରାତ୍ର, ବିଂ. ( ବି-ଭୃ-ଅତ୍ର ) ଧାରଣକାରୀ; ପୋଷଣକର୍ତ୍ତା ।

ବିବର, ବି. (ବିବର ଶବ୍ଦଜ) ବିବର; ସୁଡ଼ଙ୍ଗ ।

ବିଯୋଡ଼, ବିଂ. (ଦେଶଜ) ଅମିଳନ; ଭିନ୍ନ । ଯଥା—

ଘଉଡ଼ିବାଯାଏ ମୁଁ କପାଁ ଘରେ ଥିବ,
ପୁଅକୁ ଘେନ ମୋର ବିଯୋଡ଼ ହେବ । ନୃ. ପୁ.

ବିରସଗପ, ବି. ( ଦେଶଜ ) ମଦ୍ୟବିଶେଷ **(Ale)** ।

ବିରାଜ, ବି. (ବି-ରାଜ ଶବ୍ଦରୁ ଜାତ କିମ୍ବା ଦେଶଜ) ଯେ କୌଣସି ଜାତି କିମ୍ବା ଜାତିର ଶ୍ରେଣୀ । ଯେପରି—ସେ ଲୋକ ଆମ ବିରାଜର ନୁହେ ।

ବିରାଟି, ବି. (ବୈରାଟି ଶବ୍ଦର ଅପଭ୍ରଂଶ) ବିରାଟ-ପୁତ୍ର; ଉତ୍ତର କୁମର । ଯଥା—

ପରମ ସାନନ୍ଦେ ଏହା କହିଲେ କିରୀଟୀ,
ଶୁଣି ଅନେକ ସାନନ୍ଦ ହୋଇଲେ ବିରାଟି । ସା. ଭା. ବି.

ବିରାଡ଼ି, ବି. (ବିଡ଼ାଳ ଶବ୍ଦଜ) ମାର୍ଜାର ।

ବିରାଡ଼ିଆଖିଆ, ବିଂ. (ଦେଶଜ) ବିରାଡ଼ି ଆଖିପରି ଆଖି ଯାହାର ।

ବିରାଡ଼ିଆବାଙ୍କୋଇ, ବି. (ଦେଶଜ) ବିରାଡ଼ି ବର୍ଣ୍ଣ ପରି ଅଳ୍ପ କଳା ଓ ହଳଦିଆ ମିଶ୍ରିତ ବର୍ଣ୍ଣ; ମହୀପାଳ ଧାନ ।

ବିରି, ବିର୍‌ହି, ବି. (ବ୍ରୀହି ଶବ୍ଦଜ) ଏକପ୍ରକାର ଶସ୍ୟ । (ପାଳୁଆ ଶବ୍ଦ ଦେଖ ।)

ବିରେଜ, ବି. (ବୀର୍ଯ୍ୟ ଶବ୍ଦଜ) ଶୁକ୍ର । ଯଥା—

ମୋହନବଂଶୀଏ ମୁହିଁ ସଜାଡ଼ିଣ ଥିବ,
ଧରିଲକ୍ଷଣି ବିରଜ ଅଙ୍ଗୁ ଯିବ ସ୍ରବି । ନୃ. ପୁ. ପ୍ର. ଚ.

ବିରୁଡ଼ି, ବିରୁଳି, ବି. (ବରଟା ବା ବରେଲ ଶବ୍ଦଜ) ବିଷାକ୍ତ ଦଂଶକ କୀଟବିଶେଷ ।

ବିରୁଳ, ବି. (ଦେଶଜ) ବୃକ୍ଷବିଶେଷ । ଯଥା—

ଆହେ ବିରୁଳ ମୋର ମଧ୍ୟମା ସରୁ,
ଦେଖିଛ ରମ୍ଭାତରୁ କି ମୋ ରମ୍ଭୋରୁ । ବି. ଗ୍ର.

ବିରେଲ, ବିଂ. (ଦେଶଜ) ବ୍ୟକ୍ତ । ଯଥା—

ଲତା ଗହନ ବୃକ୍ଷମୂଳେ,
ଚରଣ ଦେଖିଲା ବିରେଲେ । ଭା. ଏ. ସ୍କ.

ବିଲ, ବି. (ବିଲ୍ଲ ଶବ୍ଦର ଅପଭ୍ରଂଶ) କ୍ଷେତ୍ର, କିଆରି । ଯଥା—

ଜଳେ ପୂରଇ ନଦୀ ବିଲ ପୋଖରି । ଗ୍ରୁ. ମା.

ବିଲଗ, ବି. (ବିଲଗ୍ନ ଶବ୍ଦର ଅପଭ୍ରଂଶ) ଅସଂଯୋଗ । ଯଥା—

ହୃଦ ବିଲଗରୁ ଖଜିଲି ନିଦ । ଲ. ବ.

ବିଂ. ଭିନ୍ନ ବା ଅନ୍ତର । ଯଥା—

ବିଲଗ ହେଲେ ଉରୁଁ ଉର । ଲ. ବ.

ବିଲାଇ, ବିଲେଇ, ବିଲି, } ବି. (ବିଡ଼ାଳ ଶବ୍ଦଜ) ବିରାଡ଼ି ।

ବିଲିଙ୍କିବା, ବିଲିଙ୍ଗିବା, } କ୍ରି. (ଦେଶଜ) ସୁସଜ୍ଜ କରି ରଖିବା ଦ୍ରବ୍ୟ ଏଣେ ତେଣେ ଘାଣ୍ଟିବା, ଲେଞ୍ଜିରି ମେଞ୍ଜିରି କରିବା ।

ବିଲାତ, ବି. (ଆରବୀ) ମୁସଲମାନମାନେ ଆପଣା ଦେଶ ଛଡ଼ା ଅନ୍ୟ ଦେଶକୁ ବିଲାତ କହନ୍ତି, କିନ୍ତୁ ବର୍ତ୍ତମାନ ଏହାର ଅର୍ଥ ଇଙ୍ଗ୍‌ଲଣ୍ଡ ।

ବିଲାତିଆଳୁ, ବି. ଇଂଲଣ୍ଡଦେଶୀୟ ବା ବିଦେଶୀୟ ଆଳୁକନ୍ଦ ।

ବିଳାସୁଣୀ, ବି. ସ୍ତ୍ରୀ. (ବିଳାସିନୀ ଶବ୍ଦଜ) ସ୍ତ୍ରୀ । ଯଥା—

ମୁହିଁ ରତିଶାସ୍ତ୍ର ଜିତା ବେଶ୍ୟାନ୍ତ ବିଳସି,
କୋଟି ବିଳାସୁଣୀ ମୁଁ ରମଇ ନିତି ନିଶି । ସା. ଖ. ଆ.

ବିଳବିଳା, ବି. (ଦେଶଜ) ଏକପ୍ରକାର ମସ୍ତକ-ରୋଗ ।

ବିଳବିଳାଇବା, ବିଳବିଳେଇବା, } ବି. (ଦେଶଜ) ନିଦ-ବାଉଳାରେ ବକିବା ।

ବିଲୁଆ, ବି. (ବିଳୌକା ଶବ୍ଦଜ) ଶୃଗାଳ ।

ବିଲୋହିବା, କ୍ରି. (ଦେଶଜ) ସମ୍ମାନ ବା ସତ୍କାର କରିବା । ଯଥା—

ବିଦେହ ରାଜନ ଭୋଜି ସମ୍ଭାର ଭିଆଇ,
ବିଲୋହିଲେ ଦଶରଥ ବନ୍ଧୁବର୍ଗ ନେଇ । ବୈ. ବ

ମନ ରଞ୍ଜାଇବା । ଯଥା—

ବଧୂ ତିନଙ୍କି ଯେ ସ୍ତ୍ରୀଶରହି ଦେନ,
ବିଲୋହିଲେ ଅମୂଲ୍ୟ ରତନ ଧନ । ବୈ. ବ.

ଆଚରିବା । ଯଥା—

ବାହୁଡ଼ିଲ ରୋଷେ କାମବଶେ ଖସିତା,
ବିଲୋହୁ ମୋତେ ଯେସନେ ନଷ୍ଟ ଯୋଷିତା । ବୈ. ବ.

ବିଶ, ବି. (ଗଡ଼ଜାତ) ପ୍ରଗଣା ।

ବିଶବା, ବି. (ବିଶ୍ରବସ୍ ଶବ୍ଦଜ) ଋଷିବିଶେଷ । ଯଥା—

ପୌଲସ୍ତି ନାରଦ ବିଶବା ଶିଷ୍ୟ ମୂଳେ,
ଦେବର୍ଷିମାନେ ବସେ ସଭାର ମଣ୍ଡଳେ । ସା. ଖ. ଆ.

ବିଶା, ବିସା, ବି. (ବିଶ୍ୱା ଶବ୍ଦଜ ପ୍ରାକୃତ) ଅଠର, କୋଡ଼ିଏ ବା ବାଇଶି ପଲ ପରିମାଣ ଓଜନ ।

ବିଶାବଳି, ବିଷାବଳି, } ବି. (ଦେଶଜ) ଦେବୀଙ୍କ ନିକଟରେ ଦେବା ବଳି । ଯଥା—

ପଛେ ତୋର ମୁଣ୍ଡ ମୋଡ଼ି ଦେବି ବିଶାବଳି । ସା. ଖ. ଆ.

ତୁମ୍ଭଙ୍କୁ ଆଣିଅଛୁ ଧରି,
ହାଣିଣ ଦେବ ବିଶାବଳି । ଖ. ଦ. ସ୍କ.

ବିଶାଶଏ, ବିଶାଶତ, ବିଂ. (ବିଂଶ-ଶତ ଶବ୍ଦଜ) ୧୨୦ ସଂଖ୍ୟା ।

ବିଶୁଆସ, ବିସୁଆସ, ବି. (ବିଶ୍ୱାସ ଶବ୍ଦଜ) ବିଶ୍ୱାସ । ଯଥା—

ଦୁର୍ଯ୍ୟୋଧନର ବିଶୁଆସେ,
ପ୍ରତିପାଳନା ନିଜ ଦେଶେ । ଖ. ଦ. ସ୍କ.

ବିଶେ, ବିଷେ, ବି. (ବିଷୟ ଶବ୍ଦଜ) ବିଷୟ । ଯଥା—

ସଖୀଏ ଜାଣନ୍ତି ବିଶେ ଯେ, ବେଗରେ ତଇଲ
ଯୋଗରେ ଶଇଳସ୍ତନାଏ କଲେ କୋମଳ ଯେ । ଲ. ବ.

ବିଶୋଇ, ବିଷୋଇ, ବିସୋଇ, } ବି. (ବିଷୟୀ ଶବ୍ଦଜ) ରାଜଦତ୍ତ ଉପାଧି-ବିଶେଷ ।

ବିଂ. ବିଷୟାସକ୍ତ । ଯଥା—

ମିଥ୍ୟା କହିବେ ନିରନ୍ତର,
ବିଶୋଇ ହୋଇବେ ଆବର । ବ. ପୁ.

ବିଶୋଇବା, ବିସୋଇବା, ବିଷୋଇବା, } କ୍ରି. (ବିଶ୍ରାମ ଶବ୍ଦଜ) ବିଶ୍ରାମ କରିବା । ଯଥା—

ବାଟେ ସେ ବନରେ ପଡ଼ିଥିଲି ଦିବ୍ୟ ଶିଳା,
ବିଶୋଉଁ ରାମ ଚରଣ ଲାଗି ଅବଳା । ବୈ. ବ.

ସଞ୍ଚିତ କରି ରଖିବା । ଯଥା—

ପାଣ୍ଡୁ ବୋଇଲେ ସିଝାଇଲ ପକ୍ୱ ଅନ୍ନ,
ବିଶୋଇଲେ ଅଳପ ହୁଅଇ ଯେ ବିଧାନ । ସା.ଭା.ଆ.

(ଦେଶଜ) ବାଜିବା । ଯଥା—

ବିସୋଇଲା ଯେ ଲକ୍ଷ୍ମଣ ଅଙ୍ଗେ,
ବଜ୍ରାନ ସେ ଯଥା ଛୁଇଁ ନାଗେ । ବୈ. ବି.

ପ୍ରବେଶିବା । ଯଥା—

ବିସୋଉଁ ଅନୁସରି ଯହିଁ କୋଦଣ୍ଡଧାରୀ
ପ୍ରଶଂସି କୋଳକୁ ଆଦରି । ବୈ. ବି.

ସ୍ପର୍ଶ କରିବା ।

ବିଶ୍ବା, ବି. (ଦେଶଜ) ଭୂମିର ପରିମାଣବିଶେଷ ଅର୍ଥାତ୍ ଗୁଣ୍ଠର ଷୋଳ ଭାଗରୁ ଏକ ଭାଗ ।

ବିଷ, ବିଷେ, ବିଷୟୀ, ବି. (ବିଷୟ ଶବ୍ଦଜ ଏବଂ ତାହାର ଅପଭ୍ରଂଶ) ବିଷୟୀ । ଯଥା—

ଆନ କେ ବୋଇଲା ତୁ ନ ଜାଣୁ ବିଷେ କିଛୁ ।
ବି. ଚ. ମ.

ଚନ୍ଦନଯାତ୍ରାର ଯେତେ ବୁଝିବା ବିଷୟୀ,
ନିଶା ପାଇଲେ ହେବ ଅକ୍ଷୟ ତୃପ୍ତାସ୍ଥା । ନୃ.ପୂ.ତୃ.ତ.

ବିଷାଇବା, କ୍ରି. (ବିଷ ଶବ୍ଦରେ ଓଡ଼ିଆ କ୍ରିୟାରୂପ) ବିଷାକ୍ତ କରିବା । ଯଥା—

ଅଞ୍ଜନ ରଞ୍ଜି ନୟନେ ବୋଇଲ କେ ଏତେ,
ଏ ଶର ବିଷାଇବାକୁ ଯୁବା ଧୈର୍ଯ୍ୟ କେତେ । ଲ. ବ.

ବିଷି, ବି. (ବିଷୟ ଶବ୍ଦଜ) ଗ୍ରାମସମୂହ ।

ବିଷୁଆଳ, ବିଶାଳ, ବି. (ବିଷୟପାଳ ଶବ୍ଦଜ) ଓଡ଼ିଆ ନାମକ ଶୂଦ୍ରଜାତିର ଉପାଧିବିଶେଷ ।

ବିସ, ବି. (ବିଷ ଶବ୍ଦଜ ପ୍ରାକୃତ) ବିଷ ।

ବିସର, ବିସୋର, ବିଷୋର, ବି. (ବିସ୍ମର ଶବ୍ଦଜ) ପାସୋର । ଯଥା—

ନପୁଣ ଚଉ ହୋଏ ବିସୋର,
ଭଲ ନିଧି ନାମ ଦେଲେ କୁବେର । ଲ. ବ.

ବିସରିବା, ବିସୋରିବା, ବି. (ବିସ୍ମର ଶବ୍ଦଜ) ପାସୋରିବା ।

ବିସର୍ମ, ବିସରମ, ବିଂ. (ଦେଶଜ) ନିର୍ଲଜ୍ଜ । ଯଥା——

କାଞ୍ଚିତ ଶ୍ରମ ପାଇ ବିସର୍ମ ହେବାର କେଉଁ କାର୍ଯ୍ୟ ।
ର. କ.

(ବିଶ୍ରାମ ଶବ୍ଦଜ) ଶ୍ରମସ୍ଥାନ ।

ବିସାସ, ବି. (ବିଶ୍ୱାସ = ପ୍ରାକୃତ ବିସାସ ଶବ୍ଦଜ) ବିଶ୍ୱାସ ।

ବିସାସ, ବିସାସେ, ବିସାସହେ, ବିଂ. (ବିଂଶ-ଶତ ଶବ୍ଦଜ) ୧୨୦ ସଂଖ୍ୟା ।

ବିସିମା, ବି. ସ୍ତ୍ରୀ. (ଦେଶଜ) ରସିକା । ଯଥା—

ମିଶି ଘସିଥିବା ବିସିମା ଯେସନ,
କରୁଥାଇ ଦନ୍ତ୍ୟବର୍ଣ୍ଣ ଉଚ୍ଚାରଣ । ଦ. ବା.

ବିସେସ, ବି. ( ବିଶେଷ ଶବ୍ଦଜ ପ୍ରାକୃତ ) ବିହୁତ ।

ବିହକ, ବିଂ. (ଦେଶଜ) ଅନୁଚିତ; ଅନର୍ଥକାର; ଯେ ବିହଇ ଅର୍ଥାତ୍ କରଇ । ଯଥା—

ବିହଗ ଯୋଡ଼ାଏ, ବିହକ ପୁଣି ଏକାକୀ ପୀଡ଼ାଏ ।
ବୈ. ବି.

ବିହଡ଼ିବା, କ୍ରି. (ଦେଶଜ) ହୁରୁଡ଼ିବା । ଯଥା—

ଘୋର ରୂପ ଦେଖି ବିହଡ଼ିଲେ ସବୁ ଗାଈ,
ହେମା ଗବ କରିଣ ଉଠିଲେ ସବେ ଧାଇଁ । ସା.ଭା.ଆ.

ରୋଷାବିଷ୍ଟ ହେବା । ଯଥା—

ଅର୍ଜୁନର ସଙ୍ଗେ ଯେ ହୋଇଲେ ଯାଇ ଭେଟ,
ବିହଡ଼ନ୍ତି ଦ୍ୱିଜବରେ ମାରି ରେ ଗରସ୍ତ । ସା ଭା. ଆ.

ବିହନ, ବି. (ଦେଶଜ) ଧାନ୍ୟାଦିର ବୀଜ; ମାଛ ଡିମ୍ବ ବା ମଞ୍ଜି । (ଜାଗିର ଶବ୍ଦ ଦେଖ ।)

ବିହନ୍ତା, ବିଂ. (ବିଧାତା ଶବ୍ଦଜ) ଯେ ବିଧାନ କରେ ।

ବିହା, ବି. (ବିବାହ ଶବ୍ଦଜ) ବିବାହ ।

ବିହାଙ୍କୁଡ଼ୀ, ବି. ସ୍ତ୍ରୀ. (ଦେଶଜ) ଲବିଅଙ୍କୁଡ଼ୀ ନାମକ ଔଷଧ ଗଛ ।

ବିହି, ବି. (ବିଧି ଶବ୍ଦଜ ପ୍ରାକୃତ) ବିଧାତା । ଯଥା—

ବିହି ବିହିଲା ବନବାସ ବାସରେ
ନୃପତି ହେବାର ନାଇ । ବୈ. ବି.

ବିହିବା, କ୍ରି. (ବି-ଧା ଧାତୁଜ, ଧା = ହି) କରିବା । (ବିହି ଶବ୍ଦ ଦେଖ ।)

ବିହୁନେ, ଅଂ. (ବିହୀନ ଶବ୍ଦଜ, ପ୍ରାକୃତ ବିହୀଣ ଶବ୍ଦ ଜାତ, ଅର୍ଥର ଅଳ୍ପ ଭେଦ) ବିନା । ଯଥା—

ଅନ୍ନ ବିହୁନେ ହଂସ ହାନ,
ଯୋଗ ସାଧିବ କାହା ଘେନ । ଖ. ଏ. ସ୍କ.

ବିଂ. ବିହୀନ ।

ବହୁଳବା, କ୍ରି. (ଦେଶଜ) ପ୍ରକାଶ ବା ପ୍ରଚ୍ଛର କରିବା । ଯଥା—

ତେଣୁ ବଷ୍ଣ ହୋଇ ଧାନ ଆଣିଲେ ମହର୍ଷି,
ପୃଥ୍ୱୀଯାକରେ ଦେଇଣ ବହୁଳରେ ବସି । ନୃ.ପୃ ଷ.ଚ.

ବହେଠନ, ବିଂ. (ଦେଶଜ) ନମ୍ର । ଯଥା—

ବହେଠନ ମୁଖ ପୟୋଧର ଶିଖ
ଦେଖି କେତେ ଯୋଖି ଉପମା । ବୈ. ବ.

ବହୋସ, ବିଂ. (ଯାବନିକ) ବୋଧଶୂନ୍ୟ ବା ଅଚେତନ ।

ବହ୍ୱ, ବି. (ବ୍ୟୂହ ଶବ୍ଦଜ) ବ୍ୟୂହ । ଯଥା—

ଆପଣ ବହ୍ୱଦ୍ୱାରେ ଲଗିଣ ଏକ ଥିବ,
ଭୀଷ୍ମଙ୍କ ସମାନେ ଧନୁ ଧରି ଆମନ୍ତ୍ରିବ । ନୃ. ପୃ. ସ. ଚ.

ବୀଭତ୍ସ, ବୀଭତ୍ସା, ବିଂ. (ବଧ୍ = ନିନ୍ଦା କରିବା-ସ, ଦ୍ୱିତ୍ୱ-ଅ, ଆ) ଅତ୍ୟନ୍ତ ଘୃଣାକର, ଅତି କଦର୍ଯ୍ୟ; କ୍ରୂର; ପାପୀ । ବି. ରସବିଶେଷ ।

ବୀଭତ୍ସୁ, ବି. (ବିଭତ୍ସ-ଉ) ଅର୍ଜୁନ, ଭାରତରେ ଅର୍ଜୁନ କହିଅଛନ୍ତି କି ମୁଁ ଯୁଦ୍ଧରେ କଦାପି ବୀଭତ୍ସ କର୍ମ କରି ନାହିଁ, ଏ ହେତୁ ମୋତେ ଲୋକେ ବୀଭତ୍ସୁ କହନ୍ତି ।

ବୀରବଉଳି, ବୀରବଲି, ବୀରବାଉଳି, } ବି. (ଦେଶଜ) କର୍ଣ୍ଣଭୂଷଣ-ବିଶେଷ । ଯଥା—

କେଉଁ ଶୋଭା ଧରେ ଚାରୁ କର୍ଣ୍ଣଯୁଗେ ବୀରବଉଳି । ଉଷା.
ଦିନେ ବୀରବଲି କିଣିଲି ସୁବଇଠାରୁ ଠାରୁ । ସୁ. ପ.

ବୀରି, ବି. (ଗଡ଼ଜାତଜ) ବଥ ।

ବୀରହ୍ୱ, ବି. (ବୀରଧ୍ୱ ଶବ୍ଦଜ) ମହାବୀର । ଯଥା—

ତେଣେ ନାଶ ହୋଇବ ଯେ ଦଇତ ବୀରହ୍ୱ । ସା·ଷ୍ଟ·ଆ·

ବୀରୋଚିତ ଉପାଧି ।

ବୀସ, ବିଂ. (ବିଂଶ ଶବ୍ଦଜ, ପ୍ରାକୃତ) ୨୦ ସଂଖ୍ୟା ।

ବୁଆ, ବି. (ଗଡ଼ଜାତ ଶବ୍ଦ, ଏ ଶବ୍ଦ କାବ୍ୟରେ ପ୍ରୟୋଗ କରାଯାଏ ନାହିଁ) ବାପା ।

ବୁଇ, ବି. ସ୍ତ୍ରୀ. (ଗଡ଼ଜାତ ଶବ୍ଦ) ଝିଅ ।

ବୁକ, ବି. (ବୁକ୍କନ୍ ଶବ୍ଦର ଅପଭ୍ରଂଶ) ବକ୍ଷଃସ୍ଥଳ ।

ବୁକପଠ, ବୁକପଠା, ବି. (ବୁକ୍କପଟ୍ଟିକା ଶବ୍ଦଜ) ଛାତି ।

ବୁକୁ, ବି. (ବୁକ୍କନ୍ ଶବ୍ଦଜ) ଛାତି । ଯଥା—

କୁମାରକୁ ଦେଖି ଫୁଲୁଅଛି ବୁକୁ । ର. କ.

ବୁକୁଚି, ବି. (ଦେଶଜ) ଗଣ୍ଠିଲି ବା ବୋଝ ।

ବୁକ୍କନ, ବି. (ବୁକ୍କ = କୁକ୍କୁରାଦ ଶବ୍ଦ କରିବା-ଅନ) କୁକ୍କୁରାଦର ଶବ୍ଦ ।

ବୁଙ୍ଗୀ, ବି. (ବାଲେଶ୍ୱର ପ୍ରାନ୍ତରେ) ଡେଙ୍ଗ ।

ବୁଜା, ବି. (ଦେଶଜ) ମୁଦିବା । ବିଂ. ମୁଦ୍ରିତ ।

ବୁଜିବା, କ୍ରି. (ଦେଶଜ) ମୁଦିବାର । ଯଥା—

ଅବଶେ ଆଖି ମୁଁ ବୁଜିଲି ଛନକେ । ନ. କେ.

ବୁଜୁଳା, ବୁଜିଲି, ବୁଜୁଳି, } ବି. (ଦେଶଜ) ଗଣ୍ଠିଲି । ଯଥା—

ଚନ୍ଦନ ଦେହେ ବୋଳୁ କନା ବୁଜୁଳା ଖସି,
ହାତରେ ଚପି ତାହା ଜାଣିଲେ ବ୍ରହ୍ମଋଷି । ନୃ.ପୃ.ସ.ଚ.

ଉଦର ନାଡ଼ୀ ।

ବୁଝ, ବୁଝା, ବୁଝାସୁଝା, } ବି. (ବୁଧ୍ ଧାତୁଜ, ପ୍ରାକୃତ ବୁଝ୍ ଧାତୁଜାତ ଏବଂ ପ୍ରାକୃତ ସୁଝ୍ ଧାତୁଜ) ବୋଧ ବା ବୁଝିବା । ଯଥା—

ସେମାନେ ବୁଦ୍ଧିମନ୍ତ ହେବାରୁ ଗଲେ ବୁଝ,
ଆମ୍ଭେ ତ ମାୟାରେ ପଡ଼ି ହେଉଅଛୁଁ ଗଞ୍ଜ ।
ନୃ. ପୃ. ଉ. ଚ.

ନଶୀ ପରି ଶଶୀ ଶଶାଙ୍କୁ ବୁଝିଲେ
କି ହେବ ବୁଝାସୁଝାରେ । ଘ. ସ

ବିଂ. ଯେ ବୁଝେ । ଯଥା—

ବେଲବୁଝା ପାରିବତ ଜ୍ୟୋତିର୍ବିଦ ପ୍ରାୟେ । ବୈ. ବ

ଜ୍ଞାତ । ଯଥା—

ତାହାଙ୍କ ନାମମାନ ଶୁଣିଲେ ହେବ ବୁଝା । ନୃ.ପୃ.ସ.ଚ.

ବୁଝଠ, ବିଂ. (ଦେଶଜ) ଯାହା ସମସ୍ତେ ବୁଝି ପାରିବେ । ଯଥା—

ସବୁର ନାମ ଗୋଟାଏ କରି ବୁଝଠ ଲବଜ ଦେଇଥିଲେ ସମସ୍ତେ ବୁଝି ପାରିଥାନ୍ତେ । ଉ· ସା· ୧୮. ୯.

ବୁଝାଇବା, କ୍ରି. (ବୁଧ୍ ଧାତୁଜ, ପ୍ରାକୃତ ବୁଝ୍ ଧାତୁଜ) ସମଜାଇବା । ଯଥା—

ଶୁଝାଇ କୃଷ୍ଣ ବୁଝାଇ ଦେଲେ ଯେ ଗୁପ୍ତ ତଥ୍ୟ ।
ବ. ଚ. ମ.

ମନାଇବା ।